ଓ୩ମ୍

ସତ୍ୟାର୍ଥପ୍ରକାଶଃ

ମହର୍ଷି ଦୟାନନ୍ଦ ସରସ୍ୱତୀ

ଓ୩ମ୍

ସତ୍ୟାର୍ଥ ପ୍ରକାଶ

ମହର୍ଷି ଦୟାନନ୍ଦ ସରସ୍ୱତୀ

-:ଅନୁବାଦ:-

ପ.ବିଶିକେସନ ଶାସ୍ତ୍ରୀ

-: ପ୍ରକାଶକ :-

ଉତ୍କଳ ସାହିତ୍ୟ ସଂସ୍ଥାନ

ଗୁରୁକୁଳ ଆଶ୍ରମ ଆମସେନା ,ଖରିଆର ରୋଡ଼

ଜି - ନୂଆପଡ଼ା (ଓଡ଼ିଶା)

ଚତୁର୍ଥ ସଂସ୍କରଣ

ସମ୍ବତ୍ ୨୦୬୪ .ସନ୍ -୨୦୦୭

ମୂଲ୍ୟ -ପୂର୍ବାର୍ଦ୍ଧ

ଟ.୪୦. ୦୦

ଓ୩ମ୍

ବିନମ୍ର ନିବେଦନ :-

ପରମପିତା ପରମାତ୍ମାଙ୍କ ମହତୀ ଅନୁକମ୍ପାରୁ ସତ୍ୟାର୍ଥ ପ୍ରକାଶର ତୃତୀୟ ସଂସ୍କରଣର ପୂର୍ବାର୍ଦ୍ଧ ଜନତା ଜନାର୍ଦ୍ଦନଙ୍କ ହସ୍ତଗତ ହେବାକୁ ଯାଉଛି । ମୋ ପରି ଜଣେ ସାଧାରଣ ବ୍ୟକ୍ତି ପକ୍ଷରେ ମହନୀୟ ସତ୍ୟାର୍ଥ ପ୍ରକାଶ ସମ୍ପର୍କରେ କଣ ବା ମତାମତ ପ୍ରଦାନ କରାଯାଇପାରେ ? ଯେଉଁମାନେ ଶ୍ରଦ୍ଧାର ସହିତ ଏହାକୁ ଅଧ୍ୟୟନ କରିବେ , ସେହିମାନେ ହିଁ ଏହାର ମହନୀୟତା ଉପଲବ୍ଧି କରିପାରିବେ ।

ଅତ୍ୟନ୍ତ ଆନନ୍ଦର ବିଷୟ ଏପରି ଏକ ଅମୂଲ୍ୟ ଗ୍ରନ୍ଥକୁ ଲୋକଲୋଚନକୁ ଆଣିବାର ସୌଭାଗ୍ୟ ଗୁରୁକୁଳ ଆଶ୍ରମ ଆମସେନା ଲାଭ କରିପାରିଛି । ପ୍ରଥମେ ଏହା ୧୯୭୩ମସିହାରେ ପ୍ରକାଶିତ ହୋଇଥିଲା । ସେତେବେଳେ ମୁଦ୍ରଣାଳୟ ନୂତନ ଭାବେ ସ୍ଥାପିତ ହୋଇଥିଲା ଓ ଓଡ଼ିଆ ଭାଷାସହିତ ସେତେ ପରିଚିତ ହୋଇପାରିନଥିଲି । ଏଣୁ ପ୍ରଥମ ପ୍ରକାଶନରେ କିଛି ଅଶୁଦ୍ଧି ରହିବାରେ କୌଣସି ବୈଚିତ୍ର୍ୟତା ନାହିଁ । ପ୍ରଥମ ଓ ଦ୍ୱିତୀୟ ସଂସ୍କରଣର ଉପାଦେୟତା ଓ ଲୋକପ୍ରିୟତାକୁ ଆଖି ଆଗରେ ରଖି ,ତଥା ଗୁରୁକୁଳର ସୁଯୋଗ୍ୟ ସ୍ନାତକ ପ୍ରିୟ ଶିଷ୍ୟ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ ଓ ଉପାଚାର୍ଯ୍ୟ ବ୍ର. କୃଷ୍ଣଦେବ ମନିଷୀଙ୍କ ଆଗ୍ରହାତିଶଯ୍ୟରୁ ତୃତୀୟ ସଂସ୍କରଣର ଅନୁବାଦ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ପୂର୍ବତନ ସମ୍ପାଦକ ପଣ୍ଡିତ ବିଶିକେଶନ ଶାସ୍ତ୍ରୀ ,ସାହିତ୍ୟାଚାର୍ଯ୍ୟ ଙ୍କ ଉପରେ ନ୍ୟସ୍ତ କରିଥିଲି । ସେ ମୋର ଅନୁରୋଧକୁ ରକ୍ଷାକରି ସତ୍ୟର୍ଥ ପ୍ରକାଶର ପୂର୍ବାର୍ଦ୍ଧକୁ କର୍ମବ୍ୟସ୍ତତା ମଧ୍ୟରେ ମଧ୍ୟ ଅଳ୍ପଦିନ ମଧ୍ୟରେ ଶେଷ କରିଥିବାରୁ ମୁଁ ତାଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଅଛି । ତାଙ୍କ ସହଯୋଗ ବ୍ୟତିରେକେ ଏହା ପ୍ରକାଶିତ ହେବା କାଠିକର ପାଠ ହୋଇପଡ଼ିଥାନ୍ତା ।

ଅନେକ ପ୍ରୟାସ ସତ୍ତ୍ୱେ ଏଥିରେ ଯେ ସେପରି କୌଣସି ତ୍ରୁଟି ନଥିବ ତାହା କହିବା ସମ୍ଭବପର ନୁହେଁ । ସହୃଦୟ ପାଠକପାଠିକାଗଣ ! ମୁନିନାଞ୍ଚ ମତିଭ୍ରମଃ ,ନୀତିରେ ଏହାକୁ ଆମର ମାନବୀୟ ଦୁର୍ବଳତା ବିଚାରି ଉଦାର ହୃଦୟରେ କ୍ଷମା ଦେବେ ବୋଲି ଆଶା । ଶେଷରେ ମହର୍ଷି ଦୟାନନ୍ଦଙ୍କ ଏ ଅମରକୃତିକୁ ତାଙ୍କ ଚରଣ କମଳରେ ଅର୍ପଣ କରୁଅଛି । ଇତ୍ୟୋମ୍ ।

ବିନୀତ

ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ

ଅଧ୍ୟକ୍ଷ

ଉତ୍କଳ ସାହିତ୍ୟ ସଂସ୍ଥାନ ,ଗୁରୁକୁଳ ଆଶ୍ରମ , ଆମସେନା.

ଏକ ପ୍ରକାଶନ ସଂପର୍କରେ ଦୁଇପଦ.....................

ଆର୍ଯ୍ୟ ସମାଜର ସଂସ୍ଥାପକ , ପ୍ରାତଃସ୍ମରଣୀୟ ମହର୍ଷି ଦେବ ଦୟାନନ୍ଦ ସରସ୍ୱତୀଙ୍କ ଲେଖନୀମୁନନିଃସୃତ ଅମରଗ୍ରନ୍ଥ ସତ୍ୟାର୍ଥ ପ୍ରକାଶ ସତ କହିବାକୁ ଗଲେ ଏକ ବିଶ୍ୱବିଖ୍ୟାତ ଅଦ୍ୱିତୀୟ ଗ୍ରନ୍ଥ । ଏହି ଅମର ଗ୍ରନ୍ଥରେ କେବଳ ସତ୍ୟଧର୍ମର ପରିପ୍ରକାଶ , ପ୍ରକୃତ ଈଶ୍ୱର , ବେଦ, ଧର୍ମ ଓ ବୈଦିକ ବିଚାର ଧାରାର କମନୀୟ ନମନୀୟ ପଥପ୍ରଦର୍ଶନ , ସର୍ବଜନାଦୃତ ସର୍ବୋତ୍ତମ ଶିକ୍ଷାପ୍ରଣାଳୀର ନିର୍ଦ୍ଦେଶନା , ଆଦର୍ଶ ମାନସିକତାର ବୀଜବପନ ,ମିଥ୍ୟା ଭ୍ରମଜାଲର ମୂଳୋତ୍ପାଟନ କୁରୀତିନୀତିର ବିନାଶ , ଯାବତୀୟ ବିଷୟ ଅତ୍ୟନ୍ତ ସୁନ୍ଦର ଓ ସାବଲୀଳ ଭାବରେ ପ୍ରକାଶ କରାଯାଇଥିବାରୁ ଏହା ସମଗ୍ର ବିଶ୍ୱର ଯାବତୀୟ ମତମତାନ୍ତର ତଥା ସମ୍ପ୍ରଦାୟାଙ୍କ ସକାଶେ ବିଚାର ବିମର୍ଷ ମହତ୍ତ୍ୱପୂର୍ଣ୍ଣ ଓ ସର୍ବୋତ୍କୃଷ୍ଟ ଗ୍ରନ୍ଥ ରୂପେ ବିବେଚିତ ହୋଇ ଆସୁଛି । ଏହି ଅମର ଗ୍ରନ୍ଥ ଉର୍ଦ୍ଦୁ ,ଓଡ଼ିଆ ,କାନ୍ନାଡ଼ୀ, ଗୁଜୁରାଟୀ , ଗୁରୁମୁଖୀ , ତାମିଲ ତେଲଗୁ , ବଙ୍ଗଳା ,ମରାଠୀ ,ମାଲାୟଲମ୍ , ସଂସ୍କୃତ,ସିନ୍ଧୀ ଓ ହିନ୍ଦୀ ପ୍ରଭୃତି ଭାରତୀୟ ଭାଷାରେ ଯେ କେବଳ ପ୍ରକାଶିତ ହୋଇଛି ତା ନୁହେଁ , ଏପରିକି ଇଂରାଜୀ, ଚାଇନା , ଜର୍ମାନୀ , ନେପାଳୀ ଓ ଫ୍ରେଞ୍ଚ୍ , ଆଦି ବିଦେଶୀ ଭାଷାରେ ମଧ୍ୟ ପ୍ରକାଶ ପାଇ ଅଧିକାଧିକଭାବେ ଜନପ୍ରିୟ ଓ ଜନାଦୃତ ହୋଇପାରିଛି । କେବଳ ଶହେ ବର୍ଷ ମଧ୍ୟରେ ସତ୍ୟାର୍ଥ ପ୍ରକଶ ତିରିଶି ଲକ୍ଷରୁ ଊର୍ଦ୍ଧ୍ୱପରିମାଣରେ ମୁଦ୍ରିତ ହୋଇଥିବାରୁ ଏହାର ଅପରିହାର୍ଯ୍ୟତା , ଆବଶ୍ୟକତା ଓ ଲୋକପ୍ରିୟତା ସର୍ବଜନବିଦିତ ହୋଇପଡ଼ିଛି ।

ପୂଜ୍ୟ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀଙ୍କ କରକମଳରେ ସଂସ୍ଥାପିତ ଏବଂ ତାଙ୍କ ସଦୁଦ୍ୟମ ଓ ସତ୍ ପ୍ରଯତ୍ନରେ ପ୍ରତିପାଳିତ ଗୁରୁକୁଳ ଆଶ୍ରମ ଆମସେନା ଏକ ଆଦର୍ଶ ଅନୁଷ୍ଠାନର ଗୌରବ ଲାଭ କରିପାରିଛି । ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ପରିକଳ୍ପିତ ପ୍ରାଚୀନ ଆର୍ଷ ବିଦ୍ୟାଶିକ୍ଷାର ପୀଠସ୍ଥଳୀରୂପେ ଏହି ଗୁରୁକୁଳ ଆଶ୍ରମ ସଦାସର୍ବଦା ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ ତୁଲାଇ ଆସୁଅଛି । ସ୍ୱାମୀଜୀ ମହୋଦୟ ଆଶ୍ରମ ପରିଚାଳନାର ଗୁରୁଦାୟିତ୍ୱ ବହନ କରିବା ସହିତ ବ୍ରହ୍ମଚାରୀ ଗଣଙ୍କ ଅଧ୍ୟାପନ ସୁଚାରୁରୂପେ ସମ୍ପାଦନ କରିଆସୁଛନ୍ତି । ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସଭାପତି ଦାୟିତ୍ୱ ଅନେକ ବର୍ଷ ଦକ୍ଷତାର ସହିତ ପରିଚାଳନା କରି ସେ ଦିଲ୍ଲୀ ସାର୍ବଦେଶୀକ ଆର୍ଯ୍ୟ ପ୍ରତିନିଧି ସଭାର ଉପସଭାପତି ପଦରେ ରହି ସାର୍ବଦେଶିକକୁ ଏକ ନୂତନଦିଗ୍ ଦର୍ଶନ ଦେବାପାଇଁ ଉଦ୍ୟମ କରିଥିଲେ । ବୈଦିକ ସାହିତ୍ୟମାନ ଅନାୟାସରେ ମୁଦ୍ରିତ ହୋଇ ଜନତା ଜନାର୍ଦ୍ଦନଙ୍କ ମହୋପକାର ଯେପରି ସାଧନ କରିବ , ସେହି ସୁମହତ୍ ଧ୍ୟେୟକୁ ଆଖି ଆଗରେ ରଖି ଗୁରୁକୁଳର ଶାନ୍ତ କାନ୍ତ

ପ୍ରଶାନ୍ତ ପରିସର ମଧ୍ୟରେ ଗୁରୁକୁଳ ମୁଦ୍ରଣାଳୟ ସ୍ଥାପନ୍ କରାଯାଇଛି । ମୁଦ୍ରଣାଳୟ ସ୍ଥାପନ ହେବାପରେ ଓଡ଼ିଆ ଓ ହିନ୍ଦୀ ଭାଷାରେ ଅନେକାନେକ ପୁସ୍ତକ ପ୍ରକାଶିତ ହେବା ସଙ୍ଗେ - ସଙ୍ଗେ ଦେବ ଦୟାନନ୍ଦ ସରସ୍ୱତୀଙ୍କ ମହନୀୟ ଗ୍ରନ୍ଥମାନ ମଧ୍ୟ ପ୍ରକାଶିତ ହୋଇଅଛି । ପୂର୍ବ ପ୍ରକାଶିତ ସତ୍ୟାର୍ଥ ପ୍ରକାଶର ତୃତୀୟ ସଂସ୍କରଣ ଅନେକ ଦିନରୁ ଶେଷ ହୋଇଯାଇଛି ।

ପୂଜ୍ୟ ସ୍ୱାମୀଜୀ ମହୋଦୟ ମହର୍ଷିଙ୍କ ପ୍ରଣୀତ ଅମରଗ୍ରନ୍ଥ ସତ୍ୟାର୍ଥ ପ୍ରକାଶକୁ ଓଡ଼ିଆ ଭାଷାରେ ଅନୁବାଦ କରିବାର ଗୁରୁଦାୟିତ୍ୱ ମୋ ଉପରେ ନ୍ୟସ୍ତ କଲେ ।" ଆଜ୍ଞା ଗୁରୁଣାମ୍ ଅବିଚାରଣୀୟା "ନୀତିରେ ଏହାକୁ ଅନୁବାଦ କରିଛି ସତ .କିନ୍ତୁ ମହର୍ଷିଙ୍କ ଆଶା , ଆକାଂକ୍ଷା , ଉଦ୍ଦେଶ୍ୟକୁ ପାଠକ ପାଠିକାଙ୍କ ସମ୍ମୁଖରେ ଉପସ୍ଥାପନ କରିବା , ମୋପରି ଜଣେ ଅକିଞ୍ଚନ ବ୍ୟକ୍ତି ପକ୍ଷରେ ସକ୍ଷମହେବା କଦାପି ସମ୍ଭବପର ନୁହେଁ । ଏଥିରେ ତ୍ରୁଟି ସେ ପରିଲକ୍ଷିତ ନ ହେବ ତା ମଧ୍ୟ କହିବା ମୋ ପକ୍ଷରେ ସମ୍ଭବପର ନୁହେଁ । ତଥାପି ପରିଶେଷରେ ଜଗତ ଓ ଜନତା ଜନାର୍ଦ୍ଦନଙ୍କ କଲ୍ୟାଣ ପାଇଁ ଏ ଉପାଦେୟ ଗ୍ରନ୍ଥର ବହୁଳ ପ୍ରଚାର ପ୍ରସାର ଏକାନ୍ତ ଆବଶ୍ୟକ । କାରଣ ହଜାର-ହଜାର ବର୍ଷର ଯେଉଁ ପରମ୍ପରା ଆମର ଅସ୍ମିମଣ୍ଡିତ ହୋଇଯାଇଛି , ତାହା ଯଦି ଶୁଦ୍ଧ ପୂତ ହୋଇ ଦେଦୀପ୍ୟମାନ ହୋଇପାରେ ତେବେ ଭାରତ ପୁଣି ବିଶ୍ୱଦରବାରରେ ଗୁରୁର ଆସନରେ ଆସୀନ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଏ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରମାତ୍ମା ସମସ୍ତଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ , ଏହାହିଁ ସର୍ବାନ୍ତଃ କରଣରେ ପ୍ରାର୍ଥନା କରୁଅଛି । ଏ ପୁସ୍ତକ ସମ୍ପର୍କରେ ମୋର ମତ ହେଉଛି.............

ଧର୍ମ ଅଧର୍ମର ପ୍ରକୃତ ରହସ୍ୟ ,
ଜାଣିବାକୁ ପଢ଼ ସତ୍ୟାର୍ଥ ପ୍ରକାଶ ।
ସକଳ ସଂଶୟ ମନୁ ତୁଟିଯିବ ,
ନିଶ୍ଚିନ୍ତେ ନିର୍ଭୟେ ଜଗତେ ରହିବ ।
କିମଧିକଂ ବିଜ୍ଞଜନେଷୁ ॥ ଇତ୍ୟୋମ

ବିଦୁଷାଂ ବଶମ୍ବଦଃ
ପଣ୍ଡିତ ବିଶିକେଶନ ଶାସ୍ତ୍ରୀ
ପରାମର୍ଶଦାତା ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭା

ଓମ୍
ସଚ୍ଚିଦାନନ୍ଦେଶ୍ୱରାୟ ନମୋ ନମଃ

ଭୂମିକା

ମୋର ଏ ଗ୍ରନ୍ଥ ରଚନା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯାହା ସତ୍ୟ ବା ଅସତ୍ୟ ତାକୁ ପ୍ରକାଶ କରିବା । ସତ୍ୟପ୍ରକାଶ କରିବାରଯଥାର୍ଥ ତାତ୍ପର୍ଯ୍ୟ ହେଉଛି ଯାହା ସତ୍ୟ ତାକୁ ସତ୍ୟରୂପରେ ଓ ଯାହା ସବୁ ମିଥ୍ୟା ସେଗୁଡ଼ିକୁ ମିଥ୍ୟାରୂପେ ପ୍ରତିପାଦନ କରିବା ।"ସତ୍ୟ ସ୍ଥାନରେ ମିଥ୍ୟା ଓ ମିଥ୍ୟା ସ୍ଥାନରେ ସତ୍ୟକୁ ପ୍ରକାଶ କରିବା କଦାପି ସତ୍ୟ ପଦବାଚ୍ୟ ହୋଇପାରିବ ନାହିଁ । ଯେଉଁ ପଦାର୍ଥ ଯେପରି ତାକୁ ଠିକ୍ ସେପରି ଆଖ୍ୟା ଦେବା ବା ନାମକରଣ କରିବା, ଲେଖିବା ଓ ମନେକରିବାକୁ ଯଥାର୍ଥ ସତ୍ୟ ବୋଲି କୁହାଯାଏ । ଯେଉଁ ବ୍ୟକ୍ତି ପକ୍ଷପାତୀ ସେ ସ୍ୱକୀୟ ମିଥ୍ୟାକୁ ମଧ୍ୟ ସତ୍ୟ ଏବଂ ନିଜ ବିରୋଧୀ ବ୍ୟକ୍ତିଙ୍କ ସତ୍ୟକୁ ମଧ୍ୟ ମିଥ୍ୟା ବୋଲି ପ୍ରତିପାଦନ କରିବାରେ ପାଶ୍ଚାତ୍‌ପଦ ହୋଇ ନଥାଏ ।" ଏପରି ସ୍ଥଳେ ପ୍ରକୃତ ସତ୍ୟକୁ ଉପଲବ୍ଧି କରାଯାଇପାରେ ନାହିଁ । ଅତଏବ ବିଦ୍ୱାନ୍ ଆପ୍ତପୁରୁଷଗଣ ନିଜ ଉପଦେଶ ବା ଲେଖାଗୁଡ଼ିକ ଦ୍ୱାରା ସତ୍ୟାସତ୍ୟର ଯଥାର୍ଥ ସ୍ୱରୂପକୁ ମାନବ ସମାଜ ଆଗରେ ଉପସ୍ଥାପନ କରି ଓ ପରବର୍ତ୍ତୀ ସମୟରେ ସ୍ୱକୀୟ ହିତାହିତର ବିବେଚନା ପୂର୍ବକ ପ୍ରକୃତ ସତ୍ୟକୁ ଗ୍ରହଣ ଓ ମିଥ୍ୟାକୁ ପରିତ୍ୟାଗ କରି ସର୍ବଦା ଆନନ୍ଦରେ ସମୟ ଅତିବାହିତ କରିବା ଉଚିତ । ମାନବାତ୍ମା ହିଁ ସତ୍ୟାସତ୍ୟର ବିବେଚନା କରିବାକୁ ସମର୍ଥ ହୋଇଥାଏ । ତଥାପି ସ୍ଥଳବିଶେଷରେ ଦେଖାଯାଏ ନିଜର ଆବଶ୍ୟକତାକୁ ପୂରଣ କରିବାପାଇଁ, ଦୁରାଗ୍ରହ ଓ ଅବିଦ୍ୟାଦି ଦୋଷଯୁକ୍ତ ହୋଇ ମନୁଷ୍ୟ ପ୍ରକୃତ ସତ୍ୟକୁ ପରିତ୍ୟାଗକରି ମିଥ୍ୟା ଆଡ଼କୁ ସ୍ୱତଃ ଢ଼ଳି ପଡ଼ିଥାଏ । କୌଣସି ପ୍ରକାର କ୍ଷତିକାରକ କିମ୍ବା ମନୋବେଦନା ଜାତ ହେବାପରି କୌଣସି ବାକ୍ୟ ଏ ଗ୍ରନ୍ଥରେ ଉଲ୍ଲେଖ କରାଯାଇ ନାହିଁ । ସତ୍ୟାସତ୍ୟକୁ ଉତ୍ତମରୂପେ ବିବେଚନାକରି ସମସ୍ତେ ସତ୍ୟକୁ ଗ୍ରହଣ କରିବାପାଇଁ ଓ ମିଥ୍ୟାକୁ ପରିତ୍ୟାଗ କରିବା ପାଇଁ ଉଦ୍ୟତ ହୁଅନ୍ତୁ, ଯା'ଫଳରେ ସମଗ୍ର ମାନବଜାତିର ଉପକାର ହେବା ସଙ୍ଗେ ସଙ୍ଗେ ଉନ୍ନତି ମଧ୍ୟ ହୋଇପାରିବ । କାରଣ ମାନବ ସମାଜର ଉନ୍ନତି ନିମିତ୍ତ ସତ୍ୟୋପଦେଶ ବ୍ୟତୀତ ଅନ୍ୟ କୌଣସି ଶ୍ରେୟସ୍କର ପନ୍ଥା ନାହିଁ ।

ଏ ଗ୍ରନ୍ଥର ସ୍ଥଳବିଶେଷର ଭ୍ରମବଶତଃ ଅଥବା ଶୋଧନ ତଥା ମୁଦ୍ରଣଗତ ଭ୍ରମପ୍ରମାଦ କୌଣସି ଭଦ୍ରବ୍ୟକ୍ତି ଯଦି ସୂଚାଇ ଦିଅନ୍ତି, ତେବେ ତାହା ଯଦି ସତ୍ୟ

ହୋଇଥାଏ, ତାକୁ ଠିକ୍ ସେହିପରି କରି ଦିଆଯିବ । କିନ୍ତୁ କେହି ଯଦି ପକ୍ଷପାତର ବଶବର୍ତ୍ତୀ ହୋଇ ବୃଥା ଶଙ୍କା ବା ଖଣ୍ଡନ-ମଣ୍ଡନ କରନ୍ତି, ତାପ୍ରତି ତିଳେମାତ୍ର ଭ୍ରୁକ୍ଷେପ କରାଯିବ ନାହିଁ । ଯଦି ମାନବହିତୈଷୀ କୌଣସି ସଜ୍ଜନ, ସାଧୁପୁରୁଷ କିଛି ଜଣାନ୍ତି ତାହା ସତ୍ୟ ହୋଇଥିଲେ ସେହି ମତକୁ ଅବଶ୍ୟ ଗ୍ରହଣ କରାଯିବ ।

ବର୍ତ୍ତମାନ ସମାଜରେ ବିଭିନ୍ନ ମତାବଲମ୍ବୀ ବିଦ୍ୱାନ୍‌ଗଣ ପକ୍ଷପାତ ରହିତ ହୋଇ ସର୍ବହିତକର ସିଦ୍ଧାନ୍ତ ଅର୍ଥାତ୍ ପ୍ରତ୍ୟେକଙ୍କ ଅନୁକୂଳବଚନର ଗ୍ରହଣ ଓ ପ୍ରତିକୂଳବଚନକୁ ପରିତ୍ୟାଗ କରି ପରସ୍ପର ପ୍ରୀତିପୂର୍ବକ ବାର୍ତ୍ତାଳାପ କରନ୍ତେ ଓ କରାଇବାପାଇଁ ଚେଷ୍ଟା କରନ୍ତେ, ତେବେ ତଦ୍ୱାରା ଜଗତର ହିତ ସାଧିତ ହୁଅନ୍ତା । କାରଣ ବିଦ୍ୱାନ୍‌ମାନଙ୍କ ମଧ୍ୟରେ ପରସ୍ପର ବିରୋଧ ହେବା ଫଳରେ ଅସାଧୁ, ଅବିଦ୍ୱାନ୍‌ମାନଙ୍କ ମଧ୍ୟରେ ବିରୋଧର ମାତ୍ରା ବୃଦ୍ଧିପାଇଁ ନାନାପ୍ରକାର ଦୁଃଖ ଉଦ୍ଭବ ହେବା ସଙ୍ଗେ ସଙ୍ଗେ ସୁଖର ମାତ୍ରା ହ୍ରାସ ପାଉଅଛି । ସ୍ୱାର୍ଥପରାୟଣ ବ୍ୟକ୍ତିର ଆଚରଣ ଯୋଗୁଁ ସମାଜରେ ସୁଖଶାନ୍ତି ଲୋପପାଇବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ଦୁଃଖଦରିଆର ଅତଳ ଗହ୍ୱରରେ ନେଇ ପହଞ୍ଚାଇ ଦେଉଅଛି ।

ବିରୋଧଭାବ ପରିଲକ୍ଷିତ ହେଉ ନଥିବା ସତ୍ୟବଚନ ସ୍ୱୀକାର ଓ ଭିନ୍ନ ଭିନ୍ନ ମତାବଲମ୍ବୀଙ୍କ ବିରୋଧାତ୍ମକ ବଚନର ଖଣ୍ଡନ କରିବା ହେଉଛି ଏ ଗ୍ରନ୍ଥର ମୁଖ୍ୟ ଉଦ୍ଦେଶ୍ୟ । ଏହାର ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ମତମତାନ୍ତରରେ ଥିବା ଗୁପ୍ତ କିମ୍ବା ପ୍ରକଟ ମନ୍ଦବଚନକୁ ପ୍ରକାଶ କରି କି ଜ୍ଞାନୀ କି ଅଜ୍ଞାନ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଛି । ଯାହାଫଳରେ ସମସ୍ତ ସୁବିଗ୍ରହକର ପରସ୍ପର ପ୍ରେମୀ ହେବା ସଙ୍ଗେ ସଙ୍ଗେ ମତାମତାବଲମ୍ବୀ ହୋଇ ପାରିବେ ।

ଯଦିଓ ମୁଁ ଏହି ଆର୍ଯ୍ୟାବର୍ତ୍ତରେ ଓ ଭାରତରେ ଜନ୍ମଗ୍ରହଣ କରି ବସବାସ କରୁଛି, ତଥାପି ଏହି ଦେଶରେ ପ୍ରଚଳିତ ମତମତାନ୍ତରସ୍ଥିତ ମିଥ୍ୟା, କପୋଳକଳ୍ପିତ ବଚନ ଗୁଡ଼ିକର ପକ୍ଷପାତ ନ କରି ଯଥାର୍ଥ ତଥ୍ୟ ପ୍ରକାଶ କରୁଅଛି, ଠିକ୍ ସେହିପରି ବିଭିନ୍ନ ଦେଶ ସହିତ ମଧ୍ୟ ବ୍ୟବହାର କରୁଅଛି । ମାନବ ସମାଜର ଉନ୍ନତି ନିମିତ୍ତ ନିଜ ଦେଶବାସୀଙ୍କ ସହିତ ଯେପରି ବ୍ୟବହାର କରେଁ ଠିକ୍ ସେପରି ବିଦେଶୀଙ୍କ ସହିତ ମଧ୍ୟ, ତଦ୍ରୂପ ବ୍ୟବହାର ଆଚରଣ କରିବା ସମସ୍ତ ସଜ୍ଜନଙ୍କ ପରମ କର୍ତ୍ତବ୍ୟ । ଯଦି ମୁଁ ମଧ୍ୟ କୌଣସି ଏକମତର ପକ୍ଷପାତୀ ହୋଇଥାନ୍ତି, ତେବେ ବର୍ତ୍ତମାନ ଯୁଗର ସ୍ୱମତସ୍ତୁତିମଣ୍ଡନ ତଥା ପ୍ରଗ୍ରହକ ସଦୃଶ ମୁଁ ମଧ୍ୟ ଅନ୍ୟର ନିନ୍ଦା, ହାନି ଓ ବନ୍ଧନ କରିବାରେ ତତ୍ପର ହୋଇଥାନ୍ତି । କିନ୍ତୁ ସେପରି କରିବା ମନୁଷ୍ୟୋଚିତ କର୍ତ୍ତବ୍ୟ ନୁହେଁ । ପଶୁ ବଳବାନ୍ ହୋଇ ଦୁର୍ବଳକୁ ଦୁଃଖଦେଇ ମୃତ୍ୟୁମୁଖକୁ ମଧ୍ୟ ଠେଲି ଦେଇଥାଏ । ମନୁଷ୍ୟ ଶରୀର ଲାଭକରି ମଧ୍ୟ ଯଦି ସେପରି ଆଚରଣ ପ୍ରଦର୍ଶନ କରାଯାଏ ତେବେ ତାହା ମନୁଷ୍ୟ ସ୍ୱଭାବଯୁକ୍ତ ହୋଇପାରିବ ନାହିଁ । ଅବଶ୍ୟ ସେମାନଙ୍କୁ ପଶୁ ତୁଲ୍ୟ ଗଣନା କରାଯିବ । ଯେଉଁ ବ୍ୟକ୍ତି ବଳବାନ୍ ହୋଇସୁଦ୍ଧା ଦୁର୍ବଳମାନଙ୍କୁ ରକ୍ଷାକରେ ସେ ପ୍ରକୃତ ମାନବ ପଦବାଚ୍ୟ ହୋଇଥାଏ । ଯେଉଁ ବ୍ୟକ୍ତି ସ୍ୱାର୍ଥର ବଶବର୍ତ୍ତୀ ହୋଇ ପରର କେବଳ କ୍ଷତିକରେ ସେ ପଶୁର ବଡ଼ଭାଇ ରୂପେ ପରିଗଣିତ ହେଇଥାଏ ।

କେବଳ ନିଜ ମତକୁ ଜାବୋଡ଼ି ଧରିଥିବା ଏପରି ଅନେକ ଦୁରାଗ୍ରହୀ ବ୍ୟକ୍ତି ଅଛନ୍ତି, ଯେଉଁ ମାନେ କି ବକ୍ତାଙ୍କର ଅଭିପ୍ରାୟ ବିରୁଦ୍ଧ କଳ୍ପନା ଜଳ୍ପନା କରିଥାନ୍ତି । ବିଶେଷ କରି ସମ୍ପ୍ରଦାୟୀ ବା ମତାବଲମ୍ବୀମାନେ, କାରଣ କୌଣସି ମତର ଆଗ୍ରହାତିଶଯ୍ୟରୁ ସେମାନଙ୍କ ବୁଦ୍ଧି ବୃତ୍ତି ଅନ୍ଧକାରରେ ଛନ୍ଦି ହୋଇ ବିନଷ୍ଟ ହୋଇଯାଏ । ଏ ସମସ୍ତ କାରଣରୁ ମୁଁ ପୁରାଣ , ଜୈନଗ୍ରନ୍ଥ ,ବାଇବିଲ୍ ଏବଂ କୋରାନ୍ ପ୍ରଭୃତିର ପ୍ରାରମ୍ଭରେ ଖରାପଦୃଷ୍ଟି ନ ଦେଇ , ସେଗୁଡିକରୁ ଗୁଣ ଗ୍ରହଣ ଓ ଦୋଷ ପରିତ୍ୟାଗ ପୂର୍ବକ ମାନବ ସମାଜର ଉନ୍ନତି ନିମିତ୍ତ ଯେପରି ପ୍ରଯତ୍ନ କରିଅଛି , ସେହିପରି ଅନ୍ୟମାନେ ମଧ୍ୟ କରିବା ଏକାନ୍ତ ଆବଶ୍ୟକ ।

ମନୁଷ୍ୟ ସତ୍ୟାସତ୍ୟ ମତ ନିର୍ଣ୍ଣୟ କରି ସତ୍ୟକୁ ଗ୍ରହଣ ଓ ମିଥ୍ୟାକୁ ପରିତ୍ୟାଗ କରି ଓ କରାଇବାରେ ସମର୍ଥ ହୋଇପାରିବା ଭଳି ବିଭିନ୍ନ ମତଗୁଡିକର ଅଳ୍ପପରିମାଣରେ ଦୋଷ ପ୍ରକାଶିତ ହୋଇଅଛି । କାରଣ ମାନବ ସମାଜକୁ ପ୍ରରୋଚିତ ଓ ବିପରୀତ ବୁଦ୍ଧି ଦ୍ୱାରା ପରସ୍ପର ମଧ୍ୟରେ ଶତ୍ରୁତା ସ୍ଥାପନା କରି ସେମାନଙ୍କୁ ଲଢାଇ ମାରିବା ବିଦ୍ୱାନ୍‌ଙ୍କ ପ୍ରଭାବ ବହିର୍ଭୂତ କାର୍ଯ୍ୟ ଅଟେ । ଯଦି ଓ ଅଜ୍ଞାନ ବ୍ୟକ୍ତି ଏହି ଗ୍ରନ୍ଥକୁ ଦେଖି ବା ପଢି ଅନ୍ୟଥା ବିଚାର କରିବେ ତଥାପି ବିଜ୍ଞ ବା ସହୃଦୟ ବ୍ୟକ୍ତି ଏହାର ଯଥାର୍ଥ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରିପାରିବେ , ଏହି ଆଶାପୋଷଣ କରି ମୁଁ ମୋର ଅଭିପ୍ରାୟକୁ ସଜ୍ଜନଗଣଙ୍କ ସମ୍ମୁଖରେ ଉପସ୍ଥାପନ କରି ନିଜ କୃତ ପରିଶ୍ରମକୁ ସଫଳ ମନେ କରୁଅଛି । ପକ୍ଷପାତ ରହିତ ହୋଇ ସତ୍ୟାର୍ଥର ପ୍ରକାଶ କରିବା ହେଉଛି ମୋର ଏବଂ ଅନ୍ୟ ସମସ୍ତ ବ୍ୟକ୍ତିଙ୍କର ପରମ କର୍ତ୍ତବ୍ୟ ।

ସର୍ବାତ୍ମା ,ସର୍ବାନ୍ତର୍ଯ୍ୟାମୀ ,ସଚ୍ଚିଦାନନ୍ଦ ପରମାତ୍ମା ସ୍ୱକୀୟ ଅନୁକମ୍ପାରୁ ଏହି ଆଶୟକୁ ବିସ୍ତୃତ ଓ ଚିରସ୍ଥାୟୀ କରିବାରେ ଏକାନ୍ତ ସହାୟକ ହୁଅନ୍ତୁ । **ଅଲମତି ବିସ୍ତରେଣ ବୁଦ୍ଧି ମତ୍ ବରଶିରୋମଣିଷୁ ।। ଇତ୍ୟୋମ୍ ।।**

ସ୍ୱାମୀ ଦୟାନନ୍ଦ ସରସ୍ୱତୀ

ପୂର୍ବାର୍ଦ୍ଧ ସୂଚିପତ୍ର

ବିଷୟ		ପୃଷ୍ଠା
୧ମ ସମୁଲ୍ଲାସ	ଈଶ୍ୱରଙ୍କ ଓଁମ୍‌କାରାଦି ନାମର ବ୍ୟାଖ୍ୟା	୧
୨ୟ ସମୁଲ୍ଲାସ	ସନ୍ତାନ ସନ୍ତତିଙ୍କ ଶିକ୍ଷା ପ୍ରଣାଳୀ	୨୬
୩ୟ ସମୁଲ୍ଲାସ	ବ୍ରହ୍ମଚର୍ଯ୍ୟ ଓ ପଠନ-ପାଠନ ବ୍ୟବସ୍ଥା	୩୭
୪ର୍ଥ ସମୁଲ୍ଲାସ..........	ବିବାହ ଓ ଗୃହସ୍ଥାଶ୍ରମର ବ୍ୟବହାର	୮୪
୫ମ ସମୁଲ୍ଲାସ..........	ବାନପ୍ରସ୍ଥ ଓ ସନ୍ନ୍ୟାସଶ୍ରମର ବିଧି	୧୪୩
୬ଷ୍ଠ ସମୁଲ୍ଲାସ..........	ରାଜଧର୍ମ	୧୫୯
୭ମ ସମୁଲ୍ଲାସ...........	ବେଦାଦି ଶାସ୍ତ୍ରରେ ଈଶ୍ୱରଙ୍କ ମହନୀୟ ଆଲୋଚନା	୨୦୨
୮ମ ସମୁଲ୍ଲାସ	ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ	୨୪୩
୯ମ ସମୁଲ୍ଲାସ.........	ବିଦ୍ୟା, ଅବିଦ୍ୟା, ବନ୍ଧନ ଓ ମୋକ୍ଷର ବିଚାର	୨୭୭
୧୦ମ ସମୁଲ୍ଲାସ.......	ଆଚାର ଅନାଚାର ଭକ୍ଷ୍ୟାଭକ୍ଷ୍ୟ ବିଷୟ	୩୦୯

ଓ୩ମ୍

ଅଥ ସତ୍ୟାର୍ଥ ପ୍ରକାଶଃ

(ପ୍ରଥମ ସମୁଲ୍ଲାସଃ)

ଓ୩ମ୍ । ଶନ୍ନୋ ମିତ୍ରଃ ଶଂ ବରୁଣଃ ଶନ୍ନୋ ଭବତ୍ୱର୍ଯ୍ୟମା ।
ଶନ୍ନଃ ଇନ୍ଦ୍ରୋ ବୃହସ୍ପତିଃ ଶନ୍ନୋ ବିଷ୍ଣୁରୁରୁକ୍ରମଃ ।।
ନମୋ ବ୍ରହ୍ମଣେ ନମସ୍ତେ ବାୟୋ ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି ।
ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି ଋତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି ।
ତନ୍ମାମବତୁ ତଦ୍‌ବକ୍ତାରମବତୁ । ଅବତୁ ମାମ୍ । ଅବତୁ ବକ୍ତାରମ୍ ।।
ଓ୩ମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ (ତୈ:ଆ-୭-୧)

ଅର୍ଥ.....(ଓଁ୩ମ୍) ଏହି ଓଁ୩ମ୍ ଶବ୍ଦ ହେଉଛି ପରମେଶ୍ୱରଙ୍କ ସର୍ବଶ୍ରେଷ୍ଠ ନାମ । କାରଣ ଅ, ଉ, ମ, ଏହି ତିନୋଟି ଅକ୍ଷରର ମିଶ୍ରଣରେ ଯେଉଁ 'ଓଁ୩ମ୍' ଶବ୍ଦ ସୃଷ୍ଟି ହୋଇଛି, ସେହି ଗୋଟିଏ ନାମରୁ ହିଁ ପରମେଶ୍ୱରଙ୍କ ଅନେକଗୁଡ଼ିଏ ନାମ ବୁଝାଉଅଛି । ଯଥା.....ଅକାରଦ୍ୱାରା ବିରାଟ୍, ଅଗ୍ନି, ବିଶ୍ୱାଦି । ଉକାରଦ୍ୱାରା ହିରଣ୍ୟଗର୍ଭ, ବାୟୁ, ତୈଜସାଦି । ମକାରଦ୍ୱାରା ଈଶ୍ୱର, ଆଦିତ୍ୟ ଓ ପ୍ରାଜ୍ଞାଦିନାମ ପ୍ରକାଶିତ ହେଉଛି ।। ବେଦାଦି ସତ୍‌ଶାସ୍ତ୍ରମାନଙ୍କରେ ଏହାର ଏପରି ସ୍ପଷ୍ଟରୂପେ ବ୍ୟାଖ୍ୟାନ କରାଯାଇଛି । ପ୍ରକରଣାନୁସାରେ ଏ ସମସ୍ତ ନାମ ପରମେଶ୍ୱରଙ୍କୁ କେବଳ ବୁଝାଇବ ।

ପ୍ରଶ୍ନ : ଉକ୍ତ ବିରାଟ୍ ପ୍ରଭୃତିନାମ କେବଳ ପରମେଶ୍ୱରଙ୍କ ଅର୍ଥବାଚକ ନ ହୋଇ, ଅନ୍ୟ କୌଣସି ନାମ କାହିଁକି ବା ନ ହେବ ? ବ୍ରହ୍ମାଣ୍ଡ, ପୃଥିବୀ ଆଦି ଭୂତଗଣ, ଇନ୍ଦ୍ରପ୍ରଭୃତି ଦେବଗଣ ଓ ଆୟୁର୍ବେଦର ଶୁଣ୍ଠି ପ୍ରଭୃତି ଔଷଧି ବିଶେଷର ନାମ ବା କାହିଁକି ନ ହେବ ?

ଉତ୍ତର : ଅବଶ୍ୟ ହେବ, କିନ୍ତୁ ଏହି ନାମ ମୁଖ୍ୟତଃ ପରମେଶ୍ୱରଙ୍କୁ ବୁଝାଇବ ।

ପ୍ରଶ୍ନ : ଦେବତାମାନେ ହେଉଛନ୍ତି ପ୍ରସିଦ୍ଧ ଓ ଉତ୍ତମ । ତେଣୁ ଏସବୁ ନାମରେ ମୁଁ କେବଳ ଦେବତାମାନଙ୍କୁ ଗ୍ରହଣ କରୁଛି ।

ଉତ୍ତର : ସମଗ୍ର ସଂସାରରେ ପରମେଶ୍ୱରଙ୍କ ଠାରୁ ଅଧିକ ପ୍ରସିଦ୍ଧ ବା ଅତ୍ୟନ୍ତ ଉତ୍ତମ ଅନ୍ୟ କେହି ନାହାନ୍ତି । ପ୍ରତ୍ୟେକ ପ୍ରସିଦ୍ଧ ପଦାର୍ଥ ମଧ୍ୟରେ ଈଶ୍ୱର

ହେଉଛନ୍ତି ଅତ୍ୟନ୍ତ ପ୍ରସିଦ୍ଧ, ତେଣୁ ସେ ପ୍ରସିଦ୍ଧତମ । ଅନ୍ୟ କେହି କେବେ ତାଙ୍କ ସମକକ୍ଷ ହୋଇପାରିବେ ନାହିଁ । ଉତ୍ତମମାନଙ୍କ ମଧ୍ୟରେ ସେ ଅତି ଉତ୍ତମ ହୋଇଥିବାରୁ ତାଙ୍କୁ ସର୍ବୋତ୍ତମ କୁହାଯାଏ । ତେଣୁ ବିରାଟ୍, ଅଗ୍ନି ଓ ବିଶ୍ୱାଦି ଶବ୍ଦ ପ୍ରଥମେ ପରମେଶ୍ୱର ବାଚକ ହେବ । ଏଗୁଡ଼ିକ ମୁଖ୍ୟ ଓ ପ୍ରସିଦ୍ଧ ଅର୍ଥରେ ପରମେଶ୍ୱରଙ୍କୁ ଓ ଗୌଣ ଅର୍ଥରେ ଅନ୍ୟ ପଦାର୍ଥକୁ ବୁଝାଇବ । ଯଦି ମୁଖ୍ୟାର୍ଥକ ପରମେଶ୍ୱରଙ୍କୁ ଗ୍ରହଣ ନକରି ଦେବଗଣଙ୍କୁ ଗ୍ରହଣ କରାଯାଏ, ତେବେ ଅନେକ କିଛି ଦୋଷ ପରିଲକ୍ଷିତ ହେବ । ଯଥା...'' ଉପସ୍ଥିତଂ ପରିତ୍ୟଜ୍ୟ ଅନୁପସ୍ଥିତଂ ଯାଚତ ଇତି ବାଧିତନ୍ୟାୟଃ'' । ଜଣେ ବ୍ୟକ୍ତି ଅନ୍ୟ ଜଣକ ଆଗରେ ଖାଦ୍ୟପଦାର୍ଥ ଥୋଇଦେଇ କହିଲା ଭୋଜନ କରନ୍ତୁ । ସେହି ବ୍ୟକ୍ତି ଯଦି ପ୍ରଦତ୍ତ ଖାଦ୍ୟପଦାର୍ଥକୁ ଛାଡ଼ି ଅପ୍ରାପ୍ତ ଖାଦ୍ୟପଦାର୍ଥ ଆଶାରେ ଏଣେତେଣେ ଧାଁ ଧପଡ଼ କରେ ତେବେ ତାକୁ କେହି କେବେ ବୁଦ୍ଧିମାନ୍ ବ୍ୟକ୍ତି ବୋଲି କହିବେ ନାହିଁ । ଯେଣୁ ସେ ସମ୍ମୁଖରେ ଥିବା ଖାଦ୍ୟପଦାର୍ଥକୁ ତ୍ୟାଗକରି, ଅନିଶ୍ଚିତ ଓ ଅପ୍ରାପ୍ତ ପଦାର୍ଥ ପାଇଁ ବୃଥା ପରିଶ୍ରମ କରିଥାଏ । ସେହି ବ୍ୟକ୍ତିକୁ ଯେପରି ବୁଦ୍ଧିମାନ୍ କୁହାଯାଏ ନାହିଁ,ସେପରି ଆପଣଙ୍କ ବକ୍ତବ୍ୟକୁ ମଧ୍ୟ ବୁଦ୍ଧିମତ୍ତାର ପରିଚାୟ ବୋଲି କୁହାଯିବ ନାହିଁ । କାରଣ ଆପଣ ସେହି ବିରାଟ୍ ଆଦି ନାମରୁ ପ୍ରକାଶିତ ପରମେଶ୍ୱର ଓ ବ୍ରହ୍ମାଣ୍ଡ ଆଦି ଅର୍ଥକୁ ପରିତ୍ୟାଗ କରି, ତହିଁରୁ ଅସମ୍ଭବ ଓ ଅନୁପସ୍ଥିତ ''ଦେବତା'' ଅର୍ଥକୁ ପ୍ରମାଣିତ କରିବାପାଇଁ ବୃଥା ପ୍ରୟାସ କରୁଛନ୍ତି ।'' ତାକୁ କଦାପି ଯୁକ୍ତିଯୁକ୍ତ ବା ପ୍ରାମାଣିକ ବୋଲି କୁହାଯିବ ନାହିଁ । ଅବଶ୍ୟ ପ୍ରକରଣାନୁସାରେ ଅର୍ଥାତ୍ ଉପସ୍ଥିତ ବିଷୟବସ୍ତୁକୁ ଦେଖି ଶବ୍ଦର ଅର୍ଥ କରିବା ଯଥାର୍ଥ ବିବେଚିତ ହେବ । ଯେପରି ଜଣେ ଘରମାଲିକ ନିଜ ଚାକରକୁ ଆଦେଶ ଦେଲେ..... ''ଭୋ ଭୃତ୍ୟ ! ତ୍ୱଂ ସୈନ୍ଧବମାନୟ'' ଅର୍ଥାତ୍ ସୈନ୍ଧବ ଆଣ '' ସୈନ୍ଧବ ଅର୍ଥ ହେଉଛି ଅଶ୍ୱ ଓ ଲୁଣ । ତେଣୁ ତାକୁ ପ୍ରକରଣାନୁଯାୟୀ କାର୍ଯ୍ୟ କରିବାକୁ ପଡ଼ିବ । ଅନ୍ୟତ୍ର ଗମନ ସମୟରେ ଅଶ୍ୱ ଓ ଭୋଜନସମୟରେ ଲୁଣ ଆବଶ୍ୟକ । ଏପରିସ୍ଥଳେ ଭୃତ୍ୟଜଣକ ଯଦି ଯିବା ସମୟରେ ଲୁଣ ଓ ଭୋଜନ ସମୟରେ ଘୋଡ଼ା ଆଣିଦିଏ, ତେବେ ମାଲିକ ନିଶ୍ଚୟ କହିବେ, ଆରେ ମୂର୍ଖ! କେଉଁ ସମୟରେ କେଉଁ ବସ୍ତୁ ଆବଶ୍ୟକ ତା ମଧ୍ୟ ତୋତେ ଜଣା ନାହିଁ । ଏଥିରୁ ଏହା ପ୍ରମାଣିତ ହେଉଛି, ପ୍ରକରଣାନୁସାରେ ଶବ୍ଦର ଅର୍ଥକୁ ବୁଝି କାର୍ଯ୍ୟ କରିବାକୁ ହେବ । ଯେଉଁଠାରେ ଯେଉଁ ଅର୍ଥ ପ୍ରଯୁଜ୍ୟ, ସେଠାରେ ସେହି କାର୍ଯ୍ୟ କରିବାକୁ ହେବ । ଯେକୌଣସି ବ୍ୟକ୍ତି ହୁଅନ୍ତୁ ନା କାହିଁକି, ତାଙ୍କୁ ଏହା ସ୍ୱୀକାର କରିବାକୁ ପଡ଼ିବ ଓ ଆଚରଣ ମଧ୍ୟ କରିବାକୁ ହେବ ।

ଅଥ ମନ୍ତ୍ରାଃ :—

ଓ୩ମ୍ ଖଂ ବ୍ରହ୍ମ ।୧। (ଯଜୁ ଅ.୪୦ ମ. ୧୭)

ଓମିତ୍ୟେତଦକ୍ଷର ମୁଦ୍‌ଗୀଥମୁପାସୀତ ।। ୨ ।।
(ଛାନ୍ଦୋଗ୍ୟୋପନିଷଦ୍‌ମ ....୧)

ଓମିତ୍ୟେତଦକ୍ଷରମିଦଂ ସର୍ବଂ ତସ୍ୟୋପବ୍ୟାଖ୍ୟାନମ୍ ।। ୩ ।।
(ମାଣ୍ଡୁକ୍ୟମ....୧)

ସର୍ବେ ବେଦା ଯତ୍‌ପଦମାମନନ୍ତି ତପାଂସି ସର୍ବାଣି ଚ ଯଦ୍ ବଦନ୍ତି ।
ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି ତତ୍ତେପଦଂ ସଂଗ୍ରହେଣ ବ୍ରବୀମି ଓମିତ୍ୟେତତ୍ ।। ୪ ।।
(କଠୋପନିଷଦ୍ ୨-୧୫)

ପ୍ରଶାସିତାରଂ ସର୍ବେଷାମଣୀୟାଂସମଣୋରପି ।
ରୁକ୍ମାଭଂ ସ୍ୱପ୍ନଧୀଗମ୍ୟଂ ବିଦ୍ୟାତ୍ତଂ ପୁରୁଷଂ ପରମ୍ ।। ୫ ।।
ଏତମଗ୍ନିଂ ବଦନ୍ତ୍ୟେକେ ମନୁମନ୍ୟେ ପ୍ରଜାପତିମ୍ ।
ଇନ୍ଦ୍ରମେକେଽପରେ ପ୍ରାଣମପରେ ବ୍ରହ୍ମଶାଶ୍ୱତମ୍ ।। ୬ ।।
(ମନୁ.ଅ.୧୨ଶ୍ଳୋକ ୧୨୨-୧୨୩)

ସ ବ୍ରହ୍ମା ସ ବିଷ୍ଣୁଃ ସ ରୁଦ୍ରସ୍ସ ଶିବସ୍ସୋଽକ୍ଷରସ୍ସ ପରମଃ ସ୍ୱରାଟ୍ ।
ସ ଇନ୍ଦ୍ରସ୍ସ କାଳାଗ୍ନିସ୍ସ ଚନ୍ଦ୍ରମାଃ ।। ୭ ।।
(କୈବଲ୍ୟ ଉପନିଷଦ୍)

ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନିମାହୁରଥୋ ଦିବ୍ୟଃ ସ ସୁପର୍ଣ୍ଣୋଗରୁତ୍ମାନ୍ ।
ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତ୍ୟଗ୍ନିଂ ଯମଂ ମାତରିଶ୍ୱାନମାହୁଃ ।।୮ ।।
(ଋକ୍. ମ୧-ସୂ.୧୬୪ମ.୪୬)

ଭୂରସି ଭୂମିରସ୍ୟଦିତିରସି ବିଶ୍ୱଧାୟା ବିଶ୍ୱସ୍ୟ ଭୁବନସ୍ୟ ଧର୍ତ୍ତ୍ରୀ ।
ପୃଥିବୀଂ ଯଚ୍ଛ ପୃଥିବୀଂ ଦୃଂହ ପୃଥିବୀଂ ମା ହିଂସୀଃ ।।୯ ।।
(ଯଜୁ.ଅ.୧୩-ମ.୧୮)

ଇନ୍ଦ୍ରୋ ମହ୍ନା ରୋଦସୀ ପପ୍ରଥଚ୍ଛବ ଇନ୍ଦ୍ରଃ ସୂର୍ଯ୍ୟମରୋଚୟତ୍ ।
ଇନ୍ଦ୍ରେ ହ ବିଶ୍ୱା ଭୁବନାନି ଯେମିର ଇନ୍ଦ୍ରେ ସ୍ୱାନାସ ଇନ୍ଦବଃ ।।୧୦ ।।
(ସାମ ପ୍ରପା-୭ ତିକ୍ ୮ମ - ୭)

ପ୍ରାଣାୟ ନମୋ ଯସ୍ୟ ସର୍ବମିଦଂ ବଶେ
ଯୋ ଭୂତଃ ସର୍ବସ୍ୟେଶ୍ୱରୋ ଯସ୍ମିନ୍ ସର୍ବଂ ପ୍ରତିଷ୍ଠିତମ୍ ।।୧୧ ।।
(ଅଥର୍ବ କାଣ୍ଡ ୧୧-ପ୍ରପା.୨୪-ଅ.୨-ମ.୧)

ଅବତି ଇତି ଓଁମ୍ ! ସୃଷ୍ଟି ରକ୍ଷା କରୁଥିବାରୁ ପରମେଶ୍ୱରଙ୍କ ନାମ । ତେଣୁ "ଓଁମ୍" ଆକାଶମିବ ବ୍ୟାପକତ୍ୱାତ୍ ଖମ୍" ଆକାଶପରି ବ୍ୟାପକ ହେତୁ ତାଙ୍କ ନାମ "ଖମ୍" । "ବୃହତ୍ତ୍ୱାତ୍ ବ୍ରହ୍ମ" ସର୍ବାପେକ୍ଷା ସେ ବୃହତ୍ ହେତୁ ତାଙ୍କ ନାମ 'ବ୍ରହ୍ମ' ।୧ । ଯାହାଙ୍କର ନାମ ଓଁମ୍, ଯିଏ କେବେ ନଷ୍ଟ ହୁଅନ୍ତି ନାହିଁ, ତାଙ୍କର କେବଳ ଉପାସନା କରିବା ଉଚିତ, ଅନ୍ୟ କାହାରି ନୁହେଁ ।୨ । ବେଦ, ଉପନିଷଦ୍, ଓ ଦର୍ଶନ ପ୍ରଭୃତି ପ୍ରାଚୀନ ଶାସ୍ତ୍ରମାନଙ୍କରେ ପରମେଶ୍ୱରଙ୍କ ମୁଖ୍ୟ ନାମ ହିସାବରେ 'ଓଁମ୍'କୁ ବର୍ଣ୍ଣନା କରାଯାଇଛି । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ପ୍ରଭୃତି ଅନ୍ୟ ଯେଉଁ ନାମ ଉଲ୍ଲେଖ କରାଯାଇଛି, ସେ ସବୁ ହେଉଛି ଗୌଣ ।୩ । ସକଳ ବେଦଶାସ୍ତ୍ରାନୁସାରେ ଯିଏ ମାନ୍ୟ, ସମସ୍ତ ଧର୍ମାନୁଷ୍ଠାନରେ ଯିଏ ପୂଜାରଯୋଗ୍ୟ ଏବଂ ଯାହାଙ୍କୁ ପାଇବାପାଇଁ ବ୍ରହ୍ମଚର୍ଯ୍ୟ ରୂପକ କଠୋର ତପସ୍ୟା କରିବାକୁ ପଡ଼େ, ତାଙ୍କରି ନାମ ହେଉଛି 'ଓଁମ୍' ।।୪।। ଯିଏ ସମସ୍ତଙ୍କର ଶିକ୍ଷାଦାତା, ସୂକ୍ଷ୍ମାତିସୂକ୍ଷ୍ମ, ସ୍ୱପ୍ରକାଶୀ ସ୍ୱରୂପ, ଯାହାଙ୍କୁ ସମାଧିସ୍ଥ ବୁଦ୍ଧିଦ୍ୱାରା ଜାଣିବା କେବଳ ସମ୍ଭବପର, ସେହି ଏକାକୀ ପରମପୁରୁଷ ଅଟନ୍ତି ।୫ । ପରମେଶ୍ୱର ପ୍ରକାଶ ସ୍ୱରୂପ, ତେଣୁ ତାଙ୍କ ନାମ ଅଗ୍ନି, ବିଜ୍ଞାନସ୍ୱରୂପ ହେତୁ ମନୁ, ସଭିଙ୍କର ପାଳନ କର୍ତ୍ତା ହୋଇଥିବାରୁ ସେ ପ୍ରଜାପତି, ପରମ ଐଶ୍ୱର୍ଯ୍ୟବାନ୍ ହେତୁ ଇନ୍ଦ୍ର, ସମସ୍ତଙ୍କ ଜୀବନର ମୂଳାଧାର ହେତୁ ପ୍ରାଣ, ତଥା ସବୁସ୍ଥାନରେ ବ୍ୟାପି ରହିଥିବାରୁ ତାଙ୍କ ନାମ ହେଉଛି 'ବ୍ରହ୍ମ' ।୬ । ପରମେଶ୍ୱର ସକଳ ଜଗତର ସୃଷ୍ଟିକର୍ତ୍ତା ହେତୁ ସେ 'ବ୍ରହ୍ମା', ସର୍ବତ୍ର ବ୍ୟାପିରହିଥିବାରୁ 'ବିଷ୍ଣୁ' ଦୁର୍ଜନମାନଙ୍କୁ ଦଣ୍ଡବିଧାନକରି କନ୍ଦାଉ ଥିବାରୁ 'ରୁଦ୍ର' ସଭିଙ୍କର କଲ୍ୟାଣ ଓ ମଙ୍ଗଳ କରୁଥିବାରୁ "ଶିବ" ନାମରେ ନାମିତ ହୁଅନ୍ତି । "ଯଃ ସର୍ବମ୍ ଅଶ୍ନୁତେ, ନକ୍ଷରତି ନ ବିନଶ୍ୟତି ତଦ୍ ଅକ୍ଷରମ୍" ସେ ସର୍ବତ୍ର ବ୍ୟାପକ ଓ ଅବିନାଶୀ ହେତୁ ତାଙ୍କ ନାମ ଅକ୍ଷର । ଯଃ ସ୍ୱୟଂ ରାଜତେ ସ ସ୍ୱରାଟ୍" ସ୍ୱୟଂ ପ୍ରକାଶସ୍ୱରୂପ ହୋଇଥିବାରୁ ସେ 'ସ୍ୱରାଟ୍' । ଯଃ ଅଗ୍ନିରିବ କାଳଃ କଳୟିତା ପ୍ରଳୟକର୍ତ୍ତା ସ କାଳାଗ୍ନିରୀଶ୍ୱରଃ" ପ୍ରଳୟ ସମୟରେ ସମସ୍ତଙ୍କ କାଳ ଏପରିକି କାଳର ମଧ୍ୟ କାଳ ହୋଇଥିବାରୁ ତାଙ୍କ ନାମ 'କାଳାଗ୍ନି' । ଯାବତୀୟ ପ୍ରାଣୀଙ୍କୁ ସୁଖ ଦେଉଥିବାରୁ ତାଙ୍କ ନାମ "ଚନ୍ଦ୍ରମା" ମଧ୍ୟ ଅଟେ ।୭ ।। ଇନ୍ଦ୍ର, ମିତ୍ର, ଆଦି ଯାବତୀୟ ନାମ ସେହି ଅଦ୍ୱିତୀୟ ସତ୍ୟ ବ୍ରହ୍ମଙ୍କର ଅଟେ । "ଦ୍ୟୁଷ୍ଟୁଶ୍ରେଷ୍ଠ ପଦାର୍ଥେଷୁ ଭବୋ ଦିବ୍ୟଃ" ପ୍ରକୃତି ପ୍ରଭୃତି ଦିବ୍ୟ ପଦାର୍ଥଗୁଡ଼ିକରେ ବ୍ୟାପକହେତୁ ତାଙ୍କ ନାମ ଦିବ୍ୟ ।" ଶୋଭନାନି ପର୍ଣାନି ପାଳନାନି ପୂର୍ଣାନି କର୍ମାଣି ବା ଯସ୍ୟ ସ ସୁପର୍ଣ୍ଣଃ" ଉତ୍ତମ ପାଳନକର୍ତ୍ତା ଓ ପୂର୍ଣ୍ଣକର୍ମାହେତୁ ତାଙ୍କ ନାମ "ସୁପର୍ଣ୍ଣ" ।। "ଯୋ ଗୁର୍ବାତ୍ମା ସ ଗରୁତ୍ମାନ୍" ତାଙ୍କର ଆତ୍ମା ବା ସ୍ୱରୂପ ଅତ୍ୟନ୍ତ ମହାନ୍ ହେତୁ ସେ ହେଉଛନ୍ତି

"ଗରୁତ୍ମାନ୍" । "ଯୋ ମାତରିଶ୍ୱା ବାୟୁରିବ ବଳବାନ୍ ସ ମାତରିଶ୍ୱା" ବାୟୁଭଳି ଅପରିମିତ ବଳଶାଳୀ ହୋଇଥିବାରୁ ତାଙ୍କ ନାମ ହେଉଛି "ମାତରିଶ୍ୱା" । ଏ ମନ୍ତ୍ରରେ ଅନ୍ୟ ଯେଉଁ ନାମଗୁଡ଼ିକ ରହିଛି ସେ ସବୁର ବିଶ୍ଳେଷଣ ଅନ୍ୟତ୍ର କରାଯାଇଛି ।୮ । ଭବନ୍ତି ଭୂତାନି ଯସ୍ୟାଂ ସା ଭୂମିଃ ସକଳ ଭୂତ ଅର୍ଥାତ୍ ପ୍ରାଣୀ ପରମେଶ୍ୱରଙ୍କ ନିକଟରେ ଆଶ୍ରିତ ହୋଇଥିବାରୁ ତାଙ୍କ ନାମ ଭୂମି ଅଟେ । ମନ୍ତ୍ରରେ ଥିବା ଅନ୍ୟ ନାମଗୁଡ଼ିକର ବ୍ୟାଖ୍ୟା ପରବର୍ତ୍ତୀ ସ୍ଥଳରେ କରାଯାଇଛି ।୯ । ଇନ୍ଦ୍ର ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି "ପରମ ଐଶ୍ୱର୍ଯ୍ୟବାନ୍" । ଜଗତରେ ପରମେଶ୍ୱର କେବଳ ପରମ ଐଶ୍ୱର୍ଯ୍ୟବାନ୍" । ତେଣୁ ମନ୍ତ୍ରରେ ଥିବା ଇନ୍ଦ୍ର ଶବ୍ଦ ହେଉଛି ପରମେଶ୍ୱର ବାଚକ ।୧୦ । ସମସ୍ତ ଇନ୍ଦ୍ରିୟ ଓ ସମଗ୍ର ଶରୀର ପ୍ରାଣବାୟୁର ବଶୀଭୂତ ହେଲାପରେ ସକଳ ଜଗତମଧ୍ୟ ଈଶ୍ୱରଙ୍କ ବଶୀଭୂତ । ତେଣୁ ତାଙ୍କର ଅନ୍ୟ ଏକ ନାମ ହେଉଛି "ପ୍ରାଣ" ।୧୧ ।

ଉପରୋକ୍ତ ପ୍ରମାଣଗୁଡ଼ିକରୁ ସ୍ପଷ୍ଟ ରୂପେ ଅନୁମିତ ହେଉଛି ଯେ.... ଅଗ୍ନି, ବାୟୁ, ଭୂମି, ବିରାଟ୍ ପ୍ରଭୃତି ଶବ୍ଦ ସମୂହ ମୁଖ୍ୟ ଅର୍ଥରେ ପରମେଶ୍ୱରଙ୍କୁ ବୁଝାଉଅଛି । ସ୍ତୁତି, ପ୍ରାର୍ଥନା, ଉପାସନା ପ୍ରଭୃତି ପ୍ରକରଣରେ ତଥା ସର୍ବଜ୍ଞ, ସର୍ବବ୍ୟାପକ, ସର୍ବଶକ୍ତିମାନ୍ ସନାତନ ଓ ସୃଷ୍ଟିକର୍ତ୍ତା ଆଦି ବିଶେଷଣ ଯୁକ୍ତହେଲେ "ଅଗ୍ନି" ଆଦି ନାମଗୁଡ଼ିକ ନିଃସନ୍ଦେହରେ ଈଶ୍ୱର ବାଚକ ହୋଇଥାନ୍ତି । କିନ୍ତୁ ଉତ୍ପନ୍ନ, ବିନଷ୍ଟ, ଅଳ୍ପଜ୍ଞ ଓ ଏକଦେଶୀ ଅର୍ଥ ବୁଝାଉଥିଲେ, ସେ ସ୍ଥାନରେ ବ୍ୟବହୃତ ଅଗ୍ନି, ବାୟୁ ଓ ଭୂମି ଆଦି ଶବ୍ଦ ଭୌତିକ ନିଆଁ, ପବନ ଓ ମାଟି ଭଳି ବିନାଶଶୀଳ ବସ୍ତୁକୁ ବୁଝାଇଥାଏ । ଯେଣୁ ଈଶ୍ୱରଙ୍କ ଉତ୍ପତ୍ତି ବା ବିନାଶ ନାହିଁ, କିମ୍ବା ସେ ଅଳ୍ପଜ୍ଞ ବା ଏକଦେଶୀ ନୁହନ୍ତି । ସେପରିସ୍ଥଳେ ଅଗ୍ନି, ବାୟୁ ଓ ଭୂମି ଆଦି ଶବ୍ଦର ଅର୍ଥ ପରମେଶ୍ୱର ହୋଇପାରିବ ନାହିଁ । ଏବେ ବୋଧେ ବୁଝିପାରୁଥିବେ ଅଗ୍ନି, ବାୟୁ ଓ ଭୂମି ଆଦି ଶବ୍ଦ ମୁଖ୍ୟ ଅର୍ଥରେ ପରମେଶ୍ୱରଙ୍କୁ ହିଁ ବୁଝାଇଥାଏ । ଆହୁରି ମଧ୍ୟ ମୁନି, ଋଷିଙ୍କ ପ୍ରଣୀତ ବ୍ୟାକରଣ, ନିରୁକ୍ତ, ବ୍ରାହ୍ମଣଗ୍ରନ୍ଥ ଓ ସୂତ୍ରଗ୍ରନ୍ଥମାନଙ୍କରେ ଏ ଶବ୍ଦଗୁଡ଼ିକର ମୁଖ୍ୟାର୍ଥ ହେଉଛି "ଈଶ୍ୱର" । ତଥାପି ଆମକୁ ଦେଖିବାକୁ ହେବ ଯେ ବେଦାଦି ସତ୍‌ଶାସ୍ତ୍ରଗୁଡ଼ିକର ସ୍ଥଳବିଶେଷରେ ଏ ଶବ୍ଦଗୁଡ଼ିକ ଭୌତିକ ଜଗତର ନିଆଁ, ପବନ ଓ ମାଟି ଭଳି ନାଶବାନ୍ ବସ୍ତୁକୁ ବୁଝାଇଥାନ୍ତି । ପ୍ରକରଣ ଅନୁଯାୟୀ ସ୍ଥାନ, କାଳ, ପାତ୍ର ଭେଦରେ ଏ ଶବ୍ଦଗୁଡ଼ିକର ବିଭିନ୍ନ ଅର୍ଥ ବୁଝିବାକୁ ହେବ । ଅଗ୍ନି ଆଦିଶବ୍ଦ କେତେକ ସ୍ଥଳରେ ଈଶ୍ୱର ଅର୍ଥରେ ଓ ସ୍ଥଳ ବିଶେଷରେ ସାଂସାରିକ ବସ୍ତୁ ଅର୍ଥରେ ମଧ୍ୟ ବ୍ୟବହୃତ ହୋଇଛି । କିନ୍ତୁ ଓମ୍ ଶବ୍ଦ ଅନ୍ୟ କୌଣସି ଅର୍ଥରେ ବ୍ୟବହୃତ ନ ହୋଇ, ପରମେଶ୍ୱର ଅର୍ଥରେ ହିଁ ସର୍ବଦା ବ୍ୟବହୃତ ହୋଇଥାଏ । ବର୍ତ୍ତମାନ ଦେଖନ୍ତୁ ଅଗ୍ନି ଆଦି ଶବ୍ଦ ଈଶ୍ୱରଙ୍କ ଅର୍ଥରେ

ବ୍ୟବହୃତ ନହୋଇ, କିପରି, ସାଂସାରିକ ବସ୍ତୁ ଅର୍ଥରେ ବ୍ୟବହୃତ ହୋଇଛି । ଯଥା.....

ତତୋ ବିରାଡ଼ଜାୟତ ବିରାଜୋ ଅଧିପୁରୁଷଃ ।
ଶ୍ରୋତ୍ରାଦ୍ ବାୟୁଶ୍ଚ ପ୍ରାଣଶ୍ଚ ମୁଖାଦଗ୍ନିରଜାୟତ ।
ତେନ ଦେବା ଅୟଜନ୍ତ । ପଶ୍ଚାଦ୍ ଭୂମିମଥୋପୁରଃ ।।

(ଯଜୁ.ଅ୩୧)

ତସ୍ମାଦ୍ ବା ଏତସ୍ମାଦାତ୍ମନ ଆକାଶଃ ସମ୍ଭୂତଃ । ଆକାଶାଦ୍ ବାୟୁଃ । ବାୟୋରଗ୍ନିଃ । ଅଗ୍ନେରାପଃ । ଅଦ୍ଭ୍ୟଃ ପୃଥିବୀ । ପୃଥିବ୍ୟା ଓଷଧୟଃ । ଓଷଧିଭ୍ୟୋଽନ୍ନମ୍ । ଅନ୍ନାଦ୍ରେତଃ ରେତସଃ ପୁରୁଷଃ । ସ ବା ଏଷ ପୁରୁଷୋଽନ୍ନରସମୟଃ ।

(ତୈତିରୀୟୋ ପନିଷଦ୍, ବ୍ରହ୍ମାନନ୍ଦବଲ୍ଲୀ, ଅନୁବାକ୍ - ୧)

ଏପରି ପ୍ରକରଣମାନଙ୍କରେ ବିରାଟ୍, ପୁରୁଷ, ଦେବ, ଆକାଶ, ବାୟୁ, ଅଗ୍ନି, ଜଳ ଭୂମି ପ୍ରଭୃତି ନାମରୁ ଲୌକିକ ପଦାର୍ଥ ପ୍ରକାଶିତ ହେଉଛି । କାରଣ ଯେଉଁ ଯେଉଁ ସ୍ଥାନରେ ଉତ୍ପତ୍ତି, ସ୍ଥିତି, ପ୍ରଳୟ, ଅଳ୍ପଜ୍ଞ, ଜଡ଼, ଦୃଶ୍ୟ ଆଦି ବିଶେଷଣ ଉଲ୍ଲେଖ କରାଯାଇଛି, ସେହି ସ୍ଥାନମାନଙ୍କରେ ପରମେଶ୍ୱରଙ୍କ ନାମ ଗ୍ରହଣ କରାଯାଇନାହିଁ । ଏଣୁ ଏଠାରେ ବିରାଟ୍ ଆଦିଶବ୍ଦ ଈଶ୍ୱରଙ୍କୁ ନ ବୁଝାଇ ସାଂସାରିକ ବସ୍ତୁକୁ ବୁଝାଉଛି । ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ ଓ ପ୍ରଯତ୍ନ ଏସବୁ ଲକ୍ଷଣ ହେଉଛି ଜୀବାତ୍ମାର, ପରମାତ୍ମାଙ୍କ ସେପରି ଲକ୍ଷଣ ନାହିଁ । ଯେଉଁ ସ୍ଥାନରେ ଏପରି ବର୍ଣ୍ଣନା ଦେଖିବାକୁ ମିଳେ ତା ହେଉଛି ଅଳ୍ପଜ୍ଞ ଜୀବାତ୍ମାର । ସର୍ବଜ୍ଞ ପରମାତ୍ମାଙ୍କ ସଂପର୍କରେ ସେପରି ହୋଇପାରିବ ନାହିଁ । ବିରାଟ୍, ଅଗ୍ନି ଆଦି ଶବ୍ଦ ଯେଉଁଠି ସର୍ବଜ୍ଞ, ସର୍ବ ବ୍ୟାପକ, ଓ ସର୍ବଶକ୍ତିମାନ୍ ଆଦି ବିଶେଷଣ ଯୁକ୍ତ ହୋଇଥିବ, ସେତେବେଳେ ସେସବୁ ଶବ୍ଦର ଅର୍ଥ ''ପରମେଶ୍ୱର'' ହିଁ ହେବ ।

ବିରାଟ୍, ଅଗ୍ନି ଆଦି ଶବ୍ଦଗୁଡ଼ିକର ବ୍ୟୁତ୍ପତ୍ତିଗତ ଅର୍ଥ କିପରି ପରମେଶ୍ୱରଙ୍କୁ ବୁଝାଉଛି, ତା ନିମ୍ନରେ ଉଲ୍ଲେଖ କରାଯାଉଛି ।''

୧- ବି - ଉପସର୍ଗ ରାଜୃଦୀପ୍ତୌ'' ଧାତୁରେ କ୍ୱିପ୍ ପ୍ରତ୍ୟୟ କଲେ ବିରାଟ୍ ଶବ୍ଦ ସିଦ୍ଧ ହୁଏ । ଯୋ ବିବିଧଂ ନାମ ଚରାଚରଂ ଜଗଦ୍ ରାଜୟତି ପ୍ରକାଶୟତି ସ ବିରାଟ୍ । ଅର୍ଥାତ୍ ବହୁବିଧ ଜଗତର ପ୍ରକାଶକ ହୋଇଥିବାରୁ ପରମେଶ୍ୱରଙ୍କ ନାମ ବିରାଟ୍ ରଖାଯାଇଛି ।

୨ - ''ଅଞ୍ଚୁ ଗତିପୂଜନୟୋଃ'' ଅଗ, ଅଗି ଓ ଇଣ୍ ଗତ୍ୟର୍ଥକ ଧାତୁ ଅଟନ୍ତି'' ଏହି ଧାତୁରୁ ଅଗ୍ନି ଶବ୍ଦର ଉତ୍ପତ୍ତି । ଗତେଃ ତ୍ରୟୋଽର୍ଥାଃ-ଜ୍ଞାନଂ, ଗମନଂ, ପ୍ରାପ୍ତିଶ୍ଚେତି । ଗତିର ତିନୋଟି ଅର୍ଥ, ଜ୍ଞାନ, ଗମନ ଓ ପ୍ରାପ୍ତି'' ପୂଜନଂ ନାମ ସତ୍କାରଃ- ପୂଜନର

ଅର୍ଥ ସତ୍କାର । ଅତଏବ ଯୋଽଞ୍ଚତି ଅଚ୍ୟତେଽଗତ୍ୟଙ୍ଗତେୟେତି ବା ସୋଽୟମଗ୍ନିଃ । ଯିଏ ଜ୍ଞାନସ୍ୱରୂପ, ସର୍ବଜ୍ଞ ପୁଣି ଜ୍ଞାନ, ପ୍ରାପ୍ତି ଓ ପୂଜନର ଯୋଗ୍ୟ ସେ ହିଁ ଅଗ୍ନି । ଏ ସକଳ ଗୁଣ ଓ ଲକ୍ଷଣର ଅଧିକାରୀ ଈଶ୍ୱର ହୋଇଥିବାରୁ, ତାଙ୍କର ନାମ ହେଉଛି ଅଗ୍ନି ।

୩ - ''ବିଶ୍ ପ୍ରବିଶନେ'' ଏହି ଧାତୁରୁ ବିଶ୍ୱ ଶବ୍ଦ ନିଷ୍ପନ୍ନ'' ବିଶନ୍ତି ପ୍ରବିଷ୍ଟାନି ସର୍ବାଣ୍ୟାକାଶାଦୀନି ଭୂତାନି ଯସ୍ମିନ୍ ଯୋ ବା ଆକାଶାଦିଷୁ ସର୍ବେଷୁ ଭୂତେଷୁ ପ୍ରବିଷ୍ଟଃ ସ ବିଶ୍ୱ ଈଶ୍ୱରଃ । ଯାହାଙ୍କଠାରେ ଆକାଶାଦି ପଞ୍ଚଭୂତ ପ୍ରବେଶ କରନ୍ତି, ଅଥବା ଯିଏ ଏଥିରେ ବ୍ୟାପ୍ତ ହୋଇ ପ୍ରବିଷ୍ଟ ହୁଅନ୍ତି, ସେ ହେଉଛନ୍ତି ବିଶ୍ୱ ନାମଧାରୀ ପରମେଶ୍ୱର ।

୪ - ଜ୍ୟୋତିର୍ବୈ ହିରଣ୍ୟଂ, ତେଜୋ ବୈ ହିରଣ୍ୟମ୍, ଇତି ଐତରେୟ ଶତପଥ ବ୍ରାହ୍ମଣେ, ଯୋ ହରିଣ୍ୟାନାଂ ସୂର୍ଯ୍ୟାଦୀନାଂ ତେଜସାଂ ଗର୍ଭଂ ଉତ୍ପତ୍ତି ନିମିତ୍ତମ୍ ଅଧିକରଣଂ ସ ହିରଣ୍ୟଗର୍ଭଃ । ଯାହାଙ୍କଠାରୁ ସୂର୍ଯ୍ୟାଦି ତେଜସ୍ୱର ଲୋକଲୋକାନ୍ତର ଉତ୍ପନ୍ନ ହୋଇ, ଯାହାଙ୍କ ଆଶ୍ରୟରେ ରହନ୍ତି, ଅଥବା ଯିଏ ସୂର୍ଯ୍ୟାଦି ତେଜଃ ସ୍ୱରୂପ ପଦାର୍ଥମାନଙ୍କର ଗର୍ଭ ଅର୍ଥାତ୍ ଉତ୍ପତ୍ତି ଓ ନିବାସସ୍ଥଳୀ ଅଟନ୍ତି, ସେ ହେଉଛନ୍ତି ''ହିରଣ୍ୟଗର୍ଭ'' ନାମଧାରୀ ପରମେଶ୍ୱର । ଏ ସମ୍ବନ୍ଧରେ ଯଜୁର୍ବେଦ ମନ୍ତ୍ରର ପ୍ରମାଣ, ଯଥା......

ହରିଣ୍ୟଗର୍ଭଃ ସମବର୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକଽଆସୀତ୍ ।
ସଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ । (ଯଜୁ ୧୩-୪)

ଏପରି ସ୍ଥଳରେ ହିରଣ୍ୟ ଗର୍ଭର ଅର୍ଥ ପରମେଶ୍ୱର ହେବ ।।

୫ - ବାୟୁ - ବା ଗତି ଗନ୍ଧନୟୋଃ, ଏହି 'ବା' ଧାତୁରୁ ବାୟୁ ଶବ୍ଦ ନିଷ୍ପନ୍ନ । (ଗନ୍ଧନଂ ହିଂସନମ୍)'' ଯୋ ବାତି ଚରାଚରଂ ଜଗଦ୍ ଧରତି, ବଳିନାଂ ବଳିଷ୍ଠଃ ସ ବାୟୁଃ'' ଯେ ଚରାଚର ଜଗତକୁ ଧାରଣ, ପାଳନ ଓ ସଂହାର କରନ୍ତି, ସେ ପୁଣି ସକଳ ବଳଶାଳୀଙ୍କ ମଧ୍ୟରେ ଅତ୍ୟନ୍ତ ବଳଶାଳୀ ବା ସର୍ବଶକ୍ତିମାନ୍, ସେ ହେଉଛନ୍ତି ''ବାୟୁ'' ନାମଧାରୀ ପରମେଶ୍ୱର ।

୬ - ତୈଜସ୍ - ତିଜ୍-ନିଶାନେ, ଧାତୁରୁ ତେଜଃ, ତହିଁରେ ତଦ୍ଧିତ ପ୍ରତ୍ୟୟ ହୋଇ ତୈଜସ୍ ଶବ୍ଦ ନିଷ୍ପନ୍ନ । ଯିଏ ସ୍ୱୟଂ ପ୍ରକାଶଶୀଳ, ପୁଣି ସୂର୍ଯ୍ୟାଦି ତେଜସ୍ୱୀ ଲୋକଲୋକାନ୍ତରକୁ ପ୍ରକାଶ କରନ୍ତି, ତେଣୁ ସେହି ପରମେଶ୍ୱରଙ୍କ ନାମ ହେଉଛି ''ତୈଜସ୍'' ।

୭- ଈଶ୍ୱର-ଈଶ୍ - ଐଶ୍ୱର୍ଯ୍ୟେ, ଧାତୁରୁ ଈଶ୍ୱର ଶବ୍ଦ ନିଷ୍ପନ୍ନ । '' ଯ ଈଷ୍ଟେ ସର୍ବୈଶ୍ୱର୍ଯ୍ୟବାନ୍ ବର୍ତତେ ସ ଈଶ୍ୱରଃ'' ଯାହାର ସତ୍ୟ ବିଗ୍ରହଶୀଳ ଜ୍ଞାନ ଓ ଅନନ୍ତ ଐଶ୍ୱର୍ଯ୍ୟ ରହିଛି, ତେଣୁ ସେହି ପରମାତ୍ମାଙ୍କ ନାମ 'ଈଶ୍ୱର' ଅଟେ ।

୮ - ଆଦିତ୍ୟ - ଦୋ- ଅବଖଣ୍ଡନେ, ଏହି ଧାତୁରୁ ଅଦିତି ଓ ଏହାର ତଦ୍ଧିତରେ ଆଦିତ୍ୟ ଶବ୍ଦ ସିଦ୍ଧ ହୋଇଛି ।" ନ ବିଦ୍ୟତେ ବିନାଶୋ ଯସ୍ୟ ସୋଽୟମଦିତଃ, ଅଦିତିରେବ ଆଦିତ୍ୟଃ ।ଯିଏ କେବେ ବିନାଶ ହୁଅନ୍ତି ନାହିଁ, ତେଣୁ ଈଶ୍ୱରଙ୍କ ନାମ ଆଦିତ୍ୟ ।।

୯- ପ୍ରାଜ୍ଞ - ଜ୍ଞା-ଅବବୋଧନେ, ପ୍ର ଉପସର୍ଗ ଜ୍ଞା ଧାତୁରୁ ପ୍ରଜ୍ଞ, ଏଥିରେ ତଦ୍ଧିତ ପ୍ରତ୍ୟୟ ଯୋଗ ହୋଇ 'ପ୍ରାଜ୍ଞ' ଶବ୍ଦ ନିଷ୍ପନ୍ନ ।"ଯଃ ପ୍ରକୃଷ୍ଟତୟା ଚରାଚରସ୍ୟ ଜଗତୋ ବ୍ୟବହାରଂ ଜାନାତି ସ ପ୍ରଜ୍ଞଃ+ପ୍ରଜ୍ଞ ଏବ ପ୍ରାଜ୍ଞଃ" ଯିଏ ଅଭ୍ରାନ୍ତ ଜ୍ଞାନଯୁକ୍ତ ସକଳ ଚରାଚର ଜଗତର ବ୍ୟବହାରକୁ ଯଥାଯଥଭାବେ ଜାଣନ୍ତି, ତେଣୁ ଈଶ୍ୱରଙ୍କ ନାମ 'ପ୍ରାଜ୍ଞ' ଅଟେ ।

୧୦ - ଓଁମ୍ - ଅ, ଉ, ମ, ଏ ତିନୋଟି ମାତ୍ରା ମିଳିତ ହୋଇ ଓଁମ୍ ଶବ୍ଦ ନିଷ୍ପନ୍ନ ।ଗୋଟିଏ ଗୋଟିଏ ମାତ୍ରାର ତିନି ତିନି ଅର୍ଥ କେବଳ ବ୍ୟାଖ୍ୟା କରାଯାଇଛି 'ଓଁମ୍' ଶବ୍ଦରୁ ଆହୁରି ଅନେକ ଅର୍ଥ ଉପଲବ୍ଧ ହୋଇପାରେ ।ଯଥା - ଅବ୍-ରକ୍ଷଣେ, ଅବ୍ ଧାତୁର ଅର୍ଥ ରକ୍ଷାକରିବା ।ଅବତି ଇତି ଓଁମ୍, ଯେ ସୃଷ୍ଟି ରକ୍ଷା କରନ୍ତି, ସେ ଓଁମ୍, ତେଣୁ ଈଶ୍ୱରଙ୍କ ନାମ "ଓଁମ୍" ଅଟେ ।

୧୧ - ମିତ୍ର - "ଶନ୍ନୋମିତ୍ର ଶଂ ବରୁଣ...ଏହି ମନ୍ତ୍ରରେ ମିତ୍ରାଦି ଯେଉଁ ନାମ ରହିଛି, ସେସବୁ ଈଶ୍ୱରଙ୍କ ନାମ ବିଶେଷ । କାରଣ ଶ୍ରେଷ୍ଠଙ୍କର ହିଁ ସ୍ତୁତି, ପ୍ରାର୍ଥନା, ଉପାସନା କରାଯାଏ ।ପ୍ରଶ୍ନ କରାଯାଇପାରେ : ଶ୍ରେଷ୍ଠ କିଏ ? ଗୁଣ,କର୍ମ, ସ୍ୱଭାବ ଓ ସତ୍ୟାସତ୍ୟ ବ୍ୟବହାରରେ ଯିଏ ଉତ୍ତମ ସେ ଶ୍ରେଷ୍ଠ ଅଟନ୍ତି । ସମସ୍ତ ଶ୍ରେଷ୍ଠରୁ ଅତ୍ୟନ୍ତ ଶ୍ରେଷ୍ଠଙ୍କୁ ହିଁ ପରମେଶ୍ୱର କୁହାଯାଏ । ତାଙ୍କ ତୁଲ୍ୟ ଅତୀତରେ କେହି ନଥିଲେ, ବର୍ତ୍ତମାନ କେହି ନାହାନ୍ତି ଓ ଭବିଷ୍ୟତରେ ମଧ୍ୟ କେହି ହୋଇପାରିବେ ନାହିଁ ।ପରମେଶ୍ୱରଙ୍କ ଯେପରି ସତ୍ୟ, ନ୍ୟାୟ, ଦୟା, ସର୍ବଜ୍ଞତା, ସର୍ବଶକ୍ତିମତ୍ତା ଓ ସର୍ବବ୍ୟାପକତ୍ୱାଦି ଅନନ୍ତ ଗୁଣମାନ ରହିଛି, ସେପରି ଅନ୍ୟ କୌଣସି ପ୍ରାଣୀ ଜଡ଼ପଦାର୍ଥ ବା ଜୀବଜଗତର ନାହିଁ ।ଯେଉଁ ପଦାର୍ଥ ସତ୍ୟ , ତାର ଗୁଣ ,କର୍ମ, ସ୍ୱଭାବ ମଧ୍ୟ ସତ୍ୟ ଅଟେ ।ଏଣୁ ଅନ୍ୟ କାହାରି ଉପାସନା ନ କରି, ସେହି ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା କରିବା ହେଉଛି ମନୁଷ୍ୟର କର୍ତ୍ତବ୍ୟ ।ଯେଣୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ପ୍ରଭୃତି ଐତିହାସିକ ମହାତ୍ମାଗଣ, ବିଦ୍ୱାନ୍ ପୁରୁଷଗଣ,ଦୈତ୍ୟ ଦାନବାଦି ନିକୃଷ୍ଟ ମନୁଷ୍ୟମାନେ ତଥା ଅନ୍ୟାନ୍ୟ ସାଧାରଣ ମନୁଷ୍ୟ ସମସ୍ତେ କେବଳ ସେହି ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା କରିଆସିଛନ୍ତି ।ତାଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କରନ୍ତି ନାହିଁ । ତେଣୁ ଆମ୍ଭେମାନେ ମଧ୍ୟ ତାଙ୍କରି ଉପାସନା କରିବା ଉଚିତ୍ ।ଉପାସନା ଓ ମୁକ୍ତି ପ୍ରକରଣରେ ଏହାର ବିସ୍ତୃତ ବିଚାର କରାଯିବ ।

ପ୍ରଶ୍ନ (୨) - ମିତ୍ରର ଅର୍ଥ ସଖା ଅଟେ । ଜଣେ ମନୁଷ୍ୟ ଅନ୍ୟ ଜଣକର ମିତ୍ର ଜଣେ ହୋଇ ନ ପାରେ ? ଏଣୁ ମିତ୍ରର ଅର୍ଥ ମନୁଷ୍ୟ - ମିତ୍ର ବା କାହିଁକି ନ ହେବ ?

ଉତ୍ତର - ଜଣେ ମନୁଷ୍ୟ ଅନ୍ୟ ଜଣେ ମନୁଷ୍ୟର ମିତ୍ର ଅବଶ୍ୟ ହୋଇପାରେ, କିନ୍ତୁ ସକଳ ପ୍ରାଣୀ ଜଗତର ମିତ୍ର କଦାପି ହୋଇ ନ ପାରେ । 'ଞିମିଦା ସ୍ନେହନେ' ଏହି ଧାତୁରୁ ଔଣାଦିକ 'କ୍ତ' ପ୍ରତ୍ୟୟ ହୋଇ 'ମିତ୍ର' ଶବ୍ଦ ସିଦ୍ଧ ହୁଏ । 'ମେଦ୍ୟତି ସ୍ନିହ୍ୟତି ବା ସଃ ମିତ୍ରଃ ।ଅର୍ଥାତ୍-ଯିଏ ସକଳ ଜୀବ ଜଗତକୁ ସ୍ନେହ କରନ୍ତି ସେହି ପରମେଶ୍ୱର ହିଁ ପ୍ରକୃତ 'ମିତ୍ର' ଅଟନ୍ତି ।କିନ୍ତୁ, ଜଣେ ମନୁଷ୍ୟ କାହାର ମିତ୍ର ହୋଇଥାଏ ତ ଅନ୍ୟ କାହାର ଶତ୍ରୁ ମଧ୍ୟ ହୋଇଥାଏ ଅଥବା କାହାପ୍ରତି ଉଦାସୀନ ମଧ୍ୟ ହୋଇଥାଏ । ଏଣୁ 'ମିତ୍ର' ଶବ୍ଦର ମୁଖ୍ୟ ଅର୍ଥ ହେଉଛି ପରମେଶ୍ୱର । ହଁ ଗୌଣ ଅର୍ଥରେ ଓ ପ୍ରକରଣ ଅନୁସାରେ ଏହା ମନୁଷ୍ୟଙ୍କୁ ମଧ୍ୟ ବୁଝାଇଥାଏ ।

(୧୨) ବରୁଣ - (ବୃଞ୍=ବରଣେ, ବର=ଈପ୍ସାୟାମ୍) । 'ବୃଞ୍ ଓ ବର' ଏହି ଦୁଇ ଧାତୁରେ ଉଣାଦି 'ଉନନ୍' ପ୍ରତ୍ୟୟ କଲେ 'ବରୁଣ' ଶବ୍ଦ ସିଦ୍ଧ ହୁଏ । 'ବୃଞ୍' ଧାତୁର ଅର୍ଥ ବରଣ କରିବା ଓ 'ବର' ଧାତୁର ଅର୍ଥ ଇଚ୍ଛା କରିବା' । ଏଣୁ (କ) ଯଃ ସର୍ବାନ୍ ଶିଷ୍ଟାନ୍ ମୁମୁକ୍ଷୂନ୍ ଧର୍ମାତ୍ମନୋ ବୃଣୋତି ସ ବରୁଣଃ । ଅର୍ଥାତ୍ - ଯିଏ ଆତ୍ମଯୋଗୀ, ବିଦ୍ୱାନ୍, ମୁକ୍ତିକାମୀ ଓ ଧର୍ମାତ୍ମାମାନଙ୍କୁ ଗ୍ରହଣ କରନ୍ତି ସେ ବରୁଣ । (ଖ) ଅଥବା ଯଃ ଶିଷ୍ଟୈର୍ ମୁମୁକ୍ଷୁଭିଃ ଧର୍ମାତ୍ମଭିଃ ବ୍ରିୟତେ ବର୍ଯ୍ୟତେ ବା ବରୁଣଃ ପରମେଶ୍ୱରଃ ଅର୍ଥାତ୍ ଯିଏ ଶିଷ୍ଟ, ମୁକ୍ତିକାମୀ ଓ ଧର୍ମାତ୍ମାମାନଙ୍କ ଆଦରଣୀୟ ବା ବରଣୀୟ ଅଟନ୍ତି ସେ ବରୁଣ । (ଗ) ଅଥବା ବରୁଣୋ ନାମ ବରଃ ଶ୍ରେଷ୍ଠଃ । ଅର୍ଥାତ୍- ଯିଏ ସର୍ବଶ୍ରେଷ୍ଠ ସେ 'ବରୁଣ' ଅଟନ୍ତି । ପରମେଶ୍ୱରହିଁ ଏ ସମସ୍ତ ବିଶେଷଣର ଅଧିକାରୀ । ତେଣୁ ତାଙ୍କର ନାମ ଅଟନ୍ତି 'ବରୁଣ' ।।

(୧୩) ଅର୍ଯ୍ୟମା - (ଋ-ଗତିପ୍ରାପଣୟୋଃ, ମାଙ୍-ମାନେ) 'ଋ' ଧାତୁରେ 'ଯତ୍' ପ୍ରତ୍ୟୟ କଲେ 'ଅର୍ଯ୍ୟ' ଶବ୍ଦ ସିଦ୍ଧ ହୁଏ । 'ଅର୍ଯ୍ୟ' ଶବ୍ଦ + 'ମାଙ୍' ଧାତୁରେ 'କନିନ୍' ପ୍ରତ୍ୟୟ ହୋଇ 'ଅର୍ଯ୍ୟମା' ଶବ୍ଦ ସିଦ୍ଧ ହୋଇଛି । 'ଯୋଽର୍ଯ୍ୟାନ୍ ସ୍ୱାମିନୋ ନ୍ୟାୟାଧୀଶାନ୍ ମିମୀତେ ମାନ୍ୟାନ୍ କରୋତି ସୋଽର୍ଯ୍ୟମା ।' - ଯିଏ ନ୍ୟାୟକର୍ତ୍ତା ମନୁଷ୍ୟଙ୍କୁ ଆଦର କରନ୍ତି ଏବଂ ପାପ ଓ ପୁଣ୍ୟ କର୍ମଙ୍କୁ ଯଥାଯଥ ଫଳଦାନ ନିୟମ କରନ୍ତି, ସେ 'ଅର୍ଯ୍ୟମା' ଅଟନ୍ତି । ପରମେଶ୍ୱର କେବଳ ଏପରି ହୋଇଥିବାରୁ ତାଙ୍କ ନାମ 'ଅର୍ଯ୍ୟମା' ଅଟେ ।

(୧୪) ଇନ୍ଦ୍ର - (ଇଦି=ପରମ ଐଶ୍ୱର୍ଯ୍ୟେ) । 'ଇଦି' ଧାତୁରେ 'ରନ୍' ପ୍ରତ୍ୟୟ ଯୁକ୍ତ ହୋଇ 'ଇନ୍ଦ୍ର' ଶବ୍ଦ ସିଦ୍ଧ ହୁଏ । ଏଣୁ 'ଯ ଇନ୍ଦତି ପରମୈଶ୍ୱର୍ଯ୍ୟବାନ୍ ଭବତି ସଇନ୍ଦ୍ରଃ ପରମେଶ୍ୱରଃ ।' ଅର୍ଥାତ୍ - ଯିଏ ସକଳ ଐଶ୍ୱର୍ଯ୍ୟ ଯୁକ୍ତ ଅଟନ୍ତି ସେ ଇନ୍ଦ୍ର । ଅତଏବ ଈଶ୍ୱରଙ୍କ ନାମ ହେଉଛି ଇନ୍ଦ୍ର ।

(୧୫)ବୃହସ୍ପତି - (ବୃହତ୍ = ବଡ଼, ପା=ରକ୍ଷଣେ) । 'ବୃହତ୍' ଶବ୍ଦ ପୂର୍ବକ 'ପା' ଧାତୁରେ 'ଡତି' ପ୍ରତ୍ୟୟ ଯୁକ୍ତ ହୋଇ 'ବୃହସ୍ପତି' ଶବ୍ଦ ସିଦ୍ଧ ହୁଏ । 'ଯୋ ବୃହତ୍ ଆକାଶାଦୀନାଂ ପତିଃ ସ୍ୱାମୀ ପାଳୟିତା ସ ବୃହସ୍ପତିଃ ।' ଅର୍ଥାତ୍ - ବୃହଦାକାର ଆକାଶାଦି ବ୍ରହ୍ମାଣ୍ଡ ମାନଙ୍କର ସ୍ୱାମୀ ଓ ପାଳକ ହୋଇଥିବାରୁ ପରମେଶ୍ୱରଙ୍କ ନାମ 'ବୃହସ୍ପତି' ଅଟେ ।

(୧୬) ବିଷ୍ଣୁ- (ବିଷ୍ଳୁ=ବ୍ୟାପ୍ତୌ) ବିଷ୍ଳୁଧାତୁରେ 'ନ' ପ୍ରତ୍ୟୟ ଯୁକ୍ତ ହୋଇ 'ବିଷ୍ଣୁ' ଶବ୍ଦ ସିଦ୍ଧ ହୁଏ । ଯ ବେବେତି ବ୍ୟାପ୍ନୋତି ଚରାଚରଂ ଜଗତ୍ ସ ବିଷ୍ଣୁଃ ସକଳ ଏ ଚରାଚର ଜଗତରେ ବ୍ୟାପକ ହୋଇଥିବାରୁ, ପରମେଶ୍ୱରଙ୍କ ନାମ 'ବିଷ୍ଣୁ' ଅଟେ ।

(୧୭) ଉରୁକ୍ରମ - (ଉରୁ-ମହାନ୍, କ୍ରମ=ପରାକ୍ରମ) । 'ଉରୁଃ ମହାନ୍ କ୍ରମଃ ପରାକ୍ରମୋ ଯସ୍ୟ ସ ଉରୁକ୍ରମଃ ।' ଅନନ୍ତ ପରାକ୍ରମଯୁକ୍ତ ହୋଇଥିବାରୁ ପରମେଶ୍ୱରଙ୍କ ନାମ 'ଉରୁକ୍ରମ' ।

(୧୮) ବ୍ରହ୍ମ - (ବୃହ୍, ବୃହି=ବୃଦ୍ଧୌ) । 'ବୃହ୍ ଓ ବୃହି' ଧାତୁମାନଙ୍କରୁ 'ବ୍ରହ୍ମ' ଶବ୍ଦ ସିଦ୍ଧ ହୁଏ । 'ବୃହତ୍ୱାଦ୍ ବ୍ରହ୍ମ' - ଯିଏ ସର୍ବ ବୃହତ୍ ଓ ଅନନ୍ତ ବଳଯୁକ୍ତ ସେ 'ବ୍ରହ୍ମ' ଅଟନ୍ତି । ପରମେଶ୍ୱର ସର୍ବବୃହତ୍ ତତ୍ତ୍ୱ ହୋଇ ଥିବାରୁ ତାଙ୍କ ନାମ ହିଁ 'ବ୍ରହ୍ମ' ଅଟେ ।

(୧୯) ଭୂମି - 'ଭବନ୍ତି ଭୂତାନି ଯସ୍ୟାଂ ସା ଭୂମିଃ । ଯେଉଁଠି ସମସ୍ତ ଭୂତ ବା ପ୍ରାଣୀ ଉତ୍ପନ୍ନ ହୋଇ ବାସ କରନ୍ତି ତାହା ଭୂମି ଅଟେ । ସ୍ଥୂଳ ଦୃଷ୍ଟିରେ ଦେଖିଲେ ମାଟିରେ ସମସ୍ତ ପ୍ରାଣୀ ଉତ୍ପନ୍ନ ହୋଇ ବାସ କରନ୍ତି । ଏଣୁ ମାଟିକୁ ଆମେ ଭୂମି କହୁଁ । କିନ୍ତୁ, ସେହି ମାଟିର ଆଧାର ଓ ନିମିତ୍ତ କାରଣ ମଧ୍ୟ 'ଈଶ୍ୱର' ଅଟନ୍ତି । ଏଣୁ ସୂକ୍ଷ୍ମ ଦୃଷ୍ଟିରୁ ବିଚାରକଲେ 'ଭୂମି' ଶବ୍ଦର ମୁଖ୍ୟ ଅର୍ଥ 'ପରମେଶ୍ୱର' ହେବ ।

(୨୦) ସୂର୍ଯ୍ୟ - 'ସୂର୍ଯ୍ୟ ଆତ୍ମା ଜଗତସ୍ତସ୍ଥୁଷଶ୍ଚ ।' ଯଜୁର୍ବେଦ ୧୩.୪୬ ଅର୍ଥାତ୍ ଯିଏ ଚେତନ ଓ ଅଚେତନ ସମସ୍ତଙ୍କର ଆତ୍ମା ଏବଂ ଯିଏ ନିଜର ପ୍ରକାଶରେ ସକଳ ବ୍ରହ୍ମାଣ୍ଡକୁ ପ୍ରକାଶିତ କରନ୍ତି,ସେ 'ସୂର୍ଯ୍ୟ' ଅଟନ୍ତି । ପରମେଶ୍ୱରହିଁ ଏପରି, ସେଣୁ ତାଙ୍କ ନାମ 'ସୂର୍ଯ୍ୟ' ଅଟେ ।

(୨୧) ଆତ୍ମା - (ଅତ=ସାତତ୍ୟଗମନେ) ଏହି ଧାତୁରୁ 'ଆତ୍ମା' ଶବ୍ଦ ନିଷ୍ପନ୍ନ 'ଯଃ ଅତତି ବ୍ୟାପ୍ନୋତି ସ ଆତ୍ମା ।' ଯିଏ ସମସ୍ତ ଜୀବାଦି ଜଗତରେ ନିରନ୍ତର ବ୍ୟାପକ, ସେ 'ଆତ୍ମା' ଅଟନ୍ତି । 'ଈଶ୍ୱର' ଏପରି ହୋଇଥିବାରୁ ତାଙ୍କ ନାମ ହେଉଛି ଆତ୍ମା ।

(୨୨) ପରମାତ୍ମା :- 'ପରଶ୍ଚାସାବାତ୍ମା ଚ ଯ ଆତ୍ମଭ୍ୟୋଜୀବେଭ୍ୟଃ ସୂକ୍ଷ୍ମେଭ୍ୟଃ ପରଃ ଅତିସୂକ୍ଷ୍ମଃ ସ ପରମାତ୍ମା ।' ଯିଏ ସମସ୍ତ ଜୀବାଦିରୁ ଉତ୍କୃଷ୍ଟ, ଜୀବ, ପ୍ରକୃତି ତଥା ଆକାଶରୁ ମଧ୍ୟ ସୂକ୍ଷ୍ମତମ ଏବଂ ପ୍ରତ୍ୟେକ ଜୀବର ଅନ୍ତର୍ଯ୍ୟାମୀ ସେ 'ପରମାତ୍ମା' ଅଟନ୍ତି ।

(୨୩) ପରମେଶ୍ୱର : - ସାମର୍ଥ୍ୟ ଯୁକ୍ତ ପୁରୁଷର ନାମ ଈଶ୍ୱର । 'ଯ ଈଶ୍ୱରେଷୁ ସମର୍ଥେଷୁ ପରମଃ ଶ୍ରେଷ୍ଠଃ ସ ପରମେଶ୍ୱରଃ ।' ଯିଏ ଈଶ୍ୱରମାନଙ୍କ ମଧ୍ୟରେ ଅର୍ଥାତ୍ ସମର୍ଥ ପୁରୁଷମାନଙ୍କ ମଧ୍ୟରେ ପରମ ସମର୍ଥ, ଯାହାର ତୁଲ୍ୟ ଅନ୍ୟ କେହି ହୋଇ ପାରିବେ ନାହିଁ, ତାଙ୍କର ନାମ 'ପରମେଶ୍ୱର' ଅଟେ ।

(୨୪) ସବିତା :- (ଷୁଞ୍=ଅଭିଷବେ, ଷୂଙ୍=ପ୍ରାଣୀ ଗର୍ଭ ବିମୋଚନେ) ଏହି ଧାତୁ ଦ୍ୱୟରୁ 'ସବିତା' ଶବ୍ଦ ସିଦ୍ଧ ହୋଇଛି । ଅଭିଷବଃ ପ୍ରାଣୀ ଗର୍ଭ ବିମୋଚନଂ ଚ ଉତ୍ପାଦନଂ । ଯଃ ଚରାଚର ଜଗତ୍ ସୁନୋତି ସୂତେ ବା ଉତ୍ପାଦୟତି ସ ସବିତା ପରମେଶ୍ୱରଃ ।' ଅର୍ଥାତ୍ - 'ଷୁଞ୍' ଧାତୁର ଅର୍ଥ ହେଲା ସୃଷ୍ଟି କରିବା ସକଳ ଜଗତକୁ ସୃଷ୍ଟି କରୁଥିବାରୁ ପରମେଶ୍ୱରଙ୍କ ନାମ ହେଉଛି ସବିତା ।"

(୨୫) ଦେବ : - (ଦିବୁ=କ୍ରୀଡ଼ା ବିଜିଗୀଷା ବ୍ୟବହାର ଦ୍ୟୁତିସ୍ତୁତି ମୋଦ ମଦ ସ୍ୱପ୍ନ କାନ୍ତି ଗତିଷୁ) । ଏହି 'ଦିବୁ'ଧାତୁରୁ 'ଦେବ' ଶବ୍ଦ ସିଦ୍ଧ ହୁଏ । (କ୍ରୀଡ଼ା) ଯିଏ ଜଗତରେ ଶୁଦ୍ଧ କ୍ରୀଡ଼ା ରଚନା କରନ୍ତି (ବିଜିଗୀଷା) ଯିଏ ଧାର୍ମିକମାନଙ୍କୁ ଜୟଯୁକ୍ତ କରାନ୍ତି (ବ୍ୟବହାର) ସକଳ କାର୍ଯ୍ୟର ସାଧନ ଏବଂ ଉପସାଧନର ଦାତା (ଦ୍ୟୁତି) ସ୍ୱୟଂ ପ୍ରକାଶସ୍ୱରୂପ ଏବଂ ଅନ୍ୟ ସମସ୍ତଙ୍କୁ ପ୍ରକାଶିତ କରନ୍ତି (ସ୍ତୁତି) ଯିଏ ପ୍ରଶଂସାର ଯୋଗ୍ୟ ଅଟନ୍ତି (ମୋଦ) ଯିଏ ସ୍ୱୟଂ ଆନନ୍ଦସ୍ୱରୂପ ଏବଂ ଅନ୍ୟମାନଙ୍କୁ ଆନନ୍ଦପ୍ରଦାନ କରନ୍ତି (ମଦ) ମଦୋନ୍ମତ୍ତ ମାନଙ୍କୁ ପ୍ରହାର କରନ୍ତି (ସ୍ୱପ୍ନ) ସମସ୍ତଙ୍କ ଶୟନାର୍ଥ ରାତ୍ରି ଏବଂ ପ୍ରଳୟର ସୃଷ୍ଟି କରନ୍ତି (କାନ୍ତି) କାମନା ଯୋଗ୍ୟ (ଗତି) ଏବଂ ଯିଏ ଜ୍ଞାନସ୍ୱରୂପ ଅଟନ୍ତି ସେହି ପରମେଶ୍ୱରଙ୍କ ନାମ 'ଦେବ' ଅଟେ । ଅଥବା 'ଯୋ ଦୀବ୍ୟତି କ୍ରୀଡତି ସ ଦେବଃ' । ଯିଏ ନିଜେ ନିଜ ସ୍ୱରୂପରେ ଆନନ୍ଦରେ କ୍ରୀଡ଼ା କରନ୍ତି ବା ଅନ୍ୟର ସାହାଯ୍ୟ ନନେଇ କ୍ରୀଡାବତ୍ ଅତି ସହଜରେ ଜଗତର ନିର୍ମାଣ କରନ୍ତି ଓ ଯିଏ ସଂସାରର ସମସ୍ତ କ୍ରୀଡ଼ାର ଆଧାର ଅଟନ୍ତି ସେ ଈଶ୍ୱର 'ଦେବ' ଅଟନ୍ତି । "ବିଜିଗୀଷତେ

ସ ଦେବଃ" ଯିଏ ସମସ୍ତଙ୍କୁ ଜୟ କରନ୍ତି କିନ୍ତୁ ନିଜେ ଅଜେୟ ଥାଆନ୍ତି । "ବ୍ୟବହାରୟତି ସ ଦେବଃ" ଯିଏ ନ୍ୟାୟ ଏବଂ ଅନ୍ୟାୟ ରୂପକ ବ୍ୟବହାରର ଜ୍ଞାତା ଏବଂ ଉପଦେଷ୍ଟା, "ଯଃ ଚରାଚରଂ ଜଗତ୍ ଦ୍ୟୋତୟତି" ଯିଏ ସମଗ୍ର ଚରାଚର ଜଗତକୁ ପ୍ରକାଶିତ କରନ୍ତି "ଯଃ ସ୍ତୂୟତେ ସ ଦେବଃ" ଯିଏ ସମସ୍ତ ମନୁଷ୍ୟଙ୍କ ପ୍ରଶଂସାର ଯୋଗ୍ୟ "ଯୋ ମୋଦୟତି ସ ଦେବଃ" ଯିଏ ନିଜେ ଆନନ୍ଦ ସ୍ୱରୂପ ଏବଂ ଅନ୍ୟମାନଙ୍କୁ ଆନନ୍ଦ ପ୍ରଦାନ କରନ୍ତି, "ଯଃ ସ୍ୱାପୟତି ସ ଦେବଃ" ଯିଏ ପ୍ରଳୟ ସମୟରେ ଅବ୍ୟକ୍ତରେ ସମସ୍ତ ଜୀବ ଜନ୍ତୁର ଶୟନ ପାଇଁ ବ୍ୟବସ୍ଥା କରନ୍ତି, "ଯଃ କାମୟତେ କାମ୍ୟତେ ବା ସ ଦେବଃ" ଯିଏ ସତ୍ୟକାମ ଅଟନ୍ତି ଓ ଯାହାଙ୍କୁ ପାଇବା ପାଇଁ ସମସ୍ତ ସଜ୍ଜନ କାମନା କରନ୍ତି ତଥା "ଯୋ ଗଚ୍ଛତି ଜ୍ଞାୟତେ ବା ସ ଦେବଃ" ଯିଏ ସର୍ବବ୍ୟାପକ ଓ ଜାଣିବାର ଯୋଗ୍ୟ ଅଟନ୍ତି ସେହିପରି ପରମେଶ୍ୱରଙ୍କ ନାମ 'ଦେବ' ଅଟେ ।

(୨୬) କୁବେର :- (କୁବି=ଆଚ୍ଛାଦନେ) । 'ଯଃ ସର୍ବଂ କୁବତି ସ୍ୱ ବ୍ୟାପ୍ତ୍ୟା ଆଚ୍ଛାଦୟତି ସ କୁବେରୋ ଜଗଦୀଶ୍ୱରଃ ।' ଯିଏ ନିଜେ ସର୍ବତ୍ର ବ୍ୟାପ୍ତ ହୋଇ ସକଳ ଜଗତକୁ ଆଚ୍ଛାଦନ କରନ୍ତି, ସେହି ପରମେଶ୍ୱରଙ୍କୁ 'କୁବେର' କହନ୍ତି ।

(୨୭) ପୃଥିବୀ :- (ପ୍ରଥ=ବିସ୍ତାରେ) ଏହି ଧାତୁରୁ 'ପୃଥିବୀ' ଶବ୍ଦ ସିଦ୍ଧ ହୁଏ । 'ଯଃ ପ୍ରଥତେ ସର୍ବଜଗଦ୍ ବିସ୍ତୃଣାତି ତସ୍ମାତ୍ ସ ପୃଥିବୀ ।' ଯିଏ ଏହି ସମସ୍ତ ଜଗତକୁ ବିସ୍ତାର କରିଛନ୍ତି, ସେହି ପରମେଶ୍ୱରଙ୍କ ନାମ 'ପୃଥିବୀ' ।

(୨୮) ଜଳ :- (ଜଲ-ଘାତନେ) ଏହି ଧାତୁରୁ 'ଜଳ' ଶବ୍ଦ ସିଦ୍ଧ ହୁଏ 'ଜଲତି ଘାତୟତି ଦୁଷ୍ଟାନ୍ ସଂଘାତୟତି ଅବ୍ୟକ୍ତ ପରମାଣ୍ୱାଦୀନ୍ ତଦ୍ ବ୍ରହ୍ମ ଜଲମ୍ ।' ଯିଏ ଦୁଷ୍ଟଙ୍କୁ ତାଡ଼ନ କରନ୍ତି ଏବଂ ଅବ୍ୟକ୍ତ ତଥା ପରମାଣୁମାନଙ୍କୁ ଅନ୍ୟୋନ୍ୟ ସଂଯୋଗ ଓ ବିୟୋଗ ଦ୍ୱାରା ସୃଷ୍ଟି ଓ ପ୍ରଳୟ କରନ୍ତି ସେହି ପରମାତ୍ମାଙ୍କ ନାମ 'ଜଳ' ଅଟେ ।

(୨୯) ଆକାଶ :- (କାଶୃ=ଦୀପ୍ତୌ) । 'କାଶୃ' ଧାତୁରୁ 'ଆକାଶ' ଶବ୍ଦ ସିଦ୍ଧ ହୁଏ । 'ଯଃ ସର୍ବତଃ ସର୍ବଂ ଜଗତ୍ ପ୍ରକାଶୟତି ସ ଆକାଶଃ ।' ଯିଏ ସମସ୍ତ ଜଗତକୁ ପ୍ରକାଶିତ କରନ୍ତି ସେହି ଈଶ୍ୱରଙ୍କ ନାମ 'ଆକାଶ' ଅଟେ ।

୩୦) ଅନ୍ନ :- (ଅଦ୍=ଭକ୍ଷଣେ) । 'ଅଦ୍' ଧାତୁରୁ 'ଅନ୍ନ' ଶବ୍ଦ ସିଦ୍ଧ ହୁଏ

(କ) ଅଦ୍ୟତେଽତ୍ତି ଚ ଭୂତାନି ତସ୍ମାତ୍ ଅନ୍ନଂ ତଦୁଚ୍ୟତେ ।

(ଖ) ଅହମନ୍ନମହମନ୍ନମହମନ୍ନମ୍ ।

ଅହମନ୍ନାଦୋଽହମନ୍ନାଦୋଽହମନ୍ନାଦଃ ।

(ତୈତ୍ତିରୀୟୋପନିଷଦ୍, ଅନୁବାକ୍ ୨.୧୦)

(ଗ) ଅତ୍ତା ଚରାଚର ଗ୍ରହଣାତ୍ । (ବେଦାନ୍ତ ଦର୍ଶନ ୧.୨.୯ ।)

ସମସ୍ତ ଚରାଚର ଜଗତକୁ ନିଜ ଭିତରେ ରଖି ଥିବାରୁ ଏବଂ ଗ୍ରହଣ କରି ଥିବାରୁ ପୁଣି ସମସ୍ତଙ୍କ ଗ୍ରହଣଯୋଗ୍ୟ ହୋଇଥିବାରୁ ପରମେଶ୍ୱରଙ୍କ ନାମ 'ଅନ୍ନ' ଅନ୍ନାଦ ବା ଅତ୍ତା' ଅଟେ । ଡିମ୍ବିରି ଫଳରେ ଯେପରି କୃମି ଉତ୍ପନ୍ନ ହୋଇ ସେଠାରେ ରହନ୍ତି ଓ ପରିଶେଷରେ ପୁଣି ନଷ୍ଟ ହୋଇଯାନ୍ତି, ସେହିପରି ପରମେଶ୍ୱରଙ୍କ ମଧ୍ୟରେ ଏ ସମଗ୍ର ଜଗତ୍ ଉତ୍ପନ୍ନ ହୋଇ ଅବସ୍ଥାନ କରେ ଓ ପ୍ରଳୟ ସମୟରେ ପୁଣି ନଷ୍ଟ ହୋଇଯାଏ ।

୩୧) ବସୁ :- (ବସ୍=ନିବାସେ) 'ବସ୍' ଧାତୁରୁ ବସୁ ଶବ୍ଦ ସିଦ୍ଧ ହୁଏ 'ବସନ୍ତି ଭୂତାନି ଯସ୍ମିନ୍ ଅଥବା ଯଃ ସର୍ବେଷୁ ଭୂତେଷୁ ବସତି ସ ବସୁଃ ଈଶ୍ୱରଃ ।' ମାଟି; ଜଳ; ବାୟୁ, ଅଗ୍ନି ଓ ଆକାଶ ନାମକ ପଞ୍ଚଭୂତ ପରମେଶ୍ୱରଙ୍କ ମଧ୍ୟରେ ବାସ କରୁଥିବାରୁ ଏବଂ ପରମେଶ୍ୱର ସମସ୍ତ ପଦାର୍ଥରେ ବ୍ୟାପି ରହି ଥିବାରୁ ପରମେଶ୍ୱରଙ୍କ ନାମ 'ବସୁ' ଅଟେ ।

୩୨) ରୁଦ୍ର : (ରୁଦିର୍=ଅଶ୍ରୁବିମୋଚନେ) । 'ରୁଦିର୍' ଧାତୁରେ 'ଣିଚ୍' ପ୍ରତ୍ୟୟ ଯୁକ୍ତ ହୋଇ 'ରୁଦ୍ର' ଶବ୍ଦ ସିଦ୍ଧ ହୁଏ । 'ଯଃ ରୋଦୟତି ଅନ୍ୟାୟ କାରିଣୋ ଜନାନ୍ ସ ରୁଦ୍ରଃ ।' ଅନ୍ୟାୟକାରୀ ପାପୀମାନଙ୍କୁ ଦଣ୍ଡ ବିଧାନ କରି ସେମାନଙ୍କୁ ରୋଦନ କରାଉଥିବାରୁ ପରମେଶ୍ୱରଙ୍କ ନାମ 'ରୁଦ୍ର' ଅଟେ ।

"ଯନ୍ମନସା ଧ୍ୟାୟତି ତଦ୍ ବାଗ୍ ବଦତି,
ଯଦ୍ ବାଗ୍ ବଦତି ତଦ୍ କର୍ମଣା କରୋତି,
ଯତ୍ କର୍ମଣା କରୋତି ତଦଭି-ସମ୍ପଦ୍ୟତେ" ॥

ଶତପଥ ବ୍ରାହ୍ମଣ ୧୪.୭.୨୪ ।

'ମନୁଷ୍ୟ ମନରେ ଯାହା ଚିନ୍ତା କରେ ବାଣୀରେ ତାହା ପ୍ରକାଶ କରେ, ବାଣୀରେ ଯାହା ପ୍ରକାଶକରେ କାର୍ଯ୍ୟରେ ତାକୁ ପରିଣତ କରେ ଏବଂ କାର୍ଯ୍ୟରେ ଯେପରି କରେ ତଦନୁରୂପ ଫଳ ସେ ପାଇଥାଏ ।' ଏଣୁ ପାପକର୍ମ କରୁଥିବା ଜୀବ ଈଶ୍ୱରଙ୍କ ନ୍ୟାୟ ବ୍ୟବସ୍ଥାରେ ଦୁଃଖ ରୂପକ ଫଳ ପାଏ ଏବଂ କାନ୍ଦିବାରେ ଲାଗେ । ପରମେଶ୍ୱରଙ୍କ ନ୍ୟାୟ ବ୍ୟବସ୍ଥାରେ ପାପୀ ଏପରି ରୋଦନ କରେ ବୋଲି ପରମେଶ୍ୱରଙ୍କ ନାମ ରୁଦ୍ର' ଅଟେ ।

୩୩) ନାରାୟଣ :- (ନାରା=ଜଳ, ଜୀବ+ଅୟନ=ନିବାସ ସ୍ଥାନ) ପରମାତ୍ମା ସମସ୍ତ ଜୀବଙ୍କ ନିବାସ ସ୍ଥାନ ଓ ସକଳ ପ୍ରାଣୀଙ୍କ ଭିତରେ ବିଦ୍ୟମାନ, ତେଣୁ ତାଙ୍କ ନାମ 'ନାରାୟଣ' ଅଟେ ।

[illegible] ମନୁଙ୍କ ପ୍ରଣୀତ ଏକ ଶ୍ଳୋକ ପ୍ରମାଣ ସ୍ୱରୂପ ଏଠାରେ ଉଦ୍ଧାର କରାଯାଉଛି [illegible]

''ଆପୋ ନାରା ଇତି ପ୍ରୋକ୍ତା ଆପୋ ବୈ ନରସୂନବଃ ।
ତା ଯଦସ୍ୟାୟନଂ ପୂର୍ବଂ ତେନ ନାରାୟଣଃ ସ୍ମୃତଃ ।।

(ମନୁ ସଂହିତା ୧,୧୦)

୩୪) ଚନ୍ଦ୍ର :- (ଚଦି=ଆହ୍ଲାଦେ) 'ଚଦି' ଧାତୁରୁ ଚନ୍ଦ୍ର ଶବ୍ଦ ସିଦ୍ଧ ହୁଏ । [illegible] ଚନ୍ଦତି ଚନ୍ଦୟତି ବା ସ ଚନ୍ଦ୍ରଃ ।' ପରମେଶ୍ୱର ଆନନ୍ଦସ୍ୱରୂପ ହୋଇଥିବାରୁ [illegible] ମାନଙ୍କୁ ଆନନ୍ଦ ଦେଉ ଥିବାରୁ ତାଙ୍କ ନାମ 'ଚନ୍ଦ୍ର' ଅଟେ ।

୩୫) ମଙ୍ଗଳ :- (ମଗି-ଗତ୍ୟର୍ଥକ) । 'ମଗି' ଧାତୁରୁ ମଙ୍ଗଳ ଶବ୍ଦ ସିଦ୍ଧ ହୁଏ । 'ଯଃ ମଙ୍ଗତି ମଙ୍ଗୟତି ବା ସ ମଙ୍ଗଳଃ ।' ଈଶ୍ୱର ନିଜେ ମଙ୍ଗଳସ୍ୱରୂପ ଓ ଅନ୍ୟ ପ୍ରାଣୀଙ୍କ ମଙ୍ଗଳକର୍ତ୍ତା ହୋଇଥିବାରୁ ପରମେଶ୍ୱରଙ୍କ ନାମ 'ମଙ୍ଗଳ' ଅଟେ ।

୩୬) ବୁଧ :- (ବୁଧ୍=ଅବଗମନେ) । 'ବୁଧ୍' ଧାତୁରୁ ବୁଧ ଶବ୍ଦ ସିଦ୍ଧ ହୁଏ । 'ଯଃ ବୁଧ୍ୟତେ ବୋଧୟତି ବା ସ ବୁଧଃ' ଯିଏ ନିଜେ ଜ୍ଞାନ ସ୍ୱରୂପ ଏବଂ ପ୍ରାଣୀମାନଙ୍କ ଜ୍ଞାନଦାତା ଅଟନ୍ତି, ସେପରି ଈଶ୍ୱରଙ୍କ ନାମ 'ବୁଧ' ଅଟେ ।

(୩୭) ଶୁକ୍ର - (ଈଶୁଚିର୍=ପୂତିଭାବେ) 'ଈଶୁଚିର୍' ଧାତୁରୁ ଶୁକ୍ର ଶବ୍ଦ ନିଷ୍ପନ୍ନ । 'ଯଃ ଶୁଚ୍ୟତି ଶୋଚୟତି ବା ସ ଶୁକ୍ରଃ' ।ଯିଏ ସ୍ୱୟଂ ଅତ୍ୟନ୍ତ ପବିତ୍ର ତଥା ଯାହାଙ୍କ ଉପାସନାରେ ଜୀବଗଣ ମଧ୍ୟ ପବିତ୍ର ହୁଅନ୍ତି ସେହି ଈଶ୍ୱରଙ୍କ ନାମ 'ଶୁକ୍ର' ଅଟେ ।

(୩୮) ଶନୈଶ୍ଚର: (ଚର୍=ଗତି ଭକ୍ଷଣୟୋଃ) ଶନୈଃ+ଚର=ଶନୈଶ୍ଚର [illegible] ଶନୈଃ ଚରତି ସ ଶନୈଶ୍ଚରଃ ।' ଯିଏ ସକଳ ବସ୍ତୁରେ ସହଜରେ ପ୍ରାପ୍ତ ଏବଂ [illegible] ଶାଳୀ ସେହି ପରମେଶ୍ୱରଙ୍କ ନାମ 'ଶନୈଶ୍ଚର' ଅଟେ ।

(୩୯) ରାହୁ - (ରହ୍=ତ୍ୟାଗେ) । 'ରହ୍' ଧାତୁରୁ ରାହୁ ଶବ୍ଦ ସିଦ୍ଧ [illegible] ରହତି ପରିତ୍ୟଜତି ଦୁଷ୍ଟାନ୍, ରାହୟତି ତ୍ୟାଜୟତି ବା ସ 'ରାହୁଃ' ଈଶ୍ୱରଃ ।' [illegible] ନନ୍ଦସ୍ୱରୂପ ଯାହାଙ୍କ ସ୍ୱରୂପରେ ଅନ୍ୟ କୌଣସି ପଦାର୍ଥ ସଂଯୁକ୍ତ ନୁହେଁ, ଯିଏ [illegible] ତ୍ୟାଗ କରନ୍ତି ଓ ଅନ୍ୟାନ୍ୟ ଜୀବଗଣଙ୍କୁ ଦୁଷ୍ଟଙ୍କ ହାତରୁ ରକ୍ଷା କରନ୍ତି, [illegible] ଙ୍କ ନାମ 'ରାହୁ' ଅଟେ ।

୪୦) କେତୁ - (କିତ୍=ନିବାସେ ରୋଗାପନୟନେ ଚ) । ଏହି ଧାତୁରୁ [illegible] ଉତ୍ପତ୍ତି । 'ଯଃ କେତୟତି ଚିକିତ୍ସତି ବା ସ 'କେତୁଃ' ଈଶ୍ୱରଃ ।' ଯିଏ [illegible] ନିବାସସ୍ଥାନ ଏବଂ ସକଳ ରୋଗରୁ ମୁକ୍ତ, ପୁଣି ଯିଏ ମୋକ୍ଷାଭିଳାଷୀ

ଜୀବମାନଙ୍କୁ ରୋଗଶୋକରୁ ମୁକ୍ତ କରନ୍ତି ସେହି ପରମେଶ୍ୱରଙ୍କ ନାମ [illegible] ''କେତୁ'' ।

୪୧) ଯଜ୍ଞ :- (ଯଜ୍=ଦେବପୂଜାସଂଗତିକରଣଦାନେଷୁ) । ଏହି ଧାତୁରୁ 'ଯଜ୍ଞ' ଶବ୍ଦ ସିଦ୍ଧ ହୁଏ । 'ଯୋ ଯଜତି ବିଦ୍ୱଦ୍ଭିଃ ଇଜ୍ୟତେ ବା ସ ଯଜ୍ଞଃ ।' [illegible] ସମସ୍ତ ମୌଳିକ ପଦାର୍ଥ ଗୁଡ଼ିକୁ ସଂଯୁକ୍ତ କରି ତହିଁରୁ ଏ ସଂସାର ଉତ୍ପନ୍ନ କରିଛନ୍ତି, ଯିଏ ବିଦ୍ୱାନ୍ ଲୋକଙ୍କ ଦ୍ୱାରା ପୂଜିତ ହୁଅନ୍ତି, ବ୍ରହ୍ମାଙ୍କଠାରୁ ଆରମ୍ଭ କରି ସକଳ ମୁନିଋଷିଙ୍କ ପୂଜ୍ୟ ଅଟନ୍ତି ସେହି ସର୍ବବ୍ୟାପକ ପରମାତ୍ମାଙ୍କ ନାମ 'ଯଜ୍ଞ' ଅଟେ । 'ଯଜ୍ଞୋ ବୈ ବିଷ୍ଣୁଃ' । ଶତପଥ ବ୍ରାହ୍ମଣ ୧,୧,୮,୮ ।।

୪୨) ହୋତା :- (ହୁ = ଦାନାଦାନୟୋଃ ଆଦାନେ ଚେତ୍ୟକେ) । ଏଥିରୁ 'ହୋତା' ଶବ୍ଦ ସିଦ୍ଧ ହୋଇଛି । 'ଯୋ ଜୁହୋତି ସ ହୋତା' ।ଯିଏ ଜୀବଙ୍କୁ ଦାନଯୋଗ୍ୟ ପଦାର୍ଥମାନ ଦିଅନ୍ତି ତଥା ଗ୍ରହଣୀୟ ପଦାର୍ଥ ଜୀବଙ୍କଠାରୁ ଗ୍ରହଣ କରନ୍ତି, ସେହି ଈଶ୍ୱରଙ୍କ ନାମ 'ହୋତା' ଅଟେ ।

୪୩) ବନ୍ଧୁ - (ବନ୍ଧ୍=ବନ୍ଧନେ) । 'ବନ୍ଧ୍' ଧାତୁରୁ 'ବନ୍ଧୁ' ଶବ୍ଦ ନିଷ୍ପନ୍ନ । 'ଯ ସ୍ୱସ୍ମିନ୍ ଚରାଚରଂ ଜଗଦ୍ ବଧ୍ନାତି ବନ୍ଧୁବଦ୍ ଧର୍ମାତ୍ମନାଂ ସୁଖାୟ ସହାୟୋ ବା ବର୍ତ୍ତତେ ସ 'ବନ୍ଧୁଃ' ।' ଯିଏ ସମସ୍ତ ଲୋକଲୋକାନ୍ତରଙ୍କୁ ନିୟମରେ ବାନ୍ଧି ରଖିଛନ୍ତି, ଯେପରିକି କେହି ନିଜର ପରିଧି ବା ନିୟମକୁ ଲଂଘନ କରି ପାରିବେ ନାହିଁ, ସହୋଦର ଯେପରି ସହୋଦରର ସହାୟକ ହୋଇଥାଏ ସେପରି ଯିଏ ପୃଥିବୀ ଆଦି ଲୋକକୁ ଧାରଣ କରନ୍ତି, ରକ୍ଷା କରନ୍ତି ଓ ସୁଖ ଦିଅନ୍ତି ସେହି ଈଶ୍ୱରଙ୍କ ନାମ 'ବନ୍ଧୁ' ଅଟେ/ ସେ ହିଁ ପ୍ରତ୍ୟେକ ଲୋକଙ୍କ 'ବନ୍ଧୁ' ଅଟନ୍ତି ।

୪୪) ପିତା :- 'ପା-ରକ୍ଷଣେ' ଧାତୁରୁ 'ପିତା' ଶବ୍ଦର ଉତ୍ପତ୍ତି । 'ଯଃ ପାତି ସର୍ବାନ୍ ସ ପିତା' । ପିତା ଯେପରି ଅତ୍ୟନ୍ତ ଦୟାଳୁ ହୋଇ ସନ୍ତାନମାନଙ୍କର ଉନ୍ନତି କାମନା କରନ୍ତି, ସେପରି ଈଶ୍ୱର ସମସ୍ତ ଲୋକଙ୍କର ମଙ୍ଗଳକାମନା କରୁଥିବାରୁ ତାହାଙ୍କ ନାମ 'ପିତା' ଅଟେ ।

୪୫) ପିତାମହ :- 'ଯଃ ପିତୃଣାଂ ପିତା ସ ପିତାମହଃ ।' ଈଶ୍ୱର ଆମ ପିତାଙ୍କର ମଧ୍ୟ ପିତା ହୋଇଥିବାରୁ ତାଙ୍କର ନାମ 'ପିତାମହ' ଅଟେ ।

୪୬) ପ୍ରପିତାମହ :- 'ଯଃ ପିତାମହାନାଂ ପିତା ସ ପ୍ରପିତାମହଃ ।' ଈଶ୍ୱର ଆମ ପିତୃପୁରୁଷଙ୍କ ମଧ୍ୟ ପିତା ହୋଇଥିବାରୁ ତାଙ୍କ ନାମ 'ପ୍ରପିତାମହ' ଅଟେ ।

୪୭) ମାତା - 'ମା=ମାନେ, ମାଙ୍=ମାନେ ଶବ୍ଦେ ଚ' । ଏହି ଧାତୁ [illegible] ମାତା ଶବ୍ଦ ସିଦ୍ଧ ହୁଏ । 'ଯୋ ମିମୀତେ ମାନୟତି ସର୍ବାନ୍ ଜୀବାନ୍ ସ ମାତା ।'

କୃପାମୟୀ ଜନନୀ ଯେପରି ତାର ସନ୍ତାନ ସନ୍ତତିଙ୍କୁ ପାଳନ କରେ ଓ ସେମାନଙ୍କ ଉନ୍ନତି କାମନା କରେ ଠିକ୍ ସେହିପରି ପରମେଶ୍ୱର ମଧ୍ୟ ଜୀବଗଣଙ୍କୁ ପାଳନ କରି ସେମାନଙ୍କ ହିତକାମନା କରନ୍ତି । ଏଣୁ ତାଙ୍କ ନାମ 'ମାତା' ଅଟେ ।

୪୮) ଆଚାର୍ଯ୍ୟ - 'ଚର=ଗତିଭକ୍ଷଣୟୋ' ଧାତୁରେ 'ଆଙ୍' ପୂର୍ବକ 'ଆଚାର୍ଯ୍ୟ' ଶବ୍ଦ ସିଦ୍ଧ ହୁଏ । 'ଯଃ ଆଚାରଂ ଗ୍ରାହୟତି ସର୍ବା ବିଦ୍ୟା ବୋଧୟତି ସ ଆଚାର୍ଯ୍ୟ ଈଶ୍ୱରଃ ।' ଯିଏ ସତ୍ୟାଚାର ଓ ସଦନୁଷ୍ଠାନର ମୂଳହେତୁ ଏବଂ ଯିଏ ସମସ୍ତ ବିଦ୍ୟାର ମୂଳାଧାର, ଯାହାଙ୍କଠାରୁ ଲୋକେ ବିଦ୍ୟା ଓ ଧର୍ମ ଶିକ୍ଷା କରନ୍ତି, ସେହି ଈଶ୍ୱରଙ୍କ ନାମ ହେଉଛି 'ଆଚାର୍ଯ୍ୟ' ।

୪୯) ଗୁରୁ - 'ଗୃ-ଶବ୍ଦେ' ଧାତୁରୁ 'ଗୁରୁ' ଶବ୍ଦର ଉତ୍ପତ୍ତି । 'ଯୋ ଧର୍ମାନ୍ ଶବ୍ଦାନ୍ ଗୃଣାତି ଉପଦିଶତି ସ ଗୁରୁଃ' । 'ଯିଏ ଧର୍ମୋପଦେଶ ପ୍ରଦାନ କରନ୍ତି ସେ ଗୁରୁ ଅଟନ୍ତି ।' ଈଶ୍ୱରଙ୍କ ନାମ 'ଗୁରୁ' । କାରଣ ସେ ସୃଷ୍ଟିର ଆରମ୍ଭରେ ଅଗ୍ନି, ବାୟୁ, ଆଦିତ୍ୟ, ଅଙ୍ଗିରା ତଥା ବ୍ରହ୍ମା ଆଦି ଆମର ଗୁରୁମାନଙ୍କର ଗୁରୁ ଋଷିଗଣଙ୍କୁ ସତ୍ୟଧର୍ମ ପ୍ରତିପାଦକ ସକଳ ବିଦ୍ୟାଯୁକ୍ତ ବେଦର ଉପଦେଶ ପ୍ରଦାନ କରନ୍ତି ଓ ଅବିନାଶୀ ଅଟନ୍ତି । ଏଠାରେ ମହର୍ଷି ପତଞ୍ଜଳିଙ୍କ 'ଯୋଗଦର୍ଶନ'ର ଗୋଟିଏ ସୂତ୍ର ଉଲ୍ଲେଖ କଲେ ଯଥେଷ୍ଟ ହେବ । ଯଥା- 'ସ ପୂର୍ବେଷାମପି ଗୁରୁଃ କାଳେନାନବଚ୍ଛେଦାତ୍ ।' ଯୋଗଦର୍ଶନ ୧,୨୬ ।

୫୦) ଅଜ - 'ଅଜ୍=ଗତି କ୍ଷେପଣୟୋଃ, ଜନୀ-ପ୍ରାଦୁର୍ଭାବେ ଧାତୁମାନଙ୍କରୁ 'ଅଜ' ଶବ୍ଦ ସିଦ୍ଧ ହୁଏ । ''ଯୋ ଅଜତି ସୃଷ୍ଟିଂ ପ୍ରତି ସର୍ବାନ୍ ପ୍ରକୃତ୍ୟାଦୀନ୍ ପଦାର୍ଥାନ୍ ପ୍ରକ୍ଷିପତି ଜାନାତି ବା କଦାଚିତ୍ ନ ଜାୟତେ ସଃ ଅଜଃ ।'' ଯିଏ ପ୍ରକୃତିର ଅବୟବଗୁଡ଼ିକୁ ଯଥା ମାଟି, ଜଳ ଅଗ୍ନି, ବାୟୁ ଓ ଆକାଶର ଅଣୁ ପରମାଣୁ ସମୂହକୁ ଯଥାଯଥଭାବେ ମିଳନ କରି ଜଗତକୁ ନିର୍ମାଣ କରନ୍ତି, ଶରୀର ସହିତ ଜୀବାତ୍ମାକୁ ଯୋଗକରି ପ୍ରାଣୀମାନଙ୍କୁ ଜନ୍ମ ଦିଅନ୍ତି, କିନ୍ତୁ ନିଜେ କେବେ ଜନ୍ମଗ୍ରହଣ କରନ୍ତି ନାହିଁ ତେଣୁ ଈଶ୍ୱରଙ୍କ ନାମ 'ଅଜ' ଅଟେ ।

୫୧) ବ୍ରହ୍ମା -'ବୃହ, ବୃହି=ବୃଦ୍ଧୌ' ଏହି ଧାତୁମାନଙ୍କରୁ 'ବ୍ରହ୍ମା' ଶବ୍ଦ ସିଦ୍ଧ । 'ଯଃ ଅଖିଳଂ ଜଗତ୍ ନିର୍ମାଣେନ ବୃଂହତି ବର୍ଦ୍ଧୟତି ସ ବ୍ରହ୍ମା ।' ଯିଏ ଚରାଚର ଜଗତକୁ ରଚନା କରି ବଢ଼ାନ୍ତି ସେହି ଈଶ୍ୱରଙ୍କ ନାମ 'ବ୍ରହ୍ମା' ଅଟେ ।

୫୨) ସତ୍ୟ :- 'ସତ୍ୟଂ ଜ୍ଞାନଂ ଅନନ୍ତଂ ବ୍ରହ୍ମ ।' ତୈତ୍ତିରୀୟୋପନିଷଦ୍ (ବ୍ରହ୍ମାନନ୍ଦ ବଲ୍ଲୀ ୧) [illegible] । [illegible] ସତ୍ସୁ ସାଧୁ ତତ୍ ସତ୍ୟଂ ।' [illegible] । [illegible] ପଦାର୍ଥମାନଙ୍କ ମଧ୍ୟରେ ସାଧୁ ହୋଇଥିବାରୁ ଈଶ୍ୱରଙ୍କ ନାମ 'ସତ୍ୟ' ଅଟେ ।

୫୩) ଜ୍ଞାନ :- 'ଯତ୍ ଜାନାତି ଚରାଽଚରଂ ଜଗତ୍ ତତ୍ ଜ୍ଞାନଂ ।' [illegible] ଜଗତର ପ୍ରତ୍ୟେକ କ୍ରିୟା ପ୍ରକ୍ରିୟା ଓ ଗତିବିଧିକୁ ଉତ୍ତମରୂପେ ଜାଣୁଥିବାରୁ ଈଶ୍ୱରଙ୍କ ନାମ 'ହେଉଛି 'ଜ୍ଞାନ' ।

୫୪) ଅନନ୍ତ :- 'ନ ବିଦ୍ୟତେ ଅନ୍ତଃ ଅବଧିଃ ମର୍ଯ୍ୟାଦା ଯସ୍ୟ ସ ଅନନ୍ତଃ ।' ଯାହାର ଅନ୍ତ ବା ବିନାଶ, ଅବଧି ବା ଆୟୁସୀମା ଓ ମର୍ଯ୍ୟାଦା ବା ପରିମାଣ ନାହିଁ ସେହି ପରମେଶ୍ୱରଙ୍କ ନାମ 'ଅନନ୍ତ' ଅଟେ ।

୫୫) ଅନାଦି :- 'ଆଙ୍' ପୂର୍ବକ 'ଡୁଦାଞ୍=ଦାନେ' ଧାତୁରୁ 'ଆଦି' ଶବ୍ଦ ସିଦ୍ଧ । 'ଆଦି' ଶବ୍ଦ ପୂର୍ବରୁ 'ନଞ୍'ଯୁକ୍ତ ହୋଇ 'ଅନାଦି' ଶବ୍ଦ ସିଦ୍ଧ ହୋଇଛି । 'ଯସ୍ମାତ୍ ପୂର୍ବଂ ନାସ୍ତି ପରଂ ଚାସ୍ତି ସ ଆଦିଃ ଇତି ଉଚ୍ୟତେ । ମହାଭାଷ୍ୟ ୧:୧।୨୧ ।' 'ନ ବିଦ୍ୟତେ ଆଦିଃ କାରଣଂ ଯସ୍ୟ ସଃ ଅନାଦିଃ ଈଶ୍ୱରଃ' ଅର୍ଥାତ୍, ଯାହାଙ୍କର ଆଦି କାରଣ କିଛି ନାହିଁ, ସେହି ଈଶ୍ୱରଙ୍କ ନାମ ଅନାଦି ଅଟେ ।

୫୬) ଆନନ୍ଦ :- 'ଆଙ୍' ପୂର୍ବକ 'ଟୁନଦି= ସମୃଦ୍ଧୌ' ଧାତୁରୁ 'ଆନନ୍ଦ' ଶବ୍ଦ ସିଦ୍ଧ ହୁଏ । 'ଆନନ୍ଦନ୍ତି ସର୍ବେ ମୁକ୍ତା ଯସ୍ମିନ୍ ଯଦ୍ ବା ଯଃ ସର୍ବାନ୍ ଜୀବାନ୍ ଆନନ୍ଦୟତି ସ ଆନନ୍ଦଃ ।' ଯିଏ ଆନନ୍ଦସ୍ୱରୂପ ଅଟନ୍ତି ଏବଂ ମୁକ୍ତ ଜୀବ ଓ ଧାର୍ମିକମାନଙ୍କୁ ଯିଏ ଆନନ୍ଦିତ କରନ୍ତି, ସେପରି ପରମେଶ୍ୱରଙ୍କ ନାମ 'ଆନନ୍ଦ' ଅଟେ ।

୫୭) ସତ୍ 'ଅସ୍ =ଭୁବି' ଧାତୁରୁ 'ସତ୍' ଶବ୍ଦ ସିଦ୍ଧ ହୁଏ । 'ଯତ୍ ଅସ୍ତି ତ୍ରିଷୁ କାଳେଷୁ ନ ବାଧ୍ୟତେ ତଦ୍ ସତ୍ ବ୍ରହ୍ମ ।' ଯିଏ ସର୍ବଦା ବିଦ୍ୟମାନ; ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ତ୍ରିକାଳରେ କେବଳ ଯିଏ ଆବଦ୍ଧ ନୁହଁନ୍ତି, ସେହି ଈଶ୍ୱର 'ସତ୍' ଅଟନ୍ତି ।

୫୮) ଚିତ୍ - 'ଚିତୀ=ସଂଜ୍ଞାନେ' ଧାତୁରୁ 'ଚିତ୍' ଶବ୍ଦ ସିଦ୍ଧ । 'ଯଃ ଚେତତି ଚେତୟତି ସଂଜ୍ଞାପୟତି ସର୍ବାନ୍ ସଜ୍ଜନାନ୍ ଯୋଗିନଃ ତତ୍ ଚିତ୍ ପରଂବ୍ରହ୍ମ' । ଯିଏ ନିଜେ ଚେତନସ୍ୱରୂପ ଏବଂ ଜୀବଗଣଙ୍କୁ ସତ୍ୟ ମିଥ୍ୟା ଚେତନ ବା ଧର୍ମ ଅଧର୍ମ ବିବେକ ପ୍ରଦାନ କରନ୍ତି ତେଣୁ ସେହି ପରମାତ୍ମାଙ୍କ ନାମ 'ଚିତ୍' ଅଟେ ।

୫୯) ସଚ୍ଚିଦାନନ୍ଦ - ସତ୍+ଚିତ୍+ଆନନ୍ଦ= ଏହି ଶବ୍ଦ ତ୍ରୟର ମିଳନରେ 'ସଚ୍ଚିଦାନନ୍ଦ' ଶବ୍ଦ ସିଦ୍ଧ ହୁଏ ।

୬୦) ନିତ୍ୟ (ନି+ତ୍ୟପ୍ = ନିତ୍ୟ) ।ଯୋ' ନିତ୍ୟ ଧ୍ରୁବଃ ଅଚଳଃ ଅବିନାଶୀ ସ ନିତ୍ୟଃ' ନିଶ୍ଚଳ ଓ ଅବିନାଶୀ ହୋଇଥିବାରୁ ଈଶ୍ୱରଙ୍କ ନାମ 'ନିତ୍ୟ' ଅଟେ ।

୬୧) ଶୁଦ୍ଧ-'ଶୁନ୍ଧ୍+ଶୁଦ୍ଧୌ' ଧାତୁରୁ 'ଶୁଦ୍ଧ' ଶବ୍ଦ ସିଦ୍ଧ ହୁଏ । 'ଯଃ ଶୁନ୍ଧତି ସର୍ବାନ୍ ଶୋଧୟତି ବା ସ ଶୁଦ୍ଧଃଈଶ୍ୱରଃ ।' ଯିଏ ନିଜେ ପବିତ୍ର, ସମସ୍ତ ଅଶୁଦ୍ଧିଠାରୁ ପୃଥକ୍ ପୁଣି ସକଳ ପଦାର୍ଥକୁ 'ଶୁଦ୍ଧ' କରନ୍ତି, ସେହି ଈଶ୍ୱରଙ୍କ ନାମ 'ଶୁଦ୍ଧ' ଅଟେ ।

୬୨) ବୁଦ୍ଧ - 'ବୁଧ୍=ଅବଗମନେ' ଧାତୁରୁ 'ବୁଦ୍ଧ' ଶବ୍ଦ ନିଷ୍ପନ୍ନ । 'ଯୋ ବୁଦ୍ଧବାନ୍ ସଦୈବ ଜ୍ଞାତା ଅସ୍ତି ସ ବୁଦ୍ଧଃ ଜଗଦୀଶ୍ୱରଃ ।' ଯିଏ ସର୍ବଦା ସମସ୍ତଙ୍କୁ ଜାଣନ୍ତି ସେହି ସର୍ବଜ୍ଞ ଈଶ୍ୱରଙ୍କ ନାମ 'ବୁଦ୍ଧ' ଅଟେ ।

୬୩) ମୁକ୍ତ - 'ମୁଚ୍‌ଳୃ=ମୋଚନେ' ଧାତୁରୁ ମୁକ୍ତ ଶବ୍ଦ ସିଦ୍ଧ ହୁଏ । 'ଯଃ ମୁଞ୍ଚତି ମୋଚୟତି ବା ମୁମୁକ୍ଷୂନ୍ ସମୁକ୍ତୋ ଜଗଦୀଶ୍ୱରଃ ।' ଯିଏ ସର୍ବଦା ଅପବିତ୍ରତାରୁ ଦୂରେଇ ରହି ମୁମୁକ୍ଷୁ ବା ମୁକ୍ତିକାମୀମାନଙ୍କୁ ସମସ୍ତ କ୍ଳେଶରୁ ମୁକ୍ତ କରନ୍ତି ସେହି ପରମାତ୍ମାଙ୍କ ନାମ 'ମୁକ୍ତ' ଅଟେ ।

୬୪) ନିରାକାର :- 'ନିର୍' ଓ 'ଆଙ୍' ପୂର୍ବକ 'ଡୁ କୃଞ୍-କରଣେ' ଧାତୁରୁ 'ନିରାକାର' ଶବ୍ଦ ସିଦ୍ଧ ହୁଏ । 'ନିର୍ଗତ ଆକାରାତ୍ ସ ନିରାକାରଃ ।' ଯାହାରକୌଣସି ଆକାର ନାହିଁ ପୁଣି ଯିଏ କଦାପି ଶରୀରଧାରଣ କରନ୍ତି ନାହିଁ, ସେହି ଈଶ୍ୱରଙ୍କ ନାମ 'ନିରାକାର' ଅଟେ ।

୬୫) ନିରଞ୍ଜନ :- 'ଅଞ୍ଜୁ = ବ୍ୟକ୍ତିମ୍ରକ୍ଷଣକାନ୍ତିଗତିଷୁ' ଧାତୁରୁ 'ଅଞ୍ଜନ' ଶବ୍ଦ ସିଦ୍ଧ ହୁଏ । ତା ପୂର୍ବରୁ 'ନିର୍' ଉପସର୍ଗ ଯୁକ୍ତ ହେଲେ 'ନିରଞ୍ଜନ' ଶବ୍ଦ ଉତ୍ପନ୍ନ ହୁଏ । 'ଅଞ୍ଜନଂ ବ୍ୟକ୍ତି ମ୍ରକ୍ଷଣଂ କୁକାମ ଇନ୍ଦ୍ରିୟୈଃ ପ୍ରାପ୍ତିଶ୍ଚେତି ଅସ୍ମାଦ୍ୟୋ ନିର୍ଗତଃ ପୃଥକ୍ ଭୂତଃ ସ ନିରଞ୍ଜନଃ ।' ଯିଏ ଆକୃତି, ମ୍ଳେଚ୍ଛାଚାର, ଦୁଷ୍ଟକାମନା ଏବଂ ଚକ୍ଷୁ ଆଦି ଇନ୍ଦ୍ରିୟମାନଙ୍କ ରୂପ ଇତ୍ୟାଦି ବିଷୟ ବସ୍ତୁରୁ ପୃଥକ୍ ଅଟନ୍ତି, ସେହି ଈଶ୍ୱରଙ୍କ ନାମ 'ନିରଞ୍ଜନ' ଅଟେ ।

୬୬) ଗଣପତି - 'ଗଣ=ସଂଖ୍ୟାନେ' ଧାତୁରୁ 'ଗଣ' ଶବ୍ଦ ସିଦ୍ଧ

୬୭) ଗଣେଶଃ - ତାହା ପରେ ପତି ବା 'ଈଶ' ଶବ୍ଦ ଯୁକ୍ତ ହେଲେ 'ଗଣପତି' ବା 'ଗଣେଶ' ଶବ୍ଦ ସିଦ୍ଧ ହୁଏ । 'ଯେ ପ୍ରକୃତ୍ୟାଦୟୋ ଜଡ଼ା ଜୀବାଶ୍ଚ ଗଣ୍ୟନ୍ତେ ସଂଖ୍ୟାୟନ୍ତେ ତେଷାମୀଶଃ ସ୍ୱାମୀ ପତିଃ ପାଲକୋ ବା' ଯିଏ ପ୍ରକୃତି ଆଦି ଜଡ଼ ପଦାର୍ଥ ଓ ଜୀବଗଣମାନଙ୍କ ସ୍ୱାମୀ ବା ପାଳନକର୍ତ୍ତା ଅଟନ୍ତି, ସେହି ଈଶ୍ୱରଙ୍କ ନାମ 'ଗଣେଶ ବା ଗଣପତି' ଅଟେ ।

୬୮) ବିଶ୍ୱେଶ୍ୱର - 'ବିଶ୍ୱ' ପୂର୍ବକ 'ଈଶ - ଐଶ୍ୱର୍ୟେ' ଧାତୁରୁ 'ବିଶ୍ୱେଶ୍ୱର' ଶବ୍ଦ ସିଦ୍ଧ ହୁଏ 'ଯଃ ବିଶ୍ୱମୀଷ୍ଟେ ସ ବିଶ୍ୱେଶ୍ୱରଃ ।' ସଂସାରର ଅଧିଷ୍ଠାତା ଈଶ୍ୱରଙ୍କର ନାମ 'ବିଶ୍ୱେଶ୍ୱର' ଅଟେ ।

୬୯) କୂଟସ୍ଥ - 'ଯଃ କୂଟେଽନେକବିଧବ୍ୟବହାରେ ସ୍ୱସ୍ୱରୂପେଣୈବ ତିଷ୍ଠତି ସ କୂଟସ୍ଥଃ ପରମେଶ୍ୱରଃ ।' ଯିଏ ସମସ୍ତ ପ୍ରକାର ବ୍ୟବହାରରେ ପରିବ୍ୟାପ୍ତ ଓ ସକଳ ବ୍ୟବହାରର ଆଧାର ହେଲେ ହେଁ କେଉଁଠିରେ ନିଜ ସ୍ୱରୂପରେ ପରିବର୍ତ୍ତନ କରନ୍ତି ନାହିଁ, ସେପରି ଈଶ୍ୱରଙ୍କ ନାମ 'କୂଟସ୍ଥ' ।

୭୦) ଦେବୀ :- 'ଦେବ' ଶବ୍ଦର ଅର୍ଥ ଯାହା 'ଦେବୀ' ଶବ୍ଦର ଅର୍ଥ ମଧ୍ୟ ତାହା । କିନ୍ତୁ ପୁଂଲିଙ୍ଗରେ 'ଦେବ' ହେଉଥିବା ସ୍ଥଳେ ସ୍ତ୍ରୀ ଲିଙ୍ଗରେ 'ଦେବୀ' ହୁଏ ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଳୀବଲିଙ୍ଗ-ତିନୋଟି ଯାକ ଲିଙ୍ଗରେ ଈଶ୍ୱରଙ୍କ ନାମ ବିଦ୍ୟମାନ ଯଥା, 'ବ୍ରହ୍ମଚିତିରୀଶ୍ୱରଶ୍ଚେତି' ଈଶ୍ୱରଙ୍କ ବିଶେଷଣ ହେଲେ 'ଦେବ' ପଦ ହୁଏ ଏବଂ 'ଚିତି'ର ବିଶେଷଣ ହେଲେ 'ଦେବୀ' ପଦ ହୁଏ ।

୭୧) ଶକ୍ତି :- 'ଶକ୍ଳୃ=ଶକ୍ତୌ' ଧାତୁରୁ 'ଶକ୍ତି' ଶବ୍ଦର ଉତ୍ପତ୍ତି । 'ଯଃ ସର୍ବଂ ଜଗତ୍ କର୍ତ୍ତୁଂ ଶକ୍ନୋତି ସ ଶକ୍ତିଃ ।' ଯିଏ ସକଳ ଜଗତକୁ ରଚନା କରିବାରେ ସମର୍ଥ ସେହିପରି ଈଶ୍ୱରଙ୍କୁ 'ଶକ୍ତି' କୁହାଯାଏ ।

୭୨) ଶ୍ରୀ- 'ଶ୍ରିଞ୍=ସେବାୟାମ୍' ଧାତୁରୁ 'ଶ୍ରୀ' ଶବ୍ଦ ସିଦ୍ଧ । 'ଯଃ ଶ୍ରୀୟତେ ସେବ୍ୟତେ ସର୍ବେଣ ଜଗତା ବିଦ୍ୱଦ୍‌ଭିଃ ଯୋଗିଭିଶ୍ଚ ସ ଶ୍ରୀରୀଶ୍ୱରଃ ।' ବିଦ୍ୱାନ୍ ପୁରୁଷ ଓ ଯୋଗୀଜନମାନଙ୍କ ସେବାର ଯୋଗ୍ୟ ସେହି ଈଶ୍ୱର ଶ୍ରୀ ଅଟେ ।'

୭୩) ଲକ୍ଷ୍ମୀ - 'ଲକ୍ଷ୍=ଦର୍ଶନ ଅଙ୍କନୟୋଃ' ଧାତୁରୁ 'ଲକ୍ଷ୍ମୀ' ଶବ୍ଦ ସିଦ୍ଧ ହୁଏ । 'ଯୋ ଲକ୍ଷୟତି ପଶ୍ୟତି ଅଙ୍କତେ ଚିହ୍ନୟତେ [illegible] ଅଥବା ବେଦୈରାପ୍ତୈର୍ଯୋଗିଭିଶ୍ଚ ଯୋ ଲକ୍ଷ୍ୟତେ ସ ଲକ୍ଷ୍ମୀଃ ସର୍ବପ୍ରିୟେଶ୍ୱରଃ ।' ଯିଏ ସକଳ ଚରାଚର ଜଗତକୁ ଦେଖନ୍ତି, ବିବିଧ ଚିହ୍ନ ଦ୍ୱାରା ଚିହ୍ନିତ କରନ୍ତି ଯଥା, ଶରୀରରେ ଚକ୍ଷୁ ଓ ନାସିକା ଆଦି ଅଙ୍ଗପ୍ରତ୍ୟଙ୍ଗ; ବୃକ୍ଷରେ ପତ୍ର ପୁଷ୍ପ ଓ ଫଳ ମୂଳ, ଜଳ ଓ ପୃଥିବୀରେ କୃଷ୍ଣ, ରକ୍ତ ଓ ଶ୍ୱେତାଦି ବର୍ଣ୍ଣର ପଦାର୍ଥ ଏବଂ ପାଷାଣ ଓ ଚନ୍ଦ୍ର ସୂର୍ଯ୍ୟାଦି ଚିହ୍ନ ଗଢ଼ିଛନ୍ତି, ପୁଣି ନିଜେ ଯିଏ ସକଳ ଶୋଭାର ଆଧାର ଅଟନ୍ତି ଯିଏ ବେଦାଦି ସତ୍‌ଶାସ୍ତ୍ର, ଧାର୍ମିକବିଦ୍ୱାନ୍ ଓ ଯୋଗୀଜନଙ୍କର ଲକ୍ଷ୍ୟ ବା ଦର୍ଶନୀୟ ଅଟନ୍ତି, ସେହି ଈଶ୍ୱରଙ୍କ ନାମ 'ଲକ୍ଷ୍ମୀ' ଅଟେ ।

୭୪) ସରସ୍ୱତୀ:-'ସୃ=ଗତୌ' ଧାତୁରୁ ସରସ୍ୱତୀ ଶବ୍ଦ ସିଦ୍ଧ । 'ସରୋ ବିବିଧଂ ଜ୍ଞାନଂ ବିଦ୍ୟତେ ଯସ୍ୟାଂ ଚିତୌ ସା ସରସ୍ୱତୀ ।' ଯିଏ ବିବିଧ ଜ୍ଞାନଯୁକ୍ତ ଅଟନ୍ତି ଅର୍ଥାତ୍ ବିବିଧବିଜ୍ଞାନ ଶବ୍ଦ ଅର୍ଥ ସମ୍ବନ୍ଧ ଓ ସେଗୁଡ଼ିକର ପ୍ରୟୋଗ ସଂପୂର୍ଣ୍ଣରୂପେ ଜାଣନ୍ତି, ସେପରି ଈଶ୍ୱରଙ୍କ ନାମ 'ସରସ୍ୱତୀ' ଅଟେ ।

୭୫) :-ସର୍ବଶକ୍ତିମାନ୍ - 'ସର୍ବାଃ ଶକ୍ତୟୋ ବିଦ୍ୟନ୍ତେ ଯସ୍ମିନ୍ ସ ସର୍ବଶକ୍ତିମାନ୍ ଈଶ୍ୱରଃ' । ଯିଏ ନିଜର କାର୍ଯ୍ୟ ଅର୍ଥାତ୍ ସୃଷ୍ଟି, ସ୍ଥିତି ଓ ପ୍ରଳୟ କରିବାରେ ଅନ୍ୟ କାହାରି ସାହାଯ୍ୟ ନିଅନ୍ତି ନାହିଁ ନିଜ ସାମର୍ଥ୍ୟ ଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦନ କରନ୍ତି, ସେହି ଈଶ୍ୱରଙ୍କ ନାମ 'ସର୍ବଶକ୍ତିମାନ୍' ଅଟେ ।

୭୬। ନ୍ୟାୟକାରୀ :- 'ଣୀଞ୍=ପ୍ରାପଣେ' ଧାତୁରୁ 'ନ୍ୟାୟ' ଶବ୍ଦ ସିଦ୍ଧ 'ପ୍ରମାଣୈରର୍ଥପରୀକ୍ଷଣଂ ନ୍ୟାୟଃ' ଏ ଉକ୍ତି 'ନ୍ୟାୟସୂତ୍ର' ଉପରେ ବାତ୍ସ୍ୟାୟନ ମୁନିକୃତ ଭାଷ୍ୟର 'ପକ୍ଷପାତରହିତାଚରଣଂ ନ୍ୟାୟଃ' ଯାହାକି ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ସତ୍ୟ ବୋଲି ସିଦ୍ଧ ହୁଏ ଏବଂ ପକ୍ଷପାତ ରହିତ ଧର୍ମାଚରଣ ଅଟେ, ତାହା ହିଁ 'ନ୍ୟାୟ' 'ନ୍ୟାୟଂ କର୍ତ୍ତୁଂ ଶୀଳମସ୍ୟ ସ ନ୍ୟାୟକାରୀଶ୍ୱରଃ' । ଯାହାଙ୍କ ନ୍ୟାୟ ବା ପକ୍ଷପାତ ରହିତ ଧର୍ମାଚରଣ କରିବାର ସ୍ୱଭାବ ରହିଛି ସେହି ଈଶ୍ୱରଙ୍କ ନାମ 'ନ୍ୟାୟକାରୀ' ଅଟେ ।

୭୭। ଦୟାଳୁ- 'ଦୟ=ଦାନଗତିରକ୍ଷଣହିଂସାଦାନେଷୁ' ଧାତୁରୁ ଦୟା ଶବ୍ଦ ସିଦ୍ଧ । 'ଦୟତେ ଦଦାତି ଜାନାତି ଗଚ୍ଛତି ରକ୍ଷତି ହିନସ୍ତି ଯୟା ସା ଦୟା, ବହ୍ୱୀ ଦୟା ବିଦ୍ୟତେ ଯସ୍ୟ ସ ଦୟାଳୁଃ ପରମେଶ୍ୱରଃ' ଯିଏ ଅଭୟଦାନ କରନ୍ତି, ସତ୍ୟାସତ୍ୟ ସକଳ ବିଦ୍ୟା ଜାଣନ୍ତି, ସଜ୍ଜନମାନଙ୍କୁ ରକ୍ଷା କରନ୍ତି, ଦୁଷ୍ଟ ଲୋକଙ୍କୁ ଯଥାର୍ଥ ଦଣ୍ଡ ଦିଅନ୍ତି, ସେହି ଈଶ୍ୱରଙ୍କ ନାମ ଦୟାଳୁ ଅଟେ ।

୭୮। ଅଦ୍ୱୈତ :- 'ଦ୍ୱୟୋର୍ଭାବୋ ଦ୍ୱାଭ୍ୟାମିତଂ ସା ଦ୍ୱିତା ଦ୍ୱୀତଂ ବା ସୈବ ତଦେବ ବା ଦ୍ୱୈତମ, ନ ବିଦ୍ୟତେ ଦ୍ୱୈତଂ ଦ୍ୱିତୀୟେଶ୍ୱରଭାବୋ ଯସ୍ମିନ୍ ତତ୍ ଅଦ୍ୱୈତମ୍' ଦୁଇବସ୍ତୁ ଯୁକ୍ତ ହେବାକୁ ଦ୍ୱିତା ବ ଦ୍ୱିତ ଅଥବା ଦ୍ୱୈତ କହନ୍ତି । ଯିଏ ଦ୍ୱୈତ ରହିତ ସେ ଅଦ୍ୱୈତ ଅଟନ୍ତି ।' 'ସଜାତୀୟ ବିଜାତୀୟସ୍ୱଗତଭେଦ ଶୂନ୍ୟଂ ବ୍ରହ୍ମ' । 'ମନୁଷ୍ୟ ମନୁଷ୍ୟ ମଧ୍ୟରେ ଥିବା ପ୍ରଭେଦ ସଜାତୀୟଭେଦ ଅଟେ; ମନୁଷ୍ୟ ଓ ବୃକ୍ଷପାଷାଣାଦି ମଧ୍ୟରେ ଥିବା ପ୍ରଭେଦ ହେଉଛି ବିଜାତୀୟଭେଦ; ଶରୀର ଓ ତାଭିତରେ ଥିବା ଚକ୍ଷୁ କର୍ଣ୍ଣ ନାସିକା ମଧ୍ୟରେ ପ୍ରଭେଦ ସ୍ୱଗତଭେଦ ଅଟେ । ଯିଏ ସଜାତୀୟ, ବିଜାତୀୟ ଓ ସ୍ୱଗତ ଭେଦଶୂନ୍ୟ ତାଙ୍କୁ ବ୍ରହ୍ମ ବା ଈଶ୍ୱର କୁହାଯାଏ ।' ଏହି ସମସ୍ତ ଭେଦ ରହିତ ଏକ ଓ ଅଦ୍ୱିତୀୟ ହୋଇଥିବାରୁ ଈଶ୍ୱରଙ୍କ ନାମ 'ଅଦ୍ୱୈତ' ଅଟେ ।

୭୯) ନିର୍ଗୁଣ - 'ଗୁଣ୍ୟନ୍ତେ ଯେ ତେ ଗୁଣା ବା ଯୈର୍ଗଣୟନ୍ତି ତେ ଗୁଣାଃ, ଯୋ ଗୁଣେଭ୍ୟୋ ନିର୍ଗତଃ ସ ନିର୍ଗୁଣ ଈଶ୍ୱରଃ ।' ଗୁଣ ଅର୍ଥାତ୍ ସତ୍ତ୍ୱ, ରଜ ଓ ତମ, ରୂପ, ରସ, ଶବ୍ଦ, ସ୍ପର୍ଶ ଓ ଗନ୍ଧ ଆଦି ଜଡ଼ ପଦାର୍ଥର ଗୁଣ, ପୁନଶ୍ଚ ରାଗଦ୍ୱେଷ ଅବିଦ୍ୟା ଓ ଅଳ୍ପଜ୍ଞତା ଆଦି ଜୀବାତ୍ମାର ଗୁଣ । ଏସମସ୍ତ ଗୁଣରୁ ଯିଏ ପୃଥକ୍ ସେହିଁ ଈଶ୍ୱର ଅଟନ୍ତି । କଠୋପନିଷଦ୍‌ରେ କଥିତ ହୋଇଛି 'ଅଶବ୍ଦମ୍, ଅସ୍ପର୍ଶମ୍ ଅରୂପମ୍ ଅବ୍ୟୟମ୍' । ଈଶ୍ୱର ଶବ୍ଦ, ସ୍ପର୍ଶ ଓ ରୂପାଦି ଗୁଣରୁ ପୃଥକ୍ ଅଟନ୍ତି । ତେଣୁ ତାଙ୍କ ନାମ 'ନିର୍ଗୁଣ' ଅଟେ ।

[୮୦) ସଗୁଣ - 'ଯୋ ଗୁଣୈଃ ସହ ବର୍ତ୍ତତେ ସ ସଗୁଣଃ' ଅର୍ଥାତ୍ ଯିଏ ସକଳ ସୁଖ, ପବିତ୍ରତା ଓ ଅପରିମିତଶକ୍ତି ଆଦି ଗୁଣଯୁକ୍ତ ହେତୁ ଈଶ୍ୱରଙ୍କ ନାମ ସଗୁଣ । ଗନ୍ଧାଦି ଗୁଣଯୁକ୍ତ ହେବାରୁ ପୃଥିବୀ ଯେପରି ସଗୁଣ ଏବଂ ଇଚ୍ଛାଦି ଗୁଣ ରହିତ ହେବାରୁ ନିର୍ଗୁଣ ସେହିପରି ଈଶ୍ୱର ଜଗତ ଓ ଜୀବାତ୍ମାର ଗୁଣରୁ ପୃଥକ୍ ହୋଇଥିବାରୁ 'ନିର୍ଗୁଣ' ଏବଂ ସର୍ବଜ୍ଞାଦି ଗୁଣଯୁକ୍ତ ହୋଇଥିବାରୁ 'ସଗୁଣ' ଏପରି କୌଣସି ଦ୍ରବ୍ୟ ନାହିଁ, ଯାହାକି ସଗୁଣତା ଓ ନିର୍ଗୁଣତାରୁ ପୃଥକ୍ ହୋଇପାରିବ । 'ଚେତନତା' ଗୁଣ ଅଭାବରୁ ଜଡ଼ ପଦାର୍ଥ ନିର୍ଗୁଣ ହେଲେହେଁ ନିଜଗୁଣ ସହିତ ସଂପୃକ୍ତ ଥିବାରୁ ତାହା ସଗୁଣ ମଧ୍ୟ ଅଟେ । ସେହିପରି ଜଡ଼ ପଦାର୍ଥର ଗୁଣରୁ ପୃଥକ୍ ହୋଇଥିବାରୁ 'ଜୀବାତ୍ମା' ନିର୍ଗୁଣ କିନ୍ତୁ 'ଇଚ୍ଛା' ଆଦି ନିଜ ଗୁଣ ସହିତ ସଂପୃକ୍ତ ଥିବାରୁ ତାହା ସଗୁଣ ମଧ୍ୟ ଅଟେ ।

[୮୧) ଅନ୍ତର୍ଯ୍ୟାମୀ -- 'ଯମୁ=ଉପରମେ' ଧାତୁରେ 'ଅନ୍ତର' ଉପସର୍ଗ ପୂର୍ବକ 'ଅନ୍ତର୍ଯ୍ୟାମୀ' ଶବ୍ଦ ସିଦ୍ଧ ହୁଏ । 'ଅନ୍ତର୍ଯନ୍ତୁଂ ନିୟନ୍ତୁଂ ଶୀଳଂ ଯସ୍ୟ ସୋଽୟମନ୍ତର୍ଯ୍ୟାମୀ' ଯିଏ ପ୍ରାଣୀ ଅପ୍ରାଣୀ ସମସ୍ତ ଜଗତରେ ବିରାଜମାନ ହୋଇ ସମସ୍ତଙ୍କୁ ନିୟମାନୁସାରେ ପରିଚାଳନା କରନ୍ତି ସେହି ଈଶ୍ୱରଙ୍କ ନାମ 'ଅନ୍ତର୍ଯ୍ୟାମୀ' ଅଟେ ।

[୮୨) ଧର୍ମରାଜ - 'ରାଜୃ=ଦୀପ୍ତୌ' ଧାତୁରେ 'ଧର୍ମ' ଶବ୍ଦ ପୂର୍ବକ 'ଧର୍ମରାଜ' ଶବ୍ଦ ସିଦ୍ଧ ହୁଏ । "ଯୋ ଧର୍ମେ ରାଜତେ ସ ଧର୍ମରାଜଃ ।' ଯିଏ ଅଧର୍ମରୁ ଦୂରରେ ରହି ସର୍ବଦା ଧର୍ମରେ ପ୍ରକାଶମାନ ଅଟନ୍ତି, ସେହି ଈଶ୍ୱରଙ୍କ ନାମ 'ଧର୍ମରାଜ' ଅଟେ ।

[୮୩) ଯମ - 'ଯମୁ ଉପରମେ' ଧାତୁରୁ 'ଯମ' ଶବ୍ଦ ସିଦ୍ଧ ହୁଏ । 'ଯଃ ସର୍ବାନ୍ ପ୍ରାଣିନୋ ନିୟଚ୍ଛତି ସ ଯମଃ' ଯିଏ ସମସ୍ତ ପ୍ରାଣୀଙ୍କୁ ସେମାନଙ୍କ ଶୁଭାଶୁଭ କର୍ମର ସୁଖଦୁଃଖ ଫଳ ପ୍ରଦାନ କରନ୍ତି ଏବଂ ସମସ୍ତଙ୍କୁ ନିୟମରେ ରଖନ୍ତି, ନ୍ୟାୟଅନୁସାରେ କର୍ମ କରନ୍ତି, ସେହି ଈଶ୍ୱରଙ୍କ ନାମ 'ଯମ' ଅଟେ ।

[୮୪) ଭଗବାନ୍ - 'ଭଜ ସେବାୟାମ୍' ଧାତୁରୁ 'ଭଗ' ଶବ୍ଦ ସିଦ୍ଧ ହୋଇ ତାହାରେ 'ମତୁପ୍' ପ୍ରତ୍ୟୟ ଯୋଗ ହୋଇ 'ଭଗବାନ୍' ଶବ୍ଦ ସିଦ୍ଧ ହୁଏ । 'ଭଗଃ ସକଳୈଶ୍ୱର୍ଯ୍ୟଂ ସେବନଂ ବା ବିଦ୍ୟତେ ଯସ୍ୟ ସ ଭଗବାନ୍' । ଯିଏ ସକଳ ଐଶ୍ୱର୍ଯ୍ୟଯୁକ୍ତ ଓ ଭଜନଯୋଗ୍ୟ, ସେପରି ଈଶ୍ୱରଙ୍କ ନାମ 'ଭଗବାନ୍' ଅଟେ ।

[୮୫) ମନୁ 'ମନ=ଜ୍ଞାନେ' ଧାତୁରୁ 'ମନୁ' ଶବ୍ଦର ଉତ୍ପତ୍ତି । 'ଯୋ ମନ୍ୟତେ ସ ମନୁଃ' ଯିଏ ଜ୍ଞାନ-ସ୍ୱରୂପ ଓ ମାନନୀୟ ଅଟନ୍ତି, ସେହି ଈଶ୍ୱରଙ୍କ ନାମ 'ମନୁ' ଅଟେ ।

(୮୬) ପୁରୁଷ - 'ପୃ=ପାଳନପୂରଣୟୋଃ' ଧାତୁରୁ 'ପୁରୁଷ' ଶବ୍ଦ ସିଦ୍ଧ ହୁଏ । 'ଯଃ ସ୍ୱ ବ୍ୟାପ୍ତ୍ୟା ଚରାଽଚରଂ ଜଗତ୍ ପୃଣାତି ପୂରୟତି ବା ସ ପୁରୁଷଃ ।' ସକଳ ଚରାଚର ଜଗତରେ ପୂର୍ଣ୍ଣ ହୋଇ ରହି ଥିବାରୁ ସେହି ଈଶ୍ୱରଙ୍କ ନାମ 'ପୁରୁଷ' ଅଟେ ।

(୮୭) ବିଶ୍ୱମ୍ଭର - 'ଡୁଭୃଞ୍=ଧାରଣପୋଷଣୟୋଃ' ଧାତୁରେ 'ବିଶ୍ୱ' ଶବ୍ଦ ପୂର୍ବକ 'ବିଶ୍ୱମ୍ଭର' ଶବ୍ଦ ଉତ୍ପନ୍ନ ହୁଏ । 'ଯୋ ବିଶ୍ୱଂ ବିଭର୍ତ୍ତି ଧରତି ପୁଷ୍ଣାତି ବା ସ ବିଶ୍ୱମ୍ଭରୋ ଜଗଦୀଶ୍ୱରଃ ।' ଜଗତର ଧାରଣ ଓ ପୋଷଣ କରୁ ଥିବାରୁ ସେହି ଈଶ୍ୱରଙ୍କ ନାମ 'ବିଶ୍ୱମ୍ଭର' ଅଟେ ।

(୮୮) କାଳ - 'କଲ୍-ସଂଖ୍ୟାନେ' ଧାତୁରୁ 'କାଳ' ଶବ୍ଦ ନିଷ୍ପନ୍ନ । 'କଳୟତି ସଂଖ୍ୟାତି ସର୍ବାନ୍ ପଦାର୍ଥାନ୍ ସ କାଳଃ' । ଜଗତର ସକଳ ଜୀବଗଣଙ୍କୁ ତଥା ଜଡ଼ ପଦାର୍ଥମାନଙ୍କୁ ସଂଖ୍ୟା ବା କଳନା କରି ସେ ସବୁକୁ ଶ୍ରେଣୀବଦ୍ଧ କରି ରଖୁଥିବାରୁ ସେହି ଈଶ୍ୱରଙ୍କ ନାମ 'କାଳ' ଅଟେ ।

(୮୯) ଶେଷ - 'ଶିଷ୍ଣୃ=ବିଶେଷଣେ' ଧାତୁରୁ 'ଶେଷ' ଶବ୍ଦ ସିଦ୍ଧ ହୁଏ 'ଯଃ ଶିଷ୍ୟତେ ସ ଶେଷଃ ।' 'ଶେଷ'ର ଅର୍ଥ ଅବଶିଷ୍ଟ । ସୃଷ୍ଟି ଓ ପ୍ରଳୟ ସମୟରେ ଜୀବାତ୍ମା ଓ ପ୍ରକୃତିର ପରିବର୍ତ୍ତନ ଘଟେ । କିନ୍ତୁ, ଅବଶିଷ୍ଟ ରହୁ 'ଈଶ୍ୱର'ଙ୍କ କୌଣସି ବିକାର ବା ପରିବର୍ତ୍ତନ ଘଟେନାହିଁ, ତେଣୁ ସେହି ନିତ୍ୟ ନିର୍ବିକାର ଈଶ୍ୱରଙ୍କ ନାମ 'ଶେଷ' ଅଟେ ।

(୯୦) ଆପ୍ତ - 'ଆପ୍ଲୃ=ବ୍ୟାପ୍ତୌ' ଧାତୁରୁ ଆପ୍ତ ଶବ୍ଦ ସିଦ୍ଧ ହୁଏ । 'ଯଃ ସର୍ବାନ୍ ଧର୍ମାତ୍ମନଃଆପ୍ନୋତି ବା ସର୍ବୈଃ ଧର୍ମାତ୍ମଭିଃ ଆପ୍ୟତେ ଛଳାଦିରହିତଃ ସ ଆପ୍ତଃ ।' ଯିଏ ସତ୍ୟୋପଦେଶକ, ସକଳବିଦ୍ୟାଯୁକ୍ତ ଧର୍ମାତ୍ମାମାନଙ୍କୁ ପ୍ରାପ୍ତ ହୁଅନ୍ତି ଏବଂ ଛଳ କପଟାଦି ବ୍ୟବହାରରୁ ମୁକ୍ତ ଅଟନ୍ତି, ସେପରି ଈଶ୍ୱରଙ୍କୁ 'ଆପ୍ତ' କୁହାଯାଏ ।

(୯୧) ଶଙ୍କର - 'ଡୁକୃଞ୍-କରଣେ' ଧାତୁରେ 'ଶମ୍' ପୂର୍ବକ 'ଶଙ୍କର' ଶବ୍ଦ ସିଦ୍ଧ ହୁଏ । 'ଯଃ ଶମ୍ କଲ୍ୟାଣଂ ସୁଖଂ କରୋତି ସ ଶଙ୍କରଃ' । ମଙ୍ଗଳମୟ ବା ସୁଖଦାତା ହୋଇଥିବାରୁ ସେହି ଈଶ୍ୱରଙ୍କ ନାମ 'ଶଙ୍କର' ଅଟେ ।

(୯୨) ମହାଦେବ - 'ଦେବ' ଶବ୍ଦରେ 'ମହତ୍' ପୂର୍ବକ 'ମହାଦେବ' ଶବ୍ଦ ସିଦ୍ଧ ହୁଏ । 'ଯୋ ମହତାଂ ଦେବଃ ସ ମହାଦେବଃ ।' ଯିଏ ପିତା, ମାତା, ଆଚାର୍ଯ୍ୟ ଓ ବିଦ୍ୱାନ୍ ଆଦି ଚେତନ ଦେବତା ତଥା ଗ୍ରହନକ୍ଷତ୍ର ଅଗ୍ନି ବାୟୁ ଆଦି ଜଡ଼ ଦେବତାମାନଙ୍କ ମଧ୍ୟରେ ମହାନ୍ ଅର୍ଥାତ୍ - ସର୍ବଶ୍ରେଷ୍ଠ ଓ ସର୍ବୋତ୍ତମ ଅଟନ୍ତି, ସେହି ପରମାତ୍ମାଙ୍କ ନାମ 'ମହାଦେବ' ଅଟେ ।

(୯୩) ପ୍ରିୟ - 'ପ୍ରୀଞ୍=ତର୍ପଣେ କାନ୍ତୌ ଚ' ଧାତୁରୁ 'ପ୍ରିୟ' ଶବ୍ଦ ସିଦ୍ଧ ହୁଏ । 'ଯଃ ପୃଣାତି ପ୍ରୀୟତେ ବା ସ ପ୍ରିୟଃ ।' ଯିଏ ସମସ୍ତ ଧର୍ମାତ୍ମା, ମୁକ୍ତିକାମୀ ଓ ସଜ୍ଜନ ପୁରୁଷମାନଙ୍କୁ ପ୍ରସନ୍ନ କରାନ୍ତି ଏବଂ ସମସ୍ତେ ଯାହାଙ୍କୁ କାମନା କରନ୍ତି ସେହି ଈଶ୍ୱରଙ୍କ ନାମ 'ପ୍ରିୟ' ଅଟେ ।

(୯୪) ସ୍ୱୟମ୍ଭୂ - 'ଭୂ=ସତ୍ତାୟାମ୍' ଧାତୁରେ 'ସ୍ୱୟଂ' ଶବ୍ଦ ପୂର୍ବକ 'ସ୍ୱୟମ୍ଭୂ' ଶବ୍ଦ ସିଦ୍ଧ ହୁଏ । 'ଯଃ ସ୍ୱୟଂ ଭବତି ସ ସ୍ୱୟମ୍ଭୂରୀଶ୍ୱରଃ' । ଯିଏ ଅନ୍ୟ କାହାଠାରୁ ବା କୌଣସି ସମୟରେ ଉତ୍ପନ୍ନ ହୁଅନ୍ତି ନାହିଁ, ନିଜେ ଅନାଦି ଅଟନ୍ତି, ସେହି ଈଶ୍ୱରଙ୍କ ନାମ 'ସ୍ୱୟମ୍ଭୂ' ଅଟେ ।

(୯୫) କବି - 'କୁ-ଶବ୍ଦେ' ଧାତୁରୁ 'କବି' ଶବ୍ଦ ସିଦ୍ଧ ହୁଏ । 'ଯଃ କୌତି ଶବ୍ଦୟତି ସର୍ବାବିଦ୍ୟା ସ କବିରୀଶ୍ୱରଃ ।' ଯିଏ ଜ୍ଞାନସ୍ୱରୂପ ସର୍ବବେତ୍ତା ଅଟନ୍ତି ଏବଂ ବେଦଦ୍ୱାରା ସମସ୍ତ ଶାସ୍ତ୍ରର ଉପଦେଶ ଦିଅନ୍ତି, ସେହି ପରମେଶ୍ୱରଙ୍କ ନାମ 'କବି, ଅଟେ ।

(୯୬) ଶିବ - 'ଶିବୁ=କଲ୍ୟାଣେ' ଧାତୁରୁ 'ଶିବ' ଶବ୍ଦ ନିଷ୍ପନ୍ନ 'ବହୁଳଂ ଏତତ୍ ନିଦର୍ଶନମ୍ ।' ବ୍ୟାକରଣ ମହାଭାଷ୍ୟ ୩.୩.୧ । ଏଥିରୁ ଶିବୁ ଧାତୁକୁ ଗ୍ରହଣ କରାଯାଏ । ଯିଏ ନିଜେ କଲ୍ୟାଣସ୍ୱରୂପ ଅଟନ୍ତି ଓ ସମସ୍ତଙ୍କ ମଙ୍ଗଳବିଧାନ କରନ୍ତି ସେହି ଈଶ୍ୱରଙ୍କ ନାମ 'ଶିବ' ଅଟେ ।

(୯୭) ସ୍ୱରାଟ୍ - ସ୍ୱୟଂପ୍ରକାଶିତ । ଆପେ ଆପେ ପ୍ରକାଶିତ ହୋଇଥିବାରୁ ସେହି ଈଶ୍ୱରଙ୍କ ନାମ 'ସ୍ୱରାଟ୍' ଅଟେ ।

(୯୮) ସୁପର୍ଣ୍ଣ - [illegible] ।

(୯୯) ମାତରିଶ୍ୱା - ବାୟୁପରି [illegible] ।

(୧୦୦) ଗରୁତ୍ମାନ୍ - ସ୍ୱଭାବରେ [illegible] ।

ପରମେଶ୍ୱରଙ୍କ ଶହେଗୋଟି ନାମ [illegible] ଉଲ୍ଲେଖ କରାଗଲା । ଏତଦ୍ ବ୍ୟତୀତ ତାଙ୍କର ଆହୁରି ଅସଂଖ୍ୟ ନାମ ଅଛି । ପରମେଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବ ଅସୀମ ଓ ଅନନ୍ତ । ପ୍ରତ୍ୟେକ ଗୁଣ କର୍ମ ଓ ସ୍ୱଭାବକୁ ନେଇ ଏକ ଏକ ନାମ ଉଦ୍ଦିଷ୍ଟ ହୋଇଥିବାରୁ ତାଙ୍କର ନାମ ଅସଂଖ୍ୟ । ଉପରେ ବର୍ଣ୍ଣିତ ନାମ ଗୁଡ଼ିକ ସିନ୍ଧୁ ସମ୍ମୁଖରେ ଏକ ବିନ୍ଦୁମାତ୍ର । ବେଦାଦି ସତ୍ ଶାସ୍ତ୍ରରେ ପରମେଶ୍ୱରଙ୍କ ଅସଂଖ୍ୟ ଗୁଣ, କର୍ମ ଓ ସ୍ୱଭାବ ବର୍ଣ୍ଣିତ ହୋଇଛି । ଯେଉଁମାନେ ବେଦାଦି ଶାସ୍ତ୍ର ଅଧ୍ୟୟନ କରନ୍ତି, ସେମାନେ ଏହାକୁ ଜ୍ଞାନ ସହିତ ଅନ୍ୟାନ୍ୟ ପଦାର୍ଥର ଜ୍ଞାନ ମଧ୍ୟ ଉତ୍ତମରୂପେ ଜାଣିପାରନ୍ତି ।

ପ୍ରଶ୍ନ - ଅନ୍ୟାନ୍ୟ ଗ୍ରନ୍ଥକାରମାନେ ଗ୍ରନ୍ଥର ଆଦି ମଧ୍ୟ ଓ ପ୍ରାନ୍ତରେ ମଙ୍ଗଳାଚରଣ କରିଥାନ୍ତି ଆପଣ ସେପରି, କାହିଁକି କରି ନାହାନ୍ତି ?

ଉତ୍ତର - ଏପରି କରିବା ଉଚିତ ନୁହେଁ । କାରଣ, ଯେଉଁମାନେ ଆଦ୍ୟରେ, ମଧ୍ୟରେ ଓ ପ୍ରାନ୍ତରେ ମଙ୍ଗଳାଚରଣ କରନ୍ତି, ସେମାନଙ୍କ ଗ୍ରନ୍ଥର ଆଦ୍ୟ, ମଧ୍ୟ ଓ ପ୍ରାନ୍ତ ଭାଗ ବ୍ୟତୀତ ଅନ୍ୟାନ୍ୟ ସ୍ଥାନର ଲେଖାଗୁଡ଼ିକ ଅମଙ୍ଗଳକାରକ ହୋଇଥାଏ । ତେଣୁ 'ମଙ୍ଗଳାଚରଣଂ ଶିଷ୍ଟାଚାରାତ୍ ଫଳଦର୍ଶନାଚ୍ଛ୍ରୁତିତଶ୍ଚେତି ।' ସାଂଖ୍ୟ ଅଧ୍ୟା. ୫.୧ ଅର୍ଥାତ୍ ଯାହା ନ୍ୟାୟ, ପକ୍ଷପାତ ରହିତ ସତ୍ୟ ବେଦୋକ୍ତ ଓ ଈଶ୍ୱରାଜ୍ଞା ଅଟେ, ତାହାକୁ ସର୍ବଦା ପାଳନ କରିବା ହିଁ ପ୍ରକୃତ ମଙ୍ଗଳାଚରଣ । ଏଣୁ ଗ୍ରନ୍ଥର ଆରମ୍ଭରୁ ସମାପ୍ତି ପର୍ଯ୍ୟନ୍ତ ସର୍ବତ୍ର ସତ୍ୟାଚାର କରିବା ହିଁ ମଙ୍ଗଳାଚରଣ ଅଟେ । କେଉଁ ସ୍ଥାନରେ ମଙ୍ଗଳ ଓ କେଉଁ ସ୍ଥାନରେ ଅମଙ୍ଗଳ ଲେଖିବା ମଙ୍ଗଳାଚରଣ ନୁହେଁ । ଦେଖନ୍ତୁ ମହାଶୟ, ମହର୍ଷିଗଣ କଣ ଲେଖିଛନ୍ତି ।

"ଯାନ୍ୟନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି ନୋ ଇତରାଣି ।"

(ତୈତ୍ତିରୀୟୋପନିଷଦ୍ ପ୍ରପାଠକ. ୭, ଅନୁ. ୧୧ ।)

"ହେ ସନ୍ତାନଗଣ ! ଯେଉଁ ଅନବଦ୍ୟ ଅନିନ୍ଦନୀୟ ଧର୍ମଯୁକ୍ତ କର୍ମ ତାହାହିଁ ତୁମେ ଆଚରଣ କର, ଅଧର୍ମଯୁକ୍ତ କର୍ମ ନୁହେଁ । ଏଣୁ ଆଧୁନିକ ଗ୍ରନ୍ଥମାନଙ୍କରେ ଯେପରି 'ଶ୍ରୀଗଣେଶାୟ ନମଃ, ସୀତାରାମାଭ୍ୟାଂ ନମଃ, ରାଧାକୃଷ୍ଣାଭ୍ୟାଂ ନମଃ, ଶ୍ରୀ ଗୁରୁଚରଣାରବିନ୍ଦାଭ୍ୟାଂ ନମଃ, ହନୁମତେ ନମଃ, ଦୁର୍ଗାୟୈ ନମଃ, ବଟୁକାୟ ନମଃ, ଭୈରବାୟ ନମଃ, ଶିବାୟ ନମଃ, ସରସ୍ୱତ୍ୟୈ ନମଃ, ନାରାୟଣାୟ ନମଃ' ପ୍ରଭୃତି ଲେଖା ଦେଖାଯାଏ, ସେସବୁ ବେଦ ଓ ଶାସ୍ତ୍ର ବିରୁଦ୍ଧ ମଙ୍ଗଳାଚରଣ ହୋଇଥିବାରୁ ବୁଦ୍ଧିମାନେ ତାକୁ ମିଥ୍ୟା ବୋଲି ମନେ କରନ୍ତି । ବେଦ ତଥା ଋଷିମାନଙ୍କ ଗ୍ରନ୍ଥମାନଙ୍କରେ ଏପରି ମଙ୍ଗଳାଚରଣ ଦେଖିବାକୁ ମିଳେ ନାହିଁ, କେବଳ 'ଓମ୍' ତଥା 'ଅଥ' ଶବ୍ଦ ଦେଖିବାକୁ ମିଳିଥାଏ । ଯଥା...............

୧ - ଅଥ ଶବ୍ଦାନୁଶାସନମ୍ । ଅଥେତ୍ୟୟଂ ଶବ୍ଦୋଽଧିକାରାର୍ଥଃ ପ୍ରଯୁଜ୍ୟତେ" ବ୍ୟାକରଣ ମହାଭାଷ୍ୟ ।

୨ - ଅଥାତୋ ଧର୍ମଜିଜ୍ଞାସା ଅଥେତ୍ୟାନନ୍ତର୍ଯ୍ୟେ ବେଦାଧ୍ୟୟନାନନ୍ତରମ୍ । ପୂର୍ବମୀମାଂସା

୩ - ଅଥାତୋ ଧର୍ମଂ ବ୍ୟାଖ୍ୟାସ୍ୟାମଃ ଅଥେତି ଧର୍ମକଥନାନନ୍ତରଂ ଧର୍ମଲକ୍ଷଣଂ ବିଶେଷେଣ ବ୍ୟାଖ୍ୟାସ୍ୟାମଃ ।।

୪ - ଅଥ ଯୋଗାନୁଶାସନମ୍ ଅଥେତ୍ୟୟମଧିକାରାର୍ଥଃ

୫ - ଅଥ ତ୍ରିବିଧଦୁଃଖାତ୍ୟନ୍ତ ନିବୃତ୍ତିରତ୍ୟନ୍ତ ପୁରୁଷାର୍ଥଃ ।। ସାଂସାରିକ ବିଷୟ ଭୋଗାନନ୍ତରଂ ତ୍ରିବିଧଦୁଃଖାତ୍ୟନ୍ତ ନିବୃତ୍ତ୍ୟର୍ଥଃ ପ୍ରଯତ୍ନଃ କର୍ତ୍ତବ୍ୟଃ । ସାଂଖ୍ୟ ଶାସ୍ତ୍ର ।

୬ - ଅଥାତୋ ବ୍ରହ୍ମ ଜିଜ୍ଞାସା ।। ଚତୁଷ୍ଟୟ ସାଧନ ସଂପତ୍ୟନନ୍ତରଂ ବ୍ରହ୍ମ ଜିଜ୍ଞାସ୍ୟମ୍ ।। ।ବେଦାନ୍ତ ।

୭ - ଓମିତ୍ୟେତଦକ୍ଷରମୁଦ୍ଗୀଥମୁପାସୀତ । ଉପନିଷଦ୍

୮ - ଓମିତ୍ୟେତ ଦକ୍ଷରମିଦଂସର୍ବଂ ତସ୍ୟୋପବ୍ୟାଖ୍ୟାନମ୍ ।

ମାଣ୍ଡୁକ୍ୟୋପନିଷଦ୍ ।

ଏପରି ଅନ୍ୟାନ୍ୟ ଋଷିମୁନି କୃତ ଗ୍ରନ୍ଥମାନଙ୍କରେ ମଧ୍ୟ 'ଓମ୍' ତଥା 'ଅଥ' ଶବ୍ଦ କେବଳ ଦେଖିବାକୁ ମିଳିଥାଏ । ସେହିପରି 'ଅଗ୍ନି, ଇଟ୍, ଅଗ୍ନି, ଯେ ତ୍ରିଷପ୍ତାଃ ପରିୟନ୍ତି' ଏହି ଶବ୍ଦଗୁଡ଼ିକ ଚାରି ବେଦର ପ୍ରାରମ୍ଭରେ ଲେଖା ଯାଇଛି । 'ଶ୍ରୀହରି, ଶ୍ରୀ ଗଣେଶାୟ ନମଃ' ପ୍ରଭୃତି ଲେଖା ଆର୍ଷ ଗ୍ରନ୍ଥ (ଋଷିକୃତ ଗ୍ରନ୍ଥ)ର କୌଣସି ସ୍ଥାନରେ ନାହିଁ । ଯେଉଁମାନେ ବେଦର ଆରମ୍ଭରେ 'ହରି ଓମ୍' ଲେଖନ୍ତି ବା ପଢ଼ନ୍ତି, ତାହା ପୌରାଣିକ ତଥା ତାନ୍ତ୍ରିକମାନଙ୍କ ମିଥ୍ୟା କଳ୍ପନାରୁ ସେମାନେ ଶିଖିଛନ୍ତି । ବେଦାଦି ଶାସ୍ତ୍ରର ଆରମ୍ଭରେ 'ଶ୍ରୀହରି' ଆଦିଶବ୍ଦ ନାହିଁ । ଏଣୁ 'ଓମ୍' ବା 'ଅଥ' ଶବ୍ଦହିଁ ଗ୍ରନ୍ଥର ପ୍ରାରମ୍ଭରେ ଲେଖିବା ଉଚିତ୍ । ଏଠାରେ ଈଶ୍ୱରଙ୍କ ବିଷୟରେ କିଛି ଲେଖା ଯାଇଛି । ଏହାପରେ ଶିକ୍ଷାବିଷୟରେ କିଛି ଲେଖାଯିବ ।

ଇତି ଶ୍ରୀମଦ୍ଦୟାନନ୍ଦ ସ୍ୱରସ୍ୱତୀସ୍ୱାମିକୃତେ ସତ୍ୟାର୍ଥ ପ୍ରକାଶେ ସୁଭାଷାବିଭୂଷିତ ଈଶ୍ୱରନାମବିଷୟେ ପ୍ରଥମଃସମୁଲ୍ଲାସଃ ସଂପୂର୍ଣ୍ଣଃ ।।

ଅଥ ଦ୍ୱିତୀୟ ସମୁଲ୍ଲାସାରମ୍ଭଃ
ଅଥ ଶିକ୍ଷାଂ ପ୍ରବକ୍ଷ୍ୟାମଃ

(୧) ମାତୃମାନ୍ ପିତୃମାନାଚାର୍ଯ୍ୟବାନ୍ ପୁରୁଷୋବେଦ ।। ଏହା ହେଉଛି ଶତପଥ ବ୍ରାହ୍ମଣର ବଚନ । ପ୍ରକୃତରେ ଯାହାର ମାତା, ପିତା ତଥା ଆଚାର୍ଯ୍ୟ - ଏ ତିନିଜଣ ଶିକ୍ଷକ ଉତ୍ତମ ଅଟନ୍ତି ସେହି ମନୁଷ୍ୟ ନିଶ୍ଚୟ ଜ୍ଞାନବାନ୍ ହୋଇଥାଏ । ଯାହାର ମାତାପିତା ଧାର୍ମିକ ଓ ବିଦ୍ୱାନ୍ ଅଟନ୍ତି ସେହି ସନ୍ତାନ ଅତ୍ୟନ୍ତ ଭାଗ୍ୟବାନ୍, ଏବଂ ସେହି ପରିବାର ମଧ୍ୟ ଧନ୍ୟ ହୋଇଥାଏ । ସନ୍ତାନ ସନ୍ତତି ମାଆଠାରୁ ଯେତିକି ଉପଦେଶ ଓ ଉପକାର ପାଇଥାନ୍ତି ଅନ୍ୟ କାହାଠାରୁ ସେପରି ଉପକାର ସେମାନେ ପାଇପାରନ୍ତି ନାହିଁ । ନିଜ ସନ୍ତାନକୁ ମାଆଯେପରି ସ୍ନେହକରେ ଏବଂ ତାର ହିତକାମନା , ଯେପରି କରେ ଅନ୍ୟକେହି ସେପରି କରି ପାରନ୍ତି ନାହିଁ । ଅତଏବ 'ପ୍ରଶସ୍ତା ଧାର୍ମିକୀ ମାତା ବିଦ୍ୟତେ ଯସ୍ୟସ ମାତୃମାନ୍' । ଯେଉଁ ମାତା ଗର୍ଭାଧାନ ଠାରୁ ଆରମ୍ଭ କରି ପୂର୍ଣ୍ଣବିଦ୍ୟା ପ୍ରାପ୍ତି ପର୍ଯ୍ୟନ୍ତ ସନ୍ତାନ ସନ୍ତତିକୁ ଉତ୍ତମ ଶିକ୍ଷାମାନ ଦିଏ ପ୍ରକୃତରେ ସେମାତାହିଁ ଧନ୍ୟା ଅଟେ ।

(୨) ଗର୍ଭାଧାନର ପୂର୍ବରୁ, ମଧ୍ୟ ଭାଗରେ ଓ ପରେ ପିତାମାତାଙ୍କର କର୍ତ୍ତବ୍ୟ ହେଉଛି ସେମାନେ କଦାପି ମାଦକଦ୍ରବ୍ୟ ତଥା ଦୁର୍ଗନ୍ଧ, ରୁକ୍ଷ ଓ ବୁଦ୍ଧିନାଶକ ପଦାର୍ଥ ବ୍ୟବହାର କରିବେ ନାହିଁ, ଯେଉଁ ପଦାର୍ଥ ଶାନ୍ତି, ଆରୋଗ୍ୟ, ବଳ, ବୁଦ୍ଧି, ପରାକ୍ରମ ଓ ସୁଶୀଳତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ରଜବୀର୍ଯ୍ୟକୁ ଦୋଷଶୂନ୍ୟ ଓ ଉତ୍ତମ ଗୁଣଯୁକ୍ତ କରେ ସେହି ପଦାର୍ଥମାନ ବ୍ୟବହାର କରିବେ । ଘୃତ, ଦୁଗ୍ଧ, ମିଷ୍ଟାନ୍ନ ପ୍ରଭୃତି ସାତ୍ତ୍ୱିକ ଦ୍ରବ୍ୟ ଭୋଜନ କରିବେ । ରଜୋଦର୍ଶନର ପଞ୍ଚମ ଦିନଠାରୁ ଆରମ୍ଭ କରି ଷୋଡ଼ଶ ଦିବସ ପର୍ଯ୍ୟନ୍ତ ହେଉଛି ଗର୍ଭାଧାନର ପ୍ରକୃଷ୍ଟ ସମୟ । ଅର୍ଥାତ୍, ୧୬ଦିନ ଋତୁକାଳ ମଧ୍ୟରୁ ପ୍ରଥମ ଚାରିଦିନ ପରିତ୍ୟାଜ୍ୟ ଅଟେ । ଅବଶିଷ୍ଟ ୧୨ ଦିନ ମଧ୍ୟରୁ ଏକାଦଶୀ ଓ ତ୍ରୟୋଦଶୀ ରାତ୍ରି ବ୍ୟତୀତ ଅନ୍ୟ ଦଶଦିନ ମାତ୍ର ଗର୍ଭାଧାନର ପ୍ରକୃଷ୍ଟ ସମୟ ଅଟେ । ମନେରଖିବାକୁ ହେବ ଯେ ରଜୋଦର୍ଶନର ଷୋଡ଼ଶରାତ୍ରି ପରେ ପୁଣି ପରବର୍ତ୍ତୀ ଋତୁକାଳ ଆସିବା ପର୍ଯ୍ୟନ୍ତ ସ୍ତ୍ରୀ ସହବାସ ନିଷିଦ୍ଧ ଅଟେ । ଯଦି ଗର୍ଭଧାରଣ ହୁଏ, ତେବେ ତାପରେ ଏକବର୍ଷ ପର୍ଯ୍ୟନ୍ତ ସ୍ତ୍ରୀ ସହବାସ ନିଷିଦ୍ଧ ଅଟେ । ଗର୍ଭାଧାନ ସମୟରେ ପତିପତ୍ନୀ ଦୁଇଜଣଙ୍କ ଶରୀର ଯେପରି ସୁସ୍ଥରହେ, ପରସ୍ପର ପରସ୍ପରପ୍ରତି ଯେପରି ପ୍ରସନ୍ନ ରହନ୍ତି ଏବଂ କୌଣସି ପ୍ରକାର ଶୋକ ଜାତ ଯେପରି ନହୁଏ , ତାପ୍ରତି ବିଶେଷ ଧ୍ୟାନ ଦେବେ । ଚରକ ସୁଶ୍ରୁତ ବୈଦ୍ୟଶାସ୍ତ୍ର ମାନଙ୍କରେ

ଭୋଜନାଦି ସମ୍ବନ୍ଧୀୟ ସ୍ୱାସ୍ଥ୍ୟରକ୍ଷାର ଯେଉଁ ନିୟମ ଅଛି, ପୁଣି ସ୍ତ୍ରୀ ପୁରୁଷର ପରସ୍ପର ପ୍ରସନ୍ନତା ବିଷୟରେ ମନୁସ୍ମୃତିରେ ଯେଉଁନୀତି ନିୟମ ଅଛି ସେହି ନିୟମାନୁସାରେ ପତିପତ୍ନୀ ଉଭୟଙ୍କୁ ଚଳିବାକୁ ପଡ଼ିବ । ଗର୍ଭାଧାନଠାରୁ ସନ୍ତାନ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଗର୍ଭବତୀ ସ୍ତ୍ରୀ ନିଜର ଭୋଜନ ଆଚ୍ଛାଦନ ଇତ୍ୟାଦିରେ ବିଶେଷ ସାବଧାନ ରହିବ ବୁଦ୍ଧି, ବଳ, ରୂପ, ଆରୋଗ୍ୟ, ପରାକ୍ରମ ଓ ଶାନ୍ତି ପ୍ରଦାୟକ ପଦାର୍ଥମାନ କେବଳ ସେବନ କରିବାକୁ ହେବ ।

(୩) ସନ୍ତାନ ଜାତ ହେବାପରେ ନାଡ଼ୀ ଛେଦନ ପୂର୍ବକ, ଶିଶୁକୁ ଉତ୍ତମ ସୁଗନ୍ଧିତ ଜଳରେ ସ୍ନାନକରାଇ ଘୃତାଦି ସୁଗନ୍ଧିତ ଦ୍ରବ୍ୟରେ ହୋମ କରିବାକୁ ହେବ । ପ୍ରସୂତିର ସ୍ନାନହାରରେ ମଧ୍ୟ ସତର୍କତା ଅବଲମ୍ବନ କରିବାକୁ ହେବ ଯେପରି ଶିଶୁ ଓ ପ୍ରସୂତିର ଶରୀର ସୁସ୍ଥ ଓ ପରିପୁଷ୍ଟ ହୋଇ ରହିବ । ଶିଶୁର ମାତା ଅଥବା ଧାତ୍ରୀର ଭୋଜନ ଏପରି ହେବା ଉଚିତ ଯେପରି ସ୍ତନଦୁଗ୍ଧ ଉତ୍ତମ ଓ ଗୁଣକାରକ ହେବ । ଛଅ ଦିନ ପର୍ଯ୍ୟନ୍ତ ଶିଶୁକୁ ପ୍ରସୂତିର ସ୍ତନ୍ୟଦେବ, ଯଦି ମାଆର ସ୍ତନ୍ୟପାନରେ ଅସୁବିଧା ହୁଏ ତେବେ ଧାତ୍ରୀ ସ୍ତନ୍ୟପାନ କରାଇବ । ଏଣୁ ମାତାପିତା ଧାତ୍ରୀକୁ ଉତ୍ତମ ଭୋଜନ ଓ ପାନୀୟ ଯୋଗାଇବେ । ଯେଉଁମାନେ ଦରିଦ୍ର, ଧାତ୍ରୀ ରଖିବାକୁ ଅସମର୍ଥ, ସେମାନେ ବୁଦ୍ଧି, ପରାକ୍ରମ ଓ ଆରୋଗ୍ୟକର ଔଷଧି ଗୁଡ଼ିକୁ ଶୁଦ୍ଧଜଳରେ ଗୋଳି ସିଦ୍ଧକରି ଛାଣିଦେବେ । ତାପରେ ସେହି ଜଳକୁ ଗାଈ ବା ଛେଳି ଦୁଧସହ ସମପରିମାଣରେ ମିଶାଇ ଶିଶୁକୁ ପାନ କରାଇବେ । ସନ୍ତାନ ଜନ୍ମହେଲାପରେ ଶିଶୁ ଓ ମାତା ନିର୍ମଳ ବାୟୁ ଯାତାୟତ କରୁଥିବା ସ୍ଥାନରେ ରହିବେ, । ସେଠାରେ ସୁଗନ୍ଧିତ ଓ ଦର୍ଶନୀୟ ଦ୍ରବ୍ୟମାନ ରଖାଯିବା ଉଚିତ୍ । ଯେଉଁଠାରେ ଧାତ୍ରୀ, ଗାଈ ଅବା ଛେଳି ଦୁଧ ମିଳିବା ସମ୍ଭବପର ନୁହେଁ ସେଠାରେ ଅବସ୍ଥାନୁଯାୟୀ ଦେଖି ବ୍ୟବସ୍ଥା କରିବାକୁ ହେବ । ପ୍ରସୂତା ସ୍ତ୍ରୀର ଶରୀରାଂଶରୁ ସନ୍ତାନର ଶରୀର ଗଠିତ ହୁଏ । ତେଣୁ ପ୍ରସବପରେ ସ୍ତ୍ରୀ ଅତ୍ୟନ୍ତ ଦୁର୍ବଳ ହୋଇପଡ଼େ । ଏଣୁ ପ୍ରସୂତା ସ୍ତ୍ରୀ ଶିଶୁକୁ ସ୍ତନ୍ୟପାନ କରାଇବେ ନାହିଁ । ସ୍ତ୍ରୀ ସ୍ତନର ଦୁଗ୍ଧସ୍ରାବ ବନ୍ଦକରିବାକୁ ସ୍ତନର ଛିଦ୍ର ଉପରେ ଔଷଧି ଲେପନ କରିବାକୁ ହେବ । ଏପରି କରିବା ଦ୍ୱାରା ପ୍ରସୂତା ସ୍ତ୍ରୀ ପୁଣି ଦ୍ୱିତୀୟ ମାସରେ ଯୁବତୀ ହୋଇଯାଏ । ଦ୍ୱିତୀୟ ସନ୍ତାନପାଇଁ ଗର୍ଭାଧାନ ପର୍ଯ୍ୟନ୍ତ ପୁରୁଷ ଇନ୍ଦ୍ରିୟସଂଯମ କରି ବୀର୍ଯ୍ୟସ୍ତମ୍ଭନ କରିବେ । ସ୍ତ୍ରୀ ଯୋନି ସଂକୋଚନ ଓ ଶୋଧନ କରିବେ । ଯେଉଁ ପତି ପତ୍ନୀ ଏହି ପ୍ରଣାଳୀରେ ସନ୍ତାନ ଜନ୍ମକରି ସେମାନଙ୍କୁ ଲାଳନ ପାଳନ କରିବେ ସେମାନଙ୍କ ସନ୍ତାନ ନିଶ୍ଚୟ ଉତ୍ତମ, ବଳବାନ୍, ବୁଦ୍ଧିମାନ୍,ଧାର୍ମିକ ଓ ଦୀର୍ଘାୟୁ ହେବ ।

(୪) ସନ୍ତାନ ସନ୍ତତି ଯେପରି ସଭ୍ୟ ହେବେ, କୌଣସି ପ୍ରକାର କୁକାର୍ଯ୍ୟ କରିବେ ନାହିଁ, ମାଆ ସେମାନଙ୍କୁ ସେହିପରି ଶିକ୍ଷା ଦେବେ । ଶିଶୁ କଥା କହିବାକୁ ଆରମ୍ଭ କଲେ ମାତା ତାକୁ ପ୍ରତ୍ୟେକ ଅକ୍ଷରର ଠିକ୍ ଉଚ୍ଚାରଣ ଶିକ୍ଷା ଦେବେ । ଅର୍ଥାତ୍, କେଉଁ ଅକ୍ଷର କେଉଁ ସ୍ଥାନରୁ ପୁଣି କିପରି ସ୍ପଷ୍ଟ ଉଚ୍ଚାରିତ ହୋଇପାରେ, ଯଥା 'ପ' ଓଷ୍ଠରୁ ଉଚ୍ଚାରିତ ହୁଏ; ଦୁଇ ଓଷ୍ଠକୁ ଏକତ୍ର ମିଶାଇ ଏହି ଅକ୍ଷର ବୋଲିବାକୁ ହେବ । ସେହିପରି ହ୍ରସ୍ୱ, ଦୀର୍ଘ ଓ ପ୍ଳୁତ ଅକ୍ଷରମାନଙ୍କୁ ଯଥା ନିୟମରେ ଉଚ୍ଚାରଣ କରିବାକୁ ଶିକ୍ଷାଦେବେ; ମଧୁର, ଗମ୍ଭୀର, ସୁନ୍ଦର ସ୍ୱର ସହିତ ମାତ୍ରା, ଅକ୍ଷର, ପଦ ଓ ବାକ୍ୟ ଗୁଡ଼ିକ ଯେପରି ପୃଥକ୍ ପୃଥକ୍ ଶ୍ରୁତିଗୋଚର ହୁଏ । ଶିଶୁ ଯେତେବେଳେ କିଛି କହିଜାଣିବ ଓ ବୁଝିପାରିବ ସେତେବେଳେ ତାକୁ ଛୋଟ ଛୋଟ ସୁନ୍ଦରବାଣୀ ଶିକ୍ଷାଦେବେ । ଛୋଟବଡ଼ ପିତାମାତା ଗୁରୁଜନ, ରାଜା ଓ ବିଦ୍ୱାନ୍‌ଙ୍କ ନିକଟରେ କିପରି ବସାଉଠା ଓ କଥା ବାର୍ତ୍ତା କରିବାକୁ ହେବ ତା ମଧ୍ୟ ଶିକ୍ଷାଦେବେ । ସେମାନେ କୌଣସି ସ୍ଥାନରେ ଅନୁଚିତ ବ୍ୟବହାର କରିବେ ନାହିଁ । ସର୍ବତ୍ର ଗୌରବ ଓ ପ୍ରତିଷ୍ଠା ଲାଭ କରିବେ ତାପ୍ରତି ଧ୍ୟାନ ଦେବେ । ସନ୍ତାନଗଣ ଯେପରି ଜିତେନ୍ଦ୍ରିୟ, ବିଦ୍ୟାନୁରାଗୀ ଏବଂ ସତ୍‌ସଙ୍ଗାଭିଳାଷୀ ହେବେ, ତାପାଇଁ ମଧ୍ୟ ଧ୍ୟାନଦେବେ । ବ୍ୟର୍ଥକ୍ରୀଡ଼ା, ରୋଦନ, ହାସ୍ୟ, କଳହ, ହର୍ଷ, ଶୋକ, ଲୋଭ, ଇର୍ଷା ଓ ଦ୍ୱେଷାଦି ନ କରିବା ପାଇଁ ଶିକ୍ଷାଦେବେ । ଉପସ୍ଥେନ୍ଦ୍ରିୟର ସ୍ପର୍ଶ ଓ ମର୍ଦ୍ଦନରେ ବୀର୍ଯ୍ୟର କ୍ଷୀଣତା ଓ ନପୁଂସକତା ଜାତହୁଏ ହାତରେ ଦୁର୍ଗନ୍ଧ ମଧ୍ୟ ଉତ୍ପନ୍ନ ହୁଏ । ତେଣୁ ଶିଶୁମାନେ ତାର ସ୍ପର୍ଶ ଯେପରି ନ କରନ୍ତି, ସେଥିପ୍ରତି ଧ୍ୟାନ ଦେବେ । ସେମାନେ ଯେପରି ସତ୍ୟବାଦିତା, ଶୌର୍ଯ୍ୟ, ଧୈର୍ଯ୍ୟ, ଓ ପ୍ରଫୁଲ୍ଲତା ଆଦି ସଦ୍‌ଗୁଣରେ ମଣ୍ଡିତହେବେ ସେଥିପ୍ରତି ପିତାମାତା ଅତ୍ୟନ୍ତ ଯତ୍ନଶୀଳ ହେବେ ।

୫) ସନ୍ତାନ ସନ୍ତତିଙ୍କୁ ପାଞ୍ଚ ବର୍ଷ ହେଲେ ଦେବନାଗରୀ ଓ ନିଜ ମାତୃଭାଷାର ଅକ୍ଷର ଶିକ୍ଷାଦେବାକୁ ହେବ । ତାପରେ ବିଦ୍ୟା, ଶିକ୍ଷା, ଧର୍ମ, ଈଶ୍ୱର ମାତା, ପିତା, ଆଚାର୍ଯ୍ୟ, ଅତିଥି, ବିଦ୍ୱାନ୍ ରାଜା; ପ୍ରଜା, କୁଟୁମ୍ବ, ବନ୍ଧୁ, ଭଗିନୀ ଓ ଭୃତ୍ୟ ଆଦିଙ୍କ ସହିତ କିପରି ବ୍ୟବହାର କରିବାକୁ ହେବ ସେ ସମ୍ବନ୍ଧୀୟ କ୍ଷୁଦ୍ରକ୍ଷୁଦ୍ର ମନ୍ତ୍ର, ଶ୍ଳୋକ, ସୂତ୍ର, ଗଦ୍ୟ ଓ ପଦ୍ୟ ଆଦି ଅର୍ଥ ସହିତ ସେମାନଙ୍କୁ ମୁଖସ୍ଥ କରାଇବାକୁ ହେବ । ଫଳରେ ସନ୍ତାନମାନେ, କୌଣସି ଧୂର୍ତ୍ତ ବା ସଇତାନ୍‌ର ପ୍ରତାରଣାର ବଶବର୍ତ୍ତୀ ହେବେ ନାହିଁ । ଯେଉଁ ବିଷୟଗୁଡ଼ିକ ବିଦ୍ୟା ଓ ଧର୍ମର ବିରୁଦ୍ଧା ଚରଣ କରୁଛି ଯଥା -ଭୂତ ଓ ପ୍ରେତ ସମ୍ବନ୍ଧୀୟ ମିଥ୍ୟାଜ୍ଞାନ, ବାଳକ ବାଳିକା ଗଣ ଯେପରି ସେଭଳି ଭ୍ରାନ୍ତିଜାଲ ବା ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୁଅନ୍ତି ସେଥିପାଇଁ ସେମାନଙ୍କୁ ଅତ୍ୟନ୍ତ ସାବଧାନତାର ସହିତ ଉପଯୁକ୍ତ ଉପଦେଶ ଦେବାକୁ ହେବ ।

ଗୁରୋଃ ପ୍ରେତସ୍ୟଶିଷ୍ୟସ୍ତୁ ପିତୃମେଧ ସମାଚରନ୍ ।
ପ୍ରେତହାରୈଃ ସମଂ ତତ୍ର ଦଶରାତ୍ରେଣ ଶୁଦ୍ଧ୍ୟତି ।।

ମନୁସ୍ମୃତି, ୫,୬୫ ।।

'ଯେତେବେଳେ ଗୁରୁଙ୍କର ମୃତ୍ୟୁ ହୁଏ ସେତେବେଳେ 'ପ୍ରେତ' ଅର୍ଥାତ୍ 'ମୃତଦେହ'ର ଦାହକାରୀ ଶିଷ୍ୟ 'ପ୍ରେତହାର' ଅର୍ଥାତ୍ 'ଶବବାହକ' ମାନଙ୍କ ସହିତ ଦଶମ ଦିବସରେ ଶୁଦ୍ଧ ହୁଏ ।' ଦାହକ୍ରିୟା ପରେ ସେହି ମୃତ ଦେହର ନାମ 'ଭୂତ' ହୁଏ । ଅର୍ଥାତ୍ ଅମୁକ ନାମରେ ଜଣେ ଲୋକ ଭୂତ ବା ଅତୀତରେ ଥିଲେ ବୋଲି କୁହାଯାଏ । ଯାହା ଉତ୍ପନ୍ନ ହୋଇ ବର୍ତ୍ତମାନ କାଳରେ ନଥାଏ ତାହା ହେଉଛି ଅତୀତ କାଳର କଥା' ତେଣୁ ତାହାର ନାମ 'ଭୂତ' ଅର୍ଥାତ୍ 'ଅତୀତ' । ବ୍ରହ୍ମାଙ୍କଠାରୁ ଆରମ୍ଭକରି ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବିଦ୍ୱାନ୍‌ଙ୍କ ଏହାହିଁ ସିଦ୍ଧାନ୍ତ । ଯେଉଁ ବ୍ୟକ୍ତି ଶଙ୍କା, କୁସଙ୍ଗ ଓ କୁସଂସ୍କାରରେ ଥାଉନ୍ତି, ତାକୁହିଁ ଭୟ ଓ ଶଙ୍କା ରୂପକ ଭୂତ;ପ୍ରେତ, ଡାକିନୀ ଶାକିନୀ, ଆଦି ଅନେକ ଭ୍ରମଜାଲ ଦୁଃଖ ପ୍ରଦାନ କରିଥାନ୍ତି ।

୬) ଯେଉଁ ଲୋକ ମୃତ୍ୟୁ ବରଣ କରେ ତାର ଆତ୍ମା ନିଜକୃତ ପାପ ପୁଣ୍ୟର ଦୁଃଖ ସୁଖ ଫଳ ଭୋଗ କରିବାକୁ ଈଶ୍ୱରଙ୍କ ବ୍ୟବସ୍ଥାନୁସାରେ ଅନ୍ୟ ଜନ୍ମ ଗ୍ରହଣ କରେ । ଅବିନାଶୀ ପରମେଶ୍ୱରଙ୍କ ଏହି କର୍ମ ଫଳ ବ୍ୟବସ୍ଥାକୁ କେହି କେବେ ଅନ୍ୟଥା କରି ପାରନ୍ତି ନାହିଁ । ଜ୍ଞାନହୀନ ଲୋକେ ବୈଦ୍ୟ ଶାସ୍ତ୍ର ବା ପଦାର୍ଥ ବିଦ୍ୟାକୁ ନ ପଢ଼ି ପୁଣି ସେ ସଂପର୍କରେ କୌଣସି ବିଚାର ନ କରି ସନ୍ନିପାତ ଜ୍ୱର ଆଦି ଶାରୀରିକ ରୋଗ ଏବଂ ଉନ୍ମାଦ ଆଦି ମାନସିକ ରୋଗକୁ ଭୂତପ୍ରେତ ବୋଲି ଆଖ୍ୟା ଦେଇଥାନ୍ତି । ଏଥିପାଇଁ ସେମାନେ ଔଷଧ ଓ ପଥ୍ୟାଦିର ବ୍ୟବସ୍ଥା ନ କରି ଧୂର୍ତ୍ତ, ପାଖଣ୍ଡି; ମହାମୂର୍ଖ, ଦୁରାଗ୍ରହୀ, ସ୍ୱାର୍ଥୀ, ମେହେନ୍ତର, ମୋଚି, ଶୂଦ୍ର ଓ ମ୍ଳେଚ୍ଛ ଆଦିଙ୍କ ଛଳକପଟ ପରିପୂର୍ଣ୍ଣ କୌଶଳକୁ ଦୃଢ଼ ବିଶ୍ୱାସ କରି ଉଚ୍ଛିଷ୍ଟଭୋଜନ କରିଥାନ୍ତି ତଥା ମିଥ୍ୟା ମନ୍ତ୍ର ଯନ୍ତ୍ର ବ୍ୟବହାର କରି ସୂତା ଆଦି ଜିନିଷ ବାନ୍ଧି ହୋଇଥାନ୍ତି । ଏପରି ଭାବେ ସେମାନେ ନିଜର ଅର୍ଥନାଶ କରି ଏବଂ ସନ୍ତାନମାନଙ୍କ ଦୁର୍ଦ୍ଦଶା ଓ ରୋଗ ବୃଦ୍ଧିକରି ଦୁଃଖ ଭୋଗ କରିଥାନ୍ତି । ଯଦି କୌଣସି ବୁଦ୍ଧି ବୃତ୍ତି ଶୂନ୍ୟ ଧନୀଲୋକ ସେହି ଦୁର୍ବୁଦ୍ଧି, ପାପୀ ଓ ସ୍ୱାର୍ଥୀମାନଙ୍କ ନିକଟକୁ ଯାଇକହେ, "ମହାଶୟ ! ଏହାର (କୌଣସି ବାଳକ, ବାଳିକା, ସ୍ତ୍ରୀ ବା ପୁରୁଷର) କଅଣ ହୋଇଛି ଆମେ ଜାଣିପାରୁନାହୁଁ ।" ଏହା ଶୁଣି ସେମାନେ କହନ୍ତି, "ଏ ବ୍ୟକ୍ତିର ଶରୀରରେ ମହାନ୍ ଭୂତ, ପ୍ରେତ, ଭୈରବ, ଶୀତଳା ଆଦି ଦେବୀ ଆସି ପ୍ରବେଶ କରିଛନ୍ତି । ଏହାର ପ୍ରତିକାର ନ କଲେ ସେମାନେ ଛାଡ଼ିଯିବେ ନାହିଁ; ଶେଷରେ ପୁଣି ପ୍ରାଣନାଶ କରନ୍ତେ ।

ଯଦି ତୁମେ ପୂଜା ପାଇଁ ଅମୁକ ଅମୁକ ଭୋଗରାଗ ତଥା ଆମକୁ ଏତିକି ପରିମାଣରେ ଉପହାର ଦେବ ତେବେ ଆମେ ମନ୍ତ୍ର ଜପ ଓ ପୁରଶ୍ଚରଣ ଦ୍ୱାରା ଝାଡ଼ି ଏ ଭୂତ ପ୍ରେତମାନଙ୍କୁ ଦୂର କରିଦେବୁଁ ।' ସେତେବେଳେ ସେହି ଅଜ୍ଞାନାନ୍ଧ ଲୋକେ ଏବଂ ସେମାନଙ୍କ ମୂର୍ଖ ଆତ୍ମୀୟ ସ୍ୱଜନ କହନ୍ତି, 'ମହାରାଜ! ଯାହା ଖର୍ଚ୍ଚ ହେଉନା କାହିଁକି ଏହାକୁ ଭଲ କରି ଦିଅନ୍ତୁ । ତାପରେ ସେ ଧୂର୍ତ୍ତମାନଙ୍କୁ ଧନଶୋଷଣ କରିବାର ସୁବର୍ଣ୍ଣ ସୁଯୋଗ ମିଳିଯାଏ । ସେ ସଇତାନ୍ ମାନେ ଝାଞ୍ଜ, ମୃଦଙ୍ଗ, ଢୋଲ ଓ ଥାଳୀ ନେଇ ରୋଗୀ ଆଗରେ ଜୋରରେ ବଜାଇ ଗୀତ ଗାଇବାରେ ଲାଗନ୍ତି ଏବଂ କହନ୍ତି, 'ଆଣ ଏତେ ସାମଗ୍ରୀ ଏବଂ ଏତେ ଦକ୍ଷିଣା । ଦେବତାଙ୍କୁ ଭେଟି ଓ ଗ୍ରହଦାନ କରାଅ ।' ତାପରେ ସେମାନଙ୍କ ମଧ୍ୟରୁ ଜଣେ ପାଖଣ୍ଡି ଉନ୍ମତ୍ତ ହୋଇ ନାଚିକୁଦି କହେ, 'ମୁଁ ଏହାର ପ୍ରାଣ ନ ନେଲାପର୍ଯ୍ୟନ୍ତ ଛାଡ଼ିବି ନାହିଁ । 'ସେତେବେଳେ ସେହି ଅଜ୍ଞାନାନ୍ଧ ଲୋକେ ସେହି ମୋଚି ମେହେନ୍ତର ଆଦି ନୀଚ ଲୋକଙ୍କ ପାଦତଳେ ପଡ଼ି କହନ୍ତି, 'ଆପଣ ଯା ଇଚ୍ଛା ତା ନିଅନ୍ତୁ, କିନ୍ତୁ ଏହାକୁ ଭଲକରି ଦିଅନ୍ତୁ ।' ସେତେବେଳେ ସେହି ଧୂର୍ତ୍ତ କହେ, ମୁଁ ହନୁମାନ ମିଠାଇ, ତେଲ, ସିନ୍ଦୁର, ସଉଆ ମହଣ ରୋଟି ନାଲି କୌପିନ ପ୍ରଭୃତି ଆଣ । ମୁଁ ଦେବୀ, ମୁଁ ଭୈରବୀ, ପାଞ୍ଚ ବୋତଲ ମଦ, କୋଡ଼ିଏଟି କୁକୁଡ଼ା, ପାଞ୍ଚୋଟି ଛେଳି, ମିଠାଇ ଓ ଲୁଗା ଦେବାକୁ ହେବ । ସେତେବେଳେ ସେ ଅନ୍ଧବିଶ୍ୱାସୀ ମାନେ କହନ୍ତି - 'ଯାହା ଚାହୁଁଛନ୍ତି ତାହା ନିଅନ୍ତୁ ।' ସେତେବେଳେ ସେ ପାଗଳ ଖୁବ୍ ଜୋରରେ ନାଚ କୁଦ କରୁଥାଏ । ଯଦି କୌଣସି ବୁଦ୍ଧିମାନ୍ ବ୍ୟକ୍ତି ସେତେବେଳେ ତାକୁ ଉପହାର ସ୍ୱରୂପ ଜୋତା ବା ଠେଙ୍ଗାରେ ପାଞ୍ଚ ସାତ ପାହାର ଦିଅନ୍ତି କିମ୍ବା ପାଞ୍ଚସାତ ଚଟକଣା ବା ଗୋଇଠା ମାରନ୍ତି, ତେବେ ସେହି ହନୁମାନ୍ ଦେବୀ ଓ ଭୈରବୀ ତତ୍ କ୍ଷଣାତ୍ ପ୍ରସନ୍ନ ହୋଇ ସେଠାରୁ ପଳାୟନ କରନ୍ତି । ଏସବୁ ସେମାନଙ୍କ ଧନାଦି ଆହରଣ କରିବାରଛଳନା ବ୍ୟତୀତ ଅନ୍ୟ କିଛି ନୁହେଁ ।

୭) କୌଣସି ବ୍ୟକ୍ତି କେବେହେଲେ ଧୂର୍ତ୍ତ ଗ୍ରହଭ୍ରମୀ ଭଣ୍ଡ ଜ୍ୟୋତିର୍ବିଦ୍ ନିକଟକୁ ଯାଇପଚାରେ, ''ମହାରାଜ ! ଏହାର କଣ ହୋଇଛି ?'' ସେତେବେଳେ ଟିକିଏ ଚିନ୍ତାକରି ସେ କହେ, '' ଏହା ଉପରେ ସୂର୍ଯ୍ୟାଦି ଗ୍ରହଗୁଡ଼ିକର କ୍ରୁରଦୃଷ୍ଟି ପଡ଼ିଛି । ଯଦି ତୁମେ ଏହା ପାଇଁ ଶାନ୍ତିପାଠ, ପୂଜା ଓ ଦାନ କରିବ, ତେବେ ସେ ଭଲହେବ, ନଚେତ୍ ବା ଅନେକ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ମୃତ୍ୟୁ ବରଣ କରିବ ।

ଉତ୍ତର - କୁହନ୍ତୁ ଜ୍ୟୋତିର୍ବିଦ୍ ! ପୃଥିବୀ ପରି ସୂର୍ଯ୍ୟାଦି ଲୋକ ମଧ୍ୟ ଜଡ଼ ବା ନିର୍ଜୀବ । ତାପ ଓ ଆଲୋକଦାନ ବ୍ୟତୀତ ଅନ୍ୟକିଛି ସେମାନେ କରିପାରନ୍ତି ନାହିଁ । ସେମାନେ କଣ ଚେତନ ଯେ କ୍ରୁଦ୍ଧ ହୋଇ ଦୁଃଖ ଏବଂ ସନ୍ତୁଷ୍ଟ ହୋଇ ସୁଖ ପ୍ରଦାନ କରିପାରିବେ ?

ପ୍ରଶ୍ନ - ସଂସାରରେ ଲୋକେ ଯେଉଁ ରାଜାପ୍ରଜା ବା ସୁଖୀଦୁଃଖୀ ହେଉଛନ୍ତି ସେସବୁ କଣ ଗ୍ରହମାନଙ୍କର ଫଳନୁହେଁ ?

ଉତ୍ତର - ନା, ତା କଦାପି ଗ୍ରହର ଫଳନୁହେଁ । ସେସବୁ ହେଉଛି ଏକମାତ୍ର ପାପ ପୁଣ୍ୟର ଫଳ ।

ପ୍ରଶ୍ନ - ତେବେ କଣ ଜ୍ୟୋତିଷ ଶାସ୍ତ୍ରକୁ ମିଥ୍ୟା ବୋଲି କହିବାକୁ ହେବ ?

ଉତ୍ତର - ନା, ସେଥିରେ ଯେଉଁ ଅଙ୍କଗଣିତ, ବୀଜଗଣିତ ଓ ରେଖାଗଣିତ ବିଦ୍ୟା ସବୁ ଅଛି ସେସବୁ ସତ୍ୟ, କିନ୍ତୁ ସୁଖଦୁଃଖାଦି ଫଳାଫଳର ଯେଉଁ ବିଧାନ ଅଛି ସେସବୁ ହେଉଛି ସଂପୂର୍ଣ୍ଣ ମିଥ୍ୟା ।

ପ୍ରଶ୍ନ - ଲୋକେ ଯେଉଁ ଜାତକ ବା ଜନ୍ମପତ୍ରିକା କରାନ୍ତି ସେସବୁ କଣ ବୃଥା ଅଟେ ?

ଉତ୍ତର - ହଁ, ତାକୁ ଜନ୍ମପତ୍ର ନ କହି ତାର ନାମ ' ଶୋକପତ୍ର' ରଖାଯିବା ଉଚିତ୍ । କାରଣ ସନ୍ତାନ ଜନ୍ମଗ୍ରହଣ କଲାମାତ୍ରେ ସମସ୍ତେ ଆନନ୍ଦରେ ମାତିଥାନ୍ତି । କିନ୍ତୁ ସେ ଆନନ୍ଦ ଟିକକ ଜନ୍ମପତ୍ରର ଫଳାଫଳ ନ ଶୁଣିବା ପର୍ଯ୍ୟନ୍ତ, ବଳବତ୍ତର ରହେ । ଯେତେବେଳେ ପୁରୋହିତ ଜନ୍ମ ପତ୍ରିକା ପ୍ରସ୍ତୁତ କରିବାକୁ କହନ୍ତି ସେତେବେଳେ ସନ୍ତାନର ପିତାମାତା ପୁରୋହିତଙ୍କୁ କହନ୍ତି - 'ମହାରାଜ'! ଆମମାନଙ୍କ ପାଇଁ ଆପଣ ଖୁବ୍ ଭଲ ଜନ୍ମ ପତ୍ରଟିଏ ତିଆରି କରିଦିଅନ୍ତୁ ।' ଧନାଢ୍ୟ ଲୋକମାନଙ୍କ ସନ୍ତାନ ହୋଇଥିଲେ ପୁରୋହିତ ନାନାରଙ୍ଗର ରେଖାଟାଣି ଚିତ୍ର ବିଚିତ୍ର ଜନ୍ମପତ୍ର ତିଆରି କରନ୍ତି, କିନ୍ତୁ ଦରିଦ୍ରର ସନ୍ତାନ ହୋଇଥିଲେ ସାଧାରଣ ରୀତିରେ ଜନ୍ମପତ୍ରଟିଏ ତିଆରି କରି ଶୁଣାଇବାକୁ ଆସିଥାନ୍ତି । ସେତେବେଳେ ସନ୍ତାନର ପିତାମାତା ଜ୍ୟୋତିଷୀଙ୍କୁ ବିନୀତଭାବେ ପଚାରନ୍ତି - 'ଏହାର ଜନ୍ମପତ୍ରଟି ଭଲ ଅଛି ତ ?' ଜ୍ୟୋତିଷୀ ଉତ୍ତର ଦିଅନ୍ତି - '' ଯା ଅଛି ତା ଶୁଣାଇ ଦେଉଛି । ଏହାର ଜନ୍ମଗ୍ରହ ଓ ମିତ୍ରଗ୍ରହ ଖୁବ୍ ଭଲ, ତାର ଫଳ ସ୍ୱରୂପ ସନ୍ତାନ ଧନଶାଳୀ ଓ ଯଶସ୍ୱୀ ହେବ, ଯଥାସମୟରେ ପ୍ରଭାବଶାଳୀ ହେବ, ସ୍ୱାସ୍ଥ୍ୟବାନ୍ ହେବ ତା ସଙ୍ଗେ ସଙ୍ଗେ ରାଜସମ୍ମାନର ଅଧିକାରୀ ମଧ୍ୟ ହେବ ।' ଏପରି କଥା ଶୁଣି ପିତାମାତା ଜ୍ୟୋତିଷୀର ଭୂୟସୀ ପ୍ରଶଂସା କରନ୍ତି -ଇତ୍ୟବସରରେ ଜ୍ୟୋତିଷୀଧନ ଅପହରଣର ଯୋଜନା କରି ବସନ୍ତି.... ' ଏ ଗ୍ରହଗୁଡ଼ିକ ଅତି ଉତ୍ତମ, କିନ୍ତୁ ଏ ଗ୍ରହଗୁଡ଼ିକ ଅତ୍ୟନ୍ତ କ୍ରୁର ହୋଇଥିବାରୁ ସେମାନଙ୍କ କୁଦୃଷ୍ଟି ଫଳରେ ଆଠବର୍ଷ ବୟସରେ ଏହାର ମୃତ୍ୟୁଯୋଗ ଅଛି ।' ଏହା ଶୁଣି ପିତାମାତା ପୁତ୍ର ପ୍ରାପ୍ତିର ଆନନ୍ଦକୁ ଏକାବେଳକେ ଭୁଲି ଯାଇ ଶୋକାକୁଳ ହୋଇ ଗ୍ରହର ପ୍ରତିକାର ପାଇଁ ପୁରୋହିତଙ୍କୁ ପ୍ରାର୍ଥନା କରନ୍ତି । ସେତେବେଳେ ଜ୍ୟୋତିଷୀ ଉପଯୁକ୍ତ ସମୟ

ଆସିଗଲା ବିଗୁଡ଼ି ସନ୍ତାନର ପିତାମାତାଙ୍କୁ ପରାମର୍ଶ ଦେଇ କହେ, 'ଅମୁକ ଅମୁକ ବସ୍ତୁ ଦାନ କର, ଗ୍ରହର ମନ୍ତ୍ର ଜପ କରାଅ ଏବଂ ପ୍ରତିଦିନ ବ୍ରାହ୍ମଣ ଭୋଜନ କରାଅ, ତେବେ ଯାଇ ସନ୍ତାନ ଗ୍ରହପୀଡ଼ାରୁ ମୁକ୍ତ ହୋଇପାରେ ।' ଦୈବାତ୍ ସନ୍ତାନଟି ଯଦି ମରିଯାଏ ତେବେ ପୁରୋହିତ କହେ, ମୁଁ କଣ କରିବି ? ଅନେକ ଚେଷ୍ଟା କଲି ଓ ତୁମେ ମଧ୍ୟ କରାଇଲ । ସେ ଯେପରି କର୍ମ କରିଥିଲା, ପରମେଶ୍ୱର ତାକୁ ସେପରି ଫଳ ଦେଲେ । ପରମେଶ୍ୱରଙ୍କ ଠାରୁ ଆଉ କିଏ ବା ବଡ଼ ଅଛି ?' ପିଲାଟି ଯଦି ବଞ୍ଚିଯାଏ ତେବେ କହେ 'ଦେଖ ! ମୋ ମନ୍ତ୍ରର କେମିତି ଦେବତା ଓ ବ୍ରାହ୍ମଣମାନଙ୍କର କେତେ ଶକ୍ତି !! ତୁମ ସନ୍ତାନ ମୃତ୍ୟୁମୁଖରୁ ବଞ୍ଚିଗଲା ।

ଏ ସ୍ଥଳରେ ଏପରି ହେବା ଉଚିତ ଯେ ଜପ ଓ ମନ୍ତ୍ର ପାଠ ଦ୍ୱାରା ଯଦି କିଛି ନ ହୁଏ ତେବେ ସେ ଧୂର୍ତ୍ତ ଜ୍ୟୋତିଷୀମାନଙ୍କ ଠାରୁ ଦୁଇତିନି ଗୁଣ ଟଙ୍କା ଆଦାୟ କରିବା ଉଚିତ୍ । ଯଦି ସନ୍ତାନଟି ବଞ୍ଚିଯାଏ ତେବେ ମଧ୍ୟ ଏପରି ଆଦାୟ କରିବା ଉଚିତ୍ କାରଣ ପରମେଶ୍ୱରଙ୍କ କର୍ମଫଳ ଆଦି ନିୟମ ଓ ବ୍ୟବସ୍ଥାକୁ ଭାଙ୍ଗି ଦେବାର ଶକ୍ତି କୌଣସି ଜ୍ୟୋତିଷୀଙ୍କ ନିକଟରେ ନାହିଁ । ଯଦି ସନ୍ତାନଟି ବଞ୍ଚିଲା ତେବେ ତାହା ନିଜ କୃତକର୍ମର ଫଳ ଏବଂ ଈଶ୍ୱରୀୟ ନିୟମ ଅନୁସାରେ ବଞ୍ଚିଲା, ଜ୍ୟୋତିଷୀରକର୍ମ କର୍ମାଣି ଯୋଗୁଁ ନୁହେଁ । କାନଫୁଙ୍କା ମନ୍ତ୍ରଗୁରୁ ମାନେମଧ୍ୟ ଗୃହସ୍ଥମାନଙ୍କୁ ଦାନ କରିବାର ଉପଦେଶ ଦେଇ ସେ ଦାନକୁ ନିଜେ ଯେତେବେଳେ ଗ୍ରହଣ କରନ୍ତି ସେମାନଙ୍କୁ ମଧ୍ୟ ଠିକ୍ ଏହିପରି ଉତ୍ତର ଦେବା ଉଚିତ୍ ।

(୮) ଅନେକ ଧୂର୍ତ୍ତ ଶୀତଳା, ଭୈରବୀ, ମନ୍ତ୍ର, ଯନ୍ତ୍ର ଓ ତନ୍ତ୍ର ଇତ୍ୟାଦି ନାମରେ ଡୋର ତେଉଁରିଆ ଆଦି ଦେଇ କହିଥାନ୍ତି, ଅମୁକଦିନ ଅମୁକ ତିଥିରେ ଏହି ମନ୍ତ୍ରପଢ଼ି ଏହି ଡ଼ୋର ବା ତେଉଁରିଆ ବାନ୍ଧିଦେଲେ ବାଧା, ବିଘ୍ନ; ଆପଦ-ବିପଦ ଭୟ, ମୃତ୍ୟୁ କିଛିଆସିବ ନାହିଁ । ସେମାନଙ୍କୁ ପଚାରିବା ଆବଶ୍ୟକ 'ତୁମେମାନେ କଣ ମୃତ୍ୟୁ ଓ କର୍ମଫଳ ଆଦି ଈଶ୍ୱରୀୟ ନୀତି ନିୟମରୁ କାହାକୁ ରକ୍ଷାକରି ପାରିବ ? ତୁମର ଏ ମନ୍ତ୍ର ଯନ୍ତ୍ରର ଡ଼ୋର ତେଉଁରିଆ ଧାରଣ କରି ମଧ୍ୟ ଶିଶୁମାନେ କଣ ମୃତ୍ୟୁବରଣ କରୁ ନାହାନ୍ତି ? ଅନ୍ୟଘର ପିଲାକଥା ଛାଡ଼ନ୍ତୁ ତୁମ ଘରେ କଣ କୌଣସି ଛୁଆ କେବେ ମରି ନାହାନ୍ତି ? ତୁମ ଛୁଆକୁ ତୁମେକିପରି ରଖି ପାରିଲନି ? ପୁଣି ତୁମେମାନେ କଣ ମୃତ୍ୟୁ ମୁଖରୁ ରକ୍ଷାପାଇ ପାରିବ ? ସେତେବେଳେ ସେ ଧୂର୍ତ୍ତମାନେ ଉତ୍ତର ଦେଇପାରନ୍ତି ନାହିଁ ଏଠାରେ ଆମର ଠକାମି ଚଳିବ ନାହିଁ ବୋଲି ଜାଣିପାରି ପୃଷ୍ଠଭଙ୍ଗ ଦେଇ ଗ୍ଲଲି ଯାଆନ୍ତି । ଏଣୁ ଏସବୁ ମିଥ୍ୟା ବ୍ୟବହାରକୁ ପରିତ୍ୟାଗ କରି ଧାର୍ମିକ, ପରୋପକାରୀ, ନିଷ୍କପଟ ଜ୍ଞାନଦାତା ଓ ଉତ୍ତମ ବିଦ୍ୱାନ୍‌ମାନଙ୍କ ପ୍ରତ୍ୟୁପକାର

କରିବା ଆବଶ୍ୟକ । ସେମାନେ ଯେପରି ଜଗତର ଉପକାର କରନ୍ତି ସେମାନଙ୍କ ସଙ୍ଗ କଦାପି ପରିତ୍ୟାଗ କରିବା ଉଚିତ୍ ନୁହେଁ । ଯେଉଁମାନେ ରସାୟନ, ମାରଣ, ମୋହନ ଉଚ୍ଚାଟନ ବଶୀକରଣ ପ୍ରଭୃତିର ଅଦ୍ଭୁତ କଥାମାନ କହିଥାନ୍ତି, ସେମାନଙ୍କ ଠାରୁ ମଧ୍ୟ ଦୂରେଇରହିବାକୁ ହେବ । ଯେପରି ଦୁରାଗ୍ରହୀମାନଙ୍କ ଭ୍ରମଜାଲରେ ପଡ଼ି ବାଳକମାନେ ଯେପରି ଦୁଃଖଭୋଗ ନକରନ୍ତି, ତାପାଇଁ ସେମାନଙ୍କୁ ମଧ୍ୟ ସଦୁପଦେଶମାନ ଦେବାକୁ ହେବ ।

(୯) ବୀର୍ଯ୍ୟ ସଂରକ୍ଷଣ ଦ୍ୱାରା ସୁଖ ଓ ଆନନ୍ଦ ଲାଭ ହୁଏ ଏବଂ ବୀର୍ଯ୍ୟନାଶରୁ ଦୁଃଖ, ଶୋକ, ରୋଗ ଓ ମୃତ୍ୟୁ ଉତ୍ପନ୍ନ ହୁଏ, ଏ କଥା ମଧ୍ୟ ଜଣାଇ ଦେବା ଉଚିତ । ଯେଉଁ ବ୍ୟକ୍ତିର ' ଶରୀରରେ ବୀର୍ଯ୍ୟ ସୁରକ୍ଷିତ ହୋଇ ରହିଥାଏ, ସେ ଆରୋଗ୍ୟ, ବୁଦ୍ଧି; ବଳ ଓ ପରାକ୍ରମ ଇତ୍ୟାଦି ଲାଭ କରି ସୁଖ ଭୋଗ କରେ । ବୀର୍ଯ୍ୟ ରକ୍ଷାର ଉପାୟ ହେଲା - ଅଶ୍ଳୀଳ ପୁସ୍ତକ ପଢ଼ିବ ନାହିଁ, କୁସଙ୍ଗ କରିବ ନାହିଁ, ଭୋଗ ବିଳାସର ଭାବନା ମନକୁ ଆଣିବ ନାହିଁ । ଏକାନ୍ତରେ ସ୍ତ୍ରୀ, ଦର୍ଶନ, ସ୍ପର୍ଶନ, ସେବନ ଓ ସମ୍ଭାଷଣ ଆଦିକର୍ମରୁ ପୃଥକ୍ ରହି ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଅଧ୍ୟୟନ କଲେ ଉତ୍ତମବିଦ୍ୟା ପୂର୍ଣ୍ଣ ରୂପେ ଲାଭ ହୋଇଥାଏ । ଯାହାର ଶରୀର ବୀର୍ଯ୍ୟହୀନ ସେ ନପୁଂସକ ଓ ମହାକୁଲକ୍ଷଣ ଯୁକ୍ତ ହୁଏ ଏବଂ ଯାହାକୁ ପ୍ରମେହ ରୋଗ ହୁଏ ସେ ବଳ, ବୁଦ୍ଧି, ତେଜ, ଧୈର୍ଯ୍ୟ ଉତ୍ସାହ, ସାହସ ଓ ପରାକ୍ରମ ଆଦି ଗୁଣ ବିହୀନ ହୋଇ ମହାନାଶର ଗର୍ଭରେ ବିଲୀନ ହୋଇଯାଏ । ଜୀବନର ପ୍ରଥମ ଭାଗହିଁ ବିଦ୍ୟା ଅର୍ଜନ ଓ ବ୍ରହ୍ମଚର୍ଯ୍ୟପାଳନର ପ୍ରକୃଷ୍ଟ ସମୟ । ତୁମେମାନେ ଏ ସମୟରେ ଯଦି ବିଦ୍ୟା ଅର୍ଜନ ଏବଂ ବୀର୍ଯ୍ୟ ରକ୍ଷାରେ ଅବହେଳା ପ୍ରଦର୍ଶନ କର ତେବେ ଏ ଜନ୍ମରେ, ଆଉ ଏ ଅମୂଲ୍ୟ ସମୟ ପାଇ ପାରିବ ନାହିଁ । ଯେତେ ଦିନ ପର୍ଯ୍ୟନ୍ତ ଆମେମାନେ ଜୀବିତ ଏବଂ ଗୃହ କର୍ମରେ ନିୟୋଜିତ ସେତେଦିନ ପର୍ଯ୍ୟନ୍ତ ତୁମେମାନେ ବିଦ୍ୟାଶିକ୍ଷା ଓ ଶାରୀରିକ ବଳ ବୃଦ୍ଧି କରିବାରେ ତତ୍ପର ରହ । ପିତାମାତା ସନ୍ତାନମାନଙ୍କୁ ଏପରି ଅନ୍ୟାନ୍ୟ ଶିକ୍ଷା ମଧ୍ୟ ପ୍ରଦାନ କରିବେ । ଏଥିପାଇଁ ଶାସ୍ତ୍ରରେ 'ମାତୃମାନ୍ ଓ ପିତୃମାନ୍' ଶବ୍ଦର ଉଲ୍ଲେଖ ଅଛି । ମାତା ଜନ୍ମଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଏବଂ ପିତା ଷଷ୍ଠରୁ ଅଷ୍ଟମ ବର୍ଷ ପର୍ଯ୍ୟନ୍ତ ସନ୍ତାନକୁ ଶିକ୍ଷାଦାନ କରିବେ । ନବମ ବର୍ଷରେ ପ୍ରବେଶ କଲା ମାତ୍ରେ ଦ୍ୱିଜ ନିଜ ସନ୍ତାନର ଉପନୟନ କରି ଆଚାର୍ଯ୍ୟକୁଳକୁ ଅର୍ଥାତ୍ ଯେଉଁ ସ୍ଥାନରେ ପୂର୍ଣ୍ଣ ବିଦ୍ୱାନ୍ ପୁରୁଷ ଓ ପୂର୍ଣ୍ଣ ବିଦୁଷୀ ସ୍ତ୍ରୀ ଶିକ୍ଷା ଓ ବିଦ୍ୟା ଦାନ କରନ୍ତି ସେହି ସ୍ଥାନକୁ ବାଳକ ବାଳିକାମାନଙ୍କୁ ପଠାଇଦେବେ ।

୧୦) ଯେଉଁମାନେ ଅଧ୍ୟାପନା ସମୟରେ ପୁଅଝିଅମାନଙ୍କୁ ଅତିଶୟ ଲାଳନ ପାଳନ ନ କରି ତାଡ଼ନ କରନ୍ତି ସେମାନଙ୍କ ସନ୍ତାନସନ୍ତତି ନିଶ୍ଚିତରୂପେ ସଭ୍ୟ ଶିକ୍ଷିତ ଓ ବିଦ୍ୱାନ୍ ହୋଇଥାନ୍ତି । ଏ ବିଷୟରେ ବ୍ୟାକରଣ ମହାଭାଷ୍ୟରେ କଥିତ ହୋଇଛି......

" ସାମୃତୈଃ ପାଣିଭିର୍ଘ୍ନନ୍ତି ଗୁରବୋନ ବିଷୋକ୍ଷିତୈଃ ।

ଲାଳନାଶ୍ରୟିଣୋ ଦୋଷାସ୍ତାଡ଼ନାଶ୍ରୟିଣୋ ଗୁଣାଃ ।।

(ମହାଭାଷ୍ୟ ୮-୧-୮)

ଯେଉଁ ମାତାପିତା ଓ ଆଚାର୍ଯ୍ୟ ନିଜର ସନ୍ତାନ ଓ ଶିଷ୍ୟମାନଙ୍କୁ ତାଡ଼ନା କରନ୍ତି ମନେ କରିବାକୁ ହେବ ଯେ ସେମାନେ ସ୍ୱୀୟ ସନ୍ତାନ ଓ ଶିଷ୍ୟମାନଙ୍କୁ ସ୍ୱହସ୍ତରେ ଅମୃତ ପାନ କରାନ୍ତି । ଯେଉଁମାନେ ସନ୍ତାନ ବା ଶିଷ୍ୟମାନଙ୍କୁ ଲାଳନ ପାଳନ କରନ୍ତି ସେମାନେ ସ୍ୱୀୟ ସନ୍ତାନ ଓ ଶିଷ୍ୟମାନଙ୍କୁ ବିଷ ପିଆଇ ନାଶ କରିଥାନ୍ତି । କାରଣ ଲାଳନ ଦ୍ୱାରା ସନ୍ତାନ ଓ ଶିଷ୍ୟ ଦୋଷ ଯୁକ୍ତ ହୁଅନ୍ତି କିନ୍ତୁ ତାଡ଼ନା ଦ୍ୱାରା ଗୁଣବାନ୍ ହୁଅନ୍ତି । ସନ୍ତାନ ଓ ଶିଷ୍ୟମାନେ ମଧ୍ୟ ସର୍ବଦା ତାଡ଼ନାରେ ପ୍ରସନ୍ନ ଓ ଲାଳନରେ ଅପ୍ରସନ୍ନ ରହିବା ଉଚିତ୍ । କିନ୍ତୁ, ମାତା, ପିତା ଓ ଶିକ୍ଷକମାନେ ଈର୍ଷା ଓ ଦ୍ୱେଷବଶତଃ ତାଡ଼ନା କରିବା ଅନୁଚିତ୍ । ବାହାରେ, ଯଦିଓ ଭୟ ପ୍ରଦର୍ଶନ କରୁଥିବେ ତଥାପି ଅନ୍ତରରେ ସର୍ବଦା କୃପାଦୃଷ୍ଟି ରଖିଥିବେ ।

୧୧) ପିତା, ମାତା ଓ ଆଚାର୍ଯ୍ୟ ଅନ୍ୟାନ୍ୟ ଶିକ୍ଷାପରି ଚୋରି, ବ୍ୟଭିଚାର, ଆଳସ୍ୟ, ପ୍ରମାଦ, ମାଦକଦ୍ରବ୍ୟ ସେବନ, ମିଥ୍ୟାଭାଷଣ, ହିଂସା, କ୍ରୂରତା, ଈର୍ଷା, ଦ୍ୱେଷ ଓ ମୋହ ଆଦି ଦୋଷ ବର୍ଜନ ପାଇଁ ଓ ସଦାଚାର ଗ୍ରହଣ ସମ୍ବନ୍ଧରେ ମଧ୍ୟ ଶିକ୍ଷାଦେବେ । କାରଣ ଯେଉଁ ବ୍ୟକ୍ତି ଜୀବନରେ କାହା ସମ୍ମୁଖରେ ଥରେ ମାତ୍ର ଯଦି ଚୋରି, ବ୍ୟଭିଚାର ବା ମିଥ୍ୟା ଭାଷଣାଦି କରେ ତେବେ ସେହି ବ୍ୟକ୍ତି ମୃତ୍ୟୁ ପର୍ଯ୍ୟନ୍ତ ତା ନିକଟରେ କଦାପି ପ୍ରତିଷ୍ଠା ଲାଭ କରିପାରେ ନାହିଁ । ପୁଣି ଯେଉଁମାନେ ମିଥ୍ୟା ପ୍ରତିଜ୍ଞା କରନ୍ତି ସେମାନଙ୍କର କେବଳ ଅନିଷ୍ଟ ଘଟିଥାଏ । ଏଣୁ ଯାହା ନିକଟରେ ଯେଉଁ ପ୍ରତିଜ୍ଞା କରିବ, ସେ ପ୍ରତିଜ୍ଞାକୁ ନିଶ୍ଚୟ ପୂର୍ଣ୍ଣ କରିବ । କାହାକୁ କୌଣସି ସମୟରେ ସାକ୍ଷାତ୍ କରିବାକୁ କହିଥିଲେ ବା କୌଣସି ବସ୍ତୁ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ସେହି ପ୍ରତିଜ୍ଞା ବା ପ୍ରତିଶ୍ରୁତିକୁ ପାଳନ କରିବ, ନୋହେତ୍ ତୁମେ ତା ନିକଟରେ ଅବିଶ୍ୱାସୀ ହୋଇଯିବ । ଏଣୁ ସର୍ବଦା ସର୍ବତ୍ର ସତ୍ୟ ବାଦୀ ଓ ସତ୍ୟପ୍ରତିଜ୍ଞ ହେବା ଉଚିତ । ଅଭିମାନ କରିବା ଉଚିତ୍ ନୁହେଁ । ଛଳ କପଟ ବା କୃତଘ୍ନତା ଦ୍ୱାରା ନିଜହୃଦୟରେ ଯେତେବେଳେ ଦୁଃଖ ଜାତ ହେଉଛି ତେବେ ଅନ୍ୟ ହୃଦୟରେ ତାହା କେତେ ଦୁଃଖ ଦେଉ ନଥିବ ? 'ଛଳ କପଟ' ର ଅର୍ଥ ହେଲା; ଭିତରେ ଏକ

ପ୍ରକାର ଓ ବାହାରେ ଅନ୍ୟ ପ୍ରକାର ଭାବରଖି ଅନ୍ୟକୁ ମୋହିତ କରିବା ଏବଂ ଅନ୍ୟର କ୍ଷତିକୁ ଚିନ୍ତା ନକରି ନିଜ ସ୍ୱାର୍ଥ ସାଧନ କରିବା । ଅନ୍ୟର ଉପକାରକୁ ନ ମାନିବା 'କୃତଘ୍ନତା' ଅଟେ । କ୍ରୋଧାଦି ଦୋଷ ଏବଂ କଟୁବାକ୍ୟ ତ୍ୟାଗ କରି ଶାନ୍ତ ଓ ମଧୁର ବାକ୍ୟ କହିବ । ଅଯଥା ବାକ୍ୟବ୍ୟୟ କରିବ ନାହିଁ । ଯେତିକି କହିବା ଉଚିତ ତାଠାରୁ କମ୍ ବା ଅଧିକ କହିବ ନାହିଁ । ଗୁରୁଜନଙ୍କୁ ସମ୍ମାନ ଦେବ; ପ୍ରଥମେ ନମସ୍ତେ କରି ସେମାନଙ୍କୁ ଉଚ୍ଚ ଆସନରେ ବସାଇବ । ସେମାନଙ୍କ ସମ୍ମୁଖରେ ଉଚ୍ଚାସନରେ ବସିବ ନାହିଁ । ସଭାରେ ନିଜ ଯୋଗ୍ୟତା ଅନୁସାରେ ଆସନ ଗ୍ରହଣ କରିବ, ଯେପରି କେହି ଉଠାଇ ନ ଦିଏ । କାହା ସହିତ ବିରୋଧୀ ହେବା ଉଚିତ୍ ନୁହେଁ । ଗୁଣଦର୍ଶୀ ହୋଇ ଗୁଣକୁ ଗ୍ରହଣ ଓ ଦୋଷକୁ ବର୍ଜନ କରିବ; ସଜ୍ଜନଙ୍କ ସାଥୀ ହୋଇ ସତ୍ ସଙ୍ଗ କରିବ । କାୟମନୋବାକ୍ୟ ଏବଂ ଧନାଦି ଉତ୍ତମ ପଦାର୍ଥ ପ୍ରଦାନ ପୂର୍ବକ ମାତା, ପିତା ଏବଂ ଆଚାର୍ଯ୍ୟଙ୍କର ସେବା କରିବ ।

୧୨) ଯାନ୍ୟସ୍ମାକଂ ସୁଚରିତାନି ତାନି ତ୍ୱୟୋପାସ୍ୟାନି ନୋ ଇତରାଣି ।।

(ତୈତ୍ତି ୧-୧୧ ।।

ଏହାର ଅଭିପ୍ରାୟ ହେଉଛି ମାତା, ପିତା ଏବଂ ଆଚାର୍ଯ୍ୟ ନିଜର ସନ୍ତାନ ଓ ଶିଷ୍ୟମାନଙ୍କୁ ସର୍ବଦା ସତ୍ୟୋପଦେଶ ପ୍ରଦାନ କରିବେ ଏବଂ ଏହା ମଧ୍ୟ କହିବେ ଯେ ଆମମାନଙ୍କ ଯାହା ଧର୍ମ ସଙ୍ଗତ କର୍ମ ସେସବୁକୁ ଗ୍ରହଣ କର ଏବଂ ଯାହା ଦୁଷ୍କର୍ମ ସେସବୁକୁ ପରିତ୍ୟାଗ କର । ଯାହା ସତ୍ୟ ବୋଲି ଜାଣିବ ତାକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରଚାର ମଧ୍ୟ କରିବ । କୌଣସି ପାଖଣ୍ଡ ବା ଦୁଷ୍ଟାଚାରୀଙ୍କୁ ବିଶ୍ୱାସ କରିବ ନାହିଁ । ଯେଉଁ ସବୁ ଉତ୍ତମ କର୍ମ କରିବାକୁ ମାତା, ପିତା ଏବଂ ଆଚାର୍ଯ୍ୟ ଆଦେଶଦେବେ ସେସବୁକୁ ପୂର୍ଣ୍ଣରୂପେ ପାଳନ କରିବ । ଯଦି ମାତାପିତା 'ଧର୍ମ, ବିଦ୍ୟା ଓ ସଦାଚାର ବିଷୟକ ଶ୍ଳୋକ,' 'ନିଘଣ୍ଟୁ, ନିରୁକ୍ତ, ଅଷ୍ଟାଧ୍ୟାୟୀ ଓ ଅନ୍ୟାନ୍ୟ ଗ୍ରନ୍ଥର ସୂତ୍ର' ବା ବେଦମନ୍ତ୍ର କଣ୍ଠସ୍ଥ କରାଇଥାନ୍ତି ତେବେ ସେମାନଙ୍କ ଅର୍ଥ ପୁଣିଥରେ ବିଦ୍ୟାର୍ଥୀମାନଙ୍କୁ ଜଣାଇ ଦେବ । ଏହି ଗ୍ରନ୍ଥର ପ୍ରଥମ ସମୁଲ୍ଲାସରେ ପରମେଶ୍ୱରଙ୍କ ଯେପରି ବ୍ୟାଖ୍ୟା କରାଯାଇଛି ସେପରି ସ୍ୱୀକାର କରି ତାଙ୍କର ଉପାସନା କରିବ । ଯେଉଁଥିରେ ଆରୋଗ୍ୟ, ବିଦ୍ୟା ଓ ବଳ ଲାଭହେବ ସେହିଭଳି ଭୋଜନ; ଆଚ୍ଛାଦନ ଓ ବ୍ୟବହାର କରିବ ଓ କରାଇବ, ଅର୍ଥାତ୍ ଯେତିକି ଭୋଜନ ଲୋଡ଼ାଉଛି ତହିଁରୁ ସାମାନ୍ୟ ଊଣା ଭୋଜନ କରିବ । ମଦ୍ୟ ଓ ମାଂସାଦିବସ୍ତୁ ସେବନ କରିବ ନାହିଁ । ମହର୍ଷି ମନୁ କହନ୍ତି - 'ନାବିଜ୍ଞାତେ ଜଳାଶୟେ ।' ମନୁସ୍ମୃତି ୪ ୧୪୯ । ଅଜ୍ଞାତ ଜଳାଶୟର ଗଭୀରଜଳରେ ପ୍ରବେଶ କରିବ ନାହିଁ । କାରଣ ଜଳଜନ୍ତୁ ବା ଅନ୍ୟ କୌଣସି ପଦାର୍ଥ

ଠାରୁ ଦୁଃଖ ମିଳିପାରେ । ଅଥବା ସନ୍ତରଣ ଜାଣି ନ ଥିଲେ ବୁଡ଼ିଯିବାର ସମ୍ଭାବନା ଥାଏ ।

୧୩) ''ଦୃଷ୍ଟିପୂତଂନ୍ୟସେତ୍ ପାଦଂ ବସ୍ତ୍ରପୂତଂ ଜଳଂପିବେତ୍ ।
ସତ୍ୟପୂତାଂବଦେତ୍ ବାଚଂ ମନଃପୂତଂ ସମାଚରେତ୍ ।।''

ମନୁଂ ୬, ୪୬ ।।

'ତଳେ ଦୃଷ୍ଟିପକାଇ ଉଚ୍ଚନୀଚ ସ୍ଥାନ ଓ କୀଟପତଙ୍ଗାଦିଙ୍କୁ ଦେଖି ଚାଲିବ, ବସ୍ତ୍ରରେ ଛାଣି ଜଳପାନ କରିବ, ସତ କଥା କହିବ । ପ୍ରଥମେ ମନରେ ବିଚାର କରିବା ପରେ କାର୍ଯ୍ୟ କରିବ ।'

''ମାତାଶତ୍ରୁଃପିତା ବୈରୀଯେନବାଲୋ ନ ପାଠିତଃ ।
ନ ଶୋଭତେ ସଭାମଧ୍ୟେ ହଂସମଧ୍ୟେ ବକୋଯଥା ।''

ଚାଣକ୍ୟନୀତି ୨.୧୧ ।।

ଯେଉଁ ମାତାପିତା ନିଜର ସନ୍ତାନମାନଙ୍କୁ ଶିକ୍ଷାଦିଅନ୍ତି ନାହିଁ, ସେମାନେ ନିଜର ପୁତ୍ର କନ୍ୟାଙ୍କର ପରମ ଶତ୍ରୁ ହୋଇଥାନ୍ତି । ବିଦ୍ୟାହୀନ ସନ୍ତାନଗଣ ବିଦ୍ୱାନ୍ ପୁରୁଷଙ୍କ ସଭାରେ ହଂସ ମଧ୍ୟରେ ବଗ ପରି ଶୋଭାପାଆନ୍ତି ନାହିଁ, ବରଂ ତିରସ୍କୃତ ହୋଇଥାନ୍ତି ।

ଏଣୁ କାୟମନୋବାକ୍ୟ ଓ ଧନ ଦ୍ୱାରା ସନ୍ତାନମାନଙ୍କୁ ବିଦ୍ୱାନ୍, ଧାର୍ମିକ, ସଭ୍ୟ ଓ ସୁଶିକ୍ଷିତ କରିବା ହିଁ ପିତାମାତାଙ୍କର ପରମ କର୍ତ୍ତବ୍ୟ । ଏହାହିଁ ପିତା ମାତାଙ୍କର ପରମ ଧର୍ମ ଓ ଶ୍ରେୟସ୍କର କାର୍ଯ୍ୟ । ସନ୍ତାନମାନଙ୍କ ଶିକ୍ଷାବିଷୟରେ ସାମାନ୍ୟ କିଛି ଉଲ୍ଲେଖ କରାଗଲା । ଏତିକିରୁ ମଧ୍ୟ ବୁଦ୍ଧିମାନ୍ ଲୋକେ ଅନେକ କିଛି ଜାଣିପାରିବେ ।

ଇତି ଶ୍ରୀମଦ୍ଦୟାନନ୍ଦ ସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ ସୁଭାଷାବିଭୂଷିତେ ବାଲଶିକ୍ଷାବିଷୟେ ଦ୍ୱିତୀୟଃ ସମୁଲ୍ଲାସଃ ସଂପୂର୍ଣ୍ଣଃ ।। ୨ ।।

ଅଥ ତୃତୀୟ ସମୁଲ୍ଲାସାରମ୍ଭଃ
ଅଥାଧ୍ୟୟନାଧ୍ୟାପନବିଧିଂ ବ୍ୟାଖ୍ୟାସ୍ୟାମଃ

୧) ବର୍ତ୍ତମାନ ତୃତୀୟ ସମୁଲ୍ଲାସରେ ଅଧ୍ୟୟନ ଓ ଅଧ୍ୟାପନାର ନିୟମ ବିଷୟରେ କିଛି କୁହାଯାଇଛି । ସନ୍ତାନମାନଙ୍କୁ ଉତ୍ତମ ବିଦ୍ୟା, ଶିକ୍ଷା ଓ ଗୁଣ କର୍ମ ସ୍ୱଭାବ ରୂପକ ଭୂଷଣରେ ଭୂଷିତ କରିବା ମାତା, ପିତା, ଆଚାର୍ଯ୍ୟ ଓ ଆତ୍ମୀୟ ସ୍ୱଜନଙ୍କ ମୁଖ୍ୟ କର୍ତ୍ତବ୍ୟ ଅଟେ । ସୁନା ରୁପା, ମୋତି ମାଣିକ୍ୟ ଆଦି ରତ୍ନ ଖଚିତ ଅଳଙ୍କାର ଧାରଣ କଲେ ମନୁଷ୍ୟର ଆତ୍ମା କଦାପି ସୁଶୋଭିତ ହୁଏ ନାହିଁ । କାରଣ, ଏସବୁ ଅଳଂକାର ଧାରଣ କଲେ କେବଳ ଦେହାଭିମାନ, ବିଷୟାସକ୍ତି ଓ ଚୋରିଭୟ ବଢ଼େ ତଥା ସମୟ ବିଶେଷରେ ମୃତ୍ୟୁର ବଶବର୍ତ୍ତୀ ହେବାକୁ ପଡ଼େ । ସଂସାରରେ ଦେଖାଯାଇଛି ଅଳଂକାର ଧାରଣ କରିଥିବା ଅନେକ ବାଳକ ବାଳିକା ଦୁଷ୍ଟ ଲୋକଙ୍କ ହାତରେ ମୃତ୍ୟୁ ବରଣ କରନ୍ତି ।

''ବିଦ୍ୟାବିଳାସମନସୋ ଧୃତଶୀଳଶିକ୍ଷାଃ,
ସତ୍ୟବ୍ରତା ରହିତମାନମଳାପହାରାଃ ।
ସଂସାରଦୁଃଖଦଳନେନ ସୁଭୂଷିତା ଯେ,
ଧନ୍ୟାନରା ବିହିତକର୍ମପରୋପକାରାଃ ।।

ଯେଉଁମାନଙ୍କର ମନ ବିଦ୍ୟାବିଳାସରେ ତତ୍ପର, ଯେଉଁମାନେ ସୁନ୍ଦର ସ୍ୱଭାବ ଯୁକ୍ତ, ସତ୍ୟ ଭାଷଣପ୍ରିୟ, ନିରଭିମାନ ଓ ପବିତ୍ର, ଯେଉଁମାନେ ଅନ୍ୟର ଅବିଦ୍ୟା ରୂପକ ମଳିନତାକୁ ନାଶ କରନ୍ତି ତଥା ସତ୍ୟୋପଦେଶ ବିଦ୍ୟାଦାନ ଦ୍ୱାରା ସାଂସାରିକ ଲୋକମାନଙ୍କ ଦୁଃଖ ସମୂହକୁ ଦୂର କରି ନିଜେ ଆନନ୍ଦ ଲାଭ କରନ୍ତି, ବେଦ ବିହିତ କର୍ମ ଦ୍ୱାରା ପରୋପକାର କରନ୍ତି, ସେହି ନରନାରୀମାନେ ହିଁ ଧନ୍ୟ ଅଟନ୍ତି । ଏଣୁ ଆଠବର୍ଷ ବୟସରେ ବାଳକମାନଙ୍କୁ ବାଳକମାନଙ୍କର ଏବଂ ବାଳିକାମାନଙ୍କୁ ବାଳିକାମାନଙ୍କର ପାଠଶାଳାକୁ ପଠାଇ ଦେବା ଆବଶ୍ୟକ । ଦୁରାଚାରୀ ଅଧ୍ୟାପକ ବା ଦୁରାଚାରିଣୀ ଅଧ୍ୟାପିକାଙ୍କ ଦ୍ୱାରା ଶିକ୍ଷାଦାନ କରାଇବା ଉଚିତ୍ ନୁହେଁ । ଯେଉଁମାନେ ପୂର୍ଣ୍ଣବିଦ୍ୱାନ୍, ଧାର୍ମିକ ଓ ସଦାଚାରୀ ଅଟନ୍ତି ସେମାନେ ହିଁ ଅଧ୍ୟାପକ ହେବା ପାଇଁ ଉପଯୁକ୍ତ ଅଟନ୍ତି । ଦ୍ୱିଜମାନେ ନିଜଘରେ ବାଳକ ମାନଙ୍କର ଯଜ୍ଞୋପବୀତ ଏବଂ ବାଳିକାମାନଙ୍କର ସମୁଚିତ୍ ସଂସ୍କାର କରି ସେମାନଙ୍କୁ ପୂର୍ବୋକ୍ତ ଆଚାର୍ଯ୍ୟକୁଳକୁ ଅର୍ଥାତ୍ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପାଠଶାଳାକୁ ପଠାଇଦେବେ ।

୨) ବିଦ୍ୟାଳୟ ଏକାନ୍ତ ପରିବେଶରେ ହେବା ଉଚିତ୍ । ବାଳକମାନଙ୍କ ବିଦ୍ୟାଳୟ ବାଳିକାମାନଙ୍କ ବିଦ୍ୟାଳୟଠାରୁ ଅନ୍ୟୂନ ଦୁଇ କୋଶ ଦୂରରେ ରହିବା ଆବଶ୍ୟକ । ବାଳକ ବିଦ୍ୟାଳୟରେ ଶିକ୍ଷକ, ଭୃତ୍ୟ ଓ ଅନୁଚର ବର୍ଗ ପୁରୁଷ ରହିବେ, କିନ୍ତୁ ବାଳିକା ବିଦ୍ୟାଳୟରେ ସ୍ତ୍ରୀମାନେ ରହିବେ । ବାଳିକାମାନଙ୍କର ବିଦ୍ୟାଳୟକୁ ପାଞ୍ଚ ବର୍ଷର ବାଳକ ଏବଂ ବାଳକମାନଙ୍କର ବିଦ୍ୟାଳୟକୁ ପାଞ୍ଚବର୍ଷର ବାଳିକା ମଧ୍ୟ ପ୍ରବେଶ କରି ପାରିବେ ନାହିଁ । ଅର୍ଥାତ୍ ସେମାନେ ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀ ରହିବା ପର୍ଯ୍ୟନ୍ତ କଦାପି ସେମାନେ ପରସ୍ପର ଦର୍ଶନ, ସ୍ପର୍ଶନ, ଏକାନ୍ତ ସେବନ, ସମ୍ଭାଷଣ, ବିଷୟାଳାପ, କ୍ରୀଡ଼ା, ବିଷୟଚିନ୍ତା ଓ ସଙ୍ଗ ଏହି ଅଷ୍ଟବିଧ ମୈଥୁନରୁ ଦୂରେଇ ରହିବେ । ଅଧ୍ୟାପକମାନେ ମଧ୍ୟ ସେମାନଙ୍କୁ ଏସମସ୍ତ କାର୍ଯ୍ୟରୁ ଦୂରେଇ ରଖିବାପାଇଁ ତୀକ୍ଷ୍ଣ ଦୃଷ୍ଟି ଦେବେ, ଫଳରେ ସେମାନେ ଉତ୍ତମ ବିଦ୍ୟା, ଶିକ୍ଷା, ଶୀଳ, ସ୍ୱଭାବ ଶାରୀରିକ ଓ ଆତ୍ମିକ ଶକ୍ତି ସମ୍ପନ୍ନ ହୋଇ ଜୀବନରେ ପ୍ରକୃତ ଆନନ୍ଦ ଉପଭୋଗ କରି ପାରିବେ । ଗ୍ରାମ ବା ସହରଠାରୁ ଏକ ଯୋଜନ ଅର୍ଥାତ୍ ଚାରିକୋଶ ଦୂରରେ ବିଦ୍ୟାଳୟ ରହିବା ଉଚିତ୍ । ରାଜକୁମାର ବା ରାଜକୁମାରୀ ହେଉ, ଦରିଦ୍ରର ଅଥବା ଧନୀର ସନ୍ତାନ ହେଉ, ସମସ୍ତେ ଏକ ପ୍ରକାର ଅନ୍ନ, ବସ୍ତ୍ର, ପାନୀୟ ଓ ଆସନ ବ୍ୟବହାର କରିବେ । ସମସ୍ତଙ୍କୁ ତପସ୍ୱୀ ହେବାକୁ ପଡ଼ିବ । ସନ୍ତାନ ତଥା ମାତାପିତା ପରସ୍ପର ସହିତ ସାକ୍ଷାତ ବା ପତ୍ର ବ୍ୟବହାର କରି ପାରିବେ ନାହିଁ । ଫଳରେ ସନ୍ତାନମାନେ ସାଂସାରିକ ଚିନ୍ତାରୁ ମୁକ୍ତ ହୋଇ ସର୍ବଦା ବିଦ୍ୟାଆହରଣରେ ମଗ୍ନ ହୋଇ ରହିବେ । ସେମାନେ ଭ୍ରମଣ କଲା ସମୟରେ ମଧ୍ୟ ସେମାନଙ୍କ ସହିତ ଅଧ୍ୟାପକ ରହିବେ, ଯେପରି କି ସେମାନେ କୌଣସି ପ୍ରକାରର କୁଚେଷ୍ଟା, ଆଳସ୍ୟ ଓ ଅବହେଳା କରିବାର ଅବକାଶ ପାଇପାରିବେ ନାହିଁ ।

୩) "କନ୍ୟାନାଂ ସଂପ୍ରଦାନଂ ଚ କୁମାରାଣାଂ ଚ ରକ୍ଷଣମ୍ ।"

(ମନୁ ୭।୧୫୨)

ପଞ୍ଚମ ଅଥବା ଅଷ୍ଟମ ବର୍ଷପରେ କେହି ନିଜର ପୁତ୍ର ବା କନ୍ୟାକୁ ନିଜର ଗୃହରେ ରଖିପାରିବେ ନାହିଁ । ସେପରି ଦେଶର ସମ୍ବିଧାନରେ ନିୟମ ରହିବା ଦରକାର । ପାଠଶାଳାକୁ ସମସ୍ତଙ୍କୁ ନିଶ୍ଚୟ ପଠାଇବାକୁ ହେବ । ଏହାର ବ୍ୟତିକ୍ରମ କରାଗଲେ ସେମାନଙ୍କୁ ହେଉନା କାହିଁକି ଦଣ୍ଡ ଭୋଗିବାକୁ ପଡ଼ିବ । ବାଳକର ପ୍ରଥମ ଉପନୟନ ସଂସ୍କାର ଗୃହରେ ଏବଂ ଦ୍ୱିତୀୟ ପାଠଶାଳାରେ ବା ଆର୍ଯ୍ୟକୁଳରେ ହେବ । ମାତାପିତା ଅଥବା ଅଧ୍ୟାପକ ନିଜ ନିଜ ପୁତ୍ର କନ୍ୟାମାନଙ୍କୁ ଅର୍ଥ ସହିତ ଗାୟତ୍ରୀମନ୍ତ୍ରର ଉପଦେଶ ଦେବେ । ଗାୟତ୍ରୀମନ୍ତ୍ର, ଯଥା :—

"ଓମ୍ ଭୂର୍ଭୁବଃ ସ୍ୱଃ । ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି । ଧିୟୋ ଯୋନଃ ପ୍ରଚୋଦୟାତ୍ ।" ଯଜୁର୍ବେଦ ୩୬-୩ ।

ମନ୍ତ୍ରର ଆଦ୍ୟରେ ଥିବା 'ଓମ୍'ର ଅର୍ଥ ପ୍ରଥମ ସମୁଲ୍ଲାସରେ ଉଲ୍ଲେଖ କରାଯାଇଛି । ବର୍ତ୍ତମାନ ତିନି ମହାବ୍ୟାହୃତିର ଅର୍ଥ ସଂକ୍ଷେପରେ ଲେଖାଯାଉଛି । "ଭୂରିତି ବୈ ପ୍ରାଣଃ ।" 'ଯଃ ପ୍ରାଣୟତି ଚରାଽଚରଂ ଜଗତ୍ ସ ଭୂଃ ସ୍ୱୟମ୍ଭୂରୀଶ୍ୱରଃ ।" ଯିଏ ସକଳ ଜଗତର ଜୀବନାଧାର, ପ୍ରାଣ ଅପେକ୍ଷା ମଧ୍ୟ ପ୍ରିୟ ଓ ସ୍ୱୟମ୍ଭୂ ସେ ପ୍ରାଣବାଚକ ହେବାରୁ ପରମେଶ୍ୱରଙ୍କ ନାମ 'ଭୂଃ' । ଭୁବରିତ୍ୟପାନଃ । ଯଃ ସର୍ବଂ ଦୁଃଖମ୍ ଅପାନୟତି ସଃ ଅପାନଃ ।" ଯିଏ ସର୍ବଦୁଃଖ ରହିତ, ଯାହାର ସଙ୍ଗରେ ଜୀବାତ୍ମା ସକଳପ୍ରକାରର ଦୁଃଖରୁ ମୁକ୍ତ ହୁଏ, ସେହି ପରମେଶ୍ୱରଙ୍କ ନାମ 'ଭୁବଃ' । 'ସ୍ୱରିତି ବ୍ୟାନଃ । ଯୋ ବିବିଧଂ ଜଗତ୍ ବ୍ୟାନୟତି ବ୍ୟାପ୍ନୋତି ସ ବ୍ୟାନଃ ।' ଯିଏ ସମସ୍ତ ଜଗତରେ ବ୍ୟାପକ ହୋଇ ସମସ୍ତଙ୍କୁ ଧାରଣ କରନ୍ତି ସେହି ପରମେଶ୍ୱରଙ୍କ ନାମ 'ସ୍ୱଃ' ଅଟେ । ଏହି ବଚନ ତ୍ରୟ ତୈତ୍ତିରୀୟ ଆରଣ୍ୟକର ।

ପ୍ରପାଠକ ୭, ଅନୁବାକ୍ ୫ ।।

(ସବିତୁଃ)- 'ଯଃ ସୁନୋତି ଉତ୍ପାଦୟତି ସର୍ବଂ ଜଗତ୍ ସ ସବିତା ତସ୍ୟ' - ଯିଏ ସମସ୍ତ ଜଗତର ଉତ୍ପାଦକ ଏବଂ ସମସ୍ତ ଐଶ୍ୱର୍ଯ୍ୟର ଦାତା ଅଟନ୍ତି, ତାଙ୍କର ।

(ଦେବସ୍ୟ) - 'ଯୋ ଦୀବ୍ୟତି ଦୀବ୍ୟତେ ବା ସ ଦେବଃ' ଯିଏ ସକଳ ପ୍ରକାର ସୁଖଦାତା ଏବଂ ସମସ୍ତେ ଯାହାଙ୍କୁ ପାଇବାପାଇଁ ଇଚ୍ଛା କରନ୍ତି ସେହି ପରମାତ୍ମାଙ୍କର ।

(ବରେଣ୍ୟଂ)- 'ବର୍ତ୍ତୁମର୍ହମ୍'-ସ୍ୱୀକାର କରିବାର ଯୋଗ୍ୟ, ଅତିଶ୍ରେଷ୍ଠ ।

(ଭର୍ଗଃ) - 'ଶୁଦ୍ଧସ୍ୱରୂପମ୍' -ଶୁଦ୍ଧସ୍ୱରୂପ ଓ ପବିତ୍ରକାରୀ ଚେତନ ବ୍ରହ୍ମସ୍ୱରୂପ ।

(ତତ୍)- ସେହି ପରମାତ୍ମାଙ୍କ ସ୍ୱରୂପକୁ ।

(ଧୀମହି)- 'ଧରେମହି' ଆମେମାନେ ଧାରଣ କରୁଁ ।

(ଯଃ)- ଯେଉଁ ଜଗଦୀଶ୍ୱର, ସବିତା ଦେବ ପରମାତ୍ମା ।

(ନଃ)- 'ଅସ୍ମାକମ୍' ଆମ୍ଭମାନଙ୍କର (ଧିୟଃ) ବୁଦ୍ଧିଃ ବୁଦ୍ଧିକୁ ।

(ପ୍ରଚୋଦୟାତ୍) - 'ପ୍ରେରୟେତ୍' -ପ୍ରେରଣା କରନ୍ତୁ, କୁକର୍ମରୁ ନିବୃତ୍ତ କରି ସୁକର୍ମରେ ପ୍ରବୃତ୍ତ କରାନ୍ତି । 'ହେ ପରମେଶ୍ୱର ! ସଚ୍ଚିଦାନନ୍ଦସ୍ୱରୂପ ! ହେ ନିତ୍ୟ ଶୁଦ୍ଧ ବୁଦ୍ଧ ମୁକ୍ତ ସ୍ୱଭାବ । ହେ ଅଜ ନିରଞ୍ଜନ ନିର୍ବିକାର ! ହେ ସର୍ବାନ୍ତର୍ଯ୍ୟାମିନ୍ ! ହେ ସର୍ବାଧାର ଜଗତ୍ପତେ ! ସକଳ ଜଗଦୁତ୍ପାଦକ ! ହେ ଅନାଦେ ! ବିଶ୍ୱମ୍ଭର ! ସର୍ବବ୍ୟାପିନ୍ ! ହେ କରୁଣାମୃତ ବାରିଧେ ! ତୁମର ଶୁଦ୍ଧ ଚେତନ ସ୍ୱରୂପକୁ ଆମେ

ଧାରଣ କରୁଅଛୁଁ, ଆମର ଅନ୍ତର୍ଯ୍ୟାମୀ ସ୍ୱରୂପ ଆମର ଆତ୍ମା ଓ ବୁଦ୍ଧିକୁ ଦୁଷ୍କାଚାର ଓ ଅଧର୍ମ ମାର୍ଗରୁ ନିବୃତ୍ତ କରି ଶ୍ରେଷ୍ଠାଚାର ଓ ସତ୍ ମାର୍ଗରେ ପ୍ରବୃତ୍ତକର, ତୁମ ବ୍ୟତୀତ ଅନ୍ୟ କାହାକୁ ଆମେ ଧ୍ୟାନ କରି ନାହୁଁ; କାରଣ ତୁମ ସମକକ୍ଷ ବା ତୁମଠୁଁ ଅଧିକ ଅନ୍ୟ କେହି ନାହାଁନ୍ତି ଏଣୁ ତୁମେହିଁ ଆମର ପିତା, ମାତା, ନ୍ୟାୟକର୍ତ୍ତା ଏବଂ ସକଳ ସୁଖଦାତା ଅଟ ।'

୪) ପ୍ରିୟ ମନୁଷ୍ୟଗଣ ! ଯିଏ ସର୍ବସମର୍ଥ, ସଚ୍ଚିଦାନନ୍ଦାନନ୍ତ ସ୍ୱରୂପ, ନିତ୍ୟ ଶୁଦ୍ଧ, ନିତ୍ୟ ବୁଦ୍ଧ, ନିତ୍ୟ ମୁକ୍ତ ସ୍ୱଭାବ, କୃପାସାଗର, ଯଥାର୍ଥ ନ୍ୟାୟକାରୀ ଜନ୍ମ ମରଣାଦି କ୍ଳେଶରହିତ, ଆକାର ଶୂନ୍ୟ,ସର୍ବଘଟ ଜ୍ଞାତା, ସମସ୍ତଙ୍କ ଧର୍ତ୍ତା, ପିତା, ସ୍ରଷ୍ଟା, ଅନ୍ନାଦି ଦ୍ୱାରା ବିଶ୍ୱର ପୋଷଣ କର୍ତ୍ତା, ସକଳ ଐଶ୍ୱର୍ଯ୍ୟଯୁକ୍ତ, ବିଶ୍ୱନିର୍ମାତା, ପବିତ୍ରସ୍ୱରୂପ ଏବଂ ଯାହାଙ୍କୁ ପାଇବାକୁ ସମସ୍ତେ କାମନା କରନ୍ତି ସେହି ପରମାତ୍ମାଙ୍କ ଶୁଦ୍ଧ ଚେତନସ୍ୱରୂପକୁ ହିଁ ଆମେ ଧାରଣ କରୁଁ । କାରଣ ସେହି ପରମେଶ୍ୱର ଆମର ଆତ୍ମା ଓ ବୁଦ୍ଧିର ଅନ୍ତର୍ଯ୍ୟାମୀ ରୂପେ ଆମକୁ ଦୁଷ୍କାଚାର ଓ ଅଧର୍ମଯୁକ୍ତ ମାର୍ଗରୁ ପୃଥକ୍ କରି ଶ୍ରେଷ୍ଠାଚାର ଓ ସତ୍ ମାର୍ଗରେ ପରିଚାଳନ କରିବେ । ତାଙ୍କ ବ୍ୟତୀତ ଅନ୍ୟ କାହାକୁ ଧ୍ୟାନ କରିବା ଉଚିତ ନୁହେଁ, କାରଣ ତାଙ୍କ ସମକକ୍ଷ ବା ତାଙ୍କଠାରୁ ଶ୍ରେଷ୍ଠ ଅନ୍ୟ କେହି ନାହାନ୍ତି । ସେହିଁ ଆମ୍ଭମାନଙ୍କର ପିତା, ରାଜା, ନ୍ୟାୟକର୍ତ୍ତା ଓ ସକଳ ସୁଖଦାତା ଅଟନ୍ତି ।

୫)ଏହିପରି ଗାୟତ୍ରୀ ମନ୍ତ୍ରର ଉପଦେଶ ପ୍ରଦାନ କରି ସ୍ନାନ, ଆଚମନ ଓ ପ୍ରାଣାୟାମ ଆଦି ସନ୍ଧ୍ୟୋପାସନାର କ୍ରିୟା ଶିକ୍ଷା ଦେବେ । ସ୍ନାନଦ୍ୱାରା ଶରୀରର ବାହ୍ୟଅବୟବ ଗୁଡ଼ିକ ଶୁଦ୍ଧ ହୁଏ, ତା ସଙ୍ଗେ ସଙ୍ଗେ ଆରୋଗ୍ୟ ଲାଭ ମଧ୍ୟ ହୁଏ । ମହର୍ଷିମନୁ କହିଛନ୍ତି —

ଅଦ୍ଭିର୍ଗାତ୍ରାଣି ଶୁଦ୍ଧ୍ୟନ୍ତି ମନଃ ସତ୍ୟେନ ଶୁଦ୍ଧ୍ୟତି ।
ବିଦ୍ୟାତପୋଭ୍ୟାଂ ଭୂତାତ୍ମା ବୁଦ୍ଧିର୍ଜ୍ଞାନେନ ଶୁଦ୍ଧ୍ୟତି ।।

(ମନୁସ୍ମୃତି ୫,୧୦୯)

ଜଳଦ୍ୱାରା ଶରୀରର ବାହ୍ୟଅବୟବମାନ ଶୁଦ୍ଧ ହୁଏ, ସତ୍ୟାଚରଣ ଦ୍ୱାରା ମନ ପବିତ୍ର ହୁଏ, ବିଦ୍ୟାଅର୍ଜନ ଓ ତପ ଅର୍ଥାତ୍ କଷ୍ଟସହି ଧର୍ମାନୁଷ୍ଠାନ କରିବା ଦ୍ୱାରା ଜୀବାତ୍ମା ପବିତ୍ର ହୁଏ । ଜ୍ଞାନ ଅର୍ଥାତ୍ ପୃଥିବୀଠାରୁ ଆରମ୍ଭକରି ପରମେଶ୍ୱର ପର୍ଯ୍ୟନ୍ତ ଯାବତୀୟ ପଦାର୍ଥର ବିବେକଦ୍ୱାରା ବୁଦ୍ଧି ପବିତ୍ର ଓ ଦୃଢ଼ନିଷ୍ଠ ହୁଏ । ଏଣୁ ଭୋଜନ ପୂର୍ବରୁ ସ୍ନାନ କରିବା ଏକାନ୍ତ ଆବଶ୍ୟକ ।

ପ୍ରାଣାୟାମ ସମ୍ପର୍କରେ ମହର୍ଷି ପତଞ୍ଜଳିଙ୍କ ଯୋଗଦର୍ଶନର ଯଥା—

ପ୍ରାଣାୟାମାଦଶୁଦ୍ଧିକ୍ଷୟେ ଜ୍ଞାନଦୀପ୍ତିରାବିବେକଖ୍ୟାତେଃ ।'

(ଯୋ.ଦ.୨,୨୮)

ପ୍ରାଣାୟାମ କାରୀର ଶରୀରରେ ତଥା ବୁଦ୍ଧିରେ ଥିବା ଦୋଷଗୁଡ଼ିକ ପ୍ରତିକ୍ଷଣ ନାଶ ହୋଇ ଜ୍ଞାନର ପରିପ୍ରକାଶ ହୋଇଥାଏ । ମୁକ୍ତି ନ ମିଳିବା ପର୍ଯ୍ୟନ୍ତ ଆତ୍ମାର ଜ୍ଞାନ ନିରନ୍ତର ବୃଦ୍ଧି ପାଉଥାଏ । ମହର୍ଷି ମନୁ କହିଛନ୍ତି ....

'ଦହ୍ୟନ୍ତେ ଧ୍ମାୟମାନାନାଂ ଧାତୂନାଂ ହି ଯଥା ମଳାଃ ।
ତଥେନ୍ଦ୍ରିୟାଣାଂ ଦହ୍ୟନ୍ତେ ଦୋଷାଃ ପ୍ରାଣସ୍ୟ ନିଗ୍ରହାତ୍ ।।'

ଅଗ୍ନିରେ ଉତ୍ତପ୍ତ କଲେ ସୁବର୍ଣ୍ଣାଦି ଧାତୁର ମଳ ନଷ୍ଟ ହୋଇ ତାହା ଯେପରି ଶୁଦ୍ଧ ହୁଏ,ଠିକ୍ ସେହିପରି ପ୍ରାଣାୟାମ କରିବାଦ୍ୱାରା ମନ ଆଦି ଇନ୍ଦ୍ରିୟଗୁଡ଼ିକ ଦୋଷରହିତ ହୋଇ ନିର୍ମଳ ହୋଇଥାନ୍ତି ।

ପ୍ରାଣାୟାମର ବିଧି

ପ୍ରଚ୍ଛର୍ଦ୍ଦନବିଧାରଣାଭ୍ୟାଂ ବା ପ୍ରାଣସ୍ୟ

ଯୋଗଦର୍ଶନ ୧-୩୪ ।

ପ୍ରାଣାୟାମକୁ ଚାରିଭାଗରେ ବିଭକ୍ତ କରାଯାଇଛି ଯଥା —

୧) ବାହ୍ୟ ବିଷୟ- ଯେପରି ବମନଦ୍ୱାରା ଅନ୍ନଜଳ ଆଦି ବସ୍ତୁ ଉଦର ମଧ୍ୟରୁ ଜୋରରେ ବାହାରିଯାଏ, ଠିକ୍ ସେହିପରି ପ୍ରାଣବାୟୁକୁ ବଳପୂର୍ବକ ବାହାରକୁ ନିକ୍ଷେପ କରି ବାହାରେ ଯଥାଶକ୍ତି ରୋଧ କରିବାକୁ ହେବ । ପ୍ରଥମେ ମୂଳେନ୍ଦ୍ରିୟକୁ ଉପରକୁ ଯଥାଶକ୍ତି ଟାଣିରଖି ଏ କ୍ରିୟା କରିବ । ଏହିପରି କଲେ ପ୍ରାଣବାୟୁ ବାହାରେ ଅଧିକ ସମୟ ରହିବାକୁ ସମର୍ଥ ହେବ । ଯେତେବେଳେ ଅସ୍ଥିରତା ଅନୁଭବ କରିବ ସେତେବେଳେ ବାୟୁକୁ ଧୀରେ ଧୀରେ ଗ୍ରହଣ କରିବ । ଆପଣାର ସାମର୍ଥ୍ୟ ଓ ଇଚ୍ଛା ଅନୁସାରେ ବାରମ୍ବାର ଏହିପରି କରିବ । ପ୍ରାଣାୟାମ ସମୟରେ ମନେ ମନେ 'ଓମ୍'ନାମ ଜପ କରୁଥିବ । ଏପରି କରିବାଦ୍ୱାରା ଆତ୍ମା ଓ ମନ ପବିତ୍ର ହୁଏ ତଥା ମନର ସ୍ଥିରତା ବଢ଼େ ।

୨) **ଆଭ୍ୟନ୍ତର** - ବାହାରୁ ଯଥାଶକ୍ତି ବାୟୁ ଗ୍ରହଣ କରି ଯେତେବେଳ ପର୍ଯ୍ୟନ୍ତ ପାରିବ ଭିତରେ ନିରୋଧ କରିବ ।

୩) **ସ୍ତମ୍ଭବୃତ୍ତି** - ନିଶ୍ୱାସ ବା ପ୍ରଶ୍ୱାସ ଯାଉଥିବାବେଳେ ଯେ କୌଣସି ଅବସ୍ଥାରେ ହଠାତ୍ ପ୍ରାଣବାୟୁକୁ ରୁଦ୍ଧ କରି ରଖିବ ।

୪) **ବାହ୍ୟାଭ୍ୟନ୍ତରାକ୍ଷେପୀ** - ପ୍ରାଣବାୟୁ ଭିତରକୁ ଯାଉଥିବା ବେଳେ ବଳ

ପୂର୍ବକ ଭିତରର ବାୟୁକୁ ବାହାର କରିବା ଏବଂ ଭିତରର ବାୟୁ ବାହାରକୁ ଆସୁଥିବା ବେଳେ ବଳପୂର୍ବକ ବାହାରର ବାୟୁକୁ ଭିତରକୁ ନେବା ଏହି କ୍ରିୟାକୁ ବାହ୍ୟାଭ୍ୟନ୍ତରାକ୍ଷେପୀ କହନ୍ତି । ଏହିପରି ପ୍ରାଣବାୟୁର ସ୍ୱାଭାବିକ ଗତିକୁ ପ୍ରତି ରୋଧ କରି ବିପରୀତ କ୍ରିୟା କଲେ ଉଭୟ ନିଶ୍ୱାସ ଓ ପ୍ରଶ୍ୱାସର ଗତି ରୁଦ୍ଧ ହୋଇ ପ୍ରାଣ ବାୟୁ ବଶୀଭୂତ ହୁଏ । ଏହାର ଫଳସ୍ୱରୂପ ମନ ଏବଂ ଇନ୍ଦ୍ରିୟଗୁଡ଼ିକ ମନୁଷ୍ୟର ବଶବର୍ତ୍ତୀ ହୁଅନ୍ତି, ତଥା ବଳ ଏବଂ ପୁରୁଷାର୍ଥ ବୃଦ୍ଧି ହୁଏ । ବୁଦ୍ଧି ତୀବ୍ର ଓ ସୂକ୍ଷ୍ମାତିସୂକ୍ଷ୍ମ ହୁଏ ଏବଂ ଅତ୍ୟନ୍ତ ସୂକ୍ଷ୍ମ ଓ କଠିଣ ବିଷୟକୁ ମଧ୍ୟ ବୁଝିବାର ସାମର୍ଥ୍ୟ ଜାତହୁଏ । ଏହାଦ୍ୱାରା ଶରୀରରେ ବୀର୍ଯ୍ୟ ବୃଦ୍ଧି ହେବା ଫଳରେ ଏକ ସ୍ଥିରଶକ୍ତି ପରାକ୍ରମ, ଜିତେନ୍ଦ୍ରିୟତା ଓ ଅଳ୍ପକାଳ ମଧ୍ୟରେ ସମସ୍ତ ଶାସ୍ତ୍ରକୁ ବୁଝି ଆୟତ୍ତ କରିବାର ସାମର୍ଥ୍ୟ ଜନ୍ମେ । ସ୍ତ୍ରୀ ଲୋକମାନେ ମଧ୍ୟ ଏପରି ଯୋଗାଭ୍ୟାସ କରି ପାରିବେ ।

ଆଚମନ- ଯେତେ ପରିମାଣରେ ଜଳ କଣ୍ଠର ନିମ୍ନକୁ ହୃଦୟ ପର୍ଯ୍ୟନ୍ତ ପହଞ୍ଚିବ, ଅଧିକ ବା କମ୍ ନୁହେଁ, ସେହିପରିମାଣରେ ଜଳ ହାତରେ ନେଇ ତାହାର ମୂଳରେ ଓ ମଧ୍ୟ ସ୍ଥଳରେ ଓଠ ଲଗାଇ 'ଆଚମନ' କରିବ । ଏହାଦ୍ୱାରା କଣ୍ଠସ୍ଥ କଫ ଓ ପିତ୍ତ କିଞ୍ଚିତ୍ ପରିମାଣରେ ଉପଶମ ହୋଇଥାଏ ।

ମାର୍ଜନ- ତାପରେ ମାର୍ଜନ କରିବ । ଏହାର ବିଧି ହେଉଛି ମଧ୍ୟମା ଓ ଅନାମିକା ଅଙ୍ଗୁଳିର ଅଗ୍ରଭାଗରେ ଆଖି ଆଦି ଅଙ୍ଗ ଉପରେ ଜଳ ସିଞ୍ଚନ କରିବ । ଏହା ଦ୍ୱାରା ଆଳସ୍ୟ ଦୂର ହୁଏ । ଯଦି ଆଳସ୍ୟ ନ ଥାଏ କିମ୍ବା ଜଳର ଅଭାବଥାଏ ତେବେ ଏହା ନ କରିବା ଦୋଷାବହ ନୁହେଁ ।

ମନସା ପରିକ୍ରମଣ- ମନେ ମନେ ବିଶ୍ୱାସ କରିବାକୁ ହେବ ଯେ ସର୍ବଶକ୍ତିମାନ୍ ପରମେଶ୍ୱର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଊର୍ଦ୍ଧ୍ୱ ଓ ଅଧଃ -ଏପରି ସର୍ବତ୍ର ବିଦ୍ୟମାନ ଅଛନ୍ତି ।

ଉପସ୍ଥାନ - 'ଉପସ୍ଥାନ'ର ଅର୍ଥ 'ନିକଟସ୍ଥ' ହେବା । ଉପାସକ ଗଭୀରଭାବେ ଚିନ୍ତନ କରିବେ ଯେ ସେ ପ୍ରଭୁଙ୍କ ଅତି ନିକଟରେ ଉପସ୍ଥିତ । ବାଳକ ବାଳିକାମାନଙ୍କୁ ମଧ୍ୟ ସ୍ତୁତି, ପ୍ରାର୍ଥନା ଓ ଉପାସନାର ରୀତି ନୀତି ଶିକ୍ଷା ଦେବାକୁ ହେବ ।

ଅଘମର୍ଷଣ-'ଅଘମର୍ଷଣ'ର ଅର୍ଥ ମନମଧ୍ୟରେ କେବେହେଁ ପାପ କରିବାର ଇଚ୍ଛା ପୋଷଣ କରିବ ନାହିଁ ।

ଏସମସ୍ତ କ୍ରିୟା 'ସନ୍ଧ୍ୟୋପାସନା'ରେ କରିବାକୁପଡ଼େ । ଏହାର ଅନ୍ୟ ନାମ ହେଉଛି 'ବ୍ରହ୍ମଯଜ୍ଞ' । ସନ୍ଧ୍ୟୋପାସନା ଏକାନ୍ତ ପ୍ରଦେଶକୁ ଯାଇ ଏକାଗ୍ର ଚିତ୍ତରେ କରିବା ଆବଶ୍ୟକ, ଯଥା -

"ଅପାଂ ସମୀପେ ନିୟତୋ ନୈତ୍ୟକଂ ବିଧିମାସ୍ଥିତଃ ।
ସାବିତ୍ରୀମପ୍ୟଧୀୟୀତ ଗତ୍ୱାରଣ୍ୟଂ ସମାହିତଃ ।"

ମନୁସ୍ମୃତି ୨ ୧୦୪ ।।

'ଅରଣ୍ୟକୁ ବା ନିର୍ଜନ ସ୍ଥାନକୁ ଯାଇ ସାବଧାନତା ପୂର୍ବକ ଜଳ ସମୀପରେ ରହି ସନ୍ଧ୍ୟୋପାସନା କରିବା ଆବଶ୍ୟକ । ସେତେବେଳେ ସାବିତ୍ରୀ ମନ୍ତ୍ର ବା ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରି ଅର୍ଥ ଚିନ୍ତନ କରିବ ଏବଂ ତଦନୁସାରେ ଆଚରଣ ମଧ୍ୟ କରିବ । କିନ୍ତୁ, ଏ ଜପ ମନେ ମନେ କରିବା ଅତ୍ୟନ୍ତ ଲାଭଦାୟକ ।

ପ୍ରାତଃକାଳରେ ଯେତେବେଳେ କି ରାତି ଯାଉଥାଏ ଏବଂ ଦିନ ଆସୁଥାଏ ତଥା ସାୟଂକାଳରେ ଯେତେବେଳେ ଦିନ ଯାଉଥାଏ ଏବଂ ରାତି ଆସୁଥାଏ, ଦିବସ ଓ ରାତ୍ରିର ଏ ଦୁଇ ସନ୍ଧି ବେଳାରେ ହିଁ ସନ୍ଧ୍ୟୋପାସନା କରିବା ଉଚିତ୍ । ଅନ୍ୟୂନ ଏକଘଣ୍ଟା ପର୍ଯ୍ୟନ୍ତ ଧ୍ୟାନ କରିବାକୁ ହେବ । ମୁନି ଋଷି ଯୋଗୀମାନେ ଯେପରି ସମାଧିସ୍ଥ ହୋଇ ପରମାତ୍ମାଙ୍କୁ ଧ୍ୟାନ କରନ୍ତି, ସେପରି ପ୍ରତିଦିନ ସନ୍ଧ୍ୟୋପାସନା କରିବାକୁ ହେବ ।

୬) ଦେବଯଜ୍ଞ- ଅଗ୍ନିହୋତ୍ର ଏବଂ ବିଦ୍ୱାନ୍ ପୁରୁଷଙ୍କ ସେବା ଓ ସଙ୍ଗକୁ 'ଦେବଯଜ୍ଞ' କୁହାଯାଏ । ସୂର୍ଯ୍ୟୋଦୟ ପରେ ଓ ସୂର୍ଯ୍ୟାସ୍ତ ପୂର୍ବରୁ ଅଗ୍ନିହୋତ୍ର କରିବା ଆବଶ୍ୟକ ।

ଅଗ୍ନିହୋତ୍ର ବା ହୋମବିଧି ।

ବେଦୀ ବା ଅଗ୍ନିକୁଣ୍ଡ-କୌଣସି ଧାତୁ ବା ମୃତ୍ତିକାର ଏକ ଚତୁଷ୍କୋଣ ପାତ୍ର, ଯାହାର ମୁଖଭାଗର ଚଉଡ଼ା ନିମ୍ନ ପ୍ରଦେଶର ଚଉଡ଼ାଠାରୁ ଚାରିଗୁଣ ହେବ । ମୁଖଭାଗରେ ପ୍ରତ୍ୟେକପାଶ୍ୱର୍ ୧୨ ବା ୧୬ ଆଙ୍ଗୁଳ ଏବଂ ତଳଠିର ପ୍ରତ୍ୟେକପାଶ୍ୱର୍ ୩ ବା ୪ ଆଙ୍ଗୁଳ । ଗଭୀରତା ମଧ୍ୟ ୧୨ ବା ୧୬ ଆଙ୍ଗୁଳ ହେବ । ଏହିପରି ଏକ କୁଣ୍ଡରେ ଅଗ୍ନିଜାଳି ହୋମ କରିବାକୁ ହେବ ।

ଆଜ୍ୟ ସ୍ଥାଳୀ ବା ଘୃତପାତ୍ର ଏଥିରେ ଘିଅ ରଖାଯିବ । ଚେଲା ବା ସ୍ରୁବ ଏଥିରେ ଆଜ୍ୟସ୍ଥାଳୀରୁ ଘୃତ ନେଇ ଅଗ୍ନିରେ ଆହୁତି ଦେବାକୁ ହେବ ।

ପ୍ରଣୀତାପାତ୍ର - ଏଥିରେ ଜଳ ରଖିବାକୁ ହେବ ।

ପ୍ରୋକ୍ଷଣୀ-ଏହାଦ୍ୱାରା ଜଳପାତ୍ରରୁ ଜଳ ନେଇ ହାତ୍ ଧୋଇବାକୁ ହେବ । ଏହି ପାତ୍ର ଗୁଡ଼ିକ ନିଜ ଶକ୍ତି ସାମର୍ଥ୍ୟକୁ ଚାହିଁ ସୁନା, ରୁପା ବା କାଠରେ ତିଆରି କରିବାକୁ ହେବ ।

ଚନ୍ଦନ, ପଲାସ ଓ ଆମ୍ବ ପ୍ରଭୃତି କାଠକୁ ଖଣ୍ଡ ଖଣ୍ଡ କରି କୁଣ୍ଡରେ ସଜାଇ ରଖିବ । ତାଉପରେ ଅଗ୍ନିସ୍ଥାପନ କରି ଅଗ୍ନି ଉପରେ ପୁଣି କାଠଖଣ୍ଡମାନ ସଜାଇବ ।

ତାପରେ ଆଜ୍ୟ ସ୍ଥାଳୀରୁ ସ୍ରୁବରେ ଘୃତ ନେଇ ନିମ୍ନୋକ୍ତ ଗୋଟିଏ ଗୋଟିଏ ମନ୍ତ୍ରପଢ଼ି ଅଗ୍ନିରେ ଗୋଟିଏ ଗୋଟିଏ ଘୃତ ଆହୁତି ଦେବାକୁ ହେବ ।

"ଓ୩ମ୍ ଭୂରଗ୍ନୟେ ପ୍ରାଣାୟ ସ୍ୱାହା ।
ଭୁବର୍ବାୟବେଽପାନାୟ ସ୍ୱାହା ।
ସ୍ୱରାଦିତ୍ୟାୟ ବ୍ୟାନାୟ ସ୍ୱାହା ।
ଭୂର୍ଭୁବଃ ସ୍ୱରଗ୍ନିବାୟ୍ୱାଦିତ୍ୟେଭ୍ୟଃ ପ୍ରାଣାପାନବ୍ୟାନେଭ୍ୟଃ ସ୍ୱାହା ।"

ଅଗ୍ନିହୋତ୍ରର ଏହି ମନ୍ତ୍ରକୁ ପାଠକରି ଗୋଟିଏ ଗୋଟିଏ ମନ୍ତ୍ରରେ ଗୋଟିଏ ଗୋଟିଏ ଆହୁତି ଦେବାକୁ ହେବ । ଅଧିକ ଆହୁତି ଦେବାକୁ ହେଲେ 'ବିଶ୍ୱାନି ଦେବ ସବିତ-ର୍ଦୁରିତାନି ପରାସୁବ । ଯଦ୍ ଭଦ୍ରଂ ତନ୍ନ ଆସୁବ' ତଥା ପୂର୍ବୋକ୍ତ ଗାୟତ୍ରୀ ମନ୍ତ୍ରରେ ଆହୁତି ଦେବାକୁ ହେବ ।

'ସ୍ୱାହା'ର ଅର୍ଥ ହେଲା -'ଆତ୍ମାରେ ଯେଉଁ ଜ୍ଞାନ ବିଦ୍ୟମାନ ଜିହ୍ୱାରେ ସେପରି କହିବା ଉଚିତ ଅନ୍ୟଥା ନୁହେଁ ।' 'ପ୍ରାଣୀମାନଙ୍କ ସୁଖପାଇଁ ଦୟାଳୁ ଈଶ୍ୱର ଯେପରି ଜଗତର ସକଳ ପଦାର୍ଥକୁ ସୃଷ୍ଟି କରିଛନ୍ତି, ଠିକ୍ ସେହିପରି ମନୁଷ୍ୟ ମଧ୍ୟ ଅନ୍ୟମାନଙ୍କର ଉପକାର କରିବା ଆବଶ୍ୟକ ।

ପ୍ରଶ୍ନ -ହୋମ ଦ୍ୱାରା କି କି ଉପକାର ହୁଏ ?

ଉତ୍ତର - ସମସ୍ତେ ଜାଣନ୍ତି ଯେ ଦୁର୍ଗନ୍ଧଯୁକ୍ତ ବାୟୁ ଓ ଦୂଷିତ ଜଳରୁ ରୋଗ ଉତ୍ପନ୍ନ ହୁଏ ତା ଫଳରେ ପ୍ରାଣୀଗଣ ଦୁଃଖଭୋଗ କରିଥାନ୍ତି । କିନ୍ତୁ ସୁଗନ୍ଧିତ ବାୟୁ ଓ ନିର୍ମଳ ଜଳଦ୍ୱାରା ଆରୋଗ୍ୟ ଲାଭ ହୁଏ, ଏହାଫଳରେ ସୁଖ ଜାତ ହୁଏ । ଏଣୁ ବାୟୁ ଓ ଜଳକୁ ଶୁଦ୍ଧ ଓ ସୁଗନ୍ଧିତ କରିବାକୁ ହେଲେ ନିଶ୍ଚିତରୂପେ ହୋମ କରିବାକୁ ହେବ ।

ପ୍ରଶ୍ନ -ଦେହରେ ଚନ୍ଦନାଦି ଲେପନ କଲେ ତ ଦେହ ସୁଗନ୍ଧିତ ହୁଅନ୍ତା ଓ ଘିଅକୁ ଖାଇଲେ ତ ଶରୀରର ଉପକାର ହୁଅନ୍ତା, ତା ନକରି ଘିଅକୁ ଅଗ୍ନିରେ ନଷ୍ଟ କରିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ ।

ଉତ୍ତର-ଯଦି ତୁମେ ପଦାର୍ଥ ବିଦ୍ୟା ଜାଣିଥାନ୍ତ ତେବେ ଏପରି କଥା କଦାପି କହନ୍ତ ନାହିଁ । କାରଣ କୌଣସି ପଦାର୍ଥର ଅସ୍ତିତ୍ୱ କଦାପି ଲୋପ ହୁଏ ନାହିଁ । ଦେଖ, ଯେଉଁ ସ୍ଥାନରେ ହୋମ ହୁଏ ସେଠାରୁ ଦୂରରେ ରହି ଥିବା ଲୋକ ମଧ୍ୟ ନାସିକା ଦ୍ୱାରା ହୋମର ସୁଗନ୍ଧିକୁ ଗ୍ରହଣ କରିଥାଏ । ଦୁର୍ଗନ୍ଧ ବାୟୁକୁ ମଧ୍ୟ ସେପରି ଗ୍ରହଣ କରିଥାଏ । ଏଥିରୁ ବୁଝି ନିଅ ଯେ ଅଗ୍ନିରେ ନିକ୍ଷିପ୍ତ ପଦାର୍ଥ ସୂକ୍ଷ୍ମାତିସୂକ୍ଷ୍ମ ଓ ବିସ୍ତୃତ ହୋଇ ବାୟୁ ସହିତ ଦୂରକୁ ଚାଲିଯାଏ, ତାସଙ୍ଗେ ସଙ୍ଗେ ବାୟୁମଣ୍ଡଳରେ ଥିବା ଦୁର୍ଗନ୍ଧକୁ ନଷ୍ଟ କରେ ।

ପ୍ରଶ୍ନ - ସୁବାସିତ ପୁଷ୍ପ, ଚନ୍ଦନ, ଅତର, କର୍ପୂର, କସ୍ତୁରୀ ଆଦି ଦ୍ରବ୍ୟ ଘରେ ରଖିଲେ ତଦ୍ୱାରା ବାୟୁ ସୁଗନ୍ଧିତ ଓ ସୁଖକର ହେବ । ତେଣୁ ହୋମ କରିବାର କି ଆବଶ୍ୟକତା ଅଛି ?

ଉତ୍ତର - ପୁଷ୍ପ ଚନ୍ଦନାଦି ସୁଗନ୍ଧିତ ପଦାର୍ଥର ଗୃହ ମଧ୍ୟରୁ ଦୂଷିତ ବାୟୁକୁ ଦୂର କରି ବହିଃ ପ୍ରଦେଶରୁ ନିର୍ମଳ ବାୟୁ ଆଣିବାର ଶକ୍ତିସାମର୍ଥ୍ୟ ନାହିଁ । କାରଣ ଏ ଦ୍ରବ୍ୟଗୁଡ଼ିକର ଭେଦକ ଶକ୍ତି ନାହିଁ । କିନ୍ତୁ ଅଗ୍ନିର ଭେଦକ ଶକ୍ତି ଥିବାରୁ ଦୂଷିତ ବାୟୁକୁ ଓ ଦୁର୍ଗନ୍ଧଯୁକ୍ତ ପଦାର୍ଥକୁ ଛିନ୍ନ ଭିନ୍ନ କରି ପକାଏ, ଫଳରେ ବାୟୁ ହାଲୁକା ହୋଇ ପଦାକୁ ଚାଲିଯାଏ ଫଳରେ ବହିଃ ପ୍ରଦେଶର ନିର୍ମଳବାୟୁ ଗୃହମଧ୍ୟକୁ ପ୍ରବେଶ କରେ ।

ପ୍ରଶ୍ନ - ତେବେ ମନ୍ତ୍ର ପଢ଼ି ହୋମ କରିବାର ଆବଶ୍ୟକତା କଣ ?

ଉତ୍ତର -୧) ହୋମର ଉଦ୍ଦେଶ୍ୟ ମନ୍ତ୍ରରେ ପ୍ରକାଶ କରାଯାଇଛି ।
୨) ମନ୍ତ୍ରକୁ ଆବୃତ୍ତି କରିବାଦ୍ୱାରା ମନ୍ତ୍ର କଣ୍ଠସ୍ଥ ହୋଇଥାଏ ।
୩) ବେଦର ପଠନ ପାଠନ ଓ ସୁରକ୍ଷା ସହଜରେ ହୋଇଥାଏ ।

ପ୍ରଶ୍ନ - ହୋମ ନକଲେ ପାପ ହୁଏ କି ?

ଉତ୍ତର - ହଁ, ପାପ ହୁଏ । କାରଣ ମନୁଷ୍ୟର ଶରୀରରୁ ଯେଉଁ ପରିମାଣରେ ମଳମୂତ୍ରାଦି ଦୁର୍ଗନ୍ଧ ବସ୍ତୁ ଉତ୍ପନ୍ନ ହୋଇ ବାୟୁ ଓ ଜଳକୁ ଦୂଷିତ କରୁଛି ତାହାହିଁ ରୋଗ ଉତ୍ପତ୍ତିର କାରଣ ହୋଇ ପ୍ରାଣୀମାନଙ୍କୁ ଦୁଃଖ ଦେଉଛି ତଦ୍ୱାରା ମନୁଷ୍ୟର ସେହି ପରମାଣର ପାପ ହେଉଛି । ଏଣୁ ସେହିପାପର ନିରାକରଣ ପାଇଁ ସେତିକି ପରିମାଣର ବା ତତୋଧିକ ବାୟୁ ଓ ଜଳକୁ ହୋମଦ୍ୱାରା ବିଶୋଧନ କରିବା ଏକାନ୍ତ ଆବଶ୍ୟକ । ଖାଇବା ପିଇବାଦ୍‌ବାରା ସେହି ବ୍ୟକ୍ତିବିଶେଷର କେବଳ ଉପକାର ହୋଇଥାଏ । କିନ୍ତୁ ଜଣେ ଲୋକ ଯେଉଁ ପରିମାଣର ଘୃତ ଓ ସୁଗନ୍ଧିତ ପଦାର୍ଥ ଭୋଜନ କରେ ସେତିକି ପରିମିତ ଦ୍ରବ୍ୟରେ ହୋମ କଲେ ଲକ୍ଷ ଲକ୍ଷ ଲୋକଙ୍କର ଉପକାର ହୁଏ । ଉତ୍ତମପଦାର୍ଥ ନିଶ୍ଚୟ ଖାଇବା ପିଇବା ଆବଶ୍ୟକ । କାରଣ ଯେଉଁ ମନୁଷ୍ୟମାନେ ଘୃତାଦି ଉତ୍ତମପଦାର୍ଥ ଭୋଜନ କରନ୍ତି ନାହିଁ,ସେମାନଙ୍କ ଶରୀର ଓ ଆତ୍ମାର ବଳବୃଦ୍ଧି କେବେହେଁ ହୋଇପାରେ ନାହିଁ । କିନ୍ତୁ ଖାଇବା ଅପେକ୍ଷା ଅଧିକ, ପରିମାଣରେ ହୋମ କରିବା ଆବଶ୍ୟକ ।

ପ୍ରଶ୍ନ - ପ୍ରତ୍ୟେକ ମନୁଷ୍ୟ କେତୋଟି ଆହୁତି ପ୍ରଦାନ କରିବେ ? ପ୍ରତ୍ୟେକ ଆହୁତିରେ କେତେ ପରିମାଣର ଘିଅ ଦେବାକୁ ହେବ ?

ଉତ୍ତର - ପ୍ରତ୍ୟେକ ମନୁଷ୍ୟ ଷୋହଳଟି ଆହୁତି ନିଶ୍ଚୟ ଦେବେ । ପ୍ରତ୍ୟେକ ଆହୁତିରେ ଘିଅର ପରିମାଣ ଅତି କମ୍‌ରେ ୬ମସା ହେବା ଆବଶ୍ୟକ । ଯଦି ତା ଅପେକ୍ଷା

ଅଧିକ କରାଯାଏ, ତେବେ ତାହା ଅଧିକ ଲାଭଦାୟକ, ହୋଇଥାଏ । ଆର୍ଯ୍ୟବର ଶିରୋମଣି ମହାମନା ଋଷିମହର୍ଷି ଏବଂ ରାଜାମହାରାଜାମାନେ ବହୁଳଭାବେ ହୋମ କରୁଥିଲେ ଏବଂ କରାଉଥିଲେ ମଧ୍ୟ । ଯେତେଦିନ ପର୍ଯ୍ୟନ୍ତ ଏ ହୋମ ପ୍ରଥା ପ୍ରଚଳିତ ଥିଲା ସେତେଦିନ ପର୍ଯ୍ୟନ୍ତ ଆମ ଆର୍ଯ୍ୟାବର୍ତ୍ତ ନୀରୋଗ ଓ ସୁଖୀ ଥିଲା । ବର୍ତ୍ତମାନ ମଧ୍ୟ ସେହି ହୋମର ଯଦି ପୁନଃ ପ୍ରଚଳନ କରାଯାଏ ତେବେ ଦେଶ ପୂର୍ବପରି ଗୌରବାନ୍ୱିତ ହୋଇପାରିବ ।

ଏହି ଦୁଇଯଜ୍ଞ ହେଲା - ୧. ବ୍ରହ୍ମଯଜ୍ଞ ଓ ୨. ଦେବଯଜ୍ଞ । ଅଧ୍ୟୟନ ଅଧ୍ୟାପନା, ସଂଧ୍ୟୋପାସନା ଏବଂ ଈଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା ଏ ସବୁ ହେଉଛି ବ୍ରହ୍ମଯଜ୍ଞ । ଅଗ୍ନିହୋତ୍ର ଠାରୁ ଆରମ୍ଭ କରି ଅଶ୍ୱମେଧ ପର୍ଯ୍ୟନ୍ତ ଯଜ୍ଞ କରିବା ତଥା ବିଦ୍ୱାନ୍ ପୁରୁଷଙ୍କ ସେବା ଓ ସଙ୍ଗ କ[illegible]ବା ଏହା ହେଉଛି ଦେବ ଯଜ୍ଞ । କିନ୍ତୁ, ବ୍ରହ୍ମଚାରୀ ବା ବିଦ୍ୟାର୍ଥୀମାନେ କେବଳ ବ୍ରହ୍ମଯଜ୍ଞ ଓ ଅଗ୍ନିହୋତ୍ର କରିବା ଉଚିତ୍ ।

୭) ବ୍ରାହ୍ମଣସ୍ତ୍ରୟାଣାଂ ବର୍ଣ୍ଣାନାମୁପନୟନଂ କର୍ତୁମର୍ହତି ।
ରାଜନ୍ୟୋ ଦ୍ୱୟସ୍ୟ । ବୈଶ୍ୟୋ ବୈଶ୍ୟସ୍ୟୈବେତି ।
ଶୂଦ୍ରମପି କୁଳଗୁଣସଂପନ୍ନଂ ମନ୍ତ୍ରବର୍ଜ୍ଜମନୁପନୀତମଧ୍ୟାପୟେଦିତ୍ୟେକେ ।

ଏହା ସୁଶ୍ରୁତ ସୂତ୍ରସ୍ଥାନର ଦ୍ୱିତୀୟ ଅଧ୍ୟାୟର ଉକ୍ତି । ଯିଏ ବ୍ରାହ୍ମଣ ସେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଏ ତିନି ବର୍ଣ୍ଣର, ଯିଏ କ୍ଷତ୍ରିୟ ସେ କ୍ଷତ୍ରିୟ ଓ ବୈଶ୍ୟ ଏ ଦୁଇ ବର୍ଣ୍ଣର ଏବଂ ବୈଶ୍ୟ କେବଳ ମାତ୍ର ବୈଶ୍ୟର ଉପନୟନ ସଂସ୍କାର କରାଇ ବିଦ୍ୟାଶିକ୍ଷା ଦେଇ ପାରିବେ । ଶୂଦ୍ର କୁଳୀନ ଓ ଶୁଭ ଲକ୍ଷଣ-ଯୁକ୍ତ ହେଲେ ତାକୁ ମନ୍ତ୍ର ସଂହିତା ବ୍ୟତୀତ ଅନ୍ୟ ସମସ୍ତ ଶାସ୍ତ୍ର ଶିକ୍ଷା ଦିଆଯାଇ ପାରିବ । ଅନେକ ଆଚାର୍ଯ୍ୟ ମତ ଦେଇଥାନ୍ତି ଶୂଦ୍ର ବିଦ୍ୟାଶିକ୍ଷା କରିବ, କିନ୍ତୁ ତାହାର ଉପନୟନ ହେବ ନାହିଁ । ଏହା ପରେ ପଞ୍ଚମ ବା ଅଷ୍ଟମ ବର୍ଷରୁ ବାଳକମାନେ ବାଳକମାନଙ୍କର ଓ ବାଳିକାମାନେ ବାଳିକାମାନଙ୍କର ପାଠଶାଳାକୁ ଯିବେ ନିମ୍ନ ଲିଖିତ ନିୟମ ଅନୁଯାୟୀ ସେମାନଙ୍କୁ ଅଧ୍ୟୟନ କରିବାକୁ ହେବ ।

"ଷଟ୍‌ତ୍ରିଂଶଦାବ୍ଦିକଂ ଚର୍ଯ୍ୟଂ ଗୁରୌ ତ୍ରୈବେଦିକ ବ୍ରତମ୍ ।
ତଦର୍ଦ୍ଧିକଂ ପାଦିକଂ ବା ଗ୍ରହଣାନ୍ତିକମେବ ବା ।"

ମନୁସ୍ମୃତି, ୩, ୧

ଆଠ ବର୍ଷ ବୟସରୁ ୩୬ ବର୍ଷ ପର୍ଯ୍ୟନ୍ତ ଅଥବା ୧୮ ବର୍ଷପର୍ଯ୍ୟନ୍ତ ନଚେତ୍ ନଅବର୍ଷ ପର୍ଯ୍ୟନ୍ତ ଅଥବା ଯେ ପର୍ଯ୍ୟନ୍ତ ବିଦ୍ୟା ସଂପୂର୍ଣ୍ଣରୂପେ ଆୟତ୍ତ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଗୁରୁକୁଳରେ ରହି ବିଦ୍ୟାଅଧ୍ୟୟନ କରିବାକୁ ହେବ ।

୮) ପୁରୁଷୋ ବାବ ଯଜ୍ଞସ୍ତସ୍ୟ **ଯାନି ଚତୁର୍ବିଂଶତିବର୍ଷାଣି** ତତ୍ ପ୍ରାତଃ ସବନଂ, ଚତୁର୍ବିଂଶତ୍ୟକ୍ଷରା ଗାୟତ୍ରୀ ଗାୟତ୍ରଂ **ପ୍ରାତଃ ସବନଂ, ତଦସ୍ୟ** ବସବୋଽନ୍ୱାୟତ୍ତାଃ ପ୍ରାଣା ବାବ ବସବ ଏତେ ହୀଦଂ ସର୍ବଂ **ବାସୟନ୍ତି ।। ୧ ।।**

ତଞ୍ଚେଦେତସ୍ମିନ୍ ବୟସି **କିଞ୍ଚିଦୁପତପେତ୍ ସ ବ୍ରୂୟାତ୍** ପ୍ରାଣା ବସବ ଇଦଂ ମେ ପ୍ରାତଃ ସବନଂ ମାଧ୍ୟନ୍ଦିନଂସବନମନୁ**ସନ୍ତନୁତେତି ମାହଂ ପ୍ରାଣାନାଂ** ବସୂନାଂ ମଧ୍ୟେ ଯଜ୍ଞୋ ବିଲୋପ୍ସୀୟେତ୍ୟୁଦ୍ଧୈବ ତତ୍ **ଏତ୍ୟଗଦୋ ହ ଭବତି** ।।୨ ।।

ଅଥ ଯାନି ଚତୁଶ୍ଚତ୍ୱାରିଂଶଦ୍ବ**ର୍ଷାଣି ତନ୍ମାଧ୍ୟନ୍ଦିନଂ ସବନଂ** ଚତୁଶ୍ଚତ୍ୱାରିଂଶଦକ୍ଷରା ତ୍ରିଷ୍ଟୁପ୍ ତ୍ରୈଷ୍ଟୁଭଂ ମାଧ୍ୟନ୍ଦିନଂ ସବନଂ **ତଦସ୍ୟ ରୁଦ୍ରା ଅନ୍ୱାୟତ୍ତାଃ** ପ୍ରାଣା ବାବ ରୁଦ୍ରା ଏତେ ହୀଦଂ ସର୍ବଂ ରୋଦୟନ୍ତି ।୩ ।

ତଂ ଚେଦେତସ୍ମିନ୍ ବୟସି **କିଞ୍ଚିଦୁପତପେତ୍ ସ ବ୍ରୂୟାତ୍**ପ୍ରାଣା ରୁଦ୍ରା ଇଦଂ ମେ ବସବ ମାଧ୍ୟନ୍ଦିନଂ ସବନଂ ତୃତୀୟସବନ**ମନୁସନ୍ତନୁତେତି ମାହଂ** ପ୍ରାଣାନାଂ ମଧ୍ୟେ ଯଜ୍ଞୋ ବିଲୋପ୍ସୀୟେତ୍ୟୁଦ୍ଧୈବ ତତ ଏତ୍ୟ**ଗଦୋ ହ ଭବତି ।। ୪ ।।**

ଅଥ ଯାନ୍ୟଷ୍ଟାଚତ୍ୱାରିଂଶଦ୍ବ**ର୍ଷାଣି ତତ୍ ତୃତୀୟସବନମ**ଷ୍ଟାଚତ୍ୱାରିଂଶଦକ୍ଷରା ଜଗତୀ ଜାଗତଂ ତୃତୀୟସବନଂ ତଦ**ସ୍ୟାଦିତ୍ୟା ଅନ୍ୱାୟତ୍ତାଃ ପ୍ରାଣା** ବାବାଦିତ୍ୟା ଏତେ ହୀଦଂ ସର୍ବମାଦଦତେ ।।୫ ।।

ତଂ ଚେଦେତସ୍ମିନ୍ ବୟସି **କିଞ୍ଚିଦୁପତପେତ୍ ସ ବ୍ରୂୟାତ୍ ପ୍ରାଣା** ଆଦିତ୍ୟା ଇଦଂ ମେ ତୃତୀୟସବନମାୟୁରନୁସନ୍ତନୁତେତି **ମାହଂ ପ୍ରାଣାନାମ ଦିତ୍ୟାନାଂ** ମଧ୍ୟେ ଯଜ୍ଞୋ ବିଲୋପ୍ସୀୟେତ୍ୟୁଦ୍ଧୈବ ତତ ଏତ୍ୟ**ଗଦୋ ହୈବ ଭବତି** ।୬ **।।ଛ**ାନ୍ଦୋଗ୍ୟୋପନିଷଦ୍ ପ୍ରପାଠକ ୩ ଖଣ୍ଡ ୧୬-

ବ୍ରହ୍ମଚର୍ଯ୍ୟ ତିନି ପ୍ରକାର **। ୧ କନିଷ୍ଠ ୨. ମଧ୍ୟମ** ଓ ୩. ଉତ୍ତମ ।

କନିଷ୍ଠ ବ୍ରହ୍ମଚର୍ଯ୍ୟ - ଯେଉଁ ମନୁଷ୍ୟ **ଅନ୍ନରସମୟ ଦେହ ଓ ପୁରି** ଅର୍ଥାତ୍ ଦେହରେ ଶୟନକାରୀ ଜୀବାତ୍ମାର ସମବାୟ **ଅଟେ ସେ ଯଜ୍ଞ ଅର୍ଥାତ୍** ଅତ୍ୟନ୍ତ ଶୁଭ ଗୁଣଯୁକ୍ତ ଏବଂ ସତ୍ କର୍ତ୍ତବ୍ୟ ପରାୟଣ ହେବା **ଉଚିତ୍ । ଏଥିପାଇଁ ତାକୁ** ୨୪ ବର୍ଷ ପର୍ଯ୍ୟନ୍ତ ଜିତେନ୍ଦ୍ରିୟ ଅର୍ଥାତ୍ ବ୍ରହ୍ମଚାରୀ ହୋଇ **ବେଦାଦି ବିଦ୍ୟା ଏବଂ ସୁଶିକ୍ଷା** ଗ୍ରହଣ କରିବାକୁ ପଡ଼ିବ । ତାପରେ ବିବାହ କଲାପରେ **ମଧ୍ୟ ସେ ଯଦି ଲମ୍ପଟତା** ନ କରେ ତେବେ ତାହାର ଶରୀରରେ ପ୍ରାଣ ବଳବାନ୍ **ହୋଇ ସେ ସମସ୍ତ ଶୁଭ** ଗୁଣର ଅଧିକାରୀ ହୋଇଯାଏ ।୧ । ଜୀବନର ଏ ପ୍ରା**ରମ୍ଭିକ ବୟସରେ ଯିଏ ନିଜକୁ** ବିଦ୍ୟାଭ୍ୟାସ[illegible] ତପସ୍ୟାରେ ସନ୍ତପ୍ତ କରେ, ପୁଣି ଯାହାର **ଗୁରୁ ଏପରି କରିବାକୁ** ଉପଦେଶ [illegible] ଏବଂ ଯେଉଁ ବ୍ରହ୍ମଚାରୀ ନିଜର ଶରୀର **ଓ ଆତ୍ମାକୁ ପ୍ରବଳ ପରାକ୍ର**ମୀ ଏବଂ [illegible]

ଗୁଣଯୁକ୍ତ କରିବା ନିମନ୍ତେ ଏ ପ୍ରଥମ ବୟସରେ ହିଁ ଉତ୍ତମ ରୂପେ ବ୍ରହ୍ମଚର୍ଯ୍ୟ ପାଳନ କରିବା ପାଇଁ ଦୃଢ଼ ସଙ୍କଳ୍ପ କରେ, ସେ ନିଶ୍ଚୟ ଶରୀର ଓ ଆତ୍ମାରେ ପ୍ରବଳଶକ୍ତି ସଂଗ୍ରହ କରିପାରେ । ସେ କହେ- ହେ ମନୁଷ୍ୟ ଗଣ ! ତୁମେମାନେ ଏପରି ବିସ୍ତାର କର ଯେପରି କି ମୁଁ ମୋର ବ୍ରହ୍ମଚର୍ଯ୍ୟ ବ୍ରତକୁ ଲୋପ ନକରେ । ଯଦି ମୁଁ ୨୪ ବର୍ଷ ପରେ ଗୃହସ୍ଥାଶ୍ରମରେ ପ୍ରବେଶ କରେ ତେବେ ନିଶ୍ଚୟ ମୁଁ ନୀରୋଗ ରହିବି ଏବଂ ମୋର ଆୟୁଷ ମଧ୍ୟ ୭୦ ବା ୮୦ ବର୍ଷ ପର୍ଯ୍ୟନ୍ତ ରହିବ ।୨ ।

ମଧ୍ୟମବ୍ରହ୍ମଚର୍ଯ୍ୟ - ଯେଉଁ ମନୁଷ୍ୟ ୪୪ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ବେଦାଧ୍ୟୟନ କରନ୍ତି ତାଙ୍କର ପ୍ରାଣ, ଇନ୍ଦ୍ରିୟ ଅନ୍ତଃକରଣ ଓ ଆତ୍ମା ଅତ୍ୟନ୍ତ ବଳଶାଳୀ ହୋଇ ସେ ରୁଦ୍ରରୂପୀ ହୋଇଯାନ୍ତି । ସେ ଶ୍ରେଷ୍ଠଜନଙ୍କୁ ପାଳନ କରନ୍ତି ଓ ଦୁର୍ଜନ ତାଙ୍କର ପ୍ରବଳ ପ୍ରତାପରେ ପେଷି ହୋଇ ରୋଦନ କରିନ୍ତି ।୩ । (ଏ ଭଳି ବ୍ରହ୍ମଚାରୀ ଆଚାର୍ଯ୍ୟଙ୍କୁ କହନ୍ତି) - ଯଦି ଆପଣଙ୍କ ଉପଦେଶାନୁସାରେ ମୁଁ ଏହି ପ୍ରଥମ ବୟସରେ ସାମାନ୍ୟ ତପଶ୍ଚର୍ଯ୍ୟା କରେ ତେବେ ମୋର ଏହି ରୁଦ୍ରରୂପପ୍ରାଣଯୁକ୍ତ ମଧ୍ୟମ ବ୍ରହ୍ମଚର୍ଯ୍ୟ ସିଦ୍ଧ ହେବ । (ସେ ଅନ୍ୟାନ୍ୟ ବ୍ରହ୍ମଚାରୀମାନଙ୍କୁ କହନ୍ତି) ବ୍ରହ୍ମଚାରୀ ଗଣ ! ଏ ବ୍ରହ୍ମଚର୍ଯ୍ୟର ରାଜମାର୍ଗରେ ତୁମେମାନେ ଆଗକୁ ଆଗକୁ ଅଗ୍ରଗତି କର । ଦେଖ, ମୁଁ ଯେପରି ମୋର ବ୍ରହ୍ମଚର୍ଯ୍ୟ ବ୍ରତକୁ ଲୋପ ନ କରି ଯଜ୍ଞସ୍ୱରୂପ ହୋଇଛି ତଥା, ଗୁରୁକୁଳରୁ ପ୍ରତ୍ୟାବର୍ତ୍ତନ କରି ନୀରୋଗୀ ହୋଇ ରହିଛି, ଏ ବ୍ରହ୍ମଚାରୀଗଣ ଯେପରି ସର୍ବଦା ସୁକର୍ମରେ ତତ୍ପର ରହିଛନ୍ତି ତୁମେମାନେ ମଧ୍ୟ ସେହିପରି ହୁଅ ।୪ ।

ଉତ୍ତମ ବ୍ରହ୍ମଚର୍ଯ୍ୟ - ୪୮ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟବ୍ରତ ପାଳନ କଲେ ତାକୁ 'ଉତ୍ତମ ବ୍ରହ୍ମଚର୍ଯ୍ୟ' କୁହାଯାଏ । ଜଗତୀ ଛନ୍ଦ ଯେପରି ୪୮ ଅକ୍ଷର ବିଶିଷ୍ଟ ସେହିପରି ଉତ୍ତମ ବ୍ରହ୍ମଚର୍ଯ୍ୟ ମଧ୍ୟ ୪୮ ବର୍ଷର ଇନ୍ଦ୍ରିୟ ସଂଯମ ରୂପକ କଠୋର ତପସ୍ୟା । ଯିଏ ଏଭଳି ବ୍ରହ୍ମଚର୍ଯ୍ୟ ପାଳନ କରେ ତାହାର ପ୍ରାଣ ଅନୁକୂଳ ହୋଇଯାଏ । ସେ ସକଳ ଶାସ୍ତ୍ରରେ ପ୍ରବୀଣ ଓ ପୂର୍ଣ୍ଣବିଦ୍ୱାନ୍ ହୋଇଥାଏ ।୫ । ଯଦି ଆଚାର୍ଯ୍ୟ ଓ ମାତାପିତା ନିଜ ସନ୍ତାନମାନଙ୍କୁ ପ୍ରଥମ ବୟସରେ ବିଦ୍ୟା ଓ ଗୁଣଗ୍ରହଣ ପାଇଁ ତପସ୍ୱୀ କରି ସେହି ବିଷୟକ ଉପଦେଶ ପ୍ରଦାନ କରନ୍ତି, ତେବେ ସନ୍ତାନମାନେ ଆପେ ଆପେ ଅଖଣ୍ଡିତ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ଓ ତୃତୀୟ ପ୍ରକାରର ଉତ୍ତମ ବ୍ରହ୍ମଚର୍ଯ୍ୟ ପାଳନଦ୍ୱାରା ପୂର୍ଣ୍ଣ ଅର୍ଥାତ୍ ଚାରିଶହ ବର୍ଷ ପର୍ଯ୍ୟନ୍ତ ନିଜ ଆୟୁଷକୁ ବୃଦ୍ଧି କରି ପାରିବେ; ତୁମେମାନେ ମଧ୍ୟ ସେପରି ପରମାୟୁ ବୃଦ୍ଧିକର । ଯେଉଁ ମନୁଷ୍ୟ ଏ ବ୍ରହ୍ମଚର୍ଯ୍ୟକୁ ପାଳନ କରି ତାହାର ଲୋପ ନ କରେ ସେ ସକଳ ପ୍ରକାରର ରୋଗଶୂନ୍ୟ ହୋଇ ଧର୍ମ,ଅର୍ଥ, କାମ ଓ ମୋକ୍ଷ ଚତୁର୍ବର୍ଗକୁ ମଧ୍ୟ ଲାଭ କରିଥାଏ ।୬ ।

(୯) ଚତସ୍ରୋଽବସ୍ଥାଃ ଶରୀରସ୍ୟ ବୃଦ୍ଧିର୍ଯୌବନଂ ସଂପୂର୍ଣ୍ଣତା କିଞ୍ଚିତ୍ପରିହାଣିଶ୍ଚେତି । ଆଷୋଡ଼ଶାଦ୍ ବୃଦ୍ଧିଃ । ଆପଞ୍ଚବିଂଶତେର୍ଯୌବନମ୍ ଆଚତ୍ୱାରିଂଶତଃ ସଂପୂର୍ଣ୍ଣତା । ତତଃ କିଞ୍ଚିତ୍ପରିହାଣିଶ୍ଚେତି ।

ପଞ୍ଚବିଂଶେ ତତୋ ବର୍ଷେ ପୁମାନ୍ ନାରୀ ତୁ ଷୋଡ଼ଶେ ।
ସମତ୍ୱାଗତବୀର୍ଯୌ ତୌ ଜାନୀୟାତ୍ କୁଶଲୋଭିଷକ୍ ।

ସୁଶ୍ରୁତ ସୂତ୍ରସ୍ଥାନ ।

ଶରୀରର ଚାରୋଟି ଅବସ୍ଥାଅଛି ।

କ) ବୃଦ୍ଧି - ଷୋହଳ ବର୍ଷଠାରୁ ପଚିଶ ବର୍ଷ ପର୍ଯ୍ୟନ୍ତ ଶରୀର ବୃଦ୍ଧି ହେବାର ସମୟ । ଏସମୟରେ ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ବୀର୍ଯ୍ୟ ନାମକ ଶରୀରର ସପ୍ତଧାତୁ ବୃଦ୍ଧି ଲାଭ କରିଥାଏ ।

ଖ) ଯୌବନ- ଛବିଶ ବର୍ଷଠାରୁ ଶରୀରର ଯୌବନାବସ୍ଥା ଆରମ୍ଭ ହୋଇଥାଏ ।

ଗ) ସଂପୂର୍ଣ୍ଣତା = ପଚିଶ ବର୍ଷଠାରୁ ଚାଳିଶ ବର୍ଷ ପର୍ଯ୍ୟନ୍ତ ଶରୀରସ୍ଥିତ ସମସ୍ତ ଧାତୁର ପୁଷ୍ଟି ସାଧନ ହୋଇଥାଏ ।

ଘ) କିଞ୍ଚିତ୍ପରିହାଣି - ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗର ଧାତୁ ପୁଷ୍ଟ ହୋଇ ପୂର୍ଣ୍ଣତା ଲାଭ କରିବାପରେ ଅର୍ଥାତ୍ ଚାଳିଶ ବର୍ଷପରେ ଯେଉଁଧାତୁ ବୃଦ୍ଧି ହୁଏ ତାହା ଆଉ ଶରୀରରେ ରହିପାରେ ନାହିଁ, ସ୍ୱପ୍ନ ଓ ସ୍ୱେଦାଦି ଦ୍ୱାରା ବାହାରିଯାଏ । ସେହି ଚାଳିଶ ବର୍ଷ ବୟସ ହିଁ ବିବାହର ଉତ୍ତମ ସମୟ ଏବଂ ୪୮ ବର୍ଷ ବୟସରେ ବିବାହ କରିବା ସର୍ବୋତ୍କୃଷ୍ଟ ଅଟେ ।

ପ୍ରଶ୍ନ - ଏହି ବ୍ରହ୍ମଚର୍ଯ୍ୟର ନିୟମ ସ୍ତ୍ରୀ ପୁରୁଷ ଉଭୟଙ୍କ ପାଇଁ କଣ ସମାନ ?

ଉତ୍ତର - ନା, ଯଦି ପୁରୁଷ ୨୫ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରେ ତେବେ କନ୍ୟା ୧୬ ବର୍ଷ, ଯଦି ପୁରୁଷ ୩୦ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରେ ତେବେ କନ୍ୟା ୧୭ ବର୍ଷ ପର୍ଯ୍ୟନ୍ତ, ଯଦି ପୁରୁଷ ୩୬ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚାରୀ ରହେ ତେବେ କନ୍ୟା ୧୮ ବର୍ଷ ପର୍ଯ୍ୟନ୍ତ, ଯଦି ପୁରୁଷ ୪୦ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରେତେବେ ସ୍ତ୍ରୀ ୨୦ ବର୍ଷ ପର୍ଯ୍ୟନ୍ତ, ଯଦି ପୁରୁଷ ୪୪ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚାରୀ ରହେ ତେବେ ସ୍ତ୍ରୀ ୨୧ ବର୍ଷ ପର୍ଯ୍ୟନ୍ତ, ଆଉ ଯଦି ପୁରୁଷ ୪୮ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରେ ତେବେ ସ୍ତ୍ରୀ ୨୪ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରିବ । ଅର୍ଥାତ୍ - ୪୮ ବର୍ଷ ପରେ ପୁରୁଷ ଓ ୨୪ ବର୍ଷ ପରେ ସ୍ତ୍ରୀମାନେ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ୍ ନୁହେଁ । କିନ୍ତୁ ମନେରଖିବାକୁ ହେବ ଯେଉଁ ସ୍ତ୍ରୀ ଓ ପୁରୁଷ ବିବାହ

କରିବାକୁ ଚ୍ହାନ୍ତି ସେମାନଙ୍କ ପାଇଁ ଏବ୍ୟବସ୍ଥା ରଖାଯାଇଛି । ଯେଉଁମାନେ ବିବାହ କରିବାକୁ ଚ୍ହାନ୍ତି ନାହିଁ, ସେମାନେ ଆଜୀବନ ବ୍ରହ୍ମଚ୍ରୀ ରହିପାରିବେ; କିନ୍ତୁ ଏହା ପୂର୍ଣ୍ଣ ବିଦ୍ୱାନ୍, ଜିତେନ୍ଦ୍ରିୟ ଓ ନିର୍ଦ୍ଦୋଷ ଯୋଗୀ ସ୍ତ୍ରୀ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ । କାରଣ କାମରିପୁର ବେଗକୁ ଦମନ କରି ଇନ୍ଦ୍ରିୟମାନଙ୍କୁ ସଂଯମକରି ରଖିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ।

ଋତଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ସତ୍ୟଂ ଚ ସ୍ୱାଧ୍ୟାୟପ୍ରବଚନେ ଚ ।
ତପଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଦମଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ ।
ଶମଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଅଗ୍ନୟଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ ।
ଅଗ୍ନିହୋତ୍ରଞ୍ଚ ସ୍ୱାଧ୍ୟାୟପ୍ରବଚନେଚ । ଅତିଥୟଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ ।
ମାନୁଷଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ପ୍ରଜା ଚ ସ୍ୱାଧ୍ୟାୟପ୍ରବଚନେ ଚ ।
ପ୍ରଜନଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ପ୍ରଜାତିଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ ।

ତୈତ୍ତିରୀୟୋପନିଷଦ୍ ପ୍ରପାଠକ ୭-ଅନୁବାକ୍ ୯ ।।

ଏହା ହେଉଛି ବିଦ୍ୟାର୍ଥୀ ଓ ଅଧ୍ୟାପକଙ୍କ ସମ୍ପର୍କରେ ନିୟମ । (ଋତଂ ଚ....) ଯଥାର୍ଥ ଆଚରଣ ପୂର୍ବକ ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ସତ୍ୟଂ ଚ....) ସତ୍ୟାଚରଣ ପୂର୍ବକ ସତ୍‌ବିଦ୍ୟାର ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ତପଶ୍ଚ..) ତପସ୍ୟା ଅର୍ଥାତ୍ ଧର୍ମାନୁଷ୍ଠାନ ପୂର୍ବକ ବେଦାଦି ଶାସ୍ତ୍ରର ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ଦମଶ୍ଚ....) ବାହ୍ୟ ଇନ୍ଦ୍ରିୟଗୁଡ଼ିକୁ ଅସଦାଚରଣରୁ ପୃଥକ୍ ରଖି ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ଶମଶ୍ଚ...) ମନର ପ୍ରବୃତ୍ତିଗୁଡ଼ିକୁ ଦୁଷ୍କର୍ମରୁ ନିବୃତ୍ତ କରି ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ଅଗ୍ନୟଶ୍ଚ...) ଆହବନୀୟାଦି ଅଗ୍ନି ଓ ବିଦ୍ୟୁତ୍ ପ୍ରଭୃତିର ତତ୍ତ୍ୱକୁ ଉତ୍ତମରୂପେ ଅବଗତହୋଇ ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ଅଗ୍ନିହୋତ୍ରଂ....) ଅଗ୍ନିହୋତ୍ରର ଅନୁଷ୍ଠାନ ପୂର୍ବକ ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ଅତିଥୟଶ୍ଚ....) ଅତିଥିମାନଙ୍କର ସେବାସତ୍କାର ପୂର୍ବକ ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ମାନୁଷଂ ଚ.....) ଯଥାଯୋଗ୍ୟ ମାନବୋଚିତ ଆଚରଣ ପୂର୍ବକ ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ପ୍ରଜା....) ସନ୍ତାନ ପାଳନ ଓ ରାଜ୍ୟ ରକ୍ଷା ପୂର୍ବକ ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ପ୍ରଜନଶ୍ଚ...) ଶରୀରର ଅମୂଲ୍ୟ ସଂପଦ ବୀର୍ଯ୍ୟ ସଂରକ୍ଷଣ ଓ ପାଳନ କରି ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ । (ପ୍ରଜାତିଶ୍ଚ....) ନିଜର ଶିଷ୍ୟ ଓ ସନ୍ତାନମାନଙ୍କୁ ପାଳନ କରି ଅଧ୍ୟୟନ ଓ ଅଧ୍ୟାପନ କରିବାକୁ ହେବ ।

୧୧) ''ତତ୍ରାହିଂସାସତ୍ୟାସ୍ତେୟ ବ୍ରହ୍ମଚର୍ଯ୍ୟାପରିଗ୍ରହା ଯମାଃ ।''

(ଯୋଗଦର୍ଶନ ୨-୩୦)

ଅର୍ଥାତ୍ - (୧) ଅହିଂସା=ବୈରଭାବ ତ୍ୟାଗ (୨) ସତ୍ୟ=ସତ୍ୟକୁ ସ୍ୱୀକାରକରି ସତ କହିବା ଓ ସତ୍ୟାଚରଣ କରିବା (୩) ଅସ୍ତେୟ=ମନ, ବଚନ ଓ କର୍ମରେ ଚୋରି ନ କରିବା (୪) ବ୍ରହ୍ମଚର୍ଯ୍ୟ=ଉପସ୍ଥେନ୍ଦ୍ରିୟର ସଂଯମ ଓ (୫) ଅପରିଗ୍ରହ=ନିର୍ଲୋଭତା ଓ ସ୍ୱାଭିମାନ ତ୍ୟାଗ -ଏହି ପାଞ୍ଚୋଟିକୁ 'ଯମ' କୁହାଯାଏ । ଏହି ପାଞ୍ଚୋଟି ଯମର ନୀତିନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ହେବ ।

''ଶୌଚସନ୍ତୋଷତପଃ ସ୍ୱାଧ୍ୟାୟେଶ୍ୱରପ୍ରାଣିଧାନାନି ନିୟମାଃ ।।''

(ଯୋଗଦର୍ଶନ ୨-୩୨)

ଅର୍ଥାତ୍ (୧) ଶୌଚ=ସ୍ନାନାଦି ଦ୍ୱାରା ଶୁଦ୍ଧ ରହିବା; (୨) ସନ୍ତୋଷ=ନିଜର ଶକ୍ତି ସାମର୍ଥ୍ୟ ଅନୁଯାୟୀ ଅତ୍ୟନ୍ତ ପରିଶ୍ରମ କରି ଯେଉଁ ହାନି ବା ଲାଭ ଫଳ ମିଳିବ ତହିଁରେ ଶୋକ ବା ଆନନ୍ଦ ନ କରି ସନ୍ତୁଷ୍ଟ ରହିବା । କୌଣସି କାର୍ଯ୍ୟରେ ପରିଶ୍ରମ ନ କରି ସନ୍ତୁଷ୍ଟ ରହିବାର ଅର୍ଥ ସନ୍ତୋଷ ନୁହେଁ । (୩) ତପ=କଷ୍ଟ ସହ୍ୟ କରି ଧାର୍ମିକ କାର୍ଯ୍ୟକଳାପ କରିବା (୪) ସ୍ୱାଧ୍ୟାୟ=ବେଦାଦି ସତ୍ ଶାସ୍ତ୍ରମାନଙ୍କର ଅଧ୍ୟୟନ ଓ ଅଧ୍ୟାପନା (୫) ଈଶ୍ୱରର ପ୍ରାଣିଧାନ=ଈଶ୍ୱରଙ୍କଠାରେ ଏକାନ୍ତ ଭକ୍ତିଯୁକ୍ତ ହୋଇ ଆତ୍ମସମର୍ପଣ କରିବା ଏ ପାଞ୍ଚୋଟିକୁ 'ନିୟମ' କହନ୍ତି । ଏ ଗୁଡ଼ିକୁ ମଧ୍ୟ ସର୍ବଦା ପାଳନ କରିବାକୁ ହେବ ।

''ଯମାନ୍ ସେବେତ ସତତଂ ନ ନିୟମାନ୍ କେବଲାନ୍ ବୁଧଃ ।
ଯମାନ୍ ପତତ୍ୟକୁର୍ବାଣୋ ନିୟମାନ୍ କେବଲାନ୍ ଭଜନ୍ ।।''

(ମନୁସ୍ମୃତି ୪-୨୦୪)

''ପଞ୍ଚବିଧ ଯମର ନିୟମକୁ ସର୍ବଦା ପାଳନ କରିବା ଉଚିତ୍ । କେବଳ ନିୟମ ସେବନ କରିବା ନିର୍ବୋଧତା ଅଟେ । ପଞ୍ଚବିଧ ଯମକୁ ପରିତ୍ୟାଗ କରି ଯିଏ କେବଳ ନିୟମକୁ ପାଳନ କରେ ସେ କଦାପି ଉନ୍ନତିଲାଭ କରିପାରେ ନାହିଁ । ତାର ଅଧୋଗତି ହୋଇଥାଏ । ଅର୍ଥାତ୍ ସଂସାରରେ ଅନ୍ନତ ଅବସ୍ଥାରେ ରହେ ।'' ଏଣୁ 'ଯମ ଓ ନିୟମ' ଦୁଇଟିକୁ ଆଗ୍ରହର ସହିତ ପାଳନ କରିବାକୁ ହେବ ।

୧୨) ''କାମାତ୍ମତା ନ ପ୍ରଶସ୍ତା ନ ଚୈବେହାସ୍ତ୍ୟକାମତା ।
କାମ୍ୟୋ ହି ବେଦାଧିଗମଃ କର୍ମଯୋଗଶ୍ଚ ବୈଦିକଃ ।।''

(ମ.ସ୍ମୃ ୨-୨)

ଅତ୍ୟନ୍ତ ସକାମତା କେବେହେଁ ଉଚିତ୍ତ ନୁହେଁ । କିମ୍ବା ଅତ୍ୟନ୍ତ ନିଷ୍କାମତା ମଧ୍ୟ କାହାପକ୍ଷରେ ଅନୁକରଣୀୟ ନୁହେଁ, କାରଣ କାମନା ବ୍ୟତୀତ ବେଦପାଠ ଓ ବେଦବିହିତ କର୍ମମାନ କେବେହେଲେ କରାଯାଇ ପାରିବ ନାହିଁ । ଏଣୁ

ସ୍ୱାଧ୍ୟାୟେନ ବ୍ରତୈର୍ହୋମୈସ୍ତ୍ରୈବିଦ୍ୟେନେଜ୍ୟୟା ସୁତୈଃ ।

ମହାଯଜ୍ଞୈଶ୍ଚ ଯଜ୍ଞୈଶ୍ଚ ବ୍ରାହ୍ମୀୟଂ କ୍ରିୟତେ ତନୁଃ ।।

(ମ.ସ୍ମୃ: ୨-୨୮)

(ସ୍ୱାଧ୍ୟାୟ) ସକଳ ବିଦ୍ୟାର ଅଧ୍ୟୟନ ଓ ଅଧ୍ୟାପନ (ବ୍ରତ) ବ୍ରହ୍ମଚର୍ଯ୍ୟ ଓ ସତ୍ୟଭାଷଣାଦି ନିୟମ ପାଳନ (ହୋମ) ଅଗ୍ନିହୋତ୍ରାଦି ହୋମ, ସତ୍ୟ ଗ୍ରହଣ, ମିଥ୍ୟା ପରିତ୍ୟାଗ ଓ ସତ୍ୟବିଦ୍ୟାଦାନ (ତ୍ରୈବିଦ୍ୟେନ) ବେଦବିହିତ ଜ୍ଞାନ, କର୍ମ ଓ ଉପାସନା (ଇଜ୍ୟୟା) ପକ୍ଷେଷ୍ଟୀ ପ୍ରଭୃତି କର୍ମ (ସୁତୈଃ) ସୁସନ୍ତାନୋତ୍ପତ୍ତି, (ମହାଯଜ୍ଞୈଃ) ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ବଳିବୈଶ୍ୱଦେବ ଯଜ୍ଞ ଓ ଅତିଥିସେବା ଏହି ପଞ୍ଚ ମହାଯଜ୍ଞ ଏବଂ (ଯଜ୍ଞୈଃ) ଅଗ୍ନିହୋତ୍ର, ଶିଳ୍ପ ବିଦ୍ୟା ଓ ବିଜ୍ଞାନାଦି ଯଜ୍ଞାନୁଷ୍ଠାନ ଦ୍ୱାରା ଏହି ଶରୀରକୁ 'ବ୍ରାହ୍ମୀ' ଅର୍ଥାତ୍ ବେଦ ଓ ଈଶ୍ୱର ଭକ୍ତିର ଆଧାର ରୂପକ 'ବ୍ରାହ୍ମଣ ଶରୀର' କରାଯାଏ । ଏସବୁ ସାଧନା ବ୍ୟତୀତ କେହି କେବେ ବ୍ରାହ୍ମଣ ହୋଇପାରେ ନାହିଁ ।

''ଇନ୍ଦ୍ରିୟାଣାଂ ବିଚରତାଂ ବିଷୟେଷ୍ୱପହାରିଷୁ ।

ସଂଯମେ ଯତ୍ନମାତିଷ୍ଠେତ୍ ବିଦ୍ୱାନ୍ ଯନ୍ତେବ ବାଜିନାମ୍ ।

(ମ.ସ୍ମୃ: ୨-୮୮)

ବୁଦ୍ଧିମାନ୍ ସାରଥି ଅଶ୍ୱକୁ ନିୟମରେ ରଖିବାପରି ମନ ଓ ଆତ୍ମାକୁ ଦୁଷ୍କର୍ମରେ ଆକର୍ଷଣକାରୀ ଓ ରୂପ ରସ ଶବ୍ଦ ସ୍ପର୍ଶ ଗନ୍ଧାଦି ବିଷୟରେ ବିଚରଣଶୀଳ ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବାପାଇଁ ସକଳ ପ୍ରକାର ଯତ୍ନ କରିବ । କାରଣ ----

''ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଦୋଷମୃଚ୍ଛତ୍ୟସଂଶୟମ୍ ।

ସନ୍ନିୟମ୍ୟ ତୁ ତାନ୍ୟେବ ତତଃ ସିଦ୍ଧିଂ ନିୟଚ୍ଛତି ।''

(ମ.ସ୍ମୃ ୨-୯୩)

ଜୀବାତ୍ମା ଇନ୍ଦ୍ରିୟମାନଙ୍କ ବଶୀଭୂତ ହୋଇ ନିଶ୍ଚୟ ଗର୍ହିତ ଦୋଷମାନ କରିଥାଏ, କିନ୍ତୁ ଯେତେବେଳେ ଇନ୍ଦ୍ରିୟମାନଙ୍କୁ ନିଜର ଅଧୀନତାକୁ ଆଣେ ସେତେବେଳେ ସେ ସିଦ୍ଧି ଲାଭ କରିଥାଏ ।

ବେଦାସ୍ତ୍ୟାଗଶ୍ଚ ଯଜ୍ଞାଶ୍ଚ ନିୟମାଶ୍ଚ ତପାଂସି ଚ ।

ନ ବିପ୍ରଦୁଷ୍ଟଭାବସ୍ୟ ସିଦ୍ଧିଂ ଗଚ୍ଛନ୍ତି କର୍ହିଚିତ୍ ।

(ମ.ସ୍ମୃ ୨-୯୭)

ଯିଏ ଦୁରାଗ୍ରହୀ ଓ ଇନ୍ଦ୍ରିୟ ସଂଯମୀ ନୁହେଁ ତାହାର ବେଦ, ତ୍ୟାଗ, ଯଜ୍ଞ, ନିୟମ, ତପ ଓ ଅନ୍ୟାନ୍ୟ ସତ୍‌କର୍ମ ପ୍ରଭୃତି କେବେହେଲେ ସଫଳ ହୋଇପାରେ ନାହିଁ ।

ବେଦୋପକରଣେ ଚୈବ ସ୍ୱାଧ୍ୟାୟେ ଚୈବ ନୈତ୍ୟକେ ।

ନାନୁରୋଧୋଽସ୍ତ୍ୟନଧ୍ୟାୟେ ହୋମମନ୍ତ୍ରେଷୁ ଚୈବ ହି ।୧ ।

ନୈତ୍ୟକେ ନାସ୍ତ୍ୟନଧ୍ୟାୟୋ ବ୍ରହ୍ମସତ୍ରଂ ହି ତତ୍‌ସ୍ମୃତଂ ।

ବ୍ରହ୍ମାହୁତିହୁତଂ ପୁଣ୍ୟମନଧ୍ୟାୟବଷଟ୍ କୃତମ୍ ।୨ ।

(ମନୁ -୨,୧୦୫, ୧୦୬)

ବେଦର ଅଧ୍ୟୟନ ଓ ଅଧ୍ୟାପନରେ, ସନ୍ଧ୍ୟୋପାସନାଦି ପଞ୍ଚମହାଯଜ୍ଞର ଅନୁଷ୍ଠାନରେ ଓ ହୋମ ମନ୍ତ୍ରରେ ଅନଧ୍ୟାୟ ବିଷୟକ ଅନୁରୋଧ ନାହିଁ । କାରଣ, ନିତ୍ୟକର୍ମରେ ଅନଧ୍ୟାୟ ହୁଏ ନାହିଁ । ଯେପରି ଶ୍ୱାସ ପ୍ରଶ୍ୱାସ ସର୍ବଦା ଚାଲିଥାଏ କେତେବେଳେ ମଧ୍ୟ ବନ୍ଦ କରାଯାଇ ନ ପାରେ ଠିକ୍ ସେପରି ପ୍ରତିଦିନ ନିତ୍ୟକର୍ମ କରିବା ଉଚିତ୍,କୌଣସି ଦିନ ମଧ୍ୟ ବନ୍ଦ କରିବା ଉଚିତ୍ ନୁହେଁ । କାରଣ ଅଗ୍ନିହୋତ୍ରାଦି ଉତ୍ତମକର୍ମ ଅନଧ୍ୟାୟରେ ଅନୁଷ୍ଠିତ ହେଲେ ମଧ୍ୟ ପୁଣ୍ୟରୂପ ହୋଇଥାଏ । ଯେପରି ମିଥ୍ୟାଭାଷଣ ସର୍ବଦା ପାପ ଓ ସତ୍ୟଭାଷଣ ସର୍ବଦା ପୁଣ୍ୟ ସେପରି କୁକର୍ମ ସଂପାଦନରେ ସର୍ବଦା ଅନଧ୍ୟାୟ ଓ ସୁକର୍ମ ସଂପାଦନରେ ସର୍ବଦା ସ୍ୱାଧ୍ୟାୟ ହୋଇଥାଏ ।

ଅଭିବାଦନଶୀଳସ୍ୟ ନିତ୍ୟଂ ବୃଦ୍ଧୋପସେବିନଃ ।

ଚତ୍ୱାରି ତସ୍ୟ ବର୍ଦ୍ଧନ୍ତେ ଆୟୁର୍ବିଦ୍ୟାଯଶୋବଳମ୍ ।

(ମନୁ ୧.୧୨୧ ।)

ଯିଏ ସର୍ବଦା ନମ୍ର, ସୁଶୀଳ, ବିଦ୍ୱାନ୍ ଓ ବୃଦ୍ଧସେବୀ ତାହାର ଆୟୁ, ବିଦ୍ୟା, କୀର୍ତ୍ତି ଓ ବଳ, ଏ ଚାରୋଟି ସର୍ବଦା ବୃଦ୍ଧିପ୍ରାପ୍ତ ହୁଏ । ଆଉ ଯିଏ ଏପରି ନ କରେ ତାହାର ଆୟୁ, ବିଦ୍ୟା, କୀର୍ତ୍ତି ଓ ବଳ ବୃଦ୍ଧିପ୍ରାପ୍ତ ହୁଏ ନାହିଁ ।

୧୩) ଅହିଂସୟୈବ ଭୂତାନାଂ କାର୍ଯ୍ୟଂ ଶ୍ରେୟୋଽନୁଶାସନମ୍ ।

ବାକ୍‌ଚୈବମଧୁରାଶ୍ଳକ୍ଷ୍ଣା ପ୍ରୟୋଜ୍ୟା ଧର୍ମମିଚ୍ଛତା ।

ମନୁ ୨-୧୫୯ ।

ଯସ୍ୟ ବାଙ୍‌ମନସେ ଶୁଦ୍ଧେ ସମ୍ୟଗ୍‌ଗୁପ୍ତେ ଚ ସର୍ବଦା ।

ସ ବୈ ସର୍ବମବାପ୍ନୋତି ବେଦାନ୍ତୋପଗତଂ ଫଳମ୍ ।

ମନୁ ୨ ୧୬୦ ।

''ବିଦ୍ୱାନ୍ ଓ ବିଦ୍ୟାର୍ଥୀମାନଙ୍କ ଲକ୍ଷଣ ହେଉଛି ସେମାନେ ବୈରବୁଦ୍ଧି ପରିତ୍ୟାଗ କରି ସମସ୍ତଙ୍କୁ କଲ୍ୟାଣକର ଉପଦେଶ ଦେବେ । ଉପଦେଷ୍ଟା ସର୍ବଦା ମଧୁର ଓ ସୁଶୀଳ ଭାଷାରେ ଉପଦେଶ ଦେବେ । ଯେଉଁମାନେ ନିଜନିଜ ଆଧ୍ୟାତ୍ମିକ ଉନ୍ନତି ଚାହାନ୍ତି ସେମାନେ ସର୍ବଦା ସତ୍ ପଥରେ ପରିଚାଳିତ ହେବେ ଓ ସତ୍ୟୋପଦେଶମାନ ପ୍ରଦାନ କରିବେ । ୨-୧୫୯ । ଯେଉଁମାନେ ନିଜର ମନ ଓ ବଚନକୁ ସର୍ବଦା ଶୁଦ୍ଧ ଓ ସଂଯତ ରଖନ୍ତି ସେମାନେ କେବଳ ବେଦର ଅର୍ଥକୁ ହୃଦୟଙ୍ଗମ କରି ପାରନ୍ତି । ୨-୧୬୦ ।''

ସମ୍ମାନାଦ୍ ବ୍ରାହ୍ମଣୋ ନିତ୍ୟଂ ଉଦ୍‌ବିଜେତ ବିଷାଦିବ ।
ଅମୃତସ୍ୟେବ ଚାକାଂକ୍ଷେଦବମାନସ୍ୟ ସର୍ବଦା । ୨-୧୬୨ । ମନୁ ।

ଯେଉଁମାନେ ସମ୍ମାନକୁ ବିଷପରି ତ୍ୟାଗ କରନ୍ତି ଓ ଅପମାନକୁ ଅମୃତତୁଲ୍ୟଜ୍ଞାନ କରନ୍ତି, ସେହି ବ୍ରାହ୍ମଣମାନେ କେବଳ ମହାନ ବେଦ ଓ ପରମେଶ୍ୱରଙ୍କୁ ଜାଣିପାରନ୍ତି ।

ଅନେନ କ୍ରମଯୋଗେନ ସଂସ୍କୃତାତ୍ମା ଦ୍ୱିଜଃ ଶନୈଃ ।
ଗୁରୌବସନ୍ ସଂଚିନୁୟାଦ୍ ବ୍ରହ୍ମାଧିଗମିକଂ ତପଃ ।

(ମନୁ ୨-୧୬୪)

ଏହିପରି ଦ୍ୱିଜସନ୍ତାନମାନେ ଯଥା, ବ୍ରହ୍ମଚାରୀକୁମାର ଓ ବ୍ରହ୍ମଚାରିଣୀକନ୍ୟା ଉପନୟନ ପରେ ଧୀରେ ଧୀରେ ବେଦାର୍ଥର ଜ୍ଞାନରୂପ ଉତ୍ତମତପକୁ ବୃଦ୍ଧି କରୁଥିବେ ।

ଯୋଽନଧୀତ୍ୟ ଦ୍ୱିଜୋ ବେଦମନ୍ୟତ୍ର କୁରୁତେ ଶ୍ରମମ୍ ।
ସଜୀବନ୍ନେବ ଶୂଦ୍ରତ୍ୱମାଶୁଗଚ୍ଛତି ସାନ୍ୱୟଃ ।

(ମନୁ ୨,୧୬୮)

ଯେଉଁ ଦ୍ୱିଜ ବେଦ ଅଧ୍ୟୟନ ନ କରି ଅନ୍ୟତ୍ର ପରିଶ୍ରମ କରେ ସେ ଜୀବନକାଳ ମଧ୍ୟରେ ପୁତ୍ର ପୌତ୍ରାଦି ସହିତ ଶୂଦ୍ରତ୍ୱକୁ ପ୍ରାପ୍ତ ହୁଏ ।

ବର୍ଜୟେତ୍ ମଧୁମାଂସଂ ଚ ଗନ୍ଧଂ ମାଲ୍ୟଂ ରସାନ୍ ସ୍ତ୍ରିୟଃ ।
ଶୁକ୍ତାନି ଯାନି ସର୍ବାଣି ପ୍ରାଣିନାଂ ଚୈବ ହିଂସନମ୍ ।

(ମନୁ ୨-୧୭୭)

ଅଭ୍ୟଙ୍ଗମଞ୍ଜନଂ ଚାକ୍ଷ୍ଣୋରୁପାନଚ୍ଛତ୍ରଧାରଣମ୍ ।
କାମଂ କ୍ରୋଧଂ ଚ ଲୋଭଂ ଚ ନର୍ତ୍ତନଂ ଗୀତବାଦନମ୍ ।

(ମନୁ ୨-୧୭୮)

ଦ୍ୟୂତଂ ଚ ଜନବାଦଂ ଚ ପରିବାଦଂ ତଥାଽନୃତମ୍ ।
ସ୍ତ୍ରୀଣାଂ ଚ ପ୍ରେକ୍ଷଣାଲମ୍ଭମୁପଘାତଂ ପରସ୍ୟ ଚ ।।

(ମନୁ ୨-୧୭୯)

ଏକଃ ଶୟୀତ ସର୍ବତ୍ର ନ ରେତଃ ସ୍କନ୍ଦୟେତ୍ କ୍ୱଚିତ୍ ।
କାମାଦ୍ଧି ସ୍କନ୍ଦୟନ୍ ରେତୋ ହିନସ୍ତି ବ୍ରତମାତ୍ମନଃ ।।

(ମନୁ ୨-୧୮୦)

ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀ ମଦ୍ୟ, ମାଂସ, ଗନ୍ଧ, ମାଲ୍ୟ, ରସ, ସ୍ତ୍ରୀ ପୁରୁଷ ସଂସର୍ଗ, ଅମ୍ଳପଦାର୍ଥ, ପ୍ରାଣିହିଂସା । ୨-୧୭୭ । ଅଙ୍ଗମର୍ଦ୍ଦନ, ଅକାରଣ ଉପସ୍ଥେନ୍ଦ୍ରିୟ ସ୍ପର୍ଶ, ନେତ୍ରାଂଜନ, ଜୋତା ଓ ଛତ୍ରଧାରଣ, କାମ,କ୍ରୋଧ, ଲୋଭ, ମୋହ, ଭୟ, ଶୋକ, ଈର୍ଷା,ଦ୍ୱେଷ, ନୃତ୍ୟ, ଗୀତ, ବାଦ୍ୟ । ୨-୧୭୮) ଦ୍ୟୂତ କ୍ରୀଡ଼ା,ପରଚର୍ଚ୍ଚା, ପରନିନ୍ଦା, ମିଥ୍ୟାଭାଷଣ, ସ୍ତ୍ରୀପୁରୁଷ ଦର୍ଶନ, ପରନିର୍ଭରଶୀଳତା ଓ ପରର ଅପକାର ଆଦି କୁକର୍ମ ସର୍ବଦା ପରିତ୍ୟାଗ କରିବେ । ୨-୧୭୯ । ସର୍ବତ୍ର ଏକାକୀ ଶୟନ କରିବେ ଓ କଦାପି ବୀର୍ଯ୍ୟସ୍ଖଳନ କରିବେ ନାହିଁ । ଯଦି କାମନାବଶତଃ ବୀର୍ଯ୍ୟ ସ୍ଖଳିତ ହୁଏ ତେବେ ଜାଣିବାକୁ ହେବ ଯେ ନିଜର ବ୍ରହ୍ମଚର୍ଯ୍ୟ ବ୍ରତ ନଷ୍ଟ ହୋଇଅଛି । ୨-୧୮୦ ।

୧୪) ବେଦମନୂଚ୍ୟାଚାର୍ଯ୍ୟୋଽନ୍ତେ ବାସିନମନୁଶାସ୍ତି । ସତ୍ୟଂ ବଦ । ଧର୍ମଂ ଚର । ସ୍ୱାଧ୍ୟାୟାନ୍ମା ପ୍ରମଦଃ । ଆଚାର୍ଯ୍ୟାୟ ପ୍ରିୟଂ ଧନମାହୃତ୍ୟ ପ୍ରଜାତନ୍ତୁଂ ମା ବ୍ୟବଚ୍ଛେତ୍ସୀଃ । ସତ୍ୟାନ୍ନ ପ୍ରମଦିତବ୍ୟମ୍ । ଧର୍ମାନ୍ନ ପ୍ରମଦିତବ୍ୟମ୍ । କୁଶଲାନ୍ନ ପ୍ରମଦିତବ୍ୟମ୍ । ଭୂତ୍ୟୈ ନ ପ୍ରମଦିତବ୍ୟମ୍ । ସ୍ୱାଧ୍ୟାୟପ୍ରବଚନାଭ୍ୟାଂ ନ ପ୍ରମଦିତବ୍ୟମ୍ । ଦେବପିତୃକାର୍ଯ୍ୟାଭ୍ୟାଂ ନ ପ୍ରମଦିତବ୍ୟମ୍ ।୧ । ମାତୃଦେବୋ ଭବ । ପିତୃଦେବୋ ଭବ । ଆଚାର୍ଯ୍ୟଦେବୋ ଭବ । ଅତିଥିଦେବୋ ଭବ । ଯାନ୍ୟନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି ନୋ ଇତରାଣି । ଯାନ୍ୟସ୍ମାକଂ ସୁଚରିତାନି ତାନି ତ୍ୱୟୋପାସ୍ୟାନି ନୋ ଇତରାଣି ।୨ । ଯେ କେ ଚାସ୍ମଚ୍ଛ୍ରେୟାଂସୋ ବ୍ରାହ୍ମଣାସ୍ତେଷାଂ ତ୍ୱୟାସନେନ ପ୍ରଶ୍ୱସିତବ୍ୟମ୍ ।ଶ୍ରଦ୍ଧୟା ଦେୟଂ । ଅଶ୍ରଦ୍ଧୟା ଦେୟମ୍ । ଶ୍ରିୟା ଦେୟମ୍ । ହ୍ରିୟା ଦେୟମ୍ । ଭିୟା ଦେୟମ୍ । ସଂବିଦା ଦେୟମ୍ ।୩ । ଅଥ ଯଦି ତେ କର୍ମ ବିଚିକିତ୍ସା ବା ବୃତ୍ତ ବିଚିକିତ୍ସା ବା ସ୍ୟାତ୍ । ଯେ ତତ୍ର ବ୍ରାହ୍ମଣାଃ ସମ୍ମର୍ଶିନୋ ଯୁକ୍ତା ଅଯୁକ୍ତା ଅଲୂକ୍ଷା ଧର୍ମକାମାଃ ସ୍ୟୁର୍ଯଥା ତେ ତତ୍ର ବର୍ତ୍ତେରନ୍ ତଥା ତତ୍ର ବର୍ତ୍ତେଥାଃ ।୪ । ଏଷ ଆଦେଶ ଏଷ ଉପଦେଶ ଏଷା ବେଦୋପନିଷଦ୍ ଏତଦନୁଶାସନମ୍ । ଏବମୁପାସିତବ୍ୟମ୍ । ଏବମୁଚୈତଦୁପାସ୍ୟମ୍ ।୫ । ତୈତ୍ତିରୀୟୋପନିଷଦ୍ ।୭-୧୧ ।

ଆଚାର୍ଯ୍ୟ ଅନ୍ତେବାସୀ ଅର୍ଥାତ୍ ନିଜ ଶିଷ୍ୟ ଓ ଶିଷ୍ୟାମାନଙ୍କୁ ଏପରି ଉପଦେଶ ଦେବେ । ତୁମେ ସର୍ବଦା ସତ କୁହ । ଧର୍ମାଚରଣ କର । ଅଧ୍ୟୟନ ଓ ଅଧ୍ୟାପନରେ ଅବହେଳା କର ନାହିଁ । ପୂର୍ଣ୍ଣରୂପେ ବ୍ରହ୍ମଚର୍ଯ୍ୟ ବ୍ରତକୁ ପାଳନ କରି ସମସ୍ତ ବିଦ୍ୟା ଶିକ୍ଷାକର । ଆଚାର୍ଯ୍ୟଙ୍କୁ ତାଙ୍କର ପ୍ରିୟ ଧନ ପ୍ରଦାନ କର । ବିବାହ କରି ସନ୍ତାନ ଉତ୍ପନ୍ନ କର । ସତ୍ୟ ଓ ଧର୍ମ ପାଳନରେ ଅବହେଳା କର ନାହିଁ, ଅର୍ଥାତ୍ କେବେ ଅସାବଧାନ ହୁଅ ନାହିଁ । ଆରୋଗ୍ୟ ଓ ନିପୁଣତା ଅର୍ଜନରେ ହେଳାକରନାହିଁ । ଉତ୍ତମ ଐଶ୍ୱର୍ଯ୍ୟ ଲାଭ କରିବାରେ ପ୍ରଯତ୍ନଶୀଳ ହୁଅ । ମାତା, ପିତା, ଆଚାର୍ଯ୍ୟ ଅତିଥି ଓ ବିଦ୍ୱାନ୍ ପୁରୁଷଙ୍କ ସେବାରେ ଅବହେଳା କର ନାହିଁ । ସର୍ବଦା ସାବଧାନତାର ସହିତ ସେମାନଙ୍କର ସତ୍କାର କର । ଅନିନ୍ଦ୍ୟ ସତ୍ୟଭାଷଣାଦି ପୁଣ୍ୟକର୍ମ ଗୁଡ଼ିକ ପାଳନ କର ଓ ନିନ୍ଦନୀୟ ମିଥ୍ୟାଭାଷଣାଦି କର୍ମ ପରିତ୍ୟାଗ କର । ଆମ୍ଭମାନଙ୍କ ଧର୍ମ ସଂଗତ ଆଚରଣକୁ ଗ୍ରହଣ କର ଓ ଧର୍ମବିରୁଦ୍ଧ ଗୁଣକୁ ବର୍ଜନ କର । ଆମ୍ଭମାନଙ୍କ ମଧ୍ୟରେ ଯେଉଁମାନେ ଉତ୍ତମ ବିଦ୍ୱାନ୍ ଓ ଧର୍ମାତ୍ମା ବ୍ରାହ୍ମଣ ସେମାନଙ୍କ ସଂସ୍ପର୍ଶରେ ଆସ ଏବଂ ସେମାନଙ୍କୁ ବିଶ୍ୱାସ କର । ଦାନଶୀଳ ହୁଅ । ଶ୍ରଦ୍ଧାରେ ହେଉ ବା ଅଶ୍ରଦ୍ଧାରେ ହେଉ, ଆଡ଼ମ୍ବରରେ ହେଉ ବା ପ୍ରତିଜ୍ଞା ବଶତଃ ହେଉ, ଲଜ୍ଜାରେ ହେଉ ବା ଭୟରେ ହେଉ, ଯେ କୌଣସି ପ୍ରକାରେ ହେଉନା କାହିଁକି ଦାନ କର । ଧର୍ମ, କର୍ମ, ଜ୍ଞାନ ଓ ଉପାସନା ସମ୍ପର୍କରେ ଯଦି କୌଣସି ସନ୍ଦେହ ଉତ୍ପନ୍ନ ହୁଏ ତେବେ ସମଦର୍ଶୀ ପକ୍ଷପାତ ରହି ଯୋଗୀ ଅବା ଅଯୋଗୀ ହେଲେ ମଧ୍ୟ ଧର୍ମାତ୍ମା ପୁରୁଷ ଯେଉଁ ମାର୍ଗ ଅନୁସରଣ କରନ୍ତି ତୁମ୍ଭେମାନେ ମଧ୍ୟ ସେହି ପଥର ପଥିକ ହୁଅ । ଏହାହିଁ ଆଦେଶ; ଏହାହିଁ ଉପଦେଶ, ଏହାହିଁ ଶାସ୍ତ୍ର ଏବଂ ଏହାହିଁ ଶିକ୍ଷା । ଏହିପରି ଆଚରଣ କରିବା ଓ ସ୍ୱୀୟ ଆଚରଣକୁ ସଂଶୋଧନ କରିବା ଆମ୍ଭମାନଙ୍କର ପରମ ଓ ଚରମ କର୍ତ୍ତବ୍ୟ ଅଟେ ।

୧୫) ଅକାମସ୍ୟ କ୍ରିୟା କାଚିତ୍ ଦୃଶ୍ୟତେ ନେହ କର୍ହିଚିତ୍ ।
ଯଦ୍ୟଦ୍ଧି କୁରୁତେ କିଞ୍ଚିତ୍ ତତ୍ତତ୍କାମସ୍ୟ ଚେଷ୍ଟିତମ୍ ।

(ମନୁ ୨/୪)

କାମନା ଶୂନ୍ୟ ହୋଇ କୌଣସି କାର୍ଯ୍ୟ କରାଯାଇ ନ ପାରେ । ଏପରିକି ନେତ୍ରର ସଂକୋଚନ ଓ ପ୍ରସାରଣ ମଧ୍ୟ କରିବା ସମ୍ଭବପର ନୁହେଁ । ଏଥିରୁ ସିଦ୍ଧ ହେଉଛି ଯେ କାମନା ବା ଇଚ୍ଛାପୂର୍ବକ ହିଁ ଆମେ ଯେ କୌଣସି କାର୍ଯ୍ୟପାଇଁ ଚେଷ୍ଟା କରିଥାଉଁ ।

ଆଚାରଃ ପରମୋ ଧର୍ମଃ ଶ୍ରୁତ୍ୟୁକ୍ତଃ ସ୍ମାର୍ତ୍ତ ଏବ ଚ ।
ତସ୍ମାଦସ୍ମିନ୍ ସଦାଯୁକ୍ତୋ ନିତ୍ୟଂ ସ୍ୟାଦାତ୍ମବାନ୍ ଦ୍ୱିଜଃ ।।
ଆଚାରାଦ୍ବିଚ୍ୟୁତୋ ବିପ୍ରୋ ନ ବେଦ ଫଳମଶ୍ନୁତେ ।
ଆଚାରେଣ ତୁ ସଂଯୁକ୍ତଃ ସଂପୂର୍ଣ୍ଣଫଳଭାଗ୍ ଭବେତ୍ ।

(ମନୁ ୧/୧୦୮,୧୦୯ ।

ବେଦ ଓ ବେଦାନୁକୂଳ ସ୍ମୃତି ଶାସ୍ତ୍ରଗୁଡ଼ିକୁ ପଢ଼ିବା ପଢ଼ାଇବା ଓ ଶୁଣିବା ଶୁଣାଇବା ଦ୍ୱାରା କଣ ଫଳ ମିଳେ ? ଏହାର ଫଳ ହେଉଛି ଆମ ଆଚରଣର ସଂସ୍କାର । ଏଣୁ ଧର୍ମାଚରଣରେ ସର୍ବଦା ଯୁକ୍ତ ରହିବା ଉଚିତ୍ । କାରଣ ଯିଏ ଧର୍ମାଚରଣ ରହିତ, ସିଏ ତହିଁରୁ ଉତ୍ପନ୍ନ ସୁଖରୂପୀ ଫଳ ଲାଭ କରିପାରେ ନାହିଁ । ଯିଏ ବିଦ୍ୟାଧ୍ୟୟନ ପୂର୍ବକ ଧର୍ମାଚରଣ କରେ ସେ ଯାବତୀୟ ସୁଖକୁ ପୂର୍ଣ୍ଣରୂପେ ଲାଭକରିଥାଏ ।

ଯୋଽବମନ୍ୟେତ ତେ ମୂଳେ ହେତୁଶାସ୍ତ୍ରାଶ୍ରୟାଦ୍ ଦ୍ୱିଜଃ ।
ସ ସାଧୁଭିର୍ବହିଷ୍କାର୍ଯ୍ୟୋ ନାସ୍ତିକୋ ବେଦନିନ୍ଦକଃ ।

(ମନୁ ୨-୧୧)

ଯିଏ ବେଦ, ବେଦାନୁକୂଳ ଓ ଆପ୍ତପୁରୁଷ ରଚିତ ଶାସ୍ତ୍ରମାନଙ୍କର ଅବମାନନା କରେ ସେହି ବେଦ ନିନ୍ଦୁକ ନାସ୍ତିକକୁ ସାଧୁମାନେ ଦେଶ ଓ ସମାଜରୁ ବହିଷ୍କାର କରିବା ଉଚିତ୍ । କାରଣ —

ଶ୍ରୁତିଃ ସ୍ମୃତିଃ ସଦାଚାରଃ ସ୍ୱସ୍ୟ ଚ ପ୍ରିୟମାତ୍ମନଃ ।
ଏତଚ୍ଚତୁର୍ବିଧଂ ପ୍ରାହୁଃ ସାକ୍ଷାତ୍ ଧର୍ମସ୍ୟ ଲକ୍ଷଣମ୍ ।

(ମନୁ ୨-୧୨)

ଶ୍ରୁତି, ସ୍ମୃତି, ସଦାଚାର ତଥା ଆତ୍ମାପାଇଁ ଯାହା ପ୍ରିୟ ଯଥା ସତ୍ୟଭାଷଣାଦି ଏହି ଚାରୋଟି ଲକ୍ଷଣରୁ ହିଁ ଧର୍ମାଧର୍ମର ବିଚାର କରିହୁଏ । ପକ୍ଷପାତ ରହିତ ନ୍ୟାୟ, ସତ୍ୟର ଗ୍ରହଣ ଓ ମିଥ୍ୟା ବର୍ଜନ ରୂପକ ଆଚରଣକୁ ଧର୍ମ କହନ୍ତି । ଏହାର ବିପରୀତ ଆଚରଣ ହିଁ ଅଧର୍ମ ।

ଅର୍ଥକାମେଷ୍ୱସକ୍ତାନାଂ ଧର୍ମଜ୍ଞାନଂ ବିଧୀୟତେ ।
ଧର୍ମଂଜିଜ୍ଞାସମାନାନାଂ ପ୍ରମାଣଂ ପରମଂ ଶ୍ରୁତିଃ ।

(ମନୁ ୨-୧୩)

ଯେଉଁବ୍ୟକ୍ତି ଧନ ଏବଂ ସ୍ତ୍ରୀ ଭୋଗାଦିର ମୋହକୁ ଏଡ଼ାଇଦେଇପାରିଛି ସେ ହିଁ କେବଳ ଧର୍ମଜ୍ଞାନ ଲାଭ କରିପାରେ । ଯେଉଁ ବ୍ୟକ୍ତି ଧର୍ମଜ୍ଞାନ ଲାଭ କରିବାକୁ ଚାହେଁ ତାକୁ ବେଦ ଅଧ୍ୟୟନ କରିବାକୁ ହେବ । କାରଣ ବେଦଜ୍ଞାନ ବ୍ୟତୀତ ଧର୍ମାଧର୍ମର ନିର୍ଣ୍ଣୟ ଯଥାର୍ଥଭାବେ କରିହୁଏ ନାହିଁ ।

୧୬) ଆଚାର୍ଯ୍ୟମାନେ ନିଜନିଜ ଶିଷ୍ୟମାନଙ୍କୁ ଏହିପରି ଶିକ୍ଷାଦେବେ ଏବଂ ବିଶେଷକରି ରାଜା, ଅନ୍ୟାନ୍ୟ କ୍ଷତ୍ରିୟ, ବୈଶ୍ୟ ଓ ଉତ୍ତମ ଶୂଦ୍ରମାନଙ୍କୁ ମଧ୍ୟ ସେମାନେ ବିଦ୍ୟାଭ୍ୟାସ କରାଇବେ । କାରଣ ଯିଏ ବ୍ରାହ୍ମଣ ସେହିଁ କେବଳ ଯଦି ବିଦ୍ୟାଶିକ୍ଷା କରେ, କ୍ଷତ୍ରିୟାଦି ଯଦି ନ କରନ୍ତି ତେବେ ବିଦ୍ୟା, ଧର୍ମ, ରାଜ୍ୟ ଓ ଧନାଦିର ବୃଦ୍ଧି କେବେହେଁ ହୋଇ ପାରିବ ନାହିଁ । କାରଣ ବ୍ରାହ୍ମଣତ କେବଳ ଅଧ୍ୟୟନ ଓ ଅଧ୍ୟାପନା କରି ଏବଂ କ୍ଷତ୍ରିୟାଦିଙ୍କଠାରୁ ଜୀବିକାର୍ଜନ କରି ଜୀବନଧାରଣ କରିପାରେ । କ୍ଷତ୍ରିୟମାନେ ଯଦି ଯଥାବିଧି ଆଜ୍ଞାପାଳନ ନ କରନ୍ତି, ଧନ ନ ଦିଅନ୍ତି, ଦଣ୍ଡଦାନ ନ କରନ୍ତି ତେବେ ବ୍ରାହ୍ମଣାଦି ସକଳବର୍ଣ୍ଣ ପାଷାଣ୍ଡୀ ଓ ଦୁରାଚାରୀ ହୋଇଯାନ୍ତି ଏବଂ ଯେତେବେଳେ କ୍ଷତ୍ରିୟମାନେ ବିଦ୍ୱାନ୍ ହୁଅନ୍ତି ବ୍ରାହ୍ମଣମାନେ ମଧ୍ୟ ଅଧିକ ବିଦ୍ୟାଭ୍ୟାସ କରନ୍ତି ଓ ଧର୍ମପଥରେ ପରିଚାଳିତ ହୁଅନ୍ତି । ସେମାନେ ବିଦ୍ୱାନ୍ କ୍ଷତ୍ରିୟାଦିଙ୍କ ନିକଟରେ ଭଣ୍ଡାମି ଓ ମିଥ୍ୟାବ୍ୟବହାର ପ୍ରଦର୍ଶନ କରନ୍ତି ନାହିଁ । କିନ୍ତୁ ଯେତେବେଳେ କ୍ଷତ୍ରିୟାଦି ବିଦ୍ୟାବିହୀନ ହୋଇ ପଡ଼ନ୍ତି, ସେତେବେଳେ ସେମାନେ ଯା ଇଚ୍ଛା ତା କରନ୍ତି ଓ କରାଉଥାନ୍ତି ।

ଏଣୁ ବ୍ରାହ୍ମଣମାନେ ଯଦି ନିଜର କଲ୍ୟାଣକାମନା କରୁଥାନ୍ତି, ତେବେ କ୍ଷତ୍ରିୟାଦିଙ୍କୁ ଅତ୍ୟନ୍ତ ଯତ୍ନର ସହିତ ବେଦାଦି ସତ୍‌ଶାସ୍ତ୍ରର ଶିକ୍ଷାଦାନ କରିବେ । କାରଣ କ୍ଷତ୍ରିୟାଦି ହିଁ ବିଦ୍ୟା, ଧର୍ମ,ରାଜ୍ୟ ଲକ୍ଷ୍ମୀ ତଥା ଐଶ୍ୱର୍ଯ୍ୟର ବୃଦ୍ଧି କରିଥାନ୍ତି । କଦାପି ସେମାନେ ଭିକ୍ଷାବୃତ୍ତି କରନ୍ତି ନାହିଁ । ତେଣୁ ବିଦ୍ୟାବ୍ୟବହାରରେ ସେମାନେ କେବେ ପକ୍ଷପାତୀ ହୋଇ ପାରନ୍ତି ନାହିଁ । ଯଦି ସକଳ ବର୍ଣ୍ଣ ମଧ୍ୟରେ ବିଦ୍ୟା ଓ ସୁଶିକ୍ଷାର ପ୍ରଚାର ହୁଏ ତେବେ କେହି ଭଣ୍ଡାମିରୂପକ ଅଧର୍ମଯୁକ୍ତ ମିଥ୍ୟାବ୍ୟବହାର କରି ପାରିବେ ନାହିଁ । ଏଥିରୁ ପ୍ରମାଣିତ ହେଉଛି ଯେ କ୍ଷତ୍ରିୟ ଆଦିଙ୍କୁ ନିୟମାନୁସାରେ ବ୍ରାହ୍ମଣ ଓ ସନ୍ନ୍ୟାସୀମାନେ ପରିଚାଳନା କରିବେ ସେହି ପରି ବ୍ରାହ୍ମଣ ଓ ସନ୍ନ୍ୟାସୀମାନଙ୍କୁ ନିୟମାନୁସାରେ କ୍ଷତ୍ରିୟମାନେ ପରିଚାଳନା କରିବେ । ଏଥିପାଇଁ ପ୍ରତ୍ୟେକ ବର୍ଣ୍ଣର ନରନାରୀମାନଙ୍କ ମଧ୍ୟରେ ବିଦ୍ୟା ଓ ଧର୍ମର ପ୍ରଚାର ହେବା ଏକାନ୍ତ ଆବଶ୍ୟକ ।

୧୭) ସତ୍ୟାସତ୍ୟ ପରୀକ୍ଷା- ଯାହା ଶିଖିବ ଓ ଶିଖାଇବ-ସେ ସବୁର ସତ୍ୟତା ସମ୍ପର୍କରେ ପ୍ରଥମେ ପରୀକ୍ଷା କରି ଦେଖିବା ଉଚିତ୍ । ଯେ କୌଣସି ବିଷୟର ସତ୍ୟ ବା ମିଥ୍ୟା ଜାଣିବାପାଇଁ ନିମ୍ନ ପାଞ୍ଚୋଟି ଉପାୟରେ ପରୀକ୍ଷା କରାଯାଇଥାଏ..

୧) ଯାହା ସବୁ ଈଶ୍ୱରଙ୍କ ଗୁଣ କର୍ମ ସ୍ୱଭାବ ଓ ବେଦର ଅନୁକୂଳ ସେ ସମସ୍ତ ସତ୍ୟ ଯେଉଁ ଗୁଡ଼ିକ ତାର ବିପରୀତ ସେସବୁ ମିଥ୍ୟା ।

୨) ସୃଷ୍ଟି କ୍ରମର ଯାହା ଅନୁକୂଳ ସେ ସମସ୍ତ ସତ୍ୟ କିନ୍ତୁ ସୃଷ୍ଟିକ୍ରମର ଯାହା ବିରୁଦ୍ଧ ସେ ସମସ୍ତ ଅସତ୍ୟ । ଯଥା, ଯଦି କେହି କହେ... ମାତା ପିତାଙ୍କ ସଂଯୋଗ ବ୍ୟତୀତ

ସନ୍ତାନ ଜନ୍ମିଛି । ଏହା ସୃଷ୍ଟିକ୍ରମର ବିରୁଦ୍ଧ ହୋଇ ଥିବାରୁ ସର୍ବଥା ମିଥ୍ୟା ଅଟେ ।

୩) ଧାର୍ମିକ, ବିଦ୍ୱାନ୍, ସତ୍ୟବାଦୀ ଓ ନିଷ୍କପଟ ବ୍ୟକ୍ତିମାନେ ଯେଉଁ ଯେଉଁ ଆଚରଣ କରନ୍ତି ଓ ଉପଦେଶ ଦିଅନ୍ତି, ସେ ସବୁ ସତ୍ୟ, ତେଣୁ ତାହା ଗ୍ରହଣଯୋଗ୍ୟ । କିନ୍ତୁ ଯେଉଁ ଗୁଡ଼ିକ ତାର ବିରୁଦ୍ଧ ସେ ସବୁ ମିଥ୍ୟା ହୋଇଥିବାରୁ ବର୍ଜନୀୟ ଅଟେ ।

୪)ଯାହା ନିଜ ଆତ୍ମାର ପବିତ୍ରତା ଓ ବିଦ୍ୟାର ଅନୁକୂଳ, ଯଥା, ସୁଖ ନିଜର ପ୍ରିୟ ଓ ଦୁଃଖ ଅପ୍ରିୟ ସେପରି ସର୍ବଥା ବୁଝିବାକୁ ହେବ ଯେ ଯଦି ମୁଁ କାହାକୁ ଦୁଃଖ ବା ସୁଖ ଦିଏ ତେବେ ସେ ମଧ୍ୟ ଦୁଃଖୀ ବା ସୁଖୀ ହେବ ।

୫) ନ୍ୟାୟ ଶାସ୍ତ୍ରର ଆଠ ପ୍ରକାର ପ୍ରମାଣ-ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଶବ୍ଦ, ଐତିହ, ଅର୍ଥାପତ୍ତି, ସମ୍ଭବ ଓ ଅଭାବ ।

୧୮) ପ୍ରତ୍ୟକ୍ଷ ପ୍ରମାଣ—

''ଇନ୍ଦ୍ରିୟାର୍ଥସନ୍ନିକର୍ଷୋତ୍ପନ୍ନଂ ଜ୍ଞାନମବ୍ୟପଦେଶ୍ୟମବ୍ୟଭିଚାରୀ
ବ୍ୟବସାୟାତ୍ମକଂ ପ୍ରତ୍ୟକ୍ଷମ୍'' ।।

(ନ୍ୟାୟ ସୂତ୍ର ୧/୧/୪)

ଚକ୍ଷୁ, ଜିହ୍ୱା, କର୍ଣ୍ଣ, ଚର୍ମ, ଓ ନାସିକା ଆଦି ଇନ୍ଦ୍ରିୟଗୁଡ଼ିକର ରୂପ, ରସ, ଶବ୍ଦ, ସ୍ପର୍ଶ ଓ ଗନ୍ଧ ସହିତ ଯେତେବେଳେ ଅବ୍ୟବହିତ ଅର୍ଥାତ୍ ଆବରଣହୀନ ସମ୍ବନ୍ଧ ହୁଏ, ସେତେବେଳେ ଇନ୍ଦ୍ରିୟ ସହିତ ମନର ଓ ମନ ସହିତ ଆତ୍ମାର ସଂଯୋଗବଶତଃ ଯେଉଁ ଜ୍ଞାନ ଉତ୍ପନ୍ନ ହୁଏ ତାକୁ ପ୍ରତ୍ୟକ୍ଷ କହନ୍ତି । କିନ୍ତୁ ଏ ଜ୍ଞାନ ଅବ୍ୟପଦେଶ୍ୟ, ଅବ୍ୟଭିଚାରୀ ଓ ବ୍ୟବସାୟାତ୍ମକ ହେବା ଉଚିତ୍ ।

(କ)ଅବ୍ୟପଦେଶ୍ୟ - ବ୍ୟପଦେଶ୍ୟ ଅର୍ଥାତ୍ ସଂଜ୍ଞା ସଂଜ୍ଞୀ ସମ୍ବନ୍ଧରୁ ଯା କିଛି ଜଣାପଡ଼େ ତା ପ୍ରତ୍ୟକ୍ଷ ଜ୍ଞାନ ନୁହେଁ । ଯଦି କୌଣସି ବ୍ୟକ୍ତିକୁ ପାଣି ଆଣିବାକୁ କୁହାଯାଏ ସେହି ଲୋକ ପାଣିଆଣି କହେ ଏହିପାଣି ନିଅନ୍ତୁ । ସେତେବେଳେ ଆମେ ପାଣି, ଦୁଇ ଅକ୍ଷରର ନାମକୁ ଦେଖୁ ନାହୁଁ, କେବଳ ପାଣି ନାମକ ପଦାର୍ଥକୁ ଦେଖୁଁ । ପାଣିକୁ ଦେଖିବା ପ୍ରତ୍ୟକ୍ଷପ୍ରମାଣ ଓ 'ଜଳ' ନାମ ହେଉଛି ଶବ୍ଦପ୍ରମାଣ ।

(ଖ) ଅବ୍ୟଭିଚାରୀ - ଅନ୍ଧକାର ରାତିରେ କୌଣସି ଜଣେ ବ୍ୟକ୍ତି ଗୋଟିଏ ସ୍ତମ୍ଭକୁ ଦେଖି ମନୁଷ୍ୟ ବୋଲି ବିଚାରେ କିନ୍ତୁ ସେ ତାକୁ ଦିନବେଳେ ପୁଣିଥରେ ଯେତେବେଳେ ଦେଖେ ସେତେବେଳେ ତାର ସ୍ତମ୍ଭଜ୍ଞାନ ହୁଏ । ଏପରି ବିନାଶୀ ବା କ୍ଷଣସ୍ଥାୟୀ ଜ୍ଞାନକୁ ବ୍ୟଭିଚାରୀ କୁହାଯାଏ । ଏହା ପ୍ରତ୍ୟକ୍ଷଜ୍ଞାନ ନୁହେଁ ।

(ଗ) ବ୍ୟବସାୟାତ୍ମକ - ଯଦି କେହି ଦୂରରୁ ନଦୀ ବାଲିକୁ ଦେଖି ବସ୍ତ୍ର, ଜଳ ଆଦି ଅନ୍ୟ କୌଣସି ବସ୍ତୁ ବୋଲି ଜ୍ଞାନ କରେ କିମ୍ବା କୌଣସି ବ୍ୟକ୍ତିକୁ ଦେଖି [illegible]

ବା ଯଜ୍ଞଦତ୍ତ ବୋଲି ସନ୍ଦେହ କରେ ତେବେ ତାହା ପ୍ରତ୍ୟକ୍ଷଜ୍ଞାନ ହୋଇନପାରେ । ଜ୍ଞାନ ବ୍ୟବସାୟାତ୍ମକ ଅର୍ଥାତ୍ ନିଶ୍ଚୟାତ୍ମକ ନ ହେଲେ ତାକୁ ପ୍ରତ୍ୟକ୍ଷ ବୋଲି କୁହାଯାଇପାରିବ ନାହିଁ ।

ଅତଏବ ଯେଉଁ ଜ୍ଞାନ ଅବ୍ୟପଦେଶ୍ୟ, ଅବ୍ୟଭିଚାରୀ ଓ ନିଶ୍ଚୟାତ୍ମକ ତାହାକୁ ପ୍ରତ୍ୟକ୍ଷ କହନ୍ତି ।

(୧୯) ଅନୁମାନ ପ୍ରମାଣ-

'ଅଥ ତତ୍ପୂର୍ବକଂ ତ୍ରିବିଧମନୁମାନଂ ପୂର୍ବବତ୍ ଶେଷବତ୍ ସାମାନ୍ୟତୋ ଦୃଷ୍ଟଞ୍ଚ ।''

ନ୍ୟାୟସୂତ୍ର ୧/୧/୫ ।

ଆଗରୁ କୌଣସି ଏକ ବସ୍ତୁକୁ କିଛି ଅଂଶରେ ବା ପୂର୍ଣ୍ଣରୂପେ ଦେଖିଥିବ । ପରେ ତା'ର ଏକ ସହଚାରୀ ଅଂଶ ପ୍ରତ୍ୟକ୍ଷୀଭୂତ ହେଲେ ଅଦୃଷ୍ଟ ଅବୟବୀର ଜ୍ଞାନ ହେବାକୁ ଅନୁମାନ ପ୍ରମାଣ କହନ୍ତି । ଯଥା - ପୁତ୍ରକୁ ଦେଖି ପିତାର, ପର୍ବତାଦିରେ ଧୂଆଁକୁ ଦେଖି ଅଗ୍ନିର, ଏବଂ ଇହଜନ୍ମର ସୁଖ ଦୁଃଖର ତାରତମ୍ୟକୁ ଦେଖି ପୂର୍ବଜନ୍ମର ଅନୁମାନ କରିବାକୁ ହୋଇଥାଏ । ଏହି ଅନୁମାନ ପୁଣି ତିନି ପ୍ରକାରର ।

କ) ପୂର୍ବବତ୍ - ମେଘକୁ ଦେଖି ବର୍ଷାର, ବିବାହକୁ ଦେଖି ସନ୍ତାନୋତ୍ପତ୍ତିର, ଓ ଅଧ୍ୟୟନରତ ଶିକ୍ଷାର୍ଥୀକୁ ଦେଖି ବିଦ୍ୟାଲାଭର ନିଶ୍ଚିତତା ହୁଏ । ଏପରି ଯେଉଁ ସ୍ଥାନରେ କାରଣକୁ ଦେଖି କାର୍ଯ୍ୟର ଜ୍ଞାନ ହୁଏ ତାକୁ ପୂର୍ବବତ୍ ଅନୁମାନ କୁହାଯାଏ ।

ଖ)ଶେଷବତ୍ - ଯେଉଁଠାରେ କାର୍ଯ୍ୟକୁ ଦେଖି କାରଣର ଜ୍ଞାନହୁଏ ତାକୁ 'ଶେଷବତ୍ ଅନୁମାନ' କୁହାଯାଏ ।ଯଥା - ନଦୀପ୍ରବାହର ବୃଦ୍ଧିକୁ ଦେଖି ଉପରି ଭାଗରେ ବର୍ଷାର, ପୁତ୍ରକୁ ଦେଖି ପିତାର, ସୃଷ୍ଟିକୁ ଦେଖି ଅନାଦି କାରଣର ଓ କର୍ତ୍ତା ଈଶ୍ୱରଙ୍କର ଏବଂ ଦୁଃଖସୁଖକୁ ଦେଖି ପାପପୁଣ୍ୟ ଆଚରଣର ଜ୍ଞାନ ହୁଏ ।

ଗ) ସାମାନ୍ୟତୋ ଦୃଷ୍ଟ- ଉଭୟ ବସ୍ତୁ ମଧ୍ୟରେ କୌଣସି କାର୍ଯ୍ୟ କାରଣ ସମ୍ବନ୍ଧ ନଥିବ କିନ୍ତୁ ପରସ୍ପର ମଧ୍ୟରେ କୌଣସି ପ୍ରକାରର ସାଧର୍ମ୍ୟ ଥିବ ।ଯଥା — କୌଣସି ବ୍ୟକ୍ତି ଗମନ ନ କଲେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଇ ପାରିବନାହିଁ । ଏଣୁ ଅନ୍ୟ ସ୍ଥାନରେ କୌଣସି ବ୍ୟକ୍ତିକୁ ଦେଖିବା ମାତ୍ରେ ଉକ୍ତବ୍ୟକ୍ତି ପୂର୍ବସ୍ଥାନରୁ ଆସିଥିବା କଥା ଅନୁମାନ କରାଯାଏ ।

ଏଣୁ ଅନୁମାନର ଅର୍ଥ ହେଉଛି 'ଅନୁ' ଅର୍ଥାତ୍ 'ପ୍ରତ୍ୟକ୍ଷସ୍ୟ ପଶ୍ଚାତ୍ ମୀୟତେ ଜ୍ଞାୟତେ ଯେନ ତତ୍ ଅନୁମାନମ୍ ।' ଅର୍ଥାତ୍ - 'ପ୍ରତ୍ୟକ୍ଷକଲା ପରେ ଯେଉଁ ଜ୍ଞାନହୁଏ ତାକୁ ଅନୁମାନ କହନ୍ତି ।' ଯଥା - ଧୂଆଁ କୁ ଦେଖି ଅଗ୍ନିର ଜ୍ଞାନ ହେବା ।

୨୦) ଉପମାନ ପ୍ରମାଣ -

''ପ୍ରସିଦ୍ଧସାଧର୍ମ୍ୟାତ୍ସାଧ୍ୟସାଧନଂ ଉପମାନମ୍ ।''

(ନ୍ୟାୟସୂତ୍ର-୧-୧-୬)

କୌଣସି ବସ୍ତୁକୁ ଅନ୍ୟ ଏକ ବସ୍ତୁର ସାମାନ୍ୟରୁ ଚିହ୍ନିବାକୁ ଉପମାନ ପ୍ରମାଣ କହନ୍ତି । ଯେଉଁ ବସ୍ତୁକୁ ଚିହ୍ନିବାକୁ ହୁଏ ତାକୁ ସାଧ୍ୟ କୁହାଯାଏ ଏବଂ ଯେଉଁ ବସ୍ତୁର ସାମଞ୍ଜସ୍ୟରୁ ଚିହ୍ନିବାକୁ ହୁଏ ତାକୁ ସାଧନ କୁହାଯାଏ । 'ଉପମୀୟତେ ଯେନ ତତ୍ ଉପମାନମ୍ ।' ଯେପରି କେହି ଜଣେ ନିଜ ଭୃତ୍ୟକୁ କହିଲା ତୁ ବିଷ୍ଣୁ ମିତ୍ରକୁ ଡାକି ଆଣ ।' ଉତ୍ତର ମିଳିଲା ମୁଁ ତାକୁ କେବେ ଦେଖିନାହିଁ । ସେ କିପରି ?' ତେବେ ଆଦେଶଦାତା କହନ୍ତି - ଦେବଦତ୍ତ ଦେଖିବାକୁ ଯେପରି ବିଷ୍ଣୁମିତ୍ର ମଧ୍ୟ ସେପରି ଦେଖାଯାଏ । ଭୃତ୍ୟ ଜଣକ ସେଠାକୁ ଯାଇ ଦେବଦତ୍ତଙ୍କ ସାଦୃଶ୍ୟରୁ ବିଷ୍ଣୁ ମିତ୍ରକୁ ଚିହ୍ନିଲା । ଏହିପରି ଗାଈର ସାଦୃଶ୍ୟରୁ ଗବାୟ ଅର୍ଥାତ୍ ନୀଳଗାଈକୁ ଚିହ୍ନିବାକୁ ହୁଏ । ଏହାକୁ ଉପମାନ ପ୍ରମାଣ କହନ୍ତି ।

୨୧) ଶବ୍ଦ ପ୍ରମାଣ —

'ଆପ୍ତୋପଦେଶଃ ଶବ୍ଦଃ' ।

(ନ୍ୟାୟସୂତ୍ର ୧-୧-୭)

ଯେଉଁମାନେ ଆପ୍ତ ଅର୍ଥାତ୍ ପୂର୍ଣ୍ଣବିଦ୍ୱାନ୍, ଧାର୍ମିକ, ପରୋପକାରୀ, ସତ୍ୟବାଦୀ, ପୁରୁଷାର୍ଥୀ ଓ ଜିତେନ୍ଦ୍ରିୟ ସେମାନେ ନିଜେ ଯାହା ଜାଣିଥାନ୍ତି ଓ ଅନୁଭବ କରିଥାନ୍ତି ତାହାହିଁ ପ୍ରକାଶ କରିବା ଇଚ୍ଛାର ପ୍ରେରଣାରେ ସମସ୍ତଙ୍କ କଲ୍ୟାଣ ପାଇଁ ଉପଦେଶ ଦେଇଥାନ୍ତି । ଅର୍ଥାତ୍ ଯିଏ ପୃଥିବୀଠାରୁ ପରମେଶ୍ୱର ପର୍ଯ୍ୟନ୍ତ ସମସ୍ତ ପଦାର୍ଥର ଜ୍ଞାନଲାଭ କରି ଲୋକଙ୍କ ଉପକାର ପାଇଁ ଉପଦେଶ ଦିଅନ୍ତି ସେହିପରି ବ୍ୟକ୍ତିଙ୍କ ଉପଦେଶକୁ ଶବ୍ଦପ୍ରମାଣ କହନ୍ତି । ଋଷିଗଣ ଆପ୍ତପୁରୁଷ ଅଟନ୍ତି । ଏଣୁ ସେମାନଙ୍କ ରଚିତ ଗ୍ରନ୍ଥ ଗୁଡ଼ିକ ହେଉଛି ଶବ୍ଦପ୍ରମାଣ । ଈଶ୍ୱର ପୂର୍ଣ୍ଣ ଆପ୍ତ ହୋଇଥିବାରୁ ତାଙ୍କ ବେଦୋପଦେଶ ହେଉଛି ସର୍ବଶ୍ରେଷ୍ଠ ଶବ୍ଦପ୍ରମାଣ ।

୨୨) ଐତିହ୍ୟ ପ୍ରମାଣ —

'ନ ଚତୁଷ୍ଟ୍ୱମୈତିହ୍ୟାର୍ଥାପତ୍ତି ସମ୍ଭବାଭାବପ୍ରାମାଣ୍ୟାତ୍ ।'

(ନ୍ୟାୟସୂତ୍ର ୨-୨-୧)

'ଇତିହ'ର ଅର୍ଥ 'ଏହିପରିଥିଲା' ବା 'ସେ ଏପରି କରିଥିଲା' । ତେଣୁ କୌଣସି ଦେଶର ଘଟଣାବଳୀ ବା କୌଣସି ବ୍ୟକ୍ତିର ଜୀବନଚରିତକୁ 'ଇତିହାସ' କୁହାଯାଏ । ପୂର୍ବ କାଳର ଏ ଐତିହ୍ୟ ବା ଇତିହାସ ପ୍ରମାଣଦ୍ୱାରା ଆମେ ବର୍ତ୍ତମାନ ମଧ୍ୟ ଅନେକ ସତ୍ୟାସତ୍ୟକୁ ନିର୍ଣ୍ଣୟ କରି ଥାଉଁ ।

୨୩) **ଅର୍ଥାପତ୍ତି** - ଅର୍ଥାଦ୍ ଆପଦ୍ୟତେ ସା ଅର୍ଥାପତ୍ତିଃ ।' କେନଚିଦ୍ ଉଚ୍ୟତେ ''ସତ୍ସୁ ଘନେଷୁ ବୃଷ୍ଟିଃ,ସତି କାରଣେ କାର୍ଯ୍ୟଂ ଭବତୀତି କିମତ୍ର ପ୍ରସଜ୍ୟତେ, ଅସତ୍ସୁ ଘନେଷୁ ବୃଷ୍ଟିରସତି କାରଣେ ଚ କାର୍ଯ୍ୟଂ ନ ଭବତି ।'' କେହି ଜଣେ ଅନ୍ୟ ଜଣକୁ କହିଲା ମେଘରୁ ବର୍ଷା ହୁଏ, ଓ କାରଣରୁ କାର୍ଯ୍ୟ ଉତ୍ପନ୍ନ ହୁଏ । ଏଥିରୁ ପ୍ରତିପାଦିତ ହେଉଛି ଯେ ବିନା ମେଘରେ ବର୍ଷା ହୁଏ ନାହିଁ କିମ୍ବା କାରଣ ନଥାଇ କୌଣସି କାର୍ଯ୍ୟ ହୋଇପାରେ ନାହିଁ ।

୨୪) **ସମ୍ଭବ** -'ସମ୍ଭବନ୍ତି ଯସ୍ମିନ୍ ସ ସମ୍ଭବଃ ।' ଯଦି କେହି କହେ ମାତାପିତା ନ ଥାଇ ସନ୍ତାନ ଜାତ ହେଲା, କେହି ମୃତଲୋକଙ୍କୁ ବଞ୍ଚାଇଦେଲା, ପର୍ବତକୁ ଉଠାଇ ଦେଲା, ଚନ୍ଦ୍ରକୁ ଦୁଇଖଣ୍ଡ କରିଦେଲା, ସମୁଦ୍ରରେ ନିଆଁ ଲାଗିଲା, ପରମେଶ୍ୱର ଅବତାର ହେଲେ ମନୁଷ୍ୟର ଶିଙ୍ଗ ଦେଖିଲା ଓ ବନ୍ଧ୍ୟାନାରୀର ପୁତ୍ରକନ୍ୟାଙ୍କ ବିବାହ ଦେଖିଲା, ଏଗୁଡ଼ିକ ସବୁ ମିଥ୍ୟା କାରଣ ସୃଷ୍ଟିକ୍ରମ ବିରୁଦ୍ଧ ହୋଇଥିବାରୁ ସର୍ବଥା ଅସମ୍ଭବ ଅଟେ । ଯାହା ସୃଷ୍ଟିକ୍ରମର ଅନୁକୂଳ ତାହାହିଁ ସମ୍ଭବ ଏଣୁ ତାହାକୁ ସତ କୁହାଯାଏ ।

୨୫) **ଅଭାବ** - 'ନ ଭବନ୍ତି ଯସ୍ମିନ୍ ସୋଽଭାବଃ ।' ଜଣେ ଅନ୍ୟଜଣକୁ କହିଲ 'ହାତୀଟିଏ ଆଣ' । ସେ ସେଠାରେ ହାତୀର ଅଭାବ-ଥିବା ଦେଖି ଅନ୍ୟ ଏକ ସ୍ଥାନକୁ ଯାଇ ହାତୀଟିଏ ଆଣିଲା ।

ସତ୍ୟାସତ୍ୟ ନିର୍ଣ୍ଣୟ କରିବାର ଏହାହେଉଛି ଆଠଟି ପ୍ରମାଣ । ତନ୍ମଧ୍ୟରୁ 'ଐତିହ୍ୟକୁ' ଶବ୍ଦପ୍ରମାଣର ଅନ୍ତର୍ଭୁକ୍ତ କଲେ ତଥା ଅର୍ଥାପତ୍ତି, ସମ୍ଭବ ଓ ଅଭାବକୁ ଅନୁମାନ ପ୍ରମାଣର ଅନ୍ତର୍ଭୁକ୍ତ କଲେ, ପ୍ରମାଣ କେବଳ ଚାରିପ୍ରକାରର ହେବ ।

୨୬) **''ଧର୍ମବିଶେଷପ୍ରସୂତାଦ୍ ଦ୍ରବ୍ୟଗୁଣକର୍ମସାମାନ୍ୟବିଶେଷ-ସମବାୟାନାଂ ପଦାର୍ଥାନାଂ ସାଧର୍ମ୍ୟ ବୈଧର୍ମ୍ୟାଭ୍ୟାଂ ତତ୍ତ୍ୱ- ଜ୍ଞାନାତ୍ ନିଃଶ୍ରେୟସମ୍ ।''**

(ବୈଶେଷିକ ଦର୍ଶନ୧-୧-୪)

ଯେତେବେଳେ ମନୁଷ୍ୟ ଯଥାଯୋଗ୍ୟ ଧର୍ମାନୁଷ୍ଠାନଦ୍ୱାରା ପବିତ୍ର ହୋଇ 'ସାଧର୍ମ୍ୟ' ଅର୍ଥାତ୍ ଯାହା ତୁଲ୍ୟଧର୍ମ (ଯେପରି ପୃଥିବୀ ଜଡ଼ ଓ ଜଳ ମଧ୍ୟ ଜଡ଼) ଓ ବୈଧର୍ମ୍ୟ ଅର୍ଥାତ୍ ପୃଥିବୀ କଠିଣ ଓ ଜଳ ତରଳ ଏହିପରି ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ ଓ ସମବାୟ-ଏହି ଛଅ ପଦାର୍ଥର ତତ୍ତ୍ୱଜ୍ଞାନ ବା ସ୍ୱରୂପଜ୍ଞାନ ଲାଭ କରେ ସେତେବେଳେ ସେ 'ନିଃଶ୍ରେୟସ' ଅର୍ଥାତ୍ 'ମୋକ୍ଷ' ପ୍ରାପ୍ତ ହୁଏ ।

୨୭) **''ପୃଥିବ୍ୟାପସ୍ତେଜୋବାୟୁରାକାଶଂ କାଲୋ ଦିଗାତ୍ମା ମନ ଇତି ଦ୍ରବ୍ୟାଣି ।''**

(ବୈଶେଷିକ ଦର୍ଶନ୧-୧-୫୦

ପୃଥିବୀ, ଜଳ, ତେଜ, ବାୟୁ, ଆକାଶ, କାଳ, ଦିକ୍, ଆତ୍ମା ଓ ମନ ଏହି ନଅଗୋଟି ହେଉଛି ଦ୍ରବ୍ୟ ।

'କ୍ରିୟା ଗୁଣବତ୍ସମବାୟିକାରଣମିତି ଦ୍ରବ୍ୟଲକ୍ଷଣମ୍ ।'

(ବୈ.ଦ.୧-୧-୧୫)

କ୍ରିୟାଶ୍ଚ ଗୁଣାଶ୍ଚ ବିଦ୍ୟନ୍ତେ ଯସ୍ମିନ୍ ତତ୍ କ୍ରିୟାଗୁଣବତ୍' ଯେଉଁ ଥିରେ ଗୁଣ ଓ କର୍ମ ବା କେବଳ ଗୁଣ ଥାଏ ତାକୁ ଦ୍ରବ୍ୟ କହନ୍ତି । ଏହି ନଅପ୍ରକାର ଦ୍ରବ୍ୟମଧ୍ୟରୁ ପୃଥିବୀ, ଜଳ, ତେଜ, ବାୟୁ, ମନ ଓ ଆତ୍ମା- ଏ ଛଅଟି ଦ୍ରବ୍ୟ କ୍ରିୟା ଓ ଗୁଣବିଶିଷ୍ଟ; ଆଉ ଆକାଶ, କାଳ ଓ ଦିଗ - ଏ ତିନୋଟି କ୍ରିୟାରହିତ ଓ ଗୁଣବିଶିଷ୍ଟ । (ସମବାୟି) ସମବେତୁଂ ଶୀଳଂ ଯସ୍ୟ ତତ୍ ସମବାୟି, ପ୍ରାଗ୍ ବୃତ୍ତିତ୍ୱଂ କାରଣଂ ସମବାୟିଚ ତତ୍ କାରଣଂ ସମବାୟିକାରଣଂ ।' 'ଲକ୍ଷ୍ୟତେ ଯେନ ତଲ୍ଲକ୍ଷଣଂ ।' ଯାହା ମିଳନ ସ୍ୱଭାବଯୁକ୍ତ ଓ କାର୍ଯ୍ୟରୁ କାରଣ ପୂର୍ବକାଳସ୍ଥ ଅଟେ, ତାକୁ ଦ୍ରବ୍ୟ କହନ୍ତି । ଯାହାଦ୍ୱାରା ଲକ୍ଷ୍ୟ ଜଣାଯାଏ ତାକୁ ଲକ୍ଷଣ କୁହାଯାଏ, ଯେପରି ଆଖିଦ୍ୱାରା ରୂପ ଜଣାଯାଏ ।

୨୮) **''ରୂପରସଗନ୍ଧସ୍ପର୍ଶବତୀ ପୃଥିବୀ ।''**

(ବୈ:ଦ: ୨-୧-୧)

ପୃଥିବୀତତ୍ତ୍ୱରେ ରୂପ, ରସ, ଗନ୍ଧ ଓ ସ୍ପର୍ଶ ଏ ଚାରୋଟି ଗୁଣ ରହିଛି । ସେଥିରେ ରୂପ, ରସ ଓ ସ୍ପର୍ଶ ଯଥାକ୍ରମେ ଅଗ୍ନି, ଜଳ ଓ ବାୟୁ ସହିତ ଯୁକ୍ତ ହୋଇଛି ।

''ବ୍ୟବସ୍ଥିତଃ ପୃଥିବ୍ୟାଂ ଗନ୍ଧଃ'' । ବୈ.ଦ. ୨।୨।୨ ।

ଗନ୍ଧ ହେଉଛି ପୃଥିବୀର ସ୍ୱାଭାବିକ ଗୁଣ । ସେହିପରି ଜଳରେ ରସ, ଅଗ୍ନିରେ ରୂପ, ବାୟୁରେ ସ୍ପର୍ଶ, ଓ ଆକାଶରେ ଶବ୍ଦ ହେଉଛି ସ୍ୱାଭାବିକ ।

ରୂପରସସ୍ପର୍ଶବତୀ ଆପୋଦ୍ରବାଃ ସ୍ନିଗ୍ଧାଃ । ବୈ.ଦ. ୨।୧।୨ ।

ରୂପ,ରସ, ଓ ସ୍ପର୍ଶଯୁକ୍ତ ଦ୍ରବୀଭୂତ ଓ କୋମଳତା ହିଁ ଜଳର ଲକ୍ଷଣ । କିନ୍ତୁ, ଜଳର ସ୍ୱାଭାବିକ ଗୁଣ ହେଉଛି ରସ । ରୂପ ଓ ସ୍ପର୍ଶ ଗୁଣ ଅଗ୍ନି ଓ ବାୟୁର ସଂଯୋଗରେ ହୁଏ ।

''ଅପ୍ସୁ ଶୀତତା ।'' ବୈ.ଦ. ୨।୨।୫

ଜଳର ସ୍ୱାଭାବିକ ଗୁଣ ହେଉଛି ଶୀତଳତା ।

''ତେଜୋ ରୂପସ୍ପର୍ଶ ବତ୍'' । ବୈ.ଦ. ୨।୧।୩ ।

ଯାହାର ରୂପ ଓ ସ୍ପର୍ଶ ଗୁଣ ରହିଛି ତାକୁ ତେଜ କହନ୍ତି । ରୂପହିଁ ଏହାର ସ୍ୱାଭାବିକ ଗୁଣ । ବାୟୁର ସଂଯୋଗବଶତଃ ସ୍ପର୍ଶ ଗୁଣ ବିଦ୍ୟମାନ ।

''ସ୍ପର୍ଶବାନ୍ ବାୟୁଃ'' ବୈ.ଦ. ୨।୧।୪ ।

ବାୟୁ ସ୍ପର୍ଶଗୁଣବିଶିଷ୍ଟ । କିନ୍ତୁ, ଏଥିରେ ମଧ୍ୟ ତେଜ ଓ ଜଳର ସଂଯୋଗବଶତଃ ଉଷ୍ଣତା ଓ ଶୀତଳତା ବିଦ୍ୟମାନ ।

''ତ ଆକାଶେ ନ ବିଦ୍ୟନ୍ତେ'' ।ବୈ.ଦ. ୨।୧।୫ ।

ରୂପ, ରସ, ଗନ୍ଧ ଓ ସ୍ପର୍ଶ ଆକାଶର ଗୁଣ ନୁହେଁ ।ଆକାଶର ଗୁଣ କେବଳ ଶବ୍ଦ ।

''ନିଷ୍କ୍ରମଣଂ ପ୍ରବେଶନଂ ଇତି ଆକାଶସ୍ୟ ଲିଙ୍ଗମ୍'' ।ବୈ.ଦ. ୨।୧।୨୦ ।

—ଯହିଁରେ ପ୍ରବେଶ ଓ ନିଷ୍କ୍ରମଣ ହୁଏ ତାହାହିଁ ହେଉଛି ଆକାଶର ଚିହ୍ନ ।

''କାର୍ଯ୍ୟାନ୍ତରାପ୍ରାଦୁର୍ଭାବାଚ୍ଚ ଶବ୍ଦଃ ସ୍ପର୍ଶବତାମଗୁଣଃ'' ।ବୈ.ଦ. ୨।୧।୨୫ ।

ପୃଥିବୀ ଆଦି କାର୍ଯ୍ୟଗୁଡ଼ିକରୁ ପ୍ରକାଶିତ ହେଉ ନଥିବାରୁ ଶବ୍ଦ ଗୁଣଟି ଭୂମି ଆଦିର ନୁହେଁ ।ଏହା ହେଉଛି ଆକାଶର ଗୁଣ ।

୨୯)''ଅପରସ୍ମିନ୍ନପରଂ ଯୁଗପଚ୍ଚିରଂ କ୍ଷିପ୍ରମିତି କାଳଲିଙ୍ଗାନି ।''

(ବୈ.ଦ.୨-୨-୬)

ଯେଉଁଥିରେ ପର, ଅପର, ଏକା ସାଥିରେ ବିଳମ୍ବ ଓ ଶୀଘ୍ର ଇତ୍ୟାଦି ପ୍ରୟୋଗ କରାଯାଏ ତାହାକୁ କାଳ କହନ୍ତି ।

''ନିତ୍ୟେଷ୍ୱଭାବାଦନିତ୍ୟେଷୁ ଭାବାତ୍କାରଣେ କାଳାଖ୍ୟେତି ।''

(ବୈ.ଦ. ୨-୨-୯)

ନିତ୍ୟ ପଦାର୍ଥ ପ୍ରତି କାଳର ପ୍ରୟୋଗ ହୁଏ ନାହିଁ ।ଅନିତ୍ୟ ପଦାର୍ଥ ପ୍ରତି ହିଁ ଏହା ବ୍ୟବହୃତ ହୋଇଥାଏ ।ଅତଏବ କାଳ ମଧ୍ୟ ଏକ ସାଧାରଣ କାରଣ ।

''ଇତ ଇଦମିତି ଯତସ୍ତଦ୍ଦିଶ୍ୟଂ ଲିଙ୍ଗମ୍ ।'' (ବୈ.ଦ. ୨-୨-୧୦)

ଯାହା ପ୍ରତି ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ତଳ, ଉପର ଆଦି ପ୍ରୟୋଗ କରାଯାଏ ତାହାକୁ ଦିଗ କହନ୍ତି ।

''ଆଦିତ୍ୟସଂଯୋଗାଦ୍ ଭୂତପୂର୍ବାଦ୍ ଭବିଷ୍ୟତୋ ଭୂତାଚ୍ଚ ପ୍ରାଚୀ ।''

(ବୈ.ଦ.୨-୨-୧୪)

ଯେଉଁ ଦିଗରେ ସୂର୍ଯ୍ୟୋଦୟ ହୁଏ ବା ହେବ ତାକୁ ପୂର୍ବଦିଗ କହନ୍ତି । ଯେଉଁ ଦିଗରେ ସୂର୍ଯ୍ୟାସ୍ତ ହୁଏ ତାହା ପଶ୍ଚିମ । ପୂର୍ବ ଆଡ଼କୁ ମୁହଁକଲେ ଡାହାଣ ଆଡ଼କୁ ଦକ୍ଷିଣ ଦିଗ ଓ ବାମ ଆଡ଼କୁ ଉତ୍ତର ଦିଗ କହନ୍ତି ।

''ଏତେନ ଦିଗନ୍ତରାଳାନି ବ୍ୟାଖ୍ୟାତାନି ।'' (ବୈ.ଦ.୨-୨-୧୬)

ପୂର୍ବ ଓ ଦକ୍ଷିଣ ଦିଗର ମଧ୍ୟବର୍ତ୍ତୀ କୋଣକୁ ଆଗ୍ନେୟ, ଦକ୍ଷିଣ ଓ ପଶ୍ଚିମ ଦିଗର ମଧ୍ୟବର୍ତ୍ତୀ କୋଣକୁ ନୈଋତ ପଶ୍ଚିମ ଓ ଉତ୍ତର ଦିଗର ମଧ୍ୟବର୍ତ୍ତୀ କୋଣକୁ

ବାୟବ୍ୟ ଏବଂ ଉତ୍ତର ଓ ପୂର୍ବ ଦିଗର ମଧ୍ୟବର୍ତ୍ତୀ କୋଣକୁ ଐଶାନ୍ୟ ଦିଗ କୁହାଯାଏ ।

୩୦) ''ଇଚ୍ଛାଦ୍ୱେଷପ୍ରଯତ୍ନସୁଖଦୁଃଖଜ୍ଞାନାନି ଆତ୍ମନୋ ଲିଙ୍ଗମିତି ।''

(ନ୍ୟା.ଦ. ୧-୧-୧୦)

ଯାହାର ଇଚ୍ଛା, ରାଗ (ଦ୍ୱେଷ) ବୈର (ପ୍ରଯତ୍ନ) ପୁରୁଷାର୍ଥ ସୁଖ, ଦୁଃଖ ଓ ଜ୍ଞାନ -ଏ ଛଅ ଗୋଟି ଲକ୍ଷଣ ଅଛି ତାକୁ ଜୀବାତ୍ମା କୁହାଯାଏ । ବୈଶେଷିକ ଦର୍ଶନ କହେ -

''ପ୍ରାଣାଽପାନନିମେଷୋନ୍ମେଷଜୀବନମନୋଗତୀନ୍ଦ୍ରିୟାନ୍ତର୍ବିକାରାଃ ।
ସୁଖଦୁଃଖେଚ୍ଛାଦ୍ୱେଷପ୍ରଯତ୍ନାଶ୍ଚାତ୍ମନୋ ଲିଙ୍ଗାନି ।'୩

(ବୈ.ଦ.୩-୨-୪)

(ପ୍ରାଣ) ପେଟଭିତରୁ ବାୟୁକୁ ବାହାରକୁ ନେବା (ଅପାନ) ବାହାର ବାୟୁ ଭିତରକୁ ନେବା (ନିମେଷ) ଆଖି ବନ୍ଦ କରିବା (ଉନ୍ମେଷ) ଆଖି ଖୋଲିବା (ଜୀବନ) ପ୍ରାଣ ଧାରଣ କରିବା (ମନଃ) ମନନ, ବିଗ୍ଭର ବା ଜ୍ଞାନ (ଗତି) ଯେଣେ ଇଚ୍ଛା ତେଣେ ଯିବା (ଇନ୍ଦ୍ରିୟ) ଇନ୍ଦ୍ରିୟମାନଙ୍କୁ ବିଷୟରେ ଗ୍ଭଳିତ କରିବା (ଅନ୍ତର୍ବିକାର)କ୍ଷୁଧା ତୃଷା ଓ ଜ୍ୱରପୀଡ଼ାଦିବିକାର, ସୁଖ ଦୁଃଖ, ଇଚ୍ଛା, ଦ୍ୱେଷ ଓ ପ୍ରଯତ୍ନ - ଏ ସମସ୍ତ ହେଉଛି ଆତ୍ମାର ଗୁଣ ଓ କର୍ମ ।

୩୧) ''ଯୁଗପଦ୍ ଜ୍ଞାନାନୁତ୍ପତ୍ତିର୍ମନସୋ ଲିଙ୍ଗମ୍ ।''

(ନ୍ୟା.ଦ.୧-୧-୧୬)

''ଯେଉଁଥିରେ ଏକ ସମୟରେ ଦିଓଟି ବିଷୟର ଜ୍ଞାନ ହୁଏ ନାହିଁ ତାହାକୁ ମନ କହନ୍ତି ।'' ଏସବୁ ହେଲା ଦ୍ରବ୍ୟର ସ୍ୱରୂପ ଓ ଲକ୍ଷଣ ।ବର୍ତ୍ତମାନ ଗୁଣ ବିଷୟରେ କୁହାଯାଉଛି ।

''ରୂପରସଗନ୍ଧସ୍ପର୍ଶାଃ ସଂଖ୍ୟାପରିମାଣାନି ପୃଥକତ୍ୱଂ ସଂଯୋଗବିଭାଗୌ ପରତ୍ୱାଽପରତ୍ୱେ ବୁଦ୍ଧୟଃ ସୁଖଦୁଃଖେ ଇଚ୍ଛାଦ୍ୱେଷୌ ପ୍ରଯତ୍ନାଶ୍ଚ ଗୁଣାଃ ।''

(ବୈ.ଦ.୧-୧-୬)

ରୂପ, ରସ, ଗନ୍ଧ, ସ୍ପର୍ଶ, ସଂଖ୍ୟା, ପରିମାଣ, ପୃଥକତ୍ୱ, ସଂଯୋଗ, ବିଭାଗ, ପରତ୍ୱ, ଅପରତ୍ୱ, ବୁଦ୍ଧି, ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ଗୁରୁତ୍ୱ; ଦ୍ରବତ୍ୱ, ସ୍ନେହ, ସଂସ୍କାର, ଧର୍ମ, ଅଧର୍ମ ଓ ଶବ୍ଦ - ଏ ଚବିଶଗୋଟିକୁ ଗୁଣ କହନ୍ତି ।

''ଦ୍ରବ୍ୟାଶ୍ରୟ୍ୟଗୁଣବାନ୍ ସଂଯୋଗବିଭାଗେଷ୍ୱକାରଣମନପେକ୍ଷ ଇତି ଗୁଣଲକ୍ଷଣମ୍ ।''

(ବୈ.ଦ. ୧-୨ ୧୬)

''ଯାହା ଦ୍ରବ୍ୟକୁ ଆଶ୍ରୟ କରି ରହେ, ଅନ୍ୟଗୁଣକୁ ଧାରଣ କରେ ନାହିଁ,ସଂଯୋଗ ଓ ବିଭାଗର କାରଣ ହୁଏ ନାହିଁ, ପୁଣି ଅନପେକ୍ଷ ଅର୍ଥାତ୍ ଗୋଟିଏ ଅନ୍ୟକୁ ଅପେକ୍ଷା କରେ ନାହିଁ ତାକୁ ଗୁଣ କୁହାଯାଏ ।''

୩୨) ଶ୍ରୋତ୍ରୋପଲବ୍ଧିର୍ବୁଦ୍ଧିନିର୍ଗ୍ରାହ୍ୟଃ ପ୍ରୟୋଗେଣାଽଭିଜ୍ୱଳିତ ଆକାଶଦେଶଃ

ଶବ୍ଦଃ । ମହାଭାଷ୍ୟ ପ୍ରତ୍ୟାହାର ସୂତ୍ର ୧-ଆହ୍ନିକ ୧ ।।

ଯାହା କର୍ଣ୍ଣରେ ଉପଲବ୍ଧି କରାଯାଏ, ବୁଦ୍ଧି ଦ୍ୱାରା ଗ୍ରହଣ କରାଯାଏ, ଓ ପ୍ରୟୋଗଦ୍ୱାରା ପ୍ରକାଶିତ ହୁଏ ଓ ଆକାଶରେ ଅବସ୍ଥିତ ତାକୁ ଶବ୍ଦ କୁହାଯାଏ ।ଯାହା ଚକ୍ଷୁଦ୍ୱାରା ଗୃହୀତ ତାହା ରୂପ; ଯାହା ଜିହ୍ୱାଦ୍ୱାରା ଅନୁଭୂତ ତାହା ରସ; ଯାହା ନାସିକା ଦ୍ୱାରା ଗୃହୀତ ତାହା ଗନ୍ଧ ଓ ଯାହା ଚର୍ମଦ୍ୱାରା ସ୍ପୃଷ୍ଟ ତାହା ସ୍ପର୍ଶ ଅଟେ ।ଏକ ଦୁଇ ଇତ୍ୟାଦି ଗଣନା ଯାହାଦ୍ୱାରା ହୁଏ ତାହା ସଂଖ୍ୟା । ଯଦ୍ୱାରା ଗୁରୁ ଲଘୁ ଜଣାଯାଏ ତାହା ପରିମାଣ ।ଗୋଟିଏ ଅନ୍ୟଠାରୁ ଭିନ୍ନ ହେବା ନାମ ପୃଥକ୍ତ୍ୱ ।ଗୋଟିଏ ଅନ୍ୟ ସହିତ ମିଳିତ ହେବା ସଂଯୋଗ । ମିଳିତ ବସ୍ତୁର ଖଣ୍ଡିତ ହୋଇ ପୃଥକ୍ ହେବା ବିଭାଗ । ଏହାର ପୂର୍ବରେ ଯାହା ତାହା ପର । ଏହା ପରେ ଯାହା ତାହା ଅପର । ଯଦ୍ୱାରା ଭଲମନ୍ଦ ଜ୍ଞାନ ହୁଏ ତାହା ବୁଦ୍ଧି । ଆନନ୍ଦର ନାମ ସୁଖ । କ୍ଲେଶର ନାମ ଦୁଃଖ । ଇଚ୍ଛାର ଅର୍ଥ ରାଗ ଓ ଦ୍ୱେଷର ଅର୍ଥ ବିରୋଧ । ଅନେକ ପ୍ରକାର ବଳ ଓ ପୁରୁଷାର୍ଥର ନାମ ପ୍ରଯତ୍ନ ।ଗୁରୁତ୍ୱ ଅର୍ଥ ଭାର ।ତରଳିଯିବାର ନାମ ଦ୍ରବତ୍ୱ ।ପ୍ରୀତି ଓ ସ୍ନିଗ୍ଧତାର ନାମ ସ୍ନେହ ।ଆତ୍ମାର ସଂଯୋଗରେ ମନରେ ଯେଉଁ ବାସନା ଉତ୍ପନ୍ନ ହୁଏ ତାହା ସଂସ୍କାର ।ନ୍ୟାୟାଚରଣ ଓ କଠୋରତାଦିର ନାମ ଧର୍ମ ଓ ଅନ୍ୟାୟାଚରଣ ଓ କୋମଳତାର ନାମ ଅଧର୍ମ -ଏହି ଚବିଶଟି ଗୁଣ ଅଟେ ।

୩୩) 'ଉତ୍କ୍ଷେପଣଂ ଅବକ୍ଷେପଣଂ ଆକୁଞ୍ଚନଂ ପ୍ରସାରଣଂ ଗମନମିତି କର୍ମାଣି ।''

(ବୈ.ଦ. ୧।୧।୭)

'ଉତ୍କ୍ଷେପଣ' ଉପରକୁ ଫିଙ୍ଗିବା 'ଅବକ୍ଷେପଣ' ତଳକୁ ପକାଇବା 'ଆକୁଞ୍ଚନ' ସଂକୋଚ କରିବା 'ପ୍ରସାରଣ' ବିସ୍ତାର କରିବା 'ଗମନ' ଯାତାୟାତ ଓ ଭ୍ରମଣ - ଏସବୁକୁ କର୍ମ କୁହାଯାଏ ।ବର୍ତ୍ତମାନ କର୍ମର ଲକ୍ଷଣ କଥିତହୋଇଛି ।

'ଏକଦ୍ରବ୍ୟମଗୁଣଂ ସଂଯୋଗବିଭାଗେଷ୍ୱନପେକ୍ଷକାରଣମିତି କର୍ମଲକ୍ଷଣମ୍' ।

(ବୈ.ଦ.୧।୧।୧୭)

'ଏକଂ ଦ୍ରବ୍ୟଂ ଆଶ୍ରୟ ଆଧାରୋ ଯସ୍ୟ ତଦେକଦ୍ରବ୍ୟଂ, ନ ବିଦ୍ୟତେ ଗୁଣୋ ଯସ୍ୟ ଯସ୍ମିନ୍ ବା ତଦଗୁଣଂ ସଂଯୋଗେଷୁ ବିଭାଗେଷୁ ଚ ଅପେକ୍ଷାରହିତଂ କାରଣଂ ତତ୍କର୍ମଲକ୍ଷଣମ୍' ଅଥବା 'ଯତ୍ କ୍ରିୟତେ ତତ୍ କର୍ମ; ଲକ୍ଷ୍ୟତେ ଯେନ ତଲ୍ଲକ୍ଷଣଂ,

କର୍ମଣୋ ଲକ୍ଷଣଂ କର୍ମଲକ୍ଷଣମ୍ ।' ଦ୍ରବ୍ୟ ଆଶ୍ରିତ, ଗୁଣଶୂନ୍ୟ ଓ ସଂଯୋଗବିଭାଗର ଅପେକ୍ଷାରହିତ କାରଣକୁ 'କର୍ମ' କୁହାଯାଏ ।

୩୪) 'ଦ୍ରବ୍ୟଗୁଣକର୍ମଣାଂ ଦ୍ରବ୍ୟଂ କାରଣଂ ସାମାନ୍ୟମ୍' ।

(ବୈ.ଦ.୧।୧।୧୮)

ଯେଉଁ କାର୍ଯ୍ୟ, ଦ୍ରବ୍ୟ, ଗୁଣ ଓ କର୍ମର କାରଣ ହୁଏ ତାହାକୁ ସାମାନ୍ୟ ଦ୍ରବ୍ୟ କହନ୍ତି ।

ଦ୍ରବ୍ୟାଣାଂ ଦ୍ରବ୍ୟଂ କାର୍ଯ୍ୟଂ ସାମାନ୍ୟମ୍ ।

(ବୈ.ଦ.୧।୧।୨୩)

ଯାହା ଦ୍ରବ୍ୟମାନଙ୍କର କାର୍ଯ୍ୟଦ୍ରବ୍ୟ ତାହା କାର୍ଯ୍ୟଦ୍ରବ୍ୟମାନଙ୍କ ମଧ୍ୟ କାର୍ଯ୍ୟରେ ସାମାନ୍ୟ ଅଟେ ।

ଦ୍ରବ୍ୟତ୍ୱଂ ଗୁଣତ୍ୱଂ କର୍ମତ୍ୱଂ ସାମାନ୍ୟାନି ବିଶେଷାଶ୍ଚ । (ବୈ.ଦ. ୧।୨।୫)

ଦ୍ରବ୍ୟମାନଙ୍କ ମଧ୍ୟରେ ଦ୍ରବ୍ୟତ୍ୱ; ଗୁଣମାନଙ୍କ ମଧ୍ୟରେ ଗୁଣତ୍ୱ ଓ କର୍ମମାନଙ୍କ ମଧ୍ୟରେ କର୍ମତ୍ୱ- ଏ ସବୁକୁ ସାମାନ୍ୟ ଓ ବିଶେଷ କୁହାଯାଏ । କାରଣ ଦ୍ରବ୍ୟମାନଙ୍କ ମଧ୍ୟରେ ଦ୍ରବ୍ୟତ୍ୱ ସାମାନ୍ୟ ଏବଂ ଗୁଣତ୍ୱ କର୍ମତ୍ୱଠାରୁ ଦ୍ରବ୍ୟତ୍ୱ ବିଶେଷ ଅଟେ । ଏହି ପରି ସବୁଠାରେ ଜାଣିବାକୁ ହେବ ।

୩୫) ସାମାନ୍ୟଂ ବିଶେଷ ଇତି ବୁଦ୍ଧ୍ୟପେକ୍ଷମ୍ ।

(ବୈ.ଦ. ୧।୨।୩)

ସାମାନ୍ୟ ଓ ବିଶେଷ - ଏ ଦିଓଟିର ବୁଦ୍ଧିଦ୍ୱାରା ସିଦ୍ଧ ହୁଏ । ଯେପରି ମନୁଷ୍ୟମାନଙ୍କ ମଧ୍ୟରେ ମନୁଷ୍ୟତ୍ୱ ସାମାନ୍ୟ ଅଟେ କିନ୍ତୁ ପଶୁମାନଙ୍କ ଠାରେ ବିଶେଷ ଅଟେ ।ସେହିପରି ସ୍ତ୍ରୀତ୍ୱ ଓ ପୁରୁଷତ୍ୱରେ ବ୍ରାହ୍ମଣତ୍ୱ, କ୍ଷତ୍ରିୟତ୍ୱ, ବୈଶ୍ୟତ୍ୱ ଓ ଶୂଦ୍ରତ୍ୱ ବିଶେଷ ଅଟେ ।ବ୍ରାହ୍ମଣମାନଙ୍କ ଠାରେ ବ୍ରାହ୍ମଣତ୍ୱ ସାମାନ୍ୟ କିନ୍ତୁ କ୍ଷତ୍ରିୟାଦିଙ୍କ ଠାରୁ ବିଶେଷ ଅଟେ ।

୩୬) ଇହେଦମିତି ଯତଃ କାର୍ଯ୍ୟକାରଣୟୋଃ ସ ସମବାୟଃ ।

(ବୈ.ଦ.୭।୨।୨୬)

ଅଭିନ୍ନ ନିତ୍ୟ ସମ୍ବନ୍ଧକୁ ସମବାୟ କୁହାଯାଏ । କାର୍ଯ୍ୟ ଓ କାରଣ, ଜାତି ଓ ବ୍ୟକ୍ତି, ଅବୟବ ଓ ଅବୟବୀ,ଗୁଣ ଓ ଗୁଣୀ ମଧ୍ୟରେ ଯେଉଁ ସମ୍ବନ୍ଧ ତାହାକୁ ସମବାୟ କୁହାଯାଏ ।ଭିନ୍ନ ଭିନ୍ନ ଦ୍ରବ୍ୟ ମଧ୍ୟରେ ଯେଉଁ ସମ୍ବନ୍ଧ ଦେଖାଯାଇଥାଏ ସେ ସଂଯୋଗ, ଅନିତ୍ୟ ସମ୍ବନ୍ଧ ମାତ୍ର ।

୩୭) ଦ୍ରବ୍ୟଗୁଣଯୋଃ ସଜାତୀୟାରମ୍ଭକତ୍ବଂ ସାଧର୍ମ୍ୟମ୍ ।।

(ବୈ.ଦ. ୧।୨।୯)

ଦ୍ରବ୍ୟ ଓ ଗୁଣର ସମଜାତୀୟ କାର୍ଯ୍ୟାରମ୍ଭକୁ ସାଧର୍ମ୍ୟ କହନ୍ତି । ଯେପରି ପୃଥିବୀର ଜଡ଼ତ୍ୱ ଧର୍ମ ଓ ଘଟ ଆଦି କାର୍ଯ୍ୟୋପାଦକତ୍ୱ ସ୍ୱସଦୃଶଧର୍ମ ଅଟେ । ସେହିପରି ଜଳର ମଧ୍ୟ ଜଡ଼ତ୍ୱ ଧର୍ମ ଓ ହିମ ଆଦି କାର୍ଯ୍ୟୋପାଦକତ୍ୱ ସ୍ୱସଦୃଶଧର୍ମ ଅଟେ । ଏଣୁ ପୃଥିବୀ ସହିତ ଜଳର ଓ ଜଳ ସହିତ ପୃଥିବୀର ତୁଲ୍ୟ ଅର୍ଥାତ୍ ସାଧର୍ମ୍ୟ ରହିଛି ।

ଦ୍ରବ୍ୟଗୁଣଯୋଃ ବିଜାତୀୟାରମ୍ଭକତ୍ବଂ ବୈଧର୍ମ୍ୟମ୍ ।

ଦ୍ରବ୍ୟ ଓ ଗୁଣ ମଧ୍ୟରେ ସମାନ ଧର୍ମ ଓ କାର୍ଯ୍ୟ ଦେଖା ନଗଲେ ତାହାକୁ ବୈଧର୍ମ୍ୟ କୁହାଯାଏ । ଯେପରି ପୃଥିବୀର କଠିନତ୍ୱ ଶୁଷ୍କତ୍ୱ ଓ ଗନ୍ଧତ୍ୱ ଧର୍ମ ଜଳର ବିରୁଦ୍ଧ ଏବଂ ଜଳର ଦ୍ରବତ୍ୱ କୋମଳତ୍ୱ ଓ ରସ ଗୁଣଯୁକ୍ତତା ପୃଥିବୀର ବିରୁଦ୍ଧ ।

୩୮) କାରଣଭାବାତ୍‌କାର୍ଯ୍ୟଭାବଃ ।

(ବୈ.ଦ. ୪।୧।୩)

କାରଣ ଥିଲେ, ହିଁ କାର୍ଯ୍ୟ ହୁଏ ।

ନ ତୁ କାର୍ଯ୍ୟାଭାବାତ୍ କାରଣାଭାବଃ । (ବୈ.ଦ. ୧।୨।୨)

କିନ୍ତୁ କାର୍ଯ୍ୟର ଅଭାବ ହେଲେ କାରଣର ଅଭାବ ହୁଏ ନାହିଁ ।

କାରଣାଭାବାତ୍ କାର୍ଯ୍ୟାଭାବଃ (ବୈ.ଦ. ୧।୨।୧)

କାରଣ ନଥିଲେ କାର୍ଯ୍ୟ କଦାପି ହୁଏ ନାହିଁ ।

କାରଣଗୁଣପୂର୍ବକଃ କାର୍ଯ୍ୟଗୁଣୋ ଦୃଷ୍ଟଃ । (ବୈ.ଦ. ୨।୧।୨୪)

'କାରଣରେ ଯେପରି ଗୁଣଥାଏ କାର୍ଯ୍ୟରେ ମଧ୍ୟ ସେପରି ଗୁଣ ରହିଥାଏ । ପରିମାଣ ଦୁଇପ୍ରକାରର :—

'ଅଣୁମହଦିତି ତସ୍ମିନ୍ ବିଶେଷଭାବାତ୍ ବିଶେଷାଭାବାଚ୍ଚ'

(ବୈ.ଦ. ୭-୨।୨୨)

ଅଣୁ ସୂକ୍ଷ୍ମ ଓ ମହତ୍ ବା ପ୍ରକାଣ୍ଡ । ଯେପରି ପର୍ବତ ପୃଥିବୀ ଠାରୁ ସାନ ଏବଂ ବୃକ୍ଷ ଠାରୁ ବଡ଼ । ସାନ ଓ ବଡ଼ ଏହି ଦୁଇଭାବ ଗୋଟିଏ ଅନ୍ୟଟିର ସାପେକ୍ଷ ଅଟେ ।

୩୯) ସଦିତି ଯତୋ ଦ୍ରବ୍ୟଗୁଣ କର୍ମସୁ ସା ସତ୍ତା ।

(ବୈ.ଦ.୧-୨।୭)

ଦ୍ରବ୍ୟ, ଗୁଣ ଓ କର୍ମସହିତ ସତ୍ ଶବ୍ଦ ଅନ୍ୱିତ ହେଲେ ତାହା ସତ୍ତା ହୁଏ । ସତ୍‌ଦ୍ରବ୍ୟ, ସଦ୍‌ଗୁଣ, ସତ୍‌କର୍ମ ଅର୍ଥାତ୍ ବର୍ତ୍ତମାନ କାଳବାଚୀ ଶବ୍ଦ ସହିତ ସଂଯୁକ୍ତ ରହେ ।

ଭାବୋଽନୁବୃତ୍ତେରେବ ହେତୁତ୍ୱାତ୍ ସାମାନ୍ୟମେବ ।

(ବୈ.ଦ.୧-୨-୪)

ଯାହା ସମସ୍ତଙ୍କ ସହିତ ଅନୁବର୍ତ୍ତମାନ (ସହସ୍ଥାୟୀ) ହୋଇଥିବାରୁ ସତ୍ତାରୂପକ ଭାବକୁ ବ୍ୟକ୍ତ କରେ ତାକୁ ମହାସାମାନ୍ୟ କହନ୍ତି ।

୪୦) ପୁଣି ଅଭାବ ପାଞ୍ଚ ପ୍ରକାରର । ଯଥା —

କ) କ୍ରିୟାଗୁଣବ୍ୟପଦେଶାଭାବାତ୍ ପ୍ରାଗସତ୍ ।।

(ବୈ.ଦ.୯-୧-୧)

କୌଣସି ପଦାର୍ଥ ନିର୍ମାଣ କରିବା ପୂର୍ବରୁ ତାର ସତ୍ତା ବା ଭାବ ନଥିଲା । ସେହି ଅଭାବକୁ 'ପ୍ରାଗଭାବ୍' ବା 'ପ୍ରାଗସତ୍' କୁହାଯାଏ । ଯଥା-ଘଟ ଓ ବସ୍ତ୍ରାଦି ନିର୍ମାଣ କରିବା ପୂର୍ବରୁ ନଥିଲା ।

ଖ) ସଦସତ୍ । (ବୈ.ଦ. ୯-୧-୨)

ଯାହା ଉତ୍ପନ୍ନ ହୋଇ ପରେ ପୁଣି ନଷ୍ଟ ହୋଇଯାଏ ସେହି ଅଭାବକୁ 'ପ୍ରଧ୍ୱଂସାଭାବ' କୁହାଯାଏ ।

ଗ) ସଚ୍ଚାସତ୍ । (ବୈ.ଦ.୯-୧-୪)

ଯାହା ହୁଏ ପୁଣିହୁଏ ନାହିଁ । ଯେପରି ଅଗୌରଶ୍ୱୋଽନଶ୍ୱୋଗୌଃ ।' ଅର୍ଥାତ୍ ଏହି ଘୋଡ଼ାଟି ଗାଈ ନୁହେଁ କିମ୍ବା ସେ ଗାଈଟି ଘୋଡ଼ା ନୁହେଁ । ଅର୍ଥାତ୍ ଘୋଡ଼ାରେ ଗାଈର ଅଭାବ ସେହିପରି ଗାଈରେ ଘୋଡ଼ାର ଅଭାବ ଓ ଗାଈରେ ଗାଈର ଓ ଘୋଡ଼ାରେ ଘୋଡ଼ାର ଭାବ ରହିଛି । ଏହାକୁ ଅନ୍ୟୋଽନ୍ୟା ଭାବ କହନ୍ତି ।

ଘ) ଯଚ୍ଚାନ୍ୟଦସଦତସ୍ତଦସତ୍ ।

(ବୈ.ଦ.୯-୧-୫)

ଯାହା ପୂର୍ବୋକ୍ତ ତ୍ରିବିଧ ଅଭାବଠାରୁ ଭିନ୍ନ ତାକୁ 'ଅତ୍ୟନ୍ତାଭାବ' କୁହାଯାଏ । ଯଥା -'ନରଶୃଙ୍ଗ', ଅର୍ଥାତ୍ ମନୁଷ୍ୟର ଶିଙ୍ଗ, 'ଖପୁଷ୍ପ', ଆକାଶ କୁସୁମ ଓ ବନ୍ଧ୍ୟାପୁତ୍ର,, ବନ୍ଧ୍ୟାସ୍ତ୍ରୀର ପୁଅ ।

ଙ) ନାସ୍ତିଘଟୋଗେହ ଇତି ସତୋ ଘଟସ୍ୟ ଗେହସଂସର୍ଗ ପ୍ରତିଷେଧଃ ।

(ବୈ.ଦ. ୯-୧-୧୦)

କୌଣସି ସ୍ଥାନରେ ଥାଇ ପୁଣି କୌଣସି ସ୍ଥାନରେ ନଥିବା ଅଭାବକୁ 'ସଂସର୍ଗାଭାବ' କୁହାଯାଏ । ଯଥା - ଏ ଘରେ ମାଠିଆ ନାହିଁ, କିନ୍ତୁ ଅନ୍ୟତ୍ର ଅଛି । ଏଠାରେ ଘର ସହିତ ମାଠିଆର କୌଣସି ସମ୍ବନ୍ଧ ନାହିଁ । ଏହାକୁ ସଂସର୍ଗାଭାବ କୁହାଯାଏ । ଏହି ଅଭାବ ପୁଣି ପାଞ୍ଚପ୍ରକାରର :—

୪୧) ଇନ୍ଦ୍ରିୟଦୋଷାତ୍ ସଂସ୍କାରଦୋଷାତ୍ ଚ ଅବିଦ୍ୟା ।

(ବୈ.ଦ. ୯-୨-୧୦)

ଇନ୍ଦ୍ରିୟ ଏବଂ ସଂସ୍କାର ଦୋଷରୁ ଅବିଦ୍ୟା ଉତ୍ପନ୍ନ ହୁଏ ।

ତଦ୍ ଦୁଷ୍ଟଜ୍ଞାନମ୍ । (ବୈ.ଦ.୯-୨-୧୧)

ଦୁଷ୍ଟ ଓ ବିପରୀତ ଜ୍ଞାନକୁ ଅବିଦ୍ୟା କୁହାଯାଏ ।

ଅଦୁଷ୍ଟଂ ବିଦ୍ୟା । (ବୈ.ଦ. ୯-୨-୧୨)

ଯାହା ଅଦୁଷ୍ଟ ଅର୍ଥାତ୍ ଦୋଷଶୂନ୍ୟ, ସେହି ଯଥାର୍ଥଜ୍ଞାନକୁ 'ବିଦ୍ୟା' କୁହାଯାଏ ।

୪୨) ପୃଥିବ୍ୟାଦିରୂପରସଗନ୍ଧସ୍ପର୍ଶା ଦ୍ରବ୍ୟାନିତ୍ୟତ୍ୱାଦନିତ୍ୟାଶ୍ଚ ।

ଏତେନ ନିତ୍ୟେଷୁ ନିତ୍ୟତ୍ୱମୁକ୍ତମ୍ ।

(ବୈ.ଦ.୭-୧-୨,୩)

କାର୍ଯ୍ୟ-ରୂପ ପୃଥିବୀ ଆଦି ସକଳପଦାର୍ଥ ଓ ତହିଁରେ ଥିବା ରୂପ, ରସ, ଗନ୍ଧ ସ୍ପର୍ଶ ଗୁଣ ପ୍ରଭୃତି ଅନିତ୍ୟ ଅଟନ୍ତି । ଏହାର କାରଣ - ରୂପ ପୃଥିବୀ ଆଦି ଦ୍ରବ୍ୟ ଏବଂ ସେମାନଙ୍କ ଗୁଣ ନିତ୍ୟ ଅଟନ୍ତି ।

ସଦକାରଣବନ୍ନିତ୍ୟମ୍ । (ବୈ.ଦ.୪.୧.୧)

ଯାହା ରହିଛି କିନ୍ତୁ କୌଣସି କାରଣ ନାହିଁ ତାହା ହେଉଛି ନିତ୍ୟ । 'ସଦ୍ଧାରଣବଦ୍ ଅନିତ୍ୟମ୍' କିନ୍ତୁ ଯାହା କାରଣ ଯୁକ୍ତ କାର୍ଯ୍ୟରୂପଗୁଣ ଅଟେ ତାହା 'ଅନିତ୍ୟ' ।

୪୩) ଅସ୍ୟେଦଂ କାର୍ଯ୍ୟଂ କାରଣଂ ସଂଯୋଗିବିରୋଧି ସମବାୟି ଚେତି ଲୈଙ୍ଗିକମ୍ ।

(ବୈ.ଦ.୯।୨।୧)

ଅମୁକ ବସ୍ତୁ ଅମୁକ ବସ୍ତୁର କାର୍ଯ୍ୟ ଅଟେ ବା କାରଣ ଅଟେ - ଏପରି ଜ୍ଞାନ ସମବାୟି, ସଂଯୋଗି, ଏକାର୍ଥ ସମବାୟି ଓ ବିରୋଧି- ଏହି ଚାରିପ୍ରକାର ଲିଙ୍ଗ-ଲିଙ୍ଗୀ ସମ୍ବନ୍ଧରୁ ଉତ୍ପନ୍ନ ହୋଇଥାଏ ।

୧) **ସମବାୟି-** ଗୋଟିଏ ବସ୍ତୁ ଅନ୍ୟ ବସ୍ତୁରେ ଅନ୍ତର୍ନିହିତ ହୋଇଥିଲେ ଗୋଟିଏ ବସ୍ତୁର ଜ୍ଞାନରେ ଅପର ବସ୍ତୁକୁ ଜାଣିବାକୁ ହୋଇଥାଏ । ଯଥା - ଆକାଶ ଓ ପରିମାଣ ।

୨) **ସଂଯୋଗି** -ଦିଓଟି ବସ୍ତୁ ସର୍ବଦା ଏକତ୍ର ଥିବାରୁ ଗୋଟିଏ ବସ୍ତୁକୁ ସ୍ମରଣ କରିବା ମାତ୍ରେ ଅନ୍ୟ ବସ୍ତୁକୁ ସ୍ମରଣ କରାଯାଏ । ଯଥା, ଦେହ ଓ ଚର୍ମ ।

୩) **ଏକାର୍ଥ ସମବାୟି-** ଯେତେବେଳେ କୌଣସି ବସ୍ତୁରେ ଦୁଇଟି ଗୁଣ ଏକତ୍ର ନିହିତ ଥାଏ, ତେବେ ଏକ ଗୁଣର ଜ୍ଞାନ ଅନ୍ୟ ଗୁଣର ସୂଚନା ମଧ୍ୟ ଦେଇଥାଏ । ଯଥା - କମଳାର ବର୍ଣ୍ଣ ଦେଖିବା ମାତ୍ରକେ ତାହାର ମଧୁର ଗୁଣ ସ୍ୱତଃ ମନ ମଧ୍ୟରେ ଜାଗ୍ରତ ହୋଇଥାଏ ।

୪) **ବିରୋଧି** - ଦୁଇଟି ବସ୍ତୁର ପରସ୍ପର ବିରୋଧରେ ଏକ ବସ୍ତୁର ଜ୍ଞାନ ଜାତ ହୁଏ । ଯଥା - ଶୁକ୍ଳ ବର୍ଣ୍ଣରୁ କୃଷ୍ଣବର୍ଣ୍ଣର ଜ୍ଞାନ ହୁଏ ।

୪୪) ବ୍ୟାପ୍ତି-

ନିୟତଧର୍ମସାହିତ୍ୟମୁଭୟୋରେକତରସ୍ୟ ବା ବ୍ୟାପ୍ତିଃ ।

(ସାଂଖ୍ୟସୂତ୍ର ୫-୨୯)

ନିଜଶକ୍ତ୍ୟୁଦ୍ଭବମିତ୍ୟାଚାର୍ଯ୍ୟାଃ । (ସାଂଖ୍ୟସୂତ୍ର ୫ ୩୧)

ଆଧେୟଶକ୍ତିଯୋଗ ଇତି ପଞ୍ଚଶିଖଃ । (ସାଂଖ୍ୟସୂତ୍ର ୫ ୩୨)

ଯାହାକୁ ସିଦ୍ଧ କରାଯାଏ ତାକୁ ସାଧ୍ୟ ଓ ଯାହାଦ୍ୱାରା [illegible] କରାଯାଏ ତାକୁ ସାଧନ କହନ୍ତି । ଉଭୟଙ୍କ ମଧ୍ୟରେ ପରସ୍ପର ସମ୍ବନ୍ଧ ରହିଛି ତାକୁ ବ୍ୟାପ୍ତି କହନ୍ତି । ଯଥା, ଧୂମ ଓ ଅଗ୍ନି । ଧୂମକୁ ଦେଖିଲାମାତ୍ରେ ଜାଣିବାକୁ [illegible] ସେଠାରେ ନିଶ୍ଚୟ ଅଗ୍ନି ଲୁକ୍କାୟିତ ହୋଇ ରହିଛି । ଏଠାରେ ଧୂମ ସାଧନ ଓ ଅଗ୍ନି ହେଉଛି ସାଧ୍ୟ । ୨୯ । ସମୟ ସମୟରେ ସାଧ୍ୟର ଅନୁପସ୍ଥିତିରେ ମଧ୍ୟ ସାଧନ ନିଜ ପ୍ରଭାବରେ ଦୃଶ୍ୟମାନ ହୋଇଥାଏ । ଯଥା - ଅଗ୍ନିକୁ ବିଦୂରିତ ବା [illegible] ମଧ୍ୟ ଧୂମ ଦେଖାଯାଇଥାଏ । ଏହାକୁ ମଧ୍ୟ ବ୍ୟାପ୍ତି କହନ୍ତି । ୩୧ ।

ବ୍ୟାପକ ଓ ବ୍ୟାପ୍ୟ ମଧ୍ୟରେ ଯେଉଁ ସମ୍ବନ୍ଧ [illegible] ମଧ୍ୟ ବ୍ୟାପ୍ତି କୁହାଯାଏ । ଯଥା, ମୂଳପ୍ରକୃତିର ବ୍ୟାପକତା ଏବଂ ବୁଦ୍ଧିର [illegible] ପଦାର୍ଥ ମଧ୍ୟରେ ଥିବା ସମ୍ବନ୍ଧକୁ ବ୍ୟାପ୍ତି କହନ୍ତି ।

ଏହି ଶାସ୍ତ୍ରୀୟ ପ୍ରମାଣ ଦ୍ୱାରା ବିଦ୍ୟାକୁ ପରୀକ୍ଷା [illegible] କରିବ । ନଚେତ୍ ବିଦ୍ୟାର୍ଥୀମାନଙ୍କର କଦାପି ସତ୍ୟବୋଧ ହୋଇ [illegible] । ଯେଉଁ ଯେଉଁ ଗ୍ରନ୍ଥ ପଢ଼ାଇବାକୁ ହେବ ସେ ସବୁକୁ ପୂର୍ବୋକ୍ତ ପ୍ରକାରେ ପରୀକ୍ଷା କରି ଯେଉଁ ଗ୍ରନ୍ଥ ସତ୍ୟବୋଲି ପ୍ରମାଣିତ ହେବ ସେହି ଗ୍ରନ୍ଥକୁ ପଢ଼ାଇବ । କାରଣ **'ଲକ୍ଷଣପ୍ରମାଣାଭ୍ୟାଂ ବସ୍ତୁସିଦ୍ଧିଃ ।'** ଯଥା-ପୃଥିବୀର ଲକ୍ଷଣ ହେଲା ଗନ୍ଧ । ଯାହା ପୃଥିବୀ ତାହା ଗନ୍ଧବତୀ । ଏପରି ଲକ୍ଷଣ ଓ ପ୍ରତ୍ୟକ୍ଷାଦି ପ୍ରମାଣଦ୍ୱାରା ସତ୍ୟାସତ୍ୟ [illegible] ନିର୍ଣ୍ଣୟ ହୋଇଥାଏ ।

"ଅଥ ପଠନ-ପାଠନବିଧିଃ"

ଏଠାରେ ପଢ଼ିବା ପଢ଼ାଇବା ପ୍ରଣାଳୀ ସମ୍ବନ୍ଧରେ ଲେଖାଯାଉଛି । ପ୍ରଥମେ ପାଣିନି ମୁନି କୃତ ଶିକ୍ଷା ଯାହାକି ସୂତ୍ରରୂପେ ରହିଛି, ତାର ରୀତି ଅର୍ଥାତ୍ ଏହି ଅକ୍ଷର ପାଇଁ ଏହିସ୍ଥାନ, ଏପରି ପ୍ରଯତ୍ନ, ଏହି କରଣ ବିଷୟରେ ଶିକ୍ଷା ଦେବେ । ଯେପରି 'ପ' ଏହାର ଉଚ୍ଚାରଣ ସ୍ଥାନ, ଓଷ୍ଠ, ସ୍ପୃଷ୍ଟ ପ୍ରଯତ୍ନ ଓ ପ୍ରାଣ ତଥା ଜିଭର କ୍ରିୟାକୁ କରଣ କୁହାଯାଏ । ଏହିପରି ସମସ୍ତ ଅକ୍ଷରର ଉଚ୍ଚାରଣ ମାତା, ପିତା, ଓ ଆଚାର୍ଯ୍ୟ ଶିକ୍ଷା ଦେବେ । ତତ୍ ପରେ ବ୍ୟାକରଣ ଅର୍ଥାତ୍ ପ୍ରଥମେ ଅଷ୍ଟାଧ୍ୟାୟୀ ସୂତ୍ର ପାଠ କରାଯିବ । ଯଥା - ବୃଦ୍ଧିରାଦୈଚ୍ (ଅଷ୍ଟାଧ୍ୟାୟୀ ୧।୧।୧) ଏହା ପରେ ପଦଚ୍ଛେଦ, ଯଥା - ବୃଦ୍ଧିଃ, ଆତ୍, ଐଚ୍ ବା ଆଦୈଚ୍‌ପରେ ମମାମ, ଆଚ୍, ଐଚ୍. ଅଦୈଚ୍ ଓ ଅର୍ଥ ଯଥା - ଅଦୈଚାଂ ବୃଦ୍ଧି ସଂଜ୍ଞା କ୍ରିୟତେ । ଅର୍ଥାତ୍ ଆ, ଐ,ଔର ବୃଦ୍ଧି ସଂଜ୍ଞା ହୁଏ । "**ତଃ ପରୋ ଯସ୍ମାତ୍ ସ ତପରସ୍ତାଦପି ପରସ୍ତପରଃ**" 'ତ' କାର ଯାହାର ପରେ ଓ ଯେ ତକାର ପରେ ହେବ, ତାକୁ 'ତପର' କୁହାଯାଏ । ଏଥିରୁ ସିଦ୍ଧ ହେଲା ଯେ ଆକାର ଉପରେ ତ୍ଓତ୍ ର ପରେ ଐଚ୍ ଦୁହେଁ ତପର । ଏହାର ପ୍ରୟୋଜନ ହେଉଛି ହ୍ରସ୍ୱ ଓ ପ୍ଲୁତର ବୃଦ୍ଧି ସଂଜ୍ଞା ହୁଏ ନାହିଁ । ଉଦାହରଣ 'ଭାଗଃ' ଏଠାରେ ଭଜ୍ ଧାତୁରୁ ଘଞ୍ ପ୍ରତ୍ୟୟପରେ 'ଘ' 'ଞ୍'ର ଇତ୍ ସଂଜ୍ଞା ହେବା ଦ୍ୱାରା ଲୋପ ହୋଇଗଲା । ତାପରେ 'ଭଜ୍, ଅ' ଏଠାରେ ଜକାର ପୂର୍ବ ଭକାରୋତ୍ତର 'ଅ' କାରକୁ ବୃଦ୍ଧି ସଂଜ୍ଞକ ଆକାର ହୋଇଗଲା । ଏହା ଦ୍ୱାରା 'ଭାଜ୍' ହେଲା । 'ଜ୍' ସ୍ଥାନରେ 'ଗ୍' ହୋଇ ଅକାର ସହିତ ମିଶି 'ଭାଗଃ' ଏହି ଶବ୍ଦ ସିଦ୍ଧ ହେଲା ।

'ଅଧ୍ୟାୟଃ' - ଏଠାରେ ଅଧିପୂର୍ବକ 'ଇଙ୍' ଧାତୁର ହ୍ରସ୍ୱ ଇ ସ୍ଥାନରେ 'ଘଞ୍' ପ୍ରତ୍ୟୟ ପରେ 'ଐ' ବୃଦ୍ଧି ଓ ସେଥିରେ 'ଆୟ୍' ମିଳିତ ହୋଇ ଅଧ୍ୟାୟଃ' ଶବ୍ଦ ସିଦ୍ଧ ହେଲା । 'ନାୟକଃ' - ଏଠାରେ 'ନୀଞ୍' ଧାତୁର ଦୀର୍ଘ ଈକାର ସ୍ଥାନରେ ଣ୍ୱୁଲ୍' ପ୍ରତ୍ୟୟ ପରେ ଐ ବୃଦ୍ଧି ଓ ତା ସ୍ଥାନରେ 'ଆୟ୍' ହୋଇ ନାୟକଃ ହେଲା । **ସ୍ତାବକଃ**- ଏଠାରେ 'ଷ୍ଟୁ' ଧାତୁରେ 'ଣ୍ୱୁଲ୍' ପ୍ରତ୍ୟୟ ହୋଇ ହ୍ରସ୍ୱ ଉକାର ସ୍ଥାନରେ 'ଔ' ବୃଦ୍ଧି ତହିଁରେ 'ଆବ୍' ଆଦେଶ ହୋଇ ଅକାରରେ ମିଶିଗଲା ଓ ସ୍ତାବକଃ ଶବ୍ଦ ସିଦ୍ଧ ହେଲା । କୃଞ୍ -ଧାତୁରୁ 'ଣ୍ୱୁଲ୍' ପ୍ରତ୍ୟୟ, ତାରଣ୍ଲ୍ ରଇତ୍ ସଂଜ୍ଞା ହୋଇ ଲୋପ 'ବୁ' ସ୍ଥାନରେ 'ଅକ୍' ଆଦେଶ ଓ ଋକାର ସ୍ଥାନରେ ଆର୍ ବୃଦ୍ଧି ହୋଇ 'କାରକଃ' ଶବ୍ଦ ସିଦ୍ଧ ହେଲା ।

ଯେଉଁ ସୂତ୍ରଗୁଡ଼ିକ ପ୍ରଥମେ ବା ପରେ ପ୍ରୟୋଗ ହେବ ସେ ସବୁ ନିର୍ଦ୍ଦେଶ ଦେବେ ଓ ସ୍ଲେଟ୍ ବା କାଠପଟା ଉପରେ ଲେଖି ବୁଝାଇ ଦେବେ । ଯଥା -

'ଭଜ୍+ଘଞ୍+ସୁ' ଏପରି ଲେଖି 'ଘ' କାର ପୁଣି ଞ୍‌ର ଲୋପ ହୋଇ ଭଜ୍+ଅ+ସୁ' ପୁନଶ୍ଚ ଆକାର ମିଶିଯିବା ଦ୍ୱାରା 'ଭାଗ+ସୁ' ରହିଲା, ବର୍ତ୍ତମାନ ଉକାରର ଇତ୍ ସଂଜ୍ଞା 'ସ' ସ୍ଥାନରେ 'ରୁ' ହୋଇ ପୁନଶ୍ଚ ଉକାରର ଇତ୍ ସଂଜ୍ଞାଦ୍ୱାରା ଲୋପ ହେବାଦ୍ୱାରା ଭାଗର୍ ହେଲା । ବର୍ତ୍ତମାନ 'ରେଫ୍' ସ୍ଥାନରେ 'ଃ' ବିସର୍ଜନୀୟ ହୋଇ 'ଭଗଃ' ଶବ୍ଦ ସିଦ୍ଧ ହେଲା ।

ଏହିପରି ଯେଉଁ ସୂତ୍ର ଦ୍ୱାରା ଯାହା ହେବା କଥା, ତାହା କରାଇବେ । ଏପରି ପଢ଼ାଇବା ଦ୍ୱାରା ଅତି ଶୀଘ୍ର ବିଷୟବସ୍ତୁ ହୃଦ୍‌ବୋଧ ହୁଏ । ଏହି କ୍ରମରେ ଅଷ୍ଟାଧ୍ୟାୟୀ ପାଠ କରାଇ ଧାତୁପାଠ ଅର୍ଥ ସହିତ ଦଶଲକାର ରୂପ ପ୍ରକ୍ରିୟା ସହିତ ସୂତ୍ର ଗୁଡ଼ିକର ଉତ୍ସର୍ଗ ସଂପର୍କୀୟ ଶିକ୍ଷା ଦେବେ । ସାଧାରଣ ସୂତ୍ର ଯଥା-କର୍ମଣ୍ୟଣ୍ (ଅଷ୍ଟାଧ୍ୟାୟୀ୩।୨।୧) ଯଦି କର୍ମ ଉପପଦ ଲାଗିଥାଏ, ତେବେ ଧାତୁ ମାତ୍ରେ ଅଣ୍ ପ୍ରତ୍ୟୟ ହୁଏ । ଯେପରି 'କୁମ୍ଭକାରଃ' ପଶ୍ଚାତ୍ ଅପବାଦ ସୂତ୍ର 'ଆତୋଽନୁପସର୍ଗେ କଃ' (ଅଷ୍ଟାଧ୍ୟାୟୀ ୩।୨।୩) ଉପସର୍ଗ ଭିନ୍ନ କର୍ମ ଉପପଦ ଲାଗିଥିଲେ ଆକାରାନ୍ତ ଧାତୁରେ 'କ' ପ୍ରତ୍ୟୟ ହୁଏ ଅର୍ଥାତ୍ ବ୍ୟାପକ ଯଥା -କର୍ମ ଉପପଦ ଲାଗିଥିଲେ ସମସ୍ତ ଧାତୁରୁ 'ଅଣ୍' ପ୍ରାପ୍ତ ହୁଏ । ଏହା ଦ୍ୱାରା ବିଶେଷ ଅର୍ଥାତ୍ ଅଳ୍ପ ବିଷୟ ତାର ପୂର୍ବସୂତ୍ର ବିଷୟ ମଧ୍ୟରୁ ଆକାରାନ୍ତ ଧାତୁର 'କ' ପ୍ରତ୍ୟୟ ଗ୍ରହଣ କରିଥାଏ, ଯେପରି ଉତ୍ସର୍ଗ ବିଷୟରେ ଅପବାଦ ସୂତ୍ରର ପ୍ରବୃତ୍ତି ହୁଏ, ସେହିପରି ଅପବାଦ ସୂତ୍ର ବିଷୟରେ ଉତ୍ସର୍ଗ ସୂତ୍ରର ପ୍ରବୃତ୍ତି ହୁଏ ନାହିଁ । ଯେପରି ଚକ୍ରବର୍ତ୍ତୀ ରାଜା ରାଜ୍ୟରେ ମାଣ୍ଡଳିକ ଓ ଭୂମି ଅଧିକାରୀର ପ୍ରବୃତ୍ତି ହୁଏ, ସେହିପରି ମାଣ୍ଡଳିକ ରାଜା ରାଜ୍ୟରେ ଚକ୍ରବର୍ତ୍ତୀର ପ୍ରବୃତ୍ତି ହୁଏ ନାହିଁ ।

ଏହିପରି ପାଣିନି ମହର୍ଷି ହଜାର ହଜାର ଶ୍ଳୋକ ମଧ୍ୟରେ ଅଖିଳ ଶବ୍ଦାର୍ଥ ଓ ସମ୍ବନ୍ଧୀୟ ବିଦ୍ୟାର ପ୍ରତିପାଦନ କରିଅଛନ୍ତି । ଧାତୁପାଠପରେ ଉଣାଦିଗଣ ପାଠ ନିମିତ୍ତ ସୁବନ୍ତ ବିଷୟ ଉତ୍ତମରୂପେ ପାଠ କରାଇ ପୁଣି ଦ୍ୱିତୀୟ ଥର ଶଙ୍କା ସମାଧାନ ବାର୍ତ୍ତିକ, କାରିକା, ପରିଭାଷା, ପ୍ରଭୃତି ଅଷ୍ଟାଧ୍ୟାୟୀର ଦ୍ୱିତୀୟ ବୃତ୍ତି କରାଇବେ । ତାପରେ ମହାଭାଷ୍ୟ ପାଠ କରାଇବେ । ଯେଉଁ ବୁଦ୍ଧିମାନ୍, ପରିଶ୍ରମୀ ନିଷ୍କପଟ, ବିଦ୍ୟାବୃଦ୍ଧି ଅର୍ଜନ ନିମିତ୍ତ ଆଗ୍ରହ ପ୍ରକାଶ କରିବେ, ସ ଦେଢ଼ ବର୍ଷରେ ଅଷ୍ଟାଧ୍ୟାୟୀ ଓ ଦେଢ଼ ବର୍ଷରେ ମହାଭାଷ୍ୟ, ଏପରି ମୋଟ ତିନି ବର୍ଷରେ ପୂର୍ଣ୍ଣ ବୈୟାକରଣିକ ହୋଇ ବୈଦିକ ଓ ଲୌକିକ ଶବ୍ଦ ଜ୍ଞାନ କରି ଅନ୍ୟାନ୍ୟ ଶାସ୍ତ୍ରଗୁଡ଼ିକୁ ଅନାୟାସରେ ଓ ଅତି ଶୀଘ୍ର ଅଧ୍ୟୟନ ଓ ଅଧ୍ୟାପନ କରାଇ ପାରିବେ ।

ଅବଶ୍ୟ ବ୍ୟାକରଣ ପାଇଁ ଯେତେ ପରିଶ୍ରମ ଆବଶ୍ୟକ, ସେତେ ପରିଶ୍ରମ ଅନ୍ୟ ଶାସ୍ତ୍ରମାନଙ୍କ ପାଇଁ ଆବଶ୍ୟକ ହୁଏ ନାହିଁ । ଏହି ପରିଶ୍ରମ ବଳରେ ଯେତିକି

ଜ୍ଞାନ ତିନି ବର୍ଷରେ ଲାଭ ହୁଏ, ସେତିକି ଜ୍ଞାନ ଅନ୍ୟ କୁଗ୍ରନ୍ଥ ଅର୍ଥାତ୍ ସାରସ୍ୱତ, ଚନ୍ଦ୍ରିକା, କୌମୁଦୀ, ମନୋରମାଦିରେ ପଚାଶ ବର୍ଷ ପରିଶ୍ରମ କଲେ ମଧ୍ୟ ଲାଭ ହୋଇପାରେ ନାହିଁ । କାରଣ ଯେଉଁ ମହର୍ଷିଗଣ ଖୁବ୍ ସହଜରେ ସ୍ୱ ଗ୍ରନ୍ଥମାନଙ୍କରେ ମହାନ୍ ବିଷୟଗୁଡ଼ିକର ଅବତାରଣା କରିଛନ୍ତି, ତାହା ଏହି କ୍ଷୁଦ୍ରାଶୟ ମନୁଷ୍ୟମାନଙ୍କ ଦ୍ୱାରା କଳ୍ପିତ ଗ୍ରନ୍ଥରେ ବା କିପରି ରହି ପାରିବ ? ମହର୍ଷିମାନଙ୍କ ଆଶୟ ଅତି ସୁଗମ ଓ ଏହାକୁ ଗ୍ରହଣ କରିବା ପାଇଁ ଅତିଅଳ୍ପ ସମୟ ଲାଗୁଥିବା ବେଳେ, ଏହି କ୍ଷୁଦ୍ରାଶୟମାନଙ୍କ ଗ୍ରନ୍ଥ ଅତି ଜଟିଳ, ଏଣୁ ସହଜରେ ବୋଧଗମ୍ୟ ହୋଇ ପାରେନାହିଁ । ପର୍ବତ ଖୋଳି କଉଡ଼ି ପାଇବା ଭଳି, ବହୁ ପରିଶ୍ରମ କରି ଏହି ଗ୍ରନ୍ଥମାନଙ୍କରୁ ଅଳ୍ପଜ୍ଞାନ ମିଳିଥାଏ ଗୋଟିଏ ବୁଡ଼ରେ କୋଟିଏ ମୁକ୍ତାଲାଭ କରିବା ଭଳି ଆର୍ଷଗ୍ରନ୍ଥ ଅଧ୍ୟୟନ ଦ୍ୱାରା ବିଶେଷଜ୍ଞାନ ଆହରଣ କରାଯାଇପାରେ ।

ବ୍ୟାକରଣ ପାଠପରେ ଯାସ୍କମୁନିକୃତ ନିଘଣ୍ଟୁ, ନିରୁକ୍ତ ଛଅ ବା ଆଠ ମାସରେ ଅର୍ଥ ସହିତ ପଠନପାଠନ କରାଇବେ । ଅନ୍ୟ ନାସ୍ତିକକୃତ ଅମର କୋଷାଦି ପାଠରେ ବର୍ଷ ବର୍ଷ ବ୍ୟର୍ଥରେ ଅତିବାହିତ କରିବା ଉଚିତ୍ ନୁହେଁ । ଏହା ପରେ ପିଙ୍ଗଳାଚାର୍ଯ୍ୟ କୃତ ଛନ୍ଦଗ୍ରନ୍ଥ ଯେଉଁଥିରେ ବୈଦିକ, ଲୌକିକ, ଛନ୍ଦ ଗୁଡ଼ିକର ବିଶେଷଜ୍ଞାନ, ନବୀନ ରଚନା ଓ ଶ୍ଳୋକ ରଚନା କରିବାର ରୀତିଗୁଡ଼ିକ ରହିଛି, ତାହା ଶିକ୍ଷା କରିବେ । ଏ ଗ୍ରନ୍ଥଦ୍ୱାରା ଶ୍ଳୋକ ରଚନାର କୌଶଳ ଚାରି ମାସରେ ଶିକ୍ଷା କରାଯାଇପାରେ । ତତ୍ପରେ ମନୁସ୍ମୃତି, ବାଲ୍ମୀକି ରାମାୟଣ ଓ ମହାଭାରତର ଉଦ୍ୟୋଗ ପର୍ବାନ୍ତର୍ଗତ ବିଦୁର ନୀତି ପ୍ରଭୃତି ଉତ୍ତମ ପ୍ରକରଣ ଗୁଡ଼ିକ ଯେଉଁଥିରେ ଦୁର୍ବ୍ୟସନ ବ୍ୟସନ ପ୍ରଭୃତି ଦୂର ହୋଇ ଉତ୍ତମ ସଭ୍ୟତା ଲାଭ ହେବ, ସେ ସବୁକୁ କାବ୍ୟରୀତି ଅର୍ଥାତ୍ ପଦଚ୍ଛେଦ, ପଦାର୍ଥୋକ୍ତି, ଅନ୍ୱୟ ବିଶେଷ୍ୟ, ବିଶେଷଣ ଭାବାର୍ଥ ସହ ଅଧ୍ୟୟନ କରାଇବେ । ଏସବୁକୁ ବର୍ଷକ ମଧ୍ୟରେ ଅଧ୍ୟୟନ କରିବାକୁହେବ ।

ତାପରେ ପୂର୍ବ ମୀମାଂସା, ବୈଶେଷିକ, ନ୍ୟାୟ, ଯୋଗ ସାଂଖ୍ୟ; ଓ ବେଦାନ୍ତ ଯଥା ସମ୍ଭବ ଋଷିକୃତ ବ୍ୟାଖ୍ୟା ସହିତ ଏହି ଷଡ୍ଦର୍ଶନ ଅଧ୍ୟୟନ କରାଇବେ । କିନ୍ତୁ ବେଦାନ୍ତ ସୂତ୍ରପାଠ କରିବା ପୂର୍ବରୁ ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ଐତରେୟ, ତୈତିରୀୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ ଏହି ଦଶ ଉପନିଷଦ୍ ପାଠ କରିବେ । ଭାଷ୍ୟବୃତ୍ତି ସହିତ ସୂତ୍ରଗୁଡ଼ିକୁ ଦୁଇବର୍ଷ ମଧ୍ୟରେ ଶିକ୍ଷା ଦେବେ । ତାପରେ ଛଅ ବର୍ଷ ମଧ୍ୟରେ ଚାରି ବ୍ରାହ୍ମଣ ଅର୍ଥାତ୍ ଐତରେୟ, ଶତପଥ, ସାମ ଓ ଗୋପଥ ବ୍ରାହ୍ମଣ ସହିତ ଚାରି ବେଦର ସ୍ୱର ଶବ୍ଦ, ଅର୍ଥ, ସମ୍ବନ୍ଧ କ୍ରିୟା ସହିତ ଶିକ୍ଷା ଦେବେ । କାରଣ —

ସ୍ଥାଣୁରୟଂ ଭାରହାରଃ କିଲାଭୂଦଧୀତ୍ୟ ବେଦଂ ନ ବିଜାନାତି ଯୋଽର୍ଥମ୍ ।
ଯୋଽର୍ଥଜ୍ଞ ଇତ୍ ସକଳଂ ଭଦ୍ରମଶ୍ନୁତେ ନାକମେତି ଜ୍ଞାନବିଧୂତ ପାପ୍ମା ।
(ନିରୁକ୍ତ ୧।୧।)

ଯେଉଁ ବ୍ୟକ୍ତି କେବଳ ବେଦପାଠ କରି ତାର ଅର୍ଥ ବୁଝେ ନାହିଁ, ବୃକ୍ଷ ଯେପରି ଶାଖା, ପତ୍ର, ଫୁଲର ଭାର ବହନ କରେ ବା ପଶୁ ଯେପରି ଧାନ୍ୟ ପ୍ରଭୃତି ବୋଝ ବୋହିଥାଏ, ସେହି ପାଠକ ସେପରି ଭାର ବହନ କରେ । ଯେଉଁବ୍ୟକ୍ତି ବେଦର ଯଥାର୍ଥଜ୍ଞାନ ଲାଭ କରେ ସେ ପୂର୍ଣ୍ଣଆନନ୍ଦ ଲାଭ କରିବା ସଙ୍ଗେ ସଙ୍ଗେ ମୃତ୍ୟୁ ପରେ ମଧ୍ୟ ଏହି ଧର୍ମାଚରଣ ଯୋଗୁଁ ସର୍ବାନନ୍ଦ ଲାଭ କରିବାକୁ ସମର୍ଥ ହୋଇଥାଏ ।

ଉତ ତ୍ୱଃ ପଶ୍ୟନ୍ନ ଦଦର୍ଶ ବାଚମୁତ ତ୍ୱଃ ଶୃଣ୍ୱନ୍ନ ଶୃଣୋତ୍ୟେନାମ୍ ।
ଉତୋ ତ୍ୱସ୍ମୈ ତନ୍ୱଂ ବିସସ୍ରେ ଜାୟେବ ପତ୍ୟ ଉଶତୀ ସୁବାସାଃ ।
(ଋଗ୍ବେଦ ମଣ୍ଡଳ ୧୦। ସୂକ୍ତ ୭୧।ମ୪)

ଯେଉଁବ୍ୟକ୍ତି ଅଜ୍ଞ ସେ ଶୁଣି ମଧ୍ୟ ଶୁଣିପାରେ ନାହିଁ, ଦେଖି ମଧ୍ୟ ଦେଖିପାରେ ନାହିଁ, କହି ମଧ୍ୟ ନ କହିଲାପରି ଅର୍ଥାତ୍ ଅଜ୍ଞଲୋକ ଏ ବିଦ୍ୟାବାଣୀର ରହସ୍ୟ ଜାଣିପାରେ ନାହିଁ । ଯେପରି ପତି କାମନାକାରିଣୀ ସ୍ତ୍ରୀ ବସ୍ତ୍ରଭୂଷଣ ପରିଧାନ କରି ନିଜ ଶରୀର ତଥା ସ୍ୱରୂପ (ସ୍ୱାମୀ ପାଖରେ) ପ୍ରକାଶ କରେ, ବିଦ୍ୱାନ୍ ବ୍ୟକ୍ତି ସେହିପରି ବିଦ୍ୱାନ୍ ଆଗରେହିଁ ନିଜର ସ୍ୱରୂପ ପ୍ରକାଶ କରିଥାଏ ।

ଋଚୋ ଅକ୍ଷରେ ପରମେ ବ୍ୟୋମନ୍ୟସ୍ମିନ୍ଦେବା ଅଧି ବିଶ୍ୱେ ନିଷେଦୁଃ ।
ଯସ୍ତନ୍ନ ବେଦ କିମୃଚା କରିଷ୍ୟତି ଯ ଇତ୍ତଦ୍ ବିଦୁସ୍ତ ଇମେ ସମାସତେ ।।
(ଋମ୧।ସୂ ୧୬୪, ମନ୍ତ୍ର ୩୯)

ଯେଉଁ ସର୍ବ ବ୍ୟାପକ ସର୍ବୋତ୍କୃଷ୍ଟ ପରମେଶ୍ୱରଙ୍କ ଠାରେ ସମସ୍ତ ବିଦ୍ୱାନ୍ ସୂର୍ଯ୍ୟ ପ୍ରଭୃତି ସମସ୍ତ ଲୋକ ଲୋକାନ୍ତର ସ୍ଥିତ ହୋଇଛନ୍ତି, ଯାହାଙ୍କ ଠାରେ ସର୍ବବେଦର ମୁଖ୍ୟତାତ୍ପର୍ଯ୍ୟ ପୂରି ରହିଛି, ସେହି ବ୍ରହ୍ମଙ୍କୁ ଯେ ଜାଣିପାରେ ନାହିଁ,ସେ ଋଗ୍ବେଦାଦି ଦ୍ୱାରା ସୁଖ ଲାଭ କରିବାରେ ସମର୍ଥ ହୁଏ ନହିଁ । କିନ୍ତୁ ଯେ ବେଦପାଠ ପୂର୍ବକ ଧର୍ମାତ୍ମା ଯୋଗୀ ହୋଇ, ସେହି ବ୍ରହ୍ମଙ୍କୁ ଜାଣେ, ସେ ପରମେଶ୍ୱରଙ୍କ ଠାରେ ସ୍ଥିତ ହୋଇ ମୁକ୍ତିରୂପୀ ପରମାନନ୍ଦ ଲାଭକରେ । ଏଣୁ ଅଧ୍ୟୟନ ଅଧ୍ୟାପନ ଅର୍ଥ ଜ୍ଞାନ ସହିତ କରାଯିବା ଉଚିତ୍ । ଏହିପରି ସମସ୍ତ ବେଦପାଠ କରିବା ପରେ ଆୟୁର୍ବେଦ ଅର୍ଥାତ୍ - ଚରକ ସୁଶ୍ରୁତ ପ୍ରଭୃତି ଋଷି ମୁନିଙ୍କ ପ୍ରଣୀତ ବୈଦ୍ୟଶାସ୍ତ୍ର ଅର୍ଥ; କ୍ରିୟା [illegible], ଛେଦନ, ଭେଦନ ଲେପ, ଚିକିତ୍ସା, ନିଦାନ,ଔଷଧ, ପଥ୍ୟ, ଶରୀର ଦେଶ, [illegible]

ବସ୍ତୁ, ଗୁଣଜ୍ଞାନ ଏଗୁଡ଼ିକ ଚାରିବର୍ଷ ମଧ୍ୟରେ ଅଧ୍ୟୟନ କରାଇବେ । ତାପରେ ପରେ ଯେଉଁମାନଙ୍କର ରାଜ୍ୟ ଶାସନ ଦାୟିତ୍ୱରେ ରହିବାର ଅଛି ସେମାନେ ଧନୁର୍ବେଦ ଶିକ୍ଷା କରିବେ । ଏହା ଦୁଇ ଭାଗରେ ବିଭକ୍ତ ଯଥା - ରାଜ ପୁରୁଷ ସମ୍ବନ୍ଧୀୟ ଓ ପ୍ରଜା ସମ୍ବନ୍ଧୀୟ । ରାଜକାର୍ଯ୍ୟ ଶିକ୍ଷାରେ ସଭା ସେନାଧ୍ୟକ୍ଷ ଶସ୍ତ୍ରାସ୍ତ୍ର ବିଦ୍ୟା, ନାନା ପ୍ରକାର ବ୍ୟୂହ ରଚନା କରିବାର ଅଭ୍ୟାସ ଯାହାକୁ ଆଜିକାଲି 'କବାୟଦ୍‌' କୁହାଯାଉଛି ଯାହାକି ଯୁଦ୍ଧ ସମୟରେ ଆବଶ୍ୟକ ସେସବୁ ଶିକ୍ଷା କରିବେ । ଯେଉଁ ବିଦ୍ୟାରେ ପାଳନ ଓ ବୃଦ୍ଧି କରିବାର ପ୍ରଣାଳୀ ରହିଛି ଯଥା - ଦୁଷ୍ଟମାନଙ୍କୁ ଯଥୋଚିତ ଦଣ୍ଡଦେବା, ଶାନ୍ତ ଶିଷ୍ଟମାନଙ୍କୁ ପାଳନ କରିବାର ନିୟମ ଦୁଇ ବର୍ଷରେ ଶିକ୍ଷା କରିବେ । ଏହାପରେ ଗାନ୍ଧର୍ବ ବେଦ ବା ସଙ୍ଗୀତ ବିଦ୍ୟାର ସ୍ୱର, ରାଗ, ରାଗିଣୀ ସମୟ ତାଳ; ଗ୍ରାମ,ନୃତ୍ୟ, ଗୀତ, ବାଦ୍ୟ ପ୍ରଭୃତି ଯଥାଯଥ ଭାବେ ଶିକ୍ଷା କରିବେ । ସାମଗାନ ବାଦ୍ୟ ବାଦନ ପୂର୍ବକ ଶିଖିବାରେ ପ୍ରାଧାନ୍ୟ ଦେବେ । ନାରଦ ସଂହିତା; ଆର୍ଷ ଗ୍ରନ୍ଥ ପ୍ରଭୃତି ପାଠ କରିବେ । ଅର୍ଥ ବେଦ ଯାହାକୁ ଶିଳ୍ପ ବିଦ୍ୟା କୁହାଯାଏ, ତାହାର ପଦାର୍ଥ ଗୁଣ, ବିଜ୍ଞାନ, କ୍ରିୟା କୌଶଳ ନାନା ବିଧ ପଦାର୍ଥ ନିର୍ମାଣ ପୃଥିବୀ ଠାରୁ ଆକାଶ ପର୍ଯ୍ୟନ୍ତ ସମସ୍ତ ବିଦ୍ୟା ଦୁଇ ବର୍ଷରେ ଅଧ୍ୟୟନ କରାଇବେ । ତାପରେ ଦୁଇବର୍ଷରେ ଜ୍ୟୋତିଷ ବିଦ୍ୟା ସୂର୍ଯ୍ୟ ସିଦ୍ଧାନ୍ତ ପ୍ରଭୃତି ଗ୍ରନ୍ଥ ପାଠ କରାଇବେ । ଏଥିରୁ ବୀଜଗଣିତ, ଅଙ୍କ, ଭୂଗୋଳ,ଖଗୋଳ ଓ ଭୂ ଗର୍ଭର ବିଦ୍ୟା ଶିକ୍ଷା କରିବେ । ତାପରେ ସମସ୍ତ ପ୍ରକାର ହସ୍ତକର୍ମ, ଯନ୍ତ୍ରକଳା ଶିଖିବେ । ଗ୍ରହ, ନକ୍ଷତ୍ର, ଜନ୍ମପତ୍ର, ରାଶି ମୁହୂର୍ତ୍ତଫଳ ବିଧାୟକ ମିଥ୍ୟା ଗ୍ରନ୍ଥମାନ ପଢ଼ିବେ ନାହିଁ । ଏହି ରୀତିରେ ୨୧ ବା ୨୨ ବର୍ଷରେ ଯେତେ ବିଦ୍ୟା ହେବ ଅନ୍ୟ ପ୍ରକାରରେ ଶହେ ବର୍ଷରେ ମଧ୍ୟ ସେତିକି ବିଦ୍ୟା ହୋଇପାରିବ ନାହିଁ । ଏହିପରି ୨୧/୨୨ ବର୍ଷ ମଧ୍ୟରେ ସମସ୍ତ ବିଦ୍ୟା ଉତ୍ତମରୂପେ ଶିକ୍ଷା କରି ଆନନ୍ଦ ମନରେ କାଳ ଯାପନ କରିବେ ।

ଋଷି ପ୍ରଣୀତ ଗ୍ରନ୍ଥଗୁଡ଼ିକର ପ୍ରଣୟନକାରୀ ମହର୍ଷିଗଣ ମହାବିଦ୍ୱାନ୍ ସର୍ବ ଶାସ୍ତ୍ରବିତ୍ ଓ ଧର୍ମାତ୍ମା ଥିଲେ । ତେଣୁ ସେମାନଙ୍କ ଶାସ୍ତ୍ର ପାଠ କରିବା ଆବଶ୍ୟକ । ବ୍ୟାସମୁନି କୃତ ପୂର୍ବ ମୀମାଂସାର ବ୍ୟାଖ୍ୟା, ବିଶେଷ କରି ଗୌତମ ମୁନିକୃତ ପ୍ରଶସ୍ତ ପଦଭାଷ୍ୟ, ଗୌତମ ମୁନିକୃତ ନ୍ୟାୟ ସୂତ୍ରର ବାତ୍ସ୍ୟାୟନ ମୁନିକୃତ ଭାଷ୍ୟ, ପତଞ୍ଜଳି କୃତ ଯୋଗ ସୂତ୍ରର ବ୍ୟାସମୁନିକୃତ ଭାଷ୍ୟ, କପିଳ ମୁନିକୃତ ସାଂଖ୍ୟ ସୂତ୍ରର, ଭାଗୁରି ମୁନିକୃତ ଭାଷ୍ୟ, ବ୍ୟାସ ମୁନିକୃତ ବେଦାନ୍ତ ସୂତ୍ରର ବାତ୍ସ୍ୟାୟନ ମୁନିକୃତ ଭାଷ୍ୟ ଅଥବା ବୌଧାୟନ ମୁନିକୃତ ଭାଷ୍ୟବୃତ୍ତି ସହିତ ଅଧ୍ୟୟନ କରାଇବେ ।

ଯେପରି ଋକ୍, ଯଜୁଃ, ସାମ ଓ ଅଥର୍ବବେଦ ଈଶ୍ୱରଙ୍କ କୃତ,ସେହିପରି ଐତରେୟ, ଶତପଥ, ସାମ (ତାଣ୍ଡ୍ୟ) ଗୋପଥ ଏହି ଚାରି ବ୍ରାହ୍ମଣ, ଶିକ୍ଷା, କଳ୍ପ,

ବ୍ୟାକରଣ, ନିଘଣ୍ଟୁ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ ଏହିପରି ଛଅ ବେଦାଙ୍ଗ' ମୀମାଂସାଦି ଷଡ୍‌ଦର୍ଶନ,, ବେଦର ଉପାଙ୍ଗ, ଯଥା- ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବବେଦ ଓ ଅର୍ଥବେଦ ଏପରି ଚାରି ଉପବେଦ ସବୁ ମୁନିଋଷି କୃତ ଅଟେ । ଏଥିରେ ଯେଉଁ ବେଦ ବିରୋଧୀ ଅଂଶଗୁଡ଼ିକ ରହିଛି ସେ ସବୁ ପରିତ୍ୟାଜ୍ୟ ଅଟେ । କାରଣ ବେଦ ଈଶ୍ୱରକୃତ ହୋଇଥିବାରୁ ନିର୍ଭ୍ରାନ୍ତ ସ୍ୱତଃ ପ୍ରମାଣିତ ଅର୍ଥାତ୍ ବେଦର ପ୍ରମାଣ କେବଳ ବେଦଦ୍ୱାରା ହିଁ ହୋଇଥାଏ । ବ୍ରାହ୍ମଣାଦି ସମସ୍ତ ଗ୍ରନ୍ଥ ପରତଃ ପ୍ରମାଣ ଅର୍ଥାତ୍ ଏସବୁର ପ୍ରମାଣ ବେଦାଧୀନ ଅଟେ ।

ବର୍ତ୍ତମାନ ବର୍ଜନୀୟ ଗ୍ରନ୍ଥଗୁଡ଼ିକର ଗଣନା ସଂକ୍ଷେପରେ କରାଯାଉଛି, ନିମ୍ନରେ ଯେଉଁ ଗ୍ରନ୍ଥଗୁଡ଼ିକର ତାଲିକା ଦିଆଯାଉଛି ସେ ସବୁକୁ ମିଥ୍ୟାଗ୍ରନ୍ଥ ବୋଲି ବୁଝିବା ଉଚିତ୍ । ବ୍ୟାକରଣରେ କାତନ୍ତ୍ର, ସାରସ୍ୱତ, ଚନ୍ଦ୍ରିକା, ମୁଗ୍ଧବୋଧ, କୌମୁଦୀ, ଶେଖର, ମନୋରମାଦି । କୋଷଗ୍ରନ୍ଥ, ମଧ୍ୟରେ ଅମରକୋଷାଦି । ଛନ୍ଦଗ୍ରନ୍ଥ ମଧ୍ୟରୁ ବୃତ୍ତ ରତ୍ନାକରାଦି । ଶିକ୍ଷାରେ 'ଅଥ ଶିକ୍ଷାଂ ପ୍ରବକ୍ଷ୍ୟାମି ପାଣିନୀୟଂ ମତଂ ଯଥା'' ଇତ୍ୟାଦି । ଜ୍ୟୋତିଷରେ ଶୀଘ୍ରବୋଧ ମୁହୂର୍ତ୍ତ ଚିନ୍ତାମଣି ପ୍ରଭୃତି । କାବ୍ୟରେ ନାୟିକାଭେଦ କୁବଳୟାନନ୍ଦ, ରଘୁବଂଶ,ମାଘ, କିରାତାର୍ଜୁନୀୟାଦି । ମୀମାଂସାରେ ଧର୍ମସିନ୍ଧୁ, ବ୍ରତାର୍କାଦି । ବୈଶେଷିକରେ ତର୍କ ସଂଗ୍ରହାଦି, ନ୍ୟାୟରେ ଜାଗଦୀଶୀ ଆଦି । ଯୋଗରେ ହଠ ପ୍ରଦୀପିକାଦି । ସାଂଖ୍ୟରେ ସାଂଖ୍ୟତତ୍ତ୍ୱ କୌମୁଦ୍ୟାଦି । ବେଦାନ୍ତରେ ଯୋଗ ବା ବଶିଷ୍ଠ ପଞ୍ଚଦଶ୍ୟାଦି । ବୈଦ୍ୟ ଶାସ୍ତ୍ରରେ ଶାର୍ଙ୍ଗଧରାଦି, ସ୍ମୃତିରେ ମନୁସ୍ମୃତିର ପ୍ରକ୍ଷିପ୍ତଶ୍ଳୋକ ଓ ଅନ୍ୟ ସମସ୍ତ ସ୍ମୃତି, ସମସ୍ତ ତନ୍ତ୍ରଗ୍ରନ୍ଥ, ସମସ୍ତ ପୁରାଣ, ଉପପୁରାଣ, ତୁଳସୀ ଦାସ ରାମାୟଣ, ରୁକ୍ମିଣୀମଙ୍ଗଳାଦି ଓ ସମସ୍ତ ଭାଷାଗ୍ରନ୍ଥ ଏସବୁକୁ କପୋଳ କଳ୍ପିତ ଓ ମିଥ୍ୟା ଗ୍ରନ୍ଥ ବୋଲି ଜାଣିବାକୁ ହେବ ।

ପ୍ରଶ୍ନ - ଏ ଗ୍ରନ୍ଥ ଗୁଡ଼ିକରେ କ'ଣ କୌଣସି ପ୍ରକାର ସତ୍ୟତା ନାହିଁ ?

ଉତ୍ତର - ଏଗୁଡ଼ିକରେ ସାମାନ୍ୟ ପରିମାଣରେ ସତ୍ୟ ରହିଛି, କିନ୍ତୁ ତା ସଙ୍ଗେ ସଙ୍ଗେ ଅନେକ ମିଥ୍ୟା ବିଷୟମାନ ରହିଛି । ଏଣୁ ବିଷ ସମ୍ପୃକ୍ତାନ୍ନ ବତ୍ତ୍ୟାଜ୍ୟାଃ' ଅର୍ଥାତ୍ ବିଷ ମିଶ୍ରିତ ଉତ୍ତମ ଅନ୍ନ ମଧ୍ୟ ଅଖାଦ୍ୟ ହେବାପରି ଏ ଗ୍ରନ୍ଥଗୁଡ଼ିକୁ ପରିତ୍ୟାଗ କରିବ ।

ପ୍ରଶ୍ନ- ଆପଣ କ'ଣ ପୁରାଣ ଇତିହାସକୁ ସ୍ୱୀକାର କରୁନାହାନ୍ତି ?

ଉତ୍ତର - ମିଥ୍ୟା ବିଷୟବସ୍ତୁକୁ ନମାନି କେବଳ ସତ୍ୟକୁ ମାନୁଛି ।

ପ୍ରଶ୍ନ - ତା ମଧ୍ୟରୁ କାହାକୁ ସତ୍ୟ ଓ କାହାକୁ ମିଥ୍ୟା କୁହାଯିବ ?

ଉତ୍ତର - ବ୍ରାହ୍ମଣାନୀତିହାସାନ୍ ପୁରାଣାନି କଳ୍ପାନ୍ ଗାଥା ନାରାଶଂସୀରିତି । ଇତ୍ୟାଦି

ଆଶ୍ୱଳାୟନ ଗୃହ୍ୟ ସୂତ୍ର ଅ୩ାକଂ ୩ା୮୧-୨ ଓ ତୈ.ଆ.ପ୍ରପା.୨ ଅନୁ୯) ଏହା ହେଉଛି ଗୃହ୍ୟ ସୂତ୍ରାଦିର ବଚନ । ଐତରେୟ, ଶତପଥାଦି ବ୍ରାହ୍ମଣରୁ ପଞ୍ଚନାମ, ଯଥା-ଇତିହାସ, ପୁରାଣ, କଳ୍ପ, ଗାଥା ଓ ନାରାଶଂସୀ । ଶ୍ରୀମଦ୍ ଭାଗବତାଦି ପୁରାଣ ନୁହେଁ ।

ପ୍ରଶ୍ନ - ତ୍ୟାଜ୍ୟ ଗ୍ରନ୍ଥମାନଙ୍କରେ ଯେଉଁ ସବୁ ସତ୍ୟ ରହିଛି, ତାକୁ କାହିଁକି ଗ୍ରହଣ କରୁ ନାହାନ୍ତି ?

ଉତ୍ତର - ଏଥିରେ ଯେଉଁ ସତ୍ୟଗୁଡ଼ିକ ରହିଛି, ସେ ସବୁ ବେଦ ନିହିତ । ମିଥ୍ୟାଗୁଡ଼ିକ ଲେଖକଙ୍କ ନିଜର । ବେଦାଦି ସତ୍‌ଶାସ୍ତ୍ର ପାଠ କଲେ ସେସବୁ ସହଜରେ ମିଳିପାରିବ, ଯେଉଁମାନେ ଏହି ମିଥ୍ୟା ଗ୍ରନ୍ଥଗୁଡ଼ିକୁ ପଢ଼ିବେ, ସେମାନଙ୍କ ମନରେ ମିଥ୍ୟାଭାବ ପ୍ରବେଶ କରିବ । ଏଣୁ "ଅସତ୍ୟ ମିଶ୍ରଂ ସତ୍ୟଂ ଦୂରତସ୍ତ୍ୟାଜ୍ୟମିତି" ଅର୍ଥାତ୍ ବିଷ ମିଶ୍ରିତ ଅନ୍ନ ବର୍ଜନୀୟ ହେଲା ପରି ଅସତ୍ୟ ମିଶ୍ରିତ ଗ୍ରନ୍ଥ ମଧ୍ୟ ବର୍ଜନୀୟ ।

ପ୍ରଶ୍ନ - ଆପଣଙ୍କ ମତ କ'ଣ ?

ଉତ୍ତର - ବେଦରେ ଯାହା ସବୁ କରିବା ପାଇଁ ଓ ତ୍ୟାଗ କରିବା ପାଇଁ ଶିକ୍ଷା ଦିଆଯାଇଛି, ସବୁକୁ ଠିକ୍‌ଭାବେ କରିବାକୁ ଓ ପରିତ୍ୟାଗ କରିବାକୁ ଉଚିତ୍ ବୋଲି ମନେକରୁଛି । ଏଣୁ ସମସ୍ତ ଆର୍ଯ୍ୟଜାତି ଏ ବିଷୟରେ ଏକମତ ହେବା ଆବଶ୍ୟକ ।

ପ୍ରଶ୍ନ- ସତ୍ୟାସତ୍ୟ ଗ୍ରନ୍ଥମାନଙ୍କରେ ପରସ୍ପର ବିରୋଧଭାବ ଯେପରି ରହିଛି, ସେପରି ମୁନି ଋଷିକୃତ ଗ୍ରନ୍ଥମାନଙ୍କରେ ମଧ୍ୟ ପରସ୍ପର ବିରୋଧଭାବ ଅଛି । ସୃଷ୍ଟି ବିଷୟରେ ଷଡ଼ଦର୍ଶନରେ ମଧ୍ୟ ବିରୋଧ ରହିଛି ଯଥା - ମୀମାଂସାରେ କର୍ମ, ବୈଶେଷିକରେ କାଳ, ନ୍ୟାୟରେ ପରମାଣୁ, ଯୋଗରେ ପୁରୁଷାର୍ଥ, ସାଂଖ୍ୟରେ ପ୍ରକୃତି ଓ ବେଦାନ୍ତ ବ୍ରହ୍ମ ଦ୍ୱାରା ସୃଷ୍ଟିର ଉତ୍ପତ୍ତି ବୋଲି ସ୍ୱୀକାର କରାଯାଇଛି । ଏସବୁକୁ ବିରୋଧ ବୋଲି କଣ କୁହାଯିବ ନାହିଁ ?

ଉତ୍ତର- ପ୍ରଥମତଃ ସାଂଖ୍ୟ ଓ ବେଦାନ୍ତ ବ୍ୟତୀତ, ଅନ୍ୟ ଚାରୋଟି ଶାସ୍ତ୍ରରେ ସୃଷ୍ଟି ଉତ୍ପତ୍ତି ସମ୍ପର୍କରେ ବିଶଦ୍ ଭାବରେ କିଛି ଉଲ୍ଲେଖ କରାଯାଇ ନାହିଁ । ତେଣୁ ଏଥିରେ ବିରୋଧର ପ୍ରଶ୍ନ ହିଁ ନାହିଁ । ତୁମର ବୋଧେ ବିରୋଧାବିରୋଧ ଜ୍ଞାନ ନାହିଁ । ମୁଁ ତୁମକୁ ପଚାରୁଛି, ବିରୋଧ କେଉଁ ସ୍ଥାନରେ ହୁଏ ? କେବଳ ଗୋଟିଏ ବିଷୟରେ ନା ଭିନ୍ନ ଭିନ୍ନ ବିଷୟରେ ?

ପ୍ରଶ୍ନ- ଗୋଟିଏ ବିଷୟରେ ଅନେକଙ୍କ ପରସ୍ପର ବିରୁଦ୍ଧ ମତକୁ ହିଁ ବିରୁଦ୍ଧ କୁହାଯାଏ । ଏଠାରେ ସୃଷ୍ଟି କେବଳ ଏକମାତ୍ର ବିଷୟ ।

ଉତ୍ତର - ତେବେ କହନ୍ତୁ ବିଦ୍ୟା ଏକ ନା ଦୁଇ ? ଯଦି ଏହା ଗୋଟିଏ; ତେବେ

ବୈଦ୍ୟ ଶାସ୍ତ୍ର, ଜ୍ୟୋତିଷ, ବ୍ୟାକରଣ ପ୍ରଭୃତି ଭିନ୍ନ ଭିନ୍ନ ରହିଛି କାହିଁକି ? [illegible] ଗୋଟିଏ ବିଦ୍ୟାର ଅନେକ ଅବୟବ ଗୋଟିଏ ଅନ୍ୟ ଠାରୁ ଭିନ୍ନ ପ୍ରତିପାଦିତ ହୁଏ, ସେହିପରି ସୃଷ୍ଟି ବିଦ୍ୟାର ଭିନ୍ନ ଭିନ୍ନ ଛଅ ଅବୟବର ଛଅ ଶାସ୍ତ୍ରରେ ପ୍ରତିପାଦନକୁ କଦାପି ବିରୋଧ ବୋଲି କୁହାଯିବ ନାହିଁ । ପୁଣି ଘଟ ତିଆରି କରିବାରେ କର୍ମ, ସମୟ, ମୃତ୍ତିକା, ବିଚାର, ସଂଯୋଗ, ବିଯୋଗାଦିର ପୁରୁଷାର୍ଥ, ପ୍ରକୃତିର ଗୁଣ ଓ କୁମ୍ଭାର କାରଣ ଅଟେ । ସେହିପରି ସୃଷ୍ଟିର ଯେଉଁ କର୍ମ କାରଣ ରୂପେ ପରିଗଣିତ ତାହାର ବ୍ୟାଖ୍ୟା ମୀମାଂସାରେ, ସମୟର ବ୍ୟାଖ୍ୟା ବୈଶେଷିକରେ, ଉପାଦାନ କାରଣର ବ୍ୟାଖ୍ୟା ନ୍ୟାୟରେ, ପୁରୁଷାର୍ଥର ବ୍ୟାଖ୍ୟା ଯୋଗରେ, ତତ୍ତ୍ୱ ଅନୁକ୍ରମରେ ପରିଗଣନର ବ୍ୟାଖ୍ୟା ସାଂଖ୍ୟରେ ଓ ଯେଉଁ ନିମିତ୍ତ କାରଣ ହେଉଛନ୍ତି ପରମେଶ୍ୱର ଏପ୍ରକାର ବ୍ୟାଖ୍ୟା ବେଦାନ୍ତରେ କରାଯାଇଛି । ଏଥିରେ କୌଣସି ବିରୋଧ ନାହିଁ । ଯେପରି ବୈଦ୍ୟ ଶାସ୍ତ୍ରରେ ନିଦାନ, ଚିକିତ୍ସା, ଔଷଧିଦାନ ଓ ପଥ୍ୟପ୍ରକରଣ ଭିନ୍ନ ଭିନ୍ନ ରୂପେ କଥିତ ହୋଇଥିଲେ ହେଁ ସବୁ ସିଦ୍ଧାନ୍ତ ଗୁଡ଼ିକ ରୋଗ ନିବୃତ୍ତି ପାଇଁ ଉଦ୍ଦିଷ୍ଟ, ସେହିପରି ସୃଷ୍ଟିର କାରଣ ହେଉଛି ଛଅ ପ୍ରକାର । ଏହାର ଗୋଟିଏ ଗୋଟିଏ କାରଣର ବ୍ୟାଖ୍ୟା ଏକ ଏକ ଶାସ୍ତ୍ରକାର କରିଛନ୍ତି, ଏଣୁ ଏଥିରେ ସେପରି ବିରୋଧ ନାହିଁ । ଏ ବିଷୟ ପୁଣି ସୃଷ୍ଟି ପ୍ରକରଣରେ ବିସ୍ତୃତରୂପେ ଆଲୋଚନା କରାଯିବ ।

ବିଦ୍ୟା ପଠନପାଠନର ବିଘ୍ନଗୁଡ଼ିକୁ ତ୍ୟାଗ କରିବେ । ଯଥା - କୁସଙ୍ଗ ବା ବିଷୟୀଜନଙ୍କ ସଙ୍ଗ, ଦୁଷ୍ଟବ୍ୟସନ, ଯଥା-ମଦ୍ୟାଦି ସେବନ, ବେଶ୍ୟା ଗମନାଦି, ବାଲ୍ୟବିବାହ ଅର୍ଥାତ୍ ୨୫ବର୍ଷ ପୂର୍ବରୁ ପୁରୁଷ ଓ ୧୬ ବର୍ଷ ପୂର୍ବରୁ ସ୍ତ୍ରୀର ବିବାହ, ରାଜା, ପିତା, ମାତା, ବିଦ୍ୱାନ୍‌ମାନଙ୍କ ବେଦପ୍ରଚାର ପ୍ରଭୃତିରେ ଅପ୍ରୀତି, ଅତି ଭୋଜନ, ଅତି ଜାଗରଣ, ପଠନ ପାଠନ ପରୀକ୍ଷା ଦେବା ନେବାରେ ବାଧାଚରଣ, ସର୍ବୋପରି ବିଦ୍ୟାର ଲାଭ ନ ବୁଝିବା, ବ୍ରହ୍ମଚର୍ଯ୍ୟ ଦ୍ୱାରା ବଳ, ବୁଦ୍ଧି, ପରାକ୍ରମ, ଆରୋଗ୍ୟ, ରାଜ୍ୟ, ଧନ ବୃଦ୍ଧି ହୁଏ ବୋଲି ବିଶ୍ୱାସ ନ କରିବା, ଈଶ୍ୱରଙ୍କ ଧ୍ୟାନ ଛାଡ଼ି ଅନ୍ୟ ପାଷାଣାଦି ଜଡ଼ମୂର୍ତ୍ତି ଦର୍ଶନ, ପୂଜନରେ ବ୍ୟର୍ଥକାଳ କଟାଇବା, ମାତା, ପିତା, ଆଚାର୍ଯ୍ୟ, ବିଦ୍ୱାନ୍ ମାନଙ୍କୁ ସତ୍ୟମୂର୍ତ୍ତି ମନେ କରି ସେବା ନ କରିବା, ବର୍ଣ୍ଣାଶ୍ରମ ଧର୍ମକୁ ଛାଡ଼ି ଊର୍ଦ୍ଧ୍ୱପୁଣ୍ଡ୍ର ତ୍ରିପୁଣ୍ଡ୍ର ତିଳକ, ମାଳାଧାରଣ, ଏକାଦଶୀ, ତ୍ରୟୋଦଶୀ ପ୍ରଭୃତି ବ୍ରତ କରିବା, କାଶୀ ପ୍ରଭୃତି ତୀର୍ଥ ଓ ରାମ; କୃଷ୍ଣ, ନାରାୟଣ, ଶିବ, ଭଗବତୀ, ଗଣେଶାଦିଙ୍କ ନାମ ସ୍ମରଣ ଦ୍ୱାରା ପାପ ଦୂର ହେବାର ବିଶ୍ୱାସ, ପାଷଣ୍ଡମାନଙ୍କ ଉପଦେଶରେ ବିଦ୍ୟାପାଠ କରିବାରେ ଅଶ୍ରଦ୍ଧା, ବିଦ୍ୟା, ଧର୍ମ, ଯୋଗ, ପରମେଶ୍ୱରଙ୍କ ଉପାସନା, ବ୍ୟତୀତ ମିଥ୍ୟା ପୁରାଣନାମକ ଭାଗବତାଦି କଥା ଶ୍ରବଣରେ ମୁକ୍ତି ମିଳିବାର ବିଶ୍ୱାସ,

ଲୋଭବଶତଃ ଧନାର୍ଜନର ପ୍ରବୃତ୍ତିରେ ଜଡ଼ିତ ରହି ବିଦ୍ୟାରେ ଶ୍ରଦ୍ଧା ନ ରଖିବା ଇତସ୍ତତଃ ବ୍ୟର୍ଥଭ୍ରମଣ ଇତ୍ୟାଦି ମିଥ୍ୟା ବ୍ୟବହାରରେ ବିଦ୍ୟାର୍ଥୀ ବୃତ୍ତି ରହିବା ସଙ୍ଗେ ସଙ୍ଗେ ବ୍ରହ୍ମଚର୍ଯ୍ୟ ଓ ବିଦ୍ୟାଲାଭରୁ ବଞ୍ଚିତ ହୋଇ, ରୋଗୀ ଓ ମୂର୍ଖ ହୋଇ ଯାଉଛନ୍ତି । ଆଜିକାଲି ସଂପ୍ରଦାୟୀ ଓ ସ୍ୱାର୍ଥୀ ବ୍ରାହ୍ମଣମାନେ, ବିଦ୍ୟାର୍ଥୀମାନଙ୍କୁ ବିଦ୍ୟା ସତ୍‌ସଙ୍ଗ ଆଡୁ ଟାଣି ଆଣି ନିଜ ଜାଲରେ ପକାଇ ତାଙ୍କର ଶରୀର, ମନ, ଧନ, ନଷ୍ଟ କରି ଦେଉଛନ୍ତି । କ୍ଷତ୍ରିୟାଦି ବର୍ଣ୍ଣର ଲୋକେ ବିଦ୍ୟାର୍ଜନ କରି ଆମ୍ଭମାନଙ୍କର କପଟଜାଲକୁ ହୃଦୟଙ୍ଗମ କରି ଆମ୍ଭମାନଙ୍କୁ ଅପମାନିତ କରିବେ ବୋଲି ସ୍ୱାର୍ଥୀମାନେ ଭାବୁଛନ୍ତି । ଏଣୁ ରାଜା ଓ ପ୍ରଜା ଏ ପ୍ରକାର ବିଘ୍ନ ଦୂରୀକରଣ ପୂର୍ବକ ନିଜ ସନ୍ତାନ ସନ୍ତତିମାନଙ୍କର ବିଦ୍ୟାର୍ଜନ ପାଇଁ ସତତ ପ୍ରଯତ୍ନଶୀଳ ହେବା ଏକାନ୍ତ ବିଧେୟ ।

ପ୍ରଶ୍ନ - ସ୍ତ୍ରୀ ଓ ଶୂଦ୍ରମାନଙ୍କର ବେଦ ଅଧ୍ୟୟନ କରିବାର ଅଧିକାର ଅଛି କି ? ସେମାନେ ଯଦି ବେଦ ଅଧ୍ୟୟନ କରିବେ, ତେବେ ଆମ୍ଭେମାନେ କଣ କରିବୁ ? ଏମାନଙ୍କର ବେଦ ପଢ଼ିବା ପାଇଁ କୌଣସି ପ୍ରମାଣ ମଧ୍ୟ ନାହିଁ, ତାଙ୍କ ପାଇଁ ତ ବେଦ ଅଧ୍ୟୟନ ନିଷେଧ, ଯଥା - 'ସ୍ତ୍ରୀ ଶୂଦ୍ରୌ ନାଧୀୟାତାମିତି ଶ୍ରୁତେଃ' ସ୍ତ୍ରୀ ଓ ଶୂଦ୍ର ବେଦ ପାଠ କରି ପାରିବେ ନାହିଁ, ଶ୍ରୁତିରେ ଏପରି ଲେଖାହୋଇଛି ।

ଉତ୍ତର - ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କର ବେଦ ଅଧ୍ୟୟନ କରିବାର ଅଧିକାର ଅଛି । ଯେଉଁମାନେ ଏପରି କପୋଳକଳ୍ପନା କରନ୍ତି, ସେମାନେ କୂଅରେ ବୁଡ଼ି ମରିବା ଉଚିତ୍ । କୌଣସି ପ୍ରାମାଣିକ ଗ୍ରନ୍ଥରେ ଏପରି ନାହିଁ । ଯଜୁର୍ବେଦର ଏହି ମନ୍ତ୍ର ଅନୁସାରେ ବେଦ ଅଧ୍ୟୟନ କରିବାର ସମସ୍ତଙ୍କର ଅଧିକାର ରହିଛି ଯଥା —

ଯଥେମାଂ ବାଚଂ କଲ୍ୟାଣୀମାବଦାନି ଜନେଭ୍ୟଃ ।
ବ୍ରହ୍ମରାଜନ୍ୟାଭ୍ୟାଂ ଶୂଦ୍ରାୟ ଚାର୍ଯ୍ୟାୟ ଚ ସ୍ୱାୟ ଚାରଣାୟ ।।

(ଯଜୁଃ ୨୬।୨)

ପରମେଶ୍ୱର କହୁଅଛନ୍ତି (ଯଥା) ଯେପରି ମୁଁ (ଜନେଭ୍ୟଃ) ସମସ୍ତ ମନୁଷ୍ୟଙ୍କ ପାଇଁ (ଇମାମ୍) ଏହି (କଲ୍ୟାଣୀମ୍) ସାଂସାରିକ ସୁଖ ଓ ମୁକ୍ତି ସୁଖ ପ୍ରଦାୟିନୀ (ବାଚମ୍) ଋଗ୍ ବେଦାଦି ଚାରି ବେଦର ବାଣୀ (ଆବଦାନି) ଉପଦେଶ ଦେଇଅଛି, ସେହିପରି ତୁମ୍ଭେମାନେ ମଧ୍ୟ ଉପଦେଶ ଦିଅ । ଏପରି ସ୍ଥଳେ ଯଦି କେହି ପ୍ରଶ୍ନ କରେ ଯେ 'ଜନ' ଶବ୍ଦ ଦ୍ୱିଜ ଅର୍ଥରେ ଗ୍ରହଣ କରିବା ଉଚିତ୍, କାରଣ ସ୍ମୃତି ପ୍ରଭୃତି ଗ୍ରନ୍ଥରେ ଉଲ୍ଲେଖ ଅଛି କେବଳ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କର ବେଦପାଠ କରିବାର ଅଧିକାର ରହିଛି । ସ୍ତ୍ରୀ ଓ ଶୂଦ୍ରାଦି ବର୍ଣ୍ଣର ନାହିଁ ।

ଉତ୍ତର- (ବ୍ରହ୍ମରାଜନ୍ୟାଭ୍ୟାମ୍) ଇତ୍ୟାଦି ଦେଖ । ପରମେଶ୍ୱର ସ୍ୱୟଂ କହିଅଛି ମୁଁ ବ୍ରାହ୍ମଣ, କ୍ଷତ୍ରିୟ, (ଅର୍ଯ୍ୟାୟ) ବୈଶ୍ୟ (ଶୂଦ୍ରାୟ) ଶୂଦ୍ର ଓ (ସ୍ୱାୟ) ନିଜର ଭୃତ୍ୟ ବା ସ୍ତ୍ରୀ ଆଦି ଏବଂ (ଅରଣାୟ) ଅତି ଶୂଦ୍ରଙ୍କ ପାଇଁ ମଧ୍ୟ ବେଦ ପ୍ରକାଶ କରିଅଛି । ଅର୍ଥାତ୍ ପ୍ରତ୍ୟେକ ମନୁଷ୍ୟ ବେଦର ଅଧ୍ୟୟନ, ଅଧ୍ୟାପନା ଶ୍ରବଣ ଓ ଶ୍ରାବଣ ଦ୍ୱାରା ଜ୍ଞାନ ବୃଦ୍ଧି କରି ସଦ୍ ବିଷୟକୁ ଗ୍ରହଣ ଓ ଅସଦ୍ ବିଷୟକୁ ବର୍ଜନ କରି ଦୁଃଖରୁ ବିମୁକ୍ତ ହୋଇ ଆନନ୍ଦ ଲାଭ କରନ୍ତୁ । ବର୍ତ୍ତମାନ କୁହ ତୁମ କଥା ମାନିବା ନା ପରମେଶ୍ୱରଙ୍କ ଏ ଉପଦେଶକୁ ମାନିବା ? ପରମେଶ୍ୱରଙ୍କ ଉପଦେଶ ଅବଶ୍ୟ ପାଳନୀୟ ଏହା ଜାଣି ମଧ୍ୟ ଯେଉଁ ବ୍ୟକ୍ତି ଏହାକୁ ନ ମାନେ, ତାକୁ ନାସ୍ତିକ ବୋଲି କୁହାଯିବ । କାରଣ - ନାସ୍ତିକୋ ବେଦ ନିନ୍ଦକଃ (ମନୁ ୨।୧୧) ଯେ ବେଦକୁ ନିନ୍ଦା କରେ ଓ ମାନେ ନାହିଁ, ସେ ହେଉଛି ନାସ୍ତିକ । ପରମେଶ୍ୱର ଶୂଦ୍ରଙ୍କର ମଙ୍ଗଳ କଣ ଚାହାନ୍ତି ନାହିଁ ? ଈଶ୍ୱର କ'ଣ ପକ୍ଷପାତୀ ଯେ ବେଦାଧ୍ୟୟନ ବ୍ରାହ୍ମଣର ବିଧି ଓ ଶୂଦ୍ରର ଅବିଧି ବୋଲି ନିର୍ଦ୍ଦେଶ ଦେବେ । ଏପରି ଉଦ୍ଦେଶ୍ୟ ଯଦି ଈଶ୍ୱରଙ୍କର ଥାଆନ୍ତା, ତେବେ ଶୂଦ୍ରକୁ କାନ ଓ ଜିଭ କେବେହେଲେ ଦେଇ ନଥାନ୍ତେ । ପରମାତ୍ମା ଯେପରି ସମସ୍ତଙ୍କ ପାଇଁ ପୃଥିବୀ, ଜଳ, ଅଗ୍ନି, ବାୟୁ, ଚନ୍ଦ୍ର, ସୂର୍ଯ୍ୟ ଓ ଅନାଦି ପଦାର୍ଥ ନିର୍ମାଣ କରିଛନ୍ତି, ସେହିପରି ବେଦ ମଧ୍ୟ ସମସ୍ତଙ୍କ ପାଇଁ ରଚନା କରିଅଛନ୍ତି । ଯଦି କେଉଁଠି ନିଷେଧ କରାଯାଇଥାଏ, ତେବେ ତାର ଅର୍ଥ ଅନ୍ୟପ୍ରକାରେ କରାଯାଇଛି । ତାର ଅର୍ଥ ହେଉଛି ବେଦପାଠ କରି ଯେ ଏହାର ଭାବକୁ ହୃଦୟଙ୍ଗମ କରି ନ ପାରେ ସେ ହିଁ ବୁଦ୍ଧିହୀନ ଓ ମୂର୍ଖ ଅଟେ । ତାକୁହିଁ ଶୂଦ୍ର ବୋଲି କୁହାଯାଏ । ଆହୁରି ମଧ୍ୟ ମୂର୍ଖତା, ସ୍ୱାର୍ଥପରତା, ଓ ବୁଦ୍ଧିହୀନତା ଯୋଗୁଁ ସ୍ତ୍ରୀମାନଙ୍କ ପାଇଁ ବେଦପାଠ ନିଷେଧ କରାଯାଇଛି । ଦେଖନ୍ତୁ କନ୍ୟାମାନଙ୍କର ବେଦାଧ୍ୟୟନର ପ୍ରମାଣ—

ବ୍ରହ୍ମଚର୍ଯ୍ୟେଣ କନ୍ୟାଯୁବାନଂ ବିନ୍ଦତେ ପତିମ୍ ।

ଅଥର୍ବ ଅନୁ ୩/ପ୍ରପା ୨୪/କାଣ୍ଡ ୧୧/ମ ୧୮

ଯେପରି ବିଦ୍ୟାର୍ଥୀ ବ୍ରହ୍ମଚର୍ଯ୍ୟରକ୍ଷା କରିବା ଦ୍ୱାରା ପୂର୍ଣ୍ଣବିଦ୍ୟା ଓ ସୁଶିକ୍ଷା ପ୍ରାପ୍ତ ହୋଇ ଯୁବତୀ, ବିଦୁଷୀ, ନିଜର ଅନୁକୂଳ ପ୍ରିୟକନ୍ୟା ସହିତ ବିବାହ କରେ । ସେହିପରି ବିଦ୍ୟାର୍ଥିନୀ (କନ୍ୟା) କୁମାରୀ (ବ୍ରହ୍ମଚର୍ଯ୍ୟେଣ) ବ୍ରହ୍ମଚର୍ଯ୍ୟ ବ୍ରତ ପୂର୍ବକ ବେଦାଦି ଶାସ୍ତ୍ର ପାଠକରି ପୂର୍ଣ୍ଣବିଦ୍ୟା ଓ ଉତ୍ତମ ଶିକ୍ଷା ଲାଭ କରି ଯୁବତୀ ହୋଇ ବା ପୂର୍ଣ୍ଣ ଯୁବାବସ୍ଥା ସମୟରେ ନିଜସଦୃଶ ପ୍ରିୟ, ବିଦ୍ୱାନ୍ (ଯୁବାନମ୍) ପୂର୍ଣ୍ଣ ଯୁବାବସ୍ଥା ଯୁକ୍ତ ପୁରୁଷକୁ (ବିନ୍ଦତେ) ପ୍ରାପ୍ତ ହେବେ । ଏଣୁ ସ୍ତ୍ରୀଲୋକଙ୍କର ମଧ୍ୟ ବ୍ରହ୍ମଚର୍ଯ୍ୟ ରକ୍ଷା ଓ ବେଦାଧ୍ୟୟନ କରିବାର ପୂର୍ଣ୍ଣ ଅଧିକାର ରହିଛି ।

ପ୍ରଶ୍ନ - ତେବେ କଣ ସ୍ତ୍ରୀମାନେ ମଧ୍ୟ ବେଦାଧ୍ୟୟନ କରିବେ ?

ଉତ୍ତର - ନିଶ୍ଚୟ,ଦେଖ ଶ୍ରୌତ ସୂତ୍ରାଦିରେ -'ଇମଂ ମନ୍ତ୍ରଂ ପତ୍ନୀ ପଠେତ୍' ।ଯଜ୍ଞରେ ଏହି ମନ୍ତ୍ରକୁ ସ୍ତ୍ରୀ ପାଠ କରିବେ । ଯେଉଁ ସ୍ତ୍ରୀ ବେଦାଧ୍ୟୟନ କରି ନଥିବ ସେ କିପରି ସସ୍ୱର ବେଦପାଠ କରିବ, ଅଥବା ସଂସ୍କୃତରେ ଭାଷଣ ଦେବ ? ଭାରତବର୍ଷର ନାରୀମାନଙ୍କ ଲଲାମଭୂତା ବିଦୁଷୀ ଗାର୍ଗୀ, ମୈତ୍ରେୟୀ ପ୍ରଭୃତି ବେଦାଦି ଶାସ୍ତ୍ର ପାଠ କରିଥିଲେ, ଏହା ଶତପଥ ବ୍ରାହ୍ମଣ (କାଣ୍ଡ ୧୪) ରେ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯାଇଛି । ଯେଉଁ ଘରେ ପୁରୁଷ ବିଦ୍ୱାନ୍ ଓ ସ୍ତ୍ରୀ ଅପାଠୁଆ ରହେ ନତୁବା ସ୍ତ୍ରୀ ବିଦୁଷୀ ଓ ପୁରୁଷ ଅପାଠୁଆ ରହେ ତେବେ ସେହି ଦମ୍ପତି ମଧ୍ୟରେ ସୁଖ ଶାନ୍ତି ରହେ ନାହିଁ, ପ୍ରତିଦିନ ଦେବାସୁର ଯୁଦ୍ଧ ଲାଗିଥାଏ । ସେଠି ଶାନ୍ତି ବା ଆସିବ କେଉଁଠୁ ? ଆହୁରି ମଧ୍ୟ ଯଦି ବିଦ୍ୟା ନ ପଢ଼ନ୍ତି, ତେବେ କନ୍ୟାମାନଙ୍କ ବିଦ୍ୟାଳୟ ପାଇଁ ଶିକ୍ଷାଦାନ କାର୍ଯ୍ୟ ଚାଲିବ କିପରି ? ବିଦ୍ୟା ନ ପଢ଼ିଲେ ରାଜକାର୍ଯ୍ୟ, ନ୍ୟାୟାଳୟ ଆଦି ଏବଂ ଗୃହାଶ୍ରମରେ ସ୍ତ୍ରୀମାନେ ପତିଙ୍କୁ କଦାପି ସାହାଯ୍ୟ କରି ପାରିବେ ନାହିଁ ।

ଆର୍ଯ୍ୟାବର୍ତ୍ତର ରାଜପୁରୁଷମାନଙ୍କ ସ୍ତ୍ରୀମାନେ ଧନୁର୍ବେଦ ଅର୍ଥାତ୍ ଯୁଦ୍ଧବିଦ୍ୟା ଅତି ଉତ୍ତମ ରୂପେ ଜାଣିଥିଲେ । ତା ହୋଇ ନଥିଲେ କୈକେୟୀ ଦଶରଥଙ୍କୁ ଯୁଦ୍ଧରେ କିପରି ସାହାଯ୍ୟ କରିଥାନ୍ତେ ? ଏଣୁ ବ୍ରାହ୍ମଣୀ ଓ କ୍ଷତ୍ରିୟାଙ୍କୁ ସମସ୍ତ ପ୍ରକାର ବିଦ୍ୟା, ବୈଶ୍ୟାଙ୍କୁ ବ୍ୟବହାର ବିଦ୍ୟା ଓ ଶୂଦ୍ରାଙ୍କୁ ପାକାଦି ସେବା କରିବାର ବିଦ୍ୟା ଶିକ୍ଷା ଦିଆଯିବା ଆବଶ୍ୟକ ।

ପୁରୁଷ ଯେପରି ବ୍ୟାକରଣ, ଧର୍ମ ତଥା ନିଜର ବ୍ୟାବହାରିକ ବିଦ୍ୟା ଜଣାଅନ୍ତିକେ ଶିକ୍ଷା କରନ୍ତି, ସେପରି ସ୍ତ୍ରୀ ମଧ୍ୟ ବ୍ୟାକରଣ, ଧର୍ମ, ବୈଦ୍ୟଶାସ୍ତ୍ର, ଗଣିତ ଓ ଶିଳ୍ପ ବିଦ୍ୟା ପ୍ରଭୃତି ଅବଶ୍ୟ ଶିକ୍ଷା କରିବା ଉଚିତ୍ । ଏହା ନ ଜାଣିଲେ ସତ୍ୟାସତ୍ୟ ନିର୍ଣ୍ଣୟ, ସ୍ୱାମୀମତର ଅନୁକୂଳ ମତଦାନ ଯଥାଯୋଗ୍ୟ ସନ୍ତାନୋତ୍ପତ୍ତି ଓ ପାଳନ, ବର୍ଦ୍ଧନ, ଶିକ୍ଷାଦାନ, ଗୃହର ସମସ୍ତ କାର୍ଯ୍ୟ, ଯେପରି ଉଚିତ୍ ସେପରି କରିବା, କରାଇବା ଚିକିତ୍ସା ଶାସ୍ତ୍ରାନୁମୋଦିତ, ଖାଦ୍ୟପେୟ ପ୍ରସ୍ତୁତ କରିବା ଓ ତଦନୁଯାୟୀ ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ନୀରୋଗ ପରିବେଶ ସୃଷ୍ଟି କରିବା ସମ୍ଭବ ହେବ ନାହିଁ । ସ୍ତ୍ରୀ ଶିକ୍ଷିତା ନ ହେଲେ ଅର୍ଥାତ୍ ଶିଳ୍ପବିଦ୍ୟା ନ ଜାଣିଲେ ଘର ସଜାଇବା, ବସ୍ତ୍ର ଆଭୂଷଣ ତିଆରି କରିବା, ଗଣିତ ବିଦ୍ୟା ନ ଜାଣିଲେ ହିସାବପତ୍ର ରଖିବା, ବେଦାଦି ଶାସ୍ତ୍ରବିଦ୍ୟା ନ ଜାଣିଲେ ଧର୍ମାଧର୍ମ ନିର୍ଣ୍ଣୟ କରିବା, ତଥା ଈଶ୍ୱରୀୟ ତତ୍ତ୍ୱଜ୍ଞାନ ଲାଭ କରିବା ସମ୍ଭବ ପର ନୁହେଁ । ଯେଉଁ ନାରୀ ନିଜର ସନ୍ତାନସନ୍ତତିଙ୍କୁ ବ୍ରହ୍ମଚର୍ଯ୍ୟ ଶିକ୍ଷାଦେବା ସଙ୍ଗେ ସଙ୍ଗେ ଉତ୍ତମ ଶିକ୍ଷାମାନ ଦେଇ ସେମାନଙ୍କ ଶରୀର ଓ ଆତ୍ମବଳ

ବୃଦ୍ଧି କରିବାରେ ସହାୟକ ହୋଇଥାଏ ପ୍ରକୃତରେ ସେ ଧନ୍ୟା ଅଟେ । ଯେଉଁ ନାରୀ ନିଜର ସନ୍ତାନ, ମାତା ପିତା, ଶାଶୁ ଶ୍ୱଶୁର ପଡ଼ୋଶୀ ଇଷ୍ଟମିତ୍ରଙ୍କ ସହିତ ଯଥାଯୋଗ୍ୟ ରୀତିନୀତିରେ ଜୀବନ ଯାପନ କରିପାରେ ସେ ପ୍ରଶଂସିତା ହୋଇଥାଏ । ବିଦ୍ୟା ହେଉଛି ଅକ୍ଷୟକୋଷ, ଏହାକୁ ଯେତେ ବ୍ୟୟକଲେ ମଧ୍ୟ ଏହା କଦାପି କ୍ଷୟ ହୁଏ ନାହିଁ, ବରଂ ଏହାର ବୃଦ୍ଧି ଘଟିଥାଏ । ଭାଗିଦାର ଭାଗରେ ନେଇପାରେ ନାହିଁ ଓ ଚୋର କେବେହେଲେ ଚୋରି କରିପାରେ ନାହିଁ । ଏ କୋଷକୁ ଉତ୍ତମରୂପେ ରକ୍ଷା କରିବା ହେଉଛି ରାଜା ଓ ପ୍ରଜା ଉଭୟଙ୍କ ପକ୍ଷରେ ପରମ ଓ ଚରମ କର୍ତ୍ତବ୍ୟ ।

କନ୍ୟାନାଂ ସମ୍ପ୍ରଦାନଂ ଚ କୁମାରାଣାଂ ଚ ରକ୍ଷଣମ୍ ।

(ମନୁ ୭।୧୫୨)

ପ୍ରତ୍ୟେକ ବାଳକ ଓ ବାଳିକାମାନଙ୍କୁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ରକ୍ଷା ପୂର୍ବକ ବିଦ୍ୱାନ୍ କରାଇବା ରାଜାଙ୍କ କର୍ତ୍ତବ୍ୟ । ଯେ ଏହି ନିୟମ ପାଳନ ନ କରିବେ, ସେମାନଙ୍କ ପିତାମାତାଙ୍କୁ ଦଣ୍ଡ ଦିଆଯିବା ଉଚିତ୍ । ରାଜାଙ୍କ ଆଦେଶରେ କୌଣସି ସନ୍ତାନ ଆଠ ବର୍ଷପରେ ଗୃହରେ ନ ରହି ଆଚାର୍ଯ୍ୟଙ୍କ ପାଖରେ ରହିବେ । ସମାବର୍ତ୍ତନ ଉତ୍ସବ ଶେଷ ନ ହେବା ପର୍ଯ୍ୟନ୍ତ ବିବାହ କରିବା ଉଚିତ୍ ନୁହେଁ ।

ସର୍ବେଷାମେବ ଦାନାନାଂ ବ୍ରହ୍ମଦାନଂ ବିଶିଷ୍ୟତେ ।

ବାର୍ଯ୍ୟନ୍ନଗୋମହୀବାସସ୍ତି ଲକାଞ୍ଚନସର୍ପିଷାମ୍ ।

(ମନୁ ୪।୨୩୩)

ସଂସାରରେ ଜଳ, ଅନ୍ନ, ଗୋ, ପୃଥିବୀ;ବସ୍ତ୍ର; ତିଳ, ସୁବର୍ଣ୍ଣ ଓ ଘୃତାଦି ଯେତେପ୍ରକାର ଦାନ ଅଛି ସବୁ ଦାନଠାରୁ ବେଦ ବିଦ୍ୟାଦାନ ହେଉଛି ଅତିଶ୍ରେଷ୍ଠ । ଯେତେଦୂର ସମ୍ଭବ ଏଥିପାଇଁ ଶରୀର, ମନ ଓ ଧନଦ୍ୱାରା, ବିଦ୍ୟା ବୃଦ୍ଧିପାଇଁ ଯତ୍ନବାନ୍ ହେବା ଆବଶ୍ୟକ । ଯେଉଁ ଦେଶରେ ଯଥାଯୋଗ୍ୟ ବ୍ରହ୍ମଚର୍ଯ୍ୟ, ବିଦ୍ୟା ଓ ବେଦୋକ୍ତ ଧର୍ମର ପ୍ରଚାରହୁଏ, ସେ ଦେଶ ସେତେ ସୁଖ ସମୃଦ୍ଧମୟ ହୋଇଥାଏ । ଏଠାରେ ବ୍ରହ୍ମଚର୍ଯ୍ୟ ସଂପର୍କରେ ସଂକ୍ଷିପ୍ତ ଆଲୋଚନା କରାଗଲା । ଚତୁର୍ଥ ସମୁଲ୍ଲାସରେ ସମାବର୍ତ୍ତନ ବିବାହ ଓ ଗୃହସ୍ଥାଶ୍ରମ ଶିକ୍ଷା ବିଷୟରେ ଆଲୋଚନା କରାଯିବ ।

ଇତି ଶ୍ରୀମଦ୍ ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ ସୁଭାଷାବିଭୂଷିତେ ଶିକ୍ଷାବିଷୟେ ତୃତୀୟଃ ସମୁଲ୍ଲାସଃ ସଂପୂର୍ଣ୍ଣଃ ।୩ ।

ଅଥ ଚତୁର୍ଥସମୁଲ୍ଲାସାରମ୍ଭଃ
ଅଥ ସମାବର୍ତ୍ତନବିବାହଗୃହାଶ୍ରମବିଧିଂ ବକ୍ଷ୍ୟାମଃ

(୧) ବେଦାନଧୀତ୍ୟ ବେଦୌ ବା ବେଦଂ ବାପି ଯଥାକ୍ରମମ୍ ।
ଅବିପ୍ଲୁତବ୍ରହ୍ମଚର୍ଯ୍ୟୋ ଗୃହସ୍ଥାଶ୍ରମମାବିଶେତ୍ ।

(ମନୁ ୩-୨)

ବ୍ରହ୍ମଚର୍ଯ୍ୟାଶ୍ରମରେ ଆଚାର୍ଯ୍ୟଙ୍କ ଆଜ୍ଞାନୁକୂଳ ଆଚରଣ କରି ଯେଉଁମାନେ ସାଙ୍ଗୋପାଙ୍ଗ ଚାରୋଟି ତିନୋଟି ଦୁଇଟି ଅଥବା ଗୋଟିଏ ବେଦ ଅଧ୍ୟୟନ ପୂର୍ବକ ଅଖଣ୍ଡିତ ବ୍ରହ୍ମଚର୍ଯ୍ୟ ପାଳନ କରିଥାନ୍ତି ସେହି ପୁରୁଷ ବା ସ୍ତ୍ରୀ ଗୃହସ୍ଥାଶ୍ରମରେ ପ୍ରବେଶ କରିପାରିବେ ।

(୨) ତଂ ପ୍ରତୀତଂ ସ୍ୱଧର୍ମେଣ ବ୍ରହ୍ମଦାୟହରଂ ପିତୁଃ ।
ସ୍ରଗ୍ୱିଣଂ ତଳ୍ପ ଆସୀନମର୍ହୟେତ୍ ପ୍ରଥମଂ ଗବା ।

(ମନୁ୩-୩)

ସ୍ୱଧର୍ମ ଅର୍ଥାତ୍ ଆଚାର୍ଯ୍ୟ ଓ ଶିଷ୍ୟ ଉଭୟେ ଯଥାର୍ଥ ଧର୍ମରେ ଯୁକ୍ତ ହୋଇ ପିତା ଅର୍ଥାତ୍ ଜନକ ବା ଅଧ୍ୟାପକଙ୍କ ନିକଟରୁ ବ୍ରହ୍ମଦାୟ ଅର୍ଥାତ୍ ବିଦ୍ୟାରୂପକ ଧନର ଗ୍ରହୀତା, ମାଲ୍ୟଧାରଣକାରୀ ଶିଷ୍ୟ, ସ୍ୱୀୟ ପଲଙ୍କରେ ଉପବିଷ୍ଟ ଆଚାର୍ଯ୍ୟଙ୍କୁ ପ୍ରଥମେ ଗୋଦାନକରି ସତ୍କାର କରିବେ । ଉକ୍ତ ଲକ୍ଷଣଯୁକ୍ତ ବିଦ୍ୟାର୍ଥୀଙ୍କୁ ମଧ୍ୟ କନ୍ୟାପିତା ଗୋଦାନଦ୍ୱାରା ସତ୍କାର କରିବେ ।

(୩) ଗୁରୁଣାନୁମତଃ ସ୍ନାତ୍ୱା ସମାବୃତ୍ତୋ ଯଥାବିଧି ।
ଉଦ୍ୱହେତ ଦ୍ୱିଜୋଭାର୍ଯ୍ୟାଂ ସବର୍ଣ୍ଣାଂ ଲକ୍ଷଣାନ୍ୱିତାମ୍ ।

(ମନୁ୩-୪)

ଗୁରୁକୁଳରୁ ବିଧି ବିଧାନ ଅନୁଯାୟୀ ପ୍ରତ୍ୟାବର୍ତ୍ତନ କରି ଗୁରୁଙ୍କ ଆଜ୍ଞାନୁସାରେ ସ୍ନାନାନ୍ତେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ନିଜନିଜର ବର୍ଣ୍ଣାନୁକୂଳ ସୁଲକ୍ଷଣ ଯୁକ୍ତା କନ୍ୟାକୁ ବିବାହ କରିବେ ।

(୪) ଅସପିଣ୍ଡା ଚ ଯା ମାତୁରସଗୋତ୍ରା ଚ ଯା ପିତୁଃ ।
ସା ପ୍ରଶସ୍ତା ଦ୍ୱିଜାତୀନାଂ ଦାରକର୍ମଣି ମୈଥୁନେ ।।

(ମନୁ୩-୫)

ଯେଉଁ କନ୍ୟା ମାତୃକୁଳଠାରୁ ଛଅ ପୁରୁଷ ଅନ୍ତର ହୋଇଥିବ ଓ ପିତାଙ୍କ ଗୋତ୍ରର ହୋଇନଥିବ ସେହି କନ୍ୟା ସହିତ ବିବାହ କରିବା ଉଚିତ୍ । କାରଣ —

ପରୋକ୍ଷପ୍ରିୟା ଇବ ହି ଦେବାଃ ପ୍ରତ୍ୟକ୍ଷଦ୍ୱିଷଃ ।

(ଶତପଥ ୧୪.୪.୧୧.୨)

ପରୋକ୍ଷ ବସ୍ତୁରେ ଯେପରି ପ୍ରୀତି ଜାତ ହୋଇଥାଏ, ପ୍ରତ୍ୟକ୍ଷରେ ସେପରି ପ୍ରୀତିଜାତ ହୁଏ ନାହିଁ । ଯେପରି କେହି ଜଣେ ମିଶ୍ରିର ଗୁଣ ଶୁଣିଛି, କିନ୍ତୁ କେବେହେଲେ ଖାଇ ନାହିଁ, ତେବେ ତା ମନରେ ମିଶ୍ରିପାଇଁ ପ୍ରବଳ ଇଚ୍ଛା ଜାତ ହୋଇଥାଏ । ସେପରି କୌଣସି ପରୋକ୍ଷ ବସ୍ତୁର ପ୍ରଶଂସା ଶୁଣିବାପରେ ତାକୁ ପାଇବାପାଇଁ ପ୍ରବଳ ଇଚ୍ଛା ହୁଏ, ତେଣୁ ନିଜ ଗୋତ୍ରରୁ ଓ ମାତୃକୁଳରୁ ଭିନ୍ନ କନ୍ୟା ସହିତ ବରର ବିବାହ ହେବା ଉଚିତ୍ । ନିକଟରେ ଓ ଦୂରରେ ବିବାହ କରିବାରେ ନିମ୍ନୋକ୍ତ ଦୋଷ ଓ ଗୁଣ ପରିଲକ୍ଷିତ ହୋଇଥାଏ ।

୫) (କ) ଯେଉଁ ବାଳକ- ବାଳିକା ବାଲ୍ୟାବସ୍ଥାରୁ ଗୋଟିଏ ସ୍ଥାନରେ ରହିଥାନ୍ତି ସେ ଦୁହେଁ ପରସ୍ପର ପ୍ରୀତି, କ୍ରୀଡ଼ା ଓ କଳହ କରନ୍ତି, ଜଣେ ଅନ୍ୟର ଦୋଷ, ଗୁଣ, ସ୍ୱଭାବ ଓ ବାଲ୍ୟକାଳର ଅସଂଗତ ଆଚରଣ ଜାଣିଥାନ୍ତି, ଜଣେ ଅନ୍ୟର ଉଲଗ୍ନ ଅବସ୍ଥା ମଧ୍ୟ ଦେଖିଥାନ୍ତି, ତେଣୁ ସେମାନଙ୍କ ମଧ୍ୟରେ ବିବାହ କଲେ ପ୍ରେମଭାବ ଉତ୍ପନ୍ନ ହୋଇ ପାରେ ନାହିଁ ।

(ଖ) ଯେପରି ଜଳସହିତ ଜଳର ମିଶ୍ରଣ ହେଲେ କୌଣସି ବିଶେଷ ଗୁଣ ଉତ୍ପନ୍ନ ହୋଇ ପାରେ ନାହିଁ, ସେହିପରି, ଏକ ଗୋତ୍ର ପିତୃ ବା ମାତୃ କୁଳରେ ବିବାହ କଲେ ଧାତୁ ପରିବର୍ତ୍ତନ ହେଉନଥିବାରୁ କୌଣସି ଉନ୍ନତି ହୋଇପାରେ ନାହିଁ ।

(ଗ) ଯେପରି ଦୁଗ୍ଧରେ ଶୁଣ୍ଠି ବା ମିଶ୍ରି ମିଶାଇଲେ ଉତ୍ତମ ଗୁଣ ଜନ୍ମେ, ସେପରି ଭିନ୍ନ ଗୋତ୍ରୀୟ ମାତୃକୁଳ ଓ ପିତୃ କୁଳଠାରୁ ପୃଥକ୍ ବର କନ୍ୟାଙ୍କ ବିବାହରେ ଉତ୍ତମଗୁଣମାନ ସୃଷ୍ଟି ହୁଏ ।

(ଘ) ଯେପରି ଗୋଟିଏ ଦେଶର ରୋଗୀ ଅନ୍ୟ ଦେଶର ଜଳ ବାୟୁ ଓ ଖାଦ୍ୟ ପରିବର୍ତ୍ତନ ଦ୍ୱାରା ନୀରୋଗ ହୁଏ, ସେହିପରି ଦୂର ଦୂରାନ୍ତରର ବର କନ୍ୟାଙ୍କ ମଧ୍ୟରେ ବିବାହ ହେଲେ ଅଧିକ ସଫଳତା ମିଳେ ।

(ଙ) ଅତି ନିକଟରେ ବୈବାହିକ ସମ୍ପର୍କ ସ୍ଥାପିତ ହେଲେ ପାରିବାରିକ ଦୁଃଖ, କଷ୍ଟ, କଳହ ଓ ବିରୋଧ ଜଣା ପଡ଼ିଯାଏ,ତେଣୁ ମନରେ ଅଧିକ ଅଶାନ୍ତି ଜାତ ହୁଏ । କିନ୍ତୁ ଦୂରଦେଶରେ ବନ୍ଧୁତା ସ୍ଥାପନକଲେ ଏପରି ଅଶାନ୍ତିର ସମ୍ଭାବନା ରହେନାହିଁ । ପୁଣି ଉଭୟଙ୍କ ମଧ୍ୟରେ ସ୍ନେହ ସମ୍ପର୍କ ଅଧିକରୁ ଅଧିକ ଦୃଢ଼ହୁଏ ।

(ଚ) ଦୂରଦେଶରେ ସମ୍ପର୍କ ସ୍ଥାପିତ ହେଲେ ସେ ସ୍ଥାନରୁ ନୂତନ ପଦାର୍ଥମାନ ଆସେ । ନୂତନ ସ୍ଥାନ ମଧ୍ୟ ଦେଖିବା ପାଇଁ ମିଳେ ଏଣୁ ବନ୍ଧୁ ବନ୍ଧୁ ମଧ୍ୟରେ ସ୍ନେହ ବଢ଼େ । କିନ୍ତୁ, ନିକଟ ବନ୍ଧୁ ମଧ୍ୟରେ ତାହା ହୋଇପାରେ ନାହିଁ । ଅତଏବ —

ଦୁହିତା ଦୁହିତା ଦୂରେହିତା ଭବତୀତି ।'

(ନିରୁକ୍ତ ୩-୧-୪)

କନ୍ୟାର ବିବାହ ଦୂରଦେଶରେ ହେଲେ ହିତକର ହୁଏ । ତେଣୁ ତାର ନାମ ଦୁହିତା ରଖାଯାଇଛି ।

(ଛ) ନିକଟରେ ବିବାହ କଲେ କନ୍ୟାର ପିତାମାତା ଯଦି ଦରିଦ୍ର ହୋଇଥାନ୍ତି ତେବେ କେତେକ ଅସୁବିଧା ସୃଷ୍ଟି ହୋଇଥାଏ । କନ୍ୟା ପିତାଙ୍କ ଘରକୁ ଯେତେଥର ଯାଉଥିବ ତାକୁ ସେତେଥର କିଛି ନା କିଛି ଦେବାକୁ ପଡୁଥିବ ।

(ଜ) ବିବାହ ସମ୍ବନ୍ଧ ନିକଟରେ ହେଲେ ସ୍ୱାମୀସ୍ତ୍ରୀ ମଧ୍ୟରୁ କେହିହେଲେ ନିଜ ପିତୃକୁଳର ସାହାଯ୍ୟକୁ ନେଇ ଗର୍ବକରି ପାରନ୍ତି । ଉଭୟଙ୍କ ମଧ୍ୟରେ କଳି କଜିଆ ହେଲେ ସ୍ତ୍ରୀ ସହଜରେ ନିଜ ବାପଘରକୁ ଚାଲିଯାଇପାରେ । କାରଣ ସ୍ତ୍ରୀମାନଙ୍କର ସ୍ୱଭାବ ହେଉଛି ତୀକ୍ଷ୍ଣ ଓ ମୃଦୁ । ଏଭଳି ସ୍ଥିତି ଉପୁଜେ ହେଲେ ଉଭୟେ ଉଭୟଙ୍କ ଅଧିକାଧିକଭାବେ ନିନ୍ଦା ଓ ବିରୋଧ କରିଥାନ୍ତି । ଏସବୁ କାରଣରୁ ପିତାଙ୍କ ଗୋତ୍ରରେ, ମାତାଙ୍କ ଛଅପୁରୁଷ ମଧ୍ୟରେ ଓ ନିକଟରେ ବିବାହ କରିବା କଦାପି ଶୋଭନୀୟ ନୁହେଁ ।

(୬) ମହାନ୍ତ୍ୟପି ସମୃଦ୍ଧାନି ଗୋଽଜାବିଧନଧାନ୍ୟତଃ ।
ସ୍ତ୍ରୀସମ୍ବନ୍ଧେ ଦଶୈତାନି କୁଳାନି ପରିବର୍ଜୟେତ୍ ।

(ମନୁ୩-୬)

ଯେତେ ଧନଧାନ୍ୟ; ଗାଈ, ଛେଳି, ହାତୀ, ଘୋଡ଼ା, ରାଜ୍ୟ, ଐଶ୍ୱର୍ଯ୍ୟାଦି ଦ୍ୱାରା ପରିପୂର୍ଣ୍ଣ ହେଲେ ସୁଦ୍ଧା ନିମ୍ନ ଲିଖିତ ଦଶକୁଳରୁ କନ୍ୟା ବା ବର ଗ୍ରହଣ କରିବା ଉଚିତ୍ ନୁହେଁ ।

(୭)ହୀନକ୍ରିୟଂ ନିଷ୍ପୁରୁଷଂ ନିଶ୍ଛନ୍ଦୋ ରୋମଶାର୍ଶସମ୍ ।
କ୍ଷୟ୍ୟାମୟାବ୍ୟପସ୍ମାରିଶ୍ୱିତ୍ରିକୁଷ୍ଠି କୁଳାନି ଚ ।

(ମନୁ୩-୭)

ଯେଉଁ କୁଳସତ୍‌କ୍ରିୟାହୀନ, ସତ୍‌ପୁରୁଷରହିତ, ବେଦାଧ୍ୟୟନ ବିମୁଖ, ଯେଉଁ କୁଳର ଲୋକଙ୍କ ଲୋମଶ ଶରୀର, ପୁଣି ଯେଉଁ କୁଳରେ ଅର୍ଶ, କ୍ଷୟ, ଶ୍ୱାସ, କାସ, ଯକ୍ଷ୍ମା, ଆମାଶୟ, ଅପସ୍ମାର ଓ ଶ୍ୱେତ ବା ଗଳିତ କୁଷ୍ଠର ପ୍ରାଦୁର୍ଭାବ ଥାଏ, ସେ କୁଳର କନ୍ୟା ବା ବର ସହିତ ବିବାହ କରିବା ଉଚିତ୍ ନୁହେଁ । କାରଣ ଏ ସମସ୍ତ ଦୁର୍ଗୁଣ ଓ ରୋଗ ବିବାହକାରୀଙ୍କ ବଂଶକୁ ସଂକ୍ରମିତ ହୋଇଥାଏ । ଏଣୁ ଉତ୍ତମ କୁଳର ପୁତ୍ର ଓ କନ୍ୟା ମଧ୍ୟରେ ବିବାହ ସମ୍ପର୍କସ୍ଥାପିତ ହେବା ଉଚିତ୍ ।

(୮) ନୋଦ୍ୱହେତ୍ କପିଳାଂକନ୍ୟାଂ ନାଽଧିକାଙ୍ଗୀଂ ନ ରୋଗିଣୀମ୍ ।
ନାଲୋମିକାଂ ନାତିଲୋମାଂ ନ ବାଗ୍ଚାଟ ପିଙ୍ଗଳାମ୍ ।

(ମନୁ୩। ।)

କପିଳବର୍ଣ୍ଣା, ଅଧିକାଙ୍ଗୀ ଅର୍ଥାତ୍ ପୁରୁଷ ଅପେକ୍ଷା ଦୀର୍ଘସ୍ଥୂଳକାୟ ଅଧିକ ବଳଶାଳିନୀ; ରୁଗ୍ଣା; ଲୋମହୀନା; ଅଧିକ ଲୋମଯୁକ୍ତା, ବହୁଭାଷିଣୀ ଓ ରକ୍ତଲୋଚନା କନ୍ୟାକୁ ବିବାହ କରିବା ଉଚିତ ନୁହେଁ ।

(୯)ନର୍କ୍ଷିବୃକ୍ଷନଦୀନାମ୍ନୀଂ ନାନ୍ତ୍ୟପର୍ବତନାମିକାମ୍ ।
ନ ପକ୍ଷ୍ୟହିପ୍ରେଷ୍ୟନାମ୍ନୀଂ ନ ଚ ଭୀଷଣନାମିକାମ୍ ।

(ମନୁ୩-୯)

ଅଶ୍ୱିନୀ, ଭରଣୀ, ରୋହିଣୀ ରେବତୀ ଆଦି ନକ୍ଷତ୍ର ନାମଯୁକ୍ତା; ତୁଳସୀ, ଗେଣ୍ଡୁ, ଗୋଲାପ, ଚମ୍ପା, ଚମେଲୀ ଆଦି ବୃକ୍ଷ ନାମଯୁକ୍ତା, ଗଙ୍ଗା; ଯମୁନା ଆଦି ନଦୀ ନାମଯୁକ୍ତା, ଚଣ୍ଡାଳୀ ଆଦି ଅନ୍ତ୍ୟଜ ନାମଯୁକ୍ତା, ବିନ୍ଧ୍ୟା ହିମାଳୟା, ପାର୍ବତୀ ଆଦି ପର୍ବତ ନାମଯୁକ୍ତା, କୋକିଳା, ସାରୀ ଆଦି ପକ୍ଷୀ ନାମଯୁକ୍ତା; ନାଗୁଣୀ, ଭୁଜଙ୍ଗା ଆଦି ସର୍ପ ନାମଯୁକ୍ତା, ମାଧୋଦାସୀ, ମୀରାଦାସୀ ଆଦି ଦାସୀ ନାମଯୁକ୍ତା ଓ କାଳୀ ଚଣ୍ଡିକା, ଭୀମକୁମାରୀ ଆଦି ଭୀଷଣ ନାମଯୁକ୍ତା କନ୍ୟା ସହିତ ବିବାହ କରିବା ଉଚିତ୍ ନୁହେଁ । କାରଣ ଏ ନାମସବୁ କଦର୍ଯ୍ୟ ଓ କୁତ୍ସିତ । ପୁଣି ଅନ୍ୟାନ୍ୟ ପଦାର୍ଥ ଗୁଡ଼ିକର ଏପରି ନାମସବୁ ରହିଛି ।

(୧୦)ଅବ୍ୟଙ୍ଗାଙ୍ଗୀଂ ସୌମ୍ୟନାମ୍ନୀଂ ହଂସବାରଣଗାମିନୀମ୍ ।
ତନୁଲୋମକେଶଦଶନାଂ ମୃଦ୍ୱଙ୍ଗୀମୁଦ୍ୱହେତ୍ ସ୍ତ୍ରିୟମ୍ ।।

(ମନୁ୩-୧୦)

ଯାହାର ଅଙ୍ଗ ପ୍ରତ୍ୟଙ୍ଗ ସୁଗଠିତ, ଯଶୋଦା, ସୁଖଦା, ଇତ୍ୟାଦି ସୁନ୍ଦର ନାମଯୁକ୍ତା, ଯାହାର ଗତି ହଂସୀ ଓ ହସ୍ତିନୀ ତୁଲ୍ୟ, ଯିଏ ସୂକ୍ଷ୍ମଲୋମଯୁକ୍ତା ସୁକେଶୀ, ସୁଦନ୍ତୀ ଓ ଯାହାର ସର୍ବାଙ୍ଗ କୋମଳ ସେଭଳି କନ୍ୟା ସହିତ ବିବାହ କରିବା ଆବଶ୍ୟକ ।

(୧୧) ପ୍ରଶ୍ନ - କେଉଁ ବୟସରେ କେଉଁ ପ୍ରକାରର ବିବାହ କରିବା ଆବଶ୍ୟକ ?

ଉତ୍ତର - କନ୍ୟାମାନେ ୧୬ ରୁ ୨୪ ଏବଂ ପୁରୁଷମାନେ ୨୫ ରୁ ୪୮ ବର୍ଷ ବୟସରେ ବିବାହ କରିବା ଉଚିତ୍ । କନ୍ୟାର ୧୬ ଓ ପୁରୁଷର ୨୫ ବର୍ଷ ବୟସ ବିବାହର ନିକୃଷ୍ଟ ସମୟ । କନ୍ୟାର ୧୮ ବା ୨୦ ଓ ପୁରୁଷର ୩୦, ୩୫ ବା ୪୦ ବର୍ଷ ବୟସର ବିବାହ ମଧ୍ୟମ ଓ ୨୪ ବର୍ଷରେ କନ୍ୟା ଓ ୪୮ ବର୍ଷରେ ପୁରୁଷର ବିବାହ ସର୍ବୋତ୍ତମ ବୋଲି କଥିତ ହୋଇଅଛି ।

ଯେଉଁ ଦେଶରେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ରକ୍ଷାପୂର୍ବକ ସକଳ ବିଦ୍ୟାଭ୍ୟାସକରି ଏହି ରୀତିରେ ବିବାହ କରାଯାଏ ସେହି ଦେଶ ହେଉଛି ସୁଖୀ ଓ ସୌଭାଗ୍ୟଶାଳୀ । ଯେଉଁ ଦେଶରେ ଯୁବକ ଯୁବତୀ ବ୍ରହ୍ମଚର୍ଯ୍ୟ ବ୍ରତ ବିହୀନ ଓ ବିଦ୍ୟାବିମୁଖ ପୁଣି ଯେଉଁ ଦେଶରେ ବାଲ୍ୟାବସ୍ଥାରେ ଅବିଦ୍ୟ ଓ ଅଯୋଗ୍ୟ ବାଳକ-ବାଳିକାଙ୍କର ବିବାହ ହୁଏ, ସେହି ଦେଶରେ ଦୁଃଖ ଓ ଯନ୍ତ୍ରଣା ସର୍ବତ୍ର ପରିଲକ୍ଷିତ ହୋଇଥାଏ ।

(୧୨)ପ୍ରଶ୍ନ - ଅଷ୍ଟବର୍ଷା ଭବେଦ୍ ଗୌରୀ ନବବର୍ଷା ଚ ରୋହିଣୀ ।
ଦଶବର୍ଷା ଭବେଦ୍ କନ୍ୟା ତତ ଊର୍ଦ୍ଧ୍ବଂ ରଜସ୍ଵଳା ।୧ ।
ମାତା ଚୈବ ପିତା ତସ୍ୟା ଜ୍ୟେଷ୍ଠୋଭ୍ରାତା ତଥୈବ ଚ ।
ତ୍ରୟସ୍ତେ ନରକଂ ଯାନ୍ତି ଦୃଷ୍ଟ୍ବା କନ୍ୟାଂ ରଜସ୍ଵଳାମ୍ ।୨ ।

ଏହି ଶ୍ଳୋକ ପାରାଶରୀ ଓ ଶୀଘ୍ରବୋଧରେ ଉଲ୍ଲେଖ କରାଯାଇଛି । ଏହାର ଅର୍ଥ ଆଠ ବର୍ଷରେ ଗୌରୀ, ନଅ ବର୍ଷରେ ରୋହିଣୀ, ଦଶ ବର୍ଷରେ କନ୍ୟା ଏବଂ ତାହାପରେ ଝିଅର ରାଜସ୍ଵଳା ସଂଜ୍ଞା ହୋଇଥାଏ ।୧ । ଦଶମ ବର୍ଷ ପର୍ଯ୍ୟନ୍ତ ବିବାହ ନ ଦେଇ ରଜସ୍ଵଳା କନ୍ୟାକୁ ତାର ପିତା, ମାତା ଓ ଜ୍ୟେଷ୍ଠ ଭ୍ରାତା ଯଦି ଦେଖନ୍ତି, ତେବେ ସେ ତିନିଜଣ ଯାକ ନରକରେ ପଡ଼ନ୍ତି ।୨ ।

ଉତ୍ତର-ବ୍ରହ୍ମୋବାଚ

ଏକକ୍ଷଣା ଭବେଦ୍ ଗୌରୀ ଦ୍ଵିକ୍ଷଣୋଽଯନ୍ତୁ ରୋହିଣୀ ।
ତ୍ରିକ୍ଷଣା ସା ଭବେଦ୍ କନ୍ୟା ହ୍ୟତ ଊର୍ଦ୍ଧ୍ବଂ ରଜସ୍ଵଳା ।୧ ।
ମାତା ପିତା ତଥାଭ୍ରାତା ମାତୁଲୋ ଭଗିନୀ ସ୍ଵସା
ସର୍ବେ ତେ ନରକଂ ଯାନ୍ତି ଦୃଷ୍ଟ୍ବା କନ୍ୟାଂ ରଜସ୍ଵଳାମ୍ ।୨ ।

ଏହା ହେଉଛି ସଦ୍ୟ ନିର୍ମିତ ବ୍ରହ୍ମ ପୁରାଣର ବଚନ । ଝିଅ ଜନ୍ମହେବାର ଏକ କ୍ଷଣ ପରେ ଗୌରୀ ହୁଏ, ଦ୍ଵିତୀୟ କ୍ଷଣରେ ରୋହିଣୀ, ତୃତୀୟ କ୍ଷଣରେ କନ୍ୟା ଓ ଚତୁର୍ଥ କ୍ଷଣରେ ରଜସ୍ଵଳା ବୋଲାଇଥାଏ । ଏହି ରଜସ୍ଵଳା କନ୍ୟାକୁ ଦେଖିଲେ ମାତା, ପିତା, ଭାଇ, ଭଉଣୀ ଓ ମାମୁଁ ଆଦି ସମସ୍ତେ ନରକରେ ପଡ଼ନ୍ତି ।

ପ୍ରଶ୍ନ - ଏହି ଶ୍ଳୋକର ପ୍ରମାଣ ଯଥାର୍ଥ ନୁହେଁ ।

ଉତ୍ତର - ଏହି ପ୍ରମାଣ କାହିଁକି ଯଥାର୍ଥ ହେବ ନାହିଁ । ବ୍ରହ୍ମାଙ୍କର ଏ ଶ୍ଳୋକ ଯଦି ପ୍ରାମାଣିକ ନୁହେଁ; ତେବେ ପରାଶରଙ୍କ ଶ୍ଳୋକ ବା କିପରି ପ୍ରାମାଣିକ ହେବ ?

ପ୍ରଶ୍ନ - ବାଃ ! ବାଃ ! ପରାଶର ଓ କାଶୀନାଥଙ୍କ ଶ୍ଳୋକ ପ୍ରାମାଣିକ ହେବନାହିଁ ?

ଉତ୍ତର - ବାଃ ! ବାଃ !! ବ୍ରହ୍ମାଙ୍କର ପ୍ରମାଣକୁ ତୁମେ ଯେପରି ଗ୍ରହଣ କରୁନାହଁ, ଆମେ ସେପରି ପରାଶର ଓ କାଶୀନାଥଙ୍କ ପ୍ରମାଣକୁ ଗ୍ରହଣ କରୁନାହୁଁ । ଯେଣୁ ପରାଶର ଓ କାଶୀ ନାଥଙ୍କ ଠାରୁ ବ୍ରହ୍ମା ହେଉଛନ୍ତି ଅନେକ ଗୁଣରେ ଶ୍ରେଷ୍ଠ ।

ପ୍ରଶ୍ନ - ତୁମ ଶ୍ଳୋକ ଅସମ୍ଭବ ହୋଇଥିବାରୁ ଗ୍ରହଣ ଯୋଗ୍ୟ ନୁହେଁ । କାରଣ ଜନ୍ମ ସମୟରେ ହିଁ ସହସ୍ରକ୍ଷଣ ଅତିବାହିତ ହୋଇଯାଏ । ସେତେବେଳେ ବିବାହ ବା କିପରି ହେବ ? ଯଦି ବିବାହ କରାଯାଏ ତେବେ କୌଣସି ସଫଳତା ମିଳିବ ନାହିଁ ।

ଉତ୍ତର- ଯଦି ଏହି ଶ୍ଳୋକକୁ ଅସମ୍ଭବ କୁହାଯିବ, ତେବେ ତୁମ ଶ୍ଳୋକ କାହିଁକି ଅସମ୍ଭବ ନ ହେବ ? କାରଣ, ଆଠ, ନଅ ବା ଦଶ ବର୍ଷ ବୟସରେ ବିବାହ ନିଷ୍ଫଳ ଅଟେ । କାରଣ ୧୬ରୁ୨୪ ବର୍ଷ ବୟସ ମଧ୍ୟରେ ପୁରୁଷର ବୀର୍ଯ୍ୟ ପରିପକ୍ବ,ଶରୀର ବଳିଷ୍ଠ, ତଥା ସ୍ତ୍ରୀର ଗର୍ଭାଶୟ ପୂର୍ଣ୍ଣତା ପ୍ରାପ୍ତି ହୁଏ, ଶରୀର ପୁଷ୍ଟି ହେବାଦ୍ଵାରା ସନ୍ତାନ ଉତ୍ପାଦିକା ଶକ୍ତି ଠିକ୍ ରହେ । ଏଣୁ ସେ ସମୟରେ ସନ୍ତାନ ଜାତ ହେଲେ ସୁସ୍ଥ ସବଳ ହୋଇରହେ ।

"ଅଳ୍ପ ବୟସ୍କ ସ୍ତ୍ରୀ ପୁରୁଷଙ୍କ ଗର୍ଭାଧାନ ସମ୍ବନ୍ଧରେ ଆୟୁର୍ବେଦାଚାର୍ଯ୍ୟ ମୁନିବର ଧନ୍ୱନ୍ତରୀ' 'ସୁଶ୍ରୁତ'ରେ ନିଷେଧ କରିଛନ୍ତି । ଯଥା —

ଊନଷୋଡ଼ଶବର୍ଷାୟାମପ୍ରାପ୍ତଃ ପଞ୍ଚବିଂଶତିମ୍ ।
ଯଦ୍ୟାଧତ୍ତେ ପୁମାନ୍ ଗର୍ଭଂ କୁକ୍ଷିସ୍ଥଃ ସ ବିପଦ୍ୟତେ ।୧ ।
ଜାତୋ ବା ନ ଚିରଂ ଜୀବେଦ୍ବା ଦୁର୍ବଳେନ୍ଦ୍ରିୟଃ ।
ତସ୍ମାଦତ୍ୟନ୍ତବାଳାୟାଂ ଗର୍ଭାଧାନଂ ନ କାରୟେତ୍ ।୨ ।
(ସୁଶ୍ରୁତ ଶାରୀର ସ୍ଥାନେ୧୦-୪୭-୪୮)

—ଷୋହଳ ବର୍ଷରୁ ନ୍ୟୁନ ବୟସ୍କା ସ୍ତ୍ରୀ ଠାରେ ପଚିଶ ବର୍ଷରୁ ନ୍ୟୁନ ବୟସ୍କ ପୁରୁଷ ଗର୍ଭାଧାନ କଲେ ସେହି କୁକ୍ଷିସ୍ଥ ଗର୍ଭ ବିପନ୍ନ ହୁଏ ଅର୍ଥାତ୍ ପୂର୍ଣ୍ଣକାଳ ପର୍ଯ୍ୟନ୍ତ ଗର୍ଭାଶୟରେ ରହିପାରେ ନାହିଁ । ଏଣୁ ଗର୍ଭ ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ଥାଏ । ଯଦି ସେହି ଗର୍ଭାଶୟରୁ ସନ୍ତାନସନ୍ତତି ଜାତ ହୁଅନ୍ତି ତେବେ ସେମାନେ ଦୀର୍ଘଜୀବୀ ହୋଇପାରନ୍ତି ନାହିଁ । ଯେତେ ସମୟ ଜୀବନ ଧାରଣ କରି ରହନ୍ତି କେବଳ ଦୁର୍ବଳେନ୍ଦ୍ରିୟ ହୋଇ ରହନ୍ତି । ଏଣୁ ଅଳ୍ପବୟସ୍କା କନ୍ୟାଠାରେ ଗର୍ଭସ୍ଥାପନ କରିବା ଉଚିତ ନୁହେଁ ।

(୧୩) ଅଷ୍ଟମ ବର୍ଷୀୟା କନ୍ୟାର ସନ୍ତାନ ହେବା ଯେପରି ଅସମ୍ଭବ, ଗୌରୀ, ରୋହିଣୀ ଆଦି ନାମ ଦେବା ମଧ୍ୟ ସେପରି ଅଯୌକ୍ତିକ । ଯଦି କନ୍ୟା ଗୌର ବର୍ଣ୍ଣା ନ ହୋଇ କୃଷ୍ଣ ବର୍ଣ୍ଣା ହୁଏ ତେବେ ତାର ଗୌରୀ ନାମ ରଖିବା ବୃଥା । ମହାଦେବଙ୍କ ସ୍ତ୍ରୀ ଗୌରୀ ଏବଂ ବସୁଦେବଙ୍କ ସ୍ତ୍ରୀ ରୋହିଣୀ ଥିଲେ । ତୁମେ ପୌରାଣିକମାନେ ସେମାନଙ୍କୁ ମାତୃତୁଲ୍ୟା ମନେକର । ଯଦି କନ୍ୟାକୁ ଗୌରୀ ପ୍ରଭୃତି ଭାବନା କରୁଛ ତେବେ ସେମାନଙ୍କୁ ପୁଣି ବିବାହ ଦେବା କିପରି ଧର୍ମସଂଗତ ଓ ସମ୍ଭବପର ହେବ ? ଏଣୁ ତୁମମାନଙ୍କ ଓ ଆମ୍ଭମାନଙ୍କ ଯୁଗୋଟି ଯାକ ଶ୍ଳୋକ ମିଥ୍ୟା ଅଟେ । ପୌରାଣିକମାନେ

ଯେପରି ପରାଶରଙ୍କ ନାମରେ ଶ୍ଳୋକ ରଚନା କରନ୍ତି ଆମେମାନେ ସେପରି 'ବ୍ରହ୍ମୋବାଚ' ବୋଲି ଶ୍ଳୋକ ରଚନା କରିଅଛୁଁ । ଏଣୁ ଏସବୁ କାଳ୍ପନିକ ପ୍ରମାଣକୁ ଛାଡି ବେଦପ୍ରମାଣ ଅନୁଯାୟୀ ସକଳ କର୍ମ କରିବା ଉଚିତ୍ । ମନୁସ୍ମୃତିର ପ୍ରମାଣ ଦେଖନ୍ତୁ.....

ତ୍ରୀଣି ବର୍ଷାଣ୍ୟୁଦୀକ୍ଷେତ କୁମାର୍ଯ୍ୟୃତୁମତୀ ସତୀ ।
ଊର୍ଦ୍ଧ୍ୱଂ ତୁ କାଳାଦେତସ୍ମାଦ୍ବିନ୍ଦେତ ସଦୃଶଂ ପତିମ୍ ।

(ମନୁ ୯-୯୦)

କନ୍ୟା ରଜସ୍ୱଳା ହେବାପରେ ତିନି ବର୍ଷ ପର୍ଯ୍ୟନ୍ତ ପତି ଅନ୍ୱେଷଣ କରି ନିଜ ଅନୁକୂଳ ପତି ବରଣ କରିବ । ପ୍ରତ୍ୟେକ ମାସରେ ରଜୋଦର୍ଶନ ହୁଏ । ତେଣୁ ତିନ ବର୍ଷରେ ୩୬ ଥର ରଜୋଦର୍ଶନ ପରେ ବିବାହ କରିବା ଉଚିତ୍, ତାପୂର୍ବରୁ ନୁହେଁ ।

(୧୪) କାମମାମରଣାତ୍ତିଷ୍ଠେଦ୍ ଗୃହେ କନ୍ୟର୍ତ୍ତୁମତ୍ୟପି ।
ନ ଚୈବୈନାଂ ପ୍ରୟଚ୍ଛେତ୍ତୁ ଗୁଣହୀନାୟ କର୍ହିଚିତ୍ ।।

(ମନୁ ୯-୮୯)

ପୁତ୍ର ବା କନ୍ୟା ମୃତ୍ୟୁପର୍ଯ୍ୟନ୍ତ ବରଂ ଅବିବାହିତ ରହନ୍ତୁ, କିନ୍ତୁ ଅସଦୃଶ ଅର୍ଥାତ୍ ପରସ୍ପର ବିରୁଦ୍ଧ ଗୁଣ କର୍ମ ସ୍ୱଭାବଯୁକ୍ତ ବର କନ୍ୟାଙ୍କର ବିବାହ ହେବା କଦାପି ଉଚିତ୍ ନୁହେଁ ।

(୧୫) ପ୍ରଶ୍ନ - ବିବାହ ପିତାମାତାଙ୍କ ନା ବର କନ୍ୟାଙ୍କ ଇଚ୍ଛାନୁସାରେ ହେବା ଉଚିତ୍ ?
ଉତ୍ତର - ବିବାହ ବରକନ୍ୟାଙ୍କ ଇଚ୍ଛାନୁସାରେ ହେବା ଉତ୍ତମ । ପିତା ମାତା ପୁଅ ଝିଅଙ୍କ ବିବାହ କଥା ଯେତେବେଳେ ଚିନ୍ତା କରିବେ ବରକନ୍ୟାଙ୍କ ସ୍ୱୀକୃତି ବ୍ୟତୀତ ବିବାହ କରାଇବା ଉଚିତ୍ ନୁହେଁ । ଉଭୟଙ୍କ ପ୍ରସନ୍ନତାରେ ବିବାହ ହେଲେ ଭବିଷ୍ୟତରେ ଉଭୟଙ୍କ ମଧ୍ୟରେ ବିରୋଧକମ୍ ହୁଏ ଏବଂ ଉତ୍ତମସନ୍ତାନ ଜାତ ହୁଅନ୍ତି । ଅପ୍ରସନ୍ନତାର ସହିତ ବିବାହ କଲେ ସେମାନଙ୍କ ବିବାହିତ ଜୀବନ ସୁଖ ସମୃଦ୍ଧମୟ ହୋଇପାରେ ନାହିଁ । ବିବାହର ଆବଶ୍ୟକତା ମୁଖ୍ୟତଃ ବରକନ୍ୟାଙ୍କର, କିନ୍ତୁ ମାତା ପିତାଙ୍କର ନୁହେଁ ।

ସନ୍ତୁଷ୍ଟୋ ଭାର୍ଯ୍ୟୟା ଭର୍ତ୍ତା ଭର୍ତ୍ତ୍ରା ଭାର୍ଯ୍ୟା ତଥୈବ ଚ ।
ଯସ୍ମିନ୍ନେବ କୁଳେ ନିତ୍ୟଂ କଲ୍ୟାଣଂ ତତ୍ର ବୈ ଧ୍ରୁବମ୍ ।।

(ମନୁ ୩-୬୦)

ଯେଉଁ ପରିବାରରେ ସ୍ତ୍ରୀ ପ୍ରତି ପୁରୁଷ ଓ ପୁରୁଷ ପ୍ରତି ସ୍ତ୍ରୀ [illegible] ରହନ୍ତି,ସେହି ପରିବାରରେ ଆନନ୍ଦ, ଲକ୍ଷ୍ମୀ ଓ କୀର୍ତ୍ତି ଅବସ୍ଥାନ କରେ । ଯେଉଁଠାରେ ବିରୋଧ ଓ କଳହ ଜାତ ହୁଏ, ସେଠାରେ ଦୁଃଖ, ଦାରିଦ୍ର୍ୟ ଓ ନିନ୍ଦା ଦଶା ବାସ କରି ରହେ । ଏଣୁ ଆର୍ଯ୍ୟାବର୍ତ୍ତରେ ପରଂପରାକ୍ରମେ ସ୍ୱୟମ୍ବର ବିବାହର ଯେଉଁ ପ୍ରଥା ପ୍ରଚଳିତ ଥିଲା ତାହାହିଁ ହେଉଛି ସର୍ବୋତ୍ତମ ପ୍ରଥା ।

ଯେତେବେଳେ ସ୍ତ୍ରୀ-ପୁରୁଷ ବିବାହ କରିବାକୁ ଇଚ୍ଛା କରିବେ, ସେତେବେଳେ ସେମାନଙ୍କ ବିଦ୍ୟା, ବିନୟ, ଶୀଳ, ରୂପ, ଆୟୁ, ବଳ, କୁଳ ଓ ଶରୀରର ପରିମାଣ ବିଷୟ ବିଗ୍ଭର କରିବା ଉଚିତ୍ । ଏ ସବୁର ମେଳ ନ ହେବା ପର୍ଯ୍ୟନ୍ତ ବିବାହ ସୁଖମୟ ହୋଇ ନ ପାରେ । ବାଲ୍ୟ ବିବାହ କଦାପି ସୁଖମୟ ହୁଏ ନାହିଁ; ତେଣୁ ତାହା ସର୍ବଦା ପରିତ୍ୟାଜ୍ୟ ଅଟେ ।

୧୬)ଯୁବା ସୁବାସାଃ ପରିବୀତ ଆଗାତ୍ସ ଉ ଶ୍ରେୟାନ୍ ଭବତି ଜାୟମାନଃ ।
ତଂ ଧୀରାସଃ କବୟ ଉନ୍ନୟନ୍ତି ସ୍ୱାଧ୍ୟୋ ମନସା ଦେବୟନ୍ତଃ ।।

(ଋଗ୍‌ବେଦ ୩-୮-୪)

ଯେଉଁ ପୁରୁଷ (ପରିବୀତଃ) ଯଜ୍ଞୋପବୀତ ଧାରଣ ପୂର୍ବକ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ଦ୍ୱାରା ଉତ୍ତମ ବିଦ୍ୱାନ୍ ଓ ସୁଶିକ୍ଷିତ ହୋଇଥାନ୍ତି (ସୁବାସାଃ) ସୁନ୍ଦର ବସ୍ତ୍ର ପରିଧାନ କରି ବ୍ରହ୍ମଚର୍ଯ୍ୟଯୁକ୍ତ (ଯୁବା) ପୂର୍ଣ୍ଣଯୌବନ ପ୍ରାପ୍ତ ହୋଇ ବିଦ୍ୟାଗ୍ରହଣ କରି ଗୃହସ୍ଥାଶ୍ରମରେ (ଆଗାତ୍) ପ୍ରବେଶ କରନ୍ତି (ସ ଉ) ସେ ବୁଦ୍ଧି ଓ ଜ୍ଞାନରେ ପୁନର୍ଜୀବନ (ଜାୟମାନଃ) ଓ ପ୍ରସିଦ୍ଧି ଲାଭ କରି (ଶ୍ରେୟାନ୍) ଶ୍ରେଷ୍ଠ ଓ ମଙ୍ଗଳକାରୀ ହୁଅନ୍ତି । (ସ୍ୱାଧ୍ୟାଃ) ଉତ୍ତମଧ୍ୟାନଶୀଳ (ମନସା) ବିଜ୍ଞାନଦ୍ୱାରା (ଦେବୟନ୍ତଃ) ବିଦ୍ୟାକାମୀ (ଧୀରାସଃ) ଧୈର୍ଯ୍ୟଶାଳୀ (କବୟଃ) ବିଦ୍ୱାନ୍‌ଗଣ (ତମ୍) ସେହି ପୁରୁଷଙ୍କୁ (ଉନ୍ନୟନ୍ତି) ଉନ୍ନତିଶୀଳ କରି ପ୍ରତିଷ୍ଠିତ କରନ୍ତି । ଆଉ ଯେଉଁ ସ୍ତ୍ରୀ ପୁରୁଷ ବ୍ରହ୍ମଚର୍ଯ୍ୟ ପାଳନ ତଥା ବିଦ୍ୟା ଓ ସୁଶିକ୍ଷା ଗ୍ରହଣ ନ କରି ବାଲ୍ୟାବସ୍ଥାରେ ବିବାହ କରନ୍ତି, ସେମାନେ ନଷ୍ଟ ଭ୍ରଷ୍ଟ ହୋଇ ବିଦ୍ୱାନ୍ ମାନଙ୍କ ମଧ୍ୟରେ ସମ୍ମାନ ପାଆନ୍ତି ନାହିଁ ବା ପ୍ରତିଷ୍ଠା ଲାଭ କରି ପାରନ୍ତି ନାହିଁ ।

• (୧୭) ଆ ଧେନବୋ ଧୁନୟନ୍ତାମଶିଶ୍ୱୀଃ ଶବର୍ଦୁଘାଃ ଶଶୟା ଅପ୍ରଦୁଗ୍ଧାଃ ।
ନବ୍ୟାନବ୍ୟା ଯୁବତୟୋ ଭବନ୍ତୀର୍ମହଦ୍ଦେବାନାମସୁରତ୍ୱମେକମ୍ ।।

(ଋକ୍ ବେଦ ୩-୫୫-୧୬)

(ଅପ୍ରଦୁଗ୍ଧାଃ ଧେନବଃ) ପ୍ରଥମ ଦୁହାଁ ହୋଇ ନଥିବା ଗାଈମାନଙ୍କ ସଦୃଶ (ଅଶିଶ୍ୱୀଃ) ଯେଉଁମାନଙ୍କର ବାଲ୍ୟାବସ୍ଥା ଅତିକ୍ରାନ୍ତ ହୋଇଅଛି [illegible]

ପ୍ରକାରର ସଦାଚାର ପାଳନରେ ଯେଉଁମାନେ ସର୍ବଦା ତତ୍ପର (ଶଶୟାଃ) କୁମାରାବସ୍ଥାକୁ ଯେଉଁମାନେ ଅତିକ୍ରମ କରି ସାରିଛନ୍ତି (ନବ୍ୟାନବ୍ୟା) ନବ ନବ ଶିକ୍ଷା ଓ ଅବସ୍ଥାରେ ପରିପୂର୍ଣ୍ଣ (ଭବନ୍ତୀଃ) ହୋଇଛନ୍ତି (ଯୁବତୟଃ) ସେହି ପୂର୍ଣ୍ଣ ଯୌବନା ସ୍ତ୍ରୀମାନେ (ଦେବାନାମ୍) ବ୍ରହ୍ମଚର୍ଯ୍ୟର ସୁନିୟମରେ ପୂର୍ଣ୍ଣତାପ୍ରାପ୍ତ ବିଦ୍ୱାନ୍ ମାନଙ୍କର (ଏକମ୍) ଅଦ୍ୱିତୀୟ (ମହତ୍) ମହାନ୍ (ଅସୁରତ୍ୱମ୍) ପ୍ରଜ୍ଞା ଶାସ୍ତ୍ର ଓ ଶିକ୍ଷାଯୁକ୍ତ ତଥା ପ୍ରଜ୍ଞାରେ ଆନନ୍ଦଭୋଗର ତତ୍ତ୍ୱକୁ ପ୍ରାପ୍ତ ହୋଇଥିବା ତରୁଣପତି ଲାଭକରି (ଆ ଧୁନୟନ୍ତାମ୍) ଗର୍ଭାଧାନ କରନ୍ତୁ । ସେମାନେ ବାଲ୍ୟାବସ୍ଥାରେ ଭ୍ରମରେ ସୁଦ୍ଧା ମନ ମଧ୍ୟରେ ପୁରୁଷର ଧ୍ୟାନ କରିବା ଉଚିତ୍ ନୁହେଁ । ଏହି ନିୟମ ପାଳନ ଦ୍ୱାରା ହିଁ ସେମାନେ ଇହପର ଉଭୟ ଲୋକରେ ସୁଖଲାଭ କରିପାରିବେ । ବାଲ୍ୟ ବିବାହ ଦ୍ୱାରା ପୁରୁଷ ଅପେକ୍ଷା ସ୍ତ୍ରୀର ହିଁ ଅଧିକ କ୍ଷତି ହୋଇଥାଏ ।

(୧୮) ପୂର୍ବୀରହଂ ଶରଦଃ ଶଶ୍ରମାଣା ଦୋଷାବସ୍ତୋରୁଷସୋ ଜରୟନ୍ତୀଃ ।
ମିନାତି ଶ୍ରିୟଂ ଜରିମା ତନୂନାମପ୍ୟୂ ନୁ ପତ୍ନୀର୍ବୃଷଣୋ ଜଗମ୍ୟୁଃ ।।

(ଋଗ୍‌ବେଦ ୧-୧୭୯-୧)

ଯଦ୍ୱାରା (ନୁ) ଶୀଘ୍ର (ଶଶ୍ରମାଣାଃ) ଅତ୍ୟନ୍ତ ପରିଶ୍ରମୀ (ବୃଷଣଃ) ବୀର୍ଯ୍ୟସିଞ୍ଚନରେ ସମର୍ଥ ଓ ପୂର୍ଣ୍ଣଯୌବନସଂପନ୍ନ ପୁରୁଷ (ପତ୍ନୀ) ପୂର୍ଣ୍ଣଯୌବନା ପ୍ରାଣପ୍ରିୟା ସ୍ତ୍ରୀ (ଜଗମ୍ୟୁଃ) ଲାଭ କରି ପୂର୍ଣ୍ଣଶତବର୍ଷ ବା ତତୋଽଧିକ ଆୟୁ ଆନନ୍ଦର ସହିତ ଭୋଗ କରିପାରେ ଏବଂ ପୁତ୍ର ପୌତ୍ରାଦି ସହିତ ମିଳିତ ହୋଇ ରହିପାରେ, ସ୍ତ୍ରୀ ପୁରୁଷ ସର୍ବଦା ସେହି ପ୍ରକାର ଆଚରଣ କରିବେ । ଯେଣୁ (ପୂର୍ବୀଃ) ପୂର୍ବବର୍ତ୍ତୀ (ଶରଦଃ) ଶରଦ୍ ଋତୁସବୁ ଏବଂ (ଜରୟନ୍ତୀଃ) ବାର୍ଦ୍ଧକ୍ୟ ଆନୟନକାରୀ (ଉଷସଃ) ଉଷାକାଳ (ଦୋଷା) ରାତ୍ରି ଏବଂ (ବସ୍ତୋଃ) ଦିନ (ତନୂନାଂ) ଶରୀରର (ଶ୍ରିୟଂ) ଶକ୍ତି ଓ ସୌନ୍ଦର୍ଯ୍ୟକୁ (ଜରିମା) ଦୂରୀଭୂତ କରି ଅତିଶୟ ବାର୍ଦ୍ଧକ୍ୟ ଆନୟନ କରେ, ଏଣୁ (ଅହଂ) ମୁଁ ସ୍ତ୍ରୀ ବା ପୁରୁଷ (ଉ) ଉତ୍ତମରୂପେ (ଅପି) ନିଶ୍ଚୟ ବ୍ରହ୍ମଚର୍ଯ୍ୟଦ୍ୱାରା ବିଦ୍ୟା, ଯୌବନ ତଥା ଶାରୀରିକ ଓ ଆତ୍ମିକ ବଳ ଲାଭ କରି ବିବାହ କରିବି । ଯେଉଁମାନେ ଏହି ବେଦାନୁକୂଳ ବିବାହ ନିୟମକୁ ପାଳନ କରନ୍ତି ନାହିଁ, ସେମାନେ ଜୀବନରେ କେବେ ସୁଖଶାନ୍ତି ଭୋଗ କରି ପାରନ୍ତି ନାହିଁ ।

ଯେତେଦିନ ପର୍ଯ୍ୟନ୍ତ ଏ ଦେଶର ଋଷି ମୁନି ତଥା ରାଜା ମହାରାଜା ଆଦି ଆର୍ଯ୍ୟ ପୁରୁଷମାନେ ବ୍ରହ୍ମଚର୍ଯ୍ୟବ୍ରତ ପାଳନପୂର୍ବକ ବିଦ୍ୟାଧ୍ୟୟନ କରି ସ୍ୱୟମ୍ବର ବିବାହ କରୁଥିଲେ ସେତେଦିନ ପର୍ଯ୍ୟନ୍ତ ଏ ଦେଶ ଉନ୍ନତିର ଶିଖର ପ୍ରଦେଶରେ ଆସୀନ ଥିଲା । କିନ୍ତୁ ଯେଉଁ ଦିନଠାରୁ ବ୍ରହ୍ମଚର୍ଯ୍ୟଦ୍ୱାରା ବିଦ୍ୟାଧ୍ୟୟନ ପରଂପରା

ନଷ୍ଟ ହୋଇଗଲା, ପୁଣି ବାଲ୍ୟାବସ୍ଥାରେ ପିତାମାତାଙ୍କ ରୁଚି ଅନୁସାରେ ସନ୍ତାନମାନଙ୍କୁ ବିବାହ କରାଗଲା ସେହି ଦିନଠାରୁ ଆର୍ଯ୍ୟାବର୍ତ୍ତର ପତନ ଆରମ୍ଭ ହେଲା । ଏଣୁ ଏ କଦର୍ଯ୍ୟ ପ୍ରଥାକୁ ବର୍ଜନ କରି ଦେଶବାସୀ ପୂର୍ବୋକ୍ତ ରୀତି ଅନୁସାରେ ସ୍ୱୟମ୍ବର ବିବାହ କରନ୍ତୁ । ବିବାହ ବର୍ଣ୍ଣାନୁକ୍ରମେ ଏବଂ ବର୍ଣ୍ଣବ୍ୟବସ୍ଥା ମଧ୍ୟ ଗୁଣ, କର୍ମ ଓ ସ୍ୱଭାବ ଅନୁସାରେ ହେବା ଉଚିତ୍ ।

ବର୍ଣ୍ଣାଶ୍ରମ

(୧୯) ପ୍ରଶ୍ନ - କଣ ବ୍ରାହ୍ମଣ -ବ୍ରାହ୍ମଣୀଙ୍କ ପୁତ୍ର କନ୍ୟା ହିଁ କେବଳ ବ୍ରାହ୍ମଣ ହୋଇପାରିବେ ? ମାତା ପିତା ଅନ୍ୟ ବର୍ଣ୍ଣର ହୋଇଥିଲେ ସେମାନଙ୍କ ସନ୍ତାନ କଣ ବ୍ରାହ୍ମଣ ହୋଇ ପାରିବେ ନାହିଁ ?

ଉତ୍ତର- ହଁ, ଏପରି ଅନେକେ ହୋଇଛନ୍ତି, ହେଉଛନ୍ତି ଓ ଭବିଷ୍ୟତରେ ମଧ୍ୟ ହେବେ । ଛାନ୍ଦୋଗ୍ୟ ଉପନିଷଦ୍‌ରେ ବର୍ଣ୍ଣିତ ଅଜ୍ଞାତକୁଳ ଜାବାଳ ଋଷି, ମହାଭାରତରେ କ୍ଷତ୍ରିୟ ବର୍ଣ୍ଣର ବିଶ୍ୱାମିତ୍ର ଏବଂ ଚଣ୍ଡାଳକୁଳର ମାତଙ୍ଗ ଋଷି ତ ପୁଣି ବ୍ରାହ୍ମଣ ହୋଇଥିଲେ । ବର୍ତ୍ତମାନ ମଧ୍ୟ ଯିଏ ଉତ୍ତମ ବିଦ୍ୱାନ୍ ଓ ଉତ୍ତମ ସ୍ୱଭାବଯୁକ୍ତ, ସେ ବ୍ରାହ୍ମଣ ହେବା ପାଇଁ ଉପଯୁକ୍ତ । ଯିଏ ମୂର୍ଖ ସେ ଶୂଦ୍ର ହେବାର ଯୋଗ୍ୟ, ଭବିଷ୍ୟତରେ ମଧ୍ୟ ଏପରି ହେବ ।

(୨୦) ପ୍ରଶ୍ନ- ତେବେ ଗୋଟିଏ ବର୍ଣ୍ଣର ରଜବୀର୍ଯ୍ୟରୁ ଜାତ ଶରୀର ପରିବର୍ତ୍ତିତ ହୋଇ ଅନ୍ୟ ବର୍ଣ୍ଣର ଯୋଗ୍ୟ କିପରି ବା ହେବ ?

ଉତ୍ତର - ରଜବୀର୍ଯ୍ୟର ସଂଯୋଗରେ ଶରୀର ସିନା ଜାତ କିନ୍ତୁ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଓ ଶୂଦ୍ର ଜାତ ହୁଅନ୍ତି ନାହିଁ ଦେଖନ୍ତୁ, ବ୍ରାହ୍ମଣ କିପରି ଜାତ ହୁଅନ୍ତି ?

ସ୍ୱାଧ୍ୟାୟେନ ଜପୈର୍ହୋମୈସ୍ତ୍ରୈବିଦ୍ୟେନେଜ୍ୟୟା ସୁତୈଃ ।
ମହାଯଜ୍ଞୈଶ୍ଚ ଯଜ୍ଞୈଶ୍ଚ ବ୍ରାହ୍ମୀୟଂ କ୍ରିୟତେ ତନୁଃ ।

(ମନୁ ୨-୨)

(ସ୍ୱାଧ୍ୟାୟେନ) ଅଧ୍ୟୟନ ଓ ଅଧ୍ୟାପନ (ଜପୈଃ) ଜପ କରିବା ଓ କରାଇବା (ହୋମୈଃ) ନାନାବିଧ ହୋମାନୁଷ୍ଠାନ (ତ୍ରୈବିଦ୍ୟେନ) ଶବ୍ଦାର୍ଥ ସମ୍ବନ୍ଧ ଜ୍ଞାନ ଓ ସ୍ୱର ଉଚ୍ଚାରଣ ସହକାରେ ସମଗ୍ର ବେଦର ଅଧ୍ୟୟନ ଓ ଅଧ୍ୟାପନ (ଇଜ୍ୟୟା) ପୌର୍ଣ୍ଣମାସୀ, ଇଷ୍ଟି ଆଦିର ଅନୁଷ୍ଠାନ (ସୁତୈଃ) ପୂର୍ବୋକ୍ତ ବିଧି ବିଧାନ ଅନୁଯାୟୀ ଧର୍ମାନୁସାରେ ସନ୍ତାନୋତ୍ପତ୍ତି (ମହାଯଜ୍ଞୈଶ୍ଚ) ପୂର୍ବୋକ୍ତ ବ୍ରହ୍ମଯଜ୍ଞ, ପିତୃଯଜ୍ଞ, ବଳିବୈଶ୍ୱଦେବ ଯଜ୍ଞ ଓ ଅତିଥି ଯଜ୍ଞ (ଯଜ୍ଞୈଶ୍ଚ) ଅଗ୍ନିଷ୍ଟୋମାଦି ଯଜ୍ଞ, ବିଦ୍ୱାନ୍‌ମାନଙ୍କ ସଙ୍ଗ ଓ ସତ୍କାର, ସତ୍ୟ ଭାଷଣ, ପରୋପକାରାଦି ସତ୍ କର୍ମ, ଶିଳ୍ପ ବିଦ୍ୟାଦିର ଶିକ୍ଷା, ଦୁଷ୍ଟାଚାର ତ୍ୟାଗ

ଓ ଶିକ୍ଷାଗ୍ରର ପାଳନ ଦ୍ୱାରା (ଇୟଂତନୁଃ) ଏ ଶରୀରକୁ (ବ୍ରାହ୍ମୀ) ବ୍ରାହ୍ମଣତ୍ୱ ଯୁକ୍ତ (କ୍ରିୟତେ) କରାଯାଏ । ଏଣୁ ବ୍ରାହ୍ମଣ-ବ୍ରାହ୍ମଣୀଙ୍କ ରଜବୀର୍ଯ୍ୟର ସଂଯୋଗରୁ ବ୍ରାହ୍ମଣ ଶରୀର ଜାତ ହୁଏ ନାହିଁ । ଉପରୋକ୍ତ ଗୁଣ, କର୍ମ ଓ ସ୍ୱଭାବ ଧାରଣ ଦ୍ୱାରା ଶରୀରକୁ ବ୍ରାହ୍ମଣ କରାଯାଏ ।

ପ୍ରଶ୍ନ - ଏହି ଶ୍ଳୋକକୁ ତୁମେ କଣ ସ୍ୱୀକାର କରୁନାହିଁ ?

ଉତ୍ତର - ହଁ, ସ୍ୱୀକାର କରୁଛି ।

ପ୍ରଶ୍ନ - ରଜବୀର୍ଯ୍ୟର ସଂଯୋଗରୁ ବର୍ଣ୍ଣ ବ୍ୟବସ୍ଥାକୁ ତେବେ ସ୍ୱୀକାର କରୁଛ କାହିଁକି ?

ଉତ୍ତର - ମୁଁ କେବଳ ଏକାକୀ ନୁହେଁ । ପରଂପରାକ୍ରମେ ଅନେକ ଲୋକ ଏହାକୁ ସ୍ୱୀକାର କରି ଆସୁଛନ୍ତି ।

ପ୍ରଶ୍ନ- ତୁମେ କଣ ତେବେ ପରଂପରାକୁ ମଧ୍ୟ ଖଣ୍ଡନ କରିବ ?

ଉତ୍ତର - ନା, କିନ୍ତୁ ତୁମର ବିପରୀତ ବୁଦ୍ଧିକୁ ଆମେ ସ୍ୱୀକାର ନକରି ତାକୁ ହିଁ କେବଳ ଖଣ୍ଡନ କରୁଛୁ ।

ପ୍ରଶ୍ନ - ଆମର ଯାହା ବିପରୀତ ତାହା ହେଉଛି ତୁମର ସତ୍ୟ । ଏହାର କିଛି ପ୍ରମାଣ ଅଛି କି ?

ଉତ୍ତର - ତୁମେ ପାଞ୍ଚସାତ ପୁରୁଷର କଥାକୁ ପରଂପରା ବୋଲି ମାନୁଛ, ଆମେ କିନ୍ତୁ ତାକୁ ମାନୁନାହୁଁ । ଆମେ ବେଦ ତଥା ସୃଷ୍ଟି ଆରମ୍ଭରୁ ଆଜିପର୍ଯ୍ୟନ୍ତ ଯାହା ପ୍ରଚଳିତ ତାହାକୁ ସନାତନ ବୋଲି ସ୍ୱୀକାର କରୁଛୁଁ । ଦେଖ ! ଯାହାର ପିତା ଶ୍ରେଷ୍ଠ ତାର ପୁତ୍ର ଦୁଷ୍ଟ ମଧ୍ୟ ହୋଇପାରେ, ସେପରି ଯାହାର ପୁତ୍ର ଶ୍ରେଷ୍ଠ ତାର ପିତା ଦୁଷ୍ଟ ମଧ୍ୟ ହୋଇପାରେ । ସ୍ଥଳବିଶେଷରେ ପିତାପୁତ୍ର ଦୁହେଁ ଶ୍ରେଷ୍ଠ ବା ଦୁଷ୍ଟମଧ୍ୟ ହୋଇପାରନ୍ତି । ତେଣୁ ତୁମେ ଭ୍ରମଜାଲରେ ପଡ଼ିଯାଇଛ । ଏହାହିଁ ହେଉଛି ପ୍ରମାଣ । ଏ ସମ୍ପର୍କରେ ମହର୍ଷି ମନୁ କହିଛନ୍ତି .... ।

(୨୧) ଯେନାସ୍ୟ ପିତରୋ ଯାତା ଯେନ ଯାତା ପିତାମହାଃ ।
ତେନ ଯାୟାତ୍ ସତାଂମାର୍ଗଂ ତେନ ଗଚ୍ଛନରିଷ୍ୟତେ ।।

(ମନୁ୪-୧୭୮)

ଯେଉଁ ରାସ୍ତାରେ ପିତା ଓ ପିତାମହ ଯାଇଛନ୍ତି ସେହି ରାସ୍ତାରେ ସନ୍ତାନ ମାନଙ୍କୁ ମଧ୍ୟ ଗ୍ଲଲିବାକୁ ହେବ । ଯେଉଁ ପିତା ଓ ପିତାମହ ସତ୍‌ପୁରୁଷ ସେମାନଙ୍କ ମାର୍ଗରେ ଗ୍ଲଲିବା ଉଚିତ୍ କିନ୍ତୁ ଯେଉଁ ପିତା ଓ ପିତାମହ ଦୁଷ୍ଟାଗ୍ରରୀ ସେମାନଙ୍କ ମାର୍ଗ ପରିତ୍ୟାଗ କରିବା ଉଚିତ୍ । କାରଣ, ଧାର୍ମିକ ସତ୍‌ପୁରୁଷଙ୍କ ପଥ ଅନୁସରଣରେ ସୁଖ ଓ ଅସଦାଗ୍ରରୀଙ୍କ ପଥ ଅନୁସରଣରେ ଦୁଃଖ ମିଳିଥାଏ । ଏହାକୁ ତୁମେ ମାନୁଛ କି ନାହିଁ ?

ଉତ୍ତର - ଏହାକୁ ନିଶ୍ଚୟ ମାନୁଛି । ପୁଣି ଦେଖ, ପରମେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ବେଦବାଣୀ ହିଁ ସନାତନ ଅଟେ । ଯାହା ବେଦବିରୁଦ୍ଧ, ତାହା କଦାପି ସନାତନ ହୋଇ ନପାରେ । ଏଭଳି ବିଗ୍ରରକୁ ସମସ୍ତେ ପାଳନ କରିବା ଉଚିତ୍ କି ନୁହେଁ, ଯିଏ ଏହାକୁ ମାନୁ ନାହିଁ ତାଙ୍କୁ ପଗ୍ରର ଯେ ଯାହାର ପିତା ଦରିଦ୍ର ତାର ପୁତ୍ର ଯଦି ଧନାଢ୍ୟ ହୁଏ ତେବେ ପିତାଙ୍କ ଦରିଦ୍ରାବସ୍ଥାକୁ ଅବଶ୍ୟ ପାଳନ କରିବା ଉଚିତ୍ । ନିଜ ଧନ ସମ୍ପତ୍ତିକୁ ଫିଙ୍ଗି ଦେବ ? ପିତା ଅନ୍ଧ ଥିଲେ ବୋଲି ତାଙ୍କୁ ଅନୁସରଣ କରି କେହି କଣ ନିଜ ଚକ୍ଷୁକୁ ଫୁଟାଇ ଦେବ ? ଯାହାର ପିତା ଦୁଷ୍ଟ ତାର ପୁତ୍ର ତେବେ କଣ ଦୁଷ୍କର୍ମ କରିବା ଉଚିତ୍ ? ନା, ନା । ପୂର୍ବ ପୁରୁଷଙ୍କ ସତ୍‌କର୍ମ ସମୂହକୁ ଗ୍ରହଣ ତଥା ଦୁଷ୍କର୍ମ ସମୂହକୁ ବର୍ଜନ କରିବା ସମସ୍ତଙ୍କ ପକ୍ଷେ ଅନୁକରଣୀୟ ଅଟେ ।

ଯିଏ ଗୁଣ କର୍ମ ସ୍ୱଭାବଅନୁଯାୟୀ ବର୍ଣ୍ଣାଶ୍ରମ ବ୍ୟବସ୍ଥାକୁ ନ ମାନି ରଜବୀର୍ଯ୍ୟର ସଂଯୋଗରୁ ବର୍ଣ୍ଣାଶ୍ରମ ବ୍ୟବସ୍ଥାକୁ ମାନେ ତାକୁ ପଗ୍ରର ଯେ ଯଦି କୌଣସି ବ୍ରାହ୍ମଣ ସ୍ୱବର୍ଣ୍ଣ ତ୍ୟାଗ କରି ନୀଚ, ଅନ୍ତ୍ୟଜ ଖ୍ରୀଷ୍ଟିୟାନ୍ ଅଥବା ମୁସଲମାନ୍ ହୋଇଯାଏ, ତାକୁ କାହିଁକି ବ୍ରାହ୍ମଣ ବୋଲି ସ୍ୱୀକାର କରୁ ନାହଁ ? ତୁମେ ଉତ୍ତର ଦେଇପାର.... । ସେ ବ୍ରାହ୍ମଣର କର୍ମ ଛାଡ଼ି ଦେଇଥିବାରୁ ସେ ଆଉ ବ୍ରାହ୍ମଣ ହୋଇପାରିବ ନାହିଁ । ଏଥିରୁ ଏକଥା ସିଦ୍ଧ ହେଉଛି ଯେ ଯେଉଁମାନେ ବ୍ରାହ୍ମଣୋଚିତ ଉତ୍ତମ କର୍ମ କରନ୍ତି ସେମାନେ ହିଁ ବ୍ରାହ୍ମଣ ଏବଂ ଯଦି ନିମ୍ନବର୍ଣ୍ଣର କେହି ଜଣେ ଉଚ୍ଚବର୍ଣ୍ଣୋଚିତ କର୍ମ କରେ ତେବେ ତାହାକୁ ମଧ୍ୟ ଉଚ୍ଚବର୍ଣ୍ଣରେ ଏବଂ ଉଚ୍ଚବର୍ଣ୍ଣର କେହି ଯଦି ନୀଚକର୍ମ କରେ ତେବେ ତାହାକୁ ମଧ୍ୟ ନୀଚବର୍ଣ୍ଣ ମଧ୍ୟରେ ଗଣନା କରିବା ଆବଶ୍ୟକ ।

(୨୨) ପ୍ରଶ୍ନ - "ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ ବାହୂ ରାଜନ୍ୟଃ କୃତଃ ।
ଉରୁତଦସ୍ୟ ଯଦ୍‌ବୈଶ୍ୟଃ ପଦ୍‌ଭ୍ୟାଂ ଶୂଦ୍ରୋ ଅଜାୟତ ।"

ଏହା ହେଉଛି ଯଜୁର୍ବେଦ ଏକତ୍ରିଂଶ ଅଧ୍ୟାୟର ଏକାଦଶ ମନ୍ତ୍ର । ଏହାର ଅର୍ଥ ସର୍ବଶକ୍ତିମାନ୍ ପ୍ରଭୁଙ୍କ ମୁଖରୁ ବ୍ରାହ୍ମଣ, ବାହୁରୁ କ୍ଷତ୍ରିୟ, ଉରୁରୁ ବୈଶ୍ୟ ଓ ପାଦରୁ ଶୂଦ୍ର ଉତ୍ପନ୍ନ ହୋଇଛନ୍ତି । ସୁତରାଂ ଯେପରିମୁଖ ବାହୁ ହୋଇପାରିବ ନାହିଁ କି ବାହୁ ମୁଖ ହୋଇପାରିବ ନାହିଁ, ସେହିପରି ବ୍ରାହ୍ମଣ କ୍ଷତ୍ରିୟ ହୋଇପାରିବ ନାହିଁ ଓ କ୍ଷତ୍ରିୟ ବ୍ରାହ୍ମଣ ମଧ୍ୟ ହୋଇପାରିବ ନାହିଁ ।

ଉତ୍ତର - ଏହି ମନ୍ତ୍ରର ଅର୍ଥ ତୁମେ ଯେପରି କଲ ତାହା ସେପରି ନୁହେଁ । ମନୁଷ୍ୟ, ପଶୁ, ପକ୍ଷୀ ଆଦି ଏକ ଦେଶୀ ପ୍ରାଣୀଙ୍କ ମୁଖ ଆଦି ଅଙ୍ଗ ବିଦ୍ୟମାନ । କିନ୍ତୁ, ଯେଉଁ ନିରାକାର ଈଶ୍ୱର ଏକଦେଶୀ ନ ହୋଇ ସର୍ବବ୍ୟାପକ ଅଟନ୍ତି, ତାଙ୍କର ମୁଖ ଅଙ୍ଗ

କିପରିବା ସମ୍ଭବ ହେବ ? ଯିଏ ମୁଖାଦି ଅଙ୍ଗ ବିଶିଷ୍ଟ ସେ ସର୍ବବ୍ୟାପକ ହୋଇ ପାରିବ ନାହିଁ । ପୁଣି ସର୍ବବ୍ୟାପକ ନ ହେଲେ ଈଶ୍ୱର ଜଗତର ଉତ୍ପତ୍ତି, ପାଳନ ଓ ପ୍ରଳୟର କର୍ତ୍ତା, ଜୀବମାନଙ୍କ ପାପପୁଣ୍ୟର ଜ୍ଞାତା, ନିୟନ୍ତା, ସର୍ବଜ୍ଞ, ଅଜନ୍ମା ଓ ଅମର ଆଦି ବିଶେଷଣ ଯୁକ୍ତ ହୋଇ ପାରିବେ ନାହିଁ ।

ଏଣୁ ଉପରୋକ୍ତ ମନ୍ତ୍ରର ବାସ୍ତବ ଅର୍ଥ ହେଲା - (ଅସ୍ୟ) ପୂର୍ଣ୍ଣବ୍ୟାପକ ପରମାତ୍ମାଙ୍କ ସୃଷ୍ଟିରେ ଯିଏ ମୁଖପରି ସମସ୍ତଙ୍କ ମଧ୍ୟରେ ମୁଖ୍ୟ ବା ଶ୍ରେଷ୍ଠ ସେ (ବ୍ରାହ୍ମଣଃ) ବ୍ରାହ୍ମଣ ଅଟନ୍ତି । (ବାହୁଃ), 'ବାହୁର୍ବୈବଳମ୍ ବାହୁର୍ବୈବୀର୍ଯ୍ୟଂ' - ଶତପଥ ବ୍ରାହ୍ମଣ । ବଳବୀର୍ଯ୍ୟର ନାମ ବାହୁ ଅଟେ । ଏସମସ୍ତ ଯାହାଙ୍କଠାରେ ଅଧିକ ସେ (ରାଜନ୍ୟଃ) କ୍ଷତ୍ରିୟ । (ଉରୁ) କଟିର ଅଧୋଭାଗ ଓ ଜାନୁର ଉପରି ଭାଗର ନାମ ଉରୁ । ଯିଏ ସକଳ ପଦାର୍ଥ ପାଇଁ ସବୁ ଦେଶକୁ ଉରୁବଳରେ ଗମନାଗମନ କରେ ସେ (ବୈଶ୍ୟଃ), ବୈଶ୍ୟ । ଆଉ (ପଦ୍‌ଭ୍ୟାଂ) ଯେଉଁମାନେ ପାଦ ଅର୍ଥାତ୍ ନିମ୍ନ ଅଙ୍ଗ ସଦୃଶ ମୂର୍ଖତାଦି ଦୁର୍ଗୁଣ ବିଶିଷ୍ଟ ସେହି ବ୍ୟକ୍ତି ଶୂଦ୍ର । ଅନ୍ୟତ୍ର ଶତପଥ ବ୍ରାହ୍ମଣାଦିରେ ମଧ୍ୟ ଏମନ୍ତ୍ରର ଏପରି ଅର୍ଥ କରାଯାଇଛି ।

(୨୩) ଯଥା- 'ଯସ୍ମାଦେତେ ମୁଖ୍ୟାସ୍ତସ୍ମାତ୍ ମୁଖତୋ ହ୍ୟସୃଜ୍ୟନ୍ତ ।' ଇତ୍ୟାଦି ।

ଯେହେତୁ ଏମାନେ (ବ୍ରାହ୍ମଣମାନେ) ସମାଜରେ ମୁଖ୍ୟ ଅଟନ୍ତି, ଏଣୁ ଏମାନେ ମୁଖରୁ ଉତ୍ପନ୍ନ ହୋଇଛନ୍ତି ବୋଲି କହିବା ଯୁକ୍ତି ସଙ୍ଗତ ଅଟେ । ଅର୍ଥାତ୍ ସକଳ ଅଙ୍ଗ ମଧ୍ୟରେ 'ମୁଖ' ଯେପରି ଶ୍ରେଷ୍ଠ ସେପରି ମନୁଷ୍ୟଜାତି ମଧ୍ୟରେ ଯିଏ ସଂପୂର୍ଣ୍ଣ ବିଦ୍ୟାଯୁକ୍ତ ଓ ଉତ୍ତମ ଗୁଣ କର୍ମ ସ୍ୱଭାବ ସଂପନ୍ନ ତାଙ୍କୁ ଉତ୍ତମ ବ୍ରାହ୍ମଣ କହନ୍ତି । ପରମେଶ୍ୱର ନିରାକାର ହୋଇଥିବାରୁ ତାଙ୍କର ମୁଖାଦି ଅଙ୍ଗ ନାହିଁ । ବନ୍ଧ୍ୟାସ୍ତ୍ରୀର ପୁଅ ବିଭାଘର କହିବା ଯେପରି ହାସ୍ୟାସ୍ପଦ, ସେପରି ମୁଖରୁ ଜାତହେବା କଦାପି ସମ୍ଭବପର ନୁହେଁ । ଯଦି ମୁଖାଦି ଅଙ୍ଗରୁ ବ୍ରାହ୍ମଣ ଆଦି ଉତ୍ପନ୍ନ ହୋଇଥାନ୍ତେ ତେବେ ସେମାନଙ୍କ ଆକୃତି ମଧ୍ୟ ଉପାଦାନ କାରଣ ସଦୃଶ ହୋଇଥାନ୍ତା । ଯେପରି ମୁଖର ଆକାର ଗୋଲ ସେମାନଙ୍କ ଶରୀର ମଧ୍ୟ ମୁଖପରି ଗୋଲାକାର ହୋଇଥାନ୍ତା । କ୍ଷତ୍ରିୟର ଶରୀର ବାହୁପରି, ବୈଶ୍ୟର ଉରୁପରି ଓ ଶୂଦ୍ରର ଶରୀର ପାଦପରି ଆକୃତି ବିଶିଷ୍ଟ ହୋଇଥାନ୍ତା । କିନ୍ତୁ ଏପରି ହୋଇନାହିଁ ।

ଯଦି କହିବ - ମୁଖ, ବାହୁ, ଉରୁ ଓ ପାଦରୁ ଯେଉଁମାନେ ଜାତ ହେଲେ ସେମାନେ କେବଳ ଯଥାକ୍ରମେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ନାମରେ ନାମିତ ହୋଇଛନ୍ତି । ତେବେ ବର୍ତ୍ତମାନ ଆମେମାନେ ସମସ୍ତେ ଗର୍ଭାଶୟରୁ ଜନ୍ମଗ୍ରହଣ କରିଛୁଁ । ତେଣୁ କେହି କେବେ ବ୍ରାହ୍ମଣାଦି ସଂଜ୍ଞାବାଚ୍ୟ ହୋଇପାରିବେ ନାହିଁ ।

(୨୪) ଏଣୁ ଯଜୁର୍ବେଦର ଉପରୋକ୍ତ ମନ୍ତ୍ରର ତୁମେ ଯେପରି ଅର୍ଥ କରୁଛ ତାହା ମିଥ୍ୟା କିନ୍ତୁ ମୁଁ ଯେଉଁ ଅର୍ଥ କରିଛି ତାହାହିଁ ସତ୍ୟ । ଅନ୍ୟତ୍ର ମଧ୍ୟ ଏଭଳି କଥିତ ହୋଇଛି । ଯଥା —

ଶୂଦ୍ରୋ ବ୍ରାହ୍ମଣତାମେତି ବ୍ରାହ୍ମଣଶ୍ଚୈତି ଶୂଦ୍ରତାମ୍ ।
କ୍ଷତ୍ରିୟାଜ୍ଜାତମେବନ୍ତୁ ବିଦ୍ୟାତ୍ ବୈଶ୍ୟାତ୍ତଥୈବ ଚ ।।

(ମନୁ ୧୦-୬୫)

ଯଦି କେହି ଶୂଦ୍ରକୁଳରେ ଜନ୍ମଗ୍ରହଣ କରି ମଧ୍ୟ ବ୍ରାହ୍ମଣ, କ୍ଷତ୍ରିୟ ଅଥବା ବୈଶ୍ୟର ଗୁଣ କର୍ମ ସ୍ୱଭାବ ଗ୍ରହଣ କରେ ତେବେ ସେହି ଶୂଦ୍ର ମଧ୍ୟ ବ୍ରାହ୍ମଣ, କ୍ଷତ୍ରିୟ ଅଥବା ବୈଶ୍ୟ ହେବ । ସେହିପରି ବ୍ରାହ୍ମଣ, କ୍ଷତ୍ରିୟ ଅଥବା ବୈଶ୍ୟକୁଳରେ ଜନ୍ମ ହୋଇ ମଧ୍ୟ ଯିଏ ଶୂଦ୍ରର ଗୁଣ କର୍ମ ସ୍ୱଭାବ ଗ୍ରହଣ କରେ ସେ ଶୂଦ୍ର ହେବ । ଅର୍ଥାତ୍, ଯେଉଁ ବର୍ଣ୍ଣର ଗୁଣ କର୍ମ ସ୍ୱଭାବ ଗ୍ରହଣ କରିବ ସେ ସେହି ବର୍ଣ୍ଣରେ ପରିଗଣିତ ହେବ ।

(୨୫) "ଧର୍ମଚର୍ଯ୍ୟୟା ଜଘନ୍ୟୋ ବର୍ଣ୍ଣଃ
ପୂର୍ବଂ ପୂର୍ବଂ ବର୍ଣ୍ଣମାପଦ୍ୟତେ ଜାତିପରିବୃତ୍ତୌ" । ୧ ।

ଯେକୌଣସି ନୀଚବର୍ଣ୍ଣର ଲୋକ ମଧ୍ୟ ଧର୍ମାଚରଣଦ୍ୱାରା ଉଚ୍ଚବର୍ଣ୍ଣକୁ ଉନ୍ନୀତ ହୋଇଥାଏ ପୁଣି.... ।

ଅଧର୍ମଚର୍ଯ୍ୟୟା ପୂର୍ବୋ ବର୍ଣ୍ଣୋ ଜଘନ୍ୟଂ
ଜଘନ୍ୟଂ ବର୍ଣ୍ଣମାପଦ୍ୟତେ ଜାତିପରିବୃତ୍ତୌ । । ୨ ।

ଏହା ହେଉଛି ଆପସ୍ତମ୍ବର ସୂତ୍ର । ଉଚ୍ଚବର୍ଣ୍ଣର ଲୋକମଧ୍ୟ ଅଧର୍ମାଚରଣ ଦ୍ୱାରା ନୀଚବର୍ଣ୍ଣରେ ପରିଗଣିତ ହୋଇଥାଏ ।

ପୁରୁଷମାନଙ୍କୁ ଯେଉଁ ଯେଉଁ ବର୍ଣ୍ଣରେ ଗଣନା କରାଯିବ ସ୍ତ୍ରୀଲୋକମାନଙ୍କୁ ମଧ୍ୟ ସେହି ବର୍ଣ୍ଣରେ ଗଣନା କରାଯିବ । ଏଥିରୁ ଏହା ସିଦ୍ଧ ହେଉଛି ଯେ ଏପରି ବ୍ୟବସ୍ଥା ରହିଲେ ପ୍ରତ୍ୟେକ ବର୍ଣ୍ଣ ନିଜନିଜ ଗୁଣ କର୍ମ ସ୍ୱଭାବ ବିଶିଷ୍ଟ ହୋଇ ପବିତ୍ରତାର ସହିତ ରହିବେ । ବ୍ରାହ୍ମଣ କୁଳରେ କେହି କେବେ କ୍ଷତ୍ରିୟ, ବୈଶ୍ୟ, କିମ୍ବା ଶୂଦ୍ର ସଦୃଶ କାର୍ଯ୍ୟନକରୁ । କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ବର୍ଣ୍ଣ ମଧ୍ୟ ଶୁଦ୍ଧପୂତ ହୋଇରହୁ । ଏପରି ହେଲେ ସମସ୍ତେ ଠିକ୍‌ଭାବରେ ରହିବେ । କେବେ ବର୍ଣ୍ଣସଙ୍କରତା ସୃଷ୍ଟି ହେବନାହିଁ । ଫଳରେ କେହି କେବେ କୌଣସି ବର୍ଣ୍ଣର ନିନ୍ଦା କରିବେ ନାହିଁ ।

(୨୬) ପ୍ରଶ୍ନ- ଯଦି କାହାର ଜଣେ ମାତ୍ର ପୁତ୍ର ବା କନ୍ୟା ଥାଏ ଏବଂ ସେହି ପୁତ୍ର ବା କନ୍ୟା ଅନ୍ୟ ବର୍ଣ୍ଣରେ ପ୍ରବେଶ କରେ, ତେବେ ସେହି ମାତା ପିତାଙ୍କ ସେବା କରିବ କିଏ ? ତଦ୍ଦ୍ୱାରା ବଂଶନାଶର ସମ୍ଭାବନା ରହିଛି । ଏହାର କି ବ୍ୟବସ୍ଥା ହେବା ଉଚିତ୍ ?
ଉତ୍ତର - କାହାର ସେବାଭଙ୍ଗ କିମ୍ବା ବଂଶନାଶ ହେବ ନାହିଁ । କାରଣ ସେମାନେ ନିଜନିଜ ପୁତ୍ର କନ୍ୟାଙ୍କ ପରିବର୍ତ୍ତେ ବିଦ୍ୟାସଭା ଓ ରାଜସଭାର ବ୍ୟବସ୍ଥାନୁସାରେ ସ୍ୱବର୍ଣ୍ଣର ଅନ୍ୟ ସନ୍ତାନ ପାଇ ପାରିବେ । ଏଣୁ କୌଣସି ପ୍ରକାରର ଅବ୍ୟବସ୍ଥା ହେବ ନାହିଁ ।

ଏହି ବର୍ଣ୍ଣବ୍ୟବସ୍ଥା କନ୍ୟାମାନଙ୍କର ଷୋଡ଼ଶ ବର୍ଷରେ ଓ ପୁରୁଷମାନଙ୍କ ପଚିଶ ବର୍ଷରେ ଗୁଣ କର୍ମାନୁସାରେ ପରୀକ୍ଷା କରି ବ୍ୟବସ୍ଥା କରିବା ଆବଶ୍ୟକ । ଏହି ନିୟମାନୁସାରେ ଅର୍ଥାତ୍ ବ୍ରାହ୍ମଣବର୍ଣ୍ଣ ସହିତ ବ୍ରାହ୍ମଣୀର , କ୍ଷତ୍ରିୟବର୍ଣ୍ଣ ସହିତ କ୍ଷତ୍ରିୟାର, ବୈଶ୍ୟ ବର୍ଣ୍ଣ ସହିତ ବୈଶ୍ୟାର ଓ ଶୂଦ୍ରବର୍ଣ୍ଣ ସହିତ ଶୂଦ୍ରାର ବିବାହ କରାଇବା ଉଚିତ୍ । ଏପରି ହେଲେ ନିଜନିଜ ବର୍ଣ୍ଣ ମଧ୍ୟରେ ଯଥୋଚିତ କର୍ମ ହେବ ଓ ପରସ୍ପର ମଧ୍ୟରେ ପ୍ରୀତିମଧ୍ୟ ସ୍ଥାୟୀହୋଇ ରହିବ ।
(୨୭)ଚାରିବର୍ଣ୍ଣର ଗୁଣ,କର୍ମ ଓ ସ୍ୱଭାବ ଏହିପରି

ଅଧ୍ୟାପନମଧ୍ୟୟନଂ ଯଜନଂ ଯାଜନଂ ତଥା ।
ଦାନଂ ପ୍ରତିଗ୍ରହଶ୍ଚୈବ ବ୍ରାହ୍ମଣାନାମକଳ୍ପୟତ୍ ।

(ମନୁ ୧-୮୮)

ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବ ଚ ।
ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ।।

(ଭ.ଗୀତା ୧୮-୪୨)

ପଢ଼ିବା, ପଢ଼ାଇବା, ଯଜ୍ଞ କରିବା, ଯଜ୍ଞ କରାଇବା, ଦାନଦେବା ଓ ଦାନ ନେବା ଏ ଛଅ କର୍ମ ହେଉଛି ବ୍ରାହ୍ମଣ ବର୍ଣ୍ଣର । କିନ୍ତୁ 'ପ୍ରତିଗ୍ରହ ପ୍ରତ୍ୟବରଃ' (ମନୁ) । ଅର୍ଥାତ୍ (ପ୍ରତିଗ୍ରହ) ଗ୍ରହଣ କରିବା ହେଉଛି ନୀଚକର୍ମ । (ଶମଃ) ମନ ମଧ୍ୟରେ କୁକର୍ମ କରିବାର ଇଚ୍ଛା ନ କରିବା ଓ ମନକୁ କଦାପି ଅଧର୍ମରେ ପ୍ରବୃତ୍ତ ହେବାକୁ ନ ଦେବା (ଦମଃ) ଶ୍ରୋତ୍ର ଓ ଚକ୍ଷୁରାଦି ଇନ୍ଦ୍ରିୟମାନଙ୍କୁ ଅନ୍ୟାୟାଚରଣରୁ ଦୂରେଇ ରଖି ଧର୍ମମାର୍ଗରେ ପରିଚାଳିତ କରିବା (ତପଃ) ସର୍ବଦା ବ୍ରହ୍ମଚାରୀ ଓ ଜିତେନ୍ଦ୍ରିୟ ହୋଇ ଧର୍ମାନୁଷ୍ଠାନ କରିବା । ଶୌଚ ର ଅର୍ଥ —

ଅଦ୍ଭିର୍ଗାତ୍ରାଣି ଶୁଦ୍ଧ୍ୟନ୍ତି ମନଃ ସତ୍ୟେନ ଶୁଦ୍ଧ୍ୟତି ।
ବିଦ୍ୟାତପୋଭ୍ୟାଂ ଭୂତାତ୍ମା ବୁଦ୍ଧିର୍ଜ୍ଞାନେନ ଶୁଦ୍ଧ୍ୟତି ।

(ମନୁ ୫-୧୦୯)

ଜଳ ଶରୀରକୁ ପରିଷ୍କାର କରେ, ସତ୍ୟାଚରଣଦ୍ୱାରା ମନ ଶୁଦ୍ଧ ହୁଏ, ବିଦ୍ୟା ଓ ଧର୍ମାନୁଷ୍ଠାନ ଆତ୍ମାକୁ ପବିତ୍ର କରେ ଏବଂ ଜ୍ଞାନଦ୍ୱାରା ବୁଦ୍ଧି ଶୁଦ୍ଧପୂତ ହୁଏ । ଅନ୍ତରର ରାଗଦ୍ୱେଷାଦି ଦୋଷ ଓ ବାହ୍ୟ ପ୍ରଦେଶର ମଳକୁ ଦୂରକରି ଶୁଦ୍ଧ ରହିବା ଉଚିତ୍ । ସତ୍ୟାସତ୍ୟକୁ ବିଚାର କରି ସତ୍ୟ ଗ୍ରହଣ ଓ ଅସତ୍ୟ ପରିତ୍ୟାଗ କଲେ ନିଶ୍ଚୟ ପବିତ୍ରତା ଆସିଥାଏ । (କ୍ଷାନ୍ତି) ନିନ୍ଦାସ୍ତୁତି, ସୁଖଦୁଃଖ, ଶୀତଉଷ୍ଣ, କ୍ଷୁଧାତୃଷା, ହାନିଲାଭ, ମାନ ଅପମାନ ଓ ହର୍ଷ ଶୋକ ଆଦିକୁ ପରିତ୍ୟାଗ କରି ଧର୍ମରେ ସୁଦୃଢ଼ ରହିବା (ଆର୍ଜବ) କୋମଳତା, ନିରଭିମାନ ଓ ସରଳ ସ୍ୱଭାବ ରଖିବା, କୁଟିଳତା ଓ କପଟତା ଆଦିଦୋଷକୁ ଛାଡ଼ିବା (ଜ୍ଞାନ) ସାଙ୍ଗୋପାଙ୍ଗ ବେଦାଦି ଶାସ୍ତ୍ର ଅଧ୍ୟୟନ କରି ଅଧ୍ୟାପନ କରିବାର ସାମର୍ଥ୍ୟ; ବିବେକ ଅର୍ଥାତ୍ ସତ୍ୟନିର୍ଣ୍ଣୟ, ଯେଉଁ ବସ୍ତୁ ଯେପରି ତାକୁ ସେପରି ଜାଣିବା, ଜଡ଼କୁ ଜଡ଼ ଓ ଚେତନକୁ ଚେତନ ଜାଣି ସେପରି ସ୍ୱୀକାର କରିବା (ବିଜ୍ଞାନ)ପୃଥିବୀଠାରୁ ପରମେଶ୍ୱର ପର୍ଯ୍ୟନ୍ତ ଯାବତୀୟ ପଦାର୍ଥକୁ ଉତ୍ତମ ରୂପେ ଜାଣି ସେ ସବୁକୁ ଯଥାଯଥଭାବେ କାର୍ଯ୍ୟରେ ପ୍ରୟୋଗ କରିବା (ଆସ୍ତିକ୍ୟ) ବେଦ, ଈଶ୍ୱର ଓ ମୁକ୍ତି, ପୂର୍ବଜନ୍ମ ପରଜନ୍ମକୁ ମାନିବା, ଧର୍ମ, ବିଦ୍ୟା ଓ ସତ୍ସଙ୍ଗ, ମାତା, ପିତା, ଆଚାର୍ଯ୍ୟ ଓ ଅତିଥି ସେବାକୁ କଦାପି ପରିତ୍ୟାଗ ନ କରିବା ଓ ସେମାନଙ୍କୁ କଦାପି ନିନ୍ଦା ନକରିବା - ଏହି ପନ୍ଦରଟି କର୍ମ ଓ ଗୁଣ ବ୍ରାହ୍ମଣ ବର୍ଣ୍ଣସ୍ଥ ମନୁଷ୍ୟମାନଙ୍କ ନିକଟରେ ଅବଶ୍ୟ ରହିବା ଉଚିତ୍ ।
(୨୮) କ୍ଷତ୍ରିୟ—

ପ୍ରଜାନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ ।
ବିଷୟେଷ୍ୱପ୍ରସକ୍ତିଶ୍ଚ କ୍ଷତ୍ରିୟସ୍ୟ ସମାସତଃ ।। (ମନୁ ୧-୮୯)
ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଲାୟନମ୍ ।
ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ।

(ଭ.ଗୀ. ୧୮-୪୩)

(ପ୍ରଜାନାଂ ରକ୍ଷଣଂ) ନ୍ୟାୟ ମାର୍ଗରେ ପ୍ରଜାମାନଙ୍କୁ ପାଳନ କରିବା, ଅର୍ଥାତ୍ ପକ୍ଷପାତ ଛାଡ଼ି ଶ୍ରେଷ୍ଠମାନଙ୍କ ସତ୍କାର ଓ ଦୁଷ୍ଟମାନଙ୍କୁ ଦଣ୍ଡବିଧାନ କରିବା (ଦାନ) ବିଦ୍ୟାଶିକ୍ଷା, ଧର୍ମରକ୍ଷା ଏବଂ ସତ୍ପାତ୍ରର ସେବା ଶୁଶ୍ରୂଷାରେ ଧନବ୍ୟୟ କରିବା (ଇଜ୍ୟା) ଅଗ୍ନି ହୋତ୍ରାଦି ଯଜ୍ଞ କରିବା ଓ କରାଇବା (ଅଧ୍ୟୟନ) ବେଦାଦି ଶାସ୍ତ୍ର ସମୂହର ଅଧ୍ୟୟନ ଓ ଅଧ୍ୟାପନା (ବିଷୟେଷ୍ୱପ୍ରସକ୍ତିଃ) ଚକ୍ଷୁ, ଜିହ୍ୱା, କର୍ଣ୍ଣ, ଚର୍ମ ଓ ନାସିକା ଏ ପଞ୍ଚେନ୍ଦ୍ରିୟକୁ ଯଥାକ୍ରମେ ରୂପ, ରସ ଶବ୍ଦ, ସ୍ପର୍ଶ ଓ ଗନ୍ଧ ଏ ବିଷୟ ଗୁଡ଼ିକରେ ଆସକ୍ତ ନକରି ଜିତେନ୍ଦ୍ରିୟ ହେବା ଏବଂ ଫଳସ୍ୱରୂପ ଶରୀର ଓ ଆତ୍ମାରେ

ବଳବାନ୍ ରହିବା (ଶୌର୍ଯ୍ୟ) ହଜାର ହଜାର ଲୋକଙ୍କ ସହିତ ଏକାକୀ ଯୁଦ୍ଧ କରିବାକୁ ହେଲେ ମଧ୍ୟ ଭୟଭୀତ ନହେବା, (ତେଜଃ) ସର୍ବଦା ତେଜସ୍ୱୀ ଅର୍ଥାତ୍ ଦୀନତା ଛାଡ଼ି ଦୃଢ଼ ଓ ପ୍ରଗଳ୍ଭ ରହିବା (ଧୃତିଃ) ଧୈର୍ଯ୍ୟବାନ୍ ହେବା (ଦାକ୍ଷ୍ୟ) ରାଜାପ୍ରଜା ସମ୍ବନ୍ଧୀୟ ବ୍ୟବହାରରେ ଓ ସକଳ ଶାସ୍ତ୍ରରେ ନିପୁଣତା ଲାଭ କରିବା, ଭୟଭୀତ ନହୋଇ ଯୁଦ୍ଧ କରିବା ଓ ଯୁଦ୍ଧ କ୍ଷେତ୍ରରୁ ପଳାୟନ ନକରିବା (ଦାନ) ଦାନଶୀଳ ହେବା (ଈଶ୍ୱର ଭାବ) ପକ୍ଷପାତ ନକରି ସମସ୍ତଙ୍କ ସହିତ ଯଥାଯୋଗ୍ୟ ବ୍ୟବହାର କରିବା, ବିଚାର ପୂର୍ବକ ଦାନ କରିବା, ପ୍ରତିଜ୍ଞା ପୂର୍ଣ୍ଣ କରିବା ଓ କଦାପି ପ୍ରତିଜ୍ଞା ଭଙ୍ଗନ କରିବା ଏହି ଏଗାରଟି କର୍ମ ଓ ଗୁଣ ହେଉଛି କ୍ଷତ୍ରିୟମାନଙ୍କର ।

(୨୯) ବୈଶ୍ୟ

ପଶୂନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ ।
ବଣିକ୍ ପଥଂ କୁସୀଦଂ ଚ ବୈଶ୍ୟସ୍ୟ କୃଷିମେବ ଚ ।

(ମନୁ ୧-୯୦)

(ପଶୂନାଂ ରକ୍ଷଣଂ) ଗବାଦି ପଶୁମାନଙ୍କ ପାଳନ ଓ ବର୍ଦ୍ଧନ (ଦାନ) ବିଦ୍ୟା ଓ ଧର୍ମର ବୃଦ୍ଧି ପାଇଁଧନ ସମ୍ପତ୍ତି ବ୍ୟୟ କରିବା (ଇଜ୍ୟା) ଅଗ୍ନି ହୋତ୍ରାଦି ଯଜ୍ଞ କରିବା (ଅଧ୍ୟୟନ) ବେଦାଦି ଶାସ୍ତ୍ର ଗୁଡ଼ିକୁ ଅଧ୍ୟୟନ କରିବା (ବଣିକ୍ ପଥ) ସକଳ ପ୍ରକାର ବାଣିଜ୍ୟ କରିବା (କୁସୀଦ) ଶତକଡ଼ା ୪,୬,୮,୧୨,୧୬ ବା ୨୦ ଭାଗରୁ ଅଧିକ ସୁଧ ଗ୍ରହଣ ନ କରିବା ଏବଂ ମୂଳଧନର ଦୁଇଗୁଣରୁ ଅଧିକ ଅର୍ଥାତ୍ ଏକ ଟଙ୍କା ଦେଇ ଶତ ବର୍ଷରେ ମଧ୍ୟ ଦୁଇ ଟଙ୍କାରୁ ଅଧିକ ଗ୍ରହଣ ନ କରିବା ଓ ଦେବା (କୃଷି) କୃଷି କାର୍ଯ୍ୟ କରିବା ଏହା ହେଉଛି ବୈଶ୍ୟ ବର୍ଣ୍ଣର ଗୁଣ ଓ କର୍ମ ।

(୩୦) ଶୂଦ୍ର —

ଏକମେବହି ଶୂଦ୍ରସ୍ୟ ପ୍ରଭୁଃ କର୍ମସମାଦିଶତ୍ ।
ଏତେଷାମେବ ବର୍ଣ୍ଣାନାଂ ଶୁଶ୍ରୂଷାମନସୂୟୟା ।

(ମନୁ ୧.୯୧)

ନିନ୍ଦା, ଈର୍ଷା ଓ ଅଭିମାନାଦି ଦୋଷ ପରିତ୍ୟାଗ କରି ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କର ଯଥୋଚିତ ସେବା କରି ଜୀବନ ଯାତ୍ରା ନିର୍ବାହ କରିବା -ଏହି ଏକମାତ୍ର ଗୁଣ ଓ କର୍ମ ଶୂଦ୍ରର ।

(୩୧) ସଂକ୍ଷେପରେ ବର୍ଣ୍ଣମାନଙ୍କର ଗୁଣ ଓ କର୍ମ ବର୍ଣ୍ଣନା କରାଗଲା । ଯେଉଁ ବ୍ୟକ୍ତିଠାରେ ଯେଉଁ ବର୍ଣ୍ଣର ଗୁଣ କର୍ମ ଥିବ ତାକୁ ସେହି ବର୍ଣ୍ଣର ଅଧିକାର ପ୍ରଦାନ କରିବ । ଏପରି ବ୍ୟବସ୍ଥା ରହିଲେ ପ୍ରତ୍ୟେକ ମନୁଷ୍ୟ ଉନ୍ନତି କରି ପାରିବେ ।

କାରଣ ଏହାଦ୍ୱାରା ଉତ୍ତମବର୍ଣ୍ଣର ଭୟ ହେବ ଯେ ସେମାନଙ୍କ ସନ୍ତାନ ମୂର୍ଖତ୍ୱାଦି ଦୋଷଯୁକ୍ତ ହେଲେ ଶୂଦ୍ରରେ ପରିଗଣିତ ହେବେ । ସନ୍ତାନମାନଙ୍କର ମଧ୍ୟ ଭୟ ରହିବ ଯେ ଆମେ ପୂର୍ବୋକ୍ତ ଆଚାର-ବ୍ୟବହାର ଓ ବିଦ୍ୟା ସମ୍ପନ୍ନ ନ ହେଲେ ଆମକୁ ଶୂଦ୍ର ହେବାକୁ ପଡ଼ିବ । ପୁଣି ନୀଚବର୍ଣ୍ଣର ଲୋକଙ୍କ ମଧ୍ୟରେ ଉଚ୍ଚ ବର୍ଣ୍ଣ ହେବାପାଇଁ ଆଗ୍ରହ ସୃଷ୍ଟି ହେବ । ବିଦ୍ୟା ଓ ଧର୍ମ ପ୍ରଚାରର ଅଧିକାର ବ୍ରାହ୍ମଣ ମାନଙ୍କୁ ଦେବ । ଯେଣୁ ସେମାନେ ପୂର୍ଣ୍ଣ ବିଦ୍ୱାନ୍ ଓ ଧାର୍ମିକ ହୋଇ ସେହି କାର୍ଯ୍ୟ ଯଥାର୍ଥରୂପେ ସମ୍ପାଦନ କରି ପାରିବେ । କ୍ଷତ୍ରିୟକୁ ରାଜ୍ୟାଧିକାର ଦାନ କଲେ କ୍ଷତ୍ରିୟକୁ ରାଜ୍ୟର ଅଧିକାର ଦେଲେ ରାଜ୍ୟରେ କେବେ ଅନିଷ୍ଟ ଘଟିବ ନାହିଁ । ପଶୁପାଳନ ପ୍ରଭୃତିର ଅଧିକାର ବୈଶ୍ୟ ମାନଙ୍କର ରହିବ । କାରଣ ସେମାନଙ୍କ ଦ୍ୱାରା ଏହି କାର୍ଯ୍ୟ ଉତ୍ତମରୂପେ ହେବ । ସେବା କରିବା ହିଁ ଶୂଦ୍ରର ଏକମାତ୍ର କର୍ତ୍ତବ୍ୟ ଓ ଅଧିକାର,କାରଣ ସେ ବିଦ୍ୟାହୀନ ଓ ମୂର୍ଖ ହୋଇଥିବାରୁ ବିଜ୍ଞାନ ସମ୍ବନ୍ଧୀୟ କୌଣସି କାର୍ଯ୍ୟ କରିପାରିବ ନାହିଁ, କିନ୍ତୁ ଶାରୀରିକ କାର୍ଯ୍ୟ ସୁରୁଖୁରୁପେ କରିପାରିବ । ପ୍ରତ୍ୟେକ ବର୍ଣ୍ଣ ନିଜ ନିଜ ଅଧିକାରରେ ଯେପରି ବ୍ୟସ୍ତ ରହନ୍ତି, ସେଥିପ୍ରତି ଦୃଷ୍ଟିଦେବା ରାଜାମାନଙ୍କର କର୍ତ୍ତବ୍ୟ ।

(୩୨) ବ୍ରାହ୍ମୋ ଦୈବସ୍ତଥୈବାର୍ଷଃ ପ୍ରାଜାପତ୍ୟସ୍ତଥାଽସୁରଃ ।
ଗାନ୍ଧର୍ବୋ ରାକ୍ଷସଶ୍ଚୈବ ପୈଶାଚଶ୍ଚାଷ୍ଟମୋଽଧମଃ ।

(ମନୁ୩-୨୧)

ବିବାହ ଆଠ ପ୍ରକାରର । ଯଥା - (୧) ବ୍ରାହ୍ମ (୨) ଦୈବ (୩) ଆର୍ଷ (୪) ପ୍ରାଜାପତ୍ୟ (୫) ଆସୁର (୬) ଗାନ୍ଧର୍ବ (୭) ରାକ୍ଷସ (୮) ପୈଶାଚ ।

୧) ବ୍ରାହ୍ମବିବାହ - ବର କନ୍ୟା ଉଭୟେ ଯଥାବିଧି ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ବିଦ୍ୱାନ୍, ଧାର୍ମିକ ଓ ସୁଶୀଳ ହୋଇ ପ୍ରସନ୍ନତାର ସହିତ ଯେଉଁ ବିବାହ କରନ୍ତି ତାକୁ 'ବ୍ରାହ୍ମବିବାହ' କୁହାଯାଏ ।

୨) ଦୈବବିବାହ- ବିଶାଳ ଯଜ୍ଞରେ ଋତ୍ୱିକ୍ କର୍ମକରୁଥିବା ଜାମାତାକୁ ଅଳଂକୃତା କନ୍ୟା ଦାନ କରିବାକୁ ଦୈବ ବିବାହ କହନ୍ତି ।

୩) ଆର୍ଷ ବିବାହ - ବର ଠାରୁ କିଛି ସାହାଯ୍ୟ ଗ୍ରହଣ କରି ବିବାହ ଦେଲେ ତାକୁ ଆର୍ଷ ବିବାହ କୁହାଯାଏ ।

୪) ପ୍ରାଜାପତ୍ୟ ବିବାହ- ଧର୍ମର ରକ୍ଷା ତଥା ବୃଦ୍ଧି ନିମିତ୍ତ ଉଭୟଙ୍କ ମଧ୍ୟରେ ଯେଉଁ ବିବାହ ହୁଏ ତାକୁ 'ପ୍ରାଜାପତ୍ୟ' ବିବାହ କହନ୍ତି ।

୫) ଆସୁର ବିବାହ - ବର ଓ କନ୍ୟାକୁ କିଛି ଦେଇ ଯେଉଁ ବିବାହ କରାଯାଏ ତାକୁ ଆସୁର ବିବାହ କହନ୍ତି ।

୬) **ଗାନ୍ଧର୍ବ ବିବାହ** - ବିନାନିୟମରେ ଓ ଅସମୟରେ କୌଣସି କାରଣ ବଶତଃ ବରକନ୍ୟା ଉଭୟେ ସ୍ୱେଚ୍ଛାରେ ଯଦି ସଂଯୁକ୍ତ ହୁଅନ୍ତି ତାକୁ ଗାନ୍ଧର୍ବ ବିବାହ' କହନ୍ତି ।
୭) **ରାକ୍ଷସ ବିବାହ** - ଯୁଦ୍ଧ କରି, ବଳପୂର୍ବକ ଅଥବା କପଟତା ଆଚରଣ କରି, କନ୍ୟାକୁ ଅପହରଣ କରି ଯେଉଁ ବିବାହ କରାଯାଏ ତାକୁ ରାକ୍ଷସ ବିବାହ କହନ୍ତି ।
୮) **ପୈଶାଚ ବିବାହ** - ନିଦ୍ରିତାଥିବା ଅଥବା ମଦ୍ୟପାନ ହେତୁ ଜ୍ଞାନ ହୀନା ଥିବା କନ୍ୟା ସହିତ ବଳାତ୍କାର ସଂଯୋଗର ନାମ 'ପୈଶାଚ ବିବାହ' କହନ୍ତି ।

୩୩) ଏ ସମସ୍ତ ପ୍ରକର ବିବାହ ମଧ୍ୟରେ 'ବ୍ରାହ୍ମବିବାହ' ହେଉଛି ସର୍ବଶ୍ରେଷ୍ଠ, ଦୈବ ଓ ପ୍ରାଜାପତ୍ୟ ମଧ୍ୟମ, ଆର୍ଷ, ଆସୁର ଓ ଗାନ୍ଧର୍ବ ନିକୃଷ୍ଟ, ରାକ୍ଷସ ଅଧମ ଏବଂ ପୈଶାଚ ମହାଭ୍ରଷ୍ଟ ଅଟେ । ଏଣୁ ବିବାହ ପୂର୍ବରୁ ବର ଓ କନ୍ୟା ଉଭୟଙ୍କ ମଧ୍ୟରେ ଏକାନ୍ତ ମିଳନ ଯେପରି ନହୁଏ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟିଦେବା ଆବଶ୍ୟକ । କାରଣ ଯୌବନକାଳରେ ପୁତ୍ର ଓ କନ୍ୟାଙ୍କ ନିର୍ଜନ ବାସ ଅତ୍ୟନ୍ତ ଦୋଷାବହ ଅଟେ । ଯଦି ବରକନ୍ୟାଙ୍କ ବିବାହ ସମୟ ଆସିଯାଏ ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ଓ ବିଦ୍ୟାଶିକ୍ଷା ପୂର୍ଣ୍ଣ ହେବାର ଏକବର୍ଷ ବା ଛଅ ମାସ ରହିଥାଏ ତେବେ ଉଭୟଙ୍କ କନ୍ୟାର ଅଧ୍ୟାପିକାଙ୍କ ନିକଟକୁ ବରର ଏବଂ ବରର ଅଧ୍ୟାପକଙ୍କ ନିକଟକୁ ଫଟୋଚିତ୍ର ଉଠାଇ କନ୍ୟାର ଫଟୋ ପଠାଯିବା ଆବଶ୍ୟକ । ବରକନ୍ୟାଙ୍କ ରୂପର ଯଦି ମେଳ ହୁଏ ତେବେ ସେମାନଙ୍କ ଇତିହାସ ଅର୍ଥାତ୍ ଜନ୍ମଠାରୁ ସେ ପର୍ଯ୍ୟନ୍ତ ଲେଖା ଯାଇଥିବା ଜନ୍ମଚରିତ୍ର ପୁସ୍ତକ ମଗାଇ ଅଧ୍ୟାପକ ବା ଅଧ୍ୟାପିକା ନିରୀକ୍ଷଣ କରିବେ । ଯଦି ଉଭୟଙ୍କ ମଧ୍ୟରେ ଗୁଣ, କର୍ମ, ସ୍ୱଭାବର ସାଦୃଶ୍ୟ ଥାଏ ତେବେ କନ୍ୟାର ଇତିହାସ ଓ ପ୍ରତିକୃତି ବର ହାତରେ ଏବଂ ବରର ଇତିହାସ ଓ ପ୍ରତିକୃତି କନ୍ୟାକୁ ଦେଇ କହିବେ- ' ଏ ବିଷୟରେ ତୁମର ମତାମତ ଆମକୁ ଜଣାଇବ' । ଦୁହେଁ ଦୁହିଁଙ୍କୁ ବିବାହ କରିବାକୁ ସମ୍ମତ ହେଲେ ଏକ ସମୟରେ ସେମାନଙ୍କ ସମାବର୍ତ୍ତନ କରିବାକୁ ହେବ । ଯଦି ଉଭୟେ ଅଧ୍ୟାପକମାନଙ୍କ ସମ୍ମୁଖରେ ବିବାହ କରିବାକୁ ଇଚ୍ଛାକରନ୍ତି, ତେବେ ସେହି ସ୍ଥାନରେ, ନତୁବା କନ୍ୟାର ମାତାପିତାଙ୍କ ଗୃହରେ ବିବାହ ସଂସ୍କାର କରାଇବେ । ଯେତେବେଳେ ସେମାନେ ପରସ୍ପରର ସମ୍ମୁଖୀନ ହେବେ, ସେତେବେଳେ ଅଧ୍ୟାପକ ବା କନ୍ୟାର ପିତା ମାତା ଆଦି ସଜ୍ଜନମାନଙ୍କ ଆଗରେ ସେ ଦୁହିଁଙ୍କ କଥୋପକଥନ ଓ ଶାସ୍ତ୍ରାର୍ଥ କରାଇବ । ଯଦି କାହାର କୌଣସି ଗୋପନୀୟ ବ୍ୟବହାର ସମ୍ବନ୍ଧରେ ଜିଜ୍ଞାସା ଥାଏ ତେବେ ତାହା ମଧ୍ୟ ଲେଖି ଜଣେ ଅନ୍ୟ ଜଣକ ହାତରେ ଦେଇ ପ୍ରଶ୍ନୋତ୍ତର କରିନେବେ ।

(୩୪) ଯେତେବେଳେ ବିବାହ କରିବା ପାଇଁ ଦୁହେଁ ଏକମତ ହେବେ ସେତେବେଳେ ସେମାନଙ୍କ ଭୋଜନ ଓ ପାନୀୟର ଉତ୍ତମ ବ୍ୟବସ୍ଥା କରିବାକୁ ହେବ । ଯେଣୁ ବ୍ରହ୍ମଚର୍ଯ୍ୟାଶ୍ରମରେ ବିଦ୍ୟାଧ୍ୟୟନ ରୂପକ ତପଶ୍ଚର୍ଯ୍ୟା ଓ କ୍ଳେଶ ହେତୁ ଶରୀରର ଯେଉଁ ଦୁର୍ବଳତା ଥାଏ ତାହା ଦୂର ହୋଇ ଚନ୍ଦ୍ରକଳା ପରି ବୃଦ୍ଧିପାଏ ଓ ଅଳ୍ପଦିନ ମଧ୍ୟରେ ହୃଷ୍ଟପୁଷ୍ଟ ହୋଇଉଠେ । କନ୍ୟା ରଜସ୍ୱଳା ହେବା ପରେ ଯେଉଁଦିନ ଶୁଦ୍ଧ ହେବ, ସେଦିନ ବେଦୀ ଓ ମଣ୍ଡପ ତିଆରି କରି ଅନେକ ସୁଗନ୍ଧାଦି ଦ୍ରବ୍ୟ ଓ ଘୃତାଦି ଦ୍ୱାରା ହୋମ କରିବ । ସେତେବେଳେ ବିଦ୍ୱାନ୍ ପୁରୁଷ ଓ ବିଦୁଷୀ ସ୍ତ୍ରୀମାନଙ୍କୁ ଯଥୋଚିତ ସତ୍କାର କରିବ । ତାପରେ ଋତୁଦାନ ପାଇଁ ଯେଉଁଦିନଟି ଉପଯୁକ୍ତ ବିବେଚିତ ହେବ, ସେଦିନ (ସଂସ୍କାର ବିଧି) ପୁସ୍ତକର ବିଧି ଅନୁସାରେ ସମସ୍ତ କର୍ମ ସମାପନକରି ମଧ୍ୟରାତ୍ରିରେ ବା ରାତ୍ରି ଦଶଟାରେ ଅତିପ୍ରସନ୍ନତାର ସହିତ ସମସ୍ତଙ୍କ ସମ୍ମୁଖରେ ବର ଓ କନ୍ୟା ପରସ୍ପର ପାଣିଗ୍ରହଣ ପୂର୍ବକ ବିବାହବିଧି ସଂପୂର୍ଣ୍ଣ କରି ଏକାନ୍ତରେ ଅବସ୍ଥାନ କରିବେ ।

(୩୫) ପୁରୁଷର ବୀର୍ଯ୍ୟସ୍ଥାପନ ତଥା ସ୍ତ୍ରୀର ବୀର୍ଯ୍ୟାକର୍ଷଣର ଯେଉଁ ବିଧାନ ରହିଛି ସେହି ନିୟମାନୁସାରେ ପତିପତ୍ନୀ ଉଭୟେ କାର୍ଯ୍ୟ କରିବେ । କଠୋର ବ୍ରହ୍ମଚର୍ଯ୍ୟ ଦ୍ୱାରା ସଂରକ୍ଷିତ ବୀର୍ଯ୍ୟକୁ କଦାପି ଅଯଥାରେ ବ୍ୟୟ କରିବେ ନାହିଁ । କାରଣ ଏହି ବୀର୍ଯ୍ୟ ଓ ରଜର ସଂଯୋଗରେ ଯେଉଁ ଶରୀର ଉତ୍ପନ୍ନ ହୁଏ ତାହା ଅତି ଅପୂର୍ବ ଏବଂ ଉତ୍ତମ ସନ୍ତାନ ହୋଇଥାଏ । ଗର୍ଭାଶୟରେ ବୀର୍ଯ୍ୟ ସ୍ଥାପନ ସମୟରେ ସ୍ତ୍ରୀ ପୁରୁଷ ଉଭୟେ ସ୍ଥିର ରହିବେ ଏବଂ ନାସିକା ସମ୍ମୁଖରେ ନାସିକା ଓ ଚକ୍ଷୁ ସମ୍ମୁଖରେ ଚକ୍ଷୁ ରଖିବେ; ଅର୍ଥାତ୍ ଶରୀରକୁ ସରଳ ଭାବେ ରଖିବେ ଅତ୍ୟନ୍ତ ପ୍ରସନ୍ନଚିତ୍ତ ରହିବେ । ପୁରୁଷ ନିଜ ଶରୀରକୁ ଶିଥିଳ କରି ରଖିବ । ସ୍ତ୍ରୀ ବୀର୍ଯ୍ୟ ଗ୍ରହଣ ସମୟରେ ଅପାନ ବାୟୁକୁ ଊର୍ଦ୍ଧ୍ୱକୁ ଟାଣି ଓ ଯୋନିର ଊର୍ଦ୍ଧ୍ୱଭାଗକୁ ସଂକୋଚନ କରି ବୀର୍ଯ୍ୟକୁ ଆକର୍ଷଣ କରି ତାକୁ ଗର୍ଭାଶୟରେ ସ୍ଥାପନ କରିବ ।* ତାପରେ ଉଭୟେ ଶୁଦ୍ଧ ଜଳରେ ସ୍ନାନ କରିବେ । ଆଗରୁ ଶୁଣ୍ଠି,କେଶର, ଅଶ୍ୱଗନ୍ଧା; ଛୋଟଅଳାଇଚ ଓ ମାଳ ମିଶ୍ରିକୁ ଦୁଗ୍ଧରେ ମିଶାଇ ଗରମ କଲାପରେ ଶୀତଳ କରାଯାଇଥିବ; ତାକୁ ଉଭୟେ ଇଚ୍ଛାନୁସାରେ ପାନ କରି ନିଜ ନିଜ ଶଯ୍ୟାରେ ପୃଥକ୍ ପୃଥକ୍ ଭାବେ ଶୟନ କରିବେ ।

(୩୬) ଗର୍ଭସ୍ଥିତି ସମ୍ବନ୍ଧରେ ବିଦୁଷୀ ପତ୍ନୀ ସେହି ସମୟରେ ହିଁ ଜାଣି ପାରେ । ଏକ

---

* ଏସବୁ ଗୋପନୀୟ ବିଷୟ ତେଣୁ ଏତିକିରୁ ସମସ୍ତ ବିଷୟ ବୁଝିନେବ । ବିଶେଷ ଲେଖିବା ଅନାବଶ୍ୟକ ।

ମାସ ପରେ ସ୍ତ୍ରୀ ପୁଣି ରଜସ୍ୱଳା ନ ହେଲେ ଗର୍ଭସ୍ଥିତିର ନିଶ୍ଚୟ ପରିଚୟ ମିଳେ । ପ୍ରତ୍ୟେକଥର ଗର୍ଭାଧାନ କାଳରେ ଏହିବିଧି ପାଳନ କରିବାକୁ ହେବ । ଏକମାସ ପରେ ସ୍ତ୍ରୀର ଗର୍ଭସ୍ଥିତିର ପ୍ରମାଣ ମିଳିଲେ ସେହି ସମୟରୁ ଏକ ବର୍ଷ ପର୍ଯ୍ୟନ୍ତ ସ୍ତ୍ରୀ ପୁରୁଷଙ୍କ ସମାଗମ ସଂପୂର୍ଣ୍ଣରୂପେ ନିଷିଦ୍ଧ ଅଟେ । ଏପରି ହେଲେ ସନ୍ତାନ ଉତ୍ତମ ହୁଏ ଓ ପରବର୍ତ୍ତୀ ସନ୍ତାନ ମଧ୍ୟ ତଦ୍ରୂପ ହୁଏ । ଅନ୍ୟଥା ବୀର୍ଯ୍ୟଭଳି ଶରୀରର ବହୁମୂଲ୍ୟ ସମ୍ପଦ ବୃଥାରେ ନଷ୍ଟ ହୋଇ ଉଭୟଙ୍କର ଆୟୁ ହ୍ରାସ ହୁଏ ଓ ନାନା ରୋଗ ମଧ୍ୟ ଜାତ ହୁଏ । ସନ୍ତାନ ଗର୍ଭରେ ଥିବା ସମୟରେ ସମାଗମ ନ କଲେ ମଧ୍ୟ ପରସ୍ପର ମଧ୍ୟରେ ପ୍ରେମଯୁକ୍ତ ସମ୍ଭାଷଣ ଆଦି ପ୍ରଚଳନ ରହିବ । ଉଭୟଙ୍କ ଭୋଜନ ଓ ପରିଧାନ ଏପରି କରିବାକୁ ହେବ ଯେପରି କି ସ୍ୱପ୍ନରେ ମଧ୍ୟ ପୁରୁଷର ବୀର୍ଯ୍ୟ ସ୍ଖଳିତ ହେବନାହିଁ ଏବଂ ସ୍ତ୍ରୀର ଗର୍ଭରେ ସନ୍ତାନର ଶରୀର ଅତ୍ୟୁତ୍ତମ ରୂପ, ଲାବଣ୍ୟ, ପୁଷ୍ଟି, ବଳ ଓ ପରାକ୍ରମ ଯୁକ୍ତ ହୋଇ ଦଶମ ମାସରେ ଭୂମିଷ୍ଠ ହେବ । ଚତୁର୍ଥ ମାସରୁ ବିଶେଷ ରୂପେ ଏବଂ ଅଷ୍ଟମ ମାସ ପରଠାରୁ ଅତ୍ୟନ୍ତ ସତର୍କତାର ସହିତ ଗର୍ଭରକ୍ଷା କରିବାକୁ ହେବ । ଗର୍ଭବତୀ ସ୍ତ୍ରୀ ରେଚକ, ରୁକ୍ଷ, ମାଦକଦ୍ରବ୍ୟ ଓ ବଳବୁଦ୍ଧି ନାଶକ ପଦାର୍ଥ କଦାପି ସେବନ କରିବ ନାହିଁ । ଘୃତ, ଦୁଗ୍ଧ, ଉତ୍ତମ ତଣ୍ଡୁଳ, ଗୋଧୂମ, ମୁଗ ଓ ବିରି ପ୍ରଭୃତି ପାନାହାର ଦେଶକାଳ ଅନୁସାରେ ବିଗ୍ଭର କରି ଯଥାଯୋଗ୍ୟ ଗ୍ରହଣ କରିବ ।

(୩୭) ସନ୍ତାନ ଗର୍ଭରେ ଥିବା ସମୟରେ ଚତୁର୍ଥ ମାସରେ ପୁଂସବନ ଓ ଅଷ୍ଟମ ମାସରେ ସୀମନ୍ତୋନ୍ନୟନ, ସଂସ୍କାର ନିଶ୍ଚିତ ରୂପେ କରିବାକୁ ହେବ । ସନ୍ତାନ ଜନ୍ମ ହେବା ପରେ ମାତା ଓ ଶିଶୁର ଶରୀର ରକ୍ଷାପ୍ରତି ଅତ୍ୟନ୍ତ ଯତ୍ନଶୀଳ ହେବ । ପୂର୍ବରୁ ଶୁଣ୍ଠିପାକ ଅଥବା ସୌଭାଗ୍ୟ ଶୁଣ୍ଠିପାକ ପ୍ରସ୍ତୁତ କରାଇ ରଖିଥିବ । ସେ ସମୟରେ ସ୍ତ୍ରୀ ଈଷଦୁଷ୍ଣ ସୁବାସିତ ଜଳରେ ସ୍ନାନ କରିବ ଓ ଶିଶୁକୁ ମଧ୍ୟ ସ୍ନାନ କରାଇବ । ତପରେ ନାଡ଼ି ଛେଦନ କରିବ । ଶିଶୁର ନାଭି ମୂଳରେ ଏକ କୋମଳ ସୂତା ବାନ୍ଧି ଗ୍ଭରି ଆଙ୍ଗୁଳ ପରିମାଣ ଛାଡ଼ି ଉପରୁ କାଟିବ । ସୂତା ଏପରି ବାନ୍ଧିବ ଯେପରି ଶରୀରରୁ ବିନ୍ଦୁଏ ମଧ୍ୟ ରକ୍ତ ବୋହିବ ନାହିଁ । ତାପରେ ପ୍ରସୂତି ଗୃହକୁ ସୁଗନ୍ଧିତ ଦ୍ରବ୍ୟରେ ପରିଷ୍କାର କରି ଘିଅରେ ହୋମ କରିବାକୁ ହେବ । ତାପରେ ପିତା ଶିଶୁର କାନରେ 'ବେଦୋଽସି' 'ତୁମର ନାମ ବେଦ' ଏହି ବଚନ ଶୁଣାଇ ଘିଅ ଓ ମହୁନେଇ ଏକ ସୁନା କାଠିରେ ଶିଶୁର ଜିଭ ଉପରେ 'ଓମ୍' ଅକ୍ଷର ଲେଖି ସେହିମହୁ ଓ ଘିଅକୁ ଲେହନ କରାଇବେ । ପରେ ଶିଶୁକୁ ମାଆ ହସ୍ତରେ ଦେବ । ଶିଶୁର ମାତା ସନ୍ତାନକୁ ସ୍ତନ୍ୟଦାନ କରାଇବେ । ମାଆର କ୍ଷୀର ନହେଲେ କୌଣସି ସ୍ତ୍ରୀ ଲୋକକୁ ପରୀକ୍ଷା କରି ଶିଶୁକୁ ତାର ସ୍ତନ୍ୟପାନ

କରାଇବ । ପରେ ବିଶୁଦ୍ଧ ବାୟୁ ପ୍ରବାହିତ ଅନ୍ୟ ଏକ ଗୃହରେ [illegible] ଘୃତରେ ହୋମ କରିବ । ପ୍ରସୂତି ଓ ଶିଶୁକୁ ସେହି ଘରେ ରଖିବ । ଶିଶୁକୁ ଛଅଦିନ ପର୍ଯ୍ୟନ୍ତ ମାତୃ ସ୍ତନ୍ୟପାନ କରାଇବ । ମାତା ମଧ୍ୟ ନିଜ ଶରୀରର ପୁଷ୍ଟି ପାଇଁ [illegible] ଉତ୍ତମ ଜିନିଷ ଭୋଜନ କରିବେ ଓ ଯୋନି ସଂକୋଚନ ମଧ୍ୟ କରୁଥିବେ । ଛଅଦିନ ପରେ ମାତା ଶିଶୁକୁ ନିଜେ କ୍ଷୀର ନ ଦେଇ ଧାଈର ବ୍ୟବସ୍ଥା କରିବେ । ଧାଈ ପାଇଁ ଉତ୍ତମ ଖାଦ୍ୟ ପେୟର ବ୍ୟବସ୍ଥା କରିବାକୁ ହେବ । ଧାଈ ଶିଶୁକୁ ଦୁଗ୍ଧ ପାନ କରାଇବ ଓ ଲାଳନ ପାଳନ ମଧ୍ୟ କରିବ । ମାତା ଶିଶୁ ଉପରେ ପୂର୍ଣ୍ଣ ଦୃଷ୍ଟି ରଖିବେ ଯେପରି ତାର ଲାଳନପାଳନରେ କୌଣସି ପ୍ରକାର ତ୍ରୁଟି ନ ହୁଏ । ପ୍ରସୂତି ସ୍ତନ୍ୟର ଅଗ୍ରଭାଗରେ ଔଷଧାଦି ଲେପନକରି କ୍ଷୀରସ୍ରାବକୁ ବନ୍ଦ କରିଦେବେ । ତାପରେ 'ସଂସ୍କାର ବିଧି' ଅନୁସାରେ ନାମ କରଣ ଆଦି ସଂସ୍କାର ଯଥା ସମୟରେ କରିବେ । ସ୍ତ୍ରୀ ପୁନର୍ବାର ରଜସ୍ୱଳା ହୋଇ ଶୁଦ୍ଧ ହେଲେ ପୂର୍ବୋକ୍ତ ପ୍ରକାରେ ଋତୁଦାନ କରିବାକୁ ହେବ ।

୩୮) ଋତୁକାଳାଭିଗାମୀ ସ୍ୟାତ୍ ସ୍ୱଦାରନିରତଃ ସଦା ।।

(ମନୁ୩.୪୫)

ବ୍ରହ୍ମଗ୍ଭର୍ଯ୍ୟେବ ଭବତି ଯତ୍ର ତତ୍ରାଶ୍ରମେ ବସନ୍ ।

(ମନୁ୩-୫୦)

ଯେଉଁ ବ୍ୟକ୍ତି ନିଜ ଭାର୍ଯ୍ୟା ଉପରେ ସନ୍ତୁଷ୍ଟ ରହେ ଓ ଋତୁକାଳରେ ହିଁ କେବଳ ସ୍ତ୍ରୀ ସହବାସ କରେ ସେ ଗୃହସ୍ଥ ହେଲେ ମଧ୍ୟ ତାକୁ ବ୍ରହ୍ମଗ୍ଭରୀ ବୋଲି କୁହାଯାଏ ।

୩୯) ସନ୍ତୁଷ୍ଟୋ ଭାର୍ଯ୍ୟୟା ଭର୍ତ୍ତା ଭର୍ତ୍ତ୍ରା ଭାର୍ଯ୍ୟା ତଥୈବ ଚ ।
ଯସ୍ମିନ୍ନେବ କୁଳେ ନିତ୍ୟଂ କଲ୍ୟାଣଂ ତତ୍ରବୈଧ୍ରୁବମ୍ ।

(ମନୁ୩-୬୦)

ଯେଉଁ ପରିବାରରେ ସ୍ତ୍ରୀ ପ୍ରତି ସ୍ୱାମୀ ଓ ସ୍ୱାମୀ ପ୍ରତି ସ୍ତ୍ରୀ ପ୍ରସନ୍ନ ରହନ୍ତି ସେହି ପରିବାରରେ ସକଳ ସୌଭାଗ୍ୟ ଓ ଐଶ୍ୱର୍ଯ୍ୟ ବାସ କରେ । ଯେଉଁଠି ପରସ୍ପର ମଧ୍ୟରେ କଳହ ହୁଏ ସେଠାରେ ଦୁର୍ଭାଗ୍ୟ ଓ ଦାରିଦ୍ର୍ୟ ସ୍ଥାୟୀ ହୋଇ ରହନ୍ତି ।

ଯଦି ହି ସ୍ତ୍ରୀ ନ ରୋଚେତ ପୁମାଂସଂ ନ ପ୍ରମୋଦୟେତ୍ ।
ଅପ୍ରମୋଦାତ୍ ପୁନଃ ପୁଂସଃ ପ୍ରଜନଂ ନ ପ୍ରବର୍ତ୍ତତେ ।

(ମନୁ୩-୬୧)

ସ୍ତ୍ରୀ ସ୍ୱାମୀକୁ ପ୍ରସନ୍ନ ନ ରଖିଲେ ସ୍ୱାମୀର ପ୍ରୀତି ଉତ୍ପନ୍ନ ହୁଏ ନାହିଁ । [illegible] ସ୍ୱାମୀ ପ୍ରସନ୍ନ ଓ ପ୍ରୀତ ହୋଇ ନ ରହିଲେ ସନ୍ତାନ ସନ୍ତତି ଜାତ ହୁଅନ୍ତି ନାହିଁ ।

ସ୍ତ୍ରିୟାଂ ତୁ ରୋଚମାନାୟାଂ ସର୍ବଂ ତଦ୍ ରୋଚତେ କୁଳମ୍ ।
ତସ୍ୟାଂ ତ୍ୱରୋଚମାନାୟାଂ ସର୍ବମେବ ନ ରୋଚତେ ।।

(ମନୁ ୩-୬୨)

ସ୍ତ୍ରୀ ପ୍ରସନ୍ନ ଥିଲେ ପରିବାରର ସମସ୍ତେ ପ୍ରସନ୍ନ ହୋଇଥାନ୍ତି । ସ୍ତ୍ରୀ ଅପ୍ରସନ୍ନ ହେଲେ ପରିବାର ଦୁଃଖଦାୟକ ହୋଇପଡ଼େ ।

୪୦) ପିତୃଭିର୍ଭ୍ରାତୃଭିଶ୍ଚୈତାଃ ପତିଭିର୍ଦେବରୈସ୍ତଥା ।
ପୂଜ୍ୟା ଭୂଷୟିତବ୍ୟାଶ୍ଚ ବହୁକଲ୍ୟାଣମୀପ୍ସୁଭିଃ ।।

(ମନୁ୩-୫୫)

ପିତା, ଭ୍ରାତା, ପତି ଓ ଦିଅର-ଏମାନେ ସ୍ତ୍ରୀକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ଅଳଂକାର ଦେଇ ତାକୁ ସନ୍ତୁଷ୍ଟରେ ରଖିବେ । ଏହାଦ୍ୱାରା ଧନେ ଯାବତୀୟ କଲ୍ୟାଣ ସାଧିତ ହୁଏ ।

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।
ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଽଫଳାଃ କ୍ରିୟାଃ

(ମନୁ୩-୫୬)

ଯେଉଁ ଗୃହରେ ସ୍ତ୍ରୀ ସମ୍ମାନିତା ହୁଏ, ସେହି ଗୃହରେ ପୁରୁଷମାନେ ଦେବତା ଅର୍ଥାତ୍ ବିଦ୍ୱାନ୍ ହୁଅନ୍ତି ଓ ଆନନ୍ଦଭୋଗ କରନ୍ତି । କିନ୍ତୁ ଯେଉଁ ଗୃହରେ ସ୍ତ୍ରୀର ସତ୍କାର ହୁଏ ନାହିଁ ସେହି ଗୃହରେ ସମସ୍ତ କ୍ରିୟା ନିଷ୍ଫଳ ହୋଇଥାଏ ।

ଶୋଚନ୍ତି ଜାମୟୋ ଯତ୍ର ବିନଶ୍ୟତ୍ୟାଶୁ, ତତ୍‌କୁଳମ୍ ।
ନ ଶୋଚନ୍ତି ତୁ ଯତ୍ରୈତା ବର୍ଦ୍ଧତେ ତଦ୍ଧି ସର୍ବଦା ।

(ମନୁ୩-୫୭)

ଯେଉଁ ଗୃହରେ ସ୍ତ୍ରୀମାନେ ଶୋକାତୁରା ହୋଇ ଦୁଃଖଭୋଗ କରନ୍ତି, ସେହି ପରିବାର ଶୀଘ୍ର ନଷ୍ଟ ଭ୍ରଷ୍ଟ ହୋଇଯାଏ । ଯେଉଁ ପରିବାରରେ ସ୍ତ୍ରୀ ଲୋକ ଆନନ୍ଦ ଉତ୍ସାହରେ ରହନ୍ତି, ସେହି ପରିବାର ସର୍ବଦା ଉନ୍ନତି ଲାଭ କରିଥାଏ ।

ତସ୍ମାଦେତାଃ ସଦା ପୂଜ୍ୟା ଭୂଷଣାଚ୍ଛାଦନାଶନୈଃ ।
ଭୂତିକାମୈର୍ନରୈର୍ନିତ୍ୟଂ ସତ୍କାରେଷୂତ୍ସବେଷୁଚ ।

(ମନୁ୩-୫୯)

ଏଣୁ ଐଶ୍ୱର୍ଯ୍ୟକାମୀ ମନୁଷ୍ୟମାନେ ସ୍ତ୍ରୀମାନଙ୍କୁ ସର୍ବଦା ସତ୍କାର କରିବା ଉଚିତ ଏବଂ ଉତ୍ସବାଦି ସମୟରେ ସେମାନଙ୍କୁ ବସ୍ତ୍ର ଅଳଙ୍କାର ପ୍ରଭୃତି ଦେଇ ସନ୍ତୁଷ୍ଟ କରାଇବେ ।

ସର୍ବଦା ମନେରଖିବାକୁ ହେବ ଯେ ପୂଜା ଶବ୍ଦର ଅର୍ଥ ହେଉଛି ସତ୍କାର ବା ସମ୍ମାନ । ଏଣୁ ଦିବସ ବା ରାତ୍ରିର ପ୍ରଥମ ସାକ୍ଷାତ୍କାରରେ ଉଭୟେ ଉଭୟଙ୍କୁ ପ୍ରୀତିପୂର୍ବକ ନମସ୍ତେ ବୋଲି କହିବେ ।

(୪୧) ସଦାପ୍ରହୃଷ୍ଟୟାଭାବ୍ୟଂ ଗୃହକାର୍ଯ୍ୟେଷୁ ଦକ୍ଷୟା ।
ସୁସଂସ୍କୃତୋପସ୍କରୟା ବ୍ୟୟେ ଚାମୁକ୍ତହସ୍ତୟା ।।

(ମନୁ ୫-୧୫୦)

ନାରୀମାନେ ଅତ୍ୟନ୍ତ ପ୍ରସନ୍ନତାର ସହିତ ଗୃହକର୍ମ ସଂପାଦନ କରିବେ, ଦକ୍ଷତାର ସହିତ ଗୃହକୁ ପବିତ୍ର ରଖିବେ ଏବଂ ଯାବତୀୟ ଗୃହସାମଗ୍ରୀ ପରିଷ୍କାର ପରିଚ୍ଛନ୍ନ ରଖିବେ । ବ୍ୟୟ ସମ୍ବନ୍ଧରେ ଅତ୍ୟନ୍ତ ଉଦାର ନ ହୋଇ ସେମାନେ ମିତବ୍ୟୟୀ ହେବେ । ରନ୍ଧନକ୍ରିୟାରେ ସିଦ୍ଧହସ୍ତା ହୋଇ ସେମାନେ ଏପରି ରାନ୍ଧିବେ ଯେପରି ତାହା ଔଷଧ ପରି ଶରୀରରେ ଓ ଆତ୍ମାରେ ରୋଗ ଆସିବାକୁ ଦେବନାହିଁ । ପ୍ରତ୍ୟେକ ବ୍ୟୟର ହିସାବ ରଖି ଗୃହକର୍ତ୍ତାଙ୍କୁ ଜଣାଇଦେବେ । ଘରର ଭୃତ୍ୟମାନଙ୍କ ନିକଟରୁ ଯଥୋଚିତ କାର୍ଯ୍ୟ ଆଦାୟ କରି ଘରର ଯୋଗ୍ୟ ଧର୍ମକୁ ନଷ୍ଟ ହେବାପାଇଁ ଦେବେ ନାହିଁ ।

(୪୨)ସ୍ତ୍ରିୟୋରତ୍ନାନ୍ୟଥୋ ବିଦ୍ୟା ସତ୍ୟଂ ଶୌଚଂ ସୁଭାଷିତମ୍ ।
ବିବିଧାନି ଚ ଶିଳ୍ପାନି ସମାଦେୟାନି ସର୍ବତଃ ।

(ମନୁ ୨-୨୪୦)

ଉତ୍ତମ ସ୍ତ୍ରୀ, ନାନାବିଧ ରତ୍ନ, ବିଦ୍ୟା, ସତ୍ୟ, ପବିତ୍ରତା, ଉପାଦେୟ ବାଣୀ ଓ ନାନାବିଧ ଶିଳ୍ପବିଦ୍ୟା ଅର୍ଥାତ୍ କାରୁକାର୍ଯ୍ୟର ଜ୍ଞାନ ଯେ କୌଣସି ସ୍ଥାନ ଓ ବ୍ୟକ୍ତିଙ୍କଠାରୁ ଗ୍ରହଣ କରାଯାଇଥାଏ ।

(୪୩) ସତ୍ୟଂ ବ୍ରୂୟାତ୍ ପ୍ରିୟଂ ବ୍ରୂୟାତ୍ ନ ବ୍ରୂୟାତ୍ ସତ୍ୟମପ୍ରିୟମ୍ ।
ପ୍ରିୟଂ ଚ ନାନୃତଂ ବ୍ରୂୟାଦେଷଃ ଧର୍ମଃ ସନାତନଃ । ମନୁ ୪-୧୩୮) ।

ସର୍ବଦା ପ୍ରିୟ ସତ୍ୟ କଥା କହିବା ଉଚିତ୍ । ଅପ୍ରିୟ ସତ୍ୟ କଥା କହିବା ଉଚିତ ନୁହେଁ । ଅର୍ଥାତ୍ କଣାକୁ କଣା ବୋଲି କହିବା ଉଚିତ୍ ନୁହେଁ । ଅନ୍ୟକୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ମିଥ୍ୟା କଥା କହିବା ଉଚିତ୍ ନୁହେଁ । ଏହାହିଁ ସନାତନ ଧର୍ମ ।

ଭଦ୍ରଂ ଭଦ୍ରମିତି ବ୍ରୂୟାତ୍ ଭଦ୍ରମିତ୍ୟେବ ବା ବଦେତ୍ ।
ଶୁଷ୍କ ବୈରଂ ବିବାଦଂ ଚ ନ କୁର୍ଯ୍ୟାତ୍ କେନଚିତ୍ ସହ ।।

(ମନୁ୪-୧୩୯)

ସର୍ବଦା ଭଦ୍ର ଅର୍ଥାତ୍ ସମସ୍ତଙ୍କ ହିତକର ବଚନ କହିବା ଉଚିତ୍ । ଶୁଷ୍କ ବୈର ଅର୍ଥାତ୍ ବିନା କାରଣରେ କାହା ସହିତ ଶତ୍ରୁତା ବା ବିବାଦ କରିବା ଉଚିତ ନୁହେଁ । ଯାହା ଅନ୍ୟର ହିତକର ତାହା ଅପ୍ରିୟ ହେଲେ ସୁଦ୍ଧା ନ କହି ତୁନି ରହିବା ଅନୁଚିତ ।

ପୁରୁଷା ବହବୋ ରାଜନ୍ ସତତଂ ପ୍ରିୟବାଦିନଃ ।
ଅପ୍ରିୟସ୍ୟ ତୁ ପଥ୍ୟସ୍ୟ ବକ୍ତା ଶ୍ରୋତା ଚ ଦୁର୍ଲ୍ଲଭଃ ।।

ମହାଭାରତ- ଉଦ୍ୟୋଗ ପର୍ବ ବିଦୁର ନୀତି; (୩୭-୧୫)

ହେ ଧୃତରାଷ୍ଟ୍ର ! ଅନ୍ୟକୁ ସନ୍ତୁଷ୍ଟ କରିବାପାଇଁ ଏ ସଂସାରରେ ଅନେକ ପ୍ରିୟବାଦୀ ଓ ପ୍ରଶଂସାକାରୀ ଲୋକ ଅଛନ୍ତି । କିନ୍ତୁ ଅପ୍ରିୟ ଓ ହିତକର କଥା କହିବା ଓ ଶୁଣିବା ଲୋକ ଅତ୍ୟନ୍ତ ଦୁର୍ଲ୍ଲଭ । ଅନ୍ୟ ଆଗରେ ତା ଦୋଷ କଥା କହିବା, ନିଜର ଦୋଷ ଶ୍ରବଣ କରିବା ଓ ଅନ୍ୟର ପଛରେ ତାର ପ୍ରଶଂସା କରିବା ଏହା ସଜ୍ଜନମାନଙ୍କର ପରମ କର୍ତ୍ତବ୍ୟ । ସମ୍ମୁଖରେ ଗୁଣ ବର୍ଣ୍ଣନା କରିବା ଓ ପରୋକ୍ଷରେ ଦୋଷ ଦୁର୍ବଳତା ପ୍ରକାଶ କରିବା କେବଳ ଦୁର୍ଜନମାନଙ୍କର ଲକ୍ଷଣ । ମନୁଷ୍ୟ ଯେ ପର୍ଯ୍ୟନ୍ତ ଅନ୍ୟମାନଙ୍କ ନିକଟରେ ନିଜର ଦୋଷ ଦୁର୍ବଳତା ପ୍ରକାଶ କରିବାର ସାମର୍ଥ୍ୟ ଅର୍ଜନ ନ କରିଛି ସେ ପର୍ଯ୍ୟନ୍ତ ସେ ଦୋଷମୁକ୍ତ ହୋଇ ଗୁଣବାନ୍ ହୋଇପାରେ ନାହିଁ । ଏଣୁ କେବେ କାହାର ନିନ୍ଦା କରିବ ନାହିଁ । ଯେଣୁ....

(୪୫) 'ଗୁଣେଷୁ ଦୋଷାରୋପଣମସୂୟା ।
'ଦୋଷେଷୁ ଗୁଣାରୋପଣମପ୍ୟସୂୟା ।'
'ଗୁଣେଷୁ ଗୁଣାରୋପଣଂ ଦୋଷେଷୁ ଦୋଷାରୋପଣଂ ଚ ସ୍ତୁତିଃ ।'

ଗୁଣରେ ଦୋଷାରୋପ କରିବା ଓ ଦୋଷରେ ଗୁଣାରୋପ କରିବାକୁ ନିନ୍ଦା କହନ୍ତି । ଗୁଣରେ ଗୁଣାରୋପ ଓ ଦୋଷରେ ଦୋଷାରୋପ କରିବାକୁ ସ୍ତୁତି କହନ୍ତି । ଅର୍ଥାତ୍ ମିଥ୍ୟା ଭାଷଣର ନାମ ନିନ୍ଦା ଓ ସତ୍ୟଭାଷଣର ନାମ ସ୍ତୁତି ।

(୪୬) ବୁଦ୍ଧି ବୃଦ୍ଧିକରାଣ୍ୟାଶୁ ଧନ୍ୟାନି ଚ ହିତାନି ଚ ।
ନିତ୍ୟଂ ଶାସ୍ତ୍ରାଣ୍ୟବେକ୍ଷେତ ନିଗମାଂଶ୍ଚୈବ ବୈଦିକାନ୍ ।।

(ମନୁ୪-୧୯)

ବେଦ ଶାସ୍ତ୍ରର ନୀତି ନିୟମାନୁଯାୟୀ ଜୀବନଯାପନ କଲେ ବୁଦ୍ଧି ଧନ ଓ କଲ୍ୟାଣର ଅଭିବୃଦ୍ଧି ଘଟେ । ଏଣୁ ବେଦ ଶାସ୍ତ୍ର ପ୍ରତିଦିନ ପଢ଼ିବ ଓ ପଢ଼ାଇବ । ସ୍ତ୍ରୀ ଓ ପୁରୁଷ ବ୍ରହ୍ମଚର୍ଯ୍ୟାଶ୍ରମରେ ପଠିତ ବିଷୟ ବସ୍ତୁକୁ ଗୃହସ୍ଥାଶ୍ରମରେ ମଧ୍ୟ ପ୍ରତିଦିନ ବିସ୍ତାର ଆଲୋଚନା କରିବେ ।

ଯଥା ଯଥା ହି ପୁରୁଷଃ ଶାସ୍ତ୍ରଂ ସମଧିଗଚ୍ଛତି ।
ତଥା ତଥା ବିଜାନାତି ବିଜ୍ଞାନଂ ଚାସ୍ୟ ରୋଚତେ ।

(ମନୁ୪-୨୦) ।

ମନୁଷ୍ୟ କୌଣସି ଶାସ୍ତ୍ର ଭିତରକୁ ଯେତେ ଯେତେ ପ୍ରବେଶ କରୁଥିବ ତାର ବୁଦ୍ଧି ଓ ଜ୍ଞାନ ସେତେ ଅଧିକ ପରିମାଣରେ ବୃଦ୍ଧି ହେଉଥିବ । ଶାସ୍ତ୍ର ଅଧ୍ୟୟନରେ ତାର ସେତେ ଅଧିକ ରୁଚି ଓ ଶ୍ରଦ୍ଧା ମଧ୍ୟ ଜାତ ହେଉଥିବ ।

(୪୭) ଋଷିଯଜ୍ଞଂ ଦେବଯଜ୍ଞଂ ଭୂତଯଜ୍ଞଂ ଚ ସର୍ବଦା ।
ନୃଯଜ୍ଞଂ ପିତୃଯଜ୍ଞଂ ଚ ଯଥାଶକ୍ତି ନ ହାପୟେତ୍ ।

(ମନୁ୪-୨୧)

ଅଧ୍ୟାପନଂ ବ୍ରହ୍ମଯଜ୍ଞଃ ପିତୃଯଜ୍ଞସ୍ତୁ ତର୍ପଣମ୍ ।
ହୋମୋ ଦୈବୋ ବଳିର୍ଭୌତୋ ନୃଯଜ୍ଞୋଽତିଥିପୂଜନମ୍ ।

(ମନୁ୩-୭୦)

ସ୍ୱାଧ୍ୟାୟେନାର୍ଚ୍ଚୟେଦୃଷୀନ୍ ହୋମୈର୍ଦେବାନ୍ ଯଥାବିଧି ।
ପିତୃନ୍ ଶ୍ରାଦ୍ଧୈଶ୍ଚ ନୃନନ୍ନୈର୍ଭୂତାନି ବଳିକର୍ମଣା ।

(ମନୁ୩-୮୧)

''ବ୍ରହ୍ମଚର୍ଯ୍ୟ'' ବିଷୟରେ ଦୁଇଟି ଯଜ୍ଞ ବିଷୟ ଲିଖିତ ହୋଇଅଛି ।

(୧) ବ୍ରହ୍ମଯଜ୍ଞ=ବେଦାଦି ସତ୍‌ଶାସ୍ତ୍ରର ପଠନ-ପାଠନ, ସନ୍ଧ୍ୟୋପାସନା ତଥା ଯୋଗାଭ୍ୟାସ ।

(୨) ଦେବଯଜ୍ଞ= ହୋମ କରିବା, ବିଦ୍ୱାନମାନଙ୍କ ସେବା ଓ ସଙ୍ଗ କରିବା, ପବିତ୍ର ଆଚରଣ, ଦିବ୍ୟଗୁଣ ଧାରଣ, ସତ୍ୟାଚରଣ ଓ ଜ୍ଞାନ ଅର୍ଜନ । ଏହି ଉଭୟ ଯଜ୍ଞ ପ୍ରାତଃ ଓ ସାୟଂ ଉଭୟ କାଳରେ କରିବା ଆବଶ୍ୟକ ।

୪୮) ସାୟଂସାୟଂ ଗୃହପତିର୍ନୋ ଅଗ୍ନିଃ ପ୍ରାତଃ ପ୍ରାତଃ ସୌମନସସ୍ୟ ଦାତା ।।
ପ୍ରାତଃ ପ୍ରାତର୍ଗୃହପତିର୍ନୋ ଅଗ୍ନିଃ ସାୟଂ ସାୟଂ ସୌମନସସ୍ୟ ଦାତା ।।

(ଅଥର୍ବ କାଣ୍ଡ ୧୯ ଅନୁ୭-ମନ୍ତ୍ର, ୩,୪)

ପ୍ରତ୍ୟହ ସନ୍ଧ୍ୟା ସମୟରେ ଯେଉଁ ହୋମ କରାଯାଏ ସେହି ହୋମରେ ପ୍ରଦତ୍ତ • ଘୃତ, କର୍ପୂର ଓ କସ୍ତୁରୀ ଆଦି ଦ୍ୱାରା ପ୍ରାତଃକାଳ ପର୍ଯ୍ୟନ୍ତ ବାୟୁମଣ୍ଡଳ ଶୁଦ୍ଧ ରହେ ଓ ପ୍ରତ୍ୟହ ପ୍ରାତଃ କାଳରେ ହୋମରେ ଯେଉଁ ପୌଷ୍ଟିକ, ସୁଗନ୍ଧ ଓ ରୋଗନାଶକ ଦ୍ରବ୍ୟ ଯଥା ଘୃତ, କର୍ପୂର ଓ କସ୍ତୁରୀ ଆଦି ଆହୁତି ଦିଆଯାଏ ତଦ୍ୱାରା ସାୟଂକାଳ ପର୍ଯ୍ୟନ୍ତ ବାୟୁମଣ୍ଡଳ ଶୁଦ୍ଧ ରହେ ଓ ସୁଖ ଦାୟକ ହୋଇଥାଏ । ଏହି ପବିତ୍ର ବାୟୁ ପ୍ରାଣିମାନଙ୍କ ବଳ, ବୁଦ୍ଧି ଓ ଆରୋଗ୍ୟ ବର୍ଦ୍ଧନ କରେ ।

ତସ୍ମାଦହୋରାତ୍ରସ୍ୟ ସଂଯୋଗେ ବ୍ରାହ୍ମଣଃ ସନ୍ଧ୍ୟାମୁପାସୀତ ।
ଉଦ୍ୟନ୍ତମସ୍ତଂ ଯାନ୍ତମାଦିତ୍ୟମଭିଧ୍ୟାୟନ୍ ।

(ଷଡ୍‌ବିଂଶ ବ୍ରାହ୍ମଣ ପ୍ର-୪,ଖଣ୍ଡ)

ଏଣୁ ଦିବସ ଓ ରାତ୍ରିର ସଂଧିକାଳରେ ଅର୍ଥାତ୍ ସୂର୍ଯ୍ୟୋଦୟ ତଥା ସୂର୍ଯ୍ୟାସ୍ତ ସମୟରେ ପରମେଶ୍ୱରଙ୍କ ଧ୍ୟାନ ଓ ଅଗ୍ନିହୋତ୍ର ନିଶ୍ଚିତରୂପେ କରିବା ଆବଶ୍ୟକ ।

ନ ତିଷ୍ଠତି ତୁ ଯଃ ପୂର୍ବାଂ ନୋପାସ୍ତେ ଯସ୍ତୁ ପଶ୍ଚିମାମ୍ ।
ସ ସାଧୁଭି ର୍ବହିଷ୍କାର୍ଯ୍ୟଃ ସର୍ବସ୍ମାଦ୍ ଦ୍ୱିଜକର୍ମଣଃ ।।

(ମନୁ ୨-୧୦୩)

ଯିଏ ଏହି ଈଶ୍ୱରୋପାସନା ଓ ଅଗ୍ନିହୋତ୍ର ପ୍ରାତଃ ଓ ସାୟଂକାଳରେ ନ କରେ ତାକୁ ଶୂଦ୍ର ବୋଲିବାକୁ ହେବ । ସଜ୍ଜନମାନେ ତାକୁ ସମସ୍ତ ଦ୍ୱିଜ କାର୍ଯ୍ୟରୁ ବହିଷ୍କାର କରିବା ଆବଶ୍ୟକ ।

(୪୯) ପ୍ରଶ୍ନ - ପ୍ରାତଃ, ମଧ୍ୟାହ୍ନ ଓ ସାୟଂକାଳକୁ ତ୍ରିକାଳ ବୋଲି କହନ୍ତି । ଏହି ତ୍ରିକାଳରେ ସନ୍ଧ୍ୟୋପାସନା କାହିଁକି କରା ନଯିବ ?

ଉତ୍ତର - ପ୍ରକାଶ ଓ ଅନ୍ଧକାରର ସନ୍ଧିକୁ ସଂଧ୍ୟା କହନ୍ତି । ଏହି ସମୟ ସକାଳେ ଓ ସନ୍ଧ୍ୟାରେ ଦିଥର ମିଳେ । ପ୍ରାତଃ କାଳରେ ରାତ୍ରି ଯାଉଥାଏ ଓ ଦିନ ଆସୁଥାଏ, ସାୟଂ କାଳରେ ଦିନ ଯାଉଥାଏ ଓ ରାତ୍ରି ଆସୁଥାଏ । ଦିବସ ଓ ରାତ୍ରିର ଏ ଦୁଇଟି ସନ୍ଧିକ୍ଷଣକୁ ସନ୍ଧ୍ୟା କୁହାଯାଏ । ଏଣୁ ଏଦୁଇକାଳରେ ସନ୍ଧ୍ୟୋପାସନା କରିବା ଆବଶ୍ୟକ । ଯିଏ ଏହାକୁ ନ ମାନି ମଧ୍ୟାହ୍ନ କାଳରେ ତୃତୀୟ ସନ୍ଧ୍ୟା ମାନନ୍ତି,ସେ ମଧ୍ୟ ରାତ୍ରିରେ ମଧ୍ୟ ସନ୍ଧ୍ୟୋପାସନା କରିବା ଉଚିତ୍ । ଯଦି ମଧ୍ୟ ରାତ୍ରିରେ ସନ୍ଧ୍ୟା କରନ୍ତି, ତେବେ ପ୍ରତି ପ୍ରହରରେ, ପ୍ରତି ଘଣ୍ଟାରେ ପ୍ରତି ପଲରେ ଓ ପ୍ରତି କ୍ଷଣରେ ମଧ୍ୟ ସନ୍ଧ୍ୟୋପାସନା କାହିଁକି କରାନଯିବ ? ଏପରି କରିବାକୁ କେହି ଯଦି ଇଚ୍ଛା କରେ ତେବେ ତାହା ସେ କଦାପି କରିପାରିବ ନାହିଁ , ଦ୍ୱିତୀୟତଃ କୌଣସି ପ୍ରାମାଣିକ ଶାସ୍ତ୍ରରେ ମଧ୍ୟ ମଧ୍ୟାହ୍ନ ସନ୍ଧ୍ୟୋପାସନାର ପ୍ରମାଣ ନାହିଁ । ଏଣୁ ପ୍ରାତଃ ଓ ସାୟଂ, ଏଦୁଇ କାଳରେ ହିଁ ସନ୍ଧ୍ୟୋପାସନା ଓ ଅଗ୍ନିହୋତ୍ର କରିବା ଉଚିତ୍ । ତ୍ରିକାଳ ବୋଲି ଯାହା କୁହା ଯାଉଛି ତାହା ସନ୍ଧ୍ୟା ସମ୍ବନ୍ଧରେ କୁହାନଯାଇ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ତ୍ରିକାଳ ବୋଲି କୁହାଯାଇଛି ।

(୫୦) ୩) ପିତୃଯଜ୍ଞ- ଦେବତା ଅର୍ଥାତ୍ ବିଦ୍ୱାନ୍ ପୁରୁଷ, ଋଷି ଅର୍ଥାତ୍, ଯେଉଁ ତତ୍ତ୍ୱଦର୍ଶୀ ପୁରୁଷମାନେ ଅଧ୍ୟୟନ ଓ ଅଧ୍ୟାପନା କରନ୍ତି, ପିତର ଅର୍ଥାତ୍ ପିତା ମାତା ଆଦି ବୃଦ୍ଧ, ଜ୍ଞାନୀ ଓ ପରମଯୋଗୀମାନଙ୍କୁ ସେବା କରିବାହିଁ ପିତୃ ଯଜ୍ଞ ।

ପିତୃଯଜ୍ଞ ଶ୍ରାଦ୍ଧ ଓ ତର୍ପଣ ନାମରେ ପୁଣି ଶ୍ରାଦ୍ଧ ଦୁଇଭାଗରେ ବିଭକ୍ତ । ସତ୍ୟର ନାମ ହେଉଛି 'ଶ୍ରତ୍' ଶ୍ରତ୍ ସତ୍ୟଂ ଦଧାତି ଯୟା କ୍ରିୟୟା ସା ଶ୍ରଦ୍ଧା" । ଯେଉଁ କ୍ରିୟାଦ୍ୱାରା ସତ୍ୟକୁ ଗ୍ରହଣ କରାଯାଏ ତାକୁ ଶ୍ରଦ୍ଧା କହନ୍ତି । 'ଶ୍ରଦ୍ଧୟା ଯତ୍ କ୍ରିୟତେ ତତ୍ ଶ୍ରାଦ୍ଧମ୍ ।' ଶ୍ରଦ୍ଧାର ସହିତ କରାଯାଉଥିବା କର୍ମକୁ 'ଶ୍ରାଦ୍ଧ' କହନ୍ତି ।

ତର୍ପଣ

'ତୃପ୍ୟନ୍ତି ତର୍ପୟନ୍ତି ଯେନ ପିତୃନ୍ ତତ୍ ତର୍ପଣମ୍' ଯେଉଁ କର୍ମ ଦ୍ୱାରା ମାତାପିତା ଆଦି ପିତୃଗଣ ତୃପ୍ତ ବା ପ୍ରସନ୍ନ ହୁଅନ୍ତି ଅଥବା ଯେଉଁ କର୍ମଦ୍ୱାରା ମାତାପିତା ଆଦି ପିତୃଗଣଙ୍କୁ ତୃପ୍ତ ବା ପ୍ରସନ୍ନ କରାଯାଏ, ତାହାର ନାମ ତର୍ପଣ । ସେବା ଓ ସତ୍କାରଦ୍ୱାରା ମାତାପିତା ଆଦିଙ୍କୁ ପ୍ରସନ୍ନ କରାଯାଏ । ଏଣୁ ଏହି ସେବା ଓ ସତ୍କାରର ନାମ ହିଁ ତର୍ପଣ । ମୃତ ପିତାମାତାଙ୍କ ସେବା ଓ ସତ୍କାର ସମ୍ଭବ ନୁହେଁ, ଏଣୁ ଏହା ଜୀବିତ ପିତାମାତା ଆଦିଙ୍କ ପାଇଁ ଉଦ୍ଦିଷ୍ଟ, ମୃତମାନଙ୍କ ପାଇଁ କେବେହେଁ ନୁହେଁ ।

(୫୧) ଅଥ ଦେବତର୍ପଣମ୍

ଓଽମ୍ ବ୍ରହ୍ମାଦୟୋ ଦେବାସ୍ତୃପ୍ୟନ୍ତାମ୍ । ବ୍ରହ୍ମାଦିଦେବପତ୍ନ୍ୟ ସ୍ତୃପ୍ୟନ୍ତାମ୍ ।
ବ୍ରହ୍ମାଦି ଦେବସୁତାସ୍ତୃପ୍ୟନ୍ତାମ୍ । ବ୍ରହ୍ମାଦିଦେବଗଣାସ୍ତୃପ୍ୟନ୍ତାମ୍ ।।

(ଆଶ୍ୱଲାୟନ ଗୃହ୍ୟସୂତ୍ର୩-୩)

ଇତି ଦେବତର୍ପଣମ୍

'ବିଦ୍ୱାଂସୋ ହି ଦେବାଃ' -ଏହା ଶତପଥ ବ୍ରାହ୍ମଣର ବଚନ । ବିଦ୍ୱାନ୍‌ମାନଙ୍କୁ ଦେବତା କହନ୍ତି । ଯେଉଁମାନେ ସାଙ୍ଗୋପାଙ୍ଗ ଚାରି ବେଦ ଜାଣନ୍ତି, ସେମାନଙ୍କ ନାମ ବ୍ରହ୍ମା । ସେମାନଙ୍କ ଅପେକ୍ଷା ଅଳ୍ପ ଜ୍ଞାତାଙ୍କୁ 'ଦେବ' ଅର୍ଥାତ୍ ବିଦ୍ୱାନ୍ କହନ୍ତି । ସେହିପରି ବ୍ରହ୍ମାଙ୍କ ବିଦୁଷୀ ସ୍ତ୍ରୀଙ୍କୁ ବ୍ରହ୍ମାଣୀ ଓ ଦେବଙ୍କ ସ୍ତ୍ରୀଙ୍କୁ ଦେବୀ କୁହାଯାଏ । ପୁଣି ସେମାନଙ୍କ ତୁଲ୍ୟ ତାଙ୍କର ପୁତ୍ର ଓ ଶିଷ୍ୟମାନେ ତଥା ସେମାନଙ୍କ ସେବକମାନେ ମଧ୍ୟ ଦେବପଦବାଚ୍ୟ । ସେମାନଙ୍କୁ ସେବା ଓ ସତ୍କାର କରିବାର ନାମ ହିଁ ଶ୍ରାଦ୍ଧ ଓ ତର୍ପଣ ।

(୫୨) ଅଥ ଋଷିତର୍ପଣମ୍

ଓଽମ୍ ମରୀଚ୍ୟାଦୟ ଋଷୟସ୍ତୃପ୍ୟନ୍ତାମ୍ । ମରୀଚ୍ୟାଦ୍ୟୃଷିପତ୍ନ୍ୟ ସ୍ତୃପ୍ୟନ୍ତାମ୍ ।
ମରୀଚ୍ୟାଦ୍ୟୃଷିସୁତାସ୍ତୃପ୍ୟନ୍ତାମ୍ । ମରୀଚ୍ୟାଦ୍ୟୃଷିଗଣାସ୍ତୃପ୍ୟନ୍ତାମ୍ ।

(ଆ.ପୁ. ୨-୪)

ଇତି ଋଷିତର୍ପଣମ୍

ଯେଉଁମାନେ ବ୍ରହ୍ମାଙ୍କର ପ୍ରପୌତ୍ର ମରୀଚିଙ୍କ ପରି ବିଦ୍ୱାନ୍ ହୋଇ ଲୋକମାନଙ୍କୁ ଶିକ୍ଷା ଦିଅନ୍ତି, ମରୀଚିଙ୍କ ପତ୍ନୀପରି ଯେଉଁ ବିଦୁଷୀ ମହିଳାମାନେ ବାଳିକା ମାନଙ୍କୁ ଶିକ୍ଷା ଦିଅନ୍ତି, ପୁଣି ଉକ୍ତ ବିଦ୍ୱାନ୍‌ମାନଙ୍କର ଯେଉଁ ପୁତ୍ର, କନ୍ୟା, ଶିଷ୍ୟ, ସଙ୍ଗୀ ଓ ସହକାରୀ ବ୍ୟକ୍ତିମାନେ ନିଜେ ନିଜେ ବିଦ୍ୱାନ୍ ହୋଇ ଲୋକଙ୍କୁ ବିଦ୍ୟାଦାନ କରନ୍ତି ସର୍ବଦା ସେମାନଙ୍କର ସେବା ଓ ସତ୍କାର କରିବା କର୍ତ୍ତବ୍ୟ । ଏହାହିଁ ହେଉଛି ଋଷିତର୍ପଣ ।

(୫୩) ଅଥ ପିତୃତର୍ପଣମ୍

ଓମ୍ ସୋମସଦଃ ପିତରସ୍ତୃପ୍ୟନ୍ତାମ୍ । ଅଗ୍ନିଷ୍ୱାତ୍ତାଃ ପିତରସ୍ତୃପ୍ୟନ୍ତାମ୍ । ବର୍ହିଷଦଃ ପିତରସ୍ତୃପ୍ୟନ୍ତାମ୍ । ସୋମପାଃ ପିତରସ୍ତୃପ୍ୟନ୍ତାମ୍ । ହବିର୍ଭୁଜଃ ପିତରସ୍ତୃପ୍ୟନ୍ତାମ୍ । ଆଜ୍ୟପାଃ ପିତରସ୍ତୃପ୍ୟନ୍ତାମ୍ । ସୁକାଳିନଃ ପିତରସ୍ତୃପ୍ୟନ୍ତାମ୍ । ଯମାଦିଭ୍ୟୋ ନମୋ ଯମାଦୀଂସ୍ତର୍ପୟାମି । ପିତ୍ରେ ସ୍ୱଧା ନମଃ ପିତରଂ ତର୍ପୟାମି । ପିତାମହାୟ ସ୍ୱଧା ନମଃ ପିତାମହଂ ତର୍ପୟାମି । ପ୍ରପିତାମହାୟ ସ୍ୱଧା ନମଃ ପ୍ରପିତାମହଂ ତର୍ପୟାମି । ମାତ୍ରେ ସ୍ୱଧା ନମୋ ମାତରଂ ତର୍ପୟାମି । ପିତାମହ୍ୟୈ ସ୍ୱଧାନମଃ, ପ୍ରପିତାମହଂ ତର୍ପୟାମି । ମାତ୍ରେ ସ୍ୱଧା ନମୋ ମାତରଂ ତର୍ପୟାମି । ପିତାମହ୍ୟୈ ସ୍ୱଧାନମଃ, ପିତାମହୀଂ ତର୍ପୟାମି । ପ୍ରପିତାମହ୍ୟୈ ସ୍ୱଧା ନମଃ ପ୍ରପିତାମହୀଂ ତର୍ପୟାମି । ସ୍ୱପତ୍ନ୍ୟୈ ସ୍ୱଧା ନମଃ ସ୍ୱପତ୍ନୀଂ ତର୍ପୟାମି । ସମ୍ବନ୍ଧିଭ୍ୟଃ ସ୍ୱଧା ନମଃ ସମ୍ବନ୍ଧିନସ୍ତର୍ପୟାମି । ସଗୋତ୍ରେଭ୍ୟଃ ସ୍ୱଧା ନମଃ ସଗୋତ୍ରାଁ ସ୍ତର୍ପୟାମି । ଇତି ପିତୃତର୍ପଣମ୍

(ଆଶ୍ୱଳାୟନ ଗୃହସୂତ୍ର ୨-୪)

''ଯେ ସୋମେ ଜଗଦୀଶ୍ୱରେ ପଦାର୍ଥବିଦ୍ୟାୟାଂ ଚ ସୀଦନ୍ତି ତେ ସୋମସଦଃ'' ଯେଉଁମାନେ ପରମାତ୍ମା ଓ ପଦାର୍ଥବିଦ୍ୟା ବିଷୟରେ ନିପୁଣ ସେମାନେ ସୋମସଦ । ''ଯୈରଗ୍ନେର୍ବିଦ୍ୟୁତୋ ବିଦ୍ୟା ଗୃହୀତା ତେ ଅଗ୍ନିଷ୍ୱାତ୍ତାଃ'' ଯେଉଁମାନେ ଅଗ୍ନି ଅର୍ଥାତ୍ ବିଦ୍ୟୁତ୍ ଆଦି ପଦାର୍ଥମାନଙ୍କ ବିଷୟରେ ଜାଣନ୍ତି ସେମାନେ ଅଗ୍ନିଷ୍ୱାତ୍ତ । ''ଯେ ବର୍ହିଷି ଉତ୍ତମେ ବ୍ୟବହାରେ ସୀଦନ୍ତି ତେ ବର୍ହିଷଦଃ'' ଯେଉଁମାନେ ଉତ୍ତମ ବିଦ୍ୟାବୁଦ୍ଧିଯୁକ୍ତ କାର୍ଯ୍ୟରେ ନିଯୁକ୍ତ ଥାନ୍ତି, ସେମାନେ ବର୍ହିଷଦ ।''ଯେ ସୋମମୈଶ୍ୱର୍ଯ୍ୟମୋଷଧୀରସଂ ବା ପାନ୍ତି ପିବନ୍ତି ବା ତେ ସୋମପାଃ'' ଯେଉଁମାନେ ଐଶ୍ୱର୍ଯ୍ୟର ରକ୍ଷକ ଓ ମହୌଷଧି ସେବନ ଦ୍ୱାରା ରୋଗରହିତ ହୁଅନ୍ତି ଏବଂ ଯେଉଁମାନେ ଅନ୍ୟର ଐଶ୍ୱର୍ଯ୍ୟରକ୍ଷକ ଓ ଅନ୍ୟକୁ ଔଷଧପ୍ରଦାନ କରି ରୋଗମୁକ୍ତ କରନ୍ତି ସେମାନେ ସୋମପା ।''ଯେ ହବିର୍ହୋତୁମତ୍ତୁ ମର୍ହଂ ଭୁଂଜତେ ଭୋଜୟନ୍ତି ବା ତେ ହବିର୍ଭୁଜଃ'' ଯେଉଁମାନେ ମାଦକପଦାର୍ଥ ଓ ହିଂସାକାରକ ଦ୍ରବ୍ୟ ପରିତ୍ୟାଗ କରି ଭୋଜନ କରନ୍ତି ସେମନେ ହବିର୍ଭୁଜ । ''ଯେ ଆଜ୍ୟଂ ଜ୍ଞାତୁଂ ପ୍ରାପ୍ତୁଂ ବା ଯୋଗ୍ୟଂ ରକ୍ଷନ୍ତି ବା ପିବନ୍ତି ତେ ଆଜ୍ୟପାଃ''

ଯେଉଁମାନେ ଜ୍ଞାତବ୍ୟ ବସ୍ତୁର ରକ୍ଷକ ଓ ଘୃତଦୁଗ୍ଧାଦି ପାନ କରନ୍ତି ସେମାନେ ଆଜ୍ୟପା । ''ଶୋଭନଃ କାଲୋ ବିଦ୍ୟତେ ଯେଷାଂ ତେ ସୁକାଳିନଃ'' ଯେଉଁମାନେ ଧର୍ମ କର୍ମରେ ନିଜ ସମୟର ସଦୁପଯୋଗ କରନ୍ତି ସେମାନେ ସୁକାଳିନ ।'' ଯେ ଦୁଷ୍ଟାନ୍ ଯଚ୍ଛନ୍ତି ନିଗୃହ୍ଣନ୍ତି ତେ ଯମାଃ ନ୍ୟାୟାଧୀଶାଃ'' ଯେଉଁମାନେ ଦୁଷ୍ଟମାନଙ୍କୁ ଦଣ୍ଡଦେଇ ଓ ସଜ୍ଜନମାନଙ୍କୁ ପାଳନକରନ୍ତି ଅର୍ଥାତ୍ ନ୍ୟାୟକାରୀ ସେମାନେ ଯମ । ''ଯଃ ପାତି ସଃ ପିତା'' ଯିଏ ସନ୍ତାନକୁ ପାଳନ ଓ ରକ୍ଷା କରେ ସେ ପିତା । 'ପିତୁଃ ପିତା ପିତାମହଃ'' ଯିଏ ପିତାଙ୍କର ପିତା ସେ ପିତାମହ । 'ପିତାମହସ୍ୟ ପିତା ପ୍ରପିତାମହଃ'' ଯିଏ ପିତାମହଙ୍କ ପିତା ସେ ପ୍ରପିତାମହ । ''ଯୋ ମାନୟତି ସା ମାତା'' ଯିଏ ଅନ୍ନ ଓ ସ୍ନେହ ଦେଇ ସନ୍ତାନକୁ ପାଳନ କରେ ସେ ମାତା ''ଯା ପିତୁଃ ମାତା ସା ପିତାମହୀ'' ଯିଏ ପିତାଙ୍କ ମାତା ସେ ପିତାମହୀ । ''ପିତାମହସ୍ୟ ମାତା ପ୍ରପିତାମହୀ'' ପିତାମହଙ୍କ ମାତାଙ୍କୁ ପ୍ରପିତାମହୀ କହନ୍ତି ।

ନିଜର ସ୍ତ୍ରୀ, ଭଗିନୀ, ଆତ୍ମୀୟ, ଏକ ଗୋତ୍ରୀୟ ଓ ଅନ୍ୟ କୌଣସି ଭଦ୍ର ବ୍ୟକ୍ତି ବା ବୃଦ୍ଧ- ଏମାନଙ୍କୁ ଅତ୍ୟନ୍ତ ଶ୍ରଦ୍ଧାର ସହିତ ଉତ୍ତମ ଅନ୍ନ ବସ୍ତ୍ର ଓ ସୁନ୍ଦର ଯାନ ଆଦି ଦେଇ ଭଲଭାବରେ ତୃପ୍ତ କରାଯାଏ ଅର୍ଥାତ୍ ଯେଉଁ ଯେଉଁ କାର୍ଯ୍ୟଦ୍ୱାରା ସେମାନଙ୍କ ଆତ୍ମା ତୃପ୍ତ ହୁଏ ଓ ଶରୀର ସୁସ୍ଥ ରହେ, ସେହି ସେହି କାର୍ଯ୍ୟକରି ସେମାନଙ୍କ ସେବା କରିବାକୁ ହିଁ ଶ୍ରାଦ୍ଧ ଓ ତର୍ପଣ' କୁହାଯାଏ ।

(୫୪) (୪) ବୈଶ୍ୱଦେବ ଯଜ୍ଞ- ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ ହେବାମାତ୍ରେ ତହିଁରୁ ଖଟା ଲବଣ ଓ କ୍ଷାର ଯୁକ୍ତ ପଦାର୍ଥକୁ ବାଦ୍‌ଦେଇ ଘୃତମିଷ୍ଟାନ୍ନ ମିଶାଇ ନେଇ ଚୁଲିରୁ ଅଗ୍ନିକୁ ବାହାର କରି ନିମ୍ନଲିଖିତ ମନ୍ତ୍ର ଉଚ୍ଚାରଣ କରି ଅଗ୍ନିରେ ଘୃତମିଶ୍ରିତ ଅନ୍ନକୁ ଆହୁତି ଦେବ ।

''ପାକଶାଳାରେ ଭୋଜନ ନିମନ୍ତେ ଯାହା ସବୁ ପ୍ରସ୍ତୁତ ହୋଇଥିବ ତହିଁରେ ଦିବ୍ୟଗୁଣ ସୃଷ୍ଟିକରିବା ପାଇଁ ସେହି ପାକାଗ୍ନିରେ ନିମ୍ନଲିଖିତ ମନ୍ତ୍ରଦ୍ୱାରା ପ୍ରତିଦିନ ବିଧିପୂର୍ବକ ହୋମ କରିବ ।''

''ଓମ୍ ଅଗ୍ନୟେ ସ୍ୱାହା । ସୋମାୟ ସ୍ୱାହା । ଅଗ୍ନୀଷୋମାଭ୍ୟାଂ ସ୍ୱାହା । ବିଶ୍ୱେଭ୍ୟୋ ଦେବେଭ୍ୟଃ ସ୍ୱାହା । ଧନ୍ୱନ୍ତରୟେ ସ୍ୱାହା । କୁହ୍ୱୈ ସ୍ୱାହା । ଅନୁମତ୍ୟୈ ସ୍ୱାହା । ପ୍ରଜାପତୟେ ସ୍ୱାହା । ସହ ଦ୍ୟାବାପୃଥିବୀଭ୍ୟାଂ ସ୍ୱାହା । ସ୍ୱିଷ୍ଟକୃତେ ସ୍ୱାହା ।''

ଏହି ଦଶଟି ମନ୍ତ୍ରଦ୍ୱାରା ପ୍ରଜ୍ୱଳିତ ଅଗ୍ନିରେ ଦଶଟି ଆହୁତି ଦେବ । ତାପରେ ଥାଳିରେ ଅଥବା ଭୂମିରେ ପତ୍ର ରଖି ପୂର୍ବଦିଗରୁ କ୍ରମାନ୍ୱୟରେ ନିମ୍ନୋକ୍ତ ମନ୍ତ୍ର ଦ୍ୱାରା ପକ୍ୱାନ୍ନକୁ ଭାଗ ଭାଗ କରି ରଖିବ ।

ଓମ୍ ସାନୁଗାୟେନ୍ଦ୍ରାୟ ନମଃ । ସାନୁଗାୟ ଯମାୟ ନମଃ । ସାନୁଗାୟ ବରୁଣାୟ ନମଃ । ସାନୁଗାୟ ସୋମାୟ ନମଃ । ଅଦ୍‌ଭ୍ୟୋ ନମଃ । ବନସ୍ପତିଭ୍ୟୋ ନମଃ । ଶ୍ରିୟୈନମଃ । ଭଦ୍ରକାଲ୍ୟୈ ନମଃ । ବ୍ରହ୍ମପତୟେ ନମଃ । ବାସ୍ତୁପତୟେ ନମଃ । ବିଶ୍ୱେଭ୍ୟୋ ଦେବେଭ୍ୟୋ ନମଃ । ଦିବାଚରିଭ୍ୟୋ ଭୂତେଭ୍ୟୋ ନମଃ । ନକ୍ତଞ୍ଚାରିଭ୍ୟୋ ଭୂତେଭ୍ୟୋ ନମଃ । ସର୍ବାତ୍ମଭୂତୟେ ନମଃ ।

ପିତୃଭ୍ୟଃ ସ୍ୱଧାୟିଭ୍ୟଃ ସ୍ୱଧା ନମଃ । ଏହି ଭାଗସବୁକୁ ଏକତ୍ରିତ କରି କୌଣସି ଅତିଥି ଉପସ୍ଥିତ ଥିଲେ ତାଙ୍କୁ ଖାଇବାକୁ ଦେବ । ଅତିଥିଙ୍କ ଅଭାବରେ ଅଗ୍ନିରେ ନିକ୍ଷେପ କରିଦେବ ।

(୫୫)ତାପରେ ଲବଣାନ୍ନ ଅର୍ଥାତ୍ ଭାତ, ଡାଲି, ଶାଗ, ରୁଟି ପ୍ରଭୃତିକୁ ନିମ୍ନୋକ୍ତ ମନ୍ତ୍ର ଉଚ୍ଚାରଣ କରି ଛଅ ଭାଗରେ କୌଣସି ଥାଳି ବା ପତ୍ରରେ ରଖିବ ।

ଶ୍ୱଭ୍ୟୋ ନମଃ । ପତିତେଭ୍ୟୋ ନମଃ । ଶ୍ୱପଗ୍ଭ୍ୟୋ ନମଃ । ପାପରୋଗିଭ୍ୟୋ ନମଃ । ବାୟସେଭ୍ୟୋ ନମଃ । କୃମିଭ୍ୟୋ ନମଃ ।

ତାପରେ ଏହି ଛଅଭାଗକୁ ଏକତ୍ରିତ କରି କୌଣସି ଦୀନ, ଦୁଃଖୀ କ୍ଷୁଧାର୍ତ୍ତ ଅଥବା କାକ କୁକୁର ପ୍ରଭୃତି ଜନ୍ତୁଙ୍କୁ ଦେବ । ଏ ସ୍ଥଳରେ 'ନମଃ' ଶବ୍ଦର ଅର୍ଥ 'ଅନ୍ନ' । ଏହି ଅନ୍ନଦାନଦ୍ୱାରା ପାପୀ, ଚଣ୍ଡାଳ, ପାପରୋଗୀ, କୁଷ୍ଠୀ, କୁକୁର ଇତ୍ୟାଦିଙ୍କର ଉପକାର କରାଯାଏ । ଯେଉଁ ଅଦୃଷ୍ଟ ଜୀବମାନଙ୍କର ହତ୍ୟାକରାଯାଇ ଥାଏ, ଏହାଦ୍ୱାରା ତହିଁର ପ୍ରତିକାର କରାଯାଏ । ଏ ସମ୍ବନ୍ଧରେ ପ୍ରମାଣ ଯଥା :—

ଶୁନାଂ ଚ ପତିତାନାଂ ଚ ଶ୍ୱପଚାଂ ପାପରୋଗିଣାମ୍ ।
ବାୟସାନାଂ କୃମୀଣାଂ ଚ ଶନକୈର୍ନିର୍ବପେଦ୍‌ଭୁବି ।।

(ମନୁ ୩-୯୨)

(୫୬) (୫) **ଅତିଥିସେବା** - ଯେଉଁମାନଙ୍କ ଆସିବାରେ କୌଣସି ନିର୍ଦ୍ଦିଷ୍ଟ ତିଥି ନ ଥାଏ, ସେମାନଙ୍କୁ ଅତିଥି କୁହାଯାଏ । କୌଣସି ଧାର୍ମିକ, ସତ୍ୟୋପଦେଶକ, ପରୋପକାରୀ ବିଦ୍ୱାନ୍ ପରମଯୋଗୀ ବା ସନ୍ନ୍ୟାସୀ ଆକସ୍ମିକଭାବେ ଗୃହସ୍ଥଘରେ ଆସି ଉପସ୍ଥିତ ହେଲେ, ସେତେବେଳେ ଗୃହସ୍ଥର କର୍ତ୍ତବ୍ୟ ହେଲା ତାଙ୍କୁ ପ୍ରଥମେ ପାଦ୍ୟ, ଅର୍ଘ୍ୟ ଓ ଆଚମନୀୟ ଏ ତିନି ପ୍ରକାର ଜଳଦେଇ ପରେ ଆଦରର ସହିତ ଆସନରେ ବସାଇ ଖାଦ୍ୟ ପେୟ ପ୍ରଭୃତି ଉତ୍ତମ ସାମଗ୍ରୀଦ୍ୱାରା ଶୁଶ୍ରୂଷା କରି ସନ୍ତୁଷ୍ଟ କରିବ । ତାପରେ ସେହି ବିଦ୍ୱାନ୍ ପୁରୁଷଙ୍କ ସତ୍ସଙ୍ଗ କରି ତାଙ୍କ ନିକଟରୁ ଧର୍ମ, ଅର୍ଥ, କାମ, ମୋକ୍ଷଜନକ ଜ୍ଞାନ ବିଜ୍ଞାନ ସମ୍ବନ୍ଧୀୟ ଉପଦେଶ ଶୁଣି ତଦନୁସାରେ ଆଚରଣ ମଧ୍ୟ କରିବ । ସମୟ ସମୟରେ ଗୃହସ୍ଥ ଓ ରାଜା ଆଦି ମଧ୍ୟ ଅତିଥିଙ୍କ ପରି ସତ୍କାରଯୋଗ୍ୟ ଅଟନ୍ତି । କିନ୍ତୁ ;

ପାଷଣ୍ଡିନୋ ବିକର୍ମସ୍ଥାନ୍ ବୈଡ଼ାଲବ୍ରତିକାନ୍ ଶଠାନ୍ ।
ହୈତୁକାନ୍ ବକବୃତ୍ତୀଂଶ୍ଚ ବାଙ୍‌ମାତ୍ରେଣାପି ନାର୍ଚ୍ଚୟେତ୍ ।।

(ମନୁ ୪-୩୦)

ପାଷଣ୍ଡୀ- ବେଦନିନ୍ଦକ ଓ ବେଦବିରୁଦ୍ଧ ଆଚରଣକାରୀ ।
ବିକର୍ମସ୍ଥ- ବେଦବିରୁଦ୍ଧ କର୍ମ ଯିଏ କରେ ।
ବୈଡ଼ାଲବ୍ରତିକ - ବିରାଡ଼ି ଯେପରି ସ୍ଥିର ହୋଇ ଲୁଚିରହି ମୂଷିକାଦି ପ୍ରାଣୀଙ୍କ ଉପରେ ହଠାତ୍ ଆକ୍ରମଣ ଓ ବଧ କରି ଉଦରପୂର୍ଣ୍ଣ କରେ ଠିକ୍ ସେପରି ମିଥ୍ୟା କଥା କହି ଛଳକପଟ ଦ୍ୱାରା ସ୍ୱାର୍ଥ ହାସଲ କରୁଥିବା ଲୋକ ।
ଶଠ- ଯେଉଁମାନେ ନିଜେ କିଛି ଜାଣନ୍ତି ନାହିଁ ଅଥଚ ଅନ୍ୟର ଉପଦେଶକୁ ମଧ୍ୟ ଶୁଣନ୍ତି ନାହିଁ, ସେଭଳି ଦୁରାଗ୍ରହୀ ଓ ଅଭିମାନୀ ।
ହୈତୁକ- କୁତର୍କୀ ଓ ଅଯଥା ବାକ୍ୟବ୍ୟୟକାରୀ । ଯଥା ଆଧୁନିକ ବେଦାନ୍ତୀମାନେ କହନ୍ତି - 'ଆମେ ବ୍ରହ୍ମ, ଜଗତ ସବୁ ମିଥ୍ୟା, ବେଦାଦି ଶାସ୍ତ୍ର ଓ ଈଶ୍ୱର ଏ ସମସ୍ତ କଳ୍ପିତ । ଏଭଳି ଲୋକଙ୍କୁ ହୈତୁକ କୁହାଯାଏ ।
ବକବୃତ୍ତି - ବଗ ଯେପରି ଗୋଟିଏ ଗୋଡ଼କୁ ଉଠାଇ ଧ୍ୟାନମଗ୍ନ ପରି ରହିଥାଏ, କିନ୍ତୁ ହଠାତ୍ ମାଛକୁ ଧରି ସ୍ୱାର୍ଥ ହାସଲ କରେ, ସେହିପରି ଆଜିକାଲିର ବୈରାଗୀ, ବାବାଜୀ ଓ ମହନ୍ତ ଆଦି ଭଣ୍ଡସାଧୁଗଣ ଯେଉଁମାନେ ନିରୀହ ଜନତାକୁ ଠକି ଭଣ୍ଡି ଜୀବିକାନିର୍ବାହ କରନ୍ତି ।

ଏପରି କପଟୀ, ଭଣ୍ଡ, ଛଳନାକାରୀ, ବେଦନିନ୍ଦକ ଓ ଦୁଷ୍ଟାଗ୍ରହୀମାନଙ୍କୁ ସତ୍କାର କରିବା ଦୂରେଥାଉ, ବାର୍ତ୍ତାଳାପ ମଧ୍ୟ କରିବା ଉଚିତ୍ ନୁହେଁ । କାରଣ ଏପରି ଦୁରାଗ୍ରହୀ ମାନେ ସତ୍କୃତ ହେଲେ ଏମାନେ ପ୍ରବଳ ହୋଇ ସଂସାରରେ ମାଡ଼ିଯାନ୍ତି ଓ ସଂସାରକୁ ପାପ ଅଧର୍ମରେ ବୁଡ଼ାଇ ଦିଅନ୍ତି । ଏପରି ଲୋକେ ନିଜେ ତ ବୁଡ଼ନ୍ତି କରନ୍ତି ତା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଲୋକଙ୍କର ମଧ୍ୟ ଅନିଷ୍ଟ ଘଟାଇଥାନ୍ତି । ଯେଉଁ ବ୍ୟକ୍ତି ଏପରି ଠକଙ୍କ ସେବା କରେ ସେ ନିଜେ ଅବିଦ୍ୟାସାଗରରେ ନିମଜ୍ଜିତ ହୋଇ ରହେ ।

(୫୭) **ମହାଯଜ୍ଞର ଫଳ**— ବ୍ରହ୍ମଯଜ୍ଞଦ୍ୱାରା ବିଦ୍ୟା, ଶିକ୍ଷା, ଧର୍ମ ଓ ସଭ୍ୟତା ପ୍ରଭୃତି ସଦ୍‌ଗୁଣଗୁଡ଼ିକ ବୃଦ୍ଧିପାଇଥାଏ ।

ଅଗ୍ନିହୋତ୍ର- ଏହାଦ୍ୱାରା ବାୟୁ, ଜଳ ଶୁଦ୍ଧ ହୋଇ ବୃଷ୍ଟି ହୁଏ । ତଦ୍ୱାରା ସମଗ୍ର ଜଗତର ମଙ୍ଗଳ ସାଧିତ ହୁଏ । ଶୁଦ୍ଧ ବାୟୁ ସେବନ ଓ ଶୁଦ୍ଧ ଜଳ ପାନଦ୍ୱାରା ଆରୋଗ୍ୟ, ବଳ, ବୁଦ୍ଧି ଓ ପରାକ୍ରମ ବଢ଼େ । ଏହାଫଳରେ ଧର୍ମ, ଅର୍ଥ, କାମ ଓ

ମୋକ୍ଷର ସାଧନ, ତା ସଙ୍ଗେସଙ୍ଗେ ଶରୀର ସୁସ୍ଥ ରହେ । ଜଳ, ବାୟୁ ଆଦି ଭୌତିକ ଦେବତା ଅଗ୍ନିହୋତ୍ରଦ୍ୱାରା ଶୁଦ୍ଧ ହେଉଥିବାରୁ ଏହାର ନାମ ଦେବଯଜ୍ଞ ରଖାଯାଇଛି ।

ପିତୃଯଜ୍ଞ- ପିତୃଯଜ୍ଞ ଦ୍ୱାରା ପିତା, ମାତା ଜ୍ଞାନୀ, ସାଧୁସନ୍ଥଙ୍କ ସେବା ସହାର ଫଳରେ ସେବାକାରୀର ଜ୍ଞାନ ବଢ଼େ । ଫଳରେ ସେ ସତ୍ୟାସତ୍ୟ ନିର୍ଣ୍ଣୟ କରି ସତ୍ୟଗ୍ରହଣ ଓ ଅସତ୍ୟ ତ୍ୟାଗକରି ସୁଖରେ ରହେ । ପିତାମାତା, ତଥା ଗୁରୁଜନମାନେ ନିଜର ସନ୍ତାନ ଓ ଶିଷ୍ୟମାନଙ୍କ ପାଇଁ ଅନେକ କଷ୍ଟ ସ୍ୱୀକାର କରିଥାନ୍ତି । ଏହି ଯଜ୍ଞଦ୍ୱାରା ସେମାନଙ୍କର ସେବାକରି ସନ୍ତାନ ଓ ଶିଷ୍ୟ ଋଣ ପରିଶୋଧକରି ମୁକ୍ତ ହୋଇଥାନ୍ତି ।

ବଳିବୈଶ୍ୱଦେବ ଯଜ୍ଞ- ପାକଶାଳାର ଅଗ୍ନିରେ ଆତୁରାଳ, ରୋଗୀ, ଦରିଦ୍ର, ପତିତ ତଥା ବିଶ୍ୱାସୀ ଓ ଉପକାରୀ ପଶୁପକ୍ଷୀଙ୍କ ପାଇଁ ଅଂଶ ରଖାଯାଏ । ପୁଣି ନିତ୍ୟ ନୈମିତ୍ତିକ ଜୀବନରେ ନିମ୍ନ ଶ୍ରେଣୀର ପ୍ରାଣୀଙ୍କ ପ୍ରତି ଅଜ୍ଞାନତା ବଶତଃ ଯେଉଁ ପାପ ହୁଏ, ଏହି ଯଜ୍ଞଦ୍ୱାରା ତାର ପ୍ରାୟଶ୍ଚିତ୍ତ କରାଯାଏ ।

ଅତିଥି ଯଜ୍ଞ- ଉତ୍ତମଅତିଥି ଅର୍ଥାତ୍ ପରୋପକାରୀ ବିଦ୍ୱାନ୍ ପୁରୁଷଙ୍କ ଅଭାବରେ ସମାଜ ଓ ଜଗତର କଲ୍ୟାଣ ହୋଇ ପାରେ ନାହିଁ । ଏମାନେ ଦେଶ ବିଦେଶ ଭ୍ରମଣ କରି ଲୋକଙ୍କୁ ସତ୍ୟୋପଦେଶ ଦିଅନ୍ତି ଓ ସନ୍ମାର୍ଗରେ ପରିଚାଳିତ କରନ୍ତି । ଗୃହସ୍ଥମାନେ ଏପରି ପରୋପକାରୀ ଜ୍ଞାନୀଙ୍କଠାରୁ ସହଜରେ ଆତ୍ମଜ୍ଞାନ ଲାଭ କରି ଥାନ୍ତି । ପୁଣି ଏତଦ୍ୱାରା ସର୍ବତ୍ର ଲୋକେ ଏକ ଧର୍ମାବଲମ୍ବୀ ହୁଅନ୍ତି । ଏପରି ଉତ୍ତମଅତିଥିଙ୍କ ବିନା ସନ୍ଦେହ ଦୂର ହୁଏ ନାହିଁ । ସନ୍ଦେହ ଦୂର ନ ହେଲେ ସତ୍ୟଜ୍ଞାନର ଉଦ୍ରେକ ହୁଏ ନାହିଁ, କି ପ୍ରକୃତ ସୁଖ ଶାନ୍ତି ମିଳେ ନାହିଁ ।

(୫୮) ''ବ୍ରାହ୍ମେ ମୁହୂର୍ତ୍ତେ ବୁଧ୍ୟେତ ଧର୍ମାର୍ଥୌ ଚାନୁଚିନ୍ତୟେତ୍ ।
କାୟକ୍ଲେଶାଂଶ୍ଚ ତନ୍ମୂଲାନ୍ ବେଦତତ୍ତ୍ୱାର୍ଥମେବ ଚ' ।।

(ମନୁ ୪-୯୨)

ବ୍ରାହ୍ମ ମୁହୂର୍ତ୍ତରେ ଅର୍ଥାତ୍ ରାତି ପାହିବାର ଏକ ପ୍ରହର ପୂର୍ବରୁ ଶଯ୍ୟାତ୍ୟାଗ କରିବାକୁ ହେବ । ବହିର୍ଦ୍ଦେଶ, ଦନ୍ତଧାବନ ସ୍ନାନାଦି ଆବଶ୍ୟକୀୟ ନିତ୍ୟକର୍ମ ସମାପନ କରିବ । ଧର୍ମ, ଅର୍ଥ ବିଷୟରେ ଚିନ୍ତାକରି ଆରୋଗ୍ୟ ଶରୀର କାମନା ପୂର୍ବକ ଈଶ୍ୱରୋପାସନା କରିବ । କେବେହେଲେ ଅଧର୍ମ ଆଚରଣ କରିବ ନାହିଁ ।

(୫୯) ନାଧର୍ମଶ୍ଚରିତୋ ଲୋକେ ସଦ୍ୟଃ ଫଳତି ଗୌରିବ ।
ଶନୈରାବର୍ତ୍ତମାନସ୍ତୁ କର୍ତ୍ତୁର୍ମୂଲାନି କୃନ୍ତତି ।।

(ମନୁ୪-୧୭୨)

କରିଥିବା ଅଧର୍ମ ବା ପାପ କଦାପି ନିଷ୍ଫଳ ହୁଏ ନାହିଁ । ଯେଉଁ ସମୟରେ ପାପ କରାଯାଏ ସେ ସମୟରେ ଫଳ ମିଳେ ନାହିଁ । ଏଣୁ ଅଜ୍ଞ ଲୋକେ ଏହାକୁ ଭୟ କରନ୍ତି ନାହିଁ । କିନ୍ତୁ ମନେ ରଖିବାକୁ ହେବ ଯେ ସେହି ଅଧର୍ମାଚରଣ ଧୀରେ ଧୀରେ ତୁମ ସୁଖବୃକ୍ଷର ମୂଳଛେଦନ କରିବାରେ ଲାଗିଛି ।

(୬୦) ଅଧର୍ମେଣୈଧତେ ତାବତ୍ତତୋ ଭଦ୍ରାଣି ପଶ୍ୟତି ।
ତତଃ ସପତ୍ନାନ୍ ଜୟତି ସମୂଳସ୍ତୁ ବିନଶ୍ୟତି ।

(ମନୁ୪-୧୭୪)

ପାଣି ବନ୍ଧ ଭାଙ୍ଗି ଏଣେ ତେଣେ ଯେପରି ମାଡ଼ିଯାଏ, ସେହିପରି ଅଧର୍ମାତ୍ମା ମନୁଷ୍ୟ ଧର୍ମର ମର୍ଯ୍ୟାଦାକୁ ଲଂଘନ କରି କପଟ, ପାଖଣ୍ଡ ଓ ମିଥ୍ୟାଭାଷଣରେ ମଗ୍ନ ରହେ । ଅର୍ଥାତ୍ ସକଳ ସୁଖଦାୟକ, ସଦାରକ୍ଷକ ବେଦାଦେଶର ଅବମାନନା କରି ଓ ବିଶ୍ୱାସଘାତକାଦି କର୍ମ କରି ପରଧନ ଅପହରଣ କରେ । ତଦ୍ଦ୍ୱାରା ପ୍ରଥମେ ଉନ୍ନତି ଲାଭ କରେ ଅର୍ଥାତ୍ ଖାଦ୍ୟ, ପାନ, ବସ୍ତ୍ର, ଭୂଷଣ, ଯାନ, ବାହନ, ସମ୍ମାନ ଓ ପ୍ରତିଷ୍ଠା ଆଦି ଐଶ୍ୱର୍ଯ୍ୟ ଲାଭକରେ । ଅନ୍ୟାୟାଚରଣ କରି ଶତ୍ରୁକୁ ମଧ୍ୟ ଜୟ କରେ । କିନ୍ତୁ ପରେ ମୂଳସହିତ ସବୁକିଛି ତାର ନଷ୍ଟ ହୋଇଯାଏ ।

(୬୧) ସତ୍ୟଧର୍ମାର୍ଯ୍ୟବୃତ୍ତେଷୁ ଶୌଚେ ଚୈବାରମେତ୍ସଦା ।
ଶିଷ୍ୟାଂଶ୍ଚ ଶିଷ୍ୟାଦ୍ଧର୍ମେଣ ବାଗ୍‌ବାହୂଦରସଂଯତଃ ।

(ମନୁ ୪-୧୭୫)

ବିଦ୍ୱାନ୍ ବ୍ୟକ୍ତିମାନେ ବେଦୋକ୍ତ ସତ୍ୟଧର୍ମକୁ ଗ୍ରହଣ କରନ୍ତି, ଅର୍ଥାତ୍ କୌଣସି ପକ୍ଷପାତ ନ କରି ଅସତ୍ୟପରିତ୍ୟାଗ ପୂର୍ବକ ସର୍ବଦା ସତ୍ୟଗ୍ରହଣ କରନ୍ତି । ନ୍ୟାୟମାର୍ଗରେ ଚଳନ୍ତି, ପୁଣି ଶିଷ୍ୟମାନଙ୍କୁ ସୁନ୍ଦର ଭାବରେ ଧର୍ମ ଶିକ୍ଷା ଦେଇଥାନ୍ତି ।

(୬୨) ଋତ୍ୱିକ୍‌ପୁରୋହିତାଚାର୍ଯ୍ୟୈର୍ମାତୁଲାତିଥିସଂଶ୍ରିତୈଃ ।
ବାଲବୃଦ୍ଧାତୁରୈର୍ବୈଦ୍ୟୈର୍ଜ୍ଞାତିସମ୍ବନ୍ଧିବାନ୍ଧବୈଃ ।।
ମାତାପିତୃଭ୍ୟାଂ ଯାମିଭିର୍ଭ୍ରାତ୍ରା ପୁତ୍ରେଣ ଭାର୍ଯ୍ୟୟା ।
ଦୁହିତ୍ରା ଦାସବର୍ଗେଣ ବିବାଦଂ ନ ସମାଚରେତ୍ ।।

(ମନୁ ୪, ୧୭୯-୧୮୦)

ଋତ୍ୱିକ୍, ପୁରୋହିତ, ଆଚାର୍ଯ୍ୟ, ମାତୁଳ, ଅତିଥି ଆଶ୍ରିତ, ବାଳକ, ବୃଦ୍ଧ, ପୀଡ଼ିତ, ବୈଦ୍ୟ, ଜ୍ଞାତି, ସମ୍ବନ୍ଧୀ ମିତ୍ର, ମାତା ପିତା, ଭ୍ରାତା, ଭଗିନୀ, ଭାର୍ଯ୍ୟା ପୁତ୍ର ଓ ସେବକମାନଙ୍କ ସହିତ କଦାପି ବିବାଦ କରିବା ଉଚିତ ନୁହେଁ ।

(୬୩) ଅତପାସ୍ତ୍ୱନଧୀୟାନଃ ପ୍ରତିଗ୍ରହରୁଚିର୍ଦ୍ୱିଜଃ ।
ଅମ୍ଭସ୍ୟଶ୍ମପ୍ଲବେନୈବ ସହ ତେନୈବ ମଜ୍ଜତି ।

(ମନୁ ୩-୯୦)

(୧)ଅତପାଃ- ବ୍ରହ୍ମଚର୍ଯ୍ୟ ଓ ସତ୍ୟ ଭାଷଣାଦି ତପ ଶୂନ୍ୟ ।
(୨) ଅନଧୀୟାନଃ - ବେଦାଦି ଶାସ୍ତ୍ର ଅଧ୍ୟୟନ ଶୂନ୍ୟ ।
(୩)ପ୍ରତିଗ୍ରହରୁଚିଃ- ଅନ୍ୟଠାରୁ ଦାନଗ୍ରହଣ କରିବାପାଇଁ ସର୍ବଦା ଆତୁର । ଏହି ତିନିଜଣ ବ୍ୟକ୍ତି ପଥରର ନୌକାରେ ସମୁଦ୍ରକୁ ପାର ହେବାପରି ନିଜର ଦୁଷ୍କର୍ମ ସହିତ ଦୁଃଖ ସାଗରରେ ମଗ୍ନ ହୁଅନ୍ତି । ସେମାନେ ନିଜେ ବୁଡ଼ିବା ସଙ୍ଗେ ସଙ୍ଗେ ଦାତାକୁ ମଧ୍ୟ ବୁଡ଼ାଇ ଦିଅନ୍ତି ।

(୬୪) ତ୍ରିଷ୍ୱପ୍ୟେତେଷୁ ଦତ୍ତଂ ହି ବିଧିନାପ୍ୟର୍ଜିତଂ ଧନମ୍ ।
ଦାତୁର୍ଭବତ୍ୟନର୍ଥାୟ ପରତ୍ରାଦାତୁରେବ ଚ ।।

(ମନୁ୪-୯୦)

ଯେଉଁମାନେ ସନ୍ମାର୍ଗରେ ଉପାର୍ଜିତ ନିଜର ଧନକୁ ଉପରୋକ୍ତ ତିନି ଜଣକୁ ଦିଅନ୍ତି, ସେମାନେ ଇହଜନ୍ମରେ ନଷ୍ଟ ହୁଅନ୍ତି ଏବଂ ସେହି ନେବା ଲୋକମାନେ ମଧ୍ୟ ପରଜନ୍ମରେ ନଷ୍ଟ ହୋଇଥାନ୍ତି ।

(୬୫) ଯଥା ପ୍ଲବେନୌପଲେନ ନିମଜ୍ଜତ୍ୟୁଦକେ ତରନ୍ ।
ତଥା ନିମଜ୍ଜତୋଽଧସ୍ତାଦଜ୍ଞୌ ଦାତୃପ୍ରତୀଚ୍ଛକୌ ।।

(ମନୁ ୪-୧୯୪)

ଯେପରି ପଥର ନୌକାରେ ବସି ଜଳରେ ସନ୍ତରଣ କରୁଥିବା ବ୍ୟକ୍ତି ସେହି ଜଳରେ ବୁଡ଼ିମରେ ସେହିପରି ଅଜ୍ଞାନ ଦାତା ଓ ଗ୍ରହିତା ଏ ଉଭୟବ୍ୟକ୍ତିଙ୍କର ଅଧୋଗତି ହୋଇଥାଏ ।

(୬୬) ପାଖଣ୍ଡୀମାନଙ୍କ ଲକ୍ଷଣ

ଧର୍ମଧ୍ୱଜୀ ସଦାଲୁବ୍ଧଶ୍ଛାଦ୍ମିକୋ ଲୋକଦମ୍ଭକଃ ।
ବୈଡ଼ାଲବୃତିକୋ ଜ୍ଞେୟୋ ହିଂସ୍ରଃ ସର୍ବାଭିସନ୍ଧକଃ ।
ଅଧୋଦୃଷ୍ଟିର୍ନୈଷ୍କୃତିକଃ ସ୍ୱାର୍ଥସାଧନତତ୍ପରଃ ।
ଶଠୋମିଥ୍ୟାବିନୀତଶ୍ଚ ବକବ୍ରତଚରୋ ଦ୍ୱିଜଃ ।

(ମନୁ୪-୧୯୫-୧୯୬)

ଧର୍ମଧ୍ୱଜୀ- ଯେଉଁମାନେ କୌଣସି ଧର୍ମକାର୍ଯ୍ୟ ନକରିମଧ୍ୟ ଧର୍ମ ନାମରେ ଲୋକଙ୍କୁ ସର୍ବଦା ଠକୁଥାନ୍ତି ।

ସଦାଲୁବ୍ଧ - ଯେଉଁମାନେ ସର୍ବଦା ଲୋଭପରବଶ ହୋଇ କାର୍ଯ୍ୟ କରନ୍ତି ।
ଛାଦ୍ମିକଃ=କପଟୀ ।
ଲୋକଦମ୍ଭକଃ- ଯିଏ ଲୋକଙ୍କ ଆଗରେ ନିଜର ବଡ଼ପଣିଆ କେବଳ ଦେଖାଇ ହୁଏ ।
ହିଂସ୍ରଃ- ଯେଉଁମାନେ ହିଂସ୍ରହୋଇ ଅନ୍ୟମାନଙ୍କର ପ୍ରାଣନାଶ କରନ୍ତି ।
ସର୍ବାଭିସନ୍ଧକଃ- ଯେଉଁମାନେ ଛୋଟ-ବଡ଼ ସମସ୍ତଙ୍କ ସହିତ ମିଳାମିଶା କରନ୍ତି ।
ବୈଡ଼ାଳବୃତିକଃ- ଏମାନେ ସମସ୍ତେ ବିରାଡ଼ିପରି ଚତୁର ଓ ଅତ୍ୟନ୍ତ ନୀଚ ଅଟନ୍ତି ।
ଅଧୋଦୃଷ୍ଟି- ଯେଉଁମାନେ ନିଜକୁ ଧାର୍ମିକ ବୋଲି ପରିଚୟ ଦେବା ଉଦ୍ଦେଶ୍ୟରେ ସର୍ବଦା ତଳକୁ ଦୃଷ୍ଟି ରଖନ୍ତି ।
ନୈଷ୍କୃତିକଃ- ଯେଉଁମାନେ ଅତ୍ୟନ୍ତ ଈର୍ଷାଳୁ ଅର୍ଥାତ୍ ସାମାନ୍ୟ ଦୋଷର ପ୍ରତିଶୋଧ ମୂଳକ କାର୍ଯ୍ୟ କରି ଜୀବନରେ ମାରିଦେଇ ପାରନ୍ତି ।
ସ୍ୱାର୍ଥସାଧନତତ୍ପରଃ- କପଟ, ଅଧର୍ମ ଓ ବିଶ୍ୱାସ ଘାତକତା ଯେ କୌଣସି ଉପାୟରେ ହେଉନା କାହିଁକି ନିଜ ସ୍ୱାର୍ଥ ସାଧନ କରିବାରେ ନିପୁଣ ।
ଶଠଃ- ନିଜ କଥା ସଂପୂର୍ଣ୍ଣରୂପେ ମିଛ ହୋଇଥିଲେ ମଧ୍ୟ ତାକୁ କାର୍ଯ୍ୟକାରୀ କରିବାପାଇଁ ତତ୍ପର ।
ମିଥ୍ୟାବିନୀତଃ- ଯେଉଁମାନେ ବାହାରକୁ ସନ୍ତୋଷ ଓ ସାଧୁତା ଦେଖାଇ ହୁଅନ୍ତି, କିନ୍ତୁ ଭିତରେ ଭିତରେ ପାପକାର୍ଯ୍ୟ କରନ୍ତି ।
ବକବ୍ରତଃ- ଉପରୋକ୍ତ ଗୁଣଥିବା ଲୋକଙ୍କୁ ବଗ ପରି ନାମ ମନେକରିବ । ବଗ ଯେପରି ସାଧୁ ଭଳି ଛିଡ଼ା ହୋଇଥାଏ କିନ୍ତୁ ମାଛ ଦେଖିଲାମାତ୍ରେ ହଠାତ୍ ଝାମ୍ପି ମାରେ ଏଲୋକମାନେ ମଧ୍ୟ ସାଧୁଭଳି ଥାନ୍ତି, କିନ୍ତୁ ସୁଯୋଗ ଦେଖି ଅନ୍ୟଙ୍କୁ ଦୁଃଖ ଦେଇ ନିଜର ସ୍ୱାର୍ଥସାଧନ କରନ୍ତି ।

ଏ ସମସ୍ତ ଲକ୍ଷଣଯୁକ୍ତ ଲୋକଙ୍କୁ ପାଖଣ୍ଡୀ କୁହାଯାଏ । ଏମାନଙ୍କୁ ବିଶ୍ୱାସ କରିବା ଉଚିତ ନୁହେଁ କିମ୍ବା ସେବା ମଧ୍ୟ କରିବା ଅନୁଚିତ ।

(୬୦) ଧର୍ମଂ ଶନୈଃ ସଞ୍ଚିନୁୟାତ୍ ବଲ୍ମୀକମିବ ପୁତିକାଃ ।
ପରଲୋକ ସହାୟାର୍ଥଂ ସର୍ବଭୂତାନ୍ୟପୀଡ଼ୟନ୍ ।

(ମନୁ ୪-୨୩୮)

ଉଈମାନେ ଯେପରି ଅନବରତ ଯତ୍ନ କରି ବଲ୍ମିକ ବା ହୁଙ୍କା ତିଆରି କରନ୍ତି, ସେହିପରି ମନୁଷ୍ୟ ମଧ୍ୟ କାହାକୁ ପୀଡ଼ା ନ ଦେଇ ପରଜନ୍ମର ସୁଖପାଇଁ ଧୀରେ ଧୀରେ ଧର୍ମସଞ୍ଚୟ କରିବା ଉଚିତ ।

ନାମୁତ୍ର ହି ସହାୟାର୍ଥଂ ପିତା ମାତା ଚ ତିଷ୍ଠତଃ ।
ନ ପୁତ୍ରଦାରଂ ନ ଜ୍ଞାତିର୍ଧର୍ମସ୍ତିଷ୍ଠତି କେବଳଃ ।।

(ମନୁ ୪-୨୩୯)

କାରଣ ପରଲୋକରେ ମାତା, ପିତା, ପୁତ୍ର, ପତ୍ନୀ ଓ ବନ୍ଧୁବାନ୍ଧବ କେହି ସାହାଯ୍ୟ କରିପାରନ୍ତି ନାହିଁ । କିନ୍ତୁ ଧର୍ମ ହିଁ କେବଳ ସହାୟକ ହୋଇଥାଏ ।

ଏକଃ ପ୍ରଜାୟତେ ଜନ୍ତୁରେକ ଏବ ପ୍ରଲୀୟତେ ।
ଏକୋଽନୁଭୁଙ୍କ୍ତେ ସୁକୃତମେକ ଏବ ଚ ଦୁଷ୍କୃତମ୍ ।

(ମନୁ ୪-୨୪୦)

ଦେଖ, ଜୀବ ଏକାକୀ ଜନ୍ମଗ୍ରହଣ କରେ ଓ ଏକାକୀ ହୋଇ ମୃତ୍ୟୁବରଣ କରେ । ପୁନଶ୍ଚ, ସେ ଏକାକୀ ହୋଇ ନିଜର ଧର୍ମ କର୍ମର ଫଳସ୍ୱରୂପ ସୁଖ ଓ ପାପକର୍ମର ଫଳସ୍ୱରୂପ ଦୁଃଖ ଭୋଗ କରେ ।

ଏକଃ ପାପାନି କୁରୁତେ ଫଳଂ ଭୁଙ୍କ୍ତେ ମହାଜନଃ ।
ଭୋକ୍ତାରୋ ବିପ୍ରମୁଚ୍ୟନ୍ତେ କର୍ତ୍ତା ଦୋଷେଣ ଲିପ୍ୟତେ ।।

(ମହାଭାରତ ଉଦ୍ୟୋଗପର୍ବ ୩-୪୧)

ଏକଥା ମଧ୍ୟ ଦେଖ ଯେ କୁଟୁମ୍ବରେ ଜଣେ ପାପ କରି ଧନୋପାର୍ଜନ କରି ଆଣେ । କିନ୍ତୁ, ମହାଜନ ଅର୍ଥାତ୍ ସମସ୍ତ କୁଟୁମ୍ବ ତାହା ଭୋଗ କରନ୍ତି । ଯେଉଁମାନେ ଭୋଗ କରନ୍ତି ସେମାନେ ଦୋଷର ଭାଗୀ ହୁଅନ୍ତି ନି, କିନ୍ତୁ ଯିଏ ଅଧର୍ମ କରି ଧନ ଆଣିଥାଏ, ସେହି ଲୋକ କେବଳ ପାପର ଫଳ ଭୋଗ କରେ ।

ମୃତଂ ଶରୀରମୁତ୍ସୃଜ୍ୟ କାଷ୍ଠଲୋଷ୍ଟସମଂ କ୍ଷିତୌ ।
ବିମୁଖା ବାନ୍ଧବା ଯାନ୍ତି ଧର୍ମସ୍ତମନୁଗଚ୍ଛତି ।

(ମନୁ୪-୨୪୧)

ଯେତେବେଳେ କୌଣସି ଲୋକ ମରିଯାଏ ତାହାର ପରିବାର ଓ ଆତ୍ମୀୟସ୍ୱଜନ ତାକୁ ମାଟିରେ ପୋତି ଦେଇ ବା ଅଗ୍ନିରେ ପୋଡ଼ି ଦେଇ ବିମୁଖ ହୋଇ ଚାଲି ଆସନ୍ତି, କେହି ମଧ୍ୟ ତା ସାଙ୍ଗରେ ଯାଆନ୍ତି ନାହିଁ । ମୃତ ବ୍ୟକ୍ତିର ଧର୍ମ କେବଳ ତାହା ସାଙ୍ଗରେ ଯାଏ ।

(୬୮) ତସ୍ମାଦ୍ଧର୍ମଂ ସହାୟାର୍ଥଂ ନିତ୍ୟଂ ସଞ୍ଚିନୁୟାଚ୍ଛନୈଃ ।
ଧର୍ମେଣ ହି ସହାୟେନ ତମସ୍ତରତି ଦୁସ୍ତରମ୍ ।

(ମନୁ ୪-୨୪୨)

ମନୁଷ୍ୟ ପରଜନ୍ମରେ ସୁଖଲାଭ କରିବା ପାଇଁ ପ୍ରତିଦିନ ଧର୍ମସଞ୍ଚୟ କରିବା ଉଚିତ । କାରଣ କେବଳ ଧର୍ମ ସାହାଯ୍ୟରେ ବିଶାଳ ଦୁସ୍ତର ଦୁଃଖସାଗରକୁ ଜୀବ ପାରି ହୋଇ ଯାଇପାରେ ।

ଧର୍ମପ୍ରଧାନଂ ପୁରୁଷଂ ତପସା ହତକିଲ୍ବିଷମ୍ ।
ପରଲୋକଂ ନୟତ୍ୟାଶୁ ଭାସ୍ୱନ୍ତଂ ଖଶରୀରିଣମ୍ ।

(ମନୁ୪-୨୪୩)

ଯେଉଁ ବ୍ୟକ୍ତି ଧର୍ମକୁ ହିଁ ପ୍ରଧାନ ସମ୍ବଳ ବୋଲି ମନେକରି କାର୍ଯ୍ୟକରେ ତାରି ବଳରେ ତାର ଇହଜନ୍ମର ପାପସବୁ ଦୂର ହୋଇଯାଏ । ପ୍ରାଣ ପ୍ରକାଶ ସ୍ୱରୂପ ଓ ଆକାଶ ତୁଲ୍ୟ ଶରୀରଧାରୀ ସେହି ପରଲୋକ ବା ପରମ ଦର୍ଶନୀୟ ପରମେଶ୍ୱରଙ୍କୁ ଲାଭକରେ ।

(୬୯) ଦୃଢ଼କାରୀ-ମୃଦୁର୍ଦାନ୍ତଃ କ୍ରୂ-ରାଚାରୈରସଂବସନ୍ ।
ଅହିଂସ୍ରୋ ଦମଦାନାଭ୍ୟାଂ ଜୟେତ୍ ସ୍ୱର୍ଗଂ ତଥାବ୍ରତଃ ।।

(ମନୁ ୪-୨୪୬)

ଯେଉଁ ଲୋକ ସର୍ବଦା ନିଜ କର୍ତ୍ତବ୍ୟରେ ଦୃଢ଼, କୋମଳ ସ୍ୱଭାବଯୁକ୍ତ ଓ ଜିତେନ୍ଦ୍ରିୟ, ଯିଏ ହିଂସ୍ର; କ୍ରୂର ଓ ଦୁଷ୍ଟାଚାରୀ ପୁରୁଷଙ୍କଠାରୁ ଅଲଗା ରହେ ସେ ଭଳି ଧାର୍ମିକ ପୁରୁଷ ମନକୁ ସଂଯମରେ ରଖି ଏବଂ ବିଦ୍ୟାଦାନ ଦ୍ୱାରା ସ୍ୱର୍ଗର ସୁଖଲାଭ କରେ ।

ବାଚ୍ୟର୍ଥା ନିୟତାଃ ସର୍ବେ ବାଙ୍ମୂଲା ବାଗ୍‌ବିନିଃସୃତାଃ ।
ତାନ୍ତୁ ଯଃ ସ୍ତେନୟେତ୍ ବାଚଂ ସ ସର୍ବସ୍ତେୟକୃନ୍ନରଃ ।।

(ମନୁ ୪-୨୫୬)

ବଚନ ଦ୍ୱାରା ସକଳ ବ୍ୟବହାର ନିଷ୍ପନ୍ନ ହୋଇଥାଏ । ବଚନ ହିଁ ସମସ୍ତ ବ୍ୟବହାରର ମୂଳାଧାର । ଏଣୁ ଯେଉଁ ବ୍ୟକ୍ତି ଏହି ବଚନକୁ ଚୋରି କରନ୍ତି ଅର୍ଥାତ୍ ମିଥ୍ୟାଭାଷଣ କରନ୍ତି ସେ ଚୌର୍ଯ୍ୟାଦି ସକଳ ପାପର ଭାଗୀ ହୁଅନ୍ତି ।

ଆଚାରାଲ୍ଲଭତେ ହ୍ୟାୟୁରାଚାରାଦୀପ୍ସିତାଃ ପ୍ରଜାଃ ।
ଆଚାରାଦ୍ଧନମକ୍ଷୟ୍ୟମାଚାରୋ ହନ୍ତ୍ୟଲକ୍ଷଣମ୍ ।

(ମନୁ୪-୧୫୬)

ଯେଉଁମାନେ ମିଥ୍ୟା ଭାଷଣାଦି ଅଧର୍ମ କାର୍ଯ୍ୟକୁ ବର୍ଜନ କରି ଧର୍ମାଚରଣ କରନ୍ତି ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି ଓ ଜିତେନ୍ଦ୍ରିୟ ହୁଅନ୍ତି ସେମାନେ ଦୀର୍ଘାୟୁ ଭୋଗ କରନ୍ତି । ଉତ୍ତମ ସନ୍ତାନ ଲାଭ କରନ୍ତି ଓ ଅକ୍ଷୟ ଧନସମ୍ପତ୍ତି ଲାଭ କରନ୍ତି । ଧର୍ମାଚରଣ ଦ୍ୱାରା ହିଁ ସକଳ ପାପ ନଷ୍ଟ ହୋଇଥାଏ ।

(୭୦) ଦୁରାଗ୍ରରୋ ହି ପୁରୁଷୋ ଲୋକେ ଭବତି ନିନ୍ଦିତଃ ।
ଦୁଃଖଭାଗୀ ଚ ସତତଂ ବ୍ୟାଧିତୋଽଲ୍ପାୟୁରେବ ଚ ।।

(ମନୁ ୪-୧୫୭)

ଦୁଷ୍ଟାଗ୍ରରୀ ବ୍ୟକ୍ତିମାନେ ସଜ୍ଜନ ସମାଜରେ ନିନ୍ଦିତ ହୁଅନ୍ତି, ଦୁଃଖଭୋଗ କରନ୍ତି ଓ ସର୍ବଦା ରୋଗ ଭୋଗକରି ଅଳ୍ପାୟୁ ହୋଇଥାନ୍ତି ।

(୭୧) ଯଦ୍ୟତ୍ ପରବଶଂ କର୍ମ ତତ୍ତତ୍ ଯତ୍ନେନ ବର୍ଜୟେତ୍ ।
ଯଦ୍ୟଦାତ୍ମବଶଂ ତୁ ସ୍ୟାତ୍ ତତ୍ତତ୍ ସେବେତ ଯତ୍ନତଃ ।।

(ମନୁ୪-୧୫୯)

ଯେଉଁ କର୍ମ ଗୁଡ଼ିକ ପରାଧୀନ ସେ ସବୁକୁ ଯତ୍ନପୂର୍ବକ ତ୍ୟାଗ କରିବ ଓ ଯେଉଁ କର୍ମମାନ ସ୍ୱାଧୀନ ସେସବୁକୁ ଯତ୍ନପୂର୍ବକ କାର୍ଯ୍ୟକାରୀ କରିବ ।

ସର୍ବଂ ପରବଶଂ ଦୁଃଖଂ ସର୍ବମାତ୍ମବଶଂ ସୁଖମ୍ ।
ଏତତ୍ ବିଦ୍ୟାତ୍ ସମାସେନ ଲକ୍ଷଣଂ ସୁଖଦୁଃଖୟୋଃ ।

(ମନୁ୪-୧୬୦)

ପରାଧୀନକର୍ମ ମାତ୍ରକେ ଦୁଃଖ ଦାୟକ ଓ ସ୍ୱାଧୀନ କର୍ମ ମାତ୍ରକେ ସୁଖ ଦାୟକ । ଏହାହିଁ ହେଉଛି ସୁଖ ଦୁଃଖର ସଂକ୍ଷିପ୍ତ ଲକ୍ଷଣ ।

(୭୨) କିନ୍ତୁ, ଯେଉଁ କାର୍ଯ୍ୟ ପରସ୍ପରର ନିର୍ଭରଯୋଗ୍ୟ ତାହା ଅଧୀନତାର କର୍ତ୍ତବ୍ୟ ବୋଧରେ କରିବା ଉଚିତ । ଯେପରି ପତି ଓ ପତ୍ନୀ ଉଭୟେ ଉଭୟଙ୍କ ଉପରେ ନିର୍ଭର କରନ୍ତି । ଏଣୁ ପତି ପତ୍ନୀର ପ୍ରିୟାଚରଣ ଓ ପତ୍ନୀ ପତିର ପ୍ରିୟାଚରଣ ବା ଅନୁକୂଳ କାର୍ଯ୍ୟ କରିବା ଆବଶ୍ୟକ । କେହିହେଲେ ବ୍ୟଭିଚାର ବା ପରସ୍ପର ବିରୁଦ୍ଧାଚରଣ କରିବେ ନାହିଁ । ସ୍ୱାମୀଙ୍କ ଆଜ୍ଞାନୁସାରେ ଗୃହର ସମସ୍ତ କାର୍ଯ୍ୟ ସ୍ତ୍ରୀ ନିର୍ବାହ କରିବେ ଓ ବାହାରର ସକଳକାର୍ଯ୍ୟ ସ୍ୱାମୀଙ୍କ ଦ୍ୱାରା ସମ୍ପାଦିତ ହେବ । ଜଣେ ଅନ୍ୟର ଦୁର୍ବ୍ୟସନ ବା ପାପ କାର୍ଯ୍ୟକୁ ବାରଣ କରିବେ ।

ବିବାହ ପରେ ସ୍ୱାମୀ ଓ ସ୍ତ୍ରୀ ପରସ୍ପର ପରସ୍ପରର ଅଧୀନରେ ରହିବେ । ଉଭୟଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିବ । ଏପରିକି ଜଣକର ଅଙ୍ଗ ପ୍ରତ୍ୟଙ୍ଗ, ହାବଭାବ ଓ ହୃଦୟ ଅନ୍ତଃକରଣ ଠାରୁ ଆରମ୍ଭ କରି ନଖଶିଖ ପର୍ଯ୍ୟନ୍ତ ଅନ୍ୟର ଅଧୀନରେ ରହିବ । ଉଭୟେ ଉଭୟଙ୍କ ପ୍ରତି ସର୍ବଦା ପ୍ରସନ୍ନ ରହି ମଙ୍ଗଳକର୍ମ ସଂପାଦନ କରିବେ । ସ୍ୱାମୀର ବେଶ୍ୟାଗମନ ଓ ସ୍ତ୍ରୀର ପରପୁରୁଷଗମନ ଉଭୟଙ୍କ ମଧ୍ୟରେ ବିରୋଧର ପ୍ରଧାନ କାରଣ । ଏଣୁ ସ୍ତ୍ରୀ ପୁରୁଷ ଉଭୟେ ମନ, ବଚନ ଓ କର୍ମରେ ବ୍ୟଭିଚାର ଦୋଷରୁ ସର୍ବଦା ଦୂରେଇ ରହିବେ । ସ୍ତ୍ରୀ ପୁରୁଷଠାରେ ସର୍ବଦା ସନ୍ତୁଷ୍ଟ ଓ ପ୍ରସନ୍ନ ରହିବ ।

ବ୍ରାହ୍ମଣ ବର୍ଣ୍ଣର ପୁରୁଷ ବାଳକମାନଙ୍କୁ ଓ ବ୍ରାହ୍ମଣ ବର୍ଣ୍ଣର ସୁଶିକ୍ଷିତା ସ୍ତ୍ରୀ ବାଳିକାମାନଙ୍କୁ ବିଦ୍ୟାଶିକ୍ଷାଦେବେ । ବିଭିନ୍ନ ପ୍ରକାରର ଉପଦେଶ ତଥା ବକ୍ତୃତାଦ୍ୱାରା ସେମାନେ ବାଳକ-ବାଳିକାମାନଙ୍କୁ ବିଦ୍ୱାନ୍ ଓ ବିଦୁଷୀ କରିବେ । ସ୍ତ୍ରୀ ପକ୍ଷରେ ପୂଜ୍ୟ ଦେବତା ହେଉଛନ୍ତି ପତି ଏବଂ ପତି ପକ୍ଷରେ ପତ୍ନୀ ହେଉଛି ପୂଜ୍ୟା ଦେବୀ । ବାଳକ ବାଳିକାମାନେ ଗୁରୁକୁଳରେ ଥିବା ସମୟରେ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ମାତାପିତା ସଦୃଶ ମନେ କରିବେ । ସେହିପରି ଅଧ୍ୟାପକ ଓ ଅଧ୍ୟାପିକାମାନେ ମଧ୍ୟ ଶିଷ୍ୟ ଶିଷ୍ୟାମାନଙ୍କୁ ନିଜର ପୁତ୍ର ସନ୍ତାନ ଭଳି ଲାଳନପାଳନ କରି ଶିକ୍ଷାଦାନ କରିବେ ।

ଅଧ୍ୟାପକ ଲକ୍ଷଣ

(୭୩) ଆତ୍ମଜ୍ଞାନଂ ସମାରମ୍ଭସ୍ତିତିକ୍ଷା ଧର୍ମନିତ୍ୟତା ।
ଯମର୍ଥାନାପକର୍ଷନ୍ତି ସ ବୈ. ପଣ୍ଡିତ ଉଚ୍ୟତେ ।।

(ମହାଭାରତ, ଉଦ୍ୟୋଗପର୍ବ ୩୩-୧୫)

ଯାହାର ଉତ୍ତମ ଆତ୍ମଜ୍ଞାନ ଥାଏ, ଯିଏ ଅକର୍ମା ବା ଆଳସ୍ୟ ପରାୟଣ ନୁହେଁ; ଯିଏ ସୁଖ ଦୁଃଖ, ହାନି ଲାଭ, ମାନ-ଅପମାନ ଓ ନିନ୍ଦାସ୍ତୁତିରେ କେବେହେଁ ହର୍ଷ ବା ଶୋକ କରେ ନାହିଁ; ଯିଏ ଧର୍ମରେ ମନକୁ ସର୍ବଦା ଅଟଳ ରଖେ ଏବଂ ଯାହାଙ୍କ ମନକୁ ବିଷୟ ଭୋଗ ସମ୍ବନ୍ଧୀୟ ଉତ୍ତମୋତ୍ତମ ପଦାର୍ଥମାନ ଆକର୍ଷଣ କରିପାରେ ନାହିଁ, ସେ ହିଁ କେବଳ ପଣ୍ଡିତ ପଦବାଚ୍ୟ ଅଟନ୍ତି ।

ନିଷେବତେ ପ୍ରଶସ୍ତାନି ନିନ୍ଦିତାନି ନ ସେବତେ ।
ଅନାସ୍ତିକ ଶ୍ରଦ୍ଦଧାନ ଏତତ୍ ପଣ୍ଡିତଲକ୍ଷଣମ୍ ।।

(ମ.ଭା.ଉ.ପ ୩୩-୧୬)

ସର୍ବଦା ଧର୍ମ କାର୍ଯ୍ୟ ଆଚରଣ, ଅଧର୍ମଯୁକ୍ତ କାର୍ଯ୍ୟ ତ୍ୟାଗ କରିବା, ଈଶ୍ୱର, ବେଦ ଓ ସତ୍ୟାଚରଣର ନିନ୍ଦା ନ କରିବା, ଈଶ୍ୱରଙ୍କ ପାଇଁ ଅନନ୍ୟ ଶ୍ରଦ୍ଧା ଓ ଭକ୍ତି ରଖିବା ଏସବୁ ହେଉଛି ଜ୍ଞାନୀ ପୁରୁଷଙ୍କ ଲକ୍ଷଣ ।

କ୍ଷିପ୍ରଂ ବିଜାନାତି ଚିରଂ ଶୃଣୋତି,
ବିଜ୍ଞାୟ ଚାର୍ଥଂ ଭଜତେ ନ କାମାତ୍ ।
ନାସମ୍ପୃଷ୍ଟୋ ହ୍ୟୁପଯୁଂକ୍ତେ ପରାର୍ଥେ,
ତତ୍ପ୍ରଜ୍ଞାନଂ ପ୍ରଥମଂ ପଣ୍ଡିତସ୍ୟ ।

(ମ.ଭା. ଉ.ପ. ୩୩-୨୨)

ଯିଏ କଠିନ ବିଷୟକୁ ମଧ୍ୟ ଶୀଘ୍ର ବୁଝି ପାରନ୍ତି; ବହୁସମୟ ପର୍ଯ୍ୟନ୍ତ ଶାସ୍ତ୍ର ଅଧ୍ୟୟନ, ଶ୍ରବଣ ଓ ମନନ କରନ୍ତି; ନିଜର ସମସ୍ତ ଜ୍ଞାନ ପରୋପକାରରେ ଲଗାନ୍ତି

ନିଜ ସ୍ୱାର୍ଥ ପାଇଁ କୌଣସି କର୍ମ କରନ୍ତି ନାହିଁ; ନ ପଚାରିବା ପର୍ଯ୍ୟନ୍ତ ଅଥବା ଉପଯୁକ୍ତ ସମୟ ନ ଆସିବା ପର୍ଯ୍ୟନ୍ତ ଅନ୍ୟର କାର୍ଯ୍ୟପାଇଁ ସମ୍ମତି ଦିଅନ୍ତି ନାହିଁ, ଏସବୁ ଲକ୍ଷଣରୁ ତାଙ୍କୁ ହିଁ ପଣ୍ଡିତ ବୋଲି ଜାଣିବାକୁ ହେବ ।

ନାପ୍ରାପ୍ୟମଭିବାଞ୍ଛନ୍ତି ନଷ୍ଟଂ ନେଚ୍ଛନ୍ତି ଶୋଚିତୁମ୍ ।
ଆପତ୍ସୁ ଚ ନ ମୁହ୍ୟନ୍ତି ନରାଃ ପଣ୍ଡିତ ବୁଦ୍ଧୟଃ ।।

(ମ.ଭା.ଉ.ପ.୩୩-୨୩)

ଯେଉଁମାନେ ଅପ୍ରାପ୍ୟ ବସ୍ତୁ ମାଗିବାକୁ କେବେହେଁ ଇଚ୍ଛା କରନ୍ତି ନାହିଁ, ନଷ୍ଟ ପଦାର୍ଥ ପାଇଁ ଶୋକ କରନ୍ତି ନାହିଁ ଏବଂ ଆପଦ ବିପଦ ସମୟରେ ବିଚଳିତ ନ ହୋଇ ଧୈର୍ଯ୍ୟ ଧାରଣ କରନ୍ତି । ସେମାନେ ହିଁ ପଣ୍ଡିତ ଅଟନ୍ତି ।

ପ୍ରବୃତ୍ତବାକ୍ ଚିତ୍ରକଥା ଊହବାନ୍ ପ୍ରତିଭାନବାନ୍ ।
ଆଶୁ ଗ୍ରନ୍ଥସ୍ୟ ବକ୍ତା ଚ ଯଃ ସ ପଣ୍ଡିତ ଉଚ୍ୟତେ ।।

(ମ.ଭା. ଉ.ପ. ୩୩-୨୮)

ସକଳ ବିଦ୍ୟାର ମର୍ମ୍ମଗୁଡ଼ିକ ଜାଣିବାରେ ଯାହାଙ୍କ ବିଚିତ୍ର ଓ ବିଚକ୍ଷଣ ବାକ୍‌ଶକ୍ତି ଅଛି, ଯିଏ ଶାସ୍ତ୍ରୀୟ ପ୍ରସଙ୍ଗଗୁଡ଼ିକ ନିର୍ଭୁଲ ଭାବରେ ବ୍ୟାଖ୍ୟା କରି ପାରନ୍ତି, ଯିଏ ଅତାର୍କ ତର୍କବୁଦ୍ଧିର ଏବଂ ଅସାଧାରଣ ସ୍ମୃତିମାନ୍ ଅଟନ୍ତି, ଯିଏ ଶାସ୍ତ୍ରମାନଙ୍କର ଗୂଢ଼ ଅର୍ଥଗୁଡ଼ିକୁ ସହଜରେ ବ୍ୟକ୍ତ କରି ପାରନ୍ତି ତାଙ୍କୁ ହିଁ ପଣ୍ଡିତ କହନ୍ତି ।।

ଶ୍ରୁତଂ ପ୍ରଜ୍ଞାନୁଗଂ ଯସ୍ୟ ପ୍ରଜ୍ଞା ଚୈବ ଶ୍ରୁତାନୁଗା ।
ଅସଂଭିନ୍ନାର୍ଯ୍ୟମର୍ଯ୍ୟାଦଃ ପଣ୍ଡିତାଖ୍ୟାଂ ଲଭେତ ସଃ ।।

(ମ.ଭା.ଉ.ପ. ୩୩-୨୯)

ଯାହାର ପ୍ରଜ୍ଞା ସତ୍ୟାର୍ଥର ଅନୁକୂଳ, ଯେଉଁମାନେ ଯୁକ୍ତିଯୁକ୍ତ ବାକ୍ୟ ଗ୍ରହଣ କରନ୍ତି, ଯେଉଁମାନେ ଆର୍ଯ୍ୟ ଅର୍ଥାତ୍ ଶ୍ରେଷ୍ଠ ଧାର୍ମିକ ପୁରୁଷମାନଙ୍କର ମର୍ଯ୍ୟାଦାକୁ ଲଂଘନ କରନ୍ତି ନାହିଁ, ସେହିମାନେ ହିଁ କେବଳ ପଣ୍ଡିତ ପଦବାଚ୍ୟ ହୋଇଥାନ୍ତି ।

ଯେଉଁ ବାଳକ ବାଳିକା ଏପରି ଜ୍ଞାନ ସମ୍ପନ୍ନ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଠାରୁ ବିଦ୍ୟାଶିକ୍ଷା କରନ୍ତି, ସେମାନେ ନିଶ୍ଚୟ ବିଦ୍ୟା, ଧର୍ମ ଓ ଉତ୍ତମାଚରଣରେ ଉନ୍ନତି ଲାଭ କରି ଜୀବନରେ ସୁଖଶାନ୍ତି ଲାଭକରନ୍ତି ।

(୭୪) ଅଯୋଗ୍ୟ ଏବଂ ମୂର୍ଖଙ୍କ ଲକ୍ଷଣ

ଅଶ୍ରୁତଶ୍ଚ ସମୁନ୍ନଦ୍ଧୋ ଦରିଦ୍ରଶ୍ଚ ମହାମନାଃ ।
ଅର୍ଥାଂଶ୍ଚାଽକର୍ମଣା ପ୍ରେପ୍ସୁର୍ମୂଢ଼ ଇତ୍ୟୁଚ୍ୟତେ ବୁଧୈଃ ।

(ମ.ଭା.ଉ.ପ.୩୩-୩୦)

କୌଣସି ଶାସ୍ତ୍ର ଅଧ୍ୟୟନ ନ କରି ବୃଥା ଅଭିମାନୀ ଦରିଦ୍ର ହୋଇ ମଧ୍ୟ ପ୍ରକାଣ୍ଡ ମନୋରଥ ପୋଷଣକାରୀ, ବିନା ପରିଶ୍ରମରେ ଫଳ ଲାଭ ଇଚ୍ଛାକାରୀ, ଏପରି ବ୍ୟକ୍ତିଙ୍କୁ ବୁଦ୍ଧିମାନ୍ ଲୋକେ ମୂଢ଼ କହିଥାନ୍ତି ।

ଅନାହୂତଃ ପ୍ରବିଶତି ହ୍ୟପୃଷ୍ଟୋ ବହୁ ଭାଷତେ ।
ଅବିଶ୍ୱସ୍ତେ ବିଶ୍ୱସିତି ମୂଢ଼ଚେତା ନରାଧମଃ ।।

(ମ.ଭା.ଉ.ପ. ୩୩-୩୬)

ଯେଉଁ ଲୋକ ବିନାଡାକରାରେ ମଧ୍ୟ କୌଣସି ସଭା ବା ଗୃହକୁ ପ୍ରବେଶ କରି, ଉଚ୍ଚାସନରେ ବସିବାକୁ ଇଚ୍ଛା କରେ, କିଛି ନ ପଚାରିଲେ ମଧ୍ୟ ଯିଏ ସଭାରେ ଅଧିକ ପ୍ରଳାପ କରେ ଏବଂ ଯିଏ ଅବିଶ୍ୱାସଯୋଗ୍ୟ ବସ୍ତୁ ବା ମନୁଷ୍ୟଙ୍କୁ ବିଶ୍ୱାସ କରେ, ସେହି ଲୋକ ଅତ୍ୟନ୍ତ ମୂଢ଼ ଏବଂ ମନୁଷ୍ୟମାନଙ୍କ ମଧ୍ୟରେ ଅଧମ ଅଟେ ।

ଯେଉଁଠାରେ ଏପରି ବ୍ୟକ୍ତିମାନେ ଅଧ୍ୟାପକ, ଉପଦେଶକ, ଗୁରୁ ରୂପେ ରହନ୍ତି, ସେଠାରେ ଅବିଦ୍ୟା, ଅଧର୍ମ, ଅସଭ୍ୟତା, କଳହ, ବିରୋଧ ଓ ଭେଦଭାବଜନିତ ଦୁଃଖ ଜାତ ହୋଇଥାଏ ।

ବିଦ୍ୟାର୍ଥୀ ଲକ୍ଷଣ

(୭୫) ଆଳସ୍ୟଂ ମଦମୋହୌ ଚ ଚାପଲ୍ୟଂ ଗୋଷ୍ଠିରେବ ଚ ।
ସ୍ତବ୍ଧତା ଚାଭିମାନିତ୍ୱଂ ତଥାଽତ୍ୟାଗିତ୍ୱମେବ ଚ ।
ଏତେ ବୈ ସପ୍ତ ଦୋଷାଃ ସ୍ୟୁଃ ସଦାବିଦ୍ୟାର୍ଥିନାଂ ମତାଃ ।

(ମ.ଭା. ଉ. ପ. ୪୦-୫)

ଆଳସ୍ୟ ଅର୍ଥାତ୍ ଶରୀର ଓ ବୁଦ୍ଧିରେ ଜଡ଼ତା, ନିଶାଦ୍ରବ୍ୟ ସେବନ, ମୋହ ଅର୍ଥାତ୍ କୌଣସି ବସ୍ତୁରେ ଅତିଶୟ ଆସକ୍ତି, ଚପଳତା ଆଉ ବୃଥା କଥା କହିବା ଓ ଶୁଣିବା, ପଢ଼ାରେ ଅବହେଳା କରିବା, ଅଭିମାନ ଓ ତ୍ୟାଗଭାବ ନରହିବା ବିଦ୍ୟାର୍ଥୀମାନଙ୍କ ପକ୍ଷରେ ଏ ସାତୋଟି ଦୋଷାବହ ଦୁର୍ଗୁଣ ଅଟେ । ଏହି ଦୋଷଯୁକ୍ତ ବିଦ୍ୟାର୍ଥୀ କଦାପି ବିଦ୍ୟାଲାଭ କରିପାରନ୍ତି ନାହିଁ ।

ସୁଖାର୍ଥିନଃ କୁତୋବିଦ୍ୟା ନାସ୍ତି ବିଦ୍ୟାର୍ଥିନଃ ସୁଖମ୍ ।
ସୁଖାର୍ଥୀ ବା ତ୍ୟଜେତ୍ ବିଦ୍ୟାଂ ବିଦ୍ୟାର୍ଥୀ ବା ତ୍ୟଜେତ୍ ସୁଖମ୍ ।।

(ମ.ଭା. ଉ.ପ. ୪୦-୬)

ସୁଖଭୋଗ ଇଚ୍ଛା କରୁଥିବା ବିଦ୍ୟାର୍ଥୀର ବିଦ୍ୟାପ୍ରାପ୍ତି ହୁଏ ନାହିଁ ଓ ବିଦ୍ୟା ଅର୍ଜନ କରିବାକୁ ଚାହୁଁଥିବା ବାଳକ ସୁଖ ଭୋଗ କରିପାରେ ନାହିଁ । କାରଣ ସୁଖାର୍ଥୀ ହେଲେ ବିଦ୍ୟା ଛାଡ଼ିବାକୁ ହେବ ଏବଂ ବିଦ୍ୟାର୍ଥୀ ହେଲେ ସୁଖକୁ ଛାଡ଼ିବାକୁ ପଡ଼ିବ ।

ସତ୍ୟେ ରତାନାଂ ସତତଂ ଦାନ୍ତାନାମୂର୍ଦ୍ଧ୍ୱ ରେତସାମ୍ ।
ବ୍ରହ୍ମଚର୍ଯ୍ୟଂ ଦହେଦ୍ରାଜନ୍ ସର୍ବପାପାନ୍ୟୁପାସିତମ୍ ।।

ଯେଉଁମାନେ ସର୍ବଦା ସତ୍ୟ କଥନରେ ତତ୍ପର, ଜିତେନ୍ଦ୍ରିୟ ଓ ଯାହାଙ୍କ ବୀର୍ଯ୍ୟ କେବେ ସ୍ଖଳିତ ହୁଏ ନାହିଁ ସେମାନଙ୍କ ବ୍ରହ୍ମଚର୍ଯ୍ୟ ହିଁ ଯଥାର୍ଥ ଓ ସେହିମାନେ ହିଁ ବିଦ୍ୱାନ୍ ହୁଅନ୍ତି ।

ଏଣୁ ଅଧ୍ୟାପକ ଓ ବିଦ୍ୟାର୍ଥୀମାନେ ଉତ୍ତମ ଲକ୍ଷଣଯୁକ୍ତ ହେବା ଉଚିତ । ଯେପରି ବିଦ୍ୟାର୍ଥୀମାନେ ସତ୍ୟବାଦୀ, ସତ୍ୟପାଳନକାରୀ, ସତ୍ୟାଗ୍ରହୀ, ସଭ୍ୟ, ଜିତେନ୍ଦ୍ରିୟ ଓସୁଶୀଳ ହେବେ ଅଧ୍ୟାପକମାନେ ସେହିପରି ଯତ୍ନକରିବେ । ଶାରୀରିକ ଓ ଆତ୍ମିକ ବଳବୃଦ୍ଧିକରି ବେଦାଦିଶାସ୍ତ୍ର ଜ୍ଞାନ ଯେପରି ଅର୍ଜନ କରିବେ ଓ କୁକାର୍ଯ୍ୟରୁ ଦୂରେଇ ରହିବେ ତାପ୍ରତି ମଧ୍ୟ ଦୃଷ୍ଟିଦେବେ । ବିଦ୍ୟାର୍ଥୀଗଣ ସର୍ବଦା ଜିତେନ୍ଦ୍ରିୟ ଓ ଶାନ୍ତ ରହିବେ । ଅଧ୍ୟାପକମାନଙ୍କୁ ସେବା ଓ ଭକ୍ତି କରିବେ । ସେମାନେ ବିଚାରଶୀଳ ଓ ପରିଶ୍ରମୀ ହୋଇ ଏପରି ଯତ୍ନ କରିବେ ଯେପରି ପୂର୍ଣ୍ଣ ବିଦ୍ୟା ପୂର୍ଣ୍ଣଆୟୁ ଓ ପରିପୂର୍ଣ୍ଣ ଧର୍ମ ଅର୍ଜନରେ ସମର୍ଥ ହୋଇପାରିବେ । ଏସବୁ ହେଉଛି ବ୍ରାହ୍ମଣୋଚିତ ଗୁଣ, କର୍ମ ଓ ଧର୍ମ ।

କ୍ଷତ୍ରିୟମାନଙ୍କ ଗୁଣକର୍ମ ପ୍ରଭୃତି ରାଜଧର୍ମ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ।'

(୭୬) ବୈଶ୍ୟମାନଙ୍କର କର୍ମ

ବୈଶ୍ୟମାନେ ବ୍ରହ୍ମଚର୍ଯ୍ୟ ପାଳନ କରି ବେଦାଦି ଶାସ୍ତ୍ର ଅଧ୍ୟୟନ କରିବେ । ତାପରେ ସେମାନେ ବିବାହ କରିବେ । ବିଭିନ୍ନ ଦେଶୀୟଭାଷା ମଧ୍ୟ ଶିକ୍ଷା କରିବେ । ବିଭିନ୍ନ ବ୍ୟାପାର-କୌଶଳ ଜାଣିବେ । ପଦାର୍ଥମାନଙ୍କର ପ୍ରଚଳିତ ମୂଲ୍ୟ ବୁଝି କ୍ରୟ ବିକ୍ରୟ କରିବେ । ବ୍ୟବସାୟପାଇଁ ଦ୍ୱୀପ ଦ୍ୱୀପାନ୍ତରକୁ ଯିବେ । ଲାଭଜନକ ବ୍ୟବସାୟରେ ମନ ବଳାଇବେ । ପଶୁପାଳନ ଓ କୃଷିକାର୍ଯ୍ୟର ଉନ୍ନତି କରିବେ । ବାଣିଜ୍ୟରୁ ଲାଭ ଧନକୁ ବିଦ୍ୟା ଓ ଧର୍ମର ଉନ୍ନତି ସକାଶେ ବ୍ୟୟ କରିବେ । ନିଷ୍କପଟ ଚିତ୍ତରେ ସଭ୍ୟତା ରକ୍ଷା ପୂର୍ବକ ବାଣିଜ୍ୟ ବ୍ୟବସାୟ କରିବେ । କୌଣସି ପଦାର୍ଥ ବୃଥାରେ ଯେପରି ନଷ୍ଟ ନ ହୁଏ ତାପ୍ରତି ତୀକ୍ଷ୍ଣ ଦୃଷ୍ଟିଦେବେ ।

(୭୭) ଶୂଦ୍ରବର୍ଣ୍ଣର କର୍ମ

ଶୂଦ୍ରମାନେ ସମସ୍ତ ପ୍ରକାର ଶାରୀରିକ ସେବାରେ ଦକ୍ଷତା ହାସଲ କରିବେ । ସୁନ୍ଦରଭାବେ ରନ୍ଧନକାର୍ଯ୍ୟ କରିବେ । ଦ୍ୱିଜମାନଙ୍କୁ ଅତି ଆଦରର ସହିତ ସେବା କରି ତଦ୍ୱାରା ନିଜର ଜୀବିକାନିର୍ବାହ କରିବେ । ଦ୍ୱିଜମାନେ ଶୂଦ୍ରମାନଙ୍କର ଭୋଜନ, ପାନ, ପରିଧାନ, ନିବାସ ଓ ବିବାହାଦି ସମସ୍ତ ବ୍ୟୟଭାର ବହନ କରିବେ ନତୁବା ସେମାନଙ୍କୁ ସେମାନଙ୍କ କାର୍ଯ୍ୟର ମୂଲ୍ୟସ୍ୱରୂପ ମାସିକ ବେତନ ଦେବେ ।

ଏହିପରି ଚାରିବର୍ଣ୍ଣର ଲୋକେ ନିଜ ନିଜର କର୍ତ୍ତବ୍ୟ ପାଳନ କରି ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ଓ ସୌଜନ୍ୟ ରକ୍ଷାପୂର୍ବକ ବସବାସ କରିବେ । ସୁଖ ଦୁଃଖ, ହାନିଲାଭ ପ୍ରତ୍ୟେକ ବିଷୟରେ ପରସ୍ପର ପରସ୍ପର ପ୍ରତି ସହାନୁଭୂତିଶୀଳ ହେବେ । ରାଜ୍ୟ ଓ ସମାଜର ଉନ୍ନତି ନିମିତ୍ତ ସମସ୍ତେ ଶାରୀରିକ, ମାନସିକ ଓ ଆର୍ଥିକ ସହଯୋଗ କରି ଦେଶର ଉନ୍ନତି ଯେପରିହେବ ତାପାଇଁ ଧ୍ୟାନଦେବେ । ପତି ଓ ପତ୍ନୀଙ୍କ ମଧ୍ୟରେ ବିୟୋଗ ହେବା କଦାପି ଉଚିତ ନୁହେଁ । କାରଣ —

(୭୮) ପାନଂ ଦୁର୍ଜନସଂସର୍ଗଃ ପତ୍ୟା ଚ ବିରହୋଽଟନମ୍ ।
ସ୍ୱପ୍ନୋଽନ୍ୟଗେହବାସଶ୍ଚ ନାରୀସନ୍ଦୂଷଣାନି ଷଟ୍ ।

(ମନୁ ୯-୧୩)

ମଦ୍ୟ, ଭାଙ୍ଗ ଆଦି ମାଦକ ଦ୍ରବ୍ୟ ସେବନ, ଦୁଷ୍ଟ ବ୍ୟକ୍ତିଙ୍କ ସହିତ ସମ୍ପର୍କ, ପତିଠାରୁ ବିୟୋଗ, ଏକାକୀ ଭଣ୍ଡ ସାଧୁ ଆଦିଙ୍କ ଦର୍ଶନ ବାହାନାରେ ତୀର୍ଥ ଭ୍ରମଣ; ରାତ୍ରିରେ ପରଗୃହରେ ଶୟନ ଓ ଅନ୍ୟର ଗୃହରେ ବସବାସ ଏ ଛଅଟି ନାରୀଙ୍କ ପକ୍ଷରେ ଦୋଷାବହ ଅଟେ । ଏପରି କାର୍ଯ୍ୟଦ୍ୱାରା ପୁରୁଷଠାରେ ମଧ୍ୟ ଦୋଷ ପରିଲକ୍ଷିତ ହୋଇଥାଏ ।

ପତି ପତ୍ନୀଙ୍କ ମଧ୍ୟରେ ଦୁଇ ପ୍ରକାରର ବିଚ୍ଛେଦ ଘଟିଥାଏ । (୧) କାର୍ଯ୍ୟବଶତଃ ଦେଶାନ୍ତର ଯିବା ଓ କୌଣସି ଜଣେ ମୃତ୍ୟୁ ବରଣ କରିବା । ପ୍ରଥମ ବିଚ୍ଛେଦର ପ୍ରତିକାର ହେଉଛି ଦୂର ଦେଶକୁ ଯାତ୍ରା କରିବାକୁ ହେଲେ ସ୍ତ୍ରୀକୁ ମଧ୍ୟ ସାଙ୍ଗରେ ନେଇଯିବା ଉଚିତ । କାରଣ ଅନେକ ଦିନ ପର୍ଯ୍ୟନ୍ତ ପତିପତ୍ନୀଙ୍କ ମଧ୍ୟରେ ବିଚ୍ଛେଦ ହୋଇ ରହିବା ଉଚିତ ନୁହେଁ ।

(୭୯) ପ୍ରଶ୍ନ- ସ୍ତ୍ରୀ ଓ ପୁରୁଷ ପକ୍ଷରେ ବହୁ ବିବାହ କରିବା ଉଚିତ କି ନୁହେଁ ?

ଉତ୍ତର -ଏକ ସମୟରେ ବହୁ ବିବାହ କରିବା ଉଚିତ ନୁହେଁ ।

ପ୍ରଶ୍ନ - ତେବେ କଣ କାଳାନ୍ତରରେ ବହୁ ବିବାହ କରିବା ଉଚିତ ?

ଉତ୍ତର - ହଁ । ଯେପରି —

ଯା ସ୍ତ୍ରୀ ତ୍ୱକ୍ଷତଯୋନିଃ ସ୍ୟାଦ୍ ଗତପ୍ରତ୍ୟାଗତାପି ବା ।
ପୌନର୍ଭବେନ ଭର୍ତ୍ତ୍ରା ସା ପୁନଃ ସଂସ୍କାରମର୍ହତି ।

(ମନୁ ୯-୧୭୯)

ଯେଉଁ ସ୍ତ୍ରୀ ପୁରୁଷମାନଙ୍କ କେବଳ ପାଣିଗ୍ରହଣ ସଂସ୍କାର ସଂପନ୍ନ ହୋଇଛି, କିନ୍ତୁ ପରସ୍ପର ସଂଯୋଗ ହୋଇ ନାହିଁ ଅର୍ଥାତ୍ ସ୍ତ୍ରୀ ଯଦି ଅକ୍ଷତ ଯୋନି ଓ ପୁରୁଷ ଯଦି ଅକ୍ଷତ ବୀର୍ଯ୍ୟ, ତେବେ ସେମାନେ ଅନ୍ୟ ସ୍ତ୍ରୀ ବା ପୁରୁଷ ସହିତ ପୁନର୍ବିବାହ

କରିପାରିବେ । କିନ୍ତୁ, ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବର୍ଣ୍ଣରେ କ୍ଷତଯୋନୀ ନାରୀ ଓ କ୍ଷତବୀର୍ଯ୍ୟ ପୁରୁଷ ପୁନର୍ବିବାହ କରିପାରିବେ ନାହିଁ ।

ପ୍ରଶ୍ନ - ପୁନର୍ବିବାହରେ କୌଣସି ଦୋଷ ଅଛି କି ?

ଉତ୍ତର - ଯଥା ....୧) ପୁନର୍ବିବାହରେ ଅନେକ କିଛି ଦୋଷ ଅଛି । ପତି ପତ୍ନୀଙ୍କ ମଧ୍ୟରେ ପ୍ରେମ ନ୍ୟୂନ ହୋଇଯାଏ । କାରଣ ସ୍ତ୍ରୀ ବା ପୁରୁଷ ଯେତେବେଳେ ଇଚ୍ଛା କରିବେ, ସେତେବେଳେ ନିଜର ପତି ବା ପତ୍ନୀକୁ ତ୍ୟାଗକରି ଅନ୍ୟ ପତି ବା ପତ୍ନୀକୁ ଗ୍ରହଣ କରିପାରିବେ ।

୨) ପତିପତ୍ନୀଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଲେ, ଅନ୍ୟ ଜଣେ ଯଦି ପୁନର୍ବିବାହ କରେ ତେବେ ମୃତ ବ୍ୟକ୍ତିର ସମ୍ପତ୍ତିକୁ ସେ ସ୍ୱାଧୀନ କରି ନେବ । ତଦ୍ୱାରା ପରିବାରରେ ଅଯଥା କଳହ ସୃଷ୍ଟି ହୁଏ ।

୩) ଫଳରେ ଅନେକ କୁଳୀନ ପରିବାରର ନାମ ଲୁପ୍ତ ହୋଇଯାଏ ଓ ସେମାନଙ୍କ ଧନ ସମ୍ପତ୍ତିର ଅପବ୍ୟୟ ରହେ ନାହିଁ ।

୪) ପୁନର୍ବିବାହ କରୁଥିବା ସ୍ତ୍ରୀର ପାତିବ୍ରତ୍ୟ ଧର୍ମ ନଷ୍ଟ ହୁଏ । ସେ ଆଉ ପତିବ୍ରତା ହୋଇ ପାରେ ନାହିଁ । ସେପରି ଯେଉଁ ପୁରୁଷ ପୁନର୍ବିବାହ କରେ, ତାର ପତ୍ନୀବ୍ରତ୍ୟ ଧର୍ମ ନଷ୍ଟ ହୁଏ । ସେ ଆଉ ପତ୍ନୀବ୍ରତ ହୋଇପାରେ ନାହିଁ । ଏସବୁ କାରଣରୁ ଦ୍ୱିଜମାନେ ପୁନର୍ବିବାହ କରିବା ଅନୁଚିତ ।

(୮୦)**ପ୍ରଶ୍ନ** — ବଂଶରେ ସନ୍ତାନ ଯଦି ନଥାଆନ୍ତି ତେବେ ପୁନର୍ବିବାହ ନ କଲେ ବଂଶ ଲୋପ ହୋଇଯିବ । ପୁଣି ବିଧବା ଓ ବିଧୁରମାନେ ପୁନର୍ବିବାହ ନ କଲେ ବ୍ୟଭିଚାର କର୍ମ କରି ସେମାନେ ଗର୍ଭପାତ ଭଳି ବହୁ ଦୁଷ୍କର୍ମ କରିବେ । ଏଣୁ ପୁନର୍ବିବାହ କରିବା ଖରାପ ନୁହେଁ ।

ଉତ୍ତର - ଯଦି ସ୍ତ୍ରୀ ବା ପୁରୁଷ ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରନ୍ତି, ତେବେ ବ୍ୟଭିଚାର ଭଳି ନିନ୍ଦନୀୟ କର୍ମ ଘଟିବ ନାହିଁ । ବଂଶପରମ୍ପରା ରକ୍ଷା କରିବାକୁ ନିଜ ବର୍ଣ୍ଣର କୌଣସି ଜଣେ ବାଳକକୁ ପୋଷ୍ୟପୁତ୍ରରୂପେ ଗ୍ରହଣ କଲେ ବଂଶରକ୍ଷା ମଧ୍ୟ ହେବ । କେହି ଯଦି ବ୍ରହ୍ମଚର୍ଯ୍ୟରେ ରହି ନ ପାରନ୍ତି ତେବେ 'ନିଯୋଗ ପଦ୍ଧତି ଦ୍ୱାରା ସନ୍ତାନ ଜାତ କରିବେ ।

ପ୍ରଶ୍ନ - ପୁନର୍ବିବାହ ଓ ନିଯୋଗ ମଧ୍ୟରେ କୌଣସି ପ୍ରଭେଦ ଅଛି କି ?

ଉତ୍ତର - (୧) ବିବାହ ପରେ କନ୍ୟାକୁ ପିତୃଗୃହ ତ୍ୟାଗ କରି ପତି ଗୃହକୁ ଯିବାକୁ ହୁଏ । ପିତାଙ୍କ ସହିତ ତାର ବିଶେଷ ସମ୍ପର୍କ ରହେ ନାହିଁ । କିନ୍ତୁ ବିଧବା ସ୍ତ୍ରୀ ପତିଙ୍କ ଘରେ ରହି ନିଯୋଗଦ୍ୱାରା ସନ୍ତାନ ଜନ୍ମ କରେ ।

(୨) ବିବାହିତା ସ୍ତ୍ରୀର ପୁତ୍ର ବିବାହିତ ପତିର ଉତ୍ତରାଧିକାରୀ ହୁଏ । କିନ୍ତୁ ବିଧବା ସ୍ତ୍ରୀର ପୁତ୍ରମାନେ ବୀର୍ଯ୍ୟଦାତାର ପୁତ୍ର ହୁଅନ୍ତି ନାହିଁ, ତାଙ୍କ ଗୋତ୍ରର ଅଧିକାରୀ ହୁଅନ୍ତି ନାହିଁ କିମ୍ବା ତାଙ୍କ ଧନସମ୍ପତ୍ତିକୁ ଦାବି କରନ୍ତି ନାହିଁ । କିନ୍ତୁ ମୃତ ପତିର ପୁତ୍ର ବୋଲାନ୍ତି, ତାଙ୍କ ଗୋତ୍ରସ୍ଥ ହୁଅନ୍ତି ଓ ତାଙ୍କର ଉତ୍ତରାଧିକାରୀ ହୋଇ ସେହି ଘରେ ବସବାସ କରନ୍ତି ।

୩) ବିବାହିତ ଦମ୍ପତ୍ତି ପରସ୍ପରର ସେବା ଶୁଶ୍ରୂଷା ଓ ପାଳନ ପୋଷଣରେ ବ୍ୟସ୍ତ ରହନ୍ତି । କିନ୍ତୁ ନିଯୁକ୍ତ ସ୍ତ୍ରୀ ପୁରୁଷ ମଧ୍ୟରେ ଏପରି ସମ୍ପର୍କ ରହେ ନାହିଁ ।

୪) ବିବାହିତ ସ୍ତ୍ରୀ ପୁରୁଷଙ୍କ ପାରସ୍ପରିକ ସମ୍ବନ୍ଧ ମରଣ ପର୍ଯ୍ୟନ୍ତ ରହେ, କିନ୍ତୁ ନିଯୁକ୍ତ ସ୍ତ୍ରୀ ପୁରୁଷଙ୍କ ସମ୍ବନ୍ଧ ସନ୍ତାନ ଜନ୍ମପରେ ଛିନ୍ନ ହୋଇଯାଏ ।

୫) ବିବାହିତ ସ୍ତ୍ରୀ ପୁରୁଷ ନିଜ ଗୃହକାର୍ଯ୍ୟରେ ପରସ୍ପର ସହଯୋଗରେ ମନୋଯୋଗୀ ହୋଇ ଥାନ୍ତି । କିନ୍ତୁ ନିଯୁକ୍ତ ସ୍ତ୍ରୀ ପୁରୁଷ ନିଜ ନିଜର ଗୃହକାର୍ଯ୍ୟ କରନ୍ତି ।

(୮୧) **ପ୍ରଶ୍ନ** - ବିବାହ ଓ ନିଯୋଗର ନିୟମ ଏକ ପ୍ରକାରର ନା ଭିନ୍ନ ଧରଣର ?

ଉତ୍ତର - ଉଭୟ ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି । ଏ ସମ୍ବନ୍ଧରେ ପୂର୍ବରୁ କିଛି ଆଲୋକପାତ କରାଯାଇଛି । ତା ବ୍ୟତୀତ ପୁଣି ନିମ୍ନଲିଖିତ ପ୍ରଭେଦ ଅଛି ।

୬) ବିବାହିତ ସ୍ତ୍ରୀ ପୁରୁଷ ଦଶ ଗୋଟି ସନ୍ତାନ ଜନ୍ମ କରିପାରନ୍ତି । କିନ୍ତୁ ନିଯୁକ୍ତ ସ୍ତ୍ରୀ ପୁରୁଷ ଦୁଇ ବା ଚାରିଗୋଟି ସନ୍ତାନରୁ ଅଧିକ ଜାତ କରିପାରନ୍ତି ନାହିଁ ।

୭) କୁମାର କୁମାରୀଙ୍କ ପକ୍ଷରେ ଯେପରି ବିବାହର ବିଧାନ ଅଛି, ସେହିପରି ବିଧବା ଓ ବିପତ୍ନୀକଙ୍କ ସକାଶେ ନିଯୋଗର ବ୍ୟବସ୍ଥା ଅଛି । କୁମାର କୁମାରୀ କେବେ ନିଯୋଗ କରି ପାରିବେ ନାହିଁ ।

୮) ବିବାହିତ ଦମ୍ପତ୍ତି ସର୍ବଦା ଗୋଟିଏ ଘରେ ରହନ୍ତି, କିନ୍ତୁ ସ୍ତ୍ରୀ ପୁରୁଷ କେବଳ ଋତୁଦାନକାଳରେ ସନ୍ତାନ ନିମନ୍ତେ ଏକତ୍ର ବାସ କରନ୍ତି । ଯେଉଁ ସ୍ତ୍ରୀ ନିଜ ପାଇଁ 'ନିଯୋଗ' କରେ ଦ୍ୱିତୀୟ ଗର୍ଭ ରହିବା ପରେ ନିଯୁକ୍ତ ପୁରୁଷ ସହିତ ତାର ସମସ୍ତ ସମ୍ବନ୍ଧ ଛିନ୍ନ ହୋଇଯାଏ । ସେହିପରି ଯେଉଁ ପୁରୁଷ ନିଜ ପାଇଁ ନିଯୋଗ କରେ ଦ୍ୱିତୀୟ ଗର୍ଭପରେ ନିଯୁକ୍ତା ସ୍ତ୍ରୀ ସହିତ ତାର ମଧ୍ୟ ସମସ୍ତ ସମ୍ବନ୍ଧ ଛିନ୍ନ ହୋଇଯାଏ । କିନ୍ତୁ ନିଯୁକ୍ତା ସ୍ତ୍ରୀ ୨/୩ ବର୍ଷ ପର୍ଯ୍ୟନ୍ତ ଉକ୍ତ ସନ୍ତାନମାନଙ୍କୁ ପାଳନ କରି ସେ ସମସ୍ତଙ୍କୁ ନିଯୁକ୍ତ ପୁରୁଷକୁ ଅର୍ପଣ କରି ଦିଏ ।

ଜଣେ ବିଧବା ସ୍ତ୍ରୀ ନିଜପାଇଁ ଦିଓଟି ଓ ଦୁଇଟି ଲେଖାଏଁ ଚାରି ଜଣ ନିଯୁକ୍ତ ପୁରୁଷଙ୍କ ନିମନ୍ତେ ଆଠଟି, ଏ ପରିମୋଟ ଦଶୋଟି ପର୍ଯ୍ୟନ୍ତ ସନ୍ତାନ ଜାତ କରିପାରେ । ସେପରି ଜଣେ ବିଧୁର ପୁରୁଷ ନିଜ ପାଇଁ ଦୁଇଟି ଓ ଅନ୍ୟ ଚାରୋଟି ବିଧବା ପାଇଁ

ଦୁଇଟି ଲେଖାଏଁ ଆଠଟି, ଏପରି ଦଶଟି ପର୍ଯ୍ୟନ୍ତ ସନ୍ତାନ ଜନ୍ମ କରିପାରେ ।

(୮୨) ସର୍ବମୋଟ ଦଶଟି ପର୍ଯ୍ୟନ୍ତ ସନ୍ତାନୋତ୍ପତ୍ତି ପାଇଁ ବେଦରେ ନିର୍ଦ୍ଦେଶ ଦିଆଯାଇଛି ଯଥା —

ଇମାଂ ତ୍ୱମିନ୍ଦ୍ର ମୀଢ୍ୱଃ ସୁପୁତ୍ରାଂ ସୁଭଗାଂ କୃଣୁ ।
ଦଶାସ୍ୟାଂ ପୁତ୍ରାନାଧେହି ପତିମେକାଦଶଂ କୃଧି ।

(ଋଗ୍‌ବେଦ ୧୦-୮୫-୪୫)

ହେ (ମୀଢ୍ୱ, ଇନ୍ଦ୍ର) ବୀର୍ଯ୍ୟବାନ୍, ଐଶ୍ୱର୍ଯ୍ୟଶାଳୀ ପୁରୁଷ ! ତୁମେ ଏହି ବିବାହିତା ସ୍ତ୍ରୀଠାରେ ବା ବିଧବା ସ୍ତ୍ରୀଠାରେ ଶ୍ରେଷ୍ଠପୁତ୍ର ଉତ୍ପନ୍ନ କରି ତାଙ୍କୁ ସୌଭାଗ୍ୟବତୀ କର । ତୁମ ସ୍ତ୍ରୀଠାରେ ଦଶ ପୁତ୍ର ଉତ୍ପନ୍ନ କରି ସ୍ତ୍ରୀକୁ ଏକାଦଶ ବ୍ୟକ୍ତି ମନେକର । ହେ ସ୍ତ୍ରୀ ! ତୁମେ ମଧ୍ୟ ବିବାହିତ ବା ନିଯୁକ୍ତପତିଙ୍କ ଦ୍ୱାରା ଦଶ ଗୋଟି ସନ୍ତାନ ଉତ୍ପନ୍ନ କରି ପତିଙ୍କୁ ଏକାଦଶ ବ୍ୟକ୍ତିରୂପେ ମନେକର ।

ବେଦର ଏହି ଆଦେଶାନୁସାରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବର୍ଣ୍ଣର ସ୍ତ୍ରୀ ବା ପୁରୁଷ ଦଶଟି ସନ୍ତାନରୁ ଅଧିକ ଉତ୍ପନ୍ନ କରିପାରିବେ ନାହିଁ । ଅଧିକ ସନ୍ତାନ ଉତ୍ପନ୍ନ ହେଲେ ସେମାନେ ଦୁର୍ବଳ, ବୁଦ୍ଧିହୀନ ଓ ଅଳ୍ପାୟୁ ହୁଅନ୍ତି । ପୁଣି ମାତା ପିତା ରୋଗୀ, ଦୁର୍ବଳ ଓ ଅଳ୍ପାୟୁ ହୋଇ ବୃଦ୍ଧାବସ୍ଥାରେ ବିଭିନ୍ନ ପ୍ରକାରର ଦୁଃଖଭୋଗୀ କରନ୍ତି ।

(୮୩) **ପ୍ରଶ୍ନ** - ଏହି ନିୟୋଗ ପ୍ରଥାକୁ ବ୍ୟଭିଚାରପୂର୍ଣ୍ଣ ପଦ୍ଧତି ବୋଲି କାହିଁକି କୁହାନଯିବ ?

ଉତ୍ତର - ବିବାହ ବ୍ୟତୀତ ସ୍ତ୍ରୀ ପୁରୁଷର ସଂଯୋଗକୁ ଯେପରି ବ୍ୟଭିଚାର କୁହାଯାଏ; ସେପରି ବିନା ନିୟୋଗରେ ବିଧବା ଓ ବିପତ୍ନୀକର ସଂଯୋଗକୁ ମଧ୍ୟ ବ୍ୟଭିଚାର ବୋଲାଯାଏ । ବେଦୋକ୍ତ ନିୟମାନୁସାରେ ଯେପରି ବିବାହ କରାଯାଏ, ନିୟୋଗ ମଧ୍ୟ ସେହି ନିୟମାନୁସାରେ କରାଯାଏ । ବିବାହରେ ବା ନିୟୋଗରେ କୌଣସି ପ୍ରକାର ବ୍ୟଭିଚାର ହୁଏ ନାହିଁ । କୌଣସି ଜଣେ ବ୍ୟକ୍ତିର କନ୍ୟା ସହିତ ଅପର ବ୍ୟକ୍ତିର ବେଦ ବିହିତ ନିୟମରେ ବିବାହ ପରେ ସେମାନଙ୍କ ସଂଯୋଗରେ ବ୍ୟଭିଚାର, ପାପ, ଲଜ୍ଜା ବା ଭୟର ଆଶଙ୍କା ନଥାଏ । ସେହିପରି ବେଦୋକ୍ତ ନିୟୋଗରେ ବ୍ୟଭିଚାର, ପାପ ବା ଲଜ୍ଜା କିଛି ରହେ ନାହିଁ ।

(୮୪) **ପ୍ରଶ୍ନ** - ଅବଶ୍ୟ ତା ଠିକ୍ ହୋଇପାରେ । କିନ୍ତୁ ଏହାତ ବେଶ୍ୟାଙ୍କର କର୍ମ ଭଳି ପ୍ରତୀତି ହେଉଛି ?

ଉତ୍ତର - ପ୍ରକୃତରେ ସେପରି ନୁହେଁ । କାରଣ ବେଶ୍ୟାସମାଗମରେ ନିଶ୍ଚିତ ପୁରୁଷ ବା କୌଣସି ନିର୍ଦ୍ଦିଷ୍ଟ ନିୟମ ନଥାଏ । କିନ୍ତୁ ନିୟୋଗରେ ବିବାହ ପରି ନିୟମ ଅଛି । ଯେପରି ଅନ୍ୟକୁ କନ୍ୟା ଦେଲେ ବା ବିବାହ ପରେ ଅନ୍ୟ ସହିତ ସହବାସ କଲେ ଲଜ୍ଜା ଆସେ ନାହିଁ, ନିୟୋଗ କର୍ମରେ ସେହିପରି ଲଜ୍ଜା ଆସିବା ଉଚିତ ନୁହେଁ । ବ୍ୟଭିଚାରୀ ସ୍ତ୍ରୀ ବା ପୁରୁଷମାନେ ବିବାହ କଲାପରେ ମଧ୍ୟ ସେମାନେ କୁକର୍ମରେ ଲିପ୍ତ ରହନ୍ତି । କିନ୍ତୁ ଯେଉଁ ବ୍ୟକ୍ତି ସଦାଚାରୀ ସେ ନିୟୋଗରେ ମଧ୍ୟ ଧର୍ମାଚରଣ କରେ ।

ପ୍ରଶ୍ନ - କାହିଁକି କେଜାଣି ନିୟୋଗ ପଦ୍ଧତି ପାପକର୍ମ ଭଳି ମନେହେଉଛି ।

ଉତ୍ତର - ଯଦି ନିୟୋଗକୁ ପାପ ବୋଲି ମନେକର ତେବେ ବିବାହକୁ ମଧ୍ୟ ପାପ ବୋଲି ମନେକରୁ ନାହଁ କାହିଁକି ? ନିୟୋଗ ପଦ୍ଧତିକୁ ବନ୍ଦ କରିବା ହିଁ ପାପ ଅଟେ । କାରଣ ବୈରାଗ୍ୟବାନ୍, ପୂର୍ଣ୍ଣ ବିଦ୍ୱାନ୍ ଓ ଯୋଗୀ ବ୍ୟତୀତ ସୃଷ୍ଟି କ୍ରମାନୁସାରେ ସ୍ତ୍ରୀ ପୁରୁଷର ସ୍ୱାଭାବିକ ସମ୍ବନ୍ଧକୁ କେହି ବିରୋଧ କରି ପାରନ୍ତି ନାହିଁ । ଗର୍ଭପାତ, ଭ୍ରୂଣହତ୍ୟା ଓ ବିଧବା ଓ ବିଧୁରଙ୍କ ସନ୍ତାପ କଣ ପାପ ମଧ୍ୟରେ ଗଣନୀୟ ନୁହେଁ ? ଯୌବନ ଥିବା ପର୍ଯ୍ୟନ୍ତ ସ୍ତ୍ରୀ-ପୁରୁଷଙ୍କ ମନରେ ସନ୍ତାନ ଲାଳସା ଓ ବିଷୟବାସନା ପୂର୍ଣ୍ଣମାତ୍ରାରେ ଥାଏ । ଯଦି ରାଜକୀୟ ଓ ସାମାଜିକ ବ୍ୟବସ୍ଥାରେ ଏହି ସ୍ୱାଭାବିକ ପ୍ରବୃତ୍ତିକୁ ଅବରୋଧ କରାଯାଏ ତେବେ ଗୋପନରେ ବହୁ କୁକର୍ମ ହେବାର ସମ୍ଭାବନା ଅଛି ।

ଏହି ବ୍ୟଭିଚାର ଓ କୁକର୍ମକୁ ରୋଧ କରିବାର ଶ୍ରେଷ୍ଠ ଉପାୟ ହେଉଛି ଜିତେନ୍ଦ୍ରିୟ ହେବା । ଯେଉଁମାନେ ଇନ୍ଦ୍ରିୟକୁ ଜୟକରି ପାରନ୍ତି, ସେମାନଙ୍କ ପକ୍ଷରେ 'ନିୟୋଗ' କାହିଁକି 'ବିବାହ' ମଧ୍ୟ ଆବଶ୍ୟକ ପଡ଼େନାହିଁ । କିନ୍ତୁ ଯେଉଁମାନଙ୍କ ପକ୍ଷରେ ଇନ୍ଦ୍ରିୟ ସଂଯମ ଏକ ଦୁରୁହ ବ୍ୟାପାର ସେମାନଙ୍କ ପାଇଁ ବିବାହ ଓ ଆପତ୍ କାଳରେ ନିୟୋଗ ପ୍ରଥା ଏକାନ୍ତ ଆବଶ୍ୟକ । ଏହାଦ୍ୱାରା ସମାଜରେ ବ୍ୟଭିଚାର କର୍ମ ବନ୍ଦ ହୁଏ । ପରସ୍ପର ପ୍ରୀତି ବଢ଼େ, ଉତ୍ତମ ସନ୍ତାନ ଜାତ ହୁଅନ୍ତି ମାନବ ଜାତିର ଉନ୍ନତି ହୁଏ ଓ ଗର୍ଭପାତ ଆଦି କୁକର୍ମ ସବୁଦିନ ପାଇଁ ଦୂର ହୋଇଯାଏ ।

ବିବାହ ଓ ନିୟୋଗ ପ୍ରଥାଥିବାରୁ ଉତ୍ତମ ସ୍ତ୍ରୀମାନଙ୍କ ନୀଚ ପୁରୁଷ ସଙ୍ଗ, ବେଶ୍ୟା ସ୍ତ୍ରୀଙ୍କ ଉତ୍ତମ ପୁରୁଷ ସଙ୍ଗ ଆଦି ବ୍ୟଭିଚାର, ଉଚ୍ଚ ବଂଶରେ ଲାଗୁଥିବା କଳଙ୍କ, ବଂଶଲୋପ, ସ୍ତ୍ରୀ ପୁରୁଷମାନଙ୍କ ବିରହ ସନ୍ତାପ ତଥା ଗର୍ଭପାତ ଆଦି କୁକର୍ମ ନିବାରିତ ହେଉଛି । ତେଣୁ ନିୟୋଗ ପ୍ରଥାର ଆବଶ୍ୟକତା ଅଛି ।

(୮୫) **ପ୍ରଶ୍ନ**- ନିୟୋଗ ପ୍ରଥାରେ କି କି କର୍ମ କରିବାକୁ ହୁଏ ?

ଉତ୍ତର - ଯେପରି ସମସ୍ତଙ୍କ ଜ୍ଞାତସାରରେ ବିବାହ କାର୍ଯ୍ୟ ସଂପାଦିତ ହୁଏ, ସେପରି 'ନିୟୋଗ' ମଧ୍ୟ ସମସ୍ତଙ୍କ ଜଣାଶୁଣାରେ କରାଯାଏ । ବିବାହରେ ଯେପରି ଭଦ୍ର ପୁରୁଷଙ୍କ ଅନୁମତି ଓ ବର କନ୍ୟାଙ୍କ ପ୍ରସନ୍ନତା ଆବଶ୍ୟକ, ସେପରି ନିୟୋଗ ମଧ୍ୟ କୁଟୁମ୍ବର ସମସ୍ତଙ୍କ ଜ୍ଞାତ ସାରରେ ସଂପାଦିତ ହୁଏ । ସେତେବେଳେ ନିୟୋଗାଭିଳାଷୀ ସ୍ତ୍ରୀ ପୁରୁଷ ଦୁହେଁ ଭଦ୍ର ସ୍ତ୍ରୀ ପୁରୁଷଙ୍କ ଆଗରେ ନିଜ ଇଚ୍ଛା ପ୍ରକାଶ କରି କହନ୍ତି ଆମେ ଦୁହେଁ ସନ୍ତାନ ପ୍ରାପ୍ତି ପାଇଁ ନିୟୋଗ କରିବାକୁ ଚାହୁଁଛୁ ଓ ସନ୍ତାନ ପ୍ରାପ୍ତି ପରେ ଆମର ଆଉ ଯୌନ ସମ୍ପର୍କ ରହିବ ନାହିଁ । ଯଦି ଏହାର ବିରୋଧାଚରଣ କରୁଁ ତେବେ ଆମେ ପାପଭାଗୀ ହେବୁ । ଜାତୀୟ ତଥା ରାଜକୀୟ ନିୟମାନୁସାରେ ଦଣ୍ଡିତ ମଧ୍ୟ ହେବୁଁ । ପ୍ରତିମାସରେ ଥରେ ମାତ୍ର ଗର୍ଭାଧାନ କୃତ୍ୟ କରିବୁଁ । ଗର୍ଭସ୍ଥିତି ପରେ ଏକ ବର୍ଷ ପର୍ଯ୍ୟନ୍ତ ପୃଥକ୍ ହୋଇ ରହିବୁ ।

(୮୬) **ପ୍ରଶ୍ନ** - ନିଜ ବର୍ଣ୍ଣ ମଧ୍ୟରେ ନିୟୋଗ ହେବା ଉଚିତ ନା ଅନ୍ୟ ବର୍ଣ୍ଣ ସହିତ ମଧ୍ୟ ନିୟୋଗ କରା ଯାଇପାରେ ?

ଉତ୍ତର - ସ୍ତ୍ରୀମାନେ ନିଜ ବର୍ଣ୍ଣ ପୁରୁଷ ସହିତ ଅଥବା ନିଜଠାରୁ ଉତ୍ତମ ବର୍ଣ୍ଣର ପୁରୁଷ ସହିତ ନିୟୋଗ କାର୍ଯ୍ୟ କରିବେ । ଯଥା - ବୈଶ୍ୟ ବର୍ଣ୍ଣର ସ୍ତ୍ରୀ ବୈଶ୍ୟ, କ୍ଷତ୍ରିୟ ଅଥବା ବ୍ରାହ୍ମଣ ପୁରୁଷ ସହିତ; କ୍ଷତ୍ରିୟା ସ୍ତ୍ରୀ କ୍ଷତ୍ରିୟ ବା ବ୍ରାହ୍ମଣ ପୁରୁଷ ସହିତ ଏବଂ ବ୍ରାହ୍ମଣୀ ସ୍ତ୍ରୀ ବ୍ରାହ୍ମଣ ପୁରୁଷ ସହିତ ନିୟୋଗ କରିବେ । ଏହାର କାରଣ ଏହି ଯେ ସମ ବା ଉତ୍ତମ ବର୍ଣ୍ଣର ବୀର୍ଯ୍ୟ ହେବା ଉଚିତ, ନିମ୍ନ ବର୍ଣ୍ଣର ହେବା ଉଚିତ ନୁହେଁ । ବେଦୋକ୍ତ ନିୟମରେ ବିବାହ ବା ନିୟୋଗ କରି ସୁସନ୍ତାନ ଉତ୍ପନ୍ନ କରିବା ହେଉଛି ସ୍ତ୍ରୀ ଓ ପୁରୁଷ ସୃଷ୍ଟିର ଏକମାତ୍ର ଉଦ୍ଦେଶ୍ୟ ।

(୮୭) **ପ୍ରଶ୍ନ** - ପୁରୁଷ ନିୟୋଗ କରିବାର କି ଆବଶ୍ୟକତା ଅଛି ? କାରଣ ସେ ଚାହିଁଲେ ପୁଣିଥରେ ବିବାହ କରି ପାରିବ ।

ଉତ୍ତର - ବେଦାଦି ଶାସ୍ତ୍ରାନୁସାରେ ଦ୍ୱିଜ ବର୍ଣ୍ଣର ସ୍ତ୍ରୀ ପୁରୁଷମାନେ କେବଳ ଥରେ ମାତ୍ର ବିବାହ କରି ପାରିବେ ଏହା ପୂର୍ବରୁ କହାଯାଇଛି । ଦ୍ୱିତୀୟ ଥର ବିବାହ ସେମାନଙ୍କ ପାଇଁ ନିଷେଧ କରାଯାଇଛି । କେବଳ କୁମାର ଓ କୁମାରୀ ମଧ୍ୟରେ ବିବାହ ହେଉଛି ନ୍ୟାୟ ଓ ଧର୍ମ ସଙ୍ଗତ । କିନ୍ତୁ, ବିଧବା ସ୍ତ୍ରୀ ସହିତ କୁମାର ପୁରୁଷର କିମ୍ବା ବିପତ୍ନୀକ ପୁରୁଷ ସହିତ କୁମାରୀ ସ୍ତ୍ରୀର ବିବାହ ଯେପରି ଧର୍ମବିରୁଦ୍ଧ ସେହିପରି ଅନ୍ୟାୟ ମଧ୍ୟ । ଯେପରି କୌଣସି କୁମାର ବିଧବା ସ୍ତ୍ରୀ ସହିତ ବିବାହ କରିବାକୁ ଇଚ୍ଛା କରେ ନାହିଁ, ସେହିପରି ଜଣେ କୁମାରୀ କନ୍ୟା ମଧ୍ୟ ବିଧୁର ପୁରୁଷ ସହିତ ବିବାହ କରିବାକୁ କୁଣ୍ଠାବୋଧ କରେ । କୌଣସି ବିଧୁରକୁ କୌଣସି କୁମାରୀ କନ୍ୟା

ଅଥବା କୌଣସି ବିଧବାକୁ କୌଣସି କୁମାର ଯଦି ବିବାହ କରିବେ ନାହିଁ, ତେବେ ବିଧବା ଓ ବିଧୁରଙ୍କୁ 'ନିୟୋଗ'ର ଆଶ୍ରୟ ନେବାକୁ ପଡ଼ିବ । ଯେଉଁ ବ୍ୟକ୍ତି ଯେପରି ତା ସହିତ ସେପରି ବ୍ୟକ୍ତିର ସମ୍ପର୍କ ହେବା ଆବଶ୍ୟକ ଯେଣୁ ତାହାହିଁ ହେଉଛି ଧର୍ମ ସଙ୍ଗତ କାର୍ଯ୍ୟ । ଏଣୁ ବିଧବା ଓ ବିଧୁରଙ୍କ ମଧ୍ୟରେ ନିୟୋଗ ହିଁ ନ୍ୟାୟ ଓ ବିଧି ସଙ୍ଗତ ଅଟେ ।

(୮୮) **ପ୍ରଶ୍ନ**- ବେଦଶାସ୍ତ୍ରରେ ବିବାହ ପାଇଁ ପ୍ରମାଣ ଅଛି । ନିୟୋଗ ପାଇଁ ସେପରି କିଛି ପ୍ରମାଣ ଅଛି କି ?

ଉତ୍ତର - ହଁ ଅନେକ ପ୍ରମାଣ ଅଛି । ଦେଖନ୍ତୁ,

କୁହସ୍ୱିଦୋଷା କୁହ ବସ୍ତୋରଶ୍ୱିନା କୁହାଭିପିତ୍ୱଂ କରତଃ କୁହୋଷତୁଃ ।
କୋ ବାଂ ଶୟୁତ୍ରା ବିଧବେବ ଦେବରଂ ମର୍ଯ୍ୟଂ ନ ଯୋଷା କୃଣୁତେ ସଧସ୍ଥ ଆ ।।

(ଋଗ୍‌ବେଦ ୧୦ ।୪୦-୨)

(ଅଶ୍ୱିନା) ହେ ସ୍ତ୍ରୀ ପୁରୁଷ ! (ଦେବରଂ ବିଧବେବ) ଯେପରି ବିଧବା ସ୍ତ୍ରୀ ଦେବର ସହିତ (ଯୋଷାମର୍ଯ୍ୟନ୍) ଓ ବିବାହିତା ସ୍ତ୍ରୀ ନିଜ ପତି ସହିତ (ସଧସ୍ଥେ) ସମାନ ସ୍ଥାନ ଓ ଶଯ୍ୟାରେ ମିଳିତ ହୋଇ (ଆ କୃଣୁତେ) ସନ୍ତାନ ଉତ୍ପନ୍ନ କରନ୍ତି, ସେପରି ତୁମେ ସ୍ତ୍ରୀ ପୁରୁଷ ଦୁହେଁ (କୁହସ୍ୱିଦୋଷା) କେଉଁଠି ରାତ୍ରି କାଳରେ ଓ (କୁହବସ୍ତଃ) କେଉଁଠି ଦିବସ ସମୟରେ ନିବାସ କରୁଥିଲ ? (କୁହାଭିପିତ୍ୱଂ) କେଉଁଠାରୁ ଆବଶ୍ୟକ ବସ୍ତୁ (କରତଃ) ପାଉଥିଲ ? (କୁହୋଷତୁଃ) କେଉଁ ସମୟରେ କେଉଁଠାରେ ନିବାସ କରୁଥିଲ ? (କୋ ବାଂ ଶୟୁତ୍ରା) ତୁମ ଶୟନସ୍ଥାନ କେଉଁଠି ? ତୁମେ କିଏ ଓ କେଉଁ ଦେଶବାସୀ ?

ଏହି ବେଦ ମନ୍ତ୍ରରୁ ପ୍ରମାଣିତ ହେଉଛି ଯେ ସ୍ତ୍ରୀ ପୁରୁଷ ଦେଶଦେଶାନ୍ତରେ ପତିପତ୍ନୀ ଏକତ୍ର ରହିବେ । ପୁଣି ବିଧବା ସ୍ତ୍ରୀ ମଧ୍ୟ ଦେବରାଦି ସହ ମିଳି ନିଯୁକ୍ତ ପୁରୁଷ ଗ୍ରହଣ କରି ସନ୍ତାନୋତ୍ପତ୍ତି କରିପାରିବେ ।

(୮୯) **ପ୍ରଶ୍ନ** - କାହାର ଯଦି ଛୋଟ ଭାଇ ନ ଥିବ, ତେବେ ସେ ବିଧବା କାହା ସହିତ ନିୟୋଗ କରିବ ?

ଉତ୍ତର - ଦେବର ସହିତ । ଏଠାରେ ଦେବର ଶବ୍ଦର ଅର୍ଥ ଦିଅର ନୁହେଁ । ନିରୁକ୍ତ ଶାସ୍ତ୍ରରେ କଥିତ ହୋଇଛି...

''ଦେବରଃ କସ୍ମାଦ୍ ଦ୍ୱିତୀୟୋ ବରଃ ଉଚ୍ୟତେ'' । (ନି.ଅ. ୩ ଖ. ୧୫)

ବିଧବାର ଦ୍ୱିତୀୟ ପତିକୁ ଦେବର କୁହାଯାଏ । ପତିର ବଡ଼ ଭାଇ ହେଉ ବା ଛୋଟ ଭାଇ ହେଉ ନିଜ ବର୍ଣ୍ଣର ହେଉ ବା ନିଜ ଅପେକ୍ଷା ଉଚ୍ଚ ବର୍ଣ୍ଣର ହେଉ ଯାହା ସହିତ ନିୟୋଗ ହେବ ତାର ନାମ ଦେବର ।

(୯୦) ଉଦୀର୍ଷ୍ୱ ନାର୍ଯଭିଜୀବଲୋକଂ ଗତାସୁମେତମୁପ ଶେଷ ଏହି ।
ହସ୍ତଗ୍ରାଭସ୍ୟ ଦିଧିଷୋସ୍ତବେଦଂ ପତ୍ୟୁର୍ଜନିତ୍ୱମଭି ସଂ ବଭୂଥ ।।

(ଋକ୍ ବେଦ ୧୦-୧୮-୮)

(ନାରି) ହେ ବିଧବା ! ତୁ (ଏବଂ ଗତାସୁମ୍) ଏହି ମୃତପତିର ଆଶାକୁ ତ୍ୟାଗ କରି (ଶେଷେ) ଅବଶିଷ୍ଟ ପୁରୁଷମାନଙ୍କ ମଧ୍ୟରୁ (ଅଭି, ଜୀବଲୋକମ୍) ଜୀବିତ ଅନ୍ୟ କାହାକୁ ପତିରୂପରେ (ଉପୈହି) ବରଣ କର (ଉଦୀର୍ଷ୍ୱ)ଉତ୍ତମରୂପେ ବିସ୍ମରକରି ନିଶ୍ଚୟ କରି ନିଅ ଯେ (ହସ୍ତ ଗ୍ରାଭସ୍ୟ ଦିଧିଷୋ) ତୁମର ପାଣିଗ୍ରହଣକାରୀ ନିଯୁକ୍ତପତିର ପ୍ରୟୋଜନ ସକାଶେ ଯଦି ନିୟୋଗ ହୁଏ ତେବେ (ଇଦଂ ଜନିତ୍ୱଂ) ଏହି ଜାତ ପୁତ୍ର (ପତ୍ୟୁଃ) ଉକ୍ତ ନିଯୁକ୍ତ ପତିର ହେବ । ତୁମେ ଏପରି (ଅଭି, ସମ୍, ବଭୂଥ) ଦୃଢ଼ ନିଶ୍ଚୟ ହୁଅ ନିଯୁକ୍ତ ପୁରୁଷଙ୍କୁ ମଧ୍ୟ ଏହି ନିୟମ ପାଳନ କରିବାକୁ ହେବ ।

(୯୧) ଅଦେବୃଘ୍ନ୍ୟପତିଘ୍ନୀ ହୈଧି ଶିବା ପଶୁଭ୍ୟଃ ସୁଯମ ସୁବର୍ଚ୍ଚା ।
ପ୍ରଜାବତୀ ବୀରସୂର୍ଦେବୃକାମା ସ୍ୟୋନେମମଗ୍ନିଂ ଗାର୍ହପତ୍ୟଂ ସପର୍ଯ ।।

(ଅଥର୍ବ ବେଦ ୧୪-୨-୧୮)

(ଅପତିଘ୍ନୀ ଅଦେବୃଘ୍ନୀ) ପତି ଓ ଦିଅରକୁ ଦୁଃଖ ଦେଉ ନଥିବା ହେ ନାରୀ (ଇହ) ଏହି ଗୃହସ୍ଥାଶ୍ରମରେ ରହି (ପଶୁଭ୍ୟଃ) ପଶୁମାନଙ୍କର (ଶିବା) କଲ୍ୟାଣକାରିଣୀ ହୁଅ; (ସୁଯମାଃ) ଉତ୍ତମ ଧର୍ମାଚରଣକରି (ସୁବର୍ଚ୍ଚାଃ) ରୂପ ଓ ସର୍ବଶାସ୍ତ୍ରବିଦ୍ୟାରେ ବିଭୂଷିତା ହୁଅ; (ପ୍ରଜାବତୀ) ଉତ୍ତମ ସନ୍ତାନବତୀ ହୋଇ (ବୀରସୂଃ) ବୀର ପୁତ୍ର ଜନ୍ମ କରିବାପାଇଁ (ଦେବୃକାମା) ଦିଅରକୁ କାମନା କରି (ସ୍ୟୋନା) ସୁଖଦାତା ପତି ବା ଦିଅରଙ୍କୁ (ଏଧି) ଲାଭକରି (ଇମମ୍) ଏହି (ଗାର୍ହପତ୍ୟମ୍) ଗୃହସ୍ଥସମ୍ବନ୍ଧୀୟ (ଅଗ୍ନିମ୍) ଅଗ୍ନିହୋତ୍ରକୁ (ସପର୍ଯ) ଆଚରଣ କର ।

(୯୨) 'ତାମନେନ ବିଧାନେନ ନିଜୋ ବିନ୍ଦେତ ଦେବରଃ ।''

(ମନୁ ୯-୬)

'ଯଦି ଅକ୍ଷତ ଯୋନି ସ୍ତ୍ରୀ ବିଧବା ହୋଇଯାଏ, ତେବେ ପତିର ଛୋଟ ଭାଇ ସହିତ ତାର ବିବାହ ହୋଇପାରିବ ।

ପ୍ରଶ୍ନ - ଜଣେ ସ୍ତ୍ରୀ ବା ପୁରୁଷ କେତେଥର ନିୟୋଗ କରିପାରେ ଓ ବିବାହିତ ନିଯୁକ୍ତ ପତିମାନଙ୍କ ନାମ କଣ ?

ଉତ୍ତର - ସୋମଃ ପ୍ରଥମୋ ବିବିଦେ ଗନ୍ଧର୍ବୋ ବିବିଦ ଉତ୍ତରଃ ।
ତୃତୀୟୋ ଅଗ୍ନିଷ୍ଟେ ପତିସ୍ତୁରୀୟସ୍ତେ ମନୁଷ୍ୟଜାଃ ।।

(ଋଗ୍‌ବେଦ ୧୦-୮୫-୪୦)

ହେ ନାରୀ ! (ତେ) ତୁମର ଯେଉଁ (ପ୍ରଥମଃ ପତିଃ) ପ୍ରଥମ ବିବାହିତ ପତି ତୁମକୁ (ବିବିଦେ) ପ୍ରାପ୍ତ ହୁଅନ୍ତି ତାଙ୍କ ନାମ (ସୋମଃ) ସୁକୁମାରତା ଆଦି ଗୁଣଯୁକ୍ତ ହୋଇଥିବାରୁ ସେ ସୋମ । ଯିଏ ଦ୍ୱିତୀୟ ନିୟୋଗରେ ତୁମକୁ (ବିବିଦେ) ପ୍ରାପ୍ତ ହୁଏ, ସେ ପୂର୍ବରୁ ଗୋଟିଏ ସ୍ତ୍ରୀ ସହିତ ସହବାସ କରିଥିବାରୁ (ଗନ୍ଧର୍ବଃ) ସେ ଗନ୍ଧର୍ବ । ଯିଏ (ତୃତୀୟଃ ଉତ୍ତରଃ) ଦ୍ୱିତୀୟ ପରେ ତୃତୀୟ ପତିହୁଏ ସେ (ଅଗ୍ନିଃ) ଅତି ଉଷ୍ଣତାଯୁକ୍ତ ହେତୁ ଅଗ୍ନି ସଂଜ୍ଞକ ଓ ଯେଉଁମାନେ (ତେ) ତୁମର (ତୁରୀୟଃ) ଚତୁର୍ଥଠାରୁ ଏକାଦଶ ପର୍ଯ୍ୟନ୍ତ ନିଯୁକ୍ତପତି ହୁଅନ୍ତି ସେମାନେ (ମନୁଷ୍ୟଜାଃ) ମନୁଷ୍ୟ ନାମରେ ଅଭିହିତ ହୁଅନ୍ତି । ଯେପରି (ଇମାଂ ତ୍ୱମିନ୍ଦ୍ରଂ) ମନ୍ତ୍ରାନୁସାରେ ସ୍ତ୍ରୀ ଏଗାର ଜଣ ପୁରୁଷପର୍ଯ୍ୟନ୍ତ ନିୟୋଗ କରିପାରେ, ସେହିପରି ପୁରୁଷ ମଧ୍ୟ ଏଗାର ଜଣ ପର୍ଯ୍ୟନ୍ତ ସ୍ତ୍ରୀ ନିୟୋଗ କରିପାରେ ।

ପ୍ରଶ୍ନ - ଏକାଦଶ ଶବ୍ଦଦ୍ୱାରା ଦଶପୁତ୍ର ଓ ଏକାଦଶରେ ପତିଙ୍କୁ କାହିଁକି ଗଣନା କରାନଯିବ ?

ଉତ୍ତର - ଯଦି ଏପରି ଅର୍ଥ କରାଯିବ, ତେବେ ତାହା ''ବିଧବେବ ଦେବରମ୍'' (ଋ.୧୦-୪୦-୨) ''ଦେବରଃ, କସ୍ମାଦ୍ ଦ୍ୱିତୀୟୋ ବର ଉଚ୍ୟତେ'' (ନି-୩-୧୫) ''ଅଦେବୃଘ୍ନିଃ)'' (ଅଥର୍ବ ୧୪-୨-୧୮) ଓ ''ଗନ୍ଧର୍ବୋ ବିବିଦ ଉତ୍ତରଃ'' (ଋଗ୍ ୧୦-୮୫-୪୦) ପ୍ରଭୃତି ଯେଉଁ ବେଦପ୍ରମାଣମାନ ରହିଛି ତାର ବିପରୀତ ଅର୍ଥ ହେବ । କାରଣ ତୁମ ଅର୍ଥଦ୍ୱାରା ଦ୍ୱିତୀୟ ପତି ଲାଭ ହୋଇପାରିବ ନାହିଁ ।

ଦେବରାଦ୍ ବା ସପିଣ୍ଡାଦ୍ ବା ସ୍ତ୍ରିୟା ସମ୍ୟଗ୍ ନିଯୁକ୍ତୟା ।
ପ୍ରଜେପ୍‌ସିତାଧିଗନ୍ତବ୍ୟା ସନ୍ତାନସ୍ୟ ପରିକ୍ଷୟେ ।୧ ।
ଜ୍ୟେଷ୍ଠୋ ଯବୀୟସୋ ଭାର୍ଯ୍ୟାଂ ଯବୀୟାନ୍ୱାଗ୍ରଜସ୍ତ୍ରିୟମ୍ ।
ପତିତୌ ଭବତୋ ଗତ୍ୱା ନିଯୁକ୍ତାବପ୍ୟନାପଦି ।୨ ।
ଔରସଃ କ୍ଷେତ୍ରଜଶ୍ଚୈବ ।୩ ।

(ମନୁ ୯-୫୮-୫୯-୧୫୯) ।

ଏ ସବୁ ଶ୍ଲୋକରେ ମନୁ ଲେଖିଛନ୍ତି - ସପିଣ୍ଡ, ଅର୍ଥାତ୍ ପତିର ଛଅ ପୁରୁଷ ମଧ୍ୟରେ ପତିର ଛୋଟ ବା ବଡ଼ଭାଇ,ଅଥବା ସ୍ୱଜାତୀୟ କିମ୍ବା ନିଜ ଅପେକ୍ଷା ଉଚ୍ଚବର୍ଣ୍ଣର ପୁରୁଷ ସହିତ ବିଧବା ସ୍ତ୍ରୀର ନିୟୋଗ ହେବା ଉଚିତ । ଯଦି ବିପତ୍ନୀକ ପୁରୁଷ ଅଥବା ବିଧବା ସ୍ତ୍ରୀ ସନ୍ତାନ କାମନା କରନ୍ତି; ତେବେ ସେମାନେ ନିୟୋଗ କରିପାରିବେ । ସମସ୍ତ ସନ୍ତାନ ମୃତ୍ୟୁବରଣ କରିଥିଲେ ମଧ୍ୟ ନିୟୋଗ କରାଯାଇପାରେ ଆପତ୍କାଳ ଅର୍ଥାତ୍ ସନ୍ତାନୋତ୍ପତ୍ତିର ସମ୍ଭାବନା ନଥିଲେ ବଡ଼ ଭାଇର ସ୍ତ୍ରୀ ସହିତ ସାନ ଭାଇର, ଅଥବା ସାନ ଭାଇର ସ୍ତ୍ରୀ ସହିତ ବଡ଼ ଭାଇର ନିୟୋଗ ପଦ୍ଧତିରେ ସନ୍ତାନୋତ୍ପ

କରାଇ ପାରିବେ । ସନ୍ତାନୋତ୍ପତ୍ତିପରେ ନିଯୁକ୍ତକାରୀ ଯଦି ପୁଣି ସହବାସ କରନ୍ତି ତେବେ ସେମାନେ ପତିତ ବୋଲି ପରିଗଣିତ ହୁଅନ୍ତି । ଅର୍ଥାତ୍ ଏକ ନିୟୋଗରେ ଦୁଇଟି ସନ୍ତାନ ଗର୍ଭସ୍ଥ ହେବା ପର୍ଯ୍ୟନ୍ତ ସମାଗମ କରିବ, କିନ୍ତୁ ତାପରେ ସମାଗମ କରିବା ଅନୁଚିତ । କିନ୍ତୁ ଉଭୟଙ୍କ ପାଇଁ ଯଦି ନିୟୋଗ ଆବଶ୍ୟକ ହୁଏ, ତେବେ ଚତୁର୍ଥ ଗର୍ଭ ପର୍ଯ୍ୟନ୍ତ ଅର୍ଥାତ୍ ପୂର୍ବୋକ୍ତ ରୀତି ଅନୁସାରେ ଦଶଟି ସନ୍ତାନ ପର୍ଯ୍ୟନ୍ତ ତାକୁ ବୈଧ ବୋଲି ଧରାଯାଏ । ତାପରେ ଯେଉଁ ସହବାସ ହୁଏ, ତାହା ବିଷୟାସକ୍ତି ଅଟେ ଓ ତାକୁ ପତିତ କର୍ମ ବୋଲି ଗଣନା କରାଯାଏ । ଯେଉଁ ବିବାହିତ ସ୍ତ୍ରୀ ବା ପୁରୁଷ ଦଶମ ଗର୍ଭପରେ ସମାଗମ କରନ୍ତି, ତେବେ ସେମାନେ କାମୁକ ଓ ନିନ୍ଦିତ ହୁଅନ୍ତି । ଅର୍ଥାତ୍ ବିବାହ ଅଥବା ନିୟୋଗ କେବଳ ସନ୍ତାନୋତ୍ପତ୍ତି ପାଇଁ ଉଦ୍ଦିଷ୍ଟ, ପଶୁମାନଙ୍କ ପରି କାମକ୍ରୀଡ଼ା ପାଇଁ ଏହାର ବିଧାନ କରାଯାଇ ନାହିଁ ।

ପ୍ରଶ୍ନ - ପତିଙ୍କ ମୃତ୍ୟୁପରେ ସ୍ତ୍ରୀ ନିୟୋଗ କରେ, ନା ପତିଙ୍କ ଜୀବଦ୍ଦଶାରେ ମଧ୍ୟ ନିୟୋଗ କରାଯାଏ ?

ଉତ୍ତର - ସ୍ୱାମୀ ଜୀବିତଥିବା ଅବସ୍ଥାରେ ମଧ୍ୟ ନିୟୋଗ କରାଯାଇପାରେ ।

ଅନ୍ୟମିଚ୍ଛସ୍ୱ ସୁଭଗେ ପତିଂ ମତ୍ । (ଋକ୍ ମ ୧୦ ସୂ ୧୦ମ ୧୦)

ପତି ଯଦି ସନ୍ତାନୋତ୍ପତ୍ତିପାଇଁ ଅସମର୍ଥ, ତେବେ ସେ ନିଜ ସ୍ତ୍ରୀଙ୍କୁ ଆଜ୍ଞା ଦେବେ.....ହେ ସୁଭଗେ ! ହେ ସୌଭାଗ୍ୟ ଇଚ୍ଛାକାରିଣୀ ସ୍ତ୍ରୀ, ତୁମେ (ମତ୍) ମୋଠାରୁ ଆଶା ଛାଡ଼ି, ଅନ୍ୟଂପତିମ୍- ଅନ୍ୟ ପତି, ଇଚ୍ଛସ୍ୱ- ଇଚ୍ଛାକର । କାରଣ ବର୍ତ୍ତମାନ ଆଉ ମୋଦ୍ୱାରା ସନ୍ତାନୋତ୍ପତ୍ତି ସମ୍ଭବ ନୁହେଁ । ଏପରି ପରିସ୍ଥିତିରେ ସ୍ତ୍ରୀ ଅନ୍ୟ ସହିତ ନିୟୋଗ କରି ସନ୍ତାନୋତ୍ପତ୍ତି କରିବେ । କିନ୍ତୁ ବିବାହିତ ପତିଙ୍କ ସେବାରେ କଦାପି ଅବହେଳା ପ୍ରଦର୍ଶନ କରିବେ ନାହିଁ । ସେହିପରି କୌଣସି ସ୍ତ୍ରୀ ରୁଗ୍ଣା ବା ଗର୍ଭଧାରଣ ପାଇଁ ଅସମର୍ଥା ହେଲେ ସେ ପତିଙ୍କୁ ଅନୁରୋଧ କରିବେ..... ହେ ସ୍ୱାମୀ ! ତୁମେ ମୋଠାରୁ ସନ୍ତାନୋତ୍ପତ୍ତିର କାମନା ତ୍ୟାଗକରି ଅନ୍ୟ କୌଣସି ବିଧବା ସ୍ତ୍ରୀ ସହିତ ନିୟୋଗଦ୍ୱାରା ସନ୍ତାନୋତ୍ପତ୍ତି କର । ପୂର୍ବେ ପାଣ୍ଡୁଙ୍କର ଉଭୟ ସ୍ତ୍ରୀ କୁନ୍ତୀ ଓ ମାଦ୍ରୀ ମଧ୍ୟ ଏପରି କରିଥିଲେ । ଆହୁରି ମଧ୍ୟ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟଙ୍କ ମୃତ୍ୟୁପରେ ତାଙ୍କର ସ୍ତ୍ରୀ ଅମ୍ବିକା ଓ ଅମ୍ବାଳିକାଙ୍କ ସହିତ ନିୟୋଗ କରି ତାଙ୍କ ବଡ଼ଭାଇ ବ୍ୟାସଦେବ ଯଥାକ୍ରମେ ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କୁ ଉତ୍ପତ୍ତି କରାଇଥିଲେ । ପୁଣି ସେହି ବ୍ୟାସଦେବଙ୍କ ଦ୍ୱାରା ଦାସୀଗର୍ଭରୁ ବିଦୁର ଜାତ ହୋଇଥିଲେ । ଏପରି ନିୟୋଗ ସମ୍ପର୍କୀୟ ଅନେକ ଐତିହାସିକ ପ୍ରମାଣ ରହିଛି ।

(୯୬) ପ୍ରୋଷିତୋ ଧର୍ମକାର୍ଯ୍ୟାର୍ଥଂ ପ୍ରତୀକ୍ଷ୍ୟୋଽଷ୍ଟୌ ନରଃ ସମାଃ ।
ବିଦ୍ୟାର୍ଥଂ ଷଡ୍ ଯଶୋଽର୍ଥଂ ବା କାମାର୍ଥଂ ସ୍ତ୍ରୀଂସ୍ତ୍ରୀବତ୍ସରାନ୍ ।୧ ।

(ମନୁ ୯-୭୬)

ବିବାହିତ ପତି ଯଦି ଧର୍ମକାର୍ଯ୍ୟପାଇଁ ବିଦେଶ ଯାଇଥାନ୍ତି, ଆଠବର୍ଷ ପର୍ଯ୍ୟନ୍ତ, ବିଦ୍ୟା ଓ କୀର୍ତ୍ତିଅର୍ଜନ ପାଇଁ ଯାଇଥିଲେ ଛଅବର୍ଷ ଓ ଧନଉପାର୍ଜନ ପାଇଁ ଯାଇଥିଲେ ତିନି ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରି ବିବାହିତା ସ୍ତ୍ରୀ ସନ୍ତାନୋତ୍ପତ୍ତି କରିବାକୁ ଚାହିଁଲେ ନିୟୋଗ କରିପାରନ୍ତି । ପତି ଫେରିଆସିବାପରେ ନିଯୁକ୍ତ ପତି ସହିତ ସ୍ତ୍ରୀର ଆଉ କୌଣସି ସମ୍ପର୍କ ରହିବ ନାହିଁ ।

ବନ୍ଧ୍ୟାଷ୍ଟମେଽଧିବେଦ୍ୟାବ୍ଦେ ଦଶମେ ତୁ ମୃତପ୍ରଜାଃ ।
ଏକାଦଶେ ସ୍ତ୍ରୀ ଜନନୀ ସଦ୍ୟସ୍ତ୍ୱପ୍ରିୟବାଦିନୀ ।୨ ।

(ମନୁ ୯-୮୧)

ସେହିପରି ବିବାହିତା ସ୍ତ୍ରୀ ଯଦି ବନ୍ଧ୍ୟା ହୁଏ, ତେବେ ବିବାହ ଦିନଠାରୁ ଆଠ ବର୍ଷ, ସନ୍ତାନ ଜାତ ହୋଇ ମରି ଯାଉଥିଲେ ଦଶବର୍ଷ ପର୍ଯ୍ୟନ୍ତ, ପୁତ୍ରଜାତ ନ ହୋଇ କେବଳ କନ୍ୟାଜାତ ହେଉଥିଲେ ଏଗାର ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବେ, କିନ୍ତୁ ଯଦି ସ୍ତ୍ରୀ ଅପ୍ରିୟବାଦିନୀ ହୁଏ ତେବେ ତତକ୍ଷଣାତ୍ ସେହି ସ୍ତ୍ରୀକୁ ଛାଡ଼ି ସ୍ୱାମୀ ଅନ୍ୟ ସ୍ତ୍ରୀ ସହିତ ନିୟୋଗ କରି ସନ୍ତାନୋତ୍ପତ୍ତି କରିବେ ।

(୯୭) ପତି ଯଦି ପତ୍ନୀଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଥାନ୍ତି, ତେବେ ପତ୍ନୀ ମଧ୍ୟ ସେପରି ପତିକୁ ତ୍ୟାଗ କରି ଅନ୍ୟ ପୁରୁଷ ସହିତ ନିୟୋଗଦ୍ୱାରା ସେହି ବିବାହିତ ପତିର ଉତ୍ତରାଧିକାରୀ ସନ୍ତାନ ଜାତ କରିପାରିବେ । ଏସବୁ ପ୍ରମାଣ ଓ ଯୁକ୍ତି ଅନୁସାରେ ନିଜ ନିଜ ବର୍ଣ୍ଣର ଉନ୍ନତି ନିମିତ୍ତ ସ୍ୱୟମ୍ବର ବିବାହ ଓ ନିୟୋଗବିଧି ଗ୍ରହଣ କରିବା ଉଚିତ । ଯେପରି 'ଔରସ' ଅର୍ଥାତ୍ ବିବାହିତ ପତିଦ୍ୱାରା ଉତ୍ପନ୍ନପୁତ୍ର ପିତୃସମ୍ପତ୍ତିର ଉତ୍ତରାଧିକାରୀ ହୋଇଥାଏ, ସେହି 'କ୍ଷେତ୍ରଜ' ଅର୍ଥାତ୍ ନିୟୋଗ ପ୍ରଥାଦ୍ୱାରା ଜାତ ପୁତ୍ର ମଧ୍ୟ ମୃତପିତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହୋଇଥାଏ ।

(୯୮) ପତି ଓ ପତ୍ନୀ ଉଭୟଙ୍କୁ ଧ୍ୟାନ ରଖିବାକୁ ହେବ ଯେ ବୀର୍ଯ୍ୟ ଓ ରଜ ହେଉଛି ଶରୀରର ଅମୂଲ୍ୟ ସମ୍ପଦ । ଯେଉଁମାନେ ଏହି ଅମୂଲ୍ୟ ସମ୍ପଦକୁ ପର ସ୍ତ୍ରୀ, ଓ ବେଶ୍ୟାଗମନ କିମ୍ବା ଦୁରାଗ୍ରହୀ ପୁରୁଷଙ୍କ ସମ୍ପର୍କରେ ଆସି ନାଶ କରନ୍ତି, ସେମାନଙ୍କୁ ଆତ୍ମଘାତୀ ଓ ମହାମୂର୍ଖ କହିବାକୁ ହେବ । କାରଣ କୌଣସି କୃଷକ ବା ମାଳୀ ମୂର୍ଖ ହେଲେ ମଧ୍ୟ ନିଜ କ୍ଷେତ ବା ଉଦ୍ୟାନ ବ୍ୟତୀତ ଅନ୍ୟତ୍ର ବୀଜ ବପନ କରେ ନାହିଁ । ଏହାତ ସାଧାରଣ ବୀଜର କଥା । କିନ୍ତୁ, ଦୁର୍ଲଭ ମାନବରୂପକ ବୃକ୍ଷର ଅମୂଲ୍ୟ

ବୀଜକୁ ନେଇ ଯେଉଁମାନେ କୁକ୍ଷେତ୍ରରେ ନାଶ କରି ଦିଅନ୍ତି, ସେମାନଙ୍କଠାରୁ ବଳି ମହାମୂର୍ଖ ଆଉ କେହି ନାହାନ୍ତି । ଯେଣୁ ସେହି ବୀଜର ଫଳ ବୀଜକର୍ତ୍ତାଙ୍କୁ ମିଳେ ନାହିଁ । ବ୍ରାହ୍ମଣ ଗ୍ରନ୍ଥରେ କଥିତ ହୋଇଛି 'ଆତ୍ମା ବୈ ଜାୟତେ ପୁତ୍ରଃ' ଶତପଥ ବ୍ରାହ୍ମଣ - ୧୪, ୬,୪,୨୬ । ପୁତ୍ର ପିତାଙ୍କ ଶରୀରର ଅଂଶ ବିଶେଷ ।

ଅଙ୍ଗାଦଙ୍ଗାତ୍ସମ୍ଭବସି ହୃଦୟାଦଧିଜାୟସେ ।

ଆତ୍ମାସି ପୁତ୍ରମାମୃଥାଃ ସ ଜୀବ ଶରଦଃ ଶତମ୍ ।।

(ନିରୁକ୍ତ ୩-୪)

''ହେ ପୁତ୍ର ! ତୁ ମୋର ଅଙ୍ଗ ପ୍ରତ୍ୟଙ୍ଗରୁ, ଉପାକ ବୀର୍ଯ୍ୟରୁ ଓ ହୃଦୟରୁ ଜାତ ହୋଇଛୁ । ତେଣୁ ତୁ ହେଉଛୁ ମୋର ଆତ୍ମା । ମୋର ଜୀବିତାବସ୍ଥାରେ କଦାପି ତୋର ମୃତ୍ୟୁ ନହେଉ, ତୁ ଶହେ ବର୍ଷ ପର୍ଯ୍ୟନ୍ତ ଜୀବନ ଧାରଣକରି ରହ ।

ଯେଉଁ ରଜବୀର୍ଯ୍ୟରୁ ମାହାତ୍ମା ମହାପୁରୁଷମାନେ ଜାତ ହୁଅନ୍ତି ତାକୁ ବେଶ୍ୟା ଗମନଦ୍ୱାରା ଅଯଥା ନଷ୍ଟ କରିବା କିମ୍ବା ଦୂଷିତ ବୀଜକୁ ଅଧମ କ୍ଷେତ୍ରରେ ବପନ କରିବା ମହାପାପକର୍ମ ବ୍ୟତୀତ ଅନ୍ୟ କିଛି ନୁହେଁ ।

(୯୯) **ପ୍ରଶ୍ନ** - ବିବାହ କରିବା କି ପ୍ରୟୋଜନ ? କାରଣ ତଦ୍ଦ୍ୱାରା ସ୍ତ୍ରୀ ଓ ପୁରୁଷଙ୍କୁ ବନ୍ଧନରେ ପଡ଼ିବାକୁ ହୁଏ ପୁଣି ଦୁଃଖଯନ୍ତ୍ରଣା ଭୋଗିବାକୁ ପଡ଼େ । ଏଣୁ ଯାହା ସହିତ ଯାହାର ପ୍ରୀତି ହେଲା ସେ ଉଭୟେ ପରସ୍ପରମିଳିତ ହୋଇ ରହନ୍ତୁ । ଯେତେବେଳେ ପ୍ରୀତି ତୁଟିଯିବ ସେତେବେଳେ ସେ ଯାହାର ପୃଥକ୍ ହୋଇ ରହନ୍ତୁ । ଏପରି କଲେ ଚଳିବ କି ନାହିଁ ?

ଉତ୍ତର - ଏପରି ବ୍ୟବହାର ପଶୁପକ୍ଷୀଙ୍କର, ମନୁଷ୍ୟମାନଙ୍କର ନୁହେଁ । ମନୁଷ୍ୟ ସମାଜରେ ବିବାହ ପ୍ରଥା ନରହିଲେ ଗୃହସ୍ଥାଶ୍ରମର ଯାବତୀୟ ନୀତି ନିୟମ ନଷ୍ଟଭ୍ରଷ୍ଟ ହୋଇଯିବ । କେହି କାହାର ସେବା ଶୁଶ୍ରୁଷା କରିବେ ନାହିଁ । ବ୍ୟଭିଚାରର ମାତ୍ରା ବଢ଼ିଯିବ ଫଳରେ ସମସ୍ତେ ରୋଗୀ, ଦୁର୍ବଳ ଓ ଅଳ୍ପାୟୁ ହୋଇ ଶୀଘ୍ର ମରିଯିବେ । କେହି କୌଣସି କଥାକୁ ଲଜ୍ଜା, ଭୟ ବା ସଂକୋଚ କରିବେ ନାହିଁ । ବୃଦ୍ଧାବସ୍ଥାରେ ସାହାଯ୍ୟ କରିବାପାଇଁ କେହି ମିଳିବେ ନାହିଁ । ବାଟ ଘାଟରେ ବ୍ୟଭିଚାର ବୃଦ୍ଧି ପାଇବା ଦ୍ୱାରା ସମସ୍ତେ ରୋଗୀ, ଦୁର୍ବଳ ଓ ଅଳ୍ପାୟୁ ହେବା ସଙ୍ଗେ ସଙ୍ଗେ ବଂଶ ପରମ୍ପରା ନଷ୍ଟ ହୋଇଯିବ । କେହି କାହା ସମ୍ପତ୍ତିର ମାଲିକ ବା ଉତ୍ତରାଧିକାରୀ ହୋଇପାରିବେ ନାହିଁ । କୌଣସି ପଦାର୍ଥ ଉପରେ ଦୀର୍ଘକାଳ ପର୍ଯ୍ୟନ୍ତ କାହାର ସତ୍ତ୍ୱ ରହିବ ନାହିଁ । ଏହି ସବୁ ଦୋଷ ଗୁଡ଼ିକର ନିରାକରଣ ପାଇଁ ବିବାହ ହିଁ ହେଉଛି ସର୍ବୋତ୍ତମ ପନ୍ଥା ।

ପ୍ରଶ୍ନ : ଜଣକୁ କେବଳ ବିବାହ କରିବାର ପ୍ରଥା ଯଦି ରହେ, ତେବେ ଜଣେ ପୁରୁଷର ଜଣେ ସ୍ତ୍ରୀ, ଓ ଜଣେ ସ୍ତ୍ରୀର ଜଣେ ମାତ୍ର ପୁରୁଷ ରହିବ । ଦୈବାତ୍ ଯଦି ସ୍ତ୍ରୀ ଗର୍ଭବତୀ ବା ଚିରରୁଗ୍ଣା ହୁଏ, କିମ୍ବା ପୁରୁଷ ଚିରରୁଗ୍ଣ ହେଲେ ଉଭୟଙ୍କର ଯଦି ଯୌବନାବସ୍ଥା ଥାଏ ଓ କାମଭାବ ଉଦ୍ରେକ ହୁଏ ତେବେ କଅଣ କରାଯିବ ?

ଉତ୍ତର - ଏସବୁର ଯଥାର୍ଥ ଉତ୍ତର ନିୟୋଗ ବିଷୟ ବର୍ଣ୍ଣନାରେ ଦିଆଯାଇଛି । ସ୍ତ୍ରୀ ଗର୍ଭବତୀ ହେଲେ ଏକ ବର୍ଷ ପର୍ଯ୍ୟନ୍ତ ପୁରୁଷ ସଙ୍ଗ ନିଷେଧ । ଏହି ସମୟରେ ପୁରୁଷ ଯଦି ଜିତେନ୍ଦ୍ରିୟ ରହି ନପାରେ, ପୁଣି ପୁରୁଷ ଦୀର୍ଘରୋଗୀ ହେଲେ ସ୍ତ୍ରୀ ଯଦି ଜିତେନ୍ଦ୍ରିୟ ରହି ନପାରେ, ତେବେ ସେମାନେ ଅନ୍ୟ କାହା ସହିତ ନିୟୋଗ କରି ସନ୍ତାନୋତ୍ପତ୍ତି କରି ପାରିବେ । କିନ୍ତୁ ସେମାନେ ବ୍ୟଭିଚାର ବା ବେଶ୍ୟାଗମନ କଦାପି କରିପାରିବେ ନାହିଁ ।

(୧୦୧) ଯେତେଦୂର ସମ୍ଭବ ଅପ୍ରାପ୍ତ ବସ୍ତୁ ପାଇବପାଇଁ ଇଚ୍ଛା କରିବା ପ୍ରାପ୍ତ ବସ୍ତୁର ରକ୍ଷଣ ଓ ବୃଦ୍ଧି କରିବା ଓ ବର୍ଦ୍ଧିତ ଧନକୁ ଦେଶର ଉନ୍ନତିପାଇଁ ବ୍ୟୟକରିବା ଉଚିତ । ନିଜ ନିଜ ବର୍ଣ୍ଣାଶ୍ରମର ସକଳ କର୍ତ୍ତବ୍ୟ .'ତି ଯତ୍ନ ଓ ଉତ୍ସାହର ସହିତ ପାଳନ କରିବ । ଶରୀର, ମନ ଓ ଧନଦେଇ ସର୍ବଦା ପରମାର୍ଥ ସାଧନ କରିବ । ମାତାପିତା ଶାଶୁ ଶ୍ୱଶୁର ପ୍ରଭୃତିଙ୍କ ସେବା ଶ୍ରଦ୍ଧାର ସହିତ କରିବା ଆବଶ୍ୟକ । ମିତ୍ର, ପଡ଼ୋଶୀ, ରାଜା, ବିଦ୍ୱାନ୍ ଚିକିତ୍ସକ ଓ ସଜ୍ଜନଙ୍କ ସହିତ ସଦ୍‌ଭାବ ରଖିବ । ଦୁଷ୍ଟ ଓ ଅଧର୍ମୀ ଲୋକଙ୍କୁ ଘୃଣା ବା ଉପେକ୍ଷା ନକରି ସେମାନଙ୍କୁ ସତ୍‌ପଥରେ ପରିଚାଳିତ କରିବାପାଇଁ ଯତ୍ନ କରିବ । ନିଜ ନିଜ ସନ୍ତାନ ସନ୍ତତିଙ୍କୁ ସଭ୍ୟ, ଶିକ୍ଷିତ ଓ ବିଦ୍ୱାନ୍ କରିବା ପାଇଁ ବିଶେଷ ଦୃଷ୍ଟିଦେବ । ତାପାଇଁ ଖୋଲାମନରେ ଓ ମୁକ୍ତ ହସ୍ତରେ ଅର୍ଥ ବ୍ୟୟ କରିବାକୁ ହେବ । ଧର୍ମାଚରଣ ପୂର୍ବକ ଯୋଗସାଧନାରେ ରତ ରହିବ, ଫଳରେ ପରମାନନ୍ଦ ଭୋଗ କରିବାରେ ସମର୍ଥ ହୋଇ ପାରିବ ।

(୧୦୨) ନିମ୍ନଲିଖିତ ଶ୍ଳୋକଗୁଡ଼ିକ ପ୍ରତି ଗୁରୁତ୍ୱ ଆରୋପ କରିବ ନାହିଁ । ଯଥା -

ପତିତୋଽପି ଦ୍ୱିଜୋ ଶ୍ରେଷ୍ଠୋ ନ ଚ ଶୂଦ୍ରୋ ଜିତେନ୍ଦ୍ରିୟଃ ।

ନିର୍ଦୁଗ୍ଧା ସ୍ପି ଗୌଃ ପୂଜ୍ୟା ନ ଚ ଦୁଗ୍ଧବତୀ ଖରୀ ।।

• ଦ୍ୱିଜଅସଦାଚାରୀ ହେଲେ ମଧ୍ୟ ଶ୍ରେଷ୍ଠ ଓ ଶୂଦ୍ରଜିତେନ୍ଦ୍ରିୟ ହେଲେ ମଧ୍ୟ ନୀଚ ଅଟେ । ଗାଈ କ୍ଷୀର ନଦେଲେ ମଧ୍ୟ ପୂଜନୀୟା ଓ ଗଧ ଦୁଗ୍ଧବତୀ ହେଲେ ମଧ୍ୟ ପୂଜନୀୟା ନୁହେଁ ।'' ଶ୍ଳୋକଟି ଯୁକ୍ତିବିରୁଦ୍ଧ ଅଟେ । କାରଣ ଦ୍ୱିଜ ହେଲେ ମଧ୍ୟ ଯଦି ସେ ଅସଦାଚାରୀ ତେବେ ସେ ନୀଚ ଓ ଶୂଦ୍ରକୁଳୋତ୍ପନ୍ନ ହେଲେ ମଧ୍ୟ ଯଦି ସେ ସଦାଚାରୀ ତେବେ ସେ ହେଉଛି ଉଚ୍ଚ ।'' ପୁଣି ଗାଈ ଦୁଗ୍ଧହୀନା ହେଲେ

ମଧ୍ୟ ଯେପରି ଗୋପାଳର ପାଳନୀୟ, ସେହିପରି ଗଧ ମଧ୍ୟ କୁମ୍ଭକାରର ପାଳନୀୟ । ଏଣୁ ଶ୍ଳୋକର ଆଶୟ ଯୁକ୍ତିଯୁକ୍ତ ହୋଇନଥିବାରୁ ବିଦ୍ୱାନ୍ ପୁରୁଷମାନେ ଏହାକୁ ଗ୍ରହଣ କରିବା ଉଚିତ ନୁହେଁ ।

ଅଶ୍ୱାଲମ୍ଭଂ ଗବାଲମ୍ଭଂ ସନ୍ନ୍ୟାସଂ ପଲପୈତ୍ରିକମ୍ ।
ଦେବରାଚ୍ଚ ସୁତୋତ୍ପତ୍ତିଂ କଲୌ ପଞ୍ଚ ବିବର୍ଜୟେତ୍ ।।

"ଘୋଡ଼ାକୁ ଓ ଗାଈକୁ ମାରି ହୋମ କରିବା, ସନ୍ନ୍ୟାସ ଗ୍ରହଣ କରିବା, ମାଂସ ଭକ୍ଷଣ କରିବା ଓ ନିୟୋଗ ମାଧ୍ୟମରେ ଦିଅର ଦ୍ୱାରା ସନ୍ତାନଜାତ କରିବା ଏ ପାଞ୍ଚପ୍ରକାର କଥାକୁ କଳିଯୁଗରେ ତ୍ୟାଗ କରିବା ଉଚିତ ।" ଏ ଶ୍ଳୋକର କର୍ତ୍ତା ହେଉଛନ୍ତି ନିର୍ବୋଧ । କାରଣ, ଘୋଡ଼ା ଓ ଗାଈକୁ ମାରି ହୋମ କରିବା ବିଷୟକୁ କେବଳ ସେ କଳିଯୁଗରେ ନିଷେଧ ବୋଲି କହୁଛନ୍ତି । କିନ୍ତୁ, ଏପରି ଘୃଣିତ ଓ ଜଘନ୍ୟକର୍ମ ପ୍ରତ୍ୟେକ ଯୁଗରେ ନିଷିଦ୍ଧ ଅଟେ । ଯେଣୁ ଏହା ହେଉଛି ବେଦ-ବିରୁଦ୍ଧ । ସତ୍ୟ ,ତ୍ରେତୟା, ଦ୍ୱାପର ଅଥବା କଳିହେଉ କୌଣସି ଯୁଗରେ ମଧ୍ୟ ଏଭଳି କୁକର୍ମ ଶ୍ରେଷ୍ଠ-ପୁରୁଷଙ୍କଦ୍ୱାରା କରାଯିବା କଦାପି ସମ୍ଭବପର ନୁହେଁ । ବେଦାଦି ଶାସ୍ତ୍ରରେ ସନ୍ନ୍ୟାସଗ୍ରହଣର ବିଧି ଅଛି । ଏଣୁ ନିଶ୍ଚୟ ଏହା ଏକ ଉତ୍ତମ କର୍ମ । ଏଣୁ ଯେ କୌଣସି ଯୁଗରେ ମଧ୍ୟ ଏହାର ବିରୋଧ ଅଜ୍ଞାନତା ବ୍ୟତୀତ ଅନ୍ୟକିଛି ନୁହେଁ । ମାଂସ ମନୁଷ୍ୟର ଭୋଜନ ନୁହେଁ । ଏଣୁ ମନୁଷ୍ୟ ପକ୍ଷରେ ମାଂସାହାର ସର୍ବଦା ପରିତ୍ୟାଜ୍ୟ ଅଟେ । ନିୟୋଗ ପ୍ରଥା ଦିଅର ଦ୍ୱାରା ପୁତ୍ରୋତ୍ପତ୍ତି ବ୍ୟବସ୍ଥା ବେଦବିହିତ, ତେଣୁ ତା କଦାପି ବର୍ଜନୀୟ ନୁହେଁ ।

ନଷ୍ଟେ ମୃତେ ପ୍ରବ୍ରଜିତେ କ୍ଳୀବେ ଚ ପତିତେପତୌ ।
ପଞ୍ଚସ୍ୱାପତ୍ସୁ ନାରୀଣାଂ ପତିରନ୍ୟୋ ବିଧୀୟତେ ।।

"ପତି ନଷ୍ଟ ହେଲେ, ମୃତ୍ୟୁବରଣ କଲେ, ବିଦେଶକୁ ଗଲେ, କ୍ଳୀବତ୍ୱ ପ୍ରାପ୍ତ ଓ ପତିତ ହେଲେ ଏପାଞ୍ଚୋଟି ଅବସ୍ଥାରେ ଆବଶ୍ୟକ ହେଲେ ପତ୍ନୀ ଅନ୍ୟପତି ଗ୍ରହଣ କରିପାରେ ।" ଏ ଶ୍ଳୋକଟି ମଧ୍ୟ ଗ୍ରହଣ ଯୋଗ୍ୟ ନୁହେଁ । କାରଣ, ସ୍ତ୍ରୀ ପକ୍ଷରେ କେବଳ ପାଞ୍ଚୋଟି ମାତ୍ର ଆପତ୍କାଳ ନୁହେଁ । ଏ ପାଞ୍ଚୋଟି ବ୍ୟତୀତ ଆହୁରି ଅନେକ ଆପତ୍କାଳ ଅଛି । ଯଥା - ପତି ଚିରରୁଗ୍ଣ ହେବା, ପତିପତ୍ନୀ ମଧ୍ୟରେ ବିବାଦ ସୃଷ୍ଟି ହେବା । ଏସବୁ ଆପତ୍କାଳରେ ନାରୀର କର୍ତ୍ତବ୍ୟ କଣ, ସେ ବିଷୟରେ ଶ୍ଳୋକଟି ନୀରବ । ପୁଣି ପତି ବିଦେଶକୁ ଗଲେ ଓ ଦୀର୍ଘଦିନ ରହିଗଲେ ଯଦି ସ୍ତ୍ରୀ ନିୟୋଗଦ୍ୱାରା ସନ୍ତାନୋତ୍ପତ୍ତି କରନ୍ତି ତେବେ ପତି ଫେରି ଆସିବା ପରେ ସେ ସ୍ତ୍ରୀ କାହାର ହେବ ? ଯଦି କେହି କହନ୍ତି ସେ ପୂର୍ବପତିର ହେବ ତେବେ ଆମ୍ଭେ ତାହା

ମାନୁଛୁ । କିନ୍ତୁ ପୂର୍ବୋକ୍ତ ଶ୍ଳୋକଗୁଡ଼ିକରେ ଏ ସମ୍ବନ୍ଧରେ କୌଣସି ବ୍ୟବସ୍ଥା ଉଲ୍ଲେଖ କରାଯାଇ ନାହିଁ । ଏଣୁ ଶ୍ଳୋକକୁ ଗ୍ରହଣ କରିବା ଉଚିତ ନୁହେଁ ।

(୧୦୩) **ପ୍ରଶ୍ନ** – ଏହି ଶ୍ଳୋକଗୁଡ଼ିକୁ ମହର୍ଷି ପରାଶର ରଚନା କରିଛନ୍ତି । ଆପଣ ପରାଶର ମୁନିଙ୍କ କଥାକୁ କଣ ଗ୍ରହଣ କରିବେ ନାହିଁ ?

ଉତ୍ତର – ଯେକେହି କହନ୍ତୁ ନା କାହିଁକି ବେଦବିରୁଦ୍ଧ ବିଷୟ କଦାପି ଗ୍ରହଣ କରାଯାଇ ନପାରେ । ଦ୍ୱିତୀୟତଃ ଏସବୁ ପରାଶର ମୁନିଙ୍କ ଶ୍ଳୋକମଧ୍ୟ ନୁହେଁ ।। ଅନେକଲୋକ ନିଜରଚିତ ଅନର୍ଥ ବହୁଳ ଗ୍ରନ୍ଥମାନଙ୍କରେ ବ୍ରହ୍ମୋବାଚ, ବଶିଷ୍ଠ ଉବାଚ, ରାମ ଉବାଚ, ଶିବ ଉବାଚ, ବିଷ୍ଣୁରୁବାଚ ଓ ଦେବ୍ୟୁବାଚ ଆଦି ଶ୍ରେଷ୍ଠ ପୁରୁଷଙ୍କ ନାମ ଉଲ୍ଲେଖ କରି ସେମାନଙ୍କ ରଚିତ ବୋଲି ପ୍ରଚାର କରି ଦିଅନ୍ତି । ଯାହାକିଛି ଲେଖିଲେ ମଧ୍ୟ ମହାପୁରୁଷଙ୍କ ନାମକୁ ଦେଖି ଲୋକେ ଗ୍ରନ୍ଥକୁ ବିଶ୍ୱାସ କରିବେ ଏହି ଭାବନାନେଇ ଧୂର୍ତ୍ତମାନେ ଏପରି କରିଥାନ୍ତି ।

କେତେକ ପ୍ରକ୍ଷିପ୍ତ ଶ୍ଳୋକକୁ ଛାଡ଼ି ଦେଲେ 'ମନୁସ୍ମୃତି' ହିଁ କେବଳ ବେଦାନୁକୂଳ ଅଟେ । ଅନ୍ୟ କୌଣସି ସ୍ମୃତି ଶାସ୍ତ୍ର ବେଦାନୁକୂଳ ନୁହେଁ ।

(୧୦୪) **ପ୍ରଶ୍ନ**– ଗୃହସ୍ଥାଶ୍ରମକୁ ସବୁଠାରୁ ବଡ଼ ନା ଛୋଟ ଆଶ୍ରମରେ ଗଣନା କରାଯାଏ ?

ଉତ୍ତର – ନିଜନିଜ କର୍ତ୍ତବ୍ୟ ସଂପାଦନ କରିବାରେ ପ୍ରତ୍ୟେକ ଆଶ୍ରମ ନିଜ ନିଜସ୍ଥାନରେ ଶ୍ରେଷ୍ଠ ଅଟନ୍ତି ।

ଯଥା ନଦୀନଦାଃ ସର୍ବେ ସାଗରେ ଯାନ୍ତି ସଂସ୍ଥିତିମ୍ ।
ତଥୈବାଶ୍ରମିଣଃ ସର୍ବେ ଗୃହସ୍ଥେ ଯାନ୍ତି ସଂସ୍ଥିତିମ୍ ।। ମନୁ ୬-୯୦ ।।

ନଦନଦୀମାନେ ଇତସ୍ତତଃ ପ୍ରବାହିତ ହୋଇ ଶେଷରେ ସମୁଦ୍ରରେ ହିଁ ଆଶ୍ରୟ ଗ୍ରହଣ କରିଥାନ୍ତି । ସେହିପରି ସମସ୍ତ ଆଶ୍ରମର ଲୋକେ ଗୃହସ୍ଥମାନଙ୍କ ଠାରେ ହିଁ ଆଶ୍ରୟ ଗ୍ରହଣ କରିଥାନ୍ତି ।

ଯଥା ବାୟୁଂ ସମାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବଜନ୍ତବଃ ।
ତଥା ଗୃହସ୍ଥମାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବ ଆଶ୍ରମାଃ ।। ମନୁ ୩-୭୭ ।।

ଗୃହସ୍ଥ ପ୍ରତ୍ୟହ ଦାନ ଓ ଅନ୍ନାଦିଦ୍ୱାରା ବ୍ରହ୍ମଚାରୀ ବାନପ୍ରସ୍ଥୀ ଓ ସନ୍ନ୍ୟାସୀମାନଙ୍କୁ ପାଳନପୋଷଣ କରେ । ଏଣୁ ସମସ୍ତ କାର୍ଯ୍ୟରେ ପାରଦର୍ଶୀତାଥିବା ଯୋଗୁଁ ଗୃହସ୍ଥାଶ୍ରମ ସର୍ବଶ୍ରେଷ୍ଠ ଆଶ୍ରମ ଅଟେ ।

ଯସ୍ମାତ୍ତ୍ରୟୋଽପ୍ୟାଶ୍ରମିଣୋ ଦାନେନାନ୍ନେନ ଚାନ୍ୱହମ୍ ।
ଗୃହସ୍ଥେନୈବ ଧାର୍ଯ୍ୟନ୍ତେ ତସ୍ମାଜ୍ଜ୍ୟେଷ୍ଠାଶ୍ରମୋ ଗୃହୀ ।। (ମନୁ ୩-୭୮)

ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ଓ ସନ୍ୟାସ ଏହି ତିନୋଟି ଆଶ୍ରମ ଗୃହସ୍ଥାଶ୍ରମ ଯୋଗୁଁ ତିଷ୍ଠି ରହିଛି । ତେଣୁ ଆଶ୍ରମମାନଙ୍କ ମଧ୍ୟରେ ଏହି ଆଶ୍ରମ ସର୍ବଶ୍ରେଷ୍ଠ ଅଟେ ।

ସ ସଂଧାର୍ଯ୍ୟପ୍ରଯତ୍ନେନସ୍ୱର୍ଗମକ୍ଷୟମିଚ୍ଛତା ।
ସୁଖଂ ଚେହେଚ୍ଛତା ନିତ୍ୟଂ ଯୋଽଧାର୍ଯ୍ୟୋ ଦୁର୍ବଳେନ୍ଦ୍ରିୟୈଃ ।।

(ମନୁ ୩-୭୯)

ମୋକ୍ଷ ଓ ସାଂସାରିକ ସୁଖ କାମ୍ନା କରୁଥିବା ବ୍ୟକ୍ତିମାନେ ଗୃହସ୍ଥାଶ୍ରମରେ ପ୍ରବେଶ କରିବା ଆବଶ୍ୟକ, କାରଣ ଦୁର୍ବଳେନ୍ଦ୍ରିୟ ଭୀରୁ ଓ ଶକ୍ତିହୀନ ପୁରୁଷମାନେ ଏହି ଆଶ୍ରମରେ ପ୍ରବେଶ କରିବା ପାଇଁ ଯୋଗ୍ୟ ନୁହନ୍ତି ।

(୧୦୫) ଏଣୁ ସଂସାରରେ ଯେତେଗୁଡ଼ିଏ କାର୍ଯ୍ୟ ସଂପାଦିତ ହେଉଛି ତାହାର ମୂଳାଧାର ହେଉଛି ଗୃହସ୍ଥାଶ୍ରମ । ଗୃହସ୍ଥାଶ୍ରମ ବିନା ମହାନୋନ୍ନତି ଅସମ୍ଭବ । ସନ୍ତାନ ଜାତ ନହେଲେ ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ଓ ସନ୍ୟାସାଶ୍ରମର ଅସ୍ତିତ୍ୱ ରହିବ ନାହିଁ । ଗୃହାଶ୍ରମକୁ ନିନ୍ଦାକରୁଥିବାବ୍ୟକ୍ତି ନିନ୍ଦନୀୟ ହୋଇଥାଏ । ଗୃହସ୍ଥାଶ୍ରମକୁ ପ୍ରଶଂସା କରୁଥିବା ବ୍ୟକ୍ତି ପ୍ରଶଂସନୀୟ ହୋଇଥାଏ । ଯଦି ପତିପତ୍ନୀଙ୍କ ମଧ୍ୟରେ ପ୍ରସନ୍ନତା ଥାଏ, ଦୁହେଁ ଯଦି ବିଦ୍ୱାନ୍, କର୍ମଠ, ବ୍ୟବହାରନିପୁଣ ବ୍ୟକ୍ତି ହୋଇଥାନ୍ତି ତେବେ ଗୃହସ୍ଥାଶ୍ରମ ଅତ୍ୟନ୍ତ ସୁଖଦାୟକ ଓ ଆନନ୍ଦ ପ୍ରଦାୟକ ହୋଇଥାଏ । କିନ୍ତୁ ଏହି ସୁଖର ମୁଖ୍ୟକାରଣ ହେଉଛି ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ସ୍ୱୟମ୍ବର ବିବାହକୁ ଆଦରିନେବା ।

ଇତି ଶ୍ରୀମଦ୍ଦୟାନନ୍ଦସରସ୍ୱତୀସ୍ୱାମୀକୃତେ ସତ୍ୟାର୍ଥପ୍ରକାଶେ ସୁଭାଷାବିଭୂଷିତେ ସମାବର୍ତ୍ତନବିବାହଗୃହସ୍ଥାଶ୍ରମବିଷୟେ ଚତୁର୍ଥଃ ସମୁଲ୍ଲାସଃ ସଂପୂର୍ଣ୍ଣଃ ।।

—o—

ଅଥ ପଞ୍ଚମସମୁଲ୍ଲାସାରମ୍ଭଃ

ଅଥ ବାନପ୍ରସ୍ଥସନ୍ୟାସବିଧିଂ ବକ୍ଷ୍ୟାମଃ
ବ୍ରହ୍ମଚର୍ଯ୍ୟାଶ୍ରମଂ ସମାପ୍ୟ ଗୃହୀ ଭବେତ୍,
ଗୃହୀ ଭୂତ୍ୱା ବନୀ ଭବେଦ୍ୱନୀ ଭୂତ୍ୱା ପ୍ରବ୍ରଜେତ୍

।। ଶତ. କା. ୧୪ ।।

ବ୍ରହ୍ମଚର୍ଯ୍ୟାଶ୍ରମ ସମାପନ କରି ଗୃହସ୍ଥାଶ୍ରମରେ ପ୍ରବେଶ କରିବ । ତାପରେ ବାନପ୍ରସ୍ଥ ତଥା ବାନପ୍ରସ୍ଥାଶ୍ରମ ସମାପ୍ତି କଲାପରେ ସନ୍ୟାସୀ ହେବା ମନୁଷ୍ୟର କର୍ତ୍ତବ୍ୟ । ଏହି କ୍ରମରେ ଆଶ୍ରମ ବିଧିବିଧାନ ପାଳନ କରିବା ଆବଶ୍ୟକ ।

ଏବଂ ଗୃହାଶ୍ରମେ ସ୍ଥିତ୍ୱା ବିଧିବତ୍ ସ୍ନାତକୋ ଦ୍ୱିଜଃ ।
ବନେ ବସେତ୍ତୁ ନିୟତୋ ଯଥାବଦ୍ବିଜିତେନ୍ଦ୍ରିୟଃ ।। ୧ ।।
ଗୃହସ୍ଥସ୍ତୁ ଯଦା ପଶ୍ୟେଦ୍ୱଲୀପଳିତମାତ୍ମନଃ ।
ଅପତ୍ୟସ୍ୟୈବଚାପତ୍ୟଂ ତଦାରଣ୍ୟଂ ସମାଶ୍ରୟେତ୍ ।। ୨ ।।
ସଂତ୍ୟଜ୍ୟ ଗ୍ରାମ୍ୟମାହାରଂ ସର୍ବଂ ଚୈବ ପରିଚ୍ଛଦମ୍ ।
ପୁତ୍ରେଷୁଭାର୍ଯ୍ୟାଂ ନିକ୍ଷିପ୍ୟ ବନଂ ଗଚ୍ଛେତ୍ସହୈବ ବା ।। ୩ ।।
ଅଗ୍ନିହୋତ୍ରଂ ସମାଦାୟ ଗୃହ୍ୟଂ ଚାଗ୍ନିପରିଚ୍ଛଦମ୍ ।
ଗ୍ରାମାଦରଣ୍ୟଂ ନିଃସୃତ୍ୟ ନିବସେନ୍ନିୟତେନ୍ଦ୍ରିୟଃ ।। ୪ ।।
ମୁନ୍ୟନ୍ନୈର୍ବିବିଧୈର୍ମେଧ୍ୟୈଃ ଶାକମୂଳଫଳେନ ବା ।
ଏତାନେବ ମହାଯଜ୍ଞାନ୍ନିର୍ବପେଦ୍ ବିଧିପୂର୍ବକମ୍ ।। ୫ ।।ମନୁ ୬,୧-୫)

ଏହପରି ସ୍ନାତକ ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ଗୃହସ୍ଥାଶ୍ରମ ଅବଲମ୍ବନକାରୀ ଦ୍ୱିଜ, ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଗୃହସ୍ଥାଶ୍ରମ ସମାପନ କରି ନିଶ୍ଚିତାତ୍ମା ଓ ଜିତେନ୍ଦ୍ରିୟ ହୋଇ ବଣରେ ବାସ କରିବେ ।। ୧ ।। ଯେତେବେଳେ ଗୃହସ୍ଥ ଦେଖିବାକୁ ପାଇବ ନିଜ ମସ୍ତକର କେଶ ଶ୍ୱେତବର୍ଣ୍ଣ ଓ ଚର୍ମଗୁଡ଼ିକ ଶିଥିଳ ହୋଇଗଲାଣି, ଏବଂ ପୁଅର ମଧ୍ୟ ସନ୍ତାନସନ୍ତତି ଜାତ ହୋଇଗଲେଣି, ସେତେବେଳେ ସେ ବନସ୍ଥୀ ହେବା ଉଚିତ ।। ୨ ।। ଯାବତୀୟ ଗ୍ରାମିଣ ଆହାର ଓ ଉତ୍ତମରୁ ଉତ୍ତମ ବସ୍ତ୍ରାଦି ବସ୍ତୁ ପରିତ୍ୟାଗ କରି, ପତ୍ନୀକୁ ପୁତ୍ରପାଖରେ ଛାଡ଼ିଦେଇ ଅଥବା ଭାର୍ଯ୍ୟାକୁ ନିଜ ସାଥିରେ ନେଇ ଅରଣ୍ୟରେ ବସବାସ କରିବାକୁ ହେବ ।। ୩ ।। ଅଗ୍ନିହୋତ୍ରର ଯାବତୀୟ ଉପକରଣମାନ ନିଜ ସାଥିରେ ନେଇ, ଗ୍ରାମ ପରିତ୍ୟାଗପୂର୍ବକ ଦୃଢେନ୍ଦ୍ରିୟ ହୋଇ ଅରଣ୍ୟରେ ବାସ କରିବାକୁ ହେବ ।। ୪ ।। ନାନାପ୍ରକାର

ଶାଳିଧାନ୍ୟାଦିରୁ ପ୍ରସ୍ତୁତ ଅନ୍ନ, ଫୁଲ, ଫଳ ଓ କନ୍ଦମୂଳାଦି ଦ୍ୱାରା ପୂର୍ବୋକ୍ତ ପଞ୍ଚମହାଯଜ୍ଞ କରିବେ ଓ ସେଇଥିରେ ହିଁ ଅତିଥି ସେବା ସହିତ ଜୀବନ ଯାପନ କରିବାକୁ ଦେବ ।।

ସ୍ୱାଧ୍ୟାୟେ ନିତ୍ୟଯୁକ୍ତଃ ସ୍ୟାଦାନ୍ତୋ ମୈତ୍ରଃ ସମାହିତଃ ।
ଦାତା ନିତ୍ୟମନାଦାତା ସର୍ବଭୂତାନୁକଂପକଃ ।। ୧ ।।
ଅପ୍ରଯତ୍ନଃ ସୁଖାର୍ଥେଷୁ ବ୍ରହ୍ମଚାରୀ ଧରାଶୟଃ ।
ଶରଣେଷ୍ୱମମଶ୍ଚୈବ ବୃକ୍ଷମୂଳନିକେତନଃ ।। ୨ ।।

ମନୁ ୬-୮, ୨୬।।

ପଠନ ପାଠନରେ ମଗ୍ନ ରହିବା, ଜିତାତ୍ମା ହେବା, ସମସ୍ତ ପ୍ରାଣୀଙ୍କର ମିତ୍ରଭାବାପନ୍ନହେବା, ଇନ୍ଦ୍ରିୟଦମନ କରିବା, ବିଦ୍ୟାଦି ଦାନ କରିବା, ସମସ୍ତଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା, କାହାଠାରୁ କୌଣସି ପଦାର୍ଥ ଉପାୟନରୂପେ ଗ୍ରହଣ ନ କରିବା, ବାନପ୍ରସ୍ଥଙ୍କ କର୍ତ୍ତବ୍ୟ ।। ୧ ।। ଶାରୀରିକ ସୁଖପାଇଁ ବିଶେଷ ଯତ୍ନଶୀଳ ନହୋଇ ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରିବେ, ଅର୍ଥାତ୍ ନିଜ ସ୍ତ୍ରୀ ସହିତ ବସବାସ କରୁଥିଲେ ମଧ୍ୟ ତାହସିତ ବିଷୟଭୋଗପାଇଁ କଦାପି ମନ ବଳାଇବେ ନହିଁ । ଭୂମି ଉପରେ ଶୟନ କରିବେ, ନିଜ ଆଶ୍ରିତ କିମ୍ବା ସ୍ୱକୀୟ ବସ୍ତୁ ଉପରେ କୌଣସି ପ୍ରକାର ମମତା ରଖିବେନାହିଁ, ଓ ବୃକ୍ଷମୂଳରେ ଶୟନ କରିବେ ।। ୨ ।।

ତପଃ ଶ୍ରଦ୍ଧେ ଯେ ହ୍ୟୁପବସନ୍ତ୍ୟରଣ୍ୟେ ଶାନ୍ତା ବିଦ୍ୱାଂସୋ ଭୈକ୍ଷ୍ୟଚର୍ଯ୍ୟାଂ ଚରନ୍ତଃ ।
ସୂର୍ଯ୍ୟଦ୍ୱାରେଣ ତେ ବିରଜାଃ ପ୍ରୟାନ୍ତି ଯତ୍ରାଽମୃତଃ ସ ପୁରୁଷୋ ହ୍ୟବ୍ୟୟାତ୍ମା ।।

(ମୁଣ୍ଡକ ୧ ଖ ୨ ମ ୧୧)

ଯେଉଁଶାନ୍ତ ବିଦ୍ୱାନ୍ ମାନେ ଅରଣ୍ୟରେ ତପସ୍ୟା, ଧର୍ମାନୁଷ୍ଠାନ, ସତ୍ୟନିଷ୍ଠ ହୋଇ, ଭିକ୍ଷାଚରଣପୂର୍ବକ ବସବାସ କରନ୍ତି, ସେମାନେ ନିର୍ମଳ ଚିତ୍ତ ହୋଇ ଅପାର ସୁଖ-ଶାନ୍ତି ଲାଭ କରିବା ସଙ୍ଗେ ସଙ୍ଗେ ଲାଭକ୍ଷତି ରହିତ ପରମାତ୍ମାଙ୍କୁ ପ୍ରାଣଦ୍ୱାରରେ ପ୍ରାପ୍ତହୋଇ ପରମାନନ୍ଦ ଲାଭ କରନ୍ତି ।। ୧ ।।

ଅଭ୍ୟାଦଧାମି ସମିଧମଗ୍ନେ ବ୍ରତପତେ ତ୍ୱୟି ।।
ବ୍ରତଞ୍ଚ ଶ୍ରଦ୍ଧାଂ ଚୋପୈମୀନ୍ଧେ ତ୍ୱାଂ ଦୀକ୍ଷିତୋ ଅହମ୍ ।। ୧ ।।

(ଯଜୁ-ଅ ୨୦. ମ.୨୪)

''ମୁଁ ଅଗ୍ନିରେ ହୋମକରି ଦୀକ୍ଷାଗ୍ରହଣପୂର୍ବକ ବ୍ରତ, ସତ୍ୟ ଆଚରଣ ଓ ଶ୍ରଦ୍ଧା ଲାଭକରେ ଏପରି ପ୍ରାର୍ଥନା କରି ବାନପ୍ରସ୍ଥ ହେବେ ବିଭିନ୍ନ ପ୍ରକାର ତପଶ୍ଚର୍ଯ୍ୟା, ସତ୍ସଙ୍ଗ, ଯୋଗାଭ୍ୟାସ ଓ ସୁବିଚାରଦ୍ୱାରା ଜ୍ଞାନ ଓ ପବିତ୍ରତା ଲାଭ କରିବେ । ଯେତେବେଳେ ସନ୍ନ୍ୟାସ ଗ୍ରହଣ କରିବାପାଇଁ ଇଚ୍ଛା ହେବ, ସେତେବେଳେ ପତ୍ନୀକୁ ପୁଅପାଖରେ ଛାଡ଼ିଦେଇ ସନ୍ନ୍ୟାସୀ ହୋଇଯିବେ ।

ଇତି ସଂକ୍ଷେପେଣ ବାନପ୍ରସ୍ଥବିଧିଃ

—ଅଥ ସନ୍ନ୍ୟାସବିଧିଃ—

ବନେଷୁଚ ବିହୃତ୍ୟୈବଂ ତୃତୀୟଂ ଭାଗମାୟୁଷଃ
ଚତୁର୍ଥମାୟୁଷୋ ଭାଗଂ ତ୍ୟକ୍ତ୍ୱା ସଙ୍ଗାନ୍ ପରିବ୍ରଜେତ୍ ।।

(ମନୁ -୬- ୩୩)

ଏହିପରି ଅରଣ୍ୟରେ ଆୟୁର ତୃତୀୟଭାଗ ଅର୍ଥାତ୍ ପଚାଶରୁ ପଞ୍ଚସ୍ତରି ବର୍ଷ ପର୍ଯ୍ୟନ୍ତ ବାନପ୍ରସ୍ଥାଶ୍ରମକୁ ପୂର୍ଣ୍ଣ କରି ଆୟୁର ଚତୁର୍ଥ ଭାଗରେ ସମସ୍ତ ସଙ୍ଗ ତ୍ୟାଗପୂର୍ବକ ପରିବ୍ରାଟ୍ ଅର୍ଥାତ୍ ସନ୍ନ୍ୟାସ ଜୀବନ ଯାପନ କରିବେ ।

ପ୍ରଶ୍ନ- ଗୃହସ୍ଥାଶ୍ରମ ଓ ବାନପ୍ରସ୍ଥାଶ୍ରମ ପାଳନ ନ କରି, ସନ୍ନ୍ୟାସାଶ୍ରମ ଗ୍ରହଣ କଲେ କୌଣସି ପାପ ହୁଏ କି ?

ଉତ୍ତର- ପାପ ହୋଇପାରେ ନ ହୋଇପାରେ ମଧ୍ୟ ।

ପ୍ରଶ୍ନ— ଏପରି ଦୁଇପ୍ରକାର କଥା କହିବାର ଉଦ୍ଦେଶ୍ୟ କଣ ?

ଉତ୍ତର— ଏହା କେବେ ଦୁଇପ୍ରକାର କଥା ନୁହେଁ । କାରଣ କେତେକ ବ୍ୟକ୍ତି ବାଲ୍ୟାବସ୍ଥାରେ ସଂସାର ପ୍ରତି ବିରକ୍ତ ହୋଇ ସନ୍ନ୍ୟାସ ଗ୍ରହଣ କରନ୍ତି । ପରେପୁଣି ବିଷୟ ବାସନାରେ ଆସକ୍ତ ହୋଇପଡ଼ନ୍ତି, ଏପରି ବ୍ୟକ୍ତି ମହାପାପୀ ହୋଇଥାନ୍ତି । କିନ୍ତୁ ଯେଉଁମାନେ ବିଷୟାସକ୍ତ ହୁଅନ୍ତି ନାହିଁ, ସେମାନେ ମହାନ୍ ପୁଣ୍ୟାତ୍ମା ହେବା ସଙ୍ଗେ ସଙ୍ଗେ ମହାପୁରୁଷରେ ପରିଗଣିତ ହୋଇଥାନ୍ତି ।

ଯଦହରେବ ବିରଜେତଦହରେବ ପ୍ରବ୍ରଜେଦ୍ୱନାଦ୍ୱା ଗୃହାଦ୍ୱା ବ୍ରହ୍ମଚର୍ଯ୍ୟାଦେବ ପ୍ରବ୍ରଜେତ୍ ।। ଏହା ହେଉଛି ବ୍ରାହ୍ମଣଗ୍ରନ୍ଥର ବଚନ ।

(ଅଥର୍ବବେଦୀୟ ଜାବାଲୋପନିଷଦ୍ କ.୪)

ଯେଉଁଦିନ ହୃଦୟରେ ବୈରାଗ୍ୟ ଜାତ ହେବ, ସେହିଦିନ ଗୃହସ୍ଥାଶ୍ରମ ବା ବାନପ୍ରସ୍ଥରୁ ସନ୍ନ୍ୟାସଗ୍ରହଣ କରିବ । ପୂର୍ବରୁ କ୍ରମାନ୍ୱୟରେ ସନ୍ନ୍ୟାସଗ୍ରହଣ ବିଷୟ ଉଲ୍ଲେଖ କରାଯାଇଛି । କିନ୍ତୁ ବାନପ୍ରସ୍ଥ ନହୋଇ ମଧ୍ୟ ଗୃହାସ୍ଥାଶ୍ରମରୁ ସନ୍ନ୍ୟାସ ଗ୍ରହଣ କରିହେବ ।। ଯେଉଁବ୍ୟକ୍ତି ପୂର୍ଣ୍ଣ ବିଦ୍ୱାନ୍, ଜିତେନ୍ଦ୍ରିୟ, ବିଷୟବାସନାରହିତ ଓ ପରୋପକାରୀ ସେ ଇଚ୍ଛାକଲେ ବ୍ରହ୍ମଚର୍ଯ୍ୟାଶ୍ରମ ପରେପରେ ସନ୍ନ୍ୟାସୀ ହୋଇ ପାରିବେ । ବେଦରେ ମଧ୍ୟ ''ଯତୟଃ' 'ବ୍ରାହ୍ମଣସ୍ୟ' 'ବିଜାନତଃ' ଇତ୍ୟାଦି ପଦଦ୍ୱାରା ସନ୍ନ୍ୟାସୀ ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ........

ନାବିରତୋ ଦୁଶ୍ଚରିତାନ୍ନାଶାନ୍ତୋ ନାସମାହିତଃ ।
ନାଶାନ୍ତମାନସୋ ବାପି ପ୍ରଜ୍ଞାନେନୈନମାପ୍ନୁୟାତ୍ ।।

(କଠ.ବଲ୍ଲୀ ୨ମ.୨୪)

ଯେଉଁ ବ୍ୟକ୍ତି ଦୁରାଚାରୀ, ଅଶାନ୍ତ, ଯାହାର ଆତ୍ମା ଯୋଗହୀନ, ସେ ସନ୍ୟାସ ଗ୍ରହଣ କଲେ ମଧ୍ୟ, ଜ୍ଞାନ ବିଜ୍ଞାନ ଦ୍ୱାରା ପରମାତ୍ମାଙ୍କୁ ପାଇପାରେ ନାହିଁ । ଏଣୁ....

ଯଚ୍ଛେଦ୍ ବାଙ୍ମନସୀ ପ୍ରାଜ୍ଞସ୍ତଦ୍ୟଚ୍ଛେଦ୍ ଜ୍ଞାନ ଆତ୍ମନି ।
ଜ୍ଞାନମାତ୍ମନି ମହତି ନିୟଚ୍ଛେତ୍ତଦ୍ୟଚ୍ଛେଚ୍ଛାନ୍ତ ଆତ୍ମନି ।।

(କଠ. ବଲ୍ଲୀ ୩ମ, ୧୩)

ବୁଦ୍ଧିମାନ୍ ସନ୍ୟାସୀ ମନ ଓ ବାଣୀକୁ ଅଧର୍ମ କାର୍ଯ୍ୟକଳାପରୁ ଦୂରେଇରଖି ତାହାକୁ ଜ୍ଞାନ ଓ ଆତ୍ମାରେ ବିନିଯୋଗ କରି ରଖନ୍ତି । ପରେ ସେହି ଜ୍ଞାନ ଓ ଶୁଦ୍ଧାତ୍ମାକୁ ପରମାତ୍ମାଙ୍କ ଠାରେ ନିବେଶ କରନ୍ତି । ପୁଣି ସେହି ବିଜ୍ଞାନକୁ ଶାନ୍ତସ୍ୱରୂପ ଆତ୍ମାରେ ସ୍ଥିର କରି ରଖନ୍ତି ।

ପରୀକ୍ଷ୍ୟ ଲୋକାନ୍ କର୍ମଚିତାନ୍ ବ୍ରାହ୍ମଣୋନିର୍ବେଦମାୟାନ୍ନାସ୍ତ୍ୟ କୃତଃ କୃତେନ ।
ତଦ୍ ବିଜ୍ଞାନାର୍ଥଂ ସ ଗୁରୁମେବାଭିଗଚ୍ଛେତ୍ ସମିତ୍ପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠମ୍ ।।

(ମୁଣ୍ଡ, ଖଣ୍ଡ ୨ ମ ୧୨)

ଯାବତୀୟ ଲୌକିକ ଭୋଗକୁ କର୍ମର ଫଳ ବୋଲି ଜାଣି ବ୍ରାହ୍ମଣ ଅର୍ଥାତ୍ ସନ୍ୟାସୀ ବୈରାଗ୍ୟ ଅବଲମ୍ବନ କରିବା ଉଚିତ । କାରଣ 'ଅକୃତ' ଅର୍ଥାତ୍ ଯିଏ କାହାଦ୍ୱାରା ସୃଷ୍ଟି ହୋଇନାହାନ୍ତି; ସେହି ପରମାତ୍ମା କେବଳ କର୍ମଦ୍ୱାରା ମିଳନ୍ତି ନାହିଁ । ଅତଏବ ଅର୍ପଣ କରିବାନିମିତ୍ତ ହାତରେ କିଛି ଧରି ବିଜ୍ଞାନ ପ୍ରାପ୍ତି ସକାଶେ ବେଦବିତ୍ ତଥା ବ୍ରହ୍ମଜ୍ଞ ଗୁରୁଙ୍କ ନିକଟକୁ ଯାଇ ଯାବତୀୟ ସନ୍ଦେହ ମୋଚନ କରିବା ଉଚିତ । କିନ୍ତୁ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସଙ୍ଗ ସର୍ବଦା ତ୍ୟାଗ କରିବାକୁ ହେବ ।। ଯଥା......

ଅବିଦ୍ୟାୟାମନ୍ତରେ ବର୍ତ୍ତମାନାଃ ସ୍ୱୟଂ ଧୀରାଃ ପଣ୍ଡିତମନ୍ୟମାନାଃ ।
ଜଙ୍ଘନ୍ୟମାନାଃ ପରିୟନ୍ତି ମୂଢ଼ା ଅନ୍ଧେନୈବ ନୀୟମାନା ଯଥାନ୍ଧାଃ ।। ୧ ।।
ଅବିଦ୍ୟାୟାଂ ବହୁଧା ବର୍ତ୍ତମାନା ବୟଂ କୃତାର୍ଥା ଇତ୍ୟଭିମନ୍ୟନ୍ତି ବାଳାଃ ।
ଯତ୍ କର୍ମିଣୋ ନ ପ୍ରବେଦୟନ୍ତି ରାଗାତ୍ତେନାତୁରାଃ କ୍ଷୀଣଲୋକାଶ୍ଚ୍ୟବନ୍ତେ ।।୨ ।।

(ମୁଣ୍ଡକୋପନିଷତ୍ (୧) ଖ. ୨ ମ୮-୯)

ଯେଉଁମାନେ ଅବିଦ୍ୟାରେ ଜଡ଼ିତ ହୋଇ ମଧ୍ୟ ନିଜକୁ ଧୀର ଓ ପଣ୍ଡିତ ବୋଲି ମନେ କରନ୍ତି, ସେମାନେ ନୀଚଗତିକୁ ଲାଭ କରିଥାନ୍ତି । ସେହିପରି ଲୋକଙ୍କୁ ପୁଣି ଯେଉଁମାନେ ଅନୁସରଣ କରନ୍ତି ସେମାନେ ଅନ୍ଧମାନଙ୍କ ପଛରେ ଅନ୍ଧ ଅନୁସରଣ କରି ବିପଦଗାମୀ ହେବାପରି ନରକଗାମୀ ହୋଇଥାନ୍ତି ।। ୧ ।। କର୍ମକାଣ୍ଡରେ ବିଶ୍ୱାସ କରୁଥିବା ଲୋକେ ରାଗରେ ମୋହିତ ହୋଇ ନିଜକୁ କୃତକୃତ୍ୟ ମନେ କରିଥାନ୍ତି । ସେମାନେ ଏପରି ବାଳବୁଦ୍ଧି ହେତୁ ଦୁଃଖରେ ଆତୁର ହୋଇ ମୃତ୍ୟୁସମ ଯନ୍ତ୍ରଣା ଭୋଗ କରନ୍ତି ଅର୍ଥାତ୍ ମୋକ୍ଷ ଲାଭ କରିପାରନ୍ତି ନାହିଁ ।। ୨ ।। ତେଣୁ....

ବେଦାନ୍ତବିଜ୍ଞାନସୁନିଶ୍ଚିତାର୍ଥାଃ ସନ୍ନ୍ୟାସଯୋଗାଦ୍ୟତୟଃ ଶୁଦ୍ଧସତ୍ତ୍ୱାଃ ।
ତେ ବ୍ରହ୍ମଲୋକେଷୁ ପରାନ୍ତକାଳେ ପରାମୃତାତ୍ ପରିମୁଚ୍ୟନ୍ତି ସର୍ବେ ।।

(ମୁଣ୍ଡ. ୩ ଖ୨ ମ.୬)

ଯେଉଁମାନେ ବେଦାନ୍ତ ଅର୍ଥାତ୍ ପରମେଶ୍ୱର ପ୍ରତିପାଦକ ବେଦମନ୍ତ୍ରର ଅର୍ଥ ଓ ଜ୍ଞାନକୁ ହୃଦଙ୍ଗମକରି ତଦନୁରୂପ ଆଚରଣରେ ଦୃଢ଼ବ୍ରତୀ ହୋଇ ସନ୍ୟାସ ଯୋଗଦ୍ୱାରା ଶୁଦ୍ଧାନ୍ତଃକରଣରେ ସନ୍ୟାସୀ ହୁଅନ୍ତି, ସେମାନେ ପରମେଶ୍ୱରଙ୍କଠାରେ ମୁକ୍ତିସୁଖ ଲାଭ କରନ୍ତି । ମୁକ୍ତିସୁଖ ଭୋଗ କରିବା ପରେ ସେଠାରୁ ପୁଣିଥରେ ସଂସାର ମାର୍ଗକୁ ଫେରି ଆସନ୍ତି । ମୁକ୍ତିବ୍ୟତୀତ ଦୁଃଖର ବିନାଶ କଦାପି ହୋଇପାରେ ନାହିଁ । ଯେଣୁ....

ନ ବୈ ସଶରୀରସ୍ୟ ସତଃ ପ୍ରିୟାପ୍ରିୟୟୋରପହତିରସ୍ତ୍ୟଶରୀରଂ /
ବାବ ସନ୍ତଂ ନ ପ୍ରିୟାପ୍ରିୟେ ସ୍ପୃଶତଃ ।।

(ଛାନ୍ଦୋଗ୍ୟ ୮-୧୨-୧)

ଯେ ଶରୀରଧାରୀ ସେ କେବେହେଲେ ସୁଖ ଦୁଃଖ ଭୋଗରୁ ପୃଥକ୍ ରହିପାରନ୍ତି ନାହିଁ । ଶରୀର ରହିତ ଯେଉଁ ଜୀବାତ୍ମା ମୁକ୍ତିଲାଭ ପୂର୍ବକ ସର୍ବ ବ୍ୟାପକ ପରମେଶ୍ୱରଙ୍କ ସହିତ ଅବସ୍ଥାନ କରେ, ସେତେବେଳେ ସେ ସାଂସାରିକ ସୁଖଦୁଃଖ ଭୋଗ କରିପାରେ ନାହିଁ । ଏଣୁ....

ଲୋକୈଷଣାୟାଶ୍ଚ, ବିତ୍ତୈଷଣାୟାଶ୍ଚ,
ପୁତ୍ରୈଷଣାୟାଶ୍ଚୋତ୍ଥାୟାଥ ଭୈକ୍ଷଚର୍ଯ୍ୟଂ ଚରନ୍ତି ।

ଶତ କାଣ୍ଡ ୧୪ (ପ୍ରପା ୫ ବ୍ରା.୨ କା.୨)

ସାଂସାରିକ ପ୍ରତିଷ୍ଠା ବା ଲାଭ, ଐଶ୍ୱର୍ଯ୍ୟଜନିତ ଭୋଗ ବା ସମ୍ମାନ ଓ ପୁତ୍ରାଦି ମୋହଠାରୁ ପୃଥକ୍ ରହି ସନ୍ୟାସୀଗଣ ଭିକ୍ଷୁକ ହୋଇ ଦିନରାତି ମୋକ୍ଷ ସାଧନ ନିମିତ୍ତ ତତ୍ପର ରହନ୍ତି ।

ପ୍ରାଜାପତ୍ୟାଂ ନିରୂପ୍ୟେଷ୍ଟିଂ ତସ୍ୟାଂ ସର୍ବବେଦସଂ ହୁତ୍ୱା ବ୍ରାହ୍ମଣଃ ପ୍ରବ୍ରଜେତ୍ ।।୧ ।।

(ଯଜୁର୍ବେଦ ବ୍ରାହ୍ମଣ (ଦେଖନ୍ତୁ ନ୍ୟାୟସୂତ୍ର ୪-୧-୬୨ରେ ବାତ୍ସାୟନଭାଷ୍ୟ)

ପ୍ରାଜାପତ୍ୟାଂ ନିରୂପ୍ୟେଷ୍ଟିଂ ସର୍ବବେଦସଦକ୍ଷିଣାମ୍ ।
ଆତ୍ମନ୍ୟଗ୍ନୀନ୍ ସମାରୋପ୍ୟ ବ୍ରାହ୍ମଣଃ ପ୍ରବ୍ରଜେଦ୍ ଗୃହାତ୍ ।। ୧ ।।
ଯୋ ଦତ୍ତ୍ୱା ସର୍ବଭୂତେଭ୍ୟଃ ପ୍ରବ୍ରଜତ୍ୟଭୟଂ ଗୃହାତ୍ ।
ତସ୍ୟ ତେଜୋମୟା ଲୋକା ଭବନ୍ତି ବ୍ରହ୍ମବାଦିନଃ ।। ୨ ।।

ମନୁ ୬, ୩୮ ୩୯

ପରମେଶ୍ୱରଙ୍କୁ ଲାଭକରିବା ପାଇଁ, ଇଷ୍ଟି ଅର୍ଥାତ୍ ଯଜ୍ଞ କରି ତହିଁରେ ଯଜ୍ଞୋପବୀତ ଓ ଶିଖା ଦି ଚିହ୍ନକୁ ପରିତ୍ୟାଗ କରି, ଆହବନୀୟାଦି ପଞ୍ଚଅଗ୍ନିକୁ ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ ଏହି ପଞ୍ଚପ୍ରାଣରେ ଆରୋପଣ ପୂର୍ବକ ବ୍ରହ୍ମବିଦ୍ ବ୍ରାହ୍ମଣମାନେ ଗୃହପରିତ୍ୟାଗ କରି ସନ୍ୟାସୀ ହୁଅନ୍ତି ।। ୧ ।। ଯେଉଁମାନେ ପ୍ରତ୍ୟେକ ପ୍ରାଣୀଙ୍କୁ ଅଭୟଦାନ କରି ଗୃହପରିତ୍ୟାଗ ପୂର୍ବକ ସନ୍ୟାସୀ ହୁଅନ୍ତି, ସେହି ବ୍ରହ୍ମବାଦୀ ଅର୍ଥାତ୍ ପରମେଶ୍ୱର ପ୍ରକାଶିତ ବେଦୋକ୍ତ ଧର୍ମାଦି ବିଦ୍ୟାର ଉପଦେଷ୍ଟା ସନ୍ୟାସୀ ପ୍ରକାଶମୟ ଅର୍ଥାତ୍ ମୁକ୍ତିର ଆନନ୍ଦସ୍ୱରୂପ ସ୍ଥାନ ଲାଭ କରିଥାନ୍ତି ।। ୨ ।।

ପ୍ରଶ୍ନ– ସନ୍ୟାସୀ ମାନଙ୍କର ଧର୍ମ କଅଣ ?

ଉତ୍ତର– ପକ୍ଷପାତ ରହିତ ନ୍ୟାୟାଚରଣ, ସତ୍ୟଗ୍ରହଣ, ଅସତ୍ୟ ପରିତ୍ୟାଗ, ବେଦୋକ୍ତ ଈଶ୍ୱରଙ୍କ ଆଜ୍ଞାପାଳନ, ପରୋପକାର ଓ ସତ୍ୟ ଭାଷଣାଦି ହେଉଛି ଧର୍ମର ଚିହ୍ନ । ଏପରି ଧର୍ମାଚରଣ ପ୍ରତ୍ୟେକ ଆଶ୍ରମବାସୀ ଅର୍ଥାତ୍ ସମସ୍ତ ମନୁଷ୍ୟଙ୍କ ପାଇଁ ସମାନରୂପେ ପ୍ରଯୁଜ୍ୟ । କିନ୍ତୁ ସନ୍ୟାସୀମାନଙ୍କର ବିଶେଷ ଧର୍ମ ହେଉଛି...

ଦୃଷ୍ଟିପୂତଂ ନ୍ୟସେତ୍ପାଦଂ ବସ୍ତ୍ରପୂତଂ ଜଳଂ ପିବେତ୍ ।
ସତ୍ୟପୂତାଂ ବଦେଦ୍ବାଚଂ ମନଃପୂତଂ ସମାଚରେତ୍ ।। ୧ ।।
କ୍ରୁଦ୍ଧ୍ୟନ୍ତଂ ନ ପ୍ରତିକ୍ରୁଧ୍ୟେଦାକ୍ରୁଷ୍ଟଃ କୁଶଳଂ ବଦେତ୍ ।
ସପ୍ତଦ୍ୱାରାବକୀର୍ଣ୍ଣାଂ ଚ ନ ବାଚମନୃତାଂ ବଦେତ୍ ।। ୨ ।।
ଅଧ୍ୟାତ୍ମରତିରାସୀନୋ ନିରପେକ୍ଷୋ ନିରାମିଷଃ ।
ଆତ୍ମନୈବ ସହାୟେନ ସୁଖାର୍ଥୀ ବିଚରେଦିହ ।। ୩ ।।
କ୍ଳୃପ୍ତକେଶନଖଶ୍ମଶ୍ରୁଃ ପାତ୍ରୀ ଦଣ୍ଡୀ କୁସୁମ୍ଭବାନ୍ ।
ବିଚରେନ୍ନିୟତୋ ନିତ୍ୟଂ ସର୍ବଭୂତାନ୍ୟପୀଡ଼ୟନ୍ ।। ୪ ।।
ଇନ୍ଦ୍ରିୟାଣାଂ ନିରୋଧେନ ରାଗଦ୍ୱେଷକ୍ଷୟେଣ ଚ ।
ଅହିଂସୟା ଚ ଭୂତାନାମମୃତତ୍ୱାୟ କଳ୍ପତେ ।। ୫ ।।
ଦୂଷିତୋଽପି ଚରେଦ୍ଧର୍ମଂ ଯତ୍ର ତତ୍ରାଶ୍ରମେ ରତଃ ।
ସମଃ ସର୍ବେଷୁ ଭୂତେଷୁ ନ ଲିଙ୍ଗଂ ଧର୍ମକାରଣମ୍ ।। ୬ ।।
ଫଳଂ କତକବୃକ୍ଷସ୍ୟ ଯଦ୍ୟପ୍ୟମ୍ବୁପ୍ରସାଦକମ୍ ।
ନ ନାମଗ୍ରହଣାଦେବ ତସ୍ୟ ବାରି ପ୍ରସୀଦତି ।। ୭ ।।
ପ୍ରାଣାୟାମା ବ୍ରାହ୍ମଣସ୍ୟ ତ୍ରୟୋଽପି ବିଧିବତ୍କୃତାଃ ।
ବ୍ୟାହୃତିପ୍ରଣବୈର୍ୟୁକ୍ତା ବିଜ୍ଞେୟଂ ପରମଂ ତପଃ ।। ୮ ।।

ଦହ୍ୟନ୍ତେ ଧ୍ମାୟମାନାନାଂ ଧାତୂନାଂ ହି ଯଥା ମଳାଃ ।
ତଥେନ୍ଦ୍ରିୟାଣାଂ ଦହ୍ୟନ୍ତେ ଦୋଷାଃ ପ୍ରାଣସ୍ୟ ନିଗ୍ରହାତ୍ ।। ୯ ।।
ପ୍ରାଣାୟାମୈର୍ଦହେଦ୍ଦୋଷାନ୍ ଧାରଣାଭିଶ୍ଚ କିଲ୍ବିଷମ୍ ।
ପ୍ରତ୍ୟାହାରେଣ ସଂସର୍ଗାନ୍ ଧ୍ୟାନେନାନୀଶ୍ୱରାନ୍ ଗୁଣାନ୍ ।। ୧୦ ।।
ଉଚ୍ଚାବଚେଷୁ ଭୂତେଷୁ ଦୁର୍ଜ୍ଞେୟାମକୃତାତ୍ମଭିଃ ।
ଧ୍ୟାନଯୋଗେନ ସଂପଶ୍ୟେଦ୍ ଗତିମସ୍ୟାନ୍ତରାତ୍ମନଃ ।। ୧୧ ।।
ଅହିଂସୟେନ୍ଦ୍ରିୟାସଙ୍ଗୈ ର୍ବୈଦିକୈଶ୍ଚୈବ କର୍ମଭିଃ ।
ତପସଶ୍ଚରଣୈଶ୍ଚୋଗ୍ରୈଃ ସାଧୟନ୍ତୀହ ତତ୍ପଦମ୍ ।। ୧୨ ।।
ଯଦା ଭାବେନ ଭବତି ସର୍ବଭାବେଷୁ ନିଃସ୍ପୃହଃ ।
ତଦା ସୁଖମବାପ୍ନୋତି ପ୍ରେତ୍ୟ ଚେହ ଚ ଶାଶ୍ୱତମ୍ ।। ୧୩ ।।
ଚତୁର୍ଭିରପି ଚୈ ବୈ ତୈର୍ନିତ୍ୟମାଶ୍ରମିଭିର୍ଦ୍ୱିଜୈଃ ।
ଦଶଲକ୍ଷଣକୋ ଧର୍ମଃ ସେବିତବ୍ୟଃ ପ୍ରଯତ୍ନତଃ ।। ୧୪ ।।
ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ ।
ଧୀର୍ବିଦ୍ୟା ସତ୍ୟମକ୍ରୋଧୋ ଦଶକଂ ଧର୍ମଲକ୍ଷଣମ୍ ।। ୧୫ ।।
ଅନେନ ବିଧିନା ସର୍ବାଂସ୍ତ୍ୟକ୍ତ୍ୱା ସଙ୍ଗାନ୍ଶନୈଃ ଶନୈଃ ।
ସର୍ବଦ୍ୱନ୍ଦ୍ୱ ବିନିର୍ମୁକ୍ତୋ ବ୍ରହ୍ମଣ୍ୟେବାବତିଷ୍ଠତେ ।। ୧୬ ।।

(ମନୁ ଅ ୬- ୪୬, ୪୮, ୪୯, ୫୨, ୬୦, ୬୬, ୬୭, ୭୦-୭୩, ୭୫, ୮୦, ୮୧, ୯୧ ୯୨)

ସନ୍ୟାସୀ ରାସ୍ତାରେ ଯାତାୟାତ କଲା ସମୟରେ ଇତସ୍ତତଃ ଦୃଷ୍ଟି ନିକ୍ଷେପ ନ କରି ଭୂମି ଉପରେ ଦୃଷ୍ଟି ରଖି ଚାଲିବେ । ବସ୍ତ୍ରଦ୍ୱାରା ଛଣା ଯାଇଥିବା ଜଳପାନ କରିବେ । ସର୍ବଦା ସତ କହିବେ ଓ ମନମଧ୍ୟରେ ବିଚାର କରି ସତ୍ୟକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ମିଥ୍ୟାକୁ ପରିତ୍ୟାଗ କରିବେ ।। ୧ ।।

ଉପଦେଶ ଦେବା ବା ପ୍ରବଚନ ସମୟରେ କେହି ଯଦି ସନ୍ୟାସୀଙ୍କ ଉପରେ କ୍ରୋଧ ପ୍ରକାଶ କରନ୍ତି, ତେବେ ସନ୍ୟାସୀ ତାଙ୍କ ଉପରେ କ୍ରୋଧ ପ୍ରକାଶ ନ କରି ତାଙ୍କର କଲ୍ୟାଣ ହେବାଭଳି ଉପଦେଶ ଦେବେ । ଯେକୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ଯେଉଁକଥା ମୁଖରୁ ନିସୃତ ହୋଇଥାଏ ତାହା ମୁଖ, ନାସିକା, ନେତ୍ର ତଥା କର୍ଣ୍ଣରୂପ ସପ୍ତଦ୍ୱାରରେହିଁ ବ୍ୟାପିଥାଏ, ତେଣୁ ତାହା ଯେ କୌଣସି ପ୍ରକାରେ ସତ୍ୟ ହେଉ, ଏହି ବିଚାର ପୋଷଣ କରି ସର୍ବଦା ସତ୍ୟ କହିବେ ।।୨ ।।

ନିଜ ଆତ୍ମାକୁ ପରମାତ୍ମାଙ୍କଠାରେ ନିବେଶ କରାଇ, ମଦ୍ୟ, ମାଂସ ପ୍ରଭୃତି ପରିତ୍ୟାଗ କରି, କେବଳ ଆତ୍ମାର ସହାୟତାରେହିଁ ସୁଖାର୍ଥୀ ହେବେ । ସଂସାରରେ ଧର୍ମ ଓ ବିଦ୍ୟାର ବୃଦ୍ଧି ନିମିତ୍ତ ଜନତାକୁ ଉପଦେଶ ଦେବାପାଇଁ ସର୍ବଦା ଭ୍ରମଣ କରିବେ ।। ୩ ।।

କେଶ, ନଖ; ଦାଢ଼ି, ନିଶ ଛେଦନ କରି ସୁନ୍ଦର ଦଣ୍ଡ କମଣ୍ଡଳୁ ଧାରଣ କରି କଷାୟ ବସ୍ତ୍ର ପରିଧାନପୂର୍ବକ, କୌଣସି ପ୍ରାଣୀପ୍ରତି ହିଂସା ପ୍ରଦର୍ଶନ ନକରି ନିଶ୍ଚିତାତ୍ମା ହୋଇ ସର୍ବତ୍ର ବିଚରଣ କରିବେ ।। ୪ ।।

ଇନ୍ଦ୍ରିୟଗଣଙ୍କୁ ଅଧର୍ମାଚରଣରୁ ଦୂରେଇ ରଖି, ରାଗ, ଦ୍ୱେଷାଦି ପରିତ୍ୟାଗ କରି, କୌଣସି ପ୍ରାଣୀପ୍ରତି ବୈରାଭାବ ନ ରଖି ମୋକ୍ଷପ୍ରାପ୍ତି ନିମିତ୍ତ ସାମର୍ଥ୍ୟ ବୃଦ୍ଧି କରିବାରେ ତତ୍ପର ରହିବେ ।। ୫ ।।

ସଂସାରର କାହାରି ନିନ୍ଦା ବା ପ୍ରଶଂସାକୁ ଭ୍ରୂକ୍ଷେପ ନ କରି, ଯେକୌଣସି ଆଶ୍ରମରେ ସ୍ଥିତ ମନୁଷ୍ୟ ବିଶେଷ କରି ସନ୍ନ୍ୟାସୀ ସମସ୍ତ ପ୍ରାଣୀଙ୍କ ପ୍ରତି ପକ୍ଷପାତ ଶୂନ୍ୟ ହୋଇ, ନିଜେ ଧାର୍ମିକ ହେବାପାଇଁ ଓ ଅନ୍ୟମାନଙ୍କୁ ଧର୍ମପଥରେ ପରିଚାଳିତ କରିବାପାଇଁ ସର୍ବଦା ତତ୍ପରେ ରହିବେ ।। ସନ୍ନ୍ୟାସୀଙ୍କ ଦୃଢ଼ ଧାରଣା ହେବା ଉଚିତ ଯେ, ଦଣ୍ଡ କମଣ୍ଡଳୁ ଧାରଣ ଓ କଷାୟବସ୍ତ୍ର ପରିଧାନ ଏହାହିଁ କେବଳ ଧର୍ମର ଚିହ୍ନ ନୁହେଁ । ଜନ ସମାଜକୁ ସତ୍ୟୋପଦେଶ ଦେବା ଓ ବିଦ୍ୟାଦାନଦ୍ୱାରା ଉନ୍ନତ କରାଇବା ଏହାହିଁ ହେଉଛି ସନ୍ନ୍ୟାସୀମାନଙ୍କ ମୁଖ୍ୟ କର୍ତ୍ତବ୍ୟ ।। ୬ ।।

ନିର୍ମଳୀ ଫଳକୁ ଘୋରି ଦୂଷିତ ପାଣିରେ ପକାଇଲେ ତାହା ନିର୍ମଳ ହୋଇଥାଏ ।। ଯଦି ତାହାକୁ ପାଣିରେ ନ ପକାଇ ତାର ନାମକୁ କେବଳ ଉଚ୍ଚାରଣ କରାଯାଏ, ତେବେ ଜଳ କଦାପି ଶୁଦ୍ଧ ହୁଏ ନାହିଁ ।। ୭ ।।

ଏଣୁ ବ୍ରହ୍ମବିତ୍ ସନ୍ନ୍ୟାସୀ ଓଁକାର ଉଚ୍ଚାରଣ ସହିତ ସପ୍ତବ୍ୟାହୃତିଦ୍ୱାରା ବିଧିପୂର୍ବକ ଯଥାଶକ୍ତି ପ୍ରାଣାୟାମ କରିବେ । ତିନୋଟି ପ୍ରାଣାୟାମରୁ କମ୍ ପ୍ରାଣାୟାମ କରିବେ ନାହିଁ । ଏହାହିଁ ହେଉଛି ସନ୍ନ୍ୟାସୀମାନଙ୍କର ସର୍ବଶ୍ରେଷ୍ଠ ତପସ୍ୟା ।। ୮ ।।

ଯେପରି ଅଗ୍ନିରେ ଗରମ ବା ତରଳାଇବା ଦ୍ୱାରା ଧାତୁର ମଳ ନଷ୍ଟ ହୋଇଯାଏ, ସେପରି ପ୍ରାଣ ନିଗ୍ରହଦ୍ୱାରା ମନ ଓ ଇନ୍ଦ୍ରିୟଗୁଡ଼ିକର ଦୋଷ ଭସ୍ମୀଭୂତ ହୋଇଥାଏ ।। ୯ ।।

ଏଣୁ ସନ୍ନ୍ୟାସୀମାନେ ପ୍ରତିଦିନ ପ୍ରାଣାୟାମଦ୍ୱାରା ଆତ୍ମା, ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କର ଦୋଷ, ଧାରଣାଦ୍ୱାରା ପାପ, ପ୍ରତ୍ୟାହାର ଦ୍ୱାରା ସଙ୍ଗଦୋଷ ତଥା ଧ୍ୟାନଦ୍ୱାରା ଅନୀଶ୍ୱର ଗୁଣ ଅର୍ଥାତ୍ ଜୀବାତ୍ମାର ହର୍ଷ, ଶୋକ ଓ ଅବିଦ୍ୟାଦି ଦୋଷକୁ ଭସ୍ମ କରିଦେବେ ।। ୧୦ ।।

ସନ୍ନ୍ୟାସୀ ଏପରି ଧ୍ୟାନଯୋଗଦ୍ୱାରା ଯାହା ଅଯୋଗୀ ଓ ଅବିଦ୍ୱାନ୍ ବ୍ୟକ୍ତିଙ୍କ ପକ୍ଷରେ ଦୁର୍ବିଜ୍ଞେୟ ଓ ସ୍ଥୂଳରୁ ସୂକ୍ଷ୍ମ ପର୍ଯ୍ୟନ୍ତ ସକଳ ପଦାର୍ଥରେ ପରମେଶ୍ୱରଙ୍କ ବ୍ୟାପକତାକୁ ତଥା ଆତ୍ମା ଓ ଅନ୍ତର୍ଯ୍ୟାମୀ ପରମେଶ୍ୱରଙ୍କ ଗତିକୁ ମଧ୍ୟ ଦର୍ଶନ କରି ପାରନ୍ତି ।। ୧୧ ।।

ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି ବୈରଶୂନ୍ୟ ହୋଇ, ଇନ୍ଦ୍ରିୟ ଗଣଙ୍କ ଦୁଷ୍ଟ ବିଷୟ ପରିତ୍ୟାଗ କରି, ବେଦୋକ୍ତ କର୍ମ ଓ କଠୋର ତପଶ୍ଚରଣଦ୍‌ବାରା, ପୂର୍ବୋକ୍ତ ସନ୍ନ୍ୟାସୀମାନେ ହିଁ ଏହି ସଂସାରରେ ମୋକ୍ଷପଦ ଲାଭ କରନ୍ତି ଓ ଅନ୍ୟମାନଙ୍କୁ କରାଇ ପାରନ୍ତି । କିନ୍ତୁ ଅନ୍ୟମାନଙ୍କ ପକ୍ଷରେ ଏହା କଦାପି ସମ୍ଭବପର ନୁହେଁ ।। ୧୨ ।।

ଯେତେବେଳେ ସନ୍ନ୍ୟାସୀ ସମସ୍ତ ଭାବ ଅର୍ଥାତ୍ ଯାବତୀୟ ପଦାର୍ଥ ପ୍ରତି ନିସ୍ପୃହ ଓ ଆକାଂକ୍ଷାରହିତ ହୋଇ ବାହ୍ୟ ଓ ଅଭ୍ୟନ୍ତରରେ ସକଳ ପ୍ରକାର ପବିତ୍ରତା ରକ୍ଷା କରନ୍ତି, ସେତେବେଳେ ସେ ଇହ ଓ ପରଲୋକର ସୁଖଭୋଗ କରିଥାନ୍ତି ।। ୧୩ ।। ଏଣୁ ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସୀ ଯେକେହି ହୁଅନ୍ତୁ ନା କାହିଁକି ନିମ୍ନଲିଖିତ ଦଶଲକ୍ଷଣ ଯୁକ୍ତ ଧର୍ମକୁ ପାଳନ କରିବା ଏକାନ୍ତ ଆବଶ୍ୟକ ।। ୧୪ ।। ୧-ଧୃତି= ସର୍ବଦା ଧୈର୍ଯ୍ୟ ଧାରଣ କରିବା. ୨-କ୍ଷମା=ନିନ୍ଦା, ସ୍ତୁତି, ସମ୍ମାନ ଅପମାନ ହାନିଲାଭ ସୁଖଦୁଃଖ ପ୍ରଭୃତିରେ ସହନଶୀଳ ହେବା, ୩-ଦମ-ମନକୁ ଅଧର୍ମ କାର୍ଯ୍ୟରୁ ନିବୃତ୍ତ କରି ଧର୍ମ କାର୍ଯ୍ୟରେ ଲଗାଇବା, ଅର୍ଥାତ୍ ଅଧର୍ମ କରିବାର ଇଚ୍ଛାକୁ ସଂପୂର୍ଣ୍ଣ ରୂପେ ତ୍ୟାଗ କରିବା, ୪-ଅସ୍ତେୟ- ଚୋରି ନ କରିବା ଅର୍ଥାତ୍ ବିନାନୁମତି ବା ଛଳ କପଟ ବିଶ୍ୱାସଘାତକତା ଅଥବା ଅନ୍ୟ କୌଣସି ଅସଦ୍ ବ୍ୟବହାର ତଥା ବେଦବିରୁଦ୍ଧ ଉପଦେଶ ଦ୍ୱାରା ପରପଦାର୍ଥ ପ୍ରତି ଅଧିକାର ସାବ୍ୟସ୍ତ କରିବାକୁ ଚୋରି କୁହାଯାଏ ତାକୁ ଛାଡ଼ିଦେବା । ୫-ଶୌଚ-ରାଗ, ଦ୍ୱେଷ, ପକ୍ଷପାତ ତ୍ୟାଗଦ୍ୱାରା ଅନ୍ତଃକରଣର, ଜଳ, ମୃତ୍ତିକା, ମାର୍ଜନଦ୍ୱାରା ବାହ୍ୟପବିତ୍ରତା ରକ୍ଷା କରିବା, ୬-ଇନ୍ଦ୍ରିୟ ନିଗ୍ରହ ଇନ୍ଦ୍ରିୟମାନଙ୍କୁ ଅଧର୍ମାଚରଣରୁ ଦୂରେଇ ରଖି ଧର୍ମପଥରେ ପରିଚାଳନା କରିବା, ୭-ଧୀଃ- ମାଦକ ଦ୍ରବ୍ୟ; ଅନ୍ୟାନ୍ୟ ବୁଦ୍ଧିନାଶକ ଦ୍ରବ୍ୟ, ଦୁଷ୍ଟ ସଂପର୍କ ଆଳସ୍ୟ ତଥା ପ୍ରମାଦାଦି ଛାଡ଼ି ଉତ୍କୃଷ୍ଟ ପଦାର୍ଥ ସେବନ, ସାଧୁସଜ୍ଜନଙ୍କ ସଙ୍ଗ ଯୋଗାଭ୍ୟାସ ଧର୍ମାଚରଣ ଓ ବ୍ରହ୍ମଚର୍ଯ୍ୟାଦି ଶୁଭକର୍ମଦ୍ୱାରା ବୁଦ୍ଧିକୁ ବଢ଼ାଇବା, ୮-ବିଦ୍ୟା=ପୃଥିବୀଠାରୁ ଆରମ୍ଭ କରି ପରମେଶ୍ୱର ପର୍ଯ୍ୟନ୍ତ ଯାବତୀୟ ପଦାର୍ଥର ଯଥାର୍ଥ ଜ୍ଞାନଲାଭ କରି ତହିଁରୁ ଉପକାର ପାଇବା, ଆତ୍ମାନୁଭୂତ ସତ୍ୟକୁ ମନ, ବଚନ ଓ କର୍ମରେ ବିନିଯୋଗ କରିବା, ଏହାକୁ ବିଦ୍ୟା ଓ ଏହାର ବିପରୀତ ଆଚରଣକୁ ଅବିଦ୍ୟା କୁହାଯାଏ, ୯-ସତ୍ୟ=ଯେଉଁ ପଦାର୍ଥ ଯେପରି ତାହାକୁ ଠିକ୍ ସେପରି ଜାଣିବା, କହିବା ଓ କରିବାକୁ

ସତ୍ୟ କୁହାଯାଏ, ୧୦-ଅକ୍ରୋଧ—କ୍ରୋଧାଦି ଦୋଷକୁ ତ୍ୟାଗ କରି ଶାନ୍ତଗୁଣ ପ୍ରଭୃତିକୁ ଗ୍ରହଣ କରିବା, ଏସବୁ ହେଉଛି ଧର୍ମର ଲକ୍ଷଣ । ଏହି ଦଶଲକ୍ଷଣଯୁକ୍ତ ପକ୍ଷପାତ ରହିତ ନ୍ୟାୟାଚରଣ ଧର୍ମ ଚାରି ଆଶ୍ରମର ଲୋକେ ଆଚରଣ କରିବେ । ପୁଣି ଏହି ବେଦୋକ୍ତ ଧର୍ମରେ ନିଜେ ଚଳିବା ଓ ଅନ୍ୟମାନଙ୍କୁ ବୁଝାଇ ଚଳାଇବା, ଏହାହିଁ ସନ୍ୟାସୀମାନଙ୍କର ପ୍ରଧାନ ଧର୍ମ ।।୧୫।।

ଏହିପରି ଧୀରେ ଧୀରେ ସଙ୍ଗ ଦୋଷକୁ ଛାଡ଼ି, ହର୍ଷ ଶୋକାଦି ଯାବତୀୟ ଦ୍ୱନ୍ଦରୁ ବିମୁକ୍ତ ହୋଇ ସନ୍ୟାସୀମାନେ ବ୍ରହ୍ମରେ ଅବସ୍ଥାନ କରନ୍ତି । ଗୃହସ୍ଥ ପ୍ରଭୃତି ସମସ୍ତ ଆଶ୍ରମମାନଙ୍କୁ ସତ୍‌ବ୍ୟବହାରରେ ପ୍ରତିଷ୍ଠିତ କରାଇ ଓ ଅଧର୍ମ ପଥରୁ ଦୂରେଇ ରଖିବ ସେମାନଙ୍କ ସକଳ ପ୍ରକାର ସନ୍ଦେହକୁ ଛିନ୍ନକରି ଧର୍ମପଥରେ ଚଳିବା ପାଇଁ ଉପଦେଶ ଦେବା, ଏସବୁ ହେଉଛି ସନ୍ୟାସୀମାନଙ୍କର ପରମ କର୍ତ୍ତବ୍ୟ ।। ୧୬ ।।

ପ୍ରଶ୍ନ—ସନ୍ୟାସାଶ୍ରମ କେବଳ ବ୍ରାହ୍ମଣମାନଙ୍କ ପାଇଁ ଉଦ୍ଦିଷ୍ଟ ନା କ୍ଷତ୍ରିୟ ପ୍ରଭୃତି ମଧ୍ୟ ଗ୍ରହଣ କରିପାରିବେ ?

ଉତ୍ତର— କେବଳ ବ୍ରାହ୍ମଣ ହିଁ ଏହାର ଅଧିକାରୀ । କାରଣ ଯେଉଁବ୍ୟକ୍ତି ସର୍ବଗୁଣ ସଂପନ୍ନ, ପୂର୍ଣ୍ଣବିଦ୍ୱାନ୍, ଧାର୍ମିକ ପରୋପକାରପ୍ରିୟ, ସେ ହିଁ ବ୍ରାହ୍ମଣ । ପୂର୍ଣ୍ଣ ବିଦ୍ୟା, ଧର୍ମ, ପରମେଶ୍ୱରଙ୍କ ପ୍ରତି ନିଷ୍ଠା ତଥା ବୈରାଗ୍ୟ ନଥିଲେ ସନ୍ୟାସୀ ହେଲେ ମଧ୍ୟ ସଂସାରର କୌଣସି ଉପକାର ହୋଇପାରିବ ନାହିଁ । ଏଣୁ ଜନଶ୍ରୁତି ଅଛି ବ୍ରାହ୍ମଣ ହିଁ କେବଳ ସନ୍ୟାସର ପ୍ରକୃତ ଅଧିକାରୀ, ଏଥିପାଇଁ ଅନ୍ୟ କୌଣସି ବର୍ଣ୍ଣର ଅଧିକାର ନାହିଁ । ଏ ବିଷୟରେ ମହର୍ଷି ମନୁଙ୍କ ପ୍ରମାଣ....

ଏଷ ବୋଽଭିହିତୋ ଧର୍ମୋ ବ୍ରାହ୍ମଣସ୍ୟ ଚତୁର୍ବିଧଃ ।
ପୁଣ୍ୟୋଽକ୍ଷୟଫଳଃ ପ୍ରେତ୍ୟ ରାଜଧର୍ମାଂ ନିବୋଧତ ।।

(ମନୁ ୬—୯୭)

ହେ ଋଷିଗଣ । ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ ବାନପ୍ରସ୍ଥ ଓ ସନ୍ୟାସାଶ୍ରମ ଏ ଚାରୋଟି ଗ୍ରହଣ କରିବା ବ୍ରାହ୍ମଣର ଧର୍ମ । ଇହ ଲୋକରେ ପୁଣ୍ୟ ସ୍ୱରୂପ ଓ ପରଲୋକରେ ମୁକ୍ତିରୂପ.ଅକ୍ଷୟ ଆନନ୍ଦଦାୟୀ ହେଉଛି ସନ୍ୟାସ ଧର୍ମ । ଏହାପରେ ମୋଠାରୁ ରାଜଧର୍ମ ସଂପର୍କରେ ଶୁଣ । ଏଥିରୁ ସ୍ପଷ୍ଟ ଜଣାପଡ଼ୁଛି ସନ୍ୟାସ ଗ୍ରହଣ କରିବା କେବଳ ବ୍ରାହ୍ମଣର ଅଧିକାର ଓ ବ୍ରହ୍ମଚର୍ଯ୍ୟାଶ୍ରମ ଆଦି ଗ୍ରହଣ କରିବା କ୍ଷତ୍ରିୟାଦି ବର୍ଣ୍ଣମାନଙ୍କର ଅଧିକାର ।

ପ୍ରଶ୍ନ—ସନ୍ୟାସ ଗ୍ରହଣ କରିବାର କି ଆବଶ୍ୟକତା ଅଛି ?

ଉତ୍ତର— ଶରୀର ମଧ୍ୟରେ ଶିର ଯେପରି ଆବଶ୍ୟକ, ସେପରି ଆଶ୍ରମମାନଙ୍କ ମଧ୍ୟରେ

ସନ୍ୟାସାଶ୍ରମର ଅପରିହାର୍ଯ୍ୟ ଆବଶ୍ୟକତା ରହିଛି । କାରଣ ଏହାବିନା ବ୍ୟତିରେକେ ବିଦ୍ୟା ଓ ଧର୍ମର ଯଥାଯଥ ଉନ୍ନତି ହୋଇପାରେ ନାହିଁ । ଅନ୍ୟ ଆଶ୍ରମମାନଙ୍କରେ ବିଦ୍ୟାଗ୍ରହଣ, ଗୃହକାର୍ଯ୍ୟ, ତପଶ୍ଚର୍ଯ୍ୟାଦି ରହି ଥିବାରୁ ସେମାନେ ଏଥିପାଇଁ ଯଥେଷ୍ଟ ସମୟ ପାଇପାରନ୍ତି ନାହିଁ । ପୁଣି ଅନ୍ୟ ଆଶ୍ରମରେ ପକ୍ଷପାତ ରହିତ ହୋଇ ରହିବା କଷ୍ଟକର ବ୍ୟାପାର । ସନ୍ୟାସୀ ଯେପରି ସର୍ବତୋଭାବେ ସଂସାରର ଉପକାର କରିପାରନ୍ତି, ଅନ୍ୟ ଆଶ୍ରମର ଲୋକେ ସେପରି କରିବା କଦାପି ସମ୍ଭବପର ନୁହେଁ । କାରଣ ସନ୍ୟାସୀମାନଙ୍କୁ ସତ୍ୟବିଦ୍ୟାଦ୍ୱାରା ପଦାର୍ଥ ବିଜ୍ଞାନର ଉନ୍ନତି ପାଇଁ ଯେତେ ସମୟ ମିଳେ ଅନ୍ୟ ଆଶ୍ରମବାସୀମାନଙ୍କୁ ସେତେ ସମୟ ମିଳେ ନାହିଁ । ପୁଣି ବ୍ରହ୍ମଚର୍ଯ୍ୟାଶ୍ରମ ପରେ ସନ୍ୟାସ ଗ୍ରହଣ କରିଥିବା ବ୍ୟକ୍ତି ସତ୍‌ଶିକ୍ଷା ଦେଇ ଜଗତର ଯେତେ ଉପକାର କରିପାରେ, ଗୃହସ୍ଥ ବା ବାନପ୍ରସ୍ଥ ହୋଇ ସନ୍ୟାସୀ ହେଉଥିବା ବ୍ୟକ୍ତି, ସେତେ ଉପକାର କରିପାରେ ନାହିଁ ।

ପ୍ରଶ୍ନ— ସନ୍ୟାସ ଗ୍ରହଣ କରିବା ହେଉଛି ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧ । କାରଣ ମନୁଷ୍ୟ ବୃଦ୍ଧି କରିବା ପାଇଁ ଈଶ୍ୱର ଚାହାନ୍ତି । ଗୃହାଶ୍ରମ ନ ରହିଲେ ସନ୍ତାନୋତ୍ପତ୍ତି ହେବେ ନାହିଁ । ଯଦି ସନ୍ୟାସାଶ୍ରମକୁ ଅଗ୍ରାଧିକାର ଦିଆଯାଏ, ତେବେ ମନୁଷ୍ୟ ସମାଜର ମୂଳୋତ୍ପାଟନ ହୋଇଯିବ ।

ଉତ୍ତର— ଆଚ୍ଛା ! ଦେଖ ବିବାହ କରି ମଧ୍ୟ କେତେକ ଗୃହସ୍ଥଙ୍କର ପୁତ୍ରହିଁ ହେଉନାହାନ୍ତି । କେତେକଙ୍କର ସନ୍ତାନ ଜାତ ହୋଇ ଅକାଳରେ ମରିଯାଆନ୍ତି । ତେବେ ଏହା ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧ କାହିଁକି ନହେବ ? ତୁମେ କହିପାର.... 'ଯତ୍ନେ କୃତେ ଯଦି ନ ସିଧ୍ୟତି କୋଽତ୍ର ଦୋଷଃ'' ଯତ୍ନକଳାପରେ ମଧ୍ୟ ଯଦି କାର୍ଯ୍ୟ ସଫଳ ନ ହୁଏ ତେବେ ଏଥିରେ କାହାରି ଦୋଷ ନାହିଁ । ବର୍ତ୍ତମାନ ତୁମେହିଁ କହ...... ଗୃହସ୍ଥାଶ୍ରମ ଯୋଗୁ ଅନେକ ସନ୍ତାନ ଜାତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ନିଜନିଜ ଭିତରେ ବିରୁଦ୍ଧାଚରଣକରି, ହଣାମରା ହୋଇ ମରୁଛନ୍ତି । ଏହାଦ୍ୱାରା କେତେ ବଡ଼ କ୍ଷତି ନଘଟୁଛି ? ଏସବୁ ହଣାମରାର କାରଣ ହେଉଛି ପାରସ୍ପରିକ ବିଗ୍ରହର ବିରୋଧ । କିନ୍ତୁ ସନ୍ୟାସୀ ବେଦୋକ୍ତଧର୍ମୋପଦେଶଦ୍ୱାରା ମାନବ ସମାଜରେ ସ୍ନେହପ୍ରୀତି ଉପନ୍ନ କରି ଲକ୍ଷଲକ୍ଷ ଲୋକଙ୍କ ଜୀବନ ବଞ୍ଚାଇ ଦେଇଥାନ୍ତି । ହଜାରେ ଗୃହସ୍ଥଙ୍କ ପରି ସେ ଏକାକୀ ମାନବ ସମାଜର ଉନ୍ନତି କରିପାରିବେ । ଆହୁରି ମଧ୍ୟ ସବୁଲୋକ ତ ସନ୍ୟାସୀ ହେବେ ନାହିଁ, କାରଣ ସମସ୍ତଙ୍କ ମନରୁ ବିଷୟବାସନା ଦୂରୀଭୂତ ହେବା ସମ୍ଭବପର ନୁହେଁ । ସନ୍ୟାସୀଙ୍କ ଉପଦେଶରେ ଯେଉଁମାନେ ଉପକୃତ ହେବେ ସେମାନେ ସମସ୍ତେ ସନ୍ୟାସୀଙ୍କ ପୁତ୍ର ତୁଲ୍ୟ ଅଟନ୍ତି ବୋଲି ବିଚାର କରିବା ଉଚିତ ।

ପ୍ରଶ୍ନ— ସନ୍ୟାସୀମାନେ ପ୍ରାୟଶଃ କହିଥାନ୍ତି ଆମର କୌଣସି କର୍ତ୍ତବ୍ୟ ନାହିଁ । ଭୋଜନ ଓ ବସ୍ତ୍ର ଏତକ ମିଳିଗଲେ ଆମର ଆନନ୍ଦ । ଅବିଦ୍ୟାରୂପୀ ସଂସାରରେ ଆମର ମୁଣ୍ଡ ପୂରାଇବାରେ କିଛି ଲାଭ ନାହିଁ ।। ନିଜକୁ ବ୍ରହ୍ମ ମନେକରି ସନ୍ତୁଷ୍ଟ ରହିବା ଉଚିତ, କେହି ଯଦି କିଛି ପଚାରେ ତେବେ ତାକୁ ଉପଦେଶ ଦେବା ତୁମେ ହେଉଛ ବ୍ରହ୍ମ, ତୁମକୁ କୌଣସି ପ୍ରକାର ପାପପୁଣ୍ୟ ଲାଗିବ ନାହିଁ । କାରଣ ଶୀତୋଷ୍ଣ ଅନୁଭବ ଶରୀରର, କ୍ଷୁଧାତୃଷା ପ୍ରାଣର ଓ ସୁଖଦୁଃଖ ହେଉଛି ମନର ଧର୍ମ । ଜଗତ୍ ମିଥ୍ୟା ଜଗତର ବ୍ୟବହାର ମଧ୍ୟ ସବୁ କଳ୍ପିତ ଅର୍ଥାତ୍ ମିଥ୍ୟା । ଏଣୁ ସେସବୁରେ ଆସକ୍ତ ହୋଇ ରହିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ । ଯାହା କିଛି ପାପ ବା ପୁଣ୍ୟ ସେ ସବୁ ଦେହ ଓ ଇନ୍ଦ୍ରିୟର ଧର୍ମ, ତା ଆତ୍ମାର ଧର୍ମ ନୁହେଁ, ଏପରି ଉପଦେଶମାନ ଦେଇଥାନ୍ତି । କିନ୍ତୁ ଆପଣ ସନ୍ୟାସଧର୍ମ ସମ୍ବନ୍ଧରେ ବିପରୀତ କଥାମାନ କହୁଛନ୍ତି । ତେବେ ଆମେ କାହାକୁ ସତ୍ୟ କାହାକୁ ବା ମିଛ ବୋଲି ଗ୍ରହଣ କରିବୁ ?

ଉତ୍ତର— ଉତ୍ତମ କାର୍ଯ୍ୟ କରିବା ସନ୍ୟାସୀମାନଙ୍କର ଏକମାତ୍ର ଧର୍ମ ।। ଦେଖ.... ''ବୈଦିକୈଶ୍ଚୈବ କର୍ମଭିଃ'' (ମନୁ ୬-୭୫) ବେଦୋକ୍ତ ସତ୍-କର୍ମ କରିବା ସନ୍ୟାସୀମାନଙ୍କ ଧର୍ମ ବୋଲି ମହର୍ଷି ମନୁ କହିଛନ୍ତି । ସନ୍ୟାସୀ ହୁଅନ୍ତୁ ବା ଯେ କେହି ହୁଅନ୍ତୁ ଭୋଜନ ଆଚ୍ଛାଦନ କେହି ଛାଡ଼ି ପାରିବେ ନାହିଁ । ସନ୍ୟାସୀ ଯଦି ଉତ୍ତମ କର୍ମ ପରିତ୍ୟାଗ କରନ୍ତି ତେବେ ସେ ପତିତ ଓ ପାପଭାଗୀ ହୋଇଥାନ୍ତି ''ସେମାନେ ଗୃହସ୍ଥମାନଙ୍କ ନିକଟରୁ ଅନ୍ନ ବସ୍ତ୍ରାଦି ପାଇଥାନ୍ତି ପ୍ରତିବଦଳରେ ସେମାନଙ୍କର ପ୍ରତ୍ୟୁପକାର ଯଦି ନକରନ୍ତି, ତେବେ ସେମାନେ କାହିଁକି ବା ମହାପାପୀ ନ ହେବେ ? ଯେପରି ଆଖି ଓ କାନ ଦେଖିବା ଓ ଶୁଣିବା ପାଇଁ ଉଦ୍ଦିଷ୍ଟ । ଯଦି ଆଖି ଥାଇ ଦେଖା ନ ଯାଏ, କାନ ଥାଇ ଶୁଣା ନଯାଏ, ତେବେ ଆଖି ଓ କାନର ସ୍ଥିତି ବ୍ୟର୍ଥ ହୋଇଥାଏ ।। ଠିକ୍ ସେହିପରି ଯେଉଁ ସନ୍ୟାସୀମାନେ ସତ୍ୟର ଉପଦେଶ ଓ ବେଦାଦି ସତ୍‌ଶାସ୍ତ୍ରର ବିଚାର ଓ ପ୍ରଚାର ପ୍ରସାର ନ କରନ୍ତି ସେମାନେ ସଂସାରରେ ବ୍ୟର୍ଥ ଭାରରୂପେ ଅଭିହିତ ହୋଇଥାନ୍ତି । ଯେଉଁମାନେ ଅବିଦ୍ୟାରୂପୀ ସଂସାରରେ ମୁଣ୍ଡ ପୂରାଇବାକୁ ଚାହାନ୍ତି ନାହିଁ, ସେମାନେ ପାପୀ ଶରୀରାଦିଦ୍ୱାରା ଯେଉଁ କର୍ମ ସବୁ କରିଥାନ୍ତି, ସେସବୁର ଫଳ ଆତ୍ମା ଭୋଗୀ ଥାଏ । ଯେଉଁମାନେ ଜୀବାତ୍ମାକୁ ବ୍ରହ୍ମ ବୋଲି କହନ୍ତି, ସେମାନେ ଅବିଦ୍ୟାରୂପୀ ନିଦ୍ରାରେ ଶୟନ କରିଛନ୍ତି । କାରଣ ଜୀବ ଏକଦେଶୀ ଓ ଅଳ୍ପଜ୍ଞ କିନ୍ତୁ ବ୍ରହ୍ମ ସର୍ବବ୍ୟାପକ ଓ ସର୍ବଜ୍ଞ । ବ୍ରହ୍ମ ନିତ୍ୟ, ଶୁଦ୍ଧ, ବୁଦ୍ଧ ଓ ମୁକ୍ତ ସ୍ୱଭାବ ହୋଇଥିବାବେଳେ ଜୀବାତ୍ମା କେବେ ବଦ୍ଧ ଓ କେବେ ମୁକ୍ତ ରହିଥାଏ । ବ୍ରହ୍ମ ସର୍ବବ୍ୟାପକ ଓ ସର୍ବଜ୍ଞ ହୋଇଥିବାରୁ ତାଙ୍କୁ ଅବିଦ୍ୟା ଗ୍ରାସ କରେ ନାହିଁ । କିନ୍ତୁ ଜୀବ କେବେ

ବିଦ୍ୟାଯୁକ୍ତ ଓ କେବେ ଅବିଦ୍ୟାଯୁକ୍ତ ହୋଇଥାଏ । ବ୍ରହ୍ମ ସର୍ବଦା ଜନ୍ମମରଣରୁ ରହିତ ଓ ଦୁଃଖାତୀତ, କିନ୍ତୁ ଜୀବ ଏସବୁ ଭୋଗ କରିଥାଏ । ଏଣୁ ସେମାନଙ୍କ ଉପଦେଶ ମିଥ୍ୟା ବ୍ୟତୀତ ଅନ୍ୟକିଛି ନୁହେଁ ।

ପ୍ରଶ୍ନ— ସନ୍ୟାସୀ ସର୍ବକର୍ମବିନାଶୀ ଅଟନ୍ତି, ଅଗ୍ନି ତଥା ଧାତୁକୁ ସ୍ପର୍ଶ କରନ୍ତି ନାହିଁ । ଏହା କଣ ସତ ?

ଉତ୍ତର— ନା ''ସମ୍ୟଙ୍ ନିତ୍ୟମାସ୍ତେ ଯସ୍ମିନ୍ ଯଦ୍ୱା, ସମ୍ୟଙ୍ ନ୍ୟସ୍ୟନ୍ତି ଦୁଃଖାନି କର୍ମାଣି ଯେନ ସ ସନ୍ୟାସଃ, ସ ପ୍ରଶସ୍ତୋ ବିଦ୍ୟତେ ଯସ୍ୟ ସ ସନ୍ୟାସୀ'' ଯେ ବ୍ରହ୍ମ ଓ ତାଙ୍କରି ଆଜ୍ଞାରେ ଉପବିଷ୍ଟ ଅର୍ଥାତ୍ ସ୍ଥିତ ଓ ଯାହାଦ୍ୱାରା ଦୁଷ୍ଟକର୍ମମାନ ତ୍ୟାଗ କରାଯାଇ ପାରିବ ତାହାରି ନାମ ସନ୍ୟାସ ଓ ସେସବୁ ସ୍ୱଭାବ ଯାହାଠାରେ ରହିଛି; ସେ ହେଉଛନ୍ତି ସନ୍ୟାସୀ । ସତ୍‌କର୍ମକାରୀ ଓ ଦୁଷ୍କର୍ମତ୍ୟାଗୀ ବ୍ୟକ୍ତିଙ୍କୁ ହିଁ ସନ୍ୟାସୀ କୁହାଯାଏ ।

ପ୍ରଶ୍ନ— ଅଧ୍ୟାପନ ଓ ଉପଦେଶ ଦେବାକାର୍ଯ୍ୟ ଗୃହସ୍ଥମାନେ ସହଜରେ କରିପାରିବେ, ପୁଣି ସନ୍ୟାସୀଙ୍କର ଆବଶ୍ୟକତା କ'ଣ ଅଛି ?

ଉତ୍ତର— ସବୁ ଆଶ୍ରମର ଲୋକ ସତ୍ୟୋପଦେଶଦେଇପାରିବେ ଓ ଶୁଣିପାରିବେ । କିନ୍ତୁ ଏଥିପାଇଁ ନିଷ୍ପକ୍ଷପାତିତାର ସୁଯୋଗ ଓ ଅବକାଶ ସନ୍ୟାସୀଙ୍କୁ ଯେତେପରିମାଣରେ ମିଳିଥାଏ, ଅନ୍ୟମାନଙ୍କୁ ସେତେପରିମାଣରେ ମିଳିପାରେ ନାହିଁ । ହଁ, ଯେଉଁମାନେ ବ୍ରାହ୍ମଣ ସେମାନଙ୍କ ମଧ୍ୟରୁ ପୁରୁଷ ପୁରୁଷମାନଙ୍କୁ ଓ ସ୍ତ୍ରୀଲୋକେ ସ୍ତ୍ରୀମାନଙ୍କୁ ସତ୍ୟୋପଦେଶ ଦେଇପାରିବେ ଓ ବିଦ୍ୟାଧ୍ୟୟନ କରାଇ ପାରିବେ । କିନ୍ତୁ ସନ୍ୟାସୀମାନଙ୍କୁ ଭ୍ରମଣରେ ଯେତେ ସମୟ ମିଳେ, ସେତିକି ଗୃହସ୍ଥ ବା ବ୍ରାହ୍ମଣମାନେ ପାଇପାରନ୍ତି ନାହିଁ । ପୁଣି ବ୍ରାହ୍ମଣ ଯେତେବେଳେ ବେଦବିରୁଦ୍ଧ କାର୍ଯ୍ୟରେ ଯେତେବେଳେ ସନ୍ୟାସୀମାନେ ହିଁ ସେମାନଙ୍କୁ ନିୟନ୍ତ୍ରଣ କରନ୍ତି । ଏଣୁ ସଂସାରରେ ସନ୍ୟାସୀମାନଙ୍କର ଆବଶ୍ୟକତା ଯଥେଷ୍ଟ ପରିମାଣରେ ଅଛି ।

ପ୍ରଶ୍ନ— ''ଏକରାତ୍ରିଂ ବସେଦ୍ ଗ୍ରାମେ'' (ନାରଦ ପରିବ୍ରାଜକୋପନିଷଦ୍ ୪-୧୪) ଏହି ପ୍ରମାଣରୁ ଜଣାପଡ଼େ ଯେ ସନ୍ୟାସୀ ଗୋଟିଏ ସ୍ଥାନରେ ଏକରାତ୍ରିରୁ ଅଧିକ ରହିବା ଉଚିତ ନୁହେଁ । ଏହା କେତେଦୂର ଠିକ୍ ?

ଉତ୍ତର— ଏହା କେତେକାଂଶରେ ସତ ଓ ଭଲକଥା ମଧ୍ୟ । କାରଣ ଗୋଟିଏ ସ୍ଥାନରେ ଅଧିକ ଦିନ ରହିଗଲେ ଅନେକ ଲୋକଙ୍କର ଉପକାର ହୋଇପାରେ ନାହିଁ । ପୁଣି ସ୍ଥାନ ବିଶେଷ ପ୍ରତି ଅଭିମାନ ଜାତହୁଏ ଓ ରାଗ, ଦ୍ୱେଷ ମଧ୍ୟ ଅଧିକପରିମାଣରେ ବଢ଼େ । ତଥାପି ଯଦିଏ ବିଶେଷଉପକାର କରିପାରିବେ ତେବେ ଗୋଟିଏ ସ୍ଥାନରେ ରହିବା ଉଚିତ । ଯେପରି ଜନକ ରାଜାଙ୍କ ନିକଟରେ ଚାରିମାସଧରି ପଞ୍ଚଶିଖାଦି ଓ

ଅନ୍ୟ ସନ୍ନ୍ୟାସୀମାନେ ବର୍ଷବର୍ଷ ଧରି ରହୁଥିଲେ । "ସନ୍ନ୍ୟାସୀମାନେ ଏକସ୍ଥାନରେ ନ ରହିବା ଉଚିତ" ଏକଥା ଆଜିକାଲିକାର ପାଷାଣ୍ଡ ସଂପ୍ରଦାୟୀଗଣ ରଚନା କରିଛନ୍ତି କାରଣ ସନ୍ନ୍ୟାସୀମାନେ ଗୋଟିଏ ସ୍ଥାନରେ ଅନେକଦିନ ରହିଲେ ସେମାନଙ୍କ ପାଖଣ୍ଡତା ନଷ୍ଟ ହୋଇଯିବ, ଆଉ ବଢ଼ିପାରିବ ନାହିଁ ।

ପ୍ରଶ୍ନ— ଯତୀନାଂ କାଞ୍ଚନଂ ଦଦ୍ୟାତ୍ତାମ୍ବୁଲଂ ବ୍ରହ୍ମଚାରିଣାମ୍ ।
ଚୌରାଣାମଭୟଂ ଦଦ୍ୟାତ୍ସ ନରୋ ନରକଂ ବ୍ରଜେତ୍ ॥

ଏହାର ଉଦ୍ଦେଶ୍ୟ ହେଉଛି ସନ୍ନ୍ୟାସୀଙ୍କୁ ସୁବର୍ଣ୍ଣ ଦାନ କରିବା ବ୍ୟକ୍ତି ନରକକୁ ଯାଏ ।

ଉତ୍ତର— ଏକଥା ମଧ୍ୟ ବର୍ଣ୍ଣାଶ୍ରମ ବିରୋଧୀ ସଂପ୍ରଦାୟୀ ଓ ସ୍ୱାର୍ଥାନ୍ୱେଷୀ ପୌରାଣିକମାନଙ୍କ କପୋଳକଳ୍ପନାରୁ ଜାତ ହୋଇଛି । ସେମାନେ ବିଚାରନ୍ତି ସନ୍ନ୍ୟାସୀଙ୍କୁ ବହୁପରିମାଣରେ ଧନ ମିଳିଲେ ଆମର ବହୁ ମାନ୍ୟତାରେ କ୍ଷତିହେବ, ସେମାନେ ଆମ ଅଧୀନରେ ଆଉ ରହିବେ ନାହିଁ । ମାତ୍ର ସନ୍ନ୍ୟାସୀଙ୍କ ଭିକ୍ଷାଦି ବ୍ୟବହାର ଆମ ଅଧୀନରେ ରହିବ, ତେବେ ସେମାନେ ଆମକୁ ମାନ୍ୟ କରିବେ । ମୂର୍ଖ ଓ ସ୍ୱାର୍ଥପରମାନଙ୍କୁ ଧନଦେବା ଭଲ ବୋଲି ଆପଣ କାହିଁକି ସ୍ୱୀକାର କରୁଛନ୍ତି, ତେବେ ପରୋପକାରୀ, ବିଦ୍ୱାନ୍ ସନ୍ନ୍ୟାସୀମାନଙ୍କୁ ଧନଦେବାରେ ଦୋଷ ବା କଣ ଅଛି ? ଦେଖନ୍ତୁ....

ବିବିଧାନି ଚ ରତ୍ନାନି ବିବିକ୍ତେଷୂପପାଦୟେତ୍ । (ମନୁ ୧୧-୬)

ବିବିକ୍ତ ବା ସନ୍ନ୍ୟାସୀମାନଙ୍କୁ ନାନା ପ୍ରକାର ରତ୍ନ ଓ ସୁବର୍ଣ୍ଣାଦି ଧନ ଦେବାପାଇଁ ମହର୍ଷି ମନୁ କହିଛନ୍ତି । ତେଣୁ ତୁମ କଥିତଶ୍ଳୋକର ସାର୍ଥକତା କିଞ୍ଚିତ୍ ମାତ୍ର ନାହିଁ । କାରଣ ସନ୍ନ୍ୟାସୀଙ୍କୁ ସୁବର୍ଣ୍ଣ ଦେଲେ ଯଜମାନ ଯଦି ନରକକୁ ଯାଆନ୍ତି, ତେବେ ହୀରା ନୀଳା, ମୋତି, ମାଣିକ୍ୟ ପ୍ରଭୃତି ଦେଲେ ଦାତା ନିଶ୍ଚୟ ସ୍ୱର୍ଗକୁ ଯିବେ ।

ପ୍ରଶ୍ନ— ପଣ୍ଡିତ ମହାଶୟ ! ଏ ଶ୍ଳୋକ ପାଠ କରିବାରେ ଟିକିଏ ଭୁଲ କରି ଦେଇଛନ୍ତି । ତାହା ଏପରି ହେବ—"ଯତିହସ୍ତେ ଧନଂ ଦଦ୍ୟାତ୍" ସନ୍ନ୍ୟାସୀଙ୍କ ହାତରେ ଧନ ଦେଲେ ଦାତା ନରକଗାମୀ ହୁଏ ।

ଉତ୍ତର— ଏସବୁ ମୂର୍ଖମାନଙ୍କ କପୋଳକଳ୍ପିତ ବିଷୟ । କାରଣ ହାତରେ ଧନ ଦେଲେ ଦାତା ଯଦି ନରକକୁ ଯିବ, ତେବେ କଣ ସନ୍ନ୍ୟାସୀଙ୍କ ପାଦରେ ଦେଲେ ଅଥବା ବୁଜୁଳା ବାନ୍ଧି ଦେଲେ ସେ ସ୍ୱର୍ଗକୁ ଯିବ ? ଏଣୁ ଏପରି କାଳ୍ପନିକ କଥାକୁ ବିଶ୍ୱାସ କରିବା ଉଚିତ ନୁହେଁ । ଅବଶ୍ୟ ଏକଥା ଠିକ୍ ଯେ, ସନ୍ନ୍ୟାସୀ ଆବଶ୍ୟକତାଠାରୁ ଅଧିକ ଧନ ରଖିଲେ ଚୋରମାନଙ୍କଦ୍ୱାରା ଉତ୍ପୀଡ଼ିତ ହୁଅନ୍ତି ବା ମୋହିତ ହୋଇଯାଆନ୍ତି । କିନ୍ତୁ ଯେ ବିଦ୍ୱାନ୍, ସେ କେବେହେଁ ଧନର ଅସତ୍ ବ୍ୟବହାର କରନ୍ତି ନାହିଁ, କିମ୍ବା ଧନରେ

ମୋହିତ ହୁଅନ୍ତି ନାହିଁ । ଯେଣୁ ସେ ପ୍ରଥମେ ଗୃହସ୍ଥାଶ୍ରମରେ ଅନେକ ଧନ ଦେଖିଛନ୍ତି । ପୁଣି ଯେଉଁମାନେ ବ୍ରହ୍ମଚର୍ଯ୍ୟାଶ୍ରମରୁ ସନ୍ନ୍ୟାସ ଗ୍ରହଣ କରନ୍ତି ସେମାନଙ୍କ ପୂର୍ଣ୍ଣ ବୈରାଗ୍ୟ ଥିବାରୁ ସେମାନେ କେବେ ଲୋଭ ବା ମୋହରେ ପଡ଼ନ୍ତି ନାହିଁ ।

ପ୍ରଶ୍ନ— ଲୋକେ କହନ୍ତି "ଶ୍ରାଦ୍ଧ ସମୟରେ ସନ୍ନ୍ୟାସୀ ପହଞ୍ଚିଗଲେ ବା ସନ୍ନ୍ୟାସୀଙ୍କୁ ଭୋଜନ କରାଇଲେ ପିତୃଲୋକେ ଘରୁ ଚାଲିଯାଆନ୍ତି ଓ ନରକରେ ପଡ଼ନ୍ତି ।

ଉତ୍ତର— ପ୍ରଥମତଃ ମୃତପିତୃଲୋକେ ଆସିବା ଓ ଶ୍ରାଦ୍ଧପିଣ୍ଡ ସେମାନଙ୍କ ପାଖରେ ପହଞ୍ଚିବା କଦାପି ସମ୍ଭବପର ନୁହେଁ । ଦ୍ୱିତୀୟତଃ ଏହା ବେଦବିରୁଦ୍ଧ ଓ ଯୁକ୍ତିହୀନ ହୋଇଥିବାରୁ ମିଥ୍ୟା ଅଟେ । ପିତୃଗଣ ଯେତେବେଳେ ଆସନ୍ତି ନାହିଁ, ସେମାନଙ୍କ ଫେରିଯିବାର ପ୍ରଶ୍ନ ଉଠିବ ବା କାହିଁକି ? ପୁଣି ସ୍ୱ ସ୍ୱ କର୍ମ ଅନୁସାରେ ଓ ଐଶ୍ୱରିକ ବ୍ୟବସ୍ଥାଦ୍ୱାରା ମୃତ୍ୟୁପରେ ଜୀବ ପୁଣି ଜନ୍ମଗ୍ରହଣ କରେ । ଏପରି ସ୍ଥଳେ ସେମାନଙ୍କ ଯାତାୟତ କିପରି ବା ସମ୍ଭବ ହେବ ? ଏଣୁ ଏହା ସ୍ୱାର୍ଥପର ପୌରାଣିକମାନଙ୍କ ମିଥ୍ୟା କଳ୍ପନା ମାତ୍ର ।

ପ୍ରଶ୍ନ—ଯେଉଁମାନେ ବ୍ରହ୍ମଚର୍ଯ୍ୟ ପରେ ଗୃହସ୍ଥାଶ୍ରମ ଗ୍ରହଣ ନକରି ସନ୍ନ୍ୟାସୀ ହୁଅନ୍ତି, ସେମାନଙ୍କ ଜୀବିକାନିର୍ବାହ ଓ କାମନିଗ୍ରହ କରିବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼େ । ଏଣୁ ଗୃହସ୍ଥାଶ୍ରମ ଓ ବାନପ୍ରସ୍ଥାଶ୍ରମ ସମାପ୍ତ କଲାପରେ ବୃଦ୍ଧାବସ୍ଥାରେ ସନ୍ନ୍ୟାସଦୀକ୍ଷା ନେବା ଉଚିତ ।

ଉତ୍ତର— ଯେଉଁମାନେ ଜୀବିକାନିର୍ବାହ କରିପାରିବେ ନାହିଁ, କିମ୍ବା ଇନ୍ଦ୍ରିୟଦମନ କରିପାରିବେ ନାହିଁ, ସେମାନେ ସନ୍ନ୍ୟାସଦୀକ୍ଷା ନେବା ଉଚିତ ନୁହେଁ । ଯେଉଁ ବ୍ୟକ୍ତି ବିଷୟବାସନାର ଦୋଷ ଓ ବୀର୍ଯ୍ୟସଂରକ୍ଷଣର ଗୁଣ ଜାଣିଥିବ, ସେ କେବେ ବିଷୟାସକ୍ତ ହେବ ନାହିଁ । ତାଙ୍କର ବୀର୍ଯ୍ୟ ବିଚାରାଗ୍ନିରେ ଇନ୍ଧନବତ୍ କାର୍ଯ୍ୟ କରିବ, ଅର୍ଥାତ୍ ବିଚାରରେହିଁ ବ୍ୟୟ ହୋଇଯିବ । ଯେପରି ବୈଦ୍ୟ କିମ୍ବା ଔଷଧ ନୀରୋଗୀ ବ୍ୟକ୍ତିର ଆବଶ୍ୟକ ନ ହୋଇ ରୋଗୀର କାର୍ଯ୍ୟରେ ଲାଗେ, ସେହିପରି ପୁରୁଷ ହୁଅନ୍ତୁ ବା ସ୍ତ୍ରୀ ଯେଉଁମାନେ ବିଦ୍ୟା ଓ ଧର୍ମର ବୃଦ୍ଧି କରି ସଂସାରର ଉପକାର କରିବାକୁ ଚାହୁଁଥିବେ ସେମାନେ ବିବାହ କରିବା ଉଚିତ ନୁହେଁ । ଏପରି ପଞ୍ଚଶିଖାଦି ଋଷି ଓ ଗାର୍ଗୀ ପ୍ରଭୃତି ମନୀଷୀମାନେ କରିଥିଲେ । ଯେଉଁମାନେ ଏ ସକଳ ଗୁଣର ଅଧିକାରୀ ସେମାନେ କେବଳ ସନ୍ନ୍ୟାସ ଗ୍ରହଣ କରିବେ । କିନ୍ତୁ ଅନଧିକାରୀ ବ୍ୟକ୍ତି ଯଦି ଏପରି କରେ, ତେବେ ସେ ନିଜେ ବୁଡ଼ିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ମଧ୍ୟ ବୁଡ଼ାଇ ମାରେ । ଚକ୍ରବର୍ତ୍ତୀ ରାଜାଙ୍କୁ ସମ୍ରାଟ୍ କହିବାପରି ସନ୍ନ୍ୟାସୀମାନଙ୍କୁ ପରିବ୍ରାଟ୍ କହନ୍ତି । ରାଜା କେବଳ ନିଜ ରାଜ୍ୟରେ ପୂଜା ପାଉଥିବା ସ୍ଥଳେ ସନ୍ନ୍ୟାସୀ ଜଗତର ସର୍ବତ୍ର ପୂଜା ପାଇଥାନ୍ତି ।

ବିଦ୍ୱତ୍ତ୍ୱଂ ଚ ନୃପତ୍ୱଂ ଚ ନୈବ ତୁଲ୍ୟଂ କଦାଚନ ।
ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ ।।

ରାଜା ଓ ବିଦ୍ୱାନ୍ କେବେହେଁ ସମାନ ନୁହନ୍ତି । କାରଣ ରାଜା କେବଳ ନିଜ ରାଜ୍ୟରେ ସମ୍ମାନ ଓ ସତ୍କାର ପାଆନ୍ତି କିନ୍ତୁ ବିଦ୍ୱାନ୍, ବ୍ୟକ୍ତି ସର୍ବତ୍ର ସମ୍ମାନ ଓ ପ୍ରତିଷ୍ଠା ଲାଭ କରିଥାନ୍ତି । ଏଣୁ ବିଦ୍ୟାପ୍ରାପ୍ତି, ସୁଶିକ୍ଷାଗ୍ରହଣ ଓ ବଳଶାଳୀ ହେବାପାଇଁ ବ୍ରହ୍ମଚର୍ଯ୍ୟ, ଯାବତୀୟ ଉତ୍ତମବ୍ୟବହାର ସିଦ୍ଧିପାଇଁ ଗାର୍ହସ୍ଥ୍ୟ, ବିଚାର, ଧ୍ୟାନ ଓ ବିଜ୍ଞାନର ବୃଦ୍ଧି ତଥା ତପଶ୍ଚର୍ଯ୍ୟା ନିମିତ୍ତ ବାନପ୍ରସ୍ଥ ଓ ବେଦାଦି ସତ୍ ଶାସ୍ତ୍ରର ପ୍ରଚାର ଧାର୍ମିକ ବ୍ୟବହାର ଗ୍ରହଣ ଓ ଦୁଷ୍ଟ ବ୍ୟବହାର ପରିତ୍ୟାଗ, ସତ୍ୟୋପଦେଶ ପ୍ରଦାନ ତଥା ସମସ୍ତଙ୍କ ଯାବତୀୟ ସନ୍ଦେହ ଦୂର କରିବାପାଇଁ ସନ୍ନ୍ୟାସାଶ୍ରମର ବିଧାନ କରାଯାଇଛି । ସନ୍ନ୍ୟାସୀମାନେ ଯଦି ସଂସାରରେ ଧର୍ମପ୍ରଚାର ନ କରନ୍ତି, କିମ୍ବା ସତ୍ୟୋପଦେଶ ନ ଦିଅନ୍ତି, ତେବେ ସେମାନେ ଅଧୋଗତିକୁ ପ୍ରାପ୍ତ ହୋଇ ନରକଗାମୀ ହୁଅନ୍ତି । ଏଣୁ ସନ୍ନ୍ୟାସୀମାନେ ସତ୍ୟୋପଦେଶ ଦେଇ: ଶଙ୍କା ସମାଧାନ କରି ବେଦାଦି ସତ୍‌ଶାସ୍ତ୍ର ପଢ଼ାଇ ଓ ବେଦୋକ୍ତ ବିଷୟବସ୍ତୁ ପ୍ରଚାରକରି ସଂସାରର ଉନ୍ନତି ବିଧାନ କରିବେ ।

ପ୍ରଶ୍ନ—ସନ୍ନ୍ୟାସୀଙ୍କ ବ୍ୟତୀତ ଅନ୍ୟ ଯେଉଁ ସାଧୁ ବେଶଧାରୀ, ବୈରାଗୀ, ଗୋସାଇଁ ଓ ଖାକୀମାନେ ଅଛନ୍ତି, ସେମାନେ ସନ୍ନ୍ୟାସୀଙ୍କ ମଧ୍ୟରେ ପରିଗଣିତ ହେବେ କି ନାହିଁ ?

ଉତ୍ତର— ସେମାନଙ୍କ ନିକଟରେ ସନ୍ନ୍ୟାସୀଙ୍କ କୌଣସି ଲକ୍ଷଣ ନଥିବାରୁ ସେମାନେ ସନ୍ନ୍ୟାସୀରେ ପରିଗଣିତ ହେବେ ନାହିଁ । ସେମାନେ ନିଜ ସଂପ୍ରଦାୟର ଗୁରୁଙ୍କ ବଚନକୁ ବେଦଠାରୁ ମଧ୍ୟ ଅଧିକ ଶ୍ରେଷ୍ଠ ବୋଲି ମନେ କରନ୍ତି । କେବଳ ନିଜମତକୁ ପ୍ରଶଂସା କରି ମିଥ୍ୟା ପ୍ରପଞ୍ଚରେ ପଡ଼ି ସ୍ୱାର୍ଥସାଧନପାଇଁ ଅନ୍ୟମାନଙ୍କୁ ନିଜମତରେ ପରିଚାଳନା କରନ୍ତି । ସଂସ୍କାର ତ ଦୂରର କଥା ଲୋକଙ୍କୁ ଭୁଲାଇ ନିଜର ସ୍ୱାର୍ଥ ସାଧନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅନିଷ୍ଟ କରିଥାଆନ୍ତି । ଏଣୁ ଏମାନଙ୍କୁ ସନ୍ନ୍ୟାସାଶ୍ରମରେ ଗଣନା କରାଯିବା ଉଚିତ ନୁହେଁ । ବରଂ ସ୍ୱାର୍ଥାଶ୍ରମୀ କୁହାଯିବା ଉଚିତ । ଯେଉଁମାନେ ବେଦୋକ୍ତ ଧର୍ମରେ ପରିଚାଳିତ ହୋଇ ସଂସାରକୁ ସଦୁପଦେଶ ଦିଅନ୍ତି, ଇହଲୋକ ପରଲୋକପାଇଁ ସ୍ୱର୍ଗ ସୁଖର ସନ୍ଧାନ ଦିଅନ୍ତି, ସେମାନଙ୍କୁ ସନ୍ନ୍ୟାସୀ ଓ ଧର୍ମାତ୍ମା କହିବା ଯଥାର୍ଥ ହେବ ।

ସଂକ୍ଷେପରେ ସନ୍ନ୍ୟାସାଶ୍ରମ ଶିକ୍ଷା ବିଷୟରେ ଉଲ୍ଲେଖ କରାଗଲା । ଏହାପରେ ରାଜା ଓ ପ୍ରଜାଙ୍କ ଧର୍ମ ସଂପର୍କୀୟ ଆଲୋଚନା କରାଯିବ ।

ଇତି ଶ୍ରୀମଦ୍ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ ସୁଭାଷାବି-ଭୂଷିତେ ବାନପ୍ରସ୍ଥସନ୍ନ୍ୟାସାଶ୍ରମ ବିଷୟେ ପଞ୍ଚମଃ ସମୁଲ୍ଲାସଃ ସଂପୂର୍ଣ୍ଣଃ ।। ୫ ।।

ଅଥ ଷଷ୍ଠସମୁଲ୍ଲାସାରମ୍ଭଃ
ଅଥ ରାଜପ୍ରଜାଧର୍ମାନ୍ ବ୍ୟାଖ୍ୟାସ୍ୟାମଃ

ରାଜଧର୍ମାନ୍ ପ୍ରବକ୍ଷ୍ୟାମି ଯଥାବୃତ୍ତୋ ଭବେନ୍ନୃପଃ ।
ସମ୍ଭବଶ୍ଚ ଯଥା ତସ୍ୟ ସିଦ୍ଧିଶ୍ଚ ପରମା ଯଥା ।। ୧ ।।
ବ୍ରାହ୍ମଂ ପ୍ରାପ୍ତେନ ସଂସ୍କାରଂ କ୍ଷତ୍ରିୟେଣ ଯଥାବିଧି ।
ସର୍ବସ୍ୟାସ୍ୟ ଯଥାନ୍ୟାୟଂ କର୍ତ୍ତବ୍ୟଂ ପରିରକ୍ଷଣମ୍ ।। ୨ ।। (ମନୁ ୭/୧-୨)

ମହାରାଜ ମନୁ ଋଷିଗଣଙ୍କୁ ଉପଦେଶ ଦେଇ କହିଛନ୍ତି..... ଚାରିବର୍ଣ୍ଣ ଓ ଚାରି ଆଶ୍ରମ ବିଷୟରେ ବର୍ଣ୍ଣନା କରାଗଲା । ବର୍ତ୍ତମାନ ରାଜଧର୍ମ ସଂପର୍କରେ କିଛି କହୁଛି ଶୁଣ । ରାଜ୍ୟରେ କେଉଁପରି ରାଜା ହେବା ଉଚିତ ? ରାଜା ହେବାର ନିୟମ ଓ ସିଦ୍ଧିଲାଭ କରିବାର ଉପାୟ କଣ ? ମୁଁ ଏଠାରେ ସମସ୍ତ ବିଷୟ ବିସ୍ତାର ପୂର୍ବକ କହୁଅଛି ।। ୧ ।। ଉତ୍ତମ ବିଦ୍ୱାନ୍ ବ୍ୟକ୍ତି ଯେପରି ବ୍ରାହ୍ମଣ ହୁଅନ୍ତି, କ୍ଷତ୍ରିୟମାନେ ମଧ୍ୟ ଠିକ୍ ସେହିପରି ସୁଶିକ୍ଷିତ ହୋଇ, ନ୍ୟାୟପୂର୍ବକ ରାଜ୍ୟ ଶାସନ କରିବେ ।। ୨ ।। ନିମ୍ନପ୍ରକାରେ ରାଜ୍ୟ ଶାସନ କରିବାକୁ ହେବ......

''ତ୍ରୀଣି ରାଜାନା ବିଦଥେ ପୁରୂଣି ପରି ବିଶ୍ୱାନିଭୂଷଥଃ ସଦାଂସି''

(ଋକ୍ ମଂ.୩ ସୂ.୩୮ ମ.୬)

ଈଶ୍ୱର ଉପଦେଶ ଦେଉଛନ୍ତି... ରାଜାନା=ରାଜା ଓ ପ୍ରଜାବର୍ଗ ଉଭୟେ ମିଳିମିଶି, ବିଦଥେ=ସୁଖଲାଭ ପାଇଁ ତଥା ରାଜା ବିଜ୍ଞାନର ଉନ୍ନତି ନିମିତ୍ତ ତ୍ରୀଣିସଦାଂସି=ତିନିପ୍ରକାରର ସଭା ଅର୍ଥାତ୍ ବିଦ୍ୟାର୍ଯ୍ୟସଭା, ଧର୍ମାର୍ଯ୍ୟସଭା ଓ ରାଜାର୍ଯ୍ୟସଭା ଗଠନ କରିବେ । ପୁରୂଣି=ବହୁବିଧ ଓ ବିଶ୍ୱାନି=ସକଳ ପ୍ରଜାସମ୍ବନ୍ଧୀୟ ମନୁଷ୍ୟାଦି ପ୍ରାଣୀମାନଙ୍କୁ, ପରିଭୂଷଥଃ=ବିଦ୍ୟା, ସ୍ୱାତନ୍ତ୍ର୍ୟ, ଧର୍ମ, ସୁଶିକ୍ଷା ଓ ଧନଧାନ୍ୟଦ୍ୱାରା ଅତିଉତ୍ତମ ରୂପେ ଅଳଂକୃତ କରିବେ ।

ତଂ ସଭା ଚ ସମିତିଶ୍ଚ ସେନା ଚ ।। ୧ ।।

(ଅଥର୍ବ କା.୧୫, ଅନୁ.୨, ବ.୯,ମ.୨)

ସଭ୍ୟ ସଭାଂ ମେ ପାହି ଯେ ଚ ସଭ୍ୟାଃ ସଭାସଦଃ ।। ୨ ।।

(ଅଥର୍ବ କା.୧୯, ଅନୁ୭, ବ.୫୫,ମ.୬)

ତମ୍=ସେହି ରାଜଧର୍ମକୁ, ସଭା ଚ=ତିନିପ୍ରକାର ସଭା, ସମିତିଶ୍ଚ=ସଂଗ୍ରାମାଦି ବ୍ୟବସ୍ଥାପକସଭା ଏବଂ ସେନା ଚ=ସୈନ୍ୟ ସାମନ୍ତ ଏ ସମସ୍ତେ ମିଳିମିଶି ପାଳନ କରିବେ ।। ୨ ।।

ସଭାସଦ୍ ଓ ରାଜାଙ୍କ କର୍ତ୍ତବ୍ୟ ହେଉଛି.. ରାଜା ସକଳ ସଭାସଦ୍ ବର୍ଗଙ୍କୁ ଆଦେଶ ଦେଇ କହିବେ, ହେ ସଭ୍ୟ=ସଭାଯୋଗ୍ୟ ମୁଖ୍ୟ ସଭାସଦ୍, ତୁମେ ମେ=ଆମ୍ଭର, ସଭାମ୍=ସଭାର ଧର୍ମସଙ୍ଗତ ବ୍ୟବସ୍ଥାକୁ, ପାହି=ପାଳନକର ଏବଂ ଯେ ଚ= ଯେଉଁମାନେ, ସଭ୍ୟାଃ=ସଭାପାଇଁ ଯୋଗ୍ୟ, ସଭାସଦଃ=ସଭ୍ୟ ଅଛନ୍ତି; ସେମାନେ ସମସ୍ତେ ସଭାର ବ୍ୟବସ୍ଥାମାନ ପାଳନ କରନ୍ତୁ ।। ୨ ।। ଏପରି କହିବାର ଉଦ୍ଦେଶ୍ୟ ହେଉଛି, କୌଣସି ଜଣେ ବ୍ୟକ୍ତିବିଶେଷକୁ ରାଜ୍ୟଶାସନର ଯାବତୀୟ ଅଧିକାର ଦେବା ଉଚିତ ନୁହେଁ । ରାଜା ହେଉଛନ୍ତି ସଭାପତି ।। ତାଙ୍କ ଅଧୀନରେ ସଭା, ସଭା ଅଧୀନରେ ରାଜା, ରାଜା ଓ ସଭା ଏ ଦୁହେଁ ପ୍ରଜାଙ୍କ ଅଧୀନରେ ରହିବେ କିନ୍ତୁ ପ୍ରଜାମାନେ ରାଜ ସଭାର ଅଧୀନରେ ରହିବେ । ଏପରି ଯଦି ନହୁଏ ତେବେ.....

ରାଷ୍ଟ୍ରମେବ ବିଶ୍ୟାହନ୍ତି ତସ୍ମାଦ୍ରାଷ୍ଟ୍ରୀ ବିଶଂ ଘାତୁକଃ । ବିଶମେବ ରାଷ୍ଟ୍ରାୟାଦ୍ୟାଂ କରୋତି, ତସ୍ମାଦ୍ରାଷ୍ଟ୍ରୀ ବିଶମତ୍ତି ନ ପୁଷ୍ଟଂ ପଶୁଂ ମନ୍ୟତ ଇତି ।। ୯ ।। (ଶତ.କା.୧୩, ଅନୁ.୨, ବ୍ରା.୩)

ରଜା ପ୍ରଜାମାନଙ୍କଠାରୁ ସ୍ୱାଧୀନ ହୋଇ ରହିଲେ (ରାଷ୍ଟ୍ରମେବ ବିଶ୍ୟାହନ୍ତି) ରାଜ୍ୟରେ ପ୍ରବେଶକରି ପ୍ରଜାମାନଙ୍କୁ ନାଶ କରିଦିଅନ୍ତି । ଏହିପରି ସ୍ୱାଧୀନ ରହି ରାଜା ସ୍ୱେଚ୍ଛାଚାରୀ ବା ଉନ୍ମତ୍ତ ହୋଇ, (ରାଷ୍ଟ୍ରୀ ବିଶଂଘାତୁକଃ) ପ୍ରଜାମାନଙ୍କୁ ନାଶ କରିଦିଅନ୍ତି, (ବିଶମେବ ରାଷ୍ଟ୍ରାୟାଦ୍ୟାଂକରୋତି) ସେହି ରାଜା ପ୍ରଜାମାନଙ୍କୁ ଶୋଷଣ କରି ପୀଡ଼ା ଦିଏ । ଏଣୁ ରାଜ୍ୟରେ କୌଣସି ଲୋକଙ୍କୁ ଅଧିକାର ଦିଆଯିବା ଉଚିତ ନୁହେଁ । ଯେପରି ସିଂହ ବା ମାଂସାହାରୀ ହୃଷ୍ଟପୁଷ୍ଟଜୀବ ପଶୁମାନଙ୍କୁ ମାରି ଖାଇଦିଏ, ସେହିପରି (ରାଷ୍ଟ୍ରୀବିଶମତ୍ତି) ସ୍ୱତନ୍ତ୍ର କ୍ଷମତାପ୍ରାପ୍ତ ରାଜା ପ୍ରଜାଙ୍କୁ ମାରିଦିଏ, ଅର୍ଥାତ୍ ଅନ୍ୟ କାହାରିକୁ ସେ ବଢ଼ିବାକୁ ଦିଏ ନାହିଁ ଓ ଶ୍ରୀସଂପତ୍ତିଶାଳୀ ବ୍ୟକ୍ତିଙ୍କୁ ଅନ୍ୟାୟରେ ଦଣ୍ଡବିଧାନ କରି ଶୋଷଣ କରେ । ଏଣୁ......

ଇନ୍ଦ୍ରୋଜୟାତି ନ ପରା ଜୟାତା ଅଧିରାଜୋ ରାଜସୁ ରାଜୟାତୈ ।
ଚର୍କୃତ୍ୟ ଈଡ୍ୟୋ ବନ୍ଦ୍ୟଶ୍ଚୋପସଦ୍ୟୋ ନମସ୍ୟୋଭବେହ ।।

(ଅଥର୍ବ. କା୬/ ଅନୁ୧୦ । ବ୯୮ । ମ୧)

ହେ ମନୁଷ୍ୟଗଣ ! (ଇହ) ଏହି ମନୁଷ୍ୟ ସମାଜ ମଧ୍ୟରେ ଯେ (ଇନ୍ଦ୍ରଃ) ପରମ ଐଶ୍ୱର୍ଯ୍ୟର କର୍ତ୍ତା, ଶତ୍ରୁମାନଙ୍କୁ (ଜୟାତି) ଜୟକରିବାରେ ସମର୍ଥ, (ନପରାଜୟାତୈ) ଯେ ଶତ୍ରୁମାନଙ୍କ ଦ୍ୱାରା ପରାଜିତ ହୁଅନ୍ତି ନାହିଁ (ରାଜସୁ) ରାଜାମାନଙ୍କ ମଧ୍ୟରେ (ଅଧିରାଜଃ) ସର୍ବୋପରି ବିରାଜମାନ, ଓ (ରାଜୟାତୈ) ତେଜସ୍ୱୀ ହୋଇଥିବେ ସେ (ଚର୍କୃତ୍ୟଃ) ସଭାପତି ହେବାପାଇଁ ଏକାନ୍ତ ଯୋଗ୍ୟ, (ଈଡ୍ୟଃ) ପ୍ରଶଂସନୀୟ

ଗୁଣକର୍ମ ସ୍ୱଭାବଯୁକ୍ତ (ବନ୍ଦ୍ୟଃ) ବନ୍ଦନୀୟ, (ଉପସଦ୍ୟଃ) ସାମୀପ୍ୟକାରୀ ଓ ଶରଣରକ୍ଷକ (ନମସ୍ୟଃ) ସମସ୍ତଙ୍କ ମାନନୀୟ (ଭବ) ହୋଇଥିବେ, କେବଳ ସେହି ସଭାପତି ଅର୍ଥାତ୍ ରାଜାରୂପେ ଅଧିଷ୍ଠିତ ହେବେ ।

ଇମଂ ଦେବାଃଅସପତ୍ନଂ ସୁବଧ୍ୱଂ ମହତେ କ୍ଷତ୍ରାୟ ମହତେ ଜ୍ୟୈଷ୍ଠ୍ୟାୟ ମହତେ ଜାନରାଜ୍ୟାୟେନ୍ଦ୍ରସ୍ୟେ ନ୍ଦ୍ରିୟାୟ ।। (ଯଜୁ ଅ୯ ।ମ୪୦)

ହେ (ଦେବାଃ) ବିଦ୍ୱାନ୍ ରାଜା ଓ ପ୍ରଜାଗଣ ! ତୁମ୍ଭେମାନେ (ଇମମ୍) ଏପରି ମନୁଷ୍ୟକୁ, (ମହତେ କ୍ଷତ୍ରାୟ) ବିଶାଳ ଚକ୍ରବର୍ତ୍ତୀ ରାଜ୍ୟନିମିତ୍ତ, (ମହତେ ଜ୍ୟୈଷ୍ଠ୍ୟାୟ) ସର୍ବାପେକ୍ଷା ମହାନ୍ ହେବାପାଇଁ, (ମହତେଜାନରାଜ୍ୟାୟ) ଧାର୍ମିକ ମହାନ୍ ବିଦ୍ୱାନ୍ ମାନଙ୍କଦ୍ୱାରା ପରିପୂର୍ଣ୍ଣ ରାଜ୍ୟକୁ ପାଳନ କରିବା ନିମିତ୍ତ, ଏବଂ (ଇନ୍ଦ୍ରସ୍ୟେନ୍ଦ୍ରିୟାୟ) ପରମ ଐଶ୍ୱର୍ଯ୍ୟଯୁକ୍ତ ରାଜ୍ୟ ଓ ବୈଭବର ସୁରକ୍ଷା ନିମିତ୍ତ, (ଅସପତ୍ନଂ ସୁବଧ୍ୱମ୍) ସର୍ବସମ୍ମତିକ୍ରମେ ସର୍ବତ୍ର ପକ୍ଷପାତ ରହିତ ପୂର୍ଣ୍ଣବିଦ୍ୟା ବିନୟଯୁକ୍ତ ସମସ୍ତଙ୍କର ମିତ୍ର, ସଭାପତି ଅର୍ଥାତ୍ ରାଜାରୂପେ ସ୍ୱୀକାର କରି ଓ ତାହାଙ୍କୁ ସମସ୍ତଙ୍କ ରୂପେ ମାନି ସମସ୍ତ ପୃଥିବୀକୁ ଶତ୍ରୁଶୂନ୍ୟ କର । ଏବଂ.........

ସ୍ଥିରା ବଃ ସନ୍ତ୍ୱାୟୁଧା ପରାଣୁଦେ ବୀଳୂ ଉତ ପ୍ରତିଷ୍କଭେ ।
ଯୁଷ୍ମାକମସ୍ତୁ ତବିଷୀ ପନୀୟସୀ ମା ମର୍ତ୍ତ୍ୟସ୍ୟ ମାୟିନଃ ।।

(ଋଗ୍ବେଦ ୧।୩।୧୮।୨)

ଈଶ୍ୱର ମନ୍ତ୍ରରେ ଉପଦେଶ ଦେଇଛନ୍ତି କି, ହେ ରାଜପୁରୁଷ ମାନେ ! (ବଃ) ତୁମମାନଙ୍କର (ଆୟୁଧା) ଆଗ୍ନେୟାଦି ଅସ୍ତ୍ର, ତୋପ, ବନ୍ଧୁକ, ଧନୁର୍ବାଣ, ଢାଲ ତରବାରୀ ପ୍ରଭୃତି ଶସ୍ତ୍ର ଶତ୍ରୁମାନଙ୍କୁ (ପରାଣୁଦେ) ପରାଜୟ କରିବାପାଇଁ, (ଉତ ପ୍ରତିଷ୍କଭେ) ଓ ପ୍ରତିରୋଧ କରିବା ପାଇଁ (ବୀଳୁ) ପ୍ରଶଂସିତ ଓ (ସ୍ଥିରା) ଦୃଢ଼ ଏବଂ (ସନ୍ତୁ) ହେଉ । (ଯୁଷ୍ମାକମ୍) ତୁମମାନଙ୍କର (ତବିଷୀ) ସୈନ୍ୟ (ପନୀୟସୀ) ପ୍ରଶଂସନୀୟ (ଅସ୍ତୁ) ହେଉ । ଯଦ୍ୱାରା ତୁମ୍ଭେ ସର୍ବଦା ବିଜୟୀ ହେବ । କିନ୍ତୁ (ମା ମର୍ତ୍ତ୍ୟସ୍ୟ ମାୟିନଃ) ଯେଉଁମାନେ ନିନ୍ଦିତ କାର୍ଯ୍ୟ କରନ୍ତି ସେମାନଙ୍କୁ ପୂର୍ବୋକ୍ତ ପ୍ରଶଂସନୀୟ ଅସ୍ତ୍ରଶସ୍ତ୍ର ତଥା ସେନା ଆଦି ନ ମିଳନ୍ତୁ । ମନୁଷ୍ୟ ଧାର୍ମିକ ମାର୍ଗରେ ଚାଲିଲେ ହିଁ ରାଜ୍ୟର ଶ୍ରୀବୃଦ୍ଧି ଘଟେ, କିନ୍ତୁ ଯେତେବେଳେ ସେମାନେ ଦୁରାଚାରୀ ହୋଇଯାନ୍ତି, ସେତେବେଳେ ରାଜ୍ୟ ନଷ୍ଟଭ୍ରଷ୍ଟ ହୋଇଯାଏ ।

ଶ୍ରେଷ୍ଠ ବିଦ୍ୱାନ୍‌ଙ୍କୁ ବିଦ୍ୟାସଭାଧିକାରୀ, ଧାର୍ମିକ ବିଦ୍ୱାନ୍‌ଙ୍କୁ ଧର୍ମସଭାଧିକାରୀ; ପ୍ରଶଂସନୀୟ ଧାର୍ମିକ ପୁରୁଷଙ୍କୁ ରାଜସଭାରେ ସଭାସଦ୍, ଯେ ସର୍ବଗୁଣସଂପନ୍ନ ତଥା ସର୍ବୋତ୍ତମ ଗୁଣ କର୍ମ ସ୍ୱଭାବଯୁକ୍ତ ମହାନ୍ ପୁରୁଷ ତାଙ୍କୁ ରାଜସଭାର ସଭାପତିରୂପେ

ବରଣ କରି ସମସ୍ତ ପ୍ରକାର ଉନ୍ନତି ବିଧାନ କରିବେ । ଉକ୍ତ ତିନୋଟି ସଭାର ସମ୍ମତି ଅନୁସାରେ ରାଜନୀତିର ଉତ୍ତମ ନୀତି ନିୟମ ନିର୍ଦ୍ଧାରଣ ଓ ତଦନୁସାରେ ଲୋକେ ଚଳିବା ଆବଶ୍ୟକ । ଦେଶର ସମସ୍ତେ ସର୍ବହିତକାରୀ କାର୍ଯ୍ୟରେ ଏକମତ ଓ ପରତନ୍ତ୍ର ରହିବେ । କିନ୍ତୁ ନିଜନିଜ କର୍ତ୍ତବ୍ୟ ପାଳନରେ ସମସ୍ତେ ସ୍ୱତନ୍ତ୍ର ରହିବେ । ପୁଣି ସଭାପତିଙ୍କର ଏହି ଗୁଣମାନ ରହିବା ଆବଶ୍ୟକ ଯଥା :-

ଇନ୍ଦ୍ରାନିଲୟମାର୍କାଣାମଗ୍ନେଶ୍ଚ ବରୁଣସ୍ୟ ଚ ।
ଚନ୍ଦ୍ରବିତ୍ତେଶୟୋଶ୍ଚୈବ ମାତ୍ରା ନିର୍ହୃତ୍ୟ ଶାଶ୍ୱତୀ ।। ୧ ।।
ତପତ୍ୟାଦିତ୍ୟବଚ୍ଚୈଷ ଚକ୍ଷୂଂଷି ଚ ମନାଂସି ଚ ।
ନ ଚୈନଂ ଭୁବି ଶକ୍ନୋତି କଶ୍ଚିଦପ୍ୟଭିବୀକ୍ଷିତୁମ୍ ।। ୨ ।।
ସୋଽଗ୍ନିର୍ଭବତି ବାୟୁଶ୍ଚ ସୋଽର୍କଃ ସୋମଃ ସ ଧର୍ମରାଟ୍ ।
ସ କୁବେରଃ ସ ବରୁଣଃ ସ ମହେନ୍ଦ୍ରଃ ପ୍ରଭାବତଃ ।। ୩ ।।

(ମନୁ ୭-୪, ୬,୭)

ଯେ ଇନ୍ଦ୍ର ଅର୍ଥାତ୍ ବିଦ୍ୟୁତ୍ ପରି ଶୀଘ୍ର ଐଶ୍ୱର୍ଯ୍ୟ ଉତ୍ପାଦକ, ବାୟୁ ଭଳି ସମସ୍ତଙ୍କ ପ୍ରାଣପରି ପ୍ରିୟ ଓ ଅନ୍ତର ହୃଦୟର ଭାବକୁ ଜାଣି ପାରନ୍ତି, ଯମ ଅର୍ଥାତ୍ ଯେ ପକ୍ଷପାତ ରହିତ ନ୍ୟାୟାଧୀଶ ସଦୃଶ ଆଚରଣ କରନ୍ତି, ସୂର୍ଯ୍ୟତୁଲ୍ୟ ନ୍ୟାୟ, ଧର୍ମ ଓ ବିଦ୍ୟାରୂପୀ ଆଲୋକ ପ୍ରକାଶ କରନ୍ତି, ତଥା ଅବିଦ୍ୟା ଓ ଅନ୍ୟାୟରୂପୀ ଅନ୍ଧକାରକୁ ଦୂର କରନ୍ତି, ଯେ ଅଗ୍ନିସଦୃଶ ଦୁଷ୍ଟମାନଙ୍କୁ ଦଗ୍ଧ କରନ୍ତି, ବରୁଣ ଅର୍ଥାତ୍ ବନ୍ଧନକାରୀ ସଦୃଶ ଦୁଷ୍ଟମାନଙ୍କୁ ଅନେକ ପ୍ରକାରେ ବନ୍ଧନରେ ଆବଦ୍ଧ କରି ରଖନ୍ତି, ଯେ ଚନ୍ଦ୍ର ସଦୃଶ ଶ୍ରେଷ୍ଠମାନଙ୍କୁ ଆନନ୍ଦ ପ୍ରଦାନ କରନ୍ତି, କୁବେର ଅର୍ଥାତ୍ ଧନାଧ୍ୟକ୍ଷ ସଦୃଶ ଧନଭଣ୍ଡାରକୁ ପରିପୂର୍ଣ୍ଣ କରି ରଖନ୍ତି, ସେହି ବ୍ୟକ୍ତି କେବଳ ରାଜା ଅର୍ଥାତ୍ ସଭାପତି ହୋଇପାରନ୍ତି ।। ୧ ।। ଯେ ସୂର୍ଯ୍ୟପରି ପ୍ରତାପଶାଳୀ ଅର୍ଥାତ୍ ସ୍ୱକୀୟ ତେଜରେ ସମସ୍ତଙ୍କ ହୃଦୟର ବାହାର ଭିତରକୁ ପ୍ରଭାବିତ କରିପାରନ୍ତି ଯାହାକୁ ଜଗତରେ କେହି ହେଲେ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ପାରନ୍ତି ନାହିଁ ।। ୨ ।। ଏବଂ ଯେ ନିଜ ପ୍ରଭାବରେ ଅଗ୍ନି, ବାୟୁ, ସୂର୍ଯ୍ୟ, ସୋମ, ଧର୍ମ ପ୍ରକାଶକ, ଧନବର୍ଦ୍ଧକ, ଦୁଷ୍ଟମାନଙ୍କ ବନ୍ଧନକାରୀ ଓ ମହାନ୍ ଐଶ୍ୱର୍ଯ୍ୟଶାଳୀ ହେବେ ସେ ହିଁ କେବଳ ସଭାଧ୍ୟକ୍ଷ ହେବାପାଇଁ ଯୋଗ୍ୟ ହେବେ ।। ୩ ।। ପ୍ରକୃତ ରାଜା କିଏ.......

ସ ରାଜା ପୁରୁଷୋ ଦଣ୍ଡଃ ସ ନେତା ଶାସିତା ଚ ସଃ ।
ଚତୁର୍ଣ୍ଣାମାଶ୍ରମାଣାଂ ଚ ଧର୍ମସ୍ୟ ପ୍ରତିଭୂଃ ସ୍ମୃତଃ ।। ୧ ।।

ଦଣ୍ଡଃ ଶାସ୍ତି ପ୍ରଜାଃ ସର୍ବା ଦଣ୍ଡ ଏବାଭିରକ୍ଷତି ।
ଦଣ୍ଡଃ ସୁପ୍ତେଷୁ ଜାଗର୍ତ୍ତି ଦଣ୍ଡଂ ଧର୍ମଂ ବିଦୁର୍ବୁଧାଃ ।। ୨ ।।
ସମୀକ୍ଷ୍ୟ ସଧୃତଃ ସମ୍ୟକ୍ ସର୍ବା ରଂଜୟତି ପ୍ରଜାଃ ।
ଅସମୀକ୍ଷ୍ୟ ପ୍ରଣୀତସ୍ତୁ ବିନାଶୟତି ସର୍ବତଃ ।। ୩ ।।
ଦୁଷ୍ୟେୟୁଃ ସର୍ବବର୍ଣ୍ଣାଶ୍ଚ ଭିଦ୍ୟେରନ୍ ସର୍ବସେତବଃ ।
ସର୍ବଲୋକପ୍ରକୋପଶ୍ଚ ଭବେଦ୍ଦଣ୍ଡସ୍ୟ ବିଭ୍ରମାତ୍ ।। ୪ ।।
ଯତ୍ର ଶ୍ୟାମୋ ଲୋହିତାକ୍ଷୋ ଦଣ୍ଡଶ୍ଚରତି ପାପହା ।
ପ୍ରଜାସ୍ତତ୍ର ନ ମୁହ୍ୟନ୍ତି ନେତା ଚେତ୍ସାଧୁ ପଶ୍ୟତି ।। ୫ ।।
ତସ୍ୟାହୁଃ ସଂପ୍ରଣେତାରଂ ରାଜାନଂ ସତ୍ୟବାଦିନମ୍ ।
ସମୀକ୍ଷ୍ୟକାରିଣଂ ପ୍ରାଜ୍ଞଂ ଧର୍ମକାମାର୍ଥକୋବିଦମ୍ ।। ୬ ।।
ତଂ ରାଜା ପ୍ରଣୟନ୍ ସମ୍ୟକ୍ ତ୍ରିବର୍ଗେଣାଭିବର୍ଦ୍ଧତେ ।
କାମାତ୍ମା ବିଷମଃ କ୍ଷୁଦ୍ରୋ ଦଣ୍ଡେନୈବ ନିହନ୍ୟତେ ।। ୭ ।।
ଦଣ୍ଡୋ ହି ସୁମହତ୍ତେଜୋ ଦୁର୍ଧରଶ୍ଚାକୃତାତ୍ମଭିଃ ।
ଧର୍ମାଦ୍ ବିଚଳିତଂ ହନ୍ତି ନୃପମେବ ସ ବାନ୍ଧବମ୍ ।। ୮ ।।
ସୋଽସହାୟେନ ମୂଢ଼େନ ଲୁବ୍ଧେନାକୃତବୁଦ୍ଧିନା ।
ନ ଶକ୍ୟୋ ନ୍ୟାୟତୋ ନେତୁଂ ସକ୍ତେନ ବିଷୟେଷୁ ଚ ।। ୯ ।।
ଶୁଚିନା ସତ୍ୟସନ୍ଧେନ ଯଥାଶାସ୍ତ୍ରାନୁସାରିଣା ।
ପ୍ରଣେତୁଂ ଶକ୍ୟତେ ଦଣ୍ଡଃ ସୁସହାୟେନ ଧୀମତା ।। ୧୦ ।।

(ମନୁ ଅ.୭ ଶ୍ଳୋ.୧୭-୧୯, ୨୪-୨୮, ୩୦, ୩୧)

ଦଣ୍ଡକୁହିଁ ପୁରୁଷ, ରାଜା, ନ୍ୟାୟର ପ୍ରଚାରକ ତଥା ସମସ୍ତଙ୍କ ଶାସନକର୍ତ୍ତା କୁହାଯାଏ । ଏକମାତ୍ର ଦଣ୍ଡ ଚାରିଧର୍ମ ଓ ଚାରି ଆଶ୍ରମ ଧର୍ମର ଜାମିନଦାର ଅଟେ । ୧ ।। ଦଣ୍ଡ ହିଁ ପ୍ରଜାଙ୍କର ଶାସନକର୍ତ୍ତା ଓ ରକ୍ଷକ ଅଟେ । ଦଣ୍ଡ ସୁପ୍ତମାନଙ୍କୁ ଜାଗ୍ରତ କରାଏ । ଏଣୁ ବୁଦ୍ଧିମାନ୍ ଲୋକେ ଦଣ୍ଡକୁ ଧର୍ମ ବୋଲି କହନ୍ତି ।। ୨ ।। ଉତ୍ତମ ବିଚାରପୂର୍ବକ ଯଦି ଦଣ୍ଡବିଧାନ କରାଯାଏ, ତେବେ ତାହା ପ୍ରଜାମାନଙ୍କୁ ଆନନ୍ଦପ୍ରଦାନ କରେ । କିନ୍ତୁ ଅବିଚାରିତଭାବେ ଦଣ୍ଡବିଧାନ କଲେ ତାହା ରାଜାଙ୍କୁ ସବୁପ୍ରକାରେ ନଷ୍ଟ କରିଦିଏ ।୩।। ବିନାଦଣ୍ଡରେ ସମସ୍ତ ବର୍ଣ୍ଣ ଦୂଷିତ ଓ ସମସ୍ତ ମର୍ଯ୍ୟାଦା ଛିନ୍ନଭିନ୍ନ ହୋଇଯାଏ ।।୪ ।। ଯେଉଁଠି କୃଷ୍ଣ ବର୍ଣ୍ଣ, ରକ୍ତନେତ୍ର, ଭୟଙ୍କର ପୁରୁଷପରି ପାପକୁ ନାଶ କରିବାପାଇଁ ଦଣ୍ଡବିଚରଣ କରେ, ସେଠାରେ ପ୍ରଜା ମୋହପ୍ରାପ୍ତ ନ ହୋଇ ଆନନ୍ଦିତ ହୁଅନ୍ତି ।ଅବଶ୍ୟ ଏହାର ପରିଚାଳନାକାରୀ ବିଦ୍ୱାନ୍ ଓ ପକ୍ଷପାତରହିତ

ହେବା ଆବଶ୍ୟକ ।। ୫ ।। ଯେଉଁ ବ୍ୟକ୍ତି ଏହି ଦଣ୍ଡପରିଚାଳନା କରିବେ ସେ ସତ୍ୟବାଦୀ, ନ୍ୟାୟବାନ୍, ବୁଦ୍ଧିମାନ୍, ଧର୍ମ, ଅର୍ଥ, କାମ ସିଦ୍ଧି କରିବାରେ ସମର୍ଥ ହୋଇଥିବା ଆବଶ୍ୟକ ।। ୬ ।। ଯେଉଁ ରାଜା ନ୍ୟାୟରେ ଏପରି ଦଣ୍ଡବିଧାନ କରନ୍ତି, ସେ ଧର୍ମ, ଅର୍ଥ, କାମ ସିଦ୍ଧ କରିଥାନ୍ତି କିନ୍ତୁ ଯେଉଁ ରାଜା ବିଷୟ ଲମ୍ପଟ, ବକ୍ରସ୍ୱଭାବ ଈର୍ଷାପରାୟଣ, କ୍ଷୁଦ୍ର, ନୀଚବୁଦ୍ଧି, ସେହି ଦଣ୍ଡଦ୍ୱାରା ମୃତ୍ୟୁବରଣ କରନ୍ତି ।। ୭ ।। ଯେଣୁ ଏହି ଦଣ୍ଡ ଅତ୍ୟନ୍ତ ତେଜୋମୟ । ତେଣୁ ଅବିଦ୍ୱାନ୍ ଓ ଅଧାର୍ମିକ ପୁରୁଷମାନେ ଦଣ୍ଡକୁ ଧାରଣ କରିପାରନ୍ତି ନାହିଁ । ଦଣ୍ଡ ଅଧାର୍ମିକ ରାଜାଙ୍କୁ ସପରିବାର ଧ୍ୱଂସ କରିଦିଏ ।। ୮ ।। ଯେଉଁ ବ୍ୟକ୍ତି ଆପ୍ତଜନଙ୍କ ସାହାଯ୍ୟ ତଥା ବିଦ୍ୟା ଓ ସୁଶିକ୍ଷାରୁ ବଞ୍ଚିତ ଥାଏ, ଯେଉଁ ବ୍ୟକ୍ତି ବିଷୟାସକ୍ତ ଓ ମୂଢ଼, ସେ କଦାପି ନ୍ୟାୟପୂର୍ବକ ଦଣ୍ଡବିଧାନ କରିପାରେ ନାହିଁ ।।୯।। ଯେଉଁ ବ୍ୟକ୍ତି ପବିତ୍ରାତ୍ମା, ସତ୍ୟାତ୍ମା, ସତ୍ସଙ୍ଗପ୍ରେମୀ ନୀତିଶାସ୍ତ୍ର ସମ୍ମତ ବ୍ୟବହାରକାରୀ, ଶ୍ରେଷ୍ଠ ପୁରୁଷମାନଙ୍କର ସହାୟକ, ସେ ନ୍ୟାୟ ଦୃଷ୍ଟିରୁ ଏହି ଦଣ୍ଡବିଧାନ କରିବାରେ ସମର୍ଥ ହୋଇଥାଏ ।। ୧୦ ।। ଏଣୁ........

ସୈନାପତ୍ୟଂ ଚ ରାଜ୍ୟଂ ଚ ଦଣ୍ଡନେତୃତ୍ୱମେବ ଚ ।
ସର୍ବଲୋକାଧିପତ୍ୟଂ ଚ ବେଦଶାସ୍ତ୍ରବିଦର୍ହତି ।। ୧ ।।
ଦଶାବରା ବା ପରିଷଦ୍ୟଂ ଧର୍ମଂ ପରିକଳ୍ପୟେତ୍ ।
ତ୍ର୍ୟବରା ବାପି ବୃତ୍ତସ୍ଥା ତଂ ଧର୍ମଂ ନ ବିଚାଳୟେତ୍ ।। ୨ ।।
ତ୍ରୈବିଦ୍ୟୋ ହୈତୁକସ୍ତର୍କୀ ନୈରୁକ୍ତୋ ଧର୍ମପାଠକଃ ।
ତ୍ରୟଶ୍ଚାଶ୍ରମିଣଃ ପୂର୍ବେ ପରିଷତ୍ ସ୍ୟାଦଶାବରା ।। ୩ ।।
ଋଗ୍ୱେଦବିଦ୍ୟଜୁର୍ବିଚ୍ଚ ସାମବେଦବିଦେବ ଚ ।
ତ୍ର୍ୟବରା ପରିଷଜ୍ଜ୍ଞେୟା ଧର୍ମସଂଶୟନିର୍ଣ୍ଣୟେ ।। ୪ ।।
ଏକୋଽପି ବେଦବିଦ୍ଧର୍ମଂ ଯଂ ବ୍ୟବସ୍ୟେଦ୍ ଦ୍ୱିଜୋତ୍ତମଃ ।
ସ ବିଜ୍ଞେୟଃ ପରୋ ଧର୍ମୋ ନାଜ୍ଞାନାମୁଦିତୋଽୟୁତୈଃ ।। ୫ ।।
ଅବ୍ରତାନାମମନ୍ତ୍ରାଣାଂ ଜାତିମାତ୍ରୋପଜୀବିନାମ୍ ।
ସହସ୍ରଶଃ ସମେତାନାଂ ପରିଷତ୍ତ୍ୱଂ ନ ବିଦ୍ୟତେ ।। ୬ ।।
ଯଂ ବଦନ୍ତି ତମୋଭୂତା ମୂର୍ଖା ଧର୍ମମତଦ୍ୱିଦଃ ।
ତତ୍ପାପଂ ଶତଧା ଭୂତ୍ୱା ତଦ୍ ବକ୍ତୃନନୁଗଚ୍ଛତି ।। ୭ ।।

(ମନୁ ଅ ୧୨ ।୧୦୦, ୧୧୦-୧୧୫)

ଦେଶର ସେନାଧିକାର, ରାଜ୍ୟାଧିକାର, ଦଣ୍ଡାଧିକାର ଓ ନ୍ୟାୟାଧିକାର ଲାଭକରିଥିବା ବ୍ୟକ୍ତି ସଂପୂର୍ଣ୍ଣ ବେଦ ଶାସ୍ତ୍ରରେ ପ୍ରବୀଣ, ଧର୍ମାତ୍ମା, ଜିତେନ୍ଦ୍ରିୟ ଓ

ସୁଶୀଳ ହେବା ଆବଶ୍ୟକ । ମୁଖ୍ୟ ସେନାଧ୍ୟକ୍ଷ, ମୁଖ୍ୟ ରାଜ୍ୟାଧିକାରୀ, ମୁଖ୍ୟନ୍ୟାୟାଧୀଶ, ଓ ନୃପତି ସର୍ବଶାସ୍ତ୍ରବିତ୍ ହେବା ଆବଶ୍ୟକ ।। ୧ ।। ଅନ୍ୟୁନ ଦଶ ଜଣ ବା ତିନିଜଣ ବିଦ୍ୱାନ୍ ଙ୍କୁ ନେଇ ଏକଧର୍ମସଭା ରହିବ ।। ସେହି ସଭାର ନିୟମକୁ କେହି କେବେହେଲେ ଅମାନ୍ୟ କରିବେ ନାହିଁ ।। ୨ ।। ଏହି ସଭାରେ ଋଗ୍ବେଦ, ନ୍ୟାୟଶାସ୍ତ୍ର, ନିରୁକ୍ତ ଓ ଧର୍ମଶାସ୍ତ୍ର ପ୍ରଭୃତିରେ ବିଦ୍ୱାନ୍ ସଭାସଦ୍ ରହିବେ । କିନ୍ତୁ ଏଥିରେ ବ୍ରହ୍ମଚାରୀ ଗୃହସ୍ଥ ଓ ବାନପ୍ରସ୍ଥାଶ୍ରମୀ ରହିଥିଲେ, ଏହି ସଭାର ସଭ୍ୟ ସଂଖ୍ୟା ଦଶଜଣରୁ କମ୍ ହେବା ଉଚିତ ନୁହେଁ ।। ୩ ।। ଯେଉଁସଭାରେ ଋଗ୍ବେଦ, ଯଜୁର୍ବେଦ ଓ ସାମବେଦ ଜ୍ଞାତା ତିନିଜଣ ସଭାସଦ୍ ଥିବେ, ସେମାନଙ୍କ ନିର୍ଦ୍ଧାରିତ ବିଧାନକୁ କେହି ଲଙ୍ଘନ କରିପାରିବେ ନାହିଁ ।। ୪ ।। ସର୍ବବେଦବିତ୍ ଉତ୍ତମ ଦ୍ୱିଜମାନଙ୍କ ମଧ୍ୟରେ ଜଣେ ସନ୍ନ୍ୟାସୀ ଯେଉଁ ବ୍ୟବସ୍ଥା କରି ଦିଅନ୍ତି, ତାହାକୁ ଶ୍ରେଷ୍ଠ ଧର୍ମ ବୋଲି ଗ୍ରହଣ କରିବା ଉଚିତ କିନ୍ତୁ କୋଟି କୋଟି ଜ୍ଞାନହୀନ ଏକତ୍ରିତ ହୋଇ ଯେଉଁ ନୀତି ନିର୍ଦ୍ଧାରଣ କରିବେ ତାହା କଦାପି ଗ୍ରହଣ ଯୋଗ୍ୟ ହୋଇ ନପାରେ ।। ୫ ।। ବ୍ରହ୍ମଚର୍ଯ୍ୟ ବିହୀନ, ସତ୍ୟଭାଷଣାଦି ବ୍ରତ ବିହୀନ, ଆଚରଣ ଶୂଦ୍ରବତ୍, ଏପରି ହଜାରହଜାର ମନୁଷ୍ୟଙ୍କ ମିଳନକୁ ମଧ୍ୟ ସଭା କୁହାଯାଏ ନାହିଁ ।। ୬ ।। ଅବିଦ୍ୟାଯୁକ୍ତ ମୂର୍ଖ ବେଦଜ୍ଞାନ ବିହୀନ ବ୍ୟକ୍ତି ଯେଉଁ ଧର୍ମୋପଦେଶ ଦିଏ, ତାକୁ କଦାପି ଗ୍ରହଣ କରିବା ଉଚିତ ନୁହେଁ । କାରଣ ମୂର୍ଖଲୋକଙ୍କ ଉପଦେଶକୁ ଗ୍ରହଣ କରୁଥିବା ବ୍ୟକ୍ତି ଶତଶତ ପାପ କାର୍ଯ୍ୟରେ ଲିପ୍ତ ହୋଇଥାନ୍ତି ।। ୭ ।। ଏଣୁ ଏହି ତିନୋଟି ସଭା ଅର୍ଥାତ୍ ବିଦ୍ୟାସଭା ଧର୍ମସଭା ଓ ରାଜସଭାରେ ମୂର୍ଖମାନଙ୍କୁ ସ୍ଥାନଦେବା ଉଚିତ ନୁହେଁ । ସର୍ବଦା ବିଦ୍ୱାନ୍ ଓ ଧାର୍ମିକ ଲୋକଙ୍କୁ ସ୍ଥାନ ଦେବା ଆବଶ୍ୟକ । ସେମାନେ ସମସ୍ତେ ପୁଣି ଏପରି ହୋଇଥିବେ—

ତ୍ରୈବିଦ୍ୟେଭ୍ୟସ୍ତ୍ରୟୀଂ ବିଦ୍ୟାଂ ଦଣ୍ଡନୀତିଂ ଚ ଶାଶ୍ୱତାମ୍ ।
ଆନ୍ୱୀକ୍ଷିକୀଂ ଚାତ୍ମବିଦ୍ୟାଂ ବାର୍ତ୍ତାରମ୍ଭାଂଶ୍ଚ ଲୋକତଃ ।। ୧ ।।
ଇନ୍ଦ୍ରିୟାଣାଂ ଜୟେ ଯୋଗଂ ସମାତିଷ୍ଠେଦ୍ଦିବାନିଶମ୍ ।
ଜିତେନ୍ଦ୍ରିୟୋ ହି ଶକ୍ନୋତି ବଶେ ସ୍ଥାପୟିତୁଂ ପ୍ରଜାଃ ।। ୨ ।।
ଦଶକାମସମୁତ୍ଥାନି ତଥାଷ୍ଟୌ କ୍ରୋଧଜାନି ଚ ।
ବ୍ୟସନାନି ଦୁରନ୍ତାନି ପ୍ରୟତ୍ନେନ ବିବର୍ଜୟେତ୍ ।। ୩ ।।
କାମଜେଷୁ ପ୍ରସକ୍ତୋ ହି ବ୍ୟସନେଷୁ ମହୀପତିଃ ।
ବିୟୁଜ୍ୟତେଽର୍ଥଧର୍ମାଭ୍ୟାଂ କ୍ରୋଧଜେଷ୍ୱାତ୍ମନୈବ ତୁ ।। ୪ ।।
ମୃଗୟାକ୍ଷୋ ଦିବାସ୍ୱପ୍ନଃ ପରିବାଦଃ ସ୍ତ୍ରିୟୋ ମଦଃ ।

ତୈର୍ଯ୍ୟତ୍ରିକଂ ବୃଥାଟ୍ୟା ଚ କାମଜୋ ଦଶକୋ ଗଣଃ ।। ୫ ।।
ପୈଶୁନ୍ୟଂ ସାହସଂ ଦ୍ରୋହ ଈର୍ଷ୍ୟାସୂୟାର୍ଥ ଦୂଷଣମ୍ ।
ବାଗ୍ ଦଣ୍ଡଜଂ ଚ ପାରୁଷ୍ୟଂ କ୍ରୋଧଜୋଽପି ଗଣୋଽଷ୍ଟକଃ ।। ୬ ।।
ଦ୍ୱୟୋରପ୍ୟେତୟୋର୍ମୂଳଂ ଯଂ ସର୍ବେ କବୟୋ ବିଦୁଃ ।
ତଂ ଯତ୍ନେନ ଜୟେଲ୍ଲୋଭଂ ତଜ୍ଜାବେତାବୁଭୌ ଗଣୌ ।। ୭ ।।
ପାନମକ୍ଷାଃ ସ୍ତ୍ରିୟଶ୍ଚୈବ ମୃଗୟା ଚ ଯଥାକ୍ରମମ୍ ।
ଏତତ୍ କଷ୍ଟତମଂ ବିଦ୍ୟାଚ୍ଚତୁଷ୍କଂ କାମଜେ ଗଣେ ।। ୮ ।।
ଦଣ୍ଡସ୍ୟ ପାତନଂ ଚୈବ ବାକ୍ ପାରୁଷ୍ୟାର୍ଥଦୂଷଣେ ।
କ୍ରୋଧଜେଽପି ଗଣେ ବିଦ୍ୟାତ୍ କଷ୍ଟମେତତ୍ ତ୍ରିକଂ ସଦା ।। ୯ ।।
ସପ୍ତକସ୍ୟାସ୍ୟ ବର୍ଗସ୍ୟ ସର୍ବତ୍ରୈବାନୁଷଙ୍ଗିଣଃ ।
ପୂର୍ବଂ ପୂର୍ବଂ ଗୁରୁତରଂ ବିଦ୍ୟାଦ୍ ବ୍ୟସନମାତ୍ମବାନ୍ ।। ୧୦ ।।
ବ୍ୟସନସ୍ୟ ଚ ମୃତ୍ୟୋଶ୍ଚ ବ୍ୟସନଂ କଷ୍ଟମୁଚ୍ୟତେ ।
ବ୍ୟସନ୍ୟଧୋଽଧୋ ବ୍ରଜତି ସ୍ୱର୍ଯ୍ୟାତ୍ୟବ୍ୟସନୀ ମୃତଃ ।। ୧୧ ।।

(ମନୁ ଅ୭. ୪୩ ୫୩)

ଜ୍ଞାନ, କର୍ମ ଓ ଉପାସନା ଏହାହିଁ ହେଉଛି ଋଗ୍‌ବେଦର ପ୍ରତିପାଦ୍ୟ ବିଷୟ । ଏହି ତିନି ବିଦ୍ୟାକୁ ଜାଣିଥିବା ବିଦ୍ୱାନ୍‌ଙ୍କଠାରୁ ଯେଉଁମାନେ ସନାତନ ଦଣ୍ଡନୀତି, ନ୍ୟାୟବିଦ୍ୟା ଓ ଆତ୍ମବିଦ୍ୟା ଓ ଅର୍ଥାତ୍ ପରମାତ୍ମାଙ୍କ ଗୁଣ କର୍ମ-ସ୍ୱଭାବ-ସ୍ୱରୂପ ସଂପର୍କୀୟ ବ୍ରହ୍ମବିଦ୍ୟା ଓ ଜନସାଧାରଣଙ୍କ ସହିତ ଯଥାର୍ଥ ବାର୍ତ୍ତାଳାପର ବିଦ୍ୟା ଶିଖିଥାନ୍ତି, ସେମାନେ କେବଳ ରାଜା ଓ ସଭାସଦ୍ ହେବାପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି ।। ୧ ।। ସମସ୍ତ ସଭାସଦ୍ ଓ ସଭାପତି ଇନ୍ଦ୍ରିୟମାନଙ୍କୁ ନିଜ ଆୟତ୍ତରେ ରଖି ଧର୍ମ ପଥରେ ପରିଚାଳିତ ହେବେ । ପ୍ରତିଦିନ ନିୟମିତ ଭାବେ ଯୋଗାଭ୍ୟାସ କରିବେ । କାରଣ ଏମାନେ ଜିତେନ୍ଦ୍ରିୟ ନ ହେଲେ; ନିଜର ମନ, ପ୍ରାଣ ଓ ଶରୀର ଇନ୍ଦ୍ରିୟରୂପୀ ପ୍ରଜାମାନଙ୍କୁ ଶାସନ କରି ନପାରିଲେ, ରାଜ୍ୟର ପ୍ରଜାମାନଙ୍କୁ କଦାପି ନିୟନ୍ତ୍ରଣ କରି ପାରିବେ ନାହିଁ ।।୨।। କାମନାରୁ ଦଶ ପ୍ରକାର ଓ କ୍ରୋଧରୁ ଆଠ ପ୍ରକାର ଏପରି ଅଠର ପ୍ରକାରର ବ୍ୟସନ ଉତ୍ପନ୍ନ ହୋଇଥାଏ । ଏସବୁ ଦୁର୍ବ୍ୟସନରେ ଆସକ୍ତ ହୋଇଗଲେ ତହିଁରୁ ନିଷ୍କୃତିପାଇବା କଷ୍ଟକର ବ୍ୟାପାର ହୋଇଥାଏ । ତେଣୁ ଅତ୍ୟନ୍ତ ଯତ୍ନର ସହିତ ସେସବୁ ଦୁର୍ବ୍ୟସନରୁ ଦୂରେଇ ରହିବାକୁ ହେବ ।।୩।। କାରଣ ରାଜା ଯଦି ଦଶଗୋଟି କାମଜ ବ୍ୟସନରେ ବୁଡ଼ି ରହନ୍ତି, ତେବେ ତାଙ୍କର ଅର୍ଥ ବା ରାଜ୍ୟର ଧନସଂପତ୍ତି ନଷ୍ଟ ହେବା ସଙ୍ଗେ ସଙ୍ଗେ ଧର୍ମର ହାନି ମଧ୍ୟହୁଏ । କିନ୍ତୁ କ୍ରୋଧରୁ

ଉତ୍ପନ୍ନ ଆଠ ପ୍ରକାର ବ୍ୟସନରେ ଆସକ୍ତ ରହିଲେ ଶରୀର ନଷ୍ଟ ହୁଏ ।। ୪ ।। କାମରୁ ଉତ୍ପନ୍ନ ଦଶ ପ୍ରକାର ବ୍ୟସନ ଯଥା..... ମୃଗୟା, ଅକ୍ଷ (ଜୁଆ, ପଶାପ୍ରଭୃତି ଖେଳ) ଦିବାଶୟନ, ପରନିନ୍ଦା ବା ଚର୍ଚ୍ଚା, ଅତିଶୟ ସ୍ତ୍ରୀ ସହବାସ, ମଦ, ଅଫିମ, ଭାଙ୍ଗ, ଗଞ୍ଜେଇ ଓ ଚରସ ପ୍ରଭୃତି ମାଦକ ଦ୍ରବ୍ୟ ବ୍ୟବହାର, ଗୀତ, ବାଦ୍ୟ, ନୃତ୍ୟ କରିବା, କରାଇବା, କିମ୍ବା ଦେଖିବା, ଏଣେତେଣେ ବୃଥା ଭ୍ରମଣ କରି ସମୟ ନଷ୍ଟ କରିବା ।। ୫ ।। କ୍ରୋଧରୁ ଉତ୍ପନ୍ନ ଦୋଷ ଗୁଡ଼ିକ ଯଥା... ଅହେତୁକ କାହାର ବା ଚୁଗୁଲି କରିବା, ବଳାତ୍କାରରେ ପରସ୍ତ୍ରୀକୁ ଆକ୍ରମଣ କରିବା, ଦ୍ରୋହାଚରଣ, ଅନ୍ୟର ଉନ୍ନତି ଦେଖି ସହି ନପାରିବା, ପରଶ୍ରୀକାତରତା, ଅସୂୟା ଗୁଣରେ ଦୋଷ ଓ ଦୋଷରେ ଗୁଣ ଆରୋପ କରିବା, ଅର୍ଥ ଦୂଷଣ ଅଧର୍ମଯୁକ୍ତ ଦୁଷ୍କର୍ମରେ ଧନ ବ୍ୟୟ କରିବା, କଠୋର ବଚନ କହିବା, ବିନା ଅପରାଧରେ କଡ଼ା କଥା କହିବା ବା ଦଣ୍ଡ ଦେବା, ଏହି ଆଠ ପ୍ରକାର ଦୁର୍ଗୁଣ କ୍ରୋଧରୁ ଉତ୍ପନ୍ନ ହୋଇଥାଏ ।। ୬ ।। ବିଦ୍ୱାନ ଗଣ ଏହି କାମଜ ଓ କ୍ରୋଧଜ ଗୁଣ ଗୁଡ଼ିକର ମୂଳ ବିଷୟରେ ଅବଗତ ହୋଇ, ସେ ସବୁରୁ ଦୂରେଇ ରହିବା ପାଇଁ ଯତ୍ନଶୀଳ ହେବା ଆବଶ୍ୟକ ।। ୭ ।। କାମଜ ବ୍ୟସନ ମଧ୍ୟରେ ମଦ୍ୟାଦି ମାଦକ ଦ୍ରବ୍ୟ ସେବନ, ପଶା ଖେଳିବା, ଅଧିକ ସ୍ତ୍ରୀ ସହବାସ ଓ ମୃଗୟା ଏହି ଚାରିଗୋଟି ମହାଦୁଷ୍ଟ ବ୍ୟସନ ଅଟେ ।। ୮ ।। କ୍ରୋଧ ଜନିତ ବ୍ୟସନ ମଧ୍ୟରେ ବିନା ଅପରାଧରେ ଦଣ୍ଡଦେବା, କଠୋର ବଚନ କହିବା ଓ ଅନ୍ୟାୟ ମାର୍ଗରେ ଧନ ବ୍ୟୟ କରିବା, ଏହି ତିନିପ୍ରକାର ବ୍ୟସନ ସର୍ବାପେକ୍ଷା ଅଧିକ ଦୁଃଖଦାୟକ ଦୋଷ ଅଟେ ।। ୯ ।। ଏହି କାମଜ ଓ କ୍ରୋଧଜ ବ୍ୟସନମାନଙ୍କ ମଧ୍ୟରେ ଯେଉଁ ସାତଗୋଟି ଦୋଷର ଗଣନା କରାଗଲା, ତନ୍ମଧ୍ୟରୁ ପୂର୍ବ ପୂର୍ବ ଦୋଷ ପରବର୍ତ୍ତୀ ଦୋଷ ଅପେକ୍ଷା ଅତ୍ୟନ୍ତ ଗୁରୁତର ଅଟେ । ଅର୍ଥାତ୍ ବ୍ୟର୍ଥ ବ୍ୟୟଠାରୁ କଠୋର ବଚନ କହିବା, କଠୋର ବଚନ ଠାରୁ ଅନ୍ୟାୟରେ ଦଣ୍ଡଦେବା, ଏହାଠାରୁ ମୃଗୟା କରିବା; ମୃଗୟାଠାରୁ ଅତ୍ୟଧିକ ସ୍ତ୍ରୀ ସହବାସ କରିବା, ଏହାଠାରୁ ଅଧିକ ଜୁଆ ଖେଳିବା ଓ ଜୁଆଠାରୁ ମଦ୍ୟାଦି ସେବନ କରିବା, ମାରାତ୍ମକ ବ୍ୟସନ ରୂପେ ଗଣନା କରାଯାଇଛି ।। ୧୦ ।। ଏପରି ମାରାତ୍ମକ ବ୍ୟସନରେ ମଜ୍ଜି ରହିବା ଅପେକ୍ଷା ମୃତ୍ୟୁବରଣ କରିବା ବରଂ ଶ୍ରେୟସ୍କର । କାରଣ ଏପରି ଦୁଷ୍ଟ ବ୍ୟକ୍ତି ମାନେ ଯେତେ ଅଧିକ ଦିନ ବଞ୍ଚି ରହିବେ, ସେତେ ଅଧିକ ପରିମାଣରେ ପାପ କରିବେ ଓ ସେମାନଙ୍କ ଦ୍ୱାରା ଅନ୍ୟମାନେ ମଧ୍ୟ ପ୍ରଭାବିତ ହେବେ । ଏହାଦ୍ୱାରା ସେମାନେ ନିଜେ ଦୁଃଖ ଭୋଗ କରିବା ସଙ୍ଗେସଙ୍ଗେ ସଂସାରରେ ଦୁଃଖର ବୀଜ ବୁଣି ଦିଅନ୍ତି ।। ଏଣୁ ରାଜା ଓ ସକଳ ପ୍ରଜା ଏ ସମସ୍ତ ବ୍ୟସନରୁ ଦୂରେଇ ରହିବେ ।। ୧୧ ।। ରାଜମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ଗୁଣ କିପରି ହେବା ଉଚିତ ? ଦେଖନ୍ତୁ........

ମୌଲାନ୍ ଶାସ୍ତ୍ରବିଦଃ ଶୂରାଁଲ୍ଲବ୍ଧଲକ୍ଷ୍ୟାନ୍ କୁଲୋଦ୍‌ଗତାନ୍ ।
ସଚିବାନ୍ ସପ୍ତ ଚାଷ୍ଟୌ ବା ପ୍ରକୁର୍ବୀତ ପରୀକ୍ଷିତାନ୍ ।। ୧ ।।
ଅପି ଯତ୍ ସୁକରଂ କର୍ମ ତଦପ୍ୟେକେନ ଦୁଷ୍କରମ୍ ।
ବିଶେଷତୋଽସହାୟେନ କିଂ ନୁ ରାଜ୍ୟଂ ମହୋଦୟମ୍ ।। ୨ ।।
ତୈଃ ସାର୍ଦ୍ଧଂ ଚିନ୍ତୟେନ୍ନିତ୍ୟଂ ସାମାନ୍ୟଂ ସନ୍ଧିବିଗ୍ରହମ୍ ।
ସ୍ଥାନଂ ସମୁଦାୟଂ ଗୁପ୍ତିଂ ଲବ୍‌ଧପ୍ରଶମନାନି ଚ ।। ୩ ।।
ତେଷାଂ ସ୍ୱଂ ସ୍ୱମଭିପ୍ରାୟମୁପଲଭ୍ୟ ପୃଥକ୍ ପୃଥକ୍ ।
ସମସ୍ତାନାଞ୍ଚ କାର୍ଯ୍ୟେଷୁ ବିଦଧ୍ୟାଦ୍ଧିତମାତ୍ମନଃ ।। ୪ ।।
ଅନ୍ୟାନ୍ୟପି ପ୍ରକୁର୍ବୀତ ଶୁଚୀନ୍ ପ୍ରାଜ୍ଞାନବସ୍ଥିତାନ୍
ସମ୍ୟଗର୍ଥସମାହର୍ତ୍ତୃନମାତ୍ୟାନ୍ ସୁପରୀକ୍ଷିତାନ୍ ।। ୫ ।।
ନିବର୍ତ୍ତେତାସ୍ୟ ଯାବଦ୍ଭିରିତିକର୍ତ୍ତବ୍ୟତାନୃଭିଃ ।
ତାବତୋଽତନ୍ଦ୍ରିତାନ୍ ଦକ୍ଷାନ୍ ପ୍ରକୁର୍ବୀତ ବିଚକ୍ଷଣାନ୍ ।। ୬ ।।
ତେଷାମର୍ଥେ ନିଯୁଞ୍ଜୀତ ଶୂରାନ୍ ଦକ୍ଷାନ୍ କୁଲୋଦ୍‌ଗତାନ୍ ।
ଶୁଚୀନାକରକର୍ମାନ୍ତେ ଭୀରୂନନ୍ତର୍ନିବେଶନେ ।। ୭ ।।
ଦୂତଂ ଚୈବ ପ୍ରକୁର୍ବୀତ ସର୍ବଶାସ୍ତ୍ର ବିଶାରଦମ୍ ।
ଇଙ୍ଗିତାକାରଚେଷ୍ଟଜ୍ଞଂ ଶୁଚିଂ ଦକ୍ଷଂ କୁଲୋଦ୍‌ଗତମ୍ ।। ୮ ।।
ଅନୁରକ୍ତଃ ଶୁଚିର୍ଦକ୍ଷଃ ସ୍ମୃତିମାନ୍ ଦେଶକାଳବିତ୍ ।
ବପୁଷ୍ମାନ୍ ବୀତଭୀର୍ବାଗ୍ମୀ ଦୂତୋ ରାଜ୍ଞଃ ପ୍ରଶସ୍ୟତେ ।। ୯ ।।

(ମନୁ ଅ୭, ୫୪-୫୭, ୬୦-୬୪)

ସ୍ୱରାଜ୍ୟ ବା ନିଜଦେଶୋତ୍ପନ୍ନ, ବେଦାଦି ଶାସ୍ତ୍ରଜ୍ଞାତା, ଶୂର, ବୀର ଯାହାର ଲକ୍ଷ୍ୟ ବା ବିଚାର କେବେ ନିଷ୍ଫଳ ହୁଏ ନାହିଁ, କୁଳୀନ ଓ ସୁପରୀକ୍ଷିତ ଏପରି ସାତ ବା ଆଠଜଣ ଧାର୍ମିକ ତଥା ଚତୁର ବ୍ୟକ୍ତି ମନ୍ତ୍ରୀରୂପେ ନିଯୁକ୍ତ ହେବେ ।। ୧ ।। କାରଣ ବିଶେଷ ସାହାଯ୍ୟ ନ ମିଳିଲେ ରାଜକାର୍ଯ୍ୟ ସୁଚାରୁରୂପେ ପରିଚାଳିତ ହୋଇପାରେ ନାହିଁ । ଯେଣୁ ରାଜକାର୍ଯ୍ୟ ଜଣେ ବ୍ୟକ୍ତି ପରିଚାଳନା କରିବା ସମ୍ଭବପର ନୁହେଁ । ତେଣୁ କୌଣସି ବ୍ୟକ୍ତିବିଶେଷଙ୍କୁ ରାଜପଦବୀ ଦେଇ ତାର ବୁଦ୍ଧି ଉପରେ ରାଜକାର୍ଯ୍ୟର ସକଳ ଭାରନ୍ୟସ୍ତ କରିବା ହେଉଛି ଅତ୍ୟନ୍ତ ଗର୍ହିତକର୍ମ ।। ୨ ।। ଏଣୁ ରାଜା ଶାସନ କାର୍ଯ୍ୟପାଇଁ ପ୍ରତିଦିନ ସୁଦକ୍ଷ ବିଦ୍ୱାନ୍ ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କରିବେ । ଅର୍ଥାତ୍=ସନ୍ଧି=କାହା ସହିତ ମିତ୍ରତା ସ୍ଥାପନ କରାଯିବ, ବିଗ୍ରହ-କାହାକୁ ବିରୋଧ କରାଯିବ, ସ୍ଥାନ-ସ୍ଥିତି ଓ ସମୟାନୁସାରେ ନୀରବ ରହି, ନିଜ ରାଜ୍ୟକୁ ରକ୍ଷା କରିବା,

ସମୁଦାୟମ୍-ନିଜର ଉନ୍ନତି ଘଟିଲେ ବା ଶକ୍ତି ସଞ୍ଚୟ ହେଲା ମାତ୍ରକେ ତତ୍‌କ୍ଷଣାତ୍ ଶତ୍ରୁମାନଙ୍କଉପରେ ଆକ୍ରମଣ କରିବା, ଗୁପ୍ତିମ୍ – ରାଜକୋଷ, ସେନା ଏବଂ ରାଜ୍ୟ ରକ୍ଷା କରିବା, ଲବ୍‌ଧପ୍ରଶମନାନି– ଯେଉଁସବୁ ଦେଶରେ ଅଧିକାର ମିଳିଥାଏ ସେଠି, ସେହି ସେହି ଦେଶରେ ଶାନ୍ତି ସ୍ଥାପନ କରିବା ଓ ଉପଦ୍ରବ ଦୂର କରିବା, ଏହି ସମସ୍ତ କାର୍ଯ୍ୟରେ ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କରିବେ ।। ୩ ।। ରାଜା ସବୁ ମନ୍ତ୍ରୀ ଓ ସଭାସଦ୍‌ମାନଙ୍କ ସହିତ ପୃଥକ୍ ଭାବେ ବିଚାର ଆଲୋଚନା କରିବେ, ସେମାନଙ୍କ ଉଦ୍ଦେଶ୍ୟ ଜାଣିବାପରେ ଯାହା ଦେଶ ଓ ନିଜର ହିତସାଧନ କରିବ ସେହିଭଳି କାର୍ଯ୍ୟ କରିବେ ।। ୪ ।। ରାଜା ରାଜ୍ୟର ସୁପରିଚାଳନା ପାଇଁ ପବିତ୍ରାତ୍ମା, ବୁଦ୍ଧିମାନ, ସ୍ଥିରମତି, ଧନାଦି ପଦାର୍ଥ ସଂଗ୍ରହ କରିବାରେ ଅତ୍ୟନ୍ତ ଦକ୍ଷ ଓ ସୁପରୀକ୍ଷିତ ବ୍ୟକ୍ତିଙ୍କୁ ମନ୍ତ୍ରୀ ରୂପେ ନିଯୁକ୍ତି କରିବେ ।। ୫ ।। ରାଜକାର୍ଯ୍ୟର ସୁପରିଚାଳନା ପାଇଁ ଯେତେ ବ୍ୟକ୍ତି ଆବଶ୍ୟକ, ସେତେଜଣ ଆଳସ୍ୟ ରହିତ, ବଳଶାଳୀ ଓ ଅତ୍ୟନ୍ତ ଚତୁର କର୍ମଚାରୀଙ୍କୁ ନିଯୁକ୍ତ କରିବେ ।। ୬ ।। ଯେଉଁ ବ୍ୟକ୍ତିମାନେ ଶୂରବୀର, ବଳବାନ୍, କୁଳୀନ ଓ ସଚ୍ଚରିତ୍ର ଅଟନ୍ତି, ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ, ସେହିପରି ଭୀରୁ ଓ ଦୁର୍ବଳହୃଦୟ ଲୋକଙ୍କୁ ଆଭ୍ୟନ୍ତରୀଣ କାର୍ଯ୍ୟର ଦାୟିତ୍ୱ ଦେବେ ।। ୭ ।। ସତ୍‌କୁଳୋତ୍ପନ୍ନ, ଚତୁର, ପବିତ୍ରମନା, ଆକାର, ଇଙ୍ଗିତ ଓ ଚେଷ୍ଟା ଦ୍ୱାରା ଯେଉଁମାନେ ଅନ୍ୟର ମନୋଭାବ ଜାଣିପାରନ୍ତି, ଦୂରଦର୍ଶୀ ଓ ସର୍ବଶାସ୍ତ୍ର ବିଶାରଦଙ୍କୁ ଦୂତ ରୂପରେ ରଖିବେ ।। ୮ ।। ଯେଉଁମାନେ ରାଜକାର୍ଯ୍ୟରେ ଅତ୍ୟନ୍ତ ଉତ୍ସାହୀ ଓ ଅନୁରକ୍ତ, ନିଷ୍କପଟ, ପବିତ୍ରାତ୍ମା ଓ ଚତୁର ଯେଉଁମାନେ ଅତୀତ କଥାକୁ ମନେ ରଖିପାରନ୍ତି ଓ ଦେଶକାଳପାତ୍ରାନୁଯାୟୀ ବ୍ୟବହାର କରନ୍ତି; ଯେଉଁମାନେ ସୁନ୍ଦର, ରୂପବାନ ନିର୍ଭୟ ଓ ବାଗ୍ମୀ ହୋଇଥିବେ, ସେହିମାନେହିଁ ରାଜଦୂତ ପଦପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି ।। ୯ ।। କେଉଁ ବ୍ୟକ୍ତି କିପ୍ରକାର ଅଧିକାରରେ ଯୋଗ୍ୟ......

ଅମାତ୍ୟେ ଦଣ୍ଡ ଆୟତ୍ତୋ ଦଣ୍ଡେ ବୈନୟିକୀ କ୍ରିୟା ।
ନୃପତୌ କୋଶରାଷ୍ଟ୍ରେ ଚ ଦୂତେ ସନ୍ଧି ବିପର୍ଯ୍ୟୟୌ ।। ୧ ।।
ଦୂତ ଏବହି ସନ୍ଧତ୍ତେ ଭିନତ୍ତ୍ୟେବ ଚ ସଂହତାନ୍ ।
ଦୂତସ୍ତତ୍ କୁରୁତେ କର୍ମ ଭିଦ୍ୟନ୍ତେ ଯେନ ବା ନବା ।। ୨ ।।
ବୁଦ୍ଧ୍ୱା ଚ ସର୍ବଂ ତତ୍ତ୍ୱେନ ପରରାଜଚିକୀର୍ଷିତମ୍ ।
ତଥା ପ୍ରଯତ୍ନମାତିଷ୍ଠେଦ୍ୟଥାତ୍ମାନଂ ନ ପୀଡ଼ୟେତ୍ ।। ୩ ।।

ଧନୁର୍ଦୁର୍ଗଂ ମହୀଦୁର୍ଗମବ୍ଦୁର୍ଗଂ ବାର୍କ୍ଷମେବ ବା ।
ନୃଦୁର୍ଗଂ ଗିରିଦୁର୍ଗଂ ବା ସମାଶ୍ରିତ୍ୟ ବସେତ୍ପୁରମ୍ ।। ୪ ।।
ଏକଃ ଶତଂ ଯୋଧୟତି ପ୍ରାକାରସ୍ଥୋ ଧନୁର୍ଦ୍ଧରଃ ।
ଶତଂ ଦଶସହସ୍ରାଣି ତସ୍ମାଦ୍ଦୁର୍ଗଂ ବିଧୀୟତେ ।। ୫ ।।
ତତ୍ ସ୍ୟାଦାୟୁଧସଂପନ୍ନଂ ଧନଧାନ୍ୟେନ ବାହନୈଃ ।
ବ୍ରାହ୍ମଣୈଃ ଶିଳ୍ପିଭିର୍ଯନ୍ତ୍ରୈର୍ଯବସେନୋଦକେନ ଚ ।। ୬ ।।
ତସ୍ୟ ମଧ୍ୟେ ସୁପର୍ଯ୍ୟାପ୍ତଂ କାରୟେଦ୍ ଗୃହମାତ୍ମନଃ ।
ଗୁପ୍ତଂ ସର୍ବର୍ତ୍ତୁକଂ ଶୁଭ୍ରଂ ଜଳବୃକ୍ଷସମନ୍ୱିତମ୍ ।। ୭ ।।
ତଦଧ୍ୟାସ୍ୟୋଦ୍ ବହେଦ୍ଭାର୍ଯ୍ୟାଂ ସବର୍ଣ୍ଣାଂ ଲକ୍ଷଣାନ୍ୱିତାମ୍ ।
କୁଳେ ମହତି ସମ୍ଭୂତାଂ ହୃଦ୍ୟାଂ ରୂପଗୁଣାନ୍ୱିତାମ୍ ।। ୮ ।।
ପୁରୋହିତଂ ପ୍ରକୁର୍ବୀତ ବୃଣୁୟାଦେବ ଚର୍ତ୍ତ୍ୱିଜମ୍ ।
ତେଽସ୍ୟ ଗୃହ୍ୟାଣି କର୍ମାଣି କୁର୍ଯ୍ୟୁର୍ବୈତାନିକାନି ଚ ।। ୯ ।।

(ମନୁ ଅ ୭-୬୫, ୬୬, ୬୮, ୭୦, ୭୪-୭୮)

ଯେଉଁ ଅମାତ୍ୟ ବିନୟ ସହକାରେ ଦଣ୍ଡବିଧାନ କରନ୍ତି, ଅନ୍ୟାୟରେ କେବେ କାହାକୁ କୌଣସି ପ୍ରକାର ଦଣ୍ଡ ଦିଅନ୍ତି ନାହିଁ, ତାଙ୍କୁ ଦଣ୍ଡାଧିକାର ଦିଆଯିବ । ରାଜାଙ୍କ ଅଧୀନରେ ରାଜକାର୍ଯ୍ୟ, ରାଜକୋଷ ରହିବ, ରାଜସଭା ଅଧୀନରେ ସମସ୍ତ କାର୍ଯ୍ୟ ଓ ସନ୍ଧି ବା ବିଗ୍ରହ ଅର୍ଥାତ୍ ଭେଦଭାବ ସୃଷ୍ଟି କରିବା ଓ ଭେଦଥିଲେ ଏକତ୍ରିତ କରିବାର ଅଧିକାର ଦୂତକୁ ଦିଆଯିବ ।। ୧ ।। ଯେଉଁମାନେ ଭେଦଭାବ ବା ବିରୋଧ ମଧ୍ୟରେ ମିଳନ, ସମ୍ମିଳିତ ଶତ୍ରୁ ମଧ୍ୟରେ ବିଭେଦ ଘଟାଇ ପାରନ୍ତି, ସେମାନେ ଦୂତ ହେବାପାଇଁ ଉପଯୁକ୍ତ ଅଟନ୍ତି । ଶତ୍ରୁମାନଙ୍କ ମଧ୍ୟରେ ବୈମନସ୍ୟ ସୃଷ୍ଟିକରିବାହିଁ ଦୂତର ପ୍ରଧାନ କାର୍ଯ୍ୟ ।। ୨ ।। ବିରୋଧୀ ରାଜାମାନଙ୍କ ଉଦ୍ଦେଶ୍ୟକୁ ଭଲ ଭାବରେ ଜାଣି ସଭାପତି ସଭାସଦ୍ ବର୍ଗ ଓ ଦୂତ ପ୍ରଭୃତି ରାଜ୍ୟାଧିକାରୀମାନେ ଏପରି ତୀକ୍ଷ୍ଣ ଦୃଷ୍ଟି ରଖିବେ ଯେପରି କି ରାଜ୍ୟ ମଧ୍ୟରେ କୌଣସି ପ୍ରକାର ଉପଦ୍ରବ ଘଟିବ ନାହିଁ ।। ୩ ।। ଏଥିପାଇଁ ରାଜା ମନୋରମ ବନସ୍ଥଳୀରେ ତଥା ଧନଧାନ୍ୟ ପୂର୍ଣ୍ଣ ପ୍ରଦେଶରେ ଧନୁର୍ଦୁର୍ଗମ୍ - ଧନୁର୍ଦ୍ଧାରୀ ପୁରୁଷଙ୍କ ଗହଣ, ମହୀଦୁର୍ଗମ୍–ମାଟିରେ ତିଆରି କରାଯାଇଥିବା, ଅବ୍ ଦୁର୍ଗମ୍– ଜଳ ଘେରିଥିବା, ବାର୍କ୍ଷମ୍ –ଚତୁର୍ଦ୍ଦିଗରେ ଜଙ୍ଗଲ ଘେରିଥିବା, ନୃ ଦୁର୍ଗମ୍– ଚାରିଆଡ଼େ ସୈନ୍ୟ ଘେରିଥିବା, ଗିରି ଦୁର୍ଗମ୍–ସର୍ବତ୍ର ପର୍ବତ ପରିଖାରୂପେ ବେଷ୍ଟିତ [illegible]ରେ ଦୁର୍ଗମାନ ନିର୍ମାଣ କରି ତନ୍ମଧ୍ୟରେ ନଗର ସ୍ଥାପନ କରିବେ ।। ୪ ।। ନଗରର [illegible]ରେ ପ୍ରାଚୀର ତିଆରି କରିବେ । ଯା ଫଳରେ ତନ୍ମଧ୍ୟରେ ଥିବା

ଜଣେ ଧନୁର୍ଦ୍ଧାରୀ ବୀର ପୁରୁଷ କିମ୍ବା ଶସ୍ତ୍ରଧାରୀ ବ୍ୟକ୍ତି [illegible] ଶହେ ଜଣ ଶତ୍ରୁସୈନ୍ୟ ସହିତ, କିମ୍ବା ଶହେଜଣ ବ୍ୟକ୍ତି ଦଶହଜାର ଯୋଦ୍ଧାଙ୍କ ସହିତ ଯୁଦ୍ଧ କରିପାରିବେ । ଏଣୁ ଦୁର୍ଗ ନିର୍ମାଣ କରିବା ଏକାନ୍ତ ଆବଶ୍ୟକ ।। ୫ ।। ସେହି ଦୁର୍ଗ ମଧ୍ୟରେ ଅସ୍ତ୍ରଶସ୍ତ୍ର, ଧନଧାନ୍ୟ, ଯାନବାହାନ, ଅଧ୍ୟାପନକାରୀ ବ୍ରାହ୍ମଣ, କାରିଗର, ଯନ୍ତ୍ର, ନାନାବିଧ କଳାକୌଶଳ, ଘାସ ପ୍ରଭୃତି ପଶୁମାନଙ୍କ ଖୋରାକ [illegible] ପରିମାଣରେ ରହିଥିବ ।। ୬ ।। ନଗର ମଧ୍ୟରେ ରାଜାଙ୍କ ନିବାସ [illegible] ରାଜଭବନ ନିର୍ମାଣ କରିବାକୁ ହେବ । ସେହିଠାରେ ହିଁ ସମସ୍ତ [illegible] ସଂପାଦିତ ହେବ । ସେହି ଭବନ ମଧ୍ୟରେ ପର୍ଯ୍ୟାପ୍ତ ପରିମାଣରେ [illegible] ପ୍ରକାର ବୃକ୍ଷଲତା ଓ ପୁଷ୍ପ ପ୍ରଭୃତି ଥିବ, ସେଗୁଡ଼ିକ ସକଳ ଋତୁରେ [illegible] ହୋଇଥିବ ।। ୭ ।। ରାଜାପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ରକ୍ଷାପୂର୍ବକ ରାଜକାର୍ଯ୍ୟ [illegible] କରିବାରେ ସମର୍ଥ ହେବାପରେ, କ୍ଷତ୍ରିୟ କୁଳଜାତା ସୁନ୍ଦର ରୂପଗୁଣ [illegible] ସତ୍‌କୁଳଜାତା, ସୁଲକ୍ଷଣା, ସ୍ୱସଦୃଶ ବିଦ୍ୟାଦି ଗୁଣକର୍ମ ସ୍ୱଭାବ ସଂପନ୍ନା ଓ [illegible] କନ୍ୟା ସହିତ ବିବାହ କରିବେ । ଅନ୍ୟ କୌଣସି ସ୍ତ୍ରୀ ପ୍ରତି କଦାପି ଆକୃଷ୍ଟ ହେବେ ନାହିଁ ।। ୮ ।। ରାଜଭବନରେ ଅଗ୍ନିହୋତ୍ର ଓ ପକ୍ଷେଷ୍ଟି ପ୍ରଭୃତି ଧାର୍ମିକ ଅନୁଷ୍ଠାନ ଯଥାଯଥ ଭାବେ ଯେପରି ହେବ ତା ପାଇଁ ପୁରୋହିତ ଓ ଋତ୍ୱିକ୍ ନିଯୁକ୍ତ କରିବେ । ରାଜା ରାଜକାର୍ଯ୍ୟରେ ସର୍ବଦା ବ୍ୟାପୃତ ରହିବେ । କାରଣ ରାଜକାର୍ଯ୍ୟ ରାଜାଙ୍କ ପାଇଁ ସନ୍ଧ୍ୟା, ଉପାସନାପରି ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।। ୯ ।।

ସାମ୍ବତ୍ସରିକମାପ୍ତୈଶ୍ଚ ରାଷ୍ଟ୍ରାଦାହାରୟେଦ୍ ବଲିମ୍ ।
ସ୍ୟାଚ୍ଚାମ୍ନାୟପରୋ ଲୋକେ ବର୍ତ୍ତେତ ପିତୃବନ୍ନୃଷୁ ।। ୧ ।।
ଅଧ୍ୟକ୍ଷାନ୍ ବିବିଧାନ୍ କୁର୍ଯ୍ୟାତ୍ ତତ୍ର ତତ୍ର ବିପଶ୍ଚିତଃ ।
ତେଽସ୍ୟ ସର୍ବାଣ୍ୟବେକ୍ଷେରନ୍ନୃଣାଂ କାର୍ଯ୍ୟାଣି କୁର୍ବତାମ୍ ।। ୨ ।।
ଆବୃତ୍ତାନାଂ ଗୁରୁକୁଳାଦ୍ୱିପ୍ରାଣାଂ ପୂଜକୋ ଭବେତ୍ ।
ନୃପାଣାମକ୍ଷୟୋ ହ୍ୟେଷ ନିଧିର୍ବ୍ରାହ୍ମୋ ବିଧୀୟତେ ।। ୩ ।।
ସମୋତ୍ତମାଧମୈ ରାଜା ତ୍ୱାହୂତଃ ପାଳୟନ୍ ପ୍ରଜାଃ ।
ନ ନିବର୍ତ୍ତେତ ସଂଗ୍ରାମାତ୍ କ୍ଷାତ୍ରଂ ଧର୍ମମନୁସ୍ମରନ୍ ।। ୪ ।।
ଆହବେଷୁ ମିଥୋଽନ୍ୟୋଽନ୍ୟଂ ଜିଘାଂସନ୍ତୋ ମହୀକ୍ଷିତଃ ।
ଯୁଧ୍ୟମାନାଃ ପରଂ ଶକ୍ତ୍ୟା ସ୍ୱର୍ଗଂ ଯାନ୍ତ୍ୟପରାଙ୍ମୁଖାଃ ।। ୫ ।।
ନ ଚ ହନ୍ୟାତ୍ ସ୍ଥଳାରୂଢ଼ଂ ନ କ୍ଲୀବଂ ନ କୃତାଞ୍ଜଳିମ୍ ।
ନ ମୁକ୍ତକେଶଂ ନାସୀନଂ ନ ତବାସ୍ମୀତି ବାଦିନମ୍ ।। ୬ ।।

ନ ସୁପ୍ତଂ ନ ବିସନ୍ନାହଂ ନ ନଗ୍ନଂ ନ ନିରାୟୁଧମ୍ ।
ନାୟୁଧ୍ୟମାନଂ ପଶ୍ୟନ୍ତଂ ନ ପରେଣ ସମାଗତମ୍ ।। ୭ ।।
ନାୟୁଧବ୍ୟସନଂ ପ୍ରାପ୍ତଂ ନାର୍ତ୍ତଂ ନାତି ପରିକ୍ଷତମ୍ ।
ନ ଭୀତଂ ନ ପରାବୃତ୍ତଂ ସତାଂ ଧର୍ମମନୁସ୍ମରନ୍ ।। ୮ ।।
ଯସ୍ତୁ ଭୀତଃ ପରାବୃତ୍ତଃ ସଙ୍ଗ୍ରାମେ ହନ୍ୟତେ ପରୈଃ ।
ଭର୍ତ୍ତୁର୍ଯଦ୍ ଦୁଷ୍କୃତଂ କିଞ୍ଚିତ୍ତତ୍ସର୍ବଂ ପ୍ରତିପଦ୍ୟତେ ।। ୯ ।।
ଯଚ୍ଚାସ୍ୟ ସୁକୃତଂ କିଞ୍ଚିଦମୁତ୍ରାର୍ଥମୁପାର୍ଜିତମ୍ ।
ଭର୍ତ୍ତା ତତ୍ସର୍ବମାଦତ୍ତେ ପରାବୃତ୍ତହତସ୍ୟ ତୁ ।। ୧୦ ।।
ରଥାଶ୍ୱଂ ହସ୍ତିନଂ ଛତ୍ରଂ ଧନଂ ଧାନ୍ୟଂ ପଶୂନ୍ ସ୍ତ୍ରିୟଃ ।
ସର୍ବଦ୍ରବ୍ୟାଣି କୁପ୍ୟଂ ଚ ଯୋ ଯଜ୍ଜୟତି ତସ୍ୟ ତତ୍ ।। ୧୧ ।।
ରାଜ୍ଞଶ୍ଚ ଦଦ୍ୟୁରୁଦ୍ଧାରମିତ୍ୟେଷା ବୈଦିକୀ ଶ୍ରୁତିଃ ।
ରାଜ୍ଞା ଚ ସର୍ବଯୋଧେଭ୍ୟୋ ଦାତବ୍ୟମପୃଥଗ୍ଜିତମ୍ ।। ୧୨ ।।

(ମନୁ ଅ୦-୮ ୦-୮୨, ୮୭, ୮୯, ୯୧-୯୭)

ଆପ୍ତ ପୁରୁଷମାନଙ୍କ ଦ୍ୱାରା ପ୍ରଜାମାନଙ୍କଠାରୁ ବାର୍ଷିକ କର ଆଦାୟ କରାଯିବ ସଭାପତିରୂପେ ରାଜା ଓ ସଭାସଦ୍‌ଗଣ ବେଦାନୁକୂଳ ହୋଇ ପ୍ରଜାମାନଙ୍କୁ ପୁତ୍ରରୂପେ ପାଳନ କରିବେ ।। ୧ ।। ରାଜକାର୍ଯ୍ୟ ନିରୀକ୍ଷଣ କରିବାପାଇଁ ସଭା ଅନେକ କର୍ମଚାରୀଙ୍କୁ ନିଯୁକ୍ତି ଦେବେ । ସେମାନେ ନିୟମିତରୂପେ କାର୍ଯ୍ୟ ଚଳାଉଛନ୍ତି କି ନାହିଁ ତାହା ତଦନ୍ତ କରିବେ । ଯେଉଁ କର୍ମଚାରୀ ଉତ୍ତମ କାମ କରୁଥିବ, ସେମାନେ ତାଙ୍କୁ ସତ୍କାର କରିବେ, କିନ୍ତୁ ଯେଉଁମାନେ ନିଜ କାର୍ଯ୍ୟରେ ଅବହେଳା କରୁଥିବେ, ସେମାନଙ୍କୁ ଦଣ୍ଡବିଧାନ କରିବେ ।। ୨ ।। ବେଦ ପ୍ରଚାରରୂପୀ ଅକ୍ଷୟ କୋଷର ଅଧିକାରୀ [illegible] ବ୍ରହ୍ମଚାରୀମାନେ ଆସିବେ ସେମାନଙ୍କୁ [illegible] ସହିତ ସତ୍କାର କରାଯିବ । ୩ ।। [illegible] ପ୍ରଜାପାଳକ ରାଜାଙ୍କୁ ଯଦି [illegible] ଦ୍ୱାରା ଯୁଦ୍ଧପାଇଁ ଆହ୍ୱାନ କରନ୍ତି, ତେବେ ରାଜା [illegible] ଧର୍ମକୁ ସ୍ମରଣ କରି ଯୁଦ୍ଧ ପାଇଁ କଦାପି ପଛଘୁଞ୍ଚା ଦେବେ ନାହିଁ । [illegible] କୌଶଳର ସହିତ ଯୁଦ୍ଧ କରିବେ ଯେପରି ନିଜର ବିଜୟ ନିଶ୍ଚିତରୂପେ ହେବ ।।୪।। ଯୁଦ୍ଧରେ ପରସ୍ପରକୁ ହତ୍ୟା କରିବାର ଉଦ୍ଦେଶ୍ୟ ରଖି ରାଜାମାନେ ନିର୍ଭୀକଭାବେ ଯୁଦ୍ଧରେ [illegible] ନିଜର ଶକ୍ତିସାମର୍ଥ୍ୟକୁ ବୁଝି ଯେଉଁମାନେ ଯୁଦ୍ଧ କରନ୍ତି ଓ ଯୁଦ୍ଧ କ୍ଷେତ୍ରରୁ ପଳାୟନ

କରନ୍ତି ନାହିଁ, ସେମାନେ ପରିଣାମରେ ସୁଖଭୋଗୀ ହୁଅନ୍ତି । ନିଜ ଜୀବନକୁ ରକ୍ଷା କରିବା ପାଇଁ ଓ କୌଶଳରେ ଶତ୍ରୁକୁ ମାରିବା ପାଇଁ ଅବଶ୍ୟ କେବେକେବେ ଯୁଦ୍ଧରେ ଲୁଚିବାକୁ ପଡ଼ିଥାଏ । କିପରି ଶତ୍ରୁକୁ ଜୟ କରିବାକୁ ହେବ, ସେପରି କୌଶଳମାନ ଅବଲମ୍ବ ନ କରିବେ କିନ୍ତୁ କ୍ରୋଧାନ୍ଧ ସିଂହ ଯେପରି ମଣିଷକୁ [illegible] ଶସ୍ତ୍ରାଗ୍ନିରେ ଭସ୍ମୀଭୂତ ହୁଏ, ସେପରି ମୂର୍ଖତା କରି ଜୀବନକୁ ନଷ୍ଟ ହେବାକୁ ଦେବେ ନାହିଁ ।। ୫ ।। ଯୁଦ୍ଧରେ ଇତସ୍ତତଃ ଦଣ୍ଡାୟମାନ, ନପୁଂସକ, ହାତ ଯୋଡ଼ିଥିବା ଲୋକ, କେଶ ଖୋଲାଥିବା ବ୍ୟକ୍ତି, ବସିଥିବା ଲୋକ, ମୁଁ ତୁମର ଶରଣାଗତ ବୋଲି କହୁଥିବା ଲୋକ ।। ୬ ।।ନିଦ୍ରିତ, ମୂର୍ଚ୍ଛିତ, ଉଲଗ୍ନ, ଅସ୍ତ୍ରଶସ୍ତ୍ରହୀନ, ଯୁଦ୍ଧ ଦେଖୁଥିବା, ଶତ୍ରୁର ସାଥି ହୋଇନଥିବା ଲୋକ ।। ୭ ।।ଅସ୍ତ୍ରଶସ୍ତ୍ରଦ୍ୱାରା କ୍ଷତବିକ୍ଷତ, ଦୁଃଖୀ, ଅତ୍ୟନ୍ତ ଆହତ ଓ ଭୀତତ୍ରସ୍ତ, ଯୁଦ୍ଧକ୍ଷେତ୍ରରୁ ପଳାୟନକାରୀମାନଙ୍କୁ, ଯୋଦ୍ଧାମାନେ ସତ୍‌ପୁରୁଷଙ୍କ ଧର୍ମକୁ ସ୍ମରଣକରି କଦାପି ହତ୍ୟା କରିବେ ନାହିଁ । ଆବଶ୍ୟକସ୍ଥଳେ ସେମାନଙ୍କୁ ବନ୍ଦୀ କରି ଉପଯୁକ୍ତ ଖାଦ୍ୟ, ପେୟ ଓ ଉତ୍ତମ ବ୍ୟବହାର ଦ୍ୱାରା କାରାଗାରରେ ରଖାଇବେ । କ୍ଷତବିକ୍ଷତ ସୈନିକମାନଙ୍କର ଉପଯୁକ୍ତ ଚିକିତ୍ସାର ବ୍ୟବସ୍ଥା ମଧ୍ୟ କରିବେ । ସ୍ତ୍ରୀ, ବାଳକ, ବୃଦ୍ଧ ଓ ଆତୁରମାନଙ୍କ ପ୍ରତି ଶସ୍ତ୍ର ପ୍ରୟୋଗ କରିବେ ନାହିଁ । ସେମାନଙ୍କ ସନ୍ତାନ ଓ ପରିବାର ବର୍ଗକୁ ପାଳନ କରିବେ । ସେମାନଙ୍କ ସ୍ତ୍ରୀ, କନ୍ୟା ପ୍ରଭୃତିଙ୍କୁ ମାଆ ଭଉଣୀ ଦୃଷ୍ଟିରେ ଦେଖିବେ । ଦେଶର ବାତାବରଣ ଶାନ୍ତ ହୋଇଯିବାପରେ ସେମାନଙ୍କୁ ସହଜ ଉପାୟରେ ନିଜନିଜ ଘର ବା ଦେଶକୁ ପଠାଇଦେବେ । କିନ୍ତୁ ଭବିଷ୍ୟତରେ ଯେଉଁମାନଙ୍କ ଦ୍ୱାରା ପୁଣିଥରେ ଯୁଦ୍ଧର ଆଶଙ୍କା ଥିବ, ସେମାନଙ୍କୁ କାରାଗାରରେ ରଖିବେ ।। ୮ ।। ଯେଉଁବ୍ୟକ୍ତି ପଳାୟନକାରୀ ଓ ଦୂତଙ୍କୁ ହତ୍ୟାକରିବେ, ରାଜା ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ବିଧାନ କରିବେ ।।୯।। ପଳାୟନକାରୀକୁ ବଧକଲେ ବଧକାରୀର ସମସ୍ତ ପୁଣ୍ୟଫଳ ନଷ୍ଟ ହୁଏ ଓ ଯଶଖ୍ୟାତି ଲୋପପାଏ, ତାର ସମସ୍ତ ସୁଖ ପଳାୟନକାରୀର ସ୍ୱାମୀ ଲାଭ କରିଥାଏ ।। ୧୦ ।। କୌଣସି ଭୃତ୍ୟ ବା ଅଧ୍ୟକ୍ଷ ଯୁଦ୍ଧରେ ଜୟକରି ଯେଉଁ ରଥ, ଘୋଡ଼ା, ହାତୀ, ଛତ୍ର, ଧନ-ଧାନ୍ୟ, ଗାଈ ପ୍ରଭୃତି ପଶୁ ଓ ସ୍ତ୍ରୀ ତଥା ଅନ୍ୟ ଦ୍ରବ୍ୟ ଓ ଘିଅ ତେଲ ପାତ୍ର ପ୍ରଭୃତି ଲାଭ କରିଥାନ୍ତି, ସେ ସବୁକୁ ସେହିମାନେ ହିଁ ନେବେ ।। ୧୧ ।।କିନ୍ତୁ ସୈନିକମାନେ ଜୟ କରିଥିବା ବସ୍ତୁର ଷୋହଳଭାଗରୁ ଏକଭାଗ ରାଜାଙ୍କୁ ଦେବେ, ରାଜା ମଧ୍ୟ ଯୁଦ୍ଧରେ ଜିତିଥିବା ଧନର ଏକ ଷୋଡଶାଂଶ ଯୋଦ୍ଧାମାନଙ୍କୁ ବିତରଣ କରିଦେବେ । ଯୁଦ୍ଧରେ [illegible] ସୈନିକମାନଙ୍କ ଅଂଶ ସେମାନଙ୍କ ସ୍ତ୍ରୀ ବା ସନ୍ତାନସନ୍ତତି ପାଇବେ ।। [illegible]

ସ୍ତ୍ରୀ ଓ ଅସମର୍ଥ ସନ୍ତାନସନ୍ତତିଙ୍କୁ ରାଜା ଉତ୍ତମରୂପେ ପାଳନ କରିବେ । ସେମାନଙ୍କ ସନ୍ତାନମାନେ ଯୋଗ୍ୟ ହେବାପରେ ସେମାନଙ୍କୁ କାର୍ଯ୍ୟରେ ନିଯୁକ୍ତି ପ୍ରଦାନ କରିବେ । ଯେଉଁରାଜା ନିଜର ରାଜ୍ୟରକ୍ଷା, ପ୍ରତିଷ୍ଠା, ବିଜୟ ଓ ସୁଖ ଇଚ୍ଛା କରୁଥିବେ, ସେ ଏହି ନିୟମକୁ ନିଶ୍ଚିତରୂପେ ପାଳନ କରିବେ ।। ୧୨ ।।

ଅଲବ୍ଧଂ ଚୈବ ଲିପ୍ସେତ ଲବ୍ଧଂ ରକ୍ଷେତ୍ ପ୍ରଯତ୍ନତଃ ।
ରକ୍ଷିତଂ ବର୍ଦ୍ଧୟେଚ୍ଚୈବ ବୃଦ୍ଧଂ ପାତ୍ରେଷୁ ନିଃକ୍ଷିପେତ୍ ।। ୧ ।।
ଏତଚ୍ଚତୁର୍ବିଧଂ ବିଦ୍ୟାତ୍ ପୁରୁଷାର୍ଥ ପ୍ରୟୋଜନମ୍
ଅସ୍ୟ ନିତ୍ୟମନୁଷ୍ଠାନଂ ସମ୍ୟକ୍ କୁର୍ଯ୍ୟାଦତନ୍ଦ୍ରିତଃ ।। ୨ ।।
ଅଲବ୍ଧମିଚ୍ଛେଦ୍ଦଣ୍ଡେନ ଲବ୍ଧଂ ରକ୍ଷେଦବେକ୍ଷୟା ।
ରକ୍ଷିତଂ ବର୍ଦ୍ଧୟେଦ୍ ବୃଦ୍ଧ୍ୟା ବୃଦ୍ଧଂ ଦାନେନ ନିଃକ୍ଷିପେତ୍ ।। ୩ ।।
ଅମାୟୟୈବ ବର୍ତ୍ତେତ ନ କଥଞ୍ଚନ ମାୟୟା ।
ବୁଧ୍ୟେତାରିପ୍ରଯୁକ୍ତାଞ୍ଚ ମାୟାଂ ନିତ୍ୟଂ ସ୍ୱସଂବୃତଃ ।। ୪ ।।
ନାସ୍ୟଚ୍ଛିଦ୍ରଂ ପରୋ ବିଦ୍ୟାଚ୍ଛିଦ୍ରଂ ବିଦ୍ୟାତ୍ପରସ୍ୟ ତୁ ।
ଗୂହେତ୍ କୂର୍ମ ଇବାଙ୍ଗାନି ରକ୍ଷେଦ୍ ବିବରମାତ୍ମନଃ ।। ୫ ।।
ବକବଚ୍ଚିନ୍ତୟେଦର୍ଥାନ୍ ସିଂହବଚ୍ଚ ପରାକ୍ରମେତ୍ ।
ବୃକବଚ୍ଚାବଲୁମ୍ପେତ ଶଶବଚ୍ଚ ବିନିଷ୍ପତେତ୍ ।। ୬ ।।
ଏବଂ ବିଜୟମାନସ୍ୟ ଯେଽସ୍ୟ ସ୍ୟୁଃ ପରିପନ୍ଥିନଃ ।
ତାନାନୟେଦ୍ୱଶଂ ସର୍ବାନ୍ ସାମାଦିଭିରୁପକ୍ରମୈଃ ।। ୭ ।।
ଯଦିତେତୁ ନ ତିଷ୍ଠେୟୁରୁପାୟୈଃ ପ୍ରଥମୈସ୍ତ୍ରିଭିଃ
ଦଣ୍ଡେନୈବ ପ୍ରସହ୍ୟୈ ତାଂ ଛନକୈର୍ବଶମାନୟେତ୍ ।। ୮ ।।
ଯଥୋଦ୍ଧରତି ନିର୍ଦ୍ଦାତା କକ୍ଷଂ ଧାନ୍ୟଂ ଚ ରକ୍ଷତି ।
ତଥା ରକ୍ଷେନ୍ନୃପୋ ରାଷ୍ଟ୍ରଂ ହନ୍ୟାଚ୍ଚ ପରିପନ୍ଥିନଃ ।। ୯ ।।
ମୋହାଦ୍ରାଜା ସ୍ୱରାଷ୍ଟ୍ରଂ ଯଃ କର୍ଷୟତ୍ୟନବେକ୍ଷୟା ।
ସୋଽଚିରାଦ୍ ଭ୍ରଶ୍ୟତେ ରାଜ୍ୟାଜ୍ଜୀବିତାଚ୍ଚ ସବାନ୍ଧବଃ ।। ୧୦ ।।
ଶରୀରକର୍ଷଣାତ୍ ପ୍ରାଣାଃ କ୍ଷୀୟନ୍ତେ ପ୍ରାଣିନାଂ ଯଥା ।
ତଥା ରାଜ୍ଞାମପି ପ୍ରାଣାଃ କ୍ଷୀୟନ୍ତେ ରାଷ୍ଟ୍ରକର୍ଷଣାତ୍ ।। ୧୧ ।।
ରାଷ୍ଟ୍ରସ୍ୟ ସଂଗ୍ରହେ ନିତ୍ୟଂ ବିଧାନମିଦମାଚରେତ୍ ।
ସୁସଂଗୃହୀତରାଷ୍ଟ୍ରୋ ହି ପାର୍ଥିବଃ ସୁଖମେଧତେ ।। ୧୨ ।।

ଦ୍ୱୟୋସ୍ତ୍ରୟାଣାଂ ପଞ୍ଚାନାଂ ମଧ୍ୟେ ଗୁଲ୍ମମଧିଷ୍ଠିତମ୍ ।
ତଥା ଗ୍ରାମଶତାନାଞ୍ଚ କୁର୍ଯ୍ୟାଦ୍ରାଷ୍ଟ୍ରସ୍ୟ ସଂଗ୍ରହମ୍ ।। ୧୩ ।।
ଗ୍ରାମସ୍ୟାଧିପତିଂ କୁର୍ଯ୍ୟାଦ୍ଦଶଗ୍ରାମପତିଂ ତଥା ।
ବିଂଶତୀଶଂ ଶତେଶଂ ଚ ସହସ୍ରପତିମେବ ଚ ।। ୧୪ ।।
ଗ୍ରାମଦୋଷାନ୍ ସମୁତ୍ପନ୍ନାନ୍ ଗ୍ରାମିକଃ ଶନକୈଃ ସ୍ୱୟମ୍ ।
ଶଂସେଦ୍ ଗ୍ରାମଦଶେଶାୟ ଦଶେଶୋ ବିଂଶତୀଶିନମ୍ ।। ୧୫ ।।
ବିଂଶତୀଶସ୍ତୁ ତତ୍ସର୍ବଂ ଶତେଶାୟ ନିବେଦୟେତ୍ ।
ଶଂସେଦ୍ ଗ୍ରାମଶତେଶସ୍ତୁ ସହସ୍ରପତୟେ ସ୍ୱୟମ୍ ।। ୧୬ ।।
ତେଷାଂ ଗ୍ରାମ୍ୟାଣି କାର୍ଯ୍ୟାଣି ପୃଥକ୍କାର୍ଯ୍ୟାଣି ଚୈବ ହି ।
ରାଜ୍ଞୋଽନ୍ୟଃ ସଚିବଃ ସ୍ନିଗ୍ଧସ୍ତାନି ପଶ୍ୟେଦତନ୍ଦ୍ରିତଃ ।। ୧୭ ।।
ନଗରେ ନଗରେ ଚୈକଂ କୁର୍ଯ୍ୟାତ୍ସର୍ବାର୍ଥଚିନ୍ତକମ୍ ।
ଉଚ୍ଚୈଃ ସ୍ଥାନଂ ଘୋରରୂପଂ ନକ୍ଷତ୍ରାଣାମିବ ଗ୍ରହମ୍ ।। ୧୮ ।।
ସତାନନୁପରିକ୍ରାମେତ୍ ସର୍ବାନେବ ସଦା ସ୍ୱୟମ୍ ।
ତେଷାଂ ବୃତ୍ତଂ ପରିଣୟେତ୍ ସମ୍ୟଗ୍ରାଷ୍ଟ୍ରେଷୁ ତଚ୍ଚରୈଃ ।। ୧୯ ।।
ରାଜ୍ଞୋ ହି ରକ୍ଷାଧିକୃତାଃ ପରସ୍ୱାଦାୟିନଃ ଶଠାଃ ।
ଭୃତ୍ୟା ଭବନ୍ତି ପ୍ରାୟେଣ ତେଭ୍ୟୋ ରକ୍ଷେଦିମାଃ ପ୍ରଜାଃ ।। ୨୦ ।।
ଯେ କାର୍ଯ୍ୟିକେଭ୍ୟୋଽର୍ଥମେବ ଗୃହ୍ଣୀୟୁଃ ପାପଚେତସଃ ।
ତେଷାଂ ସର୍ବସ୍ୱମାଦାୟ ରାଜା କୁର୍ଯ୍ୟାତ୍ ପ୍ରବାସନମ୍ ।। ୨୧ ।।

(ମନୁ ଅ ୭/୯୯, ୧୦୧, ୧୦୪-୧୦୭, ୧୧୦-୧୧୭, ୧୨୦-୧୨୪)

ରାଜା ଓ ରାଜସଭା ଅଲବ୍ଧ ପଦାର୍ଥକୁ ପାଇବାକୁ ଇଚ୍ଛା କରିବେ । ପ୍ରାପ୍ତ ପଦାର୍ଥର ସୁରକ୍ଷା କରିବେ, ରକ୍ଷିତ ପଦାର୍ଥକୁ ବୃଦ୍ଧି କରିବେ ଓ ବର୍ଦ୍ଧିତଧନରେ ବେଦବିଦ୍ୟା ଓ ଧର୍ମର ପ୍ରଚାର କରିବେ ତଥା ବିଦ୍ୟାର୍ଥୀ, ବେଦୋପଦେଶକ, ଅସମର୍ଥ ଓ ଅନାଥ ଲୋକଙ୍କୁ ପାଳନ କରିବେ ।। ୧ ।। ଏହି ଚାରି ପ୍ରକାର ପୁରୁଷାର୍ଥ ସମ୍ବନ୍ଧରେ ଜ୍ଞାନାର୍ଜନ କରିବା ଆବଶ୍ୟକ । ଆଳସ୍ୟ ପରିତ୍ୟାଗ କରି ଏ ମନୁଷ୍ୟ ପ୍ରତିଦିନ ଅଭ୍ୟାସ ବା ପ୍ରୟୋଗମଧ୍ୟ କରିବାକୁ ହେବ ।।୨।। ଦଣ୍ଡବିଧାନଦ୍ୱାରା ଅପ୍ରାପ୍ତ ବସ୍ତୁ ପାଇବାକୁ ଇଚ୍ଛା କରିବେ । ନିତ୍ୟ ନିରୀକ୍ଷଣଦ୍ୱାରା ପ୍ରାପ୍ତବସ୍ତୁକୁ ସୁରକ୍ଷିତ କରିରଖିବେ ଓ ରକ୍ଷିତଧନକୁ ବଢ଼ାଇବେ ଅର୍ଥାତ୍ ସୁଧ ଆଦିଦ୍ୱାରା ଧନବୃଦ୍ଧି କରିବେ । ବର୍ଦ୍ଧିତ ଧନକୁ ସର୍ବଦା ପୂର୍ବୋକ୍ତ ଉତ୍ତମ କାର୍ଯ୍ୟରେ ବ୍ୟୟ କରିବେ ।।୩।। କାହାସହିତ କେବେହେଲେ ଛଳନା କରିବେ ନାହିଁ, ନିଷ୍କପଟ ହୃଦୟରେ ସମସ୍ତଙ୍କ ସହିତ ବ୍ୟବହାର କରିବେ ।

ବ୍ୟବହାର କରିବେ ଓ ପ୍ରତିଦିନ ନିଜକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଶତ୍ରୁର ଛଳକପଟକୁ ସମୂଳେ ନଷ୍ଟ କରିବାପାଇଁ ଧ୍ୟାନ ଦେବେ ।।୪।। କୌଣସି ଶତ୍ରୁ ନିଜର ଗୁପ୍ତତଥ୍ୟ ବା ଦୁର୍ବଳତାକୁ ଯେପରି ଜାଣି ନ ପାରନ୍ତି, ସେ ବିଷୟରେ ସତର୍କ ରହିବେ । କଇଁଛ ଯେପରି ନିଜ ଅଙ୍ଗକୁ ଲୁକ୍‌କାୟିତ କରି ରଖେ ସେପରି ନିଜର ସମସ୍ତ ଛିଦ୍ର ଶତ୍ରୁ ନିକଟରେ ଗୋପନ କରି ରଖିବେ ।। ୫ ।। ବଗ ଯେପରି ମାଛ ଧରିବାପାଇଁ ଧ୍ୟାନାବସ୍ଥିତ ରହେ, ଅର୍ଥ ସଂଗ୍ରହ ପାଇଁ ସେପରି ଧ୍ୟାନ ଦେବେ । ଦ୍ରବ୍ୟାଦି ପଦାର୍ଥ ସଂଗ୍ରହ ଓ ଶକ୍ତିସଞ୍ଚୟ କରିବା ପରେ ଶତ୍ରୁ ଉପରେ ସିଂହ ସଦୃଶ ଆକ୍ରମଣ କରିବେ, ଚିତା ବାଘ ପରି ଲୁଚିଛପି ଶତ୍ରୁକୁ ଆୟତ୍ତ କରିବେ, ବଳଶାଳୀ ଶତ୍ରୁ ନିକଟବର୍ତ୍ତୀ ହେଲେ ଠେକୁଆପରି ଦୂରକୁ ପଳାୟନ କରି ପରେ ତାକୁ ଛଳକପଟ ଦ୍ୱାରା କରାୟତ୍ତ କରିବେ ।। ୬ ।। ଏସବୁ ଉପାୟରେ ବିଜୟ ଲାଭ କଲାପରେ ସଭାପତି ରାଜ୍ୟର ଡାକୁ, ଲୁଣ୍ଠନକାରୀମାନଙ୍କୁ ସାମ ବା ମିଳେଇ ନେଇ କିଛି ନା କିଛି ଦାନଦେଇ ଭେଦ ବା ଭେଦାଭେଦ ସୃଷ୍ଟି ପୂର୍ବକ ବଶକରି ନେବେ ।। ୭ ।। ଯେଉଁମାନେ ଏ ସମସ୍ତ ଉପାୟରେ ବଶୀଭୂତ ନ ହେବେ, ସେମାନଙ୍କୁ କଠୋର ଦଣ୍ଡ ଦେଇ ନିଜ ଆୟତ୍ତକୁ ଆଣିବେ ।।୮।। ଗୁଜଳ ପାଚିବାକୁ ଯାଉଥିବା ବ୍ୟକ୍ତି ଯେପରି ଧାନରୁ ଘେପା ବାହାର କରି ଦେଇ ମୂଳକ [illegible] ଓ [illegible] ଗୁଡ଼ିକୁ ସାଇତି ରଖେ, ରାଜା ସେହିପରି ଘେର ଡକାୟତମାନଙ୍କୁ ଦମନ କରି ରାଜ୍ୟ ଶାସନ କରିବେ ।। ୯ ।। ଯେଉଁ ରାଜା ମୋହବଶ ହୋଇ ଓ ଅବିଚାରରେ ପ୍ରଜାଙ୍କୁ ଦୁର୍ବଳ କରେ, ସେ ନିଜ ଜୀବନକାଳ ମଧ୍ୟରେ ନିଜ ରାଜ୍ୟ ଓ ବନ୍ଧୁବାନ୍ଧବଙ୍କ ସହିତ ନଷ୍ଟ ଭ୍ରଷ୍ଟ ହୋଇଯାଏ ।। ୧୦ ।। ଶରୀର ଦୁର୍ବଳ ହେଲେ ଯେପରି ନଷ୍ଟ ହୁଏ, ସେପରି ପ୍ରଜା ଦୁର୍ବଳ ହେଲେ ରାଜାଙ୍କ ପ୍ରାଣ ଅର୍ଥାତ୍ ବଳ, ବନ୍ଧୁବାନ୍ଧବ ପ୍ରଭୃତି ନଷ୍ଟ ହୋଇଯାନ୍ତି ।।୧୧।। ଏଣୁ ରାଜା ଓ ରାଜସଭା ରାଜକାର୍ଯ୍ୟ ସଂପାଦନ ପାଇଁ ଏପରି ଯତ୍ନ କରିବେ ଯାଫଳରେ ରାଜକାର୍ଯ୍ୟ ଯଥାଯଥ ଭାବେ ସଫଳତାର ସହିତ ସଂପାଦିତ ହେବ । ଯେଉଁ ରାଜା ରାଜ୍ୟ ପାଳନରେ ସର୍ବଦା ତତ୍ପର ଥାଆନ୍ତି ସେ ରାଜାଙ୍କର ସୁଖ ଉତ୍ତରୋତ୍ତର ବଢ଼ିଥାଏ ।। ୧୨ ।। ଏହାକୁ ଲକ୍ଷ୍ୟରେରଖି ଦୁଇ, ତିନି, ପାଞ୍ଚ ଓ ଶହେ ଗ୍ରାମକୁ ନେଇ ଗୋଟିଏ ଗୋଟିଏ ରାଜକୀୟ କାର୍ଯ୍ୟାଳୟ ସ୍ଥାପନ କରିବେ । ସେଠାରେ ରାଜକର୍ମଚାରୀ ନିଯୁକ୍ତି କରି ଯାବତୀୟ ରାଜକାର୍ଯ୍ୟ ସୁଚାରୁରୂପେ ସଂପାଦନ କରିବେ ।।୧୩।। ଗୋଟିଏ ଗୋଟିଏ ଗ୍ରାମରେ ଜଣେ ଜଣେ ପ୍ରଧାନ ପୁରୁଷ ରହିବେ । ସେପରି ଦଶଖଣ୍ଡ ଗ୍ରାମ ଉପରେ ଦ୍ୱିତୀୟ ପୁରୁଷ ଜଣେ ଓ କୋଡ଼ିଏ ଖଣ୍ଡ ଗ୍ରାମ ଉପରେ ତୃତୀୟ ବ୍ୟକ୍ତି ଜଣେ ତଥା ଶହେ ଖଣ୍ଡ ଗ୍ରାମ ଉପରେ ଚତୁର୍ଥ ବ୍ୟକ୍ତି ଜଣଙ୍କୁ ନିଯୁକ୍ତି ଦେବାକୁ

ହେବ । ଆଜିକାଲି ଯେପରି ପ୍ରତି ଗ୍ରାମରେ ଜଣେ ଜଣେ ମୁଖିଆ, କେତେକ ଗ୍ରାମକୁ ନେଇ ଥାନା, ଦୁଇଟି ଥାନାକୁ ନେଇ ଗୋଟିଏ ବଡ଼ ଥାନା, ସେହିପରି ପାଞ୍ଚୋଟି ଥାନାକୁ ନେଇ ଗୋଟିଏ ତହସିଲ, କେତୋଟି ତହସିଲ ତଥା ଉପ-ବିଭାଗକୁ ନେଇ ଗୋଟିଏ ଜିଲ୍ଲା ଗଠନ କରାଯାଇଛି । ଏସବୁ ବ୍ୟବସ୍ଥା ମନୁଙ୍କ ପ୍ରଣୀତ ନିୟମାବଳୀରୁ ଗ୍ରହଣ କରାଯାଇଛି ।। ୧୪ ।। ଏପରି ବ୍ୟବସ୍ଥା କଲାପରେ ଆଦେଶ ହେବ ଯେ ପ୍ରତ୍ୟେକ ଗ୍ରାମାଧିପତି ନିଜ ଗ୍ରାମରେ ଘଟୁଥିବା ଭଲମନ୍ଦ ଯାବତୀୟ ଘଟଣା ସମ୍ବନ୍ଧରେ ଦଶଗ୍ରାମାଧିପତିଙ୍କୁ ନିୟମିତ ରୂପେ ଜଣାଇବେ । ଦଶଗ୍ରାମାଧିପତି ବିଂଶଗ୍ରାମାଧିପତିଙ୍କୁ ।।୧୫।। ବିଂଶଗ୍ରାମାଧିପତି ଶତଗ୍ରାମାଧିପତିଙ୍କୁ ଓ ଶତଗ୍ରାମାଧିପତି ସହସ୍ର ଗ୍ରାମାଧିପତିଙ୍କୁ ପ୍ରତିଦିନ ଜଣାଇବେ । ଏପରି କ୍ରମଶଃ ଅଧିପତିମାନଙ୍କ ଦ୍ୱାରା ଉକ୍ତ ଘଟଣା ଗୁଡ଼ିକ ରାଜସଭା, ମହାରାଜ ସଭା ଅର୍ଥାତ୍ ସାର୍ବଭୌମ ଚକ୍ରବର୍ତ୍ତୀ ମହାରାଜ ସଭାରେ ଉପସ୍ଥାପିତ ହେବ ।। ୧୬ ।। ସେହିପରି ପ୍ରତ୍ୟେକ ଦଶହଜାର ଗ୍ରାମ ମଧ୍ୟରେ ଦୁଇଜଣ ସଭାପତି ରହିବେ, ସେମାନଙ୍କ ମଧ୍ୟରୁ ଜଣେ ରାଜସଭାରେ ସଭାପତି ହେବେ ଓ ଅଧ୍ୟକ୍ଷ ଜଣକ ଆଳସ୍ୟ ପରାୟଣ ନ ହୋଇ ସର୍ବଦା ପର୍ଯ୍ୟଟନ କରିବେ ଓ ରାଜକର୍ମଚାରୀମାନଙ୍କ କାର୍ଯ୍ୟ କଳାପ ପରିଦର୍ଶନ କରିବେ ।। ୧୭ ।। ପ୍ରତ୍ୟେକ ବଡ଼ ବଡ଼ ସହରରେ ଗୋଟିଏ ଲେଖାଏଁ ବିଚାରସଭା ରହିବ ଓ ତାହାର ଚନ୍ଦ୍ରମା ସଦୃଶ ସୁନ୍ଦର ଓ ବିଶାଳ ଭବନ ରହିବ । ସେଠାରେ ସର୍ବବିଦ୍ୟା ଓ ବୁଦ୍ଧିରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଚାରପତିରୂପେ ରହିବେ । ସେମାନେ ଏପରି ନିୟମମାନ ପ୍ରଣୟନ କରିବେ, ଯାଦ୍ୱାରା ରାଜା ତଥା ପ୍ରଜା ଉଭୟଙ୍କ ମଙ୍ଗଳ ସାଧନ ହେବ ।। ୧୮ ।। ଯେଉଁ ଭ୍ରମଣକାରୀ ସଭାପତି ରହିବେ ତାଙ୍କ ଅଧୀନରେ ବହୁତ ଗୁପ୍ତଚର ଅର୍ଥାତ୍ ଦୂତମାନେ ରହିବେ । ଏମାନେ ରାଜକର୍ମଚାରୀ ଓ ପ୍ରଜାମାନଙ୍କ ସହିତ ସଂପର୍କ ରଖିବେ । ସେମାନଙ୍କ ଦୋଷଗୁଣ ସବୁକୁ ଅବଗତ ହେବାପରେ ଦୋଷୀକୁ ଦଣ୍ଡ ଓ ସାଧୁବ୍ୟକ୍ତିଙ୍କୁ ସମ୍ମାନିତ କରିବେ ।।୧୯।। ରାଜା ପ୍ରଜାମାନଙ୍କ ଦାୟିତ୍ୱ ଯେଉଁମାନଙ୍କ ଉପରେ ନ୍ୟସ୍ତ କରିବେ, ସେମାନେ କୁଳୀନ, ବିଦ୍ୱାନ୍ ଓ ଚରିତ୍ରବାନ୍ ହୋଇଥିବେ । ସେମାନଙ୍କ ଅଧୀନରେ ରାଜକର୍ମଚାରୀ ରୂପେ ଚୋର, ଠକ ଓ ଡକାୟତମାନଙ୍କୁ ମଧ୍ୟ ରଖାଯିବ । ବିଦ୍ୱାନ୍ ଓ ସଚ୍ଚରିତ୍ର ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ସେହି ଦୁଷ୍ଟମାନଙ୍କର ଚରିତ୍ର ସଂଶୋଧିତ ହେବ । ଅବଶ୍ୟ ଏମାନଙ୍କୁ ନିୟନ୍ତ୍ରଣ କରିବାପାଇଁ ସେମାନଙ୍କର ପୂର୍ଣ୍ଣ ସ୍ୱାଧୀନତା ରହିବ ।।୨୦।। ଯେଉଁ ରାଜକର୍ମଚାରୀ ବା ବିଚାରପତି ବାଦୀ ବା ପ୍ରତିବାଦୀଙ୍କ ଠାରୁ ଲାଞ୍ଚଖାଇ ପକ୍ଷପାତ କରିବେ, ସେମାନଙ୍କୁ ରାଜକାର୍ଯ୍ୟରୁ ଅନ୍ତର କରି ତାଙ୍କର ସ୍ଥାବର ଅସ୍ଥାବର ସମସ୍ତ ସମ୍ପତ୍ତି

ବାଜ୍ୟାପ୍ତ କରାଯିବ ଓ ତାଙ୍କୁ ଏପରି ସ୍ଥାନରେ ରଖାଯିବ, ଯେପରି ସେମାନେ ପୁନର୍ବାର ଦେଶକୁ ଫେରି ଆସି ପାରିବେ ନାହିଁ । ଯଦି ଏପରି କରାନ ଯାଏ, ତେବେ ସେ ସବୁକୁ ଆଦର୍ଶ ମନେକରି ଅନ୍ୟ କର୍ମଚାରୀମାନେ ମଧ୍ୟତାଙ୍କୁ ଅନୁକରଣ କରିବେ । ଏହି ଦୋଷୀ କର୍ମଚାରୀଙ୍କ ଭରଣ ପୋଷଣ ଓ ପରିବାର ଚଳିବା ପାଇଁ ଆବଶ୍ୟକ ଭୂମି ବା ଅର୍ଥ ଦିଆଯିବ । ବୃଦ୍ଧ କର୍ମଚାରୀ କାର୍ଯ୍ୟରୁ ଅବସର ଗ୍ରହଣ କଲେ ରାଜକୋଷରୁ ତାଙ୍କ ଦରମାର ଅର୍ଦ୍ଧେକ ଦିଆଯିବ । ସେ ବଞ୍ଚିଥିବା ଯାଏ ଏହା ପାଇବା ପାଇଁ ହକଦାର୍ ହେବେ । ସେମାନଙ୍କ ଯୋଗ୍ୟ ସନ୍ତାନଙ୍କୁ ରାଜକର୍ମଚାରୀରୂପେ ଗ୍ରହଣ କରାଯିବ । ତାଙ୍କ ସ୍ତ୍ରୀ ଜୀବିତ ଥିବାଯାଏ ଓ ସନ୍ତାନ ସନ୍ତତି ଯୋଗ୍ୟ ହେବାପର୍ଯ୍ୟନ୍ତ ରାଜକୋଷରୁ ସାହାଯ୍ୟ ଦିଆଯିବ । ଯଦି ତାଙ୍କ ଉତ୍ତରାଧିକାରୀ କୁକର୍ମରେ ଲିପ୍ତ ରହନ୍ତି, ତେବେ ତାଙ୍କୁ ଏହା ଦିଆଯିବ ନାହିଁ । ଏହି ନୀତି ନିୟମକୁ ପାଳନ କରି ରାଜା ରାଜକାର୍ଯ୍ୟ ପରିଚାଳନା କରିବେ ॥ ୨୧ ॥

> ଯଥା ଫଳେନ ଯୁଜ୍ୟେତ ରାଜା କର୍ତ୍ତା ଚ କର୍ମଣାମ୍ ।
> ତଥାଽବେକ୍ଷ୍ୟ ନୃପୋ ରାଷ୍ଟ୍ରେ କଳ୍ପୟେତ୍ ସତତଂ କରାନ୍ ॥ ୧ ॥
> ଯଥାଲ୍ପାଽଲ୍ପମଦନ୍ତ୍ୟାଦ୍ୟଂ ବାର୍ୟୋକୋବତ୍ସଷଟ୍ପଦାଃ ।
> ତଥାଲ୍ପାଽଲ୍ପୋ ଗ୍ରହୀତବ୍ୟୋ ରାଷ୍ଟ୍ରାଦ୍ରାଜ୍ଞାବ୍ଦିକଃ କରଃ ॥ ୨ ॥
> ନୋଚ୍ଛିନ୍ଦ୍ୟାଦାତ୍ମନୋ ମୂଳଂ ପରେଷାଂ ଚାତିତୃଷ୍ଣୟା ।
> ଉଚ୍ଛିନ୍ଦନ୍ ହ୍ୟାତ୍ମନୋ ମୂଳମାତ୍ମାନଂ ତାଂଶ୍ଚ ପୀଡ଼ୟେତ୍ ॥ ୩ ॥
> ତୀକ୍ଷ୍ଣଶ୍ଚୈବ ମୃଦୁଶ୍ଚ ସ୍ୟାତ୍କାର୍ଯ୍ୟଂ ବୀକ୍ଷ୍ୟ ମହୀପତିଃ ।
> ତୀକ୍ଷ୍ଣଶ୍ଚୈବ ମୃଦୁଶ୍ଚୈବ ରାଜା ଭବତି ସମ୍ମତଃ ॥ ୪ ॥
> ଏବଂ ସର୍ବଂ ବିଧାୟେଦମିତି କର୍ତ୍ତବ୍ୟମାତ୍ମନଃ ।
> ଯୁକ୍ତଶ୍ଚୈବାପ୍ରମତ୍ତଶ୍ଚ ପରିରକ୍ଷେଦିମାଃ ପ୍ରଜାଃ ॥ ୫ ॥
> ବିକ୍ରୋଶନ୍ତ୍ୟୋ ଯସ୍ୟ ରାଷ୍ଟ୍ରାଦ୍ଧ୍ରିୟନ୍ତେ ଦସ୍ୟୁଭିଃ ପ୍ରଜାଃ ।
> ସଂ ପଶ୍ୟତଃ ସଭୃତ୍ୟସ୍ୟ ମୃତଃ ସ ନ ତୁ ଜୀବତି ॥ ୬ ॥
> କ୍ଷତ୍ରିୟସ୍ୟ ପରୋ ଧର୍ମଃ ପ୍ରଜାନାମେବ ପାଳନମ୍ ।
> ନିର୍ଦ୍ଦିଷ୍ଟଫଳଭୋକ୍ତା ହି ରାଜା ଧର୍ମେଣ ଯୁଜ୍ୟତେ ॥ ୭ ॥

(ମନୁ ଅ ୭/୧୨୮, ୧୨୯, ୧୩୯, ୧୪୦, ୧୪୨-୧୪୪)

ରାଜା ଓ ରାଜସଭା ବିଚାର କରି ପ୍ରଜାମାନଙ୍କ ଉପରେ ଏଭଳି କର ଧାର୍ଯ୍ୟ କରିବେ, ଯେପରି ତାହା ସେମାନଙ୍କୁ ବାଧିବ ନାହିଁ । ଫଳରେ ରାଜା, ରାଜକର୍ମଚାରୀ ଓ ପ୍ରଜାଗଣ ସୁଖରୂପୀ ଫଳଭୋଗ କରିପାରିବେ ॥ ୧ ॥ ଯେପରି ଜୋକ, ବାଛୁରୀ ଓ ଭ୍ରମର ଅଳ୍ପ ଅଳ୍ପ କରି ଭୋଜ୍ୟବସ୍ତୁ ସଂଗ୍ରହ କରନ୍ତି, ସେହିପରି ରାଜା ପ୍ରଜାଙ୍କ ନିକଟରୁ ଅଳ୍ପ ଅଳ୍ପ କରି ବାର୍ଷିକକର ଗ୍ରହଣ କରିବେ ॥ ୨ ॥ ରାଜା ଲୋଭ ପରବଶ ହୋଇ ଅନ୍ୟର ସୁଖରେ କଦାପି କୁଠାରାଘାତ କରିବେ ନାହିଁ । ଯେଉଁମାନେ ସୁଖର ମୂଳୋଚ୍ଛେଦନ କରନ୍ତି ସେମାନେ ଅନ୍ୟର କେବଳ ନୁହେଁ ନିଜର ମଧ୍ୟ କ୍ଷତିସାଧନ କରିଥାନ୍ତି ॥୩॥ ରାଜାକାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି କେତେବେଳେ କଠୋର ଓ କେତେବେଳେ କୋମଳ ହେବେ । ଦୁଷ୍ଟଙ୍କ ପ୍ରତି କଠୋର ଓ ଶିଷ୍ଟଙ୍କ ପ୍ରତି କୋମଳ ହେଲେ ରାଜା ସମସ୍ତଙ୍କ ପ୍ରିୟପାତ୍ର ହୋଇ ସମ୍ମାନ ଲାଭକରିଥାନ୍ତି ॥୪॥ ରାଜା ରାଜ୍ୟରେ ଉତ୍ତମ ବ୍ୟବସ୍ଥା କରି ଓ ତନ୍ମଧ୍ୟରେ ସର୍ବଦା ସଂପୃକ୍ତ ରହି ଅପ୍ରମତ୍ତ ଭାବରେ ପ୍ରଜାପାଳନରେ ତତ୍ପର ରହିବେ ॥ ୫ ॥ ଯେଉଁ ଦେଶର ରାଜା, ରାଜକର୍ମଚାରୀ ଅଥବା ମନ୍ତ୍ରୀଗଣଙ୍କ ଜ୍ଞାତସାରରେ ଚୋର ଡକାୟତମାନେ ପ୍ରଜାମାନଙ୍କ ଧନଲୁଣ୍ଠନ କରନ୍ତି, ଅଥଚ ତାର କୌଣସି ପ୍ରକାର ପ୍ରତିକାର ହୋଇପାରେ ନାହିଁ, ସେ ଦେଶର ରାଜା ଓ ମନ୍ତ୍ରୀମାନେ ମୃତ ବ୍ୟକ୍ତିରୂପେ ପରିଗଣିତ ହୋଇ ନିନ୍ଦିତ ହୋଇଥାନ୍ତି ॥୬॥ ପ୍ରଜାପାଳନ ହେଉଛି ରାଜାଙ୍କ ପରମଧର୍ମ । ଯେଉଁ ରାଜା ମନୁସ୍ମୃତିର ସପ୍ତମ ଅଧ୍ୟାୟ ବର୍ଣ୍ଣିତ କର ଆଦାୟ ନୀତିକୁ ପାଳନ କରନ୍ତି, ସେମାନେ ଯୋଗ୍ୟ ରାଜା ଧର୍ମଦୃଷ୍ଟିରୁ ସୁଖଭୋଗ କରିଥାନ୍ତି । ଏହାର ବିପରୀତ ଆଚରଣରେ ଦୁଃଖ ଭୋଗିବାକୁ ପଡ଼ିଥାଏ ॥ ୭ ॥

> ଉତ୍ଥାୟ ପଶ୍ଚିମେ ଯାମେ କୃତଶୌଚଃ ସମାହିତଃ ।
> ହୁତାଗ୍ନିର୍ବ୍ରାହ୍ମଣାଂଶ୍ଚାର୍ଚ୍ଚ୍ୟ ପ୍ରବିଶେତ୍ସ ଶୁଭାଂ ସଭାମ୍ ॥ ୧ ॥
> ତତ୍ର ସ୍ଥିତାଃ ପ୍ରଜାଃ ସର୍ବାଃ ପ୍ରତିନନ୍ଦ୍ୟ ବିସର୍ଜୟେତ୍ ।
> ବିସୃଜ୍ୟ ଚ ପ୍ରଜାଃ ସର୍ବା ମନ୍ତ୍ରୟେତ୍ସହ ମନ୍ତ୍ରିଭିଃ ॥ ୨ ॥
> ଗିରିପୃଷ୍ଠଂ ସମାରୁହ୍ୟ ପ୍ରାସାଦଂ ବା ରହୋଗତଃ ।
> ଅରଣ୍ୟେ ନିଃଶଲାକେ ବା ମନ୍ତ୍ରୟେଦବିଭାବିତଃ ॥ ୩ ॥
> ଯସ୍ୟ ମନ୍ତ୍ରଂ ନ ଜାନନ୍ତି ସମାଗମ୍ୟ ପୃଥଗ୍ଜନାଃ ।
> ସ କୃତ୍ସ୍ନାଂ ପୃଥିବୀଂ ଭୁଙ୍କ୍ତେ କୋଶହୀନୋଽପି ପାର୍ଥିବଃ ॥ ୪ ॥

(ମନୁ ଅ ୭/୧୪୫-୧୪୮)

ରାତ୍ରିର ଶେଷ ପ୍ରହରରେ ଶଯ୍ୟାତ୍ୟାଗ ଓ ଶୌଚାଦି ନିତ୍ୟକର୍ମ ସମାପନ କରି, ରାଜା ଏକାଗ୍ରଚିତ୍ତରେ ପରମେଶ୍ୱରଙ୍କ ଧ୍ୟାନ କରି ଅଗ୍ନିହୋତ୍ର କରିବେ । ତାପରେ ଧାର୍ମିକ ବିଦ୍ୱାନ୍‌ମାନଙ୍କୁ ସତ୍କାର କରି ଭୋଜନ କରିବେ । ତାପରେ ସେ ସଭାରେ ପ୍ରବେଶ କରିବେ ॥୧॥ ସଭାରେ ଉପସ୍ଥିତ ପ୍ରଜାଗଣଙ୍କ ଆପତ୍ତି ଅଭିଯୋଗ

କୁହି ସଭାସଦମାନେ ବିଦାୟ ନେଇ ରାଜ୍ୟ ଶାସନ ସଂପର୍କରେ ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କରିବେ ।। ୨ ।। ତାପରେ ମନ୍ତ୍ରୀଙ୍କ ସହିତ ବୁଲିବାକୁ ଯିବେ । ପର୍ବତର ଶିଖର, ଜନଶୂନ୍ୟ ଅରଣ୍ୟରେ କିମ୍ବା ଏକାନ୍ତ ଗୃହରେ ମନ୍ତ୍ରୀଙ୍କ ସହିତ ବସି ବିରୁଦ୍ଧଭାବନା ତ୍ୟାଗକରି ଗୁପ୍ତପରାମର୍ଶମାନ କରିବେ ।। ୩ ।। ଯେଉଁ ରାଜାଙ୍କର ଗୁପ୍ତ ପରାମର୍ଶକୁ ଅନ୍ୟ କେହି ଜାଣି ପାରନ୍ତି ନାହିଁ, ଓ ଯେଉଁ ରାଜାଙ୍କ ବିଗ୍ରହ ଗମ୍ଭୀର, ଶୁଦ୍ଧ ଓ ପରୋପକାରକ, ସେହି ରାଜା ଧନହୀନ ହୋଇଥିଲେ ମଧ୍ୟ ପୃଥିବୀକୁ ଶାସନ କରିବାରେ ସମର୍ଥ ହୋଇଥାନ୍ତି । ଏଣୁ ସଭାସଦ୍‌ଙ୍କ ପରାମର୍ଶ ବ୍ୟତୀତ କୌଣସି କାର୍ଯ୍ୟ କରିବେ ନାହିଁ ।। ୪ ।।

ଆସନଂ ଚୈବ ଯାନଂ ଚ ସନ୍ଧିଂ ବିଗ୍ରହମେବ ଚ ।
କାର୍ଯ୍ୟଂ ବୀକ୍ଷ୍ୟ ପ୍ରଯୁଞ୍ଜୀତ ଦ୍ୱୈଧଂ ସଂଶ୍ରୟମେବ ଚ ।। ୧ ।।
ସନ୍ଧିଂ ତୁ ଦ୍ୱିବିଧଂ ବିଦ୍ୟାଦ୍ରାଜା ବିଗ୍ରହମେବ ଚ ।
ଉଭେ ଯାନାସନେ ଚୈବ ଦ୍ୱିବିଧଃ ସଂଶ୍ରୟଃ ସ୍ମୃତଃ ।। ୨ ।।
ସମାନଯାନକର୍ମା ଚ ବିପରୀତସ୍ତଥୈବ ଚ ।
ତଥା ତ୍ୱାୟତିସଂଯୁକ୍ତଃ ସନ୍ଧିର୍ଜ୍ଞେୟୋ ଦ୍ୱିଲକ୍ଷଣଃ ।। ୩ ।।
ସ୍ୱୟଂ କୃତଶ୍ଚ କାର୍ଯ୍ୟାର୍ଥ ମକାଳେ କାଳ ଏବ ବା ।
ମିତ୍ରସ୍ୟ ଚୈବାପକୃତେ ଦ୍ୱିବଧୋ ବିଗ୍ରହଃ ସ୍ମୃତଃ ।। ୪ ।।
ଏକାକିନଶ୍ଚାତ୍ୟୟିକେ କାର୍ଯ୍ୟେ ପ୍ରାପ୍ତେ ଯଦୃଚ୍ଛୟା ।
ସଂହତସ୍ୟ ଚ ମିତ୍ରେଣ ଦ୍ୱିବିଧଂ ଯାନମୁଚ୍ୟତେ ।। ୫ ।।
କ୍ଷୀଣସ୍ୟ ଚୈବ କ୍ରମଶୋ ଦୈବାତ୍ ପୂର୍ବକୃତେନ ବା ।
ମିତ୍ରସ୍ୟ ଚାନୁରୋଧେନ ଦ୍ୱିବିଧଂ ସ୍ମୃତମାସନମ୍ ।। ୬ ।।
ବଳସ୍ୟ ସ୍ୱାମିନଶ୍ଚୈବ ସ୍ଥିତିଃ କାର୍ଯ୍ୟାର୍ଥ ସିଦ୍ଧୟେ ।
ଦ୍ୱିବିଧ କୀର୍ତ୍ତ୍ୟତେ ଦ୍ୱୈଧଂ ଷାଡ୍‌ଗୁଣ୍ୟଗୁଣବେଦିଭିଃ ।। ୭ ।।
ଅର୍ଥସଂପାଦନାର୍ଥଂ ଚ ପୀଡ୍ୟମାନସ୍ୟ ଶତ୍ରୁଭିଃ ।
ସାଧୁଷୁ ବ୍ୟପଦେଶାର୍ଥଂ ଦ୍ୱିବିଧଃ ସଂଶ୍ରୟଃ ସ୍ମୃତଃ ।। ୮ ।।
ଯଦାବଗଚ୍ଛେଦାୟତ୍ୟାମାଧିକ୍ୟଂ ଧ୍ରୁବମାତ୍ମନଃ ।
ତଦାତ୍ୱେ ଚାଳ୍ପିକାଂ ପୀଡ଼ାଂ ତଦା ସନ୍ଧିଂ ସମାଶ୍ରୟେତ୍ ।। ୯ ।।
ଯଦା ପ୍ରହୃଷ୍ଟା ମନ୍ୟେତ ସର୍ବାସ୍ତୁ ପ୍ରକୃତୀର୍ଭୃଶମ୍ ।
ଅତ୍ୟୁଚ୍ଛ୍ରିତଂ ତଥାତ୍ମାନଂ ତଦା କୁର୍ବୀତ ବିଗ୍ରହମ୍ ।। ୧୦ ।।
ଯଦା ମନ୍ୟେତ ଭାବେନ ହୃଷ୍ଟଂ ପୁଷ୍ଟଂ ବଳଂ ସ୍ୱକମ୍ ।

ଯଦା ମନ୍ୟେତ ଭାବେନ ହୃଷ୍ଟଂ ପୁଷ୍ଟଂ ବଳଂ ସ୍ୱକମ୍ ।
ପରସ୍ୟ ବିପରୀତଂ ଚ ତଦା ଯାୟାଦ୍ରିପୁଂ ପ୍ରତି ।। ୧୧ ।।
ଯଦା ତୁ ସ୍ୟାତ୍ ପରିକ୍ଷୀଣୋ ବାହନେନ ବଳେନ ଚ ।
ତଦାସୀତ ପ୍ରଯତ୍ନେନ ଶନକୈଃ ସାନ୍ତ୍ୱୟନ୍ନରୀନ୍ ।। ୧୨ ।।
ମନ୍ୟେତାରିଂ ଯଦା ରାଜା ସର୍ବଥା ବଳବତ୍ତରମ୍ ।
ତଦା ଦ୍ୱିଧା ବଳଂ କୃତ୍ୱା ସାଧୟେତ୍ କାର୍ଯ୍ୟମାତ୍ମନଃ ।। ୧୩ ।।
ଯଦା ପରବଳାନାଂ ତୁ ଗମନୀୟତମୋ ଭବେତ୍ ।
ତଦା ତୁ ସଂଶ୍ରୟେତ୍ କ୍ଷିପ୍ରଂ ଧାର୍ମିକଂ ବଳିନଂ ନୃପମ୍ ।। ୧୪ ।।
ନିଗ୍ରହଂ ପ୍ରକୃତୀନାଂ ଚ କୁର୍ଯ୍ୟାଦ୍ୟୋରିବଳସ୍ୟ ଚ ।
ଉପସେବେତ ତଂ ନିତ୍ୟଂ ସର୍ବଯତ୍ନୈର୍ଗୁରୁଂ ଯଥା ।। ୧୫ ।।
ଯଦି ତତ୍ରାପି ସଂପଶ୍ୟେଦ୍ଦୋଷଂ ସଂଶ୍ରୟକାରିତମ୍ ।
ସୁଯୁଦ୍ଧମେବ ତତ୍ରାପି ନିର୍ବିଶଙ୍କଃ ସମାଚରେତ୍ ।। ୧୬ ।।

(ମନୁ ଅ ୭/୧୬୧-୧୭୬)

ଆସନ—ସ୍ଥିରତା, ଯାନ— ଶତ୍ରୁ ବିରୁଦ୍ଧରେ ଯୁଦ୍ଧଯାତ୍ରା, ସନ୍ଧି—ରାଜାଙ୍କ ସହିତ ବନ୍ଧୁତା ସ୍ଥାପନ, ବିଗ୍ରହ—ଦୁଷ୍ଟଲୋକଙ୍କ ସହିତ ଯୁଦ୍ଧ କରିବା, ଦ୍ୱୈଧ—ସେନାକୁ ଦୁଇଭାଗ କରି ବିଜୟ ହାସଲ କରିବା, ଓ ସଂଶ୍ରୟ— ଦୁର୍ବଳାବସ୍ଥାରେ ଅନ୍ୟ ଶକ୍ତିଶାଳୀ ରାଜାଙ୍କର ଆଶ୍ରୟ ଗ୍ରହଣ କରିବା, ଏହି ଛଅପ୍ରକାର ନୀତିବଳରେ ରାଜା ଓ ରାଜକର୍ମଚାରୀଗଣ ରାଜ୍ୟ ଶାସନ କରିବେ ।। ୧ ।। ସନ୍ଧି, ବିଗ୍ରହ, ଯାନ, ଆସନ ଦ୍ୱୈଧୀଭାବ ଓ ସଂଶ୍ରୟ ଏ ସବୁ ଦୁଇ ଦୁଇ ଭାଗରେ ବିଭକ୍ତ । ଏସବୁ ସଂପର୍କରେ ରାଜାଙ୍କର ସଚେତନ ରହିବା ଆବଶ୍ୟକ ।। ୨ ।। ମନ୍ତ୍ରୀ ଶତ୍ରୁ ସହିତ ମିଶିଯିବା ଅଥବା ଶତ୍ରୁସହିତ ମିଳାମିଶା ନ କରି ମଧ୍ୟ ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ବିଚାର କରି କର୍ତ୍ତବ୍ୟ ସମ୍ପାଦନ କରିବା ।। ୩ ।। ବିଗ୍ରହ- କାର୍ଯ୍ୟ ସିଦ୍ଧି ନିମିତ୍ତ ଉଚିତ ବା ଅନୁଚିତ ସମୟରେ ନିଜର କିମ୍ବା ମିତ୍ରରାଜାଙ୍କ ଶତ୍ରୁସହିତ ଯୁଦ୍ଧ କରିବା ଆବଶ୍ୟକ ।। ୪ ।। ଯାନ—ଆକସ୍ମିକ ଭାବେ କୌଣସି ପରିସ୍ଥିତି ସୃଷ୍ଟି ହେଲେ ଏକାକୀ ଅଥବା ମିତ୍ର ସଙ୍ଗ ସହିତ ମିଳିମିଶି ଯୁଦ୍ଧପାଇଁ ଅଗ୍ରସର ହେବା ।। ୫ ।। ଆସନ-କୌଣସି କାଳଦୋଷରେ ନିଜେ ଦୁର୍ବଳ ହୋଇ ପଡ଼ିଲେ ଅଥବା ମିତ୍ରଙ୍କ ଅନୁରୋଧକୁ ରକ୍ଷା କରି ସ୍ଥିର ହୋଇ ରହିଯିବେ ।। ୬ ।। ଦ୍ୱୈଧୀଭାବ— କାର୍ଯ୍ୟ ସିଦ୍ଧି ନିମନ୍ତେ ସେନାପତି ଓ ସେନାଙ୍କୁ ଦୁଇ ଭାଗରେ ବିଭକ୍ତ କରି ବିଜୟ ହାସଲ କରିବା ହିଁ ଦୁଇପ୍ରକାର ଦ୍ୱୈଧୀଭାବ ।। ୭ ।। ସଂଶ୍ରୟ—ଶତ୍ରୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ

କୌଣସି ଶକ୍ତିଶାଳୀ ରାଜା ବା କୌଣସି ମହାତ୍ମାଙ୍କ ଆଶ୍ରୟ ନେବା ଏହା ହେଉଛି ଦୁଇ ପ୍ରକାର ସଂଶ୍ରୟ ।।୮ ।। ବର୍ତ୍ତମାନ ଯୁଦ୍ଧକଲେ ନିଜର ଅନିଷ୍ଟ ଘଟିବ, କିନ୍ତୁ ପରେ ଯୁଦ୍ଧ କଲେ ନିଜର ବିଜୟ ଲାଭ ନିଶ୍ଚୟ ହେବ , ଏହା ଯଦି ଜଣା ପଡ଼େ ତେବେ ସେ ସମୟ ଆସିବା ପର୍ଯ୍ୟନ୍ତ ଶତ୍ରୁ ସହିତ ସନ୍ଧି ସ୍ଥାପନ କରି ଧୈର୍ଯ୍ୟଧାରଣ କରି ସମୟ ଗଡ଼ାଇ ଦେବେ । ଯେତେବେଳେ ନିଜର ସୈନ୍ୟ ସାମନ୍ତଙ୍କ ବଳ ବଢ଼ିଯିବ ପ୍ରଜାବର୍ଗ ଅତ୍ୟନ୍ତ ପ୍ରସନ୍ନ ଓ ଉନ୍ନତ ଥିବେ, ସେତେବେଳେ ଶତ୍ରୁ ସହିତ ଯୁଦ୍ଧ କରିବାକୁ ହେବ ।। ୧୦ ।।ଯେଉଁ ସମୟରେ ନିଜର ସୈନ୍ୟ ସାମନ୍ତ ପ୍ରସନ୍ନ ଓ ହୃଷ୍ଟପୁଷ୍ଟ ଥିବେ, କିନ୍ତୁ ଶତ୍ରୁପକ୍ଷର ବଳ କ୍ଷୀଣଥିବା ଜଣା ପଡ଼ିବ, ସେତେବେଳେ ଯୁଦ୍ଧଯାତ୍ରା କରିବ ।। ୧୧ ।।ଯଦି ସୈନ୍ୟବଳ ଓ ପରିବହନଶକ୍ତି ଦୁର୍ବଳ ହୋଇଥାଏ, ତେବେ ନିଜ ସ୍ଥାନରେ ସ୍ଥିରଭାବରେ ରହି ଶତ୍ରୁକୁ ଯତ୍ନର ସହିତ ଧୀରେ ଧୀରେ ଶାନ୍ତ କରିବ ।। ୧୨ ।।ଶତ୍ରୁ ସଂଖ୍ୟା ଅଧିକ ଥିଲେ ବା ପ୍ରବଳ ପରାକ୍ରମୀ ହୋଇଥିଲେ, ରାଜା ନିଜ ସେନାକୁ ଦ୍ୱିଗୁଣିତ କରି କିମ୍ବା ଦୁଇ ଭାଗରେ ବିଭକ୍ତ କରି ଯୁଦ୍ଧ କରିବେ ।।୧୩।।ଯଦି ଜଣାପଡ଼େ ଯେ ପ୍ରବଳ ଶତ୍ରୁ ଆକ୍ରମଣ କରିବାକୁ ଆସୁଛନ୍ତି, ତେବେ କୌଣସି ଧାର୍ମିକ ଓ ବଳଶାଳୀ ରାଜାଙ୍କ ଆଶ୍ରୟ ନେବାକୁ ହେବ ।। ୧୪ ।। ଯେଉଁ ପ୍ରଜା ବା ସେନା ଶତ୍ରୁବଳକୁ ପ୍ରତିରୋଧ ବା ଦମନ କରି ଦିଅନ୍ତି, ରାଜା ସେମାନଙ୍କୁ ଗୁରୁଙ୍କ ପରି ସେବା କରିବେ ।। ୧୫ ।। ଯେଉଁ ରାଜାଙ୍କ ନିକଟରେ ଆଶ୍ରୟ ନେବେ, ତାଙ୍କ ନିକଟରେ ଦ୍ରୋହାଚରଣ ଦେଖିଲେ ବା କୌଣସି ଦୋଷ ଦୁର୍ବଳତା ଥିଲେ, ନିଃସନ୍ଦେହମନରେ ତାଙ୍କ ସହିତ ଯୁଦ୍ଧ କରିବାକୁ ହେବ ।। ୧୬ ।। ଧାର୍ମିକ ରାଜାଙ୍କୁ କଦାପି ବିରୋଧ କରିବେ ନାହିଁ, ବରଂ ତାଙ୍କ ସହିତ ମିତ୍ରତା ସ୍ଥାପନ କରିବେ, କିନ୍ତୁ ପ୍ରବଳ ଦୁଷ୍ଟ ସହିତ ପୂର୍ବୋକ୍ତ ନିୟମରେ ଯୁଦ୍ଧ କରିବେ ।

ସର୍ବୋପାୟୈସ୍ତଥାକୁର୍ଯ୍ୟାନ୍ନୀତିଜ୍ଞଃ ପୃଥିବୀପତିଃ ।
ଯଥାସ୍ୟାଭ୍ୟଧିକା ନ ସ୍ୟୁର୍ମିତ୍ରୋଦାସୀନଶତ୍ରବଃ ।। ୧ ।।
ଆୟତିଂ ସର୍ବକାର୍ଯ୍ୟାଣାଂ ତଦାତ୍ୱଂ ଚ ବିଚାରୟେତ୍ ।
ଅତୀତାନାଂ ଚ ସର୍ବେଷାଂ ଗୁଣଦୋଷୌ ଚ ତତ୍ତ୍ୱତଃ ।। ୨ ।।
ଆୟତ୍ୟାଂ ଗୁଣଦୋଷଜ୍ଞସ୍ତଦାତ୍ୱେ କ୍ଷିପ୍ରନିଶ୍ଚୟଃ ।
ଅତୀତେ କାର୍ଯ୍ୟଶେଷଜ୍ଞଃ ଶତ୍ରୁଭିର୍ନାଭିଭୂୟତେ ।। ୩ ।।
ଯଥୈନଂ ନାଭିସନ୍ଦଧ୍ୟୁର୍ମିତ୍ରୋଦାସୀନଶତ୍ରବଃ ।
ତଥା ସର୍ବଂ ସଂବିଦଧ୍ୟାଦେଷ ସାମାସିକୋ ନୟଃ ।। ୪ ।।

(ମନୁ ଅ ୭ ୧୭୭-୧୮୦)

ଯେପରି ନିଜର ମିତ୍ର, ଉଦାସୀନ (ମଧ୍ୟସ୍ଥ) ଓ ଶତ୍ରୁମାନେ ଅଧିକ ଶକ୍ତିଶାଳୀ ନ ହୁଅନ୍ତି, ତାପାଇଁ ନୀତିବାନ୍ ପୃଥିବୀପତି ରାଜା ଅତ୍ୟନ୍ତ ସାବଧାନ ହୋଇ ରହିବେ ।। ୧ ।।ସମସ୍ତ ପ୍ରକାର ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ହେଉଥିବା କାର୍ଯ୍ୟକଳାପର ଗୁଣ ଓ ଦୋଷଗୁଡ଼ିକୁ ଯଥାଯଥଭାବେ ବିଚାର କରିବେ ।। ୨ ।।ଅତୀତର ଦୋଷର ନିରାକରଣ ଓ ଗୁଣର ସ୍ଥାୟିତ୍ୱପାଇଁ ଚେଷ୍ଟା କରିବେ । ଯେଉଁ ରାଜା ଭବିଷ୍ୟତ କାର୍ଯ୍ୟର ଗୁଣଦୋଷ ଜାଣିପାରି ବର୍ତ୍ତମାନ କାର୍ଯ୍ୟ ନିର୍ଦ୍ଧାରଣ କରନ୍ତି ଓ ତାର ଶେଷ ପରିଣତି ଉପଲବ୍ଧି କରନ୍ତି, ସେ କୌଣସି ପରିସ୍ଥିତିରେ ମଧ୍ୟ ପରାଜିତ ହୁଅନ୍ତି ନାହିଁ ।। ୩ ।।ସମସ୍ତ ରାଜକର୍ମଚାରୀ ବିଶେଷତଃ ରାଜା ଏପରି ଯତ୍ନ କରିବେ, ଯେପରି ନିଜର ମିତ୍ର ତଟସ୍ଥ ଓ ଶତ୍ରୁମାନେ ନିଜର ବଶୀଭୂତ ହେବେ, କେବେ କୌଣସି ପ୍ରକାର ବିରୁଦ୍ଧାଚରଣ କରିବେ ନାହିଁ । ଏହାକୁ ସଂକ୍ଷେପରେ ରାଜନୀତି କୁହାଯାଏ ।। ୪ ।।

କୃତ୍ୱା ବିଧାନଂ ମୂଳେ ତୁ ଯାତ୍ରିକଂ ଚ ଯଥାବିଧି ।
ଉପଗୃହ୍ୟାସ୍ପଦଂ ଚୈବ ଚାରାନ୍ ସମ୍ୟଗ୍ ବିଧାୟ ଚ ।। ୧ ।।
ସଂଶୋଧ୍ୟତ୍ରିବିଧଂ ମାର୍ଗଂ ଷଡ୍‌ବିଧଂ ଚ ବଳଂ ସ୍ୱକମ୍ ।
ସାଂପରାୟିକ କଳ୍ପେନ ଯାୟାଦରିପୁରଂ ଶନୈଃ ।। ୨ ।।
ଶତ୍ରୁସେବିନି ମିତ୍ରେ ଚ ଗୂଢ଼େ ଯୁକ୍ତତରୋ ଭବେତ୍ ।
ଗତପ୍ରତ୍ୟାଗତେ ଚୈବ ସହି କଷ୍ଟତରୋ ରିପୁଃ ।। ୩ ।।
ଦଣ୍ଡବ୍ୟୂହେନ ତନ୍ମାର୍ଗଂ ଯାୟାତ୍ତୁ ଶକଟେନ ବା ।
ବରାହମକରାଭ୍ୟାଂ ବା ସୂଚ୍ୟା ବା ଗରୁଡ଼େନ ବା ।। ୪ ।।
ଯତଶ୍ଚ ଭୟମାଶଙ୍କେତ୍ତତୋ ବିସ୍ତାରୟେଦ୍ ବଳମ୍ ।
ପଦ୍ମେନ ଚୈବ ବ୍ୟୂହେନ ନିବିଶେତ ସଦା ସ୍ୱୟମ୍ ।। ୫ ।।
ସେନାପତିବଳାଧ୍ୟକ୍ଷୌ ସର୍ବଦିକ୍ଷୁ ନିବେଶୟେତ୍ ।
ଯତଶ୍ଚ ଭୟମାଶଙ୍କେତ୍ ପ୍ରାଚୀଂ ତାଂ କଳ୍ପୟେଦ୍ଦିଶମ୍ ।। ୬ ।।
ଗୁଲ୍‌ମାଂଶ୍ଚ ସ୍ଥାପୟେଦାପ୍ତାନ୍ କୃତସଂଜ୍ଞାନ୍ ସମନ୍ତତଃ ।
ସ୍ଥାନେ ଯୁଦ୍ଧେ ଚ କୁଶଳାନଭୀରୂନବିକାରିଣଃ ।। ୭ ।।
ସଂହତାନ୍ ଯୋଧୟେଦଳ୍ପାନ୍ କାମଂ ବିସ୍ତାରୟେଦ୍ ବହୂନ୍ ।
ସୂଚ୍ୟା ବଜ୍ରେଣ ଚୈବୈତାନ୍ ବ୍ୟୂହେନ ବ୍ୟୂହ୍ୟ ଯୋଧୟେତ୍ ।। । ।।
ସ୍ୟନ୍ଦନାଶ୍ୱୈଃ ସମେ ଯୁଦ୍ଧ୍ୟେ ଦନୂପେ ନୌଦ୍ୱିପୈସ୍ତଥା ।
ବୃକ୍ଷଗୁଲ୍‌ମାବୃତେ ଚାପୈରସିଚର୍ମାୟୁଧୈଃ ସ୍ଥଳେ ।। ୯ ।।

ପ୍ରହର୍ଷୟେଦ୍ ବଳଂ ବ୍ୟୂହ୍ୟ ତାଂଶ୍ଚ ସମ୍ୟକ୍ ପରୀକ୍ଷୟେତ୍ ।
ଚେଷ୍ଟାଶ୍ଚୈବ ବିଜାନୀୟାଦରୀନ୍ ଯୋଧୟତାମପି ॥ ୧୦ ॥
ଉପରୁଧ୍ୟାରିମାସୀତ ରାଷ୍ଟ୍ରଂ ଚାସ୍ୟୋପପୀଡ଼ୟେତ୍ ।
ଦୂଷୟେଚ୍ଚାସ୍ୟ ସତତଂ ଯବସାନ୍ନୋଦକେନ୍ଧନମ୍ ॥ ୧୧ ॥
ଭିନ୍ଦ୍ୟାଚ୍ଚୈବ ତଡ଼ାଗାନି ପ୍ରାକାରପରିଖାସ୍ତଥା ।
ସମବସ୍କନ୍ଦୟେଚ୍ଚୈନଂ ରାତ୍ରୌ ବିତ୍ରାସୟେତ୍ତଥା ॥ ୧୨ ॥
ପ୍ରମାଣାନି ଚ କୁର୍ବୀତ ତେଷାଂ ଧର୍ମାନ୍ୟଥୋଦିତାନ୍ ।
ରତ୍ନୈଶ୍ଚ ପୂଜୟେଦେନଂ ପ୍ରଧାନପୁରୁଷୈଃ ସହ ॥ ୧୩ ॥
ଆଦାନମପ୍ରିୟକରଂ ଦାନଞ୍ଚ ପ୍ରିୟକାରକମ୍ ।
ଅଭୀପ୍ସିତାନାମର୍ଥାନାଂ କାଳେ ଯୁକ୍ତଂ ପ୍ରଶସ୍ୟତେ ॥ ୧୪ ॥

(ମନୁ ଅ ୭. ୧୮୪-୧୯୨, ୧୯୪-୧୯୬, ୨୦୩, ୨୦୪)

ରାଜା ଯୁଦ୍ଧ କରିବାକୁ ଯିବା ପୂର୍ବରୁ ନିଜ ରାଜ୍ୟରକ୍ଷାର ଉପଯୁକ୍ତ ବ୍ୟବସ୍ଥା ମାନ କରିବେ । ଯୁଦ୍ଧଯାତ୍ରାପାଇଁ ସମସ୍ତ ଆୟୋଜନ ଶେଷକରି, ସକଳ ସୈନ୍ୟ, ସାମନ୍ତ, ଯାନ, ବାହନ ଓ ଅସ୍ତ୍ରଶସ୍ତ୍ରାଦି ପୂର୍ଣ୍ଣମାତ୍ରାରେ ସଙ୍ଗରେ ଧରି ଓ ଚତୁର୍ଦ୍ଦିଗରେ ଗୁପ୍ତରେ ଦୂତମାନଙ୍କୁ ନିଯୁକ୍ତ କରି, ଶତ୍ରୁ ବିରୁଦ୍ଧରେ ଯୁଦ୍ଧ କରିବେ ॥ ୧ ॥ ସ୍ଥଳ ପଥ, ଜଳପଥ ଓ ଆକାଶ ପଥକୁ ବିଘ୍ନ ରହିତକରି, ଭୂମିରେ ରଥ, ଅଶ୍ୱ, ହାତୀ, ଜଳମାର୍ଗରେ ନୌକା ଓ ଆକାଶମାର୍ଗରେ ବିମାନାଦି [illegible] ଯିବେ । ପଦାତିକ [illegible] ସଙ୍ଗରେ ଧରି, [illegible] ଆରୋହଣ କରିବେ ॥ ୨ ॥ ଯେଉଁ ବ୍ୟକ୍ତି [illegible] ମନରେ [illegible] ବ୍ୟବହାର ଦେଖାଉଥାଏ, ତାଙ୍କ [illegible] ସମ୍ବନ୍ଧରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ହେବ । କାରଣ ଏପରି ବ୍ୟକ୍ତିକୁ [illegible] ଶତ୍ରୁ ବୋଲି ବିଶ୍ୱାସ କରିବାକୁ ହେବ ॥ ୩ ॥ ରାଜା ସମସ୍ତ ରାଜକର୍ମଚାରୀ ଓ ପ୍ରଜାମାନଙ୍କୁ ଯୁଦ୍ଧବିଦ୍ୟା ଶିଖାଇଦେବେ, ତା ସହିତ ନିଜେ ମଧ୍ୟ [illegible] ଶିକ୍ଷା କରିବେ । ଶିକ୍ଷିତ ଯୋଦ୍ଧାମାନେ ହିଁ ଉତ୍ତମ ଯୁଦ୍ଧ କୌଶଳ ଦେଖାଇ ଥାନ୍ତି । ନିମ୍ନଲିଖିତ ବ୍ୟୂହ ସମ୍ପର୍କରେ ଉତ୍ତମ ଶିକ୍ଷାଲାଭ କରିବା ଆବଶ୍ୟକ । ଯଥା–

ଦଣ୍ଡବ୍ୟୂହ– ଦଣ୍ଡଭଳି ସୈନ୍ୟ ସ୍ଥାପନା କରିବା, ଶକଟ ବ୍ୟୂହ-ଶଗଡ଼ ଗାଡ଼ି ଭଳି ସୈନ୍ୟ ସ୍ଥାପନା, ବରାହବ୍ୟୂହ- ବରାହ ଯେପରି ଅନ୍ୟ ବରାହମାନଙ୍କ ପଛରେ ଦୌଡ଼େ, ପୁଣି କେବେ କେବେ ସମସ୍ତଙ୍କ ସହିତ ମିଶିଯାଇ ଯୁଦ୍ଧକରେ, ମକରବ୍ୟୂହ–

କୁମ୍ଭୀର ଯେପରି ପାଣିରେ ବିଚରଣ କରେ, ସୈନ୍ୟମାନଙ୍କୁ ସେହିପରି ଚଳାଇବା, ସୂଚୀବ୍ୟୂହ– ଯେପରି ଛୁଞ୍ଚିର ଅଗ୍ରଭାଗ ସରୁ ଓ ପଛପଟ ମୋଟା ଥାଏ, ସେହିପରି ସେନା ସଜାଇବା, ନୀଳକଣ୍ଠବ୍ୟୂହ - ମୟୂର ଯେପରି ଉପରକୁ ଓ ତଳକୁ ଆକ୍ରମଣ କରେ, ସେହିପରି ସେନା ସଜାଇବେ ॥ ୪ ॥ ଯେଉଁ ଦିଗରୁ ଭୟର ଆଶଙ୍କା ଥିବ ସେହି ଦିଗରେ ଅଧିକ ସୈନ୍ୟ ସଜାଇ ରଖିବେ । ସେନାପତିମାନଙ୍କୁ [illegible] ରଖି ପଦ୍ମବ୍ୟୂହ ଅର୍ଥାତ୍ ସୈନ୍ୟମାନଙ୍କୁ ଚତୁର୍ଦ୍ଦିଗରେ ପଦ୍ମପାଖୁଡ଼ାପରି [illegible] ନିଜେ ମଧ୍ୟସ୍ଥଳୀରେ ରହିବେ ॥ ୫ ॥ ସେନାପତି ଓ ଆଦେଶଦାତା ସୈନ୍ୟମାନଙ୍କୁ ଆଠ ଦିଗରେ ସଜାଇ ରଖିବେ । ସମସ୍ତଙ୍କ ମୁଖ ଯୁଦ୍ଧପଟକୁ ରହିବା ସଙ୍ଗେ ସଙ୍ଗେ ପାର୍ଶ୍ୱ ଓ ପଶ୍ଚାତ୍ ଭାଗପ୍ରତି ମଧ୍ୟ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ହେବ । କାରଣ ସେପରି ନ କଲେ ସେହି ଦିଗରୁ ଶତ୍ରୁ ଆକ୍ରମଣ କରିପାରନ୍ତି ॥ ୬ ॥ ଯେଉଁ ସୈନ୍ୟମାନେ ଗୁଳ୍ମ ଅର୍ଥାତ୍ ଦୃଢ଼ସ୍ତମ୍ଭ ସଦୃଶ, ଯୁଦ୍ଧବିଦ୍ୟାରେ ପାରଙ୍ଗମ, ଧାର୍ମିକ ଚତୁର, ନିର୍ଭୀକ ଓ ନିର୍ବିକାର ସେମାନଙ୍କୁ ଚାରିପଟରେ ସଜାଇ ରଖିବେ ॥ ୭ ॥ ଅଳ୍ପସଂଖ୍ୟକ ସୈନ୍ୟ ନେଇ ବହୁସଂଖ୍ୟକ ସୈନ୍ୟଙ୍କ ସହିତ ଯୁଦ୍ଧ କରିବାକୁ ହେଲେ, ସୈନ୍ୟମାନଙ୍କୁ ମିଳିତ ହୋଇ ଯୁଦ୍ଧ କରିବାକୁ ପଡ଼ିବ । ଦରକାର ପଡ଼ିଲେ ସେମାନଙ୍କୁ ସହସା ଚତୁର୍ଦ୍ଦିଗରେ ବିସ୍ତାର କରିଦେବାକୁ ହେବ । ଯଦି ନଗର ଦୁର୍ଗ ଅଥବା ଶତ୍ରୁ ସେନା ମଧ୍ୟରେ ପ୍ରବେଶ କରିବାକୁ ପଡ଼େ, ତେବେ ସୂଚୀ ବ୍ୟୂହ ଅବା ବଜ୍ରବ୍ୟୂହ ରଚନା କରି ଅର୍ଥାତ୍ ଉଭୟପଟେ ଧାରଥିବା ଖଣ୍ଡା ଯେପରି ଦୁଇ ପଟେ କାଟି ପକାଏ, ସେପରି ଯୁଦ୍ଧକରିକରି ପ୍ରବେଶ କରିବାକୁ ହେବ । ଏପରି ବିଭିନ୍ନ ପ୍ରକାରରେ ସୈନ୍ୟ ରଚନା କରି ଯୁଦ୍ଧ କରିବାକୁ ହେବ । ଯେଉଁଠି ଶତଘ୍ନୀ ବା ତୋପ ଓ ଭୁଷଣ୍ଡୀ ବା ବନ୍ଧୁକରୁ ଗୁଳି ବାହାରୁ ଥିବ, ସେଠାରେ ସର୍ପବ୍ୟୂହ ଦ୍ୱାରା ଅର୍ଥାତ୍ ସାପ ପରି ଘୁଷୁରି ଘୁଷୁରି ଚାଲିବେ । ଏପରି ଭାବେ ଶତ୍ରୁ ନିକଟରେ ପହଞ୍ଚି ତୋପ ବା ବନ୍ଧୁକ ଦ୍ୱାରା ଶତ୍ରୁକୁ ମାରିବେ ଅଥବା ବୃଦ୍ଧ ଲୋକଙ୍କୁ ଶତ୍ରୁସେନାଙ୍କ ତୋପ ଆଗରେ ଦୌଡ଼ାଇ ନିଜେ କୌଶଳରେ ଲୁଚି ଛପି ଶତ୍ରୁକୁ ମାରିବେ । ମଧ୍ୟ ଭାଗରେ ଦକ୍ଷ ଅଶ୍ୱାରୋହୀ ସୈନ୍ୟ ରହିବେ, ସେମାନେ ଅତର୍କିତ ଭାବରେ ଆକ୍ରମଣ କରି ଶତ୍ରୁପକ୍ଷକୁ ଛିନ୍ନଭିନ୍ନ କରିଦେବେ ॥ ୮ ॥ ସମତଳ ଭୂମିରେ ଯୁଦ୍ଧ କରିବାକୁ ହେଲେ ରଥ, ଘୋଡ଼ା ପଦାତିକଙ୍କ ଦ୍ୱାରା, ସମୁଦ୍ରରେ ଯୁଦ୍ଧ ଚାଲୁଥିଲେ ନୌକା ଦ୍ୱାରା, ଅଳ୍ପଜଳରେ ହାତୀଦ୍ୱାରା ଓ ଅରଣ୍ୟରେ ଧନୁର୍ବାଣଦ୍ୱାରା ତଥା ବାଲୁକାମୟ ଭୂମିରେ ଢାଲ ଓ ତରବାରୀଦ୍ୱାରା ଯୁଦ୍ଧ କରିବେ ॥ ୯ ॥

ଯୁଦ୍ଧ ସମୟରେ ସମସ୍ତଙ୍କୁ ଯେପରି ଆନନ୍ଦ ଓ ଉତ୍ସାହ ମିଳେ ତାର ବ୍ୟବସ୍ଥା କରିବାକୁ ହେବ । ଯୁଦ୍ଧ ସ୍ଥଗିତ ରହିବାପରେ ଉତ୍ସାହୀ ବୀରମାନଙ୍କୁ ଉତ୍ସାହପୂର୍ଣ୍ଣ ବକ୍ତୃତା, ଅସ୍ତ୍ରଶସ୍ତ୍ର ପ୍ରଦାନ, ଖାଦ୍ୟପେୟ ଓ ଔଷଧପ୍ରଭୃତି ଦେଇ ସନ୍ତୁଷ୍ଟ କରାଇବେ । ବ୍ୟୂହ ରଚନା ନ କରି କଦାପି ଯୁଦ୍ଧ କରିବେ ନାହିଁ ଓ ଏ ସମୟରେ ସତର୍କ ରହି ଦେଖିବାକୁ ହେବ ଯେ, ସୈନ୍ୟଗଣ ଆନ୍ତରିକତାର ସହିତ ଯୁଦ୍ଧ କରୁଛନ୍ତି, ବା ଛଳନା ପୂର୍ଣ୍ଣଭାବେ କାର୍ଯ୍ୟ କରୁଛନ୍ତି ।। ୧୦ ।। ଆବଶ୍ୟକ ପଡ଼ିଲେ ଶତ୍ରୁମାନଙ୍କୁ ଘେରାଉ କରି କିଛି ସମୟ ରଖାଯାଇ ପାରେ, ଓ ତାଙ୍କ ରାଜ୍ୟକୁ ପୀଡ଼ିତ କରି ଶତ୍ରୁର ଖାଦ୍ୟ, ଜଳ, ଇନ୍ଧନ ପ୍ରଭୃତିକୁ ନଷ୍ଟ ବା ଦୂଷିତ କରାଯାଇ ପାରେ ।। ୧୧ ।। ଶତ୍ରୁର ଜଳାଶୟ, ବନ୍ଧ, ଖାଇ ଓ ପ୍ରାଚୀର ପ୍ରଭୃତିକୁ ନଷ୍ଟଭ୍ରଷ୍ଟ କରିଦେବ । ରାତ୍ରି ସମୟରେ ଭୟ ସୃଷ୍ଟି କରି ଜିତିବାର କୌଶଳ ଅବଲମ୍ବନ କରିବେ ।। ୧୨ ।। ବିଜୟଲାଭ ପରେ ଶତ୍ରୁଠାରୁ ପ୍ରତିଜ୍ଞାପତ୍ର ଲେଖାଇ ନେବ । ଆବଶ୍ୟକ ହେଲେ ସେହି ବଂଶର କୌଣସି ଧାର୍ମିକ ପୁରୁଷକୁ ରାଜାଭିଷିକ୍ତ କରି, ତାଠାରୁ ସର୍ତ୍ତ ଲେଖାଇ ନେବାକୁ ହେବ ଯେ, ସେ ସର୍ବଦା ଆଜ୍ଞାନୁବର୍ତ୍ତୀ ହୋଇ ଅର୍ଥାତ୍ ଧର୍ମାନୁକୂଳ ରାଜନୀତି ଅନୁସାରେ କାର୍ଯ୍ୟକରି ନ୍ୟାୟମାର୍ଗରେ ପ୍ରଜାପାଳନ କରିବ । ତା ନିକଟରେ ଏପରି ଲୋକ ରଖିବାକୁ ହେବ, ଯେପରି ସେ ଭବିଷ୍ୟତରେ ସେ କୌଣସି ଉପଦ୍ରବ କରିପାରିବ ନାହିଁ । ପରାଜିତଶତ୍ରୁକୁ ପ୍ରଧାନ୍ୟପୁରୁଷମାନଙ୍କ ସହିତ ରତ୍ନାଦି ଦାନ କରି ସତ୍କାର କରିବେ । ଜୀବନଧାରଣ କରିବା ଯୋଗ୍ୟରୁ କଦାପି ତାକୁ ବଞ୍ଚିତ କରିବେ ନାହିଁ । ବନ୍ଦୀ କରି ରଖିଲେ ତାର ଯୋଗ୍ୟ ସମ୍ମାନ କରିବ, ଯେପରି ସେ ଆନନ୍ଦରେ ରହିପାରିବ ।।୧୩।। କାରଣ ସଂସାରରେ ଅନ୍ୟର ଧନସମ୍ପତ୍ତି ହରଣ କରିବା ଅପ୍ରୀତିକର ଓ ଦେବାଦ୍ୱାରା ପ୍ରୀତି ଉତ୍ପନ୍ନ ହୁଏ । ବିଶେଷକରି ପରାଜିତ ବ୍ୟକ୍ତି ପ୍ରତି ସମୟୋଚିତ କାର୍ଯ୍ୟ କରିବା ଓ ତାକୁ ଅଭିଳଷିତ ପଦାର୍ଥ ପ୍ରଦାନ କରିବା ଅତ୍ୟନ୍ତ ଆବଶ୍ୟକ ।। କଦାପି ତାକୁ ଚିଡ଼ାଇବ ନାହିଁ, ଥଟ୍ଟା ପରିହାସ କରିବ ନାହିଁ, ଏପରିକି ତା ଆଗରେ ମୁଁ ତୁମକୁ ପରାସ୍ତ କରିଛି ବୋଲି କହିବ ନାହିଁ । ବରଂ "ଆପଣ ଆମର ଭାଇ" ବୋଲି କହି ସମ୍ମାନିତ କରିବାକୁ ହେବ ।।୧୪।।

ହିରଣ୍ୟଭୂମିସଂପ୍ରାପ୍ତ୍ୟା ପାର୍ଥିବୋ ନ ତଥୈଧତେ ।
ଯଥା ମିତ୍ରଂ ଧ୍ରୁବଂ ଲବ୍ଧ୍ୱା କୃଶମପ୍ୟାୟତିକ୍ଷମମ୍ ।। ୧ ।।
ଧର୍ମଜ୍ଞଂ ଚ କୃତଜ୍ଞଂ ଚ ତୁଷ୍ଟପ୍ରକୃତିମେବ ଚ ।
ଅନୁରକ୍ତଂ ସ୍ଥିରାରମ୍ଭଂ ଲଘୁମିତ୍ରଂ ପ୍ରଶସ୍ୟତେ ।। ୨ ।।

ପ୍ରାଜ୍ଞଂ କୁଲୀନଂ ଶୂରଂ ଚ ଦକ୍ଷଂ ଦାତାରମେବ ଚ ।
କୃତଜ୍ଞଂ ଧୃତିମନ୍ତଞ୍ଚ କଷ୍ଟମାହୁରରିଂ ବୁଧାଃ ।। ୩ ।।
ଆର୍ଯ୍ୟତା ପୁରୁଷଜ୍ଞାନଂ ଶୌର୍ଯ୍ୟଂ କରୁଣବେଦିତା ।
ସ୍ଥୌଲଲକ୍ଷ୍ୟଂ ଚ ସତତମୁଦାସୀନ ଗୁଣୋଦୟଃ ।। ୪ ।।

(ମନୁ ଅ ୭/୨୦୮-୨୧୧)

ବଳଶାଳୀ ହେଉ ବା ଦୁର୍ବଳ ହେଉ, ଅଟଳପ୍ରେମୀ, ଦୂରଦର୍ଶୀ, ତଥା କାର୍ଯ୍ୟସାଧନକ୍ଷମ ମିତ୍ରକୁ ପାଇ ରାଜା ଯେପରି ସମୃଦ୍ଧିଶାଳୀ ହୋଇପାରନ୍ତି, ସେପରି ସୁବର୍ଣ୍ଣ ଓ ଭୂମି ଲାଭକରି ମଧ୍ୟ ତଦ୍ରୂପ ହୋଇପାରନ୍ତି ନାହିଁ ।।୧।। କ୍ଷୁଦ୍ର କିମ୍ବା ଦୁର୍ବଳ ହୋଇଥିଲେ ମଧ୍ୟ ଧର୍ମଜ୍ଞ ଅର୍ଥାତ୍ କୃତଉପକାରକୁ ସର୍ବଦା ସ୍ୱୀକାର କରୁଥିବା, ପ୍ରସନ୍ନଚିତ୍ତ, ଅନୁରାଗୀ ଓ ଅଧ୍ୟବସାୟୀ ମିତ୍ର ଲାଭକରି ରାଜା ପ୍ରଶଂସିତ ହୋଇଥାନ୍ତି ।।୨।। ଏକଥା ଉତ୍ତମରୂପେ ଜାଣିବା ଉଚିତ ଯେ.... ବୁଦ୍ଧିମାନ୍, କୁଳୀନ, ଶୂରବୀର, ଚତୁର, ଦାତା, କୃତଜ୍ଞ ଓ ଧୈର୍ଯ୍ୟବାନ୍ ପୁରୁଷ ସହିତ କଦାପି ଶତ୍ରୁତା କରିବା ଉଚିତ ନୁହେଁ ।। କାରଣ ଏପରି ଲୋକଙ୍କ ସହିତ ଶତ୍ରୁତା କଲେ ଅନେକ ଦୁଃଖ ଭୋଗିବାକୁ ପଡ଼େ ।। ୩ ।। ଉଦାସୀନଙ୍କ ଲକ୍ଷଣ... ଯାହାଙ୍କଠାରେ ପ୍ରଶଂସିତ ଗୁଣଥାଏ, ଯେ ଭଲମନ୍ଦ ଗୁଣସବୁ ଚିହ୍ନିପାରନ୍ତି, ଯାହାଙ୍କର ଶୂରବୀରତା ଓ କରୁଣା ଥାଏ, ଓ ସ୍ଥୂଳଲକ୍ଷ୍ୟ ଅର୍ଥାତ୍ କୌଣସି କଥାକୁ ଉପରେ ଶୁଣନ୍ତି, ତାଙ୍କୁ ଉଦାସୀନ କୁହାଯାଏ ।।୪।।

ଏବଂ ସର୍ବମିଦଂ ରାଜା ସହ ସଂମନ୍ତ୍ର୍ୟ ମନ୍ତ୍ରିଭିଃ ।
ବ୍ୟାୟାମ୍ୟାପ୍ଲୁତ ମଧ୍ୟାହ୍ନେ ଭୋକ୍ତୁମନ୍ତଃପୁରଂ ବିଶେତ୍ ।।

(ମନୁ ୭/୨୧୬)

ରାଜା ପୂର୍ବୋକ୍ତମତେ ପ୍ରାତଃକାଳରେ ଶୌଚ୍ୟାଦି କ୍ରିୟା ସମାପନ କରି ଅଗ୍ନିହୋତ୍ର କରିବେ । ତାପରେ ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କରିବେ, ଭୃତ୍ୟ ତଥା ସେନାଧ୍ୟକ୍ଷଙ୍କ ସହିତ ମିଶି ସେମାନଙ୍କୁ ହର୍ଷିତକରି ନାନାପ୍ରକାର ବ୍ୟୂହଶିକ୍ଷା ଅର୍ଥାତ୍ ସୈନ୍ୟସଞ୍ଚାଳନ ଶିକ୍ଷାଦେବେ । ତାହାପରେ ଅଶ୍ୱଶାଳା, ହସ୍ତୀଶାଳା, ଗୋଶାଳା, ଶସ୍ତ୍ରାଗାର, ଚିକିତ୍ସାଳୟ ଓ ରାଜକୋଷ ଆଦି ପରିଦର୍ଶନ କରି ତହିଁରେ ଥିବା ତ୍ରୁଟିମାନ ସୁଧାରିବେ । ତାପରେ ବ୍ୟାୟାମଶାଳାକୁ ଯାଇ ବ୍ୟାୟାମ କରିବେ । ମଧ୍ୟାହ୍ନ ବେଳାରେ ଭୋଜନନିମିତ୍ତ ଅନ୍ତଃପୁରକୁ ପ୍ରବେଶ କରିବେ । ସେଠାରେ ସୁପରୀକ୍ଷିତ, ବୁଦ୍ଧିବଳ ପରାକ୍ରମ ବର୍ଦ୍ଧକ, ରୋଗନାଶକ, ଉପଯୁକ୍ତ ପଦାର୍ଥ ଭୋଜନ କରିବେ । ଏହିପରି ସର୍ବଦା ସୁଖରେ ରହି ରାଜ୍ୟ ତଥା ରାଜକାର୍ଯ୍ୟର ଉନ୍ନତି ସାଧନ କରନ୍ତୁ । ପ୍ରଜାଙ୍କଠାରୁ କର ଗ୍ରହଣ କରିବା ନିୟମ......

ପଞ୍ଚାଶଭାଗ ଆଦେୟୋ ରାଜ୍ଞା ପଶୁହିରଣ୍ୟୟୋଃ ।
ଧାନ୍ୟାନାମଷ୍ଟମୋ ଭାଗଃ ଷଷ୍ଠୋ ଦ୍ୱାଦଶ ଏବ ବା ।।

(ମନୁ ୭/୧୩୦)

ବ୍ୟବସାୟୀ ବା ଶିଳ୍ପୀ ସୁନା ବା ରୂପା ବ୍ୟବସାୟରୁ ଯେତେ ଲାଭ କରିବେ ତହିଁରୁ ପଚାଶଭାଗ, ଚାଉଳ ବା ଧାନ ପ୍ରଭୃତି ଉତ୍ପାଦନରୁ ଷଷ୍ଠ, ଅଷ୍ଟମ ବା ଦ୍ୱାଦଶ ଭାଗ ଗ୍ରହଣ କରିବେ । ଧନ ନେବାକୁ ହେଲେ ଏପରି ଉପାୟରେ ନେବାକୁହେବ ଯଦ୍ୱାରା କୃଷକ ଆଦି ଖାଦ୍ୟ, ପେୟ ଓ ଧନରହିତ ହୋଇ ଦୁଃଖଭୋଗୀ ନକରନ୍ତି । କାରଣ ପ୍ରଜାମାନେ ଧନାଢ୍ୟ ହୋଇ ସୁଖଶାନ୍ତିରେ ରହିଲେ ରାଜାଙ୍କର ଖୁବ୍ ଉନ୍ନତି ହୁଏ । ରାଜା ପ୍ରଜାମାନଙ୍କୁପୁତ୍ରପରି ପାଳନ କରିବେ, ପ୍ରଜାମାନେ ମଧ୍ୟ ରାଜାଙ୍କୁ ପିତୃତୁଲ୍ୟ ମନେ କରିବେ । ଏକଥା ସତ୍ୟ ଯେ କୃଷକ ଆଦି ଶ୍ରମଜୀବୀମାନେ ହେଉଛନ୍ତି ରାଜାଧିରାଜ ଓ ସେମାନଙ୍କ ରକ୍ଷକ ହେଉଛନ୍ତି ରାଜା । ପ୍ରଜା ନ ଥିଲେ ରାଜା କୁଆଡୁ ଆସିବେ ? ରାଜା ଓ ପ୍ରଜା ଉଭୟେ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ସ୍ୱାଧୀନ, କିନ୍ତୁ ପ୍ରୀତିକର ସମ୍ମିଳିତ କାର୍ଯ୍ୟରେ ଉଭୟେ ପରାଧୀନ । ପ୍ରଜାଙ୍କ ମତ ବିରୁଦ୍ଧରେ ରାଜା ଯିବେ ନାହିଁ, କିମ୍ବା ରାଜାଙ୍କ ମନଇଚ୍ଛାରେ ପ୍ରଜାମାନେ ଚଳିବେ ନାହିଁ । ଏହାହିଁ ରାଜାଙ୍କର ରାଜକୀୟ କାର୍ଯ୍ୟ । ଏହାକୁ "ପଲିଟିକାଲ୍" କୁହାଯାଏ । ସଂକ୍ଷେପରେ ଏହା ବର୍ଣ୍ଣନା କରାଗଲା । ଯେଉଁମାନେ ଏ ବିଷୟରେ ଅଧିକ ଜାଣିବାକୁ ଚାହାନ୍ତି, ସେମାନେ ଋଗବେଦ, ମନୁସ୍ମୃତି, ଶୁକ୍ରନୀତି ଓ ମହାଭାରତ ପ୍ରଭୃତି ପାଠ କରିବା ଏକାନ୍ତ ଆବଶ୍ୟକ । ପ୍ରଜାଙ୍କୁ ନ୍ୟାୟରେ ଶାସନ କରିବାକୁ ହେଲେ ମନୁସ୍ମୃତିର ଅଷ୍ଟମ ଓ ନବମ ଅଧ୍ୟାୟ ଅନୁଧ୍ୟାନ କରିବା ଆବଶ୍ୟକ । ଏଠାରେ ସଂକ୍ଷେପରେ ସେ ସଂପର୍କରେ କିଛି ଉଲ୍ଲେଖ କରାଗଲା...

ପ୍ରତ୍ୟହଂ ଦେଶଦୃଷ୍ଟୈଶ୍ଚ ଶାସ୍ତ୍ରଦୃଷ୍ଟୈଶ୍ଚ ହେତୁଭିଃ ।
ଅଷ୍ଟାଦଶସୁ ମାର୍ଗେଷୁ ନିବଦ୍ଧାନି ପୃଥକ୍ ପୃଥକ୍ ।। ୧ ।।
ତେଷାମାଦ୍ୟମୃଣାଦାନଂ ନିକ୍ଷେପୋଽସ୍ୱାମିବିକ୍ରୟଃ ।
ସଂଭୂୟ ଚ ସମୁତ୍ଥାନଂ ଦତ୍ତସ୍ୟାନପକର୍ମ ଚ ।। ୨ ।।
ବେତନସ୍ୟୈବ ଚାଦାନଂ ସଂବିଦଶ୍ଚ ବ୍ୟତିକ୍ରମଃ ।
କ୍ରୟବିକ୍ରୟାନୁଶୟୋ ବିବାଦଃ ସ୍ୱାମିପାଳୟୋଃ ।। ୩ ।।
ସୀମାବିବାଦଧର୍ମଶ୍ଚ ପାରୁଷ୍ୟେ ଦଣ୍ଡବାଚିକେ ।
ସ୍ତେୟଂ ଚ ସାହସଂ ଚୈବ ସ୍ତ୍ରୀସଙ୍ଗ୍ରହଣମେବ ଚ ।। ୪ ।।

ସ୍ତ୍ରୀପୁଂଧର୍ମୋ ବିଭାଗଶ୍ଚ ଦ୍ୟୂତମାହ୍ୱୟ ଏବ ଚ ।
ପଦାନ୍ୟଷ୍ଟାଦଶୈତାନି ବ୍ୟବହାରସ୍ଥିତାବିହ ।। ୫ ।।
ତେଷୁ ସ୍ଥାନେଷୁ ଭୂୟିଷ୍ଠଂ ବିବାଦଂ ଚରତାଂ ନୃଣାମ୍ ।
ଧର୍ମଂ ଶାଶ୍ୱତମାଶ୍ରିତ୍ୟ କୁର୍ଯ୍ୟାତ୍ କାର୍ଯ୍ୟବିନିର୍ଣ୍ଣୟମ୍ ।। ୬ ।।
ଧର୍ମୋ ବିଦ୍ଧସ୍ତ୍ୱ ଧର୍ମେଣ ସଭାଂ ଯତ୍ରୋପତିଷ୍ଠତେ ।
ଶଲ୍ୟଂ ଚାସ୍ୟ ନ କୃନ୍ତନ୍ତି ବିଦ୍ଧାସ୍ତତ୍ର ସଭାସଦଃ ।। ୭ ।।
ସଭା ବା ନ ପ୍ରବେଷ୍ଟବ୍ୟା ବକ୍ତବ୍ୟଂ ବା ସମଞ୍ଜସମ୍ ।
ଅବ୍ରୁବନ୍ ବିବ୍ରୁବନ୍ବାପି ନରୋ ଭବତି କିଲ୍ବିଷୀ ।। ୮ ।।
ଯତ୍ର ଧର୍ମୋ ହ୍ୟଧର୍ମେଣ ସତ୍ୟଂ ଯତ୍ରାନୃତେନ ଚ ।
ହନ୍ୟତେ ପ୍ରେକ୍ଷମାଣାନାଂ ହତାସ୍ତତ୍ର ସଭାସଦଃ ।। ୯ ।।
ଧର୍ମ ଏବ ହତୋ ହନ୍ତି ଧର୍ମୋ ରକ୍ଷତି ରକ୍ଷିତଃ ।
ତସ୍ମାଦ୍ଧର୍ମୋ ନ ହନ୍ତବ୍ୟୋ ମା ନୋ ଧର୍ମୋ ହତୋଽବଧୀତ୍ ।। ୧୦ ।।
ବୃଷୋ ହି ଭଗବାନ୍ ଧର୍ମସ୍ତସ୍ୟ ଯଃ କୁରୁତେ ହ୍ୟଲମ୍ ।
ବୃଷଳଂ ତଂ ବିଦୁର୍ଦେବାସ୍ତସ୍ମାଦ୍ଧର୍ମଂ ନ ଲୋପୟେତ୍ ।। ୧୧ ।।
ଏକ ଏବ ସୁହୃଦ୍ଧର୍ମୋ ନିଧନେଽପ୍ୟନୁଯାତି ଯଃ ।
ଶରୀରେଣ ସମଂ ନାଶଂ ସର୍ବମନ୍ୟଦ୍ଧି ଗଚ୍ଛତି ।। ୧୨ ।।
ପାଦୋଽଧର୍ମସ୍ୟ କର୍ତ୍ତାରଂ ପାଦଃ ସାକ୍ଷିଣମୃଚ୍ଛତି ।
ପାଦଃ ସଭାସଦଃ ସର୍ବାନ୍ ପାଦୋ ରାଜାନମୃଚ୍ଛତି ।। ୧୩ ।।
ରାଜା ଭବତ୍ୟନେନାସ୍ତୁ ମୁଚ୍ୟନ୍ତେ ଚ ସଭାସଦଃ ।
ଏନୋ ଗଚ୍ଛତି କର୍ତ୍ତାରଂ ନିନ୍ଦାର୍ହୋଯତ୍ର ନିନ୍ଦ୍ୟତେ ।। ୧୪ ।।

(ମନୁ ଅ.୮/୩-୮, ୧୨-୧୯)

ରାଜା, ରାଜସଭା ଓ ରାଜକର୍ମଚାରୀଗଣ ସମାନଭାବରେ ଦେଶାଚାର ଓ ଶାସ୍ତ୍ରବିଧି ଅନୁସାରେ ନିମ୍ନଲିଖିତ ଅଠରଗୋଟି ବିବାଦାସ୍ପଦ ମାର୍ଗରେ ବିବାଦଯୁକ୍ତକର୍ମ ନିର୍ଣ୍ଣୟ ପ୍ରତିଦିନ କରିବେ । ଯେଉଁସବୁ ନିୟମ ଶାସ୍ତ୍ରରେ ଉଲ୍ଲେଖ ନ ଥିବ ଅଥଚ ତାହା ଯଦି ରାଜା, ରାଜ୍ୟ ଓ ପ୍ରଜାଙ୍କର ମଙ୍ଗଳକର ହୋଇଥିବ, ତେବେ ସେପରି ନିୟମମାନ ପ୍ରଣୟନ କରିବେ ।। ୧ ।। ଅଷ୍ଟାଦଶ ମାର୍ଗ ଯଥା.........

୧- ଋଣଦାନ– ଋଣ ଦେବା ନେବା ସଂପର୍କୀୟ ବିବାଦ ।

୨- ନିକ୍ଷେପ– ବିଶ୍ୱାସରେ କେହି କାହାନିକଟରେ କୌଣସି ଦ୍ରବ୍ୟ ରଖିଥିଲେ ତାକୁ ମାଗିଲେ ନ ଦେବା ସଂପର୍କୀୟ ବିବାଦ ।

୩- ଅସ୍ୱାମିବିକ୍ରୟ- ଅଧିକାର ନଥାଇ କୌଣସି ଦ୍ରବ୍ୟର ବିକ୍ରୟ ।
୪- ସଂଭୂୟ ଚ ସମୁତ୍‌ଥାନମ୍- କୌଣସି ବ୍ୟକ୍ତି ଉପରେ ସଂଘବଦ୍ଧ ଭାବରେ ଅତ୍ୟାଗ୍ର କରିବା ।
୫-ଦତ୍ତସ୍ୟାନପକର୍ମଚ- ଦେଇଥିବା ଦ୍ରବ୍ୟକୁ ନ ଫେରାଇବା ।। ୨ ।।
୬- ବେତନସ୍ୟୈବଚାଦାନମ୍- ବେତନ ସଂପର୍କୀୟ, ଯଥା- ଚାକିରୀରୁ ଛଟେଇ କରିବା, ବେତନ ନ ଦେବା କିମ୍ବା ଅଳ୍ପ ବେତନ ଦେବା ।
୭-ପ୍ରତିଜ୍ଞା- ପ୍ରତିଜ୍ଞା ଭଙ୍ଗ କରିବା ।
୮- କ୍ରୟବିକ୍ରୟାନୁଶୟ- କ୍ରୟବିକ୍ରୟ ସମ୍ବନ୍ଧୀୟ କଳହ ।
୯-ପଶୁର ମାଲିକ ଓ ପାଳନକାରୀ ମଧ୍ୟରେ କଳହ ।। ୩ ।।
୧୦- ସୀମା ବିବାଦ ।।
୧୧- କାହାକୁ ମାରିବା ।।
୧୨- କାହାକୁ କଠୋର କଥାକହି ଗାଳି ଦେବା ।।
୧୩-ଚୋରି, ଡକାୟତି ।।
୧୪- ବଳାତ୍କାରରେ କୌଣସି କାର୍ଯ୍ୟ କରିବା ।।
୧୫- ଯେ କୌଣସି ସ୍ତ୍ରୀ ପୁରୁଷଙ୍କ ବ୍ୟଭିଚାର ।। ୪ ।।
୧୬- ସ୍ତ୍ରୀ ବା ପୁରୁଷର କର୍ତ୍ତବ୍ୟରେ ବ୍ୟତିକ୍ରମ ଘଟିବା ।
୧୭- ଭାଗବଣ୍ଟା ବିବାଦ ।
୧୮- ଜଡ଼ ବା ଜୀବନ୍ତ ବସ୍ତୁକୁ ବାଜିରଖି ଜୁଆ ପଶାଆଦି ଖେଳିବା ।।୫।।

ଏହି ଅଠର ଗୋଟି କାର୍ଯ୍ୟରେ ପରସ୍ପର ମଧ୍ୟରେ ବିବାଦ ସୃଷ୍ଟି ହୁଏ । ଏ ସବୁ ବିବାଦକୁ ସନାତନ ଧର୍ମଦୃଷ୍ଟିରୁ ବିଚାର କରିବାକୁ ହେବ, ଅର୍ଥାତ୍ ବାଦୀପ୍ରତିବାଦୀ କାହାରି ପ୍ରତି ପକ୍ଷପାତ ନକରି ଉକ୍ତ ବିଷୟରେ ନ୍ୟାୟ ବିଚାର କରିବା ଆବଶ୍ୟକ ।।୬।। ଯେଉଁ ସଭାରେ ଅଧର୍ମଦ୍ୱାରା ଆଘାତପାଇ ଧର୍ମ ବିଚାର ପାଇଁ ଉପସ୍ଥିତ ହୁଏ, ଯଦି ଧର୍ମର ଶଲ୍ୟ, ଅର୍ଥାତ୍ ତୀରବତ୍ କଳଙ୍କକୁ ବାହାରକରି ଅଧର୍ମକୁ ଛେଦନ ନ କରାଯାଏ ଅର୍ଥାତ୍ ଧାର୍ମିକମାନଙ୍କୁ ସମ୍ମାନିତ ଓ ଅଧାର୍ମିକଙ୍କୁ ଦଣ୍ଡବିଧାନ କରା ନଯାଏ, ତେବେ ସେହି ସଭାର ସଭାସଦ୍‌ଗଣ ନିନ୍ଦିତ ହୁଅନ୍ତି ।। ୭ ।। ଧାର୍ମିକ ଲୋକେ ସଭାରେ ପ୍ରବେଶ କଲାମାତ୍ରକେ ସତ୍ୟକଥା ହିଁ ପ୍ରକାଶ କରିବେ, ନତୁବା ସଭାକୁ ଯିବା ଅନାବଶ୍ୟକ । ଯେଉଁମାନେ ସଭାରେ ଅନ୍ୟାୟ ହେଉଥିବା ଦେଖି ମଧ୍ୟ ନୀରବ ରହନ୍ତି, ଅର୍ଥାତ୍ ସତ୍ୟ ଓ ନ୍ୟାୟ ବିରୁଦ୍ଧରେ ମତ ଦିଅନ୍ତି, ସେମାନେ ମହାପାପୀ ରୂପେ ପରିଗଣିତ ହୁଅନ୍ତି ।। ୮ ।। ଯେଉଁ ସଭାରେ ମିଥ୍ୟାଦ୍ୱାରା ସତ୍ୟର

ଓ ଅଧର୍ମଦ୍ୱାରା ଧର୍ମର ବିନାଶ ହୁଏ, ତେବେ ବୁଝିବାକୁ ହେବ ଯେ ସେହି ସଭାର ସମସ୍ତ ସଭାସଦ୍ ମୃତତୁଲ୍ୟ ଅଟନ୍ତି, କାହାକୁ ଜୀବିତ ବୋଲି ଗଣନା କରାଯିବ ନାହିଁ ।।୯।। ଯେଉଁ ବ୍ୟକ୍ତି ଧର୍ମକୁ ନଷ୍ଟକରେ ବିନଷ୍ଟ ଧର୍ମ ସେହି ବ୍ୟକ୍ତିକୁ ନଷ୍ଟ କରିଦିଏ । ଯେ ଧର୍ମକୁ ରକ୍ଷାକରେ, ରକ୍ଷିତ ଧର୍ମ, ଧର୍ମ ରକ୍ଷାକାରୀକୁ ରକ୍ଷା କରିଥାଏ । ଏଣୁ ଜାଣିଶୁଣି ଧର୍ମକୁ ନାଶ କରିବା ଉଚିତ ନୁହେଁ ।।୧୦।। ଯେଉଁବ୍ୟକ୍ତି ସମସ୍ତ ଐଶ୍ୱର୍ଯ୍ୟଦାତା ଓ ସୁଖପ୍ରଦାନକାରୀ ଧର୍ମକୁ ନଷ୍ଟ କରେ, ତାକୁ ବିଦ୍ୱାନ୍‌ମାନେ ବୃଷଳ ଅର୍ଥାତ୍ ଶୂଦ୍ର ଓ ନୀଚ ବୋଲି କହିଥାନ୍ତି । ଏଣୁ କୌଣସି ବ୍ୟକ୍ତି ଧର୍ମକୁ ଲୋପକରିବା ଅନୁଚିତ ।। ୧୧ ।। ସକଳ ସଂସାର ମଧ୍ୟରେ ଧର୍ମହିଁ ଏକମାତ୍ର ପ୍ରକୃତ ବନ୍ଧୁ । ଯେଣୁ ମୃତ୍ୟୁପରେ ସେହି ଧର୍ମହିଁ ସଙ୍ଗରେ ଯାଇଥାଏ, ଅନ୍ୟ ସବୁକିଛି ମୃତ୍ୟୁ ପରେ ପରେ ଦୂରେଇ ଯାଆନ୍ତି ।। ୧୨ ।। ଯେଉଁ ରାଜସଭାରେ ପକ୍ଷପାତପୂର୍ବକ କୌଣସି ଅନ୍ୟାୟ କରାଯାଏ, ସେତେବେଳେ ସେଠାରେ ଅଧର୍ମ ଚାରିପାଦରେ ବିଭକ୍ତ ହୋଇଯାଏ । ପ୍ରଥମପାଦ ଅଧର୍ମକାର୍ଯ୍ୟ କରିଥିବା ଲୋକ ସଙ୍ଗରେ, ୨ୟପାଦ ସାକ୍ଷୀ ସଙ୍ଗରେ, ୩ୟପାଦ ସଭାସଦ୍ ବର୍ଗଙ୍କ ସଙ୍ଗରେ ଓ ୪ର୍ଥ ପାଦ ରାଜାଙ୍କ ସଙ୍ଗରେ ମିଶିଯାଏ ।। ୧୩ ।। ଯେଉଁ ସଭାରେ ନିନ୍ଦନୀୟକୁ ନିନ୍ଦା, ପ୍ରଶଂସନୀୟକୁ ପ୍ରଶଂସା, ଦଣ୍ଡନୀୟକୁ ଦଣ୍ଡ ଓ ସମ୍ମାନ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ମାନ ଦିଆଯାଏ, ସେଠାରେ ଥିବା ରାଜା ଓ ସମସ୍ତ ସଭାସଦ୍ ପାପରହିତ ହୋଇ ପବିତ୍ର ହୋଇଯାଆନ୍ତି । ପାପ କେବଳ ପାପକାରୀକୁ ଆଶ୍ରୟ କରେ ।। ୧୪ ।। କିପରି ଲୋକ ସାକ୍ଷୀ ହେବା ଆବଶ୍ୟକ, ତାହା ଏବେ ଦେଖନ୍ତୁ.....

ଆପ୍ତାଃ ସର୍ବେଷୁ ବର୍ଣ୍ଣେଷୁ କାର୍ଯ୍ୟାଃ କାର୍ଯ୍ୟେଷୁ ସାକ୍ଷିଣଃ ।
ସର୍ବଧର୍ମବିଦୋଽଲୁବ୍‌ଧା ବିପରୀତାଂସ୍ତୁ ବର୍ଜୟେତ୍ ।। ୧ ।।
ସ୍ତ୍ରୀଣାଂ ସାକ୍ଷ୍ୟଂ ସ୍ତ୍ରିୟଃ କୁର୍ଯ୍ୟୁ ର୍ଦ୍ୱିଜାନାଂ ସଦୃଶା ଦ୍ୱିଜାଃ ।
ଶୂଦ୍ରାଶ୍ଚ ସନ୍ତଃ ଶୂଦ୍ରାଣାମନ୍ତ୍ୟାନାମନ୍ତ୍ୟ ଯୋନୟଃ ।। ୨ ।।
ସାହସେଷୁ ଚ ସର୍ବେଷୁ ସ୍ତେୟସଙ୍ଗ୍ରହଣେଷୁ ଚ ।
ବାଗ୍‌ଦଣ୍ଡୟୋଶ୍ଚ ପାରୁଷ୍ୟେ ନ ପରୀକ୍ଷେତ ସାକ୍ଷିଣଃ ।। ୩ ।।
ବହୁତ୍ୱଂ ପରିଗୃହ୍ଣୀୟାତ୍ ସାକ୍ଷିଦ୍ୱୈଧେ ନରାଧିପଃ ।
ସମେଷୁ ତୁ ଗୁଣୋତ୍କୃଷ୍ଟାନ୍ ଗୁଣିଦ୍ୱୈଧେ ଦ୍ୱିଜୋତ୍ତମାନ୍ ।। ୪ ।।
ସମକ୍ଷଦର୍ଶନାତ୍ ସାକ୍ଷ୍ୟଂ ଶ୍ରବଣାଚ୍ଚୈବ ସିଧ୍ୟତି ।
ତତ୍ର ସତ୍ୟଂ ବ୍ରୁବନ୍ ସାକ୍ଷୀ ଧର୍ମାର୍ଥାଭ୍ୟାଂ ନ ହୀୟତେ ।। ୫ ।।

ସାକ୍ଷୀ ଦୃଷ୍ଟଶ୍ରୁତାଦନ୍ୟଦ୍ୱିବ୍ରୁବନ୍ନାର୍ଯ୍ୟ ସଂସଦି ।
ଅବାଙ୍ ନରକମଭ୍ୟେତି ପ୍ରେତ୍ୟ ସ୍ୱର୍ଗାଚ୍ଚ ହୀୟତେ ।। ୬ ।।
ସ୍ୱଭାବେନୈବ ଯଦ୍ ବ୍ରୂୟୁସ୍ତଦ୍ ଗ୍ରାହ୍ୟଂ ବ୍ୟାବହାରିକମ୍ ।
ଅତୋ ଯଦନ୍ୟଦ୍ୱିବ୍ରୂୟୁର୍ଧର୍ମାର୍ଥଂ ତଦପାର୍ଥକମ୍ ।। ୭ ।।
ସଭାନ୍ତଃ ସାକ୍ଷିଣଃ ପ୍ରାପ୍ତାନର୍ଥି ପ୍ରତ୍ୟର୍ଥି ସନ୍ନିଧୌ ।
ପ୍ରାଡ୍ ବିବାକୋଽନୁଯୁଞ୍ଜୀତ ବିଧିନାଽନେନ ସାନ୍ତ୍ୱୟନ୍ ।। ୮ ।।
ଯଦ୍ ଦ୍ୱୟୋରନୟୋର୍ବେତ୍ଥ କାର୍ଯ୍ୟେଽସ୍ମିଂଶ୍ଚେଷ୍ଟିତଂ ମିଥଃ ।
ତଦ୍ ବ୍ରୂତ ସର୍ବଂ ସତ୍ୟେନ ଯୁଷ୍ମାକଂ ହ୍ୟତ୍ର ସାକ୍ଷିତା ।। ୯ ।।
ସତ୍ୟଂ ସାକ୍ଷ୍ୟେ ବ୍ରୁବନ୍ ସାକ୍ଷୀ ଲୋକାନାପ୍ନୋତି ପୁଷ୍କଲାନ୍ ।
ଇହ ଚାନୁତ୍ତମାଂ କୀର୍ତ୍ତିଂ ବାଗେଷା ବ୍ରହ୍ମପୂଜିତା ।। ୧୦ ।।
ସତ୍ୟେନ ପୂୟତେ ସାକ୍ଷୀ ଧର୍ମଃ ସତ୍ୟେନ ବର୍ଦ୍ଧତେ ।
ତସ୍ମାତ୍ସତ୍ୟଂ ହି ବକ୍ତବ୍ୟଂ ସର୍ବବର୍ଣ୍ଣେଷୁ ସାକ୍ଷିଭିଃ ।। ୧୧ ।।
ଆତ୍ମୈବହ୍ୟାତ୍ମନଃ ସାକ୍ଷୀ ଗତିରାତ୍ମା ତଥାତ୍ମନଃ ।
ମାବମଂସ୍ଥା ସ୍ୱମାତ୍ମାନଂ ନୃଣାଂ ସାକ୍ଷିଣମୁତ୍ତମମ୍ ।। ୧୨ ।।
ଯସ୍ୟ ବିଦ୍ୱାନ୍ ହି ବଦତଃ କ୍ଷେତ୍ରଜ୍ଞୋ ନାଭିଶଙ୍କତେ ।
ତସ୍ମାନ୍ନ ଦେବାଃ ଶ୍ରେୟାଂସଂ ଲୋକେଽନ୍ୟଂ ପୁରୁଷଂ ବିଦୁଃ ।। ୧୩ ।।
ଏକୋଽହମସ୍ମୀତ୍ୟାତ୍ମାନଂ ଯତ୍ତ୍ୱଂ କଲ୍ୟାଣ ମନ୍ୟସେ ।
ନିତ୍ୟଂ ସ୍ଥିତସ୍ତେ ହୃଦ୍ୟେଷଃପୁଣ୍ୟପାପେକ୍ଷିତା ମୁନିଃ ।। ୧୪ ।।

(ମନୁ ଅ॰ ୮/୭୩, ୬୮ , ୭୨-୭୫, ୭୮ । ୧, ୮୩, ୮୪, ୯୧, ୯୬)

ଯେ କୌଣସି ବର୍ଣ୍ଣର ଧାର୍ମିକ, ବିଦ୍ୱାନ୍ ନିଷ୍କପଟ, ଧର୍ମବେତ୍ତା, ନିର୍ଲୋଭ ଓ ସତ୍ୟବାଦୀ ଲୋକଙ୍କୁ ହିଁ ନ୍ୟାୟ ବ୍ୟବସ୍ଥାରେ ସାକ୍ଷୀରୂପେ ଗ୍ରହଣ କରିବାକୁ ହେବ । ଏହାର ବିପରୀତ ବ୍ୟକ୍ତିଙ୍କୁ କଦାପି ସାକ୍ଷୀ କରିବ ନାହିଁ ।। ୧ ।। ସ୍ତ୍ରୀମାନଙ୍କର ସାକ୍ଷୀ ସ୍ତ୍ରୀଲୋକ, ଦ୍ୱିଜମାନଙ୍କର ଦ୍ୱିଜ, ଶୂଦ୍ରମାନଙ୍କର ଶୂଦ୍ର ଓ ଅନ୍ତ୍ୟଜମାନଙ୍କର ସାକ୍ଷୀ ଅନ୍ତ୍ୟଜମାନେ ହେବା ଆବଶ୍ୟକ ।। ୨ ।। ଚୋରୀ, ବ୍ୟଭିଚାର, କଠୋର ବଚନ ବା ଗାଳି ଓ ଦଣ୍ଡନିପାତ ପ୍ରଭୃତି ଯେଉଁସବୁ କାର୍ଯ୍ୟ ବଳପୂର୍ବକ କରାଯାଏ, ଏସବୁକୁ ଅତ୍ୟାବଶ୍ୟକ ଅର୍ଥାତ୍ ଶୀଘ୍ର ମୀମାଂସା ଯୋଗ୍ୟ ମନେ କରି ଏଥିରେ ସାକ୍ଷୀ ପରୀକ୍ଷା କରିବ ନାହିଁ । କାରଣ ଏସବୁ କାର୍ଯ୍ୟ ଗୋପନରେ କରାଯାଇଥାଏ ।। ୩ ।। ଉଭୟ ପକ୍ଷର ସାକ୍ଷୀମାନଙ୍କ ମଧ୍ୟରୁ ବହୁମତାନୁସାରେ ସମାନ ସମାନ ସାକ୍ଷୀମାନଙ୍କ ମଧ୍ୟରୁ ଉତ୍ତମଗୁଣ ସଂପନ୍ନ ପୁରୁଷମାନଙ୍କ ସାକ୍ଷୀ ଅନୁସାରେ ଓ ଉଭୟ ପକ୍ଷରେ ସାକ୍ଷୀ ଉତ୍ତମ

ଗୁଣସଂପନ୍ନ ତଥା ସମାନ ସମାନ ହେଲେ, ଦ୍ୱିଜୋତ୍ତମ ଅର୍ଥାତ୍ ଋଷି, ମହର୍ଷି ଓ ଯତିମାନଙ୍କ ସାକ୍ଷ୍ୟ ଅନୁସାରେ ନ୍ୟାୟ କରିବାକୁ ହେବ ।। ୪ ।। ସାକ୍ଷୀ ଦୁଇ ପ୍ରକାର ୧– ପ୍ରତ୍ୟକ୍ଷଦର୍ଶୀ ଓ ଶ୍ରବଣକାରୀ । ଯେଉଁ ସାକ୍ଷୀ ସଭାରେ ସତ କହନ୍ତି, ସେ ଧର୍ମହୀନ ଓ ଦଣ୍ଡନୀୟ ନୁହନ୍ତି । କିନ୍ତୁ ମିଥ୍ୟା ସାକ୍ଷ୍ୟ ଦେବା ବାଲା ଯଥୋଚିତ ଦଣ୍ଡ ଭୋଗ କରିବା ଉଚିତ ।। ୫ ।। ରାଜସଭା ବା ଉତ୍ତମ ବ୍ୟକ୍ତିଙ୍କ ଆଗରେ ଯେଉଁ ପ୍ରତ୍ୟକ୍ଷଦର୍ଶୀ ବା ଶ୍ରବଣକାରୀ ସାକ୍ଷୀ ମିଥ୍ୟା କହନ୍ତି, ସେ [illegible] ବା ଜିହ୍ୱାଛେଦରୂପକ ଦଣ୍ଡ ଭୋଗ କରନ୍ତି ଓ ମୃତ୍ୟୁପରେ ମହା ଦୁଃଖୀ ହୋଇ ରହନ୍ତି ।।୬।। କୌଣସି ଘଟଣା ସଂପର୍କରେ ସାକ୍ଷୀ ସ୍ୱାଭାବିକଭାବେ ଯାହା କହେ ତାହାହିଁ ଗ୍ରହଣୀୟ । କିନ୍ତୁ ପରଶିକ୍ଷା କଥା ଯଦି କହେ ତାକୁ ନ୍ୟାୟାଧୀଶ ଅଗ୍ରାହ୍ୟ ବୋଲି ଜାଣିବେ ।।୭।। ସଭାରେ ଉପସ୍ଥିତ ଅର୍ଥୀ ବା ବାଦୀ ଓ ପ୍ରତ୍ୟର୍ଥୀ ବା ପ୍ରତିବାଦୀଙ୍କ ସାକ୍ଷୀମାନଙ୍କୁ ନ୍ୟାୟାଧୀଶ ଓ ଓକିଲ ବା ବାରିଷ୍ଟର ଶାନ୍ତଚିତ୍ତରେ ପଚାରିବେ ।। ୮ ।। ହେ ସାକ୍ଷୀଗଣ ! ଏହି ଦୁଇପକ୍ଷର ପାରସ୍ପରିକ କାର୍ଯ୍ୟ ସଂପର୍କରେ ତୁମେମାନେ ଯାହାଜାଣ, ତାହା ସତ ସତ କୁହ । କାରଣ ଏ ବିଷୟରେ ତୁମେମାନେ ହିଁ ହେଉଛ ସାକ୍ଷୀ ।। ୯ ।।

ଯେଉଁ ସାକ୍ଷୀ ସତ କହେ, ସେ ପରଜନ୍ମରେ ଉତ୍ତମ ଜନ୍ମ ଲାଭ କରେ ଓ ଅତ୍ୟନ୍ତ ସୁଖ ମଧ୍ୟ ଭୋଗ କରେ । ସତ୍ୟବାଦୀ ସାକ୍ଷୀ ଇହଜନ୍ମ ଓ ପରଜନ୍ମରେ ଅକ୍ଷୟକୀର୍ତ୍ତି ଲାଭ କରେ । କାରଣ ସାକ୍ଷୀର ବାଣୀକୁ ବେଦରେ ସତ୍କାର ଓ ତିରସ୍କାର ମଧ୍ୟ କରାଯାଇଛି । ସତ୍ୟବାଦୀ ସମ୍ମାନିତ ଓ ମିଥ୍ୟାବାଦୀ ନିନ୍ଦିତ ହୋଇଥାଏ ।।୧୦।। ସତ କହିବାଦ୍ୱାରା ସାକ୍ଷୀ ପବିତ୍ର ହୁଏ ଓ ଧର୍ମର ବୃଦ୍ଧି ହୁଏ । ଏଣୁ ସମସ୍ତ ବର୍ଣ୍ଣର ସାକ୍ଷୀ ସତ କହିବା ଆବଶ୍ୟକ ।।୧୧।। ଆତ୍ମାର ସାକ୍ଷୀ ହେଉଛି ଆତ୍ମା, ଆତ୍ମାର ଗତି ମଧ୍ୟ ଆତ୍ମା, ତେଣୁ ହେ ମନୁଷ୍ୟ ! ତୋର ଅନ୍ତରାତ୍ମା ଯାହା ସତ୍ୟ ବୋଲି ଜାଣେ, ତାକୁ ତୁ ମୁକ୍ତକଣ୍ଠରେ ପ୍ରକାଶ କର । ତାକୁ ଗୁପ୍ତିରେଖି ଓଲଟା କହିବାହିଁ ମିଥ୍ୟା ।।୧୨।। ଯାହାକୁ ପ୍ରକାଶ କରିବାପାଇଁ କ୍ଷେତ୍ରଜ୍ଞ ଅର୍ଥାତ୍ ଶରୀରସ୍ଥ ଆତ୍ମା ଶଙ୍କା କରେ ନାହିଁ, ସେହି ଆତ୍ମାଧାରୀ ପୁରୁଷଙ୍କୁ ବିଦ୍ୱାନ୍‌ମାନେ ମହାପୁରୁଷ ବୋଲି କହିଥାନ୍ତି ।।୧୩।। ହେ କଲ୍ୟାଣକାମୀ ପୁରୁଷ ! ''ମୁଁ ଏକାକୀ'' ଏପରି ମନେକରି ତୁମେ ଯେଉଁ ମିଥ୍ୟା କହୁଛି, ତାହା ଠିକ୍ ନୁହେଁ । ପ୍ରକୃତରେ ତୁମେ କେବେହେଁ ଏକାକୀ ନୁହଁ, ତୁମ ହୃଦୟ ମଧ୍ୟରେ ଅନ୍ତର୍ଯ୍ୟାମୀରୂପେ ପରମେଶ୍ୱର ସବୁକିଛି ପାପପୁଣ୍ୟ ଦେଖୁଛନ୍ତି । ତେଣୁ ତାଙ୍କୁ ଭୟକରି ସର୍ବଦା ସତ କଥା କୁହ ।। ୧୪ ।।

ଲୋଭାନ୍ମୋହାଦ୍ଭୟାନ୍ମୈତ୍ରାତ୍କାମାତ୍ କ୍ରୋଧାତ୍ତଥୈବ ଚ ।
ଅଜ୍ଞାନାଦ୍ ବାଲଭାବାଚ୍ଚ ସାକ୍ଷ୍ୟଂ ବିତଥମୁଚ୍ୟତେ ।। ୧ ।।

ଏଷାମନ୍ୟତମେ ସ୍ଥାନେ ଯଃ ସାକ୍ଷ୍ୟମନୃତଂ ବଦେତ୍ ।
ତସ୍ୟ ଦଣ୍ଡବିଶେଷାଂସ୍ତୁ ପ୍ରବକ୍ଷ୍ୟାମ୍ୟନୁପୂର୍ବଶଃ ।। ୨ ।।
ଲୋଭାତ୍ ସହସ୍ରଂ ଦଣ୍ଡ୍ୟସ୍ତୁ ମୋହାତ୍ ପୂର୍ବନ୍ତୁ ସାହସମ୍ ।
ଭୟାଦ୍ ଦ୍ୱୌ ମଧ୍ୟମୌ ଦଣ୍ଡ୍ୟୌ ମୈତ୍ରାତ୍ ପୂର୍ବଂ ଚତୁର୍ଗୁଣମ୍ ।। ୩ ।।
କାମାଦ୍ଦଶଗୁଣଂ ପୂର୍ବଂ କ୍ରୋଧାତ୍ତୁ ତ୍ରିଗୁଣଂ ପରମ୍ ।
ଅଜ୍ଞାନାଦ୍ ଦ୍ୱେ ଶତେ ପୂର୍ଣ୍ଣେ ବାଳିଶ୍ୟାଚ୍ଛତମେବ ତୁ ।। ୪ ।।
ଉପସ୍ଥମୁଦରଂ ଜିହ୍ୱା ହସ୍ତୌ ପାଦୌ ଚ ପଞ୍ଚମମ୍ ।
ଚକ୍ଷୁର୍ନାସା ଚ କର୍ଣ୍ଣୌ ଚ ଧନଂଦେହସ୍ତଥୈବ ଚ ।। ୫ ।।
ଅନୁବନ୍ଧଂ ପରିଜ୍ଞାୟ ଦେଶକାଲୌ ଚ ତତ୍ତ୍ୱତଃ ।
ସାରାଽପରାଧୌ ଚାଲୋକ୍ୟ ଦଣ୍ଡଂ ଦଣ୍ଡ୍ୟେଷୁ ପାତୟେତ୍ ।। ୬ ।।
ଅଧର୍ମଦଣ୍ଡନଂ ଲୋକେ ଯଶୋଘ୍ନଂ କୀର୍ତ୍ତିନାଶନମ୍ ।
ଅସ୍ୱର୍ଗ୍ୟଞ୍ଚ ପରତ୍ରାପି ତସ୍ମାତ୍ତତ୍ପରିବର୍ଜ୍ଜୟେତ୍ ।। ୭ ।।
ଅଦଣ୍ଡ୍ୟାନ୍ ଦଣ୍ଡୟନ୍ ରାଜା ଦଣ୍ଡ୍ୟାଂଶ୍ଚୈବାପ୍ୟଦଣ୍ଡୟନ୍ ।
ଅଯଶୋ ମହଦାପ୍ନୋତି ନରକଂ ଚୈବ ଗଚ୍ଛତି ।। ୮ ।।
ବାଗ୍ ଦଣ୍ଡଂ ପ୍ରଥମଂ କୁର୍ଯ୍ୟାଦ୍ ଧିଗ୍ ଦଣ୍ଡଂ ତଦନନ୍ତରମ୍ ।
ତୃତୀୟଂ ଧନଦଣ୍ଡଂ ତୁ ବଧଦଣ୍ଡମତଃ ପରମ୍ ।। ୯ ।।

(ମନୁ ଅ୮/୧୧୮-୧୨୧, ୧୨୫, ୧୨୯)

ଲୋଭ, ମୋହ, ଭୟ, ମିତ୍ରତା କାମ, କ୍ରୋଧ, ଅଜ୍ଞାନତା ଓ ବାଲ୍ୟଚପଳତାରେ ଦିଆଯାଇଥିବା ସାକ୍ଷ୍ୟକୁ ମିଥ୍ୟା ବୋଲି ଜାଣି ଅଗ୍ରାହ୍ୟ କରିବ ।।୧।। କୌଣସି ସ୍ଥାନରେ ସାକ୍ଷୀ ଯଦି ମିଥ୍ୟା ସାକ୍ଷ୍ୟ ଦିଅନ୍ତି, ତେବେ ତାଙ୍କୁ ନିମ୍ନଲିଖିତମତେ ଦଣ୍ଡ ଦିଆଯିବ ।।୨।। ଲୋଭବଶତଃ ମିଥ୍ୟା ସାକ୍ଷ୍ୟ ଦେଲେ– (ପନ୍ଦର ଟଙ୍କା ଦଶଅଣା) ଦଣ୍ଡ ।

(ପୂର୍ବର ଏକଅଣା ବର୍ତ୍ତମାନ ଛଅପଇସାରୁ ସାମାନ୍ୟ ଅଧିକ, ଅର୍ଥାତ୍ ସେତେବେଳେ ଟଙ୍କାକ ଚଉଷଠି ପଇସା ଥିଲା)

ମୋହରେ ମିଥ୍ୟା ସାକ୍ଷ୍ୟ ଦେଲେ –(ତିନିଟଙ୍କା ଦୁଇଅଣା)
ଭୟରେ ମିଥ୍ୟା ସାକ୍ଷ୍ୟ ଦେଲେ – (ଛଅଟଙ୍କା ଚାରିଅଣା)
ମିତ୍ରତାରୁ ମିଥ୍ୟା ସାକ୍ଷ୍ୟ ଦେଲେ – (ବାରଟଙ୍କା ଆଠ ଅଣା)
କାମନାବଶତଃ ମିଥ୍ୟା ସାକ୍ଷ୍ୟ ଦେଲେ– (ପଚିଶ ଟଙ୍କା ଏକଅଣା)
କ୍ରୋଧରେ ମିଥ୍ୟା ସାକ୍ଷ୍ୟ ଦେଲେ – (ଛୟାଳିଶି ଟଙ୍କା ଚଉଦଅଣା)
ଅଜ୍ଞାନତାରୁ ମିଥ୍ୟା ସାକ୍ଷ୍ୟ ଦେଲେ– (ଛଅଟଙ୍କା ଚାରିଅଣା)
ବାଲ୍ୟଚପଳତାବଶତଃ ମିଥ୍ୟା ସାକ୍ଷ୍ୟ ଦେଲେ– (ଏକ ଟଙ୍କା ନଅଅଣା) ।। ୪ ।।

ଉପସ୍ଥେନ୍ଦ୍ରିୟ, ଉଦର, ଜିହ୍ୱା, ହାତ, ପାଦ, ଆଖି, ନାକ, କାନ, ଦେହ ଓ ଦଣ୍ଡମଧ୍ୟରେ ଧନ, ଏହି ଦଶଟି ଜିନିଷକୁ ଆଶ୍ରୟ କରି ଦଣ୍ଡବିଧାନ କରାଯାଏ ।।୫।। ଦୋଷୀ ଧନୀ ହୋଇଥିଲେ ବିଧାନ କରାଯାଇ ଥିବା ଅର୍ଥ ପରିମାଣର ଦୁଇଗୁଣ, ତିନିଗୁଣ, ଚାରିଗୁଣ ପର୍ଯ୍ୟନ୍ତ ଅଥବା ଦେଶକାଳ ପାତ୍ର ଅନୁସାରେ ଦଣ୍ଡବିଧାନ କରାଯାଇପାରେ । ଦରିଦ୍ର ହୋଇଥିଲେ କମ୍ ମଧ୍ୟ କରାଯାଇପାରେ ।।୬।। ଅନ୍ୟାୟରେ ଦଣ୍ଡବିଧାନ କଲେ ପୂର୍ବ ଓ ବର୍ତ୍ତମାନର ପ୍ରତିଷ୍ଠାଗୁଡ଼ିକ ଲୋପପାଏ ଓ ଭବିଷ୍ୟତରେ ନିନ୍ଦା ମିଳେ, ତଥା ପରଜନ୍ମରେ ଦୁଃଖ ମଧ୍ୟ ଭୋଗିବାକୁ ପଡ଼େ । ଏଣୁ ନିର୍ଦ୍ଦୋଷକୁ କଦାପି ଦଣ୍ଡଦେବା ଉଚିତ ନୁହେଁ ।।୭।। ଯେଉଁ ରାଜା ଦଣ୍ଡନୀୟକୁ ଦଣ୍ଡ ନ ଦେଇ ଅଦଣ୍ଡନୀୟକୁ ଦଣ୍ଡ ଦିଅନ୍ତି ଅର୍ଥାତ୍ ଦୋଷୀକୁ ଛାଡ଼ିଦେଇ ନିର୍ଦ୍ଦୋଷକୁ ଦଣ୍ଡ ଦିଅନ୍ତି, ସେ ଜୀବିତାବସ୍ଥାରେ ନିନ୍ଦା ପାଆନ୍ତି ଓ ମୃତ୍ୟୁପରେ ଦୁଃଖଭୋଗ କରନ୍ତି । ଏଣୁ ଅପରାଧୀକୁ ଦଣ୍ଡ ଦେବ ଓ ନିରପରାଧୀକୁ ମୁକ୍ତ କରିଦେବ ।।୮।। ପ୍ରଥମଥର ଦୋଷ କଲେ ବାଣୀଦଣ୍ଡ ଅର୍ଥାତ୍ ଅପରାଧୀକୁ ନିନ୍ଦା କରିବ । ଦ୍ୱିତୀୟଥର ଧିକ୍କାର କରିବ । ତୃତୀୟଥର ଦୋଷରେ ଅର୍ଥଦଣ୍ଡ ଓ ଚତୁର୍ଥରେ "ବଧ" ଦଣ୍ଡ ଅର୍ଥାତ୍ କଶାଘାତ, ବେତ୍ରାଘାତ ବା ଶିରଚ୍ଛେଦ କରିବ ।।୯।।

ଯେନ ଯେନ ଯଥାଙ୍ଗେନ ସ୍ତେନୋ ନୃଷୁ ବିଚେଷ୍ଟତେ ।
ତତ୍ତଦେବ ହରେଦସ୍ୟ ପ୍ରତ୍ୟାଦେଶାୟ ପାର୍ଥିବଃ ।।୧।।
ପିତାଚାର୍ଯ୍ୟଃ ସୁହୃନ୍ମାତା ଭାର୍ଯ୍ୟା ପୁତ୍ରଃ ପୁରୋହିତଃ ।
ନାଦଣ୍ଡ୍ୟୋ ନାମ ରାଜ୍ଞୋଽସ୍ତି ଯଃ ସ୍ୱଧର୍ମେ ନ ତିଷ୍ଠତି ।। ୨ ।।
କାର୍ଷାପଣଂ ଭବେଦ୍ଦଣ୍ଡ୍ୟୋ ଯତ୍ରାନ୍ୟଃ ପ୍ରାକୃତୋ ଜନଃ ।
ତତ୍ର ରାଜା ଭବେଦ୍ଦଣ୍ଡ୍ୟଃ ସହସ୍ରମିତି ଧାରଣା ।। ୩ ।।
ଅଷ୍ଟାପାଦ୍ୟନ୍ତୁ ଶୂଦ୍ରସ୍ୟ ସ୍ତେୟେ ଭବତି କିଲ୍ବିଷମ୍ ।
ଷୋଡଶୈବ ତୁ ବୈଶ୍ୟସ୍ୟ ଦ୍ୱାତ୍ରିଂଶତ୍ କ୍ଷତ୍ରିୟସ୍ୟ ଚ ।।୪।।
ବ୍ରାହ୍ମଣସ୍ୟ ଚତୁଃଷଷ୍ଟିଃ ପୂର୍ଣ୍ଣଂ ବାପି ଶତଂ ଭବେତ୍ ।
ଦ୍ୱିଗୁଣା ବା ଚତୁଷଷ୍ଟି ସ୍ତଦ୍ଦୋଷଗୁଣବିଦ୍ଧି ସଃ ।। ୫ ।।
ଐନ୍ଦ୍ରଂ ସ୍ଥାନମଭିପ୍ରେପ୍ସୁର୍ଯଶଶ୍ଚାକ୍ଷୟମବ୍ୟୟମ୍ ।
ନୋପେକ୍ଷେତ କ୍ଷଣମପି ରାଜା ସାହସିକଂ ନରମ୍ ।।୬।।

ବାଗ୍ ଦୁଷ୍ଟାତ୍ତସ୍କରାଚ୍ଚୈବ ଦଣ୍ଡେନୈବ ଚ ହିଂସତଃ ।
ସାହସସ୍ୟ ନରଃ କର୍ତ୍ତା ବିଜ୍ଞେୟଃ ପାପକୃତ୍ତମଃ ।। ୭ ।।
ସାହସେ ବର୍ତ୍ତମାନଂ ତୁ ଯୋ ମର୍ଷୟତି ପାର୍ଥିବଃ ।
ସ ବିନାଶଂ ବ୍ରଜତ୍ୟାଶୁ ବିଦ୍ୱେଷଂ ଚାଧିଗଚ୍ଛତି ।। ୮ ।।
ନ ମିତ୍ରକାରଣାଦ୍ରାଜା ବିପୁଲାଦ୍ୱା ଧନାଗମାତ୍ ।
ସମୁତ୍ସୃଜେତ୍ ସାହସିକାନ୍ ସର୍ବଭୂତଭୟାବହାନ୍ ।। ୯ ।।
ଗୁରୁଂ ବା ବାଲବୃଦ୍ଧୌ ବା ବ୍ରାହ୍ମଣଂ ବା ବହୁଶ୍ରୁତମ୍ ।
ଆତତାୟିନମାୟାନ୍ତଂ ହନ୍ୟାଦେବାବିଚାରୟନ୍ ।। ୧୦ ।।
ନାତତାୟିବଧେ ଦୋଷୋ ହନ୍ତୁର୍ଭବତି କଶ୍ଚନ ।
ପ୍ରକାଶଂ ବାଽପ୍ରକାଶଂ ବା ମନ୍ୟୁସ୍ତନ୍ମନ୍ୟୁମୃଚ୍ଛତି ।। ୧୧ ।।
ଯସ୍ୟ ସ୍ତେନଃ ପୁରେ ନାସ୍ତି ନାନ୍ୟସ୍ତ୍ରୀଗୋ ନ ଦୁଷ୍ଟବାକ୍ ।
ସ ସାହସିକଦଣ୍ଡଘ୍ନୌ ସ ରାଜା ଶକ୍ରଲୋକଭାକ୍ ।। ୧୨ ।।

(ମନୁ ଅ୮/୩୩୪-୩୩୮, ୩୪୪-୩୪୭, ୩୫୦, ୩୫୧, ୩୮୬)

ଦୋଷୀ ଯେଉଁ ଯେଉଁ ଅଙ୍ଗଦ୍ୱାରା ଦୁଷ୍କର୍ମ ଆଚରଣ କରିଥିବ, ରାଜା ଲୋକଙ୍କୁ ଶିକ୍ଷାଦେବା ସକାଶେ ତାହାର ସେହି ସେହି ଅଙ୍ଗକୁ ଛେଦନପାଇଁ ଦଣ୍ଡ ବିଧାନ କରିବେ ।।୧।। ପିତା, ଆଚାର୍ଯ୍ୟ, ମିତ୍ର, ସ୍ତ୍ରୀ, ପୁତ୍ର ଓ ପୁରୋହିତ ଯେ କେହି ହୁଅନ୍ତୁ ନା କାହିଁକି, ଯଦି ସ୍ୱଧର୍ମ ଆଚରଣ ନ କରନ୍ତି; ତେବେ ସେ ନିଶ୍ଚୟ ଦଣ୍ଡନୀୟ ହେବେ ।।୨।। ଯେଉଁ ଦୋଷ ପାଇଁ ସାଧାରଣ ବ୍ୟକ୍ତି ଏକ ପଇସା ଦଣ୍ଡ ପାଇବ, ସେହି ଦୋଷ କଲେ ରାଜା ସହସ୍ରଗୁଣ ଦଣ୍ଡ ପାଇବେ । ମନ୍ତ୍ରୀ ବା ଦିୱାନ୍‌ଙ୍କୁ ଆଠଶହ ଗୁଣ, ତାଙ୍କଠାରୁ ନ୍ୟୂନଙ୍କୁ ସାତଶହଗୁଣ, ତାହାଠାରୁ ନ୍ୟୂନଙ୍କୁ ଛଅଶହ ଗୁଣ; ଓ ନ୍ୟୂନରୁ ନ୍ୟୂନତମ ଅର୍ଥାତ୍ ଚପରାଶୀକୁ ଆଠଗୁଣ ଦଣ୍ଡରୁ କମ୍ କରିବା ଉଚିତ ନୁହେଁ । କାରଣ ପ୍ରଜାଙ୍କ ଅପେକ୍ଷା ରାଜକର୍ମଚାରୀଙ୍କୁ ଯଦି ଅଧିକ ଦଣ୍ଡ ଦିଆ ନ ଯାଏ, ତେବେ ସେମାନେ ପ୍ରଜାଙ୍କୁ ନଷ୍ଟଭ୍ରଷ୍ଟ କରିଦେବେ । ଏଣୁ ପ୍ରଜାଙ୍କ ପରି ରାଜପୁରୁଷଗଣ ମଧ୍ୟ ଦଣ୍ଡନୀୟ ହେବେ ।।୩।। ସେହିପରି ଯେଉଁ ଲୋକ ବିବେକୀ ହୋଇ ମଧ୍ୟ ଚୋରି କରେ, ସେ ଯଦି ଶୂଦ୍ର ହୋଇଥାଏ, ତେବେ ଚୋରିର ଆଠଗୁଣ, ବୈଶ୍ୟକୁ ଷୋହଳ ଗୁଣ ଓ କ୍ଷତ୍ରିୟକୁ ବତିଶଗୁଣ ।।୪।। ଓ ବ୍ରାହ୍ମଣ ହୋଇଥିଲେ ଚୌଷଠି ଗୁଣ ବା ଶହେଗୁଣ ବା ଶହେ ଅଠାଇଶଗୁଣ ଦଣ୍ଡ ମିଳିବା ଆବଶ୍ୟକ । ଅର୍ଥାତ୍ ଯାହାର ଯେତେ ଜ୍ଞାନ ଓ ଯେତେ ପରିମାଣରେ ପ୍ରତିଷ୍ଠା ଅଧିକ, ସେହି ପରିମାଣରେ ଦଣ୍ଡବିଧାନ କରିବାକୁ ହେବ ।।୫।। ଧର୍ମ ଓ ଐଶ୍ୱର୍ଯ୍ୟକୁ ଇଚ୍ଛା କରୁଥିବା ରାଜା;

ବଳହାରରେ କୁକାର୍ଯ୍ୟକାରୀ ଡାକୁମାନଙ୍କୁ ଦଣ୍ଡ ଦେବାରେ କ୍ଷଣେ ମଧ୍ୟ ବିଳମ୍ବ କରିବା ଉଚିତ ନୁହେଁ ।।୬।। ସାହସିକ ପୁରୁଷଙ୍କ ଲକ୍ଷଣ........

ଯେଉଁମାନେ କୁକଥା କହନ୍ତି, ଚୋରି କରନ୍ତି ନିର୍ଦ୍ଦୋଷ ବ୍ୟକ୍ତିକୁ ଦଣ୍ଡ ଦିଅନ୍ତି, ଏମାନଙ୍କଠାରୁ ବଳାତ୍କାର କରିବା ବ୍ୟକ୍ତି ଅଧିକ ପାପୀ ଓ ଦୁଷ୍ଟ ଅଟେ ।।୭।। ଯେଉଁ ରାଜା ଏପରି ଦୁଃସାହସୀ ବଳାତ୍କାରୀକୁ ଦଣ୍ଡ ନ ଦେଇ ଛାଡ଼ି ଦିଅନ୍ତି, ସେ ଶୀଘ୍ର ନଷ୍ଟ ହୁଅନ୍ତି ଓ ରାଜ୍ୟରେ ହିଂସା; ଦ୍ୱେଷ ବୃଦ୍ଧି ପାଏ ।।୮।। ମିତ୍ରତା ହେତୁ ଅଥବା ଅଧିକ ଧନଲାଭ ଆଶାରେ ହେଉ, ରାଜା ସମସ୍ତ ପ୍ରାଣୀଙ୍କୁ ସାହସର ସହିତ ଓ ବଳାତ୍କାରରେ ଦୁଃଖ ଦେଉଥିବା ବ୍ୟକ୍ତିକୁ ଦଣ୍ଡ ନଦେଇ ଛାଡ଼ିଦେବା ଉଚିତ ନୁହେଁ ।।୯।। ଗୁରୁ ହୁଅନ୍ତୁ, ପୁତ୍ରାଦି ବାଳକ ହୁଅନ୍ତୁ, ପିତା ପ୍ରଭୃତି ବୃଦ୍ଧ ହୁଅନ୍ତୁ, ବ୍ରାହ୍ମଣ ହୁଅନ୍ତୁ ବା ନାନା ଶାସ୍ତ୍ରବିତ୍ ହୁଅନ୍ତୁ, ଯଦି ସେ ଅଧର୍ମ ପଥରେ ଯାଇ ଅନ୍ୟାୟଭାବେ ଲୋକଙ୍କୁ ମାରନ୍ତି ତେବେ ବିନା ବିଚାରରେ ତାଙ୍କୁ ମାରିଦେବେ ଓ ପରେ ତା ବିଷୟରେ ବିଚାର କରିବା ଆବଶ୍ୟକ ।। ୧୦ ।। ଦୁର୍ବୃତ୍ତମାନଙ୍କୁ ପ୍ରକାଶ୍ୟରେ ହତ୍ୟା କଲେ ମଧ୍ୟ ହତ୍ୟାକାରୀ ପାପଭାଗୀ ହୁଏ ନାହିଁ । କାରଣ କ୍ରୁଦ୍ଧ ବ୍ୟକ୍ତିକୁ କ୍ରୋଧରେ ହତ୍ୟା କରିବା ଅର୍ଥ ବୁଝିବାକୁ ହେବ ଯେ କ୍ରୋଧ ସହିତ କ୍ରୋଧର ହିଁ ଯୁଦ୍ଧ ଅନୁଷ୍ଠିତ ହେଲା ।। ୧୧ ।। ଯେଉଁ ରାଜାଙ୍କ ରାଜ୍ୟରେ ଚୋର, ଲଂପଟ, କଟୁଭାଷୀ, ଦୁଃସାହସୀ, ଡକାୟତ ଓ ଦଣ୍ଡଘ୍ନ ଅର୍ଥାତ୍ ରାଜାଜ୍ଞାଲଂଘନକାରୀ ନ ଥାଆନ୍ତି, ତେବେ ସେହି ରାଜା ପ୍ରଶଂସିତ ହୋଇଥାନ୍ତି ।। ୧୨ ।।

ଭର୍ତ୍ତାରଂ ଲଂଘୟେଦ୍ୟା ସ୍ତ୍ରୀ ସ୍ୱଜ୍ଞାତିଗୁଣଦର୍ପିତା ।
ତାଂ ଶ୍ୱଭିଃ ଖାଦୟେଦ୍ରାଜା ସଂସ୍ଥାନେ ବହୁସଂସ୍ଥିତେ ।। ୧ ।।
ପୁମାଂସଂ ଦାହୟେତ୍ପାପଂ ଶୟନେ ତପ୍ତ ଆୟସେ ।
ଅଭ୍ୟାଦଧ୍ୟୁଶ୍ଚ କାଷ୍ଠାନି ତତ୍ର ଦହ୍ୟେତ ପାପକୃତ୍ ।। ୨ ।।
ଦୀର୍ଘାଧ୍ୱନି ଯଥାଦେଶଂ ଯଥାକାଲଂ ତରୋ ଭବେତ୍ ।
ନଦୀତୀରେଷୁ ତଦ୍ ବିଦ୍ୟାତ୍ସମୁଦ୍ରେ ନାସ୍ତି ଲକ୍ଷଣମ୍ ।। ୩ ।।
ଅହନ୍ୟହନ୍ୟବେକ୍ଷେତ କର୍ମାନ୍ତାନ୍ ବାହନାନି ଚ ।।
ଆୟବ୍ୟୟୌ ଚ ନିୟତାବାକରାନ୍ କୋଷମେବ ଚ ।। ୪ ।।
ଏବଂ ସର୍ବାନିମାନ୍ରାଜା ବ୍ୟବହାରାନ୍ ସମାପୟନ୍ ।
ବ୍ୟପୋହ୍ୟ କିଲ୍ବିଷଂ ସର୍ବଂ ପ୍ରାପ୍ନୋତି ପରମାଂ ଗତିମ୍ ।। ୫ ।।

ମନୁ ଅ.୮/୩୬୧, ୩୭୨, ୪୦୬, ୪୧୯, ୪୨୦)

କୌଣସି ସ୍ତ୍ରୀ ଯଦି ନିଜ ଜାତି ବା ଗୁଣରେ ଗର୍ବିତା ହୋଇ ନିଜ ସ୍ୱାମୀଙ୍କୁ ପରିତ୍ୟାଗ କରି ବ୍ୟଭିଚାର କରେ, ତେବେ ତାକୁ ରାଜା ଅନେକ ସ୍ତ୍ରୀ ଓ ପୁରୁଷଙ୍କ ଆଗରେ ଜୀବନ୍ତ ଅବସ୍ଥାରେ କୁକୁର କାମୁଡ଼ା ଦ୍ୱାରା ମରାଇ ଦେବେ ।। ୧ ।। ସେହିପରି ନିଜ ସ୍ତ୍ରୀକୁ ଛାଡ଼ି କୌଣସି ପୁରୁଷ ଯଦି ପରସ୍ତ୍ରୀଗମନ ବା ବେଶ୍ୟାଗମନ କରେ, ତେବେ ସେହି ପାପୀକୁ ଅଗ୍ନିରେ ଉତପ୍ତ ଲୌହପଲଙ୍କରେ ଶୁଆଇ ଜୀବନ୍ତ ଅବସ୍ଥାରେ ସମସ୍ତଙ୍କ ସମ୍ମୁଖରେ ଭସ୍ମ କରାଇ ଦେବେ ।।୨।।

ପ୍ରଶ୍ନ– ରାଜା, ରାଣୀ, ନ୍ୟାୟାଧୀଶ କିମ୍ବା ତାଙ୍କର ସ୍ତ୍ରୀ ଯଦି ବ୍ୟଭିଚାର କରନ୍ତି, ତେବେ ସେମାନଙ୍କୁ ଦଣ୍ଡବିଧାନ କିଏ କରିବ ?

ଉତ୍ତର– ସଭା ଏମାନଙ୍କୁ ଦଣ୍ଡ ଦେବ । ଏମାନଙ୍କୁ ସାଧାରଣ ପ୍ରଜାଙ୍କ ଅପେକ୍ଷା ଅଧିକ ଦଣ୍ଡ ଦେବା ଆବଶ୍ୟକ ।

ପ୍ରଶ୍ନ– ରାଜା ପ୍ରଭୃତି ସେମାନଙ୍କଠାରୁ କାହିଁକି ଦଣ୍ଡ ଗ୍ରହଣ କରିବେ ?

ଉତ୍ତର– ରାଜା ମଧ୍ୟ ଜଣେ ପୁଣ୍ୟାତ୍ମା ଓ ଭାଗ୍ୟଶାଳୀ ମନୁଷ୍ୟ । ଯଦି ତାଙ୍କୁ ଦଣ୍ଡ ବିଧାନଯାଏ କିମ୍ବା ସେ ଯଦି ଦଣ୍ଡ ଗ୍ରହଣ ନକରନ୍ତି, ତେବେ ଜନସାଧାରଣ ଦଣ୍ଡକୁ ମାନିବେ କାହିଁକି ? ପୁଣି ରାଜ୍ୟର ସମସ୍ତ ପ୍ରଜା, ପ୍ରଧାନ ରାଜ୍ୟାଧିକାରୀ ଓ ସଭା ଧର୍ମ ଦୃଷ୍ଟିରୁ ଦଣ୍ଡ ଦେବାକୁ ଚାହିଁଲେ, ରାଜା ଏକାକୀ କିଛି କରିପାରିବେ ନାହିଁ । ଯଦି ଏପରି ବ୍ୟବସ୍ଥା ନରହେ, ତେବେ ରାଜା ତଥା ସମସ୍ତ ସମର୍ଥ ବ୍ୟକ୍ତି ଅନ୍ୟାୟମାର୍ଗରେ ପ୍ରବୃତ୍ତ ହୋଇ, ନ୍ୟାୟ ଓ ଧର୍ମକୁ ବୁଡ଼ାଇ ନଷ୍ଟ କରି ଦେବେ ଓ ପ୍ରଜାଙ୍କୁ ନଷ୍ଟ କରି ନିଜେ ମଧ୍ୟ ନଷ୍ଟ ହୋଇ ଯିବେ । ପୂର୍ବରୁ ଗୋଟିଏ ଶ୍ଳୋକରେ କୁହାଯାଇଛି "ନ୍ୟାୟଯୁକ୍ତ ଦଣ୍ଡକୁ ହିଁ ରାଜା ବା ଧର୍ମ କୁହାଯାଏ ।" ଯେଉଁ ବ୍ୟକ୍ତି ଏ ନିୟମକୁ ନଷ୍ଟକରେ ତାଠାରୁ ହୀନ ବ୍ୟକ୍ତି ଅନ୍ୟ କେହି ହୋଇ ନପାରେ ।

ପ୍ରଶ୍ନ– ଏଭଳି କଠୋର ଦଣ୍ଡ ଦେବା ଉଚିତ ନୁହେଁ । କାରଣ ମନୁଷ୍ୟ କୌଣସି ଅଙ୍ଗ ନିର୍ମାଣ କରିପାରେ ନାହିଁ, କିମ୍ବା ମୃତବ୍ୟକ୍ତିକୁ ଜୀବନଦାନ କରି ପାରେ ନାହିଁ । ଏଣୁ ଏପରି ଦଣ୍ଡଦେବା ଉଚିତ ନୁହେଁ ।

ଉତ୍ତର– ଯେଉଁମାନେ ଏହାକୁ କଠୋର ଦଣ୍ଡ ବୋଲି ବିଚାର କରନ୍ତି, ତେବେ ବୁଝିବାକୁ ହେବ ଯେ ସେମାନେ ରାଜନୀତି କ'ଣ ଜାଣନ୍ତି ନାହିଁ ? କାରଣ ଜଣକୁ ଏପରି ଦଣ୍ଡ ଦେଲେ ଅନ୍ୟ ସମସ୍ତ ଲୋକ ଖରାପ କାର୍ଯ୍ୟରୁ ଦୂରେଇ ରହି, ଧର୍ମ ମାର୍ଗରେ ପରିଚାଳିତ ହେବେ । ପ୍ରକୃତରେ ବିଚାର କରିବାକୁ ଗଲେ ଏପରି ଦଣ୍ଡ ସମସ୍ତଙ୍କ ଭାଗରେ ଗୋଟିଏ ସୋରିଷ ମାତ୍ରାରେ ମଧ୍ୟ ପଡ଼ିବ ନାହିଁ । ସାମାନ୍ୟ ଦଣ୍ଡ ଦେଲେ କୁକର୍ମ ଅଧିକ ମାତ୍ରାରେ ବୃଦ୍ଧି ପାଇବ ।। ଯାହାକୁ ତୁମେ ସାମାନ୍ୟ ଦଣ୍ଡ ବୋଲି କହୁଛ

ସେହି ଅଳ୍ପ ଦଣ୍ଡ ମଧ୍ୟ କୋଟି କୋଟି ଗୁଣରେ ଅଧିକ ହେବା ଫଳରେ ଅପରିମିତ ଦଣ୍ଡରେ ପରିଣତ ହୋଇଯିବ । କାରଣ ଅନେକ ବ୍ୟକ୍ତି ଦୁଷ୍କର୍ମ କଲେ ସେମାନଙ୍କୁ ଗଣା ଅଧିକେ କିଛି ଦଣ୍ଡ ତ ନିଶ୍ଚୟ ବିଧାନ କରାଯିବ । ଏପରି ଦେଖିବାକୁ ଗଲେ ରାଜ୍ୟର ଅନେକ ଲୋକ ଦଣ୍ଡଭାଗୀ ହେବେ । ଉଦାହରଣସ୍ୱରୂପ ମନେକରନ୍ତୁ ଦୁଇ ଜଣ ଲୋକ ଅଛନ୍ତି, ଜଣକୁ ଏକମହଣ ପରିମାଣ ଓ ଅନ୍ୟଜଣକୁ ଏକ ପାଆ ହିସାବରେ ଦଣ୍ଡ ଦିଆଗଲା । ତେବେ ମୋଟ ଏକମହଣ ଏକ ପାଆ ଦଣ୍ଡ ବିଧାନ କରାଗଲା । ଏହାକୁ ଦିଜଣଙ୍କ ମଧ୍ୟରେ ବଣ୍ଟନ କରିଦେଲେ ପ୍ରତ୍ୟେକଙ୍କ ଭାଗରେ କୋଡ଼ିଏ ସେର ଅଧପାଏ ଦଣ୍ଡ ପଡ଼ିଲା । ଏପରି ସୁଗମଦଣ୍ଡକୁ ଦୁର୍ବୃତ୍ତମାନେ କଅଣ ସହଜରେ ବୁଝିବେ ? ଅନ୍ୟ ଏକ ଉଦାହରଣ ନିଅନ୍ତୁ । ଧରାଯାଉ ହଜାରେ ଲୋକ ଅଛନ୍ତି । ସେମାନଙ୍କୁ ଯଦି ଜଣ ପିଛା ଏକକିଲୋଗ୍ରାମ୍ ହିସାବରେ ଦଣ୍ଡବିଧାନ କରାଯାଏ, ତେବେ ଦଣ୍ଡର ପରିମାଣ ଦଶ କ୍ୱିଣ୍ଟାଲ୍ ହେଲା, କିନ୍ତୁ ଜଣକୁ ଯଦି ଏକ କ୍ୱିଣ୍ଟାଲ୍ ଦଣ୍ଡ ଦିଆଯାଏ, ତେବେ ତାକୁ ଭୟକରି ଅନ୍ୟମାନେ ଦୁଷ୍କର୍ମ କରିବେ ନାହିଁ । ଫଳରେ ସମାଜରେ ଅଧିକ ଦୁଷ୍କର୍ମ ଦେଖାଦେବ ନାହିଁ । ତେଣୁ ଏହି ଦଣ୍ଡ ବିଧାନ ଯେପରି ସହଜ ସେପରି ନ୍ୟୂନ ମଧ୍ୟ ।।୨।।

ଦେଶମଧ୍ୟରେ ପ୍ରବାହିତ ନଦ ନଦୀ ଗୁଡ଼ିକର ଅନୁପାତରେ ନୌକା ବା ଜାହାଜ ଯାତାୟାତ (ବାଣିଜ୍ୟ)କର ଧାର୍ଯ୍ୟ କରିବାକୁ ହେବ । ଅବଶ୍ୟ ମହାସାଗରରେ ଏ ପ୍ରକାର କର ଧାର୍ଯ୍ୟ କରାଯାଇ ପାରିବନାହିଁ । ତେଣୁ ନୌବାଣିଜ୍ୟରେ ବ୍ୟବସାୟୀମାନଙ୍କର ଯେଉଁଠାରେ ଅଧିକ ନ ହୁଏ, ଓ ରାଜାଙ୍କର ଲାଭ ଅଧିକ ହୋଇପାରିବ, ସେସବୁକୁ ବିଚାରକରି ରାଜା କରଧାର୍ଯ୍ୟ କରିବେ । ଯେଉଁମାନେ କହନ୍ତି, ପୂର୍ବରୁ ସାମୁଦ୍ରିକ ଜାହାଜ ଚାଲୁ ନଥିଲା, ସେମାନଙ୍କର ଏକଥା ସତ୍ୟ ନୁହେଁ । ଯେଉଁମାନେ ଜାହାଜରେ ଅନ୍ୟ ଦେଶକୁ ବା ଅନ୍ୟ କୌଣସି ଦ୍ୱୀପକୁ ଯିବାକୁ ଚାହିଁବେ, ସେମାନଙ୍କ ସୁବିଧାପାଇଁ ରାଜା ବିହିତ ବ୍ୟବସ୍ଥା କରିବେ ।୩।। ରାଜା ପ୍ରତିଦିନ ହାତୀ ଘୋଡ଼ା ପ୍ରଭୃତି ବାହନର ତତ୍ତ୍ୱାବଧାନ ନେବେ, ଆୟବ୍ୟୟ ସବୁ ତନଖି କରିବେ, ରତ୍ନଖଣି ପ୍ରଭୃତି ଓ ରାଜକୋଷର ତଦାରଖ କରିବେ ।।୪।। ଏହିପରି ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସଂପନ୍ନ କଲେ ବା ଅନ୍ୟମାନଙ୍କ ଦ୍ୱାରା କରାଇଲେ ରାଜା ସକଳ ପାପରୁ ମୁକ୍ତ ହୋଇ ମୋକ୍ଷସୁଖଲାଭ କରିବେ ।। ୫ ।।

ପ୍ରଶ୍ନ– ସଂସ୍କୃତ ଶାସ୍ତ୍ରରେ ରାଜନୀତି ପୂର୍ଣ୍ଣମାତ୍ରାରେ ଅଛି କି ନାହିଁ ?

ଉତ୍ତର– ପୂର୍ଣ୍ଣମାତ୍ରାରେ ଅଛି । ସଂସାରରେ ଯେଉଁସବୁ ରାଜନୀତି ପ୍ରଚଳିତ ବା ଭବିଷ୍ୟତରେ ଯାହା କିଛି ପ୍ରଚଳିତ ହେବ, ସେସବୁ ସଂସ୍କୃତ ଶାସ୍ତ୍ରରୁହିଁ ଗୃହୀତ ହୋଇଛି

ବା ଗୃହୀତ ହେବ । ଯାହା ପ୍ରତ୍ୟକ୍ଷ ଭାବେ ଲେଖା ଯାଇ ନାହିଁ, ତା ପାଇଁ...

ପ୍ରତ୍ୟହଂ ଲୋକଦୃଷ୍ଟୈଶ୍ଚ ଶାସ୍ତ୍ରଦୃଷ୍ଟୈଶ୍ଚ ହେତୁଭିଃ । (ମନୁ ୮-୩)

ଯେଉଁ ସବୁ ନିୟମ ରାଜା ଓ ପ୍ରଜାଙ୍କର ମଙ୍ଗଳ ବିଧାନ କରିବ ବୋଲି ବିଚାର କରାଯିବ, ସେସବୁ ନିୟମ ବିଦ୍ୱାନ୍ ମାନେ ରାଜସଭାରେ ପ୍ରଣୟନ କରିବେ । କିନ୍ତୁ ଧ୍ୟାନ ଦେବାକୁ ହେବ ଯେ; ବାଲ୍ୟବିବାହ ପାଇଁ କୌଣସି ପ୍ରକାର ନିୟମ ପ୍ରଣୟନ କରିବେ ନାହିଁ । ଯୁବାବସ୍ଥାରେ ମଧ୍ୟ ବିନା ପ୍ରସନ୍ନତାରେ ବିବାହ ନିଷିଦ୍ଧ ହେବା ଆବଶ୍ୟକ । ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ ଓ କରାଇବାକୁ ସର୍ବାଦୌ ସତର୍କ ଦୃଷ୍ଟି ଦେବାକୁ ପଡ଼ିବ । ଶାରୀରିକ ବଳ ଓ ଆତ୍ମବଳ ବୃଦ୍ଧିପାଇଁ ବ୍ୟଭିଚାର ତଥା ବହୁ ବିବାହ ପ୍ରଥା ବନ୍ଦ କରିବାକୁ ହେବ । ଆତ୍ମବଳ ବା ବିଦ୍ୟାଜ୍ଞାନ ବୃଦ୍ଧିଦ୍ୱାରା ଜଣେ ବ୍ୟକ୍ତି ଶହ ଶହ ଜ୍ଞାନୀ ପଣ୍ଡିତଙ୍କୁ ଆୟତ୍ତ କରିପାରିବ । କେବଳ ଶାରୀରିକ ବଳବୃଦ୍ଧି କରି ବିଦ୍ୟାଜ୍ଞାନ ବ୍ୟତୀତ କେହି କେବେ ଉତ୍ତମ ଶାସନ କରିପାରିବେ ନାହିଁ । ଏହା ଦ୍ୱାରା ରାଜ୍ୟରେ ବିଶୃଙ୍ଖଳା ବୃଦ୍ଧି ପାଇ ରାଜ୍ୟ ଛାରଖାର ହୋଇଯିବ । ଏଣୁ ଶାରୀରିକ ବଳ ସହିତ ଆତ୍ମବଳ ବୃଦ୍ଧିପାଇଁ ଚେଷ୍ଟା କରିବା ଉଚିତ । ଅତ୍ୟନ୍ତ ବିଷୟାସକ୍ତି ଓ ବ୍ୟଭିଚାର ସର୍ବଦା ଶରୀର ଓ ଆତ୍ମାକୁ ବିନାଶ କରିଥାଏ । ବିଶେଷ କରି କ୍ଷତ୍ରିୟମାନଙ୍କୁ ଦୃଢ଼ାଙ୍ଗ ଓ ଅତ୍ୟନ୍ତ ବଳଶାଳୀ ହେବାକୁ ପଡ଼ିବ । ଯଦି କ୍ଷତ୍ରିୟମାନେ ବିଷୟାସକ୍ତ ହୁଅନ୍ତି, ତେବେ ରାଜଧର୍ମ ନିଶ୍ଚୟ ନଷ୍ଟ ହୋଇଯିବ । ''ଯଥା ରାଜା ତଥା ପ୍ରଜାଃ'' (ଚାଣକ୍ୟ ନୀତି ଦର୍ପଣ ୧୩/୮) ରାଜା ଯେପରି ହୁଅନ୍ତି ପ୍ରଜାମାନେ ମଧ୍ୟ ସେହିପରି ହୁଅନ୍ତି । ଏଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ଆବଶ୍ୟକ । ରାଜା କିମ୍ବା କୌଣସି ରାଜପୁରୁଷ ଦୁଷ୍କାଚାରୀ ନ ହୋଇ ସର୍ବଦା ନ୍ୟାୟ ତଥା ସଂସ୍କାରବାଦୀ ହେବା ଆବଶ୍ୟକ ।

ଏଠାରେ ସଂକ୍ଷେପରେ ରାଜଧର୍ମ ବର୍ଣ୍ଣନା କରାଗଲା । ମାଣ୍ଡଳିକ ବା ଚକ୍ରବର୍ତ୍ତୀ ରାଜା ରାଜନୀତି ବିଷୟକ ଅଧିକ ଜ୍ଞାନାର୍ଜନ ପାଇଁ, ବେଦ, ମନୁସ୍ମୃତିର ସପ୍ତମ, ଅଷ୍ଟମ ଓ ନବମ ଅଧ୍ୟାୟ, ଶୁକ୍ରନୀତି, ବିଦୁର ପ୍ରଜାଗର ଓ ମହାଭାରତ ଶାନ୍ତି ପର୍ବର ରାଜଧର୍ମ ଓ ଆପଦ୍ଧର୍ମ ପ୍ରଭୃତି ଶାସ୍ତ୍ର ଅଧ୍ୟୟନ କରିବେ । ସର୍ବଦା ଏକଥା ମନେ ରଖିବାକୁ ହେବ ଯେ.......

''ବୟଂ ପ୍ରଜାପତେଃ ପ୍ରଜା ଅଭୂମ'' (ଯଜୁ ଅ୧୮-ମ୨୯)

ଆମ୍ଭେମାନେ ପ୍ରଜାପତି ଅର୍ଥାତ୍ ପରମେଶ୍ୱରଙ୍କ ପ୍ରଜା ଓ ପରମାତ୍ମା

ଆମମାନଙ୍କର ରାଜା । ଆମେ ତାଙ୍କର ଆଜ୍ଞାବହ ଭୃତ୍ୟ ସମାନ । ସେ ଦୟାକରି ତାଙ୍କ ସୃଷ୍ଟିରେ ଆମଙ୍କୁ ରାଜ୍ୟାଧିକାରୀ କରନ୍ତୁ ଓ ଆମଦ୍ୱାରା ତାଙ୍କର ସତ୍ୟ, ନ୍ୟାୟ ଓ ଧର୍ମ ପ୍ରତିଷ୍ଠିତ ହେଉ । ଏହାପରେ ଈଶ୍ୱର ଓ ବେଦ ବିଷୟରେ ଲେଖାଯିବ ।

ଇତି ଶ୍ରୀମଦ୍ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ ସୁଭାଷାବିଭୂଷିତେ ରାଜଧର୍ମବିଷୟେ ଷଷ୍ଠଃ ସମୁଲ୍ଲାସଃ ସଂପୂର୍ଣ୍ଣଃ ।। ୬ ।।

—o—

ଅଥ ସପ୍ତମସମୁଲ୍ଲାସାରମ୍ଭଃ

ଅଥେଶ୍ୱରବେଦବିଷୟଂ ବ୍ୟାଖ୍ୟାସ୍ୟାମଃ

(୧) ଋଚୋ ଅକ୍ଷରେ ପରମେ ବ୍ୟୋମନ୍ୟସ୍ମିନ୍ ଦେବା ଅଧିବିଶ୍ୱେ ନିଷେଦୁଃ ।
ଯସ୍ତନ୍ନବେଦ କିମୃଚା କରିଷ୍ୟତି ଯ ଇତ୍ତଦ୍ୱିଦୁସ୍ତ ଇମେ ସମାସତେ ।।୧।।
(ଋଗ୍‌ବେଦ -ମ୧-ସୂ ୧୬୪ - ମନ୍ତ୍ର ୩୯)

ଈଶା ବାସ୍ୟମିଦଂ ସର୍ବଂ ଯତ୍‌କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟ ସ୍ୱିଦ୍ଧନମ୍ ।। ୨ ।।
(ଯଜୁର୍ବେଦ ଅ୪୦-ମ୧)

ଅହଂ ଭୁବଂ ବସୁନଃ ପୂର୍ବ୍ୟସ୍ପତିରହଂ ଧନାନି ସଂଜୟାମି ଶଶ୍ୱତଃ ।
ମାଂ ହବନ୍ତେ ପିତରଂ ନ ଜନ୍ତବୋଽହଂ ଦାଶୁଷେ ବିଭଜାମି ଭୋଜନମ୍ ।। ୩ ।।
(ଋଗ୍‌ବେଦ ୧୦-୪୮-୧)

ଅହମିନ୍ଦ୍ରୋନ ପରା ଜିଗ୍ୟ ଇଦ୍ଧନଂ ନ ମୃତ୍ୟବେଽବତସ୍ଥେ କଦା ଚନ ।
ସୋମମିନ୍ମା ସୁନ୍ୱନ୍ତୋ ଯାଚତା ବସୁ ନ ମେ ପୂରବଃ ସଖ୍ୟେ ରିଷାଥନ ।।୪।।
(ଋଗ୍‌ବେଦ ୧୦-୪୮-୫)

ଅହଂ ଦାଂ ଗୃଣତେ ପୂର୍ବ୍ୟଂ ବସ୍ୱହଂ ବ୍ରହ୍ମ କୃଣବଂ ମହ୍ୟଂ ବର୍ଦ୍ଧନମ୍ ।
ଅହଂ ଭୁବଂ ଯଜମାନସ୍ୟ ଚୋଦିତାଽଯଜ୍ୱନଃ ସାକ୍ଷି ବିଶ୍ୱସ୍ମିନ୍ଭରେ ।। ୫ ।।
(ଋଗ୍‌ବେଦ ୧୦-୪୯-୧)

(୨) ଏ ମନ୍ତ୍ରର ଅର୍ଥ ବ୍ରହ୍ମଚର୍ଯ୍ୟାଶ୍ରମର ଶିକ୍ଷା ପ୍ରସଙ୍ଗରେ ଉଲ୍ଲେଖ କରାଯାଇଛି । ଏହାର ଅର୍ଥ ଯିଏ ସକଳ ଦିବ୍ୟ ଗୁଣକର୍ମ ସ୍ୱଭାବ ଓ ବିଦ୍ୟାଯୁକ୍ତ, ଯାହାଙ୍କଠାରେ ପୃଥିବୀ, ସୂର୍ଯ୍ୟାଦି ଲୋକ ଅବସ୍ଥିତ, ଯିଏ ଆକାଶପରି ସର୍ବ ବ୍ୟାପକ, ଯିଏ ଦେବାଧିଦେବ ପରମେଶ୍ୱର, ତାଙ୍କୁ ଯେଉଁ ମନୁଷ୍ୟ ଜାଣେ ନାହିଁ, ଏବଂ ମାନେ ନାହିଁ ପୁଣି ତାଙ୍କୁ ଧ୍ୟାନ କରେ ନାହିଁ, ସେହି ମନ୍ଦମତି ନାସ୍ତିକ ଦୁଃଖସାଗରରେ ନିମଗ୍ନ ହୋଇ ରହେ । କିନ୍ତୁ ଯେଉଁମାନେ ତାଙ୍କୁ ଉତ୍ତମରୂପେ ଜାଣି ଧ୍ୟାନ କରନ୍ତି ସେମାନେ ଅବଶ୍ୟ ସୁଖୀ ହୋଇଥାନ୍ତି ।

(୩) **ପ୍ରଶ୍ନ**– ବେଦରେ ଅନେକ ଈଶ୍ୱର ବୋଲି ବର୍ଣ୍ଣିତ, ଏହା ତୁମେ ସ୍ୱୀକାର କରୁଛ କି ନାହିଁ ?

ଉତ୍ତର– ନା, ମୁଁ ତାକୁ ସ୍ୱୀକାର କରେ ନାହିଁ । କାରଣ, ଚାରି ବେଦର କୌଣସି ସ୍ଥାନରେ ମଧ୍ୟ ଈଶ୍ୱର ଅନେକ ବୋଲି ବର୍ଣ୍ଣନା କରାଯାଇ ନାହିଁ, ଚାରିବେଦରେ 'ଈଶ୍ୱର ଏକ' ବୋଲି କେବଳ ବର୍ଣ୍ଣନା କରାଯାଇଛି ।

(୪) **ପ୍ରଶ୍ନ**–ବେଦରେ ଅନେକ ଦେବତାଙ୍କ ନାମ ଉଲ୍ଲେଖ କରାଯାଇଛି, ତାର ଉଦ୍ଦେଶ୍ୟ ତେବେ କଣ ?

ଉତ୍ତର–ଯିଏ ଦିବ୍ୟଗୁଣଯୁକ୍ତ ତାକୁ ଦେବତା କୁହାଯାଏ । ଯଥା-ପୃଥିବୀ । କିନ୍ତୁ ଏମାନଙ୍କୁ କୌଣସି ସ୍ଥାନରେ ମଧ୍ୟ ଈଶ୍ୱର ବା ଉପାସ୍ୟ ବୋଲି ଲେଖାଯାଇ ନାହିଁ । ଦେଖ, ଏହି ମନ୍ତ୍ରର ଅର୍ଥ ହେଉଛି ଯାହାଙ୍କ ଠାରେ ସମସ୍ତ ଦେବତା ଅବସ୍ଥିତ, ସେହି ଏକମାତ୍ର ପରମେଶ୍ୱରଙ୍କୁ ଜାଣିବା ଉଚିତ ଓ ସେ ଉପାସନାର ଯୋଗ୍ୟ ଅଟନ୍ତି । ଯେଉଁମାନେ ଦେବତା ଶବ୍ଦର ଅର୍ଥ ଈଶ୍ୱର ବୋଲି ବୁଝନ୍ତି ତାହା ସେମାନଙ୍କ ଭ୍ରମ ବ୍ୟତୀତ ଅନ୍ୟ କିଛି ନୁହେଁ । ଦେବତାମାନଙ୍କର ମଧ୍ୟ ଦେବତା ହୋଇ ଥିବାରୁ ପରମେଶ୍ୱରଙ୍କ ନାମ ହେଉଛି ମହାଦେବ । କାରଣ ସେ ହିଁ ସମସ୍ତ ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ କର୍ତ୍ତା ପୁଣି ନ୍ୟାୟାଧୀଶ ଓ ଅଧିଷ୍ଠାତା ଅଟନ୍ତି । 'ତ୍ରୟସ୍ତ୍ରିଂଶତ୍ ତ୍ରିଂଶତା' ଇତ୍ୟାଦି ବେଦରେ ପ୍ରମାଣ ଅଛି । ଶତପଥ ବ୍ରାହ୍ମଣରେ ମହର୍ଷି ଯାଜ୍ଞବଲ୍‌କ୍ୟ ଏହାର ବ୍ୟାଖ୍ୟା କରିଛନ୍ତି......

(କ) ଅଷ୍ଟବସୁ– ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ଚନ୍ଦ୍ର, ସୂର୍ଯ୍ୟ ଓ ନକ୍ଷତ୍ର, ଏ ଆଠୋଟି ପ୍ରାଣୀମାନଙ୍କର ନିବାସସ୍ଥାନ ହେତୁ ଏମାନଙ୍କୁ ଅଷ୍ଟବସୁ କୁହାଯାଏ ।

(ଖ) ଏକାଦଶ ରୁଦ୍ର– ପ୍ରାଣ, ଅପାନ, ବ୍ୟାନ, ଉଦାନ, ସମାନ, ନାଗ, କୂର୍ମ, କୃକଳ, ଦେବଦତ୍ତ, ଧନଞ୍ଜୟ ଓ ଜୀବାତ୍ମା ଏଗୁଡ଼ିକୁ ଏକାଦଶ ରୁଦ୍ର କୁହାଯାଏ । ଏ ଏଗାରଟି ଶରୀରକୁ ତ୍ୟାଗକରି ଗଲାବେଳେ ସମସ୍ତଙ୍କୁ ରୋଦନ କରାଉଥିବାରୁ ଏମାନଙ୍କୁ 'ରୁଦ୍ର' କୁହାଯାଏ ।

(ଗ) ଦ୍ୱାଦଶ ଆଦିତ୍ୟ- ବର୍ଷର ମାସମାନଙ୍କୁ ଦ୍ୱାଦଶ ଆଦିତ୍ୟ କୁହାଯାଏ, କାରଣ ଏମାନେ ସମସ୍ତଙ୍କ ଆୟୁକୁ ହରଣ କରନ୍ତି ।

(ଘ) ଇନ୍ଦ୍ର– ଐଶ୍ୱର୍ଯ୍ୟର କାରଣ ହେତୁ ବିଦ୍ୟୁତର ନାମ 'ଇନ୍ଦ୍ର' ଅଟେ ।

(ଙ) ପ୍ରଜାପତି– ଯଜ୍ଞକୁ ପ୍ରଜାପତି କୁହାଯାଏ । କାରଣ ଏହାଦ୍ୱାରା ବାୟୁ, ଜଳ, ବୃଷ୍ଟି ଓ ଔଷଧି ଆଦି ଶୁଦ୍ଧ ହୁଅନ୍ତି, ବିଦ୍ୱାନମାନଙ୍କର ସତ୍କାର ହୁଏ, ଓ ବିବିଧ ଶିଳ୍ପ ବିଦ୍ୟାଦ୍ୱାରା ପ୍ରଜାଙ୍କୁ ପାଳନ କରାଯାଏ । ଦିବ୍ୟଗୁଣଯୁକ୍ତ ହୋଇଥିବାରୁ ଏ ତେତିଶଟି ବସ୍ତୁ କୁ 'ଦେବତା' ବୋଲି କୁହାଯାଏ । ଏ ସମସ୍ତ ଦେବଗଣଙ୍କ ସ୍ୱାମୀ ଓ ସର୍ବାପେକ୍ଷା ମହାନ୍ ହୋଇଥିବାରୁ 'ପରମାତ୍ମା' ଚତୁସ୍ତ୍ରିଂଶ ଉପାସ୍ୟ ଦେବ ଅଟନ୍ତି । ଶତପଥ ବ୍ରାହ୍ମଣର ଚତୁର୍ଦ୍ଦଶ କାଣ୍ଡରେ ଏହା ସ୍ପଷ୍ଟରୂପେ ଲେଖାଯାଇଛି । ଅନ୍ୟାନ୍ୟ ଆର୍ଷସାହିତ୍ୟରେ ମଧ୍ୟ ଏପରି ଲେଖାଅଛି । ଯେଉଁମାନେ ଏ ଶାସ୍ତ୍ର ଗୁଡ଼ିକୁ ଅଧ୍ୟୟନ କରନ୍ତି, ସେମାନେ କେବେ ବହୁ ଈଶ୍ୱରୀୟ ଭ୍ରମଜାଲରେ ପଡ଼ନ୍ତି ନାହିଁ ।। ୧ ।।

୫) ହେ ମନୁଷ୍ୟ ! ସଂସାରର ଯାବତୀୟ ଗତିଶୀଳ ବସ୍ତୁମାନଙ୍କ ମଧ୍ୟରେ ବ୍ୟାପ୍ତ ହୋଇ ଯିଏ ଏହାର ନିୟନ୍ତା ରୂପେ ବିଦ୍ୟମାନ, ତୁମେ ସେହି ଈଶ୍ୱରଙ୍କୁ ଭୟକରି ଅନ୍ୟାୟରେ କାହାରି ଧନ ନେବାକୁ ଇଚ୍ଛା କର ନାହିଁ । ସେପରି ଅନ୍ୟାୟାଚରଣ ପରିତ୍ୟାଗ କରି ନ୍ୟାୟାଚରଣ ରୂପୀ ଧର୍ମରେ ପ୍ରବୃତ୍ତ ହୋଇ ନିଜ ଆତ୍ମାରେ ଆନନ୍ଦ ଉପଭୋଗ କର ॥ ୨ ॥

୬) ବେଦରେ ଈଶ୍ୱର ଉପଦେଶ ଦେଇଛନ୍ତି– ହେ ମନୁଷ୍ୟଗଣ ! ସଂସାରର ଉତ୍ପତ୍ତି ପୂର୍ବରୁ ମୁଁ ଥିଲି, ସକଳ ଜଗତର ମୁଁ ସ୍ୱାମୀ ମୁଁ ହିଁ ସକଳ ସୃଷ୍ଟିର ମୂଳକାରଣ ଓ ସକଳ ସଂପତ୍ତିର ବିଜେତା ତଥା ଦାତା ଅଟେ । ସନ୍ତାନଗଣ ପିତାଙ୍କୁ ସମ୍ବୋଧନ କଲାପରି ସମସ୍ତ ପ୍ରାଣୀ ମୋତେ ମଧ୍ୟ ସେପରି ପିତୃତୁଲ୍ୟ ସମ୍ବୋଧନ କରନ୍ତୁ । ମୁଁ ସମସ୍ତଙ୍କୁ ସୁଖପ୍ରଦାନ କରିବା ସଙ୍ଗେ ସଙ୍ଗେ ଜଗତର ପାଳନ ପୋଷଣ ପାଇଁ ନାନାପ୍ରକାର ଖାଦ୍ୟପଦାର୍ଥ ବିତରଣ କରେଁ ॥ ୩ ॥

୭) ମୁଁ ପରମ ଏଶ୍ୱର୍ଯ୍ୟବାନ୍ ଓ ସୂର୍ଯ୍ୟସଦୃଶ ସମସ୍ତ ଜଗତର ପ୍ରକାଶକ ଅଟେ । ମୁଁ କେବେ ପରାଜିତ ହୁଏ ନାହିଁ କିମ୍ବା ମୃତ୍ୟୁର ଶିକାର ହୁଏ ନାହିଁ । ମୁଁ ଜଗତ ରୂପୀ ଏଶ୍ୱର୍ଯ୍ୟର ନିର୍ମାତା ଅଟେ । ସକଳ ଜଗତର ଉତ୍ପତ୍ତି କର୍ତ୍ତା ବୋଲି ମୋତେ ହିଁ ଜାଣ । ହେ ଜୀବଗଣ ! ତୁମେମାନେ ଐଶ୍ୱର୍ଯ୍ୟପ୍ରାପ୍ତି ନିମିତ୍ତ ଯତ୍ନବାନ୍ ହୋଇ ମୋତେ ବିଜ୍ଞାନ ପ୍ରଭୃତି ଧନ ପାଇଁ ପ୍ରାର୍ଥନା କର, ମୋଠାରେଥିବା ମୈତ୍ରୀ ସମ୍ବନ୍ଧକୁ କେବେହେଁ ଛିନ୍ନ କର ନାହିଁ ॥ ୪ ॥

୮) ହେ ମନୁଷ୍ୟ ଗଣ ! ଯେଉଁମାନେ ସତକଥା କହନ୍ତି, ତାଙ୍କ ସତ୍ୟ ଭାଷଣ ହିଁ ମୋର ସ୍ତୁତି । ସେମାନଙ୍କୁ ମୁଁ ସନାତନ ଜ୍ଞାନାଦି ଧନ ପ୍ରଦାନ କରେ । ମୁଁ ବ୍ରହ୍ମ ଅର୍ଥାତ୍ ବେଦର ପ୍ରକାଶକ । ସେହି ବେଦ ମୋତେ ଯଥାର୍ଥରୂପେ ପ୍ରକାଶ କରିଛି । ମୁଁ ବେଦଦ୍ୱାରା ସମସ୍ତଙ୍କ ଜ୍ଞାନବର୍ଦ୍ଧନ କରେ । ମୁଁ ସଜ୍ଜନମାନଙ୍କର ପ୍ରେରକ ତଥା ଯଜ୍ଞକର୍ତ୍ତାଙ୍କ ଫଳଦାତା ଅଟେ । ମୁଁ ଏ ବିଶ୍ୱର ସକଳ ପଦାର୍ଥର ସ୍ରଷ୍ଟା ଓ ଧାରଣକର୍ତ୍ତା । ଏଣୁ ତୁମ୍ଭେମାନେ ମୋତେ ଛାଡ଼ି, ମୋ ସ୍ଥାନରେ ଅନ୍ୟ କାହାରି ଉପାସନା କର ନାହିଁ, ଅନ୍ୟ କାହାକୁ ଈଶ୍ୱର ବୋଲି ସ୍ୱୀକାର କର ନାହିଁ ॥ ୫ ॥

୯) **ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେଭୂତସ୍ୟ ଜାତଃ ପତିରେକ ଆସୀତ୍ ।**
ସଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈଦେବାୟ ହବିଷା ବିଧେମ ॥

(ଯଜୁ ଅ ୧୩-ମ ୪)

"ହେ ମନୁଷ୍ୟଗଣ ! ଯିଏ ସୂର୍ଯ୍ୟାଦି ତେଜୋମୟ ଲୋକସମୂହର ଉତ୍ପତ୍ତି ସ୍ଥାନ ଓ ଆଧାର ଅଟନ୍ତି; ଯିଏ ସୃଷ୍ଟି ପୂର୍ବରୁ ଥିଲେ, ଯା କିଛି ଉତ୍ପନ୍ନ ହୋଇଛି,

ହେଉଛି ଓ ହେବ, ସେସବୁର ସ୍ୱାମୀ ଥିଲେ, ବର୍ତ୍ତମାନ ଅଛନ୍ତି ଓ ଭବିଷ୍ୟରେ ମଧ୍ୟ ରହିବେ; ଯିଏ ପୃଥିବୀଠାରୁ ସୂର୍ଯ୍ୟଲୋକ ପର୍ଯ୍ୟନ୍ତ ରଚନା କରି ଧାରଣ କରିଛନ୍ତି, ସେହି ସୁଖସ୍ୱରୂପ ପରମାତ୍ମାଙ୍କୁ ଆମେ ଯେପରି ଭକ୍ତି କରୁଛୁଁ ତୁମେ ମଧ୍ୟ ସେପରି ଭକ୍ତି କର ।

୧୦) **ପ୍ରଶ୍ନ**– ଆପଣ ଈଶ୍ୱର ଈଶ୍ୱର ବୋଲି ବାରମ୍ବାର କହୁଛନ୍ତି । ତାଙ୍କ ଅସ୍ତିତ୍ୱ ସଂପର୍କରେ କୌଣସି ପ୍ରମାଣ ଦେବେ କି ?

ଉତ୍ତର– ପ୍ରତ୍ୟକ୍ଷାଦି ପ୍ରମାଣଦ୍ୱାରା ତାଙ୍କ ଅସ୍ତିତ୍ୱ ସିଦ୍ଧ ହେଉଛି ।

ପ୍ରଶ୍ନ– ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ପ୍ରତ୍ୟକ୍ଷ ପ୍ରମାଣ ଦେବା ସମ୍ଭବପର ନୁହେଁ ।

ଉତ୍ତର– 'ଇନ୍ଦ୍ରିୟାର୍ଥସନ୍ନିକର୍ଷୋତ୍ପନ୍ନଂ ଜ୍ଞାନମବ୍ୟପଦେଶ୍ୟ- ମବ୍ୟଭିଚାରିବ୍ୟବସାୟାତ୍ମକଂ ପ୍ରତ୍ୟକ୍ଷମ୍ ॥'

ଏହା ଗୌତମ ମହର୍ଷିକୃତ ନ୍ୟାୟଦର୍ଶନର (୧-୪) ସୂତ୍ର । କର୍ଣ୍ଣ, ଚର୍ମ, ଚକ୍ଷୁ, ଜିହ୍ୱା ଓ ନାସିକା ଏହି ଜ୍ଞାନେନ୍ଦ୍ରିୟ ଗୁଡ଼ିକର ଯଥାକ୍ରମେ ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ସହିତ ସମ୍ବନ୍ଧରୁ ଓ ମନର ସୁଖ ଦୁଃଖ ଓ ସତ୍ୟ ମିଥ୍ୟାଦି ବିଷୟ ସହିତ ସମ୍ବନ୍ଧରୁ ଯେଉଁ ଜ୍ଞାନ ଉତ୍ପନ୍ନ ହୁଏ, ତାକୁ ପ୍ରତ୍ୟକ୍ଷ ଜ୍ଞାନ କହନ୍ତି । କିନ୍ତୁ, ତାହା ଭ୍ରମଶୂନ୍ୟ ହେବା ଉଚିତ । ବର୍ତ୍ତମାନ ବିଚାରିବାର କଥା ଇନ୍ଦ୍ରିୟ ଓ ମନଦ୍ୱାରା କେବଳ ଗୁଣ ପ୍ରତ୍ୟକ୍ଷୀଭୂତ ହୋଇଥାଏ, ଗୁଣୀ ପ୍ରତ୍ୟକ୍ଷୀଭୂତ ହୋଇପାରେ ନାହିଁ ।

ଯେପରି ତ୍ୱକ୍, ଚକ୍ଷୁ, ଜିହ୍ୱା ଓ ନାସିକା– ଏହି ଇନ୍ଦ୍ରିୟମାନଙ୍କ ଦ୍ୱାରା ସ୍ପର୍ଶ, ରୂପ, ରସ ଓ ଗନ୍ଧର ଜ୍ଞାନହେଲେ ଗୁଣଯୁକ୍ତ ବସ୍ତୁ 'ପୃଥିବୀ'ର ପ୍ରତ୍ୟକ୍ଷ ଜ୍ଞାନ ହୁଏ । ସେହିପରି ଏହି ପ୍ରତ୍ୟକ୍ଷ ସୃଷ୍ଟିରେ ସୃଷ୍ଟି ରଚନା ଓ ଜ୍ଞାନ ଆଦି ଗୁଣ ପ୍ରତ୍ୟକ୍ଷୀଭୂତ ହେଲେ ପରମେଶ୍ୱର ମଧ୍ୟ ପ୍ରତ୍ୟକ୍ଷୀଭୂତ ହୋଇଥାନ୍ତି ।

ପୁଣି ଯେତେବେଳେ ଆତ୍ମା ମନ ଓ ଇନ୍ଦ୍ରିୟମାନଙ୍କୁ କୌଣସି ବିଷୟରେ ନିୟୋଜିତ କରେ, ସେତେବେଳେ ଜୀବର ଇଚ୍ଛା ଓ ଜ୍ଞାନ ଇଚ୍ଛିତ ବିଷୟ ପ୍ରତି ଆକୃଷ୍ଟ ହୋଇଥାଏ ॥ ସେତେବେଳେ କୁକର୍ମ କରିବାପାଇଁ ଆତ୍ମାଭିତରେ ଭୟ, ଲଜ୍ଜା, ଓ ସଙ୍କୋଚ ତଥା ଉତ୍ତମ କର୍ମ କରିବାରେ ଆତ୍ମାଭିତରେ ନିର୍ଭୟତା, ନିଃଶଙ୍କତା ଓ ଆନନ୍ଦ ଉତ୍ସାହ ସଞ୍ଚାରିତ ହୋଇଥାଏ । ଏସବୁ ଭାବନା ଜୀବାତ୍ମା ତରଫରୁ ନ ହୋଇ ପରମାତ୍ମାଙ୍କ ତରଫରୁ ଜାତ ହୋଇଥାଏ ।

ପୁଣିଯେତେବେଳେ ଜୀବାତ୍ମା ପବିତ୍ର ହୋଇ, ପରମାତ୍ମାଙ୍କ ବିଚାରରେ ନିମଗ୍ନ ରହେ, ସେତେବେଳେ ଉଭୟେ (ଜୀବାତ୍ମା ଓ ପରମାତ୍ମା) ପ୍ରତ୍ୟକ୍ଷ ହୋଇଥାନ୍ତି । ପ୍ରତ୍ୟକ୍ଷ ପ୍ରମାଣଦ୍ୱାରା ପରମେଶ୍ୱର ସିଦ୍ଧ ହେଉଥିବା ସ୍ଥଳେ ଅନୁମାନାଦି ପ୍ରମାଣଦ୍ୱାରା

ସିଦ୍ଧ ହେବାରେ କଣ ସନ୍ଦେହ ଅଛି ? ଯେଣୁ କାର୍ଯ୍ୟର ପ୍ରତ୍ୟକ୍ଷରେ କାରଣ ସ୍ୱତଃ ଅନୁମିତ ହୋଇଥାଏ ।

୧୧) **ପ୍ରଶ୍ନ**– ଈଶ୍ୱର ବ୍ୟାପକ ଅଟନ୍ତି, ନା କୌଣସି ସ୍ଥାନବିଶେଷରେ ରହନ୍ତି ?

ଉତ୍ତର– ସେ ବ୍ୟାପକ ଅଟନ୍ତି । ସେ ଯଦି ଏକଦେଶୀୟ ହୋଇଥାନ୍ତେ ତେବେ ସର୍ବାନ୍ତର୍ଯ୍ୟାମୀ, ସର୍ବଜ୍ଞ, ସର୍ବନିୟନ୍ତା, ସର୍ବଦ୍ରଷ୍ଟା ଓ ସକଳ ବସ୍ତୁର ସ୍ରଷ୍ଟା, ଧର୍ତ୍ତା ଓ ପ୍ରଳୟକର୍ତ୍ତା ହୋଇପାରନ୍ତେ ନାହିଁ । ଯେଣୁ କର୍ତ୍ତାର ଅଭାବରେ ତାର କୌଣସି କ୍ରିୟା କଦାପି ହୋଇପାରିବ ନାହିଁ ।

୧୨) **ପ୍ରଶ୍ନ**– ପରମେଶ୍ୱର ଦୟାଳୁ ଓ ନ୍ୟାୟକାରୀ ଅଟନ୍ତି ନା ନୁହଁନ୍ତି ?

ଉତ୍ତର– ସେ ଯେପରି ଦୟାଳୁ ସେପରି ନ୍ୟାୟକାରୀ ମଧ୍ୟ ଅଟନ୍ତି ।

ପ୍ରଶ୍ନ– ଦୟା ଓ ନ୍ୟାୟ, ଏ ଦୁଇଟି ଗୁଣ ପରସ୍ପରର ବିରୋଧୀ । ଯେ ଦୟାକରେ ସେ ନ୍ୟାୟବିଚାର କୁ ଛାଡ଼େ ଓ ନିଷ୍ପକ୍ଷ ନ୍ୟାୟ କଲେ ଦୟାକୁ ଛାଡ଼ିବାକୁ ହୁଏ । କାରଣ କରିଥିବା କର୍ମ ଅନୁସାରେ ନ୍ୟୂନାଧିକ ନ କରି, ସୁକର୍ମର ଫଳସ୍ୱରୂପ ସୁଖ ଓ କୁକର୍ମର ଫଳସ୍ୱରୂପ ଦୁଃଖ ଦେବାହିଁ ନ୍ୟାୟ ଓ ଅପରାଧୀକୁ ଦଣ୍ଡ ନ ଦେଇ ଛାଡ଼ିଦେବାହିଁ ଦୟା ଅଟେ ।

ଉତ୍ତର– ଦୟା ଓ ନ୍ୟାୟ ମଧ୍ୟରେ ସାମାନ୍ୟ ମାତ୍ରାରେ ଭେଦ ରହିଛି । କାରଣ ନ୍ୟାୟବିଧାନଦ୍ୱାରା ଯେଉଁ ଉଦ୍ଦେଶ୍ୟ ସିଦ୍ଧ ହୁଏ, ଦୟାଦ୍ୱାରା ମଧ୍ୟ ତାହାହିଁ ହୋଇଥାଏ । ଦଣ୍ଡବିଧାନର ପ୍ରୟୋଜନ ହେଉଛି ମନୁଷ୍ୟ ଦୁଷ୍କର୍ମରେ ଆବଦ୍ଧ ହୋଇ କଦାପି ଦୁଃଖ ଭୋଗ ନକରୁ । ସେପରି ପରର ଦୁଃଖ ଦୂରକରିବାହିଁ ଦୟା । ଦୟା ଓ ନ୍ୟାୟର ଅର୍ଥ ତୁମେ ଯେପରି କରୁଛ, ପ୍ରକୃତରେ ତା ସେପରି ନୁହେଁ । କାରଣ ଯିଏ ଯେପରି କର୍ମ କରେ, ତାକୁ ତଦନୁପାତରେ ଦଣ୍ଡ ଦେବାହିଁ ହେଉଛି ଦୟା ଓ ନ୍ୟାୟ । ଦେଖ, ଅପରାଧୀକୁ ଦଣ୍ଡ ନଦେବା ଦ୍ୱାରା ଦୟାର ବିନାଶ ଘଟେ । କାରଣ, ଜଣେ ଅପରାଧୀକୁ ଦଣ୍ଡ ନ ଦେଇ ଛାଡ଼ିଦେଲେ ହଜାର ହଜାର ସାଧୁ ପୁରୁଷ ଦୁଃଖ ଭୋଗ କରିଥାନ୍ତି । ଜଣେ କୁକର୍ମୀକୁ ଦୟାପରବଶ ହୋଇ ଯଦି ଦଣ୍ଡ ନ ଦେଇ ଛାଡ଼ିଦିଆଯାଏ ଓ ତଦ୍ଦ୍ୱାରା ହଜାର ହଜାର ସାଧୁ ଯଦି ଦୁଃଖ ଭୋଗ କରନ୍ତି, ତେବେ ତାକୁ ଦୟା କିପରି କୁହାଯିବ ? ସେହି କୁକର୍ମୀକୁ କାରାରୁଦ୍ଧ କରି ପାପକର୍ମରୁ ତାକୁ ନିବୃତ୍ତ କରି ରଖିବାହିଁ ତାପ୍ରତି ଦୟା ଅଟେ । ସେହିପରି ଜଣେ ଦସ୍ୟୁକୁ ହତ୍ୟାକଲେ ହଜାର ହଜାର ଲୋକଙ୍କୁ ଦୟା କରାଗଲା ବୋଲି ବୁଝିବାକୁ ହେବ ।

୧୩) **ପ୍ରଶ୍ନ**– ଦୟା ଓ ନ୍ୟାୟ, ଏ ଉଭୟର ଅର୍ଥ ଏବଂ ପ୍ରୟୋଜନ ଯଦି ଏକ, ତେବେ ଦୁଇଟି ପୃଥକ୍ ଶବ୍ଦ ରହିବାର କି ଆବଶ୍ୟକତା ଅଛି ?

ଉତ୍ତର– ଗୋଟିଏ ଅର୍ଥରେ ଅନେକ ନାମ, ଓ ଗୋଟିଏ ନାମରେ ଅନେକ ଅର୍ଥ କଣ ହୋଇ ନପାରେ ?

ପ୍ରଶ୍ନ– ହୋଇପାରେ ।

ଉତ୍ତର– ତେବେ ତୁମର ସନ୍ଦେହ କାହିଁକି ହେଉଛି ?

ପ୍ରଶ୍ନ– କେତେ ଲୋକଙ୍କଠାରୁ ଏପରି ଆକ୍ଷେପ ଶୁଣିବାକୁ ମିଳିଥାଏ ବୋଲି ।।

ଉତ୍ତର– ସଂସାରରେ ସତ୍ୟ ଓ ମିଥ୍ୟା ଏପରି ଦୁଇଟି କଥା ଶୁଣାଯାଏ । କିନ୍ତୁ, ଉଭୟକୁ ବିଚାର କରି ନିଶ୍ଚୟ କରିବା ହେଉଛି ନିଜର କର୍ତ୍ତବ୍ୟ । ଦେଖ, ଈଶ୍ୱର ଅତ୍ୟନ୍ତ ଦୟାଳୁ, ସେ ସକଳ ପ୍ରାଣୀଙ୍କ ପ୍ରୟୋଜନ ସିଦ୍ଧି ସକାଶେ ସଂସାରରେ ସବୁ ପ୍ରକାର ପଦାର୍ଥ ସୃଷ୍ଟି କରି ଯୋଗାଇ ଦେଇଛନ୍ତି । ଏହାଠାରୁ ଅଧିକ ଦୟା ଆଉ କଣ ଥାଇପାରେ ? ପୁଣି ନ୍ୟାୟ ବ୍ୟବସ୍ଥାର ଫଳ ପ୍ରତ୍ୟକ୍ଷରେ ଦେଖାଯାଉଛି ।। ସମସ୍ତେ ନିଜନିଜ ସୁକର୍ମ ଓ କୁକର୍ମ ଅନୁପାତରେ ନ୍ୟୂନାଧିକ ଭାବେ ସୁଖ ଓ ଦୁଃଖ ଫଳ ନିଶ୍ଚୟ ଭୋଗିଥାନ୍ତି । ସମସ୍ତଙ୍କୁ ସୁଖ ଦେବା ଓ ଦୁଃଖରୁ ଉଦ୍ଧାର କରିବା ପାଇଁ ମନରେ ଯେଉଁ ଇଚ୍ଛା ଜାତ ହୁଏ, ତାକୁ ଦୟା କହନ୍ତି, ତଥା ବନ୍ଧନ ଛେଦନ ଆଦି ଦଣ୍ଡବିଧାନ ରୂପକ ବାହ୍ୟକ୍ରିୟାକଳାପକୁ ନ୍ୟାୟ କହନ୍ତି । ଦୟା ଓ ନ୍ୟାୟ ଏ ଶବ୍ଦ ଦିଓଟି ମଧ୍ୟରେ ଏହାହିଁ ପ୍ରଭେଦ । ସମସ୍ତଙ୍କୁ ପାପ ଓ ଦୁଃଖରୁ ଉଦ୍ଧାର କରିବାହିଁ ସେ ଉଭୟଙ୍କର ଏକମାତ୍ର ଉଦ୍ଦେଶ୍ୟ ।

୧୪) **ପ୍ରଶ୍ନ**– ଈଶ୍ୱର ସାକାର ନା ନିରାକାର ?

ଉତ୍ତର– ନିରାକାର । କାରଣ, ଈଶ୍ୱର ଯଦି ସାକାର ହୁଅନ୍ତି, ତେବେ ସେ ସର୍ବବ୍ୟାପକ ହୋଇ ପାରିବେ ନାହିଁ । ସର୍ବବ୍ୟାପକ ନ ହେଲେ ସର୍ବଜ୍ଞ ମଧ୍ୟ ହୋଇ ପାରିବେ ନାହିଁ । କାରଣ ପରିମିତ ବସ୍ତୁର ଗୁଣ, କର୍ମ ଓ ସ୍ୱଭାବ ମଧ୍ୟ ପରିମିତ ହୋଇଥାଏ । ପୁଣି ଶୀତ ଓ ଗରମ, ଭୋକଶୋଷ ରୋଗଦୋଷ ଓ ଛେଦନ ଭେଦନ ଆଦିରୁ ସେ ମୁକ୍ତ ହୋଇ ନପାରେ । ତେଣୁ ଈଶ୍ୱର ନିଶ୍ଚୟ ନିରାକାର ଅଟନ୍ତି । ଯଦି ସେ ସାକାର ହୋଇଥାନ୍ତେ, ତେବେ ତାଙ୍କ ନାକ, କାନ ଓ ଆଖି ଆଦି ଅବୟବ ଗୁଡ଼ିକୁ ଅନ୍ୟ କେହି ଗଢ଼ିଥାନ୍ତା । କାରଣ ଯେଉଁ ବସ୍ତୁ ସଂଯୋଗରୁ ଉତ୍ପନ୍ନ ହୁଏ, ତାର ସଂଯୋଜକ ଅବଶ୍ୟ କେହି ଚୈତନ୍ୟସ୍ୱରୂପ ନିରାକାର ହୋଇଥାନ୍ତି । ଏଠାରେ କେହି [illegible] କହେ, ଈଶ୍ୱର ନିଜ ଇଚ୍ଛାରେ ନିଜେ ନିଜ ଶରୀରକୁ ନିର୍ମାଣ କରିଛନ୍ତି, [illegible] ଏଥିରୁ ସିଦ୍ଧ ହେବ ଯେ ଶରୀର ନିର୍ମାଣ ପୂର୍ବରୁ ସେ ନିରାକାର [illegible] । [illegible] ପରମାତ୍ମା କେବେ ହେଲେ ଶରୀର ଧାରଣ କରନ୍ତି ନାହିଁ । କିନ୍ତୁ, [illegible] ହୋଇଥିବାରୁ ସମସ୍ତ ଜଗତକୁ ସୂକ୍ଷ୍ମକାରଣରୁ ସ୍ଥୂଳାକାର କରି [illegible] ।

(୧୫) **ପ୍ରଶ୍ନ**– ଈଶ୍ୱର ସର୍ବଶକ୍ତିମାନ୍ ଅଟନ୍ତି କି ନୁହଁନ୍ତି ?

ଉତ୍ତର– ଅଟନ୍ତି । କିନ୍ତୁ ତୁମେ ଯେପରି ସର୍ବଶକ୍ତିମାନ୍‌ର ଅର୍ଥ ବୁଝିଛ ତା ସେପରି ନୁହେଁ । 'ସର୍ବଶକ୍ତିମାନ୍'ର ଅର୍ଥ ହେଉଛି ଈଶ୍ୱର ନିଜର କାର୍ଯ୍ୟ ଅର୍ଥାତ୍ ସଂସାରର ସୃଷ୍ଟି, ପାଳନ ଓ ପ୍ରଳୟ ଓ ସମସ୍ତ ଜୀବମାନଙ୍କର ପାପପୁଣ୍ୟର ଯଥାର୍ଥ ବ୍ୟବସ୍ଥା କରିବାରେ କାହାର ସାମାନ୍ୟମାତ୍ର ସାହାଯ୍ୟ ନିଅନ୍ତି ନାହିଁ । ଅର୍ଥାତ୍ ନିଜର ଅନନ୍ତ ସାମର୍ଥ୍ୟ ଦ୍ୱାରା ହିଁ ଆପଣାର ସମସ୍ତ କାର୍ଯ୍ୟ ସଂପାଦନ କରିଥାନ୍ତି ।

ପ୍ରଶ୍ନ– ଈଶ୍ୱରଙ୍କ ଉପରେ କେହି ନାହାନ୍ତି, ତେଣୁ ଈଶ୍ୱର ଯାହା ଚାହିଁବେ ତା ଅକ୍ଳେଶରେ କରିପାରିବେ, ଆମେ ସର୍ବଶକ୍ତିମାନ୍‌ର ଅର୍ଥ ଏପରି ବୁଝିଛୁ ।

ଉତ୍ତର– ଈଶ୍ୱର ଯା ଇଚ୍ଛା ତା କରିପାରନ୍ତି ବୋଲି ତୁମେ ଯଦି ଯୁକ୍ତିକର, ତେବେ କହିଲ 'ଦେଖି ପରମେଶ୍ୱର ନିଜକୁ ହତ୍ୟା କରି, ଅନ୍ୟ ଜଣେ ଈଶ୍ୱର କଣ ଗଢ଼ି ପାରିବେ ? ନିଜେ ଅବିଦ୍ୱାନ୍ ହୋଇ ଚୋରି ବ୍ୟଭିଚାର ପ୍ରଭୃତି ପାପକର୍ମ କରି ଦୁଃଖୀ ହୋଇ ପାରିବେ ? ଏସବୁ ହେଉଛି ଈଶ୍ୱରଙ୍କ ଗୁଣ, କର୍ମ ଓ ସ୍ୱଭାବର ବିରୁଦ୍ଧ । ଏଣୁ ଏସମସ୍ତ କର୍ମ କଦାପି ସେ କରି ପାରିବେ ନାହିଁ । ଏଣୁ ସର୍ବଶକ୍ତିମାନ୍ ଶବ୍ଦର ଅର୍ଥ ଆମେ ଯେପରି କହିଛୁ ତାହାହିଁ ଠିକ୍ ।

(୧୬) **ପ୍ରଶ୍ନ**– ପରମେଶ୍ୱରଙ୍କ ଆଦି ଅଛି ନା ସେ ଅନାଦି ?

ଉତ୍ତର– ଯାହାର କୌଣସି ଆଦିକାରଣ ବା ସମୟ ଥାଏ ତାକୁ 'ସାଦି' କିନ୍ତୁ ଯାହାର କୌଣସି ଆଦିକାରଣ ବା ସମୟ ନାହିଁ ତାକୁ ଅନାଦି କୁହାଯାଏ । ଏସବୁର ବ୍ୟାଖ୍ୟା ପ୍ରଥମ ସମୁଲ୍ଲାସରେ କରାଯାଇଛି ।

(୧୭) **ପ୍ରଶ୍ନ**– ପରମେଶ୍ୱର କଣ ଚାହାନ୍ତି ?

ଉତ୍ତର– ସେ ସମସ୍ତଙ୍କର କଲ୍ୟାଣ ଓ ସୁଖ ଚାହାନ୍ତି । କିନ୍ତୁ ନିଜ ଇଚ୍ଛାରେ କାହାରିକୁ ବିନାପାପରେ ପରର ଅଧୀନ କରାନ୍ତି ନାହିଁ ।

(୧୮) **ପ୍ରଶ୍ନ**– ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା କରିବା ଉଚିତ ନା ଅନୁଚିତ ?

ଉତ୍ତର– ନିଶ୍ଚୟ କରିବା ଉଚିତ ।

ପ୍ରଶ୍ନ–ସ୍ତୁତି ବା ପ୍ରାର୍ଥନା କଲେ ଈଶ୍ୱର କଣ ନିଜ ନିୟମକୁ ପରିତ୍ୟାଗ କରି, ସ୍ତୁତି ପ୍ରାର୍ଥନାକାରୀର ପାପକୁ ଦୂର କରିଦେଇ ପାରିବେ ?

ଉତ୍ତର– ସେପରି କରିପାରିବେ ନାହିଁ

ପ୍ରଶ୍ନ– ତେବେ ସ୍ତୁତି ପ୍ରାର୍ଥନା କରିବାର କି ଆବଶ୍ୟକତା ଅଛି ?

ଉତ୍ତର– ଏସବୁ କରିବାରେ ଅନ୍ୟ ପ୍ରକାର ଫଳ ଅଛି ।

ପ୍ରଶ୍ନ– ତାହା ପୁଣି କଣ ?

ଉତ୍ତର– ସ୍ତୁତିଦ୍ୱାରା ହୃଦୟରେ ଈଶ୍ୱରଙ୍କ ପ୍ରତି ପ୍ରୀତି ଜାତ ହୁଏ । ତାଙ୍କ ଗୁଣ, କର୍ମ ଓ ସ୍ୱଭାବ ଅନୁସାରେ ନିଜ ଗୁଣ, କର୍ମ ଓ ସ୍ୱଭାବ ସଂଶୋଧିତ ହୋଇଥାଏ । ପ୍ରାର୍ଥନାଦ୍ୱାରା ନିରଭିମାନତା, ଉତ୍ସାହ ଓ ସାହାଯ୍ୟ ଲାଭ ହୁଏ । ଉପାସନାଦ୍ୱାରା ପରମେଶ୍ୱରଙ୍କ ସହିତ ମିଳନ ଓ ସାକ୍ଷାତ୍‌କାର ହୁଏ ।

(୧୯) **ପ୍ରଶ୍ନ**– ଏସବୁକୁ ସ୍ପଷ୍ଟ କରି ବୁଝାଇ ଦେବେ କି ?

ଉତ୍ତର– ଯଥା :–

ସ ପର୍ଯ୍ୟଗାତ୍ ଶୁକ୍ରମକାୟମବ୍ରଣମସ୍ନାବିରଂ ଶୁଦ୍ଧମପାପବିଦ୍ଧମ୍ ।
କବିର୍ମନୀଷୀ ପରିଭୂଃ ସ୍ୱୟମ୍ଭୂର୍ଯାଥାତଥ୍ୟତୋଽର୍ଥାନ୍ ବ୍ୟଦଧାତ୍ ଶାଶ୍ୱତୀଭ୍ୟଃ ସମାଭ୍ୟଃ(ଯଜୁର୍ବେଦ ଅ୪୦ ମ-୮)

ଈଶ୍ୱର ସ୍ତୁତି–

ସେହି ପରମାତ୍ମା ସର୍ବତ୍ର ବ୍ୟାପକ, ଶୀଘ୍ରକାରୀ, ଅନନ୍ତ ବଳଶାଳୀ ।। ସେ ହେଉଛନ୍ତି ଶୁଦ୍ଧ, ସର୍ବଜ୍ଞ; ସର୍ବାନ୍ତର୍ଯ୍ୟାମୀ, ସର୍ବୋପରି ବିରାଜମାନ, ସନାତନ ତଥା ସ୍ୱୟଂସିଦ୍ଧ । ସେହି ପ୍ରଭୁ ଜୀବରୂପକ ନିଜର ଅନାଦି ପ୍ରଜାବର୍ଗଙ୍କୁ ବେଦଦ୍ୱାରା ସନାତନ ଜ୍ଞାନର ପ୍ରକାଶ କରି ତାହାର ଅର୍ଥକୁ ଯଥାଯଥ ଭାବେ ବୋଧ କରାନ୍ତି । ଏଭଳି ସ୍ତୁତିକୁ ସଗୁଣ ସ୍ତୁତି କୁହାଯାଏ । ଅର୍ଥାତ୍ ଯେଉଁ ଯେଉଁ ଗୁଣ ସହିତ ଈଶ୍ୱରଙ୍କୁ ସ୍ତୁତି କରାଯାଏ ତାହାହିଁ ସଗୁଣ ସ୍ତୁତି ।

(ଅକାୟ) ଅର୍ଥାତ୍, ପରମେଶ୍ୱର କେବେ ଜନ୍ମ ହୁଅନ୍ତି ନାହିଁ କି ଶରୀର ଧାରଣ କରନ୍ତି ନାହିଁ । ତାଙ୍କ ଭିତରେ କୌଣସି ଛିଦ୍ର ନାହିଁ । ସେ ନାଡ଼ି ତନ୍ତୁର ବନ୍ଧନରେ ଆବଦ୍ଧ ନୁହନ୍ତି । ସେ କେବେ ପାପାଚରଣ କରନ୍ତି ନାହିଁ । ସେ କେବେ ଦୁଃଖ, କଷ୍ଟ ଓ ଅଜ୍ଞାନତାର ଶିକାର ହୁଅନ୍ତି ନାହିଁ । ଏସବୁ ରାଗଦ୍ୱେଷାଦି ଗୁଣ ପରମେଶ୍ୱରଙ୍କଠାରେ ନାହିଁ, ତେଣୁ ସେପରି ଯେଉଁ ସ୍ତୁତି କରାଯାଏ, ତାକୁ ନିର୍ଗୁଣ ସ୍ତୁତି କହନ୍ତି ।

ଈଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବପରି ନିଜର ଗୁଣ କର୍ମ ସ୍ୱଭାବକୁ ଗଠନ କରିବାରେ ଯତ୍ନ କରିବା ହିଁ ଈଶ୍ୱର ସ୍ତୁତିର ପ୍ରକୃତ ଉଦ୍ଦେଶ୍ୟ । ଅର୍ଥାତ୍, ଈଶ୍ୱର ଯେପରି ନ୍ୟାୟକାରୀ ଓ ପରୋପକାରୀ ନିଜେ ମଧ୍ୟ ସେପରି ନ୍ୟାୟକାରୀ ଓ ପରୋପକାରୀ ହେବା ଉଚିତ । କିନ୍ତୁ ଯେଉଁମାନେ ମୁଖରେ କେବଳ ପ୍ରଭୁଙ୍କର ସ୍ତୁତି କରି, ନିଜ ଚରିତ୍ର ଓ ସ୍ୱଭାବକୁ ସଂଶୋଧନ କରି ଶୁଦ୍ଧ ଓ ପବିତ୍ର କରିବାକୁ ଚେଷ୍ଟା କରନ୍ତି ନାହିଁ, ସେମାନେ କେବଳ ଭଣ୍ଡ ଓ ପାଖଣ୍ଡୀ ଅଟନ୍ତି । ସେମାନଙ୍କୁ ସ୍ତୁତିର ଫଳ ସାମାନ୍ୟ ଭାବେ ମଧ୍ୟ ମିଳେ ନାହିଁ ।

୨୦) ପ୍ରାର୍ଥନା—

ଯାଂ ମେଧାଂ ଦେବଗଣାଃ ପିତରଶ୍ଚୋପାସତେ ।
ତୟା ମାମଦ୍ୟ ମେଧୟାଽଗ୍ନେ ମେଧାବିନଂ କୁରୁ ସ୍ୱାହା ।।

ଯଜୁ:୩୨-୧୪ ।।

ହେ ଅଗ୍ନେ ! ଅର୍ଥାତ୍ ହେ ପ୍ରକାଶସ୍ୱରୂପ ପରମେଶ୍ୱର ! ବିଦ୍ୱାନ୍, ଜ୍ଞାନୀ ଓ ଯୋଗୀ ଜନ ଯେଉଁ ବୁଦ୍ଧି ପାଇଁ ଉପାସନା କରନ୍ତି, ଆପଣ ଦୟାକରି ବର୍ତ୍ତମାନ ସେହି ବୁଦ୍ଧିମୋତେ ପ୍ରଦାନ କରନ୍ତୁ ।

ତେଜୋଽସିତେଜୋମୟି ଧେହି । ବୀର୍ଯ୍ୟମସି ବୀର୍ଯ୍ୟଂ ମୟି ଧେହି ।
ବଳମସି ବଳଂ ମୟି ଧେହି । ଓଜୋଽସ୍ୟୋଜୋ ମୟି ଧେହି ।
ମନ୍ୟୁରସି ମନ୍ୟୁଂମୟି ଧେହି । ସହୋଽସି ସହୋମୟି ଧେହି ।।

ଯଜୁର୍ବେଦ୧୯-୯ ।।

ହେ ପ୍ରଭୋ ! ଆପଣ ସ୍ୱୟଂ ପ୍ରକାଶସ୍ୱରୂପ, ମୋ ହୃଦୟରେ ପ୍ରକାଶ ଦାନ କରନ୍ତୁ ।ଆପଣ ଅନନ୍ତ ପରାକ୍ରମଶାଳୀ, ଏଣୁ ମୋତେ ପରାକ୍ରମ ଦାନ କରନ୍ତୁ । ଆପଣ ଅନନ୍ତ ବଳଯୁକ୍ତ; ମୋତେ ସେହି ବଳ ପ୍ରଦାନ କରନ୍ତୁ । ଆପଣ ଅନନ୍ତ ସାମର୍ଥ୍ୟବାନ୍, ତେଣୁ ମୋତେ ପୂର୍ଣ୍ଣ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆପଣ କୁକର୍ମ ଓ କୁକର୍ମୀମାନଙ୍କ ଉପରେ କ୍ରୋଧ ପ୍ରକାଶ କରନ୍ତି, ମୋତେ ମଧ୍ୟ ସେହିପରି କରାନ୍ତୁ । ନିନ୍ଦା ଓ ସ୍ତୁତିରେ ସର୍ବଦା ଅବିଚଳିତ ରହି ଆପଣଙ୍କ ପ୍ରତି ଅପରାଧ କରୁଥିବା ଅପରାଧିମାନଙ୍କ ପ୍ରତି ମଧ୍ୟ ଆପଣ ସହନଶୀଳ ଅଟନ୍ତି; ଦୟାକରି ମୋତେ ମଧ୍ୟ ସେପରି ସହନଶୀଳ କରାନ୍ତୁ ।

ଯଜ୍ଜାଗ୍ରତୋ ଦୂରମୁଦୈତି ଦୈବଂ ତଦୁ ସୁପ୍ତସ୍ୟ ତଥୈବୈତି ।
ଦୂରଙ୍ଗମଂ ଜ୍ୟୋତିଷାଂ ଜ୍ୟୋତିରେକଂ ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ ।।

(ଯଜୁ :୩୪-୧)

ହେ ଦୟାନିଧେ ! ମୋ ମନ ଜାଗ୍ରତ ଅବସ୍ଥାରେ ବହୁ ଦୂରଦୂରାନ୍ତରକୁ ଚାଲିଯାଏ, ତଥା ଦିବ୍ୟଗୁଣଯୁକ୍ତ ଥାଏ, ପୁଣି ନିଦ୍ରିତ ଅବସ୍ଥାରେ ଯେଉଁ ମନ ସୁଷୁପ୍ତିକୁ ପ୍ରାପ୍ତ ହୁଏ ବା ସ୍ୱପ୍ନରେ ଦୂରଦୂରାନ୍ତରକୁ ଗମନ କଲାଭଳି ପ୍ରତୀତି ହୁଏ, ହେ ସକଳ ପ୍ରକାଶକଙ୍କ ପ୍ରକାଶକ ! ମୋର ସେହି ମନ ଶିବସଂକଳ୍ପ ଅର୍ଥାତ୍ ନିଜର ଓ ଅନ୍ୟ ପ୍ରାଣୀମାନଙ୍କର ମଙ୍ଗଳ କରିବାପାଇଁ ସଂକଳ୍ପ ବଦ୍ଧ ହେଉ ।କାହାରି ଅନିଷ୍ଟ କରିବାରେ ତାହା କେବେହେଲେ ପ୍ରବୃତ୍ତ ନ ହେଉ ।।

ଯେନ କର୍ମାଣ୍ୟପସୋ ମନୀଷିଣୋ ଯଜ୍ଞେ କୃଣ୍ୱନ୍ତି ବିଦଥେଷୁ ଧୀରାଃ ।
ଯଦପୂର୍ବଂ ଯକ୍ଷମନ୍ତଃ ପ୍ରଜାନାଂ ତନ୍ମେ ମନଃ ଶିବସଂକଳ୍ପମସ୍ତୁ ।।

(ଯଜୁ:୩୪-୨)

ହେ ସର୍ବାନ୍ତର୍ଯ୍ୟାମୀ ! ଯେଉଁ ମନଦ୍ୱାରା କର୍ମନିଷ୍ଠ ଧାର୍ମିକ ବିଦ୍ୱାନ୍‌ଗଣ ଯଜ୍ଞ ଓ ଯୁଦ୍ଧାଦି କାର୍ଯ୍ୟ ସଂପାଦନ କରନ୍ତି, ଯିଏ ଅପୂର୍ବ ସାମର୍ଥ୍ୟ ଯୁକ୍ତ, ପୂଜନୀୟ ଯେ ସମସ୍ତ ପ୍ରଜାଗଣଙ୍କ ମଧ୍ୟରେ ଅବସ୍ଥିତ, ସେହି ମୋର ମନ ସଭିଙ୍କର କଲ୍ୟାଣ କାର୍ଯ୍ୟରେ ବ୍ରତୀ ହେଉ ।

ଯତ୍ ପ୍ରଜ୍ଞାନମୁତ ଚେତୋ ଧୃତିଶ୍ଚ ଯଜ୍ଜ୍ୟୋତିରନ୍ତରମୃତଂ ପ୍ରଜାସୁ ।
ଯସ୍ମାନ୍ନଋତେ କିଞ୍ଚନ କର୍ମକ୍ରିୟତେ ତନ୍ମେମନଃ ଶିବସଂକଳ୍ପ ମସ୍ତୁ ।।

(ଯଜୁର୍ବେଦ ୩୪-୩)

ଯିଏ ଉତ୍କୃଷ୍ଟ ଜ୍ଞାନର ଆଧାର, ଯିଏ ଅପରକୁ ସଚେତନ କରେ, ଯିଏ ନିଶ୍ଚୟାତ୍ମିକା ବୃତ୍ତି, ଯିଏ ପ୍ରଜାମାନଙ୍କ ଭିତରେ ପ୍ରକାଶଯୁକ୍ତ ଓ ନାଶ ରହିତ, ଯାହାବ୍ୟତୀତ କେହି କୌଣସି କାର୍ଯ୍ୟ କରିପାରେ ନାହିଁ, ମୋର ସେହି ମନ ପବିତ୍ର ଗୁଣାଭିଳାଷୀ ହୋଇ ଦୁର୍ଗୁଣରୁ ଦୂରେଇ ରହୁ ।।

ଯେନେଦଂ ଭୂତଂ ଭୁବନଂ ଭବିଷ୍ୟତ୍ ପରିଗୃହୀତମମୃତେନ ସର୍ବମ୍ ।
ଯେନ ଯଜ୍ଞସ୍ତାୟତେ ସପ୍ତହୋତା ତନ୍ମେମନଃ ଶିବସଂକଳ୍ପମସ୍ତୁ ।।

(ଯଜୁର୍ବେଦ ୩୪-୪)

ହେ ଜଗଦୀଶ୍ୱର ! ଯେଉଁ ମନଦ୍ୱାରା ଯୋଗୀଜନ ଭୂତ, ଭବିଷ୍ୟତ ଓ ବର୍ତ୍ତମାନର କଥା ଜାଣିପାରନ୍ତି ।ଯିଏ ଅବିନାଶୀ ଜୀବାତ୍ମାକୁ ପରମାତ୍ମାଙ୍କ ସହିତ ମିଳାଇ ଦେଇ ତ୍ରିକାଳଜ୍ଞ କରିଦିଏ, ଯିଏ ଜ୍ଞାନ ଓ କ୍ରିୟାଯୁକ୍ତ ଅଟେ, ଯିଏ ପଞ୍ଚଜ୍ଞାନେନ୍ଦ୍ରିୟ, ବୁଦ୍ଧି ଓ ଆତ୍ମା ସହିତ ସଂଯୁକ୍ତ, ତଥା ଯାହାଦ୍ୱାରା ଯୋଗୀ ପୁରୁଷମାନେ ଯୋଗରୂପକ ଯଜ୍ଞକୁ ବଢ଼ାନ୍ତି, ମୋର ସେହି ମନ ଯୋଗବିଜ୍ଞାନଯୁକ୍ତ ହୋଇ ଅବିଦ୍ୟାଦି କ୍ଳେଶରୁ ପୃଥକ୍ ହୋଇ ରହୁ ।

ଯସ୍ମିନ୍ନୃଚଃ ସାମଯଜୂଂଷି ଯସ୍ମିନ୍ ପ୍ରତିଷ୍ଠିତା ରଥନାଭାବିବାରାଃ ।
ଯସ୍ମିଁଶ୍ଚିତ୍ତଂ ସର୍ବମୋତଂ ପ୍ରଜାନାଂ ତନ୍ମେମନଃ ଶିବସଂକଳ୍ପମସ୍ତୁ ।।

(ଯଜୁର୍ବେଦ ୩୪-୫)

ହେ ପରମ ବିଦ୍ୱାନ୍ ପରମେଶ୍ୱର ! ରଥଚକ୍ରର ନାଭିରେ ଯେପରି ଅରା ଗୁଡ଼ିକ ସଂଲଗ୍ନ ହୋଇ ରହିଥାଏ, ସେପରି ମୋ ମନରେ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ ପ୍ରତିଷ୍ଠିତ ହୋଇ ରହିଛି ।ଯାହାଦ୍ୱାରା ସର୍ବଜ୍ଞ, ସର୍ବବ୍ୟାପକ,

ପ୍ରଜାଗଣଙ୍କ ସାକ୍ଷୀ, ଚୈତନ୍ୟସ୍ୱରୂପ ପରମାତ୍ମାଙ୍କ ଜ୍ଞାନ ଅନୁଭୂତ ହୁଏ, ଆପଣଙ୍କ କୃପାରୁ ମୋର ସେହି ମନ ଅବିଦ୍ୟାରୁ ପୃଥକ୍ ରହି ସର୍ବଦା ବିଦ୍ୟାନୁରାଗୀ ହେଉ ।

ସୁଷାରଥିରଶ୍ୱାନିବ ଯନ୍ମନୁଷ୍ୟାନ୍ନେନୀୟତେଽଭୀଶୁଭିର୍ବାଜିନ ଇବ ।
ହୃତ୍‌ପ୍ରତିଷ୍ଠଂ ଯଦଜିରଂ ଜବିଷ୍ଠଂ ତନ୍ମେମନଃ ଶିବସଂକଳ୍ପମସ୍ତୁ ।।

(ଯଜୁର୍ବେଦ ୩୪-୬)

ହେ ସର୍ବନିୟନ୍ତା ଈଶ୍ୱର ! ଲଗାମ ବା ଲଗାମ ଧରିଥିବା ସାରଥି ଯେପରି ଘୋଡ଼ାକୁ ଇତସ୍ତତଃ ଭ୍ରମଣ କରାଏ; ଠିକ୍ ସେହିପରି ଯେଉଁ ମନ ମନୁଷ୍ୟମାନଙ୍କୁ ଇତସ୍ତତଃ ବୁଲାଏ, ଯେ ହୃଦୟରେ ପ୍ରତିଷ୍ଠିତ, ଅତ୍ୟନ୍ତ ଗତିଶୀଳ ଓ ବେଗବାନ୍ ଅଟେ, ମୋର ସେହି ମନ ଇନ୍ଦ୍ରିୟମାନଙ୍କୁ ଅଧର୍ମାଚରଣରୁ ଦୂରେଇ ରଖି ସର୍ବଦା ଧର୍ମମାର୍ଗରେ ପରିଚାଳନା କରୁ । ଆପଣ ମୋ ପ୍ରତି ଏପରି ସଦୟ ହୁଅନ୍ତୁ ।

ଅଗ୍ନେନୟ ସୁପଥାରାୟେ ଅସ୍ମାନ୍ ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍ ।
ଯୁୟୋଧ୍ୟସ୍ମଜ୍ଜୁହୁରାଣମେନୋ ଭୂୟିଷ୍ଠାଂ ତେ ନମ ଉକ୍ତିଂ ବିଧେମ ।।

(ଯଜୁ : ୪୦-୧୬)

ହେ ସୁଖଦାତା, ସ୍ୱପ୍ରକାଶସ୍ୱରୂପ, ସର୍ବଜ୍ଞ, ପରମାତ୍ମନ୍ ! ଆପଣ ଆମକୁ ଶ୍ରେଷ୍ଠ ମାର୍ଗରେ ସଂପୂର୍ଣ୍ଣ ଜ୍ଞାନ ପ୍ରଦାନ କରନ୍ତୁ । ଆମ୍ଭମାନଙ୍କୁ ପାପାଚରଣରୂପକ କୁଟୀଳ ମାର୍ଗରୁ ଦୂରେଇ ରଖନ୍ତୁ । ଏଣୁ ଆମ୍ଭେମାନେ ନମ୍ରତାର ସହିତ ଆପଣଙ୍କ ସ୍ତୁତିଗାନ ଓ ପ୍ରାର୍ଥନା କରୁଛୁଁ । ଆପଣ ଆମକୁ ପବିତ୍ର କରନ୍ତୁ ।

ମା ନୋ ମହାନ୍ତମୁତ ମା ନୋଽଅର୍ଭକଂ ମା ନ ଉକ୍ଷନ୍ତମୁତ ମା ନ ଉକ୍ଷିତମ୍ ।
ମା ନୋ ବଧୀଃ ପିତରଂ ମୋତଂ ମାତରଂ ମା ନଃ ପ୍ରିୟାସ୍ତନ୍ୱୋ ରୁଦ୍ର ରୀରିଷଃ ।।

(ଯଜୁର୍ବେଦ ଅ୧୬-ମ-୧୫)

ହେ ରୁଦ୍ର (ଦୁଷ୍ଟମାନଙ୍କୁ ପାପର ଦୁଃଖରୂପ ଫଳ ଦାନ କରି ରୋଦନ କରାଉଥିବା ପରମେଶ୍ୱର) ! ଆମର ଛୋଟ ବଡ଼ ଲୋକଙ୍କୁ ଗର୍ଭସ୍ଥ ସନ୍ତାନ, ପିତାମାତା, ପ୍ରିୟ ବନ୍ଧୁବର୍ଗଙ୍କୁ ପୁଣି ଆମ ଶରୀରକୁ ନାଶ କରିବାପାଇଁ କେବେ ପ୍ରେରଣା ଦିଅନ୍ତୁ ନାହିଁ । ଆପଣ ଆମ୍ଭମାନଙ୍କୁ ଏପରି ମାର୍ଗରେ ନିଅନ୍ତୁ, ଯେପରି ଆମେ କୌଣସି ପ୍ରକାର ଦଣ୍ଡଭୋଗ କରିବୁ ନାହିଁ ।

ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ ।
ମୃତ୍ୟୋର୍ମାଽମୃତଂ ଗମୟେତି ।। ଶତପଥ ବ୍ରାହ୍ମଣ ।।

ହେ ପରମଗୁରୁ ପରମାତ୍ମନ୍ ! ଆପଣ ଆମକୁ ଅସତ୍ ମାର୍ଗରୁ ସତ୍‌ମାର୍ଗକୁ ନିଅନ୍ତୁ । ଅବିଦ୍ୟା ଅନ୍ଧକାରରୁ ମୁକ୍ତ କରି ବିଦ୍ୟାରୂପକ ସୂର୍ଯ୍ୟାଲୋକପ୍ରଦାନ କରନ୍ତୁ । ମୃତ୍ୟୁ ରୋଗରୁ ପୃଥକ୍ ରଖି ଆମକୁ ମୋକ୍ଷାନନ୍ଦରୂପକ ଅମୃତ ପ୍ରଦାନ କରନ୍ତୁ ।

(୨୧) ପ୍ରାର୍ଥନା ଦୁଇପ୍ରକାର– ସଗୁଣ ପ୍ରାର୍ଥନା ଓ ନିର୍ଗୁଣ ପ୍ରାର୍ଥନା । ଈଶ୍ୱରଙ୍କଠାରେ ଉତ୍ତମ ଗୁଣ, କର୍ମ ଓ ସ୍ୱଭାବ ବିଦ୍ୟମାନ, ନିଜକୁ ମଧ୍ୟ ସେହି ଉତ୍ତମ ଗୁଣ, କର୍ମ ଓ ସ୍ୱଭାବରେ ମଣ୍ଡିତ କରାଇବାପାଇଁ ଯେଉଁ ପ୍ରାର୍ଥନା କରାଯାଏ, ତାକୁ 'ସଗୁଣ ପ୍ରାର୍ଥନା' କୁହାଯାଏ । ଈଶ୍ୱରଙ୍କଠାରେ ଯେଉଁ ଦୋଷ ଓ ଦୁର୍ଗୁଣ ଗୁଡ଼ିକ ନାହିଁ, ନିଜକୁ ମଧ୍ୟ ସେହି ଦୋଷ ଓ ଦୁର୍ଗୁଣରୁ ପୃଥକ୍ କରିବାପାଇଁ ଯେଉଁ ପ୍ରାର୍ଥନା କରାଯାଏ ତାକୁ 'ନିର୍ଗୁଣ ପ୍ରାର୍ଥନା' କୁହାଯାଏ । ଯେଉଁ ବ୍ୟକ୍ତି ଯେଉଁଥିପାଇଁ ପ୍ରାର୍ଥନା କରେ, ତାକୁ ସେହିଭଳି କାର୍ଯ୍ୟମାନ କରିବାକୁ ପଡ଼ିବ । ଉଦାହରଣ ସ୍ୱରୂପ, କେହି ଯଦି ଅତି ଉତ୍ତମ ବୁଦ୍ଧି ପାଇବାପାଇଁ ପରମାତ୍ମାଙ୍କୁ ପ୍ରାର୍ଥନା କରେ, ତେବେ ତାକୁ ସେଥିପାଇଁ ଅତ୍ୟନ୍ତ ଯତ୍ନ କରିବାକୁହେବ ।। ଅର୍ଥାତ୍ ନିଜର ପୁରୁଷାର୍ଥ ଅନୁଯାୟୀ ପ୍ରଭୁଙ୍କୁ ପ୍ରାର୍ଥନା କରିବା ଆବଶ୍ୟକ ।।

ହେ ଈଶ୍ୱର ! ଆପଣ ମୋର ଶତ୍ରୁକୁ ନାଶ କରି ଦିଅନ୍ତୁ । ସମସ୍ତଙ୍କ ଅପେକ୍ଷା ମୋତେ ମହାନ୍ ଓ ପ୍ରତିଷ୍ଠାବାନ୍ କରିଦିଅନ୍ତୁ । ମୋ ଅଧୀନରେ ସମସ୍ତ ଲୋକ ରହନ୍ତୁ, ଇତ୍ୟାଦି.... ।। ଏପରି ପ୍ରାର୍ଥନା କରିବା କଦାପି ଉଚିତ ନୁହଁ ।। ଏପରି ପ୍ରାର୍ଥନାକୁ ଈଶ୍ୱର ମଧ୍ୟ କେବେ ଗ୍ରହଣ କରନ୍ତି ନାହିଁ । କାରଣ ଦୁଇଜଣ ଶତ୍ରୁ ଯଦି ପରସ୍ପରକୁ ନାଶ କରିବାପାଇଁ ଭକ୍ତିପୂତ ଭାବରେ ପରମେଶ୍ୱରଙ୍କୁ ପ୍ରାର୍ଥନା କରନ୍ତି ତେବେ ପ୍ରଭୁ କଣ ସେହି ଦିଜଣଙ୍କୁ ନଷ୍ଟ କରିଦେବେ ? ଏପରିସ୍ଥଳେ କେହି ଯଦି କହେ .... ଯାହାର ଈଶ୍ୱର ଭକ୍ତି ଅଧିକ ଥିବ, ତାର ପ୍ରାର୍ଥନା ସଫଳ ହେବ ।। ତେବେ ଆମେ କହିବୁ... ଯେଉଁ ବ୍ୟକ୍ତିର ଈଶ୍ୱର ଭକ୍ତି ଅଳ୍ପଥିବ, ତାର ଶତ୍ରୁ ସେହିପରି ଅଳ୍ପ ନଷ୍ଟ ହେବ ?

ଏପରି ମୂର୍ଖତାପୂର୍ଣ୍ଣ ପ୍ରାର୍ଥନା କରୁଥିବା ବ୍ୟକ୍ତି, ସମୟ ଗଡ଼ିଲେ ଏପରି ମଧ୍ୟ ପ୍ରାର୍ଥନା କରିପାରେ.... ହେ ଈଶ୍ୱର ! ଆପଣ ରୋଷେଇକରି ମୋତେ ଖୁଆଇ ଦିଅନ୍ତୁ, ମୋର ମଇଳା ଲୁଗାପଟା ସଫାକରିଦିଅନ୍ତୁ । ମୋ ଘରକୁ ଝାଡୁଦ୍ୱାରା ପରିଷ୍କାର କରିଦିଅନ୍ତୁ, ମୋ ବିଲ ଚାଷ କରିଦିଅନ୍ତୁ । ପରମେଶ୍ୱରଙ୍କ ଉପରେ ଭରସାକରି ଯେଉଁମାନେ ଅଳସୁଆ ହୋଇ ବସି ରହନ୍ତି ସେମାନେ ମହାମୂର୍ଖ । କାରଣ ପରିଶ୍ରମ କରିବାପାଇଁ ବେଦରେ ଆଦେଶ ଦେଇ ଅଛନ୍ତି । ଯେଉଁ ବ୍ୟକ୍ତି ଏ ନିୟମକୁ ମାନେ ନାହିଁ, ସେ କଦାପି ସୁଖଲାଭ କରିପାରେ ନାହିଁ । ଯଥା 'କୁର୍ବନ୍ନେବେହ କର୍ମାଣି ଜିଜୀବିଷେତ୍ ଶତମ୍ ସମାଃ ।' ଯଜୁର୍ବେଦ ୪୦-୨ ।। ଈଶ୍ୱର ଆଜ୍ଞା ଦେଇଅଛନ୍ତି 'ମନୁଷ୍ୟ ଶହେ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ଜୀବନଥିବା ପର୍ଯ୍ୟନ୍ତ କର୍ମକରି ଜୀବିତ ରହିବାକୁ ଇଚ୍ଛା କରିବ, କଦାପି ଅଳସୁଆ ହେବ ନାହିଁ ।' ଦେଖ ! ସୃଷ୍ଟିରେ ଯେତେ ପ୍ରାଣୀ ବା

ଅପ୍ରାଣୀ ଅଛନ୍ତି, ସମସ୍ତେ ନିଜ ନିଜ କର୍ମ କରିବାରେ ସର୍ବଦା ଯତ୍ନଶୀଳ ଅଛନ୍ତି । ପିମ୍ପୁଡ଼ି ଆଦି ସର୍ବଦା କର୍ମରତ ଥାଆନ୍ତି, ପୃଥିବୀ ସର୍ବଦା ଘୂର୍ଣ୍ଣନ କରୁଛି, ବୃକ୍ଷାଦି ସର୍ବଦା ବଢ଼ୁ ଥାଆନ୍ତି ତଥା ଜନ୍ମୁ ଥାଆନ୍ତି । ମନୁଷ୍ୟମାନେ ଏ ସବୁକୁ ବିଗ୍ଭର କରି ସର୍ବଦା ଉଦ୍ୟମଶୀଳ ହେବା ଆବଶ୍ୟକ । ପରିଶ୍ରମୀ ବ୍ୟକ୍ତିକୁ ଅନ୍ୟମାନେ ଯେପରି ସାହାଯ୍ୟ କରନ୍ତି, ସେହିପରି ଧର୍ମମାର୍ଗରେ ପୁରୁଷାର୍ଥ ଆଶା କରୁଥିବା ବ୍ୟକ୍ତିକୁ ଈଶ୍ୱର ମଧ୍ୟ ସାହାଯ୍ୟ କରିଥାନ୍ତି ।

ଯେପରି କର୍ମଠ ଲୋକକୁ କର୍ମଚ୍ଚାରୀ ରୂପେ ନିଯୁକ୍ତ କରାଯାଏ; ଅଳସୁଆକୁ କେହି ନିଯୁକ୍ତି କରନ୍ତି ନାହିଁ, ଦେଖିବା ପାଇଁ ଇଚ୍ଛା କରୁଥିବା ଓ ଆଖିଥିବା ଲୋକକୁ ଇପ୍‌ସିତ ବସ୍ତୁ ଦେଖାଯାଏ କିନ୍ତୁ ଅନ୍ଧକୁ କିଛି ଦେଖାଯାଏ ନାହିଁ, ସେପରି ପ୍ରଭୁ ସମସ୍ତଙ୍କ ମଙ୍ଗଳାକାଂକ୍ଷୀ ପ୍ରାର୍ଥନାକାରୀର ସହାୟକ ହୁଅନ୍ତି । ଅନିଷ୍ଟକର କାର୍ଯ୍ୟରେ ସାହାଯ୍ୟ କରନ୍ତି ନାହିଁ । ଗୁଡ଼ ମିଠା ବୋଲି କହିଲେ କେବେହେଁ ଗୁଡ଼ ମିଳେ ନାହିଁ କି ତାର ସ୍ୱାଦ ମଣିଷ ପାଇ ପାରେ ନାହିଁ, କିନ୍ତୁ ଗୁଡ଼ଖାଇବା ପାଇଁ ଉଦ୍ୟମକଲେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ତାକୁ ଗୁଡ଼ ମିଳିଯାଏ ।

(୨୨) ଉପାସନା–

ସମାଧିନିର୍ଧୂତମଳସ୍ୟ ଚେତସୋ,
ନିବେଶିତସ୍ୟାତ୍ମନି ଯତ୍ ସୁଖଂ ଭବେତ୍ ।
ନ ଶକ୍ୟତେ ବର୍ଣ୍ଣୟିତୁଂ ଗିରାତଦା,
ସ୍ୱୟଂ ତଦନ୍ତଃକରଣେନ ଗୃହ୍ୟତେ ॥

(ମୈତ୍ରାୟଣୀୟ ଉପନିଷଦ୍ ୪-୩-୯)

ଯେଉଁ ବ୍ୟକ୍ତିର ସମାଧି ଯୋଗଦ୍ୱାରା ଅବିଦ୍ୟାଦି ମଳ ନଷ୍ଟ ହୋଇଥାଏ, ଯିଏ ବିଷୟବାସନାକୁ ତ୍ୟାଗ କରି ଆତ୍ମସ୍ଥ ହୋଇ ପରମାତ୍ମାଙ୍କଠାରେ ଚିତ୍ତ ନିବେଶ କରେ, ସେହି ବ୍ୟକ୍ତିର ପ୍ରଭୁମିଳନ ଜନିତ ଯେଉଁ ଆନନ୍ଦମିଳେ ତାକୁ କଥାରେ ପ୍ରକାଶ କରାଯାଇ ପାରିବ ନାହିଁ, କାରଣ ଏହି ଆନନ୍ଦକୁ ଜୀବାତ୍ମା କେବଳ ଆପଣାର ଅନ୍ତଃକରଣରେ ଅନୁଭବ କରିଥାଏ ।

'ଉପାସନା' ଶବ୍ଦର ଅର୍ଥ ନିକଟବର୍ତ୍ତୀ ହେବା । ଅଷ୍ଟାଙ୍ଗ ଯୋଗ ସାଧନା ଦ୍ୱାରା ପରମାତ୍ମାଙ୍କ ନିକଟବର୍ତ୍ତୀ ହେବା ତଥା ତାଙ୍କୁ ସର୍ବବ୍ୟାପୀ ଓ ସର୍ବାନ୍ତର୍ଯ୍ୟାମୀ ରୂପରେ ପ୍ରତ୍ୟକ୍ଷ କରିବା ପାଇଁ, ଯେଉଁ କାର୍ଯ୍ୟମାନ କରିବା ଆବଶ୍ୟକ ସେସବୁ କରିବା ଉଚିତ ଅର୍ଥାତ୍–

୨୩) **ତତ୍ରାଽହିଂସାସତ୍ୟାସ୍ତେୟବ୍ରହ୍ମଚର୍ଯ୍ୟାପରିଗ୍ରହା ଯମାଃ ॥**

(ଯୋଗଦର୍ଶନ ୨-୩୦)

ଯେଉଁ ବ୍ୟକ୍ତି ଉପାସନା ଆରମ୍ଭ କରିବେ, ସେ କଦାପି

କ) କାହାସହିତ ବୈରଭାବ ରଖିବେ ନାହିଁ, ସମସ୍ତଙ୍କ ସହିତ ମୈତ୍ରୀ ମନୋଭାବ ରଖିବେ ।

ଖ) ସତ କହିବେ, କଦାପି ମିଛ କହିବେ ନାହିଁ ।

ଗ) ଚୋରି କରିବେ ନାହିଁ, ସତ୍ୟ ବ୍ୟବହାର କରିବେ ।

ଘ) ଜିତେନ୍ଦ୍ରିୟ ହେବେ, ଲମ୍ପଟାଚରଣ କରିବେ ନାହିଁ ।

ଙ) କେବେହେଁ ଅଭିମାନ ନ କରି ନିରଭିମାନୀ ହେବେ ।

ଏ ପାଞ୍ଚ ପ୍ରକାର ସାଧନାକୁ 'ଯମ' କୁହାଯାଏ । ଏହା ହେଉଛି ଉପାସନାର ପ୍ରଥମ ଅଙ୍ଗ ।

୨୪) **ଶୌଚସନ୍ତୋଷତପଃ ସ୍ୱାଧ୍ୟାୟେଶ୍ୱରପ୍ରଣିଧାନାନି ନିୟମାଃ ॥**

(ଯୋଗଦର୍ଶନ ୨-୩୨)

କ) ରାଗଦ୍ୱେଷ ତ୍ୟାଗ କରି ହୃଦୟକୁ ତଥା ଜଳଦ୍ୱାରା ଶରୀରର ବାହ୍ୟ ପବିତ୍ରତା ରକ୍ଷାକରିବେ ।

ଖ) ଆଳସ୍ୟ ଛାଡ଼ି ପ୍ରସନ୍ନ ହୋଇ ସର୍ବଦା ଧର୍ମାନୁସାରେ କାର୍ଯ୍ୟ କରିବେ ଲାଭକ୍ଷତି ଯେଉଁ ଫଳ ମିଳୁ ନା କାହିଁକି ତହିଁରେ ସନ୍ତୁଷ୍ଟ ରହିବେ ।

ଗ) ସୁଖ ଦୁଃଖକୁ ସହନ କରି ସର୍ବଦା ଧର୍ମାଚରଣ କରିବେ ଓ ଅଧର୍ମାଚରଣ ପରିତ୍ୟାଗ କରିବେ ।

ଘ) ସର୍ବଦା ସଦ୍‌ଗ୍ରନ୍ଥ ପାଠ କରିବେ ଓ କରାଇବେ, ସାଧୁ ସଙ୍ଗ କରିବେ ଓ ଅର୍ଥ ବିଗ୍ଭରପୂର୍ବକ ପରମାତ୍ମାଙ୍କ 'ଓମ୍' ନାମ ଜପ କରିବେ ।

ଙ) ନିଜର ଆତ୍ମାକୁ ଈଶ୍ୱରଙ୍କଠାରେ ସମର୍ପଣ କରିଦେବେ ।

ଏ ପଞ୍ଚବିଧ ସାଧନାର ନାମ 'ନିୟମ' । ଏହା ହେଉଛି ଉପାସନାର ଦ୍ୱିତୀୟ ଅଙ୍ଗ । ଉପାସନାର ଅବଶିଷ୍ଟ ଛଅ ଅଙ୍ଗ ଯୋଗଶାସ୍ତ୍ର ଓ ଋଗ୍ୱେଦାଦି ଭାଷ୍ୟ-ଭୂମିକାରେ ଉଲ୍ଲେଖ କରାଯାଇଛି ।

ଯେତେବେଳେ ଉପାସନା କରିବାକୁ ଇଚ୍ଛା ହେବ, ସେତେବେଳେ ଏକାନ୍ତ ପବିତ୍ର ସ୍ଥାନକୁ ଯାଇ ଆସନରେ ବସିପଡ଼ । ପ୍ରାଣାୟାମ କରି ବାହ୍ୟ ବିଷୟ ମାନଙ୍କରୁ ଇନ୍ଦ୍ରିୟ ଗୁଡ଼ିକୁ ଦୂରେଇରଖ । ମନକୁ ନାଭି, ହୃଦୟ, କଣ୍ଠ, ନେତ୍ର, ଶିଖା ବା ମେରୁଦଣ୍ଡର କୌଣସି ସ୍ଥାନରେ ସ୍ଥିର କରି ରଖିବ । ନିଜର ଆତ୍ମା ଓ ପରମାତ୍ମାଙ୍କ

ସମ୍ବନ୍ଧରେ ମନନ କର । ଏପରି କଲେ ଉପାସକ ପରମାତ୍ମାଙ୍କଠାରେ ମଗ୍ନ ରହି ସଂଯମୀ ହୁଏ । ଏହି ସକଳସାଧନ ଅବଲମ୍ବନ କଲେ ଆତ୍ମା ଓ ଅନ୍ତଃକରଣ ପବିତ୍ର ହୋଇ ସତ୍ୟରେ ପୂର୍ଣ୍ଣ ହୋଇଯାଏ । ଦିନକୁ ଦିନ ସାଧକର ଜ୍ଞାନ ବିଜ୍ଞାନ ବୃଦ୍ଧି ହୋଇଥାଏ । ଶେଷରେ ସେ ମୁକ୍ତି ପର୍ଯ୍ୟନ୍ତ ପହଞ୍ଚିଯାଏ । ଯିଏ ଆଠ ପ୍ରହର ମଧ୍ୟରୁ ଘଡ଼ିଏ ପାଇଁ ମଧ୍ୟ ଏପରି ଧ୍ୟାନ କରନ୍ତି, ତାଙ୍କର ଯାବତୀୟ ଉନ୍ନତି ହୋଇଥାଏ ।

ସର୍ବଜ୍ଞତା ଆଦି ଗୁଣ ସହିତ ଈଶ୍ୱରୋପାସନାକୁ ସଗୁଣୋପାସନା, ଏବଂ ଦ୍ୱେଷ, ରୂପ, ରସ, ଗନ୍ଧ ଓ ସ୍ପର୍ଶାଦି ଗୁଣରୁ ପୃଥକ୍ ରହି ଅତି ସୂକ୍ଷ୍ମ ଜୀବାତ୍ମାର ବାହାରେ ଓ ଭିତରେ ବ୍ୟାପକ ପରମେଶ୍ୱରଙ୍କଠାରେ ପୂର୍ଣ୍ଣ ନିମଗ୍ନ ହେବାକୁ ନିର୍ଗୁଣୋପାସନା କୁହାଯାଏ ।

(୨୬) ଏହାର ଫଳ–

ଶୀତାତୁର ବ୍ୟକ୍ତି ଅଗ୍ନି ନିକଟକୁ ଗଲେ ତାର ଶୀତବାଧା ଯେପରି ଦୂରୀଭୂତ ହୋଇଥାଏ, ସେହିପରି ପରମେଶ୍ୱରଙ୍କ ନିକଟବର୍ତ୍ତୀ ହେଲେ ଉପାସକର ଯାବତୀୟ ଦୋଷ ଓ ଦୁଃଖ ଦୂର ହୋଇଯାଏ । ପରମେଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବକୁ ଜୀବାତ୍ମା ଧାରଣ କରି ଅତ୍ୟନ୍ତ, ପବିତ୍ର ହୋଇଯାଏ । ଏଣୁ ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା କରିବା ଏକାନ୍ତ ଆବଶ୍ୟକ । ଏହାଦ୍ୱାରା କୃତକାର୍ଯ୍ୟରେ ସଫଳତା ମିଳିବା ସଙ୍ଗେ ସଙ୍ଗେ ଆତ୍ମିକବଳ ଆଶାତୀତଭାବେ ବୃଦ୍ଧିପାଏ । ଫଳରେ ମହାମହା ଦୁଃଖମାନ ଆସି ଉପସ୍ଥିତ ହେଲେ ମଧ୍ୟ ସାଧକ ବିଚଳିତ ହୁଏ ନାହିଁ । ସେ ସବୁକୁ ସହାସ୍ୟ ବଦନରେ ସହ୍ୟ କରିନିଏ । ଏହାକୁ କଦାପି ସାଧାରଣ ବିଷୟ କୁହାଯିବ ନାହିଁ ।

ଯେଉଁମାନେ ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା, ଉପାସନା କରନ୍ତି ନାହିଁ, ସେମାନେ କୃତଘ୍ନ ଓ ମହାମୂର୍ଖ ଅଟନ୍ତି । କାରଣ ଯେଉଁ ପରମାତ୍ମା ସଂସାରରେ ଜୀବଗଣଙ୍କ ସୁଖ ନିମିତ୍ତ ସମସ୍ତ ପ୍ରକାର ପଦାର୍ଥ ସୃଷ୍ଟି କରିଛନ୍ତି, ତାଙ୍କରି ଗୁଣକୁ ଭୁଲିଯିବା ବା ଈଶ୍ୱରଙ୍କୁ ନ ମାନିବା କୃତଘ୍ନତା ଓ ମୂର୍ଖତା ବ୍ୟତୀତ ଅନ୍ୟ କିଛି ନୁହେଁ ।

(୨୭) ପ୍ରଶ୍ନ– ପରମେଶ୍ୱରଙ୍କ ଯଦି କର୍ଣ୍ଣ ନେତ୍ରାଦି ଇନ୍ଦ୍ରିୟ ଗୁଡ଼ିକ ନାହିଁ, ତେବେ ସେ ଇନ୍ଦ୍ରିୟ ଗୁଡ଼ିକର କାର୍ଯ୍ୟ କିପରି କରନ୍ତି ?

ଉତ୍ତର– ଅପାଣିପାଦୋ ଜବନୋ ଗ୍ରହୀତା ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣଃ ।
ସ ବେତ୍ତି ବିଶ୍ୱଂ ନ ଚ ତସ୍ୟାସ୍ତି ବେତ୍ତା ତମାହୁରଗ୍ର୍ୟଂ ପୁରୁଷଂ ପୁରାଣମ୍ ।।
(ଶ୍ୱେତାଶ୍ୱତର ଉପନିଷଦ୍ ୩-୧୯)

ପରମେଶ୍ୱରଙ୍କ ହାତ ନାହିଁ, ତଥାପି ସେ ନିଜ ଶକ୍ତିରୂପକ ହାତରେ ସମସ୍ତ ତିଆରି କରନ୍ତି ଓ ଗ୍ରହଣ କରନ୍ତି । ପାଦ ନାହିଁ, କିନ୍ତୁ ସେ ବ୍ୟାପକ ହୋଇଥିବାରୁ ସମସ୍ତଙ୍କଠାରୁ ଅଧିକ ବେଗବାନ୍ ଅଟନ୍ତି । ଚକ୍ଷୁ ନାହିଁ, କିନ୍ତୁ ସେ ସମସ୍ତଙ୍କୁ ଉତ୍ତମ ରୂପେ ଦେଖନ୍ତି । କର୍ଣ୍ଣ ନାହିଁ; କିନ୍ତୁ ସେ ସମସ୍ତଙ୍କ କଥା ଶୁଣନ୍ତି । ଅନ୍ତଃକରଣ ନାହିଁ, କିନ୍ତୁ ସେ ସକଳ ଜଗତକୁ ଜାଣନ୍ତି । କେହି କେବେ ତାଙ୍କୁ ସଂପୂର୍ଣ୍ଣରୂପେ ଜାଣିପାରନ୍ତି ନାହିଁ । ସେ ସନାତନ, ସର୍ବଶ୍ରେଷ୍ଠ ଏବଂ ସର୍ବତ୍ର ପୂର୍ଣ୍ଣଥିବାରୁ ତାଙ୍କୁ ପୁରୁଷ କୁହାଯାଏ । ସେ ଇନ୍ଦ୍ରିୟ ଓ ଅନ୍ତଃକରଣ ରହିତ ହୋଇମଧ୍ୟ ଯାବତୀୟ କର୍ମ ନିଜ ସାମର୍ଥ୍ୟ ଦ୍ୱାରା ସଂପାଦନ କରନ୍ତି ।।

(୨୮) ପ୍ରଶ୍ନ– ତାଙ୍କୁ ଅନେକ ଲୋକ ନିଷ୍କ୍ରିୟ ଓ ନିର୍ଗୁଣ ବୋଲି କହନ୍ତି ।

ଉତ୍ତର– ନ ତସ୍ୟ କାର୍ଯ୍ୟଂ କାରଣଂ ଚ ବିଦ୍ୟତେ ନ ତତ୍ସମଶ୍ଚାଭ୍ୟଧିକଶ୍ଚ ଦୃଶ୍ୟତେ ।
ପରାସ୍ୟ ଶକ୍ତିର୍ବିବିଧୈବ ଶ୍ରୂୟତେ ସ୍ୱାଭାବିକୀ ଜ୍ଞାନବଳକ୍ରିୟା ଚ ।।
(ଶ୍ୱେତାଶ୍ୱତର ଉପନିଷଦ୍ ଅ: ୬-ମ:୮)

ପରମାତ୍ମାଙ୍କର କେହି କାର୍ଯ୍ୟ ନୁହେଁ ବା କାରଣ ମଧ୍ୟ ନୁହେଁ । ସାଧକମାନଙ୍କ ପରି କାହାରିକୁ ସେ ଅପେକ୍ଷା କରନ୍ତି ନାହିଁ । ତାଙ୍କ ସଦୃଶ କିମ୍ୱା ତାଙ୍କ ଅପେକ୍ଷା ମହାନ୍ ଅନ୍ୟ କେହି ନାହିଁ । ତାଙ୍କଠାରେ ଅନନ୍ତ ଜ୍ଞାନ, ଅନନ୍ତ ବଳ ଓ ଅନନ୍ତ କ୍ରିୟା ବିଦ୍ୟମାନ । ସେହି ସର୍ବୋତ୍ତମ ଶକ୍ତି ତାଙ୍କର ସ୍ୱାଭାବିକ ଅର୍ଥାତ୍ ସହଜାତ । ପରମେଶ୍ୱର ଯଦି ନିଷ୍କ୍ରିୟ ହୋଇଥାନ୍ତେ, ତେବେ ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ କରିପାରନ୍ତେ ନାହିଁ । ଏଣୁ ସେହି ବିଭୁ ଚେତନ ହେବା ସଙ୍ଗେ ସଙ୍ଗେ କ୍ରିୟାଶୀଳ ମଧ୍ୟ ଅଟନ୍ତି ।

ପ୍ରଶ୍ନ– ସେ ଯେଉଁ ସବୁ କାର୍ଯ୍ୟ କରନ୍ତି ତାହା ସାନ୍ତ ନା ଅନନ୍ତ ?

ଉତ୍ତର– ଦେଶକାଳ ବିସ୍ତରକୁ ନେଇ ଯେଉଁ ସ୍ଥାନରେ ଓ ଯେଉଁ କାଳରେ ଯେତିକି କାର୍ଯ୍ୟ ଆବଶ୍ୟକ, ସେତିକି ମାତ୍ର କାର୍ଯ୍ୟ ସେ କରନ୍ତି, ଊଣା ବା ଅଧିକ କରନ୍ତି ନାହିଁ । କାରଣ ସେ ହେଉଛନ୍ତି ପୂର୍ଣ୍ଣ ବିଦ୍ୱାନ୍ ।

(୨୯) ପ୍ରଶ୍ନ– ପରମେଶ୍ୱର ନିଜର ଅନ୍ତ ଜାଣୁଛନ୍ତି ନା ନାହିଁ ?

ଉତ୍ତର– ପରମାତ୍ମା ପୂର୍ଣ୍ଣ ଜ୍ଞାନୀ । ପ୍ରତ୍ୟେକ ପଦାର୍ଥକୁ ଯଥାର୍ଥ ରୂପେ ଜାଣିବାର ନାମ 'ଜ୍ଞାନ' ଅଟେ । ପରମେଶ୍ୱର ଅନନ୍ତ, ତେଣୁ ନିଜକୁ ଅନନ୍ତ ବୋଲି ଜାଣିବା ହିଁ ଜ୍ଞାନ । ତାର ବିପରୀତ ହେଉଛି ଅଜ୍ଞାନ ବା ଭ୍ରମ । ଅନନ୍ତକୁ ସାନ୍ତ ବୋଲି ଜାଣିବା କିମ୍ୱା ସାନ୍ତକୁ ଅନନ୍ତ ବୋଲି ଜାଣିବା ଭ୍ରମ । 'ଯଥାର୍ଥ ଦର୍ଶନଂ ଜ୍ଞାନମିତି' । ଯେଉଁ ପଦାର୍ଥର ଯେପରି ଗୁଣ, କର୍ମ, ସ୍ୱଭାବ ତାକୁ ସେପରି ଜାଣିବା ଓ ସ୍ୱୀକାର କରିବା ହିଁ ଜ୍ଞାନ ତଥା ବିଜ୍ଞାନ । ଏହାର ବିପରୀତ ଭାବ 'ଅଜ୍ଞାନ' । ଏଣୁ–

(୩୦) 'କ୍ଳେଶକର୍ମବିପାକାଶୟୈରପରାମୃଷ୍ଟଃ ପୁରୁଷବିଶେଷ ଈଶ୍ୱରଃ ।

(ଯୋଗଦର୍ଶନ ୧-୨୪)

ଯିଏ ଅବିଦ୍ୟାଦି କ୍ଳେଶ ରହିତ ପୁଣି ସୁଖ ଦୁଃଖ, ଭଲମନ୍ଦ, ଇଷ୍ଟଅନିଷ୍ଟ ଓ ମିଶ୍ର ଫଳ ଦାୟକ ସକଳ କର୍ମ ବାସନାରୁ ପୃଥକ୍ ଅଟନ୍ତି, ତଥା ସକଳ ଜୀବଗଣଙ୍କ ମଧ୍ୟରେ ବିଶିଷ୍ଟ ଓ ମହାନ୍‌ତମ ସେହି ପୁରୁଷଙ୍କୁ ହିଁ ଈଶ୍ୱର କୁହାଯାଏ ।

(୩୧) ପ୍ରଶ୍ନ— ୧-ଈଶ୍ୱରାସିଦ୍ଧେଃ ।। ସାଂଖ୍ୟଦର୍ଶନ ୧-୬୨ ।।

୨- ପ୍ରମାଣାଭାବାନ୍ନ ତତ୍ ସିଦ୍ଧିଃ ।। ସାଂଖ୍ୟଦର୍ଶନ ୫-୧୦ ।।

୩- ସମ୍ବନ୍ଧାଭାବାନ୍ନାନୁମାନମ୍ ।। ସାଂଖ୍ୟଦର୍ଶନ ୫-୧୧ ।।

ପ୍ରଶ୍ନ— ଚେତନ ଗୋଟିଏ ନା ଅନେକ ?

ଉତ୍ତର — ଈଶ୍ୱର ଚେତନ କିନ୍ତୁ ସେ ଏକ, ଜୀବମଧ୍ୟ ଚେତନ କିନ୍ତୁ ତାହା ଅନେକ ।।

ପ୍ରତ୍ୟକ୍ଷ ପ୍ରମାଣ ଦ୍ୱାରା ଈଶ୍ୱର ସିଦ୍ଧ ହୁଅନ୍ତି ନାହିଁ ।। ୧ ।। ଈଶ୍ୱରଙ୍କ ସିଦ୍ଧିପାଇଁ କୌଣସି ପ୍ରତ୍ୟକ୍ଷ ପ୍ରମାଣ ନ ଥିବାରୁ ଅନୁମାନାଦି ପ୍ରମାଣ ଦ୍ୱାରା ତାଙ୍କୁ ସିଦ୍ଧ କରାଯାଇ ପାରେ ନାହିଁ ।।୨।। ପୁଣି ବ୍ୟାପ୍ତି ସମ୍ବନ୍ଧ ନ ଥିବାରୁ ଅନୁମାନ ମଧ୍ୟ ସମ୍ଭବପର ନୁହେଁ । ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ ଅଭାବରୁ ଶବ୍ଦ ପ୍ରମାଣ କଦାପି ସମ୍ଭବ ନୁହେଁ । ଏଣୁ ଈଶ୍ୱର ସିଦ୍ଧି ସମ୍ଭବପର ନୁହେଁ ।। ୩ ।।

ଉତ୍ତର— ଏଠାରେ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରତ୍ୟକ୍ଷ ପ୍ରମାଣ ନାହିଁ ବୋଲି କୁହାଯାଇ ନାହିଁ । କିନ୍ତୁ, ଈଶ୍ୱର ଜଗତର ଉପାଦନ କାରଣ ହେବାର କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ ବୋଲି କୁହାଯାଇଛି । ଆଉ ଅତ୍ର ତତ୍ର ସର୍ବତ୍ର ପୂର୍ଣ୍ଣ ହୋଇ ଥିବାରୁ ପରମାତ୍ମାଙ୍କ ନାମ ପୁରୁଷ ତଥା ଶରୀରରେ ଶୟନ କରି ଥିବାରୁ ଜୀବକୁ ମଧ୍ୟ ପୁରୁଷ କୁହାଯାଏ । କାରଣ ଏ ପ୍ରକରଣରେ କୁହାଯାଇଛି—

୩୨) ୧- ପ୍ରଧାନଶକ୍ତି ଯୋଗାଚ୍ଚେତ୍‌ସଂଗାପତ୍ତିଃ ।

୨- ସତ୍‌ତାମାତ୍ରାଚ୍ଚେତ୍‌ସର୍ବୈଶ୍ୱର୍ଯ୍ୟମ୍ ।

୩- ଶ୍ରୁତିରପି ପ୍ରଧାନକାର୍ଯ୍ୟତ୍ୱସ୍ୟ ।।

(ସାଂଖ୍ୟ ଦର୍ଶନ ୫-୮, ୯,୧୨)

ଯଦି ପୁରୁଷ ବା ପରମାତ୍ମାଙ୍କ ସହିତ ପ୍ରଧାନଶକ୍ତିରୂପ ପ୍ରକୃତିର ଯୋଗ ହୁଏ, ତେବେ ପୁରୁଷଠାରେ ସଙ୍ଗାପତ୍ତି ଦୋଷ ପରିଲକ୍ଷିତ ହେବ । ଅର୍ଥାତ୍ ଯେପରି ପ୍ରକୃତିର ସୂକ୍ଷ୍ମାଂଶମାନ ଏକତ୍ର ମିଳିତ ହୋଇ ସ୍ଥୂଳାକାର ପଦାର୍ଥରେ ପରିଣତ ହୋଇଯାଏ, ସେହିପରି ଈଶ୍ୱର ମଧ୍ୟ ସ୍ଥୂଳକାୟ ପଦାର୍ଥ ହୋଇପଡ଼ିବେ ।। ଏଣୁ ଈଶ୍ୱର ଜଗତର ଉପାଦାନ-କାରଣ ନୁହନ୍ତି, ସେ ହେଉଛନ୍ତି ନିମିତ୍ତ କାରଣ ।।୧।।

ଯଦି ଚେତନ ସ୍ୱରୂପ ଐଶ୍ୱର୍ଯ୍ୟମୟ ପରମେଶ୍ୱର ଜଗତର ଉପାଦାନ କାରଣ ହୋଇଥାନ୍ତେ ତେବେ ଏହି ଜଗତ ମଧ୍ୟ ଅନନ୍ତ ଶକ୍ତିମାନ୍ ଓ ଐଶ୍ୱର୍ଯ୍ୟମୟ ହୋଇଥାନ୍ତା । କିନ୍ତୁ ପ୍ରକୃତ ପକ୍ଷେ ସେପରି ନୁହେଁ ।। ଏଣୁ ପରମାତ୍ମା ଜଗତର ଉପାଦାନ କାରଣ ନ ହୋଇ ନିମିତ୍ତ କାରଣ ହୋଇଥାନ୍ତି ।। ୨ ।।

ଉପନିଷଦ୍‌ରେ ମଧ୍ୟ କେବଳ ପ୍ରଧାନ ଶକ୍ତି ''ପ୍ରକୃତି''କୁ ଜଗତର ଉପାଦାନ କାରଣ ବୋଲି ସ୍ୱୀକାର କରାଯାଇଛି ।୩।। ଯଥା....

୩୩-''ଅଜାମେକାଂ ଲୋହିତଶୁକ୍ଳକୃଷ୍ଣାଂ ବହ୍ୱୀଃ ପ୍ରଜାଃ ସୃଜମାନାଂ ସ୍ୱରୂପାଃ ।।

(ଶ୍ୱେତାଶ୍ୱେତର ଉପନିଷଦ ୪-୫)

ପ୍ରକୃତିର ଜନ୍ମ ନାହିଁ ତେଣୁ ସେ ଅନାଦି । ''ସତ୍ତ୍ୱରଜତମୋଗୁଣା ଅଟେ'' ତାର ସ୍ୱରୂପର ପରିବର୍ତ୍ତନ ଘଟିବାଦ୍ୱାରା ସେ ବହୁ ପ୍ରଜାରୂପ ଧାରଣ କରେ । ଅର୍ଥାତ୍, ପ୍ରକୃତି ପରିଣାମିନୀ ହେତୁ ଅବସ୍ଥାନ୍ତରକୁ ପ୍ରାପ୍ତ ହୁଏ । କିନ୍ତୁ ପୁରୁଷ ଅପରିଣାମୀ ହେତୁ ଅନ୍ୟ ରୂପ ଧାରଣ କରେ ନାହିଁ । କିନ୍ତୁ, ସର୍ବଦା କୂଟସ୍ଥ ଓ ନିର୍ବିକାର ରୂପେ ରହିଥାଏ ।

ଏଣୁ ଆଚାର୍ଯ୍ୟ କପିଳଙ୍କୁ ଯେଉଁମାନେ ନିରୀଶ୍ୱରବାଦୀ ବୋଲି କହନ୍ତି , ସେମାନେ ହିଁ ନିରୀଶ୍ୱରବାଦୀ ଅଟନ୍ତି । ଆଚାର୍ଯ୍ୟ କପିଳ ହେଉଛନ୍ତି ଜଣେ ପ୍ରକୃତ ଆସ୍ତିକ ।

(୩୪) ସେହିପରି ଅନ୍ୟାନ୍ୟ ଶାସ୍ତ୍ରରେ ମଧ୍ୟ ଈଶ୍ୱର ସିଦ୍ଧି ପ୍ରମାଣିତ ହୋଇଛି । ଯଥା, ମୀମାଂସାରେ ଧର୍ମର ବର୍ଣ୍ଣନା ଓ ଧର୍ମୀ ଅର୍ଥାତ୍ ଈଶ୍ୱରଙ୍କ ବର୍ଣ୍ଣନା ଅଛି । ବୈଶେଷିକ ଓ ନ୍ୟାୟ ଦର୍ଶନରେ 'ଆତ୍ମା' ଶବ୍ଦଦ୍ୱାରା ପ୍ରମାଣିତ ହେଉଛି ଯେ, ସେମାନେ ମଧ୍ୟ 'ଈଶ୍ୱରବାଦୀ' ଅଟନ୍ତି । କାରଣ 'ଅତତି ସର୍ବତ୍ର ବ୍ୟାପ୍ନୋତି ଇତି ଆତ୍ମା' । ଯିଏ ସର୍ବତ୍ର ବ୍ୟାପକ ଓ ସର୍ବଜ୍ଞତ୍ୱ ଆଦି ଧର୍ମଯୁକ୍ତ, ଯିଏ ସକଳ ଜୀବର ଆତ୍ମା ଅଟନ୍ତି, ତାଙ୍କୁ ମୀମାଂସା, ବୈଶେଷିକ ଓ ନ୍ୟାୟ 'ଈଶ୍ୱର' ବୋଲି ସ୍ୱୀକାର କରନ୍ତି ।

(୩୫) ପ୍ରଶ୍ନ— ଈଶ୍ୱର ଅବତାର ଗ୍ରହଣ କରନ୍ତି କି ନାହିଁ ?

ଉତ୍ତର— ନାହିଁ । ଦେଖନ୍ତୁ ବେଦରେ କଥିତ ହୋଇଛି......

୧.-'ଅଜ ଏକପାତ୍' । ଯଜୁର୍ବେଦ ୩୪-୫୩ । ଈଶ୍ୱର ଅଜନ୍ମା ଅଟନ୍ତି ।

୨- ସ ପର୍ଯ୍ୟଗାତ୍ ଶୁକ୍ରଂ ଅକାୟମ୍ ।' ଯଜୁର୍ବେଦ ୪୦-୮ । ଈଶ୍ୱର ସର୍ବବ୍ୟାପକ, ସୃଷ୍ଟିର ପରମ କାରଣ ଓ ଶରୀର ରହିତ ଅଟନ୍ତି । ଏସବୁ ବେଦରେ ଥିବାରୁ ପ୍ରମାଣିତ ହେଉଛି ଯେ, ଈଶ୍ୱର କେବେ ଜନ୍ମ ଗ୍ରହଣ କରନ୍ତି ନାହିଁ ।

(୩୬) **ପ୍ରଶ୍ନ–** ଯଦା ଯଦା ହି ଧର୍ମସ୍ୟ ଗ୍ଳାନିର୍ଭବତି ଭାରତ ! ।।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।। ଭାଗବତ୍ ଗୀତା ।।

ଶ୍ରୀକୃଷ୍ଣ କହିଛନ୍ତି, "ଯେଉଁ ଯେଉଁ ସମୟରେ ଧର୍ମ ଲୋପ ହୁଏ, ସେହି ସେହି ସମୟରେ ମୁଁ ଶରୀର ଧାରଣ କରି ଧର୍ମ ସ୍ଥାପନ କରେଁ ।।

ଉତ୍ତର– ଶ୍ରୀକୃଷ୍ଣ ଧାର୍ମିକ ଥିଲେ, ତେଣୁ ସେ ଧର୍ମ ରକ୍ଷାପାଇଁ ଇଚ୍ଛା କରୁଥିଲେ । ସେ ଭାବୁଥିଲେ– "ମୁଁ ପ୍ରତି ଯୁଗରେ ଜନ୍ମ ଗ୍ରହଣ କରି ଶ୍ରେଷ୍ଠମାନଙ୍କୁ ପାଳନ ଓ ଦୁଷ୍ଟଦଳନ କରୁଥିବି ।" ଏପରି ଅର୍ଥରେ କୌଣସି ଦୋଷ ନାହିଁ । କାରଣ "ପରୋପକାରାୟ ସତାଂ ବିଭୂତୟଃ ।" ସଜ୍ଜନମାନଙ୍କ ଶରୀର, ମନ ଓ ଧନ ପରୋପକାରପାଇଁ ଉଦ୍ଦିଷ୍ଟ

ଶ୍ରୀକୃଷ୍ଣଙ୍କୁ ମହାପୁରୁଷରୂପରେ ଗ୍ରହଣ କରି ଯଦି ଈଶ୍ୱରଙ୍କ ଅବତାର ବୋଲି କହୁଥାଅ ତେବେ ତାହା ଏକ ପ୍ରକାଣ୍ଡ ଭୁଲ୍ ହେବ । କାରଣ, ଈଶ୍ୱରଙ୍କ ଅବତାର ଧାରଣ କରିବା କିମ୍ବା ଜନ୍ମ ଗ୍ରହଣ କରିବା କଥା ହେଉଛି ସଂପୂର୍ଣ୍ଣ ବେଦବିରୁଦ୍ଧ

(୩୭) **ପ୍ରଶ୍ନ–** ଈଶ୍ୱର ଜନ୍ମଗ୍ରହଣ କରିବା ଯଦି ବେଦବିରୁଦ୍ଧ, ତେବେ ଲୋକେ କାହିଁକି ଅବତାରକୁ ମାନୁଛନ୍ତି କାହିଁକି ?

ଉତ୍ତର– ଲୋକେ ବେଦର ଅର୍ଥ ନ ଜାଣି, ସାଂପ୍ରଦାୟିକ ଲୋକଙ୍କ ଭ୍ରମାତ୍ମକ ବାକ୍ୟରେ ଭୁଲି, ନିଜେ ଅଜ୍ଞ ହୋଇଥିବାରୁ ଏପରି ଅପ୍ରମାଣିକ କଥାକୁ ବିଶ୍ୱାସ କରନ୍ତି ଓ କହନ୍ତି ।

(୩୮) **ପ୍ରଶ୍ନ–** ଈଶ୍ୱର ଅବତାର ଗ୍ରହଣ ନ କଲେ କଂସ ରାବଣ ପ୍ରଭୃତି ଦୁଷ୍ଟମାନେ କିପରି ବିନାଶ ହୋଇଥାନ୍ତେ ?

ଉତ୍ତର– ଯେଉଁମାନେ ଜନ୍ମଗ୍ରହଣ କରନ୍ତି, ସେମାନେ ଅବଶ୍ୟ ମୃତ୍ୟୁବରଣ କରନ୍ତି । ଯଦି କଂସ ଓ ରାବଣଙ୍କୁ କେହି ମାରି ନଥିଲେ ସେମାନେ କେବେ ମରି ନଥାନ୍ତେ, ଏପରି ଭାବିବା ମୂର୍ଖତା ଅଟେ । ଜୀବ ଜନ୍ମ ନିଶ୍ଚୟ ମୃତ୍ୟୁ ବରଣ କରେ ।

ଯେଉଁ ଈଶ୍ୱର ଅବତାର ଗ୍ରହଣ ନ କରି ମଧ୍ୟ ଜଗତର ସୃଷ୍ଟି, ସ୍ଥିତି ଓ [illegible] କରନ୍ତି, ତାଙ୍କ ପାଇଁ କଂସ ଓ ରାବଣ [illegible] ଯୋଗୀଙ୍କ କାହିଁ ଅନୁଗ [illegible] । [illegible] ସର୍ବବ୍ୟାପକ ହେତୁ [illegible] ଅଧିକ ଶରୀରରେ ମଧ୍ୟ [illegible] । [illegible] ସମସ୍ତ [illegible] ସେମାନଙ୍କ ନାଶବନ୍ଧନ କରି ସେମାନଙ୍କୁ ବିନାଶ କରି ପାରିଥାନ୍ତେ ।

ଯେଉଁ ପରମାତ୍ମା ଅନନ୍ତ ଗୁଣ, କର୍ମ ଓ ସ୍ୱଭାବଯୁକ୍ତ, ସେ ଏକ କ୍ଷୁଦ୍ର ବ୍ୟକ୍ତିକୁ ମାରିବାପାଇଁ ଜନ୍ମ ଗ୍ରହଣ କରନ୍ତି [illegible] ସେମାନଙ୍କୁ ମୂର୍ଖ ସହିତ ତୁଳନା କରିବା ଯଥାର୍ଥ ହେବ ।

ପୁଣି ଯଦି କେହି କହେ ଭକ୍ତମାନଙ୍କୁ ଉଦ୍ଧାର କରିବାପାଇଁ ପ୍ରଭୁ ଜନ୍ମଗ୍ରହଣ କରନ୍ତି, ତା ମଧ୍ୟ ସତ୍ୟ ନୁହେଁ । କାରଣ ଭକ୍ତମାନେ ଈଶ୍ୱରଙ୍କ ଆଜ୍ଞାପାଳନ କରି ଚଳନ୍ତି, ସେମାନଙ୍କୁ ଉଦ୍ଧାର କରିବାର ପୂର୍ଣ୍ଣ ସାମର୍ଥ୍ୟ ଈଶ୍ୱରଙ୍କଠାରେ ଅଛି ।

ଏହି ସୃଷ୍ଟିରେ ପରମେଶ୍ୱରଙ୍କ କର୍ମ ବିଷୟ ବିଚାର କଲେ ଜଣା ପଡ଼େ ଯେ 'ନ ଭୂତୋ ନ ଭବିଷ୍ୟତି' । ଈଶ୍ୱରଙ୍କ ସମାନ କେହି ନାହାନ୍ତି ବା କେହି ହେବେ ନାହିଁ । ଈଶ୍ୱର ସୂର୍ଯ୍ୟ ଚନ୍ଦ୍ର ଓ ପୃଥିବୀ ଆଦି ନିର୍ମାଣ କରି ପାଳନ କରନ୍ତି, ସଙ୍ଗେ ସଙ୍ଗେ ପ୍ରଳୟ ମଧ୍ୟ କରନ୍ତି । ସେ କାର୍ଯ୍ୟଠାରୁ କଂସ, ରାବଣ ପ୍ରଭୃତିଙ୍କୁ ବଧ କରିବା ଓ ଗୋବର୍ଦ୍ଧନ ପର୍ବତକୁ ଉଠାଇବା ଏହା କଣ ବଡ଼ କାମ ?"

ଯୁକ୍ତି ଦ୍ୱାରା ମଧ୍ୟ ଈଶ୍ୱରଙ୍କ ଜନ୍ମ ପ୍ରମାଣିତ ହେବ ନାହିଁ । ଯେପରି ଆକାଶକୁ ହାତମୁଠା ଭିତରେ ରଖିବା ସହଜସାଧ୍ୟ ନୁହେଁ । କାରଣ ଆକାଶ ଅନନ୍ତ ଓ ସର୍ବବ୍ୟାପକ, ସେହିପରି ପରମାତ୍ମା ଅନନ୍ତ ଓ ସର୍ବବ୍ୟାପକ ହୋଇଥିବାରୁ ତାଙ୍କ ପକ୍ଷରେ ଜନ୍ମ ଗ୍ରହଣ କଦାପି ସମ୍ଭବପର ନୁହେଁ ।

ଯିଏ ଯେଉଁ ସ୍ଥାନରେ ନାହିଁ ସେ ସ୍ଥାନକୁ ତାର ଗମନାଗମନ ସମ୍ଭବ । ଈଶ୍ୱର କାହାର ଗର୍ଭ ଭିତରେ ପୂର୍ବରୁ କଣ ବ୍ୟାପକ ନ ଥିଲେ ଯେ ଅନ୍ୟ ଏକ ସ୍ଥାନରୁ ଆସି ଗର୍ଭ ଭିତରେ ପ୍ରବେଶ କଲେ । ପୁଣି ସେ କଣ ବାହାରେ ନଥିଲେ ଯେ ଗର୍ଭଭିତରୁ ଭୂମିଷ୍ଠ ହେଲେ । ଈଶ୍ୱରଙ୍କ ସଂପର୍କରେ ବିଦ୍ୟାହୀନ ବ୍ୟକ୍ତି ବ୍ୟତୀତ ଆଉ କିଏ ଏପରି କହିପାରେ ବା ବିଶ୍ୱାସ କରିପାରେ ?

ଏସବୁରୁ ବୁଝିବାକୁ ହେବ ଯେ ରାମ, କୃଷ୍ଣ, ବୁଦ୍ଧ, ଖ୍ରୀଷ୍ଟ, ମହାବୀର ଓ ମହମ୍ମଦ ଆଦି କେହି ମଧ୍ୟ ଈଶ୍ୱରଙ୍କ ଅବତାର ନୁହଁନ୍ତି । କାରଣ ସେମାନଙ୍କ ରାଗ, ଦ୍ୱେଷ, କ୍ଷୁଧା, ତୃଷା, ଭୟ, ଶୋକ, ସୁଖ, ଦୁଃଖ ଜନ୍ମ ଓ ମୃତ୍ୟୁ ଆଦି ଲକ୍ଷଣ ଥିବାରୁ ସେମାନେ ସମସ୍ତେ ମନୁଷ୍ୟ ଥିଲେ ।

(୩୯) **ପ୍ରଶ୍ନ–** ଈଶ୍ୱର ନିଜ ଭକ୍ତମାନଙ୍କର ପାପ କ୍ଷମା କରନ୍ତି କି ନାହିଁ ?

ଉତ୍ତର– ନା, ଈଶ୍ୱର କାହାର ପାପକୁ କ୍ଷମା କରନ୍ତି ନାହିଁ । କାରଣ ଯେବେ ସେ ପାପକୁ କ୍ଷମା କରି ଦିଅନ୍ତି ସେମାନଙ୍କ ନ୍ୟାୟବିଚାର ନଷ୍ଟ ହୋଇଯାଏ । ସମସ୍ତ ମନୁଷ୍ୟମାନେ ମହାପାପୀ ହୋଇଯାନ୍ତି । ଯେଣୁ କ୍ଷମା କଥା ଶୁଣିବା ମାତ୍ରେ ସେମାନେ ପାପ କରିବାକୁ ଭୟକରନ୍ତି ନାହିଁ । ବରଂ ଉତ୍ସାହିତ ହୋଇ ଅଧିକ ପାପ କର୍ମ କରିଥାନ୍ତି ।

ରାଜା ଅପରାଧୀମାନଙ୍କୁ କ୍ଷମା ଦେଲେ ସେମାନେ ଉତ୍ସାହିତ ହୋଇ ଅଧିକ ଗୁରୁତର ପାପ କରିଥାନ୍ତି । କାରଣ ଭରସା କରି ସେମାନେ [illegible]

ରାଜାଙ୍କ ସମ୍ମୁଖରେ ହାତ ଯୋଡ଼ି ଛିଡ଼ା ହେବା ଆଦି ଚେଷ୍ଟା କଲେ ନିଜ ଦୋଷରୁ ମୁକ୍ତି ପାଇଯିବୁ । ଫଳରେ ଯେଉଁମାନେ ଦୋଷ କରନ୍ତି ନାହିଁ, ସେମାନେ ମଧ୍ୟ ତାହାକୁ ଭୟନକରି ପାପକର୍ମରେ ପ୍ରବୃତ୍ତ ହେବେ । ଏଣୁ ଯାବତୀୟ କର୍ମର ଯଥୋଚିତ ଫଳ ଦେବାହିଁ ଈଶ୍ୱରଙ୍କ ନ୍ୟାୟ କାର୍ଯ୍ୟ । ପାପକୁ କ୍ଷମା ପ୍ରଦାନ କରିବା ଏହା ତାଙ୍କର କାର୍ଯ୍ୟ ନୁହେଁ ।

(୪୦) **ପ୍ରଶ୍ନ–** ଜୀବ ସ୍ୱତନ୍ତ୍ର ନା ପରତନ୍ତ୍ର ?

ଉତ୍ତର– ଜୀବ ନିଜ କର୍ମ କରିବାରେ ଯଦିଓ ସ୍ୱତନ୍ତ୍ର, ତଥାପି ଈଶ୍ୱରଙ୍କ ନ୍ୟାୟ ବ୍ୟବସ୍ଥାନୁସାରେ ପରତନ୍ତ୍ର ଅଟେ । 'ସ୍ୱତନ୍ତ୍ରଃ କର୍ତ୍ତା' । ଏହା ପାଣିନୀୟ ବ୍ୟାକରଣ (୧-୪-୫୪)ର ସୂତ୍ର ଯିଏ ସ୍ୱତନ୍ତ୍ର ବା ସ୍ୱାଧୀନ, ତାକୁହିଁ କର୍ତ୍ତା କହିଥାନ୍ତି ।

(୪୧)–'ସ୍ୱତନ୍ତ୍ର' କାହାକୁ କହନ୍ତି ?

ଉତ୍ତର– ଯାହା ଅଧୀନରେ ଶରୀର, ପ୍ରାଣ, ଇନ୍ଦ୍ରିୟ ଓ ଅନ୍ତଃକରଣ ଅବସ୍ଥିତ, ତାକୁ ସ୍ୱତନ୍ତ୍ର କହନ୍ତି । ଯିଏ ସ୍ୱତନ୍ତ୍ର ନୁହେଁ, ସେ କଦାପି ପାପପୁଣ୍ୟର ଫଳଭାଗୀ ହୋଇପାରିବନାହିଁ । ଉଦାହରଣ ସ୍ୱରୂପ, ଭୃତ୍ୟ ସ୍ୱାମୀର ଓ ସୈନିକ ସେନାପତିଙ୍କ ଆଜ୍ଞାନୁସାରେ ଯୁଦ୍ଧରେ ଅନେକ ଲୋକଙ୍କୁ ମାରିଲେ ମଧ୍ୟ ସେମାନେ ଅପରାଧୀ ହୁଅନ୍ତି ନାହିଁ । ସେହିପରି ପରମେଶ୍ୱରଙ୍କ ଆଜ୍ଞା ଓ ଅଧୀନତାରେ କାର୍ଯ୍ୟ ଯଦି ସିଦ୍ଧ ହୁଏ ତେବେ ଜୀବକୁ ପାପପୁଣ୍ୟ ସ୍ପର୍ଶ କରିବ ନାହିଁ । ପ୍ରେରକ ପରମାତ୍ମା ତାର ସ୍ୱର୍ଗ ନରକ ଅର୍ଥାତ୍ ସୁଖ ଦୁଃଖ ଫଳଭୋଗ କରିବେ । ଯେପରି କୌଣସି ବ୍ୟକ୍ତି ଯଦି କାହାକୁ ଶସ୍ତ୍ରଦ୍ୱାରା ହତ୍ୟାକରେ, ତେବେ କେବଳ ସେହି ହତ୍ୟାକାରୀ ଧରାଯାଇ ଦଣ୍ଡ ଭୋଗ କରେ, ଶସ୍ତ୍ର କେବେ ଦଣ୍ଡିତ ହୁଏ ନାହିଁ । ସେହିପରି ପରାଧୀନ ଜୀବ ପାପପୁଣ୍ୟର ଫଳଭାଗୀ ହୋଇ ପାରିବ ନାହିଁ ।

ଏଣୁ ଜୀବ ନିଜ ସାମର୍ଥ୍ୟ ଅନୁସାରେ କର୍ମ କରିବାରେ ସ୍ୱତନ୍ତ୍ର, କିନ୍ତୁ କର୍ମ କଲାପରେ ଈଶ୍ୱରଙ୍କ ବ୍ୟବସ୍ଥା ଅନୁସାରେ ସେ ପରତନ୍ତ୍ର ହୋଇ ତାର ସୁଖ ଦୁଃଖର ଫଳକୁ ଭୋଗ କରେ "ଅତଏବ ଜୀବ କର୍ମ କରିବାରେ ଯଦିଓ ସ୍ୱତନ୍ତ୍ର, ତେବେ ଫଳଭୋଗ କରିବାରେ ପରତନ୍ତ୍ର ଅଟେ" ।

(୪୨) **ପ୍ରଶ୍ନ–** ଈଶ୍ୱର ଯଦି ଜୀବକୁ ନିର୍ମାଣ କରି ନଥାନ୍ତେ ଓ ସାମର୍ଥ୍ୟ ଦେଇନଥାନ୍ତେ ତେବେ ଜୀବ କୌଣସି କର୍ମ କରିପାରନ୍ତା ନାହିଁ । ଅତଏବ ଈଶ୍ୱରଙ୍କ ପ୍ରେରଣା ଦ୍ୱାରାହିଁ ଜୀବ ସକଳ କର୍ମ କରେ ।।

ଉତ୍ତର– ଜୀବର ଉତ୍ପତ୍ତି ନାହିଁ, ଜୀବ ହେଉଛି ଅନାଦି । ଈଶ୍ୱରଙ୍କ ପରି ଜୀବାତ୍ମା ଓ ଜଗତର ଉପାଦାନ କାରଣ ପ୍ରକୃତି ମଧ୍ୟ ହେଉଛି ଅନାଦି । ଜୀବର ଶରୀର ଓ

ଇନ୍ଦ୍ରିୟମାନଙ୍କୁ ଈଶ୍ୱର ନିର୍ମାଣ କରିଅଛନ୍ତି, କିନ୍ତୁ ସେସବୁ ଜୀବାତ୍ମାର ଅଧୀନ । ଯେ କୌଣସି ଲୋକ କାୟମନୋବାକ୍ୟରେ ଯେଉଁ ପାପ ବା ପୁଣ୍ୟ କରେ, ସେ କେବଳ ତହିଁର ଫଳଭୋଗ କରେ, ଈଶ୍ୱର ଫଳଭୋଗ କରନ୍ତି ନାହିଁ । ଏକ ଉଦାହରଣ ଦିଆଯାଇପାରେ ମନେକର କୌଣସି ବ୍ୟକ୍ତି ପର୍ବତରୁ ଲୁହା ଖୋଳିଲା, କୌଣସି ବ୍ୟବସାୟୀ ସେହି ଲୁହାକୁ କିଣିଲା, ଜଣେ କମାର ତାଠାରୁ ଲୁହା କିଣିନେଇ, ତହିଁରୁ ତରବାରୀ ତିଆରି କଲା ।। କୌଣସି ସିପାହି ସେହି ତରବାରୀକୁ ନେଇ ଜଣେ ଲୋକକୁ ମାରିପକାଇଲା । ତେବେ ଏହି ହତ୍ୟା ସକାଶେ ଲୁହା ଖୋଳିବା ଲୋକକୁ ବିକିବା ଲୋକକୁ ତରବାରୀ ତିଆରି କରିଥିବା ଲୋକକୁ ଅଥବା ତରବାରୀକୁ ରାଜା ଦଣ୍ଡ ଦିଅନ୍ତି ନାହିଁ । ଯେଉଁ ବ୍ୟକ୍ତି ଖଣ୍ଡାରେ ହାଣିଥାଏ ସେ କେବଳ ଦଣ୍ଡପାଏ । ଠିକ୍ ସେପରି ଶରୀରାଦିକୁ ଉତ୍ପନ୍ନ କରିଥିବା ପରମେଶ୍ୱର ତାହାର କର୍ମଫଳଭୋଗୀ ହୁଅନ୍ତି ନାହିଁ, କିନ୍ତୁ ଜୀବ କେବଳ ଆପଣାର କର୍ମଫଳ ଭୋଗକରେ । ଯଦି ପରମେଶ୍ୱର କର୍ମ କରାଉଥାନ୍ତେ ତେବେ କୌଣସି ଜୀବ ପାପ କରନ୍ତା ନାହିଁ । କାରଣ ପରମେଶ୍ୱର ପରମ ପବିତ୍ର ଓ ଧାର୍ମିକ ହୋଇଥିବାରୁ କୌଣସି ଜୀବକୁ ପାପ କରିବାପାଇଁ ପ୍ରେରଣା ଦିଅନ୍ତି ନାହିଁ । ପରମେଶ୍ୱର ନିଜ କର୍ମ କରିବାରେ ଯେପରି ସ୍ୱତନ୍ତ୍ର, ଜୀବ ସେହିପରି ଆପଣା କର୍ମ କରିବାରେ ସ୍ୱତନ୍ତ୍ର ବା ସ୍ୱାଧୀନ ଅଟେ ।

(୪୩) **ପ୍ରଶ୍ନ–** ଜୀବ ତଥା ପରମେଶ୍ୱର କି ପ୍ରକାର ଅଟନ୍ତି ? ପୁଣି ସେମାନଙ୍କ ଗୁଣ, କର୍ମ ଓ ସ୍ୱଭାବ କିପରି ?

ଉତ୍ତର– ଜୀବ ଓ ପରମେଶ୍ୱର ଉଭୟେ ଚେତନ ସ୍ୱରୂପ, ସ୍ୱଭାବରେ ଉଭୟେ ପବିତ୍ର, ଅବିନଶ୍ୱର ତଥା ଧାର୍ମିକ । ଜଗତର ସୃଷ୍ଟି ସ୍ଥିତି, ପ୍ରଳୟ ଓ ଜୀବର କର୍ମାନୁସାରେ ଜୀବକୁ ସୁଖ, ଦୁଃଖାଦି ଫଳ ପ୍ରଦାନ କରିବା ହେଉଛି ଈଶ୍ୱରଙ୍କ କର୍ମ । କିନ୍ତୁ ସନ୍ତାନ ସନ୍ତତି ଉତ୍ପତ୍ତି, ସେମାନଙ୍କ ଲାଳନପାଳନ, ଶିଳ୍ପ ବିଜ୍ଞାନାଦି କର୍ମ ହେଉଛି ଜୀବର ଈଶ୍ୱରଙ୍କ କର୍ମ ସର୍ବଦା ନ୍ୟାୟ ପରିପୂର୍ଣ୍ଣ ଓ ଧର୍ମଯୁକ୍ତ, କିନ୍ତୁ ଜୀବର କର୍ମ ଭଲ ବା ମନ୍ଦ ହୋଇଥାଏ । ଈଶ୍ୱରଙ୍କର ଅନନ୍ତ ଜ୍ଞାନ, ଅନନ୍ତ ଆନନ୍ଦ ଓ ଅନନ୍ତ ବଳ, କିନ୍ତୁ ଜୀବରୁ.........

୧. **ଇଚ୍ଛାଦ୍ୱେଷ ପ୍ରଯତ୍ନ ସୁଖ ଦୁଃଖ ଜ୍ଞାନାନ୍ୟାତ୍ମନୋ ଲିଙ୍ଗମିତି ।।**

(ନ୍ୟାୟ ଦର୍ଶନ ଅ୧.ଆ୨. ସୂ୧୦)

୨. **ପ୍ରାଣାପାନନିମେଷୋନ୍ମେଷ ମନୋ ଗତୀନ୍ଦ୍ରିୟାନ୍ତର୍ବିକାରାଃ ସୁଖ ଦୁଃଖେଚ୍ଛା ଦ୍ୱେଷୌ ପ୍ରଯତ୍ନାଶ୍ଚାତ୍ମନୋ ଲିଙ୍ଗାନି ।।**

(ବୈଶେଷିକ ଦର୍ଶନ - ଅ୩- ଆ୨ - ସୂ.୪)

ନ୍ୟାୟ ଦର୍ଶନ ଓ ବୈଶେଷିକ ଦର୍ଶନ, ଉଭୟ ଶାସ୍ତ୍ରାନୁସାରେ ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ସୁଖ, ଦୁଃଖ ଓ ଜ୍ଞାନ– ଏହି ଛଅଟି ଗୁଣ କର୍ମ ଜୀବର ଅଟେ ।। କିନ୍ତୁ କେବଳ ବୈଶେଷିକ ଦର୍ଶନ ଅନୁସାରେ ପ୍ରାଣ=ପ୍ରାଣବାୟୁକୁ ବାହାରୁ ଭିତରକୁ ନେବା, ଅପାନ= ପ୍ରାଣ ବାୟୁକୁ ଭିତରୁ ବାହାରକୁ ଛାଡ଼ିବା, ନିମେଷ=ଆଖି ବୁଜିବା, ଉନ୍ମେଷ=ଆଖି ଖୋଲିବା, ମନ- ନିଶ୍ଚୟ, ସ୍ମରଣ ଓ ଅହଙ୍କାର କରିବା, ଗତି=ଚଳ ପ୍ରଚଳ ହେବା, ଇନ୍ଦ୍ରିୟ- ଇନ୍ଦ୍ରିୟମାନଙ୍କର ପରିଚାଳନା, ଅନ୍ତର୍ବିକାର=କ୍ଷୁଧା, ତୃଷା, ହର୍ଷ, ଶୋକାଦି ଅନୁଭବ କରିବା– ଏହି ଆଠୋଟି ଗୁଣ ପରମାତ୍ମାଙ୍କଠାରୁ ପୃଥକ୍, କେବଳ ଜୀବାତ୍ମାର ଅଟେ । ଏହି ଗୁଣ, କର୍ମାଦିଦ୍ୱାରା କେବଳ ଶରୀର ମଧ୍ୟରେ ଆତ୍ମାର ପରିଚୟ ମିଳେ ।। ଆତ୍ମା ସ୍ଥୂଳ ପଦାର୍ଥ ନୁହେଁ, ଇନ୍ଦ୍ରିୟମାନଙ୍କଦ୍ୱାରା ଏହାକୁ ଧରାଯାଇପାରେ ନାହିଁ । ଯେ ପର୍ଯ୍ୟନ୍ତ ଶରୀରରେ ଆତ୍ମା ରହିଥାଏ, ସେ ପର୍ଯ୍ୟନ୍ତ ଏସବୁ ଗୁଣ, କର୍ମ ପ୍ରକାଶିତ ହେଉଥାଏ । ଆତ୍ମା ଯେତେବେଳେ ଶରୀରକୁ ତ୍ୟାଗକରି ଚାଲିଯାଏ, ସେତେବେଳେ ଏହି ସକଳ ଗୁଣ, କର୍ମ ଆଉ ଶରୀରରେ ରହେନାହିଁ । କୌଣସି ପଦାର୍ଥର ଉପସ୍ଥିତିରେ ଯେଉଁ ଗୁଣ ଦେଖାଯାଏ, ଅନୁପସ୍ଥିତିରେ ଅନ୍ତର୍ହିତ ହୋଇଯାଏ, ସେହି ଗୁଣ କେବଳ ସେହି ପଦାର୍ଥର । ଦେଖ- ଯେପରି ଦୀପ ଓ ସୂର୍ଯ୍ୟାଦି ଯୋଗୁଁ କୌଣସି ପଦାର୍ଥ ପ୍ରକାଶିତ ହୋଇପାରେ, ପୁଣି ଆଲୋକର ଅଭାବରେ ପ୍ରକାଶିତ ହୁଏ ନାହିଁ, ସେହିପରି ଗୁଣର ଉପସ୍ଥିତିରୁ ଜୀବାତ୍ମା ଓ ପରମାତ୍ମାଙ୍କ ଉପସ୍ଥିତି ଜାଣିବାକୁ ହୁଏ ।

(୪୪) **ପ୍ରଶ୍ନ–** ଈଶ୍ୱର ତ୍ରିକାଳଦର୍ଶୀ ଅଟନ୍ତି, ତେଣୁ ସେ ଭବିଷ୍ୟତ କଥା ଜାଣନ୍ତି । ସେ ଯେପରି ବିଚାର କରନ୍ତି, ଜୀବ ସେହିପରି କାର୍ଯ୍ୟ କରେ ।। ଜୀବ କଦାପି ସ୍ୱତନ୍ତ୍ର ହୋଇପାରେ ନାହିଁ । ଈଶ୍ୱର ଜୀବକୁ ଦଣ୍ଡ ଦେଇ ପାରନ୍ତି ନାହିଁ । କାରଣ ଈଶ୍ୱର ନିଜ ବିବେଚନାନୁଯାୟୀ ଯାହା କରାନ୍ତି, ଜୀବ କେବଳ ତାହାହିଁ କରେ ।।

ଉତ୍ତର– ଈଶ୍ୱରଙ୍କୁ ତ୍ରିକାଳଦର୍ଶୀ କହିବା ମୂର୍ଖତା ବ୍ୟତୀତ ଅନ୍ୟ କିଛି ନୁହେଁ । ଯାହାକି ପୂର୍ବେ ଥାଇ ବର୍ତ୍ତମାନ ନଥାଏ ତାହାକୁ ଭୂତ କହନ୍ତି । ପୁଣି ଯାହା କେବେ ନ ହୋଇ, ପରେ ହେବ ତାକୁ ଭବିଷ୍ୟତ କୁହାଯାଏ । ଈଶ୍ୱରଙ୍କ କୌଣସି ଜ୍ଞାନ ପୂର୍ବେ ଥିଲା, ଏବେ ନାହିଁ, କିମ୍ବା କୌଣସି ଜ୍ଞାନ ପୂର୍ବେ ନଥିଲା, ଏବେ ହେବ, ଏପରି କହିବା ଯୁକ୍ତିଯୁକ୍ତ ନୁହେଁ । ଈଶ୍ୱରଙ୍କ ଜ୍ଞାନ ସର୍ବଦା ଏକରୂପ ଓ ଅଖଣ୍ଡିତ ଭାବେ ରହିଥାଏ । ତାହାର ଅଭାବ ଘଟେ ନାହିଁ ବା ପରିବର୍ତ୍ତନ ହୁଏ ନାହିଁ । ଭୂତ, ଭବିଷ୍ୟତ କାଳର ବିଚାର ହେଉଛି କେବଳ ଜୀବର । ଏଣୁ ଜୀବର କର୍ମ ଅପେକ୍ଷାରେ ଈଶ୍ୱର ତ୍ରିକାଳଜ୍ଞ ଅଟନ୍ତି, କଦାପି ସ୍ୱତଃ ନୁହନ୍ତି । ନିରପେକ୍ଷଭାବରେ ଈଶ୍ୱରଙ୍କ

ପ୍ରତି ତ୍ରିକାଳଜ୍ଞତା ପ୍ରଯୁଜ୍ୟ ହେବ ନାହିଁ । ଜୀବ କର୍ମ କରିବାରେ ଯେପରି ସ୍ୱତନ୍ତ୍ର, ଈଶ୍ୱର ସେହିପରି ସର୍ବଜ୍ଞ, ଅର୍ଥାତ୍ ଜୀବ ସ୍ୱତନ୍ତ୍ରତାନୁସାରେ ଆପଣାର କର୍ମ କରେ, କିନ୍ତୁ ଈଶ୍ୱର ସର୍ବଜ୍ଞ ହୋଇଥିବାରୁ ମନୁଷ୍ୟର ସମସ୍ତ କର୍ମକୁ ଜାଣି ପାରନ୍ତି ଓ ତଦନୁସାରେ ଫଳ ପ୍ରଦାନ କରନ୍ତି । ଈଶ୍ୱରଙ୍କ ଜ୍ଞାନ ଅନାଦି ଓ ଅନନ୍ତ ହୋଇଥିବାରୁ ସେ ଯେପରି ଜୀବର କର୍ମ ଜାଣନ୍ତି, କର୍ମାନୁସାରେ ଦଣ୍ଡବିଧାନ ବ୍ୟବସ୍ଥା ମଧ୍ୟ ଜାଣନ୍ତି । କର୍ମଜ୍ଞାନ ଓ ଦଣ୍ଡଜ୍ଞାନ ଦିଓଟିଯାକ ସତ୍ୟ ।। କର୍ମଜ୍ଞାନ ସତ୍ୟ ଓ ଦଣ୍ଡଜ୍ଞାନ ମିଥ୍ୟା, ଏପରି କେବେ ହୋଇପାରେ ନାହିଁ । ଏଣୁ ଈଶ୍ୱରଙ୍କ ଦଣ୍ଡବିଧାନରେ କୌଣସି ପ୍ରକାର ଦୋଷ ନାହିଁ ।

(୪୫) **ପ୍ରଶ୍ନ–** ଭିନ୍ନ ଭିନ୍ନ ଶରୀରରେ ଭିନ୍ନ ଭିନ୍ନ ଆତ୍ମା ଥାଏ, ନା ଏକମାତ୍ର ଆତ୍ମା ସର୍ବତ୍ର ବ୍ୟାପକ ହୋଇ ରହେ ?

ଉତ୍ତର– ଭିନ୍ନ ଶରୀରରେ ଆତ୍ମା ଭିନ୍ନ, ପରିଚ୍ଛିନ୍ନ ଥାଏ । ଯଦି ଏକ ଆତ୍ମା ସର୍ବତ୍ର ବ୍ୟାପି ରହିଥାନ୍ତା, ତେବେ ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି, ଜନ୍ମ, ମରଣ, ସଂଯୋଗ, ବିୟୋଗ, ଯିବା, ଆସିବା, ଇତ୍ୟାଦି ବିଭିନ୍ନ ଅବସ୍ଥା କଦାପି ଘଟନ୍ତା ନାହିଁ । ଏଣୁ ଜୀବାତ୍ମା ହେଉଛି ଅଳ୍ପଜ୍ଞ ଓ ସୂକ୍ଷ୍ମ ।। କିନ୍ତୁ ପରମେଶ୍ୱର ଅତ୍ୟନ୍ତ ସୂକ୍ଷ୍ମାତିସୂକ୍ଷ୍ମ, ଅନନ୍ତ, ସର୍ବଜ୍ଞ ଓ ସର୍ବ ବ୍ୟାପକ ଅଟନ୍ତି । ଏଣୁ ଜୀବାତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ବ୍ୟାପ୍ୟ ବ୍ୟାପକ ସଂପର୍କ ରହିଛି ।

(୪୬) **ପ୍ରଶ୍ନ–** ଯେଉଁ ସ୍ଥାନରେ ଗୋଟିଏ ବସ୍ତୁ ରହେ, ସେହି ସ୍ଥାନରେ ଅନ୍ୟ ଏକ ବସ୍ତୁ ରହିପାରେ ନାହିଁ । ତେଣୁ ଈଶ୍ୱର ଓ ଜୀବ ଏକତ୍ର ରହିପାରନ୍ତି ନାହିଁ । ଏଣୁ ଈଶ୍ୱର ଓ ଜୀବ ମଧ୍ୟରେ ସଂଯୋଗ ସମ୍ବନ୍ଧ ଥାଇପାରେ । ବ୍ୟାପ୍ୟ, ବ୍ୟାପକ ସମ୍ବନ୍ଧ ରହିବା ସମ୍ଭବପର ନୁହେଁ ।

ଉତ୍ତର– ସମାନ ଆକାର ବସ୍ତୁ ଦ୍ୱୟ ପ୍ରତି ଏ ନିୟମ ପ୍ରଯୁଜ୍ୟ, କିନ୍ତୁ ଅସମାନାକୃତି ବସ୍ତୁ ଦ୍ୱୟ ପ୍ରତି ଏହା ଯୁକ୍ତିଯୁକ୍ତ ନୁହେଁ । ଯେପରି ଲୌହ ସ୍ଥୂଳ ଏବଂ ଅଗ୍ନି ସୂକ୍ଷ୍ମ ହୋଇଥିବାରୁ ଲୌହ ଦେହରେ ଅଗ୍ନି ବା ବିଦ୍ୟୁତ୍ ବ୍ୟାପକ ହୋଇ ରହିପାରେ, ଫଳତଃ ଲୌହ ଓ ଅଗ୍ନି ଏକତ୍ର ରହିପାରନ୍ତି । ସେହିପରି ଈଶ୍ୱରଙ୍କଠାରୁ ଜୀବ ସ୍ଥୂଳ ଏବଂ ଜୀବଠାରୁ ଈଶ୍ୱର ସୂକ୍ଷ୍ମ ହୋଇଥିବାରୁ ପରମେଶ୍ୱର ବ୍ୟାପକ ଓ ଜୀବ ବ୍ୟାପ୍ୟ ଅଟେ । ଜୀବ ଓ ଈଶ୍ୱରଙ୍କ ମଧ୍ୟରେ ଯେପରି ବ୍ୟାପ୍ୟ-ବ୍ୟାପକ ସମ୍ବନ୍ଧ ରହିଛି, ସେହିପରି ଦୁହିଁଙ୍କ ମଧ୍ୟରେ ସେବ୍ୟ ସେବକ ଆଧାର ଆଧେୟ, ସ୍ୱାମୀ-ଭୃତ୍ୟ, ରାଜା ପ୍ରଜା ଓ ପିତା-ପୁତ୍ର ପ୍ରଭୃତିର ସମ୍ବନ୍ଧ ରହିଛି ।

(୪୭) **ପ୍ରଶ୍ନ**— ଯଦି ଜୀବ ଓ ବ୍ରହ୍ମ ପୃଥକ୍ ପୃଥକ୍ ତେବେ ପ୍ରଜ୍ଞାନଂ ବ୍ରହ୍ମ ।୧। ଅହଂ ବ୍ରହ୍ମାସ୍ମି ।୨। ତତ୍ତ୍ୱମସି ।୩। ଅୟମାତ୍ମା ବ୍ରହ୍ମ ।୪। ବେଦବର୍ଣ୍ଣିତ ଏହିସବୁ ମହାବାକ୍ୟର ଅର୍ଥ କଅଣ ?

ଉତ୍ତର— ଏଗୁଡ଼ିକ ବେଦବାକ୍ୟ ନୁହେଁ, ବ୍ରାହ୍ମଣ ଗ୍ରନ୍ଥର ବାକ୍ୟ ମାତ୍ର । ପୁଣି କୌଣସି ସତ୍‌ଶାସ୍ତ୍ରରେ ଏହାକୁ ମହାବାକ୍ୟ କୁହାଯାଇ ନାହିଁ । ଏହାର ଅର୍ଥ ହେଉଛି ଅହମ୍– ମୁଁ, ବ୍ରହ୍ମ - ବ୍ରହ୍ମସ୍ଥ, ଅସ୍ମି– ଅଛି, ଅର୍ଥାତ୍ ମୁଁ ବ୍ରହ୍ମରେ ବାସ କରୁଅଛି । ଏହାକୁ ତାତ୍‌ସ୍ଥ୍ୟୋପାଧି କହନ୍ତି । ଯେପରି.... ମଞ୍ଚାଃ କ୍ରୋଶନ୍ତି''ର ଅର୍ଥ ମଞ୍ଚଗୁଡ଼ିକ ଶବ୍ଦ କରୁଛନ୍ତି । ମଞ୍ଚ ହେଉଛି ଜଡ଼ ପଦାର୍ଥ, ଶବ୍ଦ କରିବାର ତାହାର ସାମର୍ଥ୍ୟ ନାହିଁ । ତେଣୁ ମଞ୍ଚ ଉପରେ ଥିବା ମନୁଷ୍ୟମାନେ ଡାକୁଛନ୍ତି, ଏହିପରି ବୁଝିବାକୁ ହେବ । ସେହିପରି ''ଅହଂ ବ୍ରହ୍ମାସ୍ମି'' ର ଅର୍ଥ ମୁଁ ବ୍ରହ୍ମ ଅଟେଁ ନ ହୋଇ ମୁଁ ବ୍ରହ୍ମରେ ନିବାସ କରେଁ, ହେବ ।। କେହି ପ୍ରଶ୍ନ କରିପାରେ ଯେ, ଯେତେବେଳେ ବ୍ରହ୍ମରେ ସମସ୍ତ ପଦାର୍ଥ ଅବସ୍ଥାନ କରିଛନ୍ତି, ତେବେ ଜୀବ ବ୍ରହ୍ମରେ ଅବସ୍ଥିତ, ଏପରି କହିବାର ଉଦ୍ଦେଶ୍ୟ କଅଣ ? ଏହାର ଉତ୍ତର ହେବ– ସମସ୍ତ ବସ୍ତୁ ବ୍ରହ୍ମରେ ଯଦିଓ ଅବସ୍ଥିତ, ତେବେ ଜୀବ ଯେପରି ବ୍ରହ୍ମର ସାଧର୍ମ୍ୟଯୁକ୍ତ ଓ ନିକଟସ୍ଥ, ଅନ୍ୟ କୌଣସି ବସ୍ତୁ ସେପରି ନୁହେଁ । ପୁଣି ଜୀବ କେବଳ ବ୍ରହ୍ମଜ୍ଞାନ ଲାଭ କରିପାରେ ଏବଂ ମୁକ୍ତ ଅବସ୍ଥାରେ ବ୍ରହ୍ମସହିତ ସାକ୍ଷାତ୍ ସଂପର୍କ ସ୍ଥାପନ କରିପାରେ । ଏଣୁ ବ୍ରହ୍ମ ସହିତ ଜୀବର ''ତତ୍ ସହଚରିତୋପାଧି' ଅର୍ଥାତ୍ ବ୍ରହ୍ମର ସହଚାରୀ ହେଉଛି ଜୀବ । କିନ୍ତୁ ଜୀବ ଓ ବ୍ରହ୍ମ ଏକ ନୁହନ୍ତି । ଯେପରି କେହି ଯଦି କହେ ସେ ଓ ମୁଁ ଏକ ଅର୍ଥାତ୍ ଅବିରୋଧୀ । ସେହିପରି ଯେଉଁ ସାଧକ ସମାଧି ଅବସ୍ଥାରେ ବ୍ରହ୍ମ ପ୍ରେମରେ ନିମଗ୍ନ, ସେ କହିପାରେ ଯେ ମୁଁ ଓ ବ୍ରହ୍ମ ଏକ ଅଟୁଁ । ଏହାର ଅର୍ଥ ସେ ଓ ବ୍ରହ୍ମ ଏକ ସ୍ଥାନାବସ୍ଥିତ । ଯେଉଁ ଜୀବ ପରମେଶ୍ୱରଙ୍କ ଗୁଣ, କର୍ମ ଓ ସ୍ୱଭାବର ଅନୁକୂଳ ନିଜର ଗୁଣ, କର୍ମ ଓ ସ୍ୱଭାବକୁ ଗଠନ କରିପାରେ, ସେହି ଜୀବ ସାଧର୍ମ୍ୟ ହେତୁ ବ୍ରହ୍ମ ସହିତ ଏକ ବୋଲି କହିବାକୁ ସମର୍ଥ ହୋଇଥାଏ ।

(୪୮) **ପ୍ରଶ୍ନ** — ତେବେ ''ତତ୍ତ୍ୱମସି'' ଏହି ବାକ୍ୟର ଅର୍ଥ କ'ଣ ? ହେ ଜୀବ ! ତୁମେ ସେହି ବ୍ରହ୍ମ ଅଟ । ଏହି ବାକ୍ୟର ଅର୍ଥ ଏପରି ନୁହେଁ କି ?

ଉତ୍ତର — ଏଠାରେ ତତ୍ ଶବ୍ଦର ଅର୍ଥ ବ୍ରହ୍ମ ନୁହେଁ । ଯେଣୁ ଛାନ୍ଦୋଗ୍ୟ ଉପନିଷଦ୍‌ର ଏହି ବାକ୍ୟ ପୂର୍ବରୁ କୁହାଯାଇଛି.... ''ସଦେବ ସୌମ୍ୟେଦମଗ୍ର ଆସୀଦେକ ମେବାଦ୍ୱିତୀୟମ୍'' ଏଥିରେ ବ୍ରହ୍ମ ଶବ୍ଦର ଉଲ୍ଲେଖ ଆଦୌ ନାହିଁ ।

(୪୯) **ପ୍ରଶ୍ନ**— ତେବେ ''ତତ୍ତ୍ୱମସି'' ଏ ବାକ୍ୟରେ 'ତତ' ଶବ୍ଦର ଅର୍ଥ କଣ ?

ଉତ୍ତର— ସ ଯ ଏଷୋଽଣିମା ଏତଦାତ୍ମ୍ୟମିଦଂ ସର୍ବଂ, ତତ୍ସତ୍ୟଂ ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ।।

(ଛାନ୍ଦୋଗ୍ୟ ପ୍ର.୬ ଖ.୮ ମ-୬-୭)

ହେ ପ୍ରିୟପୁତ୍ର ଶ୍ୱେତକେତୁ ! ଯେଉଁ ପରମାତ୍ମା ଅତ୍ୟନ୍ତ ସୂକ୍ଷ୍ମ, ସମସ୍ତ ଜଗତ ଓ ଜୀବର ଆତ୍ମା, ଅଟନ୍ତି ତାଙ୍କୁ ଜାଣିବା ଏକାନ୍ତ ଆବଶ୍ୟକ । ସେ ହେଉଛନ୍ତି ଏକମାତ୍ର ସତ୍ୟ ସ୍ୱରୂପ, ସେ ନିଜେ ହିଁ ନିଜର ଆତ୍ମା ଅଟନ୍ତି ।

''ତଦାତ୍ମକସ୍ତଦନ୍ତର୍ଯ୍ୟାମୀ ତ୍ୱମସି''

ସେହି ଅନ୍ତର୍ଯ୍ୟାମୀ ପରମାତ୍ମା ତୁମଭିତରେ ଅଛନ୍ତି । ଏହି ଅର୍ଥ ଉପନିଷଦ୍‌ର ବିରୁଦ୍ଧାଚରଣ କରୁନାହିଁ । ଯେଣୁ କଥିତ ହୋଇଅଛି......''

ଯ ଆତ୍ମନି ତିଷ୍ଠନ୍ନାତ୍ମନୋଽନ୍ତରୋ ଯମାତ୍ମା ନ ବେଦ ଯସ୍ୟାତ୍ମା ଶରୀରମ୍ ।

ଆତ୍ମନୋଽନ୍ତରୋ ଯମୟତି ସ ତ ଆତ୍ମାନ୍ତର୍ଯ୍ୟାମ୍ୟମୃତଃ ।।

ଏହା ବୃହଦାରଣ୍ୟକ ଉପନିଷଦ୍‌ର ବଚନ । ମହର୍ଷି ଯାଜ୍ଞବଲ୍କ୍ୟ ନିଜ ସ୍ତ୍ରୀ ମୈତ୍ରେୟୀଙ୍କୁ କହିଛନ୍ତି... ହେ ମୈତ୍ରେୟି ! ଯେଉଁ ପରମେଶ୍ୱର ଆତ୍ମା ଅର୍ଥାତ୍ ଜୀବରେ ଅବସ୍ଥିତ ତଥାପି ଜୀବାତ୍ମାରୁ ପୃଥକ୍ ଅଟନ୍ତି, ପୁଣି ଯାହାଙ୍କୁ ମୂଢ଼ ଜୀବାତ୍ମା ଜାଣିପାରେ ନାହିଁ, ସେହି ପରମେଶ୍ୱର ପରମାତ୍ମା ମୋହର ଏହି ଆତ୍ମାରେ ବ୍ୟାପକ ଅଟନ୍ତି । ଶରୀର ମଧ୍ୟରେ ଆତ୍ମା ଯେପରି ବ୍ୟାପକ ଆତ୍ମାମଧ୍ୟରେ ପରମାତ୍ମା ମଧ୍ୟ ସେହିପରି ବ୍ୟାପକ ଅଟନ୍ତି । ସେହି ପରମାତ୍ମା ଜୀବାତ୍ମାଠାରୁ ପୃଥକ୍ ରହି ଜୀବାତ୍ମାର ପାପପୁଣ୍ୟ ସବୁକୁ ସାକ୍ଷୀରୂପରେ ଦେଖନ୍ତି ଏବଂ ସେହି ପାପପୁଣ୍ୟର ଫଳପ୍ରଦାନ କରି ଜୀବାତ୍ମାକୁ ନିୟମାଧୀନ କରି ରଖନ୍ତି । ସେହି ଅବିନାଶୀ ପରମାତ୍ମା ତୁମର ମଧ୍ୟ ଅନ୍ତର୍ଯ୍ୟାମୀ ଆତ୍ମା ଅଟନ୍ତି, ଅର୍ଥାତ୍ ତୁମ ଆତ୍ମାରେ ବ୍ୟାପକହୋଇଅଛନ୍ତି । ସେହି ପରମାତ୍ମାଙ୍କୁ ତୁମେ ଜାଣିରଖିବା ଉଚିତ । ଏହି ବାକ୍ୟର ଏପରି ଅର୍ଥ ବ୍ୟତୀତ ଅନ୍ୟ ଅର୍ଥ ହୋଇପାରେ କି ?

(୫୧) ଅୟମାତ୍ମା ବ୍ରହ୍ମ– ସମାଧି ଅବସ୍ଥାରେ ଯେତେବେଳେ ପରମେଶ୍ୱର ଯୋଗୀଜନଙ୍କ ପ୍ରତ୍ୟକ୍ଷ ହୁଅନ୍ତି, ସେତେବେଳେ ସେହି ଯୋଗୀ କହିଥାନ୍ତି, ଯେଉଁ ପରମାତ୍ମା ମୋ ଶରୀରରେ ବ୍ୟାପି ରହିଛନ୍ତି, ସେହିଁ ସମସ୍ତ ଜଗତ ଓ ସକଳ ପ୍ରାଣୀଙ୍କଠାରେ ପରିବ୍ୟାପକ ଅଟନ୍ତି । ଏହି ବିଷୟବସ୍ତୁକୁ ନେଇ ଯେଉଁମାନେ ଜୀବ ଓ ବ୍ରହ୍ମଙ୍କୁ ଏକ ବୋଲି ମନେ କରନ୍ତି ସେମାନଙ୍କର ବେଦାନ୍ତଜ୍ଞାନ ନାହିଁ ବୋଲିବାକୁ ହେବ ।

(୫୨) **ପ୍ରଶ୍ନ**— ଅନେନ ଆତ୍ମନା ଜୀବେନାନୁପ୍ରବିଶ୍ୟ ନାମ ରୂପେ ବ୍ୟାକରଣି ବାଣୀ ।

(ଛା.ଉ.ପ୍ର.୬ ଖ.୩ ମ.୨)

ତତ୍ ସୃଷ୍ଟ୍ୱା ତଦେବାନୁ ପ୍ରାବିଶତ୍ ।। (ତୈତ୍ତିରୀୟୋପନିଷଦ୍)

ପରମେଶ୍ୱର କହନ୍ତି– ମୁଁ ଏହି ଜଗତ ଓ ଶରୀରକୁ ରଚନାକରି ସକଳ ଜଗତରେ ବ୍ୟାପି ରହିଛି । ପୁଣି ଜୀବରୂପରେ ଶରୀରରେ ପ୍ରବେଶ କରିଛି ଏବଂ ବ୍ରହ୍ମରୂପ ଓ ନାମରେ ବିଦିତ ହୋଇଛି (୧) ପରମେଶ୍ୱର ଏହି ଜଗତ ଓ ଶରୀର ନିର୍ମାଣ କରି ତହିଁରେ ଅବସ୍ଥାନ କରନ୍ତି ।୨। ଏହା ବ୍ୟତୀତ ଉକ୍ତ ଶ୍ରୁତିବାକ୍ୟର ଅନ୍ୟ କି ଅର୍ଥ ହୋଇପାରେ ?

ଉତ୍ତର– ତୁମେ ଯଦି ଉକ୍ତ ପଦର ଅର୍ଥ ଓ ବାକ୍ୟର ଅର୍ଥ ବୁଝିଥାନ୍ତ, ତେବେ ଏପରି ଅନର୍ଥ କଦାପି କରନ୍ତ ନାହିଁ । ପ୍ରବେଶ ଓ ଅନୁପ୍ରବେଶ ଏହି ଦୁଇ ପଦର ପ୍ରଭେଦ ତୁମ୍ଭେ ବୁଝିପାରି ନାହିଁ । ଅନୁ ଅର୍ଥାତ୍ ପଶ୍ଚାତ୍, ତେଣୁ ଅନୁପ୍ରବେଶର ଅର୍ଥ ପଶ୍ଚାତ୍ ପ୍ରବେଶ । ଶରୀରରେ ଜୀବ ପ୍ରବେଶ କଲାପରେ ତହିଁରେ ପରମେଶ୍ୱରର ପ୍ରବିଷ୍ଟ ହୁଅନ୍ତି, ଓ ବେଦ ଦ୍ୱାରା ସମସ୍ତ ନାମରୂପ ଆଦି ବିଦ୍ୟାକୁ ପ୍ରକଟ କରନ୍ତି । ଈଶ୍ୱର ପ୍ରଥମେ ଶରୀରରେ ଜୀବକୁ ପ୍ରବେଶ କରାନ୍ତି, ତାପରେ ନିଜେ ତହିଁରେ ବ୍ୟାପକ ହୋଇ ରହିଥାନ୍ତି ।

ପ୍ରଶ୍ନ– ସୋଽୟଂ ଦେବଦତ୍ତୋ ଯ ଉଷ୍ଣକାଳେ କାଶ୍ୟାଂ ଦୃଷ୍ଟଃ, ସ ଇଦାନୀଂ ପ୍ରାବୃଟ୍ ସମୟେ ମଥୁରାୟାଂ ଦୃଶ୍ୟତେ ।।

ଯେଉଁ ଦେବଦତ୍ତକୁ ଗ୍ରୀଷ୍ମ କାଳରେ ମୁଁ କାଶୀରେ ଦେଖିଥିଲି, ସେହି ଦେବଦତ୍ତକୁ ଏବେ ବର୍ଷାକାଳରେ ମଥୁରାରେ ଦେଖୁଛି । ଏ ସ୍ଥଳରେ କାଶୀ ଦେଶ ଓ ଗ୍ରୀଷ୍ମକାଳ ପରିତ୍ୟାଗ ପୂର୍ବକ ଶରୀରକୁ କେବଳ ଲକ୍ଷ୍ୟକରି "ଦେବଦତ୍ତ" ଲକ୍ଷିତ ହୋଇଛି ।

ସେହିପରି ଭାଗତ୍ୟାଗ ଲକ୍ଷଣା ନିୟମାନୁସାରେ ଈଶ୍ୱରଙ୍କର ପରୋକ୍ଷ ଦେଶ, କାଳ, ଓ ମାୟା, ଉପାଧି ପୁଣି ଜୀବର ପ୍ରତ୍ୟକ୍ଷ ଦେଶ, କାଳ, ଅବିଦ୍ୟା, ଅଳ୍ପଜ୍ଞତା ଉପାଧି ବିଚାର ନ କରି କେବଳ ଚୈତନ୍ୟପ୍ରତି ଦୃଷ୍ଟିଦେଲେ ଜୀବ ଓ ଈଶ୍ୱର ଏ ଦୁହିଙ୍କ ମଧ୍ୟରେ ଏକ ବ୍ରହ୍ମବସ୍ତୁ ପରିଲକ୍ଷିତ ହୁଏ । ଭାଗତ୍ୟାଗ ଲକ୍ଷଣା ଅର୍ଥାତ୍ କେତେ ଅଂଶ ଗ୍ରହଣ କରିବା ପୁଣି କେତେ ଅଂଶ ପରିତ୍ୟାଗ କରିବା, ଈଶ୍ୱରଙ୍କ ସର୍ବଜ୍ଞତ୍ୱ ଆଦି ବାଚ୍ୟାର୍ଥ ଓ ଜୀବର ଅଳ୍ପଜ୍ଞତ୍ୱାଦି ବାଚ୍ୟାର୍ଥ ଛାଡ଼ି, ଉଭୟ ବସ୍ତୁର ଚୈତନ୍ୟ ପ୍ରତି ଲକ୍ଷ୍ୟ କଲେ " ଜୀବ ଓ ଈଶ୍ୱର" ଏକ ଏବଂ ଅଭିନ୍ନ ବୋଲି ପ୍ରତିପାଦିତ ହୁଏ । ଅର୍ଥାତ୍ ଅଦ୍ୱୈତବାଦ ହିଁ ପ୍ରତୀତି ହୋଇଥାଏ ।

ଉତ୍ତର : ତେବେ ତୁମେ ଜୀବ ଓ ଈଶ୍ୱରଙ୍କୁ ନିତ୍ୟ ନା ଅନିତ୍ୟ ମାନୁଛ, କହ ।

ପ୍ରଶ୍ନ : ଉଭୟବସ୍ତୁ ଉପାଧି ଜନିତ କଳ୍ପିତ ହେବା ହେତୁ ଆମମତରେ ଅନିତ୍ୟ ।

ଉତ୍ତର : ସେହି ଉପାଧି ପୁଣି ନିତ୍ୟ ନା ଅନିତ୍ୟ ?

ପ୍ରଶ୍ନ : ଜୀବେଶୌ ଚ ବିଶୁଦ୍ଧାଚିତ୍ ଭେଦସ୍ତୁ ତୟୋର୍ଦ୍ୱୟୋଃ ।

ଅବିଦ୍ୟା ତଚ୍ଚିତୋର୍ଯୋଗଃ ଷଡସ୍ମାକମନାଦୟଃ ।। ୧ ।।

କାର୍ଯ୍ୟୋପାଧିରୟଂ ଜୀବଃ କାରଣୋପାଧିରୀଶ୍ୱରଃ ।

କାର୍ଯ୍ୟ-କାରଣତାଂ ହିତ୍ୱା ପୂର୍ଣ୍ଣବୋଧୋଽବଶିଷ୍ୟତେ ।।୨ ।।

ସଂକ୍ଷେପ ଶାରୀରିକ ଓ ଶାରୀରିକ ଭାଷ୍ୟର ଏହି କାରିକାନୁସାରେ : ୧- ଜୀବ, ୨-ଈଶ୍ୱର; ୩-ବ୍ରହ୍ମ, ୪-ଜୀବ ଓ ଈଶ୍ୱରଙ୍କ ମଧ୍ୟରେ ବିଶେଷ ଭେଦ, ୫- ଅବିଦ୍ୟା ଓ ଅଜ୍ଞାନ, ୬-ଅବିଦ୍ୟା ଓ ଚେତନ, ଏହି ଛଅପ୍ରକାର ବସ୍ତୁକୁ ବେଦାନ୍ତୀମାନେ ଅନାଦି ବୋଲି ମତ ଦିଅନ୍ତି । ଏଗୁଡ଼ିକ ମଧ୍ୟରେ 'ବ୍ରହ୍ମ' କେବଳ ଅନାଦି ଓ ଅନନ୍ତ, ଅନ୍ୟ ପାଞ୍ଚୋଟି ବସ୍ତୁ ଅନାଦି କିନ୍ତୁ ପ୍ରାଗଭାଗପରିସାନ୍ତ ବୋଲି ମଧ୍ୟ ମାନନ୍ତି । ଯେ ପର୍ଯ୍ୟନ୍ତ ଅଜ୍ଞାନତା ଥାଏ, ସେ ପର୍ଯ୍ୟନ୍ତ ଏହି ପାଞ୍ଚଗୋଟି ଭାବ ରହେ, ଜ୍ଞାନ ଜାତ ହେବାମାତ୍ରେ ଉକ୍ତ ଭାବସବୁ ନଷ୍ଟ ହୋଇଯାଏ । ଏଥିପାଇଁ ଏହି ପାଞ୍ଚଗୋଟିକୁ ସାନ୍ତ କୁହାଯାଏ, ପୁଣି ସେମାନଙ୍କର ଆରମ୍ଭ ଧରା ନ ଯିବାରୁ ସେମାନଙ୍କୁ ଅନାଦି କୁହାଯାଏ ।

ଉତ୍ତର : ଏହି ଉଭୟ ଶ୍ଳୋକ ହେଉଛି ଅଶୁଦ୍ଧ । କାରଣ ତୁମ ମତରେ ଈଶ୍ୱରଙ୍କ ସହିତ ଅବିଦ୍ୟାର ଯୋଗ ବ୍ୟତୀତ, ଜୀବ ପୁଣି ବ୍ରହ୍ମସହିତ ମାୟାର ଯୋଗ ବ୍ୟତୀତ ଈଶ୍ୱର ସିଦ୍ଧ ହୋଇପାରେ ନାହିଁ । "ତଚ୍ଚିତୋର୍ଯୋଗଃ" ଯେଉଁ ଷଷ୍ଠପଦାର୍ଥର ବିଭାଗ କରାଗଲା ତାହା ଠିକ୍ ନୁହେଁ, କାରଣ ଅବିଦ୍ୟା ବା ମାୟା, ଜୀବ ଓ ଈଶ୍ୱରଙ୍କ ଅନ୍ତର୍ଭୁକ୍ତ ହେଲା, ପୁଣି ଜୀବ ଓ ଈଶ୍ୱରଙ୍କ ମଧ୍ୟ ପୃଥକ୍ ସ୍ଥାୟିତ୍ୱ ରହିଲା ନାହିଁ । ଯେଣୁ ମାୟା ବ୍ୟତୀତ ବା ଅବିଦ୍ୟା ସଂଯୋଗରେ ଜୀବ ବା ଈଶ୍ୱର ରହିପାରନ୍ତି ନାହିଁ । ତେଣୁ ଛଅଗୋଟି ପଦାର୍ଥ ନ ରହି ବ୍ରହ୍ମ ଓ ଅବିଦ୍ୟା ବା ମାୟା ଏହି ଦିଓଟି ପଦାର୍ଥ ମାତ୍ର ରହିଲା । ଯଦି କହିବ କାର୍ଯ୍ୟୋପାଧି ଓ କାରଣୋପାଧିରୁ ଈଶ୍ୱର ଓ ଜୀବ ସୃଷ୍ଟି ହୋଇଛନ୍ତି, ତେବେ ଅନନ୍ତ, ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତସ୍ୱଭାବ ଓ ସର୍ବବ୍ୟାପକ ବ୍ରହ୍ମଙ୍କଠାରେ ଅବିଦ୍ୟା ବା ଅଜ୍ଞାନଥିବା ସ୍ୱୀକାର କରିବାକୁ ପଡ଼ିବ । ଯଦି ବ୍ରହ୍ମ ପଦାର୍ଥ ସ୍ୱାଶ୍ରିତ ଓ ସ୍ୱବିଷୟକ ଅଜ୍ଞାନକୁ ଅନାଦି ଓ ଏକଦେଶବ୍ୟାପକ ବୋଲି କୁହଯାଏ, ତେବେ ସମସ୍ତ ବ୍ରହ୍ମଙ୍କୁ ଶୁଦ୍ଧ ବୋଲି କୁହାଯିବ ନାହିଁ । ଯଦି ଅଜ୍ଞାନକୁ ଏକଦେଶ ବ୍ୟାପକ ବୋଲି କହିବ ତେବେ ତାହା ଗତିଶୀଳ ହୋଇଥିବାରୁ, ବ୍ରହ୍ମର ଯେଉଁ ସ୍ଥାନକୁ ସେ ଯାଏ, ସେହି ସ୍ଥାନ ଜ୍ଞାନହୀନ ଓ ଯେଉଁ ସ୍ଥାନକୁ ନଯାଏ ସେହି ସ୍ଥାନ ଜ୍ଞାନୀ ବା ଶୁଦ୍ଧ ରହେ । ତେବେ ବ୍ରହ୍ମଙ୍କର କୌଣସି ଅଂଶ ମଧ୍ୟ ଚିରକାଳପର୍ଯ୍ୟନ୍ତ ନିତ୍ୟ ଶୁଦ୍ଧ ରହିପାରିବ ନାହିଁ । ଫଳରେ ଏହି ଅଜ୍ଞାନ ହେତୁ ବ୍ରହ୍ମପଦାର୍ଥ ଖଣ୍ଡବିଖଣ୍ଡିତ ହୋଇ ଯିବ ।

ଯଦି କୁହ ଖଣ୍ଡ ଖଣ୍ଡ ହେଲେ ମଧ୍ୟ ବ୍ରହ୍ମଙ୍କର ହାନି କଣ ? ତେବେ ବ୍ରହ୍ମ ଅଖଣ୍ଡ ହୋଇ ରହିବ ନାହିଁ । ଯଦି ସେ ଅଖଣ୍ଡ ହେବେ ତେବେ ଅଜ୍ଞାନ ହେବେ ନାହିଁ । ଦ୍ୱିତୀୟରେ ଜ୍ଞାନର ଅଭାବ କିମ୍ବା ବିପରୀତ ଜ୍ଞାନ ମଧ୍ୟ ଗୋଟିଏ ଗୁଣ ହେବା ଯୋଗୁଁ କୌଣସି ଦ୍ରବ୍ୟ ସହିତ ନିତ୍ୟ ସମ୍ବନ୍ଧଯୁକ୍ତ ହୋଇ ରହିପାରେ । ଯଦି ଏପରି ହୁଏ, ତେବେ ସମବାୟ ସମ୍ବନ୍ଧ ହେବା ହେତୁ କେବେହେଁ ଅନିତ୍ୟ ହୋଇପାରିବ ନାହିଁ । ଦ୍ୱିତୀୟତଃ ଶରୀରର ଗୋଟିଏ ସ୍ଥାନରେ ବ୍ରଣ ହେଲେ ସାରା ଶରୀରରେ ଯେପରି କ୍ଳେଶ ବା ଦୁଃଖ ଜାତ ହୁଏ, ସେହିପରି ଏକ ଦେଶରେ ଅଜ୍ଞାନ, ସୁଖ, ଦୁଃଖ, କ୍ଳେଶାଦି ଅନୁଭୂତ ହେଲେ, ବ୍ରହ୍ମଙ୍କର ସର୍ବତ୍ର ଦୁଃଖ, କ୍ଳେଶ ଓ ଅଜ୍ଞାନ ଅନୁଭୂତ ହେବ । କାର୍ଯ୍ୟୋପାଧି ଓ ଅନ୍ତଃକରଣୋପାଧି ହେତୁ ବ୍ରହ୍ମଙ୍କୁ ଯଦି ଜୀବ ଜ୍ଞାନ କରାଯାଏ, ତେବେ ବ୍ରହ୍ମ ବ୍ୟାପକ ନା ପରିଚ୍ଛିନ୍ନ ? ଯଦି ବ୍ରହ୍ମ କେବଳ ସର୍ବବ୍ୟାପକ ଓ ଉପାଧି ସୀମାବଦ୍ଧ ଅର୍ଥାତ୍ ଏକଦେଶୀ ଓ ପୃଥକ୍ ପୃଥକ୍ ତେବେ ଅନ୍ତଃକରଣ ଏକ ଦେଶ ବ୍ୟାପକ ହେବା ହେତୁ ଇତସ୍ତତଃ ଯାତାୟାତ କରେ କି କରେ ନାହିଁ ? ଯଦି ଇତସ୍ତତଃ ଯାତାୟାତ କରେ, ତେବେ ଅନ୍ତଃକରଣ ସହିତ ବ୍ରହ୍ମ ମଧ୍ୟ ଯିବା ଆସିବା କରେ, ନା ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହେ ? ଯଦି କୁହ ସ୍ଥିର ହୋଇ ରହେ, ତେବେ ଯେଉଁ ସ୍ଥାନମାନଙ୍କରୁ ଅନ୍ତଃକରଣ ଚାଲିଯାଏ, ସେହି ସ୍ଥାନମାନଙ୍କରେ ବ୍ରହ୍ମ ଅଜ୍ଞାନ ରହିତ ହୁଏ, ପୁଣି ଅନ୍ତଃକରଣ ଯେଉଁଠାରେ ଥାଏ, ସେଠାରେ ବ୍ରହ୍ମ ଅଜ୍ଞାନ ଅବିଦ୍ୟାଯୁକ୍ତ ହୁଏ । ଏପରି ହେଲେ ବ୍ରହ୍ମ କେବେକେବେ ଜ୍ଞାନୀ ତ ଅନ୍ୟ ସମୟରେ ଅଜ୍ଞାନ ହୋଇଯାଉଥିବ । ଏପରି ହେଲେ ମୋକ୍ଷ ଓ ବନ୍ଧ ମଧ୍ୟ କ୍ଷଣସ୍ଥାୟୀ ହୋଇଯିବ । ପୁଣି ଜଣକର ଦେଖିଥିବା ଜିନିଷକୁ ଅନ୍ୟ ଜଣେ ଯେପରି ସ୍ମରଣ କରିପାରେ ନାହିଁ, ସେପରି ଗତକାଲି ଦେଖିଥିବା ବା ଶୁଣିଥିବା ବିଷୟରେ ଜ୍ଞାନ ରହିପାରିବ ନାହିଁ । ଏହାର କାରଣ ଯେଉଁ ସମୟରେ ଦେଖିଥିଲା ବା ଶୁଣିଥିଲା ସେତେବେଳେ ଦେଶ ଓ କାଳ ଭିନ୍ନ ଥିଲା । ପୁଣି ଯେଉଁ ସମୟରେ ସ୍ମରଣ କରାଯାଏ, ତାର ଦେଶ ଓ କାଳ ଭିନ୍ନ ଥାଏ ।

ଯଦି କହିବ ବ୍ରହ୍ମ ଏକ, ତେବେ କାହିଁକି ସେ ସର୍ବଜ୍ଞ ଜ୍ଞାନଯୁକ୍ତ ରହନ୍ତି ନାହିଁ ? ଯଦି କହିବ, ଅନ୍ତଃକରଣ ଭିନ୍ନ ଭିନ୍ନ ହୋଇଥିବାରୁ ବ୍ରହ୍ମ ମଧ୍ୟ ଭିନ୍ନ ଭିନ୍ନ, ତେବେ ସେ ଜଡ଼ପଦାର୍ଥ ତହିଁରେ ଜ୍ଞାନ ରହିପାରିବ ନାହିଁ । ଯଦି କୁହ ନା କେବଳ ବ୍ରହ୍ମ ବା କେବଳ ଅନ୍ତଃକରଣରେ ଜ୍ଞାନ ହୁଏ, ନାହିଁ, ଅନ୍ତଃକରଣସ୍ଥ ଚିଦାଭାସରେ ମାତ୍ର ଜ୍ଞାନ ହୁଏ । ତଥାପି ଅନ୍ତଃକରଣ ଦ୍ୱାରା ହେଲେ ମଧ୍ୟ ଚେତନ ପଦାର୍ଥର କେବଳ ଜ୍ଞାନ ହୁଏ, ତେବେ ସେହି ଚେତନ ପଦାର୍ଥ ବା କାହିଁକି ଜ୍ଞାନରେ ଓ ନିଷ୍କ୍ରିୟରେ

ସ୍ୱଳ୍ପ ଓ ସୀମାବଦ୍ଧ ହେବ ? ଏଣୁ କାର୍ଯ୍ୟୋପାଧି ଓ କାରଣୋପାଧି ଅର୍ଥାତ୍ ବ୍ରହ୍ମ ସହିତ ଅଜ୍ଞାନ ବା ମାୟାଯୋଗ ପ୍ରଭାବରୁ ଈଶ୍ୱର ଓ ଜୀବର ଉତ୍ପତ୍ତି ହୋଇପାରିବ ନାହିଁ । କିନ୍ତୁ ଈଶ୍ୱରଙ୍କ ଅନ୍ୟତମ ନାମ ବ୍ରହ୍ମ, ପୁଣି ଜୀବାତ୍ମା ମଧ୍ୟ ଅନାଦି, ଅନୁତ୍ପନ୍ନ, ଅମୃତସ୍ୱରୂପ କିନ୍ତୁ ବ୍ରହ୍ମଠାରୁ ଭିନ୍ନ ପଦାର୍ଥ । ଯଦି କହ, ଜୀବ ଅନ୍ୟ କିଛି ନୁହେଁ କେବଳ ଚିଦାଭାସ ବା ବ୍ରହ୍ମର ପ୍ରତିବିମ୍ବ ମାତ୍ର, ତେବେ ତାହା କ୍ଷଣଭଙ୍ଗୁର ହୋଇଥିବାରୁ ନଷ୍ଟ ହୋଇଯିବ । ତାହେଲେ ଜୀବ କିପରି ମୁକ୍ତିସୁଖ ଭୋଗ କରି ପାରିବ ? ଏଣୁ ବ୍ରହ୍ମ କେବେ ଜୀବ ନୁହେଁ, କିମ୍ବା ଜୀବ କେବେ ବ୍ରହ୍ମ ନୁହେଁ । ଏପରି କେବେ ନଥିଲେ, ନାହାନ୍ତି ବା ହେବେ ନାହିଁ ।

ପ୍ରଶ୍ନ : "ସଦେବ ସୋମ୍ୟେଦମଗ୍ର ଆସୀଦେକମେବାଦ୍ୱିତୀୟମ୍" ସର୍ବ ପ୍ରଥମେ ଏକମାତ୍ର ପରମେଶ୍ୱର ଥିଲେ ।" ଛାନ୍ଦୋଗ୍ୟୋପନିଷଦ୍‌ର ଏହି ଉକ୍ତିରୁ ଏକ ବ୍ରହ୍ମ ଅଦ୍ୱିତୀୟ ଥିବା ବିଷୟ ସିଦ୍ଧ ହେଉଛି । ସ୍ୱଜାତୀୟ ହେଉ ବା ବିଜାତୀୟ ହେଉ କିମ୍ବା ଅବୟବ ଭେଦରେ ହେଉ ବ୍ରହ୍ମଠାରୁ କେହି ପୃଥକ୍ ନ ଥିବାରୁ ବ୍ରହ୍ମ ଏକ ବୋଲି ସିଦ୍ଧ ହେଉଛି । ଯଦି ଜୀବ ପୃଥକ୍ ହେବ, ତେବେ ଉପନିଷଦ୍‌ର ଏହି ଅଦ୍ୱୈତବାଦ କିପରି ସିଦ୍ଧ ହେବ ?

ଉତ୍ତର: ଏହି ଭ୍ରମରେ ପଡ଼ି ଲାଗିଛନ୍ତି କାହିଁକି ? ବିଶେଷ୍ୟ ଓ ବିଶେଷଣର ଫଳ କଥନ, ପ୍ରଥମେ ତା ଜାଣିବା ଆବଶ୍ୟକ । ବ୍ୟାବର୍ତ୍ତକଂ ବିଶେଷଣଂ ଭବତୀତିବିଶେଷଣ ଭେଦକାରକ ହୁଏ, ପୁଣି "ପ୍ରବର୍ତ୍ତକଂ ପ୍ରକାଶକମପି ବିଶେଷଣଂ ଭବତୀତି" ବିଶେଷଣ ପ୍ରବର୍ତ୍ତକ ଓ ପ୍ରକାଶକ ମଧ୍ୟ ହୋଇଥାଏ । ଏଣୁ ଅଦ୍ୱିତୀୟ ଶବ୍ଦ ହେଉଛି ବ୍ରହ୍ମର ବିଶେଷଣ । ଏହି ବିଶେଷଣ ଦ୍ୱାରା ଅନେକ ଜୀବ ଓ ପ୍ରକୃତିରୁ ବ୍ରହ୍ମକୁ ପୃଥକ୍ କରାଯାଉଛି, ପୁଣି ବ୍ରହ୍ମକୁ ଏକ ବୋଲି ପ୍ରକାଶ କରୁଛି । ଯେପରି ଅସ୍ମିନ୍ ନଗରେ "ଅସ୍ମିନ୍ନଗରେ ଅଦ୍ୱିତୀୟୋ ଧନାଢ୍ୟୋ ଦେବଦତ୍ତଃ" ଅସ୍ୟାଂ ସେନାୟାମଦ୍ୱିତୀୟଃ ଶୂରବୀରୋ ବିକ୍ରମସିଂହଃ" କେହି ଜଣେ ଅନ୍ୟଜଣକୁ କହିଲା ଏ ସହରରେ ଦେବଦତ୍ତ ହେଉଛନ୍ତି ଅଦ୍ୱିତୀୟ ଧନୀ ବ୍ୟକ୍ତି । ଏହି ସେନାଙ୍କ ମଧ୍ୟରେ ବିକ୍ରମସିଂହଙ୍କ ଭଳି ଅନ୍ୟ ଜଣେ ବୀର କେହି ନାହାନ୍ତି । କିନ୍ତୁ ଦେବଦତ୍ତଠାରୁ କମ୍ ଧନୀ, ବିକ୍ରମସିଂହଙ୍କ ଠାରୁ ନ୍ୟୂନ ବୀର ବ୍ୟକ୍ତି, ପୁଣି ପୃଥିବୀ ଆଦି ଜଡ଼ପଦାର୍ଥ, ଓ ପଶୁ ଆଦି ପ୍ରାଣୀ ଇତ୍ୟାଦି ଅନ୍ୟ କୌଣସି ଜିନିଷ ସେହି ସହରରେ ବା ସେନାମଧ୍ୟରେ ନାହାନ୍ତି ବୋଲି ପ୍ରମାଣ କରୁ ହୁଏ ନାହିଁ, ଯେଣୁ ଏପରି ନିଷେଧ କରାଯାଇନାହିଁ । ସେପରି ବ୍ରହ୍ମଙ୍କ ସମାନ ଜୀବ ବା ପ୍ରକୃତି ଅନ୍ୟ କିଛି ନାହିଁ, କିନ୍ତୁ ବ୍ରହ୍ମଙ୍କ ଠାରୁ ନ୍ୟୂନ ଜୀବ ଓ ପ୍ରକୃତି ଥିବା ବିଷୟ ନିଷେଧ କରାଯାଇନାହିଁ । ଏଥିରୁ ଏହା ସିଦ୍ଧ ହେଉଛି ଯେ, ବ୍ରହ୍ମ ସର୍ବଦା ଏକ, କିନ୍ତୁ ଜୀବ

ତଥା ପ୍ରକୃତିସ୍ଥ ତତ୍ତ୍ୱ ଅନେକ । ଅଦ୍ୱୈତ ବା ଅଦ୍ୱିତୀୟ ବିଶେଷଣ ଦ୍ୱାରା ବ୍ରହ୍ମ ପଦାର୍ଥର ଏକତ୍ୱ, ପୁଣି ଜୀବ ଓ ପ୍ରକୃତିଠାରୁ ପୃଥକତ୍ୱ ପ୍ରତିପାଦିତ ହେଉଛି । ଜୀବ ବା ପ୍ରକୃତିର ଅନ୍ୟଥା ବା ଅଭାବ କଦାପି ସିଦ୍ଧ ହେଉନାହିଁ । ଜୀବ, ପ୍ରକୃତି ଓ କାର୍ଯ୍ୟରୂପ ଜଗତ ଅଛି, କିନ୍ତୁ କେହି କେବେ ବ୍ରହ୍ମତୁଲ୍ୟ ନୁହଁନ୍ତି । ଏହାଦ୍ୱାରା ଦ୍ୱୈତ ସିଦ୍ଧାନ୍ତ ବା ଅଦ୍ୱୈତ ସିଦ୍ଧାନ୍ତର କୌଣସି ହାନିଲାଭ ହେଉନାହିଁ ।

ପ୍ରଶ୍ନ : ବ୍ରହ୍ମର ଯେପରି ସତ୍, ଚିତ୍ ଓ ଆନନ୍ଦ ଗୁଣ ଅଛି, ଜୀବର ମଧ୍ୟ ସେପରି ଅସ୍ତିତ୍ୱ, ଜ୍ଞାନ ଓ ଆନନ୍ଦ ଅଛି, ତେବେ ଜୀବ ଓ ବ୍ରହ୍ମଙ୍କୁ ଏକ ବୋଲି କାହିଁକି କୁହାଯିବ ନାହିଁ ?"

ଉତ୍ତର ...ସାମାନ୍ୟ ସାଧର୍ମ୍ୟରୁ ଏକତା ପ୍ରତିପାଦିତ ହୁଏ ନାହିଁ । ଯେପରି ପୃଥିବୀ ଜଡ଼ ଓ ଦୃଶ୍ୟମାନ, ଯେପରି ଜଳ ଆଦି ପଦାର୍ଥ ଜଡ଼ ଓ ଦୃଶ୍ୟମାନ, ତଥାପି ଏଦୁଇପଦାର୍ଥ ଏକ ହୋଇନପାରେ । କାରଣ ଉଭୟଙ୍କ ମଧ୍ୟରେ ବୈଧର୍ମ୍ୟ ରହିଛି । ଯଥା ...ପୃଥିବୀର ଗୁଣ ହେଲା-ଗନ୍ଧ, ରୁକ୍ଷତା ଓ କାଠିନ୍ୟ, କିନ୍ତୁ ଜଳର ଗୁଣ ହେଲା-ରସ, ଦ୍ରବତ୍ୱ ଓ କୋମଳତା, ପୁଣି ଅଗ୍ନିର ଗୁଣ ହେଲା ରୂପ ଓ ଦାହକତା । ଠିକ୍ ସେହିପରି ମନୁଷ୍ୟ ଓ କୀଟ ଉଭୟପ୍ରାଣୀ ଆଖିରେ ଦେଖନ୍ତି, ପାଦରେ ଚାଲନ୍ତି ଓ ମୁହଁରେ ଖାଆନ୍ତି କିନ୍ତୁ ମନୁଷ୍ୟର ଦୁଇପାଦ ଥିବା ସ୍ଥଳେ କୀଟର ଅନେକ ପାଦ ଥାଏ । ଏହି ଆକୃତି ଭେଦ ଥିବା କାରଣରୁ ମନୁଷ୍ୟ ଓ କୀଟ ଏକ ହୋଇନପାରନ୍ତି । ସେହିପରି ପରମେଶ୍ୱରଙ୍କର ଅନନ୍ତ, ଜ୍ଞାନ, ଆନନ୍ଦ, ବଳ, କ୍ରିୟା, ନିର୍ଭ୍ରାନ୍ତତ୍ୱ, ବ୍ୟାପକତା ତଥା ଶୁଦ୍ଧତା ଥିବାସ୍ଥଳେ ଜୀବଠାରେ ଅଳ୍ପଜ୍ଞାନ, ସୀମିତ ବଳ, ଭ୍ରାନ୍ତତ୍ୱ ଓ ଶୂନ୍ୟତା ରହିଅଛି । ଉଭୟଙ୍କ ସ୍ୱରୂପ ମଧ୍ୟ ଭିନ୍ନ ଭିନ୍ନ । ଈଶ୍ୱର ହେଉଛନ୍ତି ଅତୀବ ସୂକ୍ଷ୍ମ, କିନ୍ତୁ ଜୀବାତ୍ମା ଈଶ୍ୱରଙ୍କ ଠାରୁ ସାମାନ୍ୟ ସ୍ଥୂଳ । ତେଣୁ ଉଭୟେ କଦାପି ଏକ ନୁହଁନ୍ତି ।

ପ୍ରଶ୍ନ : ଅଥୋଦରମନ୍ତରଂ କୁରୁତେ । ଅଥ ତସ୍ୟ ଭୟଂ ଭବତି ।
ଦ୍ୱିତୀୟାଦ୍ ବୈ ଭୟଂ ଭବତି ।। (ବୃହଦାରଣ୍ୟକ ୧.୪.୨)

ଯେଉଁମାନେ ଜୀବ ଓ ବ୍ରହ୍ମମଧ୍ୟରେ ଭେଦଭାବ ମନେ କରନ୍ତି ସେମାନେ ଭୟ ପାଇଥାନ୍ତି । କାରଣ କେହି ନିଜେ ନିଜକୁ ଭୟ କରେ ନାହିଁ, କେବଳ ଅନ୍ୟ ବ୍ୟକ୍ତିଠାରୁ ଭୟ ଜାତ ହୋଇଥାଏ ।

ଉତ୍ତର ... ଏହି ଶ୍ଳୋକର ଅର୍ଥ ପ୍ରକୃତରେ ଏପରି ନୁହେଁ । ଏହାର ଅର୍ଥ ଯେଉଁଠି ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରେ, ଅଥବା ତାହାଙ୍କୁ କୌଣସି ଦେଶ କାଳରେ ଅଛନ୍ତି ଏପରି ମନେକରେ, ତାଙ୍କ ଗୁଣ, କର୍ମ, ସ୍ୱଭାବର ବିପରୀତ ଆଚରଣ କରେ ଅଥବା ଅନ୍ୟ ବ୍ୟକ୍ତି ସହିତ ଶତ୍ରୁତା ଆଚରଣ କରେ, ସେ ହିଁ ଭୟଭୀତ ହୋଇଥାଏ । କାରଣ ଦ୍ୱିତୀୟ ବୁଦ୍ଧି ଅର୍ଥାତ୍ "ଈଶ୍ୱରଙ୍କ ସହିତ ମୋର କୌଣସି ପ୍ରକାର ସମ୍ପର୍କ ନାହିଁ " ଏପରି ବୁଦ୍ଧି ଜାତ ହେଲେ, ନତୁବା କାହାକୁ ଯଦି କୁହାଯାଏ- ତୁମୋର କିଛି ନୋହୁ, ତୋତେ ମୋର ଖାତିର ନାହିଁ, ତୁ ମୋର କିଛି କ୍ଷତି କରିପାରିବୁ ନାହିଁ । କେହି ଯଦି କାହାର କିଛି କ୍ଷତି କରେ ବା କଷ୍ଟ ଦିଏ ସେ କେବଳ ତାକୁ ଭୟ କରିଥାଏ । ଯଦି ପରସ୍ପର ମଧ୍ୟରେ କୌଣସି ପ୍ରକାର ବିରୋଧ ନଥାଏ ତେବେ କୁହାଯାଏ ସେ ଦୁହେଁ ହେଉଛନ୍ତି ଏକ । ଲୋକେ କହନ୍ତି -ଦେବଦତ୍ତ , ଯଜ୍ଞଦତ୍ତ ଓ ବିଷ୍ଣୁମିତ୍ର ଏକ ଅଟନ୍ତି, ଅର୍ଥାତ୍ ସେମାନଙ୍କ ମଧ୍ୟରେ କୌଣସି ବିରୋଧ ନାହିଁ । ସବୁଠାରେ ବିରୋଧଥିଲେ ଦୁଃଖୀ ଓ ବିରୋଧ ନଥିଲେ ସୁଖୀ ଜାତ ହୋଇଥାଏ ।

ପ୍ରଶ୍ନ : ବ୍ରହ୍ମ ଓ ଜୀବ ସର୍ବଦା ପୃଥକ୍ ରହନ୍ତି ନା କେବେ କେବେ ଏକ ମଧ୍ୟ ହୁଅନ୍ତି ?

ଉତ୍ତର : ଏହି ପ୍ରଶ୍ନର ଉତ୍ତର ଏହା ପୂର୍ବରୁ ଦିଆଯାଇଛି । ଯେପରି ଆକାଶ ଓ ମୂର୍ତ୍ତଦ୍ରବ୍ୟ ମଧ୍ୟରେ ସମାନ ଜଡ଼ତ୍ୱ ଥିବାରୁ ପୁଣି କେହି କାହାଠାରୁ ପୃଥକ୍ ନ ରହିବା କାରଣରୁ ଏକ ପଦାର୍ଥ । ପୁଣି ଆକାଶରେ ବ୍ୟାପକ, ସୂକ୍ଷ୍ମ, ଅରୂପ ଓ ଅନନ୍ତାଦି ଗୁଣ ତଥା ପାର୍ଥିବ ପଦାର୍ଥରେ ପରିଚ୍ଛିନ୍ନତା ଓ ଦୃଶ୍ୟତ୍ୱ ଆଦି ବୈଧର୍ମ୍ୟ ଗୁଣ ଥିବାରୁ ଆକାଶ ଓ ମୂର୍ତ୍ତଦ୍ରବ୍ୟ ପୃଥକ୍ । ସେହିପରି ବ୍ରହ୍ମ ସର୍ବବ୍ୟାପକ ହୋଇଥିବାରୁ ଜୀବ ଓ ପୃଥିବୀ ଆଦି ପଦାର୍ଥ ବ୍ରହ୍ମଠାରୁ ପୃଥକ୍ ହୋଇ ରହିପାରେ ନାହିଁ, ଦ୍ୱିତୀୟତଃ ସ୍ୱରୂପରେ ମଧ୍ୟ ଜୀବ ଓ ବ୍ରହ୍ମ କଦାପି ଏକନୁହେଁ । ଯେପରି ଘର ତିଆରି କରିବା ପୂର୍ବରୁ ମାଟି,କାଠ, ଲୁହା ଆଦି ଭିନ୍ନ ଭିନ୍ନ ପଦାର୍ଥମାନ ଆକାଶର ଅନ୍ତର୍ଗତ ଥାଏ, ପୁଣି ତିଆରି ହେବାପରେ ମଧ୍ୟ ସେହି ଆକାଶ ମଧ୍ୟରେ ରହିଥାଏ । ଘର ଯେତେବେଳେ ଭାଙ୍ଗିପଡ଼େ ସେହି ଭିନ୍ନ ଭିନ୍ନ ପଦାର୍ଥମାନ ଭିନ୍ନ ଭିନ୍ନ ସ୍ଥାନରେ ବିକ୍ଷିପ୍ତ ହୋଇପଡ଼େ, ତଥାପି ସେସବୁ ପଦାର୍ଥ ଆକାଶ ଭିତରେ ହିଁ ରହିଥାଏ । ଏହାର ଅର୍ଥ ଯେକୌଣସି ସମୟରେ ମଧ୍ୟ ଆକାଶରୁ ଭିନ୍ନ ହୋଇ ରହେ ନାହିଁ, ତଥାପି ସ୍ୱରୂପରେ ଭିନ୍ନତା ଥିବାରୁ କେବେହେଁ ଏକନୁହେଁ, କେବେ ଏକ ହେବ ନାହିଁ । ଠିକ୍ ସେହିପରି ଜୀବ ଓ ଜଗତ୍ସର ଯାବତୀୟ ପଦାର୍ଥ ପରମେଶ୍ୱରଙ୍କ ଦ୍ୱାରା ବ୍ୟାପ୍ୟ ହୋଇଥିବାରୁ ସେଗୁଡ଼ିକ ପରମେଶ୍ୱରଙ୍କଠାରୁ କେବେହେଁ ଭିନ୍ନ ନୁହଁନ୍ତି, ତଥାପି ସ୍ୱରୂପରେ ଭିନ୍ନତା ଥିବାରୁ ପରମେଶ୍ୱରଙ୍କ ସହିତ ଏକ ମଧ୍ୟ ନୁହଁନ୍ତି । ଆଜିକାଲି ବେଦାନ୍ତିମାନେ କଣାଲୋକପରି ଗୋଟିଏ ପାଖ ମାତ୍ର ଦେଖନ୍ତି, ତେଣୁ ଈଶ୍ୱର ଓ ଜୀବମଧ୍ୟରେ ଥିବା ସମ୍ବନ୍ଧମାତ୍ର ଗ୍ରହଣ କରନ୍ତି, ଭେଦ ବା ବୈଷମ୍ୟକୁ ଦେଖନ୍ତି ନାହିଁ । ସଂସାରରେ ଏପରି କୌଣସି ପଦାର୍ଥ ନାହିଁ ଯାହାର କି ସଗୁଣତା, ଅନ୍ୱୟ, ସାଧର୍ମ୍ୟ ଇତ୍ୟାଦି ପୁଣି ନିର୍ଗୁଣତା,

ବ୍ୟତିରେକ, ବୈଧର୍ମ୍ୟ. ଇତ୍ୟାଦି ବିଶେଷଣ ରହିପାରେ ନାହିଁ । ଏଥିରୁ ଅନୁମିତ ହେଉଛି ପ୍ରତ୍ୟେକ ପଦାର୍ଥର କେତୋଟି ଗୁଣ, କର୍ମ ଓ ସ୍ୱଭାବ ଅଛି,ପୁଣି କେତୋଟି ଗୁଣ,କର୍ମ ଓ ସ୍ୱଭାବ ନାହିଁ ।

ପ୍ରଶ୍ନ : ପରମେଶ୍ୱର ସଗୁଣ ଅଟନ୍ତି ନା ନିର୍ଗୁଣ ?

ଉତ୍ତର : ସଗୁଣ ଓ ନିର୍ଗୁଣ ଉଭୟ ଅଟନ୍ତି ।

ପ୍ରଶ୍ନ : ବତ୍ସ ! ଗୋଟିଏ ଖୋଳରେ ଦୁଇଟି ତରବାରୀ ରହିପାରେ ନାହିଁ । ଗୋଟିଏ ପଦାର୍ଥରେ ସଗୁଣତା ଓ ନିର୍ଗୁଣତା ଦିଓଟି କିପରି ରହିପାରେ ?

ଉତ୍ତର : ଜଡ଼ ପଦାର୍ଥରେ ରୂପ ଆଦିଗୁଣ ରହିଛି କିନ୍ତୁ ଜ୍ଞାନ ଆଦି ଗୁଣ ନାହିଁ । ସେପରି ଚେତନ ପଦାର୍ଥରେ ଇଚ୍ଛାଦି ଗୁଣ ଅଛି କିନ୍ତୁ ରୂପାଦି ଗୁଣ ନାହିଁ । ଏଣୁ କଥିତ ହୋଇଛି...... ''ଯଦ୍ ଗୁଣୈଃ ସହ ବର୍ତ୍ତମାନଂ ତତ୍ ସଗୁଣମ୍'' । ଗୁଣେଭ୍ୟୋ ଯତ୍ ନିର୍ଗତଂ ପୃଥଗ୍‌ଭୂତଂ ତନ୍ନିର୍ଗୁଣମ୍'' ଅର୍ଥାତ୍ ସଗୁଣର ଅର୍ଥ ଗୁଣ ସହିତ ଓ ନିର୍ଗୁଣର ଅର୍ଥ ଗୁଣ ରହିତ । ନିଜର ସ୍ୱାଭାବିକ ଗୁଣ ସହିତ ସଂଯୁକ୍ତ ଓ ନିଜ ସ୍ୱଭାବ ବିରୁଦ୍ଧ ଗୁଣରୁ ରହିତ ଥିବାରୁ ଜଗତର ଯାବତୀୟ ପଦାର୍ଥ ସଗୁଣ ଓ ନିର୍ଗୁଣ ଉଭୟ ହୋଇପାରେ । ଏପରି କୌଣସି ପଦାର୍ଥ ନାହିଁ ଯାହାକି କେବଳ ସଗୁଣ, ବା କେବଳ ନିର୍ଗୁଣ ହୋଇଥିବ । ତେଣୁ ସକଳ ପଦାର୍ଥ ସର୍ବଦା ସଗୁଣ ହେବା ସଙ୍ଗେ ସଙ୍ଗେ ନିର୍ଗୁଣ ମଧ୍ୟ ହୋଇଥାନ୍ତି । ଯେଣୁ ସେଗୁଡ଼ିକ ନିଜ ସ୍ୱାଭାବିକ ଗୁଣ ସହିତ ସଂପୃକ୍ତ ଓ ନିଜ ସ୍ୱଭାବ ବିରୁଦ୍ଧ ଗୁଣରୁ ପୃଥକ୍ ଅଟନ୍ତି । ସେହିପରି ପରମେଶ୍ୱର ନିଜର ଅନନ୍ତ ଜ୍ଞାନ, ବଳାଦି ଗୁଣରେ ସଂଯୁକ୍ତ ହୋଇଥିବାରୁ ସଗୁଣ ଏବଂ ଜଡ଼ ପଦାର୍ଥର ରୂପରସାଦି ଗୁଣ ଓ ଜୀବାତ୍ମାର ରାଗ, ଦ୍ୱେଷାଦି ଗୁଣରୁ ନିଜେ ପୃଥକ୍ ଥିବାରୁ ସେ ନିର୍ଗୁଣ ମଧ୍ୟ ଅଟନ୍ତି ।

ପ୍ରଶ୍ନ : ସଂସାରରେ ପ୍ରାୟଶଃ ଲୋକେ ନିରାକାରକୁ ନିର୍ଗୁଣ ଓ ସାକାରକୁ ସଗୁଣ କହିଥାନ୍ତି । ଯେଉଁ ସମୟରେ ପରମେଶ୍ୱର ଜନ୍ମଗ୍ରହଣ କରନ୍ତି ନାହିଁ ସେତେବେଳେ ସେ ନିର୍ଗୁଣ, କିନ୍ତୁ ଯେତେବେଳେ ଅବତାର ଗ୍ରହଣ କରନ୍ତି ସେତେବେଳେ ସଗୁଣ ହୋଇଥାନ୍ତି ।

ଉତ୍ତର : ଏହା ହେଉଛି ଅଜ୍ଞ ବା ମୂର୍ଖ ଲୋକଙ୍କର ବିଗ୍ରହମାତ୍ର । ବିଦ୍ୟା ବିହୀନ ବ୍ୟକ୍ତିମାନେ ପଶୁଭଳି ବୃଥା ଗର୍ଜନ କରନ୍ତି । ସନ୍ନିପାତ ଜ୍ୱର ପୀଡ଼ିତ ବ୍ୟକ୍ତି ଯେପରି ବାତୁଳପରି ଗୁଡ଼ାଏ ପ୍ରଳାପ କରେ, ସେହିପରି ଅଜ୍ଞ ଓ ଅବିଦ୍ୟ ବ୍ୟକ୍ତିମାନେ ଗୁଡ଼ାଏ କହନ୍ତି ବା ଲେଖନ୍ତି ।

ପ୍ରଶ୍ନ : ପରମେଶ୍ୱର ରାଗାସକ୍ତ ନା ବିରକ୍ତ ?

ଉତ୍ତର : ସେ ରାଗାସକ୍ତ ନୁହଁନ୍ତି କି ବିରକ୍ତ ମଧ୍ୟ ନୁହଁନ୍ତି । ଯେଣୁ ନିଜଠାରୁ ଭିନ୍ନ

ଉତ୍ତମ ବସ୍ତୁରେ ଅନୁରାଗ ଜନ୍ମେ । ପରମେଶ୍ୱରଙ୍କଠାରୁ ଅନ୍ୟ କୌଣସି ପଦାର୍ଥ ପୃଥକ୍ ବା ଉତ୍ତମ ନୁହେଁ । ତେଣୁ ତହିଁରେ ଆସକ୍ତି ଜାତ ହେବା ସମ୍ଭବ ନୁହେଁ । ପ୍ରାପ୍ତ ବସ୍ତୁକୁ ପରିତ୍ୟାଗ କରୁଥିବା ବ୍ୟକ୍ତିଙ୍କୁ ବିରକ୍ତ କୁହାଯାଏ । ଈଶ୍ୱର ସର୍ବବ୍ୟାପକ ହୋଇଥିବାରୁ କୌଣସି ପଦାର୍ଥକୁ ଛାଡିପାରନ୍ତି ନାହିଁ । ତେଣୁ ସେ ବିରକ୍ତ ମଧ୍ୟ ନୁହଁନ୍ତି ।

ପ୍ରଶ୍ନ : ଈଶ୍ୱରଙ୍କଠାରେ ଇଚ୍ଛା ଅଛି କି ନାହିଁ ?

ଉତ୍ତର : ଯେଉଁ ଜିନିଷ ମିଳିଲେ ବିଶେଷ ସୁଖ ମିଳିଥାଏ, ସେପରି ଉତ୍ତମ ଅପ୍ରାପ୍ତ ପଦାର୍ଥପାଇଁ ଇଚ୍ଛା ଜାତ ହୋଇଥାଏ । ଈଶ୍ୱରଙ୍କର ଏଭଳି ଇଚ୍ଛା ହୁଏ ନାହିଁ, କାରଣ ଈଶ୍ୱରଙ୍କୁ କୌଣସି ବସ୍ତୁ ଅପ୍ରାପ୍ତ ନୁହେଁ, ଦ୍ୱିତୀୟତଃ ଏପରି କୌଣସି ପଦାର୍ଥ ନାହିଁ ଯାହାକି ଈଶ୍ୱରଙ୍କ ଅପେକ୍ଷା ଉତ୍ତମ ଅଟେ । ପୁଣି ସେ ପୂର୍ଣ୍ଣ ସୁଖମୟ ହୋଇଥିବାରୁ ସୁଖପାଇବାର କିଞ୍ଚିତ୍ ଅଭିଳାଷା ମଧ୍ୟ ନାହିଁ । ଏସବୁ କାରଣରୁ ତାଙ୍କଠାରେ ଇଚ୍ଛାର ଅଭାବ ପରିଲକ୍ଷିତ ହୋଇଥାଏ । କିନ୍ତୁ ଈଶ୍ୱରଙ୍କ 'ଈକ୍ଷଣ' ରହିଛି । ଈକ୍ଷଣର ଅର୍ଥ- ଯଥାର୍ଥ ଜ୍ଞାନ, ବିବିଧ ବିଦ୍ୟା ଓ ସକଳପ୍ରକାର ସୃଷ୍ଟି କରଣ ଇଚ୍ଛା ।

ସଂକ୍ଷେପରେ ଈଶ୍ୱରଙ୍କ ସମ୍ପର୍କରେ ଏତକ ଉଲ୍ଲେଖ କରାଗଲା । ଏଥିରୁ ବୁଦ୍ଧିମାନ୍ ବ୍ୟକ୍ତିମାନେ ସମସ୍ତ ବିଷୟ ବିସ୍ତାରପୂର୍ବକ ବୁଝିପାରିବେ । ବର୍ତ୍ତମାନ ବେଦବିଷୟରେ କିଛି କହୁଅଛୁ ।''

ଯସ୍ମାଦୃଚୋ ଅପାତକ୍ଷନ୍ ଯଜୁର୍ଯସ୍ମାଦପାକଷନ୍ ।
ସାମାନି ଯସ୍ୟ ଲୋମାନ୍ୟଥର୍ବାଙ୍ଗିରସୋ ମୁଖମ୍ ।
ସ୍କମ୍ଭଂ ବ୍ରୂହି କତମଃ ସ୍ୱିଦେବ ସଃ ।।

(ଅଥର୍ବ ୧୦ ୨୩-୪-୨୦)

ଯେଉଁ ପରମାତ୍ମାଙ୍କଠାରୁ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ ପ୍ରକାଶିତ ହୋଇଅଛି, ସେ କେଉଁ ଦେବ ଅଟନ୍ତି ?''

ଉତ୍ତର : ଯିଏ ସମସ୍ତଙ୍କୁ ଉତ୍ପନ୍ନକରି ଧାରଣ କରୁଅଛନ୍ତି ସେ ହିଁ ସେହି ପରମାତ୍ମା ଅଟନ୍ତି ।

ସ୍ୱୟମ୍ଭୂର୍ଯାଥାତଥ୍ୟତୋଽର୍ଥାନ୍ ବ୍ୟଦଧାଚ୍ଛାଶ୍ୱତୀଭ୍ୟଃ ସମାଭ୍ୟଃ ।

(ଯଜୁର୍ବେଦ୪୦-୮)

ଯିଏ ସ୍ୱୟମ୍ଭୂ, ସର୍ବବ୍ୟାପକ, ଶୁଦ୍ଧସନାତନ, ନିରାକାର, ପରମେଶ୍ୱର ଅଟନ୍ତି, ସେହି ପରମେଶ୍ୱର ସନାତନ ଜୀବରୂପୀ ପ୍ରଜାମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ବେଦଦ୍ୱାରା ଯଥାରୀତି ସକଳ ବିଦ୍ୟାର ଉପଦେଶ ଦେଇଛନ୍ତି ।

ପ୍ରଶ୍ନ : ଆପଣଙ୍କ ମତରେ ପରମେଶ୍ୱର ସାକାର ନା ନିରାକାର ?

ଉତ୍ତର : ନିରାକାର ''

ପ୍ରଶ୍ନ : ଯଦି ନିରାକାର ଅଟନ୍ତି, ତେବେ ସେ ମୁଖରେ ବର୍ଣ୍ଣୋଚ୍ଚାରଣ ନ କରି ବେଦବିଦ୍ୟାର ଉପଦେଶ କିପରି ଦେଲେ ?

ଉତ୍ତର:...ପରମେଶ୍ୱର ସର୍ବଶକ୍ତିମାନ୍ ଓ ସର୍ବବ୍ୟାପକ ହେବା କାରଣରୁ ଜୀବଭିତରେ ମଧ୍ୟ ବ୍ୟାପକ ଅଟନ୍ତି । ଜୀବକୁ ବେଦବିଦ୍ୟା ଉପଦେଶ ଦେବାପାଇଁ ମୁଖ, ଜିହ୍ୱାଦି ଅବୟବ ଈଶ୍ୱରଙ୍କର ଆବଶ୍ୟକତା ନାହିଁ । ଅନ୍ୟ ବ୍ୟକ୍ତିକୁ କହିବାକୁ ହେଲେ ମୁଖ, ଜିହ୍ୱା ପ୍ରଭୃତି ଅବୟବ ଆବଶ୍ୟକ, କିନ୍ତୁ ନିଜପାଇଁ ଏହା ଆବଶ୍ୟକ ହୁଏ ନାହିଁ । ମୁଖ, ଜିହ୍ୱା ଆଦି ଅବୟବକୁ ପ୍ରୟୋଗ ନ କରି, ମନେ ମନେ ଅନେକ ବିଷୟର ବିଚାର କରାଯାଏ ଓ ଶବ୍ଦୋଚ୍ଚାରଣ ମଧ୍ୟ କରାଯାଏ । ପୁଣି ଆଖି, କାନକୁ ଅଙ୍ଗୁଳିରେ ବନ୍ଦକରି ମଧ୍ୟ ଅବୟବାଦିଦ୍ୱାରା ଦେଖା, ଶୁଣା ନ ଯାଉଥିଲେ ମଧ୍ୟ ମନ ଭିତରେ ଅନେକ ଶବ୍ଦ ଶୁଣାଯାଇପାରେ ଓ ଦୃଶ୍ୟ ମଧ୍ୟ ଦେଖାଯାଇପାରେ । ସେପରି ପରମେଶ୍ୱର ଅନ୍ତର୍ଯାମୀ ରୂପରେ ଜୀବକୁ ଉପଦେଶ ଦିଅନ୍ତି । ଅନ୍ୟ ଲୋକଙ୍କୁ ବୁଝାଇବାପାଇଁ ଶବ୍ଦୋଚ୍ଚାରଣ ଆବଶ୍ୟକ ପଡ଼େ । ନିରାକାର, ସର୍ବବ୍ୟାପକ, ପରମାତ୍ମା ଜୀବସ୍ଥ ସ୍ୱରୂପଦ୍ୱାରା ଜୀବାତ୍ମା ମଧ୍ୟରେ ନିଜ ଅଖିଳ ବେଦବିଦ୍ୟାର ଉପଦେଶ ପ୍ରକାଶ କରନ୍ତି । ଫଳରେ ସେହି ମନୁଷ୍ୟ ସେ ସବୁକୁ ନିଜ ମୁଖରେ ଉଚ୍ଚାରଣ କରି ଅନ୍ୟମାନଙ୍କୁ ଶୁଣାଏ ।

ପ୍ରଶ୍ନ : ପରମାତ୍ମା ଅନ୍ତର୍ଯାମୀରୂପେ କେବେ କାହାର ଆତ୍ମାରେ ବେଦକୁ ପ୍ରକାଶ କରିଅଛନ୍ତି ?

ଉତ୍ତର : ଅଗ୍ନେର୍ଋଗ୍‌ବେଦୋ ବାୟୋର୍ଯଜୁର୍ବେଦଃ ସୂର୍ଯ୍ୟାତ୍‌ସାମ ବେଦଃ ।

(ଶତପଥ ବ୍ରାହ୍ମଣ ୧୧।୪।୨।୩)

ପ୍ରଥମ ସୃଷ୍ଟିର ପ୍ରାରମ୍ଭରେ ଅଗ୍ନି,ବାୟୁ, ଆଦିତ୍ୟ ଓ ଅଙ୍ଗିରା ଏହି ଚାରିଜଣ ମହର୍ଷିଙ୍କ ଆତ୍ମାରେ ପରମାତ୍ମା ଋକ୍, ଯଜୁ ଆଦି ଚାରିବେଦ ପ୍ରକାଶ କଲେ ।

ପ୍ରଶ୍ନ : ଯୋ ବୈ ବ୍ରହ୍ମାଣଂ ବିଦଧାତି ପୂର୍ବଂ ଯୋ ବୈ ବେଦାଂଶ୍ଚ ପ୍ରହିଣୋତି ତସ୍ମୈ ।

(ଶ୍ୱେତା ଶ୍ୱେତର୍ ଉପନିଷଦ୍ ୬-୧୮)

ଉପନିଷଦ୍‌ର ଏହି ବଚନାନୁସାରେ ପ୍ରଥମେ ବ୍ରହ୍ମାଙ୍କ ହୃଦୟରେ ବେଦ ପ୍ରକାଶିତ ହେଲା । ତେବେ ଅଗ୍ନି ଆଦି ଋଷିମାନଙ୍କ ହୃଦୟରେ ବେଦର ଉପଦେଶ କେଉଁପରି ଦିଆଗଲା ?

ଉତ୍ତର : ଅଗ୍ନି, ବାୟୁ, ଆଦିତ୍ୟ ଓ ଅଙ୍ଗିରା ଏହି ଚାରିଜଣ ଋଷିଙ୍କ ଆତ୍ମାରେ ପରମେଶ୍ୱର ସର୍ବପ୍ରଥମେ ଚାରିବେଦ ପ୍ରକାଶ କରିଥିଲେ । ପରେ ସେହି ଚାରିଜଣ ଋଷିଙ୍କଠାରୁ ବ୍ରହ୍ମା ବେଦଜ୍ଞାନ ଲାଭ କରିଥିଲେ । ଦେଖ ମହର୍ଷି ମନୁ କଣ କହିଛନ୍ତି ....

ଅଗ୍ନି-ବାୟୁରବିଭ୍ୟସ୍ତୁ ତ୍ରୟଂ ବ୍ରହ୍ମ ସନାତନମ୍ ।
ଦୁଦୋହ ଯଜ୍ଞସିଦ୍ଧ୍ୟର୍ଥମୃଗ୍‌ଯଜୁଃ ସାମଲକ୍ଷଣମ୍ ।।

ସୃଷ୍ଟି ଆରମ୍ଭରେ ପରମାତ୍ମା ମନୁଷ୍ୟଙ୍କୁ ଉତ୍ପନ୍ନ କରିସାରି ଅଗ୍ନି ଆଦି ଋଷିମାନଙ୍କୁ ପ୍ରଥମେ ଚାରିବେଦର ଉପଦେଶ ଦେଲେ । ବ୍ରହ୍ମା ସେହି ଋଷିମାନଙ୍କଠାରୁ ବେଦ ଶିକ୍ଷା କଲେ ।

ପ୍ରଶ୍ନ : ଈଶ୍ୱର ଅଗ୍ନିଆଦି ଚାରିଜଣ ଋଷିଙ୍କୁ କେବଳ ବେଦଶିକ୍ଷା ଦେଲେ । ଅନ୍ୟ କାହାରିକୁ ଦେଲେ ନାହିଁ । ତେବେ ଈଶ୍ୱର ପକ୍ଷପାତ କରି ନାହାନ୍ତି କି ?

ଉତ୍ତର୍ : ସେହି ଚାରିଜଣ ଋଷି ହିଁ ସମସ୍ତ ଜୀବାତ୍ମା ମଧ୍ୟରେ ଅଧିକ ପବିତ୍ରାତ୍ମା ଥିଲେ । ସେମାନଙ୍କ ସମକକ୍ଷ ଅନ୍ୟ କେହି ନଥିଲେ । ଏଣୁ ବେଦରୂପକ ପବିତ୍ର ବିଦ୍ୟା ସେହିମାନଙ୍କୁ ହିଁ ପ୍ରଥମେ ଦେଲେ ।

ପ୍ରଶ୍ନ : ଈଶ୍ୱର ବେଦକୁ କୌଣସି ଦେଶୀୟ ଭାଷାରେ ପ୍ରକାଶ ନ କରି କେବଳ ସଂସ୍କୃତ ଭାଷାରେ କାହିଁକି ପ୍ରକାଶ କଲେ ?''

ଉତ୍ତର୍ : ଯେକୌଣସି ଦେଶୀୟ ଭାଷାରେ ବେଦ ପ୍ରକାଶ କରିଥିଲେ ଈଶ୍ୱର ନିଶ୍ଚୟ ପକ୍ଷପାତୀ ହୋଇଥାନ୍ତେ । କାରଣ ଯେଉଁ ଦେଶର ଭାଷାରେ ପ୍ରକାଶ କରିଥାନ୍ତେ, ସେହି ଦେଶବାସୀଙ୍କ ପକ୍ଷରେ ବେଦପାଠ ସରଳ, ସୁଗମ ହୋଇଥାନ୍ତା, ଅନ୍ୟ ଦେଶବାସୀଙ୍କ ପାଇଁ ତାହା କଠିଣ ହୋଇଥାନ୍ତା । ସଂସ୍କୃତ କୌଣସି ଦେଶବିଶେଷର ଭାଷା ନୁହେଁ, ତାହା ହେଉଛି ସକଳ ଭାଷାର ମାତୃଭାଷା ସ୍ୱରୂପା, ତେଣୁ ସଂସ୍କୃତ ଭାଷାରେ ବେଦକୁ ପ୍ରକାଶ କଲେ । ଯେପରି ଈଶ୍ୱରଙ୍କ ପୃଥିବୀ ଆଦି ସୃଷ୍ଟି ସମସ୍ତ ଦେଶ ଓ ଦେଶବାସୀଙ୍କ ପାଇଁ ଏକପ୍ରକାର, ତଥା ଶିଳ୍ପ ବିଦ୍ୟାର ମୂଳ ଅଟେ, ସେହିପରି ଈଶ୍ୱରଙ୍କ ପ୍ରଦତ୍ତ ବିଦ୍ୟାର ଭାଷାମଧ୍ୟ ଏକପ୍ରକାର ହେବା ଆବଶ୍ୟକ । ତେଣୁ ବେଦକୁ ଦେବଭାଷା ଅର୍ଥାତ୍ ସଂସ୍କୃତରେ ପ୍ରକାଶକରି ଜଗତର ସମସ୍ତ ଲୋକଙ୍କ ପାଇଁ ସମାନ ଭାବରେ ସୁଗମ କରିଦେଇଛନ୍ତି ।

ପ୍ରଶ୍ନ : ବେଦ ହେଉଛି ଈଶ୍ୱର କୃତ, ଅନ୍ୟମାନଙ୍କ କୃତି ନୁହେଁ, ଏହାର ପ୍ରମାଣ କ'ଣ ଅଛି ?''

ଉତ୍ତର : ଈଶ୍ୱର ହେଉଛନ୍ତି ପବିତ୍ର, ସର୍ବବିଦ୍ୟାବିତ୍, ଶୁଦ୍ଧଗୁଣକର୍ମ ସ୍ୱଭାବଯୁକ୍ତ, ନ୍ୟାୟକାରୀ, ଦୟାଳୁ ଓ ଅନ୍ୟାନ୍ୟ ସୁଗୁଣ ସମ୍ପନ୍ନ । ଈଶ୍ୱରଙ୍କର ଏହି ସତ୍ୟାତ୍ମା

ଯେଉଁ ପୁସ୍ତକରେ ବର୍ଣ୍ଣନା କରାଯାଇଛି, ଯେଉଁଥିରେ ସୃଷ୍ଟିକ୍ରମ, ପ୍ରତ୍ୟକ୍ଷାଦି ପ୍ରମାଣ, ଆପ୍ତ ଓ ପବିତ୍ରାତ୍ମା ଋଷିମୁନିମାନଙ୍କ ଉପଦେଶ ଓ ବ୍ୟବହାରାଦିର କୌଣସି ବିରୁଦ୍ଧ ବିଷୟ ବର୍ଣ୍ଣିତ ହୋଇନାହିଁ, ଯେଉଁଥିରେ ଅଭ୍ରାନ୍ତ ଜ୍ଞାନ ବିଜ୍ଞାନର ବିଷୟ ନିହିତ, ପରମେଶ୍ୱର ଓ ତାହାଙ୍କ ସୃଷ୍ଟିକ୍ରମ ଯେଉଁପରି ସେପରି ପ୍ରକୃତିର ଓ ଜୀବର ନିୟମକ୍ରମ, କାର୍ଯ୍ୟ, କାରଣ, ଗୁଣକର୍ମ ପ୍ରଭୃତି ପ୍ରତିପାଦିତ, ସେହି ପୁସ୍ତକ ହିଁ କେବଳ ଈଶ୍ୱର କୃତ । ବେଦଶାସ୍ତ୍ର ଏହି ସମସ୍ତ ନୀତିନିୟମାନୁସାରେ କେବଳ ଲିଖିତ ହୋଇଛି, ବାଇବେଲ୍, କୋରାନ୍, ପୁରାଣ ପ୍ରଭୃତି ଅନ୍ୟ କୌଣସି ଧର୍ମଗ୍ରନ୍ଥ ସେପରି ଲେଖା ଯାଇନାହିଁ । ସେହି କାରଣରୁ ଏକମାତ୍ର ବେଦହିଁ ଈଶ୍ୱରୋକ୍ତ ଗ୍ରନ୍ଥ ।

ପ୍ରଶ୍ନ: ବେଦକୁ ଈଶ୍ୱର କୃତବୋଲି କହିବାର କୌଣସି ଯଥାର୍ଥତା ନାହିଁ । କାରଣ ମନୁଷ୍ୟମାନେ କାଳକ୍ରମେ ଅଧିକ ଜ୍ଞାନ ଲାଭକରି ପରେ ନିଜେ ନିଜେ ବେଦାଦି ପୁସ୍ତକମାନ ରଚନା କରିଛନ୍ତି ।

ଉତ୍ତର : ସେପରି କେହି କଦାପି କରିପାରିବେ ନାହିଁ । ଯେଣୁ କାରଣ ଅଭାବରେ କାର୍ଯ୍ୟୋତ୍ପତ୍ତି ଅସମ୍ଭବ । ଯେପରି କୌଣସି ବଣମଣିଷ ସୃଷ୍ଟିକ୍ରମକୁ ଦେଖି ସୁଦ୍ଧା ବିଦ୍ୱାନ୍ ହୋଇପାରେ ନାହିଁ । କିନ୍ତୁ ସେ ଯଦି କୌଣସି ଶିକ୍ଷକଙ୍କ ଠାରୁ ଶିକ୍ଷା ଗ୍ରହଣ କରେ ତେବେ ବିଦ୍ୱାନ୍ ହୁଏ । ଆଜିପର୍ଯ୍ୟନ୍ତ କୌଣସି ବ୍ୟକ୍ତି କାହାଠାରୁ ବିଦ୍ୟାଶିକ୍ଷା ନ କରି କେବେହେଁ ବିଦ୍ୱାନ୍ ହୋଇପାରି ନାହିଁ । ସେହିପରି ପରମାତ୍ମା ଯଦି ସୃଷ୍ଟି ଆରମ୍ଭରେ ଋଷିମାନଙ୍କୁ ବେଦବିଦ୍ୟା ଶିକ୍ଷା ଦେଇ ନଥାନ୍ତେ, ସେହି ଋଷିମାନେ ଯଦି ଅନ୍ୟମାନଙ୍କୁ ଶିକ୍ଷା ଦେଇ ନଥାନ୍ତେ, ତେବେ ଅଦ୍ୟାବଧି ସମସ୍ତେ ବିଦ୍ୟାହୀନ ହୋଇ ରହିଥାନ୍ତେ । ଯଦି ଜନ୍ମ ହେବା ପରେ ପରେ କୌଣସି ସନ୍ତାନକୁ ଏକ ନିର୍ଜନ ସ୍ଥାନରେ, ମୂର୍ଖ ବା ପଶୁମାନଙ୍କ ସହିତ ରଖି ଦିଆଯାଏ, ତେବେ ସେହି ସନ୍ତାନ ଭାବୀ ଜୀବନରେ ତାର ସାଙ୍ଗସାଥି ଅନୁସାରେ ମୂର୍ଖ ବା ପଶୁସଦୃଶ ରହିବାକୁ ବାଧ୍ୟ ହୋଇଥାଏ । ଅରଣ୍ୟରେ ବସବାସ କରୁଥିବା ଭିଲ୍ ଜାତିର ଲୋକେ ଏହାର ଜ୍ୱଳନ୍ତ ଉଦାହରଣ ।

ଯେତେଦିନ ପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତରୁ ବହିର୍ଜଗତକୁ ବିଦ୍ୟା ଯାଇ ନଥିଲା, ସେତେଦିନ ପର୍ଯ୍ୟନ୍ତ ମିଶର୍, ଗ୍ରୀସ୍ ଓ ୟୁରୋପ ଦେଶବାସୀଙ୍କ ମଧ୍ୟରେ ବିଦ୍ୟାର ପ୍ରଚୁର ପ୍ରସାର ହୋଇନଥିଲା । ୟୁରୋପ୍‌ରୁ କଲମ୍ବସ୍ ଆଦି ମହାପୁରୁଷମାନେ ଯେତେଦିନ ପର୍ଯ୍ୟନ୍ତ ଆମେରିକା ଯାଇ ନଥିଲେ, ସେତେଦିନ ପର୍ଯ୍ୟନ୍ତ ସେଠାକାର ଅଧିବାସୀ ମଧ୍ୟ ହଜାର ହଜାର, ଲକ୍ଷ ଲକ୍ଷ ବର୍ଷ ପର୍ଯ୍ୟନ୍ତ ମୂର୍ଖ ଓ ଅସଭ୍ୟ ଥିଲେ । ପରେ ସେମାନେ ସୁଶିକ୍ଷା ଲାଭକରି ବିଦ୍ୱାନ୍ ଓ ସଭ୍ୟ ହେଲେ । ଠିକ୍ ସେହିପରି ସୃଷ୍ଟି ଆରମ୍ଭରେ ସାକ୍ଷାତ୍ ପରମେଶ୍ୱରଙ୍କ ଠାରୁ ଋଷି, ମୁନିମାନେ ଶିକ୍ଷା ଲାଭକରି, ପରେ ସାଧାରଣ ଲୋକେ ସେମାନଙ୍କ ଠାରୁ ଶିକ୍ଷାଲାଭକରି କ୍ରମଶଃ ବିଦ୍ୱାନ୍ ହୋଇଛନ୍ତି ।

ସ ପୂର୍ବେଷାମପି ଗୁରୁଃ କାଲେନାନବଚ୍ଛେଦାତ୍''

(ଯୋଗସୂତ୍ର, ସମାଧିପାଦସୂ. ୨୬)

ଆଜିକାଲି ଆମ୍ଭେମାନେ ଯେପରି **ଗୁରୁଙ୍କଠାରୁ ଶିକ୍ଷା**ଗ୍ରହଣ କରି ବିଦ୍ୱାନ୍ ହେଉଅଛୁଁ, ସେହିପରି ସୃଷ୍ଟିର ଆରମ୍ଭରେ **ଉତ୍ପନ୍ନ ଅଗ୍ନିଆଦି ଋଷିମାନେ**, ଜଗଦ୍ ଗୁରୁ ପରମେଶ୍ୱରଙ୍କଠାରୁ ଶିକ୍ଷାଲାଭ କରିଥିଲେ, **କାରଣ ମନୁଷ୍ୟ** ଯେପରି ସୁଷୁପ୍ତି ଓ ପ୍ରଳୟ ସମୟରେ ଜ୍ଞାନଶୂନ୍ୟ ହୋଇଥାଏ, **ପରମେଶ୍ୱର ସେପରି** ହୋଇନଥାନ୍ତି । ଯେଣୁ ତାଙ୍କର ଜ୍ଞାନ ହେଉଛି **ନିତ୍ୟ । ଅତଏବ ଏଥିରୁ ବୁଝିବାକୁ** ପଡ଼ିବ ଯେ କାରଣ ବିନା କାର୍ଯ୍ୟ କଦାପି ସିଦ୍ଧ ହୁଏ **ନାହିଁ ।**

ପ୍ରଶ୍ନ : ସଂସ୍କୃତ ଭାଷାରେ ବେଦ କଥିତ **ହୋଇଛି । ଅଗ୍ନିଆଦି ଋଷି**ମାନେ ତ ସଂସ୍କୃତ ଭାଷା ଜାଣି ନଥିଲେ, ତେବେ ସେମାନେ **ବେଦକୁ ବୁଝିଲେ** କିପରି ?

ଉତ୍ତର : ସର୍ବଜ୍ଞାନମୟ ପରମେଶ୍ୱର**ଙ୍କଠାରୁ ଜାଣିଲେ । ଧର୍ମାତ୍ମା**, ଯୋଗୀ, ମହର୍ଷିମାନେ ଯେଉଁ ସମୟରେ ଯାହା ଜାଣିବାପାଇଁ **ଇଚ୍ଛା କରନ୍ତି, ସେତେବେଳେ** ସମାଧିସ୍ଥ ଓ ଧ୍ୟାନାବସ୍ଥିତ ହୋଇ ଈଶ୍ୱରଙ୍କୁ ସାକ୍ଷାତ୍କାର **କରନ୍ତି । ସେହି ସମୟ**ରେ ପରମାତ୍ମା ଅଭୀଷ୍ଟ ମନ୍ତ୍ରର ଅର୍ଥ ସେମାନଙ୍କ ହୃଦ୍**ଦେଶରେ ପ୍ରକାଶ କରିଦିଅନ୍ତି** । ଯେତେବେଳେ ଅନେକ ସଂଖ୍ୟକ ମୁନିଋଷି ବେଦାର୍ଥ **ଅବଗତ ହେଲେ, ସେମା**ନେ ଉକ୍ତ ମନ୍ତ୍ରର ବ୍ୟାଖ୍ୟା ସହିତ ଋଷିମୁନିମାନଙ୍କ ଇତି**ହାସ ସମ୍ବଳିତ ବ୍ରାହ୍ମଣନାମକ ଗ୍ରନ୍ଥ** ରଚନାକଲେ । ବ୍ରହ୍ମର ଅର୍ଥ ବେଦ । ବେଦର ବ୍ୟାଖ୍ୟାନ **ଗ୍ରନ୍ଥ ହେବାରୁ ସେହିଗ୍ରନ୍ଥ**ର ନାମ ହେଲା ବ୍ରାହ୍ମଣ ।

ଋଷୟୋ ମନ୍ତ୍ରଦ୍ରଷ୍ଟାରଃ ମନ୍ତ୍ରାନ୍ ସଂପ୍ରାଦୁଃ । (ନିରୁକ୍ତ ୧ ୨୦)

ଯେଉଁ ଋଷି ପ୍ରଥମେ ଯେଉଁ ମନ୍ତ୍ର **ଦର୍ଶନ କଲେ, ଅର୍ଥାତ୍** ତାହାର ମର୍ମ ଉପଲବ୍ଧି କଲେ, ସେ ସେହି ମନ୍ତ୍ରର **ପ୍ରକାଶକ ହେଲେ, ତାହାର** ବ୍ୟାଖ୍ୟା କଲେ ଓ ଅନ୍ୟମାନଙ୍କୁ ଶିକ୍ଷା ଦେଲେ । **ତେଣୁ ସେମାନଙ୍କୁ ସ୍ମରଣ କରିବା** ପାଇଁ ଆଜିପର୍ଯ୍ୟନ୍ତ ସେମାନଙ୍କ ନାମ ସେହି ମନ୍ତ୍ରସହିତ **ଲିଖିତ ହୋଇ ରହିଛି । କୌଣସି** ଋଷି କୌଣସି ମନ୍ତ୍ରର କର୍ତ୍ତା ନୁହଁନ୍ତି, ସେମାନେ **ହେଉଛନ୍ତି କେବଳ ମନ୍ତ୍ରର ଅର୍ଥ** ଦ୍ରଷ୍ଟା ।

ପ୍ରଶ୍ନ : କେଉଁ ଗ୍ରନ୍ଥକୁ ବେଦ କହନ୍ତି ?

ଉତ୍ତର : ଋକ୍, ଯଜୁ, ସାମ ଓ ଅଥର୍ବ, **ଏହି ମନ୍ତ୍ର ସଂହିତାର ନାମ** ହେଉଛି ବେଦ ।

ପ୍ରଶ୍ନ : ''ମନ୍ତ୍ରବ୍ରାହ୍ମଣୟୋଃ ବେଦନାମଧେୟମ୍'' **କାତ୍ୟାୟନ ଋଷି କହିଛନ୍ତି**, ମନ୍ତ୍ରସଂହିତା ଓ ବ୍ରାହ୍ମଣ ଉଭୟଙ୍କୁ ବେଦ କୁହାଯାଏ ।

ଉତ୍ତର : ମନ୍ତ୍ରସଂହିତା ଗ୍ରନ୍ଥର ଆରମ୍ଭରେ ଓ ଅଧ୍ୟାୟ ଶେଷରେ ବେଦନାମ ଲେଖାଯାଇଛି, କିନ୍ତୁ ବ୍ରାହ୍ମଣ ଗ୍ରନ୍ଥର ଆଦ୍ୟ ବା ଅନ୍ତରେ ସେପରି ଲେଖାନାହିଁ । ପୁଣି ନିରୁକ୍ତରେ କୁହାଯାଇଛି.........

ଇତ୍ୟପି ନିଗମୋ ଭବତି । ଇତି ବ୍ରାହ୍ମଣମ୍ ।। (ନିରୁକ୍ତ ଅ. ୫ଖଣ୍ଡ-୪)

ଛନ୍ଦୋ ବ୍ରାହ୍ମଣାନି ଚ ତଦ୍ ବିଷୟାଣି ।। (ଅଷ୍ଟାଧ୍ୟାୟୀ ୪-୨-୬୬)

ଏହି ବାକ୍ୟ ମାନଙ୍କରୁ ସ୍ପଷ୍ଟରୂପେ ବିଦିତ ହେଉଛି ଯେ, ବେଦ ମନ୍ତ୍ରଭାଗ ହୋଇଥିବାସ୍ଥଳେ, ବ୍ରାହ୍ମଣଗ୍ରନ୍ଥ ହେଉଛି ତାର ବ୍ୟାଖ୍ୟାଭାଗ । ଏ ବିଷୟରେ ବିଶଦ୍ ବିବରଣୀ ଜାଣିବାକୁ ହେଲେ ମତ୍‌ପ୍ରଣୀତ ''ଋଗ୍ ବେଦାଦି ଭାଷ୍ୟ ଭୂମିକା'' ଦେଖନ୍ତୁ । ତହିଁରେ ପ୍ରମାଣ ସହିତ କୁହାଯାଇଛି ଯେ, ବହୁପ୍ରମାଣ ବିରୁଦ୍ଧ ହୋଇଥିବାରୁ କାତ୍ୟାୟନ ଋଷିଙ୍କ ମତ ଠିକ୍ ନୁହେଁ । ଯଦି କାତ୍ୟାୟନଙ୍କ ଏହି ଉକ୍ତିକୁ ଯଥାର୍ଥ ବୋଲି ଗ୍ରହଣ କରାଯିବ ତେବେ ବେଦ କେବେ ସନାତନ ହୋଇପାରିବ ନାହିଁ । କାରଣ ବ୍ରାହ୍ମଣ ଗ୍ରନ୍ଥରେ ଅନେକ ଋଷି, ମହର୍ଷି ଓ ରାଜାଙ୍କ ଇତିହାସ ବର୍ଣ୍ଣନା କରାଯାଇଛି । ଯେକୌଣସି ବ୍ୟକ୍ତିଙ୍କର ଇତିହାସ ତାଙ୍କ ଜନ୍ମପରେ ହିଁ ଲେଖାଯାଇଥାଏ । ଏଣୁ ସେହି ଋଷି, ମହର୍ଷି ଓ ରାଜାମାନଙ୍କ ଜନ୍ମପରେ ହିଁ ବ୍ରାହ୍ମଣଗ୍ରନ୍ଥ ଲେଖାଯାଇଛି । ବେଦରେ କୌଣସି ବ୍ୟକ୍ତି ବିଶେଷଙ୍କ ଇତିହାସ ଲିଖିତ ହୋଇନାହିଁ । କିନ୍ତୁ ଯେଉଁ ଯେଉଁ ଶବ୍ଦଦ୍ୱାରା ବିଦ୍ୟାର ଅର୍ଥ ବୋଧ ହୋଇଥାଏ, ସେହି ସେହି ଶବ୍ଦ କେବଳ ପ୍ରୟୋଗ କରାଯାଇଛି । ସେ ଯାହା ହେଉ କୌଣସି ବ୍ୟକ୍ତିଙ୍କର ସଂଜ୍ଞା ବା ବିଶେଷ କଥା ବା ପ୍ରାସଙ୍ଗିକ ବିଷୟ ବେଦରେ ଉଲ୍ଲେଖ କରାଯାଇ ନାହିଁ ।

ପ୍ରଶ୍ନ : ବେଦର କେତୋଟି ଶାଖା ଅଛି ?

ଉତ୍ତର : ଏଗାର ଶହ ସତାଇଶ ଶାଖା ରହିଛି ।

ପ୍ରଶ୍ନ : ଶାଖା କାହାକୁ କହନ୍ତି ?

ଉତ୍ତର : ବ୍ୟାଖ୍ୟାନକୁ ଶାଖା କୁହାଯାଏ ।

ପ୍ରଶ୍ନ : ବିଦ୍ୱାନ୍ ବ୍ୟକ୍ତିମାନେ ବେଦର ବିଭାଗମାନଙ୍କୁ କାହିଁକି ଶାଖା ବୋଲି କହନ୍ତି ?

ଉତ୍ତର : ଠିକ୍ ଭାବରେ ବିଚାର କଲେ ଜାଣିପାରିବ ଯେ ଶାଖାମାନ ବେଦର ବିଭାଗନୁହେଁ । ଏହା ବେଦର ବିଭିନ୍ନ ଅଂଶର ବ୍ୟାଖ୍ୟାନ ମାତ୍ର । ବେଦର ସମସ୍ତ ଶାଖା ଆଶ୍ୱଳାୟନ ପ୍ରଭୃତି ଋଷିମାନଙ୍କ ନାମରେ ପ୍ରସିଦ୍ଧ କିନ୍ତୁ ମନ୍ତ୍ରସଂହିତା ପରମେଶ୍ୱରଙ୍କ ନାମରେ ପ୍ରଖ୍ୟାତ । ପୁଣି ପ୍ରତ୍ୟେକ ଶାଖାରେ ବେଦର କୌଣସି ମୂଳମନ୍ତ୍ରକୁ ବ୍ୟାଖ୍ୟାନ କରାଯାଇଛି ।ଯଥା ତୈତ୍ତିରୀୟ ଶାଖାରେ ଈଷେତ୍ୱୋର୍ଜେତ୍ୱେତି'' ଇତ୍ୟାଦି ମୂଳବାକ୍ୟର ବ୍ୟାଖ୍ୟାନ କରାଯାଇଛି, କିନ୍ତୁ ବେଦ ସଂହିତାରେ କୌଣସି

ମନ୍ତ୍ରର ଅର୍ଥ ଦିଆ ଯାଇନାହିଁ । ଏଣୁ ପରମେଶ୍ୱରକୃତ ଚାରିବେଦ ହେଉଛି ମୂଳବୃକ୍ଷ, ଏବଂ ଆଶ୍ୱଳାୟନ ଆଦି ଋଷିକୃତ ସମସ୍ତ ବ୍ୟାଖ୍ୟାନ ଗ୍ରନ୍ଥ ତହିଁର ଶାଖା ଅଟେ । ଯେପରି ମାତାପିତା ନିଜ ସନ୍ତାନ ସନ୍ତତିଙ୍କ ଉପରେ କୃପାଦୃଷ୍ଟି ରଖି ସେମାନଙ୍କ ଉନ୍ନତି କାମନା କରନ୍ତି ସେହିପରି ପରମେଶ୍ୱର ପ୍ରତ୍ୟେକ ମନୁଷ୍ୟଙ୍କ ପ୍ରତି ଦୟାକରି ବେଦ ପ୍ରକାଶ କରିଛନ୍ତି'' । ତଦ୍ୱାରା ମନୁଷ୍ୟସମାଜ ଅବିଦ୍ୟାରୂପୀ ଅନ୍ଧକାରରୁ ଓ ଭ୍ରମଜାଲରୁ ମୁକ୍ତ ହୋଇ, ବିଦ୍ୟା ଓ ବିଜ୍ଞାନରୂପୀ ସୂର୍ଯ୍ୟଙ୍କୁ ପାଇ ପରମାନନ୍ଦ ଲାଭ କରିବା ସଙ୍ଗେ ସଙ୍ଗେ ବିଦ୍ୟା ଓ ସୁଖ ବୃଦ୍ଧି କରିଥାଏ ।

ପ୍ରଶ୍ନ : ବେଦ ନିତ୍ୟ ନା ଅନିତ୍ୟ ?''

ଉତ୍ତର : ନିତ୍ୟ, ଯେଣୁ ଈଶ୍ୱର ନିତ୍ୟ ହୋଇଥିବାରୁ ତାଙ୍କର ଜ୍ଞାନାଦି ଗୁଣ ମଧ୍ୟ ନିତ୍ୟ ଅଟେ । ଯେଉଁ ପଦାର୍ଥ ନିତ୍ୟ ତାହାର ଗୁଣ, କର୍ମ, ଓ ସ୍ୱଭାବ ମଧ୍ୟ ନିତ୍ୟ, କିନ୍ତୁ ଅନିତ୍ୟ ପଦାର୍ଥର ଗୁଣ, କର୍ମ, ସ୍ୱଭାବ ହେଉଛି ଅନିତ୍ୟ ।

ପ୍ରଶ୍ନ : ତେବେ ବେଦପୁସ୍ତକ ମଧ୍ୟ କଣ ନିତ୍ୟ ?

ଉତ୍ତର : କାଳି, କାଗଜ ଆଦି ଅନିତ୍ୟ ପଦାର୍ଥରେ ପ୍ରସ୍ତୁତ ପୁସ୍ତକ କଦାପି ନିତ୍ୟ ହୋଇ ନପାରେ, କିନ୍ତୁ ବେଦରେ ଯେଉଁ ଶବ୍ଦ, ଅର୍ଥ ଓ ସମ୍ବନ୍ଧ ଅଛି, ସେ ସବୁ ହେଉଛି ନିତ୍ୟ ।

ପ୍ରଶ୍ନ : ଈଶ୍ୱର ପ୍ରଥମେ ପୂର୍ବୋକ୍ତ ଋଷିମାନଙ୍କୁ ଜ୍ଞାନ ଦେଲେ, ପରେ ସେହି ଜ୍ଞାନ ବଳରେ ସେମାନେ ବେଦରଚନା କଲେ ନାହିଁ କି ?

ଉତ୍ତର : ଜ୍ଞେୟ ଅଭାବରେ ଜ୍ଞାନ ହୁଏ ନାହିଁ । ଗାୟତ୍ର୍ୟାଦି ଛନ୍ଦ, ଷଡ୍‌ଜ ତଥା ଉଦାତ୍ତ ଅନୁଦାତ୍ତାଦି ସ୍ୱର, ଜ୍ଞାନପୂର୍ବକ ଗାୟତ୍ରୀ ଆଦି ଛନ୍ଦମାନଙ୍କର ରଚନା ସାମର୍ଥ୍ୟ ସର୍ବଜ୍ଞ ପୁରୁଷ ବ୍ୟତୀତ ଅନ୍ୟ କାହାଦ୍ୱାରା ହୋଇ ନପାରେ । ବେଦପରି ସକଳଜ୍ଞାନ ଯୁକ୍ତ ଶାସ୍ତ୍ର ରଚନା ମାନବୀୟ ବୁଦ୍ଧି ଓ ଶକ୍ତିର ବାହାରେ । ଋଷିମୁନିମାନେ ବେଦାଧ୍ୟୟନ ପରେ ବିଦ୍ୟାର ପ୍ରକାଶ ନିମନ୍ତେ ବ୍ୟାକରଣ, ନିରୁକ୍ତ ଓ ଛନ୍ଦ ଶାସ୍ତ୍ର ପ୍ରଭୃତି ରଚନା କରି ଲୋକରେ ନାନାବିଧ ବିଦ୍ୟାର ପ୍ରସାର ପ୍ରଚାର କଲେ । ପରମାତ୍ମା ବେଦକୁ ପ୍ରକାଶ କରି ନଥିଲେ କେହି କୌଣସି ଶାସ୍ତ୍ର ରଚନା କରିପାରି ନଥାନ୍ତେ । ଏଣୁ ବେଦ ହେଉଛି ଈଶ୍ୱର କୃତ । ପ୍ରତ୍ୟେକ ମନୁଷ୍ୟ ବେଦର ନୀତି ନିୟମକୁ ପାଳନ କରି ଚଳିବା ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତି ବୈଦିକ ମତାବଲମ୍ବୀ ହେବେ । ଯଦି କେହି କାହାକୁ ପଚାରେ ଯେ, ତୁମର ମତ କଅଣ ? ''ବେଦହିଁ ଆମର ମତ'' ଏପରି ଉତ୍ତର ସମସ୍ତେ ଦେବା ଉଚିତ୍ । ଏହାର ଅର୍ଥ ଆମେ ବେଦସମ୍ମତ ବିଷୟକୁ କେବଳ ସ୍ୱୀକାର କରୁଁ କିନ୍ତୁ ବେଦବିରୁଦ୍ଧ ବିଷୟ ବସ୍ତୁକୁ ତ୍ୟାଗ କରୁଁ ।

ଏହାପରେ ସୃଷ୍ଟି ବିଷୟରେ ଲେଖାଯିବ । ଏଠାରେ ଈଶ୍ୱର ଓ ବେଦ ବିଷୟରେ ସଂକ୍ଷେପରେ କେତେକ ତଥ୍ୟ ଲେଖାଗଲା ।

ଇତି ଶ୍ରୀମଦ୍ଦୟାନନ୍ଦ ସରସ୍ୱତୀ ସ୍ୱାମିକୃତେ ସତ୍ୟାର୍ଥ ପ୍ରକାଶେ ସୁଭାଷାବିଭୂଷିତେ ଈଶ୍ୱର ବେଦବିଷୟେ ସପ୍ତମଃ ସମୁଲ୍ଲାସଃ ସଂପୂର୍ଣ୍ଣଃ ।।୭।।

ଅଥ ଅଷ୍ଟମ ସମୁଲ୍ଲାସାରମ୍ଭଃ :

ଅଥ ସୃଷ୍ଟ୍ୟୁତ୍ପତ୍ତିସ୍ଥିତି ପ୍ରଳୟ ବିଷୟାନ୍ ବ୍ୟାଖ୍ୟାସ୍ୟାମଃ

ଇୟଂ ବିସୃଷ୍ଟିର୍ଯତ ଆ ବଭୂବ ଯଦି ବା ଦଧେ ଯଦି ବା ନ ।
ଯୋ ଅସ୍ୟାଧ୍ୟକ୍ଷଃ ପରମେ ବ୍ୟୋମନ୍
ତ୍ସୋ ଅଙ୍ଗ ବେଦ ଯଦି ବା ନ ବେଦ ।୧ ।
ତମ ଆସୀତ୍ତମସା ଗୂଢ଼ମଗ୍ରେଽପ୍ରକେତଂ ସଲିଳଂ ସର୍ବମା ଇଦମ୍ ।
ତୁଚ୍ଛ୍ୟେନା ଭ୍ୱପିହିତଂ ଯଦାସୀତ୍ତପସସ୍ତନ୍ମହିନା ଜାୟତୈକମ୍ ।୨ ।
(ଋକ୍ ମ୧୦-ସୂ: ୧୨୯ ମ୬,୩)

ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକ ଆସୀତ୍ ।
ସ ଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ ।୩ ।
(ଋକ୍ ମ୧୦-ସୂ: ୧୨୧.ମ.୧)

ପୁରୁଷ ଏବେଦଂ ସର୍ବଂ ଯଦ୍ ଭୂତଂ ଯଚ୍ଚ ଭାବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି ।୪ ।
(ଯଜୁ ଅ:୩୧-ମ:୨)

ଯତୋ ବା ଇମାନି ଭୂତାନି ଜାୟନ୍ତେ ଯେନ ଜାତାନି ଜୀବନ୍ତି ।
ଯତ୍ ପ୍ରୟନ୍ତ୍ୟଭିସଂବିଶନ୍ତି, ତଦ୍ ବିଜିଜ୍ଞାସସ୍ୱ ତଦ୍ ବ୍ରହ୍ମେତି ।୫ ।
(ତୈତ୍ତିରୀୟୋପନି.....ଭୃଗୁବଲ୍ଲୀ ଅନୁ. ୧)

ହେ ମନୁଷ୍ୟ ! ଯାହାଙ୍କ ଠାରୁ ଏ ବିବିଧ ସୃଷ୍ଟି ପ୍ରକାଶିତ ହୋଇଛି, ଯେ ଏହି ସୃଷ୍ଟିକୁ ଧାରଣ କରିବା ସଙ୍ଗେ ସଙ୍ଗେ ପ୍ରଳୟ ମଧ୍ୟ କରନ୍ତି, ସକଳ ଜଗତର ଯେ ଏକମାତ୍ର ସ୍ୱାମୀ, ଯାହାଙ୍କ ବ୍ୟାପକତା ମଧ୍ୟରେ ସମସ୍ତ ଜଗତ୍ ଉତ୍ପତ୍ତି, ସ୍ଥିତି ଓ ପ୍ରଳୟାବସ୍ଥାକୁ ପ୍ରାପ୍ତ ହୁଏ, ସେ ହିଁ ହେଉଛନ୍ତି ପରମାତ୍ମା । ତୁମେମାନେ ତାହାଙ୍କୁ ଜାଣ । ତାଙ୍କ ବ୍ୟତୀତ ଅନ୍ୟ କାହାକୁ ସୃଷ୍ଟିକର୍ତ୍ତା ବୋଲି ବିଶ୍ୱାସ କରନାହିଁ ।୧ । ସୃଷ୍ଟି ପୂର୍ବରୁ ଏହି ସକଳ ଜଗତ ଅନ୍ଧକାରାଚ୍ଛନ୍ନ ହୋଇ ରାତ୍ରିରୂପରେ ଥିଲା, ଅଜ୍ଞେୟ ଆକାଶ ସଦୃଶ ଥିଲା, ଅନନ୍ତ ଈଶ୍ୱରଙ୍କ ଅନନ୍ତ ଶକ୍ତି ଆଗରେ ଅତି ସାମାନ୍ୟ, ତୁଚ୍ଛ, ଏକଦେଶୀ ଓ ଆଚ୍ଛାଦିତ ଥିଲା । ପରେ ସେ ସର୍ବଶକ୍ତିମାନ୍ ପ୍ରଭୁ ସ୍ୱ ସାମର୍ଥ୍ୟ ରୂପକ କାରଣକୁ ଜଗତରୂପକ କାର୍ଯ୍ୟରେ ପରିଣତ କଲେ ।୨ । ହେ ମନୁଷ୍ୟ ! ଯିଏ ସୂର୍ଯ୍ୟାଦି ସମସ୍ତ ତେଜସ୍ୱୀ ପଦାର୍ଥର ଆଧାରଭୂତ, ଯିଏ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସଂସାରର ଏକମାତ୍ର ସ୍ୱାମୀ, ଯିଏ ଜଗତର ଉତ୍ପତ୍ତି ପୂର୍ବରୁ ବିଦ୍ୟମାନ ଥିଲେ, ଏବଂ

ପୃଥିବୀଠାରୁ ଆରମ୍ଭକରି ସୂର୍ଯ୍ୟଲୋକ ପର୍ଯ୍ୟନ୍ତ ସମଗ୍ର ଜଗତକୁ ସୃଷ୍ଟି କରିଛନ୍ତି, ସେହି ଦେବାଧିଦେବ ପରମାତ୍ମାଙ୍କୁ ହିଁ ପ୍ରେମ ଓ ଭକ୍ତି କର ।୩। ଯିଏ କି ସର୍ବବ୍ୟାପକ ପୁରୁଷ, ଯିଏ ଅବିନଶ୍ୱର ଶାଶ୍ୱତ କାରଣ ଅଟନ୍ତି, ଯିଏ ଜୀବଗଣଙ୍କ ଅଧିପତି ଅଟନ୍ତି, ଯିଏ ପୃଥିବୀ ପ୍ରଭୃତି ଜଡ଼ବସ୍ତୁ ଓ ଜୀବାତ୍ମା ଠାରୁ ଭିନ୍ନ ଅଟନ୍ତି, ସେହି ପୁରୁଷ କେବଳ ସମସ୍ତ ଭୂତ, ଭବିଷ୍ୟତ, ବର୍ତ୍ତମାନ ଜଗତର ହେଉଛନ୍ତି ସର୍ବମୟ କର୍ତ୍ତା ।୪ । ଯେଉଁ ପରମେଶ୍ୱରଙ୍କ ଅନନ୍ତ ସାମର୍ଥ୍ୟରୁ ପୃଥିବୀ ଆଦି ସକଳ ପଦାର୍ଥ ଉତ୍ପନ୍ନ ହୁଅନ୍ତି, ଯାହାଙ୍କଠାରୁ ଶକ୍ତି ଲାଭକରି ସ୍ଥିର ହୋଇ ରହନ୍ତି, ଶେଷରେ ପୁଣି ଯାହାଙ୍କ ମଧ୍ୟରେ ଲୀନ ହୋଇ ଯାଆନ୍ତି, ସେହିଁ ହେଉଛନ୍ତି ବ୍ରହ୍ମ, ତାଙ୍କୁ ଜାଣିବାପାଇଁ ଇଚ୍ଛାକର ।୫ । ଜନ୍ମାଦ୍ୟସ୍ୟ ଯତଃ (ଶାରୀରିକ ସୂତ୍ର ଅ.୧-ପା.୧-ସୂ୨)

ଯାହାଙ୍କ ଠାରୁ ଏହି ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ ଘଟୁଛି, ସେ ହେଉଛନ୍ତି ବ୍ରହ୍ମ, ତାଙ୍କୁ ଜାଣିବା ଏକାନ୍ତ ଆବଶ୍ୟକ ।

ପ୍ରଶ୍ନ: ଏହି ଜଗତ ପରମେଶ୍ୱରଙ୍କଠାରୁ ଉତ୍ପନ୍ନ ହୋଇଛି ନା ଅନ୍ୟ କାହାଠାରୁ ?

ଉତ୍ତର : ଜଗତର ନିମିତ୍ତ କାରଣ ହେଉଛନ୍ତି ପରମାତ୍ମା, ପ୍ରକୃତି ହେଉଛି ତାର ଉପାଦାନ କାରଣ ।

ପ୍ରଶ୍ନ : ପ୍ରକୃତିକୁ ପରମାତ୍ମା ଉତ୍ପନ୍ନ କରିନାହାନ୍ତି କି ?

ଉତ୍ତର : କରିନାହାନ୍ତି, ପ୍ରକୃତି ହେଉଛି ଅନାଦି ।

ପ୍ରଶ୍ନ : ଅନାଦି କାହାକୁ କହନ୍ତି, କେଉଁ କେଉଁ ପଦାର୍ଥକୁ ଅନାଦି କୁହାଯିବ ?

ଉତ୍ତର : ଈଶ୍ୱର, ଜୀବ ଓ ଜଗତର ଉପାଦାନ କାରଣ ପ୍ରକୃତି, ଏ ତିନୋଟି ଅନାଦି ଅଟନ୍ତି ।

ପ୍ରଶ୍ନ: ଏହାର ପ୍ରମାଣ କ'ଣ ଅଛି ?

ଉତ୍ତର : **୧. ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା ସମାନଂ ବୃକ୍ଷଂ ପରିଷସ୍ୱଜାତେ ।**
ତୟୋରନ୍ୟଃ ପିପ୍ପଳଂ ସ୍ୱାଦ୍ୱତ୍ୟନଶ୍ନନ୍ନନ୍ୟୋ ଅଭିଚାକଶୀତି ।।

(ଋକ୍ ମ୧-ସୂ.୧୬୪ମ.୨୦)

୨. ଶାଶ୍ୱତୀଭ୍ୟଃ ସମାଭ୍ୟଃ ।

(ଯଜୁ ଅ. ୪୦-ମ.୮)

ବ୍ରହ୍ମ ଓ ଜୀବ ଦୁହେଁ ଚେତନତା ଓ ପାଳନାଦି ଗୁଣରେ ସମାନ, ବ୍ୟାପ୍ୟ ଓ ବ୍ୟାପକ ରୂପରେ ସଂଯୁକ୍ତ, ପରସ୍ପର ମିତ୍ରତାଯୁକ୍ତ ସନାତନ ଓ ଅନାଦି ଅଟନ୍ତି । ପ୍ରକୃତି ହେଉଛି ବୃକ୍ଷରୂପକ ଜଗତର ମୂଳ ଉପାଦାନ କାରଣ, ଏହାର ଶାଖା ପ୍ରଶାଖା ରୂପକ ଜଗତ ହେଉଛି ତାହାର କାର୍ଯ୍ୟ । ଯେଉଁ ପ୍ରକୃତି ସ୍ଥୂଳରୂପ ଧାରଣ କରି

ଜଗତ ହୋଇଛି, ତାହା ପ୍ରଳୟ ସମୟରେ ଛିନ୍ନଭିନ୍ନ ହୋଇଯାଏ, ସେହି ପ୍ରକୃତି ହେଉଛି ତୃତୀୟ ଅନାଦି ପଦାର୍ଥ । ଏହି ତିନୋଟି ଅନାଦି ପଦାର୍ଥର ଗୁଣ, କର୍ମ ଓ ସ୍ୱଭାବ ମଧ୍ୟ ହେଉଛି ଅନାଦି । ଜୀବ ଓ ବ୍ରହ୍ମ ଏ ଉଭୟଙ୍କ ମଧ୍ୟରେ ଜୀବ କେବଳ ସଂସାରରୂପକ ପ୍ରକୃତି ବୃକ୍ଷରେ ପାପପୁଣ୍ୟର ସୁଖଦୁଃଖ ଫଳକୁ [illegible] ଭୋଗକରେ ବ୍ରହ୍ମ ବା ପରମାତ୍ମା ସୁଖଦୁଃଖ କୌଣସି ଫଳକୁ ଭୋଗକରନ୍ତି ନାହିଁ [illegible] କେବଳ ବାହାର ଭିତର ସର୍ବତ୍ର ପ୍ରକାଶମାନ ହୋଇ ରହନ୍ତି । ଜୀବଠାରୁ ଈଶ୍ୱର ଭିନ୍ନ, ଈଶ୍ୱରଙ୍କ ଠାରୁ ଜୀବ ଭିନ୍ନ, ପୁଣି ଏ ଉଭୟଙ୍କ ଠାରୁ ପ୍ରକୃତିର ସ୍ୱରୂପ ଭିନ୍ନ ଅଟେ, ହେଲେ ହେଁ ତିନୋଟିଯାକ ଅନାଦି ଅଟନ୍ତି ।୧ । ଜଗତର ରାଜା ପରମାତ୍ମା ପରମେଶ୍ୱର ଜୀବରୂପକ ପ୍ରଜାମାନଙ୍କ ପାଇଁ ବେଦଦ୍ୱାରା ଯାବତୀୟ ବିଦ୍ୟାଶିକ୍ଷା ଦେଇଛନ୍ତି ।୨ ।

ଅଜାମେକାଂ ଲୋହିତଶୁକ୍ଳକୃଷ୍ଣାଂ,
ବହ୍ୱୀଃ ପ୍ରଜାଃ ସୃଜମାନାଂ ସ୍ୱରୂପାଃ ।
ଅଜୋ ହ୍ୟେକୋ ଜୁଷମାଣୋଽନୁଶେତେ,
ଜହାତ୍ୟେନାଂ ଭୁକ୍ତଭୋଗାମଜୋଽନ୍ୟଃ ।।

(ଶ୍ୱେତାଶ୍ୱେତର ଉପନିଷଦ୍ ଅ.୪-ମ.୫)

ପ୍ରକୃତି, ଜୀବ ଓ ପରମାତ୍ମା - ଏହି ତିନୋଟି ଅଜ, ଅର୍ଥାତ୍ ଏମାନଙ୍କର ଜନ୍ମ ନାହିଁ, ଅର୍ଥାତ୍ ଏ ତିନିହେଁ ହେଉଛନ୍ତି ଜଗତର ଅନାଦି କାରଣ । ଏମାନଙ୍କର ଅନ୍ୟ କେହି କାରଣ ନାହିଁ । ଅନାଦି ପ୍ରକୃତିକୁ ଅନାଦି ଜୀବ ଭୋଗ କରୁ କରୁ ତହିଁରେ ଆସକ୍ତ ହୋଇଯାଏ । କିନ୍ତୁ ପରମାତ୍ମା ପ୍ରକୃତିକୁ କେବେ ଭୋଗକରନ୍ତି ନାହିଁ, କି ତହିଁରେ ଆସକ୍ତ ହୁଅନ୍ତି ନାହିଁ ।

ଈଶ୍ୱର ଓ ଜୀବର ଲକ୍ଷଣ ବର୍ଣ୍ଣିତ ହୋଇଛି । ଏଠାରେ ପ୍ରକୃତିର ଲକ୍ଷଣ ଉଲ୍ଲେଖ କରାଯାଉଛି.....

ସତ୍ତ୍ୱରଜସ୍ତମସାଂ ସାମ୍ୟାବସ୍ଥା ପ୍ରକୃତିଃ, ପ୍ରକୃତେର୍ମହାନ୍ ମହତୋଽହଙ୍କାରଃ, ଅହଂକାରାତ୍ ପଞ୍ଚତନ୍ମାତ୍ରାଣ୍ୟୁଭୟ ମିନ୍ଦ୍ରିୟଂ, ପଞ୍ଚତନ୍ମାତ୍ରେଭ୍ୟଃ ସ୍ଥୂଳଭୂତାନି ପୁରୁଷ ଇତି ପଞ୍ଚବିଂଶତିର୍ଗଣଃ ।।

(ସାଂଖ୍ୟ ସୂ ଅ.୧ ସୂ. [illegible])

ସତ୍ତ୍ୱ=ଶୁଦ୍ଧ, ରଜଃ=ମଧ୍ୟ, ତମ=ଜଡ଼ତା ଏହି ତିନୋଟି ବସ୍ତୁର [illegible] ଯେଉଁ ଏକ ସଂଘାତ ହୁଏ, ତାର ନାମ ହେଉଛି ପ୍ରକୃତି । ଏହି ପ୍ରକୃତିରୁ [illegible] ବା ବୁଦ୍ଧି, ବୁଦ୍ଧିରୁ ଅହଙ୍କାର, ତଥା ଅହଙ୍କାରରୁ ପଞ୍ଚତନ୍ମାତ୍ର ଅର୍ଥାତ୍ [illegible]

ଇନ୍ଦ୍ରିୟ ଓ ଏକାଦଶ ମନ ଜାତ ହୁଏ । ଉକ୍ତ ପଞ୍ଚ ତନ୍ମାତ୍ର ବା ସୂକ୍ଷ୍ମ ପଦାର୍ଥରୁ ପୃଥିବ୍ୟାଦି ପଞ୍ଚଭୂତ ଜାତ ହୁଏ । ଏପରି ଚବିଶତତ୍ତ୍ୱ ଓ ପୁରୁଷ ଅର୍ଥାତ୍ ଜୀବ ଓ ପରମେଶ୍ୱର, ଏପରି ପଚିଶତତ୍ତ୍ୱ । ଏହି ଚବିଶ ପଦାର୍ଥ ମଧ୍ୟରୁ ମୂଳ ପ୍ରକୃତି ଅବିକାରିଣୀ । ବୁଦ୍ଧି, ଅହଙ୍କାର ଓ ପଞ୍ଚତନ୍ମାତ୍ର ବା ସୂକ୍ଷ୍ମଭୂତ - ଏହି ସାତ ପ୍ରକୃତିରୁ ଉତ୍ପନ୍ନ, ପୁଣି ଏଥିରୁ ଦଶଗୋଟି ଇନ୍ଦ୍ରିୟ ଓ ମନ ମଧ୍ୟ ଜାତ ହୁଏ । କିନ୍ତୁ ପୁରୁଷ ଏମାନଙ୍କର କାହାରି ହେଲେ ଉପାଦାନ କାରଣ ନୁହେଁ, କିମ୍ବା କାହାରି କାର୍ଯ୍ୟ ମଧ୍ୟ ନୁହେଁ ।

ପ୍ରଶ୍ନ : (କ) ''ସଦେବ ସୋମ୍ୟେଦମଗ୍ର ଆସୀତ୍'' ।
ସୃଷ୍ଟି ପୂର୍ବରୁ ଏହି ଜଗତ ଥିଲା (ଛାନ୍ଦୋ ୬-ଖ.୨)
(ଖ) ''ଅସଦ୍‌ବା ଇଦମଗ୍ର ଆସୀତ୍'' । (ବ୍ରହ୍ମାନନ୍ଦ ବଲ୍ଲୀ ଅନୁ-୭)
ସୃଷ୍ଟି ପୂର୍ବରୁ ଜଗତ ନଥିଲା ବା କିଛି ହିଁ ନଥିଲା ।
(ଗ) ''ଆତ୍ମୈବେଦମଗ୍ରମାସୀଦ୍'' । (ବୃହ ଅ୧-ବ୍ରା ୪-ମ.୧)
ସୃଷ୍ଟି ପୂର୍ବରୁ ସକଳ ଜଗତ କେବଳ ଆତ୍ମରୂପ ଥିଲା ।
(ଘ) 'ବ୍ରହ୍ମ ବା ଇଦମଗ୍ର ଆସୀତ୍'' । (ଶତପଥ ୧୧-୧-୧୧-୧)
ହେ ଶ୍ୱେତକେତୁ ! ସୃଷ୍ଟି ପୂର୍ବରୁ ଏହି ଜଗତ ସତ୍, ଅସତ୍, ଆତ୍ମା ଓ ବ୍ରହ୍ମରୂପ ଥିଲା । ତାପରେ ....

ତଦୈକ୍ଷତ ବହୁଃ ସ୍ୟାଂ ପ୍ରଜାୟେୟେତି ।
ସୋଽକାମୟତ ବହୁଃ ସ୍ୟାଂ ପ୍ରଜାୟେୟେତି ।।
(ତୈତ୍ତିରୀୟ ଉପ. ବ୍ରହ୍ମା. ବ. ଅନୁ ୬)

ସେହି ପରମାତ୍ମା ଆପଣା ଇଚ୍ଛା ଅନୁଯାୟୀ ବହୁରୂପ ଧାରଣ କଲେ ।

ପ୍ରଶ୍ନ : ''ସର୍ବଂ ଖଲ୍ୱିଦଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ'' ।

ଉପନିଷଦ୍‌ର ଏହି ଉକ୍ତି ଅନୁସାରେ....ଏହି ସକଳ ଜଗତ ନିଶ୍ଚୟ ବ୍ରହ୍ମ ଅଟେ । ଏଥିରେ ବ୍ରହ୍ମ ବ୍ୟତୀତ ଅନ୍ୟ କୌଣସି ପଦାର୍ଥ ନାହିଁ । ସବୁଯାକ ହେଉଛି ବ୍ରହ୍ମରୂପ ।

ଉତ୍ତର : ଉପନିଷଦ୍‌ର ଏ ସବୁ ବାକ୍ୟର ଅର୍ଥ ନ ଜାଣି କେବଳ ଅନର୍ଥ ହିଁ କରୁଛ । ସେହି ଉପନିଷଦ୍‌ରେ ପୁଣି କୁହାଯାଇଛି.....(ଏବମେବ ଖଲୁ) ସୋମ୍ୟାନ୍ନେନ ଶୁଙ୍ଗେ ନାପୋ ମୂଳମନ୍ୱିଚ୍ଛାଦ୍ଭି ସୋମ୍ୟ ଶୁଙ୍ଗେନ । ତେଜୋମୂଳମନ୍ୱିଚ୍ଛ ତେଜସା ସୋମ୍ୟ ଶୁଙ୍ଗେନ ସନ୍ମୂଳମନ୍ୱିଚ୍ଛ ସନ୍ମୂଳାଃ । ସୋମ୍ୟେମାଃ ସର୍ବାଃ ପ୍ରଜାଃ ସଦାୟତନାଃ ସତ୍ପ୍ରତିଷ୍ଠାଃ ।
(ଛାନ୍ଦୋଗ୍ୟ ଉପନିଷଦ୍ ପ୍ର ୬-ଖ୮-ମ.୪)

ହେ ଶ୍ୱେତକେତୋ ! କାର୍ଯ୍ୟରୁ କାରଣ ନିର୍ଣ୍ଣୟ କରାଯାଏ । ଅନ୍ନରୂପୀ ପୃଥିବୀ କାର୍ଯ୍ୟରୁ ଜଳରୂପ ମୂଳ କାରଣରୁ ଉତ୍ପନ୍ନ । ତେଜୋରୂପୀ ମୂଳ କାରଣରୁ ଜଳରୂପୀ କାର୍ଯ୍ୟ ଉତ୍ପନ୍ନ, ପୁଣି ସତ୍ୟରୂପୀ କାରଣରୁ ଅର୍ଥାତ୍ ଅନାଦିମୂଳ ପ୍ରକୃତିରୁ ତେଜର ଉତ୍ପତ୍ତି । ଏହା ତୁମେ ଜାଣ । ଏହି ସତ୍ୟ ସ୍ୱରୂପ ପ୍ରକୃତି ସକଳ ଜଗତର ମୂଳାଧାର ଓ ସ୍ଥିତିର ସ୍ଥାନ ଅଟେ । ଏହି ସମସ୍ତ ଜଗତ୍ ସୃଷ୍ଟି ପୂର୍ବରୁ କେବଳ ଅଦୃଶ୍ୟ ହୋଇ ରହିଥିଲା, ଏପରି ବିଭିନ୍ନ ରୂପ ଧାରଣ କରି ନଥିଲା, ମୂଳରୂପରେ ଅଦୃଶ୍ୟାକାରରେ ଥିଲା, ସେତେବେଳେ ମଧ୍ୟ ଜୀବାତ୍ମା ଓ ବ୍ରହ୍ମ ଥିଲେ । ଏ ଯେଉଁ ''ସର୍ବଂ ଖଲ୍ୱିଦଂ'' ବାକ୍ୟ ଉଦ୍ଧାର କରାଯାଇଛି, ତାହା ଠିକ୍ ନୁହେଁ । କାରଣ ଗୋଟିଏ ଗୋଟିଏ ଉପନିଷଦ୍‌ର ବିଭିନ୍ନ ବାକ୍ୟରୁ ଖଣ୍ଡିତ ଅଂଶ ଆଣି ଏକତ୍ର କରିଥିବାରୁ ସେହି ବାକ୍ୟାର୍ଥ ଠିକ୍ ହେବନାହିଁ । ଯେପରି ହାତଗୋଡ଼ ଆଦି ଶରୀରର ଅଙ୍ଗଗୁଡ଼ିକ ଶରୀରରେ ସଂପୃକ୍ତ ଥିବାପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଥାନ୍ତି, କିନ୍ତୁ ଶରୀରରୁ ପୃଥକ୍ ହୋଇଗଲେ ଅକର୍ମଣ୍ୟ ହୋଇଯାନ୍ତି । ସେହିପରି ପ୍ରକରଣରେ ଥିବା ବାକ୍ୟ ସାର୍ଥକ ହୋଇଥାଏ । ତାକୁ ଯଦି ପ୍ରକରଣରୁ ଭିନ୍ନ କରି ଦିଆଯାଏ ବା ଅନ୍ୟ ବାକ୍ୟ ସହିତ ଯୋଡ଼ି ଦିଆଯାଏ ତେବେ ତାହା ନିରର୍ଥକ ହୋଇପଡ଼େ ।

''ସର୍ବଂ ଖଲ୍ୱିଦଂ ବ୍ରହ୍ମ ତଜ୍ଜଲାନିତି ଶାନ୍ତ ଉପାସୀତ'' ଏହି ବାକ୍ୟ ଛାନ୍ଦୋଗ୍ୟ ଉପନିଷଦ୍‌ର । କିନ୍ତୁ ''ନେହ ନାନାସ୍ତି କିଞ୍ଚନ'' ଏହା କଠୋପନିଷଦ୍‌ର ବାକ୍ୟ । ଏହି ବାକ୍ୟ ଦିଓଟି ଏକତ୍ର ମିଳିତ ହେବାରୁ ଅନର୍ଥକ ହୋଇଅଛି । ଉକ୍ତ ବାକ୍ୟର ପ୍ରକୃତ ଅର୍ଥ ହେଉଛି..... ହେ ଜୀବ ! ଯେଉଁ ବ୍ରହ୍ମରୁ ଜଗତର ଉତ୍ପତ୍ତି, ଯହିଁରେ ଜଗତ ଅବସ୍ଥିତ, ପୁଣି ଯେଉଁ ବ୍ରହ୍ମ ଜଗତର ଜୀବନ ସେହି ବ୍ରହ୍ମକୁ ତୁ ଉପାସନା କର । ବ୍ରହ୍ମ ହିଁ ଜଗତକୁ ସୃଷ୍ଟି କରିଛନ୍ତି, ପୁଣି ତାକୁ ଧାରଣ କରିଛନ୍ତି, ସେପରି ବ୍ରହ୍ମକୁ ଉପାସନା କର, ଅନ୍ୟ କାହାକୁ ଉପାସନା କରିବା ଅନାବଶ୍ୟକ । ବ୍ରହ୍ମ ଅଖଣ୍ଡ, ଚେତନ ସ୍ୱରୂପ, ସେହି ଏକରସ ବ୍ରହ୍ମରେ ଅନ୍ୟ କୌଣସି ପଦାର୍ଥ ମିଶ୍ରଣ ହୋଇନାହିଁ, କିନ୍ତୁ ଜଗତର ଯାବତୀୟ ପଦାର୍ଥ ପୃଥକ୍ ପୃଥକ୍ ସ୍ୱରୂପ ଧାରଣ କରି ଉତ୍ପନ୍ନ ହେବା ସଙ୍ଗେ ସଙ୍ଗେ ତାଙ୍କଠାରେ ଅବସ୍ଥିତ ମଧ୍ୟ ।

ପ୍ରଶ୍ନ : ଜଗତର କେତୋଟି କାରଣ ?

ଉତ୍ତର : ନିମିତ୍ତ କାରଣ, ଉପାଦାନ କାରଣ ଓ ସାଧାରଣ କାରଣ ଏପରି ତିନୋଟି ।

୧. ନିମିତ୍ତ କାରଣ - ଯିଏ ଇଚ୍ଛାକଲେ କିଛି ନିର୍ମାଣ କରିପାରନ୍ତି, ଯିଏ ଇଚ୍ଛାରେ କିଛି ନିର୍ମାଣ କରାଯାଇପାରେ ନାହିଁ, ଯାହାଙ୍କୁ କେହି ସୃଷ୍ଟି କରି ନାହାନ୍ତି ଅର୍ଥାତ୍ ସ୍ୱୟଂ ନିର୍ମିତ, ଓ ପରିବର୍ତ୍ତନ ଯାହାର ନାହିଁ, କିନ୍ତୁ ସେ ଅନ୍ୟର ନିର୍ମାଣ ବା ପରିବର୍ତ୍ତନ କରିପାରେ, ତାହାକୁ ନିମିତ୍ତ କାରଣ କହନ୍ତି ।

୨. ଉପାଦାନ କାରଣ - ଯାହାର ବିନା ସାହାଯ୍ୟରେ କିଛି ସୃଷ୍ଟି ହୋଇପାରେ ନାହିଁ, ସେ ନିଜେ ଅବସ୍ଥାନ୍ତରକୁ ପ୍ରାପ୍ତ ହୋଇ ସୃଷ୍ଟି ହୁଏ ଓ ନଷ୍ଟ ମଧ୍ୟ ହୁଏ, ତାକୁ ଉପାଦାନ କାରଣ କହନ୍ତି ।

୩. ସାଧାରଣ କାରଣ - ଯାହାକି କୌଣସି ବସ୍ତୁ ନିର୍ମାଣର ସାଧନ ବିଶେଷ, ପୁଣି ଅନେକ ପଦାର୍ଥର ସାଧାରଣ ନିମିତ୍ତ ।

ନିମିତ୍ତ କାରଣ ଦୁଇପ୍ରକାର । ପରମାତ୍ମା ହେଉଛନ୍ତି ପ୍ରଧାନ ନିମିତ୍ତ କାରଣ । ସେ ହିଁ ପ୍ରକୃତିରୁ ସକଳ ଜଗତକୁ ସୃଷ୍ଟି କରିଛନ୍ତି, ଧାରଣ କରିଛନ୍ତି ପ୍ରଳୟ କରନ୍ତି ଏବଂ ବ୍ୟବସ୍ଥା କରନ୍ତି, ସେହି ବ୍ୟବସ୍ଥାନୁସାରେ ସମସ୍ତଙ୍କୁ ପାଳନ କରନ୍ତି । ଜୀବାତ୍ମା ହେଉଛି ସାଧାରଣ ନିମିତ୍ତ କାରଣ, ଯିଏ କି ପରମାତ୍ମାଙ୍କ ସୃଷ୍ଟ ପଦାର୍ଥ ସମୂହରୁ ବିଭିନ୍ନ ପ୍ରକାରର ବସ୍ତୁ ନିର୍ମାଣ କରେ । ପ୍ରକୃତି ହେଉଛି ଉପାଦାନ କାରଣ । ଏହି ପ୍ରକୃତିର ପରମାଣୁଦ୍ୱାରା ସଂସାର ନିର୍ମାଣ କରାଯାଇଛି । ପ୍ରକୃତି ଜଡ଼ ପଦାର୍ଥ ହୋଇଥିବାରୁ ନିଜେ ନିଜେ ନିର୍ମିତ ବା ରୂପାନ୍ତରିତ ହୋଇପାରେ ନାହିଁ । ଏସବୁ ଅନ୍ୟ ଦ୍ୱାରା ଗଢ଼ାଯାଇଥାଏ ବା ଭଙ୍ଗାଯାଇଥାଏ । ଗୋଟିଏ ଜଡ଼ପଦାର୍ଥର ସାହାଯ୍ୟରେ ଅନ୍ୟ ଏକ ଜଡ଼ପଦାର୍ଥର ପରିବର୍ତ୍ତନ ଘଟିଥାଏ, ଯେପରି ଈଶ୍ୱରଙ୍କ କୃତ ମଞ୍ଜିଟିଏ ପୃଥିବୀରେ ପଡ଼ି, ପାଣି ପବନ ପ୍ରଭୃତିର ସଂଯୋଗରେ ବୃକ୍ଷରୂପ ଧାରଣ କରେ, ଦ୍ୱିତୀୟତଃ ସେହି ମଞ୍ଜି ଯଦି ଅଗ୍ନି ଆଦି କେତେକ ଜଡ଼ପଦାର୍ଥର ସଂସର୍ଗରେ ଆସେ ତେବେ ନଷ୍ଟ ହୋଇଯାଏ । ତଥାପି ସମସ୍ତ ଜଡ଼ପଦାର୍ଥର ନିୟମିତରୂପେ ପରିବର୍ତ୍ତନାଦି ଈଶ୍ୱର ଓ ଜୀବ ଉପରେ ନିର୍ଭର କରେ । ଏହାର ଉଦ୍ଦେଶ୍ୟ ଜୀବ ବା ଈଶ୍ୱରଙ୍କ ସମ୍ପର୍କରେ ନ ଆସିବା ପର୍ଯ୍ୟନ୍ତ ଯେକୌଣସି ଜଡ଼ପଦାର୍ଥର ନିୟମିତରୂପେ ପରିବର୍ତ୍ତନ ବା ପରିବର୍ଦ୍ଧନ ପ୍ରଭୃତି ହୋଇପାରେ ନାହିଁ । ଜ୍ଞାନ, ଦର୍ଶନ, ବଳ, ହାତ, ଯନ୍ତ୍ର, ଦେଶ, କାଳ, ଆକାଶ ଇତ୍ୟାଦି କୌଣସି ବସ୍ତୁ ନିର୍ମାଣ କରିବା ପାଇଁ ସାଧାରଣ କାରଣ ହୋଇଥାଏ । ସାଧାରଣ ଭାବେ ଏକ ଉଦାହରଣ ନିଆଯାଇପାରେ- କୌଣସି ମାଠିଆ ତିଆରିର ନିମିତ୍ତ କାରଣ ହେଉଛି କୁମ୍ଭାର । ମାଟି ଉପାଦାନ କାରଣ, ପୁଣି ଦଣ୍ଡ, ଚକ, ଦେଶ, କାଳ, ଆଲୋକ, ହାତ, ଆଖି, ଜ୍ଞାନ ଓ କାର୍ଯ୍ୟ, ଏ ଗୁଡ଼ିକ ହେଉଛି ସାଧାରଣ କାରଣ । ଏହିପରି ତିନୋଟି କାରଣ ବ୍ୟତୀତ କୌଣସି ପଦାର୍ଥ ତିଆରି ବା ଭଙ୍ଗାଯାଇ ନ ପାରେ । ଆଧୁନିକ ବେଦାନ୍ତିମାନେ ଈଶ୍ୱରଙ୍କୁ କେବଳ ଜଗତର ନିମିତ୍ତ ଓ ଉପାଦାନ କାରଣ ବୋଲି କହନ୍ତି । କିନ୍ତୁ ସେମାନଙ୍କର ଏହି ଧାରଣା ଭ୍ରାନ୍ତ ଧାରଣା ବ୍ୟତୀତ ଅନ୍ୟ କିଛି ନୁହେଁ ।

ପ୍ରଶ୍ନ : ନବୀନ ବେଦାନ୍ତିଗଣ କେବଳ ଈଶ୍ୱରଙ୍କୁ ହିଁ ଜଗତର ଅଭିନ୍ନ ନିମିତ୍ତୋପାଦାନ କାରଣ ବୋଲି କହନ୍ତି । '' ଯଥୋର୍ଣ୍ଣନାଭିଃ ସୃଜତେ ଗୃହ୍ଣତେ ଚ '' (ମୁଣ୍ଡକୋପନିଷଦ୍ ମୁ. ୧-ଖ୧-ମ.୭) । ବୁଢ଼ିଆଣୀ ଯେପରି ବାହାରୁ କିଛି ନ ନେଇ, ନିଜ ଗର୍ଭରୁ କେବଳ ତନ୍ତୁ ବାହାର କରି, ତଦ୍ୱାରା ଜାଲ 'ନିର୍ମାଣ କରେ ନିଜେ ସେହି ଜାଲରେ ସ୍ୱଚ୍ଛନ୍ଦରେ ଖେଳେ, ସେହିପରି ବ୍ରହ୍ମ ନିଜ ମଧ୍ୟରୁ ସଂସାର ନିର୍ମାଣ କରି, ନିଜେ ଜଗଦାକାର ହୋଇ ତାହା ମଧ୍ୟରେ କ୍ରୀଡ଼ା କରିଥାଆନ୍ତି । ବ୍ରହ୍ମ ଇଚ୍ଛା କଲେ ଯେ, ମୁଁ ବହୁରୂପ ବା ଜଗଦାକାର ହେବି । ସେପରି ସଙ୍କଳ୍ପ କଲାମାତ୍ରକେ ସେ ସମସ୍ତ ଜଗତ୍ ରୂପରେ ପରିଣତ ହୋଇଗଲେ । କାରଣ ......

''ଆଦାବନ୍ତେ ଚ ଯନ୍ନାସ୍ତି ବର୍ତ୍ତମାନେଽପି ତତ୍ତଥା'' ।

(ଗୌଡ଼ପାଦୀୟ କାରିକା ଶ୍ଳୋକ ୩୧)

ଯାହା ପ୍ରଥମରୁ ନ ଥିଲା, ପୁଣି ଶେଷରେ ରହେ ନାହିଁ, ତାହାର ବର୍ତ୍ତମାନ ମଧ୍ୟ ନାହିଁ । ସୃଷ୍ଟି ଆରମ୍ଭ ହେବାପୂର୍ବରୁ ଜଗତ ନଥିଲା, କେବଳ ବ୍ରହ୍ମ ହିଁ ଥିଲା । ପୁଣି ପ୍ରଳୟ ପରେ ମଧ୍ୟ ଏ ଜଗତ ରହିବ ନାହିଁ, କେବଳ ବ୍ରହ୍ମ ହିଁ ରହିବ । ତେଣୁ ବର୍ତ୍ତମାନ ମଧ୍ୟ ଏ ସଂସାର କିଛି ନୁହେଁ, ତେବେ ସବୁ କାହିଁକି କେବଳ ବ୍ରହ୍ମ ନ ହେବ ?''

ଉତ୍ତର - ତୁମ କହିବା ଅନୁଯାୟୀ ବ୍ରହ୍ମ ଯଦି ଜଗତର ଉପାଦାନ କାରଣ ହୁଅନ୍ତି, ତେବେ ସେ ପରିଣାମୀ ହେବେ । ଅର୍ଥାତ୍ ଅବସ୍ଥାନ୍ତର ପ୍ରାପ୍ତ ଓ ବିକାରଗ୍ରସ୍ତ ମଧ୍ୟ ହୋଇ ପଡ଼ିବେ । ପୁଣି ଉପାଦାନ କାରଣର ଗୁଣ, କର୍ମ ଓ ସ୍ୱଭାବ ତଜ୍ଜନିତ କାର୍ଯ୍ୟରେ ମଧ୍ୟ ଦେଖାଯିବ ।

''କାରଣଗୁଣ ପୂର୍ବକଃ କାର୍ଯ୍ୟଗୁଣୋ ଦୃଷ୍ଟଃ''

(ବୈଶେଷିକ ଦର୍ଶନ ଅ.୨ଆ-୧-ସୂ.୨୪)

କାରଣର ଗୁଣ ଯେପରି କାର୍ଯ୍ୟର ଗୁଣ ମଧ୍ୟ ସେହିପରି । ଯଦି କାର୍ଯ୍ୟର ଗୁଣ ଉପାଦାନ କାରଣ ସଦୃଶ ହୁଏ, ତେବେ ସଚ୍ଚିଦାନନ୍ଦ ସ୍ୱରୂପ ବ୍ରହ୍ମ, କାର୍ଯ୍ୟରୂପ ଜଗତ୍ ହେବାଦ୍ୱାରା ଅସତ୍, ଜଡ଼ ଓ ଆନନ୍ଦ ରହିତ ହୋଇପଡ଼ିବେ । ବ୍ରହ୍ମ ଅଜନ୍ମା କିନ୍ତୁ ଜଗତ ଉତ୍ପତ୍ତିଶୀଳ । ବ୍ରହ୍ମ ଅଦୃଶ୍ୟ କିନ୍ତୁ ଜଗତ ଦୃଶ୍ୟମାନ, ବ୍ରହ୍ମ ଅଖଣ୍ଡ କିନ୍ତୁ ଜଗତ ଖଣ୍ଡ ବିଖଣ୍ଡିତ । ଯେଉଁ ବ୍ରହ୍ମରୂପ ଉପାଦାନ କାରଣରୁ ପୃଥିବ୍ୟାଦି ରୂପ କାର୍ଯ୍ୟ ଉତ୍ପନ୍ନ ହୁଏ, ପୃଥିବ୍ୟାଦି କାର୍ଯ୍ୟର ଜଡ଼ାଦି ଗୁଣ ସେହି ବ୍ରହ୍ମଠାରେ ମଧ୍ୟ ପ୍ରକାଶିତ ହେବ । ଅର୍ଥାତ୍ ପୃଥିବୀ ଆଦି ଜଡ଼ପଦାର୍ଥପରି ବ୍ରହ୍ମ ମଧ୍ୟ ଜଡ଼ ପଦାର୍ଥ ପାଲଟିଯିବ । ଅନ୍ୟ ଦୃଷ୍ଟିରୁ ବିଚାର କଲେ ଈଶ୍ୱର ଯେପରି ଚେତନ, ପୃଥିବୀ ଆଦି କାର୍ଯ୍ୟମଧ୍ୟ ସେପରି ଚେତନହେବା ଆବଶ୍ୟକ ।

୭. ତୁମେ ଯେଉଁ ବୁଢ଼ିଆଣୀର ଉଦାହରଣ ଦେଲ ତାହା ତୁମ ମତର ସାଧକ ହେବା ପରିବର୍ତ୍ତେ ବାଧକ ହେଉଅଛି । ଯେଣୁ ବୁଢ଼ିଆଣୀର ଜଡ଼ ଦେହ ତନ୍ତୁର ଉପାଦାନ କାରଣ ଓ ଜୀବାତ୍ମା ହେଉଛି ନିମିତ୍ତ କାରଣ । ଏସବୁ ପରମେଶ୍ୱରଙ୍କ ଅଦ୍ଭୁତ ରଚନା କୌଶଳର ପ୍ରଭାବ ବ୍ୟତୀତ ଅନ୍ୟ କିଛି ନୁହେଁ । ଯେଣୁ ଅନ୍ୟ କୌଣସି ପ୍ରାଣୀ ଶରୀରରୁ ସେପରି ତନ୍ତୁ ବାହାର କରିପାରନ୍ତି ନାହିଁ । ସେହିପରି ସର୍ବବ୍ୟାପକ ବ୍ରହ୍ମ ନିଜ ମଧ୍ୟରେ ବ୍ୟାପ୍ୟ ପ୍ରକୃତି ଓ ତାହାର ଅବୟବଭୂତ ପରମାଣୁ ରୂପକ କାରଣରୁ ସ୍ଥୂଳ ଜଗତ ନିର୍ମାଣ କରି, ପୁଣି ତାହାକୁ ଦୃଶ୍ୟମାନ ସ୍ଥୂଳରୂପ ପ୍ରଦାନକରି, ତାହା ମଧ୍ୟରେ ସ୍ୱୟଂ ବ୍ୟାପକ ସାକ୍ଷୀଭୂତ ଓ ଆନନ୍ଦମୟ ହୋଇ ରହିଛନ୍ତି । ପରମାତ୍ମା ନିଜ ମନରେ ଦେଖିଲେ, ବିଚାର କଲେ ଏବଂ ଏପରି ଇଚ୍ଛା କଲେ ଯେ, ସେ ଜଗତ ସର୍ଜନା କରି ତହିଁରେ ପ୍ରକାଶିତ ହେବେ । ଜୀବର ଉତ୍ପତ୍ତି ହେଲା, ପରେ ଜୀବର ବିଗ୍ରହ, ଜ୍ଞାନ, ଧ୍ୟାନ, ଉପଦେଶ, ଶ୍ରବଣାଦିରେ ପରମାତ୍ମା ଅନୁଭୂତ ହେଲେ, ପୁଣି ଜଗତର ସ୍ଥୂଳ ପଦାର୍ଥରେ ବର୍ତ୍ତମାନ ସ୍ୱରୂପ ହୋଇ ପ୍ରକାଶିତ ହେଲେ । ଯେତେବେଳେ ପ୍ରଳୟ ହୁଏ, ସେତେବେଳେ ପରମାତ୍ମାଙ୍କୁ ମୁକ୍ତ ଜୀବ ଓ ସେହି ପରମାତ୍ମା ନିଜକୁ ନିଜେ ଜାଣିପାରନ୍ତି । ଅନ୍ୟ କେହି ଜାଣି ପାରନ୍ତି ନାହିଁ । ଆଉ ଏହି ଯେଉଁ କାରିକା ତାହା ଭ୍ରମମୂଳକ । କାରଣ ସୃଷ୍ଟିର ଆଦି ଅର୍ଥାତ୍ ପ୍ରଳୟ କାଳରେ ଜଗତ୍ ପ୍ରସିଦ୍ଧ ନଥିଲା ଓ ସୃଷ୍ଟି ଅନ୍ତେ ଅର୍ଥାତ୍ ପ୍ରଳୟ ଆରମ୍ଭରୁ ଦ୍ୱିତୀୟଥର ସୃଷ୍ଟି ନହେବା ପର୍ଯ୍ୟନ୍ତ ଜଗତ୍‌ର କାରଣ (ପ୍ରକୃତି) ସୂକ୍ଷ୍ମରୂପେ ଅପ୍ରସିଦ୍ଧ ବା ଅପ୍ରକାଶିତ ହୋଇ ରହେ । କାରଣ......

୮. (କ) ତମ ଆସୀତ୍ତମସା ଗୂଢ଼ମଗ୍ରେ । ଋଗ୍‌ବେଦ ମ.୧୦/ସୂ ୧୨୯/ମ.୩)
(ଖ) ଆସୀଦିଦଂ ତମୋଭୂତ ମପ୍ରଜ୍ଞାତମଲକ୍ଷଣମ୍ ।୧ ।
ଅପ୍ରତର୍କ୍ୟମବିଜ୍ଞେୟଂ ପ୍ରସୁପ୍ତମିବ ସର୍ବତଃ ।୨ । (ମନୁ ୧-୫)

ଏହି ସମସ୍ତ ଜଗତ ସୃଷ୍ଟି ପୂର୍ବରୁ ପ୍ରଳୟାବସ୍ଥାରେ ଅନ୍ଧକାରରେ ଆବୃତ ଥିଲା ଓ ପ୍ରଳୟାରମ୍ଭପରେ ମଧ୍ୟ ସେହିପରି ରହେ । ସେ ସମୟରେ ଅବସ୍ଥାକୁ କେହି ଜାଣିବା, ତର୍କ ମଧ୍ୟକୁ ଆଣିବା ଓ ପ୍ରସିଦ୍ଧ ଚିହ୍ନଯୁକ୍ତ କୌଣସି ଇନ୍ଦ୍ରିୟ ଗୋଚର ହେବା ସମ୍ଭବ ନଥିଲା କି ହେବନାହିଁ । କିନ୍ତୁ ବର୍ତ୍ତମାନ ସବୁ ଜଣାଯାଉଛି, ଓ ପ୍ରସିଦ୍ଧ ଚିହ୍ନଯୁକ୍ତ ଥିବା କାରଣରୁ ଯଥାର୍ଥରୂପେ ଉପଲବ୍ଧି କରି ହେଉଛି ।୧-୨। ଏ ସବୁସତ୍ତ୍ୱେ ସେହି କାରିକାକାର ବର୍ତ୍ତମାନ ସମୟରେ ମଧ୍ୟ ଜଗତକୁ ଯେଉଁ ଅଭାବ ବା ମିଥ୍ୟା ବୋଲି ଦର୍ଶାଇଛନ୍ତି, ତାହା ହେଉଛି ସଂପୂର୍ଣ୍ଣରୂପେ ପ୍ରମାଣହୀନ । କାରଣ ଯାହାକୁ ପ୍ରମାତା ପ୍ରମାଣଦ୍ୱାରା ଜାଣେ ଓ ଉପଲବ୍ଧିକରେ, ତାହା କଦାପି ମିଥ୍ୟା ହୋଇ ନପାରେ ।

୯. ପ୍ରଶ୍ନ... ପରମେଶ୍ୱର ଜଗତକୁ ତିଆରି କରିବାରେ କି ପ୍ରୟୋଜନ ଅଛି ?
ଉତ୍ତରଃ ତିଆରି ନ କରିବାରେ କି ପ୍ରୟୋଜନ ରହିଛି ?
ପ୍ରଶ୍ନ : ଜଗତକୁ ତିଆରି କରି ନଥିଲେ ସେ ଆନନ୍ଦରେ ରହିଥାନ୍ତେ । ପୁଣି ଜୀବମାନଙ୍କୁ ସୁଖ-ଦୁଃଖ ଭୋଗ କରିବାକୁ ପଡ଼ି ନଥାନ୍ତା ।
ଉତ୍ତର : ଏହା ହେଉଛି ଅଳସୁଆ ଓ ଦରିଦ୍ର ଲୋକଙ୍କ କଥା । ପୁରୁଷାର୍ଥୀ ଲୋକରେ ଏହା ଶୋଭନୀୟ ନୁହେଁ । ପ୍ରଳୟ ସମୟରେ ଜୀବର ବା କି ସୁଖ ଥାଏ ? ସୃଷ୍ଟିର ସୁଖ-ଦୁଃଖ ବିଷୟରେ ଯଦି ତୁଳନା କରାଯାଏ, ତେବେ ସୁଖ ଅଧିକ ପରିମାଣରେ ଥିବା ଜାଣିପାରିବା । ଅନେକ ପବିତ୍ରାତ୍ମା ଜୀବ ମୁକ୍ତିପାଇଁ ସାଧନାକରି ମୋକ୍ଷରେ ଆନନ୍ଦ ପାଆନ୍ତି, କିନ୍ତୁ ପ୍ରଳୟ କାଳରେ ଜୀବ ଅକର୍ମା ହୋଇ ସୁଷୁପ୍ତ ପ୍ରାୟ ପଡ଼ିରହେ । ପୁଣି ଈଶ୍ୱର ଯଦି ଏହି ଜଗତ ସର୍ଜନା କରି ନଥାନ୍ତେ, ତେବେ ଜୀବମାନେ ପ୍ରଳୟ ପୂର୍ବରୁ ସୃଷ୍ଟିରେ କରିଥିବା କର୍ମର ଫଳ, କିପରି କେଉଁଠାରେ ଭୋଗ କରନ୍ତେ ? ଈଶ୍ୱର ସେମାନଙ୍କୁ ପୁଣି ନିଜ ନିଜ କର୍ମର ପାପ ବା ପୁଣ୍ୟଫଳ କିପରି ଦିଅନ୍ତେ ? କେହି ଯଦି ତୁମକୁ ପ୍ରଶ୍ନକରେ ଆଖିର ଆବଶ୍ୟକତା କଅଣ ? ତୁମେ ନିଶ୍ଚୟ କହିବ.... ଦେଖିବା । ସେହିପରି ଈଶ୍ୱର ଯଦି ସୃଷ୍ଟି ସର୍ଜନା ନ କରିବେ, ତେବେ ତାଙ୍କର ବିଜ୍ଞାନ, ବଳ ଓ କ୍ରିୟା ଶକ୍ତି ରହିବାର ଆବଶ୍ୟକତା କ'ଣ ? ଈଶ୍ୱରଙ୍କର ଯେଉଁ ନ୍ୟାୟ, ଧାରଣା, ଦୟା ଓ ଅନନ୍ତ ଶକ୍ତି, ପ୍ରଭୃତି ଗୁଣାବଳୀ ରହିଛି, ସେ ସବୁ ସଂସାର ରଚନା ବ୍ୟତୀତ ପ୍ରତିଫଳିତ ହେବ ନାହିଁ । କେବଳ ଜଗତର ସର୍ଜନା, ଧାରଣା ଓ ସଂହାରଦ୍ୱାରା ହିଁ ଈଶ୍ୱରଙ୍କର ଅନନ୍ତ ଶକ୍ତିସାମର୍ଥ୍ୟ ପ୍ରକଟିତ ହେବ । ଆଖିର ସ୍ୱାଭାବିକ ଗୁଣ ହେଉଛି ଦେଖିବା, ଠିକ୍ ସେହିପରି ସଂସାର ରଚନା କରି, ସକଳ ଜୀବଗଣଙ୍କୁ ଅସଂଖ୍ୟ ପଦାର୍ଥ ଦାନ କରି, ପରୋପକାର କରିବା ହେଉଛି ଈଶ୍ୱରଙ୍କ ସ୍ୱାଭାବିକ ଗୁଣ ।

୧୦. ପ୍ରଶ୍ନ : ପ୍ରଥମେ ବୀଜ ନା ପ୍ରଥମେ ବୃକ୍ଷ ?
ଉତ୍ତର : ବୀଜ । କାରଣ ବୀଜ, ହେତୁ, ନିଦାନ, ନିମିତ୍ତ ଓ କାରଣ ଇତ୍ୟାଦି ଶବ୍ଦ ଏକାର୍ଥ ବାଚକ ଅଟନ୍ତି । କାରଣକୁ ମଧ୍ୟ ବୀଜ କୁହାଯାଏ । ଏଣୁ ପ୍ରଥମେ ବୀଜ ବା କାରଣ, ତାପରେ ବୃକ୍ଷ ବା କାର୍ଯ୍ୟର ଉତ୍ପତ୍ତି ।

୧୧. ପ୍ରଶ୍ନ : ଈଶ୍ୱର ହେଉଛନ୍ତି ସର୍ବ ଶକ୍ତିମାନ୍, ତେଣୁ ସେ କାରଣ ଓ ଜୀବକୁ ମଧ୍ୟ ଉତ୍ପନ୍ନ କରିପାରନ୍ତେ । ଯଦି ତା କରି ନପାରନ୍ତି, ତେବେ ସେ କିପରି ସର୍ବଶକ୍ତିମାନ ହେବେ ?

ଉତ୍ତର : ସର୍ବ ଶକ୍ତିମାନ୍ ଶବ୍ଦର ଅର୍ଥ ପୂର୍ବରୁ କୁହାଯାଇଛି । ଅସମ୍ଭବକୁ ସମ୍ଭବ କରିବା ଏହା ସର୍ବଶକ୍ତିମାନ୍‌ର ଲକ୍ଷଣ ନୁହେଁ । ଏପରି ହେଲେ ଯାହା ଅସମ୍ଭବ କଥା ଅର୍ଥାତ୍ କାରଣ ବିନା କାର୍ଯ୍ୟ କରିପାରନ୍ତେ । ବିନାକାରଣରେ ଅନ୍ୟ ଏକ ଈଶ୍ୱର ସୃଷ୍ଟିକରି, ନିଜେ ମୃତ୍ୟୁବରଣ, ଜଡ଼, ଦୁଃଖୀ, ଅନ୍ୟାୟକାରୀ, ଅପବିତ୍ର ଓ କୁକର୍ମୀ ହୋଇପାରନ୍ତେ । ମନେ ରଖିବାକୁ ହେବ, ଈଶ୍ୱର କେବେହେଲେ ସ୍ୱାଭାବିକ ନିୟମକୁ ପରିବର୍ତ୍ତନ କରନ୍ତି ନାହିଁ । ଅଗ୍ନିର ସ୍ୱାଭାବିକ ଗୁଣ ହେଉଛି ଉଷ୍ଣତା, ସେପରି ଜଳର ଶୀତଳତା, ପୃଥିବ୍ୟାଦିର ଜଡ଼ତା, ଏହା ଅନ୍ୟଥା ନହେଲାପରି, ଈଶ୍ୱରଙ୍କର ବିରୋଧୀ ଗୁଣ ନଥାଏ । ଜଡ଼ କେବେ ଚେତନ ହୁଏ ନାହିଁ କିମ୍ବା ଚେତନ ମଧ୍ୟ କେବେ ଜଡ଼ ହୁଏ ନାହିଁ । ସେହିପରି ଈଶ୍ୱରଙ୍କ ନିୟମ ହେଉଛି ସତ୍ୟ ଓ ପୂର୍ଣ୍ଣ । କେବେ ତାହାର ପରିବର୍ତ୍ତନ ହୁଏ ନାହିଁ । ଏଣୁ ସର୍ବଶକ୍ତିମାନ୍‌ର ପ୍ରକୃତ ଅର୍ଥ ହେଉଛି, ଈଶ୍ୱର ଅନ୍ୟର ସାହାଯ୍ୟ ନ ନେଇ ନିଜର ସୃଷ୍ଟି, ସ୍ଥିତି ଓ ପ୍ରଳୟ ପ୍ରଭୃତି ସକଳ କାର୍ଯ୍ୟ ସଂପୂର୍ଣ୍ଣ ରୂପେ ସମ୍ପାଦନ କରିଥାନ୍ତି ।

୧୨.ପ୍ରଶ୍ନ : ଈଶ୍ୱର ସାକାର ନା ନିରାକାର ? ଯଦି ସେ ନିରାକାର, ତେବେ ହସ୍ତପାଦାଦି ଅଙ୍ଗପ୍ରତ୍ୟଙ୍ଗ ବିନା ଜଗତକୁ କିପରି ନିର୍ମାଣ କଲେ ? କିନ୍ତୁ ସାକାର ହେଲେ ଜଗତ ନିର୍ମାଣ କରିବାରେ କୌଣସି ଆପତ୍ତି ରହିବ ନାହିଁ ।

ଉତ୍ତର : ଈଶ୍ୱର ନିରାକାର ଅଟନ୍ତି । ଯିଏ ସାକାର ଅର୍ଥାତ୍ ଶରୀରଧାରୀ ସେ କଦାପି ଈଶ୍ୱର ହୋଇ ପାରିବେ ନାହିଁ । କାରଣ ସେ ପରିମିତ ଶକ୍ତିଯୁକ୍ତ । ଦେଶ, କାଳ, ବସ୍ତୁ ପ୍ରଭୃତିରେ ପରିଚ୍ଛିନ୍ନ, କ୍ଷୁଧା, ତୃଷା, ଛେଦନ, ଭେଦନ, ଶୀତୋଷ୍ଣ ଓ ଜ୍ୱର ପୀଡ଼ାଦି ଯୁକ୍ତ ହୋଇଯିବେ । ଶରୀରଧାରୀ ପୁରୁଷଠାରେ ଜୀବର ଗୁଣ ଓ ଶକ୍ତି ରହିପାରେ, କିନ୍ତୁ ଈଶ୍ୱରୀୟ ଗୁଣ, କର୍ମ ବା ଶକ୍ତି କଦାପି ରହିପାରେ ନାହିଁ । ଆମ୍ଭେମାନେ ଶରୀରଧାରୀ ହୋଇଥିବାରୁ, ପ୍ରକୃତିର ତ୍ରସରେଣୁ, ଅଣୁ, ପରମାଣୁ ଓ ସୂକ୍ଷ୍ମ ପଦାର୍ଥକୁ ନିଜର ବଶୀଭୂତ କରି ନ ପାରୁ, ସେହିପରି ଈଶ୍ୱର ସ୍ଥୂଳ ଦେହଧାରୀ ହୋଇଥିଲେ, ଏ ସୂକ୍ଷ୍ମ ପ୍ରକୃତିରୁ ଜଗତ ନିର୍ମାଣ କରିପାରନ୍ତେ ନାହିଁ । ଈଶ୍ୱରଙ୍କର ଭୌତିକ ଇନ୍ଦ୍ରିୟ, ଗୋଲକ ଓ ହସ୍ତପଦ ଆଦି ଅବୟବ ଗୁଡ଼ିକ ନାହିଁ । କିନ୍ତୁ ତାଙ୍କର ଅନନ୍ତ ଶକ୍ତି, ବଳ ଓ ପରାକ୍ରମ ରହିଛି । ତଦ୍ୱାରା ସେ ସମସ୍ତକାର୍ଯ୍ୟ କରିପାରନ୍ତି । ଯାହାକି ଜୀବ ଓ ପ୍ରକୃତିଦ୍ୱାରା କଦାପି ସମ୍ଭବ ହୋଇପାରେ ନାହିଁ । ସୂକ୍ଷ୍ମ ପ୍ରକୃତିଠାରୁ ପରମେଶ୍ୱର ସୂକ୍ଷ୍ମତର ପୁଣି ପ୍ରକୃତିରେ ସେ ବ୍ୟାପି ରହିଛନ୍ତି, ତେଣୁ ସେ ପ୍ରକୃତିକୁ ଧରି ତହିଁରୁ ଏ ଜଗତକୁ ନିର୍ମାଣ କରି ପାରିଛନ୍ତି ।

୧୩. ପ୍ରଶ୍ନ : ମନୁଷ୍ୟାଦି ପ୍ରାଣୀମାନଙ୍କର ପିତା-ମାତା ସାକାର ହୋଇଥିବାରୁ, ସେମାନଙ୍କ ସନ୍ତାନ ସନ୍ତତି ମଧ୍ୟ ସାକାର ହୋଇଥାନ୍ତି । ଯଦି ପିତାମାତା ନିରାକାର ହୋଇଥାନ୍ତେ, ତେବେ ସେମାନଙ୍କ ସନ୍ତାନଗଣ ମଧ୍ୟ ନିରାକାର ହୁଅନ୍ତେ । ସେହିପରି ଈଶ୍ୱର ଯଦି ନିରାକାର ତେବେ ତାଙ୍କ ରଚିତ ଜଗତ୍ ମଧ୍ୟ ନିରାକାର ହେବା ଆବଶ୍ୟକ ?

ଉତ୍ତର: ତୁମର ଏ ପ୍ରଶ୍ନ ହେଉଛି ପିଲାଳିଆ ପ୍ରଶ୍ନ । ଏହା ପୂର୍ବରୁ ସ୍ପଷ୍ଟରୂପେ କୁହାଯାଇଛି ଯେ, ଈଶ୍ୱର ଏହି ଜଗତର ଉପାଦାନ କାରଣ ନୁହଁନ୍ତି, ସେ କେବଳ ନିମିତ୍ତ କାରଣ ଅଟନ୍ତି । ଏହି ପ୍ରକୃତି ଓ ତାର ପରମାଣୁ, ଈଶ୍ୱରଙ୍କ ପରି ସୂକ୍ଷ୍ମ ନ ହୋଇ ସ୍ଥୂଳ ଅଟନ୍ତି, ସେ ସବୁ ହେଉଛନ୍ତି ଜଗତର ଉପାଦାନ କାରଣ । ଏହି ପ୍ରକୃତିର ପରମାଣୁ ପୂର୍ଣ୍ଣରୂପେ ନିରାକାର ନୁହେଁ । କିନ୍ତୁ ପରମେଶ୍ୱରଙ୍କ ତୁଳନାରେ ପ୍ରକୃତି ଓ ଅନ୍ୟାନ୍ୟ ପଦାର୍ଥ ଅପେକ୍ଷା ସୂକ୍ଷ୍ମ ଅଟେ ।

୧୪. ପ୍ରଶ୍ନ : କାରଣ ବ୍ୟତୀତ ପରମେଶ୍ୱର କଣ କାର୍ଯ୍ୟ କରିପାରନ୍ତି ନାହିଁ ?

ଉତ୍ତର : ନା, ବର୍ତ୍ତମାନ ଯାହା ନାହିଁ, ତାହା ହେବା ସର୍ବଥା ଅସମ୍ଭବ । ଅର୍ଥାତ୍ କାରଣ ନଥିଲେ ତହିଁରୁ କିଛି ଉତ୍ପନ୍ନ ହେବା ଅସମ୍ଭବ । ସେହିପରି କାରଣ ବିନା କାର୍ଯ୍ୟ ଅସମ୍ଭବ । ଯଦି କୌଣସି ଗପୁଡ଼ି କହେ ଯେ, ମୁଁ ବନ୍ଧ୍ୟା ସ୍ତ୍ରୀର ପୁଅର ବିବାହ ଦେଖିଛି, ମଣିଷ ଶିଙ୍ଗରେ ତିଆରି ଧନୁ ସେ ଧରିଥିଲା, ଆକାଶ କୁସୁମର ମାଳା ପିନ୍ଧିଥିଲା, ସେମାନେ ମୃଗତୃଷ୍ଣା ଜଳରେ ସ୍ନାନକରି ଗନ୍ଧର୍ବ ନଗରରେ ରହୁଥିଲେ, ସେଠାରେ ବିନା ମେଘରେ ବର୍ଷା ହେଲା ଓ ଭୂମି ବ୍ୟତିରେକେ ଶସ୍ୟ ଉତ୍ପନ୍ନ ହେଉଥିଲା, ଏପରି କଥାସବୁ ବିଶ୍ୱାସ ଯୋଗ୍ୟ ହେବ କି ? ଯେଣୁ ଏଥିରେ କାରଣ ନଥିବାରୁ କାର୍ଯ୍ୟ କୁଆଡ଼ୁ ଆସିବ ? ଯଦି କେହି, କହେ ''ମମ ମାତାପିତରୌ ନ ସ୍ତଃ, ଅହମେବ ଜାତଃ' ମମ ମୁଖେ ଜିହ୍ୱା ନାସ୍ତି ବଦାମି ଚ'' ଅଥାର୍ତ୍ ମୋର ମାତାପିତା ନାହାନ୍ତି ତଥାପି ମୁଁ ଜନ୍ମ ହୋଇଛି, ''ମୋ ମୁହଁରେ ଜିଭ ନାହିଁ କିନ୍ତୁ ମୁଁ କଥା କହୁଛି'' । ଗାତରେ ସାପ ନଥିଲା କିନ୍ତୁ ପଦାକୁ ବାହାରି ପଡ଼ିଲା, ଆମେ କେଉଁଠି ହେଲେ ନଥିଲୁ, କିନ୍ତୁ ଏଠାକୁ ଆସିଛୁଁ..... ଏପରି କଥାସବୁ ପାଗଳ ଲୋକର ପ୍ରଳାପ ବ୍ୟତୀତ ଅନ୍ୟ କିଛି ନୁହେଁ ।

୧୫. ପ୍ରଶ୍ନ : ବିନା କାରଣରେ କାର୍ଯ୍ୟ ଯଦି ହୋଇପାରେ ନାହିଁ, ତେବେ କାରଣର କାରଣ ମଧ୍ୟ ନିଶ୍ଚୟ ଥିବ ।

ଉତ୍ତର : ଯାହା କେବଳ କାରଣରୂପ ଅଟେ ଏବଂ କାହାର କାର୍ଯ୍ୟ ନୁହେଁ, ତାହାକୁ ହେଉଛି ମୂଳ କାରଣ । ପୁଣି ଯାହା କୌଣସି ପଦାର୍ଥର କାରଣ ହୁଏ, ଓ ଅନ୍ୟ କୌଣସି ପଦାର୍ଥର କାର୍ଯ୍ୟ ହୁଏ, ତାହା ଅନ୍ୟ ସାଧାରଣ କାରଣ ଅଟେ । ଯଥା

ପୃଥିବୀ, ଏହା ଗୃହ ଆଦି ପଦାର୍ଥମାନଙ୍କର କାରଣ, କିନ୍ତୁ ଜଳ ପ୍ରକୃତିର କାର୍ଯ୍ୟ ଅଟେ । କିନ୍ତୁ ପ୍ରକୃତି ହେଉଛି ଆଦିକାରଣ, ଯେଣୁ ଏହାର ଅନ୍ୟ କୌଣସି କାରଣ ନାହିଁ । ଏହାକୁ ଅନାଦି କହନ୍ତି ।

ମୂଲେ ମୂଲାଭାବାଦମୂଲଂ ମୂଲମ୍ । (ସାଂଖ୍ୟସୂତ୍ର ଅ. ୧।ସୂ ୬୭)

ମୂଳର ମୂଳ ବା ପ୍ରଥମ କାରଣର ଆଉ କାରଣ ନଥାଏ । ଏଣୁ ଯାହା ଆଦିକାରଣ ବା ଯାହାର କାରଣ ଆଉ କିଛି ନାହିଁ ତାହାହିଁ ସମସ୍ତ କାର୍ଯ୍ୟର କାରଣ ଅଟେ । କୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ତାହାର ତିନୋଟି କାରଣ ଅବଶ୍ୟ ଥାଏ । ଯେପରି ବସ୍ତ୍ର ନିର୍ମାଣ ପୂର୍ବରୁ ତନ୍ତୀ, ସୂତ୍ର ଓ ବୁଣାଯନ୍ତ୍ର ତିନୋଟି ହେଲେ ବସ୍ତ୍ର ବୁଣାଯାଏ । ସେହିପରି ଜଗତ ଉତ୍ପତ୍ତି ପୂର୍ବରୁ ଈଶ୍ୱର, ପ୍ରକୃତି, ଜୀବ ପୁଣି କାଳ ଓ ଆକାଶ ବିଦ୍ୟମାନ ଥାନ୍ତି । ଏମାନଙ୍କ ମଧ୍ୟରୁ ଗୋଟିକର ଅଭାବରେ ମଧ୍ୟ ଏ ଜଗତ ସୃଷ୍ଟି ହୋଇ ପାରିବ ନାହିଁ ।

୧୬ - ଅଥ ନାସ୍ତିକ ମତମ୍, ନାସ୍ତିକମାନେ କହନ୍ତି ....

ଶୂନ୍ୟଂ ତତ୍ତ୍ୱଂ ଭାବୋ ବିନଶ୍ୟତି ବସ୍ତୁ ଧର୍ମତ୍ୱାଦ୍ ବିନାଶସ୍ୟ ।୧ ।

(ସାଂଖ୍ୟସୂତ୍ର ଅ ୧-ସୂ୪୪)

ଅଭାବାଦ୍ ଭାବୋତ୍ପତ୍ତିର୍ନାନୁପମୃଦ୍ୟ ପ୍ରାଦୁର୍ଭାବାତ୍ ।୨ ।

ଈଶ୍ୱରଃ କାରଣଂ ପୁରୁଷକର୍ମାଫଲ୍ୟଦର୍ଶନାତ୍ ।୩ ।

ଅନିମିତ୍ତତୋ ଭାବୋତ୍ପତ୍ତିଃ କଣ୍ଟକତୈକ୍ଷ୍ଣ୍ୟାଦି ଦର୍ଶନାତ୍ ।୪ ।

ସର୍ବମନିତ୍ୟମୁତ୍ପତ୍ତି ବିନାଶ ଧର୍ମକତ୍ୱାତ୍ ।୫ ।

ସର୍ବଂ ନିତ୍ୟଂ ପଞ୍ଚଭୂତନିତ୍ୟତ୍ୱାତ୍ ।୬ ।

ସର୍ବଂ ପୃଥଗ୍ ଭାବ ଲକ୍ଷଣ ପୃଥକ୍ ତ୍ୱାତ୍ ।୭ ।

ସର୍ବମଭାବୋ ଭାବେଷ୍ୱିତରେତରାଭାବ ସିଦ୍ଧେଃ ।୮ ।

(ନ୍ୟାୟସୂତ୍ର ଅ.୪ । ଆହ୍ନିକ ୧ ସୂ ୧୪,୧୯,୨୨, ୨୫, ୨୯, ୩୪, ୩୭)

ଏଠାରେ ନାସ୍ତିକମାନେ କହନ୍ତି ଯେ, ଶୂନ୍ୟ ହିଁ ଏକ ପଦାର୍ଥ ଅଟେ । ସୃଷ୍ଟି ପୂର୍ବରୁ ଶୂନ୍ୟ ଥିଲା, ସୃଷ୍ଟିପରେ ମଧ୍ୟ ଶୂନ୍ୟ ରହିବ । କାରଣ ଯେଉଁ ଭାବ ଅଛି ଅର୍ଥାତ୍ ଯେଉଁ ପଦାର୍ଥ ବର୍ତ୍ତମାନ ଅଛି, ତାହାର ଅଭାବ ହେଲେ ଶୂନ୍ୟ ହୋଇଯିବ ।

ଉତ୍ତର : ଅଦୃଶ୍ୟ, ଅବକାଶ ଓ ବିନ୍ଦୁକୁ ମଧ୍ୟ ଶୂନ୍ୟ ଆକାଶ କୁହାଯାଏ । ଶୂନ୍ୟ ହେଉଛି ଜଡ଼ ପଦାର୍ଥ । ଏହି ଶୂନ୍ୟରେ ସମସ୍ତ ପଦାର୍ଥ ଅଦୃଶ୍ୟ ହୋଇ ରହନ୍ତି । ଯେପରି ଗୋଟିଏ ବିନ୍ଦୁରୁ ରେଖା ଓ ରେଖାରୁ ବର୍ତ୍ତୁଳାକାର ହେଲାପରି ଭୂମି ପର୍ବତାଦି ଈଶ୍ୱରଙ୍କ ଦ୍ୱାରା ରଚିତ ହୁଏ । ଶୂନ୍ୟକୁ ଜାଣିବା ବ୍ୟକ୍ତି କେବେ ଶୂନ୍ୟ ହୋଇ ନପାରେ ।୧ ।

ଦ୍ୱିତୀୟ ନାସ୍ତିକ - ଅଭାବରୁ ଭାବର ଉତ୍ପତ୍ତି । ଯେପରି ବୀଜ ବିଦୀର୍ଣ୍ଣ ନ ହେଲେ ଗଛ ଉତ୍ପନ୍ନ ହୁଏ ନାହିଁ । କିନ୍ତୁ ବୀଜକୁ ଭାଙ୍ଗି ଦେଖିଲେ ତା ମଧ୍ୟରେ ଗଛ ନଥାଏ । ଯେହେତୁ ଆଗରୁ ଅଙ୍କୁର ଦେଖାଯାଉ ନଥିଲା, ତେଣୁ ଜାଣିବାକୁ ହେବ ଯେ ତାହା ଅଭାବରୁ ଉତ୍ପତ୍ତି ହେଲା ।

ଉତ୍ତର : ଯିଏ ବୀଜକୁ ବିଦୀର୍ଣ୍ଣ କଲା, ସେ ହିଁ ବୀଜ ମଧ୍ୟରେ ଥିଲା । ସେ ନଥିଲେ ଗଛ ଉତ୍ପନ୍ନ ହୋଇ ନଥାନ୍ତା ।୨ ।

ତୃତୀୟ ନାସ୍ତିକ : କର୍ମ ଅନୁସାରେ ଫଳ ହୁଏ ନାହିଁ, ଯେଣୁ ଅନେକ କର୍ମ ନିଷ୍ଫଳ ହେବାର ଦେଖାଯାଏ । ଏଥିରୁ ସ୍ପଷ୍ଟ ଅନୁମିତ ହେଉଛି ଯେ, କର୍ମର ଫଳାଫଳ ଈଶ୍ୱରଙ୍କ ହାତରେ, ସେ ଯେଉଁ କର୍ମର ଫଳ ଦେବାକୁ ଚାହାନ୍ତି, ସେହି କର୍ମର ଫଳ ଦିଅନ୍ତି । ଇଚ୍ଛା କରୁନଥିବା କର୍ମର ଫଳ ଦିଅନ୍ତି ନାହିଁ । ଏଣୁ କର୍ମର ଫଳ ହେଉଛି କେବଳ ଈଶ୍ୱରାଧୀନ ।

ଉତ୍ତର : ନିଜ ଇଚ୍ଛାନୁସାରେ ଈଶ୍ୱର ଯଦି ଜୀବକୁ ଫଳ ଦିଅନ୍ତି, ତେବେ ଜୀବାତ୍ମାର କର୍ମ ବ୍ୟତୀତ ତାକୁ କାହିଁକି ଫଳ ଦିଅନ୍ତି ନାହିଁ । ଅତଏବ ମନୁଷ୍ୟ ଯେପରି କର୍ମ କରେ ଈଶ୍ୱର ତାକୁ ଠିକ୍ ସେହିପରି ଫଳ ଦିଅନ୍ତି । ସେ ନିଜ ଇଚ୍ଛାନୁସାରେ ଜୀବାତ୍ମାକୁ କର୍ମଫଳ ପ୍ରଦାନ କରନ୍ତି ନାହିଁ । ଜୀବାତ୍ମାର କୃତକର୍ମ ଅନୁଯାୟୀ ଈଶ୍ୱର ତାକୁ ଫଳଦେଇଥାନ୍ତି ।୩ ।

ଚତୁର୍ଥ ନାସ୍ତିକ : ବିନା ନିମିତ୍ତରେ ପଦାର୍ଥର ଉତ୍ପତ୍ତି ହୁଏ । ଯେପରି ବବୁର ପ୍ରଭୃତି ବୃକ୍ଷର ଶାଖା ତୀକ୍ଷ୍ଣ ହୋଇ ନଥିଲେ ମଧ୍ୟ ତହିଁରୁ ତୀକ୍ଷ୍ଣ କଣ୍ଟା ଜାତ ହୋଇଥାଏ । ଏଥିରୁ ଜଣାଯାଉଛି, ସୃଷ୍ଟି ଆରମ୍ଭରେ ଶରୀରାଦି ପଦାର୍ଥ ବିନା ନିମିତ୍ତରେ ଉତ୍ପତ୍ତି ହୋଇଅଛି ।

ଉତ୍ତର : ଯେଉଁଥିରୁ ଯେଉଁ ପଦାର୍ଥ ଉତ୍ପନ୍ନ ହୁଏ, ତାହାହିଁ ସେହିପଦାର୍ଥର ନିମିତ୍ତ ଅଟେ । ଯେଣୁ କଣ୍ଟାବୃକ୍ଷ ବ୍ୟତୀତ ଅନ୍ୟ ବୃକ୍ଷରୁ କଣ୍ଟା କେଉଁଠି ଜାତ ହୁଏ ନାହିଁ ।୪ ।

ପଞ୍ଚମ ନାସ୍ତିକ : ସମସ୍ତ ପଦାର୍ଥ ଉତ୍ପତ୍ତି ହୁଏ ଓ ବିନାଶ ମଧ୍ୟ ହୁଏ । ଏଣୁ ସବୁ କିଛି ହେଉଛି ଅନିତ୍ୟ ।

ଶ୍ଳୋକାର୍ଦ୍ଧେନ ପ୍ରବକ୍ଷ୍ୟାମି ଯଦୁକ୍ତଂ ଗ୍ରନ୍ଥକୋଟିଭିଃ
ବ୍ରହ୍ମସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ ।।

ନବୀନ ବେଦାନ୍ତୀମାନଙ୍କ କୌଣସି ଗ୍ରନ୍ଥରେ ଏହି ଶ୍ଳୋକ ଅଟେ । ଏମାନଙ୍କୁ ପଞ୍ଚମ ପ୍ରକାର ନାସ୍ତିକରୂପେ ଗଣନା କରାଯାଇଥାଏ । ଯେଣୁ ଏମାନେ କହିଥାନ୍ତି ଯେ, କୋଟି କୋଟି ଗ୍ରନ୍ଥର ସିଦ୍ଧାନ୍ତ ଅନୁସାରେ ବ୍ରହ୍ମ ହେଉଛି ସତ୍ୟ, ଜଗତ୍ ମିଥ୍ୟା ଓ ଜୀବ ବ୍ରହ୍ମଠାରୁ ଭିନ୍ନ ନୁହେଁ ।

ଉତ୍ତର : ଯଦି ସକଳ ପଦାର୍ଥର ଅନିତ୍ୟତା ନିତ୍ୟ ଅଟେ, ତେବେ ସମସ୍ତ ପଦାର୍ଥ ଅନିତ୍ୟ ହୋଇ ନପାରେ ।

ପ୍ରଶ୍ନ : ସକଳ ପଦାର୍ଥର ନିତ୍ୟତା ମଧ୍ୟ ଅନିତ୍ୟ ଅଟେ । ଯେପରି ଅଗ୍ନି କାଠକୁ ନଷ୍ଟକରି, ଶେଷରେ ନିଜେ ମଧ୍ୟ ନଷ୍ଟ ହୋଇଯାଏ, ତେଣୁ ଏହା ଅନିତ୍ୟ ।

ଉତ୍ତର : ଯାହା ଇନ୍ଦ୍ରିୟମାନଙ୍କ ଦ୍ୱାରା ସାକ୍ଷାଦ୍ ଉପଲବ୍ଧ ହୁଏ, ତାହା କଦାପି ମିଥ୍ୟା ବା ଅନିତ୍ୟ ହୋଇନପାରେ, ପୁଣି ଜଗତର ମୂଳ ଉପାଦାନ ସେହି ପରମ ସୂକ୍ଷ୍ମ ପ୍ରକୃତିକୁ କଦାପି ମିଥ୍ୟା ବା ଅନିତ୍ୟ କୁହାଯାଇପାରିବ ନାହିଁ । ଯେଉଁମାନେ ବ୍ରହ୍ମକୁ ସତ୍ୟ ବୋଲି ମାନନ୍ତି, ପୁଣି ବ୍ରହ୍ମରୁ ଏହି ଜଗତର ଉତ୍ପତ୍ତି ବୋଲି ସ୍ୱୀକାର କରନ୍ତି, ସେମାନେ ଜଗତକୁ ମିଥ୍ୟା ବୋଲି କହିପାରିବେ ନାହିଁ, କାରଣ ବ୍ରହ୍ମ ଯଦି ସତ୍ୟ, ବ୍ରହ୍ମରୁ ଉତ୍ପନ୍ନ ଜଗତ ମଧ୍ୟ ସତ୍ୟ ଓ ନିତ୍ୟ ହେବା ଆବଶ୍ୟକ । ପୁଣି ସ୍ୱପ୍ନ ବା ରଜ୍ଜୁ ସର୍ପବତ୍ ଜଗତକୁ କଳ୍ପିତ ବୋଲି କହିଲେ ମଧ୍ୟ ଜଗତ ମିଥ୍ୟା ହେବ ନାହିଁ । ଯେଣୁ କଳ୍ପନା ହେଉଛି ଏକ ଗୁଣ, ଦ୍ରବ୍ୟରୁ ଗୁଣ କେବେହେଲେ ଭିନ୍ନ ହୋଇ ରହି ନପାରେ । ଯଦି କଳ୍ପନା କରିବା ବ୍ୟକ୍ତି ନିତ୍ୟ, ତେବେ କଳ୍ପିତ ଦ୍ରବ୍ୟ ମଧ୍ୟ ନିତ୍ୟ । ଯେଣୁ କଳ୍ପିତ ଦ୍ରବ୍ୟକୁ ଯଦି ଅନିତ୍ୟ କୁହାଯାଏ, ତେବେ କଳ୍ପନାକାରୀ ଜୀବକୁ ମଧ୍ୟ ଅନିତ୍ୟ ବୋଲି କୁହାଯିବ । ଜାଗ୍ରତ ଅବସ୍ଥାରେ ଯାହା କେବେ ଦେଖାଯାଇ ନଥାଏ ବା ଶୁଣାଯାଇ ନଥାଏ, ତାହା ସ୍ୱପ୍ନରେ କେବେ ଅନୁଭୂତ ହୁଏ ନାହିଁ । ଜାଗ୍ରତ ଅବସ୍ଥାରେ ବସ୍ତୁ ସହିତ ଇନ୍ଦ୍ରିୟର ସାକ୍ଷାଦ୍ ସମ୍ବନ୍ଧ ହେତୁ ପ୍ରତ୍ୟକ୍ଷ ଜ୍ଞାନ ଜନ୍ମେ । ସେହି ପ୍ରତ୍ୟକ୍ଷ ଜ୍ଞାନରୁ ସଂସ୍କାର ବା ବାସନାରୂପ ଜ୍ଞାନମାତ୍ର ଅନୁଭୂତ ହୁଏ । ଜାଗ୍ରତ ଅବସ୍ଥାରେ ସାକ୍ଷାଦ୍ ଅନୁଭୂତ ହୋଇ ନଥିବା ଦ୍ରବ୍ୟର ଯଦି ସ୍ୱପ୍ନ ହେଉଥାନ୍ତା, ତେବେ ଜନ୍ମାନ୍ଧ ବ୍ୟକ୍ତି ମଧ୍ୟ ବିବିଧ ବର୍ଣ୍ଣର ସ୍ୱପ୍ନ ଦେଖି ପାରନ୍ତା । କିନ୍ତୁ କେବେ ସେପରି ହୁଏ ନାହିଁ । ଏଣୁ ବାହ୍ୟ ଜଗତରେ ଯେଉଁ ପଦାର୍ଥ ସବୁ ଇନ୍ଦ୍ରିୟଦ୍ୱାରା ଅନୁଭୂତ ହୁଏ, ସେହି ପଦାର୍ଥର କଳ୍ପନାମାତ୍ର ମାନସ ପଟରେ କେବଳ ଅଙ୍କିତ ହୋଇ ରହେ । ଯେପରି ସ୍ୱପ୍ନାବସ୍ଥାରେ ମନୁଷ୍ୟର ବାହ୍ୟ ପଦାର୍ଥ ଜ୍ଞାନ କିଛି ରହେ ନାହିଁ, ତଥାପି ସକଳ ପଦାର୍ଥ ବିଦ୍ୟମାନ ଥାଏ, ସେହିପରି ପ୍ରଳୟାବସ୍ଥାରେ ମଧ୍ୟ ପ୍ରକୃତି ବା ଜଗତର ସୂକ୍ଷ୍ମକାରଣ ସର୍ବଦା ବିଦ୍ୟମାନ ଥାଏ । ୪ ।

୧୭. **ପ୍ରଶ୍ନ :** ଯେପରି କି ଜାଗ୍ରତାବସ୍ଥାର ସମସ୍ତ ପଦାର୍ଥ ସୁଷୁପ୍ତି ଅବସ୍ଥାରେ ଅନିତ୍ୟ ବା ମିଥ୍ୟା ହୋଇଯାଏ, ପୁଣି ସ୍ୱପ୍ନଦୃଷ୍ଟ ସକଳ ଦ୍ରବ୍ୟ ଜାଗ୍ରତାବସ୍ଥାରେ ନଷ୍ଟ ହୋଇଯାଏ, ସେହିପରି ଜାଗ୍ରତାବସ୍ଥାର ସମସ୍ତ ପଦାର୍ଥକୁ ମଧ୍ୟ କାହିଁକି ଅନିତ୍ୟ ବା ମିଥ୍ୟା ବୋଲି କୁହା ନ ଯିବ ?

ଉତ୍ତର : ନା, ତାହାନୁହେଁ । କାରଣ ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥାରେ ବାହ୍ୟ ପଦାର୍ଥର ଅଜ୍ଞାନତା ଥାଏ, ମାତ୍ର ଅଭାବ ନଥାଏ । ଯେପରି କୌଣସି ଜଣେ ବ୍ୟକ୍ତି ଦୁନିଆଁର ଅନେକ ପଦାର୍ଥ ଦେଖି ନଥାଏ । ସେ ଯାହା ନ ଦେଖିଛି, ସେ ସବୁ ସଂସାରରେ ନାହିଁ, ଏପରି ଅର୍ଥ କଦାପି ହୋଇନପାରେ । ଅର୍ଥାତ୍ ସେ ଦ୍ରବ୍ୟଗୁଡ଼ିକର ଅଭାବ ନାହିଁ । ସ୍ୱପ୍ନ ଓ ସୁଷୁପ୍ତିର କଥାକୁ ମଧ୍ୟ ସେପରି ସ୍ୱୀକାର କରାଯିବ । ଏଣୁ ପୂର୍ବରୁ କଥିତ 'ବ୍ରହ୍ମ, ଆତ୍ମା ଓ ପ୍ରକୃତି'' - ଏ ତିନିହେଁ ନିତ୍ୟ ଓ ଅନାଦି ଅଟନ୍ତି । ତାହାହିଁ ହେଉଛି ସତ୍ୟ ।୫ ।

୧୮ ଷଷ୍ଠ ନାସ୍ତିକ କହେ ଯେ, ପଞ୍ଚଭୂତ (ପୃଥିବୀ, ଆପ, ତେଜ, ବାୟୁ ଓ ଆକାଶ) ନିତ୍ୟ ହୋଇଥିବାରୁ ସକଳ ଜଗତ ନିତ୍ୟ ବା ଅବିନଶ୍ୱର ଅଟେ, ଏହା ସତ୍ୟ ନୁହେଁ କି ?

ଉତ୍ତର : ଏ କଥା ସତ୍ୟ ନୁହେଁ । କାରଣ ଯେଉଁ ପଦାର୍ଥ ଗୁଡ଼ିକର ଉତ୍ପତ୍ତି ଓ ବିନାଶର କାରଣ ଦେଖିବାକୁ ମିଳେ, ସେ ସବୁ ଯଦି ନିତ୍ୟ ହୁଅନ୍ତି, ତେବେ ସମସ୍ତ ସ୍ଥୂଳ ଜଗତ, ଶରୀର ଓ ଘଟପଟାଦି ପଦାର୍ଥମାନ ନିତ୍ୟ ହୋଇଯିବେ । ଏହା କେବେ ଠିକ୍ ନୁହେଁ । କାରଣ ଏଗୁଡ଼ିକୁ ନଷ୍ଟ ହେଉଥିବାର ଦେଖି ମଧ୍ୟ ନିତ୍ୟ ବୋଲି କହିବା ଯୁକ୍ତି ସଙ୍ଗତ ନୁହେଁ । ଯେଣୁ ପଞ୍ଚଭୂତର କାର୍ଯ୍ୟକୁ ଅନିତ୍ୟ ବୋଲି ଧରାଯାଏ ।୬ ।

ସପ୍ତମ ନାସ୍ତିକ କହେ ଯେ, ସମସ୍ତ ପଦାର୍ଥ ପୃଥକ୍ ପୃଥକ୍ ଅଟନ୍ତି । ଏ ସବୁ ଏକ ନୁହେଁ । କାରଣ ଆମେ ଯେଉଁ ସବୁ ପଦାର୍ଥ ଦେଖୁଁ, ତନ୍ମଧ୍ୟରୁ ଗୋଟିଏ ପଦାର୍ଥକୁ ଦେଖିବା ବେଳକୁ ଅନ୍ୟ କୌଣସି ଦ୍ୱିତୀୟ ପଦାର୍ଥ ଦେଖାଯାଏ ନାହିଁ ।

ଉତ୍ତର : ଅବୟବ ମଧ୍ୟରେ ଅବୟବୀ (ଦେହ ମଧ୍ୟରେ ଦେହୀ) ବର୍ତ୍ତମାନ କାଳ, ଆକାଶ, ପରମାତ୍ମା ଓ ଜାତି, ଏ ସମସ୍ତ ପୃଥକ୍ ପୃଥକ୍ ପଦାର୍ଥ ସମୂହ ମଧ୍ୟରେ ଏକ ଏକ ହୋଇ ରହିଛନ୍ତି । କୌଣସି ପଦାର୍ଥ ଏଥିରୁ ପୃଥକ୍ ରୂପେ ରହିପାରେ ନାହିଁ । ଏଣୁ ସବୁ ପଦାର୍ଥ ପୃଥକ୍ ପୃଥକ୍ ନୁହେଁ, ରୂପ କେବଳ ପୃଥକ୍ ମାତ୍ର । ଏ ସବୁ ପୃଥକ୍ ପଦାର୍ଥ ମଧ୍ୟରେ ପୁଣି ଏକତା ରହିଛି ।୭ ।

ଅଷ୍ଟମ ନାସ୍ତିକ କହେ ଯେ, ଗୋଟିଏ ପଦାର୍ଥରେ ଅନ୍ୟ ପଦାର୍ଥର ଅଭାବ ଦେଖାଯାଏ । ଯଥା - ଅନଶ୍ୱୋ ଗୌଃ । ''ଅଗୌରଶ୍ୱଃ'' ଅର୍ଥାତ୍ ଗାଈ ଘୋଡ଼ା ନୁହେଁ କିମ୍ବା ଘୋଡ଼ା ଗାଈ ନୁହେଁ । ଏଣୁକରି ସବୁଗୁଡ଼ିକୁ ଅଭାବ ସ୍ୱରୂପ ମନେ କରିବା ଉଚିତ ।

ଉତ୍ତର : ସବୁ ପଦାର୍ଥରେ ଇତରେତରାଭାବ ବିଦ୍ୟମାନ ଅଛି ସତ, କିନ୍ତୁ ପ୍ରତ୍ୟେକ ପଦାର୍ଥରେ ସେହି ପଦାର୍ଥର ଅଭାବ ନାହିଁ । ଯଥା "ଗବି ଗୌରଶ୍ୱୋଃଶ୍ୱୋ ଭାବରୂପୋ ବର୍ତ୍ତତ ଏବ" ଗାଈଠାରେ ଗାଈ ଭାବ ଓ ଘୋଡ଼ାଠାରେ ଘୋଡ଼ାର ଭାବ ଅଛି, ତା କେବେ ଅଭାବ ହୋଇ ନପାରେ । ଯଦି ପଦାର୍ଥରେ ଭାବ ନ ଥାଆନ୍ତା, ତେବେ ଇତରେତରାଭାବ ବୋଲି କିପରି କଥିତ ହୁଅନ୍ତା ? ।୮।

ନବମ ନାସ୍ତିକ ମତ ଦିଏ ଯେ, ସ୍ୱଭାବରୁ ଜଗତର ଉତ୍ପତ୍ତି ହୋଇଛି : ଦିଓଟି ପଦାର୍ଥ ଯୋଗ ହେଲେ ତୃତୀୟ ପଦାର୍ଥ ଉତ୍ପନ୍ନ ହୋଇଥାଏ । ଯେପରି ଜଳ ଓ ଅନ୍ନ ଏକାଠି ପଡିଗଲେ ତହିଁରୁ କୃମି ଜାତ ହୁଅନ୍ତି, ସେହିପରି ବୀଜ, ପୃଥିବୀ ଓ ଜଳର ସମ୍ମିଶ୍ରଣରେ ଘାସ, ବୃକ୍ଷ ଓ ପଥର ପ୍ରଭୃତି ଜାତ ହୁଏ, ପୁଣି ସମୁଦ୍ର ଓ ବାୟୁର ସଂଯୋଗରେ ତରଙ୍ଗ, ଏ ତରଙ୍ଗରୁ ସମୁଦ୍ର ଫେଣ, ତଥା ହଳଦୀ, ଚୂନ ଓ ଲେମ୍ବୁରସ ମିଶିଲେ ତିଳକମାଟି ନିର୍ମିତ ହୁଏ, କିନ୍ତୁ ଏ ସବୁ ଆପେ ଆପେ ମିଶିଯାଏ ନାହିଁ । ସେ ଗୁଡ଼ିକୁ ମିଳାଇବାକୁ ପଡ଼େ । ସେସବୁ ପଦାର୍ଥମାନଙ୍କର ସ୍ୱାଭାବିକ ଗୁଣରୁ ସମସ୍ତ ଜଗତ ଉତ୍ପତ୍ତି ହୋଇଛି । ଏମାନଙ୍କୁ କେହି ନିର୍ମାଣ କରି ନାହାନ୍ତି ।

ଉତ୍ତର : ଯଦି ସ୍ୱଭାବରୁ ଉତ୍ପତ୍ତି ହୋଇଥାନ୍ତା, ତେବେ ତାହାର ବିନାଶ କେବେ ହୁଅନ୍ତା ନାହିଁ । ପୁଣି ଯଦି ବିନାଶ ସ୍ୱଭାବରୁ ହୁଏ, ତେବେ ଉତ୍ପତ୍ତି କେବେ ସମ୍ଭବ ହୁଅନ୍ତା ନାହିଁ । ଯଦି ଉତ୍ପତ୍ତି ଓ ବିନାଶ ଉଭୟକୁ ସ୍ୱାଭାବିକ ବୋଲି ଯୁଗପତ୍ ସ୍ୱୀକାର କରାଯାଏ, ତେବେ କେବେହେଲେ ଉତ୍ପତ୍ତି ଓ ବିନାଶର ବ୍ୟବସ୍ଥା ସମ୍ଭବପର ହୋଇପାରିବ ନାହିଁ । ଯଦି ନିମିତ୍ତ ହୋଇଥିବାରୁ ଉତ୍ପତ୍ତି ଓ ବିନାଶ ହେଉଛି ବୋଲି ମନେକର, ତେବେ ନିମିତ୍ତ ଉତ୍ପତ୍ତି ଓ ବିନାଶଶୀଳ ଦ୍ରବ୍ୟଗୁଡ଼ିକରେ ପୃଥକ୍ ଭାବ ଅଛି ବୋଲି ବିସ୍ୱର କରାଯିବ । ଯଦି ସ୍ୱଭାବରୁ ହିଁ ଉତ୍ପତ୍ତି ଓ ବିନାଶ ହେଉଛି ବୋଲି ଧରାଯାଏ, ତେବେ ସମୟରେ ହିଁ ଉତ୍ପତ୍ତି ତଥା ବିନାଶ ହେବା କଦାପି ସମ୍ଭବପର ନୁହେଁ । ଯଦି ସ୍ୱଭାବରୁ ପଦାର୍ଥ ଉତ୍ପନ୍ନ ହେଉଥାନ୍ତା, ତେବେ ଆମର ଏହି ଭୂଗୋଳ ନିକଟରେ, ଅନ୍ୟାନ୍ୟ ଚନ୍ଦ୍ର, ସୂର୍ଯ୍ୟାଦି ଭୂଗୋଳ କାହିଁକି ଉତ୍ପନ୍ନ ହେଉ ନାହାନ୍ତି ? ଆଉ ଭିନ୍ନ ଭିନ୍ନ ପଦାର୍ଥର ମିଶ୍ରଣରୁ ଅନ୍ୟ ଏକ ପୃଥକ୍ ପଦାର୍ଥ ଯେଉଁ ଜାତ ହେଉଛି, ତାହା ହେଉଛି ଈଶ୍ୱର କର୍ତ୍ତୃକ । ଯେପରି ବୀଜ, ଅନ୍ନ ଓ ଜଳାଦିର ସଂଯୋଗରୁ ଯେଉଁ ଘାସ, ବୃକ୍ଷ ଓ କୃମି ପ୍ରଭୃତି ଉତ୍ପନ୍ନ ହେଉଛି, ତାହା ଯୋଗକାରୀକୁ ଅପେକ୍ଷା କରୁଛି । ଯୋଗକାରୀ ଜଣେ ନ ହେଲେ ତାହା ଆପେ ଆପେ ହୋଇପାରିବ ନାହିଁ ।

ଏତଦ୍ ବ୍ୟତୀତ ସଂଯୋଗ ବଶତଃ ପଦାର୍ଥର ଉତ୍ପତ୍ତି ଅସମ୍ଭବ । ଯେପରି ହଳଦୀ, ଚୂନ ଓ ଲେମ୍ବୁରସ ଭିନ୍ନ ଭିନ୍ନ ସ୍ଥାନରୁ ଆସି ଆପେ ଆପେ ମିଶି ଯାଆନ୍ତି ନାହିଁ । ସେ ସବୁକୁ କେହି ଜଣେ ମିଶାଏ । ସେ ସବୁ ପୁଣି ଉଚିତ ପରିମାଣରେ ମିଶ୍ରଣ ହେଲେ ତିଳକମାଟି ନିର୍ମିତ ହୁଏ । ଉଣା ଅଧିକ ହେଲେ ତାହା ନିର୍ମିତ ହୁଏ ନାହିଁ । ସେହିପରି ପ୍ରକୃତି ଓ ପରମାଣୁଗୁଡ଼ିକୁ ଜ୍ଞାନ ଓ ଯୁକ୍ତିଦ୍ୱାରା ଈଶ୍ୱର ମିଶ୍ରଣ ନକଲେ, ଜଡ଼ ପଦାର୍ଥରୁ କୌଣସି ବିଶିଷ୍ଟ ପଦାର୍ଥ ତିଆରି ହୋଇ ପାରନ୍ତା ନାହିଁ । ଏଣୁ ସୃଷ୍ଟିର ଉତ୍ପତ୍ତି ସ୍ୱାଭାବିକ ନୁହେଁ, ଈଶ୍ୱରଙ୍କ ରଚନାଦ୍ୱାରା ଏହା ସମ୍ଭବ ହେଉଛି ।୯ ।

୧୯.ପ୍ରଶ୍ନ : ଏହି ଜଗତର କର୍ତ୍ତା କେହି କେବେ ନଥିଲେ, କେହି ନାହାନ୍ତି କି ଭବିଷ୍ୟତରେ ମଧ୍ୟ କେହି ହେବେ ନାହିଁ । ଅନାଦି କାଳରୁ ଯେମିତି ନିର୍ମିତ ହୋଇଥିଲା ସେହିପରି ରହିଛି । ଏହା କେବେ ଉତ୍ପତ୍ତି ହୋଇ ନାହିଁ କି କେବେ ଏହାର ବିନାଶ ମଧ୍ୟ ହେବ ନାହିଁ ।

ଉତ୍ତର : କର୍ତ୍ତା ବ୍ୟତିରେକେ କୌଣସି କ୍ରିୟା ବା କ୍ରିୟାଜନ୍ୟ ପଦାର୍ଥ ତିଆରି ହୋଇପାରିବ ନାହିଁ । ପୃଥିବୀ ପ୍ରଭୃତି ଯେଉଁ ପଦାର୍ଥ ଗୁଡ଼ିକ ଅଣୁପରମାଣୁ ଗୁଡ଼ିକର ସଂଯୋଗରୁ ନିର୍ମିତ, ସେଗୁଡ଼ିକ କଦାପି ଅନାଦି ହୋଇ ନ ପାରନ୍ତି । ଯେଉଁ ବସ୍ତୁ ଅଣୁପରମାଣୁର ସଂଯୋଗରୁ ଉତ୍ପନ୍ନ, ସେ ବସ୍ତୁ ଅଣୁପରମାଣୁ ମିଳନ ପୂର୍ବରୁ ନଥିଲା କି ବିନାଶପରେ ମଧ୍ୟ ରହିବ ନାହିଁ । ଯଦି ମୋ କଥାକୁ ତୁମେ ବିଶ୍ୱାସ ନ କରୁଛ ତେବେ କଠିନରୁ ଅତି କଠିନ ପଥର, ହୀରା, ପୋହଳା ପ୍ରଭୃତିକୁ ଭାଙ୍ଗି, ଚୂର୍ଣ୍ଣକରି, ତରଳାଇ ବା ଭସ୍ମକରି ଦେଖ ଯେ ସେଥିରେ ପରମାଣୁ ପୃଥକ୍ ପୃଥକ୍ ରୂପେ ମିଳିତ ହୋଇଛନ୍ତି କି ନାହିଁ ? ଯଦି ମିଳିତ ରୂପେ ଥାଏ, ତେବେ ସମୟ ଆସିଲେ ସେ ସବୁ ପୁଣି ପୃଥକ୍ ପୃଥକ୍ ହୋଇଯିବେ । ୧୦ ।

୨୦. **ପ୍ରଶ୍ନ** : ଅନାଦି ଈଶ୍ୱର ବୋଲି କେହି ଜଣେ ନାହାନ୍ତି । କିନ୍ତୁ ଯେଉଁ ଜୀବ ଯୋଗାଭ୍ୟାସ ଦ୍ୱାରା ଅଣିମାଦି ଐଶ୍ୱର୍ଯ୍ୟ ପ୍ରାପ୍ତି ପୂର୍ବକ, ସର୍ବଜ୍ଞତ୍ୱ ଆଦିଗୁଣଯୁକ୍ତ ହୋଇ ପୂର୍ଣ୍ଣଜ୍ଞାନୀ ହୁଏ, ସେହିଁ ଈଶ୍ୱର ବୋଲି କଥିତ ହୁଅନ୍ତି ।

ଉତ୍ତରଃ ଯଦି ଅନାଦି ଈଶ୍ୱର ଜଗତର ସ୍ରଷ୍ଟା ନୁହଁନ୍ତି, ତେବେ ଯେଉଁ ଯୋଗୀ ସାଧନା ବଳରେ ସିଦ୍ଧି ଲାଭ କରନ୍ତି, ସେହି ସାଧନାର ଉପକରଣ ଯଥା - ଶରୀର, ଇନ୍ଦ୍ରିୟ ଗୋଲକ, ଓ ଜଗତର ଯାବତୀୟ ପଦାର୍ଥ ସବୁକୁ ସୃଷ୍ଟି କଲା କିଏ ? ଏ ସବୁ ସାଧନ ବା ଉପକରଣ ନଥିଲେ, କେହି କେବେ ସିଦ୍ଧିଲାଭ କରିପାରିବ ନାହିଁ ।

ପୁଣି ଜୀବ ନିଜର ଅନବରତ ଶ୍ରମ ଓ ସାଧନାଦ୍ୱାରା ଯେତେ ସିଦ୍ଧି ଲାଭ କଲେ ମଧ୍ୟ, ଅନାଦି ଓ ଅନନ୍ତ ସିଦ୍ଧି ସଂପନ୍ନ ଈଶ୍ୱରଙ୍କ ସମକକ୍ଷ ହୋଇପାରିବ ନାହିଁ । କାରଣ ଜୀବର ଜ୍ଞାନ ଅନନ୍ତକାଳପର୍ଯ୍ୟନ୍ତ ଉତ୍ତରୋତ୍ତର ବୃଦ୍ଧିପ୍ରାପ୍ତ ହେଲେ ମଧ୍ୟ ତାହା ସର୍ବଦା ସୀମିତ ହୋଇ ରହେ । କେବେହେଁ ତାହା ଅନନ୍ତ ହୋଇନପାରେ । ପୁଣି କୌଣସି ଜୀବ ଯେତେ ସାମର୍ଥ୍ୟ ଅର୍ଜନ କଲେ ସୁଦ୍ଧା ଈଶ୍ୱରଙ୍କ ସଦୃଶ ଅନନ୍ତ ସାମର୍ଥ୍ୟ ଲାଭ କରି ନପାରେ । ଦେଖ, ଆଜି ପର୍ଯ୍ୟନ୍ତ କୌଣସି ଯୋଗୀ ଋଷି ଈଶ୍ୱରକୃତ ସୃଷ୍ଟି କ୍ରମକୁ ପରିବର୍ତ୍ତନ କରିପାରି ନାହାନ୍ତି କିମ୍ବା ଭବିଷ୍ୟତରେ ମଧ୍ୟ କରିପାରିବେ ନାହିଁ । ଈଶ୍ୱର ଚକ୍ଷୁଦ୍ୱାରା ଦେଖିବାର ଓ କାନଦ୍ୱାରା ଶୁଣିବାର ଯେଉଁ ବ୍ୟବସ୍ଥା କରିଛନ୍ତି, ତାକୁ କୌଣସି ଯୋଗୀ ପରିବର୍ତ୍ତନ କରିପାରିବେ ନାହିଁ । ତେଣୁ ଜୀବ କେବେ ମଧ୍ୟ ଈଶ୍ୱର ହୋଇ ନପାରେ ।

୨୧. **ପ୍ରଶ୍ନ** : କଳ୍ପ କଳ୍ପାନ୍ତରରେ ସୃଷ୍ଟିର ରୂପକୁ ପରମେଶ୍ୱର ଭିନ୍ନ ଭିନ୍ନ ରୂପରେ ନିର୍ମାଣ କରନ୍ତି, ନା ଏକ ପ୍ରକାର ?

ଉତ୍ତର : ବର୍ତ୍ତମାନ ସୃଷ୍ଟି ଯେପରି ଅଛି, ପ୍ରଥମେ ସେହିପରି ଥିଲା ଓ ପରେ ମଧ୍ୟ ସେହିପରି ରହିବ । କୌଣସି ଭିନ୍ନତା କରନ୍ତି ନାହିଁ ।

ସୂର୍ଯ୍ୟାଚନ୍ଦ୍ରମସୌ ଧାତା ଯଥା ପୂର୍ବମକଳ୍ପୟତ୍ ।
ଦିବଂଚ ପୃଥିବୀଂ ଚାନ୍ତରିକ୍ଷମଥୋ ସ୍ୱଃ ।।

(ଋଗ୍‌ବେଦ ୧୦-୧୯୦-୩)

ପରମେଶ୍ୱର ପୂର୍ବ କଳ୍ପମାନଙ୍କରେ ଯେପରି ସୂର୍ଯ୍ୟ, ଚନ୍ଦ୍ର, ବିଦ୍ୟୁତ୍ ପୃଥିବୀ ତଥା ଅନ୍ତରୀକ୍ଷ ପ୍ରଭୃତି ସୃଷ୍ଟି କରିଥିଲେ, ସେହିପରି ଏବେ ସୃଷ୍ଟି କରିଛନ୍ତି ଓ ଭବିଷ୍ୟତରେ ମଧ୍ୟ ସେହିପରି ସୃଷ୍ଟି କରିବେ ।

ଈଶ୍ୱରଙ୍କ କାର୍ଯ୍ୟ ଭ୍ରମ ଓ ପ୍ରମାଦଶୂନ୍ୟ ହୋଇଥିବାରୁ ସର୍ବଦା ତାହା ଏକ ପ୍ରକାର ଅଟେ । ଯେଉଁମାନେ ଅଳ୍ପଜ୍ଞ,ଯେଉଁମାନଙ୍କର ଜ୍ଞାନ ବୃଦ୍ଧି ବା ହ୍ରାସ ପାଏ, ସେମାନଙ୍କ କାର୍ଯ୍ୟରେ ଭ୍ରମ ଓ ତ୍ରୁଟି ପରିଲକ୍ଷିତ ହୋଇଥାଏ । କିନ୍ତୁ ଈଶ୍ୱରଙ୍କ କ୍ରିୟାରେ ସେପରି ହୁଏ ନାହିଁ ।

୨୨. **ପ୍ରଶ୍ନ** : ସୃଷ୍ଟି ବିଷୟରେ ବେଦାଦି ଶାସ୍ତ୍ର ମଧ୍ୟରେ ପରସ୍ପର ବିରୋଧ ରହିଛି ନା ଏକମତ ଅଛି ?

ଉତ୍ତର : କୌଣସି ବିରୋଧ ନାହିଁ, ଏକମତ ଅଛି ।

ପ୍ରଶ୍ନ : ଯଦି ବିରୋଧ ନାହିଁ, ତେବେ ....

ତସ୍ମାଦ୍ ବା ଏତସ୍ମାଦାତ୍ମନ ଆକାଶଃ ସମ୍ଭୂତଃ । ଆକାଶାଦ୍ ବାୟୁଃ । ବାୟୋରଗ୍ନିଃ । ଅଗ୍ନେରାପଃ ଅଦ୍‌ଭ୍ୟଃ ପୃଥିବୀ ।। ପୃଥିବ୍ୟା ଓଷଧୟଃ ।। ଔଷଧିଭ୍ୟୋଽନ୍ନମ୍ ।। ଅନ୍ନାଦ୍ରେତଃ । ରେତସଃ ପୁରୁଷଃ । ସ ବା ଏଷ ପୁରୁଷୋଽନ୍ନରସମୟଃ ।।

(ତୈତ୍ତିରୀୟୋପନିଷଦ୍ ବ୍ର.ବ. ଅନୁବାକ ୧)

ସେହି ପରମେଶ୍ୱର ଓ ପ୍ରକୃତିରୁ ଆକାଶ ଉତ୍ପନ୍ନ ହେଲା । [illegible] ପରିବ୍ୟାପ୍ତ କାରଣରୂପକ ଦ୍ରବ୍ୟ ଏକତ୍ରିତ ହେବାରୁ ଅବକାଶ [illegible] ହେଲା । ଦେଖିବାକୁ ଗଲେ ଆକାଶର ଉତ୍ପତ୍ତି ନାହିଁ । କାରଣ, ଆକାଶ [illegible] ନଥିଲେ, ପ୍ରକୃତି ଓ ପରମାଣୁ କେଉଁଠି ରହିପାରିବ ? ଆକାଶ ପରେ ବାୟୁ, ବାୟୁ ପରେ ଅଗ୍ନି, ଅଗ୍ନି ପରେ ଜଳ ଓ ଜଳପରେ ପୃଥିବୀ ଉତ୍ପନ୍ନ ହୁଏ । ପୃଥିବୀରୁ ଔଷଧି, ଔଷଧିରୁ ଅନ୍ନ, ଅନ୍ନରୁ ବୀର୍ଯ୍ୟ, ବୀର୍ଯ୍ୟରୁ ପୁରୁଷ ଅର୍ଥାତ୍ ଶରୀର ଉତ୍ପନ୍ନ ହୋଇଥାଏ । ଏଠାରେ ଆକାଶାଦି କ୍ରମରେ ଛାନ୍ଦୋଗ୍ୟ ଉପନିଷଦ୍‌ରେ ଅଗ୍ନ୍ୟାଦି କ୍ରମରେ, [illegible] ଉପନିଷଦ୍‌ରେ ଜଳାଦି କ୍ରମରେ ସୃଷ୍ଟି ଉତ୍ପନ୍ନ ବୋଲି କୁହାଯାଇଛି । ବେଦରେ କେଉଁଠି ପୁରୁଷ, କେଉଁଠି ହିରଣ୍ୟଗର୍ଭ ପ୍ରଭୃତିରୁ, ମୀମାଂସାରେ କର୍ମରୁ, ବୈଶେଷିକରେ କାଳଠାରୁ, ନ୍ୟାୟରେ ପରମାଣୁରୁ, ଯୋଗରେ ପୁରୁଷାର୍ଥରୁ, ସାଂଖ୍ୟରେ ପ୍ରକୃତିରୁ ତଥା ବେଦାନ୍ତରେ ବ୍ରହ୍ମଠାରୁ ସୃଷ୍ଟିର ଉତ୍ପତ୍ତି ବୋଲି କୁହାଯାଇଛି । [illegible] କାହାକୁ ସତ କାହାକୁ ମିଛ ବୋଲି ଗ୍ରହଣ କରିବୁ ?

ଉତ୍ତର : ଏ ବିଷୟରେ ସମସ୍ତଙ୍କ ମତ ସତ୍ୟ, କାହାରି ମତ ମିଥ୍ୟା ନୁହେଁ । ବିପରୀତ ବୁଝିବା ହିଁ କେବଳ ମିଥ୍ୟା । ଈଶ୍ୱର ହେଉଛନ୍ତି ଜଗତର ନିମିତ୍ତ କାରଣ ଓ ପ୍ରକୃତି ହେଉଛି ଉପାଦାନ କାରଣ । ମହାପ୍ରଳୟ ହେବାପରେ ଆକାଶାଦି କ୍ରମରେ ସୃଷ୍ଟି ହୋଇଥାଏ । ଅର୍ଥାତ୍ ଯେତେବେଳେ ଆକାଶ ଓ ବାୟୁର ପ୍ରଳୟ ହୁଏ ନାହିଁ, କେବଳ ଅଗ୍ନି ପର୍ଯ୍ୟନ୍ତ ହୁଏ, ସେତେବେଳେ ଅଗ୍ନ୍ୟାଦି କ୍ରମରେ, ଯେତେବେଳେ ବିଦ୍ୟୁତ୍, ଅଗ୍ନିର ନାଶ ନହୁଏ, ସେତେବେଳେ ଜଳ କ୍ରମରେ ସୃଷ୍ଟି ତିଆରି ହୁଏ । ଅର୍ଥାତ୍ ଯେଉଁ ଯେଉଁ ପ୍ରଳୟରେ ଯେଉଁ ପଦାର୍ଥ ପର୍ଯ୍ୟନ୍ତ ପ୍ରଳୟ ହୁଏ, ସେହିଠାରୁ ପୁଣି ସୃଷ୍ଟିର ଉତ୍ପତ୍ତି ଆରମ୍ଭ ହୁଏ । ପ୍ରଥମ ସମୁଲ୍ଲାସରେ ଲେଖା ଯାଇଛି, ପୁରୁଷ ଓ ହିରଣ୍ୟ ଗର୍ଭ ପ୍ରଭୃତି ପରମେଶ୍ୱରଙ୍କର ନାମ ଅଟେ । ଏକ କାର୍ଯ୍ୟରେ [illegible] ବିଷୟରେ ବିରୁଦ୍ଧ ବାଦ କରାଗଲେ ତାହାକୁ ବିରୋଧ କୁହାଯାଏ । [illegible] ଶାସ୍ତ୍ରରେ କୌଣସି ବିରୋଧ ନାହିଁ, ବରଂ ସାମଞ୍ଜସ୍ୟ ରହିଛି । ଦେଖ...... ମୀମାଂସା ମତରେ କର୍ମଚେଷ୍ଟା ବ୍ୟତୀତ ଜଗତରେ କୌଣସି ହେଲେ କାର୍ଯ୍ୟ [illegible] ନାହିଁ । ବୈଶେଷିକ ମତରେ ସମୟ ବ୍ୟୟିତ ନହେଲେ କୌଣସି କାର୍ଯ୍ୟ ହୁଏ ନାହିଁ

ନ୍ୟାୟମତରେ ଉପାଦାନ କାରଣ ବ୍ୟତୀତ କିଛି ହେଲେ ତିଆରି ହୋଇପାରେ ନାହିଁ । ଯୋଗ ଶାସ୍ତ୍ର ମତରେ ବିଦ୍ୟା, ଜ୍ଞାନ ଓ ବିଗ୍ରହ ବ୍ୟତୀତ ସୃଷ୍ଟି କଦାପି ସମ୍ଭବପର ନୁହେଁ । ସାଂଖ୍ୟ ମତରେ ତତ୍ତ୍ୱଗୁଡ଼ିକର ମେଳ ନ ହେଲେ ସୃଷ୍ଟି ହୋଇପାରେ ନାହିଁ । ବେଦାନ୍ତମତରେ ନିର୍ମାଣକର୍ତ୍ତା ନ ହେଲେ କୌଣସି ବସ୍ତୁ ନିର୍ମିତ ହେବା ଅସମ୍ଭବ । ଏହି ଛଅଟି କାରଣଯୋଗୁଁ ସୃଷ୍ଟି ତିଆରି ହୁଏ ।

ଏହି ଛଅଗୋଟି କାରଣ ମଧ୍ୟରୁ ଗୋଟିଏ ଗୋଟିଏ କାରଣକୁ ନେଇ ଗୋଟିଏ ଗୋଟିଏ ଶାସ୍ତ୍ର ରଚନା କରାଯାଇଛି । ଏଣୁ ଏହି ଶାସ୍ତ୍ରମାନଙ୍କରେ କୌଣସି ପ୍ରକାର ବିରୋଧ ନାହିଁ । ଯେପରି ଛଅଜଣ ଲୋକ ଗୋଟିଏ ଖୁଣ୍ଟକୁ ଉଠାଇ କାନ୍ଧ ଉପରେ ରଖି ଦିଅନ୍ତି, ସେହିପରି ସୃଷ୍ଟିରୂପକ ଛଅପ୍ରକାର କାର୍ଯ୍ୟର ବ୍ୟାଖ୍ୟା ଏହି ଛଅଜଣ ଶାସ୍ତ୍ରକାର ମିଳିମିଶି କରିଛନ୍ତି । ଯେପରି ଛଅଜଣ ଅନ୍ଧ ଗୋଟିଏ ହାତୀର ଅଙ୍ଗପ୍ରତ୍ୟଙ୍ଗକୁ ଅଣ୍ଡାଳି ନିଜ ନିଜ ଅନୁଭୂତି ଅନୁସାରେ ବର୍ଣ୍ଣନା କଲେ, ଯଥା - ଗୋଡ଼କୁ ଅଣ୍ଡାଳି ଜଣେ କହିଲା ହାତୀ ଖମ୍ବପରି, ଦ୍ୱିତୀୟ ଜଣକ କାନକୁ ଅଣ୍ଡାଳି କହିଲା - କୁଲାପରି, ତୃତୀୟ ଅନ୍ଧ କହିଲା - ହାତୀ ମୂଷଳ ଭଳି, ଚତୁର୍ଥ ଜଣକ କହିଲା - ଛାଞ୍ଚୁଣିପରି, ପଞ୍ଚମ ଜଣକ କହିଲା - ହାତୀ ସମତଳ ବେଦୀପରି, ତାପରେ ଷଷ୍ଠ ଜଣକ କହିଲା - ଗୋଟିଏ ଖୁଣ୍ଟ ଉପରେ କିଛି କିଛି ମଇଁଷି ପରି । ସେହିପରି ଆଜିକାର ଅନାର୍ଯ୍ୟ, ନବୀନଗ୍ରନ୍ଥପାଠୀ ଓ ପ୍ରାକୃତ ଭାଷାଭାଷୀଲୋକେ ମୁନିଋଷି ପ୍ରଣୀତ ଗ୍ରନ୍ଥ ନ ପଢ଼ି, ବିଶେଷ କରି ସାଧାରଣ ଲୋକଙ୍କ ଉଚିତ ସଂସ୍କୃତ ଓ ପ୍ରାଦେଶିକ ଭାଷାରେ ଲିଖିତ ଗ୍ରନ୍ଥ ପାଠକରି, ପରସ୍ପର ନିନ୍ଦାରେ ବ୍ୟାପୃତ ରହି ଅଯଥା ବିବାଦରେ ମାତି ରହନ୍ତି । ବୁଦ୍ଧିମାନ୍ ଲୋକେ ସେମାନଙ୍କ କଥା ମାନିବା ଉଚିତ ନୁହେଁ । କାରଣ ଅନ୍ଧପଛରେ ଅନ୍ଧଭଳି ଯେଉଁମାନେ ଗମନ କରନ୍ତି ସେମାନେ ନିଶ୍ଚିତରୂପେ ଦୁଃଖୀ ଭୋଗିଥାନ୍ତି । ଦେଖିବାକୁ ଗଲେ ଆଧୁନିକ ଅଳ୍ପବିଦ୍ୟାଯୁକ୍ତ ସ୍ୱାର୍ଥପର ଓ ଇନ୍ଦ୍ରିୟାଧୀନ ଲୋକଙ୍କ ଲୀଳା ହିଁ ସଂସାରକୁ ବିନାଶ ପଟକୁ ଟାଣି ନେଉଛି ।

୨୩- ପ୍ରଶ୍ନ : କାରଣ ବିନା କୌଣସି କାର୍ଯ୍ୟ ଯଦି ହୁଏ ନାହିଁ, ତେବେ କାରଣର କାରଣ କାହିଁକି ନହେବ ?

ଉତ୍ତର : ହେ ସରଳମନା ଭାଇମାନେ ! ନିଜ ବୁଦ୍ଧିକୁ କାହିଁକି ଖଟାଉ ନାହଁ ? ଦେଖ, ସଂସାରରେ ଦୁଇଟିମାତ୍ର ପଦାର୍ଥ ରହିଛି । ପ୍ରଥମଟି କାରଣ ଓ ଦ୍ୱିତୀୟଟି କାର୍ଯ୍ୟ । ଯାହା କାରଣ ତାହା କାର୍ଯ୍ୟନୁହେଁ, ପୁଣି ଯାହା ଯେତେବେଳେ କାର୍ଯ୍ୟସ୍ୱରୂପ, ତାହା ସେତେବେଳେ କାରଣ ହୋଇପାରେ ନାହିଁ । ଯେ ପର୍ଯ୍ୟନ୍ତ ମନୁଷ୍ୟ ସୃଷ୍ଟି ବିଜ୍ଞାନକ୍ରମ ଉତ୍ତମରୂପେ ବୁଝିପାରି ନାହିଁ, ସେପର୍ଯ୍ୟନ୍ତ ତାର ଯଥାର୍ଥ ଜ୍ଞାନ ଲାଭ ହୁଏ ନାହିଁ ।

ନିତ୍ୟାୟାଃ ସତ୍ତ୍ୱରଜସ୍ତମସାଂ ସାମ୍ୟାବସ୍ଥାୟାଃ ପ୍ରକୃତେରୁତ୍ପନ୍ନାନାଂ ପରମସୂକ୍ଷ୍ମାଣାଂ ପୃଥକ୍ ପୃଥଗ୍ ବର୍ତ୍ତମାନାନାଂ ତତ୍ତ୍ୱ ପରମାଣୂନାଂ ପ୍ରଥମଃ ସଂଯୋଗାରମ୍ଭଃ ସଂଯୋଗବିଶେଷାଦବସ୍ଥାନ୍ତରସ୍ୟ ସ୍ଥୂଳାକାରପ୍ରାପ୍ତିଃ ସୃଷ୍ଟିରୁଚ୍ୟତେ ।

ଅନାଦି ନିତ୍ୟ ସ୍ୱରୂପ ସତ୍ତ୍ୱ, ରଜଃ ଓ ତମୋଗୁଣ ଏକାବସ୍ଥାରୂପରେ ଯେଉଁଥିରେ ସମପରିମାଣରେ ଅବସ୍ଥିତ ଥାଏ, ତାହାକୁ ଅନାଦି ଅବିନଶ୍ୱର ପ୍ରକୃତି । ଏହି ପ୍ରକୃତିରେ ଯେଉଁ ପରମସୂକ୍ଷ୍ମ ପୃଥକ୍ ପୃଥକ୍ ତତ୍ତ୍ୱାବୟବମାନ ବିଦ୍ୟମାନଥାଏ, ତାହାର ପ୍ରଥମ ସଂଯୋଗରେ ସ୍ଥୂଳ ସୂକ୍ଷ୍ମାଦି ଅବସ୍ଥାନ୍ତର ସୃଷ୍ଟି ହୁଏ, ଏବଂ ସେହି ସ୍ଥୂଳ ସୂକ୍ଷ୍ମ ତତ୍ତ୍ୱ ନିଚୟର ବିବିଧ ପରିମାଣରେ ସଂଯୋଗକୁ ସୃଷ୍ଟି କୁହାଯାଏ । ପ୍ରଥମ ସଂଯୋଗରେ ଯାହା ମିଳିତ ଥାଏ, ପୁଣି ଉଭୟ ସଂଯୋଗ ମିଳନ ଘଟାଏ, ଏବଂ ସଂଯୋଗ ପୂର୍ବରୁ ତଥା ବିୟୋଗ ପରେ ବିଦ୍ୟମାନ ଥାଏ, ତାକୁ କାରଣ କୁହାଯାଏ । ଯାହା ସଂଯୋଗପରେ ଉତ୍ପନ୍ନ ହୁଏ ଓ ବିୟୋଗ ପରେ ନଷ୍ଟ ହୋଇଯାଏ, ତାକୁ କାର୍ଯ୍ୟ କୁହାଯାଏ । ଯେଉଁମାନେ କାରଣର କାରଣ, କାର୍ଯ୍ୟର କାର୍ଯ୍ୟ, କର୍ତ୍ତାର କର୍ତ୍ତା, ସାଧନର ସାଧନ, ତଥା ସାଧ୍ୟର ସାଧ୍ୟ, ଜିଜ୍ଞାସା କରନ୍ତି ସେମାନେ ଚକ୍ଷୁଥାଇ ଅନ୍ଧ, କାନ ଥାଇ ବଧିର, ପଢ଼ାଶୁଣା କରି ମଧ୍ୟ ମୂର୍ଖ, ବୋଲାଇଥାନ୍ତି । ଆଖିର ଆଖି, ଦୀପର ଦୀପ, ପୁଣି ସୂର୍ଯ୍ୟର ସୂର୍ଯ୍ୟ କେଉଁଠି ଥାଏ କି ? ଯାହା ଯାହାଠାରୁ ଉତ୍ପନ୍ନ ହୁଏ ତାହାହିଁ ତାହାର କାରଣ, ପୁଣି ଯାହା ଉତ୍ପନ୍ନ ହୁଏ ତାହା ହେଉଛି କାର୍ଯ୍ୟ । କାରଣରୁ କାର୍ଯ୍ୟ ଉତ୍ପନ୍ନ କରୁଥିବା ବ୍ୟକ୍ତିକୁ କର୍ତ୍ତା କହନ୍ତି ।

ନାସତୋ ବିଦ୍ୟତେ ଭାବୋ ନା ଭାବୋ ବିଦ୍ୟତେ ସତଃ ।
ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ ।

(ଭଗବଦ୍ ଗୀତା ଅ. ୨/୧୬)

ଅସତ୍‌ର ଭାବ ଅର୍ଥାତ୍ ଅସ୍ତିତ୍ୱ ଓ ସତ୍‌ର ଅଭାବ ଅର୍ଥାତ୍ ଅନସ୍ତିତ୍ୱ କଦାପି ହୁଏ ନାହିଁ । ଯେଉଁମାନେ ତତ୍ତ୍ୱଦର୍ଶୀ ସେମାନେ ଏହି ଦୁଇ ପଦାର୍ଥକୁ କେବଳ ଜାଣିପାରନ୍ତି । କିନ୍ତୁ ଯେଉଁମାନେ ପକ୍ଷପାତୀ, ଅବିଦ୍ୱାନ୍, ମିଥ୍ୟାବାଦୀ ଓ ଭ୍ରମଗ୍ରସ୍ତ ସେମାନେ ସହଜରେ ଏ ବିଷୟକୁ ଜାଣିପାରନ୍ତି ନାହିଁ । କାରଣ ସେମାନେ ବିଦ୍ୱାନ୍ ନୁହଁନ୍ତି, କିମ୍ବା ସତ୍ସଙ୍ଗଲାଭ କରି ନଥାନ୍ତି, ସେମାନେ କୌଣସି ପଦାର୍ଥର ଗୂଢ଼ାର୍ଥକୁ ବିଗ୍ରହ କରିପାରନ୍ତି ନାହିଁ, ଭ୍ରମଜାଲରେ କେବଳ ସର୍ବଦା ଆବଦ୍ଧ ହୋଇ ରହିଥାନ୍ତି । ଯେଉଁମାନେ ସକଳ ବିଦ୍ୟାରେ ପାରଙ୍ଗମ, ଅଥବା ପାରଙ୍ଗମ ହେବାପାଇଁ ଯତ୍ନ କରିଥାନ୍ତି, ସମସ୍ତ ବିଷୟ ଜାଣିବାପରେ ନିଷ୍କପଟ ହୃଦୟରେ ଅନ୍ୟମାନଙ୍କୁ ସେସବୁ ଜଣାଇ ଦିଅନ୍ତି, ପ୍ରକୃତରେ ସେହିମାନେ ହିଁ ଧନ୍ୟବାଦାର୍ହ ହୋଇଥାନ୍ତି । ଯେଉଁମାନେ ବିନାକାରଣରେ

ଜଗତ୍ ଉତ୍ପନ୍ନ ହୁଏ ବୋଲି କହନ୍ତି, ସେମାନେ କିଛି ଜାଣିନାହାନ୍ତି ବୋଲି ବୁଝିବାକୁ ହେବ । ସୃଷ୍ଟି ସମୟ ଆସି ଉପସ୍ଥିତ ହେବାମାତ୍ରକେ, ପରମାତ୍ମା ସକଳ ପରମ ସୂକ୍ଷ୍ମ ପଦାର୍ଥଗୁଡ଼ିକୁ ଏକାଠି କରିଦିଅନ୍ତି । ତାର ପ୍ରାଥମିକ ଅବସ୍ଥାରେ ପ୍ରକୃତିରୂପ ପରମ ସୂକ୍ଷ୍ମ ପଦାର୍ଥରୁ ଯେଉଁ ସାମାନ୍ୟ ସ୍ଥୂଳପଦାର୍ଥ ଉତ୍ପନ୍ନ ହୁଏ, ତାହାର ନାମ ମହତତ୍ତ୍ୱ ବା ଜ୍ଞାନତତ୍ତ୍ୱ । ସେହି ମହତତ୍ତ୍ୱରୁ ଯାକିଛି ଅଧିକ ସ୍ଥୂଳ ପଦାର୍ଥ ଉତ୍ପନ୍ନ ହୁଏ, ତାର ନାମ ହେଉଛି ଅହଙ୍କାର । ଅହଙ୍କାରରୁ ଭିନ୍ନ ଭିନ୍ନ ପଞ୍ଚସୂକ୍ଷ୍ମଭୂତ ଶ୍ରୋତ୍ର, ତ୍ୱକ୍, ଚକ୍ଷୁ, ଜିହ୍ୱା ଓ ପ୍ରାଣ ଏହି ପଞ୍ଚ ଜ୍ଞାନେନ୍ଦ୍ରିୟ, ବାକ୍, ହସ୍ତ, ପାଦ, ଉପସ୍ଥ ଓ ମଳଦ୍ୱାର ଏହି ପାଞ୍ଚୋଟି କର୍ମେନ୍ଦ୍ରିୟ ତଥା ଏକାଦଶ ଇନ୍ଦ୍ରିୟ ''ମନ'' ଅପେକ୍ଷାକୃତ ସ୍ଥୂଳରୂପରେ ସୃଷ୍ଟ ହୋଇଥାନ୍ତି । ଉକ୍ତ ପଞ୍ଚତନ୍ମାତ୍ର ବିବିଧ ପ୍ରକାର ସ୍ଥୂଳାବସ୍ଥାରେ ପରିଣତ ହୋଇ ତହିଁରୁ ପଞ୍ଚସ୍ଥୂଳଭୂତ ଉତ୍ପନ୍ନ ହୋଇଥାଏ । ଯଥା - ମାଟି, ପାଣି ପ୍ରଭୃତି । ଯେଉଁଗୁଡ଼ିକୁ ଆମ୍ଭେମାନେ ଦେଖିପାରୁଛୁଁ ଓ ଧରି ମଧ୍ୟ ପାରୁଛୁଁ । ଏହି ସ୍ଥୂଳଭୂତମାନଙ୍କରୁ ନାନାପ୍ରକାର ଔଷଧ ତଥା ବୃକ୍ଷାଦି ଜାତ ହୁଅନ୍ତି । ଔଷଧି ଓ ବୃକ୍ଷାଦିରୁ ଅନ୍ନ. ଅନ୍ନରୁ ବୀର୍ଯ୍ୟ ପୁଣି ବୀର୍ଯ୍ୟରୁ ଶରୀର ଉତ୍ପନ୍ନ ହୁଏ । ପ୍ରଥମ ସୃଷ୍ଟିରେ ମୈଥୁନ ନଥିଲା, ଅର୍ଥାତ୍ ସ୍ତ୍ରୀ ପୁରୁଷ ସଂଯୋଗରୁ ମାନବର ସୃଷ୍ଟି ପ୍ରଥମେ ହୋଇନାହିଁ । ପ୍ରଥମେ ପରମେଶ୍ୱର ସ୍ତ୍ରୀ ଓ ପୁରୁଷ ଶରୀର ନିର୍ମାଣକରି ତହିଁରେ ଜୀବାତ୍ମାର ସଂଯୋଗ କରିଦିଅନ୍ତି । ତା ପରବର୍ତ୍ତୀ ସମୟରୁ ମୈଥୁନୀସୃଷ୍ଟି ଅର୍ଥାତ୍ ସ୍ତ୍ରୀ ପୁରୁଷ ସଂଯୋଗରୁ ସୃଷ୍ଟିକ୍ରମ ଯଥାରୀତି ଚାଲିଲା ।

ଦେଖ ! ଶରୀର ଅଭ୍ୟନ୍ତରର ରଚନା ଏପରି ବିଚିତ୍ର ଯେ ସେସବୁକୁ ପରିଦର୍ଶନ କରି ବିଦ୍ୱାନ୍‌ମାନେ ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଆନ୍ତି । ଶରୀର ମଧ୍ୟରେ ହାଡ଼ଗୁଡ଼ିକର ସଂଯୋଜନା, ନାଡ଼ୀର ବନ୍ଧନ, ମାଂସ ପ୍ରଲେପନ, ଚର୍ମାଚ୍ଛାଦନ, ପ୍ଲୀହା, ଯକୃତ୍ ହୃଦୟ ଓ ବାୟୁ ସଂଗ୍ରହକ ଫୁସ୍‌ଫୁସ୍ ଯନ୍ତ୍ର ଇତ୍ୟାଦି ଅବୟବର ସଂସ୍ଥାପନ, ମସ୍ତିଷ୍କ ଓ ଚକ୍ଷୁର ସୂକ୍ଷ୍ମ ଶିରାମାନଙ୍କର ତାରପରି ଗ୍ରନ୍ଥନ, ଇନ୍ଦ୍ରିୟମାନଙ୍କ ମାର୍ଗର ପ୍ରକାଶ, ପ୍ରାଣର ସଂସ୍ଥାପନ, ଜୀବର ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥାପାଇଁ ଭିନ୍ନ ଭିନ୍ନ ସ୍ଥାନର ନିର୍ଣ୍ଣୟ, ସକଳ ଧାତୁର ବିଭାଗୀକରଣ ଯଥା ମେଦ, ରକ୍ତ, ବୀର୍ଯ୍ୟ,ମଳ ମୂତ୍ର, ପ୍ରଭୃତି । ଏହିପରି ବିଭିନ୍ନ ପ୍ରକାର କଳା କୌଶଳଯୁକ୍ତ ଶରୀର ଗଠନ ଓ ତହିଁରେ ଜୀବର ସଂସ୍ଥାପନ ପରି ଅଦ୍ଭୁତ ସୃଷ୍ଟି ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି କରିପାରେ କି ?

ଏତଦ୍ ବ୍ୟତୀତ ନାନାବିଧ ରତ୍ନାଦି ଧାତୁ ଗର୍ଭରେ ଧାରଣ କରିଥିବା ଭୂମି, ବଟ ପ୍ରଭୃତି ବିବିଧ ବୃକ୍ଷର ବୀଜ ମଧ୍ୟରେ ଅତୀବ ସୂକ୍ଷ୍ମ ରଚନା, ହରିତ, ଶ୍ୱେତ, ପୀତ, କୃଷ୍ଣ ଚିତ୍ରବିଚିତ୍ର ଓ ମିଶ୍ରିତ ବର୍ଣ୍ଣର ଅସଂଖ୍ୟ ଫୁଲ, ଫଳ, ମୂଳ, ପତ୍ର

ନିର୍ମାଣ , ମଧୁର, କ୍ଷାର, କଟୁ, ତିକ୍ତ, କଷାୟ ଓ ଅମ୍ଳାଦି ବିବିଧ ରସ, ସୁଗନ୍ଧ ପ୍ରଦାନ କାରୀ ପତ୍ର, ଫୁଲ, ଫଳ, ଅନ୍ନ ଓ କନ୍ଦମୂଳାଦି ଫଳଗୁଡ଼ିକର ରଚନା, କୋଟି କୋଟି ପୃଥିବୀ ସୂର୍ଯ୍ୟ ଚନ୍ଦ୍ରାଦି ଲୋକ ଲୋକାନ୍ତରର ସୃଷ୍ଟି ଧାରଣ, ଭ୍ରମଣ ପାଇଁ ନୀତି ନିର୍ଦ୍ଧାରଣ ଓ ନିୟନ୍ତ୍ରଣ ପ୍ରଭୃତି କ୍ରିୟା ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି କରିପାରେ ନାହିଁ ।

ଯେ କୌଣସି ପଦାର୍ଥକୁ ଦେଖିଲାମାତ୍ରକେ ମନରେ ସେତେବେଳେ ଦୁଇ ପ୍ରକାରର ଜ୍ଞାନ ଜାତ ହୋଇଥାଏ । ପ୍ରଥମଟି ହେଉଛି ଦୃଷ୍ଟ ପଦାର୍ଥର ଜ୍ଞାନ ଓ ଅନ୍ୟଟି ହେଉଛି ଦୃଷ୍ଟ ପଦାର୍ଥର ରଚନାକୁ ଦେଖି ରଚୟିତା ବା ନିର୍ମାତାର ଜ୍ଞାନ । ଯଥା - ଜଣେ ଲୋକ ବଣରେ ସୁନ୍ଦର ଅଳଙ୍କାରଟିଏ ପାଇଲା, ତାକୁ ଦେଖି ଜାଣିଲା ଏହା ସୁନାରେ ତିଆରି, ଏହାକୁ କୌଣସି ଜଣେ ବୁଦ୍ଧିମାନ୍ ଶିଳ୍ପୀ ନିଶ୍ଚୟ ତିଆରି କରିଛି । ସେହିପରି ନାନାପ୍ରକାର ସୃଷ୍ଟ ପଦାର୍ଥ ଓ ତାହାର ରଚନା କୌଶଳକୁ ଦେଖିଲେ ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କୁ ଜାଣିବାକୁ ହୁଏ ।

୨୪. **ପ୍ରଶ୍ନ** - ପ୍ରଥମେ ମନୁଷ୍ୟ ସୃଷ୍ଟି ହେଲା, ନା ପୃଥିବୀ ଆଦି ସୃଷ୍ଟି ହେଲା ?

ଉତ୍ତର- ପ୍ରଥମେ ପୃଥିବୀ ଆଦିର ସୃଷ୍ଟି ହେଲା । କାରଣ ପୃଥିବୀ ଆଦି ସୃଷ୍ଟି ନହେଲେ ମନୁଷ୍ୟର ସ୍ଥିତି ଓ ପାଳନ ହୋଇପାରିବ ନାହିଁ ।

ପ୍ରଶ୍ନ : ସୃଷ୍ଟିର ଆରମ୍ଭରେ ପ୍ରଥମେ ଜଣେ ମନୁଷ୍ୟ ନା ଏକାଧିକ ମନୁଷ୍ୟ ଉତ୍ପନ୍ନ ହୋଇଥିଲେ ?

ଉତ୍ତର : ଅନେକ ମନୁଷ୍ୟ ଉତ୍ପନ୍ନ ହୋଇଥିଲେ । କାରଣ ଯେଉଁ ଜୀବମାନେ ନିଜ ନିଜ କର୍ମ ଅନୁସାରେ ପ୍ରଥମେ ଜନ୍ମଗ୍ରହଣ କରିବାର କଥା, ତଦନୁସାରେ ପରମେଶ୍ୱର ପ୍ରଥମେ ସେମାନଙ୍କୁ ଜନ୍ମ ଦେଲେ । କାରଣ ଯଜୁର୍ବେଦ ଓ ତାହାର ବ୍ରାହ୍ମଣ ଗ୍ରନ୍ଥରେ ଉଲ୍ଲେଖ ଅଛି..... ''ମନୁଷ୍ୟା ଋଷୟଶ୍ଚ ଯେ'' । ''ତତୋ ମନୁଷ୍ୟା ଅଜାୟନ୍ତ'' । ଏହି ପ୍ରମାଣ ଅନୁସାରେ ସୃଷ୍ଟିର ଆରମ୍ଭରେ ଅନେକ ଅର୍ଥାତ୍ ଶହ ଶହ, ହଜାର ହଜାର ମନୁଷ୍ୟ ଉତ୍ପନ୍ନ ହେଲେ । ସୃଷ୍ଟିର କ୍ରମକୁ ଦେଖିଲେ ମଧ୍ୟ ଜଣାପଡେ ଯେ ମନୁଷ୍ୟମାନେ ଅନେକ ପିତା-ମାତାଙ୍କ ସନ୍ତାନ ଅଟନ୍ତି ।

ପ୍ରଶ୍ନ : ସୃଷ୍ଟିର ପ୍ରାରମ୍ଭରେ ମନୁଷ୍ୟମାନେ ବାଲ୍ୟ, ଯୌବନ କିମ୍ବା ବାର୍ଦ୍ଧକ୍ୟ ଅବସ୍ଥାରେ, ନା ଏହି ତିନି ଅବସ୍ଥାରେ ଜନ୍ମଗ୍ରହଣ କରିଥିଲେ ?

ଉତ୍ତର : ଯୁବକ ଅବସ୍ଥାରେ ଜନ୍ମିଥିଲେ । କାରଣ ବାଳକ ଯଦି ଜନ୍ମିଥାନ୍ତେ, ତେବେ ସେମାନଙ୍କୁ ଲାଳନ ପାଳନ କରିବାପାଇଁ ଅନ୍ୟ ବ୍ୟକ୍ତିର ଆବଶ୍ୟକତା ହୋଇଥାନ୍ତା । ପୁଣି ଯଦି ବୃଦ୍ଧାବସ୍ଥାରେ ଜନ୍ମିଥାନ୍ତେ ତେବେ ସେମାନଙ୍କ ଦ୍ୱାରା ମୈଥୁନୀ ସୃଷ୍ଟି ମଧ୍ୟ ହୋଇ ନଥାନ୍ତା । ଏଣୁ ଯୁବାବସ୍ଥାରେ ହିଁ ମାନବ ସୃଷ୍ଟି ହୋଇଥିଲେ ।

୨୫. **ପ୍ରଶ୍ନ** : ସୃଷ୍ଟିର କୌଣସି ଆରମ୍ଭ ଦିନ ଅଛି କି ନାହିଁ ?

ଉତ୍ତର : ନାହିଁ । ଯେପରି ପ୍ରତ୍ୟେକ ସମୟରେ ଦିନପରେ ରାତି ଓ ରାତିପରେ ଦିନ ଚଳିଆସୁଛି, ଠିକ୍ ସେହିପରି ସୃଷ୍ଟିପରେ ପ୍ରଳୟ ଓ ପ୍ରଳୟପରେ ସୃଷ୍ଟି ତଥା ସୃଷ୍ଟି ପୂର୍ବରୁ ପ୍ରଳୟ ଓ ପ୍ରଳୟର ପୂର୍ବରୁ ସୃଷ୍ଟି ଅନାଦି କାଳରୁ ପ୍ରଚଳିତ ହୋଇ ଆସୁଛି । ଏହାର କୌଣସି ଆଦି ନାହିଁ କି ଅନ୍ତ ମଧ୍ୟ ନାହିଁ । କିନ୍ତୁ ଯେପରି ଦିନ ଓ ରାତିର ଆଦି ଅନ୍ତ ଦେଖାଯାଏ, ସେହିପରି ସୃଷ୍ଟିର ତଥା ପ୍ରଳୟର ଆଦି ଅନ୍ତ ମଧ୍ୟ ଦେଖାଯାଇ ଥାଏ । ଯେପରି ପରମାତ୍ମା, ଜୀବ ଓ ପ୍ରକୃତି ଏ ତିନିହେଁ ସ୍ଵଭାବାନୁଯାୟୀ ଅନାଦି ଅଟନ୍ତି, ସେହିପରି ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟର ପ୍ରବାହ ମଧ୍ୟ ଅନାଦି ଅଟେ । ଯେପରି ନଦୀ ଚିରକାଳ ରହିଛି କିନ୍ତୁ ତାର ପ୍ରବାହ ଗ୍ରୀଷ୍ମକାଳରେ ଶୁଖିଯାଏ, ବର୍ଷାସମୟରେ ବଢ଼ିଯାଏ, ଅନ୍ୟ କିଛି ସମୟ ପ୍ରବହମାନ ଅବସ୍ଥାରେ ଥାଏ, ସେହିପରି ଜଗତର ବ୍ୟାପାରସମୂହକୁ ପ୍ରବାହରୂପରେ ଜାଣିବା ଆବଶ୍ୟକ । ପରମେଶ୍ୱରଙ୍କ ଗୁଣ, କର୍ମ, ସ୍ଵଭାବ ଯେପରି ଅନାଦି, ସେହିପରି ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟକୁ ମଧ୍ୟ ଅନାଦି ବୋଲି ଜାଣିବାକୁ ହେବ । ଆହୁରି ମଧ୍ୟ ଈଶ୍ୱରଙ୍କ ଗୁଣ-କର୍ମ-ସ୍ଵଭାବର ଯେପରି ଆଦି ଅନ୍ତ ନାହିଁ, ସେହିପରି ତାଙ୍କ କର୍ତ୍ତବ୍ୟ କର୍ମର ମଧ୍ୟ କୌଣସି ଆଦି ଅନ୍ତ ନାହିଁ ।

୨୬. **ପ୍ରଶ୍ନ** : ଈଶ୍ୱର କେଉଁ ଜୀବକୁ ମନୁଷ୍ୟ ଜନ୍ମ, କେଉଁ ଜୀବକୁ ସିଂହାଦି ଶ୍ୱାପଦ ଜନ୍ମ, କାହାକୁ ଗାଈ, ହରିଣ ପ୍ରଭୃତି ପଶୁ ଜନ୍ମ ଓ କାହାକୁ ବୃକ୍ଷ-କୀଟପତଙ୍ଗାଦି ଜନ୍ମ ଦେଇ ପକ୍ଷପାତ କରି ନାହାନ୍ତି କି ?

ଉତ୍ତର : ପରମାତ୍ମା କେବେ ପକ୍ଷପାତ କରନ୍ତି ନାହିଁ । କାରଣ ସେ ଜୀବମାନଙ୍କର ପୂର୍ବ ସୃଷ୍ଟିରେ କରିଥିବା କର୍ମ ଅନୁସାରେ ଏପରି ଜନ୍ମ ବ୍ୟବସ୍ଥା କରିଥାଆନ୍ତି । କର୍ମ ବ୍ୟତୀତ ସେ ଯଦି ଜନ୍ମ ଦେଉଥାନ୍ତେ, ତେବେ ତାହା ପକ୍ଷପାତ ହୁଅନ୍ତା ।

୨୭. **ପ୍ରଶ୍ନ** : ମନୁଷ୍ୟର ପ୍ରଥମ ସୃଷ୍ଟି କେଉଁ ସ୍ଥାନରେ ହୋଇଥିଲା ?

ଉତ୍ତର : "ତ୍ରିବିଷ୍ଟପ୍" ଅର୍ଥାତ୍ ଯାହାକୁ "ତିବ୍ବତ୍" କହନ୍ତି ସେହି ସ୍ଥାନରେ ।

ପ୍ରଶ୍ନ : ସୃଷ୍ଟି ପ୍ରାରମ୍ଭରେ ଗୋଟିଏ ଜାତି ନା ଅନେକ ଜାତି ଥିଲା ?

ଉତ୍ତର : ଏକମାତ୍ର ମନୁଷ୍ୟ ଜାତି ଥିଲା । "ବିଜାନୀହ୍ୟାର୍ଯ୍ୟାନ୍ ଯେଚ ଦସ୍ୟବଃ" ଋଗ୍ ବେଦର ଏହି ଉକ୍ତି ଅନୁସାରେ ଶ୍ରେଷ୍ଠ ବିଦ୍ୱାନ୍ ମନୁଷ୍ୟମାନଙ୍କୁ ଦେବ ବା ଆର୍ଯ୍ୟ, ସେହିପରି ଦୁଷ୍ଟ, ଡାକୁ ଓ ମୂର୍ଖ ଲୋକମାନଙ୍କୁ ଦସ୍ୟୁ ବା ଅସୁର କୁହାଗଲା । ଏହିପରି ସମସ୍ତେ ଆର୍ଯ୍ୟ ଓ ଦସ୍ୟୁ ନାମରେ ଦୁଇ ଭାଗରେ ବିଭକ୍ତ ହେଲେ । "ଉତ ଶୂଦ୍ରେ ଉତାର୍ଯ୍ୟେ" ଅଥର୍ବ ବେଦର ଏହି ଉକ୍ତି ଅନୁସାରେ ଆର୍ଯ୍ୟମାନଙ୍କ ମଧ୍ୟରେ

ପୂର୍ବ ବର୍ଣ୍ଣିତ ବ୍ୟବସ୍ଥାନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ନାମରେ ଚାରିପ୍ରକାର ଭେଦ ସୃଷ୍ଟି ହେଲା । ଦ୍ୱିଜ ଅର୍ଥାତ୍ ବିଦ୍ୱାନ୍‌ମାନେ ଆର୍ଯ୍ୟ ଓ ଶୂଦ୍ରମାନେ ଅନାର୍ଯ୍ୟ ନାମରେ ଅଭିହିତ ହେଲେ ।

ପ୍ରଶ୍ନ : ସେମାନେ ପୁଣି ଏ ଦେଶକୁ ଅର୍ଥାତ୍ ଭାରତକୁ କିପରି ଆସିଲେ ?

ଉତ୍ତର : ଯେତେବେଳେ ଆର୍ଯ୍ୟ ଓ ଦସ୍ୟୁ, ଅର୍ଥାତ୍ ଦେବ ଓ ଦାନବମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇ ଭୀଷଣ ଆକାର ଧାରଣ କଲା ସେତେବେଳେ ଆର୍ଯ୍ୟମାନେ ସମଗ୍ର ଭୂମଣ୍ଡଳ ମଧ୍ୟରେ ଏହି ଭୂଖଣ୍ଡକୁ ସର୍ବୋତ୍କୃଷ୍ଟ ଓ ନିରାପଦ ମନେ କରି ଏହି ସ୍ଥାନକୁ ଆସି ବସତି ସ୍ଥାପନ କଲେ । ତେଣୁ ଏ ଦେଶର ନାମ ହେଲା "ଆର୍ଯ୍ୟାବର୍ତ୍ତ" ।

ପ୍ରଶ୍ନ : ଆର୍ଯ୍ୟାବର୍ତ୍ତର ସୀମା କେତେ ଦୂର ପର୍ଯ୍ୟନ୍ତ ?

ଉତ୍ତର :

ଆସମୁଦ୍ରାତ୍ତୁ ବୈ ପୂର୍ବାଦାସମୁଦ୍ରାତ୍ତୁ ପଶ୍ଚିମାତ୍ ।
ତୟୋରେବାନ୍ତରଂ ଗିର୍ଯ୍ୟୋରାର୍ଯ୍ୟାବର୍ତ୍ତଂ ବିଦୁର୍ବୁଧାଃ । ୧ ।
ସରସ୍ୱତୀ ଦୃଷଦ୍ୱତ୍ୟୋ ର୍ଦେବନଦ୍ୟୋର୍ଯଦନ୍ତରମ୍ ।
ତଂ ଦେବନିର୍ମିତଂ ଦେଶମାର୍ଯ୍ୟାବର୍ତ୍ତଂ ପ୍ରଚକ୍ଷତେ । ୨ ।

(ମନୁ ୨-ଅ ୨୨ ୧୭)

ଉତ୍ତରରେ ହିମାଳୟ, ଦକ୍ଷିଣରେ ବିନ୍ଧ୍ୟାଚଳ, ପୂର୍ବ ଓ ପଶ୍ଚିମରେ ସମୁଦ୍ର ।୧ । ତଥା ପଶ୍ଚିମରେ ସରସ୍ୱତୀ ଅର୍ଥାତ୍ ଅଟକ ନଦୀ, ପୂର୍ବରେ ଦୃଷଦ୍‌ବତୀ ନଦୀ, ଯାହାକି ନେପାଳର ପୂର୍ବଭାଗସ୍ଥ ପର୍ବତ ଶ୍ରେଣୀରୁ ବାହାରି ବଙ୍ଗଳା, ଆସାମର ପୂର୍ବ ଓ ବ୍ରହ୍ମଦେଶର ପଶ୍ଚିମପଟଦେଇ ଦକ୍ଷିଣ ସାଗରରେ ମିଳିତ ହୋଇଅଛି, ଏହାକୁ ବ୍ରହ୍ମପୁତ୍ର କୁହାଯାଏ । ହିମାଳୟର ମଧ୍ୟରେଖାଠାରୁ ଦକ୍ଷିଣସ୍ଥ ପର୍ବତ ପର୍ଯ୍ୟନ୍ତ ଓ ବିନ୍ଧ୍ୟାଚଳଠାରୁ ରାମେଶ୍ୱର ପର୍ଯ୍ୟନ୍ତ ଏସବୁ ଅଞ୍ଚଳର ମଧ୍ୟବର୍ତ୍ତୀ ଦେଶମାନଙ୍କୁ ଆର୍ଯ୍ୟାବର୍ତ୍ତ କୁହାଯାଏ । କାରଣ, ଦେବ ଅର୍ଥାତ୍ ବିଦ୍ୱାନ୍ ଆର୍ଯ୍ୟମାନେ ଏ ସମସ୍ତ ଦେଶବସାଇ ସେଠାରେ ବସବାସ କରିଥିଲେ ।

୨୮. **ପ୍ରଶ୍ନ** : ପ୍ରଥମେ ଏ ଦେଶର ନାମ କ'ଣ ଥିଲା ଓ ଏଠାରେ କେଉଁମାନେ ବାସ କରୁଥିଲେ ?

ଉତ୍ତର : ଆର୍ଯ୍ୟମାନଙ୍କ ଆଗମନ ପୂର୍ବରୁ ଏ ଦେଶର କୌଣସି ନାମ ନଥିଲା ଏବଂ ଏଠାରେ କେହିହେଲେ ବାସ କରୁନଥିଲେ । କାରଣ ଆର୍ଯ୍ୟମାନେ ସୃଷ୍ଟି ପରେ ହେବାର କିଛି କାଳପରେ ସିଧାସଳଖଭାବେ ତିବ୍ବତରୁ ଆସି ଏ ଦେଶରେ ବସବାସ କଲେ ।

୨୯. ପ୍ରଶ୍ନ : ଏମାନେ ଇରାନରୁ ଆସିଥିଲେ ବୋଲି କେତେକ ଲୋକ କହନ୍ତି । ଏଣୁ ଏମାନଙ୍କ ନାମ ଆର୍ଯ୍ୟ ହେଲା । ଏମାନଙ୍କ ଆଗମନ ପୂର୍ବରୁ ଏଠାରେ ବଣୁଆ ଲୋକେ ବାସ କରୁଥିଲେ । ସେମାନଙ୍କୁ ରାକ୍ଷସ ବା ଅସୁର କୁହାଯାଉଥିଲା । ଆର୍ଯ୍ୟମାନେ ନିଜକୁ ଦେବତା ବୋଲି କହୁଥିଲେ । ସେମାନଙ୍କ ସହ ଆର୍ଯ୍ୟମାନଙ୍କର ଯେଉଁ ସଂଗ୍ରାମ ହେଲା, ତାକୁ ଦେବାସୁର ସଂଗ୍ରାମ ବୋଲି ଆଖ୍ୟାୟିକାମାନଙ୍କରେ ବର୍ଣ୍ଣନା କରାଯାଇଛି ।

ଉତ୍ତର : ଏହା ହେଉଛି ସଂପୂର୍ଣ୍ଣରୂପେ ମିଥ୍ୟା । କାରଣ......

ବିଜାନୀହ୍ୟାର୍ଯ୍ୟାନ୍ୟେ ଚ ଦସ୍ୟବୋ ବର୍ହିଷ୍ମତେ ରନ୍ଧୟା ଶାସଦବ୍ରତାନ୍ ।

(ଋଗ୍ବେଦ ମ. ୧-ସୂ୫୧-ମ.୮)

"ଉତଶୂଦ୍ରେ ଉତାର୍ଯ୍ୟେ" (ଅଥର୍ବ କା ୧୯-ସୂ୬୨-ମ୧)

ଧାର୍ମିକ, ବିଦ୍ୱାନ୍ ଓ ଆପ୍ତପୁରୁଷମାନଙ୍କୁ ଆର୍ଯ୍ୟ ଓ ତାହାର ବିପରୀତ ଦୁଷ୍ଟ, ଅଧାର୍ମିକ ଓ ଅବିଦ୍ୱାନ୍ ଲୋକଙ୍କୁ ଦସ୍ୟୁ ବା ଡାକୁ କୁହାଯାଏ, ଏବିଷୟ ପୂର୍ବରୁ ଥରେ କୁହାଯାଇଛି । ସେହିପରି ବ୍ରାହ୍ମଣ, କ୍ଷତ୍ରିୟ, ଓ ବୈଶ୍ୟ ଏବଂ ଦ୍ୱିଜମାନଙ୍କୁ ଆର୍ଯ୍ୟ ତଥା ଶୂଦ୍ରକୁ ଅନାର୍ଯ୍ୟ ବୋଲି କୁହାଯାଏ । ବେଦରେ ଏପରି ଉଲ୍ଲେଖ ଥିବା ସ୍ଥଳେ ବିଦେଶୀମାନଙ୍କ କପୋଳକଳ୍ପିତ କଥାକୁ ବୁଦ୍ଧିମାନମାନେ କିପରି ବା ସ୍ୱୀକାର କରିବେ ? ହିମାଳୟ ପର୍ବତରେ ଆର୍ଯ୍ୟ ଓ ଦସ୍ୟୁମାନଙ୍କ ମଧ୍ୟରେ ଯେଉଁ ଯୁଦ୍ଧ ଅନୁଷ୍ଠିତ ହୋଇଥିଲା, ସେ ଯୁଦ୍ଧରେ ଦେବ ଅର୍ଥାତ୍ ଆର୍ଯ୍ୟମାନଙ୍କୁ ରକ୍ଷା ଓ ଅସୁରମାନଙ୍କ ପରାଜୟ ନିମିତ୍ତ ସେହି ଦେବାସୁର ସଂଗ୍ରାମରେ ଆର୍ଯ୍ୟାବର୍ତ୍ତୀୟ ଅର୍ଜୁନ ତଥା ମହାରାଜା ଦଶରଥ ସାହାଯ୍ୟ କରିଥିଲେ । ଏଥିରୁ ସ୍ପଷ୍ଟରୂପେ ପ୍ରମାଣିତ ହେଉଛି ଯେ, ଆର୍ଯ୍ୟାବର୍ତ୍ତର ବାହାରେ ଚାରିଆଡ଼େ ଅର୍ଥାତ୍ ହିମାଳୟର ପୂର୍ବ, ଆଗ୍ନେୟ, ଦକ୍ଷିଣ, ନୈର୍ଋତ, ପଶ୍ଚିମ, ବାୟବ୍ୟ, ଉତ୍ତର, ଈଶାନ ଦିଗମାନଙ୍କରେ ଯେଉଁ ଲୋକମାନେ ବାସ କରୁଥିଲେ ସେମାନଙ୍କୁ ଅସୁର କୁହାଯାଉଥିଲା । ସେମାନେ ଯେତେବେଳେ ହିମାଳୟ ପ୍ରଦେଶସ୍ଥ ଆର୍ଯ୍ୟମାନଙ୍କ ଉପରେ ଆକ୍ରମଣ କରୁଥିଲେ, ସେତେବେଳେ ଆର୍ଯ୍ୟରାଜାମାନେ ସେମାନଙ୍କୁ ପ୍ରତିରୋଧ କରୁଥିଲେ । ପୁଣି ଦକ୍ଷିଣରେ ରାକ୍ଷସରାଜ ରାବଣ ସହିତ ଭଗବାନ୍ ରାମଚନ୍ଦ୍ର ଯେଉଁ ଯୁଦ୍ଧ କରିଥିଲେ ତାହା ଦେବାସୁର ସଂଗ୍ରାମ ନୁହେଁ । ତାହାକୁ ରାମ ରାବଣ ଯୁଦ୍ଧ ବା ଆର୍ଯ୍ୟ ରାକ୍ଷସ ଯୁଦ୍ଧ କୁହାଯାଏ । କୌଣସି ସଂସ୍କୃତ ଗ୍ରନ୍ଥରେ ବା ଇତିହାସରେ ଆର୍ଯ୍ୟମାନେ ଇରାନ୍‌ରୁ ଆସିଛନ୍ତି ବୋଲି ଲେଖାଯାଇନାହିଁ । ସେମାନେ ଏଠାରେ ଥିବା ବଣୁଆ ଲୋକଙ୍କୁ ତଡ଼ିଦେଇ ନିଜେ ଏ ଦେଶରେ ରାଜା ହୋଇଥିଲେ, ଏପରି ମଧ୍ୟ ଲେଖାଯାଇ ନାହିଁ । ଏପରି ସ୍ଥଳେ ବିଦେଶୀ ଲୋକଙ୍କ ଲେଖାକୁ କିପରି ଗ୍ରହଣ କରାଯିବ ? **ମହର୍ଷିମନୁ କହିଛନ୍ତି ....**

ମ୍ଲେଚ୍ଛବାଚଶ୍ଚାର୍ଯ୍ୟ ବାଚଃ ସର୍ବେ ତେ ଦସ୍ୟବଃ ସ୍ମୃତାଃ ।

(ମନୁ ୧୦-୪୫)

ମ୍ଲେଚ୍ଛଦେଶସ୍ତ୍ୱତଃ ପରଃ । (ମନୁ ୨-୨୩)

ଆର୍ଯ୍ୟାବର୍ତ୍ତ ଦେଶ ବ୍ୟତୀତ ଅନ୍ୟଦେଶଗୁଡ଼ିକୁ ଦସ୍ୟୁଦେଶ ଓ ମ୍ଲେଚ୍ଛଦେଶ କୁହାଯାଏ । ଏଥିରୁ ମଧ୍ୟ ପ୍ରମାଣିତ ହୁଏ ଯେ, ଆର୍ଯ୍ୟାବର୍ତ୍ତର ବାହାରେ ପୂର୍ବରୁ ଆରମ୍ଭ କରି ଈଶାନ, ଉତ୍ତର, ବାୟବ୍ୟ ଓ ପଶ୍ଚିମ ଦେଶ ପର୍ଯ୍ୟନ୍ତ ବସବାସ କରୁଥିବା ବ୍ୟକ୍ତିଙ୍କୁ ଦସ୍ୟୁ, ମ୍ଲେଚ୍ଛ ଓ ଅସୁର କୁହାଯାଉଥିଲା । ନୈର୍ଋତ, ଦକ୍ଷିଣ ଓ ଆଗ୍ନେୟ ଦିଗରେ ଥିବା ଦେଶବାସୀଙ୍କୁ ରାକ୍ଷସ କୁହାଯାଉଥିଲା । ଏବେ ମଧ୍ୟ ଦେଖ, ହବ୍‌ଶୀ (ଆଫ୍ରିକାର ହବ୍‌ଶ ନିବାସୀ ନିଗ୍ରୋ) ମାନଙ୍କର ଚେହେରା କିପରି ଭୟଙ୍କର । ରାକ୍ଷସମାନଙ୍କର ଆକୃତି ଯେପରି ବର୍ଣ୍ଣିତ ହୋଇଛି, ଠିକ୍ ସେହିପରି ସେମାନଙ୍କର ରୂପ ଅଟେ । ଆର୍ଯ୍ୟାବର୍ତ୍ତର ଠିକ୍ ନିମ୍ନଦେଶରେ ବାସକରୁଥିବା ଲୋକଙ୍କୁ ନାଗ କୁହାଯାଏ । ଆର୍ଯ୍ୟାବର୍ତ୍ତର ପାଦତଳେ ଥିବାରୁ ସେ ଦେଶର ନାମ ଥିଲା ପାତାଳ । ସେହି ଦେଶକୁ ନାଗନାମକ ଜନୈକ ପୁରୁଷର ବଂଶରୁ ଜାତ ହୋଇଥିବା ନାଗବଂଶୀ ରାଜାମାନେ ରାଜତ୍ୱ କରୁଥିଲେ । ସେହି ବଂଶର ରାଜକନ୍ୟା ଉଲୁପୀଙ୍କ ସହିତ ଅର୍ଜୁନଙ୍କର ବିବାହ ହୋଇଥିଲା । ଇକ୍ଷ୍ୱାକୁଙ୍କଠାରୁ ଆରମ୍ଭ କରି କୌରବ ପାଣ୍ଡବଙ୍କ ପର୍ଯ୍ୟନ୍ତ ସମସ୍ତ ରାଜା ସମଗ୍ର ଭୂଗୋଳ ବା ପୃଥିବୀକୁ ଶାସନ କରୁଥିଲେ, ଆର୍ଯ୍ୟାବର୍ତ୍ତ ବ୍ୟତୀତ ଅନ୍ୟାନ୍ୟ ଦେଶରେ ମଧ୍ୟ ଉଣାଅଧିକେ ବେଦର ପ୍ରଚାର କରିଥିଲେ । ଏହାର ପ୍ରମାଣ ହେଉଛି.....ବ୍ରହ୍ମାଙ୍କ ପୁତ୍ର ବିରାଟ, ବିରାଟଙ୍କ ପୁତ୍ର ମନୁ, ମନୁଙ୍କ ମରୀଚ୍ୟାଦି ଦଶଜଣ ପୁତ୍ରଙ୍କ ମଧ୍ୟରେ ସ୍ୱାୟମ୍ଭୁବ ଆଦି ସାତଜଣ ରାଜା ହୋଇଥିଲେ । ତାଙ୍କ ବଂଶର ସନ୍ତାନ ଇକ୍ଷ୍ୱାକୁ ପ୍ରଭୃତି ରାଜା (ଆର୍ଯ୍ୟାବର୍ତ୍ତର ପ୍ରଥମ ରାଜା) ଆର୍ଯ୍ୟାବର୍ତ୍ତ ପ୍ରତିଷ୍ଠା କରିଥିଲେ ।

ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ, ଆର୍ଯ୍ୟମାନଙ୍କ ମଧ୍ୟରେ ଆଳସ୍ୟ, ପ୍ରମାଦ ଓ ପାରସ୍ପରିକ ବିରୋଧ ହେତୁ, ଅନ୍ୟାନ୍ୟ ଦେଶରେ ଶାସନ କରିବା ତ ଦୂରର କଥା, ନିଜ ଦେଶ ଆର୍ଯ୍ୟାବର୍ତ୍ତରେ ମଧ୍ୟ ଆର୍ଯ୍ୟମାନେ ଅଖଣ୍ଡ, ସ୍ୱାଧୀନ, ନିର୍ଭୟ ରାଜ୍ୟ ସ୍ଥାପନ କରିପାରିଲେ ନାହିଁ । ଯା କିଛି ରହିଛି ତାହା ମଧ୍ୟ ଆଜି ବିଦେଶୀ ପଦାକ୍ରାନ୍ତ ହୋଇ ରହିଛି । ଅଳ୍ପ କେତୋଟି ରାଜ୍ୟରେ ମାତ୍ର ସ୍ୱାୟତ୍ତ ଶାସନ ପ୍ରଚଳିତ ଅଛି । ଦୁର୍ଦ୍ଦିନ ଯେତେବେଳେ ଆସେ ସେତେବେଳେ ଦେଶବାସୀଙ୍କୁ ଅନେକ ଦୁଃଖ ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼େ । କିଏ କେତେ କହୁନା କାହିଁକି ସ୍ୱଶାସନ ପ୍ରଣାଳୀ ହେଉଛି ସର୍ବୋତ୍କୃଷ୍ଟ । ମତ ମତାନ୍ତର ପ୍ରତି ଆଗ୍ରହ ନକଲେ ହେଁ, ଆପଣାପର ବିଗ୍ରହ ନକରି

ପକ୍ଷପାତ ଶୂନ୍ୟ ହେଲେହେଁ, ପ୍ରଜାମାନଙ୍କୁ ନ୍ୟାୟ, ଦୟା ଓ କୃପାଳୁ ହୋଇ ପିତାମାତାଙ୍କ ପରିପାଳନ କଲେ ହେଁ, ବିଦେଶୀୟ ରାଜତ୍ୱ କଦାପି ପୂର୍ଣ୍ଣ ସୁଖଦାୟକ ହୋଇପାରେ ନାହିଁ । ବିଶେଷତଃ କଥିତ ଭିନ୍ନ ଭିନ୍ନ ଭାଷା, ପୃଥକ୍ ଶିକ୍ଷାପ୍ରଣାଳୀ, ରୀତି, ନୀତି ଓ ଆଚାର ବ୍ୟବହାର ପ୍ରଭୃତିରେ ପରସ୍ପର ବିରୋଧଭାବ ଦୂରୀଭୂତ ହେବା ଅତ୍ୟନ୍ତ ଦୁରୂହ ବ୍ୟାପାର. କିନ୍ତୁ ଏ ସବୁ ଭେଦଭାବ ଦୂରୀଭୂତ ନ ହେବାପର୍ଯ୍ୟନ୍ତ କୌଣସି ଶାସନପ୍ରଣାଳୀ ପରସ୍ପରର ଉପକାର କାରକ ହୋଇପାରିବ ନାହିଁ କି ଅଭୀଷ୍ଟ ସିଦ୍ଧ କରିପାରିବ ନାହିଁ । ଏଣୁ ପ୍ରତ୍ୟେକ ଦେଶ ହିତୈଷୀ ଉତ୍ତମ ଲୋକଙ୍କ କର୍ତ୍ତବ୍ୟ ହେଉଛି... ବେଦାଦି ଶାସ୍ତ୍ରୋକ୍ତ ବ୍ୟବସ୍ଥାନୁମାନି ପ୍ରାଚୀନ ଇତିହାସାନୁସାରେ ଚଳିବା ଏକାନ୍ତ ବିଧେୟ ।

୩୦. ପ୍ରଶ୍ନ : ଜଗତ ଉତ୍ପତ୍ତି ହେବାର କେତେ ସମୟ ବିତିଲାଣି ?

ଉତ୍ତର : ଏକ ବୃନ୍ଦ, ଛୟାନବେ କୋଟି, କେତେ ଲକ୍ଷ ଓ କେତେ କେତେ ହଜାର ବର୍ଷ ହେବ ଜଗତର ଉତ୍ପତ୍ତି ଓ ବେଦର ପ୍ରକାଶ ହେଲାଣି । ମତ୍ପ୍ରଣୀତ ଋଗ୍ୱେଦାଦିଭାଷ୍ୟ ଭୂମିକା ପୁସ୍ତକରେ ଏହାର ବିସ୍ତୃତ ବ୍ୟାଖ୍ୟା ଲେଖାଯାଇଛି । ସେହି ପୁସ୍ତକ ଦେଖିବା ଆବଶ୍ୟକ । ସୃଷ୍ଟିର ଉତ୍ପତ୍ତି ଓ ରଚନା ଏପରିଭାବେ ଜାଣିବାକୁ ହେବ ।

ସବୁଠାରୁ ସୂକ୍ଷ୍ମଖଣ୍ଡ ଯାହାକୁ ଆଉ କାଟି ହେବ ନାହିଁ, ତାର ନାମ ହେଉଛି ପରମାଣୁ । ଷାଠିଏ ପରମାଣୁ ମିଳିତ ହେଲେ ଗୋଟିଏ ଅଣୁ ହୋଇଥାଏ । ଦୁଇଟି ଅଣୁରେ ଏକ ଦ୍ୟଣୁକ, ଯାହାକି ସ୍ଥୂଳବାୟୁ, ତିନି ଦ୍ୟଣୁକରେ ଅଗ୍ନି, ଚାରି ଦ୍ୟଣୁକରେ ଜଳ ତଥା ପାଞ୍ଚ ଦ୍ୟଣୁକରେ ପୃଥିବୀ ଅର୍ଥାତ୍ ତିନି ଦ୍ୟଣୁକରେ ତ୍ରସରେଣୁ, ତାହା ଦ୍ୱିଗୁଣିତ ହେଲେ ପୃଥିବ୍ୟାଦି ଦୃଶ୍ୟ ପଦାର୍ଥ ଉତ୍ପନ୍ନ ହୁଅନ୍ତି । ଏପରି କ୍ରମାନୁସାରେ ମିଳିତ ହୋଇ ଭୂଗୋଳ ଇତ୍ୟାଦି ପରମାତ୍ମାଙ୍କ ଦ୍ୱାରା ନିର୍ମିତ ହୋଇଅଛି ।

୩୧. ପ୍ରଶ୍ନ : ଏହି ପୃଥିବୀକୁ କିଏ ଧାରଣ କରି ରଖିଛି ? କେତେକ କହନ୍ତି ଶେଷ ନାଗ, ଅର୍ଥାତ୍ ସହସ୍ର ଫଣାଯୁକ୍ତ ସର୍ପଶିର ଉପରେ ପୃଥିବୀ ରହିଅଛି । ପୁଣି କେହି କେହି କହନ୍ତି, ବଳଦ ଶିଙ୍ଗ ଉପରେ ରହିଛି । କିଏ କହୁଛି କାହାରି ଉପରେ ନାହିଁ, କିଏ କହୁଛି ବାୟୁକୁ ଆଧାର କରି ରହିଛି । ଅନ୍ୟ କେତେକ କହନ୍ତି ଯେ ସୂର୍ଯ୍ୟର ଆକର୍ଷଣରେ ଆକୃଷ୍ଟ ହୋଇ ପୃଥିବୀ ନିଜ ସ୍ଥାନରେ ରହିଛି । ଅନ୍ୟ କେହି କେହି କହନ୍ତି ଯେ ପୃଥିବୀ ଅତିଶୟ ଭାରି ହୋଇଥିବାରୁ ଆକାଶର ତଳକୁ ତଳକୁ ଚାଲି ଯାଉଛି । ଏଥିମଧ୍ୟରୁ କେଉଁଟିକୁ ସତ୍ୟ ବୋଲି ଆମେ ମନେ କରିବୁ ?

ଉତ୍ତର : ପୃଥିବୀ ଶେଷନାଗ ଓ ବଳଦ ଶିଙ୍ଗ ଉପରେ ଅବସ୍ଥିତ ବୋଲି ଯେଉଁମାନେ ମତ ଦିଅନ୍ତି, ତାଙ୍କୁ ପଚାରିବା ଉଚିତ ଯେ, ସର୍ପ ଓ ବଳଦର ମାଆବାପାଙ୍କ ଜନ୍ମ ସମୟରେ ପୃଥିବୀ କାହାଉପରେ ରହିଥିଲା । ସର୍ପ ଓ ବଳଦ ଏମାନେ ପୁଣି କାହା ଉପରେ ଅଛନ୍ତି । ବଳଦ ବୋଲି କହୁଥିବା ମୁସଲମାନମାନେ ତ ନିରୁତ୍ତର ହୋଇଯିବେ । କିନ୍ତୁ ସର୍ପ ମତବାଦୀମାନେ କହିବେ, ସର୍ପ, କୂର୍ମ ଉପରେ, କୂର୍ମ ଜଳ ଉପରେ, ଜଳ ଅଗ୍ନି ଉପରେ, ଅଗ୍ନି ବାୟୁ ଉପରେ ଓ ବାୟୁ ଆକାଶରେ ରହିଛି । ସେମାନଙ୍କୁ ପୁଣି ପଚାରିବା ଉଚିତ୍ ଯେ, ଏ ସମସ୍ତେ ପୁଣି କାହା ଉପରେ ଅଛନ୍ତି ? ଏହାରି ଉତ୍ତରରେ ସେମାନେ ପରମେଶ୍ୱରଙ୍କ ଉପରେ ବୋଲି କହିବାକୁ ବାଧ୍ୟ ହେବେ । ପୁଣି ତାଙ୍କୁ କେହି ଯଦି ପଚାରେ ଶେଷ ଓ ବଳଦ କାହାର ପୁଅ ? ଉତ୍ତରରେ କହିବେ ଶେଷ କଶ୍ୟପ ଓ କଦ୍ରୁର, ତଥା ବଳଦ ଗାଈର ପୁଅ । କଶ୍ୟପ ମରୀଚିଙ୍କ, ମରୀଚି ମନୁଙ୍କର, ମନୁ ବିରାଟଙ୍କର ଓ ବିରାଟ ବ୍ରହ୍ମାଙ୍କ ପୁଅ, ଏବଂ ବ୍ରହ୍ମା ପ୍ରଥମେ ସୃଷ୍ଟି ହୋଇଥିଲେ । ଶେଷ ଜନ୍ମ ହେବା ପୂର୍ବରୁ ପାଞ୍ଚ ପୁରୁଷ ଅତୀତ ହୋଇଥିଲାଣି । ସେତେବେଳେ ପୃଥିବୀକୁ କିଏ ଧାରଣ କରିଥିଲା ? ଅର୍ଥାତ୍ କଶ୍ୟପଙ୍କ ଜନ୍ମ ସମୟରେ ପୃଥିବୀ କାହା ଉପରେ ଥିଲା ? ସେତେବେଳେ ସେମାନେ ନିରୁତ୍ତର ହୋଇ କଳହ କରିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତି । ଏହାର ପ୍ରକୃତ ଉତ୍ତର ହେଉଛି, ଯାହା ଅବଶିଷ୍ଟ ରହେ, ତାହାର ନାମ ହେଉଛି ଶେଷ । କୌଣସି କବି କହିଛନ୍ତି .... "ଶେଷାଧାରା ପୃଥିବୀତ୍ୟୁକ୍ତମ୍" ଅର୍ଥାତ୍ ଶେଷକୁ ଆଧାର କରି ପୃଥିବୀ ରହିଛି । ଅନ୍ୟମାନେ ଏହାର ପ୍ରକୃତ ଅଭିପ୍ରାୟକୁ ବୁଝି ନପାରି ସର୍ପ ବୋଲି ଭ୍ରାନ୍ତ ଧାରଣା କରିନେଲେ । ପରମେଶ୍ୱର ସୃଷ୍ଟି ଓ ପ୍ରଳୟରୁ ପୃଥକ୍ ରହନ୍ତି, ତେଣୁ ତାଙ୍କୁ "ଶେଷ" କୁହାଯାଏ । ସେହି ପରମେଶ୍ୱରଙ୍କ ଆଧାରରେ ପୃଥିବୀ ଅବସ୍ଥିତ ।

ସତ୍ୟେନୋତ୍ତଭିତା ଭୂମିଃ ।

(ଋଗ୍ବେଦ ୧୦-୮୫-୧)

ସତ୍ୟ ଅର୍ଥାତ୍ ଯିଏ ତ୍ରିକାଳରୁ ବହିର୍ଭୂତ, ଯାହାର କେବେ ନାଶ ହୁଏ ନାହିଁ, ସେହିପରି ପରମେଶ୍ୱର ଭୂମି, ଆଦିତ୍ୟ ଓ ସମସ୍ତ ଲୋକର ଧାରଣ କର୍ତ୍ତା ଅଟନ୍ତି ।

"ଉକ୍ଷାଦାଧାର ପୃଥିବୀମୁତଦ୍ୟାମ୍" ଏହା ମଧ୍ୟ ଋଗ୍ବେଦର ବଚନ । ଏହି ଉକ୍ଷା ଶବ୍ଦକୁ କେହି କେହି ବଳଦ ଅର୍ଥ କରନ୍ତି । କାରଣ ଉକ୍ଷା ଶବ୍ଦର ଅର୍ଥ ବଳଦ ମଧ୍ୟ । ଏତେ ବଡ଼ ପୃଥିବୀକୁ ଧାରଣ କରିବା ପାଇଁ ଗୋଟାଏ ସାଧାରଣ ବଳଦର ଶକ୍ତି ସାମର୍ଥ୍ୟ କେଉଁଠୁ ଆସିବ ? ଏହା କିପରି ସେହି ନିର୍ବୋଧମାନେ

ବୁଝିପାରିଲେ ନାହିଁ । ଏ ସ୍ଥାନରେ ଉକ୍ଷାର ଅର୍ଥ ହେଉଛି ସୂର୍ଯ୍ୟ, ଯେଣୁ ସୂର୍ଯ୍ୟ ବର୍ଷାଦ୍ୱାରା ପୃଥିବୀ ଉପରେ ଜଳ ସିଞ୍ଚନ କରନ୍ତି । ସେହି ସୂର୍ଯ୍ୟ ନିଜର ଆକର୍ଷଣ ଶକ୍ତିଦ୍ୱାରା ପୃଥିବୀକୁ ଧାରଣ କରି ରଖିଛନ୍ତି, କିନ୍ତୁ ଦେଖିବାକୁ ଗଲେ ସେହି ସୂର୍ଯ୍ୟ ପ୍ରଭୃତିଙ୍କୁ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ଧାରଣ କରି ନାହାନ୍ତି ।

୩୨. **ପ୍ରଶ୍ନ** : ଏତେ ବଡ଼ ଭୂଗୋଳକୁ ପରମେଶ୍ୱର କିପରି ଧାରଣ କରିପାରିବେ ?

ଉତ୍ତର: ଅନନ୍ତ ଆକାଶ ଆଗରେ ଏହି ବିଶାଳ ଭୂମଣ୍ଡଳ, ସମୁଦ୍ର ଆଗରେ କ୍ଷୁଦ୍ର ଜଳକଣା ପରି ମଧ୍ୟ ନୁହେଁ । ସେହିପରି ଅନନ୍ତ ପରମେଶ୍ୱରଙ୍କ ସମ୍ମୁଖରେ ଅସଂଖ୍ୟ ଲୋକ ଲୋକାନ୍ତର ଗୋଟିଏ ପରମାଣୁ ସଦୃଶ ମଧ୍ୟ ହୋଇପାରିବ ନାହିଁ । ଯେଣୁ ପରମେଶ୍ୱର ଏହାର ଭିତରେ ବାହାରେ ସର୍ବତ୍ର ବ୍ୟାପି ରହିଛନ୍ତି । "ବିଭୁଃ ପ୍ରଜାସୁ" (ଯଜୁ ୩୨/୮) ସେହି ପରମାତ୍ମା ସମସ୍ତ ପ୍ରଜାମାନଙ୍କ ମଧ୍ୟରେ ବ୍ୟାପ୍ତ ହୋଇ ସମସ୍ତଙ୍କୁ ଧାରଣ କରିଛନ୍ତି । ଈଶ୍ୱର ଯଦି ସର୍ବ ବ୍ୟାପକ ହୋଇ ନଥାନ୍ତେ, ତେବେ ସମସ୍ତ ଜଗତକୁ ଧାରଣ କରି ପାରି ନଥାନ୍ତେ । କାରଣ ପୂର୍ଣ୍ଣତା ପ୍ରାପ୍ତି ନ ହେଲେ କେହି କାହାକୁ ଧାରଣ କରିପାରେ ନାହିଁ । ଯଦି କେହି କହେ ଯେ, ଏହି ସମସ୍ତ ଲୋକ ଲୋକାନ୍ତର ପରସ୍ପର ଆକର୍ଷଣ ଦ୍ୱାରା ଯଥାସ୍ଥାନରେ ଅବସ୍ଥିତ, ତେଣୁ ଈଶ୍ୱରଙ୍କ ଧାରଣ କରିବାର ଆବଶ୍ୟକତା କ'ଣ ଅଛି ? ତେବେ ତାଙ୍କୁ ପଚାରିବାକୁ ହେବ ଯେ ସୃଷ୍ଟି ଅନନ୍ତ ନା ସାନ୍ତ ? ଉତ୍ତରରେ ଯଦି ଅନନ୍ତ କୁହାଯାଏ, ତେବେ ଆକାରଥିବା ବସ୍ତୁ କଦାପି ଅନନ୍ତ ହୋଇନପାରେ । ଯଦି ଉତ୍ତର ଦିଏ "ସାନ୍ତ" ତେବେ ଏହାର ସୀମା ବାହାର ଅପର ଭାଗଟା କାହାର ଆକର୍ଷଣ ବଳରେ ରହିଛି ? ବୃକ୍ଷଲତା ବହୁ ପରିମାଣରେ ଥିଲେ ତାକୁ ବଣ କୁହାଯାଏ, ଓ ଏହା ହେଉଛି ସମଷ୍ଟି । କିନ୍ତୁ ଗୋଟିଏ ଗୋଟିଏ ବୃକ୍ଷକୁ ପୃଥକ୍ ଭାବରେ ଗଣନା କଲେ ତାକୁ ବ୍ୟଷ୍ଟି ବୋଲାଯାଏ । ସେହିପରି ସମସ୍ତ ଭୂଗୋଳର ସମଷ୍ଟି ହେଉଛି ଜଗତ୍ । ଏହି ସମଗ୍ର ଜଗତର ଧାରଣ ଓ ଆକର୍ଷଣ କର୍ତ୍ତା ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ହୋଇପାରିବେ ନାହିଁ ।

ସ ଦାଧାର ପୃଥିବୀଂ ଦ୍ୟାମୁତେମାମ୍ । (ଯଜୁ ୧୩-୪)

ପୃଥିବ୍ୟାଦି ପ୍ରକାଶ ରହିତ ଲୋକ ଲୋକାନ୍ତର ସମସ୍ତ ପଦାର୍ଥ ଏବଂ ସୂର୍ଯ୍ୟାଦି ପ୍ରକାଶମୟ ଲୋକ ସମୂହ ତଥା ଅନ୍ୟାନ୍ୟ ଯାବତୀୟ ପଦାର୍ଥର ସୃଷ୍ଟି ଏବଂ ଧାରଣ ପରମାତ୍ମା କେବଳ କରିଅଛନ୍ତି । ସେହି ସର୍ବବ୍ୟାପକ ପରମାତ୍ମା ହିଁ କେବଳ ଜଗତର କର୍ତ୍ତା ଓ ଧର୍ତ୍ତା ଅଟନ୍ତି ।

୩୩. **ପ୍ରଶ୍ନ** : ପୃଥିବ୍ୟାଦି ଲୋକ ସମୂହ ଘୂର୍ଣ୍ଣନ କରୁଛନ୍ତି ନା ସ୍ଥିର ଅଛନ୍ତି ?

ଉତ୍ତର : ଘୂର୍ଣ୍ଣନ କରୁଛନ୍ତି ।

୩୪. **ପ୍ରଶ୍ନ** : କେତେକ କହନ୍ତି ପୃଥିବୀ ଭ୍ରମଣ କରୁଛି ଓ ସୂର୍ଯ୍ୟ ସ୍ଥିର ରହିଛନ୍ତି । ଅନ୍ୟ କେତେକ କହନ୍ତି ଯେ ସୂର୍ଯ୍ୟ ଭ୍ରମଣ କରେ ଓ ପୃଥିବୀ ସ୍ଥିର ଥାଏ । ଏହା ମଧ୍ୟରୁ କାହା କଥାକୁ ସତ୍ୟ ବୋଲି ମାନିବାକୁ ହେବ ?

ଉତ୍ତର : ଦୁଇଟି ଯାକ କଥା ଅଧେ ସତ ଓ ଅଧେ ମିଛ । ଯଥା ବେଦରେ କୁହାଯାଇଛି......

ଆୟଂ ଗୌଃ ପୃଶ୍ନିରକ୍ରମୀଦସ ଦନ୍ ମାତରଂ ପୁରଃ । ପିତରଞ୍ଚ ପ୍ରୟନ୍ତ୍ସ୍ୱଃ ।।

(ଯଜୁ ଅ.୩।ମ.୬)

ଜଳସହିତ ଏହି ସବୁ ଭୂଗୋଳ ସୂର୍ଯ୍ୟର ଚତୁର୍ଦ୍ଦିଗରେ ଭ୍ରମଣ କରୁଛି । ଏଣୁ ପୃଥିବୀ ଭ୍ରମଣ କରୁଛି ।

ଆ କୃଷ୍ଣେନ ରଜସା ବର୍ତ୍ତମାନୋ ନିବେଶୟନ୍ନମୃତଂ ମର୍ତ୍ତ୍ୟଂ ଚ ।
ହିରଣ୍ୟୟେନ ସବିତା ରଥେନା ଦେବୋଯାତି ଭୁବନାନି ପଶ୍ୟନ୍ ।।

(ଯଜୁ ଅ ୩୩। ମ.୪୩)

ଯେଉଁ ସବିତା ବା ସୂର୍ଯ୍ୟ ନିଜେ ପ୍ରକାଶସ୍ୱରୂପ, ରମଣୀୟ ଓ ତେଜୋମୟ, ପ୍ରାଣୀ-ଅପ୍ରାଣୀ ପ୍ରତ୍ୟେକଙ୍କୁ ଆପଣାର କିରଣଜାଲ ପ୍ରଦାନକରି ଦୀପ୍ତିମାନ୍ କରନ୍ତି, ତଥା ଅମୃତମୟ ବୃଷ୍ଟିଦ୍ୱାରା ସମଗ୍ର ଜଗତକୁ ଶକ୍ତି ଓ ଜୀବନ ଦାନ କରନ୍ତି, ସେହି ସୂର୍ଯ୍ୟ ସର୍ବଦା ନିଜ ପରିଧିରେ କେବଳ ଭ୍ରମଣ କରନ୍ତି । ଅନ୍ୟ କୌଣସି ଲୋକର ଚତୁର୍ଦ୍ଦିଗରେ ଭ୍ରମଣ କରନ୍ତି ନାହିଁ । ଏପରି ଗୋଟିଏ ଗୋଟିଏ ବ୍ରହ୍ମାଣ୍ଡ ମଧ୍ୟରେ ଗୋଟିଏ ଗୋଟିଏ ସୂର୍ଯ୍ୟ ରହି ପ୍ରତ୍ୟେକ ଲୋକକୁ ଆଲୋକ ପ୍ରଦାନ କରନ୍ତି ।

ଦିବି ସୋମୋ ଅଧିଶ୍ରିତଃ ।　　　　(ଅଥର୍ବ କା ୧୪-ଅନୁ ୧-ମ.୧)

ଚନ୍ଦ୍ରଲୋକ ଯେପରି ସୂର୍ଯ୍ୟଙ୍କ ଦ୍ୱାରା ପ୍ରକାଶିତ ହୁଏ, ସେହିପରି ପୃଥିବ୍ୟାଦି ଲୋକ ସମୂହ ସୂର୍ଯ୍ୟଙ୍କ ଦ୍ୱାରା କେବଳ ଆଲୋକିତ ହୋଇଥାନ୍ତି । କିନ୍ତୁ ଦିବସ ଓ ରାତ୍ରି ସର୍ବଦା ବର୍ତ୍ତମାନ ଥାଏ । ଅର୍ଥାତ୍ ସବୁବେଳେ ଦିନ ଏବଂ ସବୁବେଳେ ରାତି ରହିଛି, କାରଣ ପୃଥିବ୍ୟାଦି ଲୋକ ସୂର୍ଯ୍ୟଙ୍କ ଚାରିପଟେ ବୁଲୁଥିବା ସମୟରେ ଯେଉଁ ଭାଗ ସୂର୍ଯ୍ୟ ପଟକୁ ରହେ, ସେହି ଭାଗ ଦିନ ହୁଏ, କିନ୍ତୁ ଯେଉଁ ଭାଗ ଅନ୍ୟପଟରେ ରହେ ସେହି ଭାଗ ରାତି ହୁଏ । ଉଦୟ, ଅସ୍ତ, ସନ୍ଧ୍ୟା, ମଧ୍ୟାହ୍ନ ଓ ମଧ୍ୟରାତ୍ର ପ୍ରଭୃତି ଯେତେ କାଳ ବିଭାଗ ଅଛି, ସେ ସବୁ ଦେଶ ଦେଶାନ୍ତରରେ ସର୍ବଦା ବର୍ତ୍ତମାନ ଥାଏ ଅର୍ଥାତ୍ ଆର୍ଯ୍ୟାବର୍ତ୍ତରେ ଯେଉଁ ସମୟରେ ସୂର୍ଯ୍ୟୋଦୟ ହୁଏ, ସେହି ସମୟରେ ଆମେରିକାରେ ସୂର୍ଯ୍ୟାସ୍ତ ହୋଇଥାଏ । ପୁଣି ଆର୍ଯ୍ୟାବର୍ତ୍ତରେ ଅସ୍ତ ହେଲା ବେଳେ ଆମେରିକାରେ ଉଦୟ ହୁଏ । ଆର୍ଯ୍ୟାବର୍ତ୍ତରେ ମଧ୍ୟାହ୍ନ ବା ଅର୍ଦ୍ଧରାତ୍ର ହେଲାବେଳେ

ଆମେରିକାରେ ଅର୍ଦ୍ଧରାତ୍ର ବା ମଧ୍ୟାହ୍ନ ହୋଇଥାଏ । ସୂର୍ଯ୍ୟ ବୁଲୁଅଛି ଓ ପୃଥିବୀ ସ୍ଥିର ଅଛି ବୋଲି ଯେଉଁମାନେ କହନ୍ତି ସେମାନେ ହେଉଛନ୍ତି ଅଜ୍ଞ । କାରଣ ସେପରି ହେଉଥିଲେ କେତେ ହଜାର ବର୍ଷ ପରେ ଗୋଟିଏ ଦିନ ବା ଗୋଟିଏ ରାତି ହୁଅନ୍ତା ! ସୂର୍ଯ୍ୟଙ୍କର ଅନ୍ୟ ଏକ ନାମ ହେଉଛି "ବ୍ରଧ୍ନଃ" ଅର୍ଥାତ୍ ସୂର୍ଯ୍ୟ ପୃଥିବୀଠାରୁ ଲକ୍ଷେ ଗୁଣରେ ବଡ଼, ପୁଣି କୋଟି କୋଟି କୋଶ ଦୂରରେ ଅବସ୍ଥିତ । ଯେପରି ଗୋଟିଏ ସୋରିଷର ଚତୁର୍ଦ୍ଦିଗରେ ଏକ ପର୍ବତକୁ ବୁଲିବାକୁ ହେଲେ ଅନେକ ସମୟ ଲାଗିବ, କିନ୍ତୁ ପାହାଡ଼ର ଗ୍ରୀପଟରେ ସୋରିଷ ବୁଲିଲେ ଅଳ୍ପ ସମୟ ଲାଗିବ । ସେହିପରି କେବଳ ପୃଥିବୀ ବୁଲିଲେ ଦିନ, ରାତି, ଠିକ୍ ସମୟରେ ହେବ, କିନ୍ତୁ ସୂର୍ଯ୍ୟ ବୁଲିଲେ କଦାପି ସେପରି ହେବ ନାହିଁ । ଯେଉଁମାନେ ସୂର୍ଯ୍ୟସ୍ଥିର ବୋଲି କହନ୍ତି, ସେମାନଙ୍କର ଜ୍ୟୋତିଷଶାସ୍ତ୍ରଜ୍ଞାନର ଅଭାବ ଅଛି ବୋଲିବାକୁ ହେବ । କାରଣ, ସୂର୍ଯ୍ୟ ଭ୍ରମଣ ନକଲେ ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଗମନ କରିପାରନ୍ତେ ନାହିଁ ବା ସ୍ଥାନାନ୍ତର ଘଟନ୍ତା ନାହିଁ । ପୁଣି କୌଣସି ଅତିଗୁରୁ ପଦାର୍ଥ ଭ୍ରମଣଶୀଳ ନ ହେଲେ, ଆକାଶ ମଣ୍ଡଳର କୌଣସି ଏକସ୍ଥାନରେ ସ୍ଥିର ହୋଇ ରହିପାରିବ ନାହିଁ । ଜୈନୀମାନେ କହନ୍ତି...... ପୃଥିବୀ ଘୂରୁନାହିଁ, ତଳକୁ ତଳକୁ ଖସିଯାଉଛି, ପୁଣି କହନ୍ତି କେବଳ ଜମ୍ବୁଦ୍ୱୀପରେ ଦିଓଟି ସୂର୍ଯ୍ୟ ଓ ଦିଓଟି ଚନ୍ଦ୍ର ବିଦ୍ୟମାନ, ଏପରି କହୁଥିବାରୁ ସେମାନେ ଅଜ୍ଞାନ ନିଶାରେ ଏକାନ୍ତ ପ୍ରମତ୍ତ ବୋଲି ବୁଝିବାକୁ ହେବ । କାରଣ, ଯଦି ପୃଥିବୀ ନିମ୍ନ ପ୍ରଦେଶକୁ ଖସି ଯାଉଥାନ୍ତା, ତେବେ ଚତୁର୍ଦ୍ଦିଗରେ ବାୟୁଚକ୍ର ଗଠିତ ନହେବା ଦ୍ୱାରା ପୃଥିବୀ ଛିନ୍ନ ଭିନ୍ନ ହୋଇଯାଆନ୍ତା ଓ ଉପରି ଭାଗର ଲୋକେ ଅଧିକ ବାୟୁ ସେବନ କରିବାକୁ ପାଆନ୍ତେ କିନ୍ତୁ ନିମ୍ନ ଭାଗରଲୋକେ ବାୟୁର ଅଭାବ ଅନୁଭବ କରନ୍ତେ । ତା' ସଙ୍ଗେ ସଙ୍ଗେ ବାୟୁର ଗତି ଏକ ପ୍ରକାର ରହନ୍ତା । ପୁଣି ଦୁଇଟି ସୂର୍ଯ୍ୟ ଓ ଦୁଇଟି ଚନ୍ଦ୍ର ଯଦି ଥାଆନ୍ତେ, ତାହେଲେ ରାତି ଓ କୃଷ୍ଣପକ୍ଷ ଆଉ ରହନ୍ତା ନାହିଁ । ଏଣୁ ଏକ ପୃଥିବୀ ସକାଶେ ଏକ ଚନ୍ଦ୍ର ଓ ଅନେକ ପୃଥିବୀ ମଧ୍ୟରେ ଏକ ମାତ୍ର ସୂର୍ଯ୍ୟ ବିଦ୍ୟମାନ ।"

୩୫.ପ୍ରଶ୍ନ : ସୂର୍ଯ୍ୟ, ଚନ୍ଦ୍ର ଓ ତାରାଗଣ କି ପ୍ରକାର ବସ୍ତୁ ? ତହିଁରେ ମନୁଷ୍ୟାଦି ପ୍ରାଣୀ ବସବାସ କରନ୍ତି କି ନାହିଁ ?

ଉତ୍ତର : ଏ ସବୁ ଗୋଟିଏ ଗୋଟିଏ ଲୋକ । ଏ ସବୁ ସ୍ଥାନରେ ମନୁଷ୍ୟାଦି ପ୍ରାଣୀ ବାସ କରନ୍ତି । କାରଣ ....

ଏତେଷୁ ହୀଦଂ ସର୍ବଂ ବସୁହିତମେତେ ହୀଦଂସର୍ବଂ ବାସୟନ୍ତେ
ତଦ୍ ଯଦିଦଂ ସର୍ବଂ ବାସୟନ୍ତେ ତସ୍ମାଦ୍ ବସବ ଇତି ।।

(ଶତପଥ କା ୧୪-ପ୍ର.୬-ବ୍ରା.୭କ.୪)

ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ଚନ୍ଦ୍ର, ନକ୍ଷତ୍ର ଓ ସୂର୍ଯ୍ୟ, ଏ ସମସ୍ତଙ୍କ ନାମ ହେଉଛି ବସୁ । ଯେଣୁ ଏଥିରେ ସବୁ ପଦାର୍ଥ ଓ ପ୍ରାଣୀମାନେ ବାସ କରନ୍ତି । ପ୍ରଜାମାନଙ୍କର ବସତି ଥିବାରୁ ଏମାନଙ୍କ ନାମ ବସୁ । ଯେଣୁ ପୃଥିବୀପରି ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ର ମଧ୍ୟ ବସୁ ନାମ ଧାରଣ କରିଛନ୍ତି । ତେଣୁ ଏମାନଙ୍କ ମଧ୍ୟରେ ଏପ୍ରକାର ପ୍ରାଣୀ ରହିବାରେ ସନ୍ଦେହ କରିବା ଉଚିତ୍ ନୁହେଁ । ଯେପରି ପରମେଶ୍ୱରଙ୍କ ଏହି ଛୋଟ ଭୂମଣ୍ଡଳଟି ମନୁଷ୍ୟାଦି ସୃଷ୍ଟିରେ ପରିପୂର୍ଣ୍ଣ, ତେବେ ସେହି ଲୋକ ଲୋକାନ୍ତର କ'ଣ ପ୍ରାଣୀଦ୍ୱାରା ଶୂନ୍ୟ ହୋଇଥିବ ? ପରମେଶ୍ୱରଙ୍କ କୌଣସି କାର୍ଯ୍ୟ କଦାପି ନିରର୍ଥକ ନୁହେଁ । ତେବେ କ'ଣ ଏହି ସମସ୍ତ ଅସଂଖ୍ୟ ଲୋକଲୋକାନ୍ତର ମନୁଷ୍ୟାଦି ପ୍ରାଣୀଙ୍କ ବ୍ୟତୀତ କେବେହେଲେ ସଫଳ ହୋଇ ପାରିବ ? ଏଣୁ ସବୁଠାରେ ମନୁଷ୍ୟାଦି ପ୍ରାଣୀ ରହିଛନ୍ତି ।

୩୬. ପ୍ରଶ୍ନ: ଏହି ପୃଥିବୀରେ ମନୁଷ୍ୟାଦି ପ୍ରାଣୀଙ୍କ ଅବୟବ ଓ ଆକୃତି ଯେପରି ରହିଛି, ଅନ୍ୟ ଲୋକରେ ମଧ୍ୟ ସେପରି ଆକୃତି ରହିଛି ବା ଭିନ୍ନ ପ୍ରକାର ଅଛି ?

ଉତ୍ତର : ଆକୃତି ଆଦିରେ କିଛି କିଛି ଭେଦରହିବାର ସମ୍ଭାବନା ଅଛି । ଯେପରି ଏହି ପୃଥିବୀରେ ଚୀନ୍, ହବ୍ସୀ, ଆର୍ଯ୍ୟାବର୍ତ୍ତ ଓ ୟୁରୋପରେ ଅବୟବ ଓ ରଙ୍ଗ, ରୂପ, ଆକୃତିଗତ ପାର୍ଥକ୍ୟ ରହିଛି, ସେହିପରି ଲୋକ ଲୋକାନ୍ତରରେ ମଧ୍ୟ ପ୍ରଭେଦ ରହିଛି । କିନ୍ତୁ ଏ ଦେଶରେ ଯେଉଁ ଜାତିର ସୃଷ୍ଟି ଯେପରି ହୋଇଛି, ଅନ୍ୟ ଲୋକରେ ମଧ୍ୟ ସେହି ଜାତିର ସେହିପରି ସୃଷ୍ଟି ରହିଥିବ । ଏହି ଲୋକରେ ଯାହାର ଯେଉଁ ଯେଉଁ ସ୍ଥାନରେ ନେତ୍ରାଦି ଅଙ୍ଗ ପ୍ରତ୍ୟଙ୍ଗ ବିଦ୍ୟମାନ, ଲୋକଲୋକାନ୍ତରରେ ମଧ୍ୟ ସେହି ଜାତିର ସେହିପରି ଅଙ୍ଗ ପ୍ରତ୍ୟଙ୍ଗର ବିଦ୍ୟମାନ ହୋଇଥିବ । କାରଣ :—

ସୂର୍ଯ୍ୟାଚନ୍ଦ୍ରମସୌ ଧାତା ଯଥା ପୂର୍ବମକଳ୍ପୟତ୍
ଦିବଂଚ ପୃଥିବୀଂ ଚାନ୍ତରିକ୍ଷମଥୋ ସ୍ୱଃ ।।

(ଋଗ୍ବେଦ ମଂ ୧୦ ସୂ ୧୯୦-ମ ୩)

ଧାତା=ପରମାତ୍ମା ଯେପରି ପୂର୍ବକଳ୍ପରେ ସୂର୍ଯ୍ୟ, ଚନ୍ଦ୍ର, ଦ୍ୟୌ, ଭୂମି, ଅନ୍ତରିକ୍ଷ ଓ ତତ୍ରସ୍ଥ ବିଶିଷ୍ଟ ସୁଖଦ ପଦାର୍ଥ ରଚନା କରିଥିଲେ, ସେହିପରି ଏହି କଳ୍ପରେ ଅର୍ଥାତ୍ ସୃଷ୍ଟିରେ ରଚନା କରିଛନ୍ତି, ପୁଣି ସେପରି ଅନ୍ୟ ସମସ୍ତ ଲୋକ ଲୋକାନ୍ତର ରଚନା କରି ଅଛନ୍ତି, ତହିଁରେ କୌଣସି ପ୍ରକାର ପ୍ରଭେଦ ନାହିଁ ।

୩୭. ପ୍ରଶ୍ନ : ଏ ଲୋକରେ ଯେଉଁ ସବୁ ବେଦ ପ୍ରକାଶିତ ହୋଇଛି, ସେପରି ଅନ୍ୟ ଲୋକରେ ହୋଇଛି କି ନାହିଁ ?

ଉତ୍ତର : ସେଠାରେ ମଧ୍ୟ ସେପରି ହୋଇଅଛି । କାରଣ ଯେପରି ଜଣେ ରାଜାର

ରାଜ୍ୟ ବ୍ୟବସ୍ଥା, ଓ ରାଜନୀତି ରାଜ୍ୟର ପ୍ରତ୍ୟେକ ସ୍ଥଳରେ ସମାନ ରୂପେ ଥାଏ, ସେହିପରି ରାଜରାଜେଶ୍ୱର ପରମାତ୍ମାଙ୍କ ବେଦୋକ୍ତନୀତି ତାଙ୍କ ସୃଷ୍ଟ ପ୍ରତ୍ୟେକ ରାଜ୍ୟରେ ସମାନରୂପେ ରହିଛି ।

୩୮ . ପ୍ରଶ୍ନ : ଯଦି ଜୀବାତ୍ମା ଓ ପ୍ରକୃତିତତ୍ତ୍ୱ ଅନାଦି ଅଟନ୍ତି, ତା ଈଶ୍ୱରଙ୍କ ସୃଷ୍ଟପଦାର୍ଥ ନୁହେଁ, ତେବେ ଏମାନଙ୍କ ଉପରେ ଈଶ୍ୱରଙ୍କ ଅଧିକାର ରହିବା ଉଚିତ ନୁହେଁ । ଯେଣୁ ଏମାନେ ହେଉଛନ୍ତି ସ୍ୱତନ୍ତ୍ର ।

ଉତ୍ତର : ରାଜା ଓ ପ୍ରଜା ଉଭୟେ ସମସାମୟିକ,ଅର୍ଥାତ୍ ଏକସମୟରେ ଜନ୍ମ ହୋଇଥାନ୍ତି, ତଥାପି ପ୍ରଜାଗଣ ରାଜାଙ୍କ ଅଧୀନତାକୁ ବାଧ୍ୟହୋଇ ସ୍ୱୀକାର କରିଥାନ୍ତି । ସେହିପରି ଜୀବ ଓ ପ୍ରକୃତି ଅନାଦି ଓ ଈଶ୍ୱରଙ୍କ ସମକାଳୀନ ହୋଇଥିଲେ ସୁଦ୍ଧା ପରମେଶ୍ୱରଙ୍କ କର୍ତ୍ତୃତ୍ୱାଧୀନ ହୋଇଥାନ୍ତି । ଯେତେବେଳେ ପରମାତ୍ମା ପରମେଶ୍ୱର ସକଳ ସୃଷ୍ଟି ରଚନା କରନ୍ତି, ଜୀବମାନଙ୍କୁ ସେମାନଙ୍କ କର୍ମଫଳ ପ୍ରଦାନ କରନ୍ତି, ସମସ୍ତଙ୍କୁ ଯଥାଯଥଭାବେ ରକ୍ଷଣାବେକ୍ଷଣ କରନ୍ତି, ପୁଣି ନିଜେ ଅନନ୍ତ ସାମର୍ଥ୍ୟଯୁକ୍ତ ଅଟନ୍ତି, ତେବେ ସ୍ୱଳ୍ପ ସାମର୍ଥ୍ୟବାନ୍ ଜୀବ ଓ ଜଡ଼ ପଦାର୍ଥ କାହିଁକି ତାଙ୍କ ଅଧୀନତାକୁ ସ୍ୱୀକାର କରିବେ ନାହିଁ ? ଏଣୁ କର୍ମ କରିବାରେ ଜୀବ ସ୍ୱତନ୍ତ୍ର ହେଲେ ହେଁ, କର୍ମଫଳ ଭୋଗିବାରେ ଈଶ୍ୱରଙ୍କ ନ୍ୟାୟାଧୀନ ହୋଇଥାଏ । ସର୍ବଶକ୍ତିମାନ୍ ଈଶ୍ୱର କେବଳ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି, ପାଳନ ଓ ସଂହାର କରିଥାନ୍ତି ।

ଇତି ଶ୍ରୀମଦ୍ଦୟାନନ୍ଦ ସରସ୍ୱତୀ ସ୍ୱାମୀକୃତେ ସତ୍ୟାର୍ଥ ପ୍ରକାଶେ ସୁଭାଷାବିଭୂଷିତେ ସୃଷ୍ଟ୍ୟୁତ୍ପତ୍ତିସ୍ଥିତି ପ୍ରଳୟ ବିଷୟେଽଷ୍ଟମଃ ସମୁଲ୍ଲାସଃ ସଂପୂର୍ଣ୍ଣଃ ।୮।

—o—

ଅଥ ନବମ ସମୁଲ୍ଲାସାରମ୍ଭଃ

"ଅଥ ବିଦ୍ୟାଽବିଦ୍ୟା ବନ୍ଧମୋକ୍ଷବିଷୟାନ୍ ବ୍ୟାଖ୍ୟାସ୍ୟାମଃ ।।
ବିଦ୍ୟାଂ ଚାଽବିଦ୍ୟାଂ ଚ ଯସ୍ତଦ୍ ବେଦୋଭୟଂ ସହ ।
ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ତ୍ୱା ବିଦ୍ୟୟାଽମୃତମଶ୍ନୁତେ ।।

(ଯଜୁ ଅ.୪୦-ମ.୧୪)

ଯେଉଁ ବ୍ୟକ୍ତି ବିଦ୍ୟା ଓ ଅବିଦ୍ୟାର ସ୍ୱରୂପକୁ ଏକାସାଥିରେ ଜାଣିପାରେ, ସେହି ବ୍ୟକ୍ତି ଅବିଦ୍ୟା ଅର୍ଥାତ୍ କର୍ମୋପାସନାଦ୍ୱାରା ମୃତ୍ୟୁକୁ ଜିଣିପାରେ । ପୁଣି ବିଦ୍ୟା ଅର୍ଥାତ୍ ଯଥାର୍ଥ ଜ୍ଞାନଦ୍ୱାରା ମୋକ୍ଷଲାଭ କରିପାରେ । ଅବିଦ୍ୟାର ଲକ୍ଷଣ.....

ଅନିତ୍ୟାଶୁଚିଦୁଃଖାନାତ୍ମସୁ ନିତ୍ୟଶୁଚି ସୁଖାତ୍ମଖ୍ୟାତି ରବିଦ୍ୟା ।

(ପାତଞ୍ଜଳ ଯୋଗ ଦର୍ଶନ ସାଧନପାଦ ୨ - ସୂ.୫)

ଏହା ଯୋଗସୂତ୍ରର ବଚନ । ଯେଉଁ ଲୋକ ଅନିତ୍ୟ ସଂସାର ଓ ଦେହାଦିକୁ ନିତ୍ୟ ମନେ କରେ, ଅର୍ଥାତ୍ ଜଗତରେ ଯେଉଁ ସକଳ ବିଷୟ ଦେଖା ଶୁଣା ଯାଉଛି, ତାହା ସର୍ବଦା ଅଛି ଓ ଚିରକାଳ ପର୍ଯ୍ୟନ୍ତ ରହିବ, ପୁଣି ଯୋଗସାଧନ ଦ୍ୱାରା ଏହି ଶରୀର ସବୁଦିନପାଇଁ ରହିବ, ଏପରି ବିପରୀତ ବୁଦ୍ଧି ହିଁ ଅବିଦ୍ୟାର ପ୍ରଥମଭାଗ ।

ଅଶୁଚି, ଅର୍ଥାତ୍ ମଳମୟ ସ୍ତ୍ରୀ ସମ୍ଭୋଗ, ମିଥ୍ୟାଭାଷଣ, ଚୋରି ପ୍ରଭୃତି ଅପବିତ୍ର ବିଷୟକୁ ପବିତ୍ର ଜ୍ଞାନ କରିବା ଅବିଦ୍ୟାର ଦ୍ୱିତୀୟ ଭାଗ । ଅତ୍ୟନ୍ତ ବିଷୟଭୋଗ ଜନିତ ଦୁଃଖକୁ ସୁଖ ବିବେଚନା କରିବା, ଅବିଦ୍ୟାର ତୃତୀୟ ଭାଗ ତଥା ଅନାତ୍ମାରେ ଆତ୍ମବୁଦ୍ଧି କରିବା ଏହା ହେଉଛି ଅବିଦ୍ୟାର ଚତୁର୍ଥଭାଗ । ଏହି ଚାରିପ୍ରକାର ବିପରୀତ ଜ୍ଞାନକୁ ଅବିଦ୍ୟା କୁହାଯାଏ । ଏହାର ବିପରୀତ ଅର୍ଥାତ୍ ଅନିତ୍ୟରେ ଅନିତ୍ୟ, ନିତ୍ୟରେ ନିତ୍ୟ, ଅପବିତ୍ରରେ ଅପବିତ୍ର, ପବିତ୍ରରେ ପବିତ୍ର, ଦୁଃଖରେ ଦୁଃଖ, ସୁଖରେ ସୁଖ, ତଥା ଅନାତ୍ମାରେ ଅନାତ୍ମା ଓ ଆତ୍ମାରେ ଆତ୍ମଜ୍ଞାନ କରିବାକୁ ବିଦ୍ୟା କୁହାଯାଏ । ଅର୍ଥାତ୍...

"ବେତ୍ତି ଯଥାବତ୍ତତ୍ତ୍ୱଂ ପଦାର୍ଥ ସ୍ୱରୂପମ୍ ଯୟା ସା ବିଦ୍ୟା । ଯୟା ତତ୍ତ୍ୱ ସ୍ୱରୂପଂ ନ ଜାନାତି ଭ୍ରମାଦନ୍ୟସ୍ମିନ୍ନନ୍ୟନିଶ୍ଚିନୋତି ସାଽବିଦ୍ୟା" । ଯାହାଦ୍ୱାରା ପଦାର୍ଥର ଯଥାର୍ଥ ସ୍ୱରୂପ ବୋଧହୁଏ, ତାର ନାମ ବିଦ୍ୟା, ସେହିପରି ଯାହାଦ୍ୱାରା ତତ୍ତ୍ୱସ୍ୱରୂପ ଜଣାପଡ଼େ ନାହିଁ, ଗୋଟିଏ ପଦାର୍ଥରେ ଅନ୍ୟରୂପ ଜଣାପଡ଼େ, ତାହାର ନାମ ଅବିଦ୍ୟା । ଏହି କାରଣରୁ କର୍ମ ଓ ଉପାସନାକୁ ଅବିଦ୍ୟା କୁହାଯାଏ, ଯେଣୁ ଏହା ହେଉଛି ବାହ୍ୟ ଅନ୍ତର କ୍ରିୟାବିଶେଷ, ଜ୍ଞାନ ବିଶେଷ ନୁହେଁ । ଏଥିପାଇଁ ପ୍ରୋକ୍ତ ମନ୍ତ୍ରରେ କୁହାଯାଇଛି ଯେ, ପବିତ୍ର କର୍ମ, ପବିତ୍ର ଉପାସନା ଓ ପବିତ୍ର ଜ୍ଞାନଦ୍ୱାରା ହିଁ ମୁକ୍ତିଲାଭ ହୋଇଥାଏ,

କିନ୍ତୁ ମିଥ୍ୟା ଭାଷଣାଦି ଅପବିତ୍ର କର୍ମ, ପିତଳ ପଥରର ମୂର୍ତ୍ତି ପୂଜା ଓ ମିଥ୍ୟା ଜ୍ଞାନରେ ବନ୍ଧ ଉତ୍ପନ୍ନ ହୁଏ । ଯେ କୌଣସି ମନୁଷ୍ୟ କର୍ମ, ଉପାସନା ଓ ଜ୍ଞାନବିନା କ୍ଷଣକପାଇଁ ମଧ୍ୟ ରହିପାରେ ନାହିଁ । ଏଣୁ ଧର୍ମଯୁକ୍ତ ସତ୍ୟ ଭାଷଣାଦି ସତ୍‌କର୍ମ କରିବା ଓ ମିଥ୍ୟା ଭାଷଣାଦି ଅଧର୍ମ ପରିତ୍ୟାଗ କରିବା ଦ୍ୱାରା ମୁକ୍ତି ମିଳିଥାଏ ।

ପ୍ରଶ୍ନ : କେଉଁ ବ୍ୟକ୍ତି ମୁକ୍ତିଲାଭ କରିପାରେ ନାହିଁ ?

ଉତ୍ତର : ବନ୍ଧ ଅର୍ଥାତ୍ ଆସକ୍ତ ଜୀବ ମୁକ୍ତିଲାଭ କରିପାରେ ନାହିଁ ।

ପ୍ରଶ୍ନ : ଆସକ୍ତ ବା ବନ୍ଧ କିଏ ?

ଉତ୍ତର : ଯେଉଁଜୀବ ଅଧର୍ମ ଓ ଅଜ୍ଞାନରେ ମଜ୍ଜି ରହିଥାଏ ।

ପ୍ରଶ୍ନ : ବନ୍ଧ ଓ ମୋକ୍ଷ ନିମିତ୍ତଦ୍ୱାରା ହୁଏ ନା ସ୍ୱଭାବଦ୍ୱାରା ?

ଉତ୍ତର : ନିମିତ୍ତ ଦ୍ୱାରା । କାରଣ ସ୍ୱଭାବଦ୍ୱାରା ହେଉଥିଲେ ବନ୍ଧ ଓ ମୁକ୍ତିର ପରିସମାପ୍ତି କଦାପି ହୁଅନ୍ତା ନାହିଁ ।

ପ୍ରଶ୍ନ : ନ ନିରୋଧୋ ନ ଚୋତ୍ପତ୍ତିର୍ନ ବଦ୍ଧୋ ନ ଚ ସାଧକଃ ।
ନ ମୁମୁକ୍ଷୁର୍ନ ବୈ ମୁକ୍ତିରିତ୍ୟେଷା ପରମାର୍ଥତା ।।

ଏହି ଶ୍ଳୋକ ମାଣ୍ଡୁକ୍ୟୋପନିଷଦ୍ ଉପରେ ଲିଖିତ ଗୌଡ଼ପାଦୀୟ କାରିକା ୨-୩୨ର ଅନ୍ତର୍ଭୁକ୍ତ ଅଟେ । ଜୀବ ବ୍ରହ୍ମ ହୋଇଥିବାରୁ ବସ୍ତୁତଃ ଜୀବର ନିରୋଧ, ନାହିଁ, ଅର୍ଥାତ୍ ସେ କେବେ ଆବରଣ ମଧ୍ୟକୁ ଆସେ ନାହିଁ । ତାର ବନ୍ଧ ବା ମୁକ୍ତି ନାହିଁ । କୌଣସି ସାଧନାର ଆବଶ୍ୟକତା ମଧ୍ୟ ନାହିଁ । ସେ ମୁକ୍ତ ହେବାକୁ ଇଚ୍ଛାକରେ ନାହିଁ ଓ ତାର କେବେହେଲେ ମଧ୍ୟ ମୁକ୍ତି ନାହିଁ । କାରଣ ସେ ଯେତେବେଳେ ପରମାର୍ଥରେ ବାନ୍ଧି ହୁଏ ନାହିଁ ସେତେବେଳେ ତା'ର ମୁକ୍ତି କାହିଁ ?

ଉତ୍ତର: ନବୀନ ବେଦାନ୍ତୀମାନଙ୍କ ଏହି ଉକ୍ତି ସତ୍ୟ ନୁହେଁ । କାରଣ ଜୀବର ସ୍ୱରୂପ ଅଳ୍ପ ହୋଇଥିବାରୁ ସେ ଆବରଣ ମଧ୍ୟକୁ ଆସେ । ଶରୀର ଦ୍ୱାରା ପ୍ରକଟିତ ହୁଏ ଅର୍ଥାତ୍ ଜନ୍ମ ଗ୍ରହଣ କରେ । ପାପକର୍ମ କରି ତା'ରଫଳ ଭୋଗିବାରେ ଆବଦ୍ଧରହେ, ଉକ୍ତ ବନ୍ଧନରୁ ମୁକ୍ତ ହେବାପାଇଁ ଚେଷ୍ଟାକରେ । ଦୁଃଖରୁ ରକ୍ଷାପାଇବାପାଇଁ ସାଧନା ପୂର୍ବକ ଯତ୍ନ କରେ ଓ ଦୁଃଖରୁ ମୁକ୍ତ ହୋଇ ପରମାନନ୍ଦ ପରମେଶ୍ୱରଙ୍କଠାରେ ଲୀନ ହୁଏ ।

ପ୍ରଶ୍ନ : ଏହି ସବୁ ଧର୍ମ ଦେହ ଓ ଅନ୍ତଃକରଣର ଅଟେ, ଜୀବର ନୁହେଁ । କାରଣ ଜୀବ କେବଳ ପାପ-ପୁଣ୍ୟରୁ ରହିତ ସାକ୍ଷୀ ମାତ୍ର । ଶୀତ, ଉଷ୍ଣାଦି ବୋଧ କେବଳ ଶରୀରାଦିର ଧର୍ମ,ଆତ୍ମା ତହିଁରେ ନିର୍ଲିପ୍ତ ରହେ ।

ଉତ୍ତର: ଦେହ ଓ ଅନ୍ତଃକରଣ ହେଉଛି ଜଡ଼ । ତେଣୁ ଶୀତ, ଉଷ୍ଣ ଅନୁଭବ କରିବା କିମ୍ବା ଭୋଗ କରିବାର ସାମର୍ଥ୍ୟ ତାର ନାହିଁ । ଯେପରି ଶୀତ ଓ ଉଷ୍ଣ ପଥରକୁ

କୌଣସି ପ୍ରକାରେ ପ୍ରଭାବିତ କରିପାରେ ନାହିଁ, ସେହିପରି ଦେହ ଓ ଅନ୍ତଃକରଣର ଶୀତୋଷ୍ଣ ବିଷୟରେ କିଛି ଯାଏ ଆସେ ନାହିଁ । ଚେତନ ମନୁଷ୍ୟାଦି ପ୍ରାଣୀ ଶୀତଉଷ୍ଣ ଅନୁଭବ କରେ । ସେହିପରି ପ୍ରାଣ ମଧ୍ୟ ଜଡ଼, ତେଣୁ ତାର କ୍ଷୁଧା ପିପାସା ନାହିଁ । କିନ୍ତୁ ପ୍ରାଣଧାରୀ ଜୀବକୁ ଭୋକଶୋଷ ହୋଇଥାଏ । ସେହିପରି ମନ ମଧ୍ୟ ଜଡ଼ ହୋଇଥିବାରୁ, ତା ଉପରେ ହର୍ଷ ଓ ଶୋକର ପ୍ରଭାବ ପଡ଼େ ନାହିଁ । କିନ୍ତୁ ଜୀବ ମନଦ୍ୱାରା ସୁଖ-ଦୁଃଖ, ହର୍ଷ-ଶୋକ ଭୋଗକରେ । ଯେପରି ବହିଷ୍କରଣ ଶ୍ରୋତ୍ରାଦି ଇନ୍ଦ୍ରିୟମାନଙ୍କ ଦ୍ୱାରା ଭଲ-ମନ୍ଦ ଶବ୍ଦାଦି ବିଷୟ ଗ୍ରହଣକରି ଜୀବ ସୁଖୀ ବା ଦୁଃଖୀ ହୁଏ ।

ସେହିପରି ଅନ୍ତଃକରଣ ଅର୍ଥାତ୍ ମନ, ବୁଦ୍ଧି, ଚିତ୍ତ ଓ ଅହଂକାର ଦ୍ୱାରା ସଙ୍କଳ୍ପ, ବିକଳ୍ପ, ନିଶ୍ଚୟ ସ୍ମରଣ ତଥା ଅଭିମାନକାରୀ ଜୀବହିଁ ଦଣ୍ଡିତ ହୁଏ ନତୁବା ସମ୍ମାନିତ ହୋଇଥାଏ । କୌଣସି ବ୍ୟକ୍ତି ତରବାରୀରେ କାହାକୁ ହତ୍ୟା କଲା । ତରବାରୀ ହତ୍ୟା କରିଥିଲେ ମଧ୍ୟ ତରବାରୀକୁ ଦଣ୍ଡବିଧାନ କରାଯାଏ ନାହିଁ, ହତ୍ୟା କରିଥିବା ବ୍ୟକ୍ତିକୁ ହିଁ ଦଣ୍ଡ ବିଧାନ କରାଯାଏ । ସେହିପରି ଦେହେନ୍ଦ୍ରିୟ,ଅନ୍ତଃକରଣ ଓ ପ୍ରାଣରୂପ ସାଧନଦ୍ୱାରା ଭଲ ବା ମନ୍ଦ କରିଥିବା ଜୀବ କେବଳ ସୁଖଦୁଃଖକୁ ଭୋଗ କରେ । ଜୀବ ହେଉଛି କର୍ମର କର୍ତ୍ତା ଓ ଭୋକ୍ତା ମଧ୍ୟ, ସେ କର୍ମର ସାକ୍ଷୀ ନୁହେଁ । କର୍ମ କରୁଥିବା ଜୀବ କର୍ମରେ କେବଳ ଲିପ୍ତ ରହେ । କର୍ମର ସାକ୍ଷୀ ହେଉଛନ୍ତି, ଏକ ଅଦ୍ୱିତୀୟ ପରମାତ୍ମା । ଜୀବ କର୍ମ କରେ ଓ ସେ ହିଁ ଭୋଗକରେ ।

ପ୍ରଶ୍ନ : ଜୀବ ବ୍ରହ୍ମର ପ୍ରତିବିମ୍ବ । ଦର୍ପଣ ଭାଙ୍ଗିଗଲେ ମଧ୍ୟ ବସ୍ତୁର ଯେପରି କୌଣସି ପ୍ରକାର କ୍ଷତି ହୁଏ ନାହିଁ, ସେହିପରି ବ୍ରହ୍ମର ପ୍ରତିବିମ୍ବ ଜୀବ ଯେପର୍ଯ୍ୟନ୍ତ ଅନ୍ତଃକରଣରେ ପ୍ରତିବିମ୍ବିତ ହୁଏ, ଯେପର୍ଯ୍ୟନ୍ତ ସେ ଅନ୍ତଃକରଣୋପାଧିଧାରୀ ହୋଇଥାଏ । ଅନ୍ତଃକରଣ ନଷ୍ଟ ହୋଇଗଲେ ଜୀବ ମୁକ୍ତ ହୁଏ ।

ଉତ୍ତର : ଏହା ହେଉଛି ପିଲାଳିଆ କଥା । କାରଣ ସାକାର ବସ୍ତୁରେ ସାକାର ବସ୍ତୁର ହିଁ ପ୍ରତିବିମ୍ବ ହୋଇଥାଏ । ଯେପରି ଦର୍ପଣରେ ମୁଖ ଦେଖାଯାଏ । ମୁଖ ଯେପରି ସାକାର ଦର୍ପଣ ମଧ୍ୟ ସେପରି ସାକାର ଅଥଚ ଦୁହେଁ । ସେମାନେ ପୃଥକ୍ ପୃଥକ୍ ବସ୍ତୁ । ପୃଥକ୍ ପୃଥକ୍ ବସ୍ତୁ ହୋଇନଥିଲେ ପ୍ରତିବିମ୍ବ କଦାପି ଦେଖାଯାଏ ନାହିଁ । ତେଣୁ ବ୍ରହ୍ମ ନିରାକାର ଓ ସର୍ବବ୍ୟାପକ ହୋଇଥିବାରୁ, ତାଙ୍କର ପ୍ରତିବିମ୍ବ କଦାପି ହୋଇପାରିବ ନାହିଁ ।

ପ୍ରଶ୍ନ : ଯେପରି ଗମ୍ଭୀର ଓ ନିର୍ମଳ ଜଳରେ ଦ୍ୟୁଲୋକ ଓ ନିରାକାର ଆକାଶର ପ୍ରତିବିମ୍ବ ଦେଖାଯାଏ, ସେପରି ସ୍ୱଚ୍ଛ ଅନ୍ତଃକରଣରେ ପରମାତ୍ମାଙ୍କର ଆଭାସ ପଡ଼େ । ଏଥିପାଇଁ ଏହାକୁ ଚିଦାଭାସ କୁହାଯାଏ ।

ଉତ୍ତର : ଏହା ଅବୋଧ ବାଳକର ପ୍ରଳାପ ବ୍ୟତୀତ ଅନ୍ୟ କିଛି ନୁହେଁ । କାରଣ ଆକାଶ ହେଉଛି ଅଦୃଶ୍ୟ ବସ୍ତୁ । ଏହାକୁ ଆଖିରେ କେହି ଦେଖିପାରନ୍ତି ନାହିଁ । ଯେଣୁ ଆକାଶ ଠାରୁ ସ୍ଥୂଳ ପଦାର୍ଥ ବାୟୁକୁ ଆଖିରେ ଦେଖିବା ଯେତେବେଳେ ସମ୍ଭବପର ନୁହେଁ, ତେବେ ଆକାଶକୁ କିପରି ଦେଖିବାକୁ ହେବ ।

ପ୍ରଶ୍ନ : ଉପରେ ଯେଉଁ ନୀଳ ଓ ଧୂସରବର୍ଣ୍ଣ ଦେଖାଯାଉଛି, ତାହା କ'ଣ ଆକାଶର ରଙ୍ଗ ନୁହେଁ ?

ଉତ୍ତର : ନୁହେଁ ।

ପ୍ରଶ୍ନ : ତେବେ ତାହା କଅଣ ?

ଉତ୍ତର : ପୃଥିବୀ, ଜଳ ଓ ଅଗ୍ନିର ଭିନ୍ନ ଭିନ୍ନ ତ୍ରସରେଣୁ ସେପରି ଦେଖାଯାଏ । ଯେଉଁ ନୀଳବର୍ଣ୍ଣ ଦେଖାଯାଏ, ତାହା ହେଉଛି ଜଳ, ଯାହା ଧୂସର ଦେଖାଯାଏ ତାହା ଧୂଳି, ଭୂପୃଷ୍ଠର ଧୂଳିଗୁଡ଼ିକ ବାୟୁ ମଣ୍ଡଳରେ ଉଡ଼ିଯାଇ ଆକାଶରେ ରହି ସେପରି ଧୂସର ବର୍ଣ୍ଣ ଧାରଣ କରିଛି । ସେହି ଧବଳବର୍ଣ୍ଣ ଧୂଳିକଣା ସମୂହର ପ୍ରତିବିମ୍ବମାତ୍ର ଜଳରେ ବା ଦର୍ପଣରେ ଦେଖାଯାଏ । ତାହା ଆକାଶର ପ୍ରତିବିମ୍ବ ନୁହେଁ ।

ପ୍ରଶ୍ନ : ଯେପରି ଘଟାକାଶ, ମଠାକାଶ, ମେଘାକାଶ ଓ ମହାକାଶ ନାମରେ ଆକାଶର ଭେଦ କରାଯାଏ, ସେହିପରି ବ୍ରହ୍ମଙ୍କର ବ୍ରହ୍ମାଣ୍ଡ ଓ ଅନ୍ତଃକରଣ ଉପାଧି ଭେଦରେ, ଈଶ୍ୱର ଓ ଜୀବର ନାମ ହୋଇଛି । ଯେତେବେଳେ ଘଟ ଆଦି ନଷ୍ଟ ହୋଇଯାଏ, ସେତେବେଳେ ସେସବୁ ମହାକାଶ ନାମରେ କେବଳ ଅଭିହିତ ହୁଏ ।

ଉତ୍ତର : ଏହାମଧ୍ୟ ଅବିଦ୍ୱାନ୍ ଲୋକଙ୍କ କଥା । କାରଣ ଆକାଶ କେବେ ଛିନ୍ନ ଭିନ୍ନ ହୋଇପାରେ ନାହିଁ । ସାଧାରଣତଃ ଦେଖିବାକୁ ଗଲେ ସମସ୍ତେ କହନ୍ତି ଘଟ ଆଣ, କେହି କେବେ ଘଟ ଆକାଶ ଆଣ ବୋଲି କହନ୍ତି ନାହିଁ । ଏଣୁ ଘଟାକାଶ ଦୃଷ୍ଟାନ୍ତ ଦେବା ଯଥାର୍ଥ ନୁହେଁ ।

ପ୍ରଶ୍ନ : ଯେପରି ସମୁଦ୍ରରେ ମତ୍ସ୍ୟ, କୀଟ ପ୍ରଭୃତି, ଓ ଆକାଶରେ ପକ୍ଷୀପ୍ରଭୃତି ଭ୍ରମଣ କରନ୍ତି, ସେହିପରି ଚିଦାକାଶ ବ୍ରହ୍ମରେ ସମସ୍ତ ଅନ୍ତଃକରଣ ପରିଭ୍ରମଣ କରନ୍ତି । ଅଗ୍ନିରେ ପଡ଼ି ଲୁହା ଅଗ୍ନିପିଣ୍ଡୁଳା ଦେଖାଯିବା ପରି, ଏମାନେ ସ୍ୱୟଂ ଜଡ଼ପଦାର୍ଥ ହେଲେ ସୁଦ୍ଧା ସର୍ବବ୍ୟାପକ ପରମାତ୍ମାଙ୍କ ସତ୍ତାଦ୍ୱାରା ଚେତନମୟ ହୋଇ ଉଠନ୍ତି । ବ୍ରହ୍ମ ଆକାଶପରି ସ୍ଥିର, ଜୀବମାନେ ତହିଁରେ ଇତସ୍ତତଃ ଭ୍ରମଣ କରନ୍ତି । ଏଣୁ ଜୀବକୁ ବ୍ରହ୍ମବୋଲି କହିବା କୌଣସି ଦୋଷାବହ ବିଷୟ ନୁହେଁ ।

ଉତ୍ତର : ତୁମର ଏ ଦୃଷ୍ଟାନ୍ତ ମଧ୍ୟ ସତ୍ୟ ନୁହେଁ । କାରଣ ଯଦି ସର୍ବବ୍ୟାପକ ବ୍ରହ୍ମ ଅନ୍ତଃକରଣ ମଧ୍ୟରେ ପ୍ରକାଶିତ ହୋଇ ଜୀବରୂପ ଧାରଣ କରନ୍ତେ, ତେବେ ଜୀବ ମଧ୍ୟରେ ବି ସର୍ବଜ୍ଞତାଦି ଗୁଣ ରହନ୍ତାକି ନାହିଁ ? ଉତ୍ତରରେ ତୁମେ କହିପାର,

ଆବରଣ ମଧ୍ୟରେ ରହୁଥିବାରୁ ଜୀବଠାରେ ସର୍ବଜ୍ଞତାଦି ଗୁଣ ରହେ ନାହିଁ, ତେବେ ବ୍ରହ୍ମ ଆବୃତ ଓ ଖଣ୍ଡିତ ହୁଅନ୍ତେ । ଯଦି ବ୍ରହ୍ମ ଅଖଣ୍ଡିତ, ତେବେ ତାଙ୍କୁ କୌଣସି ଆବରଣ ଭେଦ କରିପାରିବ ନାହିଁ । ଆବରଣ ଅଭାବରେ ଜୀବ ସର୍ବଜ୍ଞ ହେବା ଆବଶ୍ୟକ । କିନ୍ତୁ ସେ ସେପରି ନୁହେଁ । ଯଦି କୁହ ବ୍ରହ୍ମ ନିଜ ସ୍ୱରୂପକୁ ଭୁଲି ଅନ୍ତଃକରଣ ମଧ୍ୟରେ ବୁଡ଼ିରହନ୍ତି, ତେବେ ବ୍ରହ୍ମଙ୍କୁ ନିତ୍ୟ ତଥା ମୁକ୍ତ କହିବା ନିଶ୍ଚୟ ଭୁଲ ହେବ । ବର୍ତ୍ତମାନ ତୁମେ କହିପାର ଅନ୍ତଃକରଣ ସହିତ ବ୍ରହ୍ମ ବିଚରଣ କରନ୍ତି ନାହିଁ, ଯଦି ବିଚରଣ କରନ୍ତି ତେବେ ଅନ୍ତଃକରଣ ଯେଉଁ ସ୍ଥାନ ତ୍ୟାଗ କରନ୍ତି ଓ ଯେଉଁ ଯେଉଁ ସ୍ଥାନକୁ ଆଗେଇ ଯାଆନ୍ତି ସେ ସ୍ଥାନର ବ୍ରହ୍ମ ଭ୍ରାନ୍ତ, ଅଜ୍ଞାନ ହୋଇଯିବେ, ପୁଣି ଯେଉଁ ଯେଉଁ ସ୍ଥାନକୁ ଛାଡ଼ିଦେବେ ସେହି ସେହି ସ୍ଥାନର ବ୍ରହ୍ମ ଜ୍ଞାନୀ, ପବିତ୍ର ଓ ମୁକ୍ତ ହୋଇଯିବେ । ଏହିପରି ଅନ୍ତଃକରଣମାନେ ସୃଷ୍ଟିରେ ସର୍ବତ୍ର ବିଦ୍ୟମାନ ବ୍ରହ୍ମଙ୍କୁ ଦୂଷିତ କରୁଥିବେ, ତଥା ପ୍ରତିକ୍ଷଣ ବନ୍ଧମୋକ୍ଷଦଶା ଉପସ୍ଥିତ ହେଉଥିବ । ପୁନଶ୍ଚ ତୁମ ଯୁକ୍ତି ମାନିଲେ ପୂର୍ବରୁ ଦେଖିଥିବା ବା ଶୁଣିଥିବା କଥା ଜୀବର ସ୍ମରଣ ହେବା ଉଚିତ ନୁହେଁ । କାରଣ ଯେଉଁ ଜୀବ ଭୂତ ବ୍ରହ୍ମ ପୂର୍ବେ ଦେଖି ବା ଶୁଣିଥିଲା ତାର ଅସ୍ତିତ୍ୱ ବର୍ତ୍ତମାନ ଆଉ ନାହିଁ । ତେଣୁ ବ୍ରହ୍ମଜୀବ ଓ ଜୀବ ବ୍ରହ୍ମ କଦାପି ଏକ ହୋଇନପାରେ, କିନ୍ତୁ ଦୁହେଁ ସର୍ବଦା ପୃଥକ୍ ପୃଥକ୍ ଅଟନ୍ତି ।

ପ୍ରଶ୍ନ : ଏସବୁ କେବଳ ଅଧ୍ୟାରୋପ । ଏକ ବସ୍ତୁରେ ଅନ୍ୟ ବସ୍ତୁର ଆରୋପ ବା ସ୍ଥାପନାକୁ ଅଧ୍ୟାରୋପ କୁହାଯାଏ । ଯଥା - ଶାମୁକାକୁ ଦେଖି ରୂପାମନେକରିବା ବା ରାତିରେ ଦଉଡ଼ିକୁ ଦେଖି ସାପ ବୋଲି ଭାବିବା । କେବଳ ଜିଜ୍ଞାସୁ ବ୍ୟକ୍ତିକୁ ବୋଧ କରାଇବା ନିମନ୍ତେ ଜଗତ ଓ ଜଗତର ସମସ୍ତ ବିଷୟକୁ ବ୍ରହ୍ମ ଉପରେ ଅଧ୍ୟାରୋପ କରାଯାଇଛି, ଅର୍ଥାତ୍ ବ୍ରହ୍ମଠାରୁ ପୃଥକ୍ ବୋଲି କୁହାଯାଇଛି, କିନ୍ତୁ ବାସ୍ତବରେ ସମସ୍ତ ବସ୍ତୁ ହିଁ ବ୍ରହ୍ମ ।

ଦ୍ୱିତୀୟ ପ୍ରଶ୍ନ : ଅଧ୍ୟାରୋପ କରିବା ଲୋକ କିଏ ?

ଉତ୍ତର : ଜୀବ ।

ପ୍ରଶ୍ନ : ଜୀବ ବୋଲି କାହାକୁ କହୁଛ ?

ଉତ୍ତର : ଅନ୍ତଃକରଣାବଚ୍ଛିନ୍ନ ଚେତନକୁ ଜୀବ କୁହାଯାଏ ।

ପ୍ରଶ୍ନ : ଅନ୍ତଃକରଣାବଚ୍ଛିନ୍ନ ଚେତନ, ବ୍ରହ୍ମରୁ ପୃଥକ୍ କିମ୍ବା ନିଜେ ବ୍ରହ୍ମ ?

ଉତ୍ତର : ନିଜେ ହିଁ ବ୍ରହ୍ମ ।

ପ୍ରଶ୍ନ : ତେବେ କ'ଣ ବ୍ରହ୍ମ ନିଜ ଭିତରେ ଜଗତର ମିଥ୍ୟା କଳ୍ପନା କରି ନେଲେ ?

ଉତ୍ତର : ହୋଇପାରେ, ଏଥିରେ ବ୍ରହ୍ମଙ୍କର କ୍ଷତି କ'ଣ ?

ପ୍ରଶ୍ନ : ଯେ ମିଥ୍ୟା କଳ୍ପନା କରେ, ସେ କ'ଣ ମିଥ୍ୟାବାଦୀ ନୁହେଁ ?

ଉତ୍ତର : ନୁହେଁ, କାରଣ ମନରେ ଯାହା କଳ୍ପନା କରାଯାଏ, ବା ବଚନରେ ପ୍ରକାଶ କରାଯାଏ, ସେ ସବୁ ହେଉଛି ମିଥ୍ୟା ।

ପ୍ରଶ୍ନ : ତେବେ ମନ ଓ ବଚନରେ ମିଥ୍ୟା କଳ୍ପନା କରୁଥିବା ଓ ମିଥ୍ୟା କହୁଥିବା ବ୍ରହ୍ମ, କଳ୍ପିତ ଓ ମିଥ୍ୟାବାଦୀ ଅଟନ୍ତି କି ନୁହଁନ୍ତି ?

ଉତ୍ତର : ହୁଅନ୍ତୁ, ଏଥିରେ କିଛି ଆପତ୍ତି ନାହିଁ । ଏହା ହେଉଛି ଆମର ଇଷ୍ଟାପତ୍ତି । ଧନ୍ୟରେ, ଭଣ୍ଡ ବେଦାନ୍ତୀଗଣ । ତୁମ୍ଭେମାନେ ସତ୍ୟସ୍ୱରୂପ, ସତ୍ୟକାମ ଓ ସତ୍ୟ ସଙ୍କଳ୍ପ ପରମାତ୍ମାଙ୍କୁ ମିଥ୍ୟାଶ୍ରୀ କରିଦେଲ । ଏହା ତୁମ୍ଭମାନଙ୍କ ଦୁର୍ଗତିର କାରଣ ନୁହେଁ କି ? ପରମେଶ୍ୱର ମିଥ୍ୟାବାଦୀ ଓ ମିଥ୍ୟା ସଙ୍କଳ୍ପ କରନ୍ତି ବୋଲି କେଉଁ ଉପନିଷଦ୍, ସୂତ୍ର ବା ବେଦରେ ଲେଖା ଯାଇଛି ? ତୁମର ଏ ଉକ୍ତି ଚୋର ଚୋରି କରି ବିଚାରପତିଙ୍କୁ ଦଣ୍ଡବିଧାନ କଲାପରି ମନେ ହେଉଛି । ବିଚାରପତି ଚୋରକୁ ଦଣ୍ଡ ଦିଅନ୍ତି, ଚୋର ବିଚାରପତିଙ୍କୁ ଦଣ୍ଡ ଦେବା ବିପରୀତ ବିଷୟ ନୁହେଁ କି ? ତୁମ୍ଭେମାନେ ନିଜେ ମିଥ୍ୟାବାଦୀ ଓ ମିଥ୍ୟା ସଙ୍କଳ୍ପକାରୀ ହୋଇ, ଆପଣାର ଦୋଷକୁ ପରମେଶ୍ୱରଙ୍କ ଉପରେ ଅର୍ପଣ କରିଦେଉଛ । ଯଦି ବ୍ରହ୍ମର ଅଂଶ ବିଶେଷ ମିଥ୍ୟା ଜ୍ଞାନୀ, ମିଥ୍ୟାବାଦୀ ଓ ମିଥ୍ୟାକାରୀ ହୁଏ, ତେବେ ଅନନ୍ତ ବ୍ରହ୍ମ ସଂପୂର୍ଣ୍ଣରୂପେ ସେହିପରି ହୋଇଯିବ । କାରଣ ଅନନ୍ତବ୍ରହ୍ମ ଏକ, ସେ ସର୍ବତ୍ର ସତ୍ୟସ୍ୱରୂପ, ସତ୍ୟଜ୍ଞାନୀ ଓ ସତ୍ୟକର୍ମକାରୀ ଅଟନ୍ତି । ଏ ସମସ୍ତ ମିଥ୍ୟା ଦୋଷ ହେଉଛି ତୁମ୍ଭମାନଙ୍କର, ତା କଦାପି ବ୍ରହ୍ମଙ୍କର ନୁହେଁ । ତୁମେ ଯାହାକୁ ବିଦ୍ୟା ବୋଲି କହୁଛ, ତା ଅବିଦ୍ୟା ବ୍ୟତୀତ ଅନ୍ୟ କିଛି ନୁହେଁ । ପୁଣି ତୁମର ଅଦ୍ୱୈତୀୟ ଅଧ୍ୟାରୋପ ମଧ୍ୟ ମିଥ୍ୟା । କାରଣ ତୁମ୍ଭେମାନେ ନିଜେ କଦାପି ବ୍ରହ୍ମ ନୁହଁ, ତଥାପି ନିଜକୁ ବ୍ରହ୍ମ କହିବା ସଙ୍ଗେ ସଙ୍ଗେ ବ୍ରହ୍ମକୁ ଜୀବ ଜ୍ଞାନ କରୁଛ । ଏହା ତୁମର ମିଥ୍ୟାଜ୍ଞାନ ବା ଭ୍ରାନ୍ତି ନୁହେଁତ ଆଉ କ'ଣ ହୋଇପାରେ ? ଯେ ସର୍ବବ୍ୟାପକ ଅଟନ୍ତି, ସେ କେବେ ପରିଚ୍ଛିନ୍ନ ହୋଇ ନପାରନ୍ତି, ପୁଣି କେବେହେଁ ଅଜ୍ଞାନ ବା ବନ୍ଧରେ ପଡ଼ନ୍ତି ନାହିଁ । ବରଂ ଜୀବ ହେଉଛି ପରିଚ୍ଛିନ୍ନ,ଏକଦେଶୀ, ଅଳ୍ପସ୍ୱରୂପ ଓ ଅଳ୍ପଜ୍ଞ, ଜୀବ କଦାପି ସର୍ବଜ୍ଞ, ସର୍ବବ୍ୟାପୀ ବ୍ରହ୍ମ ହୋଇ ନ ପାରେ ।

—:ବନ୍ଧ ଓ ମୁକ୍ତିର ବର୍ଣ୍ଣନ:—

ପ୍ରଶ୍ନ : ମୁକ୍ତି କାହାକୁ କହନ୍ତି ?

ଉତ୍ତର : "ମୁଞ୍ଚନ୍ତି ପୃଥକ୍ ଭବନ୍ତି ଜନାଃ ଯସ୍ୟାଂ ସା ମୁକ୍ତିଃ" ଯେଉଁଥିରେ ଉଦ୍ଧାର ପାଇବାକୁ ହୁଏ, ତାହାର ନାମ ହେଉଛି ମୁକ୍ତି ।

ପ୍ରଶ୍ନ :କେଉଁଥିରୁ ଉଦ୍ଧାର ପାଇବା ?

ଉତ୍ତର: ଯେଉଁଥିରୁ ଉଦ୍ଧାର ପାଇବାପାଇଁ ପ୍ରତ୍ୟେକ ପ୍ରାଣୀ ଇଚ୍ଛା କରନ୍ତି ।

ପ୍ରଶ୍ନ : କେଉଁଥିରୁ ଉଦ୍ଧାର ପାଇବାକୁ ଇଚ୍ଛା କରନ୍ତି ?

ଉତ୍ତର : ଦୁଃଖରୁ ।

ପ୍ରଶ୍ନ : ଦୁଃଖରୁ ଉଦ୍ଧାର ପାଇ କ'ଣ ଲାଭ କରନ୍ତି ଓ କେଉଁଠି ରହନ୍ତି ?

ଉତ୍ତର: ସୁଖ ଲାଭ କରନ୍ତି ଓ ବ୍ରହ୍ମରେ ଅବସ୍ଥାନ କରନ୍ତି ।

ପ୍ରଶ୍ନ : କେଉଁ କାର୍ଯ୍ୟରେ ମୁକ୍ତି ପୁଣି କେଉଁ କାର୍ଯ୍ୟରେ ବନ୍ଧଦଶା ଭୋଗିବାକୁ ପଡ଼େ ?

ଉତ୍ତର : ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବା, ଅଧର୍ମ, ଅବିଦ୍ୟା, କୁସଙ୍ଗ, କୁସଂସ୍କାର ତଥା ଦୁର୍ବ୍ୟସନାଦି ପରିତ୍ୟାଗ କରିବା, ସତ୍ୟଭାଷଣ, ପରୋପକାର, ବିଦ୍ୟାଲାଭ, ପକ୍ଷପାତରହିତ ନ୍ୟାୟାଚରଣ, ଧର୍ମରେ ବୃଦ୍ଧିରଖିବା, ନିୟମାନୁସାରେ ଈଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା, ଉପାସନା ଓ ଯୋଗାଭ୍ୟାସ କରିବା, ବିଦ୍ୟା ପଢ଼ିବା, ପଢ଼ାଇବା, ଧର୍ମମାର୍ଗରେ ରହି ପୁରୁଷାର୍ଥ ଦ୍ୱାରା ଜ୍ଞାନବୃଦ୍ଧି କରିବା, ସର୍ବୋତ୍ତମ ସାଧନରେ ମଗ୍ନ ରହିବା, ଏ ସମସ୍ତ କାର୍ଯ୍ୟଦ୍ୱାରା ମୁକ୍ତିଲାଭ ହୁଏ ଓ ଏହାର ବିପରୀତ ଆଚରଣଦ୍ୱାରା ଈଶ୍ୱରାଜ୍ଞା ଭଙ୍ଗ ହେତୁ ବନ୍ଧଦଶା ଭୋଗିବାକୁ ପଡ଼େ ।

ପ୍ରଶ୍ନ : ମୁକ୍ତି ଲାଭଦ୍ୱାରା ଜୀବର ଲୟ ଘଟେ ନା ସେ ବିଦ୍ୟମାନ ରହେ ?

ଉତ୍ତର : ବିଦ୍ୟମାନ ରହେ ।

ପ୍ରଶ୍ନ : କେଉଁଠି ରହେ ?

ଉତ୍ତର: ବ୍ରହ୍ମରେ ।

ପ୍ରଶ୍ନ : ବ୍ରହ୍ମ କେଉଁ ସ୍ଥାନରେ ରହନ୍ତି ? ପୁଣି ଜୀବ ଓ ବ୍ରହ୍ମ ଏକତ୍ର ରହନ୍ତି ନା ଜୀବ ସ୍ୱେଚ୍ଛାଚାରୀ ହୋଇ ଇତସ୍ତତଃ ବିଚରଣ କରେ ?

ଉତ୍ତର : ବ୍ରହ୍ମ ସର୍ବବ୍ୟାପକ ହେତୁ ସର୍ବତ୍ର ପରିପୂର୍ଣ୍ଣ ଅଛନ୍ତି । ମୁକ୍ତ ଜୀବ ସେହି ବ୍ରହ୍ମମୟ ବ୍ରହ୍ମାଣ୍ଡରେ ଅବ୍ୟାହତ ଗତିରେ ଅର୍ଥାତ୍ ସ୍ୱଚ୍ଛନ୍ଦରେ ବିଜ୍ଞାନ ଓ ଆନନ୍ଦ ପୂର୍ବକ ବିଚରଣ କରେ ।

ପ୍ରଶ୍ନ : ମୁକ୍ତ ଜୀବର ଶରୀର ସ୍ଥୂଳ ନା ସୂକ୍ଷ୍ମ ?

ଉତ୍ତର : ସ୍ଥୂଳ ନୁହେଁ ।

ପ୍ରଶ୍ନ : ତାହେଲେ ସେ ସୁଖ ଓ ଆନନ୍ଦ କିପରି ଭୋଗ କରେ ?

ଉତ୍ତର: ତାହାର ଭୌତିକ ସଙ୍ଗ ଅର୍ଥାତ୍ ଦେହ ନଥାଏ, କିନ୍ତୁ ମୁକ୍ତ ଜୀବରେ ସତ୍ୟ ସଙ୍କଳ୍ପାଦି ସ୍ୱାଭାବିକ ଗୁଣ ଓ ସାମର୍ଥ୍ୟ ବିଦ୍ୟମାନ ଥାଏ । ଯଥା —

ଶୃଣ୍ୱନ୍ ଶ୍ରୋତ୍ରଂ ଭବତି, ସ୍ପର୍ଶୟନ୍ ତ୍ୱଗ୍ ଭବତି, ପଶ୍ୟନ୍ ଚକ୍ଷୁର୍ଭବତି, ରସୟନ୍ ରସନା ଭବତି, ଜିଘ୍ରନ୍ ଘ୍ରାଣଂ ଭବତି, ମନ୍ୱାନୋ ମନୋ ଭବତି, ବୋଧୟନ୍ ବୁଦ୍ଧିର୍ଭବତି, ଚେତୟଂ ଶ୍ଚିତ୍ତମ୍ଭବତ୍ୟହଙ୍କୁର୍ବାଣୋଽହଙ୍କାରୋ ଭବତି ।

(ଶତପଥ କାଣ୍ଡ ୧୪, ଦେଖନ୍ତୁ ଛାନ୍ଦୋଗ୍ୟ ଉ. ୮।୧୨।୪-୫)

ମୋକ୍ଷ ସମୟରେ ଜୀବାତ୍ମା ସହିତ ତାହାର ଭୌତିକ ଶରୀର ବା ଇନ୍ଦ୍ରିୟ ଗୋଲକ ରହେ ନାହିଁ । କିନ୍ତୁ ନିଜର ସ୍ୱାଭାବିକ ଶୁଦ୍ଧ ଗୁଣଗୁଡ଼ିକ ରହିଥାଏ । ଯେତେବେଳେ ସେ ଶୁଣିବାକୁ ଚାହେଁ ସେତେବେଳେ ଶ୍ରୋତ୍ରଶକ୍ତି, ସ୍ପର୍ଶ କରିବାକୁ ଇଚ୍ଛା କଲେ ତ୍ୱକ୍‌ଶକ୍ତି, ଦେଖିବାପାଇଁ ସଙ୍କଳ୍ପକଲେ ଚକ୍ଷୁଶକ୍ତି, ସ୍ୱାଦପାଇଁ ରସନା ଶକ୍ତି, ଗନ୍ଧପାଇଁ ଘ୍ରାଣଶକ୍ତି, ସଙ୍କଳ୍ପ ବିକଳ୍ପ ନିମନ୍ତେ ମନ, ନିଶ୍ଚୟ କରିବାକୁ ହେଲେ ବୁଦ୍ଧି, ସ୍ମରଣପାଇଁ ଚିତ୍ତ, ପୁଣି ଅହଙ୍କାର ସକାଶେ ଅହଙ୍କାର ରୂପକ ଶକ୍ତି ଲାଭକରେ, ଅର୍ଥାତ୍ ସଙ୍କଳ୍ପମାତ୍ରେ ଏହି ସକଳ ଶକ୍ତିଲାଭ କରେ । ଯେପରି ଭୌତିକ ଶରୀର ଧାରୀ ଜୀବ ଇନ୍ଦ୍ରିୟଗଣଙ୍କ ଉପରେ ନିର୍ଭର କରେ, ସେହିପରି ମୁକ୍ତଜୀବ ନିଜକାର୍ଯ୍ୟ ସାଧନ ସକାଶେ ଆତ୍ମଶକ୍ତି ଉପରେ ନିର୍ଭର କରେ ଓ ଆନନ୍ଦ ଉପଭୋଗ କରେ ।

ପ୍ରଶ୍ନ : ମୁକ୍ତଜୀବର ଏହି ଆତ୍ମଶକ୍ତି କେତେ ପ୍ରକାର ଓ କଅଣ କଅଣ ?

ଉତ୍ତର : ମୁଖ୍ୟତଃ ତାହାର ଶକ୍ତି ଏକ ପ୍ରକାରର । କିନ୍ତୁ ବଳ, ପରାକ୍ରମ, ଆକର୍ଷଣ, ପ୍ରେରଣା, ଗତି, ଭାଷଣ, ବିବେଚନ, କ୍ରିୟା ଉତ୍ସାହ, ସ୍ମରଣ, ନିଶ୍ଚୟ, ଇଚ୍ଛା, ପ୍ରେମ, ଦ୍ୱେଷ, ସଂଯୋଗ, ବିଭାଗ, ସଂଯୋଜକ, ବିଭାଜକ, ଶ୍ରବଣ, ସ୍ପର୍ଶନ, ଦର୍ଶନ, ସ୍ୱାଦନ ଓ ଗନ୍ଧଗ୍ରହଣ, ତଥା ଜ୍ଞାନ ଏହି ଚବିଶ ପ୍ରକାର ସାମର୍ଥ୍ୟଯୁକ୍ତ ଜୀବ ଅଟେ । ଏସବୁ ଶକ୍ତିଦ୍ୱାରା ମୁକ୍ତିରେ ମଧ୍ୟ ଜୀବ ଆନନ୍ଦ ଉପଭୋଗ କରେ । ଜୀବର ଅସ୍ତିତ୍ୱ ଯଦି ବିଲୀନ ହୋଇଯା'ନ୍ତା ତେବେ ଆନନ୍ଦ ଉପଭୋଗ କିପରି ବା କରନ୍ତା ? ଯେଉଁ ବ୍ୟକ୍ତି ଜୀବର ବିନାଶକୁ ମୁକ୍ତି ବୋଲି ବିଶ୍ୱରେ ସେ ହେଉଛି ମହାମୂଢ଼ । କାରଣ ଦୁଃଖ, ଶୋକାଦିରୁ ଉଦ୍ଧାର ପାଇବା ସଙ୍ଗେ ସଙ୍ଗେ ସୁଖ, ସନ୍ତୋଷ, ଆନନ୍ଦ ଭୋଗ କରିବା ହିଁ ହେଉଛି ମୁକ୍ତି । ମୁକ୍ତ ଜୀବମାନେ ସର୍ବବ୍ୟାପକ, ଅନନ୍ତ, ପରମେଶ୍ୱରଙ୍କ ସମୀପରେ ନିର୍ମଳ, ବିଶୁଦ୍ଧ, ପରମାନନ୍ଦ ଭୋଗକରନ୍ତି । ବେଦାନ୍ତ ଶାରୀରିକ ସୂତ୍ର ଦେଖ.......

ଅଭାବଂ ବାଦରିରାହହ୍ୟେବମ୍ । (ବେଦାନ୍ତ ଦ ଅ୪। ପା୪।ସୂ୧୦)

ବ୍ୟାସଦେବଙ୍କ ପିତା ବାଦରି ମୁକ୍ତିରେ ଜୀବ ଓ ମନର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି । ଅର୍ଥାତ୍ ଜୀବ ଓ ମନର ଲୟକୁ ପରାଶର ଗ୍ରହଣ କରିନାହାନ୍ତି । ସେହିପରି....

ଭାବଂ ଜୈମିନିର୍ବିକଳ୍ପାମନନାତ୍ ।

(ବେଦାନ୍ତ ଦ. ଅ ୪।ପା ୪ ସୂ୧୧)

ଜୈମିନି ଆଚାର୍ଯ୍ୟ ମଧ୍ୟ ମୁକ୍ତ ପୁରୁଷର ମନସଦୃଶ ସୂକ୍ଷ୍ମ ଶରୀର, ଇନ୍ଦ୍ରିୟ ଓ ପ୍ରାଣାଦି ମଧ୍ୟ ବିଦ୍ୟମାନ ରହେ ବୋଲି ସ୍ୱୀକାର କରିଛନ୍ତି । ଅଭାବକୁ ସେ ମାନନ୍ତି ନାହିଁ ।

ଦ୍ୱାଦଶାହ ବଦୁଭୟ ବିଧଂ ବାଦରାୟଣୋଽତଃ ।

(ବେ.ଦ. ଅ୪।ପା୪।ସୂ.୧୨)

ବ୍ୟାସମୁନି ମୁକ୍ତିରେ ଜୀବର ଭାବ ଓ ଅଭାବ ଏହି ଉଭୟ ବିଷୟକୁ ସ୍ୱୀକାର କରିଛନ୍ତି । ଅର୍ଥାତ୍ ମୁକ୍ତାବସ୍ଥାରେ ଜୀବାତ୍ମା ଶୁଦ୍ଧ, ସାମର୍ଥ୍ୟଯୁକ୍ତ ହୋଇ ରହିଥାଏ । ମୁକ୍ତିରେ ଜୀବାତ୍ମାର ଅପବିତ୍ରତା, ପାପାଚରଣ, ଦୁଃଖ ଓ ଅଜ୍ଞାନାଦିର ଅଭାବଥାଏ ବୋଲି ସେ ମତ ଦେଇଛନ୍ତି ।

ଯଦା ପଞ୍ଚା ବତିଷ୍ଠନ୍ତେ ଜ୍ଞାନାନି ମନସା ସହ ।
ବୁଦ୍ଧିଶ୍ଚ ନ ବିଚେଷ୍ଟତେ ତାମାହୁଃ ପରମାଂ ଗତିମ୍ ।

(କଠୋପନିଷଦ୍ ଅ୨।ବ.୬ ମ.୧୦)

ଯେତେବେଳେ ଜୀବ ସହିତ ଶୁଦ୍ଧ ମନଯୁକ୍ତ ପଞ୍ଚଜ୍ଞାନେନ୍ଦ୍ରିୟ ରହନ୍ତି, ଓ ବୁଦ୍ଧି ସ୍ଥିର ଓ ନିଶ୍ଚୟ ହୁଏ, ସେତେବେଳେ ତାକୁ ପରମଗତି ବା ମୋକ୍ଷ କୁହାଯାଏ ।

ଯ ଆତ୍ମା ଅପହତପାପ୍ମା ବିଜରୋ ବିମୃତ୍ୟୁର୍ବିଶୋକୋଽବିଜିଘତ୍ସୋଽପିପାସଃ ସତ୍ୟକାମଃ ସତ୍ୟସଙ୍କଳ୍ପଃ ସୋଽନ୍ୱେଷ୍ଟବ୍ୟଃ, ସ ବିଜିଜ୍ଞାସିତବ୍ୟଃ, ସର୍ବାଂଶ୍ଚ ଲୋକାନାପ୍ନୋତି ସର୍ବାଂଶ୍ଚକାମାନ୍ ଯସ୍ତମାତ୍ମାନ ମନୁବିଦ୍ୟ ବିଜାନାତୀତି ।

(ଛାନ୍ଦୋଗ୍ୟୋପନିଷଦ୍ ପ୍ର୮।ଖ.୧୨।ମ.୧)

ସ ବା ଏଷ ଏତେନ ଦୈବେନ ଚକ୍ଷୁଷା
ମନସୈତାନ୍ କାମାନ୍ ପଶ୍ୟନ୍ ରମତେ ।

(ଛାନ୍ଦୋଗ୍ୟ ପ୍ରପାଠକ ୮।ଖ୧୨।ପ୍ରବାକ୫)

ଯ ଏତେ ବ୍ରହ୍ମଲୋକେ ତଂ ବା ଏତଂ ଦେବା ଆତ୍ମାନମୁପାସତେ ତସ୍ମାତେଷାଂ ସର୍ବେ ଚ ଲୋକା ଆତ୍ତାଃ ସର୍ବେଚ କାମାଃ ସ ସର୍ବାଂଶ୍ଚ ଲୋକାନାପ୍ନୋତି ସର୍ବାଂଶ୍ଚ କାମାନ୍ ଯସ୍ତମାତ୍ମାନମନୁବିଦ୍ୟ ବିଜାନାତୀତି ।

(ଛାନ୍ଦୋଗ୍ୟ ପ୍ରପା ୮।ଖ୧୨।ପ୍ରବାକ୍.୬)

ମଘବନ୍ମର୍ତ୍ତ୍ୟଂ ବା ଇଦଂ ଶରୀରମାତ୍ତଂ ମୃତ୍ୟୁନା ତଦସ୍ୟାଃମୃତସ୍ୟାଃଶରୀରସ୍ୟାତ୍ମନୋଃଧିଷ୍ଠାନମାତ୍ତୋ ବୈ ସଶରୀରଃ ପ୍ରିୟାପ୍ରିୟାଭ୍ୟାଂ ନ ବୈ ସ ଶରୀରସ୍ୟ ସତଃ ପ୍ରିୟାପ୍ରିୟୟୋରପହତିରସ୍ତ୍ୟ ଶରୀରଂ ବାବସନ୍ତଂ ନ ପ୍ରିୟାପ୍ରିୟେସ୍ପୃଶତଃ ।।

(ଛାନ୍ଦୋଗ୍ୟ ପ୍ରପା ୮।ଖ୧୨ । ପ୍ରବାକ୍ ୧)

ଯେଉଁ ପରମାତ୍ମା ଅପହତପାପ୍ମା ଅର୍ଥାତ୍ ସର୍ବବିଧ ପାପ-ଜରା-ମୃତ୍ୟୁ-ଶୋକ କ୍ଷୁଧା, ପିପାସା ରହିତ, ସତ୍ୟକାମ ପୁଣି ସତ୍ୟସଙ୍କଳ୍ପ ଅଟନ୍ତି, ତାଙ୍କୁ ଜାଣିବାପାଇଁ ଇଚ୍ଛା କରିବା ସଙ୍ଗେ ସଙ୍ଗେ ଅନୁସନ୍ଧାନ ମଧ୍ୟ କରିବା ଉଚିତ । ସେହି ପରମାତ୍ମାଙ୍କ ସଂସ୍ପର୍ଶରେ ମୁକ୍ତ ଜୀବ ସର୍ବଲୋକ ଓ ସମସ୍ତ କାମନା ଲାଭ କରେ । ସେହି ପରମାତ୍ମାଙ୍କୁ ଜାଣିବାଦ୍ୱାରା ଏହି ଆତ୍ମାର ଶୁଦ୍ଧି ଓ ମୋକ୍ଷ ସାଧିତ ହୁଏ । ସେହି ମୁକ୍ତ ଜୀବ ଦିବ୍ୟ ଚକ୍ଷୁରେ, ଶୁଦ୍ଧ ମନରେ ସମସ୍ତ ଦେଖିପାରେ, ସମସ୍ତ ଅଭିଳାଷ ପୂର୍ଣ୍ଣକରି ଯାବତୀୟ ସୁଖ ଭୋଗ କରେ । ମୋକ୍ଷ ଅଭିଳାଷୀ ବିଦ୍ୱାନ୍ ବ୍ୟକ୍ତିମାନେ,ଯେଉଁ ପରମାତ୍ମା ସମସ୍ତଙ୍କ ଅନ୍ତର୍ଯ୍ୟାମୀ ଆତ୍ମା ବୋଲି କଥିତ ହୋଇଛନ୍ତି, ତାଙ୍କୁ କେବଳ ଉପାସନା କରନ୍ତି । ଫଳରେ ସେମାନେ ସର୍ବଲୋକ ଓ ସର୍ବାଭୀଷ୍ଟଦ୍ରବ୍ୟ ଲାଭ କରନ୍ତି, ଅର୍ଥାତ୍ ସେମାନେ ଯେଉଁ ଲୋକକୁ ଯିବାପାଇଁ ଇଚ୍ଛା କରନ୍ତି, ଯାହା ଭୋଗ କରିବାପାଇଁ ଚାହାନ୍ତି, ସେସବୁ ପାଇ ପାରନ୍ତି ତଥା ସେହି ମୁକ୍ତ ଜୀବଗଣ ସ୍ଥୂଳ ଶରୀର ତ୍ୟାଗକରି ସଙ୍କଳ୍ପମୟ ଶରୀର ଧାରଣ କରନ୍ତି ଓ ଆକାଶରେ ପରମେଶ୍ୱରଙ୍କ ମଧ୍ୟରେ ବିଚରଣ କରିବାକୁ ସମର୍ଥ ହୋଇଥାନ୍ତି । କାରଣ ସ୍ଥୂଳଶରୀରଧାରୀ ସାଂସାରିକ ସୁଖ ଦୁଃଖରୁ ମୁକ୍ତ ହୋଇପାରନ୍ତି ନାହିଁ । ଅରେ ପ୍ରଜାପତି ଇନ୍ଦ୍ରଙ୍କୁ କହିଥିଲେ .. ହେ ପରମପୂଜିତ ଐଶ୍ୱର୍ଯ୍ୟଶାଳୀ ପୁରୁଷ ! ଏ ସ୍ଥୂଳ ଶରୀର ହେଉଛି ସର୍ବଦା ମରଣ ଧର୍ମୀ । ସିଂହମୁଖରେ ଛେଳି ରହିଲାପରି ଏହି ଶରୀରଧାରୀ ଜୀବ ସର୍ବଦା ମୃତ୍ୟୁମୁଖରେ ଅବସ୍ଥାନ କରି ରହିଥାଏ । ଅବିନଶ୍ୱର ଆତ୍ମା ଏହି ନଶ୍ୱର ଶରୀରରେ ଅବସ୍ଥାନ କରେ, ତେଣୁ ଜୀବାତ୍ମା ସର୍ବଦା ସଂସାରର ଯାବତୀୟ ସୁଖଦୁଃଖ ଭୋଗ କରୁଥାଏ । ଦେହଧାରୀ ଜୀବ ସାଂସାରିକ ସୁଖଦୁଃଖରୁ କେବେହେଲେ ମୁକ୍ତ ହୋଇପାରେ ନାହିଁ, ସର୍ବଦା ସୁଖ-ଦୁଃଖ ଭୋଗ କରିବାକୁ ବାଧ୍ୟ ହୋଇଥାଏ । କିନ୍ତୁ ଶରୀରରହିତ ମୁକ୍ତ ଜୀବାତ୍ମା ବ୍ରହ୍ମରେ ଅବସ୍ଥାନ କରେ, ସାଂସାରିକ ସୁଖଦୁଃଖ ତାକୁ କୌଣସିପ୍ରକାରେ ସ୍ପର୍ଶ କରିପାରେ ନାହିଁ, ତେଣୁ ସେ ସର୍ବଦା ପୂର୍ଣ୍ଣାନନ୍ଦ ଭୋଗ କରେ ।

ପ୍ରଶ୍ନ : ଜୀବ ମୁକ୍ତିଲାଭ କଲାପରେ ପୁନର୍ବାର ଜନ୍ମ ମରଣରୂପକ ଦୁଃଖ ଭୋଗ କରେ କି ନାହିଁ ? ଯେଣୁ.....

ନ ଚ ପୁନରାବର୍ତ୍ତତେ ନ ଚ ପୁନରାବର୍ତ୍ତତ ଇତି ।

(ଛାନ୍ଦୋଗ୍ୟ ପ୍ର ୮।ଖ୧୫)

ଅନାବୃତ୍ତିଃ ଶବ୍ଦାଦନାବୃତ୍ତିଃ ଶବ୍ଦାତ୍ ।

(ଶାରୀରିକ ସୂତ୍ର ଅ୪।ପା୪।ସୂ୨୨)

ଯଦ୍ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ।

(ଭଗବତ୍ ଗୀତା ଅ୧୫।ଶ୍ଳୋ୬)

ଏସବୁ ଉକ୍ତିରୁ ଜଣାପାଉଛି ଯେ, ଯେଉଁ ବ୍ୟକ୍ତି ନିବୃତ୍ତି ଲାଭକରି ସଂସାରରେ ପୁଣିଥରେ ଜନ୍ମଗ୍ରହଣ କରେ ନାହିଁ, ସେହି ବ୍ୟକ୍ତି ମୁକ୍ତ ବୋଲାଇଥାଏ ।

ଉତ୍ତର : ଏହା କେବେହେଁ ଠିକ୍ ନୁହେଁ । ଯେଣୁ ବେଦରେ ଏହାର ବିରୁଦ୍ଧରେ କଥିତ ହୋଇଅଛି । ଯଥା —

କସ୍ୟ ନୂନଂ କତମସ୍ୟାମୃତାନାଂ ମନାମହେ ଚାରୁ ଦେବସ୍ୟ ନାମ ।
କୋ ନୋ ମହ୍ୟା ଅଦିତୟେ ପୁନର୍ଦାତ୍ ପିତରଂ ଚ ଦୃଶେୟଂ ମାତରଂ ଚ । ୧ ।
ଅଗ୍ନେର୍ବୟଂ ପ୍ରଥମସ୍ୟାମୃତାନାଂ ମନାମହେ ଚାରୁ ଦେବସ୍ୟ ନାମ ।
ସ ନୋ ମହ୍ୟା ଅଦିତୟେ ପୁନର୍ଦାତ୍ ପିତରଂ ଚ ଦୃଶେୟଂ ମାତରଂଚ ।୨ ।

(ଋଗ୍‌ବେଦ ମ୧।ସୂ୨୪।ମ. ୧-୨)

ଇଦାନୀମିବ ସର୍ବତ୍ର ନାତ୍ୟନ୍ତୋଚ୍ଛେଦଃ । ୩ । (ସାଂଖ୍ୟ ଅ୧।ସୂ୧୫୯)

ପ୍ରଶ୍ନ : ଆମେମାନେ କାହାର ନାମକୁ ପବିତ୍ର ବୋଲି ଜାଣିବୁ ? ନାଶରହିତ ପଦାର୍ଥମାନଙ୍କ ମଧ୍ୟରେ ଅବିନଶ୍ୱର ତଥା ସଦାପ୍ରକାଶ ସ୍ୱରୂପ ଦେବ କିଏ ? ଆମ୍ଭମାନଙ୍କୁ ମୁକ୍ତିସୁଖ ଦେଇ ପୁଣିଥରେ ସଂସାରରେ କିଏ ଜନ୍ମ ଦିଅନ୍ତି ଓ ପିତାମାତାଙ୍କ ଦର୍ଶନ କରାନ୍ତି ।୧

ଉତ୍ତର : ଆମ୍ଭମାନଙ୍କୁ ସେହି ପ୍ରକାଶ ସ୍ୱରୂପ, ଅନାଦି ଓ ସଦାମୁକ୍ତ ପରମାତ୍ମାଙ୍କ ନାମକୁ ହିଁ ପରମପବିତ୍ର ବୋଲି ଜାଣିବାକୁ ହେବ । ସେହି ପରମାତ୍ମା ଆମ୍ଭମାନଙ୍କୁ ମୁକ୍ତିସୁଖ ପ୍ରଦାନ କରନ୍ତି । ପୁଣିଥରେ ପିତାମାତାଙ୍କ ମାଧ୍ୟମରେ ଜନ୍ମ ଦେଇ ପିତା-ମାତାଙ୍କ ଦର୍ଶନ କରାନ୍ତି । ଯେଉଁ ପରମାତ୍ମା ମୁକ୍ତିର ବ୍ୟବସ୍ଥା କରନ୍ତି ସେ କେବଳ ହେଉଛନ୍ତି ସମସ୍ତଙ୍କର ସ୍ୱାମୀ ।୨ । ବର୍ତ୍ତମାନ ଜୀବର ବନ୍ଧ ଓ ମୁକ୍ତି ଯେପରି ରହିଛି, ସେ ଭଳି ଅବସ୍ଥା ସର୍ବଦା ଲାଗି ରହିଥାଏ । ବନ୍ଧ ଓ ମୁକ୍ତି ସଂପୂର୍ଣ୍ଣରୂପେ କେବେହେଲେ ବିଚ୍ଛେଦ ହୁଏ ନାହିଁ । ନିତ୍ୟମୁକ୍ତ ପରମାତ୍ମାହିଁ ଜୀବର ବନ୍ଧ ଓ ମୋକ୍ଷକାଳ ନିର୍ଣ୍ଣୟ କରିଥାଆନ୍ତି ।୩ ।

ପ୍ରଶ୍ନ : ନ୍ୟାୟଶାସ୍ତ୍ର ମତାନୁସାରେ........

ତଦତ୍ୟନ୍ତ ବିମୋକ୍ଷୋଽପବର୍ଗଃ ।୧ ।

ଦୁଃଖ ଜନ୍ମ ପ୍ରବୃତ୍ତି ଦୋଷ ମିଥ୍ୟାଜ୍ଞାନାନାମୁତ୍ତରୋତ୍ତରାପାୟେ ତଦନନ୍ତରାପାୟାଦପବର୍ଗଃ ।୨ ।

(ନ୍ୟାୟ. ଦ. ଅ ୧ ସୂତ୍ର ୨୨-୨)

ଦୁଃଖର ଅତ୍ୟନ୍ତ ବିଚ୍ଛେଦକୁ ମୋକ୍ଷ କୁହାଯାଏ ।୧ ।କାରଣ ଯେତେବେଳେ ମିଥ୍ୟାଜ୍ଞାନ, ଅବିଦ୍ୟା, ଲୋଭାଦି ଦୋଷ, ବିଷୟବାସନା, ଦୁର୍ବ୍ୟସନରେ ପ୍ରବୃତ୍ତି ପ୍ରଭୃତି ଦୋଷ ଗୁଡ଼ିକର ଅବସାନ ଘଟେ ସେତେବେଳେ ମୁକ୍ତି ମିଳେ ଓ ତାହା ଶାଶ୍ୱତ ରହେ ।୨ ।

ଉତ୍ତର : ଏଠାରେ ଅତ୍ୟନ୍ତ ଶବ୍ଦର ଅର୍ଥ ଅତ୍ୟନ୍ତାଭାବ ବୋଲି ବୁଝିବାକୁ ହେବ । ଯେପରି "ଅତ୍ୟନ୍ତଂ ଦୁଃଖମତ୍ୟନ୍ତଂ ସୁଖଂ ଗ୍ରସ୍ୟ ବର୍ତ୍ତତେ" ଏହି ମନୁଷ୍ୟର ବହୁତ ଦୁଃଖ ବା ବହୁତ ସୁଖ ଅଛି । ସେପରି ଏହି ସ୍ଥାନରେ ଅତ୍ୟନ୍ତ ଶବ୍ଦର ଅର୍ଥ ବହୁତ ବୋଲି ଜାଣିବାକୁ ହେବ ।

ପ୍ରଶ୍ନ : ଜୀବ ମୁକ୍ତିଲାଭ କରି ମଧ୍ୟ ସଂସାରକୁ ଯଦି ଫେରିଆସେ, ତେବେ ତାର ମୁକ୍ତିସମୟ କେତେକାଳ ପର୍ଯ୍ୟନ୍ତ ରହେ ? ।

ଉତ୍ତର : ତେ ବ୍ରହ୍ମଲୋକେ ହ ପରାନ୍ତକାଳେ ପରାମୃତାତ୍ ପରିମୁଚ୍ୟନ୍ତି ସର୍ବେ ।

(ମୁଣ୍ଡକୋପନିଷଦ୍ ମୁ୩।ଖ୨।ମ.୬)

ମୁକ୍ତ ଜୀବ ମୁକ୍ତିଲାଭକରି ମହାକଳ୍ପ ପର୍ଯ୍ୟନ୍ତ ବ୍ରହ୍ମରେ ଆନନ୍ଦ ଉପଭୋଗକରି ରହେ ।ତାପରେ ମୁକ୍ତି ସୁଖଛାଡ଼ି ପୁଣିଥରେ ସଂସାରକୁ ଫେରି ଆସେ । ମହାକଳ୍ପର ଅନ୍ୟ ଏକ ନାମ ହେଉଛି ପରାନ୍ତକାଳ । ମହାକଳ୍ପର ହିସାବ... ତେୟାଳିଶ ଲକ୍ଷ କୋଡ଼ିଏ ହଜାର ବର୍ଷରେ ଗୋଟିଏ ଚତୁର୍ଯୁଗୀ ହୁଏ ।ଯଥା - ସତ୍ୟଯୁଗ ସତରଲକ୍ଷ ଅଠାଇଶ ହଜାର, ତ୍ରେତୟା ବାରଲକ୍ଷ ଛୟାନବେ ହଜାର, ଦ୍ୱାପରଯୁଗ ଆଠଲକ୍ଷ ଚଉଷଠି ହଜାର, କଳିଯୁଗ ଚାରିଲକ୍ଷ ବତିଶ ହଜାର । ଦୁଇ ହଜାର ଚତୁର୍ଯୁଗୀରେ ଏକ ଅହୋରାତ୍ର, ତିରିଶି ଅହୋରାତ୍ରରେ ଗୋଟିଏ ମାସ, ଏହିପରି ବାରମାସରେ ଏକ ବର୍ଷ ଓ ଶହେ ବର୍ଷରେ ଏକ ପରାନ୍ତକାଳ ଅର୍ଥାତ୍ ମହାକଳ୍ପ ହୁଏ । ମୁକ୍ତଜୀବ ଏତେ କାଳ ପର୍ଯ୍ୟନ୍ତ ମୁକ୍ତି ସୁଖ ଭୋଗକରି ପରେ ପୁଣି ସଂସାରରେ ଜନ୍ମ ଗ୍ରହଣ କରେ ।

ପ୍ରଶ୍ନ :... ଅନ୍ୟାନ୍ୟ ଗ୍ରନ୍ଥକାରମାନେ କହନ୍ତି ତଥା ସଂସାରର ଲୋକେ ବିଶ୍ୱାସ କରନ୍ତି ଯେ, ମୁକ୍ତ ଜୀବ ପୁଣିଥରେ ଜନ୍ମମରଣ ବନ୍ଧନ ମଧ୍ୟକୁ ଆସେ ନାହିଁ ।

ଉତ୍ତର : ଏପରି କେବେ ହୋଇ ନ ପାରେ । କାରଣ ପ୍ରଥମତଃ ଜୀବର ସାମର୍ଥ୍ୟ

ହେଉଛି, ଶରୀରାଦି ପଦାର୍ଥ ଓ ସାଧନ ପରିମିତ । ତେଣୁ ସେଗୁଡ଼ିକର ଫଳ କିପରି ଅନନ୍ତ ହୋଇପାରେ ? ଦ୍ୱିତୀୟତଃ ଅନନ୍ତ ଆନନ୍ଦ ଭୋଗକରିବାର ଅସୀମ ସାମର୍ଥ୍ୟ, କର୍ମ ଓ ସାଧନ ଜୀବଠାରେ ଅଭାବ ରହିଛି । ତେଣୁ ଜୀବ ଅନନ୍ତ ସୁଖ ଭୋଗ କରିପାରେ ନାହିଁ ।ଯାହାର ସାଧନ ଅନିତ୍ୟ, ତାର ଫଳ କଦାପି ନିତ୍ୟ ହୋଇ ନ ପାରେ । ତୃତୀୟତଃ ମୁକ୍ତିପରେ କୌଣସି ଜୀବ ଯଦି ସଂସାରକୁ ଫେରି ନ ଆସନ୍ତି, ତେବେ ସଂସାର ଉଚ୍ଛେଦ ହୋଇଯିବ ଓ କ୍ରମେ ସକଳ ଜୀବ ନିଃଶେଷ ହୋଇଯିବେ ।

ପ୍ରଶ୍ନ : ଯେତେ ଜୀବ ମୁକ୍ତ ହୋଇ ଯାଆନ୍ତି, ଈଶ୍ୱର ସେତେ ସଂଖ୍ୟକ ନୂତନ ଜୀବ ଉତ୍ପନ୍ନ କରି ଦଅନ୍ତି । ତେଣୁ ଜୀବ କେବେ ନିଃଶେଷ ହେବେ ନାହିଁ ।

ଉତ୍ତର : ଏପରି ହେଲେ ଜୀବ ଅନିତ୍ୟ ହୋଇଯିବ । କାରଣ ଯାହାର ଉତ୍ପତ୍ତି ଅଛି, ତାହାର ବିନାଶ ମଧ୍ୟ ଅଛି । ତେଣୁ ତୁମ ମତାନୁସାରେ ମୁକ୍ତି ପାଇ ମଧ୍ୟ ଜୀବମାନେ ବିନଷ୍ଟ ହୋଇଯିବେ ଓ ମୁକ୍ତି ମଧ୍ୟ ଅନିତ୍ୟ ହୋଇଯିବ । ଦ୍ୱିତୀୟତଃ, ମୁକ୍ତି ରାଜ୍ୟରେ ଅସମ୍ଭବ ପ୍ରକାର ଭିଡ଼ ସୃଷ୍ଟି ହେବ । କାରଣ ମୁକ୍ତାତ୍ମାମାନେ ସର୍ବଦା ସେଠାକୁ ପ୍ରବେଶ କରିବେ, ନିଷ୍କ୍ରମଣ ଆଉ ମୋଟେ ହେବ ନାହିଁ । ସର୍ବଦା ସୁଖଭୋଗ କରିବାଦ୍ୱାରା ଏହାର ମହତ୍ୱ ମଧ୍ୟ ଲୋପ ପାଇଯିବ । କଟୁ ଥିବାରୁ ମଧୁରର ମହତ୍ୱ ଅଛି, କଟୁ ନଥିଲେ ମଧୁରର ମହତ୍ୱ କଦାପି ରହନ୍ତା ନାହିଁ । ଗୋଟିଏ ସ୍ୱାଦର ବିରୁଦ୍ଧ ସ୍ୱାଦ ନ ରହିଲେ ମଧୁରର ମହତ୍ୱ କଦାପି ରହନ୍ତା ନାହିଁ । ପ୍ରତ୍ୟେକ ରସକୁ ଭୋଗ କରିଥିବା ବ୍ୟକ୍ତି ଯେତେ ଆନନ୍ଦ ଅନୁଭବ କରେ, କେବଳ ମଧୁରରସ ଆସ୍ୱାଦନ କରିଥିବା ବ୍ୟକ୍ତି ସେତେ ଆନନ୍ଦ ପାଇପାରେ ନାହିଁ । ତେଣୁ ଦୁଃଖ ଅନୁଭବ ନ କଲେ ସୁଖ ମିଳିବା ସମ୍ଭବପର ନୁହେଁ । ତୃତୀୟତଃ ଈଶ୍ୱର ଯଦି ସସୀମ କର୍ମର ଅସୀମ ଫଳ ପ୍ରଦାନ କରନ୍ତି, ତେବେ ତାଙ୍କର ନ୍ୟାୟଗୁଣ ନଷ୍ଟ ହୋଇଯିବ । ଯେଉଁ ବ୍ୟକ୍ତିର ଯେତିକି ଭାର ବହନ କରିବାର ଶକ୍ତିସାମର୍ଥ୍ୟ ଅଛି, ତାକୁ ସେତିକି ଭାର ବୋହିବା ପାଇଁ ଦେବା ହେଉଛି ବୁଦ୍ଧିମତ୍ତାର ପରିଚାୟକ । ମହଣେ ଭାର ବୋହିବା ଲୋକକୁ ଦୁଇମହଣ ଭାର ବୋହିବାପାଇଁ ଦେଲେ ଭାର ବୋହିବାକୁ ଦେଉଥିବା ବ୍ୟକ୍ତି ହିଁ ନିନ୍ଦିତ ହୋଇଥାଏ । ସେହିପରି ଅଳ୍ପଜ୍ଞ ତଥା ଅଳ୍ପସାମର୍ଥ୍ୟବାନ୍ ଜୀବ ଉପରେ ଅନନ୍ତ ସୁଖର ଭାର ଲଦିଦେବା ଈଶ୍ୱରଙ୍କ ପକ୍ଷରେ ଯୁକ୍ତିଯୁକ୍ତ ହେବ ନାହିଁ । ଚତୁର୍ଥତଃ ଈଶ୍ୱର ଯଦି ନୂତନ ନୂତନ ଜୀବ ସୃଷ୍ଟି କରୁଥିବେ, ତେବେ ଯେଉଁ ଉପାଦାନ କାରଣରୁ ଜୀବ ସୃଷ୍ଟି ହୁଏ, ତାହା ଲୋପ ପାଇଯିବ । କାରଣ ଯେତେ ବିରାଟ ଧନକୋଷ ହେଉନା କାହିଁକି, ଆୟ ନଥାଇ ଯଦି କେବଳ ବ୍ୟୟ ହେଉଥିବ, ତେବେ ଦିନେନାଦିନେ ତାହା ଶେଷ ହୋଇଯିବ । ତେଣୁ ମୁକ୍ତି ଲାଭକରି ପୁଣିଥରେ ସେଠାରୁ

ଫେରିଆସିବା ଯେପରି ଯୁକ୍ତିଯୁକ୍ତ ସେହିପରି ନ୍ୟାୟସଙ୍ଗତ ମଧ୍ୟ । ପଞ୍ଚମତଃ ଯେ କୌଣସି ବ୍ୟକ୍ତି ସ୍ୱଳ୍ପକାଳୀନ କାରାବାସ ଦଣ୍ଡ ପରିବର୍ତ୍ତେ ଆଜୀବନ କାରାବାସ ବା ମୃତ୍ୟୁଦଣ୍ଡକୁ ଭଲ ବୋଲି କହିବ ନାହିଁ । ଯଦି ମୁକ୍ତିର ପୁନରାବୃତ୍ତି ନ ହୁଏ, ତେବେ ସେପରି ମୁକ୍ତି ଓ ଆଜୀବନ କାରାବାସ ମଧ୍ୟରେ ଏତିକି ମାତ୍ର ପ୍ରଭେଦ ରହିବ ଯେ, ମୁକ୍ତିରେ ମଜୁରୀ କରିବାକୁ ପଡ଼େ ନାହିଁ । ଏଣୁ ଜୀବାତ୍ମାମାନଙ୍କର ମୁକ୍ତି ଓ ପୁଣିଥରେ ସଂସାରବନ୍ଧନ ବ୍ୟବସ୍ଥା ହେଉଛି ଉତ୍ତମ । ପୁଣି ବ୍ରହ୍ମରେ ଲୟ ହୋଇଯିବା ଯେଉଁ ବିଷୟ ଅଛି, ତାହା କୌଣସି ବ୍ୟକ୍ତି ନିଜ ଇଚ୍ଛାନୁସାରେ ସମୁଦ୍ରକୁ ଡେଇଁପଡ଼ି ମରିବା ବିଷୟ ବ୍ୟତୀତ ଅନ୍ୟ କିଛି ହୋଇ ନପାରେ ।

ପ୍ରଶ୍ନ : ଈଶ୍ୱର ଯେପରି ନିତ୍ୟ, ମୁକ୍ତ ଓ ପୂର୍ଣ୍ଣସୁଖୀ ଅଟନ୍ତି ଜୀବ ମଧ୍ୟ ସେପରି ନିତ୍ୟ, ମୁକ୍ତ ଓ ପୂର୍ଣ୍ଣ ସୁଖୀ ହେଲେ, ଦୋଷ କ'ଣ ହୁଅନ୍ତା ?

ଉତ୍ତର : ପରମେଶ୍ୱର ଅନନ୍ତ, ପୁଣି ଅନନ୍ତ ଗୁଣ, କର୍ମ ଓ ସ୍ୱଭାବଯୁକ୍ତ ଅଟନ୍ତି । ତେଣୁ ସେ କେବେ ଅବିଦ୍ୟାଦି ଦୁଃଖ ବନ୍ଧନରେ ପଡ଼ନ୍ତି ନାହିଁ । କିନ୍ତୁ ଜୀବାତ୍ମା ମୁକ୍ତ ଓ ବିଶୁଦ୍ଧାତ୍ମା ହେଲେ ହେଁ ଅଳ୍ପଜ୍ଞ, ତଥା ପରିମିତ ଗୁଣ, କର୍ମ, ସ୍ୱଭାବଯୁକ୍ତ ରହେ । ଏଣୁ କେବେହେଲେ ସେ ପରମେଶ୍ୱରଙ୍କ ସଦୃଶ ହୋଇ ପାରିବ ନାହିଁ ।

ପ୍ରଶ୍ନ : ଯଦି ଏପରି କଥା, ତେବେ ମୁକ୍ତି ମଧ୍ୟ ଜନ୍ମ-ମରଣ ସଦୃଶ ଅଟେ । ତାପାଇଁ ଏତେ ଯତ୍ନ କରିବା ବୃଥା ନୁହେଁ କି ?

ଉତ୍ତର : ମୁକ୍ତି କେବେ ଜନ୍ମ-ମରଣ ସଦୃଶ ନୁହେଁ । ଛତିଶ ହଜାର ଥର ଉତ୍ପତ୍ତି ଓ ପ୍ରଳୟ ହେବାପାଇଁ ଯେତେ ସମୟ ଆବଶ୍ୟକ, ସେତିକି ସମୟ ଜୀବାତ୍ମା ମୋକ୍ଷାନନ୍ଦ ଲାଭକରେ । ଏତେ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୀବ ଦୁଃଖ ଭୋଗ ନ କରିବା କମ୍ ସୌଭାଗ୍ୟର ବିଷୟ ନୁହେଁ ଆଜି ଖାଉଛୁଁ ପିଉଛୁଁ ପୁଣି ତାପରଦିନ ଭୋକ ଶୋଷ ହେଉଛି । ତେବେ ପୁଣି ଥରେ କାହିଁକି ଖିଆପିଆ କରୁଛ ? ଯଦି ସାମାନ୍ୟ ଭୋକ, ଶୋଷ, ତୁଚ୍ଛଧନ, ରାଜ୍ୟ, ପ୍ରତିଷ୍ଠା ସ୍ତ୍ରୀ ତଥା ସନ୍ତାନସନ୍ତତି ପାଇଁ କେତେ ଚେଷ୍ଟା, କେତେ ଉପାୟ କରିବା ଆବଶ୍ୟକ ହେଉଛି, ତେବେ ମୁକ୍ତିଲାଭ ପାଇଁ ଯତ୍ନ ବା କାହିଁକି କରା ନ ଯିବ ? ଯେପରି ମୃତ୍ୟୁ ସୁନିଶ୍ଚିତ ଏକଥା ଭଲଭାବରେ ଜାଣୁଥିଲେ ସୁଦ୍ଧା ବଞ୍ଚିବାପାଇଁ ସମସ୍ତେ ଚେଷ୍ଟା କରୁଛନ୍ତି । ସେହିପରି ମୁକ୍ତିରୁ ଫେରି ଆସି ଜନ୍ମଲାଭ କରିବ ବୋଲି, ମୁକ୍ତିପାଇଁ ଚେଷ୍ଟା କରିବା କ'ଣ ଅନାବଶ୍ୟକ ?

ପ୍ରଶ୍ନ : ମୁକ୍ତିର ସାଧନ କଅଣ ?

ଉତ୍ତର : ମୁକ୍ତିର ସାଧନ ସମ୍ପର୍କରେ ପୂର୍ବରୁ କେତେକ ବିଷୟ ଅବତାରଣା କରାଯାଇଛି । ତଥାପି ବିଶେଷ ସାଧନ ହେଉଛି ଯେ, ମୁକ୍ତିକାମୀକୁ ଜୀବନ୍ମୁକ୍ତ ହେବାପାଇଁ ପ୍ରଥମେ

ପରଦାରଗମନ, ମିଥ୍ୟାଭାଷଣାଦି ପାପକର୍ମ ପରିତ୍ୟାଗ କରି, ସୁଖଫଳ ଦାୟକ ସତ୍ୟଭାଷଣାଦି ଧର୍ମାଚରଣ ଅବଶ୍ୟ କରିବାକୁ ହେବ । ଯେଉଁମାନେ ଦୁଃଖଭୋଗ ନ କରି ସୁଖୀ ହେବାକୁ ଚାହିଁବେ, ସେମାନେ ଅଧର୍ମକୁ ପରିତ୍ୟାଗ କରି ସର୍ବଦା ଧର୍ମାଚରଣ କରିବେ । ଯେଣୁ ପାପାଚରଣ ହେଉଛି ଦୁଃଖର କାରଣ ଓ ଧର୍ମାଚରଣ ହେଉଛି ସୁଖର ମୂଳକାରଣ ।

ପ୍ରଥମ ସାଧନ .....

ପ୍ରତ୍ୟେକ ପରିସ୍ଥିତିରେ ସତ୍‌ପୁରୁଷମାନଙ୍କ ସଙ୍ଗ କରିବାକୁ ହେବ । କାରଣ ସତ୍ସଙ୍ଗଦ୍ୱାରା ବିବେକ ଅର୍ଥାତ୍ ସତ୍ୟାସତ୍ୟ, ଧର୍ମାଧର୍ମ, କର୍ତ୍ତବ୍ୟାକର୍ତ୍ତବ୍ୟ, ଜ୍ଞାନ ସବୁ ପ୍ରାପ୍ତ ହୋଇଥାଏ । ''ଶରୀର ପଞ୍ଚକୋଷରେ ବିଭକ୍ତ'' ଏହା ଜାଣିବାକୁ ହେବ । ୧ ଅନ୍ନମୟ କୋଷ -ଏହା ଚର୍ମଠାରୁ ଅସ୍ଥିପର୍ଯ୍ୟନ୍ତ ବ୍ୟାପ୍ତ, ଏହି ପାର୍ଥିବ ଶରୀରକୁ ସ୍ଥୂଳଶରୀର କୁହାଯାଏ । ୨- ପ୍ରାଣମୟ କୋଷ - ଏହା ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ ଏପରି ପାଞ୍ଚ ଭାଗରେ ବିଭକ୍ତ । ପ୍ରାଣ- ଯାହା ଅଭ୍ୟନ୍ତରରୁ ବାହାରକୁ ଆସେ, ଅପାନ - ଯାହା ବାହାରୁ ଭିତରକୁ ଯାଏ, ସମାନ-ଯାହା ବା ଯେଉଁ ବାୟୁ ନାଭିସ୍ଥ ହୋଇ ଶରୀରର ସର୍ବାଙ୍ଗରେ ରସ ପହଞ୍ଚାଏ, ଉଦାନ—ଯାହାଦ୍ୱାରା ଅନ୍ନ, ପାନ ଅର୍ଥାତ୍ ଖାଦ୍ୟପେୟ ଆକୃଷ୍ଟ ହୋଇ ଉଦରସ୍ଥ ହୁଏ, ତଥା ବଳପରାକ୍ରମ ବଢ଼େ, ବ୍ୟାନ-ଯାହାଦ୍ୱାରା ଜୀବ ସମସ୍ତ ଶାରୀରିକ କର୍ମ ସଂପାଦନ କରେ । ୩- ମନୋମୟ କୋଷ-ଯହିଁରେ ମନ ଓ ଅହଙ୍କାର, ପୁଣି ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ ପଞ୍ଚକର୍ମେନ୍ଦ୍ରିୟ ପରିଗଣିତ । ୪- ବିଜ୍ଞାନମୟ କୋଷ - ଯେଉଁଥିରେ ବୁଦ୍ଧି ଓ ଚିତ୍ତ, ପୁଣି ଶ୍ରୋତ୍ର, ତ୍ୱକ୍, ନାସିକା,ନେତ୍ର ଓ ଜିହ୍ୱା ଏହି ପଞ୍ଚଜ୍ଞାନେନ୍ଦ୍ରିୟ ଅବସ୍ଥିତ । ଏମାନଙ୍କଦ୍ୱାରା ଜୀବ ଜ୍ଞାନାଦିକ୍ରିୟା ସମ୍ପାଦନ କରେ । ୫ - ଆନନ୍ଦମୟ କୋଷ - ଯାହାଦ୍ୱାରା ଜୀବ ପ୍ରୀତି, ପ୍ରସନ୍ନତା, ନ୍ୟୂନ ବା ଅଧିକ ଆନନ୍ଦ ଉପଭୋଗ କରେ । ଏହି ପଞ୍ଚବିଧ କୋଷଦ୍ୱାରା ଜୀବ ସକଳ ପ୍ରକାର କର୍ମ, ଉପାସନା ଓ ଜ୍ଞାନାଦି ବ୍ୟବହାର ସମ୍ପାଦନ କରେ । ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଏହି ଭେଦରେ ଆତ୍ମାର ତିନୋଟି ଅବସ୍ଥା ରହିଛି, ଏହା ଆମକୁ ମନେ ରଖିବାକୁ ହେବ ।

ଶରୀର ତିନି ପ୍ରକାର । ପ୍ରଥମ ସ୍ଥୂଳ ଶରୀର - ଯାହା ଦେଖାଯାଏ । ଦ୍ୱିତୀୟ -ସୂକ୍ଷ୍ମଶରୀର ଯାହାକି ପଞ୍ଚପ୍ରାଣ 'ପଞ୍ଚ ଜ୍ଞାନେନ୍ଦ୍ରିୟ' ପଞ୍ଚସୂକ୍ଷ୍ମଭୂତ ଓ ମନ ତଥାବୁଦ୍ଧି ଏହି ସତର ତତ୍ତ୍ୱର ସମଷ୍ଟି । ଏହି ସୂକ୍ଷ୍ମଶରୀର ଜନ୍ମ ମରଣାଦିରେ ଜୀବ ସହିତ ଅବସ୍ଥାନ କରିଥାଏ । ଏହି ଶରୀର ପୁଣି ଦୁଇପ୍ରକାର । ପ୍ରଥମ ଭୌତିକ ଅର୍ଥାତ୍ ଯାହା ସୂକ୍ଷ୍ମ ଭୂତର ଅଂଶରେ ତିଆରି ହୋଇଛି । ଦ୍ୱିତୀୟ-ସ୍ୱାଭାବିକ, ଅର୍ଥାତ୍ ଯାହା

ଜୀବର ସ୍ୱାଭାବିକ ଗୁଣରେ ଗଠିତ । ଏହି ଦ୍ୱିତୀୟ ଅଭୌତିକ ଶରୀର ମୁକ୍ତି ସମୟରେ ମଧ୍ୟ ଥାଏ । ତଦ୍ୱାରା ଜୀବ ମୁକ୍ତି ସମୟରେ ମଧ୍ୟ ସୁଖ ଭୋଗ କରେ । ତୃତୀୟ-କାରଣ ଶରୀର,ଯେଉଁଥିରେ ସୁଷୁପ୍ତି ଅର୍ଥାତ୍ ଗାଢ଼ନିଦ୍ରା ହୁଏ । ଏହା ପ୍ରକୃତୀରୂପୀ ହୋଇଥିବାରୁ ସର୍ବତ୍ର ବିଭୁ ଓ ଜୀବପାଇଁ ଏକ ପ୍ରକାର ହୋଇଥାଏ । ତୁରୀୟ ଶରୀର ହେଉଛି ଚତୁର୍ଥ । ଏଥିରେ ଜୀବାତ୍ମା ସମାଧି ଅବସ୍ଥାରେ ପରମାତ୍ମାଙ୍କ ଆନନ୍ଦ ସ୍ୱରୂପରେ ନିମଗ୍ନ ହୋଇ ରହେ । ଏହି ସମାଧି ସଂସ୍କାର ଜନିତ ଶୁଦ୍ଧ ଶରୀରର ପରାକ୍ରମ ମୁକ୍ତି ସମୟରେ ମଧ୍ୟ ଜୀବକୁ ଯଥାବିଧି ସାହାଯ୍ୟ କରିଥାଏ ।

ଏସବୁ କୋଷରୁ ଓ ସମସ୍ତ ପ୍ରକାର ଅବସ୍ଥାରୁ ଜୀବ ପୃଥକ୍ ଅଟେ । କାରଣ ମୃତ୍ୟୁ ପରେ ପରେ ସମସ୍ତେ କହନ୍ତି ଯେ, ଜୀବ ଚାଲିଗଲା । ଏହି ଜୀବ ପ୍ରତ୍ୟେକ ପ୍ରାଣୀଙ୍କର ପ୍ରେରକ, ଧର୍ତ୍ତା, ସାକ୍ଷୀ, କର୍ତ୍ତା, ଭୋକ୍ତା ବୋଲାଇଥାଏ । ''ଜୀବ କର୍ତ୍ତା ବା ଭୋକ୍ତା ନୁହେଁ ।'' ଏପରି ମତ ଯେଉଁମାନେ ପୋଷଣ କରନ୍ତି, ସେମାନଙ୍କୁ ଜ୍ଞାନହୀନ ବା ବିବେକରହିତ ବୋଲି କହିବାକୁ ହେବ । କାରଣ ଜୀବାତ୍ମା ବ୍ୟତୀତ, ଶରୀରାଦି ଯେଉଁ ଅଚେତନ ବସ୍ତୁ ରହିଛି, ସେମାନେ କେବେହେଁ ସୁଖ-ଦୁଃଖ ଅନୁଭବ କରିପାରନ୍ତେ ନାହିଁ । ଏମାନଙ୍କ ଉପରେ ପାପ-ପୁଣ୍ୟର କର୍ତ୍ତୃତ୍ୱ ମଧ୍ୟ ଆରୋପଣ କରାଯାଇ ପାରନ୍ତା ନାହିଁ । ଅବଶ୍ୟ ଜୀବ ଏମାନଙ୍କ ସହିତ ସମ୍ବନ୍ଧିତ ହୋଇ ପାପ-ପୁଣ୍ୟ କରେ ତଥା ସୁଖ-ଦୁଃଖ ଭୋଗକରେ ।

ଯେତେବେଳେ ଇନ୍ଦ୍ରିୟଗଣ ବାହ୍ୟ ବସ୍ତୁ ସମ୍ପର୍କରେ ଏବଂ ମନ ଇନ୍ଦ୍ରିୟ ସହିତ, ତଥା ଆତ୍ମା ମନ ସହିତ ସଂଯୁକ୍ତ ହୋଇ, ପ୍ରାଣକୁ ପ୍ରେରଣା ଦେଇ, ଜୀବାତ୍ମାକୁ ଶୁଭାଶୁଭ କର୍ମରେ ନିଯୁକ୍ତ କରେ, ସେତେବେଳେ ସେ ବହିର୍ମୁଖୀ ହୋଇଯାଏ । ସେତେବେଳେ ଉତ୍ତମ କର୍ମ ଦ୍ୱାରା ଅନ୍ତଃକରଣରେ ଯେଉଁ ଆନନ୍ଦ, ଉତ୍ସାହ ଓ ନିର୍ଭୟତା, ତଥା ମନ୍ଦକର୍ମରେ ଭୟ, ଶଙ୍କା, ଲଜ୍ଜା, ଜାତ ହୁଏ, ତାହା ଅନ୍ତର୍ଯ୍ୟାମୀ ପରମାତ୍ମାଙ୍କ ଶିକ୍ଷା ବ୍ୟତୀତ ଅନ୍ୟ କିଛି ନୁହେଁ । ଯେଉଁମାନେ ଏହି ଶିକ୍ଷାକୁ ମାନି ଚଳନ୍ତି ସେମାନେ ହିଁ ମୁକ୍ତି ଜନିତ ସୁଖଭୋଗ କରନ୍ତି । ଯେଉଁମାନେ ସେହି ଶିକ୍ଷାର ବିପରୀତ ଆଚରଣ କରନ୍ତି ସେମାନେ ବନ୍ଧଜନିତ ଦୁଃଖ ଭୋଗ କରିଥାନ୍ତି ।

ଦ୍ୱିତୀୟ ସାଧନ=ବୈରାଗ୍ୟ ଅର୍ଥାତ୍ ବିବେକ ଦ୍ୱାରା ସତ୍ୟ ଓ ଅସତ୍ୟର ସ୍ୱରୂପକୁ ଜାଣି ସତ୍ୟାଚରଣ କରିବା, ଓ ଅସତ୍ୟାଚରଣ ପରିତ୍ୟାଗ କରିବା । ପୃଥିବୀଠାରୁ ଆରମ୍ଭକରି ପରମେଶ୍ୱରଙ୍କ ପର୍ଯ୍ୟନ୍ତ ସମସ୍ତ ପଦାର୍ଥର ଗୁଣ, କର୍ମ ଓ ସ୍ୱଭାବକୁ ଜାଣି ଈଶ୍ୱରୋପାସନା କରିବା ଓ ତାଙ୍କ ଆଜ୍ଞା ପାଳନ କରିବା ଓ ତଦ୍ ବିରୁଦ୍ଧ ଆଚରଣ ନ କରିବା ତଥା ସୃଷ୍ଟି କ୍ରମରୁ ଉପକାର ଗ୍ରହଣ କରିବାର ନାମ ହିଁ ବୈରାଗ୍ୟ ।

ତୃତୀୟ ସାଧନ=''ଷଟ୍କ ସମ୍ପତ୍ତି'' ଅର୍ଥାତ୍ ଛଅ ପ୍ରକାର କର୍ମ କରିବା । ଯଥା ୧. 'ଶମ' ଏହାଦ୍ୱାରା ନିଜର ଆତ୍ମା ଓ ଅନ୍ତଃକରଣକୁ ଅଧର୍ମାଚରଣରୁ ଦୂରେଇ ରଖି ସର୍ବଦା ଧର୍ମାଚରଣରେ ପ୍ରବୃତ୍ତ କରାଇବା । ୨ — ଦମ — ଏହାଦ୍ୱାରା ଚକ୍ଷୁଶ୍ରୋତ୍ରାଦି ଇନ୍ଦ୍ରିୟଗଣ ଓ ଶରୀରକୁ ବ୍ୟଭିଚାରାଦି ମନ୍ଦ କର୍ମରୁ ନିବୃତ୍ତ କରି ଜିତେନ୍ଦ୍ରିୟତାଦି ଶୁଭକର୍ମରେ ନିୟୋଜିତ କରିବା । ୩ — ଉପରତି - ଏହା ଦ୍ୱାରା ଦୁଷ୍କର୍ମ କରୁଥିବା ବ୍ୟକ୍ତିଙ୍କ ଠାରୁ ନିଜକୁ ଦୂରେଇ ରଖିବା । ୪- ତିତିକ୍ଷା-ନିନ୍ଦା, ସ୍ତୁତି, ହାନି-ଲାଭରେ ହର୍ଷ ବା ଶୋକ ପ୍ରକାଶ ନ କରି ମୁକ୍ତି ସାଧନରେ ତତ୍ପର ରହିବା । ୫-ଶ୍ରଦ୍ଧା ବେଦାଦି ସତ୍‌ଶାସ୍ତ୍ରମାନଙ୍କର ବୋଧନ ତଥା ପୂର୍ଣ୍ଣ ଆପ୍ତ ବିଦ୍ୱାନ୍ ସତ୍ୟୋପଦେଷ୍ଟା ସଜ୍ଜନମାନଙ୍କ ବଚନରେ ବିଶ୍ୱାସ କରିବା । ୬-ସମାଧାନ=ଅର୍ଥାତ୍ ଚିତ୍ତର ଏକାଗ୍ରତା । ଏହି ଛଅଟି ମିଳି ତୃତୀୟ ସାଧନ ନାମରେ ପ୍ରସିଦ୍ଧ ।

ଚତୁର୍ଥ ସାଧନ ='' ମୁମୁକ୍ଷୁତ୍ୱ' ଅର୍ଥାତ୍ ଯେପରି କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ବ୍ୟକ୍ତିକୁ ଅନ୍ନଜଳ ବ୍ୟତୀତ ଅନ୍ୟ କିଛି ଭଲ ଲାଗେ ନାହିଁ, କିମ୍ବା ତାର ଧ୍ୟାନ କେବଳ ଭୋଜନ ଓ ପାନରେ ଥାଏ, ସେହିପରି ମୁକ୍ତି ଓ ମୁକ୍ତି ସାଧନରେ ନିମଗ୍ନ ରହି ଅନ୍ୟ କୌଣସି ବିଷୟରେ ପ୍ରୀତ ନ ହେବାକୁ ମୁମୁକ୍ଷୁତ୍ୱ କୁହାଯାଏ ।

ଏହି ସାଧନ ଚତୁଷ୍ଟୟ ବ୍ୟତୀତ ଚାରୋଟି ଅନୁବନ୍ଧ ଅର୍ଥାତ୍ ସାଧନ ପରବର୍ତ୍ତୀ ଚାରିପ୍ରକାର ଅନୁଷ୍ଠେୟ କର୍ମ ଅଛି । ଯଥା=ଅଧିକାର, ସମ୍ବନ୍ଧ, ବିଷୟୀ ଓ ପ୍ରୟୋଜନ ।

୧. ଅଧିକାରୀ=ଯେଉଁ ବ୍ୟକ୍ତି ଉକ୍ତ ଚତୁର୍ବିଧ ସାଧନରେ ତତ୍ପର, ସେହି ବ୍ୟକ୍ତି ମୋକ୍ଷର ଅଧିକାରୀ ହୁଏ ।

୨- ସମ୍ବନ୍ଧ = ବ୍ରହ୍ମପ୍ରାପ୍ତିରୂପ ମୁକ୍ତି ପ୍ରତିପାଦ୍ୟ ଓ ବେଦାଦି ସତ୍‌ଶାସ୍ତ୍ର ପ୍ରତିପାଦକ ଶାସ୍ତ୍ରଜ୍ଞାନ, ଏ ଦୁଇଟିକୁ ଉତ୍ତମରୂପେ ବୁଝି ଆଚରଣ କରିବା ।

୩- ବିଷୟୀ = ସକଳ ଶାସ୍ତ୍ରର ପ୍ରତିପାଦ୍ୟ ବିଷୟ ବ୍ରହ୍ମ । ସେହି ବ୍ରହ୍ମ ପ୍ରାପ୍ତି ଯେଉଁ ବ୍ୟକ୍ତିର ଏକମାତ୍ର ଧ୍ୟେୟ, ତାକୁ ବିଷୟୀ କହନ୍ତି ।

୪- ପ୍ରୟୋଜନ=ସକଳ ପ୍ରକାର ଦୁଃଖରୁ ନିବୃତ୍ତି ଓ ପରମାନନ୍ଦ ପ୍ରାପ୍ତ ହୋଇ ମୁକ୍ତି ସୁଖ ଭୋଗ କରିବା । ଏହାକୁ ଚାରି ଅନୁବନ୍ଧ ବା ''ଅନୁବନ୍ଧ ଚତୁଷ୍ଟୟ'' କୁହାଯାଏ ।

ଶ୍ରବଣ ଚତୁଷ୍ଟୟ - ୧. ଶ୍ରବଣ - କୌଣସି ବିଦ୍ୱାନ୍ ଲୋକଙ୍କ ଉପଦେଶକୁ ମନୋଯୋଗ ଓ ଧ୍ୟାନ ପୂର୍ବକ ଶୁଣିବା । ବିଶେଷକରି ବ୍ରହ୍ମବିଦ୍ୟା ଶୁଣିବାପାଇଁ ଅଧିକ ମନୋଯୋଗୀ ହେବା ଆବଶ୍ୟକ । ଯେଣୁ ସକଳ ବିଦ୍ୟା ମଧ୍ୟରେ ଏହି ବିଦ୍ୟା ହେଉଛି ସର୍ବାଧିକ ସୂକ୍ଷ୍ମବିଦ୍ୟା ।

୨. ମନନ = ଶ୍ରବଣ ପରେ ଏକାନ୍ତ ସ୍ଥାନରେ ବସି ଶୁଣିଥିବା ବିଷୟ ବସ୍ତୁକୁ ମନରେ ବିଚାର କରିବା, କୌଣସି ବିଷୟରେ ସନ୍ଦେହ ସୃଷ୍ଟି ହେଲେ ତାର ସମାଧାନପାଇଁ ପୁନର୍ବାର ପଚାରିବା ।

୩- ନିଦିଧ୍ୟାସନ - ଶ୍ରବଣ ଓ ମନନପରେ ସନ୍ଦେହଶୂନ୍ୟ ହୋଇ, ଯାହା ଶିକ୍ଷା କରାଯାଇଛି ତାହାକୁ ସମାଧିସ୍ଥ ହୋଇ, ଦେଖିବା ଉଚିତ ଯେ ସେହି ନିୟମଗୁଡ଼ିକର କାର୍ଯ୍ୟ ଠିକ୍ ହୋଇ ପାରୁଛି କି ନାହିଁ । ଏହି ଧ୍ୟାନ ଯୋଗକୁ ନିଦିଧ୍ୟାସନ କୁହାଯାଏ ।

୪- ସାକ୍ଷାତ୍କାର- ଏହାଦ୍ୱାରା ପଦାର୍ଥର ସ୍ୱରୂପ, ଗୁଣ ଓ ସ୍ୱଭାବ ସମ୍ପର୍କରେ ଜ୍ଞାନାର୍ଜନ କରିବା । ଏ ସବୁକୁ ଶ୍ରବଣ ଚତୁଷ୍ଟୟ କୁହାଯାଏ ।

ସର୍ବଦା ତମୋଗୁଣ ଅର୍ଥାତ୍ କ୍ରୋଧ, ମଳିନତା, ଆଳସ୍ୟ, ପ୍ରମାଦ ପ୍ରଭୃତି, ରଜୋଗୁଣ ଅର୍ଥାତ୍ ଈର୍ଷା, ଦ୍ୱେଷ, କାମ, ଅଭିମାନ ବିକ୍ଷେପ ପ୍ରଭୃତିରୁ ପୃଥକ୍ ରହି, ସତ୍ତ୍ୱଗୁଣ ଅର୍ଥାତ୍ ଶାନ୍ତ ପ୍ରକୃତି, ପବିତ୍ରତା, ବିଦ୍ୟା, ବିବେକ ପ୍ରଭୃତି ଗୁଣଗୁଡ଼ିକୁ ସାଧକ ଗ୍ରହଣ କରିବା ଆବଶ୍ୟକ । ମୈତ୍ରୀ-ସୁଖୀ ପୁରୁଷଙ୍କ ସହିତ ମିତ୍ରତା, କରୁଣା ଦୀନ-ଦୁଃଖୀ ଲୋକଙ୍କ ପ୍ରତି ଦୟା, ମୁଦିତା-ପୁଣ୍ୟାତ୍ମା ପୁରୁଷଙ୍କ ସହିତ ହସଖୁସିରେ ରହିବା ବା ସେମାନଙ୍କୁ ଦେଖି ଆନନ୍ଦିତ ହେବା, ତଥା ଉପେକ୍ଷା-ଦୁର୍ଜନ ବ୍ୟକ୍ତିଙ୍କ ସହିତ ପ୍ରୀତି ବା ବୈରଭାବ ପୋଷଣ ନ କରିବା ଉଚିତ । ମୁମୁକ୍ଷୁ ବ୍ୟକ୍ତି ଦୈନିକ ଅତିକମ୍‌ରେ ଦୁଇଘଣ୍ଟା ଧ୍ୟାନ କରିବା ଏକାନ୍ତ ଆବଶ୍ୟକ । ଏହାଦ୍ୱାରା ଆଭ୍ୟନ୍ତରୀଣ ମନ ଆଦି ପଦାର୍ଥ ପ୍ରତ୍ୟକ୍ଷୀଭୂତ ହୋଇଥାନ୍ତି । ଦେଖ ଜୀବ ଚେତନସ୍ୱରୂପ ହୋଇଥିବାରୁ ଜ୍ଞାନସ୍ୱରୂପ ଓ ମନର ସାକ୍ଷୀ ମଧ୍ୟ ଅଟେ । କାରଣ ଯେଉଁ ସମୟରେ ମନ ଶାନ୍ତ, ଚଞ୍ଚଳ, ଆନନ୍ଦିତ ବା ବିଷାଦଯୁକ୍ତ ହୁଏ, ସେତେବେଳେ ଜୀବ ତାକୁ ଯଥାର୍ଥରୂପେ ଦର୍ଶନ କରେ । ସେହିପରି ଜୀବ ଇନ୍ଦ୍ରିୟ, ପ୍ରାଣ ପ୍ରଭୃତିଙ୍କର ଜ୍ଞାତା, ପୂର୍ବରୁ ଦେଖିଥିବା ବିଷୟବସ୍ତୁର ସ୍ମରଣ କର୍ତ୍ତା ଓ ଏକ ସମୟରେ ଅନେକ ପଦାର୍ଥର ବେତ୍ତା, ଧାରଣ ଓ ଆକର୍ଷଣ କର୍ତ୍ତା, ତଥା ସମସ୍ତ ପଦାର୍ଥଠାରୁ ପୃଥକ୍ ମଧ୍ୟ ଅଟେ । ଏମାନଙ୍କ ଠାରୁ ପୃଥକ୍ ନ ହେଲେ ଜୀବ ସ୍ୱତନ୍ତ୍ର କର୍ତ୍ତା, ଏ ସବୁର ପ୍ରେରୟିତା, ଓ ଅଧିଷ୍ଠାତା କେବେହେଲେ ହୋଇ ପାରିବ ନାହିଁ ।

ଅବିଦ୍ୟାଽସ୍ମିତା ରାଗଦ୍ୱେଷାଭିନିବେଶାଃ ପଞ୍ଚକ୍ଳେଶାଃ ।।

(ପାତଞ୍ଜଳ ଯୋଗ ପାଦ ୨ସୂ.୩)

ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ ଏପରି ଭାବେ କ୍ଳେଶ ହେଉଛି ପାଞ୍ଚପ୍ରକାର । ଏଥିମଧ୍ୟରୁ ଅବିଦ୍ୟା ସମ୍ପର୍କରେ ପୂର୍ବରୁ କୁହାଯାଇଛି । ଆତ୍ମା ଓ ବୁଦ୍ଧିକୁ ଏକ ଜ୍ଞାନ କରିବାର ନାମ ଅସ୍ମିତା । ସୁଖରେ ପ୍ରୀତି ହେଉଛି ''ରାଗ''

ଦୁଃଖରେ ଅପ୍ରୀତି ହେଉଛି ''ଦ୍ୱେଷ'' ସମସ୍ତ ପ୍ରାଣୀ ଏପରି ଇଚ୍ଛା ପୋଷଣ କରିଥାଆନ୍ତି ଯେ, ମୁଁ ଏପରି ଶରୀରରେ ସର୍ବଦା ରହିଥାଏ, କେବେ ମୋର ମୃତ୍ୟୁ ନ ହେଉ, ମୃତ୍ୟୁ ପ୍ରତି ଏପରି ଯେଉଁ ତ୍ରାସ ଜନ୍ମେ ତାହାକୁ ଅଭିନିବେଶ କୁହାଯାଏ । ଯୋଗାଭ୍ୟାସ ଓ ବିଜ୍ଞାନ ଦ୍ୱାରା ଏହି ପଞ୍ଚ କ୍ଳେଶରୁ ମୁକ୍ତ ହୋଇ, ବ୍ରହ୍ମପ୍ରାପ୍ତିରୂପ ମୁକ୍ତି ଜନିତ ପରମ ଆନନ୍ଦ ଭୋଗ କରିବା ଉଚିତ ।

ପ୍ରଶ୍ନ : ଆପଣ ଯେପରି ମୁକ୍ତି ବିଷୟ କହୁଛନ୍ତି , ଅନ୍ୟ ଲୋକେ ସେପରିତ ମାନୁ ନାହାନ୍ତି । ଦେଖନ୍ତୁ : ଜୈନୀମାନେ କହନ୍ତି, ମୁକ୍ତାତ୍ମାମାନେ ଶିବପୁରକୁ ଯାଇ ମୋକ୍ଷଶିଳା ଉପରେ ଆନନ୍ଦମନରେ ନିଶ୍ଚିନ୍ତ ହୋଇ ବସିରହନ୍ତି । ଖ୍ରୀଷ୍ଟିୟାନ୍ ମାନଙ୍କର ମତ ହେଉଛି.... ମୁକ୍ତ ଜୀବ ଚତୁର୍ଥ ଆକାଶକୁ ଯାଏ, ଓ ସେଠାରେ ବାଜା, ଯୁଦ୍ଧ, ଗୀତ-ବାଦ୍ୟରେ ମତ୍ତହୋଇ ରହେ ତଥା ଉତ୍ତମ ବସ୍ତ୍ର ପରିଧାନ କରି ସୁଖ ଭୋଗ କରେ । ମୁସଲମାନ୍‌ମାନଙ୍କ ଧାରଣାନୁସାରେ ସପ୍ତମସ୍ୱର୍ଗ ଲାଭ ହିଁ ମୁକ୍ତି, ବାମମାର୍ଗୀମାନଙ୍କର ଶ୍ରୀପୁର ପ୍ରାପ୍ତି, ଶୈବମାନଙ୍କର କୈଳାସ, ବୈଷ୍ଣବମାନଙ୍କର ବୈକୁଣ୍ଠଲାଭ, ଗୋସାଇଁମାନଙ୍କର ଗୋଲୋକ ପ୍ରାପ୍ତି ହିଁ ମୁକ୍ତି । ମୁକ୍ତ ଜୀବମାନେ ଦେବ ଦେବ ସ୍ଥାନମାନଙ୍କୁ ଯାଇ, ସେଠାରେ ଉତ୍ତମ ଅନ୍ନ, ବସ୍ତ୍ର, ସ୍ତ୍ରୀ ଇତ୍ୟାଦି ଭୋଗକରନ୍ତି । ପୌରାଣିକମାନେ ସାଲୋକ୍ୟ, ସାନୁଜ୍ୟ, ସାରୂପ୍ୟ, ସାମୀପ୍ୟ, ସାଯୁଜ୍ୟ ଏପରି ପାଞ୍ଚ ପ୍ରକାର ମୁକ୍ତିମାନନ୍ତି । ସାଲୋକ୍ୟ-ଈଶ୍ୱରଲୋକରେ ନିବାସ କରିବା, ସାନୁଜ୍ୟ-ଈଶ୍ୱରଙ୍କ ଛୋଟ ଭାଇଭଳି ତାଙ୍କ ନିକଟରେ ରହିବା, ସାରୂପ୍ୟ-ଉପାସ୍ୟଦେବଙ୍କ ଆକୃତି ଧାରଣ କରିବା, ସାମୀପ୍ୟ-ସେବକପରି ଈଶ୍ୱରଙ୍କ ସମୀପରେ ରହିବା, ଓ ସାଯୁଜ୍ୟ-ଈଶ୍ୱରଙ୍କ ସହିତ ସଂଯୁକ୍ତ ହୋଇଯିବା । ବେଦାନ୍ତୀମାନେ ବ୍ରହ୍ମରେ ଲୟହେବାକୁ ମୁକ୍ତି ବୋଲି ବିଚାର କରନ୍ତି ।

ଉତ୍ତର : ଜୈନ, ଖ୍ରୀଷ୍ଟିୟାନ୍ ଓ ମୁସଲମାନ୍‌ମାନଙ୍କ ମୁକ୍ତି ସମ୍ବନ୍ଧୀୟ ମତାମତ ବିଷୟ କ୍ରମଶଃ ଦ୍ୱାଦଶ, ତ୍ରୟୋଦଶ ଓ ଚତୁର୍ଦ୍ଦଶ ସମୁଲ୍ଲାସରେ ବିସ୍ତାରଭାବରେ ଉଲ୍ଲେଖ କରାଯିବ । ବାମମାର୍ଗୀମାନେ କହନ୍ତି ଯେ, ଶ୍ରୀପୁରକୁ ଯାଇ ସେଠାରେ ମଦ୍ୟ ମାଂସାଦି ଖାଇବା, ପିଇବା, ସ୍ତ୍ରୀ ସମ୍ଭୋଗ କରିବା, ବିଳାସ ବ୍ୟସନରେ ମଗ୍ନ ରହିବା ହିଁ ମୁକ୍ତି ଅଟେ । ଦେଖିବାକୁ ଗଲେ ଏସବୁ ଭୋଗ ଇହଜଗତରେ ମିଳେ । ତେଣୁ ଏସ୍ଥାନରୁ ସେ ସ୍ଥାନର କୌଣସି ପ୍ରକାର ବିଶେଷତ୍ୱ ନାହିଁ । ସେହିପରି ମହାଦେବ ଓ ବିଷ୍ଣୁଙ୍କ ସଦୃଶ ଆକୃତିଧାରୀ ଭକ୍ତଗଣ ପାର୍ବତୀ, ଲକ୍ଷ୍ମୀ ସଦୃଶ ସ୍ତ୍ରୀମାନଙ୍କ ସହିତ ଆନନ୍ଦ ଉପଭୋଗ କରିବା, ଏଠାକାର ରାଜା, ମହାରାଜା, ଧନାଢ୍ୟ ବ୍ୟକ୍ତିଙ୍କ ଭୋଗଠାରୁ ପୃଥକ୍ ନୁହେଁ । ସେମାନେ ଏତିକମାତ୍ର ବିଶେଷତ୍ୱ ଦେଖାଇଛନ୍ତି ସେଠାରେ ରୋଗ ହୁଏ ନାହିଁ ଓ ଚିରଯୌବନ ରହେ । ସେମାନଙ୍କ ଏ ମତାମତ ମଧ୍ୟ ସତ୍ୟ ନୁହେଁ ।

କାରଣ ଯେଉଁଠି ଭୋଗ ଅଛି ସେଇଠି ରୋଗମଧ୍ୟ ଅଛି । ଯେଉଁଠି ରୋଗ ସେ ସ୍ଥାନରେ ବାର୍ଦ୍ଧକ୍ୟ ନିଶ୍ଚିତରୂପେ ରହିଛି । ଆଉ ପୌରାଣିକମାନଙ୍କୁ ପଚ୍ଚାରିବା ଉଚିତ ଯେ, ସେମାନେ ଯେଉଁ ପାଞ୍ଚପ୍ରକାରର ମୁକ୍ତିକଥା କହିଛନ୍ତି, ତାହା କୃମି, କୀଟ-ପତଙ୍ଗ, ପଶୁପକ୍ଷୀ ଆଦି ସମସ୍ତ ପ୍ରାଣୀଙ୍କୁ ଅତି ସହଜସାଧ୍ୟ ଭାବେ ମିଳିପାରୁଛି । ବିଶ୍ୱ ବ୍ରହ୍ମାଣ୍ଡରେ ଯେତେ ଲୋକ ଲୋକାନ୍ତର ଦେଖାଯାଏ, ସେ ସବୁ ହେଉଛି ଈଶ୍ୱର ଲୋକ । ସକଳ ଜୀବ ତହିଁରେ ବସବାସ କରୁଥିବାରୁ ସାଲୋକ୍ୟ ମୁକ୍ତି ସମସ୍ତଙ୍କୁ ମିଳୁଅଛି । ଈଶ୍ୱର ସର୍ବବ୍ୟାପକ, ସମସ୍ତେ ତାଙ୍କ ନିକଟରେ ହିଁ ରହନ୍ତି, ତେଣୁ ସାମୀପ୍ୟମୁକ୍ତି ମଧ୍ୟ ସ୍ୱତଃସିଦ୍ଧ । ଜୀବମାତ୍ରକେ ଈଶ୍ୱରଙ୍କଠାରୁ ସକଳ ଗୁଣ, କର୍ମ, ସ୍ୱଭାବାଦିରେ କ୍ଷୁଦ୍ର, ପୁଣି ଚେତନଶୀଳ, ସୁତରାଂ ସାନୁଜ୍ୟ ମୁକ୍ତି ମଧ୍ୟ ଅନାୟାସ ସିଦ୍ଧ ଅଟେ । ସେପରି ସାଯୁଜ୍ୟ ମୁକ୍ତି ମଧ୍ୟ ସ୍ୱାଭାବିକ ଓ ସ୍ୱତଃ ସିଦ୍ଧ । ଯେଣୁ ପ୍ରତ୍ୟେକ ଜୀବ ସର୍ବବ୍ୟାପକ ପରମାତ୍ମାଙ୍କଠାରେ ସଂଯୁକ୍ତ ହୋଇ ରହିଛନ୍ତି । ଏ ସବୁ ମୁକ୍ତିପାଇଁ କୌଣସି ଚିନ୍ତା, ଚେଷ୍ଟା ବା ପ୍ରୟାସ କରିବାର ଆବଶ୍ୟକତା ଦରକାର ହେଉନାହିଁ । ଅନ୍ୟ ସାଧାରଣ ନାସ୍ତିକମାନେ ମୃତ୍ୟୁପରେ ତତ୍ତ୍ୱ ସହିତ ତତ୍ତ୍ୱର ମିଳନକୁ ପରମମୁକ୍ତି ବୋଲି ଯାହା କହନ୍ତି, ତାହା କୁକୁର, ଗଧ ମଧ୍ୟ ପାଇପାରନ୍ତି । ଏସବୁଗୁଡ଼ାକ ମୁକ୍ତି ନୁହେଁ ବରଂ ଏକପ୍ରକାର ବନ୍ଧନ । କାରଣ ଏ ସମସ୍ତ ମତବାଦୀ ଶିବପୁର, ମୋକ୍ଷଶିଳା, ଚତୁର୍ଥ ଆକାଶ, ସପ୍ତମ ଆକାଶ, ଶ୍ରୀପୁର, କୈଳାସ, ବୈକୁଣ୍ଠ ଓ ଗୋଲକକୁ ଏକ ଏକ ନିର୍ଦ୍ଦିଷ୍ଟ ସ୍ଥାନ ବିଶେଷ ବୋଲି ମନେ କରନ୍ତି । ଯଦି ଏହି ସ୍ଥାନର ଲୋକେ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲି ଯାଆନ୍ତି ତେବେ ସେମାନଙ୍କର ମୁକ୍ତି ନଷ୍ଟ ହୋଇଯିବ । ଏଣୁ ଏମାନେ ସମସ୍ତେ ପଥର ଗୁହା ଭିତରେ ଆବଦ୍ଧ, କଦାପି ମୁକ୍ତ ନୁହନ୍ତି । ମୁକ୍ତ ଜୀବଗଣ ନିଜ ଇଚ୍ଛାନୁସାରେ ସୁଖରେ ନିର୍ଭୟ ହୋଇ ଇତସ୍ତତଃ ସର୍ବତ୍ର ଭ୍ରମଣ କରିପାରନ୍ତି, ସେମାନଙ୍କ ମନରେ ଦୁଃଖ, ଶଙ୍କା ନଥାଏ, କୌଣସି ସ୍ଥାନରେ ପ୍ରତିରୋଧର ସମ୍ମୁଖୀନ ସେମାନଙ୍କୁ ହେବାକୁ ପଡ଼େ ନାହିଁ । ସେପରି ଅବସ୍ଥାକୁ କେବଳ ମୁକ୍ତି କୁହାଯାଏ । ଶରୀର ସହିତ ଆତ୍ମାର ସଂଯୋଗକୁ ଜନ୍ମ ଓ ବିୟୋଗକୁ ମରଣ କୁହାଯାଏ । ସମୟାନୁକ୍ରମେ ମୁକ୍ତଜୀବ ମଧ୍ୟ ପୁଣିଥରେ ଜନ୍ମଗ୍ରହଣ କରେ ।

ପ୍ରଶ୍ନ: ଜନ୍ମ ଏକ ନା ଅନେକ ?

ଉତ୍ତର : ଅନେକ ।

ପ୍ରଶ୍ନ : ଯଦି ଅନେକ ଜନ୍ମଗ୍ରହଣ କରିବାକୁ ପଡ଼େ, ତେବେ ପୂର୍ବ ଜନ୍ମ ଓ ମୃତ୍ୟୁକଥା କାହିଁକି ସ୍ମରଣ ହୁଏ ନାହିଁ ?

ଉତ୍ତର : ଜୀବମାତ୍ରକେ ଅଳ୍ପଜ୍ଞ ସେ ତ୍ରିକାଳଦର୍ଶୀ ନୁହେଁ । ଏଣୁ ସବୁକଥା ସେ

ସ୍ମରଣ କରିପାରେ ନାହିଁ । ପୁଣି ଯେଉଁ ମନଦ୍ୱାରା ଜ୍ଞାନ ଓ ସ୍ମରଣ କରିବାକୁ ହୁଏ, ସେହି ମନ ଏକ ସମୟରେ ଦିଓଟି କଥା ଜ୍ଞାନ କରିପାରେ ନାହିଁ । ପୂର୍ବଜନ୍ମ କଥା ଦୂରେଥାଉ, ଏହି ଜନ୍ମରେ ଜୀବ ଯେତେବେଳେ ଗର୍ଭରେ ଥିଲା, ଯେଉଁ ଗର୍ଭରେ କି ଶରୀର ନିର୍ମିତ ହେଲା, ପୁଣି ଜନ୍ମପରେ ପାଞ୍ଚବର୍ଷ ପର୍ଯ୍ୟନ୍ତ ଯେଉଁ ଯେଉଁ ଘଟଣାମାନ ଘଟିଗଲା, ସେ ସବୁତ ଜୀବ ମନେ ରଖିପାରେ ନାହିଁ, ପୁଣି ଜାଗ୍ରତ ଓ ସ୍ୱପ୍ନାବସ୍ଥାରେ ଅନେକ ବିଷୟ ପ୍ରତ୍ୟକ୍ଷ କରିଥାଏ, ଯେତେବେଳେ ସୁଷୁପ୍ତି ଅର୍ଥାତ୍ ଗାଢ଼ନିଦ୍ରା ହୁଏ ସେତେବେଳେ ସେ ସବୁକୁ ସ୍ମରଣ କରିପାରେ ନାହିଁ । କୌଣସି ବ୍ୟକ୍ତି ତୁମକୁ ପ୍ରଶ୍ନ କଲା........ ବାରବର୍ଷ ପୂର୍ବରୁ ତ୍ରୟୋଦଶ ବର୍ଷର ପଞ୍ଚମମାସ ନବମ ଦିବସର ସକାଳ ଦଶଟା ଗୋଟିଏ ମିନିଟ୍‌ରେ ତୁମେ କି କାମ କରୁଥିଲ ? ତୁମର ମୁହଁ, ହାତ, ନାକ, କାନ, ଆଖି କିପରି ଥିଲା, ସେତେବେଳେ ତୁମ ମନରେ କିପ୍ରକାର ବିଚାରଧାରା ଥିଲା, ଏହାର ଉତ୍ତର ତୁମେ ମୋଟେ ଦେଇ ପାରିବ ନାହିଁ । ଏ ଜନ୍ମର ଗତକଥାମାନ ଯେତେବେଳେ ମନେ ରହୁନାହିଁ, ସେତେବେଳେ ପୂର୍ବ ଜନ୍ମର କଥା କିପରି ବା ମନେ ରହିବ ? ଏ ସବୁକୁ ଅବିଶ୍ୱାସ କରିବା ବାଳକୋଚିତ ନିର୍ବୋଧତା ବ୍ୟତୀତ ଅନ୍ୟ କିଛି ନୁହେଁ । ପୂର୍ବ ଜନ୍ମର ବିଷୟବସ୍ତୁ ସ୍ମରଣ ନ ରହିବା ଯୋଗୁଁ ଜୀବ ସୁଖୀ ରହେ । ନହୁବା ପୂର୍ବ ଜନ୍ମର ଦୁଃଖ, କ୍ଳେଶାଦି ମନେ ପକାଇ ମରିଯାଆନ୍ତା । କୌଣସି ବ୍ୟକ୍ତି ଭୂତ, ଭବିଷ୍ୟତ, ବର୍ତ୍ତମାନ କଥା ଜାଣିବାପାଇଁ ଇଚ୍ଛା କଲେ ମଧ୍ୟ ତାହା ଜାଣିପାରିବ ନାହିଁ । କାରଣ ଜୀବ ହେଉଛି ଅଳ୍ପଜ୍ଞ ଓ ଅଳ୍ପଶକ୍ତିମାନ୍ । କେବଳ ଈଶ୍ୱର ସର୍ବଶକ୍ତିମାନ୍ ଓ ସର୍ବଜ୍ଞ, ଜୀବ କଦାପି ସେପରି ନୁହେଁ ।

ପ୍ରଶ୍ନ : ଯଦି ଜୀବର ପୂର୍ବଜ୍ଞାନ ରହେ ନାହିଁ, ତେବେ ଈଶ୍ୱର ତାହାକୁ ଦଣ୍ଡ ଦେବାଦ୍ୱାରା ତାହାର କୌଣସି ସଂସ୍କାର ବା ଉପକାର ହୋଇପାରେ ନାହିଁ, ଯଦି ସେ ଜାଣନ୍ତା ଅମୁକ ଦୋଷ କରିଥିବାରୁ ଏହି ଦଣ୍ଡ ମୋତେ ଭୋଗ କରିବାକୁ ହେଲା, ତେବେ ସେ ପୂର୍ବ ଦୁଷ୍କର୍ମରୁ ନିବୃତ୍ତ ହୁଅନ୍ତା, ଅର୍ଥାତ୍ ସେପରି କାମ ପୁଣିଥରେ କରନ୍ତା ନାହିଁ ।

ଉତ୍ତର : ତୁମେ କେତେପ୍ରକାର ଜ୍ଞାନ ବୋଲି ମନେ କରୁଛ ?

ପ୍ରଶ୍ନ : ପ୍ରତ୍ୟକ୍ଷାଦି ପ୍ରମାଣାନୁସାରେ ଆଠ ପ୍ରକାର ।

ଉତ୍ତର : ଏହି ସଂସାରରେ ପ୍ରାଣୀମାନେ ଜନ୍ମଗ୍ରହଣ କରି, କେହି କେହି ବିଦ୍ୱାନ୍, ଧନାଢ୍ୟ, ବୁଦ୍ଧିମାନ୍ ତଥା ଧାର୍ମିକ ହୁଅନ୍ତି କେହି କେହି ରାଜ୍ୟ ସଂପଦ ଭୋଗ କରନ୍ତି, ପୁଣି କେହି କେହି ଦୀନ ଦରିଦ୍ର ହୋଇ, ଦୁଃଖ, କ୍ଳେଶମାନ ଭୋଗ କରନ୍ତି । ଏସବୁ ତାରତମ୍ୟକୁ ଦେଖି ତହିଁରୁ କାହିଁକି ପୂର୍ବ ଜନ୍ମ ଅନୁମାନ କରାଯାଇ ପାରିବ ନାହିଁ ? କୌଣସି ଜଣେ ବୈଦ୍ୟ ଓ ବୈଦ୍ୟ ହୋଇନଥିବା ଅନ୍ୟ ଜଣେ ବ୍ୟକ୍ତି, ଏ ଉଭୟଙ୍କୁ

ଯଦି କୌଣସି ରୋଗହୁଏ, ତେବେ ଯେଉଁ ଜଣକ ବୈଦ୍ୟ ସେ ଜାଣିପାରେ ଯେ ଅପଥ୍ୟାଦି କୌଣସି ସ୍ୱାସ୍ଥ୍ୟନିୟମ ଭଙ୍ଗ କରିବା କାରଣରୁ ଉକ୍ତ ରୋଗ ହେଲା, କିନ୍ତୁ ଅନ୍ୟ ଜଣକ ରୋଗର କାରଣ ଜାଣିପାରେ ନାହିଁ । ଏହାର କାରଣ ହେଲା.... ବୈଦ୍ୟ ଜଣକ ବୈଦ୍ୟଶାସ୍ତ୍ର ପଢ଼ିଛନ୍ତି । କିନ୍ତୁ ଅନ୍ୟବ୍ୟକ୍ତି ଜଣକ ବୈଦ୍ୟଶାସ୍ତ୍ର କିଛି ଜାଣେ ନାହିଁ । ଏସବୁ ସତ୍ତ୍ୱେ ଅବୈଦ୍ୟ ବ୍ୟକ୍ତି ଜଣକ ମଧ୍ୟ ଜାଣିପାରେ ଯେ, କୌଣସି ନା କୌଣସି ନିୟମ ଭଙ୍ଗ ହୋଇଥିବାରୁ ଏ ରୋଗ ଜାତ ହେଲା । ସେହିପରି ଇହ ଜନ୍ମର ବିଭିନ୍ନ ବିଚିତ୍ର ଘଟଣାମାନ ଦେଖି ପୂର୍ବଜନ୍ମ ବିଷୟରେ ଅନୁମାନ କାହିଁକି କରାଯାଇ ପାରିବ ନାହିଁ ? ପୂର୍ବଜନ୍ମକୁ ଯଦି ସ୍ୱୀକାର କରା ନଯାଏ ତେବେ ଈଶ୍ୱରଙ୍କୁ ପକ୍ଷପାତୀ ହେବାକୁ ପଡ଼ିବ । ଯେଣୁ ସେ ପୂର୍ବକୃତ ବିନା ପାପରେ ଦୁଃଖ, ଦାରିଦ୍ର୍ୟ, ବୁଦ୍ଧିହୀନତା, ପୁଣି ପୂର୍ବ ସଞ୍ଚିତ ବିନାପୁଣ୍ୟରେ ଜ୍ଞାନ, ଧନ, ରାଜ୍ୟ, ସଂପଦ ପ୍ରଭୃତି ଦିଅନ୍ତି । ପ୍ରାଣୀମାନଙ୍କର ପୂର୍ବଜନ୍ମକୃତ ପାପପୁଣ୍ୟ ଅନୁସାରେ ପରମେଶ୍ୱର ଇହଜନ୍ମରେ ସେମାନଙ୍କୁ ସୁଖ-ଦୁଃଖାଦି ବିଧାନ କରନ୍ତି, ତେଣୁ ପରମେଶ୍ୱର ଯଥାର୍ଥରେ ନିଷ୍ପକ୍ଷ ନ୍ୟାୟକାରୀ ଅଟନ୍ତି ।

ପ୍ରଶ୍ନ : ପୂର୍ବ ଜନ୍ମକୁ ସ୍ୱୀକାର ନ କରି, ଗୋଟିଏ ଜନ୍ମକୁ ମାନିଲେ ମଧ୍ୟ ଈଶ୍ୱର ନ୍ୟାୟକାରୀ ହୋଇପାରିବେ । କାରଣ ରାଜ୍ୟ ଶାସନ କରୁଥିବା ରାଜା ନିଜ ରାଜ୍ୟରେ ଯାହା କରନ୍ତୁ ନା କାହିଁକି ତାହା ନ୍ୟାୟ । ଯେପରି କୌଣସି ବଗିଚାର ଜନୈକ ମାଳୀ ନିଜ ବଗିଚାରେ ଛୋଟ ବଡ଼ ବିଭିନ୍ନ ପ୍ରକାରର ଗଛ ଲଗାଏ, ସେଥି ମଧ୍ୟରୁ କାହାକୁ କାଟି ଦିଏତ କାହାକୁ ଉପାଡ଼ି ଦିଏ, ପୁଣି ଅନ୍ୟ କେତେକକୁ ରକ୍ଷା କରେ । ସେପରି ନିଜ ଅଧିକାରରେ ଥିବା ପଦାର୍ଥକୁ ନିଜ ଇଚ୍ଛାନୁସାରେ ଯିଏ ଯେପରି କରିପାରେ, ଅର୍ଥାତ୍ ରଖିପାରେ ନତୁବା ନଷ୍ଟ କରିପାରେ । ତା ଉପରେ ନ୍ୟାୟକାରୀ ଅନ୍ୟ କେହି ନାହାନ୍ତି ଯେ ତାକୁ ଦଣ୍ଡବିଧାନ କରିବେ । ତେଣୁ ଜଗତରେ ପ୍ରାଣୀମାନଙ୍କ ସୁଖ-ଦୁଃଖ ବିଧାନରେ ଭେଦଭାବ ହେଲେ ମଧ୍ୟ ଈଶ୍ୱରଙ୍କର ଅନ୍ୟାୟ କାହିଁକି ହେବ ?

ଉତ୍ତର : ଯେହେତୁ ଈଶ୍ୱର ସର୍ବଦା ନ୍ୟାୟ କରନ୍ତି, କେବେହେଲେ ଅନ୍ୟାୟ କରନ୍ତି ନାହିଁ, ତେଣୁ ସେ ସର୍ବତ୍ର ପୂଜନୀୟ ଓ ସବୁଠାରୁ ମହାନ୍ ହୋଇଅଛନ୍ତି । ସେ ନ୍ୟାୟ ବିରୁଦ୍ଧ କାର୍ଯ୍ୟ କରୁଥିଲେ, କଦାପି ଈଶ୍ୱର ହୋଇ ନଥାନ୍ତେ । ଯେପରି ମାଳୀ ଅବିଚାରିତଭାବେ ରାସ୍ତାରେ ବା ଅସ୍ଥାନରେ ବୃକ୍ଷରୋପଣ କଲେ, କାଟିବା ଅଯୋଗ୍ୟ ଗଛକୁ କାଟିଲେ, କାଟିବାଯୋଗ୍ୟ ଗଛକୁ ବଢ଼ାଇଲେ, ମୂଲ୍ୟବାନ୍ ଗଛକୁ ରକ୍ଷଣାବେକ୍ଷଣ ନ କଲେ, ଦୋଷୀ ସାବ୍ୟସ୍ତ ବା ନିନ୍ଦିତ ହୋଇଥାଏ, ସେହିପରି ବିନା କାରଣରେ କାର୍ଯ୍ୟ କଲେ ଈଶ୍ୱର ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ । ପରମେଶ୍ୱର ନ୍ୟାୟ ଓ

ଧର୍ମଯୁକ୍ତ କର୍ମ କରିବା ଆବଶ୍ୟକ, ଯେଣୁ ସେ ସ୍ୱାଭାବିକଭାବେ [illegible] ଓ ନ୍ୟାୟକାରୀ ଅଟନ୍ତି । ସେ ଯଦି ଉନ୍ମତ୍ତଙ୍କ ପରି କାର୍ଯ୍ୟ କରିବେ, ତେବେ ସେ [illegible] ଯେ କୌଣସି ଶ୍ରେଷ୍ଠନ୍ୟାୟାଧୀଶଙ୍କଠାରୁ ହୀନ ଓ ନିନ୍ଦିତ ହୋଇଯିବେ । [illegible] ଏ ଜଗତରେ ମଧ୍ୟ ଯେଉଁମାନେ ଦୁଷ୍ଟ, ଅଯୋଗ୍ୟ ଲୋକକୁ ପୁରସ୍କାର [illegible] ଶିଷ୍ଟ, ସୁଯୋଗ୍ୟ ବ୍ୟକ୍ତିଙ୍କୁ ଦଣ୍ଡ ଦିଅନ୍ତି, ସେମାନେ ନିନ୍ଦନୀୟ [illegible] ଈଶ୍ୱର କେବେହେଁ ଅନ୍ୟାୟ କରନ୍ତି ନାହିଁ, ତେଣୁ ସେ କାହାକୁ ଭୟ କରନ୍ତି ନାହିଁ ।

ପ୍ରଶ୍ନ : ପରମାତ୍ମା ପ୍ରଥମରୁ ହିଁ ସବୁକିଛି ସ୍ଥିରକରି ରଖିଛନ୍ତି । [illegible] ଯେତେ ଦେବା କଥା ବିଚାରକରି ସେତିକି ଦିଅନ୍ତି । ପୁଣି ଯାହାପାଇଁ [illegible] ଉଚିତ ବୋଲି ବିବେଚନା କରନ୍ତି ତା ପାଇଁ ସେତିକି ବ୍ୟବସ୍ଥା କରନ୍ତି । [illegible] ପୁଣିଥରେ ନ୍ୟୁନାଧିକ କରି ପାରନ୍ତି ନାହିଁ ।

ଉତ୍ତର : ଜୀବର କର୍ମାନୁସାରେ ହିଁ ଈଶ୍ୱର ବିଚାର କରିଥାନ୍ତି । ଈଶ୍ୱର [illegible] ନିୟମର ବ୍ୟତିକ୍ରମ କରନ୍ତେ, ତେବେ ସେ ଅପରାଧୀ ଓ ଅନ୍ୟାୟକାରୀ ହୁଅନ୍ତେ ।

ପ୍ରଶ୍ନ : ଏ ସଂସାରରେ ଛୋଟବଡ଼ ସମସ୍ତଙ୍କୁ ସୁଖ-ଦୁଃଖ ମିଳୁଛି । ବଡ଼ ଲୋକର ବଡ଼ଚିନ୍ତା ଓ ଛୋଟ ଲୋକର ଛୋଟଚିନ୍ତା । ଦେଖ କୌଣସି ଧନାଢ୍ୟ ବ୍ୟକ୍ତିର ଲକ୍ଷେ ଟଙ୍କାର ମୋକଦ୍ଦମା କୋର୍ଟରେ ଚାଲିଛି । ସେହି ବ୍ୟକ୍ତି ମଧ୍ୟାହ୍ନ ସମୟରେ ପାଲିଙ୍କିରେ ବସି କୋର୍ଟକୁ ଯାଉଛି । ତାକୁ ପାଲିଙ୍କିରେ ବସି ଯାଉଥିବାର ଦେଖି ଅଜ୍ଞ ଲୋକେ କହନ୍ତି.. ପାପପୁଣ୍ୟର ଫଳକୁ ଦେଖ । ଜଣେଲୋକ ପାଲିଙ୍କିରେ ବସି ଆନନ୍ଦରେ ଯାଉଛି, ପୁଣି ଅନ୍ୟମାନେ ତଳୁ ଉପରୁ ଉତ୍ତାପରେ ସିଝି ସିଝି ଖାଲି ଗୋଡ଼ରେ ପାଲିଙ୍କି କାନ୍ଧେଇ ଚାଲିଛନ୍ତି । କିନ୍ତୁ ବୁଦ୍ଧିମାନ୍ ଲୋକେ ଜାଣନ୍ତି ଯେ, ଅଦାଲତ ଯେତେ ନିକଟ ହୋଇଆସେ, ଧନୀଲୋକର ମନସ୍ତାପ ଓ ସନ୍ଦେହ ସେତେ ଅଧିକ ପରିମାଣରେ ବଢ଼ିଯାଏ । କିନ୍ତୁ ବାହକମାନଙ୍କର ଦୁଃଖ କମିବାରେ ଲାଗେ । ବିଚାରାଳୟରେ ପହଞ୍ଚିବାକ୍ଷଣି ଧନୀଲୋକ ଏଣେତେଣେ ଯିବା ବିଷୟରେ ଚିନ୍ତା କରେ । ଆଗ ଶିରସ୍ତାଦାର ପାଖକୁ ଯିବିନା ପ୍ରଥମେ ଓକିଲକୁ ଦେଖା କରିବି ? ଆଜି ମୋକଦ୍ଦମାରେ ହାରିବି ନା ଜିଣିବି ଏହି ଚିନ୍ତାରେ ବ୍ୟତିବ୍ୟସ୍ତ ହୋଇପଡ଼େ । କିନ୍ତୁ ବାହକମାନେ ନିଶ୍ଚିନ୍ତରେ ବସି ନିଜର ପାନପତ୍ର ଚିକ୍କା ଲଗାଇ ଆନନ୍ଦମନରେ ପରସ୍ପର ବାର୍ତ୍ତାଳାପରେ ମଜି ଯାଆନ୍ତି । ଯଦି ଅଦାଲତରେ ଜୟ ହୁଏ, ତେବେତ ଧନୀ ସୁଖୀ ହୁଏ, କିନ୍ତୁ ପରାଜୟ ହେଲେ ଧନୀ ଦୁଃଖସାଗରରେ ବୁଡ଼ିମରେ । କିନ୍ତୁ ପାଲିଙ୍କି ବାହକମାନଙ୍କର ପୂର୍ବପରି କୌଣସି ଚିନ୍ତା ବା ଶୋକ ନ ଥାଏ । ତାପରେ ସୁନ୍ଦର ସୁକୋମଳ ଶଯ୍ୟାରେ ଶୋଇଲେ ମଧ୍ୟ ଧନୀକୁ ଶୀଘ୍ର ନିଦ ଆସେ ନାହିଁ । କିନ୍ତୁ ଶ୍ରମଜୀବୀମାନେ [illegible] ଖାଲ ଢିପ ଭୂମି ଉପରେ ମଧ୍ୟ ଶୀଘ୍ର ଗାଢ଼ ନିଦରେ ଶୋଇପଡ଼ନ୍ତି । [illegible]

ସବୁ ଏପରି ଭାବେ ସମସ୍ତଙ୍କୁ ଲାଗିରହିଛି, ଏହା ବୁଝିବାକୁ ହେବ ।

ଉତ୍ତର : ଏହା ହେଉଛି ଅଜ୍ଞ ଲୋକଙ୍କ ବିଚାର । ଯଦି ସାହୁକାରକୁ କୁହାଯାଏ, ତୁ ପାଲିଙ୍କି ବାହକ ହୁଅ, ପାଲିଙ୍କି ବାହକକୁ କୁହାଯାଏ ତୁ ସାହୁକାର ହୁଅ, ତେବେ ଦେଖିବାକୁ ମିଳିବ ଯେ, ପାଲିଙ୍କି ବାହକ ସାହୁକାର ହେବାକୁ ଇଚ୍ଛା କରିବ, କିନ୍ତୁ ସାହୁକାର ପାଲିଙ୍କି ବାହକ ହେବାପାଇଁ କେବେହେଁ ମଙ୍ଗିବ ନାହିଁ । ଯଦି ସମସ୍ତଙ୍କର ସୁଖ-ଦୁଃଖ ଏକାପରି ହୁଅନ୍ତା, ତେବେ କେହିହେଲେ ନିଜ ନିଜ ଅବସ୍ଥାକୁ ଛାଡ଼ି ଉନ୍ନତ ଅଥବା ଅବନତ ହେବାପାଇଁ ଇଚ୍ଛା କରନ୍ତେ ନାହିଁ । ଦେଖ, ଗୋଟିଏ ଜୀବ ବିଦ୍ୱାନ୍, ପୁଣ୍ୟାତ୍ମା ତଥା ଐଶ୍ୱର୍ଯ୍ୟଶାଳୀ ରାଜାଙ୍କର ପତ୍ନୀ, ଗର୍ଭରୁ ଜାତ ହେଉଥିବା ସ୍ଥଳେ, ଅନ୍ୟ ଜଣେ ଅତ୍ୟନ୍ତ ଦରିଦ୍ର ଘାସୀ ସ୍ତ୍ରୀର ଗର୍ଭରୁ ଜନ୍ମଗ୍ରହଣ କରେ । ଗର୍ଭାବସ୍ଥାନ କାଳରୁ ରାଜପୁତ୍ରକୁ ସବୁପ୍ରକାର ସୁଖମିଳେ ତ ଅନ୍ୟଜଣକୁ ଯାବତୀୟ ପ୍ରକାରର ଦୁଃଖ ମିଳେ । ଜଣେ ଭୂମିଷ୍ଠ ହେଲା ମାତ୍ରକେ, ତାକୁ ସୁଗନ୍ଧିତ ନିର୍ମଳ ଜଳରେ ସ୍ନାନ କରାଯାଏ, ଉତ୍ତମ ବିଧିବିଧାନାନୁଯାୟୀ ତାର ନାଡ଼ୀ ଛେଦନ କରାଯାଏ, ଯଥାଯୋଗ୍ୟ ଦୁଗ୍ଧପାନାଦିର ବ୍ୟବସ୍ଥା କରାଯାଏ । ଦୁଧ ପିଇବାର ଆବଶ୍ୟକତା ହେଲେ ନବାତ ମିଶ୍ରିତ କ୍ଷୀର ପ୍ରଚୁର ପରିମାଣରେ ମିଳେ । ତାକୁ ପ୍ରସନ୍ନ ରଖିବାପାଇଁ ଯାନ-ବାହନ, ଚାକର-ବାକର, ଖେଳଣା ଯୋଗାଇ ଦିଆଯାଏ । ସୁସଜ୍ଜିତ ସ୍ଥାନରେ ଉତ୍ତମରୂପେ ଲାଳିତ ପାଳିତ ହୋଇ ଆନନ୍ଦରେ ରହେ । ପକ୍ଷାନ୍ତରେ ଅନ୍ୟ ଜଣେ ଜଙ୍ଗଲ ପ୍ରଦେଶରେ ଜନ୍ମଗ୍ରହଣ କରେ ସ୍ନାନ ସକାଶେ ଜଳ ସୁଦ୍ଧା ମିଳେ ନାହିଁ, କ୍ଷୀରମୁନ୍ଦିଏ ଖାଇବାକୁ ମିଳେନାହିଁ, ଦୁଧ ପାଇଁ କାନ୍ଦିଲେ ଚାପୁଡ଼ା ପ୍ରହାର ଖାଏ, ବିକଳ ହୋଇ କାନ୍ଦିଲେ ମଧ୍ୟ ତାକୁ କେହି ପଚାରନ୍ତି ନାହିଁ । ବିନା ପାପ-ପୁଣ୍ୟରେ ଜୀବ ଯଦି ଏପରି ସୁଖ-ଦୁଃଖ ଭୋଗ କରେ ତେବେ ଈଶ୍ୱର ନିଶ୍ଚୟ ଦୋଷୀ ସାବ୍ୟସ୍ତ ହେବେ । ପାପ-ପୁଣ୍ୟ କର୍ମ ବ୍ୟତୀତ ଜୀବକୁ ଯଦି ସୁଖଦୁଃଖ ଭୋଗିବାକୁ ପଡ଼େ ତେବେ ସ୍ୱର୍ଗ ନରକର ଆଉ କି ଆବଶ୍ୟକତା ଅଛି ? କାରଣ ବର୍ତ୍ତମାନ ଯେପରି ବିନା ପାପପୁଣ୍ୟ ବିଚାରରେ ଈଶ୍ୱର ଜୀବକୁ ସୁଖ-ଦୁଃଖ ଦିଅନ୍ତି, ମୃତ୍ୟୁପରେ ମଧ୍ୟ ନିଜ ଇଚ୍ଛାନୁସାରେ କାହାକୁ ସ୍ୱର୍ଗ ଦେବେ ତ କାହାକୁ ନରକ ଦେବେ । ଏପରି ହେଲେ ଧର୍ମ କାର୍ଯ୍ୟରେ କୌଣସି ଲାଭ ନାହିଁ ବିଚାରି ଜୀବମାନେ ଅଧର୍ମକାର୍ଯ୍ୟରେ ପ୍ରବୃତ୍ତ ରହିବେ । କାରଣ ଧର୍ମର ସୁଫଳ ମିଳିବ ବୋଲି କୌଣସି ନିଶ୍ଚିତତା ରହିବ ନାହିଁ । ଯଦି ସମସ୍ତ କଥା ଈଶ୍ୱରଙ୍କ ହାତରେ, ତେବେ ସେ ନିଜ ଖୁସିରେ ଯାହା ଇଚ୍ଛା ତାହା କରିବେ । ପାପକର୍ମ କରିବାକୁ କେହି କେବେ କୁଣ୍ଠିତ ହେବେ ନାହିଁ ବା ଭୟ ମଧ୍ୟ କରିବେ ନାହିଁ । ଫଳରେ ପୃଥିବୀରେ ପାପର ମାତ୍ରା ବୃଦ୍ଧିପାଇବ ଓ ଦିନକୁଦିନ

ସମସ୍ତ ଧର୍ମକର୍ମ ନଷ୍ଟ ହୋଇଯିବ । ଏଣୁ ପୂର୍ବ ଜନ୍ମର ପାପପୁଣ୍ୟର ଫଳ ଇହଜନ୍ମରେ ଭୋଗ କରିବାକୁ ପଡ଼େ । ଇହ ଜନ୍ମରେ ଯେଉଁ ପାପପୁଣ୍ୟ କରାଯାଏ, ସେହି ଫଳାନୁସାରେ ଭବିଷ୍ୟତରେ ଜନ୍ମଗ୍ରହଣ କରିବାକୁ ପଡ଼େ ।

ପ୍ରଶ୍ନ: ମନୁଷ୍ୟ ଓ ଅନ୍ୟାନ୍ୟ ପଶୁ ଆଦିଙ୍କ ଶରୀରରେ ଏକ ପ୍ରକାର ଜୀବ ଥାଆନ୍ତି ନା ଭିନ୍ନ ଭିନ୍ନ ପ୍ରକାରର ?

ଉତ୍ତର : ସମସ୍ତ ଜୀବ ଏକ ପ୍ରକାରର । କିନ୍ତୁ ପାପପୁଣ୍ୟ ଫଳରେ କେହି ମଳିନ ତ କେହି ପବିତ୍ର ହୋଇ ରହେ ।

ପ୍ରଶ୍ନ : ପଶୁ ଶରୀରରୁ ମାନବ ଶରୀରକୁ, ମାନବ ଶରୀରରୁ ପଶୁ ଶରୀରକୁ, ପୁଣି ସ୍ତ୍ରୀ ଦେହରୁ ପୁରୁଷ ଦେହକୁ, କିମ୍ବା ପୁରୁଷ ଦେହରୁ ସ୍ତ୍ରୀ ଦେହକୁ ଜୀବ ଯାତାୟାତ କରି ପାରେ କି ନାହିଁ ?

ଉତ୍ତର : ହଁ, ଯାତାୟାତ କରେ । କାରଣ ଯେତେବେଳେ ପାପର ବୃଦ୍ଧି ଘଟେ ଓ ପୁଣ୍ୟର ହ୍ରାସ ହୁଏ, ସେତେବେଳେ ମନୁଷ୍ୟ ଶରୀରର ଜୀବ ପଶୁ ଆଦିଙ୍କ ନୀଚ ଶରୀର ଲାଭକରେ । ସେହିପରି ଧର୍ମ ଅଧିକ ଓ ପାପ ନ୍ୟୁନ ହେଲେ, ଦେବ ଅର୍ଥାତ୍ ବିଦ୍ୱାନ୍ ବ୍ୟକ୍ତିର ଶରୀର ମିଳେ । ପାପପୁଣ୍ୟ ସମପରିମାଣର ହେଲେ ସାଧାରଣ ମାନବ ଶରୀର ଲାଭ ହୁଏ । ଏଥିରେ ମଧ୍ୟ ପାପପୁଣ୍ୟର ଉତ୍ତମ, ମଧ୍ୟମ ଓ ଅଧମ ଅବସ୍ଥାନୁସାରେ ଉତ୍ତମ, ମଧ୍ୟମ, କିମ୍ବା ଅଧମ ମାନବୀୟ ଶରୀର ମିଳେ । ଅଧିକ ପାପର ଫଳ ପଶ୍ୱାଦି ଶରୀରରେ ଭୋଗ କଲାପରେ, ପୁନରାୟ ପାପପୁଣ୍ୟ ସମାନ ହେଲେ ଜୀବ, ମନୁଷ୍ୟ ଶରୀର ଧାରଣ କରେ । ପୁଣ୍ୟଫଳ ଭୋଗ କଲାପରେ ମଧ୍ୟ ପୁଣିଥରେ ମଧ୍ୟମ ମନୁଷ୍ୟର ଶରୀର ଧାରଣ କରେ । ଜୀବର ଦେହ ତ୍ୟାଗକୁ "ମୃତ୍ୟୁ" ଓ ଶରୀର ସହିତ ସଂଯୋଗକୁ ଜନ୍ମ କୁହାଯାଏ । ଜୀବ ଶରୀର ତ୍ୟାଗ କଲାପରେ ସେ ଯମାଳୟରେ ଅର୍ଥାତ୍ ଆକାଶସ୍ଥ ବାୟୁ ମଣ୍ଡଳରେ ରହେ । "ଯମେନ ବାୟୁନା" ବେଦର ଏହି ପ୍ରମାଣାନୁସାରେ ବାୟୁକୁ ଯମ କୁହାଯାଏ । ଗରୁଡ଼ ପୁରାଣରେ ବର୍ଣ୍ଣିତ ଯମ ହେଉଛି କପୋଳକଳ୍ପିତ । ଏ ବିଷୟକ ବିଶେଷ ଖଣ୍ଡନ ମଣ୍ଡନ ଏକାଦଶ ସମୁଲ୍ଲାସରେ ଲେଖାଯିବ । ଧର୍ମରାଜ ଅର୍ଥାତ୍ ପରମେଶ୍ୱର ସେହି ବାୟୁ ମଣ୍ଡଳସ୍ଥ ଜୀବକୁ ତାର ପାପପୁଣ୍ୟାନୁସାରେ ଜନ୍ମ ଦିଅନ୍ତି । ସେହି ଜୀବ ଈଶ୍ୱରଙ୍କ ପ୍ରେରଣାନୁସାରେ ବାୟୁ, ଅନ୍ନ, ଜଳରୂପେ ଅଥବା ଶରୀରର କୌଣସି ଛିଦ୍ରପଥଦେଇ କୌଣସି ଜୀବିତ ବ୍ୟକ୍ତିର ଶରୀରରେ ପ୍ରବେଶ କରେ । ତାପରେ କ୍ରମଶଃ ବୀର୍ଯ୍ୟରେ ପରିଣତ ହୋଇ ଗର୍ଭାଶୟକୁ ପ୍ରବେଶ କରେ ଓ ସେଠାରେ ଶରୀର ଧାରଣ କରି ବହିର୍ଗତ ହୁଏ । ନିଜର କର୍ମ ବା ଯୋଗ୍ୟତାନୁସାରେ ସେ ସ୍ତ୍ରୀ ବା ପୁରୁଷ ଶରୀର ଧାରଣ କରେ । ସ୍ତ୍ରୀ ଓ ପୁରୁଷ ସଂଯୋଗ ସମୟରେ ଯଦି ରଜବୀର୍ଯ୍ୟ ସମାନ ହୁଏ, ତେବେ ଜୀବ ନପୁଂସକ

ହୋଇ ଜନ୍ମଲାଭ କରେ । ଏପରିଭାବେ ଜୀବ୍ ନାନା ଯୋନିରେ ଭ୍ରମଣ କରି ବିଭିନ୍ନ ପ୍ରକାର ଶରୀର ସେ ଯାଏ ଧାରଣ କରେ, ଯେପର୍ଯ୍ୟନ୍ତ ଉତ୍ତମ କର୍ମୋପାସନାପୂର୍ବକ ଜ୍ଞାନ ପ୍ରାପ୍ତ ହୋଇ ମୁକ୍ତି ନ ପାଏ । କାରଣ ଉତ୍ତମ କର୍ମାଦି କରିବାଦ୍ୱାରା ମନୁଷ୍ୟମାନଙ୍କ ମଧ୍ୟରେ ଉତ୍ତମ ଜନ୍ମ ମିଳେ ଓ ମୁକ୍ତି ଅବସ୍ଥାରେ ଜନ୍ମ-ମରଣ ଦୁଃଖରୁ ରହିତ ହୋଇ ମହାକଳ୍ପ ପର୍ଯ୍ୟନ୍ତ ଆନନ୍ଦ ଉପଲବ୍ଧି କରେ ।

ପ୍ରଶ୍ନ : ଗୋଟିଏ ଜନ୍ମରେ ନା ଅନେକ ଜନ୍ମରେ ମୁକ୍ତି ଲାଭ ହୁଏ ?

ଉତ୍ତର : ଅନେକ ଜନ୍ମରେ ହୁଏ । ଯେଣୁ......

ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।
କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାଽବରେ ।।

(ମୁଣ୍ଡକ ୨।ଖ ୨।ମ.୮)

ଯେତେବେଳେ ଜୀବର ହୃଦୟରୁ ଅଜ୍ଞାନ ଓ ଅବିଦ୍ୟାରୂପୀ ଗଣ୍ଠି ଖୋଲିଯାଏ, ସକଳ ସଂଶୟ ଦୂର ହୋଇଯାଏ, ଏବଂ ଦୁଷ୍କର୍ମସମୂହ କ୍ଷୟପ୍ରାପ୍ତ ହୁଏ, ସେତେବେଳେ ଆତ୍ମା ନିଜର ବାହାର ଭିତର ସର୍ବତ୍ର ପରିବ୍ୟାପ୍ତ ପରମାତ୍ମାଙ୍କ ମଧ୍ୟରେ ନିବାସ କରେ ।

ପ୍ରଶ୍ନ: ମୁକ୍ତି ସମୟରେ ଜୀବ ପରମେଶ୍ୱରଙ୍କ ସହିତ ମିଶିଯାଏ, ନା ପୃଥକ୍ ହୋଇ ରହେ ?

ଉତ୍ତର : ପୃଥକ୍ ହୋଇ ରହେ । ଯଦି ଜୀବ ଈଶ୍ୱରଙ୍କଠାରେ ଲୀନ ହୋଇଯିବ, ତେବେ ମୁକ୍ତି ସୁଖ କିପରି ଭୋଗ କରିବ ? ପୁଣି ମୁକ୍ତି ନିମିତ୍ତ କରିଥିବା ଯାବତୀୟ ଯତ୍ନ, ଭୋଗିଥିବା ସକଳ କ୍ଲେଶ ବୃଥା ହୋଇଯିବ । ପରମେଶ୍ୱରଙ୍କ ସହିତ ବିଲୀନ ହୋଇଯିବାକୁ ମୁକ୍ତି କୁହାଯିବ ନାହିଁ, ବରଂ ତାହା ଜୀବର ପ୍ରଳୟ କହିଲେ ଯଥାର୍ଥ ହେବ । ଯେଉଁ ଜୀବ ପରମେଶ୍ୱରଙ୍କ ଆଜ୍ଞା ପାଳନ କରେ, ଉତ୍ତମ କର୍ମ, ସତ୍ସଙ୍ଗ ଓ ଯୋଗାଭ୍ୟାସ କରେ, ପୂର୍ବୋକ୍ତ ସମସ୍ତ ସାଧନ ଅବଲମ୍ବନକରେ, ସେହି ଜୀବ କେବଳ ମୁକ୍ତି ଲାଭ କରେ ।

ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ ଯୋ ବେଦ ନିହିତଂ ଗୁହାୟାଂ ପରମେ ବ୍ୟୋମନ୍ ।
ସୋଽଶ୍ନୁତେ ସର୍ବାନ୍ କାମାନ୍ ସହ ବ୍ରହ୍ମଣା ବିପଶ୍ଚିତେତି ।

(ତୈତ୍ତିରୀ. ଆନନ୍ଦବଲ୍ଲୀ- ଅନୁ.୧)

ଯେଉଁ ଜୀବାତ୍ମା ନିଜର ଆତ୍ମା ଓ ବୁଦ୍ଧିରେ ଅବସ୍ଥାନ କରିଥିବା, ସତ୍ୟରୂପ, ଜ୍ଞାନରୂପ, ପୁଣି ଅନନ୍ତ ଆନନ୍ଦରୂପ ପରମାତ୍ମାଙ୍କୁ ଜାଣିପାରେ, ସେହି ଜୀବାତ୍ମା ସର୍ବବ୍ୟାପକ ପରଂ ବ୍ରହ୍ମରେ ଅବସ୍ଥିତ ହୋଇ '' ବିପଶ୍ଚିତ୍'' ଅର୍ଥାତ୍ ଅନନ୍ତ ଜ୍ଞାନଯୁକ୍ତ ବ୍ରହ୍ମଙ୍କ ସଙ୍ଗ ଲାଭକରି, ସକଳ କାମନା ସିଦ୍ଧକରେ, ଅର୍ଥାତ୍ ମନୋବାଞ୍ଛିତ ଆନନ୍ଦ

ଉପଭୋଗ କରେ । ଏହାକୁ ହିଁ ଜୀବାତ୍ମାର ମୁକ୍ତି କୁହାଯାଏ ।

ପ୍ରଶ୍ନ :..ଯେପରି ଶରୀର ବ୍ୟତୀତ ସାଂସାରିକ ସୁଖଭୋଗ କରାଯାଇ ନପାରେ, ସେହିପରି ମୁକ୍ତାବସ୍ଥାରେ ମଧ୍ୟ ବିନା ଶରୀରରେ କିପରି ଆନନ୍ଦ ଉପଭୋଗ କରାଯାଇ ପାରିବ ?

ଉତ୍ତର : ଏ ପ୍ରଶ୍ନର ଉତ୍ତର ଏହାପୂର୍ବରୁ ଦିଆଯାଇଛି । ତଥାପି ଏ ସମ୍ପର୍କରେ ଅନ୍ୟ କେତେକ ତଥ୍ୟ ଉପସ୍ଥାପନା କରାଯାଉଛି । ସାଂସାରିକ ସୁଖ ଶରୀରଦ୍ୱାରା ଯେପରି ଭୋଗ କରାଯାଏ, ସେହିପରି ପରମେଶ୍ୱରଙ୍କ ଦ୍ୱାରା ଜୀବାତ୍ମା ଆନନ୍ଦ ଭୋଗକରେ । ମୁକ୍ତ ଜୀବ ଅନନ୍ତ ବ୍ୟାପକ ବ୍ରହ୍ମରେ ସ୍ୱଚ୍ଛନ୍ଦରେ ଭ୍ରମଣ କରେ, ଶୁଦ୍ଧ ଜ୍ଞାନଦ୍ୱାରା ସକଳ ସୃଷ୍ଟିକୁ ଦେଖେ, ଅନ୍ୟ ମୁକ୍ତ ଜୀବମାନଙ୍କ ସହିତ ମିଳାମିଶା କରେ, ସୃଷ୍ଟି କ୍ରମକୁ ଜାଣି ପାରେ, ଦୃଶ୍ୟାଦୃଶ୍ୟ ସମସ୍ତ ଲୋକ-ଲୋକାନ୍ତରରେ ପରିଭ୍ରମଣ କରେ, ଜ୍ଞାନ ପଥରେ ଆଗତ ପଦାର୍ଥମାନଙ୍କୁ ଦେଖେ । ଜ୍ଞାନ ଯେଉଁ ପରିମାଣରେ ଅଧିକ ହୁଏ, ଜୀବାତ୍ମା ସେତେ ଅଧିକ ଆନନ୍ଦ ଉପଲବ୍ଧି କରେ । ମୁକ୍ତାବସ୍ଥାରେ ଜୀବାତ୍ମା ନିର୍ମଳ ହେବା ହେତୁ ପୂର୍ଣ୍ଣଜ୍ଞାନଯୁକ୍ତ ହୋଇ ସମସ୍ତ ସନ୍ନିହିତ ପଦାର୍ଥ ଯଥାଯଥଭାବେ ଜାଣିପାରେ । ''ଏ ସକଳ ସୁଖ ବିଶେଷକୁ ସ୍ୱର୍ଗ କୁହାଯାଏ, ପୁଣି ବିଷୟତୃଷ୍ଣାରେ ମଗ୍ନ ହେବାଦ୍ୱାରା ଯେଉଁ ଦୁଃଖବିଶେଷ ଭୋଗ କରିବାକୁ ହୁଏ, ତାହାହିଁ ନରକ ।'' ସ୍ୱଃ ସୁଖଂ ଗଚ୍ଛତି ଯସ୍ମିନ୍ ସ ସ୍ୱର୍ଗଃ'' ସ୍ୱଃ ଅର୍ଥାତ୍ ସୁଖର ନାମ ସ୍ୱର୍ଗ । ''ଅତୋ ବିପରୀତୋ ଦୁଃଖଭୋଗୋ ନରକ ଇତି ।'' ସାଂସାରିକ ସୁଖକୁ ସାମାନ୍ୟ ସ୍ୱର୍ଗ, ପୁଣି ପରମେଶ୍ୱର ଲାଭରୁ ଯେଉଁ ସୁଖ ହୁଏ, ତାହାକୁ ବିଶେଷ ସ୍ୱର୍ଗ କୁହାଯାଏ । ଦୁନିଆଁର ପ୍ରତ୍ୟେକ ଲୋକ ସୁଖ ପାଇବାପାଇଁ ଓ ଦୁଃଖର ବିନାଶପାଇଁ ଇଚ୍ଛା କରିଥାନ୍ତି । କିନ୍ତୁ ଯେ ପର୍ଯ୍ୟନ୍ତ ପାପ ପରିତ୍ୟାଗ ପୂର୍ବକ ଧର୍ମାଚରଣ କରାଯାଏ ନାହିଁ, ସେ ପର୍ଯ୍ୟନ୍ତ ଦୁଃଖର ବିନାଶ ହୁଏ ନାହିଁ, କିମ୍ବା ସୁଖଲାଭ ହୋଇପାରେ ନାହିଁ । ଯେଣୁ ଯେ କୌଣସି ବସ୍ତୁର ମୂଳ ଅର୍ଥାତ୍ କାରଣ ଥିବାଯାଏ, ତାହା କଦାପି ବିନଷ୍ଟ ହୁଏ ନାହିଁ । ଯଥା......

ଛିନ୍ନେ ମୂଳେ ବୃକ୍ଷୋ ନଶ୍ୟତି, ତଥା ପାପେକ୍ଷୀଣେ ଦୁଃଖଂ ନଶ୍ୟତି ।

ବୃକ୍ଷର ମୂଳକୁ ଛେଦନ କଲେ ସେହି ଗଛ ଯେପରି ମରିଯାଏ, ସେହିପରି ପାପକୁ ପରିତ୍ୟାଗ କଲେ ଦୁଃଖ ନଷ୍ଟ ହୁଏ । ପାପ ଓ ପୁଣ୍ୟର ଅନେକ ପ୍ରକାର ଗତି । ତାର ପ୍ରମାଣ ମନୁସ୍ମୃତିରେ ରହିଛି । ଯଥା......

ମାନସଂ ମନସୈବାୟମୁପଭୁଂକ୍ତେ ଶୁଭାଶୁଭମ୍ ।
ବାଚା ବାଚା କୃତଂ କର୍ମ କାୟେନୈବ ଚ କାୟିକମ୍ ।୧ ।
ଶରୀରଜୈଃ କର୍ମଦୋଷୈର୍ଯାତି ସ୍ଥାବରତାଂ ନରଃ ।

ବାଚିକୈଃ ପକ୍ଷିମୃଗତାଂ ମାନସୈରନ୍ତ୍ୟଜାତିତାମ୍ ।୨ ।
ଯୋ ଯଦୈଷାଂ ଗୁଣୋ ଦେହେ ସାକଲ୍ୟେନାତିରିଚ୍ୟତେ ।
ସ ତଦା ତଦ୍ ଗୁଣପ୍ରାୟଂ ତଂ କରୋତି ଶରୀରିଣମ୍ ।୩ ।
ସତ୍ତ୍ୱଂ ଜ୍ଞାନଂ ତମୋଽଜ୍ଞାନଂ ରାଗଦ୍ୱେଷୌ ରଜଃ ସ୍ମୃତମ୍ ।
ଏତଦ୍ ବ୍ୟାପ୍ତିମଦେତେଷାଂ ସର୍ବଭୂତାଶ୍ରିତଂ ବପୁଃ ।୪ ।
ତତ୍ର ଯତ୍ ପ୍ରୀତିସଂଯୁକ୍ତଂ କିଞ୍ଚିଦାତ୍ମନି ଲକ୍ଷୟେତ୍ ।
ପ୍ରଶାନ୍ତମିବ ଶୁଦ୍ଧାଭଂ ସତ୍ତ୍ୱଂ ତଦୁପଧାରୟେତ୍ ।୫ ।
ଯତ୍ତୁ ଦୁଃଖସମାୟୁକ୍ତମପ୍ରୀତିକର ମାତ୍ମନଃ ।
ତଦ୍ରଜୋଽପ୍ରତିପଂ ବିଦ୍ୟାତ୍ ସତତଂ ହାରି ଦେହିନାମ୍ ।୬ ।
ଯତ୍ତୁ ସ୍ୟାନ୍ମୋହ ସଂଯୁକ୍ତ ମବ୍ୟକ୍ତଂ ବିଷୟାତ୍ମକମ୍ ।
ଅପ୍ରତର୍କ୍ୟ ମବିଜ୍ଞେୟଂ ତମସ୍ତଦୁପଧାରୟେତ୍ ।୭ ।
ତ୍ରୟାଣାମପି ଚୈତେଷାଂ ଗୁଣାନାଂ ଯଃ ଫଳୋଦୟଃ ।
ଅଗ୍ର୍ୟୋ ମଧ୍ୟୋ ଜଘନ୍ୟଶ୍ଚ ତଂ ପ୍ରବକ୍ଷ୍ୟାମ୍ୟଶେଷତଃ ।୮ ।
ବେଦାଭ୍ୟାସସ୍ତପୋ ଜ୍ଞାନଂ ଶୌଚମିନ୍ଦ୍ରିୟ ନିଗ୍ରହଃ ।
ଧର୍ମକ୍ରିୟାତ୍ମଚିନ୍ତା ଚ ସାତ୍ତ୍ୱିକଂ ଗୁଣଲକ୍ଷଣମ୍ ।୯ ।
ଆରମ୍ଭରୁଚିତାଽଧୈର୍ଯ୍ୟ ମସତ୍ କାର୍ଯ୍ୟ ପରିଗ୍ରହଃ ।
ବିଷୟୋପସେବା ଚାଜସ୍ରଂ ରାଜସଂ ଗୁଣଲକ୍ଷଣମ୍ ।୧୦ ।
ଲୋଭଃ ସ୍ୱପ୍ନୋଽଧୃତିଃ କ୍ରୌର୍ଯ୍ୟଂ ନାସ୍ତିକ୍ୟଂ ଭିନ୍ନବୃତ୍ତିତା ।
ଯାଚିଷ୍ଣୁତା ପ୍ରମାଦଶ୍ଚ ତାମସଂ ଗୁଣଲକ୍ଷଣମ୍ ।୧୧ ।
ଯତ୍କର୍ମ କୃତ୍ୱା କୁର୍ବଂଶ୍ଚ କରିଷ୍ୟଂଶ୍ଚୈବ ଲଜ୍ଜତି ।
ତଦ୍ଜ୍ଞେୟଂ ବିଦୁଷା ସର୍ବଂ ତାମସଂ ଗୁଣଲକ୍ଷଣମ୍ ।୧୨ ।
ଯେନାସ୍ମିନ୍ କର୍ମଣା ଲୋକେ ଖ୍ୟାତିମିଚ୍ଛତି ପୁଷ୍କଳାମ୍ ।
ନ ଚ ଶୋଚତ୍ୟସଂପତ୍ତୌ ତଦ୍ୱିଜ୍ଞେୟଂ ତୁ ରାଜସମ୍ ।୧୩ ।
ଯ ତ୍ସର୍ବେଣେଚ୍ଛତି ଜ୍ଞାତୁଂ ଯନ୍ନ ଲଜ୍ଜତି ଚାଚରନ୍ ।
ଯେନ ତୁଷ୍ୟତି ଚାତ୍ମାସ୍ୟ ତତ୍ସତ୍ତ୍ୱଗୁଣ ଲକ୍ଷଣମ୍ ।୧୪ ।
ତମସୋ ଲକ୍ଷଣଂ କାମୋ ରଜସସ୍ତ୍ୱର୍ଥ ଉଚ୍ୟତେ ।
ସତ୍ତ୍ୱସ୍ୟ ଲକ୍ଷଣଂ ଧର୍ମଃ ଶ୍ରୈଷ୍ଠ୍ୟମେଷାଂ ଯଥୋତ୍ତରମ୍ ।୧୫ ।

(ମନୁ ଅ୧୨ଶ୍ଲୋକ୮-୯, ୨୫-୩୩, ୩୫-୩୮)

ମନୁଷ୍ୟ ନିଜର ଶ୍ରେଷ୍ଠ, ମଧ୍ୟମ ଓ ନିକୃଷ୍ଟ ତିନି ପ୍ରକାରର ସ୍ୱଭାବକୁ ଅବଗତ ହୋଇ, ଉତ୍ତମ ସ୍ୱଭାବ ଗ୍ରହଣ, ମଧ୍ୟମ ଓ ନିକୃଷ୍ଟ ସ୍ୱଭାବକୁ ପରିତ୍ୟାଗ

କରିବା ଉଚିତ । ଜୀବ ମନ, ବଚନ ଓ ଶରୀରଦ୍ୱାରା ଯେଉଁ ଶୁଭାଶୁଭ କର୍ମ କରେ, ତାହାର ସୁଖ-ଦୁଃଖରୂପକ ଫଳ କ୍ରମଶଃ ମନ, ବଚନ ଓ ଶରୀରରେ ଭୋଗକରେ ।୧। ଶରୀରଦ୍ୱାରା ମନ୍ଦକର୍ମ ଅର୍ଥାତ୍ ଚୋରି, ପରସ୍ତ୍ରୀ ଗମନ ଓ ଶ୍ରେଷ୍ଠ ଲୋକଙ୍କ କ୍ଷତିସାଧନ କରେ, ସେ ବୃକ୍ଷାଦି ସ୍ଥାବର ଜନ୍ମ ଲାଭ କରେ । ବାଣୀଜନିତ ପାପରୁ ପଶୁପକ୍ଷୀ ଆଦି ଜନ୍ମ ଗ୍ରହଣ କରେ ଏବଂ ମାନସିକ ଦୁଷ୍କର୍ମ ଯୋଗୁଁ ଚଣ୍ଡାଳାଦି ଶରୀର ଲାଭ ହୁଏ ।୨ । ଯେଉଁ ଦେହରେ ଯେଉଁ ଗୁଣର ଆଧିକ୍ୟ ଦେଖାଯାଏ, ସେହି ଗୁଣ ଜୀବକୁ ତଦ୍‌ଗୁଣ ବିଶିଷ୍ଟ କରିଦିଏ ।୩। ଆତ୍ମାରେ ଜ୍ଞାନ ଜାତ ହେଲେ, ଆତ୍ମା ସତ୍ତ୍ୱଗୁଣ ସମ୍ପନ୍ନ, ଅଜ୍ଞାନ ଜାତ ହେଲେ ତମୋଗୁଣ ସମ୍ପନ୍ନ, ଓ ରାଗଦ୍ୱେଷାଦି ଉତ୍ପନ୍ନ ହେଲେ ରଜୋଗୁଣ ସମ୍ପନ୍ନ ହୁଏ ବୋଲି ଜାଣିବାକୁ ହେବ । ଜଗତର ଯେ କୌଣସି ପଦାର୍ଥ ମଧ୍ୟରେ ଏହି ତିନିଗୁଣ ବ୍ୟାପକରୂପେ ରହିଥାଏ ।୪ । ଯେଉଁ ଲୋକର ମନ ପ୍ରଶାନ୍ତ, ସନ୍ତୁଷ୍ଟ ତଥା ପ୍ରସନ୍ନ, ପୁଣି ନିର୍ମଳ ଜ୍ୟୋତିପରି ପବିତ୍ର, ବୁଝିବାକୁ ହେବ ଯେ, ସେହି ବ୍ୟକ୍ତି ସତ୍ତ୍ୱଗୁଣ ପ୍ରଧାନ, ତାଠାରେ ରଜୋଗୁଣ ଓ ତମୋଗୁଣର ଅଭାବ ପରିଲକ୍ଷିତ ହୋଇଥାଏ ।୫ । ଯେଉଁ ବ୍ୟକ୍ତିର ଆତ୍ମା ଓ ମନ ଦୁଃଖରେ ଭାରାକ୍ରାନ୍ତ, ବିଷାଦଯୁକ୍ତ, ଅପ୍ରସନ୍ନ ବିଷୟ ଘେନି ଇତସ୍ତତଃ ଗମନଶୀଳ, ସେହି ବ୍ୟକ୍ତି ରଜୋଗୁଣ ପ୍ରଧାନ । ତାଠାରେ ସତ୍ତ୍ୱ ଓ ତମୋଗୁଣର ପ୍ରାଧାନ୍ୟ କଦାପି ନଥାଏ ।୬ । ଯାହାର ମନ ଓ ଆତ୍ମା ମୋହଗ୍ରସ୍ତ, ସାଂସାରିକ ବିଷୟବସ୍ତୁ ପ୍ରତି ଅତ୍ୟନ୍ତ ଆସକ୍ତ, ବିବେକ ବିହୀନ ଓ ତର୍କ-ବିତର୍କ ଶୂନ୍ୟ, ସେହି ବ୍ୟକ୍ତିକୁ ତମୋଗୁଣ ପ୍ରଧାନ ବୋଲି ଜାଣିବାକୁ ହେବ । ତାଠାରେ ସତ୍ତ୍ୱ ଓ ରଜୋଗୁଣର ଅଭାବ ଥାଏ ।୭ । ବର୍ତ୍ତମାନ ଏହି ସତ୍ତ୍ୱାଦି ତିନିଗୁଣର କ୍ରମାନ୍ୱୟରେ ଯେଉଁ ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତିନିପ୍ରକାର ଫଳ ଲାଭ ହୁଏ, ସେସବୁ ବିସ୍ତାର ପୂର୍ବକ ଉଲ୍ଲେଖ କରାଯାଉଛି ।୮ । ବେଦାଧ୍ୟୟନ, ଧର୍ମାନୁଷ୍ଠାନ, ଜ୍ଞାନବୃଦ୍ଧି, ପବିତ୍ରତା ପ୍ରତି ଇଚ୍ଛା, ଇନ୍ଦ୍ରିୟମାନଙ୍କ ଦମନ, ଧର୍ମ କାର୍ଯ୍ୟ ତଥା ଆତ୍ମ ଚିନ୍ତନ, ଏ ସବୁ ହେଉଛି ସତ୍ତ୍ୱଗୁଣର ଲକ୍ଷଣ ।୯ । କାର୍ଯ୍ୟାରମ୍ଭ ସମୟରେ ଆଗ୍ରହ, ଧୈର୍ଯ୍ୟହୀନତା, ଅସତ୍ କର୍ମାନୁଷ୍ଠାନ ଓ ବିଷୟୋପଭୋଗରେ ନିରନ୍ତର ପ୍ରୀତି, ଏସବୁ ରଜୋଗୁଣର ଲକ୍ଷଣ ଅଟେ ।୧୦ । ତମୋଗୁଣର ଉଦୟ ହୋଇ ଅନ୍ୟ ଦୁଇଗୁଣର ଅନ୍ତର୍ଭାବ ହେଲେ, ସମସ୍ତପାପର ମୂଳଭୂତ କାରଣ ଲୋଭ ପରିବର୍ଦ୍ଧିତ ହୁଏ, ନାସ୍ତିକତା ଅର୍ଥାତ୍ ବେଦ ତଥା ଈଶ୍ୱରଙ୍କ ପ୍ରତି ଅଶ୍ରଦ୍ଧା, ଅତ୍ୟଧିକ ଆଳସ୍ୟ ଓ ନିଦ୍ରା ବୃଦ୍ଧିପାଏ, ଅଧୀରତା ଓ କ୍ରୂରତା ଜାତ ହୁଏ, ଅନ୍ତଃକରଣରେ ବିଭିନ୍ନ ବୃତ୍ତି ଉଦିତ ହୁଏ । ଏକାଗ୍ରତାର ଅଭାବ ପରିଲକ୍ଷିତ ହୁଏ ତଥା ବ୍ୟସନରେ ଆସକ୍ତି ଜନ୍ମେ । ଏସବୁ ଲକ୍ଷଣରୁ ଜଣାପଡ଼େ ତମୋଗୁଣ ଅଧିକମାତ୍ରାରେ ସୃଷ୍ଟି ହୋଇଛି ।୧୧ । ଆହୁରି ମଧ୍ୟ ଯେଉଁ କର୍ମ କଲାପରେ ଅଥବା କରୁଥିବା ବେଳେ କିମ୍ବା କରିବାକୁ ଇଚ୍ଛାପ୍ରକାଶ

କଲାବେଳେ, ନିଜ ଆତ୍ମାରେ ଲଜ୍ଜା, ଭୟ ଓ ଶଙ୍କା ଜାଗ୍ରତ ହେଲେ ଜାଣିବାକୁ ହେବ ଯେ ତମୋଗୁଣ ପ୍ରବୃଦ୍ଧ ଅବସ୍ଥାରେ ଅଛି ।୧୨ ।ଯେଉଁ କର୍ମଦ୍ୱାରା ଇହ ଲୋକରେ ଖ୍ୟାତି ମିଳେ, ସେପରି କର୍ମ ଯେଉଁ ବ୍ୟକ୍ତି କରେ, ନିଜେ ଦରିଦ୍ର ହୋଇ ମଧ୍ୟ ଦେଖାଣିଆ ରୀତିରେ ଚାରଣ, ଭାଟ ଆଦିଙ୍କୁ ଦାନଦେବା ଛାଡ଼େ ନାହିଁ, ସେତେବେଳେ ବୁଝିବାକୁ ହେବ ଯେ, ତାଠାରେ ରଜୋଗୁଣର ଆଧିକ୍ୟ ହୋଇଛି ।୧୩ । ଯେଉଁ ଲୋକର ଜ୍ଞାନପିପାସା ପ୍ରବଳ, ପ୍ରତ୍ୟେକଙ୍କ ଠାରୁ ଗୁଣଗ୍ରହଣର ଇଚ୍ଛା ଥାଏ, ଉତ୍ତମ କର୍ମାନୁଷ୍ଠାନରେ ଲଜ୍ଜା ବୋଧ ହୁଏ ନାହିଁ, ବରଂ ତାପ୍ରତି ଉତ୍ସାହ ଓ ଆଗ୍ରହ ବୃଦ୍ଧିପାଏ, ପୁଣି ଧର୍ମାଚରଣରେ ରୁଚି ରହେ, ତେବେ ଜାଣିବାକୁ ହେବ ଯେ ସେହି ବ୍ୟକ୍ତି ପ୍ରବଳ ସତ୍ତ୍ୱଗୁଣ ବିଶିଷ୍ଟ ।୧୪ ।ତମୋଗୁଣର ପ୍ରଧାନ ଲକ୍ଷଣ କାମ, ରଜୋଗୁଣର ପ୍ରଧାନ ଲକ୍ଷଣ, ଅର୍ଥ ସଂଗ୍ରହ ଇଚ୍ଛା, ପୁଣି ଧର୍ମାଚରଣରେ ସ୍ପୃହା ଏହା ହେଉଛି ସତ୍ତ୍ୱଗୁଣର ପ୍ରଧାନ ଲକ୍ଷଣ । ତମୋଗୁଣଠାରୁ ରଜୋଗୁଣ ଶ୍ରେଷ୍ଠ ସତ୍ତ୍ୱଗୁଣ ସବୁଠାରୁ ଶ୍ରେଷ୍ଠ ଅଟେ ।୧୫ ।

ଜୀବାତ୍ମା କେଉଁ କେଉଁ ଗୁଣରୁ କି କି ଗତି ପ୍ରାପ୍ତ ହୁଏ, ଏବେ ତାହା ନିମ୍ନରେ ଉଲ୍ଲେଖ କରାଯାଇଛି.........

ଦେବତ୍ୱଂ ସାତ୍ତ୍ୱିକା ଯାନ୍ତି ମନୁଷ୍ୟତ୍ୱଂ ଚ ରାଜସାଃ ।
ତିର୍ଯ୍ୟକ୍ତ୍ୱଂ ତାମସା ନିତ୍ୟମିତ୍ୟେଷା ତ୍ରିବିଧା ଗତିଃ ।୧ ।
ସ୍ଥାବରାଃ କୃମି କୀଟାଶ୍ଚ ମତ୍ସ୍ୟାଃ ସର୍ପାଶ୍ଚ କଚ୍ଛପାଃ ।
ପଶବଶ୍ଚ ମୃଗାଶ୍ଚୈବ ଜଘନ୍ୟା ତାମସୀ ଗତିଃ ।୨ ।
ହସ୍ତିନଶ୍ଚ ତୁରଙ୍ଗାଶ୍ଚ ଶୂଦ୍ରା ମ୍ଲେଚ୍ଛାଶ୍ଚ ଗର୍ହିତାଃ ।
ସିଂହା ବ୍ୟାଘ୍ରା ବରାହାଶ୍ଚ ମଧ୍ୟମା ତାମସୀ ଗତିଃ ।୩ ।
ଚାରଣାଶ୍ଚ ସୁପର୍ଣ୍ଣାଶ୍ଚ ପୁରୁଷାଶ୍ଚୈବ ଦାମ୍ଭିକାଃ ।
ରକ୍ଷାଂସିଚ ପିଶାଚାଶ୍ଚ ତାମସୀଷୂତ୍ତମା ଗତିଃ ।୪ ।
ଝଲ୍ଲା ମଲ୍ଲା ନଟାଶ୍ଚୈବ ପୁରୁଷାଃ ଶସ୍ତ୍ରବୃତ୍ତୟଃ ।
ଦ୍ୟୂତପାନ ପ୍ରସକ୍ତାଶ୍ଚ ଜଘନ୍ୟା ରାଜସୀ ଗତିଃ ।୫ ।
ରାଜାନଃ କ୍ଷତ୍ରିୟାଶ୍ଚୈବ ରାଜ୍ଞାଂ ଚୈବ ପୁରୋହିତାଃ ।
ବାଦଯୁଦ୍ଧ ପ୍ରଧାନାଶ୍ଚ ମଧ୍ୟମା ରାଜସୀ ଗତିଃ ।୬ ।
ଗନ୍ଧର୍ବା ଗୁହ୍ୟକା ଯକ୍ଷା ବିବୁଧାନୁଚରାଶ୍ଚ ଯେ ।
ତଥୈବାପ୍ସରସଃ ସର୍ବା ରାଜସୀଷୂତ୍ତମା ଗତିଃ ।୭ ।
ତାପସା ଯତୟୋ ବିପ୍ରା ଯେ ଚ ବୈମାନିକାଗଣାଃ ।
ନକ୍ଷତ୍ରାଣି ଚ ଦୈତ୍ୟାଶ୍ଚ ପ୍ରଥମା ସାତ୍ତ୍ୱିକୀ ଗତିଃ ।୮ ।

ଯଜ୍ୱାନ ଋଷୟୋ ଦେବା ବେଦା ଜ୍ୟୋତୀଂଷି ବତ୍ସରାଃ ।
ପିତରଶ୍ଚୈବ ସାଧ୍ୟାଶ୍ଚ ଦ୍ୱିତୀୟା ସାତ୍ତ୍ୱିକୀ ଗତିଃ ।୯ ।
ବ୍ରହ୍ମା ବିଶ୍ୱସୃଜୋ ଧର୍ମୋ ମହାନବ୍ୟକ୍ତମେବଚ ।
ଉତ୍ତମାଂ ସାତ୍ତ୍ୱିକୀମେତାଂ ଗତିମାହୁର୍ମନୀଷିଣଃ ।୧୦ ।
ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଧର୍ମସ୍ୟାସେବନେନ ଚ ।
ପାପାନ୍ ସଂଯାନ୍ତି ସଂସାରାନବିଦ୍ୱାଂସୋ ନରାଧମାଃ ।୧୧ ।

(ମନୁ ଅ ୧୨/ଶ୍ଳୋକ୪୦/୪୨, ରୁ ୫୦/୫୨)

ଯେଉଁ ମନୁଷ୍ୟମାନେ ସାତ୍ତ୍ୱିକ ଗୁଣ ସମ୍ପନ୍ନ ସେମାନେ ଦେବ ଅର୍ଥାତ୍ ବିଦ୍ୱାନ୍ ଅଟନ୍ତି ।ଯେଉଁମାନେ ରଜୋଗୁଣ ବିଶିଷ୍ଟ, ସେମାନେ ମଧ୍ୟମ ଶ୍ରେଣୀ ମନୁଷ୍ୟ ଅଟନ୍ତି । ଯେଉଁମାନେ ତମୋଗୁଣଯୁକ୍ତ ସେମାନେ ନୀଚଗତିକୁ ପ୍ରାପ୍ତ ହୁଅନ୍ତି ।୧ ।ଯେଉଁମାନେ ଅତ୍ୟନ୍ତ ତମୋଗୁଣୀ ସେମାନେ ସ୍ଥାବର, ଅର୍ଥାତ୍ ବୃକ୍ଷାଦି, କୃମି, କୀଟ, ମତ୍ସ୍ୟ, ସର୍ପ, କଚ୍ଛପ, ପଶୁ ଓ ମୃଗ ଜନ୍ମ ପାଆନ୍ତି ।୨ ।ଯେଉଁମାନେ ମଧ୍ୟମ ତମୋଗୁଣୀ, ସେମାନେ ହାତୀ, ଘୋଡ଼ା, ଶୂଦ୍ର, ମ୍ଲେଚ୍ଛ, ନିନ୍ଦିତ କର୍ମ କର୍ତ୍ତା, ସିଂହ, ବ୍ୟାଘ୍ର ଓ ବରାହ ଜନ୍ମ ଗ୍ରହଣ କରନ୍ତି ।୩ । ଯେଉଁମାନେ ଉତ୍ତମ ତମୋଗୁଣୀ ସେମାନେ ଚାରଣ (କବିତାରଚନା କରି ଅନ୍ୟର ପ୍ରଶଂସାକାରୀ) ସୁନ୍ଦର ପକ୍ଷୀ, ଦାମ୍ଭିକ ପୁରୁଷ ଅର୍ଥାତ୍ ନିଜର ସୁଖପାଇଁ ଆତ୍ମ ପ୍ରଶଂସକ ହିଂସାକାରୀ ରାକ୍ଷସ ଓ ଅନାଚାରୀ ଅର୍ଥାତ୍ ମଦ୍ୟ ମାଂସାହାରୀ ଓ ମଳିନ ସ୍ୱଭାବଯୁକ୍ତ ପିଶାଚ ଜନ୍ମଲାଭ କରନ୍ତି ।୪ । ଯେଉଁମାନେ ଅଧମ ଶ୍ରେଣୀର ରଜୋଗୁଣୀ, ସେମାନେ ଝଲ୍ଲ ଅର୍ଥାତ୍ ଖଡ୍ଗ ପ୍ରହାରକ କିମ୍ବା କୋଦାଳରେ ମାଟିହଣା ଲୋକ, ମଲ୍ଲ ଅର୍ଥାତ୍ ନାଉରିଆ, ନଟ ଅର୍ଥାତ୍ ବାଉଁଶ ଉପରେ ଚଢ଼ି ଯେଉଁମାନେ ଡେଇଁ, ଝୁଲି ନିଜର କଳାପ୍ରଦର୍ଶନ କରନ୍ତି, ଶସ୍ତ୍ରଧାରୀ ଭୃତ୍ୟ, ମଦ୍ୟାସକ୍ତ ଓ ଦ୍ୟୂତପ୍ରିୟ ହୁଅନ୍ତି ।୫ ।ଯେଉଁମାନେ ମଧ୍ୟମ ରଜୋଗୁଣୀ ସେମାନେ ରାଜା, କ୍ଷତ୍ରିୟର ପୁରୋହିତ, ବାଦବିତଣ୍ଡାକାରୀ, ଦୂତ, ଓକିଲ, ବାରିଷ୍ଟର୍ ଓ ଯୁଦ୍ଧ ବିଭାଗରେ ସେନାଧ୍ୟକ୍ଷ ହୁଅନ୍ତି ।୬ ।ଉତ୍ତମ ରଜୋଗୁଣୀ ବ୍ୟକ୍ତିମାନେ ଗନ୍ଧର୍ବ (ଗାୟକ) ଗୁହ୍ୟକ (ବାଦକ) ଯକ୍ଷ (ଧନାଢ୍ୟ) ବିଦ୍ୱାନ୍‌ମାନଙ୍କ ସେବକ, ଅପ୍ସରା ଅର୍ଥାତ୍ କମନୀୟ ରୂପବତୀ ନାରୀରୂପେ ଜନ୍ମଗ୍ରହଣ କରନ୍ତି ।୭ ।ତପସ୍ୱୀ, ଯତି, ସନ୍ନ୍ୟାସୀ, ବେଦପାଠୀ, ବିମାନଚାଳକ, ଜ୍ୟୋତିଷୀ, ଦୈତ୍ୟ ଅର୍ଥାତ୍ ଦେହପୋଷକ ଏମାନେ ନିକୃଷ୍ଟ ସତ୍ତ୍ୱଗୁଣର କର୍ମଫଳରୁ ଜାତ ହୁଅନ୍ତି ।୮ ।ଯେଉଁମାନେ ମଧ୍ୟମ ସତ୍ତ୍ୱଗୁଣ ସମ୍ପନ୍ନ ସେମାନେ ଯଜ୍ଞକର୍ତ୍ତା, ବେଦାର୍ଥବିତ୍, ବିଦ୍ୱାନ୍, ବେଦ, ବିଦ୍ୟୁତ୍ ବିଦ୍ୟା, କାଳଜ୍ଞାନର ଜ୍ଞାତା, ରକ୍ଷକ, ଜ୍ଞାନୀ, ସାଧ୍ୟ ଅର୍ଥାତ୍ କାର୍ଯ୍ୟସିଦ୍ଧି ନିମିତ୍ତ ଯୋଗ୍ୟ ଅଧ୍ୟାପକରୂପେ

ଜନ୍ମଗ୍ରହଣ କରନ୍ତି ।୯ । ଯେଉଁମାନେ ଉତ୍ତମ ସତ୍ତ୍ୱଗୁଣ ସମ୍ପନ୍ନ ହୋଇ ଉତ୍ତମ କାର୍ଯ୍ୟମାନ କରନ୍ତି, ସେମାନେ ବ୍ରହ୍ମା ଅର୍ଥାତ୍ ସର୍ବ ବେଦବେତ୍ତା, ସର୍ବ ବିଜ୍ଞାନବିତ୍, ସୃଷ୍ଟିକ୍ରମଜ୍ଞାତା, ବିବିଧ ବିମାନ ନିର୍ମାଣ କର୍ତ୍ତା ବିଶ୍ୱକର୍ମା, ପରମ ଧାର୍ମିକ ଓ ସର୍ବୋତ୍ତମ ଜ୍ଞାନସମ୍ପନ୍ନ ହୁଅନ୍ତି ଏବଂ ପ୍ରକୃତିକୁ ସ୍ୱାୟତ୍ତକରି ସକଳ ସିଦ୍ଧି ଲାଭ କରନ୍ତି ।୧୦ । ଯେଉଁମାନେ ଇନ୍ଦ୍ରିୟାଧୀନ ହୋଇ ବିଷୟାସକ୍ତ ହୁଅନ୍ତି, ଧର୍ମାଚରଣ ପରିତ୍ୟାଗ କରି ଅଧର୍ମରେ ଲିପ୍ତ ରହନ୍ତି, ସେମାନେ ବସ୍ତୁତଃ ଅବିଦ୍ୱାନ୍ ଅଟନ୍ତି । ସେମାନେ ମନୁଷ୍ୟମାନଙ୍କ ମଧ୍ୟରେ ନିହାତି ନୀଚ ଜନ୍ମ ଗ୍ରହଣ କରନ୍ତି ଓ ଅଶେଷ ଦୁଃଖ କ୍ଳେଶ ଭୋଗ କରନ୍ତି ।୧୧ । ଏହିପରି ସତ୍ତ୍ୱ, ରଜ ଓ ତମୋଗୁଣଯୁକ୍ତ ଜୀବ ଯେଉଁ ପ୍ରକାର କର୍ମ କରେ, ତଦନୁରୂପ ଫଳ ଭୋଗ କରେ । ମାତ୍ର ମୁମୁକ୍ଷୁ ଜୀବାତ୍ମା ଗୁଣାତୀତ ହୋଇ ଅର୍ଥାତ୍ ଗୁଣତ୍ରୟର ସ୍ୱଭାବରେ ପ୍ରତାରିତ ନ ହୋଇ ମହାଯୋଗୀ ରୂପେ ମୁକ୍ତି ସାଧନରେ ତତ୍ପର ରହେ । ପାତଞ୍ଜଳ ଯୋଗଶାସ୍ତ୍ରରେ କଥିତ ହୋଇଛି ......

ଯୋଗଶ୍ଚିତ୍ତ ବୃତ୍ତି ନିରୋଧଃ ।୧ । (ପାତଞ୍ଜଳି ୧-୨)

ତଦା ଦ୍ରଷ୍ଟୁଃ ସ୍ୱରୂପେଽବସ୍ଥାନମ୍ ।୨ । (ପାତଞ୍ଜଳି ୧-୩)

ମନୁଷ୍ୟ ପ୍ରଥମେ ତମୋଗୁଣ ଓ ରଜୋଗୁଣଯୁକ୍ତ କର୍ମ ପରିତ୍ୟାଗ କରି ସତ୍ତ୍ୱଗୁଣ ଯୁକ୍ତ ହେବ । ତାପରେ ଶୁଦ୍ଧ ସତ୍ତ୍ୱଗୁଣଯୁକ୍ତ କର୍ମରୁ ମଧ୍ୟ ମନକୁ ପୃଥକ୍ କରି ଦେବାକୁ ପଡ଼ିବ । ପରିଶେଷରେ ଶୁଦ୍ଧ ସତ୍ୟଗୁଣରୁ ମଧ୍ୟ ମନକୁ ନିରୋଧ କରି ଅର୍ଥାତ୍ ଯାବତୀୟ ଇନ୍ଦ୍ରିୟ ବାସନାରୁ ମନକୁ ଫେରାଇ ଆଣି ଏକାଗ୍ର ରଖିବ, ତାପରେ ସେହି ଏକାଗ୍ରଚିତ୍ତକୁ ଅଦ୍ୱିତୀୟ ପରମାତ୍ମାଙ୍କଠାରେ ସନ୍ନିବେଶ କରିବ । ଯେତେବେଳେ ମନ ଏକାଗ୍ର ଓ ଚିତ୍ତ ନିରୁଦ୍ଧ ହୁଏ, ସେତେବେଳେ ଜୀବାତ୍ମା ସର୍ବଦ୍ରଷ୍ଟା ପରମେଶ୍ୱରଙ୍କ ସ୍ୱରୂପରେ ଅବସ୍ଥାନ କରେ । ଏହାହିଁ ଯୋଗ ସାଧନ । ମୁକ୍ତି ସକାଶେ ଏହି ଯୋଗ ସାଧନ କରିବାକୁ ହୁଏ ।

ଅଥ ତ୍ରିବିଧ ଦୁଃଖାତ୍ୟନ୍ତ ନିବୃତ୍ତିରତ୍ୟନ୍ତ ପୁରୁଷାର୍ଥଃ ।

(ସାଂଖ୍ୟ ଅ୧।ସୂ,୧)

ଆଧ୍ୟାତ୍ମିକ ଅର୍ଥାତ୍ ଶରୀର ସମ୍ବନ୍ଧୀୟ ପୀଡ଼ା, ଆଧିଭୌତିକ ଅର୍ଥାତ୍ ଅନ୍ୟ ପ୍ରାଣୀମାନଙ୍କ ଦ୍ୱାରା ପୀଡ଼ିତ ହେବା, ଆଧିଦୈବିକ ଅର୍ଥାତ୍ ଅନାବୃଷ୍ଟି, ଅତିବୃଷ୍ଟି, ଅତିତାପ, ଅତିଶୀତ ତଥା ମନ ଓ ଇନ୍ଦ୍ରିୟଗୁଡ଼ିକର ଚଞ୍ଚଳତାରୁ ଉପଜ ଦୁଃଖ, ଏହି ତ୍ରିବିଧ ଦୁଃଖରୁ ରହିତ ହୋଇ ମୁକ୍ତିଲାଭ କରିବାକୁ ହିଁ ଅତ୍ୟନ୍ତ ପୁରୁଷାର୍ଥ କୁହାଯାଇଛି ।

ଏହାପରେ ଆଚାର, ଅନାଚାର ଓ ଭକ୍ଷ୍ୟାଭକ୍ଷ୍ୟ ବିଷୟରେ ଲେଖାଯିବ ।

ଇତି ଶ୍ରୀମଦ୍ଦୟାନନ୍ଦ ସରସ୍ୱତୀ ସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ ସୁଭାଷା ବିଭୂଷିତେ ବିଦ୍ୟାଽବିଦ୍ୟା ବନ୍ଧମୋକ୍ଷ ବିଷୟେ ନବମଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ।୯ ।

ଅଥ ଦଶମ ସମୁଲ୍ଲାସାରମ୍ଭଃ

ଅଥାଽଽଚାରାଽନାଚାର ଭକ୍ଷ୍ୟାଽଭକ୍ଷ୍ୟ ବିଷୟାନ୍ ବ୍ୟାଖ୍ୟାସ୍ୟାମଃ ।।

ଧର୍ମଯୁକ୍ତ କର୍ମ, ସୁଶୀଳତା, ସତ୍ପୁରୁଷ ସଙ୍ଗ ଓ ସଦ୍‌ବିଦ୍ୟାଶିକ୍ଷାରେ ରୁଚି ଇତ୍ୟାଦିକୁ ଆଚାର କୁହାଯାଏ, ପୁଣି ଏସବୁର ବିପରୀତ ଆଚରଣକୁ ଅନାଚାର କୁହାଯାଏ । ସେ ସମ୍ପର୍କରେ ଲେଖା ଯାଉଛି.........

ବିଦ୍ୱଦ୍ଭିଃ ସେବିତଃ ସଦ୍ଭିର୍ନିତ୍ୟମଦ୍ୱେଷରାଗିଭିଃ ।
ହୃଦୟେନାଭ୍ୟନୁଜ୍ଞାତୋ ଯୋ ଧର୍ମସ୍ତନ୍ନିବୋଧତ ।୧ ।
କାମାତ୍ମତା ନ ପ୍ରଶସ୍ତା ନ ଚୈବେହାସ୍ତ୍ୟକାମତା ।
କାମ୍ୟୋ ହି ବେଦାଧିଗମଃ କର୍ମଯୋଗଶ୍ଚ ବୈଦିକଃ ।୨ ।
ସଙ୍କଳ୍ପମୂଳଃ କାମୋ ବୈ ଯଜ୍ଞାଃ ସଙ୍କଳ୍ପସମ୍ଭବାଃ ।
ବ୍ରତାନି ଯମଧର୍ମାଶ୍ଚ ସର୍ବେ ସଙ୍କଳ୍ପଜାଃ ସ୍ମୃତାଃ ।୩ ।
ଅକାମସ୍ୟ କ୍ରିୟା କାଚିଦ୍ ଦୃଶ୍ୟତେ ନେହ କର୍ହିଚିତ୍ ।
ଯଦ୍ୟଦ୍ଧି କୁରୁତେ କିଞ୍ଚିତ୍ତତ୍ତତ୍କାମସ୍ୟ ଚେଷ୍ଟିତମ୍ ।୪ ।
ବେଦୋଽଖିଲୋ ଧର୍ମମୂଳଂ ସ୍ମୃତିଶୀଳେ ଚ ତଦ୍ୱିଦାମ୍ ।
ଆଚାରଶ୍ଚୈବ ସାଧୂନାମାତ୍ମନସ୍ତୁଷ୍ଟିରେବ ଚ ।୫ ।
ସର୍ବଂ ତୁ ସମବେକ୍ଷ୍ୟେଦଂ ନିଖିଳଂ ଜ୍ଞାନଚକ୍ଷୁଷା ।
ଶ୍ରୁତି ପ୍ରାମାଣ୍ୟତୋ ବିଦ୍ୱାନ୍ ସ୍ୱଧର୍ମେ ନିବିଶେତ ବୈ ।୬ ।
ଶ୍ରୁତିସ୍ମୃତ୍ୟୁଦିତଂ ଧର୍ମମନୁତିଷ୍ଠନ୍ ହି ମାନବଃ ।
ଇହ କୀର୍ତ୍ତିମବାପ୍ନୋତି ପ୍ରେତ୍ୟ ଚାନୁତ୍ତମଂ ସୁଖମ୍ ।୭ ।
ଯୋଽବମନ୍ୟେତ ତେ ମୂଳେ ହେତୁଶାସ୍ତ୍ରାଶ୍ରୟାଦ୍ ଦ୍ୱିଜଃ ।
ସ ସାଧୁଭିର୍ବହିଷ୍କାର୍ଯ୍ୟୋ ନାସ୍ତିକୋ ବେଦନିନ୍ଦକଃ ।୮ ।
ବେଦଃ ସ୍ମୃତିଃ ସଦାଚାରଃ ସ୍ୱସ୍ୟ ଚ ପ୍ରିୟମାତ୍ମନଃ ।
ଏତଚ୍ଚତୁର୍ବିଧଂ ପ୍ରାହୁଃ ସାକ୍ଷାଦ୍ଧର୍ମସ୍ୟ ଲକ୍ଷଣମ୍ ।୯ ।
ଅର୍ଥକାମେଷ୍ୱସକ୍ତାନାଂ ଧର୍ମଜ୍ଞାନଂ ବିଧୀୟତେ ।
ଧର୍ମଂ ଜିଜ୍ଞାସମାନାନାଂ ପ୍ରମାଣଂ ପରମଂ ଶ୍ରୁତିଃ ।୧୦ ।
ବୈଦିକୈଃ କର୍ମଭିଃ ପୁଣ୍ୟୈର୍ନିଷେକାଦିର୍ଦ୍ୱିଜନ୍ମନାମ୍ ।
କାର୍ଯ୍ୟଃ ଶରୀରସଂସ୍କାରଃ ପାବନଃ ପ୍ରେତ୍ୟ ଚେହ ଚ ।୧୧ ।।

କେଶାନ୍ତଃ ଷୋଡ଼ଶେ ବର୍ଷେ ବ୍ରାହ୍ମଣସ୍ୟ ବିଧୀୟତେ ।
ରାଜନ୍ୟ ବନ୍ଧୋର୍ଦ୍ୱାବିଂଶେ ବୈଶ୍ୟସ୍ୟ ଦ୍ୱ୍ୟଧିକେ ତତଃ ।୧୨ ।

(ମନୁ.ଅ. ୨। ଶ୍ଳୋକ୧-୪, ୬,୮,୯,୧୧-୧୩, ୨୬।୬୫)

ମନୁଷ୍ୟ ସର୍ବଦା ଏକଥା ମନେ ରଖିବା ଉଚିତ ଯେ, ରାଗ, ଦ୍ୱେଷ ରହିତ ବିଦ୍ୱାନ୍‌ମାନେ ସର୍ବଦା ଯେଉଁ ଆଚରଣ କରନ୍ତି, ହୃଦୟ ଅର୍ଥାତ୍ ଆତ୍ମା ଯାହାକୁ ସତ୍ୟ କର୍ତ୍ତବ୍ୟ ବୋଲି ଅନୁଭବ କରେ, ତାହାହିଁ କରଣୀୟ ଓ ମାନନୀୟ ଧର୍ମ ଅଟେ ।୧ । ଏହି ସଂସାରରେ ଅତ୍ୟନ୍ତ କାମାସକ୍ତ କିମ୍ବା ଏକାନ୍ତ ନିଷ୍କାମତା ଶ୍ରେଷ୍ଠ ହୋଇପାରେ ନାହିଁ । ଯେଣୁ କାମନାଦ୍ୱାରା ହିଁ ବେଦାର୍ଥ ଜ୍ଞାନ ଲାଭ ହୁଏ, ତଥା ବେଦୋକ୍ତ କର୍ମ ସଂସାଧିତ ହୋଇପାରେ ।୨ । ଯଦି କେହି କହେ ଯେ, ମୁଁ ଇଚ୍ଛାରହିତ ଓ ନିଷ୍କାମ ଅଟେ ବା ହୋଇଯିବି ତେବେ ତା କଦାପି ସମ୍ଭବପର ନୁହେଁ । କାରଣ ସମସ୍ତ କର୍ମ ଅର୍ଥାତ୍ ଯଜ୍ଞ, ସତ୍ୟଭାଷଣାଦି ବ୍ରତ ଓ ଯମନିୟମାଦି ଧର୍ମ କେବଳ ସଙ୍କଳ୍ପଦ୍ୱାରା ସିଦ୍ଧ ହୁଏ ।୩ । ଆହୁରି ମଧ୍ୟ ହସ୍ତ, ପାଦ, ନେତ୍ର, ମନ ଆଦିଦ୍ୱାରା ଯେଉଁ କ୍ରିୟା ହୁଏ, ତା ମଧ୍ୟ କାମନାଦ୍ୱାରା ସଂପାଦିତ ହୁଏ । ଇଚ୍ଛା ନ ହେଲେ ଆଖି ଖୋଲିବା କିମ୍ବା ବନ୍ଦକରିବା କାର୍ଯ୍ୟମଧ୍ୟ ହୋଇପାରେ ନାହିଁ ।୪ । ଏଣୁ ସଂପୂର୍ଣ୍ଣ ବେଦ, ମନୁସ୍ମୃତି ତଥା ଋଷିପ୍ରଣୀତ ଶାସ୍ତ୍ର, ସତ୍‌ପୁରୁଷଗଣଙ୍କ ଆଚାର ଓ ଯେଉଁ ଯେଉଁ କାର୍ଯ୍ୟ ଦ୍ୱାରା ଆତ୍ମା ପ୍ରସନ୍ନ ରହେ, ଅର୍ଥାତ୍ ଭୟ, ଲଜ୍ଜା, ଶଙ୍କା ଯେଉଁ କାମରେ ହୁଏ ନାହିଁ, ସେହି କର୍ମମାନ କରିବା ଆବଶ୍ୟକ । ଦେଖ, ଯେତେବେଳେ କେହି ମିଥ୍ୟା ଭାଷଣାଦି କରିବାପାଇଁ ଇଚ୍ଛା କରେ, ସେତେବେଳେ ତା ମନରେ ଭୟ, ଲଜ୍ଜା, ଶଙ୍କା ଅବଶ୍ୟ ଜାତ ହୁଏ । ଏଣୁ ଏହା କର୍ତ୍ତବ୍ୟ ନୁହେଁ ।୫ । ବେଦାଦି ଶାସ୍ତ୍ର ସମ୍ମତ, ସତ୍‌ପୁରୁଷମାନଙ୍କ ଆଚରିତ ତଥା ନିଜ ଆତ୍ମାର ଅବିରୁଦ୍ଧ କର୍ମକୁ ନିଜେ ଉତ୍ତମରୂପେ ବିଚାରକରି, ଜ୍ଞାନଚକ୍ଷୁରେ ଦେଖି, ଯାହା ଶ୍ରୁତି ପ୍ରମାଣ ସମ୍ମତ, ତଥା ସ୍ୱାତ୍ମାନୁକୂଳ ତାହାହିଁ ଗ୍ରହଣ କରିବ । ୬ । କାରଣ ଯେଉଁ ବ୍ୟକ୍ତି ବେଦୋକ୍ତ ଧର୍ମ ତଥା ବେଦାନୁକୂଳ ସ୍ମୃତି ପ୍ରତିପାଦିତ ଧର୍ମ ପାଳନ କରେ, ସେ ଇହ ଲୋକରେ କୀର୍ତ୍ତି ଓ ପରଲୋକରେ ସର୍ବୋତ୍ତମ ସୁଖ ଲାଭ କରେ ।୭ । ଶ୍ରୁତିକୁ ବେଦ ଓ ସ୍ମୃତିକୁ ଧର୍ମଶାସ୍ତ୍ର କୁହାଯାଏ । ଏଥିରେ ସମସ୍ତ କର୍ତ୍ତବ୍ୟାକର୍ତ୍ତବ୍ୟ ନିରୂପିତ ହୋଇଛି । ଯେଉଁ ଲୋକ ବେଦ ଓ ବେଦାନୁକୂଳ ଗ୍ରନ୍ଥର ଅପମାନ କରେ, ତାହାକୁ ଉତ୍ତମ ଲୋକମାନେ ଜାତିଚ୍ୟୁତ କରିବା ଉଚିତ । ଯେଣୁ ବେଦନିନ୍ଦକ ବ୍ୟକ୍ତିକୁ ହିଁ ନାସ୍ତିକ କୁହାଯାଏ ।୮ । ଅତଏବ ବେଦ, ସ୍ମୃତି, ସତ୍‌ପୁରୁଷମାନଙ୍କ ଆଚରଣ, ଓ ନିଜ ଆତ୍ମଜ୍ଞାନର ଅବିରୁଦ୍ଧ ପ୍ରିୟାଚରଣ- ଏହି ଚାରୋଟି ହେଉଛି ଧର୍ମର ଲକ୍ଷଣ ଅର୍ଥାତ୍ ଏହି ଚାରୋଟି ପରୀକ୍ଷାଦ୍ୱାରା ଧର୍ମ

ନିରୂପଣ କରିବାକୁ ହୁଏ । ୯ । ଯେଉଁମାନେ ଧନଦ୍ରବ୍ୟର ଲୋଭ ତଥା ବିଷୟ ଭୋଗରୁ ସର୍ବଦା ଦୂରରେ ରହନ୍ତି, ସେମାନେ କେବଳ ଧର୍ମକୁ ଜାଣିପାରନ୍ତି । ଯେଉଁମାନେ ଧର୍ମର ସ୍ୱରୂପକୁ ଜାଣିବାକୁ ଇଚ୍ଛା କରନ୍ତି, ସେମାନେ ଧର୍ମ ନିରୂପଣରେ ବେଦହିଁ ପ୍ରଧାନ ପ୍ରମାଣ ବୋଲି ଜାଣିବେ ।୧୦।

ଏହି କାରଣରୁ ବେଦୋକ୍ତ ବ୍ୟବସ୍ଥାନୁସାରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନେ ନିଜ ନିଜ ସନ୍ତାନସନ୍ତତିଙ୍କ ନିଷେକାଦି ସଂସ୍କାର କରିବା ଏକାନ୍ତ ଆବଶ୍ୟକ । କାରଣ ସେହି ସଂସ୍କାରଦ୍ୱାରା ମନୁଷ୍ୟମାନେ ଇହ ଓ ପରଜନ୍ମରେ ଶାରୀରିକ ଓ ମାନସିକ ପବିତ୍ରତା ଲାଭ କରିପାରିବେ ।୧୧ । ବ୍ରାହ୍ମଣର ଷୋହଳ ବର୍ଷରେ, କ୍ଷତ୍ରିୟର ବାଇଶି ବର୍ଷରେ ଓ ବୈଶ୍ୟର ଚବିଶବର୍ଷରେ କେଶ କର୍ତ୍ତନ ଅର୍ଥାତ୍ କ୍ଷୌରକର୍ମ କରିବା ଉଚିତ । ଏହି ବିଧିପରେ କେବଳ ଶିଖାଛାଡ଼ି ସମସ୍ତ ଦାଢ଼ି, ନିଶ ଓ କେଶ ସର୍ବଦା କର୍ତ୍ତନ କରାଇବେ । ପୁଣିଥରେ ଏସବୁକୁ ରଖିବା ଉଚିତ ନୁହେଁ । ଅବଶ୍ୟ ଶୀତପ୍ରଧାନ ଦେଶରେ ନିଜ ଇଚ୍ଛାନୁସାରେ ଏ ସବୁକୁ ରଖାଯାଇପାରେ ବା କଟାଇ ଦିଆଯାଇ ପାରେ । ପୁଣି ଗ୍ରୀଷ୍ମ ପ୍ରଧାନ ଦେଶରେ ଶିଖାସହିତ ସବୁକେଶ ଛେଦନ କରାଯାଇପାରେ । କାରଣ ମୁଣ୍ଡରେ ଅଧିକ ବାଳ ରହିଲେ ଉଷ୍ଣତା ବଢ଼େ ଓ ତଦ୍ୱାରା ବୁଦ୍ଧିମଧ୍ୟ ହ୍ରାସ ହୁଏ । ପୁଣି ନିଶ ଦାଢ଼ି ରଖିବାଦ୍ୱାରା ଖାଇବା ପିଇବାରେ ଅସୁବିଧା ସୃଷ୍ଟି ହୁଏ ଏବଂ ଅଇଁଠା ମଧ୍ୟ ଦାଢ଼ିନିଶରେ ରହିଯାଇପାରେ ।୧୨ ।

ଇନ୍ଦ୍ରିୟାଣାଂ ବିଚରତାଂ ବିଷୟେଷ୍ୱପହାରିଷୁ ।
ସଂଯମେ ଯତ୍ନମାତିଷ୍ଠେଦ୍ ବିଦ୍ୱାନ୍ୟନ୍ତେବ ବାଜିନାମ୍ ।୧ ।
ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଦୋଷମୃଚ୍ଛତ୍ୟସଂଶୟମ୍ ।
ସନ୍ନିୟମ୍ୟ ତୁ ତାନ୍ୟେବ ତତଃ ସିଦ୍ଧିଂ ନିୟଚ୍ଛତି ।୨ ।
ନ ଜାତୁ କାମଃ କାମାନାମୁପଭୋଗେନ ଶାମ୍ୟତି ।
ହବିଷା କୃଷ୍ଣବର୍ତ୍ମେବ ଭୂୟ ଏବାଭିବର୍ଦ୍ଧତେ ।୩ ।
ବେଦାସ୍ତ୍ୟାଗଶ୍ଚ ଯଜ୍ଞାଶ୍ଚ ନିୟମାଶ୍ଚ ତପାଂସିଚ ।
ନ ବିପ୍ରଦୁଷ୍ଟଭାବସ୍ୟ ସିଦ୍ଧିଂ ଗଚ୍ଛନ୍ତି କର୍ହିଚିତ୍ ।୪ ।
ବଶେ କୃତ୍ୱେନ୍ଦ୍ରିୟଗ୍ରାମଂ ସଂଯମ୍ୟ ଚ ମନସ୍ତଥା ।
ସର୍ବାନ୍ ସଂସାଧୟେ ଦର୍ଥାନକ୍ଷିଣ୍ୱନ୍ ଯୋଗତସ୍ତନୁମ୍ ।୫ ।
ଶ୍ରୁତ୍ୱା ସ୍ପୃଷ୍ଟ୍ୱା ଚ ଦୃଷ୍ଟ୍ୱା ଚ ଭୁକ୍ତ୍ୱା ଘ୍ରାତ୍ୱା ଚ ଯୋ ନରଃ ।
ନ ହୃଷ୍ୟତି ଗ୍ଲାୟତି ବା ସବିଜ୍ଞେୟୋ ଜିତେନ୍ଦ୍ରିୟଃ ।୬ ।

ନାପୃଷ୍ଟଃ କସ୍ୟଚିଦ୍ ବ୍ରୂୟାନ୍ନ ଚାନ୍ୟାୟେନ ପୃଚ୍ଛତଃ ।
ଜାନନ୍ନପି ହି ମେଧାବୀ ଜଡ଼ବଲ୍ଲୋକ ଆଚରେତ୍ ।୭ ।
ବିତ୍ତଂ ବନ୍ଧୁର୍ବୟଃ କର୍ମ ବିଦ୍ୟା ଭବତି ପଞ୍ଚମୀ ।
ଏତାନି ମାନ୍ୟସ୍ଥାନାନି ଗରୀୟୋ ଯଦ୍ୟଦୁତ୍ତରମ୍ ।୮ ।
ଅଜ୍ଞୋ ଭବତି ବୈ ବାଳଃ ପିତା ଭବତି ମନ୍ତ୍ରଦଃ ।
ଅଜ୍ଞଂ ହି ବାଳମିତ୍ୟାହୁଃ ପିତେତ୍ୟେବ ତୁ ମନ୍ତ୍ରଦମ୍ । ୯ ।
ନ ହାୟନୈର୍ନ ପଳିତୈର୍ନ ବିତ୍ତେନ ନ ବନ୍ଧୁଭିଃ ।
ଋଷୟଶ୍ଚକ୍ରିରେ ଧର୍ମଂ ଯୋଽନୂଚାନଃ ସ ନୋ ମହାନ୍ ।୧୦ ।
ବିପ୍ରାଣାଂ ଜ୍ଞାନତୋ ଜ୍ୟୈଷ୍ଠ୍ୟଂ କ୍ଷତ୍ରିୟାଣାଂ ତୁ ବୀର୍ଯ୍ୟତଃ ।
ବୈଶ୍ୟାନାଂ ଧାନ୍ୟଧନତଃ ଶୂଦ୍ରାଣାମେବ ଜନ୍ମତଃ ।୧୧ ।
ନ ତେନ ବୃଦ୍ଧୋ ଭବତି ଯେନାସ୍ୟ ପଳିତଂ ଶିରଃ ।
ଯୋ ବୈ ଯୁବାଽପ୍ୟଧୀୟାନସ୍ତଂ ଦେବାଃ ସ୍ଥବିରଂ ବିଦୁଃ ।୧୨ ।
ଯଥା କାଷ୍ଠମୟୋ ହସ୍ତୀ ଯଥା ଚର୍ମମୟୋ ମୃଗଃ ।
ଯଶ୍ଚ ବିପ୍ରୋଽନଧୀୟାନସ୍ତ୍ରୟସ୍ତେ ନାମ ବିଭ୍ରତି ।୧୩ ।
ଅହିଂସୟୈବ ଭୂତାନାଂ କାର୍ଯ୍ୟଂ ଶ୍ରେୟୋଽନୁଶାସନମ୍ ।
ବାକ୍ ଚୈବ ମଧୁରାଶ୍ଲକ୍ଷ୍ଣା ପ୍ରୟୋଜ୍ୟା ଧର୍ମ ମିଚ୍ଛତା ।୧୪ ।

(ମନୁ ଅ.୨ ଶ୍ଳୋ ୮,୯୩,୯୪,୯୭,୯୮, ୧୦୦, ୧୧୦, ୧୩୬, ୧୫୩,-
୧୫୭, ୧୫୯)

ଇନ୍ଦ୍ରିୟଗୁଡ଼ିକ ମନକୁ ନେଇ ଚିତ୍ତାକର୍ଷକ ବିଷୟରେ ଲଗାଇ ଦିଅନ୍ତି । ତେଣୁ ସେହି ଇନ୍ଦ୍ରିୟମାନଙ୍କୁ ଯତ୍ନର ସହିତ ନିଜ ନିୟନ୍ତ୍ରଣରେ ସର୍ବଦା ରଖିବା ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ । ସାରଥି ଘୋଡ଼ାମାନଙ୍କୁ ନିଜ ଆୟତରେ ରଖି ଯେପରି ସୁପଥରେ ଚଳାଏ, ସେହିପରି ମନ ପ୍ରଭୃତି ଇନ୍ଦ୍ରିୟଗଣଙ୍କୁ କୁମାର୍ଗରୁ ଅପସାରଣ କରି ସର୍ବଦା ଧର୍ମମାର୍ଗରେ ପରିଚାଳନା କରିବା ଆବଶ୍ୟକ । ୧ । ଯେଉଁ ଲୋକ ଇନ୍ଦ୍ରିୟଗଣଙ୍କ ବଶୀଭୂତ ହୋଇ, ବିଷୟାସକ୍ତ ହୁଏ, ତଥା ଅଧର୍ମ ମାର୍ଗରେ ପରିଚାଳିତ ହୁଏ, ସେହି ଲୋକ ନୀଚ ଓ ଚରିତ୍ରଭ୍ରଷ୍ଟହୋଇ ଦୁଃଖକ୍ଳେଶ ଭୋଗକରେ । କିନ୍ତୁ ଯେଉଁ ବ୍ୟକ୍ତି ସେମାନଙ୍କୁ ଜୟ କରି, ଧର୍ମମାର୍ଗରେ ଚଳାଏ, ସେହି ବ୍ୟକ୍ତି ଆପଣାର ଅଭୀଷ୍ଟ ସିଦ୍ଧି କରିପାରେ ।୨। ନିଆଁରେ କାଠ ଓ ଘିଅ ପଡ଼ିଲେ, ଯେପରି ସେ ଶାନ୍ତ ନ ହୋଇ, ଅଧିକ ପ୍ରଜ୍ୱଳିତ ହୋଇ ଉଠେ, ସେହିପରି ବିଷୟ ଉପଭୋଗରେ କାମ କେବେ ଶାନ୍ତ ନହୋଇ ଉତ୍ତରୋତ୍ତର ବଢ଼ିଚାଲେ । ଏଣୁ ମନୁଷ୍ୟ କେବେହେଁ ବିଷୟାସକ୍ତ

ହେବା ଉଚିତ ନୁହେଁ ।୩ ।ଯେଉଁମାନେ ଅଜିତେନ୍ଦ୍ରିୟ ବ୍ୟକ୍ତି ସେମାନଙ୍କୁ 'ବିପ୍ରଦୁଷ୍ଟ' କୁହାଯାଏ । ସେମାନଙ୍କର ବେଦାଧ୍ୟୟନ, ପୁଣି ତ୍ୟାଗ, ଯଜ୍ଞ, ନିୟମ, ଧର୍ମାଚରଣ ପ୍ରଭୃତି କୌଣସି କାର୍ଯ୍ୟ ସଫଳ ହୁଏ ନାହିଁ ।କେବଳ ଜିତେନ୍ଦ୍ରିୟ ଓ ଧାର୍ମିକ ପୁରୁଷମାନେ ଏସବୁ କାର୍ଯ୍ୟରେ ସଫଳତା ଲାଭ କରିଥାନ୍ତି ।୪ । ଏଣୁ ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟ, ପୁଣି ଏକାଦଶ ମନ, ଏମାନଙ୍କୁ ନିଜ ଆୟତରେ ରଖି, ଯୁକ୍ତାହାର ବିହାର ପୂର୍ବକ, ଯୋଗସାଧନା କରି ଶରୀରକୁ ରକ୍ଷା କରିବା ସଙ୍ଗେ ସଙ୍ଗେ, ଜୀବନରେ ସକଳ ସିଦ୍ଧିଲାଭ କରିବାକୁ ହେବ ।୫ । ଯେଉଁମାନେ ପ୍ରଶଂସା ଶୁଣି ଆନନ୍ଦିତ, ନିନ୍ଦା ଶୁଣି ଦୁଃଖିତ, ଉତ୍ତମ ପଦାର୍ଥ ସ୍ପର୍ଶରେ ସୁଖୀ, ଅସାର ଦ୍ରବ୍ୟ ସ୍ପର୍ଶରେ ଦୁଃଖୀ, ସୁନ୍ଦର ରୂପ ଦେଖି ପ୍ରସନ୍ନ, ଓ କୁତ୍ସିତ ରୂପ ଦେଖି ଅପ୍ରସନ୍ନ, ଉତ୍ତମ ଭୋଜନରେ ତୃପ୍ତ, ନିକୃଷ୍ଟ ଭୋଜନରେ ଅତୃପ୍ତ ହୁଅନ୍ତି ନାହିଁ, ତଥା ଯାହାଙ୍କର ସୁଗନ୍ଧରେ ରୁଚି ଓ ଦୁର୍ଗନ୍ଧରେ ଅରୁଚି ନଥାଏ, ସେମାନଙ୍କୁ ହିଁ ଜିତେନ୍ଦ୍ରିୟ କହନ୍ତି ।୬ ।କେହି ନ ପଚାରିଲେ କିଛି କହିବ ନାହିଁ, ଯଦି କେହି ଅନ୍ୟାୟ ବା କପଟତାରଖି କିଛି ପଚାରେ ତେବେ ତାକୁ ଉତ୍ତର ଦେବ ନାହିଁ ।ଅନ୍ୟାୟୀ ଓ କପଟୀଲୋକଙ୍କ ଆଗରେ ବୁଦ୍ଧିମାନ୍ ବ୍ୟକ୍ତି ଜଡ଼ଲୋକ ଭଳି ରହିବା ଆବଶ୍ୟକ । ନିଷ୍କପଟ ଓ ଜିଜ୍ଞାସୁ ବ୍ୟକ୍ତି ନ ପଚାରିଲେ ମଧ୍ୟ ତାକୁ ଉପଦେଶ ଦେବାକୁ ହେବ ।୭ ।ପ୍ରଥମେ ଧନ, ଦ୍ୱିତୀୟରେ ବନ୍ଧୁବାନ୍ଧବ, କୁଳ, ତୃତୀୟରେ ଅବସ୍ଥା, ଚତୁର୍ଥରେ କର୍ମ ଓ ପଞ୍ଚମରେ ବିଦ୍ୟା ଏହି ପାଞ୍ଚୋଟି ହେଉଛନ୍ତି ସର୍ବଦା ସମ୍ମାନନୀୟ । କିନ୍ତୁ ଧନଠାରୁ ଅଧିକ ବନ୍ଧୁ, ବନ୍ଧୁଠାରୁ ଅଧିକ ଅବସ୍ଥା, ଅବସ୍ଥାଠାରୁ ଅଧିକ ଶ୍ରେଷ୍ଠକର୍ମ, ଏବଂ ଶ୍ରେଷ୍ଠକର୍ମଠାରୁ ସଦ୍‌ବିଦ୍ୟା ଅଧିକରୁ ଅଧିକ ମାନ୍ୟାର୍ହ ହୋଇଥାନ୍ତି ।୮ ।କାରଣ ଶତବର୍ଷୀୟ ବୟୋବୃଦ୍ଧ ହେଲେ ମଧ୍ୟ, ଯଦି ସେ ବିଦ୍ୟା ଓ ବିଜ୍ଞାନ ରହିତ, ତେବେ ସେ ବାଳକ ସମାନ, ପୁଣି ଯେଉଁ ଲୋକ ବିଦ୍ୟା ଓ ବିଜ୍ଞାନ ଶିକ୍ଷାଦିଏ, ସେ ବାଳକ ହୋଇଥିଲେ ମଧ୍ୟ ତାକୁ ବୃଦ୍ଧ ବୋଲି ଜାଣିବା ଉଚିତ ।ଯେଣୁ ଆପ୍ତ ବିଦ୍ୱାନ୍‌ଗଣ ଅଜ୍ଞାନକୁ ବାଳକ ଓ ଜ୍ଞାନୀ ବ୍ୟକ୍ତିକୁ ପିତା ବୋଲି କହିଅଛନ୍ତି ।୯ ।ଅଧିକ ବୟସ୍କ ହେଲେ, ଶ୍ୱେତ କେଶଯୁକ୍ତ ଶିର, ଅଧିକ ଧନ ଓ ବିରାଟ କୁଟୁମ୍ବର ଅଧିକାରୀ ହେଲେ ମଧ୍ୟ ମଣିଷ କେବେ ବୃଦ୍ଧ ବୋଲି କଥିତ ହୁଏ ନାହିଁ । କିନ୍ତୁ ମହାତ୍ମା ମହାପୁରୁଷଙ୍କ ମତରେ ମନୁଷ୍ୟମାନଙ୍କ ମଧ୍ୟରେ ଯେ ଅଧିକ ବିଦ୍ୱାନ୍, ତାଙ୍କୁ ହିଁ ବୃଦ୍ଧ କୁହାଯାଏ ।୧୦ ।ବ୍ରାହ୍ମଣ ଜ୍ଞାନଦ୍ୱାରା କ୍ଷତ୍ରିୟ ବଳଦ୍ୱାରା, ବୈଶ୍ୟ ଧନସମ୍ପଦଦ୍ୱାରା ଓ ଶୂଦ୍ର ଜନ୍ମ ଅର୍ଥାତ୍ ଅଧିକ ବୟସ ଦ୍ୱାରା ବୃଦ୍ଧ ବୋଲି ବିବେଚିତ ହୋଇଥାନ୍ତି ।୧୧ । ଶିରର କେଶ ଶୁକ୍ଳ ହେଲେ ତାହାଙ୍କୁ ବୃଦ୍ଧ କୁହାଯାଏ ନାହିଁ, ମାତ୍ର ଯୁବକ ହେଲେ ମଧ୍ୟ ବିଦ୍ୟାର ଅଧିକାରୀକୁ ବିଦ୍ୱାନ୍‌ମାନେ

ବୃଦ୍ଧ ବୋଲି କହନ୍ତି ।୧୨ । କାଠ ତିଆରି ହାତୀ, ଚମଡ଼ାରେ ପ୍ରସ୍ତୁତ ମୃଗ, ଯେପରି ନାମକୁ ମାତ୍ର ହାତୀ-ମୃଗ ବୋଲି କଥିତ ହୁଅନ୍ତି, ସେହିପରି ଅବିଦ୍ୱାନ୍ ବ୍ରାହ୍ମଣ ନାମକୁ ମାତ୍ର-ବ୍ରାହ୍ମଣ ବୋଲି କଥିତ ହୁଅନ୍ତି ।୧୩ । ଏଣୁ ମନୁଷ୍ୟମାନେ ବିଦ୍ୟାପାଠପୂର୍ବକ, ଧାର୍ମିକ ହୋଇ, ବୈରଭାବ ତ୍ୟାଗକରି, ସକଳ ପ୍ରାଣୀଙ୍କର କଲ୍ୟାଣ କାମନା କରିବା ଆବଶ୍ୟକ । ମଧୁର ଓ କୋମଳ କଥାରେ ସତ୍ୟ ଉପଦେଶ ପ୍ରଦାନ କର । ଯେଉଁମାନେ ଏ ସବୁକରି ଲୋକରେ ଧର୍ମର ବୃଦ୍ଧି ଓ ପାପର ବିନାଶ ଘଟାନ୍ତି, ସେମାନେ ପ୍ରକୃତରେ ଧନ୍ୟ ହୋଇଥାନ୍ତି ।୧୪ । ପ୍ରତ୍ୟହ ସ୍ନାନ କରିବ, ବସ୍ତ୍ର, ଅନ୍ନ, ପାନ, ସ୍ଥାନ ପ୍ରଭୃତି ସର୍ବଦା ପରିଷ୍କାର ପରିଚ୍ଛନ୍ନ ରହିବା ଆବଶ୍ୟକ । କାରଣ ଏଗୁଡ଼ିକ ପବିତ୍ର ରହିଲେ ଚିତ୍ତ ମଧ୍ୟ ନିର୍ମଳ ଓ ଶୁଦ୍ଧ ରହେ ଏବଂ ଆରୋଗ୍ୟ ଲାଭ ପୂର୍ବକ ପୁରୁଷାର୍ଥ ମିଳିଥାଏ । ମନର ଦୁର୍ଗନ୍ଧ ଦୂର ହେବାପର୍ଯ୍ୟନ୍ତ ଶୌଚ କରିବା ଆବଶ୍ୟକ ।

ଆଚାରଃ ପରମୋଧର୍ମଃ ଶ୍ରୁତ୍ୟୁକ୍ତଃ ସ୍ମାର୍ତ୍ତ ଏବ ଚ ।

(ମନୁ ୧-୧୦୮)

ସତ୍ୟ ଭାଷଣାଦି କର୍ମାନୁଷ୍ଠାନକୁ ବେଦ ଓ ସ୍ମୃତିରେ ଆଚାର ବୋଲି କୁହାଯାଇଛି ।

ମା ନୋ ବଧୀଃ ପିତରଂ ମୋତ ମାତରମ୍ ।

(ଯଜୁ ଅ. ୧୬ମ. ୧୫)

ଆଚାର୍ଯ୍ୟ ଉପନୟମାନୋ ବ୍ରହ୍ମଚାରିଣମିଚ୍ଛତେ ।

(ଅଥର୍ବ କା ୧୧-ସୂ.୫-ମ. ୧୭)

ମାତୃଦେବୋ ଭବ । ପିତୃଦେବୋ ଭବ ।

ଆଚାର୍ଯ୍ୟ ଦେବୋ ଭବ । ଅତିଥିଦେବୋ ଭବ ।

(ତୈତ୍ତିରୀ, ଆରଣ୍ୟକେ ପ୍ର.୭-ଅନୁ. ୧୧ ତୈ.ଉ.ଶି.ବ.ଅନୁ ୧୧)

ମାତା, ପିତା, ଆଚାର୍ଯ୍ୟ ଓ ଅତିଥିଙ୍କ ସେବାସତ୍କାରକୁ ଦେବପୂଜା କୁହାଯାଏ । ଯେଉଁ ଯେଉଁ କର୍ମଦ୍ୱାରା ଜଗତର ଉପକାର ସାଧିତ ହୁଏ, ସେପରି କର୍ମ କରିବା, ପୁଣି ଜଗତର ଅନିଷ୍ଟ ସାଧନ କରୁଥିବା କର୍ମକୁ ପରିତ୍ୟାଗ କରିବା ହିଁ, ମନୁଷ୍ୟର ମୁଖ୍ୟ କର୍ତ୍ତବ୍ୟ ଅଟେ । ନାସ୍ତିକ, ଲମ୍ପଟ, ବିଶ୍ୱାସଘାତକ, ମିଥ୍ୟାବାଦୀ, ସ୍ୱାର୍ଥୀ, କପଟୀ, ଛଳନାକାରୀ ପ୍ରଭୃତି ଦୁଷ୍ଟ ଲୋକଙ୍କ ସଙ୍ଗ ତ୍ୟାଗ କରିବା ଓ ସତ୍ୟବାଦୀ ଧର୍ମାତ୍ମା, ପରୋପକାର ପ୍ରିୟ, ଆପ୍ତ ପୁରୁଷଙ୍କ ସହିତ ସର୍ବଦା ସଙ୍ଗ କରିବାର ନାମ ଶିଷ୍ଟାଚାର ।

ପ୍ରଶ୍ନ : ଆର୍ଯ୍ୟାବର୍ତ୍ତର ଲୋକେ ନିଜ ଦେଶ ଛାଡ଼ି, ଅନ୍ୟ ଦେଶକୁ ଗଲେ ସେମାନଙ୍କ ଆଚାର ନଷ୍ଟ ହେବ କି ନାହିଁ ?

ଉତ୍ତର : ଅନ୍ୟ ଦେଶକୁ ଗଲେ ମଧ୍ୟ ଆଚାର ନଷ୍ଟ ହେବାର ଭୟ ନାହିଁ । କାରଣ ଯେଉଁ ବ୍ୟକ୍ତିର ବାହ୍ୟ ଓ ଅଭ୍ୟନ୍ତର ପବିତ୍ର, ଯିଏ ସତ୍ୟଭାଷଣାଦି ଧର୍ମାଚରଣ କରେ, ସେ ଯେକୌଣସି ଦେଶକୁ ଗଲେ ମଧ୍ୟ ତାର ଆଚାର ବା ଧର୍ମ କେବେହେଲେ ନଷ୍ଟ ହୁଏ ନାହିଁ । ଆର୍ଯ୍ୟାବର୍ତ୍ତରେ ରହୁଥିଲେ ମଧ୍ୟ ଦୁଷ୍ଟାଚାର କରିବାଦ୍ୱାରା ଯେକୌଣସି ବ୍ୟକ୍ତି ଦୁରାଚାରୀ ଓ ଧର୍ମଭ୍ରଷ୍ଟ ହୋଇଯାଏ । ବିଦେଶକୁ ଯିବା ଦ୍ୱାରା ଆଚାର ଭ୍ରଷ୍ଟ ହୁଏ ନାହିଁ ।

ମେରୋର୍ହରେଶ୍ଚ ଦ୍ୱେ ବର୍ଷେ ବର୍ଷଂ ହୈମବତଂ ତତଃ ।

କ୍ରମେଣୈବ ବ୍ୟତିକ୍ରମ୍ୟ ଭାରତଂ ବର୍ଷମାସଦତ୍ ।୧ ।

ସ ଦେଶାନ୍ ବିବିଧାନ୍ ପଶ୍ୟଂ ଶ୍ଚୀନହୂଣ ନିଷେବିତାନ୍ ।୨ ।

(ମହାଭାରତ ଅ. ୩୨୭-ଶ୍ଳୋ ୧୪-୧୫)

ଏହି ଶ୍ଳୋକ ମହାଭାରତର ଶାନ୍ତିପର୍ବ ଅନ୍ତର୍ଗତ ମୋକ୍ଷଧର୍ମ ବିଷୟକ ବ୍ୟାସଶୁକ ସମ୍ବାଦରେ ଉଲ୍ଲେଖ କରାଯାଇଛି । ଥରେ ବ୍ୟାସଦେବ ନିଜପୁତ୍ର ଶୁକଦେବ ତଥା ଶିଷ୍ୟମାନଙ୍କ ସହିତ ପାତାଳପୁର ଅର୍ଥାତ୍ ବର୍ତ୍ତମାନ କୁହାଯାଉଥିବା ଆମେରିକାକୁ ଯାଇ ସେଠାରେ ବାସ କରୁଥିଲେ । ଦିନେ ଆଚାର୍ଯ୍ୟ ଶୁକଦେବ ନିଜ ପିତାଙ୍କୁ ପଚାରିଲେ..... ଆପଣ ଆତ୍ମବିଦ୍ୟା ସମ୍ପର୍କରେ ଯାହା କିଛି କହିଛନ୍ତି ତାହା ସେତିକି ନା ଆଉ କିଛି ଅଛି ? ପୂର୍ବରୁ ଏହାର ଉତ୍ତର ବ୍ୟାସଦେବ ଦେଇଥିଲେ । ତେଣୁ ସେହି ପ୍ରଶ୍ନର ଉତ୍ତର ନଦେଇ, ଅନ୍ୟଦ୍ୱାରା ତାର ସମାଧାନ କରାଇବା ପାଇଁ ସେ ତାଙ୍କୁ କହିଲେ....... ହେ ପୁତ୍ର ! ତୁ ମିଥିଳା ପୁରୀକୁ ଯାଇ ରାଜା ଜନକଙ୍କୁ ଏ ପ୍ରଶ୍ନ ପଚାର । ସେ ହିଁ ଏହାର ଉପଯୁକ୍ତ ଉତ୍ତର ଦେବେ । ପିତାଙ୍କଠାରୁ ଏକଥା ଶୁଣି ଆଚାର୍ଯ୍ୟ ଶୁକଦେବ ପାତାଳ ପ୍ରଦେଶରୁ ମିଥିଳା ପୁରୀକୁ ଯାଇଥିଲେ । ପୂର୍ବେ ମେରୁ ଅର୍ଥାତ୍ ହିମାଳୟର ଈଶାନ, ଉତ୍ତର ଓ ବାୟବ୍ୟ କୋଣରେ ଯେଉଁ ଦେଶଗୁଡ଼ିକ ଥିଲା, ସେସବୁକୁ ହରିବର୍ଷ କୁହାଯାଉଥିଲା । ମାଙ୍କଡ଼ମାନଙ୍କୁ ହରି କୁହାଯାଏ । ସେ ଦେଶର ଅଧିବାସୀ ଏବେମଧ୍ୟ ରକ୍ତବର୍ଣ୍ଣ ମୁଖ ତଥା ମାଙ୍କଡ଼ମାନଙ୍କ ପରି ପିଙ୍ଗଳବର୍ଣ୍ଣ ନେତ୍ରଯୁକ୍ତ ଅଟନ୍ତି । ବର୍ତ୍ତମାନ ସେହି ଦେଶ ୟୁରୋପ ନାମରେ ଅଭିହିତ । ପୂର୍ବେ ସଂସ୍କୃତରେ ତାକୁ ହରିବର୍ଷ କୁହାଯାଉଥିଲା । ସେ ସବୁ ଦେଶକୁ ଦେଖି ଦେଖି ଓ ହୁଣ ଅର୍ଥାତ୍ ୟୁହିଦିମାନଙ୍କ ଦେଶଦେଇ ଶୁକଦେବ ଯାଇ ଚୀନଦେଶରେ ପହଞ୍ଚିଲେ । ଚୀନ୍‌ରୁ ହିମାଳୟ ଯାଇ ସେଠାରୁ ମିଥିଳାକୁ ଯାଇଥିଲେ ।

ଶ୍ରୀକୃଷ୍ଣ ଓ ଅର୍ଜୁନ ଉଭୟେ ଅଶ୍ୱତରୀ ବା ଅଗ୍ନିଯାନ ସାହାଯ୍ୟରେ ପାତାଳପୁରକୁ ଯାଇ ଯୁଧିଷ୍ଠିର ମହାରାଜାଙ୍କ ଯଜ୍ଞ ସକାଶେ ସେଠାରୁ ଉଦ୍ଦାଳକ ଋଷିଙ୍କୁ

ଆଣିଥିଲେ । ଗାନ୍ଧାର ଦେଶକୁ ଆଜିକାଲି କାନ୍ଧାର ବା କାନ୍ଦାହାର କହନ୍ତି । ସେହି ଦେଶର ରାଜକନ୍ୟା ଗାନ୍ଧାରୀଙ୍କୁ ଧୃତରାଷ୍ଟ୍ର ବିବାହ କରିଥିଲେ । ପାଣ୍ଡୁଙ୍କର ସ୍ତ୍ରୀ ମାଦ୍ରୀ ଇରାନ୍ ବା ପାରସ୍ୟ ଦେଶର ରାଜକନ୍ୟା ଥିଲେ । ଅର୍ଜୁନଙ୍କ ସହିତ ପାତାଳପୁରୀ ବା ଆମେରିକା ଦେଶର ଉଲୁପୀଙ୍କ ବିବାହ ହୋଇଥିଲା । ଆର୍ଯ୍ୟାବର୍ତ୍ତର ଲୋକେ ଦେଶ ଦେଶାନ୍ତରକୁ ଗମନ କରୁଥିବାର ଏପରି ଅନେକ ଦୃଷ୍ଟାନ୍ତ ରହିଛି । ସମୁଦ୍ର ମଧ୍ୟରେ ଯାତାୟାତ କରୁଥିବା ଜଳପୋତ ଉପରେ କରଧାର୍ଯ୍ୟ କରାଯାଉଥିବା ବିଷୟ ମନୁସ୍ମୃତିରେ ଉଲ୍ଲେଖ କରାଯାଇଛି । ପୁଣି ଯୁଧିଷ୍ଠିର ମହାରାଜ ରାଜସୂୟ ଯଜ୍ଞ କଲାବେଳେ, ଭୀମ, ଅର୍ଜୁନ, ନକୁଳ, ସହଦେବ ପ୍ରଭୃତି ଚତୁର୍ଦ୍ଦିଗକୁ ଯାଇ ପୃଥିବୀର ବିଭିନ୍ନ ସ୍ଥାନରୁ ରାଜାମାନଙ୍କୁ ନିମନ୍ତ୍ରଣ କରି ଆଣିଥିଲେ । ଯଦି ଦେଶାନ୍ତର ଯାତ୍ରା ଦୋଷାବହ ହୋଇଥାନ୍ତା, ତେବେ ସେମାନେ କଦାପି ବିଦେଶକୁ ଯାଇ ନଥାନ୍ତେ । ପୂର୍ବକାଳରେ ଆର୍ଯ୍ୟାବର୍ତ୍ତର ଲୋକେ ବାଣିଜ୍ୟ ବ୍ୟବସାୟ କରିବାପାଇଁ ସମସ୍ତ ପୃଥିବୀରେ ଭ୍ରମଣ କରୁଥିଲେ । ଆଜିକାଲି ଜାତି ଚଲିଯିବାର ଯେଉଁ ଭୟ ସୃଷ୍ଟି ହୋଇଛି, ତା ହେଉଛି ଅଜ୍ଞାନ ଓ ମୂର୍ଖମାନଙ୍କ ପ୍ରତାରଣାର ଫଳମାତ୍ର । ଯେଉଁମାନେ ଦେଶ ଦେଶାନ୍ତର ତଥା ଦ୍ୱୀପଦ୍ୱୀପାନ୍ତର ଯାଆନ୍ତି, ସେମାନେ ବିଭିନ୍ନ ଦେଶବାସୀଙ୍କ ସମ୍ପର୍କରେ ଆସି, ସେମାନଙ୍କ ରୀତି-ନୀତି ସବୁକୁ ଦେଖନ୍ତି । ସେମାନଙ୍କ ଭଲଗୁଣକୁ ଗ୍ରହଣ କରି ମନ୍ଦଗୁଣ ପରିତ୍ୟାଗ କରିବାରେ ଯତ୍ନଶୀଳ ହୋଇଥାନ୍ତି । ବିଦେଶକୁ ଯିବାଦ୍ୱାରା ଯେଉଁ ଅଭିଜ୍ଞତା ଜନ୍ମେ, ତହିଁରୁ ନିର୍ଭୀକତା, ବୀରତ୍ୱ ଓ ଶୂରତ୍ୱ ଜାତ ହୋଇଥାଏ । ଦ୍ୱିତୀୟତଃ ମନ୍ଦାଚରଣ ପରିତ୍ୟାଗ ପୂର୍ବକ ସଦ୍‌ବ୍ୟବହାର ଶିକ୍ଷା କରିବାକୁ ହୁଏ, ବୁଦ୍ଧି ଓ ସାହସ ବଢ଼େ, ପୁଣି ନାନାପ୍ରକାର ବାଣିଜ୍ୟ ବ୍ୟବସାୟ କୌଶଳ ଶିକ୍ଷାକରି ନିଜ ଦେଶକୁ ସମୃଦ୍ଧିଶାଳୀ କରିବାରେ ସହାୟକ ହୋଇଥାନ୍ତି ।

ଆଶ୍ଚର୍ଯ୍ୟର କଥା, ମହାଭ୍ରଷ୍ଟ ମ୍ଳେଚ୍ଛକୁଳୋତ୍ପନ୍ନ ବେଶ୍ୟା ପ୍ରଭୃତିଙ୍କ ସହବାସଦ୍ୱାରା ଲୋକେ ଆଚାରଭ୍ରଷ୍ଟ ଓ ଧର୍ମହୀନ ହୁଅନ୍ତି ନାହିଁ, ଅଥଚ ବିଦେଶରେ ବସବାସ କରୁଥିବା ସଜ୍ଜନଙ୍କ ସହିତ ମିଳାମିଶାକଲେ ଅପବିତ୍ର ଓ ଦୂଷିତ ହୋଇଯିବେ ବୋଲି ବିଚାରିଥାନ୍ତି । ଏପରି ବିଚାର ମୂର୍ଖତାର ପରିଚାୟକ ବ୍ୟତୀତ ଅନ୍ୟ କିଛି ନୁହେଁ । ଅବଶ୍ୟ ଏକଥା ଠିକ୍ ଯେ, ଯେଉଁମାନେ ମାଂସଭକ୍ଷଣ, ମଦ୍ୟପାନ ପ୍ରଭୃତି କରନ୍ତି, ସେମାନଙ୍କ ଶରୀର ଓ ବୀର୍ଯ୍ୟାଦି ଧାତୁ ଦୁର୍ଗନ୍ଧଦ୍ୱାରା ଦୂଷିତ ହୋଇଥାଏ । ସେମାନଙ୍କ ସହିତ ସଙ୍ଗ ହେବାଦ୍ୱାରା ଆର୍ଯ୍ୟମାନଙ୍କ ଠାରେ ମଧ୍ୟ କୁଲକ୍ଷଣ ପ୍ରକାଶ ପାଇବା ବିଚିତ୍ର ନୁହେଁ । କିନ୍ତୁ ଏମାନଙ୍କର ଗୁଣ ଗ୍ରହଣ କରିବାରେ ତିଳେମାତ୍ର ଦୋଷ ନାହିଁ । ଏମାନଙ୍କ ସହିତ ବସିଲେ ବା ଏମାନଙ୍କୁ ଛୁଇଁଲେ ପାପହୁଏ ବୋଲି ଯେଉଁ ମୂର୍ଖମାନେ କହନ୍ତି, ସେମାନେ ସେମାନଙ୍କ

ସହିତ କେବେହେଁ ଯୁଦ୍ଧ କରିପାରିବେ ନାହିଁ । ଯେଣୁ ଯୁଦ୍ଧ କରିବାକୁ ହେଲେ ସେମାନଙ୍କୁ ନିଶ୍ଚିତଭାବରେ ଛୁଇଁବାକୁ ବା ଦେଖିବାକୁ ପଡ଼ିବ ହିଁ ପଡ଼ିବ । ସଜ୍ଜନମାନଙ୍କ ଆଚାର ହେଉଛି, ରାଗ, ଦ୍ୱେଷ, ଅନ୍ୟାୟ, ମିଥ୍ୟାଭାଷଣାଦି ଦୋଷକୁ ତ୍ୟାଗକରି, ନିର୍ବୈର, ପ୍ରୀତି ପରୋପକାର ଓ ସାଧୁ ସ୍ୱଭାବ ଧାରଣ କରିବା । ଧର୍ମ ଆମର ଆତ୍ମା ଓ କର୍ତ୍ତବ୍ୟ ସହିତ ଓତପ୍ରୋତଃ ଭାବେ ଜଡ଼ିତ ବୋଲି ବିଚାର କରିବା ଉଚିତ । ଆମେ ଯଦି ଉତ୍ତମ କାର୍ଯ୍ୟମାନ କରିବା, ତେବେ ଦେଶ ଦେଶାନ୍ତର , ବା ଦ୍ୱୀପ ଦ୍ୱୀପାନ୍ତର ଗଲେ ମଧ୍ୟ କୌଣସି ପ୍ରକାର ଦୋଷ ନାହିଁ । ପାପକର୍ମ କରିବାଦ୍ୱାରା କେବଳ ଦୋଷହୁଏ । କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ, ବେଦୋକ୍ତ ମତରେ ଆମେ ଦୃଢ଼ ରହିବା ସଙ୍ଗେ ସଙ୍ଗେ ପାଖଣ୍ଡ ମତକୁ ଅବଶ୍ୟ ଖଣ୍ଡନ କରିବା । ଯେପରି ଆମକୁ କୌଣସି ପାଷଣ୍ଡ ପ୍ରତାରଣା କରିପାରିବେ ନାହିଁ । ଦେଶ ଦେଶାନ୍ତର ଓ ଦ୍ୱୀପ ଦ୍ୱୀପାନ୍ତରରେ ବାଣିଜ୍ୟ ବ୍ୟବସାୟ ସମ୍ପର୍କ ସ୍ଥାପନ ନ କଲେ ଯେ କୌଣସି ଦେଶ କଦାପି ଉନ୍ନତି କରିପାରିବ ନାହିଁ । ଯଦି ସ୍ୱଦେଶୀ ଲୋକେ କେବଳ ନିଜ ରାଜ୍ୟରେ ରହିବେ ଓ ବିଦେଶୀ ଲୋକେ ଆସି ସେଠାରେ ବାଣିଜ୍ୟ ବ୍ୟବସାୟ କରିବେ, ତେବେ ଦେଶରେ ଦୁଃଖ, ଦାରିଦ୍ର୍ୟ କେବଳ ମୁଣ୍ଡଟେକି ଉଠିବ । ପାଖଣ୍ଡୀ ଲୋକଙ୍କର ବିଚାର ହେଉଛି.... ଆମ ଦେଶର ଲୋକଙ୍କୁ ବିଦେଶରେ ପଢ଼ିବାପାଇଁ ଅନୁମତି ଦେଲେ, ସେମାନେ ବୁଦ୍ଧିମାନ୍, ଚତୁର ଓ ସାହସୀ ହୋଇଯିବେ, ସେମାନେ ଆମ୍ଭମାନଙ୍କର ମିଥ୍ୟା ଜାଲରେ ଆଉ ପଡ଼ିବେ ନାହିଁ, ଆମର ପ୍ରତିଷ୍ଠା ଓ ଜୀବିକା ନଷ୍ଟ ହୋଇଯିବ । ଏପରି ଆଶଙ୍କା କରି ପାଖଣ୍ଡୀ ପୁରୋହିତ ଓ ପାଖଣ୍ଡୀ ଧର୍ମ ପ୍ରଚାରକ ଗଣ ଖାଦ୍ୟପେୟ ସମ୍ପର୍କରେ କଟକଣା ଜାରି କରିବା ସଙ୍ଗେ ସଙ୍ଗେ ବିଦେଶକୁ ଯିବାପାଇଁ ମନା କରି ଦେଇଛନ୍ତି ।

ଅବଶ୍ୟ ଭୁଲ୍‌ରେ ସୁଦ୍ଧା କେବେ ମଦ୍ୟମାଂସ ସେବନ କରିବା ଉଚିତ ନୁହେଁ । ସୈନ୍ୟସାମନ୍ତ ଯୁଦ୍ଧ ସମୟରେ ରଣଭୂମିରେ ରୋଷେଇ ବାସ କରି ଖାଇଲେ ପରାଜୟ ସୁନିଶ୍ଚିତ, ଏ ବିଷୟ କଣ ବୁଦ୍ଧିମାନ୍ ଲୋକେ ଜାଣି ନାହାନ୍ତି ? ଏଣୁ ଅଶ୍ୱାରୋହୀ, ଗଜାରୋହୀ, ରଥାରୋହୀ କିମ୍ବା ପଦାତିକ ଯେକୌଣସି କ୍ଷତ୍ରିୟ ହୁଅନ୍ତୁ ନା କାହିଁକି, ଯୁଦ୍ଧକ୍ଷେତ୍ରରେ ଗୋଟିଏ ହାତରେ ରୁଟି ଖାଇ, ଅନ୍ୟ ହାତରେ ଯାନବାହନ ଚଳାଇ ଶତ୍ରୁକୁ ସଂହାର କରିବା ଆଚାର ବୋଲି ମନେ କରନ୍ତି । କାରଣ ପରାଜୟକୁ ସେମାନେ ଅନାଚାର ବୋଲି ବିବେଚନା କରନ୍ତି । ଏପରି ମୂର୍ଖତା କାରଣରୁ ପୃଥକ୍ ପୃଥକ୍ ରୋଷେଇ କରି, ପରସ୍ପର କଳହରେ ମାଜି ରହି, ଶେଷରେ ନିଜର ସ୍ୱାଧୀନତା, ଆନନ୍ଦ, ଧନ, ରାଜ୍ୟ, ବିଦ୍ୟା ଓ ପୁରୁଷାର୍ଥ ସବୁ କିଛିକୁ ସେହି ଚୁଲିରେ ପୋଡ଼ି ପାଉଁଶ କରି ଦେଇଛନ୍ତି । ଆଜି ଅନାଇ ରହିଛନ୍ତି, ଦୟାପରବଶ ହୋଇ କେହି କିଛି

ଦେଲେ, ବା କେଉଁଠୁ କିଛି ମିଳିଲେ, ନିଜେ ରୋଷେଇ କରି ଖାଆନ୍ତୁ । କିନ୍ତୁ କିଏ ଦେଉଛି ? ବା କେଉଁଠୁ ମିଳୁଛି ? ଏହି ରୀତିରେ ଆଜି ଦେଶର ସର୍ବତ୍ର ଭିନ୍ନ ଭିନ୍ନ ଚୁଲି ତିଆରି ହୋଇ ଆମର ଏକତା, ଆମର ସଂହତି ଏକାବେଳକେ ନଷ୍ଟହୋଇ ଯାଇଛି । ଅବଶ୍ୟ ଯେଉଁଠି ରୋଷେଇ କରାଯିବ ସେ ସ୍ଥାନକୁ ଭଲଭାବରେ ଲିପାପୋଛା କରି ପରିଷ୍କାର ପରିଚ୍ଛନ୍ନ ରଖିବା ଆବଶ୍ୟକ । ଆର୍ଯ୍ୟାବର୍ତ୍ତ ଦେଶବାସୀଙ୍କ ଚୁଲି ମୁସଲମାନ୍ ଅଥବା ଖ୍ରୀଷ୍ଟିୟାନ୍‌ମାନଙ୍କ ପାକଶାଳାପରି ଭ୍ରଷ୍ଟ ହେବା ଉଚିତ ନୁହେଁ ।

ପ୍ରଶ୍ନ: ତେବେ ସଙ୍ଖୁଡ଼ି ଓ ନିସଙ୍ଖୁଡ଼ି କାହାକୁ କୁହାଯାଏ ?

ଉତ୍ତର : ଜଳଦ୍ୱାରା ଯେଉଁ ଅନ୍ନ ରନ୍ଧାଯାଏ, ତାକୁ ସଂଖୁଡ଼ି ଓ ଘିଅ ଦୁଧ ପ୍ରଭୃତିରେ ଯାହା ରନ୍ଧାହୁଏ, ତାକୁ ନିସଂଖୁଡ଼ି କୁହାଯାଏ । ଧୂର୍ତ୍ତମାନେ ସଂଖୁଡ଼ିକୁ ଅଶୁଦ୍ଧ, ଓ ନିସଂଖୁଡ଼ିକୁ ଶୁଦ୍ଧ ବୋଲି କହନ୍ତି । ଘିଅ ଓ ଦୁଧରେ ତିଆରି ସ୍ୱାଦିଷ୍ଟ ଖାଦ୍ୟପଦାର୍ଥକୁ ଅଧିକ ଉଦରସ୍ଥ କରାଯାଇପାରେ । ଏହି ଲାଳସାରେ ସେମାନେ ଖାଦ୍ୟରେ ମଧ୍ୟ ଏପରି ଭେଦଭାବ ସୃଷ୍ଟି କରିଛନ୍ତି । କଞ୍ଚା ଓ ପାକଲା ଏପରି ଦୁଇପ୍ରକାର ଖାଦ୍ୟ ଅଛି । ଅସିଦ୍ଧା ବା କଞ୍ଚାକୁ ଅପକ୍ୱ ଓ ସିଦ୍ଧକୁ ପକ୍ୱ ବୋଲି କହନ୍ତି । ଏଣୁ ପକ୍ୱ ଓ ଅପକ୍ୱ ଏ ଭେଦଭାବ ମଧ୍ୟ ଠିକ୍ ନୁହେଁ । କାରଣ ଚଣା ପ୍ରଭୃତି କେତେକ ଖାଦ୍ୟକୁ କଞ୍ଚା ଖିଆଯାଏ ।

ପ୍ରଶ୍ନ : ଦ୍ୱିଜମାନେ ନିଜ ହାତରେ ରୋଷେଇ କରି ଖାଇବେ, ନା ଶୂଦ୍ର ହାତ ତିଆରି ଖାଦ୍ୟ ଖାଇବେ ?

ଉତ୍ତର : ଶୂଦ୍ର ହାତରନ୍ଧା ଖାଦ୍ୟ ଖାଇବେ । କାରଣ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବର୍ଣ୍ଣର ସ୍ତ୍ରୀ ଓ ପୁରୁଷମାନେ, ବିଦ୍ୟା ପଢ଼ାଇବା, ରାଜ୍ୟ ପାଳନ କରିବା. ଓ ପଶୁପାଳନ, କୃଷି-ବାଣିଜ୍ୟ କର୍ମରେ ସଦାସର୍ବଦା ତତ୍ପର ରହିଥାଆନ୍ତି । ତେଣୁ ସେମାନେ ରୋଷେଇ କାର୍ଯ୍ୟରେ ସମୟ ନଷ୍ଟ କରନ୍ତି ନାହିଁ । କିନ୍ତୁ ଦ୍ୱିଜମାନେ ଆପତ୍‌କାଳ ବ୍ୟତୀତ ଅନ୍ୟସମୟରେ ଶୂଦ୍ରର ପାତ୍ର କିମ୍ବା ଶୂଦ୍ର ଘରର ରନ୍ଧା ଅନ୍ନ ଭୋଜନ କରିବେ ନାହିଁ । ଯେଣୁ କଥିତ ହୋଇଛି.......

ଆର୍ଯ୍ୟାଧିଷ୍ଠିତା ବା ଶୂଦ୍ରାଃ ସଂସ୍କର୍ତାରଃ ସ୍ୟୁଃ ।।

(ଆପ୍ତସ୍ତମ୍ଭ ଧର୍ମସୂତ୍ର ପ୍ରଶ୍ନ .୨ (ପଟଳ ୨। ଖଣ୍ଡମାସୂ.୪)

ଆର୍ଯ୍ୟମାନଙ୍କ ଗୃହରେ ଶୂଦ୍ର ଅର୍ଥାତ୍ ମୂର୍ଖ ସ୍ତ୍ରୀ-ପୁରୁଷ ପାକାଦି ସେବା କରିବେ. କିନ୍ତୁ ସେମାନେ ଶରୀର, ବସ୍ତ୍ର ପ୍ରଭୃତି ପରିଷ୍କାର ପରିଚ୍ଛନ୍ନ ରଖିବେ । ସେମାନେ ମୁହଁରେ ଲୁଗାବାନ୍ଧି ରୋଷେଇ କରିବେ । କାରଣ ସେମାନଙ୍କ ନିଶ୍ୱାସ ବା ଉଚ୍ଛିଷ୍ଟ ଅନ୍ନ ଉପରେ ପଡ଼ିବା ଉଚିତ ନୁହେଁ । ସପ୍ତାହରେ ଥରେ ସେମାନେ କ୍ଷର ହୋଇ

ନଖ କାଟିବେ । ସ୍ନାନକରି ରୋଷେଇ କରିବେ । ଆର୍ଯ୍ୟମାନଙ୍କୁ ଭୋଜନ ଦେଇସାରି ସେମାନେ ନିଜେ ଭୋଜନ କରିବେ ।

ପ୍ରଶ୍ନ : ଶୂଦ୍ର ଛୁଇଁଥିବା ଅନ୍ନକୁ ଖାଇବାପାଇଁ ନିଷେଧ କରାଯାଇଛି, ତେବେ ଶୂଦ୍ର ରାନ୍ଧିଥିବା ଅନ୍ନକୁ କିପରି ଖାଇବାକୁ ହେବ ?

ଉତ୍ତର : ଏହା କପୋଳକଳ୍ପିତ ମିଥ୍ୟା କଥା ବ୍ୟତୀତ ଅନ୍ୟ କିଛି ନୁହେଁ । କାରଣ ଯେଉଁମାନେ ଗୁଡ଼, ଚିନି, ଘିଅ, ଦୁଧ, ମିଷ୍ଟାନ୍ନ, ଶାଗ, ଫଳ, ମୂଳ, ପ୍ରଭୃତି ଖାଆନ୍ତି, ବୁଝିବାକୁ ହେବ ଯେ, ସେମାନେ ସଂସାର ଯାକର ସମସ୍ତଙ୍କ ହାତରୁ ଖାଇଛନ୍ତି ଓ ସମସ୍ତଙ୍କ ଉଚ୍ଛିଷ୍ଟ ମଧ୍ୟ ଭୋଜନ କରିଛନ୍ତି । କାରଣ ଶୂଦ୍ର, ଚମାର, ମେହେନ୍ତର, ମୁସଲମାନ୍, ଖ୍ରୀଷ୍ଟିୟାନ୍, ଆଦି ସବୁ ଶ୍ରେଣୀର ଲୋକେ ଆଖୁଚାଷ କରନ୍ତି, ବିଲରୁ ଆଖୁ କାଟନ୍ତି, ଚୋପା ଛଡ଼ାନ୍ତି, ଘଣାରେ ପେଡ଼ି ରସ ବାହାର କରନ୍ତି । ଏସବୁ କାମ କରିବା ସମୟରେ ସେମାନେ ମୂତ୍ରୋତ୍ସର୍ଗାଦି କର୍ମକରି ହାତ ଧୁଅନ୍ତି ନାହିଁ, ଆଖୁ ଚୋବାଇ ସେହି ଅଇଁଠାହାତରେ ରସ ବାହାର କରନ୍ତି, ସେହି ରସରୁ ଗୁଡ଼ ତିଆରି କରିବା ସମୟରେ କେତେକ ସେହି ରସରେ ରୁଟି ବୁଡ଼ାଇ ଖାଇଥାନ୍ତି । ଚିନି ତିଆରି ସମୟରେ ମଳିଧୂଳି ଲାଗିଥିବା ଜୋତାରେ ଗୁଡ଼କୁ ଦଳିଥାନ୍ତି । ନିଜ ଘରୁ ଅଇଁଠା ବାସନରେ ପାଣି ନେଇ ଦୁଧରେ ମିଶାନ୍ତି, ଘୃତାଦିକୁ ଅଇଁଠା ପାତ୍ରରେ ମଧ୍ୟ ରଖିଥାନ୍ତି । ଅଟା ବା ଚୂନା ତିଆରି କରିବା ସମୟରେ ଅଇଁଠା ହାତରେ ଧରନ୍ତି ଉଠାନ୍ତି ଓ ପେଷିଥାନ୍ତି ମଧ୍ୟ । ନିଜ ଦେହର ଝାଳ ଟୋପା ଟୋପା ହୋଇ ସେହି ଅଟାରେ ପଡୁଥାଏ । ଫଳମୂଳ ସଂଗ୍ରହାଦି ସମୟରେ ମଧ୍ୟ ଏପରି କାର୍ଯ୍ୟକଳାପ ହେଉଛି । ଏସବୁ ପଦାର୍ଥ ଯେତେବେଳେ ଖାଇବାକୁ ହେଉଛି, ତେବେ ବୁଝିବାକୁ ହେବ ଯେ ଯାବତୀୟ ଲୋକଙ୍କ ହାତରୁ ଖାଇବାକୁ ପଡୁଛି ।

ପ୍ରଶ୍ନ : ଫଳମୂଳ, କନ୍ଦ, ପୁଣି ରସ ଇତ୍ୟାଦିର ଦୋଷ କେହି ଦେଖୁନାହାନ୍ତି, ତେଣୁ ସେହି ଦୋଷକୁ ଧରିବା ଉଚିତ ନୁହେଁ ।

ଉତ୍ତର : ବାହାରେ ବାଃ !! ମନୁଷ୍ୟ ଜଣ ଏସବୁ ବ୍ୟତୀତ ଧୂଳି ପାଉଁଶ ଖାଏ ? ଗୁଡ଼, ଚିନି ପ୍ରଭୃତି ମିଠା ଲାଗେ । ଘିଅ, ଦୁଧ ପୁଷ୍ଟିକର ପଦାର୍ଥ, ଏହି କାରଣରୁ ସେ ଦୋଷ କଣ ଧରାଯିବ ନାହିଁ ? ଅଦୃଷ୍ଟ ପଦାର୍ଥରେ ପ୍ରକୃତରେ ଯଦି ଦୋଷ ନାହିଁ, ତେବେ କୌଣସି ମେହେନ୍ତର, ପାଣ ବା ମୁସଲମାନ୍ ଅନ୍ୟ ସ୍ଥାନରେ ରୋଷେଇ କରି ଆଣିଦେଲେ, ତାକୁ ତୁମେ ଭୋଜନ କରିବ ତ? ତାକୁ ଯଦି ଭୋଜନ ନକରୁଛ, ତେବେ ବୁଝିବାକୁ ହେବ ଯେ, ଅଦେଖା ପଦାର୍ଥରେ ମଧ୍ୟ ଦୋଷ ରହିଛି । ମଦ୍ୟ, ମାଂସ ସେବନକାରୀ ମୁସଲମାନ୍, ଖ୍ରୀଷ୍ଟିୟାନ୍ ହାତରୁ ଖାଇଲେ ଆର୍ଯ୍ୟମାନଙ୍କୁ ମଧ୍ୟ

ମଦ୍ୟ, ମାଂସ ଖାଇବା ପିଇବାର ଦୋଷ ପଛରେ ହୋଇଥାଏ । କିନ୍ତୁ ଆର୍ଯ୍ୟମାନେ ଏକତ୍ର ବସି ଭୋଜନ କରିବାରେ କୌଣସି ଦୋଷ ପରିଲକ୍ଷିତ ହୁଏ ନାହିଁ । ଯେପର୍ଯ୍ୟନ୍ତ ସମସ୍ତେ ଏକମତ, ଏକ ହାନି-ଲାଭ, ଏକ ସୁଖ-ଦୁଃଖ ବିଗ୍ଭର ନ କରିବେ, ସେପର୍ଯ୍ୟନ୍ତ ଦେଶର ଉନ୍ନତି କଦାପି ହୋଇପାରିବ ନାହିଁ । ଖରାପ ଅଭ୍ୟାସ ଗୁଡ଼ିକୁ ପରିତ୍ୟାଗ କରି, ଭଲ ଅଭ୍ୟାସ ସବୁକୁ ଆଦରି ନ ନେବା ପର୍ଯ୍ୟନ୍ତ କ୍ଷତିଛଡ଼ା ଲାଭ କଦାପି ହୋଇପାରିବ ନାହିଁ । ଆର୍ଯ୍ୟାବର୍ତ୍ତରେ ବିଦେଶୀମାନେ ରହି ଦୀର୍ଘକାଳ ଶାସନ କରିବା କାରଣରୁ, ଦେଶବାସୀଙ୍କ ମଧ୍ୟରେ ଭେଦାଭେଦ, ବ୍ରହ୍ମଚର୍ଯ୍ୟ ଧାରଣ ନ କରିବା, ବିଦ୍ୟାର ଉନ୍ନତି, ବାଲ୍ୟକାଳରେ ଓ ସ୍ୱୟମ୍ବର ବ୍ୟତୀତ ବିବାହ, ବିଷୟାସକ୍ତି, ମିଥ୍ୟାଭାଷଣାଦି କୁକର୍ମ, ବେଦବିଦ୍ୟାର ଅପ୍ରଗ୍ଭର ପ୍ରଭୃତି, କୁରୀତିନୀତିମାନ ଦେଶରେ ବହୁପରିମାଣରେ ବଢ଼ିଯାଇଛି । ଦେଶରେ ଭାଇ ଭାଇ ମଧ୍ୟରେ ଯୁଦ୍ଧ ଲାଗି ଯାଉଛି । ଏପରି ମଉକା ଦେଖି କଳି ମେଣ୍ଟାଇ ଦେବା ପାଇଁ ତୃତୀୟ ବ୍ୟକ୍ତି ପଞ୍ଚରୂପେ ଆସି, ନିଜର ସୁବିଧା ଟିକକ ହାସଲ କରି ନେଉଛି । ପାଞ୍ଚ ହଜାର ବର୍ଷ ପୂର୍ବରୁ ଭାରତରେ ଯେଉଁ ଭୀଷଣ ମହାଭାରତ ଯୁଦ୍ଧ ଅନୁଷ୍ଠିତ ହୋଇଥିଲା, ସେ ବିଷୟ କଣ ଭୁଲି ଯାଉଛ ? ସେତେବେଳେ ସୈନ୍ୟ ସାମନ୍ତମାନେ ଓ ଯୋଦ୍ଧୃଗଣ ହାତୀ, ଘୋଡ଼ା ଓ ରଥ ଉପରେ ବସି କୌଣସି ଦୃଷ୍ଟିଦୋଷ ବା ସ୍ପର୍ଶଦୋଷ ବିଗ୍ଭର ନ କରି, ମନଇଚ୍ଛା ଯେ ଯାହାର ଖାଦ୍ୟପେୟ ଗ୍ରହଣ କରୁଥିଲେ । ପରସ୍ପର ମଧ୍ୟରେ ଯେଉଁ ଭେଦଭାବ ସୃଷ୍ଟି ହେଲା ତାରି ଫଳରେ ପାଣ୍ଡବ କୌରବ ତଥା ଯାଦବ ମାନଙ୍କର ସର୍ବନାଶ ହେଲା । ସେହି ଦିନରୁ ଅଦ୍ୟାବଧି ଏ ରୋଗ ବରାବର ଲାଗି ରହିଛି । ଆର୍ଯ୍ୟମାନେ ସେହିଦିନରୁ ଦୁଃଖସାଗରରେ ଉବୁଟୁବୁ ହେଉଛନ୍ତି । ସେହି ଭୟଙ୍କର ରାକ୍ଷସ କେବେ ଏ ଦେଶରୁ ଦୂର ହେବ, କିମ୍ବା ଆମର ସକଳ ସୁଖ, ଶାନ୍ତି, ଧନସମ୍ପତ୍ତି ଅପହରଣ କରି ଆର୍ଯ୍ୟଜାତିର ଧ୍ୱଂସ ସାଧନ କରିବ, ତା ଜାଣିବା କାଠିକର ପାଠ ହୋଇପଡୁଛି । ସେହି ସ୍ୱବଂଶ ବିନାଶକାରୀ, ଦୁଷ୍ଟ ଦୁର୍ଯ୍ୟୋଧନ, ସ୍ୱଦେଶକୁ ବିନାଶ କରିବା ସଙ୍ଗେ ସଙ୍ଗେ କୁମାର୍ଗରେ ଗଲା, ତାକୁ ଅନୁକରଣ କରି ଆର୍ଯ୍ୟ ଲୋକେ ମଧ୍ୟ ସେହି ପଥରେ ଯାଇ ଏବେମଧ୍ୟ ବିପଦ ଭୋଗୁଛନ୍ତି । ପରମେଶ୍ୱରଙ୍କ ଦୟାରୁ, ସେହି ରାଜରୋଗ ଆମ୍ଭମାନଙ୍କ ମନରୁ ଦୂରେଇ ଯାଉ ଏହାହିଁ ଏକମାତ୍ର କାମନା ।

ଭକ୍ଷ୍ୟାଭକ୍ଷ୍ୟ ହେଉଛି ଦୁଇ ପ୍ରକାର । ପ୍ରଥମ ଧର୍ମଶାସ୍ତ୍ରୋକ୍ତ ଓ ଦ୍ୱିତୀୟ ବୈଦ୍ୟଶାସ୍ତ୍ରୋକ୍ତ । ଯଥା.....

"ଅଭକ୍ଷ୍ୟାଣି ଦ୍ୱିଜାତୀନାମମେଧ୍ୟ ପ୍ରଭବାଣି ଚ" ।।

(ମନୁ ୫।୫)

ଦ୍ୱିଜ ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏପରିକି ଶୂଦ୍ରମାନେ ମଧ୍ୟ ମଳମୂତ୍ରାଦି ମଳିନ ପଦାର୍ଥ ସଂସର୍ଗରେ ଉତ୍ପନ୍ନ ଫଳ, ମୂଳ, ଶାକାଦି ନ ଖାଇବା ଉଚିତ ।

ବର୍ଜୟେନ୍ମଧୁମାଂସଂ ଚ" । (ମନୁ ଅ୨।୧୭୭)

ମାଦକ ଦ୍ରବ୍ୟ ଅର୍ଥାତ୍ ମଦ, ଗଞ୍ଜେଇ, ଭାଙ୍ଗ ଓ ଅଫିମ ପ୍ରଭୃତି ଏବଂ ମାଂସ ଭକ୍ଷଣ ପରିତ୍ୟାଗ କରିବା ଉଚିତ ।

"ବୁଦ୍ଧିଂ ଲୁଂପତି ଯଦ୍‌ଦ୍ରବ୍ୟଂ ମଦକାରୀ ତଦୁଚ୍ୟତେ"

(ଶାର୍ଙ୍ଗଧର ପ୍ରଥମଖଣ୍ଡ ଅ.୪।ଶ୍ଳୋକ ୨୧)

ଯେଉଁ ଯେଉଁ ପଦାର୍ଥରେ ବୁଦ୍ଧି ନାଶ ହୁଏ, ସେସବୁ ପଦାର୍ଥ କଦାପି ସେବନ କରିବା ଉଚିତ ନୁହେଁ । ଯେଉଁ ପଦାର୍ଥ ପଚି ସଢ଼ି ଯାଇଥିବ, ଦୁର୍ଗନ୍ଧାଦି ଦୋଷରେ ଦୂଷିତ ହୋଇଥିବ, ଉପଯୁକ୍ତ ଭାବେ ରନ୍ଧନ କରାଯାଇ ନଥିବ, କିମ୍ବା ମଦ୍ୟମାଂସାହାରୀ ମ୍ଳେଚ୍ଛମାନଙ୍କ ହାତରେ ପ୍ରସ୍ତୁତ କରାଯାଇଥିବ, ସେସବୁ ପଦାର୍ଥ ଭୋଜନ କରିବା ଉଚିତ ନୁହେଁ । ମଦ୍ୟମାଂସାହାରୀ ବ୍ୟକ୍ତିଙ୍କ ଶରୀର ମଦ୍ୟ ତଥା ମାଂସର ଦୂଷିତ ପରମାଣୁରେ ଭରପୂର ହୋଇ ରହିଥାଏ । ଉପକାରୀ ପ୍ରାଣୀମାନଙ୍କ ପ୍ରତି ହିଂସା କରିବା କଦାପି ଶୋଭନୀୟ ନୁହେଁ । ଯେଉଁ ଗାଈଠାରୁ ଦୁଧ, ଘିଅ, ବଳଦ ପୁଣି ଅନ୍ୟ ଗାଈ ଉତ୍ପନ୍ନ ହେଉଛନ୍ତି, ଯେଉଁ ଗାଈ ମାତ୍ର ଗୋଟିଏ ପିଢ଼ିରେ ଗ୍ଭରିଲକ୍ଷ ପଞ୍ଚସ୍ତରୀ ହଜାର ଛଅଶହ ମଣିଷଙ୍କୁ ସୁଖପ୍ରଦାନ କରୁଛି, ତାକୁ ହତ୍ୟା କରିବା ବା ହତ୍ୟାପାଇଁ ଅନ୍ୟକୁ ଦେବା ଉଚିତ ନୁହେଁ ।

ଗୋଟିଏ ଗାଈ ଏତେ ଲୋକଙ୍କର କିପରି ଉପକାର କରୁଛି ତାର ହିସାବ.... ଗୋଟିଏ ଗାଈଠାରୁ କୋଡ଼ିଏ ସେର ଓ ଅନ୍ୟ ଏକ ଗାଈଠାରୁ ଦୁଇସେର ଦୁଧ ମିଳିଲେ, ହାରାହାରି ପ୍ରତ୍ୟେକ ଗାଈଠାରୁ ଦୈନିକ ଏଗାର ସେର ଦୁଧ ମିଳିଥାଏ । କୌଣସି ଗାଈ ଅଠରମାସ ଦୁଧ ଦେଉଥିବା ସ୍ଥଳେ ଅନ୍ୟକେତେକ ଗାଈ ଛଅମାସ ପର୍ଯ୍ୟନ୍ତ ଦୁଧ ଦିଅନ୍ତି । ଏହି ହିସାବରେ ପ୍ରାୟ ପ୍ରତ୍ୟେକ ଗାଈ ଏକବର୍ଷ ପର୍ଯ୍ୟନ୍ତ ଦୁଧ ଦିଅନ୍ତି । ଏହି ହିସାବରେ ପ୍ରତ୍ୟେକ ଗାଈ ନିଜ ଜୀବନକାଳ ମଧ୍ୟରେ ଚବିଶହଜାର ନଅଶହ ଷାଠିଏ ଜଣ ବ୍ୟକ୍ତିଙ୍କୁ ନିଜ କ୍ଷୀରଦ୍ୱାରା ଥରଟିଏ ତୃପ୍ତି କରିଥାଏ । ଗୋଟିଏ ଗାଈ ତା ଜୀବନକାଳ ମଧ୍ୟରେ ହାରାହାରି ବାରଗୋଟି ବାଛୁରୀ ଜନ୍ମ କରିଥାଏ । ତନ୍ମଧ୍ୟରୁ ଦୁଇଗୋଟି ଯଦି ମରିଯାଆନ୍ତି, ତେବେ ଆଉ ଦଶଗୋଟି ବଞ୍ଚି ରହନ୍ତି । ମନେକରାଯାଉ ସେମାନଙ୍କ ମଧ୍ୟରୁ ପାଞ୍ଚଗୋଟି ଅଣ୍ଡିରା ଓ ପାଞ୍ଚଗୋଟି ମାଈ ଗୋରୁ ହେଲେ । ଏହି ପାଞ୍ଚଗୋଟି ଗାଈ ଏକଲକ୍ଷ ଚବିଶ ହଜାର ଆଠଶହ ଲୋକଙ୍କୁ ଥରଟିଏ ଆହାର ଯୋଗାଇବାରେ ସମର୍ଥ ହୋଇଥାନ୍ତି । ପୁଣି ପାଞ୍ଚୋଟି ବଳଦ ଅନ୍ୟୁନ ପାଞ୍ଚହଜାର

ମହଣ ଧାନ ପ୍ରଭୃତି ଶସ୍ୟ ଉତ୍ପାଦନରେ ସାହାଯ୍ୟ କରନ୍ତି । ପ୍ରତ୍ୟେକ ମନୁଷ୍ୟ ତିନି ପାଆ ଅନ୍ନ ଖାଇଲେ ସେହି ଉତ୍ପାଦିତ ଅନ୍ନରେ ଅଢ଼େଇଲକ୍ଷ ଲୋକଙ୍କ କ୍ଷୁଧା ନିବାରଣ କରାଯାଇ ପାରେ । କ୍ଷୀର ଓ ଅନ୍ନକୁ ମିଶାଇ ଦେଲେ ତିନିଲକ୍ଷ ଚଉସ୍ତରି ହଜାର ଆଠଶହ ଲୋକଙ୍କର କ୍ଷୁଧା ଦୂର ହୁଏ । ଏହିପରି ଗୋଟିଏ ଗାଈ ନିଜ ସନ୍ତାନ ସନ୍ତତିଙ୍କ ସହିତ ଗୋଟିଏ ପୁରୁଷରେ ଚାରିଲକ୍ଷ ପଞ୍ଚସ୍ତରି ହଜାର ଛଅଶହ ମନୁଷ୍ୟଙ୍କୁ ଥରଟିଏ ପୂର୍ଣ୍ଣ ଭୋଜନ ଯୋଗାଇ ଦେଇଥାଏ । ଏହିପରି ଭାବରେ ଗାଈ ପୁରୁଷାନୁକ୍ରମେ ଅସଂଖ୍ୟ ଲୋକଙ୍କୁ ପାଳନ କରିଥାଏ । ଏହାପରେ ମଧ୍ୟ ବଳଦ ହଳ କରିବା, ଗାଡ଼ିଟାଣିବା, ଭାର ବୋହିବା ପ୍ରଭୃତି ଅନେକ କାମକରି ମଣିଷସମାଜର ଅଶେଷ ଉପକାର କରିଥାଏ । ବିଶେଷକରି ଗାଈ କ୍ଷୀରଦାନ କରି ଅଧିକରୁ ଅଧିକ ଉପକାର କରେ । ଗାଈପରି ମଇଁଷୀ ମଧ୍ୟ ଉପକାରୀ ପ୍ରାଣୀ । କିନ୍ତୁ ମଇଁଷୀ ଘିଅ, ଦୁଧ ଅପେକ୍ଷା ଗାଈର ଘିଅ, ଦୁଧ ଅଧିକ ବୁଦ୍ଧିକାରକ । ଏଥିପାଇଁ ଆର୍ଯ୍ୟମାନେ ଗାଈକୁ ଦେବତା ରୂପରେ ମାନି ସେବା କରନ୍ତି । ଅନ୍ୟ ଯେ କେହି ବିଚାରଶୀଳ ବ୍ୟକ୍ତି ଏ ତଥ୍ୟକୁ ସ୍ୱୀକାର କରିବାକୁ ନିଶ୍ଚୟ ବାଧ୍ୟ ହେବେ । ଗାଈ, ମଇଁଷୀପରି ଛେଳି ମଧ୍ୟ ଅତ୍ୟନ୍ତ ଉପକାରୀ ପ୍ରାଣୀ । ଗୋଟିଏ ଛେଳିର ଦୁଧଦ୍ୱାରା ପଚିଶ ହଜାର ନଅଶହ କୋଡ଼ିଏ ଜଣ ଲୋକ ଥରଟିଏ ପାଳିତ ହୋଇପାରିବେ । ଏମାନଙ୍କ ପରି ହାତୀ, ଘୋଡ଼ା, ଓଟ, ମେଣ୍ଢା, ଗଧ ପ୍ରଭୃତି ପଶୁମାନେ ମଧ୍ୟ ଅତ୍ୟନ୍ତ ଉପକାରୀ ପ୍ରାଣୀ ଅଟନ୍ତି । ଏହି ପଶୁମାନଙ୍କୁ ଯେଉଁମାନେ ମାରନ୍ତି, ପରୋକ୍ଷରେ ସେମାନେ ଅନେକ ଜୀବଙ୍କୁ ହତ୍ୟା କରିଥାନ୍ତି । ଯେତେବେଳେ ଏ ଦେଶରେ ଆର୍ଯ୍ୟମାନଙ୍କ ସାମ୍ରାଜ୍ୟ ଥିଲା, ସେତେବେଳେ ସେମାନେ ମହୋପକାରୀ ଗୌ ଆଦି ପଶୁମାନଙ୍କୁ ହତ୍ୟା କରୁନଥିଲେ । ସେ ସମୟରେ ଆର୍ଯ୍ୟାବର୍ତ୍ତ ତଥା ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ମନୁଷ୍ୟାଦି ପ୍ରାଣୀ ମହା ଆନନ୍ଦରେ ବସବାସ କରୁଥିଲେ । ଗାଈ, ବଳଦ ପ୍ରଭୃତି ଅଧିକ ପରିମାଣରେ ଥିବାରୁ ଦୁଧ, ଘିଅ, ଅନ୍ନରସାଦି ପଦାର୍ଥ ପ୍ରଚୁର ପରିମାଣରେ ମିଳୁଥିଲା । ମାଂସାହାରୀ, ତଥା ଗୋମାଂସ ଭକ୍ଷଣକାରୀ ଓ ମଦ୍ୟପ ବିଦେଶୀଲୋକେ ଦେଶର ଶାସନାଧିକାରରେ ରହିବାରୁ, ଏପରି ଉପକାରୀ ପ୍ରାଣୀମାନଙ୍କୁ ଅବିଚାରିତ ଭାବେ ହତ୍ୟା କରିବାରେ ଲାଗିଲେ । ସେହିଦିନଠାରୁ ଆର୍ଯ୍ୟମାନଙ୍କର ଦୁଃଖ ଦୁର୍ଦ୍ଦଶା ଆରମ୍ଭ ହୋଇ ଉତ୍ତରୋତ୍ତର ବୃଦ୍ଧି ପାଇବାରେ ଲାଗିଲା । କାରଣ —

"ନଷ୍ଟେ ମୂଲେ ନୈବ ଫଳଂ ନ ପୁଷ୍ପମ୍" ।।

(ଚାଣକ୍ୟନୀତି ଅ ୧ । ଶ୍ଳୋ ୧୩)

ବୃକ୍ଷର ମୂଳକୁ ନଷ୍ଟକରି ଦିଆଗଲେ, ଫୁଲଫଳ ବା କୁଆଡୁ ଆସିବ ?

ପ୍ରଶ୍ନ : ଯଦି ସବୁ ଲୋକେ ଅହିଂସକ ହେବେ, ତେବେ ବ୍ୟାଘ୍ରାଦି ହିଂସ୍ର ଜନ୍ତୁ ସଂଖ୍ୟା ଏତେ ପରିମାଣରେ ବଢ଼ିଯିବ ଯେ, ଗାଈଗୋରୁ, ମଇଁଷୀ,ଛେଳି ପ୍ରଭୃତି ଉପକାରୀ ପ୍ରାଣୀମାନଙ୍କୁ ମାରି ଖାଇଯିବେ । ସେତେବେଳେ ମନୁଷ୍ୟର ପୁରୁଷକାର ଆଉ କେଉଁଠି ରହିବ ?

ଉତ୍ତର : କ୍ଷତି ସାଧନ କରୁଥିବା ପଶୁ ଅଥବା ମନୁଷ୍ୟମାନଙ୍କୁ ଦଣ୍ଡଦେବା, ଆବଶ୍ୟକ ହେଲେ ସେମାନଙ୍କୁ ହତ୍ୟା କରିବା, ଏହା ହେଉଛି ରାଜପୁରୁଷଙ୍କ କାର୍ଯ୍ୟ ।

ପ୍ରଶ୍ନ : ଯେଉଁ ପଶୁମାନଙ୍କୁ ହତ୍ୟା କରାଯିବ, ସେମାନଙ୍କ ମାଂସକୁ କଣ ଫୋପାଡ଼ି ଦିଆଯିବ ?

ଉତ୍ତର : ଫୋପାଡ଼ି ଦିଆଯାଇପାରେ, କୁକୁର ପ୍ରଭୃତି ମାଂସାସୀ ପ୍ରାଣୀଙ୍କୁ ଖାଇବାକୁ ଦିଆଯାଇପାରେ, ନତୁବା ପୋଡ଼ି ଦିଆଯାଇପାରେ । ଏହାକୁ କୌଣସି ମାଂସାହାରୀ ଖାଇବାକୁ ଚାହିଁଲେ ସେ ମଧ୍ୟ ଖାଇପାରେ । କିନ୍ତୁ ମାଂସାହାର କରୁଥିବା ମନୁଷ୍ୟର ସ୍ୱଭାବ ହିଂସ୍ରକ ହେବା ସ୍ୱାଭାବିକ କଥା । ହିଂସା, ଚୋରି, ବିଶ୍ୱାସ ଘାତକତା, ଛଳକପଟ ଦ୍ୱାରା ଯେଉଁ ଖାଦ୍ୟପଦାର୍ଥ ବା ପାନୀୟ ମିଳେ ସେସବୁ ହେଉଛି ଅଖାଦ୍ୟ । କିନ୍ତୁ ଅହିଂସା,ଧର୍ମକର୍ମ ଦ୍ୱାରା, ଯେଉଁ ଭୋଜ୍ୟ ପଦାର୍ଥ ମିଳେ ତା ହେଉଛି ଭକ୍ଷଣ ଉପଯୋଗୀ । ସ୍ୱାସ୍ଥ୍ୟପ୍ରଦ, ରୋଗନାଶକ, ବୁଦ୍ଧି-ବଳ-ସାହସ ବର୍ଦ୍ଧକ, ଆୟୁର୍ବର୍ଦ୍ଧକ ଖାଦ୍ୟ ପଦାର୍ଥ ଯଥା - ଚାଉଳ, ଗହମ, ଫଳ, ମୂଳ, କନ୍ଦ, ଘିଅ, ଦୁଧ, ପ୍ରଭୃତି ଯଥାବିଧି ପାକ ହୋଇଥିଲେ, ତାହା ଖାଦ୍ୟ ରୂପେ ବିବେଚିତ ହୁଏ । ତାହା ପୁଣି ଯଥା ସମୟରେ ଓ ଯଥାମାତ୍ରାରେ ଭୋଜନ କରିବା ଆବଶ୍ୟକ । ଯେଉଁ ପଦାର୍ଥ ନିଜର ଅନୁକୂଳ ନୁହେଁ ତାକୁ ଅଖାଦ୍ୟ ବିଚାରି ପରିତ୍ୟାଗ କରିବା ସର୍ବପ୍ରଥମ କର୍ତ୍ତବ୍ୟ । ଯେଉଁ ଜିନିଷ ଯାହାପାଇଁ ହିତକାରକ ତାହାହେଉଛି ତାର ଖାଦ୍ୟ, ତେଣୁ ତାକୁ ଗ୍ରହଣ କରିବା ଉଚିତ ।

ପ୍ରଶ୍ନ: ଗୋଟିଏ ପାତ୍ରରେ ଦିଜଣ ଖାଇବାଦ୍ୱାରା କୌଣସି ଦୋଷ ହୁଏ କି ?

ଉତ୍ତର : ହଁ, ଦୋଷହୁଏ । କାରଣ ସମସ୍ତଙ୍କର ପ୍ରକୃତି ଓ ସ୍ୱଭାବ ସମାନ ଧରଣର ନୁହେଁ । ଯେପରି କୁଷ୍ଠରୋଗୀ ସହିତ ଖାଇଲେ ନୀରୋଗ ବ୍ୟକ୍ତିର ମଧ୍ୟ ରକ୍ତ ଦୂଷିତ ହୋଇଯାଏ । ସେହିପରି ଗୋଟିଏ ପାତ୍ରରେ ଅନ୍ୟ କାହା ସହିତ ଭୋଜନ କଲେ କୌଣସି ନା କୌଣସି ଦୋଷ ପରିଲକ୍ଷିତ ହୋଇଥାଏ । ଯେଣୁ କଥିତ ହୋଇଛି.....

ନୋଚ୍ଛିଷ୍ଟଂ କସ୍ୟଚିଦ୍‌ଦ୍ୟାନ୍ନାଦ୍ୟାଚ୍ଚୈବ ତଥାନ୍ତରା ।
ନ ଚୈବାତ୍ୟଶନଂ କୁର୍ଯ୍ୟାନ୍ନ ଚୋଚ୍ଛିଷ୍ଟଃ କ୍ୱଚିଦ୍ ବ୍ରଜେତ୍ ।।

(ମନୁ ଅ. ୨ । ଶ୍ଳୋ ୫୬)

ନିଜ ଅଇଁଠାଖାଦ୍ୟ କୌଣସି ବ୍ୟକ୍ତିକୁ ଦେବ ନାହିଁ, ଅନ୍ୟ କାହା ସହିତ ଗୋଟିଏ ପାତ୍ରରେ ଭୋଜନ କରିବ ନାହିଁ । ଅଧିକ ଭୋଜନ କରିବ ନାହିଁ, କିମ୍ବା ଭୋଜନ ପରେ ହାତମୁହଁ ନ ଧୋଇ ଇତସ୍ତତଃ ଭ୍ରମଣ କରିବ ନାହିଁ ।

ପ୍ରଶ୍ନ : "ଗୁରୋରୁଚ୍ଛିଷ୍ଟ ଭୋଜନମ୍" ଏ ବାକ୍ୟର ଉଦ୍ଦେଶ୍ୟ ତେବେ କଅଣ ?

ଉତ୍ତରଃ ଏହାର ଉଦ୍ଦେଶ୍ୟ ହେଉଛି, ଗୁରୁ ଭୋଜନ କରିସାରିଲା ପରେ, ପୃଥକ୍ ଭାବରେ ଥିବା ଶୁଦ୍ଧ ଅନ୍ନକୁ ଭୋଜନ କରିବ । ଅର୍ଥାତ୍ ଗୁରୁଙ୍କ ଭୋଜନପରେ ଶିଷ୍ୟ ଖାଇବା ଉଚିତ ।

ପ୍ରଶ୍ନ : ଉଚ୍ଛିଷ୍ଟମାତ୍ରେ ଗ୍ରହଣ କରିବା ଉଚିତ ନୁହେଁ । ତେବେ ମହୁମାଛିର ଅଇଁଠା ମହୁ, ବାଛୁରୀ ପିଇବାପରେ ତାର ଅଇଁଠା କ୍ଷୀର ଓ ଗୋଟିଏ ଗ୍ରାସ ଖାଇବା ପରେ ଅଇଁଠା ହୋଇଥିବା ନିଜ ଅନ୍ନକୁ କିପରି ଖିଆ ଯାଉଛି ?

ଉତ୍ତର : ମହୁ ନାମକୁ ମାତ୍ର ଉଚ୍ଛିଷ୍ଟ । ତା ହେଉଛି ଅନେକ ଫୁଲର ସାର ବିଶେଷ । ତହିଁରେ ଔଷଧି ଗୁଣଥାଏ । ଦୁଧ ବାଛୁରୀର ଉଚ୍ଛିଷ୍ଟ ନୁହେଁ । ବାଛୁରୀ କେବଳ ଗାଈ ସ୍ତନର ପହ୍ନାରେ ଥିବା ଦୁଧକୁ ପିଏ, ପହ୍ନା ଭିତରେ ଥିବା ଦୁଧକୁ ପିଇବା ସମ୍ଭବପର ନୁହେଁ । ତଥାପି ବାଛୁରୀ ପିଇବା ପରେ ପହ୍ନାକୁ ଧୋଇ ଶୁଦ୍ଧପାତ୍ରରେ ଦୁଧ ଦୁହିଁବା ଉଚିତ । ନିଜେ ଏକଗୁଣ୍ଡା ଖାଇଦେବାପରେ ସେ ସମସ୍ତ ଖାଦ୍ୟ ନିଜପାଇଁ କେବେହେଁ ଅଇଁଠା ହୋଇନପାରେ । ସେହି ଖାଦ୍ୟ ନିଜର କେବେ କ୍ଷତି କରେ ନାହିଁ । ଅନ୍ୟର ଅଇଁଠା ଅନ୍ୟ ଜଣେ ନଖାଇବା ଏହାହେଉଛି ଏହାର ଅଭିପ୍ରାୟ । ଯେପରି ଅନ୍ୟର ମଳମୂତ୍ରାଦି ସ୍ପର୍ଶ କରିବାପାଇଁ ମନରେ ଘୃଣାଭାବ ଜାତହୁଏ । କିନ୍ତୁ ନିଜ ମୁହଁ, ନାକ, କାନ, ଆଖି, ମୂତ୍ରେନ୍ଦ୍ରିୟ ବା ମଳଦ୍ୱାରରୁ ଯେଉଁ ମଳମୂତ୍ରାଦି ନିର୍ଗତ ହୁଏ, ସେ ସବୁର ସ୍ପର୍ଶରେ ଘୃଣାଭାବ ଜାତ ହୁଏ ନାହିଁ । ଏଥିରୁ ସ୍ୱତଃ ପ୍ରମାଣିତ ହେଉଛି ଯେ, ଏପରି କାର୍ଯ୍ୟକଳାପ ସୃଷ୍ଟିକ୍ରମର ବିରୁଦ୍ଧ ନୁହେଁ । ଏଣୁ ଅନ୍ୟର ଅଇଁଠା ଅନ୍ୟ କେହି ଗ୍ରହଣ କରିବା ଉଚିତ ନୁହେଁ ।

ପ୍ରଶ୍ନ : ତେବେ ପତିପତ୍ନୀ ମଧ୍ୟ ପରସ୍ପରର ଉଚ୍ଛିଷ୍ଟ କ'ଣ ଖାଇବେ ନାହିଁ ?

ଉତ୍ତର : ନା, ଯେଣୁ ସେ ଦୁହିଙ୍କର ଶାରୀରିକ ସ୍ୱଭାବ ଏକ ଧରଣର ନୁହେଁ ।

ପ୍ରଶ୍ନ : ବର୍ତ୍ତମାନ ତେବେ କୁହନ୍ତୁ, ଯେ କୌଣସି ମନୁଷ୍ୟ ରୋଷେଇ କରିଥାଉନା କାହିଁକି, ସେହି ଅନ୍ନ ଖାଇବାରେ ଦୋଷ କ'ଣ ଅଛି ? କାରଣ ବ୍ରାହ୍ମଣ ହେଉ ବା ଚଣ୍ଡାଳ ହେଉ ସମସ୍ତଙ୍କ ଶରୀର ହାଡ଼, ମାଂସ ଓ ଚର୍ମରେ ନିର୍ମିତ, ପୁଣି ସମସ୍ତଙ୍କ ଶରୀରରେ ଏକ ରକ୍ତ ପ୍ରବାହିତ । ତେବେ ଚଣ୍ଡାଳ ହାତରୁ ଖାଇଲେ ଦୋଷ ବା ହେବ କାହିଁକି ?

ଉତ୍ତର : ହଁ ନିଶ୍ଚିତରୂପେ ଦୋଷ ହେବ । ଉତ୍ତମ ଖାଦ୍ୟପଦାର୍ଥ ଖାଉଥିବାରୁ, ବ୍ରାହ୍ମଣ ଓ ବ୍ରାହ୍ମଣୀର ଶରୀରରେ ଯେପରି ଦୁର୍ଗନ୍ଧାଦି ଦୋଷ ରହିତ ବିଶୁଦ୍ଧ ବୀର୍ଯ୍ୟ ଓ ରଜ ଉତ୍ପନ୍ନ ହୁଏ, ମଦ୍ୟମାଂସାଦି ଅଭକ୍ଷ୍ୟ ଭକ୍ଷଣ କରୁଥିବାରୁ ଚଣ୍ଡାଳର ଶରୀରରେ ଅଶୁଦ୍ଧ ଅସାର ପରମାଣୁରେ ଦୂଷିତ ରଜବୀର୍ଯ୍ୟ ସୃଷ୍ଟି ହୁଏ । ତେଣୁ ବ୍ରାହ୍ମଣାଦି ଉଚ୍ଚବର୍ଣ୍ଣ ଲୋକଙ୍କ ଶରୀର ପବିତ୍ର ଓ ବିଶୁଦ୍ଧ ରହେ କିନ୍ତୁ ଚଣ୍ଡାଳର ଶରୀର ଦୁର୍ଗନ୍ଧ ମଳିନ ହୋଇ ଅପବିତ୍ର ରହେ । ତେଣୁ ସେମାନଙ୍କ ହାତରୁ ଖାଇବା ଉଚିତ ନୁହେଁ । ବର୍ତ୍ତମାନ ତୁମେ କୁହ..... ମାଆ, ଶାଶୁ, ଭଉଣୀ, ଝିଅ ତଥା ପୁତ୍ରବଧୂର ଶରୀର ଯେଉଁ ଯେଉଁ ଉପାଦାନରେ ନିର୍ମିତ, ନିଜ ସ୍ତ୍ରୀର ଶରୀର ମଧ୍ୟ ସେହି ଉପାଦାନରେ ନିର୍ମିତ । ତେବେ ତୁମେ କଣ ସମସ୍ତଙ୍କ ସହିତ ନିଜ ପତ୍ନୀପରି ବ୍ୟବହାର କରିପାରିବ ? ଏ ପ୍ରଶ୍ନ ଶୁଣି ତୁମେ ସଙ୍କୁଚିତ ହୋଇ ନିଶ୍ଚୟ ମୌନ ରହିବ । ହାତ ଓ ମୁହଁ ସାହାଯ୍ୟରେ ଉତ୍ତମ ଅନ୍ନ ଯେପରି ଖିଆଯାଏ, ଦୂଷିତ ଅନ୍ନମଧ୍ୟ ସେପରି ଖିଆଯାଇପାରେ । ତା ବୋଲି ହାତରେ ମଳମୂତ୍ର ନେଇ କିଏ କଣ ଖାଇବ ? ତା କେହି କରିବେ ନାହିଁ ।

ପ୍ରଶ୍ନ : ଗାଈ ଗୋବରରେ ଘରଦ୍ୱାର ଲିପା ପୋଛା କରି ଶୁଦ୍ଧପୂତ କରୁଛ, ତେବେ ମଣିଷ ବିଷ୍ଠାରେ ଲିପିବାରେ ତାହା ଅଶୁଦ୍ଧ ହେବ କାହିଁକି ? ଯଦି ମଳଦ୍ୱାରା କୌଣସି ବସ୍ତୁ ଦୂଷିତ ହୁଏ, ତେବେ ଗୋବରରେ ଲିପିବାଦ୍ୱାରା ପାକଶାଳା କାହିଁକି ଅଶୁଦ୍ଧ ହେବ ନାହିଁ ?

ଉତ୍ତର : ମନୁଷ୍ୟର ମଳପରି ଗାଈର ଗୋବର ଦୁର୍ଗନ୍ଧଯୁକ୍ତ ନୁହେଁ । ଏହା ଖୁବ୍ ଚିକ୍କଣ ହୋଇଥିବାରୁ ମାଟିରୁ ସହଜରେ ଉଖୁଡ଼ିଯାଏ ନାହିଁ କି ଲୁଗା ମଧ୍ୟ ଖରାପ କରେ ନାହିଁ । ମାଟି ଓ ଗୋବରକୁ ମିଶାଇ ଲିପାଯାଇ ଥିବା ସ୍ଥାନ ଅତ୍ୟନ୍ତସୁନ୍ଦର ଦେଖାଯାଏ । ପୁଣି ପାକଶାଳାରେ ଭୋଜନ ପ୍ରସ୍ତୁତ କରାଯାଉଥିବାରୁ ଘିଅ, ମିଠା, ଓ ଅଇଁଠା ପ୍ରଭୃତି ପଡ଼ି ସେ ସ୍ଥାନ ମଇଳା ହୋଇଯାଏ । ମାଛି, ପୋକ, ପ୍ରଭୃତି ଆସି ସେ ସ୍ଥାନରେ ଭୁଣ୍ଡ ହୁଅନ୍ତି । ତେଣୁ ସେ ସ୍ଥାନକୁ ପ୍ରତିଦିନ ଯଦି ଲିପା ପୋଛା କରି ପରିଷ୍କାର କରାନଯାଏ, ତେବେ ତାହା ପାଇଖାନା ପରି ଦୂଷିତ ହୋଇଯିବ । ତେଣୁ ପ୍ରତିଦିନ ଭଲଭାବରେ ଗୋବର, ମାଟି ଓ ଝାଡୁଦ୍ୱାରା ପାକଶାଳାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆବଶ୍ୟକ । ତଦ୍ୱାରା ପୂର୍ବୋକ୍ତ ସମସ୍ତ ଦୋଷ ଦୂରୀଭୂତ ହୋଇଯାଏ । ମିଆଁମାନଙ୍କ ରୋଷେଇଶାଳାରେ କେଉଁଠି ଅଙ୍ଗାର, କେଉଁଠି ପାଉଁଶ, କାଠ, ଭଙ୍ଗାବାସନ, ଏପରିକି ହାଡ଼, ମାଉଁସ ପ୍ରଭୃତି କୁତ୍ସିତ ପଦାର୍ଥମାନ ପଡ଼ିଥାଏ । ତେଣୁ ସେ ସ୍ଥାନରେ ଅସଂଖ୍ୟ ମାଛି ଥାଆନ୍ତି । ସେପରି ଅପରିଷ୍କାର ସ୍ଥାନରେ ବସାଉଠା କରିବା କଷ୍ଟକର ହୋଇପଡ଼େ । ଏପରି ପାକଶାଳା ପାଇଖାନାଠାରୁ କମ୍ ଘୃଣ୍ୟ ନୁହେଁ । ଗୋବରରେ ଲିପିବା, ଘଷିକରି ଚାଳିବା, ପାଉଁଶରେ ଦାନ୍ତ ଘଷିବା ଏପରି ଅନେକ କାର୍ଯ୍ୟ

ହୋଇଥାଏ । ଏପରି ସ୍ଥଳେ ଗୋବରରେ ଲିପିବାକୁ ଯଦି ଅଶୁଦ୍ଧ ବୋଲି କୁହାଯାଏ, ତେବେ ତାହା ମୂଢ଼ତା ବ୍ୟତୀତ ଅନ୍ୟ କିଛି ନୁହେଁ ।

ପ୍ରଶ୍ନ : ପାକଶାଳାରେ ବସି ଭୋଜନ କରିବା ଉଚିତ ନା ବାହାରେ ବସି କରିବା ଉଚିତ ?

ଉତ୍ତର : ଯେ କୌଣସି ପରିଷ୍କାର ପରିଚ୍ଛନ୍ନ ଓ ରମଣୀୟ ସ୍ଥାନରେ ଭୋଜନ କରିବା ଉଚିତ । କିନ୍ତୁ ଯୁଦ୍ଧ କ୍ଷେତ୍ରରେ ହାତୀ, ଘୋଡ଼ା, ଯାନବାହାନ ଉପରେ ବସି, ଏପରିକି ଛିଡ଼ା ହୋଇ ମଧ୍ୟ ଭୋଜନ କରାଯାଇପାରେ ।

ପ୍ରଶ୍ନ : ନିଜେ ରୋଷେଇ କରି ଖାଇବା ଭଲ ନା ଅନ୍ୟ ଜଣେ ରାନ୍ଧିଦେବା ଭଲ ?

ଉତ୍ତର : ଆର୍ଯ୍ୟମାନଙ୍କ ମଧ୍ୟରେ କୌଣସି ବ୍ୟକ୍ତି ଯଦି ଉତ୍ତମ ରୀତିରେ ରନ୍ଧନ କରେ, ତେବେ ଆର୍ଯ୍ୟମାନେ ଏକତ୍ର ଭୋଜନ କରିବାରେ କୌଣସି ଦୋଷ ନାହିଁ । ଯଦି ବ୍ରାହ୍ମଣାଦି ଦ୍ୱିଜବର୍ଣ୍ଣୀୟ ଲୋକେ ରୋଷେଇ କରିବା, ବାସନ ମାଜିବା, ଘରସଫା କରିବାରେ ବ୍ୟସ୍ତ ରହନ୍ତି, ତେବେ ଅଧ୍ୟୟନ, ଅଧ୍ୟାପନ ପ୍ରଭୃତି ସୁଷ୍ଠୁରୂପେ କିପରି ହୋଇପାରିବ ? ଦେଖ, ମହାରାଜା ଯୁଧିଷ୍ଠିରଙ୍କ ଯଜ୍ଞକୁ ପୃଥିବୀର ବିଭିନ୍ନ ଦେଶରୁ ରାଜା, ମହାରାଜା, ମୁନି ଋଷି ପ୍ରଭୃତି ନିମନ୍ତ୍ରିତ ହୋଇ ଆସିଥିଲେ । ଗୋଟିଏ ପାକଶାଳାରେ ନିର୍ମିତ ଅନ୍ନ ସମସ୍ତେ ଭୋଜନ କରୁଥିଲେ । ଯେଉଁ ଦିନରୁ ମୁସଲମାନ୍, ଖ୍ରିଷ୍ଟିୟାନ୍‌ମାନଙ୍କର ମତମତାନ୍ତର ପ୍ରଚଳିତ ହେଲା; ସେହିଦିନରୁ ନିଜ ନିଜ ଭିତରେ ବୈରଭାବ ସୃଷ୍ଟି ହେଲା । ସେମାନେ ମଦ୍ୟପାନ କରି ଗୋମାଂସାଦି ଖାଦ୍ୟପେୟ ଖାଇବାରୁ ଲୋକଙ୍କ ମଧ୍ୟରେ ଖାଦ୍ୟପେୟରେ ମଧ୍ୟ ବିଭ୍ରାଟ ସୃଷ୍ଟି ହେଲା । ଦେଖ ଯେ, ପୂର୍ବକାଳରେ ଆର୍ଯ୍ୟାବର୍ତ୍ତ ଦେଶର ରାଜା, ମହାରାଜାମାନେ କାବୁଲ୍, କାନ୍ଧାହାର, ଇରାନ୍, ଆମେରିକା ତଥା ୟୁରୋପ୍ ଆଦି ଦେଶର ରାଜକନ୍ୟା ଗାନ୍ଧାରୀ, ମାଦ୍ରୀ, ଉଲୁପୀଙ୍କ ସହିତ ବିବାହ କରିଥିଲେ । ଶକୁନି ପ୍ରଭୃତି କୌରବ ଓ ପାଣ୍ଡବମାନଙ୍କ ସହିତ ଖିଆପିଆ କରୁଥିଲେ, କୌଣସି ପ୍ରକାର ବିରୋଧ ନଥିଲା । ଏହାର ଏକମାତ୍ର କାରଣ ହେଉଛି ଯେ ସେ ସମୟରେ ସକଳ ସଂସାରରେ ଏକମାତ୍ର ବେଦମତର ପ୍ରଚାର ପ୍ରସାର ଥିଲା । ସେହି ମତବାଦରେ ସମସ୍ତଙ୍କର ନିଷ୍ଠା ଥିଲା ଓ ସମସ୍ତେ ପରସ୍ପରର ସୁଖ-ଦୁଃଖରେ ସମଭାଗୀ ହେଉଥିଲେ । ତେଣୁ ପୃଥିବୀର ସର୍ବତ୍ର ଶାନ୍ତିର ବାତାବରଣ ପୂର୍ଣ୍ଣ ମାତ୍ରାରେ ରହିଥିଲା । କିନ୍ତୁ ବର୍ତ୍ତମାନ ବିଭିନ୍ନ ମତମତାନ୍ତର ପ୍ରଚଳିତ ଥିବାରୁ, ଲୋକଙ୍କୁ ନାନା ଦୁଃଖ ନିର୍ଯ୍ୟାତନା ଭୋଗିବାକୁ ପଡୁଛି, ପରସ୍ପର ମଧ୍ୟରେ ଏକତା ନଷ୍ଟ ହେବା ସଙ୍ଗେ ସଙ୍ଗେ ବିରୋଧ ମନୋଭାବ ମାତ୍ରାଧିକ ଭାବରେ ଦେଖାଯାଉଛି । ଏସବୁ ଅଚିରେ ଯେପରି ଦୂର ହେବ, ଲୋକେ ଯେପରି ପୂର୍ବପରି ସୁଖ-ଶାନ୍ତିରେ ରହିପାରିବେ, ତାପାଇଁ ଧ୍ୟାନଦେବା ବୁଦ୍ଧିମାନ୍ ବ୍ୟକ୍ତିଙ୍କ ପରମ କର୍ତ୍ତବ୍ୟ ।

ପରମ କାରୁଣିକ ପରମାତ୍ମା ଦୟାକରି ସମସ୍ତଙ୍କ ହୃଦୟରେ ଏପରି ସଦ୍‌ଜ୍ଞାନ ପ୍ରଦାନ କରନ୍ତୁ, ଯାହାଫଳରେ ସତ୍ୟଧର୍ମର ବୀଜ ଅଙ୍କୁରିତ ହୋଇ, ପୃଥିବୀ ପୃଷ୍ଠରୁ ଶୀଘ୍ରାତିଶୀଘ୍ର ପ୍ରଚଳିତ ବିଭିନ୍ନ ମତମତାନ୍ତର ଦୂର ହୋଇ ବୈଦିକ ମତବାଦର ସାମ୍ରାଜ୍ୟ ପ୍ରତିଷ୍ଠିତ ହେଉ । ଏଣୁ ବିଦ୍ୱାନ୍ ଲୋକେ ବୈର ମନୋଭାବ ପରିତ୍ୟାଗ ପୂର୍ବକ ବୈଦିକ ମତବାଦରେ ମଜିରହି ଅଖଣ୍ଡ ସୁଖ-ଶାନ୍ତି ଓ ଆନନ୍ଦ ଉପଭୋଗ କରନ୍ତୁ ଏହାହିଁ କାମନା ।

ଏଠାରେ ଆଚାର ଅନାଚାର ତଥା ଭକ୍ଷ୍ୟାଭକ୍ଷ୍ୟ ସମ୍ପର୍କରେ ଯତ୍‌ସାମାନ୍ୟ ଉଲ୍ଲେଖ କରାଗଲା । ଦଶମ ସମୁଲ୍ଲାସରେ ଏହି ଗ୍ରନ୍ଥର ପୂର୍ବାର୍ଦ୍ଧ ସମ୍ପୂର୍ଣ୍ଣ ହେଲା । ଏହି ସମୁଲ୍ଲାସରେ ବିଶେଷ ଭାବରେ ଖଣ୍ଡନ-ମଣ୍ଡନ କରାଯାଇ ନାହିଁ । କାରଣ ମନୁଷ୍ୟ ଯେପର୍ଯ୍ୟନ୍ତ ସତ୍ୟାସତ୍ୟ ଜ୍ଞାନକୁ ଉପଲବ୍ଧି କରି ନ ପାରିଛି, ସେ ପର୍ଯ୍ୟନ୍ତ ସୂକ୍ଷ୍ମତତ୍ତ୍ୱଗୁଡ଼ିକୁ ହୃଦୟଙ୍ଗମ କରିବା ତାପକ୍ଷରେ ଦୁରୂହ ବ୍ୟାପାର । ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ପ୍ରଥମେ ସମସ୍ତଙ୍କୁ ସତ୍‌ଶିକ୍ଷା ପ୍ରଦାନ କରାଯାଉଛି । ଏହାର ଉତ୍ତରାର୍ଦ୍ଧରେ ଚାରୋଟି ସମୁଲ୍ଲାସ ରହିବ, ତହିଁରେ ବିଶେଷଭାବରେ ଖଣ୍ଡନ ମଣ୍ଡନ କରାଯିବ । ପ୍ରୋକ୍ତ ଚାରୋଟି ଅଧ୍ୟାୟ ମଧ୍ୟରୁ ପ୍ରଥମରେ ଆର୍ଯ୍ୟାବର୍ତ୍ତ ଦେଶର ମତମତାନ୍ତର, ଦ୍ୱିତୀୟରେ ଜୈନ-ବୌଦ୍ଧମାନଙ୍କର, ତୃତୀୟରେ ଖ୍ରୀଷ୍ଟିୟାନ୍‌ମାନଙ୍କର ଓ ଚତୁର୍ଥରେ ମୁସଲମାନ୍‌ମାନଙ୍କର ମତମତାନ୍ତର ବିଷୟରେ ବିସ୍ତୃତଭାବରେ ଆଲୋଚନା କରାଯିବ । ପୁଣି ଚତୁର୍ଦ୍ଦଶ ସମୁଲ୍ଲାସ ଶେଷ ଭାଗରେ ସ୍ୱମତ ସମ୍ପର୍କରେ ମଧ୍ୟ କିଛି ଉଲ୍ଲେଖ କରାଯିବ । ଯେଉଁମାନେ ଖଣ୍ଡନମଣ୍ଡନ ବିଷୟ ବିଶେଷରୂପେ ଜାଣିବାକୁ ଚାହାନ୍ତି, ସେମାନେ ଏହି ଚାରୋଟି ସମୁଲ୍ଲାସକୁ ବିଚାରପୂର୍ବକ ପାଠକରିବା ଆବଶ୍ୟକ । ଏହି ଦଶମ ସମୁଲ୍ଲାସରେ ସାମାନ୍ୟ ଭାବରେ ଯତ୍ କିଞ୍ଚିତ୍ ଖଣ୍ଡନ-ମଣ୍ଡନ ବର୍ଣ୍ଣନା କରାଗଲା । ଯେଉଁମାନେ ନିଷ୍ପକ୍ଷପାତ ହୋଇ ନ୍ୟାୟ ଦୃଷ୍ଟିରେ ଏହି ଚଉଦ ଗୋଟି ସମୁଲ୍ଲାସକୁ ଅଧ୍ୟୟନ କରିବେ, ସେମାନଙ୍କ ହୃଦୟରେ ସତ୍ୟ ଅର୍ଥର ଆଲୋକ ଉଦ୍‌ଭାସିତ ହେବ, ତାସଙ୍ଗେ ସଙ୍ଗେ ପ୍ରକୃତ ଆନନ୍ଦ ଉପଲବ୍ଧି କରିପାରିବେ । କିନ୍ତୁ ଯେଉଁମାନେ ଗର୍ବ, ଅହଙ୍କାର, ଈର୍ଷା ଓ ପକ୍ଷପାତର ବଶବର୍ତ୍ତୀ ହୋଇ ଏହି ଗ୍ରନ୍ଥକୁ ପଢ଼ିବେ ବା ଶୁଣିବେ ସେମାନେ ପ୍ରକୃତ ଅଭିପ୍ରାୟ ଅବଗତ ହୋଇପାରିବେ ନାହିଁ, ଓ ପରମ ଆନନ୍ଦ ମଧ୍ୟ ଲାଭ କରିପାରିବେ ନାହିଁ । ଏଣୁ ଯେଉଁମାନେ ସହୃଦୟତାର ସହିତ ବିଚାର ନ କରି ଏହି ଗ୍ରନ୍ଥକୁ ପଢ଼ିବେ ବା ଶୁଣିବେ, ସେମାନଙ୍କୁ ସବୁଦିନପାଇଁ ଅଜ୍ଞାନ ଅନ୍ଧକାରରେ ଦରାଣ୍ଡି ହେବାକୁ ପଡ଼ିବ । ସତ୍ୟାସତ୍ୟକୁ ନିର୍ଣ୍ଣୟ କରି ଯାହା ସତ୍ୟ ତାକୁ ଗ୍ରହଣ କରିବା, ଛଳ କପଟ ମିଥ୍ୟା କଥାକୁ ପରିହାର କରି ପରମ ଆନନ୍ଦ

ଉପଭୋଗ କରିବା ହିଁ ବିଦ୍ୱାନ୍‌ମାନଙ୍କର ଚରମ, ପରମ ଓ ପ୍ରଥମ କର୍ତ୍ତବ୍ୟ । ଏପରି ଗୁଣଗ୍ରାହୀ ବିଦ୍ୱାନ୍ ପୁରୁଷଗଣ ଧର୍ମ, ଅର୍ଥ, କାମ ଓ ମୋକ୍ଷରୂପ ଫଳପ୍ରାପ୍ତି ପୂର୍ବକ ଆତ୍ମାନନ୍ଦ ଲାଭ କରିପାରିବେ । ୧୦ ।

ଇତି ଶ୍ରୀମଦ୍ଦୟାନନ୍ଦ ସରସ୍ୱତୀ ସ୍ୱାମିକୃତେ ସତ୍ୟାର୍ଥ ପ୍ରକାଶେ ସୁଭାଷାବିଭୂଷିତ ଆଚାରାଽନାଚାର ଭକ୍ଷ୍ୟାଽଭକ୍ଷ୍ୟ ବିଷୟେ ଦଶମଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ।୧୦ ।

ସମାପ୍ତୋଽୟଂ ପୂର୍ବାର୍ଦ୍ଧଃ

—o—

॥ ଓ୩ମ୍ ॥

ସ୍ୱାମୀ ଦୟାନନ୍ଦ ସରସ୍ୱତୀ କୃତ

ସତ୍ୟାର୍ଥ ପ୍ରକାଶଃ

ଉତ୍ତରାର୍ଦ୍ଧ

-: ଅନୁବାଦ :-

ପ.ବିଶିକେସନ ଶାସ୍ତ୍ରୀ

-: ପ୍ରକାଶକ :-

ଉତ୍କଳ ସାହିତ୍ୟ ସଂସ୍ଥାନ

ଗୁରୁକୁଳ ଆଶ୍ରମ ଆମସେନା

ଖରିଆର ରୋଡ, ଜି - ନୂଆପଡା

ଚତୁର୍ଥ ସଂସ୍କରଣ

ବି.ସ.୨୦୬୬ ,ସନ୍ -୨୦୦୯

ମୂଲ୍ୟ - ୭୦.୦୦

• ଉତ୍ତରାର୍ଦ୍ଧଃ •

ଅନୁଭୂମିକା

ଏ କଥା ସୁପ୍ରମାଣିତ ଯେ ସଂସାରରେ ପାଞ୍ଚ ହଜାର ବର୍ଷ ପୂର୍ବରୁ ବେଦମତ ବ୍ୟତୀତ ଅନ୍ୟ କୌଣସି ମତ ପ୍ରଚଳିତ ନଥିଲା । ବେଦୋକ୍ତ ସମସ୍ତ ବିଷୟ ଜ୍ଞାନାନୁକୂଳ ଅଟେ । ବେଦବିମୁଖତା ହିଁ ମହାଭାରତଯୁଦ୍ଧର କାରଣ । ଏହି ବିମୁଖତା ଯୋଗୁଁ ସଂସାରରେ ଅଜ୍ଞାନାନ୍ଧକାର ବ୍ୟାପିଗଲା । ଫଳସ୍ୱରୂପ ମନୁଷ୍ୟର ବୁଦ୍ଧି ଭ୍ରମଯୁକ୍ତ ହେବାରୁ ଯେ ମନ ଇଚ୍ଛା ମତପ୍ରଚାର କରିବାକୁ ଲାଗିଲା । ବେଦବିରୁଦ୍ଧ ପୁରାଣମତ,ଜୈନମତ,ଖ୍ରୀଷ୍ଟିୟାନମତ ତଥା କୁରାନମତ ଏହି ଚାରୋଟି ହେଉଛନ୍ତି ସମସ୍ତ ମତମତାନ୍ତରର ମୂଳ । ଏମାନେ କ୍ରମଶଃ ଗୋଟିକ ପରେ ଗୋଟିଏ ଅର୍ଥାତ୍ ପ୍ରଥମ,ଦ୍ୱିତୀୟ,ତୃତୀୟ ତଥା ଚତୁର୍ଥ ହୋଇ ପ୍ରବର୍ତ୍ତିତ ହୋଇଛନ୍ତି । ସଂପ୍ରତି ଏହି ଚାରୋଟିର ଶାଖାପ୍ରଶାଖା ଗଣିଲେ ଏକ ହଜାରରୁ କମ୍ ହେବ ନାହିଁ । ପରସ୍ପର ସତ୍ୟାସତ୍ୟ ବିଚାର କରିବାରେ ଅଧିକ ପରିଶ୍ରମ କରିବାକୁ ନପଡୁ-ଏହି ଉଦ୍ଦେଶ୍ୟରେ ଏହି ସମସ୍ତ ମତାବଲମ୍ବୀ, ଏମାନଙ୍କ ଅନୁଯାୟୀ ତଥା ଅନ୍ୟମାନଙ୍କ ପାଇଁ ଏହି ଗ୍ରନ୍ଥ ଲେଖାଗଲା । ସମସ୍ତଙ୍କୁ ଜ୍ଞାନ କରାଇବା ଉଦ୍ଦେଶ୍ୟରେ ହିଁ ଏହି ଗ୍ରନ୍ଥରେ ସତ୍ୟମତର ମଣ୍ଡନ ତଥା ଅସତ୍ୟମତର ଖଣ୍ଡନ କରାଯାଇଛି ।ମୋର ଯେପରି ବୁଦ୍ଧି, ଯେତିକି ଜ୍ଞାନ ତଥା ପୂର୍ବୋକ୍ତ ଚାରିମତର ମୂଳ ଗ୍ରନ୍ଥ ଦେଖିବାରେ ଯେତିକି ବୋଧ ହେଲା, ସେ ସବୁ ସମସ୍ତ ଲୋକଙ୍କ ସମ୍ମୁଖରେ ନିବେଦିତ କରି ଦେବାକୁ ମୁଁ ସମୀଚୀନ ମନେ କଲି । କାରଣ,ଲୁପ୍ତ ବିଷୟର ବିଜ୍ଞାନ ବାର ବାର ପ୍ରକାଶିତ ହେବା ସହଜ ନୁହେଁ । ପକ୍ଷପାତଶୂନ୍ୟ ହୋଇ ଏହି ଗ୍ରନ୍ଥ ପାଠକଲେ ସମସ୍ତଙ୍କୁ ସତ୍ୟାସତ୍ୟମତ ବିଦିତ ହୋଇଯିବ । ତତ୍ପଶ୍ଚାତ୍ ନିଜ ନିଜ ବିବେଚନା ଅନୁସାରେ ସତ୍ୟମତ ସ୍ୱୀକାର ତଥା ଅସତ୍ୟମତ ପରିତ୍ୟାଗ କରିବା ସହଜ ହୋଇଯିବ ।

ଏମାନଙ୍କ ମଧ୍ୟରୁ ପୁରାଣାଦି ଗ୍ରନ୍ଥମାନଙ୍କ ମତ ଅନୁସରଣ କରି ଶାଖାପ୍ରଶାଖାରୂପେ ଯେଉଁ ମତମତାନ୍ତର ସମୂହ ଆର୍ଯ୍ୟାବର୍ତ୍ତରେ ପ୍ରଚଳିତ, ସେମାନଙ୍କ ଗୁଣ-ଦୋଷ ସଂକ୍ଷେପରେ ଏହି ଏକାଦଶ ସମୁଲ୍ଲାସରେ ବର୍ଣ୍ଣନ କରାଯାଇଛି । ମୋର ଏହି କାର୍ଯ୍ୟରେ ଯଦି କେହି ଉପକାରନମାନନ୍ତି, ତେବେ ସେମାନଙ୍କୁ ଅନୁରୋଧ ଯେ, ବିରୋଧାଚରଣ ମଧ୍ୟ କରିବେ ନାହିଁ । କାରଣ, କାହାକୁ ହାନି ପହୁଞ୍ଚାଇବା ବା କାହାର ବିରୋଧ କରିବା ନୁହେଁ; କିନ୍ତୁ ସତ୍ୟ ଓ ଅସତ୍ୟର ନିର୍ଣ୍ଣୟ କରିବା ଓ କରାଇବା ହିଁ ମୋର ଏକମାତ୍ର ଉଦ୍ଦେଶ୍ୟ । ଅନ୍ୟ ସମସ୍ତ ମନୁଷ୍ୟଙ୍କୁ ଏହିପରି ନ୍ୟାୟଦୃଷ୍ଟିରେ ବିଚାର କରିବା ଉଚିତ । ବାଦ-ବିବାଦ୍ ବା ବିରୋଧ ଉତ୍ପନ୍ନ କରିବାକୁ ନୁହେଁ, କିନ୍ତୁ ସତ୍ୟାସତ୍ୟ ନିର୍ଣ୍ଣୟ କରିବାପାଇଁ ମନୁଷ୍ୟ ଜୀବନ ମିଳିଛି । ନିଷ୍ପକ୍ଷ ବିଦ୍ୱଜ୍ଜନବୃନ୍ଦ ଜାଣି ପାରନ୍ତି ଯେ, ଏହି ମତମତାନ୍ତର ମଧ୍ୟରେ ପାରସ୍ପରିକ ବିବାଦଦ୍ୱାରା ଜଗତରେ କି କି ଅନିଷ୍ଟ ସାଧିତ ହେଉଛି,ପୂର୍ବେ କଅଣ କଅଣ ହୋଇଯାଇଛି ଓ ଆଗେ ମଧ୍ୟ କଅଣ କଅଣ ହେବ । ଯେପର୍ଯ୍ୟନ୍ତ ମିଥ୍ୟା ମତମତାନ୍ତର କାରଣରୁ ଉତ୍ପନ୍ନ ପାରସ୍ପରିକ ବିରୁଦ୍ଧାଚରଣ ମନୁଷ୍ୟସମାଜରୁ ଦୂରିଭୂତ ନ ହୋଇଛି, ସେ ପର୍ଯ୍ୟନ୍ତ ଅନ୍ୟୋନ୍ୟ ମଧ୍ୟରେ ସୁଖଶାନ୍ତିର ସଞ୍ଚାର ଅସମ୍ଭବ । ଯଦି ଆମେ ସମସ୍ତ ମନୁଷ୍ୟ ବିଶେଷତଃ ବିଦ୍ୱତ୍ ବର୍ଗ ଈର୍ଷ୍ୟା-ଦ୍ୱେଷ ପରିବର୍ଜ୍ଜନ କରି ସତ୍ୟ ଓ ଅସତ୍ୟ ନିର୍ଣ୍ଣୟ ପୂର୍ବକ ସତ୍ୟ ଗ୍ରହଣ ଓ ଅସତ୍ୟ ପରିତ୍ୟାଗରେ ବ୍ରତୀ ହୁଅନ୍ତେ, ତେବେ ଆମ୍ଭମାନଙ୍କ ପାଇଁ ସୁଖଶାନ୍ତି ସ୍ଥାପିତ ହେବା ଅସାଧ୍ୟ କଥା ନୁହେଁ । ଏକଥା ଅସନ୍ଦିଗ୍ଧ ଯେ, ଏହି ବିଦ୍ୱାନ୍‌ମାନଙ୍କ ମଧ୍ୟରେ ବିରୋଧ ଥିବା ହେତୁ ହିଁ ସର୍ବସାଧାରଣ ଆଜି ବିରୋଧ ପାଶରେ ଆବଦ୍ଧ । ଯଦି ଏହି ବିଦ୍ୱାନ୍‌ମାନେ ନିଜ ସ୍ୱାର୍ଥପ୍ରତି ଦୃଷ୍ଟି ନଦେଇ ସର୍ବସାଧାରଣର ସ୍ୱାର୍ଥପୂର୍ତ୍ତିରେ ସଚେଷ୍ଟ ହୁଅନ୍ତେ, ତେବେ ଆଜି ମଧ୍ୟରେ ଐକମତ ସ୍ଥାପିତ ହୋଇଯାଆନ୍ତା । ଏହା ପୂରା ହେବାର ଉପାୟ ପ୍ରସ୍ତୁତଗ୍ରନ୍ଥର ପୂର୍ତ୍ତିରେ ଲେଖାଯିବ । ସର୍ବଶକ୍ତିମାନ୍ ପରମାତ୍ମା ଏକମତରେ ଅନୁପ୍ରାଣିତ ହେବାର ଉତ୍ସାହ ସମସ୍ତ ମନୁଷ୍ୟଙ୍କ ଆତ୍ମାରେ ପ୍ରକାଶିତ କରନ୍ତୁ ।

ଅଳମିତି ବିସ୍ତରେଣ ବିପଶ୍ଚିଦ୍‌ବରଶିରୋମଣିଷୁ ।

ବିଷୟ - ସୂଚୀ

ବିଷୟ — ପୃଷ୍ଠା

ଏକାଦଶ ସମୁଲ୍ଲାସଃ

ଆର୍ଯ୍ୟାବର୍ତ୍ତଦେଶୀୟ ମତମତାନ୍ତର - ୩୩୦
ଚକ୍ରବର୍ତ୍ତିରାଜ୍ୟନାମୋଲ୍ଲେଖନମ୍ - ୩୩୦
ମହାଦିସିଦ୍ଧି ନିରାକରଣମ୍ - ୩୩୩
ବାମମାର୍ଗ ନିରାକରଣମ୍ - ୩୪୦
ଅଦ୍ୱୈତବାଦ ସମୀକ୍ଷା - ୩୫୦
ଭସ୍ମରୁଦ୍ରାକ୍ଷତିଲକାଦି ସମୀକ୍ଷା - ୩୬୮
ବୈଷ୍ଣବମତ ସମୀକ୍ଷା- ୩୭୦
ମୂର୍ତ୍ତିପୂଜା ସମୀକ୍ଷା - ୩୮୦
ପଞ୍ଚାୟତନ ପୂଜା ସମୀକ୍ଷା - ୩୯୪
ଗୟାଶ୍ରାଦ୍ଧ ସମୀକ୍ଷା - ୩୯୭
ଜଗନ୍ନାଥତୀର୍ଥ ସମୀକ୍ଷା - ୩୯୮
ରାମେଶ୍ୱର ସମୀକ୍ଷା - ୪୦୧
କାଳିୟାକନ୍ତ ସୋମନାଥାଦି ସମୀକ୍ଷା - ୪୦୨
ଦ୍ୱାରିକା ଜ୍ୱାଳାମୁଖୀ ସମୀକ୍ଷା - ୪୦୪
ହରିଦ୍ୱାରବଦରୀ ନାରାୟଣାଦି - ୪୦୬
ଗଙ୍ଗାସ୍ନାନ ସମୀକ୍ଷା - ୪୧୦
ନାମସ୍ମରଣତୀର୍ଥଶବ୍ଦୟୋର୍ବ୍ୟାଖ୍ୟା - ୪୧୧
ଗୁରୁମାହାତ୍ମ୍ୟ ସମୀକ୍ଷା - ୪୧୩
ଅଷ୍ଟାଦଶପୁରାଣ ସମୀକ୍ଷା - ୪୧୪
ଶିବପୁରାଣ ସମୀକ୍ଷା - ୪୧୭
ଭାଗବତ ସମୀକ୍ଷା - ୪୧୯
ସୂର୍ଯ୍ୟାଦିଗ୍ରହପୂଜା ସମୀକ୍ଷା - ୪୨୮
ଔର୍ଦ୍ଧ୍ୱଦୈହିକଦାନାଦି ସମୀକ୍ଷା - ୪୧୩
ଏକାଦଶ୍ୟାଦିବ୍ରତଦାନାଦି ସମୀକ୍ଷା - ୪୪୦
ମାରଣମୋହନୋଚ୍ଚାଟନ ବାମମାର୍ଗ -୪୪୨
ଶୈବମତ ସମୀକ୍ଷା - ୪୪୯
ଶାକ୍ତବୈଷ୍ଣବମତ ସମୀକ୍ଷା - ୪୫୦
କବୀରପନ୍ଥ ସମୀକ୍ଷା - ୪୫୮
ନାନକପନ୍ଥ ସମୀକ୍ଷା - ୪୫୯
ଦାଦୂରାମସ୍ନେହ୍ୟାଦିପନ୍ଥ ସମୀକ୍ଷା - ୪୬୩
ଗୋକୁଳିଗୋସ୍ୱାମିମତ ସମୀକ୍ଷା - ୪୬୮
ସ୍ୱାମୀନାରାୟଣମତ ସମୀକ୍ଷା - ୪୭୯
ମାଧ୍ୱଲିଙ୍ଗାଙ୍କିତବ୍ରାହ୍ମପ୍ରାର୍ଥନା ସମୀକ୍ଷା- ୪୮୬
ଆର୍ଯ୍ୟସମାଜ ବିଷୟଃ - ୪୯୬
ବେଦାଦିବିଷୟକ ପ୍ରଶ୍ନୋତ୍ତରାଣି - ୪୯୭
ବ୍ରହ୍ମଚାରିସନ୍ନ୍ୟାସି ସମୀକ୍ଷା - ୫୦୬
ଆର୍ଯ୍ୟାବର୍ତ୍ତୀୟ ରାଜବଂଶାବଳୀ - ୫୧୪

ଦ୍ୱାଦଶ ସମୁଲ୍ଲାସଃ

ଅନୁଭୂମିକା - ୫୨୩
ନାସ୍ତିକମତ ସମୀକ୍ଷା - ୫୨୮
ଚାର୍ବାକମତ ସମୀକ୍ଷା - ୫୨୮

ବିଷୟ — ପୃଷ୍ଠା

ଚାର୍ବାକାଦିନାସ୍ତିକଭେଦାଃ - ୫୩୪
ବୌଦ୍ଧସୌଗତମତ ସମୀକ୍ଷା - ୫୩୪
(ସପ୍ତଭଙ୍ଗୀ ସ୍ୟାଦ୍‌ବାଦୀ) - ୫୪୬
ଜୈନବୌଦ୍ଧୟୋରୈକ୍ୟଂ -
(ତୌତା ତିନାସ୍ତମତୋଲ୍ଲେଖନମ୍)- ୫୪୭
ଆସ୍ତିକ - ନାସ୍ତିକ ସମ୍ବାଦଃ - ୫୫୪
ଜଗତୋନାଦିତ୍ୱ ସମୀକ୍ଷା - ୫୬୦
ଜୈନମତେ ଭୂମିପରିଣାମ୍ - ୫୬୫
ଜୀବାଦନ୍ୟସ୍ୟ ଜଡତ୍ୱଂ ,ପୁଦ୍‌ଗଲାନାଂ
ପାପେ (ପୁଣ୍ୟେ) ପ୍ରଯୋଜକତ୍ୱଂ ଚ - ୫୬୮
ଜୈନଧର୍ମପ୍ରଶଂସାଦି ସମୀକ୍ଷା - ୫୭୦
ଜୈନମତମୁକ୍ତି ସମୀକ୍ଷା - ୫୯୧
ଜୈନସାଧୁଲକ୍ଷଣ ସମୀକ୍ଷା - ୬୦୦
ଜୈନତୀର୍ଥଙ୍କର (୨୪)ବ୍ୟାଖ୍ୟା - ୬୧୧
ଜୈନମତାସମ୍ଭବ କଥା ସମୀକ୍ଷା - ୬୧୨
ଜୈନମତେ ଜମ୍ବୁଦ୍ୱୀପାଦିବିଚାରଃ -୬୨୦

ତ୍ରୟୋଦଶ ସମୁଲ୍ଲାସଃ

ଅନୁଭୂମିକା - ୬୨୩
କ୍ରିଶ୍ଚନମତ ସମୀକ୍ଷା - ୬୨୫
(ତୌରେତ) ଉତ୍ପତ୍ତି ପୁସ୍ତକମ୍ - ୬୨୫
(ଯାତ୍ରା ପୁସ୍ତକମ୍) - ୬୪୦
ଲୈବ୍ୟବ୍ୟବସ୍ଥା ପୁସ୍ତକମ୍- ୬୫୮
ଗଣନା ପୁସ୍ତକମ୍ - ୬୬୨
ସମୁଏଲାଖ୍ୟସ୍ୟ ଦ୍ୱିତୀୟଂ ପୁସ୍ତକମ୍- ୬୬୨
ରାଜ୍ଞାଂ (ଦ୍ୱିତୀୟଂ) ପୁସ୍ତକମ୍ - ୬୬୩
(ଉତ୍ତର)- କାଳବୃତ୍ତସ୍ୟ ୧ ପୁସ୍ତକମ୍ ୬୬୪
ଐୟୁବାଖ୍ୟସ୍ୟ ପୁସ୍ତକମ୍ - ୬୬୪
ଉପଦେଶସ୍ୟ ପୁସ୍ତକମ୍ - ୬୬୫
(ଇଞ୍ଜିଲ)
ମଥୋରଚିତମ୍ ଇଞ୍ଜିଲାଖ୍ୟମ୍ - ୬୬୬
ମାର୍କ ରଚିତମ୍ ଇଞ୍ଜିଲାଖ୍ୟମ୍- ୬୮୨
ଲୂକରଚିତମ୍ ଇଞ୍ଜିଲାଖ୍ୟମ୍- ୬୮୮
ଯୋହନରଚିତସୁସମାଚାରଃ - ୬୮୮
ଯୋହନପ୍ରକାଶିତବାକ୍ୟମ୍ - ୬୯୧

ଚତୁର୍ଦ୍ଦଶ ସମୁଲ୍ଲାସଃ

ଅନୁଭୂମିକା- ୭୦୮
ଯବନମତ (କୁରାଣସ୍ୟ) ସମୀକ୍ଷା- ୭୧୦
ସ୍ୱମନ୍ତବ୍ୟାମନ୍ତବ୍ୟବିଷୟଃ - ୮୦୨

ଉତ୍ତରାର୍ଦ୍ଧଃ

ଓ୩ମ୍

ସଚ୍ଚିଦାନନ୍ଦେଶ୍ୱରାୟ ନମୋ ନମଃ

ସତ୍ୟାର୍ଥ ପ୍ରକାଶସ୍ୟ ଉତ୍ତରାର୍ଦ୍ଧଃ

ଅଥୈକାଦଶ ସମୁଲ୍ଲାସାରମ୍ଭଃ

ଅଥାର୍ଯ୍ୟାବର୍ତ୍ତୀୟ ମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ବର୍ତ୍ତମାନ ଆର୍ଯ୍ୟାବର୍ତ୍ତ ଦେଶରେ ବସବାସ କରୁଥିବା ଲୋକଙ୍କ ମତାମତ ବିଷୟରେ ବିଚାର ବିମର୍ଶ କରାଯିବ ॥

ଏହିଆର୍ଯ୍ୟାବର୍ତ୍ତଭଳି ସମୁନ୍ନତ ଦେଶଟିଏ ସଂସାରର ଅନ୍ୟ କୌଣସି ସ୍ଥାନରେ ଆଉ ଦେଖିବାକୁ ମିଳେ ନାହିଁ ॥ ଏହି ଭୂମି ସୁବର୍ଣ୍ଣାଦି ରତ୍ନ ଉତ୍ପନ୍ନ କରେ ,ତେଣୁ ଏହି ଭୂମିକୁ ସମସ୍ତେ ସୁବର୍ଣ୍ଣ ଭୂମି ବୋଲି କହନ୍ତି ॥ ସୃଷ୍ଟି ଆରମ୍ଭରେ ଆର୍ଯ୍ୟମାନେ ଏହି ଦେଶରେ ହିଁ ବସତି ସ୍ଥାପନ କରିଥିଲେ ॥"ଉତ୍ତମ ପୁରୁଷ ମାନଙ୍କୁ ଆର୍ଯ୍ୟ କୁହାଯାଏ " ଏହା ଆମେ ସୃଷ୍ଟିବିଷୟ ବର୍ଣ୍ଣନା କରିବା ସମୟରେ ପ୍ରକାଶ କରିଅଛୁ ॥ ଆର୍ଯ୍ୟେତର ଅର୍ଥାତ୍ ଅନାର୍ଯ୍ୟମାନଙ୍କୁ ଦସ୍ୟୁ କୁହାଯାଏ ॥ ସଂସାରରେ ଥିବା ପ୍ରତ୍ୟେକ ଦେଶ ଆର୍ଯ୍ୟାବର୍ତ୍ତକୁ ପ୍ରଶଂସାକରିଛନ୍ତି ।ପରଶମଣି ହେଉଛି ପ୍ରକୃତରେ ଏକ କାଳ୍ପନିକ ବସ୍ତୁ ॥ ଆର୍ଯ୍ୟାବର୍ତ୍ତ ଦେଶକୁ ପରଶମଣି ବୋଲି କହିଲେ ଯଥାର୍ଥ ହେବ ॥ କାରଣ ଲୌହରୂପୀ ବିଦେଶୀମାନେ ଏ ଦେଶ ସମ୍ପର୍କରେ ଆସି ପ୍ରକୃତରେ ସୁନା ପାଲଟିଯାନ୍ତି ଅର୍ଥାତ୍ ଧନାଢ୍ୟ ହୋଇ ଯାଆନ୍ତି ॥

ଏତଦ୍ଦେଶପ୍ରସୂତସ୍ୟ ସକାଶାଦଗ୍ର ଜନ୍ମନଃ ।
ସ୍ୱଂ ସ୍ୱଂ ଚରିତ୍ରଂ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବମାନବାଃ ॥

(ମନୁ-ଅ୨।ଶ୍ଳୋ ୨୦)

ସୃଷ୍ଟି ପ୍ରାରମ୍ଭ କାଳରୁ ପାଞ୍ଚହଜାର ବର୍ଷ ପୂର୍ବ ପର୍ଯ୍ୟନ୍ତ ଆର୍ଯ୍ୟମାନଙ୍କର ସାର୍ବଭୌମତ୍ୱ ଥିଲା, ଅର୍ଥାତ୍ ସମଗ୍ର ସଂସାରରେ ଆର୍ଯ୍ୟମାନେ ହିଁ ଏକମାତ୍ର ଚକ୍ରବର୍ତ୍ତୀ ଥିଲେ ॥ ଅନ୍ୟ ଦେଶମାନଙ୍କରେ ମାଣ୍ଡଳିକ ଅର୍ଥାତ୍ ଛୋଟ ଛୋଟ ରାଜାମାନେ ରାଜ୍ୟ

ଶାସନ କରୁଥିଲେ । ମହାଭାରତରୁ ଜଣାଯାଏ ଯେ, କୌରବ ଓ ପାଣ୍ଡବ ମାନଙ୍କ ପର୍ଯ୍ୟନ୍ତ ସମଗ୍ର ପୃଥିବୀ ଗୋଟିଏ ଶାସନାଧୀନରେ ରହିଥିଲା । ସୃଷ୍ଟି ଆଦ୍ୟ କାଳରୁ ରଚିତ ମନୁସ୍ମୃତିରୁ ପ୍ରମାଣ ମିଳୁଛି ଯେ , ଏହି ଆର୍ଯ୍ୟାବର୍ତ୍ତ ଦେଶରେ ଉତ୍ପନ୍ନ ବ୍ରାହ୍ମଣ ଅର୍ଥାତ୍ ବିଦ୍ୱାନ୍‌ମାନଙ୍କଠାରୁ ସକଳ ସଂସାରର ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର, ଦସ୍ୟୁ, ମ୍ଳେଚ୍ଛ ପ୍ରଭୃତି ମନୁଷ୍ୟ ମାନେ ନିଜ ନିଜର ଯୋଗ୍ୟ ବିଦ୍ୟା ଓ ଚରିତ୍ର ସବୁ ଶିକ୍ଷା କରୁଥିଲେ । ମହାରାଜ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ଓ ମହାଭାରତ ଯୁଦ୍ଧ ପର୍ଯ୍ୟନ୍ତ,ଯେଉଁ ସବୁ ରାଜ୍ୟ ଓ ରାଜାମାନେ ସେମାନଙ୍କ ଅଧୀନରେ ଥିଲେ, ତାହା ଏଠାରେ ଉଲ୍ଲେଖ କରୁଅଛୁ । ଚୀନ ଦେଶର ଭଗଦତ୍ତ, ଆମେରିକାର ବବ୍ରୁବାହନ, ୟୁରୋପ ଦେଶର ବିଡ଼ାଳାକ୍ଷ ଅର୍ଥାତ୍ ମାର୍ଜାର ସଦୃଶ ଚକ୍ଷୁଧାରୀ, ଯବନ ଯେଉଁମାନଙ୍କୁ ୟୁନାନ୍ ବୋଲି କୁହାଯାଇଛି ଓ ଇରାନ୍‌ର ଶଲ୍ୟ ପ୍ରଭୃତି ରାଜାମାନେ, ଆଦେଶ ପାଇ ରାଜସୂୟଯଜ୍ଞ ତଥା ମହାଭାରତ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ । ରଘୁବଂଶ ରାଜା ଥିବା ସମୟରେ ସେମାନଙ୍କ ଅଧୀନରେ ରାବଣ ମଧ୍ୟ ଥିଲା । ରାମଚନ୍ଦ୍ରଙ୍କ ସମୟରେ ରାବଣ ଦୁଷ୍କାସ୍ୱରୀ ହେବାରୁ ସମୁଚିତ ଶିକ୍ଷାପାଇଁ ରାମଚନ୍ଦ୍ର ତାକୁ ଯୁଦ୍ଧରେ ବଧ କରିଥିଲେ ଓ ବିଭୀଷଣକୁ ରାଜ୍ୟଶାସନ ଦାୟିତ୍ୱ ଅର୍ପଣ କରିଥିଲେ । ସ୍ୱାୟମ୍ଭବ ରାଜାଙ୍କ ଠାରୁ ଆରମ୍ଭକରି ପାଣ୍ଡବମାନଙ୍କ ପର୍ଯ୍ୟନ୍ତ ଆର୍ଯ୍ୟମାନଙ୍କର ଏକାଙ୍ଗ ସାମ୍ରାଜ୍ୟ ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ପରସ୍ପର ମଧ୍ୟରେ ବିରୋଧ ହେବାରୁ ସେମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା , ଫଳରେ ସେମାନେ ସମସ୍ତେ ବିନଷ୍ଟ ହୋଇଥିଲେ । କାରଣ ପରମେଶ୍ୱରଙ୍କ ଏହି ସୃଷ୍ଟିରେ ଅଭିମାନୀ, ଅନ୍ୟାୟକାରୀ ଓ ଅବିଦ୍ୱାନ୍ ଲୋକଙ୍କ ରାଜ୍ୟଶାସନ ଦୀର୍ଘକାଳ ପର୍ଯ୍ୟନ୍ତ ତିଷ୍ଠି ରହିପାରେ ନାହିଁ । ପୁଣି ଏହାମଧ୍ୟ ହେଉଛି ସଂସାରର ଏକ ସ୍ୱାଭାବିକ ପ୍ରବୃତ୍ତି ଯେ, ଯେତେବେଳେ ଆବଶ୍ୟକତାଠାରୁ ଅତ୍ୟଧିକ ଧନ ସଂପଦ ସଂଗୃହୀତ ହୁଏ, ସେତେବେଳେ ଆଳସ୍ୟ, ପୁରୁଷାର୍ଥହୀନତା, ଈର୍ଷା,ଦ୍ୱେଷ,ବିଷୟାସକ୍ତି ଓ ପ୍ରମାଦ ଅଧିକମାତ୍ରାରେ ବୃଦ୍ଧିହୁଏ । ତଦ୍ୱାରା ଦେଶରେ ବିଦ୍ୟା , ସୁଶିକ୍ଷା ନଷ୍ଟ ହୋଇ ଦୁର୍ଗୁଣ, ଦୁର୍ବ୍ୟସନ ପ୍ରଭୃତି ବୃଦ୍ଧିପାଏ । ଯଥା:- ମଦ୍ୟମାଂସ ସେବନ ବାଲ୍ୟବିବାହ, ସ୍ୱେଚ୍ଛାଚାରିତା ପ୍ରଭୃତି ଦୋଷ ମୁଣ୍ଡ ଟେକି ଉଠେ । ଯେତେବେଳେ ସୈନ୍ୟ ବିଭାଗରେ

ଓ୩ମ୍

ସଚ୍ଚିଦାନନ୍ଦେଶ୍ୱରାୟ ନମୋ ନମଃ

ସତ୍ୟାର୍ଥ ପ୍ରକାଶସ୍ୟ ଉତ୍ତରାର୍ଦ୍ଧଃ

ଅଥୈକାଦଶ ସମୁଲ୍ଲାସାରମ୍ଭଃ

ଅଥାର୍ଯ୍ୟାବର୍ତ୍ତୀୟ ମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ବର୍ତ୍ତମାନ ଆର୍ଯ୍ୟାବର୍ତ୍ତ ଦେଶରେ ବସବାସ କରୁଥିବା ଲୋକଙ୍କ ମତାମତ ବିଷୟରେ ବିଚାର ବିମର୍ଶ କରାଯିବ ॥

ଏହିଆର୍ଯ୍ୟାବର୍ତ୍ତଭଳି ସମୁନ୍ନତ ଦେଶଟିଏ ସଂସାରର ଅନ୍ୟ କୌଣସି ସ୍ଥାନରେ ଆଉ ଦେଖିବାକୁ ମିଳେ ନାହିଁ ॥ ଏହି ଭୂମି ସୁବର୍ଣ୍ଣାଦି ରତ୍ନ ଉତ୍ପନ୍ନ କରେ ,ତେଣୁ ଏହି ଭୂମିକୁ ସମସ୍ତେ ସୁବର୍ଣ୍ଣ ଭୂମି ବୋଲି କହନ୍ତି ॥ ସୃଷ୍ଟି ଆରମ୍ଭରେ ଆର୍ଯ୍ୟମାନେ ଏହି ଦେଶରେ ହିଁ ବସତି ସ୍ଥାପନ କରିଥିଲେ ॥"ଉତ୍ତମ ପୁରୁଷ ମାନଙ୍କୁ ଆର୍ଯ୍ୟ କୁହାଯାଏ " ଏହା ଆମେ ସୃଷ୍ଟିବିଷୟ ବର୍ଣ୍ଣନା କରିବା ସମୟରେ ପ୍ରକାଶ କରିଅଛୁ ॥ ଆର୍ଯ୍ୟେତର ଅର୍ଥାତ୍ ଅନାର୍ଯ୍ୟମାନଙ୍କୁ ଦସ୍ୟୁ କୁହାଯାଏ ॥ ସଂସାରରେ ଥିବା ପ୍ରତ୍ୟେକ ଦେଶ ଆର୍ଯ୍ୟାବର୍ତ୍ତକୁ ପ୍ରଶଂସାକରିଛନ୍ତି ।ପରଶମଣି ହେଉଛି ପ୍ରକୃତରେ ଏକ କାଳ୍ପନିକ ବସ୍ତୁ ॥ ଆର୍ଯ୍ୟାବର୍ତ୍ତ ଦେଶକୁ ପରଶମଣି ବୋଲି କହିଲେ ଯଥାର୍ଥ ହେବ ॥ କାରଣ ଲୌହରୂପୀ ବିଦେଶୀମାନେ ଏ ଦେଶ ସମ୍ପର୍କରେ ଆସି ପ୍ରକୃତରେ ସୁନା ପାଲଟିଯାନ୍ତି ଅର୍ଥାତ୍ ଧନାଢ୍ୟ ହୋଇ ଯାଆନ୍ତି ॥

ଏତଦ୍ଦେଶପ୍ରସୂତସ୍ୟ ସକାଶାଦଗ୍ର ଜନ୍ମନଃ ।
ସ୍ୱଂ ସ୍ୱଂ ଚରିତ୍ରଂ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବମାନବାଃ ॥
(ମନୁ-ଅ୨।ଶ୍ଳୋ୨୦)

ସୃଷ୍ଟି ପ୍ରାରମ୍ଭ କାଳରୁ ପାଞ୍ଚହଜାର ବର୍ଷ ପୂର୍ବ ପର୍ଯ୍ୟନ୍ତ ଆର୍ଯ୍ୟମାନଙ୍କର ସାର୍ବଭୌମତ୍ୱ ଥିଲା, ଅର୍ଥାତ୍ ସମଗ୍ର ସଂସାରରେ ଆର୍ଯ୍ୟମାନେ ହିଁ ଏକମାତ୍ର ଚକ୍ରବର୍ତ୍ତୀ ଥିଲେ ॥ ଅନ୍ୟ ଦେଶମାନଙ୍କରେ ମାଣ୍ଡଳିକ ଅର୍ଥାତ୍ ଛୋଟ ଛୋଟ ରାଜାମାନେ ରାଜ୍ୟ

ଶାସନ କରୁଥିଲେ । ମହାଭାରତରୁ ଜଣାଯାଏ ଯେ, କୌରବ ଓ ପାଣ୍ଡବ ମାନଙ୍କ ପର୍ଯ୍ୟନ୍ତ ସମଗ୍ର ପୃଥିବୀ ଗୋଟିଏ ଶାସନାଧୀନରେ ରହିଥିଲା । ସୃଷ୍ଟି ଆଦ୍ୟ କାଳରୁ ରଚିତ ମନୁସ୍ମୃତିରୁ ପ୍ରମାଣ ମିଳୁଛି ଯେ , ଏହି ଆର୍ଯ୍ୟାବର୍ତ୍ତ ଦେଶରେ ଉତ୍ପନ୍ନ ବ୍ରାହ୍ମଣ ଅର୍ଥାତ୍ ବିଦ୍ୱାନ୍‌ମାନଙ୍କଠାରୁ ସକଳ ସଂସାରର ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଦସ୍ୟୁ, ମ୍ଳେଚ୍ଛ ପ୍ରଭୃତି ମନୁଷ୍ୟ ମାନେ ନିଜ ନିଜର ଯୋଗ୍ୟ ବିଦ୍ୟା ଓ ଚରିତ୍ର ସବୁ ଶିକ୍ଷା କରୁଥିଲେ । ମହାରାଜ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ଓ ମହାଭାରତ ଯୁଦ୍ଧ ପର୍ଯ୍ୟନ୍ତ,ଯେଉଁ ସବୁ ରାଜ୍ୟ ଓ ରାଜାମାନେ ସେମାନଙ୍କ ଅଧୀନରେ ଥିଲେ, ତାହା ଏଠାରେ ଉଲ୍ଲେଖ କରୁଅଛୁ । ଚୀନ ଦେଶର ଭଗଦତ୍ତ, ଆମେରିକାର ବବ୍ରୁବାହନ, ୟୁରୋପ ଦେଶର ବିଡ଼ାଳାକ୍ଷ ଅର୍ଥାତ୍ ମାର୍ଜାର ସଦୃଶ ଚକ୍ଷୁଧାରୀ, ଯବନ ଯେଉଁମାନଙ୍କୁ ୟୁନାନ୍ ବୋଲି କୁହାଯାଇଛି ଓ ଇରାନ୍‌ର ଶଲ୍ୟ ପ୍ରଭୃତି ରାଜାମାନେ, ଆଦେଶ ପାଇ ରାଜସୂୟଯଜ୍ଞ ତଥା ମହାଭାରତ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ । ରଘୁବଂଶ ରାଜା ଥିବା ସମୟରେ ସେମାନଙ୍କ ଅଧୀନରେ ରାବଣ ମଧ୍ୟ ଥିଲା । ରାମଚନ୍ଦ୍ରଙ୍କ ସମୟରେ ରାବଣ ଦୁଷ୍ଟାଚାରୀ ହେବାରୁ ସମୁଚିତ ଶିକ୍ଷାପାଇଁ ରାମଚନ୍ଦ୍ର ତାକୁ ଯୁଦ୍ଧରେ ବଧ କରିଥିଲେ ଓ ବିଭୀଷଣଙ୍କୁ ରାଜ୍ୟଶାସନ ଦାୟିତ୍ୱ ଅର୍ପଣ କରିଥିଲେ । ସ୍ୱାୟମ୍ଭବ ରାଜାଙ୍କ ଠାରୁ ଆରମ୍ଭକରି ପାଣ୍ଡବମାନଙ୍କ ପର୍ଯ୍ୟନ୍ତ ଆର୍ଯ୍ୟମାନଙ୍କର ଏକାଙ୍ଗ ସାମ୍ରାଜ୍ୟ ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ପରସ୍ପର ମଧ୍ୟରେ ବିରୋଧ ହେବାରୁ ସେମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା , ଫଳରେ ସେମାନେ ସମସ୍ତେ ବିନଷ୍ଟ ହୋଇଥିଲେ । କାରଣ ପରମେଶ୍ୱରଙ୍କ ଏହି ସୃଷ୍ଟିରେ ଅଭିମାନୀ, ଅନ୍ୟାୟକାରୀ ଓ ଅବିଦ୍ୱାନ୍ ଲୋକଙ୍କ ରାଜ୍ୟଶାସନ ଦୀର୍ଘକାଳ ପର୍ଯ୍ୟନ୍ତ ତିଷ୍ଠି ରହିପାରେ ନାହିଁ । ପୁଣି ଏହାମଧ୍ୟ ହେଉଛି ସଂସାରର ଏକ ସ୍ୱାଭାବିକ ପ୍ରବୃତ୍ତି ଯେ, ଯେତେବେଳେ ଆବଶ୍ୟକତାଠାରୁ ଅତ୍ୟଧିକ ଧନ ସଂପଦ ସଂଗୃହୀତ ହୁଏ, ସେତେବେଳେ ଆଳସ୍ୟ, ପୁରୁଷାର୍ଥହୀନତା, ଈର୍ଷା,ଦ୍ୱେଷ,ବିଷୟାସକ୍ତି ଓ ପ୍ରମାଦ ଅଧିକମାତ୍ରାରେ ବୃଦ୍ଧିହୁଏ । ତଦ୍ୱାରା ଦେଶରେ ବିଦ୍ୟା , ସୁଶିକ୍ଷା ନଷ୍ଟ ହୋଇ ଦୁର୍ଗୁଣ, ଦୁର୍ବ୍ୟସନ ପ୍ରଭୃତି ବୃଦ୍ଧିପାଏ । ଯଥା:- ମଦ୍ୟମାଂସ ସେବନ ବାଲ୍ୟବିବାହ, ସ୍ୱେଚ୍ଛାଚାରିତା ପ୍ରଭୃତି ଦୋଷ ମୁଣ୍ଡ ଟେକି ଉଠେ । ଯେତେବେଳେ ସୈନ୍ୟ ବିଭାଗରେ

ଅତ୍ୟଧିକ ସୈନ୍ୟ ବୃଦ୍ଧି ହୁଅନ୍ତି, ପୁଣି ଯୁଦ୍ଧ କୌଶଳ ବିଷୟରେ ସୈନ୍ୟମାନେ ଅଧିକ ଜ୍ଞାନ ଅର୍ଜନ କରନ୍ତି, ସେମାନଙ୍କର ସମ୍ମୁଖୀନ ହେବାପାଇଁ କେହି ସାହସ କରି ପାରନ୍ତି ନାହିଁ, ସେତେବେଳେ ସେମାନଙ୍କ ମଧ୍ୟରେ ପକ୍ଷପାତ ଓ ଅଭିମାନ ବଢ଼ିଯାଏ, ସେମାନେ ଅନ୍ୟାୟ କରିବାପାଇଁ କୁଣ୍ଠାବୋଧ କରନ୍ତି ନାହିଁ । ଏହାର ସୁଯୋଗ ନେଇ କୌଣସି ସାଧାରଣ ବ୍ୟକ୍ତି ମଧ୍ୟ ସାମର୍ଥ୍ୟଯୁକ୍ତ ହୋଇ ସେମାନଙ୍କ ବିରୁଦ୍ଧରେ ଯଦି ଛିଡ଼ା ହୁଏ, ତେବେ ସୈନ୍ୟମାନଙ୍କ ପରସ୍ପର ହିଂସା, ଦ୍ୱେଷର ସୁଯୋଗ ନେଇ ଏକାକୀ ସେ ସମସ୍ତଙ୍କୁ ପରାସ୍ତ କରିଦିଏ । ଯେପରି କି ଶିବାଜୀ ଓ ଗୋବିନ୍ଦ ସିଂହ ସାମାନ୍ୟ ବ୍ୟକ୍ତି ହୋଇ ମଧ୍ୟ ପ୍ରବଳପ୍ରତାପୀ ମୁସଲମାନ୍ ସାମ୍ରାଜ୍ୟକୁ ଛିନ୍ନଭିନ୍ନ କରି ଦେଇଥିଲେ ।

ଅଥ କିମେତୈର୍ବା ପରେଽନ୍ୟେ ମହାଧନୁର୍ଦ୍ଧରାଶ୍ଚକ୍ରବର୍ତ୍ତିନଃ କେଚିତ୍ ସୁଦ୍ୟୁମ୍ନଭୂରିଦ୍ୟୁମ୍ନେନ୍ଦ୍ରଦ୍ୟୁମ୍ନ କୁବଳୟାଶ୍ୱ ଯୌବନାଶ୍ୱବଦ୍ଧ୍ର୍ୟଶ୍ୱାଶ୍ୱପତି ଶଶବିନ୍ଦୁ ହରିଶ୍ଚନ୍ଦ୍ରାଽମ୍ବରୀଷନନକ୍ତୁ ସର୍ଯ୍ୟାତି ଯଯାତ୍ୟ ନରଣ୍ୟାକ୍ଷସେନାଦୟଃ । ଅଥ ମରୁତ୍ତ ଭରତପ୍ରଭୃତୟୋ ରାଜାନଃ ॥

(ମୈତ୍ର୍ୟୁପନିଷଦ୍ ପ୍ର୧-ଖ୪)

ଏହି ପ୍ରମାଣ ଦ୍ୱାରା ସ୍ପଷ୍ଟରୂପେ ଅନୁମିତ ହେଉଛି ଯେ, ସୃଷ୍ଟି ଆରମ୍ଭ କାଳରୁ ମହାଭାରତ ଯୁଗ ପର୍ଯ୍ୟନ୍ତ ଆର୍ଯ୍ୟକୁଳର ସାର୍ବଭୌମ ରାଜାମାନେ ହିଁ ରାଜତ୍ୱ କରୁଥିଲେ । ଏବେ ସେହିମାନଙ୍କ ବଂଶଧରଗଣଙ୍କ ଅଯୋଗ୍ୟତା ତଥା ଦୁର୍ଭାଗ୍ୟ ଯୋଗରୁ ସେମାନେ ରାଜ୍ୟଭ୍ରଷ୍ଟ ହୋଇ ବିଦେଶୀମାନଙ୍କ ଅଧୀନତାକୁ ସ୍ୱୀକାର କରିବାକୁ ବାଧ୍ୟହେଲେ । ଯେପରି ଏଠାରେ ସୁଦ୍ୟୁମ୍ନ, ଭୂରିଦ୍ୟୁମ୍ନ, ଇନ୍ଦ୍ରଦ୍ୟୁମ୍ନ, କୁବଳୟାଶ୍ୱ, ଯୌବନାଶ୍ୱ, ବଦ୍ଧ୍ର୍ୟଶ୍ୱ, ଅଶ୍ୱପତି, ଶଶବିନ୍ଦୁ, ହରିଶ୍ଚନ୍ଦ୍ର, ଅମ୍ବରୀଷ , ନନକ୍ତୁ ସର୍ଯ୍ୟାତି, ଯଯାତି, ଅନରଣ୍ୟ, ଅକ୍ଷସେନ, ମରୁତ୍ତ ଓ ଭରତ ପ୍ରଭୃତି ସାର୍ବଭୌମ ରାଜାମାନଙ୍କ ନାମ ଉଲ୍ଲିଖିତ ହୋଇରହିଛି । ସେହିପରି ସ୍ୱାୟମ୍ଭବାଦି ଚକ୍ରବର୍ତ୍ତୀ ରାଜାମାନଙ୍କ ନାମ ମନୁସ୍ମୃତି ଓ ମହାଭାରତ ଆଦି ଗ୍ରନ୍ଥରେ ସ୍ପଷ୍ଟରୂପେ ଲେଖାଯାଇଛି । ଏହାକୁ ମିଥ୍ୟା ବୋଲି କହିବା କେବଳ ଅଜ୍ଞାନ ଓ ପକ୍ଷପାତିମାନଙ୍କର କାର୍ଯ୍ୟଅଟେ ।

ପ୍ରଶ୍ନ:- ଆଗ୍ନେୟାସ୍ତ୍ରାଦି ବିଦ୍ୟା ସମ୍ବନ୍ଧରେ ଯାହାକିଛି ଲେଖାଯାଇଛି, ସେସବୁ ସତ୍ୟ ନା ମିଥ୍ୟା ? ପୁଣି ସେ ସମୟରେ ତୋପ ବା ବନ୍ଧୁକ ଥିଲା କି ନାହିଁ ?

ଉତ୍ତର:-...... ଏ ସବୁ ହେଉଛି ସତ । ସେପରି ଶସ୍ତ୍ରଗୁଡ଼ିକଥିଲା ॥ କାରଣ ପଦାର୍ଥ ବିଦ୍ୟାଦ୍ୱାରା ସେସବୁ ଜ୍ଞାନ ସମ୍ଭବ ହେଉଥିଲା ॥

ପ୍ରଶ୍ନ:- ସେସବୁ ଦେବତାମାନଙ୍କ ମନ୍ତ୍ରଦ୍ୱାରା ସିଦ୍ଧ ହେଉଥିଲା କି ?

ଉତ୍ତର:-...... ନା, ସେସବୁ 'ମନ୍ତ୍ର' ଅର୍ଥାତ୍ ବିଚାରଦ୍ୱାରା ସିଦ୍ଧ ହେଉଥିଲା ॥ ଯେଉଁ ମନ୍ତ୍ର କେବଳ ଶବ୍ଦମୟ ,ତହିଁରୁ କେବେ କୌଣସି ପଦାର୍ଥ ଉତ୍ପାଦନ ହେଉନଥିଲା ॥ କେହି ଯଦି କହେ ମନ୍ତ୍ରୋଚ୍ଚାରଣଦ୍ୱାରା ଅଗ୍ନି ଉତ୍ପନ୍ନ ହେଉଥିଲା, ତେବେତ ପ୍ରଥମେ ଉଚ୍ଚାରଣକର୍ତ୍ତାଙ୍କ ଜିହ୍ୱା ଓ ଶରୀର ପୋଡ଼ିଯାଉଥାନ୍ତା ॥ ଶତ୍ରୁକୁ ମାରିବାକୁ ଯାଇ ନିଜେ ହିଁ ମରିଯାଆନ୍ତା ॥ ଏଣୁ ମନ୍ତ୍ରର ଅର୍ଥ ହେଉଛି ବିଚାର ॥ ଯେପରି "ରାଜ ମନ୍ତ୍ରୀ" କହିଲେ ରାଜ କାର୍ଯ୍ୟର ପରାମର୍ଶଦାତାଙ୍କୁ ବୁଝାଇ ଥାଏ । ସେହିପରି ମନ୍ତ୍ର ଅର୍ଥାତ୍ ବିଚାରଦ୍ୱାରା ସୃଷ୍ଟିରେ ଥିବା ସମସ୍ତ ପଦାର୍ଥର ଜ୍ଞାନ ଅର୍ଜନକରି ପରେ କ୍ରିୟା କୌଶଳଦ୍ୱାରା ଅନେକ ପଦାର୍ଥ ଉତ୍ପନ୍ନ କରିବାକୁ ହୁଏ ॥ ଯେପରି କୌଣସି ବ୍ୟକ୍ତି ଲୁହାରେ ବାଣ ବା ଗୁଳି ତିଆରି କରି ତହିଁରେ ଏପରି ପଦାର୍ଥ ଖଞ୍ଜି ଦେଲେ, ଯାହାକି ଅଗ୍ନି ସଂଯୋଗ ହେବାମାତ୍ରେ ବାୟୁରେ ଧୂଆଁ ସୃଷ୍ଟି କରେ, ଅଥବା ସୂର୍ଯ୍ୟ କିରଣର ସ୍ପର୍ଶ ପାଇଲାମାତ୍ରେ ଅଗ୍ନି ଜଳିଉଠେ ॥ ତାହାକୁ ଆଗ୍ନେୟାସ୍ତ୍ର ବୋଲି କହନ୍ତି ॥କେହି ଯଦି ଏହାକୁ ଭଣ୍ଡୁର କରିବା ପାଇଁ ଚାହେଁ, ତେବେ ସେ ବରୁଣାସ୍ତ୍ର ନିର୍ମାଣ କରି ନିକ୍ଷେପ କରେ ॥ ଅର୍ଥାତ୍ ତାହା ଏପରି ଉପାଦାନରେ ତିଆରି ହୋଇଥାଏ , ଯେ, ବାୟୁସ୍ପର୍ଶ ମାତ୍ରେ ମେଘ ସୃଷ୍ଟି କରି ଜଳ ବର୍ଷା କରେ ଓ ଅଗ୍ନିକୁ ଲିଭାଇ ଦିଏ ।ସେହିପରି ନାଗ ପାଶଦ୍ୱାରାଶତ୍ରୁକୁ ବାନ୍ଧି ପକାଇବାକୁ ହୁଏ, ଓ ମୋହନାସ୍ତ୍ରରେ ଏପରି ନିଶାଦ୍ରବ୍ୟ ଥାଏ ଯେ ତାହାର ଧୂଆଁ ବାଜିବାମାତ୍ରେ ଶତ୍ରୁ ସୈନ୍ୟମାନେ ଅଚେତ ହୋଇଆଯାନ୍ତି । କୌଣସି ତାର ବା ଶିଶିରେ ବିଦ୍ୟୁତ୍ ଉତ୍ପନ୍ନ କରାଯାଇ,ତଦ୍ୱାରା ଶତ୍ରୁକୁ ମାରିବାକୁ ହୁଏ । ତାକୁ ମଧ୍ୟ ଆଗ୍ନେୟାସ୍ତ୍ର ବା ପାଶୁପତାସ୍ତ୍ର କୁହାଯାଏ । ଏହିପରି ପଦାର୍ଥର ତତ୍ତ୍ୱଜ୍ଞାନ ପୂର୍ବକ ବିବିଧ ପଦାର୍ଥର ଯୋଗ ବିଯୋଗରୁ ଅନେକ ପ୍ରକାର ଅସ୍ତ୍ର ନିର୍ମାଣ କରାଯାଉଥିଲା । ତୋପ ଓ ବନ୍ଧୁକ

ଏହା ହେଉଛି ବୈଦେଶିକ ନାମ । ସଂସ୍କୃତଭାଷାରେ ତୋପକୁ ଶତଘ୍ନୀ ଓ ବନ୍ଧୁକକୁ ଭୁଶୁଣ୍ଡୀ କୁହାଯାଏ । ଯେଉଁମାନେ ସଂସ୍କୃତ ଜାଣି ନ ଥାନ୍ତି ସେମାନେ ଯା ଇଚ୍ଛା ତା ନାମ ଦିଅନ୍ତି ଓ ସେପରି କହନ୍ତି । ବୁଦ୍ଧିମାନ୍‌ଲୋକେ ସେମାନଙ୍କ କଥାକୁ ପ୍ରମାଣିକ ରୂପେ ଗ୍ରହଣ କରନ୍ତି ନାହିଁ । ପୃଥିବୀରେ ଯେଉଁସବୁ ବିଦ୍ୟା ପ୍ରଚଳିତ, ସେସବୁ ଆର୍ଯ୍ୟାବର୍ତ୍ତୀୟଦେଶରୁ ମିଶର୍‌କୁ, ସେଠାରୁ ୟୁନାନ୍‌କୁ, ୟୁନାନ୍‌ରୁ ରୋମକୁ, ସେଠାରୁ ୟୁରୋପ୍ ଦେଶର ସର୍ବତ୍ର ପ୍ରଚାର ହୋଇ, ପରେ ଆମେରିକା ପ୍ରଭୃତି ଦେଶ ବିଦେଶରେ ପ୍ରଚାରିତ ହୋଇଅଛି ।

:-ସଂସ୍କୃତ-:

ସଂସ୍କୃତ ଭାଷାଜଗତରେ ପ୍ରଚଳିତ ସକଳ ଭାଷାର ଆଦିମାତା, ଭାରତରେ ହିଁ ଏହାର ଉତ୍ପତ୍ତି, ଉନ୍ନତି ଓ ପ୍ରଚାର ଓ ପ୍ରସାର । ତେଣୁ ବାଣୀ ବା ବଚନକୁ ଭାରତୀ କୁହାଯାଏ । ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଆର୍ଯ୍ୟାବର୍ତ୍ତରେ ଯେଉଁ ପରିମାଣରେ ହୋଇଛି, ଅନ୍ୟଦେଶରେ ତାହା ସେତେ ପରିମାଣରେ ହୋଇପାରି ନାହିଁ । କେତେକ କହନ୍ତି ଜର୍ମାନ୍ ଦେଶରେ ସଂସ୍କୃତର ବହୁଳ ପ୍ରଚାର ହୋଇଛି ଓ ମେକ୍ସମୁଲର ସାହେବ ଯେତେ ସ ସ୍କୃତ ଜାଣନ୍ତି, ଅନ୍ୟ କେହି ସେତେ ଜାଣିନାହାନ୍ତି, ଏପରି ମତାମତ ପ୍ରକୃତରେ ଠିକ୍ ନୁହେଁ । କାରଣ---"ଯସ୍ମିନ୍‌ଦେଶେ ଦ୍ରୁମୋ ନାସ୍ତି ଏରଣ୍ଡୋଽପି ଦ୍ରୁମାୟତେ" ଅର୍ଥାତ୍ ଯେଉଁ ଦେଶରେ କୌଣସି ବୃକ୍ଷ ନାହିଁ ସେ ଦେଶରେ ଗବଗଛ ମଧ୍ୟ ମହାନ୍ ଦ୍ରୁମ ବୋଲାଇଥାଏ । ସେହିପରି ୟୁରୋପ୍ ଦେଶରେ ସଂସ୍କୃତର ଯଥେଷ୍ଟ ପ୍ରଚାର ପ୍ରସାର ନ ଥିବାରୁ, ମେକ୍ସମୁଲର ସାହେବ୍ ସେ ଦେଶବାସୀଙ୍କପାଇଁ ଅଧିକ ଜଣା ଥାଇପାରନ୍ତି । କିନ୍ତୁ ଆର୍ଯ୍ୟାବର୍ତ୍ତ ଦେଶ ତୁଳନାରେ ତାଙ୍କ ଜ୍ଞାନ କେତେ ନ୍ୟୁନ । ଜର୍ମାନୀ ଦେଶର ଜଣେ ପ୍ରିନ୍‌ସପାଲଙ୍କ ପତ୍ରରୁ ଜଣାଯାଏ ଯେ, ସେ ଦେଶରେ ସଂସ୍କୃତ ଚିଠିର ଅର୍ଥ କରିବା ଲୋକଙ୍କ ସଂଖ୍ୟା ଅତିକମ୍ । ମେକ୍ସମୁଲରଙ୍କ ସଂସ୍କୃତ ସାହିତ୍ୟ ଓ ବେଦର କେତେକ ବ୍ୟାଖ୍ୟା ଦେଖି ମୁଁ ଅନୁଭବ କରୁଛି ଯେ ସେ ଆର୍ଯ୍ୟାବର୍ତ୍ତୀୟ ବ୍ୟାଖ୍ୟାକାରଙ୍କ ଟୀକା ଦେଖି ଯଥାତଥା ଲେଖି ଦେଇଛନ୍ତି । ଉଦାହରଣ ସ୍ୱରୂପ--- "**ଯୁଞ୍ଜନ୍ତି ବ୍ରଧ୍ନମରୁଷଂ ଚରନ୍ତଂ ପରିତସ୍ଥୁଷଃ । ରୋଚନ୍ତେ ରୋଚନା ଦିବି**"। (ଋଗ୍‌ବେଦ ୧-୬-୧) ଏହି ମନ୍ତ୍ରର ଅର୍ଥ କରିବାକୁ ଯାଇ

ସେ 'ବ୍ରଧ୍ନ' ର ଅର୍ଥ ଘୋଡା କରିଛନ୍ତି । ସାୟଣାଚାର୍ଯ୍ୟ ସେହି ପଦର ଅର୍ଥ "ସୂର୍ଯ୍ୟ"ବୋଲି ଯାହା ଲେଖିଛନ୍ତି ତାହା ଏକପ୍ରକାର ଠିକ୍ ହୋଇପାରେ । କିନ୍ତୁ ଏହାର ପ୍ରକୃତ ଅର୍ଥ ହେଉଛି 'ପରମାତ୍ମା' । ମୋ ଲିଖିତ ଋଗ୍‌ବେଦାଦି ଭାଷ୍ୟ ଭୂମିକାରେ ଏ ମନ୍ତ୍ରର ଯଥାଯଥ ଅର୍ଥ ଉଲ୍ଲେଖ କରାଯାଇଛି । ଏତିକିରୁ ଅନୁମାନ କରନ୍ତୁ ଯେ ଜର୍ମାନ୍ ଦେଶ ଓ ମେକ୍ସମୁଲର ସାହେବଙ୍କ ସଂସ୍କୃତ ଜ୍ଞାନ କେତେ ? ନିଶ୍ଚିତ ରୂପେ ଏତକ କୁହାଯାଇପାରେ ଯେ, ସଂସାରରେ ଯେଉଁ ବିଦ୍ୟାସବୁ ପ୍ରଚାରିତ ହୋଇଛି, ସେ ସବୁ ଆର୍ଯ୍ୟାବର୍ତ୍ତରୁ ହିଁ ଯାଇଛି । ଫ୍ରାନ୍‌ସ ଦେଶର ଜେକୋଲୟଟ୍ ନାମକ ଉନେକ ସାହେବ "**ଦି ବାଇବଲ୍ ଇନ୍ ଇଣ୍ଡିଆ**" ନାମକ ପୁସ୍ତକରେ ଲେଖିଛନ୍ତି, ସମସ୍ତ ବିଦ୍ୟା ଓ ଉନ୍ନତିର ଭଣ୍ଡାର ହେଉଛି ଆର୍ଯ୍ୟାବର୍ତ୍ତ ଦେଶ । ସମସ୍ତ ବିଦ୍ୟା ଓ ମତ ଏହି ଦେଶରୁ ଯାଇ ଅନ୍ୟଦେଶରେ ପ୍ରଚାରିତ ହୋଇଛି । ପୁଣି ସେ ପ୍ରାର୍ଥନା କରିଛନ୍ତି---- ହେ ପରମେଶ୍ୱର ! ପୂର୍ବ କାଳରେ ଆର୍ଯ୍ୟାବର୍ତ୍ତ ଦେଶ ଯେପରି ଉନ୍ନତ ଥିଲା, ଆମ ଦେଶ ମଧ୍ୟ ସେପରି ଉନ୍ନତ ହେଉ । ସେହିପରି ଦାରାଶିକୋହ ବାଦ୍‌ଶାହ ମଧ୍ୟ ମତ ଦେଇଛନ୍ତି----"ସଂସ୍କୃତ ଭାଷାରେ ଯେଉଁ ବିଦ୍ୟାମାନ ପୂରି ରହିଛି, ଅନ୍ୟ କୌଣସି ଭାଷାରେ ସେପରି ନାହିଁ" । ପୁଣି ଉପନିଷଦ୍‌କୁ ଭାଷାନ୍ତର କରିବାକୁ ଯାଇ ମତ ଦେଇଛନ୍ତି----ମୁଁ ଆରବୀ ଆଦି ଅନେକ ଭାଷାର ଶାସ୍ତ୍ର ଅଧ୍ୟୟନ କଲି, କିନ୍ତୁ କେଉଁଥିରେ ହେଲେ ମୋର ସନ୍ଦେହ ଦୂର ହେଲା ନାହିଁ କି ଆନନ୍ଦ ମିଳିଲା ନାହିଁ । କିନ୍ତୁ ଯେତେବେଳେ ସଂସ୍କୃତ ପଢ଼ାଶୁଣା କଲି ସେତେବେଳେ ମୁଁ ନିଃସନ୍ଦେହ ହେବା ସଙ୍ଗେ ସଙ୍ଗେ ପରମାନନ୍ଦ ଲାଭକଲି । କାଶୀରେ ଥିବା ମାନମନ୍ଦିରରେ ଯେଉଁ ଶିଶୁମାର ଚକ୍ର ରହିଛି, ସତରେ ତାହା କେଡ଼େ ଭଲ ଜିନିଷ । ଏହାର ସୁରକ୍ଷା କରାଯାଇ ପାରିନାହିଁ, ତଥାପି ତହିଁରୁ ଆଜି ମଧ୍ୟ ଖଗୋଳର ଅନେକ ବୃତ୍ତାନ୍ତ ଜାଣିବାକୁ ହେଉଛି । ଜୟପୁରାଧୀଶମାନେ ଏହି ଜୀର୍ଣ୍ଣଶୀର୍ଣ୍ଣ ମନ୍ଦିରର ପୁନଃସଂସ୍କାର କରିଥିଲେ ଅତୀବ ଉତ୍ତମ ହୋଇଥାନ୍ତା । ଏପରି ଦେଶମାନଙ୍କ ମଧ୍ୟରେ ଶିରୋମଣି ବୋଲାଉଥିବା ଆର୍ଯ୍ୟାବର୍ତ୍ତକୁ ମହାଭାରତ ଯୁଦ୍ଧ ଏପରି ନଷ୍ଟଭ୍ରଷ୍ଟ କରିଦେଇଛି, ଯାଫଳରେ ସେହି ପବିତ୍ର ଆର୍ଯ୍ୟାବର୍ତ୍ତ ଭୂମି ଏ ପର୍ଯ୍ୟନ୍ତ ତାର ପୂର୍ବ ଅବସ୍ଥାକୁ ଫେରି ପାଇ ନାହିଁ ।ଭାଇଭାଇରେ ମରାମରି ହେଲେ ଏପରି ଦଳିତକାନ୍ତ ହେବାକୁ ପଡ଼ିଥାଏ ।

ବିନାଶକାଳେ ବିପରୀତ ବୁଦ୍ଧିଃ (ଚାଣକ୍ୟନୀତି ଅ ୧୬-୫)

ଅର୍ଥାତ୍ ବିନାଶ କାଳ ଆସି ଉପସ୍ଥିତ ହେଲେ ବୁଦ୍ଧି ବିପରୀତ ଦିଗରେ ଗତିକରେ । ଫଳରେ ଓଲଟା କାମ କରିବାକୁ ହୁଏ । କେହି ଯଦି ଠିକ୍ କହେ ତାହା ଭୁଲ୍ ମନେ ହୁଏ ଓ ଭୁଲ୍ ବୁଝାଇଲେ ଠିକ୍ ମନେ ହୁଏ । ସେହି ମହାଭାରତ ଯୁଦ୍ଧରେ ଯେତେବେଳେ ବଡ଼ ବଡ଼ ବିଦ୍ୱାନ୍,ରାଜା,ମହାରାଜା,ଋଷି,ମହର୍ଷିମାନେ ବହୁସଂଖ୍ୟାରେ ମୃତ୍ୟୁବରଣ କଲେ, ସେତେବେଳେ ବିଦ୍ୟା ଓ ବେଦୋକ୍ତ ଧର୍ମ କର୍ମର ପ୍ରଚାର ପ୍ରସାର ଆଉ ହୋଇପାରିଲା ନାହିଁ । ବିଦ୍ୱାନ୍ ବ୍ୟକ୍ତିମାନେ ମଧ୍ୟ ଅଭିମାନ କରି ପରସ୍ପର ପ୍ରତି ଈର୍ଷା,ଦ୍ୱେଷ ଆରମ୍ଭ କରିଦେଲେ । ଯେଉଁମାନେ ବଳବାନ୍ ଥିଲେ ସେମାନେ ଅନ୍ୟାୟରେ ଅନ୍ୟ ରାଜ୍ୟଗୁଡ଼ିକୁ ଆକ୍ରମଣ କରି ଆଧିପତ୍ୟ ବିସ୍ତାର କରିବା ସଙ୍ଗେ ସଙ୍ଗେ ଅତ୍ୟାଚାର କଲେ । ଏପରି ଭାବରେ ଆର୍ଯ୍ୟାବର୍ତ୍ତ ଦେଶ ଖଣ୍ଡ ବିଖଣ୍ଡିତ ହୋଇପଡ଼ିଲା । ସ୍ୱରାଜ୍ୟ ନଷ୍ଟ ହେବାରୁ ଦ୍ୱୀପ ଦ୍ୱୀପାନ୍ତରରେ ଆଉ ରାଜ୍ୟ ବିସ୍ତାର ହୋଇପାରିଲା ନାହିଁ ।

ଅବିଦ୍ୟ ବ୍ରାହ୍ମଣ....

ଯେତେବେଳେ ବ୍ରାହ୍ମଣମାନେ ବିଦ୍ୟାବିହୀନ ହେଲେ ସେତେବେଳେ କ୍ଷତ୍ରିୟ,ବୈଶ୍ୟ ଓ ଶୂଦ୍ରମାନେ ପାଠ ନ ପଢ଼ି ମୂର୍ଖହେବା ସ୍ୱାଭାବିକ ହୋଇପଡ଼ିଲା । ପରମ୍ପରାକ୍ରମେ ଅର୍ଥ ସହିତ ବେଦର ପଠନ-ପାଠନ ବ୍ୟବସ୍ଥା ଯାହାଥିଲା, ଆର୍ଯ୍ୟମାନେ ଯେଉଁ ସତ୍‌ବିଦ୍ୟା ପ୍ରଚାର ପ୍ରସାର କରୁଥିଲେ, ସେସବୁ ଧୀରେ ଧୀରେ ଲୋପ ପାଇଗଲା ।ଅର୍ଥକୁ ନ ବୁଝି ବ୍ରାହ୍ମଣମାନେ କେବଳ ଜୀବିକା ନିର୍ବାହ ସକାଶେ କିଛି କିଛି ପାଠ ଘୋଷି ମୁଖସ୍ଥ କଲେ । କ୍ଷତ୍ରିୟାଦି ବର୍ଣ୍ଣଙ୍କୁ ବେଦଶିକ୍ଷା ଆଉ ଦିଆଗଲା ନାହିଁ । ବିଦ୍ୱାନ୍ ନ ହୋଇ ଗୁରୁହେଲେ ଛଳ-କପଟ, ଅଧର୍ମ ସ୍ୱାଭାବିକଭାବେ ବୃଦ୍ଧିପାଏ, ଦେଶରେ ତାହା ହିଁ ଘଟିଲା । ବ୍ରାହ୍ମଣମାନେ କେବଳ ନିଜ ପେଟ ପୋଷିବା କଥା ଚିନ୍ତା କଲେ ।ଛଳନାର ଆଶ୍ରୟ ନେଇ ନିଜକୁ ଗୁରୁରୂପେ ପରିଚୟ ଦେବାକୁ ଯାଇ କ୍ଷତ୍ରିୟମାନଙ୍କୁ କହିଲେ....ଆମ୍ଭେମାନେ ହେଉଛୁଁ ତୁମ୍ଭମାନଙ୍କର ପୂଜନୀୟ, ଆମ୍ଭମାନଙ୍କୁ ସେବାକଲେ ତୁମ୍ଭମାନଙ୍କର ସ୍ୱର୍ଗ ବା ମୁକ୍ତି ଲାଭ ହେବ, ଯଦି ଆମ୍ଭମାନଙ୍କୁ ସେବାଶୁଶ୍ରୂଷା ନ କର ତେବେ ତୁମ୍ଭେମାନେ ଘୋର ନରକରେ ପଡ଼ିବ । ବେଦ ଓ ମନିଋଷିଙ୍କ ଶାସ୍ତ୍ରରେ ଲେଖା ଯାଇଛି ଯେ, ବ୍ରାହ୍ମଣମାନେ ପୂଜନୀୟ ଓ ସେବାର

ଯୋଗ୍ୟ, ଯେଉଁମାନେ ବିଦ୍ୱାନ୍ ଓ ଧାର୍ମିକ ଲୋକ ସେମାନେ କେବଳ ବ୍ରାହ୍ମଣ । କିନ୍ତୁ ମୂର୍ଖ,ସ୍ୱାର୍ଥପର,ବିଷୟାସକ୍ତ,କପଟୀ,ଲମ୍ପଟାଚାରୀ,ଅଧାର୍ମିକ ଲୋକେ କଦାପି ବ୍ରାହ୍ମଣ ନୁହନ୍ତି ।ସେହି ପରୋପକାରୀ,ଆପ୍ତ ବିଦ୍ୱାନ୍‌ବ୍ୟକ୍ତିମାନଙ୍କ ବ୍ରାହ୍ମଣର ଲକ୍ଷଣ, ଏହିମୂର୍ଖ,ସ୍ୱାର୍ଥପର,ନାମମାତ୍ରକ ବ୍ରାହ୍ମଣମାନଙ୍କଠାରେ ଘଟିପାରେ କି ?ତଥାପି ଏମାନେ ନିଜକୁ ବ୍ରାହ୍ମଣ ବୋଲି କହି ଅନ୍ୟ ବର୍ଣ୍ଣମାନଙ୍କଠାରୁ ସେବା ପୂଜା ଗ୍ରହଣ କଲେ । କ୍ଷତ୍ରିୟାଦି ଯଜମାନ ଲୋକେ ମଧ୍ୟ ବେଦଜ୍ଞାନ ବିହୀନ ହେବାରୁ ପ୍ରତାରକ, ସ୍ୱାର୍ଥପର, ନାମମାତ୍ର ବ୍ରାହ୍ମଣମାନଙ୍କ କଥାକୁ ଅବିଶ୍ୱାସ କଲେ ନାହିଁ । ଏହି ବ୍ରାହ୍ମଣନାମଧାରୀ ବ୍ୟକ୍ତିମାନେ ଛଳନା ପରିପୂର୍ଣ୍ଣ ଓ ମିଥ୍ୟା ବଚନ ଜାଲରେ ସମସ୍ତଙ୍କୁ ଆବଦ୍ଧ କରି ରଖିଲେ । ପୁଣି କହିବାକୁ ଲାଗିଲେ....**"ବ୍ରହ୍ମବାକ୍ୟଂ ଜନାର୍ଦ୍ଦନଃ"** । ବ୍ରାହ୍ମଣ ଯାହା କହେ ତାହା ସାକ୍ଷାତ୍ ଭଗବାନଙ୍କ ମୁଖନିଃସୃତ ବାଣୀ । ଏହି ବ୍ରାହ୍ମଣମାନେ ବିଦ୍ୟା ଚକ୍ଷୁ ବିହୀନ ହୋଇ,ମୂର୍ଖ,ପାଷଣ୍ଡ ହୋଇଥିଲେ ମଧ୍ୟ ଧନସମ୍ପଦ ବିଭବଶାଳୀ କ୍ଷତ୍ରିୟାଦି ତିନିବର୍ଣ୍ଣର ଗୁରୁପଦରେ ଅଧିଷ୍ଠିତ ହେଲେ । ଏହି ଧନାଢ୍ୟ,ବିବେକବିହୀନ କ୍ଷତ୍ରିୟାଦି ଜାତିର ଲୋକେ ନାମଧାରୀ ବିଷୟାସକ୍ତ ବ୍ରାହ୍ମଣମାନଙ୍କ ଆନନ୍ଦ ବର୍ଦ୍ଧନ କଲେ । ସେମାନେ ପୁଣି ସିଦ୍ଧାନ୍ତ ବାନ୍ଧି ବସିଲେ ଯେ, ପୃଥିବୀରେ ଯେଉଁସବୁ ଉତ୍ତମ ଉତ୍ତମ ପଦାର୍ଥମାନ ରହିଛି,ସେସବୁ ହେଉଛି ବ୍ରାହ୍ମଣମାନଙ୍କ ପାଇଁ । ଯେଉଁ ଯେଉଁ ଗୁଣ,କର୍ମ ଓ ସ୍ୱଭାବ ଅନୁଯାୟୀ ବ୍ରାହ୍ମଣାଦି ବର୍ଣ୍ଣର ବ୍ୟବସ୍ଥା ଥିଲା, ତାହା ନଷ୍ଟ ହୋଇଗଲା । ଜନ୍ମ ଉପରେ ତାହା ଆଧାରିତ ହେଲା । ଏହି ବ୍ରାହ୍ମଣମାନେ ଯଜମାନଙ୍କଠାରୁ ମୃତକ ପର୍ଯ୍ୟନ୍ତ ଦାନ ଗ୍ରହଣ କଲେ । ଯେପରି ଇଚ୍ଛା ହେଲା ସେପରି କଲେ । ଏପରିକି ଏମାନେ ନିଜକୁ ଭୂ ଦେବ କହି ଭୂଦେବଙ୍କ ସେବା ବ୍ୟତୀତ କାହାକୁ ଦେବଲୋକ ମିଳି ପାରିବ ନାହିଁ ବୋଲି ପ୍ରଚାର କଲେ । ଏମାନଙ୍କୁ ପ୍ରଶ୍ନ କରାଯିବା ଉଚିତ ଯେ, ତୁମ୍ଭେମାନେ ଯେପରି କର୍ମମାନ କରୁଛ, ତଦ୍ୱାରା ତୁମ୍ଭମାନଙ୍କୁ ନରକ ମିଳିବା କଥା,ପୁଣି ତୁମ୍ଭେମାନେ କୃମି,କୀଟ,ପତଙ୍ଗ ହୋଇ ବିଚରଣ କରିବ । ତୁମେ ଅନ୍ୟକୁ ବା କିପରି ଉଦ୍ଧାର କରିବ ? ଏହାଶୁଣି ସେମାନେ କ୍ରୋଧରେ ଉର୍ତ୍ତିତ ହୋଇ କହନ୍ତି.... ଆମେ-ଅଭିଶାପ ଦେବୁ,ଆମ ଅଭିଶାପରେ ତୁମର ସର୍ବନାଶ ହେବ । ଯେଣୁ ଶାସ୍ତ୍ରରେ କଥିତ ହୋଇଅଛି........ **"ବ୍ରହ୍ମଦ୍ରୋହୀ ବିନଶ୍ୟତି"** ବ୍ରାହ୍ମଣଦ୍ରୋହୀ ବ୍ୟକ୍ତି ନାଶହୁଏ ।

ଅବଶ୍ୟ ଏହା ଠିକ୍ କଥା ଯେ,ପୂର୍ଣ୍ଣ ବେଦ ଓ ପରମାତ୍ମାଙ୍କୁ ଜାଣିଥିବା,ଧାର୍ମିକ ଓ ଜଗତର ଉପକାର କରୁଥିବା ବ୍ୟକ୍ତି ସହିତ ଦ୍ରୋହ କଲେ, ତାର ବିନାଶ ଅବଶ୍ୟ ହୋଇଥାଏ । କିନ୍ତୁ ଯେଉଁମାନେ ବ୍ରାହ୍ମଣ ନୁହନ୍ତି ସେମାନଙ୍କୁ ବ୍ରାହ୍ମଣ କହିବା କିମ୍ବା ସେମାନଙ୍କ ସେବା କରିବା ଉଚିତ ନୁହେଁ ।

ପ୍ରଶ୍ନ :- ତେବେ ଆମ୍ଭେମାନେ କଣ ଅଟୁଁ ?

ଉତ୍ତର:- ତୁମ୍ଭେମାନେ ହେଉଛ "ପୋପ୍" ।

ପ୍ରଶ୍ନ:- "ପୋପ୍" କାହାକୁ କହନ୍ତି ?

ଉତ୍ତର:- ଗୁରୁଜନ ଓ ପିତାଙ୍କୁ ପୋପ୍ କୁହାଯାଏ ବୋଲି ରୋମନ୍ ଭାଷାରେ ସୂଚନା ଦିଆଯାଇଛି । କିନ୍ତୁ ବର୍ତ୍ତମାନ ଛଳ କପଟାଦି ଦ୍ୱାରା ଅନ୍ୟମାନଙ୍କୁ ଠକି ନିଜର ସ୍ୱାର୍ଥ ସାଧନ କରୁଥିବା ଲୋକଙ୍କୁ "ପୋପ୍" କୁହାଯାଉଛି ।

ପ୍ରଶ୍ନ:- ଆମେ ହେଉଛୁ ବ୍ରାହ୍ମଣ ଓ ସାଧୁ । ଯେଣୁ ଆମ୍ଭ ପିତାମାତା ବ୍ରାହ୍ମଣ ଓ ବ୍ରାହ୍ମଣୀ ଓ ଆମେ ଅମୁକ ସାଧୁଙ୍କର ଶିଷ୍ୟ ଅଟୁଁ ॥

ଉତ୍ତର:- ଏହା ସତ୍ୟ ॥ କିନ୍ତୁ ଶୁଣ ଭାଇ ! ମାଆ,ବାପା ବ୍ରାହ୍ମଣ ହେଲେ ଅଥବା କୌଣସି ସାଧୁଙ୍କର ଶିଷ୍ୟ ହୋଇଗଲେ, କେହି ବ୍ରାହ୍ମଣ ବା ସାଧୁ ହୁଅନ୍ତି ନାହିଁ । ଉତ୍ତମ ଗୁଣ, କର୍ମ ଓ ସ୍ୱଭାବଦ୍ୱାରା ଯେ କେହି ବ୍ରାହ୍ମଣ ବା ସାଧୁ ହୋଇପାରେ । ବ୍ରାହ୍ମଣ ସର୍ବଦା ପରୋପକାରୀ ହେବା ଆବଶ୍ୟକ । ରୋମ୍‌ର ପୋପ୍ ନିଜର ଶିଷ୍ୟମାନଙ୍କୁ କହନ୍ତି,ତୁମ୍ଭେ ମାନେ ଆମ ଆଗରେ ଯଦି ତୁମର ପାପ ସବୁକୁ କହିଦେବ ତେବେ ଆମେ ତୁମକୁ କ୍ଷମା କରିଦେବୁ । ଆମର ସେବା ନ କରି ବା ଆମଠାରୁ ଆଜ୍ଞା ନପାଇ ଯେ କେହି ହୁଅନ୍ତୁ ନା କାହିଁକି ସ୍ୱର୍ଗକୁ କଦାପି ଯାଇପାରିବେ ନାହିଁ । ସ୍ୱର୍ଗକୁ ଯିବାପାଇଁ ତୁମର ଯଦି ଇଚ୍ଛା ଥାଏ, ତେବେ ତୁମ ନିକଟରେ ଥିବା ସମସ୍ତ ଧନସମ୍ପତ୍ତି ଆମଠାରେ ଜମା କରିଦିଅ । ଆମ ପାଖରେ ତୁମେ ଯେତିକି ଧନସମ୍ପତ୍ତି ଜମା କରିବ, ତୁମକୁ ସ୍ୱର୍ଗରେ ସେତିକି ପରିମାଣର ଜିନିଷପତ୍ର ମିଳିଯିବ । ତାଙ୍କର ଏହି କଥାକୁ ଶୁଣି ଯଦି କୌଣସି ଧନାଢ୍ୟ କିନ୍ତୁ ବୁଦ୍ଧିହୀନ ବ୍ୟକ୍ତି ସ୍ୱର୍ଗଲାଭ ଆଶାରେ ତାର ସମସ୍ତ ଧନ ଜମା କରିଦିଏ,ତେବେ ପୋପ୍ ମହାଶୟ ଯିଶୁ ଓ ମରିୟମ୍ ମୂର୍ତ୍ତି ସମ୍ମୁଖରେ ଛିଡ଼ାହୋଇ ଏପରି ଏକ ହୁଣ୍ଡି ଲେଖିଦିଅନ୍ତି .... ହେ ଖୁଦାବନ୍ଦ୍ ଇସାମସୀ ! ଅମୁକ

ବ୍ୟକ୍ତି ସ୍ୱର୍ଗକୁ ଯିବାପାଇଁ ଇଚ୍ଛାକରି ତୁମ ନାମରେ ଏକଲକ୍ଷ ଟଙ୍କା ଆମ ନିକଟରେ ଜମା କରିଦେଇଛନ୍ତି । ଯେତେବେଳେ ସେ ସ୍ୱର୍ଗକୁ ଯିବେ ତେବେ ତୁମେ ତୁମ ପିତାଙ୍କ ସ୍ୱର୍ଗ ରାଜ୍ୟରେ ପଚିଶହଜାର ଟଙ୍କାରେ ଜମି ବାଡି ବଗିଚା, ପଚିଶହଜାରରେ ଯାନବାହନ, ଶିକାରୀ ଓ ଚାକର ବାକର, ପଚିଶହଜାର ଟଙ୍କାରେ ଖାଦ୍ୟପେୟ ଓ ଲୁଗାପଟା, ପୁଣି ଆଉ ପଚିଶହଜାରରେ ଇଷ୍ଟମିତ୍ର, ଭାଇବନ୍ଧୁ ପ୍ରଭୃତିଙ୍କ ଆତିଥ୍ୟପାଇଁ ଦେବାର ବ୍ୟବସ୍ଥା କରିବ । ଏହିମର୍ମରେ ଲିଖିତ ହୁଣ୍ଡି ତଳେ ପୋପ୍ ନିଜେ ଦସ୍ତଖତ କରି ଜମାକାରିଙ୍କୁ ସେହି ହୁଣ୍ଡିକୁ ଦେଇ କହନ୍ତି .... ତୁମ ପରିବାରର ଲୋକଙ୍କୁ କହିବ ମୋର ମୃତ୍ୟୁ ପରେ ଏହି ହୁଣ୍ଡିକୁ ମୋ କବରଭିତରେ ମୁଣ୍ଡ ନିକଟରେ ରଖିଦେବ । ତାପରେ ସ୍ୱର୍ଗରୁ ଫରିସ୍ତା ଅର୍ଥାତ୍ ଦେବଦୂତମାନେ ଆସି ହୁଣ୍ଡି ସହିତ ତୁମକୁ ସ୍ୱର୍ଗକୁ ନେଇଯିବେ ଓ ଲିଖିତମତେ ସେ ସବୁଜିନିଷ ତୁମକୁ ଯୋଗାଇଦେବେ । ପାଠକ ପାଠିକା ଗଣ ! ଆପଣମାନେ ଅନୁମାନ କରୁଥିବେ ଯେ, ରୋମ୍ ନଗରର ପୋପ୍ ହେଉଛନ୍ତି ସ୍ୱର୍ଗପୁରୀର ଠିକାଦାର । ଯେପର୍ଯ୍ୟନ୍ତ ୟୁରୋପ୍. ମହାଦେଶରେ ମୂର୍ଖତା ଓ ଅବିଦ୍ୟା ପୂର୍ଣ୍ଣ ମାତ୍ରାରେ ଥିଲା,ସେ ପର୍ଯ୍ୟନ୍ତ ସେଠାରେ ଏହି ପୋପ୍ ଲୀଳା ଚଳୁଥିଲା । ବର୍ତ୍ତମାନ ବିଦ୍ୟାର ପ୍ରଚୁର ପ୍ରସାର ହେତୁ ଏ ପ୍ରକାର ଲୀଳା ବହୁଳଭାବେ ଚାଲୁନାହିଁ, ହେଲେମଧ୍ୟ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇନାହିଁ । ଯେଉଁମାନେ ଛଳ, କପଟ, ପ୍ରବଞ୍ଚନାକରି ଲୋକଙ୍କୁ ଠକିଭଣ୍ଡି ନିଜର ସ୍ୱାର୍ଥସାଧନ କରନ୍ତି, କୁତ୍ସିତ କାର୍ଯ୍ୟକଳାପଦ୍ୱାରା ନିଜର ଜୀବିକା ନିର୍ବାହ କରନ୍ତି, ସେହିମାନଙ୍କୁ ହିଁ ଏଠାରେ "ପୋପ୍" ର ଆଖ୍ୟା ଦିଆଯାଇଛି । ଆର୍ଯ୍ୟାବର୍ତ୍ତରେ ତଥାକଥିତ ବ୍ରାହ୍ମଣମାନେ ହେଉଛନ୍ତି ପୋପ୍ ସ୍ୱରୂପ ॥ ପୋପଙ୍କ ଭଳି ଲକ୍ଷଲକ୍ଷ ଲୋକ ଆର୍ଯ୍ୟାବର୍ତ୍ତରେ ଅବତାର ନେଇ ସେ ପ୍ରକାର ଲୀଳା ଚଳାଇଛନ୍ତି ॥ ଅଥାତ୍ ରାଜା, ପ୍ରଜା, ବୈଶ୍ୟ, ଶୂଦ୍ର କାହାକୁ ହେଲେ ବେଦବିଦ୍ୟା ଶିକ୍ଷା ଦିଆଯାଉ ନାହିଁ ॥ ସତ୍ସଙ୍ଗରେ ଭାଗ ନେବାରୁ ବଞ୍ଚିତ କରାଯାଉଛି ॥ ନିଜେ କିଛି ନକରି ଦିନରାତି କେବଳ ବାହାପିଆ କଥାକହିବା ହେଉଛି ଏ ମାନଙ୍କର କାମ । କିନ୍ତୁ ଏ ବିଷୟ ମନେ ରଖିବାକୁ ହେବ ଯେ, ଯେଉଁମାନେ ଛଳକପଟାଦି କୁତ୍ସିତ କାର୍ଯ୍ୟ କରନ୍ତି ସେହିମାନେ **"ପୋପ୍"** ବୋଲାଇ ଥାନ୍ତି । ଏମାନଙ୍କମଧ୍ୟରୁ ଯେଉଁମାନେ ଧାର୍ମିକ, ବିଦ୍ୱାନ୍ , ଓ ପରୋପକାରୀ ଅଟନ୍ତି, ସେମାନେହେଉଛନ୍ତି ପ୍ରକୃତ ବ୍ରାହ୍ମଣ ଓ ସାଧୁ । ଏବେ ସେହି ଛଳ କପଟୀ

ସ୍ୱାର୍ଥ ଲୋକ (ଲୋକଙ୍କୁ ଠକି ନିଜ ସ୍ୱାର୍ଥ ସାଧନକାରୀ) ଙ୍କୁ ପୋପ୍ ରୂପେ ଗ୍ରହଣ କରାଯିବ, କିନ୍ତୁ ବ୍ରାହ୍ମଣ ଓ ସାଧୁ ଶବ୍ଦଦ୍ୱାରା ଉତ୍ତମଲୋକଙ୍କୁ ସ୍ୱୀକାର କରିବା ଆବଶ୍ୟକ ।

ଦେଖନ୍ତୁ ! ଯଦି କୌଣସି ଉତ୍ତମ ବ୍ରାହ୍ମଣ ବା ସାଧୁ ନରହିବେ ତେବେ ଜୈନ, ବୌଦ୍ଧ, ମୁସଲମାନ୍ ଓ ଖ୍ରୀଷ୍ଟିୟାନ୍‌ମାନଙ୍କ ଅତ୍ୟାଚାରରୁ ବେଦାଦି ଧର୍ମ ଶାସ୍ତ୍ରର ସୁରକ୍ଷା, ସ୍ୱର ସହିତ ବେଦର ପଠନ-ପାଠନ, ପୁଣି ବର୍ଣ୍ଣାଶ୍ରମ ଧର୍ମ ପାଳନର ବିଧିବ୍ୟବସ୍ଥା ଅନ୍ୟକେଉଁମାନେ କରିବେ ନାହିଁ । **"ବିଷାଦପ୍ୟମୃତଂ ଗ୍ରାହ୍ୟମ୍ "** (ମନୁ) ବିଷ ମଧ୍ୟରୁ ଅମୃତକୁ ଗ୍ରହଣ କଲାପରି ବୌଦ୍ଧ, ମୁସଲମାନ୍ ମାନଙ୍କ ଅତ୍ୟାଚାରରୁ ଉକ୍ତ ଭଣ୍ଡ ପୋପ୍‌ମାନଙ୍କଦ୍ୱାରା ସୁରକ୍ଷିତ ଆର୍ଯ୍ୟ ଧର୍ମଶାସ୍ତ୍ର ଗୁଡ଼ିକୁ ବିଷରୁ ଅମୃତସମାନ ଗ୍ରହଣ କରିବାକୁ ହେବ ।

ଯେତେବେଳେ ଯଜମାନ୍‌ମାନେ ବିଦ୍ୟା-ବୁଦ୍ଧି ହିନ ହୋଇପଡ଼ିଲେ ସେତେବେଳେ ସେହି ପୁରୋହିତ ବା ପୋପ୍‌ମାନେ ପୂଜାପାଠର ଆଡ଼ମ୍ବର ଦେଖାଇ ଓ ଅଭିମାନ କରି ରାଜା ପ୍ରଭୃତି କ୍ଷମତାଶାଳୀ ଲୋକଙ୍କୁ ଆଦେଶ ଦେଲେ ଯେ, ବ୍ରାହ୍ମଣ ଓ ସାଧୁ ଦଣ୍ଡରଯୋଗ୍ୟ ନୁହନ୍ତି । ଯେଣୁ ଶାସ୍ତ୍ରରେ କଥିତ ହୋଇଛି ...... **"ବ୍ରାହ୍ମଣୋ ନ ହନ୍ତବ୍ୟଃ" "ସାଧୁର୍ନ ହନ୍ତବ୍ୟଃ"** । ପ୍ରକୃତ ବ୍ରାହ୍ମଣ ଓ ସାଧୁମାନଙ୍କ ପାଇଁ ଏହି ଉକ୍ତି ପ୍ରଯୁଜ୍ୟ । କିନ୍ତୁ ସେହି ଠକ ପୋପ୍‌ମାନେ ଉକ୍ତ ବାକ୍ୟଗୁଡ଼ିକୁ ନିଜପ୍ରତି ପ୍ରୟୋଗ କଲେ । ପୁଣି ମିଥ୍ୟାବାକ୍ୟପୂର୍ଣ୍ଣ ଗ୍ରନ୍ଥମାନ ରଚନାକରି ଋଷି ମୁନି ପ୍ରଣୀତ ଗ୍ରନ୍ଥ ବୋଲି ପ୍ରକାଶ କଲେ ଏବଂ ଉକ୍ତ ଗ୍ରନ୍ଥରେ ନିଜପ୍ରତି ଦଣ୍ଡବିଧାନର ବ୍ୟବସ୍ଥାକୁ ଉଠାଇଦେଲେ । ଏହି ପୋପ୍‌ରୂପୀ ବ୍ରାହ୍ମଣମାନେ ଯଥେଚ୍ଛାଚାରକରି ଯଜମାନ ଗୃହସ୍ଥମାନଙ୍କପାଇଁ କଠୋର ନିୟମମାନ ପ୍ରଣୟନ କଲେ। ଏପରିକି ଯେକୌଣସି ଲୋକ ହେଉନା କାହିଁକି ସେମାନଙ୍କ ବିନାନୁମତିରେ ବସିବା, ଉଠିବା, ଖାଇବା, ପିଇବା, ଶୋଇବା ପ୍ରଭୃତି କିଛି କରିପାରିବେ ନାହିଁ ବୋଲି ବ୍ୟବସ୍ଥା କଲେ । ରାଜାମାନଙ୍କୁ ଏପରି ପ୍ରବର୍ତ୍ତାଇ ଦିଆଗଲା ଯେ ବ୍ରାହ୍ମଣ ଓ ସାଧୁନାମ ଶୁଣିବାମାତ୍ରେ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରାଯିବ, କାୟମନୋବାକ୍ୟରେ ସେମାନଙ୍କ ପ୍ରତି କୌଣସି ପ୍ରକାର ଦଣ୍ଡବିଧାନ କରାଯିବ ନାହିଁ । ଏପରିକି ସେମାନଙ୍କୁ ଦଣ୍ଡ ଦେବାପାଇଁ

ବିଚାର କରିବା ମଧ୍ୟ ପାପବୋଲି ଧରାଗଲା । ଜନସାଧାରଣଙ୍କ ମଧ୍ୟରେ ମୂର୍ଖତା ପ୍ରବେଶ କରିବାରୁ ପୋପ୍ ବ୍ରାହ୍ମଣପଣ୍ଡିତମାନେ ଏପରି ଯଥେଚ୍ଛାଚାର କରିବାର ଅବକାଶ ପାଇଲେ ।ସମାଜର ବିଧିବ୍ୟବସ୍ଥା,ନୀତି ନିୟମ ,ଶୃଙ୍ଖଳା ସବୁ ବିଗିଡ଼ିଗଲା । ମହାଭାରତ ଯୁଦ୍ଧର ପ୍ରାୟ ଏକହଜାର ବର୍ଷପୂର୍ବରୁ ଅବିଦ୍ୟା, ଅକର୍ମ, ବ୍ୟପଦେଶ ଓ ବ୍ୟଭିଚାରର ସୂତ୍ରପାତ ହୋଇଥିଲା ॥ ସେ ସମୟରେ ଯଦିଓ ମୁନିଋଷିମାନେ ଥିଲେ, ତଥାପି ସମାଜରେ ଅବିଦ୍ୟାର ପ୍ରଭାବଥିବାରୁ ଆଳସ୍ୟ,ପ୍ରମାଦ,ଈର୍ଷା,ଦ୍ୱେଷ,ହିଂସା ଦୁରାଚାର ପ୍ରଭୃତିର ଅଙ୍କୁରୋଦ୍‌ଗମ ହୋଇଥିଲା ଓ ତାହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଲା ॥ ସଦୁପଦେଶର ଅଭାବହେତୁ ଆର୍ଯ୍ୟାବର୍ତ୍ତରେ ଅବିଦ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଲା,ତେଣୁ ସମସ୍ତେ ନିଜ ନିଜ ମଧ୍ୟରେ ଯୁଦ୍ଧରେ ପ୍ରବୃତ୍ତ ହୋଇ ଥିଲେ ।ଯେଣୁ ...... **ଉପଦେଶ୍ୟୋପଦେଷ୍ଟୃତ୍ୱାତ୍ ତତ୍‌ସିଦ୍ଧିଃ ।**

ଇତରଥାନ୍ଧ ପରମ୍ପରା ।

(ସାଂଖ୍ୟସୂତ୍ର ଅ -୩ -୭୯,୮୧)

ଉତ୍ତମ ଉପଦେଶକମାନଙ୍କଦ୍ୱାରା ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ସିଦ୍ଧି ହୋଇପାରେ । ଉପଦେଶକ ଓ ଶ୍ରୋତାର ଅଭାବ ପରିଲକ୍ଷିତ ହେଲେ ଅନ୍ଧ ପରମ୍ପରା ପ୍ରଚଳିତହୁଏ । ଯେତେବେଳେ ପୁଣି ସତ୍‌ପୁରୁଷମାନେ ଆବିର୍ଭୂତ ହୋଇ ସତ୍ୟୋପଦେଶ ପ୍ରଦାନ କରନ୍ତି, ସେତେବେଳେ ଅନ୍ଧପରମ୍ପରା ନଷ୍ଟହୋଇ ଜ୍ଞାନାଲୋକ ପ୍ରକାଶିତ ହୁଏ । ଭଣ୍ଡ ପୁରୋହିତମାନେ ଲୋକଙ୍କୁ ଉପଦେଶ ଦେଲେ..... ଯେଉଁମାନେ ପୁରୋହିତଙ୍କୁ ସେବାପୂଜାକରି ସେମାନଙ୍କ ଚରଣଧୌତଜଳ ପାନକରନ୍ତି ସେମାନେ କେବଳ ସକଳ କଲ୍ୟାଣ ଲାଭକରନ୍ତି । ଲୋକେ ଏହି ଉପଦେଶକୁ ମାନି ସେମାନଙ୍କ ବଶୀଭୂତ ଯେତେବେଳେ ହୋଇପଡ଼ିଲେ, ସେତେବେଳେ ପୁରୋହିତବ୍ରାହ୍ମଣମାନେ ଅଭିମାନରେ ଅନ୍ଧ ହୋଇପଡ଼ିଲେ ।।ନିଜର ଯେଉଁ ବିଦ୍ୟା, ବୁଦ୍ଧି, ପରାକ୍ରମ, ଶୌର୍ଯ୍ୟାଦି ସଦ୍‌ଗୁଣ ଥିଲା ସେସବୁକୁ ପରିତ୍ୟାଗ କରି ବିଷୟାସକ୍ତ ଓ ପ୍ରମାଦଯୁକ୍ତ ହୋଇପଡ଼ିଲେ । ପୁଣି ସେମାନଙ୍କମଧ୍ୟରୁ ଅନେକେ ବାମାଚାରୀହୋଇ ମଦ୍ୟ, ମାଂସାଦି ଭକ୍ଷଣ କଲେ । ପୁଣି ଶିବଉବାଚ, ପାର୍ବତ୍ୟୁବାଚ୍, ଭୈରବ ଉବାଚ୍ ପ୍ରଭୃତି ନାମରେ ତନ୍ତ୍ରବିଦ୍ୟା ସୃଷ୍ଟିକଲେ । ସେହି ତନ୍ତ୍ରଶାସ୍ତ୍ରରେ ଏପରି ବିଚିତ୍ର

ଶ୍ଳୋକମାନ ଲେଖାଯାଇଛି ଯଥା······

ମଦ୍ୟଂ ମାଂସଞ୍ଚ ମୀନଂ ଚ ମୁଦ୍ରା ମୈଥୁନମେବଚ ।
ଏତେ ପଞ୍ଚ ମକାରାଃ ସ୍ୟୁର୍ମୋକ୍ଷଦା ହି ଯୁଗେ ଯୁଗେ ॥୧॥

(କାଳୀ ତନ୍ତ୍ର)

ପ୍ରବୃତ୍ତେ ଭୈରବୀଚକ୍ରେ ସର୍ବେ ବର୍ଣ୍ଣା ଦ୍ୱିଜାତୟଃ ।
ନିବୃତ୍ତେ ଭୈରବୀଚକ୍ରେ ସର୍ବେ ବର୍ଣ୍ଣାଃପୃଥକ୍ ପୃଥକ୍ ॥୨॥

(କୁଳାର୍ଣ୍ଣବ ତନ୍ତ୍ର)

ପୀତ୍ୱା ପୀତ୍ୱା ପୁନଃ ପୀତ୍ୱା ଯାବତ୍ ପତତି ଭୂତଲେ ।
ପୁନରୁତ୍ଥାୟ ବୈ ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ॥୩॥

(ମହାନିର୍ବାଣ ତନ୍ତ୍ର)

ମାତୃଯୋନିଂ ପରିତ୍ୟଜ୍ୟ ବିହରେତ୍ ସର୍ବ ଯୋନିଷୁ ।
ଯୋନ୍ୟାଂ ଲିଙ୍ଗଞ୍ଚ ସଂସ୍ଥାପ୍ୟ ଜପେନ୍ମନ୍ତ୍ରମତନ୍ଦ୍ରିତଃ ॥୪॥
ବେଦଶାସ୍ତ୍ର ପୁରାଣାନି ସାମାନ୍ୟ ଗଣିକା ଇବ ।
ଏକୈବ ଶାମ୍ଭବୀ ମୁଦ୍ରା ଗୁପ୍ତା କୁଳବଧୂରିବ ॥୫॥

(ଜ୍ଞାନସଙ୍କଳନୀ ତନ୍ତ୍ର)

ଏହି ଗୋବରଗଣେଶ ପୋପ୍‌ମାନଙ୍କ ଲୀଳାକୁ ଦେଖନ୍ତୁ ॥ ଏହି ବାମମାର୍ଗୀମାନେ ବେଦବିରୁଦ୍ଧ ଘୋର ଅଧର୍ମ କାର୍ଯ୍ୟକୁ କିପରି ସ୍ୱୀକାର କରିଛନ୍ତି ॥ ମଦ୍ୟ, ମାଂସ, ମତ୍ସ୍ୟଭକ୍ଷଣ, ମୁଦ୍ରା ଅର୍ଥାତ୍ ପୁରି, କଚୁରି, ଓ ବଡ଼ରୁଟୀ ପ୍ରଭୃତି ଚର୍ବଣ ଯୋନି ପାତ୍ରାଧାର ମୁଦ୍ରା ,ପଞ୍ଚମରେ ମୈଥୁନ ଅର୍ଥାତ୍ ସମସ୍ତ ପୁରୁଷ ଶିବ ଓ ସମସ୍ତ ସ୍ତ୍ରୀଙ୍କୁ ପାର୍ବତୀ ବିଶ୍ୱରି ଭୋଗକରିବାକୁ ମୋକ୍ଷରମାର୍ଗ ବୋଲି ବିବେଚନା କରନ୍ତି ॥ ସେମାନେ କହନ୍ତି ·····

ଅହଂ ଭୈରବସ୍ତ୍ୱଂ ଭୈରବୀ ହ୍ୟାବୟୋରସ୍ତୁ ସଙ୍ଗମଃ ॥

ଯେ କୌଣସି ସ୍ତ୍ରୀ ବା ପୁରୁଷ ହୁଅନ୍ତୁ ନା କାହିଁକି ଏହି ନିରର୍ଥକ ନୀତିବାକ୍ୟକୁ ପାଠକରି ସମସ୍ତଙ୍କ ସହିତ ସମାଗମ କରିବାକୁ ବାମମାର୍ଗୀମାନେ ଦୋଷାବହ ବୋଲି ବିଚାର କରନ୍ତି ନାହିଁ ॥ ଯେଉଁ ନୀଚ ସ୍ତ୍ରୀଙ୍କର ସଂସ୍ପର୍ଶ ହିଁ ଅପବିତ୍ର ତାକୁ ସେମାନେ ଅତି ପବିତ୍ରବୋଲି ମନେକରନ୍ତି ॥ ରଜସ୍ୱଳା ସ୍ତ୍ରୀକୁ ସ୍ପର୍ଶକରିବା ପାଇଁ ଶାସ୍ତ୍ରରେ ନିଷେଧ କରାଯାଇଥିବାସ୍ଥଳେ, ତାକୁମଧ୍ୟ ଏମାନେ ଅତି ପବିତ୍ର ବୋଲି ମନେକରନ୍ତି ॥ ସେମାନଙ୍କ ରଚିତ ଶ୍ଳୋକକୁ ଦେଖନ୍ତୁ ·······

ରଜସ୍ୱଳା ପୁଷ୍କରଂ ତୀର୍ଥଂ, ଚାଣ୍ଡାଳୀ ତୁ ସ୍ୱୟଂ କାଶୀ ।
ଚର୍ମକାରୀ ପ୍ରୟାଗଃ ସ୍ୟାଦ୍ରଜକୀ ମଥୁରା ମତା ॥
ଅଯୋଧ୍ୟା ପୁଲ୍କସୀ ପ୍ରୋକ୍ତା ॥ (ରୁଦ୍ର ଯାମଳ ତନ୍ତ୍ର)

ରଜସ୍ୱଳା ସ୍ତ୍ରୀସହିତ ସମାଗମ କଲେ ପୁଷ୍କରସ୍ନାନ, ଚାଣ୍ଡାଳୀ ସମାଗମଦ୍ୱାରା କାଶୀଯାତ୍ରା, ଚମାରୁଣୀ ସହିତ ସମାଗମରେ ପ୍ରୟାଗ ସ୍ନାନ, ଧୋବଣୀ ସହିତ ସମାଗମଦ୍ୱାରା ମଥୁରାଯାତ୍ରା, ବେଶ୍ୟା ସମାଗମରେ ଅଯୋଧ୍ୟାତୀର୍ଥ ସମାନ ପୁଣ୍ୟ ଲାଭ ହୁଏ । ବାମମାର୍ଗୀଙ୍କ ମତରେ ମଦ୍ୟର ନାମ 'ଧରାତୀର୍ଥ' ମାଂସର ନାମ 'ଶୁଦ୍ଧି' ଓ 'ପୁଷ୍ପ' ମତ୍ସ୍ୟର ନାମ 'ତୃତୀୟା' 'ଜଳତୁମ୍ବିକା' ମୁଦ୍ରାର ନାମ ଚତୁର୍ଥୀ ଓ ମୈଥୁନର ନାମ ହେଉଛି 'ପଞ୍ଚମୀ' । ଅନ୍ୟମାନେ ଯେପରି ବୁଝିପାରିବେ ନାହିଁ ସେପରି ନାମକରଣ ସେମାନେ କରିଛନ୍ତି । ବାମମାର୍ଗୀମାନେ ନିଜର ନାମ କୌଳ, ଆର୍ଦ୍ରବୀର, ଶାମ୍ଭବ, ଓ ଗଣ ରଖିଥିବାସ୍ଥଳେ ଅନ୍ୟମାନଙ୍କୁ କଣ୍ଟକ, ବିମୁଖ, ଶୁଷ୍କପଶୁ ନାମରେ ନାମିତ କରିଛନ୍ତି ॥ ୧॥ ଭୈରବୀଚକ୍ର ଅର୍ଥାତ୍ ବାମମାର୍ଗୀ ମେଳାରେ ଥିବାପର୍ଯ୍ୟନ୍ତ ଚଣ୍ଡାଳଠାରୁ ବ୍ରାହ୍ମଣପର୍ଯ୍ୟନ୍ତ ସମସ୍ତେ ଦ୍ୱିଜ ବୋଲାଇବେ,କିନ୍ତୁ ତହିଁରୁ ବାହାର ହୋଇଗଲେ ସମସ୍ତେ ପୁଣି ନିଜନିଜ ଜାତିଭୁକ୍ତ ହୁଅନ୍ତି । ଭୈରବୀଚକ୍ର ସମୟରେ ବାମମାର୍ଗୀମାନେ ଭୂମି ବା କୌଣସି ଏକ ପଟା ଉପରେ ଏକ ବିନ୍ଦୁ ,ବା ତ୍ରିକୋଣ, ଚତୁଷ୍କୋଣ ବା ବର୍ତ୍ତୁଳାକାର ରେଖାଚିତ୍ରକରି ତା ଉପରେ ମଦ୍ୟପାତ୍ର ରଖି ପୂଜା କରନ୍ତି । ମନ୍ତ୍ର ପାଠ କରିବାକୁ ଯାଇ କହନ୍ତି ···· **"ବ୍ରହ୍ମଶାପଂ ବିମୋଚୟ"** ହେ ମଦ୍ୟ ! ତୁ ବ୍ରହ୍ମାପ୍ରଭୃତିଙ୍କ ଶାପରୁ ମୁକ୍ତ ଅଟୁ । ତାପରେ ଏକ ଗୁପ୍ତସ୍ଥାନରେ ଯେଉଁଠିକୁ ବାମମାର୍ଗୀଙ୍କ ବ୍ୟତୀତ ଅନ୍ୟ କେହି ଯାଆନ୍ତିନାହିଁ ସେଠାରେ ପୁରୁଷ, ସ୍ତ୍ରୀ ସମସ୍ତେ

ସମବେତ ହୁଅନ୍ତି । ପୁରୁଷମାନେ କୌଣସି ଜଣେ ସ୍ତ୍ରୀକୁ ଓ ସ୍ତ୍ରୀମାନେ କୌଣସି ଜଣେ ପୁରୁଷକୁଉଲଗ୍ନ କରି ପୂଜା କରନ୍ତି । ସେ ସ୍ଥାନରେ ଜଣକର ମାତା, ଭଉଣୀ, ପୁତ୍ରବଧୂ ପ୍ରଭୃତି ସମବେତ ସ୍ତ୍ରୀମାନେ ଯେ ଯାହା ପାଖକୁ ଯାଇପାରେ । ପରେ ଗୋଟିଏ ପାତ୍ରରେ ମଦ୍ୟ ଏବଂ ଅନ୍ୟପାତ୍ରମାନଙ୍କରେ ମାଂସପ୍ରଭୃତି ଖାଦ୍ୟପଦାର୍ଥ ରଖାଯାଏ । ତାପରେ ସେମାନଙ୍କର ପ୍ରଧାନ ଆଚାର୍ଯ୍ୟ ମଦ୍ୟ ପାତ୍ରକୁ ହାତରେ ଧରି ···· "ଭୈରବୋଽହମ୍ " "ଶିବୋଽହମ୍" ଅର୍ଥାତ୍ ମୁଁ ଭୈରବ , ମୁଁ ଶିବ ବୋଲି କହି ସେହି ମଦକୁ ପିଇ ଯାଆନ୍ତି । ତାପରେ ଅନ୍ୟସମସ୍ତେ ସେହିପାତ୍ରରୁ ମଦ୍ୟ ପାନ କରନ୍ତି । କୌଣସି ଜଣେ ପୁରୁଷ ଓ ଜଣେ ସ୍ତ୍ରୀ ବା ବେଶ୍ୟାକୁ ଉଲଗ୍ନ କରି ସେ ଦୁହିଙ୍କ ହାତରେ ତରବାରୀ ଧରାଇ ସେହି ପୁରୁଷକୁ ମହାଦେବ ଓ ସ୍ତ୍ରୀକୁ ଦେବୀବୋଲି କହି , ସେ ଉଭୟଙ୍କ ଉପସ୍ଥେନ୍ଦ୍ରିୟକୁ ପୂଜା କରାଯାଏ । ସେ ଦୁହିଁଙ୍କୁ ମଦ୍ୟପାନ କରିବାକୁ ଦିଅନ୍ତି, ସେ ଦୁହେଁ ପିଇବାପରେ ସେହି ଅଇଁଠାପାତ୍ରରେ ସମସ୍ତେ ମଦ୍ୟପାନ କରନ୍ତି । ଏହି କ୍ରମରେ ବାରମ୍ବାର ମଦ୍ୟ ପାନ କରି ସମସ୍ତେ ଏକାବେଳକେ ଉନ୍ମତ୍ତ ହୋଇ ପଡନ୍ତି । ପରେ ମାଆ, ଭଉଣୀ ନିର୍ବିଶେଷରେ ଯିଏ ଯାହାକୁ ଇଚ୍ଛାକରେ ତା ସହିତ କୁକର୍ମ କରେ । କେବେ କେବେ ନିଶା ଯଦି ଅତ୍ୟଧିକ ହୋଇଯାଏ, ତେବେ ପରସ୍ପର ଯୁଦ୍ଧ କରିବାରେ ଲାଗିଯାଆନ୍ତି । ନିଶା ପ୍ରଭାବରେ କେହି କେହି ବାନ୍ତି କରିପକାନ୍ତି । ସେମାନଙ୍କ ମଧ୍ୟରୁ ଯିଏ ଅଘୋରୀ ଅର୍ଥାତ୍ ବାମମାର୍ଗ ବିଧାନରେ ପୂର୍ଣ୍ଣ ସିଦ୍ଧି ଲାଭ କରିଥିବା ବ୍ୟକ୍ତି ଥାଆନ୍ତି ସିଏ ସେହିବାନ୍ତିକୁ ଖାଇଯାଇ ନିଜକୁ ବଡ଼ ସିଦ୍ଧ ବୋଲି ପ୍ରମାଣ ଦିଅନ୍ତି ।ସେମାନଙ୍କ ସିଦ୍ଧ ପୁରୁଷଙ୍କ ଲକ୍ଷଣ ·······

ହାଲାଂ ପିବତି ଦୀକ୍ଷିତସ୍ୟ ମନ୍ଦିରେ ସୁପ୍ତୋ ନିଶାୟାଂ
ଗଣିକା ଗୃହେଷୁ ବିରାଜତେ କୌଳବ ଚକ୍ରବର୍ତ୍ତୀ ॥

ଯେ ଶୁଣ୍ଡି ଘରକୁ ଯାଇ ବୋତଲ ପରେ ବୋତଲ ମଦ ପିଇପାରେ, ରାତ୍ରିରେ ବେଶ୍ୟାଘରକୁ ଯାଇ କୁକର୍ମ ପୂର୍ବକ ଶୟନ କରିପାରେ, ଏପରି କୁକର୍ମ କରିବାରେ ଯିଏ ସାମାନ୍ୟମାତ୍ର ଶଙ୍କା ବା ଲଜ୍ଜା ବୋଧକରେ ନାହିଁ, ସେ ବାମମାର୍ଗୀଙ୍କ ମଧ୍ୟରେ ଚକ୍ରବର୍ତ୍ତୀ ରାଜାଙ୍କ ସମାନ ପୂଜ୍ୟ ହୋଇଥାଏ । ଯେଉଁମାନେ ବଡ଼ କୁକର୍ମୀ ସେମାନେ ତାକୁ ବଡ଼ବୋଲି କହିଥାନ୍ତି,କିନ୍ତୁ ଯିଏ ମନ୍ଦକାମକୁ ଭୟକରି ଭଲକାମ କରେ, ସେମାନେ ତାକୁ ଛୋଟ ବୋଲି ବିବେଚନା କରନ୍ତି ।

କାରଣ·········

ପାଶବଦ୍ଧୋ ଭବେଜ୍ଜୀବଃ ପାଶମୁକ୍ତଃ ସଦା ଶିବଃ ॥

(ଜ୍ଞାନ ସଙ୍କଳନୀ ତନ୍ତ୍ର ଶ୍ଳୋ - ୪୩)

ତନ୍ତ୍ରଶାସ୍ତ୍ରରେ କୁହାଯାଇଛି ଯେ ଲୋକଲଜ୍ଜା,ଶାସ୍ତ୍ରଲଜ୍ଜା, କୁଳଲଜ୍ଜା, ଦେଶଲଜ୍ଜା ପ୍ରଭୃତି ପାଶରେ ଆବଦ୍ଧ ରହେ ସେହି ପ୍ରାଣୀ "ଜୀବ" କିନ୍ତୁ ଯେଉଁ ଲୋକ ନିର୍ଲଜ ହୋଇ ଖରାପକାର୍ଯ୍ୟ କରେ ସେ ସଦା "ଶିବ" ହୋଇଥାନ୍ତି ॥

ଉଡ୍ଡୀଶ ତନ୍ତ୍ରରେ ବାମମାର୍ଗର ଏକ ବିଧାନ ଉଲ୍ଲେଖ କରା- ଯାଇଛି ॥ ଗୋଟିଏ ଘରର ଚତୁର୍ଦ୍ଦିଗରେ ଆଳୟମାନ ରହିଥିବ । ସେହିସବୁ ଆଳୟରେ ମଦ ବୋତଲମାନ ରଖାଯାଇଥିବ ॥ ଗୋଟିଏ ଗୋଟିଏ ଆଳୟରୁ ଏକ ଏକ ବୋତଲ ମଦ ପିଇ ପିଇ ଯଦି କେହି ଶୁଖିଲା କାଠପରି ତଳେ ପଡିଯିବ । ନିଶା ଟିକିଏ କମିଗଲେ ପୁନର୍ବାର ସେହି କ୍ରମରେ ବୁଲି ବୁଲି ମଦ ପିଇବ, ପୁଣି ଉଠି ସେହି କ୍ରମରେ ତୃତୀୟ ବାର ପାନକରି ନିଶାରେ ଗଡ଼ି ପଡ଼ି ପୁଣି ଉଠିପାରେ, ତାର ଆଉ ପୁନର୍ଜନ୍ମ ହୁଏନାହିଁ ପାରେନାହିଁ । ପ୍ରକୃତରେ ଏହା ହେଉଛି ସତ । କାରଣ ଏପରି ବ୍ୟକ୍ତିର ପୁନର୍ଜନ୍ମ ହେବା କଷ୍ଟକର ବ୍ୟାପାର । ସେ ଯେଉଁ ପାପ କରିଛି ତା ପ୍ରଭାବରୁ ନୀଚ ଯୋନିରେ ଅନନ୍ତ କାଳପାଇଁ ନରକରେ ପଡ଼ି ରହିବ ।୩। ବାମମାର୍ଗୀମାନଙ୍କ ତନ୍ତ୍ର ଗ୍ରନ୍ଥ ଏପରି ନିୟମ ଅଛି ଯେ, କେବଳ ମାଆଙ୍କୁ ଛାଡ଼ି ଯେ କୌଣସି ସ୍ତ୍ରୀକୁ ଉପଭୋଗ କରିପାରିବ । ଇଚ୍ଛାକଲେ ଝିଅ ହେଉ, ଭଉଣୀ ହେଉ ତାଙ୍କ ସହିତ ମଧ୍ୟ ସମାଗମ କରାଯାଇପାରେ । ଏମାନଙ୍କର ଦଶ ମହାବିଦ୍ୟା ହେଉଛି ପ୍ରସିଦ୍ଧ । ମାତାଙ୍ଗୀ ବିଦ୍ୟା ସାଧନ କରିଥିବା ଲୋକ କହେ······· **"ମାତରମପି ନ ତ୍ୟଜେତ୍"** ଅର୍ଥାତ୍ ସମ୍ଭୋଗ ପାଇଁ ମାଆଙ୍କୁ ମଧ୍ୟ ଛାଡିବା ଉଚିତ ନୁହେଁ । ସ୍ତ୍ରୀ ପୁରୁଷ ଉଭୟେ ସମାଗମ ସମୟରେ "ଆମକୁ ସିଦ୍ଧି ଲାଭହେଉ" ବୋଲି ମନ୍ତ୍ର ଉପକରନ୍ତି । ଏମାନଙ୍କପରି ମୂର୍ଖବ୍ୟକ୍ତି ଦୁନିଆଁରେ ମିଳିବା ବିରଳ ॥ ୪ ॥ ଯେଉଁଲୋକ ମିଥ୍ୟାର ପ୍ରଚାର କରେ, ସେ ଅନ୍ୟମାନଙ୍କୁ ନିନ୍ଦା କରିଥାଏ ।ସେହିପରି ବାମମାର୍ଗୀମାନେ କହିଥାନ୍ତି·······ବେଦ, ଶାସ୍ତ୍ର, ପୁରାଣମାନ ହେଉଛି ବେଶ୍ୟା ସମାନ, କିନ୍ତୁ ସେମାନଙ୍କ ଶାମ୍ଭବୀ ଗ୍ରନ୍ଥ ସଁଭ୍ରାନ୍ତ ବଂଶର କୁଳବଧୂ ସଦୃଶ ॥ ୫ ॥ ଏହିପରି ସେମାନେ ଅନେକ ବେଦବିରୁଦ୍ଧ ମତମାନ ପ୍ରଚାରକଲେ, ଫଳରେ,ଏ ମତ ଦେଶରେ ବହୁଳ ଭାବେ ପ୍ରଚାରିତ ହୋଇଥିଲା ॥ ତାପରେ ଧୂର୍ତ୍ତତାର ଆଶ୍ରୟ ନେଇ ବେଦ ନାମରେ

ନିଜର ମତାମତ ମଧ୍ୟ ପ୍ରଚାର କରିବାକୁ ଲାଗିଲେ ।ଯଥା ....

ସୌତ୍ରାମଣ୍ୟାଂ ସୁରାଂ ପିବେତ୍ ॥ ପ୍ରୋକ୍ଷିତଂ ଭକ୍ଷୟେନ୍ମାଂସମ୍ ॥

ବୈଦିକୀ ହିଂସାହିଂସା ନ ଭବତି ॥ ୧ ॥

ନ ମାଂସ ଭକ୍ଷଣେ ଦୋଷୋ ନ ମଦ୍ୟେ ନ ଚ ମୈଥୁନେ ।

ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହାଫଳା ॥

(ମନୁ ଅ୫-ଶ୍ଳୋ ୫୬)

ସୌତ୍ରାମଣି ଯଜ୍ଞରେ ମଦ୍ୟପାନ କରାଯାଏ । ଏହାର ଅର୍ଥ ହେଉଛି , ସୌତ୍ରାମଣି ଯଜ୍ଞରେ ସୋମରସ ଅର୍ଥାତ୍ ସୋମଲତାର ରସ ପାନ କରିବାକୁ ହୁଏ । ପ୍ରୋକ୍ଷିତ ଅର୍ଥାତ୍ ଯଜ୍ଞରେ ମାଂସ ଭକ୍ଷଣ ଦୋଷାବହ ନୁହେଁ, ଏପରି ପାମରପଣିଆ କଥା ବାମମାର୍ଗୀମାନେ ହିଁ କହିଥାନ୍ତି । ତାଙ୍କୁ ପଚାରିବା ଆବଶ୍ୟକ ଯଜ୍ଞରେ ପ୍ରାଣୀ ହତ୍ୟା କରିବା ଯଦି ହିଂସା ନୁହେଁ , ତେବେ ସେମାନେ ନିଜ ପରିବାରର ଲୋକଙ୍କୁ ହତ୍ୟାକରି ହୋମକଲେ ଅସୁବିଧା କଣ' ହେବ ? ମାଂସଭକ୍ଷଣ, ମଦ୍ୟପାନ, ପରସ୍ତ୍ରୀଗମନ ପ୍ରଭୃତିରେ ଦୋଷନାହିଁ କହିବା ପିଲାଳିଆ କଥା । ଯେଣୁ ଜୀବ ହତ୍ୟା ବ୍ୟତୀତ ମାଂସ ମିଳିବା ସମ୍ଭବପର ନୁହେଁ । ବିନା ଅପରାଧରେ କୌଣସି ପ୍ରାଣୀକି ପୀଡ଼ାଦେବା ଧର୍ମସମ୍ମତ ନୁହେଁ । ବାମମାର୍ଗୀମାନଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତେ ମଦ୍ୟପାନକୁ ନିଷେଧ କରିଛନ୍ତି ।ବିନା ବିବାହରେ ମୈଥୁନ ମଧ୍ୟ ଦୋଷାବହ ଅଟେ । ଏହାକୁ ନିର୍ଦ୍ଦୋଷ କହିବା ହିଁ ମହାଦୋଷ । ବାମମାର୍ଗୀ ମାନେ ଋଷିମୁନିଙ୍କ ପ୍ରଣୀତ ଗ୍ରନ୍ଥମାନଙ୍କରେ, ପୁଣି ନିଜ ରଚିତଗ୍ରନ୍ଥରେ ଋଷିମୁନିଙ୍କ ନାମ ଉଲ୍ଲେଖକରି ତହିଁରେ ଅଶ୍ୱମେଧ ,ଗୋମେଧ, ନରମେଧ ନାମରେ ଯଜ୍ଞ ପ୍ରଚଳନ କଲେ । ଅର୍ଥାତ୍ ଏହି ପଶୁମାନଙ୍କୁ ମାରି ସେହି ମାଂସରେ ଯଜ୍ଞ କଲେ ସେହିପଶୁ ଓ ଯଜମାନ୍ ସ୍ୱର୍ଗକୁ ଯାଆନ୍ତି ବୋଲି ପ୍ରଥା ଚଳାଇଲେ ॥ ବ୍ରାହ୍ମଣାଦି ଗ୍ରନ୍ଥରେ ଲିଖିତ ଅଶ୍ୱମେଧାଦିର ପ୍ରକୃତ ଅର୍ଥକୁ ନ ଜାଣି ମନଇଚ୍ଛା ଅନର୍ଥ କଲେ ॥

ପ୍ରଶ୍ନ ...... ଅଶ୍ୱମେଧ, ଗୋମେଧ, ନରମେଧର ପ୍ରକୃତ ଅର୍ଥ କ'ଣ ?

ଉତ୍ତର ...... ଯେସବୁର ଅର୍ଥ ହେଉଛି ....

ରାଷ୍ଟ୍ରଂ ବା ଅଶ୍ୱମେଧଃ ॥ ("ଶତପଥ ୧୩-୧-୬-୩)

ଅନ୍ନଂ ହିଁ ଗୌଃ ॥ (ଶତପଥ ୪-୩-୧-୨୫)

ଅଗ୍ନି ର୍ବା ଅଶ୍ୱଃ ॥ (ଶତପଥ ୩-୫-୧-୫)

ଆଜ୍ୟଂ ମେଧଃ ॥ (ଶତପଥ ବ୍ରାହ୍ମଣ ୧୩-୨-୧୧-୨)

ଘୋଡା, ଗାଈ ପ୍ରଭୃତି ପଶୁ ଓ ମନୁଷ୍ୟମାରି ଯଜ୍ଞ କରିବା ବିଷୟ କେଉଁ ଗ୍ରନ୍ଥରେ କୁହାଯାଇ ନାହିଁ । ବାମମାର୍ଗୀମାନେ ଏ ପ୍ରକାର କାର୍ଯ୍ୟ ଚଳାଇଛନ୍ତି । କେଉଁଠି ଯଦି ଏ ପ୍ରକାର ଲେଖାଥିବ ତେବେ ତାହା ବାମମାର୍ଗୀ ମାନଙ୍କ ପ୍ରକ୍ଷେପ ବ୍ୟତୀତ ଅନ୍ୟକିଛି ନୁହେଁ । ଉପର୍ଯୁକ୍ତ ବାକ୍ୟମାନଙ୍କର ଅର୍ଥ ହେଲା........ ରାଜା ନ୍ୟାୟମାର୍ଗରେ ପ୍ରଜାମାନଙ୍କୁ ପାଳନ କରିବା ,ବିଦ୍ୱାନ୍ ବ୍ୟକ୍ତି ବିଦ୍ୟା ଶିକ୍ଷା ଦେବା,ଏବଂ ଜଳବାୟୁକୁ ବିଶୁଦ୍ଧ କରିବାପାଇଁ ଗୃହସ୍ଥ ବ୍ୟକ୍ତି ଅଗ୍ନିରେ ଘୃତାହୁତି ଦେଇ ଯେଉଁ ଯଜ୍ଞ କରନ୍ତି ତାହା ହେଉଛି ଅଶ୍ୱମେଧ । ଅନ୍ନକୁ ପବିତ୍ର ରଖିବା,ଇନ୍ଦ୍ରିୟମାନଙ୍କୁ ଦମନ କରିବା, ସୂର୍ଯ୍ୟ କିରଣର ସଦବ୍ୟବହାର କରିବା ପୁଣି ପୃଥିବୀ ଆଦିର ପଦାର୍ଥକୁ ପବିତ୍ର ରଖିବା ,ଏସବୁ ହେଉଛି ଗୋମେଧ । ମନୁଷ୍ୟର ମୃତ୍ୟୁପରେ ସେହି ମୃତ ଶରୀରକୁ ବିଧିପୂର୍ବକ ଯେଉଁ ଦାହ କରାଯାଏ ତାହାକୁ ନରମେଧ କୁହାଯାଏ ।

ପ୍ରଶ୍ନ :- ଯଜ୍ଞକର୍ତ୍ତାମାନେ କହିଥାନ୍ତି ଯେ, ଯଜ୍ଞକଲେ ଯଜମାନ ଓ ମରାଯାଉଥିବା ପଶୁ ଉଭୟେ ସ୍ୱର୍ଗକୁ ଯାଆନ୍ତି, ପୁଣି ଯଜ୍ଞ କୁଣ୍ଡରେ ଦଗ୍‌ଧ ହେଉଥିବା ପଶୁକୁ ପୁନର୍ଜୀବିତ କରାଯାଏ ॥ ଏସବୁ ସତ୍ୟ କି ନୁହେଁ ?

ଉତ୍ତର :- ଏହା କଦାପି ସତ୍ୟ ନୁହେଁ । ଯେଉଁ ଲୋକ ଏପରି କହେ ତାକୁ ମାରି ଓ ଯଜ୍ଞରେ ଆହୁତି ଦେଇ ସ୍ୱର୍ଗରେ ପହଞ୍ଚାଇ ଦେବାଉଚିତ । ନତୁବା ସେ ନିଜର ପ୍ରିୟ ପିତା-ମାତା,ପୁତ୍ର-କନ୍ୟା,ସ୍ତ୍ରୀ ପ୍ରଭୃତିଙ୍କୁ ଯଜ୍ଞକୁଣ୍ଡରେ ଆହୁତିଦେଇ,ସେମାନଙ୍କୁ ସ୍ୱର୍ଗରେ ପହଞ୍ଚାଇ ଦେବା ଆବଶ୍ୟକ । ନତୁବା ଯଜ୍ଞବେଦୀରେ ସେମାନଙ୍କୁ ଜୀବନ୍ୟାସ କରି ବଞ୍ଚାଇଦେବା ଆବଶ୍ୟକ ।

ପ୍ରଶ୍ନ :- ଯେତେବେଳେ ଯଜ୍ଞକରନ୍ତି ସେତେବେଳେ ବେଦମନ୍ତ୍ର ପଢ଼ନ୍ତି । ଯଦି ବେଦରେ ଏପ୍ରକାର ଯଜ୍ଞବିଧି ନ ଥାଆନ୍ତା, ତେବେ ଯଜ୍ଞ ସମୟରେ ସେହି ବେଦମନ୍ତ୍ରକୁ କାହିଁକି ପଢ଼ାଯାଆନ୍ତା ?

ଉତ୍ତର :- ମନ୍ତ୍ର କେବେ କାହାକୁ ପଢ଼ିବାପାଇଁ ମନା କରେ ନାହିଁ, ଯେଣୁ ତାହା ହେଉଛି ଶବ୍ଦମୟ । ମନ୍ତ୍ରର ଅର୍ଥ ପଶୁକୁ ମାରି ହୋମକର ଏହା କଦାପି ନୁହେଁ । ଯଥା- **"ଅଗ୍ନୟେ ସ୍ୱାହା"** ଇତ୍ୟାଦି ମନ୍ତ୍ରର 'ଅର୍ଥ- ଘିଅ ପୁଣି ପୁଷ୍ଟିକାରକ ଓ ଉତ୍ତମ ସୁଗନ୍ଧିତ ପଦାର୍ଥକୁ ଅଗ୍ନିରେ ପକାଇ ହୋମକଲେ ବାୟୁ,ବୃଷ୍ଟିଜଳ ଶୁଦ୍ଧହୋଇ ଜଗତକୁ ସୁଖୀ କରେ । ମୂଢ଼ମାନେ ଏହାର ପ୍ରକୃତଅର୍ଥକୁ ନବୁଝି ନିଜର ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ କୁକାର୍ଯ୍ୟମାନ କରୁଥିଲେ । କାରଣ ଯେଉଁମାନେ ସ୍ୱାର୍ଥପରାୟଣ, ସେମାନଙ୍କୁ ନିଜସ୍ୱାର୍ଥ ବ୍ୟତୀତ ଅନ୍ୟକିଛି ଦେଖାଯାଏନାହିଁ । ଯେତେବେଳେ ବାମାଚାରୀମାନଙ୍କ ଏପରି ଅତ୍ୟାଚାର,ଦ୍ୱିତୀୟରେ ମୃତକମାନଙ୍କପାଇଁ ଶ୍ରାଦ୍ଧ, ତର୍ପଣ, ବ୍ରାହ୍ମଣ ଭୋଜନାଦି ଅବିଚାର ଦେଖାଗଲା, ଯେତେବେଳେ ମହାଭୟଙ୍କର, ବେଦାଦିଶାସ୍ତ୍ର ନିନ୍ଦକ ବୌଦ୍ଧ ଓ ଜୈନମତ ପ୍ରଚଳିତ ହେଲା । ଶୁଣାଯାଏ ଗୋରଖପୁରର ଜନୈକ ନୃପତି ଏହି ପୋପ୍‌ମାନଙ୍କ ଦ୍ୱାରା ଏକ ଯଜ୍ଞ କରାଇଥିଲେ । ସେହି ଯଜ୍ଞର ବିଧାନ ଅନୁଯାୟୀ ଏକ ଘୋଡ଼ାସହିତ ତାଙ୍କ ପ୍ରିୟରାଣୀଙ୍କର ସହବାସ କରାଇବାରୁ ରାଣୀଙ୍କର ମୃତ୍ୟୁ ହୋଇଥିଲା । ଫଳରେ ରାଜାଙ୍କ ମନରେ ବୈରାଗ୍ୟ ଜାତହେଲା ତେଣୁ ସେ ପୁତ୍ରକୁ ରାଜ୍ୟ ଦାୟିତ୍ୱଦେଇ ସନ୍ନ୍ୟାସୀ ହୋଇଗଲେ । ତାପରେ ସେ ସେହି ପୋପ୍‌ମାନଙ୍କର ଜଘନ୍ୟ ଦୁରାଚାର ସବୁ ପ୍ରକାଶ କଲେ ।। ତାରି ଫଳରେ ଚାର୍ବାକ୍ ଓ ଆଭାଣକ ନାମରେ ବୌଦ୍ଧ ଓ ଜୈନ ମତର ଦିଓଟି ଶାଖା ସୃଷ୍ଟି ହେଲା ।। ସେମାନେ ଏପରି ଶ୍ଲୋକମାନ ରଚନାକଲେ......

ପଶୁଶ୍ଚେନ୍ନିହତଃ ସ୍ୱର୍ଗଂ ଜ୍ୟୋତିଷ୍ଟୋମେ ଗମିଷ୍ୟତି ।
ସ୍ୱପିତା ଯଜମାନେନ ତତ୍ର କଥଂ ନ ହିଂସ୍ୟତେ ।।୧।।
ମୃତାନାମିହ ଜନ୍ତୂନାଂ ଶ୍ରାଦ୍ଧଂ ଚେତ୍ତୃପ୍ତିକାରଣମ୍ ।
ଗଚ୍ଛତାମିହ ଜନ୍ତୂନାଂ ବ୍ୟର୍ଥଂ ପାଥେୟକଳ୍ପନମ୍ ।।୨।।

ପଶୁକୁମାରି ଅଗ୍ନିରେ ହୋମକଲେ ସେହି ପଶୁ ଯଦି ସ୍ୱର୍ଗକୁ ଯାଏ, ତେବେ ଯଜମାନ ନିଜ ପିତାଙ୍କୁ ମାରି ଅଗ୍ନିକୁଣ୍ଡରେ ହୋମକରି ସ୍ୱର୍ଗକୁ ପଠାଇ ଦେଉନାହାନ୍ତି କାହିଁକି ? ।।ଯଥା ଯଦି ଶ୍ରାଦ୍ଧ ଓ ତର୍ପଣକରି ମୃତବ୍ୟକ୍ତିକୁ ତୃପ୍ତ କରାଯାଇ ପାରୁଛି,

ତେବେ ଯେ ବିଦେଶ ଯାଉଛି, ସେ ଅଯଥାରେ ରାସ୍ତାଖର୍ଚ୍ଚ,ଚୂଡ଼ା ଚାଉଳ ପ୍ରଭୃତି ପାଥେୟ ନେଉଛି କାହିଁକି ? ତାପାଇଁ ଘରନିକଟରେ ଥାଳିରେ ଖାଦ୍ୟ ବାଢ଼ିଦେଇ ଓ ଲୋଟାରେ ଜଳଭର୍ତ୍ତିକରି ରଖିଦେଲେ ସେ ତ ପାଇଯାଆନ୍ତା । ତେଣୁ ବିଚାରିବାର କଥା ଦୂରଦେଶରେ କିମ୍ବା ଦଶହାତ ଦୂରରେ ଥିବା ଜୀବିତ ବ୍ୟକ୍ତିକୁ ଯେତେବେଳେ ଦିଆଯାଇପାରୁ ନାହିଁ, ତେବେ ମୃତ ବ୍ୟକ୍ତିକୁ ପ୍ରଦତ୍ତପଦାର୍ଥ ସେ କିପରି ପାଇପାରିବ ? ତାଙ୍କର ଏହି ଯୁକ୍ତିସଙ୍ଗତ ଉକ୍ତିକୁ ଲୋକେ ଗ୍ରହଣ କଲେ, ଫଳରେ ଅନେକଲୋକ ଜୈନ ଓ ବୌଦ୍ଧମତରେ ଦୀକ୍ଷିତହେଲେ । ଯେତେବେଳେ ଅନେକ ରାଜା-ଜମିଦାର ସେମାନଙ୍କ ମତକୁ ଗ୍ରହଣ କଲେ, ତାପରେ ସେହି ପୋପ୍‌ମାନେ ତାଙ୍କଆଡ଼କୁ ଢଳିବାକୁ ଲାଗିଲେ । କାରଣ ଯେଉଁଠାରେ ସେମାନଙ୍କର ସ୍ୱାର୍ଥ ସାଧିତହେବ ସେପଟକୁ ସେମାନେ ଖସିଯିବେ । ତେଣୁ ଶୀଘ୍ର ସେମାନେ ଜୈନମତକୁ ଗ୍ରହଣ କରିନେଲେ । କାରଣ ଜୈନମତଭିତରେ ମଧ୍ୟ ଅନେକ କିଛି ପୋପ୍‌ଲୀଳା ରହିଛି । ଏସମ୍ପର୍କରେ ଦ୍ୱାଦଶସମୁଲ୍ଲାସରେ ଆଲୋଚନା କରାଯିବ । ଅନେକେ ଏମାନଙ୍କ ମତକୁ ଗ୍ରହଣ କରିନେଇଥିଲେ ମଧ୍ୟ କାଶୀ,କୌନଜ, ପୁଣି ପଶ୍ଚିମ ଓ ଦକ୍ଷିଣ ଦେଶରଲୋକେ ସେମାନଙ୍କ ମତକୁ ଗ୍ରହଣ କଲେନାହିଁ । ଜୈନମାନେ ବେଦର ପ୍ରକୃତ 'ଅର୍ଥକୁ ନ ବୁଝି, ସେହି ପୋପ୍‌ଲୀଳାକୁ ବେଦ ବୋଲି ବିଶ୍ୱରି ନିନ୍ଦା କରିବାକୁ ଲାଗିଲେ ।ବେଦର ପଠନ-ପାଠନ, ଯଜ୍ଞୋପବୀତାଦି ବର୍ଣ୍ଣାଶ୍ରମ ଚିହ୍ନଧାରଣ ତଥା ବ୍ରହ୍ମଚର୍ଯ୍ୟ ନିୟମପାଳନ, ଏସବୁକୁ ଉଠାଇଦେଲେ । ବେଦାଦି ଯେଉଁ ଶାସ୍ତ୍ରଗୁଡ଼ିକ ପାଇଲେ ସେସବୁକୁ ନଷ୍ଟ କରିଦେଲେ । ଯେତେବେଳେ ଜୈନମାନେ ଆର୍ଯ୍ୟାବର୍ତ୍ତରେ ପ୍ରତିଷ୍ଠାଲାଭ କରି ନିଜର ଆଧିପତ୍ୟ ବିସ୍ତାରକଲେ,ଜୈନଗୃହସ୍ଥ ତଥା ସାଧୁମାନଙ୍କୁ ସମ୍ମାନ ପ୍ରଦର୍ଶନକରି ସତ୍କାର କଲେ, ତାପରେ ଆର୍ଯ୍ୟମାନଙ୍କୁ ଅପମାନିତ କରି ପକ୍ଷପାତ କଲେ ଓ ଅନ୍ୟାୟରେ ଦଣ୍ଡ ବିଧାନ କଲେ, ନିଜେ ବିଭବ ଓ ସ୍ୱାଚ୍ଛନ୍ଦ୍ୟ ଲାଭକରି ବିଳାସରେ ମାତି ରହିଲେ, ମନରେ ଅଯଥାରେ ଅଭିମାନକରି ଋଷଭଦେବଙ୍କଠାରୁ ମହାବୀର ପର୍ଯ୍ୟନ୍ତ ଆପଣାର ଧର୍ମପ୍ରଚାରକ ତୀର୍ଥଙ୍କରମାନଙ୍କର ବୃହତ୍ ବୃହତ୍ ମୂର୍ତ୍ତିମାନ ତିଆରିକରି ପୂଜା ଆରାଧନା କରିବାକୁ ଲାଗିଲେ,ସେତେବେଳେ ଦେଶରେ ପ୍ରଥମଥର ପାଇଁ ଜାଷପାଷାଣାଦି ଜଡ଼ମୂର୍ତ୍ତି ପୂଜାର ପ୍ରଥା ଜୈନମାନେ ହିଁ ଆରମ୍ଭ କରିଦେଲେ । ଏହି ମୂର୍ତ୍ତି ପୂଜା ଯୋଗୁଁ

ଈଶ୍ୱରୋପାସନା ପ୍ରତି ଲୋକଙ୍କର ଆଉ ଧ୍ୟାନ ରହିଲା ନାହିଁ । ଏହିପରି ଭାବରେ ଦୀର୍ଘ ତିନିଶହ ବର୍ଷ ପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତରେ ଜୈନମାନଙ୍କର ରାଜତ୍ୱ ଚାଲିଲା । ଏହି ସମୟ ମଧ୍ୟରେ ଆର୍ଯ୍ୟମାନେ ସେମାନଙ୍କସହିତ ମିଶି ଶୂଦ୍ରମାନଙ୍କପରି ବେଦାର୍ଥଜ୍ଞାନ ଶୂନ୍ୟହୋଇ କାଷ୍ଠପାଷାଣାଦି ମୂର୍ତ୍ତି ପୂଜାକରି ଧର୍ମଭ୍ରଷ୍ଟ ହୋଇଗଲେ । ଆଜିକି ପ୍ରାୟ ଅଢ଼ାଇ ହଜାର ବର୍ଷ ହେବ, ଏହି ଦୁର୍ଘଟଣା ଘଟିଥିବାର ଅନୁମିତ ହୁଏ ।

ଦୁଇହଜାର ଦୁଇଶହ ବର୍ଷ ପୂର୍ବରୁ ଦାକ୍ଷିଣାତ୍ୟ ଦ୍ରାବିଡ଼ ଦେଶରେ ଶଙ୍କରାଚାର୍ଯ୍ୟ ନାମକ ଜଣେ ଦ୍ରାବିଡ଼ ବ୍ରାହ୍ମଣ ଜନ୍ମ ଗ୍ରହଣ କରିଥିଲେ । ସେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନକରି ବ୍ୟାକରଣ,ବେଦ,ବେଦାନ୍ତ,ନ୍ୟାୟ,ଦର୍ଶନ ପ୍ରଭୃତି ଅନେକ ଶାସ୍ତ୍ର ଅଧ୍ୟୟନ କରି ମନେ ମନେ ବିଚାର କଲେ---- ଓହୋ ! ସତ୍ୟ ସନାତନ ଆସ୍ତିକ ବୈଦିକ ଧର୍ମ ପରିବର୍ତ୍ତେ,ନାସ୍ତିକ ଜୈନମତ ଦେଶରେ ବହୁଳଭାବେ ପ୍ରଚାରିତ ହେଲା । ଏହାଦ୍ୱାରା ଲୋକଙ୍କର କେତେ ଯେ କ୍ଷତି ଘଟିଛି ତାହା କଳନା କରି ହେବ ନାହିଁ । ସେ ଯାହା ହେଉ ଏହି ମତକୁ ପରିତ୍ୟାଗକରି ଲୋକେ ଯେପରି ବୈଦିକ ଧର୍ମକୁ ପୁଣିଥରେ ଆଦରି ନେବେ ସେପରି ବ୍ୟବସ୍ଥା କରିବାକୁ ହେବ । ଶଙ୍କରାଚାର୍ଯ୍ୟ ବେଦାଦି ବହୁଶାସ୍ତ୍ର ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଜୈନଶାସ୍ତ୍ର ଗୁଡ଼ିକ ମଧ୍ୟ ଅଧ୍ୟୟନ କରିଥିଲେ । ସେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କରିପାରୁଥିଲେ । ପ୍ରକୃତ ଉପଦେଶ ଓ ଶାସ୍ତ୍ର ଚର୍ଚ୍ଚାଦ୍ୱାରା ଏମାନଙ୍କୁ ଦୂରେଇଦେବା ସହଜ ହେବ ବିଚାରି ସେ ଉଜ୍ଜୈନକୁ ଯାଇଥିଲେ । ସେତେବେଳେ ଉଜ୍ଜୟିନୀ ନଗରୀରେ ରାଜା ଥିଲେ ସୁଧନ୍ୱା ସେହି ରାଜା ସଂସ୍କୃତ ଜାଣିବା ସଙ୍ଗେ ସଙ୍ଗେ ଜୈନଶାସ୍ତ୍ର ମଧ୍ୟ ପଢ଼ାଶୁଣା କରିଥିଲେ । ଶଙ୍କରାଚାର୍ଯ୍ୟ ଜୈନ ଧର୍ମାବଲମ୍ବୀ ସୁଧନ୍ୱା ରାଜାଙ୍କୁ ଉପଦେଶ ଦେଇ କହିଲେ ----- ଆପଣ ସଂସ୍କୃତ ଜାଣିଛନ୍ତି, ଜୈନଶାସ୍ତ୍ର ପଢିଛନ୍ତି,ଓ ଜୈନ ମତକୁ ଗ୍ରହଣ କରିଛନ୍ତି । ମୋର ଅନୁରୋଧ ଆପଣ ଏକ ସଭାର ଆୟୋଜନ କରନ୍ତୁ । ସେହି ସଭାରେ ଜୈନ ଆଚାର୍ଯ୍ୟ ମାନଙ୍କ ସହିତ ମୋର ଶାସ୍ତ୍ରାର୍ଥ ହେଉ । ଯିଏ ହାରିବ ସେ ଜିଣିବା ଲୋକର ମତ ଗ୍ରହଣ କରିବ ଓ ଆପଣ ମଧ୍ୟ ବିଜେତା ପକ୍ଷର ମତ ସ୍ୱୀକାର କରିବେ । ଯଦିଓ ସୁଧନ୍ୱା ଜୈନମତାବଲମ୍ବୀ ଥିଲେ, ତଥାପି ସଂସ୍କୃତ ଜାଣିଥିବାରୁ ତାଙ୍କ ଉପରେ ବିଦ୍ୟାର ପ୍ରଭାବ ପଡ଼ିଥିଲା । ତେଣୁ ତାଙ୍କର ଜ୍ଞାନ ଥିଲା, ଅବିଦ୍ୟା ବା ପଶୁତ୍ୱ ତାଙ୍କ ମନହୃଦୟକୁ କଳୁଷିତ କରିପାରି ନ ଥିଲା । ଯେଉଁମାନେ ବିଦ୍ୱାନ୍ ସେମାନେ

ସତ୍ୟାସତ୍ୟକୁ ପରୀକ୍ଷାକରି ଅସତ୍ୟକୁ ପରିତ୍ୟାଗକରି ସତ୍ୟକୁ ଗ୍ରହଣ କରିଥାନ୍ତି । ସୁଧନ୍ୱାଙ୍କୁ ସେ ପର୍ଯ୍ୟନ୍ତ ଉପଯୁକ୍ତ ଉପଦେଶକ ମିଳି ନ ଥିବାରୁ କେଉଁ ମତ ସତ୍ୟ ଓ କେଉଁ ମତ ଅସତ୍ୟ, ତାହା ଠିକ୍ କରିପାରୁ ନଥିଲେ । ବର୍ତ୍ତମାନ ଶଙ୍କରାଚାର୍ଯ୍ୟଙ୍କ ପ୍ରସ୍ତାବ ଶୁଣି ଶାସ୍ତ୍ରାର୍ଥଦ୍ୱାରା ସତ୍ୟାସତ୍ୟ ନିର୍ଣ୍ଣୟ କରାଯିବ ଏହା ବିଚାରି ଆନନ୍ଦରେ ଅଧୀର ହୋଇପଡିଲେ । ତାପରେ ଶାସ୍ତ୍ରାର୍ଥ କରିବାପାଇଁ ବ୍ୟବସ୍ଥା କରାଇ ଦେଲେ । ଦୂରଦୂରାନ୍ତରରୁ ଜୈନ ଆଚାର୍ଯ୍ୟ ମାନଙ୍କୁ ନିମନ୍ତ୍ରଣ କରାଗଲା । ଜୈନ. ଆଚାର୍ଯ୍ୟଗଣ ଗୋଟିଏ ପକ୍ଷରେ ରହିଲେ ଓ ଅନ୍ୟ ପକ୍ଷରେ ଶଙ୍କରାଚାର୍ଯ୍ୟ ଏକାକୀ ରହିଲେ । ଉଭୟ ପକ୍ଷ ମଧ୍ୟରେ ଶାସ୍ତ୍ରାର୍ଥହେଲା । ସେହି ସଭାରେ " ଜୈନ ମାନେ ବେଦମତ ଖଣ୍ଡନ କରି ଆପଣା ମତର ବୈଶିଷ୍ଟ୍ୟ ପ୍ରତିପାଦନ କରିବେ," " ଶଙ୍କରାଚାର୍ଯ୍ୟ ଜୈନମତ ଖଣ୍ଡନକରି ବେଦମତ ସ୍ଥାପନ କରିବେ " ଏହା ନିର୍ଣ୍ଣୟ କରାଗଲା । ଜୈନ ଆଚାର୍ଯ୍ୟମାନେ ମତ ଦେଇଥିଲେ ---- ସୃଷ୍ଟିର କର୍ତ୍ତା ଅନାଦି ଈଶ୍ୱର ବୋଲି କେହି ନାହାନ୍ତି । ଏହି ଜଗତ ଓ ଜୀବ ଦୁହେଁ ଅନାଦି ଅଟନ୍ତି । ଏହି ଦୁଇ ପଦାର୍ଥର ଉତ୍ପତ୍ତି ଓ ବିନାଶ ନାହିଁ । ଏହି ମତକୁ ବିରୋଧ କରିବାକୁ ଯାଇ ଶଙ୍କରାଚାର୍ଯ୍ୟ କହିଲେ ----- ଅନାଦି ସିଦ୍ଧ ପରମାତ୍ମାହିଁ ଜଗତର କର୍ତ୍ତା । ଏହି ଜଗତ୍ ଓ ଜୀବ ହେଉଛି ମିଥ୍ୟା, ଯେଣୁ ସେହି ପରମେଶ୍ୱର ନିଜ ମାୟାରେ ଜଗତ ସୃଷ୍ଟି କରିଛନ୍ତି । ସେ ହେଉଛନ୍ତି ଧାରଣକର୍ତ୍ତା ତଥା ପ୍ରଳୟକର୍ତ୍ତା ।ଏ ଜୀବ ପ୍ରପଞ୍ଚ ସ୍ୱପ୍ନ ପ୍ରାୟ । ପରମେଶ୍ୱର ନିଜେ ସମସ୍ତ ରୂପଧାରଣକରି ଲୀଳା କରୁଛନ୍ତି । ଏ ବିଷୟରେ ଅନେକ ଦିନ ପର୍ଯ୍ୟନ୍ତ ଶାସ୍ତ୍ରାର୍ଥ ହେଲା ।ପରିଶେଷରେ ଜୈନ ମତବାଦର ଖଣ୍ଡନ ଓ ଶଙ୍କରାଚାର୍ଯ୍ୟଙ୍କ ବେଦମତର ମଣ୍ଡନ ହେବାରୁ ଜୈନ ଆଚାର୍ଯ୍ୟଙ୍କ ସମେତ ସୁଧନ୍ୱା ରାଜା ମଧ୍ୟ ଜୈନମତ ପରିତ୍ୟାଗ କରି ବେଦମତକୁ ସ୍ୱୀକାର କଲେ । ଫଳରେ ଦେଶରେ ଗଣ୍ଡଗୋଳର ସୂତ୍ରପାତ ହେଲା । ତାପରେ ସୁଧନ୍ୱା ରାଜା ନିଜର ଇଷ୍ଟମିତ୍ର ରାଜାମାନଙ୍କୁ ଡକାଇ ଶଙ୍କରାଚାର୍ଯ୍ୟଙ୍କ ସହିତ ଶାସ୍ତ୍ରଚର୍ଚ୍ଚା କରାଇଲେ, କିନ୍ତୁ ଜୈନମାନଙ୍କ ପରାଜିତ ସମୟ ହୋଇଥିବାରୁ ସେମାନେ ସର୍ବତ୍ର ପରାଜିତ ହେଲେ । ବୈଦିକ ଧର୍ମର ପ୍ରଚାର ପ୍ରସାରର ପୁନଃ ସୂତ୍ରପାତ ହେଲା । ଶଙ୍କରାଚାର୍ଯ୍ୟ ସମଗ୍ର ଆର୍ଯ୍ୟାବର୍ତ୍ତରେ ଭ୍ରମଣକରି ବେଦଧର୍ମର ପ୍ରଚାର କଲେ । ସୁଧନ୍ୱା ଓ ଅନ୍ୟାନ୍ୟ ରାଜାମାନେ ଚାକର ନୌକର ପ୍ରଭୃତି ଯୋଗାଇ ଦେଇ ଶଙ୍କରାଚାର୍ଯ୍ୟଙ୍କ ସମସ୍ତ

ପ୍ରକାର ସୁବିଧା କରିଦେଲେ ।ସେତେବେଳେ ପୁଣି ସମସ୍ତେ ଯଜ୍ଞୋପବୀତ ଧାରଣ କଲେ, ଏବଂ ସର୍ବତ୍ର ବେଦ ପଠନ-ପାଠନର ବ୍ୟବସ୍ଥା ପ୍ରଚଳିତ ହେଲା । ଶଙ୍କରାଚାର୍ଯ୍ୟ ସମଗ୍ର ଆର୍ଯ୍ୟାବର୍ତ୍ତରେ ଦଶ ବର୍ଷ ପର୍ଯ୍ୟନ୍ତ ଭ୍ରମଣକରି ଜୈନମତକୁ ଖଣ୍ଡନ କରି ବେଦ ମତର ମଣ୍ଡନ କରାଇଥିଲେ । ସେ ସମୟରେ ଜୈନ ମୂର୍ତ୍ତିମାନ ଭଙ୍ଗାଗଲା ଅନେକଲୋକ ଭୟରେ କେତେକ ମୂର୍ତ୍ତିକୁ ମାଟିତଳେ ଲୁଚେଇ ଦେଲେ । ବର୍ତ୍ତମାନ ଭୂମିଖୋଦନ ଦ୍ୱାରା କେତେକ ସ୍ଥାନରେ ସେ ସବୁ ମିଳୁଅଛି । ଶଙ୍କରାଚାର୍ଯ୍ୟଙ୍କ ପୂର୍ବରୁ ଶୈବମତ ଓ ବାମମାର୍ଗମତ ଏ ଦେଶରେ ପ୍ରଚଳିତ ଥିଲା ।ଶଙ୍କରାଚାର୍ଯ୍ୟ ଉକ୍ତ ମତଦ୍ୱୟକୁ ମଧ୍ୟ ଖଣ୍ଡନକରି ବେଦ ଧର୍ମ ପ୍ରଚାର କରିଥିଲେ । ସେ ସମୟରେ ଏ ଦେଶରେ ବହୁତ ଧନସମ୍ପତ୍ତି ଥିଲା ଓ ଲୋକଙ୍କ ମଧ୍ୟରେ ସ୍ୱଦେଶଭକ୍ତି ମଧ୍ୟ ବଳବତ୍ତର ଥିଲା । ଶଙ୍କରାଚାର୍ଯ୍ୟ ଓ ସୁଧନ୍ୱା ଜୈନ ମନ୍ଦିର ଗୁଡ଼ିକୁ ନ ଭାଙ୍ଗି ସେ ସବୁକୁ ବେଦ ବିଦ୍ୟାଳୟର ରୂପରେଖ ଦେବାପାଇଁ ଇଚ୍ଛା କରିଥିଲେ ।

ଦେଶରେ ବେଦମତର ପୁନଃ ପ୍ରତିଷ୍ଠା ଯେତେବେଳେ ହୋଇଗଲା, ପୁଣି ବେଦବିଦ୍ୟାର ବହୁଳ ପ୍ରଚାର ପ୍ରସାର ନିମିତ୍ତ ଯୋଜନା କରାଯାଉଥିଲା, ଠିକ୍ ସେହିସମୟରେ ଦୁଇ ଜଣ ଜୈନ, ଯେଉଁମାନେ କି ଉପରମନରେ ବେଦମତକୁ ସମର୍ଥନ କରୁଥିଲେମଧ୍ୟ ଭିତରେ ଭିତରେ ଖାଣ୍ଟି ଜୈନ ମତବାଦୀ ଥିଲେ, ସେମାନଙ୍କ ଉପରେ ଶଙ୍କରାଚାର୍ଯ୍ୟଙ୍କ ଅଗାଧ ବିଶ୍ୱାସ ଥିଲା ।ସେମାନେ ବିଶ୍ୱାସ ଘାତକତା କରି ଥରେ ଶଙ୍କରାଚାର୍ଯ୍ୟଙ୍କୁ ବିଷମିଶ୍ରିତ ଖାଦ୍ୟ ଖୁଆଇ ଦେଲେ । ବିଷ ପ୍ରଭାବରୁ ଦିନକୁଦିନ ତାଙ୍କର କ୍ଷୁଧାଶକ୍ତି କମିଗଲା । ଅଗ୍ନିମାନ୍ଦ୍ୟ ସହିତ ଶରୀରର ସର୍ବତ୍ର ବ୍ରଣମାନ ହେଲା । ତାରି ଫଳରେ ଛଅମାସ ମଧ୍ୟରେ ତାଙ୍କର ମୃତ୍ୟୁହେଲା । ସମସ୍ତେ ଏକାବେଳକେ ନିରୁତ୍ସାହ ହୋଇ ପଡ଼ିଲେ । ବେଦର ପ୍ରଚାର ପ୍ରସାର ପାଇଁ ଯେଉଁ ଯୋଜନାମାନ କରାଯାଇଥିଲା, ତା ଆଉ କାର୍ଯ୍ୟକାରି ହୋଇପାରିଲା ନାହିଁ । ସେ ଯେଉଁ ଶାରୀରିକ ଭାଷ୍ୟ କରିଥିଲେ, ତାଙ୍କ ପରେ ତାଙ୍କର ଶିଷ୍ୟମାନେ ପ୍ରଚାର କରିବାର ବ୍ୟବସ୍ଥା କରିଥିଲେ ।ଜୈନ ମତକୁ ଖଣ୍ଡନ କରିବା ପାଇଁ ଶଙ୍କରାଚାର୍ଯ୍ୟ ଯେଉଁ " ବ୍ରହ୍ମସତ୍ୟ, ଜଗତ୍ ମିଥ୍ୟା, ତଥା ବ୍ରହ୍ମ ଓ ଜୀବ ଏକ ପଦାର୍ଥ ଏପରି କଥାମାନ ସମାଜରେ ପ୍ରଚାର କଲେ ।ଦକ୍ଷିଣରେ ଶୃଙ୍ଗେରୀ, ପୂର୍ବ (ପୁରୀ) ରେ ଭୂଗୋବର୍ଦ୍ଧନ, •ଉତ୍ତରରେ ଯୋଶୀ, ପୁଣି ପଶ୍ଚିମାଞ୍ଚଳ ସ୍ଥାପନ କରି ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟଗଣ

ମହନ୍ତ ହେବା ସଙ୍ଗେ ସଙ୍ଗେ ଅନେକ ଧନସମ୍ପତ୍ତି ସଂଗ୍ରହ କରି ଭୋଗ ବିଳାସରେ ସମୟ ଅତିବାହିତ କଲେ । ଶଙ୍କରାଚାର୍ଯ୍ୟଙ୍କ ପାଇଁ ସମାଜରେ ସେମାନଙ୍କର ପ୍ରତିଷ୍ଠା ଖୁବ୍ ବଢ଼ି ଯାଇଥିଲା ॥

ଶଙ୍କରାଚାର୍ଯ୍ୟଙ୍କ ବ୍ରହ୍ମ ଓ ଜୀବ ସମ୍ପର୍କୀୟ ମତର ସମାଲୋଚନା

ଜଗତ୍ ମିଥ୍ୟା, ପୁଣି ଜୀବ ଓ ବ୍ରହ୍ମ ଏକ ପଦାର୍ଥ । ଶଙ୍କରାଚାର୍ଯ୍ୟଙ୍କ ଏହି ମତାମତ ସମ୍ପର୍କରେ ବିଚାର ଆଲୋଚନା କରିବା । ଏହା ଯଦି ଶଙ୍କରାଚାର୍ଯ୍ୟଙ୍କ ନିଜ ମତହୋଇ ଥାଏ,ତେବେ ତାହା ଠିକ୍ ନୁହେଁ ବୋଲିବାକୁ ହେବ । ଅବଶ୍ୟ ଜୈନ ମତବାଦର ଖଣ୍ଡନ ପାଇଁ ଏହକୁ ଯଦି ସ୍ୱୀକାର କରାଯାଇଥାଏ, ତେବେ ତାହା କେତେକାଂଶରେ ଠିକ୍ ହେବ । ନବୀନ ବେଦାନ୍ତୀ ମାନଙ୍କର ମତ ହେଉଛି ......

ନବୀନ ବେଦାନ୍ତୀ- ଜଗତ ସ୍ୱପ୍ନ ସଦୃଶ, ରଜ୍ଜୁରେ ସର୍ପ, ଶାମୁକାରେ ରୂପା, ମୃଗତୃଷ୍ଣାରେ ଜଳ, ଶଙ୍ଖାପରି ପୁଣି ଗନ୍ଧର୍ବ ନଗର ଓ ଇନ୍ଦ୍ରଜାଲପରି ଏ ଜଗତ ହେଉଛି ମିଥ୍ୟା, କେବଳ ଏକ ବ୍ରହ୍ମ ହିଁ ସତ୍ୟ ।

ସିଦ୍ଧାନ୍ତୀ - ତୁମେ ମିଥ୍ୟା ବୋଲି କାହାକୁ କହୁଛ ?

ନବୀନ ବେଦାନ୍ତୀ -ପ୍ରକୃତରେ ଯେଉଁ ବସ୍ତୁ ନ ଥାଇ ଥିବାପରି ପ୍ରତୀତି ହୋଇଥାଏ ।

ସିଦ୍ଧାନ୍ତୀ - ଯେଉଁ ବସ୍ତୁ ନାହିଁ, ତାହା ଥିବାପରି କପରି ପ୍ରତୀତି ହେବ ?

ନବୀନ ବେଦାନ୍ତୀ - ଅଧ୍ୟାରୋପଦ୍ୱାରା ।

ସିଦ୍ଧାନ୍ତୀ - ଅଧ୍ୟାରୋପ କାହାକୁ କହୁଛ ?

ନବୀନ ବେଦାନ୍ତୀ - ବସ୍ତୁନବ୍ୟବସ୍ତ୍ୱା ରୋପଣମଧ୍ୟାସଃ ।

ଅଧ୍ୟାରୋପାପବାଦାଭ୍ୟାଂ ନିଷ୍ପ୍ରପଞ୍ଚଂ ପ୍ରପଞ୍ଚ୍ୟତେ ।

• କୌଣସି ଏକ ବସ୍ତୁରେ ଅନ୍ୟ ବସ୍ତୁର କଳ୍ପନାକୁ ଅଧ୍ୟାସ କୁହାଯାଏ , ପୁଣି ସେହି ଆଧ୍ୟାରୋପ ବା ଭ୍ରାନ୍ତ କଳ୍ପନାର ନିରାକରଣକୁ ଅପବାଦ କୁହାଯାଏ ॥ ଏହି ଅଧ୍ୟାସ ଏବଂ ଅଧ୍ୟାରୋପାପବାଦ ହେତୁ ମାୟାରହିତ ଏକମାତ୍ର ବ୍ରହ୍ମରେ ଏହି ଦୃଶ୍ୟମା ମାୟା ଜଗତ ଅବସ୍ଥିତ ବୋଲି କୁହାଯାଏ ।

ସିଦ୍ଧାନ୍ତୀ :- ତୁମେ ରଜ୍ଜୁକୁ ବସ୍ତୁ ଓ ସର୍ପକୁ ଅବସ୍ତୁ ବୋଲି ମାନିବାରୁ ଏପରି ଭ୍ରମରେ ପଡ଼ିଛ ॥ ସର୍ପ କଣ ବସ୍ତୁ ନୁହେଁ ? ଯଦି କୁହ ରଜ୍ଜୁରେ ତ ସର୍ପ ନାହିଁ, ତେବେ ସର୍ପ

ତ ଅନ୍ୟତ୍ର ଅଛି,ତାହାର ସଂସ୍କାରମାତ୍ର ନିଜ ଜ୍ଞାନରେ ଅଛି । ତେଣୁ ସର୍ପ ମଧ୍ୟ ଅବସ୍ତୁ ହୋଇ ରହିଲା ନାହିଁ । ସେହିପରି ସ୍ଥାଣୁରେ ପୁରୁଷ,ଶାମୁକାରେ ରୂପା,ପ୍ରଭୃତି ଦୃଷ୍ଟାନ୍ତ ବୁଝିବାକୁହେବ ।ସ୍ୱପ୍ନରେ ଯାହାସବୁ ଦେଖାଯାଏ,ସେସବୁ ଦେଶାନ୍ତର ବା ଅନ୍ୟସ୍ଥାନରେ ନିଶ୍ଚୟ ଅଛି, କିନ୍ତୁ ତାର ସଂସ୍କାରମାତ୍ର ଆତ୍ମାରେ ଥାଏ । ତେଣୁ ଏହାକୁ ଅଧ୍ୟାରୋପ ଅର୍ଥାତ୍ ବସ୍ତୁରେ ଅବସ୍ତୁର ଆରୋପ କୁହାଯିବ ନାହିଁ ।

ନବୀନ ବେଦାନ୍ତୀ :- କେବେ ଦେଖି ନ ଥିବା ଓ ଶୁଣି ନ ଥିବା କଥା ମଧ୍ୟ ସ୍ୱପ୍ନରେ ଦେଖାଯାଇଥାଏ । ଯେପରି ନିଜ ମୁଣ୍ଡ କଟାଯାଇଛି ଅଥଚ ନିଜେ କାନ୍ଦୁଛି ନିମ୍ନରୁ ପାହାଡ଼ ଉପରକୁ ଜଳଧାରା ବହିଯାଉଛି ----ଏହାସବୁ ତେବେ କିପରି ସତ୍ୟ ହେବ ?

ସିଦ୍ଧାନ୍ତୀ :- ଏ ଦୃଷ୍ଟାନ୍ତ ମଧ୍ୟ ତୁମପକ୍ଷର ଯୁକ୍ତିକୁ ସମର୍ଥନ କରୁନାହିଁ । ଯେଣୁ ବିନା ଦେଖାଶୁଣାରେ କୌଣସି ସଂସ୍କାର କେବେ ହୁଏ ନାହିଁ । ସଂସ୍କାର ବ୍ୟତୀତ ସ୍ମୃତି ଓ ସ୍ମୃତି ବ୍ୟତୀତ ସାକ୍ଷାତ୍ ଅନୁଭବ ହୋଇପାରେ ନାହିଁ ।ଯଦି କାହାଠାରୁ ଶୁଣିଲ ଅଥବା ଦେଖିଲ ଯେ ଅମୁକ ଲୋକର ମୁଣ୍ଡ କାଟି ଦିଆଯାଇଛି ଓ ତାର ବାପ ଭାଇ ପ୍ରଭୃତି ଯୁଦ୍ଧ କ୍ଷେତ୍ରରେ କାନ୍ଦୁଅଛନ୍ତି, ପୁଣି ଫୁଆରା (କୃତ୍ରିମ ଝରଣା) ର ଜଳ ଉପରକୁ ଉଠୁଥିବାର ଦେଖିଥାଅ ବା ଶୁଣିଥାଅ ସେସବୁର ସଂସ୍କାର ଆତ୍ମାରେ ରହିଯାଏ । ଯେତେବେଳେ ତୁମେ ଜାଗ୍ରତାବସ୍ଥାରେ ନ ରହି ସ୍ୱପ୍ନାବସ୍ଥାରେ ଅଛ, ସେତେବେଳେ ପୂର୍ବ ଦୃଷ୍ଟ ବା ଶ୍ରୁତ କଥାମାନ ନିଜ ଆତ୍ମାରେ ଅନୁଭବ କରୁଛ, ସେତେବେଳେ ନିଜର ମଧ୍ୟ ଶିରକଟା ହେବାର,କାନ୍ଦୁଥିବାର ସେହିପରି ଉପରକୁ ଜଳଧାରା ଉଠୁଥିବାର ଦେଖିଥାଅ । ଏ ଗୁଡ଼ିକୁ ମଧ୍ୟ ବସ୍ତୁରେ ଅବସ୍ତୁର ଆରୋପଣ କୁହାଯିବ ନାହିଁ । ଏହା ହେଉଛି ଚିତ୍ରାଙ୍କନ ବା ମାନଚିତ୍ରାଙ୍କନ ସଦୃଶ । ଯେପରି ମାନଚିତ୍ରାଙ୍କନକାରୀ ପୂର୍ବରୁ ଦେଖିଥିବା ବା ଶୁଣିଥିବା ବସ୍ତୁର ଭାବକୁ ନିଜ ଆତ୍ମାରୁ ବାହାରକରି କାଗଜରେ ଲେଖିଦିଏ, ପୁଣି ଚିତ୍ରକର କୌଣସି ବସ୍ତୁର ଆକୃତିକୁ ନିଜ ମାନସପଟରେ ଆଙ୍କି ରଖିଥାଏ, ତାକୁ ଉପଯୁକ୍ତ ସମୟରେ ମନରୁ ବାହାରକରି ସେହି ରୂପକୁ ଠିକ୍ ରୂପେ ଅଙ୍କନ କରିଦିଏ ।ସେହିପରି ଯେଉଁ କଥାମାନ ସ୍ମରଣରେ ଥାଏ ସେସବୁ ସ୍ୱପ୍ନରେ ଦୃଶ୍ୟ ହୋଇଥାଏ । ସମୟ ସମୟରେ ସ୍ୱପ୍ନରେ ସ୍ମରଣଯୁକ୍ତ ପ୍ରତୀତି ମଧ୍ୟ ହୋଇଥାଏ । ଯଥା- ସ୍ୱପ୍ନରେ ନିଜର ଅଧ୍ୟାପକଙ୍କୁ ଦେଖି ଅତୀତ ଜ୍ଞାନର ସାକ୍ଷାତ୍କାର ହୋଇଥାଏ, ସେତେବେଳେ ତାର ସ୍ମରଣ ରହେ ନାହିଁ ଯେ କେବେ

ଏହାଙ୍କୁ ଦେଖିଥିଲି ବା ଏହାଙ୍କ ସମ୍ପର୍କରେ ଶୁଣିଥିଲି । ଜାଗ୍ରତାବସ୍ଥାରେ ଯେପରି ସ୍ମରଣ ରହେ, ସ୍ୱପ୍ନାବସ୍ଥାରେ ସେହିପରି ନିୟମିତରୂପେ ସ୍ମରଣ ରହେନାହିଁ । ଦେଖନ୍ତୁ ଜନ୍ମାନ୍ଧ ବ୍ୟକ୍ତି ରୂପର ସ୍ୱପ୍ନ କେବେ ଦେଖି ପାରେ ନାହିଁ । ଏଣୁ ତୁମର ଅଧ୍ୟାସ ଓ ଅଧ୍ୟାରୋପ ଲକ୍ଷଣ କଦାପି ଠିକ୍ ନୁହେଁ । ବେଦାନ୍ତୀମାନଙ୍କର ବିବର୍ତ୍ତବାଦ ଅର୍ଥାତ୍ ରଜ୍ଜୁରେ ସର୍ପର ଆରୋପଣ ଦୃଷ୍ଟାନ୍ତ ବ୍ରହ୍ମରେ ଜଗତର ଆରୋପ ଠିକ୍ ନୁହେଁ ।

ନବୀନ ବେଦାନ୍ତୀ :- ଅଧିଷ୍ଠାନ ବ୍ୟତୀତ ଅଧ୍ୟସ୍ତ ଜ୍ଞାନ ଜାତ ହୁଏନାହିଁ । ଯେପରି ରଜ୍ଜୁ ନଥିଲେ ସର୍ପ ଜ୍ଞାନ ହୁଅନ୍ତା ନାହିଁ । ତିନିକାଳରେ ରଜ୍ଜୁରେ ସର୍ପ ନଥାଏ, ଅର୍ଥାତ୍ ନ ଥିଲା ନାହିଁ ଓ ରହିବ ନାହିଁ ମଧ୍ୟ । କିନ୍ତୁ ଅନ୍ଧକାର ଓ ସାମାନ୍ୟ ଆଲୋକର ସମ୍ମିଶ୍ରଣରେ ଆକସ୍ମିକଭାବେ ରଜ୍ଜୁକୁ ଦେଖିଲେ ସର୍ପଭ୍ରମ ସୃଷ୍ଟି ହୋଇ ଶରୀର ଭୟଭୀତ ହୋଇଯାଏ । କିନ୍ତୁ ଯେତେବେଳେ ତାକୁ ଦୀପାଲୋକରେ ଦେଖାଯାଏ, ସେତେବେଳେ ମନରେ ଜାତ ହୋଇଥିବା ଭ୍ରମ ଓ ଭୟ ଦୂର ହୋଇଯାଏ । ସେହିପରି ବ୍ରହ୍ମରେ ଜଗତର ମିଥ୍ୟାଜ୍ଞାନ ଜନ୍ମିଥାଏ, କିନ୍ତୁ ବ୍ରହ୍ମକୁ ସାକ୍ଷାତ୍କାର କଲେ ଜଗତରୂପୀ ମିଥ୍ୟାଜ୍ଞାନ ଦୂର ହୋଇଯାଏ ।

ସିଦ୍ଧାନ୍ତୀ —ବ୍ରହ୍ମରେ ଜଗତର ଜ୍ଞାନ କାହାକୁ ହୁଏ ?

ବେଦାନ୍ତୀ—ଜୀବକୁ ॥

ସିଦ୍ଧାନ୍ତୀ —ଜୀବକୁ ସେଜ୍ଞାନ କେଉଁଠୁ ହେଲା ?

ବେଦାନ୍ତୀ—ଅଜ୍ଞାନତାରୁ ॥

ସିଦ୍ଧାନ୍ତୀ - ଅଜ୍ଞାନ କେଉଁଠାରୁ ଆସିଲା, ପୁଣି ତାହା କେଉଁଠାରେ ରହେ ?

ବେଦାନ୍ତୀ - ଅଜ୍ଞାନ ହେଉଛି ଅନାଦି, ତାହା ବ୍ରହ୍ମରେ ରହେ ।

ସିଦ୍ଧାନ୍ତୀ - ବ୍ରହ୍ମରେ ଯେଉଁ ଅଜ୍ଞାନ ଥାଏ, ତାହା ତା ନିଜର ନା ଅନ୍ୟ କାହାର ? ଅର୍ଥାତ୍ ବ୍ରହ୍ମ ନିଜକୁ ନା ଅନ୍ୟ କାହାକୁ ଜାଣିପାରେ ନାହିଁ ? ପୁଣି ସେହି ଅଜ୍ଞାନ କାହାକୁ ହେଲା ?

ବେଦାନ୍ତୀ - ଚିଦାଭାସକୁ ।

ସିଦ୍ଧାନ୍ତୀ - ଚିଦାଭାସର ସ୍ୱରୂପ କଣ ?

ବେଦାନ୍ତୀ - ବ୍ରହ୍ମ । ବ୍ରହ୍ମକୁ ବ୍ରହ୍ମର ଅଜ୍ଞାନ ଅର୍ଥାତ୍ ନିଜ ସ୍ୱରୂପକୁ ନିଜେ ପୁଣି ଭୁଲିଯାଏ ।

ସିଦ୍ଧାନ୍ତୀ - ଏପରି ଭ୍ରମ କାହିଁକି ବ୍ରହ୍ମର ହୁଏ ?

ବେଦାନ୍ତୀ - ଏହି ଭ୍ରମର କାରଣ ହେଉଛି ଅବିଦ୍ୟା ।

ସିଦ୍ଧାନ୍ତୀ - ଅବିଦ୍ୟା ସର୍ବବ୍ୟାପକ ସର୍ବଜ୍ଞର ଗୁଣ ନା ଅଳ୍ପଜ୍ଞର ଗୁଣ ?

ବେଦାନ୍ତୀ - ଅଳ୍ପଜ୍ଞର ।

ସିଦ୍ଧାନ୍ତୀ - ତାହାଲେ ତୁମ ମତରେ ଏକ ଅନନ୍ତ ସର୍ବଜ୍ଞ ଚେତନ ବ୍ୟତୀତ ଅନ୍ୟ କୌଣସି ଚେତନ ଅଛି କି ନାହିଁ ? ଅଳ୍ପଜ୍ଞ ବ୍ୟକ୍ତି କେଉଁଠାରୁ ଆସିଲା ? ହଁ, ଅବଶ୍ୟ ଅଳ୍ପଜ୍ଞ ଚେତନକୁ ଯଦି ସର୍ବଜ୍ଞ ବ୍ରହ୍ମଠାରୁ ଭିନ୍ନ ମନେକର ତେବେ ଠିକ୍ ହୋଇପାରେ । ଯଦି ଏକ ମନେ କରୁଥାଅ, ତେବେ ବ୍ରହ୍ମକୁ ନିଜ ସ୍ୱରୂପର ଅଜ୍ଞାନ ହୋଇଥାନ୍ତା, ସେହି ଅଜ୍ଞାନତା ପୁଣି ସର୍ବତ୍ର ପ୍ରସରି ଯାଆନ୍ତା ଯେପରି ଶରୀରର କୌଣସି ଏକସ୍ଥାନରେ ବଥ ବାହାରିଲେ ମଧ୍ୟ ସମସ୍ତ ଶରୀର ପ୍ରଭାବିତ ହୁଏ, ସେହିପରି ବ୍ରହ୍ମର ଏକଦେଶରେଥିବା ଅଜ୍ଞାନଦ୍ୱାରା ଅଜ୍ଞାନତା ସର୍ବତ୍ର ବ୍ୟାପି ଯାଆନ୍ତା ।

ବେଦାନ୍ତୀ - ଏସବୁ ହେଉଛି ଉପାଧିର ଧର୍ମ, ବ୍ରହ୍ମର ନୁହେଁ ।

ସିଦ୍ଧାନ୍ତୀ - ଉପାଧି ଜଡ଼ ନା ଚେତନ ? ସତ୍ୟ ନା ଅସତ୍ୟ ?

ବେଦାନ୍ତୀ - ଅନିର୍ବଚନୀୟ,ଅର୍ଥାତ୍ ଏହା ଜଡ଼ ନା ଚେତନ, ସତ୍ୟ କି ଅସତ୍ୟ, ତାହା କହିହେବ ନାହିଁ ।

ସିଦ୍ଧାନ୍ତୀ - ତୁମ୍ଭର ଏହି ଉକ୍ତି **" ବଦତୋ ବ୍ୟାଘାତଃ "** ପରି ପ୍ରତୀତି ହେଉଛି । ଯେଣୁ ଥରେ କହୁଛ ଅବିଦ୍ୟା ରହିଛି, ଅଥଚ ଏହାକୁ ଜଡ଼ ବା ଚେତନ, ସତ୍ ବା ଅସତ୍, କହିପାରୁ ନାହିଁ । ଏହାହେଉଛି ଏପରିକଥା ଯେପରି ସୁନାରେ ପିତଳ ମିଶିଛି, ତାକୁ ବଣିଆ ପାଖକୁ ନେଇ ପରୀକ୍ଷା କରାଇ ପଚ଼ାରିଲ ଏହା ସୁନା କି ପିତଳ ? ତାହା ଶୁଣି ସେ କହେ ଯେ, ସୁନା ନୁହେଁ କି ପିତଳ ନୁହେଁ, କିନ୍ତୁ ଉଭୟ ଅଟେ । ଯେଣୁ ଏଥିରେ ସୁନା ଓ ପିତଳ ଉଭୟ ରହିଛି ।

ବେଦାନ୍ତୀ - ଦେଖ , ଯେପରି ଘଟାକାଶ, ମଠାକାଶ, ମେଘାକାଶ ଓ ମହାଦାକାଶ ଏପରି ଉପାଧିରେ ନାମିତ ହୋଇଥିଲେ ମଧ୍ୟ ତାହା ମହାଦାକଶରୁ ପୃଥକ୍ ନୁହେଁ,

କିନ୍ତୁ ଘଟ, ମଠ, ମେଘ, ଇତ୍ୟାଦି ଉପାଧିଯୁକ୍ତ ହେବାରୁ ମହାଦାକାଶରୁ ପୃଥକ୍ ଧରାଯାଏ, ସେହିପରି ମାୟା, ଅବିଦ୍ୟା, ସମଷ୍ଟି ବ୍ୟଷ୍ଟି ଓ ଅନ୍ତଃକରଣ ଏପରି ଉପାଧିଯୁକ୍ତ ହେବାରୁ ବ୍ରହ୍ମ ଜ୍ଞାନହୀନ ଲୋକଙ୍କୁ ଭିନ୍ନ ଭିନ୍ନ ବୋଧ ହୋଇଥାଏ । କିନ୍ତୁ ପ୍ରକୃତରେ ତାହା ହେଉଛି ଏକ । ନିମ୍ନୋକ୍ତ ଉଦାହରଣକୁ ଦେଖ .....

ଅଗ୍ନିର୍ଯଥୈକୋ ଭୁବନଂ ପ୍ରବିଷ୍ଟୋ ରୂପଂ ରୂପଂ ପ୍ରତିରୂପ ବଭୂବ ।

ଏକସ୍ତଥା ସର୍ବଭୂତାନ୍ତରାତ୍ମା ରୂପଂ ରୂପଂ ପ୍ରତିରୂପୋ ବହିଶ୍ଚ ।

(କଠ· ଉ· ବଲ୍ଲୀ ୫ - ମ·୨)

ଯେପରି ଲମ୍ବା, ଓସାରିଆ, ଗୋଲ, ଛୋଟ, ବଡ଼ ସମସ୍ତ ପ୍ରକାର ଆକୃତି ବିଶିଷ୍ଟ ପଦାର୍ଥରେ ଅଗ୍ନି ଲାଗିଲେ ସର୍ବ ବ୍ୟାପକ ହୋଇ ତଦାକାର ଧାରଣ କରୁଥିଲେ ମଧ୍ୟ, ତହିଁରୁ ପୃଥକ୍ ରହେ, ସେହିପରି ସର୍ବବ୍ୟାପକ ପରମେଶ୍ୱର ଅନ୍ତଃକରଣରେ ବ୍ୟାପକ ରୂପେ ରହି ଅନ୍ତଃକରଣାକାର ହୋଇ ମଧ୍ୟ ତହିଁରୁ ପୃଥକ୍ ହୋଇ ରହିଥାନ୍ତି ।

ସିଦ୍ଧାନ୍ତୀ - ଏହା ମଧ୍ୟ ତୁମ୍ଭର ବାଜେ କଥା । କାରଣ ଯେପରି ଘଟ, ମଠ, ମେଘ ଓ ଆକାଶକୁ ଭିନ୍ନ ଭିନ୍ନ ବୋଲି ମନେ କରୁଛ, ସେହିପରି କାରଣ କାର୍ଯ୍ୟରୂପ ଜଗତ୍ ଓ ଜୀବକୁ ବ୍ରହ୍ମ ଠାରୁ ତଥା ବ୍ରହ୍ମକୁ ସେମାନଙ୍କ ଠାରୁ ଭିନ୍ନ ମନେକର ।

ବେଦାନ୍ତୀ - ଯେପରି ଅଗ୍ନି ସକଳ ପଦାର୍ଥରେ ପ୍ରବିଷ୍ଟ ହୋଇ ତଦାକାର ଦେଖାଯାଏ, ସେହିପରି ପରମାତ୍ମା ଜଡ଼ ଓ ଜୀବରେ ବ୍ୟାପକ ଆକାରଯୁକ୍ତ ଅର୍ଥାତ୍ ଜ୍ଞାନ ହୀନ ଲୋକଙ୍କୁ ଆକାର ଯୁକ୍ତ ଦେଖାଯାଆନ୍ତି ।ବାସ୍ତବରେ ବ୍ରହ୍ମ ଜଡ଼ ନୁହନ୍ତି କି ଜୀବ ନୁହନ୍ତି ଯେପରି ହଜାରେ ପାତ୍ରରେ ଜଳରଖି ଥୋଇଲେ ତହିଁରେ ସୂର୍ଯ୍ୟଙ୍କର ହଜାରେ ପ୍ରତିବିମ୍ବ ଦେଖାଯାଏ, କିନ୍ତୁ ବସ୍ତୁତଃ ସୂର୍ଯ୍ୟ ଏକ । ଜଳପାତ୍ର ଭାଙ୍ଗିଗଲେ, ଜଳ ସ୍ଖଳିତ ବା ପ୍ରସାରିତ ହେଲେ ମଧ୍ୟ ସୂର୍ଯ୍ୟ ନଷ୍ଟ ହୁଅନ୍ତି ନାହିଁ, ବିଚଳିତ ବା ପ୍ରସାରିତ ହୁଅନ୍ତି ନାହିଁ, ସେହିପରି ଅନ୍ତଃକରଣରେ ବ୍ରହ୍ମଙ୍କର ଆଭାସ **(ଯାହାକୁ ଚିଦାଭାସ କୁହାଯାଏ)** ପଡ଼ିଥାଏ । ଅନ୍ତଃକରଣ ଥିବାଯାଏ ଜୀବ ରହିଥାଏ । ଅନ୍ତଃକରଣ ଜ୍ଞାନଦ୍ୱାରା ଯେତେବେଳେ ନଷ୍ଟ ହୋଇଯାଏ, ସେତେବେଳେ ଜୀବ ବ୍ରହ୍ମ ସ୍ୱରୂପ ହୋଇଯାଏ । ଜୀବ ଯେ ପର୍ଯ୍ୟନ୍ତ ନିଜକୁ ବ୍ରହ୍ମ ସ୍ୱରୂପ ଜ୍ଞାନ କରି ନ ପାରି ସେହି ଚିଦାଭାସକୁ କର୍ତ୍ତା, ଭୋକ୍ତା, ସୁଖୀ, ଦୁଃଖୀ, ପାପୀ, ପୁଣ୍ୟାତ୍ମା ଓ ଜନ୍ମ, ମରଣଭୋଗୀ ବୋଲି

ବିବେଚନା କରିଥାଏ, ସେ ପର୍ଯ୍ୟନ୍ତ ଜୀବ ସଂସାର ବନ୍ଧନରୁ ମୁକ୍ତ ହୋଇପାରେ ନାହିଁ ।

ସିଦ୍ଧାନ୍ତୀ- ତୁମ୍ଭର ଏ ଦୃଷ୍ଟାନ୍ତ ମଧ୍ୟ ବ୍ୟର୍ଥ "ଯେଣୁ ସୂର୍ଯ୍ୟ ଯେପରି ଆକାର ଯୁକ୍ତ ଜଳପାତ୍ର ମଧ୍ୟ ସେପରି ଆକାର ଯୁକ୍ତ" ସୂର୍ଯ୍ୟଠାରୁ ଜଳପାତ୍ର ଭିନ୍ନ ଓ ଜଳପାତ୍ରଠାରୁ ସୂର୍ଯ୍ୟ ମଧ୍ୟ ଭିନ୍ନ "ତେଣୁ ସୂର୍ଯ୍ୟଙ୍କ ପ୍ରତିବିମ୍ବ ଜଳରେ ପଡେ"ସୂର୍ଯ୍ୟ ଯଦି ନିରାକାର ହୋଇଥାନ୍ତା, ତେବେ ସୂର୍ଯ୍ୟଙ୍କ ପ୍ରତିବିମ୍ବ କଦାପି ପଡନ୍ତା ନାହିଁ"ପରମେଶ୍ୱର ନିରାକାର ପୁଣି ଆକାଶପରି ସର୍ବତ୍ର ବ୍ୟାପକ ହୋଇଥିବାରୁ, ବ୍ରହ୍ମଙ୍କଠାରୁ କୌଣସି ପଦାର୍ଥ କିମ୍ବା କୌଣସି ପଦାର୍ଥଠାରୁ ବ୍ରହ୍ମ ପୃଥକ୍‌ହୋଇ ରହିପାରନ୍ତି ନାହିଁ" । ବ୍ୟାପ୍ୟବ୍ୟାପକ ସମ୍ବନ୍ଧହେତୁ ଜୀବଜଗତ୍ ଓ ପରମାତ୍ମା ଏକ ହୋଇନ ପାରନ୍ତି" ଅନ୍ୱୟ ବ୍ୟତିରେକ ଭାବରେ ଦେଖିଲେ ବ୍ୟାପ୍ୟବ୍ୟାପକ ମିଳିତ ଓ ସର୍ବଦା ପୃଥକ୍ ରହନ୍ତି"ଯଦି ଏକ ହୋଇଥାନ୍ତେ ତେବେ ପରମେଶ୍ୱର ଓ ଜଗତ ମଧ୍ୟରେ ବ୍ୟାପ୍ୟବ୍ୟାପକ ସମ୍ବନ୍ଧ ରହିପାରନ୍ତା ନାହିଁ ।"ଏଣୁ ବୃହଦାରଣ୍ୟକ ଅନ୍ତର୍ଯ୍ୟାମୀ ବ୍ରାହ୍ମଣ(ବୃହଦା·ଉପ·ଅ·୩-ବ୍ରା·୭-କଂ·-୨୩)ରେ ସ୍ପଷ୍ଟଭାବରେ ଲେଖାଯାଇଛି "ବ୍ରହ୍ମର ଆଭାସ ପଡିପାରେ ନାହିଁ, ଯେଣୁ ଆକାର ବ୍ୟତୀତ ଆଭାସପଡିବା ସମ୍ଭବପର ନୁହେଁ ଅନ୍ତଃ କରଣୋପାଧି ଦ୍ୱାରା ବ୍ରହ୍ମକୁ ଜୀବ ବୋଲି ମନେକରୁଛ, ଏଣୁ ଏହା ହେଉଛି ତୁମର ପିଲାଳିଆମି କଥା । କାରଣ ଅନ୍ତଃକରଣ ଚଳାୟମାନ ଓ ଖଣ୍ଡ ଖଣ୍ଡ କିନ୍ତୁ ବ୍ରହ୍ମ ଅଚଳ ତଥା ଅଖଣ୍ଡ ଅଟନ୍ତି ।ଯଦି ତୁମ୍ଭେ ବ୍ରହ୍ମ ଓ ଜୀବକୁ ପୃଥକ୍ ପୃଥକ୍ ବୋଲି ସ୍ୱୀକାର ନ କରୁଛ, ତେବେ ଉତ୍ତର ଦିଅ ଯେ····ଅନ୍ତଃକରଣ ଯେଉଁ ଯେଉଁ ସ୍ଥାନରେ ରହିବ, ସେଠାରେ ବ୍ରହ୍ମକୁ ଅଜ୍ଞାନ ଓ ଯେଉଁ ସ୍ଥାନରୁ ଅନ୍ତଃକରଣ ଚାଲିଯାଏ ସେହି ସ୍ଥାନରେ ବ୍ରହ୍ମକୁ ଜ୍ଞାନୀ ବୋଲି କହିବ କି ନାହିଁ ? ଯେପରି ଛତା ପ୍ରକାଶମଧ୍ୟରେ ଯେଉଁ ଆଡ଼କୁ ଯାଏ,ସେହି ସେହି ଅଂଶର ପ୍ରକାଶକୁ ଆବରଣ ଯୁକ୍ତକରେ,କିନ୍ତୁ ଯେଉଁ ଅଂଶକୁ ଛାଡ଼ିଦିଏ ସେହି ଅଂଶର ପ୍ରକାଶକୁ ଆବରଣ ରହିତ କରେ । ସେହିପରି ତୁମର ଅନ୍ତଃକରଣ ଉପାଧି ବ୍ରହ୍ମକୁ କ୍ଷଣ କ୍ଷଣକେ ଜ୍ଞାନୀ-ଅଜ୍ଞାନ,ବଦ୍ଧ ଓ ମୁକ୍ତ କରିଦିଏ । ଏହି ଅନ୍ତଃକରଣ ଉପାଧି ଆବରଣ ଏକ ଦେଶବ୍ୟାପୀ ହେଲେମଧ୍ୟ ବ୍ରହ୍ମ ସର୍ବବ୍ୟାପକ ଓ ଅଖଣ୍ଡ ଥିବାଯୋଗୁଁ ସର୍ବତ୍ର ଅଜ୍ଞାନଯୁକ୍ତ ହୋଇଯାଏ, କିନ୍ତୁ ବ୍ରହ୍ମ

ସର୍ବଜ୍ଞାନ ସ୍ୱରୂପ ହୋଇଥିବାରୁ ଏପରି କେବେ ହୋଇପାରିବ ନାହିଁ । ଅନ୍ତଃକରଣସ୍ଥ ବ୍ରହ୍ମ ମଥୁରାରେ ଯେଉଁ ବସ୍ତୁ ଦେଖିଥିବ, କାଶୀରେ ମଧ୍ୟ ଅନ୍ୟ ଅନ୍ତଃକରଣସ୍ଥ ହେବାଯୋଗୁଁ ତାହା ସ୍ମରଣ କରିପାରିବ ନାହିଁ ।ଯେଣୁ·········

ଅନ୍ୟଦୃଷ୍ଟମନ୍ୟୋ ନ ସ୍ମରତୀତି ନ୍ୟାୟତ୍ ॥

(ଯୋଗସୂତ୍ର ବିଭୂତିପାଦ ୧୪)

ଜଣେ ବ୍ୟକ୍ତି ଯାହା ଦେଖିଥାଏ ଅନ୍ୟ ବ୍ୟକ୍ତି ତାହା ସ୍ମରଣ କରିପାରେ ନାହିଁ । ଯେଉଁ ଚିଦାଭାସ ମଥୁରାରେ ଦେଖିଥିଲା ସେହି ଚିଦାଭାସ କାଶୀରେ ରହେ ନାହିଁ । ପୁଣି ଯେଉଁ ବ୍ରହ୍ମ ମଥୁରାଠାରେ ଥିବା ଚିଦାଭାସକୁ ପ୍ରକାଶ କରେ ସେହି ବ୍ରହ୍ମ କାଶୀସ୍ଥିତ ଚିଦାଭାସକୁ ଆଲୋକିତ କରିପାରେନାହିଁ । ଯଦି ବ୍ରହ୍ମ ଓ ଜୀବକୁ ଏକ ବୋଲି କହ, ତେବେ ଜୀବ ମଧ୍ୟ ବ୍ରହ୍ମଙ୍କ ପରି ସର୍ବଜ୍ଞ ହେବା ଆବଶ୍ୟକ । ବ୍ରହ୍ମର ପ୍ରତିବିମ୍ବ ଯଦି ପୃଥକ୍ ହୁଏ, ତେବେ ପ୍ରତ୍ୟଭିଜ୍ଞ ଅର୍ଥାତ୍ ପୂର୍ବରୁ ଦେଖିଥିବା ବା ଶୁଣିଥିବା କଥା ସ୍ମରଣ ରଖିପାରିବ ନାହିଁ ।ଯଦି କୁହ ···ବ୍ରହ୍ମ ସର୍ବତ୍ର ଏକ, ଏଣୁ ସ୍ମରଣ ହୋଇପାରୁଛି, ତେବେ ବ୍ରହ୍ମର ଏକ ଦେଶରେ ଅଜ୍ଞାନ ବା ଦୁଃଖ ଜାତ ହେଲେ, ସେହି ଅଜ୍ଞାନ ଓ ଦୁଃଖ ସର୍ବତ୍ର ବ୍ୟାପିଯିବ । ଓ ବଦ୍ଧ ପ୍ରଭୃତି ଦୋଷଯୁକ୍ତ କରିଦେଉଛ । ଏହି ସବୁ ଦୃଷ୍ଟାନ୍ତଦ୍ୱାରା ନିତ୍ୟ, ଶୁଦ୍ଧ, ବୁଦ୍ଧ ଓ ମୁକ୍ତ ସ୍ୱଭାବ ବ୍ରହ୍ମଙ୍କୁ ତୁମ୍ଭେ ଅନିତ୍ୟ, ଅଶୁଦ୍ଧ, ଅଜ୍ଞାନ ଓ ବଦ୍ଧ ପ୍ରଭୃତି ଦୋଷଯୁକ୍ତ କରିଦେଉଛ, ପୁଣି ଏକ ଅଖଣ୍ଡ ବ୍ରହ୍ମଙ୍କୁ ପୃଥକ୍ ଓ ଖଣ୍ଡ ଖଣ୍ଡ କରିଦେଉଛ ।

ବେଦାନ୍ତୀ - ଆକାରହୀନ ବସ୍ତୁର ମଧ୍ୟ ପ୍ରତିବିମ୍ବ ପଡ଼େ । ଯେପରି ଦର୍ପଣ କିମ୍ବା ଜଳାଦିରେ ଆକାଶର ପ୍ରତିବିମ୍ବ ପଡ଼େ ଓ ତାହା ନୀଳ, ଧବଳ ବା କୌଣସି ଅନ୍ୟ ପ୍ରକାର ବର୍ଣ୍ଣ ଧାରଣ କରେ । ସେହିପରି ସମସ୍ତ ଅନ୍ତଃକରଣରେ ବ୍ରହ୍ମଙ୍କର ଆଭାସ ପ୍ରତିଭାତ ହୋଇଥାଏ ।

ସିଦ୍ଧାନ୍ତୀ - ଆକାଶର କୌଣସି ରୂପ ନାହିଁ, କେହି ତାକୁ ଆଖିରେ ଦେଖିପାରନ୍ତି ନାହିଁ । ଯେଉଁ ପଦାର୍ଥ ଦେଖାଯାଏ ନାହିଁ, ତାହା ପୁଣି ଦର୍ପଣ ବା ଜଳରେ କିପରି ଦେଖାଯିବ ? ଯେଉଁ ବସ୍ତୁ ସାକାର ତାହା ଦେଖାଯାଏ, ନିରାକାର କଦାପି ଆଖିରେ ଦେଖାଯାଏ ନାହିଁ ।

ବେଦାନ୍ତୀ - ତେବେ ଉପରେ ଯେଉଁ ନୀଳରଙ୍ଗ ଦେଖାଯାଉଛି ପୁଣି ଜଳରେ ଯାହାର ଛାଇ ପଡୁଛି , ତାହା କଣ ?

ସିଦ୍ଧାନ୍ତୀ - ତାହା କେବଳ ପୃଥିବୀ ପୃଷ୍ଠରୁ ଉପରକୁ ଉଡ଼ି ଯାଇଥିବା ଜଳ, ଧୂଳି ଓ ଅଗ୍ନିକଣା ବିଶେଷ । ଜଳୀୟ ବାଷ୍ପ ଯଦି ଉପରକୁ ଉଠିଯାଉ ନ ଥାନ୍ତା, ତେବେ ବର୍ଷାଜଳ କେଉଁଠାରୁ ଆସନ୍ତା ? ଏଣୁ ବହୁ ଦୂରରେ ଯାହା ତମ୍ବୁଭଳି ଦେଖାଯାଉଛି ତାହା ହେଉଛି ଜଳଚକ୍ର । କୁହୁଡ଼ି ଯେପରି ଦୂରରୁ ଦେଖିଲେ ମେଘପରି ଦେଖାଯାଏ, କିନ୍ତୁ ନିକଟରେ ଛିନ୍ନଭିନ୍ନ ହୋଇଯାଏ, ସେହିପରି ଆକାଶରେ ଜଳୀୟ ବାଷ୍ପସମୂହ ମାତ୍ର ଦେଖାଯାଏ ।

ବେଦାନ୍ତୀ - ତା' ହେଲେ ଆମ୍ଭର ରଜ୍ଜୁ, ସର୍ପ ଓ ସ୍ୱପ୍ନାଦି ଦୃଷ୍ଟାନ୍ତ କଣ ମିଥ୍ୟା ?

ସିଦ୍ଧାନ୍ତୀ - ନା, ତୁମ୍ଭର କେବଳ ବୁଝିବା ମିଥ୍ୟା । ଏସବୁ ପୂର୍ବରୁ ଆମେ ଉଲ୍ଲେଖ କରିଛୁ । ବର୍ତ୍ତମାନ ତୁମ୍ଭେ କହିଲ ଦେଖି ଅଜ୍ଞାନ କାହାକୁ ହୁଏ ?

ବେଦାନ୍ତୀ - ବ୍ରହ୍ମକୁ ।

ସିଦ୍ଧାନ୍ତୀ - ସେହି ବ୍ରହ୍ମ ଅଳ୍ପଜ୍ଞ କି ସର୍ବଜ୍ଞ ?

ବେଦାନ୍ତୀ - ବ୍ରହ୍ମ ସର୍ବଜ୍ଞ ନୁହନ୍ତି କି ଅଳ୍ପଜ୍ଞ ନୁହନ୍ତି । ଯେଣୁ ଅଳ୍ପଜ୍ଞତା ଓ ସର୍ବଜ୍ଞତା କେବଳ ଉପାଧି ଲକ୍ଷଣ ଅର୍ଥାତ୍ ଉପାଧି ପରିବେଷ୍ଟିତ ବ୍ୟକ୍ତିଙ୍କୁ ସର୍ବଜ୍ଞ ବା ଅଳ୍ପଜ୍ଞ କୁହାଯାଏ ।

ସିଦ୍ଧାନ୍ତୀ—ଉପାଧିଯୁକ୍ତ ହୋଇ କିଏ ରହେ ?

ବେଦାନ୍ତୀ—ବ୍ରହ୍ମ ।

ସିଦ୍ଧାନ୍ତୀ— ତେବେ ବ୍ରହ୍ମ ହେଉଛନ୍ତି ସର୍ବଜ୍ଞ ଓ ଅଳ୍ପଜ୍ଞ । ତୁମ୍ଭେ କାହିଁକି ସର୍ବଜ୍ଞ ଓ ଅଳ୍ପଜ୍ଞର ନିଷେଧ କରୁଥିଲ ? ଯଦି କହିବ ଉପାଧି ସତ୍ୟ ନୁହେଁ,କଳ୍ପନାମାତ୍ର, ତେବେ କିଏ କଳ୍ପନା କରେ ?

ବେଦାନ୍ତୀ— ଜୀବ ଓ ବ୍ରହ୍ମ ଏକ ପଦାର୍ଥ ହୋଇପାରେ କି ନା ?

ସିଦ୍ଧାନ୍ତୀ— ଭିନ୍ନ ପଦାର୍ଥ । ଯଦି ଜୀବ ବ୍ରହ୍ମ ହୋଇଥାନ୍ତା ତେବେ ସେ ମିଥ୍ୟା କଳ୍ପନା କରନ୍ତା ନାହିଁ । ଅର୍ଥାତ୍ ମିଥ୍ୟା କଳ୍ପନାକାରୀ ବ୍ରହ୍ମ ନୁହେଁ । ଯାହାର କଳ୍ପନା ମିଥ୍ୟା ସେ କେବେହେଁ ସତ୍ୟ ହୋଇ ନ ପାରେ ।

ବେଦାନ୍ତୀ - ସତ୍ୟ ଓ ଅସତ୍ୟକୁ ଆମେ ମିଥ୍ୟା ବୋଲି ମନେ କରୁଁ । ବଚନରେ ଯାହା ପ୍ରକାଶ କରାଯାଏ ତାହା ମଧ୍ୟ ମିଥ୍ୟା ।

ସିଦ୍ଧାନ୍ତୀ— ତୁମ୍ଭେ ଯେଣୁ ମିଥ୍ୟା କହୁଛ ଓ ମିଥ୍ୟାକୁ ସ୍ୱୀକାର କରୁଛ, ତେଣୁ ତୁମ୍ଭେ ମିଥ୍ୟାବାଦୀ ନୁହଁ କି ?

ବେଦାନ୍ତୀ— ମିଥ୍ୟା ଓ ସତ୍ୟ ଆମ୍ଭର କଳ୍ପନା ମାତ୍ର, ଅନ୍ୟ କିଛି ନୁହେଁ । ଆତ୍ମା କେବଳ ଉଭୟ ମଧ୍ୟରେ ସାକ୍ଷୀ ସ୍ୱରୂପ ଅଧିଷ୍ଠିତ ।

ସିଦ୍ଧାନ୍ତୀ— ତୁମର ସତ୍ୟ ଓ ମିଥ୍ୟା ମଧ୍ୟରେ ଯଦି କୌଣସି ପ୍ରକାର ଭେଦ ନାହିଁ, ତେବେ ତୁମେ ଏକାବେଳକେ ଚୋର ଓ ସାଧୁ ଲୋକ ହୋଇପାର । ତୁମ୍ଭ କଥାରେ କେହି ଆସ୍ଥା ରଖିବେ ନାହିଁ । ଏଣୁ ତୁମେ ପ୍ରାମାଣିକ ନୁହଁ । ଯେଉଁ ବ୍ୟକ୍ତି ସର୍ବଦା ସତ୍ୟ କହେ, ସତ୍ୟକୁ ସ୍ୱୀକାର କରେ ଓ ସତ୍‌କାର୍ଯ୍ୟ କରେ, ମିଥ୍ୟାକୁ ସ୍ୱୀକାର କରେ ନାହିଁ, ମିଥ୍ୟା କହେ ନାହିଁ ଓ ମିଥ୍ୟାଚରଣ କରେ ନାହିଁ, ସେ ହେଉଛି କେବଳ ପ୍ରାମାଣିକ । ତୁମ କଥାକୁ ତୁମେ ଯଦି ମିଥ୍ୟା ବୋଲି କହୁଛ, ତେଣୁ ତୁମ୍ଭେ ଜଣେ ଅନାପ୍ତ ଓ ମିଥ୍ୟାବାଦୀ ।

ବେଦାନ୍ତୀ— ଅନାଦି ମାୟା, ଯିଏ କି ବ୍ରହ୍ମର ଆଶ୍ରୟରେ ରହେ ଓ ବ୍ରହ୍ମଙ୍କୁ ଆବରଣ କରି ରଖେ, ତାହାକୁ ତୁମେ ସ୍ୱୀକାର କରୁଛ କି ନାହିଁ ?

ସିଦ୍ଧାନ୍ତୀ— ନା,ସ୍ୱୀକାର କରୁନାହୁଁ । କାରଣ ତୁମ୍ଭେ ମାୟାର ଅର୍ଥ ଏପରି କରୁଛ ଯେ ଯେଉଁ ବସ୍ତୁ ନାହିଁ କିନ୍ତୁ ଦେଖାଯାଉଛି । ଯେଉଁ ବ୍ୟକ୍ତିର ଆଖି ଫୁଟି ଯାଇଥିବ ଏ କଥାକୁ ସେ କେବଳ ସ୍ୱୀକାର କରିବ । କାରଣ ଯାହା ନାହିଁ, ତାହାର ଦୃଶ୍ୟ ସର୍ବଥା ଅସମ୍ଭବ । ଯେପରି କି ବନ୍ଧ୍ୟା ସ୍ତ୍ରୀର ପୁତ୍ରରଛବି ଆଙ୍କିବା ସମ୍ଭବନୁହେଁ । ଛାନ୍ଦୋଗ୍ୟ ଉପନିଷଦ୍‌ରେ କୁହାଯାଇଛି· · · ·

ସନ୍ମୂଳାଃ ସୋମ୍ୟେମାଃ ପ୍ରଜାଃ । ଅର୍ଥାତ୍ ଏହି ଦୃଶ୍ୟମାନ ଜଗତର ମୂଳ ଉପାଦାନ କାରଣ ରହିଛି । ତୁମର କଥା ଏହି ଉପନିଷଦ୍ ବାକ୍ୟର ବିରୁଦ୍ଧାଚରଣ କରୁଛି କି ନାହିଁ ?

ବେଦାନ୍ତୀ— ବଶିଷ୍ଠ, ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆରମ୍ଭ କରି ନିଶ୍ଚଳ ଦାସଙ୍କ ପର୍ଯ୍ୟନ୍ତ, ଯେଉଁମାନେ ତୁମ୍ଭଠାରୁ ଅଧିକ ବିଦ୍ୱାନ୍ ଓ ଜ୍ଞାନୀ ସେମାନଙ୍କ କଥିତ ବିଷୟକୁ ତୁମ୍ଭେ ଖଣ୍ଡନ କରିଦେଉଛ । ଆମ୍ଭେ ଏମାନଙ୍କୁ ଅଧିକ ବଡ଼ ପଣ୍ଡିତ ବୋଲି ସ୍ୱୀକାର କରୁଁ ।

ସିଦ୍ଧାନ୍ତୀ— ତୁମ୍ଭେ ନିଜେ ବିଦ୍ୱାନ୍ ଅଟ କି ଅବିଦ୍ୱାନ୍ ?

ବେଦାନ୍ତୀ— ଆମ୍ଭେ କେତେକାଂଶରେ ବିଦ୍ୱାନ୍ ଅଟୁଁ ।

ସିଦ୍ଧାନ୍ତୀ— ତେବେ ତୁମ୍ଭେ ବଶିଷ୍ଠ, ଶଙ୍କରାଚାର୍ଯ୍ୟ ଓ ନିଶ୍ଚଳ ଦାସଙ୍କ ସପକ୍ଷରେ ଯୁକ୍ତି ଉପସ୍ଥାପନ କର, ଆମ୍ଭେ ତାହା ଖଣ୍ଡନ କରିବୁ । ଯେଉଁ ପକ୍ଷର ଜୟ ହେବ ସେ

ବଡ଼ ପଣ୍ଡିତ ବୋଲି ବିବେଚିତ ହେବ ।ତାଙ୍କର ଓ ତୁମର ଯୁକ୍ତି ଯଦି ଅଖଣ୍ଡନୀୟ ତେବେ ତୁମେ ଆମର ଯୁକ୍ତିକୁ ଖଣ୍ଡନ କରୁନାହଁ କାହିଁକି ?ଖଣ୍ଡନ କଲେ ସିନା ତୁମ୍ଭର ଯୁକ୍ତି ଗ୍ରହଣୀୟ ହେବ ! ବୋଧହୁଏ ଶଙ୍କରାଚାର୍ଯ୍ୟ ପ୍ରଭୃତି ଜୈନମତର ଖଣ୍ଡନ ପାଇଁ ଏପ୍ରକାର ମତ ବ୍ୟକ୍ତ କରିଥିଲେ । କାରଣ, ସ୍ୱାର୍ଥସିଦ୍ଧିପାଇଁ ଅନେକ ବିଦ୍ୱାନ୍ ମଧ୍ୟ ନିଜ ପକ୍ଷକୁ ସମର୍ଥନ କରିବାପାଇଁ ଆପଣାର ଆତ୍ମଜ୍ଞାନ ଓ ବିବେକ ବିରୁଦ୍ଧ ହୋଇଥିଲେ ମଧ୍ୟ ଦେଶ, କାଳ, ପାତ୍ର ଅନୁସାରେ କେତେକ ମତ ପ୍ରକାଶ କରିବାକୁ ବାଧ୍ୟ ହୋଇଥାନ୍ତି । ଶଙ୍କରାଚାର୍ଯ୍ୟ "ଜୀବ ଓ ଈଶ୍ୱର ଏକ" ପୁଣି "ଜଗତ୍ ମିଥ୍ୟା" ଏ ସବୁକୁ କହୁଥିଲେ ଓ ସତ୍ୟ ବୋଲି ମନେ କରୁଥିଲେ, କିନ୍ତୁ ପ୍ରକୃତରେ ତାହା ସତ୍ୟ ନୁହେଁ । ନିଶ୍ଚଳ ଦାସଙ୍କ ପାଣ୍ଡିତ୍ୟକୁ ଦେଖ । ସେ ବୃତ୍ତି ପ୍ରଭାକର ନାମକ ପୁସ୍ତକରେ ଲେଖିଛନ୍ତି ······

" ଜୀବୋ ବ୍ରହ୍ମାଭିନ୍ନଶ୍ଚେତନତ୍ୱାତ୍" ॥

ଜୀବ ଓ ବ୍ରହ୍ମର ଏକତା ବିଷୟରେ ଅନୁମାନ କରି ଲେଖିଛନ୍ତି ଯେ, ଚେତନ ହୋଇଥିବାରୁ ଜୀବ ବ୍ରହ୍ମଠାରୁ ଭିନ୍ନ ନୁହେଁ । ଅଳ୍ପଜ୍ଞାନଥିବା ପୁରୁଷର କଥା ଭଳି ଏହା ଜଣାପଡୁଛି । କାରଣ ସାମର୍ଥ୍ୟ ମାତ୍ରକେ ଜଣକର ଅନ୍ୟ ସହିତ ଏକତା ହୁଏ ନାହିଁ । ଯେଣୁ ଉଭୟ ମଧ୍ୟରେ ବୈଧର୍ମ୍ୟ ହେତୁ ଏକ ବସ୍ତୁ ଅପରଠାରୁ ଭିନ୍ନ ହୋଇଥାଏ । ଯଦି କେହି କହେ **"ପୃଥିବୀ ଜଳାଭିନ୍ନା ଜଡ଼ତ୍ୱାତ୍"** ପୃଥିବୀ ଓ ଜଳ ଉଭୟେ ଜଡ଼ ହୋଇଥିବାରୁ ଜଳ ଓ ପୃଥିବୀ ଅଭିନ୍ନ, ଏହି ଉକ୍ତି ଯେପରି ଅଯୌକ୍ତିକ ଓ ଅସଙ୍ଗତ, ନିଶ୍ଚଳ ଦାସଙ୍କ ଲକ୍ଷଣ ନିରୂପଣ ମଧ୍ୟ ସେପରି ହାସ୍ୟାସ୍ପଦ । କାରଣ ଅଳ୍ପ, ଅଳ୍ପଜ୍ଞତା ଓ ଭ୍ରାନ୍ତିମତ୍ତ୍ୱାଦି ଧର୍ମ ଜୀବଠାରେ ବ୍ରହ୍ମର ବିରୁଦ୍ଧ ପୁଣି ସର୍ବଜ୍ଞତା, ଅସୀମତ୍ୱ, ନିର୍ଭ୍ରାନ୍ତି ଇତ୍ୟାଦି ବୈଧର୍ମ୍ୟ ବ୍ରହ୍ମରେ ଜୀବର ବିରୁଦ୍ଧ ହେତୁ ବ୍ରହ୍ମ ଓ ଜୀବ ଭିନ୍ନ ଭିନ୍ନ ଅଟନ୍ତି । ଯେପରି ଗନ୍ଧବତ୍ୱ, କଠିନତ୍ୱ ପ୍ରଭୃତି ଭୂମିର ଧର୍ମ , ରସବତ୍ୱ, ଦ୍ରବତ୍ୱାଦି ଜଳର ଧର୍ମ, ଉଭୟଙ୍କ ଧର୍ମରେ ବିରୁଦ୍ଧ ଗୁଣ ଥିବାରୁ ପୃଥିବୀ ଓ ଜଳ ଏକ ନୁହେଁ । ସେହିପରି ଜୀବ ଓ ବ୍ରହ୍ମର ବୈଧର୍ମ୍ୟ ଥିବାରୁ ଜୀବ ଓ ବ୍ରହ୍ମ ଏକ ନୁହନ୍ତି, ଏକ ନଥିଲେ ବି ହେବେନାହିଁ । ଏହି ଦୃଷ୍ଟାନ୍ତରୁ ନିଶ୍ଚଳ ଦାସଙ୍କ ପାଣ୍ଡିତ୍ୟ କେତେ ଥିଲା ତା ବିଚାର କରନ୍ତୁ । ପୁଣି ସେ ଯୋଗବାସିଷ୍ଠ ରଚନା କରିଛନ୍ତି, ବୋଧହୁଏ ସେ ମଧ୍ୟ ତୁମପରି ଆଧୁନିକ ବେଦାନ୍ତୀ ଥିଲେ । ସେ ବାଲ୍ମୀକି ନୁହନ୍ତି, କିମ୍ବା ବଶିଷ୍ଠ ନୁହନ୍ତି, କି ତାହା

ରାମଚନ୍ଦ୍ରଙ୍କ କହିବା ଶୁଣିବ କଥା ନୁହେଁ । କାରଣ ସେମାନେ ସମସ୍ତେ ବୈଦିକ ଧର୍ମାବଲମ୍ବୀ ଥିଲେ । ତେଣୁ ସେମାନେ କେବେ ବେଦ ବିରୋଧୀ ରଚନା କରି ନଥିବେ, କହି ନଥିବେ କିମ୍ବା କରି ନଥିବେ ।

ପ୍ରଶ୍ନ :— ବ୍ୟାସ ଯେଉଁ "ଶାରୀରିକ ସୂତ୍ର" ରଚନା କରିଛନ୍ତି, ତହିଁରେ ମଧ୍ୟ ଜୀବ ଓ ବ୍ରହ୍ମକୁ ଏକ ବୋଲି ଉଲ୍ଲେଖ କରାଯାଇଛି ॥ ଯଥା- ····

ସଂପଦ୍ୟାବିର୍ଭାବଃ ସ୍ୱେନ ଶବ୍ଦାତ୍ ॥୧॥

ବ୍ରାହ୍ମେଣ ଜୈମିନିରୁପନ୍ୟାସାଦିଭ୍ୟଃ ॥୨॥

ଚିତିତନ୍ମାତ୍ରେଣ ତଦାତ୍ମକତ୍ୱାଦିତ୍ୟୌଡୁଲୋମିଃ ॥୩॥

ଏବମପ୍ୟୁପନ୍ୟାସତ୍ ପୂର୍ବଭାବାଦବିରୋଧଂ ବାଦରାୟଣଃ ॥୪॥

ଅତଏବ ଚାନନ୍ୟାଧିପତିଃ ॥୬॥

(ବେଦାନ୍ତ ଦର୍ଶନ ଅ-୪-ପାଦ-୪-ସୂତ୍ର୧,୫,୭,୯)

ଅର୍ଥାତ୍ ଜୀବ ନିଜର ସ୍ୱରୂପ ଅର୍ଥାତ୍ ବ୍ରହ୍ମ ସ୍ୱରୂପ ପ୍ରାପ୍ତ ହୋଇ ପ୍ରକଟିତ ହୁଏ । କାରଣ ସ୍ୱଶବ୍ଦଦ୍ୱାରା ନିଜର ବ୍ରହ୍ମସ୍ୱରୂପ ଗୃହୀତହୁଏ ।୧। ଜୈମିନି ଆଚାର୍ଯ୍ୟଙ୍କ ମତ ହେଉଛି ····· ଆତ୍ମା ଓ ବ୍ରହ୍ମ ଏକ ପଦାର୍ଥ, ଯେଣୁ **" ଅୟମାତ୍ମାଅପହତପାପ୍ମା"** (ଛାଂ.ଉ. ୮-୭-୧) ଇତ୍ୟାଦି ଉପନ୍ୟାସ ଐଶ୍ୱର୍ଯ୍ୟ ପ୍ରାପ୍ତି ପର୍ଯ୍ୟନ୍ତ ହେତୁଦ୍ୱାରା ଜୀବ ବ୍ରହ୍ମ ସ୍ୱରୂପରେ ଅବସ୍ଥାନ କରେ ତେଣୁ ଜୀବ ଓ ବ୍ରହ୍ମର ଏକତା ପ୍ରତିପାଦିତ ହୁଏ ॥୨॥ ଔଡୁଲୋମି ଆଚାର୍ଯ୍ୟଙ୍କ ମତରେ କିନ୍ତୁ ମୁକ୍ତ ଜୀବ ଚୈତନ୍ୟମାତ୍ର ସ୍ୱରୂପ ଲାଭ କରି ବ୍ରହ୍ମରେ ଅବସ୍ଥାନ କରେ । ଯେଣୁ ବୃହଦାରଣ୍ୟକାଦି ଉପନିଷଦ୍‌ର ବାକ୍ୟଦ୍ୱାରା ଆତ୍ମାର ବ୍ରହ୍ମ ସ୍ୱରୂପ ନିରୂପଣ କରାଯାଇଛି ॥୩॥ ଉପନିଷଦ୍‌ର ସେହି ବାକ୍ୟର ପ୍ରମାଣାନୁସାରେ ବ୍ରହ୍ମରୁ ଜୀବ ଭିନ୍ନ ନୁହେଁ ବୋଲି ବ୍ୟାସଦେବ ମତ ଦେଇଛନ୍ତି ॥୪॥ ଯୋଗୀ ଯେତେବେଳେ ବ୍ରହ୍ମ ସ୍ୱରୂପକୁ ଲାଭ କରି ଐଶ୍ୱର୍ଯ୍ୟବାନ୍ ହୁଏ, ସେତେବେଳେ ସେ ଅନ୍ୟ କାହାର ଆଧିପତ୍ୟକୁ ସ୍ୱୀକାର କରେ ନାହିଁ । ନିଜର ଓ ଅନ୍ୟ ସମସ୍ତଙ୍କର ନିଜେ ଅଧିପତି ହୋଇ ମୁକ୍ତ ଭାବରେ ବ୍ରହ୍ମରେ ଅବସ୍ଥାନ କରେ ॥୫॥

ସିଦ୍ଧାନ୍ତୀ :— ଏହି ସୂତ୍ର ଗୁଡିକର ପ୍ରକୃତ ଅର୍ଥ ଏପରି ନୁହେଁ । ଏହାର ପ୍ରକୃତ ଅର୍ଥ

ହେଉଛି…… ଯେ ପର୍ଯ୍ୟନ୍ତ ଜୀବ ନିଜର ଶୁଦ୍ଧ ସ୍ୱରୂପକୁ ଲାଭ କରି, ନିର୍ମଳ ଓ ପବିତ୍ର ହୁଏ ନାହିଁ, ସେ ପର୍ଯ୍ୟନ୍ତ ଯୋଗଦ୍ୱାରା ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇ, ଅନ୍ତର୍ଯ୍ୟାମି ପରମେଶ୍ୱରଙ୍କୁ ଲାଭ କରି ପ୍ରକୃତ ଆନନ୍ଦ ଉପଭୋଗ କରିପାରେ ନାହିଁ ॥୨॥ ଯଦି କୌଣସି ଜୀବ ଯୋଗ-ସାଧନାଦ୍ୱାରା ପାପଶୂନ୍ୟ ଓ ଐଶ୍ୱର୍ଯ୍ୟ ଯୁକ୍ତ ହୁଏ, ତେବେ ସେ ମୁକ୍ତି ଲାଭକରି ବ୍ରହ୍ମଙ୍କ ସହିତ ପରମାନନ୍ଦ ଭୋଗକରେ । ଏହା ହେଉଛି ଜୈମିନି ଆଚାର୍ଯ୍ୟଙ୍କ ମତ ॥୩॥ ଔଡୁଲୋମି ଆଚାର୍ଯ୍ୟଙ୍କ ମତ ହେଉଛି …… ଯେତେବେଳେ ଜୀବ ଅବିଦ୍ୟାଦି ଦୋଷରହିତ ହୋଇ ଶୁଦ୍ଧ ଚୈତନ୍ୟମାତ୍ର ସ୍ୱରୂପରେ ସ୍ଥିର ରହେ, ସେତେବେଳେ ସେ ତଦାତ୍ମକତ୍ୱ ଅର୍ଥାତ୍ ବ୍ରହ୍ମସ୍ୱରୂପ ସହିତ ଆନନ୍ଦ ଭୋଗ କରେ ॥୪॥ ଯେତେବେଳେ ଜୀବ ବ୍ରହ୍ମ ସଙ୍ଗ ଲାଭକରି ଶୁଦ୍ଧ ନିଷ୍ପାପ ହୁଏ, ବିବିଧ ଜ୍ଞାନ ଲାଭକରି ଐଶ୍ୱର୍ଯ୍ୟଶାଳୀ ଓ ଜୀବନ୍ମୁକ୍ତ ହୁଏ, ସେତେବେଳେ ସେ ନିଜର ପୂର୍ବ ଶୁଦ୍ଧ ସ୍ୱରୂପ ଉପଲବ୍ଧ କରି ପରମାନନ୍ଦ ଲାଭ କରେ, ବ୍ୟାସଦେବ ଏହି ମତ ପୋଷଣ କରନ୍ତି ॥୫॥ ଯେତେବେଳେ ଯୋଗୀଜନମାନେ ସତ୍ୟସଙ୍କଳ୍ପଯୁକ୍ତ ହୁଅନ୍ତି, ସେତେବେଳେ ସେମାନେ ନିଜେ ପରମେଶ୍ୱରଙ୍କୁ ଲାଭକରି ସୁଖଭୋଗ କରନ୍ତି । ମୁକ୍ତାବସ୍ଥାରେ ସେମାନେ ସମସ୍ତେ ସ୍ୱାଧୀନ ହୋଇ ରହନ୍ତି । ପରସ୍ପର ମଧ୍ୟରେ ଏକତା ଓ ସୌହାର୍ଦ୍ଦ୍ୟ ବଳବତ୍ତର ରହେ । ଏଠାରେ ଯେପରି ଉଚ୍ଚ-ନୀଚ୍, ସାନ-ବଡ଼ର ଭେଦ ରହିଛି ସେଠାରେ ସେପରି ଭେଦ ନଥାଏ । ଯଦି ଏପରି ହୋଇ ନଥାନ୍ତା, ତେବେ ଏପରି ଉଲ୍ଲେଖ ରହାନ୍ତା ନଥାନ୍ତା ………

ନେତରୋଽନୁପପତ୍ତେଃ ॥୧॥ (୧-୧-୧୬)

ଭେଦବ୍ୟପଦେଶାଚ୍ଚ ॥୨॥ (୧-୧-୧୭)

ବିଶେଷଣ ଭେଦବ୍ୟପଦେଶାଭ୍ୟାଂ ଚ ନେତରୌ ॥୩॥ (୧-୧-୨୨)

ଅସ୍ମିନ୍ନସ୍ୟ ଚ ତଦ୍ୟୋଗଂ ଶାସ୍ତି ॥୪॥ (୧-୧-୧୯)

ଅନ୍ତସ୍ତଦ୍ଧର୍ମୋପଦେଶାତ୍ ॥୫॥ (୧-୧-୨୦)

ଭେଦବ୍ୟପଦେଶାଚ୍ଚାନ୍ୟଃ ॥୬॥ (୧-୧-୨୧)

ଗୁହାଂ ପ୍ରବିଷ୍ଟାବାତ୍ମାନୌ ହି ତଦ୍ଦର୍ଶନାତ୍ ॥୭॥ (୧-୨-୧୧)

ଅନୁପପତ୍ତେସ୍ତୁ ନ ଶାରୀରଃ ॥୮॥ (୧-୨-୩)

ଅନ୍ତର୍ଯ୍ୟାମ୍ୟଧିଦୈବାଦିଷୁ ତଦ୍ଧର୍ମବ୍ୟପଦେଶାତ୍ ॥୯॥ (୧-୨-୧୮)

ଶାରୀର ଶ୍ଚୋଭୟେଽପିହି ଭେଦେନୈନମଧୀୟତେ ।୧୦। (୧-୨-୨୦)

(ବ୍ୟାସମୁନିକୃତ ବେଦାନ୍ତ ସୂତ୍ରାଣି)

ବ୍ରହ୍ମ ବ୍ୟତୀତ ଅନ୍ୟ କେହି ସୃଷ୍ଟିକର୍ତ୍ତା ହୋଇପାରନ୍ତି ନାହିଁ । କାରଣ ଅଳ୍ପଜ୍ଞ ଓ ସ୍ୱଳ୍ପସାମର୍ଥ୍ୟବାନ୍ ଜୀବଠାରେ ସୃଷ୍ଟିକର୍ତ୍ତୃତ୍ୱ ସମ୍ଭବପର ନୁହେଁ । ଏଣୁ ଜୀବ ବ୍ରହ୍ମ ନୁହେଁ ॥୧॥ " ରସଂ ହ୍ୟେବାୟଂ ଲବ୍ଧ୍ୱାନନ୍ଦୀ ଭବତି " (ତୈତ୍ତିରୀୟ ଉପନିଷଦ୍ ବ୍ର· ବଲ୍ଲୀ· ଅନୁ·୭) ଏହି ପ୍ରମାଣାନୁଯାୟୀ ଜୀବ ଓ ବ୍ରହ୍ମ ଭିନ୍ନ ଭିନ୍ନ ପଦାର୍ଥ । ଯଦି ଜୀବ ଓ ବ୍ରହ୍ମ ମଧ୍ୟରେ ପ୍ରଭେଦ ନଥାନ୍ତା, ତେବେ ଜୀବ ବ୍ରହ୍ମକୁ ପ୍ରାପ୍ତ ହୋଇ ପରମାନନ୍ଦ ଲାଭ କରେ ଅର୍ଥାତ୍ ଆନନ୍ଦ ସ୍ୱରୂପ ବ୍ରହ୍ମକୁ ଲାଭ କରି ନିଜେ ମଧ୍ୟ ଆନନ୍ଦ ସ୍ୱରୂପ ହୋଇଯାଏ । ଏହି ପ୍ରାପ୍ତି ବିଷୟ ବ୍ରହ୍ମ ଓ ପ୍ରାପ୍ତ ହେବା ବ୍ୟକ୍ତି ଜୀବ- ଏହି ନିରୂପଣ ସତ୍ୟ ହୁଅନ୍ତା ନାହିଁ । ଏଣୁ ଜୀବ ଓ ବ୍ରହ୍ମ କଦାପି ଏକ ନୁହନ୍ତି ।

ଦିବ୍ୟୋ ହ୍ୟମୂର୍ତ୍ତଃ ପୁରୁଷଃ ସ ବାହ୍ୟାଭ୍ୟନ୍ତରେ ହ୍ୟଜଃ ।
ଅପ୍ରାଣୋ ହ୍ୟମନାଃ ଶୁଭ୍ରୋ ହ୍ୟକ୍ଷରାତ୍ପରତଃ ପରଃ ॥

(ମୁଣ୍ଡକୋପନିଷଦ୍ ମୁ·୨ ଖ·୧ ମ·୨)

ପ୍ରକୃତି ଓ ଜୀବଠାରୁ ବ୍ରହ୍ମ ଭିନ୍ନ ଅଟନ୍ତି, ଏହା ହେଉଛି ଉପନିଷଦର ପ୍ରତିପାଦ୍ୟ ବିଷୟ । ଦିବ୍ୟ, ଶୁଦ୍ଧ, ମୂର୍ତ୍ତିରହିତ, ସର୍ବତ୍ରପୂର୍ଣ୍ଣ, ଭିତରେ ବାହାରେ ନିରନ୍ତର ବ୍ୟାପକ, ଅଜ, ଜନ୍ମମରଣ ରହିତ, ଶ୍ୱାସ, ପ୍ରଶ୍ୱାସ, ଶରୀର, ମନ ଇତ୍ୟାଦି ସମ୍ବନ୍ଧ ବିବର୍ଜିତ, ପ୍ରକାଶ ସ୍ୱରୂପ ଇତ୍ୟାଦି ପରମାତ୍ମାଙ୍କର ବିଶେଷଣ ଓ ଅକ୍ଷରନାଶ ରହିତ ପ୍ରକୃତିଠାରୁ ପର ଅର୍ଥାତ୍ ସୂକ୍ଷ୍ମ ଜୀବ ପରମେଶ୍ୱରଙ୍କଠାରୁ ଭିନ୍ନ ଅର୍ଥାତ୍ ବ୍ରହ୍ମ, ସୂକ୍ଷ୍ମ ଅଟନ୍ତି ॥୩॥ ଏହି ସର୍ବବ୍ୟାପକ ବ୍ରହ୍ମରେ ଜୀବର ଯୋଗ ବା ଜୀବରେ ବ୍ରହ୍ମରଯୋଗ ପ୍ରତିପାଦନ କରାଯାଇଛି । ପଦାର୍ଥ ଭିନ୍ନ ଭିନ୍ନ ନହେଲେ କଦାପି ଯୋଗ ହୋଇପାରେ ନାହିଁ । ତେଣୁ ପ୍ରତିପାଦିତ ହେଉଛି ଯେ ଜୀବ ଓ ବ୍ରହ୍ମ ଭିନ୍ନ, କଦାପି ଏକ ନୁହନ୍ତି ॥୪॥ ବ୍ରହ୍ମଙ୍କୁ ଅନ୍ତର୍ଯ୍ୟାମୀ, ସର୍ବବ୍ୟାପକ କୁହାଯାଇଛି ।ସମସ୍ତ ଜୀବ ମାନଙ୍କରେ ବ୍ୟାପକଥିବାହେତୁ ବ୍ୟାପ୍ୟ ଜୀବ ବ୍ୟାପକ ବ୍ରହ୍ମଠାରୁ ନିଶ୍ଚିତରୂପେ ଭିନ୍ନ ଯେଣୁ ଦିଓଟି ଭିନ୍ନ ପଦାର୍ଥ ମଧ୍ୟରେ କେବଳ ବ୍ୟାପ୍ୟ, ବ୍ୟାପକ ସମ୍ବନ୍ଧ

ରହିପାରେ ।।୫।। ସାଧାରଣ ଜୀବମାନଙ୍କଠାରୁ ପରମାତ୍ମା ଯେପରି ଭିନ୍ନ, ସେହିପରି ଇନ୍ଦ୍ରିୟ, ଅନ୍ତଃକରଣ, ପୃଥିବୀ ଆଦି ଭୂତ, ପୁଣି ଦିଶ,ବାୟୁ ଓ ସୂର୍ଯ୍ୟାଦି ଦିବ୍ୟଗୁଣର ଉପଭୋଗକାରୀ ଦେବପଦବାଚ୍ୟ ବିଦ୍ୱାନ୍ ବ୍ୟକ୍ତିମାନଙ୍କଠାରୁ ମଧ୍ୟ ଭିନ୍ନ ଅଟନ୍ତି ।।୬।। **"ଗୁହାଂ ପ୍ରବିଷ୍ଟୌ ସୁକୃତସ୍ୟ ଲୋକେ"** (ତୁଳନା-କଠୋପନିଷଦ୍ ଅ୧ ବଲ୍ଲୀ ୩-୧) ଏହି ବଚନାନୁସାରେ ଜୀବ ଓ ପରମାତ୍ମା ଭିନ୍ନ ଅଟନ୍ତି । ଯେଣୁ ମାନବ ହୃଦୟରେ ପରମାର୍ଥିକ ଓ ଲୌକିକ ଏପରି ଦୁଇଟି ଭାବ ନିହିତ ହୋଇ ରହିଛି । ଉପନିଷଦ୍‌ରେ ଏପରି ଅନେକ ଦୃଷ୍ଟାନ୍ତ ରହିଛି ।।୭।। **"ଶରୀରେଭବ ଶାରୀରଃ"**ଜୀବ ହେଉଛି ଶରୀର ଧାରୀ । ଶରୀରଧାରୀ ଜୀବକଦାପି ବ୍ରହ୍ମ ହୋଇ ନପାରେ । ଯେଣୁ ବ୍ରହ୍ମର ଗୁଣ, କର୍ମ, ସ୍ୱଭାବ ଜୀବଠାରେ ସମ୍ଭବ ନୁହେଁ ।।୮।। ଅଧିଦୈବ= ମନ ଆଦି ଇନ୍ଦ୍ରିୟାଦି ପଦାର୍ଥ, ଅଧିଭୂତ= ପୃଥିବ୍ୟାଦି ଭୂତ ପଦାର୍ଥ, ପୁଣି ଅଧ୍ୟାତ୍ମ= ସକଳ ଜୀବ, ଏହି ସବୁଥିରେ ପରମାତ୍ମା ଅନ୍ତର୍ଯ୍ୟାମୀ ରୂପରେ ବିଦ୍ୟମାନ ଅଛନ୍ତି । କାରଣ ପରମାତ୍ମାଙ୍କର ଏହି ସର୍ବବ୍ୟାପକତାସମସ୍ତ ଉପନିଷଦ୍‌ରେ ବ୍ୟାଖ୍ୟା କରାଯାଇଛି । ଏଣୁ ଜୀବଠାରୁ ବ୍ରହ୍ମ ପୃଥକ୍ ।।୯।। ଶରୀରଧାରୀ ଜୀବ ବ୍ରହ୍ମ ହୋଇପାରିବ ନାହିଁ । ଯେଣୁ ଜୀବ ଓ ବ୍ରହ୍ମର ସ୍ୱଭାବ ହେଉଛି ଭିନ୍ନ ଭିନ୍ନ ।।୧୦।। ଶାରୀରିକ ସୂତ୍ରରେ ମଧ୍ୟ ଜୀବ ଓ ବ୍ରହ୍ମ ମଧ୍ୟରେ ଥିବା ପ୍ରଭେଦମାନ ବର୍ଣ୍ଣିତ ହୋଇଛି । ସେହିପରି ବେଦାନ୍ତୀମାନଙ୍କର ଉପକ୍ରମ ଓ ଉପସଂହାର ଅର୍ଥାତ୍ ସୃଷ୍ଟି ଓ ପ୍ରଳୟ କ୍ରମର ମଧ୍ୟ କୌଣସି ବ୍ୟତିକ୍ରମ ହେଉନାହିଁ । ଏହି ବେଦାନ୍ତୀମାନଙ୍କ ମତରେ ଆରମ୍ଭରେ ଏହି ଜଗତ୍ ବ୍ରହ୍ମଠାରୁ ଉତ୍ପତ୍ତି ହୁଏ ପୁଣି ପ୍ରଳୟ ସମୟରେ ସେହି ବ୍ରହ୍ମରେ ଜଗତ୍ ବିଲୀନ ହୋଇଯାଏ । ଯେତେବେଳେ ଅନ୍ୟ କୌଣସି ବସ୍ତୁକୁ ଗ୍ରହଣ କରାଯାଇନାହିଁ, ତେଣୁ ଉତ୍ପତ୍ତି ଓ ପ୍ରଳୟ ବ୍ରହ୍ମର ଧର୍ମ ବୋଲି ନିର୍ଦ୍ଧାରଣ କରାଯାଇଛି । ଆହୁରିମଧ୍ୟ ବେଦାଦି ସତ୍‌ଶାସ୍ତ୍ରମାନଙ୍କରେ ବ୍ରହ୍ମ, ଉତ୍ପତ୍ତି ଓ ବିନାଶରହିତ ବୋଲି ପ୍ରତିପାଦନ କରାଯାଇଛି । ଶୁଦ୍ଧ, ସନାତନ, ନିତ୍ୟ, ନିର୍ବିକାର, ନିର୍ଭ୍ରାନ୍ତ, ସର୍ବଜ୍ଞ, ଅନାଦି, ଅନନ୍ତ ବ୍ରହ୍ମଙ୍କର ପରିବର୍ତ୍ତନ, ବିକାର, ଉତ୍ପତ୍ତି, ବିନାଶ ବା ଅଜ୍ଞାନ ସର୍ବଥା ଅସମ୍ଭବ । ଦ୍ୱିତୀୟତଃ ପ୍ରଳୟ କାଳରେ ମଧ୍ୟ ଜୀବ, ପ୍ରକୃତି ଓ ବ୍ରହ୍ମ ପୃଥକ୍ ପୃଥକ୍ ଅବସ୍ଥାନ କରନ୍ତି । ଏଣୁ ଉପକ୍ରମ ଓ ଉପସଂହାର ସମ୍ବନ୍ଧରେ ବେଦାନ୍ତୀମାନେ ଯେଉଁ ମତାମତ ଦେଇଛନ୍ତି ତାହା ହେଉଛି ବେଦାଦି ସତ୍‌ଶାସ୍ତ୍ରର ବିରୁଦ୍ଧ ।ବେଦାନ୍ତୀମାନଙ୍କର ଏପରି ଅନେକ

ମତ ଓ ଧାରଣା ରହିଛି, ଯାହାକି ଶାସ୍ତ୍ରସମ୍ମତ ନୁହେଁ ଏବଂ ପ୍ରତ୍ୟକ୍ଷ ପ୍ରମାଣର ବିରୁଦ୍ଧ ଅଟେ ।

ଏହାପରେ କେତେକ ଜୈନୀ ଓ ଶଙ୍କରାଚାର୍ଯ୍ୟଙ୍କ କେତେକ ଶିଷ୍ୟମାନଙ୍କର ଉପଦେଶ ସମ୍ପର୍କୀୟ ସଂସ୍କାର ଆର୍ଯ୍ୟାବର୍ତ୍ତରେ ପ୍ରଚଳିତ ଥିଲା ଓ ସେସବୁକୁ ପରସ୍ପର ମଧ୍ୟରେ ଖଣ୍ଡନ ମଣ୍ଡନ ମଧ୍ୟ କରାଯାଉଥିଲା । ଶଙ୍କରାଚାର୍ଯ୍ୟଙ୍କ ତିନିଶହ ବର୍ଷପରେ ଉଜ୍ଜୟିନୀ ନଗରୀରେ ବିକ୍ରମାଦିତ୍ୟ ନାମକ ଜଣେ ପ୍ରତାପଶାଳୀ ରାଜା ରାଜ୍ୟଶାସନ କଲେ । ସେ ଅନ୍ୟରାଜାଙ୍କ ମଧ୍ୟରେ ଯେଉଁ ବିବାଦ ଥିଲା ତାକୁ ସମାଧାନ କରି ଶାନ୍ତି ସ୍ଥାପନ କରିଥିଲେ । ତାଙ୍କପରେ ଭର୍ତ୍ତୃହରି ରାଜା ହେଲେ । ସେ କାବ୍ୟଶାସ୍ତ୍ର ତଥା ଅନ୍ୟ ବିଦ୍ୟାରେ ନିପୁଣତା ଲାଭ କରିଥିଲେ । କିନ୍ତୁ ପରେ ତାଙ୍କର ବୈରାଗ୍ୟ ଜାତ ହେବାରୁ ସେ ରାଜ୍ୟ ଛାଡ଼ି ଚାଲିଗଲେ । ବିକ୍ରମାଦିତ୍ୟଙ୍କ ପାଞ୍ଚଶହ ବର୍ଷପରେ ରାଜା ଭୋଜଙ୍କର ଆବିର୍ଭାବ ହେଲା । ଏହାଙ୍କ ସମୟରେ କାବ୍ୟ, ନାଟକ, ଅଳଙ୍କାର ଶାସ୍ତ୍ରାଦିର ଏତେ ପ୍ରଚାର ହେଲା ଯେ ଛେଳି ଜଗା ରଖା କରୁଥିବା କାଳିଦାସ ମଧ୍ୟ ରଘୁବଂଶାଦି କାବ୍ୟ ରଚନା କରିବାକୁ ସମର୍ଥ ହୋଇଥିଲେ ।। ଭୋଜରାଜାଙ୍କ ନିକଟକୁ ଯେଉଁ ବ୍ୟକ୍ତି ସୁନ୍ଦର ଶ୍ଳୋକଗୁଡ଼ିଏ ଲେଖି ନେଉଥିଲା, ସେ ତାକୁ ଅନେକ ଧନରତ୍ନ ଦେଉଥିଲେ ଓ ରାଜ୍ୟରେ ତାଙ୍କର ପ୍ରତିଷ୍ଠାମଧ୍ୟ ବଢ଼ାଇ ଦେଉଥିଲେ । ଭୋଜଙ୍କ ରାଜ୍ୟଶାସନ ଅବସାନ ହେବା ପରେ ପରେ ରାଜାମାନେ ଓ ବିଭବଶାଳୀ ବ୍ୟକ୍ତିମାନେ ଶାସ୍ତ୍ର ଅଧ୍ୟୟନ ପରିତ୍ୟାଗକରି ବିଳାସ ବ୍ୟସନରେ ମାତି ରହିଲେ । ଯଦିଓ ଶଙ୍କରାଚାର୍ଯ୍ୟଙ୍କ ପୂର୍ବରୁ ବାମମାର୍ଗୀ ଓ ଶୈବ ସମ୍ପ୍ରଦାୟୀ ଲୋକଙ୍କର ମତବାଦ ପ୍ରଚାର ହୋଇଥିଲା ସେମାନଙ୍କର ପ୍ରଭାବ ସେତେବେଳେ ଲୋକଙ୍କ ଉପରେ ଅଧିକ ପରିମାଣରେ ପଡ଼ି ନ ଥିଲା । ମହାରାଜ ବିକ୍ରମାଦିତ୍ୟଙ୍କ ଶାସନ ସମୟରୁ ଶୈବମାନଙ୍କ ବଳ ବୃଦ୍ଧି ହୋଇ ଥିଲା । ବାମମାର୍ଗୀଙ୍କ ଦଶମହାବିଦ୍ୟା ଶାଖା ପରି ସମ୍ପ୍ରଦାୟରେ ମଧ୍ୟ ପାଶୁପତାଦି ଅନେକ ଶାଖା ସୃଷ୍ଟି ହୋଇଥିଲା ।ଶୈବମାନେ ଶଙ୍କରାଚାର୍ଯ୍ୟଙ୍କୁ ଶିବ ଅବତାର ବୋଲି ପ୍ରଚାର କଲେ । ତାଙ୍କର ଅନୁଯାୟୀଗଣ ମଧ୍ୟ ଶୈବ ମତରେ ଅନୁପ୍ରାଣିତ ହେଲେ । ବାମମାର୍ଗୀ ଓ ସେମାନଙ୍କ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ସ୍ଥାପିତ ହେଲା ।ଯେଣୁ ଶୈବମାନେ ଶିବ ଅର୍ଥାତ୍ ମହାଦେବଙ୍କୁ ଆରାଧନା

କଲେ, ସେହିପରି ବାମମାର୍ଗୀ ମାନେ ଶିବଙ୍କ ସ୍ତ୍ରୀ ପାର୍ବତୀ ଦେବୀଙ୍କୁ ଉପାସନା କଲେ ତେଣୁ ବାମମାର୍ଗୀ ଓ ଶୈବ ଉଭୟ ମତବାଦୀ ମାନେ ଭସ୍ମ ବିଲେପନ କରିବା ସଙ୍ଗେ ସଙ୍ଗେ ଏବେ ମଧ୍ୟ ରୁଦ୍ରାକ୍ଷମାଳା ଧାରଣ କରନ୍ତି । କିନ୍ତୁ ବାମମାର୍ଗୀଙ୍କ ପରି ଶୈବମାନେ ବେଦନିନ୍ଦକ ନୁହନ୍ତି ।

ଧିଗ୍ ଧିକ୍ କପାଳଂ ଭସ୍ମରୁଦ୍ରାକ୍ଷ ବିହୀନମ୍ ॥୧॥

ରୁଦ୍ରାକ୍ଷାନ୍ କଣ୍ଠଦେଶେ ଦଶନପରିମିତାନ୍ମସ୍ତକେ ବିଂଶତୀ ଦ୍ୱେ,

ଷଟ୍ ଷଟ୍ କର୍ଣ୍ଣପ୍ରଦେଶେ କରଯୁଗଳଗତାନ୍ ଦ୍ୱାଦଶାନ୍ ଦ୍ୱାଦଶୈବ ।

ବାହ୍ୱୋରିନ୍ଦୋଃ କଳାଭିଃ ପୃଥଗିତି ଗଦିତମେକମେବଂ ଶିଖାୟାମ୍,

ବକ୍ଷସ୍ୟଷ୍ଟାଧିକଂ ଯଃ କଳୟତି ଶତକଂ ସ ସ୍ୱୟଂ ନୀଳକଣ୍ଠଃ ॥୨॥

ଏପରି ଅନେକ ଶ୍ଳୋକ ଏମାନେ ରଚନା କରିଛନ୍ତି । ଏଥିରେ କୁହାଯାଉଛି···· ଯେଉଁ ବ୍ୟକ୍ତିର କପାଳରେ ଭସ୍ମ ଓ କଣ୍ଠ ଦେଶରେ ରୁଦ୍ରାକ୍ଷ ନାହିଁ ତାହାକୁ ଧିକ୍ ।୧। "**ତଂ ତ୍ୟଜେତ୍ ଅନ୍ତ୍ୟଜଂ ଯଥା** " (ତୁଳନା-ଶିବ ପୁରାଣ ବିଦ୍ୟେଶ୍ୱର ସଂହିତା ।୧। (ଅ୨୩-ଶ୍ଳୋ-୧୩) ଭସ୍ମରୁଦ୍ରାକ୍ଷହୀନ ବ୍ୟକ୍ତି ଚଣ୍ଡାଳତୁଲ୍ୟ ତ୍ୟାଜ୍ୟ ଅଟେ । ।୧।

କଣ୍ଠରେ ୩୨, ଶିରରେ ୪୦ କାନରେ ୬, ହାତରେ ୧୨, ଭୁଜରେ ୧୬, ଶିଖାରେ ୧, ଓ ହୃଦୟରେ ୧ ଏହିପରି ମୋଟ ୧୦୮ ରୁଦ୍ରାକ୍ଷ ଧାରଣ କରିଥିବା ବ୍ୟକ୍ତି ସାକ୍ଷାତ୍ ମହାଦେବ ଅଟନ୍ତି ।୨। ଶାକ୍ତମାନେ ମଧ୍ୟ ଏହାକୁ ବିଶ୍ୱାସ କରନ୍ତି । ତାପରେ ଶୈବ ଓ ଶାକ୍ତ ଉଭୟ ସମ୍ପ୍ରଦାୟ ମିଳିମିଶି ଉପସ୍ଥ ଓ ଭଗ ଆକାର ମୂର୍ତ୍ତି ସ୍ଥାପନ କଲେ । ସେହି ବିଗ୍ରହକୁ ଲିଙ୍ଗ ଓ ଜଳଧାରୀ ନାମ ଦେଲେ । ସେହି ଲିଙ୍ଗକୁ ପୂଜା, ଆରାଧନା କରିବାରେ ଲାଗିଲେ । ସେହି ଦୁର୍ବୃତ୍ତମାନେ ଦୁରାଗ୍ରହିମାନେ ଏପରି ଜଘନ୍ୟ କାର୍ଯ୍ୟ କରିବାକୁ ସାମାନ୍ୟମାତ୍ର ଲଜ୍ଜା ବା ଶଙ୍କା ବୋଧ କଲେ ନାହିଁ ଚାଣକ୍ୟ ଯଥାର୍ଥରେ କହିଛନ୍ତି····· "**ସ୍ୱାର୍ଥୀଦୋଷଂ ନ ପଶ୍ୟତି**" (ଚା·ନୀ·ଅ୬ ଶ୍ଳୋ୮) ସ୍ୱାର୍ଥୀ ଲୋକମାନେ ନିଜର ଦୋଷଦୁର୍ବଳତାକୁ ଦେଖି ପାରନ୍ତି ନାହିଁ । ନିଜ ସ୍ୱାର୍ଥ ସାଧନ ସକାଶେ କୁତ୍ସିତ କର୍ମକୁ ମଧ୍ୟ ଶ୍ରେଷ୍ଠଜ୍ଞାନ କରନ୍ତି । ଏମାନେ କାଷ୍ଠ ପାଷାଣାଦି ମୂର୍ତ୍ତି

ପୁଣି ଭଗ ଓ ଲିଙ୍ଗର ପୂଜା ଆରାଧନାକୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଚତୁର୍ବର୍ଗ ଫଳପ୍ରଦ ବୋଲି ବିଗ୍ଣୁର କଲେ ।

ଭୋଜ ରାଜାଙ୍କ ବିୟୋଗପରେ ଜୈନୀମାନେ ଯେତେବେଳେ ମନ୍ଦିର ତିଆରିକରି ତହିଁରେ ମୂର୍ତ୍ତି ସ୍ଥାପନ କଲେ ପୁଣି ସେହି ମୂର୍ତ୍ତିମାନଙ୍କର ପୂଜା ଆରାଧନା କରିବାପାଇଁ ମନ୍ଦିରକୁ ଯିବା ଆସିବା କଲେ, ସେତେବେଳେ ଏହି ପୋପ୍ ମାନଙ୍କର ଚେଲାଗଣ ଜୈନମାନଙ୍କ ମନ୍ଦିର ଭିତରକୁ ଗଲେ । ଠିକ୍ ସେପରି ସମୟରେ ମୁସଲମାନ୍ ଓ ଅନ୍ୟ ଧର୍ମାବଲମ୍ବୀଲୋକମାନେ ପଶ୍ଚିମ ଭାରତରେ ପ୍ରବେଶ କଲେ । ସେତେବେଳେ ଶୈବ ଓ ଶାକ୍ତ ମତର ପୋପ୍‌ମାନେ ଏପରି ଶ୍ଳୋକ ରଚନା କଲେ ।

ନ ବଦେଦ୍ୟାବନୀଂ ଭାଷାଂ ପ୍ରାଣୈଃ କଣ୍ଠଗତୈରପି ।

ହସ୍ତିନା ତାଡ୍ୟମାନୋଽପି ନ ଗଚ୍ଛେଜ୍ଜୈନ ମନ୍ଦିରମ୍ ॥

(ଭବିଷ୍ୟପୁରାଣ ପ୍ରତିସର୍ଗ ପର୍ବ ୩-ଖ୍ଣ୩-ଅ୨୮/୫୬)

ଯେତେ ଦୁଃଖ, କଷ୍ଟ ହେଉନା କାହିଁକି, ପ୍ରାଣ କଣ୍ଠଗତ ଅର୍ଥାତ୍ ମୃତ୍ୟୁ ସମୟ ଆସି ଉପସ୍ଥିତ ହେଲେ ମଧ୍ୟ, ଯାବନୀ ଅର୍ଥାତ୍ ମ୍ଲେଚ୍ଛଭାଷା ମୁଖରେ ଉଚ୍ଚାରଣ କରିବ ନାହିଁ । ମତ୍ତହସ୍ତୀ ଗୋଡ଼ାଉଥିଲେ ମଧ୍ୟ ଜୀବନ ରକ୍ଷାପାଇଁ ଜୈନ ମନ୍ଦିରରେ ପ୍ରବେଶ କରିବା ଉଚିତ ନୁହେଁ । ଏପରିକି ଜୈନ ମନ୍ଦିରକୁ ଯାଇ ଜୀବନରକ୍ଷା କରିବା ଅପେକ୍ଷା ହାତୀର ଗୋଡ଼ତଳେ ଦଳିହୋଇ ମରିବା ଶ୍ରେୟସ୍କର । ସେମାନେ ନିଜର ଶିଷ୍ୟମାନଙ୍କୁ ଏପରି ଉପଦେଶ ଦେବାକୁ ଲାଗିଲେ । କୌଣସି ମାନନୀୟ ପ୍ରସିଦ୍ଧ ଗ୍ରନ୍ଥରେ ଏହାର କୌଣସି ପ୍ରମାଣ ଅଛି କି ବୋଲି, କେହି ଯଦି ପଚାରେ ତେବେ ସେମାନେ କହନ୍ତି ହଁ ଅଛି । ଦେଖାଇବାପାଇଁ ଦାବି କଲେ ସେମାନେ ମାର୍କଣ୍ଡେୟ ପୁରାଣରେ ଥିବା ଦୁର୍ଗାପାଠର ବର୍ଣ୍ଣନା ପଢ଼ି ଶୁଣାଇ ଦିଅନ୍ତି ।

ଭୋଜରାଜାଙ୍କ ରାଜତ୍ୱ ସମୟରେ କୌଣସି ବ୍ରାହ୍ମଣ ପଣ୍ଡିତ ମାର୍କଣ୍ଡେୟ ଓ ଶିବପୁରାଣ ରଚନା କରି ବ୍ୟାସଦେବଙ୍କ ପ୍ରଣୀତ ବୋଲି ପ୍ରଚାରକଲେ । ଏହି ଖବର ରାଜାଭୋଜଙ୍କ ନିକଟରେ ପହଞ୍ଚିବାରୁ ଉକ୍ତ ପଣ୍ଡିତଙ୍କ ପ୍ରତି ହସ୍ତଚ୍ଛେଦନ ଦଣ୍ଡବିଧାନ କରିଥିଲେ । ତା ପରେ ସ୍ପଷ୍ଟରୂପେ ନିର୍ଦ୍ଦେଶ ଦେଲେ ଯେ କୌଣସି କବି ଯଦି କୌଣସି ଗ୍ରନ୍ଥ ରଚନା କରନ୍ତି ତେବେ ତାହା ନିଜ ନାମରେ କରିବେ । କୌଣସି ପ୍ରାଚୀନ ମୁନିଋଷିଙ୍କ ନାମରେ କିଛି ରଚନା କରିପାରିବେ ନାହିଁ । ଭୋଜରାଜ "**ସଞ୍ଜିବନୀ**"

ନାମକ ଏକ ଇତିହାସ ପୁସ୍ତକ ରଚନା କରିଛନ୍ତି । ସେହି ପୁସ୍ତକରେ ଏହି ଘଟଣାମାନ ଉଲ୍ଲେଖ କରାଯାଇଛି । ଗ୍ୱାଲିୟର ରାଜ୍ୟର ଭିଣ୍ଡ ନାମକ ନଗରରେ ବାସ କରୁଥିବା ରାମସ୍ନେହୀ ତିବାରି ବ୍ରାହ୍ମଣଙ୍କ ଘରେ ଏହି ଇତିହାସ ପୁସ୍ତକ ଥିଲା । ଏହାକୁ ଲକ୍ଷ୍ନୌର ରାଓ ସାହେବ ଓ ତାଙ୍କ ଗୁମାସ୍ତା ରାମଦୟାଲ ଚୌବେ ପ୍ରତ୍ୟକ୍ଷରେ ଦେଖିଛନ୍ତି । ସେହି ଇତିହାସରେ ସ୍ପଷ୍ଟରୂପେ ଲେଖାଯାଇଛି ଯେ, ମହାଭାରତର ଦଶହଜାର ଶ୍ଳୋକମାଧ୍ୟରୁ ବ୍ୟାସଦେବ ଚାରିହଜାର ଚାରିଶହ ଓ ତାଙ୍କର ଶିଷ୍ୟମାନେ ପାଞ୍ଚ ହଜାର ଛଅଶହ ଶ୍ଳୋକ ରଚନା କରିଥିଲେ । ମହାରାଜା ଭୋଜ ଉଲ୍ଲେଖ କରିଛନ୍ତି---- ମହାରାଜା ବିକ୍ରମାଦିତ୍ୟଙ୍କ ସମୟରେ କୋଡ଼ିଏ ହଜାର, ପୁଣି ମୋ ପିତାଙ୍କ ସମୟରେ ପଚିଶ ହଜାର ଶ୍ଳୋକ ଥାଇ ମହାଭାରତ ଲିଖିତ ହୋଇଥିଲା । ସେ ଯେତେବେଳେ ଇତିହାସ ଲେଖୁଥିଲେ ଅର୍ଥାତ୍ ତାଙ୍କର ଅଧାବୟସ ସମୟରେ ତିରିଶ ହଜାର ଶ୍ଳୋକ ବିଶିଷ୍ଟ ମହାଭାରତ ମିଳୁଥିଲା । ଦିନକୁ ଦିନ ଶ୍ଳୋକ ସଂଖ୍ୟା ଏହି ଅନୁପାତରେ ଯଦି ବଢ଼ିଚାଲେ ତେବେ ଦିନ ଆସିବ ଯେତେବେଳେ କି କେବଳ ମହାଭାରତ ଗ୍ରନ୍ଥ ହିଁ ଗୋଟିଏ ଓଟର ବୋଝ ହୋଇଯିବ । ମୁନିଋଷିଙ୍କ ନାମରେ ପୁରାଣ ଗୁଡିକ ଏପରିଭାବେ ଯଦି ରଚିତ ହୁଏ ତେବେ ଆର୍ଯ୍ୟାବର୍ତ୍ତୀୟ ଲୋକମାନେ ଭ୍ରମଜାଲରେ ପଡ଼ିଯିବେ ଓ ବୈଦିକ ଧର୍ମ ପ୍ରତି ବିମୁଖ ହୋଇ ନଷ୍ଟ ଭ୍ରଷ୍ଟ ହୋଇଯିବେ । ଏହି ଲେଖାରୁ ଅନୁମିତ ହେଉଛି ଯେ ରାଜା ଭୋଜଙ୍କର ଶିକ୍ଷା ସଂସ୍କାର କିଛି କିଛି ପରିମାଣରେ ଥିଲା । ତାଙ୍କର **"ଭୋଜ ପ୍ରବନ୍ଧ"** ନାମକ ପୁସ୍ତକରେ ଉଲ୍ଲେଖ କରାଯାଇଛି------

ଘଟ୍ୟୈକୟା କ୍ରୋଶଦଶୈକମଶ୍ୱଃ ସୁକୃତ୍ରିମୋ ଗଚ୍ଛତି ଚାରୁଗତ୍ୟା ।
ବାୟୁଂ ଦଦାତି ବ୍ୟଜନଂ ସୁପୁଷ୍କଲଂ ବିନା ମନୁଷ୍ୟେଣ ଚଲତ୍ୟଜସ୍ରମ୍ ॥

ଭୋଜରାଜାଙ୍କ ରାଜ୍ୟରେ ଓ ସମୀପବର୍ତ୍ତୀ ଦେଶରେ ଏପରି ଶିଳ୍ପୀଥିଲେ ଯେ ସେମାନେ ଘୋଡ଼ା ଆକାରରେ ଏକ ଯାନ ଯନ୍ତ୍ରକଳାଯୁକ୍ତକରି ପ୍ରସ୍ତୁତ କରିଥିଲେ, ଯାହାକି ଏକୀ ଘଡ଼ି ଅର୍ଥାତ୍ ଚବିଶ ମିନିଟ୍‌ରେ ଏଗାର କୋଶ ଓ ଏକଘଣ୍ଟାରେ ସତାଇଶ କୋଶ ଯାଇପାରୁଥିଲା । ତାହା ଭୂମି ଓ ଆକାଶ ଉଭୟ ପଥରେ ଗତି କରିପାରୁଥିଲା । ପୁଣି ଏପରି ଏକ ପଙ୍ଖା ପ୍ରସ୍ତୁତ କରିଥିଲେ ଯାହା କି ବିନା ମନୁଷ୍ୟ ଚାଳନାରେ ସ୍ୱୟଂଚାଳିତ ହୋଇ ପ୍ରଚୁର ପରିମାଣରେ ବାୟୁ ପ୍ରଦାନ କରୁଥିଲା । ଏ

ଉକ୍ତଯନ୍ତ୍ରଦ୍ୱୟ ଆଜିପର୍ଯ୍ୟନ୍ତ ଯଦି ଭାରତରେ ନିର୍ମାଣ କରାଯାଉଥାନ୍ତା, ତେବେ ୟୁରୋପିଆନମାନେ ଏତେ ଗର୍ବିତ ହେଉ ନଥାନ୍ତେ ।

ଯେତେବେଳେ ପୁରାଣକାର ପୋପମାନେ ନିଜର ଶିଷ୍ୟମାନଙ୍କୁ ଜୈନୀମାନଙ୍କଠାରୁ ପୃଥକ୍ ରହିବା ପାଇଁ ନିର୍ଦ୍ଦେଶ ଦେଲେ, ସେତେବେଳେ ସେମାନେ ତାଙ୍କ କଥାକୁ ନମାନି ଜୈନମନ୍ଦିରକୁ ଗଲେ, ଏବଂ ଜୈନମାନଙ୍କ ସଭାସମିତିରେ ଯୋଗଦାନ କରି ସେମାନଙ୍କ ଧର୍ମଗ୍ରନ୍ଥ ଶୁଣିବାକୁ ଲାଗିଲେ । ଜୈନ ପୋପମାନେ ମଧ୍ୟ ଷଡ଼ଯନ୍ତ୍ର କରି ଏମାନଙ୍କୁ ନିଜ ଧର୍ମମାର୍ଗକୁ ଟାଣି ନେଉଥିଲେ ।ତାପରେ ପୁରାଣକାର ପୋପମାନେ ଚିନ୍ତାକଲେ ଯେ କୌଣସି ନା କୌଣସି ଉପାୟ ଠିକ୍ କରିବାକୁ ହେବ । ନତୁବା ଆମର ଶିଷ୍ୟମାନେ ଜୈନୀ ହୋଇଯିବେ । ବହୁବିଚାର ଆଲୋଚନା ପରେ ସେମାନେ ମଧ୍ୟ ଜୈନମାନଙ୍କ ପରି ଅବତାର ମାନିଲେ ପୁଣି ମନ୍ଦିର, ମୂର୍ତ୍ତି ଓ ତତ୍ ସମ୍ବନ୍ଧୀୟ କଥାପୁସ୍ତକ ମାନ ରଚନା କଲେ । ଏମାନେ ଜୈନମାନଙ୍କର ଚବିଶ ତୀର୍ଥଙ୍କର ସଦୃଶ ଚବିଶ ଅବତାର ମାନିଲେ । ଜୈନମାନଙ୍କର ଆଦି ଓ ଉତ୍ତର ପୁରାଣପରି ଅଷ୍ଟାଦଶ ପୁରାଣ ରଚନା କଲେ ।

ରାଜା ଭୋଜଙ୍କ ର ଦେଢ଼ଶହ ବର୍ଷପରେ ବୈଷ୍ଣବ ମତ ପ୍ରଚଳିତ ହେଲା । ଶଠକୋପ ନାମକ ଜଣେ ବ୍ୟକ୍ତି କଞ୍ଜର ଅର୍ଥାତ୍ ନୀଚ ବର୍ଣ୍ଣରେ ଜନ୍ମଗ୍ରହଣ କରିଥିଲେ । ତାଙ୍କଦ୍ୱାରା କେତେକାଂଶରେ ବୈଷ୍ଣବମତ ପ୍ରଚଳିତ ହୋଇଥିଲା । ଏହାପରେ ମେହେନ୍ତର କୁଳରେ ଜାତ ମୁନିବାହନ ଓ ତୃତୀୟରେ ଯାବନାଚାର୍ଯ୍ୟ ଯବନ କୁଳୋତ୍ପନ୍ନ ଆଚାର୍ଯ୍ୟଙ୍କ ଆବିର୍ଭାବ ହେଲା । ତାପରେ ବ୍ରାହ୍ମଣ କୁଳରେ ଜାତ ହୋଇଥିବା ଚତୁର୍ଥ ଆଚାର୍ଯ୍ୟ ହେଲେ ରାମାନୁଜ । ସେ ନିଜମତ ପ୍ରଚାର କରିଥିଲେ । ଶୈବମାନେ ଶିବପୁରାଣ ପ୍ରଭୃତି, ଶାକ୍ତମାନେ ଦେବୀ ଭାଗବତ ଆଦି, ତଥା ବୈଷ୍ଣବମାନେ ବିଷ୍ଣୁ ପୁରାଣ ପ୍ରଭୃତି ରଚନା କଲେ ।ସେମାନେ ରଚିତ ପୁରାଣ ମାନଙ୍କରେ ଲେଖକ ହିସାବରେ ନିଜ ନିଜ ନାମ ରଖିଲେ ନାହିଁ । ସେମାନଙ୍କ ନାମ ରହିଲେ ଲୋକେ ତାକୁ ଗ୍ରହଣ କରିବେ ନାହିଁ, ଏହା ସେମାନେ ଭଲଭାବରେ ଜାଣିଥିଲେ । ତେଣୁ ସେମାନେ ବ୍ୟାସ ପ୍ରଭୃତି ମୁନିଋଷିଙ୍କ ନାମରେ ଭଣିତି ଲଗାଇବାକୁ ବାଧ୍ୟ ହୋଇଥିଲେ । ଭିନ୍ନ ପୁରାଣ ଗୁଡ଼ିକରେ ସେମାନେ ନିଜ ନିଜ

ନାମକୁ ନୂତନ ଆଖ୍ୟା ଦେଇଥିଲେ ଭଲ ହୋଇଥାନ୍ତା । କାରଣ ଯେପରି ଜଣେ ଦରିଦ୍ର ଲୋକ ମଧ୍ୟ ନିଜ ପୁତ୍ରର ନାମକୁ ମହାରାଜାଧିରାଜ, କଣାକୁ ପଦ୍ମଲୋଚନ, ନୂତନ ପଦାର୍ଥର ନାମକୁ ସନାତନ ରଖେ, ତେବେ ଏଥିରେ ବିସ୍ମିତ ହେବାର ବା କଣ ଅଛି ? ତେବେ ସେ ଯାହାହେଉ ସେମାନଙ୍କ ସମ୍ପ୍ରଦାୟରେ ଯେପରି ଭେଦାଭେଦ ରହିଛି, ସେମାନଙ୍କ ରଚିତ ପୁରାଣମାନଙ୍କରେ ମଧ୍ୟ ପରସ୍ପର ବିରୁଦ୍ଧ ଆକ୍ଷେପମାନ ବହୁଳ ଭାବେ ରହିଛି ।

ଦେଖନ୍ତୁ ଦେବୀ ଭାଗବତରେ ବର୍ଣ୍ଣିତ ଏକ କାହାଣୀ ---- ଶ୍ରୀନାମରେ ଜଣେ ଦେବୀ ଶ୍ରୀପୁରରେ ବାସ କରୁଥିଲେ । ସେ ହେଉଛନ୍ତି ଶ୍ରୀପୁରର ସ୍ୱାମିନୀ । ସେ ଏହି ସମସ୍ତ ଜଗତକୁ ସୃଷ୍ଟି କରିଛନ୍ତି । ଏପରିକି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ମଧ୍ୟ ସେ ରଚନା କରିଛନ୍ତି । ସେହି ଦେବୀଙ୍କର ହାତ ଘଷିବା ପାଇଁ ଥରେ ଇଚ୍ଛାହେଲା । ତାପରେ ହାତ ଘଷୁ ଘଷୁ ତାଙ୍କ ହାତର ଛାଲ ଉଠିଗଲା ଓ ତହିଁରୁ ବ୍ରହ୍ମା ସୃଷ୍ଟି ହେଲେ । ତାପରେ ବ୍ରହ୍ମାଙ୍କୁ ଦେବୀ କହିଲେ ---- ତୁ ମୋତେ ବିବାହ କର । ବ୍ରହ୍ମା କହିଲେ ଆପଣ ହେଉଛନ୍ତି ମୋର ମାଆ, ତେଣୁ କିପରି ମୁଁ ବିବାହ କରିବି ? ଏହା ଶୁଣିବାପରେ ଦେବୀ ରାଗିଯାଇ ପୁଅକୁ ଭସ୍ମ କରିଦେଲେ । ପୁଣିଥରେ ହାତ ଘଷି ଦ୍ୱିତୀୟ ସନ୍ତାନ ଉତ୍ପନ୍ନ କଲେ । ତା ନାମ ରଖାଗଲା ବିଷ୍ଣୁ । ତାକୁ ମଧ୍ୟ ବିବାହ କରିବା ପାଇଁ କହିଲେ । ସେ ମନା କରିଦେବାରୁ ତାକୁ ମଧ୍ୟ ଭସ୍ମ କରିଦେଲେ । ତାପରେ ତୃତୀୟ ସନ୍ତାନ ସୃଷ୍ଟି କଲେ । ତାର ନାମ ମହାଦେବ ରଖିଲେ ଓ ବିବାହ କରିବା ପାଇଁ କହିଲେ । ମହାଦେବ କହିଲେ ---- ନା, ମୁଁ ତୋତେ ବିବାହ କରିବି ନାହିଁ । ଯଦି ଅନ୍ୟ ସ୍ତ୍ରୀରୂପ ଧାରଣ କରୁ ତେବେ ବାହା ହେବି । ଦେବୀ ବାଧ୍ୟ ହୋଇ ସେହିପରି କଲେ । ଦୁଇଟି ପାଉଁଶଗଦାକୁ ଦେଖି ମହାଦେବ ପଚାରିଲେ ---- ଏହା କାହିଁକି ପଡିଛି ? ଉତ୍ତରରେ ଦେବୀ କହିଲେ ---- ଏ ଦୁହେଁ ହେଉଛନ୍ତି ତୋର ଭାଇ । ସେମାନେ ମୋ କଥାକୁ ମାନିଲେ ନାହିଁ, ତେଣୁ ସେ ଦୁହିଁଙ୍କୁ ମୁଁ ଭସ୍ମ କରିଦେଲି । ମହାଦେବ କହିଲେ ମୁଁ ଏକୁଟିଆ କଣ କରିବି ? ଏ ଦୁହିଁଙ୍କୁ ତୁ ବଞ୍ଚାଇ ଦେ । ପୁଣି ଅନ୍ୟ ଦିଓଟି ସ୍ତ୍ରୀ ତୁ ଉତ୍ପନ୍ନ କର । ଆମ ତିନିଜଣଙ୍କ ବିବାହ ସେହି ତିନିଜଣଙ୍କ ସହିତ ହେବ । ଦେବୀ ସେପରି କରିବାରୁ ତିନିଜଣଙ୍କ ବିବାହ ଏକା ସାଥିରେ ହେଲା । ବିଚାର କରନ୍ତୁ, ମାଆଙ୍କୁ ବିବାହ ନକରି ଭଉଣୀଙ୍କୁ ବିବାହ କଲେ ।

ଏ ସବୁକୁ ଆପଣମାନେ ସତ ମଣୁଛନ୍ତି ତ ? ତାପରେ ଇନ୍ଦ୍ରାଦି ଦେବଗଣଙ୍କୁ ଉତ୍ପନ୍ନ କଲେ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଇନ୍ଦ୍ର ପ୍ରଭୃତି ଦେବୀଙ୍କ ପାଲିଙ୍କି ବୋହିଲେ । ଏପରି ଅନେକ ଗପ ଏ ଗପୁଡିମାନେ ଲେଖି ଦେଇଛନ୍ତି । ଏଠାରେ କେହି ଯଦି ପ୍ରଶ୍ନ କରେ ଶ୍ରୀପୁରର ସୃଷ୍ଟିକର୍ତ୍ତା କିଏ ? ଶ୍ରୀଦେବୀଙ୍କର ପିତା-ମାତା କିଏ ? ଉତ୍ତରରେ ଯଦି କୁହାଯାଏ ---- ଦେବୀ ଅନାଦି । ତେବେ ସଂଯୋଗଜନିତ ବସ୍ତୁ କେବେହେଲେ ଅନାଦି ହୋଇପାରିବ ନାହିଁ । ମାଆଙ୍କ ସହିତ ବିବାହ କରିବାକୁ ଯିଏ ଭୟକରେ, ସେ ଭଉଣୀ ସହିତ ପୁଣି ବିବାହ କଲେ କିପରି ? ଦେବୀ ଭାଗବତରେ ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କ ନୀଚତା ଦେଖାଇ ଶ୍ରୀଦେବୀଙ୍କର ମହନୀୟତା ପ୍ରଦର୍ଶନ କରାଯାଇଛି । ଠିକ୍ ସେହିପରି ଶିବପୁରାଣରେ ଦେବୀଙ୍କର କ୍ଷୁଦ୍ରତା ବା ନୀଚତା ଉଲ୍ଲେଖ କରାଯାଇଛି, ମହାଦେବଙ୍କ ମହନୀୟତା ଘୋଷଣା କରାଯାଇଛି । କେବଳ ମହାଦେବ ହେଉଛନ୍ତି ସମସ୍ତଙ୍କର ଈଶ୍ୱର, ଅନ୍ୟ ଯେଉଁ ଦେବ, ଦେବୀ ଅଛନ୍ତି ସେମାନେ ସମସ୍ତେ ତାଙ୍କର ଦାସାନୁଦାସ ବୋଲି କୁହାଯାଇଛି ।

ରୁଦ୍ରାକ୍ଷମାଳା ଧାରଣ ଓ ଭସ୍ମ ବିଲେପନଦ୍ୱାରା ମୋକ୍ଷ ଲାଭ ହୁଏ ବୋଲି ସେମାନେ ବିଶ୍ୱାସ କରନ୍ତି । ଯଦି ଏହା ସତ୍ୟ, ତେବେ ଗଧ, ଘୁଷୁରି ଆଦି ଯେଉଁ ପଶୁମାନେ ଧୂଳିରେ ଘାଣ୍ଟି ହୁଅନ୍ତି, ପୁଣି ଯେଉଁ କନ୍ଧ, ଶବର ଆଦି ଅରଣ୍ୟରେ ବସବାସ କରି କାଇଁଚ ଫୁଲର ମଞ୍ଜିକୁ ମାଳାକରି ଧାରଣ କରୁଛନ୍ତି ସେମାନଙ୍କର ମୋକ୍ଷଲାଭ କାହିଁକି ବା ନ ହେବ ?

ପ୍ରଶ୍ନ :- କାଳାଗ୍ନିରୁଦ୍ରୋପନିଷଦ୍‌ରେ ଭସ୍ମ ଲଗାଇବାର ବିଧାନ ରହିଛି । ତେବେ ତାହା କଣ ମିଥ୍ୟା ? ଯଜୁର୍ବେଦର " **ତ୍ର୍ୟାୟୁଷଂ ଜମଦଗ୍ନେ** " ପ୍ରଭୃତି ମନ୍ତ୍ରରେ ଭସ୍ମ ଧାରଣର ବିଧାନ ରହିଛି । ପୁଣି ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ରୁଦ୍ରଙ୍କ ନୟନରୁ ଯେଉଁ ଅଶ୍ରୁପାତ ହେଲା, ତହିଁରୁ ଏକ ବୃକ୍ଷ ଜାତ ହେଲା, ତେଣୁ ସେହି ଗଛର ନାମ ରୁଦ୍ରାକ୍ଷ ରଖାଯାଇଛି । ସେହି ରୁଦ୍ରାକ୍ଷକୁ ଧାରଣ କଲେ ପୁଣ୍ୟ ହୁଏ ବୋଲି କୁହାଯାଇଛି । ଏକମାତ୍ର ରୁଦ୍ରାକ୍ଷ ଧାରଣରେ ସମସ୍ତ ପାପ କ୍ଷୟ ହୋଇଯାଏ, ଯମରାଜ କିମ୍ବା ନରକର ଆଉ ଭୟ ରହେ ନାହିଁ । ଏସବୁ କଣ ତେବେ ମିଥ୍ୟା ?

ଉତ୍ତର :- ପାଉଁଶ ବୋଳି ହେଉଥିବା କୌଣସି ଲୋକ ହିଁ " **କାଳାଗ୍ନିରୁଦ୍ରୋପନିଷଦ୍**"

ପୁସ୍ତକ ଲେଖିଛନ୍ତି । କାରଣ " **ଯସ୍ୟ ପ୍ରଥମା ରେଖା ସା ଭୂର୍ଲୋକଃ** " ଇତ୍ୟାଦି ତହିଁରେ ଉଲ୍ଲିଖିତ ବଚନ ଅନର୍ଥକ ଅଟେ । ପ୍ରତିଦିନ ହାତରେ କାଟିବା ରେଖା ବା କିପରି ଭୂଲୋକ ବା ଏହାର ବାଚକ କିପରି ହୋଇପାରେ ? " **ତ୍ର୍ୟାୟୁଷଂ ଜମଦଗ୍ନେ** " ଏ ଯେଉଁ ଯଜୁର୍ବେଦର ମନ୍ତ୍ର ଅଛି, ତାହା ଭସ୍ମ ବା ତ୍ରିପୁଣ୍ଡ୍ର ଧାରଣ ବିଷୟରେ କଦାପି କଥିତ ହୋଇନାହିଁ । " **ଚକ୍ଷୁର୍ବୈ ଜମଦଗ୍ନିଃ**" (ଶତପଥ ୮-୧-୨-୩) ଏହି ମନ୍ତ୍ରର ଅର୍ଥ ହେଉଛି ହେ ପରମେଶ୍ୱର ! ମୋର ଚକ୍ଷୁର ଜ୍ୟୋତି ତ୍ର୍ୟାୟୁଷମ୍-ତ୍ରିଗୁଣା ଅର୍ଥାତ୍ ତିନିଶହ ବର୍ଷ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହୁ । ମୁଁ ଏପରି ଧର୍ମକାର୍ଯ୍ୟମାନ କରେଁ, ଯଦ୍ୱାରା ମୋର ଦୃଷ୍ଟିଶକ୍ତି ନଷ୍ଟ ହେବ ନାହିଁ । ଲୋଟକରୁ କେଉଁଠି ଭଲା ବୃକ୍ଷ ଜାତ ହେଲାଣି ? ଏପରି କହିବା ଯେପରି ମୂର୍ଖତା ସେପରି ହାସ୍ୟାସ୍ପଦ ମଧ୍ୟ । ପରମେଶ୍ୱରଙ୍କ ସୃଷ୍ଟି କ୍ରମକୁ କେହି ଅନ୍ୟଥା କରିପାରିବେ ନାହିଁ । ପରମେଶ୍ୱର ଯେଉଁ ବୃକ୍ଷର ବୀଜ ସୃଷ୍ଟି କରିଛନ୍ତି, ସେହି ବୀଜରୁ ସେହି ବୃକ୍ଷ ହିଁ ସୃଷ୍ଟି ହେବ । ଏହା ମଧ୍ୟ କେବେ ଅନ୍ୟଥା ହେବନାହିଁ । ବଣୁଆ ପଶୁଙ୍କ ପରି ମୂର୍ଖ, ଅସଭ୍ୟ ଲୋକମାନେ ହିଁ ରୁଦ୍ରାକ୍ଷ, କମଳାକ୍ଷ, ତୁଳସୀମାଳା ପ୍ରଭୃତି ଧାରଣ କରନ୍ତି ଓ ଦେହରେ ମାଟି, ପାଉଁଶ ଆଦି ବୋଳି ହୁଅନ୍ତି । ବାମମାର୍ଗୀ ଓ ଶୈବମାନେ ଏପରି ମିଥ୍ୟାଚାରର ବଶବର୍ତ୍ତୀ ହୋଇ କର୍ତ୍ତବ୍ୟ କର୍ମକୁ ପରିତ୍ୟାଗ କରନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ ଯେଉଁମାନେ ବିଚାରବାନ୍ ବ୍ୟକ୍ତି ସେମାନେ ସେସବୁ କର୍ମକୁ ବିଶ୍ୱାସ ନକରି ଉତ୍ତମ କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତି । ରୁଦ୍ରାକ୍ଷମାଳା ପିନ୍ଧୁଥିବା ଓ ଭସ୍ମ ଲେପନ କରୁଥିବା ଲୋକଙ୍କୁ ଦେଖି ଯମଦୂତମାନେ ଯଦି ଭୟ କରନ୍ତି, ତେବେ ସେମାନଙ୍କୁ ପୋଲିସ୍ କର୍ମଚାରୀମାନେ ଦେଖି ଅଧିକ ଭୟ ନିଶ୍ଚୟ କରୁଥିବେ ! ଏପରି କେବେ ହେଉଛି କି ? ରୁଦ୍ରାକ୍ଷ ଓ ଭସ୍ମଧାରୀମାନଙ୍କୁ ମାଛି-ମଶା, ସାପ-ବିଛା, କୁକୁର, ବାଘ ପ୍ରଭୃତି ଯେତେବେଳେ ଭୟକରୁନାହାନ୍ତି, ଧର୍ମରାଜଙ୍କ ଦୂତମାନେ ବା କାହିଁକି ଭୟ କରିବେ ?

ପ୍ରଶ୍ନ :- ବାମମାର୍ଗୀ ଓ ଶୈବମାନେ ଭଲ ହୋଇ ନପାରନ୍ତି ॥ କିନ୍ତୁ ବୈଷ୍ଣବମାନେ ତ ନିଶ୍ଚୟ ଭଲ ହୋଇଥିବେ ?

ଉତ୍ତର :- ସେମାନେ ମଧ୍ୟ ବେଦ ବିରୋଧୀ ହୋଇଥିବାରୁ ତାଙ୍କଠାରୁ ଅଧିକ ଖରାପ ଅଟନ୍ତି । ।

ପ୍ରଶ୍ନ :- " **ନମସ୍ତେ ରୁଦ୍ର ମନ୍ୟବେ** " । " **ଶିବାୟ ଚ ଶିବତରାୟଚ** " ॥ " **ବୈଷ୍ଣବ ମସି** " ॥ " **ବାମନାୟ ଚ** " ॥ " **ଗଣାନାଂ ତ୍ୱା ଗଣପତିଂ ହବାମହେ** " ॥ " **ଭଗବତୀ ଭୂୟାଃ** " ॥ "**ସୂର୍ଯ୍ୟ ଆତ୍ମା ଜଗତସ୍ତସ୍ଥୁଷଶ୍ଚ** " ॥ ବେଦମନ୍ତ୍ରର ଏହିସବୁ ପ୍ରମାଣଦ୍ୱାରା ଶୈବାଦିମତ ସିଦ୍ଧ ହେଉଛି । ତେବେ ଆପଣ କାହିଁକି ତାର ବିରୋଧ କରୁଛନ୍ତି ?

ଉତ୍ତର :- ଏସବୁ ବେଦ ବାକ୍ୟଦ୍ୱାରା ଶୈବାଦି ସମ୍ପ୍ରଦାୟ ସିଦ୍ଧ ହେଉନାହିଁ । ଯେଣୁ ପରମେଶ୍ୱର, ପ୍ରାଣାଦିବାୟୁ, ଜୀବ, ଅଗ୍ନି ଏ ସମସ୍ତଙ୍କର ନାମ ହେଉଛି ରୁଦ୍ର । ଯେ କ୍ରୋଧ କରନ୍ତି ଅର୍ଥାତ୍ ଦୁଷ୍ଟମାନଙ୍କୁ ଦଣ୍ଡଦେଇ କନ୍ଦାନ୍ତି ସେ ହେଉଛନ୍ତି ରୁଦ୍ର । ରୁଦ୍ରରୂପୀ ଈଶ୍ୱରଙ୍କୁ ନମସ୍କାର କରିବା ଉଚିତ । ଜୀବନ ରକ୍ଷାପାଇଁ ଜଠରାଗ୍ନିରେ ଅନ୍ନ ଦେବା ("**ନମ ଇତି ଅନ୍ନନାମ" ନିଘଣ୍ଟୁ ୨-୭**) ଯେ ସକଳ ସଂସାରର ମଙ୍ଗଳକାରୀ ଓ ଅତ୍ୟନ୍ତ ହିତକାରୀ, ସେହି ପରମାତ୍ମାଙ୍କୁ ନମସ୍କାର କରିବା ଆବଶ୍ୟକ ॥ "**ଶିବସ୍ୟ ପରମେଶ୍ୱରସ୍ୟ ଅୟଂ ଭକ୍ତଃ ଶୈବଃ**" ॥ "**ବିଷ୍ଣୋଃ ପରମାତ୍ମନୋଽୟଂ ଭକ୍ତୋ ବୈଷ୍ଣବଃ**" ॥ "**ଗଣପତେଃ ସକଳ ଜଗତ୍ ସ୍ୱାମିନୋଽୟଂ ସେବକୋ ଗାଣପତଃ**" ॥ "**ଭଗବତ୍ୟା ବାଣ୍ୟା ଅୟଂ ସେବକୋ ଭାଗବତଃ**" ॥ "**ସୂର୍ଯ୍ୟସ୍ୟ ଚରାଚରାତ୍ମନୋଽୟଂ ସେବକଃ ସୌରଃ**" ॥ ରୁଦ୍ର, ଶିବ, ବିଷ୍ଣୁ, ଗଣପତି, ସୂର୍ଯ୍ୟାଦି ସକଳ ନାମ ହେଉଛି ପରମେଶ୍ୱରଙ୍କର । ସତ୍ୟ ଭାଷଣଯୁକ୍ତ ବାଣୀର ନାମ ହେଉଛି ଭଗବତୀ । ବେଦ ବାକ୍ୟର ଏସବୁ ଅର୍ଥକୁ ନବୁଝି ସ୍ୱାର୍ଥାନ୍ଧ ଲୋକମାନେ ନିଜ ଇଚ୍ଛାନୁଯାୟୀ ପୁରାଣମାନ ରଚନା କରି ପରସ୍ପର କଳହ ସୃଷ୍ଟି କରୁଛନ୍ତି ।

ଏସବୁ ମତଭେଦକୁ ବୁଝାଇବାପାଇଁ ସୁନ୍ଦର ଉଦାହରଣଟିଏ ଅଛି । ଜଣେ ବୈରାଗୀ ଥିଲେ । ତାଙ୍କର ଦୁଇଜଣ ଆଜ୍ଞାବହ ଶିଷ୍ୟ ଥାଆନ୍ତି । ଦୁହେଁ ପ୍ରତିଦିନ ଗୁରୁଙ୍କର ଗୋଡ ଘଷନ୍ତି । ଦିଜଣଙ୍କ ମଧ୍ୟରେ କଳି ଯେପରି ନହେବ ତାପାଇଁ ଜଣେ ଗୁରୁଙ୍କର ଡାହାଣ ଗୋଡ଼ ଓ ଅନ୍ୟଜଣକ ବାମଗୋଡ଼ ଘଷିବାର ଦାୟିତ୍ୱ ନେଇଥାନ୍ତି । ଦିନକର ଘଟଣା । କାର୍ଯ୍ୟବଶତଃ ଜଣେ ଶିଷ୍ୟ ବଜାରକୁ ଚାଲିଗଲା । ଅନ୍ୟଜଣକ ସମୟ ହୋଇଯିବାରୁ ତା ନିଜଭାଗ ଗୋଡ଼କୁ ଘଷୁଥାଏ । ସେତେବେଳେ ଗୁରୁଦେବ କଡ଼ ଲେଉଟାଇଲେ । ଅନ୍ୟ ଗୁରୁଭାଇର ଭାଗ ଗୋଡ଼ଟି ଏହି ଶିଷ୍ୟର ଭାଗ ଗୋଡ଼ ଉପରେ ପଡିଗଲା । ତା ଦେଖି ଶିଷ୍ୟଜଣକ ସହିପାରିଲା ନାହିଁ । କଣ କଲାନା

ଦୌଡ଼ିଯାଇ ଠେଙ୍ଗାଟିଏ ଆଣି ସେହି ଗୋଡ଼ ଉପରେ ବିଚାରି ପାହାର ବସାଇ ଦେଲା । ଗୁରୁଙ୍କୁ ଭାରି କଷ୍ଟ ହେଲା । ସେ ବିରକ୍ତ ହୋଇ କହିଲେ ---- ଦୁଷ୍ଟ ! ତୁ ଏପରି କାହିଁକି କଲୁ ? ଶିଷ୍ୟ ଉତ୍ତରଦେଲା:— ମୋ ସେବ୍ୟ ଗୋଡ଼ ଉପରକୁ ସେ ଗୋଡ଼ କାହିଁକି ଆସିଲା ? ଇତିମଧ୍ୟରେ ଅନ୍ୟ ଶିଷ୍ୟଗଣକ ବଜାରରୁ ଆସି ଆଶ୍ରମରେ ପହଞ୍ଚିଲା।ନିତ୍ୟନୈମିତ୍ତିକ କର୍ମ ହିସାବରେ ତା ଭାଗ ପାଦକୁ ଘଷିବାକୁ ଲାଗିଲା । ଘଷୁ ଘଷୁ ଦେଖିଲା ଗୋଡ଼ଟି ଫୁଲି ଯାଇଛି । ଗୁରୁଙ୍କୁ ପଚାରିଲା — ଗୁରୁଦେବ ! ମୋର ସେବ୍ୟ ପାଦର ଅବସ୍ଥା ଏପରି କାହିଁକି ହୋଇଛି ? ଗୁରୁ ଆମୂଳଚୂଳ ସମସ୍ତ ବିଷୟ ବଖାଣିଗଲେ । ସେ ମୂର୍ଖ ମଧ୍ୟ କିଛି ନବୁଝି ଠେଙ୍ଗାଟିଏ ଆଣି ଆର ଗୋଡ଼ରେ ବିଚାରି ପାହାର ବସାଇଦେଲା । ଗୁରୁ କଷ୍ଟହେବାରୁ ଚିତ୍କାର କରିବାରେ ଲାଗିଲେ । ତାପରେ ଶିଷ୍ୟ ଦିଜଣ ଗୁରୁଙ୍କ ପରସ୍ପର ବିରୋଧୀ ଗୋଡ଼କୁ ପିଟିବାରେ ଲାଗିଲେ । କୋଳାହଳ ସୃଷ୍ଟି ହେବାରୁ ଲୋକେ ଆସି ରୁଣ୍ଡ ହୋଇଗଲେ । ମୂର୍ଖ ଶିଷ୍ୟଙ୍କ କବଳରୁ ଗୁରୁଙ୍କୁ ଉଦ୍ଧାର କରି କହିଲେ ---- ଆରେ ନିର୍ବୋଧ ଶିଷ୍ୟ ! ଏ ଦୁଇଟିଯାକ ପାଦ ତୁମ ଗୁରୁଙ୍କର । ତେଣୁ ଏ ଦୁଇଟିକୁ ସେବାକଲେ ଗୁରୁଙ୍କର ସୁଖଜାତ ହେବ । କଷ୍ଟ ଦେଲେ ଗୁରୁଙ୍କୁ ଦୁଃଖ ହେବ ।

ଗୁରୁଙ୍କ ସେବା କରିବାକୁ ଯାଇ ଅବୋଧ ଶିଷ୍ୟ ଦୁହେଁ ଯେଉଁପରି କାମକଲେ, ସେହିପରି ଏକ, ଅଦ୍ୱିତୀୟ, ଅଖଣ୍ଡ, ସଚ୍ଚିଦାନନ୍ଦ ସ୍ୱରୂପଙ୍କର ବ୍ରହ୍ମା, ବିଷ୍ଣୁ, ମହେଶ୍ୱର (ପ୍ରଥମ ସମୁଲ୍ଲାସରେ ଏସବୁ ନାମର ବ୍ୟାଖ୍ୟା କରାଯାଇଛି) ପ୍ରଭୃତି ନାମର ତାତ୍ପର୍ଯ୍ୟକୁ ବୁଝି ନ ପାରି ଶୈବ, ଶାକ୍ତ, ବୈଷ୍ଣବ ପ୍ରଭୃତି ସମ୍ପ୍ରଦାୟର ଲୋକେ ପରସ୍ପର କଳହ ନିନ୍ଦା କରିବାରେ ସର୍ବଦା ତତ୍ପର ଅଛନ୍ତି । ଏହି ମନ୍ଦମତିମାନେ ସାମାନ୍ୟଭାବେ ମଧ୍ୟ ବିଚାର କରିପାରୁ ନାହାନ୍ତି ଯେ ବିଷ୍ଣୁ,ରୁଦ୍ର,ଶିବ ପ୍ରଭୃତି ସମସ୍ତ ନାମ ଏକ ଅଦ୍ୱିତୀୟ, ସର୍ବନିୟନ୍ତା, ଅନ୍ତର୍ଯ୍ୟାମୀ ଜଗଦୀଶ୍ୱରଙ୍କ ଅନେକ ଗୁଣ,କର୍ମ,ସ୍ୱଭାବ ହୋଇଥିବାରୁ ସେ ସେହି ବାଚକ ଅଟନ୍ତି ବା ସେହି ନାମରେ ନାମିତ ହୁଅନ୍ତି । ଏପରି ଆଚରଣ ଯୋଗୁଁ ସେମାନଙ୍କ ଉପରେ ପରମେଶ୍ୱରଙ୍କ କୋପ କଟାକ୍ଷ ଜଣ ପଡୁ ନଥିବ ? ବୈଷ୍ଣବମାନଙ୍କର ମାୟାକୁ ଦେଖନ୍ତୁ ----।

ତାପଃ ପୁଣ୍ଡ୍ର ତଥା ନାମ ମାଳା ମନ୍ତ୍ରସ୍ତଥୈବଚ୍ ।
ଅମୀ ହି ପଞ୍ଚ ସଂସ୍କାରାଃ ପରମୈକାନ୍ତ ହେତବଃ ॥୧॥
ଅତପ୍ତ ତନୂର୍ନ ତଦାମୋ ଅଶ୍ନୁତେ ॥ ଇତି ଶ୍ରୁତେଃ ॥

(ଭରଦ୍ୱାଜ ସଂହିତା ପରିଶିଷ୍ଟ ଅ୨ ଶ୍ଳୋ· ୨ ବା ରାମାନୁଜ ପଟଳ ପଦ୍ଧତି)

ଅର୍ଥାତ୍ ତାପଃ - ଶଙ୍ଖ, ଚକ୍ର, ଗଦା,ଓ ପଦ୍ମ ଚିହ୍ନକୁ ଅଗ୍ନିରେ ଉତ୍ତପ୍ତ କରି ଭୁଜମୂଳରେ ଦାଗ ଦିଆଯାଏ । ପୁଣି ତାହାକୁ ଦୁଗ୍ଧପାତ୍ରରେ ବୁଡ଼ାଇ ଶୀତଳ କରାଯାଏ ।କେତେକ ଲୋକ ସେହି ଦୁଗ୍ଧକୁ ପିଇ ଦିଅନ୍ତି ।ବର୍ତ୍ତମାନ ବିଚାରିବାର କଥା, ଯେଉଁମାନେ ସେହି ଦୁଗ୍ଧପାନ କରନ୍ତି ମନୁଷ୍ୟ ମାଂସର ସ୍ୱାଦ ନିଶ୍ଚୟ ସେମାନେ ଭୋଗ କରୁଥିବେ ।ଏପରି କାର୍ଯ୍ୟକଲେ ପରମେଶ୍ୱର ସହଜରେ ଲାଭ ହୁଅନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି । ସେମାନଙ୍କର ମତ ହେଉଛି ଶଙ୍ଖ ଚକ୍ରାଦି ଚିହ୍ନଦ୍ୱାରା ଶରୀରକୁ ନ ଲାଛିବା ପର୍ଯ୍ୟନ୍ତ ପରମେଶ୍ୱରଙ୍କ ସାମୀପ୍ୟ ଲାଭ ହୋଇପାରେ ନାହିଁ । ଯେଣୁ ଶରୀରକୁ ଲାଛି ନ ଦେଲେ ତାହା ଆମଃ ଅର୍ଥାତ୍ କଞ୍ଚାହୋଇ ରହିଯାଏ । ଯେପରି ରାଜ୍ୟରେ ରାଜପ୍ରଦତ୍ତ ପୋଷାକାଦି ଚିହ୍ନ ଧାରଣ କରିଥିବାରୁ ଚପରାସି ମାନଙ୍କୁ ଦେଖି ସମସ୍ତେ ଭୟ କରନ୍ତି, ସେହିପରି ବିଷ୍ଣୁଙ୍କ ଶଙ୍ଖ ଚକ୍ରାଦି ଆୟୁଧଚିହ୍ନକୁ ଦେଖି ବୈଷ୍ଣବମାନଙ୍କ ନିକଟକୁ ଯମରାଜ କିମ୍ବା ଯମଦୂତ ମାନେ ଭୟକରି ଆସିବାକୁ ସାହସ କରନ୍ତି ନାହିଁ ।

ଦୋହା :- ବାନା ବଡ଼ା ଦୟାଲକା, ତିଲକ ଛାପ୍ ଔର୍ ମାଲ୍ ।
ଯମ ଡରପେ କାଲୁ କହେ, ଭୟ ମାନେ ଭୂପୋଲ୍ ।

ଅର୍ଥାତ୍ - ଭଗବାନଙ୍କର ବାନା ହେଉଛି ତିଳକ, ଛାପା ଓ ମାଳା ଧାରଣ କରିବା, ଏସବୁ କଦାପି ସାମାନ୍ୟ ବିଷୟ ନୁହେଁ ।ଏହାକୁ ଦେଖି ଯମରାଜ ଓ ରାଜା ମାନେ ମଧ୍ୟ ଭୟଭୀତ ହୋଇଯାଆନ୍ତି । ଏମାନଙ୍କ ମତରେ ଲଲାଟରେ ତ୍ରିଶୂଳପରି ଚିତ୍ର କଟିବା, ନାମ - ଅର୍ଥାତ୍ ନାରାୟଣ ଦାସ ,ବିଷ୍ଣୁ ଦାସ, ପରି ଦାସ ଶବ୍ଦାନ୍ତ ନାମ ରଖିବା, ଗଳାରେ ମାଳା ଧାରଣ କରିବା , ପୁଣି ପଞ୍ଚମରେ ମନ୍ତ୍ର ଜପ ଯଥା - " **ଓଁ ନମୋ ନାରାୟଣାୟ** " । ୧। (ପଦ୍ମପୁରାଣ ଭାଗ ୬ ଉତ୍ତର ଖଣ୍ଡ ଅ ୭୨ - ୧୧୭)" ଏମାନେ ସାଧାରଣ ମନୁଷ୍ୟମାନଙ୍କପାଇଁ ମଧ୍ୟ ମନ୍ତ୍ର ତିଆରି କରିଛନ୍ତି ।" " ଯଥା----

"ଶ୍ରୀମନ୍ନାରାୟଣ ଚରଣଂ ଶରଣଂ ପ୍ରପଦ୍ୟେ" ।୨ ।
ଶ୍ରୀମତେ ନାରାୟଣାୟ ନମଃ । ୩ ।
ଶ୍ରୀମତେ ରାମାନୁଜାୟ ନମଃ । ୪ ।

(ଭକ୍ତମାଳ ପ୍ରଭୃତି ଗ୍ରନ୍ଥ)

ଏ ସବୁ ମନ୍ତ୍ର ଧନାଢ୍ୟ ଓ ଗଣ୍ୟମାନ୍ୟ ବ୍ୟକ୍ତିଙ୍କପାଇଁ ରଚନା କରିରଖିଛନ୍ତି । ବିଗ୍ଭର କରନ୍ତୁ, ଏହା ମଧ୍ୟ ଗୋଟିଏ ଗୋଟିଏ ଦୋକାନ । ଯେଣୁ ସାଂସାରିକ ବ୍ୟାପାର ପରି ଲୋକଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥା ଭେଦରେ ମନ୍ତ୍ର ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର । କଥାରେ ଅଛି ...... ଯେପରି ମୁଖକୁ ସେପରି ତିଳକ । ଏହି ପାଞ୍ଚ ପ୍ରକାର ସଂସ୍କାରଦ୍ୱାରା ଚକ୍ରାଙ୍କିତ କରିବାକୁ ମୁକ୍ତିର ପଥ ବୋଲି ସେମାନେ ମନେ କରନ୍ତି । ଏହି ମନ୍ତ୍ର ମାନଙ୍କର ଅର୍ଥ ...... ନାରାୟଣଙ୍କୁ ମୁଁ ନମସ୍କାର କରୁଛି ।୧। ଲକ୍ଷ୍ମୀଯୁକ୍ତ ନାରାୟଣଙ୍କ ଚରଣାରବିନ୍ଦରେ ମୁଁ ଶରଣ ପଶୁଛି ।୨। ଶ୍ରୀଯୁକ୍ତ ନାରାୟଣଙ୍କୁ ମୁଁ ନମସ୍କାର କରୁଛି ଅର୍ଥାତ୍ ଶୋଭାଯୁକ୍ତ ନରାୟଣଙ୍କୁ ମୋର ନମସ୍କାର ।୩। ଶ୍ରୀ ରାମାନୁଜଙ୍କୁ ମୋର ନମସ୍କାର ।୪। ପଞ୍ଚ "ମ" କାରକୁ ବାମମାର୍ଗୀମାନେ ଯେପରି ମାନନ୍ତି, ସେପରି ଚକ୍ରାଙ୍କିତାଦି ପଞ୍ଚ ସଂସ୍କାରକୁ ଏମାନେ ଗ୍ରହଣ କରନ୍ତି । ନିଜର ଶଙ୍ଖଚକ୍ର ଗଦା ସଂପର୍କରେ ସେମାନେ ବେଦର ଯେଉଁ ପ୍ରମାଣ ଦିଅନ୍ତି, ତାହା ହେଉଛି....

ପବିତ୍ରଂ ତେ ବିତତଂ ବ୍ରହ୍ମଣସ୍ପତେ
ପ୍ରଭୁର୍ଗାତ୍ରାଣି ପର୍ଯେଷି ବିଶ୍ୱତଃ ।
ଅତପ୍ତତନୂର୍ନ ତଦାମୋ ଅଶ୍ନୁତେ
ଶୃତାସ ଇଦ୍ୱହନ୍ତସ୍ତତ୍ସମାଶତ ।୧।
ତପୋଷ୍ପବିତ୍ରଂ ବିତତଂ ଦିବସ୍ପଦେ ।୨।

(ଋଗ୍‌ବେଦ ମ· ୯-ସୂ·୮୩-ମ·୧-୨)

ଏହାର ଅର୍ଥ ହେଉଛି ...... ହେ ପ୍ରଭୋ ! ଆପଣ ବିଶ୍ୱବ୍ରହ୍ମାଣ୍ଡର ତଥା ସମସ୍ତ ବେଦର ସୃଷ୍ଟି ଓ ପାଳନ କର୍ତ୍ତା, ସର୍ବ ସାମର୍ଥ୍ୟଯୁକ୍ତ, ସର୍ବ ଶକ୍ତିମାନ୍ ଓ ସର୍ବ ବ୍ୟାପକ ଅଟନ୍ତି । ଆପଣଙ୍କ ସେହି ସର୍ବବ୍ୟାପକ ପବିତ୍ର ସ୍ୱରୂପକୁ ବ୍ରହ୍ମଚର୍ଯ୍ୟ, ସତ୍ୟଭାଷଣ, ଶମ, ଦମ, ଯୋଗାଭ୍ୟାସ, ଜିତେନ୍ଦ୍ରିୟତା ଓ ସତ୍ସଙ୍ଗାଦି ତପଃ ବିନା ଅପରିପକ୍ୱ କୌଣସି ଜୀବ ଲାଭକରି ପାରନ୍ତି ନାହିଁ । ଯେଉଁମାନେ ଉକ୍ତ ତପଶ୍ଚରଣଦ୍ୱାରା ଶୁଦ୍ଧପୂତ ହୁଅନ୍ତି ସେମାନେକେବଳ ଆପଣଙ୍କ ଶୁଦ୍ଧପବିତ୍ର ସ୍ୱରୂପକୁ ଲାଭ କରିପାରନ୍ତି ।୧। ଯେ ପ୍ରକାଶ ସ୍ୱରୂପ ପରମେଶ୍ୱରଙ୍କ ସୃଷ୍ଟିରେ ବିସ୍ତୃତ

ପବିତ୍ରାଚରଣ ସ୍ୱରୂପ ତପଃ କରନ୍ତି, ସେ କେବଳ ପରମାତ୍ମାଙ୍କୁ ଲାଭ କରିବାରେ ସମର୍ଥ ହୋଇଥାନ୍ତି ।୨। ବର୍ତ୍ତମାନ ବିଚାରିବାର କଥା - ରାମାନୁଜ ଓ ତତ୍ ସଂପ୍ରଦାୟୀ ମାନେ ଏହି ମନ୍ତ୍ରର ଅର୍ଥ ଚକ୍ରାଙ୍କିତ ବୋଲି କିପରି ସିଦ୍ଧ କରିଛନ୍ତ ? ସେମାନେ ସତରେ ବିଦ୍ୱାନ୍ ଥିଲେ ନା ଅବିଦ୍ୱାନ୍ ? ପ୍ରକୃତରେ ଯଦି ବିଦ୍ୱାନ୍ ଥିଲେ ତେବେ ମନ୍ତ୍ରର ଅର୍ଥ ଏପରି ଅବାନ୍ତର କଲେ କାହିଁକି ? ମନ୍ତ୍ରରେ " **ଅତପ୍ତତନୂଃ**" ଶବ୍ଦ ରହିଛି, କିନ୍ତୁ "**ଅତପ୍ତଭୁଜୈକ ଦେଶଃ**" ବୋଲି ତ ନାହିଁ । ଅତପ୍ତତନୂ କହିଲେ ବୈଷ୍ଣବମାନଙ୍କ ବ୍ୟାଖ୍ୟାନୁସାରେ ନଖଠାରୁ ଆରମ୍ଭ କରି ଶିଖାଗ୍ର ପର୍ଯ୍ୟନ୍ତ ବୁଝାଏ । ତେଣୁ ସମସ୍ତ ଶରୀରକୁ ଅଗ୍ନିକୁଣ୍ଡରେ ପକାଇ ପୋଡ଼ି ଦେବା ଆବଶ୍ୟକ । କିନ୍ତୁ ଏପରି କରିବା ହେଉଛି ବେଦ ବିରୁଦ୍ଧ କର୍ମ ॥ ଯେଣୁ ତପଃ ର ଅର୍ଥ ହେଉଛି ସତ୍ୟ ଭାଷଣାଦି ପବିତ୍ର କର୍ମ ॥ ଯଥା—

" ଋତଂ ତପଃ ସତ୍ୟଂ ତପୋ ଦମସ୍ତପଃ ସ୍ୱାଧ୍ୟାୟସ୍ତପଃ " ॥

(ତୈତ୍ତିରୀୟ ଶିକ୍ଷାବଲ୍ଲୀ ଅନୁ· ୯ ତଥା ତୈ· ଆ· ପ୍ରପା ୧୦ ଅନୁ ୧୦)

ଅର୍ଥାତ୍ ଋତଂ ତପଃ ଯଥାର୍ଥ ଶୁଦ୍ଧପୂତ ଭାବ, ସତ୍ୟଭାଷଣ, ସତ୍ୟଗ୍ରହଣ, ସତ୍ୟ ଆଚରଣ କରିବା, ମନକୁ ଅଧର୍ମ ମାର୍ଗରେ ନ ନେବା, ଇନ୍ଦ୍ରିୟମାନଙ୍କୁ ଅନ୍ୟାୟାଚରଣରୁ ଦୂରେଇ ରଖିବା, ଅର୍ଥାତ୍ ଶରୀର, ଇନ୍ଦ୍ରିୟ ଓ ମନଦ୍ୱାରା ଶୁଭ କର୍ମମାନ କରିବା, ଏସବୁ ଉତ୍ତମ ଧର୍ମଯୁକ୍ତ କାର୍ଯ୍ୟର ନାମ ହେଉଛି ତପ । ଧାତୁଦ୍ରବ୍ୟକୁ ଉତ୍ତପ୍ତ କରି ଶରୀରରେ ଦାଗ ଦେବାକୁ ତପ କହନ୍ତି ନାହିଁ । ଚକ୍ରାଙ୍କିତ ଲୋକେ ନିଜକୁ ଖାଣ୍ଟି ବୈଷ୍ଣବ ବୋଲି ପରିଚୟ ଦେଇଥାନ୍ତି । କିନ୍ତୁ ସେମାନେ ନିଜ ସଂପ୍ରଦାୟର ପରମ୍ପରା ଓ କୁକର୍ମ ପ୍ରତି ଆଦୌ ଦୃଷ୍ଟି ଦିଅନ୍ତି ନାହିଁ । ବୈଷ୍ଣବଗ୍ରନ୍ଥ ଓ ନାଭାଙ୍କ ରଚିତ ଭକ୍ତମାଳ ଗ୍ରନ୍ଥରେ କୁହାଯାଇଛି---- ଏମାନଙ୍କ ମୂଳପୁରୁଷ ଶଠକୋପ "**ବିକ୍ରୀୟ ଶୂର୍ପଂ ବିଚଚାର ଯୋଗୀ**" ଅର୍ଥାତ୍ କୁଲା ତିଆରିକରି ବିକ୍ରୟ କରୁଥିଲେ, ତହିଁରେ ସେ ଜୀବିକା ନିର୍ବାହ କରୁଥିଲେ । ସେ କଞ୍ଜର ଜାତିରେ ଜନ୍ମଗ୍ରହଣ କରିଥିଲେ । ସେ ପାଠପଢିବାପାଇଁ ବ୍ରାହ୍ମଣମାନଙ୍କ ନିକଟକୁ ଯେତେବେଳେ ଯାଉଥିଲେ ସେତେବେଳେ ସେମାନେ ତାଙ୍କୁ ତିରସ୍କାର କରି ବାହାର କରିଦେଲେ । ତେଣୁ ସେ

ବ୍ରାହ୍ମଣମାନଙ୍କ ବିରୁଦ୍ଧରେ ଏକ ସମ୍ପ୍ରଦାୟ ଗଠନ କରି ନିଜ ମନକୁ ଯେପରି ଆସିଲା ଅର୍ଥାତ୍ ତିଳକ, ଚକ୍ରାଙ୍କିତ ପ୍ରଭୃତି ଶାସ୍ତ୍ରବିରୁଦ୍ଧ ମତ ପ୍ରଚାର କଲେ । ତାଙ୍କର ଶିଷ୍ୟ **"ମୁନିବାହନ"** ଚଣ୍ଡାଳ ଜାତିରେ ଜନ୍ମ ହୋଇଥିଲେ । ମୁନିବାହନଙ୍କପରେ ମୁସଲମାନ୍ କୁଳରେ ଜନ୍ମିଥିବା ତାଙ୍କର ଜଣେ ଚେଲା **"ଯାବନାଚାର୍ଯ୍ୟ"** ଉକ୍ତ ମତର ପ୍ରଚାର କରିଥିଲେ । ତାଙ୍କର ନାମକୁ ବଦଳାଇ କେହି କେହି **"ଯାମନାଚାର୍ଯ୍ୟ"** ବୋଲି ତାଙ୍କୁ କହନ୍ତି । ତାହାଙ୍କପରେ ବ୍ରାହ୍ମଣକୁଳରେ ଜାତ ହୋଇଥିବା **"ରାମାନୁଜ"** ଚକ୍ରାଙ୍କିତ ହୋଇ ଉକ୍ତ ଦୀକ୍ଷା ଗ୍ରହଣ କରିଥିଲେ । ତାଙ୍କ ପୂର୍ବରୁ ବୈଷ୍ଣବମତ ପ୍ରଚାରକମାନେ ଦେଶୀୟ ଭାଷାରେ ସେହି ମତ ବିଷୟକ ଗ୍ରନ୍ଥ ରଚନା କରିଥିଲେ । ରାମାନୁଜ କେତେକ ପରିମାଣରେ ସଂସ୍କୃତପଢ଼ି ସଂସ୍କୃତ ଭାଷାରେ ଶ୍ଳୋକବଦ୍ଧ କେତେକ ଗ୍ରନ୍ଥ, ଶାରୀରିକ ସୂତ୍ର ଓ ଶଙ୍କରାଚାର୍ଯ୍ୟଙ୍କୁ ବିରୋଧ କରି କେତେକ ଉପନିଷଦର ଟୀକା କରିଥିଲେ । ସେ ଶଙ୍କରାଚାର୍ଯ୍ୟଙ୍କୁ ବହୁଳଭାବେ ନିନ୍ଦା କରିଛନ୍ତି । ଶଙ୍କରାଚାର୍ଯ୍ୟଙ୍କ ମତ ଅଦ୍ୱୈତ ଅର୍ଥାତ୍ ଜୀବ ଓ ବ୍ରହ୍ମ ଏକ, ଅନ୍ୟ କୌଣସି ପଦାର୍ଥ ବାସ୍ତବିକ ନୁହେଁ, ଜଗତ୍ ପ୍ରପଞ୍ଚ, ସବୁକିଛି ମିଥ୍ୟା ମାୟାରୂପ ଅନିତ୍ୟ । ଏହି ମତ ବିରୁଦ୍ଧରେ ରାମାନୁଜ ପ୍ରଚାର କଲେ...... ଜୀବ,ବ୍ରହ୍ମ ଓ ମାୟା ନିତ୍ୟ । ତାଙ୍କର ବିଶିଷ୍ଟାଦ୍ୱୈତ ଅନୁସାରେ ଜୀବ ଓ ମାୟା ସହିତ ପରମେଶ୍ୱର ଏକ । ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ବ୍ୟର୍ଥ । ଜୀବ ଈଶ୍ୱରଙ୍କ ଅଧୀନ, ପରାଧୀନ ବୋଲି ଗ୍ରହଣ କରିବା ,କଣ୍ଠି , ତିଳକ , ମାଳା , ମୂର୍ତ୍ତି ପୂଜା ଆଦି ପାଷାଣ୍ଡମତ ଚଳାଇବା ପ୍ରଭୃତି ଅବାନ୍ତର କଥାମାନ ଚକ୍ରାଙ୍କିତରେ ରହିଛି ।ବୈଷ୍ଣବମାନେ ଯେତେଦୂର ବେଦ ବିରୋଧୀ , ଶଙ୍କରାଚାର୍ଯ୍ୟ ସେପରି ବେଦବିରୁଦ୍ଧାଚାରୀ ନ ଥିଲେ ।

ପ୍ରଶ୍ନ :- ମୂର୍ତ୍ତିପୂଜା କେଉଁ ଠାରୁ ଆରମ୍ଭ ହେଲା ?

ଉତ୍ତର :- ଜୈନମାନଙ୍କ ଠାରୁ ।

ପ୍ରଶ୍ନ :- କାହିଁକି ସେମାନେ ମୂର୍ତ୍ତି ପୂଜା କଲେ ?

ଉତ୍ତର :- ନିଜର ଅଜ୍ଞାନତାରୁ ସେମାନେ ଏହା ଆରମ୍ଭ କଲେ ।

ପ୍ରଶ୍ନ : - ଜୈନମାନେ ମତ ଦିଅନ୍ତି , ଶାନ୍ତ ତଥା ଧ୍ୟାନାବସ୍ଥିତ ଉପବେଶନ କରିଥିବା ମୂର୍ତ୍ତିମାନଙ୍କୁ ଦେଖିଲେ , ଜୀବର ମଧ୍ୟ ସେହିପରି ଶୁଭ ହୋଇଥାଏ ।

ଉତ୍ତର :- ଜୀବ ଚେତନ ହୋଇଥିବା ସ୍ଥଳେ ମୂର୍ତ୍ତି ହେଉଛି ଜଡ଼ ପଦାର୍ଥ । ତେବେ କଣ ମୂର୍ତ୍ତିପରି ଜୀବ ମଧ୍ୟ ଜଡ଼ ହୋଇଯିବ ? ଏହି ମୂର୍ତ୍ତିପୂଜା କେବଳ ପାଷାଣ୍ଡ ମାନଙ୍କ ର ମତ । ଜୈନମାନେ ହିଁ ଏହି ପାଷାଣ୍ଡ ମତର ପ୍ରବର୍ତ୍ତକ । ଏ ମତର ଖଣ୍ଡନ ଦ୍ୱାଦଶ ସମୁଲ୍ଲାସରେ ବିଶଦ୍ ଭାବରେ କରାଯିବ ।

ପ୍ରଶ୍ନ : - ଶୈବ, ଶାକ୍ତ ପ୍ରଭୃତି ସମ୍ପ୍ରଦାୟମାନେ ମୂର୍ତ୍ତିପୂଜା ଜୈନମାନଙ୍କଠାରୁ ଅନୁକରଣକରି ନାହାନ୍ତି । ଯେଣୁ ବୈଷ୍ଣବାଦିଙ୍କ ମୂର୍ତ୍ତି ଗୁଡ଼ିକ ଜୈନମାନଙ୍କ ମୂର୍ତ୍ତିପରି ନୁହେଁ ।

ଉତ୍ତର :- ଅବଶ୍ୟ ଏହା ଠିକ୍ । ଯଦି ସେମାନେ ଜୈନମାନଙ୍କ ପରି ମୂର୍ତ୍ତି ତିଆରି କରି ଥାଆନ୍ତେ, ତେବେ ସେମାନେ ଜୈନମତ ସହିତ ମିଶିଯାଇଥାନ୍ତେ ।ତେଣୁ ସେମାନେ ଜୈନମୂର୍ତ୍ତିଠାରୁ ନିଜ ମୂର୍ତ୍ତିଗୁଡ଼ିକୁ ଭିନ୍ନରୂପ ଦେଇ ଗଠନ କଲେ । ଯେଣୁ ଏମାନଙ୍କର ଏକ ମାତ୍ର ଉଦ୍ଦେଶ୍ୟଥିଲା, ଜୈନମାନଙ୍କୁ ପୃଥକ୍ କରି ରଖିବା ଓ ସେମାନଙ୍କ ପାଖରୁ ନିଜେ ଦୂରେଇ ରହିବା । ଜୈନମାନେ ସେମାନଙ୍କ ମୂର୍ତ୍ତିଗୁଡ଼ିକୁ ଉଲଗ୍ନ, ଶାନ୍ତ, ଗମ୍ଭୀର ଓ ସଂସାର ବିରକ୍ତ ବ୍ୟକ୍ତିଙ୍କପରି ନିର୍ମାଣ କରନ୍ତି । କିନ୍ତୁ ବୈଷ୍ଣବାଦିମାନେ ସେହି ମୂର୍ତ୍ତିର ବିପରୀତ ଶୃଙ୍ଗାର ଭାବ ବ୍ୟଞ୍ଜକ, ବେଶଭୂଷା ସୁସଜ୍ଜିତ, ଭୋଗରାଗ ବିଳାସାସକ୍ତ ପୁଣି ସସ୍ତ୍ରୀକ ମୂର୍ତ୍ତି ସ୍ଥାପନ କଲେ । ଜୈନୀମାନେ ମୂର୍ତ୍ତିପୂଜା ସମୟରେ ଶଙ୍ଖ, ଘଣ୍ଟା, କରତାଳ ପ୍ରଭୃତି ବାଦ୍ୟବଜାନ୍ତି ନାହିଁ, କିନ୍ତୁ ଏମାନେ ନାନା ପ୍ରକାର ବାଦ୍ୟ ବଜାଇ ପରିବେଶକୁ କୋଳାହଳ ମୁଖରିତ କରିଦିଅନ୍ତି । ଏହିପରି ଜାଲ ବିଛାଇ ବୈଷ୍ଣବାଦି ସମ୍ପ୍ରଦାୟର ପୋପ୍‌ମାନେ ନିଜର ଶିଷ୍ୟ ଓ ଅନୁଯାୟୀମାନଙ୍କୁ ଜୈନ ସମାଜରୁ ବିମୁଖ କରାଇ ନିଜ ସମ୍ପ୍ରଦାୟ ଭିତରେ ଆବଦ୍ଧ କରି ରଖିଲେ । ବ୍ୟାସ, ବଶିଷ୍ଠ, ପ୍ରଭୃତି ମହର୍ଷିମାନଙ୍କ ନାମରେ ବିଭିନ୍ନ ଗାଥା ରଚନା କରି ପ୍ରଚାର କଲେ । ସେ ସବୁକୁ 'ପୁରାଣ' ନାମ ଦେଇ ଶୁଣାଇଲେ । ଏହିପରି ବିଚିତ୍ର ମାୟାମାନ ରଚନା କଲେ । କେହି କେହି ପାଷାଣ୍ଡ ପାଷାଣ ମୂର୍ତ୍ତି ଗଢ଼ି ତାକୁ କୌଣସି ପର୍ବତ ଗୁମ୍ଫାରେ ଅଗନାଅଗନି ଅରଣ୍ୟରେ, ରଖି ନତୁବା ମାଟିତଳେ ତାକୁ ପୋତି ଦେଇ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କଲେ ଯେ ମହାଦେବ, ପାର୍ବତୀ, ରାଧାକୃଷ୍ଣ ସୀତାରାମ, ଲକ୍ଷ୍ମୀନାରାୟଣ, ଭୈରବ, ହନୁମାନ, ପ୍ରଭୃତି ଦେବ ଦେବୀଙ୍କ ନାମ ଧରି କହିଲେ ...... ଅମୁକ ଦେବତା ଆଜି ରାତିରେ ସ୍ୱପ୍ନରେ ମୋତେ କହିଛନ୍ତି ...... ମୁଁ

ଅମୁକ ସ୍ଥାନରେ ଅଛି, ମୋତେ ସେଠାରୁ ଆଣି ମନ୍ଦିରରେ ରଖି ପୂଜା ଆରାଧନା କଲେ ମୁଁ ସମସ୍ତ ମନସ୍କାମନା ପୂର୍ଣ୍ଣ କରିବି । ବୁଦ୍ଧି ବିହୀନ ଅନ୍ଧବିଶ୍ୱାସୀ ଲୋକେ ସେହି ପାଷାଣ୍ଡର ବାକ୍ ଚାତୁରୀରେ ବିଶ୍ୱାସ କର ସେହି ମୂର୍ତ୍ତି କେଉଁଠାରେ ଅଛି ତା ଜାଣିବା ପାଇଁ ଉଦ୍‌ବିଗ୍ନ ହୋଇପଡ଼ନ୍ତି । ସେମାନଙ୍କ ଉଦ୍‌ବିଗ୍ନତାକୁ ଉପଲବ୍ଧି କରି ସେହି ପାଷାଣ୍ଡ କହେ, ଅମୁକ ପାହାଡ଼, ଜଙ୍ଗଲ, ବା ସ୍ଥାନରେ ଅଛନ୍ତି, ମୋ ସଙ୍ଗରେ ଆସ ମୁଁ ଦେଖାଇ ଦେବି । ସେତେବେଳେ ଏହି ମୂର୍ଖ, ବୁଦ୍ଧିହୀନ ଲୋକମାନେ ସେହି ଧୂର୍ତ୍ତ ସଙ୍ଗରେ ଯାଇ ମୂର୍ତ୍ତିଦେଖି ବିସ୍ମିତ ହୋଇ ଯାଆନ୍ତି । ସେହି ପୋପ୍‌ରୂପୀ ଧୂର୍ତ୍ତର ପାଦତଳେ ପଡ଼ି କହନ୍ତି ଆପଣଙ୍କ ଉପରେ ଦେବତାଙ୍କର ଅଶେଷ କୃପା ଅଛି ।ଆପଣ ଏହାଙ୍କୁ ନେଇ ଚାଲନ୍ତୁ, ଆମ୍ଭେମାନେ ମନ୍ଦିର ତିଆରିର ବ୍ୟବସ୍ଥା କରିବୁ । ଆପଣ ମନ୍ଦିରରେ ଦେବତାଙ୍କୁ ସ୍ଥାପନ କରି ତାଙ୍କର ପୂଜା ଆରଧନା କରିବେ ।ଆମ୍ଭେମାନେ ମଧ୍ୟ ଏହି ପ୍ରତ୍ୟକ୍ଷ ଦେବତାଙ୍କୁ ଦର୍ଶନ କରି ନିଜର ମନସ୍କାମନା ପୂର୍ଣ୍ଣ କରିବୁ । ଏପରି ଛଳ କପଟଦ୍ୱାରା ପାଷାଣ୍ଡମାନେ କୃତକାର୍ଯ୍ୟ ହେଉଥିବା ଦେଖି ଅନ୍ୟାନ୍ୟ ସମ୍ପ୍ରଦାୟର ପୋପ୍‌ମାନେ ମଧ୍ୟ ନିଜ ନିଜ ଜୀବିକା ନିର୍ବାହ କରିବାପାଇଁ ବିଭିନ୍ନ କଳକୌଶଳ କରି ବିଭିନ୍ନ ସ୍ଥାନରେ ମୂର୍ତ୍ତି ସ୍ଥାପନ ଓ ମନ୍ଦିରମାନ ନିର୍ମାଣ କରାଇଲେ ।

ପ୍ରଶ୍ନ :- ଈଶ୍ୱର ହେଉଛନ୍ତି ନିରାକାର । ଧ୍ୟାନ କଲେ ମଧ୍ୟ ସେ ଦେଖାଦିଅନ୍ତି ନାହିଁ । ଏଣୁ ମୂର୍ତ୍ତି ରହିବା ଏକାନ୍ତ ଆବଶ୍ୟକ । କିଛି ନ କଲେ ମଧ୍ୟ ମୂର୍ତ୍ତି ସମ୍ମୁଖରେ ଠିଆହୋଇ ହାତଯୋଡ଼ି ବା ଉପବେଶନ କରି ନାମ ସ୍ମରଣ କଲେ କ୍ଷତି କ'ଣ ?

ଉତ୍ତର :- ପରମେଶ୍ୱର ସର୍ବବ୍ୟାପକ ଓ ନିରାକାର ହୋଇଥିବାରୁ ତାଙ୍କର ମୂର୍ତ୍ତି ତିଆରି କରାଯାଇ ପାରିବ ନାହିଁ ।ମୂର୍ତ୍ତିକୁ ଦର୍ଶନ କରି ଯଦି ପରମେଶ୍ୱରଙ୍କୁ ସ୍ମରଣ କରାଯାଇ ପାରୁଛି, ତେବେ ତାଙ୍କ ରଚିତ ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ବନସ୍ପତି ପ୍ରଭୃତି ଅନେକ ଅନେକ ପଦାର୍ଥ ଯେଉଁଥିରେ ଈଶ୍ୱରଙ୍କର ଅଦ୍ଭୁତ କଳା କୌଶଳ ମାନ ପରିପୂର୍ଣ୍ଣ ହୋଇ ରହିଛି, ସେ ସବୁକୁ ଦେଖି ପରମେଶ୍ୱରଙ୍କୁ ସହଜରେ ସ୍ମରଣ କରାଯାଇ ପାରିବ । ମୂର୍ତ୍ତିକୁ ଦେଖି କେବଳ ପରମେଶ୍ୱରଙ୍କୁ ସ୍ମରଣ କରିହୁଏ ଏହା କହିବା ମୂର୍ଖତା ବ୍ୟତୀତ ଅନ୍ୟକିଛି ନୁହେଁ । ମୂର୍ତ୍ତି ନିକଟରେ ଥିଲେ କେବଳ ଈଶ୍ୱରଙ୍କୁ ସ୍ମରଣ କରିହୁଏ, ଏହାଯଦି ସତ୍ୟ, ତେବେ ମନୁଷ୍ୟ ଏକାନ୍ତ ସମୟରେ ଚୋରି, ବ୍ୟଭିଚାର ପ୍ରଭୃତି କୁ କର୍ମରେ ନିଶ୍ଚୟ ପ୍ରବୃତ୍ତ ହେବ । ଯେଣୁ ସେ ବିଚାରିବ ଯେ

ମୋର ଏହି କାର୍ଯ୍ୟକୁ କେହି ଦେଖୁ ନାହାନ୍ତି । ଏ ସକଳ ଦୋଷ ପାଷାଣାଦି ମୂର୍ତ୍ତିପୂଜାଦ୍ୱାରା କେବଳ ସମ୍ଭବ । କିନ୍ତୁ ଯେଉଁ ବ୍ୟକ୍ତି ପାଷାଣାଦି ମୂର୍ତ୍ତି ନ ମାନି ସର୍ବବ୍ୟାପକ, ସର୍ବାନ୍ତର୍ଯ୍ୟାମୀ, ନ୍ୟାୟକାରୀ ଈଶ୍ୱରଙ୍କୁ ସର୍ବତ୍ର ସର୍ବଦା ଅଛନ୍ତି ବୋଲି ବିଶ୍ୱାସ କରେ ଓ ସର୍ବ କର୍ମର ଦ୍ରଷ୍ଟା ବୋଲି ବିଚାରେ, ସେ କୁକର୍ମ କରିବା ଦୂରେଥାଉ, ମନରେ କେବେ କୁଚିନ୍ତା କୁଚେଷ୍ଟା ମଧ୍ୟ କରେ ନାହିଁ । କାରଣ ସେ ବିଚାର କରେପରମେଶ୍ୱର ସର୍ବଦା ମୋର ଅତି ନିକଟରେ ରହି ସବୁ କିଛିକୁ ଦେଖୁଛନ୍ତିମନ, ବଚନ ଓ କର୍ମରେ ଯଦି କୌଣସି ଖରାପ କାମ କରେଁ, ତେବେ ସେହି ସର୍ବାନ୍ତର୍ଯ୍ୟାମୀଙ୍କ ନ୍ୟାୟ ଦଣ୍ଡରୁ କେବେ ରକ୍ଷା ପାଇପାରିବି ନାହିଁ । ଈଶ୍ୱରଙ୍କ କେବଳ ନାମ ସ୍ମରଣରେ କିଛି ଲାଭ ହୁଏ ନାହିଁ । ଯେପରି ମିଶ୍ରି ମିଶ୍ରି କହିଲେ ମୁହଁ କେବେ ମିଠା ହୁଏ ନାହିଁ କି ନିମ୍ବ ନିମ୍ବ କହିଲେ ମୁହଁ କେବେ ପିତା ହୁଏ ନାହିଁ, କିନ୍ତୁ ସେ ସବୁକୁ ଚାଖିଲେ ମିଠା, ପିତା ସବୁକିଛି ଜଣାଯାଏ, ସେହିପରି କେବଳ ନାମ ନ ଧରି, ଈଶ୍ୱରଙ୍କ ପାଇଁ କାର୍ଯ୍ୟ କରିବା ଆବଶ୍ୟକ ।

ପ୍ରଶ୍ନ :- ପୁରାଣମାନଙ୍କରେ ନାମ ସ୍ମରଣର ମାହାତ୍ମ୍ୟ ବହୁଳଭାବେ ବର୍ଣ୍ଣିତ ହୋଇଛି । ତେବେ ସେ ସବୁ କଣ ମିଥ୍ୟା ?

ଉତ୍ତର :- ତୁମର ନାମ ନେବା ଶୈଳୀ ଯଥାର୍ଥ ନୁହେଁ । ଯେପରି ନାମ ସ୍ମରଣ କରିବା କଦାପି ଉଚିତ ନୁହେଁ ।

ପ୍ରଶ୍ନ :- ତେବେ ଆପଣ ଦୟାକରି ବେଦୋକ୍ତ ନାମ ସ୍ମରଣ ପ୍ରଣାଳୀ ଆମକୁ କହିବେ କି ?

ଉତ୍ତର :- ନାମ ସ୍ମରଣ ଏହିପରି ଭାବେ କରିବାକୁ ହେବ । ଦେଖ ---- ଈଶ୍ୱରଙ୍କର ଏକ ନାମ ହେଉଛି "ନ୍ୟାୟକାରୀ" । ଏହାର ଅର୍ଥ ----ଈଶ୍ୱର ପକ୍ଷପାତ ନକରି ସମସ୍ତଙ୍କ ପ୍ରତି ଯଥାର୍ଥ ନ୍ୟାୟ କରନ୍ତି ।ଏହି ଭାବକୁ ଗ୍ରହଣ କରି ସର୍ବଦା ଅନ୍ୟାୟ ଆଚରଣକୁ ପରିତ୍ୟାଗ କରି ନ୍ୟାୟଯୁକ୍ତ ବ୍ୟବହାର କରିବାକୁ ହେବ । ଅନ୍ୟ ଏକ ନାମ ହେଲା------ **"ଅନ୍ତର୍ଯ୍ୟାମୀ"** । ଅର୍ଥାତ୍ ଅନ୍ତରର ଭାବନାକୁ ଯିଏ ଜାଣନ୍ତି । ସେହି ଶବ୍ଦର ଅର୍ଥକୁ ବୁଝି ନିଜ ମନରେ ମଧ୍ୟ ମନ୍ଦ କଥା ବିଚାରିବ ନାହିଁ । ଏପରି ଭାବେ ଗୋଟିଏ ନାମ ସ୍ମରଣ କଲେ ମଧ୍ୟ ସ୍ମରଣକାରୀର ଅଶେଷ କଲ୍ୟାଣ ସାଧିତ ହେବ ।

ପ୍ରଶ୍ନ :- ଈଶ୍ୱର ନିରାକାର ଅଟନ୍ତି, ଅବଶ୍ୟ ଆମେ ଏହା ଜାଣୁ । କିନ୍ତୁ ସେ ଶିବ, ବିଷ୍ଣୁ,ଗଣେଶ ଇତ୍ୟାଦି ରୂପରେ ଅବତୀର୍ଣ୍ଣ ହୁଅନ୍ତି । ପୁଣି ରାମ,କୃଷ୍ଣ ପ୍ରଭୃତି ଶରୀର ଧାରଣ କରନ୍ତି । ଏଣୁ ସେମାନଙ୍କ ମୂର୍ତ୍ତି ରଚନା କରି ପୂଜା କରାଯାଉଛି । ଏହା କେବେ ବେଦ ବିରୁଦ୍ଧ ହୋଇନପାରେ ।

ଉତ୍ତର :- ଏହା ହେଉଛି ବେଦ ବିରୁଦ୍ଧ । " **ଅଜ ଏକପାତ୍**" "**ଅକାୟମ୍**" ପ୍ରଭୃତି ବଚନ ଅନୁଯାୟୀ ବେଦରେ ପରମେଶ୍ୱରଙ୍କୁ ଜନ୍ମମରଣ ଓ ଶରୀର ଧାରଣ ରହିତ ବୋଲି ବର୍ଣ୍ଣନା କରାଯାଇଛି । ପୁଣି ଈଶ୍ୱରଙ୍କ ଅବତାର ବାଦ କଦାପି ଯୁକ୍ତିଯୁକ୍ତ ବା ବେଦସମ୍ମତ ନୁହେଁ । କାରଣ ଯିଏ ଆକାଶ ପରି ସର୍ବତ୍ର ବ୍ୟାପକ, ଅନନ୍ତ ଓ ସୁଖ-ଦୁଃଖ ଇତ୍ୟାଦି ଗୁଣରହିତ ସେ ଏକ ବିନ୍ଦୁ ବୀର୍ଯ୍ୟଦ୍ୱାରା ଗର୍ଭାଶୟରେ ବା ଶରୀରରେ ଆବଦ୍ଧ ହୋଇ କଦାପି ରହିପାରିବେ ନାହିଁ । ଏକ ଦେଶୀୟ ବସ୍ତୁ ଯିବା-ଆସିବା, ବସିବା-ଉଠିବା କାର୍ଯ୍ୟମାନ କରିପାରେ । ଯେ ଅନନ୍ତ, ଅଦୃଶ୍ୟ, ଅଚଳ, ସାମାନ୍ୟଅଣୁ, ପରମାଣୁରେ ମଧ୍ୟ ଯାହାର ଅଭାବ ପରିଲକ୍ଷିତ ହୁଏ ନାହିଁ, ସେ ପୁଣି ଅବତାର ଗ୍ରହଣ କରନ୍ତି, ଏହା କହିବା ବନ୍ଧ୍ୟାର ପୁତ୍ର ବିବାହ କରି ତାର ପୁତ୍ର ପୌତ୍ରାଦି ଦର୍ଶନ କରିବାପରି ଅସମ୍ଭବ ।

ପ୍ରଶ୍ନ :- ପରମେଶ୍ୱର ସର୍ବବ୍ୟାପକ ହୋଇଥିବାରୁ ସେ ମୂର୍ତ୍ତିରେ ମଧ୍ୟ ଅବସ୍ଥାନ କରନ୍ତି । ତେଣୁ ମୂର୍ତ୍ତି ମଧ୍ୟରେ ଈଶ୍ୱରଙ୍କୁ କଳ୍ପନାକରି ପୂଜା କରିବାରେ କ୍ଷତି କଣ ଅଛି ? ଯେଣୁ କଥିତ ହୋଇଛି ...... -

ନ କାଷ୍ଠେ ବିଦ୍ୟତେ ଦେବୋ ନ ପାଷାଣେ ନ ମୃଣ୍ମୟେ ।
ଭାବେ ହି ବିଦ୍ୟତେ ଦେବସ୍ତସ୍ମାଦ୍ ଭାବୋହି କାରଣମ୍ ॥

(ଚାଣକ୍ୟନୀତି ୮-୧୧)

ପରମେଶ୍ୱର କାଠ,ପଥର ବା ମାଟିରେ ନିର୍ମିତ ପଦାର୍ଥରେ ନଥାନ୍ତି ॥ ସେ କେବଳ ଭାବରେ ବିଦ୍ୟମାନ ॥ ଯେଉଁଠାରେ ଭାବନା କରିବ ସେହିଠାରେ ଈଶ୍ୱର ଅଛନ୍ତି ବୋଲି ଜାଣି ପାରିବ ।

ଉତ୍ତର :- ସର୍ବବ୍ୟାପକ ପରମେଶ୍ୱରଙ୍କୁ କୌଣସି ଏକ ବସ୍ତୁରେ ଅବସ୍ଥିତ, ଓ ଅନ୍ୟତ୍ର ଅନୁପସ୍ଥିତ, ଏପରି ବିଚାର କରିବା କଦାପି ଠିକ୍ ନୁହେଁ । ଜଣେ ସାର୍ବଭୌମ,

ଚକ୍ରବର୍ତ୍ତୀ ସମ୍ରାଟଙ୍କୁ ସମସ୍ତ ରାଜସଭାରୁ ଦୂରେଇ ରଖି, ଗୋଟଏ ଛୋଟ କୁଡ଼ିଆର ମାଲିକ ବିଚାରିବା ଯାହା, ଏକଥା ମଧ୍ୟ ହେଉଛି ଠିକ୍ ସେହିପରି । ଏହା କମ୍ ଅପମାନର ବିଷୟ ନୁହେଁ । ତୁମେ ପରମେଶ୍ୱରଙ୍କୁ ଅବମାନନା କରୁଛ । ପ୍ରକୃତରେ ତୁମେ ଯଦି ତାଙ୍କୁ ସର୍ବବ୍ୟାପକ ବୋଲି ମନେକରୁଛ, ତେବେ ଫୁଲ, ପତ୍ର ତୋଳି କାହିଁକି ଚଢ଼ାଉଛ ? ଚନ୍ଦନ ଲେପନ କାହିଁକି କରୁଛ ? ଧୂପ କାହିଁକି ପୋଡୁଛ ? ଶଙ୍ଖ ଘଣ୍ଟ, ମୃଦଙ୍ଗାଦି ଆଦି ବାଦ୍ୟ କାହିଁକି ବଜାଉଛ ? ସେ ତୁମ ହାତରେ ଅଛନ୍ତି, ହାତ କାହାକୁ ଯୋଡୁଛ ? ଶିରରେ ଅଛନ୍ତି ଶିର ନୁଆଁଉଛ କାହିଁକି ? ଅନ୍ନ-ଜଳରେ ତ ଅଛନ୍ତି ନୈବେଦ୍ୟ କାହାକୁ ଦେଉଛ ? ଜଳରେ ରହିଛନ୍ତି କାହାକୁ ସ୍ନାନ କରାଉଛ ? ସେ ସକଳ ପଦାର୍ଥରେ ବ୍ୟାପି ରହିଛନ୍ତି । ତେବେ ତୁମେ ବ୍ୟାପ୍ୟ ନା ବ୍ୟାପକକୁ ପୂଜା କରୁଛ ? ଯଦି ବ୍ୟାପକର ପୂଜା କରୁଛ ତେବେ ଫୁଲ-ଚନ୍ଦନ ଦେଉଛ କାହିଁକି? ଯଦି ବ୍ୟାପ୍ୟର ପୂଜା କରୁଥାଅ, ତେବେ ଈଶ୍ୱରଙ୍କୁ ପୂଜା କରୁଛି ବୋଲି ମିଛ କହିଁକି କହୁଛ ? ଆମେ କାଠ, ପଥରର, ପୂଜକ ବୋଲି ସତକଥା କହୁନାହଁ କାହିଁକି ?

ଏବେ କୁହ ତୁମର ଭାବ ସତ ନା ମିଛ ? ଯଦି ଉତ୍ତରରେ ସତ ବୋଲି କହୁଛ, ତେବେ ତୁମ୍ଭ ଭାବର ଅଧୀନରେ ପରମେଶ୍ୱର ଆବଦ୍ଧ ହୋଇଯିବେ । ଯଦି ତୁମ୍ଭେ ଭାବକୁ ପ୍ରଧାନ ବୋଲି ମନେ କରୁଛ ତେବେ ମାଟିକୁ ସୁନା ରୂପା, ପଥରକୁ ହୀରା ନୀଳା ସମୁଦ୍ର ଫେଣକୁ ମୋତି,ମାଣିକ୍ୟ, ଜଳକୁ ଘିଅ, ଦୁଧ, ଦହି ଆଦି ତଥା ଧୂଳିକୁ ମଇଦା, ଚିନିଭାବନା କରି ସବୁକାମ ଚଳାଇ ନିଅ । ତୁମେ ତ କେବେ ଦୁଃଖର ଭାବନା କରୁନାହଁ ,ତେବେ ତାହା ଆସୁଛି କିପରି ? ସବୁ ବେଳେ ତ ତୁମେ ସୁଖର ଭାବନା କରୁଛ ତାହା ପାଉ ନାହଁ କାହିଁକି ? ଅନ୍ଧଲୋକ ଚକ୍ଷୁର ଭାବନା କରି ଦର୍ଶନଶକ୍ତି କାହିଁକି ପାଉ ନାହିଁ ? ମୃତ୍ୟୁ ଭାବନା କେହି କେବେ ନ କରୁଥିବା ସ୍ଥଳେ ପ୍ରତିଦିନ ଲୋକେ ମରୁଛନ୍ତି କାହିଁକି ? ଏଣୁ ତୁମର ଭାବନା ସତନୁହେଁ । ଯିଏ ଯେଉଁପରି ତାକୁ ସେପରି ଜ୍ଞାନ କରିବା ହିଁ ପ୍ରକୃତ ଭାବନା । ପାଣି କି ପାଣି ବୋଲି ଭାବିବା ବା ନିଆଁକୁ ନିଆଁ ବୋଲି ଭାବିବା ହେଉଛି ପ୍ରକୃତ ଭାବନା, ପାଣିକୁ ନିଆଁ ବା ନିଆଁକୁ ପାଣି ବିଚାରିବାକୁ ଦୁର୍ଭାବନା କୁହାଯିବ । ଯେଉଁ ଜିନିଷ ଯେପରି ତାକୁ ସେପରି ମନେ କରିବା ଜ୍ଞାନ ଓ ବିପରୀତ ମନେ କରିବା ଅଜ୍ଞାନ ଅଟେ । ଏଣୁ ତୁମ୍ଭେ ଭାବନାକୁ ଅଭାବନା, ଓ ଅଭାବନାକୁ ଭାବନା ବୋଲି କହୁଛ ।

ପ୍ରଶ୍ନ :- ବେଦ ମନ୍ତ୍ର ପଢ଼ି ଆବାହନ କଲେ ଦେବତା ଶୀଘ୍ର ଆସନ୍ତି ଓ ବିସର୍ଜନ କଲେ ତତ୍କ୍ଷଣାତ୍ ଚାଲିଯାଆନ୍ତି, ଏହା କଣ ସତ ?

ଉତ୍ତର :- ମନ୍ତ୍ରପଢ଼ି ଦେବତାଙ୍କୁ ଆବାହନ କଲେ ପ୍ରକୃତରେ ସେ ଯଦି ଆସିଯାଆନ୍ତି ତେବେ ତ ମୂର୍ତ୍ତି ବସ୍ତୁ ଉଠନ୍ତା ।ବିସର୍ଜନ କଲେ ଦେବତା ପୁଣି ନିଶ୍ଚେଷ୍ଟ ହୋଇଯାଆନ୍ତା, କିନ୍ତୁ କେବେ କେଉଁଠାରେ ସେପରି ହୁଏ ନାହିଁ । ଦେବତା ପୁଣି କେଉଁଠାକୁ ଆସନ୍ତି ଓ କେଉଁଠାକୁ ଯାଆନ୍ତି ? ଶୁଣ ଭାଇ ପୂର୍ଣ୍ଣ ପରମାତ୍ମା କେଉଁଠାକୁ ଆସନ୍ତି ନାହିଁ କି କେଉଁଠାକୁ ଯାଆନ୍ତି ନାହିଁ ।ମନ୍ତ୍ରଦ୍ୱାରା ତାଙ୍କୁ ଯଦି ଡ଼ାକି ଆଣି ପାରୁଛ ତେବେ ନିଜ ମୃତପୁତ୍ରର ଶରୀରରେ ଜୀବକୁ ପ୍ରବେଶ କରାଉନାହଁ କାହିଁକି ? ପୁଣି ତୁମର ଯିଏ ଶତ୍ରୁ ତାର ଶରୀରରୁ ଜୀବାତ୍ମାକୁ ବିସର୍ଜନ କରି କାହିଁକି ତାକୁ ମାରି ଦେଉନାହଁ ? ହେ ସରଳ ଭାଇମାନେ ! ଏହି ପୋପ୍‌ମାନେ ତୁମ୍ଭମାନଙ୍କୁ ଠକି ନିଜର ସ୍ୱାର୍ଥ ସାଧନ କେବଳ କରୁଛନ୍ତି ।ବେଦରେ କାଠ, ପଥରର ମୂର୍ତ୍ତି ପୂଜା, ଈଶ୍ୱରଙ୍କ ଆବାହନ, ବିସର୍ଜନ ସମ୍ପର୍କରେ ବିନ୍ଦୁ ବିସର୍ଗ ମଧ୍ୟ ସୂଚନା ଦିଆଯାଇ ନାହିଁ ।

ପ୍ରଶ୍ନ :- ପ୍ରାଣା ଇହାଗଚ୍ଛନ୍ତୁ ସୁଖଂ ଚିରଂ ତିଷ୍ଠନ୍ତୁ ସ୍ୱାହା ।

ଆତ୍ମେହାଗଚ୍ଛତୁ ସୁଖଂ ଚିରଂ ତିଷ୍ଠତୁ ସ୍ୱାହା ।

ଇନ୍ଦ୍ରାୟାଣୀହାଗଚ୍ଛନ୍ତୁ ସୁଖଂ ଚିରଂ ତିଷ୍ଠତୁ ସ୍ୱାହା ।

(ପ୍ରତିଷ୍ଠା ମୟୂଖ ଓ ତନ୍ତ୍ର ଗ୍ରନ୍ଥ)

ଏ ସବୁ ବେଦମନ୍ତ୍ର ଥିବା ସ୍ଥଳେ ତୁମେ କିପରି କିଛିନାହିଁ ବୋଲି କହୁଛ ?

ଉତ୍ତର :- ଏହା ତୁମର ଅଜ୍ଞାନତା ବ୍ୟତୀତ ଅନ୍ୟକିଛି ନୁହେଁ । ସୁସ୍ଥ ଚିତ୍ତରେ ଥରେ ବିଚାର କର ଜାଣିବ ଏହା କେବେହେଲେ ବେଦ ବଚନ ନୁହେଁ । ବାମମାର୍ଗୀ ମାନଙ୍କ କପୋଳ କଳ୍ପିତ ବେଦ ବିରୁଦ୍ଧ ତନ୍ତ୍ର ଗ୍ରନ୍ଥର " ପୋପ୍ " ବିରଚିତ ବାକ୍ୟ ମାତ୍ର । ବେଦ ବଚନ କଦାପି ନୁହେଁ ।**ପ୍ରଶ୍ନ :-** ତନ୍ତ୍ର କେବେ କଣ ମିଥ୍ୟା ?

ଉତ୍ତର :- ତନ୍ତ୍ର ମାତ୍ରକେ ମିଥ୍ୟା । ଯେପରି ପାଷାଣାଦି ମୂର୍ତ୍ତି ବିଷୟକ ଆବାହନ ଓ ପ୍ରାଣ ପ୍ରତିଷ୍ଠାଦି ବିଷୟକ ମନ୍ତ୍ର ବେଦରେ ନାହିଁ, ସେହିପରି " **ସ୍ନାନଂ ସମର୍ପୟାମି** " ଏପରି ବଚନମାନ ମଧ୍ୟ ନାହିଁ ।ଏପରିକି " **ପାଷାଣାଦି ମୂର୍ତ୍ତିଂ ରଚୟିତ୍ୱା ମନ୍ଦିରେଷୁ ସଂସ୍ଥାପ୍ୟ ଗନ୍ଧାଦିଭିରର୍ଚ୍ଚୟେତ୍**" ଅର୍ଥାତ୍ ପାଷାଣାଦି ମୂର୍ତ୍ତି ତିଆରି କରି ତାକୁ ମନ୍ଦିରରେ ସ୍ଥାପନ କରି ଚନ୍ଦନାଦିଦ୍ୱାରା ପୂଜା କରିବା ଆବଶ୍ୟକ, ଏପରି ବାକ୍ୟ ମଧ୍ୟ ବେଦରେ ନାହିଁ ।

ପ୍ରଶ୍ନ :- ବେଦରେ ମୂର୍ତ୍ତି ପୂଜାର ବିଧାନ ସିନା ନାହିଁ, କିନ୍ତୁ ନିଷେଧ ତ କରାଯାଇ ନାହିଁ । ଯଦି ଖଣ୍ଡନ ଥାଆନ୍ତା ତେବେ "**ପ୍ରାପ୍ତୌ ସତ୍ୟାଂ ନିଷେଧଃ**" ମୂର୍ତ୍ତି ଥିବା ଯୋଗୁଁ ହିଁ ଖଣ୍ଡନ ସଙ୍ଗତ ହୋଇପାରନ୍ତା ।

ଉତ୍ତର :- ଅବଶ୍ୟ ମୂର୍ତ୍ତି ପୂଜାର ବିଧାନ ନାହିଁ । କିନ୍ତୁ ପରମେଶ୍ୱରଙ୍କ ସ୍ଥାନରେ ଅନ୍ୟ କୌଣସି ପଦାର୍ଥକୁ ପୂଜା କରିବାପାଇଁ ନିଷେଧ କରାଯାଇଛି । କଣ ଅପୂର୍ବ ବିଧି ନୁହେଁ ? ଦେଖ----

ଅନ୍ଧନ୍ତମଃ ପ୍ର ବିଶନ୍ତି ଯେଽସମ୍ଭୂତିମୁପାସତେ ।

ତତୋ ଭୂୟ ଇବତେ ତମୋ ଯ ଉସମ୍ଭୂତ୍ୟାଂ ରତାଃ ॥ ୧ ॥

(ଯଜୁ ଅ୪୦-ମ-୯)

ନ ତସ୍ୟ ପ୍ରତିମା ଅସ୍ତି ॥ ୨ ॥ (ଯଜୁ ଅ୩୨ ମ-୩)

ଯଦ୍‌ବାଗ୍ନନଭ୍ୟୁଦିତଂ ଯେନ ବାଗଭ୍ୟୁଦ୍ୟତେ ।

ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦିଦମୁପାସତେ ॥ ୩ ॥

ଯନ୍ମନସା ନ ମନୁତେ ଯେନାହୁର୍ମନୋଗତମ୍ ।

ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦିଦମୁପାସତେ ॥ ୪ ॥

ଯଚ୍ଚକ୍ଷୁସା ନ ପଶ୍ୟତି ଯେନ ଚକ୍ଷୁଂଷି ପଶ୍ୟନ୍ତି ॥

ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦିଦମୁପାସତେ ॥ ୫ ॥

ଯତ୍ ଶ୍ରୋତ୍ରେଣ ନ ଶୃଣୋତି ଯେନ ଶ୍ରୋତ୍ରମିଦଂ ଶ୍ରୁତମ୍ ।

ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦି ଦମୁପାସତେ ॥ ୬ ॥

ଯତ୍ ପ୍ରାଣେନ ନ ପ୍ରାଣିତି ଯେନ ପ୍ରାଣଃ ପ୍ରଣୀୟତେ ।

ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦି ଦମୁପାସତେ ॥ ୭ ॥

(କେନୋପନିଷଦ୍ ଖ ୧ମ ୪-୮)

ଯେଉଁମାନେ ଅସମ୍ଭୂତି ଅର୍ଥାତ୍ ଅନୁତ୍ପନ୍ନ, ଅନାଦି ପ୍ରକୃତି କାରଣକୁ ବ୍ରହ୍ମଙ୍କ ସ୍ଥାନରେ ଉପାସନା କରନ୍ତି, ସେମାନେ ଅନ୍ଧକାର ଅର୍ଥାତ୍ ଅଜ୍ଞାନ ଓ ଦୁଃଖ ସାଗରରେ ବୁଡ଼ି ମରନ୍ତି । ପୁଣି ଯେଉଁମାନେ ସମ୍ଭୂତି ଅର୍ଥାତ୍ କୌଣସି କାରଣରୁ

ଉତ୍ପନ୍ନ ପୃଥିବୀ ପ୍ରଭୃତି ଭୂତ ପାଷାଣ, ବୃକ୍ଷାଦି ଅବୟବ ଓ ମନୁଷ୍ୟାଦି ଶରୀରକୁ ବ୍ରହ୍ମ ବୋଲି ଉପାସନା କରନ୍ତି, ସେହି ମହାମୂର୍ଖମାନେ ମହାନ୍ଧକାରରେ ବିଲୀନ ହୋଇ ଚିରକାଳ ଦୁଃଖଭୋଗ କରନ୍ତି ॥୧॥ ଯିଏ ସର୍ବବ୍ୟାପକ, ସେହି ନିରାକାର ପରମାତ୍ମା ମୂର୍ତ୍ତିରୂପରେ ଦୃଶ୍ୟମାନ ହୋଇପାରନ୍ତି ନାହିଁ ॥୨॥ ଯିଏ ସର୍ବବ୍ୟାପକ, ବଚନାତୀତ, ପୁନଶ୍ଚ ଯିଏ ନିଜର ଅନନ୍ତ ଶକ୍ତି ପ୍ରଭାବରେ ସମସ୍ତ ବାକ୍‌ଶକ୍ତିର ମୂଳାଧାର, ସେହି ବ୍ରହ୍ମଙ୍କୁ କେବଳ ଉପାସନା କର, ଅନ୍ୟ କୌଣସି ବସ୍ତୁ ଉପାସନାର ଯୋଗ୍ୟ ନୁହେଁ ॥୩॥ ଯେ ମନରୁ ଅତିରିକ୍ତ, ମନଦ୍ୱାରା ଯିଏ ଧରାଯାଇ ପାରନ୍ତି ନାହିଁ, କିନ୍ତୁ ଯିଏ ମନକୁ ଉତ୍ତମରୂପେ ଜାଣନ୍ତି, ସେହି ବ୍ରହ୍ମଙ୍କୁ ତୁମ୍ଭେ ଜାଣ ଓ ଉପାସନା କର । ତାଙ୍କ ବ୍ୟତୀତ ଜୀବ ଓ ଅନ୍ତଃକରଣକୁ ବ୍ରହ୍ମରୂପେ ଉପାସନା କର ନାହିଁ ॥୪॥ ଯିଏ ଆଖିରେ ଦେଖାଯାଆନ୍ତି ନାହିଁ, କିନ୍ତୁ ଯାହାଙ୍କଦ୍ୱାରା ଆଖି ସବୁକିଛିକୁ ଦେଖିପାରେ, ତାହାଙ୍କୁ ବ୍ରହ୍ମ ବୋଲି ଜାଣ ଓ ଉପାସନା କର । କିନ୍ତୁ ତାଙ୍କ ବ୍ୟତୀତ ଦୃଶ୍ୟମାନ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି ପ୍ରଭୃତି ଜଡ଼ ପଦାର୍ଥର ଉପାସନା କର ନାହିଁ ॥୫॥ କର୍ଣ୍ଣରେ ଯିଏ ଶୁଣା ଯାଆନ୍ତି ନାହିଁ, କିନ୍ତୁ ଯାହାଙ୍କଦ୍ୱାରା କର୍ଣ୍ଣ ସବୁକିଛି ଶୁଣିପାରେ ତାହାଙ୍କୁ ବ୍ରହ୍ମ ବୋଲି ଜାଣ ଓ ଉପାସନା କର । ତାଙ୍କ ବ୍ୟତୀତ ଶବ୍ଦାଦିକୁ ବ୍ରହ୍ମ ସ୍ଥାନରେ ଉପାସନା କରନାହିଁ ॥୬॥ ଯିଏ ପ୍ରାଣଶକ୍ତି ପରି ଚଳନଶୀଳ ନୁହନ୍ତି, ଅଥଚ ସମସ୍ତ ପ୍ରାଣର ଯିଏ ପରିଚାଳକ, ତାହାଙ୍କୁ ବ୍ରହ୍ମ ବୋଲି ଜାଣି ଉପାସନା କର, ଏତଦ୍‌ବ୍ୟତୀତ ବାୟୁ ପ୍ରଭୃତିକୁ ଉପାସନା କରନାହିଁ ॥୭॥

ବେଦାଦି ଶାସ୍ତ୍ରରେ ଏପରି ଅନେକ ନିଷେଧ ବାକ୍ୟମାନ ଅଛି ॥ ପୁଣି ପ୍ରାପ୍ତ ଅପ୍ରାପ୍ତ ଅର୍ଥାତ୍ ହେବା ନ ହେବା ଉଭୟ ବିଷୟ ପ୍ରତି ନିଷେଧ କରାଯାଇଛି ॥ "ପ୍ରାପ୍ତ" ଅର୍ଥାତ୍ କୌଣସି ସ୍ଥାନରେ କିଏ ବସିଛି, ତାକୁ ସେଠାରୁ ଉଠାଇଦେବା । "ଅପ୍ରାପ୍ତ" ଯଥା - ହେ ପୁତ୍ର ! ତୁ କେବେ ଚୋରି କରିବୁ ନାହିଁ ।କୂଅଁକୁ ଡେଇଁବୁ ନାହିଁ । ଦୁର୍ଜନ ସଙ୍ଗ ତ୍ୟାଗ କରିବୁ । ବିଦ୍ୟାଧ୍ୟୟନ ପ୍ରତି ବିମୁଖ ହେବୁ ନାହିଁ ଇତ୍ୟାଦି ଅପ୍ରାପ୍ତକୁ ମଧ୍ୟ ନିଷେଧ କରାଯାଏ । ମନୁଷ୍ୟ ଜ୍ଞାନରେ ଅପ୍ରାପ୍ତ ହେଲେହେଁ ପରମେଶ୍ୱରଙ୍କ ଜ୍ଞାନରେ ଥିବା ବିଷୟକୁ ନିଷେଧ କରାଯାଇଛି । ବେଦରେ ନିଷେଧ କରାଯାଇଥିବା ମୂର୍ତ୍ତିପୂଜା ଯଦି କରାଯାଏ ତେବେ ଅବଶ୍ୟ ପାପ ହୋଇଥାଏ ।

ପ୍ରଶ୍ନ :- ମୂର୍ତ୍ତିପୂଜାରେ ପୁଣ୍ୟ ଯଦିଓ ହୁଏ ନାହିଁ, ତେବେ ପାପ ତ ହେବ ନାହିଁ ।

ଉତ୍ତର :- କର୍ମ ଦୁଇ ପ୍ରକାରର ଯଥା କର୍ତ୍ତବ୍ୟ ଓ ନିଷିଦ୍ଧ । ସତ୍ୟ ଭାଷଣାଦି ଯେଉଁ ଯେଉଁ କର୍ମ କରିବାପାଇଁ ବେଦରେ ଆଦେଶ ଅଛି, ତାକୁ କରିବା ଧର୍ମ, ନ କରିବା ହେଉଛି ପାପ । ମିଥ୍ୟା ଭାଷଣାଦି ଯେଉଁ କାର୍ଯ୍ୟମାନ ନିଷେଧ କରାଯାଇଛି, ତାହା ନକରିବା ଧର୍ମ ଏବଂ କରିବା ହେଉଛି ଅଧର୍ମ ବା ପାପ । ବେଦରେ ନିଷେଧ କରାଯାଇଥିବା ମୂର୍ତ୍ତିପୂଜାଦି କର୍ମ ଯେଣୁ ତୁମ୍ଭେ କରୁଛ, ତେଣୁ ତୁମ୍ଭେ କାହିଁକି ବା ପାପୀ ହେବନାହିଁ ।

ପ୍ରଶ୍ନ :- ଦେଖନ୍ତୁ, ବେଦ ଅନାଦି ଅଟେ । ପୂର୍ବ କାଳରେ ଦେବତାମାନେ ପ୍ରତ୍ୟକ୍ଷ ଥିଲେ, ତେଣୁ ସେତେବେଳେ ମୂର୍ତ୍ତିପୂଜାର ଆବଶ୍ୟକତା ନଥିଲା । ପରବର୍ତ୍ତୀ କାଳରେ ତନ୍ତ୍ର ଓ ପୁରାଣଦ୍ୱାରା ଏହି ରୀତି ପ୍ରବର୍ତ୍ତିତ ହେଲା । କ୍ରମେ ମନୁଷ୍ୟର ଜ୍ଞାନ ଓ ସାମର୍ଥ୍ୟ ନ୍ୟୁନ ହୋଇଯିବାରୁ ଧ୍ୟାନଦ୍ୱାରା ଈଶ୍ୱରଙ୍କୁ ଜାଣିବା ସମ୍ଭବପର ହେଲା ନାହିଁ । ମୂର୍ତ୍ତିଦ୍ୱାରା ମନୁଷ୍ୟ ସହଜରେ ଉପାସନା କରିପାରିବ । ଏଣୁ ସେତେବେଳେ ସେମାନଙ୍କପାଇଁ ମୂର୍ତ୍ତିପୂଜାର ଆବଶ୍ୟକତା ଅନୁଭୂତ ହେଲା । ପାହାଚ ପରେ ପାହାଚ ଅତିକ୍ରମ କଲେ ସିନା ଘର ଉପରକୁ ଯାଇହେବ । ପାହାଚକୁ ଛାଡ଼ିଦେଲେ ଉପରକୁ କେହି କେବେ ଯାଇପାରିବ ନାହିଁ । ଏଣୁ ମୂର୍ତ୍ତିପୂଜା ହେଉଛି ପ୍ରଥମ ସୋପାନ । ଏହିପରି ପୂଜା କରୁ କରୁ ଯେତେବେଳେ ଜ୍ଞାନ ବଢ଼ିବ, ଓ ଅନ୍ତଃକରଣ ପବିତ୍ର ହୋଇଯିବ, ସେତେବେଳେ ଈଶ୍ୱରଙ୍କୁ ଧ୍ୟାନ କରିବାରେ ସହଜ ହେବ । ଯେପରି ଲକ୍ଷ୍ୟ ସାଧକ ପ୍ରଥମେ ସ୍ଥୂଳ ଜିନିଷରେ ତୀର ବା ଗୁଳି ନିକ୍ଷେପ କରି ଅଭ୍ୟାସ ହୋଇଯିବାପରେ ସୂକ୍ଷ୍ମ ବସ୍ତୁକୁ ଶରବିଦ୍ଧ କରିପାରେ, ସେହିପରି ସ୍ଥୂଳ ମୂର୍ତ୍ତିକୁ ପୂଜା କରି କରି ମନୁଷ୍ୟ ପରବର୍ତ୍ତୀ ସମୟରେ ସୂକ୍ଷ୍ମ ବ୍ରହ୍ମଙ୍କପାଖରେ ପହଞ୍ଚିଯାଏ । ଝିଅମାନେ ମଧ୍ୟ ସଂସାର କ୍ଷେତ୍ରରେ ପ୍ରବେଶ କରିବା ପୂର୍ବରୁ ପ୍ରାୟଶଃ କଣ୍ଢେଇ ଖେଳରେ ପ୍ରବୃତ୍ତ ହୋଇଥାଆନ୍ତି । ସେହିପରି ମୂର୍ତ୍ତିପୂଜା କୌଣସି ଦୁଷ୍କର୍ମ ନୁହେଁ ।

ଉତ୍ତର :- ବେଦ ବିହିତ କର୍ମ ମାତ୍ରକେ ଧର୍ମ କିନ୍ତୁ ବେଦର ବିରୁଦ୍ଧାଚରଣ କରିବା ଅଧର୍ମ ବୋଲି କୁହାଯାଇଛି । ତେଣୁ ତୁମ କହିବା ଅନୁସାରେ ମୂର୍ତ୍ତିପୂଜା ଏକାବେଳକେ ଅଧର୍ମ ବୋଲି ପ୍ରତିପାଦିତ ହେଉଛି । ଯେଉଁ ଗ୍ରନ୍ଥ ବେଦବିରୁଦ୍ଧ ତାର ଉଦାହରଣ

ଦେବା ନାସ୍ତିକର କାର୍ଯ୍ୟ ବ୍ୟତୀତ ଅନ୍ୟ କିଛି ନୁହେଁ । ଯେଣୁ ......

ନାସ୍ତିକୋ ବେଦନିନ୍ଦକଃ ॥୧॥ (ମନୁ ୨-୧୧)

ଯା ବେଦବାହ୍ୟାଃ ସ୍ମୃତୟୋ ଯାଶ୍ଚ କାଶ୍ଚ କୁଦୃଷ୍ଟୟଃ ।

ସର୍ବାସ୍ତା ନିଷ୍ଫଳାଃ ପ୍ରେତ୍ୟ ତମୋନିଷ୍ଠା ହି ତାଃ ସ୍ମୃତାଃ ॥୨॥

ଉତ୍ପଦ୍ୟନ୍ତେ ଚ୍ୟବନ୍ତେ ଚ ଯାନ୍ୟତୋଽନ୍ୟାନି କାନିଚିତ୍ ।

ତାନ୍ୟର୍ବାକ୍ କାଳିକତୟା ନିଷ୍ଫଳାନ୍ୟନୃତାନି ଚ ॥୩॥

(ମନୁ ଅ୧୨- ଶ୍ଳୋ-୯୫-୯୬)

ମହର୍ଷି ମନୁ କହିଛନ୍ତି — ଯେଉଁମାନେ ବେଦର ନିନ୍ଦାକାରୀ ଅର୍ଥାତ୍ ଅପମାନ,ତ୍ୟାଗ ବା ବିରୁଦ୍ଧାଚରଣ କରନ୍ତି ସେମାନେ ହେଉଛନ୍ତି ନାସ୍ତିକ ॥୧॥ ଯେଉଁସବୁ ଗ୍ରନ୍ଥ ବେଦ ବହିର୍ଭୂତ, ପୁଣି କୁତ୍ସିତ ଲୋକଙ୍କଦ୍ୱାରା ବିରଚିତ, ସେହି ସବୁ ଗ୍ରନ୍ଥ ହେଉଛି ଅସତ୍ୟ ନିଷ୍ଫଳ, ଅନ୍ଧକାରରୂପୀ, ତାହା ଇହଲୋକ ଓ ପରଲୋକରେ ଦୁଃଖ ପ୍ରଦାନ କରେ ॥୨॥ ବେଦବିରୁଦ୍ଧ ଗ୍ରନ୍ଥମାନ ସହଜରେ ପ୍ରକାଶିତ ହୁଏ ଓ ତାହା ଚିରକାଳ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହିପାରେ ନାହିଁ, ଅଳ୍ପସମୟରେ ତାହା ନଷ୍ଟ ହୋଇଯାଏ । ଯେଣୁ ସେପରି ଗ୍ରନ୍ଥରେ ସତ୍ୟ, ଶାଶ୍ୱତ ତତ୍ତ୍ୱ ନ ଥାଏ । ସେହି ମିଥ୍ୟାଗ୍ରନ୍ଥକୁ ମାନିବା ଲାଭଦାୟକ ହୁଏ ନାହିଁ ॥୩॥ ଏପରିକି ବ୍ରହ୍ମାଙ୍କଠାରୁ ଆରମ୍ଭକରି ଜୈମିନି ମହର୍ଷି ପର୍ଯ୍ୟନ୍ତ ସମସ୍ତ ମୁନି ଋଷି ମତଦିଅନ୍ତି ଯେ ବେଦବିରୁଦ୍ଧ ଯାବତୀୟ କର୍ମ ହେଉଛି ଅଧର୍ମ ଏବଂ ବେଦାନୁକୂଳ ଆଚରଣ ହିଁ ଧର୍ମ । କାରଣ- ବେଦ କେବଳ ସତ୍ୟ ପ୍ରତିପାଦକ ଗ୍ରନ୍ଥ । ଏତଦ୍‌ବ୍ୟତୀତ ସମସ୍ତ ପୁରାଣ ଓ ତନ୍ତ୍ର ବେଦ ବିରୁଦ୍ଧ ହେତୁ ମିଥ୍ୟା । ତହିଁରେ ଯେଉଁ ମୂର୍ତ୍ତିପୂଜା ବିଷୟ ଅଛି ତା ମଧ୍ୟ ହେଉଛି ଅଧର୍ମ ।

ଜଡ଼ ପୂଜାଦ୍ୱାରା ମନୁଷ୍ୟର ଜ୍ଞାନ ବୃଦ୍ଧି ହୁଏ ନାହିଁ ବରଂ ଯା କିଛି ଜ୍ଞାନ ଥାଏ, ତାହା ନଷ୍ଟ ହୋଇଯାଏ । ଏଣୁ ଜ୍ଞାନୀଲୋକଙ୍କ ସେବା ଓ ସଙ୍ଗ କରିବା ଉଚିତ ॥ କାରଣ ତଦ୍ୱାରା ଜ୍ଞାନ ବୃଦ୍ଧି ହୁଏ । କାଷ୍ଠ ପାଷାଣାଦି ମୂର୍ତ୍ତିପୂଜାରୁ ଜ୍ଞାନ କଦାପି ବିକଶିତ ହୋଇପାରେ ନାହିଁ । ମୂର୍ତ୍ତିପୂଜା ଈଶ୍ୱର ପ୍ରାପ୍ତିର ସୋପାନ ନୁହେଁ । ଏହା ହେଉଛି ଏକ ଖାଇ ବା ନାଳ ସଦୃଶ । ଏଥିରେ ପଡ଼ିଗଲେ ଯେ କେହି ହୁଅନ୍ତୁ ନା

କାହିଁକି, ସେମାନଙ୍କ ଗୋଡ଼ ହାତ, ଭାଙ୍ଗି ଚୂର୍ଣ୍ଣ ହୋଇଯାଏ । ଏ ଖାଇରୁ ବାହାରି ନପାରି ଶେଷରେ ଜୀବନ ଧ୍ୱଂସ ହୋଇଯାଏ । ଅବଶ୍ୟ ଛୋଟଧରଣର ଧାର୍ମିକ ବିଦ୍ୱାନଙ୍କଠାରୁ ଆରମ୍ଭକରି ମହାମହା ବିଦ୍ୱାନ୍, ପରମଯୋଗୀମାନଙ୍କର ସଙ୍ଗ ବିଦ୍ୟାଦାନ ତଥା ସତ୍‌ଭାଷଣାଦି ପରମେଶ୍ୱର ପ୍ରାପ୍ତିପାଇଁ ବିଶେଷ ଉପଯୋଗୀ । ଏହାକୁ ପ୍ରକୃତ ସୋପାନ କହିବା ଯଥାର୍ଥ ହେବ । ଦେଖାଯାଉଛି ମୂର୍ତ୍ତିପୂଜକମାନେ ଏପର୍ଯ୍ୟନ୍ତ କେହି ଜ୍ଞାନୀ ହୋଇପାରି ନାହାନ୍ତି, ବରଂ ସମସ୍ତ ମୂର୍ତ୍ତିପୂଜକ ଅଜ୍ଞାନାନ୍ଧକାରରେ ବୁଡ଼ି ରହି ଦୁର୍ଲଭ ମାନବ ଜନ୍ମକୁ ବ୍ୟର୍ଥ କରି ଦେଉଛନ୍ତି ଓ ସଂସାରରୁ ବିଦାୟ ନେଉଛନ୍ତି । ଯେଉଁମାନେ ମୂର୍ତ୍ତିପୂଜା କରୁଛନ୍ତି ବା କରିବେ, ସେମାନେ ମଧ୍ୟ ମାନବ ଜୀବନକୁ ନଷ୍ଟ କରି ଧର୍ମ,ଅର୍ଥ,କାମ, ମୋକ୍ଷ ଚତୁର୍ବର୍ଗ ଫଳରୁ ବଞ୍ଚିତ, ହୋଇ ନଷ୍ଟ ହେବେ । ସୂକ୍ଷ୍ମାତିସୂକ୍ଷ୍ମ ବ୍ରହ୍ମଙ୍କ ପ୍ରାପ୍ତି ନିମିତ୍ତ ମୂର୍ତ୍ତିପୂଜା କଦାପି ସହାୟକ ହୋଇପାରେ ନାହିଁ । ସତ୍‌ଶିକ୍ଷା,ସତ୍ସଙ୍ଗ ଓ ସଦାଚାର କେବଳ ଈଶ୍ୱର ପ୍ରାପ୍ତିର ଏକମାତ୍ର ପନ୍ଥା । ତେଣୁ ସେଗୁଡ଼ିକୁ ବୁଝି କରି କରିଲା ଶେଷରେ ବ୍ରହ୍ମଙ୍କୁ ସାକ୍ଷାତ୍କାର କରିହୁଏ ! ମୂର୍ତ୍ତି କଣ୍ଢେଇ ଖେଳ ସଦୃଶ ହୋଇ ନପାରେ, ବରଂ ପ୍ରଥମେ ଅକ୍ଷରଲାଭ ଭଳି ସୁଶିକ୍ଷା ପ୍ରାପ୍ତ ହେବାହିଁ କଣ୍ଢେଇ ଖେଳଭଳି । ଏହାଦ୍ୱାରା ବ୍ରହ୍ମପ୍ରାପ୍ତିର ପଥ ସୁଗମ ହୋଇଥାଏ । ସୁଶିକ୍ଷାମାନ ପ୍ରାପ୍ତ ହେଲାପରେ ହିଁ ପରମାତ୍ମା ମିଳିପାରିବେ ।

ପ୍ରଶ୍ନ :- ସାକାର ବସ୍ତୁରେ ମନ ସ୍ଥିର ହୋଇ ରହେ, କିନ୍ତୁ ନିରାକାରରେ ମନ ସ୍ଥିର ରହିବା ସମ୍ଭବପର ନୁହେଁ । ଏଣୁ ମୂର୍ତ୍ତିପୂଜା ରହିବା ଏକାନ୍ତ ଆବଶ୍ୟକ ।

ଉତ୍ତର :- ସାକାର ବସ୍ତୁରେ ମନ କଦାପି ସ୍ଥିର ହୋଇ ରହେ ନାହିଁ । କାରଣ ମନ ତାକୁ ଶୀଘ୍ର ଗ୍ରହଣ କରି ତାର ଗୋଟିଏ ଗୋଟିଏ ଅଙ୍ଗରେ ଘୂରି ବୁଲେ । ପୁଣି କ୍ଷଣକ ମଧ୍ୟରେ ଅନ୍ୟ ଆଡ଼କୁ ପ୍ରଧାବିତ ହୁଏ । କିନ୍ତୁ ନିରାକାର ଈଶ୍ୱରଙ୍କଠାରେ ସମସ୍ତ ସାମର୍ଥ୍ୟ ସହିତ ମନୋନିବେଶ କଲେ ମଧ୍ୟ ତାଙ୍କର ଅନ୍ତ ପାଇପାରେ ନାହିଁ । ପୁଣି ଈଶ୍ୱର ନିରବୟବ ହୋଇଥିବାରୁ ମନ ଚଞ୍ଚଳ ହୋଇ ଅନ୍ୟଦିଗକୁ ଚାଲିଯାଏ ନାହିଁ । ତାଙ୍କର ଅସୀମ ଗୁଣ,କର୍ମ,ସ୍ୱଭାବକୁ ବିଚାର କରି ଆନନ୍ଦରେ ନିମଗ୍ନ ହୁଏ ଓ ସ୍ଥିର ହୋଇ ରହେ । ସାକାର ବସ୍ତୁରେ ମନ ଯଦି ସ୍ଥିର ରହୁଥାନ୍ତା, ତେବେ ଜଗତରେ ସମସ୍ତଙ୍କ ମନ ସର୍ବଦା ସ୍ଥିର ହୋଇ ରହନ୍ତା । କିନ୍ତୁ ଦେଖିବାକୁ ମିଳେ ସେମାନଙ୍କର

ମନ ସର୍ବଦା ଅନ୍ୟମନୁଷ୍ୟ ସ୍ତ୍ରୀ,ପୁତ୍ର,ମିତ୍ର,ଧନାଦି ସାକାର ବସ୍ତୁ ଭାବନାରେ ବ୍ୟାକୁଳିତ ହୋଇ ରହେ । କାହାରି ମନ କେବେ ସ୍ଥିର ହୋଇ ରହୁ ନାହିଁ । କେବଳ ନିରବୟବ ବସ୍ତୁରେ ହିଁ ମନର ସ୍ଥିରତା ସମ୍ଭବ । ଏଣୁ ମୂର୍ତ୍ତିପୂଜା ହେଉଛି ଅଧର୍ମକାର୍ଯ୍ୟ । ଦ୍ୱିତୀୟତଃ — ମନ୍ଦିରାଦି ନିର୍ମାଣ କରିବାରେ କୋଟି କୋଟି ଟଙ୍କା ବ୍ୟୟ କରି ଦରିଦ୍ର ହେବାକୁ ପଡ଼େ । ଏହାଦ୍ୱାରା ପ୍ରମାଦ ମଧ୍ୟ ସୃଷ୍ଟି ହୁଏ । ତୃତୀୟରେ— ମନ୍ଦିରରେ ସ୍ତ୍ରୀପୁରୁଷ ଏକତ୍ର ମେଳ ହେଉଥିବାରୁ ବ୍ୟଭିଚାର,ଦ୍ୱନ୍ଦ,କଳହ ଓ ରୋଗାଦି ଜନ୍ମେ । ଚତୁର୍ଥ — ପୂଜକମାନେ ମୂର୍ତ୍ତିପୂଜାକୁ ହିଁ ଧର୍ମ,ଅର୍ଥ,କାମ ଓ ମୋକ୍ଷର ସାଧନ ମନେ କରି ଦୁର୍ଲଭ ମାନବ ଜୀବନକୁ ବ୍ୟର୍ଥରେ ବିତାଇ ଦିଅନ୍ତି । ପଞ୍ଚମ— ମୂର୍ତ୍ତିଗୁଡ଼ିକ ଭିନ୍ନ ଭିନ୍ନ ଆକାର-ପ୍ରକାର, ନାମ ଓ ଚରିତ୍ର ଯୁକ୍ତ ହେବାରୁ ପୂଜକମାନଙ୍କ ମଧ୍ୟରେ ଏକମତ ରହି ପାରେ ନାହିଁ । ପରସ୍ପର ମଧ୍ୟରେ ବିରୋଧ ସୃଷ୍ଟି ହୋଇ ସମାଜର ଏକତା ନଷ୍ଟ ହୁଏ ଓ ଦେଶର ପ୍ରଭୂତ କ୍ଷତି ସାଧିତ ହୁଏ । ଷଷ୍ଠ — ମୂର୍ତ୍ତିକୁ ଭରସାକରି ମାନବ ଶତ୍ରୁର ପରାଜୟ ଓ ନିଜର ବିଜୟ କାମନା କରି ନିଷ୍କର୍ମା ହୋଇ ବସିରହେ । ଶେଷରେ ନିଜେ ପରାଜିତ ହୋଇ,ରାଜ୍ୟ,ସ୍ୱାଧୀନତା, ସବୁକିଛିକୁ ହରାଇ, ନିଜେ ନିରୁପାୟ ହୋଇଯାଏ ଓ ଶତ୍ରୁ ଅଧୀନରେ ଜୀବନ ଅତିବାହିତ କରେ । ସପ୍ତମ- ଯଦି କୌଣସି ବ୍ୟକ୍ତି ଅନ୍ୟ କାହାକୁ କହେ, ମୁଁ ତୋ ବସିବା ସ୍ଥାନରେ ଏବଂ ତୋ ନାମରେ ପଥର ପକାଇ ଦେବି, ତେବେ ସେହି ଲୋକ ତାପ୍ରତି କ୍ରୋଧାନ୍ୱିତ ହୋଇ ତାକୁ ଗାଳିଦିଏ ଓ ମାରିବାକୁ ମଧ୍ୟ ଉଦ୍ୟତ ହୁଏ । ସେପରି ଈଶ୍ୱରଙ୍କ ନାମରେ ବା ତାଙ୍କ ଉପାସନା ପୀଠରେ କେହି ଯଦି ପଥର ରଖେ ତେବେ ଈଶ୍ୱର ତାପ୍ରତି ରାଗିଯାଇ ତାର ସର୍ବନାଶ ବା କାହିଁକି ନ କରିବେ । ଅଷ୍ଟମ — ମୂର୍ତ୍ତିପୂଜକମାନେ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ମନ୍ଦିରରୁ ମନ୍ଦିର ପୁଣି ଦେଶ ଦେଶାନ୍ତର ଭ୍ରମଣ କରି ବହୁ କ୍ଳେଶ ଭୋଗ କରନ୍ତି । ଧର୍ମ, ସଂସାର, ଓ ପରମାର୍ଥ କାର୍ଯ୍ୟ ନ କରି ଅଯଥାରେ ସମୟ ନଷ୍ଟ କରେ, ପୁଣି ଚୋର, ଠକ ଓ ଦୁର୍ବୃତ୍ତ ମାନଙ୍କ ଦ୍ୱାରା ଲୁଣ୍ଠିତ ଓ ପୀଡ଼ିତ ହୋଇଥାନ୍ତି । ନବମ — ମୂର୍ତ୍ତି ପୂଜା ସକାଶେ ପୂଜକମାନଙ୍କୁ ଯେଉଁ ଧନ ଦିଆଯାଏ ତାକୁ ସେମାନେ ବେଶ୍ୟାଗମନ, ମଦ୍ୟ ମାଂସ ସେବନ, ଲଢ଼େଇ ଝଗଡ଼ାରେ ବ୍ୟୟ କରନ୍ତି । ଏ ସବୁ କାର୍ଯ୍ୟକୁ ଦେଖି ଧର୍ମକର୍ତ୍ତାର ହୃଦୟରେ ଅନେକ ଅଶାନ୍ତି ଓ କ୍ଷୋଭ ଜାତ ହୋଇଥାଏ ।

ଦଶମ — ମାତା, ପିତା, ଗୁରୁଜନ ପ୍ରଭୃତିଙ୍କୁ ଅବମାନନା କରି ବା ସେମାନଙ୍କର ସେବା ଶୁଶ୍ରୂଷା ନକରି କେବଳ ମୂର୍ତ୍ତି ପୂଜାରେ ମାତିରହି କୃତଘ୍ନ ହୋଇଥାନ୍ତି । ସୁନ୍ଦର ମାନବ ଜନ୍ମକୁ ନରକପଥକୁ ଟାଣି ନେଇଥାନ୍ତି । ଏକାଦଶ — ମୂର୍ତ୍ତିକୁ କେହି ଯଦି ଚୋରି କରି ନେଇଯାଏ, ନତୁବା ଭାଙ୍ଗି ପୋପାଡ଼ି ଦିଏ, ତେବେ ମୂର୍ତ୍ତିପୂଜକ ମାନେ ବୃଥା ମନସ୍ତାପ ଭୋଗ କରନ୍ତି । ଦ୍ୱାଦଶ - ପୂଜାରୀ ପର ସ୍ତ୍ରୀ ସଙ୍ଗ ଓ ପୂଜାରିଣୀ ପର ପୁରୁଷ ସହିତ ଦୂଷିତ ହୋଇ, ସ୍ତ୍ରୀ ପୁରୁଷ ମଧ୍ୟରେ ଯେପରି ସ୍ନେହସମ୍ବନ୍ଧ ରହିବା କଥା ତାକୁ ନଷ୍ଟ କରି ଦେଇଥାନ୍ତି । ତ୍ରୟୋଦଶ — ସ୍ୱାମୀ ଓ ସେବକମାନଙ୍କ ମଧ୍ୟରେ ମତାନ୍ତର ଘଟିଥାଏ । ସେମାନେ ପରସ୍ପରର ବିରୋଧୀ ହୋଇ ସର୍ବଦା ମାଲିମୋକଦ୍ଦମାରେ ଲିପ୍ତ ଥାଆନ୍ତି । ଚତୁର୍ଦ୍ଦଶ- ଜଡ଼ ଉପାସକର ଆତ୍ମା ମଧ୍ୟ ଜଡ଼ ବୁଦ୍ଧି ପ୍ରାପ୍ତ ହୁଏ । ଯେଣୁ ଉପାସ୍ୟ ଜଡ଼ ବସ୍ତୁର ଜଡ଼ତ୍ୱ ଅନ୍ତଃକରଣ ଦେଇ କ୍ରମଶଃ ଆତ୍ମାରେ ପ୍ରବେଶ କରେ । ପଞ୍ଚଦଶ- ବାୟୁ ଜଳ ପ୍ରଭୃତିର ଦୁର୍ଗନ୍ଧ ନିବାରଣ ଓ ନୀରୋଗ କରିବା ପାଇଁ ଈଶ୍ୱର ପୁଷ୍ପାଦି ସୁଗନ୍ଧିଯୁକ୍ତ ପଦାର୍ଥ ସୃଷ୍ଟି କରିଛନ୍ତି । କିନ୍ତୁ ପୂଜାରୀ ସେ ସବୁକୁ ଅଧିକଦିନ ଗଛ ଲତାରେ ରହିବାକୁ ନ ଦେଇ ସେ ସବୁକୁ ଦେବତାଙ୍କୁ ଦେବାପାଇଁ କମ୍ ଦିନରେ ନଷ୍ଟ କରିଦିଏ ।ସ୍ୱାଭାବିକ ଭାବରେ ଏହା ଯଦି ଗଛଲତାରେ ରହନ୍ତା ତେବେ ଦୀର୍ଘସମୟପର୍ଯ୍ୟନ୍ତ ବାୟୁକୁ ଶୁଦ୍ଧ କରିବାରେ ସାହାଯ୍ୟ କରିଥାଆନ୍ତା । ତା ନ ହୋଇ ଓଲଟା ଏହା ପାତ୍ରକା କୁଣ୍ଡରେ ପଡ଼ି ପଚିଯାଇ ଦୁର୍ଗନ୍ଧ ସୃଷ୍ଟିକରେ । ପଥର ଉପରେ ଚଢ଼ାଇବାପାଇଁ ଈଶ୍ୱର କଣ ଫୁଲଗୁଡ଼ିକୁ ତିଆରି କରିଛନ୍ତି ? ଷୋଡ଼ଶ — କାଷ୍ଠ ପାଷାଣାଦି ମୂର୍ତ୍ତି ଉପରେ ଚଢ଼ାଯାଇଥିବା ଫୁଲ, ପତ୍ର ସବୁ କୁଣ୍ଡରେ ପଚି, ପୋକ ହୋଇ ରୋଗ ବ୍ୟାପିବାରେ ସହାୟ୍ୟ କରେ । ପୁଣି ଅନେକ କ୍ଷୁଦ୍ର ଜୀବ: ଓ କୀଟାଣୁ ସେହି ଦୂଷିତ ଜଳ କୁଣ୍ଡରେ ପଡ଼ି ମୃତ୍ୟୁବରଣ କରିବା ସଙ୍ଗେ ସଙ୍ଗେ ଦୁର୍ଗନ୍ଧକୁ ଦ୍ୱିଗୁଣିତ କରିଥାନ୍ତି । କେବଳ ମୂର୍ତ୍ତି ପୂଜା ଯୋଗୁଁ ଏସବୁ ଦୋଷ ସୃଷ୍ଟି ହୁଏ । ଏଣୁ ପାଷାଣାଦି ମୂର୍ତ୍ତିପୂଜା ସଜ୍ଜନମାନେ ତ୍ୟାଗ କରିବା ଆବଶ୍ୟକ । ଯେଉଁମାନେ ମୂର୍ତ୍ତି ପୂଜା କରନ୍ତି ସେମାନେ ଏହି ଦୋଷରେ ଦୋଷୀ ସାବ୍ୟସ୍ତ ହୋଇଥାନ୍ତି ।

ପ୍ରଶ୍ନ :- କୌଣସି ପ୍ରକାର ମୂର୍ତ୍ତି ପୂଜା ଯଦି କରିବ ନାହିଁ, ତେବେ ଆର୍ଯ୍ୟାବର୍ତ୍ତ ଦେଶରେ ପଞ୍ଚ ଦେବତା ପୂଜା ନାମରେ ବହୁ କାଳରୁ ଯେଉଁ ପ୍ରାଚୀନ ପରମ୍ପରା ଚାଲି

ଆସିଛି, ତାହାର ଅର୍ଥ ତେବେ କଅଣ ? ପଞ୍ଚ ଦେବତା ଆରାଧନାର ଅର୍ଥ ଶିବ, ବିଷ୍ଣୁ ଦୁର୍ଗା, ଗଣେଶ ଓ ସୂର୍ଯ୍ୟ, ଏହି ଦେବତାମାନଙ୍କ ମୂର୍ତ୍ତି ନିର୍ମାଣ କରି ପୂଜା କରିବା ନୁହେଁ କି ?

ଉତ୍ତର :- କୌଣସି ପ୍ରକାର ମୂର୍ତ୍ତି ପୂଜା କରିବା ଉଚିତ ନୁହେଁ । ଯାହାଙ୍କ ପୂଜା ବା ସତ୍କାର କରାଯିବା ଉଚିତ ସେହି " ମୂର୍ତ୍ତିମାନ୍" କଥା ତଳେ କୁହାଯାଇଛି । ପଞ୍ଚଦେବ ପୂଜା ବା ପଞ୍ଚାୟତନ ପୂଜାର ଅତି ସୁନ୍ଦର ଅର୍ଥ ଅଛି ।କିନ୍ତୁ ଜ୍ଞାନହୀନ ଲୋକେ ତାହାର ଉତ୍ତମ ଅର୍ଥକୁ ଗ୍ରହଣ ନକରି ନିକୃଷ୍ଟ ଅର୍ଥକୁ ଆବୋରି ନେଇଛନ୍ତି । ତେଣୁ ସେମାନେ ଆଜିକାଲି ଶିବ ଆଦି ପାଞ୍ଚୋଟି ମୂର୍ତ୍ତି ତିଆରି କରି ପୂଜା କରୁଛନ୍ତି । ବେଦୋକ୍ତ ପଞ୍ଚଦେବ ପୂଜା ହେଉଛି ....

ମା ନୋ ବଧୀଃ ପିତରଂ ମୋତ ମାତରମ୍ ॥୧॥

(ଯଜୁ ଅ· ୧୬ମ·୧୫)

ଆଚାର୍ଯ୍ୟୋ ବ୍ରହ୍ମଚର୍ଯ୍ୟେଣ ବ୍ରହ୍ମଚାରିଣ ମିଚ୍ଛତେ ॥୨॥

(ଅଥର୍ବ କା୧୧ ବ· ୫ମ·୧୭)

ଅତିଥି ର୍ଗୃହାନାଗଚ୍ଛେତ୍ ॥୩॥ (ଅଥର୍ବ କା ୧୫ ବ· ୧୩ ମ· ୧୧)

ଅର୍ଚ୍ଚତ ପ୍ରାର୍ଚ୍ଚତ ପ୍ରିୟମେଧାସୋ ଅର୍ଚ୍ଚତ ॥୪॥ (ଋଗ୍ ବେଦ)

ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି,ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି ॥୫॥

(ତୈତ୍ତିରୀୟୋ ପନିଷଦ୍ ବଲ୍ଲି୧ । ଅନୁ ·୧)

କତମ ଏକୋ ଦେବ ଇତି ସବ୍ରହ୍ମ ତ୍ୟଦିତ୍ୟା ଚକ୍ଷତେ ॥୬

(ଶତପଥ କା୧୪- ପ୍ରପା ଅବ୍ରହ୍ମଖଣ୍ଡ ୭- କାଣ୍ଡିକା୧୦)

ମାତୃଦେବୋ ଭବ, ପିତୃଦେବୋ ଭବ , ଆଚାର୍ଯ୍ୟ ଦେବୋ ,ଭବ, ଅତିଥିଦେବୋଭବ ॥୭॥ (ତୈତ୍ତିରୀୟୋପନିଷଦ୍ ବ·୧-ଅନୁ·୧୧)

ପିତୃଭିର୍ଭ୍ରାତୃଭିଶ୍ଚୈତାଃ ପତିଭିର୍ଦେବରୈସ୍ତଥା ।

ପୂଜ୍ୟା ଭୂଷୟିତବ୍ୟାଶ୍ଚ ବହୁକଲ୍ୟାଣ ମୀପ୍ସୁଭିଃ ।୮। (ମନୁ ଅ୩·୫୫)

ପୂଜ୍ୟୋ ଦେବବତ୍ ପତିଃ ॥୯॥ (ମନୁ ଅ୫-୧୫୪)

ପ୍ରଥମେ ମାତା ହିଁ ମୂର୍ତ୍ତିମତୀ ପୂଜନୀୟ ଦେବତା । ଏଣୁ ସନ୍ତାନ ସନ୍ତତି ମାନେ କାୟମନୋବାକ୍ୟରେ ମାଆଙ୍କୁ ସେବା ଶୁଶ୍ରୁଷା କରି ପ୍ରସନ୍ନ ରଖିବେ । କେବେହେଁ ତାଡ଼ନା କରିବେ ନାହିଁ । ଦ୍ୱିତୀୟ ଦେବତା ହେଉଛନ୍ତି ପିତା । ମାତାଙ୍କପରି ତାଙ୍କୁ ମଧ୍ୟ ସେବା ଶୁଶ୍ରୁଷା କରିବା ଆବଶ୍ୟକ ॥୧॥ ତୃତୀୟ ଦେବତା ଆଚାର୍ଯ୍ୟ, ଯେ କି ବିଦ୍ୟା ଶିକ୍ଷା ଦିଅନ୍ତି, ତାଙ୍କୁ କାୟମନୋବାକ୍ୟରେ ସେବା କରିବ ॥୨॥ ଚତୁର୍ଥ ଦେବତା ଅତିଥି, ଯେ କି ବିଦ୍ୱାନ୍, ଧାର୍ମିକ, ନିଷ୍କପଟ, ପରୋପକାରୀ, ଜଗତରେ ଭ୍ରମଣକରି ସମସ୍ତଙ୍କୁ ସୁଦୁପଦେଶ ଦିଅନ୍ତି, ପୁଣି ଲୋକହିତ ସାଧନରେ ସର୍ବଦା ତତ୍ପର ରହନ୍ତି, ତାଙ୍କର ସେବାସତ୍କାର କରିବା ଉଚିତ ॥୩॥ ପଞ୍ଚମ ଦେବତା ପତି ପକ୍ଷରେ ପତ୍ନୀ ଓ ସ୍ତ୍ରୀ ପକ୍ଷରେ ପତି, ଏ ଦୁହେଁ ମଧ୍ୟ ସର୍ବଦା ପୂଜନୀୟ ॥୪॥ ଏହି ପାଞ୍ଚଜଣ ହେଉଛନ୍ତି ମୂର୍ତ୍ତିମାନ୍ ଦେବତା । ଏମାନଙ୍କଦ୍ୱାରା ପ୍ରାଣୀମାନେ ଦେହଧାରଣ କରନ୍ତି, ଲାଳିତ, ପାଳିତ, ହୁଅନ୍ତି ପୁଣି ସତ୍‌ଶିକ୍ଷା, ସଦ୍‌ବିଦ୍ୟା ଓ ସଦୁପଦେଶ ଲାଭ କରି ସଦାଚାରୀ ଓ ଧାର୍ମିକହୁଅନ୍ତି । ଏହି ଦେବତାମାନଙ୍କ ସେବାହିଁ ଈଶ୍ୱର ପ୍ରାପ୍ତି ସକାଶେ ସିଡି ସଦୃଶ । ଏମାନଙ୍କୁ ସେବା ସତ୍କାର ନ କରି, ଯେଉଁମାନେ କାଠ, ପଥରର, ମୂର୍ତ୍ତି ପୂଜା କରନ୍ତି, ସେମାନେ ବେଦବିରୁଦ୍ଧାଚାରୀ ନାସ୍ତିକ ଅଟନ୍ତି ।

ପ୍ରଶ୍ନ :- ମାତା,ପିତା,ଗୁରୁଜନମାନଙ୍କ ସେବାକରିବାପରେ, ଯଦି ମୂର୍ତ୍ତିପୂଜା କରାଯାଏ, ତେବେ କଣ ଦୋଷ ହେବ ?

ଉତ୍ତର :- ପାଷାଣାଦି ମୂର୍ତ୍ତିପୂଜା ସର୍ବଦା ତ୍ୟାଗ କରି, ମାତା ପିତା ଆଦି ମୂର୍ତ୍ତିମାନଙ୍କ ସେବା କରିବାରେ କଲ୍ୟାଣ ସାଧିତ ହୁଏ । ବଡ଼ ଅନର୍ଥର ବିଷୟ ଯେ, ଲୋକେ ପିତାମାତାଦି ପ୍ରତ୍ୟକ୍ଷ ସୁଖଦାୟକ ଦେବତାମାନଙ୍କୁ ଛାଡ଼ି, ନିର୍ଜୀବ କାଷ୍ଠ ପାଷାଣାଦି ମୂର୍ତ୍ତି ସମ୍ମୁଖରେ ନତମସ୍ତକ ହେବାକୁ ଲୋକେ ଶ୍ରେୟସ୍କର ମଣୁଛନ୍ତି । ଏପରି କରିବାର ଅର୍ଥ ହୋଇପାରେ ...... ମାତା ପିତା ଆଦିଙ୍କ ଆଗରେ ନୈବେଦ୍ୟ ବା ଭେଟିଦେଲେ ସେମାନେ ସେସବୁକୁ ଗ୍ରହଣ କରିନେବେ, ଫଳରେ ସେବାକାରୀଙ୍କ ଭାଗରେ କିଛି ପଡ଼ିବ ନାହିଁ ।କିନ୍ତୁ ପାଷାଣାଦି ମୂର୍ତ୍ତି ତିଆରିକରି ନୈବେଦ୍ୟ ରଖି ଟଣ୍ ଟଣ୍ କରି ଘଣ୍ଟ ବଜାଇ, ପେଁ ପେଁ କରି ଶଙ୍ଖ ଫୁଙ୍କି ଆଙ୍ଗୁଠି ଦେଖାଇ କହନ୍ତି ..... **"ତ୍ୱମଙ୍ଗୁଷ୍ଠଂ ଗୃହାଣ, ଭୋଜନଂ ପଦାର୍ଥଂ ବାହଂ ଗ୍ରହୀଷ୍ୟାମି"** । ଯେପରି ଖଳ ପ୍ରକୃତିର ଲୋକ ଅନ୍ୟ ଜଣେ ଲୋକକୁ ଛଳନାକରି ତାଆଗରେ ଖାଦ୍ୟ ପଦାର୍ଥ ଥୋଇ ଖାଅ

ବୋଲି ଆଙ୍ଗୁଠି ଦେଖାଇ ଦେଇ, ନିଜେ ଉକ୍ତ ଖାଦ୍ୟପଦାର୍ଥ ସବୁକୁ ଖାଇଯାଏ, ସେହିପରି ସ୍ୱାର୍ଥୀ ପୁରୋହିତାଦିଙ୍କ ପ୍ରବର୍ତ୍ତନାରେ ମୂର୍ତ୍ତିସ୍ଥାପନ ଓ ନୈବେଦ୍ୟ ଅର୍ପଣର ଭିଆଣ କରାଯାଇଛି । ଏହି ପୂଜାରୀମାନେ ଝକମକ, ଠଣସୁନ୍ଦର ପ୍ରତିମା ଗଢ଼ି ତାହାକୁ ଆକର୍ଷଣୀୟ ବେଶଭୂଷାଦିରେ ସଜାଇ ତତ୍ ପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି । ଅଜ୍ଞାତ ବୁଦ୍ଧିହୀନ ଲୋକମାନଙ୍କୁ ଠକି ଭଣ୍ଡି ସେମାନଙ୍କ ପଇସାରେ ନିଜେ ମଉଜ କରିଥାନ୍ତି । ଯଦି ସେପରି କୌଣସି ଧାର୍ମିକ ରାଜା ଥାଆନ୍ତେ, ତେବେ ସେ ସେହି ପଥର ପ୍ରିୟମାନଙ୍କୁ ପଥର ଭଙ୍ଗାଇବାକାମରେ ନିଯୁକ୍ତ କରି ସେହି ପଥରରେ ଘରଦ୍ୱାର ତିଆରି କରି ଏମାନଙ୍କୁ ଖାଦ୍ୟପେୟ ଦେଉଥାନ୍ତେ ।

ପ୍ରଶ୍ନ :- କୌଣସି ନାରୀ ପ୍ରତିମୂର୍ତ୍ତି ପ୍ରଭୃତିକୁ ଦେଖିଲେ ମନରେ କାମବାସନା ଉତ୍ପତ୍ତି ହୁଏ, ସେହିପରି ବୀତରାଗ ଶାନ୍ତ ମୂର୍ତ୍ତିକୁ ଦେଖିଲେ ମନରେ ବୈରାଗ୍ୟ ଓ ଶାନ୍ତି ଆସିବ କି ନାହିଁ ?

ଉତ୍ତର :- ନା, ଆସିବ ନାହିଁ । ବରଂ ମୂର୍ତ୍ତିର ଜଡ଼ତ୍ୱ ଧର୍ମ ଅନ୍ତଃକରଣ ମାଧ୍ୟମରେ ଶରୀର ମଧ୍ୟକୁ ପ୍ରବେଶ କରି ବିଚାର ଶକ୍ତିକି ଲୋପ କରିଦିଏ । ବିବେକ ବ୍ୟତୀତ ବୈରାଗ୍ୟ, ବୈରାଗ୍ୟ ବ୍ୟତୀତ ବିଜ୍ଞାନ, ବିଜ୍ଞାନ ବ୍ୟତୀତ ଶାନ୍ତି କଦାପି ମିଳିପାରେ ନାହିଁ । ବିଦ୍ୱଦ୍‌ଜନ ସଙ୍ଗ ଓ ସେମାନଙ୍କ ଉପଦେଶ, ପୁଣି ସେମାନଙ୍କ ଇତିହାସ ଓ ଜୀବନୀ ପାଠରୁ ଜ୍ଞାନ ଜନ୍ମେ ଓ ଶାନ୍ତି ଲାଭ ହୁଏ । ଯାହାର ଗୁଣ,କର୍ମ ଓ ଦୋଷ କିଛି ଜଣା ନ ଥାଏ,ତାହାର ମୂର୍ତ୍ତିକୁ ଦେଖିଲେ, ତାଠାରେ କଦାପି ପ୍ରୀତି ଜାତ ହୁଏ ନାହିଁ । ଗୁଣ,ଜ୍ଞାନ ହେଉଛି କେବଳ ପ୍ରୀତିର କାରଣ । ଏହି ମୂର୍ତ୍ତିପୂଜା ପ୍ରଭୃତି ଦୁଷ୍କର୍ମ ଯୋଗୁଁ ଆର୍ଯ୍ୟାବର୍ତ୍ତ ଦେଶରେ ଅକର୍ମା ପୂଜାରୀ, ଭିକ୍ଷୁକ,ଅଳସୁଆ,ପୁରୁଷାର୍ଥହୀନ କୋଟି କୋଟି ସଂଖ୍ୟାରେ ବ୍ୟକ୍ତି ସୃଷ୍ଟି ହେଲେ । ସେମାନେ ହିଁ ସାରା ସଂସାରରେ ଏପରି ମୂଢ଼ତା ପ୍ରଚାର କରିଛନ୍ତି । ଏମାନଙ୍କଦ୍ୱାରା ଅନେକ ପ୍ରକାରର ଛଳ କପଟ ସମାଜରେ ପ୍ରଚଳିତ ହୋଇଛି ।

ପ୍ରଶ୍ନ ଦେଖ କାଶୀରେ ଲାଟ ଭୈରବାଦି ମୂର୍ତ୍ତିମାନେ କିପରି ଅଦ୍ଭୁତ, ଚମତ୍କାର କାର୍ଯ୍ୟ କରିଥିଲେ । ଔରଙ୍ଗଜେବ ବାଦଶାହ କାଶୀ ଆକ୍ରମଣ କରିବାକୁ ଯାଇ ମନ୍ଦିର ଉପରକୁ ଯେତେବେଳେ ତୋପ, ଗୁଳି ଆଦି ବର୍ଷଣ କଲେ, ସେତେବେଳେ ମନ୍ଦିର ଭିତରୁ ବଡ଼ ବଡ଼ ଭ୍ରମର ବାହାରି ମୁସ୍ଲିମ୍ ସୈନ୍ୟସାମନ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଲେ ।

ଉତ୍ତର :- ଏହା କଦାପି ପାଷାଣ ମୂର୍ତ୍ତିର ଚମତ୍କାରିତା ନୁହେଁ । ସେହି ମନ୍ଦିର ଭିତରେ ଘରାବାନ୍ଧି ବହୁ ସଂଖ୍ୟାରେ ଭ୍ରମର ରହିଥିଲେ । ସେମାନଙ୍କ କ୍ରୂର ସ୍ୱଭାବ ।ସେମାନଙ୍କ ବସାକୁ ଯିଏ ଭାଙ୍ଗିବାକୁ ଯାଏ ସେମାନେ ଉଡ଼ିଆସି ତାକୁ ଦଂଶନ କରନ୍ତି । ପୁଣି ମୂର୍ତ୍ତି ଦେହରୁ କ୍ଷୀର ପ୍ରବାହର ଯେଉଁ ଅଦ୍ଭୁତ କଥା ଶୁଣାଯାଏ, ତାହା ପଣ୍ଡା, ପୂଜାରୀ ମାନଙ୍କର କାରସାଦି ବ୍ୟତୀତ ଅନ୍ୟ କିଛି ନୁହେଁ ।

ପ୍ରଶ୍ନ :- ଦେଖନ୍ତୁ , ମ୍ଳେଚ୍ଛମାନଙ୍କୁ ଦର୍ଶନ ଦେବେ ନାହିଁ ବୋଲି "ମହାଦେବ" କୂଅରେ ଓ "ବେଣୀମାଧବ " ଜଣେ ବ୍ରାହ୍ମଣର ଘରେ ଲୁଚି ରହିଥିଲେ । ଏହାକୁ ତାଙ୍କର ମହିମା ବୋଲି କଣ କୁହାଯିବ ନାହିଁ ।

ଉତ୍ତର :- କାଳ ଭୈରବଙ୍କର ଭୂତ, ପ୍ରେତ ଓ ପିଶାଚ ପ୍ରଭୃତି ସୈନ୍ୟଗଣ ଥିଲେ । ସେମାନେ ମୁସଲ୍‌ମାନ୍‌ସୈନ୍ୟମାନଙ୍କୁ ତଡ଼ିଦେଲେ ନାହିଁ କାହିଁକି ? ଶିବ ଓ ବିଷ୍ଣୁ ପୁରାଣରେ ତ୍ରିପୁରାସୁର ଭୟଙ୍କର ରାକ୍ଷସମାନଙ୍କୁ ଭସ୍ମ କରିଦେଇଥିଲେ ବୋଲି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ସେମାନେ ତେବେ ମ୍ଳେଚ୍ଛମାନଙ୍କୁ ମାରି ଦେଲେ ନାହିଁ କାହିଁକି ? ଏଥିରୁ ସ୍ପଷ୍ଟରୂପେ ଅନୁମିତ ହେଉଛି ଯେ, ପଥରର ମୂର୍ତ୍ତିଗୁଡ଼ାକ୍ୟୁଦ୍ଧ କରି ପାରନ୍ତି ନାହିଁ ।ମୁସଲ୍‌ମାନ୍‌ମାନେ ମୂର୍ତ୍ତି ଗୁଡ଼ିକୁ ଭାଙ୍ଗି ଭାଙ୍ଗି ଯେତେବେଳେ କାଶୀର ନିକଟବର୍ତ୍ତୀ ହେଲେ, ସେତେବେଳେ ପୂଜାରୀମାନେ ଶିବଲିଙ୍ଗକୁ ନେଇ କୂଅ ଭିତରେ ଓ ବେଣୀମାଧବଙ୍କୁ ବ୍ରାହ୍ମଣଘରେ ଲୁଚାଇଦେଲେ । ଯେଉଁ କାଳଭୈରବଙ୍କ ଭୟରେ ଯମଦୂତମାନେ କାଶୀକୁ ପଶିପାରନ୍ତି ନାହିଁ , ପୁଣି ପ୍ରଳୟସମୟରେ ମଧ୍ୟ କାଶୀ ଧ୍ୱଂସ ହୋଇପାରେ ନାହିଁ , ସେହି ମହାଦେବଙ୍କ ଦୂତଗଣ ମ୍ଳେଚ୍ଛମାନଙ୍କୁ କାହିଁକି ଘଉଡ଼ାଇ ଦେଇପାରିଲେ ନାହିଁ ? ପୁଣି ନିଜେ ରହୁଥିବା ମନ୍ଦିରକୁ ଭଙ୍ଗା ହେବାର ଦେଖି ନୀରବ ରହିଲେ କାହିଁକି ? ଏପରି ବାକ୍‌ଚାତୁରି ପଣ୍ଡା, ପୁରୋହିତ ଓ ପୂଜାରୀମାନଙ୍କ ଭଣ୍ଡଗଢ଼ା କଥା ବ୍ୟତୀତ ଅନ୍ୟ କିଛି ନୁହେଁ ।

ପ୍ରଶ୍ନ :- ଗୟାରେ ପିଣ୍ଡ ଦେଲେ ପିତୃଲୋକେ ପାପରୁ ମୁକ୍ତହୋଇ ସ୍ୱର୍ଗ ଲାଭ କରନ୍ତି । ଶ୍ରାଦ୍ଧ ସମୟରେ ପିତୃଲୋକେ ନିଜ ହସ୍ତ ପ୍ରସାରଣ କରି ପିଣ୍ଡ ଗ୍ରହଣ କରନ୍ତି । ଏହା କଣ ମିଥ୍ୟା ?

ଉତ୍ତର :- ସମ୍ପୂର୍ଣ୍ଣରୂପେ ମିଥ୍ୟା । ପିଣ୍ଡ ପ୍ରଦାନର ଏପରି ପ୍ରଭାବ ଯଦି ଥାଆନ୍ତା, ତେବେପିତୃଲୋକଙ୍କୁ ଉଦ୍ଧାର କରିବା ପାଇଁ ଗୟାର ଯେଉଁ ପଣ୍ଡାମାନେ ହଜାର ହଜାର

ଟଙ୍କା ଗ୍ରହଣ କରି, ସେହି ଧନରେ ବେଶ୍ୟାଗମନାଦି ପାପ କର୍ମ କରନ୍ତି, ଉକ୍ତ ପାପରୁ ସେମାନେ କାହିଁକି ମୁକ୍ତ ହୋଇପାରନ୍ତି ନାହିଁ ?ପିଣ୍ଡ ନେବାପାଇଁ ଆଗରୁ ପିତୃଲୋକଙ୍କ ହାତ ଆସୁଥିଲା । ଏବେ ପଣ୍ଡାଙ୍କ ହାତବ୍ୟତୀତ ଅନ୍ୟ କିଛିତ ଆସୁନାହିଁ ? ପୂର୍ବେ କୌଣସି ଧୂର୍ତ୍ତ ଲୋକ ଗାତଟିଏ ଖୋଳି, ତହିଁରେ କୌଣସି ମନୁଷ୍ୟକୁ ଲୁଚ୍ଛାଇ ରଖି, ଗାତର ମୁହଁକୁ କୁଶ,ଘାସ ପ୍ରଭୃତିଦ୍ୱାରା ଘୋଡ଼ାଇ ରଖିଥିବ ।ପିଣ୍ଡ ଦେବାବେଳେ ଗାତ ଭିତରେ ଥିବା ଲୋକ ଜଣକ ହାତ ବଢ଼ାଇ ପିଣ୍ଡକୁ ଉଠାଇ ନେଉଥିବ । ଧର୍ମଭୀରୁ, ବୁଦ୍ଧିହୀନ ଲୋକ ଏଥିରେ ପ୍ରତାରିତ ହେବା ବିଚିତ୍ର ନୁହେଁ । ସେହିପରି ବୈଦ୍ୟନାଥକୁ ରାବଣ ଆଣିଥିଲା, ତା ମଧ୍ୟ ମିଥ୍ୟାକଥା ।

ପ୍ରଶ୍ନ :- ଦେଖ, କଲିକତାର କାଳୀ ଓ କାମାକ୍ଷାଦେବୀଙ୍କୁ ଲକ୍ଷ ଲକ୍ଷ ଲୋକ ମାନୁଛନ୍ତି । ତାଙ୍କର କଣ କିଛି ମହିମା ନାହିଁ ।

ଉତ୍ତର :- କିଛି ନାହିଁ । ଗୋଟାଏ ମେଣ୍ଢା ପଛରେ ଅନ୍ୟାନ୍ୟ ମେଣ୍ଢା ଦଉଡ଼ିବା ପରି, ଅନ୍ଧ ଲୋକମାନେ ଜଣକ ପଛରେ ଅନ୍ୟ ଜଣେ ଦଉଡ଼ି କୂଅରେ ପଡ଼ିଯାଉଛନ୍ତି ।ଉଦ୍ଧାର ପାଇବାର ଉପାୟ ଆଉ ନାହିଁ ।

ପ୍ରଶ୍ନ :- ଅନ୍ୟ ସବୁ ଯାହା ହେଉ ନା କାହିଁକି ଶ୍ରୀ ଜଗନ୍ନାଥ ହେଉଛନ୍ତି ପ୍ରତ୍ୟକ୍ଷ ଦେବତା । କଳେବର ରଚନା ସମୟରେ ସମୁଦ୍ରରେ ଚନ୍ଦନକାଠ ସ୍ୱୟଂ ଭାସି ଭାସି ଆସି କୂଳରେ ଲାଗିଥିଲା । ସେଠାରେ ହାଣ୍ଡି ଉପରେ ହାଣ୍ଡି ସାତୋଟି ରଖାଯାଇ ରୋଷେଇ କରାଯାଏ, ଆଶ୍ଚର୍ଯ୍ୟର କଥା ଉପର ହାଣ୍ଡିର ଅନ୍ନ ପ୍ରଥମେ ସିଦ୍ଧ ହୁଏ । ଯେଉଁ ବ୍ୟକ୍ତି ଜଗନ୍ନାଥଙ୍କର ପ୍ରସାଦ ନ ଖାଏ ସେ କୋଢ଼ୀ ହୋଇଯାଏ । ମହାପ୍ରଭୁଙ୍କ ରଥ ଆପେ ଆପେ ଚାଲେ । ପାପୀମାନେ ପ୍ରଭୁଙ୍କୁ ଦର୍ଶନ କରିପାରନ୍ତି ନାହିଁ । ଇନ୍ଦ୍ରଦ୍ୟୁମ୍ନଙ୍କ ରାଜତ୍ୱ ସମୟରେ ଦେବତାମାନେ ମନ୍ଦିର ନିର୍ମାଣ କରିଥିଲେ । କଳେବର ପରିବର୍ତ୍ତନ କଲା ସମୟରେ ଜଣେ ରାଜା ଜଣେ ପଣ୍ଡା ଓ ଜଣେ ବଢ଼େଇଙ୍କର ମୃତ୍ୟୁ ହୁଏ । ଏହାକୁ ତ ତୁମେ ଅସ୍ୱୀକାର କରି ପାରିବ ନାହିଁ ?

ଉତ୍ତର : - ଜଣେ ବ୍ୟକ୍ତି ବାରବର୍ଷ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ପୂଜା କରି ବିରକ୍ତ ହୋଇ ମଥୁରାକୁ ଚାଲି ଆସିଲା । ସେ ମୋ ସହିତ ଦେଖା କରିଥିଲା । ମୁଁ ତାଙ୍କୁ ଏସବୁ କଥା ପଚାରିଥିଲି, କିନ୍ତୁ ସେସବୁ ମିଥ୍ୟାବୋଲି ସେ ଉତ୍ତର ଦେଇଥିଲେ ।ଅନୁମାନ କରାଯାଉଛି ----- କଳେବର ରଚନା ସମୟରେ ସମୁଦ୍ର ମଧ୍ୟରେ କାଠକୁ ଭସାଇ ଦିଆଯାଇଥିଲା । ସେହି କାଠକୁ ନେଇ ବଢ଼େଇମାନେ ମୂର୍ତ୍ତି ତିଆରି କରିଥିଲେ ।

ରୋଷେଇ କଲାସମୟରେ ଘରରକବାଟ ବନ୍ଦ କରି ଦିଆଯାଏ । ଘରର ମଧ୍ୟରେ ଭୂମି ଉପରେ ଗ୍ରରି ଛଅଟା ଓ ମଝିରେ ଏକ ଚୁଲି ଚକ୍ରାକାରରେ ତିଆରି କରାଯାଇଥାଏ । ସେହିଚୁଲି ମାନଙ୍କର ଚମତ୍କାରିତା ରହିଛି । କୌଶଳର ସହିତ ଏଠାରେ ରୋଷେଇ କରାଯାଏ । ଏଠାରେ ଶୂଦ୍ରମାନେ ମନ୍ଦିରକୁ ନୈବେଦ୍ୟ ଆଣନ୍ତି । ନୈବେଦ୍ୟ ପରେ ସେମାନେ ତାକୁ ଅଇଁଠା କରି ଦିଅନ୍ତି । ପରେ ଲୋକମାନେ ତାକୁ କିଣିଆଣି ଦୀନ,ଗୃହସ୍ଥ ସାଧୁ ସନ୍ଥଙ୍କଠାରୁ ଆରମ୍ଭକରି ଚଣ୍ଡାଳ ପର୍ଯ୍ୟନ୍ତ ପଂକ୍ତିରେ ବସି ଅଇଁଠା ଛଡ଼ାଛଡ଼ି ହୋଇ ଆନନ୍ଦର ସହିତ ତାକୁ ଖାଇଥାନ୍ତି । ସେମାନେ ଉଠିଯିବାପରେ ଅନ୍ୟମାନେ ବସି ସେହି ଅଇଁଠାପତ୍ରରେ ଖାଆନ୍ତି । ଏହା ହେଉଛି ମହା ଅନାଚାର । ଅନେକ ଲୋକ ପୁରୀକୁ ଯାଇ ସେଠାରେ ରୋଷେଇ କରି ଖାଆନ୍ତି, କାହିଁ ସେମାନେ ତ କେବେ କୁଷ୍ଠାଦି ରୋଗ ଭୋଗ କରନ୍ତି ନାହିଁ । ଯେଉଁମାନେ ମହାପ୍ରସାଦ ନ ଖାଆନ୍ତି ସେମାନଙ୍କୁ ତ କୁଷ୍ଠାଦି ରୋଗ ହେବାର ଶୁଣାନାହିଁ ? ବିଭିନ୍ନ ସ୍ଥାନରୁ ଆସି ପୁରୀରେ ଅନେକ କୁଷ୍ଠରୋଗୀ ରହିଛନ୍ତି । ମହାପ୍ରସାଦ ଖାଇ କୁଷ୍ଠରୋଗରୁ ତ ସେମାନେ ଭଲ ହେଉ ନାହାନ୍ତି ?

ଏସବୁ ମୂର୍ତ୍ତି ନିର୍ମାଣରେ ବାମମାର୍ଗୀମାନଙ୍କ ପ୍ରଭାବ ପଡ଼ିଥିବାର ଅନୁମତି ହୁଏ । ଯେଣୁ ଜଗନ୍ନାଥ ଓ ବଳଭଦ୍ର ଏ ଦୁଇ ମୂର୍ତ୍ତିଙ୍କ ମଧ୍ୟରେ ସେମାନଙ୍କ ଭଉଣୀ ସୁଭଦ୍ରାଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି । ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଅଭେଦ ମୈଥୁନ ହେଉଛି ବାମମାର୍ଗୀମାନଙ୍କ ପଞ୍ଚମକାର ସେବନର ଏକ ଉପାଦାନ । ତେଣୁ ସେମାନେ ଦୁଇଭାଇଙ୍କ ମଝିରେ ସ୍ତ୍ରୀ ଓ ମାତା ସ୍ଥାନରେ ସୁଭଦ୍ରାଙ୍କୁ ବସାଇଛନ୍ତି । ଭୈରବୀଚକ୍ର ନ ହେଲେ ଏହା କେବେ ହୋଇ ନଥାନ୍ତା । ପୁଣି ରଥ ଆପେ ଆପେ ଚାଲେ ନାହିଁ, ଟାଣିବାଦ୍ୱାରା ଚାଲେ । ଏଥିରେ କୌଣସି ପ୍ରକାର ବୈଚିତ୍ର୍ୟତା ନାହିଁ । ରଥ ଖୁବ୍ ଗହଳି ଭିତରକୁ ଗଲେ ରଥର ଚକକୁ ଓଲଟା ବୁଲାଇଲେ ରଥ ଠିଆ ହୋଇଯାଏ । ସେତେବେଳେ ପଣ୍ଡାମାନେ ଡ଼ାକପାରନ୍ତି----- ଦାନକର, ପୁଣ୍ୟକର, ଜଗନ୍ନାଥଙ୍କ ରଥ ପୁଣି ଚାଲିବ । ଯେପର୍ଯ୍ୟନ୍ତ ଦାନ ଆସୁଥାଏ ପଣ୍ଡାମାନେ ସେପରି ପାଟି କରୁଥାନ୍ତି । ଯେତେବେଳେ ପୂଜା ଦାନ, ଭୋଗ ଆସିଯାଏ, ତେବେ ଜଣେ ବ୍ରଜବାସୀ ଭଲ ବସ୍ତ୍ର ଖଣ୍ଡିଏ ଦେହରେ ଘୋଡ଼ାଇ ହୋଇ ହାତ ଯୋଡ଼ି ସ୍ତୁତି କରେ ----- ହେ ଜଗନ୍ନାଥ

ସ୍ୱାମୀ ! ଦୟାକରି ଆପଣ ରଥ ଚଳାନ୍ତୁ । ଧର୍ମର ରକ୍ଷା ହେଉ । ଏହା କହି ପାଣ୍ଡାଙ୍କୁ ପ୍ରଣାମ କରି ରଥ ଉପରକୁ ଚଢ଼ିଯାଏ । ସେ ସମୟରେ ଲିଙ୍କା ଖୋଲି ଦିଆଯାଏ, ଜୟ, ଜୟ ଶବ୍ଦ କରି ହଜାର ହଜାର ମନୁଷ୍ୟ ଦଉଡି ଟାଣନ୍ତି । ତାପରେ ରଥ ଚାଲେ ।

ଜଗନ୍ନାଥଙ୍କ ମନ୍ଦିର ଅତି ବିରାଟ । ଅନେକ ଲୋକ ମନ୍ଦିରକୁ ଦର୍ଶନ କରିବାପାଇଁ ଯାଆନ୍ତି । ଦିବସ ସମୟରେ ମଧ୍ୟ ମନ୍ଦିର ଭିତରେ ଅନ୍ଧାର ଥାଏ, ତେଣୁ ଦୀପାଲୋକ ବ୍ୟତୀତ କିଛି ଦେଖାଯାଏ ନାହିଁ । ଦର୍ଶନ କରିବାକୁ ଯାଇ ସ୍ତ୍ରୀ ପୁରୁଷ, ବ୍ରାହ୍ମଣ, ପଣ୍ଡା, ଗୁଣ୍ଡା, ପାଷାଣ୍ଡ ସମସ୍ତେ ଏକତ୍ର ରୁଣ୍ଡ ହୁଅନ୍ତି । ମନ୍ଦିର ଭିତରେ ଏତେ ଭିଡ଼ ହୁଏ ଯେ ଅନେକ ଯାତ୍ରୀ ସେ ଭିତରୁ ବହୁ କଷ୍ଟରେ ପ୍ରାୟ ଦରମରା ହୋଇ ବାହାରନ୍ତି । ଏହିପରି ଅସଂଖ୍ୟ ଯାତ୍ରୀ ମନ୍ଦିର ଭିତରେ ଝିଙ୍କା ଓଟରା, ଠେଲାପେଲା ଓ ବେତ ବାଡ଼ି ଖାଇ ଅପମାନିତ, ଲାଞ୍ଛିତ ହୋଇ ହାତରୁ ପଣ୍ଡାରୁ ପଇସାପତ୍ର ସାରି ଯୋଖା ଘରକୁ ଫେରନ୍ତି ।

ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କର ବଂଶଧର ଆଜିପର୍ଯ୍ୟନ୍ତ କଲିକତାରେ ଅଛନ୍ତି । ସେହି ଧନାଢ୍ୟ ରାଜା ଦେବୀଙ୍କର ଉପାସକ ଥିଲେ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ସେ ମନ୍ଦିର ନିର୍ମାଣ କରାଇଥିଲେ । ଆର୍ଯ୍ୟାବର୍ତ୍ତରେ ଖାଦ୍ୟପେୟରେ ଯେଉଁ ଭେଦଭାବ ରହିଛି, ତାକୁ ଦୂର କରିବାପାଇଁ ମନ୍ଦିରରେ ବ୍ୟବସ୍ଥା କରାଯାଇଛି । କିନ୍ତୁ ମୂର୍ଖମାନେ ସେହି ଭେଦଭାବକୁ ଆଜିପର୍ଯ୍ୟନ୍ତ ତ୍ୟାଗକରି ପାରିନାହାନ୍ତି ।

ଶିଳ୍ପୀ, **କାରିଗରମାନେ** ହିଁ ମନ୍ଦିର ନିର୍ମାଣ କରିଛନ୍ତି । ଦେବତାମାନେ ମନ୍ଦିର ନିର୍ମାଣ କରିନାହାନ୍ତି । ଦେବତା ବୋଲି ଯଦି କୁହାଯିବ ତେବେ ସେହି ଶିଳ୍ପୀମାନଙ୍କୁ କୁହାଯିବା ସମୀଚୀନ ହେବ । ନବକଳେବର ସମୟରେ ରାଜା,ପଣ୍ଡା ବା ବଢ଼େଇ କେହି ମରନ୍ତି ନାହିଁ, ସେମାନେ ଅବଶ୍ୟ ସେସମୟରେ ସେଠାରେ ଉପସ୍ଥିତ ଥାଆନ୍ତି ।ସେହି ତିନିଜଣ ଛୋଟମାନଙ୍କୁ ବୋଧେ ଦୁଃଖ ଦେଉଥିବେ । ସମସ୍ତଙ୍କ ସମ୍ମତିରେ ସେ ତିନିଜଣ ନବ କଳେବର ସମୟରେ ଉପସ୍ଥିତ ରହନ୍ତି । ମୂର୍ତ୍ତିର ମଧ୍ୟଭାଗ ଫୋଲାଥାଏ । ସୁବର୍ଣ୍ଣ ସମ୍ପୁଟରେ ଶାଳଗ୍ରାମ ରଖି ମୂର୍ତ୍ତିମଧ୍ୟରେ ରଖାଯାଏ । ସେହି ଶାଳଗ୍ରାମକୁ ଧୋଇ ପ୍ରତିଦିନ ଚରଣାମୃତ ପାନ କରାଯାଏ । ରାତ୍ରିର ଶୟନକାଳୀନ ଆରତି ସମୟରେ ଜଣ୍ଡ ପାଇଥିବା ଲୋକେ ବିଷର ପ୍ରଲେପ ବୋଧେ ଶାଳଗ୍ରାମରେ ଦେଉଥିବେ । ତାକୁ ଧୋଇ ତିନିଜଣଙ୍କୁ ପିଇବାକୁ ଦେଉଥିବେ

ଫଳରେ ସେ ତିନିଜଣଙ୍କର କେବେ ମୃତ୍ୟୁ ହୋଇଥିବ ।ମୃତ୍ୟୁ ହେଲା ଗୋଟିଏ ପ୍ରକାରର, କିନ୍ତୁ ଏଠାକାର ଭୋଜନଭଟପଣ ପ୍ରଚାର କରିଥିବେ ଜଗନ୍ନାଥ ମହାପ୍ରଭୁ ଶରୀର ପରିବର୍ତ୍ତନ ସମୟରେ ଏହି ତିନିଜଣ ଭକ୍ତଙ୍କୁ ସାଥିରେ ନେଇଗଲେ ।ପରଧନ ଲୁଣ୍ଠନ କରିବାପାଇଁ ମନ୍ଦିରରେ ଏପରି ଅନେକ କିଛି କରାଯାଉଥାଏ ।

ପ୍ରଶ୍ନ :- ରାମେଶ୍ୱରରେ ଗଙ୍ଗୋତ୍ତରୀ ଜଳ ଚଢ଼ାଇବା ସମୟରେ ଶିବଲିଙ୍ଗ ବଢ଼ିଯାଏ । ଏହା କଣ ମିଥ୍ୟା ହୋଇପାରେ ?

ଉତ୍ତର :- ସଂପୂର୍ଣ୍ଣ ମିଥ୍ୟା । ଏ ମନ୍ଦିର ଦିବସ ସମୟରେ ମଧ୍ୟ ଅନ୍ଧାରିଆ ଥାଏ । ରାତିଦିନ ସେଠାରେ ଦୀପଟିଏ ଜଳୁଥାଏ । ଲିଙ୍ଗ ଉପରେ ଗଙ୍ଗାଜଳ ଧାରା ଛାଡିଲା ବେଳେ ଦୀପର ପ୍ରତିବିମ୍ବ ଜଳ ଧାରାରେ ପଡ଼ି ବିଦ୍ୟୁତ୍ ପରି ଦେଖାଯାଏ । ଏତଦ୍ ବ୍ୟତୀତ ଅନ୍ୟ କିଛି ନୁହେଁ । ପଥର ମୂର୍ତ୍ତି କେବେହେଲେ ବଢ଼େ ନାହିଁ ବା ଛିଡ଼େ ନାହିଁ । ଏପରି ଲୀଳାକରି ପଣ୍ଡାମାନେ ବୁଦ୍ଧିହୀନ ଲୋକଙ୍କୁ କେବଳ ଠକୁଛନ୍ତି ।

ପ୍ରଶ୍ନ :- ରାମଚନ୍ଦ୍ର ରାମେଶ୍ୱରଙ୍କୁ ସ୍ଥାପନା କରିଥିଲେ । ପ୍ରକୃତରେ ମୂର୍ତ୍ତିପୂଜା ଯଦି ବେଦ ବିରୁଦ୍ଧ ହୋଇଥାନ୍ତା, ତେବେ ରାମଚନ୍ଦ୍ର ନିଜେ ରାମେଶ୍ୱର ମୂର୍ତ୍ତି ସ୍ଥାପନ କରି ନ ଥାନ୍ତେ, କିମ୍ବା ବାଲ୍ମୀକି ମୁନି ରାମାୟଣରେ ତାହା ଲେଖି ନଥାନ୍ତେ ?

ଉତ୍ତର :- ରାମଚନ୍ଦ୍ରଙ୍କ ସମୟରେ ସେହି ମନ୍ଦିର କିମ୍ବା ଲିଙ୍ଗର ଚିହ୍ନ ମଧ୍ୟ ନଥିଲା । କିନ୍ତୁ ଦକ୍ଷିଣ ଦେଶସ୍ଥ ରାମନାମକ ଜନୈକ ରାଜା ମନ୍ଦିର ତିଆରି କରି ମୂର୍ତ୍ତି ସ୍ଥାପନା କରିଥିଲେ । ନିଜର ନାମ ଅନୁସାରେ ଲିଙ୍ଗରନାମ ରାମେଶ୍ୱର ବୋଲି ରଖିଥିଲେ । ଏହାହିଁ ହେଉଛି ପ୍ରକୃତ କଥା । ଲଙ୍କା ଜୟକରି ରାମଚନ୍ଦ୍ର ସୀତା ଓ ହନୁମାନ୍ ଆଦିଙ୍କ ସହିତ ଆକାଶ ମାର୍ଗରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ଏହି ସ୍ଥାନ ସମ୍ପର୍କରେ ସୀତାଙ୍କୁ କହିଥିଲେ ।

ଅତ୍ର ପୂର୍ବଂ ମହାଦେବଃ ପ୍ରସାଦମକରୋଦ୍‌ବିଭୁଃ ।
ସେତୁ ବନ୍ଧ ଇତି ବିଖ୍ୟାତମ୍ ॥

(ବାଲ୍ମୀକି ରାମାୟଣ ଲଙ୍କାକାଣ୍ଡ ସର୍ଗ ୧୨୩ ଶ୍ଳୋକ ୨୦)

ହେ ସୀତେ ! ତୁମ୍ଭ ବିୟୋଗରେ ଆମ୍ଭେ ବ୍ୟାକୁଳ ହୋଇ ବୁଲୁଥିବା ସମୟରେ ଏହି ସ୍ଥାନରେ ଚାତୁର୍ମାସ୍ୟ କରି ପରମେଶ୍ୱରଙ୍କ ଧ୍ୟାନ ଉପାସନା କରିଥିଲୁ । ସେହି ସର୍ବବ୍ୟାପକ ଦେବ ଦେବ ମହାଦେବ ପରମାତ୍ମାଙ୍କ କୃପାରୁ

ଏଠାରେ ଆମ୍ଭେ ସମସ୍ତ ଦ୍ରବ୍ୟ ଲାଭ କରିଥିଲୁ । ପୁଣି ଏହି ସେତୁବନ୍ଧ ନିର୍ମାଣ କରି ଲଙ୍କାକୁ ଯାଇ ରାବଣକୁ ମାରି ତୁମ୍ଭକୁ ନେଇ ଆସିଲୁ ।- ଏହା ବ୍ୟତୀତ ବାଲ୍ମୀକି ରାମାୟଣରେ ଅନ୍ୟ କିଛି ଲେଖା ଯାଇ ନାହିଁ ।

ପ୍ରଶ୍ନ :- .... ରଙ୍ଗ୍ ହୈ କାଲିୟାକାନ୍ତ କୋ । ଜିସ୍‌ନେ ହୁକ୍କା ପିଲାୟା ସନ୍ତ୍ କୋ ॥

ଦକ୍ଷିଣାଞ୍ଚଳରେ କାଲିୟାକାନ୍ତ ନାମରେ ଏକ ମୂର୍ତ୍ତି ଅଛି, ସିଏକି ଏବେ ମଧ୍ୟ ହୁକ୍କା ପାନ କରନ୍ତି । ଯଦି ମୂର୍ତ୍ତିପୂଜା ମିଥ୍ୟା, ତେବେ ଏହି ମହିମା ମଧ୍ୟ ମିଥ୍ୟା ହୋଇଯିବ ?

ଉତ୍ତର :- ମିଥ୍ୟା ହିଁ ମିଥ୍ୟା । ଏସବୁ "ପୋପ୍" ମାନଙ୍କର ପ୍ରତାରଣା ମାତ୍ର । ସେହି ମୂର୍ତ୍ତିର ଭିତର ଅଂଶ ପୋଲା ଥିବ । ମୁଖ ସମାନରେ ପୃଷ୍ଠଦେଶରେ ଏକ ରନ୍ଧ୍ରଥିବ । ସେହି ରନ୍ଧ୍ର ଦେଇ କାନ୍ଥର ଛିଦ୍ରରେ ପଛପଟ ବଖରାକୁ ଏକ ନଳି ଖଞ୍ଜା ହୋଇଥିବ । ପୂଜାରୀ ଏଣେ ହୁକ୍କା ଲଗାଇ ମୂର୍ତ୍ତିକୁ ଦେଲେ ତେଣେ ଅନ୍ୟ ଜଣେ ତାକୁ ଟାଣୁଥିବ । ତାପରେ ମୂର୍ତ୍ତିର ମୁଖ ଓ ନାସା ରନ୍ଧ୍ରରେ ଧୂମ ନିର୍ଗତ ହେଉଥିବ, ପୁଣି ଘୁଡୁ ଘୁଡୁ ଶବ୍ଦ ମଧ୍ୟ ଜାତ ହେଉଥିବ । ଏପରି କୃତ୍ରିମ କାର୍ଯ୍ୟକରି ପୂଜାରୀମାନେ ଅନଭିଜ୍ଞ ଯାତ୍ରୀଙ୍କଠାରୁ ଟଙ୍କା ପଇସା ଲୁଣ୍ଠି ନେଉଛନ୍ତି ।

ପ୍ରଶ୍ନ :- ଦେଖନ୍ତୁ, ଡା କୋରଙ୍କ ମୂର୍ତ୍ତି ଦ୍ୱାରକାରୁ ଭକ୍ତଙ୍କ ସହିତ ଚାଲି ଆସିଲେ । ସେହି ମୂର୍ତ୍ତି କେତେ ମହଣ ଓଜନର ଥିଲେ ମଧ୍ୟ ସତ୍ତ୍ୱାରତି ସୁନାର ଓଜନ ହୋଇଯାଇଥିଲା । ଏହା କଣ ଚମତ୍କାର ବିଷୟ ନୁହେଁ ?

ଉତ୍ତର :- ତା, କଦାପି ଠିକ୍ ନୁହେଁ । ସେହି ମୂର୍ତ୍ତିକୁ ଭକ୍ତ ଜଣକ ବୋଧେ ଚୋରି କରି ଘେନି ଆସିଥିବ । ସତ୍ତ୍ୱାରତି ଓଜନ ସହିତ ମୂର୍ତ୍ତିର ତୁଳନା କଥା କୌଣସି ନିଶାଖୋର ଲୋକ କହିଥିବ ।

ପ୍ରଶ୍ନ :- ସୋମନାଥଙ୍କ ମୂର୍ତ୍ତି ଶୂନ୍ୟରେ ଝୁଲି ରହୁଥିଲା । ଏହା କମ୍ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ । ଏହାକୁ କଣ ମିଥ୍ୟା କୁହାଯିବ ?

ଉତ୍ତର :- ଏହା ମଧ୍ୟ ମିଥ୍ୟା କଥା । କାରଣ, ମନ୍ଦିରର ତଳେ ଓ ଉପରିଭାଗରେ ଚୁମ୍ବକ ରଖାଯାଇଥିଲା । ସେହି ଚୁମ୍ବକର ଆକର୍ଷଣରେ ମୂର୍ତ୍ତିଟି ଶୂନ୍ୟରେ ଓହଳି ରହିଥିଲା । ମହମୁଦ ଗଜନୀ ଯେତେବେଳେ ଆସି ଆକ୍ରମଣ କଲା, ସେତେବେଳେ

ଭଣ୍ଡ ପୂଜାରୀମାନଙ୍କ ଦୁର୍ଦ୍ଦଶାଯାଇ ଚରମ ସୀମାରେ ପହଞ୍ଚିଗଲା ।ଗଜନୀଙ୍କ ଦଶହଜାର ସୈନ୍ୟ ଥିଲେ । ସେମାନଙ୍କୁ ଡରି ଭାରତୀୟ ଲକ୍ଷ ଲକ୍ଷ ସୈନ୍ୟ ପଳାୟନ କରିଥିଲେ । ପୂଜାରୀମାନେ ପୂଜା,ପୁରଶ୍ଚରଣ,ସ୍ତୁତି, ପ୍ରାର୍ଥନା କଲେ ...... ହେ ମହାଦେବ ! "ଆପଣ ଏ ମ୍ଳେଚ୍ଛମାନଙ୍କୁ ମାରି ଆମ୍ଭମାନଙ୍କୁ ରକ୍ଷା କରନ୍ତୁ" । ସେମାନେ ପୁଣି ରାଜାଙ୍କୁ ବୁଝାଇଲେ...... ଆପଣ ନିଶ୍ଚିନ୍ତ ହୋଇ ରହନ୍ତୁ । ଆମ ମହାଦେବଙ୍କର ଭାରି ମହିମା ଅଛି । ସେ ଭୈରବ କିମ୍ବା ବୀରଭଦ୍ରଙ୍କୁ ପଠାଇବେ । ସେ ସମସ୍ତ ମ୍ଳେଚ୍ଛଙ୍କୁ ମାରି ପକାଇବେ ଅଥବା ଅନ୍ଧ କରିଦେବେ । ହନୁମାନ୍, ଦୁର୍ଗା, ଓ ଭୈରବ ସ୍ୱପ୍ନରେ ଆଦେଶ ଦେଇଛନ୍ତି...... ଆମ୍ଭେ ସବୁକିଛି କରିଦେବୁ । ସରଳମନା ରାଜା ଓ କ୍ଷତ୍ରିୟମାନେ ସେହି ପୋପ୍‌ମାନଙ୍କ କଥାକୁ ବିଶ୍ୱାସ କରି ନିରୁଦ୍ୟମ ହୋଇ ରହିଲେ । ପୁଣି ଜ୍ୟୋତିଷୀମାନେ ରାଜାଙ୍କୁ ପରାମର୍ଶ ଦେଲେ...... ବର୍ତ୍ତମାନ ଯୁଦ୍ଧପାଇଁ ଅନୁକୂଳ ସମୟ ନୁହେଁ । ଆପଣଙ୍କ ଅଷ୍ଟମଚନ୍ଦ୍ର ହୋଇଛି, ସମ୍ମୁଖ ଭାଗରେ ଯୋଗିନୀ ଅଛି । ପୂଜାରୀମାନଙ୍କ ସ୍ତୁତି ପ୍ରାର୍ଥନା ମହାଦେବ 'ମୋଟେ ଶୁଣିଲେ ନାହିଁ । ପୂଜାରୀ ଜ୍ୟୋତିଷୀଙ୍କ କଥାରେ ପଡ଼ି ରାଜା ଓ କ୍ଷତ୍ରିୟମାନେ ମନ୍ଦିର ରକ୍ଷାପାଇଁ କୌଣସି ଉଦ୍ୟମ ନକରି ନିଶ୍ଚିନ୍ତ ହୋଇ ରହିଲେ । ଚତୁର୍ଦ୍ଦିଗରୁ ମ୍ଳେଚ୍ଛ ସୈନିକମାନେ ଆକ୍ରମଣ ଆରମ୍ଭ କରିଦେଲେ । ସମସ୍ତଙ୍କୁ ଦୁର୍ଦ୍ଦଶା ଭୋଗକରିବାକୁ ପଡ଼ିଲା । ସମସ୍ତ ପୋପ୍ ପୂଜାରୀ,ଚେଲାମାନେ ଧରାପଡ଼ିଲେ । କେତେଜଣ ପୂଜାରୀ ହାତଯୋଡ଼ି କାକୁତିମିନତି ହୋଇ ଗଜନୀ ସୁଲତାନକୁ କହିଲେ...... ତିନି କୋଟି ଟଙ୍କା ପଛକେ ନିଅ, କିନ୍ତୁ ମନ୍ଦିର ଓ ମୂର୍ତ୍ତିକୁ ଭାଙ୍ଗ ନାହିଁ । ନିର୍ଦ୍ଦୟ ମୁସଲମାନ୍ ଉତ୍ତର ଦେଲା .... ଆମ୍ଭେ"ବୁତ୍‌ପରସ୍ତ" ନୋହୁଁ । "ବୁତ୍‌ଶିକନ୍" ଅର୍ଥାତ୍ ଆମ୍ଭେ ମୂର୍ତ୍ତିରକ୍ଷକ ନୋହୁଁ ମୂର୍ତ୍ତି ଭଞ୍ଜକ ଅଟୁଁ । ଏହା କହି କ୍ଷଣକ ମଧ୍ୟରେ ମନ୍ଦିରକୁ ଭାଙ୍ଗିଦେଲା । ଉପର ଛାତ (ଚୂଳ) ଭାଙ୍ଗିଦେବାରୁ ଚୁମ୍ବକୀୟ ଶକ୍ତି ନଷ୍ଟ ହୋଇଗଲା, ଓ ମୂର୍ତ୍ତି ମାଟି ଉପରେ କଚାଡ଼ିହୋଇ ପଡ଼ିଲା । ମୂର୍ତ୍ତି ଭିତରେ ଅଠର କୋଟି ଟଙ୍କାର ହୀରା ଥିବାର ଦେଖାଗଲା । କେଉଁ ସ୍ଥାନରେ କିପ୍ରକାର ଧନ ଅଛି ଦେଖାଇ ଦେବାପାଇଁ ମୁସଲମାନ୍‌ମାନେ ପୂଜାରୀମାନଙ୍କୁ ଚାବୁକରେ ପ୍ରହାର କଲେ । ସେମାନେ ପ୍ରାଣ ଭୟରେ ଧନ ଭଣ୍ଡାର ଦେଖାଇଦେଲେ ।ସେମାନେ ସମସ୍ତ ଧନସମ୍ପତ୍ତି ଲୁଟପାଟ କରି ନେଇଗଲେ । ପୂଜାରୀମାନଙ୍କୁ ଗୋଲାମ୍‌କରି ରଖିଲେ । ସେମାନେ ଘଣା ପେଲିଲେ, ଘାସକାଟିଲେ, ପାଇଖାନା ସଫାକଲେ, ସେମାନଙ୍କୁ କେବଳ ଚଣା ଖାଇବାକୁ ଦିଆଗଲା

ଦିଆଗଲା ।ହାୟ ! ହାୟ ! ପଥରକୁ ପୂଜା କରି ଏମାନେ ସର୍ବସ୍ୱ ହରାଇ ବସିଲେ । ଏମାନେ ଈଶ୍ୱରଙ୍କୁ ବିଶ୍ୱାସ କରି, ଭକ୍ତିକରି ତାଙ୍କ ଉପରେ ନିର୍ଭର କରିଥିଲେ ଦୁଷ୍ଟ ମ୍ଲେଛମାନଙ୍କୁ ମାରି ନିଶ୍ଚୟ ବିଜୟବାନା ଉଡ଼ାଇଥାନ୍ତେ । ସେମାନେ ଯେତେ ମୂର୍ତ୍ତି ପୂଜା କରିଥିଲେ, ପୁଣି ଅର୍ଥ ବ୍ୟୟ କରିଥିଲେ, ସେତିକି ବୀରଯୋଦ୍ଧାମାନଙ୍କପାଇଁ କରିଥିଲେ, ପରିସ୍ଥିତି ଓଲଟପାଲଟ ହୋଇଯାଇଥାଆନ୍ତା । ଜଣେ ଜଣେ ପୂଜକ ଯଦି ଜଣେ ଜଣେ ଶୂରବୀରଙ୍କ ପୂଜା କରିଥାନ୍ତେ ତେବେ ସେମାନେ ସେବକମାନଙ୍କୁ ରକ୍ଷାକରିବା ସଙ୍ଗେ ସଙ୍ଗେ ଶତ୍ରୁମାନଙ୍କୁ ନିଃଶେଷ କରିଦେଇଥାନ୍ତେ ।

ପ୍ରଶ୍ନ :- ଦ୍ୱାରକାର "ରଣଛୋଡଜୀ" ଏକ ହୁଣ୍ଡି ପଠାଇଦେଇ "ନର୍ସିମହିତା" ଙ୍କୁ ଋଣମୁକ୍ତ କରିଥିଲେ । ଏହା କଣ ମିଛ ?

ଉତ୍ତର :- କୌଣସି ଧନୀ ସାହୁକାର ଟଙ୍କା ପଠାଇ ଦେଇଥିବ । ଶ୍ରୀକୃଷ୍ଣ ନିଜେ ଟଙ୍କା ପଠାଇ ଦେଇଥିଲେ ବୋଲି କୌଣସି ଧୂର୍ତ୍ତ ଲୋକ ମିଥ୍ୟା ପ୍ରଚାର କରିଥିବ । ସମ୍ବତ୍ ୧୯୧୪ ରେ ଯେତେବେଳେ ଇଂରେଜମାନେ ତୋପଦ୍ୱାରା ମନ୍ଦିର ଓ ମୂର୍ତ୍ତିଗୁଡ଼ିକୁ ଉଡ଼ାଇ ଦେଇଥିଲେ, ସେତେବେଳେ ମୂର୍ତ୍ତିମାନେ କାହିଁକି ଆତ୍ମରକ୍ଷା କଲେ ନାହିଁ ? ବାଘେର ଯୋଦ୍ଧାମାନେ ବୀରତ୍ୱ ସହକାରେ ଯୁଦ୍ଧ କରି ଯେପରି ଶତ୍ରୁମାନଙ୍କୁ ମାରିଥିଲେ ତାହା ପ୍ରଶଂସନୀୟ ବିଷୟ ହୋଇ ରହିଛି । କିନ୍ତୁ ମୂର୍ତ୍ତିତ ଗୋଟାଏ ମଶା ବା ମାଛିର ମଧ୍ୟ ଗୋଡ଼ ଭାଙ୍ଗିଦେଇ ହୁରୁଡ଼େଇ ପାରିଲେ ନାହିଁ । ଶ୍ରୀକୃଷ୍ଣଙ୍କ ଭଳି କେହି ଯଦି ବୀର ଥାଆନ୍ତା ତେବେ ଶତ୍ରୁକୁଳକୁ ସେ ନିଶ୍ଚୟ ଧ୍ୱଂସକରି ଦେଇଥାନ୍ତା ।କହିଲ ଦେଖି, ପ୍ରଭୁ ଯେତେବେଳେ ମାଡ଼ ଖାଏ, ତାର ଶରଣାଗତମାନେ କିପରି ରକ୍ଷା ପାଇପାରିବେ ?

ପ୍ରଶ୍ନ :- ଜ୍ୱାଳାମୁଖୀ ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ । ସେ ସମସ୍ତଙ୍କୁ ଖାଇ ଯାଆନ୍ତି । ତାଙ୍କୁ ଯେଉଁ ଭୋଗ ଦିଆଯାଏ ତହିଁରୁ ଅଧେ ଖାଇ ଅଧେ ଛାଡ଼ି ଦିଅନ୍ତି । ମୁସଲମାନ୍ ବାଦଶାହ ତାଙ୍କ ଉପରକୁ ପାଣି ନାଳ ଛାଡ଼ିଲେ, ଲୁହାର ତାଉଆ ଢାଙ୍କିଦେଲେ । ତଥାପି ତାଙ୍କ ଜ୍ୱାଳା ଶାନ୍ତ ହେଲା ନାହିଁ କି ନିବାରିତ ହୋଇପାରିଲା ନାହିଁ । ସେହିପରି ହିଙ୍ଗୁଳାଜଦେବୀ ଅଧରାତିରେ ପର୍ବତ ଉପରେ ଘୋଡ଼ାରେ ବସି ଦେଖାଦିଅନ୍ତି । ପର୍ବତକୁ ଗର୍ଜନ ତର୍ଜନ କରାନ୍ତି । "ଚନ୍ଦ୍ରକୂପ" ନାମରେ ଚନ୍ଦ୍ରଙ୍କର ଏକକୂପ ଅଛି । ସେହି କୂଅ ନିଜେ କଥା କହେ । ଯୋନିଯନ୍ତ୍ର ଅଛି । ତହିଁରେ ପ୍ରବେଶ

କରି ତହିଁରୁ ବାହାରିଗଲେ ଆଉ ପୁନର୍ଜନ୍ମ ହୁଏ ନାହିଁ । ମୁଣ୍ଡରେ ଠୁମୁରା ବାନ୍ଧିଲେ ଯେକୌଣସି ଲୋକ ମହାପୁରୁଷ ହୋଇଯାଏ କିନ୍ତୁ ହିଙ୍ଗୁଳାଜ ନଗଲାପର୍ଯ୍ୟନ୍ତ ସେ ଯେତେ ବଡ଼ଲୋକ ହେଲେହେଁ ଅଧା ମହାପୁରୁଷ ବୋଲାଏ । ଏସବୁ କଣ ତେବେ ମିଥ୍ୟା ?

ଉତ୍ତର :— ହଁ, ସବୁ ମିଥ୍ୟା । ଜ୍ୱାଳାମୁଖୀ ପାହାଡ଼ରୁ ନିଆଁ ବାହାରେ । ସେଥିରେ ଯାହା କିଛି ଦେଲେମଧ୍ୟ ସେସବୁ ଭସ୍ମ ହୋଇଯାଏ । ସେଠାରେ ପଣ୍ଡା ପୂଜାରୀମାନେ ବିଚିତ୍ର ଲୀଳା ଲଗାଇଛନ୍ତି । ଯେପରି ଛୁଙ୍କ ଜଲା ସମୟରେ ଚାମୁଚ୍‌ରେ ଘିଅ ଦେଇ ତାକୁ ଅଗ୍ନିଶିଖା ଉପରେ ରଖିଲେ ସେହି ଘିଅ ଜଳିଉଠେ, ପୁଣି କାଢ଼ିନେଲେ କିମ୍ବା ଅଗ୍ନିଶିଖାକୁ ଲିଭାଇଦେଲେ, ତହିଁରୁ କିଛି ଘିଅ ଜଳିଯାଇ ଅବଶିଷ୍ଟ ରହେ, ଜ୍ୱାଳାମୁଖୀରେ ଠିକ୍ ସେହିପରି ଘଟିଥାଏ । ଜଳନ୍ତା ଚୁଲିରେ ଯାହା କିଛି ପକାଇଲେ ସେସବୁ ଯେପରି ପୋଡ଼ିଯାଏ, ପୁଣି ବଣ ବା ଗୃହରେ ନିଆଁ ଲାଗିଲେ ସବୁ ଜଳି ପୋଡ଼ି ଭସ୍ମ ହୋଇଯାଏ ତାହାହିଁ ଜ୍ୱାଳାମୁଖୀରେ ଘଟିଥାଏ । ଏଥିରେ ବିଶେଷକିଛି ଚମତ୍କାରିତା ନାହିଁ । ହିଙ୍ଗୁଳାଜଠାରେ ଗୋଟିଏ ମନ୍ଦିର,ଗୋଟିଏ ଜଳକୁଣ୍ଡ,ପୁଣି ଏଣେ ତେଣେ କେତୋଟି ପାଣିନାଳ ବ୍ୟତୀତ ଅନ୍ୟ କିଛି ନାହିଁ । ସେଠାରେ କୌଣସି ଦେବୀ ଘୋଡ଼ା ଉପରେ ବସିବା ଦେଖାଯାଏ ନାହିଁ । ବାକି ଯାହା କୁହାଯାଇଛି ସେସବୁ ପୂଜାରୀମାନଙ୍କ ଠକାମି ବ୍ୟତୀତ ଅନ୍ୟ କିଛି ନୁହେଁ । ସେଠାରେ ଏକ ଜଳକୁଣ୍ଡ ଅଛି, ତାହାର ନିମ୍ନ ପ୍ରଦେଶରୁ ବୁଦ୍‌ବୁଦ ଆକାର ଜଳ ଉଠୁଥାଏ, ତାହାକୁ ହିଁ ମୂଢ଼ ଲୋକମାନେ ସଫଳ ଯାତ୍ରା କହନ୍ତି । ଯୋନିଯନ୍ତ୍ର ନାମରେ ଏକ କଳଯନ୍ତ୍ର ରଖାଯାଇଛି । ଯାତ୍ରୀମାନଙ୍କଠାରୁ ଧନ ଶୋଷଣ କରିବାପାଇଁ ପୂଜାରୀମାନେ ଏପରି ଉପାୟ ବାହାର କରିଛନ୍ତି । ଠୁମୁରା ମଧ୍ୟ ଠକପୂଜକ ମାନଙ୍କର ଏକ ଲୀଳା ବିଶେଷ ।•ଠୁମୁରା ଧାରଣକରି ଯଦି କୌଣସି ବ୍ୟକ୍ତି ମହାପୁରୁଷ ହୋଇଯାଏ, ତେବେ ସେହିଠୁମୁରାକୁ ଏକ ପଶୁ ଉପରେ ଲଦି ସେ ମହାପୁରୁଷ ହେଉଛି କି ନାହିଁ ଦେଖାଯାଉ । ଉତ୍ତମରୁ ଉତ୍ତମ ଆଚରଣ ଓ ଧର୍ମଯୁକ୍ତ କାର୍ଯ୍ୟ କଲାପଦ୍ୱାରା ମହାପୁରୁଷ ସୃଷ୍ଟି ହୋଇଥାନ୍ତି ।

ପ୍ରଶ୍ନ :- ଅମୃତସରରେ ପୋଖରୀଟିଏ ଅଛି । ତାହାହେଉଛି ସତରେ ଅମୃତ ସ୍ୱରୂପ । ସେଠାରେ ରୀଠା ନାମକ ଫଳ ଅଛି, ସେହି ଫଳର ଅର୍ଦ୍ଧେକ ଅଂଶ ହେଉଛି ମିଠା ।

ଗୁରୁଦାସପୁରରେ ଏପରି ଏକ କାଛ ଅଛି, ତାହା ତଳକୁ ନଇଁପଡେ, କିନ୍ତୁ ତଳେ ପଡ଼ିଯାଏ ନାହିଁ । ରେବାଲସର୍‌ରେ ଜଳଉପରେ ପଥର ଭାସେ । ଅମରନାଥରେ ଆପେ ଆପେ ଲିଙ୍ଗ ନିର୍ମିତ ହୋଇଥାଏ । ହିମାଳୟରେ ଦିଓଟି କପୋତ ଆସି ସମସ୍ତଙ୍କୁ ଦର୍ଶନ ଦେଇ ଚାଲିଯାଆନ୍ତି । ଏସବୁ କଣ ସତ୍ୟ ନୁହେଁ ?

ଉତ୍ତର :- ମୋଟେ ନୁହେଁ । ସେହି ପୋଖରୀର ନାମ କେବଳ ଅମୃତସର । ଯେତେବେଳେ ସେହି ସ୍ଥାନରେ ଜଙ୍ଗଲଥିଲା ସେତେବେଳେ, ତାର ପାଣି ମିଠା ଥିଲା । ତେଣୁ ତାର ନାମ ଅମୃତସର ରଖାଯାଇଥିଲା । ପ୍ରକୃତରେ ଯଦି ତା ଅମୃତ ହୋଇଥାନ୍ତା ତେବେ ପୌରାଣିକମାନଙ୍କ ମତାନୁସାରେ କେବେ କୌଣସି ଲୋକ ମରନ୍ତେ ନାହିଁ । କାଛକୁ ଏପରି କୌଶଳର ସହିତ ନିର୍ମାଣ କରାଯାଇଛି, ତାହା ନଇଁ ପଡୁଥିଲେ ମଧ୍ୟ, ଖସି ପଡୁନାହିଁ । ରୀଠା ଗଛକୁ କଲମ କରାଯାଇଥିବ, ନତୁବା ତା ମିଛଗପ ହୋଇଥିବ । ରେବାଲସର୍‌ରେ ପଥର ଭାସିବାରେ କୌଣସି ଶିଳ୍ପ କୌଶଳ ପ୍ରୟୋଗ କରାଯାଇଛି । ଅମରନାଥରେ ବରଫର ପାହାଡ଼ ତିଆରି ହୁଏ । ଜଳ ଜମାଟବାନ୍ଧି ଛୋଟ ଲିଙ୍ଗ ତିଆରି ହେଉଥିବ, ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? କେହି ଦିଓଟି କପୋତ ପାଳିଥିବ ଓ ତାଙ୍କୁ ଦେଖାଇ ଟଙ୍କା ରୋଜଗାର କରୁଥିବ ।

ପ୍ରଶ୍ନ :- ହରଦ୍ୱାର ହେଉଛି ସ୍ୱର୍ଗରଦ୍ୱାର । "ହରକୀପୀଢ଼ୀରେ" ରେ ସ୍ନାନ କଲେ ପାପ ନଷ୍ଟ ହୋଇଯାଏ । ତପୋବନରେ ଯେଉଁ ଲୋକ ବାସ କରେ ସେ ତପସ୍ୱୀ ହୋଇଯାଏ । ଦେବପ୍ରୟାଗ, ଗଙ୍ଗୋତ୍ତରୀର ଗୋମୁଖ, ଉତ୍ତର କାଶୀରେ ଗୁପ୍ତକାଶୀ "ତ୍ରିଗୁଣୀନାରାୟଣ" ଙ୍କ ଦର୍ଶନ ହୁଏ । କେଦାର ଓ ବଦ୍ରୀନାରାୟଣଙ୍କ ପୂଜା ଛଅମାସ ମନୁଷ୍ୟ ଓ ଛଅମାସ ଦେବତା କରନ୍ତି । ମହାଦେବଙ୍କର ମୁଖ ନେପାଳରେ ପଶୁପତି ରୂପେ, ଗଣ୍ଡି କେଦାରନାଥରୂପେ, ଜାନୁ ତୁଙ୍ଗନାଥରେ ଓ ପାଦ ଅମରନାଥରେ ରହିଛି । ଯେଉଁମାନେ ଏହି ସ୍ଥାନମାନଙ୍କରେ ସ୍ନାନକରି, ମହାଦେବଙ୍କୁ ଦର୍ଶନ ଓ ସ୍ପର୍ଶ କରନ୍ତି ସେମାନେ ମୁକ୍ତି ପାଇଯାଆନ୍ତି । କେଦାର ଓ ବଦ୍ରୀଠାରେ ଯେଉଁମାନେ ସ୍ୱର୍ଗକୁ ଯିବାପାଇଁ ଇଚ୍ଛା କରନ୍ତି ସେମାନେଯାଇପାରନ୍ତି । ଏସବୁ କଣ ମିଥ୍ୟା ?

ଉତ୍ତର :- ହରଦ୍ୱାର ଉତ୍ତର ପାହାଡ଼କୁ ଯିବାପାଇଁ ଗୋଟିଏ ମାର୍ଗର ଆରମ୍ଭ ସ୍ଥଳ । "ହରକୀପୀଢ଼ୀ" ସ୍ନାନପାଇଁ କୁଣ୍ଡମଧ୍ୟରେ ପାହାଚ ତିଆରି ହୋଇଛି । ସତ କହିବାକୁ ଗଲେ ତାହା ହେଉଛି "ହାଡ଼ପେଢ଼ୀ" । କାରଣ ଦେଶର ସକଳ ସ୍ଥାନରୁ ଲୋକେ

ଶବର ହାଡ଼ ଆଣି ଏଠାରେ ପକାଇ ଥାଆନ୍ତି । ପାପ କଦାପି କେଉଁଠାରେ ଧୋଇହୁଏ ନାହିଁ, ତାର ଫଳ ଅବଶ୍ୟ ଭୋଗିବାକୁ ପଡ଼େ । ତପୋବନ କେବେ ଥିଲା ବା କେବେ ହୋଇଥିବ, ବର୍ତ୍ତମାନ ତାହା ଭିକ୍ଷୁକବନରେ ପରିଣତ ହୋଇଛି । ସେଠାରେ ରହିଲେ କେହି କେବେ ତପସ୍ୱୀ ହୁଅନ୍ତି ନାହିଁ । ତପଃ ଆଚରଣ ଦ୍ୱାରା ତପସ୍ୱୀ ହେବାକୁ ହୁଏ । ସେହି ତପୋବନରେ ଅନେକ ମିଥ୍ୟାବାଦୀ ବ୍ୟବସାୟୀ ବାସ କରୁଛନ୍ତି । ହିମବତଃ ପ୍ରଭବତି ଗଙ୍ଗା" ହିମାଳୟର ଶିଖର ଗଙ୍ଗୋତ୍ତରିଠାରୁ ଜଳ ପଡ଼ି ଗଙ୍ଗା ବହିଯାଉଛି । ଲୋକଙ୍କଠାରୁ ଧନ ଠକିନେବାପାଇଁ କୌଣସି ଧୂର୍ତ୍ତଲୋକ ସେହି ସ୍ଥାନକୁ ଗୋମୁଖାକାରରେ ନିର୍ମାଣ କରିଅଛି । ତାହା ହେଉଛି ପୋପ୍‌ରୂପୀ ପୁରୋହିତମାନଙ୍କର ସ୍ୱର୍ଗସ୍ଥଳୀ । ଉତ୍ତରକାଶୀ ଅଞ୍ଚଳ ଧ୍ୟାନନିମଗ୍ନ ଯୋଗୀମାନଙ୍କ ପାଇଁ ଅତ୍ୟନ୍ତ ଅନୁକୂଳ ସ୍ଥାନ । କିନ୍ତୁ ସେଠାରେ ମଧ୍ୟ ଦୋକାନଦାରମାନଙ୍କ ଦୋକାନଦାରୀ ଚାଲିଛି । ଅଲକାନନ୍ଦା ଓ ଗଙ୍ଗାର ମିଶ୍ରଣ ସ୍ଥାନରେ ପ୍ରୟାଗ ବା ଆଲାହାବାଦ ଅବସ୍ଥିତ । "ଦେବ ପ୍ରୟାଗରେ ଦେବତାମାନେ ବାସ କରନ୍ତି " ଏପରି ନ କହିଲେ ସେଠାକୁ କୌଣସି ଯାତ୍ରୀ ଯିବେ ନାହିଁ କି ପଣ୍ଡାମାନଙ୍କୁ ଟଙ୍କା ପଇସା ମିଳିବ ନାହିଁ । କାଶୀ କେବେ ଗୁପ୍ତ ହୋଇ ରହିନାହିଁ, ତାହା ହେଉଛି ଏକ ପ୍ରସିଦ୍ଧ ସ୍ଥାନ । ସେଠାରେ ତିନି ଯୁଗର ଧୂନି, ଧୂନି କାହିଁ ଦେଖାଯାଏ ନାହିଁ । ପୋପ୍‌ମାନଙ୍କ ଦଶ କୋଡ଼ିଏ ପୁରୁଷରୁ ବୋଧେ ଧୂନି ଲାଗି ଆସିଥିବ । ଯେପରି ଖାଖୀମାନଙ୍କର ଧୂନି ଓ ପାର୍ସିମାନଙ୍କର ଅଗ୍ୟାରୀ ସବୁବେଳେ ଜଳୁଥାଏ, ସେପରି ସେମାନେ ମଧ୍ୟ ଜାଳୁଛନ୍ତି । ତପ୍ତ କୁଣ୍ଡରେ ଉଷ୍ଣ ପ୍ରସ୍ରବଣ ରହିଛି । ତହିଁର ଜଳ ଗରମ ରହିବା ବିଚିତ୍ର ନୁହେଁ । ତା ନିକଟରେ ଅନ୍ୟ ଏକ କୁଣ୍ଡରେ ଉପରର୍ ଜଳ କିମ୍ବା ଯେଉଁଠି ଉଷ୍ଣତା ନାହିଁ, ସେଠାରୁ ଜଳ ଆସୁଥିବାରୁ ତାହା ହେଉଛି ଶୀତଳ । କେଦାରନାଥ ଅତି ଉତ୍ତମ ସ୍ଥାନ । କିନ୍ତୁ ସେଠାରେ ମଧ୍ୟ ଜମାଟ ବାନ୍ଧିଥିବା ପଥର ଉପରେ ପୂଜାରୀ ବା ସେମାନଙ୍କ ଚେଲାମାନେ ମନ୍ଦିର ତିଆରି କରି ଦେଇଛନ୍ତି । ସେଠାରେ ମଧ୍ୟ ଯାତ୍ରୀମାନଙ୍କଠାରୁ ଟଙ୍କା ପଇସା ଲୁଣ୍ଠି ନେବାପାଇଁ ନାନା ଉପାୟ ଅବଲମ୍ବନ କରାଯାଉଛି । ସେହିପରି ବଦ୍ରୀନାରାୟଣରେ ପଣ୍ଡାମାନେ ଯାତ୍ରୀଙ୍କୁ ଠକି ଭୋଗ ବିଳାସ କରିବାରେ ଲାଗିଛନ୍ତି । ପଣ୍ଡାମାନଙ୍କ ମଧ୍ୟରେ ରାଓ୍ୱଲଜୀ ହେଉଛନ୍ତି ଶ୍ରେଷ୍ଠ । ତାଙ୍କର ଜଣେ ସ୍ତ୍ରୀ ନାହିଁ, ଅନେକ ରକ୍ଷିତା ସ୍ତ୍ରୀ ରଖି ଉପଭୋଗ କରୁଛନ୍ତି ।

ସେଠାରେ ପଶୁପତି ନାମରେ ଏକ ମନ୍ଦିର ଅଛି । ତହିଁରେ ପଞ୍ଚମୁଖୀ ମୂର୍ତ୍ତିଟିଏ ସ୍ଥାପନା କରାଯାଇଛି । ଯେଉଁଠାରେ ବୃଥାମଣ୍ଡା ନଥାଏ, ଦଣ୍ଡବିଧାନ କରା ନଯାଏ, ସେଠାରେ ଅନେକ କିଛି ଦୁରାଚାର ହୋଇଥାଏ । ସେ ଯାହାହେଉ ତୀର୍ଥସ୍ଥଳର ଲୋକେ ଯେତେ ଧୂର୍ତ୍ତ ଓ ଧନଲୁଣ୍ଠନକାରୀ ପାହାଡ଼ୀ ଲୋକେ ସେତେ ପରିମାଣର ନୁହନ୍ତି । ହେଲେ ମଧ୍ୟ ସେଠାକାର ଭୂମି ଅତ୍ୟନ୍ତ ରମଣୀୟ ଓ ପବିତ୍ର ।

ପ୍ରଶ୍ନ :- ବିନ୍ଧ୍ୟାଞ୍ଚଳରେ ବିନ୍ଧ୍ୟେଶ୍ୱରୀ,କାଳୀ,ଅଷ୍ଟଭୁଜା ଏମାନେ ପ୍ରତ୍ୟକ୍ଷ ସତ୍ୟ ଦେବତା ଅଟନ୍ତି । ବିନ୍ଧ୍ୟେଶ୍ୱରୀ ତିନିକାଳରେ ତିନୋଟି ରୂପ ଧାରଣ କରନ୍ତି । ତାଙ୍କ ବେଢ଼ା ମଧ୍ୟରେ ଗୋଟାଏ ମଧ୍ୟ ମାଛି ହୁଅନ୍ତି ନାହିଁ । ତୀର୍ଥରାଜ ପ୍ରୟାଗରେ ମୁଣ୍ଡ ଲଣ୍ଡା ହୋଇ ଗଙ୍ଗା ଯମୁନା ସଙ୍ଗମ ସ୍ଥଳୀରେ ସ୍ନାନକଲେ ମନସ୍କାମନା ପୂର୍ଣ୍ଣ ହୁଏ । ସେହିପରି ଅଯୋଧ୍ୟା କେତେଥର ଉଡ଼ି ସମସ୍ତ ଅଧିବାସୀଙ୍କ ସହିତ ସ୍ୱର୍ଗକୁ ଉଠି ଯାଇଛି । ମଥୁରା ସମସ୍ତ ତୀର୍ଥଠାରୁ ଅଧିକ ମହତ୍ୱପୂର୍ଣ୍ଣ । ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ଲୀଳାସ୍ଥାନ । ଗୋବର୍ଦ୍ଧନ ଓ ବ୍ରଜଯାତ୍ରା କେବଳ ପୁଣ୍ୟାତ୍ମା ଲୋକଙ୍କ ଭାଗ୍ୟରେ ଘଟେ । ସୂର୍ଯ୍ୟପରାଗ ସମୟରେ କୁରୁକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୁଏ । ଏସବୁକୁ କଣ ମିଥ୍ୟା କୁହାଯିବ ? ।

ଉତ୍ତର :- ପ୍ରତ୍ୟକ୍ଷରେ ଯେଉଁ ତିନି ମୂର୍ତ୍ତି ଦେଖାଯାଉଛନ୍ତି, ସେହି ତିନୋଟିଯାକ ମୂର୍ତ୍ତି ପାଷାଣରେ ନିର୍ମିତ । ପୂଜକମାନେ ଭିନ୍ନ ଭିନ୍ନ ସମୟରେ ପ୍ରତିମାକୁ ଭିନ୍ନଭିନ୍ନ ପ୍ରକାରର ବସ୍ତ୍ରାଳଙ୍କାରରେ ବିଭୂଷିତ କରି ସଜାଇଥାନ୍ତି । ତେଣୁ ତିନିକାଳରେ ତିନିପ୍ରକାର ରୂପ ଦେଖାଯାଏ । ସେଠାରେ ହଜାର ହଜାର,ଲକ୍ଷଲକ୍ଷ ସଂଖ୍ୟାରେ ମାଛି ଭଣ ଭଣ ହେଉଥିବାର ମୁଁ ନିଜ ଆଖିରେ ଦେଖିଛି । ପ୍ରୟାଗରେ କୌଣସି ନାପିତ ଶ୍ଳୋକ ରଚନା କରିଛି, କିମ୍ବା ପୋପମାନଙ୍କୁ କିଛି ଭୋଗରାଗ ଦେଇ ମୁଣ୍ଡନର ମାହାତ୍ମ୍ୟ ବର୍ଣ୍ଣନା କରିଥିବ ଅଥବା କରାଇଥିବ ।ପ୍ରୟାଗରେ ସ୍ନାନକରି ସମସ୍ତେ ଘରକୁ ଫେରୁଥିବା ଦେଖାଯାଏ । କାହିଁ କେହିତ କେବେ ସ୍ୱର୍ଗକୁ ଯାଇନାହାନ୍ତି । ଯଦି କେହି ସେଠାରେ ବୁଡ଼ି ମରୁଥିବ,ତେବେ ତାହାର ଆତ୍ମା ବାୟୁରେ ଘୁରି ଘୁରି ପୁଣି ଜନ୍ମଗ୍ରହଣ କରୁଥିବ । ପ୍ରୟାଗକୁ ଟଙ୍କା ରୋଜଗାର କରୁଥିବା ଠକମାନେ ତୀର୍ଥରାଜ ବୋଲି ନାମ ଦେଇଛନ୍ତି । ଜଡ଼ ପଦାର୍ଥପ୍ରତି ରାଜା-ପ୍ରଜାଭାବ ପ୍ରୟୋଗ କରାଯାଇ ପାରିବ ନାହିଁ । ଅଯୋଧ୍ୟା ନଗରୀ ଗାଁଆ ଗଣ୍ଡା, କୁକୁର, ଗଧ, ମେହେନ୍ତର, ଚମାରଙ୍କ ସହିତ

ତିନିବାର ସ୍ୱର୍ଗକୁ ଯାଇଥିଲା, ଏହାତ ବଡ଼ ଅସମ୍ଭବ କଥା । ଅଯୋଧ୍ୟା ସ୍ୱର୍ଗକୁ ଗଲା କିପରି କେଜାଣି, ବର୍ତ୍ତମାନ ମଧ୍ୟ ଯେଉଁଠି ଥିଲା ସେଇଠି ରହିଛି । ପ୍ରତାରକ ପୋପମାନଙ୍କ କଳ୍ପନାରେ ଅଯୋଧ୍ୟା ନଗରୀ କେବଳ ସ୍ୱର୍ଗକୁ ଉଡ଼ିଯାଇଛି, ଯେପରି ଗପଗୁଡ଼ାକ ଶବ୍ଦ ରୂପରେ ଆକାଶକୁ ଉଡ଼ିଯାଏ । ନୈମିଷାରଣ୍ୟାଦି ସ୍ଥାନର ମାହାତ୍ମ୍ୟ ମଧ୍ୟ ସେହି ଠକ ପଣ୍ଡା ପୁରୋହିତଙ୍କ କଳ୍ପନା ପ୍ରସୂତ ମାତ୍ର । "ମଥୁରା ତିନିଲୋକରେ ଶ୍ରେଷ୍ଠ ନୁହେଁ" କିନ୍ତୁ ସେଠାକାର ତିନୋଟି ଜନ୍ତୁ ଲୀଳାଧାରୀ ଅଟନ୍ତି । ସେମାନଙ୍କ ପାଇଁ ଜଳ ସ୍ଥଳ ଓ ଆକାଶରେ ମଧ୍ୟ କାହାକୁ ସୁଖ ମିଳିବା କଷ୍ଟକର ବ୍ୟାପାର । ପ୍ରଥମ ହେଉଛନ୍ତି ଚୌବେ ଅର୍ଥାତ୍ ପଣ୍ଡାମାନେ । ସ୍ନାନପାଇଁ ଯେତେବେଳେ ଗଲେ ସେମାନେ ତାଙ୍କ ପାଉଣା ଆଦାୟ କରିବା ପାଇଁ ଚିତ୍କାର କରି କହନ୍ତି ...... ହେ ଯଜମାନ ! ଆସ, ସ୍ନାନକର,ଟଙ୍କାପଇସା ଦିଅ । ଆମ୍ଭେମାନେ ଭାଙ୍ଗ ପୁରି, ମିଠାଇ ଖାଇ ତୁମର କଲ୍ୟାଣ କାମନା କରିବୁ । ଦ୍ୱିତୀୟରେ ପାଣିରେ ଥିବା କଇଁଛମାନେ,ଯେଉଁମାନେ କି ଲୋକଙ୍କୁ କାମୁଡ଼ି,ଖଣ୍ଡିଆ ଖାବରା କରି ଦିଅନ୍ତି । ସେମାନଙ୍କପାଇଁ ସ୍ନାନକରିବା କଷ୍ଟକର ହୋଇପଡ଼େ । ତୃତୀୟରେ ଗଛ,କାନ୍ଥ,ବାଡ଼ରେ ଥିବା ରକ୍ତମୁଖା ମାଙ୍କଡ଼ମାନେ । ସେମାନେ ଯାତ୍ରୀମାନଙ୍କ ପଗଡ଼ି, ଟୋପି, ଗହଣା, ଜୋତା ଓ ଅନ୍ୟାନ୍ୟ ଆସବାବପତ୍ର ଜୋର୍‌କରି ନେଇଯାଆନ୍ତି । କାହାକୁ କାମୁଡ଼ି ଖଣ୍ଡିଆ କରିଦିଅନ୍ତି,କାହା କାହା ଉପରେ ଆକ୍ରମଣକରି ଜୀବନରେ ଶେଷ କରି ଦିଅନ୍ତି । ଏଠାରେ ଏହି ତିନିହେଁ ପୋପ୍ ଓ ସେମାନଙ୍କ ଚେଲାମାନଙ୍କର ପୂଜନୀୟ ଅଟନ୍ତି । ଚଣା ପ୍ରଭୃତି ଖାଦ୍ୟ କଇଁଛମାନଙ୍କ ପାଇଁ, ଚଣା, ଗୁଡ଼ ଆଦି ମାଙ୍କଡ଼ମାନଙ୍କ ପାଇଁ ତଥା ଦକ୍ଷିଣା ଓ ମିଠାଇ ପଣ୍ଡାମାନଙ୍କ ପାଇଁ, ନଦେଲେ ରକ୍ଷା ନାହିଁ । ପୂର୍ବେ ବୃନ୍ଦାବନ ଅବଶ୍ୟ ରମଣୀୟ ସ୍ଥାନ ଥିଲା । ଏବେ ତାହା ବେଶ୍ୟାଭବନରେ ପରିଣତ ହୋଇଛି । ଯୁବକ, ଯୁବତୀ, ଗୁରୁ, ଶିଷ୍ୟା, ପଣ୍ଡା, ଯାତ୍ରୀ ଏମାନଙ୍କ ବ୍ୟଭିଚାର, କଦର୍ଯ୍ୟ କାର୍ଯ୍ୟକଳାପରେ କଳୁଷିତ ହୋଇ ପଡ଼ିଛି । ସେହିପରି ଦୀପମାଳିକାର ମେଳା,ଗୋବର୍ଦ୍ଧନ ଓ ବ୍ରଜଯାତ୍ରାରେ ଠକ,ଧୂର୍ତ୍ତ ମାନଙ୍କର ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି । କୁରୁକ୍ଷେତ୍ରରେ ମଧ୍ୟ ଜୀବିକା ନିର୍ବାହପାଇଁ ପ୍ରତିଯୋଗିତା ଚାଲିଛି । ଏଠାରେ ଯେଉଁ ଧାର୍ମିକ,ପରୋପକାରୀ ଲୋକେ ଅଛନ୍ତି, ସେମାନେ ଏସବୁରୁ ପୃଥକ୍ ଅଟନ୍ତି ।

ପ୍ରଶ୍ନ :- ଏହି ମୂର୍ତ୍ତିପୂଜା ଓ ତୀର୍ଥଯାତ୍ରା ବହୁପୂର୍ବରୁ ଚଳି ଆସୁଥିବାରୁ ତାହା ହେଉଛି ସନାତନ । ତେଣୁ ସେସବୁ କାହିଁକି ମିଥ୍ୟା ହେବ ? ।

ଉତ୍ତର :- ତୁମେ ସନାତନ ବୋଲି କାହାକୁ କହୁଛ ? ଯାହା ଆବହମାନ କାଳରୁ ଚଳି ଆସୁଛି ତ ? ପ୍ରାଚୀନକାଳରୁ ଏହା ଯଦି ଚଳି ଆସୁଛି,ତେବେ ବ୍ରାହ୍ମଣାଦି ମୁନିଋଷିକୃତ ପୁସ୍ତକରେ ସେ ସମ୍ପର୍କରେ ଲେଖା ଯାଇ ନାହିଁ କାହିଁକି ?

ଏହି ମୂର୍ତ୍ତିପୂଜା ଅଢ଼େଇ ତିନିହଜାର ବର୍ଷ ହେବ ବାମମାର୍ଗୀ ଓ ଜୈନୀମାନଙ୍କ ଦ୍ୱାରା ପ୍ରଚଳିତ ହୋଇ ଆସିଛି । ପ୍ରଥମେ ଆର୍ଯ୍ୟାବର୍ତ୍ତରେ ମୂର୍ତ୍ତିପୂଜା ବା ତୀର୍ଥଯାତ୍ରା ନ ଥିଲା । ଯେଉଁ ସମୟରେ ଜୈନମାନେ ଗିରନାର୍, ପାଲିଟାନା, ଶିଖର, ଶତ୍ରୁଞ୍ଜୟ ଓ ଆବୁ ପ୍ରଭୃତି ତୀର୍ଥ ସୃଷ୍ଟି କଲେ । ସେମାନଙ୍କ ଅନୁକରଣରେ ପୌରାଣିକମାନେ ମଧ୍ୟ ବିଭିନ୍ନ ସ୍ଥାନରେ ମୂର୍ତ୍ତି ସ୍ଥାପନ କରି ତୀର୍ଥମାନିବାକୁ ଲାଗିଲେ । ଯଦି କେହି ଏସବୁର ଆରମ୍ଭ କେବେଠାରୁ ବୋଲି ଜାଣିବାକୁ ଚାହାନ୍ତି ,ତେବେ ସେ ପଣ୍ଡାମାନଙ୍କଠାରେ ଥିବା ଅତି ପ୍ରାଚୀନ ପୁସ୍ତକ ଓ ତମ୍ବାପଟାର ଲେଖାପ୍ରଭୃତି ଦେଖିଲେ ନିଶ୍ଚୟ ଜାଣି ପାରିବେ ଯେ, ଏସବୁ ତୀର୍ଥସ୍ଥଳୀ ପାଞ୍ଚଶହରୁ ଏକହଜାର ବର୍ଷ ମଧ୍ୟରେ ସ୍ଥାପିତ ହୋଇଛି । ଏକ ହଜାର ବର୍ଷ ପୂର୍ବର କୌଣସି ଲେଖା କାହା ନିକଟରେ ନାହିଁ । ଏଣୁ ଏସବୁ ଆଧୁନିକ ବ୍ୟତୀତ ଅନ୍ୟ କିଛି ନୁହେଁ ।

ପ୍ରଶ୍ନ :- **"ଅନ୍ୟ କ୍ଷେତ୍ରେ କୃତଂ ପାପଂ କାଶୀ କ୍ଷେତ୍ରେ ବିନଶ୍ୟତି "** ଏପରି ଯେଉଁ ତୀର୍ଥ ମାହାତ୍ମ୍ୟ ଗୁଡ଼ିକ କଥିତ ହୋଇଛି, ତାହା ତେବେ କଣ ମିଥ୍ୟା ?

ଉତ୍ତର:- ପୂର୍ଣ୍ଣରୂପେ ମିଥ୍ୟା । ପ୍ରକୃତରେ ପାପ ଯଦି ତୀର୍ଥସ୍ଥଳୀରେ ଛାଡ଼ିଯାଉଥାନ୍ତା, ତେବେ ଦରିଦ୍ରଲୋକଙ୍କୁ ଧନ, ରାଜପଦ, ଅନ୍ଧକୁ ଆଖି ମିଳି ଯାଆନ୍ତା । କୁଷ୍ଠରୋଗୀ କୁଷ୍ଠରୋଗରୁ ମୁକ୍ତ ହୋଇ ଯାଆନ୍ତା । କିନ୍ତୁ ସେପରି ହେଉ ନାହିଁ । ସୁତରାଂ ପାପ ବା ପୁଣ୍ୟ କେବେ ନଷ୍ଟ ହୁଏ ନାହିଁ ।

ପ୍ରଶ୍ନ :-

ଗଙ୍ଗା ଗଙ୍ଗେତି ଯୋ ବ୍ରୂୟାଦ୍ୟୋଜନାନାଂ ଶତୈରପି ।
ମୁଚ୍ୟତେ ସର୍ବ ପାପେଭ୍ୟୋ ବିଷ୍ଣୁଲୋକଂ ସ ଗଚ୍ଛତି ॥୧॥

(ବ୍ରହ୍ମପୁରାଣ ୧୭୫/୮୨,ପଦ୍ମପୁରାଣ ୨୩/୨)

ହରି ହର୍ରତି ପାପାନି ହରିରିତ୍ୟକ୍ଷର ଦ୍ୱୟମ୍ ॥୨॥

(ପଦ୍ମପୁରାଣ ଉ.ଖ. ୭୨/୧୨)

ପ୍ରାତଃକାଳେ ଶିବଂ ଦୃଷ୍ଟ୍ୱା ନିଶିପାପଂ ବିନଶ୍ୟତି ।
ଆଜନ୍ମକୃତଂ ମଧ୍ୟାହ୍ନେ ସାୟାହ୍ନେ ସପ୍ତ ଜନ୍ମନାମ୍ ॥୩॥

(ତୀର୍ଥ ଦର୍ପଣ ପଣ୍ଡା ଅର୍ପଣ ପରିଚ୍ଛେଦ-୨)

ଯେ କୌଣସି ବ୍ୟକ୍ତି ଗଙ୍ଗାଠାରୁ ଶହଶହ କୋଶ ଦୂରରେ ରହି ମଧ୍ୟ, ଯଦି ଗଙ୍ଗା ଗଙ୍ଗା ବୋଲି କହେ, ସେ ପାପମୁକ୍ତ ହୋଇ ବିଷ୍ଣୁଲୋକକୁ ଗତି କରେ ।୧। "ହରି" ଏଦୁଇ ଅକ୍ଷର ବିଶିଷ୍ଟ ନାମୋଚ୍ଚାରଣ ହିଁ ସମସ୍ତ ପାପକୁ ହରଣ କରେ, । ସେହିପରି ରାମ, କୃଷ୍ଣ ଶିବ, ଭଗବତୀ ପ୍ରଭୃତି ନାମ ସ୍ମରଣର ମାହାତ୍ମ୍ୟ କଥିତ ହୋଇଛି ।୨। ଯେଉଁ ଲୋକ ପ୍ରାତଃକାଳରେ ଶିବଲିଙ୍ଗ ଦର୍ଶନ କରେ ତାହାର ରାତ୍ରିକୃତ ପାପ ନଷ୍ଟ ହୁଏ । ମଧ୍ୟାହ୍ନରେ ଦର୍ଶନ କଲେ ଜନ୍ମଯାକର ପାପ ଗୁଞ୍ଜିଯାଏ ଓ ସାୟଂକାଳରେ ଦର୍ଶନ କଲେ ସପ୍ତଜନ୍ମର ପାପ ନଷ୍ଟ ହୁଏ ।୩। ଶିବଲିଙ୍ଗ ଦର୍ଶନର ଏହି ମାହାତ୍ମ୍ୟ କଣ ମଥ୍ୟା ହୋଇଯିବ ?"

ଉତ୍ତର :- ମିଥ୍ୟା ହେବାରେ ସନ୍ଦେହ ଅଛି କି ? ଗଙ୍ଗା, ରାମ, ହରି, କୃଷ୍ଣ ନାରାୟଣ, ଶିବ, ଭଗବତୀ ପ୍ରଭୃତି ନାମ ଉଚ୍ଚାରଣ କଲେ ପାପ ନଷ୍ଟ ହୁଏ ନାହିଁ । ଏପରି ହେଉଥିଲେ ଦୁନିଆଁରେ ଦୁଃଖୀହୋଇ କେହି ଆଉ ରହନ୍ତେ ନାହିଁ । ପୁଣି ପାପ କରିବାକୁ ମଧ୍ୟ କେହି ଭୟ କରନ୍ତେ ନାହିଁ । ଆଜିକାଲି ଏହି ପୋପ୍ ଲୀଳା ଯୋଗୁଁ ପାପର ମାତ୍ରା ବଢ଼ିଚାଲିଛି । ମୂଢ଼ ଲୋକଙ୍କର ବିଶ୍ୱାସ ଯେ, ଆମ୍ଭେ ପାପକରି ନାମ ଉଚ୍ଚାରଣ କରି ଦେଲେ, କିମ୍ବା ତୀର୍ଥ ଭ୍ରମଣ କରି ଆସିଲେ , ପାପସବୁ ନଷ୍ଟ ହୋଇଯିବ । ଏହି ମିଥ୍ୟା ବିଶ୍ୱାସର ବଶବର୍ତ୍ତୀ ହୋଇ ସେମାନେ ପାପ କରି ନିଜର ଇହଲୋକ ଓ ପରଲୋକକୁ ନଷ୍ଟ କରିଦେଉଛନ୍ତି ।କରିଥିବା ପାପର ଫଳ ନିଶ୍ଚୟ ଭୋଗିବାକୁ ପଡ଼ିବ ।

ପ୍ରଶ୍ନ :- ତେବେ ଆଉ କି ପ୍ରକାର ତୀର୍ଥଯାତ୍ରା ଓ ନାମସ୍ମରଣ କରିବା ଆବଶ୍ୟକ ?

ଉତ୍ତର :- ବେଦାଦି ସତ୍‌ଶାସ୍ତ୍ର ପଠନ-ପାଠନ, ଧାର୍ମିକ ଓ ବିଦ୍ୱାନ୍‌ମାନଙ୍କର ସଙ୍ଗ, ପରୋପକାର, ଧର୍ମାନୁଷ୍ଠାନ, ଯୋଗାଭ୍ୟାସ, ନିର୍ବୈର,ନିଷ୍କପଟ, ସତ୍ୟଭାଷଣ, ସତ୍ୟାଚରଣ, ସତ୍ୟଗ୍ରହଣ, ବ୍ରହ୍ମଚର୍ଯ୍ୟପାଳନ, ଆଚାର୍ଯ୍ୟ, ଅତିଥି, ପିତାମାତାଦି ଗୁରୁଜନଙ୍କ ସେବା, ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା, ଶାନ୍ତି, ଜିତେନ୍ଦ୍ରିୟତା, ସୁଶୀଳତା, ଧର୍ମଯୁକ୍ତ ପୁରୁଷାର୍ଥ ପ୍ରକାଶ, ଜ୍ଞାନ-ବିଜ୍ଞାନ ପ୍ରଭୃତି ସମ୍ପାଦନ, ପ୍ରଭୃତ

ଶୁଭଗୁଣ କର୍ମ କେବଳ ମନୁଷ୍ୟଙ୍କୁ ଦୁଃଖ ଶୋକରୁ ଉଦ୍ଧାର କରେ । ଏଣୁ ସେହି ସବୁ ଗୁଣ ତଥା କର୍ମକୁ ତୀର୍ଥ କୁହାଯାଏ । ଜଳ-ସ୍ଥଳମୟ ସ୍ଥାନ କଦାପି ତୀର୍ଥ ହୋଇ ନ ପାରେ । କାରଣ ---- " **ଜନା ଯୈସ୍ତରନ୍ତି ତାନି ତୀର୍ଥାନି** " ମନୁଷ୍ୟ ଯାହାଦ୍ୱାରା ଦୁଃଖରୁ ରକ୍ଷାପାଏ, ତାହା ହେଉଛି ପ୍ରକୃତ ତୀର୍ଥ । ଜଳ କଦାପି ମନୁଷ୍ୟଙ୍କୁ ତାରିପାରେ ନାହିଁ, ବରଂ ବୁଡ଼ାଇ ମାରିପାରେ । ବସ୍ତୁତଃ ନୌକାଦିର ନାମ ତୀର୍ଥ ହୋଇପାରେ । ଯେଣୁ ତାହାଦ୍ୱାରା ନଦୀ, ସମୁଦ୍ରକୁ ପାର କରାଯାଇ ପାରେ ।

"**ସମାନ ତୀର୍ଥେବାସୀ** " ।୧। (ଅଷ୍ଟାଧ୍ୟାୟୀ ୪-୪-୧୦୭)

" **ନମସ୍ତୀର୍ଥାୟଚ** " ।୨। (ଯଜୁ - ଅ ୧୬ - ମ - ୪୨)

ଯେଉଁ ବ୍ରହ୍ମଚାରୀ ଜଣେ ଆଚାର୍ଯ୍ୟଙ୍କଠାରୁ କୌଣସି ଶାସ୍ତ୍ର ପଢ଼ନ୍ତି, ସେ ସତୀର୍ଥ ଅର୍ଥାତ୍ ସମାନ ତୀର୍ଥସେବୀ ହୁଅନ୍ତି ।୧। ଯେଉଁମାନେ ବେଦାଦି ଶାସ୍ତ୍ରଜ୍ଞାନ ଓ ସତ୍ୟ ଭାଷଣାଦି ଧର୍ମ ଲକ୍ଷଣଯୁକ୍ତ ହୁଅନ୍ତି, ସେମାନଙ୍କୁ ଅନ୍ନାଦି ପଦାର୍ଥ ଦେଇ ସତ୍କାର କରିବା ତଥା ସେମାନଙ୍କଠାରୁ ବିଦ୍ୟାଶିକ୍ଷା କରିବାକୁ ତୀର୍ଥ କୁହାଯାଏ । ୨। ପୁଣି ନାମସ୍ମରଣ ଏହାକୁ କୁହାଯାଏ ।ଯଥା......" **ଯସ୍ୟ ନାମ ମହଦ୍ୟଶଃ** "

(ଯଜୁ - ଅ୩୨/ମ-୩)

ଧର୍ମଯୁକ୍ତ କର୍ମକରି ମହତ୍ ଯଶ ସଂପାଦନ କରିବାହିଁ ପରମେଶ୍ୱରଙ୍କ ନାମସ୍ମରଣ । ଗୁଣ, କର୍ମ, ସ୍ୱଭାବ ଅନୁସାରେ ପରମେଶ୍ୱରଙ୍କ ନାମ ହେଉଛି ...... ବ୍ରହ୍ମ, ପରମେଶ୍ୱର, ଈଶ୍ୱର, ନ୍ୟାୟକାରୀ, ଦୟାଳୁ ,ସର୍ବଶକ୍ତିମାନ୍ ଇତ୍ୟାଦି । ଯେପରି ବ୍ରହ୍ମ ସବୁଠାରୁ ବଡ଼, ପରମେଶ୍ୱର ...... ଈଶ୍ୱରଙ୍କର ଈଶ୍ୱର, ଈଶ୍ୱର- ସାମର୍ଥ୍ୟଯୁକ୍ତ, ନ୍ୟାୟକାରୀ- କେବେ ଅନ୍ୟାୟ କରନ୍ତି ନାହିଁ, ଦୟାଳୁ- ସମସ୍ତଙ୍କ ଉପରେ କୃପାଦୃଷ୍ଟି ରଖନ୍ତି, ସର୍ବ ଶକ୍ତିମାନ୍- ନିଜର ସାମର୍ଥ୍ୟଦ୍ୱାରା ସମସ୍ତ ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ କରନ୍ତି । ସେମାନଙ୍କ କାହାର ସାହାଯ୍ୟ ନିଅନ୍ତି ନାହିଁ । ବ୍ରହ୍ମା- ବିବିଧ ଜଗତର ସମସ୍ତ ପଦାର୍ଥର ସର୍ଜନାକାରୀ, ବିଷ୍ଣୁ- ସର୍ବତ୍ର ବ୍ୟାପକ ହୋଇ ରକ୍ଷା କରନ୍ତି, ମହାଦେବ- ସମସ୍ତ ଦେବଙ୍କର ଦେବ, ରୁଦ୍ର-ପ୍ରଳୟକାରୀ, ପ୍ରଭୃତି ନାମର ଅର୍ଥକୁ ହୃଦୟଙ୍ଗମ କରି ଈଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବକୁ ଅନୁସରଣ କରିବା ମନୁଷ୍ୟର ଧର୍ମ । ସେପ୍ରରି ବଡ଼ କାମରେ ବଡ଼ ହୁଅ, ସମର୍ଥମାନଙ୍କ ମଧ୍ୟରେ ସମର୍ଥ ହୁଅ, ସାମର୍ଥ୍ୟକୁ ବୃଦ୍ଧିକର, ଅଧର୍ମ କେବେ କରନାହିଁ, ସମସ୍ତଙ୍କପ୍ରତି ଦୟାକର, ସମସ୍ତପ୍ରକାର ଉନ୍ନତି

ସାଧନ କର, ଶିଳ୍ପବିଦ୍ୟାଦ୍ୱାରା ବିଭିନ୍ନ ପଦାର୍ଥ ନିର୍ମାଣ କର, ନିଜର ସୁଖ ଦୁଃଖ ପରି ଅନ୍ୟମାନଙ୍କ ସୁଖ ଦୁଃଖ ବିଚାରକର, ସମସ୍ତଙ୍କୁ ରକ୍ଷା କର, ବିଦ୍ୱାନମାନଙ୍କ ମଧ୍ୟରେ ବିଦ୍ୱାନ୍ ହୁଅ, ଦୁଷ୍କର୍ମ ଓ ଦୁଷ୍ଟମାନଙ୍କୁ ଦଳନ କର, ସଜ୍ଜନମାନଙ୍କୁ ପାଳନକର । ଏହିପରି ପରମେଶ୍ୱରଙ୍କ ଗୁଣ, କର୍ମ ଓ ସ୍ୱଭାବର ଅନୁକୂଳ, ନିଜର ଗୁଣ, କର୍ମ ଓ ସ୍ୱଭାବକୁ ପରିବର୍ତ୍ତନ କରିବାହିଁ, ପରମେଶ୍ୱରଙ୍କ ପ୍ରକୃତ ନାମସ୍ମରଣ ଅଟେ ।

ପ୍ରଶ୍ନ :- **ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ର୍ଗୁରୁର୍ଦେବୋ ମହେଶ୍ୱରଃ ।**
ଗୁରୁରେବ ପରଂ ବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।

ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଗୁରୁ ହିଁ ମହେଶ୍ୱର । ଏଣୁ ଗୁରୁଦେବ ସର୍ବଦା ବନ୍ଦନାର ଯୋଗ୍ୟ । ଗୁରୁଙ୍କ ପାଦଧୋଇ ଚରଣାମୃତ ପିଇବା, ଯେପରି ଆଦେଶ ଦେବେ ସେପରି କାର୍ଯ୍ୟକରିବା, ଗୁରୁ ଲୋଭୀ ହେଲେ ତାଙ୍କୁ ବାମନାବତାର ଜ୍ଞାନ କରିବ, କ୍ରୋଧୀ ହେଲେ ନୃସିଂହ ସମାନ, ମୋହୀ ହେଲେ ରାମଙ୍କ ତୁଲ୍ୟ ଓ କାମୀ ହେଲେ ତାଙ୍କୁ କୃଷ୍ଣଙ୍କ ସଦୃଶ ମନେ କରିବ । ଗୁରୁ ଯେତେ ପାପ କଲେ ମଧ୍ୟ ତାଙ୍କ ପ୍ରତି ଅଶ୍ରଦ୍ଧା କରିବ ନାହିଁ । ସନ୍ଥ ଓ ଗୁରୁଙ୍କୁ ଦର୍ଶନ କରିବାକୁ ଗଲେ ପ୍ରତି ପଦକ୍ଷେପରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ ହୁଏ । ଏସବୁ କଥା ଠିକ୍ ନୁହେଁ କି ?

ଉତ୍ତର :- କେବେହେଁ ଠିକ୍ ନୁହେଁ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ପରବ୍ରହ୍ମ ନାମ ପରମେଶ୍ୱରଙ୍କ ଅଟେ । ଗୁରୁଙ୍କୁ କେବେ ତାଙ୍କ ପରି ହୋଇପାରିବେ ନାହିଁ ।
ଏହି ଗୁରୁମାହାତ୍ମ୍ୟ ଓ ଗୁରୁଗୀତା ମଧ୍ୟ ବଡ଼ ପୋପ୍‌ଲୀଳା ଅଟେ । ମାତା, ପିତା, ଆଚାର୍ଯ୍ୟ, ଓ ଅତିଥି ଏମାନେ ସମସ୍ତେ ଗୁରୁସ୍ଥାନୀୟ । ସେମାନଙ୍କୁ ସେବା କରିବା ସେମାନଙ୍କଠାରୁ ବିଦ୍ୟାଶିକ୍ଷାକରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ । ଶିଷ୍ୟମାନଙ୍କୁ ବିଦ୍ୟାଶିକ୍ଷା ଦେବାମଧ୍ୟ ଗୁରୁଙ୍କର ମୁଖ୍ୟ କାର୍ଯ୍ୟ ଅଟେ । କିନ୍ତୁ ଯେଉଁ ଗୁରୁ ଲୋଭୀ, କ୍ରୋଧୀ, ମୋହୀ ଓ କାମୀ ହୋଇଥିବେ, ତାଙ୍କୁ ତ୍ୟାଗକରିବା ଏକାନ୍ତ ଆବଶ୍ୟକ । ଯଦି ବାଧ୍ୟହୋଇ ସେମାନଙ୍କଠାରୁ ଶିକ୍ଷାଗ୍ରହଣ କରିବାକୁ ପଡ଼େ ତେବେ ସେମାନଙ୍କ ସେହି ଦୋଷକୁ ଦୂର କରିବାପାଇଁ ଚେଷ୍ଟିତ ହେବା ଆବଶ୍ୟକ । ସହଜରେ ଯଦି ନହୁଅନ୍ତି, ତେବେ ଅର୍ଘ୍ୟ, ପାଦ୍ୟ ଅର୍ଥାତ୍ ତାଡ଼ନା, ଦଣ୍ଡ ଓ ଆବଶ୍ୟକସ୍ଥଳେ ପ୍ରାଣ ହରଣ କରିବାମଧ୍ୟ ଦୋଷାବହ ନୁହେଁ । ଯେଉଁମାନଙ୍କଠାରେ ବିଦ୍ୟାଦି ସଦ୍‌ଗୁଣର କୌଣସି ଗୁରୁତ୍ୱ ନାହିଁ, ଯେଉଁମାନେ ମାଳି, କଣ୍ଠି ପିନ୍ଧି, ତିଳକ ଲଗାଇ ବେଦ ବିରୁଦ୍ଧ

ଉପଦେଶମାନ ଦିଅନ୍ତି, ସେମାନେ ଗୁରୁହେବାପାଇଁ ଉପଯୁକ୍ତ ନୁହନ୍ତି, ମେଷରକ୍ଷକଙ୍କ ପରି ଅଟନ୍ତି । ମେଷ ରକ୍ଷକ ଯେପରି ଛେଳି, ମେଣ୍ଢାଙ୍କଠାରୁ ଦୁଗ୍ଧ ପ୍ରଭୃତି ସ୍ୱାର୍ଥ ସିଦ୍ଧି ପାଇଁ କାର୍ଯ୍ୟ କରେ, ସେପରି ସେହିମାନେ ଶିଷ୍ୟମାନଙ୍କଠାରୁ ଧନ ଅପହରଣକରି ନିଜର ସ୍ୱାର୍ଥ ସିଦ୍ଧି କେବଳ କରନ୍ତି । କଥାରେ ଅଛି .....

ଗୁରୁ ଲୋଭୀ ଚେଲା ଲାଲଚୀ, ଦୋନୋଁ ଖେଲେଁ ଦାଓ୍ ।

ଭବସାଗରମେଁ ଡୁବତେ, ବୈଠ ପଥରକୀ ନାଓ୍ ॥

ଗୁରୁ ବିଚାରୁଥିବେ ଚେଲା-ଚେଲୀ ନିଶ୍ଚୟ କିଛି ନା କିଛି ଦେବେ, ସେହିପରି ଚେଲା ଭାବୁଥିବ ଗୁରୁ ମିଥ୍ୟା ଉପଦେଶ ଦେଇଦେଲେ ପାପ ଚାଲିଯିବ, ଏପରି ଲୋଭ ଦେଖାଇ ମାରୁଛନ୍ତି । ସେପରି ଗୁରୁ ଓ ଶିଷ୍ୟ ଉଭୟେ ଭବଦୁଃଖ ସାଗରରେ ବୁଡ଼ି ମରନ୍ତି, ଯେପରି ପଥର ନଉକା ଉପରେ ପାରି ହେଉଥିବା ଲୋକ ଜଳରେ ବୁଡ଼ି ମରେ । ଏପରି ଗୁରୁ ଚେଲାଙ୍କ ମୁହଁରେ ପାଉଁଶ ପଡୁ । ସେମାନଙ୍କ ସହିତ ଯେଉଁମାନେ ବସବାସ କରନ୍ତି ସେମାନେ ନିଶ୍ଚୟ ଦୁଃଖ ଭୋଗକରନ୍ତି । ପୁରାଣକାରମାନେ ଯେପରି ପୋପ୍‌ଲୀଳା ଚଳାଇଛନ୍ତି, ଠିକ୍ ସେହିପରି ଏହି ମେଣ୍ଢା ଜଗୁଆଳ ଗୁରୁମାନେ ମଧ୍ୟ ଗୁରୁଲୀଳା ଚଳାଇଛନ୍ତି । ସ୍ୱାର୍ଥପରମାନେ ଏପରି ଲୀଳା ଲଗାଇଥାନ୍ତି । ଏପରି ଅନେକ ପରମାର୍ଥୀ ଗୁରୁ ଅଛନ୍ତି, ଯେଉଁମାନେ ନିଜେ ଦୁଃଖ-କଷ୍ଟ ଭୋଗକରି ମଧ୍ୟ ଜଗତର ଉପକାର କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ସେହି କପଟୀ ଗୁରୁମାନେ ହିଁ " ଗୁରୁଗୀତା " " ଗୁରୁମାହାତ୍ମ୍ୟ " ପରି କପୋଳ କଳ୍ପିତ ବିଷୟମାନ ରଚନା କରିଛନ୍ତି ।

ପ୍ରଶ୍ନ :- **ଅଷ୍ଟାଦଶ ପୁରାଣାନାଂ କର୍ତ୍ତା ସତ୍ୟବତୀସୁତଃ ॥୧॥**

ଇତିହାସ ପୁରାଣାଭ୍ୟାଂ ବେଦାର୍ଥମୁପ ବୃଂହୟେତ୍ ॥୨॥

(ମହାଭାରତ ଆଦିପର୍ବ ୧-୨୬୭)

ପୁରାଣା ନିଖିଳାନି ଚ ॥୩॥ (ମନୁଅ ୩-୨୩୨)

ଇତିହାସ ପୁରାଣଶ୍ଚ ପଞ୍ଚମୋ ବେଦାନାଂ ବେଦଃ ॥୪॥

(ଛାନ୍ଦୋଗ୍ୟ ପ୍ରପା- ୭-ଖ୧-ପ୍ରବାକ୍ ୪)

ଦଶମେ଼ ହନି କିଞ୍ଚତ୍ ପୁରାଣମାଚକ୍ଷୀତ ॥୫॥

(ତୁଳନା-ଶତପଥ କା୧୩-ପ୍ରପା ୩-ବ୍ରା୧-କ୍ଷ୧୩)

ପୁରାଣ ବିଦ୍ୟା ବେଦଃ ॥୬॥ (ସୂତ୍ରମ୍)

ଅଷ୍ଟାଦଶ ପୁରାଣର ପ୍ରଣେତା ହେଉଛନ୍ତି ବ୍ୟାସଦେବ । ତାଙ୍କର ବଚନକୁ ପ୍ରାମାଣିକ ବୋଲି ଗ୍ରହଣ କରିବା ଉଚିତ ॥୧॥ ଇତିହାସ, ମହାଭାରତ, ଅଠର ପୁରାଣରୁ ବେଦର ଅର୍ଥ ପଢ଼ିବା ଓ ପଢ଼ାଇବା ଉଚିତ । କାରଣ ଇତିହାସ ଓ ପୁରାଣଗୁଡ଼ିକ ବେଦଗୁଡ଼ିକର ଅର୍ଥ ଓ ତାରି ଅନୁକୂଳରେ ହିଁ ତିଆରି ହୋଇଅଛି ॥୨॥ ପିତୃକର୍ମରେ ପୁରାଣ ଓ ଖିଳ ଅର୍ଥାତ୍ ହରିବଂଶ କଥା ଶୁଣିବା ଉଚିତ ॥୩॥ ଇତିହାସ ଓ ପୁରାଣକୁ ପଞ୍ଚମ ବେଦ କୁହାଯାଏ ॥୪॥ ଅଶ୍ୱମେଧ ସମାପ୍ତିର ଦଶମ ଦିନରେ କିଛି ନା କିଛି ପୁରାଣକଥା ଶୁଣିବାଆବଶ୍ୟକ ॥୫॥ ପୁରାଣ ବିଦ୍ୟା ବେଦର ଅର୍ଥ ଜଣାଉଥିବାରୁ ତାହା ବେଦ ଅଟେ ॥୬॥ ଏହି ସବୁ ପ୍ରମାଣରୁ ପୁରାଣର ପ୍ରମାଣ ତଥା ତାର ବିଧାନାନୁଯାୟୀ ମୂର୍ତ୍ତିପୂଜା ଓ ତୀର୍ଥଯାତ୍ରା ଅବଶ୍ୟ କର୍ତ୍ତବ୍ୟ । ଯେଣୁ ପୁରାଣମାନଙ୍କରେ ମୂର୍ତ୍ତିପୂଜା ଓ ତୀର୍ଥ ଭ୍ରମଣର ବ୍ୟବସ୍ଥା ରଖାଯାଇଛି ।

ଉତ୍ତର :- ଅଷ୍ଟାଦଶ ପୁରାଣର କର୍ତ୍ତା ବ୍ୟାସଦେବ ହୋଇଥିଲେ ପୁରାଣରେ ଏତେ ଅବାନ୍ତର କଥାଗୁଡ଼ାକ ଲେଖି ନ ଥାନ୍ତେ । କାରଣ ଶାରୀରିକ ସୂତ୍ର, ଯୋଗଶାସ୍ତ୍ରର ଭାଷ୍ୟ ପ୍ରଭୃତି ବ୍ୟାସୋକ୍ତ ଗ୍ରନ୍ଥରୁ ଜଣାପଡ଼େ ଯେ ବ୍ୟାସଦେବ ଜଣେ ମହାବିଦ୍ୱାନ୍, ସତ୍ୟବାଦୀ, ଧାର୍ମିକ ଓ ଯୋଗୀ ଥିଲେ । ବେଦବିରୁଦ୍ଧ, ଅସତ୍ୟ କଥା ଲେଖିବା ତାଙ୍କ ପକ୍ଷରେ କଦାପି ସମ୍ଭବପର ନୁହେଁ । ତେଣୁ ଏଥିରୁ ଅନୁମିତ ହେଉଛି ଯେ, କେତେକ ବିରୋଧୀ ସଂପ୍ରଦାୟୀ ବା ପରସ୍ପର ବିରୋଧୀ ବ୍ୟକ୍ତିମାନେ ଭାଗବତ ପ୍ରଭୃତି କପୋଳ କଳ୍ପିତ ନୂତନ ଗ୍ରନ୍ଥମାନ ରଚନା କରିଛନ୍ତି । ସେହି ଲେଖକମାନଙ୍କଠାରେ ବ୍ୟାସଦେବଙ୍କ ଗୁଣ ସାମାନ୍ୟ ମାତ୍ରାରେ ମଧ୍ୟ ନ ଥିଲା । ବେଦବିରୁଦ୍ଧ ମିଥ୍ୟାବାଦ ସଂପର୍କରେ ଗ୍ରନ୍ଥମାନ ରଚନା କରିବା ବ୍ୟାସଦେବଙ୍କପରି ବିଦ୍ୱାନ୍‌ଙ୍କଦ୍ୱାରା ସମ୍ଭବ ହୋଇ ନପାରେ । ବରଂ ଏପରି କାର୍ଯ୍ୟ ବିରୋଧୀ, ସ୍ୱାର୍ଥୀ ଓ ଅବିଦ୍ୱାନ୍‌ମାନଙ୍କ ପକ୍ଷେ ସମ୍ଭବ ହୋଇପାରେ ।'ପ୍ରାଚୀନ ଶାସ୍ତ୍ରମାନଙ୍କରେ ପୁରାଣର ନାମଗନ୍ଧ ବୁଝା ନାହିଁ । କିନ୍ତୁ .....

ବ୍ରାହ୍ମଣାନୀତିହାସାନ୍ ପୁରାଣାନି କଳ୍ପାନ୍ ଗାଥାନାରାଶଂ ସୀରିତି ॥

(ଆଶ୍ୱଳାୟନ ଗୃହ୍ୟସୂତ୍ର ଅ-୩-କ- ୩-ମନ୍ତ୍ର୧)

ଏହା ବ୍ରାହ୍ମଣ ଓ ସୂତ୍ରର ବଚନ । ଐତରେୟ, ଶତପଥ, ସାମ ଓ ଗୋପଥ ବ୍ରାହ୍ମଣ ଏହି ଗ୍ରନ୍ଥର ନାମ ଇତିହାସ, ପୁରାଣ, କଳ୍ପ, ଗାଥା ଓ ନାରାଶଂସୀ ବୋଲି ପାଞ୍ଚ ନାମ ଉଲ୍ଲେଖ କରାଯାଇଛି । ଇତିହାସ-ଜନକ ଓ ଯାଜ୍ଞବଳ୍କ୍ୟ ସମ୍ବାଦ ।

ପୁରାଣ – ଜଗତ୍ ଉତ୍ପତ୍ତିର ବର୍ଣ୍ଣନା । କଳ୍ପ – ବୈଦିକ ଶବ୍ଦର ସାମର୍ଥ୍ୟ ବର୍ଣ୍ଣନା ଓ ଅର୍ଥ ନିରୂପଣ କରିବା । ଗାଥା – କାହାର ଦୃଷ୍ଟାନ୍ତ ବା କଥା ପ୍ରସଙ୍ଗର ବର୍ଣ୍ଣନା । ନାରାଶଂସୀ – ମନୁଷ୍ୟମାନଙ୍କର ଚରିତ୍ର ଓ ପ୍ରଶଂସନୀୟ ତଥା ନିନ୍ଦନୀୟ କର୍ମମାନଙ୍କର ବର୍ଣ୍ଣନା । ଏହିସବୁ ଗ୍ରନ୍ଥଦ୍ୱାରା ବେଦର ଅର୍ଥ ବୁଝିହୁଏ, ପୁଣି ପିତୃକର୍ମ ଅର୍ଥାତ୍ ଜ୍ଞାନୀମାନଙ୍କ ପ୍ରଶଂସା ମାଧ୍ୟମରେ କିଛି ଶୁଣିବା , ବା ବ୍ୟାସକୃତ ଗ୍ରନ୍ଥବୋଲି ଯାହାକୁ କୁହାଯାଉଛି ତାକୁ ପିତୃକର୍ମ ଓ ଅଶ୍ୱମେଧ ପରେ ଶୁଣିବାପାଇଁ ଉପଦେଶ ଦିଆଯାଇଛି, ତାହା ବ୍ୟାସଦେବଙ୍କ ପରେ ହୋଇଥିବ । ତାଙ୍କ ପୂର୍ବରୁ କଦାପି ହୋଇନଥିବ, । କାରଣ ବ୍ୟାସ ଯେଉଁସମୟରେ ଜନ୍ମ ହୋଇଥିଲେ, ସେତେବେଳେ ମଧ୍ୟ ଉକ୍ତ ଗ୍ରନ୍ଥସବୁ ପଢ଼ିବା-ପଢ଼ାଇବା, ଶୁଣିବା-ଶୁଣାଇବାର ବିଧି ଅଛି । ତେଣୁ ଏସବୁ ଘଟଣା ପ୍ରାଚୀନତମ ବ୍ରାହ୍ମଣ ଗ୍ରନ୍ଥରେ ବର୍ଣ୍ଣିତ ହୋଇପାରେ । ଏହା କପୋଳକଳ୍ପିତ ନବୀନ ଶ୍ରୀମଦ୍‌ଭାଗବତ, ଶିବପୁରାଣାଦି ମିଥ୍ୟା ବା ଦୂଷିତ ଗ୍ରନ୍ଥରେ ରହିବା ସମ୍ଭବ ନୁହେଁ । ବ୍ୟାସଦେବ ବେଦ ପଢ଼ି ଅନ୍ୟମାନଙ୍କୁ ପଢ଼ାଇଲେ, ବେଦାର୍ଥକୁ ଲୋକରେ ପ୍ରଚାର କଲେ । ତେଣୁ ତାଙ୍କର ନାମହେଲା "ବେଦବ୍ୟାସ" । ଗୋଟିଏ ପ୍ରାନ୍ତରୁ ଅପର ପ୍ରାନ୍ତପର୍ଯ୍ୟନ୍ତ ମଧ୍ୟବର୍ତ୍ତୀ ରେଖାକୁ "ବ୍ୟାସ" କୁହାଯାଏ । ତେଣୁ ବ୍ୟାସଦେବ ଋଗ୍‌ବେଦଠାରୁ ଆରମ୍ଭକରି ଅଥର୍ବ ବେଦପର୍ଯ୍ୟନ୍ତ ଚାରି ବେଦ ପଢ଼ିଥିଲେ । ପୁଣି ଶୁକଦେବ, ଜୈମିନି ଆଦି ଶିଷ୍ୟମାନଙ୍କୁ ପଢ଼ାଇଥିଲେ । ଏଣୁ ତାଙ୍କର ନାମ ବେଦବ୍ୟାସ, କିନ୍ତୁ ଜନ୍ମରୁ ତାଙ୍କ ନାମ ଥିଲା କୃଷ୍ଣଦ୍ୱୈପାୟନ । ଯେଉଁମାନେ ବ୍ୟାସ ସମସ୍ତ ବେଦକୁ ଏକତ୍ରିତ କରିଥିଲେ ବୋଲି କହନ୍ତି ତାହା କଦାପି ଠିକ୍ ନୁହେଁ । ଯେଣୁ ବ୍ୟାସଙ୍କର ପିତା, ପିତାମହ,ପ୍ରପିତାମହ ପରାଶର ଶକ୍ତି ବଶିଷ୍ଠ ଓ ବ୍ରହ୍ମା ପ୍ରଭୃତି ମଧ୍ୟ ଚାରିବେଦ ପଢ଼ିଥିଲେ ।

ପ୍ରଶ୍ନ :- ପୁରାଣରେ ଥିବା ସବୁ ବିଷୟ କଣ ମିଥ୍ୟା ? ନା ତହିଁରେ କିଛି ସତ୍ୟ ମଧ୍ୟ ଅଛି ?

ଉତ୍ତର :- ସବୁଥିରେ ଅନେକ ମିଥ୍ୟା କଥା ରହିଛି । ପୁଣି କେତେକ "ଘୁଣାକ୍ଷର ନ୍ୟାୟ" ରେ ସତ୍ୟ କଥା ମଧ୍ୟ ଅଛି । ସମସ୍ତ ସତ୍ୟକଥା ବେଦାଦି ସତଶାସ୍ତ୍ରର । ଯେଉଁଗୁଡ଼ିକ ମିଥ୍ୟା ସେସବୁ ପୋପରୂପୀ ଠକ ମାନଙ୍କର କପୋଳକଳ୍ପିତ । ଯେପରି ଶୈବମାନେ ଶିବପୁରାଣରେ ଶିବଙ୍କୁ ପରମେଶ୍ୱର ମନେକରି ବ୍ରହ୍ମା,ବିଷ୍ଣୁ, ଇନ୍ଦ୍ର, ଗଣେଶ ଓ ସୂର୍ଯ୍ୟ ପ୍ରଭୃତିଙ୍କୁ ତାଙ୍କର ଦାସରୂପେ ବର୍ଣ୍ଣନା କରିଛନ୍ତି । ବୈଷ୍ଣବମାନେ ବିଷ୍ଣୁପୁରାଣରେ ବିଷ୍ଣୁଙ୍କୁ ପରମାତ୍ମା ବୋଲି ମାନି, ଶିବ ପ୍ରଭୃତିଙ୍କୁ ବିଷ୍ଣୁଙ୍କର ଦାସବୋଲି

ଉଲ୍ଲେଖ କରିଛନ୍ତି । ଶାକ୍ତମାନେ ଦେବୀ ଭାଗବତରେ ଦେବୀଙ୍କୁ ପରମେଶ୍ୱରୀ ମନେକରି ଶିବ, ବିଷ୍ଣୁ ଗଣେଶ ପ୍ରଭୃତି ସମସ୍ତଙ୍କୁ ଦେବୀଙ୍କର କିଙ୍କର କରାଇ ଦେଇଛନ୍ତି । ପୁଣି ଗଣେଶ ଖଣ୍ଡରେ ଗାଣପତ୍ୟମାନେ ଗଣେଶଙ୍କୁ କେବଳ ଈଶ୍ୱର କହି,ଅନ୍ୟ ସମସ୍ତଙ୍କୁ ତାଙ୍କର ଦାସ ବୋଲି କହନ୍ତି । ଏପରି ପରସ୍ପର ବିରୁଦ୍ଧାଚରଣ କରୁଥିବା ବିଷୟ ସମ୍ପ୍ରଦାୟୀମାନଙ୍କର ନୁହେଁ ତ ଆଉ କାହାର ? ଜଣେ ସାଧାରଣ ବ୍ୟକ୍ତିର ରଚନାରେ ମଧ୍ୟ ଏପରି ପରସ୍ପର ବିରୁଦ୍ଧକଥା ରହିପାରେ ନାହିଁ, ତେବେ ବିଦ୍ୱାନ୍‌ଙ୍କ ରଚନାରେ ଏପରି "ତ୍ରୁଟି" କଳ୍ପନା ମଧ୍ୟ କରାଯାଇ ନପାରେ । ଏହି ପୁରାଣଗୁଡ଼ିକର ଗୋଟିଏ କଥାକୁ ସତ୍ୟ ବୋଲି ମାନିଲେ, ଦ୍ୱିତୀୟଟି ମିଥ୍ୟା, ଦ୍ୱିତୀୟକୁ ସତ୍ୟ ମନେକଲେ ତୃତୀୟଟି ମିଥ୍ୟା, ପୁଣି ତୃତୀୟଟିକୁ ସତ୍ୟ ମନେକଲେ ଅନ୍ୟ ସବୁଗୁଡ଼ିକ ମିଥ୍ୟା ହୋଇଥାଏ । ଶିବପୁରାଣକାର ଶିବଙ୍କଦ୍ୱାରା, ବିଷ୍ଣୁପୁରାଣକାର ବିଷ୍ଣୁଙ୍କଦ୍ୱାରା, ଦେବୀପୁରାଣକାର ଦେବୀଙ୍କଦ୍ୱାରା, ଗଣେଶ ଖଣ୍ଡର କର୍ତ୍ତା ଗଣେଶଙ୍କଦ୍ୱାରା, ସୂର୍ଯ୍ୟପୁରାଣକାର ସୂର୍ଯ୍ୟଙ୍କ ଦ୍ୱାରା ତଥା ବାୟୁପୁରାଣକାର ବାୟୁଙ୍କଦ୍ୱାରା ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ ହୁଏ ବୋଲି ବର୍ଣ୍ଣନା କରିଛନ୍ତି । ପୁଣି ସମସ୍ତେ ନିଜବ୍ୟତୀତ ଅନ୍ୟମାନଙ୍କୁ ସୃଷ୍ଟ ବସ୍ତୁବୋଲି ମନେକରନ୍ତି । ସେମାନଙ୍କୁ କେହି ଯଦି ପଚାରନ୍ତି, ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ ଯିଏ କରନ୍ତି, ସେ ନିଜେ କିପରି ଉତ୍ପନ୍ନ ହୁଅନ୍ତି, ପୁଣି ନିଜେ ଯିଏ ଉତ୍ପନ୍ନ ହୁଅନ୍ତି ସେ କିପରି ଜଗତର ଉତ୍ପତ୍ତି ଓ ପ୍ରଳୟର କାରଣ ହୋଇପାରିବେ ? ତେବେ ଏହାର କୌଣସି ଉତ୍ତର ନ ଦେଇ ସେମାନେ ନୀରବ ରହନ୍ତି । ସେହି ଶିବାଦି ଦେବ ଦେବୀଙ୍କ ଶରୀର ମୃତ୍ତିକାରେ ନିର୍ମିତ । ସେମାନେ ନିଜେ ଯେତେବେଳେ ସୃଷ୍ଟିବସ୍ତୁର ଅଂଶ ସ୍ୱରୂପ ଏବଂ ପରିଚ୍ଛିନ୍ନ ତେବେ ସେମାନେ କିପରି ଜଗତର ମୂଳକାରଣ ହୋଇପାରିବେ ? ବିଭିନ୍ନ ପୁରାଣରେ ସୃଷ୍ଟିକ୍ରମ ଭିନ୍ନ ଭିନ୍ନ ରୂପେ ବର୍ଣ୍ଣିତ ହୋଇଛି । ଯାହାକି କେବେ ସମ୍ଭବପର ନୁହେଁ ।

ଶିବପୁରାଣରେ ସୃଷ୍ଟିକ୍ରମ :- ଥରେ ଶିବ ଇଚ୍ଛାକଲେ ଯେ ମୁଁ ସୃଷ୍ଟି କରିବି । ତାପରେ ସେ ଏକ ଜଳାଶୟ ନିର୍ମାଣ କଲେ । ନାରାୟଣ ନାମକ ସେହି ଜଳାଶୟର ନାଭି ଗର୍ଭରୁ ଏକ ପଦ୍ମ ଜାତହେଲା । ସେହି ପଦ୍ମରୁ ବ୍ରହ୍ମା ଜାତ ହେଲେ । ବ୍ରହ୍ମା ଦେଖିଲେ ସବୁ ଜଳମୟ ହୋଇଛି । ସେହି ଜଳକୁ ଅଞ୍ଜଳିରେ ଧରି ପୁଣି ସେହି ଜଳ ମଧ୍ୟରେ ପକାଇ ଦେଲେ । ତହିଁରୁ ଫୋଟକା ସୃଷ୍ଟିହେଲା ଓ ଫୋଟକା ମଧ୍ୟରୁଜଣେ ପୁରୁଷ ବାହାରିଲା । ସେହି ପୁରୁଷ ଜଣକ ବ୍ରହ୍ମାଙ୍କୁ କହିଲା ...... ହେ

ପୁତ୍ର ! ତୁ ସୃଷ୍ଟି ରଚନା କର ! ବ୍ରହ୍ମା ଉତ୍ତର ଦେଲେ, ମୁଁ ତୁମର ପୁତ୍ର ନୁହେଁ, ବରଂ ତୁମେ ହେଉଛ ମୋର ପୁତ୍ର । ଏହି କଥାକୁ ନେଇ ଦିଜଣଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଲା । ହଜାରେ ବର୍ଷପର୍ଯ୍ୟନ୍ତ ସେ ଦୁହେଁ ସେହି ଜଳ ମଧ୍ୟରେ ରହି ଲଢ଼େଇ କଲେ । ତାହା ଦେଖି ଶିବ ବିଚାରିଲେ, ସୃଷ୍ଟି ରଚନାପାଇଁ ଯାହାଙ୍କୁ ମୁଁ ପଠାଇଥିଲି, ସେ ଦୁହେଁ ଝଗଡ଼ାରେ ମାତିରହିଲେ । ସେହି ଯୁଦ୍ଧକୁ ବନ୍ଦ କରିବାପାଇଁ, ଦୁଇଜଣଙ୍କ ମଧ୍ୟରେ ଏକ ତେଜୋମୟ ଲିଙ୍ଗ ଉତ୍ପନ୍ନ ହୋଇ ଆକାଶକୁ ଗମନକଲା । ତାକୁ ଦେଖି ସେ ଦୁହେଁ ଆଶ୍ଚର୍ଯ୍ୟ ହୋଇଗଲେ । ବିଚାରକଲେ ଏହାର ଆଦି ଅନ୍ତ ବାହାର କରିବାକୁ ହେବ । ଉଭୟଙ୍କ ମଧ୍ୟରେ ସ୍ଥିର ହେଲା ----- ଯେ ପ୍ରଥମେ ଲିଙ୍ଗର ଆଦିଅନ୍ତ ଦେଖି ବୁଲି ଆସିବ ସେ ହେବ ପିତା, ପରେ ଯେ ଆସିବ ସେ ହେବ ପୁତ୍ର । ବିଷ୍ଣୁ କଇଁଛ ରୂପ ଧାରଣକରି ତଳକୁ ଗଲେ, ତାପରେ ବ୍ରହ୍ମା ହଂସରୂପ ଧାରଣକରି ଆକାଶକୁ ଗଲେ । ହଜାରେ ବର୍ଷପର୍ଯ୍ୟନ୍ତ ଗମନ କଲେ । ତଥାପି ଲିଙ୍ଗର ଆଦିଅନ୍ତ ପାଇପାରିଲେ ନାହିଁ । ତାପରେ ବିଷ୍ଣୁ ନିମ୍ନ ପ୍ରଦେଶରୁ ଉପରକୁ ଓ ବ୍ରହ୍ମା ଆକାଶରୁ ନିମ୍ନକୁ ଗଲେ । ବ୍ରହ୍ମା ଚିନ୍ତାକଲେ ସେ ଯଦି ଅନ୍ତ ଦେଖି ଆସିଯିବ, ତେବେ ମୋତେ ପୁତ୍ର ହେବାକୁ ପଡ଼ିବ । ଏପରି ବିଚାର କରୁଥିବା ସମୟରେ, ଗୋଟିଏ ଗାଇ ଓ ଗୋଟିଏ କେତକୀ ବୃକ୍ଷ ଆକାଶ ମାର୍ଗରୁ ଖସି ଆସିଲା । ତା ଦେଖି ବ୍ରହ୍ମା ତାଙ୍କୁ ପଚାରିଲେ ତୁମେ ଦୁହେଁ କେଉଁଠୁ ଆସିଲ ? ସେମାନେ କହିଲେ ଆମେ ହଜାରେ ବର୍ଷ ହେଲା ଏହି ଲିଙ୍ଗ ଆଧାରରେ ବୁଲିଛୁ । ବ୍ରହ୍ମା ପଚାରିଲେ ----- ଏ ଲିଙ୍ଗର ଶେଷ ଭାଗ ଅଛି କି ନାହିଁ ? ଉତ୍ତର ମିଳିଲା ନାହିଁ ।ତାପରେ ବ୍ରହ୍ମା କହିଲେ ତୁମେ ଦୁହେଁ ମୋ ସହିତ ଆସ, ତୁମର ରହିବାର ବ୍ୟବସ୍ଥା କରିଦେବି । ମାତ୍ର ତୁମେଦୁହେଁ ମୋପାଇଁ ସାକ୍ଷ୍ୟ ଦେବ । ଗାଇ କହିବ ମୁଁ ଏହି ଶିବଲିଙ୍ଗ ଶିରରେ କ୍ଷୀରଧାରା ବର୍ଷଣ କରୁଛି ।ଗଛ କହିବ ମୁଁ ତା ଉପରେ ଫୁଲ ବର୍ଷଣ କରୁଛି । ସେପରି ମିଥ୍ୟା ସାକ୍ଷ୍ୟ ଦେବାପାଇଁ ସେ ଦୁହେଁ ସ୍ୱୀକାର ନକଲାରୁ ବ୍ରହ୍ମା ଅତ୍ୟଧିକ ରାଗିଯାଇ କହିଲେ ----- ତୁମେଦୁହେଁ ସାକ୍ଷ୍ୟ ନ ଦେଲେ ମୁଁ ତୁମ ଦୁହିଁଙ୍କୁ ଭସ୍ମ କରିଦେବି । ଏହା ଶୁଣି ପ୍ରାଣ ଭୟରେ ସେ ଦୁହେଁ ମିଥ୍ୟା ସାକ୍ଷ୍ୟ ଦେବାକୁ ବ୍ରହ୍ମାଙ୍କ ସହିତ ଗଲେ । ବିଷ୍ଣୁ ପ୍ରଥମେ ଆସିଯାଇଥିଲେ । ବ୍ରହ୍ମା ପଚାରିଲେ ---- ଲିଙ୍ଗର ଆଦିଅନ୍ତ ପାଇଲ କି ନାହିଁ . ? ଉତ୍ତର ମିଳିଲା ---- ନା । ତାପରେ ବ୍ରହ୍ମା କହିଲେ --- ମୁଁ ଅନ୍ତ ପାଇଛି । ବିଷ୍ଣୁ କହିଲେ - ସାକ୍ଷୀ କିଏ ଅଛି ? ତାପରେ ଗାଇ ଓ ଗଛ ଦୁହେଁ ସାକ୍ଷ୍ୟ ଦେଇ କହିଲେ ----- ଆମେ

ସମୟରେ ଲିଙ୍ଗ ମଧ୍ୟରୁ ଶବ୍ଦ ଜାତହେଲା -------- ଏ ଦୁହେଁ ମିଛ କହିଛନ୍ତି । ଲିଙ୍ଗ ଅଭିଶାପ ଦେଇ କହିଲେ ----- ହେ କେତକୀ ବୃକ୍ଷ ! ତୋ ଫୁଲ ମୋ ଶିରରେ ଲାଗିବ ନାହିଁ । କେତକୀ ଫୁଲରେ ଯିଏ ମୋତେ ପୂଜା କରିବ ତାର ସର୍ବନାଶ ହେବ । ଗାଇ ସାପ ଦେଇ କହିଲେ ଯେଉଁ ମୁହଁରେ ତୁ ମିଥ୍ୟା କହିଛୁ, ସେହି ମୁହଁରେ ତୁ ବିଷ୍ଠା ଖାଇବୁ । ତୋର ମୁହଁ ଅପବିତ୍ର ହେତୁ ତୋ ମୁହଁକୁ କେହି ପୂଜା ନ କରି , ତୋ ଲାଙ୍ଗକୁ ପୂଜା କରିବେ । ତାପରେ ବ୍ରହ୍ମାଙ୍କୁ ଶାପ ଦେଲେ ତୁ ମିଛ କହିଲୁ, ତେଣୁ କେହି ତୋତେ ପୂଜା କରିବେ ନାହିଁ । ତାପରେ ବିଷ୍ଣୁଙ୍କୁ କହିଲେ ତୁ ସତ କହିଥିବାରୁ, ଲୋକେ ତୋତେ ସବୁଠାରେ ପୂଜା କରିବେ । ତାପରେ ବ୍ରହ୍ମା ବିଷ୍ଣୁ ଦିଜଣ ଲିଙ୍ଗକୁ ସ୍ତୁତି, ପ୍ରାର୍ଥନା କଲେ । ସେମାନଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ଏକ ଜଟାଜୁଟ ମୂର୍ତ୍ତି ସେହି ଲିଙ୍ଗମଧ୍ୟରୁ ବାହାରିଆସି କହିଲେ ---- ସୃଷ୍ଟି ରଚନାପାଇଁ ତୁମ ଦୁହିଁଙ୍କୁ ମୁଁ ପଠାଇଥିଲି, ତୁମେ ଦୁହେଁ କଳି କଲ କାହିଁକି ? ବ୍ରହ୍ମା ବିଷ୍ଣୁ କହିଲେ ---- ବିନା ସାମଗ୍ରୀରେ କିପରି ସୃଷ୍ଟି କରିବୁ ? ତାପରେ ଶିବ ନିଜ ଜଟା ଭିତରୁ ଏକ ଭସ୍ମ ପିଣ୍ଡୁଳା ବାହାର କରି କହିଲେ ----- ଏହାକୁ ନେଇ ସୃଷ୍ଟି ରଚନା କର ----- ଇତ୍ୟାଦି । ଏଠାରେ ପୁରାଣକାରମାନଙ୍କୁ କେହି ଭଲା ପଚାରନ୍ତୁ ----- ପ୍ରଥମେ ସୃଷ୍ଟିତତ୍ତ୍ୱ ଓ ପଞ୍ଚମହାଭୂତ ନଥିଲା । ତେବେ ବ୍ରହ୍ମା, ବିଷ୍ଣୁ ଓ ମହାଦେବଙ୍କ ଶରୀର, ଜଳ,ପଦ୍ମ,ଲିଙ୍ଗ, ଗାଇ, କେତକୀ ବୃକ୍ଷ ପୁଣି ଭସ୍ମଗୁଳା, ଏସବୁ କେଉଁଠାରୁ ଉତ୍ପନ୍ନ ହେଲା ? ଏହାର ଯଥାର୍ଥ ଉତ୍ତର ସେମାନେ ଦେଇପାରିବେ କି ?

ଭାଗବତର ଜଗତ ସର୍ଜନା ମଧ୍ୟ ଠିକ୍ ସେଭଳି । ବିଷ୍ଣୁଙ୍କ ନାଭିରୁ କମଳ, କମଳରୁ ବ୍ରହ୍ମା, ବ୍ରହ୍ମାଙ୍କ ଦକ୍ଷିଣ ପାଦ ଆଙ୍ଗୁଠିରୁ ସ୍ୱୟମ୍ଭୁବ, ବାମପାଦ ଆଙ୍ଗୁଠିରୁ ଶତରୂପ ରାଣୀ, ଲଲାଟରୁ ରୁଦ୍ର ଓ ମରୀଚି ପ୍ରଭୃତି ଦଶ ପୁତ୍ର, ତାଙ୍କଠାରୁ ଦକ୍ଷ ପ୍ରଜାପତି ଜାତ ହେଲେ । ତାଙ୍କର ତେର ଝିଅଙ୍କୁ କଶ୍ୟପ ବିଭା ହେଲେ । ତେର ଭାର୍ଯ୍ୟାଙ୍କମଧ୍ୟରୁ ଦିତିଙ୍କଠାରୁ ଦୈତ୍ୟ, ଦନୁଙ୍କଠାରୁ ଦାନବ, ଅଦିତିଙ୍କଠାରୁ ଆଦିତ୍ୟ ବିନତାଠାରୁ ପକ୍ଷୀ, କଦ୍ରୁଠାରୁ ସାପ, ସରମାଠାରୁ କୁକୁର, ବିଲୁଆ ପ୍ରଭୃତି ଜନ୍ତୁ ହେଲେ । ପୁଣି ଅନ୍ୟ ସ୍ତ୍ରୀମାନଙ୍କ ଗର୍ଭରୁ ହାତୀ, ଘୋଡ଼ା, ଓଟ, ଗଧ, ଘୋଢ଼, ମଇଁଷି, ଘାସ, ପାଳ, ଗଛ, କଣ୍ଟା,ଆଦି ଜାତ ହେଲା । ବାହାରେ ବାଃ ! ଭାଗବତ ରଚନାକାରୀଙ୍କୁ ଶତବାର ଧିକ୍ ! ସତରେ କି ନିର୍ବୋଧ, କି ମୂର୍ଖ, କି ନିର୍ଲଜ୍ଜ ଏପରି ଅସମ୍ଭବ ବାହାମିଛ କଥାଗୁଡ଼ାକ ଲେଖିବାପାଇଁ ଟିକିଏ ବି ଲଜ୍ଜା ଲାଗିଲା ନାହିଁ ।ଲୋକେ ମଧ୍ୟ ଅନ୍ଧ ପାଲଟି ଗଲେ । ଈଶ୍ୱରଙ୍କ ସୃଷ୍ଟିନିୟମାନୁସାରେ ସ୍ତ୍ରୀ ଓ ପୁରୁଷଙ୍କ ରଜ, ବୀର୍ଯ୍ୟ ସଂଯୋଗରୁ ମନୁଷ୍ୟ ପିଲା ଜନ୍ମହେବେ, କିନ୍ତୁ ସୃଷ୍ଟି କ୍ରମର ବିରୁଦ୍ଧ

ମନୁଷ୍ୟ ଗର୍ଭରୁ ମନୁଷ୍ୟ ଗର୍ଭରୁ ପଶୁ-ପକ୍ଷୀ, ସର୍ପ ପ୍ରଭୃତି ଜାତ ହେବା ଏକାନ୍ତ ଅସମ୍ଭବ । ହାତୀ, ଓଟ, ସିଂହ, କୁକୁର, ଗଧ ଓ ଗଛ ଏସବୁ ସ୍ତ୍ରୀର ଗର୍ଭାଶୟ ମଧ୍ୟରେ ରହିବାର ଅବକାଶ କାହିଁ ? ସିଂହ ପ୍ରଭୃତି ଜନ୍ମହୋଇ ନିଜ ମାଆବାପାଙ୍କୁ ଖାଇଗଲେ ନାହିଁ କିପରି ? ମନୁଷ୍ୟର ଗର୍ଭରୁ ପଶୁ-ପକ୍ଷୀ, ବୃକ୍ଷାଦି ଜାତ ହେବା କିପରି ସମ୍ଭବ ହେଲା ? ଦୁଃଖର ବିଷୟ, ସେ ଲୋକମାନେ ଏପରି ଅସମ୍ଭବ କଥାଲେଖି ଏଯାଏ ସଂସାରକୁ ଭ୍ରମଜାଲ ମଧ୍ୟରେ ରଖିଛନ୍ତି । ପୁଣି ଆଶ୍ଚର୍ଯ୍ୟର ବିଷୟ, ପାଷାଣ୍ଡ ପୋପ୍‌ମାନେ ଏବଂ ସେମାନଙ୍କ ଅନ୍ଧ ଶିଷ୍ୟଗଣ ଏପରି ସମ୍ପୂର୍ଣ୍ଣ ଅସମ୍ଭବ, ତାହାମିଛ କଥାକୁ କିପରି ବିଶ୍ୱାସ କଲେ ? ସେମାନଙ୍କ ଏହି ଅନ୍ଧବିଶ୍ୱାସକୁ ଦେଖି ସେମାନେ ମନୁଷ୍ୟ ନା ଅନ୍ୟକୌଣସି ଜନ୍ତୁ, ଏଥିରେ ସନ୍ଦେହ ଜାତ ହେଉଛି । ଏହି ଭାଗବତାଦି ପୁରାଣ ରଚୟିତାମାନେ ମାଆ ଗର୍ଭରେ ମରି ନ ଗଲେ କାହିଁକି ? ଯଦିଓ ଜନ୍ମିଲେ, ତେବେ ଜନ୍ମ ସମୟରେ ଏମାନଙ୍କର ମୃତ୍ୟୁ ନହେଲା କାହିଁକି ? ଆର୍ଯ୍ୟାବର୍ତ୍ତର ଲୋକେ ସେହି ପ୍ରବଞ୍ଚକମାନଙ୍କ ଜାଲରେ ପଡ଼ି ନ ଥିଲେ, ଆଜି ଏତେ ଦୁଃଖ, ଶୋକ, ଦାରିଦ୍ର୍ୟ ଓ ଦାସତ୍ୱ କଦାପି ଭୋଗ କରୁନଥାନ୍ତେ ।

ପ୍ରଶ୍ନ :- ଯେଉଁ ବ୍ୟକ୍ତି ଯେଉଁ ସମ୍ପ୍ରଦାୟର ସେଯେ ତାଙ୍କ ଦେବତାଙ୍କ ଗୁଣ ନିଶ୍ଚୟ ଗାଇବ, ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? କଥିତ ହୋଇଛି ---- ଯାର ବିବାହ ତାରଗୀତ ଅର୍ଥାତ୍ ବିବାହ ସମୟରେ ବରର ଗୁଣଗାନ କରାଯାଇଥାଏ । ସେହିପରି ବିଷ୍ଣୁଙ୍କ ସ୍ତୁତି କଲାବେଳେ ତାଙ୍କୁ କେବଳ ପରମେଶ୍ୱର ବିଶ୍ୱରି ଶିବାଦି ଅନ୍ୟ ସମସ୍ତଙ୍କୁ ତାଙ୍କର ଦାସ, ଶିବଙ୍କର ଗୁଣଗାନକାରୀମାନେ ଶିବଙ୍କୁ ପରମାତ୍ମା ଓ ଅନ୍ୟସମସ୍ତଙ୍କୁ ତାଙ୍କର କିଙ୍କର ଭାବନା କରିନେଲେ । ପରମେଶ୍ୱରଙ୍କ ମାୟାରେ ସବୁକିଛି ସମ୍ଭବ ହୋଇପାରେ । ପରମେଶ୍ୱର ମନୁଷ୍ୟଠାରୁ ପଶୁଆଦି ତଥା ପଶୁପ୍ରଭୃତିଙ୍କଠାରୁ ମନୁଷ୍ୟ ଉତ୍ପତ୍ତି କରିପାରନ୍ତି । ଦେଖ, ବିନା କାରଣରେ ନିଜ ମାୟାଦ୍ୱାରା ସମସ୍ତ ସୃଷ୍ଟିକୁ ରଚନା କରିଦେଲେ । ତାଙ୍କ ନିକଟରେ କିଛି ଅସାଧ୍ୟ ନାହିଁ । ସେ ଯା ଇଚ୍ଛା କରିବେ ତାହା କରିପାରିବେ ।

ଉତ୍ତର :- ଅବଶ୍ୟ ବିବାହ ସମୟରେ ବରର ପ୍ରଶଂସା କରାଯାଇଥାଏ । ତା ବୋଲି ତାକୁ ସମସ୍ତଙ୍କଠାରୁ ବଡ଼ କୁହାଯାଏ ନାହିଁ, ବା ଅନ୍ୟମାନଙ୍କୁ ନିନ୍ଦା କରାଯାଏ ନାହିଁ । କିମ୍ବା ବରକୁ ସମସ୍ତଙ୍କର ବାପା ବୋଲି କଦାପି କୁହାଯାଏ ନାହିଁ । ପୋପ୍‌ମହୋଦୟ, ଏବେ କୁହ ଦେଖି ତୁମେ ଭାଟ ଓ ତୋଷାମଦକାରୀ ଗ୍ୱଣଙ୍କଠାରୁ ଅଧିକ ଗପୁଡ଼ି ଅଟ

କି ନୁହଁ ? ଯାହାକୁ ଅନୁସରଣକଲ ତାକୁ ସମସ୍ତଙ୍କଠାରୁ ବଡ଼କରିଦେଲ, ପୁଣି ଯାର ବିରୋଧ କଲ ତାକୁ ରସାତଳକୁ ଖସାଇଦେଲ । ସତ୍ୟ, ଧର୍ମ, ନ୍ୟାୟରେ ତୁମର କୌଣସି ପ୍ରୟୋଜନ ନାହିଁ । ତୁମେ କେବଳ ନିଜର ସ୍ୱାର୍ଥକୁ ହିଁ ଜାବୁଡ଼ି ଧରିଛ । ମାୟା ମନୁଷ୍ୟ ନିକଟରେ ରହିଛି । ଯିଏ ଛଳ କପଟ କରେ ତାକୁ ମାୟାବୀ କହନ୍ତି । ପରମେଶ୍ୱରଙ୍କ ନିକଟରେ ଛଳ କପଟ ଦୋଷ ନ ଥିବାରୁ ତାଙ୍କୁ କେବେ ମାୟାବୀ କୁହାଯାଇ ପାରିବ ନାହିଁ । ଯଦି ସୃଷ୍ଟି ପ୍ରାରମ୍ଭରେ କଶ୍ୟପ ଓ ତାଙ୍କ ସ୍ତ୍ରୀମାନଙ୍କ ଗର୍ଭରୁ ପଶୁ, ପକ୍ଷୀ, ସର୍ପ, ବୃକ୍ଷାଦି ଉତ୍ପନ୍ନ ହେଲେ, ତେବେ ଆଜିକାଲି ମନୁଷ୍ୟ ଗର୍ଭରୁ ସେପରି ସନ୍ତାନ ଜନ୍ମ ହେଉନାହାନ୍ତି କାହିଁକି ? ପ୍ରଥମେ ଯେଉଁ ସୃଷ୍ଟିକ୍ରମ ଲେଖି ଆସିଲେ ତାହାହିଁ ଠିକ୍ । ଆଉ ଅନୁମାନ କରାଯାଏ ପୋପ୍‌ମାନେ ଏହିଠାରୁ ଧୋକାଖାଇ ଅଯଥାରେ ବକିବାକୁ ଲାଗିଲେ ....

ତସ୍ମାତ୍ କାଶ୍ୟପ ଇମାଃ ପ୍ରଜାଃ । (ଶତପଥ ୭-୫-୧·୫)

ଶତପଥ ବ୍ରାହ୍ମଣରେ ଲେଖା ଅଛିଯେ "କଶ୍ୟପ" ଏହି ସମସ୍ତ ସୃଷ୍ଟି ରଚନା କରିଛନ୍ତି ।

କଶ୍ୟପଃ କସ୍ମାତ୍ ପଶ୍ୟକୋ ଭବତୀତି । (ନିରୁକ୍ତ ଅ·୨-ଖ୨)

ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ନାମ ଏଥିପାଇଁ କଶ୍ୟପ ହୋଇଛି ଯେ, ପଶ୍ୟକ ଅର୍ଥାତ୍ ପଶ୍ୟତୀତି ପଶ୍ୟଃ ପଶ୍ୟ ଏବ ପଶ୍ୟକଃ । ଯିଏ ନିର୍ଭ୍ରାନ୍ତ ହୋଇ ଚରାଚର ସମସ୍ତ ଜଗତକୁ ଦେଖନ୍ତି, ସମସ୍ତ ପ୍ରାଣୀମାନଙ୍କର କର୍ମ ଦେଖନ୍ତି, ସକଳ ବିଦ୍ୟାକୁ ଠିକ୍ ଭାବରେ ଜାଣନ୍ତି, ଓ " ଆଦ୍ୟନ୍ତ ବିପର୍ଯ୍ୟୟଶ୍ଚ" ଏହି ମହାଭାଷ୍ୟ ନିୟମାନୁସାରେ ଆଦି ଅକ୍ଷର "କ" ଅନ୍ତକୁ ଓ ଅନ୍ତ ଅକ୍ଷର "ପ" ଆଦ୍ୟକୁ ଆସି "ପଶ୍ୟକ" ରୁ "କଶ୍ୟପ" ହୋଇଗଲା । ଏଣୁ ପରମେଶ୍ୱରଙ୍କ ନାମ କଶ୍ୟପ । ଏହାର ପ୍ରକୃତ ତତ୍ତ୍ୱକୁ ନଜାଣି ପୁରାଣକାରମାନେ ଭାଙ୍ଗ ନିଶାରେ ପ୍ରମାଦଯୁକ୍ତହୋଇ ଏପରି ସୃଷ୍ଟିକ୍ରମ ବିରୁଦ୍ଧ ବିଷୟବସ୍ତୁ ଲେଖି ନିଜର ଦୁର୍ଲଭ ମନୁଷ୍ୟ ଜୀବନକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ମଧ୍ୟ ଭ୍ରମଜାଲରେ ପକାଇଦେଲେ ।

ମାର୍କଣ୍ଡେୟ ପୁରାଣର ଦୁର୍ଗାପାଠ ମତାନୁସାରେ, ଦେବତାଙ୍କ ଶରୀରରୁ ଏକ ତେଜ ବାହାରି ଦେବୀରୂପ ଧାରଣ କଲେ ଓ ସେହି ଦେବୀ ମହିଷାସୁରକୁ ବଧ କଲେ । ରକ୍ତବୀଜ ଶରୀରରୁ ଏକ ଏକ ବିନ୍ଦୁ ରକ୍ତ ଭୂମିରେ ପଡ଼ିବାରୁ ଅସଂଖ୍ୟ ରକ୍ତବୀଜ ଜାତହୋଇ ଜଗତ ପୂର୍ଣ୍ଣ ହୋଇଗଲା, ମହିଷାସୁର ଶରୀରରୁ ରକ୍ତ ବାହାରି ରକ୍ତନଦୀ ବହିଗଲା । ଏପରି ଅନେକ ଅବାନ୍ତର କଥା ଗପୁଡ଼ିମାନେ ଲେଖିଛନ୍ତି ।

ରକ୍ତବୀଜ ଶରୀରରୁ ଅନେକ ଅସୁର ଜନ୍ମହୋଇ ସମସ୍ତ ଜଗତ ଯେତେବେଳେ ପୂରିଗଲା, ସେତେବେଳେ ଦେବୀ, ସିଂହ ଓ ସୈନ୍ୟମାନେ ରହିଥିଲେ କେଉଁଠି ? ଯଦି କୁହ ରକ୍ତବୀଜଗଣ ଦେବୀଙ୍କଠାରୁ ଦୂରରେଥିଲେ, ତେବେ ସମସ୍ତଜଗତ ରକ୍ତବୀଜ ରାକ୍ଷସମାନଙ୍କଦ୍ୱାରା ପୂର୍ଣ୍ଣ ହୋଇନଥିଲା । ଯଦି ସମସ୍ତ ଜଗତ ରକ୍ତବୀଜ ରାକ୍ଷସରେ ପୂର୍ଣ୍ଣଥାନ୍ତା, ତେବେ ପଶୁ, ପକ୍ଷୀ, ମନୁଷ୍ୟାଦି ପ୍ରାଣୀ, ଜଳ, ସ୍ଥଳ, ମଗର, ମତ୍ସ୍ୟ, କଚ୍ଛପ, ବନସ୍ପତି, ବୃକ୍ଷସବୁ କେଉଁଠାରେ ରହିଲେ ? ଦୁର୍ଗାପାଠ ଲେଖକଙ୍କ ଘର କୋଣରେ ସମସ୍ତେ ଆଶ୍ରୟ ନେଇଥିବେ ନିଶ୍ଚୟ । ଏହି ଭାଙ୍ଗୁଡ଼ିମାନେ ଏପରି ଅସମ୍ଭବ କଥାସବୁ ଲେଖିଛନ୍ତି, ଯାହାର କିଛି କୂଳକିନାରା ନାହିଁ ।

ଯାହାକୁ " **ଶ୍ରୀମଦ୍‌ଭାଗବତ**" ବୋଲି କୁହାଯାଇଛି, ତାହାର ଲୀଳା ଏବେ ଶୁଣ । ନାରାୟଣ ଏହି ଚାରିଗୋଟି ଶ୍ଳୋକରେ ବ୍ରହ୍ମାଙ୍କୁ ଭାଗବତ ଶିକ୍ଷା ଦେଇଥିଲେ ।

ଜ୍ଞାନଂ ପରମଗୁହ୍ୟଂ ମେ ଯଦ୍‌ବିଜ୍ଞାନସମନ୍ୱିତମ୍ ।

ସରହସ୍ୟଂ ତଦଙ୍ଗଞ୍ଚ ଗୃହାଣ ଗଦିତଂ ମୟା ।

(ଭାଗବତ ସ୍କ - ୨-,ଅ- ୯-ଶ୍ଳୋ - ୩୦)

ହେ ବ୍ରହ୍ମା ! ମୋର ପରମଗୁହ୍ୟ ଜ୍ଞାନ, ଯାହାକି ବିଜ୍ଞାନ ଓ ରହସ୍ୟ ଯୁକ୍ତ, ପୁଣି ଧର୍ମ, ଅର୍ଥ, କାମ ଓ ମୋକ୍ଷର ଅଙ୍ଗ ସ୍ୱରୂପ, ତାକୁ ତୁମେ ଗ୍ରହଣକର । ବିଜ୍ଞାନଯୁକ୍ତ ଜ୍ଞାନ ବୋଲି କହିଲା ବେଳେ, "ପରମ" ବୋଲି ଜ୍ଞାନର ଏକ ବିଶେଷଣ ରଖିବା ନିରର୍ଥକ, ପୁଣି ଗୁହ୍ୟ ବିଶେଷଣ ଥିଲାବେଳେ ଆଉଥରେ ରହସ୍ୟ କହିବା ପୁନରୁକ୍ତିମାତ୍ର । ଯେହେତୁ ମୂଳଶ୍ଳୋକ ଅନର୍ଥକ, ତେବେ ସମସ୍ତଗ୍ରନ୍ଥ ଅନର୍ଥକ କାହିଁକି ନ ହେବ ? ଭାଗବତର ମୂଳହିଁ ଯେତେବେଳେ ମିଥ୍ୟା, ତେବେ ତାହାର ବୃକ୍ଷ କାହିଁକି ମିଥ୍ୟା ନହେବ ? ନାରାୟଣ ବ୍ରହ୍ମାଙ୍କୁ ଏହି ବର ଦେଲେ ....

"ଭବାନ୍ କଳ୍ପ ବିକଳ୍ପେଷୁ ନ ବିମୁହ୍ୟତି କର୍ହିଚିତ୍" ॥

(ଭା-ସ୍କ-୨-ଅ-୯- ଶ୍ଳୋ ୩୬)

ଆପଣ କଳ୍ପସୃଷ୍ଟି ବା ବିକଳ୍ପ ପ୍ରଳୟରେ କଦାପି ମୋହଗ୍ରସ୍ତ ହେବେନାହିଁ । ଏପରି ବରଦେଇ ପୁଣି ଦଶମ ସ୍କନ୍ଧରେ ଉଲ୍ଲେଖ କରାଯାଇଛି ...... ବ୍ରହ୍ମା ମୋହିତ ହୋଇ ଗୋବତ୍ସ ହରଣ କଲେ । ଏ ଉଭୟ ବିଷୟ ମଧ୍ୟରୁ ଗୋଟିଏ ବିଷୟ ନିଶ୍ଚୟ ମିଥ୍ୟା ହୋଇଥିବ । ବୈକୁଣ୍ଠରେ ଯଦି ରାଗ, ଦ୍ୱେଷ, କ୍ରୋଧ, ଈର୍ଷା ଓ ଦୁଃଖ ନାହିଁ, ତେବେ ସନକାଦି ଋଷିଙ୍କୁ ବୈକୁଣ୍ଠଦ୍ୱାରରେ କାହିଁକି କ୍ରୋଧାନ୍ୱିତ ହେବାକୁ ପଡ଼ିଲା ?ଯଦି

କ୍ରୋଧ ଆସିଲା ତେବେ ତାହା ବୈକୁଣ୍ଠ ନୁହେଁ । ସେଠାରେ ଜୟ-ବିଜୟ ଦ୍ୱାରପାଳ ଥିଲେ । ସ୍ୱାମୀଙ୍କ ଆଜ୍ଞା ପାଳନକରିବା ସେମାନଙ୍କର ପରମ କର୍ତ୍ତବ୍ୟ । କର୍ତ୍ତବ୍ୟ ପାଳନ ଦୃଷ୍ଟିରୁ ସେ ସନକାଦିଙ୍କୁ ଭିତରକୁ ନ ଛାଡ଼ି କି ଅପରାଧ କଲେ ? ବିନା ଅପରାଧରେ ଶାପଦେବା ନାରାୟଣଙ୍କ ପକ୍ଷରେ ଉଚିତ ନ ଥିଲା । ତଥାପି ପୃଥିବୀରେ ପଡ଼ିଯାଅ ବୋଲି ସେମାନଙ୍କୁ ଶାପ ଦିଆଗଲା । ଏଥିରୁ ଜଣାଯାଉଛି ଯେ ସେଠାରେ ପୃଥିବୀ ନ ଥିଲା । ବୋଧହୁଏ କେବଳ ଆକାଶ, ବାୟୁ, ଜଳ ଓ ଅଗ୍ନିମାତ୍ର ଥିଲା । ତେବେ ଏହିଦ୍ୱାର, ମନ୍ଦିର ସବୁ କାହା ଆଧାରରେ ରହିଥିଲା ? ପୁଣି ଜୟ ବିଜୟ ସନକାଦିଙ୍କୁ ସ୍ତୁତି କଲେ, ମହାରାଜ ! ଆମେ ପୁଣି ବୈକୁଣ୍ଠକୁ କେବେ ଆସିବୁ ? ସେମାନେ ତାଙ୍କୁ କହିଲେ, ଯଦି ପ୍ରେମର ସହିତ ନାରାୟଣଙ୍କୁ ଭକ୍ତି କରିବ ତେବେ ସାତ ଜନ୍ମରେ, କିନ୍ତୁ ବିରୋଧ କରି ଭକ୍ତି କଲେ ତିନି ଜନ୍ମରେ ବୈକୁଣ୍ଠକୁ ଆସିବ । ଏଠାରେ ବିଚାରିବାର କଥା ଜୟ, ବିଜୟ ନାରାୟଣଙ୍କ ସେବକ ଥିଲେ । ତାଙ୍କୁ ରକ୍ଷା କରିବା ସାହାଯ୍ୟ କରିବା ନାରାୟଣଙ୍କ କର୍ତ୍ତବ୍ୟ ଥିଲା । ଯଦି କେହି କାହାର ସେବକକୁ ବିନା ଅପରାଧରେ ଦଣ୍ଡ ଦିଏ, ତେବେ ସେଥିପାଇଁ ମାଲିକ ତାହାର ଦାୟିତ୍ୱ ନେବା ଓ ଅଯଥା ଦଣ୍ଡବିଧାନ କାରୀଙ୍କୁ ଦଣ୍ଡଦେବା ଉଚିତ । ନୋଚେତ୍ ସେବକର ଦୁର୍ଦ୍ଦଶା ବଢ଼ିଯିବ ଓ ନିଜ କର୍ତ୍ତବ୍ୟରେ କ୍ଷତି ପଡ଼ିବ । ଏଣୁ ସନକାଦିଙ୍କୁ ଯଥାର୍ଥ ଦଣ୍ଡବିଧାନ କରିବା ନାରାୟଣଙ୍କ କାମଥିଲା । ସେମାନେ ଭିତରକୁ ଆସିବାପାଇଁ ଜିଦ୍ କରୁଥିଲେ କାହିଁକି ? ସେବକ କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ତାକୁ ଦଣ୍ଡବିଧାନ କଲେ କାହିଁକି ? ତା ପରିବର୍ତ୍ତେ ନ୍ୟାୟ ଦୃଷ୍ଟିରୁ ନାରାୟଣ ସନକାଦିଙ୍କୁ ପୃଥିବୀ ଉପରକୁ ପକାଇ ଦେଇ ପାରିଥାନ୍ତେ । ନାରାୟଣଙ୍କ ଘରେ ଯେତେବେଳେ ଏପରି ଅନ୍ୟାୟ ଭର୍ତ୍ତିହୋଇ ରହିଛି, ତେବେ ତାଙ୍କର ଭକ୍ତ ବୈଷ୍ଣବମାନଙ୍କ ପ୍ରତି ଯେତେ ଦଣ୍ଡ ବିଧାନ କଲେ ମଧ୍ୟ, ତାହା ସେମାନଙ୍କ ପକ୍ଷରେ ଯେତେଶ୍ରେୟସ୍କର ବୋଲି ବିଚାରବାକୁ ହେବ ।

ପରେ ଜୟ ବିଜୟ "ହିରଣ୍ୟାକ୍ଷ" ଓ "ହିରଣ୍ୟକଶିପୁ" ହୋଇ ଜନ୍ମ ହେଲେ । ହିରଣ୍ୟାକ୍ଷକୁ ବରାହଟିଏ ମାରି ପକାଇଲା । ସେହି ବିଷୟ ଏପରି ବର୍ଣ୍ଣିତ ହୋଇଅଛି । ହିରଣ୍ୟାକ୍ଷ ପୃଥିବୀକୁ ଚଟାଇ କରି ମୁଣ୍ଡତଳେ ରଖି ଶୋଇଥିଲା । ବିଷ୍ଣୁ ବରାହରୂପ ଧାରଣକରି ତା ମୁଣ୍ଡତଳୁ ପୃଥିବୀକୁ ଦାନ୍ତରେ ଉଠାଇ ଆଣିଲେ । ସେ ଉଠିପଡ଼ି ଲଢ଼େଇ ଆରମ୍ଭ କରିଦେଲା । ବରାହ ହିରଣ୍ୟାକ୍ଷକୁ ମାରିଦେଲେ । ସେହି ଲୋକମାନଙ୍କୁ ପଚାରନ୍ତୁ ଯେ ପୃଥିବୀ ଗୋଲ ନା ଚଟେଇ ସଦୃଶ ? ଏହାର ଉତ୍ତରରେ ସେମାନେ କିଛି କହିପାରିବେ ନାହିଁ, ସେଣୁ ପୌରାଣିକମାନେ ଭୂଗୋଳ ବିଦ୍ୟାର

ଘୋର ବିରୋଧୀ । ହିରଣ୍ୟାକ୍ଷ ଯଦି ପୃଥିବୀକୁ ତକିଆକରି ମୁଣ୍ଡତଳେ ଦେଇ ଶୋଇଥିଲା, ତେବେ ସେ କାହା ଉପରେ ଶୋଇଥିଲା ? ବରାହ ପୁଣି କାହା ଉପରେ ଗ୍ଭଲି ତା ନିକଟକୁ ଦଉଡ଼ିଗଲା ? ବରାହ ମୁଖରେ ତ ପୃଥିବୀକୁ ଧରିଥିଲା । ସେପରି ସ୍ଥାନ ତ ଆଉ ନ ଥିଲା । ତେବେ ସେ ଦୁହେଁ କେଉଁଠାରେ ରହି ଯୁଦ୍ଧ କଲେ ? ତେବେ ଜଣ ସେହି ଭାଗବତାଦି ପୁରାଣ ଲେଖକଙ୍କ ଛାତି ଉପରେ ଛିଡ଼ାହୋଇ ଯୁଦ୍ଧ କଲେ ? ଯଦି ଏହା ସତ ତେବେ ସେହି ପୌରାଣିକମାନେ କାହା ଉପରେ ଥିଲେ ? ମିଛୁଆ ଘରେ ବାହାପିଆ ପହଞ୍ଚିଲେ ଯେଉଁପରି କଥାବାର୍ତ୍ତା ଗ୍ଭଲେ, ଏସବୁ ପୁରାଣର ବର୍ଣ୍ଣନା ତାହାଠାରୁ କୌଣସି ଗୁଣରେ କମ୍ ନୁହେଁ ।

ଏବେ ରହିଲା ହିରଣ୍ୟକଶିପୁର ବିଷୟ । ତା ପୁଅ ନାମ ପ୍ରହଲ୍ଲାଦ, ସେଥିଲା ଏକାନ୍ତ ବିଷ୍ଣୁ ଭକ୍ତ । ତା ପିତା ତାକୁ ପଢ଼ିବାପାଇଁ ପାଠଶାଳାକୁ ପଠାଇଲେ । ପାଠଶାଳାକୁ ଯାଇ ସେ ଶିକ୍ଷକଙ୍କୁ କହିଲା .... ମୋ ସିଲଟ୍‌ରେ ବିଷ୍ଣୁ, ବିଷ୍ଣୁ, ରାମ, ରାମ, ଲେଖି ଦିଅନ୍ତୁ । ପିତାଙ୍କ କାନରେ ଏ ସମ୍ବାଦ ପଡ଼ିବାମାତ୍ରେ ସେ ରାଗରେ ତାତିଯାଇ କହିଲେ ..... ମୋର ଶତ୍ରୁର ନାମକୁ ତୁ କାହିଁକି ଭଜୁଛୁ ? ପିତାଙ୍କ କଥିତ ବିଷୟକୁ ନମାନି ପ୍ରହଲ୍ଲାଦ ପୂର୍ବପରି ହରିନାମ ଭଜନ କରିବାରେ ବ୍ୟସ୍ତ ରହିଲା । ତାପରେ ପିତା ପୁତ୍ରର ହାତଗୋଡ଼କୁ ବାନ୍ଧିଦେଇ ପର୍ବତ ଉପରୁ ତଳକୁ ଫିଙ୍ଗିଦେଲେ, ପରେ କୂଅ ଭିତରେ ପକାଇ ପାଣିରେ ବୁଡ଼ାଇଲେ, ତଥାପି ତାର କୌଣସି ପ୍ରକାର କ୍ଷତି ହେଲା ନାହିଁ । ପରେ ସେ ଏକ ଲୁହାଖମ୍ବକୁ ଉତ୍ତପ୍ତ କରାଇ କହିଲା.... ଯଦି ତୋର ବିଷ୍ଣୁ ସତ୍ୟ ହୋଇଥାଏ, ଏ ଖମ୍ବକୁ ଛୁଇଁଲେ ମଧ୍ୟ ତୁ କଦାପି ଜଳିଯିବୁ ନାହିଁ । ପ୍ରହଲ୍ଲାଦ ଖମ୍ବକୁ ଛୁଇଁବାକୁ ଯିବା ସମୟରେ ସନ୍ଦେହ କଲା ଏହାକୁ ଛୁଇଁଲେ ବଞ୍ଚିବି ନା ମରିଯିବି ? ନାରାୟଣ ସେହି ସ୍ତମ୍ଭରେ ପିମ୍ପୁଡ଼ି ଧାଡ଼ି ଚଳାଇ ତା ମନରୁ ଭୟ ଦୂର କରିଦେଲେ । ସେ ନିଶ୍ଚିନ୍ତ ହୋଇ ତପ୍ତ ସ୍ତମ୍ଭକୁ ଜାବୁଡ଼ି ଧଇଲା । ତତ୍‌କ୍ଷଣାତ୍ ସେହି ସ୍ତମ୍ଭ ବିଦୀର୍ଣ୍ଣ ହୋଇଗଲା । ତା ମଧ୍ୟରୁ ନୃସିଂହ ବାହାରି ହିରଣ୍ୟକଶିପୁର ପେଟକୁ ଚିରି ମାରି ପକାଇଲେ । ପରେ ପ୍ରହଲ୍ଲାଦକୁ ସ୍ନେହରେ ଆଲିଙ୍ଗନ କରି ଇଚ୍ଛାବର ମାଗିବାପାଇଁ କହିଲେ । ସେ ପିତାଙ୍କ ସଦ୍‌ଗତିପାଇଁ ବର ମାଗିଲା । ନୃସିଂହ କହିଲେ ତୋର ପୂର୍ବ ଏକୋଇଶି ପୁରୁଷ ସଦ୍‌ଗତି ଲାଭ କରନ୍ତୁ । ବର୍ତ୍ତମାନ ବିଗ୍ଭରି ଦେଖ, ଏହା ମଧ୍ୟ ତାହା ମିଛ ବ୍ୟତୀତ ଅନ୍ୟ କିଛି ନୁହେଁ । କୌଣସି ଭାଗବତ ଶ୍ରୋତା ବା ପୂଜକଙ୍କୁ କୋଠିଏ ପାହାଡ଼ଉପରୁ ତଳକୁ ଫିଙ୍ଗି ଦିଆଯାଉ ଦେଖିବ ସେ ବଞ୍ଚିବ ନାହିଁ, ଏକାବେଳକେ ଚଟଣି

ହୋଇଯିବ । ପିତା ପ୍ରହଲ୍ଲାଦକୁ ପଢ଼ିବାପାଇଁ ପଠାଇ କଣ ଖରାପ କାମ କରିଥିଲେ ? କିନ୍ତୁ ପ୍ରହଲ୍ଲାଦ ଏପରି ମୂର୍ଖ ଥିଲା ଯେ, ପାଠପଢ଼ା ଛାଡ଼ିଦେଇ ହରିନାମ କେବଳ ଜପିବାରେ ଲାଗିଲା । ତାତିଲା ଖମ୍ବ ଉପରେ ପିମ୍ପୁଡ଼ି ଧାଡ଼ି ଗ୍ଭଲିଲା, ସେହି ଖମ୍ବକୁ ଛୁଇଁବାରୁ ପ୍ରହଲ୍ଲାଦର କିଛି ହେଲା ନାହିଁ । ଏହାକୁ ଯେଉଁ ଲୋକ ବିଶ୍ୱାସ କରେ, ସେ ଏକ ତପ୍ତ ସ୍ତମ୍ଭକୁ ଜାବୁଡ଼ି ଧରୁ, ତାର ହାତ ଯଦି ପୋଡ଼ି ନ ଯାଏ, ତେବେ ପ୍ରହଲ୍ଲାଦ କଥାକୁ ମାନିବାରେ ଦ୍ୱିଧାବୋଧ କରାଯିବ ନାହିଁ । ଉତ୍ତପ୍ତ ସ୍ତମ୍ଭରୁ ବାହାରିବା ସମୟରେ ନୃସିଂହ ନିଜେ କିପରି ପୋଡ଼ି ମରି ନ ଗଲେ ? ତୃତୀୟ ପୁରୁଷରେ ବୈକୁଣ୍ଠ ପ୍ରାପ୍ତ ହେବ ବୋଲି ସନକାଦିଙ୍କୁ ବର ଦିଆଯାଇଥିଲା । ତେବେ ନାରାୟଣ ମଧ୍ୟ ନିଜ କଥା ନିଜେ ପାଶୋରି ପକାଇଲେ । ଭାଗବତର ବର୍ଣ୍ଣନାନୁସାରେ ବ୍ରହ୍ମା, ପ୍ରଜାପତି, କଶ୍ୟପ, ହିରଣ୍ୟକଶିପୁ, ଓ ପ୍ରହଲ୍ଲାଦ, ଏହିପରି ପ୍ରହଲ୍ଲାଦ ଥିଲା ବ୍ରହ୍ମାଙ୍କଠାରୁ ଚତୁର୍ଥ ପୁରୁଷ ବ୍ୟକ୍ତି । ପ୍ରହଲ୍ଲାଦର ପୂର୍ବ ଏକୋଇଶି ପୁରୁଷ ସଦ୍‌ଗତି ପାଇଲେ, ଏହା କିପରି ଯୁକ୍ତିସଙ୍ଗତ ହେବ ? ପୁଣି ସେହି ହିରଣ୍ୟାକ୍ଷ, ହିରଣ୍ୟକଶିପୁ, ରାବଣ, ଶିଶୁପାଳ ହୋଇ ଜନ୍ମିଲେ କିପରି ? ନୃସିଂହଙ୍କ ପ୍ରଦତ୍ତ ବର ଏବେ ଗଲା କୁଆଡ଼େ ? ବୁଦ୍ଧିହୀନ, ନିର୍ବୋଧ ଲୋକମାନେ କେବଳ ଏହି ଗପକୁ ଶୁଣନ୍ତି ଓ ବିଶ୍ୱାସ କରନ୍ତି, ବିଦ୍ୱାନ୍‌ବ୍ୟକ୍ତି ଏପରି କଥାକୁ ଗ୍ରହଣ କରନ୍ତି ନାହିଁ ।

ପୂତନା ଓ ଅକ୍ରୂରଙ୍କ କଥା ଶୁଣନ୍ତୁ ....

ରଥେନ ବାୟୁବେଗେନ (ଭା· ସ୍କ· ୧୦ ଅ· ୩୯ ଶ୍ଳୋ· ୩୮)

ଜଗାମ ଗୋକୁଳଂ ପ୍ରତି (ଭା·ସ୍କ·୧୦ ଅ·୩୮ ଶ୍ଳୋ·୨୪) ।

ଅକ୍ରୂର କଂସର ଆଦେଶରେ ଶ୍ରୀକୃଷ୍ଣଙ୍କୁ ଆଣିବାପାଇଁ ସୂର୍ଯ୍ୟୋଦୟ ସମୟରେ ବାୟୁବେଗରେ ରଥରେ ବସି ଗୋକୁଳକୁ ଗଲେ । ମାତ୍ର ଗ୍ଭରି ମାଇଲ ବାଟ ଅତିକ୍ରମ କରି ସୂର୍ଯ୍ୟାସ୍ତ ସମୟରେ ଗୋକୁଳରେ ପହଞ୍ଚିଲେ । ଗ୍ଭରିମାଇଲ ରାସ୍ତା ଅତିକ୍ରମ କରିବାପାଇଁ ବାୟୁବେଗ ଘୋଡ଼ାମାନଙ୍କୁ ଗୋଟିଏ ଦିନ ଲାଗିଲା ।ଘୋଡ଼ାମାନେ ହେବେ କଣ ଭାଗବତ ଲେଖକଙ୍କୁ ପ୍ରଦକ୍ଷିଣ କରୁଥିଲେ, ନା ବାଟ ଭୁଲିଯାଇ ଘୋଡ଼ା, ଚାଳକ ଓ ଅକ୍ରୂର ତାଙ୍କ ଘରେ ଶୋଇ ପଡ଼ିଥିଲେ ? ପୂତନାର ଶରୀର ଛଅକୋଶ ଚଉଡ଼ା ପୁଣି ତଦନୁଯାୟୀ ବହୁତ ଲମ୍ବା ଥିଲାବୋଲି ଲେଖା ଯାଇଛି । ଶ୍ରୀ କୃଷ୍ଣ ପୂତନାକୁ ମାରି ମଥୁରା ଓ ଗୋପ ମଧ୍ୟରେ ପକାଇଦେଲେ । ତେବେ ମଥୁରା, ଗୋକୁଳ ଓ ଭାଗବତ ପୌରାଣିକର ଘରମଧ୍ୟ ପୂତନାର ଶରୀରଦ୍ୱାରା ଆଚ୍ଛାଦିତ ହୋଇଯାଇଥିବ ।

ଅଜାମିଳ କଥା କିପରି ଅସମ୍ଭବ ତା ମଧ୍ୟ ଦେଖନ୍ତୁ । ନାରଦଙ୍କଠାରୁ ଉପଦେଶ ପାଇ ଅଜାମିଳ ନିଜ ପୁଅର ନାମ ନାରାୟଣ ରଖିଲା । ମୃତ୍ୟୁ ସମୟରେ

ନିଜ ପୁଅର ନାମଧରି ଡ଼ାକିଲା । ସେଠାରେ ସ୍ୱୟଂ ନାରାୟଣ ଆସି ଉପସ୍ଥିତ ହେଲେ । ଅଜାମିଳ ନିଜ ପୁତ୍ରକୁ ଡ଼ାକୁଛି, ମୋତେ ଡ଼ାକୁନାହିଁ, ଏହା ଜଣ ଅଜାମିଳର ଅନ୍ତଃକରଣ ଭାବରୁ ସ୍ୱୟଂ ନାରାୟଣ ଜାଣି ପାରିଲେ ନାହିଁ ? ପ୍ରକୃତରେ ନାମର ଯଦି ଏପରି ମାହାତ୍ମ୍ୟ ଅଛି, ତେବେ ଆଜି ନାରାୟଣ ନାମ ସ୍ମରଣ କଲାମାତ୍ରକେ ନାରାୟଣ ନିଜେ ଆସି ଲୋକଙ୍କୁ ଶୋକ ସନ୍ତାପରୁ ଉଦ୍ଧାର କରୁନାହାନ୍ତି କାହିଁକି ? ଯଦି ଏହା ଠିକ୍ ତେବେ ବନ୍ଦୀ ହୋଇଥିବା ଲୋକେ ନାରାୟଣ ନାମଧରି କାରାଗାରରୁ କାହିଁକି ମୁକ୍ତ ହେଉ ନାହାନ୍ତି ? ଭାଗବତରେ ସୁମେରୁ ପର୍ବତର ଯେଉଁ ପରିମାଣ ବର୍ଣ୍ଣନା କରାଯାଇଛି ତାହା ଜ୍ୟୋତିଷଶାସ୍ତ୍ରର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି । ପ୍ରିୟବ୍ରତ ରାଜାଙ୍କ ରଥଚକ୍ର ଆଘାତରେ ସମୁଦ୍ର ତିଆରି ହୋଇଛି । ପୃଥିବୀର ପରିମାଣ ଅଣଚାଶ କୋଟି ଯୋଜନ । ଭାଗବତରେ ଏପରି କେତେ ଯେ ମିଥ୍ୟା କଥା ଉଲ୍ଲେଖ କରାଯାଇଛି, ତାର କୌଣସି ଇୟତ୍ତା ନାହିଁ ।

ଭାଗବତ ପୁରାଣ ବୋବଦେବ ରଚନା କରିଥିଲେ । ତାଙ୍କର ଭାଇ ଜୟଦେବ "ଗୀତ ଗୋବିନ୍ଦ " ଲେଖିଥିଲେ । ବୋବଦେବ ତାଙ୍କର ହିମାଦ୍ରି ନାମକ ଗ୍ରନ୍ଥରେ ଏହି ମର୍ମରେ କେତୋଟି ଶ୍ଳୋକ ଲେଖିଛନ୍ତି । ସେ କହିଛନ୍ତି ଶ୍ରୀମଦ୍ ଭାଗବତ ପୁରାଣ ମୁଁ ଲେଖିଅଛି । ସେହି ଲେଖାର ତିନିପତ୍ରମାତ୍ର ଆମ ନିକଟରେ ଥିଲା । ତନ୍ମଧ୍ୟରୁ ଗୋଟିଏ ପତ୍ର ନଷ୍ଟ ହୋଇଯାଇଛି । ତହିଁରେ ଯେଉଁ ଶ୍ଳୋକ ଥିଲା, ସେହି ଶ୍ଳୋକ ଆଶୟରେ ଆମେ ଦୁଇଗୋଟି ଶ୍ଳୋକ ରଚନା କରି ନିମ୍ନରେ ଉଦ୍ଧାର କରିଛୁ । ଯେଉଁମାନେ ମୂଳ ଶ୍ଳୋକ ଜାଣିବାକୁ ଚାହାନ୍ତି ,ସେମାନେ "ହିମାଦ୍ରି" ଗ୍ରନ୍ଥ ଦେଖିବେ ।

ହିମାଦ୍ରେଃ ସଚିବସ୍ୟାର୍ଥେ ସୂଚନା କ୍ରିୟତେଽଧୁନା ।
ସ୍କନ୍ଧାଧ୍ୟାୟକଥାନାଂ ଚ ଯତ୍ ପ୍ରମାଣଂ ସମାସତଃ ॥୧॥
ଶ୍ରୀମଦ୍ ଭାଗବତଂ ନାମ ପୁରାଣଂ ଚ ମୟେରିତମ୍ ।
ବିଦୁଷା ବୋବଦେବେନ ଶ୍ରୀକୃଷ୍ଣସ୍ୟ ଯଶୋନ୍ୱିତମ୍ ॥୨॥

ନଷ୍ଟ ହୋଇଯାଇଥିବା ପତ୍ରରେ ଏହିପରି ଶ୍ଳୋକଥିଲା । ରାଜାଙ୍କ ସଚିବ ହିମାଦ୍ରି ବୋବଦେବ ପଣ୍ଡିତଙ୍କୁ କହିଲେ.......... ଆପଣଙ୍କ ରଚିତ ଶ୍ରୀମଦ୍ ଭାଗବତ ଗ୍ରନ୍ଥ ସମ୍ପୂର୍ଣ୍ଣରୂପେ ଶୁଣିବାପାଇଁ ମୋର ସମୟ ନାହିଁ । ଏଣୁ ତୁମ୍ଭେ ସଂକ୍ଷେପରେ ଶ୍ଳୋକବଦ୍ଧ ସୂଚୀପତ୍ର ଲେଖିଦିଅ । ତାକୁ ଦେଖି ମୁଁ ଭାଗବତର ସାର ଜାଣିବାକୁ ସକ୍ଷମ ହେବି ।

ସେତେବେଳେ ବୋବଦେବ ସଂକ୍ଷିପ୍ତ ସୂଚୀପତ୍ର ଶ୍ଳୋକରୂପେ ରଚନା କରିଥିଲେ । ଉକ୍ତ ସୂଚୀପତ୍ରରେ ଦଶମଶ୍ଳୋକ ପର୍ଯ୍ୟନ୍ତ ନଷ୍ଟ ହୋଇ ଯାଇଥିଲା । ତେଣୁ ଏଠାରେ ଏକାଦଶ ଶ୍ଳୋକଠାରୁ ଲେଖାଯାଇଛି ....

ବୋଧୟନ୍ତୀତି ହି ପ୍ରାହୁଃ ଶ୍ରୀମଦ୍‌ଭାଗବତଂ ପୁନଃ ।
ପଞ୍ଚପ୍ରଶ୍ନାଃ ଶୌନକସ୍ୟ ସୂତସ୍ୟାତ୍ରୋତ୍ତରଂ ତ୍ରିଷୁ ॥ ୧୧ ॥
ପ୍ରଶ୍ନାବତାରୟୋଶ୍ଚୈବ ବ୍ୟାସସ୍ୟ ନିର୍ବୃତିଃ କୃତାତ୍ ।
ନାରଦସ୍ୟାତ୍ର ହେତୂକ୍ତିଃ ପ୍ରତୀତ୍ୟର୍ଥଂ ସ୍ୱଜନ୍ମ ଚ ॥ ୧୨ ॥
ସୁପ୍ତଘ୍ନଂ ଦ୍ରୌଣ୍ୟଭିଭବସ୍ତଦସ୍ତ୍ରାତ୍ପାଣ୍ଡବା ବନମ୍ ।
ଭୀଷ୍ମସ୍ୟ ସ୍ୱପଦପ୍ରାପ୍ତିଃ କୃଷ୍ଣସ୍ୟ ଦ୍ୱାରକାଗମଃ ॥ ୧୩ ॥
ଶ୍ରୋତୁଃ ପରିକ୍ଷିତୋ ଜନ୍ମ ଧୃତରାଷ୍ଟ୍ରସ୍ୟ ନିର୍ଗମଃ ।
କୃଷ୍ଣମର୍ତ୍ତ୍ୟତ୍ୟାଗସୂଚ୍ ତତଃ ପାର୍ଥମହାପଥଃ ॥ ୧୪ ॥
ଇତ୍ୟଷ୍ଟାଦଶଭିଃ ପାଦୈରଧ୍ୟାୟାର୍ଥଃ କ୍ରମାତ୍ ସ୍ମୃତଃ ।
ସ୍ୱପର ପ୍ରତି ବନ୍ଧୋନଂ ସ୍ଫୀତଂ ରାଜ୍ୟଂ ଜହୌ ନୃପଃ । ୧୫ ।
ଇତିବୈ ରାଜ୍ଞୋ ଦାର୍ଢ୍ୟୋକ୍ତୌ ପ୍ରୋକ୍ତା ଦ୍ରୌଣିଜୟାଦୟଃ । ୧୬ ।

ଇତି ପ୍ରଥମଃ ସ୍କନ୍ଧଃ । ୧ ।

ଏପରି ବାରସ୍କନ୍ଧର ସୂଚୀପତ୍ର ପ୍ରସ୍ତୁତ କରି ବୋବଦେବ ପଣ୍ଡିତ ହିମାଦ୍ରି ସଚିବଙ୍କୁ ଦେଇଥିଲେ । ଯେଉଁମାନେ ବିସ୍ତୃତଭାବରେ ଦେଖିବାକୁ ଚାହାନ୍ତି, ସେମାନେ ବୋବଦେବ ବିରଚିତ ହିମାଦ୍ରିଗ୍ରନ୍ଥ ଦେଖିପାରନ୍ତି । ଏହିପରି ଅନ୍ୟାନ୍ୟ ସମସ୍ତ ପୁରାଣ ଗ୍ରନ୍ଥ ମିଥ୍ୟା ବୋଲି ଜାଣିବ । ଉଣେଇଶ, କୋଡ଼ିଏ, ଏକୋଇଶି ଗୋଟିଏ ଅନ୍ୟଠାରୁ ବଢ଼ିକରି ଲେଖାଯାଇଛି ।

ଦେଖନ୍ତୁ ଶ୍ରୀକୃଷ୍ଣଙ୍କ ଇତିହାସ ମହାଭାରତରେ ଅତି ଉତ୍ତମରୂପେ ବର୍ଣ୍ଣିତ ହୋଇଅଛି । ତାଙ୍କର ଗୁଣ, କର୍ମ, ସ୍ୱଭାବ ଆପ୍ତପୁରୁଷଙ୍କ ଭଳି ନିଷ୍କଳଙ୍କ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ କୌଣସି ଅଧର୍ମାଚରଣ କରିଛନ୍ତି ବୋଲି ଉଲ୍ଲେଖ କରାଯାଇ ନାହିଁ । କିନ୍ତୁ ଭାଗବତ ଓ ପୁରାଣକାରମାନେ ନିଜ ମନକୁ ସୁହାଇଲା ଭଳି ନାନାପ୍ରକାର ଅନ୍ୟାୟ ଓ ଅଧର୍ମାଚରଣ ଦୋଷଦେଇ କଳଙ୍କିତ କରିଦେଇଛନ୍ତି । ଦୁଧ, ଦହି, ଲହୁଣୀ

ପ୍ରଭୃତି ଶ୍ରେଣି, କୁବୁଜା ଦାସୀ ସହିତ ସମାଗମ, ପରସ୍ତ୍ରୀମାନଙ୍କ ସହିତ ରାସମଣ୍ଡଳ ଓ କ୍ରୀଡ଼ା ପ୍ରଭୃତି ମିଥ୍ୟା ଦୋଷରେ ଶ୍ରୀକୃଷ୍ଣଙ୍କୁ ଦୂଷିତ କରି ଦେଇଛନ୍ତି । ସେ ସବୁକୁ ପାଠକରି ଅନ୍ୟଧର୍ମାବଲମ୍ବୀମାନେ ଶ୍ରୀକୃଷ୍ଣଙ୍କୁ ଅନେକ ନିନ୍ଦା କରନ୍ତି । ଭାଗବତ ଲେଖାଯାଇ ନ ଥିଲେ ଶ୍ରୀକୃଷ୍ଣଙ୍କ ଭଳି ମହାପୁରୁଷଙ୍କୁ କେହି କେବେ କୌଣସି ପ୍ରକାର ନିନ୍ଦା କରି ପାରନ୍ତେ ନାହିଁ । ଶିବ ପୁରାଣରେ ଜ୍ୟୋତି ଲିଙ୍ଗର ଦ୍ୱାଦଶ ଜ୍ୟୋତି ଥିବା ବିଷୟ କୁହାଯାଇଛି । କିନ୍ତୁ ଦେଖିବାକୁ ଗଲେ ସେହି ଲିଙ୍ଗରେ ଲେଶମାତ୍ର ଜ୍ୟୋତି ନାହିଁ । ନାମ ରଖାଯାଇଛି ଜ୍ୟୋତିର୍ଲିଙ୍ଗ, ମାତ୍ର ସାମାନ୍ୟମାତ୍ର ପ୍ରକାଶ ନାହିଁ । ରାତିରେ ଦୀପ ନ ଜାଳିଲେ ମନ୍ଦିର ମଧ୍ୟରେ ଥିବା ଲିଙ୍ଗ ମଧ୍ୟ ଦେଖାଯାଏ ନାହିଁ । ଏସବୁ ଲୀଳା ପୋପ୍‌ମାନଙ୍କ ପ୍ରବଞ୍ଚନା ମାତ୍ର ।

ପ୍ରଶ୍ନ :- ବେଦ ପଢ଼ିବାର ସାମର୍ଥ୍ୟ ନ ଥିଲେ ସ୍ମୃତି ପଢ଼ିବାକୁ ହେବ । ସ୍ମୃତି ପଢ଼ି ନ ପାରିଲେ ଶାସ୍ତ୍ର, ଶାସ୍ତ୍ର ପଢ଼ି ନ ପାରିବା ଲୋକେ ପୁରାଣ ପଢ଼ିବେ । ଏଥି ସକାଶେ ପୁରାଣ ରଚନା କରାଯାଇଛି । ସ୍ତ୍ରୀ ଓ ଶୂଦ୍ରମାନଙ୍କର ବେଦ ପଢ଼ିବା ବା ଶୁଣିବାର ଅଧିକାର ନ ଥିବାରୁ ସେମାନଙ୍କ ପାଇଁ ପୁରାଣ ଲିଖିତ ହୋଇଅଛି ।

ଉତ୍ତର :- ଏହା ଭ୍ରାନ୍ତ ଧାରଣା ବ୍ୟତୀତ ଅନ୍ୟ କିଛି ନୁହେଁ । ପଢ଼ିବା ଓ ପଢ଼ାଇବାରେ ସାମର୍ଥ୍ୟ ଜାତହୁଏ । ବେଦ ପଢ଼ିବା ଓ ଶୁଣିବାର ଅଧିକାର ସମସ୍ତଙ୍କର ରହିଛି । ଇତିହାସାଦିରେ ଏହାର ଭୂରି ଭୂରି ପ୍ରମାଣ ଅଛି । ଗାର୍ଗୀ ଆଦି ସ୍ତ୍ରୀମାନେ ଓ ଛାନ୍ଦୋଗ୍ୟୋପନିଷଦ୍ (ପ୍ରପାଠକ ୪- ଖଣ୍ଡ ୨ ପ୍ରବାକ୍-୨) ର ପ୍ରମାଣ ଅନୁଯାୟୀ "ଜାନଶ୍ରୁତି" ବର୍ଣ୍ଣରେ ଶୂଦ୍ର ଥିଲେ ମଧ୍ୟ "ରୈକ୍ୱମୁନିଙ୍କ"ଠାରୁ ବେଦ ପଢ଼ିଥିଲେ । ଯଜୁର୍ବେଦ ଛବିଶ ଅଧ୍ୟାୟର ଦ୍ୱିତୀୟ ମନ୍ତ୍ରରେ ସ୍ପଷ୍ଟରୂପେ ଲେଖାଯାଇଛି ଯେ, ମନୁଷ୍ୟ ମାତ୍ରକେ ବେଦ ପଢ଼ିପାରିବେ ଓ ଶୁଣିପାରିବେ । ପରେ ଏହିପରି ମିଥ୍ୟା ଗ୍ରନ୍ଥ ରଚକମାନେ ଲୋକଙ୍କୁ ବେଦ ପଠନ ଅଧିକାରରୁ ବଞ୍ଚିତ କରାଇବା ପାଇଁ ଭ୍ରମ ଜାଲ ବୁଣିଲେ । ତେଣୁ ସେମାନେ ମହାପାପୀ ଅଟନ୍ତି । ଦେଖନ୍ତୁ ପୁରାଣକାରମାନେ ନିମ୍ନଲିଖିତ ବେଦମନ୍ତ୍ର ଗୁଡ଼ିକୁ ଗ୍ରହମାନଙ୍କ ସହିତ ଯୋଡ କରି ଗ୍ରହଚକ୍ର ରଚନାକରି ବିଦ୍ୟାହୀନ ଲୋକଙ୍କୁ ଗ୍ରାସ କରିବାରେ ଲାଗିଲେ

" ଆ କୃଷ୍ଣେନ ରଜସା " । ୧ । (ଯଜୁ-ଅ-୩୩ । ମ-୪୩) ରବିଗ୍ରହ ମନ୍ତ୍ର ।

"ଇମଂ ଦେବା ଅସପତ୍ନ ସୁବଧ୍ୱମ୍" । ୨ ।(ଯଜୁ-ଅ-୯ । ମ-୪୦) ଚନ୍ଦ୍ର ଗ୍ରହଣମନ୍ତ୍ର ।

" ଅଗ୍ନିର୍ମୂର୍ଦ୍ଧା ଦିବଃ କକୁପ୍ତିଃ " । ୩ । (ଯଜୁ- ଅ ୩-ମ-୧୨) ମଙ୍ଗଳ ।

" ଉଦ୍‌ବୁଧ୍ୟ ସ୍ୱାଗ୍ନେ " । ୪ । (ଯଜୁ-ଅ-୧୫-ମ-୫୪) ବୁଧ ।

" ବୃହସ୍ପତେ ଅତି ଯଦର୍ଯୋ" । ୫ । (ଯଜୁ - ଅ -୨୬-ମ-୩) ବୃହସ୍ପତି ।

" ଶୁକ୍ରମନ୍ଥସଃ " । ୬ । (ଯଜୁ ଅ-୧୯-ମ-୭୨) ଶୁକ୍ର ।

" ଶନ୍ନୋ ଦେବୀ ରଭିଷ୍ଟୟ " । ୭ । (ଯଜୁ ଅ-୩୬ ମ୧୨) ଶନି ।

" କୟା ନଶ୍ଚିତ୍ର ଆ ଭୁବ" । ୮ । (ଯଜୁ ଅ-୨୭ - ମ-୩୯ ରାହୁ ।

" କେତୁଂ କୃଣ୍ୱନ୍ନକେତବେ " । ୯ । (ଯଜୁ ଅ-୨୯-ମ - ୩୭) କେତୁ ।

ଗ୍ରହପୂଜାପାଇଁ ଏ ମନ୍ତ୍ର ସବୁ ବ୍ୟବହାର କରନ୍ତି । କିନ୍ତୁ ଏସବୁ ଗ୍ରହମନ୍ତ୍ର ନୁହେଁ । ଆକୃଷ୍ଣେନ - ଏହା ସୂର୍ଯ୍ୟ ଓ ଭୂମିର ଆକର୍ଷଣ ସମ୍ବନ୍ଧୀୟ ବର୍ଣ୍ଣନା । ୧ । ଦ୍ୱିତୀୟ - ରାଜଗୁଣ ବିଧାନ ସମ୍ବନ୍ଧୀୟ । ୨ । ତୃତୀୟ - ଅଗ୍ନିଙ୍କର । ୩ । ଚତୁର୍ଥ - ଯଜମାନ ସହିତ ସମ୍ବନ୍ଧୀୟ । ୪ । ପଞ୍ଚମ- ବିଦ୍ୱାନ୍ ସମ୍ପର୍କୀୟ । ୫ । ଷଷ୍ଠ - ବୀର୍ଯ୍ୟ ଓ ଅନ୍ନ ସମ୍ବନ୍ଧୀୟ । ୬ । ସପ୍ତମ - ଜଳ ,ପ୍ରାଣ ଓ ପରମେଶ୍ୱର ସମ୍ବନ୍ଧୀୟ । ୭ । ଅଷ୍ଟମ- ମିତ୍ର ସମ୍ପର୍କୀୟ । ୮ । ନବମ - ଜ୍ଞାନ ଗ୍ରହଣ ବିଧାୟକ ମନ୍ତ୍ର । ୯ । ଏ ଗୁଡ଼ିକ ଗ୍ରହବାଚକ ନୁହେଁ । ମନ୍ତ୍ରର ପ୍ରକୃତ ଅର୍ଥ ନ ଜାଣି ଅନ୍ଧକାରରେ କେବଳ ବାଟି ବୁଲାଇବାରେ ଲାଗିଛନ୍ତି ।

ପ୍ରଶ୍ନ :- ଗ୍ରହମାନଙ୍କର ଫଳାଫଳ ଅଛି କି ନାହିଁ ?

ଉତ୍ତର :- ପୋପ୍‌ମାନେ ଯେପରି ବର୍ଣ୍ଣନା କରିଛନ୍ତି ସେହିପରି ନୁହେଁ । କିନ୍ତୁ ସୂର୍ଯ୍ୟ ଚନ୍ଦ୍ରମା ପ୍ରଭୃତିଙ୍କ କିରଣ ଦ୍ୱାରା ଉଷ୍ଣତା ଶୀତଳତା, ଅଥବା ଋତୁବତ୍ କାଳଚକ୍ର ସମ୍ବନ୍ଧରୁ ପ୍ରାଣୀମାନଙ୍କର ସୁଖ ବା ଦୁଃଖ ଜାତ ହୁଏ । କିନ୍ତୁ ସ୍ୱାର୍ଥୀ ଜ୍ୟୋତିଷୀମାନେ କହନ୍ତି ମହାରାଜ ! ସେଠ୍‌ଜୀ ! ଯଜମାନ ! ଆଜି ତୁମର ଅଷ୍ଟମ ଚନ୍ଦ୍ର, ସୂର୍ଯ୍ୟ କ୍ରୁର ରାଶିରେ ଅଛନ୍ତି । ଶନିଶ୍ଚର ପାଦଦେଶରେ ଥିବାରୁ ଅଢ଼ାଇବର୍ଷ ପର୍ଯ୍ୟନ୍ତ ତୁମର ବିଘ୍ନ ଘଟାଇବ । ଘରଦ୍ୱାର ଛାଡ଼ି ବିଦେଶରେ ବୁଲିବାକୁ ହେବ । ଦାନ, ଧ୍ୟାନ, ପୂଜା ପାଠ,ପ୍ରଭୃତି କଲେ ଗ୍ରହପୀଡ଼ାରୁ ଉଦ୍ଧାର ପାଇବ ! ସେମାନଙ୍କୁ ପଚାରିବା ଉଚିତ - ହେ ପୋପ୍‌ଜୀ ! ତୁମର ଗ୍ରହମାନଙ୍କ ସହିତ କି ସମ୍ପର୍କ ଅଛି ? ଗ୍ରହ କି ବସ୍ତୁ ?

ପୋପ୍ :- **ଦୈବାଧୀନଂ ଜଗତ୍‌ସର୍ବଂ ମନ୍ତ୍ରାଧୀନାଶ୍ଚ ଦେବତାଃ ।**
ତେ ମନ୍ତ୍ରା ବ୍ରାହ୍ମଣାଧୀନାସ୍ତସ୍ମାଦ୍ ବ୍ରାହ୍ମଣ ଦୈବତମ୍ ॥

ଦେଖ କିପରି ପ୍ରମାଣ ରହିଛି । ସମସ୍ତ ଜଗତ ଦେବତାମାନଙ୍କ ଅଧୀନ, ସକଳ ଦେବତା ମନ୍ତ୍ରର ଅଧୀନ, ପୁଣି ସମସ୍ତ ମନ୍ତ୍ର ବ୍ରାହ୍ମଣଙ୍କ ଅଧୀନ । ଏଣୁ ବ୍ରାହ୍ମଣମାନେ ହେଉଛନ୍ତି ଦେବତା । ଇଚ୍ଛାକଲେ ମନ୍ତ୍ରବଳରେ ଯେଉଁ ଦେବତା ହୁଅନ୍ତୁ ନା

କାହିଁକି ତାଙ୍କୁ ଡାକିଆଣି ପ୍ରସନ୍ନ କରାଇ ସିଦ୍ଧିଲାଭ କରାଇବାର ଅଧିକାର ଆମ୍ଭମାନଙ୍କର କେବଳ ଅଛି ।ଯଦି ଆମଠାରେ ମନ୍ତ୍ରଶକ୍ତି ନ ଥାଆନ୍ତା, ତେବେ ତୁମପରି ନାସ୍ତିକମାନେ ଆମକୁ ଏହି ସଂସାରରେ ରଖାନ୍ତ ଦିଅନ୍ତେ ନାହିଁ ।

ସତ୍ୟବାଦୀ :- ଯେଉଁର ତକାୟତ ଓ କୁକର୍ମୀମାନେ ମଧ୍ୟ ତୁମ ଦେବତାଙ୍କ ଅଧୀନରେ ରହିଥିବେ । ଦେବତାମାନେ ହିଁ ସେମାନଙ୍କଦ୍ୱାରା ଦୁଷ୍କର୍ମସବୁ କରାଉଥିବେ । ଯଦି ଏପରି ହେଉଥାଏ, ତେବେ ତୁମ୍ଭ ଦେବତା ଓ ରାକ୍ଷସମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ରହିବ ନାହିଁ । ମନ୍ତ୍ର ଯଦି ତୁମ ଅଧୀନରେ ରହିଛି, ତେବେ ସେହି ମନ୍ତ୍ରଦ୍ୱାରା ତୁମେ ଯାହା ଇଚ୍ଛା କରିବ ତାହା କରିପାରିବ । ତେବେ ସେହି ମନ୍ତ୍ରଦ୍ୱାରା ଦେବତାଙ୍କୁ ବଶକରି ରାଜକୋଷରୁ ସମସ୍ତ ଧନସମ୍ପତ୍ତି ଉଠାଇ ଆଣି, ନିଜଘରେ ବସି ମଉଜ ମଜଲିସ୍ କରୁନାହଁ କାହିଁକି ? ଘର ଘର ବୁଲି ଶନିଗ୍ରହଙ୍କ ପାଇଁ ତେଲଦାନ ପ୍ରଭୃତି, ଛାୟାଦାନ, ଗ୍ରହଦାନ ପାଇବାପାଇଁ ବ୍ୟସ୍ତ ହେଉଛ କାହିଁକି ? ଯାହାକୁ ତୁମେ ଧନ କୁବେର ବୋଲି କହୁଛ, ତାଙ୍କୁ ବଶକରି ଅନେକାନେକ ଧନ ପାଇଯାଆନ୍ତ । ବିଚରା ଗରିବଗୁଡ଼ାଙ୍କୁ ଲୁଟପାଟ କାହିଁକି କରୁଛ ? ତୁମ୍ଭଙ୍କୁ ଦାନ ଦେଲେ ଗ୍ରହ ପ୍ରସନ୍ନ ହୁଅନ୍ତି, ନ ଦେଲେ ପୁଣି ଅପ୍ରସନ୍ନ ହୁଅନ୍ତି, ତେବେ ସେହି ପ୍ରସନ୍ନତା ଓ ଅପ୍ରସନ୍ନତାର ନିଦର୍ଶନ ପ୍ରତ୍ୟକ୍ଷରେ ଆମକୁ ଦେଖାଇ ଦିଅ ତ । ମନେକର ଜଣେ ଲୋକକୁ ଅଷ୍ଟମ ସୂର୍ଯ୍ୟଚନ୍ଦ୍ର ଓ ଅନ୍ୟ ଜଣକୁ ତୃତୀୟ ସୂର୍ଯ୍ୟଚନ୍ଦ୍ର ହୋଇଛନ୍ତି । ଜ୍ୟେଷ୍ଠମାସ ଖରାରେ ତାତିଲା ଭୂମି ଉପରେ ଜୋତା ନ ପିନ୍ଧି ଦୁଇଜଣଙ୍କୁ ଚଲାଅ । ଯାହାପ୍ରତି ଗ୍ରହ ପ୍ରସନ୍ନ ,ତାହାର ପାଦ,ଶରୀର ପୋଡ଼ିଯିବ ନାହିଁ, କିନ୍ତୁ ଯାହା ପ୍ରତି କୁପିତ ତାହାର ପାଦ ପ୍ରଭୃତି ପୋଡ଼ିଯିବ । ପୁଣି ପୌଷମାସର ପୂର୍ଣ୍ଣିମା ରାତ୍ରିରେ ଦୁଇଜଣ ଉଲଗ୍ନ ହୋଇ ସାରାରାତି କୌଣସି ପଡ଼ିଆରେ ରହନ୍ତୁ, ଜଣକୁ ଶୀତ ହୋଇ ଅନ୍ୟ ଜଣକୁ ଶୀତ ନ ହେଲେ ଜାଣିବାକୁ ହେବ ଯେ ଗ୍ରହ ପ୍ରସନ୍ନ ବା କ୍ରୁର ହୋଇଛନ୍ତି ! ଗ୍ରହ ତେବେ କଣ ତୁମର ସମ୍ବନ୍ଧୀ ଅଟନ୍ତି ? ତୁମର ଡ଼ାକଦାର ସେମାନଙ୍କ ନିକଟକୁ ନିଶ୍ଚୟ ଯାତାୟତ କରୁଥିବ ! ଅଥବା ତୁମେ ସେମାନଙ୍କ ନିକଟକୁ କିମ୍ବା ସେମାନେ ତୁମ ପାଖକୁ ଯା ଆସ କରୁଥିବେ । ପ୍ରକୃତରେ ତୁମପାଖରେ ଯଦି ମନ୍ତ୍ରଶକ୍ତି ଅଛି, ତେବେ ତୁମ୍ଭେ ନିଜେ ରାଜା ବା ଧନଶାଳୀ ହୋଇଯାଉନାହଁ କାହିଁକି ? ଶତ୍ରୁମାନଙ୍କୁ ନିଜର ବଶୀଭୂତ କାହିଁକି କରି ନେଉନାହଁ ? ଈଶ୍ୱର ଓ ବେଦବିରୁଦ୍ଧ ପୋପଲୀଳାକୁ ଯେଉଁମାନେ ପ୍ରଶ୍ରୟ ଦିଅନ୍ତି ସେମାନଙ୍କୁ ନାସ୍ତିକ କୁହାଯାଏ । ତୁମକୁ ଗ୍ରହଦାନ ନଦେଇ, ଯାହା ଉପରେ ଗ୍ରହର କ୍ରୁର ଦୃଷ୍ଟି ପଡ଼ିଛି ସେ ଗ୍ରହଦାନ ଗ୍ରହଣକଲେ କ୍ଷତି କଣ ? ଯଦି ତୁମେ କହ, ନା ! ଆମକୁ କେବଳ ଦେଲେ

ଚଳିବ, ଅନ୍ୟମାନଙ୍କୁ ଦେଲେ ଚଳିବ ନାହିଁ, ତେବେ ତୁମ୍ଭେମାନେ କଣ ଗ୍ରହମାନଙ୍କର ଠିକା ନେଇଅଛ ? ଯଦି ଠିକା ନେଇଛ ତେବେ ସୂର୍ଯ୍ୟାଦି ଗ୍ରହମାନଙ୍କୁ ତୁମ୍ଭ ଘରକୁ ଡାକି ଜଳି ପୋଡ଼ି ମର । ପ୍ରକୃତ କଥା ହେଉଛି ସୂର୍ଯ୍ୟାଦି ଗ୍ରହସବୁ ଜଡ଼ ପଦାର୍ଥ । ସେମାନେ କାହାକୁ ସୁଖ ବା ଦୁଃଖ ଦେବାପାଇଁ ସକ୍ଷମ ହୋଇପାରିବେ ନାହିଁ । କିନ୍ତୁ ତୁମ୍ଭେମାନେ ଯେଉଁ ଗ୍ରହଦାନୋପଜୀବୀ ଅଛ ତୁମ୍ଭେମାନେ ସମସ୍ତେ ହେଉଛ ଗ୍ରହମାନଙ୍କର ଚଳନ୍ତି ପ୍ରତିମୂର୍ତ୍ତି । ଯେଣୁ ଗ୍ରହଶବ୍ଦର ଅର୍ଥ ତୁମଠାରେ ହିଁ ପ୍ରଯୁଜ୍ୟ ହେଉଛି । " ଯେ ଗୃହ୍ଣନ୍ତି ତେ ଗ୍ରହାଃ" ଯେଉଁମାନେ ଗ୍ରହଣ କରନ୍ତି ସେମାନେ ହେଉଛନ୍ତି ଗ୍ରହ । ଯେ ପର୍ଯ୍ୟନ୍ତ ତୁମର ପାଦ-ପଦ୍ମ କୌଣସି ରାଜା,ଜମିଦାର, ଶେଠ, ସାହୁକାର ବା ଦୀନ ଦରିଦ୍ରଙ୍କ ଘରେ ନ ପଡ଼ିଛି, ସେ ପର୍ଯ୍ୟନ୍ତ କେହି କେବେ ଗ୍ରହମାନଙ୍କୁ ସ୍ମରଣ କରନ୍ତି ନାହିଁ । ଯେତେବେଳେ ତୁମ୍ଭେମାନେ ସାକ୍ଷାତ୍ ସୂର୍ଯ୍ୟ, ଶନୈଶ୍ଚରାଦି ରୂପଧାରଣ କରି ସେମାନଙ୍କ ଉପରେ କ୍ରୁର ଦୃଷ୍ଟି ପକାଅ, ସେତେବେଳେ ସେମାନଙ୍କଠାରୁ କିଛି ଗ୍ରହଣ ନ କଲା ପର୍ଯ୍ୟନ୍ତ ସେମାନଙ୍କ ପିଛା ଛାଡ଼ ନାହିଁ । ଯେଉଁମାନେ କିଛି ଦିଅନ୍ତି ନାହିଁ ସେମାନଙ୍କୁ ନାସ୍ତିକାଦି ଶବ୍ଦ କହି ନିନ୍ଦା କରିଥାଅ ।

ପୋପ୍‌ଜୀ :- ଜ୍ୟୋତିଷର ପ୍ରତ୍ୟକ୍ଷ ଫଳକୁ ଦେଖ । ଆକାଶରେ ଅବସ୍ଥାନ କରୁଥିବା ସୂର୍ଯ୍ୟ, ଚନ୍ଦ୍ର, ରାହୁ ଓ କେତୁର ସଂଯୋଗ ରୂପକ ଯେଉଁ ଗ୍ରହଣ, ପରାଗ ହୁଏ ସେସବୁ ଗଣନାକରି ପୂର୍ବରୁ ପ୍ରକାଶ କରି ଦେଇଥାଉଁ । ଗ୍ରହଣ ଫଳ ଯେପରି ଆଖିରେ ଦେଖାଯାଉଛି, ଅନ୍ୟାନ୍ୟ ଗ୍ରହମାନଙ୍କର ଫଳ ମଧ୍ୟ ସେପରି ଦେଖାଯାଇଥାଏ । ଦେଖ ଯେ ଗ୍ରହମାନଙ୍କ ପ୍ରଭାବରୁ କେହି ଧନୀ, କେହି ଦରିଦ୍ର, କେହିରାଜା ବା ରଙ୍କ, କେହି ସୁଖୀ ତ କେହି ଦୁଃଖୀ ପ୍ରଭୃତି ହେଉଛନ୍ତି ।

ସତ୍ୟବାଦୀ :- ଏହି ଯେଉଁ ଗ୍ରହଣରୂପ ପ୍ରତ୍ୟକ୍ଷ ଫଳ ତାହା ହେଉଛି ଗଣିତ ଜ୍ୟୋତିଷର, ତା କେବେ ଫଳିତ ଜ୍ୟୋତିଷର ନୁହେଁ । ଜ୍ୟୋତିଷର ଗଣିତ ବିଦ୍ୟା ସତ୍ୟ କିନ୍ତୁ ଫଳିତ ବିଦ୍ୟା ସ୍ୱାଭାବିକ ସମ୍ବନ୍ଧଜନ୍ୟକୁ ଛାଡ଼ି ଅନ୍ୟସବୁତକ ମିଥ୍ୟା । ଯେପରି ଅନୁଲୋମ, ପ୍ରତିଲୋମ ଘୂର୍ଣ୍ଣନ ହେଉଥିବା ପୃଥିବୀ ଓ ଚନ୍ଦ୍ରର ଗଣିତଦ୍ୱାରା ସ୍ପଷ୍ଟରୂପେ ବିଦିତ ହୋଇଥାଏ ଯେ, ଅମୁକ ଦେଶରେ, ଅମୁକ ସମୟରେ, ଅମୁକ ଅବୟବରେ ସୂର୍ଯ୍ୟପରାଗ ବା ଚନ୍ଦ୍ରଗ୍ରହଣ ହେବ । ଯେପରି - **ଛାଦୟତ୍ୟର୍କମିନ୍ଦୁର୍ବିଧୁଂ ଭୂମିଭାଃ ।**

(ଗ୍ରହଲାଘବ ଚନ୍ଦ୍ରଗ୍ରହଣାଧିକାର ୪-୪)

ଏହା " ଗ୍ରହଲାଘବ " ର ବଚନ । ଏହିପରି ସିଦ୍ଧାନ୍ତ ଶିରୋମଣି, ସୂର୍ଯ୍ୟସିଦ୍ଧାନ୍ତାଦି ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ କଥିତ ହୋଇଅଛି । ଅର୍ଥାତ୍ ସୂର୍ଯ୍ୟ ଓ ପୃଥିବୀ ମଧ୍ୟକୁ ଯେତେବେଳେ ଚନ୍ଦ୍ରମା ଆସେ, ସେତେବେଳେ ସୂର୍ଯ୍ୟପରାଗ, କିନ୍ତୁ

ଯେତେବେଳେ ସୂର୍ଯ୍ୟ ଓ ଚନ୍ଦ୍ରମଧ୍ୟକୁ ପୃଥିବୀ ଆସେ, ସେ ସମୟରେ ଚନ୍ଦ୍ରଗ୍ରହଣ ହୋଇଥାଏ । କାରଣ ଚନ୍ଦ୍ରମାର ଛାୟା ପୃଥିବୀ ଉପରେ ଓ ପୃଥିବୀର ଛାୟା ଚନ୍ଦ୍ର ଉପରେ ପଡ଼େ । ସୂର୍ଯ୍ୟ ପ୍ରକାଶମାନ ହୋଇଥିବାରୁ, ତା ସମ୍ମୁଖରେ କାହାରି ଛାୟା ରହେ ନାହିଁ । କିନ୍ତୁ ଯେପରି ପ୍ରକାଶମାନ ସୂର୍ଯ୍ୟ ବା ଦୀପ ଆଗରେ ଦେହାଦି କୌଣସି ପଦାର୍ଥ ରହିଲେ, ଉକ୍ତ ପଦାର୍ଥର ଛାୟା ବିପରୀତ ଦିଗରେ ପଡ଼େ, ଗ୍ରହଣରେ ମଧ୍ୟ ଠିକ୍ ସେପରି ହୋଇଥାଏ ବୋଲି ବୁଝିନିଅ ।

ଯେଉଁମାନେ ଧନାଢ୍ୟ, ଦରିଦ୍ର, ରାଜା, ପ୍ରଜା, ଦୁଃଖୀ, ରଙ୍କୀ ପ୍ରଭୃତି ହେଉଛନ୍ତି, ସେମାନେ ନିଜ କର୍ମଫଳରୁ ହିଁ ସେପରି ହୋଇଛନ୍ତି, ଗ୍ରହ ପ୍ରଭାବରୁ ସେପରି କେହି କେବେ ହୁଅନ୍ତି ନାହିଁ । ଜ୍ୟୋତିଷକୁ ବିଶ୍ୱାସ କରୁଥିବା ଅନେକ ଲୋକ ନିଜ ନିଜ ପୁଅ ଝିଅଙ୍କ ବିବାହ ଗ୍ରହ ଗଣନାନୁସାରେ କରିଥାନ୍ତି । ତଥାପି ଦେଖିବାକୁ ମିଳେ ଯେ ସେମାନଙ୍କ ମଧ୍ୟରେ ଅନେକେ ମନାନ୍ତର, ମତାନ୍ତର, ବିଧବା ଅଥବା ମୃତଦାର ହୋଇଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି । ଫଳିତ ଜ୍ୟୋତିଷ ଯଦି ସତ୍ୟ ହୋଇଥାନ୍ତା, ତେବେ ଏସବୁ କଦାପି ଘଟନ୍ତା ନାହିଁ । ଏଣୁ କର୍ମର ଗତି ସତ୍ୟ ଓ ଗ୍ରହମାନଙ୍କର ଗତି ସୁଖ-ଦୁଃଖ ଭୋଗ କରିବାର କାରଣ କେବେ ହୋଇ ନ ପାରେ । ଗ୍ରହଗୁଡ଼ିକ ଆକାଶରେ ଅବସ୍ଥିତ, ଗ୍ରହମାନଙ୍କଠାରୁ ପୃଥିବୀ ବହୁ ଦୂରରେ ଅବସ୍ଥିତ, କର୍ତ୍ତା ଓ କର୍ମସହିତ ସେମାନଙ୍କରକୌଣସି ସମ୍ପର୍କ ନାହିଁ । କେବଳ ଜୀବ ହେଉଛି କର୍ମ ଓ କର୍ମଫଳର କର୍ତ୍ତା, ଭୋକ୍ତା ସବୁକିଛି । ପୁଣି ଈଶ୍ୱରଙ୍କ ନିୟମାନୁସାରେ ଜୀବ ନିଜର କର୍ମଫଳ ଭୋଗକରେ । ଗ୍ରହଫଳ ତୁମେ ଯଦି ମାନୁଛ, ତେବେ କହଦେଖି, କୌଣସି ମନୁଷ୍ୟ ଜାତ ହେବାସମୟରେ, ଯାହାକୁ ତୁମେ "ଧ୍ରୁବାବୃତ୍ତି" ବିଚାର କରି ଜାତକ ତିଆରି କରୁଛ, ସେତେବେଳେ ଏହି ସଂସାରରେ ଅନ୍ୟତ୍ର ଅନ୍ୟ କୌଣସି ମନୁଷ୍ୟ ଜାତ ହେଉଛି କି ନାହିଁ ? ଉତ୍ତରରେ ଯଦି କୁହ " ନାହିଁ " ତେବେ ତାହା ମିଥ୍ୟା । ଯଦି କହୁଅଛି ତେବେ ଜଣେ ଚକ୍ରବର୍ତ୍ତୀ ସ୍ୱରୂପ ଅନ୍ୟମାନେ କାହିଁକି ଚକ୍ରବର୍ତ୍ତୀ ହୋଇପାରନ୍ତି ନାହିଁ । ହଁ, ଯଦି କହିବ ପେଟ ପୋଷିବାପାଇଁ ଆମେ ଏ ଲୀଳା ସୃଷ୍ଟି କରିଛୁ, ତେବେ ଆମେ ତାକୁ ସହର୍ଷ ସ୍ୱୀକାର କରିବୁ ।

ପ୍ରଶ୍ନ :- ତେବେ କଣ ଗରୁଡ଼ ପୁରାଣ ମିଥ୍ୟା ?

ଉତ୍ତର :- ହଁ, ଅବଶ୍ୟ ମିଥ୍ୟା ।

ପ୍ରଶ୍ନ :- ମୃତ୍ୟୁପରେ ଜୀବର କି ଗତି ହୁଏ ?

ଉତ୍ତର :- ସେ ନିଜ କର୍ମଫଳ ଭୋଗ କରେ ।

ପ୍ରଶ୍ନ :- ରାଜା ଯମରାଜ, ଚିତ୍ରଗୁପ୍ତ ମନ୍ତ୍ରୀ, ଓ କଜ୍ଜଳ ପର୍ବତ ସଦୃଶ ଶରୀରଧାରୀ

ଭୟଙ୍କର ଯମଦୂତଗଣ, ଜୀବକୁ ଧରି ନେଇଯାଆନ୍ତି । ପାପ, ପୁଣ୍ୟ ଅନୁସାରେ ତାକୁ ନରକ ବା ସ୍ୱର୍ଗରେ ପକାଇ ଦିଅନ୍ତି । ସେହି ମୃତ ଜୀବ ସକାଶେ ଦାନ, ପୁଣ୍ୟ, ଶ୍ରାଦ୍ଧ, ତର୍ପଣ ଓ ତଦ୍ ବୈତରଣୀ ନଦୀ ପାରି ହେବା ସକାଶେ ଗୋଦାନ କରାଯାଏ । ଏସବୁ କଣ ମିଥ୍ୟା ହୋଇପାରେ ?

ଉତ୍ତର :- ଏ ସବୁକଥା ପୋପ୍‌ମାନଙ୍କର ବାହାପିଆକଥା । ଅନ୍ୟସ୍ଥାନରୁ ଜୀବମାନେ ଯମ ଭୁବନକୁ ଗଲେ ଯମ ଓ ଚିତ୍ରଗୁପ୍ତ ସେମାନଙ୍କର ବିଚାର କରନ୍ତି । ତେବେ ଯମଲୋକର କୌଣସି ଜୀବ ଯଦି ପାପ କରେ ତାର ବିଚାରପାଇଁ ଅନ୍ୟ ଏକ ଯମଲୋକ ରହିବା ଏକାନ୍ତ ଆବଶ୍ୟକ । ସେଠାକାର ନ୍ୟାୟଧୀଶ ସେମାନଙ୍କ ନ୍ୟାୟ ବିଚାର କରିବେ । ଯମଦୂତଙ୍କ ଶରୀର ପର୍ବତାକାର ଥିବାବେଳେ ସେମାନଙ୍କ ଶରୀର ଦେଖାଯାଏ ନାହିଁ କାହିଁକି ? ମୃତ ବ୍ୟକ୍ତି ପଡ଼ିଥିବା ଘରର କ୍ଷୁଦ୍ର ଦ୍ୱାରବାଟେ କୌଣସି ଯମଦୂତର ଛୋଟ ଅଙ୍ଗୁଳିଟିଏ ସୁଦ୍ଧା ପଶି ପାରିବ ନାହିଁ । ରାସ୍ତାର ଗଳିମାନଙ୍କରେ ସେମାନେ ତ ଅଟକି ଯାଉଥିବେ । ଯଦି କୁହ, ସେମାନେ ସୂକ୍ଷ୍ମ ଶରୀର ଧାରଣ କରୁଥିବେ, ତେବେ ସେମାନେ ତାଙ୍କ ପର୍ବତ ଭଳି ଶରୀର ଓ ହାଡ଼ ଗୋଡ଼ ଗୁଡ଼ାକୁ କଣ ପୋପ୍‌ମାନଙ୍କ ଘରେ ରଖିଦେଇ ଯାଉଥିବେ ? । ଜଙ୍ଗଲରେ ନିଆଁ ଯେତେବେଳେ ଲାଗିଯାଏ ତହିଁରେ ପିମ୍ପୁଡ଼ି ଆଦି ଅସଂଖ୍ୟ ଜୀବଜନ୍ତୁ ମରିଯାଆନ୍ତି । ସେମାନଙ୍କୁ ନେବାପାଇଁ ଅସଂଖ୍ୟ ଯମ ଦୂତ ନିଶ୍ଚୟ ଆସୁଥିବେ । ସେତେବେଳେ ଦଶଦିଗ ଅନ୍ଧାର ହୋଇଯାଉଥିବ । ପର୍ବତର ଶିଖର ପ୍ରଦେଶରୁ ବଡ଼ ବଡ଼ ପଥର ଖଣ୍ଡ ଖସି ଭୂମିରେ ଯେପରି ପଡ଼େ, ସେହିପରି ଯମଦୂତଗଣଙ୍କ ପର୍ବତାକାର ଅବୟବମାନ ଗରୁଡ଼ ପୁରାଣ ପଢ଼ା ଶୁଣା କରୁଥିବା ଲୋକଙ୍କ ଘର ଅଗଣାରେ ଆସି ପଡୁଥିବ । ସେହି ଅବୟବ ଗୁଡ଼ିକର ତଳେ ଚାପିହୋଇ ଗୃହସ୍ଥ ଲୋକେ ମରିଯାଉଥିବେ । ପୁଣି ଘର-ଦ୍ୱାର ଓ ସଡ଼କ ରାସ୍ତାଘାଟସବୁ ସେମାନଙ୍କଦ୍ୱାରା ରୁଦ୍ଧ ହୋଇଯାଉଥିବ । ତାହେଲେ ଲୋକେ ଘରୁବାହାରି କୁଆଡ଼େ ଯାତାୟତ କରିପାରୁ ନ ଥିବେ । ଶ୍ରାଦ୍ଧ, ତର୍ପଣ, ପିଣ୍ଡପ୍ରଦାନ ପ୍ରଭୃତିର କୌଣସି ସାମଗ୍ରୀ ମୃତ ବ୍ୟକ୍ତି ନିକଟକୁ ନ ଯାଇ, ତାଙ୍କର ପ୍ରତିନିଧି ସେହି ପୋପଙ୍କ ଘରେ ଏବଂ ସେମାନଙ୍କ ଉଦରରେ ପ୍ରବେଶ କରେ । ବୈତରଣୀ ପାର ହେବାପାଇଁ ଯେଉଁ ଗୋଦାନ କରାଯାଏ, ତାହା ପୁରୋହିତଙ୍କ ଘର ନଦୁବା କସେଇ ଖାନାକୁ ଯାଏ । ମୃତ ବ୍ୟକ୍ତିର ହାଡ ଗୋଡ଼ ପୋତାହୋଇଥାଏ ବା ପୋଡ଼ାଯାଇଥାଏ । ଗାଈ ଲାଙ୍ଗୁଡ଼ ଧରି କିପରି ସେ ନଦୀ ପାର ହୋଇପାରିବ ? ଏହି ବୈତରଣୀ ଗୋଦାନର ଦୃଷ୍ଟାନ୍ତ ସ୍ୱରୂପ ଏକ କାହାଣୀ ଅବତାରଣା କରାଯାଉଛି ।

ଜଣେ ଜାଠ ଥିଲା, ତା ପାଖରେ ଏକ ଦୁଧିଆଳୀ ସୁନ୍ଦର ଗାଈ ଥିଲା । ଦୈନିକ ସେ କୋଡ଼ିଏ ସେର କ୍ଷୀର ଦିଏ । କେବେ କେବେ ସେହି ସ୍ୱାଦିଷ୍ଟ କ୍ଷୀର ପୁରୋହିତଙ୍କୁ ପିଇବାପାଇଁ ଦିଆଯାଏ । ପୁରୋହିତଙ୍କ ଲୋଭଜାତ ହେଲା । ସେ ମନେମନେ ବିଚାରିଲେ ଏହାର ବୁଢ଼ାବାପ ଯେଉଁଦିନ ମରିବ, ସେହିଦିନ ମୁଁ ଏହି ଗାଈକୁ ଗୋଦାନରେ ସଙ୍କଳ୍ପ କରାଇ ନେଇଯିବି । ଦୈବଯୋଗକୁ କିଛିଦିନପରେ ତା ବାପର ମୃତ୍ୟୁ ସମୟ ଆସି ପହଞ୍ଚିଲା । କଥାବାର୍ତ୍ତା ବନ୍ଦ ହୋଇଗଲା ।ଅନ୍ତିମ ସମୟ ବିଚାରି, ତାକୁ ଖଟରୁ ଓହ୍ଲାଇ ତଳେ ବିଛଣା କରି ଶୁଆଇ ଦେଲେ । ଜାଠର ସମ୍ପର୍କୀୟ ବନ୍ଧୁବାନ୍ଧବ ସମସ୍ତେ ଆସି ଉପସ୍ଥିତ ହେଲେ । ପୁରୋହିତଙ୍କୁ ଡକାଗଲା । ପୁରୋହିତ କାଳବିଳମ୍ବ ନ କରି କହିଲେ ଆଉ ବିଳମ୍ବ କର ନାହିଁ, ଏବେ ବାପାଙ୍କ ହାତରେ ଗୋଦାନ କରାଇ ଦିଅ । ଜାଠ ଗାଈପାଇଁ ଦଶଟଙ୍କା ଆଣି ବାପାଙ୍କ ହାତରେ ଦେଇ ପୁରୋହିତଙ୍କୁ କହିଲା ସଙ୍କଳ୍ପ କରି ଦିଅନ୍ତୁ । ପୁରୋହିତ କହିଲେ ଆରେ ବାଃ ! ଏପରି କଣ ଗୋଦାନ କରାଯାଏ ? ତୋ ବାପା ସତରେ କଣ ଆଉଥରେ ମରିବେ ? ଏହା ହେଉଛି ଉପଯୁକ୍ତ ସମୟ, ବୁଢ଼ୀହୋଇନ ଥିବ, କ୍ଷୀର ଦେଉଥିବ, ବାଛୁରୀ ଲାଗିଥିବ, ଉତ୍ତମ ଲକ୍ଷଣ ଯୁକ୍ତ ହୋଇଥିବ, ଏହିପରି ଗାଈଟିଏ ଦାନ କରାଯାଏ । ସେ କହିଲା ମୋ ପାଖରେ ଗୋଟିଏ ମାତ୍ର ଗାଈ ଅଛି । ତାକୁ ଦାନ କଲେ ମୋ ପରିବାରର ଗୁଜୁରାଣ ଚଳିବ ନାହିଁ ।ତାକୁ ଦେଇପାରିବି ନାହିଁ । ଆଉ ଦଶ ଟଙ୍କା ନିଅ । କୋଡ଼ିଏ ଟଙ୍କାରେ ଏକ ଦୁଧିଆଳୀ ଗାଈ କିଣି ଆଣିବ ।

ପୁରୋହିତ :- ଆରେ ହେ ! ତୋ ବାପାଠାରୁ ଗାଈଟା ତେବେ କଣ ଅଧିକ ? ବୈତରଣୀ ନଦୀରେ ତୋ ବାପକୁ ବୁଡ଼ାଇଦେଇ ଦୁଃଖ ଦେବାକୁ ଚାହୁଁଛୁ ? ତେବେ ତୁ ବାପର ଯୋଗ୍ୟ ପୁତ୍ର ନୋହୁ । ପରିବାରର ସମସ୍ତେ ଓ ବନ୍ଧୁବାନ୍ଧବମାନେ ମଧ୍ୟ ପୁରୋହିତଙ୍କ କଥାକୁ ଦୃଢ଼ ସମର୍ଥନ କଲେ । କାରଣ ପୁରୋହିତ ସେମାନଙ୍କୁ ଆଗରୁ କହିପୁଛି ଆପଣାର କରି ନେଇଥିଲା । ମଉକା ଦେଖି ପୁରୋହିତ ସେମାନଙ୍କୁ ଠାରି ଦେଲା । ସମସ୍ତଙ୍କ ପରାମର୍ଶରେ ଜାଠ ବାଧ୍ୟହୋଇ ଗାଈ, ବାଛୁରୀ ଏପରିକି ଦୁଧଦୁହାଁ ପାତ୍ର ମଧ୍ୟ ଦାନ କରିଦେଲା ।ବାପ ବିଦା ନେଇ ଆର ପୁରକୁ ଚାଲିଗଲେ । ଗାଈ, ବାଛୁରୀ ଓ ଦୁଧଦୁହାଁ ପାତ୍ର ଘେନି ପୁରୋହିତ ନିଜ ଘରକୁ ଗଲେ । ଗାଈ, ବାଛୁରୀକୁ ଘରେ ବାନ୍ଧି ଦେଇ ଦୁଧପାତ୍ରକୁ ରଖିଦେଇ ଆସିଲେ । ଶବ ସହିତ ଶ୍ମଶାନକୁ ଯାଇ ଦାହକ୍ରିୟା କରାଇ, ପରେ ଦଶପାତ୍ର ସପିଣ୍ଡୀ କରଣ ପ୍ରଭୃତି ନାନା ପ୍ରପଞ୍ଚ କରି ଅନେକ ସାମଗ୍ରୀ, ଦାନ, ଦକ୍ଷିଣା ଭଣ୍ଡି ନେଲେ । ପ୍ରେତ ବ୍ରାହ୍ମଣମାନେ ମଧ୍ୟ ଆସି ଜାଠଠାରୁ ଦହି,ଚୁଡ଼ା, ଉଖୁଡ଼ା, ନୂତନ ବସ୍ତ୍ର, ଦକ୍ଷିଣା ପ୍ରଭୃତି ଯେ ଯାହାର ନେଇଗଲେ । ଏହିସବୁ କ୍ରିୟା କର୍ମକାଣ୍ଡ ଲାଗିଥିବା ତେର ଦିନ ପର୍ଯ୍ୟନ୍ତ ସେହି ଜାଠ ସାହି ପଡ଼ିଶା ଘରୁ କିଛି

କିଛି କ୍ଷୀର ମାଗିଆଣି ପିଲାଛୁଆଙ୍କ ମୁହଁରେ ଦେଉଥିଲା । ଚତୁର୍ଦ୍ଦଶ ଦିନ ସକାଳୁ ଉଠିବାମାତ୍ରେ ଜାଠ ପୁରୋହିତଙ୍କ ଘରକୁ ଗଲା । ଦେଖିଲା ପୁରୋହିତ ବାଲଟିଏ କ୍ଷୀର ଦୁହିଁ ହସ ହସ ମୁଖରେ ଫେରୁଛନ୍ତି । ପୁରୋହିତ କହିଲେ ---- କିହୋ ଯଜମାନ ! ଆସିଲ, ବସ, ବସ । କ୍ଷୀରତକ ରଖିଦେଇ ଏଇନେ ମୁଁ ଆସୁଛି । ଜାଠ କହିଲା ---- ନା ପୁରୋହିତେ ! କ୍ଷୀରପାତ୍ରକୁ ଧରି ତୁମେ ଆଜ ଏଣେ ଆସ । ପୁରୋହିତ ବାଧ୍ୟ ହୋଇ କ୍ଷୀରପାତ୍ରକୁ ନେଇ ଯଜମାନ ନିକଟରେ ବସିଲେ ।

ଜାଠ :- ପୁରୋହିତେ ! ସତରେ ତୁମେ ବଡ଼ ମିଥ୍ୟାବାଦୀ ।

ପୁରୋହିତ :- ମୁଁ କେବେ କଣ ମିଛ କହିଛି ?

ଜାଠ :- ତେବେ କହିଲଦେଖି, ତୁମେ ମୋଠାରୁ କାହିଁକି ଗାଈ ଆଣିଥିଲ ?

ପୁରୋହିତ :- ତୁମ ବାପାଙ୍କୁ ବୈତରଣୀ ନଦୀ ପାର କରାଇ ଦେବାପାଇଁ ।

ଜାଠ :- ତେବେ ତୁମେ ସେହି ଗାଈକୁ ବୈତରଣୀ କୂଳକୁ କାହିଁକି ପଠାଇ ଦେଲ ନାହିଁ ? ତୁମ କଥାକୁ ବିଶ୍ୱାସ କରି ଆମେ ରହିଲୁ । ତୁମେ ଏଣେ ଗାଈକୁ ବାନ୍ଧି ଘରେ ରଖିଛ । ମୋ ବାପା ବୈତରଣୀ ପାର ହୋଇ ନପାରି ତେଣେ କେତେ କଷ୍ଟ ଭୋଗ କରୁନଥିବେ ?

ପୁରୋହିତ :- ନା,ନା ସେପରି ଭାବ ନାହିଁ । ତୁମର ଏହି ଗୋଦାନର ପୁଣ୍ୟ ପ୍ରଭାବରେ ସେଠାରେ ଅନ୍ୟ ଏକ ଗାଈ ଜାତହୋଇ ତୁମ ପିତାଙ୍କୁ ବୈତରଣୀ ପାର କରିଦେଇ ଥିବ

ଜାଠ :- ବୈତରଣୀ ନଦୀ ଏଠାରୁ କେଉଁଦିଗରେ ଓ କେତେ ଦୂରରେ ଅଛି ?

ପୁରୋହିତ :- ଅନୁମାନ ତିରିଶି କୋଟି କୋଶ ହୋଇପାରେ । କାରଣ ପୃଥିବୀ ହେଉଛି ଅଣଚାଶ କୋଟି ଯୋଜନ । ଦକ୍ଷିଣ ଓ ନୈଋତ କୋଣରେ ବୈତରଣୀ ନଦୀ ପ୍ରବାହିତ ।

ଜାଠ :- ଅହୋ ! ଏତେ ଦୂର । ତେବେ ତୁମେ ନିଶ୍ଚୟ ସେଠାକୁ ପତ୍ର ପଠାଇଥିବ, ବା ତାର କରିଥିବ । ଗୋଦାନ ପୁଣ୍ୟ ଫଳରେ ସେଠାରେ ଏକ ଗାଈଜାତ ହୋଇ, ଅମୁକ ଲୋକର ବାପା ଅମୁକ ଲୋକକୁ ଅମୁକ ସମୟରେ ବୈତରଣୀ ନଦୀ ପାରକରି ଦିଆଯାଇଛି, ଏହି ମର୍ମରେ ତୁମ ପାଖକୁ ନିଶ୍ଚୟ ଉତ୍ତର ଆସିଥିବ । କାହିଁ, ସେ ଉତ୍ତର ମୋତେ ଟିକିଏ ଦେଖାଇଲ ।

ପୁରୋହିତ :- ସେପରି କୌଣସି ତାର କରାଯାଏ ନାହିଁ ବା ପତ୍ର ପଠାଯାଏ ନାହିଁ । ଗରୁଡ଼ ପୁରାଣ ଆମ ନିକଟରେ ଅଛି । ତହିଁରେ ଏସବୁର ପ୍ରମାଣ ରହିଛି ।

ଜାଟ :- ତୁମର ସେହି ଗରୁଡ଼ ପୁରାଣ କିଏ ଲେଖିଛି ? ତାକୁ ସତ୍ୟ ବୋଲି ମୁଁ କିପରି ବିଶ୍ୱାସ କରିବି ?

ପୁରୋହିତ :- ସେହି ପୁରାଣକୁ ମୁନିଋଷି ମାନେ ଲେଖିଛନ୍ତି । ସମସ୍ତ ଲୋକ ଯେପରି ମାନୁଛନ୍ତି, ତୁମେ ମଧ୍ୟ ସେହିପରି ମାନିବ ।

ଜାଟ :- ତୁମର ଜୀବିକା ନିର୍ବାହପାଇଁ ତୁମର ପୂର୍ବପୁରୁଷମାନେ ଏହାକୁ ଲେଖିଛନ୍ତି । ପୁତ୍ର ବ୍ୟତୀତ ପିତାର ଅନ୍ୟକେହି ପ୍ରିୟ ଦୁନିଆଁରେ ନାହାନ୍ତି । ମୋ ବାପା ଯେଉଁଦିନ ମୋ ନିକଟକୁ ତାର କରିବେ ବା ଚିଠି ପଠାଇବେ, ସେହି ଦିନ ଗାଈକୁ ନେଇ ମୁଁ ବୈତରଣୀ କୂଳରେ ପହଞ୍ଚାଇଦେବି । ତାପରେ ବାପାଙ୍କୁ ନଦୀ ପାର କରାଇ ଗାଈକୁ ପୁଣି ଘରକୁ ଲେଉଟାଇଆଣିବି । ପୂର୍ବପରି ମୁଁ ଏବଂ ମୋର ପିଲାଛୁଆ ଆରାମରେ କ୍ଷୀର ଖାଇବୁ । ସେ ଗାଈରେ ତୁମର ସାମାନ୍ୟମାତ୍ରାରେ ମଧ୍ୟ ଅଧିକାର ନାହିଁ ।ଏହାକହି ଜାଟ ଘରଭିତରୁ ଗାଈ ଓ ବାଛୁରୀକୁ ଫିଟାଇ, କ୍ଷୀରପାତ୍ରକୁ ନେଇ ନିଜ ଘରକୁ ଚାଲିଗଲା ।

ପୁରୋହିତ :- ତୁ ଦାନ କରିଥିବା ପଦାର୍ଥକୁ ହରଣ କରୁଛୁ, ତୋର ସର୍ବନାଶ ହେବ ।

ଜାଟ :- ଚୁପ୍‌ଚାପ୍ ରହ ! ତେର ଦିନ ଧରି ଦୁଧ ଟୋପାଏ ନ ପାଇ, ମନରେ ଯେଉଁ ରାଗ ଅଛି, ସେ ସବୁ ବର୍ତ୍ତମାନ ତୋ ଉପରେ ଛଡ଼ାଇ ଦେବି । ତାପରେ ପୁରୋହିତ ତୁନିହୋଇ ରହିଲେ । ଜାଟ ଗାଈ, ବାଛୁରୀ ନେଇ ଆନନ୍ଦରେ ନିଜ ଘରକୁ ଚାଲିଗଲା ।

ଏହି ଜାଟ ଭଳି ଅନ୍ୟ ସମସ୍ତେ ଯଦି ହୋଇଯାଆନ୍ତେ, ତେବେ ସଂସାରରୁ ପଣ୍ଡା, ପୁରୋହିତମାନଙ୍କ ଖେଳ, ଲୀଳା ଶେଷ ହୋଇଯାଆନ୍ତା । ପୁରୋହିତମାନେ କହିଥାନ୍ତି, ପ୍ରେତ ଦେହର ଦଶ ଭାଗରେ ଦଶଟି ପିଣ୍ଡ ଦେଲେ ତାହାର ଦଶ ଅଙ୍ଗ ହୁଏ । ପୁଣି ସପିଣ୍ଡୀ କରଣରେ ଶରୀର ସହିତ ଜୀବର ମିଳନ ହୋଇ, ଅଙ୍ଗୁଷ୍ଠମାତ୍ର ଶରୀର ନିର୍ମିତ ହୋଇ ପରେ ପରେ ଯମଲୋକକୁ ଯାତ୍ରା କରେ । ଯଦି ଏହା ସତ୍ୟ ତେବେ ମୃତ୍ୟୁ ସମୟରେ ଯମଦୂତମାନଙ୍କର ଆସିବା ଅନାବଶ୍ୟକ । ତ୍ରୟୋଦଶ ଦିବସପରେ ଆସିବା ଆବଶ୍ୟକ । ଯଦି ସପିଣ୍ଡୀକରଣଦ୍ୱାରା ଜୀବ ଶରୀର ଧାରଣ କରୁଥାନ୍ତା, ତେବେ ନିଜର ସ୍ତ୍ରୀ, ସନ୍ତାନସନ୍ତତି ଇଷ୍ଟମିତ୍ରଙ୍କ ଲୋଭ ମୋହରେ ଜୀବ କାହିଁକି ଫେରିଆସନ୍ତା ନାହିଁ ?

ପ୍ରଶ୍ନ :- ସ୍ୱର୍ଗରେ କିଛି ମିଳେ ନାହିଁ । ଏଠାରେ ଯାହା କିଛି ଦାନ କରାଯାଏ, ସେସବୁ ସେଠାରେ ପହଞ୍ଚେ ଓ ମୃତ ବ୍ୟକ୍ତିକୁ ମିଳେ । ଏଥିପାଇଁ ସବୁକିଛି ଦାନ କରିଦେବା ଉଚିତ ।

ଉତ୍ତର :- ତେବେ ତୁମର ସେହି ସ୍ୱର୍ଗଠାରୁ ଏ ମର୍ତ୍ତ୍ୟଲୋକ ଭଲ । ଏଠାରେ ଧର୍ମଶାଳା ଅଛି, ଲୋକେ ଦାନ ଦେଉଛନ୍ତି । ବନ୍ଧୁ ବାନ୍ଧବ ଓ ଜାତିଲୋକଙ୍କୁ ନିମନ୍ତ୍ରଣ କରି ଖାଇବାକୁ ଦିଅନ୍ତି, ଉତ୍ତମରୁ ଉତ୍ତମ ବସ୍ତ୍ର ମିଳୁଛି । ତୁମ କହିବା ଅନୁସାରେ ସ୍ୱର୍ଗରେ ଯଦି କିଛି ମିଳେ ନାହିଁ, ତେବେ ସେହି ନର୍ଦ୍ଦୟ, ନିଷ୍ଠୁର, କୃପଣ, କାଙ୍ଗାଳ ସ୍ୱର୍ଗକୁ ପଣ୍ଡା ପୁରୋହିତମାନେ ଯାଇ କଷ୍ଟ ଭୋଗ କରନ୍ତୁ, ଖରାପ ହୁଅନ୍ତୁ । ସେଠାକୁ ଉତ୍ତମ ଲୋକମାନଙ୍କର ଯିବାର କି ଆବଶ୍ୟକତା ଅଛି ?

ପ୍ରଶ୍ନ :- ଯଦି ତୁମ୍ଭେ କହିବା ଅନୁସାରେ ଯମଲୋକ ନାହିଁକି ଯମ ମଧ୍ୟ ନାହାନ୍ତି, ତେବେ ଜୀବ ମୃତ୍ୟୁ ପରେ କୁଆଡ଼େ ଯାଏ ? ପୁଣି ତାର ନ୍ୟାୟ କିଏ କରେ ?

ଉତ୍ତର :- ତୁମ ଗରୁଡ଼ପୁରାଣର ଉକ୍ତି ମିଥ୍ୟା ବ୍ୟତୀତ ଅନ୍ୟ କିଛି ନୁହେଁ । କିନ୍ତୁ ସେ ସଂପର୍କରେ ବେଦରେ ଯାହା କଥିତ ହୋଇଛି, ତାହାହିଁ ସତ୍ୟ ।

" ଯମେନ । ବାୟୁନା । ସତ୍ୟ ରାଜନ୍ "

(ଋଗ୍ ବେଦ ୧-୧୬୩-୨ , ଅଥର୍ବ ୪-୩୯-୪ ଯଜୁ ୨୦-୪)

ଏସବୁ ବେଦ ବାକ୍ୟରୁ ଜଣାଯାଉଛି ଯେ, ବାୟୁର ନାମ ହେଉଛି ଯମ । ଜୀବ ଶରୀରକୁ ତ୍ୟାଗକରି ବାୟୁ ସହିତ ଯାଇ ଅନ୍ତରିକ୍ଷରେ ରହେ । ପୁଣି ସତ୍ୟକର୍ତ୍ତା, ପକ୍ଷପାତ ରହିତ ପରମାତ୍ମା ହେଉଛନ୍ତି "ଧର୍ମରାଜ" । ସେ ହିଁ ହେଉଛନ୍ତି, ସମସ୍ତଙ୍କର ନ୍ୟାୟକର୍ତ୍ତା ।

ପ୍ରଶ୍ନ :- ତୁମ୍ଭ କହିବା ଅନୁସାରେ ଗୋଦାନାଦି ଦାନ କାହାକୁ ନ ଦେବା, ଓ କୌଣସି ଦାନ-ପୁଣ୍ୟ ନକରିବା, ଏହାହିଁ ସିଦ୍ଧ ହେଉଛି ।

ଉତ୍ତର :- ତୁମର ଏପରି କହିବା ସର୍ବଥା ନିରର୍ଥକ ଅଟେ । କାରଣ ସତ୍‌ପାତ୍ର, ପରୋପକାରୀମାନଙ୍କୁ ପରୋପକାରପାଇଁ ସୁନା, ରୁପା, ହୀରା, ମୋତି, ମାଣିକ୍ୟ, ଅନ୍ନ, ଜଳ, ବସ୍ତ୍ର, ଭୂମି, ଗାଈ ପ୍ରଭୃତି ଦାନ କରିବା ଅବଶ୍ୟ କର୍ତ୍ତବ୍ୟ, କିନ୍ତୁ କଦାପି କୁପାତ୍ରରେ ଦେବା ଉଚିତ ନୁହେଁ ।

ପ୍ରଶ୍ନ:- କୁପାତ୍ର ଓ ସୁପାତ୍ରର ଲକ୍ଷଣ କ'ଣ ?

ଉତ୍ତର :- ଯିଏ ଛଳନାକାରୀ, କପଟୀ, ସ୍ୱାର୍ଥୀ, ବିଷୟାସକ୍ତ, କାମୁକ, କ୍ରୋଧୀ, ମୋହଯୁକ୍ତ, ପରର ଅନିଷ୍ଟକାରୀ, ଲମ୍ପଟୀ, ମିଥ୍ୟାବାଦୀ, ଅବିଦ୍ୱାନ୍, କୁସଙ୍ଗୀ, ଆଳସ୍ୟପରାୟଣ, ଦାତାଙ୍କୁ ଯେ ବାରମ୍ବାର ମାଗେ, ଦ୍ୱାରଦେଶରେ ଧାରଣାଦେଇ ବସିରହେ ଓ ବିରକ୍ତ କରେ, ନ ଦେବା ଲୋକର ନିନ୍ଦାକାରୀ, ଅଭିଶାପ ଦାତା, ସେବାକାରୀ ସେବାରେ ସାମାନ୍ୟ ଅବହେଳା କଲେ ତାକୁ ଶତ୍ରୁ ବୋଲି ବିଚାରୁଥିବା ବ୍ୟକ୍ତି ସମସ୍ତଙ୍କୁ ଫୁସୁଲାଫୁସୁଲି କରି ନିଜର ସ୍ୱାର୍ଥ ସିଦ୍ଧିକାରୀ, ଲୋଭର ବଶବର୍ତ୍ତୀ ହୋଇ ଭିକ୍ଷା ବୃତ୍ତିକୁ ସର୍ବଦା ଗ୍ରହଣ କରୁଥିବା ବ୍ୟକ୍ତି, ମାଦକଦ୍ରବ୍ୟ ସେବନକାରୀ, ଉନ୍ମତ୍ତ, ସତ୍ୟମାର୍ଗର ବିରୋଧକରି କୁମାର୍ଗରେ ନିଜର ସ୍ୱାର୍ଥସାଧନକାରୀ ନିଜର ଚେଲାଙ୍କୁ କେବଳ ନିଜର ସେବାକରିବାପାଇଁ କହିବା, ଅନ୍ୟାନ୍ୟ ଯୋଗ୍ୟବ୍ୟକ୍ତିଙ୍କ ସେବାକରିବାପାଇଁ ମନାକରିବା, ପୁରୋହିତ ହୋଇ ଯଜମାନଙ୍କୁ ଠକେ, ପୁଣି ଯେ ସଦ୍‌ବିଦ୍ୟାର ବିରୋଧୀ ହୋଇ ଅବିଦ୍ୟାର ପ୍ରଚାର କରେ, ଜଗତ୍ ମିଥ୍ୟାବୋଲି ଉପଦେଶ ଦିଏ, ସ୍ତ୍ରୀ, ପୁରୁଷ, ପିତା, ମାତା, ସନ୍ତାନ, ରାଜା, ପ୍ରଜା, ଇଷ୍ଟମିତ୍ରଙ୍କ ପ୍ରତି ଅପ୍ରୀତି ଜାତ କରାଏ, ଏପରି ଲୋକଙ୍କୁ କୁପାତ୍ର କହନ୍ତି ।

ଯେ ବ୍ରହ୍ମଚାରୀ, ଜିତେନ୍ଦ୍ରିୟ, ଶାନ୍ତ, ସୁଶୀଳ, ସତ୍ୟବାଦୀ, ନିଷ୍କପଟ, ଈର୍ଷା, ରାଗ, ଦ୍ୱେଷଶୂନ୍ୟ, ଦୁଷ୍ଟାଚାର ରହିତ, ଗମ୍ଭୀରାଶୟ, ଉଦାର, ଉତ୍ସାହୀ, ନିର୍ଭୀକ, ଉଦ୍ୟମୀ, ପରୋପକାରୀ ଯୋଗୀ, ଜ୍ଞାନୀ, ଧାର୍ମିକ, ସତ୍‌ପୁରୁଷ, ବେଦ ଅଧ୍ୟୟନ ଓ ଅଧ୍ୟାପନକାରୀ, ସତ୍ୟୋପଦେଷ୍ଟା, ବିଦ୍ୟୋନ୍ନତି, ସାଧନ ଓ ଧର୍ମ ପ୍ରଚାର ପ୍ରୟାସୀ ହୁଅନ୍ତି, ସୃଷ୍ଟିକ୍ରମ- ବେଦାଦେଶ, - ଈଶ୍ୱରଙ୍କ ଗୁଣ-କର୍ମ ଓ ସ୍ୱଭାବ ଅନୁକୂଳ କର୍ମ କରନ୍ତି, ନିନ୍ଦାସ୍ତୁତିରେ ଉଦାସୀନ ରହନ୍ତି, ମିଥ୍ୟାସ୍ତାବକ ନୁହନ୍ତି, ପକ୍ଷପାତ ରହିତ ହୋଇ ନ୍ୟାୟ କରନ୍ତି, ଯେକୌଣସି ପ୍ରଶ୍ନର ଯଥାର୍ଥ ଉତ୍ତର ଦିଅନ୍ତି, ଶଠତା, ଦୁରାଗ୍ରହ ଓ ଅଭିମାନ କରନ୍ତି ନାହିଁ, ଅପମାନରେ ପ୍ରସନ୍ନ ସମ୍ମାନରେ ବିରକ୍ତ, ପୁଣି ସର୍ବଦା ସନ୍ତୁଷ୍ଟ ରହନ୍ତି, ପ୍ରୀତିରେ ଯେ ଯାହା ଦେବ ତହିଁରେ ସନ୍ତୁଷ୍ଟ ହୁଅନ୍ତି, ଅଭାବ ଅନାଟନ, ଓ ଆପଦ ବିପଦ ସମୟରେ ଥରେମାତ୍ର ମାଗି ନ ପାଇଲେ ଦୁଃଖିତ ବା ରୁଷ୍ଟ ହୁଅନ୍ତି ନାହିଁ, ସୁଖୀ ପ୍ରତି ପ୍ରୀତ ଏବଂ ଦୁଃଖୀପ୍ରତି ଦୟା ପ୍ରଦର୍ଶନ କରନ୍ତି, ପୁଣ୍ୟାତ୍ମାର ମେଳରେ ଆନନ୍ଦିତ ହୁଅନ୍ତି, ପାପୀକୁ ଉପେକ୍ଷା କରନ୍ତି, କିନ୍ତୁ ତାପ୍ରତି ଦ୍ୱେଷଭାବ ପୋଷଣ କରନ୍ତି ନାହିଁ, କାୟମନୋବାକ୍ୟରେ ସତ୍ୟରକ୍ଷା କରନ୍ତି, ନିଜପରି ଅନ୍ୟମାନଙ୍କର ସୁଖ-ଦୁଃଖ, ହାନି-ଲାଭ ବିଚାର କରନ୍ତି, ନିଜର ଶରୀର, ଧନ ଓ

ମନ ପରୋପକାରରେ ବିନିଯୋଗ କରନ୍ତି, ପୁଣି ଦେଶର ଉନ୍ନତି ଓ ଲୋକଙ୍କ ସୁଖ ସକାଶେ ପ୍ରାଣ ଅର୍ପଣ କରିବାକୁ ମଧ୍ୟ କୁଣ୍ଠିତ ହୁଅନ୍ତି ନାହିଁ, ସେପରି ବ୍ୟକ୍ତିଙ୍କୁ ସୁପାତ୍ର ବୋଲି କହନ୍ତି । କିନ୍ତୁ ଦୁର୍ଭିକ୍ଷାଦି ବିପତ୍ତି ସମୟରେ ଅନ୍ନ, ଜଳ, ବସ୍ତ୍ର ଓ ଔଷଧ ପଥ୍ୟାଦିର ଅଧିକାରୀ ସମସ୍ତ ପ୍ରାଣୀ ଅଟନ୍ତି ।

ପ୍ରଶ୍ନ :- କେତେ ପ୍ରକାର ଦାତା ଅଛନ୍ତି ?

ଉତ୍ତର :- ତିନି ପ୍ରକାର, ଯଥା- ଉତ୍ତମ, ମଧ୍ୟମ ଓ ଅଧମ । ଯେଉଁମାନେ ଦେଶ, କାଳ, ପାତ୍ର ବିବେଚନା କରି, ସତ୍‌ବିଦ୍ୟା ଓ ଧର୍ମର ଉନ୍ନତି ତଥା ପରୋପକାରର ସାଧନ ସକାଶେ ଦାନ କରନ୍ତି ସେମାନଙ୍କୁ ଉତ୍ତମ ଦାତା କହନ୍ତି । ଯେଉଁମାନେ ନିଜର କୀର୍ତ୍ତି, ଖ୍ୟାତି ଓ ସ୍ୱାର୍ଥ ସକାଶେ ଦାନ କରନ୍ତି ସେମାନେ ମଧ୍ୟମ ଦାତା । ଯେଉଁମାନେ ନିଜ ବା ପରର ଉପକାରରେ ନ ଲାଗିବା ଭଳି, ବେଶ୍ୟା, ଭଣ୍ଡ ଓ ଭାଟମାନଙ୍କୁ ଦିଅନ୍ତି, ଦେବାସମୟରେ ତିରସ୍କାର, ଅପମାନ ବା କୁଚେଷ୍ଟା କରନ୍ତି, ପୁଣି ପାତ୍ରାପାତ୍ର ବିଚାର ନ କରି ଭାତବିକା ଦୋକାନଦାରପରି ସମସ୍ତଙ୍କୁ ସମାନ ବୋଲି ବିଚାରନ୍ତି, ସେମାନେ ହେଉଛନ୍ତି ଅଧମ ଦାତା । ପରୀକ୍ଷା କରି ବିଦ୍ୱାନ୍ ଓ ଧାର୍ମିକ ମାନଙ୍କୁ ଯେ ସତ୍କାର କରେ ସେ ମଧ୍ୟ ଉତ୍ତମ ଦାତା । ପରୀକ୍ଷା ନ କରି କେବଳ ନିଜ ପ୍ରଶଂସା ଉଦ୍ଦେଶ୍ୟରେ ଯିଏ ସତ୍କାର କରେ ସେ ମଧ୍ୟମ, ଓ ବିନା ପରୀକ୍ଷାରେ ଦେଶ, କାଳ, ପାତ୍ର, ବିବେଚନା ନ କରି ଯେ ଦିଏ, ସେ ହେଉଛି ଅଧମ ।

ପ୍ରଶ୍ନ :- ଦାନର ଫଳ ଇହ ଲୋକରେ ନା ପରଲୋକରେ ମିଳେ ?

ଉତ୍ତର :- ସର୍ବତ୍ର ମିଳେ ।

ପ୍ରଶ୍ନ :- ଏହି ଫଳ ଆପଣାଛାଏଁ ମିଳେ, ନା ଅନ୍ୟ କେହି ଦିଏ ?

ଉତ୍ତର :- ଫଳଦାତା ହେଉଛନ୍ତି ଈଶ୍ୱର । ଯେପରି କୌଣସି ଚୋର ବା ଡକାୟତ ନିଜେ କେବେ କାରାଗାରକୁ ଯାଏନାହିଁ, ରାଜା ତାକୁ କାରାଗାରକୁ ପଠାଇ ରାଜ୍ୟରେ ଧର୍ମାତ୍ମାମାନଙ୍କୁ ଯେପରି ସୁଖ ଦିଅନ୍ତି, ସେହିପରି ଈଶ୍ୱର ସମସ୍ତଙ୍କୁ ପାପ ଓ ପୁଣ୍ୟର ଫଳ ସ୍ୱରୂପ ଦୁଃଖ ବା ସୁଖ ଦେଇଥାନ୍ତି ।

ପ୍ରଶ୍ନ :- ଏହି ଯେଉଁ ଗରୁଡ଼ ପୁରାଣାଦି ଗ୍ରନ୍ଥମାନ ଅଛି, ସେସବୁ ବେଦାର୍ଥ ବା ବେଦକୁ ପୁଷ୍ଟି କରନ୍ତି କି ନାହିଁ ?

ଉତ୍ତର :- ନା, ସେସବୁ ବେଦବିରୋଧୀ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ବିପରୀତ ଦିଗରେ ପରିଚାଳିତ ହୁଅନ୍ତି । ତନ୍ତ୍ର ମଧ୍ୟ ଠିକ୍ ସେହିପରି କାର୍ଯ୍ୟ କରୁଛି । ଯେପରି

କୌଣସି କୌଣସି ବ୍ୟକ୍ତି ଜଣେ ଲୋକର ମିତ୍ର ହୋଇ ଅନ୍ୟ ସମସ୍ତଙ୍କର ଶତ୍ରୁ ହୋଇପଡ଼ନ୍ତି, ସେହିପରି ପୁରାଣ ଓ ତନ୍ତ୍ରକୁ ବିଶ୍ୱାସ କରୁଥିବାଲୋକ ଜଗତର ଶତ୍ରୁ ହୋଇପଡ଼େ । ଯେଣୁ ସେସବୁ ପୁରାଣ ଓ ତନ୍ତ୍ରଗ୍ରନ୍ଥ ଜନସମାଜରେ ପରସ୍ପର ବିରୁଦ୍ଧଭାବ ଜାତ କରାଏ । ବୁଦ୍ଧିମାନ ଲୋକ ସେହି ପୁରାଣ ଓ ତନ୍ତ୍ରକୁ ମାନିବା ଉଚିତ ନୁହେଁ । କେବଳ ବୁଦ୍ଧିହୀନ ଲୋକେହିଁ ସେଗୁଡ଼ିକୁ ବିଶ୍ୱାସକରି ଅନେକ ଦୁଃଖଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି । ଦେଖନ୍ତୁ, ଶିବ ପୁରାଣରେ ତ୍ରୟୋଦଶୀ ଓ ସୋମବାର, ଆଦିତ୍ୟ ପୁରାଣରେ ରବିବାର, ଚନ୍ଦ୍ରଖଣ୍ଡରେ ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି ରାହୁ, କେତୁଙ୍କର, ବୈଷ୍ଣବ ଏକାଦଶୀ ବାମନର ଦ୍ୱାଦଶୀ, ନୃସିଂହ ବା ଅନନ୍ତଙ୍କର ଚତୁର୍ଦ୍ଦଶୀ, ଚନ୍ଦ୍ରମାର ପୌର୍ଣ୍ଣମାସୀ, ଦିଗ୍‌ପାଳମାନଙ୍କର ଦଶମୀ, ଦୁର୍ଗାଙ୍କର ନବମୀ, ବସୁମାନଙ୍କର ଅଷ୍ଟମୀ, ମୁନି ଋଷିମାନଙ୍କର ସପ୍ତମୀ, କାର୍ତ୍ତିକସ୍ୱାମୀଙ୍କ ଷଷ୍ଠୀ, ନାଗଙ୍କର ପଞ୍ଚମୀ, ଗଣେଶଙ୍କର ଚତୁର୍ଥୀ, ଗୌରୀଙ୍କର ତୃତୀୟା, ଅଶ୍ୱିନୀକୁମାରଙ୍କର ଦ୍ୱିତୀୟା, ଆଦ୍ୟାଦେବୀଙ୍କର ପ୍ରତିପଦା, ଓ ପିତୃଗଣଙ୍କର ଅମାବାସ୍ୟା, ଏହି ଏହି ତିଥି ଓ ବାରରେ ପୁରାଣ ମତାନୁସାରେ ଉପବାସ କରିବା ବିଧେୟ । ସେହି ପୁରାଣମାନଙ୍କର ପୁଣି ଲେଖାଯାଇଛି ଉକ୍ତ ଦିନମାନଙ୍କରେ ଯେଉଁମାନେ ଅନ୍ନଭୋଜନ ଓ ଜଳପାନ କରନ୍ତି ସେମାନେ ନରକଗାମୀ ହୁଅନ୍ତି । ବର୍ତ୍ତମାନ ପୋପ୍‌ରୂପୀ ପୁରୋହିତ ଓ ତାଙ୍କର ଚେଲାଏ କହନ୍ତୁ ଯେ ଆଉ କେଉଁ ବାର ବା ତିଥି ରହିଲା ଯେଉଁଥିରେ ଅନ୍ନଗ୍ରହଣ କଲେ ନରକଗାମୀ ହେବାକୁ ପଡ଼ିବ ନାହିଁ । ଅଜ୍ଞାନ, ନିର୍ବୋଧ, ପ୍ରମାଦଯୁକ୍ତ ପୌରାଣିକମାନେ ଧର୍ମସିନ୍ଧୁ, ନିର୍ଣ୍ଣୟସିନ୍ଧୁ, ବ୍ରତାର୍କ ପ୍ରଭୃତି କେତେକ ଗ୍ରନ୍ଥ ରଚନାକରି ତହିଁରେ ଉପବାସ ବ୍ରତ ସମ୍ପର୍କରେ ଏପରି ଦୁର୍ଦ୍ଦୈବ କାଣ୍ଡ ଭିଆଇଛନ୍ତି, ଯାଫଳରେ ଶୈବ ଓ ବୈଷ୍ଣବମାନେ କେହି ଦଶମୀରେ ତ କେହି ଦ୍ୱାଦଶୀ ତିଥିରେ ଏକାଦଶୀ ବ୍ରତ ପାଳନ କରିଥାନ୍ତି । ସତରେ ବଡ଼ ବିଚିତ୍ର ଲୀଳା । ଉପବାସ କରି ଭୋକରେ ମରିବାପାଇଁ ମଧ୍ୟ ଲୋକେ ନିଜ ନିଜ ଭିତରେ ବିବାଦ ସୃଷ୍ଟି କରି ଦେଉଛନ୍ତି । ଯେଉଁମାନେ ଏକାଦଶୀ ବ୍ରତ ପ୍ରଚଳନ କରିଛନ୍ତି ତହିଁରେ କେବଳ ସେମାନଙ୍କ ସ୍ୱାର୍ଥ ହିଁ ନିହିତ ହୋଇ ରହିଛି । ତହିଁରେ ସେମାନେ ସାମାନ୍ୟ ଦୟା ମଧ୍ୟ ଦେଖାଇ ନାହାନ୍ତି ।

"ଏକାଦଶ୍ୟାମନ୍ନେ ପାପାନି ବସନ୍ତି" ॥

(ପଦ୍ମପୁରାଣ ବ୍ରହ୍ମଖଣ୍ଡ ୧୫/୧୧ ତଥା ଏକାଦଶୀ ମାହାତ୍ମ୍ୟ)

ଯେତେ ସବୁ ପାପ ଅଛି, ସେଗୁଡ଼ିକ ଏକାଦଶୀ ତିଥିରେ ଅନ୍ନରେ ହିଁ ବାସ କରନ୍ତି । ପୌରାଣିକମାନଙ୍କୁ ପଚାରିବା ଉଚିତ ଯେ, ଏକାଦଶୀ ଦିନ ଅନ୍ନରେ କାହାର ପାପ ରହେ ? ସେମାନଙ୍କର ନା ସେମାନଙ୍କ ପିତୃଲୋକର । ଏକାଦଶୀରେ ସମସ୍ତଙ୍କର ସବୁପାପ ଆସି ଅନ୍ନରେ ଯଦି ରହେ, ତେବେ ସେଦିନ କେହି କୌଣସିପ୍ରକାର ଦୁଃଖ କଷ୍ଟ ଭୋଗନ୍ତେ ନାହିଁ । କିନ୍ତୁ ସେପରି ନ ହୋଇ ଓଲଟା ଫଳ ଦେଖିବାକୁ ମିଳେ । ଉପବାସୀ ଲୋକେ କ୍ଷୁଧା, ତୃଷାଦି ଦୁଃଖ କ୍ଳେଶ ଭୋଗ କରିଥାନ୍ତି । ଦୁଃଖ କଷ୍ଟ ହେଉଛି ପାପର ଫଳ । ଏକାଦଶୀରେ କ୍ଷୁଧା, ତୃଷାଦି ଦୁଃଖ ଭୋଗିବାକୁ ପଡେ, ତେଣୁ ତାହା ହେଉଛି ପାପ କର୍ମ । ଏକାଦଶୀର ମାହାତ୍ମ୍ୟ ଯେପରି କଳ୍ପନା କରାଯାଇଛି ତହିଁରେ ଅନେକଲୋକ ପ୍ରତାରିତ ହୋଇ ଭ୍ରମରେ ପଡିଯାଉଛନ୍ତି । ସେ ସମ୍ପର୍କରେ କଥାଟିଏ ଅଛି ।

ବ୍ରହ୍ମଲୋକରେ ଏକ ବେଶ୍ୟା ଥିଲା । ସେ କ'ଣ ଗୋଟାଏ ଅପରାଧ କଲାରୁ, ତାକୁ ଅଭିଶାପ ଦିଆଗଲା....... ତୁ ପୃଥିବୀ ଉପରକୁ ଖସିପଡ । ସେ ପ୍ରାର୍ଥନା କରି ପଚାରିଲା..... ମୁଁ ପୁଣି ସ୍ୱର୍ଗକୁ କେବେ କିପରି ଭାବେ ଆସିବି ? ତାପରେ ଅଭିଶାପଦାତା କହିଲେ — କେହି ଯଦି ତୋତେ ଏକାଦଶୀର ଫଳ ଦାନ କରିବ ଦେବେ ତୁ ସ୍ୱର୍ଗକୁ ଆସିଯିବୁ । ବେଶ୍ୟାଜଣକ ଏକ ବିମାନରେ ସ୍ୱର୍ଗରୁ ଖସି କୌଣସି ଏକ ନଗର ମଧ୍ୟରେ ପଡିଲା । ସେ ଦେଶର ରାଜା ବେଶ୍ୟାକୁ ଦେଖି ପଚାରିଲେ...... ତୁ କିଏ ? କେଉଁଠାରୁ ଆସିଲୁ ? ସେ ରାଜାଙ୍କୁ ସମସ୍ତ ଘଟଣା ଶୁଣାଇ, ଏକାଦଶୀ ବ୍ରତ ଫଳ ପାଇବା ପଳାଶେ ପ୍ରାର୍ଥନା କଲା । ରାଜା ତାହା ଶୁଣି ରାଜ୍ୟ ସାରା ଖୋଜାଇଲେ । କିନ୍ତୁ ଏକାଦଶୀ କରିଥିବା ଜଣେ ଲୋକ ମଧ୍ୟ ମିଳିଲେ ନାହିଁ । ଦିନକର ଘଟଣା, ଗୋଟିଏ ଶୂଦ୍ର ପରିବାରରେ ପତିପତ୍ନୀ ଦିଜଣଙ୍କ ମଧ୍ୟରେ କଳି ହେଲା । ତେଣୁ ସ୍ତ୍ରୀ ଜଣକ ରାଗରେ ସେଦିନ କିଛି ଖାଇଲା ନାହିଁ । ଦୈବାତ୍ ସେଦିନ ଏକାଦଶୀ ତିଥି ଥିଲା । ସେ ବିଷୟ ରାଜାଙ୍କ କାନରେ ପଡିବାରୁ ସେହି ସ୍ତ୍ରୀକୁ ଡକାଇଲେ । ସେ କହିଲା ମଣିମା ! ଏକାଦଶୀ ବୋଲି ସେଦିନ ମୁଁ ଉପବାସ କରି ନ ଥିଲି । ଆକସ୍ମିକଭାବେ ସେଦିନ କିଛି ନ ଖାଇ ଉପବାସରେ ରହିଯାଇଥିଲି । ତଥାପି ବିମାନଟାକୁ ଛୁଇଁଦେବାପାଇଁ ସ୍ତ୍ରୀକୁ ଆଦେଶ ଦିଆଗଲା । ସ୍ତ୍ରୀଜଣକ ବିମାନକୁ ଛୁଇଁ ଦେବାମାତ୍ରେ ତତ୍‌କ୍ଷଣାତ୍ ବେଶ୍ୟା ବିମାନ ସହିତ ଆକାଶକୁ ଉଡିଗଲା । ଏକାଦଶୀ ବୋଲି ନ ଜାଣି, ନ ବିଚାରି ସେଦିନ ଭୋକରେ ରହିବାରୁ ଯଦି ଏତେ ଫଳ ମିଳିଲା,

ଜାଣିଶୁଣି ବ୍ରତପାଳନ କଲେ ତହିଁର ଫଳ ସତରେକଣ ନ ହେବ ? ଓହୋ ! ଏମାନେ ଆଖି ଥାଇ ମଧ୍ୟ ଅନ୍ଧ । ପ୍ରକୃତରେ ଏକଥା ଯଦି ସତ୍ୟ, ତେବେ ଆମେ ଗୋଟାଏ ପାନଖିଲ, ଯାହାକି ସ୍ୱର୍ଗରେ ମିଳେନାହିଁ, ତାକୁ ପଠାଇବାକୁ ଚାହୁଁଛୁ । ସମସ୍ତେ ନିଜ ନିଜ ଏକାଦଶୀର ଫଳ ଦେଇ ଦିଅନ୍ତୁ ଯଦି ପାନ ଖିଲଟା ସ୍ୱର୍ଗକୁ ଚାଲିଯିବ, ତେବେ ଲକ୍ଷ ଲକ୍ଷ, କୋଟି କୋଟି ପାନଖିଲ ସେଠାକୁ ପଠାଇବା । ଆମେ ମଧ୍ୟ ବାଧ୍ୟ ହୋଇ ଏକାଦଶୀ ବ୍ରତ ପାଳନକରି ସ୍ୱଦେହରେ ସ୍ୱର୍ଗକୁ ଉଠିଯିବା । ଯଦି ସେପରି ନ ହୁଏ ତେବେ ଏକାଦଶୀ ଦିନ କ୍ଷୁଧା ତୃଷାଦିର କଷ୍ଟ ଭୋଗକରିବା ବୃଥା ହେବ ନାହିଁ କି ? ଏହି ଚବିଶଗୋଟି ଏକାଦଶୀର ନାମକରଣ ମଧ୍ୟ ଭିନ୍ନଭିନ୍ନ ପ୍ରକାର କରାଯାଇଛି । କାହାର ନାମ "ଧନଦା" ତ କାହାର ନାମ "କାମଦା" ପୁଣି କାହାକୁ "ପୁତ୍ରଦା" କହି ଅନ୍ୟ କାହାକୁ "ନିର୍ଜ୍ଜଳା" ବୋଲି କୁହାଯାଉଛି । ଅନେକ ଦରିଦ୍ର, କାମନାଯୁକ୍ତ, ନିଃସନ୍ତାନ ଲୋକେ ଏକାଦଶୀ ବ୍ରତ ପାଳନକରି ବୃଦ୍ଧହୋଇ ମରିଯାଉଛନ୍ତି । କିନ୍ତୁ କାହିଁ ଧନ ବା ପୁତ୍ର ପାଉନାହାନ୍ତି କି କାମନା ମଧ୍ୟ ପୂରଣ ହେଉନାହିଁ । ଜ୍ୟେଷ୍ଠମାସ ଶୁକ୍ଳପକ୍ଷରେ, ଯେଉଁ ସମୟରେ କ୍ଷଣକ ପାଇଁ ପାଣି ନ ପାଇଲେ ଲୋକ ବ୍ୟାକୁଳ ହୋଇପଡେ,ସେତେବେଳେ ଏହି ନିର୍ଜ୍ଜଳା ଏକାଦଶୀ କରି ଅନେକଲୋକ ବହୁ କଷ୍ଟ ଭୋଗ କରିଥାନ୍ତି । ବିଶେଷକରି ବଙ୍ଗଳା ପ୍ରଭୃତି ଦେଶର ବିଧବାମାନେ ଏକାଦଶୀ ବ୍ରତଦିନ ଅତ୍ୟନ୍ତ କଷ୍ଟ ଭୋଗ କରନ୍ତି ।ନିର୍ଦ୍ଦୟ କଂସେଇମାନେ ଯେତେବେଳେ ଏ ବ୍ରତର ବିଧାନ ଲେଖିଲେ, ସେତେବେଳେ ତାଙ୍କ ମନରେ ଟିକିଏ ମଧ୍ୟ ଦୟାଭାବ ଜାତ ହେଲା ନାହିଁ । ନଚେତ୍ ବା "ନିର୍ଜ୍ଜଳା" ର ନାମ ସଜଳା, ଏବଂ ପୌଷ ମାସର ଏକାଦଶୀ ନିର୍ଜ୍ଜଳା କରିଥିଲେ କେତେକାଂଶରେ ଭଲ ହୋଇଥାଆନ୍ତା । କିନ୍ତୁ ଏହି ପାଷାଣ୍ଡମାନଙ୍କର ଦୟାରେ ଯାଏ ଆସେ କେତେ ? କିଏ ମରୁ ବା ବଞ୍ଚୁ ପୁରୋହିତର ପେଟ ପୂରିଲେ ହେଲା । ଗର୍ଭବତୀ ଓ ସଦ୍ୟବିବାହିତା ସ୍ତ୍ରୀ, ବାଳକ ଓ ଯୁବକମାନେ କେବେ ଉପବାସ କରିବା ଉଚିତନୁହେଁ । ଯଦି କେହି କରିବପାଇଁ ଇଚ୍ଛା କରୁଥାନ୍ତି ତେବେ ଯେଉଁ ଦିନ ଅଜୀର୍ଣ୍ଣ ହୋଇଥିବ ବା କ୍ଷୁଧା ହେଉନଥିବ, ସେଦିନ ସର୍ବତ ବା ଦୁଧପିଇ ରହିବା ଉଚିତ । ଯେଉଁମାନେ ବିନା କ୍ଷୁଧାରେ ଭୋଜନ କରନ୍ତି, କିମ୍ବା କ୍ଷୁଧାସମୟରେ ନ ଖାଇ ରହନ୍ତି, ସେହି ଦିପ୍ରକାର ବ୍ୟକ୍ତି ରୋଗାକ୍ରାନ୍ତ ହୋଇ ଦୁଃଖସାଗରରେ ଉବୁଟୁବୁ ହୁଅନ୍ତି ।ଏଣୁ ସେହି ପ୍ରମାଦୀମାନଙ୍କ ଉପଦେଶକୁ କେହି କେବେ ଗ୍ରହଣ କରିବା ଉଚିତ ନୁହେଁ ।

ବର୍ତ୍ତମାନ ଗୁରୁଶିଷ୍ୟ ମନ୍ତ୍ରୋପଦେଶ ଓ ମତମତାନ୍ତର ସମ୍ପର୍କରେ ଉଲ୍ଲେଖ କରାଯାଉଛି......

ପ୍ରଶ୍ନ :- ମୂର୍ତ୍ତିପୂଜକ ସମ୍ପ୍ରଦାୟମାନେ କହିଥାନ୍ତି....ବେଦ ଅନେକ । ଋଗ୍‌ବେଦର ୨୧, ଯଜୁର୍ବେଦର ୧୦୧,ସାମବେଦର ୧୦୦୦ ଏବଂ ଅଥର୍ବ ବେଦର ୯ ଟି ଶାଖା ରହିଛି ।ତନ୍ମଧ୍ୟରୁ ଅଳ୍ପ କେତେକ ଶାଖା ମିଳୁଛି ଓ ଅନ୍ୟଗୁଡ଼ିକ ଲୋପ ପାଇଯାଇଛି । ସେହି ଲୁପ୍ତ ଶାଖାମାନଙ୍କରେ ହୁଏତ ମୂର୍ତ୍ତିପୂଜା ଓ ତୀର୍ଥମାହାତ୍ମ୍ୟ ସମ୍ପର୍କରେ ଲେଖାଥିବ । ଯଦି ନ ଥାଆନ୍ତା ତେବେ ପୁରାଣମାନଙ୍କରେ ଏସବୁ ଆସାନ୍ତା କିପରି ? ଯଦି କାର୍ଯ୍ୟକୁ ଦେଖି କାରଣର ଅନୁମାନ କରାଯାଏ, ତେବେ ପୁରାଣମାନଙ୍କୁ ଦେଖିବାପରେ ମୂର୍ତ୍ତିପୂଜାକୁ ସମର୍ଥନ କରିବାରେ ଶଙ୍କାକରିବା କି ଆବଶ୍ୟକ ?

ଉତ୍ତର :- ବୃକ୍ଷ ସଦୃଶ ଶାଖାଗୁଡ଼ିକ ହୋଇଥାଏ । ଶାଖା ଛୋଟ ହେଉ ବା ବଡ଼ ହେଉ, ସେଥିରେ ବିପରୀତ ରୂପ କେବେ ଦେଖାଯାଏ ନାହିଁ । ବର୍ତ୍ତମାନ ବେଦର ଯେଉଁ କେତେକ ଶାଖା ମିଳୁଛି, ତହିଁରେ କାଷ୍ଠ ପାଷାଣାଦି ମୂର୍ତ୍ତି ପୂଜା ଜଳ-ସ୍ଥଳ ବିଶେଷକୁ ତୀର୍ଥ କହିବା ସମ୍ପର୍କରେ ସାମାନ୍ୟତମ ପ୍ରମାଣ ମଧ୍ୟ ନାହିଁ, ତେବେ ଉକ୍ତ ଲୁପ୍ତ ଶାଖାରେ ମଧ୍ୟ ସେପରି ନ ଥିଲା ବୋଲି କହିବାକୁ ହେବ ।ବର୍ତ୍ତମାନ ମଧ୍ୟ ଋଗ୍‌ବେଦ ପୂର୍ଣ୍ଣରୂପେ ମିଳୁଛି, ତହିଁରେ କୌଣସି ଶାଖା ଲୁପ୍ତ ହୋଇନାହିଁ । ଶାଖାମାନ ମୂଳବେଦର କଦାପି ବିରୁଦ୍ଧ ହୋଇନପାରେ । ଯଦି କିଛି ବିରୁଦ୍ଧ ଦେଖାଯାଏ, ତାକୁ ଶାଖା ବୋଲି କେହି ସିଦ୍ଧ କରିପାରିବେ ନାହିଁ । ଏଣୁ ପୁରାଣଗୁଡ଼ିକ ବେଦର ଶାଖା ନୁହେଁ, ତାହା ହେଉଛି ସମ୍ପ୍ରଦାୟମାନଙ୍କର କପୋଳ କଳ୍ପିତ ପରସ୍ପର ବିରୁଦ୍ଧ ଗ୍ରନ୍ଥ ବିଶେଷ । ବେଦକୁ ତୁମେ ପରମେଶ୍ୱର କୃତ ବୋଲି ମାନୁଛ ନା ମନୁଷ୍ୟକୃତ ? ପରମେଶ୍ୱର କୃତ । ଯଦି ପରମେଶ୍ୱର କୃତ ବୋଲି ମାନୁଛ, ତେବେ "ଆଶ୍ୱଳାୟନାଦି" ଋଷି ମୁନିକୃତ ଗ୍ରନ୍ଥକୁ ବେଦ ବୋଲି ମାନୁଛ କାହିଁକି ? ଯେପରି ଡାଳ, ପତ୍ରକୁ ଦେଖି ପିପ୍ପଳ, ବଟ, ଓ ଆମ୍ବ ପ୍ରଭୃତି ବୃକ୍ଷକୁ ଜାଣି ହୁଏ, ସେହିପରି ଋଷିମୁନିକୃତ ବେଦାଙ୍ଗ ଋଗ୍‌ବିପ୍ରକାର ବ୍ରାହ୍ମଣ, ଅଙ୍ଗ, ଉପାଙ୍ଗ ଓ ଉପବେଦ ପ୍ରଭୃତିରୁ ବେଦାର୍ଥର ପରିଚୟ ମିଳେ । ଏହି କାରଣରୁ ଏହି ଗ୍ରନ୍ଥମାନଙ୍କୁ ବେଦର ଶାଖାବୋଲି କୁହାଯାଉଛି । ଏଣୁ ଯାହା ବେଦ ବିରୁଦ୍ଧ ତାହାକୁ ପ୍ରମାଣିକପୁଣି ଯାହା ବେଦାନୁକୂଳ ତାକୁ ଅପ୍ରମାଣିକ କୁହାଯାଇ ପାରିବ ନାହିଁ ।

ଯଦି ଲୁପ୍ତ ଶାଖାମାନଙ୍କରେ ମୂର୍ତ୍ତିପୂଜା ପ୍ରଭୃତି ଥିବାର ସନ୍ଦେହ କରିବ, ତେବେ ଅନ୍ୟକୌଣସି ବ୍ୟକ୍ତି ଏପରି ମଧ୍ୟ ଆକ୍ଷେପ କରିପାରେ, ସେହି ଲୁପ୍ତ ଶାଖାରେ ବର୍ଣ୍ଣାଶ୍ରମ ବ୍ୟବସ୍ଥା ମଧ୍ୟ ଓଲଟା ଧରଣର ଥିଲା, ଅର୍ଥାତ୍ ଶୂଦ୍ର ଓ ଅନ୍ତ୍ୟଜମାନଙ୍କ ନାମ ଥିଲା ବ୍ରାହ୍ମଣ, ସେହିପରି ବ୍ରାହ୍ମଣାଦିମାନଙ୍କର ଅନ୍ତ୍ୟଜାଦି ନାମଥିଲା । ସେହିପରି କର୍ତ୍ତବ୍ୟକୁ ଅକର୍ତ୍ତବ୍ୟ, ମିଥ୍ୟା ଭାଷଣାଦି ଧର୍ମ ଓ ସତ୍ୟଭାଷଣ ଅଧର୍ମ ବୋଲି ବ୍ୟବସ୍ଥା ଥିଲା । ଏହି ପ୍ରଶ୍ନର ଉତ୍ତର ତୁମେ ମୋପରି ନିଶ୍ଚୟ ଦେବ । ଅର୍ଥାତ୍ ବେଦ ଓ ତହିଁର ପ୍ରସିଦ୍ଧ ଶାଖାମାନଙ୍କରେ ଯେପରି ବ୍ରାହ୍ମଣାଦିମାନଙ୍କ ନାମ ବ୍ରାହ୍ମଣାଦି, ତଥା ଶୂଦ୍ରାଦିମାନଙ୍କ ନାମ ଶୂଦ୍ରାଦି ଲେଖାଯାଇଛି, ସେହିପରି ଲୁପ୍ତଶାଖାରେ ମଧ୍ୟ ତଦ୍ରୂପ ଲେଖାଯାଇଛି । ଯଦି ସେପରି ନହୁଏ ତେବେ ବର୍ଣ୍ଣାଶ୍ରମ ବ୍ୟବସ୍ଥା ଆଦି ସମସ୍ତ, ଅନ୍ୟଥା ହୋଇଯିବ । କହିଲ ଭଲା, ଜୈମିନୀ, ବ୍ୟାସ ଓ ପତଞ୍ଜଳିଙ୍କ ପର୍ଯ୍ୟନ୍ତ ସେହି ଲୁପ୍ତଶାଖାଗୁଡିକ ଥିଲା କି ନାହିଁ ? ଯଦି ବିଦ୍ୟମାନ ଥିଲା ବୋଲି ସ୍ୱୀକାର କର, ତେବେ ନିଷେଧ କରି ପାରିବ ନାହିଁ । ଯଦି କୁହ ନ ଥିଲା,ତେବେ ଶାଖାଗୁଡ଼ିକ ଥିବାର ପ୍ରମାଣ କ'ଣ ? ଯେଣୁ ଜୈମିନୀ ମୀମାଂସାର ସମସ୍ତ କର୍ମକାଣ୍ଡ, ପତଞ୍ଜଳି ତାଙ୍କ ଯୋଗଶାସ୍ତ୍ରରେ ସମସ୍ତ ଉପାସନାକାଣ୍ଡ ଓ ବ୍ୟାସମୁନି ନିଜ ରଚିତ ଶାରୀରିକ ସୂତ୍ରରେ ସମସ୍ତ ଜ୍ଞାନକାଣ୍ଡକୁ ବେଦାନୁକୂଳ କରି ଲେଖିଛନ୍ତି । ପାଷାଣାଦି ମୂର୍ତ୍ତିପୂଜା, କିମ୍ବା ପ୍ରୟାଗ ପ୍ରଭୃତି ତୀର୍ଥସ୍ଥଳୀର ନାମ କୌଣସିଠାରେ ଉଲ୍ଲେଖ କରି ନାହାନ୍ତି । କିପରି ବା ଲେଖିବେ ? ଯଦି ବେଦରେ ସେପରି କିଛି ଥାଆନ୍ତା, ତେବେ ତାକୁ ନିଶ୍ଚୟ ଉଲ୍ଲେଖ କରିଥାଆନ୍ତେ । ଏଣୁ ଲୁପ୍ତଶାଖାମାନଙ୍କରେ ମଧ୍ୟ ମୂର୍ତ୍ତିପୂଜା ପ୍ରଭୃତିର ପ୍ରମାଣ ନ ଥିବା ଅନୁମିତ ହୁଏ ।ପୁଣି ଏହି ସବୁ ଶାଖା ତ ବେଦନୁହେଁ । ତହିଁରେ କେବଳ ବେଦର ଗୋଟିଏ ଗୋଟିଏ ମନ୍ତ୍ରକୁ ନେଇ ତାର ବ୍ୟାଖ୍ୟା କରାଯାଇଛି ପୁଣି ନରନାରୀମାନଙ୍କର ଇତିହାସ ମଧ୍ୟ ଅବତାରଣା କରାଯାଇଛି । ଏଣୁ ବେଦରେ ଏସବୁ କୁସଂସ୍କାର ନାହିଁ । ବେଦରେ ମନୁଷ୍ୟମାନଙ୍କୁ ଶିକ୍ଷା ଦେବା ସକାଶେ କେବଳ ବିଦ୍ୟାର ଉପଦେଶମାନ ଦିଆଯାଇଛି ।କୌଣସି ମନୁଷ୍ୟର ନାମମାତ୍ର ବେଦରେ ଉଲ୍ଲେଖ କରାଯାଇ ନାହିଁ । ଏଣୁ ମୂର୍ତ୍ତିପୂଜା ସର୍ବଥା ନିନ୍ଦନୀୟ ।

ଦେଖ ଯେ, ମୂର୍ତ୍ତିପୂଜାଦ୍ୱାରା ଶ୍ରୀ ରାମଚନ୍ଦ୍ର, ଶ୍ରୀ କୃଷ୍ଣ , ନାରାୟଣ, ଶିବାଦିଙ୍କର ଅତ୍ୟନ୍ତ ନିନ୍ଦା ଓ ଉପହାସ ମଧ୍ୟ ହେଉଛି । ସମସ୍ତେ ଜାଣନ୍ତି ଯେ ସେମାନେ ସମସ୍ତେ ମହାରାଜାଧିରାଜ, ସୁପ୍ରସିଦ୍ଧ ମହାତ୍ମା ଓ ପରମଯୋଗୀ ଥିଲେ ।

ସେହିପରି ସେମାନଙ୍କ ସ୍ତ୍ରୀମାନେ ସୀତା, ରୁକ୍ମିଣୀ, ଲକ୍ଷ୍ମୀ, ପାର୍ବତୀ ଆଦି ସତୀ, ସାଧ୍ୱୀ, ମହାରାଣୀ ଓ ବ୍ରହ୍ମଚାରିଣୀ ଥିଲେ । କିନ୍ତୁ ଆଜି ମନ୍ଦିରରେ ସେମାନଙ୍କ ମୂର୍ତ୍ତିସବୁ ସ୍ଥାପନ କରି, ପୂଜାରୀମାନେ ସେମାନଙ୍କୁ ଦାଣ୍ଡର ଭିକାରୀ, ଭିକାରୁଣୀ ବୋଲି ବିବେଚନା କରି ସେମାନଙ୍କ ନାମରେ ଭିକ୍ଷା ମାଗିଥାନ୍ତି ---- ହେ ମହାରାଜ ! ଦୟାଳୁ ଦାତା ! ମହାଜନ ! ଆସ ଆସ ଦର୍ଶନ କର ,ତାଙ୍କ ଚରଣାମୃତ ସେବନ କର, ଏବଂ ଠାକୁରଙ୍କ ଭୋଗରାଗପାଇଁ କିଛି ନା କିଛି ଦେଇ ଯାଅ । ଭୋଗ ଚଢ଼ାଇବା, ବସ୍ତ୍ର ଅଳଙ୍କାର ପ୍ରଭୃତି ମାଗିବା,ମୂର୍ତ୍ତିମାନଙ୍କର ଦୀନାବସ୍ଥାକୁ ଦେଖାଇ ବଡ଼ ବଡ଼ ସେଠ ସାହୁକାରମାନଙ୍କଠାରୁ ଅର୍ଥ ଗ୍ରହଣ କରି ନିଜ ନିଜର ପେଟ ପୋଷିବା ଏସବୁ କଣ ସେହି ମହାପୁରୁଷମାନଙ୍କ ପ୍ରତି ଅପମାନ ନୁହେଁ କି ? ସୀତାରାମ, ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ, ଉମାଶଙ୍କର ଆଦି ଠାକୁରଙ୍କର ବାଳଭୋଗ, ରାଜଭୋଗ, ଅନ୍ୟପୂଜାବିଧି ହୋଇପାରିନାହିଁ, ଅର୍ଥାତ୍ ଠାକୁରମାନଙ୍କ ଜଳପାନ ବା ଭୋଜନ ହୋଇ ନାହିଁ, ଆଜି ଠାକୁରଙ୍କ ଘରେ କିଛି ନାହିଁ, ତେଣୁ ସେମାନଙ୍କ ଭୋଗପାଇଁ କିଛି ଦିଅ ।।ଆଗୋ ମାଆ ସାଆନ୍ତାଣି ! ସାହୁକାରିଣି ! ସୀତା ଠାକୁରାଣୀ ପାଇଁ ନୋଥଟିଏ କରିଦିଅ, ଭୋଗରାଗ ପାଇଁ କିଛି ଦିଅ, ଠାକୁରମାନଙ୍କର ବସ୍ତ୍ରସବୁ ଚୋରି ହୋଇ ଯାଇଛି, ଠାକୁର ମନ୍ଦିର ଭାଙ୍ଗି ଯିବା ଉପରେ, ଛାତ ଗଳୁଛି ଠାକୁରଙ୍କ ସବୁ ଜିନିଷ ଚୋର ନେଇଗଲେ, ମୂଷା ଠାକୁରଙ୍କ ଜିନିଷ ସବୁ ନଷ୍ଟ କରିଦେଲା, ଏପରିକି ଚୋରେ ଠାକୁରାଣୀଙ୍କ ଆଖି ଖୋଳି ନେଇଯାଇଛି, ରୁପା ଆଖି ତିଆରି କରି ନ ପାରି, କଉଡ଼ିଟିଏ ଲଗାଇ ଦେଇଛୁ, ଏପରି ଠାକୁର, ଠାକୁରାଣୀଙ୍କୁ ବିଦ୍ରୂପ କରି ପୂଜାରୀମାନେ ସେମାନଙ୍କ ନାମରେ ଭିକ୍ଷା ମାଗନ୍ତି ।

ଏହି ଠାକୁର ଠାକୁରାଣୀମାନଙ୍କ ରାମଲୀଳା, ରାସଲୀଳା ପ୍ରଭୃତି ଯାତ୍ରା ମଧ୍ୟ କରାଇଥାନ୍ତି । ଏଥିରେ ରାମ, ସୀତା, କୃଷ୍ଣ, ରାଧା ଏମାନେ ସମସ୍ତେ ନାଚନ୍ତି । ରାଜା, ମହନ୍ତ ଆଦି ତାଙ୍କର ସେବକମାନେ ଆନନ୍ଦବିଭୋର ହୋଇ ବସିଥାନ୍ତି । ମନ୍ଦିର ମଧ୍ୟରେ ରାମ, ସୀତା ପ୍ରଭୃତି ଠାକୁର ଠିଆ ହୋଇଥାନ୍ତି, ଏଣେ ମହନ୍ତ ଓ ପୂଜାରୀମାନେ ଆସନ ବା ଗଦି ଉପରେ ତକିଆରେ ଭରାଦେଇ ବସିଥାନ୍ତି । ଘୋର ଗ୍ରୀଷ୍ମ କାଳରେ ମଧ୍ୟ ଠାକୁରମାନଙ୍କୁ ମନ୍ଦିର ଭିତରେ ରଖି, କବାଟ ବନ୍ଦକରି ଗୁଡି ପକାଇ ଦିଆଯାଏ । ଏମାନେ କିନ୍ତୁ ବାହାରେ ଖୋଲା ବାୟୁରେ ପଲଙ୍କ ଉପରେ ଶୁଅନ୍ତି । ଅଧିକାଂଶ ପୂଜାରୀ ନିଜର ନାରାୟଣଙ୍କୁ ଡବା ମଧ୍ୟରେ ଭର୍ତ୍ତିକରି ତା

ଉପରେ ଜନାଦି ବାନ୍ଧି ନିଜ କଣ୍ଠ ପ୍ରଦେଶରେ ଓହଳାଇ ଦେଇଥାନ୍ତି । ବାନରୀ ଯେପରି ନିଜ ଛୁଆକୁ ପେଟତଳେ ଜାବୁଡ଼ି ଧରିଥାଏ, ଏମାନେ ମଧ୍ୟ ସେହିପରି ନିଜର ଶିବଲିଙ୍ଗ ବା ନାରାୟଣ ମୂର୍ତ୍ତିକୁ ଗଳାରେ ଲଟକାଇ ଦେଇଥାନ୍ତି । କେବେ ଯଦି କୌଣସି ବ୍ୟକ୍ତି ମୂର୍ତ୍ତିକି ଭାଙ୍ଗିଦିଏ ତେବେ ପୂଜକମାନେ ବିକଳହୋଇ କାନ୍ଦିଥାନ୍ତି । ମୋ ସୀତାରାମ, ମୋ ରାଧାକୃଷ୍ଣ ମୂର୍ତ୍ତିକୁ କିଏ ଭାଙ୍ଗି ଦେଲା ବୋଲି ଛାତିରେ, ମୁଣ୍ଡରେ ହାତ ବାଡ଼େଇ ବୋବାଳି ଛାଡ଼ିଥାନ୍ତି । ପୁଣି ମୂର୍ତ୍ତିଟିଏ ଗଢ଼େଇ ଦେବାପାଇଁ, ସେମାନଙ୍କୁ ଭୋଗ ରାଗ ତଥା ଘିଅ, ନଡ଼ିଆ, ସିନ୍ଦୁରବିକିଏ ଦେବାପାଇଁ ଯାହାକୁ ଦେଖିଲେ ତାକୁ କାକୁତି ମିନତି ହୋଇ ପ୍ରାର୍ଥନା କରିଥାନ୍ତି । ରାମଲୀଳା, ରାସଲୀଳା ପ୍ରଭୃତି ଶେଷ ହେବାପରେ ରାଧକୃଷ୍ଣ ସୀତାରାମ ବେଶଧାରୀ ପିଲାଙ୍କୁ ଦ୍ୱାର ଦ୍ୱାର ବୁଲାଇ ଲୋକଙ୍କଠାରୁ ଭିକ୍ଷା ମଗାଇଥାନ୍ତି । କୌଣସି ମେଳା, ମହୋତ୍ସବ, ଜାନିଯାତ୍ରା ସମୟରେ କୌଣସି ଏକ ପିଲା ମୁଣ୍ଡରେ ମୁକୁଟଟାଏ ବାନ୍ଧିଦେଇ, ନୀଳରଙ୍ଗ ଦ୍ୱାରା ତାକୁ କୃଷ୍ଣ ବେଶରେ ସଜାଇ ରାଜମାର୍ଗର କଡ଼ରେ ବସାଇ ଭିକ ମଗାଇଥାନ୍ତି । ପାଠକେ ବିଚାର କଲେ ଜାଣିପାରିବେ ଏସବୁ କେତେ ଲଜ୍ଜା ଓ ପରିତାପର ବିଷୟ । ରାମ, ସୀତା ପ୍ରଭୃତି ଏପରି ଦରିଦ୍ର ବା ଦାଣ୍ଡର ଭିକାରି ଥିଲେ କି ? ତା ଆପଣମାନେ ବିଚାର କରନ୍ତୁ । ଏପରି କାର୍ଯ୍ୟକଳାପ ସେମାନଙ୍କ ପ୍ରତି ନିନ୍ଦା, ଉପହାସ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ । ଏପରି କରି ଆମେ ସେମାନଙ୍କୁ ସମ୍ମାନ ଦେଖାଇବା ପରିବର୍ତ୍ତେ ନିନ୍ଦିତ କରିବାରେ ଲଜ୍ଜାବୋଧ କରୁନାହୁଁ । ଯେଉଁସମୟରେ ସୀତା, ରୁକ୍ମିଣୀ, ଲକ୍ଷ୍ମୀ, ପାର୍ବତୀ ପ୍ରଭୃତି ଜୀବିତ ଅବସ୍ଥାରେ ଥିଲେ, ସେତେବେଳେ କେହି ଯଦି ସେମାନଙ୍କ ପ୍ରତିମୂର୍ତ୍ତିକି କୌଣସି ମନ୍ଦିର ବା ପଥପ୍ରାନ୍ତରେ ରଖି ଲୋକଙ୍କୁ କହେ, ଆସ ଦର୍ଶନ କର ସେମାନଙ୍କ ପାଇଁ ଭୋଗରାଗ କିଛି ଦିଅ, ଏହାକୁ ସେମାନେ ସହ୍ୟ କରି ନୀରବରେ ରହନ୍ତେ କି ? ଏପରି କରୁଥିବା ବ୍ୟକ୍ତିକି ନିଶ୍ଚୟ ଦଣ୍ଡ ବିଧାନ କରନ୍ତେ । ଦୁଷ୍ଟ ପଣ୍ଡା, ପୂଜାରୀମାନଙ୍କୁ କୌଣସି ଦଣ୍ଡ ବିଧାନ କରାଯାଉ ନ ଥିବାରୁ ଏପରି ଦୁଷ୍କର୍ମ କରିବାକୁ ସେମାନେ ଉତ୍ସାହ ପ୍ରକାଶ କରୁଛନ୍ତି । ଦୁଷ୍କର୍ମର ଫଳସ୍ୱରୂପ ମୂର୍ତ୍ତି ବିରୋଧୀମାନଙ୍କଦ୍ୱାରା ଅପମାନିତ ମଧ୍ୟ ହେଉଛନ୍ତି । ଅନେକ ସ୍ଥାନରେ ସେମାନେ ଦଣ୍ଡ ପାଉଛନ୍ତି, ସେହି ଦୁଷ୍କର୍ମକୁ ନ ଛାଡ଼ିବା ପର୍ଯ୍ୟନ୍ତ ଅପମାନ, ଗାଳି, ମାଡ଼, ଲାଞ୍ଛନା ପାଉଥିବେ, ଏଥିରେ ସନ୍ଦେହର ଅବକାଶ ନାହିଁ । ମୂର୍ତ୍ତି ପୂଜକମାନଙ୍କ ସେହି ଅପରାଧ ହିଁ ସେମାନଙ୍କ ପରାଜୟର କାରଣ । ଆର୍ଯ୍ୟାବର୍ତ୍ତର ଏ ଅଧଃପତନ

ବା ଦୁର୍ଦ୍ଦଶାର ମୂଳକାରଣ ହେଉଛି ସେହି ମୂର୍ତ୍ତି ପୂଜା । [illegible] ଦୁଃଖ, ଶୋକାଦି ନିଶ୍ଚୟ ଭୋଗିବାକୁ ପଡ଼େ । ଆମକୁ [illegible] ମାନେ ରଖିବାକୁ [illegible] କାଠ, ପଥରର ମୂର୍ତ୍ତି ପୂଜା ଯୋଗୁଁ ଆର୍ଯ୍ୟାବର୍ତ୍ତ ଦେଶ ତଥା ହିନ୍ଦୁ ଜାତିର ଆଜି [illegible] ଅବନତି ଘଟିଅଛି । ହିନ୍ଦୁ ମାନେ ଏହି କାଠ, ପଥରର ପୂଜନ ଯେ ପର୍ଯ୍ୟନ୍ତ [illegible] ନାହାନ୍ତି ସେ ପର୍ଯ୍ୟନ୍ତ ଦେଶର ବା ଜନସାଧାରଣଙ୍କ ଉନ୍ନତି କଦାପି ହୋଇ ପାରିବ ନାହିଁ । ଏହି ମୂର୍ତ୍ତିପୂଜକ ମାନଙ୍କ ମଧ୍ୟରେ ବାମମାର୍ଗୀମାନେ ହେଉଛନ୍ତି ଅଧିକ ଅପରାଧୀ । ସେମାନେ ଶିଷ୍ୟ କଲାବେଳେ ସାଧାରଣ ଲୋକଙ୍କୁ ନିମ୍ନୋକ୍ତ ମନ୍ତ୍ର ଉପଦେଶ ଦେଇଥାନ୍ତି ....

ଦଂ ଦୁର୍ଗାୟୈ ନମଃ ॥ ଭଂ ଭୈରବାୟ ନମଃ । ଐଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟୈ ବିଚ୍ଚେ॥

ବଙ୍ଗଳାରେ ବିଶେଷକରି ଏକାକ୍ଷରୀ ମନ୍ତ୍ରୋପଦେଶ ଦିଆଯାଏ ।

ଯଥା:- **ହ୍ରୀଂ, ଶ୍ରୀଂ, କ୍ଲୀଂ ॥** (ଶାବର ତନ୍ତ୍ର ବଂ ପ୍ରକୀର୍ଣ୍ଣ ୪୪)

ଏହି ମନ୍ତ୍ରରେ ସେମାନେ ଧନାଢ୍ୟ ବ୍ୟକ୍ତିମାନଙ୍କର ପୂର୍ଣ୍ଣ ଭିଷେକ କରାଇଥାନ୍ତି । ସେହିପରି ଦଶମହାବିଦ୍ୟା ମନ୍ତ୍ର ଦେଖନ୍ତୁ.....

ହ୍ରାଂ, ହ୍ରୀଂ, ହ୍ରୂଂ ବଗଳାମୁଖ୍ୟୈ ଫଟ୍ ସ୍ୱାହା ॥ (ଶା-ପ୍ରା-ପ୍ର-୪୧)

କେଉଁଠି, କେଉଁଠି ପୁଣି :—

ହୂଂ ଫଟ୍ ସ୍ୱାହା ॥ (କାମରତ୍ନ ତନ୍ତ୍ର ବୀଜମନ୍ତ୍ର-୪)

ବାମମାର୍ଗୀମାନେ ମାରଣ, ମୋହନ, ଉଚ୍ଚାଟନ, ବିଦ୍ୱେଷଣ, ବଶୀକରଣ, ଆଦି ମନ୍ତ୍ର ପ୍ରୟୋଗ କରନ୍ତି । ପ୍ରକୃତରେ ମନ୍ତ୍ରଦ୍ୱାରା କିଛି ହୁଏ ନାହିଁ, ଯାହା କିଛି ହୁଏ କେବଳ କ୍ରିୟାଦ୍ୱାରା । ସେମାନେ ମନ୍ତ୍ର ପ୍ରୟୋଗକରି ଯଦି କାହାକୁ ମାରିବାପାଇଁ ଚାହାନ୍ତି, ତେବେ ପ୍ରଥମରୁ କରାଉ ଥିବା ଲୋକଠାରୁ କିଛି ଧନ ଠକି ନେଇଯାଆନ୍ତି । ଯାହାକୁ ମାରିବାକୁ ହୁଏ , ତାହାର ମୂର୍ତ୍ତିଟିଏ ଅଟା ବା ମାଟିରେ ଗଠନ କରନ୍ତି । ତାପରେ ସେହି ପିତୁଳାର ଛାତି, ନାଭି ଓ କଣ୍ଠ ପ୍ରଦେଶରେ ଛୁରୀ ମାରନ୍ତି, ଆଖି, ହାତ ଓ ପାଦକୁ କିଳାବିଦ୍ଧ କରନ୍ତି । ପରେ-ଭୈରବ ବା ଦୁର୍ଗାଙ୍କ ମୂର୍ତ୍ତିଟିଏ ତିଆରିକରି ସେହି ପିତୁଳା ଉପରେ ରଖନ୍ତି । ଭୈରବ ମୂର୍ତ୍ତି ହାତରେ ତ୍ରିଶୂଳ ଦେଇ ସେହି ତ୍ରିଶୂଳକୁ ପିତୁଳାର ବକ୍ଷଦେଶରେ ରଖନ୍ତି । ପରେ ବେଦୀଟିଏ ତିଆରି କରି ତହିଁରେ ମଦ୍ୟ, ମାଂସ ଆଦିରେ ହୋମ କରନ୍ତି । ଏପଟେ ଏପରି କ୍ରିୟାକଳାପ କରିବା ସଙ୍ଗେ ସଙ୍ଗେ

ତେଣେ ଦୂତ ପଠାଇ ଯେଉଁ ବ୍ୟକ୍ତିକୁ ମାରିବାପାଇଁ ମନସ୍ଥ କରିଥାଆନ୍ତି, ତାକୁ ବିଷାଦି ପ୍ରୟୋଗକରି ମାରିବାର ବ୍ୟବସ୍ଥା କରନ୍ତି । ସେହି ଲୋକ ମରିବାପରେ ଭୈରବ ବା ଦୁର୍ଗା ପ୍ରେଷଣଦ୍ୱାରା ତାର ମୃତ୍ୟୁ କରାଇଲି ବୋଲି, ବାହାଦୁରୀ ନିଅନ୍ତି ।

" **ଭୈରବୋ ଭୂତନାଥଶ୍ଚ** " ଏପରି ମନ୍ତ୍ର ପାଠକରନ୍ତି ।

ମାରୟ–ମାରୟ, ଉଚ୍ଚାଟୟ–ଉଚ୍ଚାଟୟ, ବିଦ୍ୱେଷୟ–ବିଦ୍ୱେଷୟ, ଛିନ୍ଧି–ଛିନ୍ଧି, ଭିନ୍ଧି–ଭିନ୍ଧି, ବଶୀକୁରୁ–ବଶୀକୁରୁ, ଖାଦୟ-ଖାଦୟ, ଭକ୍ଷୟ–ଭକ୍ଷୟ, ତ୍ରୋଟୟ–ତ୍ରୋଟୟ, ନାଶୟ–ନାଶୟ, ମମଶତ୍ରୁନ୍ ବଶୀକୁରୁ,–ମମଶତ୍ରୁନ୍ ବଶୀକୁରୁ, ହୁଂ ଫଟ୍ ସ୍ୱାହା ॥ (କାମରତ୍ନ ତନ୍ତ୍ର ଉଚ୍ଚାଟନ ପ୍ରକରଣ –୫)

ଏ ସବୁ ମନ୍ତ୍ର ଜପ କରନ୍ତି । ପ୍ରଚୁର ମଦ ପିଅନ୍ତି ଓ ଯଥେଷ୍ଟ ପରିମାଣରେ ମାଂସ ମଧ୍ୟ ଖାଆନ୍ତି । ଭ୍ରୂକୁଟୀ ମଧ୍ୟରେ ସିନ୍ଦୁରରେ ରେଖା ଟାଣନ୍ତି । କେବେ କେବେ କୌଣସି ଲୋକକୁ ଧରିମାରି କାଳୀ ନାମରେ ହୋମ କରି ତାର ମାଂସ ମଧ୍ୟ ଖାଇଥାନ୍ତି । କୌଣସି ଲୋକ ଯଦି ଭୈରବୀ ଚକ୍ରକୁ ଯାଇ ମଦ୍ୟ,ମାଂସ ସେବନ ନ କରେ, ତେବେ ତାକୁ ମାରି ତା ମାଂସରେ ହୋମ କରନ୍ତି । ସେମାନଙ୍କ ମଧ୍ୟରେ ଯେଉଁମାନେ ଅଘୋରୀ ହୋଇଥାନ୍ତି, ସେମାନେ ମଲା ମଣିଷର ମାଂସକୁ ଖାଆନ୍ତି ! ଅଜରୀ, ବଜରୀ ବୋଲାଉଥିବା ଲୋକେ ମଳକୁ ଖାଇ ମୂତ୍ରକୁ ପିଇଥାନ୍ତି ।

ସେମାନେ ପୁଣି ଚୋଲୀମାର୍ଗୀ ଓ ବୀଜମାର୍ଗୀ ନାମରେ ଦୁଇ ଭାଗରେ ବିଭକ୍ତ । ଚୋଲୀମାର୍ଗୀମାନେ କୌଣସି ଏକ ଗୁପ୍ତ ସ୍ଥାନ ବା ମାଟି ଭିତରେ ଏକ ସ୍ଥାନ ଠିକ୍ କରନ୍ତି । ସେଠାରେ ସମସ୍ତ ସ୍ତ୍ରୀ, ପୁରୁଷ, ପୁଅ, ଝିଅ, ମାଆ, ଭଉଣୀ, ବୋହୂ ଆଦି ଏକଠି ହୋଇ ମିଳି ମିଶି ମଦ ପିଅନ୍ତି ଓ ମାଂସ ଖାଆନ୍ତି । ଜଣେ ସ୍ତ୍ରୀକୁ ଉଲଗ୍ନ କରି ତାର ଜନନେନ୍ଦ୍ରିୟକୁ ସବୁ ଲୋକ ପୂଜା କରନ୍ତି । ତାର ନାମ ଦିଆଯାଏ ଦୁର୍ଗା । ସେହିପରି ଜଣେ ପୁରୁଷକୁ ଲଙ୍ଗଳା କରି ତାର ଗୁପ୍ତଇନ୍ଦ୍ରିୟକୁ ସ୍ତ୍ରୀମାନେ ପୂଜା କରିଥାନ୍ତି । ମଦ ପିଇ ପିଇ ନିଶାରେ ସମସ୍ତେ ଉନ୍ମତ୍ତ ହୋଇଗଲେ, ସ୍ତ୍ରୀମାନଙ୍କର ବସ୍ତ୍ରକୁ ଦେହରୁ ଓହ୍ଲାଇ ଦେଇ ଗୋଟିଏ ପାତ୍ରରେ ରଖିଦିଅନ୍ତି । ଜଣେ ଜଣେ ପୁରୁଷ ସେହି ପାତ୍ରରେ ହାତ ପୂରାଇ ଖଣ୍ଡିଏ ଖଣ୍ଡିଏ ବସ୍ତ୍ର ବାହାର କରନ୍ତି । ଯେଉଁ ସ୍ତ୍ରୀର ବସ୍ତ୍ର ଯେଉଁ ପୁରୁଷର ହାତରେ ପଡେ ସେ ସେହି ସ୍ତ୍ରୀକୁ ଉପଭୋଗ କରେ । ସେହି ସ୍ତ୍ରୀ ମାଆ ହୋଇଥାଉ, ଭଉଣୀ, ବୋହୂ ଯେ କେହି ହୋଇଥାଉ ସମ୍ଭୋଗ କରିବାରେ

କୌଣସି କଟକଣା ନଥାଏ । ଅତ୍ୟଧିକ ନିଶା ହୋଇଗଲେ ନିଘ ନିଘ ଭିତରେ ମାଡଗୋଳ ମଧ୍ୟ ହୁଅନ୍ତି । ବଡିଭୋରରୁ ଅନ୍ଧାର ଥାଉଁ ଥାଉଁ ସେମାନେ ନିଘ ନିଘ ଘରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଘରକୁ ଆସି ମାଆ, ଝିଅ, ଭଉଣୀ, ବୋହୂ ରୂପରେ ପୁଣି ରହନ୍ତି । ବୀଜମାର୍ଗୀମାନେ ସମାଗମ କଲାପରେ ବୀର୍ଯ୍ୟକୁ ଜଳରେ ମିଶାଇ ପିଇ ଦିଅନ୍ତି । ଏହି ପାମରମାନେ ଏସବୁ କୁକୃତ୍ୟକୁ ମୁକ୍ତିର ପଥ ବୋଲି ବିଚାର କରନ୍ତି । ବିଦ୍ୟାବିଚାର ଓ ସଜ୍ଜନତାଠାରୁ ଏମାନେ ସର୍ବଦା ଦୂରେଇ ରହନ୍ତି ।

ପ୍ରଶ୍ନ :- ତେବେ ଶୈବମାନେ ତ ଭଲ ?

ଉତ୍ତର :- ଭଲ ଆଉ କିପରି ହେଲେ ? ଯେପରି ପ୍ରେତନାଥ ସେପରି ଭୂତନାଥ । ବାମମାର୍ଗୀମାନେ ମନ୍ତ୍ରୋପଦେଶ ଛଳରେ ଯେପରି ଲୋକଙ୍କ ଧନ ଲୁଣ୍ଠନ କରନ୍ତି, ସେହିପରି ଶୈବମାନେ ମଧ୍ୟ । **"ଓଁ ନମଃ ଶିବାୟ"** ଏହି ପଞ୍ଚାକ୍ଷର ମନ୍ତ୍ରଉପଦେଶ ଦିଅନ୍ତି । ରୁଦ୍ରାକ୍ଷ ଓ ଭସ୍ମଧାରଣ କରନ୍ତି । ମାଟି କିମ୍ବା ପଥରରେ ଲିଙ୍ଗ ତିଆରି କରି ପୂଜା କରନ୍ତି । ହର-ହର ବମ୍-ବମ୍ ଆଦି ଓ ଛେଳିମାନଙ୍କ ଭଳି ବତ୍ ବତ୍ ଶବ୍ଦକରନ୍ତି । ଏ ସବୁର କାରଣ ପଚାରିଲେ ସେମାନେ କହନ୍ତି...... ତାଳି ବଜାଇଲେ ଓ ବମ୍ ବମ୍ କହିଲେ ପାର୍ବତୀ ପ୍ରସନ୍ନ କିନ୍ତୁ ମହାଦେବ ରୁଷ୍ଟ ହୁଅନ୍ତି । କାରଣ ଭସ୍ମାସୁରଠାରୁ ଶିବ ଯେତେବେଳେ ଦୌଡ଼ି ପଳାଉ ଥିଲେ ସେତେବେଳେ ବମ୍, ବମ୍ କହି ଅଟ୍ଟହାସ୍ୟ କରି ତାଳି ମରାଯାଇଥିଲା । ସେହିପରି ଗାଲରେ ହାତମାରି ଛେଳିପରି ରଡ଼ି କଲେ ପାର୍ବତୀ ଅପ୍ରସନ୍ନ କିନ୍ତୁ ମହାଦେବ ପ୍ରସନ୍ନ ହୁଅନ୍ତି । ଯେଣୁ ପାର୍ବତୀଙ୍କ ପିତା ଦକ୍ଷ ପ୍ରଜାପତିଙ୍କ ମୁଣ୍ଡ କାଟି ଯଜ୍ଞରେ ପକାଇବା ପରେ ପରେ ତାଙ୍କ ବେକ ଉପରେ ଛେଳିମୁଣ୍ଡ ଯୋଡ଼ାଯାଇଥିଲା । ସେହି ଛେଳି ବୋବାଳିକୁ ଅନୁସରଣ କରି ଗାଲକୁ ମାରି ଶବ୍ଦ କରିବାକୁ ହୁଏ । ଶିବଭକ୍ତମାନେ ଶିବ ଚତୁର୍ଦ୍ଦଶୀରେ ଉପବାସ କରି ରାତିରେ ଉଜାଗର ରହନ୍ତି । ଯେଣୁ ସେମାନେ ଏସବୁକୁ ମୋକ୍ଷର ପଥ ବୋଲି ବିବେଚନା କରିଥାନ୍ତି । ବାମମାର୍ଗୀଙ୍କପରି ଏମାନେ ମଧ୍ୟ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇଛନ୍ତି । ଏମାନଙ୍କ ମଧ୍ୟରେ କନଫଟେଟ, ନାଥ, ଗିରି , ପୁରୀ, ବନ, ଅରଣ୍ୟ, ପର୍ବତ ଓ ସାଗର ସମ୍ପ୍ରଦାୟ ତଥା ଗୃହସ୍ଥ ମଧ୍ୟ ଶୈବ ଅଟନ୍ତି । କେହି କେହି ଏକାଥରକେ ଦିଓଟି ଘୋଡ଼ା ଚଢ଼ିଥାନ୍ତି, ଅର୍ଥାତ୍ ବାମମାର୍ଗୀ ଓ ଶୈବ ଉଭୟ ମତକୁ ମାନିଥାନ୍ତି । କେହି କେହି ବୈଷ୍ଣବ ମଧ୍ୟ ବୋଲାନ୍ତି ।

ଅନ୍ତଃ ଶାକ୍ତା ବହିଶ୍ଶୈବାଃ ସଭାମଧ୍ୟେ ଚ ବୈଷ୍ଣବାଃ ।

ନାନାରୂପ ଧରାଃ କୌଳା ବିଚରନ୍ତି ମହୀତଳେ ॥

(କୁଳାର୍ଣ୍ଣବ ତନ୍ତ୍ର ଏକାଦଶ ଉଲ୍ଲାସ)

ଏହା ହେଉଛି ତନ୍ତ୍ର ଶ୍ଲୋକ । ଭିତରେ ଶାକ୍ତ ଅର୍ଥାତ୍ ବାମମାର୍ଗୀ ଓ ବାହାରେ ଶୈବ ରୁଦ୍ରାକ୍ଷ, ଭସ୍ମ ଧାରଣ କରନ୍ତି । ସଭାରେ ବୈଷ୍ଣବ ଅର୍ଥାତ୍ ଆମ୍ଭେ ବିଷ୍ଣୁଙ୍କ ଉପାସକ ବୋଲି କହନ୍ତି । ବାମମାର୍ଗୀମାନେ ଏପରି ନାନାରୂପ ଧାରଣକରି ସଂସାରରେ ବିଚରଣ କରନ୍ତି ।

ପ୍ରଶ୍ନ :- ତେବେ ବୈଷ୍ଣବମାନେ ଉତ୍ତମ ନୁହନ୍ତି କି ?

ଉତ୍ତର :- ସେମାନେ ମଧ୍ୟ କେବେ ଭଲ ନୁହନ୍ତି । ସେମାନେ ଯେଉଁପରି ଏମାନେ ମଧ୍ୟ ସେହିପରି । ବୈଷ୍ଣବମାନଙ୍କ ଲୀଳା ଦେଖ । ନିଜକୁ ବିଷ୍ଣୁଙ୍କର ଦାସ ବୋଲି ମନେ କରନ୍ତି । ସେମାନଙ୍କ ମଧ୍ୟରେ ଶ୍ରୀ ବୈଷ୍ଣବମାନେ ଚକ୍ରାଙ୍କିତ ହୁଅନ୍ତି । ସେମାନେ ନିଜକୁ ସମସ୍ତଙ୍କଠାରୁ ଶ୍ରେଷ୍ଠ ବୋଲି ମନେ କରନ୍ତି । କିନ୍ତୁ ଦେଖିବାକୁ ଗଲେ ସେମାନେ କିଛି ହିଁ ନୁହନ୍ତି ।

ପ୍ରଶ୍ନ :- କିପରି କିଛି ହିଁ ନୁହନ୍ତି । ସେମାନେ ସବୁକିଛି ଅଟନ୍ତି । ଦେଖ ଯେ, ଲଲାଟରେ ନାରାୟଣଙ୍କ ଚରଣାରବିନ୍ଦ ସଦୃଶ ତିଳକ ଓ ମଧ୍ୟରେ ହଳଦିଆ ରେଖା ଶ୍ରୀ ଥାଏ । ଏଣୁ କରି ଆମ୍ଭେ ନିଜକୁ ଶ୍ରୀ ବୈଷ୍ଣବ ବୋଲି କହିଥାଉଁ । କେବଳ ନାରାୟଣଙ୍କ ବ୍ୟତୀତ ଅନ୍ୟ କାହାକୁ ମାନୁନାହୁଁ । ମହାଦେବଙ୍କ ଲିଙ୍ଗ ମଧ୍ୟ ଦର୍ଶନ କରାଯାଏ ନାହିଁ । କାରଣ ଆମ୍ଭମାନଙ୍କ ଲଲାଟରେ ଶ୍ରୀ ବିରାଜମାନ କରିଛନ୍ତି । ଲିଙ୍ଗକୁ ଦେଖି ସେ ଲଜ୍ଜିତା ହୁଅନ୍ତି । ଆମ୍ଭେ ଆଲମନ୍ଦାରାଦି ସ୍ତୋତ୍ର ପାଠକରୁଁ । ମନ୍ତ୍ର ପାଠପୂର୍ବକ ନାରାୟଣଙ୍କୁ ପୂଜାକରୁଁ । ମାଛ ମାଂସ ଖାଉନାହୁଁ କି ମଦ୍ୟପାନ ମଧ୍ୟ କରୁନାହୁଁ । ତେବେ କିପରି ଆମ୍ଭେ ଉତ୍ତମ ନୋହୁଁ ?

ଉତ୍ତର :- ତୁମର ସେହି ତିଳକକୁ ନାରାୟଣଙ୍କ ପାଦଚିହ୍ନ, ତହିଁରେ ଥିବା ପୀତବର୍ଣ୍ଣ ରେଖାକୁ **"ଶ୍ରୀ"** କହିବା ବାଚାଳତା ବ୍ୟତୀତ ଅନ୍ୟ କିଛି ନୁହେଁ । କାହିଁକିନା ଏହା ହେଉଛି ତୁମ ହାତର କାରିଗରି, ଲଲାଟରେ ଚିତ୍ର ବିଶେଷ ଦିଆଯାଇଛି । ହାତୀମୁଣ୍ଡକୁ ଯେପରି ଚିତ୍ର ବିଚିତ୍ର କରାଯାଇଥାଏ, ତାମଧ୍ୟ ହେଉଛି ଠିକ୍ ସେହିପରି । ତୁମମାନଙ୍କ ଲଲାଟରେ ବିଷ୍ଣୁଙ୍କର

ପଦଚିହ୍ନ ଆସିଲା କେଉଁଠୁ ? କେହି ଜଣ ବୈକୁଣ୍ଠକୁ ଯାଇ ବିଷ୍ଣୁପଦଚିହ୍ନ ମସ୍ତକରେ ଅଙ୍କନକରି ଆଣିଥିଲ କି ?

ବିବେକୀ :- ତୁମ କପାଳର ଶ୍ରୀ ରେଖାଟି ଚେତନ ନା ଜଡ଼ ?

ବୈଷ୍ଣବ :- ଚେତନ ।

ବିବେକୀ :- ତେବେ ଏ ରେଖାଟି ଜଡ଼ ହୋଇଥିବାରୁ କେବେ "ଶ୍ରୀ" ନୁହନ୍ତି । ଆମେ ପଚାରୁଛୁଁ ତୁମେ "ଶ୍ରୀ" କୁ ତିଆରି କରିଛ ନା ସେ ସ୍ୱୟଂ ନିର୍ମିତ ? ଯଦି ସ୍ୱୟଂ ନିର୍ମିତ ତେବେ ତାହା "ଶ୍ରୀ" ନୁହେଁ । ଯେଣୁ ପ୍ରତିଦିନ ତୁମେ ତାକୁ ହାତରେ ଅଙ୍କନ କରୁଛ, ତେଣୁ ତାମଧ୍ୟଶ୍ରୀ ହୋଇ ପାରିବ ନାହିଁ । ଯଦି ତୁମ ଲଲାଟରେ ଶ୍ରୀ ରହିଛନ୍ତି, ତେବେ ଅନେକ ବୈଷ୍ଣବଙ୍କର ଖରାପମୁଖ ଅର୍ଥାତ୍ ସୌନ୍ଦର୍ଯ୍ୟ ବିହୀନ କାହିଁକି ଦେଖାଯାଇଥାଏ ? ଲଲାଟରେ ଶ୍ରୀ ଧାରଣ କରିଛ, ତଥାପି ଘର ଘର ବୁଲି ଭିକ୍ଷାକରି ଜୀବିକା ନିର୍ବାହ କରୁଛ କିପରି ? କପାଳରେ ଶ୍ରୀ ଧାରଣ କରିବା, ପୁଣି ଦୀନହୀନାବସ୍ଥା ଭୋଗିବା ବୁଦ୍ଧିହୀନ ଓ ନିର୍ଲ୍ଲଜଙ୍କ ବିଷୟ ବୋଲିବାକୁ ହେବ ।

ଏମାନଙ୍କ ମଧ୍ୟରେ "ପରିକାଳ" ନାମରେ ଜଣେ ବୈଷ୍ଣବ ଥିଲା । ସେ ଚୋରି ଡକାୟତି କରି ଛଳକପଟରେ ଅନ୍ୟମାନଙ୍କଠାରୁ ଧନଆଣି ବୈଷ୍ଣବମାନଙ୍କୁ ଦେଇ ଅତ୍ୟନ୍ତ ପ୍ରସନ୍ନ ହୁଏ । ଦିନେ ସେ ଚୋରି କରିବାକୁ ଯାଇଥିଲା, ଦୈବାତ୍ ସେଦିନ ତାକୁ କିଛି ମିଳିଲା ନାହିଁ । ତେଣୁ ସେ ଅତ୍ୟନ୍ତ ବ୍ୟାକୁଳ ହୋଇ ବୁଲୁଥିଲା । ନାରାୟଣ ବୁଝିପାରିଲେ ଯେ ମୋର ଭକ୍ତ ଜଣେ ଦୁଃଖ ପାଉଛି । ତାପରେ ସେ ଜଣେ ସେଠର ବେଶକୁ ଧାରଣ କରି, ମୂଲ୍ୟବାନ୍ ଅଳଙ୍କାରମାନ ପରିଧାନ କରି, ରଥ ଉପରେ ବସି, ସେହି ଭକ୍ତ ନିକଟରେ ଯାଇ ପହଞ୍ଚିଲେ । ତତ୍କ୍ଷଣାତ୍ ପରିକାଳ ରଥ ନିକଟରେ ଯାଇ ପହଞ୍ଚିଲା । ସେଠଙ୍କୁ କହିଲା...... ସମସ୍ତ ଅଳଙ୍କାର ମୋତେ ଦେଇଦେ । ନୋଚେତ୍ ତୋତେ ଜୀବନରେ ମାରିଦେବି । ନାରାୟଣ ଅଳଙ୍କାରସବୁ ଉତାରି ଦେଲେ । ଅଙ୍ଗୁଳୀରୁ ମୁଦୀ ବାହାର କରୁ କରୁ ବିଳମ୍ବ ହେବା ଦେଖି ପରିକାଳ ମୁଦୀ ସହିତ ଅଙ୍ଗୁଳିକୁ ମଧ୍ୟ କାଟିନେଲା । ତହୁଁ ନାରାୟଣ ଖୁସି ହୋଇ ଚତୁର୍ଭୁଜ ମୂର୍ତ୍ତି ଧାରଣକରି କହିଲେ ..... ତୁ ହେଉଛୁ ମୋର ବଡ଼ ପ୍ରିୟ ଭକ୍ତ । କାରଣ ଲୁଟପାଟ, ଚୋରି କରି ଆଣୁଥିବା ସମସ୍ତ ଧନ ସମ୍ପତ୍ତି ତୁ ବୈଷ୍ଣବମାନଙ୍କ ସେବାପାଇଁ ଦାନକରି ଦେଉଛୁ । ଏଥିପାଇଁ ତୁ ଧନ୍ୟବାଦାର୍ହ ଅଟୁ । ତାପରେ ପରିକାଳ ସମସ୍ତ ଜିନିଷ ପତ୍ର ନେଇ ବୈଷ୍ଣବମାନଙ୍କୁ ଅର୍ପଣ କରିଦେଲା ।

ଥରେ ଜଣେ ଧନୀ ସାହୁକାର ବ୍ୟବସାୟ କରିବାପାଇଁ ଜାହାଜରେ ବିଦେଶକୁ ଗଲା । ସେ ପରିକାଳକୁ ଚାକରରୂପେ ସାଥିରେ ନେଇଗଲା । ସେଠାରେ ପହଞ୍ଚି ଜାହାଜରେ ଗୁଆ ଭର୍ତ୍ତି କରାଗଲା । ଫେରିବା ସମୟରେ ପରିକାଳ ଗୋଟାଏ ଗୁଆକୁ ଦୁଇଫାଳ କରି ଗୋଟିଏ ଫାଳ ଜାହାଜରେ ରଖିଦେଲା । ବଣିକକୁ କହିଲା ....

ମୋର ଅଧେ ଗୁଆ ଏ ଜାହାଜରେ ଅଛି, ସେହି ଅଧକ ଗୁଆ ତୁମେ ମୋତେ ଦେବବୋଲି ଲେଖିଦିଅ । ସାହୁକାର କହିଲା…… ଆରେ ତୁତ ଜଣେ ଆଶ୍ଚର୍ଯ୍ୟ ଲୋକ । ଅଧେ ଗୁଆ ନେଇ କଣ କରିବୁ ? ଇଚ୍ଛାକଲେ ଏକ ହଜାର ଗୁଆ ନେଇପାରୁ । ପରିକାଳ କହିଲା — ନାହିଁ ଆଜ୍ଞା, ଏପରି ଅଧର୍ମ କରିବାକୁ ମୁଁ ଚାହୁଁନାହିଁ । ମୋର ତ ଅଧାଗୁଆ ଦରକାର । ବ୍ୟବସାୟୀ ଜଣକ ଅତି ସରଳ ଥିଲା । ସେ ଖୁସି ହୋଇ ପରିକାଳ କହିବା ପ୍ରକାରେ ତାକୁ ସେପରି ଲେଖିଦେଲା । ଜାହାଜ ଯଥା ସମୟରେ ବନ୍ଦରରେ ପହଞ୍ଚିଲା । ଜାହାଜରୁ ଗୁଆ ବାହାର କରାଗଲା । ସେତେବେଳେ ପରିକାଳ ତାର ଅଧେ ଗୁଆ ଦେବାପାଇଁ ବଣିକକୁ କହିଲା । ତାପରେ ସେ ତାକୁ ଫାଳଗୁଆଟି ଦେଲା । ତା ଦେଖି ପରିକାଳ ଦାବିକଲା ଯେ ଜାହାଜରେ ଥିବା ଅଧେ ଗୁଆ ମୋର । ଉଭୟଙ୍କ ମଧ୍ୟରେ ବିବାଦ ହେଲା । ସମାଧାନପାଇଁ ରାଜଦରବାରକୁ ଯିଆଗଲା । ପରିକାଳ ବଣିକ ଲେଖି ଦେଇଥିବା ପତ୍ର ଦେଖାଇଲା । ରାଜା ସମସ୍ତ ବିଷୟ ବିଚାର କରି ଜାହାଜରେ ଥିବା ମୋଟ୍ ସୁପାରୀରୁ ଅଧେ ପରିକାଳକୁ ଦେବାପାଇଁ ନିଷ୍ପତ୍ତି ଶୁଣାଇଦେଲେ । ତାପରେ ସେ ଜାହାଜର ଅଧେ ଗୁଆ ନେଇ ବୈଷ୍ଣବମାନଙ୍କୁ ଦେଲା । ସେସବୁ ପାଇ ସେମାନେ ସମସ୍ତେ ଅତ୍ୟନ୍ତ ସନ୍ତୁଷ୍ଟ ହେଲେ । ଆଜିପର୍ଯ୍ୟନ୍ତ ସେହି ଚୋର, ଖଣ୍ଡ, ଢକାୟତ ପରିକାଳର ପ୍ରତିମୂର୍ତ୍ତି ମନ୍ଦିରମାନଙ୍କରେ ରଖାଯାଉଛି । ଏହି ବିଷୟ ଭକ୍ତମାଳ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି । ବୁଦ୍ଧିମାନ୍ ଲୋକେ ବିଚାର କରନ୍ତୁ ଯେ, ସେହି ବୈଷ୍ଣବମାନେ ସେମାନଙ୍କ ଶିଷ୍ୟମଣ୍ଡଳୀ ତଥା ସ୍ୱୟଂ ନାରାୟଣ ଚୋର ଅଟନ୍ତି କି ନୁହନ୍ତି ? ଯଦ୍ୟପି ମତମତାନ୍ତରରେ କେହି ନା କେହି ଭଲଥାଆନ୍ତି, ତଥାପି ସେହି ମତରେ ରହି ସର୍ବଥା ଭଲ ହୋଇପାରନ୍ତି ନାହିଁ ।

ବୈଷ୍ଣବମାନେ ବିଭିନ୍ନ ଶାଖାରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ ପ୍ରକାର ତିଳକ ଧାରଣ କରିଥାନ୍ତି । ରାମାନନ୍ଦୀମାନଙ୍କର ଦୁଇପଟରେ ଶୁକ୍ଳ ଗୋପୀ ଚନ୍ଦନ ପୁଣି ତା ମଧ୍ୟରେ ଲାଲରେଖା, ନିମାଉତମାନଙ୍କର ଦୁଇପାଖ ସରୁ ଶୁକ୍ଳଗାର, ତା ମଝିରେ କଳା ବିନ୍ଦୁ, ମାଧବମାନଙ୍କର ଏକମାତ୍ର କଳାଗାର, ଗୌଡ଼ ବଙ୍ଗାଳୀମାନଙ୍କର କଟାରୀପରି ରେଖା, ରାମପ୍ରସାଦୀମାନଙ୍କର ଦୁଇପାଖେ ଅର୍ଦ୍ଧଚନ୍ଦ୍ରାକାର ରେଖାମଧ୍ୟରେ ଏକ ଶୁକ୍ଳ ବିନ୍ଦୁ । ବିଭିନ୍ନ ଶାଖାରେ ଯେଉଁ ଭିନ୍ନ ଭିନ୍ନ ତିଳକ ବ୍ୟବହାର କରାଯାଉଛି, ତାର ମଧ୍ୟ ଭିନ୍ନ ଭିନ୍ନ ଅର୍ଥ । ରାମାନନ୍ଦୀମାନେ ନାଲିରେଖାକୁ ଲକ୍ଷ୍ମୀଙ୍କ ଚିହ୍ନ ଓ ନାରାୟଣଙ୍କ ହୃଦୟରେ ଶ୍ରୀ କୃଷ୍ଣଚନ୍ଦ୍ରଙ୍କ ହୃଦୟରେ ରାଧା ବିରାଜମାନ କରିଛନ୍ତି, ଏପରି କଥାମାନ କହିଥାନ୍ତି ।

ଗୋଟାଏ କଥା ଭକ୍ତମାଳରେ ଉଲ୍ଲେଖ କରାଯାଇଛି । କୌଣସି ଲୋକ ଜଣେ ଗଛମୂଳରେ ଶୋଇଥିଲା । ଶୋଇଥିବା ଅବସ୍ଥାରେ ତାର ମୃତ୍ୟୁ ହେଲା । ଗଛ ଉପରେ ଥିବା କୁଆଟିଏ ତା ଲଲାଟରେ ମଳତ୍ୟାଗ କରିଦେଲା । ସେହି ମଳ ଲଲାଟଉପରେ ପଡ଼ି ତିଳକାକାର ହୋଇଗଲା । ତାକୁ ନେବାପାଇଁ ଯମଦୂତମାନେ ଆସି ପହଞ୍ଚିଗଲେ । ଇତିମଧ୍ୟରେ ବିଷ୍ଣୁଙ୍କ ଦୂତ ମଧ୍ୟ ଆସିଗଲେ । ଉଭୟଙ୍କ ମଧ୍ୟରେ କଳହ ସୃଷ୍ଟିହେଲା । ଯମଦୂତମାନେ କହିଲେ — ଆମରି ପ୍ରଭୁ କହିଛନ୍ତି ଆମେ ଏହାକୁ ଯମପୁରକୁ ନେବୁ । ତାର ପ୍ରତିବାଦ କରି ବିଷ୍ଣୁଙ୍କ ଦୂତ କହିଲେ — ଆମ ପ୍ରଭୁ ଏହାକୁ ବୈକୁଣ୍ଠକୁ ନେବାପାଇଁ ଆଦେଶ ଦେଇଛନ୍ତି । କାରଣ ଏହାର ଲଲାଟରେ ବୈଷ୍ଣବୀ ତିଳକ ଶୋଭାପାଉଛି । ତୁମେ ତାକୁ କିପରି ନେବ ? ଏହାଶୁଣି ଯମଦୂତମାନେ ନୀରବହୋଇ ଫେରିଗଲେ । ବିଷ୍ଣୁଙ୍କର ଦୂତମାନେ ଆନନ୍ଦରେ ତାକୁ ବୈକୁଣ୍ଠକୁ ନେଇଗଲେ । ନାରାୟଣ ତାକୁ ନେଇ ବୈକୁଣ୍ଠରେ ରଖାଇଲେ । ବିଚାର କରନ୍ତୁ ଆକସ୍ମିକ ଭାବେ ତିଳକ ହୋଇଯିବାରୁ ତାର ଯଦି ଏତେ ମାହାତ୍ମ୍ୟ ଅଛି, ତେବେ ଯେଉଁମାନେ ଅତ୍ୟନ୍ତ ଶ୍ରଦ୍ଧାରେ ନିଜ ହାତରେ ତିଳକ କରନ୍ତି, ସେମାନେ ନରକରୁ ମୁକ୍ତ ହୋଇ ବୈକୁଣ୍ଠପୁରକୁ ଯିବାରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ? ଆମେ ଏଠାରେ ପ୍ରଶ୍ନ କରୁଛୁଁ — ଛୋଟ ତିଳକଟିଏ କରିବାଦ୍ୱାରା ମଣିଷ ଯଦି ବୈକୁଣ୍ଠକୁ ଯାଉଛି, ତେବେ ମୁହଁସାରା, କିମ୍ବା ଶରୀରର ସର୍ବତ୍ର କଳାଧଳା ତିଳକ ଲେପନ କଲେ, ବୈକୁଣ୍ଠଠାରୁ ଆହୁରି ଉଚ୍ଚ ପ୍ରଦେଶକୁ ଯାଇପାରିବ କି ନାହିଁ ? ଏଣୁ ଏସବୁ ହେଉଛି ବ୍ୟର୍ଥ ତଥା ନିରର୍ଥକ ।

ଏହି ବୈଷ୍ଣବମାନଙ୍କ ମଧ୍ୟରେ ଏପରି ଅନେକ ଖାଖୀ ଅଛନ୍ତି ଯେଉଁମାନେକି କାଠ ଖୋଳର କୌପୀନ ମାରି ଧୁନୀ ଜାଳି ସେକି ହୁଅନ୍ତି । ମୁଣ୍ଡରେ ଜଟାବାନ୍ଧି ସିଦ୍ଧ ଯୋଗୀଙ୍କପରି ଦେଖାଇ ହୁଅନ୍ତି । ବଗଭଳି ଧ୍ୟାନାବସ୍ଥିତ ହୋଇ ରହନ୍ତି । ଗଞ୍ଜା, ଭାଙ୍ଗ, ଚରସର ଦମ୍ ଟାଣନ୍ତି । ଆଖି ଲାଲ୍ ଲାଲ୍ କରିଥାନ୍ତି । ପୁଣି ଲୋକଙ୍କଠାରୁ ଚାଉଳ, ଅଟା, ଡାଲି,ପେସା, କଉଡ଼ି ପ୍ରଭୃତି ସଂଗ୍ରହ କରନ୍ତି । ଗୃହସ୍ଥମାନଙ୍କ ପିଲାଙ୍କୁ ଠକିନେଇ ନିଜର ଶିଷ୍ୟକରି ରଖନ୍ତି । ମଜୁରିକରି ପେଟ ପୋଷୁଥିବା ଅନେକଲୋକ ଏହି ଖାଖୀ ଶ୍ରେଣୀଭୁକ୍ତ ହୋଇଥାନ୍ତି । କେହି ଯଦି ପାଠ ପଢ଼ିବାକୁ ଚାହେଁ ତେବେ ସେମାନେ ପଢ଼ିବାକୁ ଦିଅନ୍ତି ନାହିଁ । କହିଥାନ୍ତି ଯେ ·····

"ପଠିତବ୍ୟଂ ତଦପି ମର୍ତ୍ତବ୍ୟଂ, ନ ପଠିତବ୍ୟଂ ତଦପି ମର୍ତ୍ତବ୍ୟଂ,ଦନ୍ତ କଟାକଟେତି କିଂ କର୍ତ୍ତବ୍ୟମ୍" । ସାଧୁ ସନ୍ଥମାନଙ୍କର ବିଦ୍ୟା ଅଧ୍ୟୟନ କରିବାର

ଆବଶ୍ୟକତା ନାହିଁ । ଯେଣୁ ବିଦ୍ୱାନ୍ ହେଉ ଅବିଦ୍ୱାନ୍ ହେଉ ସମସ୍ତଙ୍କୁ ମରିବାକୁ ହେବ । ତେବେ ପାଠ ଘୋଷି ଦାନ୍ତ କଟ,କଟ କରିବ କାହିଁକି ? ଚାରିଧାମ ତୀର୍ଥ କରିବା, ସନ୍ଥ ସେବା କରିବା ଓ ରାମନାମ ଭଜନ କରିବା ହିଁ ସାଧୁମାନଙ୍କର କାମ ।

ଯଦି କୌଣସି ବ୍ୟକ୍ତି ମୂର୍ଖ, ଅପାଠୁଆଙ୍କ ମୂର୍ତ୍ତି ଦେଖିନାହିଁ, ତେବେ ସେ ଖାଖୀ ସାଧୁଙ୍କୁ ଯାଇ ଦେଖୁ । ସେହି ଖାଖୀମାନଙ୍କ ନିକଟକୁ ଯିଏ ଯାଉନା କାହିଁକି, ସେ ଖାଖୀ ସାଧୁଙ୍କର ପିତା-ମାତା ସଦୃଶ ବୃଦ୍ଧବୃଦ୍ଧା ହୋଇଥିଲେ ମଧ୍ୟ ତାକୁ ପିଲା, ଛୁଆ ବୋଲି ସମ୍ବୋଧନ କରନ୍ତି । ଖାଖୀ ଯେପରି ଅଟନ୍ତି, ସେହିପରି ରୁଖଡ, ସୁଖଡ, ଗୋଦଡିୟେ, ଜମାତବାଲା, ସୁତରେ ସାଇ, ଅକାଳୀ, କାନଫୋଡାଯୋଗୀ ଓ ଔଘଡାଦି ମଧ୍ୟ ଅଟନ୍ତି । ଏମାନେ ସମସ୍ତେ ହେଉଛନ୍ତି ଏକ ଜାତୀୟ ।

ଜଣେ ଖାଖୀର ଚେଲା " ଶ୍ରୀ ଗଣେଶାୟ ନମଃ " ବୋଲି ଘୋଷି ଘୋଷି କୂଅକୁ ପାଣି ଆଣିବାପାଇଁ ଗଲା । ଆଗରୁ ଜଣେ ପଣ୍ଡିତ ସେଠାରେ ବସିଥିଲେ । ସେହି ଚେଲାକୁ "ସ୍ରୀ ଗନେସା ଜନମେ " ଏପରି ଅଶୁଦ୍ଧ ବୋଲୁଥିବାର ଦେଖି, ତାକୁ କହିଲେ ହେ ସାଧୁ ! ଅଶୁଦ୍ଧ ଉଚ୍ଚାରଣ କାହିଁକି କରୁଛ ? ତାହା " ଶ୍ରୀ ଗଣେଶାୟ ନମଃ " ହେବ । ସେହି ଚେଲା ସେଠାରୁ ଶୀଘ୍ର ଚାଲିଯାଇ ତା ଗୁରୁଙ୍କୁ କହିଲା ---- ଏ ବମ୍ଭନ ମୋ ଉଚ୍ଚାରଣକୁ ଅଶୁଦ୍ଧ ବୋଲି କହୁଛି । ତାହା ଶୁଣି ସେହି ଖାଖୀ ଗୁରୁ କୂଅ ନିକଟକୁ ଯାଇ ପଣ୍ଡିତଙ୍କୁ କହିଲେ ---- ତୁ ମୋର ଚେଲାକୁ ଭୁଲାଉଅଛୁ । ତୁ ମୂର୍ଖ କେତେ ପଢ଼ିଛୁ ? ତୁ ସିନା ଗୋଟିଏ ପ୍ରକାର ପାଠ ଜାଣିଛୁ ।ଦେଖ, ଆମେ ତିନି ପ୍ରକାର ଜାଣିଛୁ । **"ସ୍ରୀ ଗନେସାଜନ୍ନ ମେଁ" "ସ୍ରୀ ଗନେସାୟନ୍ନମେ" "ଶ୍ରୀ ଗନେସାୟ ନମେଁ"** ।

ପଣ୍ଡିତ :- ଶୁଣନ୍ତୁ ସାଧୁ ମହାରାଜ ! ବିଦ୍ୟା ହେଉଛି ଅତି କଠିନ । ତାକୁ ନ ପଢ଼ିଲେ ହେବ ନାହିଁ ।

ଖାଖୀ :- ଯାଆ ବେ ! ତୁମ ପରି କେତେ ବିଦ୍ୱାନଙ୍କୁ ଚିପରେ ଦଳି ମୁଁ ଚିଲମରେ ପୂରାଇ ଫୁଙ୍କି ଦେଇଛି । ସାଧୁ ଲୋକର ଶକ୍ତି କେତେ, ତୁ ବାପୁଡା ତା କିପରି ଜାଣିବୁ ?

ପଣ୍ଡିତ :- ଦେଖ ସାଧୁ, ପ୍ରକୃତରେ ତୁମେ ଯଦି ବିଦ୍ୟା ପଢ଼ିଥାନ୍ତ, ତେବେ ଏପରି ଅପଶବ୍ଦ ପ୍ରୟୋଗ କରନ୍ତ ନାହିଁ । ତୁମର ସବୁପ୍ରକାର ଜ୍ଞାନ ଥାଆନ୍ତା ।

ଖାଖୀ :- ଆବେ ! ତୁ ତେବେ ଆମର ଗୁରୁ ହୋଇଯାଉଛୁ ? ତୋର ଉପଦେଶ ଆମେ ଶୁଣିବୁ ନାହିଁ ।

ପଣ୍ଡିତ :- ଶୁଣିବ ବା କିପରି ? ବୁଦ୍ଧି ତ ମୋଟେ ନାହିଁ । ଉପଦେଶ ଶୁଣିବାପାଇଁ, ଓ ବୁଝିବାପାଇଁ ମଧ୍ୟ ବୁଦ୍ଧି ଆବଶ୍ୟକ ।

ଖାଖୀ :- ଯେଉଁମାନେ ବେଦଶାସ୍ତ୍ର ପଢ଼ି ସାଧୁସନ୍ଥମାନଙ୍କୁ ମାନନ୍ତି ନାହିଁ, ସେମାନେ କିଛି ପଢ଼ିନାହାନ୍ତି ବୋଲି ବିଚାରିବାକୁ ହେବ ।

ପଣ୍ଡିତ :- ହଁ, ଆମ୍ଭେ ସନ୍ଥଙ୍କ ସେବା କରୁଛୁ । କିନ୍ତୁ ତୁମପରି ଅପଦାର୍ଥଙ୍କ ସେବା କରୁ ନାହୁଁ । ସଜ୍ଜନ, ବିଦ୍ୱାନ୍, ଧାର୍ମିକ ଓ ପରୋପକାରୀ ବ୍ୟକ୍ତିମାନେ ହିଁ ହେଉଛନ୍ତି ପ୍ରକୃତ ସନ୍ଥ **ଖାଖୀ :-** ଦେଖ, ଦିନ ରାତି ସବୁବେଳେ ଆମେ ଉଲଗ୍ନ ରହୁଛୁ, ଧୁନୀ ଜାଳୁଛୁ, ଗଞ୍ଜା ଓ ଚରସର ଶହଶହ ଦମ୍ ଟାଣୁଛୁ, ତିନି ତିନି ଢାଳ ଭାଙ୍ଗ ପିଇଦେଉଛୁ । ଗଞ୍ଜା, ଭାଙ୍ଗ ଓ ଧାତୁରାପତ୍ରକୁ ଶାଗରୂପେ ଖାଉଁ, ଶଙ୍ଖିଆକୁ ଅଫିମରେ ମିଶାଇ ଚଟ୍ କରି ଗିଳି ଦେଉଛୁଁ, ରାତିଦିନ ସବୁବେଳେ ନିଶାରେ ମସ୍ତ ରହୁଁଛୁ ସଂସାର ଜଞ୍ଜାଳ ବୋଲି ଆମର କିଛି ନାହିଁ, ଭିକ ମାଗି ଆମେ ଚଳୁଛୁ, ରାତିସାରା ଏପରି କାଶ ହୁଏ ଯେ ପାଖରେ ଯିଏ ଶୋଉନା କାହିଁକି ତାକୁ ନିଦ ଆସିବ ନାହିଁ, ଏସବୁ ସିଦ୍ଧି ଓ ସାଧୁପଣ ଆମପାଖରେ ଅଛି । ତୁ ପୁଣି ଆମର ନିନ୍ଦା କରୁଛୁ ? ସାବଧାନ ! ଆମକୁ ବିରକ୍ତ କଲେ,ତୋତେ ଭସ୍ମ କରିଦେବାପାଇଁ କୁଣ୍ଠାବୋଧ କରିବୁ ନାହିଁ ।

ପଣ୍ଡିତ :- ଅସାଧୁ, ମୂର୍ଖ, ଗୋବରଗଣ୍ଡମାନଙ୍କର ଏପରି ଲକ୍ଷଣ ଥାଏ, ସାଧୁମାନଙ୍କର ଲକ୍ଷଣ ସେପରି ନୁହେଁ । " **ସାଧ୍ନୋତି ପରାଣି ଧର୍ମକାର୍ଯ୍ୟାଣି ସ ସାଧୁଃ** " ଯେ ଉତ୍ତମ ଧର୍ମଯୁକ୍ତ କର୍ମ କରେ, ସର୍ବଦା ପରୋପକାରରେ ପ୍ରବୃତ୍ତ ହୋଇଥାଏ, ଯା ନିକଟରେ କୌଣସି ଦୁର୍ଗୁଣ ନଥାଏ, ବିଦ୍ୱାନ, ସତ୍ୟୋପଦେଶଦ୍ୱାରା ସମସ୍ତଙ୍କର ଉପକାର କରେ, ତାକୁ ହିଁ ସାଧୁ କହନ୍ତି ।

ଖାଖୀ :- ଯା' ବେ ! ସାଧୁଙ୍କର କର୍ମ ତୁ କ'ଣ ଜାଣିବୁ ? ସନ୍ଥମାନେ ସମସ୍ତଙ୍କଠାରୁ ବଡ଼ । କୌଣସି ସନ୍ଥଙ୍କ ସହିତ ଲାଗିବୁ ନାହିଁ । ଏ ଚିମୁଟାକୁ ଦେଖୁଛୁ ,ନା ଚିମୁଟାରେ ଥରେ ମାରିଦେଲେ ତୋ ମୁଣ୍ଡ ଛତୁ ହୋଇଯିବ ।

ପଣ୍ଡିତ :- ଆଚ୍ଛା ଖାଖୀ ! ଦୟାକରି ତୁମ ଆସନକୁ ଯାଅ । ଏପରି ରାଗ ନାହିଁ । ଜାଣିଛ ରାଜ୍ୟଟା କିପରି ? କାହାକୁ ମାରିଲେ ଧରା ହେବ, ଜେଲ୍ ଯିବ, ମାଡ଼ ଖାଇବ, ତୁମକୁ କେହି ନା କେହି ମାରି ପକାଇବେ । ତୁମେ କ'ଣ କରିବ ? ଏ ସବୁ ସାଧୁମାନଙ୍କର ଲକ୍ଷଣ ନୁହେଁ ।

ଖାଖୀ:- ଚୁଲ୍ ବେ ଚେଲା । ଆଜି ଜଣେ ରାକ୍ଷସର ମୁହଁ ଦେଖାଇଲୁ ।

ପଣ୍ଡିତ:- ତୁମେ କେବେ କୌଣସି ମହାତ୍ମାଙ୍କ ସଙ୍ଗଲାଭ କରି ନାହଁ । ନତୁବା ଏପରି ଗଜମୂର୍ଖ ହୋଇ ରହି ନ ଥାନ୍ତ ।

ଖାଖୀ:- ଆମ୍ଭେ ନିଜେ ହିଁ ହେଉଛୁ ମହାତ୍ମା । ଅନ୍ୟର ସଙ୍ଗଲାଭ କରିବାର କି ଆବଶ୍ୟକତା ଅଛି ।

ପଣ୍ଡିତ:- ଯାହାର ଭାଗ୍ୟ ନଷ୍ଟ ହୁଏ, ତାହାର ତୁମ ଭଳି ବୁଦ୍ଧି ଓ ଅଭିମାନ ହୋଇଥାଏ । ଖାଖୀ ନିଜ ଆସନକୁ ଓ ପଣ୍ଡିତେ ନିଜ ଘରକୁ ଚାଲିଗଲେ । ସନ୍ଧ୍ୟା ଆରତି ଶେଷ ହେବାପରେ, ସେହି ଖାଖୀଙ୍କୁ ବୟୋବୃଦ୍ଧ ବିଚାରି ଆନ୍ୟାନ୍ୟ ଖାଖୀମାନେ "ଦଣ୍ଡୌତ" "ଦଣ୍ଡୌତ" କହି ସାଷ୍ଟାଙ୍ଗ ପ୍ରଣିପାତ କରି ବସିଲେ । ସେହି ଖାଖୀ ପଚାରିଲା ..... ଆବେ ରାମଦାସିଆ ତୁ କଣ ପଢ଼ିଛୁ ?

ରାମଦସ:- ମହାରାଜ ! ମୁଁ "ବସ୍ନୁସହସର୍ " ନାମ ପଢ଼ିଛି ।

ଖାଖୀ :- ଆବେ ଗୋବିନ୍ଦାସିଏ ! ତୁ କ'ଣ ପଢ଼ିଛୁ ?

ଗୋବିନ୍ଦ ଦାସ :- ମୁଁ " ରାମସତବରାଜ " ପଢ଼ିଛି, ଅମୁକ ଖାଖୀଙ୍କ ନିକଟରୁ । ତାପରେ **ରାମଦାସ ପଚାରିଲା :-** ମହାରାଜ ! ଆପଣ କଣ ସବୁ ପଢ଼ିଛନ୍ତି ?

ଖାଖୀ :- ଆମ୍ଭେ ଗୀତା ପଢ଼ିଛୁ ।

ରାମଦାସ :- କାହା ପାଖରୁ ?

ଖାଖୀ :- ଯାବେ ଛୁଆ ! ଆମ୍ଭେ କାହାକୁ ଗୁରୁ କରିନାହୁଁ । ଦେଖ୍ , ଆମ୍ଭେ " ପରାଗରାଜ୍" ରେ ଥିଲୁ । ଆମକୁ ଅକ୍ଷର ଆସୁ ନ ଥିଲା । ଯେତେବେଳେ ଲମ୍ବା ଚଉଡ଼ା ଧୋତି ପରିଧାନ କରିଥିବା କୌଣସି ପଣ୍ଡିତଙ୍କୁ ଦେଖୁଁ, ସେତେବେଳେ ଗୀତାଧରି ତା ନିକଟକୁ ଯାଇ, ଗୋଟାଏ ଅକ୍ଷରକୁ ଦେଖାଇ ପଚାରିଦେଉଁ ଏହାର ନାମ କଣ ? ଏହିପରି ପଚାରି ପଚାରି ଅଠର ଅଧ୍ୟାୟ ଗୀତା ଶେଷକରିଥିଲି ।ଜଣେ ମଧ୍ୟ ଗୁରୁ ଦରକାର ପଡ଼ିଲେ ନାହିଁ ।

ଏପରି ବିଦ୍ୟାର ଶତ୍ରୁମାନଙ୍କୁ ଅବିଦ୍ୟା ଘରକରି ରହିବ ନାହିଁତ ଆଉ ଅନ୍ୟ କେଉଁ ଆଡ଼େ ଯିବ ?. ଏପରି ଲୋକେ ନିଶା ଖାଇବା, ଉନ୍ମତ୍ତ ହେବା, ଲଢ଼ାଇ ଝଗଡ଼ା କରିବା, ଖାଇବା, ପିଇବା, ଶୋଇବା, ଝାଞ୍ଜ ପିଟିବା, ଘଣ୍ଟ ଶଙ୍ଖ ବଜାଇବା, ଧୁନୀ ଜାଳିବା, ବାରମ୍ବାର ଗାଧୋଇବା, ବିନା କାରଣରେ ଦେଶ ଦେଶାନ୍ତର ଭ୍ରମଣ କରିବା,

ବ୍ୟତୀତ ଅନ୍ୟ କିଛି କରନ୍ତି ନାହିଁ । କେହି ଜଣେ ପଥରକୁ ତରଳାଇ ପାରେ, କିନ୍ତୁ ଏପରି ନିର୍ବୋଧ ଖାଖୀମାନଙ୍କୁ କୌଣସି ବିଷୟ ହୃଦବୋଧ କରାଇବା ସମ୍ଭବପର ନୁହେଁ । ଯେଣୁ ଏମାନଙ୍କ ମଧ୍ୟରୁ ଅନେକେ ଶୂଦ୍ରବର୍ଣ୍ଣର, ଚାକର-ନୌକର , ଚାଷୀ, ପାଣିବାଲା ପ୍ରଭୃତି । ସେମାନେ ନିଜ ନିଜର କାମଧନ୍ଦା କରି ନ ପାରି, ବସ୍ତ୍ରକୁ ଗେରୁ ରଙ୍ଗରେ ରଙ୍ଗ କରି ଖାଖୀ ବା ବୈରାଗୀ ହୋଇଯାଇଥାନ୍ତି । ସେମାନେ ବିଦ୍ୟା ପଢ଼ିବା, ସତ୍ସଙ୍ଗ ପ୍ରଭୃତିର ମାହାତ୍ମ୍ୟ ମୋଟେ ଜାଣି ପାରନ୍ତି ନାହିଁ । ଏମାନଙ୍କ ମଧ୍ୟରୁ ନାଥମାନଙ୍କର ମନ୍ତ୍ର ..... **"ନମଃ ଶିବାୟ"** ଖାଖୀ ମାନଙ୍କର **"ନୃସିଂହାୟ ନମଃ "** ରାମାଉତମାନଙ୍କ **"ଶ୍ରୀ ରାମଚନ୍ଦ୍ରାୟ ନମଃ"** ଅଥବା **" ସୀତା ରାମାଭ୍ୟାଂ ନମଃ"** କୃଷ୍ଣ ଉପାସକଙ୍କ **"ଶ୍ରୀ ରାଧାକୃଷ୍ଣ ଭ୍ୟାଂ ନମଃ " ନମୋ ଭଗବତେ ବାସୁଦେବାୟ"** ପୁଣି ବଙ୍ଗାଳୀମାନଙ୍କର **"ଗୋବିନ୍ଦାୟ ନମଃ"** । ଏହି ମନ୍ତ୍ରକୁ କାହିଁରି କାନରେ ପଢ଼ିଦେଲାମାତ୍ରେ ସେମାନେ ତାର ଶିଷ୍ୟତ୍ୱ ଗ୍ରହଣ କରନ୍ତି । ପୁଣି ଶିକ୍ଷା ଦେଇଥାନ୍ତି କି ଛୁଆ ! ତୁ ଏହି ତୁମ୍ବା ମନ୍ତ୍ରକୁ ପଢ଼ ।

ଜଳ ପବିତର୍ ସଥଳ ପବିତର୍ ଔର୍ ପବିତର୍ କୁଆ ।
ଶିବ୍ କହେ ସୁନ୍ ପାର୍ବତୀ ତୁମ୍ବା ପବିତର୍ ହୁଆ ॥

କହିଲ ଭଲା, ଏପରି ଯୋଗ୍ୟତା ଥିବା ବ୍ୟକ୍ତି ଯଦି ସାଧୁ ବା ବିଦ୍ୱାନ୍ ହୁଅନ୍ତି ତେବେ ସେମାନେ ଜଗତର କି ଉପକାର କରିବେ ? ଖାଖୀମାନେ ଦିନରାତି ସବୁବେଳେ କାଠଗଡ଼ , ପଣି ବହୁପରିମାଣରେ ପୋଡ଼ିପକାନ୍ତି । ଗୋଟିଏ ମାସରେ ଅନେକ ଟଙ୍କାର ଜାଳେଣି ନଷ୍ଟ କରନ୍ତି। ଯଦି ଗୋଟିଏ ମାସର କାଠର ମୂଲ୍ୟରେ କମ୍ବଳାଦି ଶୀତବସ୍ତ୍ର କିଣି ବ୍ୟବହାର କରନ୍ତେ, ତେବେ ଶହେଭାଗରୁ ଗୋଟିଏ ଭାଗ ମୂଲ୍ୟ ବିନିମୟରେ ଅତ୍ୟନ୍ତ ସୁଖରେ ରହନ୍ତେ । ସେମାନଙ୍କର ଏପରି ବୁଦ୍ଧି କୁଆଡୁ ଆସିବ ? ସେମାନେ ଧୁନୀରେ କେବଳ ତପେଇ ହୋଇ ନିଜକୁ ତପସ୍ୱୀ ବୋଲାଇଥାନ୍ତି । ପ୍ରକୃତରେ ଏପରି ଯଦି ହେଉଥାନ୍ତା ତେବେ ପର୍ବତବାସୀ ଜଙ୍ଗଲୀ ଶବର ଲୋକେ ବଡ଼ ତପସ୍ୱୀ ହୋଇଯାଆନ୍ତେ । ପୁଣି କେହି ଯଦି ଜଟା ଧାରଣ, ଭସ୍ମବିଲେପନ ଓ ତିଳକ ଧାରଣଦ୍ୱାରା ତପସ୍ୱୀ ହେଉଥାଆନ୍ତା ତେବେ ଯେ କୌଣସି ଲୋକ ତପସ୍ୱୀ ହେବାରେ ଅସୁବିଧା ରହନ୍ତା ନାହିଁ । ଏଣୁ ଏମାନେ ବାହାରେ ଦେଖିବାକୁ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ କିନ୍ତୁ ଭିତରେ ଭିତରେ ମହାସଂଗ୍ରହୀ ଅଟନ୍ତି ।

ପ୍ରଶ୍ନ :- ତେବେ କବିରପନ୍ଥୀ ତ ଭଲହୋଇଥିବେ ?

ଉତ୍ତର :- ସେମାନେ ମଧ୍ୟ ଭଲ ନୁହନ୍ତି ।

ପ୍ରଶ୍ନ :- କାହିଁକି ସେମାନେ ଭଲ ନୁହନ୍ତି ? ଅନ୍ୟମାନଙ୍କ ପରି ସେମାନେତ ମୂର୍ତ୍ତିପୂଜା କରନ୍ତି ନାହିଁ । ପୁଣି କବୀର ସାହେବ ଫୁଲରୁ ଜନ୍ମ ହୋଇ ଶେଷରେ ସେହି ଫୁଲରେ ପୁଣିମିଳେଇ ଯାଇଥିଲେ । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପୂର୍ବରୁ ସେ ଆବିର୍ଭୂତ ହୋଇଥିଲେ । ସେ ଜଣେ ବଡ଼ ସିଦ୍ଧ ସାଧକ ଥିଲେ । ଏପରିକି ବେଦ, ପୁରାଣ ଯାହାକୁ ଜାଣିପାରେ ନାହିଁ, କବୀର ସାହେବ ତାକୁଜାଣି ପାରୁଥିଲେ । ଯାହା ପ୍ରକୃତ ସତ୍ୟ ରାସ୍ତା ତାକୁ ସେ ଦେଖାଇଛନ୍ତି । ତେଣୁ " ସତ୍ୟ ନାମ କବୀର " ଏହାହିଁ ହେଉଛି ତାଙ୍କର ମନ୍ତ୍ର ।

ଉତ୍ତର :- ପାଷାଣାଦି ମୂର୍ତ୍ତିପୂଜା ସିନା ସେମାନେ କରନ୍ତି ନାହିଁ, କିନ୍ତୁ ପଲଙ୍କ, ଗଦୀ, ତକିଆ, ପାଦୁକା, ଜ୍ୟୋତି ଅର୍ଥାତ୍ ଦୀପ ଇତ୍ୟାଦିକୁ ପୂଜା କରିବା ତ କୌଣସି ଗୁଣରେ ନ୍ୟୂନ ନୁହେଁ । କବୀର ସାହେବ କଣ ଫୁଲପୋକ ବା ପ୍ରଜାପତି ହୋଇଥିଲେ ଯେ ଫୁଲରୁ ବାହାରି ଫୁଲରେ ମିଳେଇ ଯାଇଥିଲେ ? ତାଙ୍କ ସମ୍ପର୍କରେ ଯେଉଁ କଥା ଶୁଣାଯାଏ ତାହା ହୁଏତ ସତ୍ୟ ହୋଇପାରେ । କାଶୀ ନଗରୀରେ କୌଣସି ଜଣେ ତନ୍ତୀ ରହୁଥିଲା । ତାର ପିଲାଛୁଆ ନଥିଲେ । ଦିନେ ସେହି ତନ୍ତୀ ବଡ଼ି ଭୋରରୁ ବଜାରକୁ ଯାଉଥିବା ସମୟରେ ଦେଖିଲା ଯେ ରାସ୍ତାକଡ଼ରେ ଗୋଟିଏ ଫୁଲ ଟୋକେଇ ଭିତରେ ସଦ୍ୟଜାତ କଅଁଳା ଛୁଆଟିଏ କାନ୍ଦୁଛି । ସେ ଛୁଆଟିକୁ ନେଇ ନିଜ ସ୍ତ୍ରୀକୁ ଦେଲା । ତାପରେ ପତିପତ୍ନୀ ଦିଜଣ ଅତି ଆନନ୍ଦରେ ସେହି ଶିଶୁକୁ ନିଜ ପୁଅପରି ପାଳିଲେ । ଶିଶୁଟି ବଡ଼ହୋଇ ନିଜ କୌଳିକ ଅର୍ଥାତ୍ ଲୁଗାବୁଣା କାମକଲା । ଥରେ ସେ ସଂସ୍କୃତ ପଢ଼ିବା ଇଚ୍ଛାରେ କୌଣସି ଜଣେ ପଣ୍ଡିତଙ୍କ ନିକଟକୁ ଗଲା । ସେହି ପଣ୍ଡିତ "ଆମ୍ଭେ ତନ୍ତୀକୁ ପଢ଼ାଇବୁ ନାହିଁ " କହି ତାକୁ ଅପମାନ ଦେଲେ । ଏହପରି ସେ ଅନେକ ପଣ୍ଡିତଙ୍କ ନିକଟକୁ ଗଲା । କିନ୍ତୁ କେହି ତାକୁ ପଢ଼ାଇବାପାଇଁ ରାଜି ହେଲେ ନାହିଁ । ତାପରେ ସେ ବିରକ୍ତ ହୋଇ, ଏକ ମିଶ୍ରଣ ବା ଖିଚୁଡ଼ି ଭାଷାରେ ଭଜନ ପ୍ରଭୃତି ରଚନାକରି ନିଜର ଜାତି ଓ ଅନ୍ୟାନ୍ୟ ନିମ୍ନଶ୍ରେଣୀର ଲୋକମାନଙ୍କୁ ବୁଝାଇବାରେ ଲାଗିଲା । ବେଳେ ବେଳେ ତୁମ୍ବୁରୁ ବାଦ୍ୟ ବଜାଇ ଭଜନଗାଇ ଲୋକଙ୍କୁ ପ୍ରଭାବିତ କଲା । ପରେ ବେଦାଦି ଶାସ୍ତ୍ର ଓ ବ୍ରାହ୍ମଣ ପଣ୍ଡିତମାନଙ୍କର ନିନ୍ଦା କଲେ । କେତେକ ମୂର୍ଖ ଲୋକ ତାଙ୍କର ଜାଲରେ ପଡ଼ି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ସେ

ମରିଗଲାପରେ ତାଙ୍କର ଅନୁଚରବର୍ଗ ତାଙ୍କୁ ସିଦ୍ଧପୁରୁଷ ବୋଲି ସର୍ବଆଡେ ପ୍ରଚାର କଲେ । ଜୀବିତାବସ୍ଥାରେ ସେ ଯାହା ଯାହା ଲେଖିଥିଲେ, ସେ ସବୁକୁ ତାଙ୍କର ଶିଷ୍ୟମାନେ ପଢ଼ିବାରେ ଲାଗିଲେ । କାନକୁ ବନ୍ଦକଲେ ଯେଉଁ ଶବ୍ଦ ଶୁଣାଯାଏ, ତାକୁ ସେମାନେ ଅନାହତ ନାଦବୋଲି କହନ୍ତି । ମନର ବୃତ୍ତିକୁ "ସୁରତି " କହନ୍ତି । ଏହା ହେଉଛି ତାଙ୍କର ସିଦ୍ଧାନ୍ତ । ସେହି ସୁରତିକୁ ଅନାହତ ଶବ୍ଦ ଶ୍ରବଣରେ ଲଗାଇବା ହିଁ ଈଶ୍ୱରୋପାସନା, । ପୁଣି ତାହା ହେଉଛି କାଳରୁ ଅତିରିକ୍ତ, ଓ ସାଧୁ ସନ୍ଥମାନଙ୍କର ପ୍ରଧାନ ବାପ୍ରକୃତ ଲକ୍ଷଣ । ସେମାନେ ବର୍ଚ୍ଛାକାରରେ ତିଳକ କରନ୍ତି ଓ ଚନ୍ଦନକାଠର କଣ୍ଠି ଧାରଣ କରନ୍ତି ॥ ଆପଣମାନେ ଭଲଭାବରେ ବିଚାର କରି ଦେଖନ୍ତୁ, ଏହାଦ୍ୱାରା ଆତ୍ମାର ଉନ୍ନତି ବା ଜ୍ଞାନ କିପରି ବୃଦ୍ଧି ହେବ ? ଏସବୁ ମତ ପିଲାଙ୍କ ଖେଳ ସଦୃଶ ଲୀଳାମାତ୍ର ।

ପ୍ରଶ୍ନ :- ପଞ୍ଜାବରେ ନାନକଜୀ ଏକ ସମ୍ପ୍ରଦାୟ ସ୍ଥାପନ କରିଥିଲେ । ସେ ମୂର୍ତ୍ତି ପୂଜାକୁ ଖଣ୍ଡନ କରୁ ଥିଲେ , ଅନେକ ଲୋକଙ୍କୁ ମୁସଲମାନ୍ ହେବାରୁ ରକ୍ଷା କରିଥିଲେ । ସେ ସାଧୁ ନ ଥିଲେ ,ଜଣେ ଗୃହସ୍ଥ ଥିଲେ । ସେ ଯେଉଁ ମନ୍ତ୍ର ଉପଦେଶ ଦେଇଛନ୍ତି, ତାର ଆଶୟ ଉଚ୍ଚ କୋଟୀର ବୋଲି ଜଣାଯାଏ । ଯଥା.........

ଓଁ ସତ୍ୟନାମ କର୍ତ୍ତା ପୁରୁଷ ନିର୍ଭୋ ନିର୍ବୈର ଅକାଲମୂର୍ତ୍ତ ଅଜୋନି
ସହଭଂ ଗୁରୁ ପ୍ରସାଦ ଜପ , ଆଦି ସଚ୍ ଜୁଗାଦି ସଚ୍ ହୈ ଭୀ ସଚ୍
ନାନକ ହୋସୀ ଭୀ ସଚ୍ ॥ (ଜପଜୀ ପୌଡୀ-୧)

ଓଂମ୍, ଯାହାର ସତ୍ୟ ନାମ, ସେ କର୍ତ୍ତାପୁରୁଷ, ଭୟ ଓ ବୈର ରହିତ, "ଅକାଲମୂର୍ତ୍ତି " ଯେ କାଳରେ ଓ ଯୋନିରେ ଆସନ୍ତି ନାହିଁ । ପ୍ରକାଶମାନ ଅଟନ୍ତି, ଗୁରୁକୃପାରେ ତାଙ୍କର ନାମ ଜପ କର । ସେହି ପରମାତ୍ମା ସୃଷ୍ଟି ପୂର୍ବରୁ ଥିଲେ, ବର୍ତ୍ତମାନ ଅଛନ୍ତି, ପୁଣି ଭବିଷ୍ୟତରେ ମଧ୍ୟ ରହିବେ ।

ଉତ୍ତର :- ନାନକଜୀଙ୍କର ଆଶୟ ତ ଖୁବ୍ ଉଚ୍ଚ ଧରଣର , କିନ୍ତୁ ତାଙ୍କର କୌଣସି ବିଦ୍ୟା ନ ଥିଲା । ସେ କେବଳ ଦେଶରେ ପ୍ରଚଳିତ ଗ୍ରାମ୍ୟଭାଷା ଜାଣିଥିଲେ । ବେଦାଦି ଶାସ୍ତ୍ର ବା ସଂସ୍କୃତ ଭାଷା ତାଙ୍କୁ ଜଣା ନଥିଲା । ଯଦି ଜାଣି ଥାଆନ୍ତେ ତେବେ 'ନିର୍ଭୟ' ଶବ୍ଦକୁ 'ନିର୍ଭୋ' ଲେଖିନଥାନ୍ତେ । ତାଙ୍କ ରଚିତ ସଂସ୍କୃତ ସ୍ତୋତ୍ରଗୁଡ଼ିକ ଏହାରଜ୍ୱଳନ୍ତ ଉଦାହରଣ । ସେ ସଂସ୍କୃତଭାଷା ଜାଣିବାପାଇଁ ଚେଷ୍ଟା କରିଥିଲେ,

କିନ୍ତୁ ବିନା ପଢ଼ି ସଂସ୍କୃତଜ୍ଞାନ ସମ୍ଭବ ହେବ କିପରି ? ଯେଉଁ ଗ୍ରାମ୍ୟ ଲୋକମାନେ କେବେ କୌଣସି ସଂସ୍କୃତଭାଷା ଶୁଣି ନଥିଲେ, ସେମାନଙ୍କ ଆଗରେ ଏପରି ରଚନାକରି ସଂସ୍କୃତ ବୋଲି କହିଥିବେ । ନିଜର ପ୍ରତିଷ୍ଠା ଓ ନାମପ୍ରଖ୍ୟାତିର ଇଚ୍ଛା ନଥିଲେ ସେପରି କେବେ ସେ କରି ନଥାନ୍ତେ । ତାଙ୍କର ଆତ୍ମପ୍ରତିଷ୍ଠା ଇଚ୍ଛା ଅବଶ୍ୟ ବଳବତୀ ଥିଲା । ତା'ନହେଲେ ସେ ତାଙ୍କ ନିଜ ଭାଷାରେ ନିଜର ମତ ପ୍ରଚାର କରିଥାନ୍ତେ, ଏବଂ ସେ ସଂସ୍କୃତ ଜାଣନ୍ତି ନାହିଁ ବୋଲି ଲୋକଙ୍କୁ କହିଦିଅନ୍ତେ । ସେ ଟିକିଏ ସ୍ୱାଭିମାନୀ, ଦାମ୍ଭିକ ଥିଲେ ଓ ନିଜର ମାନ ପ୍ରତିଷ୍ଠା କରିବାର ପ୍ରୟାସୀ ମଧ୍ୟ ଥିଲେ । ତେଣୁ ସେ ନିଜ ଲିଖିତ ଗ୍ରନ୍ଥର ସ୍ଥାନେ ସ୍ଥାନେ ବେଦର ନିନ୍ଦା ଓ ସ୍ତୁତି ମଧ୍ୟ ଲେଖିଯାଇଛନ୍ତି । ସେପରି ଲେଖି ନଥିଲେ, ଯଦି କେହି କେବେ ତାଙ୍କୁ ବେଦର କୌଣସି ମନ୍ତ୍ରର ଅର୍ଥ ପଚାରି ଦିଅନ୍ତା, ତାକୁ ଯଦି ସେ କହିନ ପାରନ୍ତେ ତେବେ ତାଙ୍କର ଯେଉଁ ପ୍ରତିଷ୍ଠା ଥିଲା ତାହା ନଷ୍ଟ ହୋଇଯାଇଥାଆନ୍ତା । ଏହି ଆଶଙ୍କାରେ ପ୍ରଥମରୁ ହିଁ ନିଜ ଶିଷ୍ୟମାନଙ୍କ ଆଗରେ କେବେ କେବେ ବେଦର ବିରୁଦ୍ଧରେ କହୁଥିଲେ ତ କେବେକେବେ ବେଦକୁ ଭଲ ବୋଲି ମଧ୍ୟ ପ୍ରକାଶ କରୁଥିଲେ । କାରଣ ସ୍ଥାନେ ସ୍ଥାନେ ବେଦକୁ ଯଦି ସେ ସମର୍ଥନ କରିନଥାନ୍ତେ, ତେବେ ଲୋକେ ତାଙ୍କୁ ନାସ୍ତିକ ବୋଲି କହିଥାନ୍ତେ । ଯଥା ......

ବେଦ ପଢ଼ତ ବ୍ରହ୍ମାମରେ ଗ୍ୱରୋଁ ବେଦ କହାନି ।

ସନ୍ତକୀ ମହିମା ବେଦ ନ ଜାନୀ ॥ (ସୁଖମନୀ ପୌଡ଼ୀ ୭-ପଦ-୮)

(ନାନକ) ବ୍ରହ୍ମଜ୍ଞାନୀ ଆପ ପରମେଶ୍ୱର ॥ (ସୁ. ପୌଡ଼ୀ ୮-ପଦ-୬)

ଯଦି ବେଦ ପଢ଼ିବାବାଲେ ସବୁ ମରିଗଲେ, ତେବେ ନାନକ କ'ଣ ନିଜକୁ ଅମର ବୋଲି ଭାବୁଥିଲେ? ତାଙ୍କର କ'ଣ ମୃତ୍ୟୁ ହେଲା ନାହିଁ ? ବେଦ ହେଉଛି ସକଳ ବିଦ୍ୟାର ଭଣ୍ଡାର, କିନ୍ତୁ ଚାରିବେଦକୁ ଯେଉଁ ଲୋକ କାହାଣୀ ବୋଲି କହେ, ତାହାର ସବୁକଥା କେବଳ କଳ୍ପନା ବା କାହାଣୀ ବିଶେଷ ଅଟେ । ଯଦି ଜଡ଼, ମୂର୍ଖ ଲୋକ ସାଧୁ ବୋଲାଇବେ, ତେବେ ସେମାନେ ବେଦର ମହିମା କାହୁଁ ଜାଣିପାରିବେ ? ଯଦି ନାନକ ବେଦକୁ ମାନିଥାନ୍ତେ, ତେବେ ସେ କେବେ ନୂତନ ସମ୍ପ୍ରଦାୟ ସ୍ଥାପନ କରି ନ ଥାନ୍ତେ, କି କେବେ ଗୁରୁ ହୋଇ ପାରି ନ ଥାନ୍ତେ । ସେ ତ ନିଜେ ସଂସ୍କୃତପଢ଼ି ନ ଥିଲେ, ଅନ୍ୟ ଲୋକଙ୍କୁ ଶିକ୍ଷା ଦେଇ କିପରି ଶିଷ୍ୟ ସୃଷ୍ଟି କରିପାରିଥାନ୍ତେ । ଅବଶ୍ୟ ଏ କଥା ସତ

ଯେ, ନାନକଙ୍କ ସମୟରେ ପଞ୍ଜାବରେ ସଂସ୍କୃତ ବିଦ୍ୟାର ଚର୍ଚ୍ଚା ନ ଥିଲା, ପୁଣି ମୁସଲମାନ୍‌ମାନଙ୍କ ଅତ୍ୟାଚାର ପ୍ରବଳ ଭାବରେ ଥିଲା । ସେ ସମୟରେ ସେ ଅନେକ ଲୋକଙ୍କୁ ମୁସଲମାନ୍‌ଧର୍ମାବଲମ୍ବନରୁ ରକ୍ଷା କରିଥିଲେ । ନାନକଙ୍କ ସମୟରେ ତାଙ୍କ ଶିଷ୍ୟଙ୍କ ସଂଖ୍ୟା ଅଧିକ ନ ଥିଲା ବା ସେ ସମ୍ପ୍ରଦାୟର ବହୁଳ ପ୍ରଚାର ମଧ୍ୟ ହୋଇ ନ ଥିଲା । ଅବିଦ୍ୱାନମାନଙ୍କ ମଧ୍ୟରେ ଏପରି ଚଳଣି ରହିଛି ଯେ, ଗୁରୁଙ୍କ ମୃତ୍ୟୁପରେ ସେମାନେ ତାଙ୍କୁ ସିଦ୍ଧରସ୍ଥାନ ଦିଅନ୍ତି ଓ ପରେ ତାଙ୍କର ମାହାତ୍ମ୍ୟମାନ ଗାନକରି ଈଶ୍ୱରାବତାର ବୋଲି ପ୍ରଚାର କରନ୍ତି ।

ନାନକ ଉଚ୍ଚକୁଳରେ ଜାତ ହୋଇ ନ ଥିଲେ କି ଧନଶାଳୀ ମଧ୍ୟ ନ ଥିଲେ । ତାଙ୍କର ଶିଷ୍ୟମାନେ " **ନାନକ ଚନ୍ଦ୍ରୋଦୟ** " ଓ "**ଜନ୍ମ ଶାଖୀ** " ଗ୍ରନ୍ଥରେ ନାନକ ବଡ଼ ଐଶ୍ୱର୍ଯ୍ୟଶାଳୀ ଓ ସିଦ୍ଧ ପୁରୁଷ ଥିଲେ ବୋଲି ଉଲ୍ଲେଖ କରିଛନ୍ତି । ପୁଣି ଲେଖାଅଛି ନାନକ ବ୍ରହ୍ମା ଆଦିଙ୍କୁ ଦେଖାକରି ସେମାନଙ୍କ ସହିତ ବହୁତ କଥାବାର୍ତ୍ତା କରିଥିଲେ । ସମସ୍ତେ ତାଙ୍କୁ ସମ୍ମାନ ଦେଉଥିଲେ । ନାନକଙ୍କ ବିବାହରେ ବହୁତ ହାତୀ, ଘୋଡ଼ା, ରଥ, ସୁନା, ରୁପା, ମୋତି, ମାଣିକ୍ୟରେ ସଜ୍ଜିତ ହୋଇଥିଲେ । ପୁଣି ଅନେକ ମୂଲ୍ୟବାନ୍ ରତ୍ନ ପାହାଡ଼ପରି ଥିଲା, ଏସବୁ ବିଷୟ ଲେଖି ଯାଇଛନ୍ତି । ଏହା ବାହାପିଆ କଥା ନୁହେଁ ତ ଆଉ କଣ ? ଏଥିରେ ନାନକଙ୍କର କୌଣସି ଦୋଷ ନାହିଁ, ସବୁକିଛି ଦୋଷ ତାଙ୍କ ଶିଷ୍ୟମାନଙ୍କର । ନାନକଙ୍କ ବିୟୋଗପରେ ତାଙ୍କ ପୁତ୍ରଙ୍କଠାରୁ ଉଦାସୀ ଓ ରାମଦାସ ପ୍ରଭୃତିଙ୍କଠାରୁ ନିର୍ମଳେ ଏପରି ଦିଓଟି ସମ୍ପ୍ରଦାୟ ସୃଷ୍ଟି ହେଲେ । ନାନକଙ୍କ ସ୍ଥାନରେ ଅଭିଷିକ୍ତ ତାଙ୍କର ଉତ୍ତରାଧିକାରୀମାନେ ନାନକ ଗ୍ରନ୍ଥାବଳୀରେ ନିଜ ନିଜ କପୋଳ କଳ୍ପିତ କଥାମାନ ଲେଖିଗଲେ । ଗୁରୁ ଗୋବିନ୍ଦ ସିଂହ ହେଲେ ଦଶମ ; ତାଙ୍କପରେ ଆଉ କାହାରି ଭାଷା ଏଥିରେ ମିଶିନାହିଁ । କିନ୍ତୁ ତାଙ୍କ ପର୍ଯ୍ୟନ୍ତ ଯେତେ ଛୋଟ ଛୋଟ ରଚନାମାନ ଥିଲା, ସେସବୁକୁ ଏକତ୍ର କରି ଏକ ବଡ଼ ଗ୍ରନ୍ଥରେ ପରିଣତ କରାଗଲା । ନାନକଙ୍କ ପରେ ତାଙ୍କର ଶିଷ୍ୟମାନେ ଅନେକ ପୁସ୍ତକ ଲେଖିଥିଲେ । ପୁଣି କେହି କେହି ପୁରାଣପରି ନାନାପ୍ରକାର ମିଛ କାହାଣୀ ମଧ୍ୟ ଲେଖିବାକୁ କୁଣ୍ଠାବୋଧ କଲେ ନାହିଁ । ସେମାନେ ନିଜ ନିଜକୁ ବ୍ରହ୍ମଜ୍ଞାନୀ ପରମେଶ୍ୱର ବିଚାରି କର୍ମ ଉପାସନାକୁ ଛାଡ଼ିଦେଲେ । ଫଳରେ ସେମାନଙ୍କ ସମ୍ପ୍ରଦାୟ ବିଗିଡ଼ିଗଲା । ନୋଚେତ୍ ନାନକ ଈଶ୍ୱରୀୟ ଭକ୍ତି ସମ୍ପର୍କରେ ଯାହାସବୁ ଲେଖିଥିଲେ ତାହା ଅନେକାଂଶରେ ଭଲଥିଲା । ଉଦାସୀମାନେ କହିବାକୁ ଲାଗିଲେ ଆମେ ସବୁଠାରୁ ବଡ଼, ନିର୍ମଳେ କହିଲେ ଆମେ ବଡ଼,

ଅକାଳୀ ତଥା ସୁତରାରେ ସାଇମାନେ ମଧ୍ୟ ନିଜ ନିଜକୁ ବଡ଼ ବୋଲି କହିବାକୁ ଦ୍ୱିଧାବୋଧ କଲେ ନାହିଁ । ନାନକପନ୍ଥୀମାନଙ୍କ ମଧ୍ୟରେ ଗୋବିନ୍ଦ ସିଂହ ପ୍ରକୃତରେ ଜଣେ ବଡ଼ ଯୋଦ୍ଧା ଥିଲେ । ମୁସଲମାନ୍‌ମାନେ ତାଙ୍କ ଲୋକମାନଙ୍କୁ ଅନେକ ପ୍ରକାର ଦୁଃଖ ଦେଉଥିଲେ । ସେ ତାର ପ୍ରତିଶୋଧ ନେବାପାଇଁ ବିଚାର କରୁଥିଲେ, କିନ୍ତୁ ସେଥିପାଇଁ ତାଙ୍କ ନିକଟରେ ସେପରି କୌଣସି ସାଧନ ନଥିଲା । ତେଣେ ମୁସଲମାନ୍ ଶାସକ ପ୍ରଜ୍ୱଳିତ ହୋଇ ଉଠିଲେ । ଏହାଦେଖି ସେ ଏକ ପୁରଶ୍ଚରଣ କରାଇଲେ । ତାପରେ ଘୋଷଣା କଲେ ଯେ ଦେବୀ ମୋତେ ବର ଓ ଖଡ଼୍ଗ ପ୍ରଦାନ କରିଛନ୍ତି । ପୁଣି ସେ ଆଦେଶ ଦେଇଛନ୍ତି .... "ତୁମ୍ଭେ ମୁସଲମାନ୍‌ମାନଙ୍କ ବିରୁଦ୍ଧରେ ଯୁଦ୍ଧ କର, ନିଶ୍ଚୟ ବିଜୟ ଲାଭ କରିବ" । ସେତେବେଳେ ବହୁତ ଲୋକ ତାଙ୍କର ସହଯୋଗୀ ହୋଇଗଲେ । ବାମମାର୍ଗୀମାନେ ଯେପରି ପଞ୍ଚମକାର, ପୁଣି ଚକ୍ରାଙ୍କିତ ବୈଷ୍ଣବମାନଙ୍କର ଯେପରି ପଞ୍ଚସଂସ୍କାର, ଠିକ୍ ସେହିପରି ସେ "ପଞ୍ଚକକାର" ନାମରେ ଯୁଦ୍ଧ ସାମଗ୍ରୀ ସଂଗ୍ରହ କଲେ । ପ୍ରଥମରେ "କେଶ" — କେଶ ରଖିବାଦ୍ୱାରା ଯୁଦ୍ଧରେ ଲାଠି ବା ଅସ୍ତ୍ର ଆକ୍ରମଣରୁ ରକ୍ଷା ମିଳିବ । ଦ୍ୱିତୀୟ "କଙ୍କଣ" ଏହା ହେଉଛି ଲୁହାର ଏକ ବଳା । ଅକାଳୀମାନେ ତାକୁ ପଗଡ଼ିରେ ଧାରଣ କରନ୍ତି ଓ କଡ଼ା ହାତରେ ପିନ୍ଧନ୍ତି । ଫଳରେ ତାଙ୍କର ହାତ ଓ ମୁଣ୍ଡ ଆକ୍ରମଣରୁ ରକ୍ଷାପାଏ । ତୃତୀୟ "କାଛ" ଏହା ଏକ ଜଙ୍ଘିଆ ଭଳି । ଏହାଦ୍ୱାରା ଶରୀରର ମର୍ମ ସ୍ଥାନ ସୁରକ୍ଷିତ ରହେ, ଓ ଡିଆଁକୁଦା ବା ମଲ୍ଲଯୁଦ୍ଧ କରିବାପାଇଁ ସୁବିଧା ହୁଏ । ଚତୁର୍ଥ "କଙ୍ଘା" ଏହା ସାହାଯ୍ୟରେ କେଶର ଯତ୍ନ ନିଆଯାଏ । ପଞ୍ଚମ "କାଛୁ" ଦୁଇପଟେ ଧାରଥିବା ଛୁରୀ ବିଶେଷ । ଶତ୍ରୁ ସହିତ ସମ୍ମୁଖ ଯୁଦ୍ଧରେ ଏହା ସାହାଯ୍ୟରେ ଆକ୍ରମଣରୁ ରକ୍ଷାମିଳେ ।

ଗୋବିନ୍ଦ ସିଂହ ବୁଦ୍ଧିମତ୍ତାର ସହିତ ସମୟୋପଯୋଗୀ ଏ ପ୍ରଥା ପ୍ରଚଳନ କରିଥିଲେ । ସେ ସମୟପାଇଁ ଏହାର ଅତ୍ୟନ୍ତ ଆବଶ୍ୟକତା ଥିଲା । ବର୍ତ୍ତମାନପାଇଁ ତାର ଆଉ କୌଣସି ଆବଶ୍ୟକତା ନାହିଁ । ସେତେବେଳେ ଯୁଦ୍ଧପାଇଁ ଯାହା ପ୍ରୟୋଜନୀୟ ବସ୍ତୁ ହୋଇଥିଲା, ସେ ସବୁକୁ ଏବେ ଧର୍ମର ଚିହ୍ନରୂପେ ଗ୍ରହଣକରି ନିଆଯାଇଛି । ସେମାନେ ମୂର୍ତ୍ତିପୂଜା ଅବଶ୍ୟ କରନ୍ତି ନାହିଁ, କିନ୍ତୁ ଗ୍ରନ୍ଥ ବିଶେଷକୁ ପୂଜା କରିଥାନ୍ତି । ଏହା ମୂର୍ତ୍ତିପୂଜା ଭଳି ନୁହେଁ କି ? ଯେ କୌଣସି ଜଡ଼ ପଦାର୍ଥ ଆଗରେ ନତମସ୍ତକ ହେବା, ପୁଣି ତାହାର ପୂଜା ଆରାଧନା କରିବା ହିଁ ମୂର୍ତ୍ତିପୂଜା । ମୂର୍ତ୍ତିପୂଜକମାନେ ଯେପରି ଦୋକାନ ସଜାଇ ବ୍ୟବସାୟ ଚଳାଉଛନ୍ତି, ଏମାନେ ମଧ୍ୟ

ଠିକ୍ ସେହିପରି କରି ନେଉଛନ୍ତି । ମନ୍ଦିରରେ ପଣ୍ଡାପୂଜାରୀମାନେ ମୂର୍ତ୍ତିକୁ ଦର୍ଶନ କରାଇ ଯେପରି ଦର୍ଶକଙ୍କ ନିକଟରୁ ଭେଟି ଆଦାୟ କରନ୍ତି, ସେହିପରି ନାନକପନ୍ଥୀମାନେ ଗ୍ରନ୍ଥ ପୂଜା କରି କରାଇ ଭକ୍ତମାନଙ୍କଠାରୁ ଭେଟି ନେଇଥାନ୍ତି । ମୂର୍ତ୍ତିପୂଜକମାନେ ଯେପରି ବେଦକୁ ମାନ୍ୟତା ଦିଅନ୍ତି, ସେପରି ମାନ୍ୟତା ଗ୍ରନ୍ଥସାହେବକାରୀମାନେ ଦିଅନ୍ତି ନାହିଁ । କାରଣ ଏମାନେ କେବେ ବେଦକୁ ଦେଖି ନାହାନ୍ତି କି ଶୁଣିନାହାନ୍ତି, ତାପାଇଁ କଣ କରାଯିବ ? ଯେଉଁ ବୁଦ୍ଧିମାନ୍ ଲୋକ ପ୍ରକୃତରେ ବେଦ ମଧ୍ୟରେ ପ୍ରବେଶ କରିବ, ସେ ତାର ଦୁରାଗ୍ରହ ଓ ଜିଦ୍‌କୁ ଛାଡ଼ି ଏହିମତକୁ ନିଶ୍ଚୟ ଗ୍ରହଣ କରିବ । ଅବଶ୍ୟ ଏମାନେ ଭୋଜନ ସଂପର୍କୀୟ ଅନେକ ଝଞ୍ଜଟ ଏଡ଼ାଇ ଦେଇପାରିଛନ୍ତି । ଏହାକୁ ଯେପରି ଉଠାଇ ଦେଇଛନ୍ତି ସେପରି ଯଦି ବିଷୟାସକ୍ତି ଓ ଦୁରଭିମାନକୁ ତ୍ୟାଗକରି ବେଦମତର ଉନ୍ନତିପାଇଁ ଚେଷ୍ଟା କରିଥାନ୍ତେ ତେବେ ଅତୀବ ଉତ୍ତମ ହୋଇଥାନ୍ତା ।

ପ୍ରଶ୍ନ :- ଦାଦୂପନ୍ଥୀମାନଙ୍କର ମାର୍ଗ ତ ଭଲ ହୋଇଥିବ ?

ଉତ୍ତର :- ଏକମାତ୍ର ବେଦମାର୍ଗ ହିଁ ଭଲ । ତାକୁ ଯଦି ଗ୍ରହଣ କରିବା କଥା ଗ୍ରହଣ କରିନିଅ, ନତୁବା ଜୀବନସାରା ପଶ୍ଚାତ୍ତାପ କରିବାକୁ ହେବ । ଦାଦୂପନ୍ଥୀମାନଙ୍କ ମତାନୁସାରେ ଦାଦୂଙ୍କର ଜନ୍ମ ଗୁଜୁରାଟରେ ହୋଇଥିଲା । ପରେ ସେ ଜୟପୁର ନିକଟରେ ଥିବା ଆମେର୍‌ରେ ରହିଥିଲେ । ସେ ତେଲି କାମ କରୁଥିଲେ । ଈଶ୍ୱରଙ୍କ ବିଚିତ୍ର ଲୀଳା ଯେ, ଦାଦୂଜୀ ମଧ୍ୟ ପୂଜାପାଠରେ ଲାଗିଗଲେ । ବର୍ତ୍ତମାନ ତାଙ୍କ ସଂପ୍ରଦାୟର ଲୋକେ ବେଦାଦି ସତ୍‌ଶାସ୍ତ୍ରର ଯାବତୀୟ ନୀତି ନିୟମକୁ ଉପେକ୍ଷା କରି, କେବଳ " ଦାଦୂରାମ-ଦାଦୂରାମ" ନାମ ଉଚ୍ଚାରଣରେ ହିଁ ମୋକ୍ଷପ୍ରାପ୍ତି ହେବ ବୋଲି ବିଚାର କରିନେଲେଣି । ଯେତେବେଳେ ଦେଶରେ ସତ୍ୟୋପଦେଶକ ଆଚାର୍ଯ୍ୟଙ୍କର ଅଭାବ ପରିଲକ୍ଷିତ ହୁଏ, ସେତେବେଳେ ଅସଦାଚାର ଓ ଅନ୍ଧବିଶ୍ୱାସ ବିସ୍ତାର ଲାଭ କରେ ।

କିଛିଦିନ ହେଲା "ରାମସ୍ନେହୀ" ନାମକ ଏକ ମତ ଶାହପୁରାରୁ ପ୍ରଚଳିତ ହୋଇଛି । ସେମାନେ ବେଦୋକ୍ତ ଧର୍ମକର୍ମକୁ ପରିତ୍ୟାଗ କରି "ରାମ-ରାମ" ରଟିବା ଆରମ୍ଭ କରିଦେଇଛନ୍ତି । ଏହି ନାମ ଉଚ୍ଚାରଣକୁ ହିଁ ସେମାନେ ଜ୍ଞାନ ଧ୍ୟାନ ଓ ମୁକ୍ତିର ମାର୍ଗ ବୋଲି ବିଚାରି ନେଇଛନ୍ତି । କିନ୍ତୁ ଯେତେବେଳେ କ୍ଷୁଧା ହୁଏ, ରାମନାମରୁ ରୋଟି ମିଳେ ନାହିଁ । ଗୃହସ୍ଥର ଘରେ ସିନା ଖାଦ୍ୟପେୟ ସବୁ ମିଳିବ, ରାମନାମ ଉପରେ କେବେ ମିଳିବ ନାହିଁ । ସେମାନେ ମଧ୍ୟ ମୂର୍ତ୍ତି ପୂଜାର ନିନ୍ଦା କରନ୍ତି, କିନ୍ତୁ ନିଜେ ନିଜେ

ମୂର୍ତ୍ତି ହୋଇ ବସନ୍ତି । ସ୍ତ୍ରୀମାନଙ୍କ ସହିତ ଅଧିକ ସମୟ ରହନ୍ତି । କାରଣ ରାମାବିନା ରାମରେ ପ୍ରକୃତ ଆନନ୍ଦ କଦାପି ମିଳିପାରେ ନାହିଁ ।

ବର୍ତ୍ତମାନ ରାମସ୍ନେହୀଙ୍କ ମତାମତ ସଂକ୍ଷେପରେ ଅବତାରଣା କରୁଛୁଁ । ରାମଚରଣ ନାମରେ ଜନୈକ ସାଧୁ ଶାହପୁରା ମେବାଡଠାରେ ଏକ ସମ୍ପ୍ରଦାୟ ସ୍ଥାପନ କଲେ । ସେହି ସମ୍ପ୍ରଦାୟୀମାନେ "ରାମ-ରାମ" ଉଚ୍ଚାରଣକୁ ହିଁ ପରମମନ୍ତ୍ର ଓ ପରମସିଦ୍ଧାନ୍ତ ବୋଲି ବିବେଚନା କରନ୍ତି । ସନ୍ତଦାସ ପ୍ରଭୃତିଙ୍କ ବାଣୀ ସେମାନଙ୍କର ଏକ ଗ୍ରନ୍ଥରେ ଏପରି ଭାବେ ଲିଖିତ ହୋଇଅଛି ।

ଭରମ ରୋଗ ତବହୀ ମିଟ୍ୟା, ରଟ୍ୟା ନିରଞ୍ଜନ ରାଇ ।
ତବ ଜମ୍‌କା କାଗଜ୍ ଫଟ୍ୟା, କଟ୍ୟା କରମ ତବ ଜାଇ ॥

(ସାଖୀ୧ସୁମରଣ କୋ ଅଙ୍ଗ ୧୭)

କୌଣସି ବ୍ୟକ୍ତି ଯଦି ପ୍ରଭୁଙ୍କ ନାମ ଉଚ୍ଚାରଣ କରେ, ତାର ସକଳ ସନ୍ଦେହ ଦୂର ହୋଇଯାଏ, ରୋଗ, ପୀଡା ହୁଏ ନାହିଁ, ସକଳ ପାପ କ୍ଷୟ ହୋଇଯାଏ, ପୁଣି ଯମରାଜା ତାର ପାଞ୍ଜି ଚିରି ନଷ୍ଟ କରିଦିଅନ୍ତି ।

ବର୍ତ୍ତମାନ ବୁଦ୍ଧିମାନ୍‌ଲୋକେ ବିଚାର କରନ୍ତୁ "ରାମ-ରାମ" ଉଚ୍ଚାରଣ କରିବାଦ୍ୱାରା ଭ୍ରମ ବା ଅଜ୍ଞାନ ଅଥବା ଯମରାଜଙ୍କ ପାପାନୁକୂଳ ଶାସନ ଯାହାକି କୃତ କର୍ମର ଫଳ କେବେ ଦୂର ହୋଇଯିବ କି ? ଏହା କେବଳ ମନୁଷ୍ୟମାନଙ୍କୁ ପାପରେ ଘାଣ୍ଟି ଜୀବନକୁ ନଷ୍ଟ କରିବାପାଇଁ ସୁନ୍ଦର ଉପଦେଶମାତ୍ର । ବର୍ତ୍ତମାନ ତାଙ୍କର ଯେଉଁ ମୁଖ୍ୟ ଗୁରୁ "ରାମଚରଣ" ଅଛନ୍ତି, ତାଙ୍କର ବଚନକୁ ଶୁଣ ।...............

ମହମା ନାଂବ ପ୍ରତାପ କୀ, ସୁଣୌ ସରବଣ ଚିତ ଲାଇ ।
ରାମଚରଣ ରସନାରଟୌ କ୍ରମ ସକଲ ଝଡ ଜାଇ ।୧।
ଜିନ ଜିନ ସୁମର୍ଯା ନାଂବକୁଁ ସୋ ସବ ଉତର୍ୟ୍ୟା ପାର ।
ରାମଚରଣ ଜୋ ବୀସର୍ଯା, ସୋ ହୀ ଜମ କେ ଦ୍ୱାର ।୨।
ରାମ ବିନା ସବ ଝୁଠ୍ ବତାୟୋ ।
ରାମ ଭଜତ ଛୁଟ୍ୟା ସବ୍ କ୍ରମ୍ମା । ଚନ୍ଦ ଅରୁସୁର ଦେଇ ପରକମ୍ମା ।
ରାମ କହେ ତିନ କୁଁ ଭୈ ନାହୀଁ । ତୀନ ଲୋକମେଁ କୀରତି ଗାହୀଁ ।

ରାମ ରଟତ ଜମ ଜୋର ନ ଲାଗୈ ।
ରାମ ନାମ ଲିଖ ପଥର ତରାଇ । ଭଗତି ହେତି ଔତାର ହୀ ଧରହୀ ।
ଉଞ୍ଚ ନୀଚ କୁଳ ଭେଦ ବିଗ୍ଚରେ । ସୋତୋ ଜନ୍ମ ଆପଣୋ ହାରେ
ସନ୍ତାଂ କେ କୁଳ ଦୀସେ ନାହୀଁ । ରାମ ରାମ କହ ରାମ ସମହାହୀ ।
ଐସୋ କୁଣ ଜୋ କୀରତି ଗାବେ ।ହରି ହରିଜନ କୌ ପାରନ ପାବେ ।
ରାମ ସଂତାଂକା ଅନ୍ତ ନ ଆବେ । ଆପ ଆପକୀ ବୁଦ୍ଧି ସମ ଗାବେ ।

(ନାମ ପ୍ରତାପ)

ରାମ ନାମର ମାହାତ୍ମ୍ୟ ମନ ଦେଇ ଶୁଣ । ବାରମ୍ବାର ରାମନାମ ଉଚ୍ଚାରଣ କଲେ ଲୋକ ପାପରୁ ମୁକ୍ତ ହୋଇଯାଏ । ଯେଉଁମାନେ ରାମନାମ ଗାଆନ୍ତି ସେମାନେ ଦୁଃଖ ସାଗରରୁ ତରିଯାଆନ୍ତି । ରାମନାମକୁ ପାଶୋରି ଦେଉଥିବା ଲୋକ ଯମ ହାତରେ ଧରା ପଡେ । ରାମ ନାମ ବ୍ୟତୀତ ଅନ୍ୟ ସବୁ ମିଥ୍ୟା । ରାମ ଭଜନ ଦ୍ୱାରା ଲୋକ ମନ୍ଦ କର୍ମକୁ ତ୍ୟାଗକରେ । ଚନ୍ଦ୍ର ସୂର୍ଯ୍ୟ ତାହାର ସେବା କରନ୍ତି । ରାମ କହିଛନ୍ତି ଯେ, ସେ କାହାକୁ ଭୟ କରନ୍ତି ନାହିଁ । ତାଙ୍କର ଗୁଣ ତିନି ଭୁବନରେ ଗାନ କରାଯାଏ । ରାମ ନାମ ସ୍ମରଣ କରୁଥିବା ବ୍ୟକ୍ତି ଉପରେ ଯମର କ୍ଷମତା ରହେ ନାହିଁ । କାଗଜ ଉପରେ ବାରମ୍ବାର ରାମ ନାମ ଲେଖିଲେ ଜଳରେ ପଥର ମଧ୍ୟ ଭାସେ । ପ୍ରଭୁ ଭକ୍ତମାନଙ୍କ ପାଇଁ ରାମାବତାର ହୋଇଥିଲେ । ଅଭିଜାତି ଭେଦ ଗ୍ରହଣ କରୁଥିବା ବ୍ୟକ୍ତିର ଜୀବନ ବୃଥା । ସନ୍ତମାନେ ଜାତିଭେଦଭାବ ମାନନ୍ତି ନାହିଁ । ରାମ ସର୍ବବ୍ୟାପୀ ତେଣୁ ତାଙ୍କ ନାମ ସ୍ମରଣ କର । ସିଏ ରାମଙ୍କର ଗୁଣ ଗାନ କରେ ତାର ଅପରିମିତ ଶକ୍ତି ହୁଏ ଓ ସେ ମହାପୁରୁଷ ହୋଇଥାଏ । ରାମ କହିଛନ୍ତି ସନ୍ଥ ମାନଙ୍କର ମାହାତ୍ମ୍ୟ ଅସୀମ । ସମସ୍ତେ ନିଜର ଶକ୍ତି ସାମର୍ଥ୍ୟାନୁଯାୟୀ ରାମଙ୍କର ଗୁଣ ଗାନ କରନ୍ତୁ ।

-: ଏହାର ଖଣ୍ଡନ :-

ରାମଚରଣ ଆଦିଙ୍କ ଲିଖିତ ଗ୍ରନ୍ଥରୁ ସ୍ପଷ୍ଟରୂପେ ଅନୁମିତ ହୁଏ ଯେ ରାମଚରଣ ଜଣେ ସାଦାସିଧା ଗାଉଁଲି ଲୋକ ଥିଲେ । ସେ କିଛି ପଢାଶୁଣା କରି ନ ଥିଲେ । ପଢିଥିଲେ ଏପରି ଅବାନ୍ତର ବିଷୟ କେବେ ଲେଖି ନ ଥାନ୍ତେ । ରାମ ନାମ ଉପକରିବାଦ୍ୱାରା ପାପ

ନଷ୍ଟ ହୁଏ, ଏହା ଅନ୍ଧ ବିଶ୍ୱାସ ବ୍ୟତୀତ ଅନ୍ୟ କିଛି ନୁହେଁ । ଏପରି ବିଶ୍ୱାସର ବଶବର୍ତ୍ତୀ ହୋଇ ସେମାନେ ନିଜର ତଥା ଅନ୍ୟମାନଙ୍କର ଜନ୍ମକୁ ବ୍ୟର୍ଥ କରି ଦେଉଛନ୍ତି ।ଯମ ଭୟ ତ ଦୂରର କଥା ଦିନରାତି ରାମ ନାମ ଜପ କଲେ ମଧ୍ୟ ସାଧାରଣ ରାଜସିପାହୀ ସିଂହ, ଭାଲୁ, ବାଘ, ସାପ,ବିଛା ଓ ମଶା ପ୍ରଭୃତିଙ୍କ ଠାରୁ ମଧ୍ୟ ରକ୍ଷା ମିଳେନାହିଁ । ମିଶ୍ରୀ ଓ ଖଣ୍ଡ ଗୁଡ ବୋଲି କହିଲେ ମଧ୍ୟ ମୁହଁ କେବେ ମିଠା ହୁଏ ନାହିଁ । ସେହିପରି ରାମନାମ କହିଲେ ମଧ୍ୟ ମୃତ୍ୟୁ ଭୟ ଦୂର ହୁଏ ନାହିଁ କିମ୍ବା ମୁକ୍ତି ଲାଭ ହୁଏନାହିଁ । ସତ୍ୟ ଭାଷଣାଦି ସତ୍କର୍ମଦ୍ୱାରା ହିଁ ମୁକ୍ତି ଲାଭ ହୋଇଥାଏ । ଥରେ ଦିଥର ରାମନାମ ଉଚ୍ଚାରଣ କଲେ ଭକ୍ତମାନଙ୍କ ଗୁହାରି ଯଦି ରାମ ଶୁଣୁ ନାହାନ୍ତି, ତେବେ ଆଜୀବନ ରାମନାମ ଜପିଲେ ମଧ୍ୟ ସେ କେବେ ଶୁଣିବେ ନାହିଁ । ପ୍ରକୃତରେ ଥରକରେ ଯଦି ଶୁଣନ୍ତି, ତେବେ ବାରମ୍ବାର ଉଚ୍ଚାରଣ କରିବାର କି ଆବଶ୍ୟକତା ଅଛି ? ଏମାନେ ନିଜ ନିଜର ଉଦର ଭରଣ ତଥା ଅନ୍ୟମାନଙ୍କର ଜୀବନ ନଷ୍ଟ କରିବା ଉଦ୍ଦେଶ୍ୟରେ ଏପରି ଲୀଳା ଭିଆଇଛନ୍ତି । ଅତି ଆଶ୍ଚର୍ଯ୍ୟର ବିଷୟ, ଆମେ ନିଜେ ଦେଖୁଛୁ ପୁଣି ଶୁଣୁଛୁ ଯେ ଏମାନେ ସମ୍ଭାର ନାମ ରଖିଛନ୍ତି...... ରାମସ୍ନେହୀ, କିନ୍ତୁ କାମ କରୁଛନ୍ତି ରାଣ୍ଡସ୍ନେହୀର । ଯେଉଁଠି ଦେଖନା କାହିଁକି ଏହି ସନ୍ଥମାନଙ୍କୁ କେବଳ ରାଣ୍ଡମାନେ ହିଁ ଘେରି ରହିଥାନ୍ତି । ଏପରି ପାଷାଣ୍ଡପଣ ଯଦି ଚାଲି ନ ଥାଆନ୍ତା, ତେବେ ଆଜି ଆର୍ଯ୍ୟାବର୍ତ୍ତ ଦେଶର କେତେ ଉନ୍ନତି ହୁଅନ୍ତାଣି । ଏମାନେ ନିଜର ଶିଷ୍ୟମାନଙ୍କୁ ଉଚ୍ଛିଷ୍ଟ ଖାଇବାକୁ ଦିଅନ୍ତି । ସ୍ତ୍ରୀମାନେ ମଧ୍ୟ ଲମ୍ବଭାବରେ ପଡ଼ି ଦଣ୍ଡବତ ପ୍ରଣାମ କରନ୍ତି । ଏକାନ୍ତରେ ସ୍ତ୍ରୀଲୋକ ଓ ସାଧୁମାନଙ୍କର ଲୀଳାଖେଳା ବରାବର ହୋଇଥାଏ ।

ବର୍ତ୍ତମାନ ଏମାନଙ୍କର ଅନ୍ୟ ଏକ ଶାଖା ମାରବାଡ଼ ଦେଶର "ଖେଡାପା" ଗ୍ରାମରେ ରହିଛି । ଏହାର ଇତିହାସ ହେଲା...... ରାମ ଦାସ ନାମକ ଢେଢ଼ ଜାତିର ଜଣେ ଚାଲାକ ଲୋକ ଥିଲା । ତାର ଦୁଇଜଣ ସ୍ତ୍ରୀ ଥିଲେ ।ସେ ଅନେକଦିନପର୍ଯ୍ୟନ୍ତ ଅଘୋରୀ ହୋଇ କୁକୁରଙ୍କ ସହିତ ଭୋଜନ କରୁଥିଲା । ପରେ ବାମୀ କୁଣ୍ଡପନ୍ଥୀ ଓ ତାହାପରେ "ରାମଦେବ"ଙ୍କ "କାମଡ଼ିଆ" ହେଲା । (କାମଡ଼ିଆମାନେ ଚମାର ଜାତିର ଲୋକେ ରଙ୍ଗିନ୍ ବସ୍ତ୍ର ପରିଧାନ କରି ରାମଦେବ ପ୍ରଭୃତିଙ୍କ ଗୀତ ଗାଇ ନୀଚ ଜାତିର ଲୋକମାନଙ୍କୁ ଶୁଣାନ୍ତି । ଏମାନଙ୍କୁ କାମଡ଼ିଆ କୁହାଯାଏ) । ରାମଦାସ କାମଡ଼ିଆ ହୋଇ ନିଜର ଦୁଇଜଣ ସ୍ତ୍ରୀଙ୍କୁ ସାଥିରେ ନେଇ ଗୀତ ଗାଏ । ଏପରି ଭାବେ ବୁଲି ବୁଲି

ଯୋଧପୁର ରାଜ୍ୟର ଏକ ବଡ ଗାଁଆ ସୀଥଲରେ ରହୁଥିବା ଢେଢ଼ମାନଙ୍କ ଗୁରୁ ରାମଦାସଙ୍କ ସହିତ ଦେଖାକଲେ । ସେ ତାଙ୍କୁ "ରାମଦେବ" ପନ୍ଥା ବିଷୟରେ ପରିଚିତ କରାଇ ନିଜର ଚେଲା କରିନେଲେ । ତାପରେ ରାମଦାସ ଖେଡାପା ଗ୍ରାମରେ ଘର କରି ରହିବା ସଙ୍ଗେ ସଙ୍ଗେ ନିଜର ମତ ପ୍ରଚାର କଲେ । ତେଣେ ଶାହପୁରାରେ ରାମଚରଣ ମତ ମଧ୍ୟ ପ୍ରଚଳିତ ହେଲା । ଏହାଙ୍କ ଇତିହାସରୁ ଜଣାଯାଏ ଯେ, ସେ ଜୟପୁରରେ ଜଣେ ବେପାରୀ ଥିଲେ । ସେ "ଦାନ୍ତଡ଼ା" ଗ୍ରାମର ଜଣେ ସାଧୁଙ୍କ ନିକଟରୁ ଦୀକ୍ଷା ନେଲେ ଓ ଶାହପୁରାକୁ ଆସି ଏକ ଆଶ୍ରମ ସ୍ଥାପନ କଲେ । ସରଳ ତଥା ଅଶିକ୍ଷିତ ଲୋକଙ୍କ ପାଖରେ ଭଣ୍ଡ ପାଷାଣ୍ଡ ମତ ଶୀଘ୍ର ଆଦର ଲାଭକରେ । ସେଠାରେ ମଧ୍ୟ ତାହାହିଁ ହେଲା । ଏମାନଙ୍କ ମଧ୍ୟରୁ ପୂର୍ବ ବର୍ଣ୍ଣିତ ରାମଚରଣଙ୍କ ଉକ୍ତିରୁ ଜଣାଯାଏ ଯେ ତାଙ୍କର ଉଚ୍ଚନୀଚ ଭେଦଭାବ ନ ଥିଲା । ତେଣୁ ବ୍ରାହ୍ମଣଙ୍କଠାରୁ ଆରମ୍ଭ କରି ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତେ ତାଙ୍କର ଚେଲା ହୋଇଗଲେ । ବର୍ତ୍ତମାନ ମଧ୍ୟ କୁଣ୍ଡାପନ୍ଥୀମାନେ ମାଟି ହାଣ୍ଡିରେ ଖାଆନ୍ତି । ଏହି ପନ୍ଥର ବ୍ୟକ୍ତିମାନେ ସାଧାରଣ ସାଧୁମାନଙ୍କର ଅଇଁଠା ଖାଆନ୍ତି । ସେହି ସାଧୁମାନେ ଲୋକମାନଙ୍କୁ ବୈଦିକ ଧର୍ମ, ପିତା-ମାତାଙ୍କ ସେବା ସାଂସାରିକ ବ୍ୟବହାରରୁ ବିମୁଖ କରାଇ ଆପଣାର ଶିଷ୍ୟ କରି ନିଅନ୍ତି । ରାମନାମକୁ ମହାମନ୍ତ୍ର ଓ ସୂକ୍ଷ୍ମ ବେଦ ବୋଲି କହନ୍ତି । ରାମ ନାମ ଜପରେ ଜନ୍ମ ଜନ୍ମାନ୍ତରର ପାପ କ୍ଷୟ ହୋଇଯାଏ, ତା ବ୍ୟତୀତ ଅନ୍ୟ କାହିଁରେ ମୁକ୍ତି ମିଳେ ନାହିଁ ବୋଲି ପ୍ରଚାର କରନ୍ତି । ଯିଏ ପ୍ରତ୍ୟେକ ଶ୍ୱାସ ପ୍ରଶ୍ୱାସରେ ରାମ ନାମ ଉଚ୍ଚାରଣ କରିବାକୁ ଶିକ୍ଷା ଦିଏ, ତାକୁ ସେମାନେ ସଦ୍‌ଗୁରୁ ଓ ପରମେଶ୍ୱରଙ୍କଠାରୁ ବଡ଼ ବୋଲି ମାନିଥାଆନ୍ତି । ସେହି ସଦ୍‌ଗୁରୁଙ୍କର ଧ୍ୟାନ ପୂଜା କରାଯାଏ, ପୁଣି ସେହି ଗୁରୁଙ୍କ ଚରଣ ଧୋଇ ପାଦୁକାଜଳ ପାନକରନ୍ତି । ଗୁରୁଙ୍କୁ ଦୂରଦେଶ ବା ଦୂରସ୍ଥାନକୁ ଯିବାକୁ ହେଲେ ଚେଲାମାନେ ତାଙ୍କର ନଖ ଓ ଦାଢ଼ୀରୁ କିଛି କିଛି ରଖନ୍ତି । ପ୍ରତିଦିନ ସେହି ନଖ ଓ ବାଳକୁ ପାଣିରେ ଧୋଇ ସେହି ପାଣିକୁ ପିଅନ୍ତି । ରାମଦାସ ଓ ହରଦାସଙ୍କ ବାଣୀ ବର୍ଣ୍ଣିତ ପୁସ୍ତକକୁ ବେଦଠାରୁ ମଧ୍ୟ ଅଧିକ ଭକ୍ତି କରିଥାଆନ୍ତି । ସେହି ପୁସ୍ତକକୁ ଦଣ୍ଡପ୍ରଣାମ କରିବା ସଙ୍ଗେ ସଙ୍ଗେ ପରିକ୍ରମା ମଧ୍ୟ କରିଥାଆନ୍ତି । ଗୁରୁ ନିକଟରେ ଥିଲେ ଗୁରୁଙ୍କୁ ଦଣ୍ଡ ପ୍ରଣାମ କରନ୍ତି । ସ୍ତ୍ରୀ ଓ ପୁରୁଷମାନଙ୍କୁ ଏକତ୍ର ରାମନାମ ସ୍ମରଣ କରିବାପାଇଁ ଉପଦେଶ ଦିଅନ୍ତି । ନାମ ସ୍ମରଣକୁ କଲ୍ୟାଣକର ବୋଲି ବିବେଚନା କରନ୍ତି, କିନ୍ତୁ ଗ୍ରନ୍ଥପାଠକୁ ପାପକାରି

ମନେ କରନ୍ତି । ତାର ସାକ୍ଷୀ ହେଉଛି·······

ପଣ୍ଡତାଇ ପାନେ ପଢୀ, ଓ ପୂରବ ଲୋ ପାପ୍ ।
ରାମ-ରାମ ସୁମର୍ୟାଂ ବିନାଂ, ରଇଗୌୟୀରୀତୋ ଆପ୍ ॥୧॥
ବେଦ ପୁରାଣ ପଢ଼େ ପଢ଼ ଗୀତା, ରାମ ଭଜନ ବିନ ରହଗୟେ ରୀତା ॥

ବିଦ୍ୟା ଶିଖିବା ବୃଥା, ପଢ଼ିବା ହେଉଛି ପାପ କାମ, ରାମନାମ ସ୍ମରଣ ନ କଲେ ସବୁ କାମ ବୃଥା, ପୁଣି ରାମନାମ ଉଚ୍ଚାରଣ ନ କରି ବେଦ ପୁରାଣ ବା ଗୀତା ପଢ଼ିବା ନିରର୍ଥକ । ସେମାନେ ଯେଉଁ ପୁସ୍ତକମାନ ରଚନା କରିଛନ୍ତି, ତହିଁରେ ସ୍ତ୍ରୀମାନେ ନିଜ ପତିଙ୍କୁ ସେବା କରିବା ପାପ ଓ ସାଧୁସନ୍ଥଙ୍କୁ ସେବା କରିବା ହିଁ ଧର୍ମ ବୋଲି ଉଲ୍ଲେଖ କରିଛନ୍ତି । ଏମାନେ ବର୍ଣ୍ଣାଶ୍ରମ ବ୍ୟବସ୍ଥାକୁ ମାନନ୍ତି ନାହିଁ । ଜଣେ ବ୍ରାହ୍ମଣ ମଧ୍ୟ ରାମସ୍ନେହୀ ସମ୍ପ୍ରଦାୟ ଭୁକ୍ତ ନ ହେଲେ ତାଙ୍କୁ ଚଣ୍ଡାଳ ଓ ନୀଚ, ଏବଂ କୌଣସି ଚଣ୍ଡାଳ ମଧ୍ୟ ସେହି ସମ୍ପ୍ରଦାୟ ଭୁକ୍ତ ହେଲେ ତାଙ୍କୁ ଉଚ୍ଚ ବା ଉତ୍ତମ ବୋଲି ବିବେଚନା କରିଥାନ୍ତି । ଏମାନେ ଈଶ୍ୱରଙ୍କ ଅବତାର ମାନନ୍ତି ନାହିଁ । କିନ୍ତୁ ରାମଚରଣଙ୍କ ଲିଖିତ······ "ଭଗତି ହେତି ଔତାର ହୀ ଧରହୀ" ଅର୍ଥାତ୍ ଭକ୍ତ ଓ ସନ୍ଥମାନଙ୍କ ହିତ ପାଇଁ ଈଶ୍ୱରାବତାରକୁ ମାନନ୍ତି । ଏମାନେ ଯେଉଁ ସବୁ ପାଷଣ୍ଡ ପ୍ରପଞ୍ଚ ପ୍ରଚାର କଲେ ତଦ୍ୱାରା ଆର୍ଯ୍ୟାବର୍ତ୍ତ ଦେଶର ଅକଥନୀୟ କ୍ଷତି ଘଟିଛି । ଏତିକିରୁ ବୁଦ୍ଧିମାନ୍ ଲୋକେ ଅନେକ କିଛି ଜାଣି ପାରିବେ ।

ପ୍ରଶ୍ନ :- ଗୋକୁଳ ଗୋସାଇଁମାନଙ୍କ ମତତ ଖୁବ୍ ଭଲ । ଦେଖନ୍ତୁ ସେମାନେ କିପରି ଐଶ୍ୱର୍ଯ୍ୟ ଭୋଗ କରୁଛନ୍ତି । ଏହା ଐଶ୍ୱରିକ ଲୀଳା ବ୍ୟତୀତ ଅନ୍ୟ କିଛି ହୋଇ ନପାରେ ?

ଉତ୍ତର :- ସେ ସବୁ ଐଶ୍ୱର୍ଯ୍ୟ ଗୃହସ୍ଥମାନଙ୍କର, ଗୋସାଇଁମାନଙ୍କର କିଛି ନୁହେଁ ।

ପ୍ରଶ୍ନ :- ବାଃ ବାଃ !! ଏସବୁ ଐଶ୍ୱର୍ଯ୍ୟ ହେଉଛି ଗୋସାଇଁମାନଙ୍କର ପ୍ରତାପ । ଯେଣୁ ଅନ୍ୟମାନଙ୍କୁ ଏପରି ଐଶ୍ୱର୍ଯ୍ୟ ମିଳୁନାହିଁ ।

ଉତ୍ତର :- ଅନ୍ୟ ଲୋକମାନେ ମଧ୍ୟ ଏପରି ଛଳନା, ପ୍ରପଞ୍ଚ ରଚନା କଲେ, ଗୃହସ୍ଥ ମାନଙ୍କଠାରୁ ଧନରତ୍ନାଦି ବିଭବ ପାଇ ପାରିବେ । ଯେଉଁ ଲୋକ ଯେତେ ପରିମାଣରେ ଧୂର୍ତ୍ତତା ଦେଖାଇପାରେ ସେ ସେତେପରିମାଣରେ ଐଶ୍ୱର୍ଯ୍ୟଶାଳୀ ହୋଇଥାଏ ।

ପ୍ରଶ୍ନ :- ଏ ସବୁକୁ ଧୂର୍ତ୍ତତା କାହିଁକି କୁହାଯିବ ? ଯେସବୁ ହେଉଛି ଗୋଲୋକର ଲୀଳା ।

ଉତ୍ତର :- ଏସବୁ ଗୋଲୋକର ଲୀଳା ନୁହେଁ, [illegible] ହେଉଛି ଗୋସାଇଁମାନଙ୍କର ଲୀଳା । ଯଦି ଗୋଲୋକ ଲୀଳା ହୋଇଥାଏ, ତେବେ ସେହି ଗୋଲୋକ ମଧ୍ୟ ତଦ୍ରୂପ ହୋଇଥିବ । ଏହି ମତ "ତୈଲଙ୍ଗ" ଦେ[illegible] ସୃଷ୍ଟି ହୋଇଛି । ଲକ୍ଷ୍ମଣ ଭଟ୍ଟ ନାମକ ଜନୈକ ତୈଲଙ୍ଗୀ ବ୍ରାହ୍ମଣ ବିବାହ କ[illegible]ର ନିଜର ପିତା ମାତା ଓ ସ୍ତ୍ରୀକୁ ଛାଡ଼ି କାଶୀକୁ ଯାଇ ସେଠାରେ ସନ୍ନ୍ୟାସ ଦୀକ୍ଷା ନେ[illegible] । ସେ ବିବାହ କରି ନାହାନ୍ତି ବୋଲି ମିଛ କହିଥିଲେ । ଦୈବାତ୍ ତାଙ୍କ ପରିବାରର ଲୋକେ ଜାଣିପାରିଲେ ଯେ ସେ କାଶୀରେ ସନ୍ନ୍ୟାସ ଦୀକ୍ଷା ନେଇ ରହୁଛନ୍ତି । ତାପରେ ତାଙ୍କର ପିତା ମାତା ଓ ସ୍ତ୍ରୀ ସମସ୍ତେ ଯାଇ କାଶୀରେ ପହଞ୍ଚିଲେ । ଯେଉଁ ସନ୍ନ୍ୟାସୀ ଲକ୍ଷ୍ମଣଭଟ୍ଟଙ୍କୁ ଦୀକ୍ଷା ଦେଇଥିଲେ ତାଙ୍କ ନିକଟକୁ ଯାଇ ଆପତ୍ତିକରି କହିଲେ ······· ଏହାଙ୍କୁ ସନ୍ନ୍ୟାସ ଦୀକ୍ଷା କାହିଁକି ଦେଲେ ? ସେ ବିବାହ କରିଛି, ତାଙ୍କର ଏହି ଯୁବତୀ ସ୍ତ୍ରୀ ଜଣକ ଅଛି, ଏହା କହି ସ୍ତ୍ରୀକୁ ଦେଖାଇ ଦେଲେ । ସ୍ତ୍ରୀ ମଧ୍ୟ ଆପତ୍ତି କରି କହିଲା ·······ଯଦି ମୋ ସ୍ୱାମୀଙ୍କୁ ମୋସହିତପଠାଇ ନଦେବେ, ତେବେ ମୋତେ ମଧ୍ୟ ସନ୍ନ୍ୟାସ ଦୀକ୍ଷା ଦିଅନ୍ତୁ । ଏହା ଶୁଣି ଗୁରୁ ଲକ୍ଷ୍ମଣ ଭଟ୍ଟଙ୍କୁ ଡକାଇ କହିଲେ·····, ତୁମେ ମିଥ୍ୟାବାଦୀ, "ବିବାହ କରିନାହିଁ" ଏପରି କହି ସନ୍ନ୍ୟାସ ଦୀକ୍ଷା ନେଲ । ତେଣୁ ତୁମେ ତୁମ ଘରକୁ ଫେରିଯାଇ ପୁଣିଥରେ ଗୃହସ୍ଥ ଜୀବନ ଯାପନ କର । ତାପରେ ସେ ବାଧ୍ୟହୋଇ ସନ୍ନ୍ୟାସ ଦୀକ୍ଷାକୁ ତ୍ୟାଗକରି ସ୍ତ୍ରୀ ସହିତ ଗାଆଁକୁ ଫେରିଲେ । କିନ୍ତୁ ତାଙ୍କର ଜାତିଲୋକେ ତାଙ୍କୁ ଆଉ ସମାଜରେ ଗ୍ରହଣ କଲେ ନାହିଁ । ତାପରେ ସ୍ତ୍ରୀକୁ ନେଇ ସେଠାରୁ ସେ ଚାଲିଯାଇ ନାନାସ୍ଥାନ ଭ୍ରମଣ କଲେ । ଭ୍ରମଣ ଅବସରରେ କାଶୀନଗରୀର ଅନତିଦୂରରେଥିବା ଚରଣାଗଡର "ଚମ୍ପାରଣ୍ୟ" ନାମକ ଅରଣ୍ୟକୁ ଚାଲିଗଲେ । ସେଠାରେ ଦେଖିବାକୁ ପାଇଲେ ଯେ କେହିଜଣେ ତାର ଛୋଟଶିଶୁଗୋଟାକୁ ଛାଡିଦେଇ ବୋଧେ ବନ୍ୟ ଜୀବଜନ୍ତୁଙ୍କ ଦାଉରୁ ରକ୍ଷାପାଇବା ଆଶାରେ ତା ଚାରିପାଖରେ ନିଆଁ ଜାଳି ଦେଇଥିଲା । ଲକ୍ଷ୍ମଣଭଟ୍ଟ ଓ ତାଙ୍କ ସ୍ତ୍ରୀ ପିଲାଟିକୁ ନିଆଁ ମଧ୍ୟରୁ ଉଦ୍ଧାର କରି ଘରକୁ ନେଇ ପୁଅ ପରି ପାଳନ କଲେ । ପରେ ସେମାନେ କାଶୀରେ ଯାଇ ଅବସ୍ଥାନ କଲେ ।। ପିଲାଟି ବଡ଼ ହେବାପରେ ବାପ ମାଆଙ୍କର କାଳ ହୋଇଗଲା । ପିଲାଟି ବାଲ୍ୟାବସ୍ଥାରୁ ଯୁବାବସ୍ଥା ଯାଏ ନିଜ ଚେଷ୍ଟାରେ କିଛି କିଛି ପାଠ ପଢ଼ିଥିଲା । ପରେ ସେ ବିଷ୍ଣୁସ୍ୱାମୀ ମନ୍ଦିରକୁ ଯାଇ ଚେଲା

ହୋଇଗଲା । ସେଠାରେ କିଛିଦିନ ରହିବାପରେ ଦ୍ୱନ୍ଦ୍ୱ ସୃଷ୍ଟି ହେବାରୁ ପୁନଶ୍ଚ କାଶୀକୁ ଯାଇ ସନ୍ନ୍ୟାସ ଗ୍ରହଣ କଲା । ସେଠାରେ ଜଣେ ଜାତିରୁ ବହିଷ୍କୃତ ହୋଇଥିବା ବ୍ରାହ୍ମଣ ରହୁଥିଲେ । ତାଙ୍କର ଜଣେ ଯୁବତୀ ଝିଅ ଥିଲା । ବ୍ରାହ୍ମଣ ତାଙ୍କୁ ସନ୍ନ୍ୟାସ ଦୀକ୍ଷା ତ୍ୟାଗ କରି ଝିଅଟିକୁ ବିବାହ କରିବାପାଇଁ ପ୍ରସ୍ତାବ ଆଗତକଲେ । ତାହା କାର୍ଯ୍ୟରେ ପରିଣତ ହେଲା । ଯାହାର ବାପ ଯେପରି କାଣ୍ଡ କାରଖାନା କରିଥାଏ, ତା ପୁଅ ମଧ୍ୟ ପ୍ରାୟଶଃ ସେହିପରି କାଣ୍ଡ କାରଖାନା କରେ । ବିବାହ ପରେ ସେ ନିଜ ସ୍ତ୍ରୀକୁ ନେଇ ପୂର୍ବୋକ୍ତ ବିଷ୍ଣୁ ସ୍ୱାମୀ ମନ୍ଦିରକୁ ଚାଲିଗଲା । କିନ୍ତୁ ବିବାହ କରିଥିବାରୁ ତାଙ୍କୁ ସେଠାରୁ ବାହାର କରି ଦିଆଗଲା । ତାପରେ ସେ ବାଧ୍ୟହୋଇ ଅବିଦ୍ୟା ଘର କରି ରହିଥିବା ବ୍ରଜ ଦେଶକୁ ଚାଲିଗଲା । ସେଠାକୁ ଯିବାପରେ "ଶ୍ରୀକୃଷ୍ଣଙ୍କ ସହିତ ମୋର ସାକ୍ଷାତ ହୋଇଛି" ବୋଲି ପ୍ରଚାର କରିଦେଲା । ସେ କହିଛନ୍ତି- ଗୋଲୋକରୁ ଯେଉଁ "ଦୈବୀ ଜୀବ" ମର୍ତ୍ତ୍ୟଲୋକକୁ ଆସିଛନ୍ତି ସେହି ଭକ୍ତମାନଙ୍କୁ ବ୍ରହ୍ମ ସମ୍ବନ୍ଧଦ୍ୱାରା ପବିତ୍ର କରି ଗୋଲୋକକୁ ପଠାଇ ଦିଅ । ଏହିପରି ପ୍ରଲୋଭନ ଦେଖାଇ ସେହି ଭଣ୍ଡ ବୈଷ୍ଣବ ୮୪ ଜଣଙ୍କୁ ନିଜର ଶିଷ୍ୟ ବୈଷ୍ଣବ କରାଇ ନେଲା । ପୁଣି ନିମ୍ନଲିଖିତ ମନ୍ତ୍ର ରଚନା କରି ତହିଁରେ ମଧ୍ୟ କିଛି ଗୋଟାଏ ଭେଦଭାବ ରଖିଲା ।

ଶ୍ରୀକୃଷ୍ଣଃ ଶରଣଂ ମମ ।୧।

ଏହି ମନ୍ତ୍ର ଦରିଦ୍ର ଲୋକଙ୍କ ପାଇଁ ତିଆରି କରାଗଲା । ଦ୍ୱିତୀୟ----

କ୍ଲୀଂ କୃଷ୍ଣାୟ ଗୋପୀଜନ ବଲ୍ଲଭାୟ ସ୍ୱାହା ।୨।

(ଗୋପାଳ ସହସ୍ର ନାମ)

ଏହି ଦିଓଟି ସାଧାରଣ ମନ୍ତ୍ର । କିନ୍ତୁ ନିମ୍ନୋକ୍ତ ମନ୍ତ୍ର ବ୍ରହ୍ମସମ୍ବନ୍ଧ ଓ ସମର୍ପଣ ପାଇଁ ଉଦ୍ଦିଷ୍ଟ **ଶ୍ରୀକୃଷ୍ଣଃ ଶରଣଂ ମମ ସହସ୍ରପରିବତ୍ସରମିତକାଳ ଜାତ କୃଷ୍ଣ ବିୟୋଗ ଜନିତ ତାପ କ୍ଲେଶାନନ୍ତତିରୋଭାବୋଽହଂ ଭଗବତେ କୃଷ୍ଣାୟ ଦେହେନ୍ଦ୍ରିୟ ପ୍ରାଣାନ୍ତଃ କରଣ ତଦ୍ଧର୍ମାଂଶ୍ଚ ଦାରାଗାର ପୁତ୍ରାପ୍ତ ବିତ୍ତେହ ପରାଣ୍ୟାତ୍ମନା ସହ ସମର୍ପୟାମି ଦାସୋଽହଂ କୃଷ୍ଣ ତବାସ୍ମି**

ଏହି ମନ୍ତ୍ର ଉପଦେଶଦେଇ ଶିଷ୍ୟଶିଷ୍ୟା ଉଭୟଙ୍କୁ ସମର୍ପଣ କରାଯାଏ । "**କ୍ଲୀଂ କୃଷ୍ଣାୟେତି**" ଏହି "**କ୍ଲୀଂ**" ହେଉଛି ତନ୍ତ୍ରର ସୃଷ୍ଟି । ଏଥିରୁ ଅନୁମାନ କରାଯାଉଛି - ବଲ୍ଲଭ ମତ ମଧ୍ୟ ବାମମାର୍ଗୀ ମତର ଭେଦ ବିଶେଷ । ଏହି କାରଣରୁ ଗୋସାଇଁମାନେ ବହୁତ ସ୍ତ୍ରୀ ସଙ୍ଗ କରନ୍ତି । "ଗୋପୀଜନ ବଲ୍ଲଭେତି" ତେବେ ଶ୍ରୀକୃଷ୍ଣ କଣ

କେବଳ ଗୋପୀମାନଙ୍କର ପ୍ରିୟ ଥିଲେ ? ଅନ୍ୟ କାହାରି ପ୍ରିୟ ନ ଥିଲେ ? ସେ ଯେଉଁମାନେ ବା ଯେ ସ୍ତ୍ରୀ ଭୋଗରେ ମାତେ ସେ ହିଁ ଥାଏ ସ୍ତ୍ରୀଳ ପ୍ରିୟ । ତେବେ ଶ୍ରୀକୃଷ୍ଣ କଣ ସେପରି ଥିଲେ ? "ସହସ୍ର ପରିବତ୍ସରେତି" ସହସ୍ର ବର୍ଷର ଗଣନା ନିରର୍ଥକ । ଯେଣୁ ବଲ୍ଲଭ ତଥା ତାଙ୍କର ଶିଷ୍ୟଗଣ ସର୍ବଜ୍ଞ ନ ଥିଲେ । କଣ କୃଷ୍ଣଙ୍କ ବିୟୋଗ ସହସ୍ର ବର୍ଷରୁ ହୋଇଛି ଓ ଆଜିଠାରୁ ଅର୍ଥାତ୍ ଯେଉଁ ସମୟ ପୂର୍ବରୁ ବଲ୍ଲଭଙ୍କ ମତ ପ୍ରଚାରିତ ହୋଇଥିଲା ବା ବଲ୍ଲଭ ଜାତ ହୋଇ ନ ଥିଲେ, ସେତେବେଳେ ଦୈବୀଜୀବଙ୍କୁ ଉଦ୍ଧାର କରିବାପାଇଁ କାହିଁକି ଆସିଲେ ନାହିଁ ? ତାପ ଓ କ୍ଲେଶ ଏ ଶବ୍ଦଦ୍ୱୟ ଏକାର୍ଥବୋଧକ । ଏଥିରୁ ଗୋଟିଏକୁ ଗ୍ରହଣ କରିଥିଲେ ହୋଇଥାନ୍ତା, ଦିଓଟିର ଆବଶ୍ୟକତା ବା କଣ ଅଛି ? "ଅନନ୍ତ" ଶବ୍ଦକୁ ପାଠ କରିବା ଉଚିତ ନୁହେଁ । ଯଦି ଏ ଶବ୍ଦକୁ ରଖାଯିବ ତେବେ "ସହସ୍ର" ଶବ୍ଦ ପାଠ କରିବା ଅନୁଚିତ । ଆହୁରି ମଧ୍ୟ ଯେ ଅନନ୍ତ କାଳରୁ "ତିରୋହିତ" ଅର୍ଥାତ୍ ଆଚ୍ଛାଦିତ ରହିଛି ବା ପାପକ୍ଲେଶ ପୀଡିତ, ତାକୁ କଦାପି କୌଣସି ବଲ୍ଲଭ ଉଦ୍ଧାର କରି ପାରିବେ ନାହିଁ ।, କାରଣ ଅନନ୍ତର ଅନ୍ତ ନାହିଁ । ଦେହେନ୍ଦ୍ରିୟ, ପ୍ରାଣାନ୍ତଃକରଣ ଓ ତାହାର ଧର୍ମ, ସ୍ତ୍ରୀ,ସ୍ଥାନ ପୁତ୍ର, ପ୍ରାପ୍ତ ଧନକୁ କୃଷ୍ଣଙ୍କୁ କାହିଁକି ଅର୍ପଣ କରାଯିବ ? ଯେଣୁ ଶ୍ରୀକୃଷ୍ଣ ହେଉଛନ୍ତି ପୂର୍ଣ୍ଣକାମ । ସେ ଦେହାଦିକୁ ଇଚ୍ଛା କରନ୍ତି ନାହିଁ । ପୁଣି ଦେହାଦିକୁ ଅର୍ପଣ କରାଯାଇ ପାରେ ନାହିଁ । ଯେଣୁ ନଖଠାରୁ ଆରମ୍ଭକରି ଶିଖା ପର୍ଯ୍ୟନ୍ତ ସବୁକୁ ଦେହ କୁହାଯାଏ । ଦେହ ମଧ୍ୟରେ ଯେଉଁ ମଳମୂତ୍ରାଦି ଅପବିତ୍ର ପଦାର୍ଥ ରହିଛି, ସେ ସବୁକୁ କିପରି ଅର୍ପଣ କରାଯିବ ? ପୁଣି ଯେଉଁ ପାପ ପୁଣ୍ୟାଦି କର୍ମ ସବୁ ରହିଛି, ସେଗୁଡିକୁ ଅର୍ପଣ କଲେ, ସେସବୁର ଫଳଭାଗୀ ଶ୍ରୀକୃଷ୍ଣଙ୍କୁ ହିଁ ହେବାକୁ ପଡିବ । ଗୋସାଇଁମାନେ କୃଷ୍ଣଙ୍କ ନାମରେ ସବୁ ଅର୍ପଣ କରିଦେବାପାଇଁ ଉପଦେଶ ଦିଅନ୍ତି, କିନ୍ତୁ ଦେଖିବାକୁଗଲେ ନିଜେହିଁ ସବୁ ପଦାର୍ଥ ଗ୍ରହଣ କରିଥାନ୍ତି । ଦେହଭିତରେ ଯେଉଁ ମଳମୂତ୍ରାଦି ରହିଛି, ସେସବୁକୁ ଗୋସାଇଁମାନଙ୍କୁ କାହିଁକି ଅର୍ପଣ କରାଯାଉ ନାହିଁ ? ସମସ୍ତ ମିଷ୍ଟ ପଦାର୍ଥକୁ ଗ୍ରହଣ କରି କଟୁତିକ୍ତ କଷାୟ ପଦାର୍ଥକୁ ଛାଡିଦେବେ, ଏହା ହେଉଛି ଏମାନଙ୍କର ନୀତି । ପୁଣି ଯାହାକିଛି ଗୋସାଇଁମାନଙ୍କୁ କେବଳ ଅର୍ପଣ କରାଯିବ, ଅନ୍ୟ ମତର ଲୋକଙ୍କୁ କିଛି ଦିଆ ଯିବ ନାହିଁ । ଏହା ସେମାନଙ୍କର ଉପନ୍ୟ ସ୍ୱାର୍ଥପରତା ବ୍ୟତୀତ ଅନ୍ୟ କିଛି ନୁହେଁ । ବେଦ ପ୍ରତିପାଦିତ ଧର୍ମକୁ ନଷ୍ଟ କରି କେବଳ

ଅନ୍ୟର ଧନକୁ ଆହରଣ କରିବା ନିମନ୍ତେ ଏପରି ମାୟାଜାଲ ବିସ୍ତାର କରିଛନ୍ତି । ବଲ୍ଲଭଙ୍କ ଏହି ପ୍ରପଞ୍ଚକୁ ଦେଖନ୍ତୁ.......

ଶ୍ରାବଣସ୍ୟାମଲେ ପକ୍ଷେ, ଏକାଦଶ୍ୟାଂ ମହାନିଶି ।
ସାକ୍ଷାଦ୍ ଭଗବତା ପ୍ରୋକ୍ତଂ ତଦକ୍ଷରଶ ଉଚ୍ୟତେ ॥୧॥
ବ୍ରହ୍ମସମ୍ବନ୍ଧ କରଣାତ୍ ସର୍ବେଷାଂ ଦେହଜୀବୟୋଃ ।
ସର୍ବଦୋଷ ନିବୃତ୍ତିର୍ହି ଦୋଷାଃ ପଞ୍ଚବିଧାଃ ସ୍ମୃତାଃ ॥୨॥
ସହଜା ଦେଶକାଲୋତ୍ଥା ଲୋକ ବେଦ ନିରୂପିତାଃ ।
ସଂଯୋଗଜାଃ ସ୍ପର୍ଶଜାଶ୍ଚ ନ ମନ୍ତବ୍ୟାଃ କଦାଚନ ॥୩॥
ଅନ୍ୟଥା ସର୍ବଦୋଷାଣାଂ ନ ନିବୃତ୍ତିଃ କଥଞ୍ଚନ ।
ଅସମର୍ପିତ ବସ୍ତୁନାଂ ତସ୍ମାଦ୍ ବର୍ଜନମାଚରେତ୍ ॥୪॥
ନିବେଦିଭିଃ ସମର୍ପ୍ୟୈବ ସର୍ବଂ କୁର୍ଯ୍ୟାଦିତି ସ୍ଥିତିଃ ॥
ନ ମତଂ ଦେବଦେବସ୍ୟ ସ୍ୱାମି ଭୁକ୍ତି ସମର୍ପଣମ୍ ॥୫॥
ତସ୍ମାଦାଦୌ ସର୍ବକାର୍ଯ୍ୟେ ସର୍ବ ବସ୍ତୁ ସମର୍ପଣମ୍
ଦତ୍ତାପହାର ବଚନଂ ତଥା ଚ ସକଲଂ ହରେଃ ॥୬॥
ନ ଗ୍ରାହ୍ୟମିତି ବାକ୍ୟଂ ହି ଭିନ୍ନମାର୍ଗ ପରଂ ମତମ୍ ॥
ସେବକାନାଂ ଯଥା ଲୋକେ ବ୍ୟବହାରଃ ପ୍ରସିଧ୍ୟତି ॥୭॥
ତଥା କାର୍ଯ୍ୟଂ ସମର୍ପ୍ୟୈବ ସର୍ବେଷାଂ ବ୍ରହ୍ମତା ତତଃ ॥
ଗଙ୍ଗାତ୍ୱେ ଗୁଣଦୋଷାଣାଂ ଗୁଣଦୋଷାଦି ବର୍ଣ୍ଣନମ୍ ॥୮॥

ଏସବୁ ଶ୍ଳୋକ ଗୋସାଇଁମାନଙ୍କ ସିଦ୍ଧାନ୍ତରହସ୍ୟାଦି ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି । ଏହା ହେଉଛି ସେମାନଙ୍କମତର ମୂଳତତ୍ତ୍ୱ । ସମାନଙ୍କୁ କେହିଭଲା ପଚାରନ୍ତୁ, ଶ୍ରୀକୃଷ୍ଣଙ୍କ ଦେହାନ୍ତ ହେବା ଅନ୍ୟୁନ ପାଞ୍ଚହଜାର ବର୍ଷ ବିତିଗଲାଣି । ପୁଣି ଏ ବଲ୍ଲଭ ତାଙ୍କୁ ଶ୍ରାବଣମାସର ଅର୍ଦ୍ଧରାତ୍ରିରେ କେଉଁପରି ଭେଟିଥିଲେ । ୧ । ଯେଉଁମାନେ ଗୋସାଇଁଙ୍କର ଚେଲା ହୁଅନ୍ତି, ପୁଣି ତାଙ୍କୁ ସବୁକିଛି ସମର୍ପଣ କରିଦିଅନ୍ତି, ତେବେ

ସେମାନଙ୍କ ଶରୀର ଓ ଜୀବର ସକଳପ୍ରକାର ଦୋଷ ଦୂରୀଭୂତ ହୋଇଯାଏ । ମୂର୍ଖମାନଙ୍କୁ ଭୁଲାଇ ନିଜ ମତ ପ୍ରତି ଆକୃଷ୍ଟ କରିବାପାଇଁ ଏହା ହେଉଛି ବଲ୍ଲଭଙ୍କ ମିଥ୍ୟା ପ୍ରବଞ୍ଚନା ମାତ୍ର । ଯଦି ଗୋସାଇଁମାନଙ୍କ ଶିଷ୍ୟଶିଷ୍ୟାମାନଙ୍କର ସମସ୍ତ ଦୋଷ ଦୂରେଇ ଯାଏ, ତେବେ ରୋଗ ଦାରିଦ୍ର୍ୟାଦି ଦୁଃଖରେ ସେମାନେ କେବେ ପୀଡ଼ିତ ହେବା ଉଚିତ ନୁହେଁ ।ଏ ଦୋଷ ପାଞ୍ଚ ପ୍ରକାର ॥୨॥ ପ୍ରଥମ-ସହଜ ଦୋଷ :-ଯାହାକି ସ୍ୱାଭାବିକ, ଅର୍ଥାତ୍ କାମ କ୍ରୋଧାଦିରୁ ଉତ୍ପନ୍ନ । ଦ୍ୱିତୀୟ :- ଦେଶ, କାଳ ପରିସ୍ଥିତିରେ କରାଯାଉଥିବା ନାନାପ୍ରକାର ପାପ । ତୃତୀୟ :- ଲୌକିକମତରେ ଯାହାକୁ ଭକ୍ଷ୍ୟାଭକ୍ଷ୍ୟକୁହାଯାଏ, ବେଦୋକ୍ତି ଅନୁସାରେ ମିଥ୍ୟା ଭାଷଣାଦି । ଚତୁର୍ଥ :- ସଂସର୍ଗ ଜାତ ଚୋରି, ନାରୀ ଇତ୍ୟାଦି, ମାଆ, ଭଉଣୀ, ବୋହୂ, ଗୁରୁପତ୍ନୀ ପ୍ରଭୃତିଙ୍କ ସହିତ ଅବୈଧ ସମାଗମ । ପଞ୍ଚମ :- ସ୍ପର୍ଶଜ ଅର୍ଥାତ୍ ଅସ୍ପୃଶ୍ୟ ନୀଚ ଲୋକମାନଙ୍କୁ ଛୁଇଁବା । ଏହି ପାଞ୍ଚ ପ୍ରକାର ଦୋଷକୁ ଗୋସାଇଁମାନଙ୍କ ମତକୁ ଗ୍ରହଣ କରିଥିବା ଲୋକେ ଦୋଷ ବୋଲି ସ୍ୱୀକାର କରନ୍ତି ନାହିଁ ॥୩॥ ଗୋସ୍ୱାମୀ ମତାବଲମ୍ବୀମାନେ ଯେକୌଣସି ପଦାର୍ଥ ହେଉ, ଗୋସାଇଁଙ୍କୁ ସମର୍ପଣ ନକରି ନିଜେ ଗ୍ରହଣ କରନ୍ତି ନାହିଁ । ଏଣୁ ଏହି ମତବାଦୀ ଲୋକେ ନିଜର ସ୍ତ୍ରୀ, କନ୍ୟା, ପୁତ୍ରବଧୂ ଏବଂ ଧନାଦି ପଦାର୍ଥକୁ ପ୍ରଥମେ ଗୋସ୍ୱାମୀଙ୍କୁ ସମର୍ପଣ କରନ୍ତି । ସମର୍ପଣ ନିୟମାନୁସାରେ କୌଣସି ସ୍ତ୍ରୀ ଯଦି ଗୋସ୍ୱାମୀଙ୍କ ଚରଣ ସେବା କରି ନ ଥାଏ,ତେବେ ତାର ସ୍ୱାମୀ ତାକୁ ଗ୍ରହଣ କରେ ନାହିଁ ॥୪ ॥ କୌଣସି ବ୍ୟକ୍ତି ଯେ କୌଣସି ପଦାର୍ଥ ହେଉନା କାହିଁକି ନିଜେ ଭୋଗ କଲାପରେ ତାକୁ ଗୋସ୍ୱାମୀଙ୍କୁ ସମର୍ପଣ କରାଯାଇ ପାରିବ ନାହିଁ । ତେଣୁ ଏହି ଗୋସ୍ୱାମୀ ମତାବଲମ୍ବୀମାନେ ନିଜ ସ୍ତ୍ରୀକୁ ମଧ୍ୟ ପ୍ରଥମେ ଗୋସ୍ୱାମୀଙ୍କୁ ସମର୍ପଣ କରିବା ପରେ ନିଜେ ଭୋଗକରନ୍ତି । ୪ । ଏଣୁ ଶିଷ୍ୟମାନେ ଗୋସାଇଁଙ୍କୁ ସମର୍ପଣ କରିବାପରେ ନିଜ ନିଜ ପଦାର୍ଥ ଭୋଗ କରିପାରିବେ ।କାରଣ ସ୍ୱାମୀ ଭୋଗ କରିବାପରେ ଗୋସାଇଁଙ୍କୁ ତାହା ସମର୍ପଣ କରିବା ଉଚିତ ନୁହେଁ ॥୫॥ ଏଣୁ ପ୍ରତ୍ୟେକ କାର୍ଯ୍ୟରେ ପ୍ରତ୍ୟେକ ପଦାର୍ଥ ସମର୍ପିତ ହେବା ଉଚିତ । ଭାର୍ଯ୍ୟା ଆଦିଙ୍କୁ ପ୍ରଥମେ ଗୋସାଇଁଙ୍କୁ ସମର୍ପଣକରି ତାପରେ ଗ୍ରହଣ କରିବା ଉଚିତ । ସେହିପରି ହରିଙ୍କର ସମସ୍ତ ପଦାର୍ଥ ସମର୍ପଣ କରି ଗ୍ରହଣ କର ॥୬॥ ଶିଷ୍ୟଶିଷ୍ୟାମାନେ ଅନ୍ୟ ଧର୍ମର କଥାକୁ କାନରେ ଶ୍ରବଣ କରିବେ ନାହିଁ, ଏହା ହେଉଛି ଗୋସାଇଁଙ୍କର କଡ଼ା ନିର୍ଦ୍ଦେଶ ॥୭॥ ଏମାନେ ପ୍ରତ୍ୟେକ ବସ୍ତୁ ଗୋସାଇଁଙ୍କୁ ଅର୍ପଣ କରନ୍ତି ଏବଂ ସେସବୁରେ ବ୍ରହ୍ମବୁଦ୍ଧି ରଖନ୍ତି । ଯେପରି ଗଙ୍ଗା ନଦୀରେ ଅନ୍ୟ ଜଳ ମିଶି ଗଙ୍ଗାଜଳ ସଦୃଶ ହୋଇଯାଏ, ସେପରି ଅନ୍ୟ ମତର ସମସ୍ତ ଦୋଷ ଗୋସ୍ୱାମୀ

ମତ ଗ୍ରହଣରେ ନଷ୍ଟ ହୋଇଯାଏ । ସେହିପରି ନିଜ ମତରେ ଗୁଣ ଓ ଅନ୍ୟମତରେ ତାହା ଦୋଷପୂର୍ଣ୍ଣ ବୋଲି କୁହାଯାଉଥିଲେ ହେଁ, ନିଜ ମତାନୁସାରେ ତାକୁ ଗୁଣ ବୋଲି ବର୍ଣ୍ଣନା କର ॥୮॥ ଦେଖନ୍ତୁ ଏହି ଗୋସାଇଁମାନେ ନିଜ ନିଜ ମତଦ୍ୱାରା ଅନ୍ୟ ମତାବଲମ୍ବୀଙ୍କ ଅପେକ୍ଷା ଅଧିକରୁ ଅଧିକ ସ୍ୱାର୍ଥ ହାସଲ କରୁଛନ୍ତି । ଏହି ଗୋସ୍ୱାମୀମାନଙ୍କୁ ପଚାରିବ, ତୁମେ ନିଜେ ତ ବ୍ରହ୍ମର ଗୋଟିଏ ଲକ୍ଷଣ ମଧ୍ୟ ଜାଣି ନାହଁ ,ତେବେ କିପରି ତୁମେ ଶିଷ୍ୟମାନଙ୍କର ବ୍ରହ୍ମସମ୍ବନ୍ଧ କରିପାରିବ ? ଯଦି ଏହାର ଉତ୍ତରରେ କହନ୍ତି .... ଆମ୍ଭେ ହିଁ ବ୍ରହ୍ମ, ଆମ୍ଭ ସହିତ ସମ୍ବନ୍ଧ କଲେ ଆପେ ଆପେ ବ୍ରହ୍ମସମ୍ବନ୍ଧ ହୋଇଯିବ ॥ ତୁମ୍ଭଠାରେ ତ ବ୍ରହ୍ମର ଗୁଣ, କର୍ମ, ଓ ସ୍ୱଭାବ କିଛି ନାହିଁ । ତୁମେ କିପରି ବ୍ରହ୍ମ ହୋଇପାରିବ ? ତୁମ୍ଭେମାନେ କେବଳ ତୁମ୍ଭର ଭୋଗବିଳାସ ସକାଶେ ବ୍ରହ୍ମ ବୋଲାଉଛ । ତୁମ୍ଭର ଶିଷ୍ୟ,ଶିଷ୍ୟା,ସ୍ତ୍ରୀ,ପୁରୁଷ, ଯେକେହି ହୁଅନ୍ତୁ ନା କାହିଁକି ତୁମ୍ଭଠାରେ ସମର୍ପିତ ହେଲେ ତୁମ୍ଭେ ସେ ସମସ୍ତଙ୍କୁ ଶୁଦ୍ଧପୂତ କରି ଦେଉଛ । କିନ୍ତୁ ତୁମର ସ୍ତ୍ରୀ, କନ୍ୟା ପ୍ରଭୃତି ସମର୍ପିତ ହେଉ ନଥିବାରୁ ସେମାନେ ନିଶ୍ଚୟ ଅପବିତ୍ର ରହୁଥିବେ । ତାଙ୍କୁ ପଚାରିବା ଉଚିତ ଯେ ସମର୍ପିତ ହେଉନଥିବା ବସ୍ତୁ ଯଦି ଅପବିତ୍ର, ତେବେ ତୁମ ବଂଶର କେହି ସମର୍ପିତ ହୋଇଥିବାରୁ ତୁମବଂଶର ସମସ୍ତେ ଅଶୁଦ୍ଧ, ପୁଣି ତହିଁରୁ ତୁମ୍ଭେ ସୃଷ୍ଟି ହୋଇଥିବାରୁ ତୁମ୍ଭେ ମଧ୍ୟ କାହିଁକି ଅଶୁଦ୍ଧ ବା ଅପବିତ୍ର ନ ହେବ ? ଏଥି ସକାଶେ ତୁମ୍ଭର ସ୍ତ୍ରୀ, କନ୍ୟା, ପୁତ୍ରବଧୂ ପ୍ରଭୃତିଙ୍କୁ ଅନ୍ୟ ମତାବଲମ୍ବୀମାନଙ୍କୁ ସମର୍ପଣ ନ କରୁଛ କାହିଁକି ? ଯଦି ଏହାକୁ ସ୍ୱୀକାର ନକର ତେବେ ଅନ୍ୟର ସ୍ତ୍ରୀ, ପୁରୁଷ ଓ ଧନାଦି ପଦାର୍ଥ ଗ୍ରହଣକରିବା ତ୍ୟାଗ କର । ଯାହା ହେବାର ହୋଇଯାଇଛି, ଏଣୁ ଏଣିକି ସେସବୁ ମିଥ୍ୟା ପ୍ରପଞ୍ଚାଦି କାର୍ଯ୍ୟ ଛାଡି ସୁନ୍ଦର ଈଶ୍ୱରୋକ୍ତ ବେଦ ବିହିତ ସୁପଥକୁ ଆସି ନିଜର ମନୁଷ୍ୟ ଜନ୍ମକୁ ସଫଳ କରିବା ସଙ୍ଗେ ସଙ୍ଗେ ଧର୍ମ, ଅର୍ଥ, କାମ, ଓ ମୋକ୍ଷ ଚତୁର୍ବର୍ଗ ଲାଭକରି ଆନନ୍ଦରେ ଜୀବନଯାପନ କର ।

ପୁଣି ଦେଖନ୍ତୁ ଯେ, ଏହି ଗୋସାଇଁମାନେ ଆପଣା ମତକୁ "ପୁଷ୍ଟିମାର୍ଗ" ବୋଲି କହନ୍ତି । ଅର୍ଥାତ୍ ଖାଇବା-ପିଇବା, ପୁଷ୍ଟ ହେବା, ଅନେକ ସ୍ତ୍ରୀସଙ୍ଗ କରିବା ଓ ବିଳାସବ୍ୟସନରେ ମଜ୍ଜି ରହିବାକୁ "ପୁଷ୍ଟିମାର୍ଗ " ବୋଲି ଆଖ୍ୟା ଦେଉଛନ୍ତି । ଏମାନେ ଜାଣିବା ଉଚିତ ଯେ ଏସବୁ କୁକର୍ମରେ ମାତି ଅନେକ ଲୋକ ଭଗନ୍ଦରାଦି ରୋଗରେ ଆକ୍ରାନ୍ତ ହୋଇ ମରୁଛନ୍ତି । ତେଣୁ ଏହା ପୁଷ୍ଟିମାର୍ଗ ନହୋଇ ନରକମାର୍ଗରେ ପରିଣତ ହୋଇଯାଏ । କାରଣ ଦୁଃଖର ନାମ ନରକ ଓ ସୁଖର ନାମ ହେଉଛି ସ୍ୱର୍ଗ । ଅ

ଆଶ୍ଚର୍ଯ୍ୟର ବିଷୟ ଯେ, ଏହି ପଶୁମାନଙ୍କପରି କ୍ରୀଡା କରୁଥିବା ଲୋକଙ୍କର ମତ ମଧ୍ୟ ସଂସାରରେ ବଳବତ୍ତର ରହିଛି । ଏମାନଙ୍କର ଲୀଳା-ଖେଳା ଆଉ କେତେ ଲେଖିବା ? ଯେଣୁ ସେସବୁ ହେଉଛି ଶାସ୍ତ୍ରବିରୁଦ୍ଧ ତଥା ପାପବର୍ଦ୍ଧକ ।

ଏମାନେ ଏହିପରି ମିଥ୍ୟାମାର୍ଗ ଆବିଷ୍କାର କରି, ସାଧାରଣଲୋକଙ୍କୁ ଏକାବେଳକେ ଠକୁଛନ୍ତି ଓ ନିଜେ ଶ୍ରୀକୃଷ୍ଣ ହୋଇ ସ୍ୱାମୀରୂପେ ସବୁକିଛି ଭୋଗ କରୁଛନ୍ତି । ଏମାନେ କହନ୍ତି ଯେତେ ଦୈବୀଜୀବ ଗୋଲୋକରୁ ଏଠାକୁ ଆସିଛନ୍ତି, ସେ ସମସ୍ତଙ୍କୁ ଉଦ୍ଧାର କରିବାପାଇଁ ଆମ୍ଭେ ହେଉଛୁ ଲୀଳା ପୁରୁଷୋତ୍ତମ । ଯେଉଁମାନେ ଆମ୍ଭ ଉପଦେଶ ଗ୍ରହଣ କରିବେ ନାହିଁ, ସେମାନେ କେବେ ଗୋଲୋକକୁ ଯାଇପାରିବେ ନାହିଁ । ସେଠାରେ ଏକ ମାତ୍ର ପୁରୁଷ ହେଉଛନ୍ତି ଶ୍ରୀକୃଷ୍ଣ ଓ ଅନ୍ୟ ସମସ୍ତେ ସ୍ତ୍ରୀ । ଆରେ ବାଃ ! ତୁମର ମତ ହେଉଛି ଅତି ସୁନ୍ଦର । ଗୋସାଇଁମାନଙ୍କର ଯେତେ ସବୁ ଚେଲା ଅଛନ୍ତି ସମସ୍ତେ ସେଠାରେ ଗୋପୀ ହୋଇଯିବେ । ବିଚାରିବାର କଥା ଜଣେ ମନୁଷ୍ୟର ଦୁଇଜଣ ସ୍ତ୍ରୀ ହେବାମାତ୍ରେ ତାକୁ ବହୁ ଦୁଃଖ ଦୁର୍ଦ୍ଦଶା ଭୋଗିବାକୁ ପଡ଼େ । କିନ୍ତୁ ଯେଉଁ ସ୍ଥାନରେ ଜଣେ ମାତ୍ର ପୁରୁଷକୁ ଅସଂଖ୍ୟ ସ୍ତ୍ରୀ ରହିଛନ୍ତି, ସେଠାକାର ଅବସ୍ଥା କି ଭୟଙ୍କର ହୋଇ ନଥିବ ? ଯଦି କୁହାଯାଏ ଭଗବାନ୍ ଶ୍ରୀକୃଷ୍ଣଙ୍କର ମହାନ୍ ସାମର୍ଥ୍ୟ ଥିବାରୁ ସେ ସମସ୍ତଙ୍କୁ ସନ୍ତୁଷ୍ଟ କରି ରଖିଛନ୍ତି । ସେଠାରେ ମଧ୍ୟ ଶ୍ରୀକୃଷ୍ଣଙ୍କର ନିଜର ସ୍ତ୍ରୀ ଥିବେ, ଯିଏକି ହେଉଛନ୍ତି ତାଙ୍କର ଅର୍ଦ୍ଧାଙ୍ଗିନୀ । ସେ ମଧ୍ୟ ପତିଙ୍କପରି ଅଶେଷ ସାମର୍ଥ୍ୟର ଅଧିକାରିଣୀ ହୋଇଥିବେ । ଏଠାରେ ଯେପରି ସ୍ତ୍ରୀ ଓ ପୁରୁଷଙ୍କ କାମଚେଷ୍ଟା ସମାନ ବା ପୁରୁଷଙ୍କର ଅପେକ୍ଷା ସ୍ତ୍ରୀମାନଙ୍କର କିଛି ପରିମାଣରେ ଅଧିକ ଥାଏ, ଗୋଲୋକ କାହିଁକି ସେହିପରି ହୋଇ ନ ଥିବ ? ପ୍ରକୃତରେ ଯଦି ସେପରି ହୋଇଥିବ ତେବେ ଶ୍ରୀକୃଷ୍ଣଙ୍କ ଅର୍ଦ୍ଧାଙ୍ଗିନୀଙ୍କ ସହିତ ଅନ୍ୟାନ୍ୟ ସ୍ତ୍ରୀମାନଙ୍କର ଲଢେଇ ଝଗଡ଼ା ନିଶ୍ଚୟ ହେଉଥିବ । ଯେଣୁ ସପତ୍ନୀ ଭାବ ହେଉଛି ଅତ୍ୟନ୍ତ ଈର୍ଷାଜନକ । ପୁଣି ଗୋଲୋକ ସ୍ୱର୍ଗ ପରିବର୍ତ୍ତେ ନରକରେ ପରିଣତ ହୋଇଯାଇଥିବ । ଏଠାରେ ଯେପରି ଅନେକ ସ୍ତ୍ରୀ ସଂସର୍ଗରୁ ଭଗନ୍ଦରାଦି ରୋଗରେ ପୀଡ଼ିତ ହେବାକୁ ପଡ଼େ, ଗୋଲୋକରେ ମଧ୍ୟ ସେପରି ଦୁର୍ଦ୍ଦଶାଗ୍ରସ୍ତ ହେବାକୁ ପଡୁଥିବ ? ଛି ! ଛି ! ଏପରି ଗୋଲୋକଠାରୁ ଆମର ଏହି ମର୍ତ୍ତ୍ୟଲୋକ ତ ଶତଗୁଣରେ ଭଲ ।ଏଠାକାର ଗୋସାଇଁମାନେ ଅନେକ ସ୍ତ୍ରୀ ସମାଗମ କରି ଯେପରି ଭଗନ୍ଦର, ପ୍ରମେହାଦି ରୋଗରେ ପୀଡ଼ିତ ହେଉଛନ୍ତି, ଗୋଲୋକ ସ୍ୱାମୀ ଶ୍ରୀକୃଷ୍ଣ ମଧ୍ୟ କାହିଁକି ସେପରି ରୋଗପୀଡ଼ିତ ହେଉ ନଥିବେ ? ଶ୍ରୀକୃଷ୍ଣ ଯଦି

ରୋଗପୀଡ଼ିତ ହୁଅନ୍ତି ନାହିଁ, ତେବେ ତାଙ୍କର ପ୍ରତିନିଧି ବୋଲାଉଥିବା ଗୋସାଇଁମାନେ କାହିଁକି ପୀଡ଼ିତ ହେଉଛନ୍ତି ?

ପ୍ରଶ୍ନ :- ମର୍ତ୍ତ୍ୟଲୋକରେ ଶ୍ରୀକୃଷ୍ଣ ଲୀଳାବତାର ଧାରଣ କରୁଥିବାରୁ ରୋଗ ଭୋଗିବାକୁ ପଡୁଛି । କିନ୍ତୁ ଗୋଲକରେ ସବୁକିଛି ନାହିଁ ।

ଉତ୍ତର :- "ଭୋଗେ ରୋଗଭୟ୍" (ଭର୍ତ୍ତୃହରି ବୈରାଗ୍ୟ ଶତକ ଶ୍ଳୋ-୩୨)

ଯେଉଁଠି ଭୋଗ ଅଛି, ସେଠାରେ ରୋଗ ନିଶ୍ଚୟ ସୃଷ୍ଟିହେବ । ଶ୍ରୀକୃଷ୍ଣଙ୍କ କୋଟିକୋଟି ସ୍ତ୍ରୀଙ୍କଠାରୁ ସନ୍ତାନ ଉତ୍ପତ୍ତି ହେଉଛନ୍ତି କି ନାହିଁ ? ଯଦି ହେଉଛନ୍ତି ତେବେ ସେ ସବୁ ପୁଅ ନା ଝିଅ ? ଅଥବା ପୁଅଝିଅ ଉଭୟ ପ୍ରକାର ଉତ୍ପତ୍ତି ହେଉଛନ୍ତି ? ଯଦି କେବଳ ଝିଅ ହେଉଥିବେ,ତେବେ ସେମାନଙ୍କ ବିବାହ କେଉଁମାନଙ୍କ ସହିତ ହେଉଥିବ ? କାରଣ ସେଠାରେ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଅନ୍ୟ କୌଣସି ପୁରୁଷ ନାହାନ୍ତି ।ଯଦି ଅନ୍ୟ କୌଣସି ପୁରୁଷ ଥିବେ, ତେବେ ତୁମ କଥା ମିଥ୍ୟା ପ୍ରତିପାଦିତ ହେବ । ପୁଣି ଯଦି କୁହ କେବଳ ପୁଅ ହୁଅନ୍ତି, ତେବେ ସେମାନଙ୍କର ବିବାହ କାହା ସହିତ ହୁଏ ? ବୋଧହୁଏ ଘରେ ଘରେ ନିଜ ନିଜ ଭିତରେ ବିବାହାଦି ସବୁକାର୍ଯ୍ୟ ସମ୍ପନ୍ନ ହୋଇଥାଏ ? ଅନ୍ୟମାନଙ୍କର ପୁତ୍ର ସନ୍ତାନ ଯଦି ଥାଆନ୍ତି, ତେବେ "ଗୋଲୋକରେ ଏକମାତ୍ର ପୁରୁଷ ଶ୍ରୀକୃଷ୍ଣ " ଏହା ମଧ୍ୟ ମିଥ୍ୟା ପ୍ରମାଣିତ ହେବ । ଯଦି କହିବ ଗୋଲୋକରେ ସନ୍ତାନସନ୍ତତି ଜାତ ହୁଅନ୍ତି ନାହିଁ, ତେବେ ଶ୍ରୀକୃଷ୍ଣଙ୍କ ନପୁଂସକତ୍ୱ ଓ ସ୍ତ୍ରୀମାନଙ୍କର ବନ୍ଧ୍ୟାତ୍ୱ ଦୋଷ ପ୍ରମାଣିତ ହୋଇଯିବ । ଏ ଗୋଲୋକଟା କଣ ? ମନେ ହେଉଛି ଦିଲ୍ଲୀ ବାଦଶାହଙ୍କ ଅସଂଖ୍ୟ ସ୍ତ୍ରୀ ସେନା ।

ପୁଣି ଗୋସାଇଁମାନେ ଶିଷ୍ୟ ଓ ଶିଷ୍ୟାମାନଙ୍କ ତନୁ, ମନ ଓ ଧନ ସମର୍ପଣ କରାଇ ନିଅନ୍ତି । ଏକଥା ମଧ୍ୟ ଯଥାର୍ଥ ନୁହେଁ । କାରଣ ଶରୀର ତ ବିବାହ ସମୟରେ ପତି ପତ୍ନୀ ଉଭୟେ ଉଭୟଙ୍କୁ ସମର୍ପଣ କରିଦେଇଥାନ୍ତି । ଦେହ ସହିତ ମନ ମଧ୍ୟ ସମର୍ପିତ ହୋଇଥାଏ । ତେଣୁ ମନ ମଧ୍ୟ ଅନ୍ୟ ପୁରୁଷକୁ ସମର୍ପଣ କରାଯାଇପାରେ ନାହିଁ । ମନକୁ ଯଦି ଅନ୍ୟତ୍ର ସମର୍ପଣ କରାଯାଏ ତେବେ ସେହି ସ୍ତ୍ରୀର ଦିଓଟି ପତି ହେବେ ଓ ସେ ବ୍ୟଭିଚାରିଣୀ ବୋଲାଇବ । ଯଦି ନଖରୁ ଶିଖ ପର୍ଯ୍ୟନ୍ତ ଶରୀରକୁ ଗୋସାଇଁଙ୍କୁ ଅର୍ପଣ କରାଯାଇଥାଏ, ତେବେ ସେହି ଶରୀରରୁ ଉତ୍ପନ୍ନ ଧାତୁ, ମଳ, ମୂତ୍ର ପ୍ରଭୃତି ମଧ୍ୟ ଗୋସାଇଁଙ୍କୁ ଅର୍ପିତ ହୋଇଥାଏ । ଆଉ ବାକି ରହିଲା ଧନ । ଧନ ଅର୍ପଣ କରାଇବାର ଅଭିପ୍ରାୟ ହେଉଛି ଯେ, ରୋଜଗାର କରିବେ ଚେଲାଏ,

କିନ୍ତୁ ଭୋଗ କରିବେ ବୋଲି ଗୋସାଇଁମାନେ । ଯେତେକ ବଲ୍ଲଭ ସଂପ୍ରଦାୟୀ ଗୋସାଇଁ ଅଛନ୍ତି, ସେମାନେ ଏଯାଏ ତେଲିଙ୍ଗୀ ଜାତିରେ ନାହାନ୍ତି । ଭୁଲବଶତଃ କେହି ଯଦି ଏମାନଙ୍କୁ କନ୍ୟାଦାନ କରେ ତେବେ ସେହି ଲୋକ ଜାତିରୁ ବହିଷ୍କୃତ ହୁଏ । କାରଣ ଏମାନେ ଜାତି ପତିତ ଓ ବିଦ୍ୟାବିହିନ ହୋଇ ରାତିଦିନ ପ୍ରମାଦ ମଧ୍ୟରେ ଜୀବନଯାପନ କରନ୍ତି । କୌଣସି ଗୃହସ୍ଥ ଯଦି ଗୋସାଇଁଙ୍କୁ ନିମନ୍ତ୍ରଣ କରି ନିଜ ଘରକୁ ନିଏ, ତେବେ ସେମାନେ ସେଠାକୁ ଯାଇ କାଠ ପିତୁଳାପରି ମୂକ ହୋଇ ବସି ରହନ୍ତି । କାରଣ କିଛି ଯଦି ପ୍ରକାଶ କରନ୍ତି, ତେବେ ସେମାନଙ୍କ ମୂର୍ଖତା ପ୍ରକାଶିତ ହୋଇଯିବ । ତେଣୁ କୁହାଯାଇଛି " **ବଳଂ ମୂର୍ଖସ୍ୟ ମୌନିତ୍ୱମ୍** " ମୂର୍ଖମାନଙ୍କର ବଳ ହେଉଛି ତୁନି ହୋଇ ରହିବା । ତୁନି ରହି ନିଜ ନିଜର ଦୁର୍ବଳତାକୁ ସେମାନେ ଢାଙ୍କି ରଖନ୍ତି । ସେହି ଗୋସାଇଁ ସ୍ତ୍ରୀଲୋକକୁ ଏକ ଧ୍ୟାନରେ ଚାହୁଁଥାଏ । ଗୋସାଇଁ ଯେଉଁ ସ୍ତ୍ରୀକୁ ନିର୍ନିମେଷ ନୟନରେ ଅନାନ୍ତି ସେ ନିଜକୁ ଭାଗ୍ୟବତୀ ମଣେ, ପୁଣି ତାର ଭାଇ, ବନ୍ଧୁ ପିତା,ମାତା ପ୍ରଭୃତି ଅତ୍ୟନ୍ତ ପ୍ରସନ୍ନ ହୋଇଥାନ୍ତି ।ପରର ସମସ୍ତ ସ୍ତ୍ରୀ ଗୋସାଇଁଙ୍କ ପାଦ ଛୁଅନ୍ତି । ଯେଉଁ ସ୍ତ୍ରୀ ପ୍ରତି ଗୋସାଇଁ ଆଗ୍ରହାନ୍ୱିତ ହୁଅନ୍ତି, ତାର ଅଙ୍ଗୁଳିକୁ ନିଜ ଗୋଡ଼ରେ ସେ ଚାପି ଦିଅନ୍ତି । ସେହି ସ୍ତ୍ରୀ ଓ ତାର ସମ୍ପର୍କୀୟମାନେ ଆପଣାକୁ ଧନ୍ୟ ଧନ୍ୟ ଓ ଭାଗ୍ୟବାନ୍ ମନେ କରନ୍ତି । ତାର ପତି ଆଦି ସ୍ତ୍ରୀକୁ ଗୋସାଇଁଙ୍କର ପଦସେବା କରିବାକୁ ଯିବାପାଇଁ ନିର୍ଦ୍ଦେଶ ଦିଅନ୍ତି । ଯଦି କୌଣସି ପତି ଅକସ୍ମାତ୍ ନିଜ ସ୍ତ୍ରୀକୁ ପଠାଇବାପାଇଁ ରାଜି ହୁଅନ୍ତି ନାହିଁ, ତେବେ ଅନ୍ୟକୌଣସି ଦୂତୀ ବା କୁଟ୍ଟିନୀ ଆଦିଙ୍କୁ ପଠାଇ ଗୋସାଇଁଙ୍କ ଅଭିଳାଷ ଚରିତାର୍ଥ କରିଥାନ୍ତି । ଗୋସାଇଁମାନଙ୍କ ମନ୍ଦିରରେ ଏପରି ଭ୍ରଷ୍ଟସ୍ତ୍ରୀ ଅନେକାନେକ ଥିବାର ଦେଖାଯାଏ ।

ଅଦ୍ଭୁତ ପ୍ରକାରର ଦକ୍ଷିଣା ଏମାନେ ସଂଗ୍ରହ କରିଥାନ୍ତି । ଏମାନେ କହିଥାନ୍ତି---- ଗୋସାଇଁଙ୍କୁ ଦକ୍ଷିଣା ଦିଅ । ତାପରେ ତାଙ୍କର ସ୍ତ୍ରୀ,ପୁତ୍ର,କନ୍ୟା ପ୍ରଧାନକର୍ମଚାରୀ ବାହାର ସେବକ, ଗାୟକ ଓ ଠାକୁରଙ୍କପାଇଁ ମଧ୍ୟ ଦକ୍ଷିଣା ନେଇଥାନ୍ତି । ଏପରି ଆଠଜଣଙ୍କ ନାମରେ ଏମାନେ ଗୃହସ୍ଥଠାରୁ ଧନ ଲୁଣ୍ଠନ କରିଥାନ୍ତି । ଦୈବାତ୍ ଯଦି କୌଣସି ଶିଷ୍ୟର ମୃତ୍ୟୁ ହୁଏ, ତେବେ ଗୋସାଇଁ ସେଠାକୁ ଯାଇ ତାର ଛାତିକୁ ନିଜ ପାଦରେ ସ୍ପର୍ଶ କରନ୍ତି । ପୁଣି ଅତ୍ୟନ୍ତ ଲୋଭାସକ୍ତ ହୋଇ ଯାକିଛି ପାଆନ୍ତି ତାକୁ ସାଥିରେ ନେଇ ଆସନ୍ତି । ଏହା କଣ ମହାବ୍ରାହ୍ମଣ, କରଟାଦାନଗ୍ରହୀତା ବା ମଡ଼ାଚଣ୍ଡିଆଙ୍କ କାର୍ଯ୍ୟ ନୁହେଁ ? କୌଣସି କୌଣସି ଶିଷ୍ୟ

ବିବାହ ସମୟରେ ଗୋସାଇଁଙ୍କୁ ଡାକିନେଇ, ପ୍ରଥମେ ତାଙ୍କଦ୍ୱାରା ପୁଅ ବା ଝିଅର ପାଣିଗ୍ରହଣ କରାନ୍ତି । କେହି କେହି ସେବକ ଯେବେ କେଶର ସ୍ନାନ ଅର୍ଥାତ୍ ଗୋସାଇଁଙ୍କର ହଳଦିଲାଗି ସ୍ନାନ ସମୟରେ ସ୍ତ୍ରୀ ପୁରୁଷ ଦିଜଣ, ବିଶେଷତଃ ସ୍ତ୍ରୀଲୋକମାନେ ଗୋସାଇଁଙ୍କୁ ଗୋଟାଏ କାଠ ପିଢ଼ା ଉପରେ ବସାଇ, ତାଙ୍କ ଦେହରେ ହଳଦି ଲଗାଇଦେଇ, ତାଙ୍କୁ ସ୍ନାନ କରାଇ ଦିଅନ୍ତି । ସ୍ନାନ ଶେଷରେ ଗୋସାଇଁ ପୀତବସ୍ତ୍ର ପରିଧାନ କରି, କଠଉ ପିନ୍ଧି ବାହାରକୁ ଆସିବା ସମୟରେ ଧୋତିକୁ ପାତ୍ରରେ ପକାଇଦେଇ ପଦାକୁ ଆସିବାମାତ୍ରେ, ଶିଷ୍ୟମାନେ ଗୋସାଇଁଙ୍କର ପାଇଟା ଲୁଗାଧୁଆ ପାଣି ସେବନ କରନ୍ତି । ପୁଣି ଭଲ ଭଲ ମସଲା ପଡ଼ିଥିବା ପାନ,ବିଡ଼ି ପ୍ରଭୃତି ଆଣି ଗୋସାଇଁଙ୍କି ଦିଅନ୍ତି । ଗୋସାଇଁ ସେହି ପାନ ଚୋବାଇ ଚୋବାଇ ଖାଆନ୍ତି, ଅବଶେଷ ଉଚ୍ଛିଷ୍ଟକୁ ଶିଷ୍ୟ ହାତରେ ଧରି ଦେଖାଇ ଥିବା ଏକ ରୂପା ପାତ୍ରରେ ପକାଇ ଦିଅନ୍ତି । ପାନର ସେହି ଉଚ୍ଛିଷ୍ଟ ଅଂଶକୁ ଶିଷ୍ୟମାନେ ପ୍ରସାଦରୂପେ ବଣ୍ଟାବଣ୍ଟି କରି ଖାଇଥାନ୍ତି । ଏହାକୁ **"ଖାସ ପ୍ରସାଦୀ"** କୁହାଯାଏ । ବର୍ତ୍ତମାନ ବିଚାରକରି କହନ୍ତୁ ଏମାନେ କି ପ୍ରକାର ମଣିଷ । ଏହାଠାରୁ ବଳି ମୂଢ଼ପଣ ବା ଅନାଚାର ଆଉ କଣ ଥାଇପାରେ ?ସମର୍ପିତ ସକଳ ପଦାର୍ଥକୁ ଗ୍ରହଣ କରୁଥିବା ଗୋସାଇଁମାନେ କେବଳ ବୈଷ୍ଣବଲୋକଙ୍କ ହାତରୁ ଖାଆନ୍ତି ।ଅନ୍ୟମାନଙ୍କ ହାତରୁ ଖାଆନ୍ତି ନାହିଁ । କେତେକ ନିଜ ହାତରେ ରାନ୍ଧିଖାଇଥାନ୍ତି । ଅନ୍ୟ କେହି ଦେଇଥିବା କାଠକୁ ମଧ୍ୟ ଧୁଆ ନ ହେଲେ ଛୁଅନ୍ତି ନାହିଁ । କିନ୍ତୁ ମଜାର କଥା ଅଟା,ଗୁଡ଼,ଚିନି, ଘିଅ ପ୍ରଭୃତିକୁ ନ ଧୋଇ ଗ୍ରହଣ କରିଥାନ୍ତି । ଏଥିରେ ସେମାନେ କିପରି ଅପବିତ୍ର ହୋଇ ଯାଆନ୍ତି ନାହିଁ ? ସେତେବେଳେ ଗୋସାଇଁଙ୍କ କର୍ତ୍ତବ୍ୟ ଅକର୍ତ୍ତବ୍ୟ ଜ୍ଞାନ ଲୋପ ପାଇଯାଏ । କାରଣ ଏସବୁ ପଦାର୍ଥକୁ ଯଦି ଧୋଇ ଦିଆଯାଏ ତେବେ ତାଙ୍କପାଇଁ ଆଉ ରହିବ କଣ ? ସେମାନେ କହିଥାନ୍ତି କି ଆମ୍ଭେ ଠାକୁରଙ୍କ ରଙ୍ଗ-ରାଗ-ଭୋଗ ପ୍ରଭୃତିରେ ବହୁତ ଧନ ଖର୍ଚ୍ଚ କରୁଛୁ । କିନ୍ତୁ ପ୍ରକୃତ ରଙ୍ଗରାଗ ସେମାନେ ନିଜପାଇଁ କରନ୍ତି । ତଦ୍ୱାରା ସେମାନେ ଅନେକ ଅନର୍ଥ ମଧ୍ୟ ସୃଷ୍ଟି କରିଥାନ୍ତି । ଯଥା-ଦୋଳଯାତ୍ରା ସମୟରେ ପିଚ୍‌କାରିରେ ରଙ୍ଗପାଣି ଭର୍ତ୍ତିକରି ସେମାନେ ସ୍ତ୍ରୀମାନଙ୍କ ଗୁପ୍ତସ୍ଥାନପ୍ରତି ଲକ୍ଷ୍ୟକରି ମାରନ୍ତି । ବ୍ରାହ୍ମଣ ପକ୍ଷରେ ନିଷେଧ କରାଯାଇଥିବା ଅନ୍ନବ୍ୟଞ୍ଜନାଦି ବିକ୍ରୟ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ ।

ପ୍ରଶ୍ନ :- ଗୋସାଇଁମାନେ ଦୋକାନ ବସାଇ ନିଜେ ଭାତ, ଡାଲି, ରୁଟି, କଢ଼ି, ଶାଗ, ଲଡ୍ଡୁ ପ୍ରଭୃତି ବିକ୍ରି କରନ୍ତି ନାହିଁ । ସେମାନେ ନିଜର ଚାକର ବାକରଙ୍କୁ ପତ୍ରରେ ବାଣ୍ଟି

ଦିଅନ୍ତି । ସେମାନେ ତାକୁ ନେଇ ବିକ୍ରୟ କରନ୍ତି । ଏଥିରେ ଗୋସାଇଁମାନଙ୍କର ବା କି ଦୋଷ ?

ଉତ୍ତର :- ଯଦି ଗୋସାଇଁମାନେ ଚାକରମାନଙ୍କୁ ମାସିକ ଦରମା ଟଙ୍କାଆକାରରେ ଦେଉଥାନ୍ତେ, ତେବେ ସେମାନେ ଖାଦ୍ୟପୁଡ଼ା କାହିଁକି ନିଅନ୍ତେ ? ଗୋସାଇଁମାନେ ପାଚକ ଓ ସେବକମାନଙ୍କୁ ଦରମା ନ ଦେଇ ତା ବଦଳରେ ଭାତ, ଡାଲି ପ୍ରଭୃତି ଦିଅନ୍ତି । ସେମାନେ ସେ ସବୁକୁ ହାଟ ବଜାରକୁ ନେଇ ବାଧ୍ୟହୋଇ ବିକ୍ରୟ କରନ୍ତି । ଗୋସାଇଁମାନେ ଏ ସବୁକୁ ନିଜେ ଯଦି ବିକ୍ରୀ କରୁଥାନ୍ତେ, ତେବେ ବ୍ରାହ୍ମଣ ବର୍ଣ୍ଣର ଚାକରମାନେ ରସବିକ୍ରୟ ଦୋଷରୁ ରକ୍ଷା ପାଇଯାଆନ୍ତେ, ଏବଂ ଗୋସାଇଁମାନେ କେବଳ ପାପଭାଗୀ ହୁଅନ୍ତେ । ଏପରି କରି ସେମାନେ ନିଜେ ପାପୀ ହେବା ସଙ୍ଗେ ସଙ୍ଗେ ଅନ୍ୟ ସେବକ ବ୍ରାହ୍ମଣମାନଙ୍କୁ ମଧ୍ୟ ପାପଭାଗୀ କରାଉଛନ୍ତି । ନାଥଦ୍ୱାର ଆଦି କୌଣସି କୌଣସି ସ୍ଥାନରେ ଗୋସାଇଁମାନେ ନିଜେ ମଧ୍ୟ ବିକ୍ରୀ କରିଥାନ୍ତି । ଦେଖିବାକୁ ଗଲେ ରସ ବିକ୍ରୟ ହେଉଛି ନୀଚ ଲୋକର କାମ, ତାହା କଦାପି ଉତ୍ତମ ଲୋକର କର୍ତ୍ତବ୍ୟ ନୁହେଁ । ଏପରି ଲୋକମାନଙ୍କ ଦ୍ୱାରା ଆର୍ଯ୍ୟାବର୍ତ୍ତର ଏ ଅଧଃପତନ ଘଟିଛି ।

ପ୍ରଶ୍ନ :- ସ୍ୱାମୀ ନାରାୟଣଙ୍କ ମତ କିପରି ?

ଉତ୍ତର :- " ଯାଦୃଶୀ ଶୀତଳା ଦେବୀ ତାଦୃଶୋ ବାହାନଃ ଖରଃ " । ଧନ ଅପହରଣ କରିବା ପାଇଁ ଗୋସାଇଁମାନଙ୍କର ଯେପରି ଲୀଳା ଖେଳା, ସ୍ୱାମୀ ନାରାୟଣଙ୍କର ମଧ୍ୟ ତାଠାରୁ କୌଣସି ଗୁଣରେ କମ୍ ନୁହେଁ । "ସହଜାନନ୍ଦ" ବୋଲି ଜଣେ ବ୍ୟକ୍ତି ଅଯୋଧ୍ୟା ନିକଟରେ ଥିବା ଏକ ଗ୍ରାମରେ ଜନ୍ମିଥିଲା । ସେ ବ୍ରହ୍ମଚାରୀ ହୋଇ ଗୁଜୁରାଟ, କାଠିଆବାଡ଼, କଚ୍ଛଭୁଜ ପ୍ରଭୃତି ଦେଶରେ ଭ୍ରମଣ କରି, ଦେଖିଲା ଯେ ସେଠାକାର ଲୋକେ ଯେପରି ମୂର୍ଖ ସେପରି ସରଳ । ତେଣୁ ସେମାନଙ୍କୁ ସୁଆଡେ ଆକୃଷ୍ଟ କରାଯିବ, ସେମାନେ ସେଆଡକୁ ଢଳି ପଡିବେ । ଏହା ବିଚାରି ସେଠାକାର ଦୁଇଚାରିଜଣଙ୍କୁ ଶିଷ୍ୟରୂପେ ଠିକ୍ କଲା ।ସେମାନେ ନିଜ ନିଜ ମଧ୍ୟରେ ବିଚାର ଆଲୋଚନାକରି ପ୍ରଚାରକଲେ ଯେ, ସହଜାନନ୍ଦ ହେଉଛନ୍ତି ନାରାୟଣଙ୍କ ଅବତାର ଓ ଜଣେ ପ୍ରସିଦ୍ଧ ସିଦ୍ଧ ସାଧକ ପୁରୁଷ । ସେ ଚତୁର୍ଭୁଜମୂର୍ତ୍ତି ଧାରଣକରି ଭକ୍ତମାନଙ୍କୁ ଦେଖାଦିଅନ୍ତି ।

ସେ ସମୟରେ କାଠିଆବାଡରେ "ଦାଦାଖାଚ଼ର" ନାମରେ ଜଣେ ଜମିଦାର ଥିଲେ । ତାଙ୍କ ନିକଟକୁ ଯାଇ ଶିଷ୍ୟମାନେ କହିଲେ, "ଯଦି ତୁମ୍ଭେ ଚତୁର୍ଭୁଜ ନାରାୟଣ ମୂର୍ତ୍ତି ଦର୍ଶନ କରିବାକୁ ଚାହଁ, ତେବେ ଆପଣଙ୍କ ମନସ୍କାମନା ପୂରଣ କରିବାପାଇଁ

ଆମ୍ଭେମାନେ ସହଜାନନ୍ଦଙ୍କୁ ପ୍ରାର୍ଥନା କରିବୁଁ । ସେ ସରଳ ଲୋକ ଥିବାରୁ କହିଲେ ଅତି ଉତ୍ତମ କଥା । ଏଣେ ସହଜାନନ୍ଦ ଏକ ଅନ୍ଧକାର କୋଠରୀରେ ମସ୍ତକରେ ମୁକୁଟ ବାନ୍ଧି ନିଜ ଦୁଇ ହାତରେ ଶଙ୍ଖ ଚକ୍ର ଧାରଣ କରି ଉପରକୁ ଉଠାଇ ରହିଲେ । ତାପରେ ଅନ୍ୟ ଜଣେ ବ୍ୟକ୍ତି ଦୁଇ ହାତରେ ଗଦା,ପଦ୍ମ ଧରି ତାଙ୍କ ପଛପଟରେ ରହି ସହଜାନନ୍ଦଙ୍କ ଶରୀରର ଉଭୟ ପାର୍ଶ୍ୱରୁ ଆଗକୁ ହାତ ବାହାରକରି ଠିଆହେଲା । ଉଭୟଙ୍କଦ୍ୱାରା ଏକ ଚତୁର୍ଭୁଜ ନାରାୟଣ ସୃଷ୍ଟି କରାଗଲା । ସହଜାନନ୍ଦଙ୍କ ଶିଷ୍ୟମାନେ ତେଣେ ଦାଦାଖାଚରଙ୍କୁ ଯାଇ କହିଲେ ---- ଥରେମାତ୍ର ଆଖି ଉଠାଇ ଆଖି ପିଛୁଳାକେ ଯେତିକି ଦର୍ଶନ ପାଇବ ସେତିକି ମାତ୍ର ଦେଖି ଆଖିବୁଜି ଦେଇ ଘରୁ ବାହାରି ଆସିବ । ନାରାୟଣଙ୍କୁ ବହୁସମୟ ଚାହିଁରହିଲେ କାଳେ ସେ ରାଗିଯାଇ ପାରନ୍ତି । ଶିଷ୍ୟମାନେ ଏପରି ସତର୍କ କରିବାର କାରଣ ହେଉଛି ------- ସେମାନଙ୍କର କପଟତା ଓ ସହଜାନନ୍ଦଙ୍କର ଛଦ୍ମବେଶ ଯେପରି ଧରାପଡି ନ ଯିବ । ଶିଷ୍ୟମାନେ ଦାଦା ଖାଚରଙ୍କୁ ସେହି ଅନ୍ଧକାର କୋଠରୀକୁ ନେଇଗଲେ, ଯେଉଁଠାରେ କି ସହଜାନନ୍ଦ ଚତୁର୍ଭୁଜ ବେଶ ଧାରଣକରି ପ୍ରତିମାପରି ନିଶ୍ଚଳହୋଇ ବସିଥାଆନ୍ତି । ସେତେବେଳେ କେହି ଜଣେ ସେଠାରେ ଏକ ଲଣ୍ଠନ ଲଗାଇ ଆଲୁଅକରି ଦେବାରୁ ଚତୁର୍ଭୁଜ ମୂର୍ତ୍ତି ସ୍ପଷ୍ଟ ଭାବରେ ଦେଖାଗଲା । ସମସ୍ତେ ଭକ୍ତି ଗଦ୍ ଗଦ୍ ହୋଇ ତଳେ ମୁଣ୍ଡଲଗାଇ ପ୍ରଣାମ କଲେ । ତତ୍କ୍ଷଣାତ୍ ସେହି ଆଲୁଅକୁ ବନ୍ଦ କରି ଦିଆଗଲା, ତାପରେ ଅନ୍ୟ ରାସ୍ତାରେ ସେହି କୋଠରୀ ଭିତରୁ ସମସ୍ତେ ବାହାରି ଆସିଲେ । ସେତେବେଳେ ସମସ୍ତେ ଦାଦାଖାଚରଙ୍କୁ ବହୁତ ପ୍ରଶଂସାକରି କହିଲେ----- ତୁମେ ଧନ୍ୟ, ତୁମର ଅହୋଭାଗ୍ୟ, ଆଜି ତୁମେ ଚତୁର୍ଭୁଜ ନାରାୟଣଙ୍କୁ ପ୍ରତ୍ୟକ୍ଷରେ ଦର୍ଶନ କଲ । ଆଜିଠାରୁ ତୁମେ ଭଗବାନ ଚତୁର୍ଭୁଜ ନାରାୟଣଙ୍କର ଭକ୍ତ ହୋଇଯାଅ । ଦାଦାଖାଚର ଆନନ୍ଦର ସହିତ ସେହି ପ୍ରସ୍ତାବକୁ ଗ୍ରହଣ କରିବାପାଇଁ ସମ୍ମତି ଜଣାଇଲେ । ଇତି ମଧ୍ୟରେ ସହଜାନନ୍ଦ ନିଜର ବେଶ ଭୂଷା ବଦଳାଇ ଦେଇ ପୂର୍ବରୂପ ଧାରଣକରି ଅନ୍ୟ ଏକ କୋଠରୀକୁ ଯାଇ ବସିଲେ । ସେତେବେଳେ ଶିଷ୍ୟମାନେ ଦାଦାଖାଚରଙ୍କୁ ସେହି କୋଠରୀକୁ ନେଇ ସହଜାନନ୍ଦଙ୍କୁ ଦେଖାଇ କହିଲେ, ଦେଖ ! ଚତୁର୍ଭୁଜ ନାରାୟଣ ମହାରାଜ ଏବେ ଅନ୍ୟରୂପ ଧାରଣକରି ଏଠାରେ ବିରାଜମାନ ହୋଇଛନ୍ତି । ତାଙ୍କୁ ଦେଖି ଜମିଦାରଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଶିଷ୍ୟମାନଙ୍କ ପ୍ରରୋଚନାରେ ପଡ଼ି ଜମିଦାର ମଧ୍ୟ ସହଜାନନ୍ଦଙ୍କ ଶିଷ୍ୟ ହୋଇଗଲେ । ଦାଦାଖାଚର ଜଣେ ଜମିଦାର ଥିବାରୁ ସେ ଅଞ୍ଚଳରେ

ନାରାୟଣମତ ଦୃଢ଼ ଆସନ ଜମାଇ ନେଲା । ସହଜାନନ୍ଦଙ୍କ ନାମ ସର୍ବତ୍ର ପ୍ରଖ୍ୟାତ ହୋଇଗଲା । ତାପରେ ସେ ବିଭିନ୍ନ ସ୍ଥାନ ଭ୍ରମଣ କରି ନିଜ ମତ ପ୍ରଚାରକଲେ ଓ ଅନେକ ଶିଷ୍ୟଙ୍କୁ ସାଧୁ କରିନେଲେ, ଅନ୍ୟମାନଙ୍କୁ ଉପଦେଶ ଦେବାରେ ଲାଗିଲେ । କେବେ କେବେ ସହଜାନନ୍ଦ ସାଧୁମାନଙ୍କ କଣ୍ଠ ନାଡ଼ୀକୁ ଚିପିଧରି ମୂର୍ଚ୍ଛିତ କରାଇ ଦେଇ, ସମାଧିସ୍ଥ କରାଇ ଦେଇଛନ୍ତି ବୋଲି ସାଧାରଣରେ ପ୍ରଚାର କଲେ । ତାଙ୍କର ଏହିପରି ଧୂର୍ତ୍ତତାଦ୍ୱାରା କାଠିଆବାଡ଼ର ସରଳ ତରଳ ଜନତା ତାଙ୍କ ଜାଲରେ ପଡ଼ିଗଲେ । ସହଜାନନ୍ଦଙ୍କ ମୃତ୍ୟୁପରେ ତାଙ୍କର ଶିଷ୍ୟମାନେ ବହୁ କପଟାଚରଣ ସହ ଦଗାବାଜି ମଧ୍ୟ କରିବାରେ ଲାଗିଲେ । ନିମ୍ନୋକ୍ତ ଉଦାହରଣରୁ ସେମାନଙ୍କ ମତର ସାରାସାର ସହଜରେ ବୁଝାଯାଇ ପାରିବ ।

ସେହି ମତର କୌଣସି ଜଣେ ବ୍ୟକ୍ତି ଥରେ ଚୋରି କରୁ କରୁ ଧରା ପଡ଼ିଲା । ବିଚାରପତି ତାର ନାକ କାଟିଦେବାପାଇଁ ଦଣ୍ଡବିଧାନ କଲେ । ତାର ନାକ କାଟି ଦେବାପରେ ସେହି ଧୂର୍ତ୍ତ ଆନନ୍ଦରେ ହସି ହସି ନାଚିବା, ଗାଇବା ଆରମ୍ଭ କରିଦେଲା । ଲୋକେ ତାକୁ ପଚାରିଲେ, ତୁ କାହିଁକି ଏପରି ହସୁଛୁ, ନାଚୁଛୁ ? ଉତ୍ତର ଦେଲା----- ଏହା ସେପରି ପ୍ରକାଶ କରିବାର ବିଷୟ ନୁହେଁ । ଲୋକେ ଅତ୍ୟନ୍ତ କୌତୂହଳୀ ହୋଇ ଜିଦ୍‌କରି ପଚାରିଲେ------- ଏପରି କି କଥା ଅଛି, ଯାହାକୁ କୁହାଯାଇ ପାରିବ ନାହିଁ ? ସେ କହିଲା------- ବଡ ଆଶ୍ଚର୍ଯ୍ୟର କଥା, ମୁଁ ଏପରି କେବେ ଦେଖି ନ ଥିଲି । ଲୋକେ ଆଗ୍ରହାନ୍ୱିତ ହୋଇ ବାରମ୍ବାର କହିବାପାଇଁ ଅନୁରୋଧ କଲାରୁ, ସେହି ଚୋର କହିଲା------ ମୋ ଆଗରେ ସ୍ୱୟଂ ନାରାୟଣ ଚତୁର୍ଭୁଜ ଉଭା ହୋଇଛନ୍ତି । ମୁଁ ତାଙ୍କୁ ଦର୍ଶନକରି ଆନନ୍ଦରେ ବିହ୍ୱଳ ହୋଇ ନାଚୁଛି, ଗାଉଛି ଓ ନିଜକୁ ଧନ୍ୟ ମନେ କରୁଛି । ଲୋକେ ପଚାରିଲେ------ ତେବେ ଆମ୍ଭେମାନେ କାହିଁକି ତାଙ୍କୁ ଦର୍ଶନ କରିପାରୁନାହୁଁ ? ସେ କହିଲା------ ନାକ ଉହାଡ ଥିବାରୁ ତୁମେ ନାରାୟଣଙ୍କୁ ଦେଖି ପାରୁନାହଁ । ନାକକାଟିଦେଲେ ନିଶ୍ଚୟ ଦେଖି ପାରିବ । ନାକ ଥିବାଯାଏ ସେ କେବେ ଦେଖାଦେବେ ନାହିଁ । ସେମାନଙ୍କ ମଧ୍ୟରୁ କୌଣସି ଜଣେ ମୂର୍ଖ ବିଚାରିଲା------ ନାକ ଗଲେ ଯାଉ ପଛକେ, କିନ୍ତୁ ନାରାୟଣଙ୍କୁ ଦର୍ଶନ କରିବା ଅବଶ୍ୟ କର୍ତ୍ତବ୍ୟ । ସେ ଉତ୍କଣ୍ଠିତ ହୋଇ କହିଲା------ ମୋର ମଧ୍ୟ ନାକକୁ କାଟିଦିଅ ଓ ନାରାୟଣଙ୍କୁ ଦର୍ଶନ କରାଅ । ସେହି ଚୋର ତାର ନାକକୁ କାଟିଦେଇ ତା କାନରେ କହିଲା ତୁ ମୋପରି କର ଓ ସେପରି ମଧ୍ୟ କହ । ନହେଲେ ଲୋକେ ତୋତେ ମୋତେ ଉପହାସ କରିବେ । ସେ ବିଚାରିଲା ନାକତ ଗଲା, ଆଉ ଆସିବ ନାହିଁ,

ଏପରି ନ କଲେ ଉପହାସ ଶୁଣି ଲାଜରେ କିପରି ବଞ୍ଚିବି ? ସେ ମଧ୍ୟ ସେହି ସ୍ୱେରପରି ହସି ହସି ନାଚିକୁଦି ଗୀତ ଗାଇବାରେ ଲାଗିଲା ଏବଂ କହିଲା---- ମୁଁ ମଧ୍ୟ ନାରାୟଣଙ୍କୁ ସାକ୍ଷାତ୍‌ରୂପେ ଦେଖିପାରୁଛି । ଏହି କାଣ୍ଡ କାରଖାନା ଦେଖିବାପାଇଁ ହଜାର ହଜାର ଲୋକ ରୁଣ୍ଡ ହୋଇଗଲେ, କୋଳାହଳ ସୃଷ୍ଟି ହେଲା । ସେଠାରେ ଏହି ସମ୍ପ୍ରଦାୟର ନାମ ରଖାଗଲା " ନାରାୟଣ ଦର୍ଶୀ " । କୌଣସି ଜଣେ ମୂର୍ଖରାଜା ସେସବୁ କଥା ଶୁଣି ସେମାନଙ୍କୁ ଡକାଇଲେ । ସେମାନେ ରାଜାଙ୍କ ନିକଟକୁ ଯାଇ ଉକ୍ତ ଭାବରେ ତିଆଁ ମାରି ଜୋର୍‌ରେ ଗୀତ ଗାଇବାରେ ଲାଗିଲେ । ରାଜା ପଚାରିଲେ---- ଏପରି ସବୁ କରୁଛ କାହିଁକି ? ସେମାନେ ଉତ୍ତର ଦେଲେ---- ଆମ୍ଭେମାନେ ସମସ୍ତେ ସାକ୍ଷାତ୍ ନାରାୟଣଙ୍କୁ ଦେଖୁଛୁଁ । ରାଜା --- ଆମ୍ଭମାନଙ୍କୁ କାହିଁକି ଦେଖାଯାଉ ନାହାନ୍ତି ? ନାରାୟଣ ଦର୍ଶୀ- ଯେ ପର୍ଯ୍ୟନ୍ତ ନାକ ଥିବ ସେ ପର୍ଯ୍ୟନ୍ତ ଦେଖାଯିବେ ନାହିଁ, କିନ୍ତୁ ନାକ କାଟିଦେଲେ ନାରାୟଣ ପ୍ରତ୍ୟକ୍ଷରେ ଦେଖାଦେବେ । ରାଜା ସେକଥାକୁ ବିଶ୍ୱାସ କରି ନାକ କାଟିବାକୁ ସ୍ଥିରକରି ଜ୍ୟୋତିଷୀଙ୍କୁ ଶୁଭ ମୁହୂର୍ତ୍ତ ଦେଖିବାପାଇଁ ଆଦେଶଦେଲେ । ଜ୍ୟୋତିଷୀ ପାଞ୍ଜିଦେଖି କହିଲେ---- ମଣିମା ! ଦଶମୀ ଦିନ ସକାଳ ଆଠଟା ସୁଦ୍ଧା ନାକ କଟାହେଲେ ନାରାୟଣଙ୍କ ଦର୍ଶନ ମିଳିବ ।

ବାହାବାହାରେ ଠକ ଜ୍ୟୋତିଷିକ ! ନାକ କାଟିବାପାଇଁ ମଧ୍ୟ ତୁମ ପାଞ୍ଜିରେ ଶୁଭ ମୁହୂର୍ତ୍ତ ଲେଖାଅଛି । ଉପଯୁକ୍ତ ସମୟରେ ନାକ କଟାଯିବା ନିର୍ଦ୍ଧାରଣକରି ନାକ କଟା ସମ୍ପ୍ରଦାୟର ହଜାରେ ଲୋକଙ୍କୁ ସେଦିନ ରାଜଭଣ୍ଡାରରୁ ଖାଦ୍ୟପଦାର୍ଥ ଦେବାପାଇଁ ରାଜାଙ୍କର ଆଦେଶହେଲା । ସେପରି ଆଦେଶପାଇ ନାରାୟଣଦର୍ଶୀଦଳ ଆନନ୍ଦରେ ଅଧୀରହୋଇ ଅଧିକ ହସା, ତିଆଁ ଗୀତ ଆରମ୍ଭ କରିଦେଲେ । ରାଜାଙ୍କର ନାକ କାଟିବା ନିଷ୍ପତ୍ତିକୁ ଶୁଣି କେତେଜଣ ବିଦ୍ୱାନ୍ ଓ ବୁଦ୍ଧିମାନ୍ ଲୋକ ଦୁଃଖିତ ହେଲେ । ରାଜାଙ୍କର ଚାରି ପୁରୁଷର ନବେ ବର୍ଷ ବୟସ୍କ ଜଣେ ଦେୱାନ୍ ଥିଲେ । ସେ ଦେୱାନଥିବା ନିଜ ଅଣନାତିଠାରୁ ଏ ଦୁଃସମ୍ବାଦ ଶୁଣି ତତ୍କ୍ଷଣାତ୍ କହିଲେ, ନିଶ୍ଚିତ ଭାବରେ ସେ ଲୋକଟା ଧୂର୍ତ୍ତ । ତୁ ମୋତେ ରାଜାଙ୍କ ନିକଟକୁ ନେଇ ଚାଲ । ଅଣନାତି ତାଙ୍କୁ ନେଇ ରାଜାଙ୍କ ନିକଟରେ ପହଞ୍ଚାଇଲା । ତାଙ୍କୁ ଦେଖି ରାଜା ହସି ହସି ନାକକଟା ବିବରଣୀ ଶୁଣାଇଲେ । ବୃଦ୍ଧ ଦେୱାନ୍ ଏହାଶୁଣି କହିଲେ, ମହାରାଜ ! ଏଥିପାଇଁ ଏତେ ତତ୍ପର ହେବା ଦରକାର ନାହିଁ । ଏହାକୁ ଉତ୍ତମରୂପେ ପରୀକ୍ଷା କରିବା ଆବଶ୍ୟକ । ପରୀକ୍ଷା ନକରି କାର୍ଯ୍ୟକଲେ ପରେ ପଶ୍ଚାତ୍ତାପ କରିବାକୁ ପଡ଼ିଥାଏ ।

ରାଜା :- ଏ ହଜାର ହଜାର ଲୋକ ତେବେ କଣ ମିଛ କହୁଛନ୍ତି ?

ଦେୱାନ୍:- ସେମାନେ ସତ କହନ୍ତୁ କି ମିଛ କହନ୍ତୁ, ବିନା ପରୀକ୍ଷାରେ ଜଣାପଡ଼ିବ ନାହିଁ ।

ରାଜା :- ତେବେ କିପରି ପରୀକ୍ଷା କରାଯିବ ?

ଦେୱାନ୍ :- ବିଦ୍ୟା,ସୃଷ୍ଟିକ୍ରମ ଓ ପ୍ରତ୍ୟକ୍ଷାଦି ପ୍ରମାଣଦ୍ୱାରା ।

ରାଜା :- ଯିଏ ପଢ଼ି ନ ଥିବ, ସେ କିପରି ପରୀକ୍ଷା କରିବ ?

ଦେୱାନ୍ :- ବିଦ୍ୱାନମାନଙ୍କ ସଙ୍ଗଦ୍ୱାରା ଜ୍ଞାନ ବୃଦ୍ଧି କରି ?

ରାଜା :- ବିଦ୍ୱାନ୍ ଲୋକ ଯଦି ନ ମିଳନ୍ତି ?

ଦେୱାନ୍ :- ପୁରୁଷାର୍ଥୀ ଲୋକପକ୍ଷରେ କିଛି ଦୁର୍ଲ୍ଲଭ ନୁହେଁ ।

ରାଜା:- ତେବେ ଆପଣ କହନ୍ତୁ, କଣ କରାଯିବ ?

ଦେୱାନ୍ :- ମୁଁ ବୁଢ଼ା ହେଲିଣି । ଘରେ ମାତ୍ର ବସି ରହିଛି । ବେଶୀ ଦିନ ବଞ୍ଚିବାର ଆଶା ନାହିଁ । ତଥାପି ପ୍ରଥମ ପରୀକ୍ଷା ମୁଁ ନିଜେ କରୁଛି । ତାପରେ ଯାହା ଉଚିତ ବିଗ୍ଚରିବେ ତାହାହିଁ କରିବେ ।

ରାଜା :- ଅତି ଉତ୍ତମ ପ୍ରସ୍ତାବ । ଜ୍ୟୋତିଷୀ ମହୋଦୟ । ଦେୱାନଙ୍କପାଇଁ ଶୁଭ ମୁହୂର୍ତ୍ତଟିଏ ଦେଖ ।

ଜ୍ୟୋତିଷୀ :- ମଣିମାଙ୍କ ଯାହା ଆଦେଶ । ଏହି ଶୁକ୍ଳ ପଞ୍ଚମୀ ଦିବା ଦଶଟା ସମୟ ହେଉଛି ଶୁଭମୁହୂର୍ତ୍ତ । ତାପରେ ପଞ୍ଚମୀଦିନ ଆଠଟା ସମୟରେ ବୃଦ୍ଧ ଦେୱାନ୍ ରାଜାଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ - ହଜାରେ ସୈନ୍ୟ ନେଇ ଯିବାକୁ ହେବ ।

ରାଜା :- ସେଠାରେ ସୈନ୍ୟଙ୍କର କଣ କାମ ?

ଦେୱାନ୍ :- ଆପଣ ରାଜ୍ୟବ୍ୟବସ୍ଥା ସମ୍ପର୍କରେ ଜାଣନ୍ତି ନାହିଁ । ମୁଁ ଯେପରି କହୁଛି ଆପଣ ସେପରି କରନ୍ତୁ ।

ରାଜା ଦେୱାନଙ୍କ ପରାମର୍ଶ ଅନୁଯାୟୀ ସୈନ୍ୟମାନଙ୍କୁ ପ୍ରସ୍ତୁତ କରି ସେମାନଙ୍କ ସହିତ ଦଳ, ବଳ ନେଇ ସାଢ଼େ ନଅଟା ସମୟରେ ଯଥାସ୍ଥାନରେ ଯାଇ ପହଞ୍ଚିଲେ । ସେମାନଙ୍କୁ ଦେଖି ନାକକଟା ନାରାୟଣଦର୍ଶୀମାନେ ଆନନ୍ଦରେ ଅଧୀରହୋଇ ନୃତ୍ୟଗୀତାଦି କଲେ । ସମସ୍ତେ ଧୀର ସ୍ଥିର ହୋଇ ବସିଲେ । ତାପରେ ସେମାନଙ୍କର ମହନ୍ତ, ଯିଏକି ପ୍ରଥମେ ନାକକାଟି ସମ୍ପ୍ରଦାୟ ଶୁଭାରମ୍ଭ କରିଥିଲେ, ତାଙ୍କୁ ଡାକି କହିଲେ---- ଆଜି ଆମ୍ଭ ଦେୱାନଙ୍କୁ ନାରାୟଣଙ୍କ ଦର୍ଶନ କରାଅ । ମୋ

କହିଲେ...... ଯେ ଆଜ୍ଞା । ଠିକ୍ ଦଶଟା ସମୟରେ ଜଣେ ଲୋକ ଗୋଟିଏ ଥାଳି ନେଇ ଦେୱାନଙ୍କ ମୁହଁ ପାଖରେ ଧରିଲା ।ତାପରେ ମହନ୍ତ ଏକ ଧାରୁଆ ଛୁରୀରେ ଦେୱାନଙ୍କ ନାକକାଟି ଥାଳିରେ ରଖିଲା । ନାକରୁ ଧାର ଧାର ହୋଇ ରକ୍ତ ବହିଲା । ଦେୱାନଙ୍କ ମୁହଁ କଳା ପଡ଼ିଗଲା । ସେତେବେଳେ ସେହି ଧୂର୍ତ୍ତ ମନ୍ତ୍ରୋପଦେଶ ଦଇ କହିଲା...... ଆପଣ ମଧ୍ୟ ହସି ହସି ସମସ୍ତଙ୍କୁ କୁହନ୍ତୁ ଯେ ମୋତେ ନାରାୟଣ ଦେଖାଯାଉଛନ୍ତି । କାରଣ ନାକ ତ ଗଲାଣି ତା ଆଉ ଆସିବ ନାହିଁ । ଏପରି ଯଦି ନ କରନ୍ତି ତେବେ ଆପଣଙ୍କୁ ସମସ୍ତେ ଉପହାସ କରିବେ ।ଦେୱାନ୍ ଗାମୁଛାରେ ନାକକୁ ଚାପି ଧରିଲେ । ରାଜା ଧୀରେ ପଚାରିଲେ...... କହନ୍ତୁ, ନାରାୟଣ ଦେଖାଯାଉଛନ୍ତି କି ନାହିଁ ? ଦେୱାନ୍ ରାଜାଙ୍କ କାନରେ କହିଲେ ...... କିଛି ଦେଖାଯାଉନାହିଁ । ବୃଥାରେ ଏ ଧୂର୍ତ୍ତ ହଜାର ହଜାର ଲୋକଙ୍କୁ ନଷ୍ଟ ଭ୍ରଷ୍ଟ କରିଛି । ରାଜା - ତେବେ ବର୍ତ୍ତମାନ ଉପାୟ କଣ ? ଦେୱାନ୍ - ଏହାକୁ ଅତିଶୀଘ୍ର ବନ୍ଦୀ କରାଯାଉ ।ଅନେକ ଲୋକଙ୍କ ଜୀବନ ନଷ୍ଟ କରିଥିବାରୁ ଏହାକୁ କଳଦଇ କରି ମରାଯାଉ । ରାଜା ଓ ଦେୱାନ୍ ଏପରି ମନ୍ତ୍ରଣା କରୁଥିବାଦେଖି ଦୁଷ୍ଟ ମହନ୍ତ ପଳାଇଯିବାପାଇଁ ଚେଷ୍ଟା କରୁଥିଲା, କିନ୍ତୁ ସୈନ୍ୟମାନେ ତାକୁ ଘେରିଯାଇ କାବୁ କରିନେଲେ । ପରେ ତା ମୁହଁରେ କଳା ଲେଚି, ଗଧ ଉପରେ ବସାଇ, ଜୋତାମାଳ ପିନ୍ଧାଇ ଦ୍ୱାର ଦ୍ୱାର ବୁଲାଇଲେ । ଶେଷରେ ତାକୁ କୁକୁରମାନଙ୍କଦ୍ୱାରା ମରାଗଲା । ଏହାପରେ ସେହି ନାକକଟା ସମ୍ପ୍ରଦାୟ ମଧ୍ୟ ଇତିଶ୍ରୀ ହେଲା । ବେଦବିରୋଧୀ ପ୍ରତ୍ୟେକ ସମ୍ପ୍ରଦାୟଙ୍କ ଲୀଳା ଏପରି ଚାଲିଛି ।

ଏହି ସ୍ୱାମୀ ନାରାୟଣ ସମ୍ପ୍ରଦାୟର ଲୋକେ ପରଧନ ଅପହରଣ କରିବାପାଇଁ ନାନାପ୍ରକାର ଛଳନା, କପଟ ଓ କୌଶଳର ଆଶ୍ରୟ ନେଇଥାନ୍ତି । ମୂର୍ଖଲୋକମାନଙ୍କୁ ଭ୍ରମଜାଲରେ ପକାଇବା ପାଇଁ ଏମାନଙ୍କ ମଧ୍ୟରୁ ଅନେକ ଲୋକ ମୃତ୍ୟୁ ସମୟରେ କହିଥାନ୍ତି...... ମୋତେ ସ୍ୱର୍ଗକୁ ନେବାପାଇଁ ସହଜାନନ୍ଦ ସ୍ୱାମୀ ଧଳାଘୋଡା ଉପରେ ବସି ଆସିଛନ୍ତି । ପ୍ରତିଦିନ ସେ ଏହି ମନ୍ଦିର ମଧ୍ୟକୁ ଆସନ୍ତି । ଯେତେବେଳେ ଏଠାରେ ମେଳାହୁଏ ସେତେବେଳେ ମନ୍ଦିରମଧ୍ୟରେ ପୂଜାରୀ ରହନ୍ତି । ମନ୍ଦିର ତଳେ ଦୋକାନ ରଖାଯାଇଥାଏ । ମନ୍ଦିର ଭିତରୁ ସେହି ଦୋକାନକୁ ଏକ ଛିଦ୍ର ଥାଏ । ଭକ୍ତମାନେ ସେହି ଦୋକାନରୁ ନଡ଼ିଆ କିଣିନେଇ ମନ୍ଦିରରେ ପୂଜକକୁ ଦିଅନ୍ତି । ପୂଜକ ସେହି ନଡିଆକୁ ଛିଦ୍ରବାଟଦେଇ ଦୋକାନକୁ ଗଳାଇ ଦିଏ । ପୁଣି ସେହି ନଡ଼ିଆ ବିକ୍ରୀ ହୋଇ ମନ୍ଦିରକୁ ଆସେ । ଏହି କ୍ରମରେ ଗୋଟାଏ ନଡ଼ିଆ ଯେ କେତେଥର

ବିକ୍ରୟ ହୁଏ ତାର କୌଣସି କୂଳକିନାରା ନ ଥାଏ । ଅନ୍ୟାନ୍ୟ ପଦାର୍ଥକୁ ମଧ୍ୟ ଏପରି କୌଶଳରେ ବିକ୍ରୟ କରାଯାଇଥାଏ ।

ଏହି ସମ୍ପ୍ରଦାୟରେ ଯେଉଁ ସାଧୁମାନେ ଅଛନ୍ତି ସେମାନେ ନିଜ ନିଜ ଜାତିର କାମ କରିଥାନ୍ତି । ଅର୍ଥାତ୍ ଯେଉଁ ସାଧୁ ନାପିତ ସେ କ୍ଷୌର କର୍ମ କରେ, ଯେ କୁମ୍ଭାର ସେ ହାଣ୍ଡିଗଢେ, ଯେ ବଢେଇ ସେ କାଠ କାମ କରେ, ଯେ ବଣିଆ ସେ ସୁନା ରୁପାର କାମ କରେ । ନିଜ ନିଜର ଶିଷ୍ୟମାନଙ୍କ ଉପରେ ସେମାନେ ବିଭିନ୍ନ ପ୍ରକାରରକର ଧାର୍ଯ୍ୟ କରି ରଖିଛନ୍ତି ଓ ତାକୁ ଆଦାୟ ମଧ୍ୟ କରନ୍ତି । ଏହିପରି ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ସଂଗ୍ରହ କରି ରଖିଛନ୍ତି । ସହଜାନନ୍ଦଙ୍କ ଗାଦି ଉପରେ ଯେଉଁ ଶିଷ୍ୟ ବସେ ସେ ବିବାହ କରି ଗୃହସ୍ଥ ଜୀବନ ଯାପନ କରେ । ନାନାପ୍ରକାର ଆଭୂଷଣ ଧାରଣ କରେ । କୌଣସି ଶିଷ୍ୟଠାରୁ ନିମନ୍ତ୍ରଣ ପାଇଲେ ତା ଘରକୁ ଯାଆନ୍ତି । ନିଜପାଇଁ ନିଜ ସ୍ତ୍ରୀ, ପୁତ୍ର, କନ୍ୟାମାନଙ୍କପାଇଁ ତାଠାରୁ ଦକ୍ଷିଣା ଆଣିଥାନ୍ତି । ସେମାନେ ନିଜ ନିଜକୁ "ସତ୍ସଙ୍ଗୀ" ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକଙ୍କୁ "କୁସଙ୍ଗୀ" ବୋଲି କହନ୍ତି । ଅନ୍ୟ ସମ୍ପ୍ରଦାୟର ଲୋକ ଯେତେ ବଡ଼ ବିଦ୍ୱାନ୍ ଧାର୍ମିକ ହୁଅନ୍ତୁ ନା କାହିଁକି ସେମାନେ ତାକୁ ସମ୍ମାନ ପ୍ରଦର୍ଶନ କରନ୍ତି ନାହିଁ । କାରଣ ଅନ୍ୟମତାବଲମ୍ବୀଙ୍କ ସେବାକୁ ସେମାନେ ପାପ ବୋଲି ମନେ କରନ୍ତି । ଏମାନଙ୍କ ସାଧୁମାନେ ପ୍ରକାଶ୍ୟଭାବେ ସ୍ତ୍ରୀ ମୁଖ ଦେଖନ୍ତି । କିନ୍ତୁ ଏକାନ୍ତରେ ସେମାନେ କି ଖେଳା ଲୀଳା କରନ୍ତି, ତା କେହି ଜାଣନ୍ତି ନାହିଁ । ଏ ସମ୍ପର୍କରେ ଅଧିକ କିଛି ପ୍ରକାଶ ପାଏ ନାହିଁ । ସ୍ଥାନେ ସ୍ଥାନେ ଏମାନଙ୍କର ମଧ୍ୟ ପର ସ୍ତ୍ରୀ ଗମନ ଓ ଅସ୍ୱାଭାବିକ ସମ୍ପର୍କଥିବା ଦେଖାଯାଇଥାଏ । ଏହି ସମ୍ପ୍ରଦାୟର କୌଣସି ପ୍ରସିଦ୍ଧ ସାଧୁ ମୃତ୍ୟୁବରଣ କଲେ, ତାଙ୍କ ଶବକୁ ନେଇ ସେମାନେ କୌଣସି ଗୁପ୍ତ କୂଅରେ ପୋପାଡି ଦେଇ ପ୍ରଚାର କରନ୍ତି ଯେ ଅମୁକ ମହାରାଜ ସ୍ୱଦେହରେ ବୈକୁଣ୍ଠକୁ ଚାଲି ଗଲେ ।ସହଜାନନ୍ଦ ସ୍ୱାମୀ ସ୍ୱୟଂ ଆସି ତାଙ୍କୁ ପୁଷ୍ପକ ବିମାନରେ ବସାଇ ନେଇଗଲେ । ଆମେ ତାଙ୍କୁ ଅନେକ ପ୍ରାର୍ଥନା କରି କହିଲୁ, ପ୍ରଭୋ ! ତାଙ୍କୁ ନିଅନ୍ତୁ ନାହିଁ, ସେ ଏଠାରେ ଆଉ କିଛିକାଳ ରହି ଜଗତର ଉପକାର କରନ୍ତୁ ! କିନ୍ତୁ ସେ କହିଲେ...... ଏ ମହାତ୍ମାଙ୍କର ବୈକୁଣ୍ଠରେ ଅନେକ କିଛି କାମ ଅଛି ।

ଆମ୍ଭେମାନେ ନିଜ ଆଖିରେ ସ୍ୱାମୀ ସହଜାନନ୍ଦଙ୍କୁ ଓ ପୁଷ୍ପକ ବିମାନକୁ ଦେଖିଲୁ । ସେ ମୃତବ୍ୟକ୍ତିକୁ ବିମାନରେ ବସାଇ ଉପରକୁ ଉଡ଼ାଇନେଲେ । ବିମାନଟି ପୁଷ୍ପ ବୃଷ୍ଟି କରି କରିକା ଚାଲିଗଲା । କୌଣସି ସାଧୁ ଯଦି ବେମାର ପଡ଼ନ୍ତି, ବଞ୍ଚିବାର

ଆଶା ଆଉ ଦେଖାଯାଏ ନାହିଁ, ତେବେ ସେ କହନ୍ତି ଆସନ୍ତା କାଲି ରାତିରେ ଆମ୍ଭେ ବୈକୁଣ୍ଠକୁ ବାହାରିଯିବୁ । ଦୈବାତ୍ ପରଦିନ ରାତିରେ ସାଧୁଜଣକ ଯଦି ନ ମରେ, ତେବେ ବାହ୍ୟଜ୍ଞାନଶୂନ୍ୟଥିବା ଦେଖି ଶିଷ୍ୟମାନେ ତାକୁ ନେଇ କୂଅଁରେ ପକାଇ ଦିଅନ୍ତି । ସେପରି ନକଲେ ତାଙ୍କ କଥିତ ବିଷୟ ମିଥ୍ୟା ହୋଇଯିବ ଭାବି ଜୀଇଁ ଥାଉଁ ଥାଉଁ ତାକୁ ମାରି ଦିଅନ୍ତି । ଏମାନେ ବିଦ୍ୟାବୀହିନ,ତେଣୁ ଏପରି ବାହ୍ୟାଡ଼ମ୍ବର ଦେଖାଇ ନିଜର ଲୀଳା ବିସ୍ତାର କରନ୍ତି । ଠିକ୍ ସେହିପରି କୌଣସି ଗୋକୁଳ ଗୋସାଇଁ ଯେତେବେଳେ ମରିଯାଆନ୍ତି, ତାଙ୍କର ଶିଷ୍ୟମାନେ କହନ୍ତି " ଗୋସାଇଁ ମହାରାଜ ଲୀଳା ବିସ୍ତାର କରି ଗଲେ " । ଏହି ଗୋସାଇଁ ଓ ନାରାୟଣ ସ୍ୱାମୀ ଉଭୟ ସମ୍ପ୍ରଦାୟର ମନ୍ତ୍ର ଉପଦେଶ ହେଉଛି ଏକ ପ୍ରକାରର । ଯଥା **"ଶ୍ରୀକୃଷ୍ଣଃ ଶରଣଂ ମମ"** ଶ୍ରୀକୃଷ୍ଣ ମୋହର ଶରଣ ଅର୍ଥାତ୍ ମୁଁ ଶ୍ରୀକୃଷ୍ଣଙ୍କ ଶରଣାଗତ ଅଟେଁ, ଏପରି ଅର୍ଥ ସେମାନେ କରିଥାନ୍ତି । କିନ୍ତୁ ଏହାର ଅର୍ଥ "ଶ୍ରୀକୃଷ୍ଣ ମୋହର ଶରଣାଗତ" ମଧ୍ୟ ହୋଇପାରେ । ଏପରି ଯେତେ ସମ୍ପ୍ରଦାୟୀମାନେ ଅଛନ୍ତି, ଏମାନେ ବିଦ୍ୟାବିହୀନ ହୋଇଥିବାରୁ ଏପରି ଓଲଟ ପାଲଟ ଶାସ୍ତ୍ରବିରୁଦ୍ଧ ବାକ୍ୟ ରଚନା କରିଥାନ୍ତି । ଯେଣୁ ବ୍ୟାକରଣଶାସ୍ତ୍ରାଦିର ନିୟମକୁ ସେମାନେ ଜାଣନ୍ତି ନାହିଁ ।

ପ୍ରଶ୍ନ :- ମାଧ୍ୱମତ ତ ଭଲ ହୋଇଥିବ ?

ଉତ୍ତର :- ଅନ୍ୟମାନେ ଯେପରି ଏମାନେ ମଧ୍ୟ ସେପରି ଅଟନ୍ତି । କାରଣ ମାଧ୍ୱମତାବଲମ୍ବୀମାନେ ମଧ୍ୟ ଚକ୍ରାଙ୍କିତ ହୋଇଥାନ୍ତି । ଏମାନଙ୍କ ଚକ୍ରାଙ୍କିତର ବିଶେଷତ୍ୱ ହେଉଛି, ରାମାନୁଜୀୟମାନେ ଥରେମାତ୍ର ଚକ୍ରାଙ୍କିତ ହେଉଥିବାସ୍ଥଳେ ମାଧ୍ୱମାନେ ପ୍ରତିବର୍ଷ ଚକ୍ରାଙ୍କିତ ହୁଅନ୍ତି । ଏମାନେ ଚକ୍ରାଙ୍କିତ କପାଳରେ ହଳଦିଆ ରେଖା ଓ ମାଧ୍ୱମାନେ କୃଷ୍ଣବର୍ଣ୍ଣ ରେଖା କରନ୍ତି । ଜଣେ ମାଧ୍ୱ ପଣ୍ଡିତଙ୍କ ସହିତ ଅନ୍ୟ ଜଣେ ମହାତ୍ମାଙ୍କର ଶାସ୍ତ୍ରାର୍ଥ ହୋଇଥିଲା । ନିମ୍ନରେ ତାହା ଉଦ୍ଧାର କରାଗଲା.......

ମହାତ୍ମା :- କପାଳରେ ତୁମ୍ଭେମାନେ ଚକ୍ରାକାର ତିଳକ ଓ କୃଷ୍ଣବର୍ଣ୍ଣ ରେଖା କାହିଁକି କର ?

ଶାସ୍ତ୍ରୀ :- ଏହି ତିଳକକୁ ଧାରଣ କଲେ ଆମ୍ଭେ ବୈକୁଣ୍ଠକୁ ଯିବୁ, ପୁଣି ଶ୍ରୀକୃଷ୍ଣଙ୍କ ଶରୀର ଶ୍ୟାମବର୍ଣ୍ଣ ହୋଇଥିବାରୁ କଳାରେଖା ଟାଣୁଛୁ ।

ମହାତ୍ମା :- ଚନ୍ଦ୍ରାକାର ତିଳକ ଓ କଳାରେଖା ଲଗାଇଲେ ଯଦି ବୈକୁଣ୍ଠକୁ ଯାଇ ହୁଏ, ତେବେ ମୁହଁର ସର୍ବତ୍ର କାଳିମା ଲେପନ କଲେ କେଉଁଠାକୁ ଯିବ ? ବୈକୁଣ୍ଠର ଉପରି

ଭାଗରେ ଥିବା ସ୍ଥାନକୁ ନିଶ୍ଚୟ ଯାଇ ପାରିବ । ପୁଣି ଶରୀରର ସର୍ବାଙ୍ଗକୁ କଳା କରି ଦେଲେ ତୁମେ ମଧ୍ୟ ଶ୍ରୀକୃଷ୍ଣଙ୍କ ସମକକ୍ଷ ହୋଇଯିବ, ଯେହେତୁ କୃଷ୍ଣଙ୍କ ସର୍ବାଙ୍ଗ କୃଷ୍ଣବର୍ଣ୍ଣ ଥିଲା ।

ପ୍ରଶ୍ନ :- ଲିଙ୍ଗାଙ୍କିତ ମତ କିପରି ?

ଉତ୍ତର :- ଚକ୍ରାଙ୍କିତ ମତ ଯେପରି ଲିଙ୍ଗାଙ୍କିତ ମତ ମଧ୍ୟ ସେହିପରି । ଚକ୍ରାଙ୍କିତମାନେ ନାରାୟଣଙ୍କ ବ୍ୟତୀତ ଅନ୍ୟ କାହାକୁ ଯେପରି ସ୍ୱୀକାର କରନ୍ତି ନାହିଁ, ସେପରି ଲିଙ୍ଗାଙ୍କିତମାନେ ମଧ୍ୟ ଶିବଙ୍କୁ ହିଁ ସର୍ବଶ୍ରେଷ୍ଠ ବୋଲି ବିବେଚନା କରନ୍ତି । ଏମାନଙ୍କର ବିଶେଷତ୍ୱ ହେଉଛି ଏମାନେ ଏକ ପଥରର ଲିଙ୍ଗକୁ ସୁନା ବା ରୂପାର ଏକ ଡ଼ବିରେ ଭର୍ତ୍ତିକରି ତାକୁ କଣ୍ଠ ପ୍ରଦେଶରେ ଝୁଲାଇ ଦେଇଥାନ୍ତି । ପାଣି ଟିକିଏ ପିଇଲେ ମଧ୍ୟ ପ୍ରଥମେ ସେହି ଲିଙ୍ଗକୁ ଦେଖାଇ ପିଅନ୍ତି । ଏମାନଙ୍କ ମନ୍ତ୍ରମଧ୍ୟ ଶୈବମାନଙ୍କ ପରି ।

-: ବ୍ରାହ୍ମ ସମାଜ ଓ ପ୍ରାର୍ଥନା ସମାଜର ଗୁଣଦୋଷ :-

ପ୍ରଶ୍ନ :- "ବ୍ରାହ୍ମ ସମାଜ" ଓ "ପ୍ରାର୍ଥନା ସମାଜ " ତ ନିଶ୍ଚୟ ଭଲ ହୋଇଥିବ ?

ଉତ୍ତର :- ବ୍ରାହ୍ମ ସମାଜର କେତେକ କଥା ଭଲ ଓ ଅନେକ କଥା ଖରାପ ମଧ୍ୟ ।

ପ୍ରଶ୍ନ :- ଏମାନଙ୍କ ନୀତିନିୟମ ଅତି ଉତ୍ତମ ହୋଇଥିବାରୁ, ଏସମ୍ପ୍ରଦାୟ ସବୁଠାରୁ ଭଲ ବୋଲି ଜଣାପଡୁଛି ।

ଉତ୍ତର :- ଏମାନଙ୍କର ସବୁ ନୀତି-ନିୟମ ଗୁଡିକ କଦାପି ଭଲ ନୁହେଁ । କାରଣ ବେଦବିଦ୍ୟା ବିହୀନ ଲୋକଙ୍କର କଳ୍ପନା ସର୍ବଥା ସତ୍ୟ ହୋଇ ନ ପାରେ । ବ୍ରାହ୍ମସମାଜ ଓ ପ୍ରାର୍ଥନାସମାଜର ଲୋକେ ଅନେକ ହିନ୍ଦୁଙ୍କୁ ଖ୍ରୀଷ୍ଟିୟାନ ହେବାରୁ ରକ୍ଷା କରିଛନ୍ତି, କିୟତ୍‌ପରିମାଣରେ କାଷ୍ଠପାଷାଣାଦି ମୂର୍ତ୍ତିପୂଜାର ମଧ୍ୟ ବିରୋଧ କରିଛନ୍ତି, ଅନେକଲୋକଙ୍କୁ ଜାଲଗ୍ରନ୍ଥ ଫାନ୍ଦରୁ ଉଦ୍ଧାର କରି ଧର୍ମ ସଙ୍କଟ ଦୂର କରିଛନ୍ତି । ଏସବୁ ନୀତିନିୟମ ନିଶ୍ଚୟ ଭଲ । କିନ୍ତୁ......

୧:- ଏମାନଙ୍କର ସ୍ୱଦେଶଭକ୍ତି ଅଧିକ ବଳବତ୍ତର ନୁହେଁ । ଏମାନେ କେତେକାଂଶରେ ଖ୍ରୀଷ୍ଟିୟାନ୍‌ମାନଙ୍କ ଆଚରଣକୁ ଗ୍ରହଣ କରିଛନ୍ତି । ଖାଦ୍ୟପେୟ ଓ ବିବାହ ପ୍ରଭୃତିର କେତେକ ନିୟମକୁ ପରିବର୍ତ୍ତନ କରି ଦେଇଛନ୍ତି ।

୨ :-ନିଜ ଦେଶର ପ୍ରଶଂସା ଓ ପୂର୍ବପୁରୁଷଙ୍କ ଗୁଣଗାନ କରିବା ତ ଦୂରର କଥା ଏମାନେ ମନଇଚ୍ଛା ଏସବୁର ନିନ୍ଦା କରିଛନ୍ତି । ଏମାନଙ୍କ ବ୍ୟାଖ୍ୟାନରେ ଯୀଶୁ ଆଦି

ଈଂରେଜମାନଙ୍କର ଅତିଶୟ ପ୍ରଶଂସା କରାଯାଇଛି । ବ୍ରହ୍ମାଦି ମହର୍ଷିଗଣଙ୍କ ନାମ ମଧ୍ୟ ଉଚ୍ଚାରଣ କରି ନାହାନ୍ତି । ବରଂ ତା ପରିବର୍ତ୍ତେ କହିଛନ୍ତି ଯେ ସୃଷ୍ଟି ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ଈଂରେଜମାନଙ୍କ ବ୍ୟତୀତ ଅନ୍ୟ କେହି ବିଦ୍ୱାନ୍ ହୋଇ ନାହାନ୍ତି । ଆର୍ଯ୍ୟାବର୍ତ୍ତର ଲୋକେ ସବୁବେଳେ ମୂର୍ଖ ଥିଲେ । ଏମାନଙ୍କର ଉନ୍ନତି କୌଣସି ସମୟରେ ହୋଇନାହିଁ ।

୩ :- ବେଦାଦି ଶାସ୍ତ୍ରକୁ ମଧ୍ୟ ନିନ୍ଦା କରିବାରେ ଏମାନେ କୁଣ୍ଠବୋଧ କରିନାହାନ୍ତି । ବ୍ରାହ୍ମସମାଜ ଉଦ୍ଦେଶ୍ୟରେ ଯେଉଁ ପୁସ୍ତକ ରଚନା କରାଯାଇଛି, ତହିଁରେ ଉଲ୍ଲେଖ କରାଯାଇଥିବା ସାଧୁମାନଙ୍କ ନାମ ମଧ୍ୟରେ ଈଶା, ମୂସା, ମହମ୍ମଦ, ନାନକ ଓ ଚୈତନ୍ୟ ପ୍ରଭୃତିଙ୍କ ନାମ ରହିଛି । ଆର୍ଯ୍ୟାବର୍ତ୍ତର କୌଣସି ମୁନି, ଋଷି ବା ମହର୍ଷିମାନଙ୍କ ନାମ ଲେଖାଯାଇ ନାହିଁ । ଏଥିରୁ ଜଣାପଡୁଛି ଯେ, ଏମାନେ ଯେଉଁ ନାମ ସବୁ ଲେଖିଛନ୍ତି ସେମାନଙ୍କ ମତାନୁସାରେ ପରିଚାଳିତ ହୋଇଛନ୍ତି । ଏମାନେ ଆର୍ଯ୍ୟାବର୍ତ୍ତଦେଶରେ ଜନ୍ମଗ୍ରହଣ କରି ଏ ଦେଶର ଅନ୍ନଜଳ ଖାଇଛନ୍ତି ଓ ଏବେ ମଧ୍ୟ ଖାଉଛନ୍ତି । ତଥାପି ନିଜ ମାତା, ପିତା, ପିତାମହ ପ୍ରଭୃତିଙ୍କ ମାର୍ଗକୁ ପରିହାର କରି ଅନ୍ୟ ବିଦେଶୀ ମତ ପ୍ରତି ଆକର୍ଷିତ ହେବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ । ବ୍ରାହ୍ମ ଓ ପ୍ରାର୍ଥନାସମାଜୀମାନେ ଏ ଦେଶର ସଂସ୍କୃତ ବିଦ୍ୟା ବିହୀନ ହୋଇ ନିଜକୁ ବିଦ୍ୱାନ ବୋଲି ପ୍ରଚାର କରିବା, ସାମାନ୍ୟ ଇଂରାଜି ଭାଷାଜ୍ଞାନ ପାଇବାମାତ୍ରେ ନିଜକୁ ଶାସ୍ତ୍ରଜ୍ଞ ପଣ୍ଡିତ ମନେକରି, ଅନ୍ୟ ଏକ ନୂତନ ମତ ପ୍ରଚଳନ କରିବାରେ ପ୍ରବୃତ୍ତ ହେବା, କଦାପି ବୁଦ୍ଧିମାନର କାର୍ଯ୍ୟ ନୁହେଁ । ଏମାନଙ୍କଦ୍ୱାରା ଜନସମାଜର ଶାଶ୍ୱତ ସୁଖ ବା ପ୍ରକୃତ ଉନ୍ନତି କଦାପି ହୋଇପାରିବ ନାହିଁ । ୪:- ଏମାନେ ଖ୍ରୀଷ୍ଟିୟାନ୍, ମୁସଲମାନ୍, ଚଣ୍ଡାଳ ଆଦିଙ୍କଠାରୁ ମଧ୍ୟ ଖାଦ୍ୟପେୟ ଗ୍ରହଣ କରିବାରେ ଭେଦଭାବ ରଖନ୍ତି ନାହିଁ । ସେମାନେ ବୋଧେ ଏପରି ବୁଝିଛନ୍ତି ଯେ ଖାଦ୍ୟପେୟ, ଜାତି ଭେଦଭାବ ବିଚାର ଉଠାଇ ଦେଲେ ଆମର ତଥା ଦେଶର ଅବସ୍ଥା ସୁଧୁରିଯିବ । କିନ୍ତୁ ଏହାଦ୍ୱାରା କୌଣସି ସୁଧାର ନ ହୋଇ ବରଂ ଖରାପ ହେଉଛି ।

ପ୍ରଶ୍ନ :- ଜାତି ଭେଦଭାବ ଈଶ୍ୱରକୃତ ନା ମନୁଷ୍ୟ କୃତ ?

ଉତ୍ତର :- କେତେକ ହେଉଛି ଈଶ୍ୱରକୃତ ଓ ଅନ୍ୟ କେତେକ ହେଉଛି ମନୁଷ୍ୟ କୃତ ।

ପ୍ରଶ୍ନ :- ଈଶ୍ୱରକୃତ କିଏ ଓ ମନୁଷ୍ୟକୃତ କିଏ ?

ଉତ୍ତର :- ମନୁଷ୍ୟ, ପଶୁ, ପକ୍ଷୀ, ବୃକ୍ଷ, ଜଳଜନ୍ତୁ ପ୍ରଭୃତି ଜାତି ଈଶ୍ୱରକୃତ । ଯେପରି ପଶୁମାନଙ୍କ ମଧ୍ୟରେ ଗାଈ, ଘୋଡ଼ା, ହାତୀ, ପ୍ରଭୃତି ଜାତି, ବୃକ୍ଷ ମଧ୍ୟରେ ଅଶ୍ୱତ୍ଥ,

ବର, ଆମ୍ବ, ପ୍ରଭୃତି, ପକ୍ଷୀମାନଙ୍କ ମଧ୍ୟରେ ହଂସ, ବକ, କାକ ପ୍ରଭୃତି ଜଳଜନ୍ତୁ ମଧ୍ୟରେ ମାଛ, କୁମ୍ଭୀର, ପ୍ରଭୃତି ଜାତିଭେଦ ହେଉଛି ଈଶ୍ୱରକୃତ । ସେହିପରି ମନୁଷ୍ୟ ମଧ୍ୟରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଓ ଅନ୍ତ୍ୟଜ ପ୍ରଭୃତି ଯେଉଁ ଜାତିଭେଦ ରହିଛି ତାହା ମଧ୍ୟ ଈଶ୍ୱର କୃତ । କିନ୍ତୁ କେବେ କୌଣସି ମନୁଷ୍ୟ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ରୂପେ ଜନ୍ମଗ୍ରହଣ କରନ୍ତି ନାହିଁ । ଯେଉଁମାନେ ଯେଉଁ ସମାଜରେ ଜନ୍ମଗ୍ରହଣ କରନ୍ତୁ ନା କାହିଁକି ସେମାନେ ନିଜ ନିଜ ଗୁଣ, କର୍ମ ଓ ସ୍ୱଭାବ ଅନୁସାରେ ବ୍ରାହ୍ମଣାଦି ଚାରି ବର୍ଣ୍ଣରେ ବା ଶ୍ରେଣୀରେ ବିଭକ୍ତ ହୁଅନ୍ତି । ପୂର୍ବ ଲିଖିତ ବର୍ଣ୍ଣାଶ୍ରମ ବ୍ୟବସ୍ଥାନୁସାରେ ଅର୍ଥାତ୍ ଗୁଣ, କର୍ମ ଓ ସ୍ୱଭାବ ଅନୁସାରେ ଏହି ବର୍ଣ୍ଣଭେଦ ନିରୂପଣ କରିବାକୁ ହୁଏ । ଏହି ଜାତିଭେଦ ହେଉଛି ମନୁଷ୍ୟକୃତ । ଯେଣୁ ରାଜାମାନେ ବିଦ୍ୱାନ୍‌ମାନଙ୍କ ପରାମର୍ଶରେ ଗୁଣ, କର୍ମ ସ୍ୱଭାବକୁ ଦେଖି ପ୍ରଜାମାନଙ୍କୁ ବ୍ରାହ୍ମଣାଦି ଚାରି ଶ୍ରେଣୀରେ ବିଭକ୍ତ କରନ୍ତି । ଆହାର ଭେଦ ମଧ୍ୟ ଈଶ୍ୱରକୃତ ଓ ମନୁଷ୍ୟକୃତ ଏପରି ଦୁଇ ପ୍ରକାର ରହିଛି । ସିଂହ ମାଂସାହାରୀ ଓ ଗୋରୁଗାଈ ପ୍ରଭୃତି ତୃଣଭୋଜୀ, ଏହି ଭେଦ ଈଶ୍ୱରକୃତ । ଦେଶ, କାଳ, ଓ ବସ୍ତୁଭେଦରେ ଭୋଜନ ଭେଦ ହେଉଛି ମନୁଷ୍ୟକୃତ ।

ପ୍ରଶ୍ନ :- ଦେଖ ଯେ, ୟୁରୋପୀୟ ଲୋକମାନେ କୋଟ, ବୁଟ୍, ପେଣ୍ଟ୍, ପାଇଜାମା ପିନ୍ଧନ୍ତି । ହୋଟେଲ୍‌ରେ ସମସ୍ତଙ୍କ ହାତରୁ ଖାଆନ୍ତି । ଏଥିପାଇଁ ସେମାନେ ସର୍ବଦା ଉନ୍ନତି କରି ଚାଲିଛନ୍ତି ।

ଉତ୍ତର :- ଏପରି ବୁଝିବା ତୁମର ଭୁଲ । କାରଣ ମୁସଲ୍‌ମାନ୍ ଓ ଅନ୍ତ୍ୟଜମାନେ ତ ସମସ୍ତଙ୍କ ହାତରୁ ଖାଆନ୍ତି, ତେବେ ସେମାନଙ୍କର ଉନ୍ନତି କାହିଁକି ହେଉନାହିଁ ? ଜାତିଭେଦ ବିଚାର ନ କରି ଖିଆପିଆ କଲେ ଉନ୍ନତି ହୁଏ, ଏହି ଧାରଣା ତୁମର ଠିକ୍ ନୁହେଁ । ୟୁରୋପୀୟ ଲୋକଙ୍କ ଉନ୍ନତିର କାରଣ ହେଉଛି...... ୧ :-ସେମାନେ କେବେ ବାଲ୍ୟାବସ୍ଥାରେ ବିବାହ କରନ୍ତି ନାହିଁ । ୨:- ପୁଅଝିଅ ମାନଙ୍କୁ ସୁଶିକ୍ଷା ଦିଅନ୍ତି । ୩ :- ସ୍ୱୟମ୍ବର ବିବାହ କରନ୍ତି । ୪ :- ସନ୍ତାନସନ୍ତତିଙ୍କୁ ଦୁଷ୍ଟଲୋକଙ୍କ ସଙ୍ଗରେ ଛାଡନ୍ତି ନାହିଁ ଏବଂ ବିଦ୍ୱାନ୍ ହେବାରୁ ପାଷଣ୍ଡମାନଙ୍କ ପ୍ରତାରଣାରେ ପଡ଼ନ୍ତି ନାହିଁ । ୫ :- ଯାହା କରିବାକୁ ହୁଏ ତାକୁ ସଭାରେ ପରସ୍ପର ମଧ୍ୟରେ ବିଚାର ପୂର୍ବକ କରନ୍ତି । ୬ :- ନିଜ ଜାତିର ଉନ୍ନତି ସକାଶେ ନିଜର ଧନ, ମନ ଓ ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରନ୍ତି । ୭:- ଆଳସ୍ୟ ପରିହାର କରି ସର୍ବଦା ପରିଶ୍ରମ କରନ୍ତି । ୮ ସେମାନେ ସ୍ୱଦେଶ ହିତୈଷୀ ହୋଇଥାନ୍ତି । ଏପରିକି ନିଜ ଦେଶର କୋଟ ବା

ତାହାରି ଅନୁକରଣରେ ନିର୍ମିତ ଜୋତାକୁ ଅଫିସ୍, କୋର୍ଟ୍ ଇତ୍ୟାଦିରେ କେବଳ ବ୍ୟବହାର କରନ୍ତି । ଅନ୍ୟ ଦେଶର ଜୋତା ପିନ୍ଧିବାକୁ ପସନ୍ଦ କରନ୍ତି ନାହିଁ । ସେମାନେ ନିଜ ଦେଶର ଜୋତାକୁ ଯେତେ ଆଦର କରନ୍ତି, ସେତେ ପରିମାଣରେ ଅନ୍ୟ ଦେଶର ଲୋକଙ୍କୁ ମଧ୍ୟ ଆଦର କରନ୍ତି ନାହିଁ । ୯ :- ଦେଖ ସେମାନେ କେତେ ଶହ ବର୍ଷ ପୂର୍ବରୁ ଏଦେଶକୁ ଆସିଥିଲେ ମଧ୍ୟ ନିଜ ଦେଶରେ ଯେଉଁ ମୋଟା ଲୁଗାର ପୋଷାକ ପିନ୍ଧୁଥିଲେ ଏଠାରେ ସେହିପରି ପିନ୍ଧୁଛନ୍ତି । ନିଜ ଦେଶର ଚାଲିଚଳନକୁ ପରିତ୍ୟାଗ କରୁନାହାନ୍ତି । କିନ୍ତୁ ଆମ୍ଭମାନଙ୍କମଧ୍ୟରୁ ଅନେକେ ସେମାନଙ୍କ ବେଶଭୂଷା ଅନ୍ଧପରି ଅନୁକରଣ କରୁଛନ୍ତି । ଏଥିରୁ ଜାଣ ଯେ ଆମ୍ଭେମାନେ କିପରି ବୁଦ୍ଧିହୀନ କିନ୍ତୁ ସେମାନେ କିପରି ବୁଦ୍ଧିମାନ୍ ଓ ସ୍ୱଦେଶ ହିତୈଷୀ । ୧୦ :- ସେମାନେ ନିଜ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇ ଯଥାସମୟରେ ସମ୍ପାଦନ କରନ୍ତି ଏବଂ ସର୍ବଦା ବରାବର ଆଜ୍ଞାନୁବର୍ତ୍ତୀ ହୋଇ ରହନ୍ତି । ୧୧ :- ନିଜ ଦେଶର ବାଣିଜ୍ୟବ୍ୟବସାୟ କିପରି ସୁଚାରୁରୂପେ ପରିଚାଳିତ ହେବ, ତାପାଇଁ ଯଥେଷ୍ଟ ଧ୍ୟାନ ଦିଅନ୍ତି ଓ ସାହାଯ୍ୟ ମଧ୍ୟ କରନ୍ତି । ଏସବୁ କାର୍ଯ୍ୟକୁଶଳତାଯୋଗୁଁ ସେମାନେ ଉନ୍ନତି ସାଧନ କରିଛନ୍ତି । ଜୋତା, ପାଇଜାମା, କୋଟ ପ୍ରଭୃତି ପିନ୍ଧିବା ସାଧାରଣ କଥା । ଏଥିପାଇଁ ସେମାନେ କେବେ ବଡ ହୋଇ ନାହାନ୍ତି ।

ୟୁରୋପୀୟମାନଙ୍କମଧ୍ୟରେ ଜାତି ଭେଦଭାବ ରହିଛି । କୌଣସି ୟୁରୋପୀୟ ଲୋକ ଯେତେ ଉଚ୍ଚପଦସ୍ଥ ବା ପ୍ରତିଷ୍ଠିତ ବ୍ୟକ୍ତି ହେଉନା କାହିଁକି ସେ ଯଦି ଅନ୍ୟ ଦେଶବାସୀ ବା ଅନ୍ୟ ଧର୍ମାବଲମ୍ବୀ ଝିଅକୁ ବିବାହ କରେ, କିମ୍ବା କୌଣସି ୟୁରୋପୀୟ ଝିଅ ଅନ୍ୟଦେଶର ପୁରୁଷକୁ ବିବାହ କରେ, ତେବେ ତାର ନିମନ୍ତ୍ରଣ ରକ୍ଷାକରି ଏକାଠି ଖାଇବା କିମ୍ବା ବିବାହ ପ୍ରଭୃତିରେ ଯୋଗଦେବା ବାରଣ କରନ୍ତି । ଏପରି କି ସେମାନଙ୍କ ସନ୍ତାନମାନଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରନ୍ତି ନାହିଁ । ଏହା ସେମାନଙ୍କର ଜାତିଭେଦ ନୁହେଁ ତ ଆଉ କଣ ? ସେମାନେ ତୁମ୍ଭଭଳି ଲୋକଙ୍କୁ ଭୁଲାଇଦେଇ କହନ୍ତି ଯେ, ଆମ ମଧ୍ୟରେ ଜାତିଭେଦଭାବ ନାହିଁ । ତୁମ୍ଭେମାନେ ଏପରି ନିର୍ବୋଧ ଯେ ସେମାନଙ୍କ କଥାକୁ ବିଶ୍ୱାସ କରୁଛ । ଏଥିପାଇଁ ପ୍ରତ୍ୟେକ କାର୍ଯ୍ୟ ଭାବିଚିନ୍ତି କରିବା ଆବଶ୍ୟକ, ନଚେତ୍ ପରେ ପଶ୍ଚାତ୍ତାପ ହିଁ କରିବାକୁ ପଡିବ । ଦେଖ ! ବୈଦ୍ୟ ଓ ଔଷଧର ଆବଶ୍ୟକତା ରୋଗୀପାଇଁ ଆବଶ୍ୟକ । ନୀରୋଗପାଇଁ ତାହା ଆବଶ୍ୟକ ହୁଏ ନାହିଁ । ବିଦ୍ୱାନ୍ ବ୍ୟକ୍ତି ହେଉଛି ନୀରୋଗ ଓ ବିଦ୍ୟାହୀନ ବ୍ୟକ୍ତି

ଅବିଦ୍ୟା ରୋଗଗ୍ରସ୍ତ । ଏହି ରୋଗକୁ ଛଡାଇବାପାଇଁ ସଦ୍‌ବିଦ୍ୟା ଓ ସଦୁପଦେଶର ଆବଶ୍ୟକତା ରହିଛି । ମୂର୍ଖ ଓ ରକ୍ଷଣଶୀଳ ଲୋକେ ଅବିଦ୍ୟାରୋଗଗ୍ରସ୍ତ ହୋଇ ଭାବିଥାନ୍ତି ଯେ କେବଳ ଭୋଜନ-ପାନରେ ଧର୍ମ ରହେ ବା ଚାଲିଯାଏ । ଯେତେବେଳେ ଖାଦ୍ୟପେୟରେ ଅନାଚାର ଦେଖନ୍ତି, ସେତେବେଳେ କହନ୍ତି ଧର୍ମଭ୍ରଷ୍ଟ ହୋଇଗଲା । ତା କଥାକୁ ଶୁଣନ୍ତି ନାହିଁ କି ତା ନିକଟରେ ବସନ୍ତି ନାହିଁ କିମ୍ବା ପାଖରେ ତାକୁ ବସାଇ ମଧ୍ୟ ଦିଅନ୍ତି ନାହିଁ । ଏବେ କହିଲ ଦେଖି, ତୁମର ବିଦ୍ୟା ସ୍ୱାର୍ଥପାଇଁ ନା ପରମାର୍ଥପାଇଁ ? ତୁମ ବିଦ୍ୟାରେ ଅଜ୍ଞାନ ଲୋକମାନଙ୍କର ଯଦି ଲାଭହୁଏ, ତେବେ ତୁମ ବିଦ୍ୟାକୁ ପରମାର୍ଥ କୁହାଯିବ ।

ଯଦି କହିବ ସେମାନେ ଗ୍ରହଣ କରୁନାହାନ୍ତି ଆମେ କଣ କରିବୁ ? ତେବେ ବୁଝିବାକୁ ହେବ ଯେ ଏ ଦୋଷ ତୁମର । ତୁମେ ନିଜ ଆଚରଣ ଯଦି ଠିକ୍ ରଖନ୍ତ, ତେବେ ସେମାନେ ତୁମ୍ଭପ୍ରତି ସ୍ନେହରଖି ନିଶ୍ଚୟ ଆକର୍ଷିତ ହୁଅନ୍ତେ । ତୁମ୍ଭେମାନେ ହଜାର ହଜାର ଲୋକଙ୍କ ଉପକାରକୁ ନଷ୍ଟକରି ନିଜର କେବଳ ସୁଖ ଦେଖୁଛ । ଏହାଦ୍ୱାରା ତୁମେ ଘୋର ପାପ କରୁଛ । କାରଣ ପରୋପକାର କରିବା ହିଁ ଧର୍ମ ଓ ପରର କ୍ଷତି କରିବା ହେଉଛି ଅଧର୍ମ । ଏଣୁ ବିଦ୍ୱାନ୍‌ମାନେ ଯଥାଯୋଗ୍ୟ ବ୍ୟବହାର କରି, ଉତ୍ତମ ଆଦର୍ଶ ଦେଖାଇ, ଜ୍ଞାନହୀନ ଲୋକଙ୍କୁ ଦୁଃଖ-ସାଗରରୁ ଉଦ୍ଧାର କରିବା ଏକାନ୍ତ ଆବଶ୍ୟକ । ମୂର୍ଖ ଲୋକଙ୍କପରି ଆଚରଣ ପ୍ରଦର୍ଶନ କରିବା ଉଚିତ ନୁହେଁ । ଯେଉଁ କାର୍ଯ୍ୟ କଲେ ନିଜର ତଥା ଅନ୍ୟମାନଙ୍କର ଉନ୍ନତି ସାଧିତ ହେଉଥିବ, ତାହାହିଁ କରିବା ବିଧେୟ ।

ପ୍ରଶ୍ନ :- ଆମ୍ଭେ କୌଣସି ପୁସ୍ତକକୁ ଈଶ୍ୱର ପ୍ରଣୀତ ବା ସମ୍ପୂର୍ଣ୍ଣ ଅଂଶକୁ ସତ୍ୟବୋଲି ସ୍ୱୀକାର କରୁନାହୁଁ । କାରଣ ମନୁଷ୍ୟର ବୁଦ୍ଧି ଭ୍ରାନ୍ତିଶୂନ୍ୟ ନୁହେଁ । ତେଣୁ ସେ ରଚନା କରିଥିବା ଗ୍ରନ୍ଥ ଅଭ୍ରାନ୍ତ ହୋଇପାରିବ ନାହିଁ । ଆମ୍ଭେ ସବୁଥିରୁ ସତ୍ୟକୁ ହିଁ ଗ୍ରହଣ କରି ଅସତ୍ୟକୁ ବର୍ଜନ କରିଥାଉଁ । ବେଦ ହେଉ ,ବାଇବେଲ୍ ବା କୋରାନ୍ ହେଉ କିମ୍ବା ଅନ୍ୟ ଯେକୌଣସି ଗ୍ରନ୍ଥ ହେଉ, ତହିଁରେ ଯାହା ସତ୍ୟ ଅଛି ତାକୁ ଗ୍ରହଣ କରି ମିଥ୍ୟାକୁ ପରିତ୍ୟାଗ କରିବା ଉଚିତ ନୁହେଁ କି ?

ଉତ୍ତର :- ଯେଉଁ କଥାରେ ତୁମ୍ଭେ ସତ୍ୟଗ୍ରାହୀ ହେବାକୁ ଚାହୁଁଛ, ସେହି କଥାରେ ତୁମ୍ଭେ ଅସତ୍ୟଗ୍ରାହୀ ହୋଇଯାଉଛ । କାରଣ କୌଣସି ମନୁଷ୍ୟ ଯଦି ଅଭ୍ରାନ୍ତ ନୁହେଁ, ତେବେ ତୁମେ ମଧ୍ୟ ମନୁଷ୍ୟ ହୋଇଥିବାରୁ ଅଭ୍ରାନ୍ତ ନୁହଁ । ଭ୍ରାନ୍ତିଯୁକ୍ତ ମନୁଷ୍ୟର

ବଚନ ସର୍ବାଂଶରେ ପ୍ରାମାଣିକ ହୁଏ ନାହିଁ, ତେଣୁ ତୁମ କଥା ମଧ୍ୟ ସର୍ବାଂଶରେ ବିଶ୍ୱାସ ଯୋଗ୍ୟ ହୋଇପାରିବ ନାହିଁ । ଯଦି ଏପରି ହୋଇଥାଏ ତେବେ ତାକୁ ବିଷମିଶ୍ରିତ ଅନ୍ନପରି ତ୍ୟାଗ କରିବା ଆବଶ୍ୟକ । ପୁଣି ତୁମର ବ୍ୟାଖ୍ୟାନ ପୁସ୍ତକ ପ୍ରଣୟନର କୌଣସି ମଧ୍ୟ ପ୍ରମାଣ କରିବା ଉଚିତ ନୁହେଁ । "ଚୌବେଜୀ ଯାଇଥିଲେ ଛବେଜୀ ହେବାପାଇଁ, କିନ୍ତୁ ଦୁଇ ଗଣ୍ଡିଲି ହଜାଇ ହୋଇଗଲେ ଦୁବେଜୀ" । ସମସ୍ତେ ଯେପରି ସର୍ବଜ୍ଞ ନୁହନ୍ତି, ତୁମ୍ଭେ ମଧ୍ୟ ସେପରି ସର୍ବଜ୍ଞ ନୁହଁ । କେବେ କେବେ ଭ୍ରମବଶତଃ ସତ୍ୟକୁ ଛାଡି ନିଶ୍ଚୟ ଅସତ୍ୟକୁ ଗ୍ରହଣ କରି ନେଉଥିବ । ଏଣୁ ଅଳ୍ପଜ୍ଞ ମନୁଷ୍ୟ ସର୍ବଜ୍ଞ ପରମାତ୍ମାଙ୍କ ବଚନର ସାହାଯ୍ୟ ନିଶ୍ଚିତରୂପେ ନେବା ଆବଶ୍ୟକ । ବେଦର ବ୍ୟାଖ୍ୟାନରେ ଯାହାକିଛି ଲେଖାଯାଇଛି ସେସବୁକୁ ତୁମକୁ ଅବଶ୍ୟ ସ୍ୱୀକାର କରିବାକୁ ପଡିବ । ନୋଚେତ୍ "**ଅତୋଭ୍ରଷ୍ଟ ସ୍ତତୋ ଭ୍ରଷ୍ଟ** " ହେବାର ସମ୍ଭାବନା ରହିଛି । ଯେଉଁ ବେଦରେ କେବଳ ସତ୍ୟହିଁ ସତ୍ୟ ପରିପୂର୍ଣ୍ଣ ହୋଇ ରହିଛି, ଅସତ୍ୟ ସାମାନ୍ୟମାତ୍ରାରେ ମଧ୍ୟ ନାହିଁ, ସେପରି ବେଦକୁ ଗ୍ରହଣ ନ କରିବାର ଅର୍ଥ ହେଉଛି ନିଜର ଅନିଷ୍ଟ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ମଧ୍ୟ ଅନିଷ୍ଟ କରିବା । ଏହେତୁ ଆର୍ଯ୍ୟାବର୍ତ୍ତର ଲୋକେ ତୁମକୁ ନିଜର ବୋଲି ଗ୍ରହଣ କରୁନାହାନ୍ତି । ଦେଖିବାକୁ ଗଲେ ତୁମେମଧ୍ୟ ଆର୍ଯ୍ୟାବର୍ତ୍ତର ଉନ୍ନତି ସାଧନ କରିପାରିବ ନାହିଁ । ଯେଣୁକରି ତୁମେ ପ୍ରତ୍ୟେକ ଘରୁ ଭିକ୍ଷା ସଂଗ୍ରହ କରୁଛ ଅର୍ଥାତ୍ ଖ୍ରୀଷ୍ଟିୟାନ୍ ଓ ମୁସଲ୍‌ମାନ୍ ଧର୍ମଗ୍ରନ୍ଥରୁ ମଧ୍ୟ ଧର୍ମତତ୍ତ୍ୱ ସଂଗ୍ରହ କରୁଛ । ତୁମେ ବୋଧେ ବିଚାରୁଛ, ଏପରି କରିବାଦ୍ୱାରା ନିଜର ଓ ପରର ଉନ୍ନତି କରିବୁ, କିନ୍ତୁ କଦାପି ତା କରିପାରିବ ନାହିଁ । ଯେପରି କୌଣସି ସନ୍ତାନର ପିତାମାତା ସକଳ ଜଗତର ସନ୍ତାନମାନଙ୍କୁ ପାଳନ କରିବାର ଦାୟିତ୍ୱ ଗ୍ରହଣ କଲେ ମଧ୍ୟ କେବେ ତାହା କରିପାରିବେ ନାହିଁ । ଏପରି କଲେ ନିଜ ସନ୍ତାନମାନେ ମଧ୍ୟ ନଷ୍ଟ ହୁଅନ୍ତି ! ତୁମ୍ଭମାନଙ୍କର ଅବସ୍ଥା ମଧ୍ୟ ସେପରି ହେବ । ବେଦାଦି ସତ୍‌ଶାସ୍ତ୍ରକୁ ନ ମାନି ନିଜ କଥାର ସତ୍ୟତା ବା ଅସତ୍ୟତା କେବେହେଁ ପରୀକ୍ଷା କରି ପାରିବ ନାହିଁ କିମ୍ବା ଆର୍ଯ୍ୟାବର୍ତ୍ତର ମଧ୍ୟ ଉନ୍ନତି କରିପାରିବ ନାହିଁ । ଦେଶ ବର୍ତ୍ତମାନ ଯେଉଁ ରୋଗରେ ପୀଡିତ, ତାର ପ୍ରକୃତ ଔଷଧ ତୁମ୍ଭମାନଙ୍କ ନିକଟରେ ନାହିଁ । ୟୁରୋପୀୟ ଲୋକେ ତୁମ୍ଭଙ୍କୁ ଅପେକ୍ଷା କରନ୍ତି ନାହିଁ, ପୁଣି ଆର୍ଯ୍ୟାବର୍ତ୍ତ ଦେଶର ଲୋକେ ତୁମକୁ ବିଜାତୀୟ ଧର୍ମାବଲମ୍ବୀ ବୋଲି ମତପୋଷଣ କରନ୍ତି । ବର୍ତ୍ତମାନ ମଧ୍ୟ ସେସବୁକୁ ବିଚାରକରି ବେଦାଦି ଶାସ୍ତ୍ରକୁ ମାନି ଯଦି ଦେଶର

ଉନ୍ନତି କରିପାରିବ ତେବେ ତୁମ୍ଭମାନଙ୍କର ମଧ୍ୟ ଅଶେଷ କଲ୍ୟାଣ ହେବ । ଯଦି ତୁମ ମତରେ ସମସ୍ତ ସତ୍ୟ ଈଶ୍ୱରଙ୍କଦ୍ୱାରା ପ୍ରକାଶିତ ହେଉଥାଏ, ତେବେ ଋଷିମାନଙ୍କ ଆତ୍ମାରେ ଈଶ୍ୱର ପ୍ରକାଶିତ ହୋଇ ସତ୍‌ଶାସ୍ତ୍ର ବେଦ ବର୍ଣ୍ଣନା କରିଛନ୍ତି ବୋଲି ସ୍ୱୀକାର କରୁନାହଁ କାହିଁକି ? ଏହାର କାରଣ ହେଉଛି, ତୁମ୍ଭେମାନେ ବେଦ ପଢ଼ିନାହଁ କିମ୍ବା ପଢ଼ିବାପାଇଁ ଇଚ୍ଛା ପ୍ରକାଶ କରୁ ନାହଁ । ତେଣୁ ତୁମ୍ଭମାନଙ୍କର ବେଦଜ୍ଞାନ ବା ହେବ କିପରି ?

୬:- ଖ୍ରୀଷ୍ଟିୟାନ୍ ଓ ମୁସଲ୍‌ମାନ୍‌ମାନଙ୍କପରି ଜଗତର ଉପାଦାନ କାରଣ ବ୍ୟତୀତ ଜଗତର ଓ ଜୀବର ଉତ୍ପତ୍ତି ହୁଏ ବୋଲି ତୁମେ ମାନୁଛ । ଏହାର ଉତ୍ତର ସୃଷ୍ଟ୍ୟୁତ୍ପତ୍ତି ଓ ଜୀବେଶ୍ୱର ବ୍ୟାଖ୍ୟାରେ ଦେଖିପାର । କାରଣ ବିନା କାର୍ଯ୍ୟ ହେବା ସର୍ବଥା ଅସମ୍ଭବ । ପୁଣି ସୃଷ୍ଟ ପଦାର୍ଥର ବିନାଶ ନ ହେବା ମଧ୍ୟ ଅସମ୍ଭବ ।

୭ :- ପଶ୍ଚାତ୍ତାପ ଓ ପ୍ରାର୍ଥନାଦ୍ୱାରା ପାପରୁ ନିଷ୍କୃତି ମିଳେ ବୋଲି ତୁମ୍ଭମାନଙ୍କର ଯେଉଁ ବିଶ୍ୱାସ ଅଛି, ତାହାହେଉଛି ବ୍ରାହ୍ମଧର୍ମର ଅନ୍ୟ ଏକ ଦୋଷ । ତୁମର ଏହିମତ ଯୋଗୁଁ ଜଗତରେ ଦିନକୁଦିନ ପାପରମାତ୍ରା ବୃଦ୍ଧି ପାଇବାରେ ଲାଗିଛି ! ଯେଣୁ ପୌରାଣିକମାନେ ତୀର୍ଥଯାତ୍ରାଦ୍ୱାରା, ଜୈନୀମାନେ ନବକାର ମନ୍ତ୍ରଜପ ଓ ତୀର୍ଥଯାତ୍ରାଦ୍ୱାରା, ଖ୍ରୀଷ୍ଟିୟାନ୍‌ମାନେ ଖ୍ରୀଷ୍ଟଙ୍କ ବିଶ୍ୱାସଦ୍ୱାରା ଓ ମୁସଲ୍‌ମାନ୍‌ମାନେ "ତୋବାଃ" ମୁଁ ପଶ୍ଚାତ୍ତାପ କରୁଛି କହିବାଦ୍ୱାରା ପାପଫଳକୁ ଭୋଗ ନ କରି ପାପ କ୍ଷୟ ହୋଇଯାଏ ବୋଲି ବିଶ୍ୱାସ କରନ୍ତି । ଏପରି କାରଣଯୋଗୁଁ ଲୋକେ ପାପକାମ କରିବାକୁ କେବଳ ଭୟ କରୁନାହାନ୍ତି ତା ନୁହେଁ ଅଧିକରୁ ଅଧିକ ଉତ୍ସାହିତ ହେଉଛନ୍ତି । ଏ କଥାରେ ବ୍ରାହ୍ମ ଓ ପ୍ରାର୍ଥନାସମାଜୀମାନେ ମଧ୍ୟ ପୌରାଣିକମାନଙ୍କ ପରି ଅଟନ୍ତି । ଯେଉଁମାନେ ବେଦପାଠ କରନ୍ତି ବା ଶୁଣନ୍ତି ସେମାନେ କୃତ ପାପପୁଣ୍ୟର ନିବୃତ୍ତି ହୁଏ ନାହିଁ ବୋଲି ଜାଣି ପାପକୁ ଭୟ କରନ୍ତି ଓ ଧର୍ମାଚରଣପାଇଁ ପ୍ରବୃତ୍ତ ହୁଅନ୍ତି ! ପାପପୁଣ୍ୟର ଫଳ ଭୋଗ ବ୍ୟତୀତ ତାହା କ୍ଷୟ ହୁଏ ବୋଲି ଯଦି କହିବ, ତେବେ ଈଶ୍ୱର ନିଶ୍ଚୟ ଅନ୍ୟାୟକାରୀ ହୋଇଯିବେ ।

୮ :- ଜୀବର ଅନନ୍ତ ଉନ୍ନତି ବିଷୟରେ ତୁମ୍ଭର ଯେଉଁ ଦୃଢ ଧାରଣା ରହିଛି, ତାହା କଦାପି ଠିକ୍ ନୁହେଁ । କାରଣ ସସୀମ ଜୀବର ଗୁଣ,କର୍ମ ଓ ସ୍ୱଭାବର ଫଳ ମଧ୍ୟ ସସୀମ ହେବା ଆବଶ୍ୟକ ।

ପ୍ରଶ୍ନ :- ପରମେଶ୍ୱର ହେଉଛନ୍ତି ଦୟାଳୁ । ତେଣୁ ସେ ସସୀମ କର୍ମର ଫଳ ଅସୀମ ପରିମାଣରେ ପ୍ରଦାନ କରିବେ ।

ଉତ୍ତର :- ସେପରିକଲେ ପରମେଶ୍ୱରଙ୍କ ନ୍ୟାୟକାରିତା ନଷ୍ଟ ହୋଇଯିବ । ପୁଣି କୌଣସି ବ୍ୟକ୍ତି ସତ୍‌କର୍ମ ଅଭିବୃଦ୍ଧି କରିବାକୁ ଚାହିଁବ ନାହିଁ । କାରଣ ଅଳ୍ପ କାର୍ଯ୍ୟର ଫଳ ଅଧିକ ପରିମାଣରେ ମିଳିଗଲେ ଅଧିକ କାର୍ଯ୍ୟ କରିବାର ଆବଶ୍ୟକତା କଣ ଅଛି ? "ପଶ୍ଚାତ୍ତାପ" ଓ ପ୍ରାର୍ଥନାଦ୍ୱାରା ଅଶେଷ ପାପ କ୍ଷୟ ହୋଇଯିବ, " ଏହି କାରଣରୁ ଜଗତରେ ଧର୍ମର ହାନି ଓ ପାପକର୍ମ ବୃଦ୍ଧି ପାଇବାରେ ଲାଗିଛି ।

ପ୍ରଶ୍ନ :- ଆମ୍ଭେ ସ୍ୱାଭାବିକ ଜ୍ଞାନକୁ ବେଦ ଅପେକ୍ଷା ବଡ଼ ବୋଲି ମାନୁଛୁଁ କିନ୍ତୁ "ନୈମିତ୍ତିକ"କୁ ମାନୁନାହୁଁ । ସ୍ୱାଭାବିକ ଜ୍ଞାନ ହେଉଛି ପରମେଶ୍ୱର ପ୍ରଦତ୍ତ । ତାହାଦ୍ୱାରା ଆମ୍ଭେ ବେଦ ବେଦାନ୍ତ ପଢୁଛୁ ଓ ବୁଝୁଛୁ ମଧ୍ୟ । ଏଣୁ ଆମ୍ଭମାନଙ୍କର ମତ ହେଉଛି ଅତ୍ୟନ୍ତ ଉତ୍ତମ ।

ଉତ୍ତର :- ତୁମର ଏକଥାରେ କୌଣସି ସତ୍ୟତା ନାହିଁ । ଅନ୍ୟଠାରୁ ପ୍ରାପ୍ତ ଜ୍ଞାନ ସ୍ୱାଭାବିକ ହୋଇ ନ ପାରେ । ସ୍ୱାଭାବିକ ଜ୍ଞାନକୁ ସହଜଜ୍ଞାନ କୁହାଯାଏ । ତାହା କେବେ ବଢେ ନାହିଁ କି କମେ ନାହିଁ ।ତଦ୍ୱାରା କେହି କେବେ ଉନ୍ନତି କରିପାରନ୍ତି ନାହିଁ । ଅରଣ୍ୟରେ ବସବାସ କରୁଥିବା ଲୋକଙ୍କର ମଧ୍ୟ ସ୍ୱାଭାବିକ ଜ୍ଞାନ ଅଛି, । ତଥାପି ସେମାନେତ କେବେ ଉନ୍ନତି କରି ପାରୁନାହାନ୍ତି । ପୁଣି ଯେଉଁ ନୈମିତ୍ତିକ ଜ୍ଞାନ ଅଛି, ତାହା ହେଉଛି ଉନ୍ନତିର କାରଣ । ଦେଖନ୍ତୁ ! ବାଲ୍ୟାବସ୍ଥାରେ କାହାରି ହେଲେ କର୍ତ୍ତବ୍ୟାକର୍ତ୍ତବ୍ୟ ଓ ଧର୍ମାଧର୍ମର ସଠିକ୍ ଜ୍ଞାନ ନ ଥାଏ । ଯେତେବେଳେ ବିଦ୍ୱାନ୍‌ମାନଙ୍କଠାରୁ ଜ୍ଞାନ ଅର୍ଜନ କରାଯାଏ, ସେତେବେଳେ କର୍ତ୍ତବ୍ୟାକର୍ତ୍ତବ୍ୟ ଓ ଧର୍ମାଧର୍ମକୁ ସମସ୍ତେ ଜାଣିପାରନ୍ତି । ଏଣୁ ସ୍ୱାଭାବିକ ଜ୍ଞାନକୁ ସର୍ବଶ୍ରେଷ୍ଠ ବିଚାରିବା ଉଚିତ ନୁହେଁ ।

୯ :- ତୁମ୍ଭେ ଯେଉଁ ପୂର୍ବଜନ୍ମ ଓ ପୁନର୍ଜନ୍ମକୁ ସ୍ୱୀକାର କରୁନାହଁ, ତାହା ବୋଧେ ଖ୍ରୀଷ୍ଟିୟାନ୍ ଓ ମୁସଲ୍‌ମାନ୍ ମତରୁ ଗ୍ରହଣ କରିଛ । ଏହାର ଯଥାର୍ଥ ଉତ୍ତର ତୁମେ ପୁନର୍ଜନ୍ମ ବ୍ୟାଖ୍ୟାନରେ ପାଇପାରିବ । କିନ୍ତୁ ଏତକ ଜାଣିରଖ ଯେ, ଜୀବ ହେଉଛି ଶାଶ୍ୱତ, ଅର୍ଥାତ୍ ନିତ୍ୟ, ପୁଣି ଜୀବର କର୍ମ ପ୍ରବାହ ରୂପେ ମଧ୍ୟ ନିତ୍ୟ ଅଟେ । କର୍ମ ଓ କର୍ମବାନ୍ ମଧ୍ୟରେ ନିତ୍ୟ ସମ୍ବନ୍ଧ ରହିଛି । ସେ ଜୀବ କେବେ କଣ କେଉଁଠି ନିଷ୍କର୍ମା ହୋଇ ବସିଥିଲା ? କିମ୍ବା କର୍ମ ନ କରି କେବେ ରହିପାରିବ ? ତୁମ୍ଭ କହିବା ଅନୁସାରେ ପରମେଶ୍ୱର ମଧ୍ୟ ନିଷ୍କର୍ମା ହୋଇ ବସି ରହୁଛନ୍ତି । ପୂର୍ବ ଓ ପର ଜନ୍ମ ସିଦ୍ଧାନ୍ତକୁ ସ୍ୱୀକାର ନ କରିବାଦ୍ୱାରା ଈଶ୍ୱରଙ୍କଠାରେ "କୃତହାନି" "ଅକୃତାଭ୍ୟାଗମ" "ନୈର୍ଘୃଣ୍ୟ" ଓ "ବୈଷମ୍ୟ" ଦୋଷ ପରିଲକ୍ଷିତ ହେବ । ଅର୍ଥାତ୍ ବିନା କର୍ମରେ ଫଳ ଓ

ବିନା ଅପରାଧରେ ଦଣ୍ଡ ଦେବା ଲାଗି ଈଶ୍ୱର ହେବେ ଅପରାଧୀ । ଜୀବର ମରଣପରେ ଯଦି ପୁନର୍ଜନ୍ମ ନ ଥାନ୍ତା ତେବେ ଇହ ଜନ୍ମରେ କରାଯାଇଥିବା ପାପ ପୁଣ୍ୟର ଫଳ ଭୋଗ କରାଯାଇ ପାରନ୍ତା ନାହିଁ, ଅର୍ଥାତ୍ ସେସବୁ ନଷ୍ଟ ହୋଇଯାଆନ୍ତା । ଏଣୁ ଇହଜନ୍ମକୃତ ପାପପୁଣ୍ୟର ଫଳଭୋଗ ନିମିତ୍ତ ଜୀବର ପୁନଃ ଶରୀରଧାରଣ କରିବା ଆବଶ୍ୟକ । ଯଦି ଜୀବର ପୂର୍ବଜନ୍ମକୃତ ପାପପୁଣ୍ୟର ଫଳ ସଞ୍ଚୟହୋଇ ରହୁ ନ ଥାନ୍ତା, ତେବେ ସେ ଇହଜନ୍ମରେ ସୁଖ-ଦୁଃଖ,ହାନିଲାଭାଦି କିପରି ଭୋଗ କରନ୍ତା ? ଇହଜନ୍ମର ସୁଖଦୁଃଖାଦି ପୂର୍ବଜନ୍ମ କର୍ମାନୁସାରେ ଯଦି ହେଉ ନଥାନ୍ତା ତେବେ ଈଶ୍ୱର ଅନ୍ୟାୟକାରୀ ହୁଅନ୍ତେ । ପୁଣି ପୁନର୍ଜନ୍ମ ଥିଲେ ଇହଜନ୍ମକୃତ କର୍ମଫଳ ନଷ୍ଟ ହୋଇ ଯାଆନ୍ତା । ଏଣୁ ଜୀବର ପୂର୍ବ ଓ ପରଜନ୍ମକୁ ଅବିଶ୍ୱାସ କରିବା ବୁଦ୍ଧିମାନ୍ ବ୍ୟକ୍ତି ପକ୍ଷରେ ଉଚିତ ନୁହେଁ ।

୧୦ :- ଈଶ୍ୱରଙ୍କ ବ୍ୟତୀତ ଦିବ୍ୟଗୁଣସମ୍ପନ୍ନ ପଦାର୍ଥ ଓ ବିଦ୍ୱାନ୍‌ମାନଙ୍କୁ ଦେବତା ବୋଲି ସ୍ୱୀକାର ନ କରିବା କେବେହେଁ ଠିକ୍‌ନୁହେଁ । କାରଣ ପରମେଶ୍ୱର ହେଉଛନ୍ତି ମହାଦେବ । ଯଦି ଅନ୍ୟାନ୍ୟ ଦେବଗଣ ନ ରହିବେ ତେବେ ପରମେଶ୍ୱର କଦାପି "ମହାଦେବ" ପଦବାଚ୍ୟ ହୋଇପାରିବେ ନାହିଁ ।

୧୧ :- ଅଗ୍ନିହୋତ୍ରାଦି ଯେଉଁ ପରୋପକାର କର୍ମ ରହିଛି ସେସବୁକୁ କର୍ତ୍ତବ୍ୟ ବୋଲି ବିବେଚନା ନ କରିବା ଠିକ୍ ନୁହେଁ ।

୧୨:- ଭାରତୀୟ ପ୍ରାଚୀନ ଋଷି ମହର୍ଷିମାନେ ମାନବ ସମାଜର ମହୋପକାର କରି ଯାଇଛନ୍ତି । ସେମାନଙ୍କୁ ଭୁଲିଯାଇ ଯୀଶୁ ପ୍ରଭୃତିଙ୍କ ପଶ୍ଚାଦ୍ଧାବନ କରିବା ଉଚିତ ନୁହେଁ ।

୧୩ :- ବେଦ ହେଉଛି ସକଳ ଜ୍ଞାନର ମୂଳକାରଣ । ତହିଁରୁ ସମସ୍ତ ବିଦ୍ୟା ବିଜ୍ଞାନ ଓ ଦର୍ଶନଶାସ୍ତ୍ର ଉତ୍ପତ୍ତି ହୋଇଛି । ତାକୁ ଅବିଶ୍ୱାସ କରିବା ଅଜ୍ଞତାର ପରିଚାୟକ ।

୧୪ :- ବିଦ୍ୟା ଓ ସଭ୍ୟତାର ପ୍ରତୀକ ଯଜ୍ଞୋପବୀତ ଓ ଶିଖାକୁ ପରିତ୍ୟାଗ କରି ମୁସଲ୍‌ମାନ୍ ଓ ଖ୍ରୀଷ୍ଟିୟାନ୍‌ମାନଙ୍କ ପରି ରହିବା ଉଚିତ ନୁହେଁ । ଶିକ୍ଷା ଓ ଭଦ୍ରତାର ପରିଚୟ ଦେବାପାଇଁ ତୁମ୍ଭେମାନେ ପେଣ୍ଟ୍ କୋଟ୍ ପରିଧାନ କରୁଛ, ପଦକ ମଧ୍ୟ ଧାରଣ କରୁଛ । ଏସବୁ ଅପେକ୍ଷା ଯଜ୍ଞୋପବୀତ ଓ ଶିଖା ଅଧିକ ଭାର ହେଉଛି କି ?

୧୫ :- ବ୍ରହ୍ମାଙ୍କଠାରୁ ଆରମ୍ଭକରି ଆଜିପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତରେ ଅନେକାନେକ ବିଦ୍ୱାନ୍ ଜନ୍ମଗ୍ରହଣ କରିଛନ୍ତି ।ସେମାନଙ୍କର ପ୍ରଶଂସା ଗାନ ନ କରି ୟୁରୋପୀୟମାନଙ୍କ ଉପରେ ପ୍ରଶଂସା ଅଜାଡି ଦେବା ପକ୍ଷପାତ ଓ ଖୋସାମଦିଆର ପରିଚାୟକ ନୁହେଁ କି ?

୧୬ :- ଠିକ୍ ବାମାଙ୍କର ଭଳି ଜଡ଼ ଚେତନ ସଂଯୋଗରୁ ଜୀବର ଉତ୍ପତ୍ତି ମାନିବା, ଉତ୍ପତ୍ତି ପୂର୍ବରୁ କୌଣସି ଜୀବତତ୍ତ୍ୱକୁ ସ୍ୱୀକାର ନ କରିବା, ପୁଣି ଉତ୍ପନ୍ନ ପଦାର୍ଥର ବିନାଶ ନ ମାନିବା କେବଳ ପୂର୍ବାପର ବିରୁଦ୍ଧ ଭାବ । ଉତ୍ପତ୍ତି ପୂର୍ବରୁ ଯଦି ଚେତନ ଓ ଜଡ଼ ପଦାର୍ଥ ନଥିଲା, ତାହେଲେ ଜୀବ ଆସିଲା କୁଆଡୁ ଓ କେଉଁ ପଦାର୍ଥର ସଂଯୋଗରୁ ଜୀବ ଉତ୍ପନ୍ନ ହେଲା ? ଯେବେ ତୁମ୍ଭେ ଏ ଦୁହିଁଙ୍କୁ ସନାତନ ବୋଲି ମାନୁଛ, ତେବେ ତ ଠିକ୍ ଅଛି । କିନ୍ତୁ ସୃଷ୍ଟି ପୂର୍ବରୁ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ତତ୍ତ୍ୱକୁ ଗ୍ରହଣ ନ କଲେ ତୁମ୍ଭ ପକ୍ଷର ଯୁକ୍ତି ବ୍ୟର୍ଥ ହୋଇଯିବ । ଏଣୁ ପ୍ରକୃତରେ ଯଦି ଉନ୍ନତି କରିବାକୁ ଚାହୁଁଥାଅ ତେବେ "ଆର୍ଯ୍ୟସମାଜ ସହିତ ମିଶି ତାର ଉଦ୍ଦେଶ୍ୟ ଅନୁସାରେ କାମକର । ନଚେତ୍ବା କୌଣସିପ୍ରକାର ଲାଭ ହେବ ନାହିଁ । ଯେଉଁ ଦେଶର ପଦାର୍ଥରେ ଆମ୍ଭମାନଙ୍କ ଶରୀର ଗଠିତ ହୋଇଛି, ପାଳିତ ହେଉଛି ଓ ଭବିଷ୍ୟତରେ ମଧ୍ୟ ହେବ, ସେହି ଦେଶର ଉନ୍ନତି ସକାଶେ ସମସ୍ତେ ସମ୍ମିଳିତ ଭାବରେ ଧନ, ମନ ଓ ପ୍ରାଣ ବିନିଯୋଗ କରିବା ସର୍ବାଦୌ କର୍ତ୍ତବ୍ୟ । ଆର୍ଯ୍ୟାବର୍ତ୍ତର ଉନ୍ନତି ସକାଶେ ଆର୍ଯ୍ୟସମାଜ ଯେପରି କାମକରୁଛି ଅନ୍ୟସମାଜ ସେପରି କରିପାରିବନାହିଁ । ସମସ୍ତେ ଏହି ସମାଜକୁ ଯଦି ସାହାଯ୍ୟ କରନ୍ତେ ତେବେ ଅଧିକ କାମ ହୋଇପାରନ୍ତା । କାରଣ ସମାଜର ଉନ୍ନତି କରିବା ହେଉଛି ସମସ୍ତଙ୍କର କର୍ତ୍ତବ୍ୟ । ଏହା ଜଣକର କାର୍ଯ୍ୟ ନୁହେଁ

ପ୍ରଶ୍ନ :- ଆପଣ ସମସ୍ତଙ୍କ ମତକୁ ଖଣ୍ଡନ କରି ଦେଉଛନ୍ତି , କିନ୍ତୁ ନିଜ ନିଜ ଧର୍ମ ନିଜପାଇଁ ଭଲ । ଏଣୁ କୌଣସି ମତକୁ ଖଣ୍ଡନ କରିବା ଉଚିତ ନୁହେଁ । ଆପଣଙ୍କ ମତରେ ଏପରି କି ବିଶେଷତ୍ୱ ରହିଛି ? ତେବେ ଆପଣଙ୍କ ଅପେକ୍ଷା କେହି ଜଣ ବଡ ଜ୍ଞାନୀ ବା ସମକକ୍ଷ ନ ଥିଲେ ବା ନାହାନ୍ତି ? ଅନ୍ୟ କେହି ନାହାନ୍ତି ବୋଲି ଭାବିବା ବୃଥାଭିମାନ ମାତ୍ର । ଏପରି ଅଭିମାନ କରିବା ଭଲ ନୁହେଁ । କାରଣ ଈଶ୍ୱରଙ୍କ ସୃଷ୍ଟିରେ ସମାନ, ନ୍ୟୂନ ଅଧିକ ଏପରି ବିଭିନ୍ନ ଶ୍ରେଣୀର ଲୋକ ଅଛନ୍ତି । ତେଣୁ ଏପରି ଗର୍ବ କରିବା ଉଚିତ କି ?

ଉତ୍ତର :- ସମସ୍ତଙ୍କର ଧର୍ମ ଏକ ନା ଅନେକ ? ଯଦି କହିବ ଅନେକ, ତେବେ ପରସ୍ପର ମଧ୍ୟରେ ବିରୋଧ ଅଛି କି ନାହିଁ ? ଯଦି କୁହ ବିରୋଧ ଅଛି, ତେବେ ଏକ ଧର୍ମ ବ୍ୟତୀତ ଦ୍ୱିତୀୟ ଧର୍ମ ନାହିଁ । ବିରୋଧ ନାହିଁ ବୋଲି ଯଦି କହିବ, ତେବେ ପୃଥକ୍ ପୃଥକ୍ ଧର୍ମ ରହିବାର କି ଆବଶ୍ୟକତା ଅଛି ? ଏଣୁ ଧର୍ମ ବା ଅଧର୍ମ ଏକ, ତା

କେବେ ଅନେକ ନୁହେଁ । ଏହି ଶିକ୍ଷା ଦେବାହିଁ ଆମର ବିଶେଷତ୍ୱ । ଯଦି କୌଣସି ରାଜା ବା ଶାସକ ସବୁ ସମ୍ପ୍ରଦାୟର ଉପଦେଶକୁ ଏକାଠି କରନ୍ତି, ତେବେ ତାହାର ସଂଖ୍ୟା ହଜାରେରୁ କମ୍ ହେବ ନାହିଁ ।କିନ୍ତୁ ଦେଖିଲେ ଜଣାଯିବ ଯେ ମୁଖ୍ୟତଃ ଏହା ହେଉଛି ଚାରି ପ୍ରକାର । ଯଥା- ପୁରାଣୀ,କିରାଣୀ,ଜୈନୀ ଓ କୁରାଣୀ । ଏହି ଚାରୋଟି ନାମ ମଧ୍ୟରେ ପ୍ରତ୍ୟେକ ସମ୍ପ୍ରଦାୟ ଆସିଯାଉଛନ୍ତି । ଜଣେ ରାଜା ସମସ୍ତଙ୍କୁ ଗୋଟିଏ ସ୍ଥାନରେ ଏକାଠି କରି ଜଣେ ଜିଜ୍ଞାସୁ ହୋଇ ପ୍ରତ୍ୟେକ ସମ୍ପ୍ରଦାୟକୁ ଗୋଟି ଗୋଟି କରି ପ୍ରଶ୍ନ କଲେ ନିମ୍ନଲିଖିତ ମତେ ଉତ୍ତର ପାଇବ । ପ୍ରଥମେ ବାମମାର୍ଗୀଙ୍କୁ ପଚାରିଲେ...... ମହାରାଜ ! ମୁଁ ଏଯାଏ କାହାକୁ ଗୁରୁ କରି ନାହିଁ, କି କୌଣସି ଧର୍ମ ଗ୍ରହଣ କରିନାହିଁ । ଦୟାକରି ମୋତେ କହନ୍ତୁ ସମସ୍ତ ଧର୍ମ ମଧ୍ୟରୁ କେଉଁଧର୍ମ ଉତ୍ତମ ଓ ମୁଁ କାହାକୁ ଗ୍ରହଣ କରିବି ?

ବାମମାର୍ଗୀ- ସବୁଠାରୁ ଆମ୍ଭ ଧର୍ମ ହେଉଛି ଉତ୍ତମ ।

ଜିଜ୍ଞାସୁ-ଅବଶିଷ୍ଟ ଯେଉଁ ନଅଶହ ଅନେଶ୍ୱତ ରହିଲେ ସେସବୁ କିପରି ?

ବାମମାର୍ଗୀ- ସେସବୁ ମିଥ୍ୟା, ସେଗୁଡିକରେ ଲୋକକୁ ନରକଗାମୀ ହେବାକୁପଡ଼େ । କଥିତ ହୋଇଛି 'କୌଳାତ୍ ପରତରଂ ନହି' (କୁଳାର୍ଣ୍ଣବତନ୍ତ୍ର ୨/୮) ଏହି ଉକ୍ତି ଅନୁଯାୟୀ ଆମ୍ଭ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମ ଭଲ ନୁହେଁ ।

ଜିଜ୍ଞାସୁ- ଆପଣଙ୍କର କି ଧର୍ମ ?

ବାମମାର୍ଗୀ- ଭଗବତୀଙ୍କୁ ମାନିବା,ମଦ୍ୟ,ମାଂସ ଆଦି ପଞ୍ଚମକାର ସେବନ କରିବା, ରୁଦ୍ରଯାମଳାଦି ଚଉଷଠି ତନ୍ତ୍ରକୁ ସ୍ୱୀକାର କରିବାଦ୍ୱାରା ମୁକ୍ତି ପଥ ମିଳିଯିବ । ତୁମେ ଯଦି ମୋକ୍ଷ ଇଚ୍ଛାକର,ତେବେ ଆମର ଶିଷ୍ୟ ହୋଇଯାଅ ।

ଜିଜ୍ଞାସୁ- ହେଉ, ମୁଁ ଅନ୍ୟ ମହାତ୍ମାମାନଙ୍କୁ ଟିକିଏ ପଚାରି ବୁଝି ଆସେଁ । ଯେଉଁ ଧର୍ମରେ ମୋର ଶ୍ରଦ୍ଧା,ପ୍ରୀତି ଜାତ ହେବ, ସେହି ଧର୍ମ ଗ୍ରହଣ କରିବି ।

ବାମମାର୍ଗୀ- ଆରେ, କାହିଁକି ତୁ ଭୁଲ୍‌ରେ ପଡିବୁ ? ସେମାନେ ତୋତେ ଭୁଲାଇ ଦେଇ ତାଙ୍କ ପାଲରେ ପକାଇଦେବେ । କାହା ପାଖକୁ ଯିବାର ଆବଶ୍ୟକତା ନାହିଁ । ଆମ ଧର୍ମ ଗ୍ରହଣ କର, ନଚେତ୍ବା ପଛରେ ପଶ୍ଚାତ୍ତାପ କରିବାକୁ ହେବ । ଆମ ଧର୍ମରେ କେବଳ ଭୋଗ ଓ ମୋକ୍ଷ ଦିଓଟି ରହିଛି ।

ଜିଜ୍ଞାସୁ- ହେଉ,ହେଉ,ମୁଁ ଥରେ ପଚାରି ଆସିବି । ଏହାକହି ଜିଜ୍ଞାସୁ ଜଣେ ଶୈବ ନିକଟକୁ ଯାଇ ପଚାରିବାରୁ ସେ ମଧ୍ୟ ସେହିପରି କହିଲେ । ପୁଣି ଅଧିକ କରି କହିଲେ--- ଶିବପୂଜନ,ରୁଦ୍ରାକ୍ଷ ଓ ଭସ୍ମଧାରଣ, ତଥା ଲିଙ୍ଗାର୍ଚ୍ଚନ ନ କଲେ ମୁକ୍ତି କଦାପି ମିଳିବ ନାହିଁ। ତାପରେ ସେ ସେଠାରୁ ଜଣେ ନବୀନ ବେଦାନ୍ତୀଙ୍କ ନିକଟକୁ ଯାଇ ପଚାରିଲେ---- ମହାରାଜ ! ଆପଣଙ୍କ ଧର୍ମ କିପରି ଟିକିଏ କହନ୍ତୁ ?

ବେଦାନ୍ତୀ- ଆମ୍ଭେ ଧର୍ମାଧର୍ମ କିଛି ମାନୁନାହୁଁ । ଆମ୍ଭେ ହିଁ ସାକ୍ଷାତ୍ ବ୍ରହ୍ମ । ଏହି ଜଗତ୍ ହେଉଛି ମିଥ୍ୟା । ଯଦି ଜ୍ଞାନୀ ଓ ଶୁଦ୍ଧଚେତା ହେବାକୁ ଚାହଁ, ତେବେ ଜୀବଭାବ ଛାଡ଼ି ନିଜକୁ ବ୍ରହ୍ମଜ୍ଞାନ କର,ତେବେ ନିତ୍ୟମୁକ୍ତ ହୋଇଯିବ ।

ଜିଜ୍ଞାସୁ- ଯଦି ତୁମ୍ଭେ ବ୍ରହ୍ମ ଓ ନିତ୍ୟମୁକ୍ତ, ତେବେ ବ୍ରହ୍ମର ଗୁଣ,କର୍ମ ଓ ସ୍ୱଭାବ ତୁମ୍ଭଠାରେ ନାହିଁ କାହିଁକି ? ପୁଣି ଶରୀରମଧ୍ୟରେ ଆବଦ୍ଧ ହୋଇ ରହିଛ କାହିଁକି ?

ବେଦାନ୍ତୀ- ତୁମେ କେବଳ ଶରୀରକୁ ଦେଖୁଛ, ପୁଣି ତହିଁରେ ଭ୍ରାନ୍ତ ଅଛ । ଆମ୍ଭଙ୍କୁ ବ୍ରହ୍ମ ବ୍ୟତୀତ ଅନ୍ୟ କିଛି ଦେଖାଯାଉ ନାହିଁ ।

ଜିଜ୍ଞାସୁ- ତୁମେ ଯେ ଦେଖୁଛ, ତୁମେ କିଏ ? ପୁଣି କାହାକୁ ଦେଖୁଛ ?

ବେଦାନ୍ତୀ- ଦେଖୁବା ଲୋକ ବ୍ରହ୍ମ, ସେ ପୁଣି ବ୍ରହ୍ମକୁ ଦେଖୁଛି ।

ଜିଜ୍ଞାସୁ- ତେବେ କଣ ଦୁଇଜଣ ବ୍ରହ୍ମ ଅଛନ୍ତି ?

ବେଦାନ୍ତୀ-ନା, ଆପେ ଆପଣାକୁ ଦେଖେ ।

ଜିଜ୍ଞାସୁ- କୌଣସି ବ୍ୟକ୍ତି କେବେ ଆପଣା କାନ୍ଧ ଉପରେ ଆପେ ଚଢ଼ିପାରେ କି ? ତୁମର କଥା କିଛି ନୁହେଁ, କେବଳ ପାଗଳପଣିଆ ।

ତାପରେ ବେଦାନ୍ତୀଙ୍କ ନିକଟରୁ ଯାଇ ଜୈନୀଙ୍କ ପାଖରେ ପଚାରିଲେ । ତାଙ୍କୁ ପଚାରିବାରୁ ସେ ମଧ୍ୟ ତାହାହିଁ କହିଲେ । କେବଳ ଅଧିକ କରି କହିଲେ---- ଜୈନ ଧର୍ମ ଛଡ଼ା ଅନ୍ୟ ସବୁ ଧର୍ମ ମିଥ୍ୟା । ଜଗତର କର୍ତ୍ତା ଅନାଦି ଈଶ୍ୱର ବୋଲି କେହି ନାହିଁ । ଜଗତ ଅନାଦି କାଳରୁ ଯେପରି ନିର୍ମିତ ହୋଇଥିଲା ସେହିପରି ରହିଛି ଓ ରହିଥିବ । ତୁମେ ଆମର ଚେଲା ହୋଇଯାଅ । କାରଣ ଆମ୍ଭେ 'ସମ୍ୟକ୍ତୀ' ଅର୍ଥାତ୍ ସବୁଠାରୁ ଭଲ ଓ ଭଲ କଥାକୁ ଗ୍ରହଣ କରୁ । ଜୈନମତକୁ ବାଦ୍ ଦେଲେ ଅନ୍ୟ ସବୁ ମିଥ୍ୟାତ୍ତୀ ଅଟନ୍ତି ।

ତାପରେ ଜିଜ୍ଞାସୁ ବ୍ୟକ୍ତି ଖ୍ରୀଷ୍ଟଧର୍ମୀଙ୍କ ନିକଟକୁ ଯାଇ ପୂର୍ବପରି ପ୍ରଶ୍ନ କଲେ । ଖ୍ରୀଷ୍ଟିୟାନ୍ ମଧ୍ୟ ବାମମାର୍ଗୀଙ୍କ ପରି ଉତ୍ତର ଦେଲେ । ନୂତନ କରି କହିଲେ---- ସମସ୍ତ ମନୁଷ୍ୟ ପାପୀ,ନିଜର ଶକ୍ତିସାମର୍ଥ୍ୟଦ୍ୱାରା କେହିପାପରୁ ମୁକ୍ତ ହୋଇପାରନ୍ତି ନାହିଁ। ଯୀଶୁ ସଭିଙ୍କ ପ୍ରାୟଶ୍ଚିତପାଇଁ ନିଜର ପ୍ରାଣଦାନ କରି ଅଶେଷ ଦୟା ଦେଖାଇଛନ୍ତି । ତେଣୁ ତୁମେ ଖ୍ରୀଷ୍ଟଧର୍ମକୁ ଗ୍ରହଣ କର । ଜିଜ୍ଞାସୁ ଏହା ଶୁଣିବା ପରେ ମୌଲବୀଙ୍କ ନିକଟରେ ପହଞ୍ଚି ନିଜର ମନୋଭାବ ଜଣାଇଲା । ମୌଲବୀ ମଧ୍ୟ ଅନ୍ୟମାନଙ୍କପରି ଉତ୍ତର ଦେଲେ । ନିଜ ତଥ୍ୟ ଶୁଣାଇବାକୁ ଯାଇ କହିଲେ----ପରମେଶ୍ୱର ଏକ,ଅଦ୍ୱିତୀୟ ତାଙ୍କର ପୈଗାମ୍ବର ଓ କୋରାନ୍‌କୁ ବିଶ୍ୱାସ ନ କଲେ କେହି କେବେ ମୁକ୍ତି ପାଇ ପାରେ ନାହିଁ। ଏହି ଧର୍ମକୁ ଗ୍ରହଣ କରୁ ନ ଥିବା ବ୍ୟକ୍ତି ହେଉଛି କାଫିର, ଯେପରି ବ୍ୟକ୍ତିର ନରକ ଗତି ହୁଏ । ତାକୁ ଶତ୍‌ଗରେ ହାଣି ପକାଇବା ଉଚିତ । ତାପରେ ଜିଜ୍ଞାସୁ ଜଣେ ବୈଷ୍ଣବଙ୍କ ପାଖକୁ ଗଲେ । ତାଙ୍କ ସହିତ ମଧ୍ୟ ଅନ୍ୟମାନଙ୍କ ପରି ବାର୍ତ୍ତାଳାପ ହେଲା । ତାଙ୍କ ମତ ସମ୍ପର୍କରେ କହିଲେ----- ଆମ୍ଭର ତିଳକ ଛାପକୁ ଦେଖୁ ଯମରାଜ ଭୟ କରନ୍ତି । ଏହା ଶୁଣି ଜିଜ୍ଞାସୁ ମନେ ମନେ ବିଚାରିଲେ--- ଏହି ତିଳକକୁ ଦେଖୁ ପୋଲିସ୍,ସିପାଇ,ଚୋର,ଡକାୟତ୍ ଆଦି ପୁଣି ମଶା,ମାଛି ମଧ୍ୟ କେହି ଯଦି ଭୟ କରୁ ନାହାନ୍ତି,ତେବେ ଯମଦୂତମାନେ କାହିଁକିବାଭୟ କରିବେ ? ପରେ ପୁଣି ସେଉଁମାନଙ୍କ ନିକଟକୁ ଗଲେ, ସେମାନେ ସମସ୍ତେ ନିଜ ନିଜର ବଡ଼ିମା ବଖାଣିଲେ । କେହି କହିଲା ଆମ କବୀର ଉତ୍ତମ, କିଏ କହିଲା ନାନକ ଉତ୍ତମ, କିଏ କହିଲା ଦାଦୂ, କିଏ ବଲ୍ଲଭ,କିଏ ସହଜାନନ୍ଦ,କିଏ ବା ମାଧ୍ୱାଚାର୍ଯ୍ୟଙ୍କୁ ସର୍ବଶ୍ରେଷ୍ଠ ଓ ଈଶ୍ୱରଙ୍କ ଅବତାର କହିବାର ଶୁଣାଗଲା । ହଜାରେ ଲୋକଙ୍କୁ ପଚାରି ଦେଖୁବାକୁ ପାଇଲା ସମସ୍ତଙ୍କ ଭିତରେ ପରସ୍ପର ବିରୋଧ ମନୋଭାବ ରହିଛି, ତେଣୁ ଏମାନଙ୍କ ମଧ୍ୟରୁ ଜଣେ ହେଲେ ଗୁରୁ ହେବାପାଇଁ ଯୋଗ୍ୟ ନୁହନ୍ତି । କାରଣ ଗୋଟିଏ ଗୋଟିଏ ମିଛକୁ ପ୍ରମାଣିତ କରିବାପାଇଁ ନଅଶହ ଉନେଶ୍ୱତ ସାକ୍ଷୀ ରହିଛନ୍ତି । ଯେପରି ମିଥ୍ୟା ବ୍ୟବସାୟୀ, ବେଶ୍ୟା ବା ଭଡୁଆ ନିଜ ନିଜ ପଦାର୍ଥକୁ ପ୍ରଶଂସା କରି, ଅନ୍ୟ ସମସ୍ତ ବସ୍ତୁର ନିନ୍ଦା କରନ୍ତି, ଏମାନେ ମଧ୍ୟ ଠିକ୍ ସେହିପରି । ଏପରି ଜାଣିବାକୁ ହେବ.......

ତଦ୍ବିଜ୍ଞାନାର୍ଥଂ ସ ଗୁରୁମେବାଭିଗଚ୍ଛେତ୍ ।

ସମିତ୍ପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠମ୍ ॥ ୧ ॥
ତସ୍ମୈ ସ ବିଦ୍ୱାନୁପସନ୍ନାୟ ସମ୍ୟକ୍ ପ୍ରଶାନ୍ତଚିତ୍ତାୟ ଶମାନ୍ୱିତାୟ ।
ଯେନାକ୍ଷରଂ ପୁରୁଷଂ ବେଦ ସତ୍ୟଂ ପ୍ରୋବାଚ ତାଂ ତତ୍ତ୍ୱତୋ ବ୍ରହ୍ମବିଦ୍ୟାମ୍ ॥ ୨ ॥
(ମୁଣ୍ଡକୋପନିଷଦ୍ ୧-ଖ୨-ମ୧୨-୧୩)

ସେହି ସତ୍ୟକୁ ଜାଣିବାପାଇଁ ସେ (ଜିଜ୍ଞାସୁ) ସମିତ୍ପାଣି ହୋଇ ବେଦବିତ୍,ବ୍ରହ୍ମନିଷ୍ଠ ପରମାତ୍ମାଙ୍କୁ ଜାଣୁଥିବା ଗୁରୁଙ୍କ ନିକଟକୁ ଯିବେ । ଅନ୍ୟ ପାଖଣ୍ଡମାନଙ୍କ ଜାଲରେ ପଡିବେ ନାହିଁ । ୧ । ଯେତେବେଳେ ଏହି ଜିଜ୍ଞାସୁ ବିଦ୍ୱାନଙ୍କ ପାଖକୁ ଯିବେ, ସେତେବେଳେ ଗୁରୁ ସେହି ଶାନ୍ତଚିତ୍ତ,ଜିତେନ୍ଦ୍ରିୟ ଓ ସମୀପସ୍ଥ ଜିଜ୍ଞାସୁଙ୍କୁ ବ୍ରହ୍ମବିଦ୍ୟା,ଏବଂ ଗୁଣ,କର୍ମ ଓ ସ୍ୱଭାବ ସମ୍ପର୍କୀୟ ଉପଦେଶମାନ ଦେବେ । ପୁଣି ଯେଉଁ ଯେଉଁ ସାଧନାଦ୍ୱାରା ସେହି, ଶ୍ରୋତା ଧର୍ମ,ଅର୍ଥ,କାମ,ମୋକ୍ଷ ଓ ପରମେଶ୍ୱରଙ୍କୁ ଜାଣିପାରିବେ, ଗୁରୁ ସେହିପରି ଶିକ୍ଷାମାନ ପ୍ରଦାନ କରିବେ ॥ ୨ ॥

ପୂର୍ବରୁ ବର୍ଣ୍ଣିତ ହୋଇଥିବା ଧର୍ମ ସଙ୍କଟରେ ପଡ଼ି ଜିଜ୍ଞାସୁ କୌଣସି ଆପ୍ତ ବିଦ୍ୱାନଙ୍କ ପାଖକୁଯାଇ ନିବେଦନ କରି କହନ୍ତି କି ହେ ବିଦ୍ୱନ୍ ! ଏହି ସାମ୍ପ୍ରଦାୟିକମାନଙ୍କ ପରସ୍ପର ବିରୁଦ୍ଧ ମତବାଦରେ ମୋହର ମନ ଚଞ୍ଚଳ ତଥା ଚିତ୍ତବିଭ୍ରମ ହୋଇଗଲାଣି । ଯଦି ମୁଁ କୌଣସି ଏକ ସମ୍ପ୍ରଦାୟର ମତକୁ ଗ୍ରହଣ କରେଁ, ତେବେ ୯୯୯ ଭିନ୍ନ ଭିନ୍ନ ସମ୍ପ୍ରଦାୟୀଙ୍କ ବିରୋଧର ସମ୍ମୁଖୀନ ହେବି । ଯେଉଁ ଲୋକର ଜଣେ ମିତ୍ର ପୁଣି ୯୯୯ ଶତ୍ରୁ,ସେହି ଲୋକ କେବେ ସୁଖଶାନ୍ତିରେ ରହିପାରିବ ନାହିଁ । ତେଣୁ କେଉଁ ମତ ଗ୍ରହଣ କରିବାକୁ ହେବ, ଆପଣ ଦୟାକରି ମୋତେ ଉପଦେଶ ଦିଅନ୍ତୁ । ଆପ୍ତ ବିଦ୍ୱାନ ସେସବୁ ମତ ଅବିଦ୍ୟାରୁ ଜାତ, ତେଣୁ ତାହା ବିଦ୍ୟା ଓ ବେଦର ବିରୋଧୀ ଅଟେ ।

ସେହି ସମ୍ପ୍ରଦାୟୀମାନେ,ମୂର୍ଖ,ନିର୍ବୋଧ ଓ ଜଙ୍ଗଲି ଲୋକଙ୍କୁ ଭୁଲାଇ ଦେଇ ମିଥ୍ୟା ଜାଲରେ ପକାଇ ନିଜର ସ୍ୱାର୍ଥ କେବଳ ସାଧନ କରନ୍ତି । ତଦ୍ୱାରା ସେହି ମନୁଷ୍ୟମାନେ ନିଜର ଦୁର୍ଲ୍ଲଭ ଜନ୍ମକୁ ବ୍ୟର୍ଥରେ ନଷ୍ଟକରି ଦୁଃଖଭୋଗ କରିଥାନ୍ତି । ସେହି ସହସ୍ର ସମ୍ପ୍ରଦାୟ ଯେଉଁ ବିଷୟରେ ଏକମତ ହୁଅନ୍ତେ,ବୁଝିବାକୁ ହେବ ଯେ ତାହାହିଁ ବେଦମତ ଓ ଗ୍ରାହ୍ୟ । କିନ୍ତୁ ଯେଉଁଥିରେ ପରସ୍ପର ମଧ୍ୟରେ ବିରୋଧ ଦେଖାଯାଏ, ତାହା କଳ୍ପିତ,ମିଥ୍ୟା,ଅଧର୍ମ

ଓ ଅଗ୍ରାହ୍ୟ ବୋଲି ବିବେଚିତ ହେବ ।

ଜିଜ୍ଞାସୁ- ଏହାର ପରୀକ୍ଷା କିପରି କରାଯିବ ?

ଆପ୍ତବିଦ୍ୱାନ୍- ତୁମେଯାଇ ସେ ସମସ୍ତଙ୍କୁ ଏ ବିଷୟମାନଙ୍କୁ ନେଇ ପ୍ରଶ୍ନ କର । ଦେଖିବ ଯେ ସେମାନେ ସମସ୍ତେ ତହିଁରେ ଏକମତ ହେବେ ।

ତାପରେ ଜିଜ୍ଞାସୁ ଜଣକ ସମସ୍ତ ସମ୍ପ୍ରଦାୟୀଙ୍କ ମଧ୍ୟଭାଗରେ ଛିଡା ହୋଇ ପଚାରିଲେ···· ହେ ଭାଇମାନେ ! ଆପଣମାନେ କହନ୍ତୁ ସତ୍ୟ ଭାଷଣରେ ଧର୍ମ ହୁଏ,ନା ମିଥ୍ୟା କଥନରେ । ସମସ୍ତେ ଏକସ୍ୱରରେ ଉତ୍ତର ଦେଲେ····· ସତ୍ୟ ଭାଷଣରେ ଧର୍ମ ହୁଏ ଓ ଅସତ୍ୟ କଥନରେ ଅଧର୍ମ ହୁଏ । ଜିଜ୍ଞାସୁର ପରବର୍ତ୍ତୀ ପ୍ରଶ୍ନରେ ସମ୍ପ୍ରଦାୟମଣ୍ଡଳୀ ଉତ୍ତରଦେଲେ ବିଦ୍ୟାଧ୍ୟୟନ,ବ୍ରହ୍ମଚର୍ଯ୍ୟପାଳନ, ପୂର୍ଣ୍ଣଯୁବାବସ୍ଥାରେ ବିବାହ,ସତ୍ସଙ୍ଗ ପୁରୁଷାର୍ଥ ପ୍ରକାଶ ଓ ସତ୍ୟବ୍ୟବହାରରେ ଧର୍ମ ହୁଏ । ପୁଣି ଅବିଦ୍ୟା,ବ୍ୟଭିଚାର,କୁସଙ୍ଗ, ଅସଦ୍ବ୍ୟବହାର ଛଳ,କପଟ,ହିଂସା,ଦ୍ୱେଷ ଓ ପରର କ୍ଷତି କରିବାରେ ଅଧର୍ମ ହୁଏ ।

ଜିଜ୍ଞାସୁ- ତେବେ ତୁମ୍ଭେମାନେ ସମସ୍ତେ ଏକମତ ହୋଇ ମିଥ୍ୟାମାର୍ଗକୁ ପରିହାର କରି ସତ୍ୟଧର୍ମର ପ୍ରଚାର କରୁନାହଁ କାହିଁକି ? ସେମାନେ ସମସ୍ତେ କହିଲେ···· ଏହା କଲେ କେହି ଆମକୁ ପଚାରିବେ ନାହିଁ । ଆମର ଶିଷ୍ୟଗଣ ଆମ ଆଦେଶ ବା ଉପଦେଶକୁ ମାନିବେ ନାହିଁ । ଆମର ଜୀବିକା ନଷ୍ଟ ହୋଇଯିବ । ପୁଣି ଆମ୍ଭେମାନେ ଭୋଗ ବିଳାସ କରି ଆନନ୍ଦରେ ଯେପରି ରହୁଛୁ, ସେପରି ଆଉ ରହିପାରିବୁ ନାହିଁ । ଏସବୁ କଥାକୁ ଆମେ ଆଖି ଆଗରେ ରଖି, ସମସ୍ତ ଭାବ ଜାଣୁଥିଲେ ମଧ୍ୟ ନିଜ ନିଜ ମତକୁ ବାଧ୍ୟ ହୋଇ ଶ୍ରେଷ୍ଠ ବୋଲି ପ୍ରଚାର କରୁଛୁ । କାରଣ ରୋଟୀ ଖାଇଯେ ଶକ୍କର ସେ, ଦୁନିଆଁ ଠଗିୟେ ମକ୍କର୍‌ସେ । ସଂସାରରେ ସାଦାସିଧା,ସତ୍ୟବାଦୀ ଲୋକକୁ କେହି ପଚାରନ୍ତି ନାହିଁ । ଯେଉଁ ବ୍ୟକ୍ତି ଧୂର୍ତ୍ତତା ଆଚରଣ କରି ଦଗାବାଜି କରେ, ସେହି ଲୋକ ସ୍ୱାର୍ଥ ସାଧନ କରିବା ସଙ୍ଗେ ସଙ୍ଗେ ସବୁକିଛି ପାଇପାରେ ।

ଜିଜ୍ଞାସୁ- ତୁମ୍ଭେମାନେ ଏଯେଉଁ ପାଖଣ୍ଡ ମତ ପ୍ରଚାର କରି ଲୋକଙ୍କୁ ଠକୁଛ ତା ପାଇଁ ରାଜା କାହିଁକି ତୁମ୍ଭମାନଙ୍କୁ ଦଣ୍ଡ ଦେଉନାହାନ୍ତି ?

ମତବାଦୀ- ଆମେ ରାଜାଙ୍କୁ ମଧ୍ୟ ଆମର ଶିଷ୍ୟ କରିନେଇଛୁ । ଆମେ ଏପରି ଦୃଢ

ବ୍ୟବସ୍ଥା କରିଦେଇଛୁ ଯେ, ତହିଁରୁ କେହି ପିଚିଯାଇ ପାରିବେ ନାହିଁ ।

ଜିଜ୍ଞାସୁ- ତୁମ୍ଭେମାନେ ଛଳ କପଟ କରି, ଲୋକଙ୍କୁ ଠକି, ସେମାନଙ୍କର କ୍ଷତି କରୁଛ, ଏଥିପାଇଁ ପରମେଶ୍ବରଙ୍କ ଆଗରେ କି ଉତ୍ତର ଦେବ ? ପୁଣି ଘୋର ନରକରେ ପଡିବ । ସାମାନ୍ୟ କେଇ ଦିନ ବଞ୍ଚିରହିବାପାଇଁ, ଏତେ ବଡ ଅପରାଧ କାହିଁକି କରୁଛ ? ତାକୁ କାହିଁକି ଛାଡ଼ି ଦେଉନାହଁ ?

ମତବାଦୀ- ଯାହାହେବ ଦେଖାଯିବ । ନରକ ଓ ପରମେଶ୍ବରଙ୍କ ଦଣ୍ଡ ଯେବେ ହେବାର କଥା ତେବେ ହେବ । ବର୍ତ୍ତମାନ ତ ଆନନ୍ଦ ଉପଭୋଗ କରୁଛୁଁ । ଲୋକେ ପ୍ରସନ୍ନ ହୋଇ ଆମକୁ ଧନ ଦେଉଛନ୍ତି । ବଳତ୍କାରକରି ଆମେ କାହାପାଖରୁ ନେଉନାହୁଁ । ତେଣୁ ରାଜା ଆମକୁ ଦଣ୍ଡ ଦେବେ କାହିଁକି ?

ଜିଜ୍ଞାସୁ- ଯଦି କୌଣସି ଛୁଆକୁ ଫୁସୁଲାଫୁସୁଲିକରି ତାଠାରୁ ଧନ ଅପହରଣ କରି ନିଆଯାଏ, ତେବେ ଅପହରଣକାରୀକୁ ଦଣ୍ଡ ଦିଆଯାଏ । ସେପରି ତୁମକୁ କାହିଁକି ଦଣ୍ଡ ମିଳୁ ନାହିଁ ? କାରଣ········

ଅଜ୍ଞୋ ଭବତି ବୈ ବାଳଃ ପିତା ଭବତି ମନ୍ତ୍ରଦଃ । (ମନୁ ଅ ୧/ଶ୍ଲୋ ୫୩)

ଯେ ଜ୍ଞାନ ରହିତ ସେ ବାଳକ ଓ ଯିଏ ଜ୍ଞାନ ଦିଅନ୍ତି ସେ ପିତା ଓ ବୃଦ୍ଧ ବୋଲି କଥିତ ହୁଅନ୍ତି । ଯିଏ ବୁଦ୍ଧିମାନ୍ ଓ ବିଦ୍ବାନ୍ ସେ ତ ତୁମ କଥାରେ ଭୁଲି ଯାଏ ନାହିଁ । କିନ୍ତୁ ଯିଏ ଅଜ୍ଞାନ ସେ ହେଉଛି ବାଳକ ସଦୃଶ । ତୁମେ ତାଙ୍କୁ ଠକୁଥିବାରୁ ତୁମକୁ ଅବଶ୍ୟ ଦଣ୍ଡ ମିଳିବା ଉଚିତ ।

ମତବାଦୀ- ରାଜା ପ୍ରଜା ସମସ୍ତେ ଯେତେବେଳେ ଆମର ମତାବଲମ୍ବୀ ସେତେବେଳେ ଆମକୁ ଦଣ୍ଡ ବା କିଏ ଦେବ ? ଦଣ୍ଡ ମିଳିବାର ବ୍ୟବସ୍ଥା ହେଲେ, ଆମ୍ଭେ ଏହାକୁ ଛାଡ଼ି ଦେଇ ଅନ୍ୟ ବ୍ୟବସ୍ଥା କରିବୁ ।

ଜିଜ୍ଞାସୁ- ତୁମ୍ଭେମାନେ କେବଳ ବ୍ୟର୍ଥରେ ବସିରହି ଲୋକଙ୍କୁ ଠକିବାରେ ଲାଗିଛ । ତା ପରିବର୍ତ୍ତେ ବିଦ୍ୟାଭ୍ୟାସ କରି ଗୃହସ୍ଥମାନଙ୍କର ପିଲାମାନଙ୍କୁ ଯଦି ପଢାନ୍ତ ତେବେ ଗୃହସ୍ଥମାନଙ୍କର ଉପକାର ହେବା ସଙ୍ଗେ ସଙ୍ଗେ ତୁମ୍ଭେମାନେ ମଧ୍ୟ ଉପକୃତ ହୁଅନ୍ତ ?

ମତବାଦୀ- ଯେବେ ଆମେ ବାଲ୍ୟାବସ୍ଥାରୁ ମୃତ୍ୟୁ ପର୍ଯ୍ୟନ୍ତ ସୁଖ ଛାଡ଼ିବୁ, ପୁଣି ବାଲ୍ୟରୁ

ଯୁବାବସ୍ଥାପର୍ଯ୍ୟନ୍ତ ବିଦ୍ୟାଧ୍ୟୟନ କରିବୁ ପରେ ପୁଣି ପଢାଇବା ଓ ଉପଦେଶ ଦେବାରେ ସାରାଜୀବନ ପରିଶ୍ରମ କରିବୁ, ତଦ୍ବାରା ଆମର କି ଉଦ୍ଦେଶ୍ୟ ସାଧିତ ହେବ ? ଏସବୁ ନ କରି ମଧ୍ୟ ଆମକୁ ଲକ୍ଷ ଲକ୍ଷ ଟଙ୍କା ମିଳି ଯାଉଛି । ମଜାମଜଲିସ୍‌ରେ ସମୟ କଟି ଯାଉଛି । ତେଣୁ କାହିଁକି ତାକୁ ଛାଡିବାକୁ ଯିବୁ ?

ଜିଜ୍ଞାସୁ- ଏହାର ପରିଣାମ ଖରାପ ହେଉଛି । ଦେଖ ଯେ, ତୁମ୍ଭେମାନେ ସାଂଘାତିକ ରୋଗରେ ଆକ୍ରାନ୍ତ ହେଉଛ, ଅଳ୍ପ ବୟସରେ ମରୁଛ, ବୁଦ୍ଧିମାନ୍ ଲୋକଙ୍କଦ୍ବାରା ନିନ୍ଦିତ ହେଉଛ । ତଥାପି ତୁମ୍ଭେମାନେ ବୁଝୁନାହଁ କାହିଁକି ?

ମତବାଦୀ- ଆରେ ଭାଇ ଶୁଣ············

ଟକା ଧର୍ମ ଷ୍ଟକା କର୍ମ ଟକା ହି ପରମଂ ପଦମ୍ ।
ଯସ୍ୟ ଗୃହେ ଟକା ନାସ୍ତି ହା ଟକା ! ଟକଟକାୟତେ ॥ ୧ ॥
ଆନା ଅଂଶକଳାଃ ପ୍ରୋକ୍ତା ରୂପ୍ୟୋଽସୌ ଭଗବାନ୍ ସ୍ବୟମ୍ ।
ଅତସ୍ତଂ ସର୍ବ ଇଚ୍ଛନ୍ତି ରୂପ୍ୟଂ ହି ଗୁଣବତ୍ତମମ୍ ॥ ୨ ॥

ତୁ ପିଲାଲୋକ,ସଂସାରର କଥା କିଛି ଜାଣିନାହୁଁ । ଦେଖ୍ ! ଟଙ୍କା ବିନା ଧର୍ମ,କର୍ମ, କିମ୍ବା ପରମପଦ କିଛି ଲାଭ ହୋଇପାରେ ନାହିଁ । ଯାହା ଘରେ ଟଙ୍କା ନାହିଁ ସେ ହାୟ ! ଟଙ୍କା ହୋଇ ଉତ୍ତମ ପଦାର୍ଥକୁ ଖାଲି ଟକ ଟକ କରି ଗୁହିଁରହିଥାଏ । ମନେ ମନେ ବିଚାର କରେ ମୋ ନିକଟରେ ଟଙ୍କା ଥିଲେ ସେହି ଉତ୍ତମ ପଦାର୍ଥକୁ ମୁଁ ଭୋଗ କରୁଥାଆନ୍ତି ।୧। କାରଣ ଷୋହଳ କଳାଯୁକ୍ତ ଅଦୃଶ୍ୟ ଭଗବାନଙ୍କ କଥା ସମସ୍ତେ ଶୁଣିଥାଆନ୍ତି, କିନ୍ତୁ କେହି ଦେଖି ନ ଥାନ୍ତି । ହେଲେ ଷୋହଳ ଅଣା ଓ ପଇସା କୌଡ଼ିରୂପ ଅଂଶ ଷୋହଳ କଳାଯୁକ୍ତ ଟଙ୍କା ହିଁ ସାକ୍ଷାତ୍ ଭଗବାନଙ୍କ ସ୍ବରୂପ । ଏଣୁ କରି ସମସ୍ତେ ସେହି ଟଙ୍କାର ଅନୁସନ୍ଧାନରେ ଲାଗିପଡିଛନ୍ତି । କାରଣ ଟଙ୍କାଦ୍ବାରା ହିଁ ସମସ୍ତ କାର୍ଯ୍ୟ ହୋଇଥାଏ ।୨।

ଜିଜ୍ଞାସୁ- ଠିକ୍ କଥା । ଏବେ ତୁମର ଭିତିରି କଥାସବୁ ପଦାରେ ପଡ଼ିଗଲା । ତୁମେ ଯେଉଁ ସବୁ ପାଷାଣ୍ଡ ପଣିଆଁ ସୃଷ୍ଟି କରିଛ, ସେ ସବୁ କେବଳ ନିଜ ସୁଖପାଇଁ । କିନ୍ତୁ ତଦ୍ବାରା ଜଗତର ବିନାଶ ହେଉଛି । କାରଣ ସତ୍ୟ ଉପଦେଶଦ୍ବାରା ଜଗତର ଯେପରି ଲାଭ ହୁଏ,

ମିଥ୍ୟା ଉପଦେଶଦ୍ୱାରା ତତୋଽଧିକ କ୍ଷତି ଘଟିଥାଏ । ଯଦି ତୁମ୍ଭମାନଙ୍କର ଧନ ଆବଶ୍ୟକ ତେବେ କୃଷିକରୀ କିମ୍ବା ବାଣିଜ୍ୟବ୍ୟବସାୟ କରି ଧନ ଉପାର୍ଜନ କାହିଁକି କରୁନାହଁ ?

ମତବାଦୀ- ତହିଁରେ ଅଧିକ ପରିଶ୍ରମ କରିବାକୁ ହେବ ପୁଣି କ୍ଷତିହେବାର ସମ୍ଭାବନା ମଧ୍ୟ ଅଛି । କିନ୍ତୁ ଆମର ଏହି ଲୀଳାରେ ମୋଟେ ହାନି ହେବାର ଆଶଙ୍କା ନାହିଁ । କେବଳ ଲାଭ ହିଁ ଲାଭ । ଦେଖ ଯେ ତୁଳସୀ ପତ୍ର ପକାଇ ଚରଣାମୃତ ଟିକିଏ ଦେଲେ, ଓ କଣ୍ଠି ପିନ୍ଧାଇ ଚେଲା କରିଦେଲେ, ସେହି ଲୋକ ସାରାଜୀବନ ଭାରବାହୀ ପଶୁ ସଦୃଶ ଆମର ଆଜ୍ଞାବହ ଶିଷ୍ୟ ହୋଇରହେ ।

ଜିଜ୍ଞାସୁ- ସେମାନେ ତୁମକୁ ଏତେ ଧନ ଦିଅନ୍ତି କାହିଁକି ?

ମତବାଦୀ- ଧର୍ମ,ସ୍ୱର୍ଗ ତଥା ମୋକ୍ଷଲାଭପାଇଁ ଦିଅନ୍ତି ।

ଜିଜ୍ଞାସୁ- ତୁମ୍ଭେ ତ ମୁକ୍ତ ନୁହଁ, ପୁଣି ମୁକ୍ତିର ସ୍ୱରୂପ ବା ସାଧନ ତୁମେ କିଛି ଜାଣ ନାହିଁ, ତେବେ ତୁମର ସେବାକରିବା ଲୋକକୁ ତାହାକଣ ମିଳିବ ?

ମତବାଦୀ- ଇହଲୋକରେ କଣ ମିଳିବ ? ନା, କିନ୍ତୁ ମଲେ ପରଲୋକରେ ମିଳିବ । ସେମାନେ ଆମକୁଇହଲୋକରେ ଯେତେ ଦେବେ ଓ ସେବା କରିବେ, ସେସବୁର ଫଳ ସେମାନଙ୍କୁ ପର ଲୋକରେ ମିଳିଯିବ ।

ଜିଜ୍ଞାସୁ- ଯେଉଁମାନେ ଦେଉଛନ୍ତି ସେମାନଙ୍କୁ ସେସବୁର ଫଳ ମିଳିବା ନ ମିଳିବା ତ ପରକଥା । କିନ୍ତୁ ତୁମ୍ଭେମାନେ ଏବେ ଯେଉଁ ନେଉଛ ପରେ ତୁମ୍ଭମାନଙ୍କୁ କଣ ମିଳିବ ? ନରକ ନା ଅନ୍ୟ କିଛି ।

ମତବାଦୀ- ଆମ୍ଭେମାନେ ଭଜନ କରୁଛୁଁ । ତେଣୁ ଆମକୁ ସୁଖ ମିଳିବ ।

ଜିଜ୍ଞାସୁ- ତୁମ୍ଭମାନଙ୍କର ଭଜନ କେବଳ ଟଙ୍କାପାଇଁ । ସେ ସବୁ ଟଙ୍କା ଏଇଠି ପଡ଼ିରହିବ । ଯେଉଁ ମାଂସପିଣ୍ଡକୁ ପାଳନ କରୁଛ ତାହା ମଧ୍ୟ ଏଠାରେ ପୋଡି ଭସ୍ମ ହୋଇଯିବ । ପରମେଶ୍ୱରଙ୍କ ଭଜନ କୀର୍ତ୍ତନ ଯଦି କରିଥାନ୍ତ, ତେବେ ତୁମ ଆତ୍ମା ପବିତ୍ର ହୋଇଥାନ୍ତା ।

ସମ୍ପ୍ରଦାୟୀ- ତେବେ ଆମ୍ଭେ କଣ ଅଶୁଦ୍ଧ ?

ଜିଜ୍ଞାସୁ- ତୁମ ଭିତରେ ବହୁତ ମଇଳା ରହିଛି ?

ମତବାଦୀ- ତୁମେ କିପରି ଜାଣିଲ ?

ଜିଜ୍ଞାସୁ- ତୁମର ଚାଲିଚଳନ ଓ ଆଚାର ବ୍ୟବହାରଦ୍ୱାରା ।

ମତବାଦୀ- ମହାତ୍ମାମାନଙ୍କ ବ୍ୟବହାର ଠିକ୍ ହାତୀଦାନ୍ତ ଭଳି । ଯେପରି ହାତୀର ଖାଇବା ଦାନ୍ତ ଭିନ୍ନ, କିନ୍ତୁ ଦେଖାଇବା ଦାନ୍ତ ଭିନ୍ନ, ସେହିପରି ଆମ୍ଭେମାନେ ଭିତରେ ପବିତ୍ର, କିନ୍ତୁ ବାହାରେ ଲୀଳାମାତ୍ର ଲଗାଇଥାଉଁ ।

ଜିଜ୍ଞାସୁ- ତୁମ ଅନ୍ତର ଶୁଦ୍ଧପୂତ ହୋଇଥିଲେ,ବାହାରେ କରୁଥିବା କାର୍ଯ୍ୟମଧ୍ୟ ଶୁଦ୍ଧପୂତ ହୋଇଥାନ୍ତା । ତୁମର ବାହାର କାର୍ଯ୍ୟ ଖରାପ ଥିବାରୁ ଭିତର ଭାବ ମଧ୍ୟ ସେପରି ଖରାପ ହୋଇଥିବ ।

ମତବାଦୀ- ଆମ୍ଭେମାନେ ଯେପରି ହୋଇଥାଉଁ ନା କାହିଁକି ଆମ୍ଭର ଶିଷ୍ୟମାନେ ନିଶ୍ଚୟ ଭଲ ।

ଜିଜ୍ଞାସୁ-ତୁମେ ଗୁରୁମାନେ ଯେପରି ହୋଇଥିବ, ତୁମର ଶିଷ୍ୟମାନେ ମଧ୍ୟ ସେପରି ହୋଇଥିବେ ।

ମତବାଦୀ- ଆମ୍ଭେ ଏଥିରେ ଏକମତ ନୋହୁଁ । କାରଣ ମନୁଷ୍ୟମାନଙ୍କର ଗୁଣ,କର୍ମ ଓ ସ୍ୱଭାବ ଭିନ୍ନ ଭିନ୍ନ ଧରଣର ହୋଇଥାଏ ।

ଜିଜ୍ଞାସୁ- ବାଲ୍ୟାବସ୍ଥାରେ ଏକ ପ୍ରକାରର ଶିକ୍ଷା ଦିଆଯାଏ । ଯଥା- ସତ୍ୟ ଭାଷଣାଦି ଧର୍ମକୁ ଗ୍ରହଣ କରିବା ଓ ମିଥ୍ୟା ଭାଷଣାଦି ଅଧର୍ମକୁ ତ୍ୟାଗ କରିବା ଉଚିତ । ଏଥିରେ ସମସ୍ତେ ଏକମତ ହୁଅନ୍ତି । ପୁଣି ଦ୍ୱିମତ ଅର୍ଥାତ୍ ଧର୍ମାତ୍ମା ଓ ପାପାତ୍ମା ଏପରି ଦୁଇ ପ୍ରକାର ଲୋକ ସର୍ବଦା ରହିଥାନ୍ତି, ତାହାତ ନିଶ୍ଚୟ ରହିବ । କିନ୍ତୁ ଧର୍ମାତ୍ମାଙ୍କ ସଂଖ୍ୟା ଅଧିକ ଓ ପାପାତ୍ମାଙ୍କ ସଂଖ୍ୟା ଉଣା ରହିଲେ ସଂସାରରେ ଉତ୍ତରୋତ୍ତର ସୁଖ ବୃଦ୍ଧିହୁଏ । ପୁଣି ଯେତେବେଳେ ପାପାତ୍ମାଙ୍କ ସଂଖ୍ୟା ବୃଦ୍ଧିପାଏ, ସେତେବେଳେ ଦୁଃଖ ହିଁ ଦୁଃଖ ଭୋଗିବାକୁ ପଡ଼େ । ଯଦି ସମସ୍ତ ବିଦ୍ୱାନ୍ ଏପରି ଏକ ପ୍ରକାରର ଉପଦେଶ ଦିଅନ୍ତେ ତେବେ ସମସ୍ତେ ଏକମତାବଲମ୍ବୀ ହେବାରେ ବିଳମ୍ବ ହୁଅନ୍ତା ନାହିଁ ।

ମତବାଦୀ- ବର୍ତ୍ତମାନ କଳିଯୁଗ ଚାଲିଛି । ସତ୍ୟଯୁଗର କଥା କହି ଲାଭ କଣ ?

ଜିଜ୍ଞାସୁ- କାଳର ନାମ କେବଳ କଳିଯୁଗ । କାଳ ହେଉଛି ନିଷ୍କ୍ରିୟ । ତେଣୁ ସେ ଧର୍ମାଧର୍ମ ଆଚରଣ କରିବାରେ ସାଧକ ବା ବାଧକ ହୋଇପାରେ ନାହିଁ । କିନ୍ତୁ ତୁମେ ହିଁ ହେଉଛ

କଳିଯୁଗର ମୂର୍ତ୍ତିମନ୍ତରୂପ । ପ୍ରକୃତରେ କଳିଯୁଗର ଯଦି କର୍ତ୍ତୃତ୍ୱ ଥାଆନ୍ତା, ତେବେ ଏ କଳିଯୁଗରେ ଦୁନିଆଁରେ କେହି ଜଣେ ମଧ୍ୟ ଧାର୍ମିକ ହୋଇପାରନ୍ତେ ନାହିଁ । ଧର୍ମାଧର୍ମ ମନୁଷ୍ୟର ସ୍ୱଭାବ ସିଦ୍ଧ ନୁହେଁ । କେବଳ ସଙ୍ଗ ଦୋଷରୁ ହିଁ ଧର୍ମାଧର୍ମ ଜ୍ଞାନ ଉଦ୍ରେକ ହୁଏ ।

ଜିଜ୍ଞାସୁ ସମ୍ପ୍ରଦାୟୀମାନଙ୍କୁ ଏସବୁ କଥା କହିବାପରେ ଆପ୍ତବିଦ୍ୱାନଙ୍କ ନିକଟକୁ ଯାଇ କହିଲେ····· ମହାରାଜ ! ସତରେ ଆପଣ ହିଁ ମୋତେ ଉଦ୍ଧାର କଲେ । ନତୁବା ମୁଁ ମଧ୍ୟ କୌଣସି ନା କୌଣସି ସମ୍ପ୍ରଦାୟୀର ଭ୍ରମଜାଲରେ ପଡି ବିନଷ୍ଟ ହୋଇଯାଇଥାନ୍ତି । ବର୍ତ୍ତମାନ ମୁଁ ମଧ୍ୟ ସେହି ପାଷାଣ୍ଡମାନଙ୍କ ମତକୁ ଖଣ୍ଡନ କରି ବେଦୋକ୍ତ ସତ୍ୟଧର୍ମର ପ୍ରଚାର ପ୍ରସାର କରିବି ।

ଆପ୍ତବିଦ୍ୱାନ୍- ତାହାହିଁ ମନୁଷ୍ୟମାନଙ୍କର ବିଶେଷକରି ବ୍ରହ୍ମଚାରୀ ଓ ସନ୍ନ୍ୟାସୀମାନଙ୍କର ପରମ କର୍ତ୍ତବ୍ୟ । ସେମାନେ ସର୍ବଦା ସତ୍ୟର ପ୍ରଚାର ଏବଂ ଅସତ୍ୟର ଖଣ୍ଡନ କରି ସତ୍ୟୋପଦେଶ ପ୍ରଦାନ ପୂର୍ବକ ଜନସମାଜକୁ ଯଥାର୍ଥ ଦିଗ୍‌ଦର୍ଶନ ଦେବା ଆବଶ୍ୟକ ।

ପ୍ରଶ୍ନ- ବର୍ତ୍ତମାନ ଯେଉଁ ବ୍ରହ୍ମଚାରୀ ଓ ସନ୍ନ୍ୟାସୀମାନେ ଅଛନ୍ତି ସେମାନେ ଠିକ୍ କି ନା ?

ଉତ୍ତର- ଏହି ଆଶ୍ରମ ତ ଠିକ୍ । କିନ୍ତୁ ଆଜିକାଲି ଏ ସବୁରେ ମଧ୍ୟ ଅନେକ କିଛି ଅନାଚାର ଦେଖିବାକୁ ମିଳୁଛି । ଅନେକଲୋକ ନାମମାତ୍ରକ ବ୍ରହ୍ମଚାରୀ ବୋଲାଉଛନ୍ତି । ଏପରିକି ମିଛରେ ଜଟା,ଦାଢୀରଖି,ନିଜକୁ ସିଦ୍ଧ ବୋଲି କହି ପରିଚୟ ଦିଅନ୍ତି । ଜପ- ପୁରଶ୍ଚରଣାଦିରେ ବ୍ୟାପୃତ ରହନ୍ତି । ବିଦ୍ୟାଧ୍ୟୟନର ନାମଗନ୍ଧ ପୁଛା ଧାର ଧରନ୍ତି ନାହିଁ । ଯେଉଁ କାରଣରୁ ବ୍ରହ୍ମଚାରୀ ବୋଲାଇଥାନ୍ତି, ସେହି 'ବ୍ରହ୍ମ'ଅର୍ଥାତ୍ ବେଦାଧ୍ୟୟନପାଇଁ ମୋଟେ ଦୃଷ୍ଟି ଦିଅନ୍ତି' ନାହିଁ । ତେଣୁ ସେପରି ବ୍ରହ୍ମଚାରୀମାନେ ଛେଳିଗଳାର ସ୍ତନପରି ନିରର୍ଥକ ହୋଇଥାନ୍ତି । ଯେଉଁ ସନ୍ନ୍ୟାସୀମାନେ ବିଦ୍ୟାହୀନ ହୋଇ କେବଳ ଦଣ୍ଡ କମଣ୍ଡଳୁ ଧରି ଭିକ୍ଷାପାଇଁ ସର୍ବତ୍ର ଭ୍ରମଣ କରନ୍ତି, ବେଦମାର୍ଗର ଉନ୍ନତି କରନ୍ତି ନାହିଁ, ବିଦ୍ୟାଧ୍ୟୟନ ପ୍ରତି ବିମୁଖ ହୋଇ ଛୋଟ ସମୟରୁ ସନ୍ନ୍ୟାସୀ ହୋଇଯାଆନ୍ତି ସେମାନଙ୍କୁ ପ୍ରକୃତ ସନ୍ନ୍ୟାସୀ ବୋଲି କୁହାଯିବ ନାହିଁ । ସେପରି ବ୍ରହ୍ମଚାରୀ ଓ ସନ୍ନ୍ୟାସୀ ଇତସ୍ତତଃ ଭ୍ରମଣ କରି ଜଳ ସ୍ଥଳାଦି ତୀର୍ଥ ଦର୍ଶନ ଓ କାଷ୍ଠ ପାଷାଣାଦି ମୂର୍ତ୍ତି ପୂଜନ କରିଥାନ୍ତି । କେହି କେହି ବିଦ୍ୟା ଜାଣିଥିଲେ ମଧ୍ୟ ପ୍ରଚାର

ନ କରି ନୀରବରେ ବସି ରହନ୍ତି । ଏକାନ୍ତ ସ୍ଥାନରେ ଯଥେଷ୍ଟ ଖାଇପିଇବ୍ୟର୍ଥ ସମୟ ନଷ୍ଟ କରନ୍ତି । ଈର୍ଷା ଦ୍ୱେଷରେ ବୁଡିରହି ବାଦ ବିବାଦ କରନ୍ତି, ପରସ୍ପର ନିନ୍ଦା ଓ କୁଚେଷ୍ଟା କରନ୍ତି । ଗୈରିକ ବସ୍ତ୍ର ଓ ଦଣ୍ଡଗ୍ରହଣ କଲାମାତ୍ରେ ନିଜକୁ କୃତକୃତ୍ୟ ଓ ସର୍ବଶ୍ରେଷ୍ଠ ବୋଲି ବିବେଚନା କରିଥାନ୍ତି । ଉତ୍ତମ କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତି ନାହିଁ । ଏପରି ସନ୍ନ୍ୟାସୀମାନେ ମଧ୍ୟ ଜଗତରେ ବ୍ୟର୍ଥ ଜୀବନ ଯାପନ କରିଥାନ୍ତି । କିନ୍ତୁ ଯେଉଁମାନେ ଜଗତର ହିତ ସାଧନ କରନ୍ତି ସେହିମାନେ ହିଁ ପ୍ରକୃତ ସନ୍ନ୍ୟାସୀ ।

ପ୍ରଶ୍ନ- ଗିରୀ,ପୁରୀ ଓ ଭାରତୀ ପ୍ରଭୃତି ଗୋସାଇଁମାନେ ତ ଭଲ ? କାରଣ ଏମାନେ ମଣ୍ଡଳୀ ବାନ୍ଧି ସର୍ବଦା ଭ୍ରମଣ କରନ୍ତି । ଶହ ଶହ ସାଧୁଙ୍କୁ ଆନନ୍ଦ ଦିଅନ୍ତି ଓ ଅଦ୍ୱୈତ ବେଦାନ୍ତମତ ପ୍ରଚାର କରନ୍ତି, କିଛି ପଢାଶୁଣା କରି ଲୋକଙ୍କୁ ଶିକ୍ଷା ମଧ୍ୟ ଦିଅନ୍ତି । ଅତଏବ ନିଶ୍ଚୟ ଏମାନେ ଭଲ ହୋଇଥିବେ ?

ଉତ୍ତର- ଏମାନେ ସମସ୍ତେ ଏହି ଦଶନାମକୁ ପଛରେ କଳ୍ପନା କରିଛନ୍ତି । ଏଣୁ ତାହା ସନାତନ ନୁହେଁ । କେବଳ ଭୋଜନପାଇଁ ଏମାନଙ୍କ ମଣ୍ଡଳୀ ଉଦ୍ଦିଷ୍ଟ । ଅନେକ ସାଧୁ କେବଳ ଭୋଜନ ସକାଶେ ମଣ୍ଡଳୀରେ ଯୋଗଦାନ କରନ୍ତି । ଏମାନେ ଅତ୍ୟନ୍ତ ଅଭିମାନୀ ଅଟନ୍ତି । ସେମାନଙ୍କ ମଧ୍ୟରୁ ମୁଖ୍ୟ ବ୍ୟକ୍ତି ଜଣକୁ ମହନ୍ତ କରନ୍ତି । ସନ୍ଧ୍ୟା ସମୟରେ ସେହି ମହନ୍ତଙ୍କୁ ଗାଦିରେ ବସାଇ ଦିଅନ୍ତି । ସମସ୍ତ ବ୍ରାହ୍ମଣ ଓ ସାଧୁ ପ୍ରଭୃତି ସେହି ମହନ୍ତଙ୍କ ସମ୍ମୁଖରେ ଛିଡ଼ା ହୋଇ ହାତରେ ପୁଷ୍ପାଞ୍ଜଳି ଧରି ବୋଲିଥାନ୍ତି·········

ନାରାୟଣଂ ପଦ୍ମଭବଂ ବଶିଷ୍ଠଂ ଶକ୍ତିଂଚ ତତପୁତ୍ର ପରାଶରଂଚ ।
ବ୍ୟାସଂ ଶୁକଂ ଗୌଡପଦଂ ମହାନ୍ତମ୍ ॥ (ପୁଷ୍ପାଞ୍ଜଳି)

ଏସବୁ ଶ୍ଳୋକ ପାଠକରି,ହରହର ଶବ୍ଦ ଉଚ୍ଚାରଣ ପୂର୍ବକ ତାଙ୍କ ଉପରେ ପୁଷ୍ପ ବୃଷ୍ଟିକରି ତାହାଙ୍କୁ ସାଷ୍ଟାଙ୍ଗ ନମସ୍କାର କରନ୍ତି । ଯେଉଁମାନେ ଏପରି କରନ୍ତି ନାହିଁ, ସେମାନେ ସେଠାରେ ରହିପାରନ୍ତି ନାହିଁ । ସଂସାରକୁ ଦେଖାଇବାପାଇଁ ସେମାନେ ଏପରି ଅଭିମାନ ପ୍ରକାଶ କରିଥାଆନ୍ତି । ଏହାଦ୍ୱାରା ସେମାନେ ପ୍ରତିଷ୍ଠିତହୋଇ ବହୁ ପରିମାଣରେ ଧନ ସଂଗ୍ରହ କରନ୍ତି । ପୁଣି କେତେକ ମଠାଧୀଶ ମହନ୍ତ ଗୃହସ୍ଥ ହୋଇଥିଲେ ମଧ୍ୟ ସନ୍ନ୍ୟାସୀର ଅଭିମାନ କରନ୍ତି । ସେମାନେ କୌଣସି ହିତସାଧନ କରନ୍ତି ନାହିଁ । ପଞ୍ଚମ ସମୁଲ୍ଲାସରେ

ସନ୍ନ୍ୟାସୀମାନଙ୍କ ସମ୍ପର୍କରେ ଯାହା ଉଲ୍ଲେଖ କରାଯାଇଛି ତାହାହିଁ ହେଉଛି ସେମାନଙ୍କ କର୍ତ୍ତବ୍ୟ କର୍ମ । ଏମାନେ ସେସବୁ କର୍ମ ନକରି ବ୍ୟର୍ଥ ସମୟ ନଷ୍ଟ କରନ୍ତି । ଦୈବାତ୍ କେହି ଯଦି ଉତ୍ତମ ଉପଦେଶ ଦିଏ, ତେବେ ତାର ତୀବ୍ର ବିରୋଧ କରନ୍ତି । ଏମାନଙ୍କମଧ୍ୟରୁ ଅନେକ ଭସ୍ମ ଓ ରୁଦ୍ରାକ୍ଷ ଧାରଣ କରନ୍ତି, ଏବଂ ନିଜକୁ ଶୈବ ବା ବୈଷ୍ଣବ ବୋଲି ପରିଚୟ ଦେଇ ଅହମିକା ପ୍ରକାଶ କରିଥାନ୍ତି । ଏମାନେ କେବେ ଯଦି ଶାସ୍ତ୍ରାର୍ଥ କରନ୍ତି ତେବେ ନିଜମତ ଅର୍ଥାତ୍ ଶଙ୍କରାଚାର୍ଯ୍ୟଙ୍କ ମତକୁ ଉପସ୍ଥାପନକରି ଚକ୍ରାଙ୍କିତ ପ୍ରଭୃତିର ଖଣ୍ଡନରେ ପ୍ରବୃତ୍ତ ହୁଅନ୍ତି । ପାଖଣ୍ଡ ମାର୍ଗର ଖଣ୍ଡନ କରନ୍ତି ନାହିଁ କି ବେଦମାର୍ଗର ଉନ୍ନତି ସମ୍ପର୍କରେ ମୋଟେ ଧ୍ୟାନ ଦିଅନ୍ତି ନାହିଁ । ଏହିସନ୍ନ୍ୟାସୀମାନେ ବିଚାର କରିଥାନ୍ତି ଆମେ ହେଉଛୁ ମହାତ୍ମା, ତେଣୁ କୌଣସି ମତର ଖଣ୍ଡନମଣ୍ଡନରେ ଆମର ପ୍ରୟୋଜନ ନାହିଁ । ଏପରି ଲୋକେ ମଧ୍ୟ ସଂସାରର ଭାର ସଦୃଶ ଅଟନ୍ତି । ସେମାନଙ୍କ ଏପରି ଉଦାସୀନତା କାରଣରୁ ଆର୍ଯ୍ୟାବର୍ତ୍ତରେ ବେଦମାର୍ଗବିରୋଧୀ ବାମମାର୍ଗୀ ପ୍ରଭୃତି ସମ୍ପ୍ରଦାୟୀ, ଖ୍ରୀଷ୍ଟିୟାନ୍, ମୁସଲମାନ୍, ଜୈନମାନଙ୍କର ଅଭ୍ୟୁତ୍ଥାନ ହେଲା । ତାହା ପୁଣି ଉତ୍ତରୋତ୍ତର ବୃଦ୍ଧି ପାଇବାରେ ଲାଗିଛି । ଏମାନେ ନଷ୍ଟ ହୋଇଯାଉଛନ୍ତି, ତଥାପି ଏମାନଙ୍କର ନିଦ ଭାଙ୍ଗୁନାହିଁ । ନିଦ ଭାଙ୍ଗିବ କିପରି ? ଯେପରି ହେଲେ ତାଙ୍କ ମନରେ ପରୋପକାର କରିବାର ବୁଦ୍ଧି ଓ କର୍ତ୍ତବ୍ୟ କର୍ମ କରିବାର ଉତ୍ସାହ ସୃଷ୍ଟି ହେବ ! କିନ୍ତୁ ସେମାନଙ୍କର ଭୋଜନପାନ ଭୋଗବିଳାସ କରିବା, ପୁଣି ଆତ୍ମପ୍ରତିଷ୍ଠା ବଢ଼ାଇବା ବ୍ୟତୀତ ଅନ୍ୟ ବିଷୟରେ ମୋଟେ ଧ୍ୟାନ ନଥାଏ । ଏହି ପାର୍ଥିବ ସୁଖ ନ ହେଲେ ଜନସାଧାରଣ ତାଙ୍କୁ ନିନ୍ଦାକରିବେ ବୋଲି ସେମାନଙ୍କର ଭାରି ଭୟ । ସନ୍ନ୍ୟାସୀମାନଙ୍କର ଲୋକୈଷଣା ଅର୍ଥାତ୍ ଲୋକଙ୍କମଧ୍ୟରେ ପ୍ରତିଷ୍ଠା ଲାଭକରିବା,ବିତ୍ତୈଷଣା-ଧନବୃଦ୍ଧିପାଇଁ ଯତ୍ନଶୀଳ ହେବା, ପୁତ୍ରୈଷଣା-ଶିଷ୍ୟମାନଙ୍କଠାରେ ପୁତ୍ରପରି ମାୟା ମମତା ରଖିବା ଏହି ତିନି ଏଷଣାକୁ ସର୍ବାଦୌ ପରିତ୍ୟାଗ କରିବା ଆବଶ୍ୟକ । ଏହି ଏଷଣାକୁ ଦୂର ନ କରିବା ପର୍ଯ୍ୟନ୍ତ ସନ୍ନ୍ୟାସୀ ହେବାରେ କୌଣସି ଲାଭ ନାହିଁ । ପକ୍ଷପାତ ରହିତହୋଇ ବେଦ ମାର୍ଗୋପଦେଶଦ୍ୱାରା ଜଗତର କଲ୍ୟାଣ ସାଧନରେ ଅହର୍ନିଶ ପ୍ରବୃତ୍ତହେବା ସନ୍ନ୍ୟାସୀମାନଙ୍କର ପରମ କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ କର୍ମରେ ଯଦି ସେମାନେ ମନୋନିବେଶ କରୁନାହାନ୍ତି ତେବେ ସନ୍ନ୍ୟାସୀ ହେବାରେ କୌଣସି ପ୍ରକାର ଲାଭ ନାହିଁ ।

ଗୃହସ୍ଥ ଯେପରି ନିଜର ସ୍ୱାର୍ଥ ସାଧନ ସକାଶେ ଅତ୍ୟନ୍ତ ପରିଶ୍ରମକରି ବ୍ୟବସାୟାଦି କରେ, ସେପରି ସନ୍ନ୍ୟାସୀମାନେ ଯଦି ଅଧିକରୁ ଅଧିକ ପରିଶ୍ରମ କରି ଜଗତର ଉପକାର କରିବାରେ ତତ୍ପର ରହନ୍ତି, ତେବେ ପ୍ରତ୍ୟେକ ଆଶ୍ରମର ଅଭ୍ୟୁଦୟ ହେବ । ଦେଖ, ତୁମ ଆଗରେ ପାଖଣ୍ଡମତ ବୃଦ୍ଧିପାଇବାରେ ଲାଗିଛି, ଏପରିକି ଲୋକେ ଅବିଚାରିତ ଭାବେ ଖ୍ରୀଷ୍ଟିୟାନ୍, ମୁସଲମାନ୍ ହୋଇ ଯାଉଛନ୍ତି, ତେବେ ମଧ୍ୟ ତୁମର ସଦ୍‌ବୁଦ୍ଧି ଜାତ ହେଉନାହିଁ ? ତୁମେ ତୁମ ଘରଲୋକଙ୍କୁ ରକ୍ଷାକରିବାରେ ଅନ୍ୟଲୋକଙ୍କୁ ବେଦମାର୍ଗକୁ ଆଣିବାରେ ସାମାନ୍ୟତମ ଚେଷ୍ଟା କରୁନାହଁ । ଚେଷ୍ଟାକଲେ ତୁମଦ୍ୱାରା ଏକାମ ସୁନ୍ଦରଭାବେ ହୋଇ ପାରିବ । ଯେପର୍ଯ୍ୟନ୍ତ ବର୍ତ୍ତମାନ ହେଉ ବା ଭବିଷ୍ୟତରେ ହେଉ ସନ୍ନ୍ୟାସୀମାନେ ଉନ୍ନତିଶୀଳ ହେବେ ନାହିଁ, ସେ ପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତ ତଥା ଅନ୍ୟାନ୍ୟ ଦେଶରେ ବସବାସ କରୁଥିବା ଲୋକଙ୍କର ଉନ୍ନତି କଦାପି ହୋଇପାରିବନାହିଁ । ଯଦି ବେଦାଦି ସତ୍‌ଶାସ୍ତ୍ରର ପଠନ-ପାଠନ, ବ୍ରହ୍ମଚର୍ଯ୍ୟାଦି ଆଶ୍ରମର ଯଥାଯୋଗ୍ୟ ଅନୁଷ୍ଠାନ ଓ ସତ୍ୟୋପଦେଶମାନ ପ୍ରଦାନ କରାଯିବ, ତେବେ ଯାଇ ଦେଶର ଉନ୍ନତି ସମ୍ଭବ ହେବ । ମନେରଖ ଯେ, ଦେଶରେ ଅନେକ ପାଖଣ୍ଡ ଧର୍ମ ଖୋଲିଛି, ସେସବୁ ତୁମ୍ଭେମାନେ ଦେଖୁଛ,ଜାଣୁଛ,ତଥାପି ନୀରବ ରହୁଛ । ଯେପରି କୌଣସି ଅର୍ଥଲୋଭୀ ସାଧୁ ପୁତ୍ରସନ୍ତାନ ଦେବାପାଇଁ ନିଜକୁ ସିଦ୍ଧ ପୁରୁଷ ବୋଲି ଡିଣ୍ଡିମ ପିଟୁଛନ୍ତି । ତାଙ୍କର ସେହି ମନଲୋଭା କଥାରେ ପଡ଼ି ଅନେକ ସ୍ତ୍ରୀଲୋକ ତାଙ୍କ ନିକଟକୁ ଯାଇ ହାତ ଯୋଡି ପୁତ୍ରସନ୍ତାନପାଇଁ ଆଶୀର୍ବାଦ ଭିକ୍ଷା କରୁଛନ୍ତି । ସାଧୁ କାହାକୁ ନିରାଶ ନ କରି ସମସ୍ତଙ୍କୁ ପୁତ୍ର ହେବାପାଇଁ ଆଶୀର୍ବାଦ ଦେଉଛନ୍ତି । ଦୈବାତ୍ ସେମାନଙ୍କ ମଧ୍ୟରୁ କେତେଜଣଙ୍କର ପୁତ୍ରସନ୍ତାନ ଯଦି ଜାତ ହୁଅନ୍ତି ତେବେ ସେମାନେ ବିଚାରନ୍ତି ସାଧୁଙ୍କ ଆଶୀର୍ବାଦରୁ ଆମେ ପୁତ୍ରବତୀ ହେଲୁ । କିନ୍ତୁ ସେମାନଙ୍କୁ ପଚାରିବା ଉଚିତ ଯେ ମାଈ ଘୁଷୁରୀ,କୁକୁରୀ ଗାଈ ଗଧ ଓ ମାଈକୁକୁଡା ଯେଉଁଛୁଆ ଦେଉଛନ୍ତି ସେମାନେ କେଉଁ ସାଧୁଙ୍କର ଆଶୀର୍ବାଦ ଲାଭ କରିଥାନ୍ତି ? ଏହାର ଉତ୍ତର ସେମାନେ ଦେଇପାରିବେ ନାହିଁ । କେତେକ ସାଧୁ କହନ୍ତି ମୃତ ବାଳକକୁ ଆମେ ବଞ୍ଚାଇଦେବୁ । ଜ୍ଞାନହୀନ ଲୋକେ ସେହି ସାଧୁମାନଙ୍କ ପ୍ରବଞ୍ଚନାକୁ ବିଶ୍ୱାସ କରନ୍ତି । ତାଙ୍କୁ ପଚାରିବା ଉଚିତ ଯେ, ତୁମେ ନିଜେ ମରିବ କି ନାହିଁ ? ଏହାର ଉତ୍ତର ମଧ୍ୟ ସେମାନେ କଦାପି

ଦେଇପାରନ୍ତି ନାହିଁ । କେତେକ ଧୂର୍ତ୍ତ ସାଧୁ ଏପରି ମାୟାଜାଲ ରଚନା କରନ୍ତି ଯେ, ଅତ୍ୟନ୍ତ ଚତୁର ଲୋକେ ମଧ୍ୟ ସେମାନଙ୍କ ମାୟାଜାଲରେ ଅତି ସହଜରେ ପଡ଼ିଯାଆନ୍ତି । ଧନହାରୀ ଠକମାନଙ୍କ କଥା ଦେଖ ! ସେମାନେ ପାଞ୍ଚ ସାତ ଜଣଲୋକ ମିଶି ଦୂର ଦେଶକୁ ଯାଆନ୍ତି । ସେମାନଙ୍କ ମଧ୍ୟରେ ଯେଉଁ ଲୋକ ଅତ୍ୟନ୍ତ ହୃଷ୍ଟପୁଷ୍ଟ ଓ ସୁନ୍ଦର ଦେଖାଯାଏ, ତାକୁ ସେମାନେ ମୁଖ୍ୟ କରନ୍ତି । ଯେଉଁ ସହର ବା ଗାଆଁରେ ଧନଶାଳୀ ବ୍ୟକ୍ତି ଥାଆନ୍ତି, ସେହି ସହର ବା ଗାଆଁ ନିକଟରେ ଥିବା ପାହାଡ ବା ଜଙ୍ଗଲରେ ସେହି ମୁଖ୍ୟଙ୍କୁ ବସାଇଦେଇ ସହରକୁ ଯାଆନ୍ତି । ନିଜେ କିଛି ଜାଣି ନ ଥିଲା ପରି ରାସ୍ତାଘାଟରେ ଯେଉଁମାନଙ୍କୁ ଦେଖନ୍ତି ସେମାନଙ୍କୁ ପଚାରନ୍ତି----- ଏପରି ଜଣେ ମହାତ୍ମାଙ୍କୁ ତୁମେ ଏଠି କେଉଁଠି ଥିବାର ଦେଖିଛ କି ଜାଣିଛ କି ? ସେତେବେଳେ ଲୋକେ କୌତୁହଳୀ ହୋଇ ପଚାରନ୍ତି ସେ ମହାତ୍ମା କିଏ ? କିପରି ଅଟନ୍ତି ? ଏହାର ଉତ୍ତରରେ କହନ୍ତି, ବଡ଼ ସିଦ୍ଧ ପୁରୁଷ,ମନର କଥା କହିଦିଅନ୍ତି, ଯାହାକୁ ଯାହା କହନ୍ତି ତାହା ଫଳଦାୟକ ହୁଏ । ସେ ଜଣେ ସିଦ୍ଧ ସାଧକ । ତାଙ୍କୁ ଦର୍ଶନ କରିବାପାଇଁ ଆମ୍ଭେମାନେ ବହୁଦୂରରୁ ଆସିଅଛୁଁ । ଆମ୍ଭେମାନେ ଶୁଣିଛୁଁ, ସେହି ମହାତ୍ମା ଆପଣଙ୍କ ଅଞ୍ଚଳକୁ ଆସିଛନ୍ତି । ଏପରି ଲୋଭନୀୟ କଥାଶୁଣି ଅନେକଲୋକ କହନ୍ତି ତୁମ୍ଭେମାନେ ସେହି ମହାତ୍ମାଙ୍କ ଦର୍ଶନ ପାଇଲେ ଆମକୁକହିବ । ଆମେ ମଧ୍ୟ ଯାଇ ତାଙ୍କୁ ଦର୍ଶନ କରିବୁ । ପୁଣି ମନର କଥା ପଚାରିବୁ । ସେମାନେ ଲୋକଙ୍କୁ ଏପରି କହି କହିକା ଦିନସାରା ସହରରେ ଏଣେତେଣେ ବୁଲନ୍ତି । ରାତି ହେବା ମାତ୍ରକେ ସିଦ୍ଧ ପୁରୁଷ ଓ ତାଙ୍କ ସାଧକମାନେ ସମସ୍ତେ ଏକତ୍ରିତ ହୁଅନ୍ତି । ଇଚ୍ଛାନୁସାରେ ଖାଇପିଇ ଆନନ୍ଦରେ ରାତିଟି କଟାଇ ଦିଅନ୍ତି । ପୁଣି ବଡ଼ି ଭୋରରୁ ଉଠି ସେହି ସାଧକମାନେ ପ୍ରଚାରପାଇଁ ସହରକୁ ବୁଲିଯାଆନ୍ତି । ଏପରି ଭାବେ ଦୁଇ ଚାରିଦିନ ଜୋର୍‌ରେ ପ୍ରଚାର କଲାପରେ ସେହି ସାଧକମାନେ ଧନଶାଳୀ ପ୍ରତିଷ୍ଠିତ ଲୋକମାନଙ୍କ ନିକଟକୁ ଯାଇ କହନ୍ତି- ବହୁକଷ୍ଟରେ ସେହି ମହାତ୍ମାଙ୍କ ଦର୍ଶନ ଆମେ ପାଇ ପାରିଛୁ । ଯଦି ଆପଣ ଚାହାନ୍ତି ତେବେ ଆମେ ତାଙ୍କୁ ଦର୍ଶନ କରାଇଦେବୁ । କୌଣସି ଧନୀ ଯିବାକୁ ଇଚ୍ଛାକଲେ ତେବେ ତାହାଙ୍କୁ ସେହି ଧୂର୍ତ୍ତସାଧକମାନେ କଥାଛଳରେ ପଚାରନ୍ତି, ସେହି ମହାତ୍ମାଙ୍କୁ ତୁମେ କଣ ପଚାରିବାକୁ ଚାହୁଁଛ ? କିଏ ପୁତ୍ର,କିଏ ଧନ, କିଏ ରୋଗ ନିବାରଣ, କିଏ ଶତ୍ରୁର ବିନାଶ ଇଚ୍ଛା କରନ୍ତି

। ତାପରେ ତାଙ୍କୁ ମହାତ୍ମାଙ୍କ ନିକଟକୁ ନେଇଯାଆନ୍ତି । ସେହି ସିଦ୍ଧପୁରୁଷ ଓ ସାଧକମାନଙ୍କମଧ୍ୟରେ ସଙ୍କେତ ଅନୁସାରେ ସାଧକମାନେ ସେହି ଧନୀଲୋକମାନଙ୍କୁ ନେଇ ମହାତ୍ମାଙ୍କ ପାଖରେ ବସାଇ ଦିଅନ୍ତି । ଅର୍ଥାତ୍ ଯାହାର ଧନ ଇଚ୍ଛା ତାକୁ ଡାହାଣ ପାଖରେ,ପୁତ୍ରେଚ୍ଛୁ ଲୋକକୁ ସମ୍ମୁଖରେ, ରୋଗ ନିବାରଣକାରୀଙ୍କୁ ବାମ ଭାଗରେ ,ଶତ୍ରୁ ବିନାଶକର୍ତ୍ତାଙ୍କୁ ପଛପଟରୁ ଆଣି ଆଗରେ ଥିବା ଲୋକଙ୍କ ମଧ୍ୟରେ ବସାଇ ଦିଅନ୍ତି । କୌଣସି ଦର୍ଶକ ନମସ୍କାର କରିବାମାତ୍ରେ ସିଦ୍ଧ ପୁରୁଷ ନିଜର ସିଦ୍ଧିରେ ଗର୍ବିତ ହୋଇ ବଡ଼ ପାଟିରେ କହେ ଆମ ପାଖରେ ପୁତ୍ରରଖାଯାଇ ନାହାନ୍ତି କାହିଁକି ପୁତ୍ର କାମନାରେ ଆସିଛୁ ? ଧନ ଇଚ୍ଛୁକକୁ କହେ----- ତୁ ଧନ ଇଚ୍ଛାକରି ଆସିଛୁ, ଆମେତ ଫକୀର, ଆମ ପାଖରେ ଧନ କେଉଁଠୁ ଆସିବ ? ରୋଗୀକୁ କହେ----- ଆମେ କଣ ବୈଦ୍ୟ ଯେ ରୋଗ ନିବାରଣ କରିବାକୁ ତୁ ଆମପାଖକୁ ଆସିଛୁ ? କୌଣସି ବୈଦ୍ୟଙ୍କ ପାଖକୁ ଯାଅ । ସେତେବେଳେ ସେହି ସାଧକମାନେ କେତେକ ସଙ୍କେତ ଦେଖାଇ ଦିଅନ୍ତି । ଯଥା- ଦର୍ଶକର ପିତା ରୋଗୀ ଥିଲେ---- ବୃଦ୍ଧାଙ୍ଗୁଳି,ମାତାଥିଲେ ତର୍ଜନୀ, ଭାଇଥିଲେ ମଧ୍ୟମା, ଯଦି ସ୍ତ୍ରୀ ଥାଏ ଅନାମିକା, କନ୍ୟାଥିଲେ କନିଷ୍ଠାଙ୍ଗୁଳି ଦେଖାଇ ଦିଅନ୍ତି । ସେହି ସଙ୍କେତକୁ ଦେଖି ସିଦ୍ଧପୁରୁଷ ପିତା, ମାତାଙ୍କର ରୋଗ ହୋଇଛି ବୋଲି କହିଦିଅନ୍ତି । ଏହା ଶୁଣି ଦର୍ଶକ ଆଶ୍ଚର୍ଯ୍ୟାନ୍ୱିତ ହୋଇ ସମ୍ପୂର୍ଣ୍ଣଭାବେ ତାଙ୍କୁ ବିଶ୍ୱାସ କରେ । ସୁଯୋଗ ଦେଖି ସାଧକମାନେ ତାଙ୍କୁ କହନ୍ତି------ ଆମେ ଯେପରି କହିଥିଲୁ ଏ ମହାତ୍ମା ସେପରି ଅଟନ୍ତି ନା ନୁହନ୍ତି ? ଗୃହସ୍ଥ କୃତକୃତ୍ୟ ହୋଇ କହେ ଯେପରି କହିଥିଲ ଠିକ୍ ସେହିପରି । ତୁମେ ଆମର ଅନେକ ଉପକାର କଲ । ଆମର ବହୁତ ବଡ଼ ସୌଭାଗ୍ୟ । ମହାତ୍ମାଙ୍କ ଦର୍ଶନରେ ଆମେ କୃତାର୍ଥ ହେଲୁ । ତାପରେ ସାଧକମାନେ କହନ୍ତି----- ଏ ମହାତ୍ମା ହେଉଛନ୍ତି ମନୋଗାମୀ । ଏଠି ବେଶୀ ଦିନ ରହିବେ ନାହିଁ । ଆଶୀର୍ବାଦ ପାଇବାକୁ ଇଚ୍ଛାଥିଲେ ଶୀଘ୍ର ନିଜର ଶକ୍ତିସାମର୍ଥ୍ୟ ଅନୁଯାୟୀ ଏହାଙ୍କର ସେବାକର । ତଦ୍ୱାରା ତୁମର ଅନେକ କିଛି ଲାଭ ହେବ । ତାଙ୍କର ମହିମା ଅପାର, ସେ ପ୍ରସନ୍ନ ହେଲେ ସବୁ କିଛି ଦେଇପାରିବେ । ସାଧକମାନଙ୍କ ଏପରି ଚାତୁର୍ଯ୍ୟପୂର୍ଣ୍ଣ କଥା ଶୁଣି ଆନନ୍ଦରେ ଅଧୀର ହୋଇ ସେମାନଙ୍କୁ ପ୍ରଶଂସା କରନ୍ତି । ଦର୍ଶକମାନେ ଘରକୁ ଫେରିବା ସମୟରେ ରାସ୍ତାରେ ନିଜର ଯେଉଁ ବନ୍ଧୁବାନ୍ଧବମାନଙ୍କୁ ଦେଖନ୍ତି ସିଦ୍ଧପୁରୁଷଙ୍କ ମହିମା

ସଂପର୍କରେ ପ୍ରଶଂସା କରି କହିଥାନ୍ତି । ପରେ ସେହି ମହାତ୍ମାଙ୍କର ମହିମା ଚାରିଆଡେ ପ୍ରଚାରିତ ହୋଇଯାଏ । ସମାଜରେ ଚହଳ ପଡିଯାଏ । ସମସ୍ତେ କହିଥାନ୍ତି, ବଡ ମହାତ୍ମା ଜଣେ ଆସିଛନ୍ତି, ଅମୁକଠାରେ ଅଛନ୍ତି, ଚାଲ ତାଙ୍କୁ ଦେଖିବାକୁ ଯିବା । ଯେତେବେଳେ ଦଳ ଦଳ ହୋଇ ଅନେକ ଲୋକ ଯାଇ ବହୁ ପ୍ରକାର ପ୍ରଶ୍ନ କରନ୍ତି, ସିଦ୍ଧ ଓ ସାଧକମାନଙ୍କ ଗୁପ୍ତ ସଂକେତ ଆଉ କାମ ଦିଏ ନାହିଁ । ତାପରେ ସିଦ୍ଧପୁରୁଷ କାହାକୁ କିଛି ନ କହି ତୁନି ହୋଇ ରହନ୍ତି । ପୁଣି କେବେ କହନ୍ତି ମୋତେ ତୁମ୍ଭେମାନେ ବିରକ୍ତ କରନା । ସାଧକମାନେ ମଧ୍ୟ ଲୋକଙ୍କୁ କହନ୍ତି ମହାତ୍ମାଙ୍କୁ ବିରକ୍ତ କରନାହିଁ । ଏପରି କଲେ ସେ ଚାଲିଯିବେ । ଦୈବାତ୍ କୌଣସି ଧନାଢ୍ୟ ବ୍ୟକ୍ତି ସାଧକକୁ ଏକାନ୍ତରେ କହେ, ଆମର ମନ କଥା କହିଦେଲେ ଆମେ ମହାତ୍ମାଙ୍କ କଥାରେ ବିଶ୍ୱାସ କରିବୁ । ସାଧକ କୌଶଳରେ ତାଙ୍କର ମନର କଥା ଅବଗତ ହୋଇ ତାଙ୍କୁ ନେଇ ପୂର୍ବ ସଙ୍କେତ ଅନୁସାରେ ବସାଇଦିଏ । ସିଦ୍ଧପୁରୁଷ ସଙ୍କେତରୁ ସମସ୍ତ ଜାଣି ତତ୍କ୍ଷଣାତ୍ ସେହି ଧନୀଲୋକକୁ ତାର ମନର କଥା କହିଦିଅନ୍ତି । ସେତେବେଳେ ଲୋକମାନେ ସେହି କଥାକୁ ଶୁଣି ବଡ଼ ସିଦ୍ଧ ମହାତ୍ମା ବୋଲି କହି ନିଜ ନିଜ ଶକ୍ତି ସାମର୍ଥ୍ୟାନୁସାରେ ଟଙ୍କା, ସୁନା, ଲୁଗାପଟା, ଚାଉଳ,ଡାଲି,ଅଟା,ମିଠାଇ ପ୍ରଭୃତି ଦିଅନ୍ତି । ଲୋକଙ୍କଠାରୁ ଭକ୍ତି ଓ ଦକ୍ଷିଣା ମିଳୁଥିବା ପର୍ଯ୍ୟନ୍ତ ସାଧକମାନେ ଏପରି ଠକୁଥାଆନ୍ତି । ଏପରି ଅଜ୍ଞାନାନ୍ଧ ଧନବାନ୍ ଲୋକ ଅଛନ୍ତି ଯେଉଁମାନେ କି ହଜାର ହଜାର ଟଙ୍କା ମଧ୍ୟ ଦେଇଦିଅନ୍ତି । ତାକୁ ଭସ୍ମ ଟିକିଏ ଦେଇ ସିଦ୍ଧ ପୁରୁଷ କହନ୍ତି ତୋର ଯଦି ପ୍ରକୃତ ଭକ୍ତିଥାଏ ତେବେ ତୁ ପୁତ୍ର ପାଇବୁ । ଜଗତରେ ଏପରି ବିଭିନ୍ନ ପ୍ରକାରର ଠକ ଅଛନ୍ତି । ବୁଦ୍ଧିମାନ୍ ବିଦ୍ୱାନ୍ ଲୋକମାନେ କେବଳ ସେମାନଙ୍କୁ ପରୀକ୍ଷାକରି ସ   କିଛି ଜାଣି ପାରନ୍ତି । ଯେଉଁମାନେ ବେଦାଦି ବିଦ୍ୟା ପଢ଼ନ୍ତି, ସତ୍ସଙ୍ଗରେ ଯୋଗଦାନ କରନ୍ତି ସେମାନେ ଏହି ଠକମାନଙ୍କ ପାଲରେ ପଡ଼ନ୍ତି ନାହିଁ । ଯେଣୁ ଜ୍ଞାନ ହିଁ ମନୁଷ୍ୟର ' ବ୍ୟବସ୍ଥ,ବିଦ୍ୟାଶିକ୍ଷା ବ୍ୟତୀତ ଜ୍ଞାନୋଦୟ କଦାପି ହୁଏ ନାହିଁ । ବାଲ୍ୟକାଳରେ ଯେଉଁମାନେ ସତ୍ଶିକ୍ଷା ପାଆନ୍ତି ଓ ବିଦ୍ୟାର୍ଜନ କରନ୍ତି ସେମାନେ ପ୍ରକୃତ ବିଦ୍ୱାନ୍ ଓ ସତ୍ପୁରୁଷ ହୁଅନ୍ତି । ବିଦ୍ୟା ନ ପଢ଼ି କୁସଙ୍ଗରେ ପଡୁଥିବା ବ୍ୟକ୍ତି ମୂର୍ଖ,ଦୁଷ୍ଟ ଓ ପାପୀ ହୋଇ ଆଜୀବନ ଦୁଃଖଭୋଗ କରେ । କାରଣ ଜ୍ଞାନ ହେଉଛି ସର୍ବଶ୍ରେଷ୍ଠ । ଯାହାର ଜ୍ଞାନ ଅଛି ସେ ଏହାର ପ୍ରଭାବ ସ୍ୱୀକାର

କରେ । ଯଥା............

ନ ବେତ୍ତି ଯୋ ଯସ୍ୟ ଗୁଣ ପ୍ରକର୍ଷଂ ସ ତସ୍ୟ ନିନ୍ଦାଂ ସତତଂ କରୋତି ।
ଯଥା କିରାତୀ କରିକୁମ୍ଭଜାତା ମୁକ୍ତାଂ ପରିତ୍ୟଜ୍ୟ ବିଭର୍ତ୍ତି ଗୁଞ୍ଜାମ୍ ॥

(ଚାଣକ୍ୟନୀତି ୧୧-୮)

ଯେ ଯାହାର ଗୁଣ ଜାଣେ ନାହିଁ, ସେ ସବୁବେଳେ ତାକୁ ନିନ୍ଦା କରିଥାଏ । ଯେପରି ଶବରୀମାନେ ଗଜମୁକ୍ତାକୁ ପାଇ ମଧ୍ୟ ତାକୁ ପରିତ୍ୟାଗ କରି ଗୁଞ୍ଜାଫଳକୁ ଧାରଣ କରନ୍ତି । ସେହିପରି ଯେଉଁ ଲୋକ ବିଦ୍ୱାନ୍,ଜ୍ଞାନୀ,ଧାର୍ମିକ,ସତ୍ସଙ୍ଗୀ,ଯୋଗୀ,ପୁରୁଷାର୍ଥୀ ଜିତେନ୍ଦ୍ରିୟ ଓ ସୁଶୀଳ ହୋଇଥାଏ ସେ ଧର୍ମ,ଅର୍ଥ,କାମ ଓ ମୋକ୍ଷ ଲାଭକରି ଇହଜନ୍ମ ଓ ପରଜନ୍ମକୁ ସାର୍ଥକ କରିଥାଏ । ଏଠାରେ ଆର୍ଯ୍ୟାବର୍ତ୍ତନିବାସୀ ଲୋକମାନଙ୍କ ମତାମତ ବିଷୟ ସଂକ୍ଷେପରେ ଉଲ୍ଲେଖ କରାଗଲା । ଏହି ଆର୍ଯ୍ୟାବର୍ତ୍ତର କେତେକ ରାଜାଙ୍କ ସମ୍ବନ୍ଧରେ ଯେଉଁ ଇତିହାସ ମିଳିଛି, ସଜ୍ଜନମାନଙ୍କ ଅବଗତି ନିମନ୍ତେ ତାହା ନିମ୍ନରେ ଉଦ୍ଧାର କରାଯାଇଛି ।

ଆର୍ଯ୍ୟାବର୍ତ୍ତଦେଶର ରାଜା ମହାରାଜା ଯୁଧିଷ୍ଠିରଙ୍କଠାରୁ ଆରମ୍ଭକରି ଯଶପାଳଙ୍କ ପର୍ଯ୍ୟନ୍ତ ନାମ ଏଥିରେ ଉଲ୍ଲେଖ କରାଯାଇଛି । ଏହା ପୂର୍ବରୁ ଶ୍ରୀମାନ୍ ମହାରାଜ ସ୍ୱୟଂଭୁବ ମନୁଙ୍କଠାରୁ ମହାରାଜ ଯୁଧିଷ୍ଠିରଙ୍କ ପର୍ଯ୍ୟନ୍ତ ଇତିହାସ ମହାଭାରତ ଆଦିରେ ଲିପିବଦ୍ଧ ହୋଇଅଛି । ଏହାଦ୍ୱାରା ସଜ୍ଜନଗଣ ଯୁଧିଷ୍ଠିରଙ୍କ ପରବର୍ତ୍ତୀ ସମୟରୁ ଆର୍ଯ୍ୟାବର୍ତ୍ତର ଶାସକବର୍ଗଙ୍କ ବିଷୟରେ ଜାଣିପାରିବେ । ଏହି ବିଷୟ ବିଦ୍ୟାର୍ଥୀ ସମ୍ମିଳିତ 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା' ଓ 'ମୋହନ ଚନ୍ଦ୍ରିକା' ନାମକ ପାକ୍ଷିକ ପତ୍ରିକା ଶ୍ରୀନାଥଙ୍କଦ୍ୱାରା ପ୍ରକାଶିତ ହୋଇଥିଲା । ଯେଉଁ ରାଜପୁତାନା ମେବାଡ଼ ରାଜଉଦୟପୁର ଚିତୌରଗଡର ସମସ୍ତଙ୍କୁ ଜଣା । ଆମେ ଏସବୁକୁ ସେଇଥିରୁ ଅନୁବାଦ କରିଅଛୁ । ଯଦି ଏହିପରି ଭାବେ ଆମ୍ଭର ଆର୍ଯ୍ୟ ସଜ୍ଜନଗଣ ଇତିହାସ ଓ ବିଭିନ୍ନପୁସ୍ତକ ଅନୁସନ୍ଧାନକରି ପ୍ରକାଶ କରନ୍ତେ, ତେବେ-ଦେଶର ମହୋପକାର ସାଧିତ ହୁଅନ୍ତା । ସେହି ପତ୍ରିକାର ସଂପାଦକ ମହୋଦୟ ଜଣେ ମିତ୍ରଙ୍କଦ୍ୱାରା ସମ୍ବତ୍ ୧୭୮୨ରେ ଲେଖାଯାଇଥିବା ଏକ ପ୍ରାଚୀନ ପୁସ୍ତକରୁ ଏହା ସଂଗ୍ରହକରି ସମ୍ବତ୍ ୧୯୩୯ ମାର୍ଗଶୀର ଶୁକ୍ଳପକ୍ଷ ୧୯-୨୦ କିରଣ ଅର୍ଥାତ୍ ଦୁଇଟିଯାକ ପତ୍ରିକାରେ

ପ୍ରକାଶ କରିଥିଲେ । ଯଥା-

ଆର୍ଯ୍ୟାବର୍ତ୍ତଦେଶୀୟ ରାଜ ବଂଶାବଳୀ

ଇନ୍ଦ୍ରପ୍ରସ୍ଥରେ ଆର୍ଯ୍ୟଲୋକମାନେ ଶ୍ରୀମାନ୍ ମହାରାଜ ' ଯଶପାଳଙ୍କ ' ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଶ୍ରୀମାନ୍ ମହାରାଜ 'ଯୁଧିଷ୍ଠିର'ଙ୍କ ଠାରୁ ମହାରାଜ 'ଯଶପାଳ'ଙ୍କ ପର୍ଯ୍ୟନ୍ତ ଆନୁମାନିକ ଶହେ ଚବିଶଜଣ ରାଜା ୪୧୫୭ ବର୍ଷ ୯ ମାସ ୧୪ ଦିନ ପର୍ଯ୍ୟନ୍ତ ରାଜତ୍ୱ କରିଛନ୍ତି ।

ଏମାନଙ୍କର ବିବରଣୀ:-

ସଂଖ୍ୟା	ରାଜାମାନଙ୍କ ନାମ	ସଂଖ୍ୟା	ବର୍ଷ	ମାସ	ଦିନ
	ଆର୍ଯ୍ୟରାଜା	୨୧୪	୪୧୫୭	୯	୧୪
	ଶ୍ରୀମାନ୍ ମହାରାଜ ଯୁଧିଷ୍ଠିରଙ୍କ ବଂଶ ଅନୁମାନ୩୦ ପୁରୁଷ	୩୦	୧୭୭୦	୧୧	୧୦
୧-	ରାଜା ଯୁଧିଷ୍ଠିର	-	୩୬	୮	୨୫
୨-	ରାଜା ପରୀକ୍ଷିତ	-	୬୦	୦	୦
୩-	ରାଜା ଜନ୍ମେଜୟ	-	୮୪	୭	୨୩
୪-	ରାଜା ଅଶ୍ୱମେଧ	-	୮୨	୮	୨୨
୫-	ଦ୍ୱିତୀୟ ରାମ	-	୮୮	୨	୮
୬-	ଛତ୍ରମଲ	-	୮୧	୧୧	୨୭
୭-	ଚିତ୍ରରଥ	-	୭୫	୩	୧୮
୮-	ଦୁଷ୍ଟଶୈଲ୍ୟ	-	୭୫	୧୦	୨୪
୯-	ରାଜା ଉଗ୍ରସେନ	-	୭୮	୭	୨୧
୧୦-	ରାଜ ସୁରସେନ	-	୭୮	୭	୨୧
୧୧-	ଭୁବନ ପତି	-	୬୯	୫	୫
୧୨-	ରଣଜିତ୍	-	୬୫	୧୦	୪
୧୩-	ଋକ୍ଷକ	-	୬୪	୭	୪
୧୪-	ସୁଖଦେବ	-	୬୨	୦	୨୪
୧୫-	ନରହରି ଦେବ	-	୫୧	୧୦	୨
୧୬-	ସୁଚିରଥ	-	୪୨	୧୧	୨
୧୭-	ଶୁରସେନ (ଦ୍ୱିତୀୟ)	-	୫୮	୧୦	୮
୧୮-	ପର୍ବତ ସେନ	-	୫୫	୮	୧୦
୧୯-	ମେଧାବୀ	-	୫୨	୧୦	୧୦
୨୦-	ସୋନ ଚୀର	-	୫୦	୮	୨୧
୨୧-	ଭୀମଦେବ	-	୫୭	୯	୨୦
୨୨-	ନୃହରି ଦେବ	-	୪୫	୧୧	୨୩
୨୩-	ପୂର୍ଣ୍ଣମଲ	-	୪୪	୮	୭
୨୪-	କରଦବୀ	-	୪୪	୧୦	୮
୨୫-	ଅଳଙ୍ମିକ	-	୫୦	୧୧	୮
୨୬-	ଉଦୟ ପାଳ	-	୩୮	୯	୦
୨୭-	ଦୁବନମଲ	-	୪୦	୧୦	୨୬
୨୮-	ଦମାତ	-	୩୨	୦	୦
୨୯-	ଭୀମପାଲ	-	୫୮	୫	୮
୩୦-	କ୍ଷେମକ	-	୪୮	୧୧	୨୧

ରାଜା କ୍ଷେମକଙ୍କର ପ୍ରଧାନ 'ବିଶ୍ରବା' କ୍ଷେମକ ରାଜାଙ୍କୁ ହତ୍ୟାକରି ରାଜ୍ୟଲାଭ କଲେ । ୧୪ ପୁରୁଷ, ୫୦୦ ବର୍ଷ, ୩ ମାସ, ୧୭ ଦିନ ରାଜତ୍ୱ ବିସ୍ତାର :-

ସଂଖ୍ୟା	ରାଜାମାନଙ୍କ ନାମ	ସଂଖ୍ୟା	ବର୍ଷ	ମାସ	ଦିନ
୧-	ବିଶ୍ରବା -		୧୭	୩	୨୯
୨-	ପୁରସେନୀ	-	୪୨	୮	୨୧
୩-	ବୀରସେନୀ	-	୫୨	୧୦	୭
୪-	ଅନଙ୍ଗ ଶାୟୀ	-	୪୭	୮	୨୩
୫-	ହରିଜିତ	-	୩୫	୯	୧୭
୬-	ପରମ ସେନୀ	-	୪୪	୨	୨୩
୭-	ସୁଖ ପାତାଳ	-	୩୦	୨	୨୧
୮-	କଦ୍ରୁତ	-	୪୨	୯	୨୪
୯-	ସଜ୍ଜ	-	୩୨	୨	୧୪
୧୦-	ଅମର ଚୂଡ଼	-	୨୭	୩	୧୬
୧୧-	ଅମୀପାଳ	-	୨୨	୧୧	୨୫
୧୨-	ଦଶରଥ	-	୨୫	୪	୧୨
୧୩-	ବୀରଶାଳ	-	୩୧	୮	୧୧
୧୪-	ବୀରଶାଳସେନ	-	୪୭	୦	୧୪

ରାଜା ବୀରଶାଳସେନଙ୍କୁ ବୀରମହାପ୍ରଧାନ ହତ୍ୟାକରି ରାଜ୍ୟ ଲାଭ କଲେ । ୧୬ ପୁରୁଷ,୪୪୫ ବର୍ଷ,୫ମାସ,୩ ଦିନ । ଏମାନଙ୍କର ବିସ୍ତାର-

ସଂଖ୍ୟା	ରାଜାମାନଙ୍କ ନାମ	ସଂଖ୍ୟା	ବର୍ଷ	ମାସ	ଦିନ
୧-	ରାଜାବୀର ମହା	-	୩୫	୧୦	୮
୨-	ଅଜିତ୍ ସିଂହ	-	୨୭	୭	୧୯
୩-	ସର୍ବଦତ୍ତ	-	୨୮	୩	୧୦
୪-	ଭୁବନ ପତି	-	୧୫	୪	୧୦
୫-	ବୀରସେନ	-	୨୧	୨	୧୩

୬-	ମହୀପାଳ	-	୪୦	୮	୭
୭-	ଶତ୍ରୁଶାଳ	-	୨୬	୪	୩
୮-	ସଂଘରାଜ	-	୧୭	୨	୧୦
୯-	ତେଜପାଳ	-	୨୮	୧୧	୧୦
୧୦-	ମାଣିକ ଚନ୍ଦ	-	୩୭	୭	୨୧
୧୧-	କାମସେନୀ	-	୪୨	୫	୧୦
୧୨-	ଶତ୍ରୁମର୍ଦ୍ଦନ	-	୮	୧୧	୧୩
୧୩-	ଜୀବନ ଲୋକ	-	୨୮	୯	୧୭
୧୪-	ହରି ରାଓ	-	୨୬	୧୦	୨୯
୧୫-	ବୀରସେନ (ଦ୍ୱିତୀୟ)	-	୩୫	୨	୨୦
୧୬-	ଆଦିତ୍ୟ କେତୁ	-	୨୩	୧୧	୧୩

ରାଜା ଆଦିତ୍ୟ କେତୁଙ୍କୁ ମଗଧର ରାଜା ଧନ୍ଧୁର ପ୍ରୟାଗଠାରେ ହତ୍ୟାକରି ତାଙ୍କ ସ୍ଥାନରେ ୯ ପୁରୁଷ ପର୍ଯ୍ୟନ୍ତ ୩୭୪ ବର୍ଷ ୧୧ ମାସ ୨୬ ଦିନ ରାଜତ୍ୱ କଲେ ।

ଏହାଙ୍କ ବିସ୍ତାର......

ସଂଖ୍ୟା	ରାଜାମାନଙ୍କ ନାମ	ସଂଖ୍ୟା	ବର୍ଷ	ମାସ	ଦିନ
୧-	ଧନ୍ଧୁର	-	୪୨	୭	୨୪
୨-	ମହର୍ଷି	-	୪୧	୨	୨୯
୩-	ସନରଚ୍ଚୀ	-	୫୦	୧୦	୧୯
୪-	ମହାଯୁଦ୍ଧ	-	୨୦	୩	୮
୫-	ଦୂରନାଥ	-	୨୮	୫	୨୫
୬-	ଜୀବନ ରାଜ	-	୪୫	୨	୫
୭-	ରୁଦ୍ରସେନ	-	୪୭	୪	୨୮
୮-	ଆରୀଲକ	-	୫୨	୧୦	୮
୯-	ରାଜପାଳ	-	୩୬	୦	୦

ରାଜା ରାଜପାଳଙ୍କୁ ସାମନ୍ତରାଜା ମହାପାଳ ମାରିଦେଇ ନିଜେ ୧୪ ବର୍ଷ ରାଜତ୍ୱ କଲେ ।

ଅବନ୍ତିକା (ଉଜ୍ଜୟନୀ) ରାଜା ବିକ୍ରମାଦିତ୍ୟ ଯୁଦ୍ଧକରି ମହାପାଳ ରାଜାଙ୍କୁ ମାରି ତାଙ୍କ ରାଜ୍ୟରେ ୯୩ ବର୍ଷ ରାଜତ୍ୱ କଲେ । ଶାଳି ବାହନ ରାଜାଙ୍କ ମନ୍ତ୍ରୀ ପୈଠଣକ ସମୁଦ୍ରପାଳ ଯୋଗୀ ନାମକ ବ୍ୟକ୍ତିଦ୍ୱାରା ବିକ୍ରମାଦିତ୍ୟ ହତ ହେଲେ । ସମୁଦ୍ରପାଳ ବଂଶ ୧୬ ପୁରୁଷ ପର୍ଯ୍ୟନ୍ତ ୩୭୨ ବର୍ଷ, ୪ମାସ, ୨୭ଦିନ ରାଜତ୍ୱ କଲେ ।

ସଂଖ୍ୟା ରାଜାମାନଙ୍କ ନାମ	ସଂଖ୍ୟା	ବର୍ଷ	ମାସ	ଦିନ
୧- ସମୁଦ୍ରପାଳ	-	୫୪	୨	୨୦
୨- ଚନ୍ଦ୍ରପାଳ	-	୩୬	୫	୪
୩- ସାହାୟପାଳ	-	୧୧	୪	୧୧
୪- ଦେବପାଳ	-	୨୭	୧	୨୮
୫- ନରସିଂହପାଳ	-	୧୮	୦	୨୦
୬- ସାମପାଳ	-	୨୭	୧	୧୭
୭- ରଘୁପାଳ	-	୨୨	୩	୨୫
୮- ଗୋବିନ୍ଦ ପାଳ	-	୨୭	୧	୧୭
୯- ଅମୃତ ପାଳ	-	୩୬	୧୦	୧୩
୧୦- ବଳୀପାଳ	-	୧୨	୫	୨୭
୧୧- ମହୀପାଳ	-	୧୩	୮	୪
୧୨- ହରିପାଳ	-	୧୪	୮	୪
୧୩- ସୀସପାଳ	-	୧୧	୧୦	୧୩
(କୌଣସି ଇତିହାସରେ ଭୀମପାଳ ଲେଖାଅଛି)				
୧୪- ମଦନ ପାଳ	-	୧୭	୧୦	୧୯
୧୫- କର୍ମପାଳ	-	୧୬	୨	୨
୧୬- ବିକ୍ରମପାଳ	-	୨୪	୧୧	୧୩

ରାଜା ବିକ୍ରମପାଳ ପଶ୍ଚିମ ଦେଶ ରାଜା ମୁଲଖଚନ୍ଦ୍ର ବୋହରାଙ୍କ ବିରୋଧରେ ଯୁଦ୍ଧଯାତ୍ରା କରି ଯୁଦ୍ଧରେ ହତ ହେଲେ । ମଲୁଖ ଚନ୍ଦ୍ର ବଂଶ ୧୦ ପୁରୁଷ ପର୍ଯ୍ୟନ୍ତ ୧୯୧ ବର୍ଷ ୧ ମାସ ୧୬ ଦିନ ଇନ୍ଦ୍ରପ୍ରସ୍ଥରେ ରାଜତ୍ୱ କଲେ ।

ସଂଖ୍ୟା ରାଜାମାନଙ୍କ ନାମ	ସଂଖ୍ୟା	ବର୍ଷ	ମାସ	ଦିନ
୧- ମଲୁଖ ଚନ୍ଦ	-	୫୪	୨	୧୦
୨- ବିକ୍ରମ ଚନ୍ଦ୍ର	-	୧୨	୭	୧୨
୩- ଅମୀନ ଚନ୍ଦ	-	୧୦	୦	୫
(କୌଣସି ଇତିହାସରେ ମାନକ ଚନ୍ଦ୍ର ଲେଖାଅଛି)				
୪- ରାମଚନ୍ଦ	-	୧୩	୧୧	୮
୫- ହରିଚନ୍ଦ	-	୧୪	୯	୨୪
୬- କଲ୍ୟାଣ ଚନ୍ଦ	-	୧୦	୫	୪
୭- ଭୀମ ଚନ୍ଦ	-	୧୬	୨	୯
୮- ଲୋବ ଚନ୍ଦ	-	୨୬	୩	୨୨
୯- ଗୋବିନ୍ଦ ଚନ୍ଦ	-	୩୧	୭	୧୨
୧୦- ରାଣୀ ପଦ୍ମାବତୀ	-	୧	୦	୦
(ରାଜା ଗୋବିନ୍ଦ ଚନ୍ଦଙ୍କ ପତ୍ନୀ)				

ରାଣୀ ପଦ୍ମାବତୀ ମରିଗଲେ । ତାଙ୍କର କେହି ପୁତ୍ର ନ ଥିଲେ । ସବୁ ମନ୍ତ୍ରୀମାନେ ଏକମତ ହୋଇ ହରିପ୍ରେମ ନାମକ ଏହି ବୈରାଗୀକୁ ରାଜା କଲେ । ହରି ପ୍ରେମବଂଶ ୪ ପୁରୁଷ ପର୍ଯ୍ୟନ୍ତ ୫୦ବର୍ଷ ୨୧ ଦିନ ପର୍ଯ୍ୟନ୍ତ ରାଜତ୍ୱ କଲେ ।

ସଂଖ୍ୟା	ରାଜାମାନଙ୍କ ନାମ	ସଂଖ୍ୟା	ବର୍ଷ	ମାସ	ଦିନ
୧-	ହରିପ୍ରେମ	-	୭	୫	୧୬
୨-	ଗୋବିନ୍ଦ ପ୍ରେମ	-	୨୦	୨	୮
୩-	ଗୋପାଳ ପ୍ରେମ	-	୧୫	୭	୨୮
୪-	ମହାବାହୁ	-	୬	୮	୨୯

ରାଜା ମହାବାହୁ ରାଜ୍ୟ ତ୍ୟାଗକରି ତପସ୍ୟା କରିବା ନିମନ୍ତେ ବନକୁ ବାହାରିଗଲେ । ବଙ୍ଗଳା ଦେଶ ରାଜା ଆଧୀସେନ ଆସି ଇନ୍ଦ୍ରପ୍ରସ୍ଥରେ ରାଜତ୍ୱ କଲେ । ଆଧୀସେନ ବଂଶ ୧୨ପୁରୁଷ ପର୍ଯ୍ୟନ୍ତ ୧୫୧ ବର୍ଷ.୧୧ ମାସ.୨ ଦିନ ରାଜତ୍ୱ କଲେ ।

ଏହାଙ୍କ ବିବରଣୀ:-

ସଂଖ୍ୟା	ରାଜାମାନଙ୍କ ନାମ	ସଂଖ୍ୟା	ବର୍ଷ	ମାସ	ଦିନ
୧-	ଆଧୀସେନ	-	୧୮	୫	୨୧
୨-	ବିଲାବଲ ସେନ	-	୧୨	୪	୨
୩-	କେଶବ ସେନ	-	୧୫	୭	୧୨
୪-	ମାଧ ସେନ	-	୧୨	୪	୨
୫-	ମୟୁର ସେନ	-	୨୦	୨୧	୨୭
୬-	ଭୀମସେନ	-	୫	୧୦	୯
୭-	କଲ୍ୟାଣସେନ	-	୪	୮	୨୧
୮-	ହରି ସେନ	-	୧୨	୦	୨୫
୯-	କ୍ଷେମସେନ	-	୮	୧୧	୧୫
୧୦-	ନାରାୟଣ ସେନ	-	୨	୨	୨୯
୧୧-	ଲକ୍ଷ୍ମୀ ସେନ	-	୨୬	୧୦	୦
୧୨-	ଦାମୋଦର ସେନ	-	୧୧	୫	୧୯

ରାଜା ଦାମୋଦର ସେନ ରାଜପୁରୁଷ ମାନଙ୍କୁ ବହୁତ ପୀଡା ଦେଲେ । ଦୀପ ସିଂହ

ନାମକ ଜନୈକ ରାଜ ପୁରଷ ସୈନ୍ୟ ସଂଗ୍ରହ କରି ଯୁଦ୍ଧରେ ରାଜାଙ୍କୁ ମାରି ନିଜେ ରାଜ୍ୟ ପାଳନ କଲେ । ତାହାଙ୍କ ବଂଶ ୬ ପୁରୁଷ ପର୍ଯ୍ୟନ୍ତ ୧୦୭ ବର୍ଷ ୬ ମାସ ୨୨ ଦିନ ରାଜତ୍ୱ କଲେ । ବିବରଣୀ......

ସଂଖ୍ୟା	ରାଜାମାନଙ୍କ ନାମ	ସଂଖ୍ୟା	ବର୍ଷ	ମାସ	ଦିନ
୧-	ଦୀପସିଂହ	-	୧୭	୧	୨୬
୨-	ରାଜ ସିଂହ	-	୧୪	୫	୦
୩-	ରଣ ସିଂହ	-	୯	୮	୧୧
୪-	ନର ସିଂହ	-	୪୫	୦	୧୫
୫-	ହରି ସିଂହ	-	୧୩	୨	୨୯
୬-	ଜୀବନ ସିଂହ	-	୮	୦	୧

ରାଜା ଜୀବନ ସିଂହ କେଜାଣି କୌଣସି କାରଣରୁ ଆପଣାର ସବୁ ସେନାଙ୍କୁ ଉତ୍ତର ଦେଶକୁ ପଠାଇ ଦେଇଥିଲେ । ବୈରାଟ ରାଜା ପୃଥ୍ୱୀରାଜ ଚୌହାନ ଏହା ଶୁଣିପାରି ଜୀବନ ସିଂହଙ୍କ ରାଜଧାନୀକୁ ଆକ୍ରମଣ କଲେ ଏବଂ ଯୁଦ୍ଧରେ ରାଜାଙ୍କୁ ବଧକରି ଇନ୍ଦ୍ରପ୍ରସ୍ଥରେ ରାଜା ହେଲେ । ସେହି ଚୌହାନ ବଂଶ ୫ ପୁରୁଷ ପର୍ଯ୍ୟନ୍ତ ୮୬ ବର୍ଷ ୨୦ ଦିନ ରାଜତ୍ୱ କଲେ ।

ସଂଖ୍ୟା	ରାଜାମାନଙ୍କ ନାମ	ସଂଖ୍ୟା	ବର୍ଷ	ମାସ	ଦିନ
୧-	ପୃଥ୍ୱୀରାଜ	-	୧୨	୨	୧୯
୨-	ଅଭୟ ପାଳ	-	୧୪	୫	୧୭
୩-	ଦୁର୍ଜନ ପାଳ	-	୧୧	୪	୧୪
୪-	ଉଦୟ ପାଳ	-	୧୧	୭	୩
୫-	ଯଶ ପାଳ	-	୩୬	୪	୨୭

ଗଜନି ଲୁଲତାନ୍ ସାହାବୁଦ୍ଦିନ ଘୋରି (ମହମ୍ମଦ ଗଜନି) ରାଜା ଯଶପାଳଙ୍କ ବିରୋଧରେ ଯୁଦ୍ଧଯାତ୍ରା କରି ଯୁଦ୍ଧରେ ରାଜାଙ୍କୁ ପରାଜିତ କରି ପ୍ରୟାଗ (ଏଲାହାବାଦ୍)

କିଲ୍ଲାରେ ବନ୍ଦୀ ରଖିଲେ । ପୁଣି ବିକ୍ରମ ୧୨୪୯ ସାଲ୍‌ରେ ନିଜେ ଇନ୍ଦ୍ରପ୍ରସ୍ଥରେ ରାଜା ହେଲେ । ମୁସଲମାନ୍ ରାଜତ୍ୱ ବଂଶରୁ ୫୩ ଜଣ ୭୫୪ ବର୍ଷ ୧ ମାସ ୧୭ ଦିନ କ୍ରମାଗତ ରାଜତ୍ୱ କଲେ । ଏହି ମୁସଲମାନ୍ ରାଜ ବଂଶାନୁଚରିତ ଆଧୁନିକ ଇତିହାସ ମାନଙ୍କରେ ସବିଶେଷ ବର୍ଣ୍ଣିତ ହୋଇଥିବା ହେତୁ ତାହା ଏହି ସ୍ଥାନରେ ଦିଆଗଲା ନାହିଁ ।

ଅନ୍ୟାନ୍ୟ ଇତିହାସରେ ଲେଖା ଅଛି, ମହାରାଜ ପୃଥ୍ୱୀରାଜ ବିରୋଧରେ ସୁଲତାନ୍ ସାହାବୁଦ୍ଦିନ୍ ଘୋରି ଅନେକ ବାର ଚଢ଼ାଉ କରି ପରାଜିତ ହୋଇ ଫେରି ଯାଇଥିଲେ । ୧୨୪୯ ବିକ୍ରମାବ୍ଦରେ ପୃଥ୍ୱୀରାଜଙ୍କ ଲୋକମାନଙ୍କ ମଧ୍ୟରେ ପରସ୍ପର ଦ୍ୱନ୍ଦ୍ୱ କଳହ ହେବା କାରଣରୁ ସୁଲତାନ୍ ସାହାବୁଦ୍ଦିନ୍ ଆସି ରାଜାଙ୍କୁ ଯୁଦ୍ଧରେ ଜୟ କରି ଅନ୍ଧ କରିଦେଇ ନିଜ ରାଜ୍ୟକୁ ନେଇଗଲା ଏବଂ ଇନ୍ଦ୍ରପ୍ରସ୍ଥରେ ନିଜେ ରାଜା ହେଲା । ମୁସଲମାନ୍ ୬୧୩ ବର୍ଷ ପର୍ଯ୍ୟନ୍ତ ପ୍ରତିଷ୍ଠିତ ରହିଲା । ଏ କାଳ ମଧ୍ୟରେ ୪୫ ଜଣ ମୁସଲମାନ୍ ରାଜା ରାଜତ୍ୱ କରିଥିଲେ । ଏହାପରେ ବୌଦ୍ଧ ଓ ଜୈନ ମତ ସମ୍ପର୍କରେ ଆଲୋଚନା କରାଯିବ ।

ଇତି ଶ୍ରୀମଦ୍ଦୟାନନ୍ଦ ସରସ୍ୱତୀ ସ୍ୱାମିନିର୍ମିତେ ସତ୍ୟାର୍ଥ ପ୍ରକାଶେ
ସୁଭାଷା ବିଭୂଷିତ
ଆର୍ଯ୍ୟାବର୍ତ୍ତୀୟ ମତଖଣ୍ଡନ ମଣ୍ଡନ ବିଷୟ ଏକାଦଶଃ ସମୁଲ୍ଲାସଃ
ସଂପୂର୍ଣ୍ଣଃ ॥୧୧॥

ଅନୁଭୂମିକା

ଯେଉଁ ବେଦ ବିଦ୍ୟାରୁ ସତ୍ୟାସତ୍ୟ ଓ ଧର୍ମାଧର୍ମ ନିର୍ଣ୍ଣୟ କରିବାକୁ ହୁଏ, ସେହି ବେଦବିଦ୍ୟାର ପଠନ ପାଠନ ଆର୍ଯ୍ୟାବର୍ତ୍ତରେ ବିଲୁପ୍ତ ହୋଇ, ଅବିଦ୍ୟା ପ୍ରସାର ଲାଭ କଲା ପୁଣି ବିଭିନ୍ନ ମତମତାନ୍ତର ସୃଷ୍ଟି ହେଲା, ସେତେବେଳେ ବିଜ୍ଞାନ ବିରୁଦ୍ଧ ଜୈନ ଆଦିଙ୍କର ମତ ପ୍ରଚଳିତ ହେଲା । କାରଣ ବାଲ୍ମୀକି ରାମାୟଣ କିମ୍ବା ମହାଭାରତାଦି ଗ୍ରନ୍ଥରେ ଜୈନମାନଙ୍କର ନାମଗନ୍ଧସୁଦ୍ଧା ଦେଖିବାକୁ ମିଳେନାହିଁ । କିନ୍ତୁ ଜୈନମାନଙ୍କ ରଚିତ ଗ୍ରନ୍ଥରେ ରାମ କୃଷ୍ଣ ପ୍ରଭୃତିଙ୍କ କଥା ବିସ୍ତୃତରୂପେ ବର୍ଣ୍ଣିତ ହୋଇଅଛି ।ଏଥିରୁ ସ୍ପଷ୍ଟରୂପେ ପ୍ରମାଣିତ ହେଉଛି ଯେ, ରାମାୟଣ, ମହାଭାରତ ଗ୍ରନ୍ଥ ଲେଖା ହେଲାପରେ ଜୈନମତ ପ୍ରଚ୍ଛରିତ ହୋଇଛି । ଜୈନମାନେ ସେମାନଙ୍କ ମତକୁ ବହୁ ପ୍ରାଚୀନ ବୋଲି ମତ ଦେଇଥାନ୍ତି । ପ୍ରକୃତରେ ଜୈନମତ ଯଦି ପ୍ରାଚୀନ ହୋଇଥାନ୍ତା ତେବେ ରାମାୟଣ, ମହାଭାରତ ପ୍ରଭୃତିରେ ସେମାନଙ୍କ ବିଷୟରେ କିଛି ନା କିଛି ଉଲ୍ଲେଖ କରାଯାଇଥାଆନ୍ତା । ଏଣୁ ପୁରାଣକାଳପରେ ହିଁ ଜୈନମତ ପ୍ରଚାରିତ ହୋଇଛି ।ଯଦି କେହି କହେ ଜୈନ ଗ୍ରନ୍ଥରୁ ରାମ ଓ କୃଷ୍ଣଙ୍କ କଥାକୁ ନେଇ ବାଲ୍ମୀକୀୟ ଗ୍ରନ୍ଥ ପ୍ରଭୃତି ରଚିତ ହୋଇଛି, ତେବେ ତାଙ୍କୁ ପ୍ରଶ୍ନ କରାଯିବା ଉଚିତ, ବାଲ୍ମୀକୀୟ ଗ୍ରନ୍ଥ ପ୍ରଭୃତିରେ ଜୈନମତର କିଛି ଉଲ୍ଲେଖ କରାଯାଇନାହିଁ କାହିଁକି ? କିନ୍ତୁ ଜୈନ ଗ୍ରନ୍ଥରେ ରାମ ଓ କୃଷ୍ଣଙ୍କ ବିଷୟ କିପରି ବର୍ଣ୍ଣିତ ହୋଇଛି । ପୁତ୍ର କେବେ ପିତାଙ୍କର ଜାତ ହେବା ଦେଖିପାରେ କି ? କେବେ ଦେଖିପାରିବ ନାହିଁ । ଏଣୁ ସ୍ପଷ୍ଟରୂପେ ଜଣାଯାଏ ଯେ ଜୈନ ବୌଦ୍ଧାଦି ମତ ଶୈବଶାକ୍ତାଦି ମତ ପରେ ସୃଷ୍ଟି ହୋଇଛି । ଏଣୁ ଏହି ଦ୍ୱାଦଶ ସମୁଲ୍ଲାସରେ ସେ ମତ ସମ୍ପର୍କରେ ଯାହାକିଛି ଆଲୋଚନା କରାଯିବ, ସେସବୁ ସେମାନଙ୍କ ଗ୍ରନ୍ଥକୁ ହିଁ ଆଧାର କରି ହେବ । ଏପରିକି ସେସବୁ ଗ୍ରନ୍ଥର ପୃଷ୍ଠାଙ୍କ ମଧ୍ୟ ଉଲ୍ଲେଖ କରାଯିବ । ଏଣୁ ଜୈନ ମତବାଦୀମାନେ ଖରାପ ମନେ କରିବା ଉଚିତ ନୁହେଁ । କାରଣ ସେମାନଙ୍କ ମତ ସମ୍ପର୍କରେ ଆମେ ଯାହାକିଛି ଲେଖୁଛୁ ସେସବୁ ସତ୍ୟାସତ୍ୟ ନିର୍ଣ୍ଣୟ ଉଦ୍ଦେଶ୍ୟରେ କେବଳ ଲେଖାଯାଇଛି । ବିରୋଧ ବା କ୍ଷତି ଉଦ୍ଦେଶ୍ୟରେ କିଛି ଲେଖାଯାଇ ନାହିଁ । ଏହି ଲେଖାକୁ

ଯଦି କୌଣସି ଜୈନ , ବୌଦ୍ଧ ବା ଅନ୍ୟଲୋକେ ଦେଖିବେ, ତେବେ ସେମାନେ ସତ୍ୟାସତ୍ୟ ବିଷୟରେ ବିଗ୍ଚର କରିପାରିବେ ଓ ବୁଦ୍‌ବୋଧ ମଧ୍ୟ ହୋଇପାରିବ । ଯେପର୍ଯ୍ୟନ୍ତ ବାଦୀ ପ୍ରତିବାଦୀ ହୋଇ ପ୍ରୀତି ପୂର୍ବକ ବିଚାର ଆଲୋଚନା କରା ନ ଯିବ , ସେପର୍ଯ୍ୟନ୍ତ ସତ୍ୟାସତ୍ୟ ନିର୍ଣ୍ଣୟ ସମ୍ଭବ ହେବ ନାହିଁ । ଯଦି ବିଦ୍ୱାନ୍‌ଲୋକେ ସତ୍ୟାସତ୍ୟର ନିର୍ଣ୍ଣୟ କରନ୍ତି ନାହିଁ, ତେବେ ଅବିଦ୍ୱାନ୍ ଲୋକେ ଅନ୍ଧକାରରେ ପଡ଼ି ମହାଦୁଃଖ ଭୋଗ କରନ୍ତି । ଏଣୁକରି ସତ୍ୟର ଜୟ ଓ ଅସତ୍ୟର ବିନାଶପାଇଁ ମିତ୍ରତାଦ୍ୱାରା ବାଦ ବା ଲେଖା ପ୍ରସ୍ତୁତ କରିବା ମନୁଷ୍ୟଜାତିର ହେଉଛି.ଏକ ମୁଖ୍ୟ କାର୍ଯ୍ୟ ।ଏପରି ନ ହେଲେ ଏ ଜାତିର ଉନ୍ନତି କଦାପି ହୋଇପାରିବ ନାହିଁ । ଜୈନ ଓ ବୌଦ୍ଧ ଧର୍ମାବଲମ୍ବୀମାନେ ନିଜର ଗ୍ରନ୍ଥ ଗୁଡିକୁ ଅନ୍ୟମତାବଲମ୍ବୀମାନଙ୍କୁ ଦେଖିବାକୁ, ପଢ଼ିବାକୁ ଓ ଲେଖିବାକୁ ମଧ୍ୟ ଦିଅନ୍ତି ନାହିଁ । ତେଣୁ ସେମାନଙ୍କ ମତ ସମ୍ପର୍କରେ ଅନ୍ୟମାନେ କିଛି ଜାଣି ପାରୁ ନାହାନ୍ତି । ମୋର ବହୁତ ପରିଶ୍ରମରେ ଏବଂ ବିଶେଷ କରି ବମ୍ବେଇ ଆର୍ଯ୍ୟ ସମାଜର ସମ୍ପାଦକ " ସେଠ ସେବକ ଲାଲ କୃଷ୍ଣଦାସଙ୍କ" ସତ୍ ପ୍ରଯତ୍ନରେ କେତେକ ଜୈନଧର୍ମଗ୍ରନ୍ଥ ହସ୍ତଗତ ହୋଇଥିଲା । ଦ୍ୱିତୀୟତଃ କାଶୀସ୍ଥ ମୁଦ୍ରଣାଳୟରେ " **ଜୈନ ପ୍ରଭାକର**" ତଥା ବମ୍ବେଇରେ " ପ୍ରକରଣ ରତ୍ନାକର " ମୁଦ୍ରିତ ହେବାରୁ ସମସ୍ତ ଲୋକ ଜୈନ ମତ ସମ୍ପର୍କରେ ଜାଣିବାର ସୁଯୋଗ ପାଇପାରିଲେ । " କୁହନ୍ତୁ ଭଲା , ନିଜ ଧର୍ମର ଗ୍ରନ୍ଥକୁ ନିଜେ କେବଳ ଦେଖିବେ,ଅନ୍ୟଧର୍ମର ଲୋକଙ୍କୁ ଦେଖିବାପାଇଁ ଦେବେନାହିଁ, ଏହା କେଉଁ ନ୍ୟାୟଶାସ୍ତ୍ରର କଥା । ଏଥିରୁ ଅନୁମିତ ହେଉଛି ଯେ, ଏ ଗ୍ରନ୍ଥର ପ୍ରଣେତାଙ୍କ ମନରେ ପ୍ରଥମରୁ ସନ୍ଦେହ ଜାତ ହୋଇଛି ଯେ ଏଥିରେ ଅନେକ ଅସମ୍ଭବ କଥା ବର୍ଣ୍ଣିତ ହୋଇଅଛି । ଯାହାକୁ କି ଅନ୍ୟମତାବଲମ୍ବୀମାନେ ଦେଖିଲେ ନିଶ୍ଚୟ ଖଣ୍ଡନ କରିବେ । ପୁଣି ଅନ୍ୟ ଧର୍ମଗ୍ରନ୍ଥ ଦେଖିଲେ ନିଜ ଧର୍ମପ୍ରତି ଅନାସ୍ଥାଭାବ ପୋଷଣ କରିପାରନ୍ତି ଏହା ବିଚାରି ନିଜ ସମ୍ପ୍ରଦାୟୀ ମାନଙ୍କ ପ୍ରତି ମଧ୍ୟ ଅନ୍ୟଧର୍ମ ଗ୍ରନ୍ଥ ପାଠରୁ ନିଷେଧ କରିଥାନ୍ତି । ପୁଣି ଜଗତରେ ଏପରି ମଧ୍ୟ ଅନେକ ଲୋକ ଅଛନ୍ତି ଯେଉଁମାନେକି ଆପଣା ଦୋଷକୁ ଦେଖନ୍ତି ନାହିଁ , କିନ୍ତୁ ଅନ୍ୟର ଦୋଷ ଦେଖିବାରେ ସର୍ବଦା ତତ୍ପର ହୋଇରହିଥାନ୍ତି ।ଏହା କଦାପି ନ୍ୟାୟ ସଙ୍ଗତ ନୁହେଁ । ତେଣୁ ପ୍ରଥମେ ନିଜ ଦୋଷକୁ ଚାହିଁ ଦୂର କରିବାପରେ ଅନ୍ୟର ଦୋଷକୁ

ଚାହିଁବା ଉଚିତ ।

ବର୍ତ୍ତମାନ ଏହି ବୌଦ୍ଧ ଓ ଜୈନମାନଙ୍କ ମତ ବିଷୟ ସଜ୍ଜନମାନଙ୍କ ଆଗରେ ଉପସ୍ଥାପନ କରୁଛି । ସେମାନେ ଯାହା ବିଗ୍ଚର କରିବେ ।

କିମଧିକଲେଖେନ ବୁଦ୍ଧିମଦ୍ ବର୍ଯ୍ୟେଷୁ

ଅଥ ଦ୍ୱାଦଶସମୁଲ୍ଲାସାରମ୍ଭଃ

ଅଥ ନାସ୍ତିକମତାନ୍ତର୍ଗତ ଚାର୍ବାକ ବୌଦ୍ଧ ଜୈନମତ ଖଣ୍ଡନ ମଣ୍ଡନ ବିଷୟାନ୍ ବ୍ୟାଖ୍ୟାସ୍ୟାମଃ

ବୃହସ୍ପତି ନାମରେ କୌଣସି ଜଣେ ବ୍ୟକ୍ତି ଥିଲେ । ସେ ବେଦ, ଈଶ୍ୱର ଓ ଯଜ୍ଞାଦି ଉତ୍ତମ କର୍ମ ଗୁଡ଼ିକୁ ମଧ୍ୟ ମାନୁ ନ ଥିଲେ ।ତାଙ୍କର ମତ ଦେଖନ୍ତୁ .....

ଯାବଜ୍ଜୀବଂ ସୁଖଂ ଜୀବେନ୍ନାସ୍ତି ମୃତ୍ୟୋରଗୋଚରଃ ।
ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ ।

(ସର୍ବ ଦର୍ଶନ ସଂଗ୍ରହେ ଚାର୍ବାକ୍ ଦର୍ଶନ)

କୌଣସି ମନୁଷ୍ୟାଦି ପ୍ରାଣୀଙ୍କୁ ମୃତ୍ୟୁ ଅଗୋଚର ନୁହେଁ, ଅର୍ଥାତ୍ ସମସ୍ତଙ୍କୁ ଦିନେନା ଦିନେ ମରିବାକୁ ହେବ । ଏଣୁ ଯେ ପର୍ଯ୍ୟନ୍ତ ଶରୀର ମଧ୍ୟରେ ଜୀବ ରହିଛି ସେ ପର୍ଯ୍ୟନ୍ତ ସୁଖରେ ରହିବାକୁ ହେବ । ଯଦି କେହି କହେ ଧର୍ମାଚରଣରେ କଷ୍ଟହୁଏ, ପୁଣି ଧର୍ମକୁ ଛାଡ଼ିଲେ ପରଜନ୍ମରେ ଅନେକ ଦୁଃଖ ଭୋଗିବାକୁ ପଡ଼େ, ଏହାର ଉତ୍ତରରେ ଚାର୍ବାକ୍ କହନ୍ତି --- ଆରେ ଭାଇ ! ମରଣପରେ ଶରୀର ଭସ୍ମ ହୋଇଯାଏ । ପୁଣିଥରେ ସଂସାରକୁ ଫେରେ ନାହିଁ । ତେଣୁ ଯା କିଛି ହେଲେ ମଧ୍ୟ ଆନନ୍ଦରେ ରହ । ସାଂସାରିକ ନୀତିରେ ଚଳ । ଐଶ୍ୱର୍ଯ୍ୟକୁ ବୃଦ୍ଧି କର ଓ ତାହାଦ୍ୱାରା ଇପ୍ସିତ ବସ୍ତୁ ଭୋଗକର । ଇହଲୋକ ହିଁ ସବୁକିଛି । ପରଲୋକ ବୋଲି କିଛି ନାହିଁ । ପୃଥିବୀ, ଜଳ , ଅଗ୍ନି ଓ ବାୟୁ ଏହି ଚାରୋଟି ଭୂତରେ ଏ ଶରୀର ତିଆରି ହୋଇଛି । ଏଥିରେ ଏମାନଙ୍କ ସଂଯୋଗରୁ ଚୈତନ୍ୟ ଉତ୍ପନ୍ନ ହୁଏ । ଯେପରି ମାଦକ ଦ୍ରବ୍ୟ ସେବନରେ ନିଶାଜାତ ହୁଏ , ସେହିପରି ଶରୀର ସହିତ ଜୀବ ଉତ୍ପନ୍ନ ହୁଏ ଓ ଶରୀର ଯେତେବେଳେ ନାଶ ହୁଏ ଜୀବ ମଧ୍ୟ ସେତେବେଳେ ନଷ୍ଟ ହୋଇଯାଏ । ତେଣୁ ପାପ-ପୁଣ୍ୟର ଫଳ ଆଉ ଲାଗିବ କାହାକୁ ?

ତଚ୍ଚୈତନ୍ୟ ବିଶିଷ୍ଟ ଦେହ ଏବ ଆତ୍ମା ଦେହାତିରିକ୍ତ ଆତ୍ମନି ପ୍ରମାଣାଭାବାତ୍ ।

(ସର୍ବଦର୍ଶନ ସଂଗ୍ରହ ଚାର୍ବାକ୍ ଦର୍ଶନ)

ଏହି ଶରୀରରେ ଚାରି ଭୂତର ସଂଯୋଗରେ ଜୀବାତ୍ମା ଉତ୍ପନ୍ନ ହୋଇ , ପୁଣି ଶରୀରର ବିୟୋଗରେ ନଷ୍ଟ ହୋଇଯାଏ । କାରଣ ମୃତ୍ୟୁପରେ କୌଣସି ଜୀବ ଆଉ ପ୍ରତ୍ୟକ୍ଷ ହୁଏ ନାହିଁ । ଆମେ କେବଳ ପ୍ରତ୍ୟକ୍ଷକୁ ସ୍ୱୀକାର କରୁଁ । ଯେଣୁ ପ୍ରତ୍ୟକ୍ଷ ବ୍ୟତୀତ ଅନୁମାନାଦି ହୁଏ ନାହିଁ । ପ୍ରତ୍ୟକ୍ଷ ହିଁ ମୁଖ୍ୟ , ଅନୁମାନାଦି ଗୌଣ ହେତୁ ଅନୁମାନ ଗ୍ରହଣୀୟ ହୁଏ ନାହିଁ । ସୁନ୍ଦରୀ ସ୍ତ୍ରୀକୁ ଆଲିଙ୍ଗନ କରି ଆନନ୍ଦ ଉପଭୋଗ କରିବାର ନାମ ହେଉଛି ପୁରୁଷାର୍ଥ ।

ଉତ୍ତର:- ଏହି ପୃଥିବ୍ୟାଦିଭୂତ ହେଉଛି ଜଡ଼ । ତହିଁରୁ ଚୈତନ୍ୟର ଉତ୍ପତ୍ତି କଦାପି ସମ୍ଭବପର ନୁହେଁ । ଯେପରି ବର୍ତ୍ତମାନ ମାତାପିତାଙ୍କ ସଂଯୋଗରେ ଦେହର ଉତ୍ପତ୍ତି ହେଉଛି, ଠିକ୍ ସେହିପରି ଆଦି ସୃଷ୍ଟିରେ ମନୁଷ୍ୟାଦି ଶରୀର ଆକୃତି କର୍ତ୍ତା ପରମେଶ୍ୱରଙ୍କ ବ୍ୟତୀତ କେବେହେଁ ସମ୍ଭବପର ନୁହେଁ । ମଦପରି ଚେତନର ଉତ୍ପତ୍ତି ଓ ବିନାଶ ହୁଏ ନାହିଁ । କାରଣ ଚେତନ ବସ୍ତୁରେ ମଦ ନିଶାର ପ୍ରଭାବ ପଡ଼େ , ଜଡ଼ ପଦାର୍ଥରେ ପ୍ରଭାବ ପଡ଼େ ନାହିଁ । ପଦାର୍ଥ ନଷ୍ଟ ଅର୍ଥାତ୍ ଅଦୃଷ୍ଟ ହୁଏ , କିନ୍ତୁ ଅଭାବ କାହାରି ହୁଏ ନାହିଁ । ସେହିପରି ଅଦୃଶ୍ୟ ହେଲେ ମଧ୍ୟ ଜୀବର ଅଭାବ ସ୍ୱୀକାର କରିବା ଉଚିତ ନୁହେଁ । ଶରୀରରେ ଥିବା ପର୍ଯ୍ୟନ୍ତ ଜୀବାତ୍ମା ପ୍ରକଟିତ ହୁଏ , ଜୀବାତ୍ମା ଶରୀରକୁ ତ୍ୟାଗକରି ଚାଲିଗଲା ପରେ ଶରୀର ମୃତ୍ୟୁ ଲାଭକରେ । ପୂର୍ବରୁ ଯେପରି ଚେତନଯୁକ୍ତ ଥିଲା , ସେପରି ହୋଇ ଆଉ ରହେ ନାହିଁ । ଏ ବିଷୟ ବୃହଦାରଣ୍ୟକରେ କଥିତ ହୋଇଛି .....

ନାହଂ ମୋହଂ ବ୍ରବୀମି ଅନୁଚ୍ଛିତି ଧର୍ମାୟ ମାତ୍ମୈତ୍ତି (ବୃହଦାରଣ୍ୟକ-୪-୫-୧୪)

ଯାଜ୍ଞବଲ୍କ୍ୟ କହିଛନ୍ତି " ହେ ମୈତ୍ରେୟି ! ମୁଁ ମୋହଯୁକ୍ତ ହୋଇ ଏହା କହୁନାହିଁ ଆତ୍ମା ହେଉଛି ଅବିନାଶୀ । ଯେହି ଆତ୍ମା ଯୋଗୁ ହିଁ ଶରୀର ଚେଷ୍ଟା କରେ " । ଜୀବାତ୍ମା ଜୀବ ଯେତେବେଳେ ପୃଥକ ହୋଇଯାଏ , ସେତେବେଳେ ଶରୀରରେ ସାମାନ୍ୟ ଜ୍ଞାନ ମଧ୍ୟ ରହେ ନାହିଁ । ଦେହ ଅଙ୍ଗର ସଂଯୋଗରେ ଚେତନତା ଓ ବିୟୋଗରେ ଜଡ଼ତା ଦୃଷ୍ଟି ହୁଏ ତାହା ଚେତନରୁ ଭିନ୍ନରୂପେ ପୃଥକ୍ ଅଟେ । ଯେପରି ଆଖି ସମସ୍ତଙ୍କୁ ଦେଖେ, କିନ୍ତୁ ନିଜକୁ ନିଜେ ଦେଖିପାରେ ନାହିଁ । ସେହିପରି ଇନ୍ଦ୍ରିୟଦ୍ୱାରା ଅନ୍ୟକୁ ପ୍ରତ୍ୟକ୍ଷ କରୁଥିବା ବ୍ୟକ୍ତି ନିଜ ଇନ୍ଦ୍ରିୟଦ୍ୱାରା ନିଜକୁ ପ୍ରତ୍ୟକ୍ଷ କରିପାରେ ନାହିଁ ।ଯେପରି

ନିଜ ଆଖିରେ ଘଟ-ପଟାଦି ପ୍ରତ୍ୟେକ ପଦାର୍ଥକୁ ଦେଖି ହୁଏ, ସେହିପରି ଆଖିକୁ ନିଜ ଜ୍ଞାନଦ୍ୱାରା କେବଳ ଦେଖିଥାଏ । ଯିଏ ଦ୍ରଷ୍ଟା ସେ ସର୍ବଦା ଦ୍ରଷ୍ଟା ହୋଇରହେ , କେବେହେଁ ଦୃଶ୍ୟ ହୋଇ ପାରେ ନାହିଁ । ଯେପରି ଆଧାର ବିନା ଆଧେୟ, କାରଣ ବିନା କାର୍ଯ୍ୟ, ଅବୟବୀ ବିନା ଅବୟବ ଓ କର୍ତ୍ତା ବିନା କାର୍ଯ୍ୟରହିପାରେ ନାହିଁ , ସେହିପରି କର୍ତ୍ତା ବ୍ୟତୀତ ପ୍ରତ୍ୟକ୍ଷ କିପରି ହୋଇପାରିବ ? ଯଦି ସୁନ୍ଦରୀ ସ୍ତ୍ରୀ ସହିତ ସମାଗମକୁ ପୁରୁଷାର୍ଥ କହିବ, ତେବେ ସେହି ସମାଗମର ସୁଖ କ୍ଷଣକପାଇଁ , ତହିଁରୁ ପୁଣି ଦୁଃଖ ଜାତ ହୁଏ । ତେବେ କ୍ଷଣିକ ସୁଖ ଓ ବହୁକାଳ ଦୁଃଖ ମଧ୍ୟ ପୁରୁ[illegible]ର୍ଥ ଫଳ ହୋଇପାରେ ? ଯଦି ଏହା ଠିକ୍ ତେବେ ସ୍ୱର୍ଗହାନି ହେବାଦ୍ୱାରା ଦୁଃଖ ଭୋଗିବ [illegible] ପଡ଼ିବ । ଯେବେ କହିବ,ଦୁଃଖ ଦୂର କରିବା ଓ ସୁଖବୃଦ୍ଧିକରିବାପାଇଁ ଯତ୍ନ କରି[illegible]ଚିତ, ତେବେ ମୁକ୍ତିସୁଖ ହାନି ହୋଇଯାଉଛି ବୋଲି ବିଚାରିବାକୁ ହେବ । ଏଣୁ ଏହ[illegible]ରୁଷାର୍ଥର ଫଳ ନୁହେ ।

ଚାର୍ବାକ:- ଯେଉଁମାନେ ଦୁଃଖ ସଂଯୁକ୍ତ ହୋଇଛି ବୋଲି [illegible]କୁ ତ୍ୟାଗ କରନ୍ତି, ସେମାନେ ହେଉଛନ୍ତି ମୂର୍ଖ । ଯେପରି ଧାନ୍ୟାର୍ଥୀ ଧାନ୍ୟକୁ ଗ୍ରହ[illegible]ରି ଅଗାଡ଼ିକୁ ତ୍ୟାଗକରେ , ସେହିପରି ଏହି ସଂସାରରେ ବୁଦ୍ଧିମାନ୍ ଲୋକ ଦୁଃଖକୁ [illegible]ଗକରି ସୁଖକୁ ଗ୍ରହଣ କରିବା ଆବଶ୍ୟକ । ଯେଉଁମାନେ ଇହଲୋକରେ ଉପସ୍ଥିତ ସୁ[illegible] ଛାଡ଼ି, ପରଲୋକର ଅନୁପସ୍ଥିତ ସ୍ୱର୍ଗ ସୁଖକୁ କାମନା କରି,ଧୂର୍ତ୍ତ କଥିତ ବେଦୋକ୍ତ [illegible]ହୋତ୍ରାଦି କର୍ମ, ଉପାସନା ଓ ଜ୍ଞାନକାଣ୍ଡର ଅନୁଷ୍ଠାନ କରନ୍ତି, ସେମାନେ ହେଉଛନ୍ତି ଅଜ୍ଞାନ । ପରଲୋକବୋଲି କିଛି ନ ଥିବା ବେଳେ,ପାରଲୌକିକ ସୁଖ ଇଚ୍ଛା କରିବା ମୂର୍ଖତା ବ୍ୟତୀତ ଅନ୍ୟ କିଛି ନୁହେଁ ।

ଅଗ୍ନିହୋତ୍ରଂ ତ୍ରୟୋ ବେଦାସ୍ତ୍ରିଦଣ୍ଡଂ ଭସ୍ମଗୁଣ୍ଠନମ୍ ।
ବୁଦ୍ଧି ପୌରୁଷ ହୀନାନାଂ ଜୀବିକେତି ବୃହସ୍ପତିଃ ।।

ଚାର୍ବାକ ମତ ପ୍ରଚାରକ " ବୃହସ୍ପତି " କହିଛନ୍ତି- ଅଗ୍ନିହୋତ୍ର, ତିନିବେଦର ମନ୍ତ୍ରପାଠ,ତିନି ଦଣ୍ଡଧାରଣ ଓ ଭସ୍ମବିଲେପନ ଏସବୁ ବୁଦ୍ଧିହୀନ ଓ ପୁରୁଷାର୍ଥ ରହିତ ଲୋକେ ଜିବୀକା ନିର୍ବାହପାଇଁ ଭିଆଣ କରିଛନ୍ତି । କଣ୍ଟା ପ୍ରଭୃତି ଶରୀରରେ ଗଳିଯିବାଦ୍ୱାରା ଯେଉଁ "ଦୁଃଖ ଜାତ ହୁଏ, ତାହାର ନାମହିଁ "ନରକ" । ପୃଥିବୀ ପ୍ରସିଦ୍ଧ ରାଜାହିଁ ହେଉଛନ୍ତି " ପରମେଶ୍ୱର " ପୁଣି ଶରୀର ବିନାଶ ହେବାହିଁ ହେଉଛି " ମୋକ୍ଷ" । ଏତଦ୍‌ବ୍ୟତୀତ

ଅନ୍ୟକିଛି ଆଉ ନାହିଁ । ।

ଉତ୍ତର:- ବିଷୟରୂପୀ ସୁଖମାତ୍ରକୁ ପୁରୁଷାର୍ଥର ଫଳବୋଲି ବିବେଚନା କରି, ବିଷୟ ଦୁଃଖ ନିବାରଣ ମାତ୍ରରେ କୃତକୃତ୍ୟ ହୋଇ ସ୍ୱର୍ଗ ବୋଲି ମନେ କରିବା, କେବଳ ମୂର୍ଖତା । ଅଗ୍ନିହୋତ୍ରାଦି ଯଜ୍ଞଦ୍ୱାରା ବାୟୁ , ବୃଷ୍ଟି ଓ ଜଳ ବିଶୁଦ୍ଧ ହୁଏ । ସେହି ବିଶୁଦ୍ଧିରୁ ଆରୋଗ୍ୟ,ପୁଣି ଆରୋଗ୍ୟରୁ ଧର୍ମ, ଅର୍ଥ , କାମ ଓ ମୋକ୍ଷ ଚତୁର୍ବର୍ଗ ଲାଭହୁଏ । ଏ ସବୁକୁ ନ ଜାଣି ବେଦ, ଈଶ୍ୱର ଓ ବେଦୋକ୍ତ ଧର୍ମକୁ ନିନ୍ଦା କରିବା ଧୂର୍ତ୍ତ ଲୋକର କାର୍ଯ୍ୟ । ତ୍ରିଦଣ୍ଡ ଓ ଭସ୍ମଧାରଣ କଥା ଯାହା କୁହାଯାଇଛି , ତାର ଖଣ୍ଡନ ହେଉଛି ଠିକ୍ । ଯଦି କଣ୍ଟକାଦିଦ୍ୱାରା ଉତ୍ପନ୍ନ ହେଉଥିବା ଦୁଃଖର ନାମ ନରକ, ତେବେ ତାଠାରୁ ଅଧିକ ଦୁଃଖଦାୟକ ଯେଉଁ ରୋଗାଦି ଅଛି ସେସବୁ କାହିଁକି ନରକ ନ ହେବ ? ଐଶ୍ୱର୍ଯ୍ୟବାନ୍ ଓ ପ୍ରଜାପାଳନରେ ସମର୍ଥ ହୋଇଥିବା ରାଜାଙ୍କୁ ଯଦି ପରମେଶ୍ୱର ରୂପେ ମାନୁଥାଅ, ତେବେ ଅନ୍ୟାୟକାରୀ ପାପୀରାଜାଙ୍କୁ ସେପରି ମାନିବା ମୂର୍ଖତା ନୁହେଁ କି ? ଶରୀରର ବିଚ୍ଛେଦ ହେବାମାତ୍ରକୁ ଯଦି ମୋକ୍ଷ ବୋଲି କହୁଛ ତେବେ ଗଧ, କୁକୁର ଓ ତୁମ୍ ମଧ୍ୟରେ ପାର୍ଥକ୍ୟ ଆଉ କଣ ରହିଲା ? କେବଳ ଆକୃତିକୁ ଭିନ୍ନବୋଲି କୁହାଯିବ । ଚାର୍ବାକ ......

ଅଗ୍ନିରୁଷ୍ଣୋ ଜଳଂ ଶୀତଂ ସମସ୍ପର୍ଶସ୍ତଥାନିଳଃ ।
କେନେଦଂ ଚିତ୍ରିତଂ ତସ୍ମାତ୍ ସ୍ୱଭାବାତ୍ତଦ୍ ବ୍ୟବସ୍ଥିତିଃ ।୧।
ନ ସ୍ୱର୍ଗୋ ନାପବର୍ଗୋ ବା ନୈବାତ୍ମା ପାରଲୌକିକଃ ।
ନୈବ ବର୍ଣ୍ଣାଶ୍ରମାଦୀନାଂ କ୍ରିୟାଶ୍ଚ ଫଳଦାୟିକାଃ ।୨।
ପଶୁଶ୍ଚେନ୍ନିହତଃ ସ୍ୱର୍ଗଂ ଜ୍ୟୋତିଷ୍ଟୋମେ ଗମିଷ୍ୟତି ।
ସ୍ୱପିତା ଯଜମାନେନ ତତ୍ର କସ୍ମାନ୍ନ ହିଂସ୍ୟତେ ।୩।
ମୃତାନାମପି ଜନ୍ତୂନାଂ ଶ୍ରାଦ୍ଧଂ ଚେତ୍ତୃପ୍ତି କାରଣମ୍ ।
ଗଚ୍ଛତାମିହ ଜନ୍ତୂନାଂ ବ୍ୟର୍ଥଂ ପାଥେୟ କଳ୍ପନମ୍ ।୪।
ସ୍ୱର୍ଗସ୍ଥିତା ଯଦା ତୃପ୍ତିଂ ଗଚ୍ଛେୟୁସ୍ତତ୍ର ଦାନତଃ ।

ପ୍ରସାଦସ୍ୟୋ ପରିଷ୍ଠାନାମତ୍ର କସ୍ମାନ୍ନ ଦୀୟତେ ।୫।
ଯାବଜ୍ଜୀବେତ୍ସୁଖଂ ଜୀବେଦୃଣଂ କୃତ୍ୱା ଘୃତଂ ପିବେତ୍ ।
ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ ।୬।
ଯଦି ଗଚ୍ଛେତ୍ପରଂ ଲୋକଂ ଦେହାଦେଷ ବିନିର୍ଗତଃ ।
କସ୍ମାଦ୍ଭୂୟୋ ନ ଚାୟାତି ବନ୍ଧୁସ୍ନେହସମାକୁଳଃ । ୭।
ତତଶ୍ଚ ଜୀବନୋପାୟୋ ବ୍ରାହ୍ମଣୈର୍ବିହିତସ୍ତ୍ୱିହ ।
ମୃତାନାଂ ପ୍ରେତ କାର୍ଯ୍ୟାଣି ନ ତ୍ୱନ୍ୟଦ୍ ବିଦ୍ୟତେ କ୍ୱଚିତ୍ । ୮।
ତ୍ରୟୋ ବେଦସ୍ୟ କର୍ତ୍ତାରୋ ଭଣ୍ଡଧୂର୍ତ୍ତ ନିଶାଚରାଃ ।
ଜର୍ଫରୀତୁର୍ଫରୀତ୍ୟାଦି ପଣ୍ଡିତାନାଂ ବଚଃ ସ୍ମୃତମ୍ ।୯।
ଅଶ୍ୱସ୍ୟାତ୍ର ହି ଶିଶ୍ନନ୍ତୁ ପତ୍ନୀଗ୍ରାହ୍ୟଂ ପ୍ରକୀର୍ତ୍ତିତମ୍ ।
ଭଣ୍ଡୈସ୍ତଦ୍ୱତ୍ପରଂ ଚୈବ ଗ୍ରାହ୍ୟଜାତଂ ପ୍ରକୀର୍ତ୍ତିତମ୍ । ୧୦।
ମାଂସାନାଂ ଖାଦନଂ ତଦ୍ୱନ୍ନିଶାଚର ସମୀରିତମ୍ ।୧୧।

(ସର୍ବ ଦର୍ଶନ ସଂଗ୍ରହ, ଚାର୍ବାକ ଦର୍ଶନ)

ଚାର୍ବାକ , ଆଭାଣକ , ବୌଦ୍ଧ ଓ ଜୈନ ଏମାନେ ସମସ୍ତେ ଜଗତର ଉତ୍ପତ୍ତି ସ୍ୱାଭାବିକ ଭାବେ ହୋଇଛି ବୋଲି କହନ୍ତି ।ଯାହା ଯାହାର ସ୍ୱାଭାବିକ ଗୁଣ ତାହା ସହିତ ତାହାର ମିଶ୍ରଣ (ଦ୍ରବ୍ୟ ମିଳିତ) ହୋଇ ସମସ୍ତ ପଦାର୍ଥ ସୃଷ୍ଟିହୋଇଥାଏ । ଜଗତର କର୍ତ୍ତା ବୋଲି କେହି ନାହାନ୍ତି । ୧ । ବୌଦ୍ଧ ଓ ଜୈନମାନେ ପରଲୋକ ଓ ଜୀବାତ୍ମାକୁ ମାନନ୍ତି । କିନ୍ତୁ ଚାର୍ବାକ ଏହାକୁ ଗ୍ରହଣ କରନ୍ତି ନାହିଁ । କେତୋଟି କଥା ବ୍ୟତୀତ ବାକି ସବୁଥିରେ ଏମାନେ ସମସ୍ତେ ଏକମତ । ସେମାନେ କହନ୍ତି ସ୍ୱର୍ଗ ଓ ନରକବୋଲି କିଛିନାହିଁ । କିମ୍ବା କୌଣସି ଆତ୍ମା ପରଲୋକକୁ ଗମନ କରେ ନାହିଁ । ବର୍ଣ୍ଣାଶ୍ରମ କ୍ରିୟାମଧ୍ୟ ଫଳଦାୟକ ନୁହେଁ । ୨ । ଯଜ୍ଞରେ ପଶୁକୁ ହତ୍ୟାକରି ହୋମକଲେ,ସେ ଯଦି ସ୍ୱର୍ଗକୁ ଯାଏ,ତେବେ ଯଜମାନ ନିଜ ପିତାଙ୍କୁ ମାରି ଯଜ୍ଞରେ ଆହୁତି ଦେଇ ସ୍ୱର୍ଗକୁ କାହିଁକି ପଠାଉ ନାହାନ୍ତି ?

। ୩ । ଶ୍ରାଦ୍ଧ,ତର୍ପଣଦ୍ୱାରା ପ୍ରକୃତରେ ମୃତ ବ୍ୟକ୍ତିର ଯଦି ତୃପ୍ତି ହୁଏ,ତେବେ ବିଦେଶକୁ ଯାଉଥିବା ଲୋକେ ରାସ୍ତାରେ ନିଜ କର୍ମ ସଂପାଦନ ପାଇଁ ଅନ୍ନ, ବସ୍ତ୍ର,ଧନାଦି ପାଥେୟ ନିଜ ସାଥିରେ ନିଅନ୍ତି କାହିଁକି ? ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଅର୍ପିତ ବସ୍ତୁ ଯେପରି ସ୍ୱର୍ଗରେ ପହଞ୍ଚିଯାଏ, ସେପରି ବିଦେଶକୁ ଯାଉଥିବା ବ୍ୟକ୍ତି ଉଦ୍ଦେଶ୍ୟରେ ତାର ପରିବାର ଲୋକେ ଘରେ ଅର୍ପଣ କରି ବିଦେଶକୁ ପଠାଇଦେବା ଉଚିତ ।ଯଦି ଏହାପହଞ୍ଚିବା ସମ୍ଭବପର ନୁହେଁ ତେବେ ସ୍ୱର୍ଗରେ କିପରି ପହଞ୍ଚିଥିବ । ୪ । ଯଦି ମର୍ତ୍ତ୍ୟଲୋକରେ ଦାନକଲେ ସ୍ୱର୍ଗରେ ଥିବା ଲୋକେ ପାଇପାରୁଛନ୍ତି, ତେବେ ତଳମହଲାରେ କୌଣସି ପଦାର୍ଥ ଦେଲେ ଉପରମହଲାରେ ଥିବା ଲୋକ କାହିଁକି ପାଇପାରେ ନାହିଁ ? । ୫ । ସଂସାରରେ ବଞ୍ଚିରହିଥିବା ପର୍ଯ୍ୟନ୍ତ ଅତି ସୁଖରେ ଜୀବନ ଯାପନ କର । ଯଦି ଘରେ ପଦାର୍ଥ ନଥାଏ, ତେବେ ଋଣକରି ଆଣି ଖର୍ଚ୍ଚ କରି ଆନନ୍ଦ ଉପଭୋଗ କର । ଋଣ ପରିଶୋଧ କରିବାକୁ ପଡିବ ନାହିଁ । କାରଣ ଯେଉଁ ଶରୀରପାଇଁ ଋଣକରି ଖିଆପିଆ କରିଛ ମୃତ୍ୟୁପରେ ସେ ଶରୀର ପୁଣି ଫେରି ଆସିବ ନାହିଁ । ତେବେ ମାଗିବ କିଏ ? ନା ଦେବ କିଏ ? । ୬ । "ମୃତ୍ୟୁ ସମୟରେ ଜୀବ ଶରୀରରୁ ବାହାରି ପରଲୋକକୁ ଚାଲିଯାଏ" ଯେଉଁମାନେ ଏପରି କହନ୍ତି ତାହା ହେଉଛି ମିଥ୍ୟା କଥା ।ଯଦି ସେପରି ହେଉଥାନ୍ତା,ତେବେ ପରିବାରର ମୋହରେ ପଡି ମୃତବ୍ୟକ୍ତି ନିଜ ଘରକୁ ପୁଣି ଫେରି ଆସନ୍ତା ନାହିଁ କାହିଁକି ? । ୭ । ଏଣୁ ବ୍ରାହ୍ମଣମାନେ ନିଜର ଜୀବିକା ନିର୍ବାହ ସକାଶେ ଏ ସବୁ କେବଳ ସୃଷ୍ଟି କରିଛନ୍ତି । ଯେଉଁ ଦଶଗାତ୍ରାଦି ମୃତକ କ୍ରିୟା କରାଯାଏ,ସେସବୁ ସେମାନଙ୍କ ଜୀବିକାପାଇଁ ଲୀଳାମାତ୍ର । ୮ । ବେଦ ରଚନାକାରୀମାନେ ଭଣ୍ଡ,ଧୂର୍ତ୍ତ ଓ ନିଶାଚର,ଅର୍ଥାତ୍ ତିନି ପ୍ରକାରର ରାକ୍ଷସ । ଜର୍ଫରୀ, ତୁର୍ଫରୀ ଇତ୍ୟାଦି ହେଉଛି ପଣ୍ଡିତମାନଙ୍କର ଧୂର୍ତ୍ତତାପୂର୍ଣ୍ଣ ବଚନ ।୯। ଧୂର୍ତ୍ତମାନଙ୍କର ରଚନା ଦେଖ, ଘୋଡ଼ାର ଲିଙ୍ଗକୁ ସ୍ତ୍ରୀ ଲୋକ ଧାରଣ କରିବା, ତା ସହିତ ଯଜମାନ ସ୍ତ୍ରୀର ସମାଗମ କରାଇବା, କନ୍ୟା ସହିତ ଥଟ୍ଟା ପରିହାସ କରିବା, ଏ ସବୁ ଖଳ ଲୋକଙ୍କ ଉକ୍ତି ନୁହେଁତ ଆଉ କଣ ହୋଇପାରେ ? ।୧୦। ବେଦରେ ମାଂସ ଭକ୍ଷଣର ଯେଉଁ ବିଧାନ ଅଛି, ସେହି ବେଦ ହେଉଛି ରାକ୍ଷସକୃତ ।୧୧।

ଉତ୍ତର:-ଚେତନଶୀଳ ପରମେଶ୍ୱରଙ୍କ ନିର୍ମାଣ ବ୍ୟତିରେକେ ଜଡ଼ ପଦାର୍ଥ ଆପେ ଆପେ

କୌଣସି ନିୟମାନୁସାରେ ମିଶ୍ରିତ ହୋଇ,ତହିଁରୁ ଅନ୍ୟ କୌଣସି ପଦାର୍ଥ ଉତ୍ପନ୍ନ ହୋଇ ପାରିବ ନାହିଁ । ନିଜ ସ୍ୱଭାବରୁ ଯଦି ହେଉଥାନ୍ତା ତେବେ ଅନ୍ୟ ଏକ ସୂର୍ଯ୍ୟ, ଚନ୍ଦ୍ର ପୃଥିବୀ, ଗ୍ରହ, ନକ୍ଷତ୍ରାଦି ଲୋକ ଆପେ ଆପେ ସୃଷ୍ଟି ହେଉନାହାନ୍ତି କାହିଁକି ? ।୧। ସୁଖ ଭୋଗର ନାମ ସ୍ୱର୍ଗ ଓ ଦୁଃଖ ଭୋଗର ନାମ ନରକ । ଜୀବାତ୍ମା ନ ରହିଲେ ସୁଖ ଭୋଗ କିଏ କରିବ ? ଜୀବ ଏହି ଜନ୍ମରେ ଯେପରି ସବୁ ସୁଖ-ଦୁଃଖ ଭୋଗ କରେ, ସେପରି ପର ଜନ୍ମରେ ମଧ୍ୟ ଭୋଗ କରେ । ପୁଣି ବର୍ଣ୍ଣାଶ୍ରମୀମାନଙ୍କର ସତ୍ୟ ଭାଷଣ ଓ ପରୋପକାର ପ୍ରଭୃତି କର୍ମ କଣ ବିଫଳ ? ନା ତାହା କେବେ ବିଫଳ ହୁଏ ନାହିଁ ।୨।

ପଶୁ ମାରି ହୋମ କରିବା ବିଷୟ ବେଦର କେଉଁଠି ହେଲେ ଲେଖା ନାହିଁ । ମୃତ ବ୍ୟକ୍ତିଙ୍କପାଇଁ ଶ୍ରାଦ୍ଧ, ତର୍ପଣ ମଧ୍ୟ କପୋଳକଳ୍ପିତ । ବେଦାଦି ସତ୍‌ଶାସ୍ତ୍ର ବିରୋଧୀ ଭାଗବତକାର ପ୍ରଭୃତିଙ୍କର ଏହି ମତ । ତେଣୁ ଏ ପ୍ରକାର ନୀତିକୁ ଆମ୍ଭେ ମଧ୍ୟ ବିରୋଧ କରୁଛୁଁ ।୩।୪-୫। ଯାହା ବସ୍ତୁ ତାହାର କେବେ ଅଭାବ ହୁଏ ନାହିଁ । ଜୀବ ବସ୍ତୁ ହୋଇଥିବାରୁ ସେ ସର୍ବଦା ବିଦ୍ୟମାନ । ତାର ଅଭାବ କେବେ ହୁଏ ନାହିଁ ।ଶରୀର ଭସ୍ମ ହୋଇଯାଏ , ଜୀବ କିନ୍ତୁ ବିନାଶ ହୁଏ ନାହିଁ ।ଶରୀର ନଷ୍ଟ ହୋଇଗଲେ ଜୀବ ଅନ୍ୟ ଶରୀର ଧାରଣ କରେ । ଯେଉଁ ବ୍ୟକ୍ତି ଋଣ କରି ଭୋଗ ବିଳାସ କରେ , ପରେ ଋଣ ପରିଶୋଧ କରେ ନାହିଁ , ସେ ଲୋକ ମହାପାପୀ ହୁଏ । ପରଜନ୍ମରେ ଦୁଃଖରୂପୀ ନରକ ଭୋଗ କରେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ୬ । ଶରୀରରୁ ଜୀବ ବାହାରି ଗଲା ପରେ ସ୍ଥାନାନ୍ତର ହୋଇ, ଭିନ୍ନ ଶରୀର ଧାରଣ କରେ । ସେତେବେଳେ ତାର ପୂର୍ବଜନ୍ମ ବା ପରିବାର ଜ୍ଞାନ କିଛିହେଲେ ରହେ ନାହିଁ, ତେଣୁ ସେ ପରିବାରକୁ ଆସିବ ବା କିପରି ? ।୭। ବ୍ରାହ୍ମଣ ପୁରୋହିତମାନେ ନିଜର ଜୀବିକା ନିର୍ବାହ ସକାଶେ ପ୍ରେତ କର୍ମାଦି ସବୁ ସୃଷ୍ଟି କରିଛନ୍ତି । ତେଣୁ ତାହା ବେଦୋକ୍ତ ନୁହେଁ ।୮। ପ୍ରକୃତରେ ଚାର୍ବାକ ପ୍ରଭୃତି ଯଦି ବେଦ ଅଧ୍ୟୟନ କରିଥାଆନ୍ତେ, ତେବେ କଦାପି ବେଦର ନିନ୍ଦା କରିନଥାନ୍ତେ । କିମ୍ବା ବେଦାଦି ରଚନାକାରୀଙ୍କୁ ଭଣ୍ଡ , ଧୂର୍ତ୍ତ ଓ ନିଶାଚର ବୋଲି କହିନଥାନ୍ତେ । ଅବଶ୍ୟ ମହୀଧର ପ୍ରଭୃତି ବେଦର ଟୀକାକାରମାନଙ୍କୁ ଭଣ୍ଡ, ଧୂର୍ତ୍ତ ଓ ନିଶାଚର ବୋଲି କୁହାଯାଇ ପାରେ । କିନ୍ତୁ ବେଦରେ କୌଣସି ଧୂର୍ତ୍ତତା ନାହିଁ । କିନ୍ତୁ ଦୁଃଖର ବିଷୟ ଯେ ଚାର୍ବାକ୍ ,

ଆଭାଣକ, ବୌଦ୍ଧ ଓ ଜୈନମାନେ ବେଦର ଚାରି ସଂହିତା ଶୁଣିଲେ ନାହିଁ , ଦେଖିଲେ ନାହିଁ କି କୌଣସି ବିଦ୍ୱାନଙ୍କ ନିକଟରୁ ପଢ଼ିଲେ ନାହିଁ । ବାମମାର୍ଗୀମାନଙ୍କ ପ୍ରମାଣଶୂନ୍ୟ କପୋଳକଳ୍ପିତ ଭ୍ରଷ୍ଟଟୀକା ଦେଖି ବୁଦ୍ଧିଭ୍ରଷ୍ଟ ହୋଇ ବେଦର ନିନ୍ଦା କରିବାରେ ଲାଗିଲେ । ଦୁଷ୍ଟ ବାମମାର୍ଗୀମାନଙ୍କର ପ୍ରମାଣଶୂନ୍ୟ କପୋଳକଳ୍ପିତ ଭ୍ରଷ୍ଟଟୀକାଗୁଡ଼ିକ ଦେଖି ବେଦ ବିରୋଧୀ ହୋଇ ଅବିଦ୍ୟା ରୂପକ ଅଗାଧ ସମୁଦ୍ରରେ ବୁଡ଼ିଗଲେ । ୯। ବିଚାର କରି ଦେଖନ୍ତୁ ଭଲା , ସ୍ତ୍ରୀଦ୍ୱାରା ଅଶ୍ୱଲିଙ୍ଗକୁ ଧରାଇ , ତା ସହିତ ସମାଗମ କରିବା, ପୁଣି ଯଜମାନଙ୍କ କନ୍ୟା ସହିତ ଥଟ୍ଟା ପରିହାସ କରିବା ଏସବୁ ଧୂର୍ତ୍ତତା ହେଉଛି ଟୀକାକାର ମାନଙ୍କର, ବେଦର କଦାପି ନୁହେଁ । ବାମମାର୍ଗୀଙ୍କ ବ୍ୟତୀତ ଅନ୍ୟଲୋକ ଏପରି କର୍ମ କରିନପାରେ । ମହାପାପୀ ବାମମାର୍ଗୀଙ୍କ ବ୍ୟତୀତ ବେଦର ଏପରି ବିପରୀତ ଅର୍ଥ, ଅଶୁଦ୍ଧ ଭ୍ରଷ୍ଟ ବ୍ୟାଖ୍ୟାନ ଆଉ କିଏ କରିପାରେ ? ଅତ୍ୟନ୍ତ ଦୁଃଖର ବିଷୟ ଯେ ଚାର୍ବାକ ପ୍ରଭୃତି ବିଚାର ନକରି ବେଦଶାସ୍ତ୍ରର ନିନ୍ଦା କରିଛନ୍ତି । ଯେଣୁ ନିଜ ବୁଦ୍ଧିରେ ସତ୍ୟାସତ୍ୟ ବିଚାର କରିବାପାଇଁ ସେମାନଙ୍କର ବିଦ୍ୟାଶିକ୍ଷା ବା ଜ୍ଞାନ ନ ଥିଲା ।୧୦। ମାଂସାଦି ଭକ୍ଷଣ ବାମମାର୍ଗୀ ଟିକାକାରମାନଙ୍କ ଅନ୍ୟ ଏକ କୃତି । ଏଣୁ ସେମାନଙ୍କୁ ରାକ୍ଷସ ବୋଲି କହିବା ଯୁକ୍ତିଯୁକ୍ତ । ଯେଣୁ ବେଦରେ ମାଂସ ଭକ୍ଷଣ ବିଷୟରେ କିଛି ଉଲ୍ଲେଖ କରାଯାଇ ନାହିଁ ।ଏପରି ମିଥ୍ୟା କଥା ଲେଖିବାର ଫଳ ସେହି ଟୀକାକାରମାନେ ଭୋଗ କରିବେ । ପୁଣି ଯେଉଁମାନେ ନ ବୁଝି ବିଚାରି ବେଦର ନିନ୍ଦା ଗାଉଛନ୍ତି, ସେମାନଙ୍କୁ ପାପର ଫଳ ଭୋଗିବାକୁ ପଡ଼ିବ । ଯେଉଁମାନେ ବେଦର ନିନ୍ଦା କରିଛନ୍ତି, କରୁଛନ୍ତି ଓ କରିବେ ସେମାନେ ଅବିଦ୍ୟାରୂପୀ ଅନ୍ଧକାରରେ ପଡ଼ି ସୁଖ ପରିବର୍ତ୍ତେ ଦାରୁଣ ଦୁଃଖ ଯନ୍ତ୍ରଣା ନିଶ୍ଚୟ ଭୋଗ କରିବେ । ଅତଏବ ମନୁଷ୍ୟମାତ୍ରେ ବେଦାନୁକୂଳରେ ପରିଚାଳିତ ହେବା ଆବଶ୍ୟକ ।୧୧।

ବାମମାର୍ଗୀମାନେ ମିଥ୍ୟା କଳ୍ପନା କରି ନିଜର ସ୍ୱାର୍ଥ ସାଧନ ସକାଶେ ଅର୍ଥାତ୍ ଯଥେଷ୍ଟ ମଦ୍ୟପାନ ,ମାଂସ ଭକ୍ଷଣ ଓ ପର ସ୍ତ୍ରୀଗମନ ପ୍ରଭୃତି କୁକର୍ମ କରିବାପାଇଁ ବେଦ ନାମରେ କଳଙ୍କ ବୋଳି ଦେଇଛନ୍ତି । ସେମାନଙ୍କ ବ୍ୟାଖ୍ୟାନକୁ ଦେଖି ଚାର୍ବାକ , ବୌଦ୍ଧ ଓ ଜୈନମାନେ ବେଦନିନ୍ଦା କରିବାକୁ ଲାଗିଲେ । ତା ସଙ୍ଗେ ସଙ୍ଗେ ଅନୀଶ୍ୱରବାଦ ଅର୍ଥାତ୍ ନାସ୍ତିକତାର ବୀଜ ବପନ କରିଦେଲେ । ସେମାନେ ଯଦି ବେଦର ଯଥାର୍ଥ ବିଚାର କରିଥାନ୍ତେ

ତେବେ ବାମମାର୍ଗୀଙ୍କ ମିଥ୍ୟା ଟୀକାରେ ଭୁଲିଯାଇ,ବେଦର ନିନ୍ଦା କେବେ କରି ନ ଥାନ୍ତେ । ଏମାନଙ୍କର "ବିନାଶ କାଳେ ବିପରୀତ ବୁଦ୍ଧିଃ" ଜାତ ହେଲା ବୋଲି ବିଚାରିବାକୁ ହେବ ।

ଚାର୍ବାକ ଶରୀରର ଉତ୍ପତ୍ତି ସହିତ ଜୀବର ଉତ୍ପତ୍ତିକୁ ଗ୍ରହଣ କରନ୍ତି । ଏମାନଙ୍କ ମତରେ ଶରୀର ନାଶ ହେଲେ ଜୀବ ମଧ୍ୟ ନଷ୍ଟ ହୋଇଯାଏ । ପୁନର୍ଜନ୍ମ ଓ ପରଲୋକକୁ ମାନନ୍ତି ନାହିଁ ପ୍ରତ୍ୟକ୍ଷ ପ୍ରମାଣ ବ୍ୟତୀତ ଅନୁମାନାଦି ପ୍ରମାଣକୁ ମଧ୍ୟ ଗ୍ରହଣ କରନ୍ତି ନାହିଁ । ଚାର୍ବାକ ଶବ୍ଦର ସାଧାରଣ ଅର୍ଥ " ପ୍ରଗଳ୍‌ଭ" କିନ୍ତୁ ବିଶେଷ ଅର୍ଥ ହେଉଛି "ବୈତାଣ୍ଡିକ " । କିନ୍ତୁ ବୌଦ୍ଧ ଜୈନମାନେପ୍ରତ୍ୟକ୍ଷାଦି ଚାରିପ୍ରକାର ପ୍ରମାଣ, ଅନାଦିଜୀବ, ପୁନର୍ଜନ୍ମ, ପରଲୋକ ଓ ମୁକ୍ତିକୁ ମାନନ୍ତି । ଏହାହିଁ ହେଉଛି ଏମାନଙ୍କ ମଧ୍ୟରେ ପ୍ରଭେଦ । କିନ୍ତୁ ନାସ୍ତିକତା ବେଦନିନ୍ଦା, ଈଶ୍ୱର ନିନ୍ଦା, ଅସହିଷ୍ଣୁତା, ଛଅ ପ୍ରକାର ଯାତନା, ଜଗତର କର୍ତ୍ତା କେହି ନାହିଁ ଇତ୍ୟାଦି ମତ ଏ ସମସ୍ତଙ୍କର ସମାନ । ଏଠାରେ ଚାର୍ବାକମତ ସଂକ୍ଷେପରେ କୁହାଗଲା । ବର୍ତ୍ତମାନ ବୌଦ୍ଧମତ ସମ୍ପର୍କରେ ସଂକ୍ଷେପରେ ଲେଖୁଅଛୁ ।

କାର୍ଯ୍ୟକାରଣ ଭାବାଦ୍ ବା ସ୍ୱଭାବାଦ୍‌ବା ନିୟାମକାତ୍ ।
ଅବିନାଭାବ ନିୟମୋ ଦର୍ଶନାନ୍ତର ଦର୍ଶନାତ୍ ।
(ସର୍ବଦର୍ଶନ ସଂଗ୍ରହ-ବୌଦ୍ଧ ଦର୍ଶନ)

କାର୍ଯ୍ୟକାରଣଭାବ - କାର୍ଯ୍ୟ ଓ କାରଣ ମଧ୍ୟରେ ନିତ୍ୟ ସମ୍ବନ୍ଧ ବିଦ୍ୟମାନ । କାର୍ଯ୍ୟ ଦର୍ଶନରୁ କାରଣ ତଥା କାରଣ ଦର୍ଶନରୁ କାର୍ଯ୍ୟର ସାକ୍ଷାତ୍ ପ୍ରତ୍ୟକ୍ଷ ପରେ ଅନୁମାନ କରିବାକୁ ହୁଏ । "ଏହା ବ୍ୟତୀତ ପ୍ରାଣୀମାନଙ୍କର ସମ୍ପୂର୍ଣ୍ଣ ବ୍ୟବହାର ପୂର୍ଣ୍ଣ ହୋଇପାରେ ନାହିଁ " ଇତ୍ୟାଦି ଲକ୍ଷଣଦ୍ୱାରା ଅନୁମାନକୁ ଅଧିକ ବୋଲି ଗ୍ରହଣ କରି ଚାର୍ବାକଙ୍କ ଭିନ୍ନଶାଖା ବୌଦ୍ଧମତ ସୃଷ୍ଟି ହେଲା ।

ବୌଦ୍ଧମାନେ ଚାରିପ୍ରକାର - ଯଥା ୧ -ମାଧ୍ୟମିକ, ୨- ଯୋଗାଚାର, ୩- ସୌତ୍ରାନ୍ତିକ, ୪- ବୈଭାଷିକ ।" ବୁଦ୍ଧ୍ୟା ନିବର୍ତ୍ତତେ ସ ବୌଦ୍ଧଃ" ବୁଦ୍ଧି ଦ୍ୱାରା ଯାହା ସିଦ୍ଧ ହୁଏ ଅର୍ଥାତ୍ ଯେଉଁ ଚିନ୍ତା ବୁଦ୍ଧି ଅନୁସାରେ ଠିକ୍ ବୋଲି ମନେ ହୁଏ, ସେସବୁକୁ ଗ୍ରହଣ କରାଯାଏ ଓ ଯାହା ଠିକ୍ ନୁହେଁ ବୋଲି ବିଚାରନ୍ତି ତାକୁ ଗ୍ରହଣ କରାଯାଏ ନାହିଁ ।

ଏମାନଙ୍କ ମଧ୍ୟରୁ ପ୍ରଥମରେ କୁହାଯାଇଥିବା "ମାଧ୍ୟମିକ" ସର୍ବ ଶୂନ୍ୟକୁ ମାନନ୍ତି । ଅର୍ଥାତ୍ ଯେତେ ପଦାର୍ଥ ରହିଛି, ସେସବୁ ଶୂନ୍ୟ ଅର୍ଥାତ୍ ଆଦ୍ୟରେ ନଥିଲା, ପୁଣି ଶେଷରେ ରହିବ ନାହିଁ, ମଧ୍ୟରେ ଯାହା ପ୍ରତୀତ ହୁଏ, ତାହା କେବଳ ସେହି ସମୟରେ ଥାଏ , କିନ୍ତୁ ପରେ ଶୂନ୍ୟ ହୋଇଯାଏ । ଯେପରି ଉତ୍ପତ୍ତି ପୂର୍ବରୁ ଘଟ ନ ଥିଲା, ପୁଣି ଭାଙ୍ଗିଯିବା ପରେ ଘଟ ରହେନାହିଁ,ଅର୍ଥାତ୍ ଘଟଜ୍ଞାନ ଥିବା ପର୍ଯ୍ୟନ୍ତ ଘଟ ଥାଏ, ସେ ଜ୍ଞାନ ନଷ୍ଟ ହେବାମାତ୍ରେ ଘଟ ଆଉ ରହେ ନାହିଁ । ସେହିପରି ଜ୍ଞାନ ଶକ୍ତିଦ୍ୱାରା ଅନୁଭବ ହେଉଥିବା ପର୍ଯ୍ୟନ୍ତ ଯେ କୌଣସି ପଦାର୍ଥ ଥାଏ , କିନ୍ତୁ ଅନୁଭବ ଜ୍ଞାନ ଅଭାବରେ ପଦାର୍ଥ ଆଉ ରହେ ନାହିଁ ।ଏଣୁ ଶୂନ୍ୟ ହେଉଛି ଏକ ମାତ୍ର ତତ୍ତ୍ୱ । ଦ୍ୱିତୀୟରେ "ଯୋଗାଚାର " ଯେ କି ବାହ୍ୟଶୂନ୍ୟ ମାନନ୍ତି । ଅର୍ଥାତ୍ ପଦାର୍ଥ ଭିତର ଜ୍ଞାନରେ ଉଦ୍‌ଭାସିତ ହୁଏ ,ବାହାରେ କିନ୍ତୁ ହୁଏ ନାହିଁ । ଯେପରି ଆତ୍ମା ଭିତରେ ଘଟ ଜ୍ଞାନ ସୃଷ୍ଟି ହେବାରୁ ମନୁଷ୍ୟ କହେ ଏହା ଗୋଟିଏ ଘଟ ।କିନ୍ତୁ ଆତ୍ମା ଭିତରେ ଘଟଜ୍ଞାନ ନ-ହେଲେ, ବାହାର କୌଣସି ପଦାର୍ଥକୁ ସେ ଘଟ ବୋଲି କହିପାରେ ନାହିଁ । ତୃତୀୟରେ "ସୌତ୍ରାନ୍ତିକ " ଏମାନେ କହିଥାନ୍ତି ଜଗତର ଯାବତୀୟ ପଦାର୍ଥକୁ ଅନୁମାନଦ୍ୱାରା ହିଁ ଜାଣିବାକୁ ହୋଇଥାଏ । ଯେଣୁ ଯେ କୌଣସି ପଦାର୍ଥ ସର୍ବାଂଶରେ ପ୍ରତ୍ୟକ୍ଷୀଭୂତ ହୁଏ ନାହିଁ । କୌଣସି ଏକଦେଶକୁ ପ୍ରତ୍ୟକ୍ଷ କଲାପରେ ଅବଶିଷ୍ଟାଂଶ କେବଳ ଅନୁମାନଦ୍ୱାରା ହିଁ ଜାଣିବାକୁ ହୁଏ । ଚତୁର୍ଥରେ " ବୈଭାଷିକ" ଏମାନଙ୍କ ମତରେ ବାହାରେ ଯେଉଁ ପଦାର୍ଥ ପ୍ରତ୍ୟକ୍ଷ କରାଯାଏ, ଆତ୍ମାଭିତରେ ତାହାର ଆଭାସ ହୁଏ ନାହିଁ । ଯେପରି-କେହି ଯଦି କହେ ଏଠାରେ ଏକ ନୀଳ ଘଟ ଅଛି । ସେତେବେଳେ ସେ ବିଚାରେ କୌଣସି ନୀଳ ପଦାର୍ଥ ଘଟାକୃତିରେ ବାହାରେ ରହିଛି ।

ଯଦିଓ ଏମାନଙ୍କର ଆଚାର୍ଯ୍ୟ, ଉପଦେଷ୍ଟା ବୁଦ୍ଧ ହେଉଛନ୍ତି ଏକ, ତଥାପି ଶ୍ରୋତା ଓ ଶିଷ୍ୟମାନଙ୍କର ବୁଦ୍ଧିଭେଦ ହେତୁ ଏମାନେ ଚାରିଶାଖାରେ ବିଭକ୍ତ ହୋଇପଡ଼ିଲେ । ଯେପରି ସୂର୍ଯ୍ୟ ଅସ୍ତ ହୋଇଯିବା ପରେ ଜାରପୁରୁଷ ପର ସ୍ତ୍ରୀ ଗମନ କରେ, ଚୋର ଚୋରି କରେ ଓ ଜ୍ଞାନୀଜନ ସତ୍ୟଭାଷଣ-ପ୍ରବଚନାଦି କରନ୍ତି । ଏଠାରେ ସମୟ ହେଉଛି ଏକ,କିନ୍ତୁ ଲୋକମାନେ ନିଜନିଜ ବୁଦ୍ଧିଭେଦ ଅନୁସାରେ ଭିନ୍ନ ଭିନ୍ନ କାର୍ଯ୍ୟ କରିଥାନ୍ତି । ଏମାନଙ୍କ ଅବସ୍ଥା ମଧ୍ୟ ସେପରି ହୋଇଅଛି। ଏହି ଚାରୋଟି ଶାଖା ମଧ୍ୟରୁ ମାଧ୍ୟମିକ

ମାନେ ସବୁକୁ କ୍ଷଣିକ ମନେ କରନ୍ତି । କ୍ଷଣକ୍ଷଣକେ ବୁଦ୍ଧିର ପରିଣାମ ହେତୁ ପୂର୍ବ କ୍ଷଣରେ ଯେଉଁ ବସ୍ତୁ ଯେପରି ଥିଲା, ପର କ୍ଷଣରେ ତାହା ଆଉ ସେପରି ରହେ ନାହିଁ । ଏଣୁ ଏମାନେ ଜଗତର ସବୁ କଥାକୁ କ୍ଷଣିକ ମାନନ୍ତି । ଯୋଗାଚାରମାନଙ୍କ ମତରେ ପ୍ରବୃତ୍ତି ଗୁଡ଼ିକ ଦୁଃଖର ସ୍ୱରୂପ । ଯେଣୁ କୌଣସି ବ୍ୟକ୍ତି ଯେ କୌଣସି ବସ୍ତୁ ପ୍ରାପ୍ତିରେ ଶାନ୍ତ ଓ ସନ୍ତୁଷ୍ଟ ହୋଇ ରହେ ନାହିଁ । ଗୋଟିଏ ପଦାର୍ଥ ଲାଭ ହେବାପରେ ଅପର ପଦାର୍ଥ ପ୍ରତି ଇଚ୍ଛା ଜାତ ହୁଏ । ପ୍ରାପ୍ତିରୁ କଦାପି ନିବୃତ୍ତି ଜନ୍ମେ ନାହିଁ । ସୌତ୍ରାନ୍ତିକ କହନ୍ତି – ସମସ୍ତ ପଦାର୍ଥ ନିଜ ନିଜ ଲକ୍ଷଣଦ୍ୱାରା ହିଁ ଲକ୍ଷିତ ହୁଏ । ଯେପରି ଗାଈ ଚିହ୍ନରୁ ଗାଈକୁ ଓ ଘୋଡ଼ା ଚିହ୍ନରୁ ଘୋଡ଼ାକୁ ଜାଣିବାକୁ ହୁଏ । ଅତଏବ ଯେଉଁ ପଦାର୍ଥର ଲକ୍ଷଣ ସେହି ପଦାର୍ଥର ଗୁଣ ସ୍ୱରୂପ ସର୍ବଦା ତହିଁରେ ନିହିତ ହୋଇ ରହିଥାଏ । ଚତୁର୍ଥରେ ବୈଭାଷିକ ମାନେ ଶୂନ୍ୟକୁ ଏକ ପଦାର୍ଥ ବୋଲି କହନ୍ତି । ପଥମେ ମାଧ୍ୟମିକ ସବୁକୁ ଶୂନ୍ୟ ମନେ କରୁଥିଲା ।ପରେ ବୈଭାଷିକ ମଧ୍ୟ ସେହି ପକ୍ଷକୁ ଗ୍ରହଣ କରିଛି । ଏହିପରି ଭାବରେ ବୌଦ୍ଧମାନଙ୍କ ମଧ୍ୟରେ ବିବଦମାନ ଗୋଷ୍ଠୀ ଚାରିଭାଗରେ ବିଭକ୍ତ ହୋଇ ରହିଛନ୍ତି ।

ଉତ୍ତର– ଯଦି ସବୁକୁ ଶୂନ୍ୟ ମନେ କରାଯାଏ, ତଥାପି ଶୂନ୍ୟକୁ ଜାଣିଥିବା ବ୍ୟକ୍ତି କଦାପି ଶୂନ୍ୟ ହୋଇନପାରେ । ଯଦି ସବୁ ଶୂନ୍ୟ ହୋଇଯିବ, ତେବେ ଶୂନ୍ୟକୁ ଶୂନ୍ୟ ଜାଣିପାରିବ ନାହିଁ । ଏଣୁ ବୌଦ୍ଧମତାନୁସାରେ ଦୁଇଟି ବସ୍ତୁ ଆବଶ୍ୟକ, ଯଥା– ଶୂନ୍ୟକୁ ଯେଜାଣେ ପୁଣି ଶୂନ୍ୟ ବୋଲି ଯାହା ଜଣାଯାଏ । ଯୋଗାଚାରମାନେ ଯେଉଁ ବାହ୍ୟ ଶୂନ୍ୟତ୍ୱ ସ୍ୱୀକାର କରନ୍ତି,ପର୍ବତାଦି ବଡ ବଡ ପଦାର୍ଥ ମଧ୍ୟ ସେମାନଙ୍କ ଅନ୍ତଃକରଣ ମଧ୍ୟରେ ରହିବା କଥା । କିନ୍ତୁ ହୃଦୟ ଭିତରେ ପର୍ବତ ରହିବାର ଅବକାଶ ନାହିଁ ।ଏଣୁ ପର୍ବତାଦି ସମସ୍ତ ପଦାର୍ଥ ବାହାରେ ରହିଛି,କିନ୍ତୁ ସେହି ପଦାର୍ଥର ଜ୍ଞାନ ମାତ୍ର ଆତ୍ମା ଭିତରେ ରହିଥାଏ । ସୌତ୍ରାନ୍ତିକମାନେ କୌଣସି ପଦାର୍ଥକୁ ପ୍ରତ୍ୟକ୍ଷ ମାନନ୍ତି ନାହିଁ ।ତେଣୁ ସେମାନେ ନିଜେ ପୁଣି ସେମାନଙ୍କ ବଚନ ମଧ୍ୟ ପ୍ରତ୍ୟକ୍ଷ ହୋଇନଥିବାରୁ ଅନୁମେୟ ହେବା ଉଚିତ ।ଯଦି ପ୍ରତ୍ୟକ୍ଷ ନ ଥାଆନ୍ତା ତେବେ "ଅୟଂଘଟଃ" ଏପରି ପ୍ରୟୋଗ କରିବା ଉଚିତ ନୁହେଁ । " ଅୟଂ ଘଟୈକଦେଶଃ " ଏହା ଘଟର ଏକଦେଶ ମାତ୍ର ବୋଲି କୁହାଯାଆନ୍ତା । କିନ୍ତୁ ଘଟର ଏକ ଅଂଶହିଁ ଘଟ ନୁହେଁ,ତା'ର ସମୁଦାୟର ନାମ ହେଉଛି ଘଟ । ଯେତେବେଳେ ଘଟର

ପ୍ରତ୍ୟକ୍ଷ ଜ୍ଞାନ ହୁଏ,ସେତେବେଳେ " ଏହା ଘଟ " ବୋଲି କୁହାଯାଏ । ଘଟ ସେତେବେଳେ ଅନୁମେୟ ହୋଇ ରହେ ନାହିଁ । ସବୁ ଅବୟବରେ ଅବୟବୀ ବ୍ୟାପକ ଥାଏ । ପୂର୍ଣ୍ଣାବୟବ ବା ଅବୟବୀ ପ୍ରତ୍ୟକ୍ଷରେ ଅନୁଭୂତ ହେଲେ ସବୁ ଅବୟବ ବା ଅଂଶ ବିଶେଷର ପ୍ରତ୍ୟକ୍ଷ ଅନୁଭବ ହୁଏ । ଅର୍ଥାତ୍ ସାବୟବ ଘଟ ପ୍ରତ୍ୟକ୍ଷ ହୋଇଥାଏ । ଚତୁର୍ଥ ଶାଖା ବୈଭାଷିକ,ଏମାନେ ବାହ୍ୟ ପଦାର୍ଥକୁ ପ୍ରତ୍ୟକ୍ଷ ବୋଲି ମାନିଥାନ୍ତି,କିନ୍ତୁ ତା ମଧ୍ୟ ଠିକ୍ ନୁହେଁ । କାରଣ ଯେଉଁଠାରେ ଜ୍ଞାତା ଓ ଜ୍ଞାନ ହୁଏ ସେଇଠାରେ ପ୍ରତ୍ୟକ୍ଷ ସମ୍ଭବ । ଅର୍ଥାତ୍ ଆତ୍ମାରେ ସମସ୍ତର ପ୍ରତ୍ୟକ୍ଷ ହୁଏ । ଯଦିଓ ପ୍ରତ୍ୟକ୍ଷର ବିଷୟ ବାହାର ହୋଇଥାଏ,ତଥାପି ତଦାକାର ଜ୍ଞାନ ଆତ୍ମାରେ ଥାଏ । ସେହିପରି ଯଦି କ୍ଷଣିକ ପଦାର୍ଥ ଓ ତାର ଜ୍ଞାନ କ୍ଷଣିକ ହୁଏ,ତେବେ "ପ୍ରତ୍ୟଭିଜ୍ଞ" ଅର୍ଥାତ୍ " ମୁଁ ଏ କଥା କହିଥିଲି" ଏପରି ସ୍ମରଣ ହୁଅନ୍ତା ନାହିଁ । ଯେଣୁ ପୂର୍ବରୁ ଦେଖିଥିବା ବା ଶୁଣିଥିବା ବିଷୟ ସ୍ମରଣ କରିହୁଏ,ତେଣୁ କ୍ଷଣିକବାଦ ମଧ୍ୟ ଠିକ୍ ନୁହେଁ । ଜଗତରେ ସବୁ ଦୁଃଖ,କିଛିହିଁ ସୁଖ ନାହିଁ, ଏ କଥା ମଧ୍ୟ ଠିକ୍ ନୁହେଁ । କାରଣ ସୁଖର ଅପେକ୍ଷା ବିନା ଦୁଃଖ ପ୍ରତୀତି ହୁଏ ନାହିଁ । ଯେପରି ରାତ୍ରିର ଅପେକ୍ଷା ବିନା ଦିନ ପୁଣି ଦିନର ଅପେକ୍ଷା ବିନା ରାତ୍ରି ହୁଏ ନାହିଁ । ଏଣୁ ଜଗତରେ ସବୁକୁ ଦୁଃଖ ବୋଲି କହିବା ଠିକ୍ ନୁହେଁ । ବସ୍ତୁର ସ୍ୱଲକ୍ଷଣ ଅର୍ଥାତ୍ ଯେଉଁ ବସ୍ତୁର ଲକ୍ଷଣ ସେହି ବସ୍ତୁରେ ସର୍ବଦା ରହେ, ଏହା ମଧ୍ୟ ଠିକ୍ ନୁହେଁ । ନେତ୍ର ହେଉଛି ରୂପର ଲକ୍ଷଣ, ଏବଂ ରୂପ ହେଉଛି ଲକ୍ଷ୍ୟ । କିନ୍ତୁ ଚକ୍ଷୁ ବା ଲକ୍ଷଣ,ରୂପ ବା ଲକ୍ଷ୍ୟଠାରୁ ଭିନ୍ନ ରହେ । ପୁଣି ଘଟ ରୂପଠାରୁ ଘଟରୂପର ଲକ୍ଷଣ ପୃଥକ୍ ରହେ,ଅର୍ଥାତ୍ ଘଟରୁ ଚକ୍ଷୁ ଭିନ୍ନ ଅଟେ । ଅନ୍ୟ ଏକ ଦୃଷ୍ଟାନ୍ତ ଦେଖ– ଲକ୍ଷ୍ୟଠାରୁ ଲକ୍ଷଣ କିପରି ଭିନ୍ନ ରହି ପାରେ ନାହିଁ । ଯଥା– ପୃଥିବୀଠାରୁ ଗନ୍ଧ ଅଭିନ୍ନ । ଅତଏବ ଲକ୍ଷଣ ସର୍ବଦା ଲକ୍ଷ୍ୟରେ ଅବସ୍ଥାନ କରେ ନାହିଁ । ଶୂନ୍ୟ ସମ୍ପର୍କରେ ପୂର୍ବରୁ ଯେଉଁ ଉତ୍ତର ଦିଆଯାଇଛି ତଦନୁସାରେ ଶୂନ୍ୟର ଜ୍ଞାତା ଶୂନ୍ୟଠାରୁ ପୃଥକ୍ ରହେ ।

ସର୍ବସ୍ୟ ସଂସାରସ୍ୟ ଦୁଃଖାତ୍ମକତ୍ୱଂ ସର୍ବତୀର୍ଥଙ୍କର ସମ୍ମତମ୍ ।

(ସର୍ବ ଦର୍ଶନ ସଂଗ୍ରହ ବୌଦ୍ଧ ଦର୍ଶନ)

"ସକଳ ସଂସାର ଦୁଃଖମୟ" ସମସ୍ତ ତୀର୍ଥଙ୍କରଏପରି ମତ ଦେଇଥାନ୍ତି ।

ବୌଦ୍ଧମାନେ ଯାହାଙ୍କୁ ତୀର୍ଥଙ୍କର କହନ୍ତି, ଜୈନମାନେ ମଧ୍ୟ ତାଙ୍କୁ ତୀର୍ଥଙ୍କର ବୋଲି କହନ୍ତି । ଏଣୁ ଏ ଉଭୟେ ହେଉଛନ୍ତି ଏକ । ପୁଣି ପୂର୍ବୋକ୍ତ ଭାବନା ଚତୁଷ୍ଟୟ ଅର୍ଥାତ୍ ଗୁରୋଟି ଭାବନାଦ୍ୱାରା ସକଳବାସନାର ନିବୃତ୍ତି ହୁଏ । ତଦ୍ୱାରା ଶୂନ୍ୟରୂପ ନିର୍ବାଣ ଅର୍ଥାତ୍ ମୁକ୍ତିମିଳେ ବୋଲି ସେମାନେ ମତ ଦିଅନ୍ତି । ନିଜର ଶିଷ୍ୟମାନଙ୍କୁ ଆଗ୍ରହ ଓ ଯୋଗ ସମ୍ପର୍କରେ ଉପଦେଶ ଦିଅନ୍ତି, ଗୁରୁଙ୍କ ବଚନକୁ ହିଁ ପ୍ରମାଣ ମାନିବାକୁ କହନ୍ତି । ସେମାନଙ୍କ ମତାନୁସାରେ ଅନାଦି ବୁଦ୍ଧିରେ ବାସନା ଜାତ ହେଲେ, ସେହି ବୁଦ୍ଧି କଳୁଷିତ ହୋଇ ଅନେକାକାର ଧାରଣ କରେ । ଏମାନେ ଚିତ୍ତଚୈତ୍ତାତ୍ମକ ସ୍କନ୍ଧ ପାଞ୍ଚ ପ୍ରକାର ବୋଲି ମାନନ୍ତି । ଯଥା- **ରୂପ ବିଜ୍ଞାନ ବେଦନାସଂଜ୍ଞା ସଂସ୍କାର ସଂଜ୍ଞକଃ ।**

(ସର୍ବଦର୍ଶନ ସଂଗ୍ରହ- ବୌଦ୍ଧଦର୍ଶନ)

ପ୍ରଥମ- ଚକ୍ଷୁ ଆଦି ଇନ୍ଦ୍ରିୟମାନଙ୍କଦ୍ୱାରା ରୂପାଦି ବିଷୟ ଗ୍ରହଣର ନାମ **"ରୂପସ୍କନ୍ଧ"** । ଦ୍ୱିତୀୟ- ଆଳୟ ବିଜ୍ଞାନ ପ୍ରବୃତ୍ତିର ଜ୍ଞାନରୂପ ବ୍ୟବହାରର ନାମ **"ବିଜ୍ଞାନସ୍କନ୍ଧ"** । ତୃତୀୟ- ରୂପସ୍କନ୍ଧ ଓ ବିଜ୍ଞାନ ସ୍କନ୍ଧରୁ ଉତ୍ପନ୍ନ ସୁଖ-ଦୁଃଖାଦି ପ୍ରତ୍ୟେକ ରୂପ ବ୍ୟବହାରର ନାମ **"ବେଦନାସ୍କନ୍ଧ"** । ଚତୁର୍ଥ- ଗୋ ଆଦି ସଂଜ୍ଞା ସହିତ ତଦ୍ ବୋଧକ ବସ୍ତୁର ସମ୍ବନ୍ଧ ଜ୍ଞାନର ନାମ **"ସଂଜ୍ଞାସ୍କନ୍ଧ"** ।ପଞ୍ଚମ- ବେଦନାସ୍କନ୍ଧରୁ ଜାତ ରୋଗ ଦ୍ୱେଷାଦି କ୍ଲେଶ ତଥା କ୍ଷୁଧା ତୃଷାଦି ଉପକ୍ଲେଶ,ମଦ, ପ୍ରମାଦ,ଅଭିମାନ ପୁଣି ଧର୍ମାଧର୍ମ ରୂପ ବ୍ୟବହାରର ନାମ **"ସଂସ୍କାର ସ୍କନ୍ଧ"** ।

'ସେମାନେ ବିଚାରନ୍ତି, ଏହି ସଂସାର କେବଳ ଦୁଃଖ ସ୍ୱରୂପ; ଦୁଃଖର ଘର ଓ ଦୁଃଖକୁ ସାଧନ ରୂପ ଭାବନା କରି ସଂସାରରୁ ଉଦ୍ଧାର ପାଇବାପାଇଁ ଯତ୍ନ କରିବାକୁ ହେବ।ଏହାହିଁ ଚାର୍ବାକଙ୍କ ଠାରୁ ଅଧିକ ମୁକ୍ତି । ସେମାନେ ଅନୁମାନ ଓ ଜୀବକୁ ମାନନ୍ତି ନାହିଁ । କିନ୍ତୁ ବୌଦ୍ଧମାନେ ଅନୁମାନ, ପ୍ରକାଶ ଓ ଜୀବକୁ ମାନନ୍ତି ।

ଦେଶନା ଲୋକନାଥାନାଂ ସତ୍ତ୍ୱାଶୟ ବଶାନୁଗାଃ ।
ଭିଦ୍ୟନ୍ତେ ବହୁଧା ଲୋକେ ଉପାୟୈ ର୍ବହୁଭିଃ କିଳ ।୧।
ଗମ୍ଭୀରୋତ୍ତାନ ଭେଦେନ କ୍ୱଚିଚ୍ଚୋଭୟ ଲକ୍ଷଣା ।
ଭିନ୍ନାହି ଦେଶନାଭିନ୍ନା ଶୂନ୍ୟତା ଦ୍ୱୟ ଲକ୍ଷଣା ।୨।
ଦ୍ୱାଦଶାୟତନ ପୂଜା ଶ୍ରେୟସ୍କରୀତି ବୌଦ୍ଧା ମନ୍ୟନ୍ତେ ....
ଅର୍ଥାନୁପାର୍ଜ୍ୟ ବହୁଶୋ ଦ୍ୱାଦଶାୟତନା ନିବୈ ।
ପରିତଃ ପୂଜନୀୟାନି କିମନୈରିହ ପୂଜିତୈଃ ।୩।
ଜ୍ଞାନେନ୍ଦ୍ରିୟାଣି ପଞ୍ଚୈବ ତଥା କର୍ମେନ୍ଦ୍ରିୟାଣିଚ ।
ମନୋବୁଦ୍ଧିରିତି ପ୍ରୋକ୍ତଂ ଦ୍ୱାଦଶାୟତନଂ ବୁଧୈଃ ।୪।

(ସର୍ବ ଦର୍ଶନ ସଂଗ୍ରହ-ବୌଦ୍ଧ ଦର୍ଶନ)

ଯେ ଜ୍ଞାନୀ, ବିରକ୍ତ, ଜୀବନ୍ମୁକ୍ତ, ଲୋକମାନଙ୍କ ର ନାଥ, ବୁଦ୍ଧ ପ୍ରଭୃତି ତୀର୍ଥଙ୍କର , ଯେ କି ପଦାର୍ଥର ସ୍ୱରୂପ ଜ୍ଞାତା ଓ ଯେ ଭିନ୍ନ ଭିନ୍ନ ପଦାର୍ଥର ଉପଦେଷ୍ଟା, ପୁଣି ପଦାର୍ଥମାନଙ୍କର ବହୁଭେଦ ଓ ବହୁ ଉପାୟର ଉଦ୍‌ଘାଟକ , ତାଙ୍କୁ ମାନିବା ଉଚିତ । ୧। ବଡ଼ଗମ୍ଭୀର ଓ ପ୍ରସିଦ୍ଧ ପ୍ରସିଦ୍ଧ ଭେଦଦ୍ୱାରା କୌଣସି କୌଣସି ଗୁପ୍ତ ତଥ୍ୟର ପ୍ରକାଶିତ ତଥ୍ୟ,ବିଭିନ୍ନ ଗୁରୁମାନଙ୍କଦ୍ୱାରା ଶୂନ୍ୟଲକ୍ଷଣ ଯୁକ୍ତ ଉପଦେଶକୁ ମାନିବା ଉଚିତ ।୨। ଦ୍ୱାଦଶାୟତନ ପୂଜା ମୋକ୍ଷ ଦାୟିକା ଅଟେ । ଅନେକ ପଦାର୍ଥଦ୍ୱାରା ଏହି ପୂଜା କରିବା ଆବଶ୍ୟକ । ଅନ୍ୟ କୌଣସି ପୂଜାରେ କୌଣସି ଫଳ ନାହିଁ ।୩। ଦ୍ୱାଦଶାୟତନ ପୂଜା ଯଥା- ପଞ୍ଚ ଜ୍ଞାନେନ୍ଦ୍ରିୟ ଅର୍ଥାତ୍ ଶ୍ରୋତ୍ର ତ୍ୱକ୍, ଚକ୍ଷୁ, ଜିହ୍ୱା ଓ ନାସିକା ; ପଞ୍ଚ କର୍ମେନ୍ଦ୍ରିୟ ଅର୍ଥାତ୍ ବାକ୍, ହସ୍ତ, ପାଦ, ଗୁହ୍ୟ, ଓ ଉପସ୍ଥ ଏହି ଦଶ ଇନ୍ଦ୍ରିୟ ପୁଣି ମନ ଓ ବୁଦ୍ଧି- ଏମାନଙ୍କୁ ସତ୍କାର କରିବା ଅର୍ଥାତ୍ ଆନନ୍ଦ ଯୁକ୍ତ ରଖିବା, ଏହାହିଁ ହେଉଛି ବୌଦ୍ଧ ମତ । ୪ ।

ଉତ୍ତର:- ଯଦି ସମସ୍ତ ସଂସାର କେବଳ ଦୁଃଖପୂର୍ଣ୍ଣ ହୋଇଥାନ୍ତା, ତେବେ ଏ ସଂସାର ପ୍ରତି କୌଣସି ଜୀବର ପ୍ରବୃତ୍ତି ନ ଥାନ୍ତା । କିନ୍ତୁ ଜୀବମାନଙ୍କର ସଂସାରପ୍ରତି ପ୍ରବୃତ୍ତି ସର୍ବତ୍ର ଦେଖାଯାଉଛି, ତେଣୁ ସଂସାର ଦୁଃଖପୂର୍ଣ୍ଣ ନୁହେଁ । ଏଥିରେ ସୁଖ ଓ ଦୁଃଖ ମିଶ୍ରିତ ହୋଇ ରହିଛି । ଯଦି ବୌଦ୍ଧମାନେ ଦୁଃଖ ବୋଲି ବିଚାରୁଥାନ୍ତି ତେବେ ଖାଦ୍ୟପେୟ ଗ୍ରହଣ କରିବା, ରୋଗକୁ ଦୂର କରିବାପାଇଁ ଔଷଧ,ପଥ୍ୟ ସେବନ କରି ସୁଖୀ ହେବାକୁ ଚେଷ୍ଟା

କରୁଛନ୍ତି କାହିଁକି ? ଯଦି ଉତ୍ତର ଦିଅନ୍ତି ଏହାକୁ ଦୁଃଖ ମନେକରି ତହିଁରେ ପ୍ରବୃତ୍ତ ହେଉଛୁଁ, ତେବେ ତାହା ମୋତେ ବିଶ୍ୱାସର ଯୋଗ୍ୟ ହେବନାହିଁ । କାରଣ ପ୍ରତ୍ୟେକ ଜୀବ କେବଳ ସୁଖ ଆଶାରେ କର୍ମରେ ପ୍ରବୃତ୍ତ ହୁଅନ୍ତି ଓ ଦୁଃଖ ଭୟରେ ତହିଁରୁ ନିବୃତ୍ତ ରହନ୍ତି । ସଂସାରରେ ଧର୍ମାନୁଷ୍ଠାନ,ବିଦ୍ୟାସଂପାଦନ ସତ୍ସଙ୍ଗ ଓ ଉତ୍ତମ ବ୍ୟବହାର ଏସବୁ ହେଉଛି ସୁଖଦାୟକ । ବୌଦ୍ଧଙ୍କ ବ୍ୟତୀତ ଅନ୍ୟ କୌଣସି ବିଦ୍ୱାନ୍ ଏହାକୁ ଦୁଃଖଦାୟକ ବୋଲି କହନ୍ତି ନାହିଁ । ଯେଉଁ ପଥସ୍କନ୍ଧ ବର୍ଣ୍ଣିତ ହୋଇଛି ତାହା ମଧ୍ୟ ପୂର୍ଣ୍ଣ ନୁହେଁ । କାରଣ ଏପରି ସ୍କନ୍ଧ ବିଭାଗ ଯଦି କରାଯାଏ ତେବେ ତହିଁରେ ବହୁତ ଭେଦ ରହିବା ସଙ୍ଗେ ସଙ୍ଗେ କେଉଁଠାରେ ଯେ ପୂର୍ଣ୍ଣ ହେବ ତା କହିହେବ ନାହିଁ ।ଯେଉଁ ତୀର୍ଥଙ୍କରଙ୍କୁ ଉପଦେଶକ ଓ ଲୋକନାଥ ବୋଲି ମାନୁଛନ୍ତି,ସେ କଣ ଈଶ୍ୱରଙ୍କଠାରୁ ବଡ ? ସେମାନେ ଅନାଦି ଈଶ୍ୱରଙ୍କୁ ମାନନ୍ତି ନାହିଁ, ତେବେ ତାଙ୍କର ତୀର୍ଥଙ୍କରମାନେ ଉପଦେଶ ପାଇଲେ କେଉଁଠୁ ? ଯଦି କହନ୍ତି ସେମାନେ ସ୍ୱୟଂ ଜ୍ଞାନପ୍ରାପ୍ତ ହୋଇଛନ୍ତି, ତେବେ ତା ମଧ୍ୟ ସତ୍ୟ ହେବ ନାହିଁ, ଯେଣୁ କାରଣ ବିନା କାର୍ଯ୍ୟ ହୋଇପାରେ ନାହିଁ । ଯଦି ସେମାନଙ୍କ କଥନ ଠିକ ହୁଏ,ତେବେ ବର୍ତ୍ତମାନ ସେମାନଙ୍କ ମଧ୍ୟରେ ଥିବା ଲୋକମାନେ, ପଢାଶୁଣା ନ କରି, ବିଦ୍ୟାଶିକ୍ଷା ନ କରି ବା ବିଦ୍ୱାନ୍‌ସଙ୍ଗ ନ କରି,କାହିଁକି ବିଦ୍ୱାନ୍ ବା ଜ୍ଞାନୀ ହୋଇପାରୁ ନାହାନ୍ତି ? ଯଦି ଏପରି ହୋଇ ନ ପାରୁଛି,ତେବେ ଧରିନେବାକୁ ହେବ ଯେ, ସେମାନଙ୍କର ବକ୍ତବ୍ୟ ଯେପରି ଅଯୌକ୍ତିକ ଓ ଅନ୍ତଃସାରଶୂନ୍ୟ,ସେପରି ସନ୍ନିପାତ ରୋଗଗ୍ରସ୍ତ ବ୍ୟକ୍ତିର ପ୍ରଳାପ ସଦୃଶ । ଯଦି ହେଉଛି ତେବେ ବୁଦ୍ଧ ଆଦି ଉପଦେଶକଙ୍କର ଆବଶ୍ୟକତା ବା କଣ ଅଛି ? ବୌଦ୍ଧମାନଙ୍କର ଶୂନ୍ୟରୂପୀ ଅଦ୍ୱୈତ ଉପଦେଶ ମଧ୍ୟ ଭ୍ରମପୂର୍ଣ୍ଣ । କାରଣ ବିଦ୍ୟମାନ ବସ୍ତୁ କେବେ ଶୂନ୍ୟରୂପ ହୋଇପାରେ ନା । ଅବଶ୍ୟ ତାହା ସୂକ୍ଷ୍ମକାରଣରୂପ ହୋଇଯାଏ ।

ଯେଉଁ ପଦାର୍ଥର ଉପାର୍ଜନଦ୍ୱାରା ପୂର୍ବୋକ୍ତ ଦ୍ୱାଦଶାୟତନ ପୂଜାକୁ ମୋକ୍ଷର ସାଧନ ବୋଲି କହନ୍ତି , ତେବେ ଦଶ ପ୍ରାଣ ଓ ଏକାଦଶ ଜୀବାତ୍ମାର ପୂଜା କାହିଁକି ନ କରନ୍ତି ? ପୁଣି ଇନ୍ଦ୍ରିୟ ଓ ଅନ୍ତଃକରଣର ପୂଜା ମଧ୍ୟ ଯଦି ମୋକ୍ଷପ୍ରଦ,ତେବେ ଏହି ବୌଦ୍ଧ ଓ ବିଷୟୀ ଲୋକଙ୍କ ମଧ୍ୟରେ ଭେଦ ରହିଲା କେଉଁଠି ? ଏହାଦ୍ୱାରା ମୁକ୍ତି ଆସିବ କେଉଁଠୁ

ଯେଉଁ କ୍ଷେତ୍ରରେ ଏପରି ବିଗ୍ରହ ଗ୍ରଲେ ସେଠାରେ ମୁକ୍ତିର ପ୍ରୟୋଜନ କ'ଣ ? ଏମାନେ ଅବିଦ୍ୟାର ଉନ୍ନତି କରି ଗ୍ରଲିଛନ୍ତି । ଏହା କେବଳ ସେହି ମାନଙ୍କ ଦ୍ୱାରା ସମ୍ଭବ । ଏମାନେ ବେଦ ଓ ଈଶ୍ୱରଙ୍କୁ ନିନ୍ଦା କରୁଥିବାରୁ , ସେପରି ଫଳ ଲାଭ କରିଛନ୍ତି । ପ୍ରଥମରେ ତ ସମସ୍ତ ସଂସାରକୁ ଦୁଃଖପୂର୍ଣ୍ଣ ବୋଲି କହିଛନ୍ତି । ପୁଣି ଦ୍ୱାଦଶାୟତନ ପୂଜାର ଭେଳିକି ମଧ୍ୟ ଲଗାଇ ଦେଇଛନ୍ତି । ସେହି ଦ୍ୱାଦଶାୟତନ ପୂଜା ସାଂସାରିକ ପଦାର୍ଥରୁ ପୃଥକ୍ ଯେ ତାହା ମୁକ୍ତିଦାୟିନୀ ହୋଇପାରିବ ? ରତ୍ନ ପାଇବାପାଇଁ ଇଚ୍ଛାକରି ଆଖି ବୁଜି ଖୋଜିଲେ କେହି କେବେ ରତ୍ନ ପାଇପାରିବ କି ? ବେଦ ଓ ଈଶ୍ୱରଙ୍କୁ ନ ମାନିବା ଫଳରେ ଏମାନଙ୍କ ଅବସ୍ଥା ଏପରି ହୋଇଅଛି । ପ୍ରକୃତରେ ଯଦି ସୁଖ ଗ୍ରହାନ୍ତି ତେବେ ବେଦ ଓ ଈଶ୍ୱରଙ୍କ ଆଶ୍ରିତ ହୋଇ ନିଜ ଜୀବନକୁ ସଫଳ କରନ୍ତୁ । ବିବେକ - ବିଳାସ ଗ୍ରନ୍ଥର ଅଷ୍ଟମ ବିଳାସରେ ବୌଦ୍ଧମାନଙ୍କର ଏହିମତ ଉଲ୍ଲେଖ କରାଯାଇଛି ।

ବୌଦ୍ଧାନାଂ ସୁଗତୋ ଦେବୋ ବିଶ୍ୱଞ୍ଚ କ୍ଷଣଭଙ୍ଗୁରମ୍ ।
ଆର୍ଯ୍ୟସତ୍ତ୍ୱାଖ୍ୟୟାତତ୍ତ୍ୱ ଚତୁଷ୍ଟୟମିଦଂ କ୍ରମାତ୍ ॥ ୧ ॥
ଦୁଃଖମାୟତନଂ ଚୈବ ତତଃ ସମୁଦୟୋ ମତଃ ।
ମାର୍ଗଶ୍ଚେତ୍ୟସ୍ୟ ଚ ବ୍ୟାଖ୍ୟା କ୍ରମେଣ ଶ୍ରୂୟତାମତଃ ॥ ୨ ॥
ଦୁଃଖଂ ସଂସାରିଣଃ ସ୍କନ୍ଧାସ୍ତେ ଚ ପଞ୍ଚ ପ୍ରକୀର୍ତ୍ତିତାଃ ।
ବିଜ୍ଞାନଂ ବେଦନା ସଂଜ୍ଞା ସଂସ୍କାରୋ ରୂପମେବ ଚ ॥ ୩ ॥
ପଞ୍ଚେନ୍ଦ୍ରିୟାଣି ଶବ୍ଦା ଦ୍ୟା ବିଷୟାଃ ପଞ୍ଚ ମାନସମ୍ ।
ଧର୍ମାୟତନମେତାନି ଦ୍ୱଦଶାୟତନାନି ତୁ ॥ ୪ ॥
ରାଗାଦୀନାଂ ଗଣୋଯଃ ସ୍ୟାତ୍ସମୁଦେତି ନୃଣାଂ ହୃଦି ।
ଆତ୍ମାତ୍ମୀୟ ସ୍ୱଭାବାଖ୍ୟଃ ସ ସ୍ୟାତ୍ସମୁଦାୟଃ ପୁନଃ ॥ ୫ ॥
କ୍ଷଣିକାଃ ସର୍ବ ସଂସ୍କାରା ଇତି ଯା ବାସନା ସ୍ଥିରା ।
ସ ମାର୍ଗ ଇତି ବିଜ୍ଞେୟଃ ସ ଚ ମୋକ୍ଷୋଽଭିଧୀୟତେ ॥ ୬ ॥

ପ୍ରତ୍ୟକ୍ଷମନୁମାନଞ୍ଚ ପ୍ରମାଣଂ ଦ୍ୱିତୟଂ ତଥା ।
ଚତୁଃ ପ୍ରସ୍ଥାନିକା ବୌଦ୍ଧାଃ ଖ୍ୟାତା ବୈଭାଷିକାଦୟଃ ॥ ୭ ॥
ଅର୍ଥୋ ଜ୍ଞାନାନ୍ୱିତୋ ବୈଭାଷିକେଣ ମହୁମନ୍ୟତେ ।
ସୌତ୍ରାନ୍ତିକେନ ପ୍ରତ୍ୟକ୍ଷ ଗ୍ରାହ୍ୟୋଽର୍ଥୋ ନ ବହିର୍ମତଃ ॥ ୮ ॥
ଆକାର ସହିତା ବୁଦ୍ଧି ର୍ଯୋଗାଚାରସ୍ୟ ସମ୍ମତା ।
କେବଳାଂ ସଂବି ଦାଂ ସ୍ୱସ୍ଥାଂ ମନ୍ୟନ୍ତେ ମଧ୍ୟମାଃ ପୁନଃ ॥ ୯ ॥
ରାଗାଦିଜ୍ଞାନ ସନ୍ତାନ ବାସନା ଛେଦସମ୍ଭବା ।
ଚତୁର୍ଣ୍ଣାମପି ବୌଦ୍ଧାନାଂ ମୁକ୍ତିରେଷା ପ୍ରକୀର୍ତ୍ତିତା ॥ ୧୦ ॥
କୃତ୍ତିଃ କମଣ୍ଡଳୁର୍ମୌଣ୍ଡ୍ୟଂ ଚୀରଂ ପୂର୍ବାହ୍ନଭୋଜନମ୍ ।
ସଂଘୋ ରକ୍ତାମ୍ବରତ୍ୱଂ ଚ ଶିଶ୍ରିୟେ ବୌଦ୍ଧ ଭିକ୍ଷୁଭିଃ ॥ ୧୧ ॥

ବୌଦ୍ଧମାନଙ୍କର ସୁଗତଦେବ ବୁଦ୍ଧ ଭଗବାନ୍ ହେଉଛନ୍ତି ପୂଜନୀୟ ଦେବ । ଜଗତ କ୍ଷଣ ଭଙ୍ଗୁର, ଆର୍ଯ୍ୟପୁରୁଷ ଓ ଆର୍ଯ୍ୟାସ୍ତ୍ରୀ,ତଥା ତତ୍ତ୍ୱଗୁଡ଼ିକର ଆଖ୍ୟା ସଂଜ୍ଞାଦି ପ୍ରସିଦ୍ଧ, ଏହି ଚାରୋଟି ବିଷୟ ହେଉଛି ବୌଦ୍ଧମାନଙ୍କର ମୂଳତତ୍ତ୍ୱ । ୧ । ଏହି ବିଶ୍ୱକୁ ଦୁଃଖର ଘର ବୋଲି ଜାଣ । କିନ୍ତୁ ସେ କିଛି ଉନ୍ନତି କରିପାରେ ! ସେହି ଉନ୍ନତିର ବ୍ୟାଖ୍ୟା କ୍ରମଶଃ ଶୁଣ । ୨ । ଏହି ସଂସାରରେ ଦୁଃଖ ବ୍ୟତୀତ ଅନ୍ୟ କିଛି ଆଉ ନାହିଁ । ପୂର୍ବରୁ କୁହାଯାଇଥିବା ପଞ୍ଚସ୍କନ୍ଧ (ରୂପସ୍କନ୍ଧ, ବିଜ୍ଞାନସ୍କନ୍ଧ, ବେଦନାସ୍କନ୍ଧ, ସଂଜ୍ଞାସ୍କନ୍ଧ, ସଂସ୍କାରସ୍କନ୍ଧ,) ବିଷୟରେ ଜାଣ । ୩ । ପଞ୍ଚ ଜ୍ଞାନେନ୍ଦ୍ରିୟ,ପଞ୍ଚ ଜ୍ଞାନେନ୍ଦ୍ରିୟର ଶବ୍ଦାଦି ପଞ୍ଚ ବିଷୟ, ଓ ମନ ଓ ବୁଦ୍ଧି, ବା ଅନ୍ତଃକରଣ- ଏହି ଦ୍ୱାଦଶଟି ହେଉଛି କେବଳ ଧର୍ମର ସ୍ଥାନ । ୪ । ମନୁଷ୍ୟର ହୃଦୟରେ ଯେଉଁ ରାଗଦ୍ୱେଷାଦି ସମୂହ ଉତ୍ପତ୍ତି ହୁଏ,ତାକୁ ସମୁଦୟ କୁହାଯାଏ । ଆତ୍ମା ଓ ଆତ୍ମାର ସମ୍ବନ୍ଧୀ ଓ ସ୍ୱଭାବକୁ ଆଖ୍ୟା କୁହାଯାଏ । ସେହି ଆଖ୍ୟାରୁ ସମୁଦୟ ଉତ୍ପନ୍ନ ହୁଏ । ୫ । ସମସ୍ତ ସଂସ୍କାର କ୍ଷଣିକ । ସମସ୍ତ ବାସନାରୁ ନିବୃତ୍ତ ହେବାହିଁ ବୌଦ୍ଧମାନଙ୍କର ମାର୍ଗ ଓ ସେହି ଶୂନ୍ୟ ତତ୍ତ୍ୱ ଅର୍ଥାତ୍ ଆତ୍ମାର ଶୂନ୍ୟ ରୂପହିଁ

ମୋକ୍ଷ । ୬ । ବୌଦ୍ଧମାନେ ପ୍ରତ୍ୟକ୍ଷ ଓ ଅନୁମାନଏହି ଦୁଇପ୍ରକାର ପ୍ରମାଣକୁ ସ୍ୱୀକାର କରନ୍ତି ॥ ତାହାପୁଣି ବୈଭାଷିକ, ସୌତ୍ରାନ୍ତିକ, ଯୋଗାଚାର ଓ ମାଧ୍ୟମିକ ଏପରି ଚାରୋଟି ଶାଖାରେ ବିଭକ୍ତ ହୋଇଛି । ୭ ।ଏମାନଙ୍କ ମଧ୍ୟରୁ " ବୈଭାଷିକ " ଜ୍ଞାନରେ ଯାହା ଦେଖେ ବା ବୁଝେ ତାକୁ ବିଦ୍ୟମାନ ବୋଲି ସ୍ୱୀକାର କରେ । କାରଣ ଜ୍ଞାନରେ ଯାହା ନାହିଁ ତାହାର ବିଦ୍ୟମାନକୁ ବୌଦ୍ଧସିଦ୍ଧ ପୁରୁଷ ମାନେ ମାନନ୍ତି ନାହିଁ । ସୌତ୍ରାନ୍ତିକ ମତରେ ଭିତରେ ଥିବା ପ୍ରତ୍ୟକ୍ଷ ପଦାର୍ଥକୁ ସ୍ୱୀକାର କରାଯାଏ,କିନ୍ତୁ ବାହାର ପଦାର୍ଥକୁ ମାନେ ନାହିଁ । ୮ । ଯୋଗାଚାର ଆକାର ସହିତ ବିଜ୍ଞାନଯୁକ୍ତ ବୁଦ୍ଧିକୁ ଗ୍ରହଣ କରେ ଓ ମାଧ୍ୟମିକ କେବଳ ନିଜ ମଧ୍ୟରେ ପଦାର୍ଥର ଜ୍ଞାନ ମାତ୍ରକୁ ଗ୍ରହଣ କରେ, ପଦାର୍ଥକୁ ସ୍ୱୀକାର କରେ ନାହିଁ । । ୯ । ରାଗାଦି ଜ୍ଞାନ ପ୍ରବାହର ବାସନା ନାଶଦ୍ୱାରା,ଉତ୍ପନ୍ନ ମୁକ୍ତିକୁ, ଚାରୋଟିଯାକ ବୌଦ୍ଧଶାଖା ଗ୍ରହଣ କରନ୍ତି । ୧୦ । ବୌଦ୍ଧ ସାଧୁମାନେ ମୃଗାଦିର ଚର୍ମକୁ ଆସନ କରନ୍ତି, କମଣ୍ଡଳୁ ବଲ୍କଳ ଓ ରକ୍ତବସ୍ତ୍ର ଧାରଣ କରନ୍ତି, ମୁଣ୍ଡିତ ହୁଅନ୍ତି ପୂର୍ବାହ୍ନ ଅର୍ଥାତ୍ ୯ ଟା ବାଜିବାପୂର୍ବରୁ ଭୋଜନ କରନ୍ତି,ଏବଂ ଏକାକୀ କେବେ ରହନ୍ତି ନାହିଁ । ୧୧ ।

ଉତ୍ତର:- ଯଦି ସୁଗତବୁଦ୍ଧ କେବଳ ବୌଦ୍ଧମାନଙ୍କର ଦେବ,ତେବେ ସେମାନଙ୍କର ଗୁରୁକିଏ ? ଯଦି ବିଶ୍ୱ କ୍ଷଣ ଭଙ୍ଗୁର ହୋଇଥାଆନ୍ତା,ତେବେ ଚିରଦୃଷ୍ଟ ପଦାର୍ଥର " ଏହା ସେହି ପୂର୍ବ ଦୃଷ୍ଟ ପଦାର୍ଥ " ଏପରି ସ୍ମରଣ କେବେ ହୁଅନ୍ତା ନାହିଁ । ଯଦି କ୍ଷଣ ଭଙ୍ଗୁର ହୋଇ ଥାଆନ୍ତା ତେବେ ସେ ପଦାର୍ଥ ତ ରହନ୍ତା ନାହିଁ, ପୁଣି ସ୍ମରଣ କାହାର ହୁଅନ୍ତା ? ।୧। ଯଦି କ୍ଷଣିକ ବାଦ ବୌଦ୍ଧମାନଙ୍କର ମାର୍ଗ ତେବେ ସେମାନଙ୍କର ମୋକ୍ଷ ମଧ୍ୟ କ୍ଷଣିକ ହେବା ଆବଶ୍ୟକ । ଯଦି ଇନ୍ଦ୍ରିୟାନୁଭୂତ ପ୍ରତ୍ୟେକ ପଦାର୍ଥ ଜ୍ଞାନଯୁକ୍ତ ହେଉଥାନ୍ତା,ତେବେ ଜଡ଼ ପଦାର୍ଥରେ ମଧ୍ୟ ଜ୍ଞାନ ଓ ଚଳପ୍ରଚଳ ଶକ୍ତି ନିଶ୍ଚୟ ଥାଆନ୍ତା । ବାହାରେ ଯାହାସବୁ ଦେଖାଯାଉଛି ସେସବୁ କିପରି ମିଥ୍ୟା ହୋଇପାରେ ? ବୁଦ୍ଧି ଯଦି ଆକାରଯୁକ୍ତ ହୁଅନ୍ତା ତେବେ ତାହା ନିଶ୍ଚୟ ଦେଖାଯାଆନ୍ତା । ଯଦି କେବଳ ଜ୍ଞାନ ହିଁ ହୃଦୟରେ ଆତ୍ମସ୍ଥ ହୋଇପାରେ, ଓ ବାହ୍ୟ ପଦାର୍ଥକୁ କେବଳ ଜ୍ଞାନ ମନେ କରାଯାଏ ତେବେ ଜ୍ଞେୟ ପଦାର୍ଥ ବ୍ୟତୀତ ଜ୍ଞାନ ସମ୍ଭବ ହୋଇପାରିବ ନାହିଁ ।ଯଦି ବାସନାର ବିନାଶକୁ ମୁକ୍ତି କୁହାଯିବ ତେବେ ସୁଷୁପ୍ତି

ଅବସ୍ଥା ମଧ୍ୟ ମୁକ୍ତି କାହିଁକି ନ ହେବ ? କିନ୍ତୁ ଏହା ବିଦ୍ୟା ଓ ଜ୍ଞାନ ବିରୁଦ୍ଧ ହୋଇଥିବାରୁ ଗ୍ରହଣୀୟ ନୁହେଁ ।

ଏଠାରେ ବୌଦ୍ଧମତ ସଂକ୍ଷେପରେ ଲେଖାଗଲା । ବୁଦ୍ଧିମାନ୍ ଓ ବିଚାରଶୀଳ ବ୍ୟକ୍ତି ଏହି ମତ ସଂପର୍କରେ ଜାଣିପାରିବେ । ଏହିମତକୁ ଜୈନମାନେ ମଧ୍ୟ ସ୍ୱୀକାର କରନ୍ତି ।

ପ୍ରକରଣ ରତ୍ନାକର ପ୍ରଥମ ଭାଗ ଓ ନୟଚକ୍ରସାରରେ ନିମ୍ନଲିଖିତ ବିଷୟ ଲିଖିତ ହୋଇଅଛି........'

ବୌଦ୍ଧମତାବଲମ୍ବୀମାନେ ସମୟ ସମୟରେ ନବୀନ ରୂପେ-୧-ଆକାଶ,୨-କାଳ,୩-ଜୀବ ଓ ୪- ପୁଦ୍‌ଗଳ (ପାର୍ଥିବ ପରମାଣୁ) ଏହି ଚାରୋଟି ଦ୍ରବ୍ୟକୁ ମାନନ୍ତି । କିନ୍ତୁ ଜୈନମାନେ ଧର୍ମାସ୍ତିକାୟ, ଅଧର୍ମାସ୍ତିକାୟ, ଆକାଶାସ୍ତିକାୟ, ପୁଦ୍‌ଗଳାସ୍ତିକାୟ, ଜୀବାସ୍ତିକାୟ ଓ କାଳ ଏହି ଛଅ ପ୍ରକାର ଦ୍ରବ୍ୟକୁ ମାନନ୍ତି ॥ ଏହା ମଧ୍ୟରୁ କାଳକୁ ଅସ୍ତିକାୟରୂପେ ସ୍ୱୀକାର କରନ୍ତି ନାହିଁ । କିନ୍ତୁ ସେମାନେ କହନ୍ତି ଯେ କାଳ ଉପଚାର ଦୃଷ୍ଟିରୁ ଦ୍ରବ୍ୟ ହେଲେହେଁ ବସ୍ତୁତଃ ନୁହେଁ ॥ ଧର୍ମାସ୍ତିକାୟ- ଯାହାକି ଗତି ପରିଣାମ ଅନୁସାରେ ପରିଣାମକୁ ପ୍ରାପ୍ତ ହୁଏ,ଆତ୍ମା ତଥା ପୁଦ୍‌ଗଳରେ ଅବସ୍ଥାନ କରେ,ପୁଣି ତହିଁରେ ଗତିର କାରଣ ମଧ୍ୟ ହୁଏ । ଏହି ଧର୍ମାସ୍ତିକାୟ ଅସଂଖ୍ୟ ପ୍ରଦେଶରେ ଏବଂ ଲୋକରେ ଅସଂଖ୍ୟ ପରିମାଣରେ ବ୍ୟାପକ ଥାଏ । ଅଧର୍ମାସ୍ତିକାୟ-ଯାହାକି ଆତ୍ମା ଓ ପୁଦ୍‌ଗଳରେ ସ୍ଥିରତା ସଂପାଦନ କରେ । ତୃତୀୟରେ ଆକାଶାସ୍ତିକାୟ-ଏହା ହେଉଛି ସକଳ ପଦାର୍ଥର ଆଧାର । ଯେଉଁଥିରେକି ଅବଗାହନ, ପ୍ରବେଶ ଓ ନିର୍ଗମ ଆଦି କ୍ରିୟା କରୁଥିବା ଜୀବ ତଥା ପୁଦ୍‌ଗଳକୁ ଅବଗାହନ କରାଇବାର କାରଣ ହେବା ସଙ୍ଗେ ସଙ୍ଗେ ସର୍ବବ୍ୟାପୀ ମଧ୍ୟ ଅଟେ । ଚତୁର୍ଥରେ " ପୁଦ୍‌ଗଳାସ୍ତିକାୟ- ଯେକି ଜଗତର ମୌଳିକ ଉପାଦାନ ପଦାର୍ଥ,ସୂକ୍ଷ୍ମ,ନିତ୍ୟ ଏବଂ ଏକରସ,ବର୍ଣ୍ଣ,ଗନ୍ଧ ଓ ସ୍ପର୍ଶଯୁକ୍ତ ପୁଣି ବୃଦ୍ଧି ଓ କ୍ଷୟ ପ୍ରାପ୍ତ ହୁଏ । ପଞ୍ଚମରେ " ଜୀବାସ୍ତିକାୟ" ଯେକି ଚେତନଯୁକ୍ତ,ଜ୍ଞାନ-ଦର୍ଶନରେ ଉପଯୁକ୍ତ, ଅନନ୍ତ ପର୍ଯ୍ୟାୟର ପରିଣାମୀ କର୍ତ୍ତା ଓ ଭୋକ୍ତା । ଷଷ୍ଠରେ "କାଳ" ଯାହାଦ୍ୱାରା ପୂର୍ବୋକ୍ତ ପଞ୍ଚାସ୍ତିକାୟର ସାମୀପ୍ୟ ବା ଦୂରତା,ନୂତନତ୍ୱ ବା ପ୍ରାଚୀନତା ଜଣାଯାଏ । ପୁଣି ଯହିଁରେ ବର୍ତ୍ତମାନରୂପ ସମସ୍ତ ଘଟଣା ନିର୍ବାହିତ ହୁଏ ।

ସମୀକ୍ଷକ---ବୌଦ୍ଧମାନେ ଯେଉଁ ଚାରି ପଦାର୍ଥକୁ ପ୍ରତି ସମୟରେ ନୂତନ ନୂତନ ଭାବନା କରନ୍ତି, ତାହା କଦାପି ଠିକ୍ ନୁହେଁ । ଯେହେତୁ ଆକାଶ,କାଳ,ଜୀବ ଓ ପରମାଣୁ କଦାପି ନୂଆ ବା ପୁରୁଣା ହୋଇପାରେ ନାହିଁ । ସେସବୁ ଅନାଦି ପଦାର୍ଥ । ଅନାଦି ପଦାର୍ଥ କେବେ ନୂତନ ବା ପୁରାତନ ହୋଇପାରେ ନାହିଁ । ଜୈନମାନଙ୍କର ମତ ମଧ୍ୟ ଠିକ୍ ନୁହେଁ । କାରଣ ଧର୍ମାଧର୍ମ କେବେ ଦ୍ରବ୍ୟ ହୋଇପାରିବ ନାହିଁ, ତାହା ହେଉଛି ଜୀବର ଗୁଣ ।ଏହି ଦିଓଟି ଜୀବାସ୍ତିକାୟ ମଧ୍ୟରେ ଆସିଯାଏ । ଏଣୁ ସେମାନେ ଆକାଶ,ପରମାଣୁ,ଜୀବ ଓ କାଳ ଏହି ଚାରୋଟି ଦ୍ରବ୍ୟକୁ ମାନିଥିଲେ ଠିକ୍ ହୋଇଥାନ୍ତା । ବୈଶେଷିକରେ ଯେଉଁ ନଅଟି ଦ୍ରବ୍ୟକୁ ଗ୍ରହଣ କରାଯାଇଛି ତାହା ହେଉଛି ଠିକ୍ । କାରଣ ପୃଥିବ୍ୟାଦି ପଞ୍ଚତତ୍ତ୍ୱ,କାଳ,ଦିଗ,ଆତ୍ମା ଓ ମନ ଏହି ନଅଟି ଦ୍ରବ୍ୟ ହେଉଛି ନିଶ୍ଚିତ ଓ ପୃଥକ୍ ପୃଥକ୍ । ଏକମାତ୍ର ଜୀବକୁ ଚେତନ ମନେକରି ଈଶ୍ୱରଙ୍କୁ ନ ମାନିବା ଜୈନ ଓ ବୌଦ୍ଧମାନଙ୍କର ପକ୍ଷପାତ ବିଚାର ॥

ବୌଦ୍ଧ ଓ ଜୈନମାନେ ଯେଉଁ ସପ୍ତଭଙ୍ଗୀ ନ୍ୟାୟ ଓ ସ୍ୟାଦ୍‌ବାଦ ମାନନ୍ତି, ତାହା ହେଉଛି--୧-- "ସନ୍ ଘଟଃ" ଏହାକୁ ପ୍ରଥମ ଭଙ୍ଗ କୁହାଯାଏ । ଘଟ ଅଛି ବୋଲି ଘଟର ବର୍ତ୍ତମାନତା ପୁଣି ଘଟାଭାବର ବିରୋଧ ପ୍ରତିପାଦିତ ହେଉଛି । ୨-" ଅସନ୍‌ଘଟଃ" ଘଟ ନାହିଁ, ଏହାଦ୍ୱାରା ଘଟଭାବର ବିରୋଧ ଅର୍ଥାତ୍ ଘଟର ଅଭାବ ପ୍ରତିପାଦିତ ହେଉଥିବାରୁ ଦ୍ୱିତୀୟ ଭଙ୍ଗ "୩-" ସନ୍ନ ସନ୍ନ ଘଟଃ ଅର୍ଥାତ୍ ଏହା ହେଉଛି ଘଟ କିନ୍ତୁ ଘଟ ନୁହେଁ । ଘଟକୁ ଘଟ ବୋଲି କୁହାଯିବା ସଙ୍ଗେ ସଙ୍ଗେ ତାହା ଘଟ ନୁହେଁ ବୋଲି ମଧ୍ୟ କୁହାଯାଇଛି । ଏହା ପୂର୍ବୋକ୍ତ ଦୁଇ ଭଙ୍ଗରୁ ପୃଥକ୍ " ୪ "- ଘଟୋଽଘଟଃ" ଏହାକୁ ଚତୁର୍ଥ ଭଙ୍ଗ କୁହାଯାଏ । " ଅଘଟଃ ଘଟଃ " ଦ୍ୱିତୀୟ ଘଟର ଅଭାବ ଅପେକ୍ଷା ତଦାକାରିତ୍ ହେତୁ ଘଟ ଅଘଟ କଥିତ ହୁଏ । ଯୁଗପତ୍ ଏହାର ଦୁଇଟି ସଂଜ୍ଞା ଅର୍ଥାତ୍ ଘଟ ଓ ଅଘଟ ମଧ୍ୟ ହୁଏ । ପଞ୍ଚମ ଭଙ୍ଗ ହେଉଛି----ଘଟକୁ ଘଟ କହିବା ଉଚିତ ନୁହେଁ । ଏଥିରେ ଘଟତ୍ୱ ବକ୍ତବ୍ୟ ଓ ଘଟତ୍ୱ ବକ୍ତବ୍ୟ ନୁହେଁ । ଷଷ୍ଠ ଭଙ୍ଗ ହେଉଛି-ଯଦି ଘଟ ନାହିଁ ତେବେ ତାହା କହିବାର ଯୋଗ୍ୟନୁହେଁ ଓ ଯଦି ଘଟତ୍ୱ ଅଛି ତେବେ ତାହା କହିବାର ଯୋଗ୍ୟ । ସପ୍ତମଭଙ୍ଗ ହେଉଛି----- କହିବାର ଇଚ୍ଛା ଅଛି, କିନ୍ତୁ ଘଟ ନାହିଁ । ତେବେ ତାହା କହିବା

ଯୋଗ୍ୟ ଘଟ ନୁହେଁ । ଏହିପରି........

ସ୍ୟାଦସ୍ତି ଜୀବୋଽୟଂ ପ୍ରଥମୋ ଭଙ୍ଗଃ । ୧ ।
ସ୍ୟାନ୍ନାସ୍ତି ଜୀବୋ ଦ୍ୱିତୀୟୋ ଭଙ୍ଗଃ । ୨ ।
ସ୍ୟାଦବକ୍ତବ୍ୟୋ ଜୀବସ୍ତୃତୀୟୋ ଭଙ୍ଗଃ । ୩ ।
ସ୍ୟାଦସ୍ତି ନାସ୍ତି ନାସ୍ତିରୂପୋ ଜୀବଶ୍ଚତୁର୍ଥୋ ଭଙ୍ଗଃ । ୪ ।
ସ୍ୟାଦସ୍ତି ଅବକ୍ତବ୍ୟୋ ଜୀବଃ ପଞ୍ଚମୋ ଭଙ୍ଗଃ । ୫ ।
ସ୍ୟାନ୍ନାସ୍ତି ଅବକ୍ତବ୍ୟୋ ଜୀବଃ ଷଷ୍ଠୋ ଭଙ୍ଗଃ । ୬ ।
ସ୍ୟାଦସ୍ତି ନାସ୍ତି ଅବକ୍ତବ୍ୟୋ ଜୀବଇତି ସପ୍ତମୋ ଭଙ୍ଗଃ । ୭ ।

ଅର୍ଥାତ୍— " ଜୀବ ଅଛି" ଏପରି କୁହାଗଲେ,ଜୀବ ବିରୋଧୀ ଜଡ଼ ପଦାର୍ଥରେ ଜୀବର ଅଭାବ ରୂପକୁ ପ୍ରଥମ ଭଙ୍ଗ କୁହାଯାଏ । ୧ । ଜଡ଼ ପଦାର୍ଥରେ ଜୀବ ନାହିଁ, ଏପରି କହିବା ଦ୍ୱିତୀୟ ଭଙ୍ଗ । ୨ । ଜୀବ ଅଛି କିନ୍ତୁ କହିବାର ଯୋଗ୍ୟ ନୁହେଁ--- ଏହା ତୃତୀୟ ଭଙ୍ଗ । ୩ । ଜୀବ ଶରୀର ଧାରଣ କଲେ ଦୃଶ୍ୟ ହୁଏ ଶରୀର ଧାରଣ ନ କଲେ ଦେଖାଯାଏ ନାହିଁ " ଏପରି ଉକ୍ତିକୁ ଚତୁର୍ଥ ଭଙ୍ଗ କୁହାଯାଏ । ୪ । ଜୀବ ଅଛି କିନ୍ତୁ କହିବାର ଯୋଗ୍ୟ ନୁହେଁ " ଏହା ପଞ୍ଚମ ଭଙ୍ଗ । ୫ । ଜୀବ ପ୍ରତ୍ୟକ୍ଷ ପ୍ରମାଣଦ୍ୱାରା କଥିତ ହୁଏ ନାହିଁ, ଏଣୁ ଏହା ଚକ୍ଷୁର ପ୍ରତ୍ୟକ୍ଷ ନୁହେଁ । ଏପରି ବ୍ୟବହାରକୁ ଷଷ୍ଠ ଭଙ୍ଗ କୁହାଯାଏ । ୬ । ଜୀବ ଅଛି" ଯେଣୁ ତାହା ଅନୁମାନଦ୍ୱାରା ଜଣାଯାଏ । " ପୁଣି ନାହିଁ " ଯେଣୁ ଆଖିରେ ଦେଖାଯାଏ ନାହିଁ । ସର୍ବଦା ଏକପ୍ରକାର ରହେ ନାହିଁ, କ୍ଷଣକ୍ଷଣକେ ବଦଳି ଯାଏ । " ଜୀବ ଅଛି " ତାକୁ ନାହିଁ ବୋଲି କୁହାଯାଇ ପାରିବ ନାହିଁ, ପୁଣି " ଯାହା ନାହିଁ " ତାକୁ ଅଛି ବୋଲି କୁହାଯାଇ ପାରିବ ନାହିଁ--- ଏହାକୁ ସପ୍ତମ ଭଙ୍ଗ କହନ୍ତି ।

ଏହିପରି ନିତ୍ୟତ୍ୱ ସପ୍ତଭଙ୍ଗୀ ଓ ଅନିତ୍ୟତ୍ୱ ସପ୍ତଭଙ୍ଗୀ, ତଥା ସାମାନ୍ୟ ଧର୍ମ,ବିଶେଷ ଧର୍ମ, ଗୁଣ ଓ ପର୍ଯ୍ୟାୟ ଆଦି ପ୍ରତ୍ୟେକ ବସ୍ତୁରେ ସପ୍ତଭଙ୍ଗୀ ହୁଏ । ସେହିପରି ଦ୍ରବ୍ୟ,ଗୁଣ,ସ୍ୱଭାବ ଓ ପର୍ଯ୍ୟାୟ ଅନନ୍ତ ହୋଇଥିବାରୁ ସପ୍ତଭଙ୍ଗୀ ମଧ୍ୟ ଅନନ୍ତ ହୁଏ ।ଏହିପରି ଭାବେ ବୌଦ୍ଧ ଓ ଜୈନମାନଙ୍କର ସ୍ୟାଦ୍‌ବାଦ ଓ ସପ୍ତଭଙ୍ଗୀ ନ୍ୟାୟ କଥିତ

ହୋଇଥାଏ ।

ସମୀକ୍ଷକ:-ଏହିସବୁ କଥାକୁ ଅନ୍ୟୋନ୍ୟାଭାବ, ସାଧର୍ମ୍ୟ ଓ ବୈଧର୍ମ୍ୟ ନାମରେ ବର୍ଣ୍ଣନା କରାଯାଇପାରେ । ଏପରି ସରଳ କଥାକୁ ଛାଡ଼ି କଠିନ,ଜଟିଳ ଜାଲ ବିସ୍ତାର କରିବା ଅର୍ଥ ଅଜ୍ଞାନ ଲୋକମାନଙ୍କୁ ଭୁଲାଇବା ହିଁ ସାର ହୋଇଥାଏ । ଦେଖନ୍ତୁ, ଜୀବର ଅଭାବ ଅଜୀବରେ ପୁଣି ଅଜୀବର ଅଭାବ ଜୀବରେହିଁ ଦେଖାଯାଏ । ଜୀବ ଓ ଜଡ଼ ଉଭୟର ବିଦ୍ୟମାନତାରେ ଉଭୟ ମଧ୍ୟରେ ସାଧର୍ମ୍ୟ ପୁଣି ଚେତନ ଓ ଜଡ଼ ମଧ୍ୟରେ ଚୈତନ୍ୟ ଓ ଜଡ଼ତ୍ୱ ହେତୁ ବୈଧର୍ମ୍ୟ, ଅର୍ଥାତ୍ ଜୀବଠାରେ ଚେତନତ୍ୱ (ଅସ୍ତି) ଥାଏ, ଓ ଜଡ଼ତ୍ୱ ନ ଥାଏ । ସେହିପରି ଜଡ଼ରେ ଜଡ଼ତ୍ୱ ଥାଏ ଓ ଚେତନତ୍ୱ ନ ଥାଏ । ବିଭିନ୍ନ ପଦାର୍ଥ ମାନଙ୍କର ଗୁଣ,କର୍ମ ଓ ସ୍ୱଭାବ ବିଚାରକଲେ ସେମାନଙ୍କ ମଧ୍ୟରେ ସମାନ ଧର୍ମ ଓ ବିରୁଦ୍ଧ ଧର୍ମ ସହଜରେ ଜଣାଯାଇପାରେ । ତେବେ ସପ୍ତଭଙ୍ଗୀ, ସ୍ୟାଦ୍‌ବାଦ ପ୍ରଭୃତି ପ୍ରପଞ୍ଚ ରଚନାର କି ଆବଶ୍ୟକତା ଥିଲା ? ବୌଦ୍ଧ ଓ ଜୈନ ମାନଙ୍କ ମଧ୍ୟରେ କେତେକ ସାମାନ୍ୟ ବିଷୟରେ ଯଦିଓ ମତଭେଦ ରହିଛି,ତଥାପି ସପ୍ତଭଙ୍ଗୀ ଓ ସ୍ୟାଦ୍‌ବାଦରେ ସେମାନଙ୍କ ଏକମତ ରହିଛି ।ଏହାପରେ କେବଳ ଜୈନମତ ବିଷୟରେ ଉଲ୍ଲେଖ କରାଯାଉଛି....

ଚିଦଚିଦ୍ ଦ୍ୱେ ପରେ ତତ୍ତ୍ୱେ ବିବେକସ୍ତଦ୍ ବିବେଚନମ୍ ।
ଉପାଦେୟମୁପାଦେୟଂ ହେୟଂ ହେୟଂ ଚ କୁର୍ବତଃ । ୧ ।
ହେୟଂ ହି କର୍ତ୍ତୃରାଗାଦି ତତ୍କାର୍ଯ୍ୟମବିବେକିନଃ ।
ଉପାଦେୟଂ ପରଂ ଜ୍ୟୋତିରୁପଯୋଗୈକ ଲକ୍ଷଣମ୍ । ୨ ।

(ସର୍ବଦର୍ଶନ ସଂଗ୍ରହ- ଆର୍ହତ ଦର୍ଶନ)

ଜୈନମାନେ "ଚିତ୍" ଓ "ଅଚିତ୍" ଅର୍ଥାତ୍ ଚେତନ ଓ ଜଡ଼ ଏପରି ଦିଓଟି ପରତତ୍ତ୍ୱକୁ ମାନନ୍ତି । ଏହି ଦୁଇଟିର ବିବେଚନ କରିବାର ନାମକୁ ବିବେକ କହନ୍ତି । ଯାହା ଯାହା ଗ୍ରହଣୀୟ ତାକୁ ଯେଉଁମାନେ ଗ୍ରହଣ କରନ୍ତି ଏବଂ ଯାହା ଯାହା ତ୍ୟାଜ୍ୟ ତାକୁ ଯେଉଁମାନେ ତ୍ୟାଗ କରନ୍ତି,ସେହିମାନଙ୍କୁ ବିବେକୀ କହିଥାନ୍ତି । ୧ । "ଜଗତର କେହି

ଜଣେ କର୍ତ୍ତା ଅଛି,ସେ ପୁଣି ରାଗାଦି ଦ୍ୱେଷ ରହିତ ଈଶ୍ୱର " ଏହା ହେଉଛି ଅବିବେକୀ ମାନଙ୍କର ମତ । ସେହି ମତକୁ ତ୍ୟାଗ କରିବାକୁ ହେବ । ପରମ ଜ୍ୟୋତି ସ୍ୱରୂପ ଯେଉଁ ଜୀବ ଯୋଗଦ୍ୱାରା ପରିଲକ୍ଷିତ ହୁଅନ୍ତି, ତାଙ୍କୁ ହିଁ ଗ୍ରହଣ କରିବା ଉଚିତ । ୨ । ଜୀବ ବ୍ୟତୀତ ଅନ୍ୟ କୌଣସି ଚେତନ ତତ୍ତ୍ୱକୁ ଈଶ୍ୱର ବୋଲି ମାନନ୍ତି ନାହିଁ । କୌଣସି ଅନାଦି ଈଶ୍ୱର ବୋଲି ଜଣେ ଅଛନ୍ତି····· ଏହା ବୌଦ୍ଧ କିମ୍ବା ଜୈନମାନେ ସ୍ୱୀକାର କରନ୍ତି ନାହିଁ । ଏ ସମ୍ପର୍କରେ ରାଜାଶିବପ୍ରସାଦ " ଇତିହାସ ତିମିର ନାଶକ" ନାମକ ଗ୍ରନ୍ଥରେ ଲେଖିଛନ୍ତି ଯେ, ଏମାନଙ୍କର ଦିଓଟି ନାମ ୧- ଜୈନ ଓ ୨- ବୌଦ୍ଧ । ଏହି ଦୁଇ ନାମ ପର୍ଯ୍ୟାୟବାଚୀ ଅର୍ଥାତ୍ ଏକାର୍ଥ ବୋଧକ । କିନ୍ତୁ ବୌଦ୍ଧମାନଙ୍କ ମଧ୍ୟରେ ବାମମାର୍ଗୀମାନେ ମଦ୍ୟ - ମାଂସାହାରୀ ବୌଦ୍ଧ ଅଟନ୍ତି । ଏମାନଙ୍କ ସହିତ ଜୈନମାନଙ୍କର ବିରୋଧ ବା ମତାନ୍ତର ରହିଛି । ମହାବୀର ଓ ଗୌତମ ଗଣଧର ଅଟନ୍ତି । ବୌଦ୍ଧମାନେ ତାଙ୍କୁ ବୁଦ୍ଧ ବୋଲି ନାମ ଦେଇଛନ୍ତି । କିନ୍ତୁ ଜୈନମାନେ ଗଣଧର ଓ ଜିନବର କହନ୍ତି । ଏମାନଙ୍କ ମଧ୍ୟରେ ଯେଉଁମାନେ ଜୈନ ପରମ୍ପରା ମତବାଦୀ ଅଟନ୍ତି,ସେମାନଙ୍କ ସମ୍ବନ୍ଧରେ ରାଜା ଶିବପ୍ରସାଦ ନିଜଲିଖିତ " ଇତିହାସ ତିମିର ନାଶକ" ଗ୍ରନ୍ଥର ତୃତୀୟ ଖଣ୍ଡ ପ୍ରଥମ-ସଂସ୍କରଣ ୮-୯ ପୃଷ୍ଠାରେ ଲେଖିଛନ୍ତି ଯେ, ସ୍ୱାମୀ ଶଙ୍କରାଚାର୍ଯ୍ୟଙ୍କ ଏକହଜାର ବର୍ଷ ପୂର୍ବରୁ ସମଗ୍ର ଭାରତବର୍ଷରେ ବୌଦ୍ଧ ଅଥବା ଜୈନ ଧର୍ମ ବିସ୍ତାର ଲାଭ କରିଥିଲା । ସେ ମହାଶୟ ପୁଣି ତାଙ୍କ ପୁସ୍ତକର ଟିପ୍ପଣୀରେ ଉଲ୍ଲେଖ କରିଛନ୍ତି ଯେ, ବୌଦ୍ଧ କହିଲେ ଆମ୍ଭ ମତରେ··· ମହାବୀରଙ୍କ ଗଣଧର ଗୌତମ ସ୍ୱାମୀଙ୍କ ସମୟରୁ ଶଙ୍କର ସ୍ୱାମୀଙ୍କ ସମୟ ପର୍ଯ୍ୟନ୍ତ ଯେଉଁ ବେଦ ବିରୁଦ୍ଧମତ ସମଗ୍ର ଭାରତ ବର୍ଷରେ ପ୍ରଚଳିତ ଥିଲା ଏବଂ ଯେଉଁ ମତକୁ ମହାରାଜ ଅଶୋକ ଓ ମହାରାଜ ସମ୍ପ୍ରତି ପ୍ରଭୃତି ଗ୍ରହଣ କରିଥିଲେ । ସେହି ମତରୁ ଜୈନମାନେ କୌଣସି ପ୍ରକାରେ ଖସିଯାଇ ପାରି ନ ଥିଲେ । ଜିନ ଶବ୍ଦରୁ ଜୈନ ଏବଂ ବୁଦ୍ଧ ଶବ୍ଦରୁ ବୌଦ୍ଧ ଶବ୍ଦର ସୃଷ୍ଟି । ଏ ଉଭୟ ଏକ ପର୍ଯ୍ୟାୟବାଚୀ ଶବ୍ଦ ।କୋଷମାନଙ୍କରେ ଦୁଇ ଶବ୍ଦର ଅର୍ଥ ଏକ ଓ ଗୌତମଙ୍କୁ ଉଭୟ ସମ୍ପ୍ରଦାୟ ମାନନ୍ତି । ବୌଦ୍ଧମାନଙ୍କର ପ୍ରାଚୀନ ଗ୍ରନ୍ଥ " ଦୀପବଂଶ " ପୁସ୍ତକରେ ଶାକ୍ୟମୁନି ଗୌତମ ବୁଦ୍ଧଙ୍କୁ ଅନେକ ସ୍ଥାନରେ " ମହାବୀର" ବୋଲି ଉଲ୍ଲେଖ କରାଯାଇଛି । ସେ ଯାହା ହେଉ ତାଙ୍କ

ସମୟରେ ବୌଦ୍ଧ ଓ ଜୈନ ଉଭୟେ ବୋଧହୁଏ ଏକମତ ଥିଲେ । ଆମେ ଯେଉଁ ଜୈନ ବୋଲି ଉଲ୍ଲେଖ ନ କରି ଗୌତମ ମତବାଦୀଙ୍କୁ ବୌଦ୍ଧ ବୋଲି ଲେଖୁଛୁ , ତାର କାରଣ ହେଉଛି , ତାହାଙ୍କୁ ଅନ୍ୟ ଦେଶବାସୀମାନେ ବୌଦ୍ଧବୋଲି କହୁଥିଲେ । ଅମରକୋଷରେ ମଧ୍ୟ ଏହିପରି ଲେଖାଯାଇଛି ....

ସର୍ବଜ୍ଞଃ ସୁଗତୋ ବୁଦ୍ଧୋ ଧର୍ମରାଜସ୍ତଥାଗତଃ ।
ସମନ୍ତଭଦ୍ରୋ ଭଗବାନ୍ ମାରଜିଲ୍ଲୋକଜିଜ୍ଜିନଃ ॥ ୧ ॥
ଷଡଭିଜ୍ଞୋ ଦଶବଲୋଽଦ୍ୱୟବାଦୀ ବିନାୟକଃ ।
ମୁନୀନ୍ଦ୍ରଃ ଶ୍ରୀଘନଃ ଶାସ୍ତା ମୁନିଃ ଶାକ୍ୟମୁନିସ୍ତୁସଃ ॥ ୨ ॥
ସ ଶାକ୍ୟସିଂହଃ ସର୍ବାର୍ଥଃ ସିଦ୍ଧଶ୍ଶୌଦ୍ଧୋଦନିଶ୍ଚସଃ ।
ଗୌତମଶ୍ଚାର୍କ ବନ୍ଧୁଶ୍ଚ ମାୟାଦେବୀ ସୁତଶ୍ଚ ସଃ ॥ ୩ ॥

(ଅମରକୋଷ କା.୧ ବର୍ଗ ୧/୮/୧୦)

ବର୍ତ୍ତମାନ ଦେଖନ୍ତୁ ବୁଦ୍ଧ , ଜିନ ଓ ବୌଦ୍ଧ ତଥା ଜୈନ ଜଣେ ବ୍ୟକ୍ତିର ନାମ ନୁହେଁ କି ? ଅମରସିଂହ ମଧ୍ୟ ବୁଦ୍ଧ , ଜିନ ଏକ ବୋଲି ଲେଖି କ'ଣ ଭୁଲ୍ କରିଦେଲେ ? ଜୈନମାନଙ୍କ ମଧ୍ୟରେ ଯେଉଁମାନେ ବିଦ୍ୱାନ୍ ସେମାନେ ସମସ୍ତେ କେବଳ ଜାଣନ୍ତି ବୁଦ୍ଧ ଓ ଜିନ ତଥା ବୌଦ୍ଧ ଓ ଜୈନ ଏସବୁ ହେଉଛି ଏକ ପର୍ଯ୍ୟାୟବାଚୀ ଶବ୍ଦ । ଏଥିରେ କୌଣସି ସନ୍ଦେହ ନାହିଁ । ସେହି ବୌଦ୍ଧ ଓ ଜୈନମାନଙ୍କଠାରୁ ଜୈନମାନଙ୍କ ମଧ୍ୟରେ ସାମାନ୍ୟ ମାତ୍ର ଭେଦ ରହିଛି । କିନ୍ତୁ ଯେଉଁ ବୌଦ୍ଧମାନେ ମାଂସାହାରୀ , ସେମାନଙ୍କଠାରୁ ଜୈନମାନେ ଭିନ୍ନ ହୋଇଥାନ୍ତି । କଛି ଭେଦ ମଧ୍ୟ ରହିଛି । ଅର୍ଥାତ୍ ଯେପରି ଚାର୍ବାକ ଓ ବୌଦ୍ଧମାନେ ଈଶ୍ୱରଙ୍କୁ ମାନନ୍ତି ନାହିଁ ପୁଣି ଜଗତ ଅନାଦି କାଳରୁ ଯେପରି ଥିଲା ସେପରି ଅଛି କହନ୍ତି । ଏମାନେ ପ୍ରତ୍ୟକ୍ଷ ଓ ଅନୁମାନକୁ ମାନିଥାନ୍ତି । ଜୈନମାନେ କହନ୍ତି କି ଜୀବ ପରମେଶ୍ୱର ହୋଇଯାଏ । ସେମାନଙ୍କ ତୀର୍ଥଙ୍କରମାନେ ହିଁ ମୁକ୍ତିପ୍ରାପ୍ତ ହୁଅନ୍ତି ଏବଂ ପରମେଶ୍ୱର ଅଟନ୍ତି । ତାଙ୍କ ମତରେ ଅନାଦି ପରମେଶ୍ୱର ବୋଲି କେହି ନାହିଁ । ସର୍ବଜ୍ଞ , ବୀତରାଗ ,ଅର୍ହନ , କେବଳୀ ,ତୀର୍ଥଙ୍କୃତ ଓ ଜିନ ଏହି ଛଅ ନାମ ହେଉଛି ନାସ୍ତିକ ଦେବତାମାନଙ୍କର । ଆଦିଦେବଙ୍କ ସ୍ୱରୂପ ସମ୍ପର୍କରେ

ଚନ୍ଦ୍ରସୂରି ତାଙ୍କ ରଚିତ " ଆପ୍ତନିଶ୍ଚୟାଳଙ୍କାର" ଗ୍ରନ୍ଥରେ ଲେଖିଛନ୍ତି.....

ସର୍ବଜ୍ଞୋ ବୀତରାଗାଦିଦୋଷ ସ୍ତ୍ରୈଲୋକ୍ୟ ପୂଜିତଃ ।
ଯଥାସ୍ଥିତାର୍ଥବାଦୀଚ ଦେବୋଽର୍ହନ୍ ପରମେଶ୍ୱରଃ । ୧ ।

(ସର୍ବ ଦର୍ଶନ ସଂଗ୍ରହ-ଆର୍ହତ ଦର୍ଶନ)

ସେହିପରି " ତୌତାତିତ " ମଧ୍ୟ ଲେଖୁଛନ୍ତି ....

ସର୍ବଜ୍ଞୋ ଦୃଶ୍ୟତେ ତାବନ୍ନେଦାନୀ ମସ୍ମଦାଦିଭିଃ ।
ଦୃଷ୍ଟୋନ ଚୈକଦେଶୋଽସ୍ତି ଲିଙ୍ଗଂବା ଯୋଽନୁମାପୟେତ୍ ।୨।
ନ ଗୃଗମବିଧ୍ୱଃ କଶ୍ଚିନ୍ନିତ୍ୟ ସର୍ବଜ୍ଞ ବୋଧକଃ ।
ନ ଚ ତତ୍ରାର୍ଥବାଦାନାଂ ତାତ୍ପର୍ଯ୍ୟମପି କଳ୍ପ୍ୟତେ ।୩।
ନ ଗୃନ୍ୟାର୍ଥ ପ୍ରଧାନୈସ୍ତୈସ୍ତ ଦସ୍ତିତ୍ୱଂ ବିଧୀୟତେ ।
ନ ଗୃନୁବଦିତୁଂ ଶକ୍ୟଃ ପୂର୍ବମନ୍ୟୈ ରବୋଧିତଃ । ୪ ।

(ସର୍ବ ଦର୍ଶନ ସଂଗ୍ରହ-ଆର୍ହତ ଦର୍ଶନ)

ଯେ ରାଗାଦି ଦୋଷରହିତ, ତ୍ରୈଲୋକ୍ୟ ପୂଜନୀୟ, ପଦାର୍ଥ ଗୁଡ଼ିକର ଯଥାର୍ଥ ବକ୍ତା , ସର୍ବଜ୍ଞ , ଅର୍ହନ୍ ଦେବ , ସେ ହେଉଛନ୍ତି କେବଳ ପରମେଶ୍ୱର ।୧। ବର୍ତ୍ତମାନ ଆମ୍ଭେମାନେ ଯେଣୁ ପରମେଶ୍ୱରଙ୍କୁ ଦେଖୁନାହୁଁ ,ତେଣୁ ଅନ୍ୟ କୌଣସି ସର୍ବଜ୍ଞ ଅନାଦି ପରମେଶ୍ୱରଙ୍କୁ ପ୍ରତ୍ୟକ୍ଷରୂପେ ଗ୍ରହଣ କରିବା ଉଚିତ ନୁହେଁ । ଯେଉଁ ଈଶ୍ୱରଙ୍କ ସମ୍ବନ୍ଧରେ ପ୍ରତ୍ୟକ୍ଷ ପ୍ରମାଣ କିଛିନାହିଁ , ତେଣୁ ଅନୁମାନ ପ୍ରମାଣକୁ ଗ୍ରହଣ କରିବା ଉଚିତ ନୁହେଁ । ଯେଣୁ ଏକଦେଶ ପ୍ରତ୍ୟକ୍ଷ ବ୍ୟତୀତ ଅନୁମାନ ମଧ୍ୟ କରାଯାଇ ପାରେ ନାହିଁ ।୨। ଯେଣୁ ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ ନାହିଁ , ତେଣୁ ଆଗମ ଅର୍ଥାତ୍ ନିତ୍ୟ,ଅନାଦି,ସର୍ବଜ୍ଞ ପରମାତ୍ମା ବୋଧକ ଶବ୍ଦ ପ୍ରମାଣ ମଧ୍ୟ କିଛି ନାହିଁ । ଯଦି ତିନି ପ୍ରକାର ପ୍ରମାଣ କରାଯାଇ ପାରୁନାହିଁ , ତେବେ ଅର୍ଥବାଦ ଅର୍ଥାତ୍ ସ୍ତୁତି ନିନ୍ଦା , ପରକୃତି ବା ଅପର ଚରିତ୍ର ବର୍ଣ୍ଣନ ଓ ପୁରାକଳ୍ପ ବା ଇତିହାସର ତାତ୍ପର୍ଯ୍ୟ କଳ୍ପନା କରାଯାଇ ପାରେ ନା ୩ ।ଅନ୍ୟାର୍ଥ ପ୍ରଧାନ ଅର୍ଥାତ୍ ବହୁବ୍ରୀହି ସମାସ ଭଳି ପରୋକ୍ଷ ପରମାତ୍ମାଙ୍କ ପ୍ରମାଣ ସିଦ୍ଧ ହୋଇପାରେ

ନାହିଁ । ପୁଣି ଈଶ୍ୱର ଉପଦେଷ୍ଟାମାନଙ୍କ ଉପଦେଶ ଶ୍ରବଣ ନ କରି ଈଶ୍ୱରଙ୍କ ଗୁଣ, କର୍ମାଦିର ଅନୁମାନ ମଧ୍ୟ କରାଯାଇ ପାରେ ନାହିଁ ।୪।

ଖଣ୍ଡନ :- ଅନାଦି ଈଶ୍ୱର ଯଦି ନାହାନ୍ତି ତେବେ ତୁମର " ଅର୍ହନ୍ " ଦେବଙ୍କ ମାତାପିତାଙ୍କ ଶରୀର ଛାଞ୍ଚ କିଏ ନିର୍ମାଣ କଲା ? ସଂଯୋଗ କର୍ତ୍ତା ବ୍ୟତୀତ ଯଥାଯୋଗ୍ୟ ସର୍ବାବୟବ ସମ୍ପନ୍ନ ଏବଂ ଯଥୋଚିତ କାର୍ଯ୍ୟକ୍ଷମ ଶରୀର ନିର୍ମାଣ କରାଯାଇ ପାରେ ନାହିଁ । ଯେଉଁ ଉପାଦାନରେ ଶରୀର ନିର୍ମିତ ହୋଇଛି ସେସବୁ ପଦାର୍ଥ ଜଡ଼ ହୋଇଥିବାରୁ ସେଥିରେ ଏପରି କାର୍ଯ୍ୟକ୍ଷମ ଓ ସୁନ୍ଦର ଶରୀର ଆପେ ଆପେ ନିର୍ମିତ ହୋଇପାରିବ ନାହିଁ । ଯେଣୁ ଶରୀରର ଉପାଦାନ ଗୁଡ଼ିକର ଏପରି ଜ୍ଞାନ ନାହିଁ ଯଦ୍ୱାରା ସେସବୁ ଆପେ ଆପେ ଯଥାର୍ଥ ପରିମାଣରେ ମିଶ୍ରିତ ହୋଇ ଶରୀର ଆକୃତି ଧାରଣ କରିବ । ଯେଉଁମାନେ ପ୍ରଥମେ ରାଗାଦି ଦୋଷଯୁକ୍ତ ପରେ ସେମାନେ ସେହି ଦୋଷରୁ ମୁକ୍ତ ହେଲେହେଁ କେବେହେଲେ ଈଶ୍ୱର ହୋଇପାରିବେ ନାହିଁ । କାରଣ ଯେଉଁ ନିମିତ୍ତ ଯୋଗୁଁ ସେମାନେ ରାଗାଦି ଦୋଷରୁ ମୁକ୍ତ ହୁଅନ୍ତି ସେହି ନିମିତ୍ତର ଅଭାବରେ ମୁକ୍ତି ମଧ୍ୟ ଅନିତ୍ୟ ହୋଇପଡ଼େ । ଜୀବ କ୍ଷୁଦ୍ର ପୁଣି ଅଳ୍ପଜ୍ଞ ସେ କେବେହେଁ ସର୍ବବ୍ୟାପକ ଓ ସର୍ବଜ୍ଞ ହୋଇପାରେ ନାହିଁ । ଯେଣୁ ଜୀବର ସ୍ୱରୂପ ଏକଦେଶୀ ଓ ସେ ପରିମିତ ଗୁଣ-କର୍ମ ସ୍ୱଭାବଯୁକ୍ତ । ସେ ସକଳ ବିଦ୍ୟାରେ ସମସ୍ତ ପ୍ରକାର ଯଥାର୍ଥ ବକ୍ତା କେବେ ହୋଇ ପାରିବ ନାହିଁ । ଏଣୁ ତୁମର ତୀର୍ଥଙ୍କରମାନେ କଦାପି ଈଶ୍ୱର ହୋଇପାରିବେ ନାହିଁ । ୧ । ତେବେ ତୁମେ କଣ କେବଳ ପ୍ରତ୍ୟକ୍ଷ ପଦାର୍ଥକୁ ମାନୁଛ ଅପ୍ରତ୍ୟକ୍ଷକୁ ମାନୁ ନାହିଁ ? ଯେପରି କାନଦ୍ୱାରା ରୂପ ଦେଖାଯାଏ ନାହିଁ, ଚକ୍ଷୁଦ୍ୱାରା ଶବ୍ଦ ଶୁଣାଯାଏ ନାହିଁ, ସେହିପରି ଶୁଦ୍ଧାନ୍ତଃ କରଣ,ବିଦ୍ୟାଶିକ୍ଷା ଓ ଯୋଗାଭ୍ୟାସ ବ୍ୟତୀତ ପରମାତ୍ମାଙ୍କୁ ଦେଖି ହୁଏ ନାହିଁ । ଯେପରି ବିନା ଶିକ୍ଷାରେ ବିଦ୍ୟାଲାଭ ହୁଏ ନାହିଁ,ସେପରି ବିନା ବିଜ୍ଞାନ ଓ ଯୋଗ ସାଧନାରେ ପରମାତ୍ମା ପ୍ରାପ୍ତ ହୁଅନ୍ତି ନାହିଁ ।ଯେପରି ଭୂମିର ରୂପ-ଗୁଣକୁ ଦେଖି ଜାଣି ଏହି ଗୁଣର ଅବ୍ୟବହିତ ସମ୍ବନ୍ଧଦ୍ୱାରା ପୃଥିବୀ ପ୍ରତ୍ୟକ୍ଷ ହୁଏ, ସେହିପରି ଏହି ସୃଷ୍ଟିର ନିର୍ମାଣ ବୈଚିତ୍ର୍ୟଦ୍ୱାରା ସୃଷ୍ଟିକର୍ତ୍ତା ପରମାତ୍ମାଙ୍କୁ ପ୍ରତ୍ୟକ୍ଷ ଜାଣିବାକୁ ହୁଏ । କେବେ ଯଦି ପାପାଚରଣ କରିବାକୁ ହୁଏ,ତେବେ ସେତେବେଳେ ମନରେ ଯେଉଁ ଭୟ,ଶଙ୍କା ଓ ଲଜ୍ଜା ଜାତ ହୁଏ,ତାହା କେବଳ

ସେହି ଅନ୍ତର୍ଯ୍ୟାମୀ ପରମାତ୍ମାଙ୍କ ପ୍ରଭାବରୁ ହୁଏ । ଏଥିରୁ ମଧ୍ୟ ଈଶ୍ୱରଙ୍କର ପ୍ରତ୍ୟକ୍ଷ ପ୍ରମାଣ ମିଳେ । ୨ । ଏପରି ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ ରହିଛି । ନିତ୍ୟ,ଅନାଦି ଓ ସର୍ବଜ୍ଞ ପରମେଶ୍ୱରଙ୍କ ସମ୍ପର୍କରେ ଆଗମ ପ୍ରମାଣ ମଧ୍ୟ ଯଥାଯଥ ଓ୍ ଗ୍ରହଣୀୟ ଅଟେ । ପ୍ରତ୍ୟକ୍ଷ,ଅନୁମାନ ଓ ଶବ୍ଦ ଏହି ତନୋଟି ପ୍ରମାଣଦ୍ୱାରା ଜୀବ ଈଶ୍ୱରଙ୍କୁ ଜାଣିବାରେ ସମର୍ଥ ହୁଏ । ତେବେ ଅର୍ଥବାଦ ଅର୍ଥାତ୍ ପରମେଶ୍ୱରଙ୍କ ଗୁଣର ପ୍ରଶଂସା କରିବା ମଧ୍ୟ ଯଥାର୍ଥ ବିବେଚିତ ହୋଇଥାଏ । କାରଣ ଯେ ନିତ୍ୟ ପଦାର୍ଥ ଅଟନ୍ତି,ତାଙ୍କର ଗୁଣ-କର୍ମ-ସ୍ୱଭାବ ମଧ୍ୟ ନିତ୍ୟ ଅଟେ । ତାଙ୍କୁ ପ୍ରଶଂସା କରିବାରେ କୌଣସି ପ୍ରତିବନ୍ଧକ ନାହିଁ । ୩ । ଏହି ସଂସାରରେ କର୍ତ୍ତା ବ୍ୟତୀତ କୌଣସି କାର୍ଯ୍ୟ ହୋଇପାରେ ନାହିଁ । ସେହିପରି ଏହି ଜଗତ୍ ସ୍ୱରୂପ ମହତ୍ କାର୍ଯ୍ୟ କର୍ତ୍ତା ବ୍ୟତିରେକେ ସମ୍ପାଦିତ ହେବା ସମ୍ଭବପର ନୁହେଁ । ଏପରି ସ୍ଥଳେ ଈଶ୍ୱରଙ୍କ ଅସ୍ତିତ୍ୱ,ସମ୍ପର୍କରେ ସାଧାରଣ ଅଜ୍ଞ ବ୍ୟକ୍ତି ମଧ୍ୟ ସନ୍ଦେହ କରିପାରେ ନାହିଁ । ଈଶ୍ୱରଙ୍କ ସମ୍ବନ୍ଧରେ ଉପଦେଶକମାନଙ୍କ ଠାରୁ ଶୁଣିବା ପରେ ଗୁଣଗାନ କରିବା ତ ସରଳ ହୋଇଥାଏ । ଏଣୁ ପ୍ରତ୍ୟକ୍ଷାଦି ପ୍ରମାଣକୁ ନେଇ ଈଶ୍ୱରଙ୍କ ଅସ୍ତିତ୍ୱ ଖଣ୍ଡନ କରିବା ଜୈନମାନଙ୍କ ପକ୍ଷରେ ଉଚିତ ନୁହେଁ । ୪ ।

ପ୍ରଶ୍ନ......

ଅନାଦେରାଗମସ୍ୟାର୍ଥୋ ନ ଚ ସର୍ବଜ୍ଞ ଆଦିମାନ୍ ।କୃତ୍ରିମେଣ ତ୍ୱସତ୍ୟେନ ସ କଥଂ ପ୍ରତିପାଦ୍ୟତେ । ୧ । ଅଥ ତଦ୍ ବଚନେନୈବ ସର୍ବଜ୍ଞୋଽନ୍ୟୈଃ ପ୍ରତୀୟତେ ।ପ୍ରକଲ୍ପେତ କଥଂ ସିଦ୍ଧିରନ୍ୟୋଽନ୍ୟାଶ୍ରୟୟୋ ସ୍ତୁୟୋଃ । ୨ । ସର୍ବଜ୍ଞୋକ୍ତ ତୟା ବାକ୍ୟଂ ସତ୍ୟଂ ତେନ ତଦସ୍ତିତା । କଥଂ ତଦୁଭୟଂ ସିଧ୍ୟେତ୍ ସିଦ୍ଧମୂଳାନ୍ତରାଦୃତେ । ୩ ।

(ସର୍ବଦର୍ଶନ ସଂଗ୍ରହ- ଆର୍ହତ ଦର୍ଶନ)

ଯେଉଁ ଶାସ୍ତ୍ର ଅନାଦି ତାର ରଚନା ହୁଏ ନାହିଁ,ପୁଣି ଯାହା ଅନିତ୍ୟ ତାହା ଅସତ୍ୟ,ତେଣୁ ତାଦ୍ୱାରା ନିତ୍ୟ ସର୍ବଜ୍ଞ ଈଶ୍ୱର ପ୍ରତିପାଦିତ ହୁଅନ୍ତି ନାହିଁ । ୧ । ଯଦିପରମେଶ୍ୱରଙ୍କ ବଚନଦ୍ୱାରା ପରମେଶ୍ୱର ପ୍ରମାଣିତ ହୁଅନ୍ତି, ତେବେ ଅନାଦି ଈଶ୍ୱରଙ୍କଠାରୁ ଅନାଦି ଶାସ୍ତ୍ରର ପ୍ରମାଣ,ପୁଣି ଅନାଦି ଶାସ୍ତ୍ରରୁ ଅନାଦି ଈଶ୍ୱରଙ୍କ

ପ୍ରମାଣ,ଏହି ଯୁକ୍ତିରୁ ଅନ୍ୟୋଽନ୍ୟାଶ୍ରୟ ଦୋଷ ଘଟେ । ୨ । ସର୍ବଜ୍ଞ ଈଶ୍ୱରଙ୍କ ବଚନରେ ବେଦବାକ୍ୟ ସତ୍ୟ ହୁଏ ।ସେହିପରି ବେଦବାକ୍ୟରୁ ଈଶ୍ୱର ସିଦ୍ଧ ହୁଅନ୍ତି,ଏହା କଦାପି ଯୁକ୍ତିସଙ୍ଗତ ହୋଇ ନ ପାରେ । ଯଦି ସେହି ବେଦ ଓ ଈଶ୍ୱରଙ୍କ ସତ୍ୟତା ପ୍ରତିପାଦନପାଇଁ ଅନ୍ୟ ପ୍ରମାଣ ଆବଶ୍ୟକ,ତେବେ ତହିଁରେ ଅନବସ୍ଥା ଦୋଷ ପରିଲକ୍ଷିତ ହେବ । ଅର୍ଥାତ୍ ପ୍ରମାଣର ଆଉ ଅନ୍ତ ରହିବ ନାହିଁ । ୩ ।

ଉତ୍ତରଃ- ଆମ୍ଭେମାନେ ପରମେଶ୍ୱରଙ୍କୁ ତଥା ତାଙ୍କର ଗୁଣ,କର୍ମ ଓ ସ୍ୱଭାବକୁ ଅନାଦି ମାନୁଁ । ଅନାଦି ଓ ନିତ୍ୟ ପଦାର୍ଥରେ ଅନ୍ୟୋଽନ୍ୟାଶ୍ରୟ ଦୋଷ ହୁଏ ନାହିଁ । ଯେପରି କାର୍ଯ୍ୟଦ୍ୱାରା କାରଣର ଜ୍ଞାନ ଓ କାରଣଦ୍ୱାରା କାର୍ଯ୍ୟରଜ୍ଞାନବୋଧ ହୁଏ ଓ କାର୍ଯ୍ୟରେ କାରଣର ସ୍ୱଭାବ ଓ କାରଣରେ କାର୍ଯ୍ୟର ସ୍ୱଭାବ ନିତ୍ୟ ବିଦ୍ୟମାନ ଥାଏ । ସେହିପରି ପରମେଶ୍ୱର ଓ ତାଙ୍କର ଅନନ୍ତ ବିଦ୍ୟାଦି ଗୁଣ ନିତ୍ୟ ହୋଇଥିବାରୁ ଈଶ୍ୱର ପ୍ରଣୀତ ବେଦରେ ଅନାବସ୍ଥା ଦୋଷ ହୁଏ ନାହିଁ । ୧-୨-୩ । ତୁମେମାନେ ତୁମର ତୀର୍ଥଙ୍କର ମାନଙ୍କୁ ପରମେଶ୍ୱର ମାନୁଛ,ତା କଦାପି ସମ୍ଭବ ହେବନାହିଁ । କାରଣ ପିତା-ମାତାଙ୍କ ବ୍ୟତୀତ ସେମାନଙ୍କ ଶରୀର ଯେତେବେଳେ ସମ୍ଭବ ହେଉନାହିଁ, ତେବେ ସେମାନେ କିପରି ତପଶ୍ଚର୍ଯ୍ୟା ବିନା ଜ୍ଞାନ ଓ ମୁକ୍ତି ପାଇପାରିବେ ? ଯାହା ସଂଯୋଗରୁ ଉତ୍ପନ୍ନ,ତାର ଅବଶ୍ୟ ଆଦି ଅଛି । ଯେଣୁ ସଂଯୋଗ ପୂର୍ବରୁ ବିୟୋଗ ପରିଲକ୍ଷିତ ହୋଇଥାଏ,ଅର୍ଥାତ୍ ବିୟୋଗ ବ୍ୟତୀତ ସଂଯୋଗ କେବେ ସମ୍ଭବ ନୁହେଁ । ଏଣୁ ତୁମ୍ଭେ ଅନାଦି ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କୁ ସ୍ୱୀକାର କର । ଦେଖ ଯେ କୌଣସି ବ୍ୟକ୍ତି ଯେତେ ବଡ଼ ସିଦ୍ଧ ହେଉନା କାହିଁକି ଶରୀରାଦିର ନିର୍ମାଣ ପୂର୍ଣ୍ଣରୂପେ ସେ ଜାଣିପାରେ ନାହିଁ । ଯେତେବେଳେ ସିଦ୍ଧ ଜୀବ ସୁଷୁପ୍ତି ଅବସ୍ଥାରେ ଥାଏ,ସେତେବେଳେ ତାର କିଛି ଜ୍ଞାନ ରହେ ନାହିଁ । ଜୀବ ଯେତେବେଳେ ଦୁଃଖ ଭୋଗକରେ ସେତେବେଳେ ମଧ୍ୟ ତାର ଜ୍ଞାନ ଊଣା ହୋଇଯାଏ । ଏପରି ପରିଚ୍ଛିନ୍ନ ସାମର୍ଥ୍ୟ ବ୍ୟକ୍ତି, ଯେ କି ଏକଦେଶୀୟ ଅଟେ,ତାଙ୍କୁ ଈଶ୍ୱର ବୋଲି ମାନିବା ଭ୍ରାନ୍ତ ବୁଦ୍ଧିଯୁକ୍ତ ଜୈନମାନଙ୍କ ବ୍ୟତୀତ, ଅନ୍ୟ କାହା ପକ୍ଷରେ ସମ୍ଭବ ନୁହେଁ । ତୁମେ କହିପାର ତୀର୍ଥଙ୍କରମାନେ ନିଜ ନିଜ ପିତାମାତାଙ୍କଠାରୁ ଜାତ ହୋଇଛନ୍ତି । ତେବେ ତାଙ୍କ ପିତା ମାତା କାହାର ସନ୍ତାନ ?ପୁଣି ସେମାନେ କାହାଠାରୁ ଜାତ ହୋଇଥିଲେ

ଏପରି ପ୍ରଶ୍ନର ଅନ୍ତ ରହିବ ନାହିଁ । ଏହାଦ୍ୱାରା ଅନବସ୍ଥା ସୃଷ୍ଟି ହେବନାହିଁ କି ? ।ଆସ୍ତିକ-ନାସ୍ତିକ ସମ୍ବାଦ ପ୍ରକରଣ ରତ୍ନାକର ଦ୍ୱିତୀୟ ଭାଗରେ ଯେଉଁ ଆସ୍ତିକ ନାସ୍ତିକ ସମ୍ବାଦ ଉଲ୍ଲେଖ କରାଯାଇଛି.ଏଠାରେ ତାହା ପ୍ରଶ୍ନୋତ୍ତର ଛଳରେ ଅବତାରଣା କରାଯାଇଛି । ବଡ଼ ବଡ଼ ଜୈନୀମାନେ ଏହାକୁ ସ୍ୱୀକାର କରିଛନ୍ତି ଓ ମୁମ୍ବଇରେ ତାକୁ ଛପାଇଛନ୍ତି ।

ନାସ୍ତିକଃ- ଈଶ୍ୱରଙ୍କ ଇଚ୍ଛାରେ କିଛି ହେଉ ନାହିଁ" ଯାହାକିଛି ହେଉଛି ସେସବୁ କର୍ମଦ୍ୱାରା ଘଟୁଛି"

ଆସ୍ତିକଃ- ସବୁକିଛି ଯଦି କର୍ମଦ୍ୱାରା ହେଉଛି, ତେବେ କର୍ମ କାହାଦ୍ୱାରା ହେଉଛି ? ଯଦି କୁହଯେ ଜୀବଆଦିଙ୍କଦ୍ୱାରା ହେଉଛି.ତେବେ ଯେଉଁ କର୍ଣ୍ଣାଦି ଇନ୍ଦ୍ରିୟଦ୍ୱାରା ଜୀବ କର୍ମକରେ.ସେହି ଇନ୍ଦ୍ରିୟାଦିକୁ କିଏ ନିର୍ମାଣ କରିଛି ? ଯଦି କୁହକି ଅନାଦି କାଳ ଓ ସ୍ୱଭାବଦ୍ୱାରା ହୋଇଛି.ତେବେ ଅନାଦିର ଅନ୍ତ ନାହିଁ.ସୁତରାଂ ତୁମ ମତରେ ମୁକ୍ତିର ଅଭାବ ଘଟିବ । ଯଦି କହିବ, ପ୍ରାଗ୍‌ଭାବପରି ଅନାଦିର ଅନ୍ତ ଅଛି, ତେବେ ବିନାଯତ୍ନରେ ସମସ୍ତେ କର୍ମ ବନ୍ଧନରୁ ମୁକ୍ତ ହୋଇଯିବେ । ଯଦି ଈଶ୍ୱର ଫଳ ପ୍ରଦାତା ନୁହନ୍ତି.ତେବେ ଦୁଃଖରୂପ ପାପର ଫଳକୁ ଜୀବ କେବେ ନିଜ ଇଚ୍ଛାରେ ଭୋଗ କରନ୍ତା ନାହିଁ । ଯେପରି ଚୋର ଆଦି ଦୁର୍ଜନମାନେ ଚୋରି ଆଦି ଦୋଷ କର୍ମର ଦଣ୍ଡ ସ୍ୱଇଚ୍ଛାରେ ଭୋଗିବାକୁ ଚାହାନ୍ତି ନାହିଁ .କିନ୍ତୁ ରାଜଦଣ୍ଡ ବ୍ୟବସ୍ଥାନୁସାରେ ଭୋଗ କରିବାକୁ ବାଧ୍ୟ ହୋଇଥାନ୍ତି.ସେହିପରି ଈଶ୍ୱରଙ୍କ ଦ୍ୱାରା ଲୋକେ ନିଜ ପାପ-ପୁଣ୍ୟର ଫଳ ଭୋଗ କରନ୍ତି । ଏପରି ନ ହେଲେ କର୍ମଫଳ ଭୋଗିବାରେ ଅବ୍ୟବସ୍ଥା ସୃଷ୍ଟି ହେବ ।ଜଣକର କର୍ମଫଳ ଅନ୍ୟ ଜଣେ ଭୋଗ କରିବ ।

ନାସ୍ତିକଃ- ଈଶ୍ୱର ହେଉଛନ୍ତି ଅକ୍ରିୟ । କାରଣ ଯଦି ସେ କର୍ମ କରୁଥାନ୍ତେ ତେବେ କର୍ମରଫଳ ନିଜେ ଭୋଗ କରନ୍ତେ । ଏଣୁ ଆମେ ମୁକ୍ତଜୀବକୁ ଅକ୍ରିୟ ମାନୁଛୁ । ତୁମେ ମଧ୍ୟ ସେପରି ସ୍ୱୀକାର କର ।

ଆସ୍ତିକଃ- ଈଶ୍ୱର ଅକ୍ରିୟ ନୁହନ୍ତି ସକ୍ରିୟ । ଯଦି ସେ ଚେତନ ଅଟନ୍ତି.ତେବେ କ୍ରିୟାବାନ୍ କାହିଁକି ନ ହେବେ ? ଯଦି ସେ କର୍ତ୍ତା.ତେବେ କ୍ରିୟାରୁ କେବେ ସେ ପୃଥକ୍ ନୁହନ୍ତି ।ତୁମ୍ଭେମାନେ ତୁମର କୃତ୍ରିମ ଈଶ୍ୱର ତୀର୍ଥଙ୍କରଙ୍କୁ ଜୀବଠାରୁ ଉତ୍ପନ୍ନବୋଲି ମାନୁଛ.କିନ୍ତୁ

ସେପରି ଈଶ୍ୱରଙ୍କୁ କୌଣସି ବିଦ୍ୱାନ୍ କଦାପି ସ୍ୱୀକାର କରିବେ ନାହିଁ । କାରଣ ନିମିତ୍ତରୁ ଈଶ୍ୱର ଉତ୍ପନ୍ନ ହେଲେ ସେ ଅନତ୍ୟ ଓ ପରାଧୀନ ହୋଇଯିବେ । ଯେଣୁ ଈଶ୍ୱର ହେବା ପୂର୍ବରୁ ସେ ଜୀବ ଥିଲା.ପରେ କୌଣସି କାରଣବଶତଃ ଈଶ୍ୱର ହୋଇଗଲା.ପରେ ସେହିବ୍ୟକ୍ତି ପୁଣି ଜୀବ ହୋଇଯାଏ । ନିଜର ଜୀବ ସ୍ୱଭାବକୁ କଦାପି ସେ ଛାଡିପାରିବ ନାହିଁ । କାରଣ ଅନନ୍ତ କାଳରୁ ସେ ଜୀବ ଥିଲା, ପୁଣି ଅନନ୍ତ କାଳ ଯାଏ ଜୀବ ହୋଇ ରହିବ ।ଜୀବ କେବେ ଈଶ୍ୱର ହୋଇପାରିବ ନାହିଁ । ଏଣୁ ଅନାଦି ସ୍ୱତଃସିଦ୍ଧ ଈଶ୍ୱର ହେଉଛନ୍ତି ମାନନୀୟ ।ଦେଖ ବର୍ତ୍ତମାନ ଜୀବ ଯେପରି ପାପପୁଣ୍ୟ କାର୍ଯ୍ୟକରି ତାର ଫଳ ସ୍ୱରୂପ ସୁଖ ଓ ଦୁଃଖ ଭୋଗ କରୁଛି, ଈଶ୍ୱରଙ୍କର ସେପରି କେବେ ହୁଏ ନାହିଁ ।

ଈଶ୍ୱର କ୍ରିୟାବାନ୍ ହୋଇ ନ ଥିଲେ ଏ ଜଗତ ସୃଷ୍ଟି ହୋଇଥାନ୍ତା କିପରି ? ତୁମେ କର୍ମକୁ ଯେପରି ପ୍ରାଗଭାବ ପରି ଅନାଦି ଓ ସାନ୍ତ ମାନୁଛ.ତେବେ ତାହା ଜୀବାତ୍ମା ସହିତ ସମବାୟ ସମ୍ବନ୍ଧ ରଖି ପାରେ ନାହିଁ । ପୁଣି ଯାହାର ସମବାୟ ସମ୍ବନ୍ଧ ନାହିଁ ତାହା କେବଳ ସଂଯୋଗଜ ହୋଇ ଅନିତ୍ୟ ରୂପ ଧାରଣ କରିବ । ଯଦି ତୁମ୍ଭେ ମୁକ୍ତି ସମୟରେ କ୍ରିୟା କିଛି ହୁଏ ନାହିଁ ବୋଲି ମନେ କରୁଛ.ତେବେ କୁହ ସେତେବେଳେ ସେ ଜ୍ଞାନଯୁକ୍ତ ନା ଜ୍ଞାନହୀନ ? ଯଦି କୁହ ଜ୍ଞାନଯୁକ୍ତ ତେବେ ସେ ମୁକ୍ତଜୀବ ଅନ୍ତଃକ୍ରିୟାଶୀଳ ଅଟେ । ତୁମେ ଜଣ ଭାବୁଛ..... ମୁକ୍ତି ସମୟରେ ଜୀବ ଜଡ଼ବତ୍ ହୋଇଯାଏ, ଗୋଟିଏ ସ୍ଥାନରେ ପଡ଼ିରହେ ଓ କୌଣସି ଚେଷ୍ଟା କରେ ନାହିଁ ?ଯଦି ସେପରି ହୁଏ ତେବେ ତାହାକୁ ମୁକ୍ତି ନକହି ଘୋର ଅନ୍ଧକାର ଓ ବନ୍ଧନ ବୋଲି କହିବାକୁ ହେବ । ପ୍ରକୃତରେ ସେପରି ନୁହେଁ । ମୁକ୍ତି ସମୟରେ ମଧ୍ୟ ଜୀବ କ୍ରିୟାକରେ ।

ନାସ୍ତିକଃ- ଈଶ୍ୱର ବ୍ୟାପକ ନୁହନ୍ତି, ଯଦି ବ୍ୟାପକ ହୋଇଥାଆନ୍ତେ ତେବେ ପ୍ରତ୍ୟେକ ବସ୍ତୁ ଚେତନ ହୋଇଥାଆନ୍ତା । ପୁଣି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ପ୍ରଭୃତିଙ୍କର ଉତ୍ତମ, ମଧ୍ୟମ ଓ ନିକୃଷ୍ଟ ଅବସ୍ଥା ହୋଇ ନ ଥାନ୍ତା । ଏକ ଈଶ୍ୱର ସବୁଥିରେ ବ୍ୟାପି ରହିଥିବା ସ୍ଥଳେ ସାନ, ବଡ଼ ଭେଦ ରହନ୍ତା ନାହିଁ ।

ଆସ୍ତିକଃ-ବ୍ୟାପ୍ୟ ଓ ବ୍ୟାପକ ଏକ ନୁହନ୍ତି । ବ୍ୟାପ୍ୟ ଏକାଦେଶୀ କିନ୍ତୁ ବ୍ୟାପକ ସର୍ବଦେଶୀ ଆକାଶ ଯେପରି ସର୍ବବ୍ୟାପକ.କିନ୍ତୁ ଭୂଗୋଳ ଓ ଘଟପଟାଦି ବ୍ୟାପ୍ୟଏକଦେଶୀ ।

ଯେପରି ପୃଥିବୀ ଓ ଆକାଶ ଏକ ନୁହନ୍ତି, ସେହିପରି ଈଶ୍ୱର ଓ ଜଗତ୍ ମଧ୍ୟ ଏକ ନୁହନ୍ତି । ଯେପରି ସମସ୍ତ ଘଟପଟାଦିରେ ଆକାଶ ବ୍ୟାପକ ହୋଇଥିଲେ ହେଁ ଘଟପଟାଦି ଆକାଶ ନୁହନ୍ତି, ସେହିପରି ଚେତନ ପରମେଶ୍ୱର ସବୁଠାରେ ଥିଲେହେଁ ସମସ୍ତ ଚେତନ ନୁହନ୍ତି । (ଯେପରି ଆକାଶ ସର୍ବତ୍ର ସମାନ କିନ୍ତୁ ପୃଥିବୀ ପ୍ରଭୃତି ଅବୟବ ସମାନ ନୁହେଁ,ସେହିପରି ପରମେଶ୍ୱରଙ୍କ ସମକକ୍ଷ କେହି ନୁହନ୍ତି) । ଯେପରି ବିଦ୍ୱାନ୍,ଅବିଦ୍ୱାନ୍ ଓ ଧାର୍ମିକ ଅଧାର୍ମିକ ସମାନ ନୁହନ୍ତି, ସେହିପରି ବିଦ୍ୟାଦି ସଦ୍‌ଗୁଣ ଓ ସତ୍ୟଭାଷଣାଦି କର୍ମ ସୁଶୀଳତା ନ୍ୟୂନାଧିକ ଯୋଗୁଁ ବ୍ରାହ୍ମଣ,କ୍ଷତ୍ରିୟ,ବୈଶ୍ୟ ଶୂଦ୍ର ଓ ଅନ୍ତ୍ୟଜ ପ୍ରଭୃତି ଛୋଟ ବଡ଼ ବିଭାଗମାନ ରହିଛି । ବର୍ଣ୍ଣବ୍ୟବସ୍ଥା ସମ୍ପର୍କରେ ଚତୁର୍ଥ ସମୁଲ୍ଲାସରେ ବିସ୍ତୃତରୂପେ ଲେଖାଯାଇଛି ଦେଖନ୍ତୁ ।

ନାସ୍ତିକଃ- ଈଶ୍ୱର ଜଗତର ଅଧିପତିତ୍ୱ ଓ ଜଗତ୍‌ରୂପ ଐଶ୍ୱର୍ଯ୍ୟ କେଉଁ କାରଣରୁ ସ୍ୱୀକାର କରିଛନ୍ତି ?

ଆସ୍ତିକଃ- ଈଶ୍ୱର କେବେ ଅଧିପତିତ୍ୱ ଗ୍ରହଣ କରିନାହାନ୍ତି କିମ୍ବା ଛାଡିନାହାନ୍ତି । କିନ୍ତୁ ସେ ଅଧିପତିତ୍ୱ ଓ ଜଗତ୍‌ରୂପ ଐଶ୍ୱର୍ଯ୍ୟ ଈଶ୍ୱରଙ୍କ ଭିତରେ ହିଁ ରହିଅଛି । କେବେ ସେ ଏଥିରୁ ଭିନ୍ନ ହୋଇପାରନ୍ତି ନାହିଁ, ଯେତେବେଳେ ଗ୍ରହଣ କରିବାର ପ୍ରଶ୍ନ ହିଁ ନାହିଁ ? ଯେଣୁ ଅପ୍ରାପ୍ତ ବସ୍ତୁକୁ ଗ୍ରହଣ କରାଯାଏ । ବ୍ୟାପ୍ୟର ବ୍ୟାପକ ବା ବ୍ୟାପକରୁ ବ୍ୟାପ୍ୟ କେବେ ପୃଥକ୍ ହୋଇପାରେ ନାହିଁ । ଏଣୁ ଅନାଦିକାଳରୁ ଈଶ୍ୱରଙ୍କଠାରେ ସର୍ବଦା ସ୍ୱାମୀତ୍ୱ ଓ ଅନନ୍ତ ଐଶ୍ୱର୍ଯ୍ୟ ରହି ଆସିଛି । ଏହାର ଗ୍ରହଣ କିମ୍ବା ତ୍ୟାଗ ଜୀବଠାରେ ସମ୍ଭବ ହୋଇପାରେ,ଈଶ୍ୱରଙ୍କଠାରେ ତାହା ହୁଏ ନାହିଁ ।

ନାସ୍ତିକଃ- ଯଦି ଈଶ୍ୱର ସମସ୍ତ ଜଗତ୍ ସୃଷ୍ଟି କରିଛନ୍ତି, ତେବେ ମାତାପିତାଙ୍କର ଆବଶ୍ୟକତା କଣ ଅଛି ?

ଆସ୍ତିକଃ- ଐଶ୍ୱରିକ ସୃଷ୍ଟିରେ ଈଶ୍ୱର ହିଁ ହେଉଛନ୍ତି କର୍ତ୍ତା,ସେ ଜୈବୀ ସୃଷ୍ଟିର କର୍ତ୍ତା ନୁହନ୍ତି । ଜୀବର କର୍ତ୍ତବ୍ୟ କର୍ମ ଜୀବ କରେ,ଈଶ୍ୱର କେବେ ତାହା କରନ୍ତି ନାହିଁ । ଯେପରି ବୃକ୍ଷ,ଫଳ,ଔଷଧି ଓ ଅନ୍ନ ପ୍ରଭୃତି ଈଶ୍ୱର ସୃଷ୍ଟି କରିଛନ୍ତି । ସେସବୁକୁ ସଂଗ୍ରହକରି କାଟି,କାଟି କୁଟି ,ରୁଟି ଆଦି ତିଆରି କରି ଖାଇବା ହେଉଛି ମନୁଷ୍ୟର କାମ । ମନୁଷ୍ୟ

ଯଦି ସେସବୁ ନ କରେ ତେବେ ଈଶ୍ୱର ସେ କାର୍ଯ୍ୟ କରିଦିଅନ୍ତି ନାହିଁ । ମନୁଷ୍ୟ ଯଦି ନିଜର କାର୍ଯ୍ୟକଳାପ ସମ୍ପାଦନ ନ କରେ ତେବେ ସେ ଜୀବନ ଧାରଣ କରି ରହିପାରିବ ନାହିଁ । ଏଣୁ ସୃଷ୍ଟିର ପ୍ରାରମ୍ଭରେ ଜୀବର ଶରୀର ଓ ଛାଞ୍ଚ ତିଆରି କରିବା ଈଶ୍ୱରାଧୀନ, ତାପରେ ସନ୍ତାନାଦି ଜାତ କରିବା ଜୀବର କର୍ତ୍ତବ୍ୟ ।

ନାସ୍ତିକଃ- ପରମାତ୍ମା ଶାଶ୍ୱତ,ଅନାଦି ଓ ଚିଦାନନ୍ଦ ଜ୍ଞାନ ସ୍ୱରୂପ ହୋଇ ମଧ୍ୟ ଏ ଜଗତର ପ୍ରପଞ୍ଚ ଓ ଦୁଃଖରେ ପଡ଼ନ୍ତି କାହିଁକି ? ଏପରିକି ସାଧାରଣ ମନୁଷ୍ୟ ଜଣେ ମଧ୍ୟ ସୁଖକୁ ଛାଡ଼ି ଦୁଃଖ ଭୋଗ କରିବାକୁ ଚାହେଁ ନାହିଁ । ତେବେ ଈଶ୍ୱର ଏହା କରନ୍ତି କାହିଁକି ?

ଆସ୍ତିକଃ- ଈଶ୍ୱର କୌଣସି ପ୍ରପଞ୍ଚ ଓ ଦୁଃଖରେ କେବେ ଲିପ୍ତ ହୁଅନ୍ତି ନାହିଁ । କିମ୍ବା ନିଜର ଆନନ୍ଦକୁ ତ୍ୟାଗ କରନ୍ତି ନାହିଁ । କେବଳ ଏକଦେଶୀ ଜୀବ ପ୍ରପଞ୍ଚ ଓ ଦୁଃଖ ଭୋଗକରେ, କିନ୍ତୁ ସର୍ବଦେଶୀ ପରମାତ୍ମା କେବେ ଭୋଗ କରନ୍ତି ନାହିଁ । ଅନାଦି,ଚିଦାନନ୍ଦ,ଜ୍ଞାନସ୍ୱରୂପ ପରମେଶ୍ୱର ଜଗତକୁ ଯଦି ରଚନା କରିବେ ନାହିଁ,ତେବେ ଏସବୁ କରିବାପାଇଁ ଆଉ କେହି କ୍ଷମତାଶାଳୀ ନାହାନ୍ତି ।ଜଡ଼ ଜିନିଷ ଆପେ ଆପେ ଅବସ୍ଥାନ୍ତର ପ୍ରାପ୍ତ ହୋଇ କୌଣସି ପଦାର୍ଥ ନିର୍ମିତ ହୋଇପାରେ ନାହିଁ । ଏଥିରୁ ପ୍ରମାଣିତ ହେଉଛି ଯେ ଈଶ୍ୱର ଜଗତ ନିର୍ମାଣକରି ଆନନ୍ଦରେ ରହିଛନ୍ତି । ଈଶ୍ୱର ପରମାଣୁଦ୍ୱାରା ଜଗତକୁ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ମାତାପିତାରୂପୀ ନିମିତ୍ତକାରଣଦ୍ୱାରା ଉତ୍ପତ୍ତିର ସୁବ୍ୟବସ୍ଥା ମଧ୍ୟ କରି ଦେଇଛନ୍ତି ।

ନାସ୍ତିକଃ- ଈଶ୍ୱର ମୁକ୍ତିରୂପକ ସୁଖକୁ ଛାଡ଼ି ଜଗତର ସୃଷ୍ଟି,ସ୍ଥିତି, ଓ ପ୍ରଳୟ କରିବା ଗୋଳମାଳରେ ପଶିଲେ କାହିଁକି ?

ଆସ୍ତିକଃ- ଈଶ୍ୱର ନିତ୍ୟ ଓ ସଦାମୁକ୍ତ । ତୁମର ସାଧନାଦ୍ୱାରା ସିଦ୍ଧ ହୋଇଥିବା ଏକଦେଶୀ,ବନ୍ଧପୂର୍ବକ ମୁକ୍ତିଯୁକ୍ତ ତୀର୍ଥଙ୍କରଙ୍କ ପରି ଈଶ୍ୱରଙ୍କୁ ଭାବୁଛ କାହିଁକି ? ସେ ଅନନ୍ତସ୍ୱରୂପ,ଗୁଣ,କର୍ମ,ସ୍ୱଭାବଯୁକ୍ତ ହୋଇଥିବାରୁ ଏହି କିଞ୍ଚିତ୍‌ମାତ୍ର ଜଗତରେ ସୃଷ୍ଟି, ସ୍ଥିତି ଓ ପ୍ରଳୟ କରୁଥିଲେ ହେଁ ବନ୍ଧନରେ ପଡ଼ନ୍ତି ନାହିଁ । କାରଣ ସାପେକ୍ଷତାରୁ ବନ୍ଧ ଓ ମୋକ୍ଷ ହୁଏ । ଅର୍ଥାତ୍ ମୁକ୍ତି ଅପେକ୍ଷାହେତୁ ବନ୍ଧ ଓ ବନ୍ଧ ଅପେକ୍ଷାହେତୁ ମୁକ୍ତି ଆସିଥାଏ । ସେ କେବେ ଆବଦ୍ଧ ନୁହନ୍ତି,ତେଣୁ ତାଙ୍କର ମୁକ୍ତି ବିଷୟରେ ପ୍ରଶ୍ନ ଉଠିବ କାହିଁକି ?

ଏକାଦେଶୀ ଜୀବ ବନ୍ଧ ବା ମୋକ୍ଷ ଲାଭକରେ । ଅନନ୍ତ,ସର୍ବଦେଶୀ,ସର୍ବବ୍ୟାପକ ପରମେଶ୍ୱର ବନ୍ଧନ ବା ନୈମିତ୍ତିକ ମୁକ୍ତି ଚକ୍ରରେ ତୁମ ତୀର୍ଥଙ୍କରମାନଙ୍କପରି କେବେହେଲେ ପଡ଼ନ୍ତି ନାହିଁ । ଏଣୁ ପରମାତ୍ମା ସର୍ବଦା ମୁକ୍ତ ।

ନାସ୍ତିକ:- ଭାଙ୍ଗ ପିଇଥିବା ଲୋକ ନିଜେ ଯେପରି ସେହି ଭାଙ୍ଗର ନିଶାକୁ ଭୋଗକରେ,ଜୀବ ସେହିପରି ତାହାର କର୍ମଫଳ ଭୋଗକରେ । ଏଥିରେ ଈଶ୍ୱରଙ୍କର କାମ କଣ ଅଛି ?

ଆସ୍ତିକ:- ଡକାୟତ,ଲମ୍ପଟ ଓ ଚୋର ପ୍ରଭୃତି ଦୁଷ୍ଟ ମନୁଷ୍ୟମାନେ ସ୍ୱେଚ୍ଛାକୃତଭାବେ ଫାଶୀଖୁଣ୍ଟକୁ ବା କାରାଗୃହକୁ ଯାଆନ୍ତି ନାହିଁ,କି ଯିବାପାଇଁ ଇଚ୍ଛାମଧ୍ୟ କରନ୍ତି ନାହିଁ । ରାଜ୍ୟର ନ୍ୟାୟ ବ୍ୟବସ୍ଥାନୁସାରେ ବଳତ୍କାରରେ ସେମାନଙ୍କୁ ଧରାଯାଇ ଦଣ୍ଡବିଧାନ କରାଯାଏ । ସେହିପରି ଈଶ୍ୱର ଜୀବକୁ ନ୍ୟାୟ ବ୍ୟବସ୍ଥାଦ୍ୱାରା ତାର କର୍ମ ଅନୁସାରେ ଯଥୋଚିତ ଦଣ୍ଡ ଦେଇଥାନ୍ତି । ସେ କୌଣସି ଜୀବ ନିଜ ଦୁଷ୍କର୍ମର ଫଳ ଭୋଗ କରିବାକୁ କେବେ ଇଚ୍ଛା କରେ ନାହିଁ ! ଏଣୁ ପରମାତ୍ମା ନ୍ୟାୟାଧୀଶ ଓ ଦଣ୍ଡ ବିଧାନ କର୍ତ୍ତା ଅଟନ୍ତି !

ନାସ୍ତିକ:- ଜଗତରେ ଈଶ୍ୱର ଏକ ନୁହନ୍ତି । ଯେତେ ମୁକ୍ତ ଜୀବ ଅଛନ୍ତି ସେ ସମସ୍ତେ ହେଉଛନ୍ତି ଜଣେ ଜଣେ ଈଶ୍ୱର ।

ଆସ୍ତିକ:- ଏହି କଥା ସର୍ବାଦୌ ନିରର୍ଥକ । ଯେ ପ୍ରଥମେ ଆବଦ୍ଧ ହୋଇ ମୁକ୍ତି ପାଏ,ସେ ପୁଣିଥରେ ବନ୍ଧନରେ ପଡ଼େ । ଯେଣୁ ସେ ସ୍ୱଭାବରେ ସର୍ବଦା ମୁକ୍ତ ନୁହେଁ ! ଯେପରି ତୁମର ଚବିଶି ତୀର୍ଥଙ୍କରଯାକ ପ୍ରଥମେ ଆବଦ୍ଧ ଥିଲେ ପରେ ମୁକ୍ତି ପାଇଲେ,ପୁଣି ଅବଶ୍ୟ ବନ୍ଧନରେ ପଡ଼ିବେ । କାରଣ ଏହା ତାଙ୍କର ସଦୈବ ସ୍ୱାଭାବିକ ମୁକ୍ତି ନୁହେଁ । ଜୀବ ଅନେକ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଯେମିତି ବାଦାନୁବାଦ,ଦ୍ୱନ୍ଦ୍ୱ,କଳହ ସୃଷ୍ଟି ହୁଏ,ସେହିପରି ଈଶ୍ୱରଙ୍କ ମଧ୍ୟରେ ଅନେକ ହେଲେ ସେମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ,କଳହ ସୃଷ୍ଟି ହେବା ସ୍ୱାଭାବିକ ବିଷୟ ହୋଇଯିବ ।

ନାସ୍ତିକ:- ହେ ମୂଢ଼ ! ଜଗତର କର୍ତ୍ତା କେହି ନାହିଁ । ଏହି ଜଗତ ହେଉଛି ସ୍ୱୟଂସିଦ୍ଧ !

ଆସ୍ତିକ:- ଏଥିରେ ଏହା ଜୈନମାନଙ୍କର କେତେ ବଡ଼ ଭୁଲ ! [illegible] କର୍ତ୍ତାବିନା କୌଣସି କର୍ମ,କର୍ମ ବିନା କୌଣସି କାର୍ଯ୍ୟ ହେବାର କେବେ ଦେଖିଛ କି ?

ରନ୍ଧନ ଘରରୁ ଆପେ ଆପେ ଅଟା ଓ ରୁଟି ତିଆରି ହୋଇ ସତେ ଯେପରି ଜୈନମାନଙ୍କ ପେଟ ମଧ୍ୟକୁ ଚାଲିଯାଉଛି. ଏପରି କେବେ ହୋଇପାରିବ କି ? କପାରୁ ସୂତା ବାହାରି ତହିଁରୁ କପଡ଼ା,ଧୋତି,ଚାଦର,ପଗଡ଼ି ପ୍ରଭୃତି ପ୍ରସ୍ତୁତ ହୋଇପାରିବ ନାହିଁ । ଏସବୁ ଜିନିଷ ତିଆରି କରିବାକୁ ହେଲେ,କପାସଂଗ୍ରହକରି ତାକୁ କାର୍ଯ୍ୟରେ ପରିଣତ କରିବାପାଇଁ ଜଣେ ବ୍ୟକ୍ତିର ଆବଶ୍ୟକତା ନିଶ୍ଚୟ ଅନୁଭୂତ ହୋଇଥାଏ । ସେହିପରି ଏ ବିବିଧ ଜଗତ ଓ ନାନାପ୍ରକାରର ରଚନାପାଇଁ ଈଶ୍ୱରକର୍ତ୍ତାଙ୍କର ଆବଶ୍ୟକତା ଅନୁଭୂତ ହୋଇଥାଏ । ଯଦି ତୁମେ ଜିଦ୍‌ଧରି ଏ ଜଗତକୁ ସ୍ୱୟଂ ନିର୍ମିତ ବୋଲି କୁହ,ତେବେ ଉପର ବର୍ଣ୍ଣିତ ବସ୍ତ୍ର ପ୍ରଭୃତିର ନିର୍ମାଣ କର୍ତ୍ତା ବ୍ୟତିରେକେ ସୃଷ୍ଟିକରି ଦେଖାଇ ଦିଅତ ! ଯଦି ଏପରି କରିପାରିବ ନାହିଁ ତେବେ ତୁମର ଅନ୍ତଃସାରଶୂନ୍ୟ କଥାକୁ କେଉଁ ବୁଦ୍ଧିମାନ୍ ଲୋକ ଗ୍ରହଣ କରିବ ?

ନାସ୍ତିକ:- ଈଶ୍ୱର ବିରକ୍ତ ନା ମୋହିତ ? ଯଦି ବିରକ୍ତ ତେବେ ଜଗତର ପ୍ରପଞ୍ଚରେ ପଡିଲେ କାହିଁକି ? ଯଦି ମୋହିତ ତାହେଲେ ଜଗତ୍ ନିର୍ମାଣରେ ସେ କେବେ ସମର୍ଥ ନୁହନ୍ତି ବୋଲି ମନେ କରାଯିବ ।

ଆସ୍ତିକ:- ପରମେଶ୍ୱରଙ୍କଠାରେ ବୈରାଗ୍ୟ ନାହିଁ କିମ୍ବା ମୋହ ନାହିଁ । ଯେଣୁ ସେ ହେଉଛନ୍ତି ସର୍ବବ୍ୟାପକ । ସେ କୌଣସି ପଦାର୍ଥ ଗ୍ରହଣ କରନ୍ତି ନାହିଁ ବା ତ୍ୟାଗ କରନ୍ତି ନାହିଁ । ପୁଣି ଈଶ୍ୱରଙ୍କଠାରୁ କେହି ଉତ୍ତମ ନୁହନ୍ତି କିମ୍ବା କୌଣସି ପଦାର୍ଥ ତାଙ୍କ ପକ୍ଷରେ ଅପ୍ରାପ୍ୟ ନୁହେଁ ! ଜୀବଠାରେ ବୈରାଗ୍ୟ ବା ଆସକ୍ତି ସମ୍ଭବ କିନ୍ତୁ ଈଶ୍ୱରଙ୍କ ପ୍ରତି ଏହା ପ୍ରଯୁଜ୍ୟ ହୋଇପାରିବ ନାହିଁ ।

ନାସ୍ତିକ:- ଯଦି ଈଶ୍ୱରଙ୍କୁ ଜଗତରକର୍ତ୍ତା ତଥା ଜୀବମାନଙ୍କର କର୍ମଫଳଦାତା ବୋଲି କୁହାଯିବ, ତେବେ ଈଶ୍ୱରଙ୍କୁ ସଂସାର ଜଞ୍ଜାଳରେ ପଡ଼ି ଦୁଃଖ ଭୋଗ କରିବାକୁ ହେବ !

ଆସ୍ତିକ:- ବିଦ୍ୱାନ୍,ଧାର୍ମିକ,ନ୍ୟାୟାଧୀଶମାନେ ବିଭିନ୍ନ କର୍ମର କର୍ତ୍ତା ହୋଇ ପୁଣି ଆଶ୍ରିତ ଲୋକମାନଙ୍କ କର୍ମଫଳଦାତା ହୋଇ ମଧ୍ୟ ନିଜେ ଯଦି କର୍ମ ଜାଲରେ ପଡ଼ନ୍ତି ନାହିଁ,ତେବେ ଅନନ୍ତ ସାମର୍ଥ୍ୟଯୁକ୍ତ ପରମେଶ୍ୱର କିପରି ପ୍ରପଞ୍ଚରେ ପଡ଼ିବେ ବା ଦୁଃଖଭାଗୀ ହେବେ ? ତୁମେମାନେ ଅଜ୍ଞାନତାରେ ଛନ୍ଦି ହୋଇ ଈଶ୍ୱରଙ୍କୁ ମଧ୍ୟ ତୁମମାନଙ୍କ ପରି ବା ତୁମ ତୀର୍ଥଙ୍କର ପରି ବିଚାର କରୁଛ । ଅବିଦ୍ୟାକାରଣରୁ ତୁମମାନଙ୍କର ଏପରି ଭ୍ରାନ୍ତ ଧାରଣା

ସୃଷ୍ଟି ହେଉଛି । ଏହି ଅବିଦ୍ୟା ଓ ଅଜ୍ଞାନକୁ ଯଦି ନାଶ କରିବାକୁ ଚାହଁ,ତେବେ ଅଚିରେ ବେଦାଦି ସତ୍‌ଶାସ୍ତ୍ରର ଆଶ୍ରୟ ନିଅ ।

ଜୈନମାନଙ୍କ ଧର୍ମଶାସ୍ତ୍ରରେ ଜଗତ୍ ସଂପର୍କରେ ଯେପରି କଥିତ ହୋଇଅଛି,ସେମାନେ ଠିକ୍ ସେହିପରି ବୁଝିଛନ୍ତି । ବର୍ତ୍ତମାନ ସଂକ୍ଷେପରେ ସେସବୁର ମୂଳାର୍ଥ ସ୍ପଷ୍ଟ କରିବା ସଙ୍ଗେ ସଙ୍ଗେ ସତ୍ୟାସତ୍ୟର ସମୀକ୍ଷା ମଧ୍ୟ କରୁଛୁ·······

ମୂଳ— ସାମି ଅଣାଇ ଅଣନ୍ତେ ଚଉଗଇ ସଂସାର ଘୋରକାନ୍ତାରେ ।
ମୋହାଇ କମ୍ମଗୁରୁଠିଈ ବିବାଗବସଓ ଭମଇ ଜୀବୋ ॥

(ପ୍ରକରଣ ରତ୍ନାକାର ଭାଗ ୨/ ଷଷ୍ଠୀ ଶତକ ୬୦ / ସୂତ୍ର ୨)

ଏହା ପ୍ରକରଣ ରତ୍ନାକର ଗ୍ରନ୍ଥ ସମ୍ୟକତ୍ୱ ପ୍ରକାଶ ପ୍ରକରଣର ଗୌତମ ଓ ମହାବୀର ସମ୍ବାଦ ଅଟେ । ଏହାର ସଂକ୍ଷିପ୍ତ ଅର୍ଥ ହେଉଛି····· ଏହି ସଂସାର ଅନାଦି ତଥା ଅନନ୍ତ । ଏହାର ଉତ୍ପତ୍ତି କେବେ ହୋଇନାହିଁ କିମ୍ବା ବିନାଶ ମଧ୍ୟ କେବେ ହେବ ନାହିଁ ଅର୍ଥାତ୍ ଜଗତ୍‌ର ନିର୍ମାଣକର୍ତ୍ତା କେହି ନାହାନ୍ତି । ତେଣୁ ଆସ୍ତିକ ନାସ୍ତିକ ସମ୍ବାଦରେ କଥିତ ହୋଇଛି···· ହେ ମୂଢ଼ ! ଜଗତର କର୍ତ୍ତା କେହି ନାହିଁ । ଏହାର ଉତ୍ପତ୍ତି ନାହିଁ କିମ୍ବା ବିନାଶ ମଧ୍ୟ ନାହିଁ ।

ସମୀକ୍ଷକ:- ଯାହା ସଂଯୋଗରୁ ଉତ୍ପନ୍ନ ତାହା କଦାପି ଅନନ୍ତ ବା ଅନାଦି ହୋଇପାରିବ ନାହିଁ । ଯେ କୌଣସି କର୍ମ ହେଉ ନା କାହିଁକି ତାର ଉତ୍ପତ୍ତି ଓ ବିନାଶ ମଧ୍ୟ ଅଛି । ଜଗତରେ ଯେତେ ପଦାର୍ଥ ରହିଛି ସେସବୁ ହେଉଛି ସଂଯୋଗଜ । ସେସବୁର ଉତ୍ପତ୍ତି ଓ ବିନାଶ ଅଛି । ତେବେ ଜଗତ୍ କିପରି ଉତ୍ପତ୍ତି ଓ ବିନାଶଶୀଳ ହେବ ନାହିଁ ? ତୁମ୍ଭ ତୀର୍ଥଙ୍କରମାନଙ୍କର ଉତ୍ତମରୂପେ ବୋଧ ହୋଇ ନାହିଁ । ଯଦି ଯଥାର୍ଥ ଜ୍ଞାନ ଥାଆନ୍ତା ତେବେ ସେମାନେ କଦାପି ଏପରି ଅସମ୍ଭବ କଥା ଲେଖି ନ ଥାନ୍ତେ ।ତୁମର ଗୁରୁ ଯେପରି ତୁମ୍ଭେ ଶିଷ୍ୟମାନେ ମଧ୍ୟ ସେହିପରି । ତୁମ କଥାକୁ ଯିଏ ଶୁଣିବ ତାର ପଦାର୍ଥ ଜ୍ଞାନ ରହିବ ନାହିଁ ।ଯେଉଁ ପ୍ରତ୍ୟକ୍ଷ ସଂଯୁକ୍ତ ପଦାର୍ଥ ଗୁଡ଼ିକ ଦେଖାଯାଉଛି ସେସବୁର ଉତ୍ପତ୍ତି ଓ ବିନାଶ ଅଛି ବୋଲି ସ୍ୱୀକାର କରୁନାହଁ କାହିଁକି ? ତୁମ ଆଚାର୍ଯ୍ୟ ବା ତୁମ୍ଭ ଜୈନମାନଙ୍କୁ ଭୂଗୋଳ ବା ଖଗୋଳ ବିଦ୍ୟା ଜଣା ନ ଥିଲା ।ଯଦି ଥାଆନ୍ତା ତେବେ ସେମାନେ ନିମ୍ନଲିଖିତ

ଅସମ୍ଭବ କଥାଗୁଡ଼ାକ ଲେଖି ନ ଥାନ୍ତେ ବା କହି ନ ଥାନ୍ତେ । ଜୈନମାନଙ୍କ ମତରେ ପୃଥିବୀ ମଧ୍ୟ ହେଉଛି ଏକ ଶରୀର ।ଅର୍ଥାତ୍ ପୃଥବୀରୂପ ଶରୀରର ଜୀବ ଅଛି,ପୁଣି ଏପରି ମଧ୍ୟ ଜୀବ ଅଛନ୍ତି ଯେଉଁମାନଙ୍କ ଶରୀର କେବଳ ଜଳରେ ନିର୍ମିତ । ଏହାକୁ କେବେ କୌଣସି ବ୍ୟକ୍ତି ସ୍ୱୀକାର କରିବ ନାହିଁ । ଯେଉଁ ତୀର୍ଥଙ୍କରମାନଙ୍କୁ ଜୈନମାନେ ଉତ୍ତମଜ୍ଞାନୀ ଓ ପରମେଶ୍ୱର ବୋଲି ବିବେଚନା କରନ୍ତି, ସେମାନଙ୍କର ମଧ୍ୟ ଶିକ୍ଷାର କେତୋଟି ଉଦାହରଣ ନିମ୍ନରେ ଉଦ୍ଧାର କରାଯାଉଛି । "ରତ୍ନସାରଭାଗ" । ନାମକ ଗ୍ରନ୍ଥକୁ ଜୈନମାନେ ମାନନ୍ତି । ଏହି ଗ୍ରନ୍ଥ ୧୮୭୯ ମସିହା ଅପ୍ରେଲ୍ ତା ୨୮ରିଖ ରେ ବନାରସ ଜୈନ ପ୍ରଭାକର ପ୍ରେସ୍‌ରେ ନାନକଚନ୍ଦ ଯତୀଙ୍କ ଦ୍ୱାରା ମୁଦ୍ରଣକରାଯାଇଥିଲା । ଏହି ଗ୍ରନ୍ଥର ୧୪୫ ପୃଷ୍ଠାରେ କାଳ ସମ୍ବନ୍ଧୀୟ ବ୍ୟାଖ୍ୟା ନିମ୍ନ ପ୍ରକାରେ କରାଯାଇଛି······

ସମୟର ନାମ ହେଉଛି ସୂକ୍ଷ୍ମକାଳ,ଅସଂଖ୍ୟାତ ସମୟକୁ " ଆବଳି " କୁହାଯାଏ । ଏକ କୋଟି, ଛଅଷଠିଲକ୍ଷ,ସତୁରୀ ହଜାର ଦୁଇଶହ ଷୋହଳ ଆବଳିରେ ଗୋଟିଏ "ମୁହୂର୍ତ୍ତ" ହୁଏ । ଏପରି ତିରିଶଟି ମୁହୂର୍ତ୍ତରେ ଗୋଟିଏ " ଦିବସ " ପନ୍ଦର ଦିବସରେ ଗୋଟିଏ "ପକ୍ଷ" ଓ ଦୁଇ ପକ୍ଷରେ ଏକ "ମାସ" ଓ ବାରମାସରେ ଗୋଟିଏ " ବର୍ଷ"ହୁଏ । ସତୁରୀ ଲକ୍ଷ ଛପନ କୋଟି ବର୍ଷରେ ଏକ "ପୂର୍ବ" ଓ ସେପରି ଅସଂଖ୍ୟାତ ପୂର୍ବରେ ଏକ "ପଲ୍ୟୋପମ" କାଳ ବୋଲି କୁହାଯାଏ । ଅସଂଖ୍ୟାତ ହେଉଛି···· ଚାରିକୋଶ ଲମ୍ବା ଓ ଚଉଡ଼ା ପୁଣି ସେତିକି ଗଭୀର ବିଶିଷ୍ଟ ଏକ ଗାତ ଖୋଳି ତହିଁରେ ଜୁଗୁଲିଆ ମନୁଷ୍ୟର କେଶକୁ ନିମ୍ନଲିଖିତମତେ ପକାଇ ଦିଆଯିବ । ବର୍ତ୍ତମାନ ମନୁଷ୍ୟର କେଶଠାରୁ ଜୁଗୁଲିଆ ମନୁଷ୍ୟର କେଶ ଚାରିହଜାର ଛୟାନବେ ଭାଗ ସୂକ୍ଷ୍ମ ଅଟେ । ଏହି ମନୁଷ୍ୟର କେଶର ଅଙ୍ଗୁଳିଏ ଅଂଶକୁ ସାତଥର ଆଠ ଆଠ ଖଣ୍ଡ କଲେ କୋଡ଼ିଏ ଲକ୍ଷ ସତାନବେ ହଜାର ଏକଶହ ବାବନ ଖଣ୍ଡ ହେବ । ଏହି ଖଣ୍ଡରେ ଗାତଟିକୁ ପୂରଣ କରି ଶହେବର୍ଷ ପରେ ତହିଁରୁ ଖଣ୍ଡିଏ ଖଣ୍ଡିଏ କରି ବାହାର କରାଯିବ । ଯେତେବେଳେ ସମସ୍ତ ଖଣ୍ଡ ବାହାରିଯାଇ ଗାତଟି ଖାଲି ହୋଇଯିବ,ସେତେବେଳ ଯାଏ ଯେଉଁ ସମୟ ଲାଗିବ ତାହାରି ନାମ ହେବ ଅସଂଖ୍ୟାତ କାଳ । ସେହିପରି କେଶକୁ ଅସଂଖ୍ୟାତ ଖଣ୍ଡରେ ବିଭକ୍ତ କରି ସେହି ଗାତକୁ ଦୃଢ଼କରି ପୋତି ଦିଆଯିବ । ଯେପରି କି ତାହା ଉପରେ ଚକ୍ରବର୍ତ୍ତୀ ସମ୍ରାଟଙ୍କର ସେନାଦଳ

ବାଲିଗଲେ ମଧ୍ୟ ତାହା ଟିକିଏ ମାତ୍ର ଦବିଯିବ ନାହିଁ ।ସେହି ଗାତରୁ ଶହେବର୍ଷରେ ଖଣ୍ଡିଏ କେଶ ବାହାର କରିବା ହିସାବରେ ଯେତିକି ସମୟ ଲାଗିବ ସେହି ସମୟକୁ "ପଲ୍ୟୋପମ " କୁହାଯିବ । ଏପରିଭାବେ ଦଶକୋଟି ପଲ୍ୟୋପମକାଳ ବିତିଲେ ତାର ନାମ ହେବ " ସାଗରୋପମ " ।ଦଶକୋଟି ସାଗରୋପମ କାଳ ବିତିଲେ ତାକୁ "ଅବସର୍ପିଣୀ " କୁହାଯିବ । ସେପରି ଦଶକୋଟି କାଳ ବିତିବାର ନାମ ହେଉଛି "ଉତ୍ସର୍ପିଣୀ" । ଗୋଟିଏ ଅବସର୍ପିଣୀ ଓ ଗୋଟିଏ ଉତ୍ସର୍ପିଣୀ କାଳ ଅତୀତ ହେଲେ ତାକୁ " କାଳଚକ୍ର " କୁହାଯିବ । ଅନନ୍ତ କାଳଚକ୍ର ବିତିବାପରେ ଗୋଟିଏ " ପୁଦ୍ଗଳପରାବର୍ତ୍ତ " ହେବ । ବର୍ତ୍ତମାନ ମହାନୁଭବମାନେ ବିଚାର କରନ୍ତୁ ଅନନ୍ତକାଳ କାହାକୁ କୁହାଯିବ ? ଜୈନ ସିଦ୍ଧାନ୍ତ ପୁସ୍ତକରେ ନଅଟା ଦୃଷ୍ଟାନ୍ତଦ୍ୱାରା କାଳର ଯେଉଁ ସଂଖ୍ୟା କରାଯାଇଛି,ତାହାଠାରୁ ଅଧିକ କାଳକୁ ଅନନ୍ତକାଳ କୁହାଯାଏ । ଏହିପରି ଅନନ୍ତ ପୁଦ୍ଗଳପରାବର୍ତ୍ତ କାଳଯାଏ ଜୀବକୁ ଭ୍ରମଣ କରିବାକୁ ପଡ଼େ । ଗଣିତବିଦ୍ୟାବିଶାରଦ ଭାଇମାନେ ଏବେ କହନ୍ତୁ, ଜୈନଧର୍ମର ଉକ୍ତ ଗଣନାନୁସାରେ ଆପଣମାନେ କାଳର ସଂଖ୍ୟା କରିପାରିବେ କି ନାହିଁ ? ଏ ପ୍ରକାର କାଳର ଗଣନାକୁ ଆପଣମାନେ ଗ୍ରହଣ କରିପାରିବେ ତ ? ଜୈନମାନଙ୍କର ତୀର୍ଥଙ୍କରମାନେ ଏପରି ଅପୂର୍ବ ଗଣିତବିଦ୍ୟା ଶିକ୍ଷା କରିଥିଲେ । ଏମାନଙ୍କର ଗୁରୁ ଯେପରି ଶିଷ୍ୟମାନେ ମଧ୍ୟ ସେହିପରି । ଏମାନଙ୍କ ଅବିଦ୍ୟାର ସୀମା ନାହିଁ । ଏମାନଙ୍କର ଅବିଦ୍ୟାନ୍ଧକାର ଆହୁରି କିପରି ଅଛି ଦେଖ ।

ରତ୍ନସାର ଭାଗ ୧,ର ୧୩୪ ପୃଷ୍ଠାରୁ ଜଣାଯାଏ ଯେ ଋଷଭଦେବଙ୍କଠାରୁ ମହାବୀରଙ୍କ ପର୍ଯ୍ୟନ୍ତ ଏମାନଙ୍କର ଚବିଶଜଣ ତୀର୍ଥଙ୍କର ଥିଲେ । ସେ ସମସ୍ତଙ୍କର ବଚନର ସାରାଂଶ ଉକ୍ତ ରତ୍ନସାର ଗ୍ରନ୍ଥରେ ରହିଛି । ସେହି ଗ୍ରନ୍ଥର ୧୪୮ ପୃଷ୍ଠାରେ ଉଲ୍ଲେଖ ଅଛି ଯେ,ପୃଥିବୀକାୟ ଜୀବ ମୃତ୍ତିକା ପାଷାଣ ପୃଥିବୀଠାରୁ ପ୍ରଭେଦ । ସେଠାରେ ରହୁଥିବା ଜୀବଙ୍କ ଶରୀରର ପରିମାଣ ହେଉଛି ଏକ ଅଙ୍ଗୁଳର ଅସଂଖ୍ୟାତତମ ଭାଗ । ଅର୍ଥାତ୍ ଅତୀବ ସୂକ୍ଷ୍ମ । ଏହି ଜୀବମାନେ ଅଧିକରୁ ଅଧିକ ୨୨ ହଜାର ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହନ୍ତି । ରତ୍ନସାର ୧୪୯ ପୃଷ୍ଠାରେ ବନସ୍ପତିର ଏକ ଶରୀରରେ ଅନନ୍ତ ଜୀବ ଥାଆନ୍ତି । ସେମାନଙ୍କୁ ସାଧାରଣତଃ " ବନସ୍ପତି " କୁହାଯାଏ । ଏମାନେ କନ୍ଦମୂଳ ପ୍ରମୁଖ ଓ

ଅନନ୍ତକାୟ ପ୍ରମୁଖ ଅଟନ୍ତି । ଏମାନଙ୍କୁ ସାଧାରଣତଃ ବନସ୍ପତି ଜୀବ କହିବା ଉଚିତ । ସେମାନଙ୍କ ଆୟୁଷ ହେଉଛି ଅନନ୍ତ ମୁହୂର୍ତ୍ତ । ପୂର୍ବରୁ ଏହି ମୁହୂର୍ତ୍ତ ସମ୍ପର୍କରେ କୁହାଯାଇଛି । ଏହାଙ୍କର ଗୋଟିଏ ଇନ୍ଦ୍ରିୟ ଅର୍ଥାତ୍ କେବଳ ସ୍ପର୍ଶେନ୍ଦ୍ରିୟ ରହିଛି ଓ ଗୋଟିଏ ଜୀବ ଥାଏ,ଯାହାକୁ ବନସ୍ପତି କହନ୍ତି । ଏହି ଜୀବର ଶରୀରର ପରିମାଣ ଏକ ସହସ୍ର ଯୋଜନ । ପୁରାଣକାରଙ୍କ ହିସାବରେ ଯୋଜନ ଚାରିକୋଶ ମାତ୍ର, କିନ୍ତୁ ଜୈନମାନଙ୍କ ଯୋଜନ ହେଉଛି ଦଶହଜାର କୋଶ । ଏହିପରି ଚାରିହଜାର କୋଶ ଲମ୍ବ ଶରୀର ହୋଇଥାଏ । ଏମାନେ ଅଧିକରୁ ଅଧିକ ଦଶହଜାର ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହନ୍ତି । ଯେଉଁ ଦୁଇ ଇନ୍ଦ୍ରିୟଯୁକ୍ତ ଜୀବ ଅର୍ଥାତ୍ ଗୋଟିଏ ହେଉଛି ସେମାନଙ୍କ ଶରୀର ଓ ଅନ୍ୟ ଗୋଟାକ ହେଉଛି ମୁଖ, ସେପରି ଏକମୁଖଯୁକ୍ତ ଜୀବ ହେଉଛନ୍ତି ଶଙ୍ଖ,କଉଡ଼ି,ଉକୁଣୀ ପ୍ରଭୃତି । ଏମାନଙ୍କ ଦେହର ମାପ ଅଧିକରୁ ଅଧିକ ଅଠଚାଳିଶ କୋଶ ଏବଂ ଆୟୁଷ ବାର ବର୍ଷ । ଯାହାର ଶରୀର ଏତେ ବଡ଼ ତାହାର ଆୟୁଷ ମଧ୍ୟ ଅଧିକ ହେବା ଆବଶ୍ୟକ,ସେମାନେ ଭୁଲବଶତଃ ବୋଧ ହୁଏ ଏହି ବୟସ ଲେଖିଦେଇଛନ୍ତି । ପୁଣି ଅଠଚାଳିଶ କୋଶ ଲମ୍ବର ଉକୁଣି ଜୈନମାନଙ୍କ ଶରୀରରେ ରହିବା ସମ୍ଭବ, ତେଣୁକରି ଏପରି ଲେଖିଛନ୍ତି । ଏତେବଡ଼ ଉକୁଣି ଦେଖିବା ଅନ୍ୟମାନଙ୍କ ଭାଗ୍ୟରେ କୁଆଡୁ ସମ୍ଭବ ହେବ ?

ରତ୍ନସାର ଭା ୧ ପୃଷ୍ଠା ୧୫୦ ରେ ଏମାନଙ୍କ ଅନ୍ଧ ଭାବନାକୁ ଦେଖନ୍ତୁ ...... କଙ୍କଡ଼ା ବିଛା, ଛାର ପୋକ, ମଶା,ମାଛିର ଶରୀର ଏକ ଯୋଜନ ବିଶିଷ୍ଟ . କିନ୍ତୁ ବୟସ ଅତ୍ୟନ୍ତ ଅଧିକ ହେଲେ ଛଅ ମାସ ମାତ୍ର । ଦେଖନ୍ତୁ, ଜୈନମାନଙ୍କ ମତରେ ଚାରିକୋଶ ଲମ୍ବର ମାଛି ଓ ବିଛା ଅଛନ୍ତି । ହୁଏତ ଏପରି ଆଠମାଇଲ ଲମ୍ବ ବିଶିଷ୍ଟ ମାଛି ଓ ବିଛା ସେହି ଜୈନମାନଙ୍କ ଘରେ ରହୁଥିବେ । ଯେଣୁ ସଂସାରର ଅନ୍ୟ କୌଣସି ସ୍ଥାନରେ ଏମାନେ ରହୁଥିବାର ଅନ୍ୟ କେହି କେବେ ଦେଖି ନାହାନ୍ତି । ଏପରି ବିଛା କୌଣସି ଜୈନ ଲୋକକୁ କାମୁଡ଼ି ଦେଲେ ତାର ଅବସ୍ଥା କ'ଣ ହେଉ ନଥିବ ? ଜଳଚର ମାଛ ପ୍ରଭୃତିଙ୍କ ଶରୀରର ମାପ ଏକ ସହସ୍ର ଯୋଜନ । ଏକ ଯୋଜନରେ ଦଶ ସହସ୍ର କୋଶ । ଏହି ହିସାବରେ ଦେଖିଲେ ଏକ ଜଳଚରର ଶରୀର ଏକ କୋଟି କୋଶ ବିଶିଷ୍ଟ, ପୁଣି ସେ ଏକ କୋଟି ବର୍ଷ ବଞ୍ଚିରହେ । ଏତେ ବଡ ଜଳଜନ୍ତୁ ଜୈନମାନଙ୍କ ବ୍ୟତୀତ ଅନ୍ୟ କେହି

ଜେବେ କେଉଁଠାରେ ଦେଖି ନ ଥିବେ ? ପୁଣି ଚତୁଷ୍ପଦ ଜୀବ ମଧ୍ୟରେ ହାତୀ ମାନଙ୍କ ଲମ୍ବ ଦୁଇ କୋଶରୁ ନଅ କୋଶ ପର୍ଯ୍ୟନ୍ତ ଓ ଆୟୁଷ ହେଉଛି ଚୌରାଶି ହଜାର ବର୍ଷ । ଏପରି ବିଶାଳକାୟ ଜନ୍ତୁ ସେମାନେ କେବଳ ଦେଖୁଥିବେ । କୌଣସି ବୁଦ୍ଧିମାନ୍ ବ୍ୟକ୍ତି ଏ କଥାକୁ କେବେହେଁ ବିଶ୍ୱାସ କରିବ ନାହିଁ ।ରତ୍ନସାର ଭାଗ ୧ ପୃଷ୍ଠା ୧୫୧ ଅନୁସାରେ ଜଳଚର ଗର୍ଭଜ ଜୀବମାନଙ୍କର ଦେହ ଏକ ହଜାର ଯୋଜନ, ଏବଂ ସେମାନଙ୍କ ଆୟୁଷ ଏକ କୋଟି ବର୍ଷ । ଏତେ ବିଶାଳକାୟ ଓ ଦୀର୍ଘଜୀବୀ ଜନ୍ତୁକୁ କେବଳ ଜୈନ ଗୁରୁମାନେ ସ୍ୱପ୍ନରେ ଦେଖୁଥିବେ । ଏହା କଣ ତାହାମିଛ କଥା ନୁହେଁ ।

ରତ୍ନସାର ଭା-୧ ପୃଷ୍ଠା ୧୫୨ରେ ବର୍ଣ୍ଣିତ ଭୂମିର ପରିମାଣ ସମ୍ବନ୍ଧରେ ଶୁଣନ୍ତୁ । ଏହି ବକ୍ର ଭୂଲୋକରେ ଅସଂଖ୍ୟ ଦ୍ୱୀପ ଓ ଅସଂଖ୍ୟ ସମୁଦ୍ର ରହିଛି । ଏହି ଅସଂଖ୍ୟର ବିବରଣ ଅଢ଼େଇ ସାଗରୋପମ କାଳରେ ଯେତେ ସମୟ ହେଲା ସେତିକି ଦ୍ୱୀପ ଓ ସମୁଦ୍ର ବୋଲି ବୁଝିବାକୁ ହେବ । ଏହି ପୃଥିବୀରେ " ଜମ୍ବୁ ଦ୍ୱୀପ" ବୋଲି ଗୋଟିଏ ଦ୍ୱୀପ ସମସ୍ତ ଦ୍ୱୀପ ମାନଙ୍କ ମଧ୍ୟଭାଗରେ ଅଛି । ଏହାର ଆୟତନ ଏକଲକ୍ଷ ଯୋଜନ ଅର୍ଥାତ୍ ଚାରିଲକ୍ଷ କୋଶ ଓ ଏହାର ଚତୁର୍ପାର୍ଶ୍ୱରେ ଲବଣ ସମୁଦ୍ର ଅବସ୍ଥିତ । ଏହି ସମୁଦ୍ରର ଆୟତନ ଦୁଇଲକ୍ଷ ଯୋଜନ କୋଶ ଅର୍ଥାତ୍ ଆଠଲକ୍ଷ କୋଶ ଅଟେ । ଏହି ଜମ୍ବୁଦ୍ୱୀପର ଚତୁର୍ଦ୍ଦିଗରେ " ଧାତକୀ ଖଣ୍ଡ " ନାମକ ଯେଉଁ ଦ୍ୱୀପ ଅଛି ତାହାର ଆୟତନ ଚାରିଲକ୍ଷ ଯୋଜନ ଅର୍ଥାତ୍ ଷୋହଳଲକ୍ଷ କୋଶ । ଏହାର ପଛ ପଟରେ " କାଳୋଦଧି " ସମୁଦ୍ର ଅବସ୍ଥିତ । ଏହାର ଆୟତନ ଆଠଲକ୍ଷ ଯୋଜନ ବା ବତିଶ ଲକ୍ଷ କୋଶ । ଏହାର ପଛପଟେ ପୁଣି "ପୁଷ୍କରାବର୍ତ୍ତ " ଦ୍ୱୀପ ଅଛି । ଏହାର ପରିମାଣ ଷୋହଳ (ଲକ୍ଷ ଯୋଜନ ବା ଚୌଷଠି ଲକ୍ଷ) କୋଶ । ଏହି ଦ୍ୱୀପର ଅର୍ଦ୍ଧାଂଶରେ ମନୁଷ୍ୟ ବାସ କରନ୍ତି ଓ ଏହାପରେ ଅସଂଖ୍ୟ ଦ୍ୱୀପ, ସମୁଦ୍ର ରହିଛି । ଏଥିରେ ତୀର୍ଯ୍ୟକ୍‌ଯୋନି ଜୀବ ବାସ କରନ୍ତି । ରତ୍ନ ସାର ଭାଗ ୧ ପୃଷ୍ଠା ୧୫୩ ଅନୁଯାୟୀ ଜମ୍ବୁ ଦ୍ୱୀପରେ ଏକ ହିମବନ୍ତ, ୨- ଏରଣ୍ୟବନ୍ତ, ୩ -ହରିବର୍ଷ, ୪ -ରମ୍ୟକ, ୫- ଦେବକୁରୁ, ୬- ଉତ୍ତରକୁରୁ, ଏହିପରି ଛଅଟି କ୍ଷେତ୍ର ଅଛି ।

ସମୀକ୍ଷକ:- ଭୂଗୋଳବେତ୍ତା ଭାଇମାନେ ! ଶୁଣ,ଭୂଗୋଳର କ୍ଷେତ୍ରଫଳ ବାହାର କରିବାରେ

ତୁମେ ଭୁଲ କରିଛ ନା ଜୈନମାନେ ? ଯଦି ଜୈନମାନଙ୍କର ଭୁଲ ହୋଇଛି,ସେମାନଙ୍କୁ ବୁଝାଇ ଦିଅ, ଯଦି ତୁମର ଭୁଲ ତେବେ ସେମାନଙ୍କଠାରୁ ସୁଧାରି ନିଅ । ଅନୁଧ୍ୟାନ କରି ଦେଖିଲେ ଯେ କେହି ଜାଣି ପାରିବେ ଯେ,ଜୈନ ଆଚାର୍ଯ୍ୟମାନେ କିମ୍ବା ତାଙ୍କର ଶିଷ୍ୟମାନେ ଭୂଗୋଳ,ଖଗୋଳ ଓ ଗଣିତ ବିଦ୍ୟା କିଛି ପଢ଼ି ନାହାନ୍ତି । ଯଦି ପଢ଼ିଥାନ୍ତେ ତେବେ ଏପରି ଅସମ୍ଭବ,ଅବାସ୍ତବ ଗପ କେବେ ଲେଖି ନ ଥାନ୍ତେ । ଏପରି ଅବିଦ୍ୱାନ୍ ବ୍ୟକ୍ତି ଜଗତକୁ ଅକର୍ତ୍ତୃକ ବୋଲି କହିବା ଓ ଈଶ୍ୱରଙ୍କୁ ସ୍ୱୀକାର ନ କରିବାରେ ବୈଚିତ୍ର୍ୟତା କିଛି ନାହିଁ । ଏହି କାରଣରୁ ସେମାନେ ନିଜର ଧର୍ମଗ୍ରନ୍ଥକୁ ଅନ୍ୟମତାବଲମ୍ବୀ ମାନଙ୍କୁ ପଢ଼ିବାପାଇଁ ଦିଅନ୍ତି ନାହିଁ । କାରଣ ଅନ୍ୟମାନେ ପଢ଼ିଲେ ତୀର୍ଥଙ୍କରମାନଙ୍କର ଅବିଦ୍ୟା, ଅଜ୍ଞାନ ସମସ୍ତ ପଦାରେ ପଡ଼ିଯିବ । ଯେଣୁ ବୁଦ୍ଧିମାନ୍ ବିଦ୍ୱାନ୍‌ମାନେ ସେମାନଙ୍କ ନୀତି ନିୟମକୁ ମୋଟେ ସ୍ୱୀକାର କରିବେ ନାହିଁ । ଜଗତକୁ ଅନାଦି ବୋଲିପ୍ରତିପାଦନ କରିବାପାଇଁ ଜୈନମାନେ ଏପରି ପ୍ରପଞ୍ଚ ସବୁ ସୃଷ୍ଟି କରିଛନ୍ତି । ଅବଶ୍ୟ ଜଗତର କାରଣ ହେଉଛି ଅନାଦି । ଯେଣୁ ତହିଁର ମୂଳକାରଣ ପରମାଣୁ ଆଦି ତତ୍ତ୍ୱ ହେଉଛି ଅକର୍ତ୍ତୃକ । ତଥାପି ନିୟମପୂର୍ବକ ଗଢ଼ିବା କିମ୍ବା ଭାଙ୍ଗିବା ଶକ୍ତି ପରମାଣୁର ନାହିଁ । କାରଣ ଯାହାକୁ ପରମାଣୁ ବୋଲି କୁହାଯାଉଛି ତାହାର ପୃଥକ୍ ପୃଥକ୍ ରୂପ ସ୍ୱଭାବ ଅନୁସାରେ ଜଡ଼ । ଏଣୁ ତାହା ନିଜେ ନିଜେ ଯଥାଯୋଗ୍ୟ ସୃଷ୍ଟି ହୋଇପାରିବ ନାହିଁ । ସେହି ପରମାଣୁକୁ ନେଇ ଜଗତ୍ ସୃଷ୍ଟି ରଚନାକାରୀ ଅବଶ୍ୟ ଚେତନ ଓ ଜ୍ଞାନସ୍ୱରୂପ ଅଟନ୍ତି । ଦେଖନ୍ତୁ ପୃଥବୀ,ସୂର୍ଯ୍ୟ,ଚନ୍ଦ୍ର ଆଦି ସମସ୍ତ ଲୋକକୁ ନିୟମାନୁବର୍ତ୍ତୀ କରାଇବା ଅନନ୍ତ,ଅନାଦି,ଚେତନ ପରମେଶ୍ୱରଙ୍କ କାମ ।ଯହିଁରେ ସଂଯୋଗ ରଚନା ଦେଖାଯାଏ,ତାହା ସ୍ଥୂଳ ଜଗତ୍,ତାହା କଦାପି ଅନାଦି ହୋଇପାରିବ ନାହିଁ । ଯଦି କାର୍ଯ୍ୟରୂପ ଜଗତ୍‌କୁ ନିତ୍ୟ ମନେ କରାଯାଏ,ତେବେ ତାର କାରଣ ହୋଇ କେହି ରହିବ ନାହିଁ ।ସେହି ଜଗତହିଁ କାର୍ଯ୍ୟ ଓ କାରଣ ଉଭୟ ହୋଇଯିବ ।ଯଦି ଏପରି ହୁଏ,ତେବେ ନିଜର କାର୍ଯ୍ୟ ଓ କାରଣ ନିଜେ ହୋଇଯିବାରୁ " ଅନ୍ୟୋନ୍ୟାଶ୍ରୟ " ଓ ଆତ୍ମାଶ୍ରୟ ଦୋଷ ସୃଷ୍ଟି ହେବ । ଯେପରି ନିଜ କାନ୍ଧରେ ନିଜେ ଚଢ଼ିବା ଅସମ୍ଭବ,କିମ୍ବା ନିଜର ପିତାପୁତ୍ର ନିଜେ ହେବା ସମ୍ଭବ ନୁହେଁ,ସେହିପରି ଜଗତ୍‌କୁ କାର୍ଯ୍ୟ କାରଣ ସ୍ୱରୂପ ବୋଲି ସ୍ୱୀକାର ନ କରି,ତାହାର କେହି ଜଣେ କର୍ତ୍ତା ଅଛି,ଏହା ନିଶ୍ଚୟ ସ୍ୱୀକାର

କରିବାକୁ ପଡ଼ିବ ।

ପ୍ରଶ୍ନ- ଈଶ୍ୱରଙ୍କୁ ଯଦି ଜଗତର କର୍ତ୍ତା ବୋଲି ମାନୁଛ,ତେବେ ଈଶ୍ୱରଙ୍କର କର୍ତ୍ତା କିଏ ହେବ ?

ଉତ୍ତର:- ପ୍ରଥମ କର୍ତ୍ତାର କର୍ତ୍ତା ଏବଂ ମୂଳ କାରଣର କାରଣ କେହି କେବେ ହୋଇପାରିବେ ନାହିଁ । କାରଣ ପ୍ରଥମକର୍ତ୍ତା ଓ କାରଣ ହେଲେ ଯାଇ କାର୍ଯ୍ୟ ହୁଏ । ଯାହାର ସଂଯୋଗ ବିଯୋଗ ନାହିଁ, ଯେ କି ପ୍ରଥମ ସଂଯୋଗ ବିଯୋଗର ମୂଳକାରଣ,ତାହାର ଅନ୍ୟ କୌଣସି କର୍ତ୍ତା ବା କାରଣ ରହିପାରେ ନାହିଁ । ଏହାର ବିଶେଷ ବ୍ୟାଖ୍ୟା ଅଷ୍ଟମ ସମୁଲ୍ଲାସର ସୃଷ୍ଟି ପ୍ରକରଣରେ ପ୍ରଦତ୍ତ ହୋଇଛି । ଜୈନମାନଙ୍କର ସ୍ଥୂଳ ସଂପର୍କରେ ଜ୍ଞାନ ଯେତେବେଳେ ନାହିଁ,ସେତେବେଳେ ସୃଷ୍ଟି କ୍ରିୟାର ପରମ ସୂକ୍ଷ୍ମ ଜ୍ଞାନ କୁଆଡୁ ଜାଣିବେ ? ଏଣୁ ଜୈନମାନେ ସ୍ୱଧର୍ମଗ୍ରନ୍ଥ ପ୍ରକରଣ ରତ୍ନାକର ପ୍ରଥମଭାଗ (ଦେବଚନ୍ଦ୍ର କୃତ ନୟନ ଚକ୍ରସାର ପ୍ରଥମ ସଂସ୍କରଣ ପୃଷ୍ଠ ୧୮୬) ରେ ସୃଷ୍ଟି ଓ ଦ୍ରବ୍ୟ ପର୍ଯ୍ୟାୟକୁ ଯେଉଁ ଅନାଦି ଅନନ୍ତ ରୂପରେ ମାନୁଛନ୍ତି ଓ ସେହିପରି ପ୍ରତିଗୁଣ ପ୍ରତିଦେଶରେ ପର୍ଯ୍ୟାୟ ଓ ପ୍ରତିବସ୍ତୁରେ ଅନନ୍ତ ପର୍ଯ୍ୟାୟକୁ ଗ୍ରହଣ କରିଛନ୍ତି,ତାହା କେବେ ସମ୍ଭବ ନୁହେଁ । କାରଣ ଯେ ନିଜେ ସାନ୍ତ ତାହାର ସମ୍ବନ୍ଧୀ ସକଳ ପଦାର୍ଥ ସାନ୍ତ । ଯଦିଓ ଅନନ୍ତ ଶବ୍ଦର ଅର୍ଥ ଅସଂଖ୍ୟ,ତଥାପି ତାହା ଠିକ୍ ନୁହେଁ । ଜୀବପ୍ରତି ଏହା ପ୍ରଯୁଜ୍ୟ ହୋଇପାରେ । କିନ୍ତୁ ପରମେଶ୍ୱରଙ୍କ ଠାରେ ଏହା ସମ୍ଭବ ନୁହେଁ । ଜଗତର ପ୍ରତ୍ୟେକ ଦ୍ରବ୍ୟ ଅନ୍ୟାନ୍ୟ ଦ୍ରବ୍ୟମାନଙ୍କଠାରୁ ପୃଥକ୍ ରହେ, ପୁଣି କାର୍ଯ୍ୟ କାରଣ କ୍ରମେ ଅନ୍ୟାନ୍ୟ ପ୍ରକାର ଦ୍ରବ୍ୟ ଉତ୍ପନ୍ନ କରିପାରେ ଏବଂ କାରଣରୂପ ହୋଇଥାଏ । ପୁଣି ଜଗତରେ ଏପରି ଅସଂଖ୍ୟ ପ୍ରକାର ଦ୍ରବ୍ୟ ଅଛି । ତେଣୁ ଦ୍ରବ୍ୟ ଅନନ୍ତ ଓ ତାହାର ଶକ୍ତି ଅନନ୍ତ-ଜୈନମାନଙ୍କ ଏହି ବାଳକୋଚିତ ଯୁକ୍ତିରୁ ସେମାନଙ୍କ ଅବିଦ୍ୟାର ପରିଚୟ କେବଳ ମିଳୁଅଛି । ଯେଉଁ ପରମାଣୁର ସୀମା ଅଛି,ତହିଁରେ ଅନନ୍ତ ପ୍ରକାର ଅନ୍ୟ ବସ୍ତୁ କିପରି ରହିପାରେ ? ତେଣୁ ଗୋଟିଏ ଦ୍ରବ୍ୟରେ ଅନନ୍ତଗୁଣ,ପୁଣି ଗୋଟିଏ ଗୁଣରେ ଅନନ୍ତ ପର୍ଯ୍ୟାୟ ମାନିବା ପିଲାଳିଆ ବୁଦ୍ଧିବ୍ୟତୀତ ଅନ୍ୟ କିଛି ନୁହେଁ । ଯେଉଁ ଅଧିକରଣ ବା ସ୍ଥାନର ଅନ୍ତ ଅଛି,ତହିଁରେ ଥିବା ପଦାର୍ଥ କିପରି ଅନନ୍ତ ହୋଇପାରିବ ? ଜୈନ ଗ୍ରନ୍ଥରେ ଏପରି ଯୁକ୍ତ ବିରୁଦ୍ଧ କପୋଳକଳ୍ପିତ ମିଥ୍ୟାକଥାମାନ କେବଳ ଲେଖା

ଯାଇଛି । ବର୍ତ୍ତମାନ ଜୀବ-ଅଜୀବ ଏହି ଦୁଇ ପଦାର୍ଥ ବିଷୟରେ ଜୈନମାନଙ୍କର ମତାମତ କଣ ତାହା ଆଲୋଚନା କରୁଛୁ ।

ଚୈତନା ଲକ୍ଷଣୋ ଜୀବଃ ସ୍ୟାଦଜୀବସ୍ତଦନ୍ୟକଃ ।
ସତ୍ କର୍ମ ପୁଦ୍‌ଗଳାଃ ପୁଣ୍ୟଂ ପାପଂ ତସ୍ୟ ବିପର୍ଯ୍ୟୟଃ ॥

(ସର୍ବଦର୍ଶନ ସଂଗ୍ରହ-ଆର୍ହତ ଦର୍ଶନ)

ଏହା " ଜିନଦତ୍ତସୁରି"ଙ୍କ ବଚନ । ପ୍ରକରଣ ରତ୍ନାକର ଭାଗ ୧ ନୟଚକ୍ରସାର (ପୃ·୧୯୨) ରେ ମଧ୍ୟ ଲିଖିତ ଅଛି ଯେ,ଚେତନା ଲକ୍ଷଣ ଅଟେ ଜୀବ, ଓ ଚୈତନାରହିତ ଅଜୀବ ଅର୍ଥାତ୍ ଜଡ଼ ଅଟେ । ସତ୍‌କର୍ମରୂପ ପୁଦ୍‌ଗଳକୁ ପୁଣ୍ୟ ଏବଂ ଅସତ୍‌କର୍ମରୂପ ପୁଦ୍‌ଗଳକୁ ପାପ କୁହାଯାଏ ।

ସମୀକ୍ଷକ:-ଜୀବ ଓ ଜଡ଼ର ଲକ୍ଷଣ ହେଉଛି ଠିକ୍ । କିନ୍ତୁ ଜଡ଼ରୂପ ପୁଦ୍‌ଗଳର ପାପ କିମ୍ବା ପୁଣ୍ୟ ନାହିଁ । କାରଣ ଚେତନ ପକ୍ଷରେ ପାପପୁଣ୍ୟ ଆଚରଣ କରିବା ସମ୍ଭବ । ଦେଖନ୍ତୁ ଯେତକ ଜଡ଼ପଦାର୍ଥ ରହିଛି,ସେସବୁର ପାପ ବା ପୁଣ୍ୟ କର୍ମ କିଛି ନାହିଁ । ଜୀବକୁ ଅନାଦି ବୋଲି କହିବା ଯଥାର୍ଥ । କିନ୍ତୁ ସେହି ଅଳ୍ପ ଓ ଅଳ୍ପଜ୍ଞ ଜୀବକୁ ମୁକ୍ତାବସ୍ଥାରେ ମଧ୍ୟ ସର୍ବଜ୍ଞ ବୋଲି ବିବେଚନା କରିବା କଦାପି ଠିକ୍ ନୁହେଁ । କାରଣ ଯେଉଁ ଜୀବ ଅଳ୍ପ ଓ ଅଳ୍ପଜ୍ଞ,ତାହା କେବେ ଅନନ୍ତ-ସାମର୍ଥ୍ୟ-ଯୁକ୍ତ ହୋଇପାରିବ ନାହିଁ । ଜୈନମାନେ ଜଗତ୍,ଜୀବ,ଜୀବର କର୍ମ ଓ ଜନ୍ମମରଣ ବନ୍ଧନକୁ ଅନାଦି ବୋଲି ସ୍ୱୀକାର କରନ୍ତି । ଏଥିରେ ଜୈନ ତୀର୍ଥଙ୍କରମାନଙ୍କର ଭୁଲ୍ ରହିଯାଇଛି । ଯେଣୁ ସଂଯୁକ୍ତ ଜଗତର କାର୍ଯ୍ୟକାରଣ, ପ୍ରବାହଦ୍ୱାରା କାର୍ଯ୍ୟ ଓ ଜୀବର କର୍ମ ଓ ବନ୍ଧନ ଅନାଦି ହୋଇପାରେନା । ଯଦି ଏପରି, ତେବେ ସେମାନେ କର୍ମ ଓ ବନ୍ଧନର କ୍ଷୟକୁ ସ୍ୱୀକାର କରନ୍ତି କାହିଁକି ? କାରଣ ଅନାଦି ପଦାର୍ଥର କ୍ଷୟ କଦାପି ସମ୍ଭବ ନୁହେଁ । ଯଦି ଅନାଦିର ନାଶକୁ ସ୍ୱୀକାର କରାଯାଏ, ତେବେ ସେମାନଙ୍କ କହିବା ଅନୁସାରେ ସମସ୍ତ ଅନାଦି ପଦାର୍ଥର ନାଶ ସମ୍ଭବ ହୋଇଯିବ । ଯଦି ଅନାଦିକୁ ନିତ୍ୟ ବୋଲି ଗ୍ରହଣ କରାଯାଏ, ତେବେ କର୍ମ ଓ ବନ୍ଧନ ମଧ୍ୟ ନିତ୍ୟ ହୋଇଯିବ । ଯଦି ସବୁ କର୍ମର ବିନାଶକୁ ମୁକ୍ତି କହ,ତେବେ ସବୁ କର୍ମର ବିନାଶ ହିଁ ମୁକ୍ତିର କାରଣ । ମୁକ୍ତି ଯଦି ନୈମିତ୍ତିକ ହୁଏ, ତେବେ ତାହା ଚିରକାଳ

ରହିପାରେ ନାହିଁ । କର୍ତ୍ତା ଓ କର୍ମ ମଧ୍ୟରେ ନିତ୍ୟ ସମ୍ବନ୍ଧ ଥିବାରୁ କର୍ମର ମଧ୍ୟ କ୍ଷୟ ହେବ ନାହିଁ । ଏହାହେଲେ ସେମାନେ ନିଜର ଓ ତୀର୍ଥଙ୍କରମାନଙ୍କର ଯେଉଁ ମୁକ୍ତିକୁ ନିତ୍ୟ ବୋଲି ମାନନ୍ତି, ତାହା କଦାପି ସମ୍ଭବ ହୋଇ ପାରିବ ନାହିଁ ।

ପ୍ରଶ୍ନ- ଧାନରୁ ଚୋପା ଛଡ଼ାଇ ଦେଲେ କିମ୍ବା ତାକୁ ସିଝାଇ ଦେଲେ ଧାନ ବୀଜରୁ ଆଉ ଅଙ୍କୁରୋଦ୍‌ଗମ ହୁଏ ନାହିଁ , ସେହିପରି ମୁକ୍ତିଲାଭ କରିଥିବା ଜୀବ ପୁଣିଥରେ ଜନ୍ମମରଣ ରୂପ ସଂସାରକୁ ଫେରି ଆସେ ନାହିଁ ।

ଉତ୍ତରः- ଜୀବ ଓ କର୍ମର ସଂପର୍କଧାନ ଓ ବକ୍ଷୁର ସଂପର୍କ ପରି କେବେ ହୋଇ ପାରିବ ନାହିଁ । ଜୀବ ଓ କର୍ମ ମଧ୍ୟରେ ସମବାୟ ସମ୍ବନ୍ଧ ରହିଛି । ଅନାଦି କାଳରୁ ଜୀବରେ ଜୀବ, କର୍ମ ଓ କର୍ତ୍ତୃତ୍ୱ ଶକ୍ତିର ସମ୍ବନ୍ଧ ରହି ଆସିଛି । ଯଦି ଜୀବର କର୍ତ୍ତବ୍ୟ ଶକ୍ତି ନ ଥାଆନ୍ତା , ତେବେ ଜୀବ ପାଷାଣ ପରି କେବଳ ପଡ଼ି ରହନ୍ତା । ପୁଣି ମୁକ୍ତି ସୁଖ ଭୋଗ କରିବାର ଶକ୍ତି ତାର ରହନ୍ତା ନାହିଁ । ଯେପରି ଅନାଦି କାଳର କର୍ମ ବନ୍ଧନରୁ କ୍ଷୟ ହୋଇ ଜୀବ ମୁକ୍ତିଲାଭ କରୁଛି , ତେବେ ସେହିପରି ତୁମର ନିତ୍ୟ ମୁକ୍ତିରୁ ମଧ୍ୟ ଦୂରେଇ ଯାଇ ଜୀବ ବନ୍ଧନରେ ପଡ଼ିବ । କାରଣ ଯେପରି କର୍ମରୂପ ମୁକ୍ତି ସାଧନା ସମୂହରୁ ପୃଥକ୍ ହେବାଦ୍ୱାରା ଜୀବର ମୁକ୍ତି ହେବାକୁ ସ୍ୱୀକାର କରୁଛ, ସେହିପରି ନିତ୍ୟ ମୁକ୍ତିରୁ ପୃଥକ୍ ହୋଇ ବନ୍ଧନରେ ପଡ଼ିବା ସ୍ୱାଭାବିକ । ସାଧନାଦ୍ୱାରା ସିଦ୍ଧ ହେଉଥିବା ପଦାର୍ଥ କେବେହେଁ ନିତ୍ୟ ହୋଇ ନ ପାରେ । ପୁଣି ସାଧନା ସିଦ୍ଧି ବ୍ୟତୀତ ମୁକ୍ତି ହୁଏ ବୋଲି ଯଦି ମନେ କରୁଛ ତେବେ ବିନା କର୍ମରେ ହିଁ ବନ୍ଧନ ପ୍ରାପ୍ତ ହେବ । ଯେପରି ଲୁଗାକୁ ଧୋଇବାଦ୍ୱାରା ମଇଳା ଛାଡ଼ିଯାଏ, ପୁଣି ଥରେ ମଇଳା ଲାଗେ, ସେହିପରି ମିଥ୍ୟା ଭାଷଣ ଓ ରାଗଦ୍ୱେଷାଦି ପ୍ରଭାବରୁ ଜୀବକୁ କର୍ମରୂପ ଫଳ ଭୋଗିବାକୁ ପଡ଼େ , ପୁଣି ସମ୍ୟକ୍ ଜ୍ଞାନ ଦର୍ଶନ ଓ ସଚ୍ଚରିତ୍ରାଦି ଫଳରୁ ମୁକ୍ତ ହୋଇଯାଏ ।ଯେପରି ମଇଳା ଲାଗିବା କାରଣରୁ ମଇଳା ହେବା ମାନୁଛ ସେହିପରି ମୁକ୍ତ ଜୀବ ସଂସାରୀ ଓ ସଂସାରୀ ଜୀବ ମୁକ୍ତ ହୁଏ ବୋଲି ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ । ଯେପରି ନିମିତ୍ତ ଯୋଗୁଁ ମଳିନତା କ୍ଷୟ ହୁଏ, ସେହିପରି ନିମିତ୍ତଦ୍ୱାରା ମଳିନତା ମଧ୍ୟ ହୋଇଥାଏ । ଏଣୁ ଜୀବରବନ୍ଧ ଓ ମୁକ୍ତି ପ୍ରବାହରୂପେ ଅନାଦି ବୋଲି ସ୍ୱୀକାର କର । ଅନନ୍ତ ହେବା ହେତୁ ଅନାଦି ନୁହେଁ ଏହା

ମଧ୍ୟ ଜାଣ ।

ପ୍ରଶ୍ନ- ଜୀବ କେବେହେଁ ନିର୍ମଳ ନୁହେଁ , ତା ହେଉଛି ସର୍ବଦାମଳଯୁକ୍ତ ।

ଉତ୍ତରः- ଯାହା କେବେ ନିର୍ମଳ ନୁହେଁ , ତାହା କେବେ ନିର୍ମଳ ହୋଇପାରିବ ନାହିଁ । ଯେପରି ଶୁଦ୍ଧ ଶୁକ୍ଳ ବସ୍ତ୍ରରେ ପରେ ଲାଗିଥିବା ମଇଳାକୁ ଧୋଇଦେଲେ ମଇଳା ଛାଡ଼ିଯାଏ , କିନ୍ତୁ ତାର ସ୍ୱାଭାବିକ ଶୁକ୍ଳ ବର୍ଣ୍ଣକୁ ଛଡ଼ାଇ ହୁଏ ନାହିଁ , ପରେ ପୁଣିଥରେ ତହିଁରେ ମଇଳା ଲାଗିଯାଏ , ସେହିପରି ମୁକ୍ତ ଜୀବ ମଧ୍ୟ ପାପରେ ପଡ଼ି କଳଙ୍କିତ ହୋଇଥାଏ ।

ପ୍ରଶ୍ନ-ଜୀବ ନିଜର ପୂର୍ବୋପାର୍ଜିତ କର୍ମଫଳ ଅନୁସାରେ ଯଦି ଦେହ ଧାରଣ କରେ, ତେବେ ଈଶ୍ୱରଙ୍କୁ ମାନିବାର କି ଆବଶ୍ୟକତା ଅଛି ?

ଉତ୍ତରः-ଯଦି କର୍ମ କେବଳ ଶରୀର ଧାରଣର ନିମିତ୍ତ ହୁଅନ୍ତା, ତେବେ ତହିଁରେ ଈଶ୍ୱରଙ୍କର କୌଣସି କର୍ତ୍ତୃତ୍ୱ ରହନ୍ତା ନାହିଁ । ଯେଉଁ ଜନ୍ମରେ ଅଧିକ ଦୁଃଖ ଭୋଗିବାକୁ ପଡ଼େ ଜୀବ ନିଜ ଇଚ୍ଛାରେ କେବେହେଲେ ସେହି ଜନ୍ମ ଗ୍ରହଣ କରନ୍ତାନାହିଁ । ସର୍ବଦା କେବଳ ଉତ୍ତମ ଓ ସୁଖ ଦାୟକ ଜନ୍ମଗ୍ରହଣ କରନ୍ତା । ଏଠାରେ ତୁମେ କହିପାର କର୍ମ ପ୍ରତିବନ୍ଧକ ସୃଷ୍ଟି କରେ । ଦେଖ ଚୋର ଚୋରିକରି ନଜ ଇଚ୍ଛାରେ କେବେ ବନ୍ଦୀ ଘରକୁ ଯାଏ ନାହିଁ , କେହି କେବେ ନିଜେ ଫାଶି ଦଣ୍ଡ ପାଇବାକୁ ଖୁସିହୁଅନ୍ତି ନାହିଁ, ରାଜା ସେମାନଙ୍କୁ ଜେଲଦଣ୍ଡ ବା ପ୍ରାଣଦଣ୍ଡ ଦେଇଥାନ୍ତି । ସେହିପରି ଜୀବର କର୍ମାନୁସାରେ ଈଶ୍ୱର ତାକୁ ଫଳ ପ୍ରଦାନ କରନ୍ତି ।

ପ୍ରଶ୍ନ- ମଦ୍ୟପାନ କଲେ ଆପେ ଆପେ ନିଶା ଆସିଯାଏ , ଅର୍ଥାତ୍ ଆପଣା ଛାଏଁ କର୍ମଫଳ ମିଳି ଯାଏ ।। ତେଣୁ ଫଳଦାନ ପାଇଁ ଅନ୍ୟ ବ୍ୟକ୍ତିର କି ଆବଶ୍ୟକତା ଅଛି ?

ଉତ୍ତରः- ଯଦି ଏପରି ହେଉଥାନ୍ତା ତେବେ ପୁରୁଣା ମଦ୍ୟପକୁ ନିଶା ଯେପରି କମ୍ ଧରେ ଓ ନୂଆ ମଦ୍ୟପକୁ ଅଧିକ ନିଶାଧରେ ସେହିପରି ନିତ୍ୟପ୍ରତି ଅଧିକ ପାପ କରୁଥିବା ବ୍ୟକ୍ତିକୁ କମ୍ ପାପ ଓ କେବେ କିପରି ପାପକର୍ମ କରୁଥିବା ବ୍ୟକ୍ତିକୁ ଅଧିକ ପାପ ଲାଗନ୍ତା ।

ପ୍ରଶ୍ନ- ଯାହାର ସ୍ୱଭାବ ଯେପରି ତାକୁ ସେହିପରି ଫଳ ମିଳେ ନାହିଁ କି ?

ଉତ୍ତରः-ସ୍ୱଭାବଦ୍ୱାରା ଯାହା ମିଳେ ତହିଁରେ କମ୍ ବେଶୀ କିଛି ନ ଥାଏ । ଯେପରି ଶୁଦ୍ଧ

ବସ୍ତ୍ରରେ ନିମିତ୍ତ ହେତୁ ମଇଳା ଲାଗେ ପୁଣି ନିମିତ୍ତଦ୍ୱାରା ମଇଳା ଛାଡିଯାଏ , ଏହାକୁ ମଧ୍ୟ ସେହିପରି ଗ୍ରହଣ କରିବା ଉଚିତ ।

ପ୍ରଶ୍ନ :- ବିନା ସଂଯୋଗରେ କୌଣସି ଫଳ ହୁଏ ନାହିଁ । ଯେପରି କ୍ଷୀର ସହିତ ଖଟା ନ ମିଶିଲେ ଦହି ହୁଏ ନାହିଁ । ସେହିପରି ଜୀବ କର୍ମ ସହିତ ଯୋଗହେଲେ ତହିଁରୁ ଫଳ ଲାଭ ହୁଏ ନାହିଁ କି ?

ଉତ୍ତର:- କ୍ଷୀରରେ ଖଟା ମିଶାଇବାପାଇଁ ଜଣେ ତୃତୀୟ ବ୍ୟକ୍ତି ଆବଶ୍ୟକ ହୋଇଥାଏ । ସେହିପରି ଜୀବକୁ କର୍ମଫଳ ସହିତ ମିଶାଇବାପାଇଁ ଅର୍ଥାତ୍ କର୍ମ ଫଳ ଭୋଗ କରାଇବାପାଇଁ ଜଣେ ତୃତୀୟ ବ୍ୟକ୍ତି ଅର୍ଥାତ୍ ଈଶ୍ୱରଙ୍କର ଆବଶ୍ୟକତା ଅନୁଭୂତ ହୋଇଥାଏ । କାରଣ ଜଡ଼ ପଦାର୍ଥ ସ୍ୱୟଂ ନିୟମ ପୂର୍ବକ ସଂଯୁକ୍ତ ହୋଇପାରେ ନାହିଁ । ସେହିପରି ଜୀବ ଅଳ୍ପଜ୍ଞ ହୋଇଥିବାରୁ ସ୍ୱୟଂ ନିଜ କର୍ମଫଳ ଭୋଗିବାପାଇଁ ସକ୍ଷମ ହୁଏ ନାହିଁ । ଏଥିରୁ ସିଦ୍ଧ ହେଉଛି ଯେ, ଈଶ୍ୱରଙ୍କ ବ୍ୟତୀତ ତାଙ୍କ ସ୍ଥାପିତ ସୃଷ୍ଟିକ୍ରମର କର୍ମଫଳ ବ୍ୟବସ୍ଥା ହୋଇପାରେ ନାହିଁ ।

ପ୍ରଶ୍ନ- ଯିଏ କର୍ମବନ୍ଧନରୁ ମୁକ୍ତ ସେ ଈଶ୍ୱର ନୁହେଁ କି ?

ଉତ୍ତର:- ଅନାଦି କାଳରୁ ଜୀବର କର୍ମ ସହିତ ସଂପର୍କ ରହିଅଛି । ତେଣୁ ଜୀବ କେବେ କର୍ମ ବନ୍ଧନରୁ ମୁକ୍ତ ହୋଇପାରେ ନାହିଁ ।

ପ୍ରଶ୍ନ- କର୍ମ ବନ୍ଧନ ସାଦି କି ଅନାଦି ?

ଉତ୍ତର:-ଯଦି ସାଦି ହୋଇଥାନ୍ତା ତେବେ କର୍ମର ଯୋଗ କେବେ ଅନାଦି ହୋଇ ନଥାନ୍ତା । ପୁଣି କର୍ମଯୋଗ ପୂର୍ବରୁ ଜୀବ ନିଷ୍କର୍ମା ଥିଲା । ନିଷ୍କର୍ମା ଜୀବଠାରେ କର୍ମଯୋଗ ଘଟି ଘଟିଲା, ତେବେ ମୁକ୍ତ ଜୀବଠାରେ ମଧ୍ୟ କର୍ମଯୋଗ ଘଟିବ । କାରଣ କର୍ମ ଓ କର୍ତ୍ତା ମଧ୍ୟରେ ସମବାୟ ଅର୍ଥାତ୍ ନିତ୍ୟ ସମ୍ବନ୍ଧ ରହିଛି ।କଦାପି ତାହା ଅନ୍ୟଥା ହୋଇପାରିବ ନାହିଁ । ଏ ସଂପର୍କରେ ନବମ ସମୁଲ୍ଲାସରେ ବିସ୍ତୃତ ରୂପେ ଲେଖାଯାଇଛି , ତାକୁ ଅବଶ୍ୟ ମାନିବାକୁ ହେବ । ଜୀବ ନିଜର ଜ୍ଞାନ ଓ ସାମର୍ଥ୍ୟ ଯେତେ ବଢ଼ାଇଲେ ମଧ୍ୟ ତାହିଁକି ସେମିତି ଜ୍ଞାନ ପରିମିତ ଓ ସାମର୍ଥ୍ୟ ସସୀମ ହୋଇ ରହିବ, ଈଶ୍ୱରଙ୍କ ସଦୃଶ କଦାପି ହୋଇପାରିବ ନାହିଁ । ତଥାପି ନିଜ ଶକ୍ତି ଅନୁଯାୟୀ ଯେତେ ସାମର୍ଥ୍ୟ ବଢ଼ାଇବା ତଥା ତାହା ଯୋଗଦ୍ୱାର

ବଢ଼ାଇବା ପରମ ଆବଶ୍ୟକ । ଯେଉଁ ଜୈନ ଅର୍ହତମାନେ ଶରୀରର ପରିମାଣ ଅନୁସାରେ ଜୀବର ପରିମାଣ ବୋଲି କହନ୍ତି , ସେମାନଙ୍କୁ ପ୍ରଶ୍ନ କରିବା କଥା ଯେ ...... ହାତୀର ଜୀବ ମଶା ଭିତରେ ଓ ମଶାର ଜୀବ ହାତୀ ଭିତରେ କିପରି ରହିପାରେ ? ଏହା ହେଉଛି ସେମାନଙ୍କର ମୂର୍ଖତା । କାରଣ ଜୀବ ହେଉଛି ଅତ୍ୟନ୍ତ ସୂକ୍ଷ୍ମ ପଦାର୍ଥ, ତାହା ଏତେ ସୂକ୍ଷ୍ମ ଯେ ଗୋଟିଏ ପରମାଣୁ ମଧ୍ୟରେ ରହିପାରିବ । ଏହାର ଶକ୍ତି ଶରୀରରେ ପ୍ରାଣ , ବିଦ୍ୟୁତ୍ , ଓ ନାଡ଼ି ସହିତ ସଂଲଗ୍ନ ହୋଇ ରହିଥିବାରୁ ଶରୀରର ସମସ୍ତ ବିଷୟ ଜୀବ ଅନୁଭବ କରିପାରେ । ଉତ୍ତମ ସଙ୍ଗଦ୍ୱାରା ଭଲହୁଏ ଓ ଅଧମ ସଙ୍ଗରୁ ଖରାପ ହୋଇଥାଏ । ଜୈନମାନେ ଧର୍ମକୁ କିପରି ମାନନ୍ତି , ସେ ସଂପର୍କରେ ଆଲୋଚନା କରାଯାଉଛି ।

ମୂଳ - ରେ ଜୀବ ଭବ ଦୁହାଇଁ ଇକ୍କଂ ଚ଼ିୟ ହରଇ ଜିଣମଯଂ ଧମ୍ମଂ ।
ଇୟରାଣଂ ପଣମଂତୋ ସୁହ କଯ୍ୟେ ମୂଢ଼ ମୁସିଓସି ।

(ପ୍ରକରଣ ରତ୍ନାକର ଭାଗ ୨/ ଷଷ୍ଠୀ ଶତକ ୬୦/ ସୂତ୍ରାଙ୍କ ୩)

ସଂକ୍ଷେପରେ ଅର୍ଥ :- ରେ ଜୀବ ! ଏକମାତ୍ର ଜିନମତ ଶ୍ରୀ ବୀତରାଗ ଭାଷିତ ଧର୍ମ କେବଳ ପ୍ରାଣୀମାନଙ୍କୁ ସଂସାର ବନ୍ଧନରୁ, ଜନ୍ମଜରାମରଣାଦି ଦୁଃଖରୁ ଉଦ୍ଧାର କରିବାକୁ ସମର୍ଥ । ଜୈନମତାବଲମ୍ବୀମାନଙ୍କୁ ସୁଦେବ,ସୁଗୁରୁ ଜ୍ଞାନ କର ; ପ୍ରଥମ ଋଷଭଦେବଙ୍କ ଠାରୁ ଆରମ୍ଭ କରି ଶେଷ ମହାବୀର ପର୍ଯ୍ୟନ୍ତ ବୀତରାଗ ସୁଦେବମାନଙ୍କ ବ୍ୟତୀତ ହରିହର ବ୍ରହ୍ମାଦି ଅନ୍ୟ ସମସ୍ତେ କୁଦେବ ଅଟନ୍ତି । ନିଜର କଲ୍ୟାଣ କାମନା କରି ଏମାନଙ୍କୁ ଯେଉଁମାନେ ସେବା ପୂଜା କରନ୍ତି ସେମାନେ କେବଳ ଭ୍ରମରେ ପଡ଼ି ପ୍ରତାରିତ ହୁଅନ୍ତି ।ଏହାର ପ୍ରକୃତ ଅଭିପ୍ରାୟ ହେଉଛି ଜୈନ ମତର ସୁଦେବ,ସୁଗୁରୁ ଓ ସୁଧର୍ମକୁ ଛାଡ଼ି , ଅନ୍ୟ କୁଦେବ, କୁଗୁରୁ , ଓ କୁଧର୍ମକୁ ଗ୍ରହଣ କଲେ କଲ୍ୟାଣ କଦାପି ହୁଏ ନାହିଁ ।

ସମୀକ୍ଷକ - ବିଦ୍ୱାନ୍ ବ୍ୟକ୍ତିମାନେ ଏବେ ବିଚାର କରି ଦେଖନ୍ତୁ, ଜୈନମାନଙ୍କର ଧର୍ମଗ୍ରନ୍ଥ କିପରି ନିନ୍ଦାବାଦଯୁକ୍ତ ।

ମୂଳ:- ଅରିହଂ ଦେବୋ ସୁଗୁରୁ ସୁଦ୍ଧଂ ଧମ୍ମଞ୍ଚ ପଞ୍ଚ ନବକାରୋ ।
ଧନ୍ନାଣଂ କୟଚ୍ଛାଣଂ ନିରନ୍ତରଂ ବସଇ ହିୟୟମ୍ମି ।

(ପ୍ରକ·ଭା·୨/ଷଷ୍ଠୀ ୬୦/ସୂ·୧)

ଅରିହନ୍ ଦେବେନ୍ଦ୍ରକୃତ ପୂଜାଦି ଯୋଗ୍ୟ ଅନ୍ୟ କୌଣସି ଉତ୍ତମ ପଦାର୍ଥ ନାହିଁ । ଏପରି ଦେବଙ୍କ ଦେବ, ଶୋଭାୟମାନ ଅରିହନ୍ତ ଦେବ, ଜ୍ଞାନଶୀଳ, କ୍ରିୟାବାନ୍, ଶାସ୍ତ୍ରୋପଦେଷ୍ଟା, ପରଶୁଦ୍ଧ,ନିଷ୍କପ ସମ୍ୟକ୍ ବିନୟ ଓ ଦୟାଯୁକ୍ତ ଶ୍ରୀଜିନଙ୍କ ଭାଷିତ ଧର୍ମାଚରଣ କେବଳ ପ୍ରାଣିମାନଙ୍କୁ ଦୁର୍ଗତିରୁ ଉଦ୍ଧାର କରେ । ଅନ୍ୟ ହରିହରାଦି ଧର୍ମ ସଂସାର ବନ୍ଧନରୁ ପ୍ରାଣିମାନଙ୍କୁ ଉଦ୍ଧାର କରିବାରେ ଅସମର୍ଥ । ପଞ୍ଚ ଅରିହନ୍ତାଦିକ ପରମେଷ୍ଠୀ ତତ୍‌ସମ୍ବନ୍ଧୀଗଣଙ୍କୁ ନମସ୍କାର । ଏହି ଚାରିପଦାର୍ଥ ଧନ୍ୟ ଅର୍ଥାତ୍ ଶ୍ରେଷ୍ଠ । ଦୟା,କ୍ଷମା,ସମ୍ୟକ୍ତ୍ୱ,ଜ୍ଞାନ,ଦର୍ଶନ ଓ ଚରିତ୍ର ଏସବୁ ହେଉଛି ଜୈନମାନଙ୍କର ଧର୍ମ ।

ସମୀକ୍ଷକ:-ମନୁଷ୍ୟମାନଙ୍କ ଉପରେ ଦୟା ନ ରହିଲେ ତାହା ଦୟାନୁହେଁ କି କ୍ଷମା ନୁହେଁ । ନିଜେ ଅଜ୍ଞାନ ହୋଇ ଜ୍ଞାନର ପ୍ରଶଂସା କରିବାରେ କି ଫଳ ? ଅନ୍ଧକାରରେ ରହିବା ସତ୍ପୁରୁଷଙ୍କ ନୁହେଁ, କିମ୍ବା ଭୋକ ଉପାସରେ ମରିବା ସଦାଗ୍ଭର ନୁହେଁ । ଜୈନ ମତରେ ଧର୍ମର ପ୍ରଶଂସା........

ମୂଳ:- ଜଇ ନ କୁଣସି ତବଚ୍‌ଚରଣଂ ନ ପଢ଼ସି ନ ଗୁଣେସି ଦେସି ନୋଦାଣମ୍ ।
ତା ଇତ୍ତିୟଂ ନ ସିକ୍କିସି ଜଂ ଦେବୋ ଇକ୍କ ଅରିହନ୍ତୋ ॥

(ପ୍ରକରଣ·ଭା·୨/ଷଷ୍ଠୀ·ସୂ ୨)

ହେ ମନୁଷ୍ୟମାନେ ! ତୁମ୍ଭେମାନେ ଯଦି ତପସ୍ୟା କରିପାରୁ ନାହଁ, ସୂତ୍ର ପଢ଼ିପାରୁ ନାହଁ, ପ୍ରକରଣାଦିର ବିଚାର କରିପାରୁ ନାହଁ, ସୁପାତ୍ରରେ ଦାନ କରିପାରୁ ନାହଁ, ତେବେ ଜୈନଗୁରୁ ଅରିହନ୍ତାଙ୍କୁ କେବଳ ଦେବତା ମାନ ! ଅରିହନ୍ତା ଓ ଅନ୍ୟ ଜୈନ ସନ୍ନ୍ୟାସୀମାନେ କେବଳ ଆରାଧନାର ଯୋଗ୍ୟ । ପୁଣି ଜୈନଧର୍ମକୁ ବିଶ୍ୱାସ କର ଯେଣୁ ଏହା ସର୍ବୋତ୍କୃଷ୍ଟ ଧର୍ମ । ତେବେ ଯାଇ ତୁମ୍ଭେମାନେ ଏହି ସଂସାର ବନ୍ଧନରୁ ମୁକ୍ତ ହୋଇ ପାରିବ ।

ସମୀକ୍ଷକ:- ଯଦିଓ ଦୟା ଓ କ୍ଷମା ହେଉଛି ଉତ୍ତମଗୁଣ ତଥାପି ପକ୍ଷପାତ ଯୁକ୍ତ ହେଲେ

ଦୟା ଅଦୟାରେ ଓ କ୍ଷମା ଅକ୍ଷମାରେ ପରିଣତ ହୋଇଯାଏ । ଏହାର ଅର୍ଥ ହେଉଛି----କୌଣସି ଜୀବକୁ ଦଣ୍ଡବିଧାନ ନ କରିବା ସର୍ବଥା ଓ ସର୍ବଦା ଅସମ୍ଭବ । ଯେଣୁ ଦୁଷ୍ଟମାନଙ୍କୁ ଦଣ୍ଡଦେବାହିଁ ଦୟାମଧ୍ୟରେ ଗଣନୀୟ । ଯଦି ଜଣେ ଦୁଷ୍ଟକୁ ଦଣ୍ଡ ଦିଆ ନ ଯାଏ ତେବେ ହଜାର ହଜାର ମନୁଷ୍ୟଙ୍କୁ ଦୁଃଖ ଭୋଗିବାକୁ ପଡ଼େ । ସେ ସ୍ଥଳରେ ଦୟା ଓ କ୍ଷମା ଅଦୟା ଓ ଅକ୍ଷମାରେ ପରିଣତ ହୋଇଯାଏ । ପ୍ରତ୍ୟେକ ପ୍ରାଣୀଙ୍କର ଦୁଃଖ ବିନାଶ ଓ ସୁଖ ଲାଭପାଇଁ ଯେଉଁ କର୍ମ କରାଯାଏ,ତାହାକୁ ପ୍ରକୃତ ଦୟା କୁହାଯାଏ । କେବଳ ପାଣିକୁ ଛାଣି ପିଇବାଦ୍ୱାରା ଯେଉଁ କୀଟାଣୁ ମାନଙ୍କୁ ବଞ୍ଚାଇ ରଖାଯାଏ, ତାହାକୁ ଦୟା କୁହାଯିବ ନାହିଁ । ଏପରି ଦୟା ମଧ୍ୟ କେବଳ ଜୈନମାନଙ୍କ କଥାରେ ମାତ୍ର ଅଛି, କିନ୍ତୁ କାର୍ଯ୍ୟରେ ତା ସମ୍ଭବପର ନୁହେଁ । ଯେଉଁ ଧର୍ମର ମନୁଷ୍ୟ ହେଉନା କାହିଁକି ତାର ସେବା ସତ୍କାର କରିବା,ତାକୁ ଖାଇବା ପିଇବାକୁ ଦେବା,ଅନ୍ୟ ଧର୍ମର ବିଦ୍ୱାନଙ୍କୁ ସମ୍ମାନ ଦେବା ଓ ତାଙ୍କ ସେବା କରିବା ଏସବୁ କଣ ଦୟା ନୁହେଁ ? ଜୈନମାନଙ୍କର ଯଦି ଦୟା ଧର୍ମର ଯଥାର୍ଥ ଜ୍ଞାନ ଥାଆନ୍ତା ତେବେ ସେମାନେ ବିବେକସାର ଗ୍ରନ୍ଥର ୨୨୧ ପୃଷ୍ଠାରେ ନିମ୍ନ ପ୍ରକାରେ କେବେ ଲେଖି ନ ଥାନ୍ତେ । ଯଥା- ପ୍ରଥମ " ପରମତିସ୍ତୁତି " ଅନ୍ୟମତାବଲମ୍ବୀଙ୍କ ଗୁଣ କୀର୍ତ୍ତନ କରିବ ନାହିଁ, ୨- ତାଙ୍କୁ ନମସ୍କାର ଅର୍ଥାତ୍ ବନ୍ଦନା କରିବ ନାହିଁ, ୩- " ଆଳପନ" ଅନ୍ୟ ମତବାଦୀଙ୍କ ସହିତ କଥାବାର୍ତ୍ତା କରିବ ନାହିଁ,୪- "ସଂଳପନ" ସେମାନଙ୍କ ସହିତ ବାରମ୍ବାର କଥାବାର୍ତ୍ତା କରିବ ନାହିଁ, ୫- " ତାଙ୍କୁ ଅନ୍ନବସ୍ତ୍ରାଦି ଦାନ" ଅନ୍ୟ ସଂପ୍ରଦାୟର ଲୋକଙ୍କୁ ଅନ୍ନବସ୍ତ୍ରାଦି ଦେବ ନାହିଁ, ୬- " ଗନ୍ଧପୁଷ୍ପାଦି ଦାନ" ଅନ୍ୟମତର ପ୍ରତିମା ପୂଜାପାଇଁ ଫୁଲ ଚନ୍ଦନ ଦେବ ନାହିଁ । ଏହି ଛଅ ପ୍ରକାର " ଯତନା " ଅର୍ଥାତ୍ ଛଅ ପ୍ରକାରର କର୍ମ ଜୈନମାନେ କରିବେ ନାହିଁ ।

ବୁଦ୍ଧିମାନ୍ ଲୋକେ ବିଚାର କରି ଦେଖନ୍ତୁ--- ଅନ୍ୟ ଧର୍ମର ଲୋକଙ୍କ ପ୍ରତି ଜୈନମାନଙ୍କର କେତେ ନିର୍ଦ୍ଦୟ ଭାବ, କୁଦୃଷ୍ଟି ଓ ଦ୍ୱେଷ ରହିଛି । ଏମାନଙ୍କୁ ଦୟାକୁ ପରିବର୍ତ୍ତେ ନିର୍ଦ୍ଦୟ କହିବାରେ ଦୋଷ ନାହିଁ । କେବଳ ନିଜ ଘର ଲୋକଙ୍କ ସେବା କରିବା ପ୍ରକୃତ ଦୟା ନୁହେଁ, ତାହା ହେଉଛି କର୍ତ୍ତବ୍ୟ । ଜୈନମାନେ ତାଙ୍କ ମତାବଲମ୍ବୀଙ୍କ କେବଳ ସତ୍କାର କରନ୍ତି, ଅନ୍ୟମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରନ୍ତି,ଏପରି ଲୋକଙ୍କୁ କୌଣସି

ବୁଦ୍ଧିମାନ୍ ବ୍ୟକ୍ତି କେବେ ଦୟାଳୁ ବୋଲି କହିବ ନାହିଁ । ବିବେକସାର ଗ୍ରନ୍ଥର ୧୦। ପୃଷ୍ଠାରେ ଲେଖାଯାଇଛି---- ମଥୁରା ରାଜାଙ୍କର ନମୁଚି ନାମରେ ଜଣେ ଦେବାନ୍ ଥିଲେ ସେ ଜୈନମତ ବିରୋଧୀ ଥିବାରୁ,ଜୈନମାନେ ତାଙ୍କୁ ମାରି ଦେଇଥିଲେ । ତାପରେ ସେମାନେ " ଆଲୋୟଣା" ଅର୍ଥାତ୍ ପ୍ରାୟଶ୍ଚିତ କରି ନରହତ୍ୟା ପାପରୁ ମୁକ୍ତ ହୋଇଥିଲେ । ଏପରି କର୍ମକୁ କଣ ଦୟା କୁହାଯିବ ?ଯେଉଁମାନେ ନିଜ ଧର୍ମପାଇଁ ଅନ୍ୟକୁ ମାରିଦେବାରେ ଦୁଃଖବୋଧ କରନ୍ତି ନାହିଁ, ସେମାନଙ୍କୁ ଦୟାଳୁ ନ କହି ହିଂସକ ବୋଲି କହିବା ଯଥାର୍ଥ ହେବ । ସମ୍ୟକ୍ତ୍ୱ ଦର୍ଶନ ପ୍ରଭୃତିର ଲକ୍ଷଣ " ଆର୍ହତ ପ୍ରବଚନ ସଂଗ୍ରହ ପରମାଗମସାର " ଗ୍ରନ୍ଥରେ ଲେଖାଯାଇଛି ସମ୍ୟକ୍ ଶ୍ରଦ୍ଧାନ ସମ୍ୟକ୍ ଦର୍ଶନ,ଜ୍ଞାନ ଓ ଚରିତ୍ର ଏହି ଚାରିଗୋଟି ମୋକ୍ଷମାର୍ଗର ସାଧନ ଅଟେ । ଏହାର ବ୍ୟାଖ୍ୟା ଯୋଗଦେବ କରିଛନ୍ତି- କେବଳ ଜୈନଗ୍ରନ୍ଥ ପ୍ରତିପାଦିତ ଜୀବାଦି ଦ୍ରବ୍ୟରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିବା,ଏବଂ ଜୈନ ମତରେ ପ୍ରୀତି ରଖିବାହିଁ ହେଉଛି " ସମ୍ୟକ୍ ଶ୍ରଦ୍ଧାନ" ଓ " ସମ୍ୟକ୍ ଦର୍ଶନ " ।

ରୁଚିର୍ଜିନୋକ୍ତ ତତ୍ତ୍ୱେଷୁ ସମ୍ୟକ୍ ଶ୍ରଦ୍ଧାନମୁଚ୍ୟତେ " ॥

(ସର୍ବ ଦର୍ଶନ ସଂଗ୍ରହ-ଆର୍ହତ ଦର୍ଶନ)

ଜିନୋକ୍ତ ତତ୍ତ୍ୱକୁ ସମ୍ୟକ୍ ଶ୍ରଦ୍ଧା ଦେଖାଇବା ଉଚିତ । ଅନ୍ୟତ୍ର ଶ୍ରଦ୍ଧାକରିବା ଅନାବଶ୍ୟକ । ଯଥାବସ୍ଥିତ ତତ୍ତ୍ୱାନାଂ ସଂକ୍ଷେପାଦ୍ ବିସ୍ତରେଣ ବା । ଯୋଽବବୋଧସ୍ତମତ୍ରାହୁଃ ସମ୍ୟଗ୍ଜ୍ଞାନଂ ମନୀଷିଣଃ ॥

(ସର୍ବ ଦର୍ଶନ ସଂଗ୍ରହ-ଆର୍ହତ ଦର୍ଶନ)

ଯେଉଁ ରୂପରେ ଜୀବାଦି ତତ୍ତ୍ୱ ରହିଛି ତାହାକୁ ସଂକ୍ଷେପରେ ବା ବିସ୍ତୃତ ରୂପେ ବୋଧ କରିବାକୁ " ସମ୍ୟକ୍ଜ୍ଞାନ" ବୋଲି ବୁଦ୍ଧିମାନ୍ ଲୋକମାନେ କହନ୍ତି ।

ସର୍ବଥାବଦ୍ୟ ଯୋଗାନାଂ ତ୍ୟାଗଶ୍ଚାରିତ୍ରମୁଚ୍ୟତେ । କୀର୍ତ୍ତିତଂ ତଦହିଂସାଦି ବ୍ରତ ଭେଦେନ ପଞ୍ଚଧା । ଅହିଂସାସୂନୃତାସ୍ତେୟ ବ୍ରହ୍ମଚର୍ଯ୍ୟା ପରିଗ୍ରହାଃ ॥

(ସର୍ବ ଦର୍ଶନ ସଂଗ୍ରହ-ଆର୍ହତ ଦର୍ଶନ)

ସମସ୍ତ ପ୍ରକାର ନିନ୍ଦନୀୟ ଅନ୍ୟମତ ସମ୍ବନ୍ଧ ତ୍ୟାଗକୁ ଚରିତ୍ର କୁହାଯାଏ । ପୁଣି

ଅହିଂସାଦି ଭେଦରେ ପାଞ୍ଚପ୍ରକାର ବ୍ରତ ରହିଛି । ୧- ଅହିଂସା- କୌଣସି ପ୍ରାଣୀ ମାତ୍ରକୁ ହତ୍ୟା ନ କରିବା, ୨- ସୂନୃତା- ପ୍ରିୟକଥା କହିବା, ୩- ଅସ୍ତେୟ- ଚୋରି ନ କରିବା, ୪- ବ୍ରହ୍ମଚର୍ଯ୍ୟ- ଉପସ୍ଥ ଇନ୍ଦ୍ରିୟର ସଂଯମ, ୫- ଅପରିଗ୍ରହ- ସକଳ ପଦାର୍ଥ ତ୍ୟାଗ କରିବା । ଏଥି ମଧ୍ୟରୁ ଅନେକ ଅତି ଉତ୍ତମ କଥା ରହିଛି । ଅହିଂସା ଓ ଚୌର୍ଯ୍ୟବୃତ୍ତିର ନିନ୍ଦା ଏହା ନିଶ୍ଚିତରୂପେ ଭଲ କଥା । କିନ୍ତୁ ଅନ୍ୟମତକୁ ନିନ୍ଦା କରିବାଦ୍ୱାରା ଏସବୁ କଳୁଷିତ ହୋଇଯାଉଛି । ଯେପରି ପ୍ରଥମ ସୂତ୍ରରେ କୁହାଯାଇଛି ଯେ- " ଅନ୍ୟ ହରିହରାଦି ଧର୍ମ ସଂସାରରୁ ଉଦ୍ଧାର କରିପାରେ ନାହିଁ । ଏହା କଣ ସାମାନ୍ୟ ନିନ୍ଦା ? ଯେଉଁ ଧର୍ମଗ୍ରନ୍ଥ ଅଧ୍ୟୟନଦ୍ୱାରା ପୂର୍ଣ୍ଣ ବିଦ୍ୱତ୍ତା ଓ ଧାର୍ମିକତା ଜାତ ହୁଏ ତାକୁ ଖରାପ ବୋଲି କହିବା ଗର୍ହିତ ଅପରାଧ ନୁହେଁକି ? ପୂର୍ବରୁ ଉଲ୍ଲେଖ କରାଯାଇଥିବା ଅସମ୍ଭବ କଥାଗୁଡ଼ିକୁ ବିଶ୍ୱାସକରି ଲୋକରେ ପ୍ରଚାର କରୁଥିବା ତୀର୍ଥଙ୍କରମାନଙ୍କର ସ୍ତୁତି କରିବା ନିର୍ବୋଧତା ବ୍ୟତୀତ ଅନ୍ୟ କିଛି ନୁହେଁ । ଏସବୁ ହେଉଛି ଜିଦ୍‌ଖୋର ମନୋବୃତ୍ତିର ପରିଚାୟକ । ଯଦି କୌଣସି ଜୈନବ୍ୟକ୍ତି ଚରିତ୍ରହୀନ,ମୂର୍ଖ ଏବଂ ଅଦାତା ହୋଇଥାଏ, କେବଳ ଜୈନମତ ସତ୍ୟ ବୋଲି କହୁଥାଏ, ତେବେ ସେ କଣ ଉତ୍ତମ ହୋଇଯିବ ? ପୁଣି ଅନ୍ୟ କୌଣସି ଉତ୍ତମ ଶ୍ରେଷ୍ଠ ବ୍ୟକ୍ତି ଅନ୍ୟ ଧର୍ମାବଲମ୍ବୀ ହୋଇଥାଏ ତେବେ ତାକୁ ଅଶିଷ୍ଟ ବୋଲି କହିବା ନ୍ୟାୟସଙ୍ଗତ କି ? ଏପରି ମତଦେଉଥିବା ମନୁଷ୍ୟକୁ ବାଳବୁଦ୍ଧି ସମ୍ପନ୍ନ ଓ ଭ୍ରାନ୍ତ ନ କହି ଆଉ କଣ କୁହାଯିବ ? ଏଥିରୁ ଅନୁମିତ ହେଉଛି ଏମାନଙ୍କର ଅନେକ ଆଚାର୍ଯ୍ୟ ସ୍ୱାର୍ଥପର ଥିଲେ । ସେମାନେ ପୂର୍ଣ୍ଣ ବିଦ୍ୱାନ୍ ହୋଇ ନ ଥିବାରୁ ଅନ୍ୟଧର୍ମକୁ ଅନ୍ଧଭାବରେ ନିନ୍ଦା କରି ନିଜର ସ୍ୱାର୍ଥ ସାଧନ କରୁଥିଲେ । ଯଦି କେହି କହେ କି ଜୈନମତ ଅଧଃପତନ କରେ, ବେଦମତ ଉଦ୍ଧାର କରେ,ହରିହରାଦି ଦେବ ସୁଦେବ ଓ ଋଷଭ ଦେବ ପ୍ରଭୃତି କୁଦେବ,ତେବେ କଣ ଏସବୁ କଥା ଜୈନମାନଙ୍କୁ ଭଲ ଲାଗିବ ? ଜୈନ ଆଚାର୍ଯ୍ୟମାନଙ୍କର ଅନ୍ୟାନ୍ୟ ଭ୍ରାନ୍ତ ଧାରଣା ଦେଖନ୍ତୁ-----

ମୂଳ- ଜିଣବର ଆଣା ଭଙ୍ଗଂ ଉମଗ୍ଗ ଉସ୍ସୁତ୍ତ ଦେସଣଉ ।

ଆଣାଭଙ୍ଗେ ପାବଂ ତା ଜିଣମୟଦୁକ୍କରଂ ଧମ୍ମମ୍ ॥

(ପ୍ରକରଣ ଭା·୨ ଷଷ୍ଠୀ ଶ·୬୧ ସୂ·୧୧)

ଉନ୍ମାର୍ଗଉତ୍ସୂତ୍ରର ଲେଖା ସମାନ୍ୟ ଭାବେ ଅନ୍ୟମାନଙ୍କୁ ଦେଖାଇଲେ ଜିଣବର ଅର୍ଥାତ୍ ବୀତରାଗ ତୀର୍ଥଙ୍କରଙ୍କ ଆଜ୍ଞା ଭଙ୍ଗ ହୁଏ । ତାହା ଦୁଃଖର କାରଣ ହେବା ସଙ୍ଗେ ସଙ୍ଗେ ପାପ ମଧ୍ୟ ହୋଇଥାଏ । ଜିଣେଶ୍ୱରଙ୍କ କଥିତ ସମ୍ୟକ୍ତ୍ୱାଦି ଧର୍ମ ପାଳନ କରିବା ଅତ୍ୟନ୍ତ କଠିନ । ଏଣୁକରି ଯେପରି ଭାବେ ତାଙ୍କ ଆଜ୍ଞା ଭଙ୍ଗ ନ ହୁଏ ସେହିପରି ଚଳିବାକୁ ହେବ ।

ସମୀକ୍ଷକ:- ନିଜ ମୁଖରେ ନିଜର ପ୍ରଶଂସା କରିବା, ନିଜ ଧର୍ମକୁ ବଡ଼ ବୋଲି ମନେକରିବା ଓ ଅନ୍ୟମାନଙ୍କର ନିନ୍ଦା କରିବା ମୂର୍ଖତା ବ୍ୟତୀତ ଅନ୍ୟକିଛି ନୁହେଁ । ଅନ୍ୟ ବିଦ୍ୱାନ୍‌ମାନେ ଯାହାର ପ୍ରଶଂସା କରନ୍ତି, ତାହାହିଁ ହେଉଛି ପ୍ରଶଂସନୀୟ । ସାଧାରଣତଃ ଚୋରକଣେ ମଧ୍ୟ ନିଜର ପ୍ରଶଂସା ଗାଇବୁଲେ,ତେବେ ଚୌର୍ଯ୍ୟବୃତ୍ତିକୁ ପ୍ରଶଂସନୀୟ ବୋଲି କୁହାଯିବ କି ?ତେଣୁ ଜୈନମାନଙ୍କ ମୁଖରେ ଜୈନଧର୍ମର ପ୍ରଶଂସା ଶୋଭା ପାଏ ନା ।

ମୂଳ- ବହୁଗୁଣ ବିଜ୍‌ଝା ନିଲଓ ଉସୁତ୍ତଭାସୀ ତହା ବିମୁତ୍ତବ୍‌ବୋ ।
ଜହବରମଣି ଜୁତ୍ତୋ ବିହ୍ନୁ ବିଗ୍‌ଘକରୋ ବିସହରୋ ଲୋଏ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୧୮)

ବିଷଧର ସର୍ପ ମଣିଯୁକ୍ତ ହେଲେ ମଧ୍ୟ ସେ ଯେପରି ତ୍ୟାଜ୍ୟ,ସେହିପରି କୌଣସି ବ୍ୟକ୍ତି ଯେତେ ଧାର୍ମିକ ପଣ୍ଡିତ ହେଉପଛେ ଜୈନଧର୍ମାବଲମ୍ବୀ ହୋଇନଥିଲେ ତାକୁ ଜୈନମାନେ ତ୍ୟାଗକରିବା ଉଚିତ ।

ସମୀକ୍ଷକ:- ଏହା କେତେ ଭୁଲ୍ କଥା ଥରେ ତାହା ବିଚାର କରନ୍ତୁ । ଜୈନ ଆଚାର୍ଯ୍ୟମାନେ ଓ ଶିଷ୍ୟବୃନ୍ଦ ପ୍ରକୃତରେ ଯଦି ବିଦ୍ୱାନ୍ ହୋଇଥାନ୍ତେ ତେବେସିନା ବିଦ୍ୱାନ୍‌ମାନଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତେ । ସୁନା ଯଦି ମଇଳା ହୋଇଥାଏ ତେବେ ତାକୁ କେହି କଣ ପରିତ୍ୟାଗ କରେ କି ? ଏଥିରୁ ସ୍ପଷ୍ଟରୂପେ ବିଦିତ ହେଉଛି ଯେ ଜୈନଙ୍କ ବ୍ୟତୀତ ଅନ୍ୟ କୌଣସି ସମ୍ପ୍ରଦାୟୀ ଏପରି,ଶଠ,ଦୁରାଗ୍ରହୀ ବା ବିଦ୍ୟାବିହୀନ ନୁହନ୍ତି ।

ମୂଳ- ଅଇସୟ ପାବିୟ ପାବା ଧମ୍ମିଅ ପବ୍‌ବେସୁ ତୋବି ପାବରୟା ।
ନ ଚଳନ୍ତି ସୁଦ୍ଧ ଧମ୍ମ ଧନ୍ନା କବିପାବ ପବବେସୁ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୨୯)

ଜୈନ ଲୋକମାନେ ଅନ୍ୟଦର୍ଶନୀ,କୁଲିଙ୍ଗୀ ଅର୍ଥାତ୍ ଜୈନମତ ବିରୋଧୀଙ୍କ ଦର୍ଶନ ମଧ୍ୟ କରିବା ଉଚିତ ନୁହେଁ ।

ସମୀକ୍ଷକ:- ଏହା କିପରି ପାମର ପଣିଆ ବିଦ୍ୱାନ୍ ଲୋକେ ତାହା ବିଚାର କରନ୍ତୁ । " "ଯେଉଁ ଲୋକର ମତ ସତ୍ୟ ଉପରେ ପ୍ରତିଷ୍ଠିତ ସେ ଜଗତରେ କାହାରିକୁ ଭୟ କରେ ନାହିଁ " ଏହା ନିରାଟ ସତ୍ୟ କଥା । ଜୈନ ଆଚାର୍ଯ୍ୟମାନେ ଜାଣିଥିଲେ ଯେ ସେମାନଙ୍କ ମତ ଯେପରି ଅଯୌକ୍ତିକ ସେପରି ଭ୍ରାନ୍ତ ମଧ୍ୟ । ଏହା ଅନ୍ୟମାନେ ଜାଣିଲେ ନିଶ୍ଚୟ ଖଣ୍ଡିତ ହୋଇଯିବ । ତେଣୁ ସମସ୍ତଙ୍କୁ ନିନ୍ଦାକରି ମୂର୍ଖମାନଙ୍କୁ ନିଜ ଜାଲରେପକାଇ ଧର୍ମକୁ ବଢ଼ାଇବାପାଇଁ ପ୍ରୟାସୀ ହୋଇଥାନ୍ତି ।

ମୂଳ:- ନାମଂପି ତସ୍ସ ଅସୁହଂ ଜେଣ ନିଦିଠାଇ ମିଛ ପବ୍‌ବାଇ ।
ଜେସି ଅଣୁସଙ୍ଗାଉ ଧମ୍ମୀଣବି ହୋଇ ପାବ ମଈ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୨୭)

ଜୈନଧର୍ମର ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତ ଧର୍ମର ଲୋକେ ପାପୀ ଅଟନ୍ତି । ଏଣୁ ଅନ୍ୟ କୌଣସି ଧର୍ମକୁ ନ ମାନି କେବଳ ଜୈନଧର୍ମ ଗ୍ରହଣ କରିବା ହେଉଛି ଶ୍ରେଷ୍ଠକର୍ମ ।

ସମୀକ୍ଷକ:- ଏଥିରୁ ଜଣାଯାଉଛି ଯେ ଜୈନଧର୍ମ କେବଳ ମନୁଷ୍ୟ ସମାଜରେ ବୈର,ବିରୋଧ,ନିନ୍ଦା, ଈର୍ଷ୍ୟା ପ୍ରଭୃତି ସୃଷ୍ଟିକରି ଦୁଷ୍କର୍ମରୂପ ସାଗରରେ ସମସ୍ତଙ୍କୁ ବୁଡ଼ାଇ ଦିଏ । ଏମାନଙ୍କପରି ନିନ୍ଦୁକ ବ୍ୟକ୍ତି ଅନ୍ୟ କୌଣସି ଧର୍ମରେ ପ୍ରାୟ ନ ଥିବେ । ସମସ୍ତଙ୍କର ନିନ୍ଦାଗାନକରି ନିଜର ପ୍ରଶଂସା କରିବା ଏହା ହେଉଛି ଶଠ ଲୋକଙ୍କର କାର୍ଯ୍ୟ । ବିବେକୀ ବିଦ୍ୱାନ୍‌ମାନେ ଯେଉଁ ଧର୍ମର ଅନ୍ତର୍ଭୁକ୍ତ ହୋଇଥାଆନ୍ତୁ ନା କାହିଁକି ଭଲକୁ ଭଲ ଓ ମନ୍ଦକୁ ମନ୍ଦ କହିଥାନ୍ତି ।

ମୂଳ:- ହାହା ଗୁରୁଅ ଅକଜ୍ଜଂ ସାମୀ ନ ହୁ ଅଛି କସ୍ସପୁକ୍କରିମୋ ।
କହଜିଣ ବୟଣ କହ ସୁଗୁରୁ,ସାବୟା କହଇୟ ଅକଜ୍ଝମ୍ ।

(ପ୍ରକରଣ ଭା-୨ ଷଷ୍ଠୀ ସୂ-୩୫)

ଜୈନଧର୍ମର ଏବଂ ସର୍ବଜ୍ଞ ଜୈନ ଗୁରୁମାନଙ୍କ ଉପଦେଶ ସହିତ ତୁଳନା କଲେ ଅନ୍ୟଧର୍ମ ତଥା ସେମାନଙ୍କ ଉପଦେଶକମାନଙ୍କର ବଚନ କିଛି ନୁହେଁ.ଅର୍ଥାତ୍ ଜୈନଧର୍ମ କେବଳ ଉତ୍ତମ ଧର୍ମ । ପୁଣି ଜୈନ ଦେବ ଓ ଜୈନଗୁରୁମାନେ କେବଳ ସୁଦେବ,ଓ ସୁଗୁରୁ,ଅନ୍ୟାନ୍ୟ ଧର୍ମଗୁରୁ ଓ ଦେବତା ସବୁ ମିଥ୍ୟା ।

ସମୀକ୍ଷକଃ- ଏହା ହେଉଛି ଠିକ୍ ଫଳ ବିକ୍ରେତାର କଥା ଭଳି । ସେ ଯେପରି ନିଜର ଖଟାଫଳକୁ ମଧ୍ୟ ଭଲ ବୋଲି କହି ଅନ୍ୟର ମିଠାଫଳକୁ ନିନ୍ଦା କରେ.ଏମାନଙ୍କର ମତାମତ ମଧ୍ୟ ଠିକ୍ ସେହିପରି । ଏମାନେ ଅନ୍ୟଧର୍ମର ଲୋକଙ୍କ ସେବା କରିବାକୁ ପାପ ବୋଲି ବିବେଚନା କରନ୍ତି ।

ମୂଳଃ- ସପ୍ପୋ ଇକ୍କଂ ମରଣଂ କୁଗୁରୁ ଅଣଂତାଇ ଦେଇ ମରଣାଇ ।
ତୋ ବରିସପ୍ପଂ ଗହିୟଂ ମା କୁଗୁରୁ ସେବଣଂ ଭଦମ୍ ॥

(ପ୍ରକରଣ ଭା.୨ ଷଷ୍ଠୀ ସୂ.୩୭)

ପୂର୍ବରୁ ଯେପରି ମଣି ଯୁକ୍ତ ସର୍ପ ତ୍ୟାଜ୍ୟ ବୋଲି କହିଛୁ ସେହିପରି ଶ୍ରେଷ୍ଠ ଧାର୍ମିକ ପୁରୁଷ ହେଲେ ମଧ୍ୟ ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କୁ ପରିତ୍ୟାଗ କରିବାକୁ ହେବ । ଜୈନ ମତରୁ ଭିନ୍ନ ଅନ୍ୟ ଉପଦେଶକମାନେ କୁଗୁରୁ ଓ ସର୍ପଠାରୁ ମଧ୍ୟ ଅଧିକ ଭୟଙ୍କର । ସେମାନଙ୍କ ଦର୍ଶନ,ସେବା ଓ ସଙ୍ଗ କରିବା ଉଚିତ ନୁହେଁ । କାରଣ ସର୍ପଦ୍ୱାରା ମଣିଷ ଥରେମାତ୍ର ମୃତ୍ୟୁ ବରଣକରେ, କିନ୍ତୁ କୁଗୁରୁ ଉପଦେଶରୁ ବାରମ୍ବାର ଜନ୍ମ-ମରଣ ଦୁଃଖ ଭୋଗିବାକୁ ହୁଏ । ଏଣୁ ହେ ଭଦ୍ରଜନ ! ଅନ୍ୟ ଗୁରୁଙ୍କ ନିକଟକୁ ଯାଅ ନାହିଁ, ଅନ୍ୟ ଧର୍ମୀ ବ୍ୟକ୍ତିଙ୍କ ସେବା କଲେ କେବଳ ନରକ ଗତି ହୋଇଥାଏ ।

ସମୀକ୍ଷକଃ- ଦେଖନ୍ତୁ , ଜୈନମାନଙ୍କ ପରି ଅନ୍ୟ କେହି ଏତେ ନିଷ୍ଠୁର ଦ୍ୱେଷୀ ଓ ନିନ୍ଦୁକ ନ ଥିବେ । ଏମାନଙ୍କର ଧାରଣା ଅନ୍ୟମାନଙ୍କର ନିନ୍ଦା ଓ ନିଜର ପ୍ରଶଂସା କଲେ ନିଜର ପ୍ରତିଷ୍ଠା ବଢ଼ିଯିବ । ଏହାକୁ ଦୁର୍ଭାଗ୍ୟର ବିଷୟ ବୋଲିବାକୁ ହେବ । କାରଣ ଏମାନେ ଉତ୍ତମ ବିଦ୍ୱାନ୍ଙ୍କ ସଙ୍ଗଲାଭ ନ କଲେ, କିମ୍ବା ଜ୍ଞାନୀମାନଙ୍କର ସେବା ନ କଲେ ଯଥାର୍ଥ ଜ୍ଞାନ ଓ ସତ୍ୟ ଧର୍ମ ପାଇବେ କିପରି ? ଏଣୁ ଜୈନୀମାନେ ନିଜର ବିଦ୍ୟାବିରୁଦ୍ଧ ମିଥ୍ୟା କଥାକୁ ପରିହାର କରି ବେଦୋକ୍ତ ସତ୍ୟମାର୍ଗକୁ ଗ୍ରହଣ କରନ୍ତୁ । ତାଙ୍କପାଇଁ ଏହାହିଁ

ମଙ୍ଗଳପ୍ରଦ ହେବ ।

ମୂଳ :- କିଂ ଭଣିମୋ କିଂ କରିମୋ ତାଣ ହୟାସାଣ ଧିଟ୍ଠ ଦୁଟ୍ଠାଣଂ ।
ଜେ ଦଂସି ଉଣ ଲିଙ୍ଗଂ ଖିବନ୍ତି ନରୟମ୍ମି ମୁଦ୍ଧ ଜଣମ୍ ।

ଯାହାର ମଙ୍ଗଳ ଲାଭ କରିବାର ଆଶା ଲୋପ ହୋଇଯାଇଛି , ଶଠ ,ଖରାପ କାର୍ଯ୍ୟ କରିବାରେ ଅତି ଚତୁର ଓ ଦୁଷ୍ଟଙ୍କୁ କ'ଣ କରାଯିବ ବା କ'ଣ କୁହାଯିବ ? କାରଣ ଯେଉଁମାନେ ସେମାନଙ୍କର ଉପକାର କରନ୍ତି , ସେମାନେ ତାହାର ଅପକାର କରନ୍ତି । ଯେପରି ଦୟାପରବଶ ହୋଇ କେହି ଯଦି ଅନ୍ଧ ସିଂହର ଆଖି ଚିକିତ୍ସା କରିବାକୁ ଯାଏ , ତେବେ ସେହି ସିଂହ ତାକୁହିଁ ଖାଇଥାଏ । ସେହିପରି ଅନ୍ୟ ଧର୍ମୀମାନଙ୍କର ସେବାକଲେ ନିଜର ହିଁ ଅନିଷ୍ଟ ଘଟିଥାଏ । ଏଣୁ ଏମାନଙ୍କଠାରୁ ସର୍ବଦା ଦୂରେଇ ରହିବାକୁ ହେବ ।

ସମୀକ୍ଷକ :- ଜୈନୀମାନେ ଯେଉଁପରି ଭାବୁଛନ୍ତି , ଠିକ୍ ସେହିପରି ଅନ୍ୟ ଧର୍ମାବଲମ୍ବୀମାନେ ଯଦି ଭାବନ୍ତି , ତେବେ ସେମାନଙ୍କର ଅବସ୍ଥା କଣ ହେବ ? ଅନ୍ୟ ଲୋକ ସେମାନଙ୍କର ଉପକାର ଯଦି କରନ୍ତା ନାହିଁ , ତେବେ ସେମାନେ କୌଣସି କାମ କରିପାରନ୍ତେ ନାହିଁ , ଫଳରେ କେତେ ଦୁଃଖ ଭୋଗ କରନ୍ତେ ? ଜୈନମାନେ ନିଜପରି ଅନ୍ୟମାନଙ୍କୁ ବିଚାର ନ କରିବା ଅତ୍ୟନ୍ତ ଦୁଃଖର ବିଷୟ ଅଟେ ।

ମୂଳ :- ଜହ ଜହ ତୁଟ୍ଟଇ ଧମ୍ମୋ ଜହ ଜହ ଦୁଟ୍ଠାଣ ହୋଇ ଅଇ ଉଦଇ । ସମଦିଟ୍ଠି ଜିୟାଣଂ ତହ ତହ ଉଲ୍ଲସଇ ସମତ୍ତଂ ।

(ପ୍ରକରଣ ଭା.୨ ଷଷ୍ଠୀ ସୂ.୪୨)

ଯେତେ ପରିମାଣରେ ଦର୍ଶନଭ୍ରଷ୍ଟ ନିହ୍ନବ ,ପାଛତ୍ଥା ,ଉସନ୍ନା ତଥା କୁସିଲିଆଦିକ ଓ ଅନ୍ୟ ଦର୍ଶନୀ , ତ୍ରିଦଣ୍ଡୀ ,ପରିବ୍ରାଜକ ତଥା ଦୁଷ୍ଟ ବିପ୍ରାଦିକ , ଦୁଷ୍ଟ ଲୋକମାନଙ୍କ ଅତିଶୟ ସେବାସତ୍କାର ଓ ପୂଜା ପ୍ରଭୃତି ହେବ ସେତେପରିମାଣରେ ସମ୍ୟଗ୍ ଦୃଷ୍ଟି ଜୀବମାନଙ୍କର ସମ୍ୟକ୍ତ୍ୱ ବିଶେଷରୂପେ ପ୍ରକାଶିତ ହେବ । ଏହା ହେଉଛି ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ।

ସମୀକ୍ଷକ :- ଦେଖନ୍ତୁ ଜୈନମାନେ ଅତ୍ୟନ୍ତ ଈର୍ଷ୍ୟାଳୁ , ବିଦ୍ୱେଷୀ ଓ ବୈରବୁଦ୍ଧି ସମ୍ପନ୍ନ ।

ବିସ୍ମରିବାର କଥା ଦ୍ୱେଷହିଁ ପାପର ମୂଳ କାରଣ । ତେଣୁ ଏମାନଙ୍କୁ ପାପୀ ବୋଲି କାହିଁକି କୁହା ନ ଯିବ ?

ମୂଳ :- ସଙ୍ଗୋବି ଜାଣ ଅହିଉ ତେସିଂ ଧମ୍ମାଇ ଜେ ପକୁବ୍‌ବନ୍ତି ।

ମୁତ୍ତୁଣ ଗ୍ବେର ସଙ୍ଗଂ କରନ୍ତି ତେ ଗ୍ବେରିୟଂ ପାବା ।

(ପ୍ରକରଣ ଭା-୨ ଷଷ୍ଠୀ ସୂ ୭୫)

ଯେପରି ମୂଢ଼ ଲୋକ ନାସିକାଦି ଛେଦନ ଦଣ୍ଡକୁ ଭୟ ନ କରି ଗ୍ବେର ସଙ୍ଗ କରେ, ସେହିପରି ଜୈନମତ ବ୍ୟତୀତ ଅନ୍ୟାନ୍ୟ ଚୌରମତ ସଂସ୍ପର୍ଶରେ ଆସି ଲୋକଙ୍କର ଅକଲ୍ୟାଣ ଭୟ ରହେ ନାହିଁ ।

ସମୀକ୍ଷକ:- ଯିଏ ଯେଉଁପରି ଲୋକ ସେ ଅନ୍ୟମାନଙ୍କୁ ମଧ୍ୟ ସେହିପରି ଭାବେ । ଅନ୍ୟ ସମସ୍ତ ମତ ଗ୍ବେର ଓ ଜୈନମତ କେବଳ ସାଧୁମତ - ଏହା ପ୍ରକୃତରେ ସତ୍ୟ କି ? ଯେ ପର୍ଯ୍ୟନ୍ତ ମନୁଷ୍ୟଠାରେ ଅଜ୍ଞାନତା ଥାଏ,ସେ ଯାଏ ତାଠାରୁ ଈର୍ଷ୍ୟାଦ୍ୱେଷ ଦୁଷ୍ଟବୁଦ୍ଧି ଦୂର ହୁଏ ନାହିଁ । ଜୈନମାନେ ସେହିପରି ଅଟନ୍ତି ।

ମୂଳ:- ଜଛ ପସୁମହିସ ଲରକା ପବ୍‌ବଂ ହୋମନ୍ତି ପାବ ନବମୀଏ ।

ପୂଅନ୍ତି ତଂପି ସଢ଼୍‌ଢା, ହା ହୀଲା ବୀୟରାୟସ୍‌ସ ।

(ପ୍ରକରଣ ଭା-୨ ଷଷ୍ଠୀ ସୂ-୭୬)

ପୂର୍ବରୁ କୁହାଯାଇଛି ଜୈନ ଧର୍ମ ବ୍ୟତୀତ ଅନ୍ୟ ସବୁ ଧର୍ମ କେବଳ ମିଥ୍ୟା । ଅର୍ଥାତ୍ ଜୈନମାନେ କେବଳ ପୁଣ୍ୟାତ୍ମା, ଅନ୍ୟ ସମସ୍ତେ ପାପୀ । ଏଣୁ ଯେଉଁମାନେ ମିଥ୍ୟାଧର୍ମର ପ୍ରଚାର କରନ୍ତି,ସେମାନେ ହେଉଛନ୍ତି ପାପୀ ।

ସମୀକ୍ଷକ:- ଚାମୁଣ୍ଡା,କାଳିକା,ଜ୍ୱାଳାମୁଖୀ ଓ ଦୁର୍ଗା ନବମୀ ତିଥି ପ୍ରଭୃତି ଖରାପ । ସେହିପରି ତୁମ୍ଭ ଜୈନମାନଙ୍କର ପଜୁସଣ ପ୍ରଭୃତି ବ୍ରତ ମଧ୍ୟ ଖରାପ ନୁହେଁ କି ? କାରଣ ସେହି ଉପବାସଦ୍ୱାରା ମହାକଷ୍ଟ ହୋଇଥାଏ । ବାମମାର୍ଗୀମାନଙ୍କ ପୂଜାପାଠକୁ ଜୈନୀମାନେ ଖଣ୍ଡନ କରିବା ଠିକ୍ ଅଟେ । କିନ୍ତୁ ତୁମେ ଯେଉଁ ଶାସନଦେବୀ,ମରୁଦେବୀ ଆଦିଙ୍କୁ ମାନୁଛ ତାଙ୍କୁ ମଧ୍ୟ ଖଣ୍ଡନ କରିବା ଆବଶ୍ୟକ । ଯଦି କହିବ ଆମ ଦେବୀ ହିଂସା

କରନ୍ତି ନାହିଁ, ତେବେ ତାହା ମିଥ୍ୟା ପ୍ରମାଣିତ ହେବ ।ଯେଣୁ କଥିତ ହୋଇଛି ଶାସନ ଦେବୀ କୌଣସି ପୁରୁଷର ପୁଣି ଏକ ଛେଳିର ଆଖି ଖୋଳିନେଇ ଯାଇଥିଲେ । ଏଣୁ ଦୁର୍ଗା,କାଳିକା ପ୍ରଭୃତିଙ୍କ ସାଙ୍ଗ ଭଉଣୀ କାହିଁକି ସେ ନ ହେବେ ? ନିଜର ପଚ୍ଚଖାଣ ଆଦି ବ୍ରତକୁ ଶ୍ରେଷ୍ଠ ଓ ବାମମାର୍ଗୀଙ୍କ ନବମୀ ଆଦି ପୂଜାକୁ ନିକୃଷ୍ଟ କହିବା ମୂର୍ଖତା ନୁହେଁ କି ? ଅବଶ୍ୟ ସତ୍ୟ ଭାଷଣାଦି ବ୍ରତକୁ ଉତ୍ତମ ବ୍ରତ ବୋଲି କୁହାଯିବ । କିନ୍ତୁ ଜୈନ କିମ୍ବା ଅନ୍ୟଧର୍ମର ଉପବାସବ୍ରତ ସତ୍ୟ ନୁହେଁ ।

ମୂଳ:- ବେସାଣ ବନ୍ଦିୟାଣୟ ମାହଣ ଡୁମ୍ବାଣ ଜରକସିରକାଣଂ ।

ଭତ୍ତା ଭରକଟ୍‌ଠାଣଂ ବିରୟାଣଂ ଜନ୍ତି ଦୂରେଣଂ ।।

(ପ୍ରକରଣ ଭା-୨ ଷଷ୍ଠୀ ସୂ-୮୨)

ଯେଉଁମାନେ ବେଶ୍ୟା,ଚାରଣ,ଭାଟ,ବ୍ରାହ୍ମଣ ପ୍ରଭୃତି ଲୋକ ଓ ଯକ୍ଷ ପୁଣି ଗଣେଶାଦି ଦେବ,ବୃଷ୍ଟି ଦେବୀ ପ୍ରଭୃତିଙ୍କୁ ପୂଜାକରନ୍ତି,ସେମାନେ ନିଜେ ଅଜ୍ଞାନରେ ବୁଡ଼ି ଅନ୍ୟମାନଙ୍କୁ ମଧ୍ୟ ତହିଁରେ ବୁଡ଼ାଇ ମାରନ୍ତି । କାରଣ ଏମାନେ ସେହି ଦେବ ଦେବଙ୍କଠାରୁ ନିଜର ମନୋବାଞ୍ଛା ପୂରଣ ଆଶା କରିଥାନ୍ତି, କିନ୍ତୁ ବୀତରାଗ ଜୈନଗୁରୁମାନଙ୍କ ନିକଟକୁ ଯାଆନ୍ତି ନାହିଁ ।

ସମୀକ୍ଷକ:- ଅନ୍ୟଧର୍ମର ଦେବତାଙ୍କୁ ମିଛ ବୋଲି କହି ନିଜଧର୍ମର ଦେବତାଙ୍କୁ ସତ୍ୟ ବୋଲି କହିବା ପକ୍ଷପାତ ବ୍ୟତୀତ ଅନ୍ୟ କିଛି ନୁହେଁ । ଜୈନମାନେ ବାମମାର୍ଗୀମାନଙ୍କ ଦେବ ଦେବୀଙ୍କୁ ହିଂସକ ବୋଲି ଅବଜ୍ଞା କରନ୍ତି, କିନ୍ତୁ ସେମାନଙ୍କ " **ଶ୍ରାଦ୍ଧଦିନକୃତ୍ୟ** " ଗ୍ରନ୍ଥର ୪୬ ପୃଷ୍ଠାରେ ଲିଖିତ ଅଛି..... ଶାସନଦେବୀ ରାତ୍ରିରେ ଭୋଜନ କରିଥିବା ଦୋଷରୁ ଜଣେ ପୁରୁଷକୁ ଚାପୁଡ଼ାଏ ମାରି ତାର ଏକ ଆଖିକୁ ଖୋଳି ପକାଇଲେ ଓ ଗୋଟିଏ ଛେଳିର ଆଖି ଖୋଳିନେଇ ସେହି ସ୍ଥାନରେ ଖଞ୍ଜିଦେଲେ । ଶାସନଦେବୀଙ୍କର ଏହା କଣ ହିଂସା କାର୍ଯ୍ୟ ନୁହେଁ ? ରତ୍ନସାର ପ୍ରଥମଭାଗ ୬୭ ପୃଷ୍ଠାରେ ଲେଖାଯାଇଛି "ମରୁଦେବୀ ପଥରମୂର୍ତ୍ତିରୂପ ଧାରଣକରି ପଥିକମାନଙ୍କୁ ସାହାଯ୍ୟ କରୁଥିଲେ"। ଏହାମଧ୍ୟ ସେହିପରି ନୁହେଁ କି ?

ମୂଳ:- କିଂସୋପି ଜଣଣିଜାଓ ଜାଣୋ ଜଣଣୀଇଂ କିଂ ଗଓ ବିଦ୍ଧିଂ ।
ଜଇଂ ମିଛର ଓ ଜାଓ ଗୁଣେସୁ ତହ ମଚ୍ଛରଂ ବହଇଂ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୮୧)

ଯେଉଁମାନେ ଜୈନମତ ବିରୋଧୀ ମିଥ୍ୟାତ୍ୱୀ ଅର୍ଥାତ୍ ମିଥ୍ୟା ଧର୍ମାବଲମ୍ବୀ ସେମାନେ ଜନ୍ମ ହେଲେ କାହିଁକି ? ଯଦି ଜନ୍ମ ହେଲେ ତେବେ ବଢ଼ିଲେ କାହିଁକି ? ଅର୍ଥାତ୍ ଶୀଘ୍ରାତିଶୀଘ୍ର ନଷ୍ଟ ହୋଇଯାଇଥିଲେ ଅତି ଉତ୍ତମ ହୋଇଥାଆନ୍ତା ।

ସମୀକ୍ଷକ:- ଜୈନଧର୍ମ ଦୟାଧର୍ମ ଉପରେ ପ୍ରତିଷ୍ଠିତ ବୋଲି କଥିତ ହୋଇଛି । ବୀତରାଗ ଜୈନ ମୁନିଋଷିମାନଙ୍କ ଦୟାଧର୍ମକୁ ଦେଖ-ଏମାନେ ଅନ୍ୟଧର୍ମର ଲୋକେ ବଞ୍ଚିରହିବା ମଧ୍ୟ ଚାହାନ୍ତି ନାହିଁ । ଏମାନେ ଦୟାଧର୍ମକଥା ମୁହଁରେ କେବଳ କହନ୍ତି । ଯଦି କିଛି ଅଛି ତାହା କେବଳ କ୍ଷୁଦ୍ରଜୀବ ଓ ପଶୁମାନଙ୍କ ପାଇଁ । ଜୈନଧର୍ମୀ ଲୋକଙ୍କ ବ୍ୟତୀତ ଅନ୍ୟମାନଙ୍କ ପାଇଁ ଏମାନଙ୍କ ନିକଟରେ ଦୟା କାଣିଚାଏ ସୁଦ୍ଧା ନାହିଁ ।

ମୂଳ:- ସୁଦ୍ଧେ ମଗ୍‌ଗେ ଜାୟା ସୁହେଣ ଗଚ୍ଛତି ସୁଦ୍ଧ ମଗ୍‌ଗମିଂ ।
ଜେ ପୁଣ ଅମଗ୍ ଗଜାୟା ମଗ୍‌ଗେ ଗଚ୍ଛନ୍ତି ତଞ୍ଚୁଯଂ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୮୩)

ଜୈନ କୁଳରେ ଜନ୍ମଗ୍ରହଣ କରି ମୋକ୍ଷ ପାଇବା କିଛି ବିସ୍ମୟକର ବିଷୟ ନୁହେଁ । କିନ୍ତୁ ବିସ୍ମୟକର ବିଷୟ ହେଉଛି ଅନ୍ୟ ମିଥ୍ୟାତ୍ୱୀ କୁଳରେ ଜନ୍ମହୋଇ ମୋକ୍ଷ ଲାଭ କରିବା । ଏହାର ତାତ୍ପର୍ଯ୍ୟ ହେଉଛି.... ଜୈନକୁଳ ବ୍ୟତୀତ ଅନ୍ୟ କୌଣସି ଧର୍ମରେ ମୋକ୍ଷଲାଭ ହୁଏ ନାହିଁ । କେବଳ ନରକ ଯନ୍ତ୍ରଣାମାନ ଭୋଗିବାକୁ ପଡ଼େ ।

ସମୀକ୍ଷକ:- ଜୈନକୁଳରେ ବୋଧେ କୌଣସି ଦୁଷ୍ଟଲୋକ ନାହାନ୍ତି । ଯଦି କେହି ଥାଏ ସେମଧ୍ୟ ନରକଗାମୀ ନ ହୋଇ ମୁକ୍ତିଲାଭ କରେ ? " ଜୈନ ଧର୍ମାବଲମ୍ବୀ ସମସ୍ତେ ଯେ ମୁକ୍ତି ଲାଭ କରିବେ । ଅନ୍ୟମତର ଧାର୍ମିକ ଲୋକେ ମଧ୍ୟ ମୁକ୍ତ ହେବେ ନାହିଁ " ଏହା ହେଉଛି ପାଗଳର ପ୍ରଳାପ ମାତ୍ର । ନିର୍ବୋଧ ପାଗଳ ବ୍ୟତୀତ ଅନ୍ୟ କେହି ଏକଥାରେ ବିଶ୍ୱାସ କରିବେ ନାହିଁ ।

ମୂଳ:- ତିଲ୍ଲୟରାଣଂ ପୂଆ ସମ୍ମତ୍ତ ଗୁଣାଣ କାରିଣୀ ଭଣିୟା ।
ସାବିୟ ମିଚ୍ଛତ୍ତୟରୀ ଜିଣ ସମୟେ ଦେସିଆ ପୂଆ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୯୦)

ଏକମାତ୍ର ଜୈନମୂର୍ତ୍ତିପୂଜା ଉତ୍ତମ.ଅନ୍ୟଧର୍ମର ମୂର୍ତ୍ତିପୂଜା ଅଧମ । ଯେଉଁମାନେ ଜୈନଧର୍ମ ଆଜ୍ଞା ପାଳନ କରନ୍ତି ସେମାନେ ତତ୍ତ୍ୱଜ୍ଞାନର ଅଧିକାରୀ ହୁଅନ୍ତି । ଅନ୍ୟ କେହି ତତ୍ତ୍ୱଜ୍ଞାନୀ ହୋଇପାରନ୍ତି ନାହିଁ ।

ସମୀକ୍ଷକ:- ସତରେ କି ବଳିଷ୍ଠ ପ୍ରମାଣ । ବୈଷ୍ଣବ ଧର୍ମର ମୂର୍ତ୍ତିମାନଙ୍କ ପରି ସେମାନଙ୍କ ମୂର୍ତ୍ତିକଣ ପାଷାଣ ପ୍ରଭୃତି ଜଡ଼ପଦାର୍ଥ ନୁହେଁ ? ବୈଷ୍ଣବାଦିଙ୍କ ମୂର୍ତ୍ତି ଯେପରି ଭଣ୍ଡାମି ସେମାନଙ୍କ ମୂର୍ତ୍ତିମଧ୍ୟ ସେହିପରି ପାଖଣ୍ଡି । ସେମାନେ କେବଳ ତତ୍ତ୍ୱଜ୍ଞାନୀ ହେବେ.ଅନ୍ୟମତବାଦୀମାନଙ୍କୁ ଅଜ୍ଞାନ କରି ଦେବେ.... ଏଥିରୁ ଜଣାପଡ଼େ ଜୈନ ମତରେ ତତ୍ତ୍ୱଜ୍ଞାନ ହିଁ କିଛି ନାହିଁ ।

ମୂଳ:- ଜିଣ ଆଣାଏ ଧମ୍ମୋ ଆଣା ରହିଆଣ ଫୁଡ଼ଂ ଅହମ୍ମୁତ୍ତି ।
ଇୟ ମୁଣି ଉଣୟ ତଞ୍ଚଂ ଜିଣ ଆଣାଏ କୁଣହୁ ଧମ୍ମଂ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୯୨)

ଜିନଦେବ ଦୟା.କ୍ଷମା ପ୍ରଭୃତି ଯେଉଁ ଉପଦେଶ ଦେଇଛନ୍ତି ତାହାହିଁ ହେଉଛି ପ୍ରକୃତଧର୍ମ । ଏହା ବ୍ୟତୀତ ଅନ୍ୟ ସମସ୍ତ ଧର୍ମର ଆଜ୍ଞା ପାଳନ କରିବା ଅଧର୍ମ ରୂପେ ପରିଗଣିତ ହେବ ।

ସମୀକ୍ଷକ:-ସତରେ ଏହା କେତେ ବଡ଼ ଅନ୍ୟାୟ କଥା । ଜୈନଧର୍ମ ବ୍ୟତୀତ ଅନ୍ୟ ଧର୍ମରେ ଜଣ କେହି ସତ୍ୟବାଦୀ ଧର୍ମାତ୍ମା ନାହାନ୍ତି ? ସେହି ଧାର୍ମିକମାନଙ୍କର ଉପଦେଶ ପାଳନ କରିବା ଉଚିତ ନୁହେଁ କି ?ଯଦି ଜୈନମାନଙ୍କର ମୁହଁ.ନାକ.କାନ ପ୍ରଭୃତି ଚର୍ମରେ ନିର୍ମିତ ହୋଇନଥାନ୍ତା.କେବଳ ଅନ୍ୟ ଧର୍ମାବଲମ୍ବୀଙ୍କର ଯେପରି ହୋଇଥାନ୍ତା. ତେବେ ତାଙ୍କ ଉପଦେଶ ପାଳନଯୋଗ୍ୟ ହୋଇଥାନ୍ତା । ସେମାନଙ୍କର ଏପରି ଅଯଥା ପ୍ରଶଂସାରୁ ଜଣାପଡୁଛି ଯେ ଜୈନ ସାଧୁମାନେ ଭାଟମାନଙ୍କ ବଡ଼ଭାଇ ପାଲଟି ଯାଇଛନ୍ତି ।

ମୂଳ:- ବନ୍ଦେମି ନାରୟାଉବି ଜେସିଂ ଦୁରକାଇ ସମ୍ମରଂ ଛାଣମ୍ ।
ଭବ୍ୟାଣ ଜଣଇ ହରିହର ରିଦ୍ଧି ସମିଦ୍ଧୀବି ଉଦ୍ଧୋସଂ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୯୫)

ଏହାର ମୁଖ୍ୟ ତାତ୍ପର୍ଯ୍ୟ ହେଉଛି ହରିହର ଦେବଙ୍କ ବିଭୂତି ହେଉଛି ନରକର କାରଣ । ତାକୁ ଦେଖିବାମାତ୍ରେ ଜୈନମାନଙ୍କର ଶରୀର ରୋମାଞ୍ଚିତ ହୋଇଯାଏ । ରାଜାଙ୍କ ଆଦେଶ ଭଙ୍ଗକଲେ ମୃତ୍ୟୁଦଣ୍ଡ ଯେପରି ଭୋଗିବାକୁ ପଡ଼େ ସେହିପରି ଜୈନଙ୍କର ଆଦେଶ ଉଲ୍ଲଂଘନକଲେ ନରକ ଯନ୍ତ୍ରଣା ଭୋଗିବାକୁ ହୋଇଥାଏ ।

ସମୀକ୍ଷକ:- ଜୈନ ଆଚାର୍ଯ୍ୟମାନଙ୍କର ମାନସିକ ବୃତ୍ତିକୁ ଦେଖନ୍ତୁ । ସେମାନେ କିପରି କପଟାଚାରୀ,କୁତ୍ସିତ, ଅସୂୟା ପରିପୂର୍ଣ୍ଣ ତା ଥରେ ବିଚାର କରନ୍ତୁ । ହରିହର ପ୍ରଭୃତିଙ୍କ ପ୍ରଚାର ପ୍ରସାର ଓ ତାଙ୍କ ଉପାସକ ମାନଙ୍କର ଐଶ୍ୱର୍ଯ୍ୟକୁ ଦେଖି ଏମାନଙ୍କର ଗାତ୍ରଦାହ ହେଉଛି । ଅନ୍ୟର ଉନ୍ନତି ଦେଖିଲେ ଏମାନଙ୍କର ରୋମାଞ୍ଚ ସୃଷ୍ଟି ହେଉଛି । ସେମାନେ ତାଙ୍କର ଧନ,ସଂପତ୍ତି ସବୁ ଏମାନଙ୍କୁ ଦେଇ ଦିଅନ୍ତୁ ଏହାହିଁ ଜୈନମାନଙ୍କର ଇଚ୍ଛା । ରାଜାଙ୍କ ଉଦାହରଣ ଦେବାର ତାତ୍ପର୍ଯ୍ୟ ହେଉଛି ଏମାନେ ରାଜାଙ୍କର ଭାରି ଖୋସାମଦିଆ ଓ ଡ଼ରୁଆ । ରାଜାଙ୍କ ଯଦିଓ ପାଳନୀୟ ତେବେ ରାଜାଙ୍କର ଅସତ୍ ଓ ଅନ୍ୟାୟ ଆଦେଶକୁ ପାଳନ କରାଯାଇ ପାରିବ କି ? ଜୈନୀମାନଙ୍କପରି ଈର୍ଷାପରାୟଣ ଅନ୍ୟ ସଂପ୍ରଦାୟରେ କେହି ଜଣେ ମଧ୍ୟ ନ ଥିବେ ।

ମୂଳ:- ଜୋ ଦେଇ ସୁଦ୍ଧ ଧମ୍ମଂ ସୋ ପରମପ୍ପା ଜୟମ୍ମି ନ ହୁ ଅନ୍ନୋ ।
କିଂ କପ୍ପଦ୍ଦୁମ ସରିସୋ ଇୟର ତରୂ ହୋଇ କଇୟାବି ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୧୦୧)

ଯେଉଁମାନେ ଜୈନଧର୍ମର ବିରୋଧୀ ସେମାନେ ହେଉଛନ୍ତି ମୂର୍ଖ । ଯେଉଁମାନେ ଜିନେନ୍ଦ୍ରଭାଷିତ ଧର୍ମୋପଦେଶକ ସାଧୁ,ଗୃହସ୍ଥ ବା ଗ୍ରନ୍ଥକର୍ତ୍ତା ଯେ କେହି ହୋଇଥାନ୍ତୁ ନା କାହିଁକି ସେମାନେ ତୀର୍ଥଙ୍କରଙ୍କ ସମାନ ହୋଇଥାନ୍ତି । ସେମାନଙ୍କ ତୁଲ୍ୟ ଅନ୍ୟକେହି ହୋଇପାରିବେ ନାହିଁ ।

ସମୀକ୍ଷକ:- କାହିଁକି ମୂର୍ଖ ନ ହେବେ ? ଜୈନମାନଙ୍କ ବାତୁଳତାକୁ ମାନିବାପାଇଁ ସମସ୍ତେ କଣ ବାଧ୍ୟ ? ବେଶ୍ୟା ନିଜ ସୌନ୍ଦର୍ଯ୍ୟର ନିଜେ ପ୍ରଶଂସା କଲାପରି ଜୈନଗୁରୁମାନେ ଆତ୍ମପ୍ରଶଂସା କରିବାରେ କୁଣ୍ଠାବୋଧ କରିନାହାନ୍ତି ।

ମୂଳ:- ଜେ ଅମୁଣି ଯ୍ଯ ଗୁଣ ଦୋଷାତେ କହଅ ବୁହାଣ ହୁନ୍ତି ମଝଛା ।
ଅହତେ ବିହୁ ମଝଛା ତାବିସ ଅମିଆଣ ତୁଲ୍ଲଓଂ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୧୦୨)

ଜୈନେନ୍ଦ୍ରଦେବ,ତାଙ୍କର ସିଦ୍ଧାନ୍ତ,ତଥା ଜୈନମତର ଉପଦେଷ୍ଟାମାନଙ୍କୁ ଜୈନମାନେ କେବେହେଁ ପରିତ୍ୟାଗ କରିବା ଉଚିତ ନୁହେଁ ।

ସମୀକ୍ଷକ:-ଜୈନମାନେ ଯଦି ଅବିଦ୍ୟା,ମୂର୍ଖ ଓ ପକ୍ଷପାତୀ ହୋଇ ନଥାଆନ୍ତେ, ତେବେ ଏପରି କେବେ କହି ନ ଥାନ୍ତେ । ଜୈନମତର କେତେକ ବିଷୟକୁ ଛାଡ଼ି ଅନ୍ୟ ସବୁ ସର୍ବଦା ପରିତ୍ୟାଜ୍ୟ ଅଟେ । ସାଧାରଣ ବୁଦ୍ଧିମାନ୍ ମନୁଷ୍ୟ ମଧ୍ୟ ଜୈନଦେବଙ୍କୁ ଥରେ ଯଦି ଦେଖେ,ସେମାନଙ୍କ ଗ୍ରନ୍ଥପଢ଼େ, ବା ଉପଦେଶକୁ ଶୁଣେ ତେବେ ନିଃସନ୍ଦେହରେ ଜୈନମତକୁ ପରିତ୍ୟାଗ କରିଦେବ ।

ମୂଳ:- ବୟଣେ ବି ସୁଗୁରୁ ଜିଣବଲ୍ଲହସ୍ସ କେସିଂ ନ ଉଲ୍ଲସଇ ସମ୍ମଂ ।
ଅହ କହ ଦିଣମଣି ତେଏଂ ଉଲୁଆଣଂ ହରଇ ଅନ୍ଧତ୍ତଂ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୧୦୮)

ଯେଉଁମାନେ ଜିନଙ୍କ ବଚନାନୁସାରେ ଚଳନ୍ତି ସେମାନେ ପୂଜନୀୟ ହୋଇଥାନ୍ତି, ଯେଉଁମାନେ ଏହାର ଅବହେଳା କରନ୍ତି ସେମାନେ ନିନ୍ଦନୀୟ ଅଟନ୍ତି । ଅର୍ଥାତ୍ ଜୈନଗୁରୁମାନଙ୍କୁ ମାନିବ,ଅନ୍ୟମାନଙ୍କୁ ମାନିବା ଅନାବଶ୍ୟକ ।

ସମୀକ୍ଷକ:- ଜୈନମାନେ ସେମାନଙ୍କ ଶିଷ୍ୟମାନଙ୍କୁ ଯଦି ପଶୁମାନଙ୍କପରି ବାନ୍ଧି ରଖି ନ ଥାନ୍ତେ, ତେବେ ସେମାନେ ତାଙ୍କ ଜାଲରୁ ମୁକ୍ତିପାଇ ନିଜ ଦୁର୍ଲଭ ଜନ୍ମକୁ ସଫଳ କରିବାପାଇଁ ଯତ୍ନଶୀଳ ହୁଅନ୍ତେ । ତୁମ୍ଭମାନଙ୍କୁ କେହି ଯଦି କୁମାର୍ଗୀ, କୁଗୁରୁ, ମିଥ୍ୟାତ୍ୱୀ, କୁଉପଦେଷ୍ଟା ବୋଲି କହନ୍ତା ତେବେ ତୁମ୍ଭମନରେ କେତେ ଦୁଃଖ ଜାତ ନ ହୁଅନ୍ତା । କିନ୍ତୁ ତୁମ୍ଭେମାନେ

ଅନେକ ଅବାନ୍ତର କଥାକହି, ଅନ୍ୟଧର୍ମର ନିନ୍ଦାକରି ଅନେକ ଲୋକଙ୍କ ମନରେ ଦୁଃଖ ଦେଉଛ । ତେଣୁ ତୁମ୍ଭମାନଙ୍କ ମଧ୍ୟରେ ଅନେକ ଅସାରତା ଭର୍ତ୍ତିହୋଇ ରହିଛି " ।

ମୂଳ:- ତିହୁଅଣ ଜଣଂ ମରନ୍ତଂ ଦଟଠୁଣ ନିଅନ୍ତି ଜେନ ଅପ୍ପାଣଂ ।
ବିରମନ୍ତି ନ ପାଉ ବିଷୀ ଧିଟ୍ଠତ୍ତଣଂ ତାଣଂ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୧୦୯)

ମୃତ୍ୟୁ ପର୍ଯ୍ୟନ୍ତ ଦୁଃଖ ଭୋଗିବାକୁ ପଡ଼ିଲେ ମଧ୍ୟ ଜୈନମାନେ କୃଷି ଓ ବାଣିଜ୍ୟ ବ୍ୟବସାୟ କରିବେ ନାହିଁ । ଯେଣୁ ଉକ୍ତ କର୍ମଗୁଡ଼ିକ ମଣିଷକୁ ନରକଗାମୀ କରାଏ ।

ସମୀକ୍ଷକ:- ଯଦି କୌଣସି ବ୍ୟକ୍ତି ଜୈନୀମାନଙ୍କୁ ପଚାରେ ତୁମ୍ଭେମାନେ ବ୍ୟାପାରାଦି କର୍ମ କାହିଁକି କରୁଛ ? ଏସବୁ କାମ ଛାଡ଼ି ଦେଉ ନାହିଁ କାହିଁକି ? ନିୟମାନୁସାରେ କୃଷିକର୍ମାଦି ଯଦି ଛାଡିଦିଅ ତେବେ ନିଜର ପେଟ ପୋଷିବ କିପରି, ସମସ୍ତେ ଯଦି ଛାଡ଼ି ଦିଅନ୍ତି ତେବେ ସଂସାର ଚଳିବ କେମିତି ? ଏପରି ଉପଦେଶ ଦେବା କଦାପି ଶୋଭନୀୟ ନୁହେଁ । ଜୈନମାନେ ଶିକ୍ଷା ଓ ସତ୍ସଙ୍ଗ ପାଉନଥିବାରୁ ମନକୁ ଯାହା ଆସିଲା ସେପରି ଉପଦେଶମାନ ଦେଇଛନ୍ତି ।

ମୂଳ:- ତଇୟା ହମାଣ ଅହମା କାରଣ ରହିୟା ଅନାଣଗବ୍ବେଣ ।
ଜେ ଜଂପତି ଉସୁତ୍ତଂ ତେସିଂ ଧିଦ୍ଧିତ୍ତ ପଣ୍ଡିତ୍ତଂ ॥

(ପ୍ରକରଣ ଭା-୨ ଷଷ୍ଠୀ ସୂ-୧୨୧)

ଯେଉଁମାନେ ଜୈନଧର୍ମ ବିରୁଦ୍ଧଶାସ୍ତ୍ରକୁ ମାନନ୍ତି ସେମାନେ ହେଉଛନ୍ତି ଅଧମାଧମ । କୌଣସି ଉଦ୍ଦେଶ୍ୟ ସାଧିତ ହେଉଥିଲେ ମଧ୍ୟ ଜୈନଧର୍ମ ବ୍ୟତୀତ ଅନ୍ୟ ଧର୍ମକୁ ମାନିବା ଉଚିତ ନୁହେଁ । ଅର୍ଥାତ୍ ଆବଶ୍ୟକ ପଡ଼ିଲେ ଅନ୍ୟ ଧର୍ମକୁ ତ୍ୟାଗ କରିବା ଉଚିତ ।

ସମୀକ୍ଷକଃ- ଜୈନମତର ମୂଳ ପୁରୁଷଙ୍କଠାରୁ ଆରମ୍ଭକରି ଏପର୍ଯ୍ୟନ୍ତ ଯେତେ ପୁରୁଷ ସୃଷ୍ଟି ହେଲେଣି ଓ ହେବେ ସେମାନେ କେବଳ ଅନ୍ୟ ଧର୍ମର ଲୋକଙ୍କୁ ଗାଳିଦେଇ ବଞ୍ଚିଛନ୍ତି । ଜୈନୀମାନେ ଯେଉଁଠି ସ୍ୱାର୍ଥ ସିଦ୍ଧ ହେବାର ଦେଖନ୍ତି ସେଠାରେ ଚେଲାର ମଧ୍ୟ ଚେଲା

ହୋଇଯାଆନ୍ତି । ତଥାପି ବଡ଼ ବଡ଼ କଥା କହି ବୃଥାଭିମାନ କରିଥାନ୍ତି । ଏହାଠାରୁ ବଳି ଲଜ୍ଜାର ବିଷୟ ଅନ୍ୟ କଣ ବା ଥାଇପାରେ ।

ମୂଳ:- ଜଂ ବୀରଜିଣସ୍ସ ଜିଓ ମିରଇ ଉସ୍ସୁତ୍ତ ଲେସ ଦେସଣଓ ।
ସାଗର କୋଡ଼ାକୋଡ଼ିଂ ହିଣ୍ଡଇ ଅଇ ଭୀମଭବରଣ୍ଣେ ।

(ପ୍ରକରଣ ଭା-୨ ଷଷ୍ଠୀ ସୂ-୧୨୨)

ଯେଉଁ ଲୋକ " ଜୈନ ସାଧୁଙ୍କଠାରେ ଧର୍ମ ରହିଛି । ସେହିପରି ଆମ୍ଭଠାରେ ଓ ଅନ୍ୟମତରେ ମଧ୍ୟ ଧର୍ମ ରହିଛି" କହେ, ସେ ଲୋକ କୋଟି କୋଟି ବର୍ଷ ପର୍ଯ୍ୟନ୍ତ ନରକରେ ବାସ କରେ , ପୁଣି ପରିଶେଷରେ ନୀଚ୍ ଜନ୍ମ ଗ୍ରହଣ କରେ ।

ସମୀକ୍ଷକଃ- ଏହାଠାରୁ ବଳି ନିର୍ବୋଧତା ଆଉ କ'ଣ ଥାଇପାରେ ? ସେମାନେ ବୋଧ ହୁଏ ଭାବିଛନ୍ତି ଆମ୍ଭର ମିଥ୍ୟା ବଚନକୁ କେହି ଖଣ୍ଡନ କରିବେ ନାହିଁ । ତେଣୁ ଏପରି ଅସମ୍ଭବ କଥାମାନ ଲେଖିବାପାଇଁ ଲଜ୍ଜାବୋଧ କରିନାହାନ୍ତି । ତୁମ୍ଭେମାନେ ନିଜର ସ୍ୱାର୍ଥ ସିଦ୍ଧିପାଇଁ ଅନ୍ୟମାନଙ୍କର ନିନ୍ଦାକୁ ମୋହନଭୋଗ ବୋଲି ମନେ କରିଛ ।

ମୂଳ :- ଦୂରେ କରଣଂ ଦୂର ମ୍ମି ସାହଣଂ ତହ ପଭାବଣା ଦୂରେ ।
ଜିଣ ଧମ୍ମ ସଦ୍ଦହାଣଂ ପି ତିରକଦୁରକାଇ ନିଟ୍ଠବଇ ॥

(ପ୍ରକରଣ · ଭା -୨/ ଷଷ୍ଠୀସୂ- ୧୨୭)

କୌଣସି ବ୍ୟକ୍ତି ଜୈନଧର୍ମର ନୀତି ନିୟମକୁ ପାଳନ ନ କଲେ ମଧ୍ୟ ସେ ଯଦି ଜୈନଧର୍ମ ସତ୍ୟ ଓ ଅନ୍ୟସବୁ ଧର୍ମ ଗୁଡ଼ିକ ମିଥ୍ୟା ବୋଲି ବିଶ୍ୱାସକରେ ତେବେ ସେହି ବ୍ୟକ୍ତି ଦୁଃଖ ସାଗରରୁ ତରିଯାଏ ।

ସମୀକ୍ଷକଃ- କୌଣସି ସତ୍କାର୍ଯ୍ୟ ନ କରି ମଧ୍ୟ ଯେଉଁମାନେ ମୁକ୍ତି ପାଇବାପାଇଁ ଇଚ୍ଛା କରନ୍ତି, ସେପରି ଅବିବେକୀମାନଙ୍କୁ ଠକି ଦେବାପାଇଁ ଜୈନମାନେ ଏହି ସୁନ୍ଦର ଜାଲ ବିଛାଇ ଦେଇଛନ୍ତି । ଅନ୍ୟ କୌଣସି ସଂପ୍ରଦାୟରେ ଏପରି ନିର୍ବୋଧ ବ୍ୟକ୍ତି ନଥିବେ ।

ମୂଳ:- କଇୟା ହୋହୀ ଦିବସୋ ଜଇୟା ସୁଗୁରୂଣ ପାୟ ମୂଳମ୍ମି ।
ଉସ୍ସୁତ୍ତ ଲେସ ବିସଲବ ରହିଓ ନିସୁଣେସୁ ଜିଣ ଧମ୍ମଂ ॥

(ପ୍ରକରଣ ଭା· ୨ ଷଷ୍ଠୀସୂ· ୧୨୮)

ଯେଉଁ ଲୋକ ଜିନାଗମ ଅର୍ଥାତ୍ ଜୈନଶାସ୍ତ୍ରକୁ ମୁଁ ଶୁଣିବି, ଉତ୍ସୂତ୍ର ଅର୍ଥାତ୍ ଅନ୍ୟଧର୍ମର ଗ୍ରନ୍ଥକୁ ଶୁଣିବି ନାହିଁ ବୋଲି କେବଳ ଇଚ୍ଛାକରେ ସେ ଦୁଃଖସାଗରରୁ ରକ୍ଷା ପାଇଯାଏ ।

ସମୀକ୍ଷକ:- ବୁଦ୍ଧିହୀନ ଲୋକଙ୍କୁ ଜାଲରେ ପକାଇବାପାଇଁ ଏ କଥା କୁହାଯାଇଛି । ଏପରି ଇଚ୍ଛା କରିଦେଲେ କେହି ଇହଜନ୍ମ ଦୁଃଖରୁ ରକ୍ଷା ପାଇପାରେ ନାହିଁ । ପୂର୍ବଜନ୍ମ ସଞ୍ଚିତ ପାପର ଦୁଃଖରୂପୀ ଫଳଭୋଗରୁ ମଧ୍ୟ ରକ୍ଷାପାଏ ନାହିଁ । ଜୈନଗୁରୁମାନେ ଏପରି ଅବିଦ୍ୟା କଥା ଯଦି ଲେଖି ନଥାନ୍ତେ, ତେବେ ସେମାନଙ୍କ ଶିଷ୍ୟମାନେ ବେଦାଦି ସତ୍‌ଶାସ୍ତ୍ର ପଢ଼ି ବା ଶୁଣି ସେମାନଙ୍କ ମିଥ୍ୟା ଗ୍ରନ୍ଥକୁ ପରିତ୍ୟାଗ କରିଦିଅନ୍ତେ । ବୁଦ୍ଧିମାନ୍‌ଲୋକେ ଏମାନଙ୍କ ପ୍ରବଞ୍ଚନାରେ ପଡ଼ନ୍ତି ନାହିଁ, କିନ୍ତୁ ବୁଦ୍ଧିହୀନ ବ୍ୟକ୍ତି ପକ୍ଷରେ ସେମାନଙ୍କ ମିଥ୍ୟା ଜାଲରୁ ମୁକୁଳିବା ଅତି କଷ୍ଟକର ବ୍ୟପାର ହୋଇପଡ଼େ ।

ମୂଳ :-ଜହ୍ନା ଜେଣହିଂ ଭଣିୟଂ ସୁୟ ବବହାରଂ ବିସୋହିୟଂ ତସ୍ସ ।

ଜାୟଇ ବିସୁଦ୍ଧ ବୋହୀ ଜିଣ ଆଣାରାହ ଗତ୍ତାଓ ।

(ପ୍ରକରଣ ଭା· ୨/ ଷଷ୍ଠୀ ସୂ ୧୩୮)

ଯେଉଁମାନେ ଜିନାଚାର୍ଯ୍ୟଙ୍କ କଥିତ ସୂତ୍ର, ନିରୁକ୍ତ, ବୃତ୍ତି, ଭାଷ୍ୟ, ଚୂର୍ଣ୍ଣୀକୁ ମାନନ୍ତି, ସେମାନଙ୍କ ପ୍ରତି କେହି ଉତ୍ତମ ବ୍ୟବହାର ବା ଦୁଃସହ ବ୍ୟବହାର କଲେ ମଧ୍ୟ ସେ ଚରିତ୍ରବାନ୍ ହୋଇ ସୁଖ ଭୋଗ କରନ୍ତି । ଅନ୍ୟ ଧର୍ମ ଗ୍ରନ୍ଥ ପାଠକଲେ ସେପରି ହୋଇପାରନ୍ତି ନାହିଁ ।

ସମୀକ୍ଷକ:- ଭୋକ ଉପବାସରେ କଷ୍ଟ ସହ୍ୟକଲେ ଲୋକେ ଯଦି ଚରିତ୍ରବାନ୍ ହେଉଥାନ୍ତେ, ତେବେ ଦୁର୍ଭିକ୍ଷ ସମୟରେ ଯେଉଁମାନେ ଅନ୍ନାଦି ନ ପାଇ ଭୋକ ଶୋଷରେ ମରନ୍ତି ସେମାନେ ମଧ୍ୟ ଶୁଦ୍ଧ ହୋଇ ଶୁଭଫଳ ପାଉଥାନ୍ତେ ? ସେମାନେ କିମ୍ବା ତୁମ୍ଭେ ଜୈନମାନେ ମଧ୍ୟ ଶୁଦ୍ଧ ନୁହଁ । କେବଳ ତା ପରିବର୍ତ୍ତେ ପିତ୍ତ ପ୍ରକୋପ ହେବାଦ୍ୱାରା ଦୁଃଖ ଭୋଗିବା ହିଁ ସାର ହୋଇଥାଏ । ନ୍ୟାୟାଚରଣ , ବ୍ରହ୍ମଚର୍ଯ୍ୟ ଓ ସତ୍ୟଭାଷଣ ଆଦିରେ ହିଁ ଶୁଦ୍ଧତା ହୁଏ । ମିଥ୍ୟା ଭାଷଣ ଅନ୍ୟାୟ ଆଚରଣଦ୍ୱାରା ପାପ ହୁଏ ।

ସମସ୍ତଙ୍କ ସହିତ, ପ୍ରେମର ସହିତ ମିଶିବା ଓ ପରୋପକାର କରିବାଦ୍ୱାରା ମନୁଷ୍ୟ ସଚ୍ଚରିତ୍ରବାନ୍ ହୁଏ । ଜୈନମତ ଅନୁସାରେ ଭୋକ ଉପବାସରେ ରହିବା ଧର୍ମ ନୁହେଁ ! ଏହି ସୂତ୍ର ପ୍ରଭୃତିକୁ ପାଳନ କରିବାଦ୍ୱାରା ଯଦିଓ କିୟତ୍ ପରିମାଣରେ ଉପକାର ହୁଏ, ତଥାପି ଅଧିକ ଅଧର୍ମ ହେଉଥିବାରୁ ନରକ ଭୋଗିବା ସାର ହୁଏ ।

ମୂଳ:- ଜଇଂ ଜାଣିସି ଜିଣ ନାହୋ ଲୋୟାୟାରା ବିପରକଏ ଭୂଓ ।

ତା ତଂ ତଂ ମନ୍ନନ୍ତୋ କହ ମନ୍ନସି ଲୋଓ ଆୟାରଂ ।।

(ପ୍ରକରଣ ଭା· ୨ ଷଷ୍ଠୀ ସୂ ୧୪୮)

ଯେଉଁମାନଙ୍କର ପୂର୍ବଭାଗ୍ୟଥିବ ସେମାନେ କେବଳ ଜୈନଧର୍ମ ଗ୍ରହଣ କରିଥାନ୍ତି । ଯେଉଁ ବ୍ୟକ୍ତି ଜୈନ ଧର୍ମ ଗ୍ରହଣ କରେ ନାହିଁ,ତାହା ତାର ଦୁର୍ଭାଗ୍ୟ ବୋଲି ବିଚାରିବାକୁ ହେବ ।

ସମୀକ୍ଷକ:- ଏହା ଯେପରି ଭୁଲ୍ ସେପରି ମିଥ୍ୟା କଥା ମଧ୍ୟ ।ଅନ୍ୟମତରେ ଭାଗ୍ୟବାନ୍ ତଥା ଜୈନମତରେ ଭାଗ୍ୟହୀନ ଲୋକ କଣ ନାହାନ୍ତି ? ପୁଣି କୁହାଯାଇଛି ଯେ ଜୈନମାନେ ନିଜ ଧର୍ମର ଲୋକଙ୍କ ସହିତ କଳହ ନକରି ପ୍ରୀତିପୂର୍ବକ ଅବସ୍ଥାନ କରନ୍ତୁ । ଏଥିରୁ ଅନୁମିତ ହେଉଛି ଏମାନେ ଅନ୍ୟଧର୍ମର ଲୋକଙ୍କ ସହିତ କଳି କରିବା ବିଷୟକୁ ଖରାପ ବୋଲି ବିଚାର କରନ୍ତି ନାହିଁ । ଜୈନମାନଙ୍କ ଏ ଉକ୍ତି ମଧ୍ୟ ଯୁକ୍ତିଯୁକ୍ତ ନୁହେଁ । କାହିଁକି ନା ସଜ୍ଜନ,ସଜ୍ଜନଙ୍କ ସହିତ ସଦ୍‌ଭାବ ରଖି ଦୁଷ୍ଟ ଲୋକଙ୍କୁ ଶିମାଦେଇ ଶିକ୍ଷିତ କରାଉଥାନ୍ତି । ପୁଣି ସେମାନେ ଲେଖିଛନ୍ତି--- ବ୍ରାହ୍ମଣ,ତ୍ରିଦଣ୍ଡୀ, ପରିବ୍ରାଜକାଚାର୍ଯ୍ୟ ବା ସନ୍ନ୍ୟାସୀ ଓ ବୈରାଗୀ ଏମାନେ ସମସ୍ତେ ଜୈନମତର ଶତ୍ରୁ ଅଟନ୍ତି । ଏମାନେ ସମସ୍ତଙ୍କୁ ଶତ୍ରୁ ରୂପରେ ଦେଖି କେବଳ ନିନ୍ଦା କରୁଛନ୍ତି । ଏପରିସ୍ଥଳେ ଏମାନଙ୍କଠାରେ ଦୟା ଓ କ୍ଷମା ଗୁଣ କାହିଁଯା କେଉଁଠି ? ଏମାନଙ୍କପରି ବିଦ୍ବେଷକାରୀ ଅନ୍ୟଧର୍ମରେ ଥିବା କିବା ସନ୍ଦେହ । ଯଦି ଋଷଭଦେବଙ୍କଠାରୁ ଆରମ୍ଭକରି ମହାବୀର ପର୍ଯ୍ୟନ୍ତ ସମସ୍ତ ତୀର୍ଥଙ୍କରମାନଙ୍କୁ ମିଥ୍ୟାତ୍ୱୀ ଅର୍ଥାତ୍ ମିଥ୍ୟାବାଦୀ କୁହାଯାଏ,ଜୈନୀମାନଙ୍କୁ ସନ୍ନିପାତଗ୍ରସ୍ତ ମନେ କରାଯାଏ ଓ ତାଙ୍କର ଧର୍ମକୁ ନରକ ଓ ବିଷ ବୋଲି କୁହାଯାଏ ତେବେ ସେମାନଙ୍କୁ କେତେ ଖରାପ ନ ଲାଗିବ ? ତେଣୁ ଏମାନେ ପରନିନ୍ଦା, ପରମତଦ୍ୱେଷ ରୂପକ ନରକରେ ପଡ଼ିହୋଇ ମହାକ୍ଲେଶ

ଭୋଗୁଛନ୍ତି । ଏସବୁକୁ ପରିତ୍ୟାଗ କଲେ ଯାଇ ସେମାନଙ୍କର ସୁଦଶା ହେବ ।

ମୂଳ:- ଏଗୋ ଅ ଗୁରୁ ଏଗୋ ବି ସାବଗୋ ଚେଇଆଣି ବିବହାଣି ।
ତଛୟଜଂ ଜିଣଦବ୍ବଂ ପରୁପ୍ପରଂ ଟଂ ନବିଜ୍ଜନ୍ତି ॥

(ପ୍ରକରଣ ଭା· ୨ ଷଷ୍ଠୀ ସୂ ୧୫୦)

ପ୍ରତ୍ୟେକ ଜୈନଙ୍କର ଏକ ଈଶ୍ୱର.ଏକ ଗୁରୁ.ଓ ଏକ ଧର୍ମ । ଜୈନମୂର୍ତ୍ତି.ଜୈନମନ୍ଦିର ଓ ସେ ସମ୍ବନ୍ଧୀୟ ସଂପତ୍ତିକୁ ରକ୍ଷଣାବେକ୍ଷଣ କରିବା ଓ ମୂର୍ତ୍ତିମାନଙ୍କର ପୂଜା ସେବା କରିବା ହେଉଛି ଧର୍ମ ।

ସମୀକ୍ଷକ:- ଦେଖନ୍ତୁ, ମୂର୍ତ୍ତିପୂଜା ସମ୍ବନ୍ଧୀୟ ଯେତେ ସବୁ କଳି ହୋଇଛି.ସେ ସବୁ ଜୈନ ଧର୍ମରୁ ଉତ୍ପନ୍ନ ହୋଇଛି । ଯାବତୀୟ ପାଖଣ୍ଡର ମୂଳକାରଣ ହେଉଛି ଏହି ଜୈନଧର୍ମ । ଶ୍ରାଦ୍ଧଦିନକୃତ୍ୟ ପ୍ରଥମ ପୃଷ୍ଠାରେ ମୂର୍ତ୍ତି ପୂଜାର ପ୍ରମାଣ·····

ନବକାରେଣ ବିବୋହୋ ।୧। ଅନୁସରଣଂ ସାବଉ ।୨। ବୟାଇଂ ଇମେ ।୩। ଜୋଗୋ ।୪। ଚ଼ିୟ ବନ୍ଦଣଗୋ ।୫। ପଚ୍ଚରକାଣଂ ତୁ ବିହି ପୁବ୍ବଂ ।୬।

ଜୈନମତାବଲମ୍ବୀମାନଙ୍କୁ ଜୈନମନ୍ଦିରର ପ୍ରଥମଦ୍ୱାରଦେଶରେ ନବକାରଜପ କରିବାକୁ ହେବ, ଦ୍ୱିତୀୟଦ୍ୱାରରେ ନିଜକୁ ଜୈନଧର୍ମୀବୋଲି ସ୍ମରଣ କରିବାକୁ ହେବ, ତୃତୀୟଦ୍ୱାରରେ ନିଜମଧ୍ୟରେ କେତେଜଣ ସାଧୁସନ୍ଥ ଅଛନ୍ତି ବିଚାରିବାକୁ ହେବ, ଚତୁର୍ଥଦ୍ୱାରରେ ଜୀବନର ଚତୁର୍ବର୍ଗ ଉଦ୍ଦେଶ୍ୟମଧ୍ୟରେ ମୋକ୍ଷକୁ ପ୍ରଧାନ ବୋଲି ସ୍ମରଣ କରିବାକୁ ହେବ । ସତ୍ୟ ଜ୍ଞାନଦ୍ୱାରା ଏହି ମୋକ୍ଷ ଲାଭହୁଏ । ଏହି ଜ୍ଞାନମାର୍ଗକୁ ଯୋଗ କୁହାଯାଏ. ଏହି ଯୋଗମାର୍ଗ ପୁଣି ଛଅ ପ୍ରକାରର । ଏହାଦ୍ୱାରା ମନୁଷ୍ୟମାନେ ନିର୍ମଳହୋଇ ପାପମୁକ୍ତ ହୁଅନ୍ତି । ପଞ୍ଚମଦ୍ୱାରରେ ମୂର୍ତ୍ତିକୁ ନମସ୍କାର କରି ପୂଜାଦ୍ରବ୍ୟ ଦେବାକୁ ହେବ । ଷଷ୍ଠଦ୍ୱାରରେ ନବକାର ଧର୍ମଗ୍ରନ୍ଥ ପାଠ କରିବାକୁ ହେବ । ସେହି ଧର୍ମଗ୍ରନ୍ଥରେ କେତେକ ବିଧିବିଧାନ ଲେଖାଅଛି ଯଥା-ସନ୍ଧ୍ୟା ଭୋଜନ ସମୟରେ ଜୈନମୂର୍ତ୍ତି ବା ତୀର୍ଥଙ୍କରମାନଙ୍କ ମୂର୍ତ୍ତିପୂଜା ଓ ଦ୍ୱାରପୂଜା କରିବାକୁ ହେବ । ସେହି ଦ୍ୱାରପୂଜା ସଂପର୍କରେ ମଧ୍ୟ କେତେ ପ୍ରକାର ନିୟମ ରହିଛି·····ମନ୍ଦିର ନିର୍ମାଣ ବିଷୟରେ ଲେଖା ଯାଇଛି.ପୁରାତନ ମନ୍ଦିର

ଗୁଡ଼ିକର ମରାମତି ଓ ତାକୁ ସଜାଡ଼ିବାଦ୍ୱାରା ମୁକ୍ତିଲାଭ ହୁଏ. ମନ୍ଦିରର ଭିତରେ ବସି ଭକ୍ତିପୂତ ଭାବରେ ପୂଜା କରିବା ସଙ୍ଗେ ସଙ୍ଗେ " ନମୋ ଜିନେନ୍ଦ୍ରେଭ୍ୟଃ " ଇତ୍ୟାଦି ମନ୍ତ୍ରରେ ମୂର୍ତ୍ତିମାନଙ୍କୁ ସ୍ନାନ କରାଇବ । ପୁଣି " ଜଳ ଚନ୍ଦନ ପୁଷ୍ପଧୂପଦୀପନୈଃ" ଇତ୍ୟାଦି ମନ୍ତ୍ରରେ ଗନ୍ଧ ଚନ୍ଦନାଦି ଦେବ । ରତ୍ନସାରଭାଗ ୧ ର ଦ୍ୱାଦଶ ପୃଷ୍ଠାରେ ମୂର୍ତ୍ତିପୂଜାର ଫଳ ସଂପର୍କରେ କୁହାଯାଇଛି ଯେ, ପୂଜାରୀକୁ ରାଜା ବା ପ୍ରଜା କେହି ବାଧା ଦେଇପାରିବେ ନାହିଁ ।

ସମୀକ୍ଷକ:- ଏ ସବୁ କଥା କେବଳ କପୋଳକଳ୍ପିତ । କାରଣ ବହୁ ଜୈନ ପୂଜାରୀଙ୍କୁ ରାଜାମାନେ ବାଧା ଦେଇଛନ୍ତି । ରତ୍ନସାର ତ୍ରୟୋଦଶପୃଷ୍ଠାରେ ଲେଖା ଯାଇଛି··· ମୂର୍ତ୍ତିପୂଜାଦ୍ୱାରା ରୋଗ.ପୀଡ଼ା ଏବଂ ମହାମହା ଦୋଷମାନ ନଷ୍ଟ ହୋଇଥାଏ । କୌଣସି ଜଣେ ବ୍ୟକ୍ତି ପାଞ୍ଚ କଉଡ଼ି ମୂଲ୍ୟର ଫୁଲ ମୂର୍ତ୍ତିଉପରେ ଚଢ଼ାଇବାରୁ ଅଠରଟି ଦେଶର ରାଜା ହୋଇଥିଲା । ତାଙ୍କ ନାମଥିଲା କୁମାରପାଳ । ଏପରି ମିଥ୍ୟାକଥାମାନ ଲେଖି ମୂର୍ଖଲୋକଙ୍କୁ କେବଳ ଲୋଭାନ୍ୱିତ କରାଯାଉଛି । କାରଣ ଅନେକ ଜୈନଲୋକ ପୂଜା କରିକରି ରୋଗୀ ହେବାର ଦେଖାଯାଉଛି. ଦ୍ୱିତୀୟତଃ ଏକ ବିଘା ଜମି ମଧ୍ୟ ସେମାନଙ୍କୁ ମିଳିବାର ଦେଖାଯାଉ ନାହିଁ । ପାଞ୍ଚ କଉଡି ମୂଲ୍ୟର ଫୁଲ ଚଢ଼ାଇଲେ ଯଦି ଏତିକି ଭୂମିର ରାଜପଦ ମିଳିଲା.ପାଞ୍ଚ ପାଞ୍ଚ କଉଡ଼ିର ଫୁଲ ବାରମ୍ବାର ଦେଇ ଜଣେ ସମସ୍ତ ଭୂଗୋଳର ରାଜ୍ୟ କାହିଁକି ବା ପାଇ ପାରିବ ନାହିଁ ? ମୂର୍ତ୍ତିପୂଜାଦ୍ୱାରା ଯଦି ଭବସାଗରରୁ ତରିଯିବାକୁ ହେଉଛି.ତେବେ ରାଜଦଣ୍ଡ ମିଳୁଛି କାହିଁକି ? ପୁଣି ଜୈନମାନେ ଜ୍ଞାନ, ସମ୍ୟଗ୍‌ଦର୍ଶନ ଓ ଚରିତ୍ର ସଂପର୍କରେ ପ୍ରଚାର କରୁଛନ୍ତି କାହିଁକି ? ରତ୍ନସାର ପ୍ରଥମଭାଗ ତେର ପୃଷ୍ଠାରେ ଲିଖିତ ଅଛି ଯେ ଗୌତମଙ୍କ ଅଙ୍ଗୁଷ୍ଠରୁ ଅମୃତ ମିଳୁଥିଲା.ତାଙ୍କୁ ସ୍ମରଣ କରିବାଦ୍ୱାରା ମନୋବାଞ୍ଛିତ ଫଳ ଲାଭ ହେଉଥିଲା ।

ସମୀକ୍ଷକ:- ପ୍ରକୃତରେ ଯଦି ସେପରି ହୋଇଥାନ୍ତା ତେବେ ଅନ୍ୟ କେହି ହେଉ ନ ହେଉ ଜୈନମାନେ ନିଶ୍ଚୟ ଅମର ହୋଇଥାନ୍ତେ । ସେମାନେ ଅମର ହୋଇ ନ ଥିବାରୁ ମୂର୍ଖଲୋକଙ୍କୁ ଭୁଲାଇବାପାଇଁ ଏପରି କେବଳ ଲେଖାଯାଇଛି । ଦେଖିବାକୁ ଗଲେ ଏଥିରେ କୌଣସି ତତ୍ତ୍ୱମଧ୍ୟ ନାହିଁ । ତାଙ୍କୁ ପୂଜା କରିବାର ଶ୍ଳୋକ ବିବେକସାର ୫୨ ପୃଷ୍ଠାରେ

ଲେଖାଯାଇଛି·····

ଜଳଚନ୍ଦନ ଧୂପ ନୈରଥଦୀପାକ୍ଷତକୈ ର୍ନିବେଦ୍ୟବସ୍ତ୍ରୈଃ ।

ଉପଚାରବରୈ ର୍ଜିନେନ୍ଦ୍ରାନ୍ ରୁଚିରୈରଦ୍ୟ ଯଜାମହେ ॥

ଆମ୍ଭେମାନେ ଜଳ,ଚନ୍ଦନ,ଅକ୍ଷତ,ପୁଷ୍ପ,ଧୂପ,ଦୀପ,ନୈବେଦ୍ୟ, ବସ୍ତ୍ର ଓ ଅତିଶ୍ରେଷ୍ଠ ଉପଚାରଦ୍ୱାରା ଜିନେନ୍ଦ୍ର ଅର୍ଥାତ୍ ତୀର୍ଥଙ୍କରଙ୍କୁ ପୂଜାକରୁଁ । ଏଥିରୁ ଜଣାଯାଉଛି ଯେ ଜୈନମାନଙ୍କଠାରୁ ମୂର୍ତ୍ତିପୂଜା ପ୍ରଚଳିତ ହୋଇଛି ।

ବିବେକସାର ୨୧ ପୃଷ୍ଠାରେ···· ଜୈନ ମନ୍ଦିରରେ ମନରେ ଆସକ୍ତି ଜନ୍ମେ ନାହିଁ । ଏହି ମନ୍ଦିର ଭବସାଗରରୁ ସମସ୍ତଙ୍କୁ ପାର କରେ । ପୁଣି ୫୧/୫୨ ପୃଷ୍ଠାରେ-ମୂର୍ତ୍ତିପୂଜାରୁ ମୁକ୍ତି ମିଳେ,ଜୈନ ମନ୍ଦିରକୁ ଗଲେ ସଦଗୁଣ ଜାତ ହୁଏ । ଜଳ,ପୁଷ୍ପ ଓ ଚନ୍ଦନାଦିରେ ତୀର୍ଥଙ୍କରମାନଙ୍କ ପୂଜାକଲେ ନରକରୁ ଉଦ୍ଧାର ମିଳିବା ସଙ୍ଗେ ସଙ୍ଗେ ସ୍ୱର୍ଗ ପ୍ରାପ୍ତି ହୁଏ । ବିବେକସାର ୫୫ ପୃଷ୍ଠା-ଜୈନମନ୍ଦିରରେ ଋଷଭ ଦେବାଦିଙ୍କର ମୂର୍ତ୍ତି ପୂଜାକଲେ ଧର୍ମ,ଅର୍ଥ,କାମ,ମୋକ୍ଷ ଚତୁର୍ବର୍ଗ ଲାଭ ହୁଏ । ବିବେକସାର ୬୧ ପୃଷ୍ଠା-ଜୈନ ମୂର୍ତ୍ତିମାନଙ୍କୁ ପୂଜାକଲେ ସଂସାରର ଯାବତୀୟ କ୍ଳେଶରୁ ରକ୍ଷାମିଳେ ।

ସମୀକ୍ଷକ:- ଏବେ ଏମାନଙ୍କ ଅବିଦ୍ୟାଯୁକ୍ତ ଅସମ୍ଭବ କଥାକୁ ଦେଖ । ମୂର୍ତ୍ତିପୂଜାଦ୍ୱାରା ଯଦି ପାପାଦି ଖରାପ କର୍ମ କ୍ଷୟ ହୁଅନ୍ତା,ମୋହଦୂର ହୁଅନ୍ତା,ଭବସାଗରରୁ ଉଦ୍ଧାର ମିଳୁଥାନ୍ତା,ସଦଗୁଣ ଲାଭ ହେଉଥାନ୍ତା,ନରକ ପରିବର୍ତ୍ତେ ସ୍ୱର୍ଗପ୍ରାପ୍ତି ହେଉଥାନ୍ତା, କିମ୍ବା ଧର୍ମ,ଅର୍ଥ,କାମ ଓ ମୋକ୍ଷ ଲାଭ ହେଉଥାନ୍ତା, ତେବେ ଜୈନମାନେ ସୁଖୀ ହେଉନାହାନ୍ତି କାହିଁକି ? ପୁଣି ସକଳ ପ୍ରକାରର ସଫଳତା ଲାଭ ହେଉ ନାହିଁ କାହିଁକି ?

ସେହି ବିବେକସାର ତୃତୀୟ ପୃଷ୍ଠାରେ ଅଛି···· ଯେଉଁ ବ୍ୟକ୍ତି ଜୈନ ମନ୍ଦିର... ଜୈନ ମୂର୍ତ୍ତି ଆଦି ସ୍ଥାପନ କରନ୍ତି,ସେମାନଙ୍କ ପରିବାରଦ୍ୱାରା ଜୀବିକା ଲାଭ କ... ପୁଣି ୨୨୫ ପୃଷ୍ଠା- ଶିବ, ବିଷ୍ଣୁ ପ୍ରଭୃତିଙ୍କର ମୂର୍ତ୍ତିପୂଜା କରିବା ଅତିଶୟ ଖରାପ... ହେଉଛି ନରକମାର୍ଗର ସାଧନ ବିଶେଷ ।

ସମୀକ୍ଷକ:- ଶିବାଦି ମୂର୍ତ୍ତିପୂଜାଦ୍ୱାରା ଯଦି ନରକଗତି ହୁଏ,ତେବେ ଜୈନ ମୂର୍ତ୍ତି ପୂଜାଦ୍ୱାରା ସେପରି ଫଳଲାଭ ବା କାହିଁକି ନ ହେବ ? ଯଦି ସେମାନେ କହନ୍ତି କି ଆମ ଜିନ ମୂର୍ତ୍ତି

ତ୍ୟାଗୀ,ଶାନ୍ତ ଓ ଶୁଭ ମୁଦ୍ରାଯୁକ୍ତ କିନ୍ତୁ ଶିବ ପ୍ରଭୃତିଙ୍କ ମୂର୍ତ୍ତି ସେପରି ନୁହେଁ, ସେମାନଙ୍କ ମୂର୍ତ୍ତି ଲକ୍ଷ ଲକ୍ଷ ମନ୍ଦିରରେ ରଖାଯାଇ ଚନ୍ଦନ,କେଶର ପ୍ରଭୃତି ଚଢ଼ା ଯାଉଛି, ତେବେ ସେମାନଙ୍କୁ ତ୍ୟାଗୀ କିପରି କୁହାଯିବ ? ଶିବ ପ୍ରଭୃତିଙ୍କ ମୂର୍ତ୍ତିତ ଖୋଲାରେ ରହୁଛନ୍ତି,ତାଙ୍କୁ ତ୍ୟାଗୀ କାହିଁକି କୁହା ନ ଯିବ ? ତୁମ୍ଭେ ଜିନଙ୍କର ମୂର୍ତ୍ତିକୁ ଶାନ୍ତ ବୋଲି କହୁଛ,ତେବେ ତାର ଚଳନ ଶକ୍ତି ନ ଥିବାରୁ ଦ୍ୱିତୀୟତଃ ଜଡ଼ ହୋଇଥିବାରୁ ସେପରି ଶାନ୍ତ ଦେଖାଯାଉଛନ୍ତି । ଏଥିରେ କି ବୈଚିତ୍ର୍ୟ ଅଛି ? ତେବେ ଯେ ଯାହା ହେଉ ଆମ ମତରେ ଯେ କୌଣସି ଧର୍ମରେ ହେଉ ନା କାହିଁକି ମୂର୍ତ୍ତି ପୂଜାହିଁ ମଙ୍ଗଳପ୍ରଦ ନୁହେଁ ।

ପ୍ରଶ୍ନ- ଆମ୍ଭର ମୂର୍ତ୍ତି ବସ୍ତ୍ର ଅଳଙ୍କାର ପ୍ରଭୃତି ଧାରଣ କରନ୍ତି ନାହିଁ । ଏଣୁ ନିଶ୍ଚୟ ଭଲ ଅଟନ୍ତି ।

ଉତ୍ତର:- ସମସ୍ତ ଲୋକଙ୍କ ଆଗରେ ନଗ୍ନମୂର୍ତ୍ତି ଗଢ଼ିବା ବା ରଖିବା କଦାପି ଶୋଭନୀୟ ନୁହେଁ ।

ପ୍ରଶ୍ନ- ସ୍ତ୍ରୀର ମୂର୍ତ୍ତି କିମ୍ବା ଚିତ୍ର ଦେଖିଲେ ମନରେ ଯେପରି କାମ ଭାବନା ଜାତ ହୁଏ, ସେହିପରି ସାଧୁ ଓ ଯୋଗୀମାନଙ୍କର ମୂର୍ତ୍ତି ଦର୍ଶନ କଲେ ଶୁଭଗୁଣ ମିଳେ ନାହିଁକି ?

ଉତ୍ତର:- ପାଷାଣ ମୂର୍ତ୍ତି ଦର୍ଶନରେ ଶୁଭଗୁଣ କୁଆଡୁ ମିଳିବ ? ବରଂ ଜଡ଼ ମୂର୍ତ୍ତି ସନ୍ଦର୍ଶନରେ ହୃଦୟରେ ଜଡ଼ତ୍ୱାଦି ଗୁଣ ଜାତ ହେବ । ଜଡ଼ ବୁଦ୍ଧି ଜାତ ହେଲେ ନାଶ ହେବାହିଁ ସାର ହେବ । ଦ୍ୱିତୀୟରେ ଉତ୍ତମ ବିଦ୍ୱାନମାନଙ୍କ ସଙ୍ଗ ସେବାରୁ ବଞ୍ଚିତ ହେବାଦ୍ୱାରା ମୂର୍ଖତା ବୃଦ୍ଧି ପାଇବ । ଏସବୁ ଦୋଷ ସଂପର୍କରେ ଏକାଦଶ ସମୁଲ୍ଲାସରେ ବିଶଦ୍ ଭାବରେ ଆଲୋଚନା କରାଯାଇଛି । ଜୈନୀମାନେ ମୂର୍ତ୍ତିପୂଜାରେ ଯେପରି କୋଳାହଳ ସୃଷ୍ଟି କରନ୍ତି,ସେହିପରି ତାଙ୍କ ମନ୍ତ୍ର ଗୁଡ଼ିକରେ ଅସମ୍ଭବ କଥାମାନ ଉଲ୍ଲେଖ କରିଅଛନ୍ତି । ରତ୍ନସାର ପ୍ରଥମଭାଗ ପ୍ରଥମପୃଷ୍ଠାର ମନ୍ତ୍ର····ନମୋ ଅରିହନ୍ତାଣଂ ନମୋ ସିଦ୍ଧାଣଂ ନମୋ ଆୟରିୟାଣଂ ନମୋ ଉବଜ୍ଝାୟାଣଂ ନମୋ ଲୋଏ ସବ୍‌ବସାହୁଣଂ ଏସୋ ପଞ୍ଚ ନମୁକ୍‌କାରୋ ସବ୍‌ବ ପାବପ୍ପଣାସଣୋ ମଙ୍ଗଳାଚରଣଂ ଚ ସବ୍‌ବେସି ପଢ଼ମଂ ହବଇ ମଙ୍ଗଳମ୍ ।

ଏହି ମନ୍ତ୍ରର ମାହାତ୍ମ୍ୟ ଅନେକ ଅଛି । ପୁଣି ସବୁ ଜୈନମାନଙ୍କର ଏହା ହେଉଛି ଗୁରୁମନ୍ତ୍ର । ଏହି ମନ୍ତ୍ରର ମାହାତ୍ମ୍ୟ ବର୍ଣ୍ଣନାରେ ଜୈନମାନେ ପୌରାଣିକ,ତାନ୍ତ୍ରିକ ଓ ଭାଟ ସେବକମାନଙ୍କୁ ମଧ୍ୟ ଟପିଯାଇଛନ୍ତି । ଶ୍ରାଦ୍ଧଦିନକୃତ୍ୟ ତୃତୀୟ ପୃଷ୍ଠାରେ.........

ନମୁକ୍କାରଂ ତଉ ପଢ଼େ ।୯। ଜଉକବ୍‌ବଂ । ମଂତାଣମଂତୋ ପରମୋ ଇମୁତ୍ତି । ଧେୟାଣଧେୟଂ ପରମଂ ଇମୁତ୍ତି । ତତ୍ତାଣତତ୍ତଂ ପରମଂ ପବିତ୍ତଂ । ସଂସାର ସତ୍ତାଣଦୁହାହୟାଣଂ ।୧୦। ତାଣଂ ଅନ୍ନଂ ତୁ ନୋ ଅତ୍‌ଥି ଜୀବାଣଂ ଭବସାୟରେ । ବୁଡୁଂ ତାଣଂ ଇମ ମୁତ୍ତୁଂ । ନମୁକ୍କାରଂ ସୁପୋୟୟମ୍ ।୧୧। କବ୍‌ବଂ ।ଅଣେଗଜମ୍ମଂତ ରସଂ ଚ଼ିଆଣଂ । ଦୁହାଣଂ ସାରୀରିଅ ଅମାଣୁସାଣଂ । କତ୍ତୋୟ ଭବ୍‌ବାଣ ଭବିଜ୍ଜନାସୋ । ନ ଜାବପତ୍ତୋ ନବକାରମଂତୋ ।୧୨।

ଏହି ମନ୍ତ୍ର ପରମ ପବିତ୍ର ମନ୍ତ୍ର । ଧ୍ୟାନଯୋଗ୍ୟ ମନ୍ତ୍ରମାନଙ୍କ ମଧ୍ୟରେ ପରମଧ୍ୟେୟ । ତତ୍ତ୍ୱମଧ୍ୟରେ ପରମତତ୍ତ୍ୱ । ଏହି ନବକାରମନ୍ତ୍ର ଭବସାଗରରୁ ଉଦ୍ଧାର କରିବାପାଇଁ ନୌକା ସଦୃଶ କାର୍ଯ୍ୟକରେ ।୧୦। ଏହି ନବକାର ମନ୍ତ୍ର ସଂସାର ସମୁଦ୍ରର ନୌକା ସଦୃଶ ହୋଇଥିବାରୁ ଯେଉଁମାନେ ଏହାକୁ ତ୍ୟାଗ କରନ୍ତି ସେମାନେ ଦୁଃଖରେ ନିମଗ୍ନ ହୋଇ ରହନ୍ତି । ଯିଏ ଏହାକୁ ଗ୍ରହଣ କରେ ସେ ରକ୍ଷା ପାଇଯାଏ । ଏମନ୍ତ୍ର ଜୀବର ଉଦ୍ଧାରକ,ସାଂସାରିକ ଦୁଃଖ ଦୂରକାରକ, ସକଳପାପ ବିଧ୍ୱଂସକାରୀ ଓ ମୁକ୍ତି ପ୍ରଦାୟକ ଅଟେ ।୧୧। ଅନେକ ଜନ୍ମଜନ୍ମାନ୍ତର କୃତ ପାପକର୍ମର ଫଳସ୍ୱରୂପ ଏହି ସଂସାର ଦୁଃଖ ସାଗରରୁ ପ୍ରାଣୀମାନଙ୍କୁ ଉଦ୍ଧାର କରିବାପାଇଁ ଏହି ମନ୍ତ୍ର କେବଳ ସମର୍ଥ ହୋଇଥାଏ । ନବକାର ମନ୍ତ୍ର ଗ୍ରହଣ ନ କରିବାଯାଏ ଜୀବ ସଂସାରରୁ ତରିପାରେ ନାହିଁ ।

ସୂତ୍ରରେ ଏହି ମନ୍ତ୍ରର ଅର୍ଥ ଏପରି ଉଲ୍ଲେଖ କରାଯାଇଛି । ଅଗ୍ନିପ୍ରମୁଖ ଅଷ୍ଟମହାଭୟରେ ସାହାଯ୍ୟକାରୀ ଏହି ନବକାର ମନ୍ତ୍ର ବ୍ୟତୀତ ଅନ୍ୟ କିଛି ନାହିଁ । ସମସ୍ତ ଦ୍ୱାଦଶାଙ୍ଗୀ ନବକାର ମନ୍ତ୍ରର ରହସ୍ୟ ହେଉଛି- ଯେପରି ମହାରତ୍ନ ବୈଡୂର୍ଯ୍ୟମଣି ଗ୍ରହଣ କରିବା ଯୋଗ୍ୟ ଅଥବା ଶତ୍ରୁ ଭୟରୁ ରକ୍ଷାପାଇବାପାଇଁ ଅମୋଘ ଶସ୍ତ୍ରଧାରଣ କରିବା ଆବଶ୍ୟକ ସେପରି ଶ୍ରୁତ କେବଳୀ ଗ୍ରହଣକରିବା ଆବଶ୍ୟକ ହୋଇଥାଏ ।

ଏହି ମନ୍ତ୍ରର ଅର୍ଥ ହେଉଛି- ନମୋ ଅରିହନ୍ତାଣଂ- ସମସ୍ତ ତୀର୍ଥଙ୍କରଙ୍କୁ ନମସ୍କାର । ନମୋ ସିଦ୍ଧାଣଂ- ଜୈନମତାବଲମ୍ବୀ ସମସ୍ତ ସିଦ୍ଧପୁରୁଷଙ୍କୁ ନମସ୍କାର । ନମୋ ଆୟରିୟାଣଂ- ଜୈନଧର୍ମର ପ୍ରତ୍ୟେକ ଆଚାର୍ଯ୍ୟଙ୍କୁ ନମସ୍କାର । ନମୋ ଉବଜ୍‌ଝାୟାଣଂ- ଜୈନମତର ସମସ୍ତ ଉପାଧ୍ୟାୟଙ୍କୁ ନମସ୍କାର । ନମୋ ଲୋଏ ସବ୍‌ବସାହୂଣଂ- ଇହଲୋକରେ ଯେତେ ଜୈନସାଧୁ ଅଛନ୍ତି, ସେ ସମସ୍ତଙ୍କୁ ନମସ୍କାର । ଯଦିଓ ଏହି ମନ୍ତ୍ରରେ ଜୈନ ପଦ ନାହିଁ ତଥାପି ଜୈନମାନଙ୍କ ଅନେକ ଗ୍ରନ୍ଥରେ ଜୈନ ମତବାଦୀଙ୍କ ବ୍ୟତୀତ ଅନ୍ୟ କାହାକୁ ନମସ୍କାର କରିବାପାଇଁ ଲେଖାଯାଇନାହିଁ । ତେଣୁ ଏହି ଅର୍ଥ ହେଉଛି ଠିକ୍‌ତତ୍ତ୍ୱବିବେକ ୧୬୯ ପୃଷ୍ଠାରେ କୁହାଯାଇଛି..... ଯେଉଁ ମନୁଷ୍ୟ କାଠ,ପଥରକୁ ଦେବ ମନେକରି ପୂଜା କରେ ସେ ଭଲ ଫଳ ପାଏ ।

ସମୀକ୍ଷକ:- ଏହା ଯଦି ସତ୍ୟ ତେବେ ପୂଜକମାନେ ସଫଳତା ଲାଭ କରୁନାହାନ୍ତି କାହିଁକି ? ରତ୍ନସାର ପ୍ରଥମ ଭାଗ ଦଶମ ପୃଷ୍ଠା-ପାର୍ଶ୍ୱନାଥ ମୂର୍ତ୍ତିକୁ ଦର୍ଶନକଲେ ସମସ୍ତପାପ ନଷ୍ଟ ହୋଇଯାଏ । କଳ୍ପଭାଷ୍ୟ ୫୧ ପୃଷ୍ଠାରେ ଲେଖାଅଛି.... ଏକଲକ୍ଷ ପଚିଶି ହଜାର ମନ୍ଦିର ଜୀର୍ଣ୍ଣୋଦ୍ଧାର କରାଯାଇଛି । ମୂର୍ତ୍ତିପୂଜା ସଂପର୍କରେ ଏପରି ଅନେକ କଥା ଲେଖାଯାଇଛି । ଏଥିରୁ ସ୍ପଷ୍ଟରୂପେ ଅନୁମିତ ହେଉଛି ଯେ,ମୂର୍ତ୍ତିପୂଜାର ମୂଳ ହେଉଛନ୍ତି ଏହି ଜୈନମାନେ । ଏବେ ଏହି ଜୈନ ସାଧୁମାନଙ୍କର ଲୀଳା ଦେଖନ୍ତୁ.....

ବିବେକସାର ୨୨୮ ପୃଷ୍ଠା— ଜଣେ ଜୈନ ସାଧୁ କୋଶା ବେଶ୍ୟା ସହିତ ସଂପର୍କ ରଖିଥିଲେ । ପରେ ସେ ତ୍ୟାଗୀ ହେବାରୁ ସ୍ୱର୍ଗଲୋକକୁ ଚାଲିଗଲେ । ବିବେକସାର ୧୦୧ ପୃଷ୍ଠା— ଅର୍ଣ୍ଣକମୁନି କେତେ ବର୍ଷ ଧରି ଦତ୍ତ ସେଠଙ୍କ ଘରେ ବିଷୟଭୋଗ କରିବାରୁ ତାଙ୍କ ଚରିତ୍ର ସ୍ଖଳିତ ହୋଇଥିଲା । ପରେ କିନ୍ତୁ ସେ ଦେବଲୋକକୁ ଗଲେ । ଶ୍ରୀକୃଷ୍ଣଙ୍କ ପୁତ୍ର ଢଢ଼ଣ ମୁନିଙ୍କୁ ସ୍ୟାଲିଆ ନେଇଗଲା କିନ୍ତୁ ପରେ ସେ ଦେବତା ହୋଇଗଲା । ବିବେକସାର ପୃଷ୍ଠା ୧୫୬— ଜୈନମତର ସାଧୁମାତ୍ର ଲିଙ୍ଗଧାରୀ ଅର୍ଥାତ୍ ବେଶଧାରୀ ହୋଇଥିଲେ ମଧ୍ୟ ଶ୍ରାବକମାନେ ସେମାନଙ୍କୁ ସେବା କରିବେ । ଜୈନ ସାଧୁ ଶୁଦ୍ଧ ଚରିତ୍ର ହୁଅନ୍ତୁ ବା ଅଶୁଦ୍ଧ ଚରିତ୍ର ହୁଅନ୍ତୁ, ସେ ପୂଜାରଯୋଗ୍ୟ ଅଟନ୍ତି । ବିବେକସାର ୧୬୮ ପୃଷ୍ଠା-ଜୈନମତର ସାଧୁ ଚରିତ୍ରହୀନ ହୋଇଥିଲେ ମଧ୍ୟ ଅନ୍ୟମତର ସାଧୁମାନଙ୍କ ଅପେକ୍ଷା

ସେ ଶ୍ରେଷ୍ଠ ଅଟନ୍ତି । ପୁଣି ୧୭୧ ପୃଷ୍ଠା- ଜୈନସାଧୁଙ୍କୁ ଚରିତ୍ରହୀନ ଓ ଭ୍ରଷ୍ଟାଚାରୀ ଦେଖିଲେ ମଧ୍ୟ ଜୈନମାନେ ତାଙ୍କର ସେବା କରିବେ । ବିବେକସାର ୨୧୬ ପୃଷ୍ଠା- ଜଣେ ଚୋର ଅନେକ ଚୋରି କରି ନିଜର ଚରିତ୍ର ନଷ୍ଟ କରିଥିଲା । ପରେ ବହୁ ଦୁଃଖ ଭୋଗକରି ଅନୁତାପ କଲା । ଛଅମାସ ପରେ କେବଳ ଜ୍ଞାନ ଲାଭ କରି ସିଦ୍ଧ ପୁରୁଷ ହୋଇଗଲା ।

ସମୀକ୍ଷକ:- ଜୈନ ସାଧୁ ଓ ଗୃହସ୍ଥ ଲୋକମାନେ ଅନେକ କୁକର୍ମ କଲେ ମଧ୍ୟ ସଦ୍‌ଗତି ଲାଭ କରନ୍ତି,ଏହାହିଁ ହେଉଛି ଦେଖିବାର କଥା । ବିବେକସାର ୧୦୬ ପୃଷ୍ଠାରେ ଲେଖାଯାଇଛି ଯେ- ଶ୍ରୀକୃଷ୍ଣ ତୃତୀୟ ନରକକୁ ଯାଇଥିଲେ । ୧୪୫ ପୃଷ୍ଠାରେ ଅଛି---- ଧନ୍ୱନ୍ତରୀ ବୈଦ୍ୟ ନରକକୁ ଗଲେ । ୪୮ ପୃଷ୍ଠାରେ କୁହାଯାଇଛି----ଅନ୍ୟମତବାଦୀ ଯୋଗୀ,ଜଙ୍ଗମ,କାଜୀ,ମୁଲ୍ଲା ପ୍ରଭୃତି ଅଜ୍ଞାନତାରେ ତପସ୍ୟାକରି କୁଗତିକୁ ପ୍ରାପ୍ତ ହୋଇଥାନ୍ତି । ରତ୍ନସାର ପ୍ରଥମଭାଗ ୧୭୧ ପୃଷ୍ଠାରେ ଲେଖାଅଛି ଯେ,ନବ ବାସୁଦେବ ଅର୍ଥାତ୍ ତ୍ରିପୃଷ୍ଠ ବାସୁଦେବ, ଦ୍ୱିପୃଷ୍ଠ ବାସୁଦେବ,ସ୍ୱୟମ୍ଭୁ ବାସୁଦେବ ପୁରୁଷୋତ୍ତମ ବାସୁଦେବ, ପୁରୁଷସିଂହ ବାସୁଦେବ,ପୁରୁଷ ପୁଣ୍ଡରୀକ ବାସୁଦେବ,ଦତ୍ତବାସୁଦେବ, ଲକ୍ଷ୍ମଣ ବାସୁଦେବ, ପୁଣି ଶ୍ରୀକୃଷ୍ଣ ବାସୁଦେବ-ଏମାନେ ସମସ୍ତେ ଏକାଦଶ,ଦ୍ୱାଦଶ,ଚତୁର୍ଦ୍ଦଶ,ପଞ୍ଚଦଶ, ଅଷ୍ଟାଦଶ,ବିଂଶ ଓ ଦ୍ୱାବିଂଶ ତୀର୍ଥଙ୍କରମାନଙ୍କ ସମୟରେ ନରକକୁ ଯାଇଥିଲେ ଓ ନବପ୍ରତି ବାସୁଦେବ ଅର୍ଥାତ୍ ଅଶ୍ୱଗ୍ରୀବ ପ୍ରତି ବାସୁଦେବ,ତାରକ ପ୍ରତି ବାସୁଦେବ,ମୋରକ ପ୍ରତି ବାସୁଦେବ, ମଧୁ ପ୍ରତି ବାସୁଦେବ,ନିଶୁମ୍ଭ ପ୍ରତି ବାସୁଦେବ, ବଳୀ ପ୍ରତି ବାସୁଦେବ,ପ୍ରହ୍ଲାଦ ପ୍ରତି ବାସୁଦେବ, ରାବଣ ପ୍ରତି ବାସୁଦେବ,ପୁଣି ଜରାସନ୍ଧ ପ୍ରତି ବାସୁଦେବ---ଏମାନେ ସମସ୍ତେ ନରକକୁ ଯାଇଥିଲେ । କଳ୍ପଭାଷ୍ୟରେ ଲେଖାଯାଇଛି ଯେ,ଋଷଭ ଦେବଙ୍କଠାରୁ ମହାବୀରଙ୍କ ପର୍ଯ୍ୟନ୍ତ ଚବିଶ ତୀର୍ଥଙ୍କର ସମସ୍ତେ ମୋକ୍ଷ ଲାଭ କରିଥିଲେ ।

ସମୀକ୍ଷକ:- ବିଦ୍ୱାନ୍ ବ୍ୟକ୍ତିମାନେ ବର୍ତ୍ତମାନ ବିଚାରି ଦେଖନ୍ତୁ,ଏସବୁ କେତେ ପକ୍ଷପାତ ଓ ଅନ୍ୟାୟ । ଏମାନଙ୍କର ସାଧୁ,ଗୃହସ୍ଥ ଓ ତୀର୍ଥଙ୍କର,ଯେଉଁମାନେ କି ବେଶ୍ୟାଗାମୀ,ପରସ୍ତ୍ରୀ ହରଣକାରୀ,ଚୋର ସେମାନେ ସମସ୍ତେ ସ୍ୱର୍ଗ ଓ ମୁକ୍ତି ପାଇଲେ, କିନ୍ତୁ ଶ୍ରୀକୃଷ୍ଣ ପ୍ରଭୃତି ମହାଧାର୍ମିକ,ମହାତ୍ମାଗଣ ନରକକୁ ଗଲେ । ସତ କହିବାକୁ ଗଲେ ଜୈନମାନଙ୍କୁ ଦେଖିବା

କିମ୍ବା ତାଙ୍କ ସହିତ ସାଙ୍ଗ ହେବା କେବେହେଁ ଉଚିତ ନୁହେଁ । ଯେଣୁ ସେମାନଙ୍କ ସଙ୍ଗ ଦୋଷରୁ ମିଥ୍ୟା ପ୍ରତି ବିଶ୍ୱାସ ଜାତ ହୁଏ । କୁସଂସ୍କାରୀ, ଦୁରାଚାରୀମାନଙ୍କ ସଙ୍ଗରୁ ମନ୍ଦ ବ୍ୟତୀତ ଭଲ ଫଳ କଦାପି ମିଳେ ନାହିଁ । ଜୈନମାନଙ୍କ ମଧ୍ୟରେ ଯେଉଁମାନେ ପ୍ରକୃତ ସାଧୁସନ୍ଥ ଓ ସଜ୍ଜନ ସେମାନଙ୍କ ସହିତ ସଙ୍ଗ ହେବାପାଇଁ ନିଷେଧ କରାଯାଇ ପାରିବ ନାହିଁ । ବିବେକସାର ୫୫ ପୃଷ୍ଠାରେ ପୁଣି କୁହାଯାଇଛି------- ଗଙ୍ଗା ପ୍ରଭୃତି ତୀର୍ଥସ୍ଥଳୀ ଓ କାଶୀ ପ୍ରଭୃତି କ୍ଷେତ୍ରକୁ ଗଲେ ମଧ୍ୟ ପରମାର୍ଥ ସିଦ୍ଧି ହୁଏ ନାହିଁ । ରତ୍ନସାର ୨୯ ପୃଷ୍ଠା ମତାନୁସାରେ ଜୈନତୀର୍ଥ ଗିରନାର,ପାଲିଟାଣା,ଓ ଆବୁ ପ୍ରଭୃତି ତୀର୍ଥକ୍ଷେତ୍ର ମୋକ୍ଷ ପ୍ରଦାନ କରେ । ଏଠାରେ ବିଚାର କରିବା କଥା ଯେ,ଶୈବ,ବୈଷ୍ଣବାଦିମାନଙ୍କ ତୀର୍ଥ କ୍ଷେତ୍ର ଯେପରି ଜଳ,ସ୍ଥଳ ପ୍ରଭୃତି ଜଡ଼ ପଦାର୍ଥ, ଜୈନମାନଙ୍କ ତୀର୍ଥ ମଧ୍ୟ ଠିକ୍ ସେହିପରି ଅଟେ । ତେଣୁ ସେସବୁ ମଧ୍ୟରୁ କେତେକ ସ୍ଥାନକୁ ନିନ୍ଦା କରି ଅନ୍ୟ କେତେକ ସ୍ଥାନକୁ ପ୍ରଶଂସା କରିବା ମୂର୍ଖତା ବ୍ୟତୀତ ଅନ୍ୟ କିଛି ନୁହେଁ ।

ଜୈନମାନଙ୍କ ମୁକ୍ତି ବିଷୟ ବର୍ଣ୍ଣନା

ରତ୍ନସାର ପ୍ରଥମ ଭାଗ ୨୩ ପୃଷ୍ଠାରେ କୁହାଯାଉଛି ଯେ, ମହାବୀର ତୀର୍ଥଙ୍କର ଗୌତମଙ୍କୁ କହିଥିଲେ------ ଊର୍ଦ୍ଧ୍ୱଲୋକରେ ସିଦ୍ଧଶିଳା ନାମକ ଏକ ସ୍ଥାନ ଅଛି । ଏହା ସ୍ୱର୍ଗପୁରୀ ଉପରେ ପଇଁଚାଳିଶି ଲକ୍ଷ ଯୋଜନ ଲମ୍ବ,ପଇଁଚାଳିଶି ଲକ୍ଷ ଯୋଜନ ଚଉଡ଼ା ପୁଣି ଆଠ ଯୋଜନ ମୋଟ ବିଶିଷ୍ଟ ଅଟେ । ତାହା ହେଉଛି ଶ୍ୱେତ ମୁକ୍ତାହାର ବା ଗୋଦୁଗ୍ଧଧାରାରୁ ଉଜ୍ଜ୍ୱଳ । ସୁବର୍ଣ୍ଣ ସଦୃଶ ଦେଦୀପ୍ୟମାନ ଓ ସ୍ଫଟିକ ସମାନ ନିର୍ମଳ ମଧ୍ୟ । ଏହି ସିଦ୍ଧଶିଳା ଚତୁର୍ଦ୍ଦଶ ଭୁବନର ଶିଖର ଉପରେ ଅବସ୍ଥିତ । ଏହି ସିଦ୍ଧଶିଳା ଉପରେ ଶିବପୁରୀ ଧାମ ଅଛି । ସେଠାରେ ମୁକ୍ତ ଜୀବମାନେ ବାସ କରନ୍ତି । ସେଠାରେ ଜନ୍ମ ମରଣାଦି କୌଣସି ଦୁଃଖ ନାହିଁ । ଆନନ୍ଦ ହିଁ ଆନନ୍ଦ ପୂର୍ଣ୍ଣରୂପେ ରହିଛି । ସେଠାରେ ଜନ୍ମ ମରଣ ମଧ୍ୟକୁ କେହି ଆସନ୍ତି ନାହିଁ । କର୍ମବନ୍ଧନରୁ ସମସ୍ତେ ମୁକ୍ତ ରହନ୍ତି । ଏହାହିଁ ହେଉଛି ଜୈନମାନଙ୍କର ମୁକ୍ତି ସ୍ୱରୂପ ।

ସମୀକ୍ଷକ:- ବିଚାରିବାକୁ ହେବ ଯେ, ଯେପରି ପୌରାଣିକମାନଙ୍କର ବୈକୁଣ୍ଠ,କୈଳାସ,ଗୋଲୋକ, ଓ ଶ୍ରୀପୁର, ଇସାଇମତରେ ଚତୁର୍ଥ ଆକାଶ, ଓ

ମୁସଲମାନ୍‌ମାନଙ୍କର ସପ୍ତମ ଆକାଶ ହେଉଛି ମୁକ୍ତିର ସ୍ଥାନ.ସେହିପରି ଜୈନମାନଙ୍କର ସିଦ୍ଧଶିଳା ଓ ଶିବପୁର ହେଉଛି ମୁକ୍ତିର ସ୍ଥାନ । କାରଣ ଜୈନମାନେ ଯାହାକୁ ଉଚ୍ଚ ବୋଲି ମନେ କରନ୍ତି.ତାହା ହେଉଛି ନୀଚ । ଯେଉଁମାନେ ଭୂଗୋଳର ନିମ୍ନରେ ବାସ କରନ୍ତି.ତା ଅପେକ୍ଷା ସେ ସ୍ଥାନ ନୀଚ । ଉଚ୍ଚ-ନୀଚ ବ୍ୟବସ୍ଥିତ ପଦାର୍ଥ ନୁହେଁ । ଆର୍ଯ୍ୟାବର୍ତ୍ତବାସୀ ଜୈନମାନେ ଯାହାକୁ ଉଚ୍ଚ ବୋଲି କହନ୍ତି.ସେ ସ୍ଥାନକୁ ଆମେରିକାବାସୀ ନୀଚ ବୋଲି ବିଚାର କରିଥାନ୍ତି । ସେହି ସିଦ୍ଧଶିଳାପଇଁତାଳିଶି ଲକ୍ଷର ଦୁଇଗୁଣ ନବେଲକ୍ଷ କୋଶ ହୋଇଥାଉ, ତଥାପି ମୁକ୍ତଜୀବମାନଙ୍କ ପକ୍ଷରେ ବନ୍ଧନ ସ୍ୱରୂପ । ଯେଣୁ ସେହି ସୀମାବଦ୍ଧ ଶିଳା ପ୍ରଦେଶରୁ ବାହାର ହେଲେ ମୁକ୍ତାବସ୍ଥା ଆଉ ରହିପାରିବ ନାହିଁ । ପୁଣି ସେହି ଜୀବମାନଙ୍କର ସେ ସ୍ଥାନ ପ୍ରତି ଆସକ୍ତି ଜାତ ହୁଏ, ପୁଣି ତାହାରି ବିଚ୍ଛେଦରେ ବିରକ୍ତି ଜାତ ହୁଏ । ଯେଉଁଥିରେ ପ୍ରୀତି ବା ବିରକ୍ତି ଜାତ ହୁଏ ତାହା ପ୍ରକୃତରେ ମୁକ୍ତି ନୁହେଁ ।ନବମ ସମୁଲ୍ଲାସରେ ମୁକ୍ତି ସମ୍ପର୍କରେ ଯେଉଁ ବିବରଣୀ ଦିଆଯାଇଛି ତାହାକୁ ସ୍ୱୀକାର କରିବା ଆବଶ୍ୟକ । ଜୈନମାନଙ୍କର ଏହି ମୁକ୍ତି ପ୍ରକୃତ ମୁକ୍ତି ନୁହେଁ.ତାହା ହେଉଛି ଏକ ପ୍ରକାର ବନ୍ଧନ । ମୁକ୍ତି ବିଷୟରେ ଜୈନମାନଙ୍କର ମଧ୍ୟ ଭ୍ରମ ଧାରଣା ରହିଛି । ବେଦଜ୍ଞାନ ବ୍ୟତୀତ ଅନ୍ୟାନ୍ୟ ଶାସ୍ତ୍ରରୁ ମୁକ୍ତିର ସ୍ୱରୂପ ଜାଣିବା ସହଜସାଧ୍ୟ ନୁହେଁ । ବର୍ତ୍ତମାନ ସେମାନଙ୍କ ଅସମ୍ଭବ କଥାରୁ କିଛି ଶୁଣନ୍ତୁ......

ବିବେକସାର ୭୮ ପୃଷ୍ଠା— ମହାବୀର ଯେତେବେଳେ ଜନ୍ମ ହେଲେ ତାଙ୍କୁ ଏକକୋଟି ଷାଠିଏ ଲକ୍ଷ କଳସ ଜଳରେ ସ୍ନାନ କରାଇ ଦିଆଯାଇଥିଲା । ପୁଣି ୧୩୬ ପୃଷ୍ଠା— ଦଶାର୍ଣ୍ଣ ରାଜା ମହାବୀରଙ୍କୁ ଦର୍ଶନ କରିବାପାଇଁ ଯାଇଥିଲେ । ସେଠାରେ ସେ ଅଭିମାନ କଲେ । ତାଙ୍କ ଅଭିମାନକୁ ଦୂର କରିବାପାଇଁ ୧୬୭୭୭୨ ୧୬୦୦୦ ସଂଖ୍ୟକ ବ୍ୟକ୍ତି ଇନ୍ଦ୍ରରୂପରେ ଓ ୧୩୩୬୦୫ ୭୨ ୮୦୦୦୦୦୦୦୦ ବ୍ୟକ୍ତି ଇନ୍ଦ୍ରାଣୀରୂପେ ଆସି ଉପସ୍ଥିତ ହେଲେ । ଏ ସବୁ ବ୍ୟାପାର ଦେଖି ଦଶାର୍ଣ୍ଣରାଜା ବିସ୍ମୟାଭିଭୂତ ହୋଇ ପଡ଼ିଲେ ।

ସମୀକ୍ଷକ:- ଏବେ ପାଠକମାନେ ବିଚାରକରି ଦେଖନ୍ତୁ ଏତେ ସଂଖ୍ୟକ ଇନ୍ଦ୍ର ଓ ଇନ୍ଦ୍ରାଣୀ ଠିଆହେବାପାଇଁ କେତେ ସ୍ଥାନ ଆବଶ୍ୟକ ହୋଇଥିବ ? ଶ୍ରାଦ୍ଧଦିନ କୃତ୍ୟ " ଆତ୍ମ ନିନ୍ଦା ଭାବନା " ୩୧ ପୃଷ୍ଠାରେ ଲିଖିତ ଅଛି.କୂଅ.ପୋଖରୀ ଓ ବାଓ୍ୱ ପ୍ରଭୃତି ଜଳାଶୟ

ଖୋଳାଇବା ଉଚିତ ନୁହେଁ ।

ସମୀକ୍ଷକ:- ସମସ୍ତେ ଯଦି ଜୈନଧର୍ମ ଗ୍ରହଣ କରି କୂଅ.ପୋଖରୀ.ବାଓ୍ୱ ପ୍ରଭୃତି ଖୋଳାଇବେ ନାହିଁ, ତେବେ ସମସ୍ତେ ପିଇବାପାଇଁ ପାଣି ଆଣିବେ କେଉଁଠାରୁ ?

ପ୍ରଶ୍ନ- ପୋଖରୀ ପ୍ରଭୃତି ଖୋଳାଇବାଦ୍ୱାରା ତହିଁରେ ଜୀବମାନେ ପଡ଼ି ମରିଯିବେ । ତଦ୍ଦ୍ୱାରା ଖୋଳାଇବା ଲୋକ ପାପଭାଗୀ ହୁଏ । ଏଣୁ ଜୈନୀମାନେ ଏପରି କାର୍ଯ୍ୟ କରନ୍ତି ନାହିଁ । ଏହା କଣ ଠିକ୍ ନୁହେଁ ?

ଉତ୍ତର:- ତୁମର ବୁଦ୍ଧି କଣ ନଷ୍ଟ ହୋଇଛି ? କ୍ଷୁଦ୍ରାତିକ୍ଷୁଦ୍ର ଜୀବମାନେ ତହିଁରେ ପଡ଼ିଲେ ପାପ ହେବ ବୋଲି ମନେ କରୁଛ । କିନ୍ତୁ ଗୋରୁଗାଈ.ମନୁଷ୍ୟାଦି ଜୀବମାନଙ୍କୁ ସ୍ନାନ.ପାନପାଇଁ ଜଳ ଯୋଗାଉଥିବାରୁ ତତୋଽଧିକ ପୁଣ୍ୟ ଲାଭ ହୁଏ.ଏହା କାହିଁକି ବିଚାରକୁ ନେଉନାହିଁ ?

ତତ୍ତ୍ୱବିବେକ ୧୯୬ ପୃଷ୍ଠା— ଏହି ନଗରୀରେ ନନ୍ଦ ମଣିକାର ସେଠ.ବାଓ୍ୱୀ ତିଆରି କରିବାରୁ ଧର୍ମ ନଷ୍ଟ ହେଲା । ଫଳରେ ସେ ଷୋଡ଼ଶପ୍ରକାର ମହାରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲା । ତାପରେ ସେ ସେହି ବାଓ୍ୱୀରେ ବେଙ୍ଗ ହୋଇ ଜନ୍ମ ହେଲା । ପରେ ସେହି ବେଙ୍ଗ ମହାବୀରଙ୍କୁ ଦର୍ଶନ କଲାରୁ ତାର ପୂର୍ବଜନ୍ମ କର୍ମ ମନେ ପଡ଼ିଲା । ମହାବୀର କହନ୍ତି..... ମୋର ଆସିବାର ଦେଖି ପୂର୍ବଜନ୍ମରେ ମୁଁ ତାହାର ଧର୍ମାଚାର୍ଯ୍ୟ ଥିବା କଥା ସେ ଜାଣିପାରିଲା । ତାପରେ ମୋର ବନ୍ଦନା କରିବାକୁ ଲାଗିଲା । ରାସ୍ତାରେ ଶ୍ରେଣୀକଙ୍କ ଘୋଡ଼ାର ଟାପୁରେ ମରିଯାଇ ଶୁଭ ଧ୍ୟାନ ଯୋଗ ହେତୁ ଦର୍ଦ୍ଦୁରାଙ୍କ ନାମକ ମହର୍ଦ୍ଧିକ ଦେବତା ହେଲା ।

ସମୀକ୍ଷକ:- ଏହି ମହାବୀର ବିଦ୍ୟାବିରୁଦ୍ଧ.ଅସମ୍ଭବ.ମନଗଢ଼ା କଥା କହିଛନ୍ତି । ତେଣୁ ତାଙ୍କୁ ସର୍ବୋତ୍ତମ ବୋଲି ବିଚାରିବା ଠିକ୍ ନୁହେଁ । ଶ୍ରାଦ୍ଧଦିନ କୃତ୍ୟ ୩୬ ପୃଷ୍ଠା ସପ୍ତମ ଧାଡ଼ିରେ ଉଲ୍ଲେଖ ଅଛି ଯେ, ମୁର୍ଦ୍ଦାର ବସ୍ତ୍ର ସାଧୁ ଲୋକ ନେଇଯିବେ ।

ସମୀକ୍ଷକ:- ଦେଖନ୍ତୁ ! ଏମାନଙ୍କର ସାଧୁମାନେ ମହାବ୍ରାହ୍ମଣ ସଦୃଶ ହୋଇଗଲେ ।ସାଧୁମାନେ ତ ବସ୍ତ୍ର ନେବେ, ମୃତବ୍ୟକ୍ତିର ଅଳଙ୍କାରମାନ କିଏ ନେବ ? ବହୁମୂଲ୍ୟ ହୋଇଥିବାରୁ ଘରେ ଯଦି ରଖିନିଅନ୍ତି ତେବେ ଏମାନେ କଣ କରିବେ ? ରତ୍ନସାର ୧୦୫

ପୃଷ୍ଠା— ଭୁଞ୍ଜିବା, କୁଟିବା,ପେଷିବା ଓ ଅନ୍ନ ରାନ୍ଧିବା ଏସବୁ କାମରେ ପାପ ହୁଏ ।

ସମୀକ୍ଷକ:- ଏମାନଙ୍କର ମୂର୍ଖତାକୁ ଦେଖନ୍ତୁ । ଏସବୁ କର୍ମ କରା ନ ଗଲେ ମନୁଷ୍ୟ ପ୍ରଭୃତି ପ୍ରାଣୀମାନେ ବଞ୍ଚିବେ କିପରି ? ଜୈନୀମାନେ ମଧ୍ୟ ପୀଡ଼ିତ ହୋଇ ମରିଯିବେ ନାହିଁ କି ?

ରତ୍ନସାର ୧୦୪ ପୃଷ୍ଠା— ବଗିଚ୍ଚା କରିବାଦ୍ୱାରା ମାଳୀକୁ ଏକଲକ୍ଷ ପାପଲାଗେ ।

ସମୀକ୍ଷକ:- ବଗିଚ୍ଚାକରିବାଦ୍ୱାରା ମାଳୀକୁ ଯଦି ଲକ୍ଷେ ପାପ ଲାଗେ,ତେବେ ଅନେକାନେକ ଜୀବ ପତ୍ର,ଫୁଲ,ଫଳ, ଓ ଛାୟାଦ୍ୱାରା ବିଶେଷ ଆନନ୍ଦିତ ହୁଅନ୍ତି, ତେଣୁ କୋଟି କୋଟି ଗୁଣରେ ପୁଣ୍ୟ ଲାଭ ମଧ୍ୟ ହୁଏ । ପୁଣ୍ୟ ହୁଏ ବୋଲି ଚିନ୍ତା ସୁଦ୍ଧା ନ କରିବା ପରିତାପର ବିଷୟ ନୁହେଁ କି ?

ତତ୍ତ୍ୱବିବେକ ୨୦୨ ପୃଷ୍ଠା— ଦିନେ ଲବ୍ଧି ନାମକ ଜନୈକ ଜୈନ ସାଧୁ ଭୁଲ୍‌ରେ ଏକ ବେଶ୍ୟାଘରକୁ ଚାଲିଯାଇ ଧର୍ମ ନାମରେ ଭିକ୍ଷା ମାଗିଲେ । ବେଶ୍ୟା କହିଲା..... ଏଠାରେ ଧର୍ମର କିଛି କାମନାହିଁ, ଅଛି କେବଳ ଅର୍ଥର କାମ । ତାହା ଶୁଣି ସେହି ସାଧୁ ସାଢ଼େ ବାରଲକ୍ଷ ସ୍ୱର୍ଣ୍ଣମୁଦ୍ରା ତା ଘରେ ବୃଷ୍ଟି କରିଦେଲେ ।

ସମୀକ୍ଷକ:- ଏ କଥାରେ ସାମାନ୍ୟ ମାତ୍ରାରେ ମଧ୍ୟ ସତ୍ୟତା ନାହିଁ । ତେଣୁ ବୁଦ୍ଧିମାନ୍ ବ୍ୟକ୍ତି ଏହାକୁ ସତ ବୋଲି ବିଚାର କରିବା ଉଚିତ ନୁହେଁ । ରତ୍ନସାର ପ୍ରଥମଭାଗ ୬୭ ପୃଷ୍ଠା---ଗୋଟିଏ ଘୋଡ଼ା ଉପରେ ଚଢ଼ିଥିବା ଏକ ପାଷାଣ ମୂର୍ତ୍ତିର ଅତ୍ୟନ୍ତ ମହିମାଥିଲା । ତାଙ୍କୁ ଯେଉଁଠି ସ୍ମରଣ କଲେ ସେ ସେଠାରେ ପହଞ୍ଚିଯାଇ ବିପଦରୁ ରକ୍ଷା କରୁଥିଲା ।

ସମୀକ୍ଷକ:- ହେ ଜୈନମାନେ ! ଏବେ ତ ଚୋରି,ଡ଼କାୟତି, ଶତ୍ରୁଭୟ ପ୍ରଭୃତି ଅନେକ ଆପଦ ବିପଦ ଅଛି । ତେଣୁ ତୁମର ସେହି ଦେବତାଙ୍କୁ ଡାକି ରକ୍ଷା ପାଉନାହଁ କାହିଁକି ? ଅଯଥାରେ ପୋଲିସ୍,କୋର୍ଟର ଆଶ୍ରୟ ନେଇ ହଇରାଣ ହେଉଛ କାହିଁକି ? ଜୈନ ସାଧୁମାନଙ୍କର ଲକ୍ଷଣ.......

ସରଜୋ ହରଣା ଭୈକ୍ଷଭୁଜୋ ଲୁଞ୍ଚିତ ମୂର୍ଦ୍ଧଜାଃ ।
ଶ୍ୱେତାମ୍ବରାଃ କ୍ଷମାଶୀଳା ନିଃସଙ୍ଗା ଜୈନସାଧବଃ । ୧ ।
ଲୁଞ୍ଚିତାଃ ପିଚ୍ଛିକାହସ୍ତା ପାଣିପାତ୍ରା ଦିଗମ୍ବରାଃ ।

ଊର୍ଦ୍ଧ୍ୱାଶିନୋ ଗୃହେ ଦାତୁ ର୍ଦ୍ୱିତୀୟାଃ ସ୍ୟୁର୍ଜିନର୍ଷୟଃ । ୨ ।
ଭୁଙ୍କ୍ତେ ନ କେବଳଂ ନ ସ୍ତ୍ରୀଂ ମୋକ୍ଷମେତି ଦିଗମ୍ବରଃ ।
ପ୍ରାହୁରେଷାମୟଂ ଭେଦୋ ମହାନ୍ ଶ୍ୱେତାମ୍ବରୈଃ ସହ । ୩ ।

(ସର୍ବଦର୍ଶନ ସଂଗ୍ରହ- ଆର୍ହତ ଦର୍ଶନ)

ଜିନ ଦତ୍ତସୁରୀ ଏହି ଶ୍ଳୋକରେ ଜୈନ ସାଧୁମାନଙ୍କ ଲକ୍ଷଣ ସମ୍ପର୍କରେ କହିଛନ୍ତି- - ସରଜୋହରଣ- ଚମରୀ ରଖିବା,ଭିକ୍ଷାମାଗି ଖାଇବା,ଶିରକେଶ ଉପାଡ଼ିଦେବା,ଶ୍ୱେତବସ୍ତ୍ର ଧାରଣ କରିବା,କ୍ଷମାଶୀଳ ହେବା,ଓ କାହାର ସଙ୍ଗ ନ କରିବା ଏସବୁ ଲକ୍ଷଣଯୁକ୍ତ ଜୈନଙ୍କୁ ଶ୍ୱେତାମ୍ବର ସାଧୁ କୁହାଯାଏ । ୧ । ଦିଗମ୍ବର ଅର୍ଥାତ୍ ବସ୍ତ୍ର ଧାରଣ ନ କରିବା, ଶିର କେଶ ଉପାଡ଼ି ଦେବା , ପିଚ୍ଛିକା-ଏକ ପଶମ ସୂତାର ଝାଡୁ ଅଣ୍ଟାରେ ରଖିବା, କେହି ଭିକ୍ଷାଦେଲେ ହାତରେ ଧରି ଖାଇ ଦେବା ପ୍ରଭୃତି ଏହି ଲକ୍ଷଣଯୁକ୍ତ ସାଧୁଙ୍କୁ ଦିଗମ୍ବର ଦ୍ୱିତୀୟ ପ୍ରକାର ସାଧୁ କୁହାଯାଏ । ଆଉ ଏକ ପ୍ରକାର ସାଧୁ ଅଛନ୍ତି ଯେଉଁମାନେ କି ଗୃହସ୍ଥ ବ୍ୟକ୍ତି ଭୋଜନ କରିସାରିବା ପରେ ନିଜେ ଭୋଜନ କରନ୍ତି , ସେମାନଙ୍କୁ ଜିନର୍ଷି ବା ତୃତୀୟ ପ୍ରକାର ସାଧୁ କୁହାଯାଏ । ୨। ଦିଗମ୍ବର ଓ ଶ୍ୱେତାମ୍ବରଙ୍କ ମଧ୍ୟରେ ପାର୍ଥକ୍ୟ ହେଉଛି ଦିଗମ୍ବରମାନେ ସ୍ତ୍ରୀ ସଂସ୍ପର୍ଶ କରନ୍ତି ନାହିଁ , କିନ୍ତୁ ଶ୍ୱେତାମ୍ବରମାନେ ସ୍ତ୍ରୀ ସଂସ୍ପର୍ଶ କରନ୍ତି । ଏସବୁ କାର୍ଯ୍ୟଦ୍ୱାରା ମୁକ୍ତି ମିଳେ । ୩ । ଜୈନ ସାଧୁମାନଙ୍କର କେଶ ଉପାଡ଼ି ଦେବା ରୀତି ବେଶ୍ ପ୍ରସିଦ୍ଧ । ଅନ୍ୟୂନ ପାଞ୍ଚମୁଠା ବାଳ ଉପାଡ଼ି ଦେବା ବିଧି ରହିଛି । ବିବେକସାର ୨୧୬ ପୃଷ୍ଠାରେ କୁହାଯାଇଛି ଯେ , କୌଣସି ବ୍ୟକ୍ତି ନିଜ ମୁଣ୍ଡରୁ ପାଞ୍ଚମୁଠା ବାଳ ଉପାଡ଼ିଦେଲେ ସେ ସାଧୁ ଶ୍ରେଣୀଭୁକ୍ତ ହୋଇଯାଆନ୍ତି । କଳ୍ପସୂତ୍ର ଭାଷ୍ୟ ୧୦୮ ପୃଷ୍ଠା (୨୨ଶ ସମାଚାରୀ) ସାଧୁମାନଙ୍କର ଗୋଲାପ୍ତ୍ର ତୁଲ୍ୟ ବାଳମାତ୍ର ରଖି ଅବଶିଷ୍ଟ ସବୁ ବାଳ ଉପାଡ଼ି ଦେବାକୁ ହେବ ।

ସମୀକ୍ଷକ:- ଏବେ ଜୈନୀମାନେ କୁହ ଦେଖି ! ତୁମ୍ଭମାନଙ୍କର ଦୟାଧର୍ମ ରହିଲା କେଉଁଠି ? ନିଜ ହାତରେ ନିଜର ବାଳ ଉପାଡନ୍ତୁ , ଗୁରୁ ଅଥବା ଅନ୍ୟ କେହି ଉପାଡ଼ନ୍ତୁ ସେଥିରେ ଜୀବକୁ କେତେ କଷ୍ଟ ହେଉ ନ ଥିବ ? ଜୀବକୁ କଷ୍ଟ ଦେବାର ନାମ ହେଉଛି ହିଂସା ।

ତେଣୁ ଏହାକୁ ହିଂସାତ୍ମକ କାର୍ଯ୍ୟ କୁହାଯିବ । ବିବେକସାର ୭/୮ ପୃଷ୍ଠାରେ କୁହାଯାଇଛି ..... ୧୭୩୩ ସମ୍ବତ୍‌ରେ ଶ୍ୱେତାମ୍ବରଙ୍କ ମଧ୍ୟରୁ ଢୁଣ୍ଡିଆ ଓ ଢୁଣ୍ଢିଆଙ୍କମଧ୍ୟରେ ତେରପନ୍ଥୀ ନାମରେ ପାଖଣ୍ଡୀ ସୃଷ୍ଟି ହେଲେ । ଢୁଣ୍ଢିଆମାନେ ପାଷାଣାଦି ମୂର୍ତ୍ତିକୁ ମାନିଲେ ନାହିଁ । ଏମାନେ ସ୍ନାନ ଓ ଭୋଜନ ସମୟ ବ୍ୟତୀତ ଅନ୍ୟସବୁ ସମୟରେ ମୁହଁ ଉପରେ ଏକ କନାରପଟି ବାନ୍ଧିଥାଆନ୍ତି । ଯତିମାନେ ପୁସ୍ତକ ଅଧ୍ୟୟନ କରିବା ସମୟରେ ମଧ୍ୟ ସେପରି ପଟି ବାନ୍ଧିଥାନ୍ତି । ଅନ୍ୟ ସମୟରେ ଏହାକୁ ରଖନ୍ତି ନାହିଁ ।

ପ୍ରଶ୍ନ- ମୁଖରେ ଅବଶ୍ୟ ପଟି ବାନ୍ଧିବା ଆବଶ୍ୟକ । କାରଣ " ବାୟୁ କାୟ " ଅର୍ଥାତ୍‌ବାୟୁମଣ୍ଡଳରେ ଯେଉଁ ସୂକ୍ଷ୍ମ ଶରୀର ବିଶିଷ୍ଟ ଜୀବମାନେ ରହନ୍ତି , ସେମାନଙ୍କ ଦେହରେ ମୁଖର ଉଷ୍ଣ ବାଷ୍ପ ଲାଗିଲେ ସେମାନେ ମରିଯାଆନ୍ତି । ଯେଉଁମାନେ ମୁହଁରେ ପଟି ବାନ୍ଧନ୍ତି ନାହିଁ ସେମାନଙ୍କୁ ଜୀବ ହତ୍ୟା ଜନିତ ପାପଲାଗେ । ଏହା କଣ ଠିକ୍ ନୁହେଁ ?

ଉତ୍ତରଃ- ଏକଥା ବିଦ୍ୟା ଓ ପ୍ରତ୍ୟକ୍ଷାଦି ପ୍ରମାଣ ଦୃଷ୍ଟିରୁ ଅଯୌକ୍ତିକ ଅଟେ । କାରଣ ଜୀବ ହେଉଛି ଅଜର ଓ ଅମର । ମୁଖର ଉଷ୍ଣ ବାଷ୍ପଦ୍ୱାରା ସେମାନେ କଦାପି ମରନ୍ତି ନାହିଁ । ଏମାନଙ୍କୁ ତୁମ୍ଭେମାନେ ମଧ୍ୟ ଅଜର,ଅମର ବୋଲି ସ୍ୱୀକାର କରିଛ ।

ପ୍ରଶ୍ନ- ଜୀବ ମରେ ନାହିଁ , ଏହା ଅବଶ୍ୟ ସତ୍ୟ । କିନ୍ତୁ ମୁଖର ଉଷ୍ଣ ବାଷ୍ପ ଦ୍ୱାରା ତାକୁ ପୀଡ଼ା ହୁଏ ।ତେଣୁ ପୀଡ଼ା ଦେଉଥିବା ଲୋକ ପାପଭାଗୀ ହୁଏ । ଏଣୁ ମୁହଁ ଉପରେ ପଟି ବାନ୍ଧିବା ଅତ୍ୟନ୍ତ ଆବଶ୍ୟକ ।

ଉତ୍ତରଃ- ଏହି ଯୁକ୍ତି ମଧ୍ୟ ଠିକ୍‌ନୁହେଁ । କାରଣ କାହାକୁ କୌଣସି ପ୍ରକାର ପୀଡ଼ା ନ ହେଲେ ଜଗତରେ କୌଣସି କାର୍ଯ୍ୟ ହୋଇ ପାରିବ ନାହିଁ । ତୁମ ମତରେ ମୁଖଦ୍ୱାରା ଯଦି ଜୀବକୁ ପୀଡ଼ା ହେଉଛି,ତେବେ ଚଲାବୁଲା କରିବା,ବସିବା,ହାତ ହଲାଇବା, ଆଖି ଖୋଲିବାଦ୍ୱାରା,ଅଧିକ କଷ୍ଟ ହେଉଥିବ । ତେଣୁ ଜୀବକୁ ପୀଡ଼ା ନ ଦେଇ କେହି କେବେ ରହିପାରିବେ ନାହିଁ ।

ପ୍ରଶ୍ନ- ଅବଶ୍ୟ ସତ୍ୟ,କିନ୍ତୁ ଯେତେଦୂର ସମ୍ଭବ ଜୀବକୁ କଷ୍ଟ ଦେବା ଉଚିତ ନୁହେଁ । ଯାହା ଶକ୍ତିସାମର୍ଥ୍ୟର ବାହାରେ ସେଠାରେ ଜୀବ ପୀଡ଼ା ପାଆନ୍ତୁ । ବାୟୁ ଆଦିରେ ଜୀବ

ପୂର୍ଣ୍ଣମାତ୍ରାରେ ରହିଛନ୍ତି । ମୁହଁରେ ପଟି ନ ବାନ୍ଧିଲେ ଅନେକ ଜୀବ ନଷ୍ଟ ହେବେ । ଆବରଣ ଦେଲେ ମୃତ୍ୟୁସଂଖ୍ୟା ନିଶ୍ଚୟ କମ୍ ହେବ ।

ଉତ୍ତରଃ- ତୁମର ଏ ପ୍ରକାର କଥା ମଧ୍ୟ ଯୁକ୍ତିହୀନ । କାରଣ ମୁହଁରେ ଲୁଗାପଟି ବାନ୍ଧିବାଦ୍ୱାରା ଜୀବକୁ ଅଧିକ କଷ୍ଟ ହୁଏ । ଯଦି କୌଣସି ବ୍ୟକ୍ତି ନିଜ ମୁଖରେ କପଡ଼ା ବାନ୍ଧିରଖେ,ତେବେ ତାର ମୁଖର ବାୟୁ ରୁଦ୍ଧ ହୋଇ ନିମ୍ନ ଓ ପାର୍ଶ୍ୱ ଦେଶରେ,ପୁଣି ମୌନଥିବା ସମୟରେ ନାସିକାରେ ଠୁଳ ହୋଇ ଦ୍ରୁତ ବେଗରେ ବହିର୍ଗତ ହୁଏ । ଏହାଦ୍ୱାରା ଉଷ୍ଣତା ଅଧିକ ହୋଇ ତୁମ ମତ ଅନୁସାରେ ଜୀବକୁ ଅଧିକ ପୀଡ଼ା ଦିଏ ।ଯେପରି ଘର ବା କୋଠରୀର ଦରଜା ସବୁ ବନ୍ଦ କରିଦେଲେ କିମ୍ବା ପରଦା ପକାଇ ଦେଲେ ସେ ଘରେ ଅଧିକ ଉଷ୍ଣତା ଜାତ ହୁଏ, କିନ୍ତୁ ଘର ଖୋଲା ରହିଲେ ବାୟୁ ସେତେ ଉଷ୍ଣ ରହେ ନାହିଁ । ସେହିପରି ମୁହଁରେ ଲୁଗା ବାନ୍ଧିଲେ ଶରୀରର ବାୟୁ ଅଧିକ ଉଷ୍ଣ ହୋଇଯାଏ,କିନ୍ତୁ ଖୋଲାଥିଲେ ସେତେ ଉଷ୍ଣ ହୁଏ ନାହିଁ । ଏଣୁ ତୁମର ମତାନୁସାରେ ମୁହଁରେ ପଟି ବାନ୍ଧିବାଦ୍ୱାରା ଜୀବକୁ ବିଶେଷ କଷ୍ଟ ହେଉଥିବ । ମୁଖ ଯଦି ବନ୍ଦ କରିଦିଆଯାଏ ତେବେ ସେହି ରୁଦ୍ଧବାୟୁ ନାସିକା ରନ୍ଧ୍ରବାଟେ ଜୋର୍‌ରେ ବେଗରେ ବାହାରେ,ତଦ୍ଦ୍ୱାରା କ୍ଷୁଦ୍ରଜୀବମାନଙ୍କୁ ଅଧିକ ଧକ୍କା ଲାଗେ ଓ ଅଧିକ ପୀଡ଼ା ହୁଏ । ଜଣେ ଲୋକ ନିଆଁକୁ ମୁହଁରେ ଫୁଙ୍କେ ତ ଅନ୍ୟ କେହି ନଳିରେ ଫୁଙ୍କେ । ଖାଲି ମୁହଁରେ ଫୁଙ୍କିଲେ ବାୟୁ ବିସ୍ତୃତ ହେବାରୁ ନିଆଁରେ କମ୍ ଲାଗେ,କିନ୍ତୁ ନଳିରେ ଫୁଙ୍କିବା ବାୟୁ ସଙ୍କୀର୍ଣ୍ଣ ରନ୍ଧ୍ରରେ ରୁଦ୍ଧ ହୋଇ ଯିବାଦ୍ୱାରା ଅଧିକ ଜୋର୍‌ରେ ନିଆଁରେ ଲାଗେ । ସେହିପରି ମୁହଁରେ ପଟି ବାନ୍ଧିଲେ ନାସିକା ମାର୍ଗରେ ଅଧିକ ଜୋର୍‌ରେ ଉଷ୍ଣବାୟୁ ବହିର୍ଗତ ହୁଏ ଓ ଜୀବ ଅଧିକ କଷ୍ଟ ପାଏ । ଏଣୁ ମୁହଁରେ ପଟି ବାନ୍ଧିବା ଲୋକ ଅପେକ୍ଷା ପଟି ନ ବାନ୍ଧିବାଲୋକ ଅଧିକ ଅହିଂସକ ବା ଧାର୍ମିକ ହୋଇଥାଏ । ମୁହଁ ବନ୍ଦକରି ପଢ଼ିଲେ ଅକ୍ଷରଗୁଡ଼ିକର ଯଥାଯୁକ୍ତ ସ୍ଥାନ ଯତ୍ନର ସହିତ ଉଚ୍ଚାରିତ ହୋଇପାରେ ନାହିଁ । ଦ୍ୱିତୀୟତଃ ନିରନୁନାସିକ ଅକ୍ଷରଗୁଡ଼ିକ ସାନୁନାସିକ ରୂପେ ଉଚ୍ଚାରିତ ହେଉଥିବାରୁ ତଦ୍ଦ୍ୱାରା ମଧ୍ୟ ଦୋଷ ହୁଏ । ସର୍ବଦା ମୁହଁରେ ପଟି ବାନ୍ଧିବାଦ୍ୱାରା ମୁଖରେ ଅଧିକ ଦୁର୍ଗନ୍ଧ ଜାତ ହୁଏ । ଶରୀର ଭିତରେ ଦୁର୍ଗନ୍ଧ ବାୟୁ ଯଥେଷ୍ଟ ପରିମାଣରେ ଥାଏ । ଶରୀରରୁ ଯେଉଁ ବାୟୁ ବହିର୍ଗତ ହୁଏ ତାହା ଦୁର୍ଗନ୍ଧଯୁକ୍ତ

ଥିବା ପ୍ରତ୍ୟକ୍ଷରେ ଅନୁଭବ କରାଯାଏ । ସେହି ବାୟୁକୁ ପୁଣି ଯଦି ରୁଦ୍ଧ କରାଯାଏ ତେବେ ତାହା ସ୍ୱାଭାବିକଭାବେ ଅଧିକ ଦୁର୍ଗନ୍ଧଯୁକ୍ତ ହୋଇଥାଏ । ପାଇଖାନାକୁ ଯଦି ରୁଦ୍ଧ ରଖାଯାଏ ତେବେ ଅଧିକ ଦୁର୍ଗନ୍ଧଯୁକ୍ତ ହୁଏ, କିନ୍ତୁ ଖୋଲାରଖିଲେ ଅପେକ୍ଷାକୃତ ଦୁର୍ଗନ୍ଧ କମ୍ ହୋଇଥାଏ । ସେହିପରି ମୁହଁକୁ ବାନ୍ଧି ରଖିବା,ଦାନ୍ତ ନ ଘଷିବା, ମୁହଁ ନ ଧୋଇବା, ସ୍ନାନ ନ କରିବାଦ୍ୱାରା ଶରୀରରୁ ଅଧିକ ଦୁର୍ଗନ୍ଧଜାତହୋଇ ସଂସାରରେ ନାନାପ୍ରକାରର ରୋଗ ଜାତ ହୁଏ । ସେହି ରୋଗ ସଂକ୍ରମିତ ହୋଇ ସମାଜରେ ବ୍ୟାପିଯାଏ । ଫଳରେ ତୁମ୍ଭେ ନିଜେତ କଷ୍ଟପାଅ, ପୁଣି ନିଜକଷ୍ଟରୁ ଅନ୍ୟମାନଙ୍କୁ ମଧ୍ୟ କିଛି କିଛି ବାଣ୍ଟିଦିଅ । ଏହାଦ୍ୱାରା ତୁମ୍ଭର ମହାପାପ ହୁଏ । ଯେପରି ମେଳା ପ୍ରଭୃତିରେ ଅଧିକ ଦୁର୍ଗନ୍ଧ ହେବାଦ୍ୱାରା "ବିସୂଚିକା" ଅର୍ଥାତ୍ ହଇଜାଦି ଅନେକ ପ୍ରକାରର ରୋଗ ଉତ୍ପନ୍ନ ହୋଇ ଜୀବମାନଙ୍କ ପକ୍ଷରେ ଦୁଃଖଦାୟକ ହୋଇଥାଏ । ଦୁର୍ଗନ୍ଧ କମ୍ ହେଲେ ରୋଗମଧ୍ୟ କମ୍ ହୋଇ ଜୀବମାନଙ୍କୁ ଅଧିକ ଦୁଃଖ ଦେଇ ନ ଥାଏ । ଯେଉଁମାନେ ଅଧିକ ଦୁର୍ଗନ୍ଧଜାତ କରନ୍ତି ସେମାନେ ଅଧିକ ଅପରାଧୀ ହୋଇଥାନ୍ତି । ଯେଉଁମାନେ ମୁହଁରେ ଲୁଗା ବାନ୍ଧନ୍ତି ନାହିଁ,ଦନ୍ତ ଧାବନ,ମୁଖ ପ୍ରକ୍ଷାଳନ,ସ୍ନାନ ଇତ୍ୟାଦିକରି ସ୍ଥାନ,ବସ୍ତ୍ର ଓ ଶରୀରକୁ ଶୁଦ୍ଧପୂତ ରଖନ୍ତି ସେମାନେ ଅଧିକ ଧାର୍ମିକରୂପେ ବିବେଚିତ ହୋଇଥାନ୍ତି । ଦୁର୍ଗନ୍ଧଯୁକ୍ତ ଅନ୍ତ୍ୟଜମାନଙ୍କଠାରୁ ଦୂରେଇ ରହୁଥିବା ବ୍ୟକ୍ତି ବହୁଗୁଣରେ ଭଲ । ଯେଉଁମାନେ ଦୁର୍ଗନ୍ଧଯୁକ୍ତ ଅନ୍ତ୍ୟଜମାନଙ୍କ ସହିତ ବସବାସ କରନ୍ତି ସେମାନେ ରୁଗ୍ଣ ହେବା ସଙ୍ଗେ ସଙ୍ଗେ ବୁଦ୍ଧିହୀନ ମଧ୍ୟ ହୋଇଥାନ୍ତି । ରୋଗର ବହୁଳତା ଓ ବୁଦ୍ଧିର ନ୍ୟୁନତାହେଲେ କୌଣସି ଧର୍ମାନୁଷ୍ଠାନ କରାଯାଇପାରେ ନାହିଁ । ସେହିପରି ଦୁର୍ଗନ୍ଧଯୁକ୍ତ ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ସଙ୍ଗରେ ରହୁଥିବା ଲୋକଙ୍କର ବିଦ୍ୟାବୁଦ୍ଧି କିଛି ହେଉନାହିଁ । ଏହାଦ୍ୱାରା ଧର୍ମାନୁଷ୍ଠାନରେ ମଧ୍ୟ ବାଧା ସୃଷ୍ଟି ହେଉଛି ।

ପ୍ରଶ୍ନ- ଯେପରି ରୁଦ୍ଧ ଗୃହରେ ଅଗ୍ନି ଜଳିଲେ ମଧ୍ୟ ଅଗ୍ନିର ଜ୍ୱାଳା ବାହାରକୁ ଯାଇପାରେ ନାହିଁ କିମ୍ବା ବାହାର ଜୀବମାନଙ୍କୁ ବାଧା ଦିଏ ନାହିଁ, ସେହିପରି ମୁହଁର ବାୟୁକୁ ରୁଦ୍ଧ କରିବାଦ୍ୱାରା ଆମର ବାୟୁ ବାହାର ଜୀବଙ୍କୁ ପୀଡ଼ା ଦେଉନାହିଁ । ମୁଖ ବନ୍ଦକରିବାଦ୍ୱାରା ବାହାର ବାୟୁରେ ଥିବା ଜୀବମାନଙ୍କୁ ପୀଡ଼ା ହୁଏ ନାହିଁ, ଯେପରି ସମ୍ମୁଖରେ ଜଳୁଥିବା ଅଗ୍ନି ତାପ ବନ୍ଦ କରିବାପାଇଁ ହାତ ଦେଇଦେଲେ ତାହା କମିଯାଏ,ସେହିପରି ପଟି ବାନ୍ଧିବା

ଫଳରେ ଉଷ୍ଣତା କମ୍ ହୁଏ । ବାୟୁରେ ଥିବା ଜୀବମାନେ ଶରୀରଧାରୀ ହୋଇଥିବାରୁ ସେମାନଙ୍କୁ ଅବଶ୍ୟ ପୀଡ଼ା ହୋଇଥାଏ ।

ଉତ୍ତରଃ- ଏହା ହେଉଛି ତୁମର ପିଲାକିଆ କଥା । ପ୍ରଥମତଃ ଯେଉଁ ଗୃହରେ କୌଣସି ଛିଦ୍ର ନାହିଁ, ଘର ଭିତରେଥିବା ବାୟୁର ବାହାର ବାୟୁ ସହିତ କୌଣସି ପ୍ରକାର ସମ୍ପର୍କ ନାହିଁ, ସେହି ଗୃହରେ ଅଗ୍ନି ଜଳିବା ସମ୍ଭବପର ନୁହେଁ । ପ୍ରତ୍ୟକ୍ଷ ପ୍ରମାଣ ଯଦି ଦେଖିବାକୁ ଚାହଁ,ତେବେ ଗୋଟିଏ ପାତ୍ର ମଧ୍ୟରେ ଦୀପଟିଏ ଜାଳି ସେହି ପାତ୍ରର ମୁହଁକୁ ବନ୍ଦ କରିଦିଅ,ଦେଖିବ ଦୀପଟି ଲିଭିଯିବ । ପୃଥିବୀରେ ବସବାସ କରିଥିବା ସମସ୍ତ ପ୍ରାଣୀ ବାହାର ବାୟୁ ସଂସ୍ପର୍ଶରେ ନ ଆସିଲେ ବଞ୍ଚି ରହିପାରିବେ ନାହିଁ, ସେହିପରି ବାୟୁ ସଂସ୍ପର୍ଶରେ ନ ଆସିଲେ ଅଗ୍ନି ଜଳି ପାରିବ ନାହିଁ । ଅଗ୍ନିଶିଖାକୁ ଗୋଟିଏ ପଟୁ ବନ୍ଦ କରିଦେଲେ ଅନ୍ୟପଟରେ ତାହା ଜୋରରେ ବହିର୍ଗତ ହୁଏ । ନିଆଁ ଉପରେ ହାତ ପ୍ରସାରଣ କରି ରଖିଲେ ନିଆଁ ତାପ ବାହାରକୁ ଲାଗେ ନାହିଁ ସତ, କିନ୍ତୁ ହାତରେ ଅଧିକ ତାପ ଲାଗେ ।

ପ୍ରଶ୍ନ-ଏହା ପ୍ରାୟ ସମସ୍ତେ ଜାଣନ୍ତି ଯେ, କୌଣସି ଛୋଟ ଲୋକ ଜଣେ ବଡ଼ ଲୋକ ସହିତ ଅତି ନିକଟରେ ବସି ବା କାନରେ କଥା କହିଲେ,ସେ ନିଜ ମୁହଁ ଆଗରେ ହାତରଖି କଥା କହେ । ଏହାଦ୍ୱାରା ସେହି ଲୋକ ଉପରେ ଛେପ ପଡ଼େ ନାହିଁ, କିମ୍ବା ଦୁର୍ଗନ୍ଧ ଯାଏ ନାହିଁ । ସେହିପରି ପୁସ୍ତକ ଅଧ୍ୟୟନ କରିବା ସମୟରେ ମୁହଁରୁ ଛେପ ଗ୍ରନ୍ଥ ଉପରେ ପଡ଼ି ପୁସ୍ତକ ଖରାପ ହୋଇଯାଏ । ଏହି ସବୁ କାରଣରୁ ମୁହଁରେ ପଟିବାନ୍ଧି ରଖିବା ଉଚିତ ।

ଉତ୍ତରଃ- ଜୀବ ରକ୍ଷାପାଇଁ ପଟି ବାନ୍ଧିବା ନିରର୍ଥକ ବୋଲି ପ୍ରତିପାଦିତ ହେଉଛି । ପୁଣି କୌଣସି ବ୍ୟକ୍ତି ସହିତ ଗୁପ୍ତ କଥାବାର୍ତ୍ତା ହେବା ସମୟରେ ମୁହଁରେ ହାତ ଦେବାକୁ ହୁଏ । ଯେପରି କି ସେହି କଥାକୁ ଅନ୍ୟ କେହି ଶୁଣିପାରିବେ ନାହିଁ । ଯଦି କେହି ପ୍ରକାଶ୍ୟ କଥା ସ୍ୱଚ୍ଛରୂପେ କହୁଥାଏ ତେବେ ସେ ମୁଖ ଆଗରେ ହାତରଖି କଥା କହେ ନାହିଁ ।ଗୁପ୍ତକଥା ପ୍ରକଟିତ ନ ହେବାପାଇଁ ଏପରି କରାଯାଇଥାଏ । ତୁମ୍ଭେ ଦନ୍ତଧାବନ ପ୍ରଭୃତି କାର୍ଯ୍ୟ କରୁନାହିଁ । ତେଣୁ ତୁମ ମୁହଁ ଓ ଦେହରୁ ଦୁର୍ଗନ୍ଧ ବାହାରୁଛି,ତାପାଇଁ ତୁମେ ଏପରି କହୁଛ । କଥା କହିବା ବେଳେ ମୁହଁ ଆଗରେ ହାତ ରଖିବାପାଇଁ ଏପରି ଅନ୍ୟାନ୍ୟ କାରଣ ଅନେକ ଅଛି । ଯେପରି କି ଅନେକ ଲୋକଙ୍କ ଆଗରେ ଗୁପ୍ତକଥା କହିବାକୁ ହେଲେ ମୁହଁ

ଆଗରେ ହାତକୁ ଆଡ଼କରି ନ ରଖିଲେ, ଅନ୍ୟାନ୍ୟ ଲୋକେ ସେହି ଗୁପ୍ତକଥାକୁ ଶୁଣି ପାରନ୍ତି,ଯେଣୁ ବାୟୁ ପ୍ରବାହରେ କଥାଟା ଚାରିଆଡ଼େ ପ୍ରସରିଯାଏ । ଯେତେବେଳେ ଦୁଇଜଣ ବ୍ୟକ୍ତି ଏକାନ୍ତରେ କଥାବାର୍ତ୍ତା ହୁଅନ୍ତି,ସେତେବେଳେ ମୁଖ ଆଗରେ ହାତ ଆଡ଼କରି ରଖିବା ଆବଶ୍ୟକ ହୁଏ ନାହିଁ, କାରଣ ସେତେବେଳେ ସେଠାରେ କଥାଶୁଣିବାପାଇଁ ତୃତୀୟବ୍ୟକ୍ତି ନ ଥାଏ । ବଡ଼ ଲୋକଙ୍କ ଉପରେ ଛେପ ଯେପରି ନ ପଡ଼େ ତାପାଇଁ ହାତକୁ ଆଡ଼କରି ରଖାଯାଏ । ତେବେକଣ ଛୋଟ ଲୋକଙ୍କ ଉପରେ ଛେପ ପକାଇବା ଉଚିତ ? ପୁଣି ମୁଖ ନିଃସୃତ ସେହି ଛେପରୁ ରକ୍ଷାପାଇବା କାହାରି ପକ୍ଷେ ସମ୍ଭବ ନୁହେଁ,ଯେଣୁ ଆମେ ଯେତେ ଦୂରରେ ରହି କଥା କହିଲେ ମଧ୍ୟ ବାୟୁଯୋଗରେ ଜଣେ ବ୍ୟକ୍ତିଠାରୁ ଅନ୍ୟବ୍ୟକ୍ତି ପର୍ଯ୍ୟନ୍ତ ତ୍ରସରେଣୁଦ୍ୱାରା ଚାଲିଯିବ । ଏହାକୁ ଦୋଷାବହ ବୋଲି କହିବା ମୂର୍ଖତା ବ୍ୟତୀତ ଅନ୍ୟକିଛି ନୁହେଁ । ପୁଣି ମୁଖର ଉଷ୍ଣତାରେ ଜୀବ ଯଦି ମରେ ବା ପୀଡ଼ା ପାଏ,ତେବେ ଗ୍ରୀଷ୍ମକାଳର ସୂର୍ଯ୍ୟଙ୍କ ମହାତାପରେ ବାୟୁକାୟ ଜୀବମାନେ ନିଶ୍ଚିହ୍ନ ହୋଇଯାଆନ୍ତେ, କିନ୍ତୁ କାହିଁ ସେପରିତ ହେଉନାହିଁ ।ତେଣୁ ମୁଖ ନିଃସୃତ ଉଷ୍ମତାରେ ମଧ୍ୟ କୌଣସି ଜୀବ ମରନ୍ତି ନାହିଁ । ଏଣୁ ତୁମର ଏ ସିଦ୍ଧାନ୍ତ ନିତାନ୍ତ ଅମୂଳକ । ଯଦି ତୁମର ତୀର୍ଥଙ୍କରମାନେ ପୂର୍ଣ୍ଣ ବିଦ୍ୱାନ୍ ହୋଇଥାନ୍ତେ, ତେବେ ଏପରି ଅନୁଃସାରଶୂନ୍ୟ କଥା କହି ନ ଥାନ୍ତେ । ପୁଣି ଦେଖଯେ, ସେହି ଜୀବମାନଙ୍କୁ କେବଳ ପୀଡା ହୁଏ, ଯେଉଁମାନଙ୍କ ସର୍ବାବୟବରେ ମନୋବୃତ୍ତି ବିଦ୍ୟମାନ ଥାଏ । ଏହାର ପ୍ରମାଣ ହେଉଛି.........

ପଞ୍ଚାବୟବ ଯୋଗାତ୍ ସୁଖସଂବିତ୍ତିଃ ।(ସାଂଖ୍ୟ ସୂତ୍ର ଅ-୫/ ସୂ-୨୭)

ଯେତେବେଳେ ପଞ୍ଚ ଇନ୍ଦ୍ରିୟର ପଞ୍ଚ ବିଷୟ ସହିତ ସମ୍ବନ୍ଧ ହୁଏ, ସେତେବେଳେ ଜୀବର ସୁଖ ବା ଦୁଃଖ ଜାତ ହୁଏ । ବଧିରକୁ ଗାଳିଦେବା,ଅନ୍ଧକୁ ରୂପ ଦେଖାଇବା,କିମ୍ବା ... ଆଗରେ ସର୍ପ ବ୍ୟାଘ୍ରାଦି ଭୟପ୍ରଦ ଜୀବ ଛାଡ଼ିଦେବା, ଶୂନ୍ୟକୁ ସ୍ପର୍ଶ, ପକ୍ଷାଘାତ ରୋଗୀକୁ ... ରୋଗୀପକ୍ଷରେ ଗନ୍ଧ,ଓ ଜିହ୍ୱାବିହୀନ ବ୍ୟକ୍ତି ପକ୍ଷରେ ରସ ଆସ୍ୱାଦନ ଯେପରି ବ୍ୟର୍ଥ, ସେହିପରି ଇନ୍ଦ୍ରିୟବିହୀନ ଜୀବର ସୁଖ-ଦୁଃଖ ଭୋଗ ଅସମ୍ଭବ । ଦେଖ ! ମନୁଷ୍ୟ ସୁଷୁପ୍ତି ଅବସ୍ଥାରେ ଏହା ସମୟରେ ସୁଖ-ଦୁଃଖ କିଛି ହୁଏ ନାହିଁ । କାରଣ ଆତ୍ମା ଯଦିଓ ଶରୀର ମଧ୍ୟରେ ଥାଏ, ତଥାପି ସେ ସମୟରେ ବାହ୍ୟେନ୍ଦ୍ରିୟ ସହିତ

ତାହାର କୌଣସି ସମ୍ବନ୍ଧ ନ ଥାଏ । ତେଣୁ ସୁଖ-ଦୁଃଖ ଅନୁଭବ କରିପାରେ ନାହିଁ । ପୁଣି ଯେପରି ବୈଦ୍ୟ ବା ଆଜିକାଲିର ଡାକ୍ତରମାନେ ରୋଗୀକୁ ନିଶାଦ୍ରବ୍ୟ ଶୁଙ୍ଘାଇ ଅଥବା ଖୁଆଇ ଦେଇ ତାହାର ଶରୀରରେ ଅସ୍ତ୍ର ପ୍ରୟୋଗ କରି ଚିରାଫଡ଼ା କଲେ ମଧ୍ୟ ସେ କୌଣସି ଦୁଃଖ ଅନୁଭବ କରିପାରେ ନାହିଁ । ପୁଣି ମୂର୍ଚ୍ଛିତ ପ୍ରାଣୀ ସୁଖ-ଦୁଃଖ ଜାଣି ପାରେ ନାହିଁ, ସେହିପରି ବାୟୁକାୟ ଅଥବା ଅନ୍ୟସ୍ଥାବର ଶରୀର ଜୀବକୁ ସୁଖ ବା ଦୁଃଖ ଅନୁଭୂତ ହୁଏ ନାହିଁ । ଯେପରି ମୂର୍ଚ୍ଛିତ ପ୍ରାଣୀ ସୁଖ-ଦୁଃଖ ଜାଣିପାରେ ନାହିଁ, ସେହିପରି ବାୟୁକାୟ ଜୀବ ଅତ୍ୟନ୍ତ ମୂର୍ଚ୍ଛିତ ହୋଇଥିବାରୁ ସେ ମଧ୍ୟ ସୁଖ-ଦୁଃଖ ଅନୁଭବ କରିପାରେ ନାହିଁ । ତେଣୁ ଏମାନଙ୍କୁ ପୀଡ଼ାରୁ ବଞ୍ଚାଇବା ପ୍ରଶ୍ନ ଉଠୁଛି କେଉଁଠୁ ?ଯେହେତୁ ସେମାନଙ୍କୁ ପ୍ରତ୍ୟକ୍ଷରେ ସୁଖ- ଦୁଃଖ ପ୍ରାପ୍ତି ହେଉନାହିଁ, ସେତେବେଳେ ଅନୁମାନାଦି ପ୍ରମାଣ ସେଠାରେ ଯୁକ୍ତିଯୁକ୍ତ ହୋଇପାରିବ ନାହିଁ ।

ପ୍ରଶ୍ନ- ସେମାନେ ଜୀବ ହୋଇଥିବାରୁ,ସୁଖ-ଦୁଃଖ ଭୋଗ ଅବଶ୍ୟ ହେଉଥିବ ?

ଉତ୍ତରଃ- ହେ ଅବୋଧ ଭାଇମାନେ ! ଶୁଣ, ତୁମେଯେତେବେଳେ ସୁଷୁପ୍ତି ଅବସ୍ଥାରେ ଥାଅ ସେତେବେଳେ ତୁମକୁ ସୁଖ ବା ଦୁଃଖ ବୋଧ ହୁଏ ନାହିଁ କାହିଁକି ? ଇନ୍ଦ୍ରିୟ ସହିତ ଆତ୍ମାର ସମ୍ବନ୍ଧ ହିଁ ସୁଖ- ଦୁଃଖ ଅନୁଭବର ପ୍ରଧାନ କାରଣ । ପୂର୍ବରୁ ଆମେ କହିଛୁଯେ, ଡାକ୍ତରମାନେ ନିଶା ଶୁଙ୍ଘାଇ ଶରୀରକୁ ଚିରାଫଡ଼ା କରିବା ସଙ୍ଗେ ସଙ୍ଗେ ଅଙ୍ଗ ଛେଦନ କରୁଥିଲେ ମଧ୍ୟ ତାଙ୍କୁ କୌଣସି ପୀଡ଼ା ବୋଧହୁଏ ନାହିଁ । ସେହିପରି ଅତି ମୂର୍ଚ୍ଛିତ ଜୀବମାନଙ୍କୁ ମଧ୍ୟ ସୁଖ ଦୁଃଖ ବୋଧ ହୁଏ ନାହିଁ । କାରଣ ସେତେବେଳେ ସେମାନଙ୍କ ଠାରେ ସୁଖ-ଦୁଃଖ ଅନୁଭୂତିର ସାଧନ ହିଁ ନ ଥାଏ ।

ପ୍ରଶ୍ନ- ଦେଖନ୍ତୁ ! ଆମ୍ଭେମାନେ ଯେତେଯେତେ ସବୁଜଶାଗ ଓ କନ୍ଦମୂଳ ପ୍ରଭୃତି ପଦାର୍ଥ ଅଛି ସେସବୁ ଖାଉନାହୁଁ । କାରଣ ସବୁଜ ଶାଗରେ ଅନେକ ଓ କନ୍ଦମୂଳରେ ଅନନ୍ତ ଜୀବ ରହିଥାନ୍ତି । ଯଦି ଆମେମାନେ ସେସବୁ ପଦାର୍ଥକୁ ଖାଇବୁ ତେବେ ଆମ୍ଭମାନଙ୍କୁ ଅସଂଖ୍ୟ ଜୀବହତ୍ୟା ପାପ ଲାଗିବ ?

ଉତ୍ତରଃ- ଏହେତୁ ତୁମର ଅଜ୍ଞାନତାର କାରଣ । ସବୁଜ ଶାଗ ଖାଇବାଦ୍ୱାରା ଜୀବର ମୃତ୍ୟୁ ବା ପୀଡ଼ା ହୁଏ , ବୋଲି ମାନୁଛ କାହିଁକି ? ତୁମକୁ ଯେଉଁ ପୀଡ଼ା ଜାଗେ ତାହ

ପ୍ରତ୍ୟକ୍ଷରେ ଦେଖାଯାଏ ନାହିଁ. ଯଦି ପ୍ରତ୍ୟକ୍ଷରେ ଦେଖାଯାଏ ତେବେ ତାହା ଆମକୁ ଡିକିଏ ଦେଖାଇ ଦିଅତ ? ତୁମେ ତାହାକୁ ପ୍ରତ୍ୟକ୍ଷରେ କେବେ ଦେଖିପାରିବ ନାହିଁ । କିମ୍ବା ଆମକୁ ମଧ୍ୟ ଦେଖାଇ ପାରିବ ନାହିଁ । ଯାହା ପ୍ରତ୍ୟକ୍ଷ ନୁହେଁ , ତା ପାଇଁ ଅନୁମାନ ଉପମାନ ଓ ଶବ୍ଦ ପ୍ରମାଣ କିଛି ଦରକାର ନାହିଁ । ଏହି ଆକ୍ଷେପର ଉତ୍ତର ଆମେ ଆଗରୁ ଦେଇଅଛୁ । ଯେଉଁ ଜୀବ ଅତ୍ୟନ୍ତ ଅନ୍ଧକାର ,ମହା ସୁଷୁପ୍ତି ପୁଣି ଘୋର ଅଜ୍ଞାନ ତିମିରାଚ୍ଛନ୍ନ ସେମାନଙ୍କର ସୁଖ-ଦୁଃଖ ଅନୁଭୂତି ମାନିବା ଜୈନ ତୀର୍ଥଙ୍କର ମାନଙ୍କର ମହାନ୍ ଭ୍ରମ ପୁଣି ତଦ୍ ବିଷୟକ ଉପଦେଶ ମଧ୍ୟ ଅତ୍ୟନ୍ତ ଭ୍ରାନ୍ତ ଓ ବିଦ୍ୟାବିରୁଦ୍ଧ । ଯେଉଁ ଗୃହର ଅନ୍ତ ଅଛି,ସେହି ଘରେ ରହୁଥିବା ବ୍ୟକ୍ତି କିପରି ଅନନ୍ତ ହୋଇପାରିବ ? ଯେତେବେଳେ କନ୍ଦମୂଳର ଅନ୍ତ ଆମେ ଦେଖିବାକୁ ପାଉଛୁ,ସେତେବେଳେ ତହିଁରେ ରହୁଥିବା ଜୀବର ଅନ୍ତ କାହିଁକି ନ ଥିବ ? ତେଣୁ ତୁମର ଏହି ସିଦ୍ଧାନ୍ତ ହେଉଛି ଅତ୍ୟନ୍ତ ଭ୍ରମଯୁକ୍ତ ।

ପ୍ରଶ୍ନ- ଦେଖ ଯେ, ତୁମ୍ଭେମାନେ ସମସ୍ତେ ଗରମପାଣି ନ ପିଇ ଥଣ୍ଡାପାଣି ପିଉଛ । ତଦ୍ୱାରା ତୁମ୍ଭେମାନେ ପାପ କରୁଛ । ଆମେ ଯେପରି ପାଣିକୁ ଗରମକରି ପିଉଛୁ, ସେପରି ତୁମ୍ଭେମାନେ ମଧ୍ୟ ପିଇବା ଅଭ୍ୟାସ କର ।

ଉତ୍ତରଃ-ଏହା ମଧ୍ୟ ତୁମର ଭ୍ରାନ୍ତ ଧାରଣା । ତୁମେ ପାଣି ଗରମ କରିବା ସମୟରେ ବହୁତ ଜୀବ ତ ମରୁଥିବେ । ସେହି ଜୀବ ଗୁଡ଼ାକ ସେହି ପାଣିରେ ସିଦ୍ଧି ପାଉଥିବାରୁ ତାହା ନିଶ୍ଚୟ ଅର୍କତୁଲ୍ୟ ହେଉଥିବ । ତୁମେ ସେମାନଙ୍କ ଶରୀରର "ତେଜାବ" କୁ ପାନ କରୁଛ । ଏଣୁ ତୁମ୍ଭେମାନେ ବହୁତ ବଡ଼ ପାପୀ ଅଟ । ଥଣ୍ଡାପାଣି ପିଉଥିବା ଲୋକେ ପାପୀ ନୁହନ୍ତି । ଯେଣୁ ଶୀତଳ ଜଳରେ ଯେଉଁ ଜୀବାଣୁ ଥାଆନ୍ତି ସେମାନେ ଉଦରସ୍ଥ ଉଷ୍ଣତା ପାଇବା ମାତ୍ରେ ନିଶ୍ୱାସ ଦ୍ୱାରା ପଦାକୁ ବାହାରି ଆସନ୍ତି । ପୂର୍ବୋକ୍ତ ନିୟମାନୁସାରେ ଜଳକାୟ ଜୀବମାନଙ୍କର ମଧ୍ୟ ସୁଖ-ଦୁଃଖ ଜ୍ଞାନ ନାହିଁ । ତେଣୁ ଜଳପିଇବାରେ କୌଣସି ପ୍ରକାର ପାପ ହୁଏ ନାହିଁ ।

ପ୍ରଶ୍ନ- ଜଠରାଗ୍ନିର ଉଷ୍ଣତାପାଇ ଜୀବଯେପରି ଶ୍ୱାସ ଦ୍ୱାରା ପଦାକୁ ବାହାରି ଯାଏ, ସେହିପରି ଜଳକୁ ଉଷ୍ମ କଲାବେଳେ ଜୀବାଣୁଗୁଡ଼ିକ ଉଷ୍ଣତାପାଇ ବାହାରି ଖସିଯାଇ ପାରିବେ ନାହିଁ

କାହିଁ କି ?

ଉତ୍ତରଃ-ଅବଶ୍ୟ ବାହାରିଯାଇ ପାରିବେ । ତୁମେ କହୁଛ ମୁଖର ଉଷ୍ଣତାଦ୍ୱାରା ଜୀବଗୁଡ଼ିକ ମରିଯାଆନ୍ତି ।ତେବେ ଜଳ ଗରମକଲାବେଳେ ସେମାନେ ନିଶ୍ଚୟ ମରିଯିବେ ନତୁବା ଅଧିକ ପୀଡ଼ାପାଇ ବାହାରି ଯିବେ । ତଦ୍ୱାରା ତୁମେ ପାପ ଭାଗୀ ହେବ ନାହିଁ କି ?

ପ୍ରଶ୍ନ- ଆମେ ନିଜହାତରେ କେବେ ଜଳ ଗରମ କରୁନାହୁଁ, କିମ୍ବା ଗରମ କରିଦେବା ପାଇଁ କୌଣସି ଗୃହସ୍ଥଙ୍କୁ ଆଦେଶ ଦେଉନାହୁଁ । ତେଣୁ ଆମେ କିପରି ପାପଭାଗୀ ହେବୁ ?

ଉତ୍ତରଃ- ତୁମ୍ଭେମାନେ ଯଦି ଉଷ୍ଣଜଳ ନ ନେବ,ବା ପାନ କରିବ ନାହିଁ, ତେବେ କୌଣସି ଲୋକ ପାଣି ଗରମ କରିବ ନାହିଁ । ଏଣୁ ପାପଭାଗୀ ତୁମକୁ ହେବାକୁ ପଡ଼ିବ । ଗୃହସ୍ଥ ମାନଙ୍କ ଅପେକ୍ଷା ତୁମ୍ଭମାନଙ୍କୁ ଅଧିକ ପାପୀ କହିବା ଯଥାର୍ଥ ହେବ । ଯେଣୁ କୌଣସି ଗୋଟେ ଗୃହସ୍ଥକୁ ଯଦି ଜଳ ଗରମ କରିବାପାଇଁ କହନ୍ତ, ତେବେ କେବଳ ସେ ଏକାକୀ ଜଳ ଗରମ କରନ୍ତା । କିନ୍ତୁ ତୁମ୍ଭେମାନେ କେତେବେଳେ କେଉଁ ଘରକୁ ଯିବ ତାର ନିର୍ଦ୍ଦିଷ୍ଟତା ନ ଥିବାରୁ ପ୍ରତ୍ୟେକ ଗୃହସ୍ଥ ତୁମ ସାଧୁ ଲୋକଙ୍କପାଇଁ ଜଳ ଗରମକରି ରଖିଥାନ୍ତି । ଏଣୁ ସେହି ପାପର ଭାଗୀ ଅଧିକମାତ୍ରାରେ ତୁମ୍ଭମାନଙ୍କୁହେବାକୁ ପଡ଼ିବ । ଦ୍ୱିତୀୟତଃ ଏପରି କାର୍ଯ୍ୟପାଇଁ ଅଯଥାରେ ଅଧିକ ଇନ୍ଧନ ଖର୍ଚ୍ଚ ହୋଇଥାଏ । ଏହି ଅପବ୍ୟୟପାଇଁ ମଧ୍ୟ ତୁମ୍ଭେମାନେ ଅଧିକ ପାପ ଅର୍ଜନ କରୁଛ । ଦେଖ,ତୁମ୍ଭେମାନେ ଛୋଟ ଛୋଟ ଜୀବମାନଙ୍କ ଉପରେ ଏତେ ଦୟା କରୁଛ, ପୁଣି ଅନ୍ୟମାନଙ୍କର ନିନ୍ଦା,ଅପବାଦ ଗାନ କରୁଛ । ତୁମ୍ଭେ କଣ ଭାବୁଛ ଯେ,ଏହାଦ୍ୱାରା କମ୍ ପାପ ହେଉଛି ? ଯଦି ତୁମ ତୀର୍ଥଙ୍କର ମାନଙ୍କ କଥା ସତ,ତେବେ ସୃଷ୍ଟି ଆରମ୍ଭରୁ ଈଶ୍ୱର ଏତେ ବର୍ଷା,ନଦୀପ୍ରବାହ ଓ ଏତେ ଜଳ ସୃଷ୍ଟି କଲେ କାହିଁ କି ? ସେ ଦୟାକରି ସୂର୍ଯ୍ୟତାପ, ମେଘ ପ୍ରଭୃତି ବନ୍ଦ କରିନଦେଲେ କାହିଁକି ? ଯେଣୁ ତୁମ୍ ମତ ଅନୁସାରେ ସୂର୍ଯ୍ୟତାପରେ କୋଟି କୋଟି ସଂଖ୍ୟକ ଜୀବ ମୃତ୍ୟୁ ବରଣ କରୁଛନ୍ତି । ଏହାଦ୍ୱାରା ପାପ ହେଉନାହିଁ କି ? ତୁମର ତୀର୍ଥଙ୍କରମାନେ ଯେଉଁମାନେ ସୃଷ୍ଟିର ଆଦ୍ୟରୁ ଅଛନ୍ତି ଓ ଯାହାଙ୍କୁ ଈଶ୍ୱର ବୋଲି ମାନୁଛ ସେ ଦୟାକରି ସୂର୍ଯ୍ୟଙ୍କର ତାପ ଓ ମେଘର ବୃଷ୍ଟିକୁ ବନ୍ଦ କରିଦେଲେ ନାହିଁ କାହିଁ କି ? ପୂର୍ବ କଥିତ ନିୟମାନୁସାରେ ଉଦମୂଳ ପ୍ରକୃତିରେ ଥିବା ଅଦୃଷ୍ଟ କୀଟାଣୁର

ସୁଖ-ଦୁଃଖ ଅନୁଭୂତ ହୁଏ ନାହିଁ। ମନୁଷ୍ୟମାନେ ଶରୀରଧାରୀ ଜୀବର କେବଳ ସୁଖ-ଦୁଃଖ ଅନୁଭୂତ ହୁଏ। ସର୍ବଦା ସବୁ ଜୀବଙ୍କ ଉପରେ ଦୟା କରିବା ମଧ୍ୟ ଦୁଃଖର କାରଣ ହୋଇଥାଏ। ତୁମ ମତାନୁସାରେ ସବୁ ଜୀବ ଯଦି ମନୁଷ୍ୟ ଜୀବନ ଲାଭ କରନ୍ତି ପୁଣି ଚୋରି,ଡକାୟତି କରି ମଧ୍ୟ ଯଦି ଦଣ୍ଡ ନ ପାଆନ୍ତି ତେବେ ଜଗତରେ ପାପ ଛାଇ ହୋଇଯିବ। ଏଣୁ ଦୁଷ୍ଟମାନଙ୍କୁ ଦଣ୍ଡ ଦେବା ଓ ସଜ୍ଜନମାନଙ୍କୁ ପାଳନ କରିବାହିଁ ଦୟା ।ଏହି ନିୟମର ବିପରୀତ ଆଚରଣ କରିବା ଦ୍ୱାରା ଦୟା,କ୍ଷମାରୂପ ଧର୍ମ ସବୁ ନଷ୍ଟ ହୋଇଯିବ। ଅନେକ ଜୈନଲୋକ ଦୋକାନ କରନ୍ତି। ବାଣିଜ୍ୟ ବ୍ୟବସାୟରେ ମିଥ୍ୟା କହନ୍ତି, ଅନ୍ୟର ଧନ ମାରନ୍ତି ଓ ଦରିଦ୍ର ଜନସାଧାରଣଙ୍କୁ ଛଳନା କରି ଠକିଥାନ୍ତି। ଏସବୁର ନିରାକରଣ ପାଇଁ ଜୈନସାଧୁମାନେ ଉପଦେଶ ଦେଉନାହାନ୍ତି କାହିଁକି ? ଏଣେ ପୁଣି ମୁଖପଟି ବାନ୍ଧିବାର ଛଳନା କରୁଛନ୍ତି କାହିଁକି ? ତୁମ୍ଭେ ଯେତେବେଳେ ଶିଷ୍ୟ ଶିଷ୍ୟା କରୁଛ, ସେତେବେଳେ ସେମାନଙ୍କ କେଶ ଲୁଞ୍ଚନ କରିବା,ଉପବାସରେ ରଖାଇ ପୀଡ଼ାଦେବାଦ୍ୱାରା ଆତ୍ମାକୁ ଦୁଃଖଦେଇ ଆତ୍ମହତ୍ୟା କରୁନାହିଁ କି ? ଏସବୁ ପରପୀଡ଼ନ ଓ ଆତ୍ମହତ୍ୟା ହିଂସା ନୁହେଁ କି ? ପୁଣି ହାତୀ,ଘୋଡ଼ା,ବଳଦ ଇତ୍ୟାଦି ଚଢ଼ିବା, ଏବଂ ଲୋକଙ୍କୁ ମଜୁରି ଦେଇ କୁଲିରୂପେ ଖଟାଇବା ଏସବୁ କାହିଁକି ପାପରେ ପରିଗଣିତ ହେବ ନାହିଁ? ତୁମର ଏସବୁ ଆସାର କଥାର ମର୍ମକୁ ସାଧାରଣ ଲୋକେ ଉପଲବ୍ଧି କରିପାରନ୍ତି ନାହିଁ। ତୁମର ତୀର୍ଥଙ୍କର ମାନେ ମଧ୍ୟ ସେସବୁର ଯୁକ୍ତିଯୁକ୍ତ ପ୍ରମାଣ ଦେଇପାରିବେ ନାହିଁ। ତୁମ୍ଭେମାନେ ଯେତେବେଳେ ତୁମର ଧର୍ମଗ୍ରନ୍ଥ ପାଠକର,ସେତେବେଳେ ତୁମ ମତାନୁସାରେ ଅନେକ ଜୀବ ମରନ୍ତି,ତେବେ ଏହି ଜୀବହତ୍ୟାର ପାପ ତୁମେ ଓ ତୁମର ଶିଷ୍ୟମାନେ ଭୋଗ କରିବେ ନାହିଁ କାହିଁକି ? ଏହି ସଂକ୍ଷିପ୍ତ ସମାଲୋଚନାରୁ ସ୍ପଷ୍ଟରୂପେ ଜଣାଯିବ ଯେ,ଜଳ,ସ୍ଥଳ ଓ ବାୟୁମଣ୍ଡଳରେ ସ୍ଥାବର ଶରୀରଧାରୀ ଅତ୍ୟନ୍ତ ମୂର୍ଚ୍ଛିତ ଜୀବମାନଙ୍କୁ କୌଣସି ସୁଖ-ଦୁଃଖ ଅନୁଭୂତ ହୁଏ ନାହିଁ।

ଜୈନୀମାନଙ୍କର ଆହୁରି କେତେକ ଅସମ୍ଭବ କଥା ତଳେ ଦିଆଯାଇଛି ସେସବୁ ପାଠ କରନ୍ତୁ। ନିଜ ହାତର ସାଢ଼େ ତିନିହାତର ମାପକୁ ଧନୁଷ କୁହାଯାଏ। କାଳର ସଂଖ୍ୟା ସମ୍ବନ୍ଧରେ ପୂର୍ବରୁ ବୁଝାଇ ଦିଆଯାଇଛି। ସେହି ଅନୁସାରେ ନିମ୍ନଲିଖିତ ପରିମାଣକୁ

ହିସାବ କରିବାକୁ ଅନୁରୋଧ। ରତ୍ନସାର ପ୍ରଥମଭାଗ ୧୬୬-୧୬୭ ପୃଷ୍ଠାରେ ଲିଖିତ ହୋଇଛି। ୧- ଋଷଭ ଦେବଙ୍କ ଶରୀର ପାଞ୍ଚଶହ ଧନୁଷ ଲମ୍ବ ଓ ପରମାୟୁ ଚୌରାଶୀଲକ୍ଷ ବର୍ଷ। ୨- ଅଜିତନାଥଙ୍କ ଶରୀର ୪୫୦ ଧନୁଷ ଲମ୍ବ ଓ ଆୟୁ ବାସ୍ତରୀଲକ୍ଷ ବର୍ଷ ଥିଲା। ୩- ସମ୍ଭବନାଥଙ୍କ ଶରୀର ୪୦୦ ଧନୁଷ ଲମ୍ବ ଓ ଆୟୁ ଷାଠିଏ ଲକ୍ଷ ବର୍ଷ। ୪- ଅଭିନନ୍ଦନଙ୍କର ୩୫୦ ଧନୁଷ ଲମ୍ବ ଓ ଆୟୁ ପଚାଶ ଲକ୍ଷ ବର୍ଷ। ୫- ସୁମତିନାଥଙ୍କ ୩୦୦ ଧନୁଷ ଲମ୍ବ ଓ ଆୟୁ ଚାଳିଶ ଲକ୍ଷ ବର୍ଷ। ୬- ପଦ୍ମପ୍ରଭଙ୍କ ୨୫୦ ଧନୁଷ ଲମ୍ବ,ତିରିଶିଲକ୍ଷ ବର୍ଷ ଆୟୁ। ୭- ପାର୍ଶ୍ୱନାଥଙ୍କ ଶରୀରର ଲମ୍ବ ୨୦୦ ଧନୁଷ ଓ କୋଡ଼ିଏ ଲକ୍ଷ ବର୍ଷ ଆୟୁ। ୮- ଚନ୍ଦ୍ରପ୍ରଭଙ୍କ ୧୫୦ ଧନୁଷ ପରିମାଣ ଶରୀର ଓ ୧୦ ଲକ୍ଷ ବର୍ଷ ଆୟୁଷ। ୯- ସୁବିଧିନାଥ ୧୦୦ ଧନୁଷ ଓ ଆୟୁ ଦୁଇଲକ୍ଷ ବର୍ଷ। ୧୦- ଶୀତଳ ନାଥଙ୍କ ୯୦ ଧନୁଷ ଲମ୍ବ ଓ ଆୟୁ ଏକଲକ୍ଷରୁ ଅଧିକ। ୧୧- ଶ୍ରେୟାଂସନାଥଙ୍କ ଶରୀରର ଲମ୍ବ ୮୦ ଧନୁଷ ଓ ଆୟୁ ଚୌରାଶିଲକ୍ଷ ବର୍ଷ। ୧୨- ବାସୁପୂଜ୍ୟସ୍ୱାମୀଙ୍କ ୭୦ ଧନୁଷ ଓ ଆୟୁ ବାସ୍ତରୀଲକ୍ଷ ବର୍ଷ। ୧୩- ବିମଳନାଥଙ୍କ ୬୦ ଧନୁଷ ଲମ୍ବ ଶରୀର ଓ ଷାଠିଏ ଲକ୍ଷ ବର୍ଷ ଆୟୁ। ୧୪- ଅନନ୍ତ ନାଥଙ୍କ ୫୦ ଧନୁଷ ଶରୀର ଓ ତିରିଶିଲକ୍ଷ ବର୍ଷ ଆୟୁ। ୧୫- ଧର୍ମନାଥଙ୍କ ୪୫ ଧନୁଷ ଓ ଦଶଲକ୍ଷ ବର୍ଷ ଆୟୁ। ୧୬- ଶାନ୍ତିନାଥ ୪୦ ଧନୁଷ ଓ ଏକଲକ୍ଷ ବର୍ଷ ଆୟୁ। ୧୭- କୁନ୍ଥୁନାଥଙ୍କ ୩୫ ଧନୁଷ ଓ ପଞ୍ଚାନବେ ହଜାର ବର୍ଷ ଆୟୁ। ୧୮- ଅମରନାଥଙ୍କ ୩୦ ଧନୁଷ ଚୌରାଶୀ ହଜାର ବର୍ଷ ଆୟୁ। ୧୯- ମଲ୍ଲିନାଥ ୨୫ ଧନୁଷ ଓ ପଞ୍ଚାବନ ହଜାର ବର୍ଷ ଆୟୁ। ୨୦- ମୁନିସୁବ୍ରତଙ୍କ ୨୦ ଧନୁଷ ଓ ତିରିଶି ହଜାର ବର୍ଷ ଆୟୁ। ୨୧- ନମିନାଥଙ୍କ ୧୫ ଧନୁଷ ଓ ଦଶହଜାର ବର୍ଷ ଆୟୁ।୨୨- ନେମିନାଥଙ୍କ ୧୦ ଧନୁଷ ଲମ୍ବ ଓ ଏକହଜାର ବର୍ଷ ଆୟୁ। ୨୩- ପାର୍ଶ୍ୱନାଥଙ୍କ ଶରୀର ୯ହାତ ଓ ଶହେ ବର୍ଷ ଆୟୁ। ୨୪- ମହାବୀର ସ୍ୱାମୀଙ୍କ ଶରୀରର ଲମ୍ବ ୭ହାତ ଓ ବାସ୍ତରି ବର୍ଷ ଆୟୁ।

ଏହି ଚବିଶଜଣ ତୀର୍ଥଙ୍କର ଜୈନମତ ପ୍ରବର୍ତ୍ତକ,ଆଚାର୍ଯ୍ୟ ଓ ଗୁରୁ ଅଟନ୍ତି। ଏମାନଙ୍କୁ ଜୈନମାନେ ପରମେଶ୍ୱର ବୋଲି ମନେ କରନ୍ତି। ଏମାନେ ସମସ୍ତେ ମୋକ୍ଷଲାଭ କରିଛନ୍ତି। ଏସବୁ କଥାରୁ ବୁଦ୍ଧିମାନ୍ ଲୋକେ ବିଚାର କରନ୍ତୁ ଯେ ଏତେବଡ଼ ଶରୀର ଓ

ଏତେ ଆୟୁଷର ମନୁଷ୍ୟ ହେବା କଦାପି ସମ୍ଭବପର ନୁହେଁ । ଏପରି ହେଲେ ଏହି ଜଗତରେ ଅତି ଅଳ୍ପ ଲୋକମାତ୍ର ବସବାସ କରିପାରିବେ । ଜୈନମାନଙ୍କର ଏହି କପୋଳ-କଳ୍ପିତ ଗପକୁ ଅନୁକରଣ କରି ପୌରାଣିକମାନେ ମଧ୍ୟ ନିଜ ନିଜ ପୁରାଣମାନଙ୍କରେ ମନୁଷ୍ୟର ପରମାୟୁ ଏକଲକ୍ଷ,ଦଶହଜାର,ଏକହଜାର ଏପରି ସବୁ ଲେଖି ଯାଇଛନ୍ତି । ଏହି ପୁରାଣ କଥାଗୁଡ଼ିକ ଯେତେବେଳେ ମିଥ୍ୟା ଓ ଅସମ୍ଭବ,ଜୈନ ଗ୍ରନ୍ଥଗୁଡ଼ିକ ସେ ଏକାନ୍ତ ମିଥ୍ୟା ଓ ଅସମ୍ଭବ ଏଥିରେ ସନ୍ଦେହ କରିବାର କୌଣସି ଅବକାଶ ନାହିଁ । ଜୈନ ଗୁରୁମାନଙ୍କ ଅନ୍ୟ କେତେକ ଅସମ୍ଭବ କଥା ....କଳ୍ପଭାଷ୍ୟ ପୃଷ୍ଠା ୪ରେ ଲିଖିତ ହୋଇଛି...... ନାଗକେତ ନିଜ ଅଙ୍ଗୁଳିରେ ଏକ ଗ୍ରାମ ପରିମାଣର ପଥର ଟେକି ଧରିଥିଲେ । କଳ୍ପଭାଷ୍ୟ ପୃଷ୍ଠା ୩୫- ମହାବୀର ନିଜର ଗୋଟିଏ ଅଙ୍ଗୁଳିରେ ପୃଥିବୀକୁ ଚିପି ଦେବାରୁ ଶେଷନାଗ କମ୍ପି ଉଠିଲେ । କଳ୍ପଭାଷ୍ୟ ପୃଷ୍ଠା ୪୬- ମହାବୀରଙ୍କୁ ସର୍ପ ଦଂଶନ କଲା । ଆଘାତ ସ୍ଥାନରୁ ରୁଧିର ପରିବର୍ତ୍ତେ କ୍ଷୀର ବାହାରିଲା, ପୁଣି ସେହି ସର୍ପ ଅଷ୍ଟମ ସ୍ୱର୍ଗକୁ ଗଲା । ୪୭ ପୃଷ୍ଠା- ମହାବୀରଙ୍କ ଗୋଡ଼ଉପରେ କ୍ଷୀରି ରନ୍ଧା ଗଲା, ତଥାପି ତାଙ୍କ ଗୋଡ଼ ଜଳିଗଲା ନାହିଁ । ୧୬ ପୃଷ୍ଠା- ଗୋଟିଏ ଛୋଟ ପାତ୍ରରେ ଏକ ଓଟକୁ ବୁଲାଯାଇଥିଲା । ରତ୍ନସାର ଭାଗ ୧ ପୃଷ୍ଠା ୧୪- ଶରୀରରେ ଲାଗିଥିବା ମଳିକୁ ସଫା କରିବ ନାହିଁ କିମ୍ବା ଘୁଞ୍ଚାଇବ ନାହିଁ । ବିବେକସାର ୨୧୫ ପୃଷ୍ଠା- ମହାବୀରଙ୍କ ପ୍ରିୟପାତ୍ର ହୋଇଥିବା ଦମସାର ନାମକ ଜନୈକ ଜୈନ ସାଧୁ କ୍ରୋଧିତ ହୋଇ ଉଦ୍‌ବେଗଜନକ ସୂତ୍ର ପଢ଼ି ସହରରେ ନିଆଁ ଲଗାଇଦେଲେ । ବିବେକସାର ୧୨୭ ପୃଷ୍ଠା- ରାଜାଙ୍କ ଆଜ୍ଞା ଅବଶ୍ୟ ପାଳନ କରିବାକୁ ହେବ । ପୃଷ୍ଠା ୨୨୭- କୋଶା ନାମରେ ଜଣେ ବେଶ୍ୟା ଥାଳି ଉପରେ ସୋରିଷ ଗଦାକରି ତା ଉପରେ ଫୁଲ ଘୋଡ଼ାଇ ରଖିଲା । ତା ଉପରେ ଛୁଞ୍ଚିଟିଏ ପୋତି ଛୁଞ୍ଚି ଉପରେ ସୁନ୍ଦର ନୃତ୍ୟକଲା । ତା ପାଦରେ ଛୁଞ୍ଚି ପୋତି ହେଲା ନାହିଁ କି ସୋରିଷର ଗୁଡ଼ ଇତସ୍ତତଃ ହେଲାନାହିଁ । ତତ୍ତ୍ୱବିବେକ ୧୨୮ ପୃଷ୍ଠା- ପୂର୍ବୋକ୍ତ କୋଶା ବେଶ୍ୟାକୁ ସ୍ଥୂଳ ମୁନି ନାମକ ଜଣେ ଜୈନ ସାଧୁ ୧୨ ବର୍ଷକାଳ ଭୋଗକଲେ ଓ ପରେ ଦୀକ୍ଷାଗ୍ରହଣ କରି ସଦ୍‌ଗତି ଲାଭ କରିଥିଲେ । ପୁଣି ସେହି ବେଶ୍ୟା ଜୈନଧର୍ମ ଗ୍ରହଣକରି ସଦ୍‌ଗତି ଲାଭକଲା । ବିବେକସାର ପୃଷ୍ଠା- ୧୯୫- କୌଣସି ଜଣେ ସିଦ୍ଧ ବ୍ୟକ୍ତିଙ୍କର କନ୍ଥାକୁ ଜଣେ

ବୈଶ୍ୟ ଗଳାରେ ବାନ୍ଧିବାରୁ ସେହି କନ୍ଥା ତାଙ୍କୁ ପ୍ରତିଦିନ ପାଞ୍ଚଶହ ମୋହର ଦିଏ । ବିବେକସାର ୨୨୮ ପୃଷ୍ଠା- ବଳବାନ୍ ପୁରୁଷଙ୍କ ଆଜ୍ଞା,ଦେବତାଙ୍କ ଆଜ୍ଞା,ଘୋର ବନରେ କଷ୍ଟରେ ଜୀବନ ନିର୍ବାହ, ଗୁରୁ, ମାତା, ପିତା, କୁଳାଚାର୍ଯ୍ୟ, ଜ୍ଞାତି ଓ ଧର୍ମୋପଦେଷ୍ଟାଙ୍କର ଉପଦେଶକୁ ବାଧାଦେଲେ ଅର୍ଥାତ୍ ଧର୍ମନିୟମକୁ ପାଳନ ନ କଲେ ମଧ୍ୟ ଧର୍ମର ହାନି ହୁଏ ନାହିଁ ।

ସମୀକ୍ଷକ:- ଏମାନଙ୍କ ମିଥ୍ୟା କଥା ସମ୍ପର୍କରେ ବିଚାର କରନ୍ତୁ । ଜଣେ ମନୁଷ୍ୟ ଗ୍ରାମ ସମାନର ପଥର ଗୋଟାକୁ ଅଙ୍ଗୁଳିରେ ଟେକି ଧରିପାରେ କି ? ପୃଥିବୀକୁ ଅଙ୍ଗୁଳିରେ ଦବାଇଲେ ତାହା କେବେ ଦବିଯିବ କି ? ପୃଥିବୀତଳେ ଶେଷ ନାଗ ତ ନାହିଁ, ତେବେ ସେ ଥରିବ କିପରି ? ୨ ଶରୀରକୁ କାଟିଦେଲେ ରକ୍ତ ପରିବର୍ତ୍ତେ ଦୁଧ ବାହାରିବା କେହି କେବେ ଦେଖିନାହିଁ କି ଶୁଣି ନାହିଁ । ଇନ୍ଦ୍ରଜାଲ ବ୍ୟତୀତ ଏପରି କେବେ ହୋଇପାରିବ ନାହିଁ । ଜୈନ ସାଧୁଙ୍କୁ କାମୁଡ଼ିବା ସାପ ସ୍ୱର୍ଗକୁ ଗଲା, କିନ୍ତୁ ଶ୍ରୀକୃଷ୍ଣାଦି ମହାତ୍ମାମାନେ ତୃତୀୟ ନରକ ଭୋଗ କଲେ । ଏଥିରେ ସାମାନ୍ୟ ମାତ୍ରାରେ ମଧ୍ୟ ସତ୍ୟତା ନାହିଁ । ୩ ୪ ମହାବୀରଙ୍କ ପାଦ ଉପରେ କ୍ଷୀର ତିଆରି କରାଗଲା,ଅଥଚ ଗୋଡ଼ ପୋଡ଼ିଗଲା ନାହିଁ । ଏହା ପାଗଳର ପ୍ରଳାପ ବ୍ୟତୀତ ଅନ୍ୟ କିଛି ନୁହେଁ । ୫ କୌଣସି ଏକ ଛୋଟପାତ୍ରରେ ଓଟ ବୁଲିପାରିବ କି ? ୬ ଦେହରୁ ମଳି ବାହାର ନ କଲେ କିମ୍ବା ନ ଘୁଞ୍ଚାଇଲେ ଦେହରୁ ଦୁର୍ଗନ୍ଧ ବାହାରିବ । ସେହି ଦୁର୍ଗନ୍ଧ ରୂପକ ମହାନରକ ଭୋଗିବାକୁ ପଡ଼ିବ । ୭ ଯେଉଁ ସାଧୁଜଣକ ଗ୍ରାମ ପୋଡ଼ିଦେଲେ,ତାଙ୍କର ଆଉ ଦୟା,କ୍ଷମା ରହିଲା କେଉଁଠି ? ମହାବୀରଙ୍କ ସଂସର୍ଗରେ ରହି ସୁଦ୍ଧା ତାଙ୍କର ଆତ୍ମା ଯଦି ପବିତ୍ର ନ ହେଲା,ତେବେ ତାଙ୍କର ମୃତ୍ୟୁପରେ ଜୈନଲୋକଙ୍କ ଆତ୍ମା କଦାପି ପବିତ୍ର ହେବନାହିଁ । ୮ ରାଜାଙ୍କ ଆଜ୍ଞା ଅବଶ୍ୟ ପାଳନୀୟ,କିନ୍ତୁ ଜୈନମାନେ ବ୍ୟବସାୟୀ ହୋଇଥିବାରୁ ରାଜାଙ୍କୁ ଭୟକରି ଏପରି ଲେଖି ଦେଇଛନ୍ତି । ୯ କୋଶା ବେଶ୍ୟାର ଶରୀର ଯେତେ ହାଲୁକା ହେଲେ ମଧ୍ୟ,ସୋରିଷ ଗଦା ଉପରେ ଛୁଞ୍ଚି ମୁନି ଉପରେ ନାଚିବା ସୋରିଷ ବିଞ୍ଚାଡ଼ି ନ ହେବା,ଏହା ମିଥ୍ୟା ନୁହେଁତ ଆଉ କଣ ? ୧୦ ଯେକେହି ହେଉନା କାହିଁକି କୌଣସି ଅବସ୍ଥାରେ ଧର୍ମକୁ ତ୍ୟାଗକରିବା ଉଚିତ ନୁହେଁ । ଗୋଟାଏ କନ୍ଥା କିପରିବା ପ୍ରତିଦନ ପାଞ୍ଚଶହ ମୋହର ଦେଇପାରେ ?ଏମାନଙ୍କ ଏପରି

ମିଥ୍ୟା କଥାଗୁଡ଼ିକ ଲେଖି ବସିଲେ ପୋଥି ପୁରାଣ ପାଲଟିଯିବ । ସାମାନ୍ୟ କେତେକ ବିଷୟକୁ ବାଦ୍‌ଦେଲେ ଏମାନଙ୍କ ଅନ୍ୟ ସବୁଗୁଡ଼ିକ ହେଉଛି କେବଳ ମିଥ୍ୟାଜାଲ । ଦେଖନ୍ତୁ......

ଦୋ ସସି ଦୋରବି ପଢ଼ମେ । ଦୁଗୁଣା ଲବଣମ୍ମି ଧାୟଈସଂଡ଼େ ।
ବାରସ ସସି ବାରସ ରବି । ତପ୍‌ପଭି ଇଂ ନିଦିଝଠ ସସିରବିଣୋ ।
ତିଗୁଣା ପୁବ୍‌ବିଲ୍ଲଜୁୟା । ଅଣଂ ରାତଣଂ ତରଂ ମିଖିତ୍ତମ୍ମି ।
କାଲୋ ଏ ବୟାଲା । ବିସତ୍ତରୀ ପୁରକର ଦ୍ଧମି ।।

(ପ୍ରକରଣ ଭା-୪/ସଂଗ୍ରହଣୀ ସୂ-୭୭/୭୮)

ଜମ୍ବୁଦ୍ୱୀପ ହେଉଛି ପ୍ରଥମ ଦ୍ୱୀପ । ଏହାର ପରିମାଣ ଏକ ଲକ୍ଷ ଯୋଜନ, ଅର୍ଥାତ୍ ଚାରିଲକ୍ଷ କୋଶ । ଏଥିରେ ଦିଓଟି ସୂର୍ଯ୍ୟ ଓ ଦିଓଟି ଚନ୍ଦ୍ର ଅଛନ୍ତି । ସେହିପରି ଲବଣ ସମୁଦ୍ରରେ ଏହାର ଦୁଇଗୁଣ ଅର୍ଥାତ୍ ଚାରୋଟି ସୂର୍ଯ୍ୟ ଓ ଚାରୋଟି ଚନ୍ଦ୍ରମା ଅଛନ୍ତି । ଘାତକୀ ଖଣ୍ଡରେ ବାରଗୋଟି ଚନ୍ଦ୍ରମା ଓ ବାରଗୋଟି ସୂର୍ଯ୍ୟ ଅଛନ୍ତି ।୭୭ । ଏହାକୁ ତିନିଗୁଣ କଲେ ଛତିଶି ହେବ । ଏହା ସହିତ ଦୁଇ ଜମ୍ବୁଦ୍ୱୀପରେ ଓ ଚାରି ଲବଣ ସମୁଦ୍ର ସହିତ ମିଶି ବୟାଳିଶି ଚନ୍ଦ୍ରମା ଓ ବୟାଳିଶି ସୂର୍ଯ୍ୟ କାଳୋଦଧି ସମୁଦ୍ରରେ ରହିଛନ୍ତି । ଏହିପରି ଭିନ୍ନ ଭିନ୍ନ ଦ୍ୱୀପ ଓ ସମୁଦ୍ରରେ ପୂର୍ବୋକ୍ତ ବୟାଳିଶି ସଂଖ୍ୟାର ତିନିଗୁଣ ଏକଶହ ଛବିଶି ହେଉଛନ୍ତି । ସେମାନଙ୍କ ମଧ୍ୟରୁ ଘାତକୀ ଖଣ୍ଡରେ ବାର, ଲବଣ ସମୁଦ୍ରରେ ଚାରି,ଓ ଜମ୍ବୁଦ୍ୱୀପରେ ଦୁଇ ଦୁଇ କରି ଏହି ରୀତିରେ ବାହାର କଲେ ୧୪୪ ଚନ୍ଦ୍ର ଓ ୧୪୪ ସୂର୍ଯ୍ୟ ପୁଷ୍କର ଦ୍ୱୀପରେ ଅଛନ୍ତି । ଏହା କେବଳ ମାନବ ବସାପଯୋଗୀ ଅର୍ଦ୍ଧ ଜଗତର ହିସାବ । ପୁଣି ମନୁଷ୍ୟ ଯହିଁ ରେ ରହୁନାହାନ୍ତି ତହିଁରେ ଅନେକ ସୂର୍ଯ୍ୟ ଓ ଚନ୍ଦ୍ରମା ମଧ୍ୟ ଅଛନ୍ତି । ଅର୍ଦ୍ଧ ପୁଷ୍କର ଦ୍ୱୀପରେ ଯେଉଁ ଚନ୍ଦ୍ର ଓ ସୂର୍ଯ୍ୟ ରହିଛନ୍ତି ସେମାନେ ସମସ୍ତେ ସ୍ଥିର । ପୂର୍ବୋକ୍ତ ୧୪୪ ର ତିନିଗୁଣ ସଂଖ୍ୟା ୪୩୨ ଓ ପୂର୍ବୋକ୍ତ ଜମ୍ବୁଦ୍ୱୀପରେ ଦୁଇ ଚନ୍ଦ୍ରମା,ଦୁଇ ସୂର୍ଯ୍ୟ,ଚାରି ଲବଣ ସମୁଦ୍ର ଓ ବାର ଘାତକୀ ଖଣ୍ଡରେ ଓ ୪୨ କାଳୋଦଧିରେ ଏପରି ମିଶାଇଲେ ୪୯୨ ଚନ୍ଦ୍ରମା ଓ ୪୯୨ ସୂର୍ଯ୍ୟ ପୁଷ୍କର ସମୁଦ୍ରରେ

ଅଛନ୍ତି । ଏହି ସମସ୍ତ ବିବରଣୀ ଶ୍ରୀଜିନ ଭଦ୍ରଗଣୀକ୍ଷମା ଶ୍ରମଣ " ସଂଘୟଣୀ" ଯୋତିସକରଣ୍ଡକ ପୟନ୍ନ " ଚନ୍ଦ୍ରପନ୍ନତି " ଓ "ସୂରପନ୍ନତି" ପ୍ରମୁଖ ସିଦ୍ଧାନ୍ତ ଗ୍ରନ୍ଥରେ ଲେଖିଛନ୍ତି ।। ୭୮ ।।

ସମୀକ୍ଷକଃ- ଭୂଗୋଳ ଓ ଖଗୋଳଜ୍ଞ ପାଠକ ବୃନ୍ଦ ! ଜୈନମାନଙ୍କର ଏହି ବୋକା ପ୍ରଣାଳୀକୁ ଦେଖ । ଏକପ୍ରକାର ଗଣନାରେ ଏହିଭୂଗୋଳରେ ୪୯୨ ପୁଣି ଅନ୍ୟ ପ୍ରକାର ଗଣନାନୁସାରେ ଅସଂଖ୍ୟ ଚନ୍ଦ୍ର ସୂର୍ଯ୍ୟ ଥିବା କଥା ଜୈନୀ ଲୋକେ ବିଶ୍ୱାସ କରନ୍ତି । ଆପଣମାନେ ଅତ୍ୟନ୍ତ ଭାଗ୍ୟବାନ୍ ଯେ ବେଦମତାନୁଯାୟୀ ସୂର୍ଯ୍ୟ ସିଦ୍ଧାନ୍ତ ପ୍ରଭୃତି ଗ୍ରନ୍ଥ ଅଧ୍ୟୟନ କରି ଭୂଗୋଳ ଓ ଖଗୋଳ ସଂପର୍କରେ ଅନେକ ତଥ୍ୟ ଜାଣି ପାରିଛନ୍ତି । ତୁମ୍ଭେମାନେ ଯଦି ଜୈନମତାନ୍ଧକାରରେ ପଡ଼ିଥାନ୍ତ ତେବେ ଏ ଜନ୍ମରେ ସେହି ଅନ୍ଧକାରରୁ ଆଉ ଉଦ୍ଧାର ପାଇପାରନ୍ତ ନାହିଁ ।ଜୈନମାନେ ଅଜ୍ଞାନ ଅନ୍ଧକୂପରେ ପଡ଼ି ସନ୍ଦେହ କରନ୍ତି ଯେ, ଜମ୍ବୁଦ୍ୱୀପରେ ଗୋଟିଏ ସୂର୍ଯ୍ୟ ଓ ଗୋଟିଏ ଚନ୍ଦ୍ରରେ କାମ ଚଳିପାରିବ ନାହିଁ । କାରଣ ଏଡ଼େ ବିରାଟ ପୃଥିବୀକୁ ତିରିଶ ଘଣ୍ଟା ମଧ୍ୟରେ ଚନ୍ଦ୍ର ସୂର୍ଯ୍ୟ ବୁଲି ପାରିବେ ନାହିଁ । ଯେଉଁମାନେ ପୃଥିବୀକୁ ସୂର୍ଯ୍ୟାଦି ଗ୍ରହଠାରୁ ବଡ଼ ବୋଲି ଜ୍ଞାନ କରିଛନ୍ତି, ସେମାନେ ଏହିପରି ଭ୍ରମଜାଲରେ ପଡ଼ିବା ସ୍ୱାଭାବିକ କଥା ।

ଦୋ ସସି ଦୋ ରବି ପଂତୀ ଏଗଂତରିୟା ଛସଠି ସଂଖାୟା ।
ମେରୁଂ ପୟାହିଣଂତା । ମାଣୁସଖିତ୍ତେ ପରି ଅତଂତି ।।

(ପ୍ରକରଣ ଭା-୪/ସଂଗ୍ରହଣୀ ସୂ-୭୯)

ମନୁଷ୍ୟ ଲୋକରେ ଚନ୍ଦ୍ରମା ଓ ସୂର୍ଯ୍ୟର ପଙ୍କ୍ତିକୁ ସଂଖ୍ୟା ବା ଶ୍ରେଣୀ କୁହାଯାଏ । ଦୁଇ ଚନ୍ଦ୍ରମା ଓ ଦୁଇ ସୂର୍ଯ୍ୟଙ୍କ ପଙ୍କ୍ତି (ଶ୍ରେଣୀ) ରହିଛି । ସେ ଦୁହେଁ ଏକ ଏକ ଲକ୍ଷ ଯୋଜନ ଅର୍ଥାତ୍ ଚାରିଲକ୍ଷ କୋଶ ଅନ୍ତରରେ ବିଚରଣ କରୁଛନ୍ତି । ସୂର୍ଯ୍ୟ ଶ୍ରେଣୀ ପରେ ଯେପରି ଚନ୍ଦ୍ର ଶ୍ରେଣୀ, ଚନ୍ଦ୍ର ଶ୍ରେଣୀପରେ ସେହିପରି ସୂର୍ଯ୍ୟ ଶ୍ରେଣୀ ରହିଛି । ଏହି ରୀତି ଅନୁସାରେ ଚନ୍ଦ୍ରସୂର୍ଯ୍ୟଙ୍କର ଚାରିଗୋଟି ପଙ୍କ୍ତି ରହିଛି ।

ଗୋଟିଏ ଗୋଟିଏ ଚନ୍ଦ୍ର ପଙ୍କ୍ତିରେ ୬୬ ଟି ଚନ୍ଦ୍ରମା ଓ ସେହିପରି ସୂର୍ଯ୍ୟ ପଙ୍କ୍ତିରେ

୬୬ ଟି ସୂର୍ଯ୍ୟ ରହିଛନ୍ତି । ଏହି ଚାରିଗୋଟି ପଂକ୍ତି ଜମ୍ବୁଦ୍ୱୀପର ମେରୁ ପର୍ବତ ପ୍ରଦକ୍ଷିଣ କରି ମନୁଷ୍ୟ କ୍ଷେତ୍ରରେ ମଧ୍ୟ ପରିଭ୍ରମଣ କରୁଛି । ଅର୍ଥାତ୍ ଯେଉଁ ସମୟରେ ଜମ୍ବୁଦ୍ୱୀପର ମେରୁଠାରୁ ଗୋଟିଏ ସୂର୍ଯ୍ୟ ଦକ୍ଷିଣ ଦିଗରେ ଭ୍ରମଣକରେ,ସେହି ସମୟରେ ଅନ୍ୟ ଏକ ସୂର୍ଯ୍ୟ ଉତ୍ତର ଦିଗରେ ଆଲୋକ ଦାନ କରେ । ସେହିପରି ଲବଣ ସମୁଦ୍ରର ଏକ ଏକ ଦିଗରେ ଦୁଇ ଦୁଇଟି ସୂର୍ଯ୍ୟ ଭ୍ରମଣ କରନ୍ତି । ଘାତକୀ ଖଣ୍ଡର ୬ କାଳୋଦଧିର ୨୧,ପୁଷ୍କରାର୍ଦ୍ଧର ୩୬ ଏହିପରି ସବୁ ମିଶି ୬୬ଟି ସୂର୍ଯ୍ୟ ଦକ୍ଷିଣ ଦିଗରେ ଓ ୬୬ଟି ସୂର୍ଯ୍ୟ ଉତ୍ତର ଦିଗରେ ନିଜ ନିଜ ନିୟମ କ୍ରମରେ ଭ୍ରମଣ କରନ୍ତି । ଦୁଇ ଦିଗର ସମସ୍ତ ସୂର୍ଯ୍ୟଙ୍କୁ ଏକତ୍ର କଲେ ସଂଖ୍ୟା ହେବ ୧୩୨ । ସେହିପରି ଛଷଠି-ଛଷଠି ଚନ୍ଦ୍ରମା ଏକତ୍ରିତ ହେଲେ ତାର ସଂଖ୍ୟା ହେବ ୧୩୨, ଏମାନେ ସମସ୍ତେ ମନୁଷ୍ୟ ଲୋକରେ ବିଚରଣ କରନ୍ତି । ଏହିପରି ଚନ୍ଦ୍ରମାଙ୍କ ସହିତ ନକ୍ଷତ୍ରମାନଙ୍କର ସଂଖ୍ୟା ମଧ୍ୟ ଅନେକ ବୋଲି ବୁଝିବାକୁ ହେବ ॥ ୭୯ ॥

ସମୀକ୍ଷକ:- ଦେଖନ୍ତୁ ଭାଇମାନେ ! ଏହି ପୃଥିବୀରେ ୧୩୨ ଟି ସୂର୍ଯ୍ୟ ଓ ୧୩୨ ଟି ଚନ୍ଦ୍ରମା ବୋଧହୁଏ ଜୈନମାନଙ୍କ ଘରେ ଆଲୋକଦାନ କରନ୍ତି । ଏତେଗୁଡ଼ିଏ ସୂର୍ଯ୍ୟଙ୍କର ଉତ୍ତାପରେ ଏମାନେ କିପରି ଜୀବନଧାରଣ କରି ରହୁଛନ୍ତି, ପୁଣି ରାତ୍ରି ସମୟରେ ଏତେଗୁଡ଼ାଏ ଚନ୍ଦ୍ରଙ୍କର ଶୀତରେ କିପରି ବରଫ ପାଲଟି ଯାଉ ନାହାନ୍ତି,ଏହାହିଁ ହେଉଛି ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ । ଭୂଗୋଳ, ଖଗୋଳ ସଂପର୍କରେ ଜ୍ଞାନ ନ ଥିବା ଲୋକମାନେ ହିଁ ଏକଥାକୁ ବିଶ୍ୱାସ କରିବେ । ଏକମାତ୍ର ସୂର୍ଯ୍ୟ ଏହି ଭୂଗୋଳ ପରି ଅନେକ ଭୂଗୋଳକୁ ଆଲୋକ ଦାନ କରିବାରେ ସମର୍ଥ ହୋଇଥିବା ସ୍ଥଳେ,କ୍ଷୁଦ୍ର ଭୂଗୋଳ ଗୋଟାଏକୁ ପ୍ରକାଶ କରିବାରେ ପ୍ରତିବନ୍ଧକ ବା କଣ ଅଛି ? ପୃଥିବୀ ଯଦି ବୁଲୁ ନ ଥାନ୍ତା, ସୂର୍ଯ୍ୟ ଯଦି ପୃଥିବୀର ଚତୁର୍ଦ୍ଦିଗରେ ଭ୍ରମଣ କରୁ ନ ଥାନ୍ତା,ତେବେ ଆମ୍ଭମାନଙ୍କୁ ବର୍ଷ ବର୍ଷ ଧରି ଆଲୋକରେ ବା ଅନ୍ଧକାରରେ କେବଳ ରହିବାକୁ ପଡୁଥାନ୍ତା । ହିମାଳୟ ବ୍ୟତୀତ ସୁମେରୁ ନାମରେ ଆଉ କିଛି ନାହିଁ । ଗୋଟିଏ ମାଠିଆ ତୁଳନାରେ କ୍ଷୁଦ୍ର ସୋରିଷ ଯେପରି ସୂର୍ଯ୍ୟ ତୁଳନାରେ ଏହି ପୃଥିବୀ ଆହୁରି ଅଧିକ ଛୋଟ ହୋଇପାରେ । ଜୈନୀ ଲୋକମାନେ ଜୈନମତରେ ଥିବାପର୍ଯ୍ୟନ୍ତ ଏହି ବୈଜ୍ଞାନିକ ସତ୍ୟକୁ ମୋଟେ ବୁଝିପାରିବେ

ନାହିଁ । କେବଳ ଅନ୍ଧକାରରେ ଅଣ୍ଡାଳି ହେଉଥିବେ ।

ସମ୍ମତ୍ତଚରଣ ସହିୟା ସବ୍ବଂ ଲୋଗଂ ଫୁସେ ନିରବସେସଂ ।
ସତ୍ତୟ ଚ ଉଦସଭାଏ ସଞ୍ଜୟ ସୁପଦେସବିରିଇଏ ॥

(ପ୍ରକରଣ ଭା୪/ସଂଗ୍ରହଣୀ ସୂ୧୩୫)

ଯେଉଁ ସଚ୍ଚରିତ୍ର ଲୋକମାନେ ମୁକ୍ତିଲାଭ କରନ୍ତି, ସେହି ମୁକ୍ତି ଯୋଗୁଁ ସେମାନେ ଆତ୍ମଶକ୍ତିଦ୍ୱାରା କେବଳ ଚଉଦ ଭୁବନ ଭ୍ରମଣ କରନ୍ତି ॥ ୧୩୫ ॥

ସମୀକ୍ଷକ:- ଜୈନୀମାନେ ଚଉଦଗୋଟି ରାଜ୍ୟ ମାନନ୍ତି । ସେସବୁ ମଧ୍ୟରୁ ଚତୁର୍ଦ୍ଦଶ ଶିଖାଉପରେ ସର୍ବାର୍ଥ ସଦ୍ଧି ବିମାନର ଧ୍ୱଜା ଉପରୁ କିଛି ଦୂରରେ ସିଦ୍ଧଶିଳା ଓ ଦିବ୍ୟ ଆକାଶକୁ ଶିବପୁର କହନ୍ତି । ସେଠାକୁ କେବଳୀ ଅର୍ଥାତ୍ ଯାହାଙ୍କୁ କେବଳ ଜ୍ଞାନ, ସର୍ବଜ୍ଞତା ଓ ପୂର୍ଣ୍ଣ ପବିତ୍ରତା ଲାଭ ହୋଇଛି ସେହିମାନେ କେବଳ ସେଠାକୁ ଯାଆନ୍ତି ଓ ଆତ୍ମ ପ୍ରଦେଶରେ ସର୍ବଜ୍ଞ ରହନ୍ତି । ଯାହାର ପ୍ରଦେଶ ରହିଛି ସେ କେବେ ବିଭୁ ହୋଇ ନ ପାରେ । ଯେ ବିଭୁ ନୁହେଁ ସେ ସର୍ବଜ୍ଞ କେବଳୀ ଜ୍ଞାନୀ ନୁହେଁ । କାରଣ ଯାହାର ଆତ୍ମା ଏକଦେଶୀ ସେ ହିଁ ଯାତାୟାତ କରେ,ପୁଣି ସେ ବଦ୍ଧ,ମୁକ୍ତ, ଜ୍ଞାନୀ ଓ ଅଜ୍ଞାନ ମଧ୍ୟ ହୋଇଥାଏ । ସର୍ବଜ୍ଞ ବା ସର୍ବବ୍ୟାପକ କଦାପି ସେ ହୋଇ ପାରେ ନାହିଁ । ଜୈନ ତୀର୍ଥଙ୍କରଗଣ ଜୀବରୂପୀ ଅଳ୍ପ ଓ ଅଳ୍ପଜ୍ଞ ।ସେମାନେ କଦାପି ସର୍ବଜ୍ଞ ବା ସର୍ବବ୍ୟାପକ ହୋଇପାରନ୍ତି ନାହିଁ ।ଯେଉଁ ପରମାତ୍ମା ଅନାଦି,ଅନନ୍ତ,ପବିତ୍ର,ସର୍ବବ୍ୟାପକ, ସର୍ବଜ୍ଞ ଓ ଜ୍ଞାନ ସ୍ୱରୂପ ଅଟନ୍ତି, ତାଙ୍କୁ ଜୈନମାନେ ମାନନ୍ତି ନାହିଁ ।ଏହାହିଁ ହେଉଛି ଘୋର ପରିତାପର ବିଷୟ

ଗବ୍ଭନର ତିପଲିୟାଉ । ତିଗାଉ ଉକ୍କୋସ ତେ ଜହନ୍ନେଣଂ ।
ମୁଚ୍ଛିମ ଦୁହାବି ଅନ୍ତମୁହୁ । ଅଙ୍ଗୁଳ ଅସଂଖ୍ୟ ଭାଗତଣୁ ॥

(ପ୍ରକରଣ ଭା୪/ସଂଗ୍ରହଣୀ ସୂ୨୪୧)

ଏଠାରେ ଦୁଇ ପ୍ରକାର ମନୁଷ୍ୟ ବାସ କରନ୍ତି ।ପ୍ରଥମ ହେଉଛି ଗର୍ଭଜ, ଦ୍ୱିତୀୟ ହେଉଛନ୍ତି ବିନା ଗର୍ଭରୁ ଉତ୍ପନ୍ନ । ସେମାନଙ୍କ ମଧ୍ୟରୁ ଗର୍ଭଜ ମନୁଷ୍ୟମାନଙ୍କର ଉତ୍କୃଷ୍ଟ ତିନି ପଲ୍ୟୋପମ ଆୟୁଷ ଓ ଶରୀର ହେଉଛି ତିନିକୋଶ ଲମ୍ବ ॥ ୨୪୧ ॥

ସମୀକ୍ଷକ:- ତିନି ପଲ୍ୟୋପମ ଆୟୁଷ ଥିବା ଓ ତିନିକୋଶ ଲମ୍ବ ଶରୀର ବିଶିଷ୍ଟ ମନୁଷ୍ୟ ଏ ପୃଥିବୀରେ ଅତି ଅଳ୍ପମାତ୍ରାରେ ରହିପାରିବେ । ତିନି ପଲ୍ୟୋପମ (ଏହାର ବିବରଣୀ ପୂର୍ବରୁ ଦିଆଯାଇଛି) ଆୟୁର ଲୋକେ ବହୁ ଦିନ ପର୍ଯ୍ୟନ୍ତ ବଞ୍ଚିରହିବେ, ପୁଣି ସେମାନଙ୍କ ସନ୍ତାନସନ୍ତତିମାନଙ୍କର ମଧ୍ୟ ତିନି କୋଶ ଲମ୍ବ ବିଶିଷ୍ଟ ଶରୀର ହେବ । ମୁମ୍ବାଇ ସହରରେ ଏପରି ବ୍ୟକ୍ତି ଦୁଇଜଣମାତ୍ର ରହିପାରିବେ, ପୁଣି କଲିକତାରେ ତିନି ଚାରିଜଣରୁ ଅଧିକ ରହିପାରିବେ ନାହିଁ । ଜୈନମାନେ ପୁଣି କହିଛନ୍ତି ଗୋଟିଏ ଗୋଟିଏ ସହରରେ ଲକ୍ଷ ଲକ୍ଷ ଲୋକ ବାସ କରନ୍ତି । ତେବେ ସେହି ନଗରର ବିସ୍ତୃତି ଲକ୍ଷ ଲକ୍ଷ କୋଶ ନିଶ୍ଚୟ ହୋଇଥିବ । ତେବେ ସମଗ୍ର ପୃଥିବୀରେ ସେପରି ଗୋଟିଏ ସହର ମଧ୍ୟ ରହିପାରିବ ନାହିଁ ।

ପଣୟାଳ ଲରକଜୋୟଣ । ବିରକମ୍ପା ସିଦ୍ଧିସିଳ ଫଳିହ ବିମଲା ।
ତଦୁବରି ଗଜୋୟଣଂତେ ଲୋଗଂତୋ ତଚ୍ଛ ସିଦ୍ଧଠିଈ ।

(ପ୍ରକରଣ ରତ୍ନାକର ଭା୪/ସଂଗ୍ରହଣୀ ସୂ୨୫୮)

ସର୍ବାର୍ଥସିଦ୍ଧି ବିମାନର ଧ୍ୱଜା ଉପରେ ବାର ଯୋଜନର ସିଦ୍ଧଶିଳା ରହିଛି । ତାହାର ବିସ୍ତୃତି ହେଉଛି ପଇଁଚାଳିଶି ଲକ୍ଷ ଯୋଜନ । ଧବଳବର୍ଣ୍ଣ ସୁବର୍ଣ୍ଣମୟ ସ୍ଫଟିକ ସମାନ ନିର୍ମଳ ସିଦ୍ଧଶିଳାର ଏହା ହେଉଛି ସିଦ୍ଧଭୂମି । ଏହାକୁ କେହି କେହି " ଈଷତ୍ " "ପ୍ରାଗ୍‌ଭରା" ବୋଲି କହନ୍ତି । ଏହି ସର୍ବାର୍ଥ ସିଦ୍ଧଶିଳା ବିମାନଠାରୁ ବାର ଯୋଜନ ପର୍ଯ୍ୟନ୍ତ ଆଲୋକ ରହିଛି । ଏହାର ତତ୍ତ୍ୱକୁ କେବଳ ପରମାର୍ଥୀ ଜ୍ଞାନୀମାନେ ଜାଣନ୍ତି ।ଏହି ସିଦ୍ଧଶିଳା ସର୍ବାର୍ଥ.ମଧ୍ୟ ଭାଗ ହେଉଛି ଆଠ ଯୋଜନ ସ୍ଥୂଳ । ସେଠାରୁ ଚାରିଦିଗ ଓ ଚାରି ଉପଦିଗରେ ବିସ୍ତୀର୍ଣ୍ଣ ହୋଇ ମାଛିର ପକ୍ଷୀ ସଦୃଶ ପତଳା ଉତ୍ତାନଛତ୍ର ଭାବରେ ସିଦ୍ଧଶିଳା ସ୍ଥାପିତ ହୋଇଛି । ଏହି ଶିଳାର ଉପରିଭାଗ ଏକ ଯୋଜନ ଅନ୍ତରରେ ଲୋକାନ୍ତ ରହିଛି । ଏଠାରେ କେବଳ ସିଦ୍ଧଲୋକମାନେ ବସବାସ କରନ୍ତି ॥ ୨୫୮ ॥

ସମୀକ୍ଷକ:- ବର୍ତ୍ତମାନ ବିଚାରକରି ଦେଖାଯାଉ ଯେ, ସର୍ବାର୍ଥ ସିଦ୍ଧ ବିମାନ ଧ୍ୱଜ ଉପରେ ପଇଁଚାଳିଶି ଲକ୍ଷ ଯୋଜନ ବିସ୍ତୀର୍ଣ୍ଣ ଏକ ଶିଳାମାତ୍ର ହେଉଛି ଜୈନମାନଙ୍କର ମୁକ୍ତି ସ୍ଥାନ । ଏହା ଯେତେ ସୁନ୍ଦର,ସ୍ୱଚ୍ଛ, ନିର୍ମଳ ହୋଇଥାଉନା କାହିଁକି, ଏଠାରେ ବସବାସ କରୁଥିବା

ମୁକ୍ତ ଜୀବମାନେ ଏକ ପ୍ରକାର ଆବଦ୍ଧ ହୋଇ ରହନ୍ତି । କାରଣ ଏହି ଶିଳା ପ୍ରଦେଶରୁ ବାହାର ହେବାମାତ୍ରେ ସେମାନେ ମୁକ୍ତି ସୁଖରୁ ବଞ୍ଚିତ ହୁଅନ୍ତି,ଦ୍ୱିତୀୟତଃ ଏହି ପ୍ରଦେଶରେ ଆବଦ୍ଧହୋଇ ରହିଥିବା ପର୍ଯ୍ୟନ୍ତ ନିର୍ମଳ ବାୟୁ ସେବନ କରିପାରନ୍ତି ନାହିଁ । ଏସବୁ ହେଉଛି କେବଳ କଳ୍ପନାମାତ୍ର,ମୂର୍ଖଲୋକମାନଙ୍କୁ ଭୁଲାଇବାପାଇଁ ଏକ ସୁନ୍ଦର ଭ୍ରମଜାଲ ।

ବି ତି ଚଉରିଂଦିସ ସରୀରଂ । ବାରସ ଜୋୟଣଂ ତିକୋସ ଚ ଉକୋସଂ ।
ଜୋୟଣ ସହସ ପଣିଂଦିୟ । ଉହେ ବୁଚ୍ଛଂତ ବିସେସଂତୁ ॥

(ପ୍ରକରଣ ରତ୍ନାକର-ଭା୪/ସଂଗ୍ରହଣୀ ସୂ-୨୬୭)

ସାଧାରଣତଃ ଏକେନ୍ଦ୍ରିୟ ବିଶିଷ୍ଟ ଜୀବର ବୃହତ୍ତମ ଶରୀର ଏକସହସ୍ର ଯୋଜନ ଲମ୍ବ । ଦୁଇ ଇନ୍ଦ୍ରିୟ ବିଶିଷ୍ଟ ଯେଉଁ ଶଙ୍ଖାଦି ଅଛନ୍ତି ସେମାନଙ୍କ ଶରୀର ବାର ଯୋଜନ ଲମ୍ବ । ଏହିପରି କୀଟ,ବୁଢ଼ିଆଣୀ ତିନି ଇନ୍ଦ୍ରିୟ ବିଶିଷ୍ଟ ଜୀବମାନଙ୍କ ଶରୀର ତିନି କୋଶ ଲମ୍ବ ବୋଲି ଜାଣ । ଭ୍ରମରାଦି ଚାରି ଇନ୍ଦ୍ରିୟ ବିଶିଷ୍ଟ ଜୀବର ଶରୀର ଚାରି କୋଶ ଲମ୍ବ ହୋଇଥିବା ସ୍ଥଳେ ,ପଞ୍ଚ ଇନ୍ଦ୍ରିୟ ବିଶିଷ୍ଟ ଜୀବର ଶରୀର ଏକସହସ୍ର ଯୋଜନ ବା ଚାରି ସହସ୍ର କୋଶ ବୋଲି ଜାଣିବାକୁ ହେବ ॥୨୬୭ ॥

ସମୀକ୍ଷକ:- ଚାରି ଚାରି ସହସ୍ର କୋଶ ବିଶିଷ୍ଟ ଶରୀରଧାରୀ ଜୀବ ହେଲେ ଏହି ପୃଥିବୀ କେତେଶହ ଲୋକରେ ପୂର୍ଣ୍ଣ ହୋଇଯିବ । ଚଳପ୍ରଚଳ ହେବାପାଇଁ ଅନ୍ୟ କେହି ସ୍ଥାନ ପାଇପାରିବେ ନାହିଁ । ସେତେବେଳେ ଲୋକମାନେ ରହିବାପାଇଁ ଘର ଓ ଯାତାୟତ କରିବାପାଇଁ ରାସ୍ତା କୁଆଡ଼େ ବୋଲି ପଚାରିଲେ ଜୈନମାନେ ନିଜ ଘର ମଧ୍ୟରେ କେବଳ ନିଜ ଗୁରୁଙ୍କର ଲେଖାକୁ ଚାହିଁ ରହିବେ । ଚାରି ସହସ୍ର କୋଶ ପରିମିତ ଶରୀରଧାରୀ ଯେ କୌଣସି ଜୀବ ସକାଶେ ବତିଶି ସହସ୍ର କୋଶ ପରିମିତ ଘର ଆବଶ୍ୟକ ହେବ । ଜୈନମାନଙ୍କ ସମସ୍ତ ଧନ ଖର୍ଚ୍ଚ କଲେ ମଧ୍ୟ ଏପରି ଏକ ଘର ନିର୍ମାଣ କରି ହେବ ନାହିଁ । ଆଠହଜାର କୋଶ ପରିମିତ ଛାତପାଇଁ କଡ଼ି,ବାଉଁଶ ପ୍ରଭୃତି ଆସିବ କେଉଁଠାରୁ ? ସେ ଘର ଭିତରକୁ ପୁଣି ପ୍ରବେଶ କରାଯିବ କିପରି ? ଏସବୁ ତାହାମିଛ ବ୍ୟତୀତ ଅନ୍ୟକିଛି ନୁହେଁ ।

ତେ ଥୂଲା ପଲ୍ଲେ ବିହୁ ସଂଖ୍ୟା ତେବହୁଂତି ସବ୍‌ବେବି ।
ତେ ଇକ୍କିକ୍କ ଅସଂଖେ । ସୁହୁମେ ଖଣ୍ଡେ ପକପ୍‌ପେହ ॥

(ପ୍ରକରଣ ଭା୪/ ଲଘୁକ୍ଷେତ୍ର ସମାସ ପ୍ରକରଣ ସୂ-୪)

ପୂର୍ବୋକ୍ତ ଏକ ଅଙ୍ଗୁଳ ଲୋମଖଣ୍ଡଦ୍ୱାରା ଚାରି କୋଶ ଲମ୍ବ, ଚାରି କୋଶ ଓସାର ଓ ସେତିକି ଗଭୀର କୂଅରେ ପକାଇଲେ ସମସ୍ତ ମିଳି କୋଡ଼ିଏଲକ୍ଷ ସତାବନ ହଜାର ଏକଶତ ବାବନ ହୁଏ, ଓ ଅଧିକରୁ ଅଧିକ ୩୩୦,୭୬୨୧୦୪,୨୪୬୫୬୨୫, ୪୨୧୯୯୬୦,୯୭୫୩୬୦୦,୦୦୦୦୦୦୦ ଯୋଜନ ପଲ୍ୟୋପମରେ ସର୍ବସ୍ଥୂଳ ରୋମଖଣ୍ଡ ସଂଖ୍ୟାରେ ସଂଖ୍ୟାତକାଳ ହୋଇଥାଏ । ପୂର୍ବୋକ୍ତ ଏକ ଲୋମଖଣ୍ଡର ଅସଂଖ୍ୟାତଖଣ୍ଡ ମନରେ କଳ୍ପନାକଲେ ଅସଂଖ୍ୟାତ ସୂକ୍ଷ୍ମରୋମାଣୁ ହୁଏ ।

ସମୀକ୍ଷକ:-ଏମାନଙ୍କ ଗଣନାର ରୀତିକୁ ଦେଖିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ । ଏକ ଅଙ୍ଗୁଳ ଲୋମକୁ କେତୋଟି ଖଣ୍ଡରେ ବିଭକ୍ତ କଲେ କଣ ଗଣନା କରାଯାଇ ପାରିବ ? ଏହାପରେ ମନରେ ପୁଣି ଅସଂଖ୍ୟଖଣ୍ଡ କଳ୍ପନା କରିଛନ୍ତି । ଏଥିରୁ ଜଣାପଡୁଛି ପୂର୍ବୋକ୍ତ ଖଣ୍ଡ ହାତରେ ହୋଇଥିବ । ଯେତେବେଳେ ହାତରେ ହୋଇ ପାରିଲା ନାହିଁ ସେତେବେଳେ ମନରେ କଳ୍ପନା କରିବା ଆରମ୍ଭ କରିଦେଲେ । ଏହା କେବେ କଣ ସମ୍ଭବ ହୋଇପାରେ ?

ଜମ୍ବୁଦ୍ୱୀପପମାଣଂ ଗୁଲଜୋୟଣଲରକ ବଜବିରକଂଭୀ ।
ଲବଣାଈ ଯାସେସା । ବଳଯାଭା ଦୁଗୁଣ ଦୁଗୁଣାୟ ॥

(ପ୍ରକରଣ ଭା୪/ଲଘୁକ୍ଷେତ୍ରସମାସ -ସୂ-୧୨)

ପ୍ରଥମ ଜମ୍ବୁଦ୍ୱୀପର ଆୟତନ ଏକଲକ୍ଷ ଯୋଜନ । ଏହାର ମଧ୍ୟ ଭାଗ ଗୋଲ ଅଟେ । ଲବଣାଦି ସାତ ସମୁଦ୍ର,ସାତଦ୍ୱୀପ,ଜମ୍ବୁଦ୍ୱୀପ ପ୍ରମାଣରେ ଦୁଇଗୁଣ ଅଟେ । ଏହି ପୃଥିବୀରେ ଜମ୍ବୁଦ୍ୱୀପ ପ୍ରଭୃତି ସାତ ଦ୍ୱୀପ ଓ ସାତ ସମୁଦ୍ର ରହିଅଛି ॥ ୧୨ ॥

ସମୀକ୍ଷକ:- ଜମ୍ବୁଦ୍ୱୀପଠାରୁ ଅନ୍ୟ ଦ୍ୱିତୀୟ ଦ୍ୱୀପ ଦୁଇଲକ୍ଷ ଯୋଜନ, ତୃତୀୟ ଦ୍ୱୀପ ଚାରିଲକ୍ଷ ଯୋଜନ, ଚତୁର୍ଥ ଆଠଲକ୍ଷ ଯୋଜନ,ପଞ୍ଚମ ଷୋଳ ଲକ୍ଷ ଯୋଜନ, ଷଷ୍ଠ ବତିଶି

ଲକ୍ଷ ଯୋଜନ, ଓ ସପ୍ତମ ଚୌଷଠି ଲକ୍ଷ ଯୋଜନ ।ପୁଣି ଏହି ପ୍ରମାଣର ବା ଏହାଠାରୁ ଅଧିକ ସାତସମୁଦ୍ର । ଏହି ସବୁ ଦ୍ୱୀପ ଓ ସମୁଦ୍ର ପନ୍ଦର ସହସ୍ର ପରିଧିଯୁକ୍ତ ପୃଥିବୀରେ କିପରି ରହିପାରିବ ? ଅତଏବ ଏସବୁ ମିଥ୍ୟା ବ୍ୟତୀତ ଅନ୍ୟ କିଛି ନୁହେଁ ।

କୁରୁ ନଈ ଚୁଲସୀ ସହସା । ଛଚ୍ଚେବନ୍ତରନଈଉ ପଇ ବିଜୟଂ ।
ଦୋ ଦୋ ମହା ନଈଉ । ଚଉଦସ ସହସାଉ ପତ୍ତେୟଂ ॥

(ପ୍ରକରଣ ରତ୍ନସାର ଭା୪/ଲଘୁକ୍ଷେତ୍ରସମାସ -ସୂ-୬୩)

କୁରୁକ୍ଷେତ୍ରରେ ଚଉରାଶି ହଜାର ନଦୀ ରହିଛି ॥ ୬୩ ॥

ସମୀକ୍ଷକ:- କୁରୁକ୍ଷେତ୍ର ହେଉଛି ଏକ କ୍ଷୁଦ୍ର ପ୍ରଦେଶ । କୁରୁକ୍ଷେତ୍ରକୁ ନ ଦେଖି ଏପରି ମିଥ୍ୟାକଥା ଲେଖିବାପାଇଁ ଏମାନଙ୍କୁ ସାମାନ୍ୟ ଲଜ୍ଜାବୋଧ ମଧ୍ୟ ହେଲା ନାହିଁ ।

ଜାମ୍ମୁତରାଉ ତାଉ । ଇଗେଗ ସିଂହାସଣାଉ ଅଇପୁବ୍ବଂ ।
ଚଉସୁବି ତାସୁ ନିୟାସଣ ଦିସି ଭବଜିଣ ମଜ୍ଜଣଂ ହୋଇ ॥

(ପ୍ରକରଣ ରତ୍ନକାର-ଭା୪/ଲଘୁକ୍ଷେତ୍ରସମାସ -ସୂ-୧୧୯)

ସେହି ଶିଳାର ଉତ୍ତର ଓ ଦକ୍ଷିଣ ଭାଗରେ ଦୁଇଟି ସିଂହାସନ ରହିଛି । ଦକ୍ଷିଣ ଦେଶରେ ଥିବା ସିଂହାସନର ନାମ " **ଅତିପାଣ୍ଡୁ କମ୍ବଳା** " ହୋଇଥିବା ସ୍ଥଳେ ଉତ୍ତର ଦେଶରେ ଥିବା ସିଂହାସନର ନାମ ହେଉଛି " **ଅତିରକ୍ତ କମ୍ବଳା** " ସେହି ସିଂହାସନ ଉପରେ ତୀର୍ଥଙ୍କରମାନେ ବସନ୍ତି ॥ ୧୧୯ ॥

ସମୀକ୍ଷକ:- ଏମାନଙ୍କ ତୀର୍ଥଙ୍କରମାନଙ୍କ ଜନ୍ମୋତ୍ସବାଦି ପାଳିତ ହେଉଥିବା ଶିଳାକୁ ଦେଖନ୍ତୁ । ଏହା ହେଉଛି ଜୈନମାନଙ୍କର ସିଦ୍ଧଶିଳା ବା ମୁକ୍ତି ସ୍ଥାନ । ଜୈନଧର୍ମସଂପର୍କୀୟ ପୁସ୍ତକ ମାନଙ୍କରେ ଏପରି ଅନେକ ଗୋଳମାଳିଆ ଗଳ୍ପଗୁଡ଼ାକ ଲିଖିତ ହୋଇଛି ; ସେ ସବୁ ଲେଖିବା କି ଦରକାର ? କାରଣ ଖଜୁରି ଗଛର କିଗୁଣ ଗାଇବି ସେତ ମୂଳରୁ ପାହାଡ଼ ପାହାଡ଼ ।

ଜଳକୁ ଛାଣି ପିଇବା, ସୂକ୍ଷ୍ମ ଜୀବମାନଙ୍କ ପ୍ରତି ନାମମାତ୍ର ହେଉ ପଛକେ ଦୟା ରଖିବା ଓ ରାତ୍ରିରେ ଭୋଜନ ନ କରିବା- ଏହି ତିନୋଟି ଏମାନଙ୍କର ଉତ୍ତମକାର୍ଯ୍ୟ ।

ଅନ୍ୟ ଯା କିଛି ରହିଛି ସେସବୁ ମିଥ୍ୟା ତଥା ଅସମ୍ଭବ । ଏହି ସଂକ୍ଷିପ୍ତ ଆଲୋଚନାରୁ ବିଜ୍ଞଲୋକ ମାନେ ଅନେକ କିଛି ଜାଣିପାରିବେ । ତେଣୁ ଦୃଷ୍ଟାନ୍ତ ସ୍ୱରୂପ ଏତମାତ୍ର ଲେଖାଗଲା । ଅନ୍ୟସମସ୍ତ ଅସମ୍ଭବ କଥାମାନ ଲେଖିବସିଲେ ସେସବୁ ଗୋଟିଏ ବିରାଟ ଗ୍ରନ୍ଥ ହେବ । ତାକୁ ପଢ଼ିବାପାଇଁ ଜଣେ ଲୋକର ଆୟୁଷ ମଧ୍ୟ ଯଥେଷ୍ଟ ହେବନାହିଁ । ଭାତ ହାଣ୍ଡିରୁ ଗୋଟିଏ ଭାତ ଦେଖିଲେ ସବୁ ଭାତ ହେବା ନ ହେବା ଯେପରି ଜଣାପଡ଼େ,ସେହିପରି ଏହି ଅଳ୍ପ ଲେଖାରୁ ବୁଦ୍ଧିମାନ୍ ଲୋକମାନେ ଅନେକ ବିଷୟ ଜାଣି ପାରିବେ । ବୁଦ୍ଧିମାନ୍ ବ୍ୟକ୍ତିଙ୍କପାଇଁ ଅଧିକ ଲେଖିବା ଅନାବଶ୍ୟକ । କାରଣ ସାମାନ୍ୟ ଦିଗ୍‌ଦର୍ଶନରେ ସେମାନେ ସଂପୂର୍ଣ୍ଣ ଆଶୟକୁ ଜାଣିବାରେ ସମର୍ଥ ହୋଇଥାନ୍ତି । ଏହାପରେ ଖ୍ରୀଷ୍ଟିୟାନ୍ ମତ ବିଷୟରେ ଲେଖାଯିବ ।

ଇତି ଶ୍ରୀମଦ୍ ଦୟାନନ୍ଦ ସରସ୍ୱତୀ ସ୍ୱାମୀ ନିର୍ମିତେ ସତ୍ୟାର୍ଥ ପ୍ରକାଶେ ସୁଭାଷା ବିଭୂଷିତେ ନାସ୍ତିକମତାନ୍ତର୍ଗତ ଚାର୍ବାକ ବୌଦ୍ଧଜୈନ ମତ ଖଣ୍ଡନ ମଣ୍ଡନ ବିଷୟେ ଦ୍ୱାଦଶଃ ସମୁଲ୍ଲାସଃ ସଂପୂର୍ଣ୍ଣଃ ॥ ୧୨ ॥

ଅନୁଭୂମିକା(୩)

ଏହି ଯେଉଁ ବାଇବେଲ ଅଛି,ତହିଁରେ ଯେ କେବଳ ଇସାଇ ବା ଖ୍ରୀଷ୍ଟମତ ପ୍ରତିଷ୍ଠିତ ତା ନୁହେଁ, ଏଥିରେ ଇହୁଦି ଆଦି ମତ ମଧ୍ୟ ଅନ୍ତର୍ଭୁକ୍ତ । ଏହି ତ୍ରୟୋଦଶ ସମୁଲ୍ଲାସରେ ଇସାଇ ମତ ବିଷୟରେ ଯାହା କିଛି ଲେଖାଯାଇଛି ତହିଁରେ ଇସାଇ ମୁଖ୍ୟ ଓ ଇହୁଦି ଆଦି ମତ ଗୌଣରୂପେ ବିବେଚିତ ହେବ । ମୁଖ୍ୟକୁ ଗ୍ରହଣ କଲେ ଗୌଣ ମଧ୍ୟ ଗୃହୀତ ହୋଇଥାଏ ।ତେଣୁ ବାଇବେଲ ଗ୍ରନ୍ଥରେ ଇହୁଦି ମତ ମଧ୍ୟ ଗୃହୀତ ହୋଇଛି ଏହା ବିଚାରିବାକୁ ହେବ । ବାଇବେଲର ଯେଉଁ ଯେଉଁ ବିଷୟକୁ ଇସାଇ,ଇହୁଦି ଆଦି ଧର୍ମାବଲମ୍ବୀମାନେ ମାନନ୍ତି, ଆମ୍ଭେ ଏଠାରେ ବାଇବେଲର ସେହିସବୁ ବିଷୟଗୁଡ଼ିକୁ ସମାଲୋଚନା କରିବୁ ।

ଏହି ପୁସ୍ତକ ଅନେକ ଭାଷାରେ ଅନୂଦିତ ହୋଇଛି । ଏହି ଗ୍ରନ୍ଥର ଅନୁବାଦ ବଡ଼ ବଡ଼ ପାଦ୍ରୀମାନେ କରିଛନ୍ତି । ସେ ସମସ୍ତ ମଧ୍ୟରୁ ଦେବନାଗରୀ ବା ସଂସ୍କୃତ ଭାଷାନ୍ତର ଦେଖି ମୋ ମନରେ ବାଇବେଲ୍ ସଂପର୍କରେ କେତେଗୁଡ଼ିକ ଶଙ୍କା ସୃଷ୍ଟି ହେଲା । ତନ୍ମଧ୍ୟରୁ କେତେକ ଶଙ୍କାମାତ୍ର ଏହି ତ୍ରୟୋଦଶ ସମୁଲ୍ଲାସରେ ସମସ୍ତଙ୍କ ବିଚାରପାଇଁ ଅବତାରଣା କରାଯାଇଛି । ଏହା ପୂର୍ବରୁ ପାଠକ-ପାଠିକାମାନଙ୍କୁ ମୁଁ ସୂଚାଇ ଦେଇଛି ଯେ····· ମୋର ଏହି ପୁସ୍ତକ ଲେଖିବାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ସତ୍ୟର ଅଭିବୃଦ୍ଧି କରି ମିଥ୍ୟାର ହ୍ରାସ ଘଟାଇବା । କାହା ମନରେ ଦୁଃଖ ବା ଆଘାତ ଦେବା,କାହା ଉପରେ ମିଥ୍ୟା ଦୋଷାରୋପ କରିବା, ବା କାହାର କ୍ଷତି ସାଧନ କରିବା ଏ ପୁସ୍ତକର ଉଦ୍ଦେଶ୍ୟ କଦାପି ନୁହେଁ ।ପାଠକଗଣ ଏହା ପାଠ କରି ସାରିବାପରେ ପ୍ରକୃତ ଉଦ୍ଦେଶ୍ୟ ଜାଣିପାରିବେ । ଏହି ସମୁଲ୍ଲାସ ପାଠକରି ବାଇବେଲ୍ ଧର୍ମ ପୁସ୍ତକ କିପରି,ତହିଁର ମତାମତ କିପରି, ତାସହଜରେ ପାଠକପାଠିକାଗଣ ବୁଝି ପାରିବେ । ଯେଣୁ ସେମାନଙ୍କ ପକ୍ଷରେ ନିଜେ ଦେଖିବା,ଶୁଣିବା,ଲେଖିବା ପ୍ରଭୃତି ସହଜସାଧ୍ୟ ହୋଇପାରିବ । ପୁଣି ସେମାନେ ସପକ୍ଷ,ବିପକ୍ଷ ବିଚାରପୂର୍ବକ ଇସାଇ ମତର ତର୍ଜମା ମଧ୍ୟ କରିପାରିବେ । ତଦ୍ୱାରା ମନୁଷ୍ୟମାନଙ୍କର ଧର୍ମ ବିଷୟକଜ୍ଞାନ ବୃଦ୍ଧି ହୋଇ, ଯଥାଯୋଗ୍ୟ ସତ୍ୟାସତ୍ୟ ମତ,

କର୍ତ୍ତବ୍ୟାକର୍ତ୍ତବ୍ୟ ତଥା ଧର୍ମ ସମ୍ବନ୍ଧୀୟ ବିଷୟବସ୍ତୁ ବିଦିତ ହେବ । ପୁଣି ସତ୍ୟ ଓ କର୍ତ୍ତବ୍ୟ କର୍ମର ଅନୁଷ୍ଠାନ ପୁଣି ଅସତ୍ୟ ଓ ଅକର୍ତ୍ତବ୍ୟ କର୍ମର ପରିହାର ସହଜସାଧ୍ୟ ହେବ ।

ପ୍ରତ୍ୟେକ ବ୍ୟକ୍ତିର ଉଚିତ ହେଉଛି ସମସ୍ତଧର୍ମର ଗ୍ରନ୍ଥମାନ ପାଠକରି ନିଜର ସମ୍ମତି ବା ଅସମ୍ମତି ପ୍ରକାଶ କରିବା । କେହି ଯଦି ପାଠ କରି ନ ପାରେ ତେବେ ଶୁଣିଲେ ମଧ୍ୟ ତାର ଜ୍ଞାନ ବୃଦ୍ଧି ହୋଇଥାଏ । କାରଣ ପାଠ କରିବାଦ୍ୱାରା ଲୋକ ଯେପରି ପଣ୍ଡିତ ହୋଇଥାଏ,ଶୁଣିବାଦ୍ୱାରା ସେହିପରି ବହୁଶ୍ରୁତ ହୋଇଥାଏ । ଶ୍ରୋତା ଯଦି ଅନ୍ୟ କାହାକୁ ବୁଝାଇ ନ ପାରେ ତେବେ ନିଜେ ସମସ୍ତ ବିଷୟ ବୁଝିଥାଏ । ପକ୍ଷପାତରୂପକ ଯାନରେ ଚଢ଼ି ଦେଖିଲେ ନିଜର ବା ଅନ୍ୟମାନଙ୍କର ଗୁଣଦୋଷ କଦାପି ଦେଖି ହୁଏ ନାହିଁ । ମନୁଷ୍ୟର ଆତ୍ମା ଯଥାଯୋଗ୍ୟ ଓ ସତ୍ୟାସତ୍ୟ ନିର୍ଣ୍ଣୟ କରିବାରେ ଏକାବେଳକେ ସମର୍ଥ ହୋଇଥାଏ । ଏଣୁ ଯେଉଁ ମନୁଷ୍ୟ ନିଷ୍ପକ୍ଷପାତ ହୋଇ ଯାହା କିଛି ପଢ଼େ ବା ଯାହା କିଛି ଶୁଣେ ସେସବୁର ସତ୍ୟାସତ୍ୟ ନିର୍ଣ୍ଣୟ କରିବାରେ ସମର୍ଥ ହୋଇଥାଏ । ଗୋଟିଏ ଧର୍ମର ଲୋକ ଅନ୍ୟଧର୍ମର ଗ୍ରନ୍ଥ ଯେ ପର୍ଯ୍ୟନ୍ତ ପାଠ କରି ନ ଥାଏ,ସେ ପର୍ଯ୍ୟନ୍ତ ସମସ୍ତ ବିଷୟ ଉତ୍ତମରୂପେ ଅବଗତ ହୋଇପାରେ ନାହିଁ। ଅଜ୍ଞାନତାଦ୍ୱାରା ସର୍ବଦା ଭ୍ରମଜାଲରେ ଆବଦ୍ଧ ହେବାକୁ ପଡ଼େ । ଏଣୁ ଏ ପୁସ୍ତକରେ ପ୍ରତ୍ୟେକ ଧର୍ମ ସମ୍ପର୍କରେ ଆଲୋଚନା କରାଯାଇଛି । ତଦ୍ୱାରା ସମସ୍ତେ ସହଜରେ ଜାଣିପାରିବେ ଯେ କେଉଁଥିରେ କି ପ୍ରକାର ସତ୍ୟ ଓ କି ପ୍ରକାର ଅସତ୍ୟ ରହିଅଛି । ଯାହା ସର୍ବଜନସମ୍ମତ ସତ୍ୟ ତାହା ସବୁଠାରେ ସମାନ ହୋଇଥାଏ । କିନ୍ତୁ ଅସତ୍ୟପାଇଁ ସବୁଠାରେ କଳହ ସୃଷ୍ଟି ହୋଇଥାଏ । ଯଦି ଗୋଟିଏ ସତ୍ୟ ହୋଇ ଅନ୍ୟ ଗୋଟିଏ ମିଥ୍ୟା ହୋଇଥାଏ ତେବେ ସେଠାରେ ମଧ୍ୟ କିଛିଟା ବିବାଦ ସୃଷ୍ଟି ହୁଏ । ଯଦି ବାଦୀ ପ୍ରତିବାଦୀ ଉଭୟେ ସତ୍ୟାସତ୍ୟ ନିର୍ଣ୍ଣୟ କରିବାପାଇଁ ବାଦ ପ୍ରତିବାଦ କରନ୍ତି ତେବେ ସେଠାରେ ସୁପଥ ଆବିଷ୍କୃତ ହୋଇଥାଏ ।

ବର୍ତ୍ତମାନ ମୁଁ ଏହି ତ୍ରୟୋଦଶ ସମୁଲ୍ଲାସରେ ଇସାଇ ଧର୍ମବିଷୟରେ କେତେକ ଦୃଷ୍ଟାନ୍ତ ଓ ଆଲୋଚନା ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନା କରୁଛି । ସେସବୁ କିପରି ଅଟେ, ତା ଆପଣମାନେ ବିଶ୍ଳେଷି ଦେଖିବେ ।

—: ଅଲମତିଲେଖେନ ବିଚକ୍ଷଣବରେଷୁ :—

ଅଥ ତ୍ରୟୋଦଶ ସମୁଲ୍ଲାସାରମ୍ଭଃ

ଅଥ କୃଷ୍ଚୀନମତବିଷୟଂ ବ୍ୟାଖ୍ୟାସ୍ୟାମଃ

ବର୍ତ୍ତମାନ ଈସାଇ ମତ ବିଷୟରେ ଲେଖୁଅଛୁ । ଏହାଦ୍ୱାରା ସମସ୍ତେ ଜାଣି ପାରିବେ ଯେ ସେମାନଙ୍କ ମତ ଦୋଷଶୂନ୍ୟ ଓ ଧର୍ମଗ୍ରନ୍ଥ ବାଇବେଲ ଈଶ୍ୱରକୃତ ଅଟେ କି ନୁହେଁ? ପ୍ରଥମେ ବାଇବେଲର ତୌରେତଙ୍କ ବିଷୟ ଲେଖାଯାଉଛି......

୧- ଆରମ୍ଭରେ ଈଶ୍ୱର ଆକାଶ ଓ ପୃଥିବୀକୁ ସୃଷ୍ଟିକଲେ । ପୃଥିବୀ ଅସମାନ ଓ ଶୂନ୍ୟ ଥିଲା । ଗଭୀର ଅଞ୍ଚଳରେ ଅନ୍ଧାର ଥିଲା ଓ ଈଶ୍ୱରଙ୍କ ଆତ୍ମା ଜଳଉପରେ ଭାସୁଥିଲା । (ପର୍ବ ୧ / ଆୟ ୧-୨)

ସମୀକ୍ଷକ:- ଆରମ୍ଭ ତୁମେ କାହାକୁ କହୁଛ ?

ଈସାଇ:- ସୃଷ୍ଟିର ପ୍ରଥମ ଉତ୍ପତ୍ତିକୁ ।

ସମୀକ୍ଷକ:- ଏ ସୃଷ୍ଟି କଣ ପୂର୍ବରୁ ନ ଥିଲା ଯେ, ପ୍ରଥମେ ସୃଷ୍ଟିହେଲା ?

ଈସାଇ:- ଏହା ପୂର୍ବରୁ ଥିଲା କି ନ ଥିଲା,ଆମେ ତାହା ଜାଣି ନାହୁଁ ।ଈଶ୍ୱର ସେସବୁ ଜାଣନ୍ତି ।

ସମୀକ୍ଷକ:- ଯଦି ଜାଣିନାହଁ, ତେବେ ଏହି ପୁସ୍ତକ କଥାରେ ବିଶ୍ୱାସ କରୁଛ କାହିଁ କି ? ଯହିଁରେ ସନ୍ଦେହ ଦୂର ହୁଏ ନାହିଁ, ତାହା ଉପରେ ନିର୍ଭରକରି ଲୋକଙ୍କୁ ଉପଦେଶ ଦେଇ, ସେହି ସନ୍ଦେହପୂର୍ଣ୍ଣମତରେ ଭର୍ତ୍ତି କରୁଛ କାହିଁ କି ? ପୁନଶ୍ଚ ନିଃସନ୍ଦେହ ସର୍ବଶଙ୍କା ନିବାରକ ବେଦମତକୁ ସ୍ୱୀକାର କରୁନାହଁ କାହିଁକି ? ଯଦି ତୁମ୍ଭେମାନେ ଈଶ୍ୱରଙ୍କ ସୃଷ୍ଟି ବିଷୟରେ ଜାଣିନାହଁ, ତେବେ ଈଶ୍ୱରଙ୍କୁ କିପରି ଜାଣିପାରୁଥିବ ? ତୁମେ ଆକାଶ ବୋଲି କାହାକୁ କହୁଛ ?

ଈସାଇ:- ଶୂନ୍ୟ ଓ ଉପରକୁ ।

ସମୀକ୍ଷକ:- ଶୂନ୍ୟର ଉତ୍ପତ୍ତି କିପରି ହେଲା ? ପୁଣି ଏହା ସର୍ବବ୍ୟାପକ ଓ ଅତି ସୂକ୍ଷ୍ମ ପଦାର୍ଥ ପୁଣି ଉପର ତଳ ସର୍ବତ୍ର ସମାନ । ଯେତେବେଳେ ଆକାଶ ସୃଷ୍ଟି ହୋଇ ନ ଥିଲା ସେତେବେଳେ ପୋଲ ବା ଶୂନ୍ୟ ଓ ଅବକାଶ ଥିଲା ନା ନାହିଁ ? ଯଦି ନ ଥିଲା ତେବେ

ଈଶ୍ୱର,ଜଗତର କାରଣ ଓ ଜୀବ କେଉଁଠାରେ ଥିଲେ ? ଆକାଶ ବ୍ୟତୀତ କୌଣସି ପଦାର୍ଥ ସ୍ଥିତ ହୋଇପାରେ ନାହିଁ । ଏଣୁ ତୁମର ବାଇବେଲ କଥନ ଯୁକ୍ତିଯୁକ୍ତ ନୁହେଁ । ଈଶ୍ୱର ଅସମାନ, ତାଙ୍କର ଜ୍ଞାନ,କର୍ମ ଅସମାନ ନା ସବୁକିଛି ସମାନ ?

ଈସାଇ:- ସବୁ ସମାନ ।

ସମୀକ୍ଷକ:- ତେବେ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ପୃଥିବୀ ଅସମାନ ବୋଲି ଉଲ୍ଲେଖ କରିଛ କାହିଁ କି ?

ଈସାଇ:- ଏହାର ଅର୍ଥ ହେଉଛି ଆବଡ଼ା,ଖାବଡ଼ା ବା ଉଚ୍ଚ-ନୀଚ୍ ।

ସମୀକ୍ଷକ:- ପରେ କିଏ ଏହାକୁ ସମାନ କଲା ? ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଉଚ୍ଚ,ନୀଚ୍ ହୋଇ ରହି ନାହିଁକି ? ଈଶ୍ୱରଙ୍କ କାର୍ଯ୍ୟ କେବେହେଁ ଅସମାନ ହୋଇ ନ ପାରେ । ଯେଣୁ ସେ ହେଉଛନ୍ତି ସର୍ବଜ୍ଞ, ତାଙ୍କ କାର୍ଯ୍ୟରେ କୌଣସି ଭୁଲ୍ ନାହିଁ, କିମ୍ବା ଭୁଲ୍ ହେବାର ସମ୍ଭାବନା ମଧ୍ୟ ନାହିଁ । ବାଇବେଲ୍‌ରେ ଈଶ୍ୱରଙ୍କ ସୃଷ୍ଟିକୁ ଅଣାକାର ବୋଲି କୁହାଯାଇଛି, ତେଣୁ ଏଥିରୁ ସ୍ପଷ୍ଟରୂପେ ପ୍ରମାଣିତ ହେଉଛି ଯେ ବାଇବେଲ୍ ଈଶ୍ୱରକୃତ ନୁହେଁ । ତେବେ କହିଲ ଦେଖି ଈଶ୍ୱରଙ୍କ ଆତ୍ମା କି ପ୍ରକାର ପଦାର୍ଥ ?

ଈସାଇ:- ଚେତନ ପଦାର୍ଥ ।

ସମୀକ୍ଷକ:- ସେ ସାକାର ନା ନିରାକାର ? ପୁଣି ସେ ବ୍ୟାପକ ନା ଏକଦେଶୀ ?

ଈସାଇ:- ନିରାକାର,ଚେତନ ଓ ବ୍ୟାପକ ହେଲେ ମଧ୍ୟ ସେ ବିଶେଷ ଭାବରେ ସନାଇ ପର୍ବତ,ଚତୁର୍ଥ ଆକାଶ ପ୍ରଭୃତି ସ୍ଥାନରେ ରହନ୍ତି ।

ସମୀକ୍ଷକ:- ଯଦି ସେ ନିରାକାର,ତେବେ ତାଙ୍କୁ କିଏ କିପରି ଦେଖି ପାରିବ ? ଯଦି ସେ ସର୍ବବ୍ୟାପକ ତେବେ ତାଙ୍କ ଆତ୍ମା ଜଳଉପରେ କିପରି ଭାସିବ ? ଯଦି ଈଶ୍ୱରଙ୍କ ଆତ୍ମା ଜଳ ଉପରେ ଭାସୁଥିଲା ସେତେବେଳେ ତାଙ୍କ ଶରୀର କେଉଁଠାରେ ଥିଲା ? ଏଥିରୁ ଜଣାପଡୁଛି ଯେ ଈଶ୍ୱରଙ୍କ ଶରୀର ଅନ୍ୟ କେଉଁଠି ରହିଥିବ ଅଥବା ନିଜ ଆତ୍ମାର କିଛି ଅଂଶକୁ ସେ ଜଳଉପରେ ଭସାଇଥିବେ । ଏପରି ହେଲେ ସେ ସର୍ବଜ୍ଞ ବା ସର୍ବବ୍ୟାପକ ହୋଇପାରିବେ ନାହିଁ । ଯଦି ସେ ସର୍ବବ୍ୟାପକ ନୁହନ୍ତି ତେବେ ସେ ଏହି ଜଗତର ସର୍ଜନ,ପାଳନ ଓ ଧାରଣ,ପୁଣି ସଂହାର କରିପାରିବେ ନାହିଁ । ପୁଣି ଜୀବମାନଙ୍କୁ

କର୍ମାନୁସାରେ ଫଳ ମଧ୍ୟ ଦେଇପାରିବେ ନାହିଁ । କାରଣ ଯେଉଁ ପଦାର୍ଥ ଏକଦେଶୀ,ତାହାର ଗୁଣ,କର୍ମ ଓ ସ୍ୱଭାବ ମଧ୍ୟ ଏକଦେଶୀ ହେବ । ଏପରି ହେଲେ ସେ ଈଶ୍ୱର ହୋଇପାରିବେ ନାହିଁ । କାରଣ ଈଶ୍ୱର ସର୍ବବ୍ୟାପକ,ଅନନ୍ତ ଗୁଣ କର୍ମ ସ୍ୱଭାବଯୁକ୍ତ,ସଚ୍ଚିଦାନନ୍ଦ ସ୍ୱରୂପ, ନିତ୍ୟ,ଶୁଦ୍ଧ,ବୁଦ୍ଧ,ମୁକ୍ତସ୍ୱଭାବ,ଅନାଦି ଓ ଅନନ୍ତାଦି ଲକ୍ଷଣଯୁକ୍ତ ବୋଲି ବେଦରେ କୁହାଯାଇଛି । ତୁମେ ଯଦି ନିଜର କଲ୍ୟାଣ କାମନା କରୁଥାଅ,ତେବେ ବେଦ କଥାକୁ ସ୍ୱୀକାର କର । ନଚେତ୍ ଅନ୍ଧକାରରେ ସବୁଦିନପାଇଁ ଘୁରି ବୁଲୁଥିବ ॥ ୧ ॥

୨- ଈଶ୍ୱର କହିଲେ ଉଜ୍ଜ୍ୱଳ ହେଉ, ତାପରେ ଆଲୋକ ହୋଇଗଲା । ଈଶ୍ୱର ସେହି ଉଜ୍ଜ୍ୱଳତାକୁ ଦେଖିଲେ,ଯେ ତାହା ଅତ୍ୟନ୍ତ ଭଲହୋଇଛି ।

(ତୌ.ଉତ୍ପତ୍ତି-ପ-୧/ଆ-୩-୪)

ସମୀକ୍ଷକ:- ଆଲୋକ ହେଉଛି ଜଡ଼,ତେବେ ସେ ଈଶ୍ୱରଙ୍କ କଥାକୁ ଶୁଣିଲା କିପରି ? ଯଦି କହିବ ଶୁଣିଥିଲା,ତେବେ ଆଜିକାଲି ତୁମ୍-ଆମ୍ କଥାକୁ ସୂର୍ଯ୍ୟ ଓ ଦୀପାଗ୍ନିର ପ୍ରକାଶ ଶୁଣୁନାହାନ୍ତି କାହିଁକି ? ଆଲୋକ ଜଡ଼ପଦାର୍ଥ ହୋଇଥିବାରୁ ସେ କେବେ କାହା କଥା ଶୁଣିପାରେ ନାହିଁ । ଈଶ୍ୱର ଆଲୋକକୁ ଦେଖି କହିଲେ ଯେ ଆଲୋକ ଖୁବ୍ ଭଲ,ତେବେ ସେ କଣ ପୂର୍ବରୁ ଆଲୋକ ଦେଖି ନ ଥିଲେ ? ଯଦି ଦେଖିଥାନ୍ତେ ତେବେ ଏପରି ମନ୍ତବ୍ୟ ଦେଇ ନଥାନ୍ତେ । ସେ ଯଦି ଜାଣି ନଥିଲେ ତେବେ ସେ ଈଶ୍ୱର ନୁହନ୍ତି । ଏଣୁ ତୁମର ବାଇବେଲ ଈଶ୍ୱରୋକ୍ତ ନୁହେଁ,କିମ୍ବା ସେଥିରେ ବର୍ଣ୍ଣିତ ଈଶ୍ୱର ସର୍ବଜ୍ଞ ନୁହନ୍ତି ।

୩- ପୁଣି ଈଶ୍ୱର କହିଲେ ଜଳ ମଧ୍ୟରେ ଆକାଶ ହେବ ଓ ଜଳଦ୍ୱାରା ଜଳ ଭାଗଭାଗ ହେବ । ତାପରେ ଈଶ୍ୱର ଆକାଶ ନିର୍ମାଣ କଲେ । ଆକାଶର ତଳେ ଥିବା ଜଳକୁ ଆକାଶ ଉପରେ ଥିବା ଜଳଠାରୁ ପୃଥକ୍ କଲେ । ତାପରେ ସେହିପରି ହେଲା । ଈଶ୍ୱର ଆକାଶକୁ ସ୍ୱର୍ଗ ବୋଲି ନାମ ଦେଲେ, ତାପରେ ସନ୍ଧ୍ୟା ହେଲା, ପରେ ପରେ ଆସିଲା ଦିନ ।

(ପର୍ବ-୧ଆ୬-୭-୮)

ସମୀକ୍ଷକ:- ତେବେ କଣ ଆକାଶ ଓ ଜଳ ଈଶ୍ୱରଙ୍କ କଥା ଶୁଣିଲେ ? ଜଳରେ ଯଦି ଆକାଶ ନ ଥିଲା ତେବେ ଜଳ କେଉଁଠାରେ କିପରି ରହିଥିଲା ? ପ୍ରଥମ ଆୟତରେ ତ ଈଶ୍ୱର ଆକାଶ ସର୍ଜନା କଲେ, ପୁଣି ଥରେ ଆକାଶ ନିର୍ମାଣ କରିବା ଆବଶ୍ୟକ ପଡ଼ିଲା

କିପରି ? ଯଦି ସେ ଆକାଶକୁ ସ୍ୱର୍ଗ କହିଲେ ତେବେ ଆକାଶ ସର୍ବ ବ୍ୟାପକ ହେତୁ ସର୍ବତ୍ର ସ୍ୱର୍ଗ ହୋଇଗଲା । ତେଣୁ ଉପରକୁ ସ୍ୱର୍ଗ କହିବା ମଧ୍ୟ ବ୍ୟର୍ଥ । ସୂର୍ଯ୍ୟ ତ ଉତ୍ପନ୍ନ ହୋଇ ନ ଥିଲା ତେବେ ଦିନରାତି ହେଲା କେମିତି ? ଏପରି ଅସମ୍ଭବ କଥା ପରବର୍ତ୍ତୀ ଆୟତଗୁଡ଼ିକରେ ପରିପୂର୍ଣ୍ଣ ହୋଇରହିଛି ॥ ୩ ॥

୪- ଈଶ୍ୱର କହିଲେ- ଆମ୍ଭେ ଆମ୍ଭ ସ୍ୱରୂପରେ ଆମ୍ଭ ସମାନ ଆଦମ୍‌କୁ ତିଆରି କରିବା । ତାପରେ ଈଶ୍ୱର ନିଜ ସ୍ୱରୂପ ଅନୁସାରେ ଆଦମ୍‌କୁ ସୃଷ୍ଟିଲେ । ପରେ ଆଦମ୍‌ଠାରୁ ନରନାରୀ ଜାତ ହେଲେ । ଈଶ୍ୱର ସେମାନଙ୍କୁ ଆଶୀର୍ବାଦ ଦେଲେ ।

(ତୌରେତ ଉତ୍ପତ୍ତି ପର୍ବ ୧/ଆ·୨୬-୨୭-୨୮)

ସମୀକ୍ଷକ:- ଈଶ୍ୱର ନିଜ ସ୍ୱରୂପାନୁସାରେ ଆଦମ୍‌କୁ ଗଠନ କଲେ । ଈଶ୍ୱରଙ୍କ ସ୍ୱରୂପ ପବିତ୍ର,ଜ୍ଞାନସ୍ୱରୂପ, ଆନନ୍ଦମୟ ଲକ୍ଷଣଯୁକ୍ତ ଅଟେ,ତେବେ ଆଦମ୍ କାହିଁକି ସେପରି ହୋଇପାରିଲେ ନାହିଁ ? ଯଦି ହେଲେ ନାହିଁ,ତେବେ ଈଶ୍ୱର ମନୁଷ୍ୟମାନଙ୍କୁ ନିଜ ସ୍ୱରୂପରେ ନିର୍ମାଣ କରିନାହାନ୍ତି, ଏହା ସ୍ୱୀକାର କରିବାକୁ ପଡ଼ିବ । ଈଶ୍ୱର ଆଦମ୍‌କୁ ନିଜ ସ୍ୱରୂପରେ ନିର୍ମାଣ କରିଥିବା ବିଷୟରୁ ଜଣାଯାଏ ଯେ ଈଶ୍ୱରଙ୍କ ସ୍ୱରୂପ ନିର୍ମିତ ହୋଇଅଛି । ସ୍ୱରୂପ ନିର୍ମିତ ହେଲେ ସେ ନିତ୍ୟ ହୋଇପାରିବେ ନାହିଁ । ଈଶ୍ୱର ଆଦମ୍‌କୁ କେଉଁଠୁ ଉତ୍ପତ୍ତି କଲେ ?

ଈସାଇ:- ମାଟିରୁ ତିଆରି କଲେ ।

ସମୀକ୍ଷକ:-ମାଟି କେଉଁଠୁ ତିଆରି ହେଲା ? ଈସାଇ— ନିଜର ପ୍ରକୃତି ବା ସାମର୍ଥ୍ୟରୁ ।

ସମୀକ୍ଷକ:- ଈଶ୍ୱରଙ୍କ ସାମର୍ଥ୍ୟ ଅନାଦି କି ନବୀନ ? ଈସାଇ— ଅନାଦି ।

ସମୀକ୍ଷକ:- ଯଦି ଅନାଦି,ତେବେ ଏହି ଜଗତର କାରଣ ସନାତନ,ତେବେ ଅଭାବରୁ ଭାବର ଉତ୍ପତ୍ତି ଆଉ କାହିଁକି ମାନୁଛ ?

ଈସାଇ:- ସୃଷ୍ଟିପୂର୍ବେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ନ ଥିଲା ।

ସମୀକ୍ଷକ:- ଯଦି ନ ଥିଲା ତେବେ ଏ ଜଗତ କେଉଁଥିରୁ ସୃଷ୍ଟି ହେଲା ? ପୁନଶ୍ଚ ଈଶ୍ୱରଙ୍କ ସାମର୍ଥ୍ୟ ଦ୍ରବ୍ୟ ନା ଗୁଣ ? ଯଦି ଦ୍ରବ୍ୟ ତେବେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ ପଦାର୍ଥ ମଧ୍ୟ ଥିଲା । ଯଦି ଗୁଣ ତେବେ ତହିଁରୁ କୌଣସି ଦ୍ରବ୍ୟ ସୃଷ୍ଟି ହୋଇପାରିବ ନାହିଁ । ଉଦାହରଣ

ଯଥା-ରୂପରୁ ଅଗ୍ନି ଓ ରସରୁ ଜଳ ସୃଷ୍ଟି ହୋଇ ପାରିବ ନାହିଁ । ଈଶ୍ୱରଙ୍କଠାରୁ ଜଗତ ଉତ୍ପନ୍ନ ହୋଇଥିଲେ ତାଙ୍କର ଗୁଣ,କର୍ମ ଓ ସ୍ୱଭାବ ମଧ୍ୟ ଜଗତରେ ନିହିତ ହୋଇ ରହିଥାନ୍ତା । ତାଙ୍କ ଗୁଣ,କର୍ମ ଓ ସ୍ୱଭାବର ଅନୁରୂପ ହୋଇ ନ ଥିବାରୁ ଜଗତକୁ ଈଶ୍ୱର ତିଆରି କରିନାହାନ୍ତି, ଏହା ନିରାଟ ସତ୍ୟକଥା । ଏହା ଜଗତର କାରଣ ଅର୍ଥାତ୍ ପରମାଣୁ ନାମକ ଏକ ଜଡ଼ ଦେହରୁ ସୃଷ୍ଟି ହୋଇଛି । ବେଦାଦିଶାସ୍ତ୍ରରେ ଜଗତର ଉତ୍ପତ୍ତି ଯେପରି ବର୍ଣ୍ଣିତ ହୋଇଛି,ତାକୁ ଅକ୍ଷରେ ଅକ୍ଷରେ ମାନନ୍ତୁ, ଯାହାଦ୍ୱାରା ଈଶ୍ୱର ଜଗତକୁ ସୃଷ୍ଟି କରଛନ୍ତି । ଅର୍ଥାତ୍ ଈଶ୍ୱର ଯେଉଁ ଉପାଦାନଦ୍ୱାରା ଓ ଯେପରି ସୃଷ୍ଟି ଉତ୍ପନ୍ନ କରିଛନ୍ତି, ତାହା ବେଦାଦି ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି,ତାକୁ ସ୍ୱୀକାର କରିବା ଉଚିତ । ଆଦମର ସ୍ୱରୂପ ଯେପରି ଈଶ୍ୱରଙ୍କ ସ୍ୱରୂପ ସେପରି ନ ହେବ କାହିଁକି ? ଯଦି ଆଦମ୍ ଈଶ୍ୱରଙ୍କ ସ୍ୱରୂପରେ ନିର୍ମିତ ତେବେ ଈଶ୍ୱର ମଧ୍ୟ ଆଦମ୍ ସଦୃଶ ହେବା ଆବଶ୍ୟକ ॥ ୪ ॥

୫- ତହୁଁ ପରମେଶ୍ୱର ଭୂମିର ଧୂଳିରୁ ଆଦମ୍‌କୁ ତିଆରି କଲେ । ତାପରେ ତା ନାକରେ ଜୀବନର ଶ୍ୱାସ ଫୁଙ୍କିଲେ,ତାପରେ ଆଦମ୍ ଜୀବନ ଲାଭକଲା । ପରେ ପରମେଶ୍ୱର ଅଦନର ପୂର୍ବ ପଟରେ ଏକ ବଗିଚା ତିଆରି କଲେ ଓ ଆଦମ୍‌କୁ ଯେଉଁପରି ତିଆରି କରିଥିଲେ ସେହିପରି ତାକୁ ସେଠାରେ ରଖିଦେଲେ । ତହିଁରେ ନାନାପ୍ରକାର ମନୋହର ଫୁଲଫଳ ବୃକ୍ଷ ରୋପଣ କରିଥିଲେ । ପୁଣି ସେହି ବଗିଚା ଭିତରେ ଜୀବନ-ବୃକ୍ଷ ଓ ଭଲ-ମନ୍ଦ ଜ୍ଞାନ ବୃକ୍ଷ ମଧ୍ୟ ରୋପଣ କରିଦେଲେ ।

(ତୌରେତ ଉତ୍ପତ୍ତି ପର୍ବ ୨/ଆ·୭-୮-୯)

ସମୀକ୍ଷକ:-ଈଶ୍ୱର ଅଦନରେ ବଗିଚା ତିଆରି କରି ଆଦମକୁ ଯେତେବେଳ ରଖାଇଲେ, ସେତେବେଳେ ସେ ଜଣ ଜାଣି ନ ଥିଲେ ଯେ ଆଦମ୍‌କୁ ପୁଣି ସେଠାରୁ ବାହାରିବାକୁ ପଡ଼ିବ ? ଈଶ୍ୱର ଆଦମ୍‌କୁ ଯଦି ଧୂଳିରୁ ଉତ୍ପନ୍ନ କଲେ ତେବେ ସେ ଈଶ୍ୱରଙ୍କ ସଦୃଶ ହୋଇ ନଥିବ । ଯଦି ହୋଇଥିବ ତେବେ ଈଶ୍ୱର ମଧ୍ୟ ଧୂଳିରୁ ଉତ୍ପନ୍ନ ହୋଇଥିବେ । ଈଶ୍ୱର ଆଦମ୍‌ର ନାସାରନ୍ଧ୍ରରେ ଯେଉଁ ଶ୍ୱାସ ଫୁଙ୍କିଦେଲେ ତାହା ଈଶ୍ୱର ସଦୃଶ ନା ଭିନ୍ନ ପ୍ରକାରର ଥିଲା ? ଯଦି ଭିନ୍ନ ଥିଲା ତେବେ ଆଦମ୍ କଦାପି ଈଶ୍ୱରଙ୍କ ସ୍ୱରୂପ ହୋଇ ନ ଥିବ । ଯଦି ଅଭିନ୍ନ ଥିଲା ତେବେ ଆଦମ୍ ଓ ଈଶ୍ୱର ଦୁହେଁ ଏକ ପଦାର୍ଥ ଥିଲେ ।ଯଦି ଏକ

ତେବେ ଆଦମ୍ ସଦୃଶ ଜନ୍ମ,ମରଣ,କ୍ଷୁଧା,ତୃଷା,ବୃଦ୍ଧି,କ୍ଷୟ ପ୍ରଭୃତି ଦୋଷ ଈଶ୍ୱରଙ୍କ ଠାରେ ମଧ୍ୟ ପରିଲକ୍ଷିତ ହେବ । ତାହେଲେ ସେ କିପରି ଈଶ୍ୱର ହୋଇପାରିବେ ? ଏଣୁ ଏହି ତୌରତଙ୍କ କଥା ଠିକ୍ ନୁହେଁ, କି ବାଇବେଲ୍ ଈଶ୍ୱରକୃତ ନୁହେଁ ।

୬- ପରମେଶ୍ୱର ଆଦମ୍‌କୁ ଗାଢ ନିଦରେ ଶୁଆଇ ଦେଲେ । ନିଦରେ ଶୋଇବା ପରେ ତା ପଞ୍ଜରାରୁ ହାଡ଼ ଖଣ୍ଡିଏ ବାହାର କରି, ତହିଁରେ ମାଂସ ଲଗାଇ ଦେଲେ । ସେଇଥିରୁ ହିଁ ଜଣେ ନାରୀକୁ ସୃଷ୍ଟିକଲେ । ସେହି ନାରୀକୁ ଆଦମ ନିକଟରେ ଦେଲେ ।

(ତୌରେତ ଉତ୍ପତ୍ତି ପ-୨/ଆ-୨୧-୨୨)

ସମୀକ୍ଷକ:- ଯେଉଁ ଈଶ୍ୱର ଆଦମ୍‌କୁ ଧୂଳିରେ ତିଆରି କଲେ, ସେ କାହିଁ କି ସେହି ଧୂଳିରୁ ନାରୀ ଜଣେ ତିଆରି କଲେ ନାହିଁ ? ଯଦି ନାରୀକୁ ହାଡ଼ରେ ତିଆରି କଲେ ତେବେ ଆଦମ୍‌କୁ କାହିଁକି ହାଡ଼ରେ ତିଆରି କଲେ ନାହିଁ ? ନର ଦେହରୁ ଉତ୍ପନ୍ନ ହେବାରୁ ଯଦି ନାରୀ ନାମ ହେଲା,ତେବେ ନାରୀ ଗର୍ଭରୁ ଜାତ ହେବାରୁ ନର ନାମ ହେବା ଉଚିତ । ଉଭୟଙ୍କ ମଧ୍ୟରେ ପରସ୍ପର ପ୍ରେମ ରହିବା କଥା । ପୁରୁଷ ଯେପରି ସ୍ତ୍ରୀକୁ ପ୍ରେମକରେ,ସେହିପରି ସ୍ତ୍ରୀମଧ୍ୟ ପୁରୁଷକୁ ପ୍ରେମ କରେ । ଦେଖନ୍ତୁ ବିଦ୍ୱାନ୍‌ଗଣ ! ଈଶ୍ୱରଙ୍କ ପଦାର୍ଥ ବିଦ୍ୟା ତଥା ଫିଲୋସଫି କିପ୍ରକାର ଜଟିଳ । ଯଦି ଆଦମ୍‌ର ଛାତିର ଖଣ୍ଡିଏ ହାଡ଼ରେ ନାରୀ ଶରୀର ସୃଷ୍ଟି ହେଲା ତେବେ ପୁରୁଷମାନଙ୍କର ଯେଉଁ ପାଖରୁ ହେଉ ଖଣ୍ଡିଏ ହାଡ଼ ଊଣା ଥାଆନ୍ତା । ପୁଣି ନାରୀମାନଙ୍କର ଖଣ୍ଡିଏ ମାତ୍ର ହାଡ଼ ଥାଆନ୍ତା, ଯେଣୁ ସେ ଖଣ୍ଡିଏମାତ୍ର ହାଡ଼ରେ ତିଆରି ହୋଇଛି । ଯେଉଁ ଉପାଦାନରେ ଜଗତକୁ ତିଆରି କଲେ ସେହି ଉପାଦାନରେ ନାରୀ ଶରୀର କଣ ତିଆରି ହୋଇପାରି ନ ଥାନ୍ତା ? ଏଣୁ ବାଇବେଲ୍‌ର ସୃଷ୍ଟିକ୍ରମ ସୃଷ୍ଟି ବିଦ୍ୟାର ବିରୁଦ୍ଧାଚରଣ କରୁଛି ॥ ୬ ॥

୭- ପରମେଶ୍ୱର ଯେତେ ଯେତେ ଜୀବ ସୃଷ୍ଟି କରିଛନ୍ତି ସେମାନଙ୍କ ମଧ୍ୟରେ ସର୍ପ ହେଉଛି ଧୂର୍ତ୍ତ । ସେହି ସର୍ପ ଦିନେ ସ୍ତ୍ରୀକୁ କହିଲା, ଈଶ୍ୱର କହିଛନ୍ତି ତୁମ୍ଭେମାନେ ଏହି ଉଦ୍ୟାନର କୌଣସି ଗଛର ଫଳ ଖାଇବ ନାହିଁ । ସ୍ତ୍ରୀ ସାପକୁ ଉତ୍ତର ଦେଲା ଆମ୍ଭେତ ଏହି ଉଦ୍ୟାନର ଫଳ ଖାଉଛୁ । କେବଳ ମଧ୍ୟଭାଗରେ ଥିବା ଗୋଟିଏ ଗଛର ଫଳ ଖାଇବାକୁ ବା ଛୁଇଁବାକୁ ମନା କରିଛନ୍ତି । ସେହି ଗଛର ଫଳ ଖାଇଲେ ଆମ୍ଭେମାନେ

ମରିଯିବୁ । ସାପ କହିଲା- ତୁମେମାନେ କଦାପି ମରିବ ନାହିଁ । କାରଣ ଈଶ୍ୱର ଜାଣନ୍ତି ଯେ ଯେଉଁଦିନ ତୁମେ ଏହାକୁ ଖାଇବ ସେଦିନ ତୁମର ଚକ୍ଷୁ ଖୋଲିଯିବ ଓ ସେହିଦିନ ଭଲମନ୍ଦ ସବୁ ବିଚାରକରି ଈଶ୍ୱରଙ୍କ ତୁଲ୍ୟ ହୋଇଯିବ । ତାପରେ ସ୍ତ୍ରୀ ଦେଖିଲା ଯେ ସେହି ଗଛର ଫଳ ଦେଖିବାକୁ ଭାରି ସୁନ୍ଦର,ଖାଇବାକୁ ଅତ୍ୟନ୍ତ ସ୍ୱାଦୁ,ପୁଣି ତାହାଖାଇଲେ ...ଜାତ ହେବ,ତାପରେ ସେହି ଫଳକୁ ନେଇ ଖାଇଲା ଓ ନିଜ ପତିଙ୍କୁ ମଧ୍ୟ ଖାଇବାକୁ ଦେଲା । ପତି ମଧ୍ୟ ସେହି ଫଳ ଖାଇଲା । ସେହି ଫଳ ଖାଇବାପରେ ଦୁଇଜଣଙ୍କ ଆଖି ଖୋଲିଗଲା । ସେମାନେ ଜାଣିପାରିଲେ ଯେ- ଆମ୍ଭେ ଲଙ୍ଗଳା ହୋଇଛୁ । ତାପରେ ସେମାନେ ଉଦୁମ୍ବର ପତ୍ର ସଂଗ୍ରହକରି ସିଇଁଲେ, ତଦ୍ୱାରା ଶରୀରକୁ ଆଚ୍ଛାଦନକରି ନିଜର ଲଜ୍ଜା ନିବାରଣ କଲେ । ପରମେଶ୍ୱର ସାପକୁ କହିଲେ ତୁ ଏହି ମନ୍ଦକର୍ମ କଲୁ । ତେଣୁ ତୁ ସବୁ ପଶୁ ଓ ବନ୍ୟଜନ୍ତୁଙ୍କଠାରୁ ଅଧିକ ଅଭିଶପ୍ତ ରହିବୁ । ତୁ ପେଟଦ୍ୱାରା ଗୁଲିବୁ,ପୁଣିଜୀବନ ସାରା ଧୂଳି ଖାଉଥିବୁ । ଏହି ସ୍ତ୍ରୀ ବଂଶରେ ଜାତ ଲୋକଙ୍କ ସହିତ ତୋର ଶତ୍ରୁତା ବରାବର ରହିବ । ତୁ ସେମାନଙ୍କ ପାଦକୁ କାମୁଡ଼ିବୁ,ସେମାନେ ତୋର ମୁଣ୍ଡକୁ ମାରିବେ । ତାପରେ ସ୍ତ୍ରୀକୁ କହିଲେ---- ତୁ ଅଧିକ ପୀଡ଼ ପାଇବୁ,ଗର୍ଭ ଧାରଣ କରିବୁ,ଭୀଷଣ ଗର୍ଭ କଷ୍ଟ ସହ୍ୟ କରିବୁ, ଅତି କଷ୍ଟରେ ସନ୍ତାନ ଜନ୍ମ କରିବୁ, ପତିର ଅନୁଗତ ହୋଇ ସର୍ବଦା ରହିବୁ,ପତି ତୋ ଉପରେ ସର୍ବଦା ପ୍ରଭୁତ୍ୱ ବିସ୍ତାର କରିବ । ପୁରୁଷକୁ ଅଭିଶାପ ଦେଇ କହିଲେ---- ଏ ଗଛରଫଳ ଖାଇବାପାଇଁ ମୁଁ ତୋତେ ମନା କରିଥିଲି,ତୁ ତାହା ନ ମାନି ଖାଇଲୁ । ଏଣୁ ତୋପାଇଁ ଭୂମି ଅଭିଶପ୍ତ ହେବ, ଅର୍ଥାତ୍ ତହିଁରେ କଣ୍ଟାବୁଦା ଜାତ ହେବ,ଏବଂ ସେ ତୋତେ ପୀଡା ଦେବ । ତୁ ଶାକପତ୍ର ଖାଇବୁ ଓ ଦୁଃଖରେ ଜୀବନ ଯାପନ କରିବୁ ।

(ତୌରେତ ଉତ୍ପତ୍ତି ପର୍ବ-୩/ଆ-୧ରୁ୭,୧୪ରୁ୧୮)

ସମୀକ୍ଷକ:- ଈସାଈମାନଙ୍କର ଈଶ୍ୱର ଯଦି ସର୍ବଜ୍ଞ ହୋଇଥାନ୍ତେ ତେବେ ସେ ଧୂର୍ତ୍ତସର୍ପ ବା ଶୈତାନକୁ କଦାପି ସୃଷ୍ଟି କରିନଥାନ୍ତେ । ଯଦି ସୃଷ୍ଟିକଲେ ସେହି ଅପରାଧପାଇଁ ଈଶ୍ୱର ଦାୟୀ ନ ହେବେ କାହିଁ କି ? ଯଦି ସେ ଦୁଷ୍ଟ ଜୀବ ସୃଷ୍ଟି କରି ନ ଥାନ୍ତେ ତେବେ ସେ କଦାପି ଦୁଷ୍ଟତା ପ୍ରଦର୍ଶନ କରିନଥାନ୍ତା । ସେମାନେ ତ ପୂର୍ବଜନ୍ମ ମାନନ୍ତି ନାହିଁ,

ତେବେ ବିନା ଅପରାଧରେ ସେ ଜୀବକୁ ଦୁଷ୍ଟ ରୂପେ କାହିଁକି ବା ଜନ୍ମ ଦେଲେ ? ପ୍ରକୃତରେ ସେ ସର୍ପ ନୁହେଁ,ସେ ଥିଲା ଜଣେ ମନୁଷ୍ୟ । ମନୁଷ୍ୟ ହୋଇ ନ ଥିଲେ ମନୁଷ୍ୟର ଭାଷା କିପରି କହନ୍ତା ? ଯିଏ ନିଜେ ମିଥ୍ୟା କହି ପୁଣି ଅନ୍ୟମାନଙ୍କୁ ମିଥ୍ୟା ମାର୍ଗରେ ଚଳାଏ, ତାକୁ ଶୈତାନ୍ କୁହାଯାଏ ।,ସେହି ସର୍ପ କଦାପି ଶୈତାନ ନୁହେଁ, ସେ ଥିଲା ସତ୍ୟବାଦୀ,ଯେଣୁ ସେ ସ୍ତ୍ରୀକୁ ମିଥ୍ୟାକଥା ନ କହି ସତ୍ୟକଥାହିଁ କହିଥିଲା । ଏଠାରେ ଈଶ୍ୱର ହେଉଛନ୍ତି ମିଥ୍ୟାବାଦୀ, ଯେଣୁ ସେ ଏ ଗଛର ଫଳ ଖାଇଲେ ତୁମେ ମରିଯିବ ବୋଲି ମିଥ୍ୟାକଥା କହିଥିଲେ । ସେହି ବୃକ୍ଷ ଯଦି ଜ୍ଞାନଦାତା ଥିଲା,ଜୀବ ମାନଙ୍କୁ ଯଦି ଅମର କରି ଦେଉଥିଲା, ତେବେ ସେପରି ଏକ ଉପାଦେୟ ଫଳକୁ ଖାଇବାପାଇଁ ନିଷେଧ କରାଯାଇଥିଲା କାହିଁକି ? ସେହି ଫଳକୁ ଖାଇବା ପାଇଁ ନିଷେଧ କରାଯାଇଥିବାରୁ ଈଶ୍ୱର ନିଜେ ଧୂର୍ତ୍ତ ଓ ମିଥ୍ୟାବାଦୀ ହେଲେ ।ସେହି ବୃକ୍ଷର ଫଳ ଜ୍ଞାନବର୍ଦ୍ଧକ ଓ ସୁଖପ୍ରଦାୟକ ହୋଇଥିବାରୁ ଖାଇବାପାଇଁ ଉତ୍ସାହ ଦେବା ପରିବର୍ତ୍ତେ ବାରଣ କରାଯିବାର ଉଦ୍ଦେଶ୍ୟ କଣ ? ଏପରି ବୃକ୍ଷ ଉତ୍ପତ୍ତିର କାରଣ କଣ ଥିଲା ? ଯଦି କୁହାଯାଏ ଈଶ୍ୱର ନିଜପାଇଁ ତାକୁ ସୃଷ୍ଟି କରିଥିଲେ,ତେବେ କଣ ଈଶ୍ୱର ଅଜ୍ଞାନ,ଦୁଃଖୀ ଓ ନଶ୍ୱର ଥିଲେ ? ଯଦି ଅନ୍ୟ ପାଇଁ ସୃଷ୍ଟି କରାଯାଇଥିଲା ତେବେ ଅନ୍ୟଜଣେ ଖାଇବାରେ ଅପରାଧ ଆଉ ରହିଲା କେଉଁଠି ? ଆଜିକାଲି ଜ୍ଞାନଦାୟକ ଓ ମୃତ୍ୟୁ ନିବାରକ ବୃକ୍ଷ କୁତ୍ରାପି ଦେଖାଯାଉ ନାହିଁ। ତେବେ ଈଶ୍ୱର କଣ ସେହି ବୃକ୍ଷର ବୀଜକୁ ନଷ୍ଟ କରିଦେଲେ ? ଯଦି ଈଶ୍ୱର ଏପରି ଛଳ,କପଟ କରିଥାନ୍ତି ତେବେ ସେ ଛଳନାକାରୀ,କପଟୀ ନ ହେବେ କାହିଁକି ? କାରଣ ଯିଏ ଯେଉଁପରି ସେ ସେହିପରି କର୍ମ କେବଳ କରିଥାଏ । ଈଶ୍ୱର ବିନା ଅପରାଧରେ ଆଦମ୍,ଇଭ୍ ଓ ସାପକୁ ଅଭିଶାପ ଦେଲେ । ଏଣୁ ଈଶ୍ୱର ମହାଅନ୍ୟାୟକାରୀ ହେଲେ । ଈଶ୍ୱର ବିନା ଅପରାଧରେ ଦଣ୍ଡ ଦେଇଥିବାରୁ ଓ ସତ୍ୟକୁ ଢାଙ୍କିରଖି ମିଥ୍ୟା କହିଥିବାରୁ ତାଙ୍କୁ ହିଁ ଅଭିଶାପ ଦେବାର ଯଥାର୍ଥତା ଥିଲା । ସେମାନଙ୍କ ଫିଲୋସଫିକୁ ଦେଖନ୍ତୁ, ବିନା ପୀଡାରେ ପିଲା ଜନ୍ମ ହୋଇପାରେ କି ? ବିନା ପରିଶ୍ରମରେ କେହି କେବେ ଜୀବିକା ନିର୍ବାହ କରିପାରେ କି ? କଣ୍ଟାବୃକ୍ଷ ପ୍ରଭୃତି ପ୍ରଥମରୁ ନ ଥିଲାକି ? ଈଶ୍ୱର ଶାଗପତ୍ର ଖାଇବାପାଇଁ ନିର୍ଦ୍ଦେଶ ଦେଇଥିବା ସ୍ଥଳେ, ବାଇବେଲ୍‌ରେ ମାଂସ ଖାଇବା କଥା

ଲେଖାଯାଇଛି, ତେବେ ତାକୁ ମିଥ୍ୟା ବୋଲି କାହିଁକି କୁହା ନ ଯିବ ? ଯଦି ଏହାକୁ ସତ କୁହାଯିବ ତେବେ ତାହା ମିଥ୍ୟା ହୋଇଯିବ । ଆଦମ୍‌ର କୌଣସି ଅପରାଧ ଯେତେବେଳେ ନାହିଁ, ତାହେଲେ ଇସାଇମାନେ ସମସ୍ତ ଲୋକଙ୍କୁ ଆଜେ ଅପରାଧରେ ସନ୍ତାନ ହୋଇଥିବାରୁ ଅପରାଧୀ ବୋଲି କହୁଛନ୍ତି କାହିଁକି ? ଏପରି ଯେଉଁ ଧର୍ମପୁସ୍ତକ ଓ ଏପରି ଯେଉଁ ଈଶ୍ୱର ସେ କଦାପି କୌଣସି ବୁଦ୍ଧିମାନ୍ ଲୋକର ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇପାରିବେ ନାହିଁ ।

୮- ପରମେଶ୍ୱର କହିଲେ,ଦେଖ,ଆଦମ୍ ଭଲମନ୍ଦ ଜାଣିବାରେ ସମର୍ଥ ହୋଇଯିବାରୁ ସେ ଆମ ସମକକ୍ଷ ହୋଇଗଲା । ବର୍ତ୍ତମାନ ନିଜ ହାତରେ ଜୀବନ ବୃକ୍ଷର ଫଳ ତୋଳିନେଇ ଖାଇବ ଓ ଅମର ହୋଇଯିବ । ତାପରେ ସେ ଆଦମ୍‌କୁ ବାହାର କରିଦେଇ ଅଦନ ବଗିଚାର ପୂର୍ବରେ କରୋବୀମା ରୂପେ ରଖାଇଲେ । ତହୁଁ ସେ ସର୍ବଦା ଚତୁର୍ଦ୍ଦିଗରେ ତୀକ୍ଷ୍ଣ ଖଡ଼୍‌ଗ ବୁଲାଇ ଜୀବନ ବୃକ୍ଷର ରକ୍ଷଣାବେକ୍ଷଣ କଲା ।

(ତୌରେତ-ଉତ୍ପତ୍ତି ପ-୩/ଆ-୨୨-୨୪)

ସମୀକ୍ଷକଃ- ଭଲା,ଈଶ୍ୱରଙ୍କ ମନରେ ଏ ପ୍ରକାର ଈର୍ଷ୍ୟା ଓ ଭ୍ରମ କାହିଁକି ସୃଷ୍ଟି ହେଲା ? ତାଙ୍କ ଜ୍ଞାନ ତ ସାଧାରଣ ମନୁଷ୍ୟମାନଙ୍କ ଭଳି ହୋଇଗଲା । ଏହା ଅତି ଖରାପ କଥା । ଏପରି ସନ୍ଦେହ ତାଙ୍କ ମନରେ ସୃଷ୍ଟି ହେବା ଉଚିତ ନୁହେଁ। କାରଣ ମନୁଷ୍ୟ ଯେତେ ବଡ଼ ହେଲେ ମଧ୍ୟ ସେ କଦାପି ଈଶ୍ୱରଙ୍କ ସମକକ୍ଷ ହୋଇପାରିବ ନାହିଁ। ଏଣୁ ଏହି ଲେଖାରୁ ଜଣାଯାଉଛି ଯେ ସେ ଈଶ୍ୱର ନୁହନ୍ତି, ଥିଲେ ଜଣେ ମନୁଷ୍ୟ ବିଶେଷ । କାରଣ ବାଇବେଲରେ ଯେଉଁ ଯେଉଁ ସ୍ଥାନରେ ଈଶ୍ୱରଙ୍କ ବିଷୟ ଲେଖାଯାଇଛି ସେଠାରେ ମନୁଷ୍ୟ ମାନଙ୍କପରି ବର୍ଣ୍ଣନା କରାଯାଇଛି । ଦେଖନ୍ତୁ ଆଦମ୍‌ର ଜ୍ଞାନ ବୃଦ୍ଧିରେ ଈଶ୍ୱର ଈର୍ଷାନ୍ୱିତ,ଅମରବୃକ୍ଷ ଫଳ ଖାଇବାରୁ ଦୁଃଖିତ । ପ୍ରଥମେ ଯେତେବେଳେ ବଗିଚାରେ ରଖାଇଲେ ସେତେବେଳେ ଈଶ୍ୱରଙ୍କର ଭବିଷ୍ୟତ ସମ୍ପର୍କରେ ଧାରଣା ନଥିଲା ଯେ ତାକୁ ଦିନେ ପୁଣି ଏଠାରୁ ବହିଷ୍କାର କରିବାକୁ ପଡ଼ିବ । ଏଣୁ ଏସବୁ ଉଦାହରଣରୁ ସ୍ପଷ୍ଟ ଅନୁମିତ ହେଉଛି ଯେ, ଇସାଇମାନଙ୍କ ଈଶ୍ୱର ସର୍ବଜ୍ଞ ନ ଥିଲେ । ଶାଣିତ ଖଡ଼୍‌ଗଦ୍ୱାରା ପହରାର ବ୍ୟବସ୍ଥା କରାଇବା ଈଶ୍ୱରଙ୍କର କାର୍ଯ୍ୟ ନୁହେଁ। ଏସବୁ ହେଉଛି ମନୁଷ୍ୟ ମାନଙ୍କର କାମ ।। ୮ ।।

୯- କେତେଦିନପରେ କାଇନ୍ ଭୂମି ଫଳରୁ କିଛି ଆଣି ପରମେଶ୍ୱରଙ୍କୁ ଭେଟି ଦେଲା । ହାବିଲ୍ ମଧ୍ୟ ନିଜ ଗୋଠରୁ ହୃଷ୍ଟପୁଷ୍ଟ ପୁଣି ବହୁଚର୍ବିଯୁକ୍ତ ଛେଳିଛୁଆ ଆଣି ଭେଟି ଦେଲା । ପରମେଶ୍ୱର ହାବିଲ୍ ଓ ତାହାର ଭେଟି ପଦାର୍ଥକୁ ଆଦର କଲେ । କିନ୍ତୁ କାଇନ୍ ଓ ତାହାର ଉପହାରକୁ ଅନାଦର କଲେ । ଏଣୁ କାଇନ୍ ଅତ୍ୟନ୍ତ ରାଗିଯାଇ ନିଜ ମୁହଁକୁ ଫୁଲାଇ ବସିରହିଲା । ଏସବୁ କାଣ୍ଡ କାରଖାନା ଦେଖି ପରମେଶ୍ୱର କାଇନକୁ କହିଲେ---- ତୁ କାହିଁକି ରାଗିଯାଇ ମୁହଁ ଫୁଲାଇଛୁ ?

(ତୌରେତ ଉତ୍ପତ୍ତି ପର୍ବ-୪/ ଆ-୩-୬)

ସମୀକ୍ଷକ:- ଈଶ୍ୱର ମାଂସାହାରୀ ହୋଇ ନ ଥିଲେ ଛେଳିମେଣ୍ଢା ଭେଟି ନେଇନଥାନ୍ତେ କିମ୍ବା ହାବିଲ୍‌କୁ ଆଦରସତ୍କାର କରିନଥାନ୍ତେ । କାଇନ୍‌ର ଭେଟିକୁ ଅନାଦର କରିବାର କି ଆବଶ୍ୟକତା ଥିଲା ? କାଇନ୍ ଓ ହାବିଲ୍ ମଧ୍ୟରେ ଝଗଡ଼ା ସୃଷ୍ଟି ହେବାରୁ ହାବିଲ୍ ମୃତ୍ୟୁ ବରଣ କଲା. ଏ ମୃତ୍ୟୁର ଏକମାତ୍ର କାରଣ ହେଲେ ଈଶ୍ୱର । ମନୁଷ୍ୟମାନେ ନିଜ ନିଜ ମଧ୍ୟରେ ଯେପରି ବ୍ୟବହାର କରନ୍ତି,ଇସାଇମାନଙ୍କ ଈଶ୍ୱର ମଧ୍ୟ ଠିକ୍ ସେହିପରି ବ୍ୟବହାର ଦେଖାଇଛନ୍ତି । ବଗିଚ୍ଛ ତିଆରି କରିବା, ତା ମଧ୍ୟରେ ଯାତାୟାତ କରିବା ଏସବୁ ହେଉଛି ମନୁଷ୍ୟର କାମ । ଏଣୁ ଜଣାପଡୁଛି---- ଏହି ବାଇବେଲ୍‌କୁ ମନୁଷ୍ୟ ତିଆରି କରିଛନ୍ତି । ତା କଦାପି ଈଶ୍ୱରକୃତ ନୁହେଁ । ।୯ ।।

୧୦- ତହୁଁ ପରମେଶ୍ୱର କାଇନ୍‌କୁ ପଚାରିଲେ---- ତୋ ଭାଇ ହାବିଲ୍ କାହିଁ ? ସେ କହିଲା- ମୁଁ ଜାଣେନା, ମୁଁ କଣ ମୋ ଭାଇର ଜଗୁଆଳୀ । ପରମେଶ୍ୱର କହିଲେ- ତୁ କଣ କଲୁ ? ତୋ ଭାଇର ରକ୍ତ ଭୂମିରୁ ଡାକୁଛି । ତୁ ଏବେ ପୃଥିବୀରୁ ଅଭିଶପ୍ତ ।

(ତୌରେତ ଉତ୍ପତ୍ତି ପ-୪/ଆ-୯-୧୦-୧୧)

ସମୀକ୍ଷକ:- ଯଦି ସେ ଈଶ୍ୱର,ତେବେ କାଇନ୍‌କୁ ନ ପଚାରି ମଧ୍ୟ ହାବିଲ୍‌ର ଖବର ନିଶ୍ଚୟ ଜାଣି ପାରିଥାନ୍ତେ । ପୁଣି ଭୂମି ଭିତରୁ ରକ୍ତ ଶବ୍ଦ କରି କେବେ କାହାକୁ ଡାକି ପାରେ କି ? ଏସବୁ ବୁଦ୍ଧିହୀନ ବ୍ୟକ୍ତିଙ୍କ କଥା । ଏଣୁ ଏହି ପୁସ୍ତକକୁ ଈଶ୍ୱର କିମ୍ବା କୌଣସି ବିଦ୍ୱାନ୍ ବ୍ୟକ୍ତି ରଚନା କରିନାହାନ୍ତି ।୧୦ ।।

୧୧- ହନୁକ,ମତୂସିଲହକୁ ଜାତ କରିପାରି ତିନିଶହ ବର୍ଷ ପର୍ଯ୍ୟନ୍ତ ଈଶ୍ୱରଙ୍କ

ସାଥେ ସାଥେ ଚାଲିଥିଲା ।

(ତୌରେତ ଉତ୍ପତ୍ତି ପ-୫/ ଆ-୨୨)

ସମୀକ୍ଷକ:- ଇସାଇ ମାନଙ୍କ ଈଶ୍ୱର ପ୍ରକୃତରେ ଯଦି ମନୁଷ୍ୟ ହୋଇନଥାନ୍ତେ, ତେବେ ତାଙ୍କ ସହିତ ହନୁକ କିପରି ତିନିଶହବର୍ଷ ପର୍ଯ୍ୟନ୍ତ ଚାଲିଥିଲା ? ବେଦୋକ୍ତ ନିରାକାର ଈଶ୍ୱରଙ୍କୁ ମାନିବା ଇସାଇମାନଙ୍କ କର୍ତ୍ତବ୍ୟ,କାରଣ ତଦ୍ୱାରା ହିଁ ସେମାନଙ୍କ କଲ୍ୟାଣ ସାଧିତ ହେବ ।

୧୨- ପୁଣି ଏପରି ହେଲା ଯେ, ଯେତେବେଳେ ପୃଥିବୀରେ ଲୋକ ବଢ଼ିଲେ, ଓ ସେମାନଙ୍କଠାରୁ ଝିଅମାନେ ଜାତହେଲେ, ସେତେବେଳେ ଈଶ୍ୱରଙ୍କ ପୁତ୍ରମାନେ ଆଦମ୍‌ର ଝିଅମାନଙ୍କୁ ଦେଖିଲେ ଯେ ସେମାନେ ହେଉଛନ୍ତି ସୁନ୍ଦରୀ । ତାପରେ ଯିଏ ଯାହାକୁ ଇଚ୍ଛାକଲା ସେ ତାକୁ ବିଭା ହେଲା । ସେ ସମୟରେ ପୃଥିବୀରେ ଦାନବମାନେ ଥିଲେ । ତାହାପରେ ଈଶ୍ୱରଙ୍କ ପୁତ୍ରମାନେ ଆଦମଙ୍କ ଝିଅମାନଙ୍କ ସହିତ ମିଳାମିଶା କରିବାରୁ ସେମାନଙ୍କ ଔରସରୁ ବଳବାନ୍ ପୁତ୍ର ଜାତ ହେଲେ । ପରେ ସେମାନେ ଅତ୍ୟନ୍ତ ପ୍ରସିଦ୍ଧି ଲାଭ କରିଥିଲେ । ଈଶ୍ୱର ଦେଖିଲେ ଯେ ପୃଥିବୀରେ ଆଦମ୍‌ର ଦୁଷ୍ଟତା କ୍ଷିପ୍ରଗତିରେ ବୃଦ୍ଧି ପାଉଛି,ଦିନକୁଦିନ ତାର ଚିନ୍ତା ଓ ଭାବନା କୁତ୍ସିତ ହେବାରେ ଲାଗିଲା । ପୃଥିବୀରେ ମନୁଷ୍ୟ ସୃଷ୍ଟି କରିଥିବାରୁ ପରମେଶ୍ୱରଙ୍କ ମନରେ ପଶ୍ଚାତ୍ତାପ ଜାତ ହେଲା, ତାପରେ ସେ ଶୋକାଭିଭୂତ ହୋଇପଡ଼ିଲେ । ତାପରେ ପରମେଶ୍ୱର କହିଲେ---- ମୁଁ ଯେଉଁ ମନୁଷ୍ୟ ସୃଷ୍ଟି କରିଛି, ସେହି ମନୁଷ୍ୟମାନଙ୍କ ସମେତ ପଶୁପକ୍ଷୀ,ସରୀସୃପ ସମସ୍ତଙ୍କୁ ପୃଥିବୀ ପୃଷ୍ଠରୁ ଏକାବେଳକେ ନିଶ୍ଚିହ୍ନ କରିଦେବି । ଯେଣୁ ଏ ସମସ୍ତଙ୍କୁ ସୃଷ୍ଟି କରି ମୋତେ ଆଜି ପଶ୍ଚାତ୍ତାପ କରିବାକୁ ପଡୁଛି ।

(ତୌରେତ ଉତ୍ପତ୍ତି ପ-୬-ଆ-୧-୨-୪-୫-୬-୭)

ସମୀକ୍ଷକ:- ଇସାଇମାନଙ୍କୁ ପ୍ରଶ୍ନ ପଚାରିବା ଉଚିତ---- ଈଶ୍ୱରଙ୍କ ପୁତ୍ର କିଏ. ପୁଣି ତାଙ୍କର ସ୍ତ୍ରୀ, ଶାଶୁ, ଶ୍ୱଶୁର,ଶଳା ଓ ସମ୍ବନ୍ଧୀୟଙ୍କୁ କେଉଁ କେଉଁମାନେ ? ଈଶ୍ୱରଙ୍କ ପୁତ୍ରମାନେ ଯଦି ମନୁଷ୍ୟମାନଙ୍କ ଝିଅମାନଙ୍କୁ ବିବାହ କଲେ ତେବେ ମନୁଷ୍ୟମାନେ ହେଲେ ଈଶ୍ୱରଙ୍କ ସମ୍ବନ୍ଧୀ । ବିବାହପରେ ଯେଉଁ ସନ୍ତାନସନ୍ତତି ଜାତ ହେବେ ସେମାନେ ସମସ୍ତେ ହେବେ

ଈଶ୍ୱରଙ୍କ ପୌତ୍ର, ପୌତ୍ରୀ । ଈଶ୍ୱରଙ୍କ ପ୍ରତି ଏସବୁ ଘଟଣା କେବେ ପ୍ରଯୁଜ୍ୟ ହୋଇପାରେ କି ? ଏପରି କଥା ମଧ୍ୟ କୌଣସି ଧର୍ମ ପୁସ୍ତକରେ ଲେଖା ଯାଇ ନ ପାରେ । ଏଥିରୁ ସ୍ପଷ୍ଟରୂପେ ପ୍ରତିପାଦିତ ହେଉଛି ଯେ କୌଣସି ଅସଭ୍ୟ ଜଙ୍ଗଲୀ ଲୋକହିଁ ବାଇବେଲ୍‌କୁ ଲେଖିଛି । ଯେ ସର୍ବଜ୍ଞ ଓ ଭବିଷ୍ୟତ ଜ୍ଞାତାନୁହେଁ ସେ କଦାପି ଈଶ୍ୱର ନୁହେଁ, ତାକୁ ସାଧାରଣ ମନୁଷ୍ୟ କହିବା ଯଥାର୍ଥ ହେବ । ଈଶ୍ୱର ଯେତେବେଳେ ସୃଷ୍ଟିକଲେ, ସେତେବେଳେ ସେ କଣ ଜାଣି ନ ଥିଲେ ଯେ ଭବିଷ୍ୟତରେ ମନୁଷ୍ୟମାନେ ଦୁଷ୍ଟ ହେବେ । ଅନୁତାପ କରିବା,ଶୋକ କରିବା, ପ୍ରଥମେ ଭୁଲ୍‌କାମ କରି ପରେ ପଶ୍ଚାତ୍ତାପ କରିବା, ଏସବୁ ଇସାଇ ମାନଙ୍କ ଈଶ୍ୱରଙ୍କଠାରେ ସମ୍ଭବ ହୋଇପାରେ, କିନ୍ତୁ ବେଦୋକ୍ତ ଈଶ୍ୱରଙ୍କଠାରେ ଏସବୁ କେବେ ପରିଲକ୍ଷିତ ହୁଏ ନାହିଁ । ଏଥିରୁ ଅନୁମିତ ହେଉଛି ଏମାନଙ୍କ ଈଶ୍ୱର ପୂର୍ଣ୍ଣବିଦ୍ୱାନ୍ ବା ପରମ ଯୋଗୀ ନ ଥିଲେ । ସେ ସର୍ବଜ୍ଞ ହୋଇଥିଲେ ଶୋକ ସନ୍ତାପଠାରୁ ଦୂରେଇ ରହିଥାନ୍ତେ । ପଶୁପକ୍ଷୀମାନେ ଏପରି କି ଦୁଷ୍କର୍ମ କଲେ ଯଦ୍ୱାରା ଈଶ୍ୱର ସେମାନଙ୍କୁ ନଷ୍ଟ କରିଦେବାକୁ ଚାହୁଁଥିଲେ ? ଈଶ୍ୱର ଯଦି ସର୍ବଜ୍ଞ ଥାନ୍ତେ ତେବେ ଏପରି ବିଷାଦଗ୍ରସ୍ତ ହୋଇ ନ ଥାନ୍ତେ । ଏଣୁ ସେ ଈଶ୍ୱର ନୁହନ୍ତି ବା ବାଇବେଲ୍ ମଧ୍ୟ ଈଶ୍ୱରକୃତ ନୁହେଁ । ବେଦୋକ୍ତ ପରମେଶ୍ୱର ସମସ୍ତ ପ୍ରକାର ପାପ,ତାପ,ଦୁଃଖ,କ୍ଲେଶ,ଶୋକାଦି ରହିତ ସଚ୍ଚିଦାନନ୍ଦ ସ୍ୱରୂପ ଅଟନ୍ତି । ଇସାଇମାନେ ଏହାଙ୍କୁ ଯଦି ମାନିଥାନ୍ତେ,କିମ୍ବା ବର୍ତ୍ତମାନ ମଧ୍ୟ ମାନନ୍ତେ, ତେବେ ସେମାନଙ୍କ ମନୁଷ୍ୟଜନ୍ମ ସଫଳ ହୋଇଯାଆନ୍ତା । ୧୨ ॥

୧୩-ସେହି ନାବର ଲମ୍ବା ତିନିଶହ ହାତ, ଚଉଡ଼ା ପଚାଶ ହାତ, ଓ ଉଚ୍ଚତା ତିରିଶହାତ ହେବ । ତୁ ନାବରେ ଯିବୁ, ଏବଂ ତୋ ପୁଅ,ତୋରପତ୍ନୀ,ପୁଣି ତୋ ପୁଅମାନଙ୍କର ପତ୍ନୀମାନେ ମଧ୍ୟ ତୋ ସହିତ ଯିବେ । ପ୍ରତ୍ୟେକ ଶରୀରଧାରୀ ଜୀବମାନଙ୍କ ମଧ୍ୟରୁ ଦୁଇଟି ଲେଖାଏଁ ଜୀବିତ ଜନ୍ତୁ ତୁମ ସଙ୍ଗରେ ରହିବେ ସେମାନେ ମାଈ, ଅଣ୍ଡିରା ଦୁଇଜାତିର ଥିବେ । ପୃଥିବୀର ପ୍ରତ୍ୟେକ ପ୍ରକାର ପ୍ରଶୁଜାତିରୁ ପକ୍ଷୀ, ଜାତିରୁ,କୀଟ ଜାତିରୁ ଦୁଇଟି ଲେଖାଏଁ ଜୀବିତ ଜନ୍ତୁ ରହିବେ । ତୁମେ ସେହି ସମସ୍ତ ଜୀବଜନ୍ତୁଙ୍କପାଇଁ ଓ ତୁମ୍ଭମାନଙ୍କ ପାଇଁ ଖାଦ୍ୟପଦାର୍ଥ ସବୁ ନିଜ ନିକଟରେ ରଖିବ । ଈଶ୍ୱରଙ୍କ ଏହି ସବୁ ଆଜ୍ଞାକୁ ନୂହ ପାଳନ କଲା । (ତୌରେତ ଉତ୍ପତ୍ତି ପ-୬/ଆ-୧୫-୧୮ ରୁ ୨୨)

ସମୀକ୍ଷକ:- ଯେ କୌଣସି ବିଦ୍ୱାନ୍ ବ୍ୟକ୍ତି ଏସବୁ ବିଦ୍ୟାବିରୁଦ୍ଧ, କପୋଳକଳ୍ପିତ ଅସମ୍ଭବ କଥାକୁ ଈଶ୍ୱରଙ୍କ ବାଣୀ ବୋଲି କଦାପି ସ୍ୱୀକାର କରିବେ ନାହିଁ । କାରଣ କଥିତ ଆକାର ପ୍ରକାରର ନାବରେ ହାତୀ,ଓଟ,ମଇଁଷି ପ୍ରଭୃତି କୋଟି କୋଟି ଜନ୍ତୁ ପୁଣି ସେ ସମସ୍ତଙ୍କ ଖାଦ୍ୟପଦାର୍ଥ, ପୁଣି ନୂହର ପରିବାର ଓ ସେମାନଙ୍କ ଖାଦ୍ୟଦ୍ରବ୍ୟ ଏସବୁ ନାବରେ କିପରି ରହିବ, ପୁଣି ଯିବାତ ଦୂରରକଥା । ଏଣୁ ବାଇବେଲ୍ ହେଉଛି ମନୁଷ୍ୟକୃତ ପୁସ୍ତକ । ପୁଣି ତାର ଲେଖକ ମଧ୍ୟ ସେପରି ବିଦ୍ୱାନ୍ ନୁହନ୍ତି । ॥ ୧୩ ॥

୧୪- ତା'ପରେ ନୂହ ପରମେଶ୍ୱରଙ୍କ ପାଇଁ ଏକ ବେଦୀ ନିର୍ମାଣ କଲା । ତାପରେ ପ୍ରତ୍ୟେକ ପଶୁ-ପକ୍ଷୀଙ୍କ ମଧ୍ୟରୁ ପବିତ୍ର ପବିତ୍ର ପଶୁପକ୍ଷୀଙ୍କୁ ନେଇ ସେହି ବେଦୀ ଉପରେ ପୋଡ଼ି ଈଶ୍ୱରଙ୍କୁ ବଳି ଦେଲା । ପରମେଶ୍ୱର ସେହି ପଶୁପକ୍ଷୀଙ୍କ ବଳିର ସୁଗନ୍ଧକୁ ଆଘ୍ରାଣ କରି ମନେ ମନେ ବିଚାରିଲେ- ମନୁଷ୍ୟମାନଙ୍କ ପାଇଁ ମୁଁ ଆଉ କେବେ ପୃଥିବୀକୁ ଶାପ ଦେବିନାହିଁ । ମଣିଷର ମନ ତାର ପିଲାଳିଆମିଠାରୁ ଖରାପ । ଯେଉଁ ରୀତିରେ ମୁଁ ଜୀବଧାରୀମାନଙ୍କୁ ମାରିଲି ପୁଣି ଥରେ ସେପରି କରିବିନାହିଁ ।

(ତୌରେତ ଉତ୍ପତ୍ତି ପ-୮/ଆ-୨୦-୨୧)

ସମୀକ୍ଷକ:- ବେଦୀ ନିର୍ମାଣ କରିବା, ହୋମ କରିବା, ଏସବୁ ଶବ୍ଦ ପ୍ରୟୋଗରୁ ଜଣାପଡୁଛି ସେସବୁ କଥା ବେଦରୁ ବାଇବେଲ୍‌କୁ ଯାଇଛି ! ପରମେଶ୍ୱରଙ୍କ କଣ ନାକ ଅଛି ଯେ ସେ ସୁଗନ୍ଧ ଆଘ୍ରାଣ କଲେ ? ଇସାଇମାନଙ୍କ ଈଶ୍ୱର ମନୁଷ୍ୟମାନଙ୍କପରି ଅଳ୍ପଜ୍ଞ ଅଟନ୍ତି । ଯେଣୁ କେତେବେଳେ ସେ ଶାପ ଦିଅନ୍ତି ତ, କେତେବେଳେ ପଶ୍ଚାତ୍ତାପକରି କହନ୍ତି, କେବେ ଆଉ ସେପରି ଶାପ ଦେବିନାହିଁ । ପ୍ରଥମେ ଶାପ ଦେଲେ,ପରେ ପୁଣି ଦେବିନାହିଁ ବୋଲି କହିଲେ, ପ୍ରଥମେ ସମସ୍ତଙ୍କୁ ମାରିପକାଇଲେ,ପରେ କହିଲେ ଏପରି ଆଉ କେବେ ମାରିବି ନାହିଁ । ଏସବୁ ହେଉଛି ପିଲାଳିଆମି କଥା ।" ଏହା ଈଶ୍ୱରଙ୍କ ବା ବିଦ୍ୱାନ୍‌ମାନଙ୍କ କଥାନୁହେଁ । କାରଣ ବିଦ୍ୱାନ୍‌ମାନଙ୍କ କଥିତ ବିଷୟ ଓ ପ୍ରତିଜ୍ଞାରେ ସ୍ଥିରତା ରହିଥାଏ ॥ ୧୪ ॥

୧୫- ଈଶ୍ୱର ନୂହ ଓ ତାର ପୁଅକୁ ଆଶୀର୍ବାଦ ଦେଇ କହିଲେ ଯେ ପ୍ରତ୍ୟେକ ଚଳପ୍ରଚଳ କରୁଥିବା ଜୀବିତ ଜନ୍ତୁମାନଙ୍କୁ ତୁମେ ଭୋଜନ କରିପାରିବ । ମୁଁ ସବୁଜ ପନିପରିବା ଭଳି ଏ ସବୁକିଛି ତୁମକୁ ଦେଇଛି । କେବଳ ସେମାନଙ୍କ ମାଂସ ଖାଇବ କିନ୍ତୁ

ରକ୍ତକୁ ଖାଇବ ନାହିଁ ।

(ତୌରେତ ଉତ୍ପତ୍ତି ପ·୯/ ଆ·୧-୩-୪)

ସମୀକ୍ଷକ:- ଜଣକୁ ଜୀବନରେ ନଷ୍ଟକରି ଅନ୍ୟକୁ ଆନନ୍ଦଦେବା ଈସାଇମାନଙ୍କ ଈଶ୍ୱରଙ୍କ ନିର୍ଦ୍ଦୟତା ନୁହେଁକି ? ଯେଉଁ ପିତାମାତା ଗୋଟିଏ ସନ୍ତାନକୁ ହତ୍ୟାକରି ଅନ୍ୟ ସନ୍ତାନମାନଙ୍କୁ ଖାଇବାକୁ ଦିଅନ୍ତି ସେମାନଙ୍କୁ କାହିଁକି ମହାପାପୀ କୁହା ନ ଯିବ ? ପ୍ରାଣୀମାତ୍ରକେ ସମସ୍ତେ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନସନ୍ତତି । ଈଶ୍ୱର ନିଜେ କସାଇ ଭଳି କାର୍ଯ୍ୟକରି ଗୋଟିଏ ସନ୍ତାନକୁ ମାରି ଅନ୍ୟ ସନ୍ତାନମାନଙ୍କୁ ଆହାର ଦେଉଛନ୍ତି । ତଦ୍ୱାରା ସମସ୍ତ ମନୁଷ୍ୟ ହିଂସ୍ର ପାଲଟି ଯାଉଛନ୍ତି । ଏଣୁ ଈସାଇମାନଙ୍କ ଈଶ୍ୱର ନିର୍ଦ୍ଦୟ ହୋଇଥିବାରୁ ତାଙ୍କୁ ପାପୀ ବୋଲି କାହିଁକି କୁହା ନ ଯିବ ? ୧୫ ॥

୧୬- ସମଗ୍ର ପୃଥିବୀରେ ଏକ ପ୍ରକାର ବୋଲି ଓ ଏକଭାଷା ପ୍ରଚଳିତ ଥିଲା । ପୁଣି ସେ କହିଲେ ଯେ ଆସ ! ଆମ୍ଭେମାନେ ଏକ ନଗର ଓ ଗମ୍ବୁଜଟିଏ ତିଆରି କରିବା । ଏହାର ଶିଖର ପ୍ରଦେଶ ସ୍ୱର୍ଗକୁ ସ୍ପର୍ଶ କରିଥିବ । ଏହା ନିଜପାଇଁ ତିଆରି କରି ନାମ କରିବା । ଏପରି ଯଦି ନ କରିବା ତେବେ ଆମ୍ଭେମାନେ ଏହି ପୃଥିବୀରେ ଛିନ୍ନ ଭିନ୍ନ ହୋଇଯିବା । ଆଦମର ସନ୍ତାନମାନେ ଯେଉଁ ନଗର ଓ ଗମ୍ବୁଜକୁ ନିର୍ମାଣ କରିଥିଲେ ସେସବୁକୁ ଦେଖିବାପାଇଁ ପରମେଶ୍ୱର ସ୍ୱର୍ଗରୁ ଅବତରଣ କଲେ ।ତହୁଁ ପରମେଶ୍ୱର ସେସବୁକୁ ଦେଖି କହିଲେ ଦେଖ, ଏମାନେ ସମସ୍ତେ ଏକ, ଏମାନଙ୍କର ବୋଲି ମଧ୍ୟ ଏକ, ତେଣୁ ଏମାନେ ମନଲଗାଇ ଏସବୁକୁ କରିପାରିଛନ୍ତି । ଏମାନଙ୍କୁ କେହି ଆଉ ପୃଥକ୍ କରି ପାରିବେ ନାହିଁ । ଏଣୁ ଆମେ ଏମାନଙ୍କର ଭାଷାକୁ ଭିନ୍ନ ଭିନ୍ନ କରିଦେବା,ଯାହାଫଳରେ କେହି ଆଉ କାହାରି ଭାଷା ବୁଝି ପାରିବେ ନାହିଁ । ତାପରେ ଈଶ୍ୱର ସେ ସମସ୍ତଙ୍କୁ ଛିନ୍ନ ଭିନ୍ନ କରିଦେଲେ । ପରେ ସେମାନେ ଆଉ ନଗର ନିର୍ମାଣ କରିପାରିଲେ ନାହିଁ ।

(ତୌରେତ ଉତ୍ପତ୍ତି ପର୍ବ ୧୧/ଆ·୨-୪ ରୁ ୮)

ସମୀକ୍ଷକ:- ସମଗ୍ର ପୃଥିବୀରେ ଯେତେବେଳେ ଗୋଟିଏ ଭାଷା ଓ ଗୋଟିଏ ବୋଲି ଥିବ, ସେତେବେଳେ ସମସ୍ତେ ମହାଆନନ୍ଦରେ କାଳାତିପାତ କରୁଥିବେ । କିନ୍ତୁ କଣ କରାଯିବ, ଈସାଇଙ୍କର ସେହି ଈର୍ଷାପରାୟଣ ଈଶ୍ୱର ସେହି ଭାଷାରେ ଗୋଳମାଳ ସୃଷ୍ଟିକରି

ସମସ୍ତଙ୍କ ସୁଖଶାନ୍ତିକୁ ସମୂଳେ ଧୂଳିସାତ୍ କରିଦେଲେ । ଏପରି କରି ସେ ଅପରାଧୀ ହୋଇ ପଡ଼ିଲେ । ତାଙ୍କର ଏକାର୍ଯ୍ୟ ସଇତାନର କାର୍ଯ୍ୟଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ । ଏଥିରୁ ଏହା ମଧ୍ୟ ବିଦିତ ହେଉଛି ଯେ, ଈସାଇଙ୍କ ଈଶ୍ୱର ସନାଇ ପର୍ବତ ପ୍ରଭୃତିରେ ରହୁଥିଲେ ଓ ଜୀବମାନଙ୍କ ଉନ୍ନତି ମଧ୍ୟ ଚାହୁଁ ନ ଥିଲେ । ତେଣୁ ସେ ଈଶ୍ୱର ବିଦ୍ୱାନ୍ ନୁହନ୍ତି, କିମ୍ବା ଏ ପୁସ୍ତକ ମଧ୍ୟ ଈଶ୍ୱର କୃତ ନୁହେଁ ॥ ୧୬ ॥

୧୭- ତହୁଁ ସେ ନିଜରପତ୍ନୀ ସରୀକୁ କହିଲେ ଦେଖ୍ ! ମୁଁ ଜାଣେ ତୁ ହେଉଛୁ ଅତ୍ୟନ୍ତ ସୁନ୍ଦରୀ । ତେଣୁ ଏପରି ହେବ ଯେ, ମିଶ୍ର ଦେଶର ଲୋକେ ତୋତେ ଯେତେବେଳେ ଦେଖିବେ ସେତେବେଳେ କହିବେ ଇଏ ହେଉଛି ତାର ପତ୍ନୀ । ତେଣୁ ସେମାନେ ମୋତେ ମାରି ପକାଇବେ କିନ୍ତୁ ତୋତେ ବଞ୍ଚାଇ ରଖିବେ । ତୁ କହିଦେବୁ ଯେ ମୁଁ ହେଉଛି ଏହାର ଭଉଣୀ । ଏପରିହେଲେ ମୋର ମଙ୍ଗଳ ହେବ ଏବଂ ତୋରି ଯୋଗୁଁ ମୋର ପ୍ରାଣ ରହିଯିବ ।

(ତୌରେତ ଉତ୍ପତ୍ତି ପର୍ବ ୧୨/ଆ·୧୧-୧୨-୧୩)

ସମୀକ୍ଷକ:- ବର୍ତ୍ତମାନ ଦେଖନ୍ତୁ । ଖ୍ରୀଷ୍ଟିୟାନ୍ ଓ ମୁସଲମାନ୍‌ମାନଙ୍କ ବଡ଼ ପୈଗମ୍ବର ହେଉଛନ୍ତି ଆବ୍ରାହମ୍ । ସେ ପୁଣି କିପରି ମିଥ୍ୟା ଭାଷଣ କରିପାରନ୍ତି । ଯେଉଁମାନଙ୍କଠାରୁ ଏପରି ମିଥ୍ୟାଭାଷଣାଦି କୁତ୍ସିତ କର୍ମରେ ଦୂଷିତ ସେମାନେ କଦାପି ଜ୍ଞାନୀ ଓ ସୁଖୀ ହୋଇପାରିବେ ନାହିଁ । ୧୭ ॥

୧୮- ଈଶ୍ୱର ଆବ୍ରାହମ୍‌କୁ କହିଲେ ଯେ, ତୁ ଏବଂ ତୋର ବଂଶର ସମସ୍ତେ ମୋର ଏହି ନିୟମକୁ ପାଳନ କରିବ । ତୁମ ମଧ୍ୟରେ ଥିବା ପ୍ରତ୍ୟେକ ପୁରୁଷର ଉପସ୍ଥେନ୍ଦ୍ରିୟ ଚର୍ମର ଅଗ୍ରଭାଗକୁ ଟିକିଏ କାଟି ଦେବାକୁ ହେବ । ତୁମ୍ଭେମାନେ ତୁମ ଶରୀରରୁ ଚର୍ମ କାଟିବ । ସେହି ଚର୍ମ କର୍ତ୍ତନ ହିଁ ତୁମ ଆମ ଭିତରେ ନିୟମର ଚିହ୍ନ ହେବ । ତୁମ ବଂଶର ଆଠଦିନର ବାଳକର ମଧ୍ୟ ଚର୍ମ ଛେଦନ କରିବାକୁ ହେବ । ତୁମ ଘରେ ଜାତ ହୋଇଥିବା ପ୍ରତ୍ୟେକ ପୁରୁଷର ଅଥବା ଯାହାକୁ ତୁମେ ଅନ୍ୟ ଦେଶରୁ କିଣି ଆଣିଛ, ସେ ସମସ୍ତଙ୍କ ଚମଡ଼ା ଅବଶ୍ୟ କାଟିବାକୁ ହେବ । ଆମର ଏହି ନିୟମ ସବୁଦିନପାଇଁ ତୁମକୁ ପାଳନ କରିବାକୁ ହେବ । ଯେଉଁ ବାଳକର ଚର୍ମ ଛେଦନ କରାଯାଇ ନଥିବ, ତାକୁ ନିଜ ମଧ୍ୟରୁ

ବହିଷ୍କାର କରାଯିବ । ଯେଣୁ ସେ ଆମ ନିୟମକୁ ଭଙ୍ଗ କରିଛି ।

(ତୌରେତ ଉତ୍ପତ୍ତି ପର୍ବ ୧୭/ ଆ·୯ରୁ୧୪)

ସମୀକ୍ଷକ:- ବର୍ତ୍ତମାନ ଈଶ୍ୱରଙ୍କ ଅଯଥା ଆଦେଶକୁ ଦେଖନ୍ତୁ । ଯଦି ଉପସ୍ଥେନ୍ଦ୍ରିୟରେ ଚର୍ମ ନ ରହିବା କଥା ଥିଲା ତେବେ ସୃଷ୍ଟି ପ୍ରାରମ୍ଭରୁ ଈଶ୍ୱର ସେହି ସ୍ଥାନରେ ଚର୍ମ ନିର୍ମାଣ କରି ନ ଥାନ୍ତେ । ଚର୍ମ ନିର୍ମାଣ କରାଯାଇଥିବାରୁ ତାର ଆବଶ୍ୟକତା ନିଶ୍ଚୟ ଅଛି । ଯେପରି ଚକ୍ଷୁର ସୁରକ୍ଷାପାଇଁ ଆଖିପତା ରହିଛି, ସେହିପରି ଗୁପ୍ତ ଅଙ୍ଗର ସୁରକ୍ଷା ପାଇଁ ତା ଉପରେ ଚମଡ଼ା ସୃଷ୍ଟି କରାଯାଇଛି । ଏହା ନ ଥିଲେ କୀଟ ଦଂଶନ କଲେ ବା ସାମାନ୍ୟ ଆଘାତ ଲାଗିଲେ ଭୀଷଣ କଷ୍ଟ ହୁଅନ୍ତା । ଲଘୁଶଙ୍କାପରେ ମୂତ୍ରାଂଶ ଲୁଗାରେ ନ ଲାଗିବା ପାଇଁ ମଧ୍ୟ ଏହା ସାହାଯ୍ୟ କରେ । ଏହାକୁ କାଟିବା ଖରାପ କଥା । ବର୍ତ୍ତମାନ୍ ଇସାଇମାନେ ଅବଶ୍ୟ ଏହାକୁ ତ୍ୟାଗ କରିଛନ୍ତି ଅର୍ଥାତ୍ ଖତନ କରୁନାହାନ୍ତି । ସବୁକାଳ ପାଇଁ ଈଶ୍ୱର ଆଦେଶ ଦେଇଥିବା ସ୍ଥଳେ ଆଜିକାଲି ତାହା ପାଳିତ ହେଉ ନ ଥିବାରୁ "ବ୍ୟବସ୍ଥା ପୁସ୍ତକର ଏକବିନ୍ଦୁ ସୁଦ୍ଧା ମିଥ୍ୟା ନୁହେଁ" ବୋଲି ଈଶ୍ୱର ଯେଉଁ ପ୍ରମାଣ ଦେଇଥିଲେ ତାହା ମିଥ୍ୟା ହୋଇଗଲା । ଏସବୁକୁ ଇସାଇମାନେ ଗଭୀରଭାବେ ଚିନ୍ତନ କରିବା ଆବଶ୍ୟକ ॥ ୧୮ ॥

୧୯- ତାହା ସହିତ କଥାବାର୍ତ୍ତା କରିବାପାଇଁ ରହିଗଲେ ଓ ଏହାପରେ ଆବ୍ରାହମ୍ ପାଖରୁ ଈଶ୍ୱର ଉପରକୁ ଚାଲିଗଲେ ।

(ତୌରେତ ଉତ୍ପତ୍ତି ପ·୧୭/ଆ·୨୨)

ସମୀକ୍ଷକ:- ଈଶ୍ୱର ପ୍ରକୃତରେ ମନୁଷ୍ୟ ଥିଲେ ନା ପକ୍ଷୀଥିଲେ ତା ସହଜରେ ଜଣାପଡୁନାହିଁ । କାରଣ ସେ ଉପରୁ ତଳକୁ ଓ ତଳୁ ଉପରକୁ ଯିବା ଆସିବା କରୁଥିଲେ । ପୁଣି ମଧ୍ୟ ଅନୁମାନ କରାଯାଉଛି ସେ ଜଣେ ଇନ୍ଦ୍ରଜାଲୀ ପୁରୁଷ ନିଶ୍ଚୟ ହୋଇଥିବେ ॥ ୧୯ ॥

୨୦- ପରମେଶ୍ୱର ମାମରି ମଇଦାନରେ ଦେଖାଦେଲେ । ସେଦିନ ଖରାବେଳେ ସେ ନିଜ ତମ୍ବୁର ଦ୍ୱାରଦେଶରେ ବସିଥିଲା । ଆଖି ଖୋଲି ଦେଖିଲା ଯେ ତା ଆଗରେ ତିନିଜଣ ଠିଆ ହୋଇ ରହିଥିଲେ । ସେହି ତିନିଜଣଙ୍କୁ ଦେଖି ତମ୍ବୁ ଦ୍ୱାରଦେଶରୁ ସେମାନଙ୍କ ନିକଟକୁ ଦଉଡ଼ି ଚାଲିଗଲା । ଦଣ୍ଡବତ ପ୍ରଣାମକରି କହିଲା— ହେ ପ୍ରଭୋ ! ଆପଣ ମୋ

ଉପରେ ଅଶେଷ ଦୟା କରିଛନ୍ତି । ମୁଁ ଆପଣଙ୍କୁ ବିନୀତ ପ୍ରାର୍ଥନା କରି କହୁଛି ଆପଣ ଏ ଦାସ ନିକଟରୁ ଦୂରେଇ ଯାଆନ୍ତୁ ନାହିଁ । ମୁଁ କିଛି ଜଳ ଆଣି ଆପଣଙ୍କ ପାଦକୁ ଧୋଇଦେବି.ଆପଣ ଏହି ଗଛମୂଳରେ ବିଶ୍ରାମ କରନ୍ତୁ. ମୁଁ ଗୋଟିଏ ରୁଟି ଆଣିଦିଏଁ ଆପଣ ତାକୁ ଖାଇ ତୃପ୍ତ ହୁଅନ୍ତୁ, ତାପରେ ବିଦାୟ ନେଇଯିବେ, ମୋର ଏ ସବିନୟ ଅନୁରୋଧକୁ ଆପଣ ସ୍ୱୀକାର କରନ୍ତୁ । ଆପଣ ଏ ଦାସ ନିକଟକୁ ଯେତେବେଳେ ଆସିଛନ୍ତି ମୋତେ କଦାପି ନିରାଶ କରନ୍ତୁ ନାହିଁ । ଏହା ଶୁଣି ସେମାନେ କହିଲେ···· ତୁମର ଯେପରି ଇଚ୍ଛା ହେଉଛି ତୁମେ ସେହିପରି କର । ତାପରେ ଆବ୍ରାହମ୍ ବ୍ୟଗ୍ରହୋଇ ତମ୍ବୁ ଆଡ଼କୁ ଧାଇଁ ଯାଇ ସାରାକୁ କହିଲା···· ତୁ ଅତିଶୀଘ୍ର ବଢ଼ିଆ ଅଟା ତିନି ସେର ନେଇ ସୁନ୍ଦର ଭାବେ ଚପାତୀ ତିଆରି କର । ତାପରେ ଗୋଠକୁ ଯାଇ ଗୋଟିଏ କଅଁଳା ବାଛୁରୀ ଆଣି ଜଣେ ଦାସକୁ ଦେଲା । ସେହି ଦାସ ଉକ୍ତ ବାଛୁରୀର ମାଂସକୁ ରାନ୍ଧିଲା । ଆବ୍ରାହମ୍ ଦୁଧ,ଲହୁଣୀ ପୁଣି ବାଛୁରୀମାଂସ ଓ ରୁଟି ନେଇ ସେମାନଙ୍କ ଆଗରେ ଥୋଇଦେଇ,ଗଛ ମୂଳରେ ଠିଆ ହୋଇ ରହିଲା । ସେମାନେ ସେସବୁକୁ ଭୋଜନ କଲେ ।

(ତୌରେତ ଉତ୍ପତ୍ତି ପ·୧୮/ଆ· ୧ ରୁ ୮)

ସମୀକ୍ଷକ:- ସଜ୍ଜନଗଣ ! ଏବେ ଆପଣମାନେ ବିଚାର କରନ୍ତୁ । ଯାହାର ଈଶ୍ୱର ବାଛୁରୀମାଂସ ଖାଆନ୍ତି, ତାଙ୍କର ଉପାସକମାନେ ଗାଈ, ବାଛୁରୀ ପ୍ରଭୃତି ଜୀବଜନ୍ତୁଙ୍କୁ ନ ଖାଇ ଛାଡ଼ିଦେବେ କି ? ଯାହାର ଦୟାମାୟା ସାମାନ୍ୟ ମାତ୍ରାରେ ନାହିଁ, ଯିଏ ମାଂସ ଖାଇବା ପାଇଁ ଆତୁର ହୁଅନ୍ତି, ସେପରି ନିର୍ଦ୍ଦୟ ହିଂସ୍ରଲୋଭୀ ମନୁଷ୍ୟ ଈଶ୍ୱର ପଦବାଚ୍ୟ କଦାପି ହୋଇପାରିବେ ନାହିଁ । ସେହି ଈଶ୍ୱରଙ୍କ ସହିତ ଅନ୍ୟ ଦୁଇଜଣ ମନୁଷ୍ୟ କିଏ ଥିଲେ ତା ଜଣା ପଡୁନାହିଁ । ଏଥିରୁ ଜଣା ଯାଉଛି ଯେ ସେତେବେଳେ ଜଙ୍ଗଲୀ ମନୁଷ୍ୟମାନଙ୍କର ଏକ ଗୋଷ୍ଠୀଥିଲା । ତାର ଯିଏ ପ୍ରଧାନ ଥିଲେ ତାଙ୍କୁହିଁ ଈଶ୍ୱର ବୋଲି ବାଇବେଲ୍‌ରେ ଉଲ୍ଲେଖ କରାଯାଇଛି । କୌଣସି ବୁଦ୍ଧିମାନ୍ ବ୍ୟକ୍ତି ତାଙ୍କୁ ଈଶ୍ୱର ବୋଲି କହିବେ ନାହିଁ, କିମ୍ବା ବାଇବେଲକୁ ଈଶ୍ୱରକୃତ ବୋଲି ସ୍ୱୀକାର କରିବେ ନାହିଁ ॥ ୨୦ ॥

୨୧- ପୁଣି ପରମେଶ୍ୱର ଆବ୍ରାହମ୍‌କୁ କହିଲେ— ସାରଃ କାହିଁକି ହସିଦେଇ କହିଲା ଯେ ମୁଁ ବୁଢ଼ୀ ହେଲିଣି, ଏବେ ଆଉ କଣ ସତରେ ମୁଁ ସନ୍ତାନ ଜାତ କରିବି । କଣ

ପରମେଶ୍ୱରଙ୍କ ନିକଟରେ କୌଣସି ବିଷୟ ଅସାଧ୍ୟ ହୋଇପାରେ ?

(ତୌରେତ ଉତ୍ପତ୍ତି ପ·୧୮/ଆ·୧୩-୧୪)

ସମୀକ୍ଷକ:- ଈସାଇଙ୍କ ଈଶ୍ୱରଙ୍କ ଲୀଳା ଦେଖନ୍ତୁ । ଯିଏକି ବାଳକ ବା ସ୍ତ୍ରୀଲୋକଙ୍କ ପରି ରାଗି ଯାଉଛନ୍ତି ପୁଣି ଉପହାସ ମଧ୍ୟ କରୁଛନ୍ତି ॥ ୨୧ ॥

୨୨- ସେତେବେଳେ ପରମେଶ୍ୱର ସ୍ୱର୍ଗରୁ ସଦୁମ ଓ ଅମୂରଃ ନାମକ ନଗର ଉପରେ ଗନ୍ଧକ ଓ ଅଗ୍ନି ବୃଷ୍ଟି କଲେ । ସେହି ନଗରକୁ, ସମସ୍ତ ଖେଳକୁ, ସମସ୍ତ ନଗରବାସୀଙ୍କୁ ଓ ଭୂମିଉପରେ ଯାହାକିଛି ଥିଲା ସେ ସବୁକୁ ଓଲଟାଇ ଦେଲେ ।

(ତୌରେତ ଉତ୍ପତ୍ତି ପ·୧୯-/ଆ·୨୪-୨୫)

ସମୀକ୍ଷକ:- ବର୍ତ୍ତମାନ ବାଇବେଲ୍‌ର ଈଶ୍ୱରଙ୍କ ଲୀଳା ଦେଖନ୍ତୁ, ବାଳକ ପ୍ରଭୃତିଙ୍କ ଉପରେ ମଧ୍ୟ ତାଙ୍କର ଟିକିଏ ଦୟା ହେଲା ନାହିଁ । ଯେଉଁମାନଙ୍କୁ ଓଲଟାଇ ଦେଇ ମାରିଦେ ସେମାନେ ସମସ୍ତେ ପ୍ରକୃତରେ କଣ ଅପରାଧୀ ଥିଲେ ? ଏପରି କାମ ହେଉଛି ବିବେକ ଦୟା ଓ ନ୍ୟାୟର ବିରୁଦ୍ଧ । ଯେଉଁମାନଙ୍କ ଈଶ୍ୱର ଏପରି କାର୍ଯ୍ୟମାନ କରନ୍ତି, ତାଙ୍କ ଉପାସକମାନେ କଣ ବା କରୁନଥିବେ ? ୨୨ ॥

୨୩- ଆସ, ଆମ୍ଭେମାନେ ଆମ୍ଭ ପିତାଙ୍କୁ ଦ୍ରାକ୍ଷାରସ ପିଆଇଦେବା ଓ ତାଙ୍କ ନିକଟରେ ଶୟନ କରି ପିତାଙ୍କ ବଂଶ ବୃଦ୍ଧି କରିବା । ତାପରେ ସେଦିନ ରାତିରେ ପିତାଙ୍କୁ ଦ୍ରାକ୍ଷାରସ ପିଆଇଦେଇ ତାଙ୍କ ସହିତ ଶୟନ କଲେ ।ଆଜି ରାତିରେ ମଧ୍ୟ ବାପାଙ୍କୁ ଦ୍ରାକ୍ଷାରସ ମଦିରା ପିଆଇ ଦେବା , ତୁ ଆଜି ତାଙ୍କ ପାଖକୁ ଯାଇ ଶୟନ କରିବୁ । ଏପରି କରି ଲୂତର ଦୁଇଝିଅ ନିଜ ପିତାଙ୍କ ଦ୍ୱାରା ଗର୍ଭିଣୀ ହେଲେ ।

(ତୌରେତ ଉତ୍ପତ୍ତି ପ·୧୯-/ଆ·୩୨-୩୩-୩୪-୩୬)

ସମୀକ୍ଷକ:- ଦେଖନ୍ତୁ, ପିତାପୁତ୍ରୀ ମଧ୍ୟ ଯେଉଁ ମଦ୍ୟପାନ ନିଶାର ବଶବର୍ତ୍ତୀ ହୋଇ ବ୍ୟଭିଚାର କରିବାକୁ ଲଜ୍ଜା ବୋଧ କଲେ ନାହିଁ, ସେହି ନିଶାକୁ ଈସାଇଲୋକେ ବହୁଳ ଭାବେ ବ୍ୟବହାର କରନ୍ତି, ତେଣୁ ସେମାନଙ୍କ କୁକର୍ମର ସୀମା ରହିବ କିପରି ? ଏଣୁ ସଜ୍ଜନମାନେ ମଦ୍ୟପାନରୁ ସର୍ବଦା ଦୂରେଇ ରହିବା ଉଚିତ ॥ ୨୩ ॥

୨୪- ପୁଣି ନିଜର କଥା ଅନୁସାରେ ପରମେଶ୍ୱର ସରାଃକୁ ଯାଇ ଭେଟିଲେ ।

ନିଜ କଥାକୁ ରକ୍ଷା କରିବାକୁ ଯାଇ ତା ସହିତ ବସବାସ କଲେ ତେଣୁ ସରାଃ ଗର୍ଭବତୀ ହେଲା ।

(ତୌରେତ ଉତ୍ପତ୍ତି ପ·୨୧/ଆ·୧-୨)

ସମୀକ୍ଷକ:- ବର୍ତ୍ତମାନ ବିଚାର କରନ୍ତୁ ସରାଃକୁ ଭେଟି ତାକୁ ଗର୍ଭବତୀ କଲେ । ଏ କାର୍ଯ୍ୟ ପ୍ରକୃତରେ କିପରି ହେଲା ? ପରମେଶ୍ୱର ଓ ସରାଃ ବ୍ୟତୀତ ଗର୍ଭସ୍ଥାପନ କାର୍ଯ୍ୟରେ , ଅନ୍ୟ ତୃତୀୟ ବ୍ୟକ୍ତି ସଂପୃକ୍ତ ନୁହନ୍ତି । ତେଣୁ ପରମେଶ୍ୱରଙ୍କ କୃପାରୁ ସରାଃ ଗର୍ଭବତୀ ହେଲା ॥୨୪ ॥

୨୫- ତହୁଁ ଆବ୍ରାହମ୍ ବଡ଼ି ଭୋରରୁ ଉଠି ରୁଟି ଓ ଗୋଟିଏ ଚମଡା ଖୋଳରେ ଜଳ ନେଇ ଆସିଲା । ତାକୁ ହାଜିରଃ କାନ୍ଧରେ ରଖିଦେଇ ପିଲାକୁ ମଧ୍ୟ ତାକୁ ଅର୍ପଣ କରିଦେଲା । ତାପରେ ସେ ବିଦାୟ ନେଇ ସେହି ପିଲାକୁ ଏକ ବୁଦାତଳେ ପକାଇଦେଲା । ତା ସମ୍ମୁଖରେ ବସି ଜୋର୍‌ରେ ଚିତ୍କାରକରି କାନ୍ଦିବାରେ ଲାଗିଲା । ତାପରେ ଈଶ୍ୱର ସେହି ବାଳକର ଶବ୍ଦ ଶୁଣିଲେ ।

(ତୌରେତ ଉତ୍ପତ୍ତି ପ·୨୧/ଆ·୧୪ ରୁ ୧୭)

ସମୀକ୍ଷକ:- ଏବେ ଈସାଇ ଈଶ୍ୱରଙ୍କ ଲୀଳା ଦେଖନ୍ତୁ । ପ୍ରଥମେ ସେ ସରାଃ ପ୍ରତି ପକ୍ଷପାତ କରି ହାଜିରଃକୁ ସେଠାରୁ ବାହାର କରାଇଦେଲେ । ହାଜିରଃ ଚିତ୍କାରକରି କାନ୍ଦିଲା କିନ୍ତୁ ଶବ୍ଦ ଶୁଣାଗଲା ପିଲାର,ଏହା କିପରି ବିଚିତ୍ର କଥା । ବାଳକ କାନ୍ଦୁଛି ବୋଲି ଈଶ୍ୱରଙ୍କ ମନରେ ଭ୍ରମ ହୋଇଥିବ । ତେବେ ସେକି ଈଶ୍ୱର କିମ୍ବା ବାଇବେଲ୍ କି ଈଶ୍ୱରକୃତ ହୋଇପାରେ । ସାଧାରଣ ମନୁଷ୍ୟଙ୍କ କଥା ଭଳି କେତେକ କଥାକୁ ବାଦ୍‌ଦେଲେ ଆଉ ସବୁ କଥା ଅସାର ବୋଲି ପ୍ରତିପାଦିତ ହେଉଛି ॥ ୨୫ ॥

୨୬- ଏକଥାପରେ ଏପରି ହେଲା ଯେ..., ଈଶ୍ୱର ଆବ୍ରାହମ୍‌କୁ ଦିନେ ପରୀକ୍ଷା କରିବାପାଇଁ କହିଲେ... ଆବ୍ରାହମ୍ ! ତୁମେ ଅତି ଭଲପାଉଥିବା ନିଜର ଏକମାତ୍ର ପୁତ୍ର ଇଜାହାକକୁ ନେଇ ମୋରିଆକୁ ଯାଅ । ଆମେ କହୁଥିବା ପାହାଡ଼ ଉପରେ ତାହାକୁ ହୋମକରି ଆମ୍ଭକୁ ଅର୍ପଣ କର । ଇଜାହାକକୁ ବେଦେରୀ କାଠ ଉପରେ ରଖାଗଲା । ଆବ୍ରାହମ୍ ନିଜ ପୁତ୍ରକୁ ହତ୍ୟା କରିବା ଉଦ୍ଦେଶ୍ୟରେ କାତିକୁ ଧରି ହାତ ବଢ଼ାଇବା

ସମୟରେ ସ୍ୱର୍ଗରୁ ଈଶ୍ୱରଙ୍କ ଦୂତ କହିଲେ - ଆବ୍ରାହମ୍ ! ପିଲା ଉପରକୁ ହାତ ବଢାଅ ନାହିଁ , ତାର କିଛି ଅନିଷ୍ଟ କରନାହିଁ । ଏବେ ଜାଣିଲୁ ତୁମେ ଈଶ୍ୱରଙ୍କୁ ଭୟକରୁଛ ।

(ତୌରେତ ଉତ୍ପତ୍ତି ପ.୨୨ / ଆ.୧-୨-୯ ରୁ ୧୨)

ସମୀକ୍ଷକ :- ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଈସାଇମାନଙ୍କ ଈଶ୍ୱର ସର୍ବଜ୍ଞ ନୁହନ୍ତି । ସେ ହେଉଛନ୍ତି ଅଳ୍ପଜ୍ଞ । ପୁଣି ଆବ୍ରାହାମ୍ ମଧ୍ୟ ଜଣେ ଭୋଳା ଲୋକଥିଲା । ନହୁବା ଏପରି କାର୍ଯ୍ୟ କରିଥାଆନ୍ତା କାହିଁକି ? ତାଙ୍କ ଈଶ୍ୱର ଯଦି ପ୍ରକୃତରେ ସର୍ବଜ୍ଞ ହୋଇଥାଆନ୍ତେ ତେବେ ଆବ୍ରାହମ୍‌ର କେତେ ଭକ୍ତି ଅଛି ତା ନିଶ୍ଚୟ ଜାଣିପାରିଥାନ୍ତେ । ଏଣୁ ସେ ମୋଟେ ସର୍ବଜ୍ଞ ନୁହଁନ୍ତି ।

୨୭- ଆପଣ ଆମ୍ଭ ସମାଧି ମଧ୍ୟରୁ ବାଛି ଏକ ସ୍ଥାନରେ ଆପଣଙ୍କ ମୁର୍ଦ୍ଦାରକୁ ପୋତନ୍ତୁ । (ତୌରେତ ଉତ୍ପତ୍ତି ପ.୨୩/ ଆ.୬)

ସମୀକ୍ଷକ :- ଶବକୁ ପୋତି ଦେବାଦ୍ୱାରା ସଂସାରରେ ଲୋକଙ୍କ ବହୁତ ହାନି ହେଉଛି । ଯେଣୁ ଶବ ମାଟି ଭିତରେ ପଚି ,ସଢି ବାୟୁମଣ୍ଡଳକୁ ଦୂଷିତ କରିବା ସଙ୍ଗେ ସଙ୍ଗେ ଅନେକ ରୋଗ ସୃଷ୍ଟି କରେ ।

ପ୍ରଶ୍ନ :- ଯାହାକୁ ଭଲପାଆନ୍ତି ତାକୁ କଦାପି ପୋଡିଦେବା ଉଚିତ ନୁହେଁ । ପୋତିଦେବାର ଅର୍ଥ ହେଉଛି ଶବକୁ ଶୁଆଇଦେବା ଭଳି । ଏଣୁ ପୋତିଦେବା ଭଲ ।

ଉତ୍ତର :- ଯଦି ମୁର୍ଦାରକୁ ଭଲ ପାଉଛ ତେବେ ତାକୁ ନିଜ ଘରେ ରଖୁ ନାହଁ କାହିଁକି ? ତେବେ ପୋତି ଦେଉଛ କାହିଁକି ? ଯେଉଁ ଜୀବାତ୍ମାକୁ ପ୍ରୀତି କରୁଥିଲ , ସେତ ବାହାରିଗଲା , ପୁଣି ଦୁର୍ଗନ୍ଧମୟ ମାଟି ଘଟ ସହିତ ପ୍ରୀତି କ'ଣ ? ଶରୀରକୁ ଭଲ ପାଉଥିଲେ ମାଟିରେ ପୋତୁଛ କାହିଁକି ? କେହି ଯଦି କାହାକୁ କହେ... ତୋତେ ମାଟିରେ ପୋତିଦେବି , ତେବେ ସେ କଥା ଶୁଣି କଦାପି ସେ ସନ୍ତୁଷ୍ଟ ହେବନାହିଁ । କାହାର ଆଖି ,ମୁହଁ ,କାନରେ ମାଟି ଧୂଳି ପୂରାଇ ତାଉପରେ ଇଟା ,ପଥର ,ଚୁନଦେଇ ସମାଧି କରିବା କ'ଣ ପ୍ରୀତିର କାମ ? ପୁଣି ସିନ୍ଦୁକରେ ପୂରାଇ ପୋତି ଦେବାଦ୍ୱାରା ତାହା ପଚି ଯାଇ ଦୁର୍ଗନ୍ଧ ଜାତକରେ ଓ ବାୟୁ ମଣ୍ଡଳକୁ ଦୂଷିତ କରି ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି କରେ । ପୁନଶ୍ଚ ଗୋଟିଏ ମୁର୍ଦାର ପାଇଁ ଛଅହାତ ଲମ୍ବ ଓ ଚାରିହାତ ଓସାରର ଭୂମି ଆବଶ୍ୟକ । ଏହି ଅନୁପାତରେ କୋଟି

କୋଟି ଲୋକଙ୍କୁ ପୋତିବାପାଇଁ ଅନେକ ଭୂମି ଅକାରଣ ହୋଇଯିବ । ସେଠାରେ କ୍ଷେତ ବା ବଗିଚା କରାଯାଇ ବାସକରି ହେବ ନାହିଁ । ଏଣୁ ମୁର୍ଦାରକୁ ପୋତିବା ସବୁଠାରୁ ବଡ଼ ଖରାପ କାମ । ଶବକୁ ଜଳରେ ଫିଙ୍ଗିଦେବା ତାଠାରୁ କମ୍ ଖରାପ.କାରଣ ଜଳଜନ୍ତୁ ମାନେ ସେହି ଶବକୁ ଖାଇଦିଅନ୍ତି । କିନ୍ତୁ ଯେଉଁ ହାଡ଼ଗୁଡ଼ିକ ଜଳରେ ରହିଯାଏ କ୍ରମେ ତାହା ସଢ଼ି ଯାଇ ଜଗତର କ୍ଷତିକରେ । ମୁର୍ଦାରକୁ ବଣ ଜଙ୍ଗଲରେ ଫୋପାଡ଼ିଦେବା ତାହାଠାରୁ କମ୍ ଖରାପ " ଯେଣୁ ମାଂସାହାରୀ ଜୀବଜନ୍ତୁମାନେ ସେହି ଶବକୁ ଖାଇପକାନ୍ତି । ତଥାପି ଶବର ଯେଉଁ ଅସ୍ଥିମଜ୍ଜା ଆଦି ରହିଯାଏ ତାହା ପଚି ସଢ଼ି ଯେତେ ଦୁର୍ଗନ୍ଧ ଜାତକରେ ଜଗତର ସେତେ କ୍ଷତି ସାଧନ କରେ । ଏସବୁ କାରଣରୁ ଶବକୁ ନିଆଁରେ ଦାହ କରିଦେବା ହେଉଛି ସର୍ବୋତ୍ତମ ବିଧାନ । ଯେଣୁ ଶବର ସର୍ବାଙ୍ଗ ନିଆଁରେ ପୋଡ଼ିଯାଇ ଅଣୁରୂପରେ ବାୟୁମଣ୍ଡଳରେ ମିଳାଇ ଯାଏ ।

ପ୍ରଶ୍ନ- ଶବକୁ ପୋଡ଼ିବାଦ୍ୱାରା ମଧ୍ୟ ଦୁର୍ଗନ୍ଧ ଜାତ ହୁଏ ?

ଉତ୍ତର:- ବିଧିପୂର୍ବକ ପୋଡ଼ା ନ ଗଲେ ଅବଶ୍ୟ କିଛିଟା ଦୁର୍ଗନ୍ଧ ଜାତ ହୁଏ । ଏହା କିନ୍ତୁ ପୋତିବା ବା ଫିଙ୍ଗିବାଠାରୁ କମ୍ ପରିମାଣରେ ହୁଏ । ବେଦରେ ଯେପରି ଉଲ୍ଲେଖ ଅଛି ସେପରି ବିଧିପୂର୍ବକ ଶବଦାହ କରିବା ଉଚିତ । ଯଥା- ଶବଦାହ ବେଦୀ ତିନିହାତ ଗଭୀର, ସାଢ଼େ ତିନିହାତ ଓସାର,ପାଞ୍ଚହାତ ଲମ୍ବ,ତଳ ଉପରାପାଇଁ ଏକ ଏକ ବିଘତ ଖୋଳାଯିବା ଆବଶ୍ୟକ । ମୃତ୍ୟବ୍ୟକ୍ତିର ଓଜନ ଯେତେ ସେହିପରିମାଣର ଘିଅରେ ଏକ ସେରରେ ଏକ ରତି ହିସାବ କସ୍ତୁରୀ, ପୁଣି ଏକ ମାସା ହିସାବର କେଶର ମିଶାଇବ । ଅନ୍ୟୁନପକ୍ଷେ ଅଧମହଣ ଚନ୍ଦନ ପୁଣି ଅଗର,ତଗର ପଳାଶ ଆଦି କାଷ୍ଠ ବେଦୀ ଉପରେ ରଖିବ । ତାପରେ ସେହି କାଠ ଉପରେ ଶବକୁ ରଖିବ, ପୁଣି ଶବ ଉପରେ କାଠକୁ ସଜାଇ ରଖିବ । ତାପରେ ଅଗ୍ନିଲଗାଇ ତହିଁରେ ଘୃତାହୁତି ଦେବାକୁ ହେବ । ଏପରି ଭାବେ ଶବଦାହ କଲେ ସାମାନ୍ୟ ମାତ୍ରାରେ ମଧ୍ୟ ଦୁର୍ଗନ୍ଧ ହେବନାହିଁ । ଏହାକୁ ନରମେଧ ବା ପୁରୁଷମେଧ ଯଜ୍ଞ କୁହାଯାଏ । ଅତ୍ୟନ୍ତ ଦରିଦ୍ର ବ୍ୟକ୍ତି ହେଲେ ମଧ୍ୟ ଶବଦାହ ସମୟରେ କୋଡ଼ିଏ ସେର ପର୍ଯ୍ୟନ୍ତ ଘୃତାହୁତି ଦେବ । ଭିକ୍ଷାଦ୍ୱାରା ନିଜ ଜାତି ଭାଇମାନଙ୍କ ଠାରୁ ବା ରାଜାଙ୍କ ଠାରୁ ସେହି ଘୃତ ସଂଗ୍ରହ କରାଯାଇପାରେ । ସେ ଯାହା ହେଉ,ଏହି

ରୀତିରେ ଶବ ଦାହ କରିବାକୁ ହେବ । ଘୃତ ଅଭାବ ଥିଲେ କେବଳ କାଠରେ ହେଉପଛେ ଶବକୁ ପୋଡ଼ିଦେବା ଉତ୍ତମ ବ୍ୟବସ୍ଥା । ଏପରି ଗୋଟିଏ ମାତ୍ର ବେଦୀରେ ଲକ୍ଷ ଲକ୍ଷ ମୁର୍ଦ୍ଦାରଙ୍କୁ ଦାହ କରାଯାଇ ପାରିବ । ପୋତା ପରି ଦାହରେ ଅଧିକ ସ୍ଥାନ ନଷ୍ଟ ହୁଏ ନାହିଁ । ପୁଣି ଶବ ପୋତାଯାଇଥିବା ସମାଧି ବା କବରକୁ ଦେଖି ଲୋକଙ୍କ ମନରେ ଭୟଜାତ ହୁଏ । ଏଣୁ ଶବକୁ ପୋତାପୋତି କରିବା ନିଷିଦ୍ଧ କରାଯାଇଛି ॥ ୨୭ ॥

୨୮- ମୋ ସ୍ୱାମୀ ଆବ୍ରାହମ୍‌ଙ୍କ ଈଶ୍ୱର ଧନ୍ୟ । ଯେଣୁ ସେ ମୋ ସ୍ୱାମୀଙ୍କୁ ଦୟା ଓ ସତ୍ୟୋଚପଣିଆ ନ ଦେଖାଇ ଛାଡିଲେ ନାହିଁ । ମୁଁ ଯିବା ରାସ୍ତାରେ ପରମେଶ୍ୱର ଆଗେ ଆଗେ ଯାଇ ମୋ ସ୍ୱାମୀଙ୍କ ଭାଇର ଗୃହକୁ ମୋତେ ବାଟ କଢ଼ାଇନେଲେ ।

(ତୌରେତ ଉତ୍ପତ୍ତି ପ·୨୪/ଆ·୨୭)

ସମୀକ୍ଷକ:- ସେ କଣ କେବଳ ଆବ୍ରାହମ୍‌ଙ୍କ ଈଶ୍ୱର ଥିଲେ ? ଆଜିକାଲି ଆଗେ ଆଗେ ଯାଇ ଲୋକେ ଯେପରି ବାଟ ଦେଖାଇ ଦିଅନ୍ତି.ଈଶ୍ୱର, ମଧ୍ୟ ଠିକ୍ ସେହିପରି କରିଥିଲେ । ତେବେ ସେ ଆଜି କାହିଁକି ସେପରି ମାର୍ଗ ପ୍ରଦର୍ଶନ କରୁନାହାନ୍ତି ? କିମ୍ବା ମନୁଷ୍ୟମାନଙ୍କ ସହିତ କଥାବାର୍ତ୍ତା କରୁନାହାନ୍ତି ? ଏସବୁ କଥା ଈଶ୍ୱରଙ୍କର ନୁହେଁ କିମ୍ବା ତାଙ୍କ ରଚିତ ଗ୍ରନ୍ଥର ମଧ୍ୟ ନୁହେଁ । ଏସବୁ ହେଉଛି କୌଣସି ଅସଭ୍ୟଲୋକର କଥାବିଶେଷ । ୨୮ ।

୨୯- ଇସମ୍‌ଅୟେଲ୍ ପୁଅମାନଙ୍କର ନାମ ହେଉଛି---- ପ୍ରଥମ ନବୀତ, କୀଦାର ଅଦବିଏଲ୍ ଓ ମିବସାମ । ମିମମାଅ, ଦୁମଃ ଓ ମସ୍‌ସା । ହଦର, ତେମାଇତ୍ରନଫାସ ଓ କିଦିମ ।   (ତୌରେତ ଉତ୍ପତ୍ତି ପ·୨୫/ଆ·୧୩-୧୪-୧୫)

ସମୀକ୍ଷକ:- ଏହି ଇସମ୍ ଅୟେଲ୍, ଆବ୍ରାହମ୍‌ଠାରୁ ତାର ହାଜିର ଦାସୀର ପୁତ୍ର ହୋଇଥିଲା । ୨୯ ।

୩୦- ମୁଁ ତୋ ପିତାଙ୍କ ରୁଚି ଅନୁସାରେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିଦେବି । ତୁ ତୋପିତାଙ୍କ ପାଖକୁ ତାହା ନେଇଯିବୁ, ସେ ଭୋଜନ କରି ନିଶ୍ଚୟ ତୃପ୍ତ ହେବେ ଓ ମୃତ୍ୟୁ ପୂର୍ବରୁ ତୋତେ ଆଶୀର୍ବାଦ ଦେବେ । ପୁଣି ରିବକାଃ ଘରେ ବଡ଼ପୁଅ ଏସୌକୁ ଭଲପୋଷାକ ପିନ୍ଧାଇଦେଲା । ଛେଳି ଓ ମେଣ୍ଢାର ଚିକ୍କଣ ଚମଡ଼ା ତା ହାତରେ ଓ ଗଳାରେ ଲଗାଇଦେଲା । ତାପରେ ୟାକୁବ ନିଜ ପିତାଙ୍କ ନିକଟକୁ ଯାଇ କହିଲା- ମୁଁ ତୁମର ଜ୍ୟେଷ୍ଠ ପୁତ୍ର ଏସୌ

। ଆପଣଙ୍କ ଆଦେଶାନୁସାରେ ମୁଁ କାର୍ଯ୍ୟକରି ଆଣିଛି । ଉଠି ବସନ୍ତୁ ଓ ଏହି ମାଂସ ଖାଆନ୍ତୁ,ଏବଂ ମୋତେ ଆଶୀର୍ବାଦ କରନ୍ତୁ ।

(ତୌରେତ ଉତ୍ପତ୍ତି ପ·୨୭-ଆ·୯-୧୦-୧୫-୧୬-୧୯)

ସମୀକ୍ଷକ:- ଦେଖନ୍ତୁ, ଏପରି କପଟକରି, ମିଛ କହି ଓ ଆଶୀର୍ବାଦ ଲାଭକରି ପରେ ସିଦ୍ଧ ପୁରୁଷ ଅର୍ଥାତ୍ ପୈଗମ୍ବର ହେବା, ଏହା ଆଶ୍ଚର୍ଯ୍ୟର ବିଷୟ ନୁହେଁକି କି ? ଏପରି ଲୋକେ ଯଦି ଖ୍ରୀଷ୍ଟଧର୍ମର ପ୍ରଚାରକ ହୁଅନ୍ତି, ତେବେ ସେହି ଧର୍ମରେ ଜଟିଳ ପରିସ୍ଥିତି କମ୍ ହେବ କିପରି ? ॥ ୩୦ ॥

୩୧- ୟାକୁବ୍ ବଡ଼ି ସକାଳୁ ଉଠି ପଡ଼ିଲା । ମୁଣ୍ଡତଳେ ଯେଉଁ ପଥରକୁ ତକିଆରୂପେ ବ୍ୟବହାର କରିଥିଲା ତାକୁ ବାହାର କରି ତହିଁରେ ଏକ ସ୍ତମ୍ଭ ନିର୍ମାଣ କଲା ଓ ତାଉପରେ ତେଲ ଢାଳିଲା । ସେହି ସ୍ଥାନର ନାମ ରଖିଲା ବୈତଏଲ୍ । ଘୋଷଣା କଲା ଯେ ମୁଁ ଏହି ଯେଉଁ ପଥର ଖମ୍ବ କଲି ତାହାହିଁ ଈଶ୍ୱରଙ୍କ ଘର ହେବ ।

(ତୌରେତ ଉତ୍ପତ୍ତି ପର୍ବ·୨୮-ଆ·୧୮-୧୯-୨୨)

ସମୀକ୍ଷକ:- ବର୍ତ୍ତମାନ ଏହି ଜଙ୍ଗଲିମାନଙ୍କ କାର୍ଯ୍ୟ ଦେଖନ୍ତୁ । ଏମାନେ ନିଜେ ପଥର ପୂଜା କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେଲେ । ଏହାକୁ ମୁସଲ୍‌ମାନ ଲୋକେ " ବୈତଏଲମୁକଦ୍ଦସ୍ " କହନ୍ତି । ତେବେ କଣ ଏହି ପଥର ହେଉଛି ଈଶ୍ୱରଙ୍କ ଘର, ପୁଣି ସେହି ପଥରଖଣ୍ଡକରେ ଈଶ୍ୱର ରହନ୍ତି ? ବାଃ, ବାଃରେ ଈସାଇ ଲୋକ, ତୁମ୍ଭେମାନେ ହିଁ ହେଉଛ ପ୍ରକୃତ ପାଷାଣପୂଜକ । ୩୧ ।

୩୨- ଈଶ୍ୱର ରାଖିଲକୁ ସ୍ମରଣ କଲେ । ଈଶ୍ୱର ତା ଡାକ ଶୁଣି ତାହାର ପେଟକୁ ଖୋଲିଲେ । ତାପରେ ରାଖିଲ ଗର୍ଭବତୀ ହେଲା, ଏବଂ ପୁଅ ମଧ୍ୟ ଜନ୍ମ କଲା । ପୁଣି କହିଲା କି ଈଶ୍ୱର ମୋ ନିନ୍ଦା ଦୂର କଲେ ।

(ତୌରେତ ଉତ୍ପତ୍ତି ପର୍ବ·୩୦-ଆ·୨୨-୨୩)

ସମୀକ୍ଷକ:-ବାହା ବାଃରେ ଈସାଇଙ୍କ ଈଶ୍ୱର । ସେ ନିଶ୍ଚୟ ଜଣେ ବଡ଼ ଚିକିତ୍ସକ ହୋଇଥିବେ । ସ୍ତ୍ରୀମାନଙ୍କ ପେଟ ଖୋଲିବାପାଇଁ ତାଙ୍କ ନିକଟରେ କୌଣସି ଅସ୍ତ୍ରଶସ୍ତ୍ର ବା ଔଷଧ ଥିଲା ଯେ ପେଟ ଖୋଲିଗଲା । ଏସବୁ ହେଉଛି ଅନ୍ଧାଧୁନ୍ଧିଆ କଥା । ୩୨ ।

୩୩- ଈଶ୍ୱର ଅରାମୀ ଲାବନଙ୍କୁ ରାତିରେ ସ୍ୱପ୍ନରେ ଦେଖାଦେଇ କହିଲେ-ତୁ ଭଲଭାବରେ ରହ । ଯାକୁବ୍‌କୁ ଭଲମନ୍ଦ କିଛି କହିବୁ ନାହିଁ । ତୁମେ ତୁମ ପିତାଙ୍କ ଗୃହପ୍ରତି ଅତ୍ୟନ୍ତ ଅଭିଳାଷୀ ଅଛ । ତୁମେ ମୋର ଦେବତାମାନଙ୍କୁ କାହିଁକି ଚୋରିକଲ ? (ତୌରେତ ଉତ୍ପତ୍ତି ପର୍ବ-୩୧-ଆ-୨୪-୩୦)

ସମୀକ୍ଷକ:- ବାଇବେଲ୍‌ରେ କୁହାଯାଇଛି ଯେ, ଈଶ୍ୱର ସ୍ୱପ୍ନରେ ହଜାର ହଜାର ଲୋକଙ୍କୁ ଦେଖାଦେଲେ, ଜାଗ୍ରତ ଅବସ୍ଥାରେ ସାକ୍ଷାତ କଲେ, ଖିଆ-ପିଆ,ଦିଆ-ନିଆ ଓ ଯିବା-ଆସିବା କଲେ, ଏସବୁ ଜାଣି ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡୁଛି । ଏବେ ସେ ଈଶ୍ୱର ଅଛନ୍ତି ନା ନାହାନ୍ତି ? ଯେଣୁ ଏବେ ସେ ଆଉ ସ୍ୱପ୍ନରେ ବା ଜାଗ୍ରତାବସ୍ଥାରେ ଦେଖା ଦେଉ ନାହାନ୍ତି । ତେଣୁ ଏଥିରୁ ଜଣାଯାଉଛି ଯେ, ସେ କାଳରେ ସେହି ଅସଭ୍ୟ ଲୋକମାନେ ପଥର ମୂର୍ତ୍ତିକୁ ଦେବତା ବୋଲି ମନେ କରି ପୂଜା କରୁଥିଲେ । ଯଦି ପଥରକୁ ଦେବତାରୂପେ ପୂଜା କରୁ ନ ଥିଲେ, ତେବେ ତାଙ୍କ ଦେବତା ଚୋରି ହେବା ବିଷୟ କଦାପି ଉଲ୍ଲେଖ କରି ନ ଥାନ୍ତେ ॥ ୩୩ ॥

୩୪- ଯାକୁବ୍ ନିଜ ରାସ୍ତାରେ ଚାଲିଗଲେ । ଈଶ୍ୱରଙ୍କ ଦୂତ ଆସି ତାଙ୍କୁ ଦେଖାଦେଲେ । ତାଙ୍କୁ ଦେଖି ଯାକୁବ୍ କହିଲା...... ଇଏ ହେଉଛନ୍ତି ଈଶ୍ୱରଙ୍କ ସେନା ।

(ତୌରେତ ଉତ୍ପତ୍ତି ପର୍ବ-୩୨ / ଆ-୧-୨)

ସମୀକ୍ଷକ:- ଇସାଇମାନଙ୍କ ଈଶ୍ୱର ଯେ ଜଣେ ମଣିଷ ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ଯେଣୁ ସେ ସେନା ରଖିଛନ୍ତି । ସେନା ଥିବା କାରଣରୁ ଅସ୍ତ୍ରଶସ୍ତ୍ର ମଧ୍ୟ ନିଶ୍ଚୟ ଥିବ । ଦରକାର ସମୟରେ ଅନ୍ୟ ଲୋକଙ୍କ ସହିତ ହାଣ କାଟ, ମାରପିଟ ମଧ୍ୟ ନିଶ୍ଚୟ ହେଉଥିବ । ନ ହେଲେ ସେନା ରଖିବାର କି ଆବଶ୍ୟକତା ଅଛି ॥ ୩୪ ॥

୩୫- ଯାକୁବ୍ ଏକୁଟିଆ ରହିଗଲା । ସେଠାରେ ଭୋର୍ ହେବାଯାଏ ଜଣେ ଲୋକ ତାସହିତ ମଲ୍ଲଯୁଦ୍ଧ କରୁଥିଲା । ଯେତେବେଳେ ସେ ଦେଖିଲା ଯେ ଯୁଦ୍ଧରେ ସେ ପାରୁନାହିଁ, ତେଣୁ ତାର ଜଙ୍ଘ ଭିତରକୁ ଛୁଇଁ ଦେଲା । ଯେତେବେଳେ ଯାକୁବ୍‌ର ଜଙ୍ଘ ଖଣ୍ଡ ଖସିଗଲା ।ପରେ ସେ ଲୋକ କହିଲା...ଭୋର•ହୋଇଗଲା, ମୋତେ ଛାଡିଦିଅ ମୁଁ ବାହାରିଯିବି । ସେ କହିଲା ମୋତେ ଆଶୀର୍ବାଦ ନ ଦେଲେ ମୁଁ ଛାଡିଦେବି ନାହିଁ । ତାପରେ ସେ

ପଚାରିଲା ତୋ ନାମ କଣ ? ସେ କହିଲା...... ଯାକୁବ୍ । ତାଶୁଣି ସେ ଲୋକ କହିଲା..... ତୋ ନାମ ଏବେ ଯାକୁବ୍ ନ ହୋଇ ହେବ ଇସରାଏଲ୍ । ଯେଣୁ ତୁ ଈଶ୍ୱରଙ୍କ ଆଗରେ ଓ ମନୁଷ୍ୟମାନଙ୍କ ଆଗରେ ରାଜାଙ୍କ ପରି ମଲ୍ଲଯୁଦ୍ଧ କରି ବିଜୟ ଲାଭ କଲୁ । ତାପରେ ଯାକୁବ୍ ପଚାରିଲା..... ତୁମ ନାମ କଣ ? ସେ କହିଲା- ମୋ ନାମ ତୁମେ ପଚାରୁଛ କାହିଁକି ? ଏହାକହି ଯାକୁବ୍‌କୁ ଆଶୀର୍ବାଦ ଦେଲା । ଯାକୁବ୍ ସେହି ସ୍ଥାନର ନାମ ଫନୁଏଲ୍ ବୋଲି ରଖିଲା । ସେ ବିଚାରକଲା ଆଜି ମୁଁ ଈଶ୍ୱରଙ୍କୁ ଦର୍ଶନ କଲି ଓ ପ୍ରାଣକୁ ବଞ୍ଚାଇଲି । ଯେତେବେଳେ ସେ ଫନୁଏଲ୍‌ରୁ ପାର ହୋଇଗଲା ସେତେବେଳେ ସୂର୍ଯ୍ୟକିରଣ ତାଉପରେ ପଡ଼ିଲା । ତାପରେ ସେ ଆଣ୍ଠେଇ ଆଣ୍ଠେଇ ଛୋଟେଇ କରି ଚାଲିଲା । ଇସ୍ରାଏଲ୍ ବଂଶ ସେହି ଜଙ୍ଘର ଶିରାକୁ ଯାହାକି ଚଢ଼ି ଯାଇଥିଲା ସେହି ଜଙ୍ଘର ମାଂସ ଆଜିପର୍ଯ୍ୟନ୍ତ ଖାଇନାହାନ୍ତି । ଯେଣୁ ସେ ଛୁଇଁଥିବାରୁ ଯାକୁବ୍‌ର ଜଙ୍ଘ ମାଂସ ପେଶି ସଙ୍କୁଚିତ ହୋଇଯାଇଥିଲା ।

(ତୌରେତ ଉତ୍ପତ୍ତି ପ-୩୨ / ଆ-୨୪ ରୁ ୩୨)

ସମୀକ୍ଷକ:- ଇସାଇମାନଙ୍କ ଈଶ୍ୱର ହେଉଛନ୍ତି ଆଖଡ଼ାର ମଲ୍ଲ । ତେଣୁ ସେ ସରଃ ଓ ରାଖଲର ପୁଅ ହେବାପାଇଁ ଦୟା କରିଥିଲେ । ଏ କଣ କେବେ ଈଶ୍ୱର ହୋଇପାରନ୍ତି ? ଏହି ଈଶ୍ୱରଙ୍କ ଅନ୍ୟ ଏକ ଲୀଳା ଦେଖ । ଯାକୁବ୍ ଈଶ୍ୱରଙ୍କୁ ତାଙ୍କ ନାମ ପଚାରିଲା ସେ କିଛି ନାମ ନକହି ଲୁଚାଇ ରଖିଲେ । ଈଶ୍ୱର ତା ନାଡ଼ୀକୁ ଚଢାଇଦେଲେ ଓ ସେ ଜିଣିଗଲା । ଡାକ୍ତର ହୋଇଥିଲେ ନାଡ଼ୀକୁ ଭଲକରି ଦେଇଥାନ୍ତେ । ଈଶ୍ୱର ଭକ୍ତି ଯୋଗୁ ଯାକୁବ୍ ଛୋଟେଇଲା । ଅନ୍ୟମାନେ ମଧ୍ୟ ସେପରି ହୋଇଥିବେ । ଈଶ୍ୱରଙ୍କୁ ନିଜ ସମ୍ମୁଖରେ ଦେଖି ମଧ୍ୟ ଯେତେବେଳେ ମଲ୍ଲଯୁଦ୍ଧ କଲା, ଏଥିରୁ ଜଣାପଡୁଛି ଈଶ୍ୱର ନିଶ୍ଚିତରୂପେ ଜଣେ ମଣିଷ । ଏସବୁ କେବଳ ପିଲାଙ୍କ ଖେଳ କଥା ॥ ୩୫ ॥

୩୬:- ଈଶ୍ୱରଙ୍କ ମୁହଁ ଦେଖିଲା । (ତୌରେତ ଉତ୍ପତ୍ତି ପ-୩୩ / ଆ-୧୦)

ସମୀକ୍ଷକ:- ଈଶ୍ୱରଙ୍କ ମୁହଁ ଯେତେବେଳେ ଅଛି, ଅନ୍ୟାନ୍ୟ ଅବୟବଗୁଡ଼ିକ ମଧ୍ୟ ନିଶ୍ଚୟ ଥିବ । ତାଙ୍କର ଜନ୍ମ ମୃତ୍ୟୁ ମଧ୍ୟ ଥିବ ॥ ୩୬ ॥

୩୭:- ଯିହୁଦାହର ପ୍ରଥମ ସନ୍ତାନ ଏହି ଈଶ୍ୱରଙ୍କ ଦୃଷ୍ଟିରେ ବଡ଼ ଦୁଷ୍ଟଥିଲା ।

ତେଣୁ ଈଶ୍ୱର ତାକୁ ମାରିଦେଲେ । ତାପରେ ଯିହୁଦାହ ଓନାନକୁ କହିଲା- ତୋ ଭାଇର ପତ୍ନୀ ନିକଟକୁ ଯାଆ, ତାକୁ ବିବାହକରି ଭାଇର ବଂଶ ବୃଦ୍ଧିକର ।ଓନାନ ଜାଣିଲା ଯେ ସେ ବଂଶ ତାର ହୋଇପାରିବ ନାହିଁ । ତେଣୁ ସେ ଜଣ କଲାନା ଭାଇର ସ୍ତ୍ରୀଠାରେ ପ୍ରବେଶ କରି ବୀର୍ଯ୍ୟକୁ ଭୂମିରେ ପକାଇଦେଲା । ଈଶ୍ୱର ତାର ସେହି କାର୍ଯ୍ୟକୁ ଅନୁଚିତ ବିଚାରି ତାକୁ ଜୀବନରେ ମାରିଦେଲେ ।

(ତୌରେତ ଉତ୍ପତ୍ତି ପ-୩୮ / ଆ-୭ ରୁ ୧୦)

ସମୀକ୍ଷକ:- ଏପରି କାର୍ଯ୍ୟ ଈଶ୍ୱର କରନ୍ତି ନା ମନୁଷ୍ୟକରେ, ତା ବିଚାରକରି ଦେଖନ୍ତୁ । ଓନାନ ନିଜ ଭାଇର ଭାର୍ଯ୍ୟା ସହିତ ନିୟୋଗ କଲା, ତେଣୁ ଈଶ୍ୱର ତାକୁ କାହିଁକି ମାରିପକାଇଲେ । ତାହାର ଦୁର୍ବୁଦ୍ଧିକୁ କାହିଁକି ସୁଧାରିଲେ ନାହିଁ ? ବେଦୋକ୍ତ ନିୟୋଗପ୍ରଥା ପ୍ରଥମେ ତ ସର୍ବତ୍ର ପ୍ରଚଳିତ ଥିଲା । ଏହି ଉଦାହରଣରୁ ସ୍ପଷ୍ଟ ବିଦିତ ହୁଏ ଯେ, ନିଯୋଗ ପଦ୍ଧତି ସବୁ ଦେଶରେ ପ୍ରଚଳିତ ଥିଲା ॥ ୩୭ ॥

—: ତୌରେତ ଯାତ୍ରା ପୁସ୍ତକ :—

୩୮- ମୂସା ଯେବେ ସିଆଣିଆଁ ହୋଇଗଲା, ସେତେବେଳେ ଦେଖିଲା ଯେ, ନିଜ ଭାଇମାନଙ୍କ ମଧ୍ୟରୁ ଏକ ଇବରାନୀକୁ ଜଣେ ମିସରୀୟ ବ୍ୟକ୍ତି ମାରୁଛି । ସେ ଏଣେ ତେଣେ ଚାହିଁ ଦେଖିଲା ଯେ ନିକଟରେ କେହି ନାହାନ୍ତି । ତାପରେ ସେ ମିସରୀୟକୁ ମାରିଦେଇ ବାଲିଭିତରେ ତାକୁ ପୋତିଦେଲା । ତାପରଦିନ ବାହାରକୁ ଯିବା ସମୟରେ ଦେଖିଲା ଯେ ଦୁଇ ଜଣ ଇବରାନୀ ନିଜ ନିଜ ଭିତରେ କଳି କରୁଛନ୍ତି । ତାପରେ ସେ ଦୋଷୀ ଲୋକକୁ ପଚାରିଲା ତୁ କାହିଁକି ତୋ ପଡ଼ୋଶୀକୁ ମାରୁଛୁ ? ସେ ଉତ୍ତର ଦେଲା- ତୁ ଜଣ ଆମ୍ଭ ଉପରେ ଅଧ୍ୟକ୍ଷ ବା ନ୍ୟାୟପତି ହୋଇଗଲୁ ? ବିଚାର କରିବାପାଇଁ ତୋତେ କିଏ ଅଧିକାର ଦେଲା ? ତୁ ଜଣ ଭାବିଛୁ, ମିସରୀୟକୁ ତୁ ଯେପରି ମାରିଦେଲୁ ସେପରି ମୋତେ ମଧ୍ୟ ମାରିଦେବୁ ? ମୂସା ଏ କଥା ଶୁଣିବାମାତ୍ରେ ଭୟକରି ସେଠାରୁ ଚାଲିଗଲା ।

(ତୌରେତ ଯାତ୍ରା ପ-୨ / ଆ-୧୧ ରୁ ୧୪)

ସମୀକ୍ଷକ:- ଦେଖନ୍ତୁ, ବାଇବେଲ୍‌ର ଯିଏ ହେଉଛନ୍ତି ମୁଖ୍ୟକର୍ତ୍ତା, ମତର ଆଚାର୍ଯ୍ୟ ମୂସା ସେ ହେଉଛନ୍ତି ନରହତ୍ୟାକାରୀ, ତାଙ୍କର ଚରିତ୍ର କ୍ରୋଧାଦି ଦୁର୍ଗୁଣ ଯୁକ୍ତ, ପୁଣି ଚୋରମାନଙ୍କପରି ରାଜଦଣ୍ଡରୁ ରକ୍ଷାପାଇବାପାଇଁ ଅପଚେଷ୍ଟାକାରୀ । କଥାକୁ ଲୁଚାଇବାପାଇଁ ଯେତେବେଳେ ଚେଷ୍ଟା କରୁଥିଲେ ତେଣୁ ସେ ନିଶ୍ଚୟ ମିଛ କହୁଥିବେ । ଏମିସୋକୁ ଈଶ୍ୱର ମିଳିବାରୁ ସେ ପୈଗମ୍ବର ହେଲେ ଓ ଯିହୁଦି ମତ ପ୍ରଚାର କଲେ । ଏହି ମତ ସ୍ଥାପକ ତଥା ଅନ୍ୟାନ୍ୟ ଆଚାର୍ଯ୍ୟଗଣ ମଧ୍ୟ ଏହି ମୂସା ସଦୃଶ । ମୂସାଠାରୁ ଆରମ୍ଭ କରି ଈସାଇ ଧର୍ମର ସମସ୍ତ ମୁଖ୍ୟ ବା ସିଦ୍ଧ ପୁରୁଷମାନେ ସମସ୍ତେ ଜଙ୍ଗଲୀ ଅବସ୍ଥାରେ ଥିଲେ । ଏମାନେ କେବେ ବିଦ୍ୱାନ୍ ନଥିଲେ । ଇତ୍ୟାଦି ॥ ୩୮ ॥

୩୯- ପରମେଶ୍ୱର ଯେତେବେଳେ ଦେଖିଲେ ଯେ, ସେ ପାଖରୁ ଫେରି ଯାଉଛି, ସେତେବେଳେ ସେ ବୁଦାଭିତରୁ ତାକୁ ଡାକ ପକାଇଲେ...... ହେ ମୂସା ! ହେ ମୂସା !! ତାହା ଶୁଣି ସେ କହିଲା.... ମୁଁ ଏଇଠି ଅଛି । ସେ କହିଲେ— ନିକଟକୁ ଆ ନା, ଗୋଡ଼ରୁ ଜୋତା ଓହ୍ଲାଇ ଦେ । କାରଣ ଯେଉଁଠାରେ ତୁ ଠିଆ ହୋଇଛୁ, ତାହା ହେଉଛି ପବିତ୍ରଭୂମି ।

(ତୌରେତ ଯା-ପୁ ପ-୩ / ଆ-୪-୫)

ସମୀକ୍ଷକ:- ଯିଏ ମନୁଷ୍ୟକୁ ମାରି ବାଲିରେ ପୋତିଦେଲା, ସେ ହେଲା ଈଶ୍ୱରଙ୍କର ମିତ୍ର ପୁଣି ତାକୁ ସମସ୍ତେ ପେଗମ୍ବର ରୂପେ ମାନନ୍ତି । ପୁଣି ଦେଖ, ତୁମ ଈଶ୍ୱର ମୂସାକୁ ଯେତେବେଳେ କହିଲେ—— ପବିତ୍ର ସ୍ଥାନରେ ଜୋତା ମାଡ଼ିବା ଉଚିତ ନୁହେଁ । ତେବେ ତୁମ୍ଭେମାନେ କାହିଁକି ସେ ଉପଦେଶକୁ ପାଳନ କରୁନାହଁ ?

ପ୍ରଶ୍ନ- ଆମେ ଜୋତା ବାହାର ନ କରି, ଟୋପିକୁ ଉତାରି ଦେଉଁ । ଏହା କଣ ଠିକ୍ ନୁହେଁ ?

ଉତ୍ତର:- ଏପରି କରିବାଦ୍ୱାରା ତୁମେ ଅନ୍ୟ ଏକ ଅପରାଧ କଲ । କାରଣ ଟୋପି ଓହ୍ଲାଇବାପାଇଁ ବାଇବେଲ୍‌ରେ ଲେଖାଯାଇ ନାହିଁ, କିମ୍ବା ତୁମ୍ ଈଶ୍ୱର ମଧ୍ୟ କହୁନାହାନ୍ତି । ଯାହା ଓହ୍ଲାଇବା କଥା ତାକୁ ଓହ୍ଲାଉ ନାହଁ । ଯାହା ନ ଓହ୍ଲାଇବା କଥା ତାକୁ ଓହ୍ଲାଉ ଅଛି । ଏ ଉଭୟ କଥା ହେଉଛି ତୁମ୍ ପୁସ୍ତକର ବିରୁଦ୍ଧ ।

ପ୍ରଶ୍ନ- ଆମ୍ଭ ୟୁରୋପ୍ ଦେଶରେ ଶୀତ ଅତ୍ୟଧିକ ହୁଏ । ତେଣୁ ଆମ୍ଭେ ଜୋତା [illegible]

କରୁନା ?

ଉତ୍ତର:- ତେବେ ମୁଣ୍ଡକୁ ଜଣ ଶୀତ ହୁଏ ନାହିଁ । ପ୍ରକୃତ କଥା ଯଦି ଏପରି, ତେବେ ୟୁରୋପ୍ ଦେଶକୁ ଯେତେବେଳେ ଯିବ ସେପରି କରିବ । ଆମ ଘରକୁ ଆସି ବିଛଣାରେ ବସୁଛ ଯେତେବେଳେ ଜୋତା ବାହାର କରିଦେବା ଆବଶ୍ୟକ । ଯଦି ଜୋତା ବାହାର ନ କରୁଛ, ତେବେ ବାଇବେଲ୍‌ର ବିରୁଦ୍ଧାଚରଣ କରୁ ନାହଁକି ?

୪୦- ତାପରେ ଈଶ୍ୱର ତାକୁ କହିଲେ ଯେ··· ତୋହାତରେ ଏହା କଣ ? ସେ କହିଲା·····ଏହା ଏକ ଛଡ଼ି । ତାପରେ ସେ କହିଲେ····· ତୁ ଏହାକୁ ଭୂମିରେ ପକାଇ ଦେ । ଏହାଶୁଣି ସେ ତାକୁ ଭୂମିରେ ପକାଇ ଦେଲା । ସେହି ଛଡ଼ି ଗୋଟାଏ ସାପ ହୋଇଗଲା, ତାଦେଖି ମୂସା ତା ଆଗରୁ ପଳାଇଗଲା । ତାପରେ ପରମେଶ୍ୱର ମୂସାକୁ କହିଲେ ତୁ ହାତ ବଢ଼ାଇ ତା ଲାଞ୍ଜକୁ ଧରିପକା । ସେ ହାତ ବଢ଼ାଇ ତା ଲାଞ୍ଜକୁ ଧରିଲା । ସେହି ସାପ ତା ହାତରେ ପୁଣି ଥରେ ଛଡ଼ି ହୋଇଗଲା । ପରମେଶ୍ୱର ତାକୁ ପୁଣି କହିଲେ— ତୋ ହାତକୁ କୋଳ ଉପରେ ରଖ । ସେ ସେପରି କରିବାରୁ ତା ହାତ ହିମ ହୋଇ କୋଢ଼ୀ ହୋଇଗଲା । ଈଶ୍ୱର ପୁଣି ଥରେ କୋଳରେ ହାତ ରଖିବାପାଇଁ କହିଲେ ତା ପରେ ସେ ସେହିପରି କରି ହାତ କାଢ଼ି ଦେଖିଲା ତା ଦେହ ଯେପରି ଥିଲା ସେହିପରି ହୋଇଗଲା । ତୁ ନୀଳନଦୀର ଜଳ ନେଇ ଶୁଖି ଉପରେ ଢାଳିବୁ । ତୁ ଯେଉଁ ଜଳ ନଦୀରୁ ଆଣି ଶୁଖୀ ଉପରେ ଢାଳିବୁ ତାହା ରକ୍ତ ହୋଇଯିବ ।

(ତୌରେତ ଯା·ପ·୪ / ଆ·୨-୩-୪-୬-୭-୯)

ସମୀକ୍ଷକ:- ବର୍ତ୍ତମାନ ଯାଦୁଗରର ଖେଳ କିପରି ତା ଦେଖନ୍ତୁ । ଖେଳୁଆଡ଼ ହେଉଛନ୍ତି ନିଜେ ଈଶ୍ୱର ଓ ତାଙ୍କର ସେବକ ମୂସା । ଏସବୁ କଥାକୁ କିଏ ସ୍ୱୀକାର କରିବ ? ଆଜିକାଲିର ଯାଦୁଗରମାନେ ଏହାଠାରୁ କଣ କମ୍ ଖେଳ ଦେଖାଇଥାନ୍ତି ? ଏହାଙ୍କୁ କଣ ଈଶ୍ୱର କୁହାଯିବ ? ଏତ ଜଣେ ବଡ଼ ଖେଳାଳୀ । ଏକଥାକୁ ବିଦ୍ୱାନ୍‌ମାନେ କାହିଁକି ବା ବିଶ୍ୱାସ କରିବେ ? ପୁଣି ପ୍ରତ୍ୟେକଥର ମୁଁ ହେଉଛି ପରମେଶ୍ୱର, ପୁଣି ଆବ୍ରାହମ,ଇଜହାକ୍ ଓ ୟାକୁବ୍‌ର ଈଶ୍ୱର ଅଟେ, ଏପରି ନିଜ ପ୍ରଶଂସା ନିଜ ମୁଖରେ ଗାଇଛନ୍ତି । ଏହା ଉତ୍ତମ ଲୋକଙ୍କ କଥା ନ ହୋଇ ଜଣେ ଅଭିମାନୀ ବ୍ୟକ୍ତିର କଥା ହୋଇଥିବ ॥ ୪୦ ॥

୪୧-XXX ରାସ୍ତାରେ ଯାଉଥିବା ଲୋକଙ୍କୁ ହତ୍ୟାକର । ତୁମେ ଗୋଟିଏ ଗଛର ଡାଳ ନେଇ, ବାସନରେ ଯେଉଁ ରକ୍ତ ରଖିଥିବ, ତହିଁରେ ସେହି ଡାଳକୁ ବୁଡ଼ାଇବ । ତାପରେ ସେହି ଡାଳରେ ଚୌକାଠ ଓ ଦ୍ୱାରଦେଶର ଉଭୟପଟେ ଛାପା ମାରିବ । ତୁମ୍ଭେମାନେ କେହି ହେଲେ ସକାଳ ହେବାପର୍ଯ୍ୟନ୍ତ ନିଜ ଘରଦ୍ୱାର ଡେଇଁ ବାହାରକୁ ଯିବ ନାହିଁ । ଯେଣୁ ଈଶ୍ୱର ମିଶ୍ରଦେଶର ଲୋକଙ୍କୁ ମାରିବାପାଇଁ ସେହି ରାସ୍ତା ଦେଇଯିବେ । ଯେତେବେଳେ ଚୌକାଠ ଓ ଦ୍ୱାରଦେଶର ଉଭୟପଟେ ରକ୍ତ ଲାଗିଥିବା ଦେଖିବେ ସେତେବେଳେ ସେ ସେହି ରାସ୍ତା ଦେଇଯିବେ । କିନ୍ତୁ ହତ୍ୟାକାରୀମାନଙ୍କୁ ତୁମ ଘର ଭିତରକୁ ପଶି ତୁମମାନଙ୍କୁ ମାରିବାପାଇଁ ଛାଡ଼ି ଦେବେ ନାହିଁ ।

(ତୌରେତ ଯା·ପ·୧୨/ଆ·୨୧-୨୨-୨୩)

ସମୀକ୍ଷକ:-ଏହି ସବୁ କାଣ୍ଡ ଇନ୍ଦ୍ରଜାଲିକର ହଟଚମଟପରି ଜଣା ପଡୁଛି । ଏପରି ବ୍ୟକ୍ତି କଦାପି ସର୍ବଜ୍ଞ ଈଶ୍ୱର ହୋଇ ନ ପାରନ୍ତି । ସେହି ଈଶ୍ୱର ରକ୍ତର ଛାପଦେଖି ଇସ୍ରାଏଲ୍‌ର ଘର ଚିହ୍ନିଲେ, ଅନ୍ୟଥା ଜାଣିପାରିଲେ ନାହିଁ । ଏସବୁ କେବଳ କୌଣସି ସ୍ୱଳ୍ପବୁଦ୍ଧି ସମ୍ପନ୍ନ ବ୍ୟକ୍ତିର କଥା । ଏଥିରୁ ଜଣାଯାଏ ଯେ ଏସବୁ ଲେଖା କେବଳ କୌଣସି ଅସଭ୍ୟ ଜଙ୍ଗଲୀ ଲୋକର ଗଳ୍ପ ॥ ୪୧ ॥

୪୨— ଏପରି ହେଲା ଯେ ,ପରମେଶ୍ୱର ଅଧରାତିରେ ଆସି ମିଶର ଦେଶର ସମସ୍ତ ପ୍ରଥମଜାତ ସନ୍ତାନଙ୍କୁ, ସିଂହାସନାରୂଢ଼ ଫିରଉନ୍‌ର ପ୍ରଥମଜନ୍ମ ସନ୍ତାନଠାରୁ କାରାଗୃହସ୍ଥ ବନ୍ଦୀର ପ୍ରଥମଜାତ ସନ୍ତାନ ପର୍ଯ୍ୟନ୍ତ, ସମସ୍ତ ପ୍ରଥମଜାତ ସନ୍ତାନମାନଙ୍କୁ ପୁଣି ପଶୁମାନଙ୍କ ପ୍ରଥମଜାତ ସନ୍ତାନମାନଙ୍କୁ ହତ୍ୟା କରିଥିଲେ । ଯେତେବେଳେ ଫିରଉନ୍ ତଥା ସମସ୍ତ ନୌକରଚାକର ଉଠିଲେ ପୁଣି ମିଶରବାସୀ ସମସ୍ତେ ଉଠିଲେ ସେତେବେଳେ ସେମାନେ ସମସ୍ତେ ବିକଳ ହୋଇ ବିଳାପ କରିଥିଲେ । କାରଣ ସେଠାରେ ଏପରି କୌଣସି ଘର ନ ଥିଲା ଯେଉଁ ଘରୁକି କେହିଜଣେ ମରିନଥିଲେ ।

(ତୌରେତ ଯା·ପ·୧୨/ ଆ·୨୯-୩୦)

ସମୀକ୍ଷକ:- ବାହା ବାଃ ! ଇସାଇମାନଙ୍କ ଈଶ୍ୱର ଅଧରାତିରେ ଡାକୁମାନଙ୍କ ଭଳି ଆସି ନିର୍ଦ୍ଦୟ,ନିଷ୍ଠୁର ଭାବରେ ବାଳକ,ବୃଦ୍ଧ ଇତ୍ୟାଦି ଅନେକ ପ୍ରାଣୀଙ୍କୁ ବିନା ଅପରାଧରେ

ହତ୍ୟା କଲେ । ତାଙ୍କର ସାମାନ୍ୟମାତ୍ର ଦୟାଭାବ ଜାତ ହେଲା ନାହିଁ ।ମିଶରଦେଶୀୟ ଲୋକଙ୍କ ବିକଳ ବିଳାପ ଦେଖି ଈଶ୍ୱରଙ୍କ ହୃଦୟରୁ ଟିକିଏ ମଧ୍ୟ ନିଷ୍ଠୁରତା ଦୂର ହେଲା ନାହିଁ । ଈଶ୍ୱରଙ୍କ କଥା ଦୂରେ ଥାଉ, କୌଣସି ସାଧାରଣ ବ୍ୟକ୍ତି ଜଣେ ମଧ୍ୟ ଏପରି ନିଷ୍ଠୁର କାମ କରିପାରିବ ନାହିଁ । ଏଥିରେ ଆଶ୍ଚର୍ଯ୍ୟ ହେବାର କାରଣ ବା କଣ ଅଛି ? ଯେଣୁ କଥିତ ହୋଇଛି " ମାଂସାହାରିଣଃ କୁତୋ ଦୟା " । ଈସାଇଙ୍କ ଈଶ୍ୱର ମାଂସାହାରୀ ହୋଇଥିବାରୁ ଦୟା କରିବାର ପ୍ରଶ୍ନ ଉଠୁଛି କେଉଁଠୁ ? ॥ ୪୨ ॥

୪୩— ପରମେଶ୍ୱର ତୁମ୍ଭମାନଙ୍କ ପାଇଁ ଯୁଦ୍ଧ କରିବେ । ଇସ୍ରାଏଲର ସନ୍ତାନମାନଙ୍କୁ କହ ଯେ ସେମାନେ ଆଗକୁ ଯିବେ । କିନ୍ତୁ ତୁ ତୋର ଛଡ଼ି ଉଠା, ସମୁଦ୍ରପଟକୁ ତୋର ହାତ ବଢ଼ା, ତାକୁ ତୁ ଦୁଇଭାଗ କରିଦେ । ଇସ୍ରାଏଲର ସନ୍ତାନଗଣ ସମୁଦ୍ରର ଶୁଖିଲା ଭୂମିଦେଇ ଚାଲିଯିବେ ।

(ତୌରେତ ଯା·ପ·୧୪/ ଆ·୧୪-୧୫-୧୬)

ସମୀକ୍ଷକ:- କଣ ଆଜ୍ଞା ! ଈଶ୍ୱର ପ୍ରଥମେ ତ ମେଷପାଳକ ମେଣ୍ଢାପଲ ପଛରେ ଦୌଡ଼ାଇଲାପରି ଇସ୍ରାଏଲ୍ ସନ୍ତାନମାନଙ୍କ ପଛେ ପଛେ ଗୋଡାଉଥିଲେ, ଏବେ ସେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ ତା ଆଉ ଜଣାପଡୁନାହିଁ ।ଆଜି ଯଦି ସେ ଥାଆନ୍ତେ ତେବେ ସମୁଦ୍ର ମଝିରେ ଚାରିଦିଗରେ ରେଳରାସ୍ତା ତିଆରି କରିଦେଇଥିଲେ ତ ସଂସାରର ବଡ଼ ଉପକାର ହୋଇଥାନ୍ତା । ନାବ ଅଥବା ଜାହାଜ ତିଆରି କରିବାକୁ ପରିଶ୍ରମ ଆଉ କରିବାକୁ ପଡ଼ନ୍ତା ନାହିଁ । କଣ କରିବା ! ଈସାଇଙ୍କ ଈଶ୍ୱରତ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ । ସେହି ଈଶ୍ୱର ଏପରି ଅନେକ ଅସମ୍ଭବ ଲୀଳାମାନ ମୂସାସଙ୍ଗରେ ଖିଆଇଥିଲେ । ଈସାଇଙ୍କ ଈଶ୍ୱର ଯେପରି, ତାଙ୍କର ଭକ୍ତଗଣ ଓ ସେମାନଙ୍କ ଧର୍ମ ପୁସ୍ତକ ବାଇବେଲ୍ ମଧ୍ୟ ଠିକ୍ ସେହିପରି । ଏପରି ପୁସ୍ତକ ଓ ଏପରି ଈଶ୍ୱର ଲୋକଙ୍କଠାରୁ ଯେତେ ଦୂରରେ ରହିବେ ଲୋକଙ୍କର ସେତେ ମଙ୍ଗଳ ହେବ ॥ ୪୩ ॥

୪୪- କାରଣ ମୁଁ ପରମେଶ୍ୱର, ତୋର ଈଶ୍ୱର ସର୍ବଶକ୍ତିମାନ୍ ଅଟନ୍ତି । ପିତୃପୁରୁଷଙ୍କ ନିକଟରେ ଅପରାଧ କଲେ ତାର ପୁତ୍ରମାନେ ଦଣ୍ଡ ପାଆନ୍ତି । ମୋ ସହିତ ଯେଉଁ ବ୍ୟକ୍ତି ଶତ୍ରୁତାକରେ ମୁଁ ତାହାର ତୃତୀୟ,ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ଦଣ୍ଡ ବିଧାନ କରେଁ ।

(ତୌରେତ ଯା·ପ·୨୦/ଆ·୫)

ସମୀକ୍ଷକ:- ଆରେ ବାଃ ! ଏ କେଉଁ ଘରର ନ୍ୟାୟ ? ପିତା ଅପରାଧ କରିବେ, ଅଥଚ ଚାରି ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନେ ଦଣ୍ଡ ଭୋଗ କରିବେ ? ଅଦ୍ଭୁତ ପ୍ରକାର ନ୍ୟାୟ ବିଚାର । ଉତ୍ତମ ପିତାଙ୍କର ଦୁଷ୍ଟ ପୁତ୍ର ପୁଣି ଦୁଷ୍ଟ ପିତାଙ୍କର ଉତ୍ତମପୁତ୍ର କଣ ହେଉ ନାହାନ୍ତି ? ଯେବେ ଏହା ଯଥାର୍ଥ, ତେବେ ଚାରିପୁରୁଷ ପର୍ଯ୍ୟନ୍ତ କିପରି ଦଣ୍ଡବିଧାନ କରାଯିବ ? ପୁଣି ପଞ୍ଚମ ପୁରୁଷପରେ ଯିଏ ଦୁଷ୍ଟହେବ ତାକୁ ତେବେ ଦଣ୍ଡ ଦେଇ ହେବନାହିଁ । ବିନା ଅପରାଧରେ କାହାକୁ ଦଣ୍ଡଦେବା କଦାପି ନ୍ୟାୟସଙ୍ଗତ ନୁହେଁ ॥ ୪୪ ॥

୪୫- ବିଶ୍ରାମଦିବସକୁ ପବିତ୍ର ରଖିବାପାଇଁ ମନେ ରଖିଥାଅ । ଛଅଦିନ ପର୍ଯ୍ୟନ୍ତ ତୁମେ ପରିଶ୍ରମ କର । କିନ୍ତୁ ସପ୍ତମ ଦିବସ ହେଉଛି ତୁମ ଈଶ୍ୱର ପରମେଶ୍ୱରଙ୍କ ବିଶ୍ରାମ ଦିନ । ପରମେଶ୍ୱର ବିଶ୍ରାମ ଦିନହିଁ ଆଶିଷ ଦେଇଥାନ୍ତି ।

(ତୌରେତ ଯା·ପ·୨୦/ଆ·୮ ରୁ ୧୧)

ସମୀକ୍ଷକ:- ସପ୍ତାହର ରବିବାର କେବଳ ପବିତ୍ର, ତେବେ ଅନ୍ୟ ଛଅଦିନ କଣ ଅପବିତ୍ର ? ପରମେଶ୍ୱର ଛଅଦିନ ବହୁ ପରିଶ୍ରମ କରି କ୍ଳାନ୍ତ ହୋଇ ସପ୍ତମଦିନ କଣ ଶୋଇପଡ଼ନ୍ତି ? ଯଦି ରବିବାର କେବଳ ଆଶୀର୍ବାଦ ଦିଅନ୍ତି, ଅନ୍ୟ ଛଅଦିନ କଣ ଦିଅନ୍ତି ? ବୋଧେ ଅଭିଶାପ ଦିଅନ୍ତି । କୌଣସି ବିଦ୍ୱାନ୍ ଲୋକ ମଧ୍ୟ ଏପରି କର୍ମ କରିବେ ନାହିଁ, ତେବେ ଈଶ୍ୱରଙ୍କ ପକ୍ଷରେ ଏହା କଣ ଉଚିତ କର୍ମ ବୋଲି କୁହାଯିବ ? ରବିବାରର ଏପରି କି ଗୁଣ ଅଛି ଯଦ୍ୱାରା- ତା ହେଉଛି ପବିତ୍ର, ସୋମବାର ପ୍ରଭୃତି ଅନ୍ୟ ଛଅଦିନର କି ଦୋଷ ଅଛି ଯାହାକରେ ସେମାନେ ହେଲେ ଅପବିତ୍ର ? ୪୫ ।

୪୬- ନିଜର ପଡ଼ୋଶୀ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ କଦାପି ଦିଅନାହିଁ । କିମ୍ବା ପଡ଼ୋଶୀର ସ୍ତ୍ରୀ, ଦାସ, ଦାସୀ,ବଳଦ,ଗଧ କିମ୍ବା ଅନ୍ୟ କୌଣସି ବସ୍ତୁ ପ୍ରତି ଲୋଭକର ନାହିଁ ।

(ତୌରେତ ଯା·ପ·୨୦/ଆ·୧୬-୧୭)

ସମୀକ୍ଷକ:- ବାଃ ! କ୍ଷୁଧାର୍ତ୍ତ ବ୍ୟକ୍ତି ଭୋଜନଦ୍ରବ୍ୟପ୍ରତି ଓ ତୃଷାର୍ତ୍ତବ୍ୟକ୍ତି ଜଳପ୍ରତି ଯେପରି ଆକୃଷ୍ଟ ହୋଇଥାଏ, ଈସାଇମାନେ ସେହିପରି ବିଦେଶୀ ଧନସମ୍ପତ୍ତି ପ୍ରତି ଏକାବେଳକେ ଲାଳାୟିତ ହୋଇଥାନ୍ତି । ଏପରି ଅଭିପ୍ରାୟ ସ୍ୱାର୍ଥପର ଓ ପକ୍ଷପାତୀ ଲୋକର ରହିଥାଏ,

ଇସାଇ ଈଶ୍ୱରଙ୍କ ମଧ୍ୟ ବୋଧେ ସେପରି ରହିଛି । ଯଦି କେହି କହେ ଯେ····ମନୁଷ୍ୟମାତ୍ରକେ ସମସ୍ତେ ମୋର ପଡ଼ୋଶୀ,ତେବେ ମନୁଷ୍ୟ ବ୍ୟତୀତ ସ୍ତ୍ରୀ,ଦାସ,ଦାସୀ ଏମାନେ କଣ ପଡ଼ୋଶୀ ହେବେନାହିଁ ? ଏପରି କଥା ଈଶ୍ୱରଙ୍କର ନ ହୋଇ କୌଣସି ସ୍ୱାର୍ଥୀ ମନୁଷ୍ୟର ହୋଇଥାଇପାରେ ।। ୪୬ ।।

୪୭- ଶିଶୁମାନଙ୍କ ମଧ୍ୟରେ ପ୍ରତ୍ୟେକ ବାଳକକୁ ଓ ପୁରୁଷ ସହିତ ସଂଯୁକ୍ତ ଥିବା ପ୍ରତ୍ୟେକ ସ୍ତ୍ରୀକୁ ପ୍ରାଣରେ ମାରିଦିଅ । କିନ୍ତୁ ଯେଉଁ ଝିଅମାନେ ପୁରୁଷ ସହିତ ସଂଯୁକ୍ତ ହୋଇ ନାହାନ୍ତି ସେମାନଙ୍କୁ ନେଇ ନିଜପାଇଁ ରଖ ।

(ତୌରେତ ଗିନତି ପ-୩୧/ଆ-୧୭-୧୮)

ସମୀକ୍ଷକ:- ବାଃ ! ମୂସା ପୈଗମ୍ବର ଓ ତୁମ୍ଭ ଈଶ୍ୱରଙ୍କୁ ଧନ୍ୟବାଦ । ଯେ କି ସ୍ତ୍ରୀ,ବାଳକ,ବୃଦ୍ଧ ଓ ପଶୁ ହତ୍ୟାରୁ ନିବୃତ୍ତ ହୁଅନ୍ତି ନାହିଁ । ଏଥିରୁ ବିଦିତ ହୁଏ ଯେ ମୂସାଥିଲା ଜଣେ ପକ୍କା ବିଷୟାସକ୍ତ କପଟୀ ପୁରୁଷ । ତା ନ ହୋଇଥିଲେ ଅକ୍ଷତ ଯୋନି କନ୍ୟାମାନଙ୍କୁ ନିଜପାଇଁ କେବେ ରଖି ନ ଥାନ୍ତା । କିମ୍ବା ଏପରି ନିଷ୍ଠୁର କ୍ରୁର ଆଦେଶ ପ୍ରଶ୍ରୟ କରି ନ ଥାନ୍ତା ।। ୪୭ ।।

୪୮- ଯଦି କେହି କୌଣସି ଲୋକକୁ ମାରେ ଏବଂ ସେହି ଲୋକ ମରିଯାଏ, ତେବେ ସେହି ହତ୍ୟାକାରୀକୁ ନିଶ୍ଚିତରୂପେ ବଧ କରିବା ଆବଶ୍ୟକ । ସେହିଘାତ ଦୋଷ ତାକୁ ଲାଗେ ନାହିଁ । ପୁଣି ଯଦି କୌଣସି ଲୋକ ମାରିବା ନିମନ୍ତେ ଜଗି ବସିଥିବ, କିନ୍ତୁ ଈଶ୍ୱର ତାହାକୁ ସମର୍ପି ଦେଇଥାନ୍ତେ, ତେବେ ତାକୁ ପଳାଇଯିବାର ବାଟ ମୁଁ ନିର୍ଦ୍ଦେଶ କରିଦିଏ ।

(ତୌରେତ ଯା-ପ-୨୧/ ଆ-୧୨-୧୩)

ସମୀକ୍ଷକ:- ଏହି ଈଶ୍ୱର ଯଦି ନ୍ୟାୟକାରୀ ତେବେ ମୂସା ଜଣେ ଲୋକକୁମାରି ତାକୁ ବାଲିରେ ପୋତି ଦେଇ ଚାଲିଗଲା, ସେଥିପାଇଁ ତାକୁ ଦଣ୍ଡ ଦିଆ ନ ଗଲା କାହିଁକି ? ଯଦି କୁହାଯାଏ ଈଶ୍ୱର ସେହି ଲୋକକୁ ମରାଇବାପାଇଁ ମୂସା ହାତରେ ଦେଇଥିଲେ, ତେବେ ଈଶ୍ୱର ପକ୍ଷପାତୀ ହେଲେ । ଯେଣୁ ମୂସାର ବିଗ୍ଭର ହେଲାନାହିଁ କି ରାଜଦଣ୍ଡ ମିଳିଲା ନାହିଁ ।। ୪୮ ।।

୪୯- ବଳଦକୁ ମାରି କୁଶଳ ବଳିଦାନ ପରମେଶ୍ୱରଙ୍କୁ ସମର୍ପଣ କରାଗଲା ।

ମୂସା ରକ୍ତରୁ ଅଧେ ନେଇ ଏକପାତ୍ରରେ ରଖିଲା । ଆଉ ଅଧେ ରକ୍ତକୁ ବେଦୀ ଉପରେ ସିଞ୍ଚିଲା । ଲୋକଙ୍କ ଉପରେ ମଧ୍ୟ ସେହି ରକ୍ତକୁ ସିଞ୍ଚନ କଲା ।ତାପରେ କହିଲା····ପରମେଶ୍ୱର ଏହାଦ୍ୱାରା ତୁମ୍ଭର ନିକଟବର୍ତ୍ତୀ ହେଲେ । ପରମେଶ୍ୱର ମୂସାକୁ କହିଲେ····ମୋ ପାଖକୁ ଏହି ପାହାଡ଼ ଉପରକୁ ଚାଲିଆ । ମୁଁ ତୋତେ ପଥରପଟା ଓ ବ୍ୟବସ୍ଥା ତଥା ଯେଉଁ ଆଜ୍ଞା ଲେଖିଛି ସେସବୁ ତୋତେ ଦେବି ।

(ତୌରେତ ଯା-ପ-୨୪/ ଆ-୪-୬-୮-୧୨)

ସମୀକ୍ଷକ:- ଏବେ ଦେଖନ୍ତୁ ଏସବୁ ଜଙ୍ଗଲୀ ଲୋକଙ୍କ କଥା କି ନୁହେଁ ? ପରମେଶ୍ୱର ବଳଦବଳି ନେବା,ପୁଣି ବେଦୀ ଉପରେ ରକ୍ତ ଛିଞ୍ଚିବା, ଏହା କିପରି ଅସଭ୍ୟ ଓ ଜଙ୍ଗଲୀ ଲୋକର କାର୍ଯ୍ୟ । ଈଶ୍ୱର ଯଦି ବଳଦ ବଳି ଗ୍ରହଣ କରନ୍ତି, ତେବେ ତାଙ୍କର ଭକ୍ତମାନେ ଗାଈ,ବଳଦ ମାଂସରେ ପେଟ ପୂରଣ କରି ଜଗତର କ୍ଷତି ବା କାହିଁକି ନ କରିବେ ? ଏପରି ଅନେକ ବିଷୟ ବାଇବେଲ୍‌ରେ ଲେଖାଯାଇଛି । ଏପରି କୁସଂସ୍କାରମାନ ଦୃଷ୍ଟିକରି ଏମାନେ ବେଦ ଉପରେ ଦୋଷ ଲଦିବାପାଇଁ କୁଣ୍ଠାବୋଧ କରନ୍ତି ନାହିଁ । କିନ୍ତୁ ବାସ୍ତବିକ୍ ବେଦରେ ଏପରି କୌଣସି କଥାର ନାମଗନ୍ଧ ସୂଚନା ନାହିଁ । ଏଥିରୁ ଜଣାଯାଉଛି ଯେ ଇସାଇଙ୍କ ଈଶ୍ୱର ଜଣେ ପାହାଡ଼ୀ ମନୁଷ୍ୟ ଥିଲେ ଓ ପାହାଡ଼ ଉପରେ ବସବାସ କରୁଥିଲେ ।। ଯଦି ସେ ଈଶ୍ୱର ହୋଇଥାନ୍ତେ, କିଛି ଲେଖିବାପାଇଁ କାଳି,କଲମ,କାଗଜ କଣ କରିପାରି ନଥାନ୍ତେ ? କିମ୍ବା ପାଇପାରି ନ ଥାନ୍ତେ ? ବ୍ୟବସ୍ଥା ପଥର ଉପରେ କାହିଁକି ଲେଖିଲେ ? ସେସବୁ ଦେଖି ଜଙ୍ଗଲୀଲୋକେ ତାଙ୍କୁ ଈଶ୍ୱର ବୋଲି କହୁଥିଲେ ।। ୪୯ ।।

୫୦- ପୁଣି ସେ କହିଲେ ଯେ, ତୁ ମୋ ରୂପ ଦେଖି ପାରିବୁ ନାହିଁ । କାରଣ ମୋତେ ଦେଖି କୌଣସି ମନୁଷ୍ୟ ବଞ୍ଚିପାରିବ ନାହିଁ । ପରମେଶ୍ୱର କହିଲେ ଯେ ଦେଖ ମୋ ପାଖରେ ଏକ ସ୍ଥାନ ଅଛି । ତୁ ସେହି ଟାପୁ ଉପରେ ଠିଆହେବୁ । ମୋ ବିଭବ ଯେତେବେଳେ ଚାଲିଯିବ, ସେତେବେଳେ ତୋତେ ପାହାଡ଼ ଫାଟମଧ୍ୟରେ ରଖିବି । ମୁଁ ଯେତେବେଳେ ବାହାରିବି ମୋ ହାତରେ ତୋତେ ଢାଙ୍କି ଦେବି। ମୁଁ ହାତ ଉଠାଇନେଲେ ତୁ ମୋ ପଛପଟକୁ ଦେଖିବୁ । କିନ୍ତୁ ମୋରୂପ ଦେଖାଯିବ ନାହିଁ ।

(ତୌରେତ ଯା·ପ·୩୩/ ଆ·୨୦ ରୁ ୨୩)

ସମୀକ୍ଷକ:- ଏବେ ଦେଖନ୍ତୁ, ଈସାଇମାନଙ୍କ ଈଶ୍ୱର ମନୁଷ୍ୟପରି ଶରୀରଧାରୀ, ଏଥିରେ ସନ୍ଦେହ କରିବାର କିଛି ନାହିଁ। ଦେଖ, ମୂସାକୁ ଠକିଦେଇ କିପରି ସେ ଈଶ୍ୱର ହୋଇଗଲେ। ସେ ପଛପଟ ଦେଖିବ, ରୂପକୁ ଦେଖିବ ନାହିଁ, ତାକୁ କଦାପି ହାତରେ ଢାଙ୍କିହେବ ନାହିଁ। ଯେତେବେଳେ ଖୋଦା ନିଜ ହାତରେ ମୂସାକୁ ଢାଙ୍କିଥିବେ, ସେତେବେଳେ ସେ ତାଙ୍କ ହାତର ରୂପକୁ କଣ ଦେଖି ନ ଥିବ ? ॥ ୫୦ ॥

—: ଲୈବ୍ୟ ବ୍ୟବସ୍ଥା ପୁସ୍ତକ ତୌରେତ :—

୫୧- ପରମେଶ୍ୱର ମୂସାକୁ ଡାକିଲେ। ମଣ୍ଡଳୀ ତମ୍ବୁ ମଧ୍ୟରୁ ଏହି କଥା କହିଲେ- — ଇସ୍ରାଏଲ୍‌ର ସନ୍ତାନମାନଙ୍କୁ ଡାକ,ପୁଣି ସେମାନଙ୍କୁ କହ, ତୁମ୍ଭମାନଙ୍କ ମଧ୍ୟରୁ କେହି ଯଦି ଈଶ୍ୱରଙ୍କୁ ଭେଟୀ ଦେବାକୁ ଚାହିଁ, ତେବେ ତୁମେ ପଶୁମାନଙ୍କ ମଧ୍ୟରୁ ଗାଈ,ବଳଦ,ମେଣ୍ଢା ଓ ଛେଳି ପ୍ରଭୃତି ଆଣିବ।

(ତୌରେତ ଲୈବ୍ୟ ବ୍ୟବସ୍ଥା ପୁସ୍ତକ ପ·୧/ଆ ୧- ୨)

ସମୀକ୍ଷକ:- ଈସାଇଙ୍କ ଯେଉଁ ଈଶ୍ୱର ଗାଈ, ବଳଦ,ପ୍ରଭୃତି ଭେଟି ଗ୍ରହଣ କରନ୍ତି ପୁଣି ପଶୁବଳିପାଇଁ ଲୋକଙ୍କୁ ଉପଦେଶ ଦିଅନ୍ତି,ସେ ମାଂସାଶୀ,ରକ୍ତପିପାସୁ ଓ ହିଂସ୍ର ହୋଇଥିବାରୁ ଈଶ୍ୱରରୂପେ କେବେ ଗଣ୍ୟ ହୋଇପାରିବେ ନାହିଁ। ବରଂ ସେ ମାଂସାହାରୀ ମାୟାବୀ ମନୁଷ୍ୟମାତ୍ର ॥ ୫୧ ॥

୫୨- ସେ ସେହି ବଳଦକୁ ପରମେଶ୍ୱରଙ୍କ ଆଗରେ ବଳି ଦେବେ। ହାରୂନ୍‌ର ପୁଅ ଯାଜକ ରକ୍ତକୁ ନିକଟକୁ ଆଣି, ସେହି ରକ୍ତକୁ ଯଜ୍ଞବେଦୀର ଚାରିପଟରେ ଥିବା ମଣ୍ଡଳୀତମ୍ବୁ ଦ୍ୱାରଦେଶରେ ଛିଞ୍ଚିବ। ତାପରେ ସେହି ବଳଦର ଚମଡାକୁ ଉତାରି ମାଂସକୁ ଖଣ୍ଡ ଖଣ୍ଡ କରି ରଖିବ। ହାରୁନ୍‌ର ପୁତ୍ରମାନେ ଓ ପୁରୋହିତ ଯଜ୍ଞବେଦୀ ଉପରେ ଅଗ୍ନି ରଖି ତା ଉପରେ କାଠ ଦେବେ। ତାପରେ ସେହି କାଠ ଉପରେ ହାରୂନ୍‌ର ପୁଅ ଓ ପୁରୋହିତ ମାଂସ ଖଣ୍ଡମାନ ମୁଣ୍ଡକୁ ଓ ଚର୍ବିଭାଗ ଯଥା କ୍ରମେ ରଖିବେ। ତହିଁରୁ ଯେଉଁ ସୁଗନ୍ଧ ବାହାରିବ ଓ ବଳୀକୁ ପରମେଶ୍ୱର ଗ୍ରହଣ କରିବେ।

(ତୌରେତ ଲୈ·ବ୍ୟ·ପୁ·ପ·୧/ଆ· ୫ ରୁ ୯)

ସମୀକ୍ଷକ:- ସାମାନ୍ୟ ବିଚାରକରି ଦେଖିଲେ ଜଣାଯିବ ଯେ, ଯେଉଁଠାରେ ଭକ୍ତମାନେ ବଳଦକୁ ମାରି ପରମେଶ୍ୱରଙ୍କୁ ଦିଅନ୍ତି, ତାର ରକ୍ତରେ ଯଜ୍ଞ ବେଦୀକୁ ସିଞ୍ଚନ କରନ୍ତି, ମାଂସକୁ ନେଇ ଅଗ୍ନିରେ ଦଗ୍ଧ କରନ୍ତି, ପୁଣି ଈଶ୍ୱର ସେହି ସୁଗନ୍ଧକୁ ଆଘ୍ରାଣ କରନ୍ତି, ସେସବୁ ଚିଉସ୍ଲୀଲା କଂସେଇଖାନାଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ। ଏଣୁ ଏହା ଈଶ୍ୱରକୃତ ପୁସ୍ତକ ନୁହେଁ କିମ୍ବା ବାଇବେଲ୍‌ବର୍ଣ୍ଣିତ ବନ୍ୟ ପଶୁଲୀଳାକାରୀ ସେହିପୁରୁଷ ମଧ୍ୟ ଈଶ୍ୱର ନୁହନ୍ତି ॥ ୫୨ ॥

୫୩- ପୁଣି ପରମେଶ୍ୱର ମୂସାକୁ କହିଲେ— ଯଦି କୌଣସି ଅଭିଷେକ କରୁଥିବା ଯାଜକ, ଲୋକମାନଙ୍କ ପାପପରି କୌଣସି ପାପକରେ, ତେବେ ସେହି ଯାଜକ ସେହି ପାପର ପ୍ରାୟଶ୍ଚିତ୍ତପାଇଁ ଗୋଟାଏ ଭଲ ନିଖୁଣ ବାଛୁରୀ ଆଣି ଈଶ୍ୱରଙ୍କୁ ଅର୍ପଣ କରିବ। ସେହି ବାଛୁରୀ ମୁଣ୍ଡ ଉପରେ ନିଜର ହାତରଖି ପରମେଶ୍ୱରଙ୍କ ଆଗରେ ବଳି କରିଦେବ।

(ତୌରେତ ଲୈ·ବ୍ୟ·ପ·୪/ଆ·୧-୩-୪)

ସମୀକ୍ଷକ:- ଏମାନଙ୍କ ପାପ ଛଡାଇବାର ପ୍ରାୟଶ୍ଚିତ୍ତକୁ ଦେଖନ୍ତୁ। ପାପ କରିବ ମନୁଷ୍ୟ, ପାପର ପ୍ରତିକାରପାଇଁ ପୁଣି ଉପକାରୀ ଜୀବଜନ୍ତୁକୁ ହତ୍ୟା କରିବ। ତାହାକୁ ପୁଣି ଈଶ୍ୱର ସ୍ୱୀକାର କରିବେ। ଧନ୍ୟ ଈସାଇ ଗଣ ! ଏପରି ବ୍ୟବସ୍ଥା କାରୀଙ୍କୁ ଈଶ୍ୱର ବୋଲି ମାନି ତୁମେ ପୁଣି ନିଜର ମୁକ୍ତି କାମନା କରୁଛ ॥ ୫୩ ॥

୫୪- ଯଦି କୌଣସି ଅଧ୍ୟକ୍ଷ ପାପ କରନ୍ତି ତେବେ ସେ ଗୋଟିଏ ନିଖୁଣ ବୋଦା ବଳିପାଇଁ ଆଣିବେ। ଈଶ୍ୱରଙ୍କ ଆଗରେ ତାକୁ ବଳିଦେଇ ନିଜର ସମସ୍ତ ପାପକୁ ଈଶ୍ୱରଙ୍କୁ ସମର୍ପଣ କରିଦେବେ।

(ତୌରେତ ଲୈ·ବ୍ୟ·ପ·୪/ଆ·୨୨-୨୩-୨୪)

ସମୀକ୍ଷକ:- ବାଃ,ବାଃ ! ପ୍ରାୟଶ୍ଚିତ୍ତ ପାଇଁ ଏପରି ଅତି ସହଜ ବ୍ୟବସ୍ଥା ଥିବାରୁ ସେମାନଙ୍କ ଅଧ୍ୟକ୍ଷ ଅର୍ଥାତ୍ ନ୍ୟାୟାଧୀଶ, ତଥା ସେନାପତି ପ୍ରଭୃତି ପାପ କରିବାକୁ ଭୟ କରିବେ କାହିଁକି ? ଏହାଦ୍ୱାରା ସେମାନଙ୍କୁ ପାପ କରିବାପାଇଁ ଏବଂ ତାର ପ୍ରାୟଶ୍ଚିତ୍ତ ପାଇଁ ନିରୀହ ଗାଈ,ବଳଦ,ବାଛୁରୀ,ଛେଳି ପ୍ରଭୃତି ଉପକାରୀ ପ୍ରାଣୀଙ୍କୁ ବଧ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି। ତେଣୁକରି ଈସାଇ ଲୋକେ କୌଣସି ପଶୁପକ୍ଷୀଙ୍କୁ ହତ୍ୟା କରିବା ପାଇଁ

ତିଳେମାତ୍ର କୁଣ୍ଠବୋଧ କରନ୍ତି ନାହିଁ । ହେ ଈସାଇମାନେ ! ଯଦି ପ୍ରକୃତରେ ତୁମେ ନିଜ ନିଜର କଲ୍ୟାଣ କାମନା କରୁଥାଅ, ତେବେ ସେହି ବର୍ବରୋଚିତ ଜଙ୍ଗଲୀ ମତକୁ ଅଚିରେ ତ୍ୟାଗକରି ସର୍ବଜନ ପ୍ରଶଂସିତ ସୁସଭ୍ୟ ବେଦମତକୁ ଆଦରି ନିଅ ॥ ୫୪ ॥

୫୫- ଯଦି ମେଣ୍ଢା ବା ଛେଳି ଆଣିବାପାଇଁ ତାଙ୍କ ନିକଟରେ ସମ୍ବଳ ନ ଥିବ, ତେବେ ନିଜକୃତ ଅପରାଧର ପ୍ରାୟଶ୍ଚିତପାଇଁ ଦିଓଟି ଛଞ୍ଚାଣ ବା ଦିଓଟି ପାରାଛୁଆ ପରମେଶ୍ୱରଙ୍କ ପାଇଁ ଆଣିବେ । ଆଣିଥିବା ପକ୍ଷୀର ମୁଣ୍ଡକୁ ଗଳା ପାଖରୁ ମୋଡ଼ିଦେବେ କିନ୍ତୁ ମୁଣ୍ଡକୁ ଛିଣ୍ଡାଇ ଦେବେ ନାହିଁ । ତେବେ ସେ କରିଥିବା ପାପର ପ୍ରାୟଶ୍ଚିତ ହେବ ପୁଣି ତାଙ୍କୁ କ୍ଷମା ମଧ୍ୟ ଦିଆଯିବ । ଯଦି ସେ ଦୁଇଟି ଛଞ୍ଚାଣ ବା କପୋତ ଛୁଆ ଦେଇନପାରିବେ, ତେବେ ଏକସେର ପରିମାଣ ଉଇଅଟାର ଦଶମାଂଶ ଭେଟି ଆଣିବେ । ମାତ୍ର ତହିଁରେ ତେଲ ପକାଇବେ ନାହିଁ । ତାଙ୍କର ସବୁ ପାପକୁ କ୍ଷମା କରି ଦିଆଯିବ ।

(ତୌରେତ ଲୈ·ବ୍ୟ·ପ·୫/ଆ୭-୮-୧୦-୧୧-୧୩)

ସମୀକ୍ଷକଃ- ଧନୀ ହେଉ ବା ଦରିଦ୍ର ହେଉ ଯେ କୌଣସି ଈସାଇ ପାପ କରିବାକୁ କଦାପି ଭୟ କରିବେ ନାହିଁ । କାରଣ ସେମାନଙ୍କ ଈଶ୍ୱର ଅତି ସହଜ ଉପାୟରେ ତାଙ୍କ ପାପର ପ୍ରାୟଶ୍ଚିତ କରି ଦିଅନ୍ତି । ବାଇବେଲ୍‌ର ବିଚିତ୍ର କଥା ହେଲା---- ଯଦି କେହି ପାପ କରେ, ବିନାକଷ୍ଟରେ ଅନ୍ୟଏକ ପାପକଲେ ପୂର୍ବ ପାପର ପ୍ରାୟଶ୍ଚିତ ହୋଇଯାଏ ।- କେହିଜଣେ ପାପକଲେ ସେହି ପାପର ପ୍ରାୟଶ୍ଚିତ ସ୍ୱରୂପ ଅନ୍ୟ ଜୀବ ପ୍ରତି ହିଂସାକରେ ଓ ପରମୁହୂର୍ତ୍ତରେ ଆନନ୍ଦରେ ବସି ମାଂସ ଖାଏ, ତେବେ ସେ ପାପରୁ ମୁକ୍ତ ହୋଇଯାଏ । କୌଣସି କପୋତ ଶାବକର ବେକ ମୋଡ଼ିବା ସମୟରେ ବିକଳରେ ସେ କେତେ ଛଟପଟ ହେଉନଥିବ । ତା ଦେଖି ମଧ୍ୟ ଈସାଇମାନଙ୍କ ହୃଦୟରେ ଦୟାଭାବ ଜାତ ହୁଏ ନାହିଁ । ଜୀବମାରିବା ପାଇଁ ତାଙ୍କ ଈଶ୍ୱର ଯେତେବେଳେ ଆଦେଶ ଦେଇଛନ୍ତି ସେତେବେଳେ ଦୟାଭାବ ବା ଜାତ ହେବ କିପରି ? ଏପରି ପ୍ରାୟଶ୍ଚିତଦ୍ୱାରା ଯଦି ପାପ କ୍ଷୟ ହୁଏ,ତେବେ ପ୍ରଭୁ ଯୀଶୁଙ୍କୁ ବିଶ୍ୱାସକଲେ ପାପକ୍ଷୟ ହୁଏ, ଏପରି କହିବାର କୌଣସି ପ୍ରୟୋଜନ ନାହିଁ ।

ପ୍ରାୟଶ୍ଚିତପାଇଁ କପୋତର ବେକକୁ ମୋଡ଼ିଦେବାପାଇଁ କିନ୍ତୁ ନ ଛିଣ୍ଡାଇବାପାଇଁ

ନିର୍ଦ୍ଦେଶ ଦିଆଯାଇଛି । ଏଥିରୁ ଅନୁମିତ ହେଉଛି କୌଣସି ଜଣେ ଜଙ୍ଗଲୀଲୋକ ଚତୁରଥିଲା । ସେ ପାହାଡ଼ ଉପରେ ବସି ନିଜକୁ ଈଶ୍ୱର ବୋଲାଉଥିଲା । ଜଙ୍ଗଲୀ ଲୋକଙ୍କ ବୁଦ୍ଧିବୃତ୍ତି କମ୍ । ତେଣୁ ସେମାନେ ତାକୁ ଈଶ୍ୱର ବୋଲି ସ୍ୱୀକାର କରୁଥିଲେ ।

ଯୁକ୍ତି ବଳରେ ସେ ସେହିଠାରେ ବସି ନିଜର ଭୋଜନପାଇଁ ପଶୁପକ୍ଷୀ ଓ ଅନ୍ନାଦି ପଦାର୍ଥ ମଗାଇନେଉଥିଲା । ତାକୁ ଖାଇ ସେ ମଉଜ କରୁଥିଲା । ତାର ଦୂତମାନେ ପରିଚ୍ଛାକାର୍ଯ୍ୟ କରୁଥିଲେ ।ସଜ୍ଜନଗଣ ! ବିଚାର କରନ୍ତୁ କାହିଁ ବାଇବେଲ୍‌ରେ ବର୍ଣ୍ଣିତ ବାଛୁରୀ,ଛେଳି,ମେଣ୍ଢା,କପୋତ ଓ ଭଲ ଅଟାଖାଇବା ଈଶ୍ୱର । ପୁଣି କାହାନ୍ତି ସର୍ବବ୍ୟାପକ,ସର୍ବଜ୍ଞ,ଅଜନ୍ମା,ନିରାକାର,ସର୍ବଶକ୍ତିମାନ୍ ଓ ନ୍ୟାୟକାରୀ ଉତ୍ତମ ଗୁଣସମ୍ପନ୍ନ ବେଦୋକ୍ତ ଈଶ୍ୱର । ୫୫ ।

୫୬ - ବଳି ଦିଆଯାଇଥିବା ପଶୁର ଚମଡ଼ା ଯାଜକ ନେବେ । ପୁଣି ଅଗ୍ନିଦଗ୍ଧ ମାଂସସବୁ ସେହି ପୁରୋହିତ ନେବେ । ପୁଣି ଭଜା କଡ଼େଇରେ ଯାହାସବୁ ପ୍ରସ୍ତୁତ କରାଯାଇ ଥିବ ତାହା ମଧ୍ୟ ସେହି ପୁରୋହିତ ପାଇବେ ।

(ତୌରେତ-ଲୈ·ପ·୭ଆ/୮·୯)

ସମୀକ୍ଷକଃ- ଆମେ ଜାଣିଥିଲୁ ଯେ ଆମ ଏହି ଭାରତରେ ପୁରୋହିତ, ଦେବୀପୂଜକ ଓ ମନ୍ଦିରର ପୂଜାରୀମାନେ ବିଚିତ୍ର ଲୀଳାମାନ ରଚିଆଣ କରିଛନ୍ତି । କିନ୍ତୁ ଈସାଇଙ୍କ ଈଶ୍ୱର ତଥା ସେମାନଙ୍କ ପୂଜାରୀମାନଙ୍କ ପୋପ୍‌ଲୀଳା ସହସ୍ରଗୁଣରେ ଅଧିକ । ଈସାଇ ପୁରୋହିତମାନେ ବଳି ଦିଆଯାଇଥିବା ପଶୁର ଚମଡ଼ା ବିକ୍ରୟ କରି ଧନ ଅର୍ଜନ କରନ୍ତି, ପୁଣି ସେହି ପଶୁର ମାଂସ ଖାଇ ମଉଜ କରନ୍ତି । କୌଣସି ବ୍ୟକ୍ତି ନିଜର ଗୋଟିଏ ପୁତ୍ରକୁ ହତ୍ୟା କରି ଅନ୍ୟ ପୁତ୍ରମାନଙ୍କୁ ତାହାର ମାଂସ ଖାଇବାକୁ ଦେଇପାରେ କି ? ସେହିପରି ସମସ୍ତ ମନୁଷ୍ୟ ପଶୁପକ୍ଷୀ ପ୍ରଭୃତି ସମସ୍ତ ଜୀବ ଈଶ୍ୱରଙ୍କର ସନ୍ତାନ ତୁଲ୍ୟ ।ପରମେଶ୍ୱର କଦାପି ହିଂସା କରନ୍ତି ନାହିଁ । ଏଣୁ ବାଇବେଲ୍ ଈଶ୍ୱରକୃତ ନୁହେଁ, ତହିଁରେ ବର୍ଣ୍ଣିତ ଈଶ୍ୱର ଓ ଏହାକୁ ମାନୁଥିବା ଲୋକେ କେବେହେଁ ଧର୍ମଜ୍ଞ ନୁହନ୍ତି । ଲୈବ୍ୟବ୍ୟବସ୍ଥା ପୁସ୍ତକରେ ଏପରି ଅନେକ କଥା ପରିପୂର୍ଣ୍ଣ ହୋଇ ରହିଛି । କେତେ ବା ଉଦାହରଣ ଦେବୁ ? ॥ ୫୬ ॥

ଗଣନା ପୁସ୍ତକ

୫୭- ମାଈ ଗଧଟିଏ ରାସ୍ତା ଉପରେ ପରମେଶ୍ବରଙ୍କ ଦୂତକୁ ଖଡ଼୍ଗଧରି ଠିଆ ହୋଇଥିବାର ଦେଖି ରାସ୍ତାଉପରୁ କ୍ଷେତ ଭିତରକୁ ପଶିଗଲା । ତାକୁ ପୁଣି ରାସ୍ତା ଉପରକୁ ଫେରାଇ ଆଣିବାପାଇଁ ବଲଆମ ତାକୁ ଯଷ୍ଟିରେ ପ୍ରହାର କଲା । ସେତେବେଳେ ପରମେଶ୍ବର ଗଧର ତୁଣ୍ଡକୁ ଫିଟାଇ ଦେଲେ । ତେଣୁ ସେ ବଲଆମକୁ କହିଲା- ମୁଁ ତୋର କି କ୍ଷତି କଲି ଯେ ତୁ ମୋତେ ତିନି ପାହାର ଦେଲୁ ?

(ତୌରେତ ଗି·ପ·୨୨/ଆ·୨୩-୨୮)

ସମୀକ୍ଷକ:- ସେ କାଳରେ ଗଧ ମଧ୍ୟ ଈଶ୍ବରଙ୍କ ଦୂତକୁ ଦେଖିପାରୁଥିଲା । କିନ୍ତୁ ଆଜିକାଲି ବିଶପ୍‌ପାଦରୀ ପ୍ରଭୃତି ଶ୍ରେଷ୍ଠ ବା ନିକୃଷ୍ଟ ମନୁଷ୍ୟଙ୍କୁ ଖୋଦା ବା ତାଙ୍କର ଦୂତ କେହିହେଲେ ଦେଖାଦେଉ ନାହାନ୍ତି । ସେହି ଈଶ୍ବର ବା ତାଙ୍କ ଦୂତମାନେ ଆଜିକାଲି ଆଉକଣ ନାହାନ୍ତି ? ଯଦି ଅଛନ୍ତି ତେବେ କଣ ଗାଢ଼ ନିଦରେ ଶୋଇଛନ୍ତି ? ରୁଗ୍‌ଣ ହୋଇପଡ଼ିଥିବେ ନତୁବା ଅନ୍ୟ ଭୂଗୋଳକୁ ବସ୍ତରେ ଯାଇଥିବେ ? କିମ୍ବା କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବେ ? ନତୁବା ଇସାଇମାନଙ୍କ ପ୍ରତି ରୁଷ୍ଟ ହୋଇଥିବେ, ଅଥବା ମରିଯାଇଥିବେ ! କିଛି ଜଣା ପଡୁନାହିଁ । ତେବେ ଅନୁମାନ କରାଯାଉଛି ବର୍ତ୍ତମାନ ଯେପରି ନାହାନ୍ତି ସେତେବେଳେ ମଧ୍ୟ ସେହିପରି ନ ଥିଲେ । କେବେ ଦେଖା ମଧ୍ୟ ଦେଇ ନ ଥିବେ । ଏମାନେ କେବଳ ମନ ଭୁଲାଇବାପାଇଁ କାହାଣୀଗୁଡ଼ିକ ଲେଖି ଦେଇଛନ୍ତି ।

-: ସାମୁଏଲଙ୍କ ଦ୍ବିତୀୟ ପୁସ୍ତକ :-

୫୮- ସେହି ରାତିରେ ପରମେଶ୍ବର ନାତନ ପାଖରେ ପହଞ୍ଚି କହିଲେ— ତୁ ଯାଆ, ମୋ ସେବକ ଦାଉଦକୁ କହ ଯେ ପରମେଶ୍ବର କହୁଛନ୍ତି...... ମୋ ନିବାସପାଇଁ ଏକ ଗୃହ ନିର୍ମାଣ କରିଦେବ । କାରଣ ଯେଉଁ ଦିନଠାରୁ ଇସ୍ରାଏଲ୍‌ର ସନ୍ତାନମାନେ ମିଶ୍ରଦେଶରୁ ବିତାଡ଼ିତ ହେଲେ, ସେହିଦିନରୁ ମୁଁ ଘର ନପାଇ ତମ୍ବୁରେ ଓ ଡେରାରେ ରହୁଛି । (ତୌରେତ ସାମୁଏଲଙ୍କ ୨ୟପୁସ୍ତକ ପ·୭/ଆ·୪-୫-୬)

ସମୀକ୍ଷକ:- ଈସାଇଙ୍କ ଈଶ୍ବର ଯେ ଜଣେ ମନୁଷ୍ୟଥିଲେ ଏହା ନିଃସନ୍ଦେହରେ କୁହାଯାଇ ପାରେ । ସେ ଈଶ୍ବର ପୁଣି ଦୟନୀୟ ଭାବେ ଗୁହାରି କରିଛନ୍ତି...... ମୁଁ ଅନେକ ପରିଶ୍ରମ କଲି, ଏଣେ ତେଣେ କେତେବୁଲିଲି, ମୋହର ଘରଦ୍ବାର ନାହିଁ, ଏବେ ଦାଉଦ ଗୋଟିଏ ଘର ତୋଳାଇଦେଲେ ତହିଁରେ ମୁଁ ନିଶ୍ଚିନ୍ତ ହୋଇ ରହିବି । ଏହାଙ୍କୁ ଈଶ୍ବର ଓ ଏହି ପୁସ୍ତକକୁ ଈଶ୍ବରକୃତ ବୋଲି ମାନିବା, ଲଜ୍ଜାର ବିଷୟ ନୁହେଁକି ? ଈସାଇମାନେ ବର୍ତ୍ତମାନ ନିରୁପାୟ । ଏଥିରେ ପଶି ଯାଇଥିବାରୁ ଆଉ ବାହାରିବା ସମ୍ଭବ ହେଉନାହିଁ । କାରଣ ଏଥିରୁ ବାହାରିବାକୁ ହେଲେ ଦୃଢ଼ ପୁରୁଷାର୍ଥ ଆବଶ୍ୟକ ॥ ୫୮ ॥

ରାଜାମାନଙ୍କ ପୁସ୍ତକ

୫୯- ବାବୁଲର ରାଜା ନବୂଖଦନଜର ରାଜ୍ୟର ଉଣେଇଶ ବରଷର ପଞ୍ଚମମାସ ସପ୍ତମୀତିଥିରେ ବାବୁଲ ରାଜାଙ୍କ ଜଣେ ସେବକ ନବୂସର ଅଦାମ ଯିଏ କି ରାଜ୍ୟର ସେନାଧ୍ୟକ୍ଷ ଥିଲେ ସେ ଜେରୁସଲମକୁ ଆସିଲେ । ସେ ସେଠାରେ ଥିବା ଈଶ୍ବରଙ୍କ ମନ୍ଦିର, ରାଜଭବନ, ଜେରୁସଲମ୍‌ରେ ଥିବା ଛୋଟ,ବଡ ସମସ୍ତଙ୍କ ଘର ପୋଡ଼ିଦେଲେ । ଅଧ୍ୟକ୍ଷଙ୍କ ସହିତ ଜେରୁ ସଲମ୍‌ରେ ଥିବା ସମସ୍ତ କସଦୀୟ ସେନାଙ୍କୁ ମାରିଦେଲେ ଓ ସମସ୍ତ କାନ୍ଥବାଡ଼ ମଧ୍ୟ ଭାଙ୍ଗିଦେଲେ ।

(ତୌରେତ ରା·ପ·୨୫ /ଆ·୮-୯-୧୦)

ସମୀକ୍ଷକ:- କଣ କରାଯିବ ? ଈସାଇଙ୍କ ଈଶ୍ବର ଆରାମ କରିବାପାଇଁ ଦାଉଦଙ୍କଦ୍ବାରା ଖଣ୍ଡିଏ ଘର ତୋଳାଇଥିଲେ । ସେଥିରେ ସେ ସୁଖରେ ରହିଥିଲେ, କିନ୍ତୁ ନବୂସର ଅଦାନ ସେ ଘରଟାକୁ ମଧ୍ୟ ନଷ୍ଟ ଭ୍ରଷ୍ଟ କରିଦେଲା । ଈଶ୍ବର କିମ୍ବା ତାଙ୍କର ଦୂତମାନେ କିଛି କରିପାରିଲେ ନାହିଁ । ପ୍ରଥମେ ଈଶ୍ବର ଅନେକ ଯୁଦ୍ଧ କରୁଥିଲେ,ବିଜୟୀ ହେଉଥିଲେ, କିନ୍ତୁ ବର୍ତ୍ତମାନ ତାଙ୍କ ଘର ଭଙ୍ଗାଗଲା ସେ ପ୍ରତିକାର କିଛି କରିପାରିଲେ ନାହିଁ । ତୁନି ହୋଇ କାହିଁକି ବସି ରହିଲେ ? ପୁଣି ତାଙ୍କର ଦୂତମାନେ ମଧ୍ୟ କୁଆଡ଼େ ଖସିଗଲେ,ତା ଜଣା ପଡ଼ିଲା ନାହିଁ । ଦରକାରବେଳେ କେହି ସହାୟକ ହେଲେ ନାହିଁ । ଈଶ୍ବରଙ୍କ ପ୍ରବଳପରାକ୍ରମ ମଧ୍ୟ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ଯଦି ପ୍ରକୃତରେ ଏହା ସତ୍ୟ, ତେବେ ପ୍ରଥମରୁ ଉଲ୍ଲେଖକରାଯାଇଥିବା ବିଜୟବାର୍ତ୍ତା ସବୁ ମିଥ୍ୟାବୋଲିବାକୁ ହେବ । ଏ କଣ ତେବେ ମିସର୍‌ର ବାଳକ-ବାଳିକା ମାନଙ୍କୁ ମାରି ନିଜ ବୀରତ୍ୱ ଦେଖାଉଥିଲେ ? ଏବେ କିନ୍ତୁ ବୀରଙ୍କ ଆଗରେ ନିଜର ବୀରତ୍ୱ ପ୍ରଦର୍ଶନ ନ କରି ତୁନି ହୋଇ ବସିଗଲେ । ଏହାକରି

ସେହି ଈସାଈଙ୍କ ଈଶ୍ୱର ନିଜର ନିନ୍ଦା ଓ ଅପ୍ରତିଷ୍ଠାକୁ ବଢ଼ାଇଲେ । ଏପରି ହଜାର ହଜାର ଗପ କଥା ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି ॥ ୫୯ ॥

ଜବୁରଙ୍କ ଦ୍ୱିତୀୟ ଭାଗ

କାଳସମାଗ୍ଭର ପ୍ରଥମ ପୁସ୍ତକ

୬୦- ପରମେଶ୍ୱର ଇସ୍ରାଏଲକୁ ମହାମାରୀ ପଠାଇଲେ । ଫଳରେ ଇସ୍ରାଏଲ୍‌ର ସତୁରୀ ହଜାର ଲୋକ ମରିଗଲେ । (ଜବୁର କାଳ ପ-୨୧/ଆ-୧୪)

ସମୀକ୍ଷକ:- ଇସ୍ରାଏଲ୍‌ରେ ଈସାଈ ଈଶ୍ୱରଙ୍କ ବିଚିତ୍ର ଲୀଳା ଦେଖନ୍ତୁ । ଯେଉଁ ଇସ୍ରାଏଲ୍‌ବାସୀଙ୍କୁ ଈଶ୍ୱର ଅନେକ ବର ଦେଇଥିଲେ ପୁଣି ସେମାନଙ୍କ ମଙ୍ଗଳ ସକାଶେ ଦିନରାତି କଠିନ ପରିଶ୍ରମ କରିଥିଲେ, ଏବେ ସେହି ଈଶ୍ୱର ରାଗିଯାଇ ମହାମାରୀକୁ ପଠାଇ ସତୁରୀ ହଜାର ଲୋକଙ୍କୁ ମାରି ପକାଇଲେ । କୌଣସି ଜଣେ କବି ଯଥାର୍ଥରେ କହିଛନ୍ତି----

 କ୍ଷଣେରୁଷ୍ଟଃ କ୍ଷଣେ ତୁଷ୍ଟୋ ରୁଷ୍ଟସ୍ତୁଷ୍ଟଃ କ୍ଷଣେ କ୍ଷଣେ ।
ଅବ୍ୟବସ୍ଥିତଚିତ୍ତସ୍ୟ ପ୍ରସାଦୋଽପି ଭୟଙ୍କରଃ ॥

ଯେଉଁ ଲୋକ କ୍ଷଣକେ ସନ୍ତୁଷ୍ଟ ପୁଣି ପରକ୍ଷଣରେ କୋପାବିଷ୍ଟ ହୁଏ, ଅର୍ଥାତ୍ କ୍ଷଣକ୍ଷଣକରେ ପ୍ରସନ୍ନ ଓ ବିଷଣ୍ଣ ହେଉଥାଏ, ତାର ଦୟା ମଧ୍ୟ ଭୟପ୍ରଦ ହୋଇଥାଏ । ଈସାଈମାନଙ୍କ ଈଶ୍ୱରଙ୍କ ଲୀଳା ମଧ୍ୟ ଠିକ୍ ସେହିପରି ॥ ୬୦ ॥

ଐୟୁବଙ୍କ ପୁସ୍ତକ

୬୧- କୌଣସି ଏକଦିନ ପରମେଶ୍ୱରଙ୍କ ଆଗରେ ଈଶ୍ୱରଙ୍କ ପୁତ୍ର ଆସି ଠିଆହେଲେ । ସେମାନଙ୍କ ସହିତ ସୈତାନ୍ ମଧ୍ୟ ଆସି ପରମେଶ୍ୱରଙ୍କ ଆଗରେ ଠିଆହେଲା । ପରମେଶ୍ୱର ସୈତାନକୁ ପଚାରିଲେ— ତୁ କେଉଁଠାରୁ ଆସିଲୁ ? ସୈତାନ୍ ଉତ୍ତର ଦେବାକୁଯାଇ କହିଲା— ପୃଥିବୀର ଏଣେତେଣେ ବୁଲୁବୁଲୁ ମୁଁ ବୁଲି ଆସିଲି । ପରମେଶ୍ୱର କହିଲେ— ତୁ ମୋର ଦାସ ଐୟୁବକୁ ପରୀକ୍ଷା କରିଅଛୁ କି ? ପୃଥିବୀରେ ତାସମାନ ଅନ୍ୟ କେହି ଜଣେ ନାହାନ୍ତି । ସେ ହେଉଛି ଜଣେ ସିଦ୍ଧ ସାଧୁ ପୁରୁଷ, ସେ ଜନଈଶ୍ୱରଙ୍କୁ

ଡରେ, ପାପକର୍ମରୁ ସଦା ସର୍ବଦା ଦୂରେଇ ରହେ । ଏପର୍ଯ୍ୟନ୍ତ ସତ୍ୟ ପଥରୁ କେବେ ସେ ବିଚ୍ୟୁତ ହୋଇନାହିଁ । ତୁ ମୋତେ ତଥା ତାକୁ ବିନାକାରଣରେ ବିନାଶ କରିବାପାଇଁ ଚେଷ୍ଟା କରୁଛୁ । ସୈତାନ ଉତ୍ତର ଦେବାକୁ ଯାଇ ପରମେଶ୍ୱରଙ୍କୁ କହିଲା— " ଚମଡ଼ାପାଇଁ ଚମଡା ଦେବ " ଅର୍ଥାତ୍ ମନୁଷ୍ୟ ନିଜର ପ୍ରାଣ ରକ୍ଷା କରିବାପାଇଁ ଆପଣାର ସବୁକିଛି ଅର୍ପଣ କରିଦେଇପାରେ । ଏବେ ତୁମେ ତୁମ ହାତ ବଢ଼ାଅ, ତାର ହାଡ଼ମାଂସକୁ ଛୁଇଦିଅ, ସେ ତୁମକୁ ତ୍ୟାଗକରି ନିଶ୍ଚୟ ଗ୍ଭଲିଯିବ । ତାପରେ ପରମେଶ୍ୱର ସୈତାନକୁ କହିଲେ— - ଦେଖ, ସେ ତୋ ହାତମୁଠାରେ ରହିଛି । ତୁ ତାହାର ପ୍ରାଣ ରକ୍ଷାକର । ଏହାଶୁଣି ସୈତାନ୍ ପରମେଶ୍ୱରଙ୍କ ଆଗରୁ ଗ୍ଭଲିଗଲା । ଐୟୁବର ତାଳୁଠାରୁ ତଳିପା ପର୍ଯ୍ୟନ୍ତ ଘାଆ କରିଦେଲା । (ଜବୁର ଐୟୁ-ପ-୨/ଆ-୧ରୁ୭)

ସମୀକ୍ଷକ:- ଏବେ ଈସାଈ ଈଶ୍ୱରଙ୍କ ସାମର୍ଥ୍ୟକୁ ଦେଖ । ସୈତାନ୍ ଈଶ୍ୱରଙ୍କ ଆଗରେ ଈଶ୍ୱରଙ୍କ ଭକ୍ତକୁ ପୁଣି ଦୁଃଖ ଦେଉଅଛି । ଅଥଚ ଈଶ୍ୱର ନିଜ ଭକ୍ତକୁ ରକ୍ଷାକରି ପାରୁନାହାନ୍ତି କିମ୍ବା ସଇତାନକୁ ଦଣ୍ଡ ଦେଇ ପାରୁ ନାହାନ୍ତି । ତାଙ୍କ ଦୂତମାନେ ମଧ୍ୟ ରକ୍ଷାକରିବାକୁ ସମର୍ଥ ହୋଇପାରୁ ନାହାନ୍ତି । ଜଣେ ସଇତାନ୍ ସମସ୍ତଙ୍କୁ ଭୟଭୀତ କରି ଦେଇଛି । ଈସାଈଙ୍କ ଈଶ୍ୱର ସର୍ବଜ୍ଞ ନୁହନ୍ତି । ଯଦି ହୋଇଥାନ୍ତେ, ତେବେ ସଇତାନ୍ ଦ୍ୱାରା ଐୟୁବକୁ ପରୀକ୍ଷା କରାଇ ନ ଥାନ୍ତେ ॥ ୬୧ ॥

-: ଉପଦେଶ ପୁସ୍ତକ :-

୬୨- ହଁ ! ମୋର ଅନ୍ତଃକରଣ ଅନେକ ଜ୍ଞାନ ଓ ବୁଦ୍ଧି ଦେଖିଛି । ମୁଁ ବୁଦ୍ଧି, ପାଗଳପଣ ଓ ମୂଢ଼ତା ଜାଣିବା ସକାଶେ ମନ ଦେଇଛି । ମୁଁ ଜାଣିଗଲି ଯେ ଏହାମଧ୍ୟ ମନର ଝଞ୍ଜଟ । ଯେଣୁ ଅଧିକ ଜ୍ଞାନରୁ ଅଧିକ ଶୋକ ଜାତ ହୁଏ । ଯେଉଁ ବ୍ୟକ୍ତି ଅଧିକ ଜ୍ଞାନଲାଭ କରେ ସେ ଅଧିକ ଦୁଃଖ ମଧ୍ୟ ଭୋଗ କରେ ।

(ଜ-ଉ-ପ-୧/ଆ-୧୬-୧୭-୧୮)

ସମୀକ୍ଷକ:- ବୁଦ୍ଧି ଓ ଜ୍ଞାନ ଏକ ପର୍ଯ୍ୟାୟବାଚୀ ହୋଇଥିଲେ ମଧ୍ୟ ସେମାନେ ତାକୁ ଦିଓଟି ବୋଲି ମାନୁଛନ୍ତି । ବୁଦ୍ଧିର ବୃଦ୍ଧିରେ ଶୋକ ଜାତ ହୁଏ, ଏ କଥା ମୂଢ଼ଲୋକଙ୍କ

ବ୍ୟତୀତ ଅନ୍ୟ କେହି ସ୍ୱୀକାର କରିବେ ନାହିଁ। ଏଣୁ ଏ ବାଇବେଲ୍ ଈଶ୍ୱରଙ୍କ କୃତ କଣ, କୌଣସି ବିଦ୍ୱାନ୍ ବ୍ୟକ୍ତି ମଧ୍ୟ ରଚନା କରିନାହାନ୍ତି ॥ ୭୨ ॥

ଏଠାରେ ତୌରେତ ଓ ଜବୂରଙ୍କ ବିଷୟରେ ସାମାନ୍ୟମାତ୍ର ଉଲ୍ଲେଖ କରାଗଲା । ଏହାପରେ ମଞ୍ଜୀରଚିତ କେତେକ ଇଞ୍ଜୀଲ ସମ୍ବନ୍ଧରେ ଲେଖାଯିବ । ଯାହାକୁ କି ଇସାଇମାନେ ଖୁବ୍ ପ୍ରାମାଣିକ ବୋଲି ଗ୍ରହଣ କରନ୍ତି । ଏହାର ସ୍ୱରୂପ ଓ ଭାବକୁ ପରୀକ୍ଷା କରନ୍ତୁ·······

-: ମଞ୍ଜୀ ରଚିତ ଇଞ୍ଜୀଲ :-

୭୩- ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଏହି ରୀତିରେ ହେଲା····· ଯିଶୁଙ୍କ ମାତା ମରିୟମଙ୍କର ୟୁସଫଙ୍କ ସହିତ ବିବାହପାଇଁ ସ୍ଥିର ହୋଇଥିଲା ।ସେ ଉଭୟଙ୍କ ମିଳନ ପୂର୍ବରୁ ଦେଖାଗଲା ଯେ ଜଣେ ପବିତ୍ରାତ୍ମଦ୍ୱାରା ମରିୟମ ଗର୍ଭବତୀ ହୋଇଛନ୍ତି । ସ୍ୱପ୍ନରେ ଜଣେ ଦେବଦୂତ କହିଲେ····· ହେ ଦାଉଦ୍‌ରପୁତ୍ର ୟୁସଫ୍! ତୁ ମୋର ସ୍ତ୍ରୀ ମରିୟମକୁ ଗ୍ରହଣ କରିବାପାଇଁ ଭୟ କରନା । ତାର ଗର୍ଭରେ ଏକ ପବିତ୍ର ଆତ୍ମା ରହିଛି ।

(ଇ·ପ·୧/ଆ·୧୮-୨୦)

ସମୀକ୍ଷକଃ- ଯାହା ପ୍ରତ୍ୟକ୍ଷାଦି ପ୍ରମାଣ ଓ ସୃଷ୍ଟିକ୍ରମର ବିରୁଦ୍ଧ, ତାକୁ କୌଣସି ବିଦ୍ୱାନ୍ କଦାପି ବିଶ୍ୱାସ କରିବେ ନାହିଁ। ଅବଶ୍ୟ ମୂର୍ଖ, ଅସଭ୍ୟ ଲୋକମାନେ ଏକଥାକୁ ମାନିପାରନ୍ତି । କିନ୍ତୁ କୌଣସି ଶିକ୍ଷିତ, ସଭ୍ୟ,ବିଦ୍ୱାନ୍ ବ୍ୟକ୍ତି କଦାପି ମାନିବେ ନାହିଁ । ପରମେଶ୍ୱରଙ୍କ ଯେଉଁ ଅଲଂଘ୍ୟ ନିୟମ ରହିଛି ତାକୁ କେହି କେବେ ଲଘଂନ କରିପାରିବେ ନାହିଁ।ପରମେଶ୍ୱର ସ୍ୱୟଂ ମଧ୍ୟ ତାଙ୍କ ନିୟମକୁ ଭଙ୍ଗକଲେ, ତାଙ୍କ ଆଜ୍ଞାକୁ ଆଉ କେବେ କେହି ମାନିବେ ନାହିଁ । ସେପରି କଲେ ସେ ମଧ୍ୟ ସର୍ବଜ୍ଞ ଓ ନିର୍ଭ୍ରମ ହୋଇପାରିବେ ନାହିଁ। ଯଦି ଏପରି ହୁଏ ତେବେ କୌଣସି କୁମାରୀ ଗର୍ଭବତୀ ହେଲେ ସେ ନିଶ୍ଚୟ କହିବ ପରମେଶ୍ୱରଙ୍କ ଆଡୁ ତାହାର ଗର୍ଭୋଦୟ ହୋଇଛି । ମିଛର ଆଶ୍ରୟ ନେଇ ଏହା ମଧ୍ୟ କହିପାରେ···· ଏକ ଦେବଦୂତ ମୋତେ ସ୍ୱପ୍ନରେ କହିଛନ୍ତି····· ପବିତ୍ରାତ୍ମାଙ୍କଦ୍ୱାରା ତୋର ଏହି ଗର୍ଭ ସୃଷ୍ଟି ହୋଇଛି । ଯେପରି ମହାଭାରତରେ କୁନ୍ତୀ ସୂର୍ଯ୍ୟଙ୍କ ଆଡୁ ଗର୍ଭବତୀ ହେବାର ପ୍ରପଞ୍ଚ ସୃଷ୍ଟି କରାଯାଇଛି । ଠିକ୍ ସେହିପରି ଅସମ୍ଭବକଥା ଏଠାରେ ମଧ୍ୟ ଅବତାରଣା

କରାଯାଇଛି । ଏହି କଥାକୁ ଅନ୍ଧ ଓ ସ୍ୱାର୍ଥପରାୟଣ ବ୍ୟକ୍ତିମାନେ ହିଁ ବିଶ୍ୱାସ କରି ଭ୍ରମଜାଲରେ ପଡିଥାନ୍ତି । ଏହା ଏପରି ହୋଇଥାଇପାରେ ଯେ···· ମରିୟମ୍ କୌଣସି ପୁରୁଷର ସ୍ପର୍ଶରେ ଆସି ଗର୍ଭବତୀ ହୋଇଛନ୍ତି । କିନ୍ତୁ ଲୋକଲଜ୍ଜାରେ ସେ କିମ୍ବା ଅନ୍ୟ କେହି ଏହା ଈଶ୍ୱରଙ୍କଦ୍ୱାରା ହୋଇଛି ବୋଲି ପ୍ରଚ୍ୟର କରିଛନ୍ତି ॥ ୭୩ ॥

୭୪- ତାପରେ ଆତ୍ମା ଯୀଶୁଙ୍କୁ ଜଙ୍ଗଲକୁ ନେଇଗଲା ସଇତାନ୍‌ଦ୍ୱାରା ପରୀକ୍ଷା କରାଇବାପାଇଁ। ସେ ଚାଳିଶି ଦିନ ଓ ଚାଳିଶି ରାତି ଉପବାସ ରହିବାପରେ ତାଙ୍କୁ ଭୋକ ହେଲା । ତହୁଁ ପରୀକ୍ଷାକାରୀ ସଇତାନ୍ ସେହି ଶିଶୁକୁ କହିଲା— ତୁ ଯଦି ପରମେଶ୍ୱରଙ୍କ ପୁତ୍ର ତେବେ କହିଲେ ଏହି ପଥରଖଣ୍ଡ ରୁଟି ପାଲଟିଯିବ ।

(ଇ·ପ·୪/ଆ·୧-୨-୩)

ସମୀକ୍ଷକଃ- ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ଇସାଇଙ୍କ ଈଶ୍ୱର କେବେହେଁ ସର୍ବଜ୍ଞ ନୁହନ୍ତି । ଯଦି ସେ ସର୍ବଜ୍ଞ ହୋଇଥାନ୍ତେ ତେବେ ସଇତାନଦ୍ୱାରା ଶିଶୁକୁ ପରୀକ୍ଷା କରି ନ ଥାନ୍ତେ, ନିଜେ ସବୁ ବିଷୟ ଜାଣିପାରିଥାନ୍ତେ । ଆଜିକାଲି କୌଣସି ଇସାଇକୁ ଚାଳିଶିଦିନ ଓ ଚାଳିଶିରାତି ଉପବାସରେ ରଖାଯାଉ, ଦେଖିବା ସେ କିପରି ବଞ୍ଚିବ ? ପୁଣି ଏହି କଥାରୁ ଏହା ମଧ୍ୟ ପ୍ରମାଣିତ ହେଉଛି ଯେ ଯୀଶୁ ଈଶ୍ୱରଙ୍କପୁତ୍ର ନୁହନ୍ତି କି ତାଙ୍କର କିଛି କରାମତି ବା ସିଦ୍ଧ ନ ଥିଲା । ସେଥିପାଇଁ ସେ ସଇତାନ୍ ସମ୍ମୁଖରେ ପଥରକୁ ରୁଟି କରିପାରିଲେ ନାହିଁ । ପୁଣି ଚାଳିଶିଦିନ ପର୍ଯ୍ୟନ୍ତ ଉପବାସରେ ରହିବା କି ଦରକାର ଥିଲା ? ସିଦ୍ଧାନ୍ତ ଏହି ଯେ ପରମେଶ୍ୱର ପଥର ସୃଷ୍ଟି କରିଛନ୍ତି, ତାକୁ କେହି ରୁଟି କରିଦେଇ ପାରିବେ ନାହିଁ ।

ସ୍ୱୟଂ ଈଶ୍ୱର ମଧ୍ୟ ନିଜ ପୂର୍ବକୃତ ନିୟମକୁ ଓଲଟପାଲଟ କରିପାରିବେ ନାହିଁ। ଯେଣୁ ସେ ହେଉଛନ୍ତି ସର୍ବଜ୍ଞ ଓ ତାଙ୍କର କାର୍ଯ୍ୟ ହେଉଛି ଭ୍ରମରହିତ ॥ ୭୪ ॥

୭୫- ସେ ସେମାନଙ୍କୁ କହିଲା— ତୁମେମାନେ ମୋ ପଛେ ପଛେ ଆସ, ମାଛ ବଦଳରେ ବର୍ତ୍ତମାନ ତୁମେମାନେ ମନୁଷ୍ୟମାନଙ୍କୁ ଧରିପାରିବ । ସେମାନେ ସେହିକ୍ଷଣି ଜାଲକୁ ଛାଡ଼ିଦେଇ ତା ପଛେ ପଛେ ଗଲେ । (ଇ·ପ·୪/ଆ·୧୯-୨୦)

ସମୀକ୍ଷକଃ- ତୌରେତର ଦଶଗୋଟି ଆଜ୍ଞା ମଧ୍ୟରୁ ଗୋଟିଏ ଆଜ୍ଞା ହେଲା····

ସନ୍ତାନମାନେ ନିଜ ପିତା-ମାତାଙ୍କର ସେବା କରିବେ ଓ ମାନ୍ୟ ମଧ୍ୟ କରିବେ । ତଦ୍ୱାରା ସେମାନଙ୍କର ଆୟୁ ବୃଦ୍ଧି ହେବ । (ତୌ-ଯାତ୍ରା-ପ-୨୦/ଆ-୧୨) । କିନ୍ତୁ ଯିଶୁଖ୍ରୀଷ୍ଟ ନିଜ ପିତାମାତାଙ୍କୁ ସେବା କରିନାହାନ୍ତି, ପୁଣି ଅନ୍ୟ ଲୋକମାନଙ୍କୁ ମଧ୍ୟ ସେହି ସେବା କରିବାରୁ ଦେଇ ନାହାନ୍ତି । ସେହି ଅପରାଧରୁ ସେ ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଆହୁରି ମଧ୍ୟ ଯେପରି ଜାଲରେ ମାଛ ଧରିବାପରି ସେ ମନୁଷ୍ୟମାନଙ୍କୁ ଭ୍ରମଜାଲରେ ପକାଇ ନିଜ ଦଳକୁ ଆଣିଲେ । ସଙ୍ଗେ ସଙ୍ଗେ ନିଜ ଉଦ୍ଦେଶ୍ୟକୁ ଚରିତାର୍ଥ କରିଥିଲେ । ଯେଣୁ ଖ୍ରୀଷ୍ଟ ନିଜେ ଏପରି କରିଥିଲେ ଆଜିକାଲି ଖ୍ରୀଷ୍ଟିୟାନ୍ ପାଦ୍ରୀମାନେ ଭ୍ରମଜାଲ ବିଛାଇ ଲୋକଙ୍କୁ ନ ଫସାଇବେ କାହିଁକି ? ଜାଲରେ ବଡ଼ ବଡ଼ ମାଛ ବହୁତ ପଡ଼ିଲେ ଜାଲିଆ ଯେପରି ଖୁସି ହୋଇଥାନ୍ତି, ସେହିପରି ଅନେକ ଲୋକଙ୍କୁ ନିଜ ଧର୍ମ ଜାଲରେ ପକାଇ ଦେଲେ ଅଧିକ ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଅଧିକ ଅର୍ଥ ମଧ୍ୟ ମିଳିଥାଏ । ବେଦଶାସ୍ତ୍ର ଅନଭିଜ୍ଞ ଲୋକମାନଙ୍କୁ ଏମାନେ ନିଜ ଜାଲରେ ପକାଇ,ପୁଣି ସେମାନଙ୍କୁ ନିଜ ପରିବାର ମାତା-ପିତାଙ୍କ ସେବାରୁ ଦୂରେଇଦେଇ ନିଜର ସ୍ୱାର୍ଥ ସାଧନ କରିବାରେ ଲାଗିଛନ୍ତି । ଏଣୁ ସମସ୍ତ ଆର୍ଯ୍ୟବିଦ୍ୱାନ୍‌ମାନଙ୍କର କର୍ତ୍ତବ୍ୟ ହେଉଛି ନିଜେ ଭ୍ରମଜାଲରୁ ରକ୍ଷା ପାଆନ୍ତୁ ଓ ନିଜର ସରଳମତିଆ ଭାଇମାନଙ୍କୁ ମଧ୍ୟ ସେହି ଭ୍ରମଜାଲରୁ ରକ୍ଷା କରନ୍ତୁ ॥ ୨୪ ॥

୨୫- ଯିଶୁ ଗାଲିଲି ଦେଶସାରା ଭ୍ରମଣ କଲେ । ସଭାସମିତିମାନଙ୍କରେ ଧର୍ମୋପଦେଶ ଦେଇ ରାଜ୍ୟରେ ସୁସମାଚାରମାନ ପ୍ରସ୍ତୁତ କଲେ । ବିଭିନ୍ନ ରୋଗଗ୍ରସ୍ତ ଲୋକମାନଙ୍କୁ ଉଦ୍ଧାର କଲେ । ତାଙ୍କ ନାମ ସୁରିଆରେ ବିଖ୍ୟାତ ହେଲା । ପକ୍ଷାଘାତ,ମୂର୍ଚ୍ଛାରୋଗ ପ୍ରପୀଡ଼ିତ ଓ ଭୂତାବିଷ୍ଟ ଲୋକଙ୍କୁ ତାଙ୍କ ନିକଟକୁ ଅଣାହେଲା । ସେ ସେମାନଙ୍କୁ ଭଲ କରିଦେଲେ ।

(ଲେ-ମଥି-ପ-୪/ଆ-୨୩-୨୪)

ସମୀକ୍ଷକ:- ପାଶ୍ଚାତ୍ୟ ପୋପ୍, ଭାରତୀୟ ପୁରୋହିତ ଓ ମାନ୍ତ୍ରିକମାନଙ୍କ ଲୀଳା ସମାନ । ମନ୍ତ୍ରତନ୍ତ୍ର, ପୁରଶ୍ଚରଣ,ଆଶୀର୍ବାଦ,ତାବିଜ୍ ଓ ଭସ୍ମବିଭୂତି ପ୍ରଦାନକରି ଭୂତପ୍ରେତାଦିଙ୍କୁ ବାହାର କରି ରୋଗ ଛଡ଼ାଇବା ଯେପରି ସତ୍ୟ,ବାଇବେଲ୍ ଉକ୍ତ ଖ୍ରୀଷ୍ଟବାକ୍ୟ ଗୁଡ଼ିକ ମଧ୍ୟ ସେହିପରି ସତ୍ୟ । ସରଳ ବିଶ୍ୱାସୀ ମୂର୍ଖଲୋକଙ୍କୁ ଭୁଲାଇବାପାଇଁ ଏସବୁ ପ୍ରହସନ

ପ୍ରଚଳନ କରାଯାଉଛି । ଇସାଇଲୋକେ ଯଦି ଯୀଶୁଙ୍କ କଥାକୁ ମାନୁଛନ୍ତି, ତେବେ ଏଠାକାର ଦେବୀପୂଜକମାନଙ୍କ କଥା ମାନୁନାହାନ୍ତି କାହିଁକି ? ଯେଣୁ ଏମାନଙ୍କ କଥା ମଧ୍ୟ ସେମାନଙ୍କ ଭଳି ହୋଇଛି । ୨୬ ॥

୨୭- ଯେଉଁ ଲୋକ ମନରେ ଦୀନ ରହେ ସେହି ଲୋକ ଧନ୍ୟ । କାରଣ ସ୍ୱର୍ଗରାଜ୍ୟ ସେମାନଙ୍କର ହୁଏ । ତୁମ୍ଭମାନଙ୍କୁ ମୁଁ ସତ କହୁଛି, ଯେ ପର୍ଯ୍ୟନ୍ତ ଆକାଶ ଓ ପୃଥିବୀ ରହିଛି, ସେ ପର୍ଯ୍ୟନ୍ତ ଏ ବ୍ୟବସ୍ଥାମଧ୍ୟରୁ ଏକମାତ୍ରା ବା ବିନ୍ଦୁ ପୁଣ୍ୟା ବ୍ୟର୍ଥ ହେବ ନାହିଁ ।ଯେଉଁ ଲୋକ କୌଣସି କ୍ଷୁଦ୍ର ଆଦେଶକୁ ମଧ୍ୟ ଅମାନ୍ୟକରେ ପୁଣି ଅନ୍ୟଲୋକଙ୍କୁ ଶିକ୍ଷାଦିଏ, ସେହି ବ୍ୟକ୍ତି ସ୍ୱର୍ଗରାଜ୍ୟରେ ଅତି ଛୋଟ ହୋଇ ରହେ ।

(ଲେ-ମଥି-ପ-୫/ଆ-୩-୧୮-୧୯)

ସମୀକ୍ଷକ:- ସ୍ୱର୍ଗ ଏକ ହେଲେ ତହିଁରେ ରାଜା ମଧ୍ୟ ଏକ ହୋଇଥିବେ । ଏଣୁ ଯେତେବେ ଦୀନ ସମସ୍ତେ ଯଦି ସ୍ୱର୍ଗକୁ ଯିବେ ତେବେ ସ୍ୱର୍ଗ ରାଜ୍ୟର ରାଜା ହେବ କିଏ ? ପରସ୍ପର ଟଣାଓଟରା ହେବ ଓ ରାଜ୍ୟ ବ୍ୟବସ୍ଥା ମଧ୍ୟ ଖଣ୍ଡ ବିଖଣ୍ଡିତ ହୋଇଯିବ । ଦୀନ ଶବ୍ଦର ଅର୍ଥ କଣ ? ଦୀନ କାଙ୍ଗାଳ ଲୋକକୁ କହିଲେ ଠିକ୍ ହେବ ନାହିଁ । ନିରଭିମାନୀ ଲୋକ ମଧ୍ୟ ଠିକ୍ ନୁହେଁ । କାରଣ ଦୀନ ଓ ନିରଭିମାନ ଏକାର୍ଥ ନୁହେଁ । କିନ୍ତୁ ନିଜ ମନରେ ଯେଉଁ ଲୋକ ଦୀନ ସେ କଦାପି ସନ୍ତୋଷ ଲାଭ କରି ନ ପାରେ । ଏଣୁ ମନରେ ଦୀନ ରହିବା ଉଚିତ ନୁହେଁ । ଯେବେ ଆକାଶ, ପୃଥିବୀ ଟଳିଯିବ ସେତେବେଳେ ବ୍ୟବସ୍ଥା ମଧ୍ୟ ଟଳିଯିବ, ଏପରି ଅନିତ୍ୟ ବ୍ୟବସ୍ଥା ମନୁଷ୍ୟପାଇଁ, ଏଥିରେ ଈଶ୍ୱରଙ୍କର କିଛି ଯାଏ ଆସେ ନାହିଁ । ଯେ ତାଙ୍କର ଆଦେଶକୁ ନ ମାନିବ, ସେ ସ୍ୱର୍ଗରେ ଛୋଟ ହୋଇଯିବ, ଏହା କେବଳ ପ୍ରଲୋଭନ ଓ ଭୟ ପ୍ରଦର୍ଶନ ବ୍ୟତୀତ ଅନ୍ୟ କିଛି ନୁହେଁ ॥ ୨୭ ॥

୨୮- ଆଜି ଦିନର ଆହାରଦ୍ରବ୍ୟମାତ୍ର ଆମ୍ଭମାନଙ୍କୁ ଦିଅ । ନିଜପାଇଁ ପୃଥିବୀରେ ଧନସମ୍ପଦ ଜମା କରନାହିଁ । (ଲେ-ମ-ପ-୬/ଆ-୧୧-୧୯)

ସମୀକ୍ଷକ:- ଏଥିରୁ ଜଣାପଡ଼େ ଯିଶୁଙ୍କ ଜନ୍ମ ସମୟରେ ଲୋକେ ଜଙ୍ଗଲୀ ଓ ଦରିଦ୍ର ଥିଲେ । ଏପରିକି ଯିଶୁ ମଧ୍ୟ ଦରିଦ୍ର ଥିଲେ । ଯେଣୁ ସେ କେବଳ ଦିନକର ଖାଦ୍ୟ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ ଓ ଲୋକଙ୍କୁ ସେହି ଉପଦେଶ ମଧ୍ୟ ଦେଉଥିଲେ । ଯଦି

ଏପରି ନୁହେଁ, ତେବେ ଈସାଇମାନେ ଧନ ସଞ୍ଚୟ କରୁଛନ୍ତି କାହିଁକି ? ଯିଶୁଙ୍କ ଉପଦେଶାନୁଯାୟୀ ସବୁ ଧନ ବିତରଣ କରିଦିଅନ୍ତୁ ନିଜ ନିକଟରେ କିଛି ରଖିବା ଉଚିତ ନୁହେଁ ॥ ୬୮ ॥

୬୯- ପ୍ରତ୍ୟେକେ ମୋତେ ଯେଉଁ ହେ ପ୍ରଭୁ ! ବୋଲି କହୁଛନ୍ତି, ସେମାନେ ସ୍ୱର୍ଗରାଜ୍ୟରେ ପହଞ୍ଚିପାରିବେ ନାହିଁ । (ଇ·ମ·ପ୭/ଆ·୨୧)

ସମୀକ୍ଷକ:- ବଡ଼ ବଡ଼ ପାଦ୍ରୀ, ବିଶପ୍‌ମାନେ ଏବେହେଲେ ବିଗ୍ଭର କରନ୍ତୁ । ଯିଶୁଙ୍କ କଥାକୁ ସତ୍ୟ ବୋଲି ଯଦି ବିଗ୍ଭରୁଥାଅ, ତେବେ ତୁମ୍ଭେମାନେ ତାଙ୍କୁ ଈଶ୍ୱର କିମ୍ବା ପ୍ରଭୁ ବୋଲି କହିବାରୁ ବିରତ ହୁଅ । ଯଦି ଏହାକୁ ନ ମାନିବ ତେବେ ପାପରୁ କଦାପି ରକ୍ଷାପାଇ ପାରିବ ନାହିଁ ॥୬୯ ॥

୭୦- ସେ ଦିନ ଅନେକ ଲୋକ ଆସି ମୋତେ କହିବେ । ସେତେବେଳେ ମୁଁ ସେମାନଙ୍କୁ ଖୋଲାଖୋଲି କହିବି----ମୁଁ ତୁମ୍ଭମାନଙ୍କୁ ଜାଣେ ନାହିଁ । ହେ କୁକର୍ମୀଗଣ ! ମୋ ନିକଟରୁ ଦୂର ହୋଇଯାଅ ।

(ଇ·ମ·ପ·୭/ଆ·୨୨-୨୩)

ସମୀକ୍ଷକ:- ଦେଖନ୍ତୁ ! ଯିଶୁ ଜଙ୍ଗଲୀ ଲୋକମାନଙ୍କ ମନରେ ବିଶ୍ୱାସ ଜନ୍ମାଇବାପାଇଁ ସ୍ୱର୍ଗରାଜ୍ୟରେ ନିଜକୁ ନ୍ୟାୟାଧୀଶ ବିଗ୍ଭରପତି ବୋଲି କହିଛନ୍ତି । ଏହା କେବଳ ନିରୀହ ଲୋକଙ୍କୁ ପ୍ରଲୋଭନ ଦେଖାଇବା ବ୍ୟତୀତ ଅନ୍ୟ କିଛି ନୁହେଁ ॥ ୭୦ ॥

୭୧- ପୁଣି ଦେଖ, ଦିନେ ଜଣେ କୁଷ୍ଠରୋଗୀ ଆସି ଯିଶୁଙ୍କୁ ପ୍ରଣାମ କରି କହିଲା----ହେ ପ୍ରଭୁ ! ଆପଣ ଇଚ୍ଛାକଲେ ମୋତେ ଶୁଦ୍ଧ କରିଦେଇ ପାରିବେ । ଯିଶୁ ହାତ ବଢ଼ାଇ ତାକୁ ଛୁଇଁଦେଇ କହିଲେ-- ମୁଁ କହୁଛି ତୁମେ ଶୁଦ୍ଧ ହୋଇଯାଅ । ତତ୍‌କ୍ଷଣାତ୍ ସେହି ଲୋକଟି ଭଲ ହୋଇଗଲା ।

(ଇ·ମ·ପ·୮ /ଆ·୨-୩)

ସମୀକ୍ଷକ:- ଏହା ସରଳ ଲୋକଙ୍କୁ ଭୁଲାଇବା କଥା । କାରଣ ଈସାଇମାନେ ଯଦି ଏହି ବିଦ୍ୟା ଓ ସୃଷ୍ଟିକ୍ରମ ବିରୁଦ୍ଧ କଥାକୁ ସତ୍ୟ ବୋଲି ମାନୁଛନ୍ତି, ତେବେ ଶୁକ୍ରାଗ୍ଭର୍ଯ୍ୟ ଧନ୍ୱନ୍ତରି, କଶ୍ୟପ ପ୍ରଭୃତିଙ୍କ ପୁରାଣ ବର୍ଣ୍ଣିତ ବିଷୟକୁ ସେମାନେ ମାନୁ ନାହାନ୍ତି କାହିଁକି ? ପୁରାଣ

ଓ ମହାଭାରତର ଆଦିପର୍ବରେ ଲେଖାଯାଇଛି ଯେ, ମରିଯାଇଥିବା ଦୈତ୍ୟମାନଙ୍କ ସେନାକୁ ବଞ୍ଚାଇ ଦିଆଗଲା, ବୃହସ୍ପତିଙ୍କ ପୁତ୍ର କଚ୍‌ କୁ ଖଣ୍ଡ ଖଣ୍ଡ କରି କାଟି ପଶୁ ଓ ମାଛମାନଙ୍କୁ ଖାଇବାକୁ ଦିଆଗଲା । ଶୁକ୍ରାଗ୍ଭର୍ଯ୍ୟ ପୁଣିତାକୁ ବଞ୍ଚାଇଦେଲେ । ପୁଣି ଥରେ କଚକୁ ମାରି ଶୁକ୍ରାଗ୍ଭର୍ଯ୍ୟଙ୍କୁ ଖୁଆଇ ଦିଆଗଲା, ତାଙ୍କ ପେଟଭିତରୁ କଚ୍ ପୁଣି ଜୀବନ ଲାଭକରି ବାହାରି ଆସିଲା । ଶୁକ୍ରାଗ୍ଭର୍ଯ୍ୟ ନିଜେ ମରିଗଲେ, କଚ୍ ପୁଣି ତାଙ୍କୁ ବଞ୍ଚାଇଦେଲେ । ତକ୍ଷକ ଜଣେ ମନୁଷ୍ୟ ଓ ଗୋଟିଏ ବୃକ୍ଷକୁ ଭସ୍ମ କରିଦେଲା । କଶ୍ୟପ ସେହି ମନୁଷ୍ୟ ଓ ବୃକ୍ଷକୁ ବଞ୍ଚାଇଦେଲେ । ଧନ୍ୱନ୍ତରି ଲକ୍ଷଲକ୍ଷ ମୃତବ୍ୟକ୍ତିଙ୍କୁ ବଞ୍ଚାଇଦେଲେ, ଅନେକ କୁଷ୍ଠରୋଗୀଙ୍କୁ ଭଲ କରିଦେଇଥିଲେ । ଲକ୍ଷଲକ୍ଷ ଅନ୍ଧ ଓ ବଧିର ଲୋକଙ୍କୁ ଚକ୍ଷୁ ଓ କର୍ଣ୍ଣଦାନ କରିଥିଲେ, ଇତ୍ୟାଦି । ଏସବୁ କଥା କାହିଁକି ମିଥ୍ୟା ହେବ ? ଏସବୁକୁ ଯଦି ମିଥ୍ୟା କୁହାଯାଏ, ତେବେ ଯିଶୁଙ୍କ କଥାକୁ ସତ୍ୟବୋଲି କିପରି କୁହାଯିବ ? ଯେଉଁ ଲୋକ ନିଜ କଥାକୁ ସତ୍ୟ ଓ ପର କଥାକୁ ମିଥ୍ୟା ବୋଲି କହେ ସେହିଲୋକ ଅନ୍ୟାୟକାରୀ ଧୂର୍ତ୍ତ । ଯିଶୁଙ୍କର ଅଦ୍ଭୁତ କାର୍ଯ୍ୟକୁ ନିର୍ବୋଧ ଲୋକେ କେବଳ ବିଶ୍ୱାସ କରନ୍ତି, ଯେପରିକି ପିଲାଙ୍କୁ ଭୁଲାଇବାପାଇଁ କାହାଣୀ ବିଶେଷ ମାତ୍ର ॥ ୭୧ ॥

୭୨- ଦୁଇଜଣ ଭୂତଗ୍ରସ୍ତ ମନୁଷ୍ୟ ସମାଧି ବା କବରଖାନାରୁ ବାହାରି ତାଙ୍କ ନିକଟକୁ ଆସିଲେ । ଏପର୍ଯ୍ୟନ୍ତ ସେମାନେ ଅତ୍ୟନ୍ତ ପ୍ରତାପଶାଳୀ ଥିଲେ । ତେଣୁ ସେହି ରାସ୍ତାରେ କେହି ଯାତାୟାତ କରିପାରୁ ନ ଥିଲେ । ସେମାନେ ଚିତ୍କାର କରି କହିଲେ— ହେ ଈଶ୍ୱରପୁତ୍ର ଯିଶୁ ! ଆମଠାରେ ତୁମର ବର୍ତ୍ତମାନ କି ପ୍ରୟୋଜନ ଅଛି ? ଆମର ସମୟ ନ ହେଉଣୁ ଆମକୁ ପୀଡ଼ା ଦେବାପାଇଁ ତୁମେ କାହିଁକି ଆସିଲ ? ଆମ୍ଭମାନଙ୍କୁ ଏଠାରୁ ଯଦି ବାହାର କରିଦେବ ତେବେ ଆମେ ବିନୀତ ପ୍ରାର୍ଥନା କରୁଁ ଯେ ଆମକୁ ନେଇ ଘୁଷୁରୀଦଳ ମଧ୍ୟରେ ଛାଡି ଦିଅନ୍ତୁ । ଯିଶୁ କହିଲେ---- ଆଚ୍ଛା ଯାଅ । ତହୁଁ ସେମାନେ ଘୁଷୁରୀଦଳକୁ ଗ୍ଭଲିଗଲେ । ତାପରେ ସେହି ଘୁଷୁରୀପଲ ଗର୍ଜନକରି ସମୁଦ୍ରକୁ ଡେଇଁପଡ଼ି ମରିଗଲେ । (ଇ·ମ·ପ·୮/ଆ·୨୮ ରୁ ୩୨)

ସମୀକ୍ଷକ:- ଟିକିଏ ବିଗ୍ଭରକରି ଦେଖିଲେ ଜଣାଯିବ ଯେ, ଏହା ହେଉଛି ସମ୍ପୂର୍ଣ୍ଣ ତାହାମିଛ କଥା । କାରଣ ମରିଥିବା ଲୋକ କବର ମଧ୍ୟରୁ କଦାପି ବାହାରି ପାରିବ ନାହିଁ ।

ଏମାନେ କେଉଁଆଡ଼େ ଯାଆନ୍ତି ନାହିଁ କି କାହାସହିତ କଥାବାର୍ତ୍ତା କରିପାରନ୍ତି ନାହିଁ । ଏହା ଅଜ୍ଞାନ ଲୋକର ଭ୍ରମ ଧାରଣାମାତ୍ର । ଯିଏ ମହା ଜଙ୍ଗଲୀ ହୋଇଥିବ ସେ ଏପରି କଥାକୁ ବିଶ୍ୱାସ କରିବ । ଯିଶୁ ଘୁଷୁରୀମାନଙ୍କୁ ହତ୍ୟାକଲେ ପୁଣି ଘୁଷୁରୀମାଲିକର କ୍ଷତି ହେବାରୁ ସେ ପାପଭାଗୀ ହେଲେ । ଯିଶୁ ପାପକୁ କ୍ଷମା କରନ୍ତି ପୁଣି ପାପୀଲୋକକୁ ପବିତ୍ର କରନ୍ତି ବୋଲି ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି । ତେବେ ସେ କାହିଁକି ସେହି ଭୂତାବିଷ୍ଟ ଲୋକଙ୍କୁ ପାପରୁ ମୁକ୍ତ କଲେ ନାହିଁ, ପୁଣି ଘୁଷୁରୀପାଳକର କ୍ଷତିପୂରଣ ନ କଲେ କାହିଁକି ? ଭଲ ଆଜିକାଲିର ସଭ୍ୟ ସୁଶିକ୍ଷିତ ଇଂରେଜ ଲୋକମାନେ ଏକଥାକୁ ମାନୁଥିବେ ? ଯଦି ମାନୁଥିବେ, ତେବେ ସେମାନେ ଭ୍ରମଜାଲରେ ପଡ଼ିଛନ୍ତି ବୋଲି ବିଶ୍ୱରିବାକୁ ହେବ ॥ ୭୨ ॥

୭୩- ଦେଖ, ଜଣେ ଅର୍ଦ୍ଧାଙ୍ଗବାତରୋଗୀ ଯିଏ କି ସର୍ବଦା ଖଟରେ ପଡ଼ି ରହୁଥିଲା ତାକୁ ଲୋକେ ଯିଶୁଙ୍କ ନିକଟକୁ ଆଣିଲେ । ତାର ଦୃଢ଼ ବିଶ୍ୱାସକୁ ଦେଖି ଯିଶୁ କହିଲେ---- ହେ ପୁତ୍ର ! ତୁ ଭରସା ରଖ । ତୋ ପାପକୁ କ୍ଷମାକରି ଦିଆଗଲା । ଧାର୍ମିକମାନଙ୍କପାଇଁ ନୁହେଁ, ମୁଁ ପାପୀମାନଙ୍କୁ ପଶ୍ଚାତ୍ତାପ କରିବାପାଇଁ ଆହ୍ୱାନ କରିବାକୁ ଆସିଛି ।

(ଇ.ମ.ପ.୯/ଆ.୨-୧୩)

ସମୀକ୍ଷକ:- ଏହା ମଧ୍ୟ ପୂର୍ବ କଥାପରି ଅସମ୍ଭବ । ପାପ କ୍ଷମାକରିବା କଥା କେବଳ ନିର୍ବୋଧ ଲୋକଙ୍କୁ ଭ୍ରମଜାଲରେ ପକାଇ ଠକିବା କଥା । ଯେପରି ଜଣେ ଗଞ୍ଜେଇ ଅଫିମ,ମଦ୍ୟ ପ୍ରଭୃତି ସେବନ କରିଥିଲେ ତାକୁ କେବଳ ନିଶା ଲାଗେ, ତାରନିଶା ଅନ୍ୟ ଜଣକୁ ଲାଗେ ନାହିଁ, ସେପରି ଜଣକରପାପ ଅନ୍ୟନିକଟକୁ ଯାଏ ନାହିଁ । ଯେ ପାପ ବା ପୁଣ୍ୟକରେ ତାର ଫଳ ସେ କେବଳ ଭୋଗକରେ । ଏହା ହେଉଛି **ଈଶ୍ୱରଙ୍କ** ନ୍ୟାୟ ବ୍ୟବସ୍ଥା । ଯଦି ଜଣକର ପାପ-ପୁଣ୍ୟର ଫଳକୁ ଅନ୍ୟଜଣେ ଭୋଗ କରିବ, ଅଥବା ନ୍ୟାୟାଧୀଶ ନିଜେ ନେଇଯିବେ, କିମ୍ବା କର୍ତ୍ତାକୁ ଉପଯୁକ୍ତ ଫଳ ଈଶ୍ୱର ଦେବେ ନାହିଁ, ତେବେ ସେ ଅନ୍ୟାୟକାରୀ ହୋଇଯିବେ । ଧର୍ମାତ୍ମା କିମ୍ବା ପାପୀ କାହାପାଇଁ ହେଲେ ଯିଶୁ ପ୍ରଭୃତିଙ୍କର ଆବଶ୍ୟକତା ନାହିଁ । ଧର୍ମ କେବଳ କଲ୍ୟାଣ କାରକ, ଯିଶୁ ବା ଅନ୍ୟ କେହି ତାହା ହୋଇପାରିବେ ନାହିଁ । କାରଣ ବିନା ଭୋଗରେ କାହାର ପାପ କେବେ ନଷ୍ଟ ହୁଏ ନାହିଁ ॥ ୭୩ ॥

୭୪- ଯିଶୁ ତାଙ୍କର ବାରଜଣ ଶିଷ୍ୟଙ୍କୁ ନିଜପାଖକୁ ଡାକି କହିଲେ- ତୁମ୍ଭେମାନେ ଯାଅ, ଅଶୁଦ୍ଧାତ୍ମା ଭୂତମାନଙ୍କୁ ବାହାର କରିଦିଅ । ସକଳ ପ୍ରକାର ରୋଗ ବ୍ୟାଧି ମଧ୍ୟ ଭଲକର । କିନ୍ତୁ ମନେରଖ---- କହିବା ଲୋକ ତୁମ୍ଭେ ନୁହଁ, କିନ୍ତୁ ତୁମ୍ଭ ପିତାଙ୍କର ଆତ୍ମା ଅନ୍ତରମଧ୍ୟରେ ରହି କହୁଛନ୍ତି । ତୁମ୍ଭେମାନେ ଜାଣିରଖ ଯେ---- ମୁଁ ପୃଥିବୀର ମେଳାପ କରିବା ଲୋକଙ୍କ ନିକଟକୁ ଆସିନାହିଁ । ଆସିଛି ଖଡ୍‌ଗଧାରୀଙ୍କ ପାଖକୁ । ମନୁଷ୍ୟକୁ ତାର ପିତା ପାଖରୁ,ଝିଅକୁ ତାର ମାଆ ପାଖରୁ,ଓ ବୋହୂକୁ ତାର ଶାଶୁ ପାଖରୁ ଅଲଗାକରିବାପାଇଁ ମୁଁ ଆସିଛି । ମନୁଷ୍ୟର ଘର ଲୋକ ହିଁ ତାର ଶତ୍ରୁ ହେବେ ।

(ଇ.ମ.ପ.୧୦/ଆ.୧-୨୦-୩୪-୩୫-୩୬)

ସମୀକ୍ଷକ:- ଏହିମାନେ ହିଁ ଯିଶୁଙ୍କର ଶିଷ୍ୟଥିଲେ । ଏମାନଙ୍କ ମଧ୍ୟରୁ ଜଣେ ଶିଷ୍ୟ ମାତ୍ର ତିରିଶଟଙ୍କା ଲୋଭରେ ଯିଶୁଙ୍କୁ ଧରାଇଦେଲେ ଏବଂ ଅନ୍ୟଶିଷ୍ୟମାନେ ଗୁରୁଙ୍କୁ ପରିତ୍ୟାଗକରି ଚାଲିଯାଇଥିଲେ । ଭୂତଲାଗିବା,ଭୂତଛଡ଼ାଇବା,ଔଷଧ ବ୍ୟତୀତ ଓ ବିନା ପଥ୍ୟାପଥ୍ୟ ବିଚାରରେ ରୋଗ ଭଲ କରିବା , ଏସବୁ ଯେପରି ବିଦ୍ୟା ବିରୁଦ୍ଧ ଓ ପ୍ରକୃତି ବିରୁଦ୍ଧ ସେହିପରି ଅସମ୍ଭବ ବ୍ୟାପାର ମଧ୍ୟ । ଅଜ୍ଞାନ ଲୋକମାନେହିଁ ଏସବୁକୁ ବିଶ୍ୱାସ କରନ୍ତି । ଜୀବ ଯଦି କିଛି କହେନାହିଁ, ଈଶ୍ୱର ଜୀବ ଦେହରେ ରହି କେବଳ କଥା କହନ୍ତି,ତେବେ ଜୀବ ଆଉ କି କାର୍ଯ୍ୟ କରେ ? ଯଦି ଏହାହୁଏ ତେବେ ସତ୍ୟ ବା ମିଥ୍ୟାଭାଷଣର ଫଳ ସୁଖ-ଦୁଃଖକୁ ଈଶ୍ୱରଙ୍କୁ ଭୋଗକରିବାକୁ ପଡ଼ିବ । ଏହା କଦାପି ସତ୍ୟ ହୋଇନପାରେ । ମନୁଷ୍ୟ ମାନଙ୍କ ମଧ୍ୟରେ ବିରୋଧ କରାଇବାପାଇଁ ଯିଶୁ ଆସିଥିଲେ, ତେଣୁ ଆଜିପର୍ଯ୍ୟନ୍ତ ସେହି କଳହ ମନୁଷ୍ୟମାନଙ୍କମଧ୍ୟରେ ଲାଗି ରହିଛି । ମନୁଷ୍ୟ ମନୁଷ୍ୟ ମଧ୍ୟରେ ଦ୍ୱନ୍ଦ୍ୱ,କଳହ,ବିରୋଧ ଲଗାଇବା ନିଶ୍ଚିତରୂପେ ମନ୍ଦକର୍ମ ତଥାପି ଇସାଇମାନେ ଏହାକୁ ଗୁରୁମନ୍ତ୍ର ବୋଲି ବିଚାର କରନ୍ତି । ଯିଶୁ ଯେତେବେଳେ ଏପରି ଅନର୍ଥ କରିଯାଉଛନ୍ତି,ତାଙ୍କର ଶିଷ୍ୟମାନେ ବା କାହିଁକି ସେପରି କାମ କରିବାପାଇଁ କୁଣ୍ଠାବୋଧ କରିବେ ? ଘରେ ଘରେ,ପିତାପୁତ୍ର ମଧ୍ୟରେ କଳହ ଲଗାଇବା ଯିଶୁଙ୍କୁ କେବଳ ଶୋଭାପାଏ । କିନ୍ତୁ ଏହା କଦାପି ବିବେକୀ ବ୍ୟକ୍ତିର କାର୍ଯ୍ୟନୁହେଁ ॥ ୭୪ ॥

୭୫- ତହୁଁ ଯିଶୁ ସେମାନଙ୍କୁ ପଚାରିଲେ---- ତୁମ୍ଭମାନଙ୍କ ନିକଟରେ କେତେଖଣ୍ଡ

ରୁଟି ଅଛି ? ସେମାନେ କହିଲେ ସାତଖଣ୍ଡ ମାତ୍ର ରୁଟି ଅଛି ଓ ଛୋଟ ଛୋଟ ମାଛ କିଛି ଅଛି । ତହୁଁ ଯିଶୁ ସେ ସମସ୍ତଙ୍କୁ ସେଠାରେ ବସିବାପାଇଁ କହିଲେ । ସେହି ସାତଖଣ୍ଡ ରୁଟି ଓ ମାଛକୁ ଧନ୍ୟବାଦ ଦେଇ ନେଲେ ଓ ରୁଟିକୁ ଖଣ୍ଡ ଖଣ୍ଡକରି ଶିଷ୍ୟମାନଙ୍କୁ ଦେଲେ । ଶିଷ୍ୟ[illegible]ନେ ଉପସ୍ଥିତ ସମସ୍ତ ଲୋକଙ୍କୁ ସେସବୁ ବାଣ୍ଟିଲେ । ସମସ୍ତେ ଖାଇ ତୃପ୍ତି ଅନୁଭବ କଲେ [illegible]ଯାହା ବଳକା ରହିଲା ତାକୁ ସାତୋଟି ଟୋକେଇରେ ଭର୍ତ୍ତିକଲେ । ଯେଉଁମାନେ [illegible] ସେମାନଙ୍କ ସଂଖ୍ୟା [illegible] ସ୍ତ୍ରୀ ମାନଙ୍କୁ ଛାଡ଼ି ଗୁରିହଜାର ଥିଲା ।

(ଇ.ମ.ପ.୧୫ । ଆ.୩୪ରୁ୩୮)

[illegible]କଃ- ଦେଖ, ଏସବୁ ଆଜି[illegible]ର ଇନ୍ଦ୍ରଜାଲିକର ଚମତ୍କାରିକ ଚକ୍ଷୁବନ୍ଧନ ନୁହେଁ [illegible] ରୁଟିମଧ୍ୟକୁ ଏତେ[illegible] କୁଆଡୁ ? ଯଦି ଯିଶୁଙ୍କର ପ୍ରକୃତରେ ଏପରି [illegible]ଥିଲା, ତେବେ ସେ [illegible]ଉପାସରେ ରହି ଡିମ୍ବିରିଫଳ ଖାଇବାପାଇଁ [illegible] କାହିଁକି ? ନିଜପାଇଁ [illegible] ପାଣି ଓ ପଥରରୁ ମୋହନଭୋଗ ତିଆରି [illegible]ଆନ୍ତେ । ଏସବୁ କେବଳ [illegible]ର ଖେଳପରି କଥା । ଯେପରି କେତେକ [illegible]ପରି ଉପାୟରେ ସରଳ ଲୋକଙ୍କୁ ଠକିଥାନ୍ତି, ଏହା ଠିକ୍ ସେହିପରି କଥା ।୭୫।

୭୬- ପୁଣି ସେ ପ୍ରତ୍ୟେକ ଲୋକଙ୍କୁ ତାଙ୍କ କାର୍ଯ୍ୟ ଅନୁସାରେ ଫଳ ଦେଇଥାନ୍ତି ।

(ଇ.ମ.ପ.୧୬ଆ.୨୭)

ସମୀକ୍ଷକଃ- ଯଦି ଯିଶୁ କର୍ମାନୁସାରେ ଫଳ ଦିଅନ୍ତି, ତେବେ ତାଙ୍କର ପାପ କ୍ଷମାକରିବା କଥା ବୃଥା । ଯଦି ପାପର କ୍ଷମା ଅଛି, ତେବେ କର୍ମାନୁସାରେ ଫଳପ୍ରଦାନ କରିବା ମିଥ୍ୟା ହେବ । ଯଦି କେହିକହେ, ଯାହା କ୍ଷମାଯୋଗ୍ୟ ତାକୁ କ୍ଷମା ଦିଆଯାଉଛି କିନ୍ତୁ ଯାହା କ୍ଷମାର ଅଯୋଗ୍ୟ ତାକୁ କ୍ଷମା ଦିଆଯାଉନାହିଁ, ଏହାମଧ୍ୟ ଠିକ୍ ନୁହେଁ । କାରଣ ସମସ୍ତ କର୍ମର ଫଳ ଯଥାଯୋଗ୍ୟ ଦିଆଯିବା ହେଉଛି ନ୍ୟାୟ ଓ ଏହାହିଁ ପୂର୍ଣ୍ଣଦୟା ।୭୬।

୭୭- ହେ ଅବିଶ୍ୱାସୀ ଅଭିମାନୀ ଲୋକମାନେ ! ମୁଁ ତୁମ୍ଭଙ୍କୁ ସତ୍ୟକଥା କହୁଛି ! ଯଦି ତୁମ୍ଭମାନଙ୍କର ତିଳେମାତ୍ର ବିଶ୍ୱାସ ଥାଆନ୍ତା, ତେବେ ତୁମେ ଏହିପାହାଡ଼କୁ ଘୁଞ୍ଚିଯା କହିଲେ ସେ ନିଶ୍ଚୟ ଘୁଞ୍ଚି ଯାଆନ୍ତା । ଏପରି କୌଣସି କାର୍ଯ୍ୟ ତୁମ୍ଭପକ୍ଷରେ ଅସାଧ୍ୟ ହେବନାହିଁ ।

(ଇ.ମ.ପ.୧୭। ଆ୧୭।୨୦)

ସମୀକ୍ଷକଃ- ଇସାଇମାନେ ବୁଲିବୁଲି ଉପଦେଶ ଦେଉଛନ୍ତି ଯେ .... ଆସ, ଆମ୍ଭଧର୍ମ ଗ୍ରହଣ କର,ତୁମ ପାପକୁ କ୍ଷମା ଦିଆଯିବ, ତୁମେ ମୁକ୍ତି ପାଇଯିବ, ଏସବୁ ହେଉଛି ମିଥ୍ୟା ! ଯଦି ଯିଶୁଙ୍କଠାରେ ପାପ ଛଡ଼ାଇବା, ବିଶ୍ୱାସ ସୃଷ୍ଟି କରିବା ଓ ପବିତ୍ର କରିବାର ସାମର୍ଥ୍ୟ ଥାଆନ୍ତା, ତେବେ ସେ ନିଜ ଶିଷ୍ୟମାନଙ୍କ ଆତ୍ମାକୁ ନିଷ୍ପାପ,ବିଶ୍ୱାସୀ ଓ ପବିତ୍ର କରିଦେଇଥାନ୍ତେ । ତାଙ୍କ ସହିତ ବୁଲୁଥିବା ଶିଷ୍ୟମାନଙ୍କୁ ସେ ଯଦି ଶୁଦ୍ଧ,ବିଶ୍ୱାସୀ ଓ କଲ୍ୟାଣ କରିପାରି ନାହାନ୍ତି,ତେବେ ତାଙ୍କ ମୃତ୍ୟୁପରେ ଏସବୁ ସମ୍ଭବ ହେବ କିପରି? ଏ ସମୟରେ ସେ କାହାକୁ ପବିତ୍ର କରିପାରିବେ ନାହିଁ । ଯେଉଁ ଶିଷ୍ୟମାନଙ୍କ ଠାରେ ଯିଶୁଙ୍କର ତିଳେମାତ୍ର ବିଶ୍ୱାସ ନଥିଲା, ତାଙ୍କ ଲିଖିତ ବାଇବେଲ୍ ଗ୍ରନ୍ଥ କଦାପି ପ୍ରାମାଣିକ ଗ୍ରନ୍ଥ ହୋଇ ନପାରେ । କାରଣ ଯେଉଁଥିରେ ଅବିଶ୍ୱାସୀ, ଅପବିତ୍ରାତ୍ମା ଓ ଅଧର୍ମୀ ଲୋକଙ୍କ କଥା ଲେଖାଯାଇଛି, ତାହାକୁ କୌଣସି ମଙ୍ଗଳାକାଂକ୍ଷୀ ଲୋକ ବିଶ୍ୱାସ କରିବା ଉଚିତ ନୁହେଁ । ଏଥିରୁ ଏହାମଧ୍ୟ ପ୍ରମାଣିତ ହେଉଛି ଯେ ଯଦି ଏହିଲେଖା ସତ୍ୟ ହୋଇଥାଏ, ତେବେ ଯିଶୁଙ୍କୁ ଲୋକେ ସୋରିଷ ପ୍ରମାଣେ ମଧ୍ୟ ବିଶ୍ୱାସ କରୁନଥିଲେ ବା ସମ୍ମାନ ମଧ୍ୟ ଦେଉ ନଥିଲେ । ଯଦି କେହି କହେକି ଆମର ପୂର୍ଣ୍ଣବା କିଛିଟା ବିଶ୍ୱାସ ଅଛି ତେବେ ତାକୁ ଏହି ପାହାଡ଼କୁ ଘୁଞ୍ଚାଇ ଦେବାପାଇଁ କୁହାଯାଉ । ଯଦି କହିବାଦ୍ୱାରା ପାହାଡ଼ ଘୁଞ୍ଚିଯାଏ,ତେବେ ହୁଏତ ପୁରା ନୁହେଁ ସୋରିଷଟାଏ ଭଳି ବିଶ୍ୱାସ କରାଯାଇପାରେ । ଯଦି ପାହାଡ଼ ନ ଘୁଞ୍ଚେ ତେବେ ଏକ ବୁନ୍ଦା ବିଶ୍ୱାସ ସମ୍ମାନ ଅର୍ଥାତ୍ ଧର୍ମ ଇସାଇମାନଙ୍କ ନାହିଁ ବୋଲି ବୁଝିବାକୁ ହେବ । ଯଦି ଏଠାରେ କେହି ଅର୍ଥକରେ ଯେ ଅଭିମାନ ପ୍ରକୃତି ଦୋଷର ନାମ ପାହାଡ଼ ତେବେ ବୁଝା ତାହା ଠିକ୍ ନୁହେଁ । କାରଣ ମୃତ, ଅନ୍ଧ, କୁଷ୍ଠରୋଗୀ, ଭୂତଗ୍ରସ୍ତ ଯାହା କୁହାଯାଇଛି ସେସବୁର ମଧ୍ୟ ଆଳଙ୍କାରିକ ଅର୍ଥ ଗ୍ରହଣ କରିବାକୁ ହେବ । ଅର୍ଥାତ୍ ଉକ୍ତପଦରେ ଅଳସୁଆ ଲୋକର ଆଳସ୍ୟ ଦୂର କରିବା, ଅନ୍ଧ ଲୋକର ଚକ୍ଷୁ ଭଲ କରିବା,ଅଜ୍ଞାନ ଲୋକର ଅଜ୍ଞାନାନ୍ଧକାର ଦୂର କରିବା, କାମୁକର କାମୁକତା, ଏବଂ କୁସଂସ୍କାର ଦୂର କରିବା ଇତ୍ୟାଦି ବୁଝିବାକୁ ହେବ । ଏହି ଅର୍ଥ ମଧ୍ୟ ଠିକ୍ ନୁହେଁ, କାରଣ ଯଦି ତାହା ଠିକ୍ ହୋଇଥାନ୍ତା,ତେବେ ଯିଶୁ ନିଜ ଶିଷ୍ୟମାନଙ୍କୁ କାହିଁକି ସୁଧାରି ପାରି ନ ଥାନ୍ତେ ? ଏଣୁ ଏପରି ଅସମ୍ଭବ କଥାମାନ କହି ଯିଶୁ କେବଳ ନିଜର ଅଜ୍ଞାନତା ପ୍ରକାଶ

କରିଛନ୍ତି । ଯଦି ଯିଶୁଙ୍କର ଜ୍ଞାନ ଥାଆନ୍ତା, ତେବେ ଅସଭ୍ୟ ବନ୍ୟ ଲୋକଙ୍କପରି ଏହା ସେ କହି ନ ଥାନ୍ତେ । ସେ ଯାହାହେଉ " ନିରସ୍ତ ପାଦପେ ଦେଶେ ଏରଣ୍ଡୋପି ଦ୍ରୁମାୟତେ " ଯେଉଁ ଦେଶରେ କୌଣସି ବୃକ୍ଷ ନାହିଁ ସେହି ଦେଶରେ ଗବଗଛହିଁ ବୃହଦ୍ ବୃକ୍ଷରୂପେ ପରିଗଣିତ ହୋଇଯାଏ । ସେହିପରି ସେ କାଳର ବନ୍ୟ ପ୍ରଦେଶରେ ଏକାନ୍ତ ଅବିଦ୍ୟ ସମାଜରେ ଯିଶୁ କେବଳ ମହାବିଦ୍ୱାନ୍‌ରୂପେ ପରିଗଣିତ ହେଉଥିଲେ । କିନ୍ତୁ ବର୍ତ୍ତମାନ ସଭ୍ୟ ଦେଶରେ ପଣ୍ଡିତ ସମାଜରେ ତାଙ୍କର କୌଣସି ମୂଲ୍ୟ ନାହିଁ ॥ ୭୭ ॥

୭୮- ମୁଁ ତୁମକୁ ସତ କହୁଛି, ଯଦି ତୁମେ ମନକୁ ବଦଳାଇବ ନାହିଁ, ଓ ବାଳକପରି ହେବ ନାହିଁ, ତେବେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରିବ ନାହିଁ । (ଇ·ମ·ପ·୧୮/ଆ·୩)

ସମୀକ୍ଷକ:- ଯଦି ନିଜ ଇଚ୍ଛାରେ ମନକୁ ବଦଳାଇବା ସ୍ୱର୍ଗର କାରଣ ନ ବଦଳାଇବା ନରକର କାରଣ ହୋଇପାରେ,ତେବେ କେହି କେବେ କାହାର ପାପପୁଣ୍ୟ ନେଇପାରିବ ନାହିଁ, ଏହା ପ୍ରମାଣିତ ହେଉଛି । ପୁଣି ବାଳକ ସମାନ ହେବା ଲେଖାରୁ ଜଣାଯାଉଛି ଯେ ଯିଶୁଙ୍କ କଥା ବିଦ୍ୟା ଓ ସୃଷ୍ଟିକ୍ରମର ନିୟମବିରୁଦ୍ଧ,ପୁଣି ସେ ଚାହୁଁଥିଲେ ଯେ କେହି କୌଣସି ପ୍ରଶ୍ନ ନପଚାରି ବା ବିତଣ୍ଡା ନ କରି ତାଙ୍କ କଥାକୁ ପିଲାଙ୍କପରି ମାନି ନିଅନ୍ତୁ । ଅନେକ ଇସାଇ ଲୋକ ବାଳକ ବୁଦ୍ଧିରେ ଅନ୍ଧପରି ବିଶ୍ୱାସ କରୁଥିଲେ, ନତୁବା ସେମାନେ ଏପରି ଯୁକ୍ତି ବିରୁଦ୍ଧ ବା ବିଜ୍ଞାନ ବହିର୍ଗତ କଥାକୁ ମାନୁ ନ ଥାନ୍ତେ । ପୁଣି ଯିଶୁ ଯଦି ନିଜେ ବିଦ୍ୟାହୀନ ଓ ବାଳକବୁଦ୍ଧିପରି ହୋଇ ନ ଥାନ୍ତେ ତେବେ ଅନ୍ୟମାନଙ୍କୁ ବାଳକମାନଙ୍କପରି କରିବାପାଇଁ ଉପଦେଶ ଦେଇନଥାନ୍ତେ । ଯିଏ ଯେଉଁପରି ସେ ଅନ୍ୟକୁ ମଧ୍ୟ ସେହିପରି କରିବାକୁ ଚାହେଁ । ୭୮ ।

୭୯- ମୁଁ ତୁମ୍ଭମାନଙ୍କୁ ସତ କହୁଛି.... ଧନବାନ୍ ଲୋକର ସ୍ୱର୍ଗପ୍ରାପ୍ତି ଅତ୍ୟନ୍ତ କଠିନ । କୌଣସି ଧନବାନ୍ ଲୋକର ସ୍ୱର୍ଗରାଜ୍ୟରେ ପ୍ରବେଶ କରିବା ଅପେକ୍ଷା ଛୁଞ୍ଚିମୁହଁରେ ଓଟ ଗଳିଯିବା ବରଂ ସହଜ ।

(ଇ·ମ·ପ·୧୯/ଆ·୨୩-୨୪)

ସମୀକ୍ଷକ:- ଏଥିରୁ ଅନୁମିତ ହେଉଛି ଯେ ଯିଶୁ ଜଣେ ଦରିଦ୍ର ବ୍ୟକ୍ତି ଥିଲେ । ଧନବାନ୍ ଲୋକଙ୍କ ନିକଟରୁ ଆଦର ଗୌରବ ପାଉ ନ ଥିଲେ, ତେଣୁ ଏପରି କଥା କହିଥିବେ ।

କିନ୍ତୁ ତାଙ୍କର ଏକଥା ମଧ୍ୟ ଠିକ୍ ନୁହେଁ । କାରଣ ଧନୀ ଓ ଦରିଦ୍ର ଉଭୟଙ୍କ ମଧ୍ୟରେ ଧାର୍ମିକ ଓ ଅଧାର୍ମିକ ଲୋକ ଅଛନ୍ତି । ଯେ କୌଣସି ଧନୀ ହେଉ ବା ଦରିଦ୍ର ହେଉ ଯେ ଭଲ କାମ କରେ ସେ ଭଲଫଳ ଓ ଯେ ମନ୍ଦକାମକରେ ସେ ମନ୍ଦଫଳ ଲାଭକରେ । ଆହୁରି ଜଣା ପଡୁଛି ଯେ ଯିଶୁ କୌଣସି ଏକଦେଶକୁ ଈଶ୍ୱରଙ୍କ ରାଜ୍ୟ ବୋଲି ମାନୁଥିଲେ, ସବୁ କ୍ଷେତ୍ରକୁ ଈଶ୍ୱରଙ୍କ ସ୍ଥାନ ବୋଲି ସେ ମନେ କରୁ ନ ଥିଲେ । ଏପରି ଏକଦେଶୀ କେବେ ଈଶ୍ୱର ହେଇପାରିବେ ନାହିଁ । ଈଶ୍ୱରଙ୍କ ରାଜ୍ୟ ସର୍ବତ୍ର ବିଦ୍ୟମାନ । ତେଣୁ ତାଙ୍କ ରାଜ୍ୟରେ ପ୍ରବେଶ କରିବା ବା ନ କରିବା ଏପରି କଥା କହିବା କେବଳ ମୂର୍ଖତା । ତେବେ ଯେତେ ଇସାଇ ଧନୀ ଅଛନ୍ତି ସେମାନେ ସମସ୍ତେ କଣ ନରକକୁ ଯାଉଥିବେ ? ପୁଣି ସମସ୍ତ ଦରିଦ୍ର ସ୍ୱର୍ଗକୁ ଯାଉଥିବେ ? ଯିଶୁଙ୍କର ବିଚାର କରିବାର ଥିଲା ଧନୀ ଲୋକଙ୍କ ନିକଟରେ ଯେତେ ପଦାର୍ଥ ଥାଏ, ଦରିଦ୍ର ଲୋକଙ୍କ ନିକଟରେ ସେତେ ନ ଥାଏ । ସେହି ପଦାର୍ଥକୁ ଧନୀ ଧର୍ମମାର୍ଗରେ ବ୍ୟୟ କଲେ ସଦ୍‌ଗତି ଲାଭ କରିପାରେ, କିନ୍ତୁ ଦରିଦ୍ର ଲୋକ ଭାଗ୍ୟରେ ସେ ସୁବିଧା କଷ୍ଟକର ହୋଇପଡ଼େ ॥ ୭୯ ॥

୮୦- ଯିଶୁ କହିଲେ, ମୁଁ ତୁମ୍ଭମାନଙ୍କୁ ସତ କହୁଛି.... ନୂତନ ସୃଷ୍ଟିରେ ମନୁଷ୍ୟପୁତ୍ର ଯେତେବେଳେ ନିଜର ଐଶ୍ୱର୍ଯ୍ୟ ସିଂହାସନରେ ବସିବ, ସେତେବେଳେ ତୁମ୍ଭେ ଯେଉଁ ବାରଜଣ ମୋପଛରେ ରହିଛ, ତୁମ୍ଭେମାନେ ମଧ୍ୟ ବାରଗୋଟି ସିଂହାସନ ଉପରେ ବସି ଇସ୍ରାଏଲର ବାର କୁଳରେ ନ୍ୟାୟ ବିଚାର କରିବ । ପୁଣି ଯେଉଁମାନେ ମୋ ନାମଧରି ଘର-ଦ୍ୱାର, ଭାଇ ଭଉଣୀ, ପିତା-ମାତା,ସ୍ତ୍ରୀ-ପୁଅ-ଝିଅ ଭୂମି ଆଦି ତ୍ୟାଗ କରିଛ,ସେମାନେ ତାହାର ଶହଶହ ଗୁଣା ଲାଭକରି, ଅନନ୍ତ ଜୀବନର ଅଧିକାରୀ ହେବ ।

(ଇ·ମ·ପ·୧୯/ଆ·୨୮-୨୯)

ସମୀକ୍ଷକ:- ଏବେ ଯିଶୁଙ୍କ ଭିତିରି ଲୀଳା ଦେଖନ୍ତୁ । ତାଙ୍କର ଉଦ୍ଦେଶ୍ୟ ଥିଲା ଯେ, ସେ ମରିଯିବା ପରେ ମଧ୍ୟ ଲୋକେ ତାଙ୍କ ଫାନ୍ଦରୁ ଯେପରି ଆଉ ମୁକୁଳିପାରିବେ ନାହିଁ । ଯେଉଁମାନେ ତିରିଶଟଙ୍କା ଲୋଭରେ ନିଜଗୁରୁଙ୍କୁ ଧରାଇ ମରାଇ ଦେଇଥିଲେ, ସେ ଭଳିପାପୀ ସିଂହାସନରେ ବସିବେ । ଇସ୍ରାଏଲ୍ କୁଳପ୍ରତି ପକ୍ଷପାତ ଥିବା ଯୋଗୁଁ ସେମାନଙ୍କ ପାପ କ୍ଷମା କରାଯିବ, କିନ୍ତୁ ସେହି ବାରଜଣ ବିଚାରପତି ଅନ୍ୟଲୋକମାନଙ୍କର ଦୋଷଗୁଣ

କେବଳ ବିଗ୍ଭର କରିବେ । ଏହାମଧ୍ୟ ଥିଲା ଯିଶୁଙ୍କର ଉଦ୍ଦେଶ୍ୟ । ଏହିକାରଣରୁ ବୋଧେ ଈସାଈମାନେ ନିଜ ଧର୍ମର ଲୋକଙ୍କପ୍ରତି ପକ୍ଷପାତ କରିଥାନ୍ତି । ଯେପରି କୌଣସି ଗୋରା ଲୋକ କଳା ଲୋକକୁ ମାରିଦେଲେ ମଧ୍ୟ ସେ ନିର୍ଦ୍ଦୋଷ ହୋଇ ଦଣ୍ଡରୁ ମୁକ୍ତି ପାଇଯାଏ । ଯିଶୁଙ୍କର ସ୍ୱର୍ଗରାଜ୍ୟରେ ମଧ୍ୟ ଏହିପରି ବିଗ୍ଭର ଚ୍ଛଳିଥିବ । ଗୋଟିଏ ଦିନ ସମସ୍ତଙ୍କର ବିଗ୍ଭରହେବା ବଡ଼ ଅନ୍ୟାୟ । ଯେଣୁ କୌଣସି ବ୍ୟକ୍ତି ସୃଷ୍ଟି ପ୍ରାରମ୍ଭରେ ମରିଥାଏ ତ କେହି ବିଗ୍ଭର ଦିବସର ଅବ୍ୟବହିତ ପୂର୍ବରୁ ମରେ । ଏଠାରେ ପ୍ରଥମରୁ ମରିଥିବା ଲୋକକୁ ବିଗ୍ଭର ଅପେକ୍ଷାରେ ବହୁକାଳ ଜଗି ରହିବାକୁ ହୁଏ । କିନ୍ତୁ ଶେଷରେ ମରିଥିବା ଲୋକର ବିଗ୍ଭର ତୁରନ୍ତ ହୋଇଯାଏ । ଯେଉଁମାନେ ନରକକୁ ଯାଆନ୍ତି ସେମାନେ ଅନନ୍ତକାଳ ନରକ ଭୋଗ କରନ୍ତି । କିନ୍ତୁ ଯେଉଁମାନେ ସ୍ୱର୍ଗକୁ ଯାଆନ୍ତି ସେମାନେ ସର୍ବଦା ସ୍ୱର୍ଗ ଭୋଗ କରନ୍ତି । ଏହା ମଧ୍ୟ ବଡ଼ ଅନ୍ୟାୟ କଥା । ଏପରି ନ ହୋଇ ଶେଷ ବ୍ୟକ୍ତିର ସାଧନ ଓ କର୍ମଫଳ ଶେଷପର୍ଯ୍ୟନ୍ତ ରହିବା ଉଚିତ । (ଏହାର ଆଶୟ ହେଉଛି କୟାମତ୍ ବା ପ୍ରଳୟ ସମୟରେ ସ୍ୱର୍ଗ ଓ ନରକ ସବୁ ପ୍ରଳୟ ହୋଇଯାଏ) ଏଣୁ ସୃଷ୍ଟିର ଆଦ୍ୟସମୟରେ ପାପକରି ନରକକୁ ଯାଇ ଜୀବ ଯେତେଦିନ ଦୁଃଖ ଭୋଗ କରିବ,ଠିକ୍ ସେହି ପାପ ପ୍ରଳୟର କିଛି ସମୟ ଆଗରୁ ନରକକୁ ଯାଇ ଜୀବ ଅଳ୍ପଦିନ ଦୁଃଖ ଭୋଗ କରିବ । ଏହା କଦାପି ଯଥାର୍ଥ ନ୍ୟାୟ ନୁହେଁ ସମାନ ପାପ ବା ସମାନ ପୁଣ୍ୟ ଦୁଇଟି ଜୀବର ହୋଇପାରେ ନାହିଁ । ଏଣୁ ତାରତମ୍ୟ ଦୃଷ୍ଟିରୁ ଅଧିକ ଓ ଅଳ୍ପ ସୁଖ-ଦୁଃଖ ବାଲା ଅନେକ ସ୍ୱର୍ଗ ଓ ନରକ ହେଲେ ମଧ୍ୟ ସୁଖ-ଦୁଃଖ ଭୋଗିପାରନ୍ତି । ଏଥିପାଇଁ ଈସାଇମାନଙ୍କ ପୁସ୍ତକରେ କୌଣସି ପ୍ରକାର ବ୍ୟବସ୍ଥା ନାହିଁ । ଏଣୁ ଏ ପୁସ୍ତକ ଈଶ୍ୱରକୃତ ନୁହେଁ ବା ଯିଶୁ ଈଶ୍ୱରଙ୍କ ସନ୍ତାନ ନୁହନ୍ତି । ଏହା ବଡ଼ ଅନର୍ଥର କଥା ଯେ କଦାପି କାହାର ମା-ବାପା ଶହ ଶହ ହୋଇ ନ ପାରନ୍ତି । ଜଣକର ଜଣେ ମାତ୍ର ମାଆ ଓ ଜଣେ ମାତ୍ର ବାପ । କିନ୍ତୁ ବାଇବେଲ୍‌ରେ ଲେଖା ଅଛି ଯେ ଏବେ ଜଣକୁ ତ୍ୟାଗକଲେ ପରେ ଶହେଟି ପାଇବ । ଏହିକଥାକୁ ଆଧାରକରି ମୁସଲମାନ୍ ମତରେ ସ୍ୱର୍ଗରେ ଜଣକୁ ବାସ୍ତରି ସ୍ତ୍ରୀ ମିଳେ ବୋଲି ସମ୍ଭବତଃ ଲେଖାଯାଇଛି ।। ୮୦ ।।

୮୧- ଭୋର ସମୟରେ ସେ ନଗରକୁ ଫେରି ଯାଉଥିବାବେଳେ ତାଙ୍କୁ ଭୋକ

ଲାଗିଲା । ରାସ୍ତାରେ ଗୋଟାଏ ଉଦୁମ୍ବର ବୃକ୍ଷ ଦେଖି ତା ନିକଟକୁ ଗଲେ । କିନ୍ତୁ ଦେଖିଲେ ସେହି ଗଛରେ ଫଳ ମୋଟେ ନ ଥିଲା, କେବଳ ପତ୍ର ମାତ୍ର ଥିଲା । ତାପରେ ଗଛକୁ କହିଲେ— ତୋ ଦେହରେ ଆଉ କେବେ ଫଳ ଆସିବ ନାହିଁ । ତାପରେ ଶୀଘ୍ର ସେହି ଗଛଟି ମରିଗଲା ।
(ଇ-ମ-ପ-୨୧/ଆ-୧୮-୧୯)

ସମୀକ୍ଷକ:- ପ୍ରତ୍ୟେକପାଦ୍ରୀ ଓ ଈସାଇମାନେ କହନ୍ତି ଯେ ଯିଶୁ ବଡ଼ ଶାନ୍ତ, କ୍ଷମାଶୀଳ ଓ କ୍ରୋଧାଦି ଦୋଷରହିତ । କିନ୍ତୁ ଏ ଘଟଣାରୁ ଜଣା ପଡୁଛି ଯେ ଅତ୍ୟନ୍ତ କ୍ରୋଧୀ,ଋତୁଜ୍ଞାନ ରହିତଥିଲେ ଓ ଜଙ୍ଗଲୀ ଲୋକଙ୍କ ଭଳି ଜୀବନ ନିର୍ବାହ କରୁଥିଲେ । ଆଚ୍ଛାକଥା ! ଗଛ ତ ଜଡ଼ ପଦାର୍ଥ, ତାର ଏପରି କି ଦୋଷ ହେଲା ଯେ ତାକୁ ଶାପ ଦେଲେ, ଫଳରେ ଗଛଟି ଶୁଖିଗଲା । ଅବଶ୍ୟ ତାଙ୍କ ଶାପଦ୍ୱାରା ଗଛଟି ଶୁଖି ନ ଥିବ, ତାମୂଳରେ କୌଣସି ନା କୌଣସି ଔଷଧ ପ୍ରୟୋଗ କରି ଏପରି କରାଯାଇଥିବ ।। ୮୧ ।।

୮୨- ସେ ଦିନର କ୍ଲେଶପରେ ତୁରନ୍ତ ସୂର୍ଯ୍ୟ ଅନ୍ଧକାର କରିଦେବ, ଚନ୍ଦ୍ର ତାର କିରଣ ଦେବନାହିଁ, ତାରାଗଣ ଆକାଶରୁ ଖସି ପଡ଼ିବେ ଓ ଆକାଶର ସେନା ଟଳିପଡ଼ିବେ ।
(ଇ-ମ-ପ-୨୪/ଆ-୨୯)

ସମୀକ୍ଷକ:- ଆକାଶର ତାରାଗଣ ତଳେ ପଡ଼ିଯିବା କଥା ଯିଶୁ କେଉଁ ବିଜ୍ଞାନ ଶାସ୍ତ୍ରରୁ ଶିଖିଲେ ? ଆକାଶର ସେନା ପୁଣି କିଏ ଯେ ସେ ଟଳିଯିବ ? ଯେ ଯଦି ପାଠ ପଢ଼ିଥାନ୍ତେ ତେବେ ଜାଣିଥାନ୍ତେ ସେହିତାରାଗଣ ହେଉଛନ୍ତି ଗୋଟିଏ ଗୋଟିଏ ଭୂଗୋଳ । ଏମାନେ କିପରି ଖସି ପଡ଼ିବେ ? ଯେତେଦୂର ସମ୍ଭବ ଯିଶୁ ବଢ଼େଇ ଘରେ ଜନ୍ମିଥିଲେ, ପୁଣି କାଠ ଚିରିବା, କାଟିବା ଓ ଯୋଡ଼ିବାକାର୍ଯ୍ୟ କରୁଥିଲେ । ତାଙ୍କ ମନରେ ବିଗ୍ଭର ଆସିଲା ଯେ ମୁଁ ଏହି ଜଙ୍ଗଲୀ ଦେଶରେ ଜଣେ ପ୍ରଚାରକ ହୋଇ ଉପଦେଶ ଦେବି । ତାଙ୍କ ମୁହଁରୁ ଅବଶ୍ୟ କେତେକ ଭଲକଥା ବାହାରିଲା କିନ୍ତୁ ଅନେକ ଖରାପ କଥା ବାହାରିଲା । ସେତେବେଳେ ସେହି ଲୋକମାନେ ଶିକ୍ଷିତ ନ ଥିବାରୁ ତାଙ୍କ କଥାକୁ ବିଶ୍ୱାସ କଲେ । ୟୁରୋପ ଆଜିକାଲି ଯେପରି ଉନ୍ନତ ହୋଇଛି, ସେତେବେଳେ ଯଦି ସେହିପରି ଥାଆନ୍ତା, ତେବେ ଯିଶୁଙ୍କ ସିଦ୍ଧାନ୍ତକୁ କେହି ଗ୍ରହଣ କରି ନ ଥାନ୍ତେ । ଏବେ ଅବଶ୍ୟ ସେମାନେ ବିଦ୍ୱାନ୍ ହେଲେଣି,କିନ୍ତୁ ବ୍ୟବହାରରେ ଅଭ୍ୟାସ ଓ ଜିଦ୍ ଯୋଗୁଁ ସେହି ମିଥ୍ୟାମତକୁ ଛାଡିପାରୁ ନାହାନ୍ତି କିମ୍ବା

ବେଦର ସତ୍ୟମାର୍ଗପ୍ରତି ଆକୃଷ୍ଟ ହୋଇପାରୁ ନାହାନ୍ତି । ଏହାହିଁ ହେଉଛି ସେମାନଙ୍କର ଦୁର୍ବଳତା ॥ ୮୨ ॥

୮୩- ଆକାଶ ଓ ପୃଥିବୀ ଟଳିଯିବ, କିନ୍ତୁ ଆମ୍ଭ କଥା କେବେ ଅନ୍ୟଥା ହେବ ନାହିଁ ।

(ଇ·ମ·ପ·୨୪/ଆ·୩୫)

ସମୀକ୍ଷକ:- ଏହା ମଧ୍ୟ ଅବିଦ୍ୟା ଓ ମୂର୍ଖତାର ବିଷୟ । ଭଲା ! ଆକାଶ ଯଦି ଟଳିଯିବ ତେବେ କେଉଁ ଦିଗକୁ ଯିବ ? ଯେଣୁ ଆକାଶ ଅତି ସୂକ୍ଷ୍ମ ହୋଇଥିବାରୁ ଆଖିରେ ଦେଖାଯାଏ ନାହିଁ, ଏଣୁ ତାର ଟଳନ ଦେଖିବ କିଏ ? ନିଜ ମୁହଁରେ ନିଜର ବଡ଼େଇ କରିବା ବିଦ୍ୱାନ୍ ଲୋକଙ୍କ କାମ ନୁହେଁ ॥ ୮୩ ॥

୮୪- ସେ ବାମପାଖରେ ଥିବା ଲୋକମାନଙ୍କୁ କହିବେ ହେ ଅଭିଶପ୍ତମନୁଷ୍ୟମାନେ ! ମୋ ନିକଟରୁ ଯାଅ, ସେହି ଅନନ୍ତ ଅଗ୍ନିରେ ଯାଇପଡ଼ । ଯାହାକି ସଇତାନ୍ ଓ ତାହାର ଦୂତମାନଙ୍କପାଇଁ ତିଆରି କରାଯାଇଥିଲା ।

(ଇ·ମ·ପ·୨୫/ଆ·୪୧)

ସମୀକ୍ଷକ:- ସତରେ ଏହା କେତେ ପକ୍ଷପାତ କଥା । ଯେଉଁମାନେ ନିଜର ଶିଷ୍ୟ ସେମାନଙ୍କୁ ସ୍ୱର୍ଗ, ପୁଣି ଅନ୍ୟମାନଙ୍କୁ ଅନନ୍ତ ଅଗ୍ନି ମିଳିବ । ଆକାଶ ରହିବ ନାହିଁ ବୋଲିତ ଲେଖାଯାଇଛି, ତେବେ ଅନନ୍ତ ଅଗ୍ନି ନରକ ଓ ସ୍ୱର୍ଗ ରହିବ କେଉଠି ? ଈଶ୍ୱର ଯଦି ସଇତାନ୍ ଓ ତାହାର ଦୂତମାନଙ୍କୁ ସୃଷ୍ଟି କରି ନ ଥାନ୍ତେ, ତେବେ ତାଙ୍କୁ ଅନନ୍ତ ନରକର ଆୟୋଜନ କରିବାକୁ ପଡିନଥାନ୍ତା ! ଜଣେ ସଇତାନ୍ ଯଦି ଈଶ୍ୱରଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଲା ତେବେ ସେ କିପରି ଈଶ୍ୱର ? ସେହି ସଇତାନ୍ ପ୍ରଥମେ ଈଶ୍ୱରଙ୍କ ଦୂତ ଥିଲା, ସେ ପରେ ସେପରି ତାଙ୍କ ସହିତ ବିଦ୍ରୋହୀ ହେଲା ? ତେବେ ଈଶ୍ୱର ତାହାକୁ ବନ୍ଦୀ ନକରି କିମ୍ବା ତାକୁ ନ ମାରି ଛାଡିଦେଲେ କାହିଁକି ? ତେବେ ତାଙ୍କର ଈଶ୍ୱର ପଣିଆ ଆଉ ରହିଲା କେଉଠୁ ? ସଇତାନ୍ ଚାଳିଶି ଦିନ ପର୍ଯ୍ୟନ୍ତ ଯିଶୁଙ୍କୁ ଦୁଃଖଦେଲା ଅଥଚ ଯିଶୁ ତାର କିଛି କରିପାରିଲେ ନାହିଁ, ତେବେ ଈଶ୍ୱରପୁତ୍ର ବୋଲି ବାହାବାଃ ନେବା କି ଆବଶ୍ୟକ ? ଏଣୁ ଯିଶୁ ଈଶ୍ୱର ପୁତ୍ର ନୁହନ୍ତି କିମ୍ବା ବାଇବେଲ୍‌ର ଈଶ୍ୱର ପ୍ରକୃତ ଈଶ୍ୱର ନୁହନ୍ତି । ୮୪ ।

୮୫- ବାରଜଣ ଶିଷ୍ୟଙ୍କ ମଧ୍ୟରୁ ଯିହୂଦା ଇସ୍କରିୟୋତି ନାମକ ଜଣେ ଶିଷ୍ୟ ପ୍ରଧାନ ପୁରୋହିତଙ୍କ ନିକଟକୁ ଗଲା ଏବଂ କହିଲା— ମୁଁ ଯଦି ଯିଶୁଙ୍କୁ ଆପଣମାନଙ୍କ

ହାତରେ ଦେଇଦିଏଁ ତେବେ ଆପଣ ମୋତେ କଣ ଦେବେ ? ତାପରେ ସେ ତାକୁ ତିରିଶି ଟଙ୍କା ଦେବାପାଇଁ ପ୍ରତିଶ୍ରୁତି ଦେଲା ।

(ଇ·ମ·ପ·୨୬/ଆ୧୪-୧୫)

ସମୀକ୍ଷକ:- ଏବେ ଯିଶୁଙ୍କ ସବୁ କରାମତି ଓ ପ୍ରକୃତ ଈଶ୍ୱରପଣିଆ ଏବେ ଜଣା ପଡ଼ିଲା । କାରଣ ଯିଏ ଯିଶୁଙ୍କ ପ୍ରଧାନ ଶିଷ୍ୟ ଓ ସର୍ବଦା ସାଥିରେ ରହୁଥିଲା, ସେ ଯଦି ପବିତ୍ରାତ୍ମା ହୋଇପାରିଲା ନାହିଁ, ତେବେ ଯିଶୁଙ୍କ ମୃତ୍ୟୁପରେ ସେ ଅନ୍ୟ କାହାକୁ କିପରି ପବିତ୍ର କରିପାରିବେ ? ତାଙ୍କର ଅନେକ ବିଶ୍ୱସ୍ତଲୋକ ତାଙ୍କଦ୍ୱାରା ପ୍ରତାରିତ ହୋଇଛନ୍ତି । ଯେଉଁ ଯିଶୁ ଜୀବନ କାଳମଧ୍ୟରେ ତାଙ୍କ ସଙ୍ଗ ଲାଭ କରିଥିବା ଶିଷ୍ୟମାନଙ୍କର କିଛି କଲ୍ୟାଣ କରିପାରିଲେ ନାହିଁ, ମୃତ୍ୟୁପରେ ସେ କାହାର କିପରି ଉପକାର କରିପାରିବେ ? ॥ ୮୫ ॥

୮୬- ଯେତେବେଳେ ସେମାନେ ଖାଉଥିଲେ ସେ ସମୟରେ ଯିଶୁ ରୁଟି ନେଇ ଧନ୍ୟବାଦ ଦେଲେ । ପୁଣି ସେହି ରୁଟିକୁ ଖଣ୍ଡ ଖଣ୍ଡ କରି ଶିଷ୍ୟମାନଙ୍କୁ ଦେଇ କହିଲେ···· ଏହାକୁ ନେଇଖାଅ । ଏହା ହେଉଛି ମୋର ଦେହ । ପୁଣିସେ ପିଆଲା ଗୋଟିଏ ନେଇ ଧନ୍ୟବାଦ ଦେଇ କହିଲେ···· ତୁମ୍ଭେମାନେ ଏହାକୁ ପିଅ । । କାରଣ ନୂତନ ନିୟମାନୁସାରେ ଏହା ହେଉଛି ମୋହର ରକ୍ତ ।

(ଇ·ମ·ପ·୨୬/ଆ·୨୬-୨୭-୨୮)

ସମୀକ୍ଷକ:- ଏକଥା କୌଣସି ସଭ୍ୟମଣିଷ କରିପାରେ କି ? ଜଙ୍ଗଲୀ ମନୁଷ୍ୟ ବ୍ୟତୀତ କୌଣସି ସଭ୍ୟ ମନୁଷ୍ୟ ଖାଇବା ପଦାର୍ଥକୁ ମାଂସ ଓ ପେୟକୁ ରକ୍ତ ବୋଲି କଣ କହିପାରେ ? ପୁଣି ଈସାଇମାନେ ଏହି କଥାକୁ ମାନି ପ୍ରଭୁଭୋଜନ ଅର୍ଥାତ୍ ଖାଦ୍ୟପେୟକୁ ଯିଶୁଙ୍କ ମାଂସ ଓ ରକ୍ତ ବୋଲି ମନେକରି ଭୋଜନ କରନ୍ତି । ଏହା କେତେ ଖରାପ କଥା ? ଯେଉଁମାନେ ନିଜ ଭୋଜନରେ ଗୁରୁଙ୍କର ମାଂସ ରକ୍ତର ଭାବନା ଛାଡ଼ି ପାରି ନାହାନ୍ତି ସେମାନେ ଜୀବହିଂସାକରି ମାଂସ ଭକ୍ଷଣରୁ ଦୂରେଇ ରହିପାରିବେ ନାହିଁ ॥ ୮୬ ॥

୮୭- ପୁଣି ସେ ପିତାଙ୍କୁ ଓ ଜବଦୀର ଦୁଇପୁତ୍ରଙ୍କୁ ନିଜ ସାଥିରେ ନେଇଗଲେ । ପରେ ସେ ଶୋକ କରି ଓ ଦୁଃଖଭାରାକ୍ରାନ୍ତ ହୋଇ ସେମାନଙ୍କୁ କହିଲେ— ଏବେ ମୋ

ମନ ଅତ୍ୟନ୍ତ ଉଦାସ ହୋଇ ମରଣତୁଲ୍ୟ ହୋଇଗଲାଣି । ଏହା କହି ସାମାନ୍ୟ ଭାବେ ଆଗକୁ ଯାଇ ମୁହଁମାଡ଼ି ତଳେ ପଡ଼ି ପ୍ରାର୍ଥନା କଲେ····· ହେ ମୋର ପିତା ! ଯାହେଉନା କାହିଁକି ଏହି ପିଇନା ମୋ ନିକଟରୁ ଘୁଞ୍ଚିଯାଉ ।

(ଇ·ମ·ପ·୨୬-ଆ·୩୭-୩୮-୩୯)

ସମୀକ୍ଷକଃ- ଯଦି ସେ ମନୁଷ୍ୟ ନ ହୋଇ ଈଶ୍ୱରଙ୍କପୁତ୍ର ହୋଇଥାନ୍ତେ ତେବେ ନିଶ୍ଚୟ ତ୍ରିକାଳଦର୍ଶୀ ଓ ବିଦ୍ୱାନ୍ ହୋଇଥାନ୍ତେ । ଏବଂ ଏପରି ଅଯୋଗ୍ୟ ଚେଷ୍ଟା କରିନଥାନ୍ତେ । ଏଥିରୁ ଜଣାପଡୁଛି ଯିଶୁ କିମ୍ବା ତାଙ୍କର ଚେଲାମାନେ ଏପରି ପ୍ରପଞ୍ଚକରି ମିଛରେ ତାଙ୍କୁ ଈଶ୍ୱରପୁତ୍ର, ପାପକ୍ଷମାକାରୀ ଓ ଭୂତଭବିଷ୍ୟବେତ୍ତା ବୋଲି ପ୍ରଚାର କରିଛନ୍ତି । ବୁଝିବା ଉଚିତ ସେ ଜଣେ ସାଦାସିଧା ଓ ସାଧାରଣ ଲୋକଜଣେ ଥିଲେ । ସେ କୌଣସି ଯୋଗୀ, ସିଦ୍ଧପୁରୁଷ ବା ବିଦ୍ୱାନ୍ ନ ଥିଲେ ॥ ୮୭ ॥

୮୮- ସେ କହୁଥିଲା ବେଳେ ତାଙ୍କର ବାରଜଣ ଶିଷ୍ୟଙ୍କ ମଧ୍ୟରୁ ୟିହୁଦା ନାମକ ଜଣେ ଶିଷ୍ୟ ଆସିଲା । ତା ସହିତ ପ୍ରଧାନ ପୁରୋହିତ ଓ ଅନ୍ୟାନ୍ୟ ଅନେକଲୋକ ଖଣ୍ଡା,ବାଡ଼ି ଇତ୍ୟାଦି ଧରି ଆସିଥିଲେ । ଯିଶୁଙ୍କୁ ଧରାଇଦେବାଲୋକ ସେମାନଙ୍କୁ ଏହି ସଙ୍କେତ ଦେଇଥିଲା ଯେ ମୁଁ ଯାହାକୁ ଚୁମ୍ବନ ଦେବି ତୁମ୍ଭେମାନେ ତାହାକୁ ହିଁ ଧରିବ । ଏହାକହି ତତ୍କ୍ଷଣାତ୍ ଯିଶୁଙ୍କ ନିକଟକୁ ଯାଇ କହିଲା···· ଗୁରୁଦେବ ! ପ୍ରଣାମ, ଏହାକହି ତାହାଙ୍କୁ ଚୁମ୍ବନଦେଲା । ତାପରେ ସେମାନେ ଯିଶୁଙ୍କୁ ଧରି ନେଇଗଲେ ।ଏହାଦେଖି ଯିଶୁଙ୍କର ସମସ୍ତ ଶିଷ୍ୟ ଦୌଡ଼ି ଦୌଡ଼ି ସେଠାରୁ ପଳାଇଗଲେ । ତାପରେ ଦୁଇଜଣ ମିଛ ସାକ୍ଷୀ ଆସି ସେଠାରେ ପହଞ୍ଚିଗଲେ । ତାପରେ କହିଲେ···· ଏହି ଲୋକ କହିଲା ମୁଁ ଈଶ୍ୱରଙ୍କ ମନ୍ଦିରକୁ ଭାଙ୍ଗିଦେଇ ପାରିବି ପୁଣି ତିନିଦିନ ମଧ୍ୟରେ ତାକୁ ତିଆରି କରିଦେବି । ପ୍ରଧାନ ପୁରୋହିତ ଠିଆହୋଇ ଯିଶୁଙ୍କୁ ପଚାରିଲେ— ତୁମ ବିରୁଦ୍ଧରେ ଏମାନେ ଯାହା କହୁଛନ୍ତି ତୁମେ ତାର କଣ ଉତ୍ତର ଦେଉଛ ? ଯିଶୁ କିଛି ନ କହି ନୀରବ ହୋଇ ରହିଲେ । ପରେ ପୁରୋହିତ କହିଲେ····· ଈଶ୍ୱରଙ୍କ ରାଣପକାଇ ମୁଁ ପଚାରୁଛି··· କହିଲ ଦେଖି ତୁମେ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟ କି ନୁହଁ ? ଯିଶୁ ତାଙ୍କୁ କହିଲେ···· ତୁ ତ କହିସାରିଛୁ । ଏହା ଶୁଣି ପ୍ରଧାନ-ପୁରୋହିତ ନିଜ ବସ୍ତ୍ରକୁ ଚିରିଦେଇ କହିଲା— ଦେଖ,ଏ ନିଜେ ଈଶ୍ୱରଙ୍କ ନିନ୍ଦା କରୁଛନ୍ତି,

ସାକ୍ଷୀର ଆଉ କି ଦରକାର ଅଛି ? ଈଶ୍ୱରଙ୍କୁ ନିନ୍ଦା କରିବାର ତୁମ୍ଭେମାନେ ସମସ୍ତେ ଶୁଣିଲ, କି ବିଚାର କରୁଛ ?ସେମାନେ ଉତ୍ତର ଦେଲେ··· ଏ ବଧର ଯୋଗ୍ୟ । ତାପରେ ସେମାନେ ତାଙ୍କ ମୁହଁଉପରେ ଛେପ ପକାଇଲେ,ତାଙ୍କୁ ଭୁଷା ମାରିଲେ । ଅନ୍ୟମାନେ ଗାଲରେ ଚାପୁଡ଼ାମାରି କହିଲେ···· ହେଖ୍ରୀଷ୍ଟ ! ଆମ୍ଭକୁ ଭବିଷ୍ୟତବାଣୀ କହ କିଏ ତୋତେ ମାରିଲା ? ପିତର ତାହାର ଅଗଣାରେ ବସିଥିଲା । ଜଣେ ଦାସୀ ତା ନିକଟକୁ ଯାଇ କହିଲା····· ତୁ ମଧ୍ୟ ଯିଶୁଗାଲୀଲୀ ସଙ୍ଗରେ ଥିଲୁ । ପିତର ସମସ୍ତଙ୍କ ଆଗରେ ମିଛରେ କହିଲା- ତୁ କଣ କହୁଛୁ ମୁଁ ଜାଣୁ ନାହିଁ । ସେ ଫାଟକ ଆଡ଼କୁ ଚାଲିଯିବାପରେ ଅନ୍ୟ ଜଣେ ଦାସୀ ସେଠାରେ ଲୋକମାନଙ୍କୁ କହିଲା- ଏ ମଧ୍ୟ ଯିଶୁ **ସଙ୍ଗରେ** ଥିଲା । ସେତେବେଳେ ସେ ମଧ୍ୟ ଶପଥ କରି କହିଲା- ମୁଁ ଯିଶୁଙ୍କୁ ଜାଣେ ନାହିଁ ।

(ଇ·ମ·ପ·୨୬/ଆ୪୭ ରୁ ୫୦ ଓ ୬୧ ରୁ ୭୪)

ସମୀକ୍ଷକଃ- ଯିଶୁ ତାଙ୍କ ଶିଷ୍ୟମାନଙ୍କର ମଧ୍ୟ ଦୃଢ଼ ବିଶ୍ୱାସ ଜାତ କରାଇପାରି ନ ଥିଲେ । ତା ହୋଇଥିଲେ ଶିଷ୍ୟମାନେ ପ୍ରାଣ ଚାଲିଗଲେ ସୁଦ୍ଧା ନିଜ ଗୁରୁଙ୍କୁ ଧରାଇ ଦେଇ ନ ଥାନ୍ତେ । ମିଥ୍ୟାକଥା କହି ନ ଥାନ୍ତେ କିମ୍ବା ମିଥ୍ୟା ଚେଷ୍ଟା କରି ନ ଥାନ୍ତେ । ଏଥିରୁ ଜଣାପଡୁଛି ଯିଶୁଙ୍କର କୌଣସି ଅଦ୍ଭୁତଶକ୍ତି ନଥିଲା ।ତୌରେତରେ ଏପରି ଲେଖା ଯାଇଛି ଯେ-ଲୁତଙ୍କ ଘର ନିକଟକୁ ଅତିଥିଙ୍କୁ ମାରିବାପାଇଁ ବହୁତ ଲୋକ ଆସିଥିଲେ, ସେହି ଘରେ ଥିବା ଦୁଇଜଣ ଈଶ୍ୱରଦୂତଙ୍କ ପ୍ରାଣ ନେବାପାଇଁ ଚେଷ୍ଟା କଲେ । ସେହି ଦେବଦୂତଦ୍ୱୟ ସେମାନଙ୍କୁ ଅନ୍ଧ କରିଦେଲେ । ଯଦିଓ ଏ କଥା ଅସମ୍ଭବ ତଥାପି ଯିଶୁଙ୍କର ଏତିକି ମାତ୍ର ସାମର୍ଥ୍ୟ ନଥିଲା । କିନ୍ତୁ ଆଜିକାଲି ଇସାଇମାନେ ତାଙ୍କର କେତେ ବଡ଼ାଇ କରି କହନ୍ତି ଏପରି ଦୁର୍ଦ୍ଦଶାଗ୍ରସ୍ତହୋଇ ମରିବା ଅପେକ୍ଷା ନିଜେ ଲଢ଼େଇକରି ବା ସମାଧି ଦ୍ୱାରା ଅଥବା ଅନ୍ୟ କୌଣସି ପ୍ରକାରେ ପ୍ରାଣତ୍ୟାଗ କରିବା ଯିଶୁଙ୍କ ପକ୍ଷରେ ଭଲ ହୋଇଥାନ୍ତା । କିନ୍ତୁ ବିଦ୍ୟାବ୍ୟତୀତ ବୁଦ୍ଧି କୁଆଡୁ ଆସିବ ? ସେହି ଯିଶୁପୁଣି ଏପରି କହିଛନ୍ତି···· ॥ ୮୮ ॥

୮୯- ମୁଁ ବର୍ତ୍ତମାନ ମୋ ପିତାଙ୍କୁ ବିନତି କରୁନାହିଁ ଓ ସେ ମୋ ନିକଟକୁ ସ୍ୱର୍ଗଦୂତଙ୍କର ବାରଜଣ ସେନାରୁ ଅଧିକ ପଠାଇ ଦେବେ ନାହିଁ ।

(ଇ·ମ·ପ·୨୬/ଆ·୫୩)

ସମୀକ୍ଷକ:- ଧମକାଇବାଦ୍ୱାରା ବା ପିତାଙ୍କ ବଡ଼ାଇ କରିବାଦ୍ୱାରା କିଛି ହୋଇପାରି ନଥାନ୍ତା । ଯେତେବେଳେ ପ୍ରଧାନ ପୁରୋହିତ ପ୍ରଶ୍ନକଲେ···· ଏ ଲୋକ ତୋ ବିରୁଦ୍ଧରେ ସାକ୍ଷ୍ୟ ଦେଉଛି, ତୁ ତାର ଉତ୍ତର କଣ ଦେ । ଯେତେବେଳେ ଯିଶୁ ତୁନି ରହିଲେ ! ଏପରି କରିବା ଠିକ୍ ହେଲା ନାହିଁ । କାରଣ ଯାହାସତ୍ୟ ତାକୁ ପ୍ରକାଶ କରିଥିଲେ ଭଲ ହୋଇଥାନ୍ତା । ଏପରି ଭାବରେ ନିଜ ଗର୍ବର କଥା କହିବାର ଆବଶ୍ୟକତା ନଥିଲା । ଯେଉଁମାନେ ମିଥ୍ୟା ଅଭିଯୋଗ କରି ଯିଶୁଙ୍କୁ ମାରିଲେ, ସେମାନେ ଅବଶ୍ୟ ଗୁରୁତର ଅନ୍ୟାୟ କରିଛନ୍ତି । ଯେଣୁ ଯିଶୁଙ୍କର କୌଣସି ଅପରାଧ ନଥିଲା । କିନ୍ତୁ ସେମାନେ ଜଙ୍ଗଲୀଥିଲେ,ତେଣୁ ନ୍ୟାୟ କଣ ତାଙ୍କୁ ଜଣା ନଥିଲା । ଯଦି ଯିଶୁ ଈଶ୍ୱରଙ୍କପୁତ୍ର ବୋଲି ମିଥ୍ୟା କହିନଥାନ୍ତେ, ପୁଣି ସେମାନଙ୍କ ସହିତ ଏପରି ମିଥ୍ୟା ବ୍ୟବହାର କରିନଥାନ୍ତେ, ତେବେ ଉଭୟପକ୍ଷପାଇଁ ଏହା ଉତ୍ତମ ହୋଇଥାନ୍ତା । କିନ୍ତୁ ଏମାନେ ଏତେ ବିଦ୍ୟା,ଧର୍ମାତ୍ମତା ଓ ନ୍ୟାୟଶୀଳତା ଜାଣିବେ ବା କିପରି ? ॥ ୮୯ ॥

୯୦- ଯିଶୁ ଅଧ୍ୟକ୍ଷଙ୍କ ଆଗରେ ଠିଆ ହେଲେ । ଅଧ୍ୟକ୍ଷ ତାଙ୍କୁ ପଚାରିଲେ····ତୁମେ କଣ ଯିହୁଦୀମାନଙ୍କର ରାଜା ? ଯିଶୁ ଉତ୍ତରଦେଲେ···· ଆପଣ ତ କହୁଛନ୍ତି । ପ୍ରଧାନ ପୁରୋହିତ ଓ ବିୟୋଜ୍ୟେଷ୍ଠ ବ୍ୟକ୍ତିମାନେ ତାଙ୍କ ଉପରେ ଯେତେବେଳେ ଦୋଷାରୋପ କଲେ ସେତେବେଳେ ସେ କିଛି ନ କହି ନିରୁତ୍ତର ରହିଲେ । ତହୁଁ ପିଲାତ ବାଧ୍ୟହୋଇ କହିଲେ— ଏ ଲୋକମାନେ ତୋ ବିରୁଦ୍ଧରେ କେତେ ସାକ୍ଷ୍ୟ ଦେଉଛନ୍ତି, ତାହା କଣ ତୁ ଶୁଣି ପାରୁନାହୁଁ ? କିନ୍ତୁ ସେ ପଦେ ମଧ୍ୟ ଉତ୍ତର ତାଙ୍କୁ ଦେଲେ ନାହିଁ, ଏହାଦେଖି ଅଧ୍ୟକ୍ଷ ମଧ୍ୟ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ । ପିଲାତ କହିଲା— ଖ୍ରୀଷ୍ଟ ବୋଲାଉଥିବା ଯିଶୁଙ୍କୁ ବର୍ତ୍ତମାନ କଣ କରାଯିବ ? ସମସ୍ତେ କହିଲେ ଏହାକୁ କ୍ରୁଶ ଉପରେ ଚଢ଼ାଇ ପୁଟୁକରେ ମାର । ତାପରେ ଅଧ୍ୟକ୍ଷଙ୍କ ସୈନ୍ୟଗଣ ଯିଶୁଙ୍କୁ ଅଧ୍ୟକ୍ଷଙ୍କ ଭବନକୁ ନେଇଗଲେ ଏବଂ ସେଠାରେ ତାଙ୍କୁ ଚାରିଦିଗରୁ ଘେରି ରହିଲେ । ତାଙ୍କ ପରିଧେୟ ବସ୍ତ୍ର ବାହାର କରିଦେଲେ ଓ ଲାଲବସ୍ତ୍ରଖଣ୍ଡିଏ ତାଙ୍କୁ ପିନ୍ଧାଇଦେଲେ, ତାଙ୍କ ମୁଣ୍ଡରେ କଣ୍ଟାର ଗୋଟାଏ ମୁକୁଟ ବାନ୍ଧିଦେଲେ । ତାଙ୍କ ଡାହାଣ ହାତରେ ନଳକଟ (ବେତଗଛପରି ଏକ ଗଛ) ଦେଲେ । ତାଙ୍କ ଆଗରେ ଆଣ୍ଠୁମାଡ଼ି ଥଟ୍ଟାକରି କହିଲେ-ହେ ଯିହୁଦୀୟମାନଙ୍କର ରାଜା ! ପ୍ରଣାମ ।

ସେମାନେ ତାଙ୍କ ଉପରେ ଛେପ ପକାଇଲେ ଓ ନଳକଟକୁ ନେଇ ତାଙ୍କ ମୁଣ୍ଡରେ ବାଡ଼େଇଲେ । ତାଙ୍କ ଦେହରୁ ପ୍ରଦତ୍ତ ନାଲିବସ୍ତ୍ରକୁ କାଢ଼ିନେଇ ଖଣ୍ଡିଏ ଜାମାଲୁଗା ପିନ୍ଧାଇଦେଇ କ୍ରୁଶ ଉପରକୁ ଚଢ଼ାଇବାକୁ ନେଇଗଲେ । ଯେତେବେଳେ ସେମାନେ ଗୋଲଗଥା ନାମକ ସ୍ଥାନରେ ପହଞ୍ଚିଲେ,ସେତେବେଳେ ତାହାଙ୍କୁ ପିତ୍ତମିଶ୍ରିତ କିଛି ପାନୀୟ ପିଇବାକୁ ଦେଲେ । ସେ ସେହି ପାନୀୟକୁ ସାମାନ୍ୟ ଶୁଙ୍ଘିଦେଇ ଆଉ ପିଇଲେ ନାହିଁ । ତାପରେ ତାଙ୍କୁ କ୍ରୁଶ ଉପରେ ଚଢ଼ାଇ ଦୋଷପତ୍ର ତାଙ୍କ ମୁଣ୍ଡ ଉପରେ ରଖିଦେଲେ । ପୁଣି ଦୁଇଜଣ ଡ଼ାକୁଙ୍କୁ ତାଙ୍କ ବାମ ଓ ଡାହାଣ ପାଖରେ କ୍ରୁଶ ଉପରେ ଚଢ଼ାଇ ଦିଆଗଲା । ସେ ବାଟଦେଇ ଯାଉଥିବା ଲୋକମାନେ ତାଙ୍କୁ ଦେଖି ପରିହାସ କରି କହୁଥିଲେ···· ଈଶ୍ୱରଙ୍କ ମନ୍ଦିରକୁ ଭାଙ୍ଗିଦେଇ ତିନିଦିନରେ ପୁଣି ତାକୁ ତୁ ନିର୍ମାଣ କରି ଦେଉଥିଲୁ ପରା ? ଏବେ ନିଜକୁ ତୁ ରକ୍ଷାକର । ସତରେ ତୁ ଯଦି ଈଶ୍ୱରଙ୍କ ପୁତ୍ର ତେବେ କ୍ରୁଶଉପରୁ ତଳକୁ ଓହ୍ଲାଇ ଆ । ପ୍ରଧାନ ପୁରୋହିତ,ଅଧ୍ୟାପକ ଓ ବୟୋଜ୍ୟେଷ୍ଠ ଲୋକମାନେ ମଧ୍ୟ ସେପରି ଥଟ୍ଟାକରି କହୁଥିଲେ···· ଏ ଅନ୍ୟମାନଙ୍କୁ ବଞ୍ଚାଉଥିଲା, କିନ୍ତୁ ବର୍ତ୍ତମାନ ସେ ନିଜକୁ ମଧ୍ୟ ବଞ୍ଚାଇ ପାରୁନାହିଁ । ଯଦି ଏ ଇସ୍ରାଏଲମାନଙ୍କ ରାଜା, ତେବେ କ୍ରୁଶ ଉପରୁ ଓହ୍ଲାଇଆସୁ । ତେବେ ଯାଇ ଆମେ ବିଶ୍ୱାସ କରିବୁ । ସେ ଈଶ୍ୱରଙ୍କ ଉପରେ ଭରସା ରଖୁଛି । ଯଦି ଈଶ୍ୱର ଚାହିଁବେ,ତେବେ ସେ ଓହ୍ଲାଇ ଆସିବେ । କାରଣ ସେ ନିଜକୁ ଈଶ୍ୱରଙ୍କ ପୁତ୍ର ବୋଲି କହୁଛି । ଯେଉଁ ଡାକୁ ଦୁଇଜଣଙ୍କୁ କ୍ରୁଶଉପରେ ଚଢ଼ାଯାଇଥିଲା ସେ ଦୁହେଁ ମଧ୍ୟ ଏପରିଭାବେ ନିନ୍ଦା କରୁଥିଲେ । ଦୁଇ ପ୍ରହରଠାରୁ ତିନି ପ୍ରହରଯାଏ ସାରା ଦେଶରେ ଅନ୍ଧକାର ଛାଇଗଲା । ତୃତୀୟ ପ୍ରହର ସମୟରେ ଯିଶୁ ବଡ଼ ପାଟିରେ ଡାକି କହିଲେ— "ଏଲୀ ଏଲୀଲାମା ସବକ୍ତନୀ " ଅର୍ଥାତ୍ ହେ ମୋର ଈଶ୍ୱର ! ହେ ମୋର ଈଶ୍ୱର ! ତୁ କଣ ମୋତେ ଛାଡ଼ି ଚାଲିଗଲୁ ! ଯେଉଁମାନେ ସେଠାରେ ଠିଆ ହୋଇଥିଲେ ସେମାନଙ୍କ ମଧ୍ୟରୁ କେତେଜଣ ଏହାଶୁଣି କହିଲେ—ସେ ଏଲିୟାହ୍ ଅର୍ଥାତ୍ ଈଶ୍ୱରଙ୍କୁ ଡାକୁଛି । ଜଣେ ଦୌଡ଼ିଯାଇ ସ୍ପଞ୍ଜକୁ ସିରକାରେ ତିନ୍ତାଇ ନଳ ସାହାଯ୍ୟରେ ତାଙ୍କୁ ପିଇବାପାଇଁ ଦେଲା । ଯିଶୁ ଯେତେବେଳେ ପୁଣି ବଡ ରଡ଼ଟିଏ କରି ପ୍ରାଣତ୍ୟାଗ କଲେ ।

(ଇ·ମ·ପ·୨୨/ଆ·୧୧ରୁ୧୪,୨୨,୨୩,୨୬ରୁ୩୧,୩୩ରୁ୩୫, ୩୭ରୁ ୪୮,୫୦)

ସମୀକ୍ଷକ:- ସେହି ଦୁଷ୍ଟ ଲୋକମାନେ ଯିଶୁଙ୍କ ପ୍ରତି ଅବଶ୍ୟ ଖରାପକାମ କଲେ । କିନ୍ତୁ ଯିଶୁଙ୍କର ମଧ୍ୟ ତହିଁରେ ଅନେକ ଦୋଷ ଥିଲା । କାରଣ ଈଶ୍ୱରଙ୍କ ଔରସ ଜାତ ସନ୍ତାନ କେହି ନୁହନ୍ତି, କିମ୍ବା ସେ କାହାର ବାପ ନୁହନ୍ତି । ଯଦି ସେ କାହାର ବାପ ହୁଅନ୍ତି, ତେବେ ପୁଣି ତାଙ୍କୁ କାହାର ଶ୍ୱଶୁର,ଶଳା,ସମନ୍ଧୀ ପ୍ରଭୃତି ହେବାକୁ ପଡ଼ିବ । ଅଧ୍ୟକ୍ଷ ପଗ୍ଗରିବା ସମୟରେ ଯାହା ସତ୍ୟ ତା ପ୍ରକାଶ କରିବାର ଥିଲା । ତାଙ୍କର ପୂର୍ବକୃତ ଆଶ୍ଚର୍ଯ୍ୟ କାର୍ଯ୍ୟଗୁଡ଼ିକ ପ୍ରକୃତରେ ଯଦି ସତ୍ୟ ହୋଇଥାନ୍ତା, ତେବେ ସେ କ୍ରୁଶଉପରୁ ଓହ୍ଲାଇ ଆସି ସମସ୍ତଙ୍କୁ ଚକିତ କରି ଶିଷ୍ୟ କରି ନେଇଥାନ୍ତେ । ପ୍ରକୃତରେ ସେ ଯଦି ଈଶ୍ୱରଙ୍କ ପୁତ୍ର ହୋଇଥାନ୍ତେ ତେବେ ଈଶ୍ୱର ଆସି ତାଙ୍କୁ ରକ୍ଷା କରିଥାନ୍ତେ । ପୁଣି ତ୍ରିକାଳଦର୍ଶୀ ହୋଇଥିଲେ ପିତ୍ତମିଶ୍ରିତ ସିର୍କାକୁ ଚିତ୍କାର କରି ତ୍ୟାଗ କରିଥାନ୍ତେ କାହିଁକି ? ପ୍ରଥମରୁ ଏସବୁ ସେ ଜାଣିପାରିଥାନ୍ତେ । ଏଥିରୁ ଜାଣିବା ଉଚିତ ଯେ···· ଯେତେ ଚତୁର୍ଯ୍ୟ ବାସ୍ତୁଲାକି ଦେଖାଇଲେ ମଧ୍ୟ ଶେଷରେ ସତଟା ସତ ଓ ମିଛଟା ମିଛ ହିଁ ହୋଇଥାଏ । ଏ କଥା ସତ ଯେ ଯିଶୁ ସେ ସମୟରେ ଜଙ୍ଗଲୀଲୋକଙ୍କ ମଧ୍ୟରେ ଜଣେ ଶ୍ରେଷ୍ଠ ମନୁଷ୍ୟଥିଲେ । ଯିଶୁଙ୍କର କୌଣସି ଅଦ୍ଭୁତ ଶକ୍ତି ନ ଥିଲା କିମ୍ବା ସେ ଈଶ୍ୱରଙ୍କ ପୁତ୍ର ନଥିଲେ । ଏପରି ହୋଇଥିଲେ ସେ ଏପରି ଦୁଃଖ କଦାପି ଭୋଗ କରି ନ ଥାନ୍ତେ ॥ ୯୦ ॥

୯୧- ପୁଣି ଦେଖ ବଡ଼ ଭୂକମ୍ପ ହେଲା । ପରମେଶ୍ୱରଙ୍କ ଏକଦୂତ ସ୍ୱର୍ଗରୁ ଓହ୍ଲାଇ ଆସିଲା । କବରର ଦ୍ୱାରଦେଶରୁ ଏକ ପଥର ଗଡ଼ାଇ ତା ଉପରେ ବସିଲା । ପୁଣି କହିଲା ସେ ଏଠାରେ ନାହାନ୍ତି, ଏଠାରୁ ଉଠି ଯାଇଛନ୍ତି । ଯେଉଁଠାରେ ପ୍ରଭୁ ଅବସ୍ଥାନ କରିଥିଲେ ସେଠାକୁ ଆସି ଦେଖ । ଏ ସମ୍ବାଦ ଶିଷ୍ୟମାନଙ୍କ ନିକଟରେ ଯେତେବେଳେ ପହଞ୍ଚିଗଲା ଯିଶୁ ତାଙ୍କୁ ଦେଖାଦେଇ କହିଲେ ମଙ୍ଗଳ ହେଉ । ତହୁଁ ସେମାନେ ନିକଟକୁ ଆସି ତାଙ୍କ ପାଦଧରି ପ୍ରଣାମ କଲେ । ଯିଶୁ କହିଲେ—କିଛି ଭୟ କରନାହିଁ । ମୋ ଭାଇମାନଙ୍କୁ କହିଦଅ ସେମାନେ ଗାଲିଲୀକୁ ଯାଇ ମୋତେ ଦେଖିବେ । ତାଙ୍କର ଏହି କଥାକୁ ଶୁଣି ଏଗାର ଜଣ ଶିଷ୍ୟ ଗାଲିଲୀର ସେହି ପାହାଡ଼ ଉପରକୁ ଯାଇଥିଲେ । ସେମାନେ ଯିଶୁଙ୍କୁ ଦେଖି ତାଙ୍କର ସେବା ପୂଜା କଲେ । କିନ୍ତୁ କେତେ ଜଣଙ୍କ ମନରେ ସନ୍ଦେହ ଜାତ ହେଲା । ଯିଶୁ ସେମାନଙ୍କ ନିକଟକୁ ଆସି କହିଲେ···· ସ୍ୱର୍ଗରେ ମୋତେ

ପୃଥିବୀର ସମସ୍ତ ଅଧିକାର ଦିଆଯାଇଛି । ଦେଖ, ମୁଁ ଜଗତର ଅନ୍ତଯାଏ ସବୁଦିନ ତୁମ ନିକଟରେ ରହୁଛି । (ଇ·ମ·ପ·୨୮/ଆ·୨-୬-୯-୧୦-୧୬-୧୭-୧୮-୨୦)

ସମୀକ୍ଷକ:- ଏସବୁ କଥା ସୃଷ୍ଟିକ୍ରମ ଓ ବିଦ୍ୟାବିରୁଦ୍ଧ ହୋଇଥିବାରୁ କଦାପି ବିଶ୍ୱାସ ଯୋଗ୍ୟ ନୁହେଁ । ଦୂତନାମରେ ଈଶ୍ୱରଙ୍କ ନୌକର, ଚାକର ରହିବା, ସେମାନେ ସ୍ୱର୍ଗରୁ ଓହ୍ଲାଇ ଆସିବା, ପୁଣି ଈଶ୍ୱର ସେମାନଙ୍କୁ କାର୍ଯ୍ୟପାଇଁ ଏଣେତେଣେ ପଠାଇବା,ଏପରି ହେବାଦ୍ୱାରା ଇସାଇମାନେ ଈଶ୍ୱରଙ୍କୁ ତହସିଲଦାର୍ କିମ୍ବା କଲେକ୍ଟରରେ ପରିଣତ କରିଦେଲେ । କଣ ସେହି ଶରୀରରେ ସ୍ୱର୍ଗକୁ ଗଲେ ଓ ଜୀବନ ଧାରଣ କଲେ । ସ୍ତ୍ରୀଲୋକମାନେ ତାଙ୍କର ପାଦ ଧରି ତାଙ୍କୁ ପୂଜା ଅର୍ଚ୍ଚନା କଲେ । ତେବେ ତାଙ୍କର ପୂର୍ବର ସେହି ଶରୀର କଣ ଥିଲା ? ତିନିଦିନ ପର୍ଯ୍ୟନ୍ତ ତାହା ପଚି ସଢ଼ି ନ ଯାଇ ଅକ୍ଷୁଣ୍ଣ ହୋଇ ରହିଥିଲା କିପରି ? ମର୍ତ୍ତ୍ୟମଣ୍ଡଳର ସମସ୍ତ ଅଧିକାର ତାଙ୍କୁ ଦିଆଯାଇଛି ବୋଲି କହିବା ତାଙ୍କର ଅହମିକା ବ୍ୟତୀତ ଅନ୍ୟକିଛି ନୁହେଁ । ଯିଶୁ କବର ଭିତରୁ ଉଠି ଶିଷ୍ୟମାନଙ୍କ ସହିତ କଥାବାର୍ତ୍ତାକରିବା ଏକାବେଳକେ ଅସମ୍ଭବ । ପ୍ରକୃତରେ ଏହା ଯଦି ସତ୍ୟ ତେବେ ଆଜିକାଲି କେହି ବଞ୍ଚିଯାଇ ସ୍ୱଦେହରେ ସ୍ୱର୍ଗକୁ ଯାଉନାହାନ୍ତି କାହିଁକି ? ମଥିରଚିତ ଇଞ୍ଜିଲ ବିଷୟ ଏହିଠାରେ ଶେଷ ହେଲା । ବର୍ତ୍ତମାନ ମାର୍କରଚିତ ଇଞ୍ଜିଲ ବିଷୟରେ ଲେଖାଯାଉଛି ॥ ୯୧ ॥

-: ମାର୍କ୍ ରଚିତ ଇଞ୍ଜିଲ :-

୯୨- ଏ କଣ ଜଣେ ବଢ଼େଇ ନୁହନ୍ତି ? (ଇ·ମାର୍କ·ପ·୬/ଆ·୩)

ସମୀକ୍ଷକ:- ୟୁସଫ ପ୍ରକୃତରେ ଜଣେ ବଢ଼େଇ ଥିଲେ । ତେଣୁ ଯିଶୁ ମଧ୍ୟ ଜଣେ ବଢ଼େଇ । ସେ କେତେବର୍ଷପର୍ଯ୍ୟନ୍ତ ବଢ଼େଇ କାମ କରୁଥିଲେ । ପରେ ସେ ପୈଗମ୍ବର ହେଉ ହେଉ ଈଶ୍ୱରଙ୍କପୁତ୍ର ବୋଲି ନିଜର ପରିଚୟ ଦେଲେ । ତାଙ୍କର ଏହି ପ୍ରତାରଣା ପୂର୍ଣ୍ଣ କଥାକୁ ଜଙ୍ଗଲୀଲୋକେ ବିଶ୍ୱାସ କଲେ । ପରେ ପରେ ତାଙ୍କର କାରିଗରୀ ବା ବାହାଦୂରୀ ଆରମ୍ଭ ହୋଇଗଲା । କାଟିବା, କୁଟିବା, ଫୁଟାଇବା ହେଲା ତାଙ୍କର ଏକମାତ୍ର କାମ ॥ ୯୨ ॥

-: ଲୂକ ରଚିତ ଇଞ୍ଜିଲ :-

୯୩- ଯିଶୁ ତାକୁ କହିଲେ---- ତୁ ମୋତେ ଉତ୍ତମ ବୋଲି କାହିଁକି କହୁଛୁ ?କେହି ଉତ୍ତମ ନୁହନ୍ତି । କେବଳ ଜଣେ ମାତ୍ର ଉତ୍ତମ, ଯିଏ କି ହେଉଛନ୍ତି ଈଶ୍ୱର ।

(ଲୂ·ପ·୧୮/ଆ·୧୯)

ସମୀକ୍ଷକ:- ଯିଶୁ ଯେଉଁଠି ଅଦ୍ୱିତୀୟ ଈଶ୍ୱର ବୋଲି କହୁଛନ୍ତି, ସେତେବେଳେ ଈସାଇମାନେ ପବିତ୍ରାତ୍ମା,ପିତା ଓ ପୁତ୍ର ଏହି ତିନିପ୍ରକାର କୁଆଡୁ ଆଣିଲେ ? ୯୩ ।

୯୪- ସେତେବେଳେ ତାକୁ ହେରୋଦ ନିକଟକୁ ପଠାଇଲେ । ହେରୋଦ ଯିଶୁଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲା । କାରଣ ତାଙ୍କ ସମ୍ପର୍କରେ ଅନେକ କଥା ଶୁଣିଥିଲେ ହେଁ ଅନେକ ଦିନରୁ ଯିଶୁଙ୍କୁ ଦେଖି ନଥିଲା । ତାଙ୍କର କେତେକ ଆଶ୍ଚର୍ଯ୍ୟ କର୍ମ ଦେଖିବାପାଇଁ ତାର ଇଚ୍ଛା ହେଲା । ତେଣୁ ସେ ତାଙ୍କୁ ଅନେକ ବିଷୟ ପଚାରିଲା । କିନ୍ତୁ ଯିଶୁ ତାକୁ କୌଣସି ଉତ୍ତର ଦେଲା ନାହିଁ । (ଲୂ·ପ·୨୩/ଆ·୮ରୁ୯)

ସମୀକ୍ଷକ:- ଏ କଥା ମଥୀରଚିତରେ ନାହିଁ । ଏଣୁ ସାକ୍ଷୀ ବିଗିଡିଗଲେ । ଯିଶୁ ଯଦି ଚତୁର ଓ ଅଦ୍ଭୁତକର୍ମା ଥାଆନ୍ତେ, ତେବେ ହେରୋଦକୁ ପ୍ରତ୍ୟେକ ଉତ୍ତର ଦେଇଥାନ୍ତେ । ପୁଣି ନିଜର କରାମତି ମଧ୍ୟ ଦେଖାଇଥାନ୍ତେ । ଏଥିରୁ ଜଣାପଡୁଛି ଯିଶୁଙ୍କର ବିଦ୍ୟା ବା କରାମତି କିଛି ନଥିଲା ॥ ୯୪ ॥

-: ଯୋହନ ରଚିତ ସୁସମାଚାର :-

୯୫- ଆଦ୍ୟରେ ବଚନ ଥିଲା । ବଚନ ଈଶ୍ୱରଙ୍କ ସଙ୍ଗରେ ଥିଲା ଓ ବଚନ ଥିଲା ଈଶ୍ୱର । ସେ ଆଦ୍ୟରେ ଈଶ୍ୱରଙ୍କ ସଙ୍ଗରେ ଥିଲେ । ସେ ସବୁକିଛି ସୃଷ୍ଟି କରଛନ୍ତି । ଯାହାକିଛି ସୃଷ୍ଟି ହୋଇଛି, ତାଙ୍କ ବିନା ହୋଇନାହିଁ । ଈଶ୍ୱରଙ୍କଠାରେ ହିଁ ଜୀବନ ଥିଲା, ପରେ ସେହି ଜୀବନ ହିଁ ମନୁଷ୍ୟର ଜ୍ୟୋତି ହେଲା । (ଯୋ·ପ୍ର·ପ·୧/ଆ ୧ରୁ ୭)

ସମୀକ୍ଷକ:- ଆଦ୍ୟରେ ବକ୍ତା ବ୍ୟତୀତ ବଚନ ହୋଇପାରେ ନା । ବଚନ ଈଶ୍ୱରଙ୍କ ସଙ୍ଗରେ ଥିଲା ଏହା କହିବା ନିରର୍ଥକ । ପୁଣି ବଚନ କେବେ ଈଶ୍ୱର ହୋଇପାରେ ନା । କାରଣ ତାହା ଆଦ୍ୟରେ ଈଶ୍ୱରଙ୍କ ସଙ୍ଗରେ ଥିଲା, ତେଣୁ ପୂର୍ବ ବଚନ ବା ଈଶ୍ୱର ଥିଲା

ବୋଲି କହିବା ଯଥାର୍ଥ ନୁହେଁ । କାରଣ ବଚନଦ୍ୱାରା କଦାପି ସୃଷ୍ଟି ସମ୍ଭବ ହେବ ନାହିଁ । ଯେ ପର୍ଯ୍ୟନ୍ତ ସୃଷ୍ଟିର ଉପାଦାନ କାରଣ ନାହିଁ, ପୁଣି ବିନା ବଚନରେ ମଧ୍ୟ କର୍ତ୍ତା ତୁନି ହୋଇ ରହି ସୃଷ୍ଟି କରିପାରନ୍ତି । ଜୀବନ କେଉଁଠି ପୁଣି କି ରୂପରେ ଥିଲା ? ଏହି ବଚନ ଅନୁସାରେ ଜୀବକୁ ଅନାଦି ବୋଲି ମାନେ କରୁଛ । ଯଦି ସେ ଅନାଦି ତେବେ ଆଦମ୍‌ର ନାକ ଆଗରେ ଶ୍ୱାସ ଫୁଙ୍କିବା ମିଥ୍ୟା ବୋଲି ପ୍ରମାଣିତ ହେବ । ଜୀବନ କଣ କେବଳ ମନୁଷ୍ୟମାନଙ୍କର ଆଲୋକ ? ପଶୁପ୍ରଭୃତିଙ୍କର ହେବ ନାହିଁକି ? ୯୫ ॥

୯୬- ରାତ୍ରି ଭୋଜନ ସମୟରେ ସଇତାନ୍ ଶିମୋନ୍‌ର ପୁତ୍ର ଯିହୁଦାଇଷ୍କରିୟୋତୀ ମନରେ ତାଙ୍କୁ ଧରାଇ ଦେବାକଥା ପୂରାଇ ଦେଇଥିଲା ।

(ଯୋ·ପ·୧୩/ଆ·୨)

ସମୀକ୍ଷକ:- ଏକଥା ସତ ନୁହେଁ । କାରଣ କେହି ଯଦି ଈସାଇଙ୍କୁ ପଚ୍ଚରେ ସଇତାନ୍ ତ ସମସ୍ତଙ୍କୁ ପଥଭ୍ରଷ୍ଟ କରାଏ । ତେବେ ସଇତାନ୍‌କୁ କିଏ ପଥଭ୍ରଷ୍ଟ କରାଏ ? ଯଦି କୁହାଯାଏ ସଇତାନ୍ ଆପଣା ମନକୁ ଭ୍ରଷ୍ଟ ହୁଏ । ତେବେ ମନୁଷ୍ୟ ମଧ୍ୟ ଆପେ ଆପେ ଭ୍ରଷ୍ଟ ହୁଏ । ସଇତାନ୍‌ର କି ଆବଶ୍ୟକତା ଅଛି ? ଯଦି ସଇତାନ୍‌କୁ ସୃଷ୍ଟି କରିବା ଓ ଭ୍ରଷ୍ଟ କରାଇବା କାର୍ଯ୍ୟ ଈଶ୍ୱରଙ୍କର, ତେବେ ସେହି ଈସାଇମାନଙ୍କ ଈଶ୍ୱର ହେଉଛନ୍ତି ସଇତାନ୍‌ର ସଇତାନ୍ । ପରମେଶ୍ୱର ସମସ୍ତଙ୍କୁ ତାହାଦ୍ୱାରା ଭ୍ରଷ୍ଟ କରାଉଛନ୍ତି । ଏହା କଦାପି ଠିକ୍ ହୋଇପାରେ ନା । ପ୍ରକୃତରେ ଏ ଧାରଣା ହେଉଛି ଭ୍ରାନ୍ତ । ଏଥିରୁ ଜଣାପଡୁଛି ବାଇବେଲ୍ ପୁସ୍ତକ ଈଶ୍ୱରଙ୍କ କଥିତ ନୁହେଁ । ପୁଣି ବାଇବେଲ୍‌ର ଈଶ୍ୱର ପ୍ରକୃତ ଈଶ୍ୱର ନୁହନ୍ତି କିମ୍ବା ଯିଶୁ ଈଶ୍ୱରପୁତ୍ର ମଧ୍ୟ ନୁହନ୍ତି ॥ ୯୬ ॥

୯୭- ତୁମ୍ଭମାନଙ୍କର ମନ ବ୍ୟାକୁଳିତ ନ ହେଉ । ଈଶ୍ୱରଙ୍କ ଉପରେ ବିଶ୍ୱାସ କର ଓ ମୋ ଉପରେ ମଧ୍ୟ ବିଶ୍ୱାସ ରଖ । ମୋ ପିତାଙ୍କ ଘରେ ତୁମ୍ଭମାନ ରହିବାପାଇଁ ଅନେକ ସ୍ଥାନ ଅଛି । ନ ଥିଲେ ସ୍ଥାନପ୍ରସ୍ତୁତ କରି ରଖିବା ପାଇଁ ମୁଁ ଯାଉଛି । ତୁମ୍ଭମାନଙ୍କ ପାଇଁ ଘର ତିଆରିକରି ସାରିଲେ ପୁଣି ଆସି ତୁମ୍ଭମାନଙ୍କୁ ନେଇଯିବି । ମୁଁ ଯେଉଁଠାରେ ରହିବି ତୁମ୍ଭେମାନେ ମଧ୍ୟ ସେହିଠାରେ ରହିବ । ଯିଶୁ ସେମାନଙ୍କୁ କହନ୍ତି----ମୁଁ ହିଁ ମାର୍ଗ, ସତ୍ୟ ଏବଂ ଜୀବନ । ମୋ ଦେଇ ନ ଗଲେ କେହି ଈଶ୍ୱରଙ୍କ ନିକଟରେ ପହଞ୍ଚ ପାରିବନାହିଁ

ତୁମେ ଯଦି ମୋତେ ଜାଣିବ ତେବେ ମୋ ପିତାଙ୍କୁ ମଧ୍ୟ ଜାଣିପାରିବ।

(ଯୋ·ପ·୧୪ଆ·୧ରୁ୬-୭)

ସମୀକ୍ଷକଃ- ବର୍ତ୍ତମାନ ଦେଖନ୍ତୁ ! ପୋପ୍ ଲୀଳାଠାରୁ ଯିଶୁଙ୍କର ଏହି ପ୍ରଲୋଭନ କୌଣସି ଗୁଣରେ ନ୍ୟୂନ ନୁହେଁ । ଏପରି ପ୍ରଲୋଭନମାନ ଦେଖାଇ ନ ଥିଲେ, ତାଙ୍କମାୟା-ଜାଳରେ କେହି ପଡ଼ନ୍ତେ ନାହିଁ। ଯିଶୁ କଣ ନିଜ ପିତାଙ୍କ ରାଜ୍ୟର ଏକ ଗୁଟିଆ ଠିକାଦାର ହୋଇଥିଲେ ? ଈଶ୍ୱର ନିଜେ ଯଦି ଯିଶୁଙ୍କ ବଶବର୍ତ୍ତୀ ହୋଇଥିଲେ ତେବେ ପରାଧୀନ ହୋଇଥିବାରୁ ଈଶ୍ୱର ହୋଇପାରିବେ ନାହିଁ । ଈଶ୍ୱର କେବେଅନ୍ୟ କାହାରି ସୁପାରିସକୁ ଗ୍ରହଣ କରନ୍ତି ନାହିଁ । ଆଚ୍ଛା ! ଯିଶୁଙ୍କ ପୂର୍ବରୁ କେହିକେବେ ଈଶ୍ୱରଙ୍କୁ ପାଇପାରି ନ ଥିବେ । ଏପରି ସ୍ଥାନ ପ୍ରଭୃତିର ପ୍ରଲୋଭନ ଦେଖାଇବା ନିଜ ମୁହଁରେ ମୁଁ ମାର୍ଗ, ସତ୍ୟ ଓ ଜୀବନ ବୋଲି କହିବାଦ୍ୱାରା, ସେ ନିଜର ବଡ଼ିମା ଦେଖାଇଛନ୍ତି । ଏଣୁ ଏପରି କଥାମାନ କେବେ ସତ୍ୟ ହୋଇ ନ ପାରେ । ୯୭ ।

୯୮- ମୁଁ ତୁମ୍ଭମାନଙ୍କୁ ସତ୍ୟ,ସତ୍ୟ କହିକହୁଛି ଯେ, ମୋ ଉପରେ ଯଦି ବିଶ୍ୱାସ କରିବ, ତେବେ ମୁଁ ଯେଉଁକାମ କରୁଛି ତୁମ୍ଭେମାନେ ମଧ୍ୟ ସେହିକାମ କରିପାରିବ । ତାଠାରୁ ଅଧିକ ବଡ଼ କାମ ମଧ୍ୟ କରିପାରିବ । (ଯୋ·ପ·୧୪ଆ·୧୨)

ସମୀକ୍ଷକଃ- ଯଦି ଈସାଇମାନେ ଯିଶୁଙ୍କୁ ବିଶ୍ୱାସ କରନ୍ତି ତେବେ ସେମାନେ ଶବକୁ ବଞ୍ଚାଇଦେଇପାରୁନାହାନ୍ତି କାହିଁକି ? ପୁଣି ଅନ୍ୟାନ୍ୟ ଅଦ୍ଭୁତ କାର୍ଯ୍ୟମାନ କାହିଁକି କରିପାରନ୍ତି ନାହିଁ ? ଯିଶୁଙ୍କଠାରେ ପୂର୍ଣ୍ଣ ବିଶ୍ୱାସ ରଖି ସୁଦ୍ଧା ଯଦି କେହି ଅଦ୍ଭୁତ କାର୍ଯ୍ୟ କରୁନାହାନ୍ତି, ତେବେ ଯିଶୁମଧ୍ୟ କୌଣସି ଅଦଭୁତ କାର୍ଯ୍ୟ କରିନାହାନ୍ତି, କହିବାକୁ ହେବ । ଯେଣୁ ଯିଶୁ ନିଜେ ସ୍ପଷ୍ଟରୂପେ କହିଛନ୍ତି ..... ଯେଉଁମାନେ ମୋତେ ବିଶ୍ୱାସ କରନ୍ତି, ସେମାନେ ମଧ୍ୟ ନିଜେ ଆଶ୍ଚର୍ଯ୍ୟ କାର୍ଯ୍ୟ କରିପାରନ୍ତି ।ଏପର୍ଯ୍ୟନ୍ତ ଜଣେ ମଧ୍ୟ ଈସାଇ କୌଣସି ଅଦଭୁତ କର୍ମ ଏ ପର୍ଯ୍ୟନ୍ତ ଯେତେବେଳେ କରିନାହାଁନ୍ତି, ତେବେ କୌଣସି ଚକ୍ଷୁଷ୍ମାନ୍ ବ୍ୟକ୍ତି ଯିଶୁଙ୍କ ଆଶ୍ଚର୍ଯ୍ୟ କାର୍ଯ୍ୟକୁ କିପରିଭାବେ ବିଶ୍ୱାସ କରିବ ? ॥ ୯୮ ॥

୯୯- ଈଶ୍ୱର ହେଉଛନ୍ତି ଅଦ୍ୱୈତ ସତ୍ୟ ।

(ଯୋ·ପ·୧୭ଆ·୩)

ସମୀକ୍ଷକଃ- ଯଦି ଈଶ୍ୱର ଅଦ୍ୱୈତ, ତେବେ ଈସାଇମାନେ ପିତା,ପୁତ୍ର ଓ ପବିତ୍ରାତ୍ମା ଏପରି ତିନୋଟିକୁ ମାନୁଛନ୍ତି କାହିଁକି ?। ୯୯।

ଏହିପରି ଇଞ୍ଜିଲରେ ଅନେକ ଅସଙ୍ଗତ କଥାମାନ ଉଲ୍ଲେଖ କରାଯାଇଛି ।

-: ଯୋହନଙ୍କ ପ୍ରକାଶିତ ବାକ୍ୟ :-

ବର୍ତ୍ତମାନ ଯୋହନଙ୍କ ଅଦ୍ଭୁତକଥା ଶୁଣନ୍ତୁ .....

୧୦୦- ନିଜ ନିଜ ଶିର ଉପରେ ସ୍ୱର୍ଣ୍ଣମୁକୁଟଧାରଣ କରିଥିଲେ । ସିଂହାସନ ସମ୍ମୁଖରେ ସାତୋଟି ଦୀପ ଜଳୁଥିଲା । ସେଗୁଡ଼ିକ ହେଉଛି ଈଶ୍ୱରଙ୍କର ସାତଗୋଟି ଆତ୍ମା ।ପୁଣି ସିଂହାସନ ଆଗରେ କାଚ୍‌ର ସମୁଦ୍ରଥିଲା, ଏବଂ ତାର ଚତୁର୍ପାର୍ଶ୍ୱରେ ଚାରିଜଣ ପ୍ରାଣୀଥିଲେ । ସେମାନଙ୍କ ଆଗପଛ ଉଭୟପଟ ଚକ୍ଷୁରେ ପୂର୍ଣ୍ଣଥିଲା ।

(ଯୋ·ପ୍ର·ପ୍ର·୪ଆ୪- ୫-୬)

ସମୀକ୍ଷକଃ- ଏବେ ଦେଖନ୍ତୁ, ଈସାଇମାନଙ୍କର ସ୍ୱର୍ଗହେଉଛି ଏକ ନଗରପରି ଓ ସେମାନଙ୍କ ଈଶ୍ୱର ଦୀପର ଅଗ୍ନି ସଦୃଶ । ସୁନାର ମୁକୁଟ ପ୍ରଭୃତି ଆଭୂଷଣ ଧାରଣ କରିବା ଏବଂ ଆଗପଛ ଦୁଇପଟରେ ଚକ୍ଷୁଥିବା ଏକାବେଳକେ ଅସମ୍ଭବ । ଏକଥାକୁ କିଏ ସ୍ୱୀକାର କରିବ ? ଏହାପରେ ମଧ୍ୟ ସେଠାରେ ସିଂହାଦି ଚାରିପଶୁଥିବା ବିଷୟ ଉଲ୍ଲେଖଅଛି ॥ ୧୦୦ ॥

୧୦୧- ପୁଣି ସିଂହାସନ ଉପରେ ଯେ ବସିଥିଲେ, ତାଙ୍କ ଡାହାଣହାତରେ ଖଣ୍ଡିଏ ପୁସ୍ତକ ଥିବାର ମୁଁ ଦେଖିଲି । ସେହି ପୁସ୍ତକ ଭିତରେ ଓ ପଛପଟରେ ଲେଖାଯାଇଥିଲା । ସାତପ୍ରକାର ଛାପା ତାହାଉପରେ ଦିଆଯାଇଥିଲା । ସେହି ପୁସ୍ତକକୁ ଖୋଲିବା ଓ ଛାପାଭାଙ୍ଗିବା ଯୋଗ୍ୟ କିଏ ? ସ୍ୱର୍ଗ,ମର୍ତ୍ତ୍ୟ ଓ ପାତାଳପୁରରେ ଏପରି କେହି ନାହିଁ ଯିଏ କି ପୁସ୍ତକକୁ ଖୋଲି ଦେଖିପାରିବ । ସେହି ପୁସ୍ତକକୁ ଫିଟାଇ ଦେଖିବାକୁ ବା ପଢ଼ିବାକୁ କୌଣସି ଯୋଗ୍ୟ ଲୋକଜଣକୁ ନ ପାଇ ମୁଁ ବହୁତ କାନ୍ଦିଲି ।

(ଯୋ·ପ୍ର·ପ·୫ଆ·୧ରୁ୪)

ସମୀକ୍ଷକଃ- ଓହୋ ! ଈସାଇମାନଙ୍କ ସ୍ୱର୍ଗ ସତରେ କେଡ଼େ ସୁନ୍ଦର । ତହିଁରେ ସିଂହାସନ ଅଛି । ଦଳଦଳ ମନୁଷ୍ୟ ମଧ୍ୟ ଅଛନ୍ତି । ଅନେକ ଛାପା ମୁଦ୍ରାଙ୍କିତ ଖଣ୍ଡିଏ

ପୁସ୍ତକ ଅଛି ! ଯାହାକୁ କି ସ୍ୱର୍ଗ,ମର୍ତ୍ତ୍ୟ ବା ପାତାଳର କୌଣସି ବ୍ୟକ୍ତି ଖୋଲି ଦେଖିପାରନ୍ତି ନାହିଁ । ସେପରି ଜଣେ ବ୍ୟକ୍ତିକୁ ନ ପାଇ ଯୋହନ କାନ୍ଦିଥିଲେ । ସେତେବେଳେ ଜଣେ ବୟୋବୃଦ୍ଧବ୍ୟକ୍ତି କହିଲେ ଯେ ଯିଶୁ କେବଳ ସେହି ପୁସ୍ତକକୁ ଖୋଲିବାପାଇଁ ସମର୍ଥ । କଥିତ ହୋଇଛି ଯାହାର ବିବାହ ତାହାର ପ୍ରଶଂସାତ୍ମକ ଗୀତ ଗାଇବାକୁପଡ଼େ । ସେହିପରି ଯୀଶୁଙ୍କ ପ୍ରଶଂସା ଗାନ ସକାଶେ ଏସବୁ ଗପଲେଖାଯାଇଛି । ୧୦୧ ।

୧୦୨- ପୁଣି ମୁଁ ସିଂହାସନ ପଟକୁ ଦୃଷ୍ଟି ନିକ୍ଷେପକରି ଦେଖିଲି ଯେ, ଗ୍ଭରିଜଣ ପ୍ରାଣୀ ଓ ବୃଦ୍ଧ ଲୋକମାନଙ୍କ ମଧ୍ୟରେ ଗୋଟିଏ ମେଣ୍ଢା ଛୁଆ ବଧ କଲାପରି ଛିଡା ହୋଇଛି । ସେହି ମେଣ୍ଢାର ସାତୋଟି ଶିଙ୍ଗ ଓ ସାତୋଟି ନେତ୍ର ଥିଲା ! ସେଗୁଡ଼ିକ ଏ ଜଗତକୁ ପଠାଯାଇଥିବା ଈଶ୍ୱରଙ୍କର ସାତୋଟି ପବିତ୍ରାତ୍ମା ଥିଲା ।(ଯୋ-ପ୍ର-ପ-୫ଆ-୬)

ସମୀକ୍ଷକଃ- ଯୋହନ୍‌ର ସ୍ୱପ୍ନରେ ମନୋବ୍ୟାପାରର କିପରି ବିଚିତ୍ର ଚିତ୍ରଣ ତାହା ଦେଖନ୍ତୁ । ସେହିସ୍ୱର୍ଗରେ କେବଳ ଈସାଈମାନେ ରହିଛନ୍ତି, ଚାରୋଟି ପଶୁ ତଥା ଯିଶୁଙ୍କ ବ୍ୟତୀତ ଅନ୍ୟ କେହିଆଉ ନାହାନ୍ତି । ଏହି ଜଗତରେ ଥିବା ସମୟରେ ଯିଶୁଙ୍କର ଦିଓଟି ଆଖି ଥିଲା, ପୁଣି ଶିଙ୍ଗର ଚିହ୍ନବର୍ଣ୍ଣ ମୁଦ୍ଧା ନଥିଲା । କିନ୍ତୁ ସ୍ୱର୍ଗକୁ ଯିବାପରେ ତାଙ୍କର ସାତୋଟି ଶିଙ୍ଗ ପୁଣି ସାତୋଟି ନେତ୍ର ହୋଇଗଲା । ପୁଣି ତାହା ଈଶ୍ୱରଙ୍କର ସାତୋଟି ଆଖି । ଏହାହିଁ ବଡ଼ ବିଚିତ୍ର କଥା । ହାୟ ! ଏପରି ଅସମ୍ଭବ କଥାକୁ ଈସାଈମାନେ ମାନୁଛନ୍ତି କେମିତି ? ।। ୧୦୨ ।।

୧୦୩- ପୁଣି ସେମାନେ ଯେତେବେଳେ ସେହି ପୁସ୍ତକକୁ ନେଲେ, ସେତେବେଳେ ସେହି ଗ୍ଭରି ପଶୁ ଓ ଚବିଶଜଣ ବୃଦ୍ଧବ୍ୟକ୍ତି ସେହି ମେଣ୍ଢାଆଗରେ ପଡ଼ିରହିଲେ । ସମସ୍ତଙ୍କ ନିକଟରେ ବୀଣାଥିଲା ଓ ସମସ୍ତେ ସୁନାରପାତ୍ର ଧରିଥିଲେ । ସେହି ପାତ୍ରରେ ସୁବାସିତ ଧୂପ ଥିଲା ।

(ଯୋ-ପ୍ର-ପ-୫/ଆ-୮)

ସମୀକ୍ଷକଃ- ଯିଶୁ ଯେତେବେଳେ ସ୍ୱର୍ଗରେ ନଥିଲେ,ସେତେବେଳେ ଧୂପ,ଦୀପ ଓ ନୈବେଦ୍ୟଦ୍ୱାରା ଏ ବିଚରାମାନେ କାହାକୁ ପୂଜା କରୁଥିଲେ ? ଏଠାରେ ପ୍ରୋଟେଷ୍ଟାଣ୍ଟ ଈସାଈମାନେ ବୁତ୍‌ପରସ୍ତି ଅର୍ଥାତ୍ ମୂର୍ତ୍ତିପୂଜା ଖଣ୍ଡନ କରନ୍ତି, କିନ୍ତୁ ସେମାନଙ୍କ ସ୍ୱର୍ଗ

ମୂର୍ତ୍ତିପୂଜାର ପେଣ୍ଠସ୍ଥଳୀରୂପେ ପରିଚିତ ।। ୧୦୩ ।।

୧୦୪- ଯେତେବେଳେ ମେଣ୍ଢାଛୁଆଟି ଛାପାଗୁଡ଼ିକ ମଧ୍ୟରୁ ... ଖୋଲିଲା, ସେତେବେଳେ ମୁଁ ଦେଖିଲି ଗ୍ଭରି ପ୍ରାଣୀଙ୍କ ମଧ୍ୟରୁ ଜଣେ ମେଘଗର୍ଜନ ... ଗର୍ଜନକରି କହିଲା- ଆସ ଏବଂ ଦେଖ । ସେ ଗୋଟାଏ ଧଳା ଘୋଡ଼ା ... ଥିବାର ମୁଁ ଦେଖିଲି । ତା ହାତରେ ଧନୁ ରହିଥିଲା । ତାକୁ ମୁକୁଟ ଦିଆଗଲା ... ପରେ ସେ ଜୟକରିବାକୁ ବାହାରିଲା । ଯେତେବେଳେ ସେ ଦ୍ୱିତୀୟ ଛାପା ଖୋଲିଲା ତାକୁ ଗୋଟିଏ ନାଲି ବର୍ଣ୍ଣର ଘୋଡ଼ା ଦିଆଗଲା । "ପୃଥିବୀରୁ ଏକତା ... ଏହାହିଁ ହେଲା ତାରକାର୍ଯ୍ୟ । ତୃତୀୟ ଛାପା ଖୋଲିବାପରେ ଗୋଟାଏ କଳାଘୋଡା ଦେଖାଗଲା । ପୁଣି ଚତୁର୍ଥ ଛାପା ଖୋଲିବାପରେ ଗୋଟାଏ ହଳଦିଆ ଘୋଡ଼ା ବାହାରିଲା । ସେହି ଘୋଡ଼ାଉପରେ ଯେ ବସିଥିଲା ତାହାର ନାମ ଥିଲା ମୃତ୍ୟୁ "ଇତ୍ୟାଦି " ।

(ଯୋ-ପ୍ର-ପ-୬/ଆ୧ରୁ୫/୭-୮)

ସମୀକ୍ଷକଃ- ପୁରାଣ ବର୍ଣ୍ଣିତ ଗଳ୍ପ ଅପେକ୍ଷା ଏଥିରେ ଅଧିକ ମିଥ୍ୟା ଲୀଳା ବର୍ଣ୍ଣନା କରାଯାଇଛି । କୌଣସି ପୁସ୍ତକର ଛାପାମୁଦ୍ରା ଭିତରେ ଘୋଡ଼ା କିପରି ଲୁକ୍କାୟିତ ହୋଇରହିପାରିବ ? ଯେଉଁମାନେ ଯୋହନ୍‌ର ସ୍ୱପ୍ନର ପ୍ରଳାପକୁ ସତ୍ୟ ବୋଲି ମାନନ୍ତି, ସେମାନଙ୍କୁ ଅବିଦ୍ୟାର ଗୋଟିଏ ଗୋଟିଏ ଅବତାର ବୋଲିକହିଲେ ଅତ୍ୟୁକ୍ତି ହେବନାହିଁ ।। ୧୦୪ ।।

୧୦୫- ସେମାନେ ଅତି ଉଚ୍ଚସ୍ୱରରେ ଡାକୁଥିଲେ..... ହେ ସ୍ୱାମୀ, ସତ୍ୟବାଦୀ, ପବିତ୍ରାତ୍ମା ଆଉ କେତେଦିନ ପର୍ଯ୍ୟନ୍ତ ତୁମେ ନ୍ୟାୟ କରିବ ନାହିଁ । ଆମ୍ଭର ରକ୍ତପାତ କରୁଥିବା ପୃଥିବୀର ଲୋକଙ୍କୁ କେବେ ଆଉ ଦଣ୍ଡ ଦେବ ? ସେହି ସମସ୍ତ ଲୋକଙ୍କୁ ଧଳାଲୁଗା ଦିଆଗଲା ପୁଣି କୁହାଗଲା ଯେପର୍ଯ୍ୟନ୍ତ ତୁମ୍ଭର ସଙ୍ଗୀ ଦାସମାନେ ତୁମ ଭାଇମାନଙ୍କୁ ହତ୍ୟା ନ କରିଛନ୍ତି, ସେ ପର୍ଯ୍ୟନ୍ତ ଧୈର୍ଯ୍ୟଧରି ତୁମ୍ଭମାନଙ୍କୁ ଅପେକ୍ଷା କରିରହିବାକୁ ପଡ଼ିବ । (ଯୋ-ପ୍ର-ପ-୬/ଆ-୧୦/୧୧)

ସମୀକ୍ଷକଃ- ଈସାଈମାନେ ଏହିପରି ଭାବେ ନ୍ୟାୟ ପାଇବାପାଇଁ ସର୍ବଦା କାନ୍ଦୁଥିବେ । ବେଦମାର୍ଗକୁ ସ୍ୱୀକାର ନକଲା ପର୍ଯ୍ୟନ୍ତ ସେମାନେ ଉପଯୁକ୍ତ ନ୍ୟାୟ ପାଇପାରିବେ ନାହିଁ

। ଈସାଈମାନଙ୍କୁ ପଚାରିବା ଉଚିତ ଯେ ଆଜିକାଲି ଈଶ୍ୱରଙ୍କ କଚେରୀ କଣ ବନ୍ଦ ହୋଇଯାଇଛି ? ନ୍ୟାୟ ବିଚାର କିଛି କରାଯାଉ ନାହିଁ. ପୁଣି ବିଚାରପତି ଚୁପ୍‌ଚାପ୍ ବସିଛନ୍ତି ? ତେବେ ସେମାନେ ଏହାର ସଠିକ୍ ଉତ୍ତର ଦେଇପାରିବେ ନାହିଁ । ଈସାଈମାନଙ୍କ ଈଶ୍ୱର ଈସାଈମାନଙ୍କ ପ୍ରାର୍ଥନାନୁସାରେ ସେମାନଙ୍କ ଶତ୍ରୁପ୍ରତି ଦଣ୍ଡବିଧାନ କରୁଥିବାରୁ.ସହଜରେ ଲକ୍ଷ୍ୟଭ୍ରଷ୍ଟ ହୋଇଯାଇ ପାରନ୍ତି । ତାଙ୍କର ଦଂଶନ ସ୍ୱଭାବ ହୋଇଥିବାରୁ ମୃତ୍ୟୁପରେ ମଧ୍ୟ ସେ ଶତ୍ରୁତାର ପ୍ରତିଶୋଧ ନିଅନ୍ତି । ଶାନ୍ତି ବୋଲି କିଛି ନାହିଁ । ଯେଉଁଠି ଶାନ୍ତି ନାହିଁ ସେଠାରେ ଦୁଃଖ ଦର୍ଦ୍ଦଶାର ଅନ୍ତ ନାହିଁ ॥ ୧୦୫ ॥

୧୦୬- ପ୍ରବଳବେଗରେ ପ୍ରବାହିତ ପବନରେ ଡିମିରି ଗଛରୁ କଞ୍ଚାଫଳମଧ୍ୟ ଖସିଲାପରି ଆକାଶରୁ ତାରାଗୁଡ଼ିକ ପୃଥିବୀଉପରକୁ ଖସିପଡ଼ିଲେ । ପତ୍ର ଗୁଡ଼ାଇ ହେବାପରି ଆକାଶ କୁଆଡ଼େ ଅଦୃଶ୍ୟ ହୋଇଗଲା ।

(ଯୋ·ପ୍ର·ପ·୬/ଆ·୧୩.୧୪)

ସମୀକ୍ଷକଃ- ଭବିଷ୍ୟଦ୍‌ବକ୍ତା ଯୋହନ ବିଦ୍ୟାହୀନ ହୋଇଥିବାରୁ ଏଣ୍ଟେତେଣ୍ଟ ଗୁଡାଏ ଗାଇଯାଇଛନ୍ତି । ନକ୍ଷତ୍ରଗଣ କିପରି ପୃଥିବୀ ଉପରକୁ ଖସି ପଡ଼ିଲେ ? ସୂର୍ଯ୍ୟ ପ୍ରଭୃତିଙ୍କ ଆକର୍ଷଣଶକ୍ତି ତାଙ୍କୁ ଏପଟ ସେପଟ ହେବାକୁ ଦେବ କିପରି ? ଆକାଶର ଆକାର ନ ଥିବା ସ୍ଥଳେ ନିରାକାର ବସ୍ତୁ କିପରି ପଟିପରି ଗୁଡାଇ ହୋଇଗଲା ? ସେ କଣ ଆକାଶକୁ ମସିଣାପରି ବିଚାର କରିଥିଲେ ? ବାଇବେଲ୍ କଥିତ ଯୋହନ୍ ଆଦି ବ୍ୟକ୍ତିମାନେ ସେତେବେଳେ ଅସଭ୍ୟ ଜଙ୍ଗଲୀ ଲୋକଥିଲେ । ତେଣୁ ବିଜ୍ଞାନସିଦ୍ଧକଥା ସେମାନେ କହିନାହାନ୍ତି ॥ ୧୦୬ ॥

୧୦୭- ମୁଁ ସେମାନଙ୍କ କଥା ଶୁଣିଲି । ଇସ୍ରାଏଲ୍‌ର ୧୪୪୦୦୦ଙ୍କ ଉପରେ ମୁଦ୍ରାଙ୍କନ କରାଗଲା । ୟିହୁଦି କୁଳରୁ ବାରହଜାରଙ୍କୁ ମୁଦ୍ରାଛାପ ଦିଆଗଲା ।

(ଯୋ·ପ୍ର·ପ·୭/ଆ·୪-୫)

ସମୀକ୍ଷକଃ- ବାଇବେଲ୍ ବର୍ଣ୍ଣିତ ଈଶ୍ୱର କେବଳ ଇସ୍ରାଏଲ୍ କୁଳର ପ୍ରଭୁ ନା ସକଳ ସଂସାରର ପ୍ରଭୁ ? ଏପରି ହୋଇନଥିଲେ ସେ ଜଙ୍ଗଲୀମାନଙ୍କ ସହିତ ରହନ୍ତେ କାହିଁକି ? ସେହିମାନଙ୍କୁ କେବଳ ସେ ସାହାଯ୍ୟ କରୁଥିଲେ । ଅନ୍ୟମାନଙ୍କ ବିଷୟରେ ଜାଣିବୁଏ

ସୁଦ୍ଧା ବିଚାର କରୁ ନ ଥିଲେ । ଏଣୁ ସେ ଈଶ୍ୱର ନୁହନ୍ତି । ପୁଣି ଇସ୍ରାଏଲ୍ ଆଦି ଲୋକମାନଙ୍କ ଉପରେ ଛାପ ଦେବା କେବଳ ତାହାଙ୍କ ସ୍ୱଳ୍ପଜ୍ଞତାର ପରିଚାୟକ ବା ଯୋହନ୍‌ଙ୍କ କଥା ମିଥ୍ୟା ହୋଇପାରେ ॥ ୧୦୭ ॥

୧୦୮- ଏଥିପାଇଁ ସେମାନେ ଈଶ୍ୱରଙ୍କ ସିଂହାସନ ଆଗରେ ରହନ୍ତି । ପୁଣି ମନ୍ଦିର ଭିତରେ ଦିନରାତି ସବୁବେଳେ ତାଙ୍କର ସେବା ପୂଜା କରନ୍ତି ।

(ଯୋ·ପ୍ର·ପ·୭/ଆ·୧୫)

ସମୀକ୍ଷକଃ- ଏହା କଣ ମୂର୍ତ୍ତିପୂଜାର ପ୍ରମାଣ ନୁହେଁ ? ସେମାନଙ୍କର ଈଶ୍ୱର ମଧ୍ୟ ଦେହଧାରୀ ମନୁଷ୍ୟପରି ଏକଦେଶୀ ନୁହନ୍ତି କି ? ପୁଣି ଈସାଈଙ୍କ ଈଶ୍ୱର ବୋଧହୁଏ ରାତିରେ ଶୁଅନ୍ତି ନାହିଁ. ତା' ନ ହେଲେ ରାତିରେ ପୂଜା କରନ୍ତେ କାହିଁକି ? ନତୁବା ତାଙ୍କ ନିଦ ଉଭେଇ ଯାଇଥିବ । ରାତିଦିନ ଯେ ଚେଇଁ ରହିବ ସେ ବିକ୍ଷିପ୍ତ ବା ରୋଗାକ୍ରାନ୍ତ ନିଶ୍ଚୟ ହୋଇଥିବ ॥ ୧୦୮ ॥

୧୦୯- ଅନ୍ୟ ଦୂତ ଆସି ବେଦୀ ନିକଟରେ ଠିଆ ହେଲା । ତା ହାତରେ ସୁନାର ଗୋଟିଏ ଧୂପଦାନୀଥିଲା ପୁଣି ତାକୁ ବହୁତ ଧୂପ ଦିଆଗଲା । ସେହି ଧୂପଧୂଆଁ ପବିତ୍ର ଲୋକଙ୍କ ପ୍ରାର୍ଥନା ସହିତ ଈଶ୍ୱରଙ୍କ ଆଡକୁ ଆଗେଇ ଗଲା । ଦୂତ ସେହି ଧୂପଦାନୀରେ ବେଦୀ ଉପରେ ନିଆଁ ଭର୍ତ୍ତିକରି ପୃଥିବୀ ଉପରକୁ ଫିଙ୍ଗିଦେଲା । ସେତେବେଳେ ସେଠାରେ ଘୋରଗର୍ଜନ. ବିଜୁଳି ଓ ଭୂମିକମ୍ପ ଜାତହେଲା ।

(ଯୋ·ପ୍ର·ପ·୮/ଆ·୩-୪-୫)

ସମୀକ୍ଷକଃ- ଦେଖନ୍ତୁ. ସେମାନଙ୍କ ସ୍ୱର୍ଗରେ ମଧ୍ୟ ବେଦୀ ଉପରେ ଧୂପ.ଦୀପ.ନୈବେଦ୍ୟ ପ୍ରଭୃତି ଦିଆଯାଏ । ପୁଣି ସେଠାରେ ଭେରି.ତୁରୀ ବାଦ୍ୟ ହୁଏ । ବୈରାଗୀମାନଙ୍କ ମନ୍ଦିର ତୁଳନାରେ ଈସାଈମାନଙ୍କ ସ୍ୱର୍ଗ ତ କୌଣସି ଗୁଣରେ ନ୍ୟୂନ ନୁହେଁ । ବରଂ ସେଠାରେ ଅଧିକ ମାତ୍ରାରେ କୋଳାହଳ ଲାଗି ଥାଏ ॥ ୧୦୯ ॥

୧୧୦- ପ୍ରଥମେ ଦୂତ ତୂରୀ ଫୁଙ୍କିଲା । ତାପରେ ରକ୍ତମିଶ୍ରିତ କୁଆପଥର. ଓ ଅଗ୍ନିଜାତ ହେଲା । ତାହା ପୃଥିବୀ ଉପରେ ପଡ଼ିବାରୁ.ପୃଥିବୀର ଏକ ତୃତୀୟାଂଶ ଜଳିଗଲା ।

(ଯୋ·ପ୍ର·ପ·୮/ଆ·୭)

ସମୀକ୍ଷକଃ- ଧନ୍ୟ ଈସାଇଙ୍କ ଭବିଷ୍ୟଦବକ୍ତା ଧନ୍ୟ ! ଈଶ୍ୱର, ଈଶ୍ୱରଙ୍କ ଦୂତ,ତୂରୀଶବ୍ଦ ଓ ପ୍ରଳୟଲୀଳା ପ୍ରଭୃତି, ସତେ ଯେପରି ଏସବୁ ହେଉଛି ପିଲାଙ୍କର ଧୂଳିଖେଳ ॥ ୧୧୦ ॥

୧୧୧- ପଞ୍ଚମଦୂତ ତୂରୀ ବଜାଇଲା । ମୁଁ ଦେଖିଲି ଯେ ସେତେବେଳେ ତାରାଟିଏ ଆକାଶରୁ ଖସି ପୃଥିବୀଉପରେ ପଡିଗଲା । ପରେ ସେହି ଦୂତକୁ ଅତଳ କୁଣ୍ଡର କୁଞ୍ଚିକାଠି ଦିଆଗଲା । ସେ ସେହି ଗଭୀର କୁଣ୍ଡର କୂପକୁ ଖୋଲିଲା । ସେହି କୁଣ୍ଡ ମଧ୍ୟରୁ ପ୍ରକାଣ୍ଡ ଭାଟୀରୁ ଧୂଆଁ ବାହାରିବାପରି ଧୂଆଁ ବାହାରିଲା । ସେହି ଧୂଆଁରେ ସୂର୍ଯ୍ୟ ଓ ବାୟୁମଣ୍ଡଳ ଅନ୍ଧକାର ହୋଇଗଲା । ସେହି ଧୂଆଁରୁ ପଙ୍ଗପାଳ ଜାତ ହେଲେ । ସେମାନଙ୍କୁ ବୃଶ୍ଚିକ ଦଂଶନର ଅଧିକାର ଦିଆଗଲା । ଯେଉଁମାନଙ୍କ କପାଳରେ ଈଶ୍ୱରଙ୍କ ଛାପ ନାହିଁ, ସେ ସମସ୍ତଙ୍କୁ ପାଞ୍ଚମାସ ପର୍ଯ୍ୟନ୍ତ ପୀଡା ଦେବାକୁ, ସେହି ପଙ୍ଗପାଳ ଗୁଡାକୁ ଆଦେଶ ଦିଆଗଲା ।

(ଯୋ·ପ୍ର·ପ·୯/ଆ·୧ରୁ୫)

ସମୀକ୍ଷକଃ- ଦୂତର ତୂର୍ଯ୍ୟନାଦକୁ ଶୁଣି ତାରା ବୋଧ ହୁଏ ଦୂତ ଉପରେ ବା ସେହି ସ୍ୱର୍ଗରେ ପଡ଼ିଥିବ । ଏଠାରେ ତ ପଡ଼ିନାହିଁ । ଈଶ୍ୱର ପ୍ରଳୟ ସକାଶେ ବୋଧହୁଏ ସେହି ଅତଳକୁଣ୍ଡ ନିର୍ମାଣକରି ତହିଁରେ ପଙ୍ଗପାଳ ଗୁଡ଼ାକୁ ପାଳିଥିବେ ? ସେହି ପଙ୍ଗପାଳ ଗୁଡ଼ାକ ପଢ଼ାଶୁଣା କରିଥିଲେ କି ? ନତୁବା କାହା କପାଳରେ କି ଛାପ ଅଛି ତାକୁ ଦେଖି ଜାଣିଥାନ୍ତେ କିପରି ? ଏହା କେବଳ ସରଳଲୋକଙ୍କୁ ଭୁଲାଇ ଈସାଇକରିବାର ଏକ ସୁପରିକଳ୍ପିତ ଯୋଜନା । ଯଦି ତୁମେ ଈସାଇ ନ ହେବ, ତେବେ ତୁମକୁ ପଙ୍ଗପାଳ କାମୁଡ଼ିବେ ? ଏପରିକଥା ଅଶିକ୍ଷିତ,ଅସଭ୍ୟ ଦେଶରେ କିଛି ପ୍ରଭାବ ବିସ୍ତାର କରିପାରେ । କିନ୍ତୁ ଆର୍ଯ୍ୟାବର୍ତ୍ତ ଦେଶରେ ସାମାନ୍ୟ ପ୍ରଭାବ ମଧ୍ୟ ପକାଇ ପାରିବ ନାହିଁ । ଏହାକୁ କଣ ପ୍ରଳୟ ବୋଲି କୁହାଯିବ ?

୧୧୨- ଅଶ୍ୱାରୋହୀ ସୈନ୍ୟଙ୍କ ସଂଖ୍ୟା କୋଡ଼ିଏ କୋଟି ଥିଲା ।

(ଯୋ·ପ୍ର·ପ·୯/ଆ·୧୬)

ସମୀକ୍ଷକଃ- ସ୍ୱର୍ଗରେ ଏତେଗୁଡ଼ାଏ ଘୋଡ଼ା ରହୁଥିଲେ କିପରି ? କେଉଁଠି ଚରୁଥିଲେ ? ଘୋଡ଼ାବିଷ୍ଠା ଅପର୍ଯ୍ୟାପ୍ତ ଜମା ହେଉଥିବ, ପୁଣି ତହିଁରୁ ଦୁର୍ଗନ୍ଧ ମଧ୍ୟ ଜାତ ହେଉଥିବ ।

ଏହି ସ୍ୱର୍ଗ, ଏପରି ଈଶ୍ୱର ଓ ଏପରି ମତକୁ ଆମ ଆର୍ଯ୍ୟଜାତି ଜଳାଞ୍ଜଳି ଦେଇ ଦେଇଛି । ଈସାଇମାନଙ୍କ ହୃଦ୍‌ଦେଶରୁ ସେହି ଭ୍ରମଧାରଣା ଅଚିରେ ଦୂରେଇଯାଉ, ଏହାହିଁ ଈଶ୍ୱରଙ୍କଠାରେ ଆମର ବିନମ୍ର ପ୍ରାର୍ଥନା ॥ ୧୧୨ ॥

୧୧୩- ଆଉଜଣେ ପରାକ୍ରମଶାଳୀ ଦୂତଙ୍କୁ ସ୍ୱର୍ଗରୁ ଓହ୍ଲାଉଥିବାର ମୁଁ ଦେଖିଲି । ସେ ମେଘାବୃତ ହୋଇଥିଲେ ଓ ତାଙ୍କ ମୁଣ୍ଡ ଉପରେ ଇନ୍ଦ୍ରଧନୁ ଥିଲା । ମୁହଁ ସୂର୍ଯ୍ୟଙ୍କଜ୍ୟୋତିପରି ଓ ଅଗ୍ନିସ୍ତମ୍ଭପରି ତାଙ୍କ ଗୋଡ଼ ଦୁଇଟା ଦେଖାଯାଉଥିଲା । ସେ ଡାହାଣ ଗୋଡ଼କୁ ସମୁଦ୍ର ଉପରେ ଓ ବାମ ଗୋଡ଼କୁ ପୃଥିବୀ ଉପରେ ରଖିଲେ ।

(ଯୋ·ପ୍ର·୧୦/ଆ·୧-୨-୩)

ସମୀକ୍ଷକଃ- ଏହି ଦୂତଙ୍କ କଥା ପୁରାଣ କାହାଣୀ ଓ ଭାଟଙ୍କ ସ୍ତୁତିଠାରୁ ମଧ୍ୟ କୌଣସି ଗୁଣରେ ନ୍ୟୁନ ହୋଇନାହିଁ । ବରଂ ବଳେଇଯାଇଛି ॥ ୧୧୩ ॥

୧୧୪- ଦୂତ ମୋ ଆଗରେ ଠିଆ ହୋଇ ମୋତେ ଖଣ୍ଡିଏ ବାଉଁଶ ଦେଲେ, ପୁଣି କହିଲେ-ଉଠ, ଈଶ୍ୱରଙ୍କ ମନ୍ଦିର, ବେଦୀ ଓ ପୂଜକମାନଙ୍କୁ ଏଥିରେ ମାପ କର ।

(ଯୋ·ପ୍ର·ପ·୧୧/ଆ/·୧)

ସମୀକ୍ଷକଃ- କେବଳ ଏଠାରେ ନୁହେଁ, ସ୍ୱର୍ଗରେ ମଧ୍ୟ ଈସାଇମାନଙ୍କ ମନ୍ଦିର ତିଆରି ହୁଏ ଓ ମପାଯାଏ । ସେମାନଙ୍କ ଉପଦେଶ ଯେପରି ଅଳୀକ, ସ୍ୱର୍ଗ ମଧ୍ୟ ସେହିପରି ଅସମ୍ଭବ । ଈସାଇମାନେ ନିଜର ଖାଦ୍ୟ ରୁଟି ଓ ପାନୀୟ ମଦକୁ ମାଂସ ଓ ରକ୍ତ ବୋଲି ଭାବନାକରି ସେବନ କରନ୍ତି । ଗିର୍ଜାରେ ମଧ୍ୟ କ୍ରୁଶ ପ୍ରଭୃତିର ଆକାର ତିଆରି କରିବା ମୂର୍ତ୍ତି ପୂଜାଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ ॥ ୧୧୪ ॥

୧୧୫- ସ୍ୱର୍ଗରେ ଈଶ୍ୱରଙ୍କ ମନ୍ଦିର ଖୋଲାଗଲା । ତନ୍ମଧ୍ୟରେ ତାଙ୍କର ନିୟମ ସିନ୍ଦୁକଥିବାର ଦେଖାଗଲା ।

(ଯୋ·ପ୍ର·ପ·୧୧/ଆ·୧୯)

ସମୀକ୍ଷକଃ- ସ୍ୱର୍ଗରେ ଈଶ୍ୱରଙ୍କ ଯେଉଁ ମନ୍ଦିର ଅଛି, ତାହା ସବୁ ସମୟରେ ବନ୍ଦରହୁଥିବ । ବୋଧ ହୁଏ କେବେ କିପରି ଖୋଲା ଯାଉଥିବ । ପରମେଶ୍ୱରଙ୍କ କୌଣସି ମନ୍ଦିର କଣ ରହିପାରେ ? ବେଦୋକ୍ତ ପରମାତ୍ମା ସର୍ବବ୍ୟାପକ,ତେଣୁ ତାଙ୍କର ମନ୍ଦିର କିପରି ତିଆରି କରାଯିବ ? ଅବଶ୍ୟ ଈସାଇମାନଙ୍କ ଈଶ୍ୱର ଆକାରଯୁକ୍ତ, ତେଣୁ

ମର୍ତ୍ତ୍ୟମଣ୍ଡଳରେ ତାଙ୍କର ଯେପରି ମନ୍ଦିର ଥିଲେ, ସ୍ୱର୍ଗରେ ଥିବା ମନ୍ଦିରରେ ମଧ୍ୟ ସେପରି ରହିଥିବ । ନିୟମ ସିନ୍ଦୁକକୁ ଈସାଇମାନେ କେବେ କେବେ ଦେଖୁଥିବେ, ଏଥିରେ ତାଙ୍କର କି ପ୍ରକାର ଉଦ୍ଦେଶ୍ୟ ସାଧିତ ହେଉଛି, ତାହା କେବଳ ସେମାନଙ୍କୁ ଜଣା । ଲୋକଙ୍କୁ ଭୁଲାଇବାପାଇଁ ଏସବୁର ଅବତାରଣା କରାଯାଇଛି, ଏହାହିଁ ହେଉଛି ପ୍ରକୃତକଥା ॥ ୧୧୫ ॥

୧୧୬- ସ୍ୱର୍ଗରେ ଅନ୍ୟ ଏକ ଆଶ୍ଚର୍ଯ୍ୟ ବିଷୟପ୍ରତି ଦେଖାଗଲା । ଜଣେ ସ୍ତ୍ରୀ ସୂର୍ଯ୍ୟକୁ ବସ୍ତ୍ରକରି ପିନ୍ଧିଥିଲା,ଚନ୍ଦ୍ର ରହିଥିଲା ତାର ପାଦତଳେ, ପୁଣି ତାହାର ଶିର ଉପରେ ବାରଗୋଟି ତାରାର ମୁକୁଟ ଥିଲା ।ପୁଣି ସେହି ସ୍ତ୍ରୀ ଗର୍ଭବତୀ ଥିଲା, ପ୍ରସବ ବେଦନା ଭୋଗୁଥିବାରୁ ସେ ଚିତ୍କାର କରୁଥିଲା । ଦ୍ୱିତୀୟ ଆଶ୍ଚର୍ଯ୍ୟବିଷୟ ହେଲା ····· ସେଠାରେ ନାଲିରଙ୍ଗର ଏକ ବିରାଟ ଅଜଗର ସାପଥିଲା । ସେହି ସାପର ସାତଟା ମୁଣ୍ଡ, ଦଶଟି ଶିଙ୍ଗ ଓ ମୁଣ୍ଡ ଉପରେ ସାତଗୋଟି ରାଜ ମୁକୁଟ ଥିଲା । ସେ ତା ଲାଙ୍ଗୁଡରେ ଆକାଶ ରେ ଥିବା ତାରାମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ଟାଣିଆଣି ପୃଥିବୀ ଉପରକୁ ପକାଇଦେଲା । (ଯୋ·ପ୍ର·ପ·୧୨।ଆ·୧ରୁ୪)

ସମୀକ୍ଷକ:- ଏମାନଙ୍କର ଲମ୍ବାଚଉଡ଼ା ଗପ ଶୁଣନ୍ତୁ । ଏମାନଙ୍କ ସ୍ୱର୍ଗରେମଧ୍ୟ ବିଚରା ସ୍ତ୍ରୀଟିଏ ଚିତ୍କାର କରୁଛି, ତା ଦୁଃଖ ମୋଚନ କରିବାକୁ କେହି ନାହାନ୍ତି । ସେ ଅଜଗରର ଲାଙ୍ଗୁଡ଼ଟା କେତେ ବଡ଼ଥିଲା ଯେ ସେ ଆକାଶର ଏକ ତୃତୀୟାଂଶ ତାରାକୁ ଟାଣି ଖସାଇଦେଲା ? ପୃଥିବୀ ଛୋଟ ତା ଅପେକ୍ଷା ତାରା ବଡ଼ ।ଏପରିକି ଗୋଟିଏ ତାରାମଧ୍ୟ ପୃଥିବୀରେ ରହିପାରିବ ନାହିଁ । ତେଣୁ ଅନୁମାନ କରାଯାଉଛି ଯେ ଏପରି ଉକ୍ତଇଥା ଲେଖିଥିବା ଲୋକର ଘର ଉପରେ ତାରାଗୁଡ଼ିକ ପଡ଼ିଥିବ ।ପୁଣି ସେହି ଅଜଗର ସାପମଧ୍ୟ ତାଙ୍କରି ଘରେ ରହୁଥିବ । ୧୧୬ ।

୧୧୭- ପୁଣି ସ୍ୱର୍ଗରେ ଯୁଦ୍ଧ ହେଲା ! ମିଖାଏଲ୍ (ମାଇକେଲ୍) ଓ ତାହାର ଦୂତମାନେ ଅଜଗର ସଙ୍ଗେ ଯୁଦ୍ଧକଲେ, ପୁଣି ଅଜଗର ଓ ତାହାର ଦୂତମାନେ ଲଢ଼ିଲେ । (ଯୋ·ପ୍ର·ପ·୧୨।ଆ·୭)

ସମୀକ୍ଷକ:- ଈସାଇମାନଙ୍କ ମଧ୍ୟରୁ କେହିଯଦି ସ୍ୱର୍ଗକୁ ଯାଉଥିବ ସେ ମଧ୍ୟ ଯୁଦ୍ଧରେ

ନିଶ୍ଚୟ ଦୁଃଖ ଭୋଗିଥିବ । ଯେଉଁ ସ୍ୱର୍ଗରେ ଏପରି ଯୁଦ୍ଧହେଉଛି ସେହି ସ୍ୱର୍ଗକୁ ଦୂରରୁ ଜୁହାର । ଯେଉଁଠି ଶାନ୍ତିଭଙ୍ଗ ହୋଇ ଉପଦ୍ରବ ଲାଗି ରହିଛି ସେହିସ୍ଥାନ କେବଳ ଈସାଇମାନଙ୍କ ବାସୋପଯୋଗୀ ଅଟେ ॥ ୧୧୭ ॥

୧୧୮- ସେହି ବିରାଟ ଅଜଗରକୁ ତଳେ ପକାଇ ଦିଆଗଲା । ସେହି ପୁରୁଣା ସାପକୁ ପାପାତ୍ମା ବା ସଇତାନ୍ ବୋଲି କୁହା ଯାଉଥିଲା । ସେହି ସାପ ସାରା ସଂସାରକୁ ଭ୍ରମ ଜାଲରେ ପକାଉଥିଲା । (ଯୋ·ପ୍ର·ପ·୧୨।ଆ·୯)

ସମୀକ୍ଷକ:- ଏହି ସଇତାନ ସ୍ୱର୍ଗରେ ଥିବା ସମୟରେ ଲୋକଙ୍କୁ କଣ ଭୁଲାଉ ନଥିଲା ? ଜନ୍ମପରେପରେ ତାକୁ ମାରି ଦିଆ ନ ଗଲା କାହିଁକି ? କିମ୍ବା ବନ୍ଦୀଗୃହରେ ରଖାଗଲା ନାହିଁ କାହିଁକି ? ପୃଥିବୀ ଉପରକୁ ତାକୁ ମାରିପକାଇ ଦିଆଗଲା କାହିଁକି ? ଯେଉଁ ସଇତାନ୍ ସାରା ସଂସାରକୁ ଭୁଲାଉଥିଲା ତାକୁ ପୁଣି କିଏ ଭୁଲାଉଥିଲା ? ସଇତାନ୍ ଆପେ ଆପେ ଯଦିଭ୍ରମୁଥିଲା, ତେବେ ସଇତାନ୍ ବ୍ୟତୀତ ମଧ୍ୟ ଲୋକମାନେ ଆପେଆପେ ଭ୍ରମୁଥିବେ । ଯଦି ସଇତାନକୁ ଈଶ୍ୱର ଭୁଲାଉଥିଲେ ତେବେ ସେ ଈଶ୍ୱର ପଦବାଚ୍ୟ ହୋଇପାରିବେ ନାହିଁ ।

ଅନୁମାନ କରାଯାଉଛି ଈସାଇମାନଙ୍କ ଈଶ୍ୱର ସଇତାନକୁ ପ୍ରାଣପଣେ ଭୟ କରନ୍ତି । ଯଦି ସଇତାନଠାରୁ ଈଶ୍ୱର ବଳଶାଳୀ ତେବେ ସେ ସଇତାନର ଅପରାଧକୁ ଦେଖି ଦଣ୍ଡ ଦେଉନଥିଲେ କାହିଁକି ? ଜଗତରେ ସଇତାନ୍ ଯେତେବଡ଼ରାଜ୍ୟ ଶାସନକରେ ତହିଁରୁ ଶହେଭାଗରୁ ଭାଗଟିଏ ମଧ୍ୟ ଈସାଇମାନଙ୍କ ଈଶ୍ୱରଙ୍କର ନାହିଁ । ଏଥିପାଇଁ ଈସାଇଙ୍କ ଈଶ୍ୱର ତାଙ୍କୁ ହଟାଇ ପାରୁନଥିବେ । ଈସାଇଶାସକମାନେ ଚୋର ଡକାୟତ ପ୍ରଭୃତି ଅପରାଧୀମାନଙ୍କୁ ଶୀଘ୍ର ଯେପରି ଦଣ୍ଡ ଦେଇପାରନ୍ତି ଈସାଇ ଈଶ୍ୱର ସେହିପରି ଦଣ୍ଡବିଧାନ କରିପାରନ୍ତି ନାହିଁ ।ତେଣୁ ଏପରି ବୋକାଲୋକ କିଏ ଅଛି ଯେ ବୈଦିକ [illegible] ପରିତ୍ୟାଗକରି କପୋଳକଳ୍ପିତ ଅବାନ୍ତର ଖ୍ରୀଷ୍ଟମତକୁ [illegible] ॥ ୧୧୮ ॥

୧୧୯- ହାୟରେ ପୃଥବୀ ଓ ସମୁଦ୍ରବାସୀ ପ୍ରାଣୀ [illegible] ସଇତାନ୍ [illegible] ନିକଟକୁ ଓହ୍ଲାଇ ଯାଉଛି ! (ଯୋ·ପ୍ର·ପ·୧୨।[illegible])

ସମୀକ୍ଷକ:- ତେବେ ଈଶ୍ୱରକଣ କେବଳ ସେଠାକାର [illegible] ଓ ସ୍ୱାମୀ [illegible]

ମନୁଷ୍ୟାଦି ପ୍ରାଣୀମାନଙ୍କର ରକ୍ଷକ ଓ ସ୍ୱାମୀ ସେ କଣ ନୁହନ୍ତି ? ଯଦି ସେ ପୃଥିବୀର ମଧ୍ୟ ରାଜା, ତେବେ ସେ ସଇତାନ୍‌କୁ ମାରିନଦେଲେ କାହିଁକି ? ସଇତାନ୍ ଈଶ୍ୱରଙ୍କ ଆଗରେ ତାଙ୍କରି ଲୋକଙ୍କୁ ଦୋଷାରୋପ କରୁଥିବ, ତଥାପି ତାକୁ ଈଶ୍ୱର ବାରଣ କରିପାରୁ ନାହାନ୍ତି । ଏଥିରୁ ଜଣା ପଡ଼ୁଛି ଯେ ଜଣେ ଉତ୍ତମ ଈଶ୍ୱର ଥିବାସ୍ଥଳେ ଅନ୍ୟ ଏକ ଦୁଷ୍ଟ ଅଥବ ପକ୍ଷିଣାକୀ ଈଶ୍ୱର ମଧ୍ୟ ଅଛନ୍ତି ॥ ୧୧୯ ॥

୧୨୦- ବୟାଳିଶ ମାସ ପର୍ଯ୍ୟନ୍ତ ଯୁଦ୍ଧ କରିବାପାଇଁ ତାକୁ ଅଧିକାର ଦିଆଗଲା । ତାପରେ ନିଜମୁଖରେ ସେ ଈଶ୍ୱରଙ୍କ ନିନ୍ଦା ଆରମ୍ଭ କରିଦେଲା । ତାଙ୍କନାମରେ, ତାଙ୍କ ତମ୍ବୁକୁ, ପୁଣି ସ୍ୱର୍ଗରେ ବାସ କରୁଥିବା ଲୋକମାନଙ୍କୁ ନିନ୍ଦା କଲା । ପବିତ୍ର ଲୋକଙ୍କ ସହିତ ଯୁଦ୍ଧ କରିବା, ସେମାନଙ୍କୁ ଜୟ କରିବା, ପ୍ରତ୍ୟେକ କୁଳ, ଭାଷା ଓ ଦେଶ ଉପରେ ତାକୁ ଅଧିକାର ଦିଆଗଲା ।

(ଯୋ·ପ୍ର·ପ·୧୩/ଆ·୫,୬,୭)

ସମୀକ୍ଷକ:- ଜଗତର ଲୋକଙ୍କୁ ଭୁଲାଇବାପାଇଁ ସଇତାନ୍‌କୁ ପୁଣି ଏକ ପଶୁକୁ ପଠାଇବା, ପୁଣି ପବିତ୍ର ଲୋକଙ୍କ ସହିତ ସେମାନଙ୍କର ଯୁଦ୍ଧ କରାଇବା, ଏଗୁଡ଼ିକ କୌଣସି ଡକାୟତ ସରଦାରର କାମ କି ନୁହେଁ ? ଈଶ୍ୱରଙ୍କ କିମ୍ବା ତାଙ୍କର ଭକ୍ତମାନଙ୍କଦ୍ୱାରା ଏପରି କାର୍ଯ୍ୟ କଦାପି ସମ୍ଭବ ହୋଇପାରେ ନାହିଁ ॥ ୧୨୦ ॥

୧୨୧- ସିୟୋନ୍ ପର୍ବତ ଉପରେ ଠିଆ ହୋଇଥିବା ଗୋଟିଏ ମେଣ୍ଢା ଛୁଆକୁ ମୁଁ ଦେଖିବାକୁ ପାଇଲି । ତାସଙ୍ଗରେ ଏକଲକ୍ଷ ଚଉରାଳିଶି ହଜାର ଲୋକଥିଲେ । ସେମାନଙ୍କ କପାଳରେ ସେମାନଙ୍କର ଏବଂ ସେମାନଙ୍କ ପିତାଙ୍କ ନାମ ଲିଖିତ ହୋଇଥିଲା ।

(ଯୋ·ପ୍ର·ପ·୧୪/ଆ·୧)

ସମୀକ୍ଷକ:- ଯେଉଁ ସିୟୋନ୍ ପାହାଡ଼ ଉପରେ ବାପ ରହୁଥିଲେ, ସେହିଠାରେ ପୁଅ ଯିଶୁ ମଧ୍ୟ ରହୁଥିଲେ । କିନ୍ତୁ ଏକଲକ୍ଷ ଚୌରାଳିଶ ହଜାର ଗଣନା କରାଗଲା କାହିଁକି ? ସ୍ୱର୍ଗବାସୀଙ୍କ ସଂଖ୍ୟା କଣ ମୋଟେ ଏକଲକ୍ଷ ଚୌରାଳିଶ ହଜାର ? କୋଟି ସଂଖ୍ୟକ ଈସାଇଙ୍କ କପାଳରେ ଈଶ୍ୱରଙ୍କ ମୋହର ନ ଥିଲା । ସେମାନେ ସମସ୍ତେ କଣ ନରକକୁ ଗଲେ? ଈସାଇମାନଙ୍କର ଉଚିତ ସେ ସିୟୋନ୍ ପର୍ବତକୁ ଯାଇ ଥରେ ଦେଖନ୍ତୁ ସେଠାରେ **ଯିଶୁଙ୍କ** ସେହିବାପ ଓ ତାଙ୍କର ସେନା ଅଛନ୍ତି କି ନାହିଁ ? ଯଦିଥିବେ ତେବେ ବାଇବେଲ୍

କଥା ସତ୍ୟ,ନତୁବା ସବୁଯାକ ମିଥ୍ୟା । ଯଦି କୁହାଯାଏ ସେମାନେ ସେଠାକୁ ଆସିଥିଲେ, ବର୍ତ୍ତମାନ ଚାଲିଗଲେଣି । ତେବେ ସେମାନେ କେଉଁଠାରୁ ଆସିଥିଲେ ? ଯଦି ସ୍ୱର୍ଗରୁ ଆସିଥିଲେ କେଉଁପରି ଆସିଥିଲେ ? ସେମାନଙ୍କର କଣ ପକ୍ଷ ଥିଲା ଯେ ସେମାନେ ଉଡିଉଡି ଆସିଥିଲେ ? ଈଶ୍ୱର ଯଦି ଏପରି ଯାତାୟାତ କରନ୍ତି, ତେବେ ସେ ଏକ ଜିଲ୍ଲାର ଜିଲ୍ଲାପାଳ ସଦୃଶ ହୋଇଗଲେ । ଏପରି ହେଲେ ସେ ଜଣେ, ଦୁଇଜଣ ବା ତିନିଜଣ ହେଲେ କାମ ଚଳିବ ନାହିଁ, ଅନ୍ୟୁନ ଏକ ଏକ ଭୂଗୋଳପାଇଁ ଜଣେ ଜଣେ ଈଶ୍ୱର ଆବଶ୍ୟକ । ଯେଣୁ ଜଣେ, ଦୁଇଜଣ ବା ତିନିଜଣ ଅନେକ ବ୍ରହ୍ମାଣ୍ଡର ନ୍ୟାୟ କରିପାରିବେ ନାହିଁ, କିମ୍ବା ସର୍ବତ୍ର ଭ୍ରମଣ କରିବାପାଇଁ କଦାପି ସମର୍ଥ ହୋଇପାରିବେ ନାହିଁ ॥ ୧୨୧ ॥

୧୨୨- ଆତ୍ମା କହେ ହଁ, ସେମାନେ ପ୍ରକୃତରେ ଧନ୍ୟ, ଯେଣୁ ସେମାନେ ନିଜ ପରିଶ୍ରମରେ ବିଶ୍ରାମ କରିବେ । କିନ୍ତୁ ସେମାନଙ୍କ କାର୍ଯ୍ୟ ସେମାନଙ୍କ ସଙ୍ଗରେ ଯିବ ।

(ଯୋ·ପ୍ର·ପ·୧୪/ଆ·୧୩)

ସମୀକ୍ଷକ:- ଦେଖନ୍ତୁ, ଈସାଇମାନଙ୍କ ଈଶ୍ୱର ନିଜେ କହିଛନ୍ତି ଯେ ସେମାନଙ୍କ କାର୍ଯ୍ୟ ସେମାନଙ୍କ ସଙ୍ଗରେ ରହିବ ଅର୍ଥାତ୍ ନିଜ କର୍ମାନୁରୂପ ଫଳ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ । ଏପରିସ୍ଥଳେ ଈସାଇମାନେ କହନ୍ତି ଯେ ଯିଶୁ ସବୁପାପ ନେଇଯିବେ ଓ କ୍ଷମା ମଧ୍ୟ କରିଦେବେ । ଏବେ ବୁଦ୍ଧିମାନ୍ ଲୋକେ ବିଚାର କରନ୍ତୁ ଯେ ଈଶ୍ୱରଙ୍କ ବଚନ ଠିକ୍ ନା ଈସାଇମାନଙ୍କ କଥା ଠିକ୍ ? ଉଭୟଙ୍କ କଥା ସତ୍ୟ ହୋଇପାରିବ ନାହିଁ । ଗୋଟିଏ କଥା ସତ୍ୟ ଓ ଅନ୍ୟଟି ନିଶ୍ଚୟ ମିଥ୍ୟା ହୋଇଥିବ । ଈସାଇମାନେ ଠିକ୍ ହୁଅନ୍ତୁ ବା ସେମାନଙ୍କ ଈଶ୍ୱର ଠିକ୍ ହୁଅନ୍ତୁ, ତହିଁରେ ଆମର ଯାଏ ଆସେ କଣ ? ୧୨୨ ॥

୧୨୩- ପୁଣି ଈଶ୍ୱରଙ୍କ କୋପର ରସକୁଣ୍ଡରେ ତାହାକୁ ପକାଇ ଦିଆଗଲା । ନଗରର ବାହାରେ ସେହି ରସକୁଣ୍ଡକୁ ମନ୍ଥନ କରାଗଲା । ସେହି ରସକୁଣ୍ଡରୁ ଘୋଡ଼ାର ଲଗାମ୍ ପର୍ଯ୍ୟନ୍ତ ରକ୍ତ ଶହେକୋଶ ବ୍ୟାପି ବହିଲା । (ଯୋ·ପ୍ର·ପ·୧୪/ଆ·୧୯-୨୦)

ସମୀକ୍ଷକ:- ପୁରାଣର କପୋଳକଳ୍ପିତ ଗପଠାରୁ ଏହି ଗପ ଆହୁରି ବଳିଗଲା । ଈସାଇମାନଙ୍କ ଈଶ୍ୱର ରାଗିବା ସମୟରେ ଅତ୍ୟଧିକ ଦୁଃଖିତ ହୋଇଯାଉଥିବେ । ଯେଉଁ

କୋପକୁ କୁଣ୍ଡରେ ପୂରାଇଛନ୍ତି, ତାହା କଣ କୋପଜଳ ? ତେବେ ତାଙ୍କର କ୍ରୋଧଟା ଜଳପରି ଦ୍ରବ ପଦାର୍ଥ ଯେ ତହିଁରେ କୁଣ୍ଡ ପୁଣି ଭର୍ତ୍ତି ହୋଇଯାଏ । ପୁଣି ଶହେ କୋଶ ପର୍ଯ୍ୟନ୍ତ ରକ୍ତ ପ୍ରବାହିତ ହେବା ଏକାବେଳକେ ଅସମ୍ଭବ । ଯେଣୁ ବାୟୁ ସଂସ୍ପର୍ଶରେ ଆସିଲେ ରକ୍ତ ଘନୀଭୂତ ହୋଇଯାଏ । ତେଣୁ ଏକଥା ତାହା ମିଛ ବ୍ୟତୀତ ଅନ୍ୟକିଛି ନୁହେଁ ॥ ୧୨୩ ॥

୧୨୪- ପୁଣି ଦେଖିଲି, ସ୍ୱର୍ଗରେ ସାକ୍ଷୀର ତମ୍ବୁ ମନ୍ଦିର ଖୋଲାଗଲା ।

(ଯୋ·ପ୍ର·ପ·୧୫/ଆ·୫)

ସମୀକ୍ଷକ:- ଈସାଇଙ୍କ ଈଶ୍ୱର ଯଦି ସର୍ବଜ୍ଞ ହୋଇଥାନ୍ତେ ତେବେ ସାକ୍ଷୀମାନଙ୍କର ଆବଶ୍ୟକତା ନ ଥାଆନ୍ତା । ଯେଣୁ ସେ ସବୁକିଛି ଜାଣିପାରୁଥାନ୍ତେ । ଏଥିରୁ ଜଣାଯାଉଛି ଯେ ସେମାନଙ୍କ ଈଶ୍ୱର ସର୍ବଜ୍ଞ ନୁହନ୍ତି, ମନୁଷ୍ୟମାନଙ୍କପରି ଅଳ୍ପଜ୍ଞ । ଅଳ୍ପଜ୍ଞବ୍ୟକ୍ତି ଈଶ୍ୱର କେବେ ହୋଇପାରିବେ ନାହିଁ । ଏହି ପ୍ରକରଣରେ ଦୂତମାନଙ୍କ ବିଷୟରେ ଅନେକ ଅସମ୍ଭବ କଥା ଉଲ୍ଲେଖ କରାଯାଇଛି । ସେଗୁଡ଼ିକୁ କେହି କେବେ ସତ୍ୟ ବୋଲି ବିଶ୍ୱାସ କରିବେ ନାହିଁ । ଆଉ କେତେ ବା ଲେଖିବା ? ଏ ପ୍ରକରଣରେ ଅସମ୍ଭବ କଥାମାନ ଭରପୂର ହୋଇ ରହିଛି ॥ ୧୨୪ ॥

୧୨୫- ପୁଣି ଈଶ୍ୱର ତାର କୁକର୍ମକୁ ସ୍ମରଣ କଲେ । ସେ ଯେପରି ତୁମକୁ ଦେଇଛି, ତୁମେ ମଧ୍ୟ ତାକୁ ସେପରି ଦିଅ । ତାର କର୍ମ ଅନୁସାରେ ତାକୁ ଦୁଇଗୁଣ ଫଳ ଦିଅ ।

(ଯୋ·ପ୍ର·ପ·୧୮/ଆ·୫-୬)

ସମୀକ୍ଷକ:- ଦେଖନ୍ତୁ ! ପ୍ରତ୍ୟକ୍ଷରୂପେ ଈସାଇମାନଙ୍କ ଈଶ୍ୱର କିପରି ଅନ୍ୟାୟକାରୀ ଅଟନ୍ତି ! ଜୀବ ଯେପରି ଯେଉଁ ପରିମାଣର କର୍ମ କରିଛି ତାହାକୁ ସେପରି ଓ ସେତିକି ଫଳ ପ୍ରଦାନ କରିବା ହେଉଛି ପ୍ରକୃତ ନ୍ୟାୟ । ତହିଁରୁ ଊଣା ବା ଅଧିକ ଦେବା ନିଶ୍ଚିତରୂପେ ଅନ୍ୟାୟ । ଯେଉଁମାନେ ଅନ୍ୟାୟକାରୀର ଉପାସନା କରନ୍ତି, ସେମାନେ ମଧ୍ୟ ଅନ୍ୟାୟକାରୀ ହୋଇଥାନ୍ତି ॥ ୧୨୫ ॥

୧୨୬- କାରଣ ମେଣ୍ଢା ଛୁଆର ବିବାହ ଆସି ଉପସ୍ଥିତ ହୋଇଗଲାଣି, ତାର ସ୍ତ୍ରୀମଧ୍ୟ ନିଜକୁ ପ୍ରସ୍ତୁତ କରି ନେଲାଣି ।

(ଯୋ·ପ୍ର·ପ·୧୯/ଆ·୭)

ସମୀକ୍ଷକ:- ଈସାଇମାନଙ୍କ ସ୍ୱର୍ଗରେ ବିବାହ ମଧ୍ୟ ହୁଏ । କାରଣ ଯିଶୁଙ୍କ ବିବାହ ଈଶ୍ୱର ସେହିଠାରେ ହିଁ କରାଇଥିଲେ । ତାଙ୍କୁ ପଚାରିବା କଥା ଯେ ତାଙ୍କର ଶାଶୁ, ଶ୍ୱଶୁର ଓ ଶଳା କିଏ, ପୁଣି ତାଙ୍କର ସନ୍ତାନ ସନ୍ତତି କେତୋଟି ? ବୀର୍ଯ୍ୟ କ୍ଷୟ ହେବାଦ୍ୱାରା ବଳ, ବୁଦ୍ଧି, ପରାକ୍ରମ ଓ ଆୟୁ ପ୍ରଭୃତି ନ୍ୟୂନ ହୋଇଯାଏ । ତେଣୁ ଯିଶୁ ନିଶ୍ଚୟ ସେହିଠାରେ ଶରୀର ତ୍ୟାଗ କରିଥିବେ । କାରଣ ସଂଯୋଗଜନ୍ୟ ପଦାର୍ଥର ଅବଶ୍ୟ ବିୟୋଗ ଘଟିଥାଏ । ଈସାଇମାନେ ଏସବୁ କଥାକୁ ବିଶ୍ୱାସ କରି ଏପର୍ଯ୍ୟନ୍ତ ପ୍ରତାରିତ ହୋଇ ଆସିଛନ୍ତି । ଆହୁରି କେତେକାଳ ଏପରି ଏମାନେ ପ୍ରତାରିତ ହେବେ, ତା କିଏ କହିବ ॥ ୧୨୬ ॥

୧୨୭- ସେହି ଅଜଗର ଅର୍ଥାତ୍ ଦୁରାତ୍ମା ସଇତାନ୍‌କୁ ଧରି ହଜାରେ ବର୍ଷ ପର୍ଯ୍ୟନ୍ତ ବାନ୍ଧି ରଖିଲେ । ତାକୁ ଅତଳ କୁଣ୍ଡରେ ପକାଇ ମୁହଁ ବନ୍ଦ କରିଦେଲେ ଓ ତାଉପରେ ଛାପମଧ୍ୟ ଲଗାଇ ଦେଲେ । ଯଦ୍ୱାରା- ସେ ହଜାରେ ବର୍ଷ ପର୍ଯ୍ୟନ୍ତ ଲୋକଙ୍କୁ ଆଉ ଭୁଲାଇ ପାରିବ ନାହିଁ ।

(ଯୋ·ପ୍ର·ପ·୨୦/ଆ·୨-୩)

ସମୀକ୍ଷକ:- ଦେଖ, ବହୁ କଷ୍ଟରେ ସଇତାନ୍‌କୁ ଧରି ହଜାରେ ବର୍ଷ ପର୍ଯ୍ୟନ୍ତ ବନ୍ଦୀ କରାଗଲା । ତାପରେ ବନ୍ଦୀରୁ ଯେତେବେଳେ ମୁକୁଳିବ ସେ ପୁଣିଥରେ ଲୋକଙ୍କୁ ଭ୍ରଷ୍ଟ କରାଇବ ନାହିଁକି ? ଏପରି ଦୁଷ୍ଟକୁ ଯାବଜ୍ଜୀବନ ବନ୍ଦୀକରି ରଖିବା, ନତୁବା ପ୍ରାଣରେ ମାରିଦେବା ଉଚିତ ଥିଲା । କିନ୍ତୁ ଏହା ଠିକ୍ ନୁହେଁ । ପ୍ରକୃତରେ ସଇତାନ୍ ବୋଲି କିଛି ନାହିଁ । ଲୋକଙ୍କୁ କେବଳ ଭୟ ଦେଖାଇ ନିଜ ଜାଲରେ ପକାଇବାପାଇଁ ଏହା ହେଉଛି ଈସାଇମାନଙ୍କ ସୁଚିନ୍ତିତ ଷଡ଼ଯନ୍ତ୍ର । ଯେପରି କୌଣସି ଜଣେ ଧୂର୍ତ୍ତ କେତେକ ନିର୍ବୋଧ ଲୋକଙ୍କୁ କହିଲା...... ଆସ, ମୁଁ ତୁମକୁ ନାରାୟଣଙ୍କ ଦର୍ଶନ କରାଇଦେବି । ଇତିମଧ୍ୟରେ କୌଣସି ଜଣେ ମନୁଷ୍ୟକୁ ଏକାନ୍ତ ପ୍ରଦେଶକୁ ନେଇଯାଇ ଚତୁର୍ଭୁଜ ବେଶ କରାଇଦେଇ ଝାଡ଼ି ଉପରେ ବସିବାକୁ କହିଲା । ତାପରେ ଦର୍ଶନାର୍ଥୀମାନଙ୍କୁ ସେ କହିଲା, ମୁଁ ଆଖି ବନ୍ଦ କରିବାକୁ କହିଲେ ତୁମ୍ଭେମାନେ ଆଖି ବନ୍ଦ କରିଦେବ, ପୁଣି ଖୋଲିବାକୁ କହିଲେ ଖୋଲିଦେବ । ଏହାର ବ୍ୟତିକ୍ରମ କଲେ ଦେଖ ! ଅନ୍ଧ ହୋଇଯିବ । ଏହା କହି ସେମାନଙ୍କୁ ସେହି ସ୍ଥାନକୁ ନେଇ କହିଲା--- ଆଗକୁ ଚାହିଁ ଦେଖ, ପୁଣି ତତ୍‌କ୍ଷଣାତ୍ କହିଲା--- ଆଖି ବୁଜିଦିଅ । ଇତ୍ୟବସରରେ ସେହି ଚତୁର୍ଭୁଜ ବେଶଧାରୀ ସେଠାରୁ ଉଠିଯାଇ ଲୁଚି ରହିଲା

। ତାପରେ ପୁଣିଥରେ ଆଖି ଖୋଲିବାକୁ କହି ପଚାରିଲା...... ଚତୁର୍ଭୁଜ ନାରାୟଣଙ୍କୁ ଦେଖିଲ ନା ନାହିଁ ? ଧର୍ମମତବାଦୀମାନେ ଏପରି ନାନା କୌଶଳ ରଚନାକରି ଲୋକଙ୍କୁ ପ୍ରତାରିତ କରୁଛନ୍ତି । ସେମାନଙ୍କ ଜାଲରେ ନ ପଡ଼ିବାପାଇଁ ପ୍ରତ୍ୟେକ ବ୍ୟକ୍ତି ସତର୍କ ହୋଇ ରହିବା ଆବଶ୍ୟକ ।। ୧୨୭ ।।

୧୨୮- ଯେଉଁମାନଙ୍କ ସମ୍ମୁଖରୁ ପୃଥିବୀ ଓ ଆକାଶ ଅନ୍ତର୍ହିତ ହୋଇଗଲା, ସେମାନଙ୍କ ପାଇଁ ଆଉ ସ୍ଥାନ ରହିଲା ନାହିଁ । ସାନଠାରୁ ବଡ଼ପର୍ଯ୍ୟନ୍ତ ସମସ୍ତଙ୍କୁ ସିଂହାସନ ଆଗରେ ଠିଆହୋଇଥିବାର ମୁଁ ଦେଖିଲି । ପୁସ୍ତକ ଗୁଡ଼ିକ ଖୋଲାଥିଲା । ଆହୁରି ମଧ୍ୟ ଜୀବନ ପୁସ୍ତକ ନାମରେ ଅନ୍ୟ ଏକ ପୁସ୍ତକ ଖୋଲାଗଲା । ପୁସ୍ତକରେ ଲିଖିତ ବିଷୟାନୁସାରେ ମୃତବ୍ୟକ୍ତିମାନଙ୍କର ବିଚାର ତାଙ୍କ କର୍ମଫଳ ଅନୁସାରେ କରାଗଲା ।

(ଯୋ·ପ୍ର·ପ·୨୦/ଆ·୧୧-୧୨)

ସମୀକ୍ଷକ:- ଏମାନଙ୍କ ପିଲାଳିଆ କଥାକୁ ଦେଖନ୍ତୁ ! ପୃଥିବୀ ଓ ଆକାଶ କିପରି କେଉଁଠାକୁ ପଳାଇଗଲା ? ସେମାନେ ପୁଣି କାହା ଉପରେ ରହିଲେ ? ଈଶ୍ୱର ପୁଣି ତାଙ୍କର ସିଂହାସନ କେଉଁଠାରେ ରହିଲା ? ମୃତ ବ୍ୟକ୍ତିମାନେ ଈଶ୍ୱରଙ୍କ ଆଗରେ କିପରି ଓ କାହାଉପରେ ଠିଆ ହୋଇଥିଲେ ? ଜଡ଼େରି ବା ଦୋକାନମାନଙ୍କପରି ଏଠାରେ କଣ କାରବାର ହୁଏ ? ଦୋକାନ ଖାତାପରି ସେ ପୁସ୍ତକରେ କଣ ହିସାବ ରହିଛି ? ଜୀବମାନଙ୍କର ହାଲଖିଲ ଈଶ୍ୱର ନିଜେ ଲେଖନ୍ତି ନା ତାଙ୍କର ଗୁମାସ୍ତାମାନେ ଲେଖନ୍ତି ? ଏପରି କଥାଗୁଡ଼ିକ ଲେଖି ଈସାଇମାନେ ଈଶ୍ୱରଙ୍କୁ ଅନୀଶ୍ୱର ଓ ଅନୀଶ୍ୱରଙ୍କୁ ଈଶ୍ୱର କରି ଦେଇଛନ୍ତି ।। ୧୨୮ ।।

୧୨୯- ସେମାନଙ୍କ ମଧ୍ୟରୁ ଜଣେ ମୋ ନିକଟକୁ ଆସିଲା । ମୋ ସହିତ କଥାବାର୍ତ୍ତା କରି କହିଲା— ଆସ ! ମୁଁ କନ୍ୟାକୁ ବା ମେଷ ଶାବକର ପତ୍ନୀକୁ ତୁମକୁ ଦେଖାଦେବି ।

(ଯୋ·ପ୍ର·ପ·୨୧/ଆ·୯)

ସମୀକ୍ଷକ:- ତେବେ ଯିଶୁ ସ୍ୱର୍ଗରେ ମଧ୍ୟ କନ୍ୟା ବା ସ୍ତ୍ରୀ ଲାଭକରି ବିବାହବ୍ୟସନରେ କାଳଯାପନ କରିଥିବେ ! ଯେଉଁ ଈସାଇମାନେ ସ୍ୱର୍ଗକୁ ଯାଉଥିବେ ସେମାନେ ମଧ୍ୟ ସେଠାରେ ସ୍ତ୍ରୀସଙ୍ଗ ସୁଖ ଲାଭକରୁଥିବେ ! ସେମାନଙ୍କର ସନ୍ତାନସନ୍ତତି ମଧ୍ୟ ଜାତ ହେଉଥିବେ । ବହୁତ ଭିଡ଼ ହେଉଥିବ, ପୁଣି ରୋଗୋତ୍ପତ୍ତି ହୋଇ ମରୁଥିବେ ମଧ୍ୟ । ଏପରି ସ୍ୱର୍ଗକୁ ଦୂରରୁ ନମସ୍କାର ।। ୧୨୯ ।।

୧୩୦- ସେ ସେହି ନଳରେ ନଗରକୁ ମାପିଲେ ଯେ ସାଢ଼େ ସାତଶହ କୋଶ ହେଲା । ତାହାର ଲମ୍ବା, ଚଉଡ଼ା ଓ ଉଚ୍ଚତା ସମାନ ଥିଲା । ଏହି ମାପକୁ ଯେ ମନୁଷ୍ୟ ଅର୍ଥାତ୍ ଦୂତମାନଙ୍କ ହାତରେ ମପାଇବାରୁ ତାହା ଏକଶହ ଚୌରାଳିଶ ହାତ ହେଲା । ତାହର ଭିତ୍ତି ସୂର୍ଯ୍ୟକାନ୍ତ ମଣିରେ ଓ ନଗର ସୁବର୍ଣ୍ଣ ଦ୍ୱାରା ନିର୍ମିତ ହୋଇଥିଲା । ତାହା ନିର୍ମଳ କାଚଭଳି ସ୍ୱଚ୍ଛ ଦେଖାଯାଉଥିଲା । ନଗରର ଭିତ୍ତି ଗୁଡ଼ିକ ବହୁମୂଲ୍ୟ ପଥରରେ ନିର୍ମିତ ହୋଇଥିଲା । ପ୍ରଥମ ମୂଳଦୁଆରେ ସୂର୍ଯ୍ୟକାନ୍ତମଣି, ଦ୍ୱିତୀୟ ନୀଳମଣି, ତୃତୀୟ ଲାଲଡ଼ୀ, ଚତୁର୍ଥ ମରକତମଣି, ପଞ୍ଚମରେ ଗୋମେଦ, ଷଷ୍ଠରେ ମାଣିକ୍ୟ, ସପ୍ତମରେ ପୀତମଣି, ଅଷ୍ଟମରେ ପିରୋଜମଣି, ନବମରେ ପୁଷ୍ପରାଗ, ଦଶମରେ ଲହଶୁନମଣି, ଏକାଦଶରେ ଇନ୍ଦ୍ରନୀଳମଣି, ଓ ଦ୍ୱାଦଶରେ ସୌଗନ୍ଧମଣି ଖଞ୍ଜାଯାଇଥିଲା । ବାରଗୋଟି ଫାଟକ ନିର୍ମାଣପାଇଁ ବାରଗୋଟି ମୋତି ଲାଗିଥିଲା ଓ ଗୋଟିଏ ଗୋଟିଏ ମୋତିରେ ଗୋଟିଏ ଗୋଟିଏ ଫାଟକ ନିର୍ମିତ ହୋଇଥିଲା । ନଗରର ରାଜପଥଗୁଡ଼ିକ କାଚସଦୃଶ ସ୍ୱଚ୍ଛ ସୁବର୍ଣ୍ଣରେ ନିର୍ମାଣ କରାଯାଇଥିଲା ।　　(ଯୋ·ପ୍ର·ପ·୨୧/ଆ·୧୬ ରୁ ୨୧)

ସମୀକ୍ଷକ:- ସେମାନଙ୍କ ସ୍ୱର୍ଗର ବର୍ଣ୍ଣନା ଶୁଣନ୍ତୁ ! ଏଠାରେ ମରୁଥିବା ଈସାଇମାନେ ଯଦି ସେଠାକୁ ଯାଇ ଜନ୍ମଗ୍ରହଣ କରୁଥିବେ, ତେବେ ଏତେ ଲୋକଙ୍କପାଇଁ ସ୍ଥାନ ସେଠାରେ କେଉଁପରି ହେବ ? ଯେଣୁ ମନୁଷ୍ୟମାନଙ୍କର ଆଗମନ କେବଳ ସେଠାକୁ ହେଉଛି, ସେଠାରୁ କେହି ବାହାରୁ ନାହାନ୍ତି । ବହୁମୂଲ୍ୟରତ୍ନ ଓ ସୁବର୍ଣ୍ଣ ପ୍ରଭୃତିରେ ସ୍ୱର୍ଗ ନିର୍ମିତ ବୋଲି କହି, ସରଳ ଲୋକଙ୍କୁ କେବଳ ଭୁଲାଇ ଦିଆଯାଉଛି । ଲମ୍ବା,ଚଉଡ଼ା ଯାହା ହେଉନା କାହିଁକି ଉଚ୍ଚତା ପୁଣି ସାତଶହ କୋଶ କିପରି ହୋଇଥିବ ? ଏସବୁ କପୋଳକଳ୍ପିତ କାହାଣୀ ମାତ୍ର । ଏତେ ବଡ଼ ମୋତି ଆସିଲା କୁଆଡୁ ? ଏହାକୁ ଗପୁଡି ପୁରାଣ କହିଲେ କଥାଟା କଦାପି ଅତ୍ୟୁକ୍ତି ହେବନାହିଁ ।। ୧୩୦ ।।

୧୩୧- କୌଣସି ଅପବିତ୍ର ପଦାର୍ଥ ଅଥବା ଘୃଣ୍ୟକର୍ମ କରୁଥିବା ବ୍ୟକ୍ତି ପୁଣି କୌଣସି ମିଥ୍ୟାବାଦୀ ଲୋକ କୌଣସିମତେ ସେଠାକୁ ପ୍ରବେଶ କରିପାରିବ ନାହିଁ ।

(ଯୋ·ପ୍ର·ପ·୨୦/ଆ·୨୭)

ସମୀକ୍ଷକଃ- ପ୍ରକୃତରେ ଯଦି ଏପରି ନିୟମ ରହିଛି, ତେବେ ଈସାଈଲୋକେ କିପରି କହନ୍ତି ଯେ ଖ୍ରୀଷ୍ଟଧର୍ମଗ୍ରହଣ କରୁଥିବା ଲୋକ ପାପୀ ହେଲେ ମଧ୍ୟ ସ୍ୱର୍ଗକୁ ଯାଇପାରିବେ ? ଏହା କଦାପି ଠିକ୍ କଥା ନୁହେଁ । ଯଦି ଏହା ଠିକ୍, ତେବେ ଯୋହନ୍ ପରି ମିଥ୍ୟାବାଦୀ ତେବେ ସ୍ୱର୍ଗକୁ ଯାଇପାରି ନ ଥିବ । ଏପରିକି ଯିଶୁ ମଧ୍ୟ ସ୍ୱର୍ଗକୁଯାଇ ପାରି ନ ଥିବେ । କାରଣ ଏକାକୀ ପାପ କରୁଥିବା ଲୋକ ସେଠାକୁ ଯେତେବେଳେ ଯାଇପାରେ ନାହିଁ, ତେବେ ଅନେକ ଲୋକଙ୍କର ପାପଭାରକୁ ବହନ କରିଥିବା ଯିଶୁ କିପରି ସ୍ୱର୍ଗକୁ ଯାଇପାରିବେ ? ॥ ୧୩୧ ॥

୧୩୨- ସେଠାରେ କୌଣସି ପ୍ରକାର ଅଭିଶାପ ରହିବ ନାହିଁ । ଈଶ୍ୱରଙ୍କ ଓ ମେଷଶାବକର ସିଂହାସନ ସେଠାରେ ଥିବ । ତାଙ୍କର ଦାସମାନେ ତାଙ୍କୁ ସେବା କରିବେ । ଈଶ୍ୱରଙ୍କ ମୁଖକୁ ଦେଖିବେ, ସେମାନଙ୍କ କପାଳରେ ନାମ ଲିଖିତ ହୋଇ ରହିବ, । ସେଠାରେ ରାତି ହେବ ନାହିଁ । ତେଣୁ ଦୀପ ବା ସୂର୍ଯ୍ୟାଲୋକ ତାଙ୍କର ଆବଶ୍ୟକ ହେବ ନାହିଁ । କାରଣ ଈଶ୍ୱର କେବଳ ସେମାନଙ୍କୁ ଜ୍ୟୋତି ବିତରଣ କରିବେ । ପୁଣି ସେହିମାନେ କେବଳ ସବୁଦିନପାଇଁ ରାଜ୍ୟଶାସନ କରିବେ । (ଯୋ·ପ୍ର·ପ·୨୨/ଆ·୩,୪,୫)

ସମୀକ୍ଷକଃ- ଈସାଈମାନଙ୍କ ସ୍ୱର୍ଗବାସ ବିଷୟକ ବିଚିତ୍ରବର୍ଣ୍ଣନା ଦେଖନ୍ତୁ । ଈଶ୍ୱର ଏବଂ ଯିଶୁ ଏ ଦୁହେଁ କେବଳ ସବୁଦିନପାଇଁ ଆପଣା ସିଂହାସନରେ ବସି ରହିଥିବେ ? ପୁଣି ତାଙ୍କର ଦାସମାନେ ସର୍ବଦା ତାଙ୍କପାଖରେ ମୁହଁ ଦେଖାଉଥିବେ ? ଏବେ ସେମାନେ କହନ୍ତୁ ଦେଖି ସେମାନଙ୍କ ଈଶ୍ୱରଙ୍କ ମୁହଁ ୟୁରୋପିଆନ୍ ମାନଙ୍କପରି ଗୋରା ନା ଆଫ୍ରିକାବାସୀଙ୍କ ପରି କଳା ? ନା ଅନ୍ୟଦେଶବାସୀଙ୍କ ମୁଖ ସଦୃଶ ? ସେମାନଙ୍କ ସ୍ୱର୍ଗକୁ ବନ୍ଦୀଶାଳା କହିବା ଯଥାର୍ଥ ହେବ । କାରଣ ଛୋଟ ବଡ଼ ସମସ୍ତେ ସେଠାରେ ଗୋଟିଏ ସ୍ଥାନରେ ବସବାସ କରନ୍ତି । ତେଣୁ ସେଠାରେ ଦୁଃଖ ବା କାହିଁକି ନ ହେବ ? ଯାହାର ମୁହଁ ଅଛି, ସେ କେବେହେଁ ସର୍ବଜ୍ଞ, ସର୍ବବ୍ୟାପୀ ପରମେଶ୍ୱର ହୋଇପାରିବ ନାହିଁ ।

୧୩୩- ଦେଖ ! ମୁଁ ଶୀଘ୍ର ଆସୁଛି । ମୋର ପ୍ରତିଫଳ ମୋ ସଙ୍ଗରେ ରହିଛି ।ଯିଏ ଯେପରି କାର୍ଯ୍ୟ କରିବ, ମୁଁ ତାକୁ ତଦନୁସାରେ ଫଳ ଦେବି ।

(ଯୋ·ପ୍ର·ପ·୨୨/ଆ·୧୨)

ସମୀକ୍ଷକଃ- ପ୍ରକୃତରେ ଯଦି କର୍ମାନୁସାରେ ଫଳଲାଭ ହେଉଥାଏ ତେବେ ପାପୀ କଦାପି କ୍ଷମା ପାଇପାରିବ ନାହିଁ । ଯଦି କ୍ଷମା ଦିଆଯାଉଥିବ ତେବେ ବାଇବେଲ୍‌ର କଥା ମିଥ୍ୟା ହେବ । ଯଦି କେହି କହେ ଯେ କ୍ଷମା କରିବାପାଇଁ ମଧ୍ୟ ବାଇବେଲ୍‌ରେ ଉଲ୍ଲେଖ ଅଛି, ତେବେ ପୂର୍ବାପର ବିରୁଦ୍ଧ ଅର୍ଥାତ୍ " **ହଲ୍‌ଫନ୍ଦରୋଗୀ** " ହେତୁ ଏହା ମିଥ୍ୟା । ତେଣୁ ତାକୁ ମାନିବା କଦାପି ଉଚିତ ନୁହେଁ । ଏମାନଙ୍କ ବାଇବେଲ୍‌ରେ ଏହିପରି ଲକ୍ଷ ଲକ୍ଷ ମିଥ୍ୟା କଥାମାନ ଅବତାରଣା କରାଯାଇଛି । ସେସବୁ ଲେଖିବା ଅସମୀଚୀନ ମନେ କରୁଛୁ । ଏଠାରେ ବାଇବେଲ୍‌ରୁ କେତୋଟି ମାତ୍ର ଉଦାହରଣ ଦିଆଗଲା । ବୁଦ୍ଧିମାନ୍ ଲୋକେ ଅଳ୍ପରୁ ମଧ୍ୟ ଅନେକ କିଛି ଜାଣିପାରିବେ । ବାଇବେଲ୍‌ର ଅଳ୍ପ କେତୋଟି କଥାକୁ ବାଦ୍‌ଦେଲେ ଅନ୍ୟ ସବୁଗୁଡ଼ିକ ପ୍ରାୟ ମିଥ୍ୟା । ଯେପରି ଅଳ୍ପସତ୍ୟ ମିଥ୍ୟାସହିତ ମିଶ୍ରିତ ହେଲେ ତାହା ଗ୍ରହଣୀୟ ହୋଇପାରେ ନାହିଁ, ସେହିପରି ବାଇବେଲ୍ ମଧ୍ୟ ଗ୍ରାହ୍ୟ ହୋଇପାରିବ ନାହିଁ । କିନ୍ତୁ ବେଦମତ ସଂପୂର୍ଣ୍ଣରୂପେ ସତ୍ୟ ହୋଇଥିବାରୁ ତାହା ସର୍ବଦା ଗ୍ରହଣୀୟ ॥ ୧୩୩ ॥

ଇତି ଶ୍ରୀମଦ୍ଦୟାନନ୍ଦ ସରସ୍ୱତୀସ୍ୱାମିନିର୍ମିତେ
ସତ୍ୟାର୍ଥପ୍ରକାଶେ
ସୁଭାଷାବିଭୂଷିତେ କୃଷ୍ଚୀନମତବିଷୟେ
ତ୍ରୟୋଦଶଃ ସମୁଲ୍ଲାସଃ ସଂପୂର୍ଣ୍ଣଃ ॥ ୧୩ ॥

ଅନୁଭୂମିକା (୪)

ଏହି ଚତୁର୍ଦ୍ଦଶ ସମୁଲ୍ଲାସରେ କେବଳ କୋରାନ୍‌କୁ ଆଧାରକରି ମୁସଲମାନ୍ ମତ ବିଷୟରେ ଆଲୋଚନା କରାଯାଇଛି । ଯେଣୁ ମୁସଲମାନ୍‌ମାନଙ୍କର ପ୍ରଧାନ ଧର୍ମଗ୍ରନ୍ଥ ହେଉଛି କୋରାନ୍, ତେଣୁ କୋରାନ୍‌କୁ ସେମାନେ ସମ୍ପୂର୍ଣ୍ଣରୂପେ ବିଶ୍ୱାସ କରନ୍ତି । ଅନ୍ୟାନ୍ୟ ଗ୍ରନ୍ଥରେ ସେମାନଙ୍କର ମତଭେଦ ଥାଇପାରେ, କିନ୍ତୁ କୋରାନ୍ ବିଷୟରେ ସେମାନେ ସମସ୍ତେ ଏକମତ ହୋଇଥାନ୍ତି । କୋରାନ୍ ଗ୍ରନ୍ଥ ଆରବୀଭାଷାରେ ଲିଖିତ । ମୌଲବୀମାନେ ଏହାକୁ ଉର୍ଦ୍ଦୁଭାଷାରେ ଅନୁବାଦ କରିଛନ୍ତି । ସେହି ଅର୍ଥ ଆର୍ଯ୍ୟଭାଷାରେ ଅନୂଦିତ ହୋଇ ଦେବନାଗରୀ ଲିପିରେ ପୁଣି ଲେଖାଯାଇଛି । ସେସବୁକୁ ଆରବୀଭାଷାର ବଡ଼ ବଡ଼ ବିଦ୍ୱାନ୍‌ମାନେ ସଂଶୋଧନ ମଧ୍ୟ କରିଛନ୍ତି । କେହି ଯଦି ଏ ଅର୍ଥ ଠିକ୍ ହୋଇନାହିଁ ବୋଲି କହନ୍ତି, ତେବେ ସେମାନେ ସେହି ମୌଲବୀମାନଙ୍କ ଟିକା ପ୍ରଥମେ ଆଲୋଚନା କରି, ତାପରେ ଏହାର ପ୍ରତିବାଦ କରନ୍ତୁ ।

ମାନବ ଜାତିର ଉନ୍ନତି ସାଧନ ନିମନ୍ତେ ସତ୍ୟାସତ୍ୟକୁ ନିର୍ଣ୍ଣୟ କରିବାପାଇଁ ସମସ୍ତଙ୍କ ମତ ଗ୍ରନ୍ଥରୁ କେତେକ ସାରାଂଶମାତ୍ର ଏଥିରେ ଅବତାରଣା କରାଯାଇଛି । ଏହାଦ୍ୱାରା ପ୍ରତ୍ୟେକ ମନୁଷ୍ୟ ସର୍ବଧର୍ମ ବିଷୟରେ ଜ୍ଞାନ ଅର୍ଜନ ପୂର୍ବକ ପରସ୍ପରମଧ୍ୟରେ ଆଲୋଚନାକରି ଦୋଷତ୍ୟାଗ ଓ ଗୁଣଗ୍ରହଣ କରିବାରେ ସମର୍ଥ ହୋଇପାରିବେ । କୌଣସି ମତ ବିରୋଧରେ ବା ସପକ୍ଷରେ କିଛି କହିବା ଏ ଲେଖାର ଉଦ୍ଦେଶ୍ୟ ମୋଟେ ନୁହେଁ । ଯାହା ଭଲ ତାକୁ ଭଲରୂପେ ଓ ଯାହାମନ୍ଦ ତାକୁ ମନ୍ଦରୂପେ ବିଗ୍ଭରକରି କେହି କାହାଉପରେ ମିଥ୍ୟାଆରୋପ କରି ପାରିବେ ନାହିଁ, ପୁଣି ଯାହା ସତ୍ୟ ତାକୁ ମଧ୍ୟ କେହି ଅସ୍ୱୀକାର କରିପାରିବେ ନାହିଁ । ଏସବୁଦ୍ୱାରା ଅନ୍ୟ ଏକ ଉପକାର ହେବ ଯେ କେହି କାହା ଉପରେ ମତ ବିଷୟରେ ବଳାତ୍କାର କରି ପାରବେ ନାହିଁ । ଅର୍ଥାତ୍ ଏଥିରେ ଯେଉଁ ସତ୍ୟାସତ୍ୟ ବର୍ଣ୍ଣିତ ହୋଇଛି, ତାକୁ ବିଚାରକରି ଯାହାର ଇଚ୍ଛା ହେଉଛି ସେ ମାନନ୍ତୁ, ଯାହାର ଇଚ୍ଛା ନାହିଁ ସେ ନ ମାନନ୍ତୁ, କାହାରି ପ୍ରତି କୌଣସି ପ୍ରକାର ବଳାତ୍କାର ନାହିଁ । ସଜ୍ଜନମାନଙ୍କର ଚରିତ୍ର ହେଉଛି ନିଜର ହେଉ ବା ଅନ୍ୟର ହେଉ ଦୋଷକୁ ଦୋଷରୂପେ ଓ ଗୁଣକୁ ଗୁଣରୂପେ ଗ୍ରହଣ କରି ବୃଥାଛିଦ୍ କରନ୍ତି ନାହିଁ । କାରଣ ଛିଦ୍ରଖୋର୍‌ମାନଙ୍କ ଛିଦ୍ରରୁ ତଥା

ପକ୍ଷପାତ ବିଗ୍ଭରରୁ ଜଗତର ଅନେକ କିଛି ଅନର୍ଥ ଘଟିଥାଏ ଓ ଅନିଷ୍ଟମଧ୍ୟ ଜାତହୁଏ । ଅନିଶ୍ଚିତ କ୍ଷଣଭଙ୍ଗୁର ଜୀବନରେ ଅନ୍ୟର କ୍ଷତି ସାଧନକରି ନିଜର ଉନ୍ନତି କରିବା କଦାପି ଶୋଭନୀୟ ନୁହେଁ ।

ଏଥିରେ ଯଦି କୌଣସି ବିରୁଦ୍ଧ ବିଷୟ ଲେଖାଯାଇଥାଏ, ତେବେ ସଜ୍ଜନ ଲୋକେ ଉଦାର ହୃଦୟରେ ତାକୁ ଅବଗତ କରାଇବେ । ତାପରେ ଯାହା ଉଚିତ ତାହାହିଁ ଗ୍ରହଣ କରାଯିବ । କାରଣ ଲୋକଙ୍କ ମଧ୍ୟରେ ଯେଉଁ ହଟ,ଦୁରାଗ୍ରହ,ଈର୍ଷା,ଦ୍ୱେଷ, ବାଦ-ବିବାଦ ଓ ବିରୋଧ ଦେଖାଯାଉଛି ତାକୁ ଦୂରକରିବା ହେଉଛି ଏ ଲେଖାର ପ୍ରକୃତ ଉଦ୍ଦେଶ୍ୟ । ଏସବୁକୁ ସୃଷ୍ଟି କରିବା ବା ବୃଦ୍ଧିକରିବା ଏହାର ମୋଟେ ଲକ୍ଷ୍ୟନୁହେଁ । ବର୍ତ୍ତମାନ ଏହି ଚତୁର୍ଦ୍ଦଶ ସମୁଲ୍ଲାସରେ ମୁସଲମାନ୍‌ମତ ବିଷୟ ସଜ୍ଜନମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି । ସୁବିଗ୍ଭର ପୂର୍ବକ ଇଷ୍ଟକୁ ଗ୍ରହଣ କରି ଅନିଷ୍ଟକୁ ପରିତ୍ୟାଗ କରିବା ହେବେ ।

ଅଳମତିବିସ୍ତରେଣ ବୁଦ୍ଧିମଦ୍‌ବର୍ଯ୍ୟେଷୁ ।

ଇତ୍ୟନୁଭୂମିକା ।

ଅଥ ଚତୁର୍ଦ୍ଦଶ ସମୁଲ୍ଲାସାରମ୍ଭଃ

ଅଥ ଯବନମତବିଷୟଂ ବ୍ୟାଖ୍ୟାସ୍ୟାମଃ

ଏହାପରେ ମୁସଲମାନ୍ ମତ ବିଷୟରେ ଲେଖାଯିବ.......

୧- କ୍ଷମାଶୀଳ ଓ ଦୟାଳୁ ଆଲ୍ଲାଙ୍କ ନାମରେ ଆରମ୍ଭ କରୁଛୁ ।

(ମଂଜିଲ୍-୧/ସିପାରା ୧/ସୁରତ-୧)

ସମୀକ୍ଷକ:- ମୁସଲମାନ ମାନେ କହିଥାନ୍ତି ଯେ ଏହି କୋରାନ୍ ଖୁଦା ଅର୍ଥାତ୍ ପରମେଶ୍ୱରଙ୍କ ଦ୍ୱାରା କଥିତ । କିନ୍ତୁ ଏହି ବଚନରୁ ଜଣାଯାଉଛି ଯେ ଏହାକୁ ଅନ୍ୟ କେହି ଜଣେ ଲେଖିଛନ୍ତି । କାରଣ ଈଶ୍ୱର ଯଦି ଏହାକୁ ରଚନା କରିଥାନ୍ତେ, ତେବେ ସେ ଈଶ୍ୱରଙ୍କ ନାମରେ ଆରମ୍ଭ କରୁଛୁ ବୋଲି ନ କହି, ଲୋକଶିକ୍ଷା ନିମନ୍ତେ ଏହି ଉପଦେଶ ଉଚିତ୍ତ ବୋଲି କହିଥାନ୍ତେ । ଯଦି ମନୁଷ୍ୟଙ୍କୁ ଶିକ୍ଷା ଦିଆଯାଇଥାନ୍ତା ଯେ ତୁମେ ଏପରି କୁହ, ତେବେ ତା ଠିକ୍ ହୋଇ ନ ଥାନ୍ତା । କାରଣ ଏହାଦ୍ୱାରା ପାପର ଆରମ୍ଭ ଖୁଦାଙ୍କ ନାମରେ ହୋଇ, ତାଙ୍କ ନାମ ମଧ୍ୟ ଦୂଷିତ ହୋଇଥାଆନ୍ତା । ସେ କ୍ଷମା ଓ ଦୟାକାରୀ ସେ ନିଜସୃଷ୍ଟିରେ ପୁଣି ମନୁଷ୍ୟମାନଙ୍କ ସୁଖନିମିତ୍ତ ଅନ୍ୟପ୍ରାଣୀଙ୍କୁ ମାରି, ଦାରୁଣ ପୀଡା ଦେବା ସଙ୍ଗେ ସଙ୍ଗେ ମରାଇ ମାଂସ ଖାଇବାପାଇଁ କାହିଁକି ଆଦେଶ ଦେଲେ ? ଏ ପ୍ରାଣୀମାନେ କଣ ନିରପରାଧ ଓ ପରମେଶ୍ୱରଙ୍କଦ୍ୱାରା ସୃଷ୍ଟ ହୋଇ ନାହାନ୍ତି ? ପୁଣି ଏପରି ମଧ୍ୟ କୁହାଯାଇପାରିଥାନ୍ତା ଯେ"ପରମେଶ୍ୱରଙ୍କ ନାମରେ ଭଲ କଥାର ଆରମ୍ଭ । ସେ ଯାହାହେଉ,ଏହି ଆଦେଶ ବା ଉପଦେଶର ଅର୍ଥ ସ୍ପଷ୍ଟ ହେଉ ନଥିବାରୁ, ଚୋରି,ନାରୀ, ଓ ମିଥ୍ୟାଭାଷଣାଦି ଅଧର୍ମ କଥାର ଆରମ୍ଭ ପରମେଶ୍ୱରଙ୍କ ନାମରେ କଣ କରାଯିବ ? ବୋଧହୁଏ ଏହାର ଏପରି ଅର୍ଥକରି, ମୁସଲ୍‌ମାନ ଭାଇମାନେ ଗାଈ,ଛେଳି ଆଦି ଜନ୍ତୁର ଗଳା କାଟିବାବେଳେ ମଧ୍ୟ " ବିସ୍ମିଲ୍ଲାହ" ବୋଲି ଈଶ୍ୱରଙ୍କ ନାମକୁ ଉଚ୍ଚାରଣ କରନ୍ତି । ଏହାର ଅର୍ଥ ମଧ୍ୟ ପୂର୍ବୋକ୍ତ ଅନୁସାରେ ଖରାପକାର୍ଯ୍ୟର ଆରମ୍ଭ ପରମେଶ୍ୱରଙ୍କ ନାମରେ ବୋଲି କହିଥାନ୍ତି । ମୁସଲ୍‌ମାନ୍‌ମାନଙ୍କ "ଖୁଦା" କେବେ ଦୟାଳୁ ହୋଇନ ଥିବେ । ଯେଣୁ ସେ ପଶୁମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରନ୍ତି ନାହିଁ । ଯଦି ଖୁଦା କ୍ଷମାଶୀଳ ଓ ଦୟାଳୁ

ହୋଇଥାନ୍ତେ, ତେବେ ନିଜ ସୃଷ୍ଟ ଅନ୍ୟ ପ୍ରାଣିମାନଙ୍କୁ ଦୁଃଖ କଷ୍ଟ ଦେଇ ବଧ କରିବାକୁ ପୁଣି ସେମାନଙ୍କ ମାଂସ ଖାଇବାପାଇଁ ମନୁଷ୍ୟମାନଙ୍କୁ ଆଜ୍ଞା ଦେଇ ନଥାନ୍ତେ । ସେହି କୋରାନ୍ ବାକ୍ୟର ଅନ୍ୟକିଛି ଅର୍ଥ ଯଦି ଅଛି, ତେବେତାହା ଜଣାଇ ଦେବା ଉଚିତ । ଯଦି ସେମାନେ ସେହି ଅର୍ଥକୁ ଜାଣନ୍ତି ନାହିଁ, ତେବେ ସେହି ବାକ୍ୟ ପ୍ରକାଶନ କରିବା ବ୍ୟର୍ଥ ।।୧ ।।

୨- ଯେ ପରବର୍‌ଦିଗାର୍ ଅର୍ଥାତ୍ ସକଳ ସଂସାରର ପାଳନକାରୀ ଅଟନ୍ତି ସମସ୍ତସ୍ତୁତି ତାଙ୍କପାଇଁ କର । ସେ କ୍ଷମାକାରୀ ଓ ଦୟାଳୁ ଅଟନ୍ତି ।

(ମଂ-୧/ସି-୧/ସୁରତୁଲ୍ଫାତିହାଆୟତ ୧-୨)

ସମୀକ୍ଷକ:- ଯଦି କୋରାନ୍‌ର ଖୁଦା ସଂସାରର ପାଳନକାରୀ, କ୍ଷମାଶୀଳ ଓ ଦୟାକାରୀ ହୋଇଥାନ୍ତେ, ତେବେ ଅନ୍ୟଧର୍ମର ଲୋକ ଓ ପଶୁ ଆଦିଙ୍କୁ ମୁସଲମାନ୍ ମାନଙ୍କ ହାତରେ ମରାଇବାପାଇଁ ହୁକୁମ ଦେଇ ନ ଥାନ୍ତେ । ଯେ କ୍ଷମାଶୀଳ ସେ ପାପୀମାନଙ୍କୁ ମଧ୍ୟ କଣ କ୍ଷମା ଦେଇଦେବେ ? ଯଦି କ୍ଷମା ଦିଅନ୍ତି ତେବେ କୋରାନ୍ ଓ ମହମ୍ମଦଙ୍କୁ ବିଶ୍ୱାସ କରୁନଥିବା ଲୋକଙ୍କୁ କାଫିର୍ କହିବା ଓ ସେହି କାଫିର୍‌ମାନଙ୍କୁ ବଧ କରିବ ବୋଲି କୋରାନ୍‌ର ଅନ୍ୟତ୍ର ଆଦେଶ ଦିଆଯାଇଛି କାହିଁକି ? ଏଣୁ କୋରାନ୍‌ଗ୍ରନ୍ଥ ଈଶ୍ୱରକୃତ ନୁହେଁ ।। ୨ ।।

୩- ମାଲିକଦିନ୍ ନ୍ୟାୟର " ତୁମ୍ଭକୁହିଁ ଆମ୍ଭେମାନେ ଭକ୍ତିକରୁଛୁ ଓ ତୁମଠାରୁ ସାହାଯ୍ୟ ଆଶା କରୁଛୁ । ଆମ୍ଭମାନଙ୍କୁ ସତ୍‌ପଥ ପ୍ରଦର୍ଶନ କର ।

(ମଂ-୧/ସି-୧/ସୂ-୧/ଆ-୩-୪-୫)

ସମୀକ୍ଷକ:- ଖୁଦା କଣ ପ୍ରତ୍ୟହ ନ୍ୟାୟ କରନ୍ତି ନାହିଁ ? କେବଳ କୌଣସି ଗୋଟିଏ ଦିନ ନ୍ୟାୟ କରନ୍ତି ? ଏହାଦ୍ୱାରା ଅନ୍ଧକାର ଜଣା ପଡୁଛି । ତାଙ୍କୁ ଭକ୍ତି ପ୍ରଦର୍ଶନ କରିବା ଓ ତାଙ୍କୁ ସାହାଯ୍ୟ ମାଗିବା ଅବଶ୍ୟଠିକ୍, କିନ୍ତୁ ଖରାପକଥାପାଇଁ ତାଙ୍କୁ ସାହାଯ୍ୟମାଗିବା ଉଚିତକି ? ମୁସଲମାନ୍ ଓ ଅନ୍ୟମାନଙ୍କପାଇଁ ସତ୍‌ପଥ ରହିଛି । କିନ୍ତୁ ସତ୍‌ପଥକୁ ଏମାନେ ଗ୍ରହଣ କରୁନାହାନ୍ତି କାହିଁକି ? ଖରାପକାର୍ଯ୍ୟ ସକାଶେ ବୋଧହୁଏ ସତ୍‌ପଥ ଇଚ୍ଛା କରୁନାହାନ୍ତି । ଯାହା ଭଲ ତାହା ସମସ୍ତଙ୍କପାଇଁ ଭଲ କଥା । ମୁସଲମାନ୍‌ମାନଙ୍କ ଭଲରେ

କୌଣସି ଆଧିକ୍ୟ ବା ବିଶେଷତ୍ୱ ରହିନପାରେ । ଯଦି ସେମାନେ ନିଜ ବ୍ୟତୀତ ଅନ୍ୟମାନଙ୍କର ଭଲ ଚାହୁଁନାହାନ୍ତି, ତେବେ ତାହା ନିଶ୍ଚୟ ପକ୍ଷପାତିତା ହୋଇଯିବ ॥୩॥

୪- ଯେଉଁମାନଙ୍କ ଉପରେ ତୁ ଅନୁଗ୍ରହ କରିଛୁ, ସେହିମାନଙ୍କୁ ରାସ୍ତା ଦେଖା । ଯେଉଁମାନଙ୍କ ଉପରେ ତୁ ଗଜବ ଅର୍ଥାତ୍ ଅତ୍ୟନ୍ତ କ୍ରୋଧପୂର୍ଣ୍ଣ ଦୃଷ୍ଟି ରଖିଛୁ, ସେମାନଙ୍କୁ ରାସ୍ତା ଦେଖାଅନା, ପୁଣି କୁପଥଗାମୀଙ୍କ ରାସ୍ତାମଧ୍ୟ ଆମ୍ଭଙ୍କୁ ଦେଖାଅ ନା ।

(ମଂ୧/ସି·୧/ସୂ·୧/ଆ·୬-୭)

ସମୀକ୍ଷକ:- ମୁସଲମାନମାନେ ପୁନର୍ଜନ୍ମ ଓ ପୂର୍ବକୃତ ପାପ-ପୁଣ୍ୟକୁ ମାନନ୍ତି ନାହିଁ । ତେଣୁ କାହାଉପରେ ଦୟା କରିବା ପୁଣି କାହା ଉପରେ ଦୟା ନ କରିବାଦ୍ୱାରା ଖୁଦା ପକ୍ଷପାତୀ ହୋଇଯାଉଛନ୍ତି । କାରଣ ବିନା ପାପପୁଣ୍ୟରେ ସୁଖ-ଦୁଃଖ ଦେବା ଅନ୍ୟାୟ ଓ ବିନା କାରଣରେ କାହା ଉପରେ ଦୟା କିମ୍ବା କାହା ଉପରେ କ୍ରୋଧ ଦୃଷ୍ଟି ରଖିବା ଈଶ୍ୱରଙ୍କ ସ୍ୱଭାବ ବହିର୍ଭୂତ କାର୍ଯ୍ୟ । ଜୀବର ପୂର୍ବ ସଞ୍ଚିତ ପାପ-ପୁଣ୍ୟ ନଥିଲେ କାହା ଉପରେ ଦୟା ବା କାହା ଉପରେ କ୍ରୋଧ କରାଯାଇ ପାରିବ ନାହିଁ । ପୁଣି ଏହି ବାକ୍ୟର ଟୀକାରେ ଲେଖାଅଛି...... " ମନୁଷ୍ୟମାନଙ୍କ ମୁଖରେ ଖୁଦା ଏହି ବାକ୍ୟ ବୋଲାଇଲେ, ସେମାନେ ଯେପରି ସେହି ବାକ୍ୟହିଁ ବୋଲୁଥିବେ । ତାହେଲେ ଖୁଦା ନିଜେ ମନୁଷ୍ୟମାନଙ୍କୁ ସେହି ଭାଷାର ବର୍ଣ୍ଣଶିକ୍ଷା ଦେଇଥିବେ। ବିନା ଅକ୍ଷର ଜ୍ଞାନରେ ଏହି ସୁରାଃ କିପରି ପଢ଼ି ହେବ ? ତେବେ କଣ କଣ୍ଠରେ ଡାକିଲେ ଓ କହିଗଲେ ? ଏପରି ହୋଇଥିଲେ ସମସ୍ତ କୋରାନ୍ କଣ୍ଠଦ୍ୱାରା ପଢ଼ାଇଥିବେ । ଏଥିରୁ ବୁଝିବା ଉଚିତ ଯେ... ଯେଉଁ ପୁସ୍ତକରେ ପକ୍ଷପାତମୂଳକ ଲେଖାଥିବ ତାହା ଈଶ୍ୱରକୃତ ହୋଇପାରିବ ନାହିଁ । କୋରାନ୍‌ଗ୍ରନ୍ଥ ଆରବୀଭାଷାରେ ଲେଖାଯାଇଥିବାରୁ ସେହି ଦେଶର ଲୋକେ ଏହାକୁ ସହଜରେ ପଢ଼ିପାରିବେ ଓ ବୁଝିପାରିବେ । କିନ୍ତୁ ଅନ୍ୟ ଭାଷାଭାଷୀ ଲୋକଙ୍କ ପକ୍ଷରେ ତା କଠିନ ହେବ । ଏହାଦ୍ୱାରା ଖୁଦାଙ୍କଠାରେ ପକ୍ଷପାତିତା ଦୋଷ ପରିଲକ୍ଷିତ ହେଉଛି । ପରମେଶ୍ୱର ସୃଷ୍ଟିରେଥିବା ସମସ୍ତ ଦେଶର ଲୋକଙ୍କ ଉପରେ ନ୍ୟାୟଦୃଷ୍ଟିରୁ ସମସ୍ତ ଦେଶୀୟ ଭାଷାଠାରୁ ଉତ୍କୃଷ୍ଟ ଅସାଧାରଣ ସଂସ୍କୃତଭାଷା, ଯାହାକି ପ୍ରତ୍ୟେକଲୋକ ସାମାନ୍ୟ ପରିଶ୍ରମଦ୍ୱାରା ଭଲଭାବରେ ଜାଣିପାରିବେ,ସେପରି ସଂସ୍କୃତଭାଷା ମାଧ୍ୟମରେ ବେଦ ପ୍ରକାଶ କରିଛନ୍ତି ।

କୋରାନ୍‌କୁ ମଧ୍ୟ ସେହିପରି ପ୍ରକାଶ କରିଥିଲେ କୌଣସି ଦୋଷ ରହିନ ଥାନ୍ତା ॥ ୪ ॥

୫- ପରହେଜଗାର ବା ସଂଯମୀ ଅର୍ଥାତ୍ ଖରାପକାର୍ଯ୍ୟରୁ ଦୂରେଇ ରହୁଥିବା ଲୋକଙ୍କୁ ଏପୁସ୍ତକ ମାର୍ଗ ପ୍ରଦର୍ଶନ କରୁଛି, ଏଥିରେ ସନ୍ଦେହ ନାହିଁ । ଯେଉଁମାନେ ଭକ୍ତିର ସହିତ ନମାଜ ପଢ଼ନ୍ତି, ପୁଣି ଏ ପୁସ୍ତକକୁ ସମ୍ମାନ ଦିଅନ୍ତି, ଆମ୍ଭେ ଯେଉଁ ବସ୍ତୁ ଦେଇଛୁ ତାକୁ ଖର୍ଚ୍ଚ କରନ୍ତି, ଯେଉଁମାନେ ଏହି ପୁସ୍ତକ ଉପରେ ଇମାନ୍ ବା ସତ୍ୟଭାବ ପୋଷଣ କରନ୍ତି, ତୋଆଡୁ ବା ତୋଦ୍ୱାରା ପ୍ରଥମେ ଉତ୍ତରାଯାଇଥିବା ଓ କୟାମତ୍ ଅର୍ଥାତ୍ ପ୍ରଳୟ ଉପରେ ବିଶ୍ୱାସ ରଖନ୍ତି, ସେମାନେ ସମସ୍ତେ ମାଲିକ ବା ପ୍ରଭୁଙ୍କ ଶିକ୍ଷାରେ ରହିଛନ୍ତି ଓ ସେହିମାନେ ମୁକ୍ତି ପାଆନ୍ତି । ଅବିଶ୍ୱାସୀମାନଙ୍କୁ ତୁମ୍ଭେମାନେ ତାଡ଼ନା କର ବା ନକର ସେମାନେ ବିଶ୍ୱାସ କରିବେ ନାହିଁ । ଆଲ୍ଲା ସେମାନଙ୍କ ହୃଦୟ ଓ କର୍ଣ୍ଣକୁ ମୁଦ୍ରିତ କରି ଦେଇଛନ୍ତି, ସେମାନଙ୍କ ଆଖିରେ ପଟଳ ପଡ଼ିଛି, ତେଣୁ ସେମାନେ ଭୀଷଣଦଣ୍ଡ ଭୋଗ କରିବେ ।

(ମଂ୧ସି୧ସୂର ୨/ ଆ୨ରୁ୭)

ସମୀକ୍ଷକ:- ନିଜ ମୁଖରେ ନିଜ ପୁସ୍ତକ ସମ୍ପର୍କରେ ପ୍ରଶଂସା କରିବା ଖୁଦାଙ୍କ ପକ୍ଷରେ ଶୋଭନୀୟ ବିଷୟ ନୁହେଁ । ଯେଉଁମାନେ ଧାର୍ମିକଲୋକ ସେମାନେ ସ୍ୱତଃ ସତ୍‌ମାର୍ଗରେ ପରିଚାଳିତ ହୁଅନ୍ତି, କିନ୍ତୁ ଯେଉଁମାନେ ଅସତ୍‌ମାର୍ଗରେ ଯାଉଛନ୍ତି, ସେମାନଙ୍କପାଇଁ କୋରାନ୍ କୌଣସି ସନ୍‌ମାର୍ଗ ପ୍ରଦର୍ଶନ କରିପାରେ ନାହିଁ, ତେବେ କୋରାନ୍‌ର କି ଆବଶ୍ୟକତା ଅଛି ? ପାପ, ପୁଣ୍ୟ ଓ ପୁରୁଷାର୍ଥ ବ୍ୟତୀତ ଖୁଦା କଣ ନିଜ କୋଟରୁ ଖର୍ଚ୍ଚ କରିବାପାଇଁ କିଛି ଦିଅନ୍ତି ? ଯଦି ଦିଅନ୍ତି, ତେବେ ସମସ୍ତଙ୍କୁ କାହିଁକି ଦିଅନ୍ତି ନାହିଁ ? ତେବେ ମୁସଲମାନମାନେ ପରିଶ୍ରମ କରିବା କ ଦରକାର ? ଯଦି ବାଇବେଲ୍ ପୁସ୍ତକ ମଧ୍ୟ ବିଶ୍ୱାସ ଯୋଗ୍ୟ ତେବେ ମୁସଲମାନମାନେ କୋରାନ୍ ପରି ବାଇବେଲ୍‌କୁ ବିଶ୍ୱାସ କରନ୍ତି ନାହିଁ କାହିଁକି ? ଯଦି ବାଇବେଲ୍‌କୁ ବିଶ୍ୱାସ କରନ୍ତି, ତେବେ କୋରାନ୍ ପ୍ରକାଶ କରିବାର କ ଆବଶ୍ୟକତା ଥିଲା ? ଯଦି କେହି କହେ ଯେ କୋରାନ୍‌ରେ ଅଧିକ କଥା ରହିଛି ତେବେ ବାଇବେଲ୍ ଦେବାସମୟରେ ଖୁଦା ସେ ବିଷୟ ଲେଖିବାକୁ ଭୁଲି ଯାଇଥିବେ । ଯଦି ଭୁଲିନାହାନ୍ତି, ତେବେ କୋରାନ୍ ଲେଖିବା ନିଷ୍ପ୍ରୟୋଜନ । ଆମ୍ଭେ ଦେଖୁଛୁ ଯେ ବାଇବେଲ୍ ଓ କୋରାନ୍ ମଧ୍ୟରେ କେତେକ କଥାକୁ ବାଦ୍‌ଦେଲେ ପ୍ରାୟ ସବୁ ମେଳଖାଇ

ଯାଉଛି । ଯଦି ସେସବୁ ଈଶ୍ୱରଙ୍କ ବାଣୀ, ତେବେ ବେଦପରି କୌଣସି ଏକ ଗ୍ରନ୍ଥରେ ଦିଆଗଲା ନାହିଁ କାହିଁକି ? ଅନ୍ୟ କାହାରି ଉପରେ ବିଶ୍ୱାସ ନ ରଖି କେବଳ କୟାମତ୍ ଉପରେ ବିଶ୍ୱାସ ରଖିବା ଉଚିତ କି ? ଇସାଇ ଓ ମୁସଲମାନ୍‌ମାନେ କେବଳ ଖୁଦାଙ୍କ ଶିକ୍ଷା ଉପରେ ଚାଲନ୍ତି । ତାଙ୍କ ମଧ୍ୟରେ କେହି ପାପୀ ନାହାନ୍ତି । ଯେଉଁ ମୁସଲମାନ୍ ଓ ଇସାଇ ଅଧର୍ମୀ ସେମାନେ ମୁକ୍ତି ପାଇଯିବେ, ଅନ୍ୟ ଧର୍ମାତ୍ମାମାନେ ପାଇପାରିବେ ନାହିଁ, ଏହା କେତେ ବଡ଼ ଅନ୍ୟାୟ ଓ ଅନ୍ଧକାର ତାଥରେ ବିଚାର କରନ୍ତୁ । ଯେଉଁମାନେ ମୁସଲମାନୀ ମତକୁ ମାନିବେ ନାହିଁ ସେମାନଙ୍କୁ କାଫିର୍ କହିବା କଣ ଏକ ତରଫା ଡିଗ୍ରୀ ନୁହେଁ ? ଯଦି ଖୁଦା ସେମାନଙ୍କ ହୃଦୟ ଓ କର୍ଣ୍ଣକୁ ମୁଦ୍ରିତ କରି ଦେଇଛନ୍ତି, ଏପରିସ୍ଥଳେ ଯଦି ସେମାନେ ପାପ କରନ୍ତି, ତେବେ ସେହିପାପପାଇଁ ସେମାନେ ଦୋଷୀ ନ ହୋଇ, ଦୋଷ କେବଳ ହେବ ଖୁଦାଙ୍କର । ସେମାନଙ୍କର ପାପ ବା ପୁଣ୍ୟ କର୍ମରେ ଯେତେବେଳେ ସ୍ୱାତନ୍ତ୍ର୍ୟ ନାହିଁ, ପୁଣି ସେମାନଙ୍କ ଉପରେ ସୁଖ-ଦୁଃଖ ବା ପାପ-ପୁଣ୍ୟ ଇତି ଦଣ୍ଡ ବିଧାନ କରାଯାଉଛି କାହିଁକି ? ଯେଣୁ ସେମାନେ ପାପ ବା ପୁଣ୍ୟ ସ୍ୱାଧୀନଭାବରେ କରୁ ନାହାନ୍ତି ॥ ୫ ॥

୬- ସେମାନଙ୍କ ହୃଦୟରେ ରୋଗ ରହିଛି । ପୁଣି ଖୁଦା ସେମାନଙ୍କ ରୋଗକୁ ବଢ଼ାଇଦେଲେ । (ମଂ୧/ସି·୧/·ସୁ·୨/ଆ·୧୦)

ସମୀକ୍ଷକ:- ବିନା ଅପରାଧରେ ଖୁଦା ତାଙ୍କ ରୋଗ ବଢ଼ାଇ ଦେଲେ, ଟିକିଏ ଦୟାମଧ୍ୟ ଆସିଲା ନାହିଁ । ସେ ବିଚାରାମାନେ କେତେ ଦୁଃଖ ଭୋଗ କରି ନ ଥିବେ ? ଏହାକଣ ସଇତାନର କାମ ନୁହେଁ ? କାହାର ହୃଦୟକୁ ମୁଦ୍ରିତ କରିଦେବା, ପୁଣି କାହା ଦେହରେ ରୋଗ ବଢ଼ାଇ ଦେବା, ଏସବୁ ଖୁଦାଙ୍କର କାମ ନୁହେଁ । ରୋଗପୀଡ଼ା ବା ମାନସିକ ଦୁର୍ବଳତା ଏହା ହେଉଛି ମନୁଷ୍ୟର ନିଜ ପାପକର୍ମର ଫଳ ॥ ୬ ॥

୭- ସେ ତୁମ୍ଭମାନଙ୍କପାଇଁ ପୃଥିବୀକୁ ଶଯ୍ୟାପରି ବିଛାଇଦେଲେ ପୁଣି ଆକାଶକୁ ଛାତରୂପରେ ରଚନା କଲେ । (ମଂ୧/ସି·୧ା-ସୂ·୨/ଆ·୨୨)

ସମୀକ୍ଷକ:- ଭଲା ! ଆକାଶ କାହାର ଛାତ ହୋଇପାରେ ? ଏହା ହେଉଛି ଅଜ୍ଞାନ ଲୋକଙ୍କ କଥା ।ଆକାଶକୁ ଛାତରୂପେ ମାନିବା ଉପହାସର ବିଷୟ । ଯଦି କୌଣସି

ପ୍ରକାରେ ପୃଥିବୀକୁ ଆକାଶବୋଲି ବିଚାର କରୁଥାଅ, ତେବେ ତା ମଧ୍ୟ କଦାପି ଠିକ୍ ନୁହେଁ ॥ ୭ ॥

୮- ଯେଉଁ କୋରାନ୍ ବାଣୀ ଆମ୍ଭେ ଆମ୍ଭଭକ୍ତଙ୍କଦ୍ୱାରା ଦେଇଅଛୁ, ଯଦି ତୁମ୍ଭେମାନେ ତାହାକୁ ଅବିଶ୍ୱାସ କର, ତେବେ ସେପରି ଅନ୍ୟ ଏକ ସୁନ୍ଦର ବ୍ୟାଖ୍ୟାନ ତୁମେ ଆଣି ଦେଖାଅ, ପୁଣି ତାହାର ସତ୍ୟତା ପ୍ରତିପାଦନପାଇଁ ଖୁଦାଙ୍କ ବ୍ୟତୀତ ତୁମର ସାକ୍ଷୀମାନଙ୍କୁ ଆଣ । ଯଦି ତୁମେ ତାହା କରିପାରିବ ନାହିଁ, ବୋଧହୁଏ କରିପାରିବ ନାହିଁ, ତେବେ ମନୁଷ୍ୟମାନଙ୍କୁ ପୋଡ଼ିବାପାଇଁ ଯେଉଁ ନିଆଁ, ଏବଂ ଧର୍ମ ବିରୋଧୀମାନଙ୍କ ପାଇଁ ଯେଉଁ ପଥର କରାଯାଇଛି, ତୁମେ ସେହି ନିଆଁ ଓ ପଥରକୁ ଭୟକର !

(ମଂ୧/ସି·୧ାସୂ·୨/ଆ·୨୩-୨୪)

ସମୀକ୍ଷକ:- ଭଲା ! ସେପରି ଅନ୍ୟଏକ ପୁସ୍ତକ ପ୍ରଣୟନ କରିବା ତ ଅସାଧ୍ୟ ନୁହେଁ । ଆକବର ବାଦଶାହଙ୍କ ସମୟରେ ମୌଲବୀ ଫୈଜୀସାହେବ ପୃଥକ୍ ଲିପିରେ ଅନ୍ୟଏକ କୋରାନ୍ ଗ୍ରନ୍ଥ (ପ୍ରକୃତରେ ଏ ଶବ୍ଦର ଉଚ୍ଚାରଣ " କୁରଆନ " କିନ୍ତୁ ଲୋକେ କୁରାନ୍ ବୋଲି କହିଥାନ୍ତି) ଲେଖି ନ ଥିଲେ କି ? ଏହି ଅଗ୍ନିକୁ କଣ ଡରିବା ଉଚିତ ନୁହେଁ ? ଏଥିରେ ଯାହାସବୁ ପଡ଼େ ତା ପୋଡ଼ିଯାଏ ନରକର ଅଗ୍ନି ଏହାଠାରୁ କିପରି ପୃଥକ୍ ? କୋରାନ୍‌କୁ ବିଶ୍ୱାସ କରୁ ନ ଥିବା ଲୋକମାନଙ୍କପାଇଁ ଯେପରି ନିଆଁ ଓ ପଥର ରଖାଯାଇଛି, ସେହିପରି ମ୍ଲେଚ୍ଛ ଲୋକମାନେ ନରକରେ ପଡ଼ିବେ ବୋଲି ପୁରାଣରେ ଉଲ୍ଲେଖ କରାଯାଇଛି । ବର୍ତ୍ତମାନ କହନ୍ତୁ କାହାକଥା ସତ୍ୟ ବୋଲି ମାନିବାକୁ ହେବ ? ନିଜନିଜ କଥା ଅନୁସାରେ ଉଭୟେ ସ୍ୱର୍ଗଗାମୀ, ଅନ୍ୟଗତିରେ ଦୁହେଁ ନରକଗାମୀ ହୁଅନ୍ତି । ଏଣୁ ଏସବୁ ଦ୍ୱନ୍ଦ୍ୱ ବ୍ୟର୍ଥ । ଯେଉଁ ମତର ହେଉନା କାହିଁକି ଯିଏ ଧାର୍ମିକ ସେ ସୁଖ ଭୋଗକରେ, କିନ୍ତୁ ଯିଏ ପାପୀ ସେ କେବଳ ଦୁଃଖ ଭୋଗକରେ ॥ ୮ ॥

୯- ସେହି ଲୋକଙ୍କୁ ଆନନ୍ଦର ସନ୍ଦେଶ ଦିଅ । ଯେଉଁମାନେ ଧର୍ମରେ ବିଶ୍ୱାସ ରଖିଛନ୍ତି, ଭଲକାମ କରିଛନ୍ତି, ପୁଣି ସେହି କର୍ମ ହେତୁ ନଦୀପ୍ରବାହ ପ୍ଲାବିତ ଉଦ୍ୟାନ ପ୍ରାପ୍ତ ହୁଅନ୍ତି । ସେମାନେ ସେହି ଉଦ୍ୟାନର ଫଳ ଯେତେଥର ଖାଉଥାନ୍ତି, ସେହି ଫଳ ପୂର୍ବରୁ ଖାଉଥିଲାପରି ଅନୁଭବ କରନ୍ତି ନାହିଁ । ପୁଣି ସେମାନେ ସମସଦୃଶ ନାନାପ୍ରକାର

ଫଳ ଖାଇବାକୁ ପାଆନ୍ତି । ସେମାନେ ସେଠାରେ ନିଷ୍କଳଙ୍କ ମହିଳାମାନଙ୍କୁ ଭୋଗ କରନ୍ତି, ଏବଂ ଚିରକାଳ ସେହିପରି ରହନ୍ତି । (ମଂ୧/ସି·୧।ସୂ·୨/ଆ·୨୫)

ସମୀକ୍ଷକଃ- କୁରାନ୍ ବର୍ଣ୍ଣିତ ସ୍ୱର୍ଗ ଆମର ଏହି ମର୍ତ୍ତ୍ୟଠାରୁ କୌଣସି ଗୁଣରେ ଉତ୍ତମ ନୁହେଁ । କାରଣ ଏଠାରେ ଯାହା ମିଳୁଛି ସେଠାରେ ମଧ୍ୟ ତାହାହିଁ ଲାଭ ହେଉଛି । ପ୍ରଭେଦ କେବଳ ହେଉଛି, ଏଠାରେ ପୁରୁଷ, ସ୍ତ୍ରୀ ଉଭୟେ ଜନ୍ମଗ୍ରହଣ କରନ୍ତି ଓ ମରନ୍ତି, କିନ୍ତୁ ସେଠାରେ ସେମାନଙ୍କର ଜନ୍ମ ମରଣ ନାହିଁ । ଏଠାରେ ସ୍ତ୍ରୀମାନେ ସର୍ବଦା ରହନ୍ତି ନାହିଁ, କିନ୍ତୁ ସେଠାରେ ବୀବୀମାନେ ବା ଉତ୍ତମସ୍ତ୍ରୀମାନେ ସଦାକାଳ ରହିଥାନ୍ତି । କୟାମତ୍ ନ ଆସିବାଯାଏ ସେ ବିଚାରୀମାନଙ୍କ ଦିନ କିପରି କଟୁଥିବ କେଜାଣି ? ଅବଶ୍ୟ ସେମାନଙ୍କ ଉପରେ ଖୁଦାଙ୍କର ଅଶେଷ କୃପାଦୃଷ୍ଟି ପଡୁଥିବ । ଖୁଦାଙ୍କ ଆଶ୍ରୟରେ ତାଙ୍କ ଦିନଗୁଡ଼ାକ ସୁଖରେ ବିତିଯାଉଥିବ । କାରଣ ଏହି ମୁସଲମାନ୍‌ମାନଙ୍କର ସ୍ୱର୍ଗ ଆମ ଏଠାକାର ଗୋକୁଳ ଗୋସାଇଁମାନଙ୍କ ଗୋଲକ ସଦୃଶ ଦେଖାଯାଏ । ଏହି ଗୋଲକରେ ପୁରୁଷ ଅପେକ୍ଷା ସ୍ତ୍ରୀ ଲୋକଙ୍କର ବହୁ ପ୍ରୟୋଜନ ହୁଏ । ସେହିପରି ମୁସଲମାନ୍ ସ୍ୱର୍ଗରେ ମଧ୍ୟ ପୁରୁଷ ଅପେକ୍ଷା ସ୍ତ୍ରୀମାନେ ଅନେକ ଆଦର ଅଭ୍ୟର୍ଥନା ପାଆନ୍ତି । ପୁଣି ତା ସଙ୍ଗେ ସଙ୍ଗେ ସେମାନଙ୍କ ଉପରେ ଖୁଦାଙ୍କର ଅଗାଧ ପ୍ରେମ, ପୁରୁଷଙ୍କ ଉପରେ ସେତେଟା ନ ଥାଏ । ଏଣୁ ଖୁଦା ସବୁକାଳପାଇଁ ସ୍ତ୍ରୀମାନଙ୍କୁ ରଖାଉଛନ୍ତି । ଖୁଦାଙ୍କ ବିନା ପ୍ରେମରେ ସ୍ୱର୍ଗରେ ଏମାନେ ରହିପାରିବେ କିପରି ? ଏପରି ହୋଇଥିଲେ ସ୍ତ୍ରୀମାନଙ୍କ ପାଲରେ ଖୁଦାମଧ୍ୟ ପଡି ଯାଉଥିବେ ॥୯ ॥

୧୦- ଆଦମଙ୍କୁ ସମସ୍ତ ନାମ ଶିଖାଇଲେ । " ପୁଣି ଦେବଦୂତଙ୍କ ସମ୍ମୁଖଭାଗରେ ରଖି କହିଲେ, ପ୍ରକୃତରେ ତୁମେ ଯଦି ସଚ୍ଚୋଟ, ତେବେ ଏଗୁଡ଼ିକର ନାମ କୁହ । ତାପରେ କହିଲେ ହେ ଆଦମ୍ ! ତୁମେ ସେମାନଙ୍କୁ ସେମାନଙ୍କ ନାମ କହିଦିଅ । ଆଦମ ସେମାନଙ୍କ ନାମ କହିଦେଲା । ଖୁଦା ଦେବଦୂତମାନଙ୍କୁ କହିଲେ..... ମୁଁ କଣ ତୁମ୍ଭକୁ କହି ନ ଥିଲି ଯେ ନିଶ୍ଚିତଭାବରେ ମୁଁ ପୃଥିବୀ ଓ ଆକାଶରେ ଲୁଚି ରହିଥିବା ବସ୍ତୁମାନଙ୍କୁ ପ୍ରକାଶକରେଁ, ଓ ଗୁପ୍ତକର୍ମକୁ ମଧ୍ୟ ଜାଣିପାରେ ।

(ମଂ୧/ସି·୧।ସୁ·୨/ଆ·୩୧-୩୩)

ସମୀକ୍ଷକଃ- ଈଶ୍ୱର ନିଜର ବଡ଼ପଣିଆ ଦେଖାଇବା ନିମନ୍ତେ ନିଜର ସେବକମାନଙ୍କୁ କେବେହେଲେ ଏପରି ଠକନ୍ତି ନାହିଁ । ଏହାକୁ ଖୁଦାଙ୍କର ଭଣ୍ଡାମି କୁହାଯିବ । କୌଣସି ଶିକ୍ଷିତ ବ୍ୟକ୍ତି ଏହାକୁ ବିଶ୍ୱାସ କରିବେ ନାହିଁ । ଏପରି କୌଣସି କୌଶଳଦ୍ୱାରା ଈଶ୍ୱର ନିଜର ଶକ୍ତି-ସାମର୍ଥ୍ୟ ପ୍ରଦର୍ଶନ କରନ୍ତି ନାହିଁ । ଅସଭ୍ୟ,ଅଶିକ୍ଷିତ ଲୋକମାନେ ଏପରି ଭଣ୍ଡାମିକୁ ବିଶ୍ୱାସ କରନ୍ତି, କିନ୍ତୁ ତାହା ଶିକ୍ଷିତ ମଣ୍ଡଳୀରେ ଚଳିପାରିବ ନାହିଁ ॥ ୧୦ ॥

୧୧- ଯେତେବେଳେ ଆମ୍ଭେ କହିଲୁ ଯେ ବାବା ଆଦମ୍‌କୁ ଦଣ୍ଡବତ କର, ଦେଖିଲୁ ସମସ୍ତେ ସେପରି କଲେ । କିନ୍ତୁ ସଇତାନ୍ ମାନିଲା ନାହିଁ, ମନରେ ଅଭିମାନ କଲା । କାରଣ ସେ ମଧ୍ୟ ଜଣେ କାଫିର୍ ଥିଲା ।

(ମଂ୧/ସି·୧।ସୂ·୨/ଆ·୩୪)

ସମୀକ୍ଷକଃ- ଏଥିରୁ ଜଣାପଡୁଛି ଖୁଦା ଭୂତ, ଭବିଷ୍ୟତ ଜ୍ଞାତା ବା ସର୍ବଜ୍ଞ ନୁହନ୍ତି । ସର୍ବଜ୍ଞ ହୋଇଥିଲେ ସଇତାନକୁ ସୃଷ୍ଟି କରି ନ ଥାନ୍ତେ । ଖୁଦାଙ୍କର ସେପରି କୌଣସି ପ୍ରତାପ ନ ଥିବାରୁ ସଇତାନ୍ ତାଙ୍କ କଥା ମାନିଲା ନାହିଁ । ତଥାପି ଖୁଦା ତାର କିଛି କରିପାରିଲେ ନାହିଁ । ଖୁଦା ଯେବେ ଗୋଟିଏ ସଇତାନକୁ ଦମନ କରିପାରିଲେ ନାହିଁ, ଅସଂଖ୍ୟ ଅବିଶ୍ୱାସୀ ଲୋକଙ୍କୁ କିପରି ଆୟତ୍ତ କରିପାରିବେ ? ଖୁଦା କେବେ କେବେ କାହାର ରୋଗ ବଢ଼ାଇ ଦେଉଛନ୍ତି, କାହାକୁ ପଥଭ୍ରଷ୍ଟ କରାଇ ଦେଉଛନ୍ତି, ଏସବୁ ଖୁଦା ସଇତାନ୍‌ଠାରୁ ଶିକ୍ଷା କରିଥିବେ, ପୁଣି ସଇତାନ୍ ମଧ୍ୟ ସେହିପରି ଖୁଦାଙ୍କଠାରୁ ଗ୍ରହଣ କରିଥିବ । କାରଣ ଖୁଦାଙ୍କ ବ୍ୟତୀତ ସଇତାନ୍‌ର ଶିକ୍ଷାଦାତା ଅନ୍ୟ କେହି ହୋଇ ନ ପାରନ୍ତି ॥ ୧୧ ॥

୧୨- ଆମ୍ଭେ କହିଲୁ, ହେ ଆଦମ୍ ! ତୁମେ ତୁମର ଭାର୍ଯ୍ୟାସହ ଏହି ଉଦ୍ୟାନରେ ବାସକର ଇଚ୍ଛାନୁଯାୟୀ ପ୍ରତ୍ୟେକ ବୃକ୍ଷର ଫଳ ଖାଅ, କିନ୍ତୁ ଏହି ଗଛ ନିକଟକୁ ଯିବ ନାହିଁ, ଗଲେ ତୁମ୍ଭେମାନେ ପାପୀ ହେବ । ସଇତାନ୍ ସେମାନଙ୍କର ସ୍ୱର୍ଗୀୟ ସୁଖ ସବୁ ନଷ୍ଟ କଲା । ତାଦେଖି ଆମ୍ଭେ କହିଲୁ- ତୁମ୍ଭମାନେ ତଳକୁ ଯାଅ,ତୁମ୍ଭେମାନେ ନିଜନିଜ ମଧ୍ୟରେ ଶତ୍ରୁ ହେବ, ଏବଂ ମର୍ତ୍ତ୍ୟମଣ୍ଡଳରେ ବାସ କରିବ । କେବଳ କିଛିକାଳପାଇଁ ତୁମର କିଛି ଆୟୋଜନ କରି ଦିଆଯିବ । ଆଦମ୍ ନିଜ ମାଲିକଙ୍କ କେତେକ କଥା ଶିକ୍ଷାକରି ପୃଥିବୀ

ପୃଥିବୀକୁ ଗୁଳି ଆସିଲା । (ମଂ୧/ସି·୧।ସୂ·୨/ଆ·୩୫ ରୁ ୩୭)

ସମୀକ୍ଷକ:- ଏବେ ଖୁଦାଙ୍କର ଅଳ୍ପଜ୍ଞତା ଦେଖନ୍ତୁ ! ଏକସମୟରେ ଆଦମ୍‌କୁ ଆଶୀର୍ବାଦ ଦେଇ ସ୍ୱର୍ଗରେ ରହିବାକୁ କହୁଛନ୍ତି, ପୁଣି ପର ମୁହୂର୍ତ୍ତରେ ଅଭିଶାପ ଦେଇ ସ୍ୱର୍ଗରୁ ବିତାଡ଼ିତ କରୁଛନ୍ତି । ଯେ ଭବିଷ୍ୟତ କଥା ଜାଣିଥିବ ସେ ଏପରି ବର କାହିଁକି ଦେବ ? ପ୍ରଲୋଭନକାରୀ ସଇତାନକୁ ଦଣ୍ଡ ଦେଇ ସୁଧାରି ପାରିଲେ ନାହିଁ, ତେଣୁ ସେ ସର୍ବଶକ୍ତିମାନ୍ ମଧ୍ୟ ନୁହନ୍ତି । ଖୁଦା କାହାପାଇଁ ସେହି ଉଦ୍ୟାନ ନିର୍ମାଣ କରିଥିଲେ ? ନିଜପାଇଁ ନା ଅନ୍ୟପାଇଁ ? ଯଦି ନିଜପାଇଁ କରିଥିଲେ,ତାଙ୍କର କି ଦରକାର ଥିଲା ? ଯଦି ଅନ୍ୟପାଇଁ ସୃଷ୍ଟି କରିଥିଲେ, ତା ହେଲେ ବାଧା ଦେଲେ କାହିଁକି ? ତେଣୁ ଖୁଦା କେବେ ଏହା କରିନାହାନ୍ତି, କିମ୍ବା ତାଙ୍କ ରଚିତ ପୁସ୍ତକରେ ଏହା ରହିପାରେ ନା । ଆଦମ୍ ସାହେବ ଖୁଦାଙ୍କଠାରୁ କେତେକଥା ଶିକ୍ଷା କଲେ ? ଆଦମ୍ ସାହେବ କିପରି ପୃଥିବୀକୁ ଆସିଲେ ? ସେ ସ୍ୱର୍ଗପାହାଡ଼ ଉପରେ ଥିଲେ ନା ଆକାଶ ଉପରେ ? କିପରି ଭାବେ ସେଠାରୁ ଓହ୍ଲାଇଲେ ? ପକ୍ଷୀଭଳି ଆସିଲେ ନା ପଥରପରି ଗଡ଼ିପଡ଼ିଲେ ? ଆଦମ୍ ସାହେବ ମାଟିରୁ ତିଆରି ହୋଇଥିଲେ ,ତେଣୁ ଜଣାପଡୁଛି ତାଙ୍କସ୍ୱର୍ଗରେ ମଧ୍ୟ ମାଟିଥିବ । ଖୁଦାଙ୍କ ଯେତେ ଦୂତ ଅଛନ୍ତି, ସେମାନେ ମଧ୍ୟ ସେହିପରି ହୋଇଥିବେ । କାରଣ ମାଟି ଶରୀର ବ୍ୟତୀତ ଇନ୍ଦ୍ରିୟସୁଖଭୋଗ ଅନ୍ୟଠାରେ ସମ୍ଭବ ନୁହେଁ ସେମାନେ ପାର୍ଥିବ ଶରୀରଧାରୀ ହୋଇଥିବାରୁ, ସେମାନଙ୍କର ମୃତ୍ୟୁ ନିଶ୍ଚୟ ଥିବ । ଯଦି ମୃତ୍ୟୁ ହେଉଥାଏ, ତେବେ ସେମାନେ ସେଠାରୁ ଯାଉଥିବେ କୁଆଡ଼େ ? ଯଦି ମୃତ୍ୟୁ ନ ହୁଏ ତେବେ ତାଙ୍କର ଜନ୍ମ ମଧ୍ୟ ହୋଇନାହିଁ ବୋଲି ବୁଝିବାକୁ ହେବ । ଯଦି ଜନ୍ମ ହୋଇଥାଏ, ତେବେ ମୃତ୍ୟୁ ନିଶ୍ଚୟ ଥିବ । ଯଦି ଏପରି ହୋଇଥାଏ, ତେବେ କୁରାନ୍‌ରେ ଲେଖାଯାଇଛି ଯେ ସ୍ୱର୍ଗରେ ବୀବୀମାନେ ସଦାବେଳେ ରହିଥାନ୍ତି, ଏହା ମଧ୍ୟ ମିଥ୍ୟା ହୋଇଯିବ । ଯେଣୁ ସେମାନଙ୍କର ମଧ୍ୟ ନିଶ୍ଚୟ ମୃତ୍ୟୁ ହେଉଥିବ । ଏହିସବୁ କାରଣରୁ ଜଣାପଡୁଛି ଯେ, ସେମାନେ ସ୍ୱର୍ଗକୁ ଆସନ୍ତି, ସେମାନେ ମରନ୍ତି ॥ ୧୨ ॥

୧୩- ଯେତେବେଳେ କୌଣସି ଜୀବ ଅନ୍ୟ ଜୀବ ଉପରେ ଭରସା ରଖିବ ନାହିଁ ସେହି ଦିନକୁ ଭୟ କର । ତାହାର ସୁପାରିଶ ସ୍ୱୀକୃତ ହେବନାହିଁ, ତା ଉପରେ ପ୍ରତିଶୋଧ

ମଧ୍ୟ ନେଇ ହେବ ନାହିଁ, କିମ୍ବା ସେମାନେ ସାହାଯ୍ୟ ପାଇପାରିବେ ନାହିଁ ।

(ମଂ୧/ସି·୧/ସୂ·୨/ଆ·୪୮)

ସମୀକ୍ଷକ:- କଣ ଏବେ ଡରିବେ ନାହିଁ ? ଖରାପ କଲେତ ସବୁଦିନ ଭୟକରିବାକୁ ହେବ । ଯଦି ସୁପାରିଶ ଗୃହୀତ ନ ହେବ, ତେବେ ପୈଗମ୍ବରମାନଙ୍କର ସାକ୍ଷ୍ୟ ବା ସୁପାରିଶ ଦ୍ୱାରା ଖୁଦା ସ୍ୱର୍ଗ ଦେବେ, ଏକଥା କିପରି ବା ସତ୍ୟ ହେବ ? କଣ ଖୁଦା କେବଳ ସ୍ୱର୍ଗବାସୀଙ୍କ ସାହାଯ୍ୟକାରୀ, ନରକ ବାଲାଙ୍କର ନୁହନ୍ତି ? ଯଦି ଏହା ସତ୍ୟ ତେବେ ଖୁଦା ନିଶ୍ଚୟ ପକ୍ଷପାତୀ ଅଟନ୍ତି ॥ ୧୩ ॥

୧୪- ଆମ୍ଭେ ମୁସାକୁ ପୁସ୍ତକ ଦେଲୁ, ତାସଙ୍ଗେସଙ୍ଗେ ମୌଜିଜା ଅର୍ଥାତ୍ ଅଦ୍ଭୁତଶକ୍ତି ମଧ୍ୟ ଦେଲୁ । (ମଂ୧/ସି·୧/ସୂ·୨/ଆ·୫୩)

ସମୀକ୍ଷକ:- ମୁସାକୁ ଯଦି ପୁସ୍ତକ ଦେଇଦେଲେ, ତେବେ କୋରାନ୍ ନିରର୍ଥକ । ପୁଣି ତାକୁ ଅଦ୍ଭୁତ ଶକ୍ତି ଦେଲେ, ଏପରି ବାଇବେଲ୍ ଓ କୋରାନ୍‌ରେ ଲେଖାଯାଇଛି । କିନ୍ତୁ ଏ କଥା କଦାପି ବିଶ୍ୱାସ ଯୋଗ୍ୟନୁହେଁ । ଯେଣୁ ଆଜିକାଲି ସେଶକ୍ତି କେଉଁଠି ଦେଖାଯାଉ ନାହିଁ । ସ୍ୱାର୍ଥପର ଲୋକେ ନିଜର ସ୍ୱାର୍ଥ ହାସଲପାଇଁ ବୁଦ୍ଧିହୀନ ଲୋକଙ୍କୁ ଆଜିକାଲି ଯେପରି ଠକି ଦେଉଛନ୍ତି ସେ ସମୟରେ ମଧ୍ୟ ସେହିପରି କପଟାଚରଣ କରାଯାଇଥିବ । କାରଣ ଖୁଦା ଓ ତାଙ୍କର ସେବକଗଣ ଏବେ ମଧ୍ୟ ଅଛନ୍ତି, କାହିଁ ଖୁଦାତ ସେମାନଙ୍କୁ ଅଦ୍ଭୁତଶକ୍ତି ଦେଉନାହାନ୍ତି ? ମୁସାକୁ ଯଦି ପୁସ୍ତକ ଦେଇଥିଲେ, ତେବେ ପୁଣିଥରେ କୋରାନ୍ ଦେବାର ଆବଶ୍ୟକତା କଣ ? କାରଣ ଯଦି ଭଲକରିବା ଓ ଖରାପ ନ କରିବାର ଉପଦେଶ ପ୍ରତ୍ୟେକରେ ସମାନ, ତେଣୁ ଭିନ୍ନ ଭିନ୍ନ ପୁସ୍ତକ ରଚନା କରିବାଦ୍ୱାରା ପୁନରୁକ୍ତି ଦୋଷ ସୃଷ୍ଟି ହେଲା । ମୁସାଙ୍କୁ ଦେଇଥିବା ପୁସ୍ତକରେ ଖୁଦା କଣ ଲେଖିବାକୁ ଭୁଲିଯାଇଥିଲେ ? ॥ ୧୪ ॥

୧୫- ପୁଣି କହୁଛ ଯେ କ୍ଷମା ମାଗୁଛନ୍ତି । ଆମ୍ଭେ ତୁମର ପାପକୁ କ୍ଷମା କରିବୁ ଓ ଅଧିକ ଭଲ କରୁଥିବା ଲୋକଙ୍କୁ । (ମଂ୧/ସି·୧/ସୂ·୨/ଆ·୫୮)

ସମୀକ୍ଷକ:- ଖୁଦାଙ୍କର ଏହି ଉପଦେଶ ସମସ୍ତଙ୍କୁ ପାପ କରିବାପାଇଁ ପ୍ରେରଣା ଦେବ । ଯେଣୁ ପାପ କଲେ କ୍ଷମା ଦିଆଯିବ ବୋଲି ମନୁଷ୍ୟଙ୍କୁ ପ୍ରତିଶ୍ରୁତି ମିଳିଯାଉଛି । ତେଣୁ ପାପ

କରିବାପାଇଁ କେହିଭୟ କରିବେ ନାହିଁ । ଏପରି କହୁଥିବା ବ୍ୟକ୍ତି ଖୁଦା ହୋଇ ନ ଥିବେ ଅଥବା ଏପରି ଲେଖାଥିବା ପୁସ୍ତକ ଖୁଦାଙ୍କଦ୍ୱାରା ରଚିତ ହୋଇ ନ ଥିବ ।କାରଣ ସେ ହେଉଛନ୍ତି ନ୍ୟାୟକାରୀ, କେବେ ସେ ଅନ୍ୟାୟ କରନ୍ତି ନାହିଁ। ପାପକୁ ଯଦି ସେ କ୍ଷମାକରନ୍ତି ତେବେ ସେ ଅନ୍ୟାୟକାରୀ ହୋଇଯିବେ । ଦୋଷ ଅନୁସାରେ ଦଣ୍ଡ ଦେବାହିଁ ପ୍ରକୃତ ନ୍ୟାୟ ॥ ୧୫ ॥

୧୬- ମୁସା ନିଜ ଜାତିମାନଙ୍କ ପାଇଁ ଯେତେବେଳେ ପାଣି ମାଗିଲା, ଆମ୍ଭେ କହିଲୁ ତୋର ବାଡ଼ିରେ ଏହି ପଥର ଉପରେ ଭୁଷାମାର । ସେହି ପଥରରୁ ବାରଟି ଝରଣା ବାହାରିଲା ।

(ମଂ୧/ସି·୧/ସୂ·୨/ଆ·୬୦)

ସମୀକ୍ଷକ:- ଏବେ ଦେଖନ୍ତୁ ! ଏପରି ଅସମ୍ଭବ କଥା ଅନ୍ୟ କେହି କଣ କେବେ କହିବେ ? ଗୋଟିଏ ପଥରକୁ ବାଡ଼ି ଭୁଷାମାରିଲେ ବାରଟି ଝରଣା ପ୍ରବାହିତ ହେବା ସର୍ବଥା ଅସମ୍ଭବ । ଅବଶ୍ୟ ଏହି ପଥରକୁ ଫୋଲାକରି, ତହିଁରେ ପାଣି ପୂରାଇ, ବାରଟି ଛିଦ୍ରରେ ପାଣି ବାହାର କରାଯାଇପାରେ ॥ ୧୬ ॥

୧୭- ଆମ୍ଭେ ସେମାନଙ୍କୁ କହିଲୁ ଯେ ତୁମ୍ଭେମାନେ ନିନ୍ଦିତ ମାଙ୍କଡ଼ ହୋଇଯାଅ । ତାଙ୍କ ଆଗ ଓ ପଛରେ ଯେଉଁମାନେ ଥିଲେ ସେମାନଙ୍କୁ ଓ ଶିକ୍ଷିତ ଇମାନ୍‌ଦାରମାନଙ୍କୁ ଭୟ ଦେଖାଇଲେ ।

(ମଂ୧/ସି·୧/ସୂ·୨/ଆ·୬୫-୬୬)

ସମୀକ୍ଷକ:- କେବଳ ଭୟ ଦେଖାଇବାପାଇଁ ନିନ୍ଦିତ ମାଙ୍କଡ଼ ହୋଇଯିବାପାଇଁ କହିଦେଲେ । ତା କହିବା ମିଥ୍ୟା ହେଲା, ଯେଣୁ ସେ ଛଳ କଲେ । ଯେ ଏପରି କଥା କହନ୍ତି ସେ ଖୁଦା ନୁହନ୍ତି କି ଯହିଁରେ ଏପରି କଥା ଅଛି ତାହା ଖୁଦାଙ୍କଦ୍ୱାରା ରଚିତ ନୁହେଁ ॥ ୧୭ ॥

୧୮- ଏହିପରି ଖୁଦା ଶବକୁ ଜୀବନ ଦେଉଛନ୍ତି ଓ ତୁମ୍ଭଙ୍କୁ ସଙ୍କେତମାନେ ଦେଖାଉଛନ୍ତି ଯେପରିକି ତୁମେ ବୁଝ ।।

(ମଂ୧/ସି·୧/ସୂ·୨/ଆ·୭୩)

ସମୀକ୍ଷକ:- ଖୁଦା ଶବକୁ ବଞ୍ଚାଇ ଦେଉଥିଲେ, ଏବେ ତ ସେପରି କରୁନାହାନ୍ତି । ଶବଗୁଡ଼ାକ କୟାମତ୍ ଅର୍ଥାତ୍ ପ୍ରଳୟଦିନର ରାତ୍ରି ପର୍ଯ୍ୟନ୍ତ କବରଭିତରେ କଣ ଅପେକ୍ଷା କରିଥିବେ ? ଆଜିକାଲି ଦୌରା ସୁପର୍ଦ ଅଛି ! ତେବେ ଈଶ୍ୱରଙ୍କର କଣ ଏତିକିମାତ୍ର ସଙ୍କେତ ? ଏ ଯେଉଁ ପୃଥିବୀ,ସୂର୍ଯ୍ୟ,ଚନ୍ଦ୍ର,ତାରା ପ୍ରଭୃତି ବିଚିତ୍ର ଦୃଶ୍ୟମାନ ପଦାର୍ଥ ଈଶ୍ୱରଙ୍କ ନିଦର୍ଶନ

ନୁହେଁକି ? ମୃତବ୍ୟକ୍ତିକି ଜୀବନ ଦେବାହିଁ କଣ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ? ॥ ୧୮ ॥

୧୯- ସେମାନେ ସବୁଦିନପାଇଁ ବହିଶତ୍ ଅର୍ଥାତ୍ ବୈକୁଣ୍ଠବାସୀ ଅଟନ୍ତି ।

(ମଂ୧/ସି·୧/ସୂ·୨/ଆ·୮୨)

ସମୀକ୍ଷକ:- ଜୀବ ଅନନ୍ତ ନୁହେଁ, ତାର କର୍ମ ବା ପାପ-ପୁଣ୍ୟ ମଧ୍ୟ ଅନନ୍ତ ନୁହେଁ । ତେଣୁ କର୍ମଫଳ ଦଣ୍ଡ ହେଉ ବା ପୁରସ୍କାର ଅନନ୍ତ ହୋଇପାରିବ ନାହିଁ । ଏଣୁ କୌଣସି ଜୀବ ସ୍ୱର୍ଗ ବା ନରକରେ ଅନନ୍ତକାଳପର୍ଯ୍ୟନ୍ତ ରହିପାରିବ ନାହିଁ । ଖୁଦା ଯଦି ସେପରି କରନ୍ତି ତେବେ ତାଙ୍କର ନ୍ୟାୟ ବ୍ୟବସ୍ଥା ନଷ୍ଟ ହୋଇଯିବ । ସୃଷ୍ଟି ସାତ ଆଠ ହଜାର ବର୍ଷ ହେଲା ହୋଇଛି ବୋଲି ଏମାନେ ମତ ଦିଅନ୍ତି । ତେବେ ତା ପୂର୍ବରୁ କଣ ଖୁଦା ଅକର୍ମା ହୋଇ ବସିଥିଲେ ? କୟାମତ୍ ପରେ ମଧ୍ୟ ନିଷ୍କର୍ମା ହୋଇଯିବେ କି ? ପରମେଶ୍ୱରଙ୍କ କାମ ସବୁଦିନେ ଚାଲେ । ଯାହାର ଯେଉଁ ପରିମାଣର ପାପ-ପୁଣ୍ୟ ଥାଏ, ତଦନୁସାରେ ତାକୁ ଫଳ ଦିଆଯାଏ । ତେଣୁ କୋରାନ୍‌ର ଏକଥା କଦାପି ଠିକ୍ ନୁହେଁ ॥ ୧୯ ॥

୨୦- ଆମ୍ଭେ ତୁମ୍ଭମାନଙ୍କୁ ପ୍ରତିଜ୍ଞା କରାଇଲୁ ଯେ ତୁମ୍ଭେମାନେ ନିଜ ଲୋକଙ୍କର ଘାତକ ହେବନାହିଁ, ପୁଣି ନିଜ ଲୋକଙ୍କୁ ଘରୁ ବାହାର କରିଦେବ ନାହିଁ । ଯେସବୁ ତୁମ୍ଭେମାନେ ପ୍ରତିଜ୍ଞା କରିଛ ଓ ତାର ସାକ୍ଷୀମଧ୍ୟ ତୁମ୍ଭେମାନେ ଅଛ । ତଥାପି ତୁମ୍ଭେ ନିଜ ଲୋକଙ୍କୁ ମାରି ପକାଉଛ, ଆପଣା ଲୋକଙ୍କୁ ପୁଣି ନିଜ ଘରୁ ବାହାର କରି ଦେଉଛ ।

(ମଂ୧/ସି·୧/ସୂ·୨/ଆ·୮୪-୮୫)

ସମୀକ୍ଷକ:- ପ୍ରତିଜ୍ଞା କରିବା ଓ କରାଇବା ଅଳ୍ପଜ୍ଞ ଲୋକର କାମ ନା ପରମେଶ୍ୱରଙ୍କ କାମ ? ପରମେଶ୍ୱର ସର୍ବଜ୍ଞ ହୋଇଥିବାରୁ, ସାଧାରଣ ବ୍ୟକ୍ତିପରି କାମ କରନ୍ତି ନାହିଁ ନିଜ ଲୋକକୁ କେବେ ମାରିବ ନାହିଁ, ନିଜ ସମ୍ପ୍ରଦାୟର ଲୋକଙ୍କୁ ଘରୁ ତଡ଼ି ଦେବ ନାହିଁ, କିନ୍ତୁ ପରଲୋକଙ୍କୁ ମାରି ସେମାନଙ୍କୁ ସେମାନଙ୍କଘରୁ ତଡ଼ି ଦେବା, ଏହା କଣ ନ୍ୟାୟସଙ୍ଗତ ? ଏହା କେବଳ ପକ୍ଷପାତ ଓ ମୂର୍ଖତା । ପରମେଶ୍ୱର ପ୍ରଥମରୁ କଣ ଏମାନେ ପ୍ରତିଜ୍ଞାଭଙ୍ଗ କରିବେ ବୋଲି ଜାଣି ନ ଥିଲେ ? ଏସବୁକଥାରୁ ଜଣାଯାଉଛି ଯେ ମୁସଲମାନ ଓ ଇସାଇମାନଙ୍କ ଈଶ୍ୱର ମଧ୍ୟରେ ଅନେକ ଗୁଣ,କର୍ମ ସମାନ । ପୁଣି କୋରାନ୍‌କୁ ପୃଥକ୍ ଗ୍ରନ୍ଥ ବୋଲି କୁହାଯାଇ ପାରିବ ନାହିଁ, କାରଣ ଏହାର ଅଳ୍ପ କେତେକ ବିଷୟକୁ ବାଦ୍‌ଦେଲେ,

ଆଉସବୁ ବାଇବେଲ୍‌ର ବୋଲି ଅନୁମିତ ହେଉଛି ॥ ୨୦ ॥

୨୧- ଯେଉଁମାନେ ଆଖିରତ ବଦଳରେ ଏଠାକାର ଜୀବନ କିଣି ନେଇଛନ୍ତି ସେମାନେ ହେଉଛନ୍ତି ଏହିଲୋକ । ଏମାନଙ୍କୁ ପାପରୁ ରକ୍ଷା କରାଯିବ ନାହିଁକି ସାହାଯ୍ୟ ମଧ୍ୟ କରାଯିବ ନାହିଁ । (ମଂ୧/ସି·୧/ସୂ·୨/ଆ·୮୬)

ସମୀକ୍ଷକ:- ଏପରି ଦ୍ୱେଷପୂର୍ଣ୍ଣ କଥା ଈଶ୍ୱରଙ୍କ ଆଡୁ କେବେ କଣ ପ୍ରକାଶ କରାଯାଇପାରେ ? ଯେଉଁମାନଙ୍କ ପାପଭାର ଉଶ୍ୱାସ ହୋଇଯିବ, ପୁଣି ସାହାଯ୍ୟ ଦିଆଯିବ, ସେମାନେ କିଏ ? ଯଦି ସେମାନେ ପାପୀ ହୋଇଥିବେ, ବିନା ଦଣ୍ଡରେ ସେମାନଙ୍କ ପାପ କ୍ଷମା କଲେ ଅନ୍ୟାୟ ହେବ ନା ନାହିଁ ? ଯଦି ସେମାନଙ୍କୁ ଦଣ୍ଡ ଦିଆଯାଇ ପାପଭାର ଉଶ୍ୱାସ କରାଯାଏ,ତେବେ ଏହି ଆୟତନରେ ବର୍ଣ୍ଣିତ ଲୋକେ ମଧ୍ୟ ଦଣ୍ଡ ଭୋଗକରି ପାପଭାର ଉଶ୍ୱାସ କରାଇବାପାଇଁ ଯୋଗ୍ୟ ଅଟନ୍ତି । ଏହା ନ କଲେ ଅନ୍ୟାୟ ହେବ । ପାପ ଉଶ୍ୱାସ କରିବାର ପ୍ରୟୋଜନ ଧାର୍ମିକ ମାନଙ୍କର । ତେବେ ସେଠାରେ ଖୁଦା କଣ କରିବେ ? ତେଣୁ ଏ ଲେଖା ବିଦ୍ୱାନ୍‌ମାନଙ୍କର ନୁହେଁ । ଧର୍ମାତ୍ମା ମାନଙ୍କୁ ସୁଖ ଓ ପାପୀକୁ ତାର କର୍ମାନୁସାରେ ଫଳଦେବା ଏକାନ୍ତ ଆବଶ୍ୟକ ॥ ୨୧ ॥

୨୨- ଆମ୍ଭେ ମୁସାକୁ ନିଶ୍ଚୟ ପୁସ୍ତକ ଦେଲୁ, ତାପରେ ପୁଣି ଆମ୍ଭେ ପୈଗମ୍ବରମାନଙ୍କୁ ଆଣିଲୁ । ମେରିପୁତ୍ର ଯିଶୁଙ୍କୁ ଦୈବୀଶକ୍ତିଦ୍ୱାରା ବଳବନ୍ତ କଲୁଁ, ଏବଂ ତାହାକୁ ତାହାର କର୍ତ୍ତବ୍ୟ ବୁଝାଇ କହିଲୁଁ । ତୁମର ଆତ୍ମା ଯାହା ଚାହେଁ ନାହିଁ, ସେହି ବସ୍ତୁ ଘେନି କୌଣସି ପୈଗମ୍ବର ଯେତେଥର ଆସନ୍ତି, ତୁମେମାନେ ଗର୍ବରେ ଷାଣ୍ଡହୋଇ କାହାକୁ ଭଣ୍ଡ କହୁଛ ତ ପୁଣି କାହାକୁ ବଧ କରୁଛ । (ମଂ୧/ସି·୧/ସୂ·୨/ଆ·୮୭)

ସମୀକ୍ଷକ:- କୋରାନ୍ ପ୍ରମାଣାନୁସାରେ ଯଦି ମୁସାକୁ ଧର୍ମପୁସ୍ତକ ଦିଆଯାଇଛି, ତେଣୁ ତାହାକୁ ମୁସଲମାନ୍‌ମାନେ ମାନିବାର ଆବଶ୍ୟକତା ପଡିଲା । ସେହି ପୁସ୍ତକରେ ଯେଉଁ ଦୋଷ ରହିଥିଲା ସେସବୁ ଆସି ମୁସଲମାନ୍ ଧର୍ମରେ ମିଶିଲା । ଅଦ୍ଭୁତ କର୍ମ ସଂପର୍କରେ ଯାହା କିଛି ଲେଖାଯାଇଛି ସେସବୁ ହେଉଛି ନିରର୍ଥକ । ସରଳ ମନୁଷ୍ୟମାନଙ୍କୁ ଭୁଲାଇବାପାଇଁ ଏସବୁ ମିଥ୍ୟାର ଆଶ୍ରୟ ନିଆଯାଇଛି ।କାରଣ ଏସବୁ ହେଉଛି ସୃଷ୍ଟି କ୍ରମର ବିରୁଦ୍ଧ । ଯେତେବେଳେ ଯେଉଁ ଅଦ୍ଭୁତ କାର୍ଯ୍ୟମାନ କରାଯାଉଥିଲା, ଏବେ କାହିଁକି ତାହା କରାଯାଉ

ନାହିଁ ।ବର୍ତ୍ତମାନ ଯେଣୁ ତାହା ନାହିଁ, ସେତେବେଳେ ମଧ୍ୟ ତାହାଁ ନଥିଲା, ଏହାହିଁ ବୁଝିବାକୁ ହେବ ॥ ୨୨ ॥

୨୩- ସେମାନେ ଅବିଶ୍ୱାସୀ କାଫିର୍‌ମାନଙ୍କୁ ପରାଜିତ କରିବାପାଇଁ ପ୍ରଥମେ ପ୍ରାର୍ଥନା କରୁଥିଲେ ହେଁ ଯେତେବେଳେ କୋରାନ୍ ପାଇଲେ, ଯାହାର ବିଷୟବସ୍ତୁ ସେମାନେ ଆଗରୁ ଅବଗତ ହୋଇଥିଲେ, ତାହାକୁ ଗ୍ରହଣ ନକରି କାଫିର୍ ହେଲେ । ସେହି କାଫିର୍‌ମାନଙ୍କ ଉପରେ ଆଲ୍ଲାଙ୍କର ଧିକ୍କାର । (ମଂ୧/ସି·୧/ସୂ·୨/ଆ·୮୯)

ସମୀକ୍ଷକ:- ତୁମେ ଯେପରି ଅନ୍ୟ ଧର୍ମାବଲମ୍ବୀମାନଙ୍କୁ କାଫିର୍ ବୋଲି କହୁଛ, ସେମାନେ ମଧ୍ୟ ସେହିପରି ତୁମ୍ଭମାନଙ୍କୁ କାଫିର୍ ବୋଲି କହୁଛନ୍ତି । ପୁଣି ସେମାନଙ୍କର ଈଶ୍ୱରମଧ୍ୟ ତୁମ୍ଭମାନଙ୍କୁ ଅଭିଶାପ ଦେଉଥିବେ । ତେବେ କହ, କେଉଁ ଧର୍ମ ଭଲ ଓ କେଉଁ ଧର୍ମ ଖରାପ ? ବିଚାରକରି ଦେଖିଲେ ପ୍ରତ୍ୟେକ ମତରେ ମିଥ୍ୟା ରହିଛି,କିନ୍ତୁ ଯାହା ସତ୍ୟ ତାହା ସବୁମତରେ ସମାନଭାବରେ ଦେଖାଯାଇଥାଏ । ଏହା କେବଳ ମୂର୍ଖତାର ଲଢ଼େଇ ॥ ୨୩ ॥

୨୪- ସତ୍ୟବାଦୀ ବା ଇମାନଦାର୍‌ମାନଙ୍କପାଇଁ ଆନନ୍ଦର ସନ୍ଦେଶ । ଆଲ୍ଲା, ଦେବଦୂତ, ପୈଗମ୍ବର,ଜିବରଇଲ ଓ ମିକାଇଲଙ୍କସହ ଯେଉଁମାନେ ଶତ୍ରୁତା କରନ୍ତି, ସେହି କାଫିର୍‌ମାନଙ୍କର ଆଲ୍ଲା ହେଉଛନ୍ତି ଶତ୍ରୁ । (ମଂ୧/ସି·୧/ସୂ·୨/ଆ·୮୯)

ସମୀକ୍ଷକ:- ଯଦି ଖୁଦା ଏକ ପୁଣି ଅଦ୍ୱିତୀୟ, ତେବେ ଏମାନେ, ଏହି ଦୂତମାନେ କୁଆଡୁ ଆସିଲେ ? କେହି ଯଦି କୌଣସି ଲୋକର ଶତ୍ରୁ ହୁଏ, ତେବେ ସେହିଲୋକ ଈଶ୍ୱରଙ୍କ ଶତ୍ରୁ ହେବ କାହିଁକି ? ଏହା କଦାପି ହୋଇ ନପାରେ, ଯେଣୁ ଈଶ୍ୱର କେବେ କାହାର ଶତ୍ରୁ ହୁଅନ୍ତି ନାହିଁ ॥ ୨୪ ॥

୨୫- ଆଲ୍ଲା ଯାହାକୁ ଦୟା କରନ୍ତି, ତାକୁ ପ୍ରଧାନ କରି ଦିଅନ୍ତି ।

(ମଂ୧/ସି·୧/ସୂ·୨/ଆ·୧୦୫)

ସମୀକ୍ଷକ:- ଯିଏ ମୁଖ୍ୟ ହେବାର ବା ଦୟା ପାଇବାର ଯୋଗ୍ୟନୁହେଁ, ତାକୁ କଣ ପ୍ରଧାନ କରି ଦିଆଯିବ ଓ ଦୟା କରାଯିବ ? ପ୍ରକୃତରେ ଯଦି ଏପରି ହୁଏ ତେବେ ବୁଝିବାକୁ ହେବ ଯେ ଖୁଦା ବଡ଼ ଗଣ୍ଡଗୋଳିଆ । ଏପରି ହେଲେ ଭଲକାମ ଆଉ କେହି କରିବେ ନାହିଁ ।

କାରଣ ଖୁଦା କର୍ମଫଳ ଉପରେ ନିର୍ଭର ନକରି ପ୍ରସନ୍ନତା ଉପରେ ନିର୍ଭର କରନ୍ତି । ଏହାଦ୍ୱାରା ଜୀବମନରେ ଅନାସ୍ଥାଭାବ ସୃଷ୍ଟିହୋଇ ଉତ୍ତମକର୍ମପ୍ରତି ଆଗ୍ରହପ୍ରକାଶ ପାଇବ ନାହିଁ ॥୨୫ ॥

୨୬- ଏପରି ନ ହେଉ ଯେ କାଫିର୍‌ମାନେ ଈର୍ଷାକରି ତୁମକୁ ସତ୍ୟ ବା ଇମାନ୍‌ଠାରୁ ଦୂରେଇ ନ ଦିଅନ୍ତୁ । କାରଣ ସେମାନଙ୍କ ମଧ୍ୟରେ ଇମାନଦାରଙ୍କ ବହୁତ ବନ୍ଧୁ ଅଛନ୍ତି ।

(ମଂ·୧/ସି·୧/ସୂ·୨/ଆ·୧୦୯)

ସମୀକ୍ଷକ:- କାଳେ କାଫିର୍‌ମାନେ ସେମାନଙ୍କ ଧର୍ମବିଶ୍ୱାସ ଦୂର କରିଦେଇ ପାରନ୍ତି ଏହି ଆଶଙ୍କାରେ ଖୁଦା ସେମାନଙ୍କୁ ସତର୍କ କରାଇ ଦେଇଛନ୍ତି । ସେ କଣ ତେବେ ସର୍ବଜ୍ଞ ନୁହନ୍ତି ? ଏଭଳି କଥା ତ କେବେ ଖୁଦାଙ୍କର ହେବା ଉଚିତ ନୁହେଁ ॥ ୨୬ ॥

୨୭- ତୁମେ ଯେଉଁ ଆଡ଼କୁ ମୁହଁକର,ସେଆଡ଼େ ଆଲ୍ଲାଙ୍କର ମୁହଁ ରହିଛି ।

(ମଂ·୧/ସି·୧/ସୂ·୨/ଆ·୧୧୫)

ସମୀକ୍ଷକ:- ଏକଥା ଯଦି ସତ୍ୟ ତେବେ ମୁସଲ୍‌ମାନମାନେ ପଶ୍ଚିମାଭିମୁଖ ହୋଇ ଈଶ୍ୱରୋପାସନା କାହିଁକି କରନ୍ତି ? ଯଦି କହିବ ଖୁଦା ସେପରି ଆଦେଶ ଦେଇଛନ୍ତି । ତେବେ ତାଙ୍କର କେଉଁ କଥାକୁ ପାଳନ କରାଯିବ ? ଖୁଦାଙ୍କର ପ୍ରକୃତରେ ଯଦି ମୁଖ ଥାଏ, ତେବେ ତାହା ଏକସମୟରେ ଗୋଟିଏ ଦିଗରେ କେବଳ ଦେଖାଯିବ ॥ ୨୭ ॥

୨୮- ସେ ହେଉଛନ୍ତି ସ୍ୱର୍ଗ ଓ ମର୍ତ୍ତ୍ୟର ସୃଷ୍ଟିକର୍ତ୍ତା । ଯେତେବେଳେ ସେ କିଛି କରିବାକୁ ଇଚ୍ଛା କରନ୍ତି, ସେତେବେଳେ ତାଙ୍କୁ କିଛି କରିବାକୁ ପଡ଼େ ନାହିଁ । ସେ ମୁହଁରେ କେବଳ କହିଦିଅନ୍ତି ହୋଇଯାଅ । ସେତିକିରେ ସବୁକିଛି ହୋଇଯାଏ ।

(ମଂ·୧/ସି·୧/ସୂ·୨/ଆ·୧୧୭)

ସମୀକ୍ଷକ:- ଭଲକଥା, ଖୁଦା ଆଦେଶ ଦେଲେ ହୋଇଯା" ତେବେ ତାହା ଶୁଣିଲା କିଏ ? କାହାକୁ ସେ କହିଥିଲେ ? କହିବାପରେ କଣ ହେଲା ? କେଉଁ କାରଣକୁ ଆଧାର କରି ତାହା ସୃଷ୍ଟି ହେଲା ? କୋରାନ୍‌ରେ ଉଲ୍ଲେଖ କରାଯାଇଛି ଯେ, ସୃଷ୍ଟିପୂର୍ବରୁ ଖୁଦାଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ନଥିଲା । ତେବେ ଏ ବିରାଟ ସଂସାର କେଉଁଠାରୁ ଆସିଲା ? କାରଣ ବ୍ୟତୀତ କୌଣସି କାର୍ଯ୍ୟ କଦାପି ହୋଇପାରେ ନାହିଁ । କେବଳ

ଇଚ୍ଛାକଲାମାତ୍ରକେ ଏ ପ୍ରକାଣ୍ଡ ବିଶ୍ୱବ୍ରହ୍ମାଣ୍ଡ କାରଣ ନଥାଇ ସେ ନିର୍ମାଣ କରିଦେଲେ ? ଏହାକୁ ତୁମେ ବିଶ୍ୱାସ କରୁଛ ?

ପୂର୍ବପକ୍ଷ:- ନା,ନା,ଖୁଦାଙ୍କ ଇଚ୍ଛାରେ ।

ଉତ୍ତରପକ୍ଷ:-ଉତ୍ତର ପକ୍ଷ:- ତୁମ ଇଚ୍ଛାରେ ମାଛିର ଗୋଡ଼ଟିଏ ସୁଦ୍ଧା ତିଆରି ହୋଇପାରିବ ନାହିଁ । ତଥାପି ତୁମେ କହୁଛ..... ଖୁଦାଙ୍କ ଇଚ୍ଛାରେ ଏ ବିରାଟ ବିଶ୍ୱ ବ୍ରହ୍ମାଣ୍ଡ ତିଆରି ହୋଇଗଲା ।

ପୂର୍ବପକ୍ଷ:- ଖୁଦା ହେଉଛନ୍ତି ସର୍ବଶକ୍ତିମାନ୍ । ସେ ଯାହା ଇଚ୍ଛାକରିବେ ତାହା କରିପାରିବେ ।

ଉତ୍ତରପକ୍ଷ:- " ସର୍ବଶକ୍ତିମାନ୍ " ଶବ୍ଦର ଅର୍ଥ କଣ ?

ପୂର୍ବପକ୍ଷ:- ଯାହା ଚାହିଁବେ, ତାହାହିଁ କରିପାରିବେ ।

ଉତ୍ତରପକ୍ଷ:- ଖୁଦା ଇଚ୍ଛାକଲେ ଅନ୍ୟ ଏକ ଖୁଦା ସୃଷ୍ଟି କରିପାରିବେ କି ? ଆପେ ଆପେ ମରିପାରିବେ ? ପୁଣି ମୂର୍ଖ,ରୋଗୀ ଓ ଅଜ୍ଞାନ ହୋଇପାରିବେ ? ।

ପୂର୍ବପକ୍ଷ:- କଦାପି ଏପରି ହୋଇପାରିବେ ନାହିଁ ।

ଉତ୍ତରପକ୍ଷ:- ଏଣୁ ପରମେଶ୍ୱର ନିଜର ଓ ଅନ୍ୟର ଗୁଣ,କର୍ମ ଓ ସ୍ୱଭାବ ବିରୁଦ୍ଧରେ କିଛି କରିପାରିବେ ନାହିଁ । ସଂସାରରେ କୌଣସି ବସ୍ତୁ ନିର୍ମାଣ ପାଇଁ ତିନୋଟି ପଦାର୍ଥ ଆବଶ୍ୟକ । ଯଥା- ୧-କର୍ତ୍ତା ଯେପରି ହାଣ୍ଡିଗଢ଼ିବା ସକାଶେ କୁମ୍ଭକାର, ୨- ଘଟ ତିଆରିପାଇଁ ମୃତ୍ତିକା, ଓ ୩- ଏହା ସାଧନ,ଯାହାଦ୍ୱାରା ଘଟ ତିଆରି ହୁଏ (କୁମ୍ଭାରଚକ) । ଯେପରି ଘଟପାଇଁ କୁମ୍ଭକାର,ମୃତ୍ତିକା ଓ ସାଧନ ଆବଶ୍ୟକ,ସେହିପରି ଜଗତନିର୍ମାଣ ପୂର୍ବରୁ ପରମେଶ୍ୱର, ଜଗତର କାରଣ, ପ୍ରକୃତି ଓ ତାଙ୍କର ଗୁଣ,କର୍ମ ଓ ସ୍ୱଭାବ ଅନାଦି ଅଟେ । ତେଣୁ ସୃଷ୍ଟି ବିଷୟକ କୋରାନ୍ କଥା ମିଥ୍ୟା ।

୨୯- ଆମ୍ଭେ ଯେତେବେଳେ ଲୋକମାନଙ୍କ ସୁଖଦାୟୀ "କାବା" ପ୍ରଭୃତି ତୀର୍ଥସ୍ଥାନ ତିଆରି କରିଛୁ, ସେହିପରି ଉପାସନା ସକାଶେ ତୁମମାନଙ୍କୁ ଇବ୍ରାହିମ୍‌ଙ୍କ ସ୍ଥାନକୁ ଯିବାକୁ ହେବ । (ମଂ·୧/ସି·୧/ସୂ·୨/ଆ·୧୨୫)

ସମୀକ୍ଷକ:- କାବାପୂର୍ବରୁ ଖୁଦା ଅନ୍ୟ କୌଣସି ପବିତ୍ରସ୍ଥାନ ତିଆରି କରିଥିଲେ କି ?

ଯଦି ତିଆରି କରିଥିଲେ, ତେବେ ପୁଣି କାବାକୁ ତିଆରି କରିବାର ଆବଶ୍ୟକତା ନ ଥିଲା ? ଯଦି ତିଆରି କରିନଥିଲେ, ତେବେ ତାପୂର୍ବରୁ ଯେଉଁମାନେ ଜନ୍ମିଥିଲେ, ସେମାନଙ୍କୁ ବିନା ପବିତ୍ରସ୍ଥାନରେ ରଖାଇଥିଲେ । ପ୍ରଥମରୁ ପବିତ୍ରସ୍ଥାନ ତିଆରିକରିବାପାଇଁ ଈଶ୍ୱର ବୋଧେ ବିଚାର କରିପାରିଲେ ନାହିଁ ॥ ୨୯ ॥

୩୦- ଯେ ଇବ୍ରାହିମ୍‌ଙ୍କ ଦୀନରୁ ଫେରିଯାଏ, ସେ କି ମଣିଷ ? କିନ୍ତୁ ଯିଏ ନିଜ ଜନଙ୍କୁ ମୂର୍ଖ କରାଇଛି, ଦୁନିଆଁରେ ଆମ୍ଭେ ତାକୁ ପସନ୍ଦ କରୁଁ ଓ ଶେଷରେ ସେ ହିଁ ହେଉଛି ଭଲ ।

(ମଂ୧/ସି·୧/ସୂ·୨/ଆ·୧୩୦)

ସମୀକ୍ଷକ:- ଇବ୍ରାହିମ୍‌ଙ୍କ ଦୀନ ବା ଧର୍ମକୁ ଯେ ନ ମାନେ ସେ ମୂର୍ଖ, ଏହାତ ଅସମ୍ଭବ କଥା ତେବେ ଇବ୍ରାହିମ୍‌ଙ୍କୁ ଖୁଦା ଭଲପାଇବାର କାରଣ କଣ ?ଧର୍ମାତ୍ମା ହୋଇଥିବାରୁ ଯଦି ଭଲ ପାଇଲେ, ତେବେ କଣ ଅନ୍ୟ ଧର୍ମାତ୍ମାମାନେ ନ ଥିଲେ ? ଇବ୍ରାହିମ୍ ଧର୍ମାତ୍ମା ନ ହୋଇ ମଧ୍ୟ ଯଦି ଆଲ୍ଲାଙ୍କ ପସନ୍ଦ ଲାଭ କଲା,ତେବେ ଅନ୍ୟାୟ ହେଲାକହିବାକୁ ହେବ । ଅବଶ୍ୟ ଏକଥା ଠିକ୍ ଯେ ଧର୍ମାତ୍ମା ଈଶ୍ୱରଙ୍କ ପ୍ରିୟ, ଅଧର୍ମୀ ପ୍ରିୟ ହୋଇପାରେ ନାହିଁ ॥ ୩୦ ॥

୩୧- ନିଶ୍ଚୟ,ଆମ୍ଭେ ତୋର ମୁଖକୁ ଆକାଶ ଆଡ଼କୁ ଫେରାଇବାର ଦେଖୁଛୁ । ଅବଶ୍ୟ ଆମ୍ଭେ ତୋତେ ପଶ୍ଚିମଦିଗକୁ ଫେରାଇବୁ । ଏହାକୁ ତୁମେ ପସନ୍ଦ କର । ସେହି ପବିତ୍ର ମସ୍‌ଜିଦ୍ ଆଡ଼କୁ ଚାହଁ, ଯେଉଁ ସ୍ଥାନରେ ଥାଅନା କାହିଁକି, କେବଳ ସେହିଦିଗକୁ ଚାହଁ ।

ସମୀକ୍ଷକ:- ଏହାକୁ କାହିଁକି ଛୋଟ ଧରଣର ବୁତ୍‌ପରସ୍ତୀ ଅର୍ଥାତ୍ ମୂର୍ତ୍ତିପୂଜା ବୋଲି କୁହା ନ ଯିବ ? ॥ ୩୧ ॥

ପୂର୍ବପକ୍ଷ:- ଆମ୍ଭେ ମୁସଲ୍‌ମାନ୍‌ମାନେ ମୂର୍ତ୍ତି ପୂଜକ ନୋହୁଁ । ବରଂ ଆମେ ହେଉଛୁ ମୂର୍ତ୍ତି ବିନାଶକ । ସେଣୁ ଆମେ ପଶ୍ଚିମକୁ ଖୁଦାବୋଲି ମନେ କରୁନାହୁଁ ।

ଉତ୍ତରପକ୍ଷ:- ଯେଉଁମାନଙ୍କୁ ତୁମେ ମୂର୍ତ୍ତିପୂଜକ ବୋଲି ମନେ କରୁଛ, ସେମାନେ ସେସବୁ ମୂର୍ତ୍ତିରେ ଈଶ୍ୱର ଅଛନ୍ତି ବୋଲିତ ବିଚାର କରନ୍ତି ନାହିଁ, କିନ୍ତୁ ସେହି ମୂର୍ତ୍ତି ଆଗରେ ପରମେଶ୍ୱରଙ୍କୁ ଭକ୍ତି କରନ୍ତି । ଯଦି ତୁମେ ମୂର୍ତ୍ତିକୁ ଭାଙ୍ଗୁଛ, ତେବେ ମସ୍‌ଜିଦ୍, କିବ୍‌ଲେବା

ବଡ଼ବୁତ୍ (ମୂର୍ତ୍ତି ବା ପ୍ରତୀକ) କୁ କାହିଁକି ଭାଙ୍ଗି ଦେଉନାହିଁ ?

ପୂର୍ବପକ୍ଷ:- ବାହାରେ ! ସେହି କିବ୍‌ଲେ ଆଡ଼କୁ ମୁଖ କରିବାପାଇଁତ ଆମ କୋରାନ୍‌ରେ ଆଦେଶ ଦିଆଯାଇଛି । ଏମାନଙ୍କ ବେଦରେ ମୂର୍ତ୍ତିପୂଜା ବିଷୟରେ କୁହାଯାଇନାହିଁ । ତେଣୁ ଏମାନେ ବୁତ୍‌ପରସ୍ତ କାହିଁକି ନ ହେବେ ? ଆମେ କାହିଁକି ବୁତ୍‌ପରସ୍ତ ହେବୁ ? ଆମେ କେବଳ ଈଶ୍ୱରଙ୍କ ଆଦେଶକୁ ପାଳନ କରୁଛୁ ।

ଉତ୍ତରପକ୍ଷ:- ତୁମ କୋରାନ୍ ଯେପରି ତୁମ୍ଭମାନଙ୍କୁ ଆଦେଶ ଦେଉଛି, ସେହିପରି ସେମାନଙ୍କ ପୁରାଣ ମଧ୍ୟ ଆଦେଶ ଦେଇଛି । ଯେପରି ତୁମ୍ଭେ କୋରାନ୍‌କୁ ଖୁଦାଙ୍କ କଲାମ୍ (ବାକ୍ୟ) ବୋଲି ଭାବୁଛ, ପୁରାଣକୁ ମାନୁଥିବା ଏମାନେ ମଧ୍ୟ ସେହିପରି ଖୁଦାଙ୍କ ଅବତାର ବ୍ୟାସଦେବଙ୍କ ବାକ୍ୟ ବୋଲି ମନେ କରନ୍ତି । ତୁମ୍ଭ ଓ ତାଙ୍କ ମଧ୍ୟରେ ବୁତ୍‌ପରସ୍ତର କୌଣସି ପ୍ରକାର ଭେଦ ନାହିଁ । ବିଚାରକରି ଦେଖିଲେ ତୁମେ ହେଉଛ ବଡ଼ ମୂର୍ତ୍ତିପୂଜକ ଓ ଏମାନେ ଛୋଟ ମୂର୍ତ୍ତିପୂଜକ । କାରଣ ଯେପରି କୌଣସି ଜଣକର ଘରୁ ବିରାଡିଟିଏ ଗୁଳିଯାଇ ଓଟଟାଏ ପ୍ରବେଶକରେ, ଠିକ୍ ସେହିପରି ମୁହମ୍ମଦ ସାହେବ ଛୋଟବୁତ୍ (ମୂର୍ତ୍ତି ବା ପ୍ରତୀକ) କୁ ମୁସଲମାନ୍‌ମାନଙ୍କ ମତରୁ ବାହାର କରିଦେଇ ପାହାଡ଼ ସଦୃଶ ମକ୍କା,ମସ୍‌ଜିଦ୍ ଭଳି ବଡ଼ ବୁତ୍‌କୁ ସେମାନଙ୍କ ମସ୍ତିଷ୍କରେ ଭର୍ତ୍ତି କରାଇଦେଲେ । ଆମ୍ଭେମାନେ ଯେପରି ବୈଦିକମତବାଦୀ ତୁମ୍ଭେମାନେ ସେପରି ହୋଇଯାଅ, ତେବେ ବୁତ୍‌ପରସ୍ତୀ ଏକାବେଳକେ ଦୂର ହୋଇଯିବ । ତୁମ୍ଭେମାନେ ତୁମର ସେହି ବୃହଦାକାର ମୂର୍ତ୍ତିପୂଜାକୁ ନ ଛାଡ଼ିବା ପର୍ଯ୍ୟନ୍ତ ଛୋଟ ଛୋଟ ମୂର୍ତ୍ତି ପୂଜକମାନଙ୍କୁ ଆକ୍ଷେପ କରିବା ଉଚିତ ନୁହେଁ । ନିଜକୁ ବୁତ୍‌ପରସ୍ତୀରୁ ଦୂରେଇ ରଖି ପବିତ୍ର ଜୀବନ ଯାପନ କରିବା ଆବଶ୍ୟକ ॥ ୩୧ ॥

୩୨- ଯେଉଁମାନେ ଖୁଦାଙ୍କ ମାର୍ଗରେ ଯାଇ ପ୍ରାଣ ହରାଇଛନ୍ତି, ସେମାନଙ୍କୁ ମରନ୍ତି ବୋଲି କୁହନାହିଁ । ବରଂ ସେମାନେ ଜୀବିତ ଅଟନ୍ତି ।

(ମଂ୧/ସି·୧/ସୂ·୨/ଆ·୧୫୪)

ସମୀକ୍ଷକ:- ଈଶ୍ୱରଙ୍କ ମାର୍ଗରେ ଯାଇ ମରିବା ବା ମାରିବାର କି ଆବଶ୍ୟକ ? କୌଣସି ସଂକୀର୍ଣ୍ଣ ସ୍ୱାର୍ଥସାଧନପାଇଁ ଏସବୁ କଥା କେବଳ କୁହାଯାଇଛି । ଏହାଦ୍ୱାରା ଲୋଭରେ ପଡ଼ି ଲୋକେ ଖୁବ୍ ଲଢ଼େଇ କରିବେ, ନିଜର ବିଜୟ ହେବ, ମାରିବାକୁ ଭୟକରିବେ

ନାହିଁ, ଲୁଟପାଟ୍ କରିବାଦ୍ୱାରା ଐଶ୍ୱର୍ଯ୍ୟ ପ୍ରାପ୍ତି ହେବ, ଓ ବିଷୟାନନ୍ଦ ଭୋଗ କରିବେ ଇତ୍ୟାଦି ସ୍ୱପ୍ରୟୋଜନ ସିଦ୍ଧିପାଇଁ ଏ ବିପରୀତ ବ୍ୟବହାର କରାଯାଇଛି ॥ ୩୨ ॥

୩୩- ଏହା ଯେ ଆଲ୍ଲା କଠୋର ଦୁଃଖ ଦିଅନ୍ତି । ସଇତାନ୍ ପଛରେ ଯାଅନାହିଁ, ସେ ତୁମର ପ୍ରଧାନ ଶତ୍ରୁ ଅଟେ । ଏହା ବ୍ୟତୀତ ଆଉକିଛି ନିର୍ଲ୍ଲଜତା ଓ ଖରାପକଥା ନାହିଁ । ଆଲ୍ଲାଙ୍କ ବିଷୟ ଯେ ଜାଣି ନାହାନ୍ତି ତାଙ୍କୁ କୁହ ।

(ମଂ୧/ସି·୨/ସୂ·୨/ଆ·୧୬୫-୧୬୮-୧୬୯)

ସମୀକ୍ଷକ:- ତୁମ ଖୁଦା ଦୁଷ୍ଟକୁ ଦଣ୍ଡ ଦେଇ ଧାର୍ମିକକୁ ରକ୍ଷା କରନ୍ତି, ନା ଅନ୍ୟ ଲୋକମାନଙ୍କୁ ଦଣ୍ଡଦେଇ କେବଳ ମୁସଲମାନ୍‌ମାନଙ୍କୁ ଦୟା କରନ୍ତି ? ସେ ଯଦି କେବଳ ମୁସଲମାନ୍‌ମାନଙ୍କ ପ୍ରତି ଦୟା କରନ୍ତି ତେବେ ସେ ଈଶ୍ୱର ନୁହନ୍ତି । ପକ୍ଷପାତୀ ନ ହେଲେ ସେ ଧର୍ମପରାୟଣଙ୍କ ପାଇଁ ଦୟାଳୁ ଓ ଅଧାର୍ମିକଙ୍କ ପକ୍ଷରେ ଦଣ୍ଡଦାତା ହେବେ । ତେବେ କୋରାନ୍ ଓ ମହମ୍ମଦଙ୍କୁ ବିଶ୍ୱାସ କରିବା ଅନାବଶ୍ୟକ । ପୁଣି ପ୍ରତ୍ୟେକ ମନୁଷ୍ୟକୁ କୁପଥରେ ନେଉଥିବା, ସମସ୍ତଙ୍କର ଶତ୍ରୁ ସଇତାନ୍‌କୁ ଖୁଦା କାହିଁକି ସୃଷ୍ଟି କଲେ ? ସେ କଣ ଭବିଷ୍ୟତକଥା ଜାଣି ପାରି ନ ଥିଲେ ? ଯଦି ସେ ଜାଣିଥିଲେ ଓ ପରୀକ୍ଷା କରିବାପାଇଁ ସୃଷ୍ଟିକଲେ ବୋଲି କୁହ, ତେବେ ତାହା ଠିକ୍ ନୁହେଁ । କାରଣ ଅଳ୍ପଜ୍ଞ ବ୍ୟକ୍ତି ପରୀକ୍ଷା କରେ । ସର୍ବଜ୍ଞ ପ୍ରତ୍ୟେକ ଜୀବର ଭଲମନ୍ଦ କାର୍ଯ୍ୟକୁ ସର୍ବଦା ଯଥାଯଥଭାବେ ଜାଣିପାରିଥାଏ । ସଇତାନ୍ ଯଦିଓ ଜୀବକୁ ଭ୍ରଷ୍ଟ କରୁଛି, ତେବେ ପ୍ରଥମେ ସଇତାନ୍‌କୁ ଭ୍ରଷ୍ଟ କଲା କିଏ ? ଯଦି କୁହ ସଇତାନ୍ ଆପେ ଆପେ ଭ୍ରଷ୍ଟ ହୋଇଛି, ତେବେ ବୁଝିବାକୁ ହେବ ସମସ୍ତେ ମଧ୍ୟ ଆପେ ଆପେ ଭ୍ରଷ୍ଟ ହେଉଛନ୍ତି । ଏଥିରେ ସଇତାନ୍‌ର କୌଣସି କର୍ତ୍ତୃତ୍ୱ ନାହିଁ । ଯଦି ସଇତାନ୍‌କୁ ଖୁଦା ଭ୍ରଷ୍ଟ କରିଥିବେ, ତେବେ ଖୁଦା ହେବେ ସଇତାନ୍‌ର ସଇତାନ୍, କିନ୍ତୁ ଈଶ୍ୱର କଦାପି ଏପରି କାର୍ଯ୍ୟ କରିବେ ନାହିଁ । ଯେ କେହି ଭ୍ରଷ୍ଟ ହେଉଛି ସେ କେବଳ କୁସଙ୍ଗ ଓ ଅବିଦ୍ୟା ଯୋଗୁଁ ॥ ୩୩ ॥

୩୪- ତୁମ୍ଭମାନଙ୍କ ପକ୍ଷରେ ମୁର୍ଦ୍ଦାର,ରକ୍ତ ଓ ମାଂସ ଆଲ୍ଲାଙ୍କ ବ୍ୟତୀତ ଅନ୍ୟ କାହାକୁ ଡକାଗଲେ ସୁଅରର ହରାମ ଅଟେ ।

(ମଂ୧/ସି·୨/ସୂ·୨/ଆ·-୧୭୩)

ସମୀକ୍ଷକ:- ଏଠାରେ ବିଚାର କରିବା ଉଚିତ ଯେ ମୁର୍ଦ୍ଦାର ଆପେ ମରୁ ବା ଅନ୍ୟକେହି ମାରୁ ଏ ଦିଓଟିଯାକ ସମାନ । ଅବଶ୍ୟ ଏଥିରେ କିଛି ଭେଦ ରହିଛି, ତଥାପି ଶବରେ କୌଣସି ପ୍ରକାର ପ୍ରଭେଦ ନାହିଁ । ଯଦି ଘୁଷୁରୀ ନିଷେଧ କରାଗଲା ତେବେ ମନୁଷ୍ୟ ମାଂସ ଖାଇବା କଣ ଉଚିତ ? ଶତ୍ରୁହେଲେ ମଧ୍ୟ ତାକୁ ଖୁଦାଙ୍କ ନାମରେ ଦୁଃଖଦେଇ ହତ୍ୟାକରିବା କଣ ଉତ୍ତମକାର୍ଯ୍ୟ ? ତଦ୍ୱାରା ଖୁଦାଙ୍କ ନାମକୁ କଳଙ୍କିତ କରାଯାଉଛି । ବିନା ପୁନର୍ଜନ୍ମର ଅପରାଧରେ ମୁସଲମାନ୍‌ମାନଙ୍କ ଦ୍ୱାରା ଏପରି ଦାରୁଣ ଦୁଃଖ ଈଶ୍ୱର ଦେଉଛନ୍ତି କାହିଁକି ? ସେମାନଙ୍କ ଉପରେ ସାମାନ୍ୟ ଦୟାମଧ୍ୟ କରୁନାହାନ୍ତି । ଈଶ୍ୱର ସେମାନଙ୍କୁ ପୁତ୍ରପରି କଣ ଦେଖୁନାହାନ୍ତି ? ଗାଈ ପ୍ରଭୃତି ଜୀବମାନେ ଖୁଦାଙ୍କ ଜଗତରେ ଅଶେଷ ଉପକାର ସାଧନ କରୁଛନ୍ତି, ତଥାପି ସେମାନଙ୍କ ହତ୍ୟାକୁ ନିଷେଧ ନ କରିବା ପରିତାପର ବିଷୟ ନୁହେଁକି ? ଏହାଦ୍ୱାରା ଈଶ୍ୱର ହିଂସାରୂପକ ପାପରେ କଳଙ୍କିତ ହେଉଛନ୍ତି । ଏପରି କଥା ଖୁଦାଙ୍କର କିମ୍ବା ତାଙ୍କ ଲିଖିତ ପୁସ୍ତକରେ କଦାପି ରହିପାରେ ନା ॥ ୩୪ ॥

୩୫- ରୋଜାରାତି ତୁମ୍ଭମାନଙ୍କ ହଲାଲ କରାଯାଇଛି, ନିଜ ନିଜ ବୀବୀଙ୍କ ସାଥିରେ ମଦନୋତ୍ସବ କରିବ, ସେ ତୁମ୍ଭପାଇଁ ପର୍ଦ୍ଦା ଓ ତୁମ୍ଭେ ତାଙ୍କପାଇଁ ପର୍ଦ୍ଦା ସ୍ୱରୂପ ଅଟ । ଆଲ୍ଲା ଜାଣନ୍ତି ଯେ ତୁମ୍ଭେ ଚୋରି କରୁଛ ଅର୍ଥାତ୍ ବ୍ୟଭିଚାର କରୁଛ, ତଥାପି ସେ ତୁମ୍ଭଙ୍କୁ କ୍ଷମା ଦେଇଛନ୍ତି । ଖୁଦାଙ୍କ ଆଦେଶାନୁସାରେ ତୁମ୍ଭେମାନେ ସନ୍ତାନପ୍ରାପ୍ତିନିମିତ୍ତ ବୀବୀଙ୍କୁ ଭୋଗକର । ପୁଣି ସକାଳ ଆଲୁଅରେ କଳାଧଳା ସୂତା ବାରି ହେବାପର୍ଯ୍ୟନ୍ତ ଇଚ୍ଛାନୁସାରେ ଖିଆପିଆକର ।

(ମଂ୧/ସି·୨/ସୂ·୨/ଆ·୧୮୭)

ସମୀକ୍ଷକ:- ଏଥିରୁ ଜଣାଯାଉଛି ଯେ ଯେତେବେଳେ ମୁସଲମାନ୍ ମତ ପ୍ରଚଳିତ ହେଲା ବା ତାହା ପୂର୍ବରୁ, କେହି ଆରବ ଦେଶୀୟ ଲୋକ ବୋଧହୁଏ କୌଣସି ପୁରାଣକାରକୁ ପଚାରିଥିବ ଯେ, ଯେଉଁ ଚାନ୍ଦ୍ରାୟଣ ବ୍ରତ ଏକମାସ ପର୍ଯ୍ୟନ୍ତ ଚାଲେ ତାର ବିଧି କଣ ? ଏହାର ଶାସ୍ତ୍ର ବିଧି ହେଉଛି ଯେ ମଧ୍ୟାହ୍ନରେ-ଚନ୍ଦ୍ରକଳା ବୃଦ୍ଧି କ୍ଷୟ ଅନୁସାରେ ଭୋଜନକୁ ବଢେଇବା, କମେଇବା ଓ ମଧ୍ୟାହ୍ନ ସମୟରେ ଭୋଜନ କରିବା ବିଷୟ ଲେଖାଯାଇଛି । ଏହାକୁ ନବୁଝି ସେ ପୌରାଣିକ କହିଥିବେ ଯେ ଚନ୍ଦ୍ରମା ଦର୍ଶନକରି ଭୋଜନ କରିବାକୁ ହେବ । ମୁସଲମାନ୍‌ମାନେ ବ୍ରତର ଏହି ରୀତିକୁ ବୁଝି ନ ପାରି ରାତିସାରା ଖିଆପିଆ

କରିବାର ଶିଖିଲେ । ଗୁହାୟଣ ବ୍ରତରେ ସ୍ତ୍ରୀସଙ୍ଗ ନିଷିଦ୍ଧ କରାଯାଇଛି, କିନ୍ତୁ ରୋଜାରେ ସ୍ତ୍ରୀ ସଂଭୋଗର ବିଧାନ ଅଛି । ଉଭୟଙ୍କ ମଧ୍ୟରେ ଏତିକିମାତ୍ର ପ୍ରଭେଦ ରହିଛି । ଦିନରେ ନଖାଇ ରାତିରେ ଖାଇବା ମୁସଲମାନ୍‌ମାନଙ୍କର ଏକ ବିଚିତ୍ର ଉପବାସ । ଦିବସ ପରିବର୍ତ୍ତେ ରାତିରେ ଖାଇବାହିଁ ସୃଷ୍ଟି କ୍ରମର ବିରୁଦ୍ଧ ॥ ୩୫ ॥

୩୬- ଖୁଦାଙ୍କ ପକ୍ଷରେ ରହି ଖୁଦା ବିରୋଧୀମାନଙ୍କ ସଙ୍ଗେ ଯୁଦ୍ଧକର । ସେମାନଙ୍କୁ ଯେଉଁଠି ପାଉଛ ହତ୍ୟାକର । ସେମାନେ ଯେଉଁ ସ୍ଥାନରୁ ତୁମକୁ ତଡ଼ିଦେଲେ ତୁମ୍ଭେମାନେ ମଧ୍ୟ ସେମାନଙ୍କୁ ସେହିସ୍ଥାନରୁ ତଡ଼ିଦିଅ । ମନୁଷ୍ୟମାନଙ୍କ ମଧ୍ୟରେ ମନୋମାଳିନ୍ୟ ଦୂର ହେବପର୍ଯ୍ୟନ୍ତ ଯୁଦ୍ଧରେ ପ୍ରବୃତ୍ତ ହୁଅ ।

(ମଂ୧/ସି-୨/ସୂ-୨/ଆ-୧୯୦/୧୯୧/୧୯୩/୧୯୪)

ସମୀକ୍ଷକ:- କୋରାନ୍‌ରେ ଏପରି ହିଂସାତ୍ମକ କଥା ନ ଥିଲେ ମୁସଲମାନ୍ ଲୋକେ ଅନ୍ୟଧର୍ମାବଲମ୍ବୀଙ୍କପ୍ରତି ଯେଉଁ କଠୋର ଆଚରଣ କରୁଛନ୍ତି, ତାହା ବୋଧହୁଏ କରନ୍ତେ ନାହିଁ। ନିର୍ଦ୍ଦୋଷବ୍ୟକ୍ତିଙ୍କୁ ମାରିବାରେ ଗର୍ହିତ ପାପ ହୁଏ । ସେମାନଙ୍କ ମତରେ ଯେଉଁମାନେ ମୁସଲମାନ୍ ନୁହନ୍ତି ସେମାନେ ନାସ୍ତିକ । ସେହି ନାସ୍ତିକମାନଙ୍କୁ ମାରିବାକୁ ମୁସଲମାନ୍‌ମାନେ ଭଲ ମନେ କରନ୍ତି । ସେମାନେ କହନ୍ତି ଆମ ଧର୍ମକୁ ଯେ ନ ମାନିବ ତାକୁ ଆମେ ହତ୍ୟା କରିବୁ ଓ ଏପରି କରିଆସୁଛୁ । ଧର୍ମଭିତ୍ତିକ ଲଢ଼େଇ କରି ଏମାନେ ରାଜ୍ୟବାଡ଼ି ହରାଇଛନ୍ତି, ତଥାପି ଏମାନଙ୍କର ମତ ଅନ୍ୟ ଧର୍ମପ୍ରତି ପୂର୍ବପରି କଠୋର ହୋଇ ରହିଛି । ଶତ୍ରୁର ପ୍ରତିଶୋଧ କଣ ଶତ୍ରୁ କରାଯିବା ? ଶତ୍ରୁ ଆମଘରେ ଚୋରି କଲା ବୋଲି ଆମେ କଣ ଯାଇ ତାଘରେ ମଧ୍ୟ ଚୋରି କରିବାକି ? କୌଣସି ଅଜ୍ଞାନ ବ୍ୟକ୍ତି ଆମ୍ଭଙ୍କୁ ଯଦି ଗାଳିଦିଏ, ତେବେ ଆମେ କଣ ତାକୁ ଗାଳି ଦେବା ? ଏସବୁ କଦାପି ନ୍ୟାୟ ସଙ୍ଗତ ନୁହେଁ । ଈଶ୍ୱର ଏପରି ଆଦେଶ ଦିଅନ୍ତି ନାହିଁ । ତାଙ୍କର କୌଣସି ଭକ୍ତ ମଧ୍ୟ ଏପରି ଶିକ୍ଷା ଦିଅନ୍ତି ନାହିଁ । ଏହା କେବଳ ସ୍ୱାର୍ଥୀ, ଜ୍ଞାନହୀନ ବ୍ୟକ୍ତିପକ୍ଷରେ ସମ୍ଭବପର ହୋଇପାରେ ॥ ୩୬ ॥

୩୭- ଖୁଦା କଳହକରୁଥିବା ଲୋକଙ୍କ ସହିତ ମିତ୍ରତା କରନ୍ତି ନାହିଁ । ହେ ଲୋକମାନେ ! ଯଦି ସତ୍ୟବାନ୍ ତେବେ ଇସଲାମ୍‌ଧର୍ମରେ ପ୍ରବେଶ କର ।

(ମଂ୧/ସି-୨/ସୂ-୨/ଆ-୨୦୫/୨୦୮)

ସମୀକ୍ଷକ:- ପ୍ରକୃତରେ ଖୁଦାଯଦି କଳହକୁ ଭଲ ବୋଲି ବିଚ୍ୟରୁନାହାନ୍ତି, ତେବେ କଳହ କରିବାପାଇଁ ମୁସଲମାନ୍‌ମାନଙ୍କୁ ପ୍ରେରଣା ଦେଉଛନ୍ତି କାହିଁକି ? ପୁଣି କଳହପ୍ରିୟ ମୁସଲମାନ୍‌ମାନଙ୍କ ସହିତ ମିତ୍ରତା କରୁଛନ୍ତି କାହିଁକି ? ମୁସଲମାନ୍ ଧର୍ମ ଗ୍ରହଣ କରିବାଦ୍ୱାରା ଖୁଦା ଯଦି ସନ୍ତୁଷ୍ଟ ହୁଅନ୍ତି, ତେବେ ସେ ମୁସଲମାନ୍‌ମାନଙ୍କ ପକ୍ଷପାତୀ ହୋଇଥିବାରୁ ସକଳ ସଂସାରର ଈଶ୍ୱର ନୁହନ୍ତି । ଏଥିରୁ ଜଣାପଡୁଛି କୋରାନ୍ ଈଶ୍ୱରକୃତ ନୁହେଁ ଓ ତହିଁରେ ବର୍ଣ୍ଣିତ ଖୁଦା ମଧ୍ୟ ପ୍ରକୃତ ଈଶ୍ୱର ନୁହନ୍ତି ॥ ୩୭ ॥

୩୮- ଖୁଦା ଯାହାକୁ ଚାହିଁବେ ତାକୁ ଅକ୍ଷୟ ସଂପତ୍ତି ବା ଜୀବିକା ଦେଇପାରିବେ ।

(ମଂ୧/ସି-୨/ସୂ-୨/ଆ-୨୧୨)

ସମୀକ୍ଷକ:- ବିନା ପାପପୁଣ୍ୟରେ ମଧ୍ୟ ଖୁଦା କଣ ଏସବୁ ଲୋକଙ୍କୁ ଦେଇଦେବେ ? ତେବେ ତ ଭଲ ଓ ମନ୍ଦ ଉପରେ କୌଣସି ପ୍ରକାର ପ୍ରଭେଦ ରହିଲା ନାହିଁ । ଯେଣୁ ସୁଖ ପ୍ରଦାନ କରିବା ତାଙ୍କ ଇଚ୍ଛା ଉପରେ ନିର୍ଭର କରେ । ତେଣୁ ଏପରି ଶିକ୍ଷାପାଇ ମୁସଲମାନ୍‌ମାନେ ସନ୍ମାର୍ଗକୁ ପରିତ୍ୟାଗକରି ଯଥେଚ୍ଛାଚାରୀ ହୋଇଯାଆନ୍ତି । ଅବଶ୍ୟ ଏହି ଉକ୍ତିକୁ ଯେଉଁ ମୁସଲମାନ୍‌ମାନେ ବିଶ୍ୱାସ କରନ୍ତି ନାହିଁ, ସେମାନେ ନିଶ୍ଚିତରୂପେ ଧାର୍ମିକ ଜୀବନ ଯାପନ କରନ୍ତି ॥ ୩୮ ॥

୩୯- ସେମାନେ ତୁମକୁ ରଜସ୍ୱଳା ବିଷୟନେଇ ପ୍ରଶ୍ନକଲେ, ତୁମେ କହିବ ଯେ ସେମାନେ ଅପବିତ୍ର, ଋତୁସମୟରେ ସେମାନଙ୍କଠାରୁ ପୃଥକ୍ ରହ, ସେମାନେ ଶୁଦ୍ଧ ସ୍ନାନକରିବା ପର୍ଯ୍ୟନ୍ତ ସେମାନଙ୍କ ପାଖକୁ ଯାଅ ନାହିଁ, ଖୁଦା ଆଜ୍ଞା ଦେଉଛନ୍ତି ଯେତେବେଳେ ସେମାନେ ସ୍ନାନକରି ଶୁଦ୍ଧିହେବେ, ତାପରେ ସେମାନଙ୍କୁ ଭୋଗକର । ତୁମ ଭାର୍ଯ୍ୟା ତୁମର କ୍ଷେତ ସ୍ୱରୂପ । ତୁମ ଇଚ୍ଛାନୁସାରେ ତୁମେ ତୁମ କ୍ଷେତକୁ ଯାଇପାରିବ । ମିଥ୍ୟା ଶପଥପାଇଁ ଖୁଦାତୁମକୁ ଦଣ୍ଡ ଦେବେ ନାହିଁ ।

(ମଂ୧/ସି-୨/ସୂ-୨/ଆ-୨୨୨/୨୨୩/୨୨୫)

ସମୀକ୍ଷକ:- ରଜସ୍ୱଳା ସ୍ତ୍ରୀସଙ୍ଗ ନିଷେଧ କରାଯାଇଥିବା, ଅତି ଉତ୍ତମ କଥା । କିନ୍ତୁ ସ୍ତ୍ରୀମାନଙ୍କୁ କ୍ଷେତ ସହିତ ତୁଳନା କରି ନିଜ ଇଚ୍ଛାନୁସାରେ ସ୍ତ୍ରୀ ସମାଗମ କରିବାପାଇଁ ଅନୁମତି ଦେଇ ଲୋକର କାମପ୍ରବୃତ୍ତିକୁ ବଢ଼ାଇ ଦିଆଯାଇଛି । ମିଥ୍ୟା ଶପଥପାଇଁ ଯଦି

ଦଣ୍ଡ ଦିଆ ନ ଯାଏ, ତେବେ ଅନେକଲୋକ ମିଥ୍ୟାବାଦୀ ହୋଇଯିବେ । ତେଣୁ ମିଥ୍ୟାକୁ ପ୍ରଶ୍ରୟ ଦେଇଥିବାରୁ ଖୁଦାଙ୍କୁ ଦୋଷୀ ହେବାକୁ ପଡ଼ିବ ।। ୩୯ ।।

୪୦- ଯେଉଁ ବ୍ୟକ୍ତି ଖୁଦାଙ୍କୁ ଧନ ଧାର ଦେବ, ତେବେ ତାହା ତାର ଦ୍ୱିଗୁଣ ବଢ଼ିଯିବ । (ମଂ୧/ସି·୨/ସୂ·୨/ଆ·୨୪୫)

ସମୀକ୍ଷକ:- ଖୁଦା ମନୁଷ୍ୟଠାରୁ କରଜ କାହିଁକି କରିବେ ? (ଏହି ଆୟତର ଭାଷ୍ୟରେ ତଫସୀରହୁସୈନୀରେ ଲେଖାଯାଇଛି ଯେ, ଥରେ ଜଣେ ମନୁଷ୍ୟ ମୁହମ୍ମଦ ସାହେବଙ୍କ ନିକଟକୁ ଆସିଲା । ସେ କହିଲା····· ହେ ରସୁଲୁଲାହ ଖୁଦା ! କରଜ କାହିଁକି ମାଗୁଛ ? ଉତ୍ତର ମିଳିଲା····· ତୁମକୁ ସ୍ୱର୍ଗକୁ ନେଇଯିବାପାଇଁ । ସେ କହିଲା- ଆପଣ ଯଦି ଜାମିନ୍ ହେବେ, ତାହେଲେ ମୁଁ ଦେବି । ମହମ୍ମଦ ସାହେବ ଜାମିନ୍ ହେଲେ । ଏଥିରୁ ଜଣାଯାଉଛି ସେ ଲୋକ ଖୁଦାଙ୍କୁ ବିଶ୍ୱାସ ନକରି ତାଙ୍କ ଦୂତକୁ ବିଶ୍ୱାସ କଲା) । ସମଗ୍ର ସଂସାରକୁ ସେ ତିଆରି କରିଛନ୍ତି, ସେ ପୁଣି ମଣିଷଠାରୁ କରଜ ନେଲେ ? ଏହା କଦାପି ସମ୍ଭବ ନୁହେଁ । ତାଙ୍କ ଖଜଣାଖାନା କଣ ଖାଲି ହୋଇଯାଇଥିଲା, ନା ବେପାରବଣିଜ କରି ଅଭାବରେ ପଡ଼ିବାରୁ କରଜ କଣୁଥିଲେ ? ଗୋଟିଏ ନେଇ ଦୁଇଟି ଦେବା ବିଷୟ ଲେଖାଯାଇଛି । ତେବେ ସେ କଣ ସାହୁକାର କାମ କରୁଥିଲେ ? ଯେଉଁ ବ୍ୟକ୍ତି ଆୟ କମ୍ ହେଉଥିବା ସ୍ଥଳେ ବ୍ୟୟ ଅଧିକ କରେ, ବା ଦେବାଳିଆ ହୋଇଯାଏ ସେହି ଲୋକକୁ ଏପରି କାମ କରିବାକୁ ପଡ଼େ । ଈଶ୍ୱରଙ୍କର ଏକାମ କରିବା କି ଦରକାର ? ।।୪୦।।

୪୧- ସେମାନଙ୍କ ମଧ୍ୟରୁ କେହି ଜଣେ ସତ୍ୟବାଦୀ ନୁହନ୍ତି । କେତେଜଣ କାଫିର ହୋଇଛନ୍ତି ।ତଥାପି ଖୁଦା ଚାହିଁଥିଲେ ସେମାନେ ବିବାଦ କରିନଥାନ୍ତେ । କିନ୍ତୁ ଖୁଦାଙ୍କର ଯାହା ଇଚ୍ଛା ସେ ତାହା କରନ୍ତି । (ମଂ୧/ସି·୨/ସୂ·୨/ଆ·୨୫୩)

ସମୀକ୍ଷକ:- ତେବେ ଜଗତରେ ଯେଉଁ ସବୁ ଲଢ଼ାଇ-ଝଗଡ଼ା ହେଉଛି, ସେସବୁ ଖୁଦାଙ୍କ ଇଚ୍ଛାରେ ହେଉଛି ? ଖୁଦା ଇଚ୍ଛାକଲେ ପାପ ମଧ୍ୟ କରିପାରିବେ । ଯଦି ସେ ପାପ କରନ୍ତି ତେବେ ତାଙ୍କୁ ଈଶ୍ୱର କୁହାଯିବ ନାହିଁ । ଈଶ୍ୱରଙ୍କ କଥା ଦୂରେ ଥାଉ, କୌଣସି ଭଦ୍ରବ୍ୟକ୍ତି ମଧ୍ୟ ଏପରି କାମ କରିବେ ନାହିଁ । ଈଶ୍ୱର କେବେ କଳି ଲଗାନ୍ତି ନାହିଁ କି ଶାନ୍ତି ଭଙ୍ଗ କରନ୍ତି ନାହିଁ । ଏଣୁ ଜଣାଯାଉଛି କୋରାନ୍‌କୁ ଈଶ୍ୱର ଅଥବା କୌଣସି ଧାର୍ମିକ ବିଦ୍ୱାନ୍

ରଚନା କରି ନାହାନ୍ତି ।। ୪୧ ।।

୪୨- ପୃଥିବୀ ଓ ଆକାଶରେ ଯାହା କିଛି ରହିଛି, ସେସବୁ ଆଲ୍ଲାଙ୍କପାଇଁ ଅଛି । ଯେଣୁ ତାଙ୍କର ଆସନ ସକଳ ପୃଥିବୀ ଓ ଆକାଶରେ ବ୍ୟାପିଅଛି ।

(ମଂ୧/ସି·୩/ସୂ·୨/ଆ·୨୫୫)

ସମୀକ୍ଷକ:- ଈଶ୍ୱର ଆକାଶ ଓ ପୃଥିବୀରେ ଯାହା କିଛି ସୃଷ୍ଟି କରିଛନ୍ତି ସେସବୁ ଜୀବମାନଙ୍କପାଇଁ ସୃଷ୍ଟି କରିଛନ୍ତି । ନିଜପାଇଁ କିଛି କରି ନାହାନ୍ତି । କାରଣ ସେ ହେଉଛନ୍ତି ପୂର୍ଣ୍ଣକାମ ଅର୍ଥାତ୍ ଯାହାଙ୍କ କାମନା ପୂର୍ଣ୍ଣ ହୋଇଛି । ତାଙ୍କର କିଛି ଆବଶ୍ୟକ ନାହିଁ । ପ୍ରକୃତରେ ତାଙ୍କର ଯଦି ଆସନ ଥାଏ,ତେବେ ସେ ଏକଦେଶୀ । ଯେ ଏକଦେଶୀ ସେ ଈଶ୍ୱର ନୁହନ୍ତି । କାରଣ ଈଶ୍ୱର ହେଉଛନ୍ତି ସର୍ବ ବ୍ୟାପକ ।। ୪୨ ।।

୪୩- ଆଲ୍ଲା ସୂର୍ଯ୍ୟଙ୍କୁ ପୂର୍ବ ଦିଗରୁ ଆଣନ୍ତି । ତୁମେ ତେବେ ତାଙ୍କୁ ପଶ୍ଚିମଦିଗରୁ ଆଣ । ନାସ୍ତିକ ଲୋକ ଭ୍ରମରେ ପଡ଼େ ଓ ହଇରାଣ ହୁଏ । ଯେଣୁ ଖୁଦା ତାକୁ ମାର୍ଗ ଦେଖାନ୍ତି ନାହିଁ । (ମଂ୧/ସି·୩/ସୂ·୨/ଆ·୨୫୮)

ସମୀକ୍ଷକ:- ଏହା ଅବିଦ୍ୟାଜନକ କଥା । ସୂର୍ଯ୍ୟ ପୂର୍ବରୁ ପଶ୍ଚିମକୁ ବା ପଶ୍ଚିମରୁ ପୂର୍ବକୁ ଯାତାୟାତ କରୁ ନାହାନ୍ତି । ସେ କେବଳ ନିଜ ପରିଧିରେ ଭ୍ରମଣ କରନ୍ତି । ଜଣାଯାଉଛି ଯେ କୋରାନ୍‌କର୍ତ୍ତାଙ୍କ ଖଗୋଳ କି ଭୂଗୋଳ ବିଦ୍ୟା ସଂପର୍କରେ ସାମାନ୍ୟ ଜ୍ଞାନ ମଧ୍ୟ ନାହିଁ । ଯଦି ପାପୀମାନଙ୍କୁ ମାର୍ଗ ନ ଦେଖାନ୍ତି, ତେବେ ଧାର୍ମିକ ଲୋକଙ୍କପାଇଁ ଖୁଦାଙ୍କର କୌଣସି ଆବଶ୍ୟକତା ନାହିଁ । ଯେଣୁ ଧାର୍ମିକଲୋକେ ଧର୍ମମାର୍ଗରେ ପରିଚାଳିତ ହୁଅନ୍ତି, କିନ୍ତୁ ଯେଉଁମାନେ ମାର୍ଗ ଭୁଲିଯାଆନ୍ତି, ସେହିମାନଙ୍କୁ ଯଥାସ୍ଥାନରେ ପହଞ୍ଚାଇବାପାଇଁ ପଥପ୍ରଦର୍ଶକ ଆବଶ୍ୟକ ହୋଇଥାଏ । ତେଣୁ ଖୁଦା ନିଜ କର୍ତ୍ତବ୍ୟରେ ଖିଲାପ କରୁଛନ୍ତି ବୋଲି କହିବାକୁ ହେବ ।୪୩ ।।

୪୪- କହିଲେ ଏହି ଚାରୋଟି ପକ୍ଷୀଙ୍କୁ ନେଇ ସେମାନଙ୍କ ଆକୃତିକୁ ଚିହ୍ନିରଖ । ପୁଣି ସେମାନଙ୍କୁ ଖଣ୍ଡଖଣ୍ଡ କରି ପ୍ରତ୍ୟେକ ପାହାଡ଼ ଉପରେ ରଖିଦିଅ । ପରେ ସେମାନଙ୍କୁ ଡାକ, ଦେଖିବୁ ସେମାନେ ଦୌଡ଼ି ଦୌଡ଼ି ତୋ ନିକଟକୁ ଚାଲି ଆସିବେ ।

(ମଂ୧/ସି·୩/ସୂ·୨/ଆ·୨୬୦)

ସମୀକ୍ଷକ:- ବାଃ ! ବାଃ ! ମୁସଲମାନମାନଙ୍କ ଖୁଦା ଭଲ ଭାନୁମତୀଖେଳ ଦେଖାଇ ପାରନ୍ତି । ଏ କଥାରେ କଣ ତାଙ୍କର ମହିମା ପ୍ରକଟିତ ହେବ ? ଏପରି ଈଶ୍ୱରଙ୍କୁ ବୁଦ୍ଧିମାନ୍ ଲୋକେ ପରିତ୍ୟାଗ କରନ୍ତି । ବୁଦ୍ଧିହୀନ ଲୋକେ ଏପରି ଜାଲରେ ସହଜରେ ପଡ଼ିଥାନ୍ତି । ଏପରି କାର୍ଯ୍ୟଦ୍ୱାରା ଖୁଦାଙ୍କର ମହିମା ବଢୁନାହିଁ ବରଂ ତାଙ୍କର ସମ୍ମାନ କ୍ଷୁଣ୍ଣ ହେଉଛି ॥ ୪୪ ॥

୪୫- ସେ ଯାହାକୁ ଚାହାନ୍ତି ତାକୁ ସତ୍‌ପଥ ଦେଖାନ୍ତି ।

(ମଂ୧/ସି-୩/ସୂ-୨/ଆ-୨୬୯)

ସମୀକ୍ଷକ:- ଖୁଦା ଯେତେବେଳେ ଯାହାକୁ ଚାହାନ୍ତି ତାହାକୁ ସତ୍‌ପଥ ଦେଖାନ୍ତି । ତେବେ ଯାହାକୁ ନ ଚାହାନ୍ତି ତାକୁ ନିଶ୍ଚୟ ବିପଥଗାମୀ କରୁଥିବେ । ଏହା ଈଶ୍ୱରଙ୍କ ଗୁଣ ନୁହେଁ । ଯେ ପକ୍ଷପାତ ଛାଡ଼ି ସମସ୍ତଙ୍କୁ ସତ୍‌ପଥ ପ୍ରଦର୍ଶନ କରନ୍ତି ସେ ଈଶ୍ୱର ଓ ଆପ୍ତ ହୋଇପାରନ୍ତି ॥ ୪୫ ॥

୪୬- ଯେଉଁ ଲୋକ ବ୍ୟାଜ ବା ସୁଧ ଖାଆନ୍ତି, ସେ କବରରୁ ବାହାରି ପାରନ୍ତି ନାହିଁ ।
(ମଂ୧/ସି-୩/ସୂ-୨/ଆ-୨୭୫)

ସମୀକ୍ଷକ:- ସେମାନେ କବର ମଧ୍ୟରେ କେଉଁ ସମୟ ପର୍ଯ୍ୟନ୍ତ ପଡ଼ି ରହିବେ ? ଏପରି ଅସମ୍ଭବ କଥା ଈଶ୍ୱରକୃତ ଗ୍ରନ୍ଥରେ ରହିନପାରେ । ଏହା ହେଉଛି ବାଳବୁଦ୍ଧି ସମ୍ପନ୍ନ ଲୋକର କଥା ॥ ୪୬ ॥

୪୭- ସେ ଯାହାକୁ ଚାହିଁବେ କ୍ଷମା କରିଦେବେ ପୁଣି ଯାହାକୁ ଚାହିଁବେ ଦଣ୍ଡ ଦେଇପାରିବେ । ଯେଣୁ ସେ ହେଉଛନ୍ତି ସମସ୍ତଙ୍କଠାରୁ ବଳବାନ୍ ।

(ମଂ୧/ସି-୩/ସୂ-୨/ଆ-୨୮୪)

ସମୀକ୍ଷକ:- କ୍ଷମାଯୋଗ୍ୟ ବ୍ୟକ୍ତିକୁ କ୍ଷମା ନ କରିବା, ଅଯୋଗ୍ୟକୁ କ୍ଷମା ପ୍ରଦାନ କରିବାଅବୁଝା ରାଜାର ନୀତି ନୁହେଁକି ? ନିଜ ଇଚ୍ଛାନୁସାରେ ଈଶ୍ୱର ଯଦି ଜୀବକୁ ପାପୀ ବା ପୁଣ୍ୟାତ୍ମା କରାଇଦିଅନ୍ତି, ତେବେ ପାପ ବା ପୁଣ୍ୟର ଫଳ ଜୀବପ୍ରତି ଲାଗୁ ହୁଅନ୍ତା ନାହିଁ। ଈଶ୍ୱର ଏପରି କଲେ ଜୀବ ସୁଖଦୁଃଖ ଭୋଗକରନ୍ତା ନାହିଁ। ଯେପରି ସେନାପତିଙ୍କ ଆଦେଶରେ କେହି କୌଣସି ଲୋକକୁ ହତ୍ୟାକରେ ବା ରକ୍ଷାକରେ, ସେହି ଦୋଷ ବା

ଗୁଣ ନିଜପ୍ରତି ଉଦ୍ଦିଷ୍ଟ ନ ହୋଇ ସେନାପତିଙ୍କ ଉପରେ ଲାଗୁ ହୋଇଥାଏ । ସେହିପରି ଜୀବକୁ କୌଣସି ପାପ-ପୁଣ୍ୟର ଫଳ ଭୋଗକରିବାକୁ ପଡ଼ନ୍ତା ନାହିଁ। ତେଣୁ ଏହା ଠିକ୍ ନୁହେଁ ॥୪୭ ॥

୪୮- ଯେଉଁମାନେ ପାପରୁ ଦୂରେଇ ରହୁଛନ୍ତି, ସେମାନଙ୍କପାଇଁ ଏହାଠାରୁ ବଳି ଭଲଜିନିଷ ଆଉ କଣ କହିବି ? ଆଲ୍ଲାଙ୍କ ତରଫରୁ ସେମାନଙ୍କ ପାଇଁ ସ୍ୱର୍ଗ ରହିଛି । ସେଠାରେ ସୁନ୍ଦର ନଦୀ ବହିଯାଉଛି । ସେମାନେ ସର୍ବଦା ସେଠାରେ ରହନ୍ତି । ପୁଣି ସେଠାରେ ଖୁଦାଙ୍କଠାରୁ ଅନୁଗ୍ରହଲାଭ କରିଥିବା ନିଷ୍କଳଙ୍କ ପବିତ୍ର ସ୍ତ୍ରୀମାନେ ରହିଛନ୍ତି । ଖୁଦା ସେମାନଙ୍କୁ ଓ ନିଜ ଦାସମାନଙ୍କୁ ମଧ୍ୟ ଦେଖୁଛନ୍ତି ।(ମଂ୧/ସି-୩/ସୂ-୩/ଆ-୧୫)

ସମୀକ୍ଷକ:- କଣ ଏହା ସ୍ୱର୍ଗ ନା ଗୋଟିଏ ବେଶ୍ୟାଭବନ ? ପୁଣି ଏହାଙ୍କୁ ଈଶ୍ୱର କୁହାଯିବ ନା ସ୍ତ୍ରୈଣ ? କୌଣସି ବୁଦ୍ଧିମାନ୍ ବ୍ୟକ୍ତି ଏପରି ବର୍ଣ୍ଣନାଥିବା ପୁସ୍ତକକୁ ଈଶ୍ୱରକୃତ ବୋଲି କହିବେ ନାହିଁ । ଏପରି ପକ୍ଷପାତ ପୁଣି କାହିଁକି ? ସ୍ୱର୍ଗରେ ଥିବା ସ୍ତ୍ରୀମାନେ ମୃତ୍ୟୁପରେ ଏଠାରୁ ସ୍ୱର୍ଗକୁ ଯାଇଛନ୍ତି ନା ସେଠାରେ ଜନ୍ମଗ୍ରହଣ କରିଛନ୍ତି ? ଯଦି ଏଠାରୁ ସେଠାକୁ ଯାଇଥାନ୍ତି, ତେବେ ନିଜ ସ୍ୱାମୀମାନଙ୍କ ଆଗରେ ସେମାନେ କିପରି ସ୍ୱର୍ଗକୁ ଗଲେ ? ସେମାନଙ୍କ ସ୍ୱାମୀମାନଙ୍କୁ କାହିଁକି ନିଆଗଲା ନାହିଁ ? ପୁଣି ସମସ୍ତ ପ୍ରାଣୀଙ୍କ ପାଇଁ ଏକ ବିଗ୍ରହଦିନ ଧାର୍ଯ୍ୟ ହୋଇଥିବା ସ୍ଥଳେ,ସେହି ସ୍ତ୍ରୀମାନଙ୍କ ସକାଶେ ସେହି ନିୟମ ଭଙ୍ଗ କରାଗଲା କାହିଁକି ? ସେହି ସ୍ତ୍ରୀମାନେ ଯଦି ସେଠାରେ ଜନ୍ମିଛନ୍ତି, ତେବେ ନିଜ ନିଜର କାମାଭିଳାଷ କିପରି ଚରିତାର୍ଥ କରୁଥିବେ ? ଯଦି ସେମାନଙ୍କର ପୁରୁଷମାନେ ଅଛନ୍ତି, ତେବେ ଏଠାରୁ ସ୍ୱର୍ଗକୁ ଯାଉଥିବା ଭକ୍ତମାନଙ୍କୁ ଖୁଦା ସ୍ତ୍ରୀ ଯୋଗାଇବେ କିପରି ? ସ୍ତ୍ରୀମାନଙ୍କପାଇଁ ସବୁଦିନ ସକାଶେ ସ୍ୱର୍ଗରେ ରହିବାପାଇଁ ଯଦି ବ୍ୟବସ୍ଥାକଲେ,ସେପରି ବ୍ୟବସ୍ଥା ପୁରୁଷମାନଙ୍କପାଇଁ ନ କଲେ କାହିଁକି ? ଏଥିରୁ ଜଣା ଯାଉଛି ସେ ଜଣେ କାମୁକ ପୁରୁଷ ଥିଲେ ଓ ଅନ୍ୟାୟ କାର୍ଯ୍ୟ ଜାଣିଶୁଣି କରିଛନ୍ତି ॥ ୪୮ ॥

୪୯- ନିଶ୍ଚିତଭାବେ ଆଲ୍ଲାଙ୍କ ତରଫରୁ ଇସଲାମ୍ ଧର୍ମ ।

(ମଂ୧/ସି-୩/ସୂ-୩/ଆ-୧୯)

ସମୀକ୍ଷକ:- ତେବେ ଈଶ୍ୱର :କଣ କେବଳ ମୁସଲମାନ୍‌ମାନଙ୍କର ? ତେରଶହ ବର୍ଷପୂର୍ବରୁ

ଏହି ଜଗତରେ ଇସ୍ଲାମ୍ ଧର୍ମ ନ ଥିଲା । ଏଥିରୁ ସ୍ପଷ୍ଟରୂପେ ଜଣାଯାଏ ଯେ କୋରାନ୍ ଗ୍ରନ୍ଥ ଈଶ୍ୱରଙ୍କ ବାଣୀ ନୁହେଁ । କୌଣସି ପକ୍ଷପାତୀଙ୍କଦ୍ୱାରା ଏହା ରଚିତ ହୋଇଛି ॥ ୪୯ ॥

୫୦- ପ୍ରତ୍ୟେକ ଜୀବ ଯାହା ଯାହା ଉପାର୍ଜନ କରିଛନ୍ତି ତାହା ସେମାନଙ୍କୁ ଦିଆଯିବ । ସେମାନଙ୍କ ପ୍ରତି ଅନ୍ୟାୟ କରାଯିବ ନାହିଁ । ହେ ସର୍ବଶକ୍ତିମାନ୍ ଖୁଦା ! ତୁମେ ତୁମ ଇଚ୍ଛାନୁସାରେ କାହାକୁ ଶକ୍ତି ଦେଉଛ, କାହାଠାରୁ ପୁଣି ଛଡାଇ ନେଉଛ, କାହାକୁ ଉଠାଉଛ ତ କାହାକୁ ପକାଉଛ । ସବୁକିଛି ତୁମହାତରେ । ପ୍ରତ୍ୟେକଙ୍କଠାରୁ ତୁମେ ବଳବାନ୍ । ତୁମେ ଦିନପରେ ରାତି ପୁଣି ରାତିପରେ ଦିନ କରୁଛ । ଜୀବିତକୁ ମୃତ, ପୁଣି ମୃତକୁ ଜୀବିତ କରାଉଛ । ଯାହାକୁ ଦୟାକର ତାକୁ ଅପରିମିତ ଦାନକର । ମୁସଲମାନ୍‌ମାନଙ୍କର ଉଚିତ ହେଉଛି ଯେ ସେମାନେ ମୁସଲମାନ୍ ବ୍ୟତୀତ ନାସ୍ତିକମାନଙ୍କ ସହିତ ମିତ୍ରତା ସ୍ଥାପନ ନ କରନ୍ତୁ । ଯେଉଁମାନେ ମିତ୍ରତା ସ୍ଥାପନ କରିବେ ସେମାନେ ଖୁଦାଙ୍କଠାରୁ କିଛି ପାଇପାରିବେ ନାହିଁ । ତୁମେ ଯଦି ପ୍ରକୃତରେ ଖୁଦାଙ୍କୁ ପ୍ରେମକର ତେବେ ମୋତେ ଅନୁସରଣ କର । ଖୁଦା ତୁମକୁ ପ୍ରେମକରିବେ, ପୁଣି ତୁମର ପାପକୁ କ୍ଷମା କରିଦେବେ ।

(ମଂ୧/ସି·୩/ସୂ·୩/ଆ·୨୫ରୁ ୨୮)

ସମୀକ୍ଷକ:- ପ୍ରତ୍ୟେକ ଜୀବଙ୍କୁ କର୍ମର ପୂରାପୂରା ଫଳ ଦିଆଗଲେ ତ କ୍ଷମା କରାଯିବ ନାହିଁ । ଯଦି କ୍ଷମା କରାଯାଏ ତାହେଲେ ପୂରାଫଳ ଦିଆଯିବ ନାହିଁ । ଦିଆଗଲେ ତାହା ଅନ୍ୟାୟ ହେବ । ଖୁଦା ପାତ୍ର ଅପାତ୍ର ବିବେଚନା ନକରି ଯଦି ଶକ୍ତି ଦିଅନ୍ତି, ତେବେ ସେ ଅନ୍ୟାୟ କରନ୍ତି । ଯେଣୁ ଈଶ୍ୱରଙ୍କ ନିୟମ ଅଲଙ୍ଘନୀୟ, ତାକେବେ ପରିବର୍ତ୍ତନ ହୁଏ ନାହିଁ । ଜୀବିତରୁ ମୃତକ ଓ ମୃତକରୁ ଜୀବିତ କେହି କାହାର କରିପାରେ ନାହିଁ । ଅନ୍ୟଧର୍ମାବଲମ୍ବୀମାନଙ୍କୁ ନାସ୍ତିକ ବୋଲି କହିବା ଧର୍ମାନ୍ଧ ଲୋକର ଲକ୍ଷଣ । ଅନ୍ୟ ଧର୍ମାବଲମ୍ବୀଙ୍କ ମଧ୍ୟରେ ଯେଉଁ ଶ୍ରେଷ୍ଠପୁରୁଷମାନେ ଥିବେ, ସେମାନଙ୍କ ସହିତ ମିତ୍ରତା ନ କରିବା, ପୁଣି ମୁସଲମାନ୍‌ମାନଙ୍କ ମଧ୍ୟରେ ଥିବା, ଦୁଷ୍ଟ ଲୋକଙ୍କ ସହିତ ମିତ୍ରତା ସ୍ଥାପନ କରିବା ଉଚିତ, ଏପରି କହିବାଦ୍ୱାରା ଈଶ୍ୱରଙ୍କର ପ୍ରକୃତ ଈଶ୍ୱରତ୍ୱ ପ୍ରକଟିତ ହେଉନାହିଁ । ଏଣୁ କୋରାନ୍, କୋରାନ୍‌ର ଖୁଦା ଓ ମୁସଲମାନ୍‌ମାନେ ପକ୍ଷପାତ ଅବିଦ୍ୟାର ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି । ଅଜ୍ଞାନାନ୍ଧକାରରେ ସେମାନେ ନିମଜ୍ଜିତ ହୋଇରହିଛନ୍ତି । ଦେଖନ୍ତୁ

ମହମ୍ମଦ ସାହେବଙ୍କ ଲୀଳା-ସେ କହିଛନ୍ତି ଯେଉଁମାନେ ମୋ ପକ୍ଷନେବେ ଈଶ୍ୱର ସେମାନଙ୍କ ପକ୍ଷ ଗ୍ରହଣ କରିବେ ପୁଣି ପକ୍ଷପାତରୂପକ ପାପରୁ ତୁମକୁ ମୁକ୍ତ କରାଯିବ । ଏଥିରୁ ଜଣାପଡୁଛି ମହମ୍ମଦ ସାହେବଙ୍କ ଅନ୍ତଃକରଣ ଶୁଦ୍ଧପୂତ ନ ଥିଲା । ନିଜର ସ୍ୱାର୍ଥ ସିଦ୍ଧିପାଇଁ ସେ କୋରାନ୍ ତିଆରି କଲେ ଓ କରାଇଲେ ॥ ୫୦ ॥

୫୧- ଯେଉଁ ସମୟରେ ଫରିସ୍ତାମାନେ କହିଲେ- ହେ ମେରି ! ଖୁଦା ଜଗତର ସବୁ ସ୍ତ୍ରୀ ମାନଙ୍କମଧ୍ୟରୁ ତୁମକୁ ବାଛିଲେ ଓ ପବିତ୍ର ମଧ୍ୟ କଲେ ।

(ମଂ୧/ସି·୩/ସୂ·୩/ଆ·୪୨)

ସମୀକ୍ଷକ:- ଆଜିକାଲି ଖୁଦା କିମ୍ବା ତାଙ୍କର ଦୂତମାନେ ଲୋକମାନଙ୍କ ସହିତ କେବେ କଥାବାର୍ତ୍ତା କରୁନାହାନ୍ତି । ସେତେବେଳେ କିପରି ଭାବରେ କରୁଥିଲେ । ଯଦି କୁହ ଯେ ପୂର୍ବର ଲୋକମାନେ ଧର୍ମାତ୍ମା ଥିଲେ, ଏବେ କିନ୍ତୁ ସେପରି ନାହାନ୍ତି, ତେବେ ତାହା ଠିକ୍ ନୁହେଁ । ପ୍ରକୃତ କଥା ହେଉଛି ସେକାଳର ଲୋକେ ଅସଭ୍ୟ,ଅବିଦ୍ୟ ଓ ଅଜ୍ଞାନ ଥିବା କାରଣରୁ ଜ୍ଞାନବିଜ୍ଞାନ ବିରୁଦ୍ଧ ମୁସଲମାନ୍ ଓ ଇସାଇ ମତ ପ୍ରଭୃତି ପ୍ରଚଳିତ ହୋଇଗଲା । କିନ୍ତୁ ବର୍ତ୍ତମାନ୍ ଲୋକେ ଶିକ୍ଷିତ, ସୁସଭ୍ୟ ଓ ଚତୁର ହୋଇସାଇଥିବାରୁ ସେସବୁ ମାନିବା ସମ୍ଭବ ହେଉନାହିଁ । ଏପରି ଅସାରମତସବୁ ଲୋପପାଇବାରେ ଲାଗିଛି, ବୃଦ୍ଧିର ପ୍ରଶ୍ନ ଉଠୁନାହିଁ ॥ ୫୧ ॥

୫୨- ସେ ତାକୁ 'ହୁଅ' ବୋଲି କହିବାରୁ ସେ ହୋଇଗଲା । ବିଧର୍ମୀମାନେ ଖୁଦାଙ୍କୁ ଛଳନା କଲେ, ଖୁଦା ମଧ୍ୟ ସେମାନଙ୍କୁ ଛଳନା କଲେ । ଖୁଦା ଛଳକପଟ ଭଲଭାବରେ ଜାଣନ୍ତି । (ମଂ୧/ସି·୩/ସୂ·୩/ଆ·୪୭/୫୪)

ସମୀକ୍ଷକ:- ମୁସଲମାନ୍‌ମାନେ ଖୁଦାଙ୍କ ବ୍ୟତୀତ ଅନ୍ୟ କାହାକୁ ମାନନ୍ତି ନାହିଁ । ତେବେ ଖୁଦା କାହାକୁ କହିଲେ ? ପୁଣି ସେ କହିବାଦ୍ୱାରା କିଏ ହୋଇଗଲା ? ମୁସଲମାନ୍‌ମାନେ ସାତଜନ୍ମରେ ମଧ୍ୟ ଏହାର ଉତ୍ତର ଦେଇପାରିବେ ନାହିଁ । ଯେଣୁ କୌଣସି ଉପାଦାନ କାରଣ ବ୍ୟତୀତ କାର୍ଯ୍ୟ କେବେ ହୋଇପାରିବ ନାହିଁ । ବିନା କାରଣରେ କାର୍ଯ୍ୟ ହେବା ଯାହା, ପିତାମାତାଙ୍କ ବିନା ସଂଯୋଗରେ ସନ୍ତାନ ଉତ୍ପତ୍ତି ହେବା ମଧ୍ୟ ତାହା । ଏହା ଏକାବେଳକେ ଅସମ୍ଭବ କଥା । ଈଶ୍ୱର କେବେ କାହାକୁ ଛଳନା କରନ୍ତି ନାହିଁ ।

ପେଛଳକପଟ କରେ ସେ ଈଶ୍ୱର ହେବା ଦୂରେଥାଉ ଭଦ୍ରଲୋକ ପଦବାଚ୍ୟ ମଧ୍ୟ ହୋଇପାରିବ ନାହିଁ ॥ ୫୨ ॥

୫୩- " ଆଲ୍ଲା ତୁମ୍ଭଙ୍କୁ ତିନିହଜାର ଦେବଦୂତଙ୍କ ସହିତ ସାହାଯ୍ୟ କରିବେ ଏହା କଣ ତୁମପକ୍ଷରେ ଯଥେଷ୍ଟ ନୁହେଁ ? (ମଂ ୧/ସି·୪/ସୂ·୩/ଆ·୧୨୪)

ସମୀକ୍ଷକ:- ଯଦି ମୁସଲମାନ୍‌ମାନଙ୍କୁ ତିନିହଜାର ଦେବଦୂତଙ୍କ ସହିତ ସାହାଯ୍ୟ କରିଥିଲେ, ତେବେ ମୁସଲମାନ୍‌ମାନଙ୍କର ଏତେ ରାଜ୍ୟ ନଷ୍ଟ ହୋଇଗଲା. ଏବେ ମଧ୍ୟ ହେଉଛି କାହିଁ ସାହାଯ୍ୟ କରୁନାହାନ୍ତି ତ ? କେବଳ ନିର୍ବୋଧ ଲୋକଙ୍କୁ ପ୍ରଲୋଭନ ଦେଖାଇବାପାଇଁ ଏପରି କୁହାଯାଇଛି ॥ ୫୩ ॥

୫୪- କାଫିର୍‌ମାନଙ୍କ ବିରୋଧରେ ଆମ୍ଭକୁ ସାହାଯ୍ୟ କର । ଖୁଦା ତୁମର ଉତ୍ତମ ସହାୟକ ଓ କାରିଗର ମଧ୍ୟ ଅଟନ୍ତି । ପୁଣି ତୁମ୍ଭେମାନେ ଖୁଦାଙ୍କ ମାର୍ଗରେ ଯାଇ ମରିଯାଅ ବା ମରାଯାଅ.ତାହେଲେ ମନେ କରିବ ଯେ ତୁମପ୍ରତି ଖୁଦାଙ୍କର ଦୟା ଅଛି ।

(ମଂ ୧/ସି·୪/ସୂ·୩/ଆ·୧୪୭/୧୫୦/୧୫୭)

ସମୀକ୍ଷକ:- ମୁସଲମାନ୍‌ମାନଙ୍କ ଭୁଲ ଦେଖନ୍ତୁ । ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ମାରିବାପାଇଁ ଖୁଦାଙ୍କୁ କିପରି ପ୍ରାର୍ଥନା କରୁଛନ୍ତି । ତେବେ ଖୁଦା କଣ ଭୋଳା ଯେ ଏମାନଙ୍କ କଥାକୁ ମାନିବେ ? ଖୁଦା ଯଦି ମୁସଲମାନ୍‌ମାନଙ୍କର କାରିଗର ତେବେ ତାଙ୍କର କାର୍ଯ୍ୟନଷ୍ଟ ହେଉଛି କାହିଁକି ? ଖୁଦା ମଧ୍ୟ ସେମାନଙ୍କ ମୋହରେ ପଡ଼ିଥିବାର ଦେଖାଯାଉଛି । ଖୁଦା ଯଦି ଏପରି ପକ୍ଷପାତୀ ହେବେ ତେବେ ଧାର୍ମିକ ଲୋକଙ୍କର ବିଶ୍ୱାସପାତ୍ର ହୋଇପାରିବେ ନାହିଁ ॥ ୫୪ ॥

୫୫- ଖୁଦା ତୁମମାନଙ୍କୁ ଗୁପ୍ତକଥା କହନ୍ତି ନାହିଁ । ତାଙ୍କ ପୈଗମ୍ବରମାନଙ୍କମଧ୍ୟରୁ ଯାହାକୁ ପସନ୍ଦ କରନ୍ତି ତାକୁ କେବଳ କହନ୍ତି । ତେଣୁ ଖୁଦା ଏବଂ ତାଙ୍କ ପୈଗମ୍ବରମାନଙ୍କ ସହିତ ସଦ୍‌ବ୍ୟବହାର କର । (ମଂ ୧/ସି·୪/ସୂ·୩/ଆ·୧୭୯)

ସମୀକ୍ଷକ:- ଯେହେତୁ ମୁସଲମାନ୍‌ଲୋକେ ଖୁଦାଙ୍କ ବ୍ୟତୀତ ଅନ୍ୟ କାହାକୁ ଇମାନ୍ କରନ୍ତି ନାହିଁ । ଖୁଦାଙ୍କ ସମକକ୍ଷ ଅନ୍ୟକାହାକୁ ମନେ କରନ୍ତି ନାହିଁ, ତେବେ ପୈଗମ୍ବରଙ୍କୁ ଖୁଦାଙ୍କ ସମକକ୍ଷ ଇମାନ୍ ଦେବାପାଇଁ କହିଛନ୍ତି କାହିଁକି ? ଏହାଦ୍ୱାରା ଖୁଦାଙ୍କ ସହିତ

ପୈଗମ୍ବର ସମକକ୍ଷ ହେଲେନାହିଁକି ? ପୂର୍ବରୁ କୁହାଯାଇଛି " ଖୁଦାଙ୍କ ସମାନ ଆଉ କେହି ନାହିଁ " ଏହା ତେବେ ଠିକ୍ ହେବ ନାହିଁ । ଯଦି ଏହାର ଅର୍ଥ ଏପରି ବୁଝାଯାଏ ଯେ ମହମ୍ମଦ ସାହେବଙ୍କ ପୈଗମ୍ବର ହେବାରେ ବିଶ୍ୱାସ କରିବା ଉଚିତ,ତେବେ ପ୍ରଶ୍ନ ଉଠିବ ମହମ୍ମଦ ସାହେବ ହେବାର ଆବଶ୍ୟକତା କଣ ? ଅର୍ଥାତ୍ ଏ ନଥିଲେ ମଧ୍ୟ ଚଳିଥାଆନ୍ତା । ଯଦି ଖୁଦା ପୈଗମ୍ବରଙ୍କ ବ୍ୟତୀତ ନିଜର ଅଭିଳଷିତ କାର୍ଯ୍ୟ କରିପାରିବେ ନାହିଁ ,ତେବେ ତଦ୍ଦ୍ୱାରା ତାଙ୍କର ଅସାମର୍ଥ୍ୟତା ପ୍ରମାଣିତ ହେଉନାହିଁକି ? ॥ ୫୫ ॥

୫୬- ହେ ବିଶ୍ୱାସୀ ଲୋକେ ! ସନ୍ତୁଷ୍ଟ ରହ, ପ୍ରତ୍ୟେକ ପଦାର୍ଥକୁ ଯଥାସ୍ଥାନରେ ରଖି ଯୁଦ୍ଧରେ ଲାଗିରହ ! ଖୁଦାଙ୍କୁ ଭୟକର ।ତଦ୍ଦ୍ୱାରା ତୁମ୍ଭେମାନେ ମୁକ୍ତି ପାଇପାରିବ ।

(ମଂ ୧/ସି·୪/ସୂ·୩/ଆ·୨୦୦)

ସମୀକ୍ଷକ:- କୋରାନର ଖୁଦା ତଥା ପୈଗମ୍ବର ଦୁହେଁଯାକ ଯୁଦ୍ଧଖୋର ଥିଲେ । ଯୁଦ୍ଧକରିବାପାଇଁ ଯିଏ ଆଦେଶ ଦିଏ ତାକୁ ଶାନ୍ତି ଭଙ୍ଗକାରୀ କୁହାଯାଏ । ଖୁଦାଙ୍କୁ ନାମମାତ୍ର ଭୟକଲେ କଣ ମୁକ୍ତି ମିଳିଯିବ ? ନା ଅଧର୍ମଯୁକ୍ତ ଯୁଦ୍ଧକୁ ଭୟକଲେ ମୁକ୍ତି ମିଳିବ ? ପ୍ରଥମପକ୍ଷକୁ ଡ଼ରିବା ନ ଡରିବା ସମାନ କୁହାଯିବ, ତେଣୁ ଦ୍ୱିତୀୟପକ୍ଷକୁ ଠିକ୍ ବୋଲି କୁହାଯିବ ॥ ୫୬ ॥

୫୭- ଯେଉଁମାନେ ଆଲ୍ଲା ଓ ତାଙ୍କ ରସୁଲଙ୍କ କଥାକୁ ମାନିବେ, ସେମାନେ ସ୍ୱର୍ଗରେ ପହଞ୍ଚିବେ । ଯେଉଁଠି ନଦୀ ବା ଝରଣା ପ୍ରବାହିତ ହେଉଛି । ତାହା ହେଉଛି ମନୁଷ୍ୟର ପ୍ରଧାନ ଲକ୍ଷ୍ୟ । ଯେଉଁମାନେ ଖୁଦା ଓ ପୈଗମ୍ବରଙ୍କ ଆଦେଶ ଉଲ୍ଲଙ୍ଘନ କରିବେ, ନିୟମ ଭଙ୍ଗ କରିବେ ସେମାନେ ସ୍ୱର୍ଗରାଜ୍ୟରୁ ବିତାଡ଼ିତ ହେବେ । ସେମାନେ ସର୍ବଦା ଜଳୁଥିବା ଅଗ୍ନିରେ ଦହିତ ହେବେ ଓ ସେମାନଙ୍କ ପାଇଁ ସର୍ବଦା ଦୁଃଖହିଁ ରହିଥିବ ।

(ମଂ ୨/ସି·୪/ସୂ·୪/ଆ·୧୩/୧୪)

ସମୀକ୍ଷକ:- ଖୁଦା ନିଜେ ମହମ୍ମଦଙ୍କୁ ନିଜର ସମସ୍ତର କରି ନେଇଛନ୍ତି । ସେ ନିଜେ ଏହିକଥା କୋରାନ୍‌ରେ ବ୍ୟକ୍ତ କରିଛନ୍ତି । ଖୁଦାଙ୍କ ସ୍ୱର୍ଗରାଜ୍ୟରେ ମଧ୍ୟ ମହମ୍ମଦ ଅଂଶୀଦାର ଅଟନ୍ତି । ଖୁଦା ଯେତେବେଳେ ସାମାନ୍ୟ କଥାରେ ମଧ୍ୟ ମହମ୍ମଦଙ୍କ ଉପରେ ନିର୍ଭରଶୀଳ, ତେଣୁ କୌଣସି ଗୋଟିଏ କଥାରେ ମଧ୍ୟ ମୁସଲମାନ୍‌ମାନଙ୍କ ଖୁଦା ସ୍ୱତନ୍ତ୍ର ନୁହନ୍ତି । ତେଣୁ

ତାଙ୍କୁ ସର୍ବଶକ୍ତିମାନ୍ କହିବା ଅର୍ଥହୀନ ହୋଇପଡୁଛି । ଏଭଳି କଥା ଈଶ୍ୱରୋକ୍ତ ପୁସ୍ତକରେରହିବ ନାହିଁ ॥ ୫୭ ॥

୫୮- ଖୁଦାକେବେ ସାମାନ୍ୟ ପରିମାଣରେ ମଧ୍ୟ ଅନ୍ୟାୟ କରନ୍ତି ନାହିଁ । ଯେଉଁ ବ୍ୟକ୍ତି ଭଲକାମ କରେ, ତାକୁ ତାର ଦୁଇଗୁଣ ଫଳ ଦିଅନ୍ତି ।

(ମଂ୧/ସି-୫/ସୂ-୪/ଆ-୪୦)

ସମୀକ୍ଷକ:- ଖୁଦା ପ୍ରକୃତରେ ଯଦି ଅନ୍ୟାୟ କରନ୍ତି ନାହିଁ, ତେବେ କୌଣସି ଭଲ କାର୍ଯ୍ୟର ଦୁଇଗୁଣ ଫଳ ଦିଅନ୍ତି କାହିଁକି ? ମୁସଲମାନ୍‌ମାନଙ୍କ ପ୍ରତି ପକ୍ଷପାତ କରନ୍ତି କାହିଁକି ? ଦୁଇଗୁଣ ବା ନ୍ୟୂନ କର୍ମଫଳ ଦେଲେ ଖୁଦା ନିଶ୍ଚୟ ଅନ୍ୟାୟକାରୀ ହେବେ ॥ ୫୮ ॥

୫୯- ଯେତେବେଳେ ତୋ ନିକଟରୁ ବାହାରକୁ ଯାଆନ୍ତି, ସେତେବେଳେ ସେମାନଙ୍କ ମଧ୍ୟରୁ କେତେଜଣ ତୋ କହିବା କଥାର ବିପରୀତ ଚିନ୍ତା କରନ୍ତି । ସେମାନେ ଯେଉଁ ସବୁ ବିଚାର କରନ୍ତି, ଖୁଦା ସେସବୁକୁ ଲିପିବଦ୍ଧ କରନ୍ତି । ଖୁଦା ତାଙ୍କର ରୋଜଗାର ବସ୍ତୁ ଯୋଗୁଁ ତାଙ୍କୁ ଓଲଟା କଲେ । ତେବେ କଣ ତୁମେ ଚାହୁଁଛ,ଖୁଦା ଯାହାକୁ କୁପଥଗାମୀ କରାଇଛନ୍ତି ତାକୁ ପୁଣି ସତ୍ପଥକୁ ଆଣିବ ? ତା କଦାପି କରିପାରିବ ନାହିଁ ।

(ମଂ୧/ସି-୫/ସୂ-୪-ଆ-୮୧/୮୮)

ସମୀକ୍ଷକ:- ଖୁଦା ଯଦି ଗୋଟିଏ ଖାତାରେ ଦୈନିକ ଚିଠା ଲେଖି ରଖୁଥିବେ, ତେବେ ସେ ସର୍ବଜ୍ଞ ନୁହନ୍ତି । ସର୍ବଜ୍ଞ କେବେ ଲେଖି ରଖିବ ନାହିଁ । ସଇତାନ୍ ସମସ୍ତଙ୍କୁ ପଥଭ୍ରଷ୍ଟ କରି ଦୁଷ୍ଟ ହୋଇଛି ବୋଲି ମୁସଲମାନ୍‌ମାନେ କହନ୍ତି । ଖୁଦା ମଧ୍ୟ ସମସ୍ତଙ୍କୁ କୁପଥପ୍ରଦର୍ଶନ କରୁଥିବାରୁ ସଇତାନ୍ ଓ ତାଙ୍କ ମଧ୍ୟରେ କୌଣସି ପ୍ରକାର ପ୍ରଭେଦ ନାହିଁ ଅର୍ଥାତ୍ ସେ ମଧ୍ୟ ସଇତାନ୍‌ପରି ଅଟନ୍ତି । ଅବଶ୍ୟ ଏତିକି ପ୍ରଭେଦ ହୋଇପାରେ ଯେ ଖୁଦା ବଡ଼ ସଇତାନ୍ ହେଲେ ସେ ହେବ ଛୋଟ ସଇତାନ୍ । ମୁସଲମାନ୍‌ମାନେ କହନ୍ତି, ଯେ ଭ୍ରଷ୍ଟ କରାଏ,ସେ ହେଉଛି ସଇତାନ୍ । ତେବେ ଏପରି ମତଦ୍ୱାରା ଖୁଦାହିଁ ସଇତାନ୍ ସାଜିଗଲେ ॥ ୫୯ ॥)

୬୦- ପୁଣି ନିଜ ହାତକୁ ବନ୍ଦ ନ କରି ସେମାନଙ୍କୁ ଧରିନିଅ ଓ ଯେଉଁଠି ପାଉଛ

ସେଠି ମାରି ପକାଅ । କିନ୍ତୁ ମୁସଲମାନ୍ ମୁସଲମାନ୍‌ମାନଙ୍କୁ ମାରିବା ଠିକ୍ ନୁହେଁ । ଅଜ୍ଞାନତାବଶତଃ ଯଦିମାରି ଦିଏ ତେବେ ଜଣେ ମୁସଲମାନ୍‌ର ଗର୍ଦ୍ଦନକୁ ଛାଡ଼ି ଦିଆଯିବ । ଦୁଶ୍ମନ ବା ଶତ୍ରୁ ଜାତିର ଲୋକଙ୍କ ରକ୍ତ ବୁହାଇ ଦେବ । ମୃତଲୋକର ଧନକୁ ଯଦି ଭିକ୍ଷା ସ୍ୱରୂପ ଦିଆଯାଇ ନପାରିବ ତେବେ ତାର ପରିବାରକୁ ଦେଇଦେବ । ଯଦି ମୃତକ ଲୋକ ମୁସଲମାନ୍ ଧର୍ମବିରୋଧୀ ଥାଏ, ତେବେ ତହିଁରେ କୌଣସି ମୁସଲମାନ୍ ଦାସକୁ ମୁକ୍ତ କରିଦେବେ । ଯଦି ଉଦ୍ଦେଶ୍ୟମୂଳକଭାବେ କେହି କୌଣସି ମୁସଲମାନ୍‌କୁ ହତ୍ୟାକରେ ତେବେ ସେ ଅନନ୍ତ ନରକ ଭୋଗ କରେ, ପୁଣି ଖୁଦାଙ୍କର ତାହାପ୍ରତି କ୍ରୋଧ ରହେ ।

(ମଂ୧/ସି-୬/ସୂ-୪-/ଆ-୯୧/୯୨/୯୩)

ସମୀକ୍ଷକ:- ଏହି ମହା ପକ୍ଷପାତ କଥା ବିଷୟରେ ବିଚାର କରନ୍ତୁ । ଯେ ମୁସଲମାନ୍ ନୁହେଁ ତାଙ୍କୁ ଯେଉଁଠି ଦେଖୁଛ ମାରି ପକାଅ, କିନ୍ତୁ ମୁସଲମାନ୍‌ମାନଙ୍କୁ କଦାପି ମାରନାହିଁ । ଭୁଲରେ କୌଣସି ମୁସଲମାନ୍‌କୁ ମାରିଲେ ପ୍ରାୟଶ୍ଚିତ କରିବ ପୁଣି ଅନ୍ୟଧର୍ମର ଲୋକକୁ ମାରିଲେ ସ୍ୱର୍ଗ ଭୋଗକରିବ, ଏପରି ଉପଦେଶକୁ ପାଳନ କରିବା ଦୂରେ ଥାଉ ଶୁଣିବା ମଧ୍ୟ ଉଚିତ ନୁହେଁ । ଏପରିଖୁଦା, ପୈଗମ୍ବର ଓ ଏପରି ମତଦ୍ୱାରା କ୍ଷତି ହେବାହିଁ ସାର ହେବ, କିଛି ଲାଭ ହେବ ନାହିଁ । ଏପରି ଦୋଷାବହ ମତରୁ ଦୂରେଇ ରହି ବେଦୋକ୍ତ ମତକୁ ଗ୍ରହଣ କରିବା ଆବଶ୍ୟକ । କାରଣ ତହିଁରେ ସାମାନ୍ୟମାତ୍ର ମିଥ୍ୟା ନାହିଁ । ମୁସଲମାନ୍ ଧର୍ମକହେ କେହି କୌଣସି ମୁସଲମାନ୍‌କୁ ହତ୍ୟାକଲେ ଅନନ୍ତକାଳ ନରକ ଭୋଗକରେ, ପୁଣି ଅନ୍ୟ ଧର୍ମ କହେ ମୁସଲମାନ୍‌ମାନଙ୍କୁ ମାରିଲେ ସ୍ୱର୍ଗ ଲାଭ ହୁଏ । ଏବେ କହନ୍ତୁ କାହାକୁ ସ୍ୱୀକାର କରାଯିବ ପୁଣି କାହାକୁ ତ୍ୟାଗ କରାଯିବ ? ଏପରି ହିଂସାପରିପୂର୍ଣ୍ଣ ମତକୁ ତ୍ୟାଗକରି ସର୍ବମଙ୍ଗଳକାରୀ ଆର୍ଯ୍ୟଧର୍ମ ଗ୍ରହଣ କରିବା ସର୍ବାପେକ୍ଷା ଉତ୍ତମ ॥ ୬୦ ॥

୬୧- ଶିକ୍ଷା ପ୍ରକାଶିତ ହେବାପରେ ଯେ ରସୁଲଙ୍କୁ ବିରୋଧ କରିବେ ଓ ମୁସଲମାନ୍‌ମାନଙ୍କୁ ବିରୋଧ କରିବେ, ଅବଶ୍ୟ ଆମ୍ଭେ ସେମାନଙ୍କୁ, ନରକକୁ ପଠାଇଦେବୁ । (ମଂ୧/ସି-୫/ସୂ-୪।-ଆ-୧୧୫)

ସମୀକ୍ଷକ:- ଖୁଦା ଓ ରସୁଲଙ୍କ ପକ୍ଷପାତ କଥା ବିଚାର କରନ୍ତୁ । ମହମ୍ମଦ ସାହେବ

ପ୍ରଭୃତି ବୁଝିଥିଲେ ଯେ ଖୁଦାଙ୍କ ନାମରେ ଆମ୍ଭେ ଏପରିସବୁ ନ ଲେଖିଲେ, ଆମ ଧର୍ମ ବିସ୍ତାରଲାଭ କରିବ ନାହିଁକି କୌଣସି ପଦାର୍ଥ ମିଳିବ ନାହିଁ । ଏଥିରୁ ଜଣାପଡୁଛି ଯେ ଏମାନେ ନିଜ ସ୍ୱାର୍ଥ ସିଦ୍ଧିପାଇଁ ପ୍ରାଣପଣେ ଲାଗି ପଡିଥିଲେ,ତା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ସ୍ୱାର୍ଥରେ ଆଞ୍ଚ ଆଣୁଥିଲେ । ଏଣୁ ଏମାନେ ଥିଲେ ଅନାପ୍ତ । ଆପ୍ତ ବିଦ୍ୱାନ୍‌ଙ୍କ ଆଗରେ ଏମାନଙ୍କ କଥା କେବେ ପ୍ରମାଣିତ ହୋଇପାରିବ ନାହିଁ ॥ ୬୧ ॥

୬୨- ଯେ ଆଲ୍ଲା ଫରିଶ୍‌ତା ପୁସ୍ତକ, ରସୁଲ ଓ କୟାମତ ସହିତ ଅବିଶ୍ୱାସ ଭାବ ସ୍ଥାପନ କରିବ ସେ ନିଶ୍ଚୟ କୁପଥଗାମୀ ହେବ । ଯେଉଁଲୋକ ବିଶ୍ୱାସ କରେ ଓ କାଫିର୍ ହୁଏ, ପୁଣି ବିଶ୍ୱାସ କରେ ଓ ଫେରିଯାଏ ସେ କାଫିର୍‌ଠାରୁ ଅଧିକ । ଖୁଦା ତାଙ୍କୁ କଦାପି କ୍ଷମା କରିବେ ନାହିଁ କିମ୍ବା ମାର୍ଗ ଦେଖାଇବେ ନାହିଁ ।

(ମଂ୧/ସି·୫/ସୂ·୪·ଆ·୧୩୬/୧୩୭)

ସମୀକ୍ଷକ:- ଏବେ ବି କଣ ଖୁଦା ସର୍ବଶକ୍ତିମାନ୍ ? ସବୁବେଳେ କଣ ସର୍ବ ଶକ୍ତିମାନ୍ ବୋଲି କୁହାଯାଉଥିବ ? ତାଙ୍କର ସମକକ୍ଷ ଅନ୍ୟ କେହି ଅଛନ୍ତି ବୋଲି ପୁଣି କୁହାଯାଉଥିବ । ଏହାକଣ ପରସ୍ପର ବିରୋଧୀ କଥାନୁହେଁ ? ତିନିଥର ଉତ୍ତାରୁ ଖୁଦା ଆଉ ପାପ କ୍ଷମା କରନ୍ତି ନାହିଁକି ? ଖୁଦା ଓ ପୈଗମ୍ବରଙ୍କୁ ତିନିଥର ଅମାନ୍ୟ କରିବାପରେ ରାସ୍ତା ଦେଖାନ୍ତି ନା ଚତୁର୍ଥବାରପରେ ଆଉ ରାସ୍ତା ଦେଖାନ୍ତି ନାହିଁ ? ଯଦି ସମସ୍ତେ ଗ୍ଭରିଗ୍ଭରିଥର କୁଫ୍ର କରନ୍ତି, ତେବେ ବହୁତ କୁଫ୍ର (ଧର୍ମପ୍ରତି ଅବିଶ୍ୱାସ ବା ବିରୋଧ) ବଢ଼ିଯିବ ॥ ୬୨ ॥

୬୩- ଖୁଦା ଅବଶ୍ୟ ଖରାପଲୋକ ଓ ଅବିଶ୍ୱାସୀମାନଙ୍କୁ ନରକରେ ଏକାଠି କରିବେ । ଏହା ପୁଣିନିଶ୍ଚୟ ଯେ ଯେଉଁ ଖରାପଲୋକ ଖୁଦାଙ୍କୁ ଦଗାଦିଅନ୍ତି, ଆଲ୍ଲାମଧ୍ୟ ତାଙ୍କୁ ଦଗା ଦେଇଥାଆନ୍ତି । ହେ ସଚ୍ଚୋଟ ମୁସଲମାନ୍‌ଗଣ ! ତୁମ୍ଭମାନେ ନାସ୍ତିକମାନଙ୍କ ସହିତ ମିତ୍ରତା କରନାହିଁ । (ମଂ୧/ସି·୫/ସୂ·୪/·ଆ·୧୪୦/୧୪୨/୧୪୪)

ସମୀକ୍ଷକ:- ମୁସଲମାନ୍‌ମାନେ ସ୍ୱର୍ଗକୁ ଯିବେ ଏବଂ ଅନ୍ୟ ଲୋକେ ନରକରେ ପଡ଼ିବେ ଏହାର ଯଥାର୍ଥ ପ୍ରମାଣ କଣ ? ଯେଉଁ ଖୁଦା ଲୋକଙ୍କୁ ଠକନ୍ତି ପୁଣି ଲୋକେ ଯାହାକୁ ଠକନ୍ତି, ସେପରି ଖୁଦାଙ୍କୁ ଦୂରରୁ ବର୍ଜନ କରିବା ଉଚିତ ନୁହେଁକି ? ଯେଉଁମାନେ ଠକ,ଭଣ୍ଡ ସେମାନେ ଯାଇ ତାଙ୍କ ସହିତ ସମ୍ପର୍କ ରଖନ୍ତୁ । କାରଣ.......

" ଯାଦୃଶୀ ଶୀତଳା ଦେବୀ ତାଦୃଶଃ ଖରବାହନଃ "

ଯିଏ ଯେପରି ତାକୁ ସେପରି ମିଳିଲେ ସିନା ଭଲକାମ ଗ୍ଭଲିବ । ଯାହାଙ୍କ ଖୁଦା ଦଗାବାଜ୍ ତାଙ୍କର ଉପାସକମାନେ ସେପରି ବା କାହିଁକି ନ ହେବେ ? ଦୁଷ୍ଟ ମୁସଲମାନ୍ ହେଉପଛକେ ତାହା ସହିତ ମିତ୍ରତା ଓ ଅନ୍ୟ ଧର୍ମାବଲମ୍ବୀ ଯେତେ ଶ୍ରେଷ୍ଠ ହୋଇଥିଲେ ମଧ୍ୟ ତାସହିତ ଶତ୍ରୁତା କରିବା ବିଷୟକୁ କେହି କେବେ ପସନ୍ଦ କରିବେ ନାହିଁ ॥ ୬୩ ॥

୬୪- ହେ ଲୋକମାନେ ! ନିଶ୍ଚିତଭାବେ ତୁମ୍ଭନିକଟକୁ ସତ୍ୟର ପକ୍ଷନେଇ ଖୁଦାଙ୍କଠାରୁ ପୈଗମ୍ବର ଆସିଛନ୍ତି । ତାଙ୍କୁ ତୁମେ ବିଶ୍ୱାସ କର । ଖୁଦାହିଁ ହେଉଛନ୍ତି ଏକାକୀ ଉପାସ୍ୟ । (ମଂ୧/ସି·୬/ସୂ·୪/ଆ·୧୭୦/୧୭୧)

ସମୀକ୍ଷକ:- ଯେଣୁ ପୈଗମ୍ବରଙ୍କ ପ୍ରତି ବିଶ୍ୱାସ କରିବାପାଇଁ କୋରାନ୍‌ରେ ଉଲ୍ଲେଖ ଅଛି, ତେବେ ଖୁଦାଙ୍କ ସହିତ ପୈଗମ୍ବର ମଧ୍ୟ ପୂଜାର ଯୋଗ୍ୟ । ଖୁଦାଙ୍କ ନିକଟରୁ ପୈଗମ୍ବର ଆସନ୍ତି ଏଣୁ ଖୁଦା ସର୍ବବ୍ୟାପୀ ନ ହୋଇ ଏକଦେଶୀ ହୋଇଥିବେ । କୋରାନ୍‌ର କେଉଁଠି ସର୍ବବ୍ୟାପୀ ତ ପୁଣି କେଉଁଠି ଏକଦେଶୀ ବୋଲି କୁହାଯାଇଛି । ତେଣୁ କୋରାନ୍ ଜଣେ ଲୋକର ନହୋଇ ଅନେକ ଲୋକଙ୍କର ଲେଖାପରି ଜଣାପଡୁଛି ॥ ୬୪ ॥

୬୫- ଯେଉଁ ଜନ୍ତୁ ଆପେ ଆପେ ମରିଛି, ପୁଣି ଶୁକରର ମାଂସ ଓ ରକ୍ତ, ଖୁଦାଙ୍କ ବ୍ୟତୀତ ଅନ୍ୟ ନାମରେ ବଧ କରାଯାଇଥିବା,ଶ୍ୱାସରୁଦ୍ଧ ଅଥବା ଶରବିଦ୍ଧ ହୋଇ ମରିଥିବା, ଉପରୁ ପଡ଼ି ମରିଥିବା ନଚେତ୍ ହିଂସ୍ରଜନ୍ତୁ ଖାଇଥିବା ମୁର୍ଦ୍ଦାର ମାଂସ ଅଶୁଦ୍ଧ ଅଟେ, ତେଣୁ ଖାଇବା ଉଚିତ ନୁହେଁ । (ମଂ୨/ସି·୬/ସୂ·୫/ଆ·୩)

ସମୀକ୍ଷକ:- କେବଳ ଏ ଗୁଡ଼ିକ ହେଉଛି ଅଶୁଦ୍ଧ । ତେଣୁ ଏସବୁକୁ ନିଷେଧ କରାଯାଇଛି । ତେବେ ବୋଧହୁଏ ଜଦାପିମ୍ପୁଡ଼ି,ପୋକ,ଯୋକ ପ୍ରଭୃତିର ମାଂସ ଖାଇବାପାଇଁ ମୁସଲମାନ୍‌ମାନଙ୍କୁ ଅନୁମତି ଦିଆଯାଇଛି । କୋରାନ୍ ଗ୍ରନ୍ଥ ଈଶ୍ୱରପ୍ରଣୀତ ହୋଇ ନଥିବାରୁ ବିଶ୍ୱାସ ଯୋଗ୍ୟ ନୁହେଁ ॥ ୬୫ ॥

୬୬- ତୁମଠାରୁ ତୁମର ମନ୍ଦକର୍ମକୁ ନିଶ୍ଚୟ ଦୂର କରିଦେବି । ତୁମ୍ଭମାନଙ୍କୁ ଉଦ୍ୟାନକୁ ନେଇଯିବି, ଯାହାର ନିମ୍ନ ପ୍ରଦେଶରେ ନଦୀ ପ୍ରବାହିତ ହେଉଅଛି । ଆଲ୍ଲାଙ୍କୁ ଭଲ ଉଧାର ଦିଅ, ତୁମକୁ ସ୍ୱର୍ଗକୁ ପଠାଇଦେବି । (ମଂ୨/ସି·/୬/ସୂ·୫·ଆ·୧୨)

ସମୀକ୍ଷକ:- ଖୁଦା ବୋଧହୁଏ ଅତ୍ୟନ୍ତ ଦରିଦ୍ର ହୋଇଥିବେ । ନଚେତ୍ ସେ କାହିଁକି ଧାର କରନ୍ତେ ? ପୁଣି ଲୋକଙ୍କ ଦୁଷ୍କର୍ମକୁ କ୍ଷମା କରିଦେଇ ସେମାନଙ୍କୁ ସ୍ୱର୍ଗକୁ ନେଇଯିବେ ବୋଲି ପ୍ରଲୋଭନ ଦେଖାନ୍ତେ ? ଏଥିରୁ ଜଣା ପଡୁଛିଯେ, ଖୁଦାଙ୍କ ନାମଧରି ମହମ୍ମଦ ସାହେବ ଆପଣାର ସ୍ୱାର୍ଥସାଧନ କରୁଥିଲେ ॥ ୬୬ ॥

୬୭- ସେ ଯାହାକୁ ଚାହାନ୍ତି ତାକୁ କ୍ଷମା କରନ୍ତି ପୁଣି ଯାହାକୁ ଚାହାନ୍ତି ଦୁଃଖ ମଧ୍ୟ ଦିଅନ୍ତି । ଯାହାକି କେବେ କୌଣସି ଲୋକକୁ ଦିଆଯାଇ ନାହିଁ, ସେ ତାହା ତୁମକୁ ଦେଇଛନ୍ତି । (ମଂ·୨/ସି·୬/ସୂ·୫/ଆ·୧୮/୨୦)

ସମୀକ୍ଷକ:- ଯେପରି ସଇତାନ୍ ଯାହାକୁ ଚାହେଁ ତାକୁ ପାପୀ କରିଦିଏ, ଖୁଦାମଧ୍ୟ ସେହିପରି କରନ୍ତି ବୋଲିବାକୁ ହେବ । ଏପରି ହେଲେ ତ ଖୁଦା ସ୍ୱର୍ଗ କିମ୍ବା ନରକକୁ ଯିବେ, କାରଣ ସେ ପାପ-ପୁଣ୍ୟ କରୁଛନ୍ତି, ଜୀବତ ହେଉଛି ପରାଧୀନ । ଯେପରି ସେନାପତିଙ୍କ ଅଧୀନରେ ଥାଇ ସୈନିକ କାହାକୁ ରକ୍ଷାକରେ ବା ମାରେ । ଏଥିରେ ତାହାର କୌଣସି ଦୋଷ ରହେ ନାହିଁ । ସେସବୁ ଦୋଷ ସେନାପତି ଉପରେ ପଡ଼େ । ସେହିପରି ଦୋଷାଦୋଷପାଇଁ ଖୁଦାଙ୍କୁ ଦାୟୀ ହେବାକୁ ପଡ଼ିବ ॥ ୬୭ ॥

୬୮- ଆଲ୍ଲାଙ୍କର ଆଜ୍ଞା ମାନ ପୁଣି ରସୁଲଙ୍କ ଆଦେଶ ମାନ ।

(ମଂ·୨/ସି·୭/ସୂ·୫/ଆ·୯୨)

ସମୀକ୍ଷକ:- ତେବେ ଖୁଦା ଅଦ୍ୱିତୀୟ ଈଶ୍ୱର ନୁହନ୍ତି । ଯେଣୁ ମହମ୍ମଦ ରସୁଲ ତାଙ୍କ ସାଥିରେ ଜଣେ ହୋଇ ଅଛନ୍ତି ॥ ୬୮ ॥

୬୯- ଯାହା ହୋଇଯାଇଛି ଆଲ୍ଲା ତାକୁ କ୍ଷମା କରିଦିଅନ୍ତି । ସେହି କର୍ମ ପୁଣିଥରେ ଯଦି କରାଯାଏ ତେବେ ତାହାର ପ୍ରତିଶୋଧ ନିଅନ୍ତି । (ମଂ·୨/ସି·୭/ସୂ·୫/ଆ·୯୫)

ସମୀକ୍ଷକ:- କୃତ ପାପପାଇଁ କ୍ଷମା ଦେବା ଅର୍ଥ ହେଉଛି ପୁଣି ପାପ କରିବାପାଇଁ ପ୍ରୋତ୍ସାହନ ଦେବା । ଯେଉଁ ପୁସ୍ତକରେ ପାପ କ୍ଷମା କରିବା କଥା ଲେଖାଯାଇଛି, ତାହା ଈଶ୍ୱରଙ୍କ ବାଣୀ ନୁହେଁ ବା ତାକୁ କୌଣସି ବିଦ୍ୱାନ୍ ଲେଖିଛି ବୋଲି କୁହାଯିବ ନାହିଁ । ଯେଣୁ ଏହାହେଉଛି ପାପବର୍ଦ୍ଧକ । ଅବଶ୍ୟ ଭବିଷ୍ୟତ ପାପରୁ ରକ୍ଷାପାଇବାପାଇଁ କାହାକୁ ପ୍ରାର୍ଥନା କରିବା, ନିଜେ ଉଦ୍ୟମକରି ତହିଁରୁ ଦୂରେଇଯିବା, ଓ ଅନୁତାପ କରିବା ଉଚିତ । କେବଳ

ଅନୁତାପ କରି ପାପକାର୍ଯ୍ୟରୁ ନିବୃତ୍ତ ନ ହେଲେ ତଦ୍ୱାରା କୌଣସି ଲାଭ ହେବ ନାହିଁ ॥ ୬୯ ॥

୭୦- ଆଲ୍ଲାଙ୍କ ଉପରେ ଯେ ମିଥ୍ୟା ମନୋଭାବ ପୋଷଣ କରେ ସେ ମନୁଷ୍ୟମାନଙ୍କ ମଧ୍ୟରେ ପାପୀ ଅଟେ । ଏହା ମୋଦ୍ୱାରା କରାଯାଇଛି, ତାହା ତାଙ୍କ ଆଡୁ କରାଯାଇ ନାହିଁ.ପୁଣି ଆଲ୍ଲା ଯେପରି କରିଛନ୍ତି ମୁଁ ମଧ୍ୟ ସେହିପରି କରିପାରିବି.ଏହା ଯେ କହେ, ତାଠାରୁ ବଳି ପାପୀ ଆଉ କେହି ନାହିଁ । (ମଂ·୨/ସି·୭/ସୂ·୬/ଆ·୯୩)

ସମୀକ୍ଷକ:- ଏକଥାରୁ ଜଣାଯାଉଛି ଯେ, ଯେତେବେଳେ ମହମ୍ମଦସାହେବ କହୁଥିଲେ ମୋ ନିକଟକୁ ଆୟତ୍ତ ଆସୁଛି, ମୋତେ ସମସ୍ତେ ପୈଗମ୍ବର ବୋଲି ସ୍ୱୀକାର କର, ସେତେବେଳେ ବୋଧ ହୁଏ ଅନ୍ୟ କେହି ମଧ୍ୟ ଏପରି ଲୀଳା ରଚନା କରିଥିବେ । ଏଣୁ ମହମ୍ମଦ ସାହେବ ନିଜର ପ୍ରତିଷ୍ଠା ବଢ଼ାଇବାପାଇଁ ଓ ଅନ୍ୟର ଲୀଳାକୁ ଦବାଇଦେବା ଉଦ୍ଦେଶ୍ୟରେ ହୁଏତ ଏହିଁ ଉପାୟ ଅବଲମ୍ବନ କରିଥିବେ ॥ ୭୦ ॥

୭୧- ଅବଶ୍ୟ ଆମ୍ଭେ ତୁମ୍ଭଙ୍କୁ ଉତ୍ପନ୍ନ କଲୁ, ପୁଣି ତୁମକୁ ସୁନ୍ଦର କରି ଗଢ଼ିଲୁ । ଆମ୍ଭେ ଦେବଦୂତମାନଙ୍କୁ କହିଲୁ ତୁମ୍ଭେମାନେ ସମସ୍ତେ ଆଦମକୁ ଦଣ୍ଡ ପ୍ରଣାମ କର । ଏବ୍ଲିସ୍ ବ୍ୟତୀତ ସେମାନେ ସମସ୍ତେ ଦଣ୍ଡ ପ୍ରଣାମ କଲେ । ଏବ୍ଲିସ୍‌କୁ ଆଲ୍ଲା ପଚାରିଲେ····· ଆମ ଆଜ୍ଞାନୁସାରେ ତୁ କାହିଁକି ଦଣ୍ଡ ପ୍ରଣାମ କଲୁ ନାହିଁ ? ସେ ଉତ୍ତର ଦେଲା····· ମୁଁ ତାହାଠାରୁ ଅଧିକ ସମ୍ଭ୍ରାନ୍ତ, ଯେହେତୁ ତୁମେ ମୋତେ ଅଗ୍ନିରୁ ଜାତ କରିଛ, କିନ୍ତୁ ତାହାକୁ ମାଟିରୁ ଉତ୍ପନ୍ନ କରିଛ । ଆଲ୍ଲା କହିଲେ······· ସ୍ୱର୍ଗରେ ଅଭିମାନୀ ଲୋକଙ୍କପାଇଁ ସ୍ଥାନ ନାହିଁ, ତେଣୁ ତୁ ଏଠାରୁ ଚାଲିଯା । ଆଜିଠାରୁ ତୁ ଅଭିଶପ୍ତ ଓ ଘୃଣିତମାନଙ୍କ ମଧ୍ୟରେ ଜଣେ ହେଲୁ । ତାପରେ ଏବ୍ଲିସ୍ କହିଲା······ ବିଶ୍ୱର ଦିନପର୍ଯ୍ୟନ୍ତ ମୋପ୍ରତି ଏହି ଆଦେଶକୁ ସ୍ଥଗିତ ରଖାଯାଉ । ଖୁଦା ଉତ୍ତର ଦେଲେ— ଠିକ୍ ଅଛି, ସେ ପର୍ଯ୍ୟନ୍ତ ତୋତେ ସମୟ ଦିଆଗଲା । ସେ କହିଲା····· ତୁମେ ମୋତେ ଅଭିଶାପ ଦେଲ, ତୁମରି ଆଗରେ ମୁଁ ସେମାନଙ୍କ ପଥକୁ ଜଗି ରହିବି । ସବୁ ଦିଗରୁ ସେମାନଙ୍କୁ ଭ୍ରଷ୍ଟ କରିବି । ପୁଣି ତାଙ୍କ ମଧ୍ୟରୁ କେତେକ ତୁମ ପ୍ରତି ଅକୃତଜ୍ଞ ରହିବେ । ଆଲ୍ଲା କହିଲେ— ତୁ ଏଠାରୁ ଯାଆ, ଆଜିଠାରୁ ତୁ ନିର୍ବାସିତ ହେଲୁ । ଯେଉଁମାନେ ତୋମାର୍ଗ ଅନୁସରଣ କରିବେ ମୁଁ ତୋ

ସହିତ ସେମାନଙ୍କୁ ନରକରେ ପକାଇ ଦେବି । (ମଂ୨/ସି·୮/ସୂ·୭/ଆ·୧୧ ରୁ ୧୮)

ସମୀକ୍ଷକ:- ପାଠକେ ! ଖୁଦା ଓ ସଇତାନ୍ ମଧ୍ୟରେ ହୋଇଥିବା ଗୋଳମାଳକୁ ଟିକିଏ ଅନୁଧ୍ୟାନ କରନ୍ତୁ । ଏହି ସଇତାନ୍ ତ୍ରପରାଶି ଭଳିଆ ଖୁଦାଙ୍କର ଜଣେ ସୂକର । ଅଥଚ ସୂକରକୁ ମଧ୍ୟ ଖୁଦା ନିଜେ ଆୟତ୍ତ କରିପାରିଲେ ନାହିଁ କିମ୍ବା ତାର ଆତ୍ମାକୁ ପବିତ୍ର କରିପାରିଲେ ନାହିଁ । ଲୋକଙ୍କୁ ଭ୍ରଷ୍ଟ କରିବାପାଇଁ ତାଙ୍କୁ ଛାଡ଼ିଦେଲେ । ଖୁଦାଙ୍କର ଏହା ବଡ଼ ଭୁଲ୍ କାମ ଥିଲା । ଅବଶ୍ୟ ସଇତାନ୍ ଦୁଷ୍ଟହୋଇ ଲୋକଙ୍କୁ ପାପକର୍ମରେ ପ୍ରବର୍ତ୍ତାଇଲା । କିନ୍ତୁ ଖୁଦା ହେଉଛନ୍ତି ନିଜେ ସଇତାନ୍ର ସଇତାନ୍, ଯେଣୁ ସେ ପାପକରିବାପାଇଁ ସଇତାନଙ୍କୁ ଛାଡ଼ିଦେଲେ । ଏଥିରୁ ଜଣାଯିବ ଯେ ଖୁଦା ନିଜେ ପବିତ୍ର ନୁହନ୍ତି, ପୁଣି ସେ ହେଉଛନ୍ତି ପାପର ମୂଳ କାରଣ । ମୁସଲମାନ୍ମାନଙ୍କ ବ୍ୟତୀତ ଅନ୍ୟ କୌଣସି ବିଦ୍ୱାନ୍ ଏପରି ଈଶ୍ୱରଙ୍କୁ କଦାପି ବିଶ୍ୱାସ କରିବେ ନାହିଁ । ଖୁଦା ଜଣେ ଶରୀରଧାରୀ ପୁରୁଷ ଥିଲେ ,ତେଣୁ ସେ ଦେବଗଣଙ୍କ ସହିତ କଥାବାର୍ତ୍ତା କରୁଥିଲେ । ଏଣୁ ଶିକ୍ଷିତ ଲୋକେ ମୁସଲମାନ୍ ଧର୍ମକୁ ପସନ୍ଦ କରନ୍ତି ନାହିଁ ।। ୭୧ ।।

୭୨- ନିଶ୍ଚୟ, ତୁମ୍ଭର ପ୍ରଭୁ ହେଉଛନ୍ତି ସେହି ଆଲ୍ଲା । ସେ ଛଅଦିନ ମଧ୍ୟରେ ଆକାଶ ଓ ପୃଥିବୀକୁ ନିର୍ମାଣ କରି ସିଂହାସନରେ ବସିଲେ । ବିନୀତ ଭାବରେ ସେହି ଆଲ୍ଲାଙ୍କୁ ଡାକ । (ମଂ୨/ସି·୮/ସୂ·୭/ଆ·୫୪ ରୁ ୫୫)

ସମୀକ୍ଷକ:- ଯେ ଛଅ ଦିନରେ ସ୍ୱର୍ଗ ଓ ମର୍ତ୍ତ୍ୟକୁ ନିର୍ମାଣ କରି ସପ୍ତମଦିନ ସିଂହାସନରେ ବସେ ସେ ସର୍ବଶକ୍ତିମାନ୍,ବ୍ୟାପକ ଈଶ୍ୱର ହୋଇନପାରନ୍ତି । ଏସବୁ ହୋଇ ନଥିଲେ ବା ଲେଖାଯାଇନଥିଲେ ତାଙ୍କୁ କେହି ଖୁଦା ବୋଲି କହି ନ ଥାନ୍ତେ । ଖୁଦା କଣ ବଧିର ଯେ ଡାକିଲେ ଶୁଣନ୍ତି ? ଏସବୁ କଥା ଅନୀଶ୍ୱରକୃତ । ଏହାଦ୍ୱାରା କୋରାନ୍କୁ ଈଶ୍ୱରକୃତ ବୋଲି କହିହେବ ନାହିଁ । ଯଦି ଛଅଦିନରେ ଆକାଶ ତିଆରି କରି ସପ୍ତମ ଦିନରେ ସ୍ୱର୍ଗ ସିଂହାସନ ଉପରେ ବସିଗଲେ ତେବେ ସେ ନିଶ୍ଚୟ କ୍ଳାନ୍ତ ହୋଇଯାଇଥିବେ । ଆଚ୍ଛା ! ବର୍ତ୍ତମାନ ସେ କଣ କରୁଛନ୍ତି ? ଶୋଇଛନ୍ତି ନା ଚେଇଁଛନ୍ତି ? ଯଦି ଜାଗ୍ରତ ଅଛନ୍ତି ଭୋଗ ବିଳାସରେ ମାତିଛନ୍ତି କି ? କିଛି ଜଣା ପଡୁନାହିଁ ।। ୭୨ ।।

୭୩- ପୃଥିବୀରେ ସ୍ୱେଚ୍ଛାଚାର ଓ ଦୌରାତ୍ମ୍ୟକରି ପୃଥିବୀକି ଖରାପ କରନାହିଁ ।

(ମଂ୨/ସି·୮/ସୂ·୭/ଆ·୭୪)

ସମୀକ୍ଷକ:- ଏହା ଅବଶ୍ୟ ଅତି ଉତ୍ତମ କଥା । କିନ୍ତୁ କୋରାନ୍ର ଅନ୍ୟତ୍ର ଯୁଦ୍ଧ କରିବା, ଅନ୍ୟଧର୍ମୀମାନଙ୍କୁ ହତ୍ୟା କରିବାପାଇଁ ଆଦେଶ ଦିଆ ଯାଇଛି । ଏ ଉଭୟ କଥା ପରସ୍ପରର ବିରୁଦ୍ଧାଚରଣ କରୁନାହିଁକି ? ଏଥିରୁ ଜଣାପଡୁଛି ମହମ୍ମଦ ସାହେବ ଯେତେବେଳେ ଦୁର୍ବଳ ଥିଲେ ସେତେବେଳେ ଏ ସୁନ୍ଦର ନିୟମ ପ୍ରଣୟନ କରିଥିଲେ । କିନ୍ତୁ ସବଳ ହୋଇଯିବାପରେ ଯୁଦ୍ଧକରି ହାଣ,କାଟ କରିବାପାଇଁ ଉପଦେଶ ଦେଲେ । ଏଣୁ ଏକଥା ପରସ୍ପର ବିରୁଦ୍ଧ ହୋଇଥିବାରୁ କୌଣସିକଥା ସତ୍ୟ ନୁହେଁ ।। ୭୩ ।।

୭୪- ବାସ୍, ସେ ସେହି ବାଡିଟାକୁ ଥରେ ପିଙ୍ଗିଦେଲେ । ତତ୍କ୍ଷଣାତ୍ ସେହି ବାଡ଼ି ପ୍ରତ୍ୟକ୍ଷରେ ଅଜଗରସାପଟିଏ ହୋଇଗଲା । (ମଂ୨/ସି·/୯/ସୂ·୭·ଆ·୧୦୭)

ସମୀକ୍ଷକ:- ଏ ଲେଖାରୁ ଜଣାପଡୁଛି ଯେ ଏପରି ମିଥ୍ୟା କଥାକୁ ଖୁଦା ଓ ମହମ୍ମଦ ସାହେବ ଉଭୟେ ମାନୁଥିଲେ । ଏଣୁ ଏଦୁହେଁ ବିଦ୍ୱାନ୍ ନୁହନ୍ତି । ପ୍ରକୃତି ନିୟମର କେବେହେଁ ପରିବର୍ତ୍ତନ ହୁଏ ନାହିଁ । ଯେପରି କେହିକେବେ ଆଖିରେ ଶୁଣେ ନାହିଁ ବା କାନରେ ଦେଖେ ନାହିଁ । ଏଣୁ ଏହା ଇନ୍ଦ୍ରଜାଲ ବ୍ୟତୀତ ଅନ୍ୟକିଛି ନୁହେଁ ।। ୭୪ ।।

୭୫- ବାସ୍, ଆମ୍ଭେ ତାଙ୍କ ଉପରକୁ ମେଘ,ତୋଫାନ୍ ପଠାଇଲୁ । କୀଟ, ପଙ୍ଗପାଳ ବେଙ୍ଗ ଓ ରକ୍ତ ମଧ୍ୟ ପଠାଇଦେଲୁ । ଆମ୍ଭେ ତାଙ୍କ ଉପରେ ପ୍ରତିଶୋଧ ନେଲୁ,ତେଣୁ ତାଙ୍କୁ ଦରିଆରେ ବୁଡାଇଦେଲୁ । ଆମ୍ଭେ ତିଆରି କରିଥିବା ଇସ୍ରାଏଲ୍ ସନ୍ତାନମାନଙ୍କୁ ସମୁଦ୍ର ପାର କରିଦେଲୁ । ସେମାନଙ୍କର କାର୍ଯ୍ୟ ଓ ଧର୍ମ ମିଥ୍ୟା ।

(ମଂ୨/ସି·୯/ସୂ·୭/ଆ·୧୩୩/୧୩୬/୧୩୮/୧୩୯)

ସମୀକ୍ଷକ:- ଯେପରି କୌଣସି ପାଖଣ୍ଡୀ କାହାକୁ ଡରାଇବାକୁ କହିଥାଏ- ଦେଖ, ସାପ ପଠାଇ ତୋତେ ମାରିଦେବି, ଭୂତ ପେଶିଦେବି, ଏ ମଧ୍ୟ ହେଉଛି ସେପରି ଗୋଟିଏ କଥା । ଯେଉଁ ଖୁଦା ଗୋଟାଏ ଜାତିକୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଏକ ଜାତିକୁ ବୁଡାଇ ମାରିଦିଅନ୍ତି, ସେ ନିଶ୍ଚୟ ପକ୍ଷପାତୀ ତଥା ପାପୀ । ଯେଉଁ ମତବାଦ ପର ଉପରେ ପ୍ରତିଷ୍ଠିତ ଓ ଯେଉଁ ମତରେ କୋଟି କୋଟି ଲୋକ ରହିଛନ୍ତି ସେହି ମତକୁ ଯେ ମିଥ୍ୟା ବୋଲି କହେ ପୁଣି ନିଜ ମତକୁ କେବଳ ପ୍ରଶଂସା କରେ ,ତାହାଠାରୁ ମିଥ୍ୟାବାଦୀ

ଆଉ ଥାଇ ନ ପାରେ । କୌଣସି ମତର ସମସ୍ତ ଲୋକ ଖରାପ, କେହି ଭଲଲୋକ ନାହାନ୍ତି ଏପରି କହିବା ଅଜ୍ଞତା ଓ ବାତୁଳତାର ଲକ୍ଷଣ । କଣ ତୌରେତ ଜବୁରଙ୍କ ଧର୍ମ, ଯାହାକି ତାଙ୍କରଥିଲା, ତା କଣ ମିଥ୍ୟା ହୋଇଗଲା । ଅଥବା ତାଙ୍କର ଅନ୍ୟ କୌଣସି ଧର୍ମ ଥିଲା, ଯାହାକୁ ସେ ମିଥ୍ୟା ବୋଲି କହିଛନ୍ତି । ଯଦି ସେ ଅନ୍ୟଧର୍ମରେ ଥିଲେ, ତେବେ ସେ କଣଥିଲା କୁହ ? ଯାହାର ନାମ କୋରାନ୍‌ରେ ଥିଲା ॥ ୭୫ ॥

୭୬- ବାସ୍, ତୁ ମୋତେ ଅବଶ୍ୟ ଦେଖିପାରିବୁ । ପ୍ରଭୁ ଯେତେବେଳେ ପାହାଡ଼ ଆଗରେ ସ୍ୱୟଂ ବିରାଜିତ ହେଲେ, ସେତେବେଳେ ସେହି ପାହାଡକୁ ଧୂଳିସାତ୍ କରିଦେଲେ । ମୁସା ବେହୋସ୍ ହୋଇ ପଡ଼ିଗଲା । (ମଂ୨/ସି·୯/ସୂ·୭/ଆ·୧୪୩)

ସମୀକ୍ଷକ:- ଆଖିରେ ଦେଖାଯାଉଥିବା ବସ୍ତୁ କେବେହେଁ ସର୍ବବ୍ୟାପକ ହୋଇପାରିବ ନାହିଁ । ସେ କାଳରେ ଯଦି ଏପରି ଅଦ୍ଭୁତ କର୍ମ କରିପାରୁଥିଲେ ତେବେ ବର୍ତ୍ତମାନ କାହିଁକି କରିପାରୁ ନାହାନ୍ତି ! ବିଦ୍ୟାବିରୁଦ୍ଧ,ଯୁକ୍ତିହୀନ କଥାକୁ କେହି କେବେ ବିଶ୍ୱାସ କରିବେ ନାହିଁ ॥ ୭୬ ॥

୭୭- ଦୀନତା ଓ ଭୟର ସହିତ ନିଜ ମାଲିକକୁ ସ୍ମରଣକର । ପ୍ରତ୍ୟହ ପ୍ରାତଃ ଓ ସାୟଂ କାଳରେ ଧୀରସ୍ୱରରେ ଖୁଦାଙ୍କୁ ଧ୍ୟାନକର । (ମଂ୨/ସି·୯/ସୂ·୭/ଆ·୨୦୫)

ସମୀକ୍ଷକ:- କୋରାନ୍‌ର କେତେକ ସ୍ଥଳରେ ଉଚ୍ଚସ୍ୱରରେ ଡାକିବାପାଇଁ କୁହାଯାଇଥିବା ସ୍ଥଳେ କେଉଁଠି ଧୀର ସ୍ୱରରେ ପ୍ରାର୍ଥନା କରାଯିବାପାଇଁ କୁହାଯାଇଛି । ଏବେ କୁହନ୍ତୁ କେଉଁଟାଠିକ୍ ଓ କେଉଁଟା ଭୁଲ୍ ! ପରସ୍ପର ବିରୋଧୀ କଥା କହିଲେ ତାକୁ ପାଗଳର ପ୍ରଳାପ ବୋଲି ଧରିବାକୁ ହେବ । ଥରେ ଯଦି କେହି ଭୁଲ୍‌କରେ ତେବେ ସେହି ଭୁଲକୁ ସ୍ୱୀକାର କରି ପରେ ପୁଣି ସଂଶୋଧନ କରାଯାଇପାରେ ॥ ୭୭ ॥

୭୮- ସେମାନେ ତୁମକୁ ଲୁଣ୍ଠନ ଦ୍ରବ୍ୟ ସମ୍ପର୍କରେ ପ୍ରଶ୍ନ କରିବେ । ତୁମେ କହିବ ସେସବୁ ଦ୍ରବ୍ୟ କେବଳ ଆଲ୍ଲାଙ୍କପାଇଁ ଓ ରସୁଲଙ୍କ ସକାଶେ ଲୁଣ୍ଠନକରୁ କିନ୍ତୁ ଆଲ୍ଲାଙ୍କୁ ଭୟ କରୁଁ । (ମଂ୨/ସି·୯/ସୂ·୮/ଆ·୧)

ସମୀକ୍ଷକ:- ଯେଉଁମାନେ ଲୁଣ୍ଠନ କରିବେ ବା କରାଇବେ, ଡାକୁକାମ କରିବେ ଓ କରାଇବେ ପୁଣି ନିଜକୁ ଖୁଦା, ପୈଗମ୍ବର ଓ ଧାର୍ମିକ ବୋଲି ପରିଚୟ ଦେବେ ତେବେ ତାଠାରୁ ବଳି

ଲଜ୍ଜାର ବିଷୟ ଆଉ କଣ ଥାଇପାରେ ? ଏଣେ ଡକାୟତି କରିବାପାଇଁ ଉପଦେଶ ଦିଆଯାଉଛି, ତେଣେ ଖୁଦାଙ୍କୁ ଭୟକରିବାପାଇଁ କୁହାଯାଉଛି,ପୁଣି ନିଜ ଧର୍ମକୁ ହିଁ ଉତ୍ତମ ବୋଲି କୁହାଯାଉଛି, ଏଥିପାଇଁ ସାମାନ୍ୟ ଲଜ୍ଜାମଧ୍ୟ ଅନୁଭବ ନ କରିବା ବିଚିତ୍ର କଥା ନୁହେଁକି ? ଯେଉଁମାନେ ହଠକରି ସତ୍ୟ ବୈଦିକଧର୍ମ ଗ୍ରହଣ କରନ୍ତି ନାହିଁ ସେମାନଙ୍କଠାରୁ ଅଧିକ ଖରାପ ଆଉ କିଏ ଥାଇପାରେ ? ॥ ୭୮ ॥

୭୯- ଅନ୍ୟ ଧର୍ମାବଲମ୍ବୀମାନଙ୍କ ମୁଣ୍ଡକୁ କାଟିଦିଅ । ମୋପାଖରେ ଯେଉଁ ହଜାର ହଜାର ଦୂତ ଅଛନ୍ତି ସେମାନଙ୍କ ସହିତ ମୁଁ ତୁମକୁ ସାହାଯ୍ୟ କରିବି । ବିଧର୍ମୀମାନଙ୍କ ହୃଦୟରେ ଭୟ ମଧ୍ୟ ସୃଷ୍ଟି କରାଇବି । ବାସ୍,ତୁମେ ସେମାନଙ୍କ ମୁଣ୍ଡ ହାଣିଦିଅ ଓ ଆଙ୍ଗୁଠି ଟିପକୁ ମଧ୍ୟ କାଟିଦିଅ । (ମଂ୨/ସି·୯/ସୂ·୮/ଆ·୭/୯/୧୨)

ସମୀକ୍ଷକ:- ବାଃ ବାଃ ! ଖୁଦା ଓ ପୈଗମ୍ବର ଦୁହେଁ ସତରେ କେତେ ନିର୍ଦ୍ଦୟ । ମୁସଲମାନ ଧର୍ମ ବିପରୀତ ଅନ୍ୟ ଧର୍ମାବଲମ୍ବୀଙ୍କ ଶିରଚ୍ଛେଦନପାଇଁ ଆଦେଶ ଦେଇଛନ୍ତି । ଗର୍ଦ୍ଦନ ଉପରେ ମାଡ଼ଦେବା, ଗୋଡ଼ ହାତର ଯୋଡ଼ସ୍ଥାନକୁ କାଟିବାପାଇଁ ଉପଦେଶ ଓ ସାହାଯ୍ୟ ସମ୍ମତି ଦେଇ ଥିବାରୁ ଖୁଦାତ ରାକ୍ଷସରାଜ ରାବଣଠାରୁ କୌଣସି ଗୁଣରେ କମ୍ ନୁହନ୍ତି । ବୋଧହୁଏ ଖୁଦା ଏପରି କ୍ରୁର ଆଦେଶ ଦେଇ ନଥିବେ, କେବଳ କୋରାନ୍ ଲେଖକଙ୍କ ଏସବୁ କପୋଳକଳ୍ପିତ ବିଷୟ ହୋଇଥିବ ।ପ୍ରକୃତରେ ଖୁଦା ଯଦି ଏପରି ଆଦେଶ ଦେଇଥାନ୍ତି, ତେବେ ଏପରି ଖୁଦାଙ୍କଠାରୁ ଆମେ ସର୍ବଦା ଦୂରେଇହୋଇ ରହିବାକୁ ଗୁହୁଁ ॥ ୭୯ ॥

୮୦- ଆଲ୍ଲା ମୁସଲମାନ୍‌ମାନଙ୍କ ସାଥିରେ ହିଁ ରହିଛନ୍ତି । ହେ ଲୋକମାନେ ! ଯେଉଁମାନେ ବିଶ୍ୱସ୍ତ ସେମାନେ ଆଲ୍ଲା ଓ ରସୁଲଙ୍କପାଇଁ ଡାକରାକୁ ସ୍ୱୀକାର କର । ହେ ଲୋକମାନେ ! ତୁମ୍ଭେ ଯେଉଁମାନେ ବିଶ୍ୱସ୍ତ, ସେମାନେ ଆଲ୍ଲାଙ୍କର ଓ ରସୁଲଙ୍କର ଚୋରି କର ନାହିଁ, ପୁଣି ନିଜ ଅମାନତକୁ ମଧ୍ୟ ଚୋରି କରନାହିଁ । ଆଲ୍ଲା ଛଳନା କରୁଛନ୍ତି, ପୁଣି ଉତ୍ତମ ଛଳନାକାରୀ ଲୋକର ଆଲ୍ଲା ଅଟନ୍ତି ।

(ମଂ୨/ସି·୯/ସୂ·୮/ଆ·୧୯/୨୪/୨୭/୩୦)

ସମୀକ୍ଷକ:- ପ୍ରକୃତରେ ଆଲ୍ଲା ଯଦି ମୁସଲମାନମାନଙ୍କ ପକ୍ଷପାତୀ, ତେବେ ସେ ଅନ୍ୟାୟକାରୀ ଅଟନ୍ତି । ଯେଣୁ ଈଶ୍ୱର ହେଉଛନ୍ତି ସମସ୍ତଙ୍କର, କୌଣସି ସମ୍ପ୍ରଦାୟବିଶେଷର

ନୁହନ୍ତି । ଖୁଦାଙ୍କୁ ଉଚ୍ଚସ୍ୱରରେ ନ ଡାକିଲେ ସେ କଣ ଶୁଣନ୍ତି ନାହିଁ । ତେବେ ସେ କଣ କାଲ ? ତାଙ୍କ ସହିତ ରସୁଲଙ୍କୁ ସମାନ କରିବା ଉଚିତ ନୁହେଁ । ଆଲ୍ଲାଙ୍କର ଏପରି କି ରତ୍ନଭଣ୍ଡାର ଅଛି ଯେ ସେ ଚୋରକୁ ଭୟ କରନ୍ତି ? ତେବେ ଆଲ୍ଲା ଓ ରସୁଲଙ୍କ ଧନକୁ ଛାଡ଼ି ଅନ୍ୟମାନଙ୍କର ଧନ ଚୋରିକରିବା ନ୍ୟାୟସଙ୍ଗତ କି ? କେବଳ ଅଧର୍ମୀ ଓ ଅବିଦ୍ୱାନ୍‌ମାନେ ଏପରି ଉପଦେଶ ଦେଇଥାନ୍ତି । ଯେ ଛଳକରେ ଓ ଛଳନାକାରୀର ସଙ୍ଗୀ,ସେପରି ଖୁଦା ଛଳନାକାରୀ,କପଟୀ ଓ ଅଧର୍ମୀ କାହିଁକି ନ ହେବେ ? ଏସବୁ କଥାରୁ ଜଣାଯାଏ ଯେ କୋରାନ୍ ଈଶ୍ୱରକୃତ ନୁହେଁ. କୌଣସି କପଟୀଲୋକ ହେଉଛି ଏହାର ରଚୟିତା । ନୋହେଉ ଏପରି ନିରର୍ଥକ କଥା ଏଥିରେ ଲେଖାଯାଇ ନ ଥାଆନ୍ତା ॥ ୮୦ ॥

୮୧- ନାସ୍ତିକମାନଙ୍କର ବଳହାନି ହେବାପର୍ଯ୍ୟନ୍ତ ଓ ଆଲ୍ଲାଙ୍କର ଧର୍ମ ସର୍ବତ୍ର ପ୍ରସାରିତ ହେବାପର୍ଯ୍ୟନ୍ତ ଯୁଦ୍ଧ କର । ପୁଣି ଏକଥା ମଧ୍ୟ ଜାଣି ରଖ ଯେ, ତୁମ୍ଭେ ଯାହା ସବୁ ଲୁଣ୍ଠନ କରୁଛ ତା କେବଳ ଆଲ୍ଲାଙ୍କପାଇଁ କରୁଛ । ତହିଁରୁ ପାଞ୍ଚଭାଗରୁ ଭାଗେ ଆଲ୍ଲା ଓ ରସୁଲଙ୍କର ବୋଲି ଜାଣିବ ।   (ମଂ.୨/ସି.୯/ସୂ.୮/ଆ.୩୯/୪୧)

ସମୀକ୍ଷକ:- ଏପରି ଅନ୍ୟାୟ ଭାବରେ ଲଢ଼ିବା ଓ ଲଢ଼ାଇବା ମୁସଲମାନ ଖୁଦାଙ୍କଠାରୁ ଅଧିକ ଶାନ୍ତିଭଙ୍ଗକର୍ତ୍ତା ଆଉ କିଏ ହୋଇପାରେ ? ଏହି ଧର୍ମରେ ରସୁଲଙ୍କ ସଙ୍ଗରେ ଲୁଟିବାପାଇଁ ଓ ଡକାୟତି କରିବାପାଇଁ ଆଦେଶ ଦିଆଯାଇଛି । ପୁଣି ଚୋରି ଧନରୁ ଆଲ୍ଲା ଯେତେବେଳେ ଭାଗ ନେଉଛନ୍ତି ତେବେ ସେ ନିଜେ ଚୋରି ଦୋଷରେ ଭାଗିଦାର୍ କାହିଁକି ନ ହେବେ ? ଏହାଦ୍ୱାରା ତାଙ୍କ ଖୁଦାପଣିଆରେ ବାଧା ସୃଷ୍ଟି ହେଉଛି । ବଡ଼ ଆଶ୍ଚର୍ଯ୍ୟର କଥା ଏପରି ପୁସ୍ତକ,ଏପରି ଖୁଦା ଓ ଏପରି ପୈଗମ୍ବର ତଥା ଏପରି ଉପାଧି ସଂସାରରେ ସମସ୍ତ ପ୍ରକାର ଶାନ୍ତି ଭଙ୍ଗକରି ମନୁଷ୍ୟମାନଙ୍କୁ ଦୁଃଖ ଦେବାପାଇଁ କେଉଁଠାରୁ ଆସିଗଲେ ? ଏପରି ମତବାଦ ସଂସାରରେ ପ୍ରଚଳିତ ହୋଇନଥିଲେ ସଂସାର ଆନନ୍ଦ ଉଲ୍ଲାସରେ କାଳାତିପାତ କରୁଥାଆନ୍ତା ॥ ୮୧ ॥

୮୨- ତୁମ୍ଭେମାନେ ଯଦି ଦେଖୁଛ, ଯେତେବେଳେ ଦେବଗଣ ବିଧର୍ମୀ ଲୋକମାନଙ୍କୁ ହତ୍ୟାକଲେ, ସେମାନଙ୍କ ମୁହଁରେ ଓ ପିଠିରେ ପ୍ରହାରକଲେ, ପୁଣି ଜଳାପୋଡ଼ାର ପୀଡ଼ା

ଭୁଞ୍ଜୁଛ କି ବୋଲି ପଚାରିଲେ । ତେଣୁ ଆମେ ସେମାନଙ୍କ ପାପପାଇଁ ସମସ୍ତଙ୍କୁ ବିନାଶକଲୁ ପୁଣି ସେମାନଙ୍କ ଲୋକମାନଙ୍କୁ ଜଳମଗ୍ନ କରିଦେଲୁ । ତୁମ୍ଭେମାନେ ଯେତେଦୂର ପାର ସେମାନଙ୍କ ବିରୋଧରେ ପ୍ରସ୍ତୁତ ହୁଅ ।   (ମଂ୨/ସି.୯/ସୂ.୮/ଆ.୫୦/୫୪/୬୦)

ସମୀକ୍ଷକ:- ଆଜିକାଲି ରୁଷ୍ ରୋମ୍ ପ୍ରଭୃତିର ଓ ଇଲଣ୍ଡ ମିଶର୍ ପ୍ରଭୃତିର ପ୍ରଭୂତ କ୍ଷତି ସାଧନ କଲା, ଯେତେବେଳେ ଆଲ୍ଲା ଓ ତାଙ୍କ ଅନୁଚରବର୍ଗ ସେମାନଙ୍କୁ ସାହାଯ୍ୟ କରିପାରିଲେ ନାହିଁ । ସେମାନେ ସତରେ କଣ ଶୋଇପଡ଼ିଥିଲେ ? ପୂର୍ବେ ଆଲ୍ଲା ତାଙ୍କର ଭକ୍ତମାନଙ୍କ ଶତ୍ରୁମାନଙ୍କୁ ନିଆଁରେ ପୋଡ଼ି,ଜଳରେ ବୁଡ଼ାଇ ବଧ କରିଥିଲେ । ପ୍ରକୃତରେ ଏହା ଯଦି ସତ ହୋଇଥାନ୍ତା ତେବେ ଆଜି କାହିଁକି ସେପରି କାର୍ଯ୍ୟ ଘଟୁ ନାହିଁ ? ତେଣୁ ଏହା କଦାପି ବିଶ୍ୱାସଯୋଗ୍ୟ ହୋଇନପାରେ । " ତୁମ୍ଭେମାନେ ଯେତେ ପାରୁଛ ଅନ୍ୟଧର୍ମର ଲୋକମାନଙ୍କ ଅନିଷ୍ଟକର ", ଏହାମଧ୍ୟ ହେଉଛି ଏକ ଘୃଣ୍ୟ ଓ ନିନ୍ଦନୀୟ ପରାମର୍ଶ । ଏପରି ଆଦେଶ କୌଣସି ଦୟାଳୁ,ବିଦ୍ୱାନ୍ ଓ ଧାର୍ମିକ ଲୋକମଧ୍ୟ କେବେ ଦେଇପାରିବ ନାହିଁ । ତଥାପି କୋରାନ୍‌ରେ କୁହାଯାଇଛି ଖୁଦା ଦୟାଳୁ ଓ ନ୍ୟାୟକାରୀ । ବିଚାରକରିବାକୁ ଗଲେ ମୁସଲମାନ୍‌ମାନଙ୍କ ଖୁଦା ନ୍ୟାୟ ଓ ଦୟାଠାରୁ ବହୁଦୂରରେ ରହିଛନ୍ତି ॥ ୮୨ ॥

୮୩- ହେ ପୈଗମ୍ବର ! ତୁମପକ୍ଷରେ ତଥା ତୁମ ଧର୍ମାବଲମ୍ବୀଙ୍କ ପକ୍ଷରେ ଆଲ୍ଲା ଅଛନ୍ତି । ମୁସଲମାନ୍‌ମାନଙ୍କୁ ତୁମେ ଯୁଦ୍ଧରେ ନିୟୋଜିତ କର, ତୁମ ଦଳରୁ କୋଡ଼ିଏ ଜଣ ଲୋକ ଦୁଇଶହ ଲୋକଙ୍କୁ ପରାଜିତ କରି ଦିଅନ୍ତୁ । ବାସ୍ ! ଲୁଣ୍ଠନ କରିଥିବା ବସ୍ତୁକୁ ଖାଅ । ତୁମ୍ଭେମାନେ ଯାହା ଉପାର୍ଜନକର, ପୁଣି ଯାହା ନ୍ୟାୟ ଓ ଧର୍ମସଙ୍ଗତ ତାହାକୁ ଖାଅ । ଆଲ୍ଲା ଅତ୍ୟନ୍ତ କୃପାଳୁ ଓ କ୍ଷମାଶୀଳ ଅଟନ୍ତି, ତେଣୁ ତାଙ୍କୁ ଭକ୍ତି କର ।

(ମଂ୨/ସି.୧୦/ସୂ.୮/ଆ.୬୪/୬୫/୬୯)

ସମୀକ୍ଷକ:- ଯେତେ ଅନ୍ୟାୟ କରୁନା କାହିଁକି, ନିଜ ଲୋକ ବୋଲି ତାକୁ ସମର୍ଥନ କରିବା ଏହା କଦାପି ନ୍ୟାୟସଙ୍ଗତ ହୋଇନପାରେ । ଯେ ଲୁଟପାଟକରି ଧନ ଅପହରଣ କରେ, ଶାନ୍ତି ଭଙ୍ଗକରି ଯୁଦ୍ଧ କରେ, ଓ ଲୁଣ୍ଠିତ ପଦାର୍ଥକୁ ପବିତ୍ର ବୋଲି କହେ, ସେପରିବ୍ୟକ୍ତିକୁ ଦୟାଳୁ ବା କ୍ଷମାଶୀଳ ବୋଲି କୁହାଯାଏ ନାହିଁ । ଈଶ୍ୱରଙ୍କ କଥା ଛାଡ଼, କୌଣସି ସଜ୍ଜନ ଲୋକମଧ୍ୟ ଏପରିକର୍ମ କରିବ ନାହିଁ । ଏପରିକଥା ଲେଖାଥିବା ଯୋଗୁଁ

କୋରାନ୍ କଦାପି ଈଶ୍ୱରକୃତ ନୁହେଁ ॥ ୮୩ ॥

୮୪- ଆଲ୍ଲାଙ୍କ ନିକଟରେ ଯେ ରହିପାରେ ସେ ହେଉଛି ପୁଣ୍ୟାତ୍ମା । ହେ ଲୋକମାନେ ! ବାପ,ମା,ଆ,ଭାଇ ଓ ବନ୍ଧୁ ହେଲେ ମଧ୍ୟ ସେମାନେ ଯଦି ଧର୍ମପ୍ରତି ବିଶ୍ୱାସ ରଖୁନାହାନ୍ତି ତେବେ ସେମାନଙ୍କୁ ନିଜ ନିକଟରେ ରଖ ନାହିଁ । ପୁଣି ଆଲ୍ଲା ନିଜ ଉପରେ,ରସୁଲଙ୍କ ଉପରେ, ଓ ତୁମଉପରେ ସନ୍ତୁଷ୍ଟ ହୋଇ ସେନା ପଠାଇ ନାସ୍ତିକମାନଙ୍କୁ ସଜା ଦେଉଥିଲେ । ଯେଉଁମାନେ ବିଶ୍ୱସ୍ତ ନୁହନ୍ତି, ସେହିମାନଙ୍କ ବିରୁଦ୍ଧରେ ତୁମେ ଲଢ଼େଇ କର । ଆଲ୍ଲା ପୁଣି ଉପରୁ ଆସିବେ ।

(ମଂ୨/ସି·୧୦/ସୂ·୯/ଆ·୨୨/୨୩/୨୬/୨୭/୨୯)

ସମୀକ୍ଷକ:- ସ୍ୱର୍ଗବାସୀଙ୍କ ନିକଟରେ ଆଲ୍ଲା ରହୁଥିବାରୁ ସେ ସର୍ବବ୍ୟାପକ ନୁହନ୍ତି । ଯେ ସର୍ବବ୍ୟାପକ ନୁହନ୍ତି ସେ ସୃଷ୍ଟିକର୍ତ୍ତା ବା ଜଗତର ବିଶ୍ୱପତି ହୋଇ ନ ପାରନ୍ତି । ନିଜର ପିତା-ମାତା,ଭାଇ ଓ ବନ୍ଧୁଙ୍କୁ ପରିତ୍ୟାଗକରିବାପାଇଁ ଉପଦେଶ ଦେବା ପଶୁପ୍ରବୃତ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ । ଯଦି ସେମାନେ ଖରାପ ଉପଦେଶ ଦିଅନ୍ତି ତେବେ ତାକୁ ପାଳନ କରିବା ଉଚିତ ନୁହେଁ । ବରଂ ସେମାନଙ୍କର ସେବା କରିବା ଉଚିତ । ଆଲ୍ଲା ଯଦି ମୁସଲମାନମାନଙ୍କ ଉପରେ ସନ୍ତୁଷ୍ଟ ଥିଲେ ପୁଣି ସେମାନଙ୍କପାଇଁ ସେନା ପଠାଉଥିଲେ ତେବେ ବର୍ତ୍ତମାନ କାହିଁକି ସେପରି କରୁନାହାନ୍ତି ? ଯେଉଁମାନେ ଆଲ୍ଲାଙ୍କୁ ମାନୁ ନାହାନ୍ତି ସେମାନଙ୍କୁ ଏବେ ସେ କାହିଁକି ଦଣ୍ଡ ଦେଉନାହାନ୍ତି ? ବିନା ଲଢ଼େଇରେ କେହି ଖୁଦାଙ୍କ ବିଶ୍ୱସ୍ତ ହୋଇପାରିବ ନାହିଁ ? ଏପରିହେଲେ ସେହି ଖୁଦାଙ୍କ ନିକଟରୁ ସର୍ବଦା ଦୂରେଇ ରହିବା ଆବଶ୍ୟକ । କାରଣ ସେ ପ୍ରକୃତରେ ଖୁଦା ନୁହନ୍ତି, ସେ ହେଉଛନ୍ତି ଜଣେ ଖେଳାଳୀ ॥ ୮୪ ॥

୮୫- ଆମ୍ଭେ ତୁମ୍ଭମାନଙ୍କପାଇଁ ରାସ୍ତା ଦେଖୁଛୁ । ଆମ୍ଭ ହାତରେ ଆଲ୍ଲାଙ୍କ ପାଖରେ ପହଞ୍ଚାଇଦେବୁ ।

(ମଂ୨/ସି·୧୦/ସୂ·୯/ଆ·୫୨)

ସମୀକ୍ଷକ:- ମୁସଲମାନ୍‌ମାନେ ଖୁଦା ସାହେବଙ୍କର ଜଣ ପୋଲିସ୍ ସିପାଇ ଯେ ସେମାନଙ୍କ ଦ୍ୱାରା ଅନ୍ୟଧର୍ମୀମାନଙ୍କୁ ସେ ଧରୁଛନ୍ତି ? ଲକ୍ଷ ଲକ୍ଷ ଶିଷ୍ଟ ଲୋକ ଖୁଦାଙ୍କର ପ୍ରିୟପାତ୍ର ହେଉନାହାନ୍ତି, ଅଥଚ ଯେତେବଡ଼ ଦୁଷ୍ଟ ଦୁରାଚାରୀ ହେଲେ ମଧ୍ୟ ମୁସଲମାନ୍‌ମାନେ

ତାଙ୍କ ଅନୁଗ୍ରହର ପାତ୍ର ହେଉଛନ୍ତି । ଜଣାଯାଏ ଖୁଦାଜଣେ ପକ୍ଷପାତୀ ଓ କ୍ରୁରଶାସକ ହୋଇଥିବେ । ଆଶ୍ଚର୍ଯ୍ୟର କଥା ବୁଦ୍ଧିମାନ୍ ମୁସଲମାନ୍‌ମାନେ ମଧ୍ୟ ଏପରି ଅନ୍ତଃସାରଶୂନ୍ୟ ଅଯୌକ୍ତିକ କଥାକୁ ସ୍ୱୀକାର କରୁଛନ୍ତି । ॥ ୮୫ ॥

୮୬-ମୁସଲମାନ ପୁରୁଷ ଓ ସ୍ତ୍ରୀମାନଙ୍କୁ ଉଦ୍ୟାନ ଦେବେ ବୋଲି ଖୁଦା ପ୍ରତିଜ୍ଞା କରିଛନ୍ତି । ଉଦ୍ୟାନତଳେ ନଦୀ ପ୍ରବାହିତ ହେଉଛି ପୁଣି ଉତ୍ତମ ଉଦ୍ୟାନରେ ଉତ୍ତମ ଉତ୍ତମ ପ୍ରାସାଦମାନ ଅଛି । ଆଲ୍ଲା ଅତି ପ୍ରସନ୍ନଭାବରେ ରହିଛନ୍ତି ଓ ସେଠାରେ କାମନାମଧ୍ୟ ସିଦ୍ଧି ହେଉଛି । ଯେଉଁମାନେ ତାଙ୍କର ଏ ଅନୁଗ୍ରହକୁ ଥଟ୍ଟା କରନ୍ତି, ଖୁଦା ସେମାନଙ୍କୁ ପରିତ୍ୟାଗ କରନ୍ତି ।

(ମଂ୨/ସି·୧୦/ସୂ·୯/ଆ/୭୨-୭୯)

ସମୀକ୍ଷକ:- ମହମ୍ମଦ ଆପଣା ସ୍ୱାର୍ଥ ସାଧନ ପାଇଁ ସ୍ତ୍ରୀ ଓ ପୁରୁଷମାନଙ୍କୁ ଖୁଦାଙ୍କ ନାମରେ ଏପରି ପ୍ରଲୋଭନ ଦେଖାଇଛନ୍ତି । ଏପରି ପ୍ରଲୋଭନ ନ ଦେଖାଇଲେ ତାଙ୍କ ଜାଲରେ କେହି ପଡ଼ିବେ ନାହିଁ । ଅନ୍ୟାନ୍ୟ ଧର୍ମପ୍ରବର୍ତ୍ତକମାନେ ମଧ୍ୟ ଏପରି ଜାଲ ବିଛାଇଛନ୍ତି । ମନୁଷ୍ୟମାନେ ପରସ୍ପର ମଧ୍ୟରେ ଥଟ୍ଟା ପରିହାସ କରିଥାନ୍ତି, କିନ୍ତୁ ଈଶ୍ୱର କେବେ କାହାକୁ ଥଟ୍ଟା କରନ୍ତି ନାହିଁ । ତେଣୁ ଏହି କୋରାନ ଗ୍ରନ୍ଥ ଏକ ଖେଳଘର ପରି ବୋଧ ହେଉଛି ॥ ୮୬ ॥

୮୭- କିନ୍ତୁ ରସୁଲ ଓ ଯେଉଁ ଲୋକମାନେ ବିଶ୍ୱାସ ରଖିଛନ୍ତି, ଜିହାଦ୍ ଅର୍ଥାତ୍ ଧର୍ମଯୁଦ୍ଧ କରିଛନ୍ତି, ପୁଣି ସେହି ଯୁଦ୍ଧପାଇଁ ଧନ-ଜୀବନ ଦେଇଛନ୍ତି, ତାହା ସେମାନଙ୍କ ପାଇଁ ଉତ୍ତମ । ଆଲ୍ଲା ସେମାନଙ୍କ ଉପରେ ମୋହର ମାରିଛନ୍ତି, କିନ୍ତୁ ସେମାନେ ସେକଥା ଜାଣନ୍ତି ନାହିଁ ।

(ମଂ୨/ସି·୧୦/ସୂ·୯/ଆ·୮୮/୯୩)

ସମୀକ୍ଷକ:- ସ୍ୱାର୍ଥସିଦ୍ଧି କରିବା କଥା ବିଚାରି ଦେଖନ୍ତୁ । ଯେଉଁମାନେ ମହମ୍ମଦ ସାହେବଙ୍କ ଉପରେ ବିଶ୍ୱାସ କରନ୍ତି ସେମାନେ ଭଲ, ଯେଉଁମାନେ ମାନନ୍ତି ନାହିଁ ସେମାନେ ହେଲେ ପାପୀ । ଏହାକଣ ବିଦ୍ୟାବିରୁଦ୍ଧ ଓ ପକ୍ଷପାତ ପୂର୍ଣ୍ଣ କଥା ନୁହେଁ ? ଖୁଦା ଯଦି ମୋହରପକାଇ ସେମାନଙ୍କ ହୃଦୟକୁ ମୁଦି ଦେଇଛନ୍ତି, ସେମାନଙ୍କ ଭଲମନ୍ଦ ବିଚାରଶକ୍ତିକୁ ଅବରୋଧ କରି ଦେଇଛନ୍ତି ତେବେ ସେମାନେ କରୁଥିବାପାପପାଇଁ କେବଳ ଖୁଦା ଦାୟୀ ହେବେ । ଏହା ଖୁଦାଙ୍କର ଜଘନ୍ୟ ଅନ୍ୟାୟ ବୋଲିବାକୁ ହେବ ॥ ୮୭ ॥

୮୮- ସେମାନଙ୍କ ଖଇରାତରୁ କିଛି ଧନ ନେଇ ତଦ୍ଦ୍ୱାରା ସେମାନଙ୍କୁ ପବିତ୍ର କର ଅର୍ଥାତ୍ ବାହାରପଟ ଗୁପ୍ତରୂପରେ ଶୁଦ୍ଧ କର । ତୁମେ ଯେଉଁ ପ୍ରାର୍ଥନା କରିବ ତାହାହିଁ ସେମାନଙ୍କ ମନରେ ଆଶ୍ୱାସନା ଦେବ । କେବଳ ମୁସଲମାନ୍‌ମାନଙ୍କ ନିକଟରୁ ଖୁଦା ଧନଜନ ଗ୍ରହଣ କରନ୍ତି, ସେମାନଙ୍କୁ ସ୍ୱର୍ଗଦେବେ ବୋଲି । ଯେଉଁମାନେ ଆଲ୍ଲାଙ୍କ ମାର୍ଗରେ ମରିବେ ବା ମାରିବେ ସେମାନଙ୍କପାଇଁ ସ୍ୱର୍ଗ ରଖାଯାଇଛି ।

(ମଂ୨/ସି·୧୧/ସୂ·୯/ଆ·୧୦୩/୧୧୧)

ସମୀକ୍ଷକ:- ବେଶ୍‌କଥା, ମହମ୍ମଦ ଏଠାରେ ଗୋକୁଳ ଗୋସାଇଁଙ୍କ ପରି କାମ କରିଛନ୍ତି । ଯେଉଁମାନେ ଗୋକୁଳ ଗୋସାଇଁଙ୍କୁ ଧନଜନ୍ ଦିଅନ୍ତି, ସେମାନେ ମୋକ୍ଷଲାଭ କରନ୍ତି । ମହମ୍ମଦ ସାହେବ ମଧ୍ୟ ଜଣେ ବିଚକ୍ଷଣ ବେପାରୀ, ଯେଣୁ ସେ ଦୀନହୀନ ଲୋକଙ୍କୁ ମୁସଲମାନ୍‌ମାନଙ୍କଦ୍ୱାରା ମରାଇ ନିଜର ଲାଭ ଉଠାନ୍ତି । ସେହି ଖୁଦା ପୁଣି ଅନାଥ ବାଳକ ବାଳିକାମାନଙ୍କୁ ହତ୍ୟାକରାଇ ଦୁରାଗ୍ରହୀ ମୁସଲମାନ୍‌ମାନଙ୍କୁ ସ୍ୱର୍ଗକୁ ନିଅନ୍ତି । ଏଣୁ ଖୁଦାଙ୍କର ଦୟା ଓ ନ୍ୟାୟ ରହିଲା କେଉଁଠି ? ବୁଦ୍ଧିମାନ୍‌ଲୋକେ କଦାପି ଏହାକୁ ପସନ୍ଦ କରିବେ ନାହିଁ ॥ ୮୮ ॥

୮୯- ହେ ଲୋକମାନେ ! ଏହି ଧର୍ମରେ ଯେଉଁମାନେ ବିଶ୍ୱାସ କରୁଛ, ତୁମ୍ଭମାନଙ୍କର ଯେଉଁ ପଡୋଶୀମାନେ ଏହି ଧର୍ମକୁ ମାନୁ ନାହାନ୍ତି, ସେମାନଙ୍କ ସହିତ ଯୁଦ୍ଧକର । ତୁମ ଯୁଦ୍ଧର କଠୋରତାକୁ ସେମାନେ ଦେଖନ୍ତୁ । ସେମାନେ ପ୍ରତିବର୍ଷ ଥରେ ଦୁଇଥର ଦୁଃଖକଷ୍ଟ ଭୋଗୁଥିଲେ ମଧ୍ୟ ସେମାନଙ୍କର ଚେତା ପଶୁନାହିଁ । ସେମାନେ ଫେରୁ ନାହାନ୍ତି ।

(ମଂ୨/ସି·୧୧/ସୂ·୯/ଆ·୧୨୩/୧୨୬)

ସମୀକ୍ଷକ:- ଖୁଦା ନିଜେ ମୁସଲମାନ୍‌ମାନଙ୍କୁ କିପରି ବିଶ୍ୱାସଘାତକତା ଶିକ୍ଷା ଦେଇଛନ୍ତି ଦେଖନ୍ତୁ । ପଡ଼ୋଶୀ ହେଉ, କୌଣସି ଅନୁଚର ବା ନୌକର ହେଉ ଅବସର ପାଇଲାମାତ୍ରେ ସେମାନଙ୍କୁ ଘାତ କର । କୋରାନ୍‌ରୁ ଏହି ଏହିକୁଶିକ୍ଷାପାଇ ମୁସଲମାନମାନେ ଜଗତରେ ହିଂସାକର୍ମ ଭିଆଉଛନ୍ତି । ଏ ଯୁଗର ଶିକ୍ଷା ସଭ୍ୟତାପାଇ ଏବେମଧ୍ୟ ସେମାନେ ଯଦି କୋରାନ୍ ଧର୍ମ ପରିତ୍ୟାଗ କରନ୍ତେ, ତେବେ ଜଗତର ଅଶେଷ ଉପକାର ହୁଅନ୍ତା ॥ ୮୯ ॥

୯୦- ତୁମର ଓ ତୁମପରିବାରାଦିର ଆଲ୍ଲା ହେଉଛନ୍ତି ଏକମାତ୍ର ପୋଷଣକାରୀ ଈଶ୍ୱର । ସେ ସ୍ୱର୍ଗ ମର୍ତ୍ତ୍ୟ ଏସବୁକୁ ଛଅଦିନରେ ତିଆରି କରିଛନ୍ତି । ତାପରେ ସମସ୍ତଙ୍କୁ ଶାସନ କରିବାପାଇଁ ଉପରେ ସିଂହାସନାରୂଢ଼ ହେଲେ । (ମଂ୩/ସି·/୧୧/ସୂ·୧୦ ଆ·୩)

ସମୀକ୍ଷକ:- ଆକାଶ ହେଉଛି ଏକ ମୌଳିକ ପଦାର୍ଥ, ଅନାଦି, ଅନନ୍ତ । କାହାଦ୍ୱାରା ତାହା ନିର୍ମିତ ହୋଇନାହିଁ । " ତାକୁ ତିଆରି କରାଯାଇଛି" ଏପରି ଲେଖିବାଦ୍ୱାରା କୋରାନ୍ କର୍ତ୍ତାଙ୍କୁ ପଦାର୍ଥ ବିଦ୍ୟା ଜଣା ନଥିବାର ଅନୁମିତ ହେଉଛି । ସ୍ୱର୍ଗ ଓ ପୃଥିବୀ ନିର୍ମାଣପାଇଁ ଆଲ୍ଲାଙ୍କୁ କିପରି ଛଅଦିନ ଲାଗିଲା ? ଯେଣୁ କୋରାନ୍‌ରେ କୁହାଯାଇଛି ଯେ, ସେ "ହେଉ" କହିବାମାତ୍ରକେ ସବୁ ହୋଇଗଲା । ଏଣୁ ଛଅଦିନ ଲାଗିବା କଥା ମିଛ । ଈଶ୍ୱର ଯଦି ସର୍ବବ୍ୟାପକ ତେବେ ସ୍ୱର୍ଗରେ ତାଙ୍କପାଇଁ ସିଂହାସନ କାହିଁକି ରହନ୍ତା ? କାମ କରିବାପାଇଁ ଯତ୍ନ କରୁଥିବାରୁ ଖୁଦା ମଧ୍ୟ ମନୁଷ୍ୟ ସଦୃଶ ହୋଇଥିବେ । କାରଣ ସର୍ବଜ୍ଞ କେବେ ଯତ୍ନ କରେ ନାହିଁ । ଈଶ୍ୱରଙ୍କୁ ଜାଣି ନଥିବା ଜଙ୍ଗଲୀ ଲୋକେ ଏସବୁ ରଚନା କରିଥିବାର ଅନୁମିତ ହୁଏ ॥ ୯୦ ॥

୯୧- ଶିକ୍ଷା ଓ ଦୟା କେବଳ ମୁସଲମାନ୍‌ମାନଙ୍କ ପାଇଁ ।

(ମଂ୩/ସି·୧୧/ସୂ·୧୦/ଆ·୫୭)

ସମୀକ୍ଷକ:- ତେବେ ଖୁଦା କଣ କେବଳ ମୁସଲମାନ୍‌ମାନଙ୍କର ? ଅନ୍ୟ କାହାରି ନୁହନ୍ତି ? ପୁଣି ସେହିମାନଙ୍କୁ କେବଳ ଶିକ୍ଷା ଦିଅନ୍ତି ଓ ଦୟା ମଧ୍ୟ କରନ୍ତି ? ଯଦି ମୁସଲମାନ୍‌ର ଅର୍ଥ ଈଶ୍ୱରବିଶ୍ୱାସୀ ବୋଲି କୁହାଯାଏ, ତେବେ ସେମାନଙ୍କୁ ଶିକ୍ଷାଦେବାର କୌଣସି ଆବଶ୍ୟକତା ନାହିଁ । ଯଦି ମୁସଲମାନ୍‌ମାନଙ୍କ ବ୍ୟତୀତ ଅନ୍ୟମାନଙ୍କପାଇଁ ଉପଦେଶ ଉଚିତ୍ତ ନୁହେଁ, ତେବେ ସେପରି ଈଶ୍ୱରଙ୍କଠାରେ ମନୁଷ୍ୟର କି ପ୍ରୟୋଜନ ? ॥ ୯୧ ॥

୯୨- ତୁମ୍ଭମାନଙ୍କ ମଧ୍ୟରୁ କିଏ ଭଲ କାମ କରୁଛି ତାହା ପରୀକ୍ଷାକରି ଦେଖାଯିବ । ଯଦି ତୁ ପ୍ରମାଣିତ ହେଉ, ତେବେ ମୃତ୍ୟୁପରେ ତୋତେ ଉଠାଇ ଦିଆଯିବ ।

(ମଂ୩/ସି·୧୨/ସୂ·୧୧/ଆ·୭)

ସମୀକ୍ଷକ:- ସେ ଯଦି ତୁମକାମକୁ ପରୀକ୍ଷା କରନ୍ତି ତେବେ ସେ ସର୍ବଜ୍ଞ ନୁହନ୍ତି । ମୃତ୍ୟୁପରେ ସେ ଯେଉଁମାନଙ୍କୁ ଉଠାନ୍ତି,ସେମାନେ ସ୍ୱଳ୍ପଦିନପାଇଁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ

କଣ ସୁହିଁ ରହିଥାନ୍ତି ? ମୃତବ୍ୟକ୍ତିଙ୍କି ପୁଣି ବଞ୍ଚାଇଦେବା, ଏହା ନିୟମବିରୁଦ୍ଧ କାର୍ଯ୍ୟ ନୁହେଁକି ? ଈଶ୍ୱର ନିଜ ରଚିତ ନିୟମକୁ ନିଜେ ପୁଣି ଭଙ୍ଗ କରନ୍ତି କି ? ୯୨ ॥

୯୩- କୁହାଗଲା ହେ ପୃଥିବୀ ! ତୋ ପାଣି ତୁ ନିଜେ ଶୋଷି ନେ, ହେ ଆକାଶ ! ତୁ ରହିଯା, ପାଣି ଶୁଖିଗଲା । ହେ ମୋର ଜାତି ! ଆଲ୍ଲାଙ୍କର ଏହି ମାଈ ଓଟଟାକୁ ତୁମ୍ଭେମାନେ ଦେଖ ।ଏହାକୁ ଆଲ୍ଲାଙ୍କର ପୃଥିବୀରେ ଚରିବାପାଇଁ ଛାଡି ଦିଅ ।

(ମଂ୩/ସି·୧୨/ସୂ·୧୧/ଆ·୪୪/୬୪)

ସମୀକ୍ଷକ:- ଏ ସବୁ ପିଲା ଖେଳ କି ? ଆକାଶ ଓ ପୃଥିବୀ କେବେ କାହାର କଥା ଶୁଣି ପାରିବେ କି ? ଆରେ ବାଃ ! ଖୁଦାଙ୍କର ମଧ୍ୟ ମାଈ ଓଟ ଅଛି, ତେବେ ଅଣ୍ଡିରା ଓଟ ମଧ୍ୟ ନିଶ୍ଚୟ ଥିବ ? ହାତୀ, ଘୋଡ଼ା, ଗଧ ପ୍ରଭୃତି ମଧ୍ୟଥିବେ ? ଓଟକୁ ଚରାଇ ଲୋକଙ୍କ କ୍ଷେତ ଖୁଆଇଦେବା କଦାପି ଭଲକଥା ନୁହେଁ । ଆଲ୍ଲାମଧ୍ୟ ଓଟ ଚଢୁଥିବେ ? ତେବେ ତାଙ୍କର ମଧ୍ୟ ନବାବୀ କାଇଦା ଥିଲାବୋଲି କହିବାକୁ ହେବ ॥ ୯୩ ॥

୯୪- ଯେ ପର୍ଯ୍ୟନ୍ତ ଆକାଶ ଓ ପୃଥିବୀ ରହିଛି ସେପର୍ଯ୍ୟନ୍ତ ଏଠାକାର ବାସିନ୍ଦାମାନେ ରହିବେ । ସୌଭାଗ୍ୟବାନ୍ ସ୍ୱର୍ଗରେ ରହିବେ, ଯେପର୍ଯ୍ୟନ୍ତ ପୃଥିବୀ ଓ ଆକାଶ ରହିଥିବ !

(ମଂ୩/ସି·୧୨/ସୂ·୧୧/ଆ·୧୦୭/୧୦୮)

ସମୀକ୍ଷକ:- ଯଦି ପ୍ରଳୟପରେ ସମସ୍ତ ପ୍ରାଣୀ ସ୍ୱର୍ଗ ବା ନରକକୁ ଯିବେ, ତେବେ ପୃଥିବୀ ଓ ଆକାଶ ରହିବା କି ଆବଶ୍ୟକ ? ଯଦି ଆକାଶ ଓ ପୃଥିବୀ ଥିବା ପର୍ଯ୍ୟନ୍ତ ସ୍ୱର୍ଗ ଓ ନରକ ରହିବ ତେବେ ସବୁଦିନପାଇଁ ସ୍ୱର୍ଗ ବା ନରକରେ ରହିବା କଥା ମିଥ୍ୟା ବା ଅମୂଳକ ହୋଇଯିବ । ଏପରିକଥା ଈଶ୍ୱର ବା କୌଣସି ବିଦ୍ୱାନ୍ କେବେହେଁ ଲେଖି ନାହାନ୍ତି ॥ ୯୪ ॥

୯୫- ୟୁସୁଫ୍ ଦିନେ ନିଜ ପିତାଙ୍କୁ କହିଲେ...... ହେପିତା ! ମୁଁ ଏକ ସ୍ୱପ୍ନରେ ଦେଖିଲି.......

(ମଂ୩/ସି·୧୨/ସୂ·୧୨/ଆ·୪ରୁ୫)

ସମୀକ୍ଷକ:- ଏହି ପ୍ରକରଣରେ ପିତାପୁତ୍ରଙ୍କ ସମ୍ବାଦରୂପୀ କାହାଣୀ ଭରପୂର ହୋଇ ରହିଛି । ଏଣୁ କୋରାନ୍ ଈଶ୍ୱରଙ୍କଦ୍ୱାରା ରଚିତ ନୁହେଁ । କୌଣସି ଜଣେ ମନୁଷ୍ୟ ଅନ୍ୟ ମନୁଷ୍ୟର ଇତିହାସ ଲେଖିଦେଇଛି ॥ ୯୫ ॥

୯୬- ବିନା ଖମ୍ବରେ ଏହି ଆକାଶକୁ ଯେ ରଖାଇପାରିଛନ୍ତି, ସେହି ଆକାଶକୁ ତୁମେ ଦେଖୁଛ । ତାହାର କର୍ତ୍ତା ହେଉଛନ୍ତି ଆଲ୍ଲା । ପୁଣି ଉପରେ ସିଂହାସନରେ ବସି ସୂର୍ଯ୍ୟ ଚନ୍ଦ୍ରଙ୍କୁ ଆଦେଶ ଦେଉଛନ୍ତି । ପୃଥିବୀକୁ ସେହିଁ ବିସ୍ତାରିତ କରିଛନ୍ତି । ଆକାଶରୁ ଯଥେଷ୍ଟ ପାଣି ପଠାଇ ନିଜ ଇଚ୍ଛା ଅନୁସାରେ ନଦୀନାଳ ପ୍ରବାହିତ କରୁଛନ୍ତି । ଖୁଦା ହେଉଛନ୍ତି ମୁକ୍ତହସ୍ତ, ଯାହାକୁ ଚାହାନ୍ତି ତାହାକୁ ଭୋଜନ ଦିଅନ୍ତି ପୁଣି ଯାହାକୁ ଦୁଃଖ ଦେବାକଥା ଦିଅନ୍ତି ।

(ମଂ୩/ସି·୧୩/ସୂ·୧୩/ଆ·୨/୩/୧୭/୨୬)

ସମୀକ୍ଷକ:- ଖୁଦା ସାହେବ ପଦାର୍ଥବିଦ୍ୟା କିଛି ଜାଣି ନଥିଲେ । ଯଦି ଜାଣିଥାନ୍ତେ ଆକାଶକୁ ଖମ୍ବଉପରେ ରଖିବାକଥା କହିନଥାନ୍ତେ । ସ୍ୱର୍ଗର କୌଣସି ସ୍ଥାନ ବିଶେଷରେ ଖୁଦାଯଦି ରହନ୍ତି ତେବେ ସେ ସର୍ବବ୍ୟାପକ ବା ସର୍ବଶକ୍ତିମାନ୍ ନୁହନ୍ତି । ଖୁଦା ଯଦି ମେଘ ବିଦ୍ୟା ଜାଣି ଥାଆନ୍ତେ ତେବେ ଆକାଶରୁ ପାଣି ଆସିବା କଥା ଲେଖିବା ସଙ୍ଗେ ସଙ୍ଗେ, ଆକାଶକୁ ପୁଣି ପାଣି ଉଠିଯିବା କଥା ଲେଖି ଥାଆନ୍ତେ । ଯଦି ସେ ପାତ୍ରାପାତ୍ର ବିଚାର ନ କରି ନିଜ ଇଚ୍ଛାନୁସାରେ କାହାକୁ ସୁଖ ବା କାହାକୁ ଦୁଃଖ ଦେଉଥାନ୍ତି, ତେବେ ସେ ନିଶ୍ଚୟ ପକ୍ଷପାତୀ ଓ ଅନ୍ୟାୟକାରୀ ଅଟନ୍ତି ॥ ୯୬ ॥

୯୭- ଆଲ୍ଲା ଯାହାକୁ ଚାହାନ୍ତି ତାକୁ ନିଶ୍ଚୟ ପଥଭ୍ରଷ୍ଟ କରାନ୍ତି । ପୁଣି ଯହାକୁ ଭଲପାଆନ୍ତି ତାକୁ ସତ୍ପଥ ପ୍ରଦର୍ଶନ କରନ୍ତି ।

(ମଂ୩/ସି·୧୩/ସୂ·୧୩/ଆ·୨୭/)

ସମୀକ୍ଷକ:- ପ୍ରକୃତରେ ଆଲ୍ଲା ଯଦି ପଥଭ୍ରଷ୍ଟ କରାଉଥାନ୍ତି ତେବେ ସଇତାନ୍ ଓ ତାଙ୍କମଧ୍ୟରେ କୌଣସି ପ୍ରଭେଦ ନାହିଁ । ସଇତାନ୍ ପଥଭ୍ରଷ୍ଟ କରାଉଥିବାରୁ ତାକୁ ଖରାପବୋଲି କୁହାଯାଉଛି । ଖୁଦା ସେହି କାମ କରାଉଥିବାରୁ ତାଙ୍କୁ କାହିଁକି ଖରାପ ବୋଲି କୁହା ନ ଯିବ ? ପୁଣି ପଥଭ୍ରଷ୍ଟ କରାଇ ପାପ ଅର୍ଜନ କରୁଥିବାରୁ ନରକଗାମୀ କାହିଁକି ବା ନହେବେ ? ॥ ୯୭ ॥

୯୮- ଏହିପରି ଆମ୍ଭେ ଏହି କୋରାନ୍‌କୁ ଆର୍ବୀ ଭାଷାରେ ଉପରୁ ଆଣିଛୁ । ଏହି ବିଦ୍ୟା ତାଙ୍କ ଇଚ୍ଛା ରୂପରେ ତୋ ପାଖକୁ ଆସିଛି । ଏହି ଜ୍ଞାନ ପାଇଲାପରେ ମଧ୍ୟ ତୁମ୍ଭେମାନେଯଦି ସେମାନଙ୍କ ଇଚ୍ଛାନୁସାରେ ଚାଲିବ ତେବେ ତୁମ୍ଭମାନଙ୍କୁ ଖୁଦାଙ୍କ ବିରୋଧରେ କେହି ରକ୍ଷା କରିପାରିବ ନାହିଁ ।

(ମଂ୩/ସି·୧୩/ସୂ·୧୩/ଆ·୩୭/୪୦)

ସମୀକ୍ଷକ:- ଖୁଦା ଯଦି ଆକାଶ ଉପରେ ସ୍ୱର୍ଗରେ ରହନ୍ତି ତେବେ ସେ ସେହି କୋରାନ୍ ଗ୍ରନ୍ଥକୁ କିପରିଭାବେ ଏଠାକୁ ପଠାଇଲେ । ଖୁଦା ଏକଦେଶୀ ହୋଇଥିବାରୁ ସେ ଈଶ୍ୱର ହୋଇପାରିବେ ନାହିଁ । କାରଣ ଈଶ୍ୱର ହେଉଛନ୍ତି ସର୍ବ ବ୍ୟାପକ । ସନ୍ଦେଶ ପହଞ୍ଚାଇବା ସନ୍ଦେଶ ବାହକର କାମ । ଯେ ମନୁଷ୍ୟମାନଙ୍କପରି ଏକଦେଶୀ ତାର ସନ୍ଦେଶବାହକ ଆବଶ୍ୟକ । ହିସାବନେବା ମଧ୍ୟ ମନୁଷ୍ୟର କାମ । ଈଶ୍ୱର କେବେ ଏପରି କାର୍ଯ୍ୟ କରନ୍ତି ନାହିଁ । ଯେଣୁ ସେ ହେଉଛନ୍ତି ସର୍ବଜ୍ଞ । ଏଥିରୁ ଜଣାପଡୁଛି ଯେ କୌଣସି ଅଳ୍ପଜ୍ଞ ବ୍ୟକ୍ତି ଜଣେ କୋରାନ୍‌କୁ ଲେଖିଛନ୍ତି ॥ ୯୮ ॥

୯୯- ପୁଣି ସେ ଆଜ୍ଞା ଦେଲେ ଯେ ଚନ୍ଦ୍ରସୂର୍ଯ୍ୟ ସର୍ବଦା ଭ୍ରମଣ କରୁଥିବେ । ମନୁଷ୍ୟମାତ୍ରକେ ଅବଶ୍ୟ ପାପୀ ଓ ଅନ୍ୟାୟକାରୀ ହେବେ ।

(ମଂ୩/ସି·୧୩/ସୂ·୧୪/ଆ·୩୩/୩୪)

ସମୀକ୍ଷକ:- କେବଳ ଚନ୍ଦ୍ର ଓ ସୂର୍ଯ୍ୟ ନୁହେଁ, ପୃଥିବୀ ମଧ୍ୟ ସର୍ବଦା ଭ୍ରମଣ କରୁଛି । ପୃଥିବୀ ନ ବୁଲିଲେ କେତେ ବର୍ଷରେ ଥରେ ଦିନ ଓ ରାତି ହୁଅନ୍ତା । ମନୁଷ୍ୟମାତ୍ରକେ ଯଦି ପାପୀ ତେବେ ତାକୁ କୋରାନ୍ ଶିକ୍ଷା ଦେବା କଣ ଦରକାର ? କାରଣ ପାପ କରିବା ଯାହାର ସ୍ୱଭାବ, ସେ କଦାପି ପୁଣ୍ୟାତ୍ମା ହୋଇପାରିବ ନାହିଁ ! ସଂସାରରେ ସବୁବେଳେ ପୁଣ୍ୟାତ୍ମା ଓ ପାପାତ୍ମା ଦେଖାଯାଇଥାନ୍ତି । ତେଣୁ ଏହା କଦାପି ଈଶ୍ୱରକୃତ ଗ୍ରନ୍ଥ ନୁହେଁ ॥ ୯୯ ॥

୧୦୦- ବାସ୍, ମୁଁ ତାକୁ ଠିକ୍ କରି, ତାହାମଧ୍ୟରେ ଆତ୍ମାକୁ ଯେତେବେଳେ ଦେବି, ତୁମେ ସେତେବେଳେ ତଳେ ପଡ଼ି ତାହାର ପୂଜା କରିବ । କହିଲି ହେମୋର ଈଶ୍ୱର ! ତୁ ମୋତେ ପଥଭ୍ରଷ୍ଟ କରାଇଥିବାରୁ, ଅବଶ୍ୟ ମୁଁ ପୃଥିବୀ ମଧ୍ୟରେ ତାଙ୍କପାଇଁ ଶୋଭା ବା ସୌନ୍ଦର୍ଯ୍ୟ ଦେବି ଓ ସମସ୍ତଙ୍କୁ ପଥଭ୍ରଷ୍ଟ କରାଇବି ।

(ମଂ୩/ସି·୧୪/ସୂ·୧୫/ଆ·୨୯/୩୯/ରୁ ୪୬ ପର୍ଯ୍ୟନ୍ତ)

ସମୀକ୍ଷକ:- ଯଦି ଖୁଦା ନିଜର ପ୍ରାଣବାୟୁକୁ ଆଦମ୍‌ର ଶରୀର ଭିତରେ ଭର୍ତ୍ତି କରିଦେଲେ, ତେବେ ଆଦମ୍ ମଧ୍ୟ ଖୁଦାଙ୍କ ସମକକ୍ଷ ହେଲା । ଯଦି ସେ ଖୁଦା ସମାନ ନୁହନ୍ତି, ତେବେ ଖୁଦା କାହିଁକି ଆଦମ୍‌କୁ ନିଜ ପୂଜାରେ ଭାଗୀ କଲେ ? ଖୁଦା ନିଜେ ସଇତାନ୍‌କୁ ପଥଭ୍ରଷ୍ଟ

କରାଇଲେ, ତେଣୁ ସେ ସଇତାନର ବଡ଼ଭାଇ ଗୁରୁ କ ହେବେ କାହିଁକି ? କାରଣ ତୁମେ ଭ୍ରଷ୍ଟକାରୀକୁ ସଇତାନ ବୋଲି କହୁଛ, ତେବେ ଖୁଦା ନିଜେତ ସଇତାନ୍‌କୁ ଭ୍ରଷ୍ଟକଲେ । ପରେ ତାଙ୍କୁ ସଇତାନ୍ କହିଲା...... ମୁଁ ମଧ୍ୟ ଭ୍ରଷ୍ଟ କରାଇବି । ସବୁ ଜାଣିଶୁଣି ଖୁଦା ତାହାକୁ କାହିଁକି ଦଣ୍ଡ ଦେଲେ ନାହିଁ ? ଜେଲ୍‌ରେ ପକାଇଲେ ନାହିଁ ? ବା ହତ୍ୟା ମଧ୍ୟ କଲେ ନାହିଁ ? ॥ ୧୦୦ ॥

୧୦୧- ଆମ୍ଭେ ପ୍ରତ୍ୟେକ ସଂପ୍ରଦାୟପାଇଁ ଜଣେ ଜଣେ ପୈଗମ୍ବରଙ୍କୁ ପଠାଇଛୁ । ଆମ୍ଭେ ଯେତେବେଳେ ତାହାକୁ ଚାହିଁଛୁ ସେତେବେଳେ ପଦେମାତ୍ର କହୁ ଯେ, କୌଣସି ବସ୍ତୁ ହୋ ବୋଲିବାମାତ୍ରେ ତାହା ହୋଇଯାଏ । (ମଂ୩/ସି·୧୪/ସୂ·୧୬/ଆ·୩୬/୪୦)

ସମୀକ୍ଷକ:- ସମସ୍ତ ସଂପ୍ରଦାୟ ବା ଜାତିପାଇଁ ଯଦି ପୈଗମ୍ବର ପଠାଯାଇଛି, ତେବେ ସେହି ପୈଗମ୍ବରଙ୍କ କଥାମାନି ଯେଉଁମାନେ ଚଳୁଛନ୍ତି ସେମାନେ କାଫିର୍ ହେବେ କାହିଁକି ? ତୁମ୍ଭ ପୈଗମ୍ବରଙ୍କ ବ୍ୟତୀତ ଅନ୍ୟ ପୈଗମ୍ବରଙ୍କ କଥା ଗ୍ରହଣୀୟ ନୁହେଁକି ? ଏପରି ଭେଦଭାବକୁ ନିଶ୍ଚୟ ଅନ୍ୟାୟ ବୋଲି କୁହାଯିବ । ଯଦି ପ୍ରତ୍ୟେକ ଦେଶକୁ ପୈଗମ୍ବର ପଠାଇଛନ୍ତି, ତେବେ ଆର୍ଯ୍ୟାବର୍ତ୍ତକୁ ଆସିଥିବା ପୈଗମ୍ବରଙ୍କ ନାମ କଣ ? ଏକଥାକୁ ଆମେ କଦାପି ସ୍ୱୀକାର କରିବୁ ନାହିଁ । ଖୁଦା ଯେତେବେଳେ ଚାହାନ୍ତି ବା କହନ୍ତି...... ହେ ପୃଥିବୀ ! ତୁ ହୋଇଯା ସେତେବେଳେ ଏହି ପୃଥିବୀ ଜଡ଼ ହୋଇଥିବାରୁ ସେ ତାଙ୍କ କଥାକୁ ଶୁଣେ କିପରି ? ତେଣୁ ଖୁଦାଙ୍କ ଆଦେଶ କିପରି କାର୍ଯ୍ୟକାରୀ ହୁଏ ? ଖୁଦାଙ୍କ ବ୍ୟତୀତ ଅନ୍ୟବସ୍ତୁକୁ ତୁମେ ସ୍ୱୀକାର କରୁନାହଁ, ତେବେ ତାଙ୍କ କଥା ଶୁଣିଲା କିଏ ? ଏସବୁ ଅବିଦ୍ୟାପରିପୂର୍ଣ୍ଣ କଥା । ନିର୍ବୋଧ ଲୋକମାନେ ହିଁ ଏପରି କଥାକୁ ବିଶ୍ୱାସ କରନ୍ତି ॥ ୧୦୧ ॥

୧୦୨- ଆଲ୍ଲା କନ୍ୟାମାନଙ୍କପାଇଁ ନିୟତ କରିଛନ୍ତି । ଯାହାକିଛି ଚାହାନ୍ତି, ସେସବୁ ସେମାନଙ୍କ ପାଇଁ । ଆଲ୍ଲାଙ୍କ ନିୟମ ବା ଶପଥ ଏହାପୂର୍ବରୁ ଆମ୍ଭେ ପ୍ରତ୍ୟେକ ଦେଶକୁ ପୈଗମ୍ବର ପଠାଇଅଛୁ । (ମଂ୩/ସି·୧୪/ସୂ·୧୬/ଆ·୫୭/୬୩)

ସମୀକ୍ଷକ:- ଆଲ୍ଲା କନ୍ୟାମାନଙ୍କଦ୍ୱାରା କଣ କରିବେ ? କୌଣସି ମନୁଷ୍ୟଙ୍କର ସିନା କନ୍ୟା ଥାଆନ୍ତି । ପୁଅମାନଙ୍କୁ ନ ନେଇ ଝିଅମାନଙ୍କୁ କାହିଁକି ନିଅନ୍ତି ? ଏହାର କାରଣ କଣ କହନ୍ତୁ ? ଈଶ୍ୱର କେବେ ଶପଥ କରନ୍ତି ନାହିଁ । କେବଳ ମିଥ୍ୟାବାଦୀ ମନୁଷ୍ୟମାନେ

ଶପଥକରି ପ୍ରମାଣିତ କରିବାକୁ ଚାହାନ୍ତି । ଅନେକ ସ୍ଥଳରେ ଦେଖାଯାଏ ମିଥ୍ୟାବାଦୀମାନେ କାର୍ଯ୍ୟକୁ ନଷ୍ଟକରି ଶପଥ କରିଥାଆନ୍ତି । ସତ୍ୟବାଦୀ ମନୁଷ୍ୟମାନେ ଶପଥ କରନ୍ତି ନାହିଁ ।। ୧୦୨ ।।

୧୦୩- ଏପରି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କ ହୃଦୟ ଉପରେ, କାନ ଓ ଆଖି ଉପରେ ଖୁଦା ମୋହର ଲଗାଇ ଦିଅନ୍ତି, କିନ୍ତୁ ସେମାନେ ଏହାର ଖବର ରଖନ୍ତି ନାହିଁ । ପ୍ରତ୍ୟେକ ପ୍ରାଣୀ ନିଜ ନିଜ କର୍ମାନୁସାରେ ଫଳ ପାଇବେ । କାହାପ୍ରତି କଦାପି ଅନ୍ୟାୟ କରାଯିବ ନାହିଁ । (ମଂ୩/ସି·୧୪/ସୂ·୧୬/ଆ·୧୦୮/୧୧୧)

ସମୀକ୍ଷକ:- ଖୁଦା ଯଦି ସେମାନଙ୍କ ହୃଦୟ, ଚକ୍ଷୁ ଓ କର୍ଣ୍ଣକୁ ମୁଦ୍ରିତ କରି ଦେଇଛନ୍ତି, ତେବେ ସେମାନଙ୍କର ସମସ୍ତ ସ୍ୱାତନ୍ତ୍ର୍ୟ ଓ କର୍ତ୍ତୃତ୍ୱ କିଛି ଆଉ ରହିଲା ନାହିଁ । ତେବେ ସେମାନେ କୌଣସି ଫଳ କିପରିଭାବେ ଭୋଗ କରିବେ ? କୌଣସି ପାପୀ ଲୋକର ମଧ୍ୟ କିଛି ଦୋଷ ରହିବ ନାହିଁ, ଯେଣୁ ସେ ଖୁଦାଙ୍କଦ୍ୱାରା ପାପକାମ କରୁଛି । ତେଣୁ ସେହିପାପପାଇଁ ଖୁଦା ଏକମାତ୍ର ଦାୟୀ ଓ ଦଣ୍ଡନୀୟ ହେବା ଆବଶ୍ୟକ । ପୁଣି କୁହାଯାଇଛି ଯେ, ଯିଏ ଯେତିକି କର୍ମ କରିଥିବ, ତାକୁ ସେତିକି ଫଳ ଦିଆଯିବ । ଊଣା ବା ଅଧିକ ହେବନାହିଁ । ସମସ୍ତଙ୍କୁ ଯଦି କର୍ମଫଳ ଭୋଗିବାକୁ ହୁଏ, ତେବେ ଖୁଦା କାହାକୁ କିପରିଭାବେ କ୍ଷମା କରନ୍ତି ? ଯଦି କ୍ଷମା କରାଯାଏ, ତେବେ ନ୍ୟାୟ କୁଆଡ଼େ ଉଡ଼ିଯିବ । ଏଣୁ ଏପରି ଅଦ୍ଭୁଆ ନ୍ୟାୟ ଈଶ୍ୱର କେବେ କରନ୍ତି ନାହିଁ ।। ୧୦୩ ।।

୧୦୪- କାଫିରମାନଙ୍କପାଇଁ ଆମ୍ଭେ ନରକ ଘେରାସ୍ଥାନ ନିର୍ଣ୍ଣୟ କରିଅଛୁଁ । ପ୍ରତ୍ୟେକ ମନୁଷ୍ୟଙ୍କ ଗଳାରେ ବା ବେକ ଉପରେ ତାର କାର୍ଯ୍ୟକାରିତାକୁ ଲଦି ଦିଆଯାଇଛି । ମୃତ୍ୟୁରୁ ଉତ୍ଥାନପରେ ବିଚାରଦିନ ତାହାକୁ ଆମ୍ଭେ ଏକ ପୁସ୍ତକ ଦେଖାଇବୁ । କୋହାଠାରୁ ଆରମ୍ଭକରି ଏପର୍ଯ୍ୟନ୍ତ ଆମ୍ଭେ ଅନେକ ଜାତିର ବିନାଶ କରିଅଛୁଁ ।

(ମଂ୪/ସି·୧୫/ସୂ·୧୭/ଆ·୮/୧୩/୧୭)

ସମୀକ୍ଷକ:- ଯେଉଁମାନେ କୋରାନ୍, ପୈଗମ୍ବର ଓ କୋରାନ୍ କଥିତ ଖୁଦାଙ୍କୁ, ସପ୍ତମ ଆକାଶ ଓ ନମାଜ ପ୍ରଭୃତିକୁ ନ ମାନନ୍ତି, ସେମାନେ କାଫିର୍ ଅଟନ୍ତି । ସେମାନେ ଅବଶ୍ୟ ନରକ ଭୋଗକରନ୍ତି । ଏହା ବଡ଼ ଅନ୍ୟାୟ ଓ ପକ୍ଷପାତ କଥା । କାରଣ କୋରାନ୍‌କୁ

ମାନୁଥିବା ସମସ୍ତ ଲୋକ ଭଲ, ଓ ନ ମାନୁଥିବା ସମସ୍ତ ଲୋକ ଖରାପ, ଏହା କଦାପି ସମ୍ଭବପର ନୁହେଁ । ପ୍ରତ୍ୟେକ ଲୋକର ଗର୍ଦ୍ଦନରେ ତାର କର୍ମପୁସ୍ତକ ରହିଛି ବୋଲି କହିବା, ଏହା ଏକ ପିଲାଳିଆ କଥା । କାହା ବେକରେ କିଛି ବନ୍ଧା ହେବାତ କାହିଁ ଦେଖାଯାଏ ନାହିଁ । ଯଦି ,ଏହାର ଅର୍ଥ କରାଯାଏ, ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର କର୍ମଫଳ ଭୋଗ କରନ୍ତି, ତେବେ ସେମାନଙ୍କ ହୃଦୟ, ଚକ୍ଷୁ ଓ କର୍ଣ୍ଣକୁ ମୁଦ୍ରିତ କରି ରଖିବା ଓ ପାପ କ୍ଷମା କରିବାର ଖେଳ ସୃଷ୍ଟି କରାଯାଇଛି କାହିଁକି ? ମୃତ୍ୟୁରୁ ଉତ୍ଥାନ ପରେ ଯେଉଁ ପୁସ୍ତକ ତାକୁ ଦେଖାଇବେ ସେହି ପୁସ୍ତକ ଏବେ ରହିଛି କେଉଁଠି ? ଖୁଦା ସେହି ପୁସ୍ତକରେ ସାହୁକାରମାନଙ୍କପରି ଦୈନିକ ଚିଠା ଲେଖୁନାହାନ୍ତି ତ ? ମୁସଲମାନମତରେ ପୂର୍ବଜନ୍ମ ନାହିଁ, ଏପରି ସ୍ଥଳେ ତାର କର୍ମାବଳୀ କେଉଁଠାରୁ ଆସିବ ? କୌଣସି ଘଟଣା ନ ଥାଇ ମଧ୍ୟ ଯଦି ସେହି ପୁସ୍ତକ ଲେଖାଯାଉଥାଏ ତେବେ ଖୁଦା ନିଶ୍ଚୟ ମନୁଷ୍ୟପ୍ରତି ଅନ୍ୟାୟ କରନ୍ତି । ବିନାକର୍ମରେ ପୁଣି ନିଜ ଇଚ୍ଛା ଅନୁସାରେ ପ୍ରାଣୀମାନଙ୍କୁ ସୁଖ-ଦୁଃଖ ଦେବା ଖୁଦାଙ୍କ ପକ୍ଷରେ ଅନ୍ୟାୟ ହେବା ସଙ୍ଗେ ସଙ୍ଗେ ସ୍ୱେଚ୍ଛାଚାରିତା ମଧ୍ୟ ହେବ । ବିନା ଅପରାଧରେ ଜୀବମାନଙ୍କୁ ବିଚାର ସକାଶେ କୌଣସି ଅନିଶ୍ଚିତ କାଳପର୍ଯ୍ୟନ୍ତ ବନ୍ଦୀକରି ରଖିବା ଯେପରି ଘୋର ଅନ୍ୟାୟ ସେପରି ନିଷ୍ଠୁର ସ୍ୱେଚ୍ଛାଚାରିତା ମଧ୍ୟ । ଅନ୍ୟାୟକାରୀ ଓ ଅତ୍ୟାଚାରୀ କେବେ ଈଶ୍ୱର ହୋଇ ପାରିବେ ନାହିଁ ।। ୧୦୪ ।।

୧୦୫- ସେମାନଙ୍କ ଆଗରେ ଆମେ ସମୁଦ୍ରକୁ ସେହି ମାଇଓଟକୁ ଦେଲୁ । ତୁମ ସ୍ୱର ସାହାଯ୍ୟରେ ଯାହାକୁ ପାରିବ ତାହାକୁ ଭୁଲାଇ ନିଅ । ଦିନେ ଆମ୍ଭେ ସବୁ ଲୋକଙ୍କୁ ସେମାନଙ୍କ ନେତା ସହିତ ଡକାଇ ନେବୁ । ସେମାନଙ୍କ ପୁସ୍ତକ ସେମାନଙ୍କ ଦକ୍ଷିଣ ହସ୍ତରେ ଦିଆଯିବ । (ମଂ୪/ସି·୧୫/ସୂ·୧୭/ଆ·୫୯/୬୪/୭୧)

ସମୀକ୍ଷକ:- ଖୁଦାଙ୍କର ଈଶ୍ୱରତ୍ୱ ସମ୍ବନ୍ଧରେ ଯେଉଁ କେତୋଟି ପ୍ରମାଣ ରହିଛି, ବୋଧହୁଏ ତନ୍ମଧ୍ୟରୁ ମାଇଓଟ ଗୋଟାଏ ପ୍ରମାଣ । ବାହା, ବାଃ ! ସତରେ କି ସୁନ୍ଦର ଅକାଟ୍ୟ ପ୍ରମାଣ ! ସଂସାରର ଲୋକମାନଙ୍କୁ ଖରାପ କରିବାପାଇଁ ଖୁଦା ସଇତାନକୁ ଆଦେଶ ଦେଇଥିବାରୁ ଖୁଦାଙ୍କୁ ସଇତାନର ସର୍ଦ୍ଦାର ବୋଲିବାକୁ ହେବ । ଏପ୍ରକାର ପାପକାର୍ଯ୍ୟ କରୁଥିବାରୁ ସେ କିପରି ଖୁଦା ହେବେ ? ଯେଣୁ ଖୁଦା ହେଉଛନ୍ତି ନିଷ୍ପାପ । ପ୍ରଳୟ

ସମୟରେ ନ୍ୟାୟ କରିବାପାଇଁ ଖୁଦା ତାଙ୍କର ପୈଗମ୍ବରମାନଙ୍କୁ ଡ଼କାଇବେ, ବିଚାର ଅପେକ୍ଷାରେ ସେତେଦିନପର୍ଯ୍ୟନ୍ତ ସମସ୍ତେ ହାଜତରେ ରହିଥିବେ । ହାଜତରେ କେବଳ ଅପେକ୍ଷମାଣ ଅବସ୍ଥାରେ ରହିବାକୁ ପଡୁଥିବାରୁ ହାଜତ ହେଉଛି ଅତ୍ୟନ୍ତ ଦୁଃଖଦାୟକ । ତେଣୁ ଶୀଘ୍ର ନ୍ୟାୟକରି ଦଣ୍ଡବିଧାନ କରିବା ନ୍ୟାୟାଧୀଶର କାର୍ଯ୍ୟ । ଏହି ନ୍ୟାୟ ପୋପାବାଇଙ୍କ ନ୍ୟାୟ ସଦୃଶ । ଯେପରି କୌଣସି ନ୍ୟାୟାଧୀଶ ବିଚାରାଧୀନ ଲୋକମାନଙ୍କୁ କହିଲେ ଯେ ପଚାଶ ବର୍ଷ ପର୍ଯ୍ୟନ୍ତ ଚୋର ଓ ସାହୁକାର ଏକାଠି ନ ହେବା ଯାଏ ଦଣ୍ଡ ବା ପ୍ରତିଷ୍ଠା ଦିଆଯିବ ନାହିଁ । ଏହି ନ୍ୟାୟାନୁସାରେ କାହାକୁ ପଚାଶବର୍ଷ ଅପେକ୍ଷା କରି ରହିବାକୁ ପଡ଼େ ତ କାହାର ତତ୍କାଳ ବିଚାର ହୋଇଯାଏ । ଏହାଠିକ୍ ସେହିପରି କଥା । ଏହାକୁ ଯଥାର୍ଥ ନ୍ୟାୟବିଚାର କୁହାଯିବ ନାହିଁ । ବେଦ ଓ ମନୁସ୍ମୃତିକୁ ଦେଖନ୍ତୁ,କ୍ଷଣେମାତ୍ର ବିଳମ୍ବ ନକରି ପ୍ରତ୍ୟେକ ଲୋକ ନିଜ କର୍ମାନୁରୂପଫଳ ଯେପରି ଭୋଗ କରନ୍ତି ସେପରି ବ୍ୟବସ୍ଥା କରିବାପାଇଁ କୁହାଯାଇଛି । ଏଣୁ ଯଥାଶୀଘ୍ର ବିଚାର କରିବା ହେଉଛି ନ୍ୟାୟାଧୀଶର କର୍ତ୍ତବ୍ୟ । ପୁଣି ପୈଗମ୍ବରମାନଙ୍କୁ ବିଚାର ସମୟରେ ସାକ୍ଷୀସ୍ୱରୂପ ଗ୍ରହଣ କରିବାଦ୍ୱାରା ଈଶ୍ୱରଙ୍କ ସର୍ବଜ୍ଞତାର ଅଭାବ ପରିଲକ୍ଷିତ ହେଉଛି । ଏଣୁ ଏ ପ୍ରକାର ପୁସ୍ତକ ଈଶ୍ୱରକୃତ ନୁହେଁ କିମ୍ବା ଏ ପ୍ରକାର ଉପଦେଷ୍ଟା ଈଶ୍ୱର ନୁହନ୍ତି ॥ ୧୦୫ ॥

୧୦୬- ଯେସବୁ ଲୋକଙ୍କ ସର୍ବଦା ରହିବାପାଇଁ ବଗିଚ୍ଚା ରହିଛି । ତଳେ ନଦୀ ଓ ଝରଣାର ଧାର ବହିଯାଉଛି । ସୁନାର କଙ୍କଣ,ଝୀନ ଆବରଣ,ରେଶମୀ ଉପାଧାନ, ଓ ସୁସଜ୍ଜିତ ପଲଙ୍କମାନ ସେମାନଙ୍କ ବ୍ୟବହାର ପାଇଁ ରଖାଯାଇଛି । ପୁଣ୍ୟାତ୍ମାମାନଙ୍କପାଇଁ ମଧ୍ୟ ସ୍ୱର୍ଗରେ ଅନେକ ପ୍ରକାର ସୁବିଧା ରହିଛି । (ମ-୪/ସି-୧୫/ସୂ-୧୮/ଆ-୩୧)

ସମୀକ୍ଷକ:- ବାହା ବାଃ ! ମୁସଲମାନଙ୍କ ସ୍ୱର୍ଗରେ କେବଳ ଉଦ୍ୟାନ ଗହଣା,ଲୁଗାପଟା, ଶେଯ,ପଲଙ୍କ ତକିଆ ପ୍ରଭୃତି ଆନନ୍ଦ ଉପଭୋଗପାଇଁ ରହିଛି । କୌଣସି ବୁଦ୍ଧିମାନ୍ ବ୍ୟକ୍ତି ବିଚାର କରି ଦେଖିଲେ ଜାଣିପାରିବେ ଯେ ମର୍ତ୍ତ୍ୟମଣ୍ଡଳରେ ଯାହାକିଛି ରହିଛି ସେମାନଙ୍କ ସ୍ୱର୍ଗରେ ମଧ୍ୟ ତାଠାରୁ ଅଧିକ କିଛି ନାହିଁ, ବରଂ ଅଧିକ ପରିମାଣରେ ରହିଛି କେବଳ ଅନ୍ୟାୟ । ଏଠାରେ ସୀମିତ କର୍ମପାଇଁ ଅପରିମିତ ଫଳ ମିଳେ-ଏହାହିଁ ହେଉଛି ଏ ସ୍ୱର୍ଗର ବିଶେଷତ୍ୱ । ସଦାସର୍ବଦା ମିଠା ଖାଉଥିବା ଲୋକକୁ ସେହି ମିଠା ମଧ୍ୟ ବିଷତୁଲ୍ୟ ବୋଧ

ହୋଇଥାଏ । ଅନନ୍ତକାଳ ପର୍ଯ୍ୟନ୍ତ ଯେଉଁମାନେ କେବଳ ସୁଖହିଁ ଭୋଗ କରୁଥିବେ ସେହି ସୁଖହିଁ ପରିଣାମରେ ଦୁଃଖଦାୟକ ହେବ । ଏଣୁ ମହାକଳ୍ପ ପର୍ଯ୍ୟନ୍ତ ମୁକ୍ତିସୁଖ ଭୋଗକରି ପୁନର୍ଜନ୍ମ ଲାଭ କରିବା ହିଁ ସତ୍ୟସିଦ୍ଧାନ୍ତ ଓ ସୁନ୍ଦର ବ୍ୟବସ୍ଥା ବୋଲିବାକୁ ହେବ ॥ ୧୦୬ ॥

୧୦୭- ଏ ସାରା ବସ୍ତି ବା ଗ୍ରାମର ବାସିନ୍ଦାମାନେ ଅନ୍ୟାୟ କରିବାରୁ ସେମାନଙ୍କୁ ଆମ୍ଭେ ମାରି ପକାଇଲୁ । ଆମ୍ଭେ ସେମାନଙ୍କୁ ମାରିବାପାଇଁ ଚେତାବନୀ ଦେଇଥିଲୁ ।

(ମ-୪/ସି-୧୫/ସୂ-୧୮/ଆ-୫୯)

ସମୀକ୍ଷକ:- ଭଲା ! ଗାଆଁଟା ସାରା ସମସ୍ତେ କଣ ପାପୀ ହୋଇପାରନ୍ତି ? ଖୁଦା ସେମାନଙ୍କ ପାପାଚରଣ ପୂର୍ବରୁ ଜାଣିପାରି ନଥିଲେ । ସେମାନଙ୍କ ଅନ୍ୟାୟ ଦେଖିବାପରେ ହିଁ ପ୍ରତିଜ୍ଞା କରିଥିଲେ । ତେଣୁ ଖୁଦା ସର୍ବଜ୍ଞ ନ ଥିଲେ । ଗୁଡାଏ ଲୋକଙ୍କୁ ମାରିଦେବାରୁ ତାଙ୍କର ନ୍ୟାୟଶୀଳତା ଓ ଦୟାଳୁତାର ଅଭାବ ପରିଲକ୍ଷିତ ହେଉଛି ॥ ୧୦୭ ॥

୧୦୮- ସେହି ଯୁବକର ପିତାମାତା ଉଭୟେ ଧାର୍ମିକ ଥିଲେ । ଆମ୍ଭର ଶଙ୍କା ହେଲା ଯେ ସେ ସେମାନଙ୍କୁ ଭୁଲାଇ ଧର୍ମଭ୍ରଷ୍ଟ କରିପାରେ । କୋଟାଏ ପଙ୍କିଳ ହ୍ରଦରେ ସୂର୍ଯ୍ୟ ଅସ୍ତ ହେବା ସେ ଦେଖିବାକୁ ପାଇଲା, ଅନ୍ୟ କୌଣସି ଲୋକଙ୍କୁ ସେଠାରେ ଦେଖିଲା ନାହିଁ । ସେମାନେ କହିଲେ ଗାଗ୍ ଓ ମାରଗାଗ୍ ସେମାନଙ୍କ କ୍ଷେତକୁ ନଷ୍ଟ କରିଦେଲେ । ଆମେମାନେ ତୁମକୁ କରଦେବୁ, ତୁମେ ଆମମାନଙ୍କ ମଧ୍ୟରେ ପ୍ରାଚୀରଟିଏ ନିର୍ମାଣ କରିଦଅ । (ମ-୪/ସି-୧୬/ସୂ-୧୮/ଆ-୮୦/୮୬/୯୪)

ସମୀକ୍ଷକ:- ଅଲ୍ଲା କିପରି ବୁଦ୍ଧିହୀନ ଦେଖନ୍ତୁ । ମା,ବାପ,ପୁଅକୁ ଶିକ୍ଷାଦେଇ ଭୁଆଡ଼େ ପରିବର୍ତ୍ତନ କରିଦେବେ, ଏ ଭୟମଧ୍ୟ ଖୁଦାଙ୍କର ଥିଲା । ଏହା ଖୁଦାଙ୍କ କଥା ନୁହେଁ, ଏହା ହେଉଛି ଅବିଦ୍ୟା ଜନିତ କଥା । ଦେଖନ୍ତୁ- ଏହି ପୁସ୍ତକର ଲେଖକ ସୂର୍ଯ୍ୟଙ୍କୁ ଏକ ହ୍ରଦ ମଧ୍ୟରେ ବୁଡ଼ିଯିବାର ଦେଖିଲେ,ପୁଣି ସକାଳେ ବାହାରୁଥିବାର ପ୍ରମାଣମଧ୍ୟ ଦେଉଛନ୍ତି । ସୂର୍ଯ୍ୟ ପୃଥିବୀଠାରୁ ବଡ଼, ତେଣୁ ସେ କୌଣସି ହ୍ରଦ ବା ସମୁଦ୍ରରେ କିପରି ବୁଡ଼ି ପାରିବେ ? ଏଥିରୁ ଜଣାପଡୁଛି କୋରାନ୍ ଲେଖକଙ୍କୁ ଭୂଗୋଳ କିମ୍ବା ଖଗୋଳ ବିଦ୍ୟା ମୋଟେ ଜଣା ନଥିଲା । ତା' ନ ହୋଇଥିଲେ ଏପରି ଅସମ୍ଭବ କଥା ଲେଖିଥାଆନ୍ତେ କାହିଁକି ?

କୌଣସି ବିଦ୍ୱାନ୍ ଏପରି ପୁସ୍ତକକୁ କଦାପି ସ୍ୱୀକାର କରିବେ ନାହିଁ । ଖୁଦାଙ୍କର ଅନ୍ୟ ଏକ ଅନ୍ୟାୟ ହେଉଛି---ସେ ପୃଥିବୀର ସୃଷ୍ଟିକର୍ତ୍ତା,ରାଜା,ନ୍ୟାୟାଧୀଶ ହୋଇଥିଲେ ମଧ୍ୟ ରାଗ୍ ଓ ମାରଗାଗ୍ ମଧ୍ୟରେ ସର୍ବଦା ଯୁଦ୍ଧ ଲଗାଇଦେଇଛନ୍ତି । ଏହା ଈଶ୍ୱରଙ୍କ ଲକ୍ଷଣର ବିରୁଦ୍ଧାଚରଣ କରୁଛି । କୌଣସି ସଭ୍ୟଲୋକ ଏହାକୁ କଦାପି ସ୍ୱୀକାର କରିବେ ନାହିଁ ॥ ୧୦୮ ॥

୧୦୯- କୋରାନ୍ ଗ୍ରନ୍ଥରେ ଥିବା ମେରୀକଥାକୁ ମନେ ପକାଅ ।ସେ ଯେତେବେଳେ ନିଜ କୁଟୁମ୍ବଙ୍କଠାରୁ ପୂର୍ବ ଦିଗର କୌଣସି ସ୍ଥାନକୁ ଗଲା, ସେମାନଙ୍କ ଦୃଷ୍ଟିଗୋଚର ଯେପରି ନହେବ ତାପାଇଁ ଅବଗୁଣ୍ଠନ ଧାରଣ କଲା, ସେତେବେଳେ ଆମ୍ଭେ ପବିତ୍ରାତ୍ମା ଗେବ୍ରିଏଲ୍‌କୁ ତା ନିକଟକୁ ପଠାଇଲୁ । ସେ ଯାଇ ମନୁଷ୍ୟରୂପ ଧାରଣ କରି ତାକୁ ଦେଖା କଲା । ମେରୀ କହିଲା ········ ଯଦି ଈଶ୍ୱରଙ୍କୁ ଭୟକରୁ ତେବେ ମୋ ଆଗରୁ ତୁ ଚାଲି ଯାଅ । ତୋକବଳରୁ ଈଶ୍ୱର ମୋତେ ନିଶ୍ଚୟ ରକ୍ଷା କରିବେ । ଗେବ୍ରିଏଲ୍ କହିଲା······ ତୋର ପ୍ରଭୁ ସେହି ଈଶ୍ୱର ମୋତେ ତୋ ନିକଟକୁ ପଠାଇଛନ୍ତି, ତୋତେ ଗୋଟିଏ ପବିତ୍ର ପୁତ୍ର ଦେବାପାଇଁ । ମେରୀ ଉତ୍ତର ଦେଲା······ ମୁଁ କିପରି ପୁତ୍ର ପାଇବି ? ଏପର୍ଯ୍ୟନ୍ତ କୌଣସି ମନୁଷ୍ୟ ମୋତେ ସ୍ପର୍ଶ କରିନାହାନ୍ତି, ପୁଣି ମୁଁ ବ୍ୟଭିଚାରିଣୀ ନୁହେଁ । ଗେବ୍ରିଏଲ୍ କହିଲା······ ତୋର ପ୍ରଭୁ କହିଛନ୍ତି, ତାହା ସେହିପରି ହେବ, ସେ ତାହା ସହଜରେ କରିପାରିବେ । ପୁଣି ତାହାଙ୍କ କୃପା ଲାଭକରି ସେହି ପୁତ୍ର ମନୁଷ୍ୟମାନଙ୍କପାଇଁ ତାହାଙ୍କର ନିଦର୍ଶନ ହେବ । ଏହା ପୂର୍ବରୁ ନିର୍ଦ୍ଧାରଣ କରାଯାଇଛି । ସେତେବେଳେ ମେରୀ ଗର୍ଭଧାରଣ କରି କୌଣସି ଏକ ଦୂରସ୍ଥାନକୁ ଚାଲିଗଲା ।

(ମଂ୪/ସି·୧୬/ସୂ·୧୯/ଆ·୧୬ରୁ ୨୦/୨୨)

ସମୀକ୍ଷକଃ- ବୁଦ୍ଧିମାନ୍ ଲୋକେ ଏବେ ବିଚାର କରନ୍ତୁ ଯେ, ସ୍ୱର୍ଗଦୂତମାନେ ଖୁଦାଙ୍କର ଯଦି ପବିତ୍ରାତ୍ମା ତେବେ ସେମାନେ ଖୁଦାଙ୍କଠାରୁ ପୃଥକ୍ ହୋଇ ରହିପାରନ୍ତି ନାହିଁ । ସେହି ମେରୀ ଅବିବାହିତା ଥିଲା, ପୁଣି କାର ପୁରୁଷ ସଙ୍ଗ କରିବାପାଇଁ ସେ ଚାହୁଁ ନ ଥିଲା,କିନ୍ତୁ ଖୁଦାଙ୍କ ନିର୍ଦ୍ଦେଶରେ କୌଣସି ଜଣେ ସ୍ୱର୍ଗଦୂତଦ୍ୱାରା ସେ ଗର୍ଭବତୀ ହେଲା । ଏହା କିପରି ନ୍ୟାୟ ବିରୁଦ୍ଧ କଥା । ଏହିପରି ଅନେକ ଅସଭ୍ୟତାର କଥା ଏଥିରେ ଲିପିବଦ୍ଧ କରାଯାଇଛି । ସେସବୁ ଏଠାରେ ଉଲ୍ଲେଖ କରିବା ଅନାବଶ୍ୟକ ମନେ କରୁଁ ॥ ୧୦୯ ॥

୧୧୦- ଜଣ ତୁ ଦେଖୁନାହୁଁ ଯେ,ଆମ୍ଭେ ନାସ୍ତିକମାନଙ୍କୁ ଭ୍ରଷ୍ଟ କରାଇବାପାଇଁ ସଇତାନକୁ ପଠାଇଛୁ । ତାଙ୍କୁ ଭ୍ରଷ୍ଟ ହେବାକୁ ଦେ । (ମଂ୪/ସି·୧୬/ସୂ·୧୯/ଆ·୮୩)

ସମୀକ୍ଷକଃ- ଅନ୍ୟଧର୍ମୀମାନଙ୍କୁ ପାପକର୍ମରେ ପ୍ରବର୍ତ୍ତାଇବାପାଇଁ ଖୁଦା ସଇତାନକୁ ପଠାଇଥିବାରୁ ତହିଁରେ ସଇତାନ୍ ବା ପାପୀ ଲୋକମାନଙ୍କର କୌଣସି ଦୋଷ ନାହିଁ । ଏମାନଙ୍କୁ ଦଣ୍ଡମିଳିବା ଉଚିତ ନୁହେଁ । କାରଣ ଖୁଦାଙ୍କ ନିର୍ଦ୍ଦେଶରେ ଏକାମ ହେଉଥିବାରୁ ଏହାର ଫଳ ଖୁଦା ଭୋଗକରିବା କଥା । ସେ ଯଦି ପ୍ରକୃତରେ ନ୍ୟାୟକାରୀ ତେବେ ଏହାର ଫଳ ନିଜେ ଭୋଗକରନ୍ତୁ । ଏହି ନ୍ୟାୟକୁ ଛାଡି ଅନ୍ୟକୁ ଦଣ୍ଡ ଦିଆଗଲେ ସେ ନିଶ୍ଚୟ ଅନ୍ୟାୟକାରୀ ହୋଇଯିବେ । ଅନ୍ୟାୟକାରୀକୁ ସମସ୍ତେ ପାପୀ ବୋଲି କହନ୍ତି ॥ ୧୧୦ ॥

୧୧୧- ଯେଉଁମାନେ ପଶ୍ଚାତ୍ତାପ କରନ୍ତି, ମୁସଲମାନଧର୍ମରେ ବିଶ୍ୱାସ କରନ୍ତି, ପୁଣି ଭଲଭଲ କାର୍ଯ୍ୟ କରନ୍ତି, ସେମାନଙ୍କୁ ମୁଁ କ୍ଷମାକରେ ।(ମଂ୪/ସି·୧୬/ସୂ·୨୦/ଆ·୮୨)

ସମୀକ୍ଷକଃ- କେବଳ ପଶ୍ଚାତ୍ତାପଦ୍ୱାରା ପାପର କ୍ଷମା ହୋଇପାରେ ନାହିଁ । ବରଂ ଏପରି ବ୍ୟବସ୍ଥାଦ୍ୱାରା ପାପକୁ ପ୍ରଶ୍ରୟ ଦିଆଯାଇଥାଏ । ଯେଣୁ ଏପରି ବ୍ୟବସ୍ଥାଥିବାରୁ ପାପୀମାନେ ବିଚାରନ୍ତି ଆମେ ପାପକରି ପଶ୍ଚାତ୍ତାପ କରିଦେଲେ ପାପରୁ ନିଶ୍ଚୟ ରକ୍ଷାପାଇଯିବୁ । ଏଣୁ ଏ ପୁସ୍ତକ ଈଶ୍ୱରକୃତ ନୁହେଁ କିମ୍ବା ଏଥିରେ ବର୍ଣ୍ଣିତ ଖୁଦା ଈଶ୍ୱର ନୁହନ୍ତି ॥ ୧୧୧ ॥

୧୧୨- ଆମ୍ଭେ ପୃଥିବୀ ଉପରେ ଏଥିପାଇଁ ପାହାଡ଼ପର୍ବତ ରଖିଛୁଁ, ତା ଯେପରି ହଲିନଯାଏ ।

(ମଂ୪/ସି·୧୭/ସୂ·୨୧/ଆ·୩୧)

ସମୀକ୍ଷକଃ- ଯଦି କୋରାନ୍‌କର୍ତ୍ତା ପୃଥିବୀ ବୁଲୁଛି ବୋଲି ଜାଣିଥାନ୍ତେ, ତେବେ ଏପରି ଅସଙ୍ଗତକଥା ଲେଖି ନଥାନ୍ତେ । ଏମାନେ ବିଚାରୁଛନ୍ତି ଯେ ପାହାଡ଼ ଥିବାରୁ ପୃଥିବୀ ନ ବୁଲି ସ୍ଥିର ହୋଇ ରହିଛି । ତାସତ୍ତ୍ୱେ ଭୂମିକମ୍ପ ସମୟରେ ପୃଥିବୀ ଦୋହଲିଯାଉଛି କାହିଁକି ? ॥ ୧୧୨ ॥

୧୧୩- ଆମ୍ଭେ ସେହି ସ୍ତ୍ରୀ ଲୋକକୁ ଶିକ୍ଷାଦେଲୁ । ତାହାର ଗୁପ୍ତ ଅଙ୍ଗକୁ ରକ୍ଷାକଲୁ । ବାସ୍, ଆମ୍ଭେ ତା ଗର୍ଭରେ ଆମ୍ଭ ଆତ୍ମାକୁ ପ୍ରବେଶ କରାଇଦେଲୁ ।

(ମଂ୪/ସି·୧୭/ସୂ·୨୧/ଆ·୯୧)

ସମୀକ୍ଷକ:- ଏପରି ଅଶ୍ଳୀଳ କଥା ଖୁଦାଙ୍କ ପୁସ୍ତକରେ ଖୁଦା ବା ଅନ୍ୟ ସଭ୍ୟମନୁଷ୍ୟ ଲେଖିନଥାନ୍ତେ । ଏପରି କଥା ଲେଖିବାକୁ ମନୁଷ୍ୟ ଯେତେବେଳେ ଇଚ୍ଛାକରେନା, ସେତେବେଳେ ଖୁଦା କିପରି ଏହାକୁ ଲେଖିଥିବେ ? ଏପରି କଥା ଯୋଗୁଁ କୋରାନ୍ ଦୂଷିତ ହୋଇଯାଇଛି । ବେଦରେ ଯେପରି ଭଲକଥା ରହିଛି, ଏଥିରେ ସେପରିଥିଲେ ନିଶ୍ଚୟ ପ୍ରଶଂସା କରାଯାଇଥାଆନ୍ତା ॥ ୧୧୩ ॥

୧୧୪- ଆକାଶରେ ଥିବା ସୂର୍ଯ୍ୟ,ଚନ୍ଦ୍ର,ତାରା ପୁଣି ପୃଥିବୀର ପାହାଡ଼,ବୃକ୍ଷ,ପଶୁ ପ୍ରଭୃତି ଯାସବୁ ଅଛି ସେମାନେ ଆଲ୍ଲାଙ୍କୁ ପ୍ରଣାମ କରୁଛନ୍ତି, ଏହା କଣ ତୁ ଦେଖୁନାହୁଁ ? ସେମାନେ ସ୍ୱର୍ଣ୍ଣାଳଙ୍କାର, ମୋତିମାଣିକ୍ୟ ଓ ପଟ୍ଟବସ୍ତ୍ର ପ୍ରଭୃତି ପାଇବେ । ମୋର ଘରର ଚତୁର୍ପାଶ୍ୱକୁ ପବିତ୍ର ରଖିବେ ଓ ସର୍ବଦା ଠିଆ ହୋଇଥିବେ । ସେମାନେ ନିଜକୁ ନିର୍ମଳ ରଖିବେ, ଭେଟି ପୂରା କରିବେ ଓ ପ୍ରାଚୀନ ଘରର ଚାରିପଟେ ଘୁରିବେ ଓ ଆଲ୍ଲାଙ୍କ ନାମକୁ ସ୍ମରଣ କରିବେ ।

(ମଂ୪/ସି-୧୭/ସୂ-୨୨/ଆ-୧୮/୨୩/୨୬/୨୯/୩୪)

ସମୀକ୍ଷକ:- ଜଡ଼ବସ୍ତୁର ଜ୍ଞାନ ନାହିଁ, ତେଣୁ ସେମାନେ ପ୍ରଣାମ କରିବେ କିପରି ? କୋରାନ୍ ବର୍ଣ୍ଣିତ ସ୍ୱର୍ଗ ପ୍ରକୃତରେ ଏକ କୌତୁକାବହ । ଏଠାରେ ସୁନାଗହଣା, ମୋତିମାଣିକ୍ୟ ଓ ରେଶମବସ୍ତ୍ର ମିଳେ । ଏପ୍ରକାର ସ୍ୱର୍ଗ ଏଠାକାର ରାଜାମହାରାଜାଙ୍କ ଘରଠାରୁ ଅଧିକ କିଛି ବୋଲି ଜଣା ପଡୁନାହିଁ । ସ୍ୱର୍ଗରେ ଖୁଦାଙ୍କର ଘର ରହିଛି,ତେଣୁ ସେ ଘରେ ସେ ନିଶ୍ଚିତରୂପେ ବସ୍‌ବାସ କରୁଥିବେ । କୋରାନ୍‌ରେ ଏହା ହେଉଛି ପ୍ରତିମାପୂଜାର ଜ୍ୱଳନ୍ତ ଉଦାହରଣ । ପୌରାଣିକମାନଙ୍କ ଭୈରବ ଓ ଦୁର୍ଗାଙ୍କପରି ମୁସଲମାନ୍‌ମାନଙ୍କର ଖୁଦା ମଧ୍ୟ ଅଟନ୍ତି । ଯେଣୁ ସେ ବିଭିନ୍ନ ପ୍ରକାରର ଉପହାର ଗ୍ରହଣ କରନ୍ତି । ପୂଜକମାନେ ତାଙ୍କର ପ୍ରଦକ୍ଷିଣା କରନ୍ତି । ତାଙ୍କ ନିକଟରେ ପଶୁବଳି ମଧ୍ୟ ଦିଆଯାଏ । ତେଣୁ ଖୁଦାହିଁ ହେଉଛନ୍ତି ପ୍ରତିମା ପୂଜାର ପ୍ରଥମ ପ୍ରବର୍ତ୍ତକ । ମୂର୍ତ୍ତିଠାରୁ ମସଜିଦ୍ ବଡ଼ ମୂର୍ତ୍ତିରୂପେ ପରିଣତ ହୋଇଗଲା । ଏଣୁ ମୁସଲମାନ୍‌ମାନେ ବଡ଼ ମୂର୍ତ୍ତିପୂଜକ ହୋଇଥିବା ସ୍ଥଳେ ପୌରାଣିକ ଓ ଜୈନମାନେ ହେଉଛନ୍ତି ଛୋଟ ମୂର୍ତ୍ତିପୂଜକ ॥ ୧୧୪ ॥

୧୧୫- ମୃତ୍ୟୁପରେ ପୁନରୁତ୍ଥାନଦିନ ତୁମ୍ଭମାନଙ୍କୁ ନିଶ୍ଚୟ ଉଠାଯିବ ।

(ମଂ୪/ସି-୧୮/ସୂ-୨୩/ଆ-୧୬)

ସମୀକ୍ଷକ:- ସେହି ବିଗ୍ଭରଦିନ ପର୍ଯ୍ୟନ୍ତ ମୁର୍ଦ୍ଦାର ଗୁଡିକ ସେହି କବର ମଧ୍ୟରେ ରହିବେ ନା ଅନ୍ୟ କେଉଁଠି ରହିବେ ? କବର ଭିତରେ ଯଦି ରହିବେ ତେବେ ପଚିସଢ଼ିଯାଇ ତାହା ନିଶ୍ଚୟ ଦୁର୍ଗନ୍ଧ ହେବ । ସେମାନଙ୍କ ମଧ୍ୟରେ ଯଦି କୌଣସି ପୁଣ୍ୟାତ୍ମା ଥିବେ ତେବେ ସେ ସେହି ଦୁର୍ଗନ୍ଧରେ ଦୁଃଖଭୋଗ କରିବେ । ଏହା କି ପ୍ରକାର ନ୍ୟାୟ ? ଦୁର୍ଗନ୍ଧ ଅଧିକ ହେଲେ ନିଶ୍ଚୟ ରୋଗୋତ୍ପତ୍ତି ହେବ, ତଦ୍ୱାରା ଖୁଦା ଓ ମୁସଲମାନ୍‌ମାନଙ୍କୁ ପାପଭାଗୀ ହେବାକୁ ପଡ଼ିବ ॥ ୧୧୫ ॥

୧୧୬- ସେମାନଙ୍କ ଜିହ୍ୱାହିଁ ସେମାନଙ୍କ ବିରୋଧରେ ଦିନେ ସାକ୍ଷ୍ୟ ଦେବ । ସେମାନଙ୍କ ହାତ, ଗୋଡ଼ ତାଙ୍କର କାର୍ଯ୍ୟକଳାପକୁ କହିଦେବ । ଖୁଦା ହେଉଛନ୍ତି ସ୍ୱର୍ଗ ଓ ମର୍ତ୍ତ୍ୟର ଆଲୋକ । କାଚଘରରେ କାଚ ଆବରଣ ଭିତରେ ଗୋଟିଏ ଦୀପପରି । ସେହି କାଚ ଗୋଟିଏ ଜ୍ୟୋତିଷ୍କ ନକ୍ଷତ୍ର ସମାନ । ପୂର୍ବ ବା ପଶ୍ଚିମରେ ନୁହେଁ । ଏହି ବୃକ୍ଷର ତେଲରେ ସେହି ଦୀପ ଜଳେ । ଅନ୍ୟ କିଛି ଆବଶ୍ୟକ ହୁଏ ନାହିଁ । କୌଣସି ଅଗ୍ନିର ଆବଶ୍ୟକତା ନଥାଇ ମଧ୍ୟ ସେହି ଦୀପ ଆଲୋକ ଦିଏ । ସେହି ଆଲୋକରେ ଆଲୋକ ମିଳିତ ହୁଏ । ଖୁଦା ଯାହାକୁ ଇଚ୍ଛା କରନ୍ତି ତାକୁ ତାଙ୍କର ଆଲୋକ ଦିଅନ୍ତି ।

(ମଂ୪/ସି-୧୮/ସୂ-୨୪/ଆ-୨୪/୩୫)

ସମୀକ୍ଷକ:- ହାତ,ଗୋଡ଼ ପ୍ରଭୃତି ଜଡ଼ ହୋଇଥିବାରୁ ସେମାନଙ୍କପକ୍ଷେ ସାକ୍ଷ୍ୟଦେବା କଦାପି ସମ୍ଭବପର ନୁହେଁ । ଏହା ସୃଷ୍ଟିକ୍ରମର ବିରୁଦ୍ଧ ହୋଇଥିବାରୁ ମିଥ୍ୟା ଅଟେ । ତେବେ ଖୁଦା ନିଜେ ନିଆଁ ନା ବିଜୁଳି ? ଏଠାରେ ଯେଉଁ ଉଦାହରଣ ଦିଆଯାଇଛି ତାହା ଈଶ୍ୱରଙ୍କ ପ୍ରତି ପ୍ରଯୁଜ୍ୟ ନ ହୋଇ କୌଣସି ସାକାର ବସ୍ତୁପାଇଁ ପ୍ରଯୁଜ୍ୟ ହୋଇପାରେ । ॥ ୧୧୬ ॥

୧୧୭- ଆଲ୍ଲା ପ୍ରତ୍ୟେକ ଜନ୍ତୁଙ୍କୁ ପାଣିରୁ ଉତ୍ପନ୍ନ କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଜନ୍ତୁ ପେଟ ସାହାଯ୍ୟରେ ଚାଲନ୍ତି । ଏମାନେ ରସୁଲ ଓ ଆଲ୍ଲାଙ୍କର ଆଜ୍ଞା ପାଳନ କରନ୍ତି । ଖୁଦାଙ୍କ ଆଜ୍ଞା ପାଳନ କର, ଯେଣୁ ରସୁଲ ତାଙ୍କ ଆଜ୍ଞା ପାଳନ କରୁଛନ୍ତି । ତୁମେ ରସୁଲଙ୍କର ଆଜ୍ଞା ପାଳନକଲେ ଖୁଦା ତୁମକୁ ଦୟାକରିବେ ।

(ମଂ୪/ସି·୧୮/ସୂ·୨୪/ଆ·୪୫/୫୨/୫୪/୫୬)

ସମୀକ୍ଷକ:- ଏହି ଶରୀର ପଞ୍ଚମହାଭୂତରେ ଗଠିତ । ଖାଲି ପାଣିରୁ ଜନ୍ତୁମାନଙ୍କ ସୃଷ୍ଟି ଏହା କେଉଁ ଦର୍ଶନ ସିଦ୍ଧାନ୍ତ ଜଣାପାଉ ନାହିଁ । ଏହା କୌଣସି ସିଦ୍ଧାନ୍ତ ଉପରେ ଆଧାରିତ ନୁହେଁ କେବଳ ମୂର୍ଖତା ପରିପୂର୍ଣ୍ଣ କଥା । ଆଲ୍ଲାଙ୍କ ସହିତ ପୈଗମ୍ବରଙ୍କ ଆଜ୍ଞା ପାଳନ କରିବାପାଇଁ କୁହାଯାଇଥିବାରୁ ପୈଗମ୍ବର ଆଲ୍ଲାଙ୍କ ସମକକ୍ଷ ହେଲେ ନାହିଁକି ? ତେବେ କୋରାନ୍‌ରେ ଆଲ୍ଲାଙ୍କୁ ସର୍ବଶକ୍ତିମାନ୍ ବୋଲି କୁହାଯାଇଛି କାହିଁକି ? ॥ ୧୧୭ ॥

୧୧୮- ଯେଉଁଦିନ ମେଘ ସହିତ ଆକାଶ ଫାଟିଯିବ, ଦୂତଗଣ ତଳକୁ ଓହ୍ଲାଇଯିବେ । ତୁମ୍ଭେମାନେ କାଫିରମାନଙ୍କ କଥା ମାନନାହିଁ । ସେମାନଙ୍କ ସହିତ ଭାରି ଝଗଡ଼ା ସୃଷ୍ଟିକର । ସେମାନଙ୍କର ଭଲଦ୍ୱାରା ଆଲ୍ଲା ସମସ୍ତ ଖରାପକୁ ପରିବର୍ତ୍ତନ କରିଦିଅନ୍ତି । ଯେ ଭଲ କାମ କରେ ଓ ପଶ୍ଚାତ୍ତାପ କରେ ସେ ଆଲ୍ଲାଙ୍କ ଆଡ଼କୁ ଆସିଯାଏ ।

(ମଂ୪/ସି·୧୯/ସୂ·୨୫/ଆ·୨୫/୫୨/୭୦/୭୧)

ସମୀକ୍ଷକ:- ଆକାଶର କୌଣସି ଭୌତିକ ଆଧାର ନାହିଁ, ତେଣୁ ମେଘସହିତ ଆକାଶ ଭାଙ୍ଗିପାଇ ପାରିବ ନାହିଁ । କୋରାନ୍ ଶିକ୍ଷାରୁ ଜଗତରେ ଶାନ୍ତି ଭଙ୍ଗ ହେବା ସଙ୍ଗେ ସଙ୍ଗେ ଦ୍ୱନ୍ଦ୍ୱ ମଧ୍ୟ ସୃଷ୍ଟି ହେଉଛି । ପାପ ଓ ପୁଣ୍ୟ ମଧ୍ୟରେ ଅଦଳ ବଦଳ ହେବା କଦାପି ସମ୍ଭବପର ନୁହେଁ । ଏହାକଣ ମୁଗ,ବିରିବା ରାଶି ହୋଇଛି ଯେ ତାକୁ ଅଦଳ ବଦଳ କରାଯାଇପାରିବ ? କେବଳ ପଶ୍ଚାତ୍ତାପରେ ମୁକ୍ତି ମିଳିଗଲେ କେହି ପାପକରିବାକୁ ଭୟ କରିବେ ନାହିଁ । ଏଣୁ ଏସବୁ କଥା ଯୁକ୍ତିଯୁକ୍ତ ନୁହେଁ ॥ ୧୧୮ ॥

୧୧୯- ଆମ୍ଭେ ମୁସାକୁ ବହି ଦେଇ କହିଲୁ ଆମ୍ଭଙ୍କୁ କୌଶଳରେ ନେଇଗ୍ଲଲ । ନିଶ୍ଚୟ ତୁମର ପିଛା କରାଯିବ । ବାଦ୍‌ଫିରୋନ୍ ଜଗତରେ ଜମା କରାଯାଇଥିବା ଲୋକଙ୍କୁ ପଠାଇଲା । ସେହି ପୁରୁଷ ମୋତେ ଉତ୍ପନ୍ନ କଲା ଓ ବାଟ ଦେଖାଇଲା । ସେହି ମୋତେ ଖୁଆଉଛି ଓ ପିଆଉଛି । ବିଚାରଦିନ ସେହି ପୁରୁଷ ମୋତେ କ୍ଷମାଦେବେ ବୋଲି ଆଶା କରୁଛି ।

(ମଂ୫/ସି·୧୯/ସୂ·୨୬/ଆ·୫୨/୫୩/୭୮/୭୯/୮୨)

ସମୀକ୍ଷକ:- ଯଦି ଖୁଦା ମୁସାକୁ ପୁସ୍ତକ ଦେଇଥିଲେ, ତେବେ ପୁଣି ଦାଉଦ୍,ଈସା ଓ ମହମ୍ମଦ ସାହେବଙ୍କୁ ଦେଲେ କାହିଁକି ? କାରଣ ପରମେଶ୍ୱରଙ୍କ କଥା ସର୍ବଦା ସମାନ ଓ

ନିର୍ଭୁଲ । ସର୍ବଶେଷରେ କୋରାନ୍ ପଠାଇଥିବାରୁ ପୂର୍ବ ପ୍ରେରିତ ତିନୋଟି ଯାକ ପୁସ୍ତକ ଅପୂର୍ଣ୍ଣ ଓ ଅଶୁଦ୍ଧ ବୋଲି ବିଚାରିବାକୁ ହେବ । ଯଦି ପୂର୍ବର ତିନୋଟି ପୁସ୍ତକ ସତ୍ୟ ତେବେ କୋରାନ୍‌କୁ ମିଥ୍ୟା ବୋଲି ଗ୍ରହଣ କରାଯିବ । ଚାରିଗୋଟିଯାକ ପୁସ୍ତକ ପରସ୍ପର ବିରୋଧୀ ହୋଇଥିବାରୁ ସବୁଗୁଡ଼ିକ କଦାପି ସତ୍ୟ ହୋଇ ନଥିବ । ଖୁଦା ଯଦି ଜୀବଙ୍କୁ ଜନ୍ମ ଦେଇଥିବେ, ତେବେ ସେମାନେ ଦିନେନାଦିନେ ନିଶ୍ଚୟ ମରିବେ । ସେତେବେଳେ ତାଙ୍କର ଅଭାବ ପଡିବ । ଯଦି ପରମେଶ୍ୱର ମନୁଷ୍ୟାଦି ପ୍ରାଣୀଙ୍କୁ ଖୁଆଇ ପିଆଇ ଦେଉଥିବେ, ତେବେ ସମସ୍ତେ ସମାନ ପ୍ରକାର ଭୋଜନ ପାଉଥିବେ ଓ କୌଣସିପ୍ରକାର ରୋଗ ମଧ୍ୟ ରହିବ ନାହିଁ । ରାଜା ଓ କାଙ୍ଗାଳଙ୍କୁ ଯେପରି ଉତ୍କୃଷ୍ଟ ଓ ନିକୃଷ୍ଟ ଧରଣର ଭୋଜନ ମିଳେ, ସେପରି କଦାପି ହେଉ ନ ଥିବ । ପରମେଶ୍ୱର ଖାଇବା,ପିଇବା ଓ ପଥ୍ୟାଦି ବ୍ୟବସ୍ଥା କରୁଥିବାରୁ କେହି ରୋଗୀ ହେଉ ନଥିବେ । କିନ୍ତୁ ଦେଖାଯାଉଛି ମୁସଲମାନମାନେ ମଧ୍ୟ ରୋଗରେ ସଢୁଛନ୍ତି । ଯଦି ଖୁଦା ରୋଗ ଭଲକରିଦେଇ ଆରାମ ଦିଅନ୍ତି,ତେବେ ମୁସଲମାନ୍‌ମାନଙ୍କ ଶରୀରରେ ରୋଗ ମୋଟେ ରହନ୍ତା ନାହିଁ ଓ ସେମାନେ ସୁଖରେ ଜୀବନଯାପନ କରନ୍ତେ । ଏମାନେ ରୋଗ ଭୋଗୁଥିବାରୁ ଖୁଦା ବୋଧେ ଭଲ ବୈଦ୍ୟ ନୁହନ୍ତି । ଯଦି ସେ ଭଲବୈଦ୍ୟ ତେବେ ମୁସଲମାନ୍‌ମାନଙ୍କଠାରେ ରୋଗ ରହୁଛି କାହିଁକି ? ଯଦି ସେ ମାରୁଛନ୍ତି ଓ ଜୀବନ ଦେଉଛନ୍ତି ତେବେ ସମସ୍ତ ପାପପୁଣ୍ୟ ଖୁଦାଙ୍କର । ଜନ୍ମ ଜନ୍ମାନ୍ତରର କର୍ମ ବ୍ୟବସ୍ଥାନୁସାରେ ଯଦି କରୁଥାଆନ୍ତି ତେବେ ତାଙ୍କର କିଛି ଦୋଷ ନାହିଁ । ଯଦି ସେ ପାପର କ୍ଷମା ଦିଅନ୍ତି ଓ ବିଚାରଦିନ ନ୍ୟାୟ କରନ୍ତି, ତେବେ ସେ ପାପ ବୃଦ୍ଧିକାରୀ ଓ ପାପଯୁକ୍ତ ହେବେ ॥ ୧୧୯ ॥

୧୨୦- ଆମପରି ତୁମେ ମଧ୍ୟ ଜଣେ ମନୁଷ୍ୟମାତ୍ର । ଯଦି ତୁମେ ସତକହୁଛ ତେବେ ତାହାର କୌଣସି ପ୍ରମାଣ ଦିଅ । ସେ କହିଲେ ସେହି ମାଈ ଓଟହିଁ ତହିଁର ଏକମାତ୍ର ପ୍ରମାଣ । ସେ କେବଳ ଗୋଟାଏ ଥର ପାଣିପିଏ ।

(ମଂ୫/ସି·୧୯/ସୂ·୨୬/ଆ·୧୫୪/୧୫୫)

ସମୀକ୍ଷକ:- ଭଲା, ପଥରମଧ୍ୟରୁ ଓଟ ଜାତ ହେବା କଥା କିଏ କଣ ବିଶ୍ୱାସ କରିବ ? ଏମାନେ ଜଙ୍ଗଲୀ ହୋଇଥିବାରୁ ସେ କଥାକୁ ମାନିଗଲେ । ଓଟକୁ ପ୍ରମାଣରୂପେ ଦେବା

ଜଙ୍ଗଲୀ ଲୋକଙ୍କ ବ୍ୟବହାର । ଏହି ପୁସ୍ତକ ଈଶ୍ୱରପ୍ରଣୀତ ହୋଇଥିଲେ ଏପରି ବାଜେ କଥା କୁହାଯାଇ ନଥାନ୍ତା ॥ ୧୨୦ ॥

୧୨୧- ହେ ମୁସା ! ଆମ୍ଭେ ହେଉଛୁ ଆଲ୍ଲା, ଏକମାତ୍ର ବଳବାନ୍ ଓ ବୁଦ୍ଧିମାନ୍ । ତୁମେ ତୁମର ବାଡିକୁ ପିଙ୍ଗିଦିଅ । ସେତେବେଳେ ସେହି ବାଡ଼ି ସାପପରି ବୁଲିବାର ଦେଖି ସେ ପଛପୁଅା ଦେଇ ବୁଲିଯାଉଥିଲା । ଆଲ୍ଲା କହିଲେ ହେ ମୁସା ! ଭୟ କରନାହିଁ । ମୋହର ସେବକମାନେ ମୋ ଆଗରେ ଭୟକରିବା ଉଚିତ ନୁହେଁ । ଆଲ୍ଲା କୌଣସି ଉପାସ୍ୟ ଦେବ ନୁହନ୍ତି, କିନ୍ତୁ ସେ ବଡ଼ସିଂହାସନର ମାଲିକ । ମୋ ପ୍ରତି ବିଦ୍ରୋହ କରନା ଓ ମୋପାଖରୁ ମୁସଲମାନ୍ ହୋଇ ବୁଲିଯାଅ ।

(ମଂ୫/ସି-୧୯/ସୁ-୨୭/ଆ-୯/୧୦/୨୬/୩୧)

ସମୀକ୍ଷକ:- ଦେଖନ୍ତୁ ! ଖୁଦା କିପରି ଆତ୍ମାଭିମାନୀ ! ନିଜ ମୁଖରେ ନିଜର ପ୍ରଶଂସା ଗାନ କରିଛନ୍ତି । କୌଣସି ଶ୍ରେଷ୍ଠ ପୁରୁଷ ନିଜ ମୁଖରେ ନିଜର ପ୍ରଶଂସାଗାନ କରନ୍ତି ନାହିଁ । ଖୁଦା ଏପରି କାହିଁକି କରିବେ ? ଜଙ୍ଗଲୀ ଲୋକଙ୍କ ଆଗରେ ଇନ୍ଦ୍ରଜାଲ କୁହୁକ ଦେଖାଇ ଜଙ୍ଗଲୀ ଖୁଦା ହୋଇଯାଇଛନ୍ତି । ଏପରିକଥା ଈଶ୍ୱରକୃତ ପୁସ୍ତକରେ ରହିବା ଯୁକ୍ତିସଙ୍ଗତ ନୁହେଁ । ଯଦି ସେ ବଡ଼ ସିଂହାସନ ବା ସପ୍ତମ ଆକାଶର ଅଧୀଶ୍ୱର ଅଟନ୍ତି, ତେବେ ଏକଦେଶୀ ହେତୁ ଈଶ୍ୱର ନୁହନ୍ତି ।ଯଦି ବିଦ୍ରୋହ କରିବା ଖରାପ ତେବେ ଖୁଦା ଓ ମହମ୍ମଦ ସାହେବ ନିଜ ପ୍ରଶଂସାରେ କୋରାନ୍ ଭର୍ତ୍ତି କରିଦେଇଛନ୍ତି କାହିଁକି ? ମହମ୍ମଦ ସାହେବ ଅନେକଙ୍କୁ ମାରିଛନ୍ତି, ତାକୁ ବିଦ୍ରୋହ ବା ହିଂସା ବୋଲି କୁହାଯିବ ନାହିଁ କାହିଁକି ? କୋରାନ୍ କେବଳ ପୁନରୁକ୍ତ ଓ ପୂର୍ବାପର ବିରୁଦ୍ଧ କଥାରେ ପରିପୂର୍ଣ୍ଣ ॥ ୧୨୧ ॥

୧୨୨- ଆଉ ତୁ ଦେଖିବୁ ପାହାଡ଼କୁ, ଯାହାକୁ ତୁ ବସିଯାଇଛି ବୋଲି ଅନୁମାନ କରୁଛୁ, ସେ ମେଘପରି କୁଆଡ଼େ ଉଡିଯିବ । ଆଲ୍ଲା ନିଜର କାରିଗରୀଦ୍ୱାରା ପ୍ରତ୍ୟେକ ବସ୍ତୁକୁ ଦୃଢ଼ କରିଛନ୍ତି । ନିଜେ କରୁଥିବା କାର୍ଯ୍ୟପ୍ରତି ସେ ନିଶ୍ଚିତ ଭାବରେ ସାବଧାନ ।

(ମଂ୫/ସି-୨୦/ସୁ-୨୭/ଆ-୮୮)

ସମୀକ୍ଷକ:- କୋରାନ୍ ଲେଖକ ଯେଉଁ ଦେଶରେ ବାସ କରୁଥିଲେ, ସେହି ଦେଶରେ ବୋଧ ହୁଏ ପର୍ବତଗୁଡ଼ାକ ମେଘପରି ଉଡ଼ିଯାଉଥିଲେ । ପର୍ବତ ଉଡ଼ିବା ଅନ୍ୟ କେଉଁଠାରେ

ଦେଖାଯାଏ ନାହିଁ । ଆଲ୍ଲା ନିଜେ ସଇତାନ୍‌କୁ ଆୟତ୍ତ କରି ଦଣ୍ଡ ଦେଇପାରି ନାହାନ୍ତି, ଏଇଥିରୁ ତାଙ୍କ ଶକ୍ତି ଓ ସତର୍କତା କେତେ ତା ଜଣା ପଡ଼ି ଯାଉଛି । ଜଣେ ଦୁଷ୍ଟ ଦୁରାତ୍ମାକୁ ଯେ ଆୟତ୍ତ କରିପାରି ନାହାନ୍ତି ସେ କିପରି ପର୍ବତକୁ ଉଡାଇ ଦେଇଥିବେ, ତା ସହଜରେ ଅନୁମେୟ ॥ ୧୨୨ ॥

୧୨୩- ବାସ୍, ମୁସା ତାକୁ ମୁଷ୍ଟିରେ ଆଘାତକରି ପ୍ରାଣରେ ଶେଷ କରିଦେଲା । କହିଲା- ହେ ମୋର ଆଲ୍ଲା ! ମୁଁ ଜାଣିଶୁଣି ଅନ୍ୟାୟ କଲି, ମୋତେ କ୍ଷମାକର । ଆଲ୍ଲା ତାହାକୁ କ୍ଷମା କରିଦେଲେ । ଯେଣୁ ସେ ଦୟା ଓ କ୍ଷମା କରିବାକୁ ସର୍ବଦା ପ୍ରସ୍ତୁତହୋଇ ଥାଆନ୍ତି । ଆଲ୍ଲା ନିଜ ଇଚ୍ଛାନୁସାରେ ସୃଷ୍ଟି କରନ୍ତି ଓ ପୁଣି ସ୍ୱଚ୍ଛନ୍ଦରେ ବାଛି ନିଅନ୍ତି ।

(ମଂ୫/ସି-୨୦/ସୁ-୨୮/ଆ-୧୫/୧୬/୬୮)

ସମୀକ୍ଷକ:- ଆଲ୍ଲା ଏବଂ ମୁସା ଦିଜଣଯାକ ଅନ୍ୟାୟକାରୀ । ମୁସା ପ୍ରାଣୀବଧ କଲା,ଆଲ୍ଲା ତାକୁ କ୍ଷମା କରିଦେଲେ । ଆଲ୍ଲା ଯଦି ନିଜ ଇଚ୍ଛାନୁସାରେ କାହାକୁ ଧନୀ କାହାକୁ ଦରିଦ୍ର, କାହାକୁ ରାଜା କାହାକୁ ରଙ୍କ,କାହାକୁ ବିଦ୍ୱାନ୍ କାହାକୁ ମୂର୍ଖ କରନ୍ତି ? ଯଦି ଏପରି ହେଉଥାଏ ତେବେ ତାହା ଅସତ୍ୟ ହୋଇଥିବାରୁ କୋରାନ୍ ଈଶ୍ୱରକୃତ ନୁହେଁ ପୁଣି ତାଙ୍କ ଖୁଦା ଅନ୍ୟାୟକାରୀ ହୋଇଥିବାରୁ ପ୍ରକୃତ ଖୁଦା ନୁହନ୍ତି ॥ ୧୨୩ ॥

୧୨୪- ଆମେ ମନୁଷ୍ୟମାନଙ୍କୁ ଆଦେଶ ଦେଇଅଛୁ ପିତାମାତାଙ୍କ ପ୍ରତି ଭଲ ବ୍ୟବହାର କରିବ । ସେମାନଙ୍କୁ ମୋ ସଦୃଶ ମନେକରି ସେମାନଙ୍କ ସହ କଦାପି କଳି କରିବ ନାହିଁ । ତୁମପରି ଜ୍ଞାନ ଯଦି ସେମାନଙ୍କର ହେଉନାହିଁ ତେବେ ସେମାନଙ୍କ କଥା ମାନିବ ନାହିଁ । ମୋ ପକ୍ଷ ହୋଇଯିବ । ଅବଶ୍ୟମୁଁ ନୂହକୁ ପଠାଇଥିଲି । ମନୁଷ୍ୟମାନଙ୍କ ମଧ୍ୟରେ ସେ ପଚାଶବର୍ଷ କମ୍ ହଜାରେ ବର୍ଷ ବଞ୍ଚିଥିଲା ।

(ମଂ୫/ସି-୨୦-୨୧/ସୁ-୨୯/ଆ-୮/୧୪)

ସମୀକ୍ଷକ:- ପିତାମାତାଙ୍କ ସେବା କରିବା ଅବଶ୍ୟ ଭଲ କଥା । ସେମାନଙ୍କୁ ଖୁଦାଙ୍କ ସମକକ୍ଷ କରାଯିବା ଠିକ୍ ନୁହେଁ । ସେମାନେ ଯଦି ମିଥ୍ୟା ଭାଷଣାଦି କରିବାପାଇଁ ଆଜ୍ଞା ଦିଅନ୍ତି ତେବେ ତାହା ମାନିବା ଠିକ୍ କି ? ଏଣୁ ଏହା ଅଧା ଭଲ ଓ ଅଧା ଖରାପ । ଯଦି ଖୁଦା ନୂହ ପ୍ରଭୃତି ପୈଗମ୍ବରଙ୍କୁ ପଠାଇଥାନ୍ତି ତେବେ ଅନ୍ୟ ଜୀବମାନଙ୍କୁ କିଏ

ପଠାଇଛ ? ଯଦି ସମସ୍ତଙ୍କୁ ସେ ପଠାଇଛନ୍ତ, ତେବେ ସମସ୍ତେ ପୈଗମ୍ବର ହେଉନାହାନ୍ତି କାହିଁକି ? ପ୍ରଥମେ ମନୁଷ୍ୟମାନେ ଯଦି ହଜାରେ ବର୍ଷ ବଞ୍ଚୁଥିଲେ ଏବେ ସେପରି ବଞ୍ଚୁନାହାନ୍ତି କାହିଁକି ? ଏଣୁ ଏସବୁ କଦାପି ଠିକ୍ ନୁହେଁ ॥ ୧୨୪ ॥

୧୨୫- ଆଲ୍ଲା ପ୍ରଥମଥର ଜନ୍ତୁମାନଙ୍କୁ ଉତ୍ପତ୍ତି କରିଛନ୍ତି ।ପୁଣି ଦ୍ୱିତୀୟଥର ସେମାନଙ୍କୁ ଉତ୍ପତ୍ତି କରିବେ । ପୁଣି ତାହା ଆଡ଼କୁ ଫେରିଯିବେ । ଯେଉଁ ଦିନ କୟାମତ୍ ଅର୍ଥାତ୍ ବର୍ଷା ଆସିବ ସେଦିନ ପାପୀମାନେ ନିରାଶ ହେବେ । ଯେ ଇମାନଦାର ଭଲ କାମ କରିଛନ୍ତି ସେମାନେ ବଗିଚ୍ଚ ମଧ୍ୟରେ ଆମୋଦ ପ୍ରମୋଦ କରିବେ । ଆମ୍ଭେ ଯେତେବେଳେ ବିନାଶକାରୀ ତୋଫାନ୍ ପଠାଇବୁ ସେମାନେ ଦେଖିବେ ଯେ ସେମାନଙ୍କ ଶସ୍ୟକ୍ଷେତ୍ର ହଳଦିଆ ହୋଇଯିବ । ସେ ଲୋକମାନେ ଜାଣିପାରୁ ନାହାନ୍ତି କିନ୍ତୁ ଆଲ୍ଲା ସେମାନଙ୍କ ଉପରେ ମୋହର ପକାଇ ଦିଅନ୍ତି ।

(ମଂ୫/ସି-୨୧/ସୂ-୩୦/ଆ-୧୧/୧୨/୧୫/୫୧/୫୯)

ସମୀକ୍ଷକ:- ଯଦି ଆଲ୍ଲା ଦୁଇଥର ଉତ୍ପତ୍ତି କରନ୍ତି, ତେବେ ପ୍ରଥମ ସୃଷ୍ଟିପୂର୍ବରୁ ଓ ଦ୍ୱିତୀୟ ସୃଷ୍ଟିପରେ ସେ କଣ କରନ୍ତି ? କେବଳ ଅକର୍ମା ହୋଇ ବସିଥାନ୍ତି କି ? ଏହି ସଂସାରପରି ଯଦି ମୁସଲମାନମାନଙ୍କ ସ୍ୱର୍ଗରେ ଘର,ବଗିଚ୍ଚ,ବସ୍ତ୍ର ଓ ଅଳଙ୍କାର ପ୍ରଭୃତି ଆଭୂଷଣ ଥାଏ ତେବେ ସେଠାରେ ନିଶ୍ଚୟ ଉଦ୍ୟାନମାଳି,ବଣିଆ,ସୁନାରି ପ୍ରଭୃତି କାରିଗର ଓ ବ୍ୟବସାୟୀମାନେ ମଧ୍ୟ ଥିବେ । ଯଦି ନଥିବେ ତେବେ ଏସବୁ କାମ ଖୁଦା ନିଜେ କରୁଥିବେ । କାହାକୁ କମ୍ ଗହଣା ମିଳୁଥିଲେ ସେ ଚୋରି ମଧ୍ୟ କରୁଥିବ । ଏହିପରି ସ୍ୱର୍ଗବାସୀଙ୍କୁ ନରକମଧ୍ୟ ଭୋଗ କରିବାକୁ ପଡୁଥିବ । ଯଦି ଏପରିହୁଏ ତେବେ ସର୍ବଦା ସ୍ୱର୍ଗରେ ରହିବା କଥା ମିଥ୍ୟା ହୋଇଯିବ । କୃଷକମାନଙ୍କର କ୍ଷେତ ଉପରେ ଖୁଦାଙ୍କର ଦୃଷ୍ଟି ରହିଛି, କ୍ଷେତ କରିବାଦ୍ୱାରା ହିଁ ଏ ବିଦ୍ୟା ପ୍ରାପ୍ତ ହୋଇଥାଏ । ଯଦି ଧରାଯାଏ ସେ ଖୁଦା ନିଜ ଶକ୍ତି ବଳରେ ଏସବୁ ଜାଣିଥିଲେ,ତେବେ ଏପରି ଭୟ ଦେଖାଇବାଦ୍ୱାରା ନିଜର ବଡ଼ିମା ପ୍ରକାଶିତ ହେଉଛି । ଯଦି ଆଲ୍ଲା ଜୀବ ଉପରେ ମୋହର ଲଗାଇଦେଇଛନ୍ତି ତେବେ ସେମାନେ ଯେଉଁ ପାପ କରୁଥିବେ, ତାର ଫଳଭାଗୀ ଖୁଦା ହେଉଥିବେ । ଜୀବ ପାପଫଳର ଭାଗୀ ହେଉ ନଥିବ । ଯେପରି ଜୟ ପରାଜୟ ସେନାଧ୍ୟକ୍ଷପାଇଁ ପ୍ରଯୁଜ୍ୟ

ହୁଏ ସେହିପରି ଏସବୁପାପ ଖୁଦାଙ୍କପ୍ରତି ପ୍ରଯୁଜ୍ୟ ହେବ ॥ ୧୨୫ ॥

୧୨୬- ତତ୍ତ୍ୱଜ୍ଞାନ ପୂର୍ଣ୍ଣ ପୁସ୍ତକର ଏହି ଆୟତ । ତୁମ୍ଭେ ଦେଖୁଛ---- କୌଣସି ଦୃଶ୍ୟମାନ ସ୍ତମ୍ଭ ନ ଥାଇ ଆଲ୍ଲା ଆକାଶକୁ ତିଆରି କରିଛନ୍ତି । ପୃଥିବୀ ହଲଚଲ ନହେବାପାଇଁ ତାଉପରେ ପର୍ବତ ରଖିଦେଇଛନ୍ତି । ଆଲ୍ଲା ଦିନ ଭିତରେ ରାତିକୁ, ଓ ରାତି ଭିତରେ ଦିନକୁ ଭର୍ତ୍ତି କରିଦେଇଛନ୍ତି, ତାହା ତୁମ୍ଭେ କଣ ଦେଖୁନାହଁ ? ଆଲ୍ଲାଙ୍କ ଅନୁଗ୍ରହରୁ ସମୁଦ୍ରଉପରେ ଜାହାଜ ଚାଲୁଛି । ସେ ତୁମ୍ଭଙ୍କୁ ନିଜର ନିଶାନୀ ବା ସଙ୍କେତ ଦେଖାଉଛନ୍ତି ।

(ମଂ୫/ସି-୨୧/ସୂ-୩୧/ଆ-୨/୧୦/୨୯/୩୧)

ସମୀକ୍ଷକ:- ବାଃ,ବାଃ ! ତତ୍ତ୍ୱପୂର୍ଣ୍ଣ ପୁସ୍ତକ ! ଯେଉଁଥିରେ ବିଦ୍ୟା ବିରୁଦ୍ଧ କଥା, ଆକାଶର ଉତ୍ପତ୍ତି ତହିଁରେ ପୁଣି ସ୍ତମ୍ଭ ଲାଗିବା ଓ ପୃଥିବୀକୁ ପାହାଡ଼ ପ୍ରଭୃତିଦ୍ୱାରା ରକ୍ଷାକରିବା କଥା, ଭରପୂର ହୋଇ ରହିଛି, ତାହାକୁ କାହିଁକି ତତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ତା ବୁଝିହେଉନାହିଁ । ପୁଣି ଦିନରାତି ସମ୍ପର୍କରେ ବିସ୍ମୟକର ଲେଖା ରହିଛି । ଯେଉଁଠି ଦିନଅଛି ସେଠାରେ ରାତିନାହିଁ, ଓ ଯେଉଁଠି ରାତିଅଛି ସେଠାରେ ଦିନ ନାହିଁ ଏହା ନିରାଟ ସତକଥା । ଏପରିସ୍ଥଳେ ଦିନକୁ ରାତି ମଧ୍ୟରେ ଓ ରାତିକୁ ଦିନ ମଧ୍ୟରେ ପ୍ରବେଶ କରାଇବା କିପରି ସମ୍ଭବ ବୁଦ୍ଧିମାନ୍ ଲୋକେ ବିଚାରକରି ଦେଖନ୍ତୁ । ଜ୍ଞାନୀଲୋକେ କଦାପି ଏହାକୁ ସ୍ୱୀକାର କରିବେ ନାହିଁ । ମନୁଷ୍ୟର ବୁଦ୍ଧି ଓ ଯନ୍ତ୍ର ସାହାଯ୍ୟରେ ସମୁଦ୍ରବକ୍ଷରେ ଜାହାଜ ଚାଲୁଥିବା ବିଷୟ ସମସ୍ତେ ଜାଣନ୍ତି । ଯଦି ପଥରନିର୍ମିତ ନୌକା ସମୁଦ୍ରରେ ବୁଡନ୍ତା ନାହିଁ ତେବେ ତାକୁ ଆଲ୍ଲାଙ୍କ କୃପା ବୋଲି କୁହାଯାଆନ୍ତା । ଏଣୁ କୋରାନ୍ ଈଶ୍ୱରଙ୍କ ଅଥବା କୌଣସି ବିଦ୍ୱାନଙ୍କ ବିରଚିତ ପୁସ୍ତକ ନୁହେଁ ॥ ୧୨୬ ॥

୧୨୭- ଆସମାନ୍ ବା ଆକାଶରୁ ଆସି ପୃଥିବୀର କାମ ତଦାରଖକରି ଗୋଟିଏ ଦିନ ଭିତରେ ପୃଥିବୀରୁ ଆକାଶକୁ ଚାଲିଯାଆନ୍ତି । ତୁମର ଗଣନାନୁସାରେ ଏକହଜାର ବର୍ଷପରେ ସେଦିନ ସେମାନେ ତୁମ ନିକଟକୁ ଯିବେ । ଆଲ୍ଲା ଭୂତ ଭବିଷ୍ୟତ ସବୁ ଜାଣନ୍ତି । ସେ ଯେପରି ଦୟାଳୁ ସେହିପରି କ୍ଷମାଶୀଳ ମଧ୍ୟ । ସେ ତାକୁ ଗଢ଼ିଲେ, ପୁଣି ତା ଭିତରେ ନିଜର ପ୍ରାଣବାୟୁକୁ ଫୁଙ୍କିଦେଲେ । ମୃତ୍ୟୁ-ଦୂତ ତୁମ ନିକଟକୁ ଯିବ ଓ ତୁମର ମୃତ୍ୟୁ ସେ ଘଟାଇବ । ଆମ ଇଚ୍ଛାରେ ଆମେ ପ୍ରତ୍ୟେକ ପ୍ରାଣୀଙ୍କୁ ଶିକ୍ଷା ଦେଉଁ । ଆମ

କହିବାକଥା ଅବଶ୍ୟ ସଫଳ ହେବ । ମୋପକ୍ଷରୁ ଏହା ସିଦ୍ଧ କଥା ଯେ ମନୁଷ୍ୟଙ୍କୁ ଏକାଠିକରି ମୁଁ ନରକରେ ଭର୍ତ୍ତି କରିବି । (ମଂ୫/ସି·୨୧/ସୂ·୩୨/ଆ·୫/୬/୯/୧୧/୧୩)

ସମୀକ୍ଷକ:- ଏବେ ପ୍ରମାଣିତ ହୋଇଗଲା ଯେ, ମୁସଲମାନମାନଙ୍କ ଖୁଦା ମନୁଷ୍ୟମାନଙ୍କ ପରି ଏକଦେଶୀ । ସର୍ବବ୍ୟାପକ ହୋଇଥିଲେ ଗୋଟିଏ ସ୍ଥାନରେ ରହି କାର୍ଯ୍ୟ କରନ୍ତେ ନାହିଁ, ତଳକୁ ଉପରକୁ ଯାତାୟାତ କରନ୍ତେ ନାହିଁ, କିମ୍ବା ଦୂତମାନଙ୍କୁ ପଠାଇ କାର୍ଯ୍ୟ ତଦାରଖ କରନ୍ତେ ନାହିଁ । ନିଜେ ଆକାଶର କେଉଁଠି ସେ ଝୁଲି ରହିଛନ୍ତି ଓ ଦୂତମାନଙ୍କୁ ଦୌଡ଼ାଉଛନ୍ତି । ଦୂତମାନେ ଲାଞ୍ଚଖାଇ ପ୍ରକୃତ ଖବର ଯଦି ନ ଦୁଅନ୍ତି, ପୁଣି କୌଣସି ମୁର୍ଦ୍ଦାରକୁ ଛାଡି ଦିଅନ୍ତି, ତେବେ ଖୁଦା ମଧ୍ୟ କିଛି ଜାଣିପାରନ୍ତେ ନାହିଁ । ଯେଣୁ ସେ ସର୍ବଜ୍ଞ ନୁହନ୍ତି । ଯଦି ସେ ସର୍ବଜ୍ଞ ଓ ସର୍ବବ୍ୟାପକ ହୋଇଥାନ୍ତେ ତେବେ ଦୂତ ପଠାଇବାର ଦରକାର ପଡ଼ନ୍ତା ନାହିଁ । ପୁଣି ଏକହଜାର ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବା ସର୍ବଶକ୍ତିମାନ୍‌ର କାର୍ଯ୍ୟ ନୁହେଁ । ଦୂତମାନଙ୍କର ଯଦି ମୃତ୍ୟୁ ଅଛି, ତେବେ ସେମାନଙ୍କ ମୃତ୍ୟୁର ଅଧିକାରୀ କିଏ ? ଯଦି ସ୍ୱର୍ଗଦୂତମାନେ ଅମର ତେବେ ଅମରତ୍ୱ ସମ୍ପର୍କରେ ଖୁଦା କେବେ ଅଦ୍ୱିତୀୟ ହୋଇପାରିବେ ନାହିଁ । ଯେଣୁ ଦୂତମାନେ ତାଙ୍କ ସମକକ୍ଷ ହୋଇଗଲେ । ଜଣେମାତ୍ର ଦୂତ ଏକସମୟରେ ସବୁ ଜୀବମାନଙ୍କୁ ନରକକୁ ନେଇପାରେ ନାହିଁ, ପୁଣି ଅନେକ ଦୂତ ବିନାପାପରେ ଅନେକ ଲୋକଙ୍କୁ ନରକରେ ପକାଇ କିପରି ତାମସା ଦେଖିବେ ? ଏଥିପାଇଁ ଖୁଦା ପାପୀ,ଅନ୍ୟାୟକାରୀ ଓ ନିର୍ଦ୍ଦୟ ଅଟନ୍ତି । ଏ ପ୍ରକାର କଥା ଏ ଗ୍ରନ୍ଥରେ ଥିବାରୁ ଏହା ଈଶ୍ୱରକୃତ ନୁହେଁ କିମ୍ବା ଏଥିରେ ବର୍ଣ୍ଣିତ ଖୁଦା ନିର୍ଦ୍ଦୟ ଓ ଅନ୍ୟାୟକାରୀ ହେତୁ ଈଶ୍ୱର ନୁହନ୍ତି ॥ ୧୨୭ ॥

୧୨୮- ତୁମେମାନେ ଯଦି ମୃତ୍ୟୁ ଓ ହତ୍ୟାକୁ ଭୟକରି ପଳାୟନ କରିବ, ତେବେ ଧର୍ମରେ ତୁମର ଲାଭ ହେବ ନାହିଁ । ହେ ନବୀଙ୍କର ବୀବୀମାନେ ! ତୁମ୍ଭମାନଙ୍କ ମଧ୍ୟରୁ ଯେ କେହି ନିର୍ଲ୍ଲଜତା ଭିତରକୁ ଆସିବ, ତାକୁ ଦୁଇଗୁଣକରି ଦଣ୍ଡ ଦିଆଯିବ । ଖୁଦାଙ୍କ ପକ୍ଷରେ ତାହା ଅତି ସହଜ ଅଟେ । (ମଂ୫/ସି·୨୧/ସୂ·୩୩/ଆ·୧୬/୩୦)

ସମୀକ୍ଷକ:- ଯୁଦ୍ଧରୁ କେହି ପଳାୟନ ନକରନ୍ତୁ, ଆମ୍ଭର ବିଜୟ ହେଉ, ମୃତ୍ୟୁକୁ ଭୟକରନ୍ତୁ ନାହିଁ ଐଶ୍ୱର୍ଯ୍ୟ ବୃଦ୍ଧି ହେଉ ଓ ମତବାଦ ବଢ଼ିଯାଉ ଏହି ଆଶାରେ ମହମ୍ମଦ ସାହେବ

ଏସବୁକଥା ଲେଖାଇଥିବେ । ଯଦି ତାଙ୍କର କୌଣସିଭାର୍ଯ୍ୟା ପଦାକୁ ବାହାରିବାରେ ତାର ଲଜ୍ଜାହୀନତା ଓ ଦୁଷ୍କର୍ମ ଧରାଯାଏ ତେବେ ମହମ୍ମଦ ନିଜେ ବିନା ପରଦାରେ ବାହାରେ ବୁଲିବାହେତୁ କାହିଁକି ନିର୍ଲ୍ଲଜ ଓ ଦଣ୍ଡନୀୟ ନ ହେବେ ? ପୈଗମ୍ବରଙ୍କ ସ୍ତ୍ରୀ ଦଣ୍ଡ ପାଇବ, କିନ୍ତୁ ପୈଗମ୍ବରନିଜେ ଦଣ୍ଡରୁ ମୁକ୍ତ ରହିବେ, ଏହା କିପରି ନ୍ୟାୟ ? ॥ ୧୨୮ ॥

୧୨୯- ତୁମେମାନେ ନିଜ ନିଜ ଘର ଭିତରେ ରହ । ପୁଣି ଖୁଦା ଓ ତାଙ୍କର ଦୂତମାନଙ୍କୁ ମାନ । କିନ୍ତୁ ଜିଏଦ୍ ଯେତେବେଳେ ତାହାପ୍ରତି ନିଷ୍ପ୍ରୟକଲେ ସେତେବେଳେ ଆମେ ତୁମକୁ ତା ସହିତ ବିବାହ କରାଇଦେଲୁ । ନତୁବା ମୁସଲମାନ୍‌ମାନେ ନିଜ ନିଜ ପୋଷ୍ୟପୁତ୍ରର ଭାର୍ଯ୍ୟାମାନଙ୍କୁ ଘରୁ ତଡିଦେଇ ଦୋଷୀ ହୋଇଥାନ୍ତେ । କାଳେ ତାହା ସେମାନେ ନିଷ୍ପ୍ରୟ କରି ନିଅନ୍ତେ । ଖୁଦାଙ୍କ ଆଜ୍ଞା ପାଳନ କରିବାକୁ ହେବ । ଖୁଦା ଯେଉଁ ଅନୁମତି ଦେଇଛନ୍ତି ତାପାଇଁ ପୈଗମ୍ବରଙ୍କ ଉପରେ ଦୋଷାରୋପ କରାଯାଇ ପାରିବ ନାହିଁ । ମହମ୍ମଦ ତୁମର କାହାରିହେଲେ ପିତା ନୁହନ୍ତି । ଯେ କୌଣସି ମୁସଲମାନ ସ୍ତ୍ରୀ ପୈଗମ୍ବରକୁ ଗ୍ରହଣ କରିପାରେ । ତୁମେ ତୁମର ଯେଉଁ ସ୍ତ୍ରୀକୁ ଯେତେବେଳେ ଇଚ୍ଛା କରିବ ସେତେବେଳେ ତାକୁ ଗ୍ରହଣ କରିପାରିବ । ଏଥିରେ ତୁମର କୌଣସି ପ୍ରକାର ଦୋଷ ହେବନାହିଁ । ହେ ଧାର୍ମିକ ଲୋକମାନେ ! ପୈଗମ୍ବର ଘରକୁ ପ୍ରବେଶ କରନାହିଁ ।

(ମଂ୫/ସି·୨୨/ସୂ·୩୩/ଆ·୩୩/୩୭/୩୮/୪୦/୫୦/୫୧/୫୩)

ସମୀକ୍ଷକ:- ସ୍ତ୍ରୀମାନଙ୍କୁ ଘରଭିତରେ କଏଦୀମାନଙ୍କପରି ବାନ୍ଧି ରଖିବା,ପୁଣି ପୁରୁଷମାନଙ୍କୁ ନିଜ ଇଚ୍ଛାନୁସାରେ ଭ୍ରମଣ କରିବାକୁ ଦେବା ଏହା ମଧ୍ୟ ଏକ ଅନ୍ୟାୟ କଥା । ବହିଃ ପ୍ରଦେଶର ଶୁଦ୍ଧ ନିର୍ମଳ ବାୟୁ ସେବନ କରିବାରେ, ବାହାରେ ସ୍ୱଚ୍ଛନ୍ଦ ଭ୍ରମଣ କରିବାରେ ପୁଣି ପ୍ରାକୃତିକ ବିଚିତ୍ରଦୃଶ୍ୟ ଦେଖିବାରେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ସମାନ ଅଧିକାର ରହିଛି । ଏପରି ଅଯଥା କଟକଣାରୁ ଜଣାଯାଏ ଯେ ମୁସଲମାନ୍‌ମାନେ ବିଶେଷଭାବରେ ବିଷୟାସକ୍ତ ହୋଇପଡନ୍ତି । ଖୁଦା ଓ ପୈଗମ୍ବର ଦୁଇଜଣଙ୍କ ଆଦେଶକୁ ପାଳନ କରିବାପାଇଁ କହିବା ହାସ୍ୟାସ୍ପଦ କଥା । ଏକପ୍ରକାର ଆଦେଶ ହେଲେ ଦିଜଣଙ୍କ ଆଦେଶ ପାଳନକରେ କହିବାରେ କୌଣସି ଯଥାର୍ଥତା ନାହିଁ । କିନ୍ତୁ ଯଦି ଦିଜଣ ପରସ୍ପର ବିରୁଦ୍ଧ ବା ଭିନ୍ନ ଭିନ୍ନ ଆଦେଶ ଦିଅନ୍ତି ତେବେ ତନ୍ମଧ୍ୟରୁ ଏକ ଆଦେଶ ଯଥାର୍ଥ ହୋଇଥିବା ସ୍ଥଳେ ଅନ୍ୟଟି

ଅନୁପଯୁକ୍ତ ହୋଇଥିବ । ତେଣୁ ଉଭୟଙ୍କ ମଧ୍ୟରୁ ଜଣେ ଈଶ୍ୱର ହେଲେ ଅନ୍ୟଜଣଙ୍କ ସଇତାନ୍ ହେବ । ତଥାପି ସଇତାନ୍ ଖୁଦାଙ୍କପରି ପୂଜାପାଇବ । ଅନ୍ୟର ମତକୁ ଏଡାଇଦେଇ ନିଜ ମତକୁ ଗ୍ରାହ୍ୟ କରିବାପାଇଁ କେହି ହୁଏତ ଏ ଲୀଳା ସୃଷ୍ଟି କରିଛି । ମହମ୍ମଦ ଅତ୍ୟନ୍ତ କାମୁକ ଥିଲେ । ଯଦି ନ ଥିଲେ ତେବେ (ଲେପାଳକ) ପୁଅର ସ୍ତ୍ରୀ ବା ପୁତ୍ରବଧୂକୁ ନିଜର ସ୍ତ୍ରୀ କରାଇ ନେଇଥାନ୍ତେ କାହିଁକି ? ଏହା କରିବାଦ୍ୱାରା ଖୁଦା ପକ୍ଷପାତୀ ଓ ଅନ୍ୟାୟୀ ହୋଇଗଲେ । ଜଙ୍ଗଲୀ ଲୋକେମଧ୍ୟ ଜିଜ ନିଜର ପୁତ୍ରବଧୂକୁ ଗ୍ରହଣ କରିବାରେ ଭୟ ବା ଲଜ୍ଜା କରିବେ ନାହିଁ । ଆହୁରି ଅନ୍ୟାୟ କଥା ଯେ ସେ ନବୀକୁ ବିଷୟସମ୍ବନ୍ଧୀ ଲୀଳା କରିବାରେ ବାଧା ଦେଇନାହାନ୍ତି । ଯଦି ନବୀ କାହାର ବାପ ନଥିଲେ, ତେବେ ଲେପାଳକ (ଲେପାଳକ) କାହାର ପୁଅଥିଲା ? ଏସବୁ ଲେଖାଗଲା କାହିଁକି ? ଏହି କାରଣ ଯୋଗୁଁ ଅର୍ଥାତ୍ ପୈଗମ୍ବର ସାହେବ ଯେତେବେଳେ ନିଜର ପୁତ୍ରବଧୂକୁ ଘରେ ରଖାଇ ନେବାରୁ ବଞ୍ଚିତ ହୋଇନାହାନ୍ତି, ସେତେବେଳେ ଅନ୍ୟମାନେ ଏଥିରୁ ବା ବିରତ ହେବେ କିପରି ? ଯଦି ଅନ୍ୟ କାହାର ସ୍ତ୍ରୀ ନବୀଙ୍କ ପ୍ରତି ପ୍ରସନ୍ନ ହୋଇ ବିବାହ କରିବାକୁ ଚାହେଁ, ତେବେ ତାହା ଗ୍ରହଣୀୟ ହେବ କି ? ଏହା ମହା ଅଧର୍ମ କଥା । ନବୀ ନିଜର ଯେଉଁ ସ୍ତ୍ରୀକୁ ଚାହିଁବେ ଛାଡ଼ିଦେବେ ପୁଣି ମହମ୍ମଦ ସାହେବଙ୍କ ସ୍ତ୍ରୀ ଯଦି ପୈଗମ୍ବରଙ୍କଦ୍ୱାରା ଅପରାଧିନୀ ହୁଅନ୍ତି ତେବେ କେବେ ଛାଡିପାରିବେ ନାହିଁ । କେହି ବ୍ୟକ୍ତି ବ୍ୟଭିଚାର ଉଦ୍ଦେଶ୍ୟରେ ପୈଗମ୍ବରଙ୍କ ଘରେ ପ୍ରବେଶ କରିପାରିବେ ନାହିଁ । କିନ୍ତୁ ପୈଗମ୍ବର ନିଜେ ଅନ୍ୟ ଗୃହରେ ପ୍ରବେଶ କରିବେ ଓ ତାପାଇଁ ଗୌରବାନ୍ୱିତ ମଧ୍ୟ ହେବେ, ଏହା କିପରି ନ୍ୟାୟ ଓ ଧର୍ମ ସଙ୍ଗତ ହେବ ? କଣ ନବୀ ଅନ୍ୟ ଯେ କୌଣସି ଘରକୁ ନିଃଶଙ୍କରେ ପ୍ରବେଶକରି ମାନନୀୟ ହୋଇ ରହିପାରିବେ ? ଭଲା, ଏପରି କିଏ ବିଚାର ବୁଦ୍ଧିହୀନ ଯେ କୋରାନକୁ ଈଶ୍ୱରକୃତ, ମହମ୍ମଦ ସାହେବଙ୍କୁ ପୈଗମ୍ବର ଓ କୋରାନୁକ୍ତ ଈଶ୍ୱରଙ୍କୁ ପରମେଶ୍ୱର ବୋଲି ମାନିବ ? ବଡ଼ ଆଶ୍ଚର୍ଯ୍ୟର କଥା ଏପରି ଯୁକ୍ତିହୀନ ଅଧର୍ମ ଉଥାରେ ପରିପୂର୍ଣ୍ଣ ମତକୁ ଆରବ ଦେଶବାସୀ ସ୍ୱୀକାର କରିନେଲେ ? ॥ ୧୨୯ ॥

୧୩୦- ରସୁଲଙ୍କୁ ଦୁଃଖଦେବା ତୁମ୍ଭପକ୍ଷରେ ଉଚିତ ନୁହେଁ । ବିବାହପରେ ସ୍ତ୍ରୀମାନଙ୍କୁ ମଧ୍ୟ ଦୁଃଖଦେବା ଠିକ୍ ନୁହେଁ । ଏହାଦ୍ୱାରା ଆଲ୍ଲାଙ୍କ ନିକଟରେ ପାପୀ ହେବାକୁ ପଡ଼େ । ଯେଉଁଲୋକ ଆଲ୍ଲା ଓ ରସୁଲଙ୍କୁ ଦୁଃଖ ଦିଅନ୍ତି, ଆଲ୍ଲା ତାଙ୍କୁ ନିଶ୍ଚିତରୂପେ ଧିକ୍କାର କରନ୍ତି । ଯେଉଁମାନେ ମୁସଲମାନମାନଙ୍କୁ ଦୁଃଖ ଦିଅନ୍ତି ଓ ବିନା ଦୋଷରେ ମୁସଲମାନ୍ ସ୍ତ୍ରୀମାନଙ୍କୁ କଷ୍ଟ ଦିଅନ୍ତି, ସେମାନେ ଏହି ମିଥ୍ୟା ଦୋଷ ହେତୁ ପ୍ରତ୍ୟକ୍ଷ ପାପ ଅର୍ଜନ କରନ୍ତି । ଯେଉଁଠି ମରାଯାଉଛି, ଧରାଯାଉଛି, କତଲ ବା ହତ୍ୟାକରାଯାଉଛି, ତାକୁ ଧିକ୍,ଧିକ୍ । ହେ ମୋର ଈଶ୍ୱର ! ସେମାନଙ୍କୁ ଦୁଇଗୁଣ ଦଣ୍ଡ ଦିଅ, ଧିକ୍କାର ବହୁ ଧିକ୍କାର ମଧ୍ୟ କର ।

(ମଂ୫/ସି·୨୨/ସୂ·୩୫/ଆ·୯/୩୫)

ସମୀକ୍ଷକଃ- ଏହାକୁ ଖୁଦାଙ୍କର ପକ୍ଷପାତ ଓ ଅନ୍ୟାୟପୂର୍ଣ୍ଣ ପ୍ରଭୁତ୍ୱ ବୋଲି କୁହାଯିବ । ରସୁଲଙ୍କୁ ଦୁଃଖ ଦେବାପାଇଁ ଯେପରି ନିଷେଧ କରାଯାଇଛି, ଏହା ପ୍ରଶଂସନୀୟ ବିଷୟ ହେଲେ ମଧ୍ୟ ଅନ୍ୟମାନଙ୍କୁ ଦୁଃଖ ନଦେବାପାଇଁ ରସୁଲଙ୍କୁ ମଧ୍ୟ ଯଦି ନିଷେଧ କରାଯାଇଥାନ୍ତା ତେବେ ଯୁକ୍ତିଯୁକ୍ତ ହୋଇଥାନ୍ତା । କାହାକୁ ଦୁଃଖଦେଲେ ପ୍ରକୃତରେ ଈଶ୍ୱର ଯଦି ଦୁଃଖ ଅନୁଭବ କରନ୍ତି ତେବେ ତାଙ୍କୁ ଈଶ୍ୱର କୁହାଯିବା ଉଚିତ ନୁହେଁ । ଆଲ୍ଲା ଓ ରସୁଲଙ୍କୁ ଦୁଃଖଦେବାକୁ ନିଷେଧ କରିବାଦ୍ୱାରା, ସେମାନେ ଯାହାକୁ ଚାହିଁବେ ତାକୁ ଦୁଃଖ ଦେବେ, ଏକଥା ସିଦ୍ଧ ହେଉନାହିଁ କି ? ଅନ୍ୟମାନଙ୍କୁ ଦୁଃଖଦେବା କଣ ଉଚିତ ? ମୁସଲମାନ ଓ ସେମାନଙ୍କ ସ୍ତ୍ରୀମାନଙ୍କୁ ଦୁଃଖ ଦେବା ଯେପରି ଖରାପ, ଅନ୍ୟମାନଙ୍କୁ ଦୁଃଖଦେବା ମଧ୍ୟ ସେହିପରି ଖରାପ । ଅନ୍ୟ ଲୋକଙ୍କୁ ଯେଉଁଠି ପାଇଲେ ସେଠାରେ ଧରାଯିବ, ଓ ମରାଯିବ ବୋଲି ଯେଉଁ ନିର୍ଦ୍ଦେଶ ଦିଆଯାଇଛି, ଠିକ୍ ସେହିପରି ବ୍ୟବହାର ମୁସଲମାନମାନଙ୍କ ପ୍ରତି କରିବାପାଇଁ ଯଦି ନିର୍ଦ୍ଦେଶ ଦିଆଯାଇ ଥାଆନ୍ତା, ତେବେ ସେମାନଙ୍କୁ ତା କେତେ ଖରାପ ନ ଲାଗନ୍ତା ? ହିଂସ୍ରକ ପୈଗମ୍ବରମାନେ ଅନ୍ୟମାନଙ୍କୁ ଦୁଇଗୁଣ ଦଣ୍ଡ ବିଧାନ କରିବାପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଛନ୍ତି । ଏହାକୁ ମଧ୍ୟ ଅନ୍ୟାୟ ଓ ସ୍ୱାର୍ଥପରତା ବୋଲି କୁହାଯିବ । ଏଣୁ ଏହିସବୁ କାରଣରୁ ମୁସଲମାନମାନଙ୍କ ମଧ୍ୟରୁ ଅନେକ ଏପରି ଅନ୍ୟାୟ ଆଚରଣ କରିବାକୁ କୁଣ୍ଠାବୋଧ କରୁନାହାନ୍ତି । ତେଣୁ ସେମାନଙ୍କ ପାଇଁ ସୁଶିକ୍ଷା ଆବଶ୍ୟକ । ସୁଶିକ୍ଷା ଅଭାବରେ ମନୁଷ୍ୟମଧ୍ୟ ପଶୁ ପାଲଟିଯାଏ ॥ ୧୩୦ ॥

୧୩୧- ଆଲ୍ଲା ସେହି ପୁରୁଷ ଯିଏକି ପବନକୁ ଉଠାନ୍ତି, ମେଘକୁ ପଠାନ୍ତି । ସହରର ଶବକୁ ଉଠାଇ ନେଉଛି । ଆମ ଏହି ପୃଥିବୀରେ ଯେଉଁମାନେ ମରନ୍ତି ସେ ସମସ୍ତଙ୍କୁ

ଉଠାଉଛୁ । ଏହିପରି ସେମାନଙ୍କୁ କବରରୁ ଉଠାଇବାକୁ ହେବ । ସେ ନିଜ ଦୟାରେ ରହିବାପାଇଁ ଘର ତିଆରି କରିଛନ୍ତି । ସେହି ଖୁଦା ଆମ୍ଭମାନଙ୍କୁ ଚିରକାଳ ଆଶ୍ରୟ ଦେଇଛନ୍ତି । ତାହାଙ୍କ କୃପାରୁ କୌଣସି ପରିଶ୍ରମ ବା କ୍ଲାନ୍ତି ଜଣାପଡୁନାହିଁ ।

(ମଂ୫/ସି-୨୨/ସୂ-୩୫/ଆ-୯/୩୫)

ସମୀକ୍ଷକ:- ସତରେ କି ବିଚିତ୍ର ବିଜ୍ଞାନ । ଖୁଦା ପବନକୁ ପଠାନ୍ତି, ମେଘକୁ ଉଠାଉଛନ୍ତି । ତଦ୍ଦ୍ୱାରା ସେ ମୁର୍ଦ୍ଦାରମାନଙ୍କୁ ଜୀବନ ଦେଉଛନ୍ତି । ଈଶ୍ୱରଙ୍କର ଏ କାର୍ଯ୍ୟ କଦାପି ନୁହେଁ । ତାଙ୍କର କାର୍ଯ୍ୟ ସର୍ବଦା ସମାନ । ଯେଉଁ ଘର ହେବ ତାହା ତିଆରି ନ କଲେ ହେବ ନାହିଁ । ପୁଣି ଯାହାକୁ ତିଆରି କରାଯାଏ ତାହା କଦାପି ଚିରସ୍ଥାୟୀ ହୋଇପାରେ ନାହିଁ । ଶରୀରଧାରୀ ପରିଶ୍ରମ ନ କଲେ ଦୁଃଖ ହୁଏ, ପୁଣି ଶରୀରଧାରୀ ମାତ୍ରକେ ରୋଗୀ ହୋଇଥାନ୍ତି । ମନୁଷ୍ୟ ଜଣେ ସ୍ତ୍ରୀ ସମାଗମକରି ରୁଗ୍ଣ ହେଉଛି । ଯଦି ଏକାଧିକ ସ୍ତ୍ରୀ ସମାଗମ କରାଯାଏ,ତେବେ ଦୁଃଖଦୁର୍ଦ୍ଦଶା ବହୁପରିମାଣରେ ବଢ଼ିଯାଏ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଏଣୁ ସ୍ୱର୍ଗରେ ସର୍ବଦା ରହିବା ମୁସଲମାନମାନଙ୍କ ପକ୍ଷରେ କଦାପି ସୁଖଦାୟକ ହୋଇନପାରେ ॥ ୧୩୧ ॥

୧୩୨- ଶପଥକରି କୁହାଯାଉଛି ଯେ କୋରାନ୍‌କୁ ଦୃଢ଼ କରାଯାଇଛି । ପ୍ରେରିତମାନଙ୍କ ମଧ୍ୟରେ ତୁମଧ୍ୟ ନିଶ୍ଚୟ ଜଣେ । ଉପରମାର୍ଗ ସରଳ । ବିଜୟୀ ଦୟାଳୁ ଖୁଦା ଓହ୍ଲାଇ ଦେଇଛନ୍ତି । (ମଂ୫/ସି-୨୩/ସୂ-୩୬/ଆ-୨ରୁ ୫ଯାଏ)

ସମୀକ୍ଷକ:- ବର୍ତ୍ତମାନ ଦେଖନ୍ତୁ, ଖୁଦା ଯଦି କୋରାନ୍ ରଚନା କରିଥାଆନ୍ତେ ତେବେ ଶପଥ କରିନଥାନ୍ତେ । ଖୁଦା ଯଦି ମହମ୍ମଦକୁ ପଠାଇଥାନ୍ତେ, ତେବେ ସେ ପୁତ୍ରବଧୂ ସହିତ ଅବୈଧ ସମ୍ପର୍କ ରଖିନଥାନ୍ତେ । " କୋରାନ୍‌କୁ ମାନୁଥିବା ଲୋକେ ସିଧାରାସ୍ତାରେ ଯାଉଛନ୍ତି " ଏହା କଥାରେ କେବଳ କୁହାଯାଇଛି । ଯେଉଁମାନେ ସତ କହନ୍ତି,ସତକୁ ମାନନ୍ତି, ସତକାମ କରନ୍ତି,ପୁଣି ପକ୍ଷପାତ ରହିତ ହୋଇ ନ୍ୟାୟ କରନ୍ତି, ଓ ଧର୍ମାଚରଣରେ ପ୍ରବୃତ୍ତ ହୁଅନ୍ତି, ସେମାନଙ୍କୁ ସିଧାରାସ୍ତାରେ ଯାଉଛନ୍ତି ବୋଲି କୁହାଯିବ । ଏହାର ବିପରୀତ ହେଉଛି କଠିନରାସ୍ତା । କୋରାନ୍, ଖୁଦା ଓ ମୁସଲମାନ୍ ମାନଙ୍କ ମଧ୍ୟରେ ଏଭଳି ସ୍ୱଭାବର ଅଭାବ ଦେଖାଯାଉଛି । କୋଳି ବିକ୍ରେତା ନିଜ କୋଳିକୁ ଯେପରି ଖଟା ବୋଲି କହେନା,

ଏମାନଙ୍କ କଥା ମଧ୍ୟ ଠିକ୍ ସେହିପରି ॥ ୧୩୨ ॥

୧୩୩- ପୁଣି ଯେତେବେଳେ ତୁରୀ ବାଜିବ ସେତେବେଳେ ସେହି ଶବ୍ଦକୁ ଶୁଣି କବରରୁ ମୁର୍ଦ୍ଦାରମାନେ ବାହାରି ମାଲିକଙ୍କ ଆଡ଼କୁ ଦୌଡ଼ିବେ । ସେମାନେ ଯାହା ଯାହା କରୁଥିଲେ ସେମାନଙ୍କ ହସ୍ତ ଓପାଦ ସେତେବେଳେ ସାକ୍ଷ୍ୟ ଦେବ । ତାଙ୍କ ବ୍ୟତୀତ କୌଣସି ବସ୍ତୁଟିଏ ଉତ୍ପାଦିତ ହୋଇପାରେନା । ସେ ଯାହା ଉତ୍ପାଦନ କରିବାକୁ ଚାହାନ୍ତି ସେତେବେଳେ ସେ କହନ୍ତି " ହୋଇଯା " ବାସ୍ ସେତିକରେ ସବୁ ହୋଇଯାଏ ।

(ମଂ୫/ସି-୨୩/ସୂ-୩୬/ଆ-୫୩/୬୫/୮୨)

ସମୀକ୍ଷକ:- ବର୍ତ୍ତମାନ ଏ ଓଲଟା କଥା ଶୁଣନ୍ତୁ । ହସ୍ତ ଓ ପାଦ ସାକ୍ଷ୍ୟ ଦେବେ,ଏହାକି କେବେ ସମ୍ଭବ ହୋଇପାରେ ? ଖୁଦାଙ୍କ ସମୟରେ ଅନ୍ୟକେହି ତ ନଥିଲେ, ତେଣୁ କାହାକୁ ସେ ଆଦେଶ ଦେଲେ ? ତାକୁ ପୁଣି କିଏ ଶୁଣିଲା ? କିଏ ହୋଇଗଲା ? ଯଦି କେହି ନଥିଲେ ତେବେ ଏସବୁ ତାହା ମିଛ କଥା । ଯଦି ଥିଲେ, ତେବେ " ଖୁଦାଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ନ ଥିଲା ଓ ସେ ସବୁକିଛି ତିଆରି କରିଦେଲେ" ଏହି ଉକ୍ତି ଭୁଲ ହୋଇଯିବ ॥ ୧୩୩ ॥

୧୩୪- ଶୁଦ୍ଧ ମଦ୍ୟର ପିଆଲା ତାଙ୍କ ଉପରେ ପକାଯିବ । ପାନକାରୀଙ୍କୁ ତାହା ଖୁବ୍ ମଜା ଦେବ । ସୁଲୋଚନାମାନେ ତଳକୁ ଆଖିକରି ସେମାନଙ୍କ ପାଖରେ ବସିଥିବେ । ମନେ କରନ୍ତୁ ଅଣ୍ଡା ଲୁଚାଇ ରଖିଥିବା ଭଳି ସେମାନେ ବସିଥିବେ । ଆମ୍ଭେ କଣ ମରିବା ନାହିଁ ? ଅବଶ୍ୟ ଲୁତ୍ ପୈଗମ୍ବରମାନଙ୍କ ମଧ୍ୟରେ ଥିଲା । ତାକୁ ଓ ତାର ସମସ୍ତ ଲୋକଙ୍କୁ ଆମ୍ଭେ ମୁକ୍ତି ଦେଲୁ । ପଛରେ ରହିଥିବା ଲୋକଙ୍କ ମଧ୍ୟରେ ଜଣେ ବୁଢ଼ୀ ଥିଲା । ତାପରେ ଅନ୍ୟଲୋକମାନଙ୍କୁ ଆମ୍ଭେ ମାରିଦେଲୁ ।

(ମଂ୬/ସି-୨୩/ସୂ-୩୭/ଆ-୪୫/୪୬/୪୮/୪୯/୫୮/୬୦ରୁ ୧୩୬ ଯାଏ)

ସମୀକ୍ଷକ:- କଣ ଆଜ୍ଞା ! ଏଠାରେ ତ ମୁସଲମାନମାନେ ମଦକୁ ପାପକର୍ମ ବୋଲି ବିରୋଧ କରନ୍ତି । କିନ୍ତୁ ତାଙ୍କ ସ୍ୱର୍ଗରେ ତ ମଦର ନଦୀ ବହୁଛି । ଏଠାରେ ମଦକୁ ବିରୋଧ କରାଯିବା ଅବଶ୍ୟ ଭଲକଥା, କିନ୍ତୁ ସ୍ୱର୍ଗରେ ରହି ପିବା ଅଧିକ ଖରାପ ପ୍ରଥା । ସ୍ତ୍ରୀମାନଙ୍କ ଦୌରାତ୍ମ୍ୟରେ ସେଠାରେ କାହାଚିତ୍ତ ସ୍ଥିର ହୋଇ ରହିପାରୁ ନ ଥିବ । ବଡ଼

ବଡ଼ ରୋଗମାନ ମଧ୍ୟ ହେଉଥିବ । ଶରୀରଧାରୀ ହୋଇଥିଲେ ମରିଯାଉଥିବେ । ଯଦି ଶରୀର ନ ଥିବ ତେବେ ଏସବୁକୁ ଭୋଗକରାଯାଉଥିବ କିପରି ? ସ୍ୱର୍ଗକୁ ଯିବା ସେମାନଙ୍କପକ୍ଷରେ ବ୍ୟର୍ଥ ହୋଇଯିବ ଯେ । ଯଦି ଲୂତକୁ ପୈଗମ୍ବର ବୋଲି କୁହାଯାଉଛି, ତେବେ ବାଇବେଲ୍‌ର ଲେଖା ଅନୁସାରେ ତା ସହିତ ତାର ଝିଅମାନେ ସମାଗମ କରି ଦିଓଟି ସନ୍ତାନ ଜନ୍ମ କରିଥିଲେ.ଏହି କଥାକୁ ମାନୁଛ କି ନାହିଁ ଯଦି ଏହାଠିକ୍ ତେବେ ତାକୁ ପୈଗମ୍ବରରୂପେ ମାନିବା ନିରର୍ଥକ । ପୁଣି ତାକୁ ଓ ତାର ସଙ୍ଗୀମାନଙ୍କୁ ଖୁଦା ମୁକ୍ତି ଦେଲେ.ତେଣୁ ଖୁଦା ମଧ୍ୟ ଦୋଷୀ ନ ହେବେ କାହିଁକି ? ଏପରି ବୁଢ଼ୀ କାହାଣୀ କଥନକାରୀ ଓ ପକ୍ଷପାତଦ୍ୱାରା ଅନ୍ୟମାନଙ୍କର ହତ୍ୟାକାରୀ କେବେ ଖୁଦା ହୋଇପାରିବେ ନାହିଁ ! ଏପରି ଖୁଦା ମୁସଲମାନ୍‌ମାନଙ୍କ ଆରାଧ୍ୟ ହୋଇପାରନ୍ତି. କିନ୍ତୁ ଅନ୍ୟମାନଙ୍କର ଆରାଧ୍ୟ କେବେ ହୋଇପାରିବେ ନାହିଁ ।। ୧୩୪ ।।

୧୩୫- ସ୍ୱର୍ଗରଦ୍ୱାର ସେମାନଙ୍କପାଇଁ ସର୍ବଦା ଖୋଲା ରହିଛି । ମଧ୍ୟ ଭାଗରେ ଶେଯ ଓ ତକିଆ ରଖାଯାଇଛି । ତାଙ୍କପାଇଁ ଫଳ ଓ ପାନୀୟ ବସ୍ତୁ ମଗାଯିବ । ସେମାନଙ୍କ ନିକଟରେ ଅଧୋବଦନା ଲଳନାମାନେ ଉପବେଶନ କରିଥିଲେ । ସ୍ୱର୍ଗଦୂତ ଓ ଅନ୍ୟ ସମସ୍ତେ ପ୍ରଣାମ କରୁଥିଲେ । କିନ୍ତୁ ସଇତାନ୍ ମାନିଲା ନାହିଁ । ନାସ୍ତିକମାନଙ୍କ ମଧ୍ୟରେ ରହି ଅଭିମାନ କଲା । ଆଲ୍ଲା କହିଲେ- ହେ ସଇତାନ୍ ! ମୁଁ ତୋର ଦୁଇହାତ ତିଆରି କରିଛି । ପ୍ରଣାମ କରିବାପାଇଁ କିଏ ତୋତେ ବାଧା ଦେଲା ? କେଉଁ ଅଧିକାରବଳରେ ତୁ ଏପରି ଅଭିମାନ କଲୁ ! ଉତ୍ତର ଦେଲା ମୁଁ ତାହାଠାରୁ ବଡ଼ । ଯେଣୁ ତୁମେ ମୋତେ ଅଗ୍ନିରୁ ଉତ୍ପନ୍ନ କରିଛ କିନ୍ତୁ ତାକୁ ମାଟିରେ ଗଢ଼ିଛ ! ବିଚାରଦିନପର୍ଯ୍ୟନ୍ତ ମୁଁ ତୋତେ ଧିକ୍କାର କରୁଛି । କହିଲା- ହେ ମୋର ମାଲିକ ! ମୁର୍ଦ୍ଦାର ଉଠାଯିବା ଦିନ ପର୍ଯ୍ୟନ୍ତ କୋହଳ କର ! ବାସ୍ ! ସେହି ନିଶ୍ଚିତ ଦିନ ପର୍ଯ୍ୟନ୍ତ ତୁ କୋହଳମାନଙ୍କ ମଧ୍ୟରେ ରହିବୁ । ସେ କହିଲା- ତୁମରି ଶକ୍ତି ବଳରେ ମୁଁ ସେମାନଙ୍କୁ ନିଶ୍ଚିତରୂପେ ଭ୍ରଷ୍ଟ କରିବି ।

(ମଂ୬/ସି·୨୩/ସୂ·୩୮/ଆ·୫୦ରୁ୫୨/୭୩ ରୁ ୮୨ଯାଏ)

ସମୀକ୍ଷକ:- ଯଦି କୋରାନ୍ ବର୍ଣ୍ଣନାନୁସାରେ ସ୍ୱର୍ଗରେ ବାଗବଗିଚ୍ଛା,ନାଳ,ଘର ଓ କୋଠାବାଡ଼ି ଥାଏ ତେବେ ତାହା ସବୁଦିନପାଇଁ ରହିପାରିବ ନାହିଁ । ଯେଉଁ ପଦାର୍ଥମାନ ସଂଯୋଗରୁ

ଉତ୍ପନ୍ନ ହୁଏ ବିୟୋଗରୁ ସେସବୁ ନଷ୍ଟ ହୋଇଯାଏ । ଯେତେବେଳେ ଏସବୁ ପଦାର୍ଥ ନଷ୍ଟ ହେବ ସେତେବେଳେ ସେଠାରେ ଏମାନେ ରହିବେ କିପରି ? ପୁଣି ଉଲ୍ଲେଖ କରାଯାଇଛି ଯେ ସେଠାରେ ଗଦୀ,ତକିଆ,ଫଳ ଓ ପାନୀୟ ପଦାର୍ଥ ମିଳେ । ଅନୁମାନ କରାଯାଉଛି····· ଯେଉଁ ସମୟରେ ମୁସଲମାନ୍ ଧର୍ମ ପ୍ରଚଳିତ ହେଲା, ସେତେବେଳେ ଆରବ ଦେଶ ବିଶେଷ ଧନାଢ୍ୟ ନଥିଲା । ତେଣୁ ମହମ୍ମଦ ସାହେବ ,ଗଦୀ ତକିଆ ପ୍ରଭୃତିର ପ୍ରଲୋଭନ ଦେଖାଇ ଦରିଦ୍ର ଲୋକଙ୍କୁ ନିଜ ମତରେ ଦୀକ୍ଷିତ କରାଉଥିଲେ । ସ୍ତ୍ରୀ ସହବାସରେ ଶାଶ୍ୱତ ସୁଖ କେବେହେଲେ ମିଳେ ନାହିଁ । ସେହି ସ୍ୱର୍ଗକୁ ସ୍ତ୍ରୀମାନେ କେଉଁଠୁ ଆସିଲେ ? ସେମାନେ ସ୍ୱର୍ଗରେ ରହିଥିଲେ ନା କଣ ? ଯଦି ଅନ୍ୟ ସ୍ଥାନରୁ ଆସିଥାନ୍ତି ତେବେ ଦିନେନାଦିନେ ଅବଶ୍ୟ ଫେରିଯିବେ । ଯଦି ସେଠାରେ ରହୁଥିଲେ ତେବେ ଉତ୍ଥାନ ପୂର୍ବରୁ ସେମାନେ ସେଠାରେ କଣ କରୁଥିଲେ ? ବୃଥାରେ କାଳକ୍ଷେପଣ କରୁଥିଲେ କି ? ଏବେ ଦେଖନ୍ତୁ ଖୁଦାଙ୍କ ତେଜ ବା ଶକ୍ତିସାମର୍ଥ୍ୟ । ତାଙ୍କ ଆଦେଶରେ ସମସ୍ତ ଦୂତ ଆଦମ୍‌କୁ ନମସ୍କାର କଲେ, କିନ୍ତୁ ତାଙ୍କ ହୁକୁମ୍‌କୁ ସଇତାନ୍ ମାନିଲା ନାହିଁ । ଖୁଦା ତାକୁ କହିଲେ- - ମୁଁ ତୋତେ ନିଜ ହାତରେ ତିଆରି କରିଛି, ତୁ ଅଭିମାନ କରନା ! ଏଥିରୁ ଜଣାପଡୁଛି କୋରାନ୍‌ର ଖୁଦା ହାତଗୋଡ଼ଥିବା ଜଣେ ମନୁଷ୍ୟ ଥିଲେ । ଏଣୁ ସେ ବ୍ୟାପକ ବା ସର୍ବଶକ୍ତିମାନ୍ କଦାପି ହୋଇପାରିବେ ନାହିଁ । ସଇତାନ୍ ଆଦମ୍‌ଠାରୁ ନିଜକୁ ବଡ଼ ବୋଲି କହି ଠିକ୍ କଥା କହିଥିଲା,ତଥାପି ତା ଉପରେ ଖୁଦା ରାଗିଲେ କାହିଁକି ? ଖୁଦାଙ୍କ ଘର ଯଦି ପୃଥିବୀରେ ନୁହେଁ, କେବଳ ସ୍ୱର୍ଗରେ, ତେବେ ଖୁଦାଙ୍କ ଘର କାବାରେ ବୋଲି କହିବାର ତାତ୍ପର୍ଯ୍ୟ କଅଣ ? ପରମେଶ୍ୱର ଆପଣା ମଧ୍ୟରୁ ବା ସୃଷ୍ଟି ମଧ୍ୟରୁ କିପରି ପୃଥକ୍ ହୋଇପାରିବେ ? ଯେଣୁ ଏ ସକଳ ସୃଷ୍ଟି ହେଉଛି ପରମେଶ୍ୱରଙ୍କର । ଏଥିରୁ ଜଣାଯାଏ ଯେ, କୋରାନ୍‌ର ଖୁଦା ସ୍ୱର୍ଗର ଜଣେ ଜମିଦାରମାତ୍ର ଥିଲେ । ଖୁଦା ସଇତାନ୍‌କୁ ଭର୍ତ୍ସନା କରି ଜେଲଦଣ୍ଡ ଦେଲେ, ପୁଣି ତାର ପ୍ରାର୍ଥନାଶୁଣି ତାକୁ ଶେଷ ବିଚାରଦିନ ପର୍ଯ୍ୟନ୍ତ ଛାଡ଼ିଦେଲେ । ସଇତାନ୍ ଛାଡ଼ ପାଇବାମାତ୍ରେ ଖୁଦାଙ୍କୁ କହିଲା - ବର୍ତ୍ତମାନ ମୁଁ ଅତିଭ୍ରଷ୍ଟ କରିବି ଓ ବିପ୍ଲବ ମଧ୍ୟ କରିବି । ଖୁଦା କହିଲେ- ତୁ ଯେଉଁ ଜୀବମାନଙ୍କୁ ଭ୍ରଷ୍ଟ କରିବୁ, ମୁଁ ସେମାନଙ୍କ ସମେତ ତୋତେ ମଧ୍ୟ ନରକରେ ପକାଇବି । ଏବେ ଆପଣମାନେ

ବିଚାର କରନ୍ତୁ ଖୁଦା ସଇତାନ୍‌କୁ ଭ୍ରଷ୍ଟ କରିଛନ୍ତି ନା ସେ ନିଜେ ନିଜେ ଭ୍ରଷ୍ଟ ହୋଇଛି ? ଖୁଦା ଯଦି ଭ୍ରଷ୍ଟକର୍ତ୍ତା ତେବେ ସେ ସଇତାନ୍‌ର ସଇତାନ୍ ହେବେ । ସଇତାନ୍ ଯଦି ଆପେ ଆପେ କୁମାର୍ଗଗାମୀ ହୋଇଥାଏ, ତେବେ ଅନ୍ୟ ଜୀବମାନେ ଆପେ ଆପେ କୁମାର୍ଗଗାମୀ କାହିଁକି ବା ନ ହେବେ ? ଏଥିପାଇଁ ସଇତାନ୍‌ର ଆବଶ୍ୟକତା କଣ ? ସଇତାନ୍‌କୁ ମୁକ୍ତ କରିଦେବା ଖୁଦାଙ୍କର ହେଉଛି ଏକ ଗୁରୁତର ଦୋଷ । ସେ ନିଜେ ଯଦି ପ୍ରେରିକରାଇ ଦଣ୍ଡ ବିଧାନ କରୁଥାଆନ୍ତି, ତେବେ ଅନ୍ୟାୟର କୌଣସି ସୀମା ନାହିଁ ବୋଲି କହିବାକୁ ହେବ ॥ ୧୩୫ ॥

୧୩୬- ଆଲ୍ଲା ଦୟାଳୁ ହୋଇଥିବାରୁ ସେ ସମସ୍ତ ପାପକୁ କ୍ଷମା କରନ୍ତି । ସମଗ୍ର ପୃଥିବୀ ତାଙ୍କ ହାତମୁଠାରେ ରହିଛି ଓ ଏହା ଉତ୍ଥାନଦିନ ପର୍ଯ୍ୟନ୍ତ ରହିବ । ସ୍ୱର୍ଗ ଓ ପୃଥିବୀକି ଏକାଠି ଗୁଡ଼ାଇଦେଇ ସେ ନିଜ ଡାହାଣ ହାତରେ ଧରିଛନ୍ତି । ଆଲ୍ଲାଙ୍କ ଜ୍ୟୋତିରେ ପୃଥିବୀ ଉଜ୍ଜ୍ୱଳ ଦେଖାଯିବ । କର୍ମପତ୍ର ରଖାଯିବ ପୁଣି ପୈଗମ୍ବରଙ୍କୁ ଅଣାଯିବ । ସାକ୍ଷୀମାନଙ୍କୁ ଡକାଯାଇ ଫଇସଲା କରାଯିବ । (ମଂ ୬/ସି ୨୪/ସୂ ୩୯/ଆ ୫୩/୬୭/୬୯)

ସମୀକ୍ଷକ:- ଖୁଦା ସମସ୍ତ ପାପକୁ ଯଦି କ୍ଷମା କରି ଦିଅନ୍ତି, ତେବେ ଜାଣିବାକୁ ହେବଯେ ସେ ସମଗ୍ର ସଂସାରରେ ପାପକୁ ବିସ୍ତାର କରିବାରେ ସାହାଯ୍ୟ କରୁଛନ୍ତି । ସେ ଦୟାହୀନ ବୋଲି ପ୍ରମାଣିତ ମଧ୍ୟ ହେବ । କାରଣ ଜଣେ ଦୁଷ୍ଟ ଉପରେ ଦୟା ଓ କ୍ଷମା ପ୍ରଦର୍ଶନ କଲେ ସେ ଅଧିକ ଦୁଷ୍ଟ ହେବ ଓ ଧର୍ମାତ୍ମାମାନଙ୍କୁ ଦୁଃଖ ଦେବ । ସାମାନ୍ୟ ଦୋଷ ହେଲେ ମଧ୍ୟ ଯଦି ଦଣ୍ଡବିଧାନ କରାନଯାଏ ତେବେ ଜଗତରେ ପାପ ବିସ୍ତାର ଲାଭକରେ । ତେବେ କଣ ପରମେଶ୍ୱର ଅଗ୍ନିବତ୍ ପ୍ରକାଶଶୀଳ । କର୍ମପତ୍ର ଗୁଡ଼ାକ କେଉଁଠି ଜମାରହେ ପୁଣି ସେ ସବୁକୁ କିଏ ଲେଖେ ? ଯଦି ପୈଗମ୍ବର ଓ ସାକ୍ଷୀମାନଙ୍କ ଉପରେ ନିର୍ଭର କରି ଖୁଦା ନ୍ୟାୟ କରୁଥାନ୍ତି ତେବେ ବୁଝିବାକୁ ହେବ ଯେ ସେ ସର୍ବଜ୍ଞ ତା ସମର୍ଥ ନୁହନ୍ତି । ଯଦି ସେ ନ୍ୟାୟ କରୁଥିବେ ତେବେ କର୍ମାନୁସାରେ ନିଶ୍ଚୟ ବିଚାର କରୁଥିବେ । ସେ ସବୁ କର୍ମ ପୂର୍ବାପର ବା ଉତ୍ତରଜନ୍ମର ହୋଇପାରେ । ତେଣୁ କ୍ଷମା କରିବା, ବିଚାର ନକରି ବିବେକପରେ ବୁଦ୍ଧି ଢଙ୍କାଇବା, ଶିକ୍ଷାର୍ଜନ ନକରିବା, ସଇତାନ୍‌ଦ୍ୱାରା ଭ୍ରଷ୍ଟ କରାଇବା, ଓ ବିନା ନ୍ୟାୟରେ ଦୀର୍ଘକାଳ ହାଜତରେ ରଖିବା ଏସବୁକୁ ଅତି ଅନ୍ୟାୟ ବୋଲିବାକୁ ହେବ ॥ ୧୩୬ ॥

୧୩୭- ବିଜୟୀ ଜୀବନଧାରୀଙ୍କ ଦ୍ୱାରା ଆଲ୍ଲାଙ୍କ ପୁସ୍ତକ ଉତରାଯିବ । ସେ ହେଉଛନ୍ତି କ୍ଷମାକାରୀ ଓ ପଶ୍ଚାତ୍ତାପର ସ୍ୱୀକାରକର୍ତ୍ତା । (ମଂ ୬/ସି ୨୪/ସୂ ୪୦/ଆ ୨/୩)

ସମୀକ୍ଷକ:- ଏ ପୁସ୍ତକରେ ସାମାନ୍ୟ କେତୋଟିମାତ୍ର ସତ୍ୟଥିବାରୁ ସରଳ ତରଳ ଜନତା ଏହାକୁ ଆଲ୍ଲାଙ୍କର ବୋଲି ମାନି ନେଉଛନ୍ତି । କିନ୍ତୁ ସାମାନ୍ୟ କେତୋଟି ସତ୍ୟ ଅପେକ୍ଷା ବହୁଳ ପରିମାଣରେ ଅସତ୍ୟ ଏଥିରେ ପୂରି ରହିଛି । ବହୁଳ ଅସତ୍ୟ ହେତୁ ସତ୍ୟର ଅସ୍ତିତ୍ୱମଧ୍ୟ ଗୁରୁତ୍ୱହୀନ ହୋଇପଡୁଛି । କୋରାନ୍‌ର ଈଶ୍ୱର ତଥା କୋରାନ୍ ମତାବଲମ୍ବୀ ସମସ୍ତେ ଯେପରି ଅନ୍ୟାୟକାରୀ ସେହିପରି ପାପର ପ୍ରବର୍ତ୍ତନକାରୀ । କାରଣ ପାପକୁ କ୍ଷମା କରିବା କଦାପି ଧର୍ମକାର୍ଯ୍ୟ ନୁହେଁ । ଏହାଦ୍ୱାରା ମୁସଲମାନ୍ ଲୋକେ ପାପ କରିବାକୁ ତିଳେମାତ୍ର ଭୟ କରନ୍ତି ନାହିଁ ॥ ୧୩୭ ॥

୧୩୮- ସେ ଦୁଇଦିନ ମଧ୍ୟରେ ସପ୍ତମ ଆକାଶକୁ ନିର୍ମାଣ କଲେ । ଆମ୍ଭେ ତାମଧ୍ୟରେ ତାଙ୍କର ସମସ୍ତ କାର୍ଯ କରିଦେଲୁ । ସେମାନେ ତାଙ୍କ ନିକଟକୁ ଯେତେବେଳେ ଯିବେ ତାଙ୍କ କାନ ସାକ୍ଷୀ ଦେବ । ଚକ୍ଷୁ,ଚର୍ମ ମଧ୍ୟ ତାଙ୍କ କର୍ମବିଷୟରେ ସାକ୍ଷ୍ୟ ଦେବେ । ନିଜ ଚମଡାକୁ ଯଦି ପଚାରିବେ ତୁ ଆମ୍ଭ କର୍ମ ବିଷୟରେ କାହିଁକି ସାକ୍ଷ୍ୟ ଦେଲୁ, କହିବେ ସମସ୍ତ ବସ୍ତୁକୁ ଯେପରି ଆଲ୍ଲା ଆହ୍ୱାନ କରିଛନ୍ତି, ସେହିପରି ଆମ୍ଭକୁ ମଧ୍ୟ ଡାକିଛନ୍ତି । ଅବଶ୍ୟ ସେ ମୂର୍ଖମାନଙ୍କ ଜୀବନ ପ୍ରଦାତା ।

(ମଂ ୬/ସି ୨୪/ସୂ ୪୧/ଆ ୧୨/୨୦/୨୧/୩୯)

ସମୀକ୍ଷକ:- ହେ ମୁସଲମାନ୍ ଗଣ ! ଧନ୍ୟ ! ଧନ୍ୟ ! ତୁମ୍ଭମାନଙ୍କର ଖୁଦା ଯାହାଙ୍କୁ କି ତୁମ୍ଭେମାନେ ସର୍ବଶକ୍ତିମାନ୍ ବୋଲି କହୁଛ, ସେ ସପ୍ତମ ଆକାଶକୁ ଦୁଇଦିନରେ ତିଆରି କରିଦେଲେ । କିନ୍ତୁ ସର୍ବଶକ୍ତିମାନ୍ ପରମେଶ୍ୱର କ୍ଷଣକ ମଧ୍ୟରେ ଏ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡକୁ ନିର୍ମାଣ କରିଦେଇ ପାରନ୍ତି । କାନ, ଆଖି ଓ ଚମଡାକୁ ଈଶ୍ୱର ଜଡ଼ରୂପେ ତିଆରି କରିଛନ୍ତି, ତେଣୁ ସେମାନେ କିପରି ସାକ୍ଷ୍ୟ ଦେବେ ? ଯଦି ସେମାନେ ସାକ୍ଷୀ ହେବା କଥା, ତେବେ ସେଗୁଡ଼ିକୁ ଜଡ଼ବତ୍ ସୃଷ୍ଟିକଲେ କାହିଁକି ? ପୁଣି ନିଜର ପୂର୍ବାପର ନିୟମକୁ ବିରୁଦ୍ଧ କଲେ କାହିଁକି ? ଏହାଠାରୁ ଅଧିକ ମିଥ୍ୟା କଥା ହୋଇପାରେ, ଜୀବ ନିଜର ଚମଡାକୁ କହିଲେ- ତୁ ଆମ୍ଭ ବିରୁଦ୍ଧରେ ସାକ୍ଷ୍ୟ ଦେଲୁ କାହିଁକି ? ଚମଡା କହିଲା- ମୁଁ କଣ କରିବି,

ଆତ୍ମା ମୋତେ ସାକ୍ଷ୍ୟ ଦେବାକୁ କହିଲେ । ଏପରି କଥୋପକଥନ କେବେ କଣ ସମ୍ଭବ ହୋଇପାରେ ? କେହି ଯଦି କହେ ମୁଁ ବନ୍ଧ୍ୟାର ପୁତ୍ର ମୁଖ ଦେଖିଲି,ତେବେ ତା ସତ୍ୟ ହେବ କି ? ଯଦି ତାର ପୁତ୍ର ଅଛି ତେବେ ସେ ବନ୍ଧ୍ୟା ହେଲା କିପରି ? ଯଦି ବନ୍ଧ୍ୟା ତେବେ ପୁତ୍ର ଆସିଲା କୁଆଡୁ ? ସେହିପରି ଏସବୁ କଥା ମିଥ୍ୟା ପରିପୂର୍ଣ୍ଣ । ଯଦି ସେ ମୁର୍ଦ୍ଦାରକୁ ବଞ୍ଚାଇ ଦିଅନ୍ତି, ତେବେ ତାକୁ ମାରିବାର କି ଦରକାର ଥିଲା ? ଖୁଦା ନିଜେ ମୁର୍ଦ୍ଦାର ହୋଇପାରିବେ କି ନାହିଁ ? ଯଦି ହୋଇପାରିବେ ନାହିଁ ତେବେ ମୁର୍ଦ୍ଦାରକୁ ଖରାପ ବିଗୁରି ବଞ୍ଚାଉଛନ୍ତି କାହିଁକି ? ବିଗ୍ରରଦିନ ପର୍ଯ୍ୟନ୍ତ ଆତ୍ମା କେଉଁଠାରେ ରହେ ? ପ୍ରାଣୀମାନଙ୍କ ଭଲ ମନ୍ଦ କଥା ତତ୍କାଳ ବିଗ୍ରର ନ କରି ଅନିଶ୍ଚିତ କାଳ ପର୍ଯ୍ୟନ୍ତ କାହିଁକି ରଖାଯାଏ ? ଏହିସବୁ କଥାରୁ ଖୁଦାଙ୍କର ଈଶ୍ବରତ୍ୱ ଉପରେ ବାଧା ସୃଷ୍ଟି ହେଉଛି ।। ୧୩୮ ।।

୧୩୯- ତାଙ୍କ ପାଖରେ ଆକାଶ ଓ ପୃଥିବୀର ଗୁଚିକାଠି ରହିଛି । ଯାହାକୁ ଭୋଜନ ଦେବାପାଇଁ ସେ ଗୃହିଁବେ ତାକୁ ଖୋଲି ପାରିବେ । ସେ ଯାହା ଇଚ୍ଛା କରନ୍ତି ତା ନିର୍ମାଣ କରି ପାରନ୍ତି । ଯାହାକୁ ଇଚ୍ଛା କରନ୍ତି ତାକୁ ପୁତ୍ର ଦିଅନ୍ତି, ପୁଣି ଯାହାକୁ ଇଚ୍ଛା ତାକୁ ଝିଅଦିଅନ୍ତି । ପୁଅ ଝିଅମିଶାଇ କାହାକୁ ଦେଉଥିବା ସ୍ଥଳେ କାହାକୁ ବନ୍ଧ୍ୟାମଧ୍ୟ କରିଦିଅନ୍ତି । ତାଙ୍କ ସହିତ କଥାବର୍ତ୍ତା କରିବାପାଇଁ କୌଣସି ଲୋକର ଶକ୍ତି ନାହିଁ ଖୁଦା କେବଳ ସ୍ୱପ୍ନରେ ବା ପରଦା ଭିତରେ ରହି କଥା କହନ୍ତି ନତୁବା କୌଣସି ଦୂତ ବାର୍ତ୍ତାବାହକକୁ ପଠାଇ ନିଜ ଇଚ୍ଛା ଜଣାଇଦିଅନ୍ତି । (ଏହି ଆୟତର ଭାଷ୍ୟ " ତପସୀରହୁ ସେନୀ " ରେ ଲେଖାଅଛି ଯେ- ମହମ୍ମଦ ସାହେବ ଦୁଇଟି ପରଦା ମଧ୍ୟରେ ରହୁଥିଲେ ଓ ଖୁଦାଙ୍କ କଥା ଶୁଣିଥିଲେ । ଗୋଟିଏ ପରଦା ଉଚ୍ଚର ଅନ୍ୟଟି ଶ୍ୱେତ ମୋତିର ଥିଲା । ଦୁଇଟି ପରଦା ମଝିରେ ସତୁରିବର୍ଷଯାଏ ଗ୍ରଲିବା ରାସ୍ତା ରହିଥିଲା । ବୁଦ୍ଧିମାନ୍ ଲୋକେ ବିଗ୍ରର କରନ୍ତୁ ଯେ ଏ ଖୁଦା ନା ପରଦା ଆଢୁଆଳରେ କଥା କହୁଥିବା ଜଣେ ସ୍ତ୍ରୀଲୋକ ? ଏମାନେ ଈଶ୍ବରଙ୍କୁ ଦୁର୍ଦ୍ଦଶା କରିଦେଲେ । କାହିଁ ବେଦ, ଉପନିଷଦ୍ ସଦ୍‌ଗ୍ରନ୍ଥ ବର୍ଣ୍ଣିତ ଓ ପ୍ରତିପାଦିତ ଶୁଦ୍ଧ ପରମାତ୍ମା ଓ କାହିଁ କୋରାନୋକ୍ତ ପରଦା ଆଢୁଆଳରେ କଥା କହୁଥିବା ଖୁଦା । ପ୍ରକୃତରେ ଆରବଦେଶବାସୀ ଅବିଦ୍ୱାନ୍ ଥିବାରୁ ପ୍ରକୃତ କଥା ଜାଣିପାରି ନାହାନ୍ତି ! (ମଂ ୬/ସି-୨୫/ସୂ-୪୨/ଆ-୧୨/୪୯/୫୦/୫୧)

ସମୀକ୍ଷକ:- ତେବେ ଖୁଦାଙ୍କ ନିକଟରେ ଗୁଚିକାଠି ପରିପୂର୍ଣ୍ଣ ଭଣ୍ଡାରଟିଏ ଥିବ ।ଯେଣୁ ସେ ପ୍ରତ୍ୟେକ ସ୍ଥାନର କୋଳପ ଖୋଲୁଥିବେ । ସେ ଗ୍ରହିଁଲେ ବିନା ପୁଣ୍ୟକର୍ମରେ କଣ ଐଶ୍ୱର୍ଯ୍ୟ ଦେଇ ପାରିବେ ? ଯଦି ଏପରି କରୁଥାନ୍ତି ତେବେ ସେ ଅନ୍ୟାୟ କରୁଛନ୍ତି । କୋରାନକର୍ତ୍ତାଙ୍କ ଚତୁରପଣିଆ ଦେଖନ୍ତୁ ...... ଏହାଦ୍ୱାରା ସ୍ତ୍ରୀ ଲୋକମାନେ ମଧ୍ୟ ମୋହିତ ହୋଇଯିବେ । ଖୁଦା ଯାହା ଗୃହିଁବେ ତାହା ଉତ୍ପନ୍ନ କରିପାରିବେ । ତେବେ ସେ ଅନ୍ୟ ଖୁଦାଜଣକୁ କଣ ନିର୍ମାଣ କରିପାରିବେ ? ଯଦି କରିପାରିବେ ନାହିଁ ତେବେ ସେ ସର୍ବଶକ୍ତିମାନ୍ ହେବେ କିପରି ? ଯେଉଁ ମନୁଷ୍ୟକୁ ଦୟା କରନ୍ତି ତାକୁ ସେ ପିଲାଛୁଆ ଦିଅନ୍ତି । ତେବେ କୁକୁଡ଼ା,ମାଛ ଓ ଘୁଷୁରୀ ପ୍ରଭୃତିଙ୍କୁ ପଲପଲ ଛୁଆ କିଏ ଦେଉଛି ? ସ୍ତ୍ରୀ ପୁରୁଷଙ୍କ ବିନା ସଂଯୋଗରେ ଛୁଆ ଦେଉନାହାନ୍ତି କାହିଁକି ? । ନିଜ ଇଚ୍ଛାନୁସାରେ କାହାକୁ ବାନ୍ଝ ରଖି ଜୀବନସାରା ଦୁଃଖ ଦେଉଛନ୍ତି କାହିଁକି ? " ବାଃ ! ଖୁଦା ଏପରି ତେଜସ୍ୱୀ ଯେ ତାଙ୍କ ଆଗରେ କେହି କଥା କହିପାରନ୍ତି ନାହିଁ । କିନ୍ତୁ ପରଦା ଭିତରେ ରହି, ଦୂତ ବା ପୈଗମ୍ବରମାନଙ୍କୁ ପଠାଇ କଥାହୁଅନ୍ତି । ତେବେ ଖୁଦା ନିଜେ ପିତୁଳା ସଦୃଶ କାହିଁକି ନହେବେ ? ଖୁଦା ଯଦି ସର୍ବଜ୍ଞ ତେବେ ପରଦା ଭିତରେ ରହି ବା ଦୂତପଠାଇ ଖବର ବୁଝିବା ବା କଥା କହିବା କି ଆବଶ୍ୟକ ? ମଧ୍ୟସ୍ଥ ଲୋକ ଜଣେ ଯଦି ଆବଶ୍ୟକ କରୁଥାଆନ୍ତି ତେବେ ସେ ଈଶ୍ବର ନୁହନ୍ତି । କୌଣସି ଜଣେ ଚତୁର ବ୍ୟକ୍ତି ହୋଇଥିବେ ? ଏଣୁ କୋରାନ୍ କଦାପି ଈଶ୍ବର କୃତ ନୁହେଁ ।। ୧୩୯ ।।

୧୪୦ - ଈସା ପ୍ରତ୍ୟକ୍ଷ ପ୍ରମାଣ ନେଇ ଆସିଲେ ।

(ମଂ ୭ ।ସି - ୨୫ ।ସୂ -୪୩ ଆ -୭୩)

ସମୀକ୍ଷକ:- ଖୁଦା ପ୍ରକୃତରେ ଯଦି ଯିଶୁଙ୍କୁ ପଠାଇଥିଲେ, ତେବେ ତାଙ୍କ ଉପଦେଶ ବିରୁଦ୍ଧରେ ଖୁଦା ପୁଣି କୋରାନ୍ କାହିଁକି ରଚନା କଲେ ? ପୁଣି କୋରାନ୍ ବିରୁଦ୍ଧରେ ବାଇବେଲ୍ କଲେ କାହିଁକି ? ଏଣୁ ବାଇବେଲ୍ ବା କୋରାନ୍ କୌଣସି ଗ୍ରନ୍ଥ ଈଶ୍ବର କୃତ ନୁହେଁ ।। ୧୪୦ ।।

୧୪୧ - ତାକୁ ଧରି ନରକ ମଧ୍ୟକୁ ଘୋଷାରିଆଣ । ଏହିପରି ତାକୁ ରହିବାକୁ ହେବ । ତା ସହିତ ସୁନୟନା ଗୋରୀଙ୍କୁ ବିବାହ କରାଇଦେବା !

(ମଂ ୬ସି-୨୫/ସୂ ୪୪/।ଆ-୪୭/୫୪)

ସମୀକ୍ଷକ:- ଖୁଦା କଣ ନ୍ୟାୟକାରୀ ହୋଇ ପ୍ରାଣୀମାନଙ୍କୁ ଧରାଉଛନ୍ତି ଓ ଘୋଷାରୁଛନ୍ତି ? ସେମାନଙ୍କ ଖୁଦା ଯେତେବେଳେ ଏପରି କାର୍ଯ୍ୟ କରୁଛନ୍ତି,ତେବେ ତାଙ୍କର ଉପାସକମାନେ ଅନାଥ, ଦୁର୍ବଳମାନଙ୍କୁ ଧରି,ମାରି ପୀଡ଼ା ଦେବା କୌଣସି ଆଶ୍ଚର୍ଯ୍ୟଜନକ ବିଷୟ ନୁହେଁ। ସେ ସଂସାରୀ ମନୁଷ୍ୟଙ୍କ ଭଳି ବିବାହ କରାନ୍ତି । ସତେଯେପରି ମୁସଲମାନ୍‌ମାନଙ୍କ ସେ ହେଉଛନ୍ତି ପୁରୋହିତ ॥ ୧୪୧ ॥

୧୪୨- କାସ୍,ତୁମ୍ଭେ ଯେତେବେଳେ ବିଧର୍ମୀ ଲୋକମାନଙ୍କୁ ଦେଖିବ, ସେତେବେଳେ ତାଙ୍କ ବେକରେ ଛୁରୀ ଆଘାତ କରିବ । ସେମାନେ ହତ ନ ହେବାପର୍ଯ୍ୟନ୍ତ ବଧ କରିବ । ଏହାପରେ ତାଙ୍କୁ ଦୃଢ଼ଭାବରେ ବନ୍ଦୀକର । ଅନେକ ବସ୍ତି ତୁମ ବସ୍ତିର ଶକ୍ତିଠାରୁ ଅଧିକ ଥିଲା । ଯେଉଁମାନେ ତୁମକୁ ମାରି ବାହାର କରିଦେଇଥିଲେ, ଆମ୍ଭେ ତାଙ୍କୁ ଏତେ ମାଇଲୁ ଯେ,ତାଙ୍କର ସାହାଯ୍ୟକାରୀମାନେ ଆଉ ସାହାଯ୍ୟ କରିପାରିଲେ ନାହିଁ । ଯେଉଁ ପରହେଜଗାର୍ (ଖରାପରୁ ଦୂରେଇରହିବା ବ୍ୟକ୍ତି) ମାନେ ପ୍ରତିଜ୍ଞା କରି ସ୍ୱର୍ଗକୁ ଯାଇଛନ୍ତି ସେହି ସ୍ୱର୍ଗକୁ ପ୍ରଶଂସା କରାଯାଉଛି । ସେଠାରେ ନଦୀ ରହିଛି । ତାରଜଳ କେବେ ଦୂଷିତ ହୁଏ ନାହିଁ । ଦୁଗ୍ଧର ନଦୀ ବହିଯାଉଛି, ତାର ସ୍ୱାଦ କେବେ ନଷ୍ଟ ହୁଏ ନାହିଁ । ମଦ୍ୟର ନଦୀ ମଧ୍ୟ ପ୍ରବାହିତ,ପାନକାରୀ ତାର ମଜା ନେଉଛନ୍ତି । ଖାଣ୍ଟି ମହୁର ନଦୀ ବହୁଛି । ଚାରିଆଡ଼େ ନାନାପ୍ରକାରର ଫୁଲଫଳ ପୂରି ରହିଛି । ଏସବୁ ଦାନ ହେଉଛି ମାଲିକଙ୍କର ।

(ମଂ ୬/।ସି -୨୬/ ସୂ -୪୭/ ଆ -୪/୧୩/୧୫)

ସମୀକ୍ଷକ:- ଏହି କାରଣରୁ କୋରାନର ଖୁଦା ଓ ମୁସଲମାନମାନେ ଗଣ୍ଡଗୋଳ କରିବା, ସମସ୍ତଙ୍କୁ ଦୁଃଖଦେବା ଓ ନିଜର ସ୍ୱାର୍ଥସାଧନ କରୁଥିବାରୁ ନିର୍ଦ୍ଦୟ ଅଟନ୍ତି । କୋରାନ୍‌ରେ ଯେପରି ଲେଖାଯାଇଛି, ଅନ୍ୟଧର୍ମର ପୁସ୍ତକରେ ମଧ୍ୟ ମୁସଲମାନ୍‌ମାନଙ୍କ ପ୍ରତି ଯେପରି ବ୍ୟବହାର କରିବାକୁ ଯଦି ନିର୍ଦ୍ଦେଶ ଦିଆଯାଇ ଥାଆନ୍ତା, ତେବେ ସେମାନେ ସହ୍ୟକରନ୍ତେ ତ ? ଖୁଦା ବଡ଼ ପକ୍ଷପାତୀ ଅଟନ୍ତି । ଯେଉଁମାନେ ମହମ୍ମଦ ସାହେବଙ୍କୁ ବାହାର କରିଦେଲେ ଖୁଦା ନିଜେ ସେମାନଙ୍କୁ ମାରିଲେ । ଯେଉଁଠି ଶୁଦ୍ଧଜଳ,କ୍ଷୀର ଓ ମହୁର ନାଳ ବହୁଛି, ତାହା କଣ ସଂସାରଠାରୁ ବଡ଼ ? ଦୁଗ୍ଧରନଦୀ କଣ କେବେ ହୋଇପାରେ ? ତାହା କିଛି

ସମୟପରେ ନଷ୍ଟ ହୋଇଯାଏ । ଏଣୁ ବୁଦ୍ଧିମାନ୍ ଲୋକେ କୋରାନ୍‌ମତକୁ ସ୍ୱୀକାର କରନ୍ତି ନାହିଁ ॥ ୧୪୨ ॥

୧୪୩- ହାତ ହଲାଇଲେ ପୃଥିବୀ ଦୋହଲିଯିବ । ହାତରେ ଉଡାଇଦେଲେ ପର୍ବତ ଉଡ଼ିଯିବ । ପତଙ୍ଗପରି ଖଣ୍ଡ ଖଣ୍ଡ ହୋଇଯିବ । ଦକ୍ଷିଣ ପାଖ ସାହେବମାନେ ଦକ୍ଷିଣରେ ଓ ବାମପଟ ସାହେବ ବାମପଟେ ରହିବେ । ଉପରେ ସୁନାତାରରେ ତିଆରି ପଲଙ୍କ ରହିଛି । ଗ୍ଲାସ୍ ଓ ପିଆଲାମାନଙ୍କରେ ଶୁଦ୍ଧ ମଦ୍ୟ ରହିଥିବ । ଯେଉଁମାନେ ବିରୁଦ୍ଧରେ ନ ଯିବେ ସେମାନଙ୍କ ପାଇଁ ନାନା କିସମର ଫଳ ପସନ୍ଦ ଅନୁଯାୟୀ ମିଳିବ । ସେମାନେ ପଶୁପକ୍ଷୀଙ୍କ ମାଂସ ନିଜ ଇଚ୍ଛାନୁସାରେ ପାଇପାରିବେ । ସେମାନଙ୍କପାଇଁ ସୁନୟନା ନାରୀମାନେ ରହିଥିବେ । ବଡ଼ ବଡ଼ ବିଛଣା ପଡ଼ିଥିବ । ଆମ୍ଭେ ପୁଣି ଅନ୍ୟ ଏକପ୍ରକାର ନାରୀ ଉତ୍ପନ୍ନ କରିଛୁ । ସେମାନଙ୍କୁ ଆମ୍ଭେ କୁମାରୀ କରି ଦେଇଛୁ । ସମସ୍ତେ ସୁହାଗିନୀ ଓ ସମସ୍ତେ ଏକାପରି । କାସ୍ ! ତଦ୍ବାରା ତୁମରପେଟ ପୂର୍ଣ୍ଣକର । ନକ୍ଷତ୍ର ପତନ ପ୍ରମାଣରେ ମୁଁ ଶପଥ କରୁଛି ।

(ମଂ ୭ ।ସି - ୨୭ ।ସୂ -୫୬/ଆ -୪/୫/୬/୮/୯/୧୫ରୁ୨୩/ ୩୪ରୁ୩୭/୫୩/୭୫)

ସମୀକ୍ଷକ:- ବର୍ତ୍ତମାନ କୋରାନ୍ କର୍ତ୍ତାଙ୍କ ଲୀଳା ଦେଖନ୍ତୁ । ପୃଥିବୀ ସର୍ବଦା ଭ୍ରମଣଶୀଳ, ସେ ସମୟରେ ମଧ୍ୟ ବୁଲୁଥିବ । କିନ୍ତୁ କୋରାନ୍ ଲେଖକ ପୃଥିବୀକୁ ସ୍ଥିରବୋଲି ମନେ କରନ୍ତି । ପାହାଡ଼ମାନଙ୍କୁ ପକ୍ଷୀପରି କଣ ଉଡ଼ାଇଦେବେ ? ଯଦି ପର୍ବତକୁ କୀଟପତଙ୍ଗ କରି ଦିଆଯିବ ତଥାପି ସେମାନଙ୍କର କ୍ଷୁଦ୍ର ଶରୀର ତ ରହିବ । ପୁଣି ସେମାନେ ପୁନର୍ଜନ୍ମ ଲାଭ କରିବେ ନାହିଁ କାହିଁକି ? ଖୁଦା ନିଶ୍ଚୟ ଶରୀରଧାରୀ ଜଣେ ହୋଇଥିବେ, ଯେଣୁ ତାଙ୍କ ଦକ୍ଷିଣ ଓ ବାମଭାଗରେ ଲୋକେ ଠିଆହୋଇ ରହନ୍ତି । ଯଦି ସ୍ୱର୍ଗର ପଲଙ୍କ ସୁନାତାରରେ ତିଆରି,ତେବେ ସେଠାରେ ବଢ଼େଇ,ସୁନାରି ଶିଳ୍ପୀ ରହୁଥିବେ ? ପଲଙ୍କରେ ଓଡ଼ଶମଧ୍ୟ ରହୁଥିବେ । ସେମାନେ ରାତିରେ ଭଲଭାବରେ ଶୋଇବାକୁ ଦେଉନଥିବେ ସ୍ୱର୍ଗର ଲୋକେ ସର୍ବଦା ତକିଆକୁ ଆଉଜି ବସିଥାନ୍ତି ନା କିଛି କାମକରୁଥାନ୍ତି ? ଯଦି କାମନକରି ବସିରହୁଥିବେ ତେବେ ଭକ୍ଷ୍ୟପଦାର୍ଥ ହଜମ ନ ହୋଇ ରୋଗ ଧରୁଥିବ ଓ ମରୁଥିବେ ମଧ୍ୟ ? ଯଦି କିଛି କାମ କରୁଥିବେ, ତେବେ ଆମ ଏଠାକାର ଭଳି ସେଠାରେ

ମଜୁରୀ ଖଟି ଜୀବିକା ନିର୍ବାହ କରୁଥିବେ ? ଯଦି ଏପରି ହୋଇଥାଏ ମର୍ତ୍ତ୍ୟଠାରୁ ସ୍ୱର୍ଗ ଆଉ ଭଲ ହେଲା କିପରି ? ସେଠାରେ ପିଲାମାନେ ରହୁଥିବାରୁ ତାଙ୍କର ବାପମାଆ ଓ ଶାଶୁ ଶ୍ୱଶୁର ମଧ୍ୟ ଥିବେ । ବହୁ ଲୋକ ରହୁଥିବାରୁ ବଡ଼ ସହରଭଳି ହୋଇଥିବ, ସମସ୍ତେ ମଳମୂତ୍ରାଦି ତ୍ୟାଗକରୁଥିବାରୁ ରୋଗମଧ୍ୟ ହେଉଥିବ । ଗ୍ଲାସ୍‌ରେ ପାଣି ପିଉଛନ୍ତି, ଖାଇବାକୁ ଫଳ ମିଳୁଛି, ତାସହିତ ମଦ ମଧ୍ୟ ମିଳୁଛି । ତେଣୁ ସେମାନଙ୍କ ମୁଣ୍ଡ ବିଗୁ ନଥିବ ? ବିରୁଦ୍ଧରେ ନ କହିବା ଲୋକଙ୍କୁ ପ୍ରଚୁର ଫଳ,ଓ ପଶୁ-ପକ୍ଷୀର ମାଂସ ମିଳେ । ତେଣୁ ପଶୁ-ପକ୍ଷୀମାନଙ୍କୁ ଦୁଃଖ ଦିଆଯାଉଥିବ, ସେମାନଙ୍କୁ ହତ୍ୟାମଧ୍ୟ କରାଯାଉଥିବ । ତେଣୁ ହାଡ଼ଗୁଡ଼ାକ ଇତସ୍ତତଃ ବିଛାଡି ହୋଇ ପଡୁଥିବ, କଂସେଇ ଖାନାମଧ୍ୟ ଥିବ । ଓହୋ ! ଏ ସ୍ୱର୍ଗର ଆଉ ପଟାନ୍ତର ନାହିଁ । ସେ ଯାହାହେଉ ସେହି ସ୍ୱର୍ଗ ଆରବ ଦେଶଠାରୁ ନିଶ୍ଚୟ ଭଲଥିବ । ମଦ୍ୟମାଂସ ଖାଇ ଉନ୍ମତ୍ତ ହେଉଛନ୍ତି । ତେଣୁ ସ୍ତ୍ରୀ ଓ ପୁରୁଷ ଉଭୟେ ନିଶ୍ଚୟ ରହୁଥିବେ । ନତୁବା ସେହି ନିଶାଖୋରମାନଙ୍କ ମୁଣ୍ଡରେ ଗରମ ଚଢ଼ିଯାଇ ପ୍ରମତ୍ତ ହୋଇଯିବେ ଯେ । ଅବଶ୍ୟ ଅନେକ ସ୍ତ୍ରୀ ପୁରୁଷଙ୍କ ଶୋଇବାପାଇଁ ବଡ଼ବଡ଼ ବିଛଣାସବୁ ଆବଶ୍ୟକ । ଖୁଦା କୁମାରୀ ମାନଙ୍କୁ ଉତ୍ପନ୍ନ କରିବା କରିବା ସଙ୍ଗେ ସଙ୍ଗେ କୁମାର ଯୁବକମାନଙ୍କୁ ମଧ୍ୟ ସୃଷ୍ଟି କରୁଥିବେ ? କୁମାରୀମାନଙ୍କ ବିବାହପାଇଁ ଖୁଦାଙ୍କ ଲେଖା ଅନୁଯାୟୀ ଏଠାରୁ ପ୍ରାର୍ଥୀ ଯାଉଛନ୍ତି । କିନ୍ତୁ ସେଠାରେ ଯେଉଁ ଯୁବକମାନେ ସର୍ବଦା ରହୁଛନ୍ତି ସେମାନଙ୍କ ବିବାହ କେଉଁ କୁମାରୀ ମାନଙ୍କସହିତ ହେବ ତାହା ଉଲ୍ଲେଖ କରାଯାଇ ନ ଥିବାରୁ ସେହି ପ୍ରାର୍ଥୀମାନଙ୍କୁ କୁମାରୀମାନଙ୍କପରି ଜଣ ଦେଇ ଦିଆଯିବ ? ଖୁଦା ଏ ବିଷୟରେ କିଛି ନ କହି ବଡ଼ ତ୍ରୁଟି କରିଛନ୍ତି ।ଯଦି ସମବୟସ୍କ ସୁହାଗିନୀ ସ୍ତ୍ରୀ ପତିମାନଙ୍କୁ ପାଇ ସ୍ୱର୍ଗରେ ରହୁଥିବେ ତେବେ ତାହା ଶୋଭନୀୟ ହେବ ନାହିଁ । ଯେଣୁ ସ୍ତ୍ରୀମାନଙ୍କ ବୟସଠାରୁ ପୁରୁଷମାନଙ୍କ ବୟସ ଦୁଇ ବା ଅଢ଼େଇଗୁଣ ହେବା ଆବଶ୍ୟକ । ଏହା ହେଉଛି ସେମାନଙ୍କ ସ୍ୱର୍ଗର କଥା । ପୁଣି ନରକରେ ଯେଉଁମାନେ ରହୁଥିବେ ସେମାନେ ସିଝୁଗଛଖାଇ ପେଟ ପୂରାଇବେ । କଣ୍ଟାଗଛ ତାଙ୍କ ଦେହକୁ ଚିରି ଦେଉଥିବ । ଗରମପାଣି ପିଉଥିବେ । ନରକରେ ଏସବୁ ଦୁଃଖ ତାଙ୍କୁ ମିଳୁଥିବ । ମିଥ୍ୟାବାଦୀମାନେ କେବଳ ଶପଥ କରନ୍ତି । ସତ୍ୟବାଦୀ ପକ୍ଷରେ ଶପଥ ଆବଶ୍ୟକ ହୁଏ ନାହିଁ । ତେଣୁ ଖୁଦା ଯଦି ଶପଥ

କରୁଥିବେ ସେ ମଧ୍ୟ ସାଧାରଣ ଲୋକଙ୍କପରି ମିଥ୍ୟାବାଦୀ ହୋଇଥିବେ ॥ ୧୪୩ ॥

୧୪୪- ଯେଉଁମାନେ ରାସ୍ତାମଧ୍ୟରେ ଯୁଦ୍ଧ କରନ୍ତି,ଆଲ୍ଲା ସେମାନଙ୍କ ସହିତ ମିତ୍ରତା ସ୍ଥାପନ କରନ୍ତି । (ମଂ ୭/ସି·୨୮/ସୂ·୬୧/ ଆ·୪)

ସମୀକ୍ଷକ:- ବାଃ,ଠିକ୍ କଥା । ଏପରି ଉପଦେଶ ଦେଇ ବିଚରା ଆରବଦେଶୀୟ ଲୋକଙ୍କୁ ସର୍ବତ୍ର ଯୁଦ୍ଧ କରାଇ ଓ ଶତ୍ରୁ କରାଇ ଦୁଃଖ ଦେଇଛନ୍ତି । ଧର୍ମର ପତାକା ଧାରଣକରି ପୁଣି ଯୁଦ୍ଧ ବିସ୍ତାର କରିବାପାଇଁ କୌଣସି ବୁଦ୍ଧିମାନ୍ ଈଶ୍ୱର କେବେହେଁ ଉପଦେଶ ଦେବେ ନାହିଁ । ମନୁଷ୍ୟସମାଜରେ ବିରୋଧ ବଢ଼ାଉଥିବା ବ୍ୟକ୍ତି ହେଉଛି ସମସ୍ତଙ୍କର ଦୁଃଖଦାତା ॥ ୧୪୪ ॥

୧୪୫- ହେ ପୈଗମ୍ବର ! ଆଲ୍ଲା ତୋପାଇଁ ଯେଉଁ ପଦାର୍ଥକୁ ଭକ୍ଷ୍ୟ ଓ ଗ୍ରାହ୍ୟରୂପେ ନିର୍ଦ୍ଧାରଣ କରିଛନ୍ତି, ତାକୁ ତୁ କାହିଁକି ଅଭକ୍ଷ୍ୟ ଓ ଅଗ୍ରାହ୍ୟ ବୋଲି ବିଗୁରୁଛୁ । ଆଲ୍ଲାଙ୍କର ଇଚ୍ଛା ତୁ ତୋ ନିଜ ସ୍ତ୍ରୀକୁ ସନ୍ତୁଷ୍ଟକରି ରଖ । ଆଲ୍ଲା ହେଉଛନ୍ତି କ୍ଷମାକାରୀ ଓ ଦୟାଳୁ । ଯଦି ସେ ତୁମକୁ ଛାଡ଼ିଦିଏ, ତେବେ ମାଲିକ ତୁମ ଅପେକ୍ଷା ଭଲମୁସଲମାନ୍ ବିଶ୍ୱସ୍ତ,ପଶ୍ଚାତ୍ତାପ କାରିଣୀ,ଭକ୍ତିମତୀ,ରୋଜା ରକ୍ଷାକାରିଣୀ ଓ ପୁରୁଷ ଦେଖିନଥିବା ଜଣେ ସ୍ତ୍ରୀକୁ ଆଣି ତାକୁ ଦେବେ । (ମଂ ୭/ସି·୨୮/ସୂ·୬୬/ ଆ ୧/୫)

ସମୀକ୍ଷକ:- ଧ୍ୟାନ ଦେଇ ଦେଖନ୍ତୁ, ଖୁଦା କଣ ମହମ୍ମଦ ସାହେବଙ୍କ ଘର ଓ ବାହାରର ବ୍ୟବସ୍ଥାପକ ଭୃତ୍ୟ ଥିଲେ ? ଏହି ୧୪୫ ଉଦାହରଣର ଦିଓଟି ଆୟତ ରହିଛି । ପ୍ରଥମ ଆୟତ ସମ୍ପର୍କରେ କାହାଣୀଟିଏ ପ୍ରଚଳିତ । ତାହା ହେଲା- ମହମ୍ମଦ ସାହେବ ମହୁ ସର୍ବଦ ପିଇବାକୁ ଭଲ ପାଉଥିଲେ । ତାଙ୍କର ଅନେକ ଭାର୍ଯ୍ୟା ଥାଆନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କ ଘରେ ସର୍ବତ ପିଉପିଉ ତାଙ୍କର ଟିକିଏ ବିଳମ୍ବ ହୋଇଗଲା । ଅନ୍ୟ ଭାର୍ଯ୍ୟାଙ୍କୁ ତାହା ଅସହ୍ୟ ହେବାରୁ ସେ ମହମ୍ମଦଙ୍କୁ କଟୁ କଥାମାନ କହିଲା । ତାପରେ ତାର ହିଂସାପ ବଚନକୁ ଶୁଣି ମହୁ ସର୍ବତ ପିଇବେନାହିଁ ବୋଲି ଶପଥ କରିଥିଲେ । ଦ୍ୱିତୀୟଟି ହେଲା- କୌଣସି ଏକଦିନ ମହମ୍ମଦଙ୍କ ତାଙ୍କର କୌଣସି ଜଣେ ଭାର୍ଯ୍ୟା ନିକଟକୁ ଯିବାର ଥିଲା । ପାଳି ଅନୁସାରେ ମହମ୍ମଦଯାଇ ଦେଖିଲେ ଯେ ତାଙ୍କର ସେହି ଭାର୍ଯ୍ୟାଜଣକ ବାପଘରକୁ ଗୁଲିଯାଇଛି । ତାପରେ ସେତାଙ୍କର ଜଣେ ଦାସୀକି ଡାକି ନିଜ ଇଚ୍ଛା ଚରିତାର୍ଥ

କଲେ । ତାଙ୍କ ସ୍ତ୍ରୀ ବାପଘରୁ ଫେରି ଆସି ଏ ଦୁଃସମ୍ବାଦ ଜାଣି ଅତି ଅପ୍ରସନ୍ନ ହୋଇଗଲେ । ମହମ୍ମଦ ଏପରି କାମ ଆଉଥରେ ହେବନାହିଁ ବୋଲି ପ୍ରତିଜ୍ଞାକଲେ ଓ ଏ ଘଟଣା ଅନ୍ୟ କାହାପାଖରେ ପ୍ରକାଶ ନ କରିବାପାଇଁ ଭାର୍ଯ୍ୟାକୁ ଅନୁରୋଧ କଲେ । କିନ୍ତୁ ମହମ୍ମଦ ନିଜେ ତାଙ୍କର ଅନ୍ୟଜଣେ ଭାର୍ଯ୍ୟାକୁ ସେକଥା କହିଦେଲେ । ଦ୍ୱିତୀୟ ଆୟତରୁ ପୁଣି ଜଣାଯାଏ ଯେ - ମହମ୍ମଦଙ୍କର କୌଣସି ଜଣେ ସ୍ତ୍ରୀ ଅପ୍ରିୟବାଦିନୀ ହେବାରୁ ଖୁଦା ତାଙ୍କୁ ଭୟ ଦେଖାଇ କହିଲେ···· ଯଦି ସେ ତୁମକୁ ପରିତ୍ୟାଗ କରନ୍ତି ତେବେ ତାଙ୍କପାଇଁ ଆମେ ଅନ୍ୟଜଣେ ଭାର୍ଯ୍ୟା ଆଣିଦେବୁ । ଏହି ଘଟଣାରୁ ମହମ୍ମଦଙ୍କ କାମାତୁରତାର ଯଥେଷ୍ଟ ପରିଚୟ ମିଳେ । ପୈଗମ୍ବର ଓ ତାଙ୍କ ଭାର୍ଯ୍ୟାମାନଙ୍କ ମଧ୍ୟରେ ଅନୁଷ୍ଠିତ ବିବାଦକୁ ନିଷ୍ପତ୍ତି କରିବାପାଇଁ ଯେଉଁ ଖୁଦା ଆସନ୍ତି ତାଙ୍କୁ କିଏ ସେ ଈଶ୍ୱର ବୋଲି ମାନିବ ? ମହମ୍ମଦ ସାହେବ ବହୁ ସ୍ତ୍ରୀ ସମାଗମ କରିମଧ୍ୟ ଈଶ୍ୱରଙ୍କ ଭକ୍ତ ବା ପୈଗମ୍ବର ପ୍ରଭୃତି ଭାବେ ହୋଇପାରିଥିଲେ । ଯେ ଜଣେ ସ୍ତ୍ରୀର ପକ୍ଷ ନେଇ ଅନ୍ୟ ସ୍ତ୍ରୀକୁ ଅପମାନ ଦିଏ, ସେ ପକ୍ଷପାତ ଦୋଷରେ ଦୋଷୀ ହୋଇଯାଏ ଓ ପାପୀ ରୂପେ ପରିଗଣିତ ମଧ୍ୟ ହୋଇଥାଏ । ପୁଣି ଯାର ବହୁ ସ୍ତ୍ରୀଥିଲେ ମଧ୍ୟ ତହିଁରେ ସନ୍ତୁଷ୍ଟ ନହୋଇ ଦାସୀ ସହିତପୁଣି ମଜ୍ଜିରହେ ତାର ଲଜ୍ଜା,ଭୟ ଓ ଧର୍ମ ରହିବ ବା କିପରି ? କୌଣସି ଜଣେ କବି ଯଥାର୍ଥରେ କହିଛନ୍ତି···· " କାମାତୁରାଣାଂ ନ ଭୟଂ ନ ଲଜ୍ଜା " କାମୁକ ବ୍ୟକ୍ତି ଅଧର୍ମ କରିବାପାଇଁ ଭୟ ବା ଲଜ୍ଜା କରେ ନାହିଁ । ଏଠାରେ ଖୁଦା ମହମ୍ମଦ ସାହେବ ଓ ତାଙ୍କ ସ୍ତ୍ରୀଙ୍କର କଳହ ସମାଧାନପାଇଁ ସରପଞ୍ଚର କାର୍ଯ୍ୟ କରିଛନ୍ତି ।ଏବେ ବିଦ୍ୱାନ୍‌ମାନେ ବିଚାର କରନ୍ତୁ ଏହି କୋରାନ୍ ବିଦ୍ୱାନ୍ ବା ଈଶ୍ୱରକୃତ ନା କୌଣସି ସ୍ୱାର୍ଥପର ବ୍ୟକ୍ତିଦ୍ୱାରା ରଚିତ । ଦ୍ୱିତୀୟ ଆୟତରୁ ଅନୁମିତ ହେଉଛି ଯେ··· ମହମ୍ମଦଙ୍କ କୌଣସି ସ୍ତ୍ରୀ ଅପ୍ରସନ୍ନ ହୋଇପଡ଼ିଥିବେ । ସେ ସମ୍ପର୍କରେ ଖୁଦା ଏହି ଆୟତ ଉତାରି ଧମକ ଦେଇଥିବେ···· ଯଦି ତୁ ଗଣ୍ଡଗୋଳ କରିବୁ ତେବେ ମହମ୍ମଦ ତୋତେ ଛାଡିଦେବେ । ଖୁଦାତାଙ୍କୁ ଯେଉଁ ସ୍ତ୍ରୀ ପୁରୁଷ ସଙ୍ଗ କରିନଥିବ ସେପରି ଜଣେ ସ୍ତ୍ରୀ ଠିକ୍ କରିଦେବେ । ଯେଉଁମାନଙ୍କର ସାମାନ୍ୟ ମଧ୍ୟ ବୁଦ୍ଧି ଅଛି ସେମାନେ ବିଚାର କରନ୍ତୁ ଏହା ଖୁଦାଙ୍କର କାମ ନା କୌଣସି ସ୍ୱାର୍ଥାନ୍ୱେଷୀ ନିଜର ସ୍ୱାର୍ଥ ହାସଲପାଇଁ ଏହିପରି ଲେଖାଇଛି । ଏହି କଥାରୁ ଅନୁମିତ ହେଉଛି ଖୁଦା ଏସବୁ

କିଛି କରି ନାହାନ୍ତି । ଦେଶକାଳପାତ୍ରକୁ ଲକ୍ଷ୍ୟକରି ନିଜର ସ୍ୱାର୍ଥ ସିଦ୍ଧିପାଇଁ ଖୁଦାଙ୍କ ତରଫରୁ ମହମ୍ମଦହିଁ ଏହା ସୃଷ୍ଟି କରିଛନ୍ତି । ଯେ କେହି ବିବେକୀ ବ୍ୟକ୍ତି କହିବ ଯେ ମହମ୍ମଦଙ୍କପାଇଁ ଭାର୍ଯ୍ୟା ଠିକ୍ କରିବାକୁ ଖୁଦା ବାରିକର କାମ କରିଛନ୍ତି ॥ ୧୪୫ ॥

୧୪୬- ହେ ପୈଗମ୍ବର ! ବିଧର୍ମୀ ଓ ଗୁପ୍ତ ଶତ୍ରୁଙ୍କ ସଙ୍ଗରେ ଘୋରତର ସଂଗ୍ରାମ କରି ଓ ତା ଉପରେ ଗୁରୁତ୍ୱ ଆରୋପ କର । (ମଂ ୭/ସି.୨୮/ସୂ.୬୬/ ଆ.୯)

ସମୀକ୍ଷକ :- ଖୁଦାଙ୍କ ଲୀଳା ଏବେ ପୁଣି ଦେଖନ୍ତୁ । ଅନ୍ୟଧର୍ମାବଲମ୍ବୀଙ୍କ ସହିତ ଯୁଦ୍ଧ କରିବାପାଇଁ ମୁସଲମାନ୍‌ମାନଙ୍କୁ ପ୍ରେରଣା ଦେଇଛନ୍ତି । ତେଣୁ କୋରାନ୍ ବାକ୍ୟାନୁସାରେ ମୁସଲମାନ୍‌ମାନେ ସଦାସର୍ବଦା ଯୁଦ୍ଧରେ ପ୍ରବୃତ୍ତ ହୁଅନ୍ତି । ପରମାତ୍ମା ସେମାନଙ୍କୁ ଦୟା କରନ୍ତୁ, ଯାହାଫଳରେ ସେମାନେ ଉପଦ୍ରବକୁ ଛାଡ଼ି ସମସ୍ତଙ୍କ ସହିତ ସଦ୍‌ଭାବ ରକ୍ଷା କରିବାପାଇଁ ଧ୍ୟାନ ଦିଅନ୍ତୁ । ଏହାହିଁ କାମନା ॥ ୧୪୬ ॥

୧୪୭- ଆକାଶ ଫାଟିଯିବ, ବାସ୍, ସେହିଦିନ ସେ ସୂକ୍ଷ୍ମ ବା ଉଦାର ହୋଇଯିବ । ଦେବଦୂତଗଣ ତାର ତଟପ୍ରଦେଶରେ ରହିବେ । ମାଲିକ ଆଠଜଣଙ୍କୁ ନେଇ ତୋଉପରକୁ ପଟା ଉଠାଇବେ । ସେଦିନ ତୁମକୁ ସମ୍ମୁଖକୁ ଅଣାଯିବ, ତୁମେ ଯେଉଁ କଥା ଲୁଚାଉଥିବ, ତା ଆଉଲୁଚି ରହିବ ନାହିଁ । ତୁମ ଡାହାଣ ହାତରେ ଯେଉଁ କର୍ମପତ୍ର ଦିଆଯାଇଛି ତାହାକୁ ଦେଖାଇ କହିବ ମୋର କର୍ମପତ୍ର ନିଅ ଓ ପଢ଼ । ପୁଣି ଯେଉଁ କର୍ମପତ୍ର ବାମ ହାତରେ ଦିଆଯାଉଛି .... କହିବ ମୋହାତରେ କର୍ମପତ୍ର ଦିଆଯାଇ ନ ଥିଲେ .... ।

(ମଂ ୭/ସି.୨୯/ସୂ.୬୯/ ଆ ୧୬ରୁ୧୯ ଯାଏ /୨୫)

ସମୀକ୍ଷକ :- ସତରେ ଏହା କି ପ୍ରକାର ନ୍ୟାୟ ଓ ଫିଲୋସଫି? ବସ୍ତୁ କି ପାଲ ହୋଇଛି ଯେ ଆକାଶ ଫାଟିଯିବ । ଉପରକୁ ଯଦି ଆକାଶ କୁହାଯାଉଥାଏ ତେବେ ତା ବିଦ୍ୟାବିରୁଦ୍ଧ । " କୋରାନ୍‌ର ଖୁଦା ଜଣେ ଶରୀରଧାରୀ ଲୋକ " ଏହା ଏବେ ଜଣା ପଡ଼ିଲା । କାରଣ ତଖ୍ତା ଉପରେ ବସିବା, ଆଠଜଣ ଲୋକଙ୍କୁ ପଠାଇବା, ଏସବୁ ଶରୀରଧାରୀ ପକ୍ଷେ ସମ୍ଭବ । ଖୁଦା ମୂର୍ତ୍ତିମାନ୍ ଓ ଏକଦେଶୀ ହୋଇଥିବାରୁ, ତାଙ୍କୁ ସର୍ବଜ୍ଞ,ସର୍ବବ୍ୟାପକ ଓ ସର୍ବଶକ୍ତିମାନ୍ ମନେ କରିବା ଠିକ୍ ନୁହେଁ । ସେ ସମସ୍ତ ଜୀବ ଓ ସମସ୍ତଙ୍କ କର୍ମକୁ ଜାଣିବାପାଇଁ ସକ୍ଷମ ହୋଇପାରିବେ ନାହିଁ । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ହେଉଛି,

ପୁଣ୍ୟାତ୍ମାଙ୍କ ଡାହାଣ ହାତରେ ପତ୍ରଦେବା, ତାଙ୍କୁ ବଞ୍ଚାଇବା, ସ୍ୱର୍ଗକୁ ପଠାଇବା ଓ ପାପାତ୍ମାର ବାଆଁହାତରେ କର୍ମପତ୍ର ଦେବା, ନରକକୁ ପଠାଇବା ତଥା କର୍ମପତ୍ର ପାଠକରି ନ୍ୟାୟ କରିବା ଇତ୍ୟାଦି । ଏହା ସର୍ବଜ୍ଞ ପୁରୁଷଙ୍କ କଥାନୁହେଁ । ଏସବୁ କେବଳ ପିଲାଙ୍କ ଖେଳପର କଥା ॥ ୧୪୭ ॥

୧୪୮- ଗୋଟିଏ ଦିନର ପରିମାଣ ହେଉଛି ପଚାଶହଜାର ବର୍ଷ । ଦେବଦୂତ ଓ ଆତ୍ମା ତାହା ଆଡକୁ ଆରୋହଣ କରନ୍ତି ଓ ଦଣ୍ଡିତ ହୁଅନ୍ତି । ସେମାନେ କବର ମଧ୍ୟରୁ ଯେତେବେଳେ ବାହାରିବେ, ସେତେବେଳେ ମନ୍ଦିର ଆଡ଼କୁ ଦୌଡ଼ିଲାପରି ଦେଖାଯିବେ ।

(ମଂ ୭/ସି ·୨୯/ସୁ ·୭୦/ ଆ୪/୪୩)

ସମୀକ୍ଷକ:- ଗୋଟିଏ ଦିନର ପରିମାଣ ଯଦି ପଚାଶହଜାର ବର୍ଷ ହୁଏ, ତେବେ ଗୋଟିଏ ରାତି ମଧ୍ୟ ସେତିକି ବର୍ଷ ପରିମାଣର ହେବ । ତେବେ କଣ ସେତେ ବର୍ଷ ଯାଏ ଖୁଦା, ଦୂତ ଓ କର୍ମପତ୍ରଧାରୀ ଲୋକମାନେ ଠିଆ ହୋଇଥିବେ କିମ୍ବା ଶୋଇଥିବେ ନତୁବା ଜାଗ୍ରତ ଅବସ୍ଥାରେ ରହିଥିବେ । ଯଦି ଏପରି ହୁଏ ତେବେ ସମସ୍ତେ ରୁଗ୍‌ଣ ହୋଇ ପୁଣି ମୃତ୍ୟୁବରଣ କରିବେ । କବରରୁ ବାହାରିବାମାତ୍ରେ ଖୁଦାଙ୍କ କଚେରୀ ଆଡ଼କୁ କଣ ଦୌଡ଼ିବେ ? ସେହି କବର ଭିତରକୁ ସମନ କିପରିଭାବେ ଯିବ ? ଏହି ଧାର୍ମିକ ବା ପାପୀମାନଙ୍କୁ ଦୌରାସୁପର୍ଦ୍ଦ ନ କରି ଦୀର୍ଘସମୟ ପର୍ଯ୍ୟନ୍ତ କବର ଭିତରେ ରଖାଯିବ କାହିଁକି ? ଆଜିକାଲି ଖୁଦା ଓ ଦୂତଗଣ କଚେରୀ ବନ୍ଦକରି କଣ ନିଷ୍କର୍ମା ହୋଇବସି ଥିବେ ବା କିଛି କାମ କରୁଥିବେ ? ନିଜ ନିଜ ସ୍ଥାନରେ ବସିରହି ଇତସ୍ତତଃ ଭ୍ରମଣ କରି, ଶୋଇ ଶୋଇ ଅଥବା ତାମସାଦେଖି ସମୟ କଟାଉଥିବେ ? ଏପରି ଅନ୍ଧକାର ଅନ୍ୟ କୌଣସି ରାଜ୍ୟରେ ନଥିବ । ଏପରି କଥାକୁ ଜଙ୍ଗଲୀ ଲୋକ ବ୍ୟତୀତ ଅନ୍ୟ କେହି ମାନିବେ ନାହିଁ ॥ ୧୪୮ ॥

୧୪୯- ତୁମକୁ କେତେ ପ୍ରକାର କରି ଉତ୍ପନ୍ନ କରିଛନ୍ତି । ଗୋଟିକ ଉପରେ ଗୋଟିଏ କରି ସପ୍ତମ ଆକାଶ ପର୍ଯ୍ୟନ୍ତ କିପରି ନିର୍ମାଣକଲେ ତା କଣ ତୁମେ ଦେଖିନାହଁ ? ମଧ୍ୟ ଭାଗରେ ଚନ୍ଦ୍ରମାର ପ୍ରକାଶ ଓ ସୂର୍ଯ୍ୟକୁ ଦୀପରୂପେ ପ୍ରକାଶ କରିଛନ୍ତି, ତା କଣ ତୁମେ ଜାଣିନାହଁ ?

(ମଂ ୭/ସି ·୨୯/ସୁ ·୭୧/ ଆ·୧୪/୧୫/୧୬)

ସମୀକ୍ଷକ:- ଖୁଦା ଜୀବକୁ ଯଦି ଉତ୍ପନ୍ନ କରିଛନ୍ତି ତେବେ ସେ ଅମର ହୋଇ ରହିପାରିବ

ନାହିଁ । କାରଣ ଯାହାର ସୃଷ୍ଟି ଅଛି ତାହାର ବିନାଶ ମଧ୍ୟ ରହିଛି । ତେବେ ସେମାନେ ସ୍ୱର୍ଗରେ କପରି ଚିରକାଳ ରହିବେ ? ଆକାଶ ସର୍ବବ୍ୟାପକ ହୋଇଥିବାରୁ ତାକୁ ଖୁଦା କିପରି ତଳ ଉପରକରି ନିର୍ମାଣ କରିବେ ? ଯଦି ଅନ୍ୟ କୌଣସି ପଦାର୍ଥର ନାମକୁ ଆକାଶ ବୋଲି କୁହାଯାଉଥାଏ, ତେବେ ତାହାର ନାମ ଆକାଶ ରଖାଯିବା ଅନାବଶ୍ୟକ । ଯଦି ଗୋଟିଏ ସ୍ୱର୍ଗ ଉପରେ ଅନ୍ୟ ଏକ ସ୍ୱର୍ଗକୁ ରଖାଯାଏ, ତେବେ ଚନ୍ଦ୍ର ଓ ସୂର୍ଯ୍ୟ କେଉଁ ସ୍ୱର୍ଗରେ ରହିବେ । ଯଦି ମଧ୍ୟ ଭାଗରେ ରହିବେ ତେବେ ସବୁଆଡ଼େ ପ୍ରକାଶିତ ହେବ ନାହିଁ । ତେଣୁ ଏସବୁ କଥା ହେଉଛି ସମ୍ପୂର୍ଣ୍ଣରୂପେ ମିଥ୍ୟା ॥ ୧୪୯ ॥

୧୫୦- ପ୍ରତ୍ୟେକ ମସ୍‌ଜିଦ୍ ଆଲ୍ଲାଙ୍କପାଇଁ ମସ୍‌ଜିଦ୍‌ରେ ଆଲ୍ଲାଙ୍କ ବ୍ୟତୀତ ଅନ୍ୟକାହାକୁ ଡାକିବ ନାହିଁ ।

(ମଂ ୭ /ସି . ୨୯ /ସୁ .୭୨/ ଆ.୧୮)

ସମୀକ୍ଷକ :- ଯଦି ଏକଥା ଠିକ୍, ତେବେ ମୁସଲମାନ୍‌ମାନେ ମସ୍‌ଜିଦ୍‌ରେ ଖୁଦାଙ୍କ ସହିତ ମହମଦଙ୍କୁ ଡାକୁଛନ୍ତି କାହିଁକି ? ଏହା କୋରାନ୍‌ର ବିରୁଦ୍ଧ କର୍ମ । ଯଦି ତା ହୋଇନଥାଏ ତେବେ କୋରାନ୍ ବାକ୍ୟ ମିଥ୍ୟା ।ଯଦି ମସ୍‌ଜିଦ୍‌କୁ ଖୁଦାଙ୍କ ଘର ବୋଲି ମନେ କରାଯାଏ, ତେବେ ମୁସଲମାନ୍‌ମାନେ ଅସଲ ମୂର୍ତ୍ତିପୂଜକ । ଯେପରି ପୁରାଣକୁ ମାନୁଥିବା ଲୋକେ ଓ ଜୈନମାନେ ଛୋଟ ମୂର୍ତ୍ତିକୁ ମଧ୍ୟ ଈଶ୍ୱରଙ୍କ ଆଧାର ବୋଲି ମାନନ୍ତି, ଏମାନେ ମଧ୍ୟ ସେହିପରି ନ ହେବେ କାହିଁକି ? ॥ ୧୫୦ ॥

୧୫୧- ପୁଣି ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ଏକାଠି କରାଯିବ ।

(ମଂ ୭ /ସି . ୨୯ /ସୁ .୭୫/ ଆ.୯)

ସମୀକ୍ଷକ :- ସୂର୍ଯ୍ୟଚନ୍ଦ୍ର କଣ ଏକାଠି ହୋଇପାରିବେ ଦେଖନ୍ତୁ, ଏହା କେଡ଼େ ଅବୁଝାମଣା କଥା । ସୂର୍ଯ୍ୟ ଓ ଚନ୍ଦ୍ରଲୋକକୁ ଏକାଠି କରିବା କି ପ୍ରୟୋଜନ ? ତେବେ ପ୍ରତ୍ୟେକ ଲୋକ ଲୋକାନ୍ତରକୁ ଏକାଠି ନକରାଯିବ କାହିଁକି ? ଏଥିରେ ଯୁକ୍ତି ବା କଣ ରହିଛି ? ଏପରି ଅସମ୍ଭବକଥା ପରମେଶ୍ୱର କଣ କେବେ କହିପାରନ୍ତି ? ଏପରିକଥା ଅବିଦ୍ୱାନ୍ ବ୍ୟତୀତ କୌଣସି ବିଦ୍ୱାନ୍ କେବେହେଁ କହିବେ ନାହିଁ ॥ ୧୫୧ ॥

୧୫୨- ସର୍ବଦା ଉପରେ ଥିବା ପୁତ୍ରମାନେ ବୁଲୁଥିବେ । ସେମାନେ ବୁଲୁଥିବା ସମୟରେ ତୁ ଅନୁମାନ କରିବୁ ଓ ଦେଖିବୁ ଯେପରି ଚତୁର୍ଦ୍ଦିଗରେ ମୋତି ବିଛାଡି ହୋଇ

ପଡ଼ିଛି । ସେମାନଙ୍କୁ ରୁପାର କଙ୍କଣ ପିନ୍ଧାଇ ଦିଆଯିବ ଓ ଈଶ୍ୱର ସେମାନଙ୍କୁ ପବିତ୍ର ମଦ୍ୟ ପିଆଇବେ । (ମଂ ୭ /ସି · ୨୯ /ସୂ ·୭୬/ଆ·୧୯/୨୧)

ସମୀକ୍ଷକ:- କଣ ଆଜ୍ଞା ! ମୋତିମାଣିକ୍ୟପରି ପିଲାଙ୍କୁ ସେଠାରେ କାହିଁକି ରଖାଯାଇଛି ? ଯୁବକ ଲୋକେ ଓ ସ୍ତ୍ରୀମାନେ ସେବାକରି ଖୁଦାଙ୍କୁ କଣ ତୃପ୍ତ କରାଇ ପାରୁ ନାହାନ୍ତି ? ଏହି ବାଳକମାନଙ୍କର ସେଠାରେ କଣ ବା ପ୍ରୟୋଜନ ଅଛି ? ଯେଉଁ କେତି ମହାଦୁରାଗ୍ରହୀ ବାଳକମାନଙ୍କ ସହିତ ଅନୈତିକ ସମ୍ପର୍କ ରଖନ୍ତି । ବୋଧ ହୁଏ କୋରାନର ଏହି ବ୍ୟବସ୍ଥା ଯୋଗୁଁ ସେହି ଦୌରାତ୍ମ୍ୟର ଉତ୍ପତ୍ତି ଘଟିଛି । ସ୍ୱର୍ଗରେ ମାଲିକ ଓ ସେବକଭାବ ରହିଛି । ସ୍ୱାମୀ ଆନନ୍ଦ ଭୋଗୁଥିବା ସ୍ଥଳେ ସେବକକୁ ଦୁଃଖ ଭୋଗିବାକୁ ପଡ଼େ । ଏପରି ପକ୍ଷପାତ ସ୍ୱର୍ଗରେ ମଧ୍ୟ କାହିଁକି ରଖାଯାଇଛି ? ଖୁଦା ସେମାନଙ୍କୁ ମଦ୍ୟ ପିଆଇ ଦେଉଥିବାରୁ ସେମାନଙ୍କର ସେବକପରି ସେ ହେଲେ ନାହିଁ କି ? ସ୍ୱର୍ଗରେ ସ୍ତ୍ରୀପୁରୁଷଙ୍କ ସମାଗମ, ଗର୍ଭସ୍ଥିତି ଓ ଜନକ ଜନନୀ ସମ୍ବନ୍ଧ ସୃଷ୍ଟି ହେଉଛି କି ନାହିଁ ? ଯଦି ହେଉନଥିବ ତେବେ ସେମାନଙ୍କର ବିଷୟ ସେବନ କରିବା ବୃଥା ହେଉନଥିବ କି ? ଯଦି ସନ୍ତାନସନ୍ତତି ପ୍ରସବ କରନ୍ତି ତେବେ ସେହି ଆତ୍ମା କେଉଁଠାରୁ ଆସେ ? ପୁଣି ଏଠାରେ ଖୁଦାଙ୍କ ପ୍ରତି ବିଶ୍ୱାସ ନ କରି ସ୍ୱର୍ଗକୁ କିପରି ଯାଏ ? କେତେକ ଲୋକ କୌଣସି ଧର୍ମାଚରଣ ନ କରି ମଧ୍ୟ ସ୍ୱର୍ଗକୁ ଯାଆନ୍ତି । ଏହାଠୁ ବଳି ଆଉକି ଅନ୍ୟାୟ ଅଛି ? ॥ ୧୫୨ ॥

୧୫୩- କର୍ମ ଅନୁସାରେ ଫଳ ଦିଆଯିବ । ପିଆଲା ଭର୍ତ୍ତି ହୋଇ ରହିଛି । ଆତ୍ମାସବୁ ଓ ଦୂତମାନେ କୋଡ଼ିଏ ଦିନଧରି ଧାଡ଼ିରେ ଠିଆହୋଇ ରହିବେ ।

(ମଂ ୭ /ସି · ୩୦ /ସୂ ·୭୮/ ଆ·୨୬/୩୪/୩୮)

ସମୀକ୍ଷକ:- ଯଦି କର୍ମ ଅନୁସାରେ ଫଳ ଦିଆଯାଏ, ତେବେ ସର୍ବଦା ସ୍ୱର୍ଗରେ ରହୁଥିବା ଅପ୍ସରା,ଦେବଦୂତ ଓ ମୋତୀ ସଦୃଶ ବାଳକମାନଙ୍କୁ କେଉଁ କର୍ମ ଅନୁସାରେ ସବୁଦିନପାଇଁ ସ୍ୱର୍ଗ ମିଳିଗଲା ? ଯଦି ପିଆଲା ପିଆଲା ଭରି ମଦ୍ୟପାନ କରନ୍ତି, ତେବେ ମାତାଲ୍ ହୋଇ ଲଢ଼େଇ ନ କରିବେ କାହିଁକି ? ସମସ୍ତ ଦେବଦୂତଙ୍କ ମଧ୍ୟରେ ଯିଏ ବଡ଼ ତାର ନାମ ହେଉଛି " ରୁହ " । ଖୁଦା ରୁହ ଓ ଅନ୍ୟଦୂତମାନଙ୍କୁ ଧାଡ଼ିରେ ଠିଆ କରାଇ କଣ ପଲଟଣ ଗଠନ କରୁଥିଲେ ? ଏହି ପଲଟଣଦ୍ୱାରା ଜୀବମାନଙ୍କୁ ସଜା ଦେବେ କି ? ସେତେବେଳେ ଖୁଦା ଠିଆ ହୋଇଥିବେ ନା ବସିଥିବେ ? ଯଦି କୟାମତ୍ ବା ପ୍ରଳୟ ପର୍ଯ୍ୟନ୍ତ ଖୁଦା ନିଜର ସମସ୍ତ ପଲଟଣକୁ ଏକାଠିକରି ସଇତାନକୁ ଆୟତ୍ତ କରିନିଅନ୍ତେ ତେବେ ତାଙ୍କ ରାଜ୍ୟ ନିଷ୍କଣ୍ଟକ ହୋଇଯାଆନ୍ତା । ପୁଣି ତାଙ୍କର ଖୁଦାପଣିଆ ପ୍ରକାଶ ପାଆନ୍ତା ॥ ୧୫୩ ॥

୧୫୪- ଯେତେବେଳେ ସୂର୍ଯ୍ୟଙ୍କୁ ଗୁଡ଼ାଇ ଦିଆଯିବ, ନକ୍ଷତ୍ରଗଣ ନିଷ୍ପ୍ରଭ ହୋଇଯିବେ, ପୁଣି ପାହାଡ଼ ଚଳପ୍ରଚଳ କରିବ ଓ ଆକାଶର ଚମଡ଼ାକୁ ଉତାରି ଦିଆଯିବ ।

(ମଂ ୭ /ସି · ୩୦//ସୂ ·୮୧/ଆ·୧/୨/୩/୧୧)

ସମୀକ୍ଷକ:- ବଡ଼ ଅବୁଝା କଥା ଯେ ଗୋଲାକାର ସୂର୍ଯ୍ୟ ଗୁଡ଼ାଇ ହେବ କିପରି ? ତାରାଗଣ ନିଷ୍ପ୍ରଭ ହେବେ କିପରି ? ପୁଣି ଜଡ଼ ପାହାଡ଼ ପର୍ବତ ଚଳପ୍ରଚଳ ହେବେ କିପରି ? ଆକାଶକୁ କଣ ପଶୁ ବିଚାରୁଛନ୍ତି ଯେ ତାହାର ଚମଡ଼ାକୁ ଉତାରି ଦିଆଯିବ ॥ ୧୫୪ ॥

୧୫୫- ଆକାଶ ଯେତେବେଳେ ଫାଟିଯିବ, ତାରାଗୁଡ଼ିକ ଝଡ଼ିପଡିବେ, ସମୁଦ୍ର ଯେବେଚିରି ହୋଇଯିବ, ପୁଣି ଯେତେବେଳେ କବରଖାନାଗୁଡ଼ିକ ଜୀଇଁ ଉଠିବେ ।

(ମଂ ୭ /ସି · ୩୦ /ସୂ ·୮୨/ଆ·୧ରୁ୪ ଯାଏ)

ସମୀକ୍ଷକ:- ବାଃ ! କି ଅବୈଜ୍ଞାନିକ କଥା ! ଆକାଶକୁ କିପରି ଚିରିବ ? ତାରାଗୁଡ଼ିକୁ କିପରି ଝାଡ଼ିବ ? ସମୁଦ୍ରକଣ କାଠ ଯେ ତାକୁ ଫାଳ କରି ହେବ ? କବରଗୁଡ଼ାକ କଣ ମୁର୍ଦ୍ଦାର ଯେ ସେସବୁକୁ ଜୀଆଇ ଦେବ ? ଏସବୁ ପିଲାକିଆ କଥା ବ୍ୟତୀତ ଅନ୍ୟକିଛି ନୁହେଁ ॥ ୧୫୫ ॥

୧୫୬- ଶପଥ ଯେ, ଆକାଶ ଖମ୍ବଉପରେ ରହିଛି । କିନ୍ତୁ ଏହି କୋରାନ୍ ଏକ ସୁରକ୍ଷିତ ତକତା ଉପରେ ଲେଖାଯାଇଛି । (ମଂ ୭/ସି ·୩୦/ସୂ·୮୫/ ଆ·୧/୨୧/୨୨)

ସମୀକ୍ଷକ:- କୋରାନ୍ ଲେଖକ ଭୂଗୋଳ କିମ୍ବା ଖଗୋଳ ବିଦ୍ୟା ପଢ଼ି ନଥିଲେ । ... ହୋଇଥିଲେ ଆକାଶକୁ ଖମ୍ବବିଶିଷ୍ଟ ବୋଲି କହି ନ ଥାନ୍ତେ । ଯଦି ମେଷାଦି ରାଶିକୁ ଖମ୍ବ ବୋଲି କହିଥାଆନ୍ତି, ତେବେ ଅନ୍ୟ ଗୁଡ଼ିକୁ ମଧ୍ୟ କାହିଁକି ଖମ୍ବ ବୋଲି କୁହାଗଲା ନାହିଁ ? ସେସବୁ କୌଣସି ଖମ୍ବ ନୁହେଁ । ତା ହେଉଛି ତାରା ସମୂହ ମାତ୍ର । ସେପରି କୋରାନ୍ କଣ ଖୁଦାଙ୍କ ପାଖରେ ଅଛି ? ସେହି କୋରାନ୍ ଯଦି ତାଙ୍କର ଲେଖା ହୋଇଥାଏ, ତେବେ

ତହିଁରେ ଭୁଲ୍ ଆହୁରି ଅଧିକ ପରିମାଣରେ ରହିଥିବ ॥ ୧୫୬ ॥

୧୫୭- ସେ ଏକ ଠକ, ତେଣୁ ସେ ନିଶ୍ଚୟ ଠକାନ୍ତି । ମୁଁ ମଧ୍ୟ ଠକାଏଁ, ତେଣୁ ମୁଁ ମଧ୍ୟ ଜଣେ ଠକ । (ମଂ ୭ /ସି · ୩୦ /ସୂ ·୮୬/ଆ·୧୫/୧୬)

ସମୀକ୍ଷକ:- ଖୁଦା କଣ ତେବେ ଠକ ? ଚୋରିର ଜବାବ କଣ ଚୋରି ବା ମିଛର ଜବାବ ମିଛ ? ଯଦି ଜଣେ ଚୋର ଭଦ୍ରଲୋକଙ୍କ ଘରେ ଚୋରି କରେ, ତେବେ ଭଦ୍ରଲୋକ କଣ ଚୋରଘରେ ଚୋରି କରିବେ ? କୋରାନ୍ ଲେଖକଙ୍କର ଏହାହିଁ ବୋଧେ ନ୍ୟାୟସଙ୍ଗତ ॥ ୧୫୭ ॥

୧୫୮-ତୋର ମାଲିକ ଓ ଦୂତମାନେ ଯେଉଁଦିନ ଧାଡ଼ି ବାନ୍ଧି ଆସିବେ, ସେଦିନ ନରକକୁ ଅଣାଯିବ । (ମଂ ୭ /ସି · ୩୦ /ସୂ ·୮୯/ ଆ·୨୧/୨୨)

ସମୀକ୍ଷକ:- କହନ୍ତୁ ଆଜ୍ଞା ! ସେନାଧ୍ୟକ୍ଷ ଯେପରି ନିଜର ସୈନିକମାନଙ୍କୁ ନେଇ ପଂକ୍ତିରେ ଯାଆନ୍ତି, ଏହାଙ୍କ ଖୁଦା ମଧ୍ୟ ସେହିପରିକି ? ନରକ କଣ ମାଠିଆପରି ହୋଇଛି ଯେ ତାକୁ ଯୁଆଡ଼େ ଇଚ୍ଛା ସେଆଡ଼େ ନେଇହେବ ? ପ୍ରକୃତରେ ତାହାଯଦି ଏତେ ଛୋଟ ତେବେ ଅସଂଖ୍ୟ ବନ୍ଦୀଙ୍କୁ ସେହି ନରକରେ ସ୍ଥାନ ହେବ କିପରି ? ॥ ୧୫୮ ॥

୧୫୯- ଖୁଦା ପୈଗମ୍ବରକୁ କହିଥିଲେ ଯେ, ଖୁଦାଙ୍କ ମାଈଓଟକୁ ରକ୍ଷା କରିବ । ତାକୁ ପାଣି ପିଇବାକୁ ଦେବ । ସେ ତାହା କଲା ନାହିଁ । ତେଣୁ ତାର ଗୋଡ଼କୁ କାଟିଦେଲେ । ଈଶ୍ୱର ତାକୁ ମାରି ଉପରକୁ ପଠାଇଦେଲେ ।

(ମଂ ୭ /ସି · ୩୦ /ସୂ ୯୧/ ଆ·୧୩/୧୪)

ସମୀକ୍ଷକ:- ଖୁଦା ମଧ୍ୟ ମାଈଓଟ ଉପରେ ବସି କଣ ଭ୍ରମଣ କରନ୍ତି ? ନଚେତ୍ ତାକୁ ରଖିଥାଆନ୍ତେ କାହିଁକି ? ପୁଣି ନିଜ ନିୟମ ବିରୁଦ୍ଧରେଯାଇ କିୟାମତଦିନ ଆଗରୁ ରୋଗପୀଡା ଦେଇ ଖୁଦା ଏତେ ଲୋକଙ୍କୁ କାହିଁକି ମାରିପକାଇଲେ ? ଦୋଷ କରିବାରୁ ଲୋକମାନଙ୍କୁ ଏବେ ଯଦି ଦଣ୍ଡ ଦିଆଗଲା ତେବେ କିୟାମତଦିନ ଲୋକଙ୍କ ଗୁଣଦୋଷ ଦେଖି ଦଣ୍ଡ ଦେବା କଥା ମିଥ୍ୟା ପ୍ରମାଣିତ ହେଲା । ଏହି ଓଟ କଥାରୁ ଅନୁମିତ ହେଉଛି- ଯେତେବେଳେ ଆରବଦେଶରେ ଓଟ ବ୍ୟତୀତ ଅନ୍ୟ ବାହନର ସୁବିଧା ସୁଯୋଗ ନଥିଲା । ପୁଣି କୌଣସି ଆରବବାସୀହିଁ ଏହି କୋରାନ୍‌କୁ ଲେଖିଛନ୍ତି ॥ ୧୫୯ ॥

୧୬୦- ଯାହାର ମୁଣ୍ଡ ମିଥ୍ୟାଶ୍ରୁରୀ ଓ ଅପରାଧୀ ସେ ଯଦି ଏପରିଭାବରେ ନ ଆସେ, ତେବେ ନିଶ୍ଚୟ ଆମ୍ଭେ ତାକୁ ଘୋଷାରି ଆଣିବୁ । ନରକର ଦୂତଙ୍କୁ ମଧ୍ୟ ଆମ୍ଭେ ଡକାଇବୁ । (ମଂ ୭ /ସି · ୩୦ /ସୂ ·୯୬/ ଆ·୧୫/୧୬/୧୮)

ସମୀକ୍ଷକ:- କୌଣସି ଲୋକର ଚୁଟିଧରି ଟାଣି ଆଣିବାପରି ନୀଚଶ୍ରେଣୀର କାମ ମଧ୍ୟ ଖୁଦା ନିଜେ କରନ୍ତି । ମୁଣ୍ଡଟା କେବେ କଣ ମିଥ୍ୟାଶ୍ରୁରୀ ଓ ଅପରାଧୀ ହୋଇପାରେ ? ଜେଲ ଅଧ୍ୟକ୍ଷ ଜେଲଖାନାର ଦାରୋଗାକୁ ଡାକିବାପରି ଖୁଦା ମଧ୍ୟ ନିଜେ ଦାରୋଗାକୁ କଣ ଡାକନ୍ତି ?॥ ୧୬୦ ॥

୧୬୧- ନିଶ୍ଚୟ ଆମ୍ଭେ ପ୍ରତିଷ୍ଠାର ସହିତ ରାତ୍ରିମଧ୍ୟରେ କୋରାନ୍‌କୁ ଉତାରିଲୁ । ରାତ୍ରିର ପ୍ରତିଷ୍ଠା ବିଷୟରେ ତୁ କଣ ଜାଣୁ ? ଦେବଦୂତ ଓ ପବିତ୍ରାତ୍ମା ମାଲିକଙ୍କ ଆଜ୍ଞା ବହନକରି ପ୍ରତ୍ୟେକ କାମ କରିବାପାଇଁ ଓହ୍ଲାଇ ଆସନ୍ତି ।

(ମଂ୭/ସି·୬୦/ସ·୯୭/ଆ·୧/୨/୪)

ସମୀକ୍ଷକ:- ଯଦି ଗୋଟିଏ ରାତ୍ରିରେ କୋରାନ୍ ଉତରାଗଲା ତେବେ ସେହି ଆୟତ ଅର୍ଥାତ୍ ସେ ସମୟରେ ଉତରାଗଲା, ପୁଣି ଧୀରେ ଧୀରେ ଉତୁରିଲା, ଏସବୁ ଲେଖା ତେବେ କିପରି ସତ୍ୟ ହେବ ? ରାତ୍ରି ତ ଅନ୍ଧକାର, ଏହା ସମସ୍ତେ ଜାଣନ୍ତି, ପୁଣି ଏକଥା କିଏ ବା କାହିଁକି କାହାକୁ ଶିଖାଇବାକୁ ଯିବ ? ପୂର୍ବରୁ ଉଲ୍ଲେଖ କରାଯାଇଛି ସ୍ୱର୍ଗରେ ଓ ମର୍ତ୍ତ୍ୟରେ କୌଣସି କାମ ହୋଇପାରେ ନାହିଁ । କିନ୍ତୁ ଏଠାରେ ଲେଖାଯାଇଛି ଖୁଦାଙ୍କ ଆଦେଶରେ ଦେବଦୂତ ଓ ପବିତ୍ରାତ୍ମା ସଂସାରର ବ୍ୟବସ୍ଥା କରିବାପାଇଁ ଓହ୍ଲାଇ ଆସିଲେ । ଏଥିରୁ ଜଣାଯାଉଛି, ଖୁଦା ମଧ୍ୟ ମନୁଷ୍ୟପରି ଏକଦେଶୀ କଦାପି ସର୍ବବ୍ୟାପୀ ନୁହନ୍ତି । ଏପର୍ଯ୍ୟନ୍ତ କୋରାନ୍‌ରେ କେବଳ ଖୁଦା, ଦୂତଗଣ ଓ ପୈଗମ୍ବର ଏ ତିନିଜଣଙ୍କ କଥା ବରାବର୍ ଲେଖାହୋଇ ଆସୁଛି ।ବର୍ତ୍ତମାନ ପବିତ୍ରାତ୍ମାରୂପେ ଜଣେ ଚତୁର୍ଥ ବ୍ୟକ୍ତିର ବିଷୟ ଉଲ୍ଲେଖ କରାଯାଇଛି । ଏହି ଚତୁର୍ଥ ପବିତ୍ରାତ୍ମା କିଏ ତାହା ଜଣା ପଡୁନାହିଁ । ଈସାଇ ମତ ଅନୁସାରେ ପିତା,ପୁତ୍ର ଓ ପବିତ୍ରାତ୍ମା ତିନି ପ୍ରକାର ରହିଛି, କିନ୍ତୁ ଏ ମତରେ ଚତୁର୍ଥଟି ବିଷୟ ବାହାରିଲାଣି । ଯଦି ତୁମେମାନେ ଏହି ତିନିଙ୍କୁ ଖୁଦା ବୋଲି ମାନୁନାହଁ, ପୁଣି ପବିତ୍ରାତ୍ମା ଯଦି ପୃଥକ୍ ବ୍ୟକ୍ତି,ତେବେ ଖୁଦା, ଦୂତଗଣ ଓ ପୈଗମ୍ବର ଏ ତିନିହେଁ ପବିତ୍ରାତ୍ମା

ନୁହନ୍ତି କି ? ସେମାନେ ଯଦି ପ୍ରକୃତରେ ପବିତ୍ରାତ୍ମା ତେବେ ଜଣକୁ ପବିତ୍ରାତ୍ମା ବୋଲି କହିବାର ରହସ୍ୟ କଅଣ ? ଘୋଡ଼ା ପ୍ରଭୃତି ପଶୁ, ଦିନରାତି ଓ କୋରାନ୍ ପ୍ରଭୃତି ନାମରେ ଖୁଦା ଶପଥ କରି ପକାଉଛନ୍ତି । ଏହା କଣ କେବେ ଖୁଦାଙ୍କର କାମ ? ଏପରିକି ଭଦ୍ରଲୋକମାନେ ମଧ୍ୟ ଶପଥ କରିବାର ଦେଖାଯାଏ ନାହିଁ ॥ ୧୬୨ ॥

ବର୍ତ୍ତମାନ କୋରାନ୍ ଗ୍ରନ୍ଥର ଏହି ସମାଲୋଚନାକୁ ଲେଖି ତାକୁ ବୁଦ୍ଧିମାନ୍ ଲୋକଙ୍କ ଆଗରେ ଉପସ୍ଥାପନ କରୁଛି । ସେମାନେ ବିଚାରକରି କହନ୍ତୁ ଏହା କିପରି ପୁସ୍ତକ ? ମୋତେ ଯଦି ପଚରାଯାଏ ତେବେ ମୁଁ କହିବି ଏହି ଗ୍ରନ୍ଥ ଈଶ୍ୱରକୃତ ବା କୌଣସି ବିଦ୍ୱାନଙ୍କ ବିରଚିତ ନୁହେଁ । ଏଥିରେ ବିଦ୍ୟା ବିଷୟରେ କିଛି ହିଁ ନାହିଁ । ଏହି ଗ୍ରନ୍ଥରେ ଅନେକାନେକ ଦୋଷ ଥିଲେ ମଧ୍ୟ ତନ୍ମଧ୍ୟରୁ ଆମ୍ଭେ କେତୋଟିମାତ୍ର ଦୋଷ ଦେଖାଇଅଛୁଁ । କାରଣ ଲୋକେ ସେହି ଭ୍ରମଜାଲରେ ପଡ଼ି ନିଜର ଦୁର୍ଲ୍ଲଭ ଜୀବନକୁ ବ୍ୟର୍ଥ ବିନାଶନ ନ କରନ୍ତୁ । ଏଥିରେ ବେଦାଦି ସତ୍ ଶାସ୍ତ୍ରାନୁକୂଳ ଯାହା କିଛି ସତ୍ୟ ଅଛି ପୁଣି ଯାହାକୁ ପକ୍ଷପାତ ଶୂନ୍ୟ ବିଦ୍ୱାନ୍ ବ୍ୟକ୍ତିମାନେ ଗ୍ରହଣ କରନ୍ତି, ତାକୁ ଆମ୍ଭେମଧ୍ୟ ଅକୁଣ୍ଠିତଚିତ୍ତରେ ଗ୍ରହଣ କରୁଅଛୁଁ । ଏହା ବ୍ୟତୀତ ଆଉ ଯାହା କିଛି ରହିଛି, ତାହା ଅବିଦ୍ୟାଜନିତ ଭ୍ରମଜାଲ ସଦୃଶ । ମନୁଷ୍ୟର ଆତ୍ମାକୁ ପଶୁବତ୍ କରାଇ, ଶାନ୍ତି ଭଙ୍ଗପାଇଁ ପ୍ରୋତ୍ସାହନ ଦେବା, ମନୁଷ୍ୟ ମନୁଷ୍ୟମଧ୍ୟରେ ବିଦ୍ରୋହ ସୃଷ୍ଟି କରାଇବା ଓ ପରସ୍ପରକୁ ଦୁଃଖ ଦେବା, ଏପରି ବିଷୟମାନ ଏଥିରେ ପରିପୂର୍ଣ୍ଣ ହୋଇରହିଛି । ପୁଣି ଏହି କୋରାନ୍ ଗ୍ରନ୍ଥ ପୁନରୁକ୍ତି ଦୋଷର ଏକ ବିରାଟ ଭଣ୍ଡାର ସଦୃଶ ହୋଇଛି । " ପ୍ରତ୍ୟେକ ମନୁଷ୍ୟଙ୍କ ହୃଦୟରେ ପରସ୍ପର ପ୍ରତି ଅନାବିଳ ପ୍ରୀତି ଜାଗ୍ରତ ହେଉ, ସମସ୍ତେ ଏକାଠି ବସବାସ କରି ପରସ୍ପର ଉନ୍ନତି ବିଧାନରେ ସର୍ବଦା ପ୍ରବୃତ୍ତ ହୁଅନ୍ତୁ" । ସେଥିପାଇଁ ପରମପିତା ପରମାତ୍ମା ସମସ୍ତଙ୍କ କଲ୍ୟାଣ କରନ୍ତୁ । ମୁଁ ଯେପରି ନିଜର ତଥା ଅନ୍ୟଧର୍ମର ଦୋଷତ୍ରୁଟିକୁ ପକ୍ଷପାତ ରହିତ ହୋଇ ପ୍ରକାଶ କରିଛି, ସେହିପରି ଯଦି ପ୍ରତ୍ୟେକ ବିଦ୍ୱାନ୍ କରନ୍ତେ, ତେବେ ପରସ୍ପର ମଧ୍ୟରେ ଥିବା ବିରୋଧଭାବ ଦୂରେଇଯାଇ ସତ୍ୟର ସୁଦୃଢ଼ ପ୍ରତିଷ୍ଠା ହୋଇପାରନ୍ତା । କୋରାନ୍ ବିଷୟରେ ଏଠାରେ ସାମାନ୍ୟମାତ୍ର ଉଲ୍ଲେଖ କରାଯାଇଛି । ଏହାକୁ ସହୃଦୟତାର ସହିତ ବୁଦ୍ଧିମାନ୍ ଓ ଧାର୍ମିକ ଲୋକେ ପାଠକରି ଗ୍ରନ୍ଥକାରଙ୍କ ଅଭିପ୍ରାୟକୁ ହୃଦଙ୍ଗମ କରିବା

ସଙ୍ଗେ ସଙ୍ଗେ ଅନେକ ଅନୁଭୂତି ମଧ୍ୟ ଅର୍ଜନ କରିବାରେ ଯତ୍ନଶୀଳ ହେବେ ।

ଶେଷକୁ ଅନ୍ୟ ଏକ କଥା ପୁଣି ରହିଗଲା । ତାହା ହେଉଛି ଅନେକ ମୁସଲମାନ୍ କହନ୍ତି ଓ ଲେଖାଲେଖି କରି ପ୍ରକାଶ ମଧ୍ୟ କରିଛନ୍ତି ଯେ ଆମ୍ଭ ଧର୍ମସମ୍ପର୍କରେ ଅଥର୍ବ ବେଦରେ ଲେଖାମାନ ରହିଛି । ତହିଁର ଉତ୍ତରରେ ନିଃସନ୍ଦେହଭାବରେ କୁହାଯାଇପାରେ ଯେ ...... ଏ ଧର୍ମ ସମ୍ପର୍କରେ ଅଥର୍ବ ବେଦରେ ବିନ୍ଦୁବିସର୍ଗସୁଦ୍ଧା କିଛି ଉଲ୍ଲେଖ କରାଯାଇନାହିଁ ।

ପ୍ରଶ୍ନ– *ତୁମେ ଅଥର୍ବ ବେଦ ଆମୂଳଚୂଳ ପାଠ କରିଛକି ? ଯଦି ପାଠ କରିଛ ତେବେ ମଧ୍ୟ ଅଲ୍ଲୋପନିଷଦ୍ କୁ ଦେଖ । ଏହା ସ୍ପଷ୍ଟରୂପେ ତହିଁରେ ଉଲ୍ଲେଖ କରାଯାଇଛି । ଏପରି ସ୍ଥଳେ ତୁମେ ପୁଣି କହୁଛ ଯେ ଅଥର୍ବ ବେଦରେ ମୁସଲମାନ୍‌ମାନଙ୍କ ନାମ ବିନ୍ଦୁବିସର୍ଗ ସୁଦ୍ଧା ଉଲ୍ଲେଖ କରାଯାଇ ନାହିଁ ।*

ଅଥାଲ୍ଲୋପନିଷଦଂ ବ୍ୟାଖ୍ୟାସ୍ୟାମଃ:-

ଅସ୍ମାଲ୍ଲାଂ ଇଲ୍ଲେ ମିତ୍ରାବରୁଣା ଦିବ୍ୟାନି ଧତ୍ତେ ।
ଇଲ୍ଲଲ୍ଲେ ବରୁଣୋ ରାଜା ପୁନର୍ଦ୍ଦୁଃ ।
ହୟା ମିତ୍ରୋ ଇଲ୍ଲାଂ ଇଲ୍ଲଲ୍ଲେ ଇଲ୍ଲାଂ ବରୁଣୋ ମିତ୍ରସ୍ତେଜସ୍କାମଃ ॥ ୧ ॥
ହୋତାରମିନ୍ଦ୍ରୋ ହୋତାରମିନ୍ଦ୍ରୋ ମହାସୁରିନ୍ଦ୍ରାଃ ।
ଅଲ୍ଲୋ ଜ୍ୟେଷ୍ଠଂ ଶ୍ରେଷ୍ଠଂ ପରମଂ ପୂର୍ଣ୍ଣଂ ବ୍ରହ୍ମଣଂ ଅଲ୍ଲାମ୍ ॥ ୨ ॥
ଅଲ୍ଲୋରସୂଲମହାମଦରକବରସ୍ୟ ଅଲ୍ଲୋ ଅଲ୍ଲାମ୍ ॥ ୩ ॥
ଆଦଲ୍ଲାବୂକମେକକମ୍ । ଅଲ୍ଲାବୂକ ନିଖାତକମ୍ ॥ ୪ ॥
ଅଲ୍ଲୋଯଜ୍ଞେନ ହୁତହୁତ୍ୱା । ଅଲ୍ଲା ସୂର୍ଯ୍ୟଚନ୍ଦ୍ରସର୍ବନକ୍ଷତ୍ରାଃ ॥ ୫ ॥
ଅଲ୍ଲାଂ ଋଷୀଣାଂ ସର୍ବଦିବ୍ୟାଂ ଇନ୍ଦ୍ରାୟପୂର୍ବଂ ମାୟା ପରମନ୍ତରିକ୍ଷାଃ ॥ ୬ ॥
ଅଲ୍ଲଃ ପୃଥିବ୍ୟା ଅନ୍ତରିକ୍ଷଂ ବିଶ୍ୱରୂପମ୍ ॥ ୭ ॥
ଇଲ୍ଲାଂ କବର ଇଲ୍ଲାଂ କବର ଇଲ୍ଲାଂ ଇଲ୍ଲଲ୍ଲେତି ଇଲ୍ଲଲ୍ଲାଃ ॥ ୮ ॥
ଓମ୍ ଅଲ୍ଲାଇଲ୍ଲଲ୍ଲା ଅନାଦି ସ୍ୱରୂପାୟ ଅଥର୍ବଣାଶ୍ୟାମା ହ୍ରୂଂ ହ୍ରୀଂ
ଜନାନପଶୂନସିଦ୍ଧାନ୍ ଜଳଚରାନ୍ ଅଦୃଷ୍ଟଂ କୁରୁକୁରୁ ଫଟ୍ ॥ ୯ ॥
ଅସୁରସଂହାରିଣୀ ହ୍ରୂଂ ହ୍ରୀଂ ଅଲ୍ଲୋରସୂଲମହମଦରକବରସ୍ୟ ଅଲ୍ଲୋ

ଅଲ୍ଲାମ୍ ଇଲ୍ଲଲ୍ଲେତି ଇଲ୍ଲଲ୍ଲାଃ ॥ ୧୦ ॥
ଇତ୍ୟଲ୍ଲୋପନିଷତ୍ ସମାପ୍ତ

ଏଥିରେ ସାକ୍ଷାତ୍ ମହମ୍ମଦ ରସୁଲ ସାହେବ ଯାହା ଲେଖିଛନ୍ତି ତହିଁରୁ ମୁସଲମାନ୍ ମତ ବେଦମୂଳକ ଥିବା ସ୍ପଷ୍ଟ ପ୍ରତିପାଦିତ ହୁଏ ।

ଉତ୍ତରଃ- ଯଦି ତୁମ୍ଭେ ଅଥର୍ବବେଦ ଦେଖିନାହଁ, ତେବେ ଆମ ନିକଟକୁ ଆସି,ଉକ୍ତ ବେଦର ଆରମ୍ଭରୁ ଶେଷପର୍ଯ୍ୟନ୍ତ ଦେଖ, ନତୁବା କୌଣସି ଅଥର୍ବ ବେଦୀଙ୍କ ନିକଟରୁ ବିଂଶକାଣ୍ଡ ସମ୍ବଳିତ ଅଥର୍ବ ବେଦର ମନ୍ତ୍ରସଂହିତା ଦେଖି ନିଅ । କେଉଁଠି ହେଲେ ତୁମ ପୈଗମ୍ବର ସାହେବଙ୍କ ନାମ କିମ୍ବା ମତ ଲେଖାଥିବାର ଦେଖିବାକୁ ପାଇବ ନାହିଁ। ଏହି ଅଲ୍ଲୋପନିଷଦ୍ ଅଥର୍ବ ବେଦ ବା ତାହାର ଗୋପଥ ବ୍ରାହ୍ମଣ ବା କୌଣସି ଶାଖା ମଧ୍ୟରେ ନାହିଁ। ଏହାକୁ ଆକବରଙ୍କ ରାଜତ୍ୱ ସମୟରେ କେହି ତିଆରି କରିଥିବା ଅନୁମାନ କରାଯାଏ । ଏହାର ଲେଖକ ଆରବୀ ଓ ସାମାନ୍ୟ ସଂସ୍କୃତ ଜାଣିଥିଲେ । ଏଣୁ ଏଥିରେ ସେହି ଉଭୟଭାଷା ରହିଛି । " ଅସ୍ମାଲ୍ଲାଂ " ଇଲ୍ଲେମିତ୍ରାବରୁଣା ଦିବ୍ୟାନିଧତ୍ତେ " ମଧ୍ୟରୁ ଅସ୍ମାଲ୍ଲାଂ ଇଲ୍ଲେ ଆରବୀ ଭାଷା ହୋଇଥିବା ସ୍ଥଳେ ଅବଶିଷ୍ଟ ହେଉଛି ସଂସ୍କୃତଭାଷା । ଏଣୁ କେହି ଉଭୟ ଭାଷା ଜାଣିଥିବା ଲୋକ ଏହାକୁ ଲେଖିଛି । ଅର୍ଥ ଦୃଷ୍ଟିରୁ ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଏହା କୃତ୍ରିମ,ଅଯୁକ୍ତ,ଏବଂ ବେଦ ଓ ବ୍ୟାକରଣ ବିରୁଦ୍ଧ ରୀତିରେ ରଚିତ ହୋଇଅଛି । ଅନ୍ୟାନ୍ୟ ମତମତାନ୍ତରବାଦୀମାନେ ମଧ୍ୟ ଏହିପରି ସ୍ୱରୋପନିଷଦ୍, ନୃସିଂହତାପିନୀ, ରାମତାପିନୀ, ଗୋପାଳତାପିନୀ ପ୍ରଭୃତି ନାମରେ ଅନେକ ଉପନିଷଦ୍ ରଚନା କରିଛନ୍ତି ।

ପ୍ରଶ୍ନ- ଆଜିପର୍ଯ୍ୟନ୍ତ କେହି ଏପରି କହିନଥିଲେ । ଏବେ ତୁମେ ଏପରି କହୁଛ । ଆମ୍ଭେ ତୁମ କଥା କିପରି ସ୍ୱୀକାର କରିବୁ ?

ଉତ୍ତରଃ- ତୁମ୍ଭେ ସ୍ୱୀକାର କର ବା ନକର,ଆମେ କେବେ ମିଥ୍ୟାର ଆଶ୍ରୟ ନେବୁ ନାହିଁ । ଆମେ ଯେପରି ଯୁକ୍ତି ଦେଖାଇ ତାହା ବେଦୋକ୍ତି ନୁହେଁ ବୋଲି କହୁଛୁ, ସେହିପରି ତୁମ୍ଭେ ଯଦି ଅଥର୍ବବେଦ,ଗୋପଥବ୍ରାହ୍ମଣ ବା କୌଣସିଶାଖାରେ ବିଶେଷତଃ ପ୍ରାଚୀନ ଗ୍ରନ୍ଥରେ ଆମକୁ ଦେଖାଇ ଦେଇପାରିବ ତେବେ ଆମେ ତାହାକୁ ପ୍ରମାଣିକ ବୋଲି ସ୍ୱୀକାର

କରିବୁ ।

ପ୍ରଶ୍ନ- ଦେଖ,ଆମ୍ଭର ମତ କିପରି ଉତ୍ତମ ମତ । କାରଣ ଏଥିରେ ସମସ୍ତ ପ୍ରକାର ସୁଖ ଓ ଶେଷରେ ମୁକ୍ତି ବିଧାନ କରାଯାଇଛି । ଏହା କଣ ଠିକ୍ ନୁହେଁ ?

ଉତ୍ତରଃ- ଏହିପରି ଅନ୍ୟ ମତବାଦୀମାନେ ମଧ୍ୟ ନିଜନିଜ ମତକୁ ପ୍ରଶଂସାକରି କହନ୍ତି····· ଆମ ମତହିଁ ଉତ୍ତମ ମତ, ଅନ୍ୟ ସବୁ ମତ ମିଥ୍ୟା,ଆମ ମତ ବ୍ୟତୀତ ଅନ୍ୟ ମତରେ ମୁକ୍ତି ମିଳିବ ନାହିଁ। ତେବେ ତୁମ ମତ ସତ୍ୟ ନା ସେମାନଙ୍କ ମତ ସତ୍ୟ ? ଆମ୍ଭେ ଅବଶ୍ୟ ଏକଥା ସ୍ୱୀକାର କରୁଛୁ ଯେ, ସତ୍ୟଭାଷଣ,ଅହିଂସା,ଦୟା ପ୍ରଭୃତି ଉତ୍ତମଗୁଣ ଯେ କୌଣସି ଧର୍ମରେ ହେଉନା କାହିଁକି ଉତ୍ତମ ଅଟେ । କିନ୍ତୁ ବାଦ,ବିବାଦ, ଈର୍ଷା,ଦ୍ୱେଷ ଓ ମିଥ୍ୟାଭାଷଣାଦି ଦୁର୍ଗୁଣ ଓ କୁକର୍ମମାନ ସବୁ ମତରେ ବର୍ଜନୀୟ । ଯଦି ସତ୍ୟମତ ଗ୍ରହଣ କରିବାର ଇଚ୍ଛା ଅଛି, ତେବେ ବୈଦିକମତର ଶରଣାପନ୍ନ ହୁଅ ।

ଏହାପରେ ସ୍ୱମନ୍ତବ୍ୟାମନ୍ତବ୍ୟର ପ୍ରକାଶ ସଂକ୍ଷେପରେ ଉଲ୍ଲେଖ କରାଯିବ ।

ଇତି ଶ୍ରୀମଦ୍ଦୟାନନ୍ଦ ସରସ୍ୱତୀ ସ୍ୱାମୀକୃତେ
ସତ୍ୟାର୍ଥ ପ୍ରକାଶେ ସୁଭାଷା ବିଭୂଷିତେ ଯବନମତବିଷୟେ
ଚତୁର୍ଦ୍ଦଶଃ ସମୁଲ୍ଲାସଃ ସଂପୂର୍ଣ୍ଣଃ ॥ ୧୪ ॥

// ଓ୩ମ୍ //

ଅଥ ସ୍ୱମନ୍ତବ୍ୟାମନ୍ତବ୍ୟ ପ୍ରକାଶଃ

ସର୍ବତନ୍ତ୍ର ସିଦ୍ଧାନ୍ତ ଅର୍ଥାତ୍ ସାର୍ବଜନିକ ଧର୍ମ, ଯାହାକୁ କି ଲୋକେ ଆବହମାନ କାଳରୁ ମାନି ଆସୁଛନ୍ତି, ମାନୁଛନ୍ତି ଓ ମାନିବେ ମଧ୍ୟ ତାହାକୁ ସନାତନ ନିତ୍ୟଧର୍ମ କହନ୍ତି । ଏହାକୁ କେହି କେବେ ବିରୋଧ କରିପାରିବେ ନାହିଁ । ଏହି ଧର୍ମକୁ ଅନ୍ୟ ଅବିଦ୍ୟାଯୁକ୍ତ ଲୋକେ କିମ୍ବା ଅନ୍ୟଧର୍ମର ଭ୍ରାନ୍ତଲୋକେ ସ୍ୱୀକାର ନ କଲେହେଁ, ଏହାକୁ ଆପ୍ତ ଅର୍ଥାତ୍ ସତ୍ୟମାନୀ, ସତ୍ୟବାଦୀ, ସତ୍ୟକାରୀ, ପରୋପକାରୀ, ନିଷ୍ପକ୍ଷପାତ ବିଦ୍ୱାନ୍‌ଗଣ ଆଗ୍ରହର ସହିତ ସ୍ୱୀକାର କରନ୍ତି । ତାହାର ନାମ ହେଉଛି ମନ୍ତବ୍ୟ, କିନ୍ତୁ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି ତାରନାମ ହେଉଛି ଅମନ୍ତବ୍ୟ । ଯେଉଁ ବେଦାଦି ସତ୍‌ଶାସ୍ତ୍ରମାନ ତଥା ବ୍ରହ୍ମାଙ୍କଠାରୁ ଆରମ୍ଭକରି ଜୈମିନୀମୁନି ପର୍ଯ୍ୟନ୍ତ ଗ୍ରହଣ କରାଯାଇଥିବା ଈଶ୍ୱରାଦି ପଦାର୍ଥ, ପୁଣି ଯାହାକୁ ମୁଁ ମଧ୍ୟ ସ୍ୱୀକାର କରେ, ସେସବୁକୁ ସଜ୍ଜନଗଣଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି । ଯାହା ତିନିକାଳରେ ସମସ୍ତଙ୍କ ପକ୍ଷରେ ଗ୍ରହଣୀୟ, ତାକୁ ହିଁ ମୁଁ ମୋର ମନ୍ତବ୍ୟ ବୋଲି ଜାଣେ । ନୂତନ କଳ୍ପନା କିମ୍ବା ମତମତାନ୍ତର ଚଳାଇବାପାଇଁ ମୋର ସାମାନ୍ୟମାତ୍ର ଆକାଂକ୍ଷା ନାହିଁ କିନ୍ତୁ ଯାହା ସତ୍ୟ,ତାକୁ ମାନିବା ଓ ମନାଇବା,ପୁଣି ଯାହା ଅସତ୍ୟ ତାକୁ ତ୍ୟାଗକରିବା ଓ କରାଇବା ହିଁ ମୋର ଏକମାତ୍ର ଉଦ୍ଦେଶ୍ୟ । ମୁଁ ଯଦି ପକ୍ଷପାତ କରିଥାଆନ୍ତି, ତେବେ ଆର୍ଯ୍ୟାବର୍ତ୍ତରେ ପ୍ରଚଳିତ ଯେ କୌଣସି ଧର୍ମପ୍ରତି ଆଗ୍ରହାନ୍ୱିତ ହୋଇଥାନ୍ତି । କିନ୍ତୁ ମୁଁ ତାହା କରିନାହିଁ । ଆର୍ଯ୍ୟାବର୍ତ୍ତ ହେଉ ବା ଅନ୍ୟ ଯେ କୌଣସି ଦେଶ ହେଉ ସେଠାରେ ଯେଉଁ ଅଧର୍ମଯୁକ୍ତ ଚାଲିଚଳନ ରହିଛି, ତାର ଉଚ୍ଛେଦ କରିବା ଓ ଧର୍ମଯୁକ୍ତ କଥାପ୍ରତି ଆଗ୍ରହ ସୃଷ୍ଟି କରିବାପାଇଁ ଯତ୍ନ କରିଛି । ସେଣୁ ଏହାହିଁ ହେଉଛି ମାନବିକ ଧର୍ମ ।

ଯିଏ ମନନଶୀଳ ହୋଇ ନିଜଭଳି ଅନ୍ୟର ସୁଖ-ଦୁଃଖ, ହାନି-ଲାଭ ବୁଝିପାରେ ତାକୁହିଁ ମନୁଷ୍ୟ କୁହାଯାଏ । ସେପରି ମନୁଷ୍ୟ ଅନ୍ୟାୟକାରୀ ବଳଶାଳୀ ବ୍ୟକ୍ତିକୁ ମଧ୍ୟ ଭୟକରେ ନାହିଁ, କିନ୍ତୁ ଦୁର୍ବଳ ଧର୍ମାତ୍ମାଙ୍କୁ ଭୟକରେ । ଦୁର୍ବଳ ମହାଅନାଥ ଧର୍ମାତ୍ମାଙ୍କୁ ରକ୍ଷାକରିବା, ତାଙ୍କର ଉନ୍ନତି କରିବା ଓ ପ୍ରିୟାଚରଣ କରିବା ହେଉଛି ବିଜ୍ଞ ବ୍ୟକ୍ତିଙ୍କର କର୍ତ୍ତବ୍ୟ । ଚକ୍ରବର୍ତ୍ତୀ, ଅତ୍ୟନ୍ତ ବଳଶାଳୀ,ଗୁଣବାନ୍ ସମ୍ରାଟ୍ ହେଲେ ମଧ୍ୟ ସେ ଯଦି

ଅଧର୍ମୀ ହୋଇଥାନ୍ତି, ତେବେ ତାଙ୍କର ବିନାଶ,ଅବନତି,ଅପ୍ରିୟାଚରଣ କରିବା ସର୍ବଦା ବିଧେୟ । ଯଥାସମ୍ଭବ ଅନ୍ୟାୟକାରୀର ବଳହାନି ଓ ନ୍ୟାୟକାରୀର ବଳବୃଦ୍ଧି ଯେପରି ହେବ ତାପାଇଁ ଯତ୍ନଶୀଳ ହେବ ଉଚିତ । ଏହି କାର୍ଯ୍ୟପାଇଁ ଯେତେ ଦୁଃଖଭୋଗିବାକୁ ହେଉ, ଏପରିକି ପ୍ରାଣ ଗଲିଗଲେ ମଧ୍ୟ ମଣିଷପଣିଆରୁ ଦୂରେଇଯାଇ ନ୍ୟାୟପ୍ରତି ବିମୁଖହେବା କଦାପି ଶୋଭନୀୟ ନୁହେଁ । ଏ ସମ୍ପର୍କରେ ମହାରାଜ ଭର୍ତ୍ତୃହରି ପ୍ରଭୃତିଙ୍କ ବର୍ଣ୍ଣିତ କେତେକଶ୍ଳୋକ ଉଦାହରଣ ଦିଆଯାଉଛି.....

ନିନ୍ଦନ୍ତୁ ନୀତିନିପୁଣା ଯଦି ବା ସ୍ତୁବନ୍ତୁ, ଲକ୍ଷ୍ମୀଃ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟମ୍ । ଅଦ୍ୟୈବ ବା ମରଣମସ୍ତୁ ଯୁଗାନ୍ତରେ ବା, ନ୍ୟାଯ୍ୟାତ୍ପଥଃ ପ୍ରବିଚଳନ୍ତି ପଦଂ ନ ଧୀରାଃ ॥ ୧ ॥ (ଭର୍ତ୍ତୃହରି ନୀତିଶତକ)

ନ ଜାତୁ କାମାନ୍ନ ଭୟାନ୍ନ ଲୋଭାଦ୍ ଧର୍ମଂ ତ୍ୟଜେଜ୍ଜୀବିତସ୍ୟାପି ହେତୋଃ । ଧର୍ମୋ ନିତ୍ୟଃ ସୁଖଦୁଃଖେ ତ୍ୱନିତ୍ୟେ ଜୀବୋ ନିତ୍ୟୋ ହେତୁରସ୍ୟ ତ୍ୱନିତ୍ୟଃ ॥ ୨ ॥ (ମହାଭାରତ)

ଏକ ଏବ ସୁହୃଦ୍ଧର୍ମୋ ନିଧନେଽପ୍ୟନୁଯାତି ଯଃ ।
ଶରୀରେଣ ସମଂନାଶଂ ସର୍ବମନ୍ୟଦ୍ଧି ଗଚ୍ଛତି ॥ ୩ ॥ (ମନୁଃ)

ସତ୍ୟମେବ ଜୟତେ ନାନୃତଂ ସତ୍ୟେନ ପନ୍ଥା ବିତତୋ ଦେବଯାନଃ ।
ଯେନାକ୍ରମନ୍ତ୍ୟୃଷୟୋ ହ୍ୟାପ୍ତକାମା ଯତ୍ର ତତ୍ସତ୍ୟସ୍ୟ ପରମଂନିଧାନମ୍ ॥୪ ॥
(ମୁଣ୍ଡକୋପନିଷଦ୍)

ନହି ସତ୍ୟାତ୍ପରୋ ଧର୍ମୋ ନାନୃତାତ୍ପାତକଂ ପରମ୍ ।
ନହି ସତ୍ୟାତ୍ପରଂ ଜ୍ଞାନଂ ତସ୍ମାତ୍ସତ୍ୟଂ ସମାଚରେତ୍ ॥ ୫ ॥ (ଉପନିଷଦି)

ଏହି ମହାନୁଭବମାନଙ୍କ ଶ୍ଳୋକ ଅନୁସାରେ ସମସ୍ତେ ନିଜନିଜ ଆଚରଣକୁ ସୁଧାରିବା ଉଚିତ । ବର୍ତ୍ତମାନ ମୁଁ ଯେଉଁ ଯେଉଁ ପଦାର୍ଥକୁ ଯେପରିଭାବେ ଗ୍ରହଣ କରିଛି, ସେସବୁକୁ ସଂକ୍ଷେପରେ ବର୍ଣ୍ଣନା କରୁଛି । ସେସବୁର ବିସ୍ତୃତବ୍ୟାଖ୍ୟା ଏହି ଗ୍ରନ୍ଥର ସେହି ସେହି ପ୍ରକରଣରେ ଦିଆଯାଇଛି । ସେଗୁଡ଼ିକ ହେଉଛି......

୧-ଈଶ୍ୱର, ଏହାଙ୍କର ନାମ ବ୍ରହ୍ମ,ପରମାତ୍ମାଦି । ସେ ସଚ୍ଚିଦାନନ୍ଦ ପ୍ରଭୃତି ଲକ୍ଷଣଯୁକ୍ତ

ଓ ତାଙ୍କର ଗୁଣ,କର୍ମ ଓ ସ୍ୱଭାବ ପବିତ୍ର । ସେ ସର୍ବଜ୍ଞ, ନିରାକାର,ସର୍ବବ୍ୟାପକ, ଅଜନ୍ମା, ଅନନ୍ତ, ସର୍ବଶକ୍ତିମାନ୍, ଦୟାଳୁ, ନ୍ୟାୟକାରୀ, ସକଳ ସୃଷ୍ଟିର କର୍ତ୍ତା, ଧର୍ତ୍ତା, ହର୍ତ୍ତା, ସମସ୍ତ ଜୀବଙ୍କର କର୍ମାନୁସାରେ ନ୍ୟାୟଯୁକ୍ତ ଫଳଦାତା, ବଳଦାତା ପ୍ରଭୃତି ଲକ୍ଷଣଯୁକ୍ତ । ତାଙ୍କୁ ହିଁ ମୁଁ ମାନୁଛି ।

୨- **ଋକ୍‌ବେଦଃ**- (ବିଦ୍ୟା ଧର୍ମଯୁକ୍ତ ଈଶ୍ୱର ପ୍ରଣୀତ ମନ୍ତ୍ରଭାଗ) କୁ ଅଭ୍ରାନ୍ତ ଓ ସ୍ୱତଃ ପ୍ରମାଣବୋଲି ମାନୁଛି । ଏହା ସ୍ୱୟଂ ପ୍ରମାଣିତ । ଏହାକୁ ପ୍ରମାଣିତ କରିବାପାଇଁ ଅନ୍ୟ କୌଣସି ଗ୍ରନ୍ଥର ଆବଶ୍ୟକତା ନାହିଁ । ଯେପରି ସୂର୍ଯ୍ୟ ବା ପ୍ରଦୀପ ନିଜ ସ୍ୱରୂପର ସ୍ୱତଃ ପ୍ରକାଶକ ଓ ପୃଥିବୀ ପ୍ରଭୃତିର ପ୍ରକାଶକ ଅଟେ । ସେହିପରି ଋଗ୍‌ବେଦ ସ୍ୱୟଂ ପ୍ରକାଶିତ । ଋଗ୍‌ବେଦର ବ୍ରାହ୍ମଣ, ଛଅଅଙ୍ଗ,ଛଅ ଉପାଙ୍ଗ,ଚାରି ଉପବେଦ ଓ ଏଗାରଶହ ସତାଇଶ ଶାଖା, ଯାହାକି ବେଦର ବ୍ୟାଖ୍ୟାନ ସ୍ୱରୂପ ବ୍ରହ୍ମାଦି ମହର୍ଷିଙ୍କ ପ୍ରଣୀତ ଗ୍ରନ୍ଥ, ଏହାକୁ ପରତଃ ପ୍ରମାଣ ଅର୍ଥାତ୍ ବେଦର ଅନୁକୂଳହେତୁ ପ୍ରମାଣ ବୋଲି ସ୍ୱୀକାର କରୁଛି । କିନ୍ତୁ ଏଥିରେ ଥିବା ବେଦବିରୁଦ୍ଧ ବଚନକୁ ଅପ୍ରମାଣରୂପେ ଗ୍ରହଣ କରୁଛି ।

୩- ଧର୍ମାଧର୍ମ ପକ୍ଷପାତ ରହିତ, ନ୍ୟାୟାଚରଣ, ସତ୍ୟଭାଷଣାଦିଯୁକ୍ତ ଈଶ୍ୱରାଜ୍ଞା ବେଦର ଅବିରୁଦ୍ଧ ତାହାକୁ ଧର୍ମ,ପୁଣି ଯାହାପକ୍ଷପାତପୂର୍ଣ୍ଣଅନ୍ୟାୟାଚରଣ, ମିଥ୍ୟା ଭାଷଣାଦି ଈଶ୍ୱରାଜ୍ଞା ଭଙ୍ଗ ବେଦ ବିରୁଦ୍ଧ, ତାହାକୁ ଅଧର୍ମ ବୋଲି ମନେ କରୁଛି ।

୪- ଜୀବ- ଇଚ୍ଛା,ଦ୍ୱେଷ,ସୁଖ-ଦୁଃଖ ଓ ଜ୍ଞାନାଦି ଗୁଣ ସମ୍ପନ୍ନ, ଅଳ୍ପଜ୍ଞ ଓ ନିତ୍ୟ, ତାକୁ "ଜୀବ" ବୋଲି ମାନୁଛି ।

୫- ବୈଧର୍ମ୍ୟ ଯୋଗୁଁ ଅର୍ଥାତ୍ ଗୁଣ,କର୍ମ ଓ ସ୍ୱଭାବରେ ଭିନ୍ନ ହେବାରୁ ଜୀବ ଓ ଈଶ୍ୱରଭିନ୍ନ, ପୁଣି ସାଧର୍ମ୍ୟ ହେତୁ ଅର୍ଥାତ୍ ବ୍ୟାପ୍ୟ,ବ୍ୟାପକ ସମ୍ବନ୍ଧହେତୁ ଈଶ୍ୱର ଓ ଜୀବ ଅଭିନ୍ନ ଯେପରି କୌଣସି ମୂର୍ତ୍ତିମାନ୍ ବସ୍ତୁ ଆକାଶରୁ ଭିନ୍ନ ହୋଇ ରହିପାରେ ନାହିଁ । ଜୀବ ଓ ଈଶ୍ୱର ମଧ୍ୟରେ ବ୍ୟାପ୍ୟ-ବ୍ୟାପକ, ଉପାସ୍ୟ-ଉପାସକ,ତଥା ପିତା-ପୁତ୍ର ସମ୍ବନ୍ଧ ବିଦ୍ୟମାନ ।

୬- ଅନାଦି ପଦାର୍ଥ- ଏହା ହେଉଛି ତିନି ପ୍ରକାର । ଏକ-ଈଶ୍ୱର, ଦ୍ୱିତୀୟ-ଜୀବ ଓ ତୃତୀୟରେ- ପ୍ରକୃତି । ଅର୍ଥାତ୍ ଜଗତର ଉପାଦାନ କାରଣ । ଏହି ତିନି

ପଦାର୍ଥକୁ ନିତ୍ୟ କୁହାଯାଏ । ସେ ନିତ୍ୟପଦାର୍ଥ, ତାଙ୍କର ଗୁଣ,କର୍ମ ଓ ସ୍ୱଭାବ ମଧ୍ୟ ହେଉଛି ନିତ୍ୟ ।

୭- ପ୍ରବାହରୁ ଅନାଦି- ଯେଉଁ ଦ୍ରବ୍ୟ ଗୁଣ ଓ କର୍ମ ସଂଯୋଗରୁ ଉତ୍ପନ୍ନ ହୁଏ, ବିଯୋଗପରେ ସେହି ଦ୍ରବ୍ୟାଦି ରହେ ନାହିଁ । କିନ୍ତୁ ଯେଉଁ ସାମର୍ଥ୍ୟ ବା ଶକ୍ତି ଯୋଗୁଁ ଏକ ପଦାର୍ଥର ଅନ୍ୟ ପଦାର୍ଥ ସହିତ ସଂଯୋଗ ବା ବିୟୋଗ ହୁଏ ସେହି ଶକ୍ତି ସର୍ବଦା ଉକ୍ତ ପଦାର୍ଥର ଅନ୍ତର୍ଗତ ଥାଇ ସଂଯୋଗ ବିଯୋଗ ଘଟାଉଥାଏ । ଅତଏବ ସଂଯୋଗ ବିଯୋଗ, ସୃଷ୍ଟି ପ୍ରଳୟ, ତଥା ଜନ୍ମ ମରଣର ଅନନ୍ତ ପ୍ରବାହ ଚାଲିଥାଏ ।

୮- ସୃଷ୍ଟି- ଜ୍ଞାନ ଓ ବିଚାରପୂର୍ବକ ଯଥାପରିମାଣ ଓ ନିୟମାନୁସାରେ ଭିନ୍ନ-ଭିନ୍ନ ମୌଳିକ ପଦାର୍ଥର ସଂଯୋଗରୁ ଯେଉଁସବୁ ନାମରୂପ ପଦାର୍ଥ ଉତ୍ପନ୍ନ ହୁଏ, ତାହାକୁ ସୃଷ୍ଟି କୁହାଯାଏ ।

୯- ସୃଷ୍ଟିର ପ୍ରୟୋଜନ— ଈଶ୍ୱରଙ୍କର ସର୍ଜନା ଶକ୍ତି ସଫଳ କରିବା ହିଁ ସୃଷ୍ଟିର ପ୍ରୟୋଜନ । ଯେପରି କେହି କାହାକୁ ପଚାରେ..... ନେତ୍ରର ଆବଶ୍ୟକ କଣ ? ସେ ଉତ୍ତରଦିଏ- ଦେଖିବାପାଇଁ । ସେହିପରି ଈଶ୍ୱରଙ୍କର ସୃଷ୍ଟି କରିବା ସାମର୍ଥ୍ୟର ସଫଳତା ସୃଷ୍ଟି କରିବାରେ ହିଁ ପ୍ରକାଶିତ ହୋଇଥାଏ । ପୁଣି ଜୀବର କର୍ମଫଳ ଯଥାବିଧି ଭୋଗ କରିବାର ବ୍ୟବସ୍ଥା କରିବାମଧ୍ୟ ଏହା ମଧ୍ୟରେ ନିହିତ ଥାଏ ।

୧୦- ସୃଷ୍ଟି ସକର୍ତ୍ତୃକ- ସୃଷ୍ଟିର କର୍ତ୍ତା ହେଉଛନ୍ତି ପୂର୍ବୋକ୍ତ ପରମେଶ୍ୱର । ସୃଷ୍ଟି ରଚନା ପ୍ରଣାଳୀରୁ ପୁଣି ଜଡ଼ପଦାର୍ଥର ସ୍ୱୟଂ ଯଥାଯୋଗ୍ୟ ବିଜ୍ଞାନରୂପେ ନିର୍ମିତ ହେବାର ଶକ୍ତି ନଥିବାରୁ ସ୍ପଷ୍ଟରୂପେ ଜଣାଯାଏ ଯେ ଏହି ଜଗତର ଅବଶ୍ୟଜଣେ କର୍ତ୍ତା ଅଛନ୍ତି ।

୧୧- ବନ୍ଧ- ଏହା ହେଉଛି ସକାରଣକ । ଜୀବର ଏହି ପାର୍ଥିବ ବନ୍ଧନର କାରଣ ଅଛି । ଅବିଦ୍ୟା ଏହାର ମୁଖ୍ୟ କାରଣ । କାରଣ ଅବିଦ୍ୟାଦ୍ୱାରା ଈଶ୍ୱରଙ୍କ ବ୍ୟତୀତ ଅନ୍ୟର ଉପାସନା ଓ ମିଥ୍ୟା ଭାଷଣାଦି ପାପକର୍ମ କରାଯାଏ । ସେହି ପାପକର୍ମର ଫଳସ୍ୱରୂପ ଦୁଃଖକ୍ଳେଶାଦି ଭୋଗିବାକୁ ପଡ଼େ । ଏହାକୁ ହିଁ ବନ୍ଧ କୁହାଯାଏ । ଏହାକୁ କେହି ଭୋଗିବାକୁ ଇଚ୍ଛା କରେ ନାହିଁ, ତଥାପି ଭୋଗିବାକୁ ବାଧ୍ୟ ହୋଇଥାଏ ।

୧୨- ମୁକ୍ତି- ଯାବତୀୟ ଦୁଃଖକ୍ଳେଶରୁ ଉଦ୍ଧାରପାଇ ବନ୍ଧରହିତ ସର୍ବବ୍ୟାପକ

ଈଶ୍ୱର ଓ ତାହାଙ୍କ ସୃଷ୍ଟିରେ ସ୍ୱେଚ୍ଛାରେ ବିଚରଣ କରି, ନିୟତ ସମୟ ପର୍ଯ୍ୟନ୍ତ ମୁକ୍ତି ଆନନ୍ଦ ଭୋଗକରି ପୁନରପି ସଂସାରରେ ଜନ୍ମଗ୍ରହଣ କରିବାର ନାମ ହିଁ ମୁକ୍ତି ।

୧୩- ମୁକ୍ତିର ସାଧନ- ଈଶ୍ୱରୋପାସନା ଅର୍ଥାତ୍ ଯୋଗାଭ୍ୟାସ, ଧର୍ମାନୁଷ୍ଠାନ, ବ୍ରହ୍ମଚର୍ଯ୍ୟ ରକ୍ଷାପୂର୍ବକ ବିଦ୍ୟାପ୍ରାପ୍ତି, ଆପ୍ତ ବିଦ୍ୱାନ୍‌ମାନଙ୍କ ସଙ୍ଗ, ସତ୍‌ବିଦ୍ୟା, ସୁବିଚାର ଓ ପୁରୁଷାର୍ଥ ପ୍ରଭୃତି ।

୧୪- ଅର୍ଥ- ଯାହା ଧର୍ମ ମାର୍ଗରେ ଉପାର୍ଜିତ ହୁଏ, ତାହାହିଁ ଅର୍ଥ । କିନ୍ତୁ ଅସତ୍ ମାର୍ଗରେ ଯାହା ହସ୍ତଗତ ହୁଏ, ତାକୁ ଅନର୍ଥ କୁହାଯାଏ ।

୧୫- କାମ- ଧର୍ମ ତଥା ସନ୍‌ମାର୍ଗୋପାର୍ଜିତ ଧନରେ ଯେଉଁ ସୁଖ ଲାଭହୁଏ ତାହାହିଁ କାମ ।

୧୬- ବର୍ଣ୍ଣାଶ୍ରମ- ମନୁଷ୍ୟର ଗୁଣ,କର୍ମ ଓ ସ୍ୱଭାବାନୁସାରେ ତାହାର ବର୍ଣ୍ଣ ନିରୂପିତ ହୁଏ ।

୧୭- ରାଜା- ଶୁଭଗୁଣ, କର୍ମ ଓ ସ୍ୱଭାବଦ୍ୱାରା ଯେ ପ୍ରକାଶମାନ, ପକ୍ଷପାତରହିତ, ନ୍ୟାୟଧର୍ମସେବୀ, ପୁତ୍ରବତ୍ ପ୍ରଜାପାଳନକାରୀ,ପୁଣି ସେମାନଙ୍କୁ ସୁଖ ଦେବାପାଇଁ ଯେ ସତତ ପ୍ରଯତ୍ନଶୀଳ, ତାଙ୍କୁ ରାଜା କୁହାଯାଏ ।

୧୮- ପ୍ରଜା- ଯେ କି ପବିତ୍ର ଗୁଣ, କର୍ମ ଓ ସ୍ୱଭାବ ଧାରଣକରି ପକ୍ଷପାତ ରହିତ ନ୍ୟାୟ ଧର୍ମ- ପାଳନକରି ରାଜା ଓ ପ୍ରଜାଙ୍କର ଉନ୍ନତି ଚାହେଁ ଓ ରାଜଦ୍ରୋହରୁ ଦୂରେଇ ରହି ରାଜାଙ୍କ ସହିତ ପୁତ୍ରଭଳି ବ୍ୟବହାର କରେ ସେହି ଲୋକ କେବଳ ପ୍ରକୃତ ପ୍ରଜା ।

୧୯- ନ୍ୟାୟକାରୀ- ଯେ ସର୍ବଦା ବିଚାରପୂର୍ବକ କାର୍ଯ୍ୟକରେ, ଅସତ୍ୟକୁ ପରିହାର କରି ସତ୍ୟକୁ ଗ୍ରହଣ କରେ, ଅନ୍ୟାୟକାରୀଙ୍କୁ ଦଣ୍ଡବିଧାନକରେ ନ୍ୟାୟକାରୀଙ୍କୁ ସାହାଯ୍ୟକରେ, ପୁଣି ନିଜପରି ଅନ୍ୟମାନଙ୍କର ମଧ୍ୟ ସୁଖଚାହେଁ, ତାଙ୍କୁ ପ୍ରକୃତ ନ୍ୟାୟକାରୀ କୁହାଯାଏ ।

୨୦- ଦେବ- ବିଦ୍ୱାନ୍ ହେଉଛନ୍ତି ଦେବ, ଓ ଅବିଦ୍ୱାନ୍ ହେଉଛନ୍ତି ଅସୁର, ପାପୀମାନେ ହେଉଛନ୍ତି ରାକ୍ଷସ ଓ ଅନାଚାରୀମାନଙ୍କୁ ମୁଁ " ପିଶାଚ" ବୋଲି ସ୍ୱୀକାର କରେଁ ।

୨୧- ଦେବ ପୂଜନ - ବିଦ୍ୱାନ ବ୍ୟକ୍ତି, ମାତା, ପିତା, ଆଚାର୍ଯ୍ୟ, ଅତିଥି, ନ୍ୟାୟକାରୀରାଜା, ଧର୍ମାତ୍ମା, ପତିବ୍ରତା ସ୍ତ୍ରୀ, ପୁଣି ଏକପତ୍ନୀ ବ୍ରତ ପାଳନକାରୀ ପୁରୁଷ, ଏମାନଙ୍କର ଯଥାଯୋଗ୍ୟ ସେବା ସତ୍କାର ହିଁ ଦେବ ପୂଜନ । ଏହାର ବିପରୀତ ଅଦେବ ପୂଜା । ଏମାନଙ୍କର ମୂର୍ତ୍ତି କେବଳ ପୂଜାର ଯୋଗ୍ୟ, କାଷ୍ଠ ପାଷାଣଆଦି ମୂର୍ତ୍ତିପୂଜା ପରିତ୍ୟାଜ୍ୟ ଅଟେ ।

୨୨- ଶିକ୍ଷା - ଯାହାଦ୍ୱାରା ବିଦ୍ୟା, ସଭ୍ୟତା, ଧାର୍ମିକତା, ଜିତେନ୍ଦ୍ରିୟତା, ପ୍ରଭୃତି ବୃଦ୍ଧିପାଏ ତଥା ଅବିଦ୍ୟାଦି ଦୋଷ ଦୂରହୁଏ, ତାକୁ ଶିକ୍ଷା କୁହାଯାଏ ।

୨୩- ପୁରାଣ - ବ୍ରହ୍ମାଦି ମହର୍ଷିଙ୍କ ପ୍ରଣୀତ ଐତରେୟାଦି ବ୍ରାହ୍ମଣ ଗ୍ରନ୍ଥକୁ, ପୁରାଣ, ଇତିହାସ, କଳ୍ପ, ଗାଥା, ଓ ନାରାଶଂସୀ ନାମରେ ସ୍ୱୀକାର କରୁଛି । ଭାଗବତାଦି ଗ୍ରନ୍ଥକୁ ପୁରାଣ ରୂପେ ସ୍ୱୀକାର କରୁନାହିଁ ।

୨୪- ତୀର୍ଥ - ଯଦ୍ୱାରା ଦୁଃଖ ସାଗରରୁ ତରି ଯିବାକୁ ହୁଏ, ତାହାର ନାମ ତୀର୍ଥ । ଏଣୁ ସତ୍ୟଭାଷଣ, ବିଦ୍ୟାଶିକ୍ଷା, ସତ୍ସଙ୍ଗ, ଯମନିୟମାଦି ଯୋଗାଭ୍ୟାସ, ପୁରୁଷାର୍ଥ ପ୍ରକାଶ, ବିଦ୍ୟାଦାନ ପ୍ରଭୃତି ଶୁଭକର୍ମକୁ ତୀର୍ଥ ବୋଲି ମାନୁଛି । ଜଳ ବା ସ୍ଥଳ ବିଶେଷ ତୀର୍ଥ ନୁହେଁ ।

୨୫- ପୁରୁଷାର୍ଥ ଓ ପ୍ରାରବ୍ଧ- ପ୍ରାରବ୍ଧଠାରୁ ପୁରୁଷାର୍ଥ ବଡ଼ । କାରଣ ଏହାଦ୍ୱାରା ସଞ୍ଚିତ ପ୍ରାରବ୍ଧ ସୃଷ୍ଟିହୁଏ । ଏହା ସୁଧୁରିଲେ ସବୁକିଛି ସୁଧୁରି ଯାଏ, ଏହା ପୁଣି ବିଗିଡ଼ିଗଲେ ସବୁ ବିଗିଡ଼ିଯାଏ । ଏଣୁ ପୁରୁଷାର୍ଥ ପ୍ରାରବ୍ଧଠାରୁ ବଡ଼ ।

୨୬ - ମନୁଷ୍ୟ - ଅନ୍ୟର ସୁଖ-ଦୁଃଖ ତଥା ହାନିଲାଭରେ ଯଥାଯୋଗ୍ୟ ସହାନୁଭୂତି କରିବା ହିଁ ମନୁଷ୍ୟର ଶ୍ରେଷ୍ଠକର୍ମ । ତାହାର ଅନ୍ୟଥାଚରଣ ନିନ୍ଦନୀୟ ।

୨୭- ସଂସ୍କାର - ଯାହାଦ୍ୱାରା ଶରୀର, ମନ ଓ ଆତ୍ମା ଉନ୍ନତ ହୁଏ ତାହାକୁ ସଂସ୍କାର କୁହାଯାଏ । ଏହା ଗର୍ଭାଧାନଠାରୁ ଆରମ୍ଭକରି ଅନ୍ତ୍ୟେଷ୍ଟି ପର୍ଯ୍ୟନ୍ତ ଷୋଳ ଭାଗରେ ବିଭକ୍ତ । ଏହାକୁ ମୁଁ କର୍ତ୍ତବ୍ୟ ବୋଲି ବୁଝେ । ଦାହପରେ ମୃତକପାଇଁ କିଛି କରିବା ଉଚିତ ନୁହେଁ ।

୨୮- ଯଜ୍ଞ - ଯେଉଁଥିରେ ବିଦ୍ୱାନ୍‌ଗଣଙ୍କର ଯଥାଯୋଗ୍ୟ ସତ୍କାର, ଶିଳ୍ପ ଅର୍ଥାତ୍

ରସାୟନ ଓ ପଦାର୍ଥ ବିଦ୍ୟାର ପ୍ରୟୋଗ, ବିଦ୍ୟାଦି ଶୁଭଗୁଣ ପ୍ରଭୃତି ଦାନ, ଅଗ୍ନିହୋତ୍ରାଦି ବା ଯେଉଁଥିରେ ବାୟୁ, ବୃଷ୍ଟିଜଳ, ଔଷଧିକୁ ପବିତ୍ର କରି ସମସ୍ତ ପ୍ରାଣୀଙ୍କୁ ସୁଖ ପହଞ୍ଚାଇବାକୁ ହୁଏ, ସେ ସବୁକୁ ହିଁ ଯଜ୍ଞ କୁହାଯାଏ । ଏହାକୁ ମୁଁ ଅତ୍ୟୁତ୍ତମ କର୍ମବୋଲି ସ୍ୱୀକାର କରୁଛି ।

୨୯- ଆର୍ଯ୍ୟ ଓ ଦସ୍ୟୁ - ଶ୍ରେଷ୍ଠ ଲୋକଙ୍କୁ ଆର୍ଯ୍ୟ ଓ ଦୁଷ୍ଟ ଲୋକଙ୍କୁ ଦସ୍ୟୁ କୁହାଯାଏ ।

୩୦- ଆର୍ଯ୍ୟାବର୍ତ୍ତ - ଏ ଦେଶର ନାମ ଆର୍ଯ୍ୟାବର୍ତ୍ତ । କାରଣ ସୃଷ୍ଟି ପ୍ରାରମ୍ଭରୁ ଏହିଦେଶରେ ଆର୍ଯ୍ୟମାନେ ବାସ କରିଆସୁଛନ୍ତି । ଏହାର ପରିଧି ହେଉଛି - ଉତ୍ତରରେ ହିମାଳୟ, ଦକ୍ଷିଣରେ ବିନ୍ଧ୍ୟାଚଳ, ପଶ୍ଚିମରେ ଅଟକ ଓ ପୂର୍ବରେ ବ୍ରହ୍ମପୁତ୍ର ନଦ । ଏହି ଚାରିସୀମା ମଧ୍ୟରେ ଯେଉଁ ଦେଶ ଗୁଡ଼ିକ ରହିଛି ସେ ସବୁକୁ ଆର୍ଯ୍ୟାବର୍ତ୍ତ କୁହାଯାଏ । ତହିଁରେ ବସବାସ କରୁଥିବା ଲୋକଙ୍କୁ ଆର୍ଯ୍ୟ କୁହାଯାଏ ।

୩୧- ଆଚାର୍ଯ୍ୟ - ଯେଉଁମାନେ ସାଙ୍ଗୋପାଙ୍ଗ ବେଦବିଦ୍ୟା ପ୍ରଭୃତିର ଅଧ୍ୟାପକ, ସଦାଚାରୀ ଓ ମିଥ୍ୟାଚାର ରହିତ ସେମାନଙ୍କୁ ଆଚାର୍ଯ୍ୟ କୁହାଯାଏ ।

୩୨- ଶିଷ୍ୟ - ଯେ କି ସତ୍‌ଶିକ୍ଷା ଓ ବିବିଧ ବିଦ୍ୟା ଲାଭକରିବାପାଇଁ ସମର୍ଥ,ଧର୍ମାତ୍ମା, ସଚ୍ଚରିତ୍ର,ଓ ଆଚାର୍ଯ୍ୟଙ୍କର ପ୍ରିୟ ଓ ଆଚାର୍ଯ୍ୟଙ୍କ ସନ୍ତୋଷକାରୀ ସେ ହିଁ କେବଳ ପ୍ରକୃତଶିଷ୍ୟ ।

୩୩- ଗୁରୁ- ପ୍ରକୃତଗୁରୁ ମାତା-ପିତା । ଯେ ସତ୍ୟଗ୍ରହଣ କରାନ୍ତି ଓ ଅସତ୍ୟରୁ ଦୂରେଇ ରଖାନ୍ତି, ତାଙ୍କୁ ମଧ୍ୟ ଗୁରୁ କହନ୍ତି ।

୩୪-ପୁରୋହିତ- ଯେଉଁମାନେ ସତ୍ୟୋପଦେଶ ଦେଇ ଯଜମାନର ହିତ କାମନା କରନ୍ତି ।

୩୫- ଉପାଧ୍ୟାୟ- ଯେ କି ବେଦର କୌଣସି ଅଂଶ ବା ଅଙ୍ଗ ମାତ୍ର ଶିକ୍ଷା ଦିଅନ୍ତି ।

୩୬-ଶିଷ୍ଟାଚାର- ଧର୍ମାଚରଣ ପୂର୍ବକ ବ୍ରହ୍ମଚର୍ଯ୍ୟଦ୍ୱାରା ବିଦ୍ୟାଗ୍ରହଣ କରି ପ୍ରତ୍ୟକ୍ଷାଦି ପ୍ରମାଣଦ୍ୱାରା ସତ୍ୟାସତ୍ୟକୁ ନିର୍ଣ୍ଣୟ କରିବା ସଙ୍ଗେ ସଙ୍ଗେ ସତ୍ୟଗ୍ରହଣ ଓ

ଅସତ୍ୟ ତ୍ୟାଗ କରିବା ହେଉଛି ଶିଷ୍ଟାଚାର । ଏହି ଆଚରଣକାରୀଙ୍କୁ " ଶିଷ୍ଟ " କୁହାଯାଏ ।

୩୭- ପ୍ରମାଣ- ପ୍ରତ୍ୟକ୍ଷାଦି ଯେଉଁ ଆଠପ୍ରକାର ପ୍ରମାଣ ଅଛି, ତାକୁ ମୁଁ ସ୍ୱୀକାର କରୁଛି ।

୩୮- ଆପ୍ତ- ଯେ ଯଥାର୍ଥ ବକ୍ତା, ଧର୍ମାତ୍ମା ଓ ସମସ୍ତଙ୍କ ସୁଖପାଇଁ ପ୍ରୟତ୍ନ କରନ୍ତି, ସେ "ଆପ୍ତ" ଅଟନ୍ତି ।

୩୯- ପରୀକ୍ଷା- ପରୀକ୍ଷା ପାଞ୍ଚ ପ୍ରକାର । ପ୍ରଥମ ହେଉଛି ଈଶ୍ୱର । ତାଙ୍କର ଗୁଣ କର୍ମ ସ୍ୱଭାବ ଓ ବେଦବିଦ୍ୟା । ଦ୍ୱିତୀୟ- ପ୍ରତ୍ୟକ୍ଷାଦି ଆଠ ପ୍ରମାଣ । ତୃତୀୟ- ସୃଷ୍ଟିକ୍ରମ, ଚତୁର୍ଥ- ଆପ୍ତମାନଙ୍କ ବ୍ୟବହାର, ଓ ପଞ୍ଚମ ହେଉଛି- ନିଜ ଆତ୍ମାର ପବିତ୍ରତା ଓ ମନର ଧାରଣା । ଏହି ପାଞ୍ଚ ପ୍ରକାର ପରୀକ୍ଷାଦ୍ୱାରା ସତ୍ୟାସତ୍ୟ ନିର୍ଣ୍ଣୟ କରି ସତ୍ୟ ଗ୍ରହଣ ଓ ଅସତ୍ୟକୁ ତ୍ୟାଗକରିବା ଆବଶ୍ୟକ ।

୪୦- ପରୋପକାର- ଯେଉଁଥିରେ ମନୁଷ୍ୟମାନଙ୍କର ଦୁଃଖ ଦୂରାଚାର ଦୂରୀଭୂତ ହୁଏ, ଶିଷ୍ଟାଚାର ଓ ସୁଖ ବର୍ଦ୍ଧିତ ହୁଏ, ସେହି କାର୍ଯ୍ୟକୁ ପରୋପକାର କୁହାଯାଏ ।

୪୧- ସ୍ୱତନ୍ତ୍ର ଓ ପରତନ୍ତ୍ର- ଜୀବ ନିଜକାର୍ଯ୍ୟ କରିବାରେ ସ୍ୱତନ୍ତ୍ର ଓ କର୍ମଫଳ ଭୋଗକରିବାରେ ଈଶ୍ୱରଙ୍କ ବ୍ୟବସ୍ଥା ଅନୁସାରେ ପରତନ୍ତ୍ର । ସେହିପରି ନିଜର ସତ୍ୟ, ନ୍ୟାୟାଦି କର୍ମ କରିବାରେ ଈଶ୍ୱର ସ୍ୱତନ୍ତ୍ର ଅଟନ୍ତି ।

୪୨- ସ୍ୱର୍ଗ- ବିଶେଷ ସୁଖ ଭୋଗର ନାମ ଓ ସେ ସକଳ ସାମଗ୍ରୀ ପ୍ରାପ୍ତିକୁ "ସ୍ୱର୍ଗ" ବୋଲି ଅଭିହିତ କରାଯାଇଛି ।

୪୩- ନରକ- ଦୁଃଖ ବିଶେଷର ଭୋଗ ଓ ସେସବୁ ସାମାଗ୍ରୀ ପ୍ରାପ୍ତିକୁ ନରକ କୁହାଯାଏ ।

୪୪- ଜନ୍ମ- ଶରୀର ଧାରଣକରି ପ୍ରକାଶିତ ହେବାକୁ ଜନ୍ମ କୁହାଯାଏ । ତାହା ପୂର୍ବ, ପର ଓ ମଧ୍ୟ ଭେଦରେ ତିନିପ୍ରକାର ବୋଲି ସ୍ୱୀକାର କରୁଛି ।

୪୫- ଶରୀର ସହିତ ଆତ୍ମାର ସଂଯୋଗର ନାମକୁ ଜନ୍ମ ଏବଂ ବିୟୋଗର ନାମ ମୃତ୍ୟୁ ।

୪୬- **ବିବାହ-** ବେଦାଦି ଶାସ୍ତ୍ର ବିହିତ ନିୟମାନୁସାରେ ପ୍ରକାଶ୍ୟରୂପେ ସ୍ୱେଚ୍ଛାପୂର୍ବକ ପାଣିଗ୍ରହଣକୁ ବିବାହ କୁହାଯାଏ ।

୪୭- **ନିୟୋଗ-** ନିଃସନ୍ତାନ ଅବସ୍ଥାରେ ପତି ବା ପତ୍ନୀର ବିୟୋଗ ଘଟିଲେ ନତୁବା ନପୁଂସକତ୍ୱାଦି ରୋଗ ହେଲେ, ସ୍ତ୍ରୀ ବା ପୁରୁଷ ଆପତ୍ କାଳରେ ସ୍ୱବର୍ଣ୍ଣ ବା ନିଜ ବର୍ଣ୍ଣଠାରୁ ଉତ୍ତମବର୍ଣ୍ଣର ସ୍ତ୍ରୀ ବା ପୁରୁଷ ସହିତ ସନ୍ତାନୋତ୍ପତ୍ତି କରିବାର ନାମ " ନିୟୋଗ " ।

୪୮- **ସ୍ତୁତି-** ଗୁଣ କୀର୍ତ୍ତନ, ଶ୍ରବଣ ଓ ଜ୍ଞାନ ତଥା ଫଳପ୍ରାପ୍ତିକୁ ସ୍ତୁତି କୁହାଯାଏ । ୪୯- **ପ୍ରାର୍ଥନା-** ନିଜର ସର୍ବସାମର୍ଥ୍ୟଦ୍ୱାରା ପୁରୁଷାର୍ଥ ପ୍ରକାଶ ପୂର୍ବକ ବିଜ୍ଞାନାଦି ଯେଉଁସବୁ ଐଶ୍ୱର୍ଯ୍ୟ ଈଶ୍ୱରଙ୍କ ସମ୍ବନ୍ଧରୁ ଲାଭ ହୁଏ, ସେସବୁ ଈଶ୍ୱରଙ୍କୁ ଯାଚନା କରିବା ହିଁ ପ୍ରାର୍ଥନା । ପ୍ରାର୍ଥନାଦ୍ୱାରା ମନରୁ ଅଭିମାନ ଅହଙ୍କାର ପ୍ରଭୃତି ଦୂର ହୁଏ ।

୫୦- ଉପାସନା- ଈଶ୍ୱରଙ୍କର ଗୁଣ, କର୍ମ ଓ ସ୍ୱଭାବକୁ ନିଜେ ଅନୁସରଣ କରିବା, ଈଶ୍ୱରଙ୍କୁ ସର୍ବବ୍ୟାପକ ଓ ନିଜକୁ ବ୍ୟାପ୍ୟ ମନେକରି ଈଶ୍ୱରଙ୍କ ସମୀପରେ ମୁଁ ଅଛି ଓ ଈଶ୍ୱର ମୋ ସମୀପରେ ଅଛନ୍ତି, ଏପରି ନିଶ୍ଚୟକରି ଯୋଗାଭ୍ୟାସଦ୍ୱାରା ସାକ୍ଷାତ୍କାରକୁ ଉପାସନା କୁହାଯାଏ । ଏହାର ଫଳ ହେଉଛି ଜ୍ଞାନର ଉନ୍ନତି ।୫୧- **ସଗୁଣ ନିର୍ଗୁଣ ସ୍ତୁତି ପ୍ରାର୍ଥନୋପାସନା-** ଈଶ୍ୱରଙ୍କଠାରେ ଯେଉଁ ସୁଗୁଣମାନ ଅଛି, ସେସବୁକୁ ଗ୍ରହଣକରି ତାଙ୍କର ଯେଉଁ ସ୍ତୁତି କରାଯାଏ ତାହା ସଗୁଣ ସ୍ତୁତି ପୁଣି ଈଶ୍ୱରଙ୍କଠାରେ ଯେଉଁ ଦୁର୍ଗୁଣ ନାହିଁ ସେହି ଦୁର୍ଗୁଣ ନାହିଁ ବୋଲି ତାଙ୍କର ଯେଉଁ ସ୍ତୁତି କରାଯାଏ ତାହା ନିର୍ଗୁଣ ସ୍ତୁତି । ଶୁଭଗୁଣ ଗ୍ରହଣ କରିବାପାଇଁ ଯେଉଁ ପ୍ରାର୍ଥନା ତାହା ସଗୁଣ ପ୍ରାର୍ଥନା ଏବଂ ଦୋଷଦୁର୍ବଳତାକୁ ଦୂରେଇଦେବାପାଇଁ ଈଶ୍ୱରଙ୍କ ସାହାଯ୍ୟ ଗୁହିଁବା ଏହାହିଁ ହେଉଛି ନିର୍ଗୁଣ ଉପାସନା । ଈଶ୍ୱରଙ୍କୁ ସର୍ବଗୁଣଯୁକ୍ତ ମନେକରି ତାଙ୍କୁ ଓ ତାଙ୍କ ଆଦେଶକୁ ଆତ୍ମସମର୍ପଣ କରିବା ହେଉଛି ସଗୁଣ ଉପାସନା, ପୁଣି ଈଶ୍ୱରଙ୍କୁ ସର୍ବଦୋଷରହିତ ଭାବନାକରି ତାଙ୍କନିକଟରେ ଆତ୍ମସମର୍ପଣ କରିବା ତଥା ତାଙ୍କର ଆଜ୍ଞାନୁବର୍ତ୍ତୀ ହେବାହିଁ ନିର୍ଗୁଣ ଉପାସନା ।ଆମର ଏହି ସିଦ୍ଧାନ୍ତଗୁଡ଼ିକୁ ସଂକ୍ଷେପରେ ଏଠାରେ ପ୍ରକାଶ କରାଗଲା । ଏହାର ବିଶେଷ ବ୍ୟାଖ୍ୟା ଏହି " ସତ୍ୟାର୍ଥ ପ୍ରକାଶଃ " ର ପ୍ରକରଣମାନଙ୍କରେ ପ୍ରଦତ୍ତ ହୋଇଛି ।

ଋଗ୍ବେଦାଦି ଭାଷ୍ୟଭୂମିକା ପ୍ରଭୃତି ଗ୍ରନ୍ଥରେ ମଧ୍ୟ ଏ ସମ୍ପର୍କୀୟ ଲେଖାମାନ୍ ରହିଛି । ଯେଉଁସବୁ କଥା ସର୍ବଜନମାନ୍ୟ, ତାହା ମୁଁ ମଧ୍ୟ ଗ୍ରହଣ କରୁଛି । ଅର୍ଥାତ୍ " ସତ୍ୟ କହିବା ସମସ୍ତଙ୍କ ପକ୍ଷରେ ଉତ୍ତମ ଓ ମିଥ୍ୟା କହିବା ଖରାପ "ଏ ସିଦ୍ଧାନ୍ତ ମୋପକ୍ଷରେ ମଧ୍ୟ ଗ୍ରାହ୍ୟ । ଯେଉଁ ସବୁ ମତମତାନ୍ତର ସମ୍ପର୍କରେ ପରସ୍ପର ମଧ୍ୟରେ ଝଗଡ଼ା ହେଉଛି, ତାହା ମୋ ପକ୍ଷରେ ଗ୍ରହଣୀୟ ନୁହେଁ । କାରଣ ବିଭିନ୍ନ ମତାବଲମ୍ବୀମାନେ ନିଜ ମତର ପ୍ରଚାରପାଇଁ ଏସବୁ ଝଗଡ଼ା ସୃଷ୍ଟି କରିଛନ୍ତି ପୁଣି ପରସ୍ପର ମଧ୍ୟ ଶତ୍ରୁତାର ପାଚେରି ଛିଡା କରାଇ ଦେଇଛନ୍ତି । ସେସବୁ କଥାକୁ ଏଡ଼େଇ ଦେଇ ସର୍ବମାନ୍ୟ ସତ୍ୟର ପ୍ରଚାର କରି ସମସ୍ତଙ୍କୁ ଏକତ୍ର କରିବା ଆବଶ୍ୟକ । ଏହାଦ୍ୱାରା ସମସ୍ତଙ୍କ ହୃଦୟ-ମନରେ ପ୍ରୀତି ଜାତ ହେଉ,ଶତ୍ରୁତା ଅଚିରେ ଦୂରେଇ ଯାଉ, ସମସ୍ତେ ପ୍ରକୃତ ସୁଖ- ଶାନ୍ତି ଲାଭକରନ୍ତୁ, ଏହାହିଁ ମୋର ଐକାନ୍ତିକ ଅଭିପ୍ରାୟ । ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ କୃପା ଓ ଆପ୍ତଜନଗଣଙ୍କର ସହାନୁଭୂତିଦ୍ୱାରା ଏହି ସିଦ୍ଧାନ୍ତ ଭୂଗୋଳର ସର୍ବତ୍ର ଶୀଘ୍ରାତିଶୀଘ୍ର ପ୍ରଚଳିତ ହେଉ । ଏହାଦ୍ୱାରା ଧର୍ମାତ୍ମାଲୋକ ସହଜରେ ଧର୍ମ,ଅର୍ଥ,କାମ ଓ ମୋକ୍ଷ ସିଦ୍ଧିକରି ସଦାସର୍ବଦା ଉନ୍ନତ ହୋଇ ଆନନ୍ଦଲାଭ କରନ୍ତୁ, ଏହାହିଁ ମୋର ଏକମାତ୍ର କାମନା ଓ ବାସନା ।

ଅଲମତି ବିସ୍ତରେଣ ବୁଦ୍ଧିମଦ୍ବର୍ଯ୍ୟେଷୁ

ଓ୩ମ୍/ଶନ୍ନୋ ମିତ୍ରଃ ଶଂ ବରୁଣଃ । ଶନ୍ନୋ ଭବତ୍ୱର୍ଯ୍ୟମା । ଶନ୍ନ ଇନ୍ଦ୍ରୋ ବୃହସ୍ପତିଃ । ଶନ୍ନୋ ବିଷ୍ଣୁରୁରୁକ୍ରମଃ । ନମୋ ବ୍ରହ୍ମଣେ । ନମସ୍ତେ ବାୟୋ ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି । ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମବାଦିଷମ୍ । ଋତମବାଦିଷମ୍ । ସତ୍ୟମବାଦିଷମ୍ । ତନ୍ମାମାବୀତ୍ । ତଦ୍ ବକ୍ତାର ମାବୀତ୍ । ଆବୀନ୍ମାମ୍ । ଆବୀଦ୍ବକ୍ତାରମ୍ । (ତୈ·ଆ·ପ୍ରପା ୭/ଅନୁ·୧୨)

ଓ୩ମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ଇତି ଶ୍ରୀମତ୍ପରମହଂସ ପରିବ୍ରାଜକାଚାର୍ଯ୍ୟାଣାଂ ପରମବିଦୁଷାଂ ଶ୍ରୀ ବିରଜାନନ୍ଦସରସ୍ୱତୀ ସ୍ୱାମିନାଂ ଶିଷ୍ୟେଣ ଶ୍ରୀମଦ୍ଦୟାନନ୍ଦ ସରସ୍ୱତୀ ସ୍ୱାମିନା ବିରଚିତଃ ସ୍ୱମନ୍ତବ୍ୟାମନ୍ତବ୍ୟ ସିଦ୍ଧାନ୍ତ ସମନ୍ୱିତଃ ସୁ ପ୍ରମାଣ ଯୁକ୍ତଃ ସୁଭାଷାବିଭୂଷିତଃ ସତ୍ୟାର୍ଥପ୍ରକାଶୋଽୟଂ ଗ୍ରନ୍ଥଃ ସଂପୂର୍ତ୍ତିମଗମତ୍ ।

ଓ୩ମ

ସତ୍ୟାର୍ଥ ପ୍ରକାଶ ସଂପର୍କରେ କେତୋଟି ମତାମତ

ସତ୍ୟାର୍ଥ ପ୍ରକାଶ କେତେ ଯେ ଅସଂଖ୍ୟ ଲୋକଙ୍କର ଜୀବନକୁ ପରିବର୍ତ୍ତନ କରିଦେଇଛି ତା କଳ୍ପନା କରିବା କଦାପି ସମ୍ଭବପର ନୁହେଁ ।

ଓଁ ସ୍ୱାମୀ ଶ୍ରଦ୍ଧାନନ୍ଦ

ସତ୍ୟାର୍ଥ ପ୍ରକାଶ ପୁସ୍ତକର ମୂଲ୍ୟ ସମ୍ପ୍ରତି ଯଦି ଏକହଜାର ଟଙ୍କା ରଖାଯାଇଥାନ୍ତା .ତେବେ ମଧ୍ୟ ସମସ୍ତ ସଂପତ୍ତି ବିନିମୟରେ ତାକୁ କ୍ରୟକରିବା ଅସମାଧାନ ହୁଅନ୍ତା ନାହିଁ ।

ଓଁ ଗୁରୁଦତ୍ତ ବିଦ୍ୟାର୍ଥୀ (ଏମ୍.ଏ)

ଯୁଗନିର୍ମାଣ ଓ ଚତୁର୍ମୁଖୀ ପ୍ରଗତିର ଦିବ୍ୟଭାବନାକୁ ନେଇ ରଚନା କରାଯାଇଥିବା ଏହି ଦିବ୍ୟଗ୍ରନ୍ଥ (ସତ୍ୟାର୍ଥ ପ୍ରକାଶ) ହେଉଛି ଏକ ଦେଦୀପ୍ୟମାନ ପ୍ରକାଶ ସ୍ତମ୍ଭ । ମହର୍ଷି ଦୟାନନ୍ଦ ସମସ୍ତ ମାନବ ସମାଜର ଉନ୍ନତିକଲ୍ପେ ଏପରି ଏକଗ୍ରନ୍ଥ ପ୍ରଥମଥରପାଇଁ ରଚନା କରି ଯାଇଛନ୍ତି ।

ଓଁ ଡା ଶ୍ୟାମା ପ୍ରସାଦ ମୁଖାର୍ଜୀ

ସତ୍ୟାର୍ଥ ପ୍ରକାଶର ମହତ୍ୱକୁ ନ୍ୟୂନ କରିବା ଅର୍ଥ ପ୍ରକାରାନ୍ତରେ ବେଦର ମହନୀୟ ପ୍ରତିଷ୍ଠାକୁ ଓ ମୂଲ୍ୟକୁ ନ୍ୟୂନ କରିବା ।

ଓଁ ସି.ଏସ୍ ରଙ୍ଗସ୍ୱାମୀ ଆୟାର

ସତ୍ୟାର୍ଥ ପ୍ରକାଶ ହେଉଛି ଏକାଧାରରେ ବେଦକୁ ପ୍ରବେଶ କରିବାର ଦ୍ୱାର ଓ ଆର୍ଯ୍ୟସମାଜର ଜୀବନ ।

ଓଁ ଇନ୍ଦ୍ର ବିଦ୍ୟାବାଚସ୍ପତି

ହିନ୍ଦୁଜାତିର ଶୀତଳ ରକ୍ତରେ ଉଷ୍ଣରକ୍ତ ପ୍ରବାହିତ କରୁଥିବା ଏହି ଗ୍ରନ୍ଥ ଅମର ହୋଇ ରହୁ ଏହାହିଁ ମୋର ଏକାନ୍ତ କାମନା । ସତ୍ୟାର୍ଥ ପ୍ରକାଶ ଯେ ପର୍ଯ୍ୟନ୍ତ ରହିଛି ସେ ପର୍ଯ୍ୟନ୍ତ କୌଣସି ବିଧର୍ମୀ ନିଜ ସଂପ୍ରଦାୟର ମହତ୍ୱ କଦାପି ପ୍ରତିପାଦନ କରି ପାରିବ ନାହିଁ ।

ଓଁ ବିନାୟକ ଦାମୋଦର ସାବରକର

ସତ୍ୟାର୍ଥ ପ୍ରକାଶ ହେଉଛି ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ସର୍ବୋତ୍ତମ ଅବଦାନ । ଦ୍ୱିତୀୟତଃ ସେ ହେଉଛନ୍ତି ଆର୍ଯ୍ୟମାନଙ୍କର ପଥପ୍ରଦର୍ଶକଗୁରୁ ।

ଓଁ ମୌଲାନା ମହମ୍ମଦ ଅଲୀ

Unique 0771-2886014

ସତ୍ୟାର୍ଥ ପ୍ରକାଶଃ (ORIYA)

ଓ୩ମ

ସତ୍ୟାର୍ଥପ୍ରକାଶଃ



ମହର୍ଷି ଦୟାନନ୍ଦ ସରସ୍ୱତୀ